# ଦିବ୍ୟ ଜୀବନ

## ଦ୍ୱିତୀୟ ଖଣ୍ଡ-ପୂର୍ବାର୍ଦ୍ଧ

'oaob.nitrkl.ac.in' images reprocessed

# ଦିବ୍ୟ ଜୀବନ

( ଦ୍ୱିତୀୟ ଖଣ୍ଡ—ପୂର୍ବାର୍ଦ୍ଧ )

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ସାହିତ୍ୟ-ସଂଗ୍ରହ

ଖଣ୍ଡ-୫

# ଦିବ୍ୟ ଜୀବନ

( ଦ୍ୱିତୀୟ ଖଣ୍ଡ—ପୂର୍ବାର୍ଦ୍ଧ )

**ଶ୍ରୀଅରବିନ୍ଦ**

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ 'The Life Divine (Vol. II, Part-I)' ଗ୍ରନ୍ଥର
ଓଡ଼ିଆ ଅନୁବାଦ ।

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ଜୁନ୍, ୧୯୭୨

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

ଏକ ସେଟ୍ ( ଦଶଖଣ୍ଡ )ର ମୂଲ୍ୟ :

ଟ ୧୫୦.୦୦ ( ଅଗଷ୍ଟ, ୧୯୭୨ ପୂର୍ବରୁ )
ଟ ୨୫୦.୦୦ ( ଅଗଷ୍ଟ, ୧୯୭୨ ପରେ )

Printed at Sri Aurobindo Ashram Press, Pondicherry-2, India.

'oaob.nitrkl.ac.in' images reprocessed

# ସୂଚୀପତ୍ର

## ଦିବ୍ୟ ଜୀବନ ( ଦ୍ୱିତୀୟ ଖଣ୍ଡ—ପୂର୍ବାର୍ଦ୍ଧ )


| ବିଷୟ | ପୃଷ୍ଠା |
| --- | --- |
| ୧. ଅବ୍ୟାକୃତ, ବିଶ୍ୱବ୍ୟାକୃତ ଓ ଅନିର୍ଦ୍ଦେଶ୍ୟ | ୧ |
| ୨. ବ୍ରହ୍ମ, ପୁରୁଷ, ଈଶ୍ୱର,—ମାୟା, ପ୍ରକୃତି, ଶକ୍ତି | ୪୫ |
| ୩. ବ୍ରହ୍ମସତ୍ତା ଓ ବ୍ୟକ୍ତିସତ୍ତା | ୧୧୬ |
| ୪. ଦିବ୍ୟ ଓ ଅଦିବ୍ୟ | ୧୫୮ |
| ୫. ବିଶ୍ୱମାୟା; ମନ, ସ୍ୱପ୍ନ ଓ ଚିତ୍ତବିଭ୍ରମ ··· | ୨୦୦ |
| ୬. ପରମସତ୍ୟ ଓ ବିଶ୍ୱଭ୍ରମ | ୨୪୬ |
| ୭. ବିଦ୍ୟା ଓ ଅବିଦ୍ୟା | ୩୨୦ |
| ୮. ସ୍ମୃତି, ଆତ୍ମସଂବିତ୍ ଏବଂ ଅବିଦ୍ୟା | ୩୫୧ |
| ୯. ସ୍ମୃତି, ଅହଂ ଓ ଆତ୍ମ-ଅନୁଭୂତି | ୩୬୭ |
| ୧୦. ଜ୍ଞାନ : ତାଦାତ୍ମ୍ୟର ଓ ଭେଦର | ୩୮୯ |
| ୧୧. ଅଜ୍ଞାନର ସୀମା | ୪୩୭ |
| ୧୨. ଅଜ୍ଞାନନିଦାନ | ୪୫୯ |
| ୧୩. ଚିତ୍ଶକ୍ତିର ଏକାନ୍ତ କେନ୍ଦ୍ରୀକରଣ ଓ ଅଜ୍ଞାନ (ତପଃଶକ୍ତି ଓ ଅଜ୍ଞାନ) | ୪୮୫ |
| ୧୪. ଅସତ୍ୟ, ପ୍ରମାଦ, ଅଧର୍ମ ଓ ଅଶିବ : ନିଦାନ ଓ ନିରାକରଣ | ୫୧୦ |


'oaob.nitrkl.ac.in' images reprocessed

# ଦିବ୍ୟ ଜୀବନ

( ଦ୍ୱିତୀୟ ଖଣ୍ଡ )

## ବିଦ୍ୟା ଓ ଅବିଦ୍ୟା
## —ଆଧ୍ୟାତ୍ମିକ ବିବର୍ତ୍ତନ

ପୂର୍ବାର୍ଦ୍ଧ

## ଅନନ୍ତ ଚେତନା ଓ ଅବିଦ୍ୟା

'oaob.nitrkl.ac.in' images reprocessed

## ପ୍ରଥମ ପରିଚ୍ଛେଦ

# ଅବ୍ୟାକୃତ, ବିଶ୍ୱବ୍ୟାକୃତ ଓ ଅନିର୍ଦ୍ଦେଶ୍ୟ

ଅଦୃଷ୍ଟଂ ଅବ୍ୟବହାର୍ଯ୍ୟଂ ଅଗ୍ରାହ୍ୟଂ ଅଲକ୍ଷଣଂ ଅଚିନ୍ତ୍ୟଂ ଅବ୍ୟପଦେଶ୍ୟଂ
ଏକାତ୍ମପ୍ରତ୍ୟୟସାରଂ ପ୍ରପଞ୍ଚୋପଶମଂ ଶାନ୍ତଂ ଶିବମ୍······
ସ ଆତ୍ମା ସ ବିଜ୍ଞେୟଃ ॥

—ମାଣ୍ଡୂକ୍ୟ ଉପନିଷଦ, ୭ମ ଶ୍ଳୋକ

ସେ ଅଦୃଷ୍ଟ, ଅବ୍ୟବହାର୍ଯ୍ୟ; ସେ ସକଳ ଗ୍ରହଣସୀମାର ବାହାରେ। ସେ ଅଲକ୍ଷଣ, ଅଚିନ୍ତ୍ୟ; କୌଣସି ନାମ ବା ଅଭିଧାଦ୍ୱାରା ତାଙ୍କର ନିର୍ଦ୍ଦେଶ କରାଯାଇ ପାରିବ ନାହିଁ। ଏକ ଓ ଅଦ୍ୱିତୀୟ ଆତ୍ମାର ପ୍ରତ୍ୟୟ ହେଉଛି ତାଙ୍କ ବିଷୟରେ ଏକମାତ୍ର ସାରକଥା। ତାଙ୍କର ଭିତରେ ସକଳ ପ୍ରପଞ୍ଚର ଉପଶମ ହେଉଛି। ସେ ଶାନ୍ତ, ସେ ଶିବ। ସେ ଆତ୍ମା ଏବଂ ତାହାଙ୍କୁହିଁ ଜାଣିବାକୁ ହେବ।

ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନଂ ଆଶ୍ଚର୍ଯ୍ୟବତ୍ ବଦତି ତଥୈବ ଚାନ୍ୟଃ।
ଆଶ୍ଚର୍ଯ୍ୟବଚ୍ଚ ଏନମନ୍ୟଃ ଶୃଣୋତି ଶ୍ରୁତ୍ୱାପ୍ୟେନଂ ବେଦ
ନ ଚୈବ କଶ୍ଚିତ୍ ॥

—ଗୀତା, ୨ । ୨୯

କେହି କେହି ତାଙ୍କୁ ଆଶ୍ଚର୍ଯ୍ୟବତ୍ ଦେଖନ୍ତି, ପୁଣି କେହିକେହି ତାଙ୍କୁ ଆଶ୍ଚର୍ଯ୍ୟବତ୍ ବୋଲି କହୁଥା'ନ୍ତି ଅଥବା ଏକ ଆଶ୍ଚର୍ଯ୍ୟବତ୍ ତାଙ୍କ ବିଷୟରେ ଶୁଣନ୍ତି। ମାତ୍ର ଯଥାର୍ଥତଃ ତାଙ୍କୁ କେହିହେଲେ ଜାଣି ନ ଥା'ନ୍ତି।

ଯେ ତୁ ଅକ୍ଷରଂ ଅନିର୍ଦ୍ଦେଶ୍ୟଂ ଅବ୍ୟକ୍ତଂ ପର୍ଯ୍ୟୁପାସତେ।
ସର୍ବତ୍ରଗଂ ଅଚିନ୍ତ୍ୟଂ ଚ କୂଟସ୍ଥଂ ଅଚଳଂ ଧ୍ରୁବମ୍ ॥
···ସର୍ବତ୍ର ସମବୁଦ୍ଧୟଃ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥

—ଗୀତା, ୧୨ । ୩ ୪

'oaob.nitrkl.ac.in' images reprocessed

ସମବୁଦ୍ଧି ହୋଇ ଓ ସକଳ ଭୂତର ହିତରେ ତତ୍ପର ରହି ଯେଉଁମାନେ ସେହି ଅକ୍ଷର, ଅନିର୍ଦ୍ଦେଶ୍ୟ, ଅବ୍ୟକ୍ତ, ସର୍ବତ୍ରଗ, ଅଚିନ୍ତ୍ୟ, କୂଟସ୍ଥ, ଅଚଳ ଓ ଧ୍ରୁବର ଉପାସନା କରନ୍ତି, ତଦ୍ଦ୍ୱାରା ସେମାନେ କେବଳ ମୋତେହିଁ ଲାଭ କରନ୍ତି ।

···ବୁଦ୍ଧେରାତ୍ମା ମହାନ୍ ପରଃ ॥
ମହତଃ ପରମବ୍ୟକ୍ତଂ, ଅବ୍ୟକ୍ତାତ୍ ପୁରୁଷଃ ପରଃ ।
ପୁରୁଷାନ୍ନ ପରଂ କିଞ୍ଚିତ୍—ସା କାଷ୍ଠା ସା ପରା ଗତିଃ ॥

—କଠୋପନିଷଦ୍, ୩ । ୧୦, ୧୧

ବୁଦ୍ଧି ପରେ ମହାନ୍ ଆତ୍ମା, ମହାନ୍ ଆତ୍ମା ପରେ ଅବ୍ୟକ୍ତ, ଅବ୍ୟକ୍ତ ପରେ ପୁରୁଷ । ଏବଂ ପୁରୁଷ ପରେ ଆଉ କିଛି ନାହିଁ । ପୁରୁଷ ହେଉଛନ୍ତି ସର୍ବଶେଷ ଓ ପରମ । ପୁରୁଷହିଁ ପରମ ଗତି, ପରମ ଲକ୍ଷ୍ୟ ।

ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ॥

—ଗୀତା, ୭ । ୧୯

ସର୍ବ ଓ ସକଳକୁ ବାସୁଦେବ ବୋଲି ଅନୁଭବ କରୁଥିବା ମହାତ୍ମା ଅତ୍ୟନ୍ତ ଦୁର୍ଲଭ ।

ବିଶ୍ୱସତ୍ତା ଭିତରେ ଏକ ପରମ ଚୈତନ୍ୟଶକ୍ତି ସର୍ବଦା ଅନ୍ତର୍ନିହିତ ହୋଇ ରହିଛି । ପ୍ରଚ୍ଛନ୍ନ ଅବସ୍ଥାରେ ରହିଥିବାବେଳେ ତାହା ମଧ୍ୟ ସର୍ବଦା କାର୍ଯ୍ୟ କରିବାରେ ଲାଗିଛି । ସେହି ଚୈତନ୍ୟଶକ୍ତି ବିଶ୍ୱସକଳର ସୃଷ୍ଟି କରିଛି, ପ୍ରକୃତିର ଗୂଢ଼ ରହସ୍ୟ-ରୂପେ ଅବସ୍ଥିତ ରହିଛି । ମାତ୍ର ଆମର ଭୌତିକ ଜଗତରେ ଓ ଆମ ନିଜ ସତ୍ତାରେ ଏହି ଚୈତନ୍ୟର ଦୁଇଟି ରୂପ ଅଛି : ଗୋଟିଏ ହେଉଛି ଜ୍ଞାନଶକ୍ତି ଅର୍ଥାତ୍ ବିଦ୍ୟାର ଶକ୍ତି, ଆଉଗୋଟିଏ ଅଜ୍ଞାନଶକ୍ତି ଅର୍ଥାତ୍ ଅବିଦ୍ୟାର ଶକ୍ତି । ଏକ ଆତ୍ମଜାଗ୍ରତ ଅନନ୍ତ ପରମସତ୍ତାର ଅନନ୍ତ ଚେତନାରେ ବିଦ୍ୟାହିଁ ସର୍ବଦା ପ୍ରଚ୍ଛନ୍ନ କିମ୍ବା ପ୍ରକାଶିତ ଭାବରେ ସ୍ୱଭାବତଃ ବିଦ୍ୟମାନ ରହିଥିବ, ଆପଣାର ପ୍ରତ୍ୟେକ କାର୍ଯ୍ୟରେ ଓତପ୍ରୋତ ରହିଥିବ । ମାତ୍ର ବିଶ୍ୱସୃଷ୍ଟିର ପ୍ରାରମ୍ଭରେ ଆମେ ଦେଖିବାକୁ ପାଇବା ଯେ ଏଠାରେ ଏକ ନିଶ୍ଚେତନା ଅର୍ଥାତ୍ ଏକ ସମଗ୍ର ଜ୍ଞାନଶୂନ୍ୟତା ବିଦ୍ୟମାନ ରହିଛି, ଏହି ଜ୍ଞାନଶୂନ୍ୟତାହିଁ ସୃଜନୋନ୍ମୁଖ ବିଶ୍ୱଶକ୍ତିର ଆଧାର ବା ସ୍ୱଭାବ ପରି ଦେଖାଯାଉଛି । ଏହି ଜ୍ଞାନଶୂନ୍ୟତାକୁ ପୁଞ୍ଜିକରି ଭୌତିକ ବିଶ୍ୱଜଗତ ଆରମ୍ଭ ହେଉଛି । ତା'ପରେ ଯାଇ ଚୈତନ୍ୟ ଏବଂ ଜ୍ଞାନର ଆବିର୍ଭାବ ହେଉଛି । ପ୍ରଥମେ କେବଳ ଅସ୍ପଷ୍ଟ ଭାବରେ ଓ ଅତି କ୍ଷୀଣ ଗତିସ୍ପନ୍ଦନର ମାଧ୍ୟମରେ ହୁଏତ ମାତ୍ର କେତୋଟି ବିନ୍ଦୁରେ ଏହି ଆବିର୍ଭାବ ହେଉଛି । ଅତି କ୍ଷୁଦ୍ର କ୍ଷୁଦ୍ର ପରିମାଣରେ ହେଉଛି । ଏଗୁଡ଼ିକ ପରସ୍ପର

'oaob.nitrkl.ac.in' images reprocessed

ସହିତ ସଂଗୁମ୍ଫିତ ଓ ଗୋଷ୍ଠୀବଦ୍ଧ ହେଉଛନ୍ତି । ଏକ ଆୟାସସାଧ୍ୟ ଗତିରେ ବଡ଼ ମନ୍ଥର ଗତିରେ ଏହି ବିବର୍ତ୍ତନ ଚାଲିଛି । ସଂଗଠିତତା କ୍ରମଶଃ ବୃଦ୍ଧି ପାଉଛି ଏବଂ ଚେତନାର କାର୍ଯ୍ୟ କରିବାର କ୍ରିୟାମାଧ୍ୟମଗୁଡ଼ିକରେ ମଧ୍ୟ ଉନ୍ନତି ଘଟୁଛି । ଏବଂ ଜ୍ଞାନଶୂନ୍ୟତାର ଖାଲି ସ୍ଲେଟ୍‌ଟି ଉପରେ ଅଧିକରୁ ଅଧିକ ପରିମାଣରେ ଲାଭାଙ୍କମାନ ଲିପିବଦ୍ଧ ହୋଇ ଚାଲିଛି । ମାତ୍ର ତଥାପି ଏସବୁ କେବଳ ଏକ ଅନ୍ୱେଷଣକାରୀ ଅଜ୍ଞାନରହିଁ ସଂଗୃହୀତ ଉପାର୍ଜନ ଓ ପରିରଚନା ଭଳି ଦେଖାଯାଉଛି । ଏହି ଅଜ୍ଞାନ ଜାଣିବାର ପ୍ରୟାସ କରୁଛି, ବୁଝିବାକୁ ଓ ଖୋଜି ବାହାର କରିବାର ପ୍ରୟାସ କରୁଛି । ଧୀରେ ଧୀରେ ପରିବର୍ତ୍ତିତ ହୋଇ ଯେକୌଣସି ପ୍ରକାରେ ଜ୍ଞାନର କ୍ଷେତ୍ର ମଧ୍ୟରେ ପ୍ରବିଷ୍ଟ ହେବାକୁ ଚେଷ୍ଟା କରୁଛି । ସର୍ବବ୍ୟାପୀ ମରଣର ଏକ ଆଧାର ଓ ପରିବେଶ ଉପରେହିଁ ଜୀବନ ନାନା ଆୟାସ ସହକାରେ ଆପଣାର କର୍ମଚାରଣାଗୁଡ଼ିକୁ ପ୍ରତିଷ୍ଠିତ ଓ ପୁଷ୍ଟ କରି ରଖିବାକୁ ଚେଷ୍ଟା କରୁଥାଏ । ପ୍ରଥମ ଅବସ୍ଥାରେ ପ୍ରାଣର ଅତିକ୍ଷୁଦ୍ର ବିନ୍ଦୁଗୁଡ଼ିକରେ ଏହା ଆପଣାକୁ ପ୍ରତିଷ୍ଠିତ କରେ, ପ୍ରାଣ-ରୂପ ଓ ପ୍ରାଣ-ଶକ୍ତିର ନାନା ପରିମିତତାରେ ଆପଣାକୁ ପ୍ରତିଷ୍ଠିତ କରେ । ସେଗୁଡ଼ିକ ଅଧିକରୁ ଅଧିକ ଠୂଳ ଓ ସମଷ୍ଟିଗତ ରୂପ ଧାରଣ କରି ସେଇଥିରୁ ଅଧିକରୁ ଅଧିକ ଜଟିଳ ପ୍ରାଣବାହୀ ଏକକଗୁଡ଼ିକର ସୃଷ୍ଟି ହୁଏ, ଏବଂ ତହିଁରୁ ଜଟିଳ ଜୀବନଯନ୍ତ୍ରର ଉଦ୍‌ଭବ ହୁଏ । ବିଶ୍ୱର ଭୂମି ଉପରେ ଜୀବନର ଏହି ପ୍ରତିଷ୍ଠିତି ଭଳି ଚୈତନ୍ୟ ମଧ୍ୟ ଅନୁରୂପ ଏକ ପ୍ରକ୍ରିୟାର ଅନୁସରଣ କରିଥାଏ । ଏକ ମୂଳଭୂତ ନିଶ୍ଚେତନା ଓ ବିଶ୍ୱଗତ ଅଜ୍ଞାନର ଅନ୍ଧକାର ମଧ୍ୟରେ ଚୈତନ୍ୟ ଆପଣାର କ୍ରମବର୍ଦ୍ଧମାନ ଅଥଚ କ୍ଷୀଣ ଆଲୋକଟିକୁ ପ୍ରତିଷ୍ଠିତ କରେ, ଏବଂ ତାହାକୁ ପୁଷ୍ଟ କରିବାରେ ଲାଗିଥାଏ ।

ତଥାପି ଏଥିରୁ ଯେଉଁ ଜ୍ଞାନ ଉପଲବ୍ଧ ହୁଏ, ତାହା ଆଦୌ ସତ୍ୟଜ୍ଞାନ ନୁହେଁ, ତାହା କେବଳ ପ୍ରତିଭାସସମ୍ବନ୍ଧୀ ଜ୍ଞାନ । ସତ୍ତାର ସତ୍ୟମୂଳଗୁଡ଼ିକ ବିଷୟରେ ସେହି ଜ୍ଞାନ କୌଣସି ଆଲୋକପାତ କରେ ନାହିଁ । ଯେଉଁଠି ଆମର ଚେତନା ଏକ ମୂଳରୂପେ ପ୍ରତୀତ ହେଉଥିବା କୌଣସି ଜ୍ଞାନର ସମ୍ପର୍କରେ ଆସେ, ସେଠାରେ ସେହି ଜ୍ଞାନ ହୁଏତ ଏକ ଶୂନ୍ୟଭଳି ବୋଧ ହୁଏ କିମ୍ବା କିଛି ଲେଖା ହୋଇ ନଥିବା ଏକ ଖାଲି ସିଲଟପଟା ପରି ମନେହୁଏ । ମୂଳ ବା ଆଧାରରେ ଅନ୍ତର୍ନିହିତ ହୋଇ ରହି ନଥିବା କେବଳ କେତେକ ପରିଣାମର ଏକ ଗହନ ବ୍ୟତୀତ ଏହା ଆଉ କିଛି ପରି ମନେହୁଏ ନାହିଁ । ସେହି ମୂଳ ଭିତରେ ସେହି ପରିଣାମଗୁଡ଼ିକର ଔଚିତ୍ୟ ଅନୁଭବ କରିବାଲାଗି କୌଣସି ପ୍ରମାଣ ମିଳେ ନାହିଁ କିମ୍ବା ମୂଳର କୌଣସି ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ସେଗୁଡ଼ିକ ଘଟିଛି ବୋଲି ଆଖିକୁ ଆଦୌ ଦେଖା-ଯାଏ ନାହିଁ । କେବଳ ଉପରେ ଆସି ଲଦା ହୋଇଥିଲା ପରି ସେଗୁଡ଼ାକ ସୃଷ୍ଟିକୃତ

'oaob.nitrkl.ac.in' images reprocessed

ହୋଇ ରହିଥାଏ ଏବଂ ମୂଳ ସତ୍ତା ସହିତ ସେଗୁଡ଼ିକର କୌଣସି ସ୍ପଷ୍ଟ ଓ ସ୍ୱଭାବଗତ ସମ୍ବନ୍ଧ ନଥାଏ । ଏକ ପରମ ଅନନ୍ତସତ୍ତା ହେଉଛି ବିଶ୍ୱସତ୍ତାର ପ୍ରଥମ ସ୍ୱଭାବ ଏବଂ ଆମର ବୋଧଭୂମିରେ ଏହା ଅନିର୍ଦ୍ଦେଶ୍ୟ ନହେଲେ ମଧ୍ୟ ଏକ ଅବ୍ୟାକୃତ ସତ୍ତା ପରି ଦେଖାଯାଏ । ଏହି ପରମ ଅନନ୍ତସତ୍ତା ମଧ୍ୟରେ ସ୍ୱୟଂ ବିଶ୍ୱଜଗତ ଆପଣାର ଶକ୍ତି-ରୂପ ତଥା ସଂଗଠନରୂପରେ ସତେଅବା ଏକ ଅବ୍ୟାକୃତ ବ୍ୟାକୃତି ବା ନିର୍ବିଶେଷ ବିଶେଷସତ୍ତା ରୂପେ ପ୍ରତୀତ ହୋଇଥାଏ । ବିରୋଧାଭାସ ପରି ଶୁଭିଲେ ମଧ୍ୟ ଏହାକୁ ଆମେ ଏକ "ସୀମାହୀନ ସସୀମତା" ବୋଲି ବି କହି ପାରିବା । ଏହି ଆବଶ୍ୟକ ଶବ୍ଦପ୍ରୟୋଗଟି ଦ୍ୱାରା ଆମେ ଏଠାରେ ଏତିକି ବୁଝିବା ଯେ ବିଶ୍ୱସୃଷ୍ଟିର ମୂଳାଧାରସ୍ୱରୂପ ବୁଦ୍ଧିର ଅଗମ୍ୟ ଏକ ରହସ୍ୟର ସମ୍ମୁଖୀନ ହୋଇ ଆମେ ଦଣ୍ଡାୟମାନ ରହିଛୁ । ସେହି ବିସୃଷ୍ଟ ବିଶ୍ୱରେ ବହୁ ବିଚିତ୍ର କେତେକେତେ ସାମାନ୍ୟ ତଥା ବିଶେଷ ବ୍ୟାକୃତିର ଉନ୍ମେଷ ହେବାରେ ଲାଗିଛି । ସେଗୁଡ଼ିକ ଯେ କେଉଁଠାରୁ ଉତ୍ଥିତ ହୋଇ ଏଠାରେ ଆବିର୍ଭୂତ ହେଉଛନ୍ତି, ସେକଥା କିଏ କହିବ ? ଅନନ୍ତସତ୍ତାର ସ୍ୱଭାବ କହିଲେ ଆମେ ସାଧାରଣତଃ ଯାହା ବୁଝୁ, ସେଭଳି କୌଣସି ସ୍ୱଭାବଦ୍ୱାରା ଆବଶ୍ୟକ ହୋଇ ସେହି ବ୍ୟାକୃତିଗୁଡ଼ିକ ଘଟୁଛି ବୋଲି ଆଦୌ ମନେହେଉ ନାହିଁ । ସେଗୁଡ଼ିକ ସତେ ଅବା ଉପରୁ ଆସି ଲଦିହୋଇ ପଡ଼ୁଥିବା ପରି, କିମ୍ବା ହୁଏତ କେବଳ ଆପଣା ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ଜଗତକୁ ଆସୁଥିବା ପରି ମନେହେଉଛି । ସେଗୁଡ଼ିକୁ ଜନ୍ମ ଦେଉଥିବା ଶକ୍ତିଟିକୁ ଆମେ ପ୍ରକୃତି ବୋଲି କହୁଛୁ । ମାତ୍ର, ସେଗୁଡ଼ିକ ମଧ୍ୟରେ ଅନ୍ତର୍ନିହିତ ରହିଥିବା ଏକ ମୂଳସତ୍ୟ ଅନୁସାରେ ସେଗୁଡ଼ିକୁ ସଂଯୋଜିତ କରି ରଖିଥିବା ଏକ ଶକ୍ତିଦ୍ୱାରାହିଁ ସେଗୁଡ଼ିକର ସ୍ୱଭାବ ବା ପ୍ରକୃତି ସର୍ବଦା ନିର୍ଣ୍ଣିତ ହେବାରେ ଲାଗିଛି, —ପ୍ରକୃତି କହିଲେ ଶବ୍ଦଟିଦ୍ୱାରା କେବଳ ଏତିକି ବୁଝିବାକୁ ହେବ । ମାତ୍ର ଯେଉଁ ପରମ ସତ୍ୟଟି ଏହିସବୁ ବ୍ୟାକୃତିର ପ୍ରକୃତିକୁ ନିରୂପିତ କରି ରଖିଛି, ସେହି ସତ୍ୟର ପ୍ରକୃତି କୋଉଠି କେବେହେଲେ ଦୃଶ୍ୟମାନ ହୁଏ ନାହିଁ । ଏକଥା ସତ ଯେ ମନୁଷ୍ୟ ପ୍ରକୃତିବିଜ୍ଞାନର ସାହାଯ୍ୟ ନେଇ ଜଡ଼ପଦାର୍ଥଗୁଡ଼ିକରେ କାର୍ଯ୍ୟ କରୁଥିବା ପ୍ରକ୍ରିୟାଟିର ବା ବହୁବିଧ ପ୍ରକ୍ରିୟାର ସନ୍ଧାନ କରିପାରିଛି, ମାତ୍ର ଏହିସବୁ ଜ୍ଞାନ ସର୍ବମୁଖ୍ୟ ସମସ୍ୟାଟି ବିଷୟରେ ଆଦୌ କୌଣସି ଆଲୋକପାତ କରୁ ନାହିଁ । ଏପରିକି ଆଦି ଅବସ୍ଥାର ବିଶ୍ୱପ୍ରକ୍ରିୟାଗୁଡ଼ିକ ପଛରେ ରହିଥିବା ନ୍ୟାୟଯୁକ୍ତ ମୂଳକାରଣଟି ମଧ୍ୟ ଆମଲାଗି ଏପର୍ଯ୍ୟନ୍ତ ଅନବିଜ୍ଞାତ ହୋଇରହିଛି, କାରଣ ସେହି ପ୍ରକ୍ରିୟାଲୀଳାର ପ୍ରତ୍ୟକ୍ଷ-ଗୋଚର ପରିଣାମଗୁଡ଼ିକୁ ସିନା ଆମେ କେବଳ ବାସ୍ତବ ପ୍ରୟୋଜନର ଦୃଷ୍ଟିରୁ ବିଚାର କରିପାରୁଛୁ, ମାତ୍ର ତାହାର ଅପରିହାର୍ଯ୍ୟତାକୁ ପ୍ରମାଣ କରିପାରିବା ଲାଗି ଆମ ପାଖରେ କୌଣସି ସାଧନ ନାହିଁ । ପରିଶେଷରେ ଏକଥା ମଧ୍ୟ କୁହାଯାଇ ପାରିବ ଯେ ଏହିସବୁ ବ୍ୟାକୃତିସକଳ ସର୍ବମୂଳ ପରମ ଅବ୍ୟାକୃତ ଅଥବା ପରମ

'oaob.nitrkl.ac.in' images reprocessed

ଅନିର୍ଦ୍ଦେଶ୍ୟ ମଧ୍ୟରେ କପରି ପ୍ରବେଶ କଲେ ବା କପରି ତାହା ଭିତରୁ ବାହାରକୁ ବାହାରିଲେ ଏବଂ ସ୍ୱକୀୟ ଶୃଙ୍ଖଳିତ ସଂଘଟନର ପ୍ରହେଳିକା ଭିତରେ ସତେଅବା ଏକ ଶୂନ୍ୟ ଓ ସମତଳ ପୃଷ୍ଠଭୂମି ଉପରେ ଠିଆହେଲା ପରି ତାହାରି ଉପରେ ଦଣ୍ଡାୟମାନ ହୋଇ ରହିଲେ, ଆମେ ସେ ବିଷୟରେ କିଛି ଜାଣି ନାହୁଁ । ବିଶ୍ୱ-ସୃଷ୍ଟିର ଉତ୍ସମୂଳରେ ଆମେ ଏକ ପରମ ଅନନ୍ତର ସମ୍ମୁଖୀନ ହୋଇଥାଉ; ସେହି ଅନନ୍ତ ମଧ୍ୟରେ କେତେକେତେ ଅନ୍ତବିଶିଷ୍ଟ ସତ୍ତା ସ୍ତୂପ ଆକାରରେ ଅନ୍ତର୍ଗତ ହୋଇ ରହିଥାଏ ଯାହାର ଉଦ୍‌ଗମକାରଣ ଆମଲାଗି ତଥାପି ଏକ ରହସ୍ୟ ହୋଇ ରହିଥାଏ । ସତେଯେପରି ଏକ ପରମ ଅବିଭାଜ୍ୟ ଭିତରେ ଅଗଣିତ କେତେକେତେ ବିଭାଜନ ଭର୍ତ୍ତି ହୋଇ ରହିଥାଏ, ଅଥବା ଏକ ପରମ ଅପରିବର୍ତ୍ତନୀୟ ଓ ନିର୍ବିଶେଷ ମଧ୍ୟରେ କେତେକେତେ ବିଶେଷ ଓ ଭେଦଭଙ୍ଗୀ ପୂରି ରହିଥାଏ । ଅର୍ଥାତ୍ ସକଳ ବ୍ରହ୍ମସୃଷ୍ଟିର ସର୍ବମୂଳ ସତ୍ୟରୂପେ ଏକ ବିଶ୍ୱଗତ ବିରୋଧ ବିଦ୍ୟମାନ ରହିଛି, ଏବଂ ଏହି ବିରୋଧର ତାତ୍ପର୍ଯ୍ୟଟିକୁ ଜାଣିବାଲାଗି ଆମ ହାତରେ କୌଣସି ଗୁହିକାଠି ନାହିଁ ।

ସୃଷ୍ଟ ବିଶ୍ୱକୁ ଆପଣା ଭିତରେ ଧାରଣ କରି ରଖିଥିବା ଏକ ପରମ ଅନନ୍ତର କଳ୍ପନାକୁ ଏକ ଆବଶ୍ୟକ ଆଧାରରୂପେ ମାନି ନନେଲେ ଆମର ମନୋଭୂମି ପକ୍ଷରେ କୌଣସି ପ୍ରକାର କଳ୍ପନା କରିବା ଆଦୌ ସମ୍ଭବ ହେବ ନାହିଁ ସତ, ତଥାପି ଏପରି ଏକ କଳ୍ପନା କରିବା ପଛରେ ଏକ ଅପରିହାର୍ଯ୍ୟ ଆବଶ୍ୟକତା ପ୍ରକୃତରେ କେତେଦୂର ରହିଛି, ଏକଥା ଉପରେ ମଧ୍ୟ ବେଶ୍ ସଂଶୟ ବ୍ୟକ୍ତ କରାଯାଇ ପାରିବ । ଦେଶ, କାଳ ଅଥବା ମୌଳିକ ସତ୍ତା ଭିତରେ ଆମର ମନ ଏପରି ଏକ ସୀମାରେଖା ବି ପକାଇ ଦେଇ ପାରିବ ନାହିଁ, ଯାହାର ସେପାଖକୁ, ଯାହାପୂର୍ବରୁ କିମ୍ବା ଯାହା ପରେ ବି ଆଉ କୋଉଠି କିଛି ନାହିଁ କି ନଥିଲା ବୋଲି ସେ ଦାବି କରି କହିଦେଇ ପାରିବ । ଏବଂ ଏକଥା ମଧ୍ୟ ସତ୍ୟ ଯେ ଏକ ପରମ ଅନନ୍ତକୁ ମୂଳ ବୋଲି ସ୍ୱୀକାର ନ କଲେ ତାହାର ବିକଳ୍ପରୂପେ କେବଳ ଏକ ପରମ ଶୂନ୍ୟ ବା ପରମ 'ନାହିଁ'କୁହିଁ ସବୁକିଛିର ମୂଳ ବୋଲି ଗ୍ରହଣ କରିବାକୁ ପଡ଼ିବ ଓ ସେପରି କଲେ ମଧ୍ୟ ତାହାକୁ ବି ଆମେ କେବଳ ସେହି ପରମ ଅନନ୍ତର ଏକ ଭ୍ରମଗର୍ଭିରୂପେହିଁ କଳ୍ପନା କରିପାରିବା, ଯାହାଭିତରକୁ ଆମେ କଦାପି ଅନାଇବାକୁ ବି ଇଚ୍ଛା କରିବା ନାହିଁ । ଆମେ ଯାହାସବୁକୁ ସତ୍ତା ବୋଲି ଦେଖୁଛୁ ବା ଜାଣୁଛୁ, ତାହାର ଏକ ଆବଶ୍ୟକ ପୂର୍ବନିଷ୍ଠସ୍ୱରୂପେ ଏକ ଅନନ୍ତ ଅବିଜ୍ଞେୟକୁ ନ ମାନିଲେ ବିକଳ୍ପ ହିସାବରେ ଆମକୁ ଏକ ଅନ୍ତହୀନ ଓ ରହସ୍ୟମୟ ଶୂନ୍ୟାଙ୍କକୁହିଁ ମାନିନେବାକୁ ପଡ଼ିବ । ମାତ୍ର ଜଡ଼ଜଗତର ସୀମାନ୍ତହୀନ ଓ କ୍ରମପ୍ରସାରଣଶୀଳ ସୀମିତତାଟିକୁହିଁ ଏକମାତ୍ର ବସ୍ତୁସତ୍ୟ ବୋଲି ସ୍ୱୀକାର କରିବାକୁ ଗଲେ ମଧ୍ୟ ତଥାପି ପ୍ରହେଳିକାଟିର

'oaob.nitrkl.ac.in' images reprocessed

କୌଣସି ସମାଧାନ ହେବ ନାହିଁ । ଅନନ୍ତସତ୍ତା, ଅନନ୍ତ ଅସତ୍ ବା ସୀମାବିହୀନ ସୀମିତତା,—ଆମଲାଗି ଏସବୁ ମୂଳଭୂତ ଅବ୍ୟାକୃତ ବା ଅନିର୍ଦ୍ଦେଶ୍ୟ ବ୍ୟତୀତ ଆଉକିଛି ନୁହନ୍ତି । ଆମେ ସେଗୁଡ଼ିକରେ କୌଣସି ବିଶେଷ ପ୍ରକୃତି କିମ୍ବା ଆକୃତିର ଆରୋପ କରିପାରିବା ନାହିଁ, ସେଗୁଡ଼ିକର ବ୍ୟାକୃତିଗୁଡ଼ିକୁ ଆଗରୁ ନିର୍ଦ୍ଦେଶିତ କରି ରଖିବାଭଳି କୌଣସି କିଛିର ଆରୋପ କରି ପାରିବା ନାହିଁ । ବିଶ୍ୱର ମୂଳ ପ୍ରକୃତିଟିକୁ ଦେଶ, କାଳ କିମ୍ବା ଦେଶ-କାଳ ରୂପେ ବର୍ଣ୍ଣନା କଲେ ମଧ୍ୟ ତଦ୍ୱାରା କୌଣସି ଲାଭ ହେବ ନାହିଁ । କାରଣ, ଏଗୁଡ଼ିକୁ ଆମର ମାନସିକ ଦୃଷ୍ଟିଦ୍ୱାରା ବିଶ୍ୱସୃଷ୍ଟି ଉପରେ ଆମେ ଲଦି ଦେଉଥିବା କେବଳ ଆମ ବୁଦ୍ଧିପ୍ରସୂତ କଳ୍ପନାମୟିତା ବୋଲି ଅର୍ଥାତ୍ ଆମ ମନର ଆପଣାର ଚରିତ୍ର ଉପରେ କେବଳ ଏକ ସ୍ୱଭାବନିର୍ଦ୍ଦିଷ୍ଟ ଦୃଷ୍ଟିପାତ ବୋଲି କୁହା ନଗଲେ ମଧ୍ୟ ଯଥାର୍ଥରେ ଦେଖିଲେ ଏଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ଅବ୍ୟାକୃତ ଅବସ୍ଥା, ଏବଂ ଏଗୁଡ଼ିକ ଭିତରେ ଏଗୁଡ଼ିକରେ ସଂଘଟିତ ହେଉଥିବା ବ୍ୟାକୃତିଗୁଡ଼ିକର ଉତ୍ସସନ୍ଧାନ କରିବାକୁ ଯାଇ ଆମେ ଆଦୌ କୌଣସି ସହାୟକ ସଙ୍କେତ ପାଇପାରିବା ନାହିଁ । ଯେଉଁ ଅଦଭୁତ ପ୍ରକ୍ରିୟାଟିଦ୍ୱାରା ବିଶ୍ୱର ବିଷୟଗୁଡ଼ିକ ବ୍ୟାକୃତ ଅର୍ଥାତ୍ ନିର୍ମିତ ହେବାରେ ଲାଗିଛନ୍ତି, ଆମେ ତଥାପି ତାହାର କୌଣସି କାରଣ ପାଇବା ନାହିଁ; ବସ୍ତୁଗୁଡ଼ିକର ଶକ୍ତି ଓ ଗୁଣଧର୍ମ, ସେଗୁଡ଼ିକର ଯଥାର୍ଥ ସ୍ୱଭାବ, ମୂଳ ଅଥବା ତାତ୍ପର୍ଯ୍ୟ ବିଷୟରେ ମଧ୍ୟ କୌଣସି ସ୍ପଷ୍ଟୀକରଣର ଆଭାସ ପାଇବା ନାହିଁ ।

ଆମ ଭୌତିକ ବିଜ୍ଞାନର ଆଖିକୁ ଏହି ଅନନ୍ତ ଅର୍ଥାତ୍ ନିର୍ବିଶେଷ ସତ୍ତା ବସ୍ତୁତଃ ଏକ ପରମ ଶକ୍ତିରୂପେ ପ୍ରତିଭାତ ହୋଇଥାଏ । ଆମେ ସିଧା ଏହି ଶକ୍ତିର କୌଣସି ପରିଚୟ ପାଉ ନାହିଁ, ମାତ୍ର ତାର ବିସୃଷ୍ଟିଗୁଡ଼ିକଦ୍ୱାରାହିଁ ତାହାକୁ ଜାଣିଥାଉ । ଆପଣାର ଗତିଶୀଳ ପ୍ରବେଗରେ ଏହି ଶକ୍ତି ଅଗଣିତ ସାମର୍ଥ୍ୟର ତରଙ୍ଗଚୟକୁ ଉତ୍କ୍ଷିପ୍ତ କରିବାରେ ଲାଗିଥାଏ, ଏବଂ ସେହି ତରଙ୍ଗଗୁଡ଼ିକ ମଧ୍ୟରେ ଅଗଣିତ ଅତିକ୍ଷୁଦ୍ର ଦ୍ରବ୍ୟକଣାମାନ ଉତ୍କ୍ଷିପ୍ତ କରୁଥାଏ । ଏହି ଦ୍ରବ୍ୟକଣାଗୁଡ଼ିକ ପରସ୍ପର ସହିତ ପୁଞ୍ଜୀଭୂତ ହୋଇ ବୃହତ୍ତର ଦ୍ରବ୍ୟକଣାଗୁଡ଼ିକର ଗଠନ କରନ୍ତି । ଏହିପରି ଭାବରେ ପରମ ଶକ୍ତିର ଯାବତୀୟ ବିସୃଷ୍ଟି ଲାଗି ଏକ ଭୂମିର ମୂଳପତ୍ତନ ହୁଏ । ଏହି ବିଶ୍ୱର ଭୌତିକ ଭୂମିଠାରୁ ଦୂରଦୂରାନ୍ତରେ ଅବସ୍ଥିତ ବିସୃଷ୍ଟିଗୁଡ଼ିକ ଲାଗି ମଧ୍ୟ ମୂଳଦୁଆ ପଡ଼େ । ସଂଗଠନବଦ୍ଧ ଜଡ଼ର ଏକ ଜଗତର ଉନ୍ମେଷଲାଗି ମୂଳଦୁଆ ପଡ଼େ । ଜୀବନ ଓ ଚେତନାର ଉନ୍ମେଷଲାଗି ମୂଳଦୁଆ ପଡ଼େ । ବିବର୍ତ୍ତିନଧର୍ମୀ ଏହି ପ୍ରକୃତି ଭିତରେ ଯେତେ ଯାହା କାର୍ଯ୍ୟକଳାପ ଏବେସୁଦ୍ଧା ଜ୍ଞାତ ଓ ରହସ୍ୟମୟ ହୋଇ ରହିଛି, ସେସବୁର ମୂଳଦୁଆ ପଡ଼ିଯାଏ । ମୂଳଭୂତ ପ୍ରକ୍ରିୟାଟି ଉପରେ ଆମେ ଦେଖିପାରିଲା ଭଳି, ଅନୁସରଣ କରିପାରିଲା ଭଳି ଆହୁରି ଅଗଣିତ କେତେ କେତେ

'oaob.nitrkl.ac.in' images reprocessed

ପ୍ରକ୍ରିୟାର ସଂସ୍ଥାପନା ହୁଏ । ଏଥିରୁ ଅନେକଗୁଡ଼ିକୁ ଆମେ ଆପଣା କାର୍ଯ୍ୟରେ ବ୍ୟବହାର କରିପାରୁ, ସେଗୁଡ଼ିକରୁ ନାନା ଉପକାର ପାଇପାରୁ । ମାତ୍ର ମୂଳତଃ ସେଗୁଡ଼ିକ ସମସ୍ତେ ରହସ୍ୟମୟ ହୋଇ ରହିଥା'ନ୍ତି, ସେଗୁଡ଼ିକର ମୂଳପ୍ରକୃତି ଆମ ପାଖରେ ଅବୋଧ ହୋଇ ରହିଥାଏ । ଆମେ ବର୍ତ୍ତମାନ ଏକଥା ଜାଣି ସାରିଲୁଣି ଯେ ବିଭିନ୍ନ ସଂଖ୍ୟାରେ ବିଭିନ୍ନ ଭାବେ ଏକାଠି ହୋଇ ବୈଦ୍ୟୁତିକ ଅତିପରମାଣୁ-ମାନେ ଏକ ନୈମିତ୍ତିକ ପରିବେଶ ସୃଷ୍ଟି କରି ଦେଇଥା'ନ୍ତି ଅଥବା ଏକ ନୈମିତ୍ତିକ ପରିବେଶରୂପେ କାର୍ଯ୍ୟ କରିଥା'ନ୍ତି । ଏକ ଭ୍ରମର ବଶବର୍ତ୍ତୀ ହୋଇ ଆମେ ଏହି ପରିବେଶଟିକୁ କାରଣ ବୋଲି କହିଥାଉ । କାରଣ ଏଠାରେ ଯଥାର୍ଥତଃ କାରଣ ବୋଲି କିଛି ନଥାଏ, କେବଳ ଏକ ଆବଶ୍ୟକ ପୂର୍ବବର୍ତ୍ତୀ ଅବସ୍ଥା ରହିଥିବାରହିଁ ପ୍ରତୀତ ହୋଇଥାଏ । ଉକ୍ତ ନୈମିତ୍ତିକ ପରିବେଶଟିରୁ ନାନା ସ୍ୱଭାବ ତଥା ଗୁଣଧର୍ମ-ବିଶିଷ୍ଟ ଏବଂ ନାନା ଭାବେ ଶକ୍ତିସମ୍ପନ୍ନ ବୃହତ୍ତର ଦ୍ରବ୍ୟାଣୁଗୁଡ଼ିକର ଆବିର୍ଭାବ ହୁଏ । ମାତ୍ର ଏହିସବୁ ବିଭିନ୍ନ ସଂସ୍ଥାନରୁ କିପରି ଏହି ବିଭିନ୍ନ ପରମାଣୁଗୁଡ଼ିକର ସୃଷ୍ଟି ହେଉଛି, ନୈମିତ୍ତିକ ମୂଳ ଉପାଦାନରେ ରହିଥିବା କେଉଁ ଭିନ୍ନ ଭିନ୍ନ ଗୁଣ ବା ଗୁଣଚୟ ସଂଗଠିତ ପରିଣାମଗୁଡ଼ିକରେ ମଧ୍ୟ ଆବଶ୍ୟକ ବିଭିନ୍ନତାମାନ ଘଟାଇଥାଆନ୍ତି, ସେ ବିଷୟରେ ଆମେ ଆଦୌ କିଛିହେଲେ ଜାଣି ପାରୁନାହିଁ । ଆମେ ଏକଥା ମଧ୍ୟ ଜାଣିଛୁ ଯେ କୌଣସି ବିଶେଷ ବିଶେଷ ଅଦୃଶ୍ୟ ପରମାଣୁଚୟ ବିଶେଷ ବିଶେଷ ଭାବରେ ପରସ୍ପର ସହିତ ସଂଯୁକ୍ତ ହୋଇ ସମ୍ପୂର୍ଣ୍ଣ ଭିନ୍ନ ସ୍ୱଭାବବିଶିଷ୍ଟ ନୂତନ ଓ ଦୃଶ୍ୟମାନ କେତେ କେତେ ବ୍ୟାକୃତିର ସୃଷ୍ଟି କରିଥା'ନ୍ତି । ମୂଳ ପରମାଣୁଗୁଡ଼ିକଠାରୁ ଏଗୁଡ଼ିକର ଗୁଣଧର୍ମ ଓ ଶକ୍ତିମତ୍ତା ସମ୍ପୂର୍ଣ୍ଣ ଭିନ୍ନ ହୋଇ ଦୃଷ୍ଟିଗୋଚର ହୋଇଥାଏ, ମାତ୍ର ଅମ୍ଳଜାନ ଓ ଉଦ୍‌ଜାନକୁ ଏକ ନିର୍ଦ୍ଦିଷ୍ଟ ସୂତ୍ର ଅନୁସାରେ ଏକତ୍ର କରିଦେଇ ପାରିଲେ ସେଥିରୁ କିପରି ଜଳର ଆବିର୍ଭାବ ସମ୍ଭବ ହୋଇ ପାରୁଛି, ଉଦାହରଣସ୍ୱରୂପ ଆମେ ତାହାର କୌଣସି ରହସ୍ୟ ନିର୍ଣ୍ଣୟ କରିପାରୁ ନାହିଁ । କାରଣ ଏକଥା ଅତି ସ୍ପଷ୍ଟ ଯେ କେବଳ କେତୋଟି ବାଷ୍ପର ସମଷ୍ଟି ଅପେକ୍ଷା ଜଳରେ ଆଉକିଛି ଅଧିକ ଉପାଦାନ ଅବଶ୍ୟ ରହିଛି । ଜଳକୁ ଆମେ ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି ବୋଲି କହିପାରିବା, ଏକ ନୂତନ ଦ୍ରବ୍ୟ ବା ଉପାଦାନ ବୋଲି କହିପାରିବା, ଏକ ସମ୍ପୂର୍ଣ୍ଣ ନୂତନ ସ୍ୱଭାବବିଶିଷ୍ଟ ଭୌତିକ ସୃଷ୍ଟି ବୋଲି କହିପାରିବା । ଗୋଟିଏ ମଞ୍ଜି କିପରି ଗଛଟିଏ ହୋଇ ବିକଶିତ ହେଉଛି, ଆମେ ସେ କଥା ମଧ୍ୟ ଦେଖୁଛୁ, ଉପାଦାନର ପ୍ରକ୍ରିୟାଧାରାଟିକୁ ଅନୁସରଣ କରି ତାକୁ ଆମେ ଆପଣା ବ୍ୟବହାରରେ ଆଣି ପାରୁଛୁ । ମାତ୍ର ଗୋଟିଏ ମଞ୍ଜିରୁ ଗୋଟିଏ ଗଛ ପ୍ରକୃତରେ କିପରି ସମ୍ଭବ ହୋଇ ପାରୁଛି, ସେକଥା ଜାଣିପାରିବା ଲାଗି ଆମ ଆଖିରେ କିଛି ହେଲେ ଜଣାପଡୁ ନାହିଁ । ଗଛଟିର ପ୍ରାଣ ଓ ରୂପ ପ୍ରକୃତରେ କିଭଳି ଯେ ମଞ୍ଜିର ଉପାଦାନ ତଥା ସାମର୍ଥ୍ୟ ମଧ୍ୟରେ ନିହିତ ହୋଇରହିଛି,

'oaob.nitrkl.ac.in' images reprocessed

ଆମେ ସେ କଥା ଆବିଷ୍କାର କରିପାରୁ ନାହୁଁ । ଏବଂ ଯଦି ତାହାହିଁ ପ୍ରକୃତ ସତ୍ୟ ହୋଇଥାଏ, ମଞ୍ଜିଟିଏ କିପରି ଗୋଟିଏ ଗଛ ରୂପରେ ବିକଶିତ ହୋଇପାରୁଛି, ଆମେ ତାହାର ଆଦୌ ମର୍ମଭେଦ କରିପାରୁ ନାହୁଁ । ଜନନ-ଅଣୁ ଓ ଜନନସୂତ୍ରିକା-ଗୁଡ଼ିକୁ ଆମେ ବଂଶାନୁକ୍ରମିକ ଅନୁପ୍ରସ୍ରବନର କାରଣ ବୋଲି ଜାଣିଛୁ । କେବଳ ଶାରୀରିକ ନୁହେଁ, ମନୋଭୂମିଗତ ବୈଚିତ୍ର୍ୟର କାରଣ ବୋଲି ଜାଣିଛୁ ସତ, ମାତ୍ର ଏହି ନିଶ୍ଚେତନ ଦେହର ଜଡ଼ ବାହନଟିର ଆଧାରଟିରେ ଯେ ମନୋଭୂମିଗତ ଗୁଣ-ବୈଶିଷ୍ଟ୍ୟମାନ କିପରି ଅନ୍ତର୍ଗତ ହୋଇ ରହିଛି, ଓ ସେହି ଆଧାରଟିର ମାଧ୍ୟମରେ କିପରି ପୁରୁଷାନୁକ୍ରମେ ଅବବାହିତ ହେବାରେ ଲାଗିଛି, ସେ ବିଷୟରେ ଆମେ କିଛି ଜାଣୁ ନାହୁଁ । ଏସବୁକୁ ଆମେ ଦେଖିପାରୁ ନାହୁଁ କି ଜାଣିପାରୁ ନାହୁଁ, ମାତ୍ର ପ୍ରକୃତି-ପ୍ରକ୍ରିୟାର ଏକ ବିଶ୍ୱାସନୀୟ ବିବରଣୀରୂପେ ଏହିଗୁଡ଼ିକୁହିଁ ଆମକୁ ବାଖ୍ୟା କରି ଦିଆଯାଉଛି । ଏବଂ ଆମକୁ ବୁଝାଇ ଦିଆଯାଉଛି ଯେ ଇଲେକ୍ଟ୍ରନ୍, ଅଣୁ ଓ ସେଗୁଡ଼ିକରୁ ଉପୁଜିଥିବା ପ୍ରାଣ-ଅଣୁ, ମାଂସକୋଷ, ଗ୍ରନ୍ଥି, ରସାୟନିକ କ୍ଷରଣ ଓ ଶରୀରଗତ ନାନା ପ୍ରକ୍ରିୟାର ପାରସ୍ପରିକ କ୍ରିୟାବିକ୍ରିୟା ଜଣେ ସେକ୍ସପିଅର କିମ୍ବା ଜଣେ ପ୍ଲେଟୋଙ୍କର ସ୍ନାୟୁମଣ୍ଡଳରେ ଓ ମସ୍ତିଷ୍କ ଭିତରେ କାର୍ଯ୍ୟ କରିବାରେ ଲାଗିଛି ଓ ତାହାରି ଫଳରେ ଏକ 'ହ୍ୟାମ୍ଲେଟ୍', ଏକ 'ସିମ୍ପୋସିଅମ୍' କିମ୍ବା 'ରିପବ୍ଲିକ୍' ଭଳି ମହାନ୍ ଗ୍ରନ୍ଥର ସୃଷ୍ଟି ହେଉଛି ଅଥବା ସେଗୁଡ଼ିକର ସୃଷ୍ଟି ଲାଗି ସମ୍ଭବତଃ ଏକ ଗତିଶୀଳ ଅନୁକୂଳ ଅବସରର ସୃଷ୍ଟି ହୋଇ ପାରୁଛି । ମାତ୍ର ଜଡ଼ ଦେହରେ ଚାଲିଥିବା ଏଭଳି କ୍ରିୟାମାନ କିପରି ଯେ ଚିନ୍ତନ ତଥା ସାହିତ୍ୟ ଜଗତରେ ଏହିସବୁ ଉଚ୍ଚତମ କୋଟୀର ରଚନାକୁ ସମ୍ଭବ କରିପାରୁଛି, ଆମେ ସେବିଷୟରେ କିଛି ଖୋଜି ବାହାର କରି ପାରୁ ନାହୁଁ, କିଛି ବୁଝି ମଧ୍ୟ ପାରୁ ନାହୁଁ । ଏହି କ୍ଷେତ୍ରରେ ସୃଷ୍ଟିକାରୀ ମୂଳ ଉପାଦାନଚୟ ଏବଂ ସୃଷ୍ଟି ଭିତରେ ଏତେବେଶୀ ବ୍ୟବଧାନ ରହିଯାଉଛି ଯେ ଆମେ ଏହି ପ୍ରକ୍ରିୟାଟିକୁ ହୃଦୟଙ୍ଗମ କରି ତାହାକୁ ନିଜର କାର୍ଯ୍ୟରେ ଲଗାଇ ପାରିବା ଦୂରେ ଥାଉ, ତାହାର ଗତିବିଧି ଠଉରାଇ ପାରିବାକୁ ମଧ୍ୟ ଆମର ଆଉ ସାମର୍ଥ୍ୟ ରହୁ ନାହିଁ । ପ୍ରୟୋଜନ ଦୃଷ୍ଟିରୁ ବିଚାର କଲେ ଭୌତିକ ବିଜ୍ଞାନର ଏହି ସୂତ୍ରଗୁଡ଼ିକ ଯେତେ ଅକାଟ୍ୟ ଓ ନିର୍ଭୁଲ ହୋଇଥାଉ ପଛକେ, ପ୍ରକୃତି-ପ୍ରକ୍ରିୟାର ବ୍ୟାବହାରିକ କାରଣଭୂମି ଉପରେ ସେଗୁଡ଼ିକର ଯେତେ ବେଶୀ ନିୟନ୍ତ୍ରଣ ବା ରାଜତ୍ୱ ରହିଥାଉ ପଛକେ, ତଥାପି ସେଗୁଡ଼ିକରୁ ଆମେ ସୃଷ୍ଟିର ଅନ୍ତର୍ନିହିତ କାରଣ କିମ୍ବା ଅନ୍ତର୍ଗତ ଉଦ୍ଦେଶ୍ୟ ବିଷୟରେ ଆଦୌ କୌଣସି ତଥ୍ୟ ଆବିଷ୍କାର କରିପାରିବା ନାହିଁ । ବରଂ କୁହାଯାଇ ପାରିବ ଯେ ସେଗୁଡ଼ିକ ଆମର ମନ ଭିତରେ ସତେଅବା ଏକ ବିଶ୍ୱଜାଦୁକରର ସାଧନମନ୍ତ୍ରଚୟର ପ୍ରତୀତି ଜନ୍ମାଇବାକୁ ଚେଷ୍ଟା କରୁଛି । ସେଗୁଡ଼ିକ ଯେଉଁଠି ଯେପରି ଲାଗୁ ହେବାର କଥା, ଅକାଟ୍ୟ ଭାବରେ ସେଠାରେ ଲାଗୁ ହୋଇ

'oaob.nitrkl.ac.in' images reprocessed

ପାରୁଛନ୍ତି, ଆପଣା ଆପଣାର କ୍ଷେତ୍ରରେ ସତେଅବା ଆପଣାଛାଏଁ ଫଳପ୍ରଦ ସାବ୍ୟସ୍ତ ହୋଇ ପାରୁଛନ୍ତି, ମାତ୍ର ସେଗୁଡ଼ିକର ମୂଳ ରହସ୍ୟ ତଥାପି ଅବୋଧ ରହିଛି, ସେଗୁଡ଼ିକ ସତେଅବା ମୂଳତଃ ଅବୋଧ ବୋଲି ମନେ ହେଉଛି ।

ଆମକୁ ଏକ ଅସମାହିତ ଧନ୍ଦା ଭିତରେ ଆଣି ପକାଇ ଦେବାଲାଗି ତାହା ଭିତରେ ଆହୁରି ଅଧିକ ବିଷୟ ରହିଛି । କାରଣ ଆମେ ଦେଖିବାକୁ ପାଉଛୁ ଯେ ମୂଳ ଅବ୍ୟାକୃତ ପରମଶକ୍ତିରୁ କେତେ କେତେ ବିଶେଷ ଓ ସାମାନ୍ୟ ବ୍ୟାକୃତ ପ୍ରକାଶିତ ହେବାରେ ଲାଗିଛି । ସେଗୁଡ଼ିକର ପରିଣାମବିଚାରିତା ଦୃଷ୍ଟିରୁ ବିଗ୍ଭର କରି ସେଗୁଡ଼ିକୁ ସାମାନ୍ୟ ଅବ୍ୟାକୃତ ଅଥବା ଶ୍ରେଣୀବାଚକ ନିର୍ବିଶେଷ ବୋଲି ମଧ୍ୟ ବେଶ୍ କୁହାଯାଇ ପାରିବ । ଏହିସବୁ ସାମାନ୍ୟ ବ୍ୟାକୃତର ତଦନୁରୂପ ବସ୍ତୁଗତ ସ୍ଥିତି ମଧ୍ୟ ପ୍ରକାଶିତ ହେବାରେ ଲାଗିଛି ଏବଂ ସେହି ବସ୍ତୁର ରୂପାୟନମାନ ବି ନିର୍ଦ୍ଧାରିତ ହୋଇଯିବାରେ ଲାଗିଛି । ଏହିସବୁ ରୂପାୟନର ଆଦୌ କୌଣସି ସୁମାରି ନାହିଁ । ବେଳେ ବେଳେ ସେଗୁଡ଼ିକର ଆଧାରରୂପେ ଅବସ୍ଥିତ ରହିଥିବା ଦ୍ରବ୍ୟଶକ୍ତିର ଅସୁମାରି ବୈଚିତ୍ର୍ୟରୂପେ ସେଗୁଡ଼ିକର ପ୍ରକାଶ ହୋଇ ଗ୍ଭଲିଛି । ମାତ୍ର ଏହିସବୁ ବିସୃଷ୍ଟ ବୈଚିତ୍ର୍ୟର କୌଣସିଟି ମଧ୍ୟ ସାମାନ୍ୟ ଅବ୍ୟାକୃତଟି ମଧ୍ୟରେ ଆଗରୁ ଅବସ୍ଥିତ ଥିବା କୌଣସି ସ୍ୱଭାବ କିମ୍ବା ଧର୍ମଦ୍ୱାରା ପୂର୍ବନିର୍ଦ୍ଦିଷ୍ଟ ହୋଇ ରହିଥିବା ପରି ଆଦୌ ମନେ ହେଉ ନାହିଁ । ସେହି ଏକ ବିଦ୍ୟୁତ୍‌ଶକ୍ତି ଭିତରୁ ପଜିଟିଭ୍ ଶକ୍ତି ବାହାରୁଛି, ନେଗେଟିଭ୍ ବାହାରୁଛି, ପୁଣି ଏକ ତଟସ୍ଥ ଶକ୍ତି ମଧ୍ୟ ବାହାରୁଛି । ଶକ୍ତିର ଏହି ରୂପଗୁଡ଼ିକ ଏକାବେଳେକେ ତରଙ୍ଗ ରୂପରେ ଓ କଣାତ୍ମକ ରୂପରେ ଅବସ୍ଥିତ ରହିଛି । ଶକ୍ତିବସ୍ତୁର ଏକ ବାଷ୍ପୀୟ ଅବସ୍ଥାରୁ ବିଭିନ୍ନ ପ୍ରକାରର କେତେ କେତେ ବାଷ୍ପ ଉତ୍ପନ୍ନ ହେଉଛି । ଶକ୍ତିବସ୍ତୁର ଯେଉଁ ଘନ-ଅବସ୍ଥାଟିରୁ କ୍ଷିତିର ତତ୍ତ୍ୱ ପରିଣତି ଲାଭ କରୁଛି, ତାହା ଆହୁରି କେତେ କେତେ କ୍ଷିତିର ବିକାଶ କରାଉଛି, କେତେ ବିଭିନ୍ନ ପ୍ରକାରର ପ୍ରସ୍ତର, ଖଣିଜ ଓ ଧାତବଦ୍ରବ୍ୟକୁ ଜନ୍ମ ଦେଉଛି । ସେହି ଗୋଟିଏ ପ୍ରାଣଶକ୍ତିରୁ ଉଦ୍‌ଭିଦ ସାମ୍ରାଜ୍ୟ ଉତ୍ପନ୍ନ ହେଉଛି, ଏବଂ ସେହି ସାମ୍ରାଜ୍ୟଟି ଭିତରେ ସମ୍ପୂର୍ଣ୍ଣ ପ୍ରକାରେ ବିଭିନ୍ନ କେତେ କେତେ ଉଦ୍‌ଭିଦ, ବୃକ୍ଷ ଓ ଫୁଲ ଭରପୂର ହୋଇ ରହିଛନ୍ତି । ପ୍ରାଣୀଜୀବନର ଏକ ତତ୍ତ୍ୱରୁ ଅଗଣିତ ବିଭିନ୍ନ କିସମର ପ୍ରାଣୀଶ୍ରେଣୀ, ପ୍ରାଣୀ ସୃଷ୍ଟି ହେଉଛି, କେତେ କେତେ ବ୍ୟକ୍ତିଗତ ବିଚିତ୍ରତାର ଉଆଣ ହେଉଛି । ଏହିପରି ଭାବରେ ଏହି ପର୍ଯ୍ୟାୟଟି ଆହୁରି ଆଗକୁ ଯାଇ ସେଥିରୁ ମନୁଷ୍ୟ-ଜୀବନର ଆବିର୍ଭାବ ହେଉଛି । ସେହି ସ୍ତରରେ ମନ ଜନ୍ମଲାଭ କରୁଛି, ଏକ ମନରୁ କେତେବିଧ ମନ ବାହାରୁଛି । ଏବଂ ଏହି ମନଗୁଡ଼ିକ ଏପର୍ଯ୍ୟନ୍ତ ଲିପିବଦ୍ଧ କରାଯାଇ ନଥିବା ସେମାନଙ୍କର ସେହି ଲକ୍ଷ୍ୟସ୍ଥଳ ଆଡ଼କୁ ଧାବମାନ ହେବାରେ ଲାଗିଛନ୍ତି । ଅଥବା କିଏ କହିପାରିବ, ସେମାନେ ଆପଣା ବିବର୍ତ୍ତନର ସେହି ଅସମାପ୍ତ ଅଧ୍ୟାୟର ହୁଏତ

'oaob.nitrkl.ac.in' images reprocessed

ସେହି ପରବର୍ତ୍ତୀ ଅଧ୍ୟାୟଟି ଆଡ଼କୁ ଧାବିତ ହୋଇ ଚାଲିଛନ୍ତି, ଯାହାକି ଏପର୍ଯ୍ୟନ୍ତ ରହସ୍ୟଦ୍ୱାରାହିଁ ଆବୃତ ହୋଇ ରହିଛି ! ପରିଣତିର ଏହି ସମଗ୍ର ପର୍ଯ୍ୟାୟଟିରେ ସବୁଠାରେ ଏକ ସାଧାରଣ ସୂତ୍ର ପରି ସର୍ବମୂଳ ବିଶେଷ ବା ବ୍ୟାକୃତିଟି ସାଧାରଣତଃ ଏକାଭଳି ରହିଛି, ଏବଂ ମୂଳ ଉପାଦାନ ଓ ପ୍ରକୃତିରେ ଉପାଦାନଗତ ସମାନତାର ଶାସନାଧୀନ ରହି ଶ୍ରେଣୀ ଓ ଏକକସ୍ତରର ବ୍ୟାକୃତିରେ କେତେ ରସାଳ ଓ ଅସୁମାରି ଭାବରେ କେତେ ବିବିଧତା ଓ ବିଚିତ୍ରତା ଫୁଟି ଉଠିବାରେ ଲାଗିଛି ! ଶ୍ରେଣୀ ଓ ଉପଶ୍ରେଣୀ ସ୍ତରରେ ଗୋଟିଏ ନିୟମଦ୍ୱାରା ପ୍ରଶାସିତ ହୋଇ ଏକ ସଦୃଶତା ବା ସମାନତା ବିରାଜ କରୁଛି, ଏବଂ ବ୍ୟକ୍ତି ଓ ଏକକସ୍ତରରେ ସତେଅବା କେଉଁ ଯତ୍ନ ସହକାରେ କେଉଁ ତନ୍ନତନ୍ନ ଭାବରେ ଖଞ୍ଜା ହୋଇଥିବା ଅଗଣିତ କେତେ ବିବିଧତାର ପ୍ରକାଶ ହୋଇ ପାରିଛି ! ମାତ୍ର କୌଣସି ମୂଳ ବ୍ୟାକୃତିଟିରେ ଆମେ ଏପରି କିଛି ଉପାଦାନ ରହିଛି ବୋଲି ଆଦୌ ଦେଖିପାରୁନୁ, ଯାହାକି ସେଥିରୁ ନିଷ୍ପନ୍ନ ହେଉଥିବା ବିବିଧ ବ୍ୟାକୃତିକୁ ଆବଶ୍ୟକ ବୋଲି ସୂଚାଇ ଦେଉଛି ! ଅର୍ଥାତ୍ ମୂଳଭୂମିରେ ଏକ ଅପରିବର୍ତ୍ତନୀୟ ସମାନତା ନିର୍ଣ୍ଣାୟକ ସୂତ୍ର ହୋଇ ରହିଛି, ଏବଂ ଉପରି ଭାଗରେ ଏକ ମୁକ୍ତ ବହୁ ବିଚିତ୍ରତାର ବିଧାନ କାର୍ଯ୍ୟ କରୁଥିବା ପରି ବୋଧ ହେଉଛି ଯାହାର କାରଣ ବିଷୟରେ ଆମକୁ କିଛିହେଲେ ଜଣା ନାହିଁ;—ମାତ୍ର ସମଗ୍ର ପ୍ରକ୍ରିୟାଟି ଭିତରେ ଏପରି କିଏ ବା କ'ଣ ଅବସ୍ଥିତ ରହିଛି, ଯାହାକୁ କି ପ୍ରକ୍ରିୟାଟିର ନିର୍ଣ୍ଣାୟକ ବୋଲି କୁହାଯାଇ ପାରିବ ? ଏହି ବ୍ୟାକୃତିର ଲୀଳା ପଛରେ ଯୁକ୍ତିଯୁକ୍ତ ଅସଲ କାରଣ କ'ଣ ବା ରହିଛି ? ଏହାର ମୂଳ ସତ୍ୟ ଅଥବା ଯଥାର୍ଥ ତାତ୍ପର୍ଯ୍ୟ କହିଲେ ଆମେ କ'ଣ ବୋଲି ବୁଝିବା ? କେଉଁ ଆବଶ୍ୟକତା ଦ୍ୱାରା ବାଧ୍ୟ ଅଥବା ପ୍ରେରିତ ହୋଇ ବହୁବିଧ ବିଚିତ୍ର ସମ୍ଭାବନାର ଏହି ବିପୁଳ ଲୀଳା ଲାଗିରହିଛି, କେବଳ ସୌନ୍ଦର୍ଯ୍ୟ ବା ସୃଜନଜନିତ ଆନନ୍ଦ ବ୍ୟତୀତ ଯାହାର ଅନ୍ୟ କୌଣସି ଉଦ୍ଦେଶ୍ୟ ରହିଥିବା ପରି ଆଦୌ ମନେ ହେଉ ନାହିଁ ? ହଁ, ହୁଏତ ଅନୁମାନ କରାଯାଇ ପାରେ ଯେ ଏହାପଛରେ ଏକ ସାର୍ବଭୌମ ମନ ରହିଛି, ଏକ ସଦାଜିଜ୍ଞାସୁ ଉଦ୍ଭାବନତତ୍ପର ଭାବନା ଅବସ୍ଥିତ ରହିଛି କିମ୍ବା ଏକ ସାର୍ବଭୌମ ଇଚ୍ଛାଶକ୍ତି ଗୁପ୍ତ ଭାବରେ ବିଦ୍ୟମାନ ରହି ଏସବୁର ନିର୍ଦ୍ଧାରଣ ଓ ନିୟନ୍ତ୍ରଣ କରୁଛି । ମାତ୍ର ଭୌତିକ ପ୍ରକୃତିର ପ୍ରଥମ ଓ ସର୍ବମୂଳ ଆବିର୍ଭାବ ମଧ୍ୟରେ ଆମେ ଏହାର କୌଣସି ଚିହ୍ନ ବା ସଙ୍କେତ ମଧ୍ୟ ଦେଖିବାକୁ ପାଉ ନାହୁଁ ।

ଏସବୁ ପଛରେ ନିୟାମକରୂପେ ଆପଣାକୁ ଆପେ ସଂଗଠିତ କରୁଥିବା ଓ ପ୍ରଯୋଜିତ କରି ରଖିଥିବା ଏକ ଗତିଶୀଳ ଆକସ୍ମିକତା ବିଦ୍ୟମାନ ରହିଛି, ପ୍ରଥମତଃ ହୁଏତ ଏପରି ଏକ ବ୍ୟାଖ୍ୟା ଦିଆଯାଇ ପାରେ । ଏହି ଆକସ୍ମିକତାକୁ ଆମେ ଏକ

'oaob.nitrkl.ac.in' images reprocessed

ଆବଶ୍ୟକ ବିରୋଧାଭାସ ବୋଲି ମାନି ନେଇପାରୁ;—ଯେଉଁ ବିଶ୍ୱପ୍ରତିଭାସକୁ ଆମେ ପ୍ରକୃତି ବୋଲି କହୁଛୁ, ତା'ର ଗୋଟିଏ ପାଖରେ ଏକ ଅନିବାର୍ଯ୍ୟ ନିୟମବଦ୍ଧତା ପରିଦୃଷ୍ଟ ହେଉଛି, ପୁଣି ଅନ୍ୟ ପାଖରେ ଏକ ଅବୋଧ ଖିଆଲ ଓ କଳ୍ପନାହିଁ କାର୍ଯ୍ୟ କରିବାରେ ଲାଗିଛି ବୋଲି ବୁଝାଯାଇପାରେ । ଆମେ ହୁଏତ କହିପାରୁ ଯେ ଏକ ଅଚେତନ ଓ ଅନିୟନ୍ତ୍ରିତ ଶକ୍ତି କୌଣସି ପ୍ରକାର ଯୁକ୍ତି ବା ବିଧାନକୁ ଅନୁସରଣ ନକରି କେବଳ କାର୍ଯ୍ୟ କରିବାରେ ଲାଗିଛି, ଏବଂ ନିୟାମନକାଙ୍କ୍ଷୀ କୌଣସି ମତିର ସାହାଯ୍ୟ ନନେଇ କେବଳ ଏକ ସାଧାରଣ ଆକସ୍ମିକତା ଦ୍ୱାରାହିଁ ଏଇଟା ବା ସେଇଟାକୁ ସୃଷ୍ଟି କରି ଥୋଇଦେଉଛି । ଏବଂ କେବଳ କୌଣସି ଗୋଟିଏ କ୍ରିୟା-ଛନ୍ଦର ଅନବଚ୍ଛିନ୍ନ ପୁନରାବୃତ୍ତି ଫଳରେହିଁ ବ୍ୟାକୃତିଗୁଡ଼ିକ ସମ୍ଭବ ହେଉଛି । ଏହି ବ୍ୟାକୃତିଗୁଡ଼ିକ କ୍ରମାଗତ ଭାବରେ ପରସ୍ପର ସହିତ ଲାଗିରହିଛି, କାରଣ ସେହି ପୁନରାବୃତ୍ତ ଛନ୍ଦହିଁ ବସ୍ତୁର ସତ୍ତାକୁ ସଂରକ୍ଷିତ କରି ରଖିବାରେ ସମର୍ଥ ହେଉଛି । ଏବଂ ଏହାକୁହିଁ ଆମେ ପ୍ରକୃତିର ଶକ୍ତି ବୋଲି କହିପାରୁ । ତା'ହେଲେ ଏକଥା ମଧ୍ୟ ମାନିବାକୁ ପଡ଼ିବ ଯେ ବିଶ୍ୱବିଷୟର ଉତ୍ସମୂଳରେ ଏକ ଅସୀମ ମହାସମ୍ଭାବନା ନିହିତ ହୋଇ ରହିଛି ଅର୍ଥାତ୍ ଅଗଣିତ ସମ୍ଭାବନାର ଏପରି ଏକ ଗର୍ଭାଧାର ରହିଛି, ଯାହାଭିତରୁ କି ପରମା ଶକ୍ତି ସେହି ସମ୍ଭାବନାଗୁଡ଼ିକୁ ପ୍ରକାଶିତ କରିବାରେ ଲାଗିଛି । ସେହି ଅପରିମେୟ ପରମ ନିଶ୍ଚେତନକୁ ଏକ ପରମ ସତ୍ତା କିମ୍ବା ପରମ ଅ-ସତ୍ତା ଯେପରି ଭାବରେ ଅଭିହିତ କଲେ ମଧ୍ୟ ତଥାପି ଯେପରି ତାହାର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟଟି ଆଦୌ ଧରାପଡ଼େ ନାହିଁ । ଏବଂ ସେହି କାରଣରୁ ଆମ ମନରେ ମଧ୍ୟ ସମ୍ପୂର୍ଣ୍ଣ ସନ୍ତୋଷ ଆଦୌ ଆସେ ନାହିଁ । କାରଣ ଉତ୍ସମୂଳ ଓ ଆଧାର ହିସାବରେ କିଛିନାକିଛି ସ୍ୱୀକାର କରି ନନେଲେ ପରମାଶକ୍ତିର ଆବିର୍ଭାବ ତଥା ପ୍ରକ୍ରିୟାଟି କଦାପି ବୋଧଗମ୍ୟ ହୋଇ ପାରେ ନାହିଁ । ମାତ୍ର ବିଶ୍ୱପ୍ରତିଭାସର ପ୍ରକୃତିକୁ ଆମେ ଯେପରି ଭାବରେ ଦେଖିଥାଉ, ତାହାର ଆଉ ଏକ ବିପରୀତ ଦିଗ ମଧ୍ୟ ରହିଛି, ଯେଉଁଥିରୁ କି ଏକ ସମ୍ପୂର୍ଣ୍ଣ ମତି-ନିୟମନଶୂନ୍ୟ କ୍ରିୟାରୁହିଁ ଏକ ସ୍ଥାୟୀ ବିଶ୍ୱବ୍ୟବସ୍ଥାର ଉଦ୍ଭବ ହୋଇଛି ବୋଲି ଦାବି କରୁଥିବା ସିଦ୍ଧାନ୍ତଟି ଏକାବେଳେକେ ଅସିଦ୍ଧ ବୋଲି ମନେହୁଏ । ଯାବତୀୟ ସମ୍ଭାବନାର ଭିତ୍ତିରୂପେ ଯେ ଏକ ବିଧାନ ବା ନିୟମ ରହିଛି, ପ୍ରକୃତି ତାହାର ଦୃଢ଼ ସମର୍ଥନ କରୁଥିବା ପରି ମନେ ହୋଇଥାଏ । ହୁଏତ ବରଂ ଏକଥା ଅନୁମାନ କଲେ ଅଧିକ ଯୁକ୍ତିଯୁକ୍ତ ହେବ ଯେ ବିଶ୍ୱମୟ ବସ୍ତୁସକଳ ମଧ୍ୟରେ ଏପରି ଏକ ନିୟାମକ ସତ୍ୟ ଅନ୍ତର୍ନିହିତ ହୋଇ ରହିଛି, ଯାହାକୁ କି ଆମେ ଆଖିରେ ଦେଖିବାକୁ ସମର୍ଥ ହେଉ ନାହୁଁ । ମାତ୍ର ଆପଣାକୁ ବହୁବିଚିତ୍ର ପ୍ରକାରେ ପ୍ରକାଶିତ କରିବାଲାଗି ଏହି ସତ୍ୟର ଅବଶ୍ୟ ସାମର୍ଥ୍ୟ ରହିଛି, ଏହି ସତ୍ୟ ଆପଣାଭିତରୁ କେତେ କେତେ ସମ୍ଭାବନା ଓ ବୈଚିତ୍ର୍ୟମାନ ଉତ୍କ୍ଷିପ୍ତ କରିବାରେ ଲାଗିଛି, ଏବଂ ସୃଜନମୟୀ ମହାଶକ୍ତି

'oaob.nitrkl.ac.in' images reprocessed

ଆପଣାର କ୍ରିୟାଦ୍ୱାରା ସେହି ସମ୍ଭାବନାଗୁଡ଼ିକୁ ବିଶ୍ୱମୟ ଏହି ବାସ୍ତବ ବିଷୟରୂପେ ପ୍ରତିଷ୍ଠିତ କରିଦେଉଛି । ଏହି ବ୍ୟାଖ୍ୟାଟିକୁ ଗ୍ରହଣ କରିନେଲେ ଏଥିରୁ ଏକ ଦ୍ୱିତୀୟ ବ୍ୟାଖ୍ୟା ମଧ୍ୟ ବାହାରୁଛି । ମନେ ହେଉଛି, ଏହି ବିଶ୍ୱର ମୂଳରେ ଏକ ଯାନ୍ତ୍ରିକ ନିୟତି ଅବଶ୍ୟ ରହିଛି, ପ୍ରକୃତିର ବହୁବିଧ ନିୟମ ଓ ବିଧାନ ମଧ୍ୟରେ ଆମେ ଯାହାର କ୍ରିୟାକଳାପମାନ ବେଶ୍ ଦେଖିବାକୁ ପାଉଛୁ । ଏହି ବିଧାନଗୁଡ଼ିକ ଆମ ଆଖିକୁ ସଚେତ ଅବା ଯନ୍ତ୍ରଚାଳିତବତ୍ ପ୍ରତୀତ ହୋଇଥାଏ । ଆମେ ପୂର୍ବରୁ ଯେଉଁ ନିଗୂଢ଼ ସ୍ୱଭାବସତ୍ୟଟିର କଥା ଉଲ୍ଲେଖ କରିଛୁ, ହୁଏତ ତାହାର ପ୍ରଶାସନଦ୍ୱାରା ପରିଚାଳିତ ହେଉଥିବା କ୍ରିୟାପଦ୍ଧତିଗୁଡ଼ିକହିଁ ଆମ ଆଗରେ ଯନ୍ତ୍ରଚାଳିତ ଜାଗତିକ ନିୟମରୂପେ ପ୍ରକଟିତ ହୋଇଥାଏ । ମାତ୍ର କେବଳ ଯନ୍ତ୍ରଚାଳିତ ଆବଶ୍ୟକତାର ଏକ ସିଦ୍ଧାନ୍ତକୁ ମାନିନେଲେହିଁ ବିଶ୍ୱବିବର୍ତ୍ତନରେ ଦୃଷ୍ଟିଗୋଚର ହେଉଥିବା ଅନନ୍ତ ଓ ଅକାରଣ ବୈଚିତ୍ର୍ୟଗୁଡ଼ିକର ପରମମୁକ୍ତ କ୍ରୀଡ଼ାଟି ଲାଗି ଆମକୁ ଏକ ପରିପୂର୍ଣ୍ଣ ବ୍ୟାଖ୍ୟା କଦାପି ମିଳିଯିବ ନାହିଁ । ପରମ ଆବଶ୍ୟକତାଟିର ପଛରେ ଅଥବା ତାହା ଭିତରେ ଏକତ୍ୱର ଏକ ମୁଖ୍ୟ ବିଧାନ ଅବଶ୍ୟ ରହିବ, ଏବଂ ତାହାର ଆନୁଷଙ୍ଗିକ ଭାବେ ତାହାରି ଉପରେ ଅବଲମ୍ବନ କରି ରହିଥିବା ବହୁତ୍ୱର ଏକ ବିଧାନକୁ ମଧ୍ୟ ସ୍ୱୀକାର କରି-ନେବାକୁ ପଡ଼ିବ । ଏବଂ ଦୁହିଁଙ୍କ ମଧ୍ୟରେ ଆତ୍ମପ୍ରକାଶ ଲାଗି ଏକ ଉନ୍ମୁଖତା ଅବଶ୍ୟ ରହିଥିବ । ମାତ୍ର କାହାର ଏକତ୍ୱ ଓ କାହାର ବହୁତ୍ୱ ? ଯନ୍ତ୍ରଚାଳିତ ଆବଶ୍ୟକତା ବା ନିୟନ୍ତ୍ରଣକୁ ପରମ ବିଧାନ ବୋଲି ମାନିନେଲେ ସେଥିରୁ ଏହି ପ୍ରଶ୍ନଦ୍ୱୟର କୌଣସି ଉତ୍ତର ମିଳିବ ନାହିଁ । ପୁଣି ଯାହାକୁ ଆମେ ପରମ ନିଶ୍ଚେତନ ବୋଲି କହୁଛୁ, ସେଥିଭିତରୁ ଚୈତନ୍ୟର ଉଦ୍ଭବ କିପରି ସମ୍ଭବ ହେଲା, ଏହି ପ୍ରହେଳିକାଟି ଉକ୍ତ ସିଦ୍ଧାନ୍ତଟିକୁ ସିଦ୍ଧ କରିବା ବାଟରେ ଏକ ବିଘ୍ନ ହୋଇ ରହିଥିବ । କାରଣ ଚୈତନ୍ୟ କହିଲେ ଏପରି ଏକ ସତ୍ତ୍ୱବିଷୟକୁ ବୁଝାଇବ, ନିଶ୍ଚେତନ ଯନ୍ତ୍ରଚାଳିତ ନିୟନ୍ତ୍ରିତତାର ଏକ ସର୍ବମୟ ସତ୍ୟ ଭିତରେ ଯାହାର କି ଆଦୌ କୌଣସି ସ୍ଥାନ କଦାପି ରହି ପାରିବ ନାହିଁ । ଚୈତନ୍ୟର ଉଦ୍ଭବ ଲାଗି ଯଦି ପ୍ରକୃତିରେ କୌଣସି ଆବଶ୍ୟକତା ଥାଏ, ତେବେ ତାହାକୁ କେବଳ ଏହିପ୍ରକାରେହିଁ ବୁଝିବାକୁ ହେବ : ନିଶ୍ଚେତନ ଭିତରେ ମୂଳରୁହିଁ ଏକ ଚୈତନ୍ୟମୟତା ନିଗୂଢ଼ ଓ ନିହିତ ହୋଇ ରହିଛି, ପରିଣତି ଲାଭକରି ପ୍ରକାଶିତ ହେବାଲାଗି ତାହା ଅପେକ୍ଷା କରି ରହିଛି; ଏବଂ ଯେତେବେଳେ ପରିବେଶଟି ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇଯାଉଛି, ସେତେବେଳେ ତାହା ପ୍ରତୀତ ନିଶ୍ଚେତନର କାରାଗାର ଭାଙ୍ଗି ବାହାରକୁ ବାହାରି ଆସୁଛି । ଅନିବାର୍ଯ୍ୟ ନିୟମବଶତାକୁ ଏକ ବିଧାନରୂପେ ଅସ୍ୱୀକାର କରି ଆମେ ଅବଶ୍ୟ ସେଥିରୁ ଉପୁଜୁଥିବା ବାଧାରୁ ଆପଣାକୁ ମୁକ୍ତ କରିପାରୁ । ଆମେ କହିପାରୁ ଯେ ପ୍ରକୃତି ଭିତରେ ଯେଉଁ ନିୟନ୍ତ୍ରଣବାଦ କାର୍ଯ୍ୟ କରୁଥିବା ପରି ମନେହେଉଛି, କେବଳ ଆମ ମନର କଳ୍ପନାଦ୍ୱାରାହିଁ ଆମେ

'oaob.nitrkl.ac.in' images reprocessed

ସେଇଟିକୁ ନେଇ ପ୍ରକୃତି ଉପରେ ଲଦିଦେଉଛନ୍ତି । କାରଣ ଆପଣା ପରିବେଶଟି ସହିତ ଚଳିପାରିବା ଲାଗି ଆମର ମନ ସକାଶେ ଏହିପରି ଏକ ନିର୍ଦ୍ଦେଶ୍ୟବାଦକୁ ମାନିନେବା ଆବଶ୍ୟକ ହେଉଛି ସିନା, ମାତ୍ର ଯଥାର୍ଥତଃ ନିର୍ଦ୍ଦେଶ୍ୟତା କହିଲେ ଆଦୌ କେଉଁଠି କିଛି ନାହିଁ । ବସ୍ତୁତଃ କେବଳ ଏକ ମୂଳଭୂତ ଶକ୍ତି ରହିଛି ଯିଏକି କ୍ଷୁଦ୍ରାତିକ୍ଷୁଦ୍ର ଦ୍ରବ୍ୟକଣାସବୁ ନେଇ ସତେଅବା କୌଣସି ନିୟମନକୁ ସ୍ୱୀକାର କରୁନଥିବା ଏକ ଖିଆଲ ଅନୁସାରେ ଭଲଭଲି ପ୍ରୟୋଗ କରିବାରେ ଲାଗିଛି । ଏହି ଦ୍ରବ୍ୟକଣାମାନ ଆପଣାର ସାମାନ୍ୟ ପରିଣାମରେ ନାନାବିଧ ବୈଚିତ୍ର୍ୟ ଓ ଭିନ୍ନଭିନ୍ନ ବ୍ୟାକୃତିର ନିର୍ମାଣ କରି ଥୋଇ ଦେଉଛନ୍ତି । ଆପଣା ବିସ୍ତାର ସମଷ୍ଟି ମଧ୍ୟରେ ଛନ୍ଦର ପୁନରାବୃତ୍ତି ଲାଗି ସେମାନେ ଏପରି କରୁଛନ୍ତି । ଏପରି କହି ଏଠାରେ ଆମେ ଏକ ପରମ ଅନିବାର୍ଯ୍ୟତାର ସିଦ୍ଧାନ୍ତରୁ ପୁଣି ପରମ ଆକସ୍ମିକତା ପାଖକୁ ଲେଉଟି ଆସୁଛୁ ଏବଂ ତାହାକୁହିଁ ଆମ ସତ୍ତାର ମୂଳାଧାରରୂପେ ମାନିନେଉଛୁ । ମାତ୍ର ତା'ହେଲେ ଏହି ମନ କହିଲେ ଆମେ କ'ଣ ବୁଝିବା, ଏହି ଚୈତନ୍ୟ କହିଲେ ବି କ'ଣ ବୁଝିବା ? ଚୈତନ୍ୟ ଯେଉଁ ଶକ୍ତିଭିତରୁ ଉତ୍ପନ୍ନ ହୋଇଛି, ତାହା କାର୍ଯ୍ୟତଃ ତା'ଠାରୁ ଏତେ ମୌଳିକ ଭାବରେ ଭିନ୍ନ ସ୍ୱଭାବ ଧାରଣ କରୁଛି ଯେ ଯେଉଁଭଳି ଏକ ଜଗତରେ ଚୈତନ୍ୟକୁ ଅବସ୍ଥାନ କରିବାକୁ ପଡ଼ୁଛି, କେବଳ ଏକ ପରମ ନିଶ୍ଚେତନରୁ ସୃଷ୍ଟ ହୋଇଥିବା ସେହି ଜଗତଟି ଉପରେ ଆଗ ଆପଣାର ଭାବନା ଓ ପ୍ରୟୋଜନର ବିଧାନଟିକୁ ଲଦିଦେଇ ତାହାକୁ ତା'ପରେ ଯାଇ ଏଠାରେ କାର୍ଯ୍ୟ କରିବାକୁ ପଡ଼ୁଛି । ଏହିଭଳି ଏକ ଅନୁମାନରୁ ଦୁଇଟି ବିରୋଧର ଉତ୍ଥାପନ ହେଉଛି । ଏକ ମୂଳଭୂତ ପରମ ନିଶ୍ଚେତନରୁ ଚୈତନ୍ୟ ଜନ୍ମଲାଭ କରୁଛି,—ଏଇଟି ହେଉଛି ପ୍ରଥମ ବିରୋଧ । ପୁଣି ନିଶ୍ଚେତନ ଆକସ୍ମିକତାରୁହିଁ ସୃଷ୍ଟ ହୋଇଥିବା ଏକ ଜଗତର ସର୍ବଶେଷ ଗୌରବମୟ ପରିଣାମସ୍ୱରୂପ ଏଠାରେ ବିଧାନ ଓ ବିବେକସମ୍ପନ୍ନ ଏକ ମନ ପ୍ରକଟ ହୋଇ ପାରୁଛି,—ଏଇଟି ଦ୍ୱିତୀୟ ବିରୋଧ । ଏସବୁ ହୁଏତ ସମ୍ଭବ ବି ହୋଇପାରେ, ମାତ୍ର ସେଗୁଡ଼ିକୁ ଯଥାର୍ଥ ସିଦ୍ଧାନ୍ତରୂପେ ଗ୍ରହଣ କରିପାରିବା ପୂର୍ବରୁ ଏପର୍ଯ୍ୟନ୍ତ ଏହି ବିଷୟରେ ଯେତେସବୁ ବ୍ୟାଖ୍ୟା ଦିଆଯାଇଛି, ତାହା ଅପେକ୍ଷା ଏକ ଅଧିକ ନିର୍ଭରଯୋଗ୍ୟ ବ୍ୟାଖ୍ୟାର ଏକାନ୍ତ ପ୍ରୟୋଜନ ରହିଛି ।

ଏଥିରୁ ଅନ୍ୟାନ୍ୟ ଏପରି ବ୍ୟାଖ୍ୟାଲାଗି ବାଟ ଖୋଲିଯାଉଛି ଯାହାକି ଏକ ଆପାତ ଓ ମୂଳଭୂତ ନିଶ୍ଚେତନ ଭିତରୁ ନିଷ୍ପନ୍ନ ହୋଇଥିବା ଏହି ଜଗତର କେନ୍ଦ୍ର ରୂପେ ଚୈତନ୍ୟକୁହିଁ ପ୍ରତିଷ୍ଠିତ କରି ରଖିବ । ଏକ ବୃହତ୍ ମନ ବା ବୃହତ୍ ଇଚ୍ଛାଶକ୍ତି ଏହି ବିଶ୍ୱଜଗତର କଳ୍ପନା ଓ ସଂଯୋଜନା କରିଛି ବୋଲି ମନେହେଉଛି ସତ, ମାତ୍ର ଆପଣା ସୃଷ୍ଟିର ଅନ୍ତରାଳରେ ଏହା ଆପଣାକୁ ଆବୃତ କରି ରଖିଛି ।

'oaob.nitrkl.ac.in' images reprocessed

ସୃଷ୍ଟିକାରୀ ସେହି ଚେତନା ପ୍ରଥମେ ଅଚେତନ ଶକ୍ତିର ଏକ ଆବରଣ ଓ ପଦାର୍ଥର ଏକ ଜଡ଼ରୂପ ସୃଷ୍ଟି କରି ରଖିଛି । ଏହି ଜଡ଼ରୂପଟି ଏକାଧାରରେ ଚୈତନ୍ୟଲାଗି ସତେଅବା ଏକ ଛଦ୍ମ ଆବରଣରୂପେ କାର୍ଯ୍ୟ କରୁଛି ଏବଂ ସୃଷ୍ଟିଲାଗି ଏକ ସ୍ଥିତିସ୍ଥାପକ ଭୂମି ହୋଇ ରହିଛି । ଯେକୌଣସି କାରିଗର ଯେପରି ନାନା ରୂପ ଓ ନମୁନାମାନ ଗଢ଼ି ଥୋଇଦେଇ ପାରିବାଲାଗି ଏକ ମୂକ ଓ ଆଜ୍ଞାକାରୀ ଉପାଦାନକୁ ଆଣି ବ୍ୟବହାର କରିଥାଏ, ଠିକ୍ ସେହିପରି । ତେଣୁ ଏହି ଜଗତରେ ଆମର ଚାରିପାଖରେ ଆମେ ଯାହାସବୁ ଦେଖିବାକୁ ପାଉଛୁ, ସେଗୁଡ଼ିକ ଏକ ବିଶ୍ୱୋତ୍ତର ଦିବ୍ୟ ପରମସତ୍ତାର ଭାବନା ବ୍ୟତୀତ ଆଉ କିଛି ନୁହେଁ । ସେହି ସତ୍ତାର ମନ ହେଉଛି ଏକ ସର୍ବଶକ୍ତିମାନ ଓ ସର୍ବଜ୍ଞ ମନ, ତାହାର ଇଚ୍ଛାଶକ୍ତି ମଧ୍ୟ ଏକ ସର୍ବଶକ୍ତିମାନ ତଥା ସର୍ବଜ୍ଞ ଇଚ୍ଛାଶକ୍ତି । ତାଙ୍କର ନିର୍ଦ୍ଦେଶରେହିଁ ଏହି ଭୌତିକ ବିଶ୍ୱଜଗତକୁ ପରିଚାଳିତ କରୁଥିବା ଗାଣିତିକ ବିଧାନଟି ପ୍ରତିଷ୍ଠିତ ହୋଇ ରହିଛି, ତାଙ୍କର ସକାଶେହିଁ ଏହି ବିଶ୍ୱ ଏପରି କଳାନୈପୁଣ୍ୟମୟ ଓ ସୁନ୍ଦର ଦେଖାଯାଉଛି । ତାଙ୍କର ଇଚ୍ଛାରେ ଏଠି ସାଦୃଶ୍ୟ ଓ ବୈଚିତ୍ର୍ୟର ଏହି ଅଦ୍ଭୁତ ଲୀଳା ଲାଗିରହିଛି, କେତେକେତେ ସମ୍ବାଦ ଓ ବିସମ୍ବାଦ ଲାଗିରହିଛି । କେତେଭଳି ବିପରୀତ ତତ୍ତ୍ୱମାନ ପରସ୍ପର ସହିତ ସଂଯୁକ୍ତ ଓ ସମ୍ମିଳିତ ହେବାରେ ଲାଗିଛନ୍ତି । ତାଙ୍କର ଇଚ୍ଛାରେ ପ୍ରେରିତ ହୋଇ ଏଠାରେ ଚୈତନ୍ୟମୟତାର କ୍ରୀଡ଼ା ଲାଗିରହିଛି, ଏକ ନିଶ୍ଚେତନ ବିଶ୍ୱବ୍ୟବସ୍ଥା ଭିତରେ ଚୈତନ୍ୟ ଉସ୍ଥିରହିବା ଲାଗି ସଂଗ୍ରାମ କରୁଛି ଓ ଆପଣାକୁ ପ୍ରତିଷ୍ଠିତ କରିବାଲାଗି ବାଟ ଖୋଜି ବୁଲୁଛି । ଆମେମାନେ ଯେ ଏହି ଦିବ୍ୟସତ୍ତାଙ୍କୁ ଆଖିରେ ଦେଖି ପାରୁ ନାହୁଁ, ଆମର ମନ ଓ ଇନ୍ଦ୍ରିୟଗୁଡ଼ିକର ସାହାଯ୍ୟରେ ଯେ ଆମେ ତାହାଙ୍କୁ ଆବିଷ୍କାର କରିପାରୁ ନାହୁଁ, ଏହାଦ୍ୱାରା ଆଦୌ କୌଣସି ଅସୁବିଧା ଉପୁଜୁ ନାହିଁ । କାରଣ ସିଏ ଯେଉଁ ଜଗତ ଭିତରେ ନାହାନ୍ତି, ସେହି ଜଗତରେ ସେହି ବିଶ୍ୱାତୀତ ପୁରୁଷଙ୍କର ପ୍ରତ୍ୟକ୍ଷାନୁଭୂତି ଲାଭ କରିବା କିମ୍ବା ତାଙ୍କର କୌଣସି ପ୍ରତ୍ୟକ୍ଷ ଲକ୍ଷଣ ଦେଖିବାଲାଗି ଆଦୌ କୌଣସି ଆଶା କରାଯାଇ ନପାରେ । ଏହି ସଂସାର ପଛରେ ଯେ ଏକ ପରମ ବୁଦ୍ଧି କାର୍ଯ୍ୟ କରୁଛି, ଏକ ବିଧାନ, ପରିକଳ୍ପନା ବା ସୂତ୍ର ରହିଛି, ସାଧନଚୟ ଏକ ସାଧ୍ୟର ଆବଶ୍ୟକତା ଅନୁସାରେ ଅନୁକୂଳିତ ହେବାରେ ଲାଗିଛି, ସତେଅବା ଏକ ଅସରନ୍ତି ଭଣ୍ଡାର ଭିତରୁ ସତତ ଉଦ୍ଭାବନ ହୋଇଚାଲିଛି ଓ ଏପରିକି ନିୟାମକ ଏକ ବୃହତ୍ତର ବିବେକଦ୍ୱାରା ନିୟନ୍ତ୍ରିତ ହେଉଥିବା କଳ୍ପନା କାର୍ଯ୍ୟକରିବାରେ ଲାଗିଛି, ବିଶ୍ୱବିଷୟର ଆଦିମୂଳ ବିଷୟରେ ଏକ ଦୃଢ଼ ପ୍ରମାଣ ପାଇବାଲାଗି କଣ ଏତିକ ଯଥେଷ୍ଟ ନୁହେଁ କି ? ଅଥବା, ଯଦି ଏହି ସୃଷ୍ଟିକର୍ତ୍ତା ସମ୍ପୂର୍ଣ୍ଣଭାବରେ ବିଶ୍ୱର ବାହାରେ ରହି ନଥା'ନ୍ତି, ମାତ୍ର ବିଶ୍ୱୋତ୍ତର ହେବା ସଙ୍ଗେସଙ୍ଗେ ଯଦି ସେ ତାଙ୍କ ସୃଷ୍ଟି ଭିତରେ ଅନ୍ତର୍ଗତ ବି ହୋଇ ରହିଥାଆନ୍ତି, ତେବେ ସେପରି କ୍ଷେତ୍ରରେ ମଧ୍ୟ ତାଙ୍କର ପରିଚୟ ଆମ ପାଖରେ

'oaob.nitrkl.ac.in' images reprocessed

ଗୋପନ ହୋଇ ରହିଯାଇପାରେ, ଯିଏ ପ୍ରକୃତରେ ଅଛନ୍ତି ବୋଲି ବାହାରେ କୌଣସି ସଙ୍କେତ ଆଦୌ ଦୃଷ୍ଟିଗୋଚର ହୋଇ ନ ପାରେ । ଏହି ନିଶ୍ଚେତନ ଜଗତରେ ଯେଉଁମାନଙ୍କ ମଧ୍ୟରେ ଚିତ୍‌ଶକ୍ତିର ବିକାଶ ଓ ବିବର୍ତ୍ତନ ଘଟିପାରୁଛି, କେବଳ ସେଇମାନଙ୍କ ମଧ୍ୟରେହିଁ ତାଙ୍କର ପରିଚୟ ଓ ପ୍ରକାଶ ଘଟିପାରେ । ଏବଂ ସେମାନଙ୍କ ମଧ୍ୟରେ ବି ଯେପର୍ଯ୍ୟନ୍ତ ଚୈତନ୍ୟ କ୍ରମବିକଶିତ ହୋଇ ଏପରି ଏକ ନିର୍ଦ୍ଦିଷ୍ଟ ମାତ୍ରାରେ ଆସି ନ ପହଞ୍ଚିଛି, ଯେଉଁଠାରେ ପହଞ୍ଚିଲେ କି ଅନ୍ତରସ୍ଥ ଦିବ୍ୟସତ୍ତାର ଉପସ୍ଥିତି ସମ୍ବନ୍ଧରେ ସେମାନେ ପୂର୍ଣ୍ଣ ସଚେତନ ହୋଇପାରିବେ, ସେମାନଙ୍କୁ ମଧ୍ୟ ସେପର୍ଯ୍ୟନ୍ତ ଏହି ପରିଚୟ ଆଦୌ ମିଳି ନପାରେ । କ୍ରମବିକଶିତ ଏହି ଚେତନାର ଉପସ୍ଥିତି ଦ୍ୱାରା ଆଦୌ କୌଣସି ଅସୁବିଧା ଉପୁଜିବ ନାହିଁ, କାରଣ ଏହାର ଆବିର୍ଭାବ ଦ୍ୱାରା ବସ୍ତୁର ମୂଳ ସ୍ୱଭାବରେ ଆଦୌ କୌଣସି ପ୍ରକାର ବିରୋଧ ଉପସ୍ଥିତ ହେବ ନାହିଁ । ଏକ ସର୍ବଶକ୍ତିମାନ୍ ମନ ବଡ଼ ଅନାୟାସରେ ଆପଣା ଉପାଦାନର କିଛି ଅଂଶକୁ ଆପଣାର ବିସୃଷ୍ଟି ମଧ୍ୟରେ ବେଶ୍ ଭରିଦେଇ ପାରିବ । ଅବଶ୍ୟ ତଥାପି ଗୋଟିଏ ଅସୁବିଧା ନିଶ୍ଚୟ ରହିଯିବ; ସମୁଦାୟ ସୃଷ୍ଟିର ଅନ୍ତଃପ୍ରକୃତିଟି ଆମକୁ କେବଳ ଏକ ଖିଆଲ ପରି ଲାଗିବ, ଏହି ସୃଷ୍ଟିର ପଛରେ ପ୍ରକୃତରେ କୌଣସି ଉଦ୍ଦେଶ୍ୟ ନିହିତ ହୋଇ ରହିଛି ବୋଲି ଆମେ ଆଦୌ ବୁଝି ପାରିବା ନାହିଁ, ଏଥିରେ କାର୍ଯ୍ୟ କରୁଥିବା ଅନାବଶ୍ୟକ ଅଜ୍ଞାନତାର ବିଧାନଟି ଆମକୁ ତୁଚ୍ଛା ଅର୍ଥହୀନ ଲାଗିବ । ଏହି ସୃଷ୍ଟିରେ ଲାଗି ରହିଥିବା ଦ୍ୱନ୍ଦ୍ୱ, ଦୁଃଖ ଓ ସଂଘାତମାନ ନିରର୍ଥକ ମନେହେବ, ଏହାର ଚରମ ପରିଣତି ପଛରେ କୌଣସି ଅଭିପ୍ରାୟ ନଥିଲା ପରି ଲାଗିବ । ତେବେ ଏସବୁକୁ କ'ଣ ଆମେ ଏକ ଲୀଳା ବୋଲି କହିବା ? ମାତ୍ର ଯିଏ ଦିବ୍ୟସ୍ୱଭାବବିଶିଷ୍ଟ ହୋଇଥିବେ ବୋଲି ଅନୁମାନ କରିବା ବ୍ୟତୀତ ଆମର ଆଉ କୌଣସି ଉପାୟ ନାହିଁ, ସେହି ପରମ ଅଦ୍ୱିତୀୟଙ୍କର ଲୀଳାଭିତରେ ଏତେଗୁଡ଼ାଏ ଦିବ୍ୟତାବର୍ଜିତ ଉପାଦାନ ଓ ଚରିତ୍ରର ଭୂମିକାମାନ ଭର୍ତ୍ତିହୋଇ ରହିଲା କାହିଁକି ? ଏହି ଜଗତରେ ଯାହାସବୁ ନିଷ୍ପାଦିତ ହେଉଥିବାର ଆମର ଦୃଷ୍ଟିଗୋଚର ହେଉଛି, ସେସବୁ କେବଳ ଈଶ୍ୱରଙ୍କର ଭାବନା ବ୍ୟତୀତ ଆଉ କିଛି ନୁହେଁ, କେହି ଏଭଳି କହିବସିଲେ ତାହାର ଜବାବରେ ଏପରି ମଧ୍ୟ କୁହାଯାଇ ପାରିବ ଯେ ଭଗବାନ ଯେତିକି ଭାବନାଦ୍ୱାରା ଏହି ସୃଷ୍ଟିର ନିର୍ମାଣ କରିଛନ୍ତି, ସେ ଅନାୟାସରେ ତାହାଠାରୁ ଅଧିକ ଭଲ ଭାବନାମାନ ବି ବେଶ୍ ଭାବି ପାରିଥାଆନ୍ତେ, ଏବଂ ସବୁଠାରୁ ଭଲ ଭାବନା ଅନୁସାରେ କାର୍ଯ୍ୟ କରିଥିଲେ ସେ ଏକ ଦୁଃଖପୂର୍ଣ୍ଣ ଓ ଅବୋଧ ବିଶ୍ୱଜଗତର ସୃଷ୍ଟି କରିବାରୁ କ୍ଷାନ୍ତ ହୋଇ ରହିବାକୁହିଁ ପ୍ରଶସ୍ତ ଓ ଯଥାର୍ଥ ମଣିଥା'ନ୍ତେ । ବିଶ୍ୱର ବାହାରେ ସୃଷ୍ଟିକର୍ତ୍ତା ଏକ ପରମ ଦେବତାଙ୍କର କଳ୍ପନା କରି ସେହି ମୂଳଭୂମି ଉପରେ ବିଶ୍ୱସତ୍ତାର ଯେତେଯେତେ ଆସ୍ତିକବାଦୀ ବ୍ୟାଖ୍ୟା ବାଢ଼ିବାର ପ୍ରୟାସ କରାଯାଇଛି, ସେଗୁଡ଼ିକ ଏହି ପ୍ରମାଦଟି ଉପରେ ଆସି କଚୁଡ଼ି

'oaob.nitrkl.ac.in' images reprocessed

ହୋଇ ପଡ଼ିଛନ୍ତି ଏବଂ ସେଥିଲାଗି ଏଇଟିକୁ ଏଡ଼ିକରି ରହିବାର ପ୍ରୟାସ କରିଛନ୍ତି । ମାତ୍ର ଆପଣା ସୃଷ୍ଟିର ଅତିରିକ୍ତ ହେଲେ ମଧ୍ୟ ସୃଷ୍ଟିକର୍ତ୍ତା ତଥାପି ତାଙ୍କର ସୃଷ୍ଟି ଭିତରେ ଅନ୍ତର୍ଗୂଢ଼ ହୋଇ ରହିଛନ୍ତି ବୋଲି ଯଦି ଅନୁମାନ କରାଯାଇ ପାରିବ, ଯଦି ସୃଷ୍ଟିକର୍ତ୍ତାଙ୍କୁ ଏକାଧାରରେ ଲୀଳାକାର ଓ ଲୀଳାରୂପେ କଳ୍ପନା କରାଯାଇ ପାରିବ, ଏକ ବିବର୍ତ୍ତନଶୀଳ ବିଶ୍ୱଯୋଜନାର ନିର୍ଦ୍ଦିଷ୍ଟ ଆକୃତି ମଧ୍ୟକୁ ଏକ ଅନନ୍ତ ପରମସତ୍ତ୍ୱରୂପେ ସେ ଅନନ୍ତ ସମ୍ଭାବନାମାନ ନିକ୍ଷିପ୍ତ କରିବାରେ ଲାଗିଛନ୍ତି ବୋଲି ଯଦି ସ୍ୱୀକାର କରାଯାଇ ପାରିବ, ତା'ହେଲେ ଯାଇ ଉକ୍ତ ପ୍ରମାଦଟିର ନିରସନ ହୋଇପାରିବ ।

ଏହି ଅନୁମାନଟିକୁ ସ୍ୱୀକାର କରିନେଲେ ଭୌତିକ ଶକ୍ତିର କ୍ରିୟା ପଛରେ ଏକ ସଗୁପ୍ତ ଚୈତନ୍ୟମୟତା ମଧ୍ୟ ଅବଶ୍ୟ ଅନ୍ତର୍ନିହିତ ହୋଇ ରହିଛି ବୋଲି ଆମେ ନିଃସନ୍ଦେହ ଭାବରେ ଅନୁଭବ କରିପାରିବା । ଏହି ଅନନ୍ତ ଚୈତନ୍ୟମୟତା ସକଳ ବିଶ୍ୱଭୁବନକୁ ବ୍ୟାପିକରି ରହିଛି, ସମ୍ମୁଖସ୍ଥ ସେହି ଶକ୍ତିଟିର କ୍ରିୟା ମଧ୍ୟଦେଇ ତାହା ଏକ ବିବର୍ତ୍ତନଶୀଳ ବିଶ୍ୱର ପ୍ରକାଶଲାଗି ଆପଣାର ସାଧନଗୁଡ଼ିକୁ ତିଆରି କରିନେବାରେ ଲାଗିଛି, ଭୌତିକ ବିଶ୍ୱର ସୀମାହୀନ ଅନ୍ୟବିଶିଷ୍ଟତା ମଧ୍ୟରେ ଆପଣା ଭିତରୁ ଏକ ସୃଷ୍ଟିର ରଚନା କରି ଥୋଇଦେଉଛି । ଜଡ଼ ଉପାଦାନର ସୃଷ୍ଟି ନିମନ୍ତେ ଜଡ଼ଶକ୍ତିର ଏହି ଆପାତ ନିଶ୍ଚେତନା ହେଉଛି ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏହି ଆପାତବିରୁଦ୍ଧ ବସ୍ତୁର ମଧ୍ୟଦେଇ ଆପଣାକୁ କ୍ରମବିକଶିତ ଓ ପ୍ରକାଶିତ କରିପାରିବାଲାଗିହିଁ ଚୈତନ୍ୟ ସେହି ଜଡ଼ ମଧ୍ୟରେ ଆପଣାକୁ ସଂବୃତ କରି ରଖିବାକୁ ଇଚ୍ଛା କରିଥାଏ । କାରଣ ଏପରି କିଛି ଉପାୟ ଅବଲମ୍ବନ କରୁ ନଥିଲେ ଏକ ପରିପୂର୍ଣ୍ଣ ସଂବୃତ୍ତି କଦାପି ସମ୍ଭବ ହୋଇ ନଥା'ନ୍ତା । ପରମ ଅନନ୍ତ ଯଦି ଆପଣା ଭିତରୁହିଁ ଏପରି ଏକ ସୃଷ୍ଟିର ଭିଆଣ କରିଛି, ତେବେ ଏହି ସୃଷ୍ଟିକୁ ଆମେ ଜଡ଼ରୂପର ଛଦ୍ମବେଶରେ ତାହାର ସ୍ୱକୀୟ ସତ୍ତ୍ୱର ସତ୍ୟ ଓ ଶକ୍ତିଚୟର ଏକ ପ୍ରକାଶିତ ରୂପ ବୋଲିହିଁ କହିବା । ଏହି ସତ୍ୟ ଓ ଶକ୍ତିଗୁଡ଼ିକର ରୂପାୟନ ଓ ମାଧ୍ୟମଗୁଡ଼ିକହିଁ ଆମେ ପ୍ରକୃତି ମଧ୍ୟରେ ପ୍ରତ୍ୟକ୍ଷ କରୁଥିବା ସାମାନ୍ୟ ବା ମୌଳିକ ବ୍ୟାକୃତିରୂପେ ଦେଖା ଦେଇଥାଏ । ଏବଂ ଆପଣାର ମୂଳଭୂମି ଏହି ଅସ୍ପଷ୍ଟ ଓ ସାମାନ୍ୟ ଉପାଦାନଗୁଡ଼ିକରୁ ନିଷ୍ପନ୍ନ ହୋଇଥିବା ଓ ଆପଣାର ବୈଚିତ୍ର୍ୟରେ ଆମ ପାଖରେ ଅବୋଧ୍ୟ ହୋଇ ରହିଥିବା ବିଶେଷ ବ୍ୟାକୃତିଗୁଡ଼ିକୁ ମଧ୍ୟ ଆମେ ଏହିସବୁ ମୌଳିକ ଉପାଦାନଗୁଡ଼ିକରେ ଅବସ୍ଥିତ ସତ୍ୟ ଓ ଶକ୍ତିଗୁଡ଼ିକ ବହନ କରୁଥିବା ସମ୍ଭାବନାଗୁଡ଼ିକର ଯଥାଯଥ ରୂପାୟନ ଓ ବାହନ ବୋଲିହିଁ କହିବା । ପ୍ରକୃତିର କ୍ରିୟାଭିତରେ ନିଶ୍ଚେତନ ଆକସ୍ମିକତାର ଯେଉଁ ଦିଗଟି ଆମର ଜ୍ଞାନସୀମା ମଧ୍ୟକୁ ପ୍ରବେଶ କରିପାରୁଛି, ଏକ ଅନନ୍ତ ଚୈତନ୍ୟ ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ମୁକ୍ତ

ବୈଚିତ୍ର୍ୟପୂର୍ଣ୍ଣ ସମ୍ଭାବନାଗୁଡ଼ିକର ସିଦ୍ଧାନ୍ତଟିଦ୍ୱାରା ଆମେ ତାହାର ବ୍ୟାଖ୍ୟା କରିପାରିବା । ଏହା ଖାଲି ବାହାରକୁ ନିଶ୍ଚେତନ ବୋଲି ଦେଖାଯାଉଛି, ଏବଂ ଜଡ଼ଭିତରେ ସଂଘଟିତ ହୋଇଥିବା ପରିପୂର୍ଣ୍ଣ ସଂବୃତ ହେତୁହିଁ ଏହା ଏଭଳି ଦେଖାଯାଉଛି । ଯେଉଁ ଆବରଣଟିଦ୍ୱାରା ସଂଗୁପ୍ତ ଚୈତନ୍ୟ ଆପଣାର ଉପସ୍ଥିତିକୁ ସେଠାରେ ଛଦ୍ମ କରି ରଖିଛି, ତାହାରି ସକାଶେ ଏପରି ହେଉଛି । ପୁଣି ସେହି ପ୍ରକୃତିର ନିଷ୍ପ୍ରାଣିତରେ ଏକ ଯନ୍ତ୍ରଚାଳିତ ଅନିବାର୍ଯ୍ୟତାର ଅନ୍ୟ ଦିଗଟିକୁ ମଧ୍ୟ ଆମେ ଏକ ଅତ୍ୟାବଶ୍ୟକ ବିଧାନର ଅନୁସରଣ କରି ଆପଣାକୁ ପରିପୂର୍ଣ୍ଣ କରୁଥିବା ସେହି ପରମ ଅନନ୍ତର ସତ୍ୟ ଓ ଶକ୍ତିତତ୍ତ୍ୱର ସିଦ୍ଧାନ୍ତଦ୍ୱାରା ବ୍ୟାଖ୍ୟା କରିପାରିବା । ଏଇଟି ମଧ୍ୟ ଖାଲି ବାହାରକୁ ଯନ୍ତ୍ରଚାଳିତବତ୍ ଦେଖାଯାଉଛି, ଏବଂ ନିଶ୍ଚେତନତାର ସେହି ଆବରଣଟି ସକାଶେହିଁ ତାହା ସେପରି ଦେଖାଯାଉଛି । ଏଇଥିରୁ ସମ୍ପୂର୍ଣ୍ଣ ବୋଧଗମ୍ୟ ହୋଇଯିବା ଉଚିତ ଯେ ପରମ ନିଶ୍ଚେତନ କାହିଁକି ଏକ ଗାଣିତିକ ସ୍ଥପତି ଓ ପରିକଳ୍ପନାର ଏକ ସଦାବର୍ତ୍ତମାନ ସିଦ୍ଧାନ୍ତ ଅନୁସାରେ ଆପଣାର ସକଳ କାର୍ଯ୍ୟ ସମ୍ପନ୍ନ କରିବାରେ ଲାଗିଛି;—ସଂଖ୍ୟାଗୁଡ଼ିକୁ କାହିଁକି ଏପରି ଫଳପ୍ରଦ ଭାବରେ ସଂଯୋଜିତ କରି ରଖିଛି, ସାଧ୍ୟଗୁଡ଼ିକ ଅନୁସାରେ ସାଧନଗୁଡ଼ିକୁ ଅନୁକୂଳିତ କରି ରଖିଛି, ତା'ର କୌଶଳ ଓ ଉଦ୍‌ଭାବନରେ କାହିଁକି କେବେହେଲେ କୌଣସି ସମାପ୍ତି ଘଟୁ ନାହିଁ । ହୁଏତ ଏକଥା କହିଲେ ଆଦୌ ଭୁଲ ହେବ ନାହିଁ ଯେ ଏକ ସଦାବର୍ତ୍ତମାନ ପ୍ରୟୋଗାତ୍ମକ ନୈପୁଣ୍ୟ ଏବଂ ଉଦ୍ଦେଶ୍ୟଗତ ସ୍ୱୟଂନିୟତା ସହିତ ତାହା ଆପଣାର କାର୍ଯ୍ୟ କରିଚାଲିଛି । ପୁଣି ଏକ ଆପାତ ନିଶ୍ଚେତନ ମଧ୍ୟରୁ କିପରି ଚୈତନ୍ୟର ଆବିର୍ଭାବ ସଂଘଟିତ ହେଲା, ସେକଥାଟି ବୁଝିବାଲାଗି ମଧ୍ୟ ଆଉ କୌଣସି ଅସୁବିଧା ହେବ ନାହିଁ ।

ଏହି ଉପପତ୍ତିଟିକୁ ଗ୍ରହଣ କରିନେଇ ପାରିଲେ ପ୍ରକୃତିର ଯାବତୀୟ ଅବ୍ୟାଖ୍ୟାତ ପ୍ରକ୍ରିୟାମାନ ଆମଲାଗି ସ୍ପଷ୍ଟ ହୋଇଯିବାରେ ଲାଗିବ ଓ ଆମେ ସେଗୁଡ଼ିକର ଅର୍ଥ ବୁଝିବାକୁ ଆରମ୍ଭ କରିବା । ବାହାରୁ ଦେଖିଲା ବେଳକୁ ତେଜ ବା ଶକ୍ତିରୁହିଁ ବିଶ୍ୱଉପାଦାନର ସୃଷ୍ଟି ହେଉଥିବା ପରି ପ୍ରତୀତ ହେଉଛି; ମାତ୍ର ପ୍ରକୃତ ସତ୍ୟ ହେଉଛି ଯେ ଚୈତନ୍ୟଶକ୍ତି ଭିତରେ ସତ୍ତା ଅନ୍ତର୍ନିହିତ ହୋଇ ରହିଥିବା ପରି ଶକ୍ତିଭିତରେ ମଧ୍ୟ ସତ୍ତା ଅନ୍ତର୍ନିହିତ ରହିଛି । ଏହି ଶକ୍ତି ହେଉଛି, ଚୈତନ୍ୟଶକ୍ତିର ଏକ ପ୍ରକାଶରୂପ ମାତ୍ର, ବସ୍ତୁଗତ ଉପାଦାନ ମଧ୍ୟ ସଂଗୁପ୍ତ ପରମସତ୍ତାର ଏକ ପ୍ରକାଶରୂପ । ମାତ୍ର ଏହା ଏକ ଚିନ୍ମୟ ଉପାଦାନ ହୋଇଥିବାରୁ, ଯେପର୍ଯ୍ୟନ୍ତ ଶକ୍ତି ଏହାକୁ ଏକ ଇନ୍ଦ୍ରିୟଗ୍ରାହ୍ୟ ରୂପାକୃତି ଦେଇ ନପାରିଛି, ସେପର୍ଯ୍ୟନ୍ତ ଶରୀରଗତ ଇନ୍ଦ୍ରିୟଲାଗି ତାହା ଅପହଞ୍ଚ ରହିଯାଉଛି । ଗୁଣ ଓ ଧର୍ମର ଆତ୍ମପ୍ରକାଶ ସକାଶେ ପରିକଳ୍ପନା, ପରିଣାମ ଓ ସଂଖ୍ୟାର ସଂଯୋଜନ କିପରି ଏକ ଭୂମିର କାର୍ଯ୍ୟ

'oaob.nitrkl.ac.in' images reprocessed

କରିପାରିବ, ଏଥର ସେକଥା ମଧ୍ୟ ବେଶ୍ ବୋଧ ହେବାକୁ ଆରମ୍ଭ କରିବ । କାରଣ ପରିକଳ୍ପନା, ପରିଣାମ ଓ ସଂଖ୍ୟା,—ଏସବୁ କେବଳ ସତ୍ତ୍ୱବସ୍ତୁର ସାମର୍ଥ୍ୟଗୁଡ଼ିକୁହିଁ ବୁଝାଉଛି । ଏବଂ ଗୁଣ ଓ ଧର୍ମ କହିଲେ କେବଳ ଚୈତନ୍ୟର ସାମର୍ଥ୍ୟଗୁଡ଼ିକୁ ବୁଝାଉଛି, ସତ୍ତ୍ୱଭିତରେ ଅବସ୍ଥିତ ରହିଥିବା ଚୈତନ୍ୟର ଶକ୍ତିକୁହିଁ ବୁଝାଉଛି । ତେଣୁ ବସ୍ତୁର ଛନ୍ଦୋମୟ ଗତି ଓ ପ୍ରକ୍ରିୟାଦ୍ୱାରା ସେଗୁଡ଼ିକ କାର୍ଯ୍ୟକାରୀ ହୋଇପାରିବେ ଓ ଆପଣାକୁ ଅଭିବ୍ୟକ୍ତ କରିପାରିବେ । ଆମେ ଯାହାକୁ ସଦ୍‌ଭୂତ ବିଜ୍ଞାନ ବୋଲି କହୁଛୁ ତାହାହିଁ ସଦୃଶ ଅନ୍ୟସକଳ ସୃଷ୍ଟପଦାର୍ଥ ପରି ମଞ୍ଜିଟି ଭିତରେ ଅବସ୍ଥାନ କରୁଛି ଏବଂ ସେଇଥିଲାଗି ମଞ୍ଜିଟି ଭିତରୁ ବୃକ୍ଷର ବିକାଶ ସମ୍ଭବ ହେଉଛି । ଯଥାଯଥ ଏବଂ ଅଭୀଷ୍ଟ ଯେଉଁ ରୂପଟିକୁ ଆମେ ସତ୍ତ୍ୱଶକ୍ତିର ପ୍ରାଣବନ୍ତ ଶରୀର ବୋଲି ବେଶ୍ କହିପାରିବା, ତାହାହିଁ ପରମ ଅନନ୍ତ ମଧ୍ୟରେ ଦିବ୍ୟଦର୍ଶନରୂପେ ଫୁଟିଉଠେ । ଶକ୍ତିବସ୍ତୁ ମଧ୍ୟରେ ଅନନ୍ତର ଆତ୍ମସଙ୍କୁଚିତ ଅବସ୍ଥାରେ ବୀଜାକାର ଯେଉଁ ରୂପଟି ନିହିତ ରହିଥାଏ, ତାହାକୁ ଆବର୍ତ୍ତିତ ହେବାକୁ ପଡ଼େ । ସେହି ବୀଜଟିର ଅନ୍ତର୍ଗୂଢ଼ ଚେତନା ମଧ୍ୟରେ ଯେଉଁ ରୂପ ନିହିତ ହୋଇ ରହିଥାଏ, ସ୍ୱାଭାବିକ ଭାବରେ ତାହାର ଅଭିବ୍ୟକ୍ତି ହୁଏ । ସେହିପରି ଜନନ-ଅଣୁ ଓ ଜନନସୂକ୍ଷ୍ମିକା ଭଳି କ୍ଷୁଦ୍ରାତିକ୍ଷୁଦ୍ର ଜଡ଼ବସ୍ତୁମାନ କିଭଳି ଯେ ମାନସିକ ଉପାଦାନଗୁଡ଼ିକୁ ମଧ୍ୟ ବହନ କରିଥା'ନ୍ତି ଓ ମନୁଷ୍ୟବୀଜରୁ ଉଦ୍‌ଭୂତ ହେବାକୁ ଯାଉଥିବା ଶରୀରଟି ଭିତରକୁ ସେଗୁଡ଼ିକର ସଞ୍ଚାର କରାଇ ଦିଅନ୍ତି, ଆଲୋଚିତ ତତ୍ତ୍ୱଟିର ସାହାଯ୍ୟରେ ସେଇଟି ବୁଝିବାଲାଗି ମଧ୍ୟ ଆମର ଆଉ କୌଣସି ଅସୁବିଧା ହେବ ନାହିଁ । ଆମର ଆତ୍ମଗତ ଅଭିଜ୍ଞତାରେ ଆମେ ଯେଉଁ ତତ୍ତ୍ୱଟି କାର୍ଯ୍ୟ କରୁଥିବାର ଦେଖୁଛୁ, ଜଡ଼ମୟ ଉପାଦାନର ବିଷୟାତ୍ମକତାରେ ମଧ୍ୟ ମୂଳତଃ ସେହି ତତ୍ତ୍ୱହିଁ କାର୍ଯ୍ୟ କରୁଛି । କାରଣ ଆମେ ବେଶ ଦେଖିପାରୁଛୁ ଯେ ଅବଚେତନ ଶାରୀରିକ ଭୂମିଟି ଆପଣା ଭିତରେ ଏକ ମାନସିକ ଓ ମନୋଭୂମିଗତ ସଂଗ୍ରହକୁ ମଧ୍ୟ ବହନ କରି ଚାଲିଛି । ଅତୀତରେ ଘଟି ଯାଇଥିବା ନାନା ଘଟଣା, ଅଭ୍ୟାସ, ନିର୍ଦ୍ଦିଷ୍ଟ ରୀତିରେ ଦାନା ବାନ୍ଧି ଯାଇଥିବା ପ୍ରାଣ ଓ ମନୋଗତ କେତେ ସଂସ୍କାର ତଥା ସ୍ୱଭାବଗତ କେତେ ନିର୍ଦ୍ଦିଷ୍ଟ ପ୍ରକାରର ନାନା ସ୍ମୃତିଗତ ଆବେଗକୁ ତାହା ବହନ କରି ଚାଲିଛି । ଏକ ରହସ୍ୟମୟ ପ୍ରକ୍ରିୟାଦ୍ୱାରା ତାହା ସେଗୁଡ଼ିକୁ ଉପରର ଜାଗ୍ରତ ଚେତନା ଭିତରକୁ ପ୍ରେରିତ କରିଦେଉଛି, ଏବଂ ଏହିପରି ଭାବରେ ତାହା ଆମ ପ୍ରକୃତିର ନାନା କାର୍ଯ୍ୟକଳାପକୁ ଜନ୍ମ ଦେଉଛି, ଓ ସେଗୁଡ଼ିକୁ ପ୍ରଭାବିତ ମଧ୍ୟ କରୁଛି ।

ଶରୀରର ଦେହଗଠନଗତ କ୍ରିୟାସବୁ ମନର ମନୋଭୂମିଗତ କ୍ରିୟାଗୁଡ଼ିକ ନିର୍ଣ୍ଣିତ ହେବାରେ ମଧ୍ୟ କାହିଁକି ସହାୟକଭାବେ କାର୍ଯ୍ୟ କରୁଛନ୍ତି, ଉକ୍ତ ତତ୍ତ୍ୱଟିର ଆଧାର ଉପରେ ବିଚାର କଲେ ସେକଥାଟି ବୁଝିବାରେ ମଧ୍ୟ ଆଉ କୌଣସି ଅସୁବିଧା

'oaob.nitrkl.ac.in' images reprocessed

ହେବ ନାହିଁ । କାରଣ ଶରୀର କହିଲେ କେବଳ ଏକ ଅଚେତନ ଜଡ଼ସତ୍ତାକୁ କଦାପି ବୁଝାଇବ ନାହିଁ । ସଗୁପ୍ତ ଭାବରେ ସଚେତନ ରହିଥିବା ଏକ ଶକ୍ତିହିଁ ଏହି ଶରୀରକୁ ଗଠନ କରିଛି, ଏହି ଶରୀର ଭିତରେ ରୂପ ଗ୍ରହଣ କରିଛି । ଦେହ ସ୍ୱୟଂ ଆପଣାର ଗୋପନ ସତ୍ତ୍ୱରେ ଚୈତନ୍ୟମୟ ହୋଇ ରହିଛି, ଏବଂ ତା' ସଙ୍ଗେସଙ୍ଗେ ଯେଉଁ ଚୈତନ୍ୟ ବାହାରେ ପ୍ରକାଶିତ ହୋଇଛି ଏବଂ ଯାହା ଆମର ଜଡ଼ ଶକ୍ତିବସ୍ତୁଟି ମଧ୍ୟରେ ଆତ୍ମସଚେତନ ହୋଇ ରହିଛି, ଦେହ ହେଉଛି ସେହି ଚୈତନ୍ୟର ଏକ ଆଧାର, ତାହାର ଏକ ବାହନ । ମନୋଭୂମିର ଏହି ପରମ ଅଧିବାସୀର ଯାବତୀୟ ସଚରଣ ଓ ବିଚରଣ ଲାଗି ଦେହର ଯାବତୀୟ କାର୍ଯ୍ୟ ଓ କ୍ରିୟା ଏକ ଆବଶ୍ୟକ ଯନ୍ତ୍ର ବା ନିମିତ୍ତ ହୋଇ ରହିଛି । କେବଳ ଏହି ଦେହରୂପୀ ଯନ୍ତ୍ରଟିକୁ ଚାଲୁ କରି ରଖିବାଦ୍ୱାରାହିଁ ଦେହଭୂତରୁ ଉଦ୍‌ଭୂତ ଓ ବିବର୍ତ୍ତିତ ହେଉଥିବା ଚୈତନ୍ୟମୟ ପୁରୁଷ ଆପଣାର ମାନସିକ ଓ ଇଚ୍ଛାଶକ୍ତିଗତ ସଂସ୍କାରଗୁଡ଼ିକୁ ପରିପ୍ରେରିତ କରିବାରେ ସମର୍ଥ ହେଉଛନ୍ତି ଏବଂ ସେଗୁଡ଼ିକୁ ପରମ ଜଡ଼ଭିତରେ ଆପଣାର ଏକ ଦେହରୂପବିଶିଷ୍ଟ ପ୍ରକାଶରେ ପରିଣତ କରିଦେଇ ପାରୁଛନ୍ତି । ସେହି ମାନସିକ ସଂସ୍କାରଗୁଡ଼ିକ ଆପଣାର ମନୋଭୂମିଗତ ଆକୃତିକୁ ପରିହାର କରି ଦେହରୂପେ ପ୍ରକାଶିତ ହେବାର ମଧ୍ୟବର୍ତ୍ତୀ ପର୍ଯ୍ୟାୟଟିରେ ଦେହଗତ ସାମର୍ଥ୍ୟ ଓ ପ୍ରତିକ୍ରିୟାଗୁଡ଼ିକ ସେହି ସଂସ୍କାରଗୁଡ଼ିକୁ କେତେକାଂଶରେ ଅବଶ୍ୟ ପରିବର୍ତ୍ତିତ କରି ଦେଉଥିବେ, ଏହା ବେଶ୍ ସୁସ୍ପଷ୍ଟଭାବରେ ବୁଝିହେବ । ମାନସିକ ସଂସ୍କାରଗୁଡ଼ିକ ଦେହର ବାସ୍ତବ ରୂପ ଧାରଣ କରିବା ପୂର୍ବରୁ ସେଗୁଡ଼ିକ ଉପରେ ଦେହରୂପୀ ସାଧନଟିର କ୍ରିୟା ଅବଶ୍ୟ ଆବଶ୍ୟକ ହେବ ଓ ଆପଣାର ପ୍ରଭାବ ଅବଶ୍ୟ ପକାଇବ । କେତେକ କ୍ଷେତ୍ରରେ ଦେହରୂପୀ ଯନ୍ତ୍ରଟି ଦେହଧାରୀକୁ ହୁଏତ ଆପଣାର ଆୟତ୍ତାଧୀନ ବି କରି ରଖିବ । କ୍ରିୟାଶୀଳ ମନ ଓ ଇଚ୍ଛାଶକ୍ତିର ନିୟନ୍ତ୍ରଣ ଅଥବା ହସ୍ତକ୍ଷେପ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଏହି ଦେହଯନ୍ତ୍ର ଆପଣାର ସଂସ୍କାରଗତ ଅଭ୍ୟସ୍ତତାଦ୍ୱାରା ତା'ଭିତରେ ବାସକରୁଥିବା ଚୈତନ୍ୟ ମଧ୍ୟରେ ହୁଏତ ନାନା ଅସ୍ୱେଚ୍ଛାକୃତ ପ୍ରତିକ୍ରିୟାର ଅବତାରଣା ବା ସୃଷ୍ଟି କରିବାକୁ ଆସିବ । ଏସବୁ ସମ୍ଭବ ହୋଇପାରେ, କାରଣ ଶରୀର ଭିତରେ ଏକ ସ୍ୱକୀୟ ଚୈତନ୍ୟ ଅବଚେତନ ଭାବେ ଅବସ୍ଥିତ ରହିଛି ଏବଂ ଆମ ଜୀବନର ସମଗ୍ର ଆତ୍ମପ୍ରକାଶଟିରେ ଏହାର ଏକ ଅଂଶ ଓ ଅବଦାନ ନିଶ୍ଚୟ ରହିଛି । ଏପରିକି, ଦେହଯନ୍ତ୍ରଟାର କେବଳ ବାହ୍ୟ ଦିଗଟି ଉପରେ ଦୃଷ୍ଟିପାତ କଲେ ମଧ୍ୟ ଆମେ ତଥାପି ଆମର ଶରୀର ଆମର ମନକୁ ନିୟନ୍ତ୍ରିତ କରି ରଖିଛି ବୋଲି ଅବଶ୍ୟ କହିପାରିବା । ଏଇଟିକୁ ଆମେ ଏକ ଗୌଣ ସତ୍ୟରୂପେ ଗ୍ରହଣ କରିବା ଓ ମନହିଁ ଯେ ଶରୀରର ନିୟନ୍ତ୍ରଣ କରିଥାଏ, ଏହାକୁ ମୁଖ୍ୟ ସତ୍ୟ ବୋଲି ମାନିବା । ସମସ୍ୟାଟିକୁ ଏହିପରି ଦେଖୁଥିବାବେଳେ ଏକ ଅଧିକ ଗଭୀର ସତ୍ୟ ଆମର ବୋଧଗମ୍ୟ ହେବାକୁ ଆରମ୍ଭ କରିବ; ଆବରଣକାରୀ ଦେହବସ୍ତୁ ମଧ୍ୟରେ

'oaob.nitrkl.ac.in' images reprocessed

ଆତ୍ମାରୂପେ ପ୍ରତିଷ୍ଠିତ ରହିଥିବା ଏକ ଅଧ୍ୟାତ୍ମ ଅସ୍ତିତ୍ୱହିଁ ମୂଳତଃ ମନ ଓ ଶରୀର ଉଭୟର ନିୟନ୍ତ୍ରଣ କରୁଛି,—ଆମେ ଏହି ସତ୍ୟଟିକୁ ଅନୁଭବ କରିବାକୁ ଆରମ୍ଭ କରିବା । ଅନ୍ୟ ପକ୍ଷରେ, ଅର୍ଥାତ୍ ପ୍ରକ୍ରିୟାଟିର ଅନ୍ୟ ଯେଉଁ ବିପରୀତ ରୀତିଟିରେ, ଯାହାଦ୍ୱାରା କି ମନ ଆପଣାର ଭାବନା ଓ ନିର୍ଦ୍ଦେଶଗୁଡ଼ିକୁ ଦେହ ଉପରେ ସଞ୍ଚାରିତ କରିବାକୁ ସମର୍ଥ ହୁଏ, ସେହି ରୀତିଟି ଆଡ଼କୁ ଦୃଷ୍ଟିପାତ କଲେ ଆମେ ଦେଖିବାକୁ ପାଉ ଯେ ଏକ ନୂତନ କ୍ରିୟାର ସାଧନରୂପେ ଦେହକୁ ତିଆରି କରିପାରିବା ଲାଗି ମନ ଭିତରେ ଅନୁରୂପ ସାମର୍ଥ୍ୟ ମହଜୁଦ ରହିଛି । ଆପଣାର ଅଭ୍ୟସ୍ତ ଦାବି ଓ ଆଦେଶଗୁଡ଼ିକର ଚାପକୁ ମନ ଦେହ ଉପରେ ଏପରି ଭାବରେ ଆଙ୍କିଦେଇ ପାରେ ଯେ ଦେହର ସହଜାତ ସଂସ୍କାରଗୁଡ଼ିକ ମଧ୍ୟ ସେଗୁଡ଼ିକୁ ଠିକ୍ ଯନ୍ତ୍ରପରି ମାନି ଚଳିବାକୁ ଲାଗେ; ଏପରିକି ଏକ ପରବର୍ତ୍ତୀ ସ୍ତରରେ ଯେତେବେଳେ ସଚେତନ ଭାବରେ ଦେହକୁ ଚଳାଇବା ଲାଗି ମନର କୌଣସି ଇଚ୍ଛା ନଥାଏ, ସେତେବେଳେ ମଧ୍ୟ ଦେହର କ୍ରିୟାମାନ ଅବିରାମ ଭାବରେ ସେଇ ଏକାଭଳି ପରିଚାଳିତ ହୋଇଥାଏ । ଦେହର କ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରିବାଲାଗି, ଏପରିକି ଦେହର ସ୍ୱାଭାବିକ ଧର୍ମ ଓ ବିଧାନଗୁଡ଼ିକୁ ମଧ୍ୟ ଅଭିଭୂତ ଓ ଆତ୍ମସାତ୍ କରିପକାଇ ଦେହକୁ ପରିଚାଳିତ କରିବାର କ୍ଷମତା ମନଭିତରେ ଅନ୍ତମାତ୍ରାରେ ଦେଖାଦେଇପାରେ । ଏପରିକି ସେହି କ୍ଷମତାର ସୀମାନିର୍ଦ୍ଧେଶ କରିବା ମଧ୍ୟ ଆଦୌ ସମ୍ଭବ ହୋଇ ନପାରେ । ଏଭଳି କ୍ଷମତାସବୁ ସାଧାରଣତଃ ପ୍ରକାଶ ପାଏ ନାହିଁ ସତ୍ୟ; ମାତ୍ର ତାହା ଯେ ରହିଛି, ତାହା ନିଃସନ୍ଦେହ ଭାବେ ପ୍ରମାଣିତ ହୋଇ ସାରିଛି । ଏଗୁଡ଼ିକ ଏବଂ ଆମ ଦେହ ଓ ମନର ସମ୍ବନ୍ଧଗତ କ୍ଷେତ୍ରରେ ରହିଥିବା ଓ ଅନ୍ୟ କୌଣସି ପ୍ରକାରେ ବ୍ୟାଖ୍ୟା କରାଯାଇ ପାରୁ ନଥିବା ଅନ୍ୟାନ୍ୟ ଦିଗଗୁଡ଼ିକ ମଧ୍ୟ ଆଲୋଚିତ ସିଦ୍ଧାନ୍ତଟି ଦ୍ୱାରା ସହଜବୋଧ ହେବାକୁ ଆରମ୍ଭ କରେ । କାରଣ ପ୍ରାଣଧାରୀ ଦେହ ମଧ୍ୟରେ ସଂଗୁପ୍ତ ହୋଇ ରହିଥିବା ଚେତନାମୟତା ଆପଣାର ବୃହତ୍ତର ସଙ୍ଗୀତଟି ପାଖରୁହିଁ ସକଳ ଶକ୍ତି ଆହରଣ କରିଥାଏ, ଶରୀର ଭିତରର ଚୈତନ୍ୟ ଆପଣାର ସବୃତ ଓ ରହସ୍ୟମୟ ପଦ୍ଧତିଟିର ସାହାଯ୍ୟରେ ଆପଣା ଉପରେ କରାଯାଉଥିବା ଦାବିଟି ବିଷୟରେ ଅବଗତ ହୋଇଥାଏ ବା ତାହାକୁ ଅନୁଭବ କରେ ଏବଂ ଶରୀର ଉପରେ ଅଧିଷ୍ଠିତ ହୋଇ ବସିଥିବା ଆବିର୍ଭୂତ ବା ପ୍ରକାଶିତ ଚୈତନ୍ୟର ଶାସନକୁ ମାନିକରି ଚଳେ । ପରିଶେଷରେ, ବିଶ୍ୱବ୍ରହ୍ମାଣ୍ଡର ସୃଜନ କରୁଥିବା କର୍ତ୍ତାରୂପେ ଏକ ଦିବ୍ୟ ମନ ଓ ଦିବ୍ୟ ଇଚ୍ଛାଶକ୍ତିର କଳ୍ପନା କରିବା ଏହି ସିଦ୍ଧାନ୍ତଟି ଅନୁସାରେ ସମ୍ପୂର୍ଣ୍ଣ ଉଚିତ ବୋଲି ମଧ୍ୟ ମନେହେଉଛି । ଆମର ଯୁକ୍ତିସର୍ବସ୍ୱ ମାନସବୃତ୍ତି ସୃଷ୍ଟିର ଅନ୍ତର୍ଗତ ଯେଉଁସବୁ ବିଷୟକୁ କେବଳ ସ୍ରଷ୍ଟାଙ୍କର ଖିଆଲରୁହିଁ ସମ୍ଭୂତ ହୋଇଛି ବୋଲି ମାନିନେବାକୁ ଆଦୌ ଇଚ୍ଛା କରେନାହିଁ, ସେଗୁଡ଼ିକ ଲାଗି ମଧ୍ୟ ଆମକୁ ଏଥିରେ ଏକ ଯୁକ୍ତିସଙ୍ଗତ ବ୍ୟାଖ୍ୟା ମିଳିଯାଏ । ଏହାକୁ ଆମେ ଆପଣାର ବିପରୀତ ଏକ ତତ୍ତ୍ୱମଧ୍ୟରୁ ଅତ୍ୟନ୍ତ

'oaob.nitrkl.ac.in' images reprocessed

ଆସ୍ପୃହା ସହକାରେ ଉଦ୍‌ଭୂତ ହେଉଥିବା ଚୈତନ୍ୟଲାଗି ଏକ ଅନିବାର୍ଯ୍ୟ ବ୍ୟାପାର ବୋଲି ବୁଝିବାକୁ ସମର୍ଥ ହେଉ । ମାତ୍ର ଏକଥାଟିକୁ ମଧ୍ୟ ନିଶ୍ଚିତ ବୋଲି ଜାଣୁ ଯେ ଚୈତନ୍ୟ ପରିଶେଷରେ ଏହିସବୁ ବିରୋଧୀ ଧାରାଗୁଡ଼ିକୁ ଅତିକ୍ରମ କରିଯିବ, ସେଗୁଡ଼ିକୁ ପରାଭୂତ କରି ଆପଣାର ଯାତ୍ରାରେ ଆଗକୁ ଚାଲିଯିବ, ଏବଂ ଏକ ଧୀରଗତି ଓ ଆସ୍ପୃହାସମାକୀର୍ଣ୍ଣ ବିବର୍ତ୍ତନର ମଧ୍ୟଦେଇ ଆପଣାର ବୃହତ୍ତର ସତ୍ୟ ତଥା ଯଥାର୍ଥ ସ୍ୱଭାବଟିକୁ ପ୍ରକଟ କରିଦେଇ ପାରିବ ।

ମାତ୍ର ସତ୍ତାର ଯେଉଁ ପ୍ରାନ୍ତଟିରେ ଜଡ଼ ଅବସ୍ଥିତ ରହିଛି, କେବଳ ସେହି ଦିଗରୁ ପ୍ରଶ୍ନଟିର ସମୀପବର୍ତ୍ତୀ ହେବାକୁ ଚେଷ୍ଟାକଲେ ଆମକୁ ଏହି ଅନୁମାନଟିର ସତ୍ୟତାଲାଗି କୌଣସି ସୁନିଶ୍ଚିତ ସମର୍ଥନ ମିଳେ ନାହିଁ ସତ, ମାତ୍ର ପ୍ରକୃତି ଓ ତାହାର ଯାବତୀୟ କ୍ରିୟା ଲାଗି ଆମେ ଅନ୍ୟ କୌଣସିପ୍ରକାର ବ୍ୟାଖ୍ୟାକୁ ମଧ୍ୟ ଯଥାର୍ଥ ବୋଲି ଗ୍ରହଣ କରିପାରୁ ନାହିଁ । ମୂଳ ପରମ ନିଶ୍ଚେତନର ଘନ ଆବରଣଟିକୁ ଭେଦ କରିବାଲାଗି ମନର କୌଣସି ସାମର୍ଥ୍ୟ ନଥାଏ ଏବଂ ସେହି ଆବରଣର ଅନ୍ତରାଳରେହିଁ ପ୍ରକଟ ହେଉଥିବା ଏହି ସକଳର ଫଗୁପ୍ତ ମୂଳ ଆବାସଟି ଲୁକ୍‌କାୟିତ ହୋଇ ରହିଥାଏ । ଯେଉଁସବୁ ପ୍ରତିଭାସ ଓ ପ୍ରକ୍ରିୟାସକଳ ପ୍ରକୃତିର ଭୌତିକ ପୃଷ୍ଠଭୂମିରେ ଆମର ଦୃଷ୍ଟିଗୋଚର ହୁଏ, ସେଗୁଡ଼ିକରେ ଅନ୍ତର୍ନିହିତ ରହିଥିବା ସକଳ ସତ୍ୟ ଓ ସକଳ ଶକ୍ତି ସେହି ମୂଳ ଆବାସଟିରେହିଁ ସମାସୀନ ରହିଥା'ନ୍ତି । ତେଣୁ ନିଶ୍ଚିତତର ଭାବରେ ପରିଚୟ ଲାଭ କରିବାକୁ ହେଲେ ଆମକୁ ସେହି ବିକାଶମାନ ଚୈତନ୍ୟର ବର୍ତ୍ମଟିକୁହିଁ ଅବଶ୍ୟ ଅନୁସରଣ କରିବାକୁ ପଡ଼ିବ, ଆତ୍ମ-ସନ୍ଦୀପନର ଶିଖର ଓ ବୃହତ୍ତ୍ୱ ପ୍ରସାର ମଧ୍ୟରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ଆମକୁ ତା'ର ସଙ୍ଗେ ସଙ୍ଗେ ଯିବାକୁ ପଡ଼ିବ । ସେହିଠାରେ ଉପନୀତ ହୋଇ ବିଶ୍ୱର ଏହି ଆଦିମ ରହସ୍ୟଟି ସ୍ୱୟଂ ଆମ ଆଗରେ ଉଦ୍‌ଘାଟିତ ଓ ଉଦ୍‌ଭାସିତ ହୋଇଉଠିବ । କାରଣ ଏକଥା ଅବଶ୍ୟ ଧରି ନିଆଯାଇ ପାରେ ଯେ ଚୈତନ୍ୟ ଆପଣାର ଊର୍ଦ୍ଧ୍ୱାୟନ-ଗତିରେ ନିଶ୍ଚୟ ବିବର୍ଦ୍ଧିତ ଓ ବିକଶିତ ହୋଇଚାଲିବ, ଏବଂ କ୍ରମଶଃ ଆତ୍ମପ୍ରକାଶ କରୁଥିବା ଆଦିମ ଗୋପନଚୈତନ୍ୟ ସୃଷ୍ଟିର ପ୍ରାରମ୍ଭରେ ଆପଣା ମଧ୍ୟରେ ଅତି ନିଗୂଢ଼ ଭାବରେ ଯାହାକୁ ଧାରଣ କରି ରଖିଆସିଛି, ଅବଶେଷରେ ତାହା ମଧ୍ୟ ନିଶ୍ଚୟ ପ୍ରକାଶିତ ହୋଇଉଠିବ । କେବଳ ପ୍ରାଣଭୂମି ଉପରେ ଏହି ସତ୍ୟର ଅନୁସନ୍ଧାନ କରୁଥିଲେ ଆମେ କଦାପି କୌଣସି ସଫଳତାର ଆଶା କରି ପାରିବା ନାହିଁ; କାରଣ ଯେଉଁ ସ୍ତରରେ ପ୍ରାଣର ଉଦ୍‌ଭବ ହୁଏ, ସେଠାରେ ଚୈତନ୍ୟ ତଥାପି କେବଳ ଏକ ଅବମାନସ ଅବସ୍ଥାରେ ରହିଥାଏ, ଏବଂ ସେହି କାରଣରୁ ଆମଭଳି ମନଃପ୍ରସ୍ତ ପ୍ରାଣୀମାନଙ୍କର ଆଖିକୁ ତାହା କେବଳ ନିଶ୍ଚେତନ ପରି ଦେଖାଯାଏ, ଅଥବା ଖୁବ୍ ବେଶୀ ହେଲେ ଅବଚେତନ ପରି ପ୍ରତୀତ ହୁଏ । ତେଣୁ କେବଳ ବାହାରୁ ଥାଇ

'oaob.nitrkl.ac.in' images reprocessed

ଜୀବନର ଏହି ସ୍ତରଟି ସମ୍ବନ୍ଧରେ ଯେତେଯାହା ଅନୁସନ୍ଧାନ କରି ଜାଣିବାକୁ ଉଦ୍ୟମ କରୁଥିଲେ ମଧ୍ୟ ତାହା ଆମକୁ ଯଥାର୍ଥ ସତ୍ୟ ବିଷୟରେ କୌଣସି ଫଳପ୍ରଦ ପରିଚୟ ଦେଇପାରେ ନାହିଁ । ଜଡ଼କୁ ପରୀକ୍ଷା କରି ତାହାର ମୂଳ ସତ୍ୟଟିକୁ ନିରୂପଣ କରିବାକୁ ଯାଇ ଆମର ଯାହା ଫଳ ହୁଏ, ଏଠାରେ ମଧ୍ୟ ତାହାହିଁ ହୁଏ । ଏପରିକି ଯେତେବେଳେ ପ୍ରାଣରେ ମନର ବି ବିକାଶ ଘଟେ, ସେତେବେଳେ ସେହି ପ୍ରଥମ ଅବସ୍ଥାରେ କେବଳ ମନଃକ୍ରିୟାଗତ କ୍ଷେତ୍ରରେ ଆବଦ୍ଧ ରହିହିଁ ତାହା କାର୍ଯ୍ୟ କରୁଥାଏ । ମନୋଗତ ସେହି କ୍ଷେତ୍ରଟି କ୍ରିୟା ଭିତରେ ଏବଂ ପ୍ରାଣ ତଥା ଦେହଗତ ନାନା ଆବଶ୍ୟକତା ଓ ପୂର୍ବସଂସ୍କାର ମଧ୍ୟରେ ଅବଲୁପ୍ତ ହୋଇ ରହିଥାଏ । କାମନା, ବାସନା, ଇନ୍ଦ୍ରିୟସଂବେଦନ ଓ ସଂବେଗ ଭିତରେ ରୁଦ୍ଧପ୍ରାୟ ହୋଇ ରହିଥାଏ ଏବଂ ସେହି କାରଣରୁ ଏଗୁଡ଼ିକରୁ ତଟସ୍ଥ ହୋଇ ଠିଆହୋଇ ଏଗୁଡ଼ିକୁ ଦେଖିପାରେ ନାହିଁ କିମ୍ବା ଏଗୁଡ଼ିକୁ ଜାଣିପାରେ ନାହିଁ । କେବଳ ମନୁଷ୍ୟସ୍ତରକୁ ଆସିବା ପରେ ଯାଇ ବୁଝି ପାରିବାର ପ୍ରଥମ ଶକ୍ତି ଆସେ, ଆବିଷ୍କାରର ସାମର୍ଥ୍ୟ ଆସେ ଏବଂ ଏକ ମୋହମୁକ୍ତ ଜ୍ଞାନଲାଭର ଅବସର ସୃଷ୍ଟି ହୁଏ । ହୁଏତ ଏହି ଆୟତନଟି ଭିତରକୁ ଆସିହିଁ ଆମେ ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନର ସମ୍ଭାବନା ମଧ୍ୟକୁ ପ୍ରବେଶ କଲାପରି ମନେ ହୋଇଥାଏ । ମାତ୍ର ବସ୍ତୁତଃ ଆମର ମନ ପ୍ରଥମ ଅବସ୍ଥାରେ ଘଟଣା ଓ ପ୍ରକ୍ରିୟାଗୁଡ଼ିକୁ କେବଳ ପର୍ଯ୍ୟବେକ୍ଷଣ କରିବାକୁହିଁ ସମର୍ଥ ହୁଏ, ଏବଂ ଏଥିକରି ଆୟତନ ବାହାରେ ଅବସ୍ଥିତ ଅବଶିଷ୍ଟ ସକଳ ବିଷୟରେ ତାହାକୁ କେବଳ ସିଦ୍ଧାନ୍ତ ଓ ଅନୁମାନରହିଁ ଆଶ୍ରୟ ନେବାକୁ ପଡ଼େ; ଉପପତ୍ତି, ତର୍କ ଓ କେତେ କଳ୍ପନାଜଳ୍ପନାର ଜାଲ ଧରିବାକୁ ପଡ଼େ । ମାତ୍ର ଚୈତନ୍ୟମୟତାର ଗୁପ୍ତ ସତ୍ୟଟିକୁ ଆବିଷ୍କାର କରି ପାରିବାକୁ ହେଲେ ମନକୁ ଆଗ ଆପଣାର ସତ୍ୟପରିଚୟଟି ମଧ୍ୟ ଲାଭ କରିବାକୁ ପଡ଼ିବ, ଆପଣା ସତ୍ତା ଓ ପ୍ରକ୍ରିୟାର ଯଥାର୍ଥ ସତ୍ୟଗୁଡ଼ିକୁ ଚିହ୍ନିବାକୁ ପଡ଼ିବ । ମାତ୍ର ଇତର ପ୍ରାଣୀଜୀବନର ସ୍ତରରେ ବିବର୍ତ୍ତିମାନ ଚୈତନ୍ୟଟି ଯେପରି ପ୍ରାଣଗତ କ୍ରିୟା ଓ ଗତିସ୍ପନ୍ଦନ ମଧ୍ୟରେ ଜଡ଼ିତ ହୋଇ ରହିଥାଏ, ସେହିପରି ମନୁଷ୍ୟପ୍ରାଣୀର ସ୍ତରରେ ମଧ୍ୟ ମନଶ୍ଚେତନା ଆପଣା ଭାବନାର ଘୂର୍ଣ୍ଣି ଭିତରେ ଛନ୍ଦି ହୋଇ ପଡ଼ିଥାଏ । ଭାବନାର ଏହି ଅବିରାମ ଆବର୍ତ୍ତ ମଧ୍ୟରୁ ମନକୁ ମୁହୂର୍ତ୍ତେ ହେଲେ ବିଶ୍ରାମ ମିଳେ ନାହିଁ, ଏବଂ ଏହି ଆବର୍ତ୍ତ ଭିତରେହିଁ ମନର ସକଳ ବିବେଚନକ୍ରିୟା ଓ ସକଳ କଳ୍ପନାର ଗତିଧାରା ନିର୍ଦ୍ଧାରିତ ହୋଇଥାଏ । ମନର ଆପଣା ସ୍ୱଭାବ ଓ ମନୋଗତ ପ୍ରବୃତ୍ତିହିଁ ମନର ଅବସ୍ଥାକୁ ନିରୂପିତ କରିଥାଏ । ତାହାର ଚିନ୍ତାମାନ ଆଗରୁ ଯେଉଁପ୍ରକାର ଶକ୍ତିର ଯେଉଁ ଗୁଳାରେ ଗଢ଼ି କରି ଆସିଛୁ, ସ୍ୱଭାବତଃ ଯେଉଁଢଙ୍ଗରେ ଗଢ଼ି କରିବାଲାଗି ତା'ର ସ୍ପୃହା ରହିଛୁ, ଯେଉଁଭଳି ଗଢ଼ି କରିବାକୁ ସେ ପସନ୍ଦ କରୁଛୁ, ଏକ ସହଜାତ ପ୍ରାକୃତିକ ନିର୍ବାଚନ ଫଳରେ ଯେଉଁ

'oaob.nitrkl.ac.in' images reprocessed

ତଳରେ ତାହାର ସ୍ୱାଭାବିକ ପ୍ରବଣତା ରହିଛି ଓ ତା' ଭିତରେ ଯେଉଁସବୁ ନିର୍ଦ୍ଦିଷ୍ଟ ସଂସ୍କାର ଜନ୍ମଲାଭ କରିଛି, ମନର ଗତିପଥ ତାହାଦ୍ୱାରାହିଁ ନିର୍ଣ୍ଣିତ ହେଉଛି । ବିଷୟସକଳର ଆଧାରଭୂତ ସତ୍ୟ ଅନୁସାରେ ଆମେ ମୁକ୍ତଭାବରେ ଆପଣା ଭାବନାର ନିର୍ଦ୍ଧାରଣ କରି ପାରୁ ନାହିଁ, ଆମର ଆପଣା ସ୍ୱଭାବଦ୍ୱାରାହିଁ ଆମର ଭାବନା ଆମଲାଗି ନିର୍ଦ୍ଧାରିତ ହୋଇଯାଉଛି । ଅବଶ୍ୟ ଏକଥା ସତ ଯେ ଏକପ୍ରକାର ଅନାସକ୍ତ ଭାବଦ୍ୱାରା ଚାଳିତ ହୋଇ ତଟସ୍ଥଭାବେ ଆମ ଭିତରେ କାର୍ଯ୍ୟ କରୁଥିବା ମନୋମୟ ଶକ୍ତିର କାର୍ଯ୍ୟକଳାପଗୁଡ଼ିକୁ ଅବଲୋକନ କରିବାଲାଗି ମଧ୍ୟ ଆମର ସାମର୍ଥ୍ୟ ରହିଛି । ମାତ୍ର ତଥାପି ଏପରି କଲାବେଳେ ଆମେ କେବଳ ଏହି ଶକ୍ତିର ପ୍ରକ୍ରିୟାଟିକୁହିଁ ଅବଲୋକନ କରିବାକୁ ସମର୍ଥ ହେଉଛୁ, ମାତ୍ର ଆମ ମନୋଗତ ବ୍ୟାକୃତଗୁଡ଼ିକର ଉତ୍ସମୂଳ ଉପରେ ଦୃଷ୍ଟିପାତ କରିବା ଲାଗି ଆମର ଆଦୌ ଶକ୍ତି ପାଇ ନାହିଁ । ଆମେ ମନୋଭୂମିଗତ ପ୍ରକ୍ରିୟାଟିର ବିଷୟରେହିଁ ସିଦ୍ଧାନ୍ତ ଓ ଅନୁମାନମାନ ତିଆରି କରି ଠିଆ କରିଦେଇ ପାରୁଛୁ ସତ, ମାତ୍ର ତଥାପି ଆମର ଯଥାର୍ଥ ସତ୍ତା, ଆମର ଚୈତନ୍ୟ ଓ ଆମର ସମଗ୍ର ସ୍ୱଭାବଟିର ଅନ୍ତର୍ଗତ ଗୁପ୍ତ ସତ୍ୟଟି ଉପରେ ଏକ ଆବରଣ ମାଡ଼ିକରି ରହିଛି ।

କେବଳ ଯୌଗିକ ପ୍ରକ୍ରିୟାଦ୍ୱାରା ମନକୁ ଶାନ୍ତ କରିଦେବାର ପଦ୍ଧତିଟିକୁ ଅନୁସରଣ କଲାବେଳେହିଁ ଆମର ଏହି ଆତ୍ମ-ଅବଲୋକନରେ ଏକ ଗଭୀରତର ପରିଣାମ ସମ୍ଭବ ହୋଇଥାଏ । ଏହି ପ୍ରକ୍ରିୟାଟିର ମାର୍ଗରେ ଯାଇ ଆମେ ମନକୁ ଏକ ସୂକ୍ଷ୍ମ ସାମଗ୍ରୀରୂପେ ଆବିଷ୍କାର କରିବାକୁ ସମର୍ଥ ହେଉ, ଏହାକୁ ଏକ ସାମାନ୍ୟ ବ୍ୟାକୃତ ଅର୍ଥାତ୍ ଅନ୍ୟାନ୍ୟ ନାନା ବ୍ୟାକୃତକୁ ଜନ୍ମ ଦେଉଥିବା ଏକ ଅବ୍ୟାକୃତରୂପେ ଆବିଷ୍କାର କରିବାକୁ ସମର୍ଥ ହେଉ । ଏହି ମନଃଶକ୍ତି କ୍ରିୟାଶୀଳ ହେଲାବେଳେ ସେଥିରୁ ଭାବନା, ଧାରଣା, ବେଦନା, ସଂବେଗ, ଇଚ୍ଛାଗତ ନାନା କ୍ରିୟା ତଥା ଅନୁଭୂତିଗତ ନାନା ପ୍ରତିକ୍ରିୟା ଆଦି ନାନା ଆକାରରେ ମନର ଆତ୍ମରୂପାୟନ ବା ମନୋଗତ ଭୂମିର ନିର୍ଦ୍ଦିଷ୍ଟ ବ୍ୟାକୃତମାନ ଦୃଷ୍ଟିଗୋଚର ହୋଇଥାଏ । ମାତ୍ର ଆପଣାର କ୍ରିୟାଶୀଳ ଅବସ୍ଥାଟିକୁ ପରିତ୍ୟାଗ କରି ଏହା ପୁଣି ନିଷ୍କ୍ରିୟ ବା କ୍ରିୟାରହିତ ହୋଇଯିବା ମାତ୍ରକେ ହୁଏତ ଏକ ନିଷ୍ପନ୍ଦ ଜଡ଼ତା ବା ଆତ୍ମ-ଅସ୍ତିତ୍ୱର ଗତିଶକ୍ତିବର୍ଜିତ ନୀରବତା ଓ ନିଶ୍ଚଳତା ମଧ୍ୟରେ ବାସ କରିବାକୁ ଲାଗେ । ଏହି ଆବିଷ୍କାରର ପରବର୍ତ୍ତୀ ସ୍ତରରେ ଆମେ ଦେଖିବାକୁ ପାଉ ଯେ ଆମ ମନର ବ୍ୟାକୃତଗୁଡ଼ିକ ସମସ୍ତେ ପ୍ରକୃତରେ ସେହି ମନ ଭିତରୁ ଆଦୌ ଉଦ୍‌ଭୂତ ହେଉନାହାନ୍ତି । କାରଣ ମନୋମୟ ଶକ୍ତିର କେତେ ତରଙ୍ଗ ଓ ସ୍ରୋତ ବାହାରୁ ଆସି ଏହି ମନ ଭିତରେ ପ୍ରବେଶ କରୁଛନ୍ତି, ଏଗୁଡ଼ିକ ମନ ଭିତରେ ଆକାର ଗ୍ରହଣ କରୁଛନ୍ତି ବା କୌଣସି ଏକ ବିଶ୍ୱଗତ ମନଠାରୁହିଁ ଆଗରୁ ଆପଣାର ଆକୃତି ଗ୍ରହଣ କରିଥିବା ପରି ଦେଖା-

'oaob.nitrkl.ac.in' images reprocessed

ଯାଉଛନ୍ତି । କିମ୍ବା ଅନ୍ୟାନ୍ୟ କେତେକେତେ ମନଠାରୁ ସେମାନେ ଏହି ଆକୃତି ପାଇଛନ୍ତି ଏବଂ ଆମେ ଏଗୁଡ଼ିକୁ ଆପଣାର ଭାବନାରୂପେ ଗ୍ରହଣ କରିନେଉଛୁ । ଆମେ ଏକଥା ମଧ୍ୟ ଅନୁଭବ କରି ପାରିବା ଯେ ଆମରି ଭିତରେ ଏକ ସୁଗୂଢ଼ ବା ଅଧିଚେତନ ମନ ରହିଛି, ଯେଉଁଥିରୁ କି ଭାବନା, ଧାରଣା, ଇଚ୍ଛାମୟ ଆବେଗ ତଥା ମାନସିକ ଅନୁଭୂତିମାନ ସଂଜାତ ହେବାରେ ଲାଗିଛି । ଆମେ ଚେତନାର ଆହୁରି ଅଧିକ ଉଚ୍ଚ ଭୂମିଗୁଡ଼ିକର ଅବସ୍ଥିତିକୁ ମଧ୍ୟ ଅନୁଭବ କରିପାରିବା, ଯେଉଁଠାରୁ କି ଏକ ଉଚ୍ଚତର ମନୋମୟ ଶକ୍ତି ଆମର ମଧ୍ୟଦେଇ ବା ଆମ ଉପରେ କାର୍ଯ୍ୟକାରୀ ହେବାରେ ଲାଗିଛି । ପରିଶେଷରେ ଆମେ ଆବିଷ୍କାର କରିବା ଯେ କେବଳ ଏକ ମନୋମୟ ପୁରୁଷହିଁ ଏହି ଯାବତୀୟ ସକଳର ଅବଲୋକନ କରୁଛି । ଆମର ମନଃ-ସାମଗ୍ରୀ ଓ ମାନସ ଶକ୍ତି ତାହାକୁହିଁ ଅବଲମ୍ବନ କରି ରହିଛି । ଏହି ମନୋମୟ ପୁରୁଷ ଅବସ୍ଥିତ ରହିନଥିଲେ ସେଗୁଡ଼ିକୁ ଧାରଣ କରି ରଖିବାକୁ ଓ ସେଗୁଡ଼ିକର ଶାସନର ଉତ୍ସରୂପେ କାର୍ଯ୍ୟ କରିବାକୁ ଆଉ କେହି ନଥା'ନ୍ତା ଓ ଫଳରେ ସେଗୁଡ଼ିକ ମଧ୍ୟ ଆଉ ରହି ପାରନ୍ତେ ନାହିଁ ଓ କାର୍ଯ୍ୟ କରି ପାରନ୍ତେ ନାହିଁ । ଜଣେ ନୀରବ ସାକ୍ଷୀ ହିସାବରେହିଁ ଏହି ମନୋମୟ ପୁରୁଷ ପ୍ରଥମେ ଆବିର୍ଭୂତ ହୋଇଥା'ନ୍ତି, ଏବଂ ଯଦି କେବଳ ଏତିକରେହିଁ ତାଙ୍କର ସକଳ କାର୍ଯ୍ୟ ଶେଷ ହୋଇ ଯାଉଥା'ନ୍ତା, ତେବେ ଆମେ ମନୋଗତ ଭୂମିର ବ୍ୟାକୃତିଗୁଡ଼ିକୁ ପ୍ରକୃତି ଆଣି ଜୀବ ଉପରେ ଲଦି ଦେଉଥିବା କେବଳ ଏକ ପ୍ରାତିଭାସିକ କ୍ରିୟାରୂପେ ଗ୍ରହଣ କରିବାକୁ ବାଧ୍ୟ ହେଉଥା'ନ୍ତୁ । ଅଥବା, ତାହାକୁ ଆମେ ପ୍ରକୃତିଦ୍ୱାରା ଜୀବର ସମ୍ମୁଖରେ ଉପସ୍ଥାପିତ କରି ଦିଆଯାଇଥିବା ଏକ ସୃଷ୍ଟି ବୋଲି କହୁଥା'ନ୍ତୁ । ଭାବନାର ଏହି ଜଗତଟିକୁ କେବଳ ପ୍ରକୃତି ରଚନା କରୁଛି ଏବଂ ସାକ୍ଷୀରୂପେ ଅବସ୍ଥିତ ରହିଥିବା ପୁରୁଷ ପାଖରେ ଆଣି ଥୋଇଦେଉଛି ବୋଲି କହୁଥା'ନ୍ତୁ । ମାତ୍ର ସେହି ପୁରୁଷ ଭିତରେ ସବୁ ସ୍ୱୀକାର କରି ନେଉଥିବା କେବଳ ଏକ ନୀରବ ସାକ୍ଷୀର ଭୂମିକାଟିକୁ ବର୍ଜନ କରି ପାରିବାର ବି ସାମର୍ଥ୍ୟ ଯେ ରହିଛି, ଆମେ ପରେ ତାହା ଜାଣିବାକୁ ପାଉ । ଆମେ ଜାଣୁ ଯେ ପୁରୁଷ ଏହିସବୁ ପ୍ରତିକ୍ରିୟାର ଉତ୍ସ ମଧ୍ୟ ହୋଇପାରିବ, ସେଗୁଡ଼ିକୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିପାରିବ, ଓ ଏପରିକି ସେଗୁଡ଼ିକୁ ଶାସନ ଓ ନିୟନ୍ତ୍ରଣା-ଧୀନ କରି ରଖିପାରିବ । ସେ ଆଜ୍ଞା ଦେଇପାରିବ, ଜ୍ଞାତାରୂପେ ଅବତୀର୍ଣ୍ଣ ହୋଇ ପାରିବ । ଏହି ମନୋମୟ ସାମଗ୍ରୀ ଯେ ମନୋମୟ ପୁରୁଷଟିକୁ ପ୍ରକାଶିତ କରୁଛି, ସେତେବେଳେ ଏହି ଜ୍ଞାନର ବି ଉଦୟ ହୋଇଥାଏ । ମନୋମୟ ଉପାଦାନ ହେଉଛି ସେହି ମନୋମୟ ପୁରୁଷରହିଁ ଆତ୍ମପ୍ରକାଶକ ଉପାଦାନ, ମନୋଭୂମିଗତ ଶକ୍ତି ହେଉଛି କେବଳ ତାହାରି ଚୈତନ୍ୟ-ଶକ୍ତି । ଏଥିରୁ ଅତି ଯୁକ୍ତିସିଦ୍ଧଭାବରେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼େ ଯେ ମନୋଭୂମିର ସକଳ ବ୍ୟାକୃତି କେବଳ ମନୋମୟ

'oaob.nitrkl.ac.in' images reprocessed

ପୁରୁଷଙ୍କର ସତ୍ତା ଭିତରୁହିଁ ଉଦ୍‌ଭୂତ ହୋଇଥାଏ । ମାତ୍ର ଅନ୍ୟ ଏକ ଦୃଷ୍ଟିରୁ ବିଚାର କରି ପ୍ରାପ୍ତ ହେଉଥିବା ଆଉଗୋଟିଏ ତଥ୍ୟ ଉକ୍ତ ସିଦ୍ଧାନ୍ତଟିକୁ ଜଟିଳ କରିପକାଏ । ସେହି ଅନ୍ୟ ଦୃଷ୍ଟିରୁ ଦେଖିଲେ ଆମର ବ୍ୟକ୍ତିଗତ ମନଟି ସତେଅବା ବିଶ୍ୱଗତ ମନର କେବଳ ଏକ ରଚନାମାତ୍ର ବୋଲି ମନେହୁଏ; ବିଶ୍ୱଗତ ଭାବନା-ତରଙ୍ଗ, ଚିନ୍ତା-ସ୍ରୋତ, ଇଚ୍ଛାଗତ ଆଭାସ ଓ ଇଙ୍ଗିତ, ଅନୁଭୂତିର ତରଙ୍ଗ, ଇନ୍ଦ୍ରିୟାନୁଭୂତିଗତ ଇଙ୍ଗିତ ଓ ରୂପଗତ ସଙ୍କେତଗୁଡ଼ିକୁ ଗ୍ରହଣ କରି, ସେଗୁଡ଼ିକର ଆବଶ୍ୟକ ପରିବର୍ତ୍ତନ ଓ ପ୍ରସାରଣର କେବଳ ଏକ ଯନ୍ତ୍ରପରି ମନେ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହାର ପୂର୍ବଗଠିତ ଏକ ଆକାର, ଏହାର ବିଶିଷ୍ଟ ରୁଚି ଓ ପ୍ରବୃତ୍ତି, ତା'ର ବ୍ୟକ୍ତିଗତ ପ୍ରବଣତା ଓ ପ୍ରକୃତିଟି ଏହା ଭିତରେ ଯେପରି ଥିଲା ସେହିପରି ରହିଥାଏ; ବିଶ୍ୱଗତ ମନଃକ୍ଷେତ୍ରରୁ ଯାହାସବୁ ଆସେ, ବ୍ୟକ୍ତିଗତ ମନ ସେଗୁଡ଼ିକୁ ଗ୍ରହଣ କରି ବ୍ୟକ୍ତିଗତ ମନୋମୟ ସତ୍ତାର ଆତ୍ମପ୍ରକାଶରୂପେ ଅର୍ଥାତ୍ ସେହି ମନୋମୟ ପୁରୁଷର ବ୍ୟକ୍ତିଗତ ପ୍ରକୃତିରୂପେ ସେଗୁଡ଼ିକୁ କେବଳ ଆତ୍ମସ୍ଥ କରି ପାରିଲେହିଁ ସେସବୁ ବ୍ୟକ୍ତିଗତ ମନଃସତ୍ତା ଭିତରେ ସ୍ଥାନ ପାଇଥାଏ । ମାତ୍ର ଏହିସବୁ ଜଟିଳତା ଦୃଷ୍ଟିରୁ ସମସ୍ୟାଟି ତଥାପି ଯେପରି ଥିଲା ସମ୍ପୂର୍ଣ୍ଣରୂପେ ସେହିପରି ରହିଯାଏ; ଏବଂ ଏହିସବୁ ବିବର୍ତ୍ତନ ଓ କ୍ରିୟାକୁ ଆମେ ମନୋମୟ ସତ୍ତାଟିର ସମ୍ମୁଖରେ ଆସି ଉପସ୍ଥାପିତ କରାଯାଉଥିବା କୌଣସି ବିଶ୍ୱଗତ ଶକ୍ତିର ଏକ ପ୍ରାତିଭାସିକ ସୃଷ୍ଟି ବୋଲି କହିବା, କିମ୍ବା ପୁରୁଷର ଅବ୍ୟାକୃତ ବା ସମ୍ଭବତଃ ଅନିର୍ଦ୍ଦେଶ୍ୟ ସତ୍ତା ଉପରେ ମନଃଶକ୍ତି ଆଣି ଲଦି ଦେଇଥିବା ଏକ କ୍ରିୟା ବୋଲି କହିବା, ସେ ବିଷୟରେ ଆମକୁ ଆଉ କୌଣସି ଉତ୍ତର ମିଳେ ନାହିଁ । ଅଥବା ଏହି ସମଗ୍ର ପ୍ରସଙ୍ଗଟି ଯେ ହୁଏତ ଅନ୍ତର୍ଗତ କୌଣସି ଗତିଶୀଳ ଆତ୍ମସତ୍ୟଦ୍ୱାରାହିଁ ପୂର୍ବରୁ ନିର୍ଦ୍ଧାରିତ ଓ ନିରୂପିତ ହୋଇ ରହିଛି, ଏବଂ ଉପରିସ୍ଥ ମନୋଭୂମି ଉପରେ କେବଳ ପ୍ରକାଶିତ ହେବାରେ ଲାଗିଛି, ଏଇକଥିର ବି କୌଣସି ସମାଧାନ ମିଳେ ନାହିଁ । ଏହି ସମସ୍ୟାଟିର ଯଥାର୍ଥ ଉତ୍ତର ପାଇବାଲାଗି ଆମକୁ ସତ୍ତା ଓ ଚେତନାର ଏପରି ଏକ ବିଶ୍ୱଗତ ଅବସ୍ଥାର ସ୍ପର୍ଶଲାଭ କରିବାକୁ ହେବ ବା ତାହା ଭିତରେ ପ୍ରବେଶ କରିବାକୁ ହେବ, ଯେଉଁଠାରେ କି ସମଗ୍ର ବସ୍ତୁଜଗତ ଓ ସେଗୁଡ଼ିକର ସମଗ୍ର ତତ୍ତ୍ୱ ଆମର ଅତିସୀମିତ ମାନସିକ ଅଭିଜ୍ଞତା ଆଗରେ ଯେତିକି ପ୍ରକାଶିତ ହୋଇ ପାରୁଛି, ତାହା ଅପେକ୍ଷା ଅଧିକ ସ୍ପଷ୍ଟଭାବରେ ପ୍ରକାଶିତ ହୋଇପାରିବ ।

ଅଧିମାନସ ଚେତନା ହେଉଛି ଏହିପରି ଏକ ଅବସ୍ଥା ବା ଏହିପରି ଏକ ତତ୍ତ୍ୱ । ବ୍ୟକ୍ତିଗତ ମନ ଓ ଏପରିକି ଅବିଦ୍ୟାନ୍ତର୍ଗତ ବିଶ୍ୱମନର ସୀମାଠାରୁ ଏହା ଅନେକ ଉପରେ ଅବସ୍ଥିତ । ଏହି ଚେତନା ଆପଣା ଭିତରେ ବିଶ୍ୱଗତ ସତ୍ୟର ଏକ ପ୍ରତ୍ୟକ୍ଷ ଓ ପ୍ରକଟିତ ଜ୍ଞାନକୁ ବହନ କରୁଛି । ତେଣୁ ଏଠାରେ ଉପନୀତ ହୋଇ

'oaob.nitrkl.ac.in' images reprocessed

ଆମେ ନୂଏତ ବିଷୟସକଳର ମୂଳଭୂତ ନିୟୁତିକୁ କେତେକ ପରିମାଣରେ ବୁଝିବାକୁ ସମର୍ଥ ହେବା, ଏବଂ ବିଶ୍ୱପ୍ରକୃତିର ମୂଳ ଗତି ଓ ସ୍ଥିତିଟିର ରହସ୍ୟଭେଦ କରି ପାରିବାକୁ କିଞ୍ଚିତ୍ ଅନ୍ତର୍ଦୃଷ୍ଟି ଲାଭ କରିପାରିବା । ଏଥିରୁ ଗୋଟିଏ କଥା ଯଥାର୍ଥରେ ସ୍ପଷ୍ଟ ହୋଇଯାଉଛି । ଆମକୁ ଏକ ସ୍ପଷ୍ଟ ପ୍ରମାଣ ମିଳିଯାଉଛି ଯେ ଏକ ବିଶ୍ୱୋତ୍ତୀର୍ଣ୍ଣ ପରମ ସତ୍ୟସତ୍ତାରୁହିଁ ବ୍ୟକ୍ତିର ଉଦ୍ଭବ ହୋଇଛି, ଏହି ବିଶ୍ୱର ବି ଉଦ୍ଭବ ହୋଇଛି । ସେହି ପରମ ସତ୍ତାହିଁ ଏସବୁ ମଧ୍ୟରେ ରୂପଗ୍ରହଣ କରୁଛନ୍ତି । ତେଣୁ ବ୍ୟକ୍ତି-ସତ୍ତାର ମନ ଓ ପ୍ରାଣ ତଥା ପ୍ରକୃତି ମଧ୍ୟରେ ଆତଯାତ ହେଉଥିବା ତାହାର ଆତ୍ମସତ୍ତା କେବଳ ସେହି ବିଶ୍ୱଗତ ପରମ ସତ୍ତାଙ୍କର ଆଂଶିକ ଆତ୍ମପ୍ରକାଶ ବ୍ୟତୀତ କଦାପି ଆଉ କିଛି-ହେଲେ ହୋଇ ନପାରେ । ପରୋକ୍ଷ ଏବଂ ଅପରୋକ୍ଷ ଉଭୟ ଭାବରେ ଏସବୁ ସେହି ବିଶ୍ୱୋତ୍ତୀର୍ଣ୍ଣ ପରମସତ୍ତାଙ୍କର ଆତ୍ମପ୍ରକାଶ ମାତ୍ର । ଏହି ଆତ୍ମପ୍ରକାଶ ସୀମାବଦ୍ଧ ହୋଇପାରେ, କେବଳ ଅର୍ଦ୍ଧାବୃତ ବି ହୋଇପାରେ;—ମାତ୍ର ତଥାପି ବ୍ୟକ୍ତି-ସତ୍ତା ହେଉଛି କେବଳ ତାଙ୍କରି ପ୍ରକାଶ, ଏବଂ ଏହାହିଁ ହେଉଛି ତା'ର ଯଥାର୍ଥ ମର୍ମସତ୍ୟ । କିନ୍ତୁ ଆମେ ଏକଥାଟି ମଧ୍ୟ ଜାଣୁଛୁ ଯେ ପରମସତ୍ତାଙ୍କର ସେହି ଆତ୍ମପ୍ରକାଶ କେତେ ପରିମାଣରେ ବା କିଭଳି ଭାବରେ ସଂଘଟିତ ହେବ, ତାହା ସ୍ୱୟଂ ବ୍ୟକ୍ତିଦ୍ୱାରା ମଧ୍ୟ ନିରୂପିତ ହୋଇଥାଏ । ବ୍ୟକ୍ତି ଆପଣାର ସ୍ୱଭାବ ମଧ୍ୟରେ ଯେତିକି ଗ୍ରହଣ କରିପାରେ, ଯେତିକି ଆତ୍ମସ୍ଥ କରିପାରେ ଏବଂ ବିଶ୍ୱସତ୍ତା ଅର୍ଥାତ୍ ପରମ ସତ୍ୟସତ୍ତାଙ୍କଠାରୁ ଆପଣାର ଅଂଶରୂପେ ଯେତିକି ସଂବଦ୍ଧ କରି ରଖେ, କେବଳ ସେତିକି ତା'ର ମନ, ପ୍ରାଣ ଓ ଶରୀରଗ୍ରାମରେ ଆକାର ଗ୍ରହଣ କରିଥାଏ । ଆପଣାର ଏହି ପରମ ଅଂଶଟିକୁ ସେ ପରମ ସତ୍ତାଠାରୁ ଆହରଣ କରେ ଅଥବା ନିଜ୍ୟ ମଧ୍ୟରେ ଅନ୍ତର୍ଗୂଢ଼ ହୋଇ ରହିଥିବା ଏଇଟିକୁ ସେ ପ୍ରକାଶ କରିଥାଏ ସତ, ମାତ୍ର ସ୍ୱକୀୟ ଆତ୍ମପ୍ରକାଶ ଓ ସ୍ୱସ୍ୱଭାବର ଭାଷାରେହିଁ ସେହି ପ୍ରକାଶ ଘଟେ । ମାତ୍ର ବିଶ୍ୱପ୍ରତିଭାସରୁ ଆମ ଆଗରେ ଉତ୍ଥାପିତ ହେଉଥିବା ମୂଳ ପ୍ରଶ୍ନଟିକୁ ଅଧିମାନସ ଜ୍ଞାନ ବି ସମାଧାନ କରିପାରେ ନାହିଁ । ମନୋମୟ ପୁରୁଷର ଭାବନା, ଅନୁଭୂତି ଓ ଧାରଣାସକଳର ଏହି ଜଗତ୍-ରଚନାକୁ ଆମେ ଯଥାର୍ଥତଃ କେତେଦୂର ତାହାର ଅଧ୍ୟାତ୍ମ ସତ୍ତାର କୌଣସି ସତ୍ୟରୁ ସମ୍ଭୂତ ହେଉଥିବା ଆତ୍ମ-ପ୍ରକାଶ ବା ଆତ୍ମ-ବ୍ୟାକୃତି ବୋଲି କହିପାରିବା ଅର୍ଥାତ୍ ସେହି ସତ୍ୟର ଗତିଶୀଳ ସମ୍ଭାବନାଗୁଡ଼ିକର ଏକ ପ୍ରକଟିତ ରୂପ ବୋଲି କହିପାରିବା; ଅଥବା, ଆମେ ଏହାକୁ ବରଂ ପ୍ରକୃତି ଆଣି ମନୋମୟ ପୁରୁଷ ଆଗରେ ଉପସ୍ଥାପିତ କରି ଦେଉଥିବା ଏକ ସୃଷ୍ଟି ବା ପରିରଚନା ବୋଲି କେତେଦୂର କହିପାରିବା, ଏବଂ ସେହି ପ୍ରକୃତିକୁ ସେ ଯେଉଁ ବ୍ୟକ୍ତିଗତ ଗଠନରୂପ ଦେଉଛି ଏବଂ ତାହାଫଳରେ ପ୍ରକୃତି ଯେପରି ଏକ ବ୍ୟକ୍ତି-ରୂପ ଧାରଣ କରୁଛି, କେବଳ ସେହି ଅର୍ଥରେହିଁ ଆମେ ପ୍ରକୃତିକୁ ତା'ର ନିଜର ଓ ତା'ଉପରେ ନିର୍ଭରଶୀଳ ହୋଇ ରହିଥିବା ପ୍ରକୃତି

'oaob.nitrkl.ac.in' images reprocessed

ବୋଲି କହିପାରିବା; କିମ୍ବା ଏହାକୁ ଆମେ ବିଶ୍ୱଗତ ପରମ କଳ୍ପନାର ଏକ ଲୀଳା ବୋଲି କେତେଦୂର କହିପାରିବା, ପରମ ଅନନ୍ତ ଆପଣାର ସ୍ୱକୀୟ ଓ ଶାଶ୍ୱତ ଶୁଦ୍ଧ ସତ୍ତାର ଶୂନ୍ୟ ଅନିର୍ଦ୍ଦେଶ୍ୟ ଉପରେ ଆଣି ଲଦି ଦେଇଥିବା କେବଳ ଏକ ସ୍ୱପ୍ନରଚନା ବୋଲି କେତେଦୂର କହିପାରିବା,—ଏହି କ୍ଷେତ୍ରରେ ଏହାହିଁ ହେଉଛି ଅସଲ ପ୍ରଶ୍ନ । ସୃଷ୍ଟିର ପ୍ରମାଣ ହିସାବରେ ଆମ ଆଗରେ ତିନୋଟି ଦୃଷ୍ଟିକୋଣରୁ ଏହି ତିନୋଟି ମତ ରହିଛି, ଏବଂ ଔଚିତ୍ୟ ଦୃଷ୍ଟିରୁ ବିଚାର କଲେ ତିନୋଟିଯାକର ସମାନ ସମାନ ଦାବି ମଧ୍ୟ ରହିଛି । ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିକୁ ଯଥାର୍ଥ ଓ ପ୍ରମାଦଶୂନ୍ୟ ବୋଲି ଗ୍ରହଣ କରିବାଲାଗି ମନର ଆଦୌ କୌଣସି ସାମର୍ଥ୍ୟ ନାହିଁ । କାରଣ ପ୍ରତ୍ୟେକଟି ଦୃଷ୍ଟିକୋଣ ଆପଣାଆପଣାର ମନୋଭୂମିଗତ ଯୁକ୍ତିପ୍ରମାଣ ସହିତ ପୂର୍ଣ୍ଣରୂପେ ସଜ୍ଜିତ ହୋଇ ରହିଛି, ପ୍ରତିବୋଧ ତଥା ଅଭିଜ୍ଞତା ଲାଗି ମଧ୍ୟ ପ୍ରତ୍ୟେକଟିର ସମାନ ନିବେଦନ ରହିଛି । ଏହି ସଂଶୟଟିକୁ ଅଧିମାନସର ପ୍ରକରଣଟି ଆହୁରି ଜଟିଳ କରି ପକାଉଛି, କାରଣ ବସ୍ତୁଜଗତ ବିଷୟରେ ରହିଥିବା ଅଧିମାନସର ଦୃଷ୍ଟିଟି ତିନୋଟି ମଧ୍ୟରୁ ପ୍ରତ୍ୟେକଟି ସମ୍ଭାବନାକୁ ଆପଣାଆପଣାର ସ୍ୱାଧୀନ ମାର୍ଗରେ ଗଢ଼ି କରି ଆପଣାକୁ ଏକ ସବଳ ଓ ସଙ୍ଗତ ଆକାର ଦେବାକୁ ସଂପୂର୍ଣ୍ଣରୂପେ ବାଟ ଛାଡ଼ିଦେଉଛି; ଜ୍ଞାନ-ଆହରଣ, ଗଢ଼ଣୀଳ ଆତ୍ମ-ଉପସ୍ଥାପନ ତଥା ଏକ ଦୃଢ଼ ପ୍ରତିଷ୍ଠା ଯୋଗାଇ ଦେଉଥିବା ଅନୁଭୂତିର କ୍ଷେତ୍ରରେ ଅଧିମାନସ ସେଗୁଡ଼ିକୁ ଆପଣାଆପଣାର ସ୍ୱକୀୟ ସତ୍ତାକୁ ଉପଲବ୍ଧି କରିବାଲାଗି ବାଟ ଛାଡ଼ିଦେଉଛି ।

ଅଧିମାନସ ତଥା ମନଠାରୁ ଉପରେ ଅବସ୍ଥିତ ଅନ୍ୟାନ୍ୟ ସକଳ ଉଚ୍ଚତର ସ୍ତରରେ ଆମେ ବାରବାର ଏକ ଦ୍ୱୈତ-ରାଜହଂସରୂପୀ ଭ୍ରମର ସମ୍ମୁଖୀନ ହୋଇଥାଉ । ଗୋଟିଏ ପାଖରେ ଆମେ ଏକ ବିଶୁଦ୍ଧ ଓ ନୀରବ ଆତ୍ମାକୁ ଦେଖିବାକୁ ପାଉ । ସେହି ଆତ୍ମାର କୌଣସି ଲକ୍ଷଣ ନାହିଁ, ଗୁଣ ନାହିଁ ବା ସମ୍ବନ୍ଧ ନାହିଁ । ତାହା ଆପେ ବର୍ତ୍ତମାନ, ଆପେ ଅଧିଷ୍ଠିତ, ଓ ଆତ୍ମସଂପୂର୍ଣ୍ଣ । ଏବଂ ଅନ୍ୟପାଖରେ ଆମେ ଏକ ବିଧାୟକ ଜ୍ଞାନଶକ୍ତିର ପରାକ୍ରମଶାଳୀ ଗଢ଼ଣୀଳତା ମଧ୍ୟ ଦେଖିବାକୁ ପାଇଥାଉ, ବିଶ୍ୱର ରୂପଗୁଡ଼ିକ ମଧ୍ୟରେ ଆପଣାକୁ ନିକ୍ଷିପ୍ତ କରି ଦେଇଥିବା ଏକ ସୃଜନଶୀଳ ଚୈତନ୍ୟ ଓ ଶକ୍ତିକୁ ଦେଖିବାକୁ ପାଇଥାଉ । ଏହି ବିରୋଧଟିକୁ ଆମେ ତଥାପି ଏକ ଆପେକ୍ଷିକ ଅବସ୍ଥାନ ବୋଲି ଜାଣିବା । ଏହି ଉଭୟ ତତ୍ତ୍ୱ ବାହାରକୁ ପରସ୍ପରର ବିରୋଧୀ ଭଳି ଦେଖା ଯାଉଥିଲେ ମଧ୍ୟ ଏମାନେ ସତେଅବା ପରସ୍ପରସମ୍ବନ୍ଧୀ ଓ ପରସ୍ପରର ଅନୁପୂରକ ହୋଇ ରହିଛନ୍ତି । ଏହି ବିରୋଧଟିରୁ ଉତ୍ପନ୍ନ ହେଉଥିବା ସହାବସ୍ଥାନର ଗୋଟିଏ ପାଖରେ ଏକ ନୈର୍ବ୍ୟକ୍ତିକ ଓ ଗୁଣରହିତ ବ୍ରହ୍ମ ରହିଛନ୍ତି, ସକଳ ସମ୍ବନ୍ଧ ତଥା ବିଶେଷତ୍ୱରୁ ବିନିର୍ମୁକ୍ତ ହୋଇ ରହିଥିବା ଏକ ମୂଳଭୂତ ଦ୍ରବ୍ୟ

'oaob.nitrkl.ac.in' images reprocessed

ପରମ ସତ୍ୟ ବିଦ୍ୟମାନ ରହିଛନ୍ତି । ଏବଂ ଅନ୍ୟପାଖରେ ଅନନ୍ତ ଗୁଣବିଶିଷ୍ଟ ଏକ ବ୍ରହ୍ମ ବିଦ୍ୟମାନ ରହିଛନ୍ତି, ସକଳ ସମ୍ବନ୍ଧ ଓ ସକଳ ବିଶେଷର ହସ୍ତ ଓ ନିୟାମକ ପ୍ରଭୁରୂପେ ସେଗୁଡ଼ିକୁ ଧାରଣ କରି ରଖିଥିବା ଏକ ମୂଳଭୂତ ଦିବ୍ୟ ପରମ ସତ୍ୟ ଅବସ୍ଥିତ ଅଛନ୍ତି । ପ୍ରଥମଟି ନିର୍ଗୁଣ ଓ ଦ୍ୱିତୀୟଟି ହେଉଛନ୍ତି ସଗୁଣ । ନିର୍ଗୁଣର ଅନୁସରଣ କରି ଆତ୍ମ-ଅନୁଭୂତିର ଚରମତମ ପ୍ରାନ୍ତପର୍ଯ୍ୟନ୍ତ ଯାଇପାରିଲେ ଆମେ ଯାଇ ଶେଷରେ ସକଳ ସମ୍ବନ୍ଧ ଓ ସକଳ ବିଶେଷରହିତ ଏକ ଶୂନ୍ୟ ପରମ ନିର୍ବିଶେଷରେ ଉପନୀତ ହୋଇପାରିବା, ସେହି ଅବର୍ଣ୍ଣନୀୟ ଆଦିମୂଳ ଓ ସର୍ବୋତ୍ତୀର୍ଣ୍ଣ ସତ୍ତାରେ ଯାଇ ପହଞ୍ଚିବା । ପୁଣି ସଗୁଣର ଦ୍ୱାର ଦେଇ ଯିବାକୁ ବସିଲେ ଓ ସେହି ପଥର ଅନୁସରଣ କରି ଅନୁଭବର ଯଥାସମ୍ଭବ ଶେଷ ପ୍ରାନ୍ତଯାଏ ଯାଇପାରିଲେ ଆମେ ଏକ ଦିବ୍ୟ ନିର୍ବିଶେଷରେ ଯାଇ ଉପନୀତ ହେବା, ଏକ ବ୍ୟକ୍ତିତ୍ୱବିଶିଷ୍ଟ ପରମ ଓ ସର୍ବବିଦ୍ୟମାନ୍ ଈଶ୍ୱରଙ୍କ ପାଖରେ ଯାଇ ପହଞ୍ଚିବା । ସେହି ଈଶ୍ୱର ହେଉଛନ୍ତି ବିଶ୍ୱୋତ୍ତୀର୍ଣ୍ଣ, ସିଏ ପୁଣି ବିଶ୍ୱବ୍ୟାପୀ । ସିଏ ହେଉଛନ୍ତି ସକଳ ସମ୍ବନ୍ଧ ଓ ସକଳ ବିଶେଷର ପରମନିୟନ୍ତା ପ୍ରଭୁ । ଆପଣାର ସତ୍ତା ଭିତରେ କୋଟି ବ୍ରହ୍ମାଣ୍ଡକୁ ହିଲ୍ଲୋଳିତ କରି ଧରିବାକୁ ଓ ପୁଣି ଆପଣା ଆତ୍ମଜ୍ୟୋତିର ଗୋଟିଏ ଗୋଟିଏ କିରଣରେଖା ଓ ତାଙ୍କ ଅବର୍ଣ୍ଣନୀୟ ସତ୍ତାର ଗୋଟିଏ ଗୋଟିଏ ମାତ୍ରାଦ୍ୱାରା ସେହି ବ୍ରହ୍ମାଣ୍ଡଚୟର ପ୍ରତ୍ୟେକଟିକୁ ଭେଦ କରି ରହିବାକୁ ମଧ୍ୟ ତାଙ୍କର ପୂର୍ଣ୍ଣ ସାମର୍ଥ୍ୟ ରହିଛି । ଅଧିମାନସ ଚୈତନ୍ୟ ଶାଶ୍ୱତ ପରମ ସତ୍ତାର ଏହି ଦୁଇଟିଯାକ ସତ୍ୟକୁ ପ୍ରକଟ କରି ରଖିଛି, ଅଥଚ ଆମର ମନୋମୟ ଭୂମିକୁ ସେହି ସତ୍ତା ଦୁଇଟି ପରସ୍ପର ବହିର୍ଭୂତ ତତ୍ତ୍ୱ ପରି ବୋଧ ହେଉଛି ଏବଂ ଦୁଇଟି ମଧ୍ୟରୁ କେବଳ ଯେକୌଣସି ଗୋଟିକୁ ଗ୍ରହଣ କରାଯାଇ ପାରିବ ବୋଲି ପ୍ରତୀତ ହେଉଛି, ଅବଶ୍ୟ ଏହା ଦୁଇଟିଯାକକୁ ପରମ ସତ୍ୟର ଦୁଇଟି ପରମ ବିଭାବରୂପେ ସ୍ୱୀକାର କରୁଛି । ତେଣୁ ସେହି ଦୁଇଟିର ପଛରେ ଆହୁରି କେଉଁଠାରେ ତଥାପି ଆହୁରି ଏକ ବୃହତ୍ତର ବିଶ୍ୱୋତ୍ତୀର୍ଣ୍ଣତା ନିଶ୍ଚୟ ବର୍ତ୍ତମାନ ରହିଛି, ଯେଉଁଥିରୁ କି ଏହି ଦୁଇଟିଯାକର ଉଦ୍ଭବ ହେଉଛି ଅଥବା ଯାହାକି ଆପଣାର ପରମ ଶାଶ୍ୱତତା ମଧ୍ୟରେ ସେହି ଦୁଇଟିଯାକକୁ ହିଲ୍ଲୋଳିତ କରି ଧରିଛି । ମାତ୍ର ଏଭଳି ଦୁଇଟି ବିପରୀତ ତତ୍ତ୍ୱ ଦୁଇଟି ସମାନ ସତ୍ୟରୂପେ ଯାହାର ଅନ୍ତର୍ଗତ ହୋଇ ରହିଛନ୍ତି, ଏକ ଆଦିମୂଳ ଓ ଅନିର୍ଦ୍ଦେଶ୍ୟ ପରମ ରହସ୍ୟ ବ୍ୟତୀତ ତାହା ଆଉ କ'ଣ ହୋଇପାରେ ? ଏହି ମନଦ୍ୱାରା ସେହି ପରମ ରହସ୍ୟର କୌଣସି ଜ୍ଞାନଲାଭ ଆଦୌ ସମ୍ଭବ ନୁହେଁ, ମନ ସେହି ରହସ୍ୟଟିକୁ କଦାପି ବୁଝିପାରିବ ନାହିଁ । ହୁଏତ ଆମର କୌଣସି ଅନୁଭୂତି କିମ୍ବା ଉପଲବ୍ଧି ଦ୍ୱାରା ଆମେ କେତେକ ପରିମାଣରେ ସେହି ରହସ୍ୟର ପରିଚୟ ପାଇ ପାରିବା; ତାହାର ବିଭାବ ଓ ସାମର୍ଥ୍ୟଗୁଡ଼ିକର ମାଧ୍ୟମରେ ତାହାକୁ କିଞ୍ଚିତ୍ ପରିମାଣରେ ଜାଣିପାରିବା । ଆଧାରଭୂତ ଭାବ ଓ ଅଭାବ ସମୁଚ୍ଚୟର

'oaob.nitrkl.ac.in' images reprocessed

ଅସରନ୍ତି କ୍ରମ ଦେଇ ଆମେ ତାହାର ଅନ୍ୱେଷଣ ଓ ଅନୁଧାବନ କରିପାରିବା । ହୁଏତ ସ୍ୱାଧୀନ ଭାବରେ ଗୋଟିଏ ଗୋଟିଏ କରି ଅଥବା ସମଗ୍ର ଭାବରେ ଉଭୟଟିର ଏକତ୍ର ଅନୁଧାବନ କରିପାରିବା । ମାତ୍ର ତଥାପି ପରିଶେଷରେ ତାହା ଉଚ୍ଚତମ ମନୋଭୂମି ପାଖରେ ମଧ୍ୟ କଦାପି ଧରାଦେବ ନାହିଁ ଓ ଅବର୍ଣ୍ଣନୀୟ ହୋଇ ରହିଥିବ ।

ମାତ୍ର ପରମ ନିର୍ବିଶେଷ ସତ୍ତା କହିଲେ ଯଦି ଆମେ ଏକ ବିଶୁଦ୍ଧ ଅନିର୍ଦ୍ଦେଶ୍ୟ ସତ୍ତାକୁ ବୁଝୁଥିବା, ତେବେ ଆଉ କୌଣସି ସୃଷ୍ଟି, କୌଣସି ରୂପାୟନ ବା କୌଣସି ବିଶ୍ୱ କଦାପି ସମ୍ଭବ ହେବ ନାହିଁ । ଏବଂ ତଥାପି ଏହି ବିଶ୍ୱ ବର୍ତ୍ତମାନ ଯେପରି ରହିଛି, ଠିକ୍ ସେମିତି ଅବସ୍ଥିତ ରହିଥିବ । ତେବେ କ'ଣ ପାଇଁ ଏହି ବିରୋଧର ସୃଷ୍ଟି ହେଉଛି, ଅର୍ଥାତ୍ କିଏ ଏହି ବିରୋଧଟିକୁ ସୃଷ୍ଟି କରୁଛି ? କିଏ ଅସମ୍ଭବକୁ ଯଥାର୍ଥ ବାସ୍ତବରେ ପରିଣତ କରିପାରୁଛି, ଆତ୍ମ-ବିଭାଜନର ଅସମାହିତ ଏହି ପ୍ରହେଳିକାଟିର ଅବତାରଣା କିଏ ବା କରାଉଛି ? ଏହା ଏକ ପ୍ରକାରର ପରମା ଶକ୍ତି ଅବଶ୍ୟ ହୋଇଥିବ, ଏବଂ ଆମେ ଯେତେବେଳେ ପରମ ନିର୍ବିଶେଷଙ୍କୁହିଁ ଏକମାତ୍ର ମୂଳସତ୍ତା ବୋଲି ଗ୍ରହଣ କରି ସାରିଛେ, ସକଳ ବିଷୟ ଓ ବସ୍ତୁର ଏକମାତ୍ର ଉତ୍ସରୂପେ ସ୍ୱୀକାର କରିଛେ, ତେବେ ଏହି ପରମା ଶକ୍ତିଟିକୁ ମଧ୍ୟ ଏହି ନିର୍ବିଶେଷଙ୍କଠାରୁ ଉଦ୍‌ଭୂତ ବୋଲି ମାନିନେବାକୁ ପଡ଼ିବ, ଏହାଙ୍କ ସହିତ କୌଣସି ନା କୌଣସି ସମ୍ବନ୍ଧରେ ଆବଦ୍ଧ ରହିବାକୁ ପଡ଼ିବ, ଏହା ସହିତ ସଂଲଗ୍ନ ରହିବାକୁ ଓ ଏହାକୁ ନିର୍ଭର କରି ରହିବାକୁ ପଡ଼ିବ । କାରଣ ଯଦି ଏହା ପରମ ସତ୍ୟସତ୍ତାଠାରୁ ପ୍ରକୃତରେ ଭିନ୍ନ ଆଉକିଛି ହୁଏ, ଉଦାହରଣସ୍ୱରୂପ ପରମ ଅନିର୍ଦ୍ଦେଶ୍ୟର ଶାଶ୍ୱତ ଶୂନ୍ୟମୟତା ଉପରେ ଆପଣାର ବ୍ୟାକୃତିଗୁଡ଼ିକୁ ଆଣି ଲଦି ଦେଉଥିବା ଏକ ବିଶ୍ୱଗତ ବୃହତ୍ କଳ୍ପନା ହିସାବରେ ଏହାକୁ ଅନୁମାନ କରାଯାଏ, ତେବେ କେବଳ ଏକ ପରଂବ୍ରହ୍ମହିଁ ଏକମାତ୍ର ଅବସ୍ଥିତ ଅଛନ୍ତି ବୋଲି ଆଉ କଦାପି ସ୍ୱୀକାର କରାଯାଇ ପାରିବ ନାହିଁ । ବିଶ୍ୱବିଷୟର ଉତ୍ସମୂଳରେ ତେଣିକି ଏକ ଦ୍ୱୈତତାର ଦ୍ୱନ୍ଦ୍ୱ ଆସି ପ୍ରବେଶ କରିବାକୁ ବାଧ୍ୟ ହେବ । ପୁରୁଷ ଓ ପ୍ରକୃତିର କଳ୍ପନାଦ୍ୱାରା ସାଂଖ୍ୟରେ ଯେଉଁଭଳି ଏକ ଦ୍ୱୈତତତ୍ତ୍ୱ ବାଢ଼ି ଦିଆଯାଇଛି, ସାରତଃ ଏହି ଦ୍ୱୈତକଳ୍ପନାଟି ତାହାଠାରୁ ଆଦୌ ଭିନ୍ନ ହେବ ନାହିଁ । ଯଦି ଏହା କେବଳ ଏକ ପରମ ଶକ୍ତିହିଁ ହୁଏ, ଅର୍ଥାତ୍ ଏକ ପରମ ସତ୍ତାର ସାର୍ବଭୌମ ଶକ୍ତି ଭାବରେ ଯଦି ଏହାର କଳ୍ପନା କରାଯାଏ, ତେବେ ତଦ୍ଦ୍ୱାରା ଆମେ ନ୍ୟାୟତଃ ଏକ ଅସମ୍ଭବତାର ବିଡ଼ମ୍ବନା ଭିତରେ ଆସି ପଶିଯିବା ଏବଂ ପରମ ପୁରୁଷ ତଥା ତାଙ୍କ ପରମ ଶକ୍ତିର ଅସ୍ତିତ୍ୱକୁ ଆମେ ସମ୍ପୂର୍ଣ୍ଣଭାବରେ ପରସ୍ପରର ବିପରୀତ ବୋଲି କହିବସିବା, ଦୁହିଁଙ୍କୁ ପରସ୍ପରର ଏକାନ୍ତବିରୋଧୀ ବୋଲି ଘୋଷଣା କରିବା । କାରଣ ବ୍ରହ୍ମ ହେଉଛନ୍ତି

ମୁକ୍ତ, ସକଳ ପ୍ରକାର ସମ୍ବନ୍ଧ ଓ ବିଶେଷର ସମ୍ଭାବନାରୁ ସେ ସର୍ବଥା ମୁକ୍ତ ହୋଇ ରହିଛନ୍ତି; ମାତ୍ର ମାୟା ହେଉଛି ସୃଜନସାମର୍ଥ୍ୟବିଶିଷ୍ଟ ଏକ କଳ୍ପନାଶକ୍ତି ଯାହାକି ଠିକ୍ ସେହି ସାମଗ୍ରୀଗୁଡ଼ିକୁ ଆଣି ବ୍ରହ୍ମ ଉପରେ ଲଦିଦେବାରେ ଲାଗିଛି । ମାୟା ଏହିସବୁ ସମ୍ବନ୍ଧ ଓ ବିଶେଷର ଭିଆଣ କରୁଛି, ଏବଂ ବ୍ରହ୍ମ ସେହିସବୁର ସମର୍ଥକ, ପରିପୋଷକ ଓ ସାକ୍ଷୀ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି । ଯେକୌଣସି ପ୍ରକାର ନ୍ୟାୟ ଓ ବିବେକ ପାଖରେ ଏହା କେବଳ ଏକ ଅସମ୍ଭବ ସୃଷ୍ଟିଟିଏ ପରିହିଁ ମନେହେବ । କେବଳ ଏକ ଅତିଲୌକିକ ରହସ୍ୟ ଭାବରେହିଁ ଏହି ବିଧାନଟିକୁ ଗ୍ରହଣ କରାଯାଇପାରିବ; ଯେଉଁ ରହସ୍ୟଟିକୁ ବାସ୍ତବ ବୋଲି କହି ହେବ ନାହିଁ, ଅବାସ୍ତବ ବୋଲି ବି କହି ହେବ ନାହିଁ । ସ୍ୱଭାବତଃ ଅନିର୍ବଚନୀୟ ବୋଲି କୁହାଯାଇ ପାରିବ । ମାତ୍ର ଏପରି କରି ଆମକୁ ଏତେବେଶୀ ପ୍ରମାଦର ସମ୍ମୁଖୀନ ହେବାକୁ ପଡ଼ିବ ଯେ ଏହା ଏକ ଅନିବାର୍ଯ୍ୟ ଚରମତାରୂପେ ଏକାନ୍ତ ଅପ୍ରତିରୋଧୀ ଭାବରେ ଆପଣାକୁ ଆଣି ଲଦିଦେଉଛି ବୋଲି କଳ୍ପନା କରିପାରିଲେ ଯାଇ ଏହାକୁ ଗ୍ରହଣ କରାଯାଇ ପାରିବ,—ଅର୍ଥାତ୍ ତତ୍ତ୍ୱତଃ ଏହି ଶକ୍ତିକୁହିଁ ଯାବତୀୟ ତତ୍ତ୍ୱଗତ ଅନୁସନ୍ଧାନ ଓ ଆଧ୍ୟାତ୍ମିକ ଅନୁଭୂତିର ଉଦ୍ଦେଶ୍ୟ ଏବଂ ଶିଖରରୂପେ ମାନିବାକୁ ପଡ଼ିବ । କାରଣ ବିଶ୍ୱର ସକଳ ବସ୍ତୁକୁ ଯଦି କେବଳ ଏକ ମାୟାମୟ ସୃଷ୍ଟି ବୋଲିହିଁ କୁହାଯାଏ, ତେବେ ତଥାପି ଅନ୍ତତଃ ପ୍ରତ୍ୟୟ ହିସାବରେ ସେଗୁଡ଼ିକର ଏକ ଅସ୍ତିତ୍ୱ ରହିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ, ଏବଂ ସେପରି କ୍ଷେତ୍ରରେ କେବଳ ଏକମାତ୍ର ପରମ ସତ୍ତାଙ୍କର ଚୈତନ୍ୟ ବ୍ୟତୀତ ଆଉ କେଉଁଠି ହେଲେ ସେଗୁଡ଼ିକର ଅସ୍ତିତ୍ୱ ରହିବା ଆଦୌ ସମ୍ଭବ ହେବ ନାହିଁ । ତା'ହେଲେ ସେଗୁଡ଼ିକୁ ଅନିର୍ଦ୍ଦେଶ୍ୟ ପରମ ସତ୍ତାଙ୍କର ଆତ୍ମବୋଧଗତ ବିଶେଷ ବା ବ୍ୟାକୃତିରୂପେହିଁ ସ୍ୱୀକାର କରିବାକୁ ପଡ଼େ । ମାତ୍ର ଯଦି ଅନ୍ୟପକ୍ଷରେ ଏହି ପରମ ଶକ୍ତିର ବ୍ୟାକୃତିଗୁଡ଼ିକୁ ବାସ୍ତବ ସୃଷ୍ଟି ବୋଲି କୁହାଯାଏ, ତେବେ ସେମାନେ କାହାର ବ୍ୟାକୃତି ବୋଲି କୁହାଯାଇ ପାରିବ ? କେଉଁ ଉପାଦାନରୁ ସେଗୁଡ଼ିକର ନିର୍ମାଣ ହୋଇଛି ? ଏକଥା କଦାପି ସମ୍ଭବ ନୁହେଁ ଯେ ଏକ "କିଛି ନାହିଁ" ଅଥବା ପରମ ଅଦ୍ୱିତୀୟଙ୍କଠାରୁ ଭିନ୍ନ ଏକ ପରମ ଅସତ୍ ଭିତରୁ ସେଗୁଡ଼ିକର ସୃଷ୍ଟି ହୋଇଛି । କାରଣ ସେପରି କହିଲେ ଆମେ ଆଉ ଏକ ନୂଆ ଦ୍ୱୈତତାକୁ ଆଣି ମଝିରେ ଠିଆ କରାଇଦେବା । ଗୋଟାଏ ପାଖରେ ଏକ ଭାବାତ୍ମକ ବୃହତ୍ ଶୂନ୍ୟକୁ ସ୍ୱୀକାର କରି ଅନ୍ୟ ପାଖରେ ଆମେ ଆଗରୁ ପରମ ଓ ଅଦ୍ୱିତୀୟ ସତ୍ୟସତ୍ତା ବୋଲି ଧରି ନେଇଥିବା ଏକ ବୃହତ୍ତର ଅବିଜ୍ଞେୟକୁ ଆଣି ହାବୁଡ଼େଇ ଦେବା । ତେଣୁ ଏଥିରୁ ଅତି ସ୍ପଷ୍ଟ ହୋଇଯାଉଛି ଯେ ପରମ ସତ୍ୟସତ୍ତା କଦାପି ସକଳପ୍ରକାର ନିର୍ଣ୍ଣୟର ଅତୀତ ଏକ ଅନମମୀୟ ଅନିର୍ଦ୍ଦେଶ୍ୟ ହୋଇ ପାରିବେ ନାହିଁ । ଏଠି

'oaob.nitrkl.ac.in' images reprocessed

ବିଶ୍ୱରୂପେ ଯାହାକିଛି ସୃଷ୍ଟି ହେଉଛି, ସେଗୁଡ଼ିକ ସେହି ଅନିର୍ଦ୍ଦେଶ୍ୟ ମଧ୍ୟରୁ ଉଦ୍‌ଭୂତ ହେବାକୁ ଓ ତାଙ୍କରି ମଧ୍ୟରେ ଅବସ୍ଥିତ ରହିବାକୁ ନିଶ୍ଚୟ ବାଧ୍ୟ ହେବେ । ଏବଂ ପରିପୂର୍ଣ୍ଣ ପରମ ସତ୍ୟସତ୍ତାର ଉପାଦାନ ମଧ୍ୟରୁ ଯେଉଁସବୁର ସୃଷ୍ଟି ହୋଇଛି, ସେଗୁଡ଼ିକୁ ବି ଆମେ ଅବଶ୍ୟ ସତ୍ୟସତ୍ତାମୟ ବୋଲି ସ୍ୱୀକାର କରିବା । ସତ୍ୟ, ନିତ୍ୟ ଓ ଅନନ୍ତ ସତ୍ତାରୁ କେବଳ ସତ୍ୟ ବୋଲି ପ୍ରତୀତ ହେଉଥିବା ଏକ ଭିତ୍ତିଶୂନ୍ୟ ପ୍ରକାଣ୍ଡ ନେତି ବା ମିଥ୍ୟାର ଉଦ୍‌ଭବ ହୋଇଛି ବୋଲି ଆଦୌ କୁହାଯାଇ ପାରିବ ନାହିଁ । ପରମ ନିର୍ବିଶେଷଙ୍କୁ ଆମେ କୌଣସିପ୍ରକାର ନିରୂପିତତା କିମ୍ବା ବ୍ୟାକୃତି ଦ୍ୱାରା ସୀମାସୂତ୍ର କରି କଦାପି ରଖି ପାରିବା ନାହିଁ, ସମ୍ଭାବ୍ୟ ବ୍ୟାକୃତିଗୁଡ଼ିକର କୌଣସି ସମଷ୍ଟିଦ୍ୱାରା ବି ବାନ୍ଧି ରଖି ପାରିବା ନାହିଁ;—କେବଳ ଏହି ଅର୍ଥରେ ଯେ ତାଙ୍କୁ ଅନିର୍ଦ୍ଦେଶ୍ୟ ବୋଲି କୁହାଯାଇ ପାରିବ, ଏକଥାଟି ମଧ୍ୟ ସମ୍ପୂର୍ଣ୍ଣରୂପେ ଠିକ୍ ହେଉଛି । ମାତ୍ର ଆତ୍ମରୂପାୟନ ବା ଆତ୍ମବ୍ୟାକୃତି ଲାଗି ତାଙ୍କର କୌଣସି ସାମର୍ଥ୍ୟ ନାହିଁ, ଏଭଳି ଅର୍ଥରେ ତାଙ୍କୁ ଅନିର୍ଦ୍ଦେଶ୍ୟ ବୋଲି କହିବା ଆଦୌ ଯଥାର୍ଥ ହେବ ନାହିଁ । ସର୍ବପରମ ସତ୍ତା ଆପଣା ମଧ୍ୟରୁ ଆପଣାର ଯଥାର୍ଥ ରୂପାୟନମାନ ସୃଷ୍ଟି କରିବାରେ କଦାପି ଅସମର୍ଥ ହେବେ ନାହିଁ, ଆପଣାର ଆପେ-ଅବସ୍ଥିତ ଅନନ୍ତତା ମଧ୍ୟରେ ଏକ ଯଥାର୍ଥ ଆତ୍ମବିସୃଷ୍ଟି ବା ଆତ୍ମରୂପାୟନକୁ ଉନ୍ମୋଚିତ କରି ରଖିବାକୁ ସେ କଦାପି ଅସମର୍ଥ ହେବେ ନାହିଁ ।

ତେଣୁ ତାତ୍ପର୍ଯ୍ୟ ହେଉଛି ଯେ ଅଧିମାନସରୁ ଆମେ କୌଣସି ଚୂଡ଼ାନ୍ତ ଓ ଭାବାତ୍ମକ ସିଦ୍ଧାନ୍ତ ପାଇ ପାରିବା ନାହିଁ । ଅଧିମାନସର ସୀମାଟିକୁ ଅତିକ୍ରମ କରି ଅତିମାନସ ପରିଚୟ ମଧ୍ୟରେହିଁ ଆମକୁ ଏହାର ଏକ ଉତ୍ତରର ଅନୁସନ୍ଧାନ କରିବାକୁ ହେବ । ଏକ ପରମ ଅତିମାନସ ଋତ-ଚିତ୍ କହିଲେ ଏକାଧାରରେ ପରମ ଅନନ୍ତ ତଥା ପରମ ଶାଶ୍ୱତଙ୍କର ଆତ୍ମଜ୍ଞାନକୁ ବୁଝାଇବ, ଏବଂ ସେହି ଆତ୍ମଜ୍ଞାନ ମଧ୍ୟରେ ଅନ୍ତର୍ନିହିତ ରହିଥିବା ଆତ୍ମରୂପାୟନର ଏକ ସାମର୍ଥ୍ୟକୁ ମଧ୍ୟ ବୁଝାଇବ । ଆମେ ପ୍ରଥମଟିକୁ ତାଙ୍କର ଭିତ୍ତି ଓ ଆସ୍ଥାନ ବୋଲି କହିବା, ଦ୍ୱିତୀୟଟିକୁ ତାଙ୍କର ସତ୍ତାଗତ ସାମର୍ଥ୍ୟ ବୋଲି କହିବା, ତାଙ୍କ ଆତ୍ମ-ଅସ୍ତିତ୍ୱର ଗତିଶୀଳ ସ୍ୱଭାବ ବୋଲି କହିବା । ଆତ୍ମଜ୍ଞାନର ଏକ କାଳାତୀତ ଶାଶ୍ୱତତା ଆପଣା ମଧ୍ୟରେ ସତ୍ତାଗତ ସତ୍ୟରୂପେ ଯାହାକିଛି ପ୍ରତ୍ୟକ୍ଷ କରନ୍ତି, ତାଙ୍କ ସତ୍ତାର ଚୈତନ୍ୟମୟ ଶକ୍ତି ତାହାକୁହିଁ କାଳର ନିତ୍ୟକ୍ଷେତ୍ରରେ ରୂପାୟିତ କରିଦିଏ । ତେଣୁ ଅତିମାନସର ଦୃଷ୍ଟିରେ ସର୍ବପରମ ସତ୍ତା କୌଣସି ପ୍ରକାର ବ୍ୟାକୃତି ଲାଗି ଅନନ୍ୟମାତ୍ର ହେଉଥିବା ଏକ ଅନିର୍ଦ୍ଦେଶ୍ୟ ଆଦୌ ନୁହନ୍ତି, ସବୁକିଛିକୁ କେବଳ ଏକ ନେତିରେହିଁ ପରିଣତ କରି ରଖିଥିବା ଏକ ପରମ ନିର୍ବିଶେଷ ମଧ୍ୟ ନୁହନ୍ତି । ଯେଉଁ ପରମ ଅନନ୍ତତା ଆପଣା ସତ୍ତାର ଅନନ୍ୟମାତ୍ର ବିଶୁଦ୍ଧତା ଅର୍ଥାତ୍ ସ୍ୱର୍ଣ୍ଣାତୀତଭାବରେ କେବଳ ଆତ୍ମପରିପୂର୍ଣ୍ଣ ହୋଇ ରହିଥା'ନ୍ତି,

'oaob.nitrkl.ac.in' images reprocessed

କେବଳ ଆପଣା ସତ୍ତାର ପରିବର୍ତ୍ତନରହିତ ଶାଶ୍ୱତତା ମଧ୍ୟରେ କଳାତୀତ ହୋଇ ରହିବାକୁ ଏବଂ କେବଳ ଆପଣାର ସତ୍ତାଟିକୁ ନେଇ ଏକ ନିଶ୍ଚଳ ଆନନ୍ଦ ଭିତରେ ବର୍ତ୍ତି ରହିବାକୁ ସମର୍ଥ ହେଉଥିବା ଏକ ବିଶୁଦ୍ଧ ଚୈତନ୍ୟ ବ୍ୟତୀତ ଯାହାଙ୍କର ଆଉ କୌଣସି ସାମର୍ଥ୍ୟ ନଥାଏ, ଅତିମାନସ ତାହାକୁ ସମଗ୍ର ସତ୍ୟସତ୍ତାରୂପେ କଦାପି ଗ୍ରହଣ କରେ ନାହିଁ । ଯିଏ ଅନନ୍ତ ସତ୍ତା, ତାଙ୍କୁ ଅନନ୍ତ ଶକ୍ତି ମଧ୍ୟ ହେବାକୁ ପଡ଼ିବ । ତାଙ୍କର ଭିତରେ ଶାଶ୍ୱତ କର୍ମବିରତି ଓ ପ୍ରଶାନ୍ତି ବିଦ୍ୟମାନ ରହିଛି, ଅପର ପକ୍ଷରେ ଶାଶ୍ୱତ କର୍ମ ଓ ଶାଶ୍ୱତ ସୃଷ୍ଟି ଲାଗି ମଧ୍ୟ ପରିପୂର୍ଣ୍ଣ ସାମର୍ଥ୍ୟ ରହିଛି । ମାତ୍ର ଏହି କର୍ମ ହେଉଛି ଆପଣା ମଧ୍ୟରେ ନିଜର କର୍ମ, ଏହି ସୃଷ୍ଟି ହେଉଛି ଆପଣାର ଶାଶ୍ୱତ ଓ ଅନନ୍ତ ସତ୍ତାରୁ ସୃଷ୍ଟି । କାରଣ କେବଳ ତାଙ୍କର ଆପଣା ବ୍ୟତୀତ ଆଉ କେଉଁଠି କିଛିହେଲେ ନାହିଁ ଯହିଁରୁ କି ସେ ସୃଷ୍ଟି କରିପାରିବେ । ସୃଷ୍ଟିର କୌଣସି ଆଧାର ହୁଏତ ତାଙ୍କଠାରୁ ଭିନ୍ନ ବୋଲି ପ୍ରତୀତ ହେଉଥିଲେ ମଧ୍ୟ ତଥାପି ଯଥାର୍ଥତଃ ତାଙ୍କରି ମଧ୍ୟରେହିଁ ଅବସ୍ଥିତ ରହିବାକୁ ବାଧ୍ୟ ହେବ । ଯାବତୀୟ ସୃଷ୍ଟି କେବଳ ତାଙ୍କରିଠାରୁ ହେବାକୁହିଁ ବାଧ୍ୟ ହେବ ଏବଂ ତାଙ୍କର ସତ୍ତାମଧ୍ୟରୁ କଦାପି ବାହାରେ ଅବସ୍ଥିତ ରହି ପାରିବ ନାହିଁ । ଏକ ଅନନ୍ତ ଶକ୍ତିମୟତାକୁ ଆମେ କଦାପି କେବଳ ଏକ ବିଶୁଦ୍ଧ କ୍ରିୟାରହିତ ଅବିକଳତା ଓ ଅପରିବର୍ତ୍ତନୀୟ ପ୍ରଶାନ୍ତି ଭିତରେ ବିଶ୍ରାମ କରୁଥିବା ଏକ ସାମର୍ଥ୍ୟରୂପେ କଳ୍ପନା କରି ପାରିବା ନାହିଁ । ଏହାର ଆପଣା ଭିତରେ ସ୍ୱସତ୍ତା ଓ ସ୍ୱଶକ୍ତିର ଅସୀମ ସାମର୍ଥ୍ୟ ରହିବହିଁ ରହିବ । ଏକ ଅନନ୍ତ ଚୈତନ୍ୟମୟତା ଆପଣା ଭିତରେ ସ୍ୱକୀୟ ଆତ୍ମବୋଧର ଅସୀମ ସତ୍ୟଚୟକୁ ଅବଶ୍ୟ ଧାରଣ କରି ରଖିବ । ଆପଣାର କ୍ରିୟାଶୀଳ ଅବସ୍ଥାରେ ଆମର ଜ୍ଞାନକ୍ଷେତ୍ରକୁ ଏସବୁ ତାହାର ଆପଣା ସତ୍ତାର ବିଭିନ୍ନ ବିଭାବରୂପେ ଦୃଷ୍ଟିଗୋଚର ହେବେ, ଆମର ଆଧ୍ୟାତ୍ମିକ ବୋଧକୁ ତାହାର ଆପଣା ଗତିଶୀଳତାର ସାମର୍ଥ୍ୟ ଓ ସ୍ପନ୍ଦନରୂପେ ଦେଖାଦେବେ, ଏବଂ ଆମର ରସାତ୍ମକ ବୋଧକୁ ତାହାରି ସତ୍ତାଜନିତ ଆନନ୍ଦର ସାଧନ ଓ ସୂତ୍ରାୟନରୂପେ ଫୁଟିଉଠିବେ । ସେତେବେଳେ ସୃଷ୍ଟିର ପ୍ରକ୍ରିୟାଟି ଏକ ଆତ୍ମରୂପାୟନରେ ପର୍ଯ୍ୟବସିତ ହେବ, ସୃଷ୍ଟି କହିଲେ ପରମ ଅନନ୍ତର ଅନନ୍ତ ସମ୍ଭାବନାଗୁଡ଼ିକର ଏକ ସୁନିୟୋଜିତ ସମ୍ପ୍ରସାରଣକୁ ବୁଝାଇବ । ମାତ୍ର ପ୍ରତ୍ୟେକଟି ସମ୍ଭାବନା ତା'ର ଅନ୍ତରାଳରେ ରହିଥିବା ଏକ ସତ୍ତାସତ୍ୟକୁ ଅବଶ୍ୟ ସୂଚିତ କରି ଦେଇଥାଏ, ପରମ ସତ୍ତସ୍ୱରୂପ ମଧ୍ୟରେ ଅବସ୍ଥିତ ତାହାର ଏକ ସତ୍ୟକୁ ନିର୍ଦ୍ଦେଶିତ କରି ଦେଇଥାଏ । କାରଣ ଆଶ୍ରୟସ୍ୱରୂପ ସେହି ସତ୍ୟଟି ବିଦ୍ୟମାନ ନ ଥିଲେ କୌଣସି ପ୍ରକାର ସମ୍ଭାବନା ଆଦୌ ସମ୍ଭବ ହେବ ନାହିଁ । ପ୍ରକାଶାବସ୍ଥାରେ ପରମ ସତ୍ତାମୟଙ୍କର ଏକ ମୌଳିକ ସତ୍ୟ ଆମର ଜ୍ଞାନକ୍ଷେତ୍ରକୁ ସେହି ପରାତ୍ପର ଦିବ୍ୟ ପୁରୁଷଙ୍କର ଏକ ମୌଳିକ ଆଧ୍ୟାତ୍ମିକ ବିଭାବରୂପେ

'oaob.nitrkl.ac.in' images reprocessed

ଦୃଷ୍ଟିଗୋଚର ହେବ, ଏଇଥିରୁହିଁ ଏହାର ଯାବତୀୟ ସମ୍ଭାବ୍ୟ ରୂପାୟନର ଆବିର୍ଭାବ ହେବ, ଏହାର ଅନ୍ତର୍ଗତ ଯାବତୀୟ ଗତିଶୀଳତାର ଉନ୍ମେଷ ହେବ । ଏହି ଗତିଶୀଳତାଗୁଡ଼ିକହିଁ ସୃଷ୍ଟି କରିବେ, ଅଧିକ ସ୍ପଷ୍ଟ କରି କହିଲେ ଏହିଗୁଡ଼ିକହିଁ ଏକ ଅପ୍ରକଟିତ ସମ୍ଭାବନାମୟତା ଭିତରୁ ଆପଣାଆପଣାର ସାର୍ଥକ ରୂପାୟନ, ଶକ୍ତିମୟ ସାମର୍ଥ୍ୟ ଓ ସ୍ୱଭାବିକ ପ୍ରକ୍ରିୟାଗୁଡ଼ିକୁ ପ୍ରକଟ କରି ଆଣିବେ । ସେଗୁଡ଼ିକର ସ୍ୱକୀୟ ସତ୍ତା ସେଗୁଡ଼ିକର ସ୍ୱକୀୟ ସମ୍ଭୂତିକୁ ବିକଶିତ କରାଇବ, ସ୍ୱରୂପ ଓ ସ୍ୱଭାବରୂପେ ବିକଶିତ ହୋଇ ଉଠିବ । ସୃଷ୍ଟିର ସମ୍ପୂର୍ଣ୍ଣ ପ୍ରକ୍ରିୟାଟି ବସ୍ତୁତଃ ଏହିସବୁକୁ ବୁଝାଇବ । ମାତ୍ର ଆମ ମନୋଗତ ଭୂମିଉପରେ ଅବସ୍ଥିତ ରହି ଆମେ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାଟିକୁ ଆଦୌ ଦେଖିପାରୁ ନାହିଁ, ଆପଣାକୁ ବାସ୍ତବ ବିଷୟରୂପେ ବ୍ୟାକୃତ କରି ଦେଉଥିବା କେବଳ ସମ୍ଭାବନାଗୁଡ଼ିକୁହିଁ ଆମେ ଦେଖିବା ଲାଗି ସମର୍ଥ ହୋଇଥାଉ । ଏବଂ ଆମେ ଏହି ବିଷୟଟି ସମ୍ବନ୍ଧରେ କେତେକେତେ ଅନୁମାନ ବା କଳ୍ପନାଜଳ୍ପନା କରୁ ସତ, ମାତ୍ର ସେହି ସମ୍ଭାବନାଗୁଡ଼ିକ ପଛରେ ଯେ ଏକ ପରମ ଆବଶ୍ୟକତା ରହିଛି, ପଛରେ ରହିଥିବା ଏକ ସତ୍ୟ ଯେ ସେଗୁଡ଼ିକୁ ପୂର୍ବନିର୍ଦ୍ଧାରିତ କରି ରଖିଛି ଓ ଏକ ଅଲଂଘନୀୟ ବିଧାନରୂପେ ସେହି ସମ୍ଭାବନାଗୁଡ଼ିକୁ ସାମର୍ଥ୍ୟବାନ୍ କରାଉଛି ତଥା ବାସ୍ତବ ବିଷୟଗୁଡ଼ିକର ବାସ୍ତବ ରୂପକୁ ନିର୍ଦ୍ଧାରିତ କରିଦେଉଛି, ଏସବୁ ବିଷୟରେ ଯେତେଯେତେ ଅନୁମାନ କରୁଥିଲେ ମଧ୍ୟ ଆମେ ଦୃଢ଼ ନିଶ୍ଚିତତାର ସହିତ କିଛି ଜାଣିପାରୁ ନାହିଁ । ଆମର ମନ କେବଳ ବାସ୍ତବ ବିଷୟଗୁଡ଼ିକର ପର୍ଯ୍ୟବେକ୍ଷଣ କରିଥାଏ, କେବଳ ସମ୍ଭାବନାଗୁଡ଼ିକୁହିଁ ଉଦ୍ଭାବନ ବା ଆବିଷ୍କାର କରେ, ମାତ୍ର ଏକ ସୃଷ୍ଟିର ଗତିସ୍ପନ୍ଦନ ଓ ରୂପସକଳ ଯେଉଁ ନିଗୂଢ଼ ପରମବିଧାନ ଦ୍ୱାରା ଆବଶ୍ୟକରୂପେ ପ୍ରକାଶିତ ହୋଇଉଠେ, ଆମର ମନ ସେହି ବିଧାନଟିକୁ ଦେଖି ପାରେ ନାହିଁ । କାରଣ ବିଶ୍ୱାଙ୍ଗନର ପୃଷ୍ଠଭାଗରେ ବହୁ ଶକ୍ତି ଏକତ୍ର ସମ୍ମିଳିତ ହୋଇ ଯେଉଁ ଭାରସାମ୍ୟଟି ସୃଷ୍ଟି କରିଥା'ନ୍ତି ଆମେ କେବଳ ତାହାର ପରିଣାମଟିକୁହିଁ ଦେଖିବାକୁ ସମର୍ଥ ହେଉ । ମାତ୍ର ସମସ୍ତଙ୍କର ମୂଳରେ ଥାଇ ସେଗୁଡ଼ିକୁ ନିୟନ୍ତ୍ରିତ କରୁଥିବା କୌଣସି ଗୋଟିଏ ଅଥବା ଏକାଧିକ ଶକ୍ତି ଯଦି ପ୍ରକୃତରେ ସେହି କ୍ଷେତ୍ରରେ କାର୍ଯ୍ୟ କରୁଥାଏ, ତେବେ ଆମର ଅଜ୍ଞାନ ଫଳରେ ସେଇଟି ବା ସେଗୁଡ଼ିକ ଆମଠାରୁ ଅଦୃଶ୍ୟ ହୋଇ ରହିଥାଏ । ମାତ୍ର ଅତିମାନସ ପରମ ଋତଚିତ୍ ଲାଗି ଏହିସବୁ ଅଦୃଶ୍ୟ-ବିଧାନ ଅତି ସ୍ପଷ୍ଟରୂପେ ଦୃଷ୍ଟିଗୋଚର ହେବ, ତା'ର ଆଖିରେ କେବଳ ଏହିସବୁହିଁ ଏକମାତ୍ର ଉପାଦାନ ହୋଇ ରହିବ, ତା'ର ଅନୁଭୂତିକୁ କେବଳ ଏହିସବୁହିଁ ଧରା ଦେବ । ଅତିମାନସ ସୃଜନପ୍ରକ୍ରିୟା ଭିତରେ ସୃଷ୍ଟିର ପରମ ବିଧାନଗୁଡ଼ିକ, ପରସ୍ପର ସହିତ ଏକାଠି ବନ୍ଧାହୋଇ ରହିଥିବା ସମ୍ଭାବନାଗୁଡ଼ିକ ଏବଂ ପରିଣାମରୂପେ ସେଥିରୁ ନିଷ୍ପନ୍ନ ହେଉଥିବା ବସ୍ତୁବିଷୟଗୁଡ଼ିକ କେବଳ ଏକ ସମଗ୍ର ଓ

'oaob.nitrkl.ac.in' images reprocessed

ଅବିଭାଜ୍ୟ ପ୍ରକ୍ରିୟାରୂପେ ଅନୁଭୂତ ହେବ । ସେହି କ୍ଷେତ୍ରରେ ସକଳ ସମ୍ଭାବନା ଓ ସକଳ ବସ୍ତୁବିଷୟ ଆପଣା ଭିତରେ ସେମାନଙ୍କୁ ଜନ୍ମ ଦେଉଥିବା ମୌଳିକ ପରମ ବିଧାନଟିର ଅନିବାର୍ଯ୍ୟତାକୁ ବହନ କରି ଚାଲିଥିବେ । ସେମାନଙ୍କର ଯାବତୀୟ ପରିଣତି ଓ ଯାବତୀୟ ସୃଷ୍ଟି କେବଳ ସେହି ପରମ ସତ୍ୟର ଶରୀର ହୋଇ ରହିଥିବ, ପରମ ସର୍ବସତ୍ତ୍ୱମୟଙ୍କର ପୂର୍ବନିର୍ଦ୍ଧାରିତ ରୂପ ଓ ସାମର୍ଥ୍ୟରୂପେ ସେମାନେ ସେହି ସତ୍ୟକୁହିଁ ପ୍ରକଟ କରିବାରେ ଲାଗିଥିବେ ।

ଆପଣାର ସାର୍ଥକ ଆଧ୍ୟାତ୍ମିକ ଉପଲବ୍ଧିରେ ଆମେ ପରାତ୍ପର ପରମ ପୁରୁଷଙ୍କ ସମ୍ବନ୍ଧରେ ଯେଉଁ ମୌଳିକ ଜ୍ଞାନ ଲାଭ କରିଥାଉ, ତାହା ହେଉଛି ଏକ ଅନନ୍ତ ଓ ଶାଶ୍ୱତ ପରମସତ୍ତା, ଏକ ଅନନ୍ତ ଓ ଶାଶ୍ୱତ ପରମ ଚୈତନ୍ୟ ତଥା ଏକ ଅନନ୍ତ ଓ ଶାଶ୍ୱତ ପରମାନନ୍ଦଙ୍କର ପ୍ରତ୍ୟକ୍ଷ ବା ଅପରୋକ୍ଷ ଅନୁଭୂତି । ଅଧିମାନସ ଏବଂ ମନୋଭୂମିଗତ ଜ୍ଞାନଲାଭର କ୍ଷେତ୍ରରେ ଆମେ ଏହି ମୌଳିକ ଏକତ୍ରୟୀଟିକୁ ତିନୋଟି ସ୍ୱତନ୍ତ୍ର ବିଭାବର ସମଷ୍ଟିରୂପେ ବେଶ୍ ବିଚାର କରିପାରୁ, ଏପରିକି ଏହି ତିନୋଟି ବିଭାବକୁ ପରସ୍ପରଠାରୁ ଭିନ୍ନରୂପେ ଅବଲୋକନ ବି କରିପାରୁ । କାରଣ ଏକ ବିଶୁଦ୍ଧ, ଅକାରଣ ଓ ଶାଶ୍ୱତ ଆନନ୍ଦକୁ ଅନୁଭବ କଲାବେଳେ ତାହାକୁ ଆମେ ଏତେ ନିବିଡ଼ ଭାବରେ ଅନୁଭବ କରିଥାଉ ଯେ ସେତେବେଳେ ଆପଣାକୁ ଗୋଟାସୁଦ୍ଧା ସେହି ଆନନ୍ଦ ବୋଲିହିଁ ଅନୁଭବ କରିବାକୁ ଲାଗୁ । ସେତେବେଳେ ସତ୍ତା ଓ ଚେତନା ସେହି ଆନନ୍ଦ ଭିତରେ ସତେଅବା କୁଆଡ଼େ ମିଳିହୋଇ ପଡ଼ିଥା'ନ୍ତି, ଆପାତଦୃଷ୍ଟିରେ ସତେଅବା ଆଦୌ ନଥିଲାପରି ମନେ ହେଉଥା'ନ୍ତି । ଠିକ୍ ସେହିପରି ବିଶୁଦ୍ଧ ଓ ଐକାନ୍ତିକ ଚୈତନ୍ୟକୁ ନେଇ ମଧ୍ୟ ଆମର ଅନୁରୂପ ଅନୁଭୂତି ହୋଇପାରେ ଏବଂ ଅପର ଦୁଇଟି ବିଭାବକୁ ସତେଅବା ବିଚ୍ଛିନ୍ନ କରି ରଖିଥିବା ପରି ଚୈତନ୍ୟ ସହିତ ଏକ ନିବିଡ଼ ଏକାତ୍ମକତା ଅର୍ଜନ କରିବା ନିଶ୍ଚୟ ସମ୍ଭବ ହୋଇପାରେ; ବିଶୁଦ୍ଧ ଓ ପରମ ସତ୍ତା ସହିତ ବି ଏହିପରି ଅନ୍ୟବୋଧରହିତ ଭାବରେ ଆପଣାକୁ ମିଶାଇ ଦିଆଯାଇପାରେ । ମାତ୍ର ଅତିମାନସ ଜ୍ଞାନକ୍ଷେତ୍ରରେ ଏହି ତିନୋଟିଯାକ ବିଭାବ ସର୍ବଦା ଏକ ଅବିଚ୍ଛିନ୍ନ ତ୍ରୟୀରୂପେ ଅବସ୍ଥିତ ରହିଥା'ନ୍ତି । ଅବଶ୍ୟ ଏକଥା ସମ୍ଭବ ହୋଇପାରେ ଯେ ତିନୋଟିଯାକରୁ କୌଣସି ଗୋଟିଏ ବିଭାବ ଅପର ଦୁଇଟିର ପୂର୍ବଭାଗକୁ ଆସି କେବଳ ଆପଣାରହିଁ ଆଧ୍ୟାତ୍ମିକ ବ୍ୟାକୃତିଗୁଡ଼ିକୁ ପ୍ରକଟ କରି ରଖିପାରେ । କାରଣ ପ୍ରତ୍ୟେକଟି ବିଭାବର ସ୍ୱକୀୟ ମୂଳ ଅନୁଭାବ ଅର୍ଥାତ୍ ଅନ୍ତର୍ନିହିତ ନିଜସ୍ୱ ଆତ୍ମରୂପାୟନଗୁଡ଼ିକ ଅବଶ୍ୟ ରହିଛି, ମାତ୍ର ଏଗୁଡ଼ିକ ସମସ୍ତେ ସମଗ୍ରଭାବେ ସେହି ମୂଳ ତ୍ରିସ୍ୱରୀୟ ପରମତତ୍ତ୍ୱଟି ବ୍ୟତୀତ ଆଉ କିଛି ନୁହନ୍ତି । ପ୍ରେମ, ଆନନ୍ଦ ଓ ସୌନ୍ଦର୍ଯ୍ୟ,—ଏଗୁଡ଼ିକ ହେଉଛନ୍ତି ପରମସତ୍ତାର ସେହି ଦିବ୍ୟ ପରମାନନ୍ଦର ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ମୂଳ ବିଭୂତି; ଏବଂ ଏଗୁଡ଼ିକ ପ୍ରତ୍ୟେକେ ଯେ ସେହି ପରମାନନ୍ଦର ଉପାଦାନ ଓ ସ୍ୱଭାବରେହିଁ ଗଢ଼ା ହୋଇଛନ୍ତି ସେ କଥାଟି ଦେଖିପାରିବାକୁ ଆମକୁ ଆଦୌ କୌଣସି ବିଳମ୍ବ ଲାଗିବ ନାହିଁ । ଅଦ୍ୱିତୀୟ ପରମତତ୍ତ୍ୱ ଉପରେ ସେଗୁଡ଼ିକୁ କେହି କେଉଁଠୁ ବାହାରୁ ଆଣି ଲଦି ଦେଇ ନାହିଁ, ସେଗୁଡ଼ିକୁ ଆମେ ପରମତତ୍ତ୍ୱକୁ ଆଶ୍ରୟ କରି ରହିଥିବା ଅଥଚ ତାହାର ବାହାରେ ଥିବା କୌଣସି ବ୍ୟାକୃତି ବୋଲି ମଧ୍ୟ କହି ପାରିବା ନାହିଁ । ସେଗୁଡ଼ିକ କେବଳ ତାହାରହିଁ ସତ୍ୟ, ତାହାର ଚୈତନ୍ୟର ସହଜ ଧର୍ମ ଓ ତାହାର ସତ୍ତାଗତ ଶକ୍ତିର ସାମର୍ଥ୍ୟ । ପରମ ଚୈତନ୍ୟର ମୂଳଗତ ବିଶେଷ,—ଜ୍ଞାନ ଓ ଇଚ୍ଛାଶକ୍ତି—ର କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ଜ୍ଞାନ ଓ ଇଚ୍ଛାଶକ୍ତି ହେଉଛନ୍ତି ମୂଳ ଚୈତନ୍ୟଶକ୍ତିର ଗୋଟିଏ ଗୋଟିଏ ସତ୍ୟ, ଗୋଟିଏ ଗୋଟିଏ ସାମର୍ଥ୍ୟ; ସେହି ଚୈତନ୍ୟଶକ୍ତିର ସ୍ୱକୀୟ ସ୍ୱଭାବରେହିଁ ସେଗୁଡ଼ିକ ଅନ୍ତର୍ନିହିତ ହୋଇ ରହିଛନ୍ତି । ଅଦ୍ୱିତୀୟ ପରମସତ୍ତାର ମୂଳ ଆଧ୍ୟାତ୍ମିକ ବିଭାବଗୁଡ଼ିକ ଉପରେ ବିଚାର କଲାବେଳେ ଏହି ଦୃଷ୍ଟିଟିର ଯଥାର୍ଥତା ଆମ ପାଖରେ ଆହୁରି ଅଧିକ ସ୍ପଷ୍ଟ ହୋଇଉଠେ । ଏହି ବିଭାବଗୁଡ଼ିକ ହେଉଛନ୍ତି ପରମ ସତ୍ତାର ତ୍ରିଶକ୍ତି, ଏହାର ଆତ୍ମବିସୃଷ୍ଟି ଓ ଆତ୍ମରୂପାୟନରେ ଏଗୁଡ଼ିକ ହେଉଛନ୍ତି ଆବଶ୍ୟକ ପ୍ରଥମ ସ୍ୱୀକୃତସ୍ୱରୂପ । ଏହି ତିନୋଟି ବିଭାବ ବା ବିଭୂତି ହେଉଛନ୍ତି : ଆତ୍ମା, ଈଶ୍ୱର ଓ ପୁରୁଷ ।

ଆତ୍ମରୂପାୟନର ସ୍ୱତଃପ୍ରକ୍ରିୟାଟିକୁ ଅନୁସରଣ କରି ଆହୁରି ଆଗକୁ ଯାଇପାରିଲେ ଆମେ ଦେଖିବାକୁ ପାଇବା ଯେ ଏହି ବିଭାବ ବା ସାମର୍ଥ୍ୟଗୁଡ଼ିକର ପ୍ରତ୍ୟେକଟି ଆପଣାର ପ୍ରଥମ କ୍ରିୟାତ୍ମକ ଅବସ୍ଥାରେ ଏକ ତ୍ରୟୀ ଅର୍ଥାତ୍ ତ୍ରିମୂର୍ତ୍ତୀୟ ଏକତ୍ୱ ମଧ୍ୟରେହିଁ ଅବସ୍ଥାନ କରୁଛି । କାରଣ ପରମ ଜ୍ଞାତା, ପରମ ଜ୍ଞାତ ତଥା ପରମ ଜ୍ଞାନର ଏକ ତ୍ରୟୀ ମଧ୍ୟରେ ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ଜ୍ଞାନ ଅବସ୍ଥାନ କରୁଛି; ପ୍ରେମିକ, ପ୍ରେମାସ୍ପଦ ତଥା ପ୍ରେମର ଏକ ତ୍ରୟୀ ମଧ୍ୟରେ ପ୍ରେମ ଅବସ୍ଥିତ ରହିଛି; ସକଳ ଇଚ୍ଛାର ସ୍ୱାମୀ, ଇଚ୍ଛାର ବିଷୟ ତଥା ଇଚ୍ଛାପୂରଣର କାର୍ଯ୍ୟକାରୀ ଶକ୍ତିର ଏକ ତ୍ରୟୀ ମଧ୍ୟରେ ଇଚ୍ଛା ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛି । ଉପଭୋଗକର୍ତ୍ତା, ଉପଭୋଗ୍ୟ ବିଷୟ ତଥା ସେହି ଉଭୟଙ୍କୁ ଏକତ୍ର ସମ୍ମିଳିତ କରି ରଖିଥିବା ସହର୍ଷତାର ଏକ ତ୍ରୟୀ ମଧ୍ୟରେ ଆନନ୍ଦ ଆପଣାର ସର୍ବମୂଳ ଓ ପରିପୂର୍ଣ୍ଣ ଚରିତାର୍ଥତା ଲାଭ କରୁଛି । ବିଷୟୀ-ଆତ୍ମା, ବିଷୟ-ଆତ୍ମା ଏବଂ ଆତ୍ମାର ବିଷୟୀ ତଥା ବିଷୟକୁ ଏକତ୍ର ବାନ୍ଧି ରଖିଥିବା ଆତ୍ମଜ୍ଞାନ ବା ଆତ୍ମବୋଧର ଏକ ତ୍ରୟୀ ମଧ୍ୟରେହିଁ ଆତ୍ମା ଆବିର୍ଭୂତ ହେଉଛନ୍ତି ଓ ଆପଣା ରୂପାୟନର ମୂଳପତ୍ତନ କରାଉଛନ୍ତି । ପରମ ଅନନ୍ତର ମୂଳ ଆଧ୍ୟାତ୍ମିକ ଆତ୍ମବ୍ୟାକୃତିଗୁଡ଼ିକ ମଧ୍ୟରେ ଏସବୁ ଏବଂ ଅନ୍ୟାନ୍ୟ ବିଭାବ ଓ ସାମର୍ଥ୍ୟଗୁଡ଼ିକ ଆପଣାଆପଣାର ଯଥାନିର୍ଦ୍ଦିଷ୍ଟ ଆସ୍ଥାନ-ଉପରେ ପ୍ରତିଷ୍ଠିତ ରହିଛନ୍ତି । ସାର୍ଥକ ସମ୍ବନ୍ଧ,

'oaob.nitrkl.ac.in' images reprocessed

ସାର୍ଥକ ସାମର୍ଥ୍ୟ, ସତ୍ତା, ଚୈତନ୍ୟ, ସାମର୍ଥ୍ୟ ଓ ଆନନ୍ଦର ଯାବତୀୟ ସାର୍ଥକ ରୂପସକଳ, ଶାଶ୍ୱତ ଚୈତନ୍ୟ-ଶକ୍ତିର ସତ୍ୟପ୍ରକ୍ରିୟାର ସାମର୍ଥ୍ୟ, ଅବସ୍ଥା, ଧାରା ଓ ମାର୍ଗସମୂହ, ଆତ୍ମରୂପାୟନର ବିଧାୟକ ଶକ୍ତି, ସମ୍ଭାବନା ତଥା ବାସ୍ତବ ବିଷୟଗୁଡ଼ିକ, —ଏହିଭଳି ଆଉ ଯାହାକିଛି ରହିଛି, ସେଗୁଡ଼ିକ ସମସ୍ତେ ଏହି ମୂଳ ଆଧ୍ୟାତ୍ମିକ ଆତ୍ମବିଭାବନଗୁଡ଼ିକର ବ୍ୟାକୃତ ବା ପ୍ରକାଶମାତ୍ର । ସାମର୍ଥ୍ୟ ଓ ସମ୍ଭାବନାଗୁଡ଼ିକର ଏହି ଯେଉଁ ବିସ୍ତାରଣ ଲାଗି ରହିଛି ଏବଂ ସେଗୁଡ଼ିକରୁ ଯେଉଁସବୁ ଅନ୍ତର୍ନିହିତ ପରିଣାମ ଉପୁଜୁଛି, ଅତିମାନସ ଜ୍ଞାନ ଭିତରେ ସେଗୁଡ଼ିକ ଏକତ୍ର ଏକ ନିବିଡ଼ ଏକତ୍ୱରେ ବିଧୃତ ହୋଇ ରହିଛି । ଅତିମାନସ ଜ୍ଞାନ ସେଗୁଡ଼ିକୁ ସଚେତନ ଭାବରେ ମୂଳ ପରମ ସତ୍ୟଟି ଉପରେ ପ୍ରତିଷ୍ଠିତ କରି ରଖିଛି ଏବଂ ସେଗୁଡ଼ିକୁ ପ୍ରକଟ କରୁଥିବା ସେମାନଙ୍କର ସ୍ୱଭାବଗତ ସତ୍ୟଟିର ସମନ୍ୱିତତା ଭିତରେ ସେଗୁଡ଼ିକୁ ଧାରଣ କରି ରହିଛି । ଏଠାରେ କଳ୍ପନାପ୍ରବାହମାନ କିଛିହେଲେ ଲଦି ଦେଉ ନାହାନ୍ତି, କେବଳ ଖିଆଲରୁହିଁ ଏଠାରେ କୌଣସି ସୃଷ୍ଟି ହେଉ ନାହିଁ । ଏଠାରେ କୌଣସି ବିଭାଜନ ନାହିଁ, ବିଭକ୍ତତା ନାହିଁ, କୌଣସି ଅସମାଧେୟ ବିରୋଧିତା କିମ୍ବା ଅସମ୍ବନ୍ଧତତା ବି ନାହିଁ । ମାତ୍ର ଅବିଦ୍ୟାଚ୍ଛନ୍ନ ମାନସ ସ୍ତରରେ ଏହିସବୁ ବ୍ୟାପାର ବାରବାର ଆବର୍ତ୍ତିତ ହୋଇଥା'ନ୍ତି କାରଣ ସେଠାରେ କେବଳ ଏକ ସୀମାୟିତନସିକ ଚେତନାହିଁ ଯାହାକିଛି ଦେଖୁଛି ଏବଂ ଜ୍ଞାନର ଯାବତୀୟ ବିଷୟ ସତେଅବା ପରସ୍ପରଠାରୁ ଭିନ୍ନ ହୋଇଥିବାପରି ଓ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଷୟରୂପେ ଅବସ୍ଥାନ କରୁଥିବା ପରି ତାହା ସେଗୁଡ଼ିକ ସହିତ ସମ୍ପର୍କରେ ଆସୁଛି । ତାହା ସେଗୁଡ଼ିକୁ ପରସ୍ପରଠାରୁ ସେହିପରି ବିଚ୍ଛିନ୍ନ ଭାବରେହିଁ ଜାଣିବାକୁ ଚାହୁଁଛି, ସେଗୁଡ଼ିକୁ ସେହିଭଳି ବିଚ୍ଛିନ୍ନ ଭାବରେ ଆପଣାର ବଶକୁ ଆଣି ଭୋଗ କରିବାକୁ ଇଚ୍ଛା କରୁଛି । ସେହିଭଳି ବିଚ୍ଛିନ୍ନ ଭାବରେହିଁ ତାହା ସେଗୁଡ଼ିକ ଉପରେ ଆପଣାର ସ୍ୱାମିତ୍ୱ ବିସ୍ତାର କରୁଛି ଅଥବା ଆପେ ସେଗୁଡ଼ିକର ସ୍ୱାମିତ୍ୱକୁ ସ୍ୱୀକାର କରିନେଉଛି । ମାତ୍ର ଏହାର ଏହି ଅଜ୍ଞାନାଚ୍ଛନ୍ନତାର ଅନ୍ତରାଳରେ ତାହାର ଆତ୍ମା କେବଳ ପରମ ବସ୍ତୁଟିରହିଁ ଅନ୍ୱେଷଣ କରିବାରେ ଲାଗିଛି, ସେଗୁଡ଼ିକୁ ଧରି ରଖିଥିବା ପରମ ସତ୍ୟ, ପରମ ଚୈତନ୍ୟ ଓ ପରମ ଆନନ୍ଦଟିକୁହିଁ ଖୋଜିବୁଲୁଛି । ଆପଣା ଭିତରେ ସମାବୃତ ହୋଇରହିଥିବା ଏହି ଯଥାର୍ଥ ଅନ୍ୱେଷଣ ଓ ଯଥାର୍ଥ ଜ୍ଞାନର କ୍ଷେତ୍ରକୁ ଆପଣାକୁ ଜାଗ୍ରତ କରାଇ ନେବାର କଳାଟି ମନକୁ ଶିକ୍ଷା କରିବାକୁ ପଡ଼ିବ; ଯେଉଁ ପରମ ସତ୍ୟରୁ ସକଳ ବସ୍ତୁ ଆପଣାର ସତ୍ୟକୁ ଆହରଣ କରୁଛନ୍ତି, ଯେଉଁ ପରମ ଚୈତନ୍ୟରୁ ଯାବତୀୟ ଏକକ ଚୈତନ୍ୟର ଉଦୟ ହେଉଛି, ଯେଉଁ ପରମ ଶକ୍ତିରୁ ସକଳ ବିଷୟ ସ୍ୱ ସ୍ୱ ସତ୍ତାର ଶକ୍ତିକୁ ଆହରଣ କରୁଛନ୍ତି, ଓ ଯେଉଁ ପରମ ଆନନ୍ଦର ବିସ୍ତାର ମଧ୍ୟରେ ସବୁବିଧ ଆନନ୍ଦ କେବଳ ଅଂଶମାତ୍ର ହୋଇ ରହିଛନ୍ତି, ମନ ତାହାରି କ୍ଷେତ୍ରକୁ ଆପଣାକୁ ଜାଗ୍ରତ କରାଇ ଶିଖିବ । ଚୈତନ୍ୟର ଏହି ସୀମାୟିତ ହୋଇ

ରହିବା ଏବଂ ଚୈତନ୍ୟର ସର୍ବସମାବେଶକାରୀ ସମଗ୍ରତା ମଧ୍ୟକୁ ଆପଣାକୁ ଜାଗ୍ରତ କରାଇନେବା,—ଉଭୟ ହେଉଛନ୍ତି ଆତ୍ମରୂପାୟନର ଗୋଟିଏ ଗୋଟିଏ ପ୍ରତିଷ୍ଠା ମାତ୍ର, ପରମାତ୍ମାର ଗୋଟିଏ ଗୋଟିଏ ଆତ୍ମବ୍ୟାକୃତି ମାତ୍ର । ଆପଣାର ବହିଃରୂପରେ ଦୁହେଁ ପରମ ସତ୍ୟର ବିରୋଧାତ୍ମକ ବୋଲି ମନେ ହେଉଥିଲେ ମଧ୍ୟ, ସୀମାଯୁକ୍ତ ଚେତନାର ବିଷୟଗୁଡ଼ିକ ମଧ୍ୟରେ ସେଗୁଡ଼ିକର ଗମ୍ଭୀରତର ତାତ୍ପର୍ଯ୍ୟ ଓ ସତ୍ୟର କ୍ଷେତ୍ରରେ ଏକ ଦିବ୍ୟ ବ୍ୟଞ୍ଜନା ଅବଶ୍ୟ ନିହିତ ହୋଇ ରହିଛି, ସେଗୁଡ଼ିକ ମଧ୍ୟ ପରମ ଅନନ୍ତର ଗୋଟିଏ ସତ୍ୟ ବା ଗୋଟିଏ ସମ୍ଭାବନାକୁ ଉନ୍ମୋଚିତ କରି ଆଣୁଛନ୍ତି । ଆମର ମନୋଭୂମିଗତ ସୂତ୍ରଗୁଡ଼ିକ ଦ୍ୱାରା ଅତିମାନସ ଜ୍ଞାନକୁ କଦାପି ପରିପୂର୍ଣ୍ଣରୂପେ ବର୍ଣ୍ଣନା କରାଯାଇ ପାରିବ ନାହିଁ, ତଥାପି ଅତିମାନସ ଜ୍ଞାନର ପ୍ରକୃତିକୁ ଆମେ ଅନେକତଃ ଏହିପରି ଅବଶ୍ୟ କହିପାରିବା : ଅତିମାନସ ଜ୍ଞାନ ସକଳ ସ୍ଥାନରେ କେବଳ ଗୋଟିଏ ପରମ ସତ୍ୟର ପ୍ରତ୍ୟକ୍ଷ କରେ । ଅତିମାନସ ଆମ ଆଗରେ ଆମ ସତ୍ତାର ଏହିପରି ଏକ ପରିଚୟ ଆଣି ଦେଇଥାଏ; ସୃଷ୍ଟିର ଗୁପ୍ତ ରହସ୍ୟ ଏବଂ ବିଶ୍ୱର ମୂଳ ତାତ୍ପର୍ଯ୍ୟଟିକୁ ତାହା ଏହିପରି ଭାବରେହିଁ ପ୍ରକାଶ କରିଥାଏ ।

ପୁନଶ୍ଚ, ଅନିର୍ଦ୍ଦେଶ୍ୟତାକୁ ମଧ୍ୟ ଆମେ ପରମ ନିର୍ବିଶେଷ ପୁରୁଷଙ୍କର କଳ୍ପନାରେ ଓ ଆମର ଆଧ୍ୟାତ୍ମିକ ଅନୁଭୂତିରେ ଏକ ଆବଶ୍ୟକ ଉପାଦାନରୂପେ ଗ୍ରହଣ କରିବା । ଅତିମାନସ ଦୃଷ୍ଟିରେ ବିଶ୍ୱସତ୍ତା ଓ ବିଶ୍ୱବିଷୟକୁ ଅବଲୋକନ କରି ଦେଖିବା ସମୟରେ ଆମେ ଏହି କଥାଟିକୁ କଦାପି ଅସ୍ୱୀକାର କରି ପାରିବା ନାହିଁ । କେବଳ କୌଣସି ଗୋଟିଏ ବ୍ୟାକୃତି ଅଥବା ବ୍ୟାକୃତିଗୁଡ଼ିକର କୌଣସି ଏକ ସମଷ୍ଟିଦ୍ୱାରା କଦାପି ପରମତତ୍ତ୍ୱକୁ ସୀମାର ବାଡ଼ ଦେଇ ରଖି ହେବ ନାହିଁ କିମ୍ବା ତାହାର ସଂଜ୍ଞା ନିରୂପଣ କରାଯାଇ ପାରିବ ନାହିଁ । ଅନ୍ୟ ପକ୍ଷରେ, ତାହାକୁ ଆମେ ବିଶୁଦ୍ଧ ସତ୍ତାର ଏକ ଅନିର୍ଦ୍ଦେଶ୍ୟ ଶୂନ୍ୟତା ମଧ୍ୟରେ ବି କଳି କରି ରଖିଦେଇ ପାରିବା ନାହିଁ । କାରଣ ପରମ ତତ୍ତ୍ୱ ଏସବୁ କିଛି ନୁହନ୍ତି, ସିଏ ସକଳ ବ୍ୟାକୃତିର ଉତ୍ସସ୍ୱରୂପ । ତାଙ୍କର ଅନିର୍ଦ୍ଦେଶ୍ୟତା ହେଉଛି ତାଙ୍କ ସତ୍ତାର ଅନନ୍ତତା ତଥା ତାଙ୍କ ସତ୍ତାଶକ୍ତିର ଅନନ୍ତତାର ସ୍ୱାଭାବିକ ଓ ଆବଶ୍ୟକ ସର୍ତ୍ତସ୍ୱରୂପ । ଅନନ୍ତ ଭାବରେ ସକଳ ବିଷୟରେ ରୂପାନ୍ତରିତ ହୋଇ ପାରିବା ଲାଗି ତାଙ୍କ ଭିତରେ ପରିପୂର୍ଣ୍ଣ ସାମର୍ଥ୍ୟ ରହିଛି, କାରଣ ସିଏ ବିଶେଷତଃ କୌଣସି ବିଷୟରେ ସୀମିତ ହୋଇ ରହି ନାହାନ୍ତି ଏବଂ ସଂଜ୍ଞାବିଶିଷ୍ଟ ସକଳ ସମଗ୍ରତାକୁ ଅତିକ୍ରମ କରି ଯାଇଛନ୍ତି । ପରମ ନିର୍ବିଶେଷର ଏହି ମୂଳଭୂତ ଅନିର୍ଦ୍ଦେଶ୍ୟତାହିଁ ଆମ ଆଧ୍ୟାତ୍ମିକ ଅନୁଭୂତିର ମୌଳିକ ନେତିବାଚକ ଭାବାତ୍ମକତା-ଗୁଡ଼ିକର ମାଧ୍ୟମରେ ଆମରି ଚେତନା ମଧ୍ୟକୁ ଅବତୀର୍ଣ୍ଣ ହେବାରେ ଲାଗିଛି । ତାହାକୁହିଁ ଆମେ ଅକ୍ଷର ଓ ଅପରିବର୍ତ୍ତନୀୟ ପରମାତ୍ମା ବୋଲି ଅନୁଭବ କରୁଛୁ, ନିର୍ଗୁଣ ବ୍ରହ୍ମ

'oaob.nitrkl.ac.in' images reprocessed

ତଥା ଲକ୍ଷଣାତୀତ ଶୁଦ୍ଧ ଓ ଅବ୍ୟାକୃତ ସେହି ଏକ ଅଦ୍ୱିତୀୟ ପରମସତ୍ତ୍ୱରୂପେ ଜାଣିଛୁ । ତାହାହିଁ ଆମ ଆଗରେ ପରମ ନୈର୍ବ୍ୟକ୍ତିକ, ପରମ ନିସ୍ପୃହ ନୈଶବ୍ଦ୍ୟ, ପରମ ଅସତ୍, ପରମ ଅନିର୍ବଚନୀୟ ଏବଂ ଅବିଜ୍ଞେୟରୂପେ ଅନୁଭୂତ ହେଉଛି । ପୁଣି ଅପର ପକ୍ଷରେ ଏହାହିଁ ଯାବତୀୟ ବିଶିଷ୍ଟବ୍ୟାକୃତିର ସାର ଓ ଉତ୍ସମୂଳରୂପେ କାର୍ଯ୍ୟ କରୁଛି, ଏବଂ ଏହି ଗତିଶୀଳ ସାରସତ୍ତ୍ୱଟି ଯେଉଁ ଭାବାତ୍ମକ ପ୍ରତ୍ୟୟସମୂହର ମାଧ୍ୟମରେ ଆମର ସମ୍ମୁଖରେ ଆପଣାକୁ ପ୍ରକଟ କରିଥାଏ, ସେଗୁଡ଼ିକର ମଧ୍ୟଦେଇ ହିଁ ଆମେ ସେହିପରି ପରମବ୍ରହ୍ମଙ୍କର ସାକ୍ଷାତ ଲାଭ କରିଥାଉ । କାରଣ ସେହି ଆତ୍ମାହିଁ ସକଳ ବିଷୟର ରୂପ ଧାରଣ କରନ୍ତି । ସେଇ ହେଉଛନ୍ତି ସଗୁଣ ବ୍ରହ୍ମ, ଅନନ୍ତ ଗୁଣସମ୍ପନ୍ନ ପରମ ଶାଶ୍ୱତ । ସେହି ପରମ ଏକ ଅନେକରୂପେ ପ୍ରକଟ ହୁଅନ୍ତି । ସେହି ଅନନ୍ତ ପୁରୁଷ ହେଉଛନ୍ତି ସକଳ ବ୍ୟକ୍ତି ତଥା ସକଳ ବ୍ୟକ୍ତିତ୍ୱର ମୂଳ ଓ ଭିତ୍ତି । ସେଇ ଏହି ସୃଷ୍ଟିର ନିୟାମକ ଓ ପ୍ରଭୁ, ସେଇ ଶବ୍ଦବ୍ରହ୍ମ, ସକଳ ନିର୍ମାଣ ଓ ସକଳ କର୍ମର ଅଧିଶାସକ ବିଧାତା । ତାହାକୁ ଜାଣିପାରିଲେହିଁ ସକଳକୁ ଜାଣିବା ମଧ୍ୟ ସାଧ୍ୟ ହୋଇଯାଏ । ଏହିସବୁ ଭାବାତ୍ମକ ପ୍ରତ୍ୟୟଗୁଡ଼ିକର ଆଗରୁ କୁହା ଯାଇଥିବା ନେତିସୂଚକ ପ୍ରତ୍ୟୟଗୁଡ଼ିକ ସହିତ ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି । କାରଣ ଏକ ଅତିମାନସ ଜ୍ଞାନଭୂମି ଉପରେ ପରମ ଅଦ୍ୱିତୀୟ ସତ୍ତ୍ୱର ଦୁଇଟିଯାକ ପାଖକୁ ପରସ୍ପରଠାରୁ ବିଚ୍ଛିନ୍ନ କରି ଦେଖିବା ଆଦୌ ସମ୍ଭବ ନୁହେଁ । ଏପରିକି ସେଗୁଡ଼ିକୁ ଯଥାକ୍ରମେ ଏପାଖ ଓ ସେପାଖ ବୋଲି କହିଲେ ମଧ୍ୟ ଅସଲ ସତ୍ୟଟିର ଉଲ୍ଲଂଘନହିଁ ହୋଇଯିବ । କାରଣ ଯାହାକୁ ଆମେ ଏପାଖ ଓ ସେପାଖ ବୋଲି କହୁଛୁ, ସେମାନେ ଯଥାର୍ଥତଃ ପରସ୍ପରର ମଧ୍ୟରେହିଁ ଅବସ୍ଥିତ ରହିଛନ୍ତି । ଦୁହିଁଙ୍କର ସହାବସ୍ଥିତି ବା ଏକାବସ୍ଥିତି ଏକ ଶାଶ୍ୱତ ସତ୍ୟରୂପେ ବିଦ୍ୟମାନ ରହିଛି, ଏବଂ ପରସ୍ପରକୁ ଧାରଣ କରି ରଖିଥିବା ସେଗୁଡ଼ିକର ସାମର୍ଥ୍ୟସମୂହ ପରମ ଅନନ୍ତତତ୍ତ୍ୱର ଆତ୍ମରୂପାୟନ ଲାଗି ଭିତ୍ତିରୂପେ ପ୍ରତିଷ୍ଠିତ ରହିଛି ।

ମାତ୍ର ତଥାପି ସେମାନଙ୍କୁ ଭିନ୍ନ ବୋଲି ଚିହ୍ନିବାକୁ ମଧ୍ୟ ଆମେ ଅବିଦ୍ୟା-ପ୍ରସୂତ ଏକ ଭ୍ରମ କିମ୍ବା ତୁଚ୍ଛା ଭୁଲ ବୋଲି ଆଦୌ କହି ପାରିବା ନାହିଁ । କାରଣ ଆଧ୍ୟାତ୍ମିକ ଅନୁଭୂତିରେ ଏଇଟିଲାଗି ମଧ୍ୟ ଏକ ମୂଲ୍ୟ ଅବଶ୍ୟ ରହିଛି । କାରଣ ପରମ ତତ୍ତ୍ୱର ଏହି ଯେଉଁ ମୂଳ ବିଭାବ ଦୁଇଟି ଅଧ୍ୟାତ୍ମ କ୍ଷେତ୍ରରେ ଆଧ୍ୟାତ୍ମିକ ବ୍ୟାକୃତି ତଥା ଆଧ୍ୟାତ୍ମିକ ଅବ୍ୟାକୃତିରୂପେ ପରିଦୃଷ୍ଟ ହୁଏ, ତାହାହିଁ ସ୍ଥୂଳ ଜଗତରେ ସାଧାରଣ ବ୍ୟାକୃତି ଏବଂ ଶ୍ରେଣୀବାଚକ ଅବ୍ୟାକୃତ ରୂପରେ ମଧ୍ୟ ଦେଖା ଦେଇଥାଏ । ପୁଣି, ସୃଷ୍ଟିର ନିଶ୍ଚେତନ ଆରମ୍ଭ ସମୟରେ ତାହାହିଁ ଅବଚେତନା ତଥା ଆଚେତନା ଆତ୍ମପ୍ରକାଶରୂପେ ପ୍ରକଟିତ ହୋଇଥାଏ । ଯେଉଁଗୁଡ଼ିକ ଆମ ଆଖିକୁ ନେତିସୂଚକ ବୋଲି ମନେ ହେଉଥାଏ, ସେଗୁଡ଼ିକ ପରମ ଅନନ୍ତଙ୍କର

'oaob.nitrkl.ac.in' images reprocessed

ସେହି ସ୍ୱାତନ୍ତ୍ର୍ୟଟିକୁ ବହନ କରୁଥା'ନ୍ତି ଯାହାକି ଆପଣାର ବ୍ୟାକୃତିଗୁଡ଼ିକ ଦ୍ୱାରା ସୀମାବଦ୍ଧ ହୋଇ ପଡ଼ିବାରୁ ତାଙ୍କୁ ସର୍ବଦା ମୁକ୍ତ କରି ରଖିଥାଏ । ସେଗୁଡ଼ିକର ଉପଲବ୍ଧି ଆମ ଭିତରେ ରହିଥିବା ଅଧ୍ୟାତ୍ମଶକ୍ତିକୁ ବନ୍ଧନମୁକ୍ତ କରିଦିଏ, ତାହା ଆମକୁ ମୁକ୍ତ ଦିଏ ଏବଂ ଏହି ପରମ ସ୍ୱାତନ୍ତ୍ର୍ୟରେ ଅଂଶଗ୍ରହଣ କରିବା ଲାଗି ଆମକୁ ସମର୍ଥ କରେ । ଏହିପରି ସ୍ୱଭାବରେ, ଯେତେବେଳେ ଆମେ ଅବିଚଳ ଓ ବିକାରରହିତ ଆତ୍ମାର ଅନୁଭୂତିଟିର ମଧ୍ୟଦେଇ ବା ସେହି ଅନୁଭୂତିର ମଧ୍ୟକୁ ଅତିରେ ଅତିକ୍ରମ କରିଯାଉ; ସେତେବେଳେ ଆଉ ପ୍ରକୃତିର ସୃଷ୍ଟି ଓ ବ୍ୟାକୃତିଗୁଡ଼ିକ ଦ୍ୱାରା ଆପଣା ସତ୍ତାର ଅନ୍ତର୍କ୍ଷେତ୍ରରେ ଆଦୌ ଆବଦ୍ଧ କମ୍ବା ସୀମିତ ହୋଇ ରହିବାକୁ ପଡ଼େ ନାହିଁ । ଏବଂ ଅନ୍ୟ ଅର୍ଥାତ୍ ଗତିଶୀଳ ପାଖଟିରେ ଏହି ମୂଳ ସ୍ୱାତନ୍ତ୍ର୍ୟଟି ଚେତନାକୁ ବ୍ୟାକୃତିସମୂହର ଏକ ଜଗତ ସୃଷ୍ଟି କରିବାକୁ ଅଥଚ ସେହି ଜଗତରେ ବାନ୍ଧି ହୋଇ ନରହିବାକୁ ଆବଶ୍ୟକ ସାମର୍ଥ୍ୟ ଆଣି ଦେଇଥାଏ । ସେହି ସ୍ୱାତନ୍ତ୍ର୍ୟ ବଳରେ ଚେତନା ଆପଣାର ବିସୃଷ୍ଟି ମଧ୍ୟରୁ ଆପଣାକୁ ପ୍ରତ୍ୟାହୃତ କରିନେବାକୁ ବି ସମର୍ଥ ହୁଏ ଏବଂ ଏକ ଉଚ୍ଚତର ସତ୍ୟବିଧାନର ଭୂମିରେ ଏକ ନବତର ସୃଷ୍ଟିର ସାମର୍ଥ୍ୟ ଲାଭ କରେ । ଏହି ସ୍ୱାତନ୍ତ୍ର୍ୟଟିର ଆଧାର ଉପରେହିଁ ସତ୍ତାଗତ ସତ୍ୟ-ସମ୍ଭାବନାଗୁଡ଼ିକରେ ଅନନ୍ତ ବୈଚିତ୍ର୍ୟ ରଚନା କରିବା ଲାଗି ଆତ୍ମାର ସାମର୍ଥ୍ୟଟି ମଧ୍ୟ ତିଷ୍ଠି ରହିଥାଏ । ଯାବତୀୟ ବୈଚିତ୍ର୍ୟର ସୃଷ୍ଟି କରୁଥିଲେ ମଧ୍ୟ ଆତ୍ମା ତଥାପି ସେଗୁଡ଼ିକର ଫାଶରେ ଛନ୍ଦିହୋଇ ଯାଏ ନାହିଁ, ଏବଂ ନିସୃତ ତଥା ସୃଷ୍ଟିର ଯେକୌଣସି ଧାରାଟିକୁ ଫୁଟାଇ ପାରିବାରେ ସମର୍ଥ ହୁଏ । ଏହିସବୁ ନେତିବାଚକ ପରମ ବିଭାବର ଅନୁଭୂତି ଲାଭ କରି ଜୀବର ବ୍ୟକ୍ତି-ସତ୍ତାଟି ମଧ୍ୟ ସେହି ଗତିଶୀଳ ସ୍ୱାତନ୍ତ୍ର୍ୟଟିର ଆସ୍ୱାଦ ଲାଭ କରିପାରେ; ଆତ୍ମବିଧାନର ଗୋଟିଏ ରଚନାସ୍ତରରୁ ଉଚ୍ଚତର ଆଉ ଏକ ସ୍ତରକୁ ମଧ୍ୟ ଗତି କରିପାରେ । ଏହି ଗତିକ୍ରମର ଯେଉଁ ସୋପାନଟିରେ ବ୍ୟକ୍ତ ମାନସ ଭୂମିଟିକୁ ଛାଡ଼ି ଆପଣାର ଅତିମାନସ ନିବାସ ଭିତରକୁ ପ୍ରବେଶ କରିବାକୁ ବସିଥାଏ, ସେଠାରେ ମନୋଗତ ବିଚରଣ ଓ ମାନସିକ ଅହଂର ଏକ ପରିପୂର୍ଣ୍ଣ ନିର୍ବାଣ ବା ଆତ୍ମାର ନୈଶବ୍ଦ୍ୟର ମଧ୍ୟରେ ପ୍ରବେଶ କରିପାରିଲେ ତଦ୍ଦ୍ୱାରା ତାହାକୁ ଅନୁଭୂତି ଦୃଷ୍ଟିରୁ ଅପରିହାର୍ଯ୍ୟ ନହେଲେ ମଧ୍ୟ ବନ୍ଧନମୁକ୍ତ ଦୃଷ୍ଟିରୁ ଏକ ଅନୁକୂଳତା ଅବଶ୍ୟ ମିଳିଥାଏ । ସେ ଯାହାହେଉ ପଛକେ, ଚୈତନ୍ୟର ଯେଉଁ ଉତ୍ତୁଙ୍ଗ ଶିଖରରୁ ବ୍ୟକ୍ତ ଜଗତର ଆରୋହୀ ତଥା ଅବରୋହୀ ସୋପାନଗୁଡ଼ିକ ସ୍ପଷ୍ଟଭାବେ ଦୃଷ୍ଟ ହୋଇଥାଏ, ଯେଉଁ ଚେତନାଟି ବିକଶିତ ହୋଇଉଠିଲେ ଆରୋହଣ ଓ ଅବତରଣର ସ୍ୱାତନ୍ତ୍ର୍ୟଶକ୍ତିସମ୍ପନ୍ନ ସେହି ବିଶେଷ ଆଧ୍ୟାତ୍ମିକ ଅଧିକାରଟି ପ୍ରାପ୍ତ ହୋଇଥାଏ, ତାହା ଲାଭ କରିବାକୁ ହେଲେ ଏହି ଅତିକ୍ରମଣର ପୂର୍ବରୁ ସର୍ବଦା ଶୁଦ୍ଧ ଆତ୍ମାର ଉପଲବ୍ଧି ଅବଶ୍ୟ ହୋଇଥିବା ଦରକାର । ଆଉ ବିଭାବ ଓ ଆଉ ସାମର୍ଥ୍ୟଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ସହିତ

'oaob.nitrkl.ac.in' images reprocessed

ବନ୍ଧନହୀନ ଓ ପରିପୂର୍ଣ୍ଣଭାବରେ ଏକାତ୍ମକ ହୋଇ ପାରିବାର ସାମର୍ଥ୍ୟ ପରମ ଅନନ୍ତର ଚୈତନ୍ୟ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି। ମାନସ କ୍ଷେତ୍ରରେ ଯେପରି କୌଣସି ଗୋଟିଏ ଅନୁଭୂତି ଭିତରେ ବୁଡ଼ିଯାଇ ତାହାକୁହିଁ ଚରମ ଓ ସମଗ୍ର ବୋଲି ବିଚାର କରିବାର ଏକ ସଂକୀର୍ଣ୍ଣତା ରହିଛି, ଏ କ୍ଷେତ୍ରରେ ତାହାର କୌଣସି ଗନ୍ଧ ନାହିଁ; କାରଣ ସେପରି ହୋଇଥିଲେ ସତ୍ତାର ସକଳ ବିଭାବ ଓ ସାମର୍ଥ୍ୟଗୁଡ଼ିକର ମର୍ମଗତ ଏକତ୍ୱଟିର ଉପଲବ୍ଧି ଆଦୌ ସମ୍ଭବ ହେଉ ନଥା'ନ୍ତା। ଆମେ ତାହାକୁ ଅଧିମାନସ ଜ୍ଞାନର ଆଧାର ଓ ଔଚିତ୍ୟ ବୋଲି କହିପାରିବା। ଅଧିମାନସ ପ୍ରତ୍ୟେକ ବିଭାବ, ପ୍ରତ୍ୟେକ ସାମର୍ଥ୍ୟ ଓ ପ୍ରତ୍ୟେକ ସମ୍ଭାବନାକୁ ତାହାର ବନ୍ଧନମୁକ୍ତ ପରିପୂର୍ଣ୍ଣତାପର୍ଯ୍ୟନ୍ତ ବହନ କରି ନେଇଯିବାର ଇଚ୍ଛା ରଖିଥାଏ। ମାତ୍ର ଅଧିମାନସ ସର୍ବଦା ଅର୍ଥାତ୍ ସବୁ ଅବସ୍ଥା ଓ ସବୁ ସ୍ତରରେ ସକଳର ମର୍ମଗତ ପରମ ଏକତ୍ୱଟିକୁହିଁ ବଜାୟ ରଖେ। ଏପରିକି ଗୋଟିଏ ଗୋଟିଏ ବିଭାବକୁ ପରିପୂର୍ଣ୍ଣତମ ଭାବରେ ଗ୍ରହଣ କରୁଥିଲେ ମଧ୍ୟ ତଥା ପ୍ରତ୍ୟେକ ଅବସ୍ଥାର ପୂର୍ଣ୍ଣତମ ଆନନ୍ଦ, ସାମର୍ଥ୍ୟ ଓ ମୂଲ୍ୟଟିକୁ ଅବ୍ୟାହତ ରଖୁଥିଲେ ମଧ୍ୟ ଅଧିମାନସ ଜ୍ଞାନଭୂମିରେ ସେହି ମର୍ମଗତ ଏକତ୍ୱଟି ଅତି ନିବିଡ଼ ଭାବରେ ବିଦ୍ୟମାନ ରହିଥାଏ। ଏଣୁ ନେତିସୂଚକ ବିଭାବଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ଗ୍ରହଣ କରୁଥିବାବେଳେ ମଧ୍ୟ ତାହା ଇତିସୂଚକ ଅର୍ଥାତ୍ ଭାବାତ୍ମକ ବିଭାବଗୁଡ଼ିକ ଆଡ଼କୁ ମଧ୍ୟ କଦାପି ଆଖି ବୁଜିଦିଏ ନାହିଁ। ଅବଶ୍ୟ ଅଧିମାନସ ବି ଏହି ଅନ୍ତରସ୍ଥ ଏକତ୍ୱଟିର ବ୍ୟଞ୍ଜନାଟିକୁ ବଜାୟ ରଖିଥାଏ, ଆପଣାର ସ୍ୱତନ୍ତ୍ର ଅନୁଭୂତି ଲାଗି ଏହି ଏକତ୍ୱଭାବକୁ ତାହା ଏକ ନିଶ୍ଚିତ ଭୂମିରୂପେ ବ୍ୟବହାର କରୁଥାଏ। ମାନସଭୂମିରେ ସକଳ ବିଷୟର ମୂଳଭୂତ ଏକତ୍ୱଜ୍ଞାନ ଏକାବେଳେକେ ଲୁପ୍ତ ହୋଇଯାଏ ଏବଂ ଚେତନା କେବଳ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥିବା ପ୍ରତ୍ୟୟଗୁଡ଼ିକ ମଧ୍ୟରେ ବୁଡ଼ି ରହିଥାଏ। ମାତ୍ର ତଥାପି ମନୋଭୂମିଗତ ସେହି ଅଜ୍ଞାନ ଭିତରେ ମଧ୍ୟ ସମସ୍ତ ବସ୍ତୁ-ସତ୍ୟଟି ସକଳ ବିଚ୍ଛିନ୍ନତାବୋଧ ଓ ନିମଜ୍ଜନର ଅନ୍ତରାଳରେ ବିଦ୍ୟମାନ ରହିଥାଏ। ଏକ ଗଭୀର ମାନସିକ ପ୍ରତିବୋଧ ଆକାରରେ କିମ୍ବା ସମସ୍ତ ଏକତ୍ୱର ଏକ ଆଧାରଗତ ଧାରଣା ବା ଭାବନାର ଆବେଶରେ ସେହି ସତ୍ୟକୁ ଅନୁଭବ କରିବା ମଧ୍ୟ ସମ୍ଭବ ହୁଏ; ଏବଂ ଆଧ୍ୟାତ୍ମିକ ମାନସଭୂମିରେ ଏହା ଏକ ଚିରସ୍ଥାୟୀ ଅନୁଭବସମ୍ପଦରୂପେ ବିକଶିତ ହୋଇ ଉଠିବାର ସାମର୍ଥ୍ୟ ରଖିଥାଏ।

ସର୍ବଗତ ବ୍ରହ୍ମର ସକଳ ବିଭାବର ମୂଳ ସତ୍ୟଟି ପରମ ସତ୍ତାର ମଧ୍ୟରେହିଁ ନିହିତ ହୋଇ ରହିଛି। ତେଣୁ ପରମ ନିଶ୍ଚେତନତାର ବିଭାବ ବା ସାମର୍ଥ୍ୟଟି ହଠାତ୍ ଶାଶ୍ୱତ ସତ୍ୟଟିର ସମ୍ପୂର୍ଣ୍ଣ ଖଣ୍ଡନ କରି ଦେଉଥିବା ଏକ ବିରୋଧସତ୍ୟ ପରି ବୋଧ ହେଉଥିଲେହେଁ ସେଇଟି ମଧ୍ୟ ଆତ୍ମଜାଗ୍ରତ ଓ ବିଶ୍ୱଚେତନ ପରମ ଅନନ୍ତ ଆପଣା

'oaob.nitrkl.ac.in' images reprocessed

ଭିତରେ ଧାରଣ କରି ରଖିଥିବା ଏକ ସତ୍ୟର ପ୍ରତିରୂପ ଭାବରେ ଅବସ୍ଥିତ ରହିଛି । ଗଭୀର ଭାବରେ ଅବଲୋକନ କରି ଦେଖିବା ମାତ୍ରକେ ଏହାକୁ ଆମେ ଚେତନାକୁ ଏକ ଆତ୍ମସଂବୃତର ସମାଧି ମଧ୍ୟରେ ନିମଗ୍ନ କରି ରଖିବା ଲାଗି ପରମ ଅନନ୍ତଙ୍କର ଏକ ସାମର୍ଥ୍ୟରୂପେ ପ୍ରତ୍ୟକ୍ଷ କରିପାରିବା; ଯେଉଁ ଅତଳତା ମଧ୍ୟରେ କେଉଁଠି କିଛି ନାହିଁ ଅଥଚ ଯାହାମଧ୍ୟରେ ସବୁକିଛି ଅଦୃଶ୍ୟ ଓ ଗୂଢ଼ ଭାବରେ ଅବସ୍ଥିତ ରହିଛି ଏବଂ ସେହି ଅପରିବର୍ତ୍ତନୀୟ ସମ୍ଭାବନାମୟତା ଭିତରୁ ଉଦ୍ଭୂତ ହୋଇ ଆସିବାର ସାମର୍ଥ୍ୟଟିକୁ ବହନ କରୁଛି, ଆପଣାର ସେହି ଅତଳତାଗୁଡ଼ିକ ମଧ୍ୟରେ ଆବୃତ ହୋଇ ରହିଥିବା ପରମାତ୍ମାଙ୍କର ଆତ୍ମବିସ୍ମୃତିର ସାମର୍ଥ୍ୟରୂପେ ଆମେ ତାହାକୁ ପ୍ରତ୍ୟକ୍ଷ କରିପାରିବା । ଅଧ୍ୟାତ୍ମଚେତନାର ଶିଖରଗୁଡ଼ିକରେ ବିଶ୍ୱଗତ ଅର୍ଥାତ୍ ଅନନ୍ତ ସମାଧିର ଏହି ଅବସ୍ଥାଟି ଆମର ଜ୍ଞାନ ସମ୍ମୁଖରେ ଏକ ପ୍ରଜ୍ଞାସ୍ୱର ଓ ପୁର୍ଣ୍ଣତମ ପରମ ଅତିଚେତନରୂପେ ଦୃଷ୍ଟିଗୋଚର ହୋଇଥାଏ । ସତ୍ତାର ଅପର ପ୍ରାନ୍ତଟିରେ ଏହାହିଁ ଆମର ଜ୍ଞାନ ଲାଗି ଆତ୍ମାର ବିରୋଧୀ ଅଥବା ବିପରୀତ ପ୍ରତୀତ ହେଉଥିବା ତାହାର ଏକ ଅନ୍ତର୍ନିହିତ ଶକ୍ତିରୂପେ ଦେଖା ଦେଇଥାଏ;—ସତେଅବା ଅସତ୍ତାର ଏକ ଅତଳ ଗର୍ଭପରି ଦେଖାଯାଏ, ନିଶ୍ଚେତନତାର ଏକ ଘନ କାଳରାତ୍ରି ପରି ଦେଖାଯାଏ । ଏହା ଏପରି ଏକ ମହାଗର୍ଭ ବୋଧଶୂନ୍ୟତା ଓ ଚେତନାଶୂନ୍ୟତା ପରି ଦେଖାଯାଏ, ଯାହା ଭିତରୁ କି ସତ୍ତାର ସକଳ ରୂପ, ସକଳ ଚେତନା ଓ ସକଳ ଆନନ୍ଦ ଆତ୍ମପ୍ରକାଶ କରିପାରେ । ମାତ୍ର ସେଠାରେ ସେଗୁଡ଼ିକ କେବଳ ଏକ ସଙ୍କୁଚିତ ଧାରାରେ ଦେଖା ଦିଅନ୍ତି, ସେଗୁଡ଼ିକର ଆତ୍ମରୂପାୟନ କ୍ରମଶଃ ବିକଶିତ ଓ ଅଭିବୃଦ୍ଧ ହେବାରେ ଲାଗିଥାଏ, ଏପରିକି ସେମାନେ ବେଳେବେଳେ ଆପଣାର ବିପରୀତ ଧାରାରେ ଆସି ଦେଖା ଦିଅନ୍ତି । ଏହାକୁ କେବଳ ଏକ ପ୍ରଚ୍ଛନ୍ନ ସର୍ବଗତ ସତ୍ତା, ସର୍ବଗତ ଆନନ୍ଦ ଓ ସର୍ବଗତ ଜ୍ଞାନର ଲୀଳା ବୋଲିହିଁ ବୁଝାଯିବ; ମାତ୍ର ସେଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ପ୍ରସ୍ତୁତ ନହୋଇଥିବା ଯାଏ ଏହି ଲୀଳା ଆପଣାର ଆତ୍ମବିସ୍ମୃତି, ଆତ୍ମବିରୋଧ ଓ ଆତ୍ମ-ସୀମିତତାର ବିଧାନଗୁଡ଼ିକୁ ଅନୁସରଣ କରିବାରେ ଲାଗିଥାଏ । ଜଡ଼ମୟ ବିଶ୍ୱଜଗତରେ ଆମେ ଏହି ପରମ ନିଶ୍ଚେତନତା ଓ ପରମ ଅଜ୍ଞାନକୁହିଁ କାର୍ଯ୍ୟ କରୁଥିବାର ଦେଖିବାକୁ ପାଉଥାଉ । ଏହାକୁ ଏକ ବର୍ଜନ ବା ଅସ୍ୱୀକାର ବୋଲି ବୁଝାଯିବ ନାହିଁ,—ଅନନ୍ତ ଓ ଶାଶ୍ୱତ ପରମସତ୍ତାର ଏକ ଧାରା ଅଥବା ଏକ ସୂତ୍ର ବୋଲିହିଁ ବୁଝାଯିବ ।

ବିଶ୍ୱସତ୍ତାର ଏହିଭଳି ଏକ ସମଗ୍ର ଜ୍ଞାନ ମଧ୍ୟରେ ଅବିଦ୍ୟାର କିଭଳି ଅର୍ଥ ପ୍ରାପ୍ତ ହୋଇଥାଏ ଏବଂ ବିଶ୍ୱର ଆଧ୍ୟାତ୍ମିକ ବିଧାନବ୍ୟବସ୍ଥା ଭିତରେ ସେହି ଅବିଦ୍ୟାର ଯଥାର୍ଥ ସ୍ଥାନ ପ୍ରକୃତରେ କେଉଁଠି, ଏଠାରେ ତାହାର ବିବେଚନା କରିବା ଉଚିତ । ଆମର ଯାବତୀୟ ଅନୁଭୂତିକୁ ଯଦି ସତକୁସତ ବାହାରୁ ଆମ ଉପରେ ଆଣି ଲଦି

'oaob.nitrkl.ac.in' images reprocessed

ଦିଆଯାଉଥାଆନ୍ତି, ସେଗୁଡ଼ିକ ଯଦି ପରମ ନିର୍ବିଶେଷର କେବଳ ଏକ ଅବାସ୍ତବ ରଚନା ହିଁ ହୋଇଥା'ନ୍ତି, ତେବେ ବିଶ୍ୱସତ୍ତା ତଥା ବ୍ୟକ୍ତିସତ୍ତା ଉଭୟେ ଆପଣା ସ୍ୱଭାବରେ କେବଳ ଅବିଦ୍ୟାରେହିଁ ପର୍ଯ୍ୟବସିତ ହୋଇ ରହିଥା'ନ୍ତେ । କେବଳ ପରମ ଅନନ୍ତଙ୍କର ଅନିର୍ଦ୍ଦେଶ୍ୟ ଆତ୍ମଚେତନା ବ୍ୟତୀତ ସତ୍ୟ ଜ୍ଞାନ କହିଲେ ଆଉ କିଛିହେଲେ ନଥା'ନ୍ତା । ଏହି ସବୁକିଛି ଯଦି କେବଳ ସାକ୍ଷୀରୂପେ ଅବସ୍ଥିତ ରହିଥିବା କାଳାତୀତ ପରମ ଶାଶ୍ୱତରୂପୀ ସତ୍ୟର ସମ୍ମୁଖରେ ଦଣ୍ଡାୟମାନ କାଳାଧୀନ ଓ ପ୍ରତିଭାସମୟ ସୃଷ୍ଟିର ଏକ ରଚନା ହିଁ ହୋଇଥା'ନ୍ତା, ଏବଂ ଏହି ସୃଷ୍ଟି ପରମ ସତ୍ୟର ଏକ ଆତ୍ମରୂପାୟନ ନହୋଇ ଏକ ସମ୍ପୂର୍ଣ୍ଣ ସ୍ୱେଚ୍ଛାଦ୍ୱାରା ଗୃହୀତ ଓ ସ୍ୱେଚ୍ଛାରେ କାର୍ଯ୍ୟାନ୍ୱିତ ବିଶ୍ୱରଚନା ମାତ୍ର ହୋଇଥା'ନ୍ତା, ତେବେ ସେଇଟାକୁ ମଧ୍ୟ ଏକପ୍ରକାର ଉପରୁ ଆଣି ଲଦି ଦିଆଯାଇଥିବା ଏକ ବ୍ୟାପାର ବୋଲି ବୁଝାଯାଇ ପାରନ୍ତା । ଏହି ସୃଷ୍ଟି ବିଷୟରେ ଆମର ଜ୍ଞାନ କହିଲେ ସେତେବେଳେ କ୍ଷଣିକ ସତ୍ତା ଓ ଚେତନାର ଏକ ସାମୟିକ ରଚନାର ଜ୍ଞାନକୁହିଁ ବୁଝାଉଥାଆନ୍ତା, ପରମ ଶାଶ୍ୱତର ଦୃଷ୍ଟି ସମକ୍ଷରେ ସତେଅବା ଭାସି ଚାଲିଯାଉଥିବା ଏକ ଅନିଶ୍ଚୟତାପୂର୍ଣ୍ଣ ସମୂହକୁ ବୁଝାଉଥା'ନ୍ତା, ମାତ୍ର ପରମ ସତ୍ୟର କୌଣସି ଜ୍ଞାନକୁ ବୁଝାଉ ନଥା'ନ୍ତା । ଏବଂ ସେଇଟିକୁ ମଧ୍ୟ ଏକ ଅବିଦ୍ୟା ବୋଲି ବୁଝାଯାଆନ୍ତା । ମାତ୍ର ଏହି ସବୁକିଛି ଯଦି ପରମ ସତ୍ୟର କେବଳ ଆତ୍ମବ୍ୟାକୃତି ମାତ୍ର ହୁଏ ଏବଂ ଆପଣା ଭିତରେ ସାରରୂପେ ବିଦ୍ୟମାନ ଥିବା ପରମ ସତ୍ୟକୁ ଧାରଣ କରି ରହିଥିବା ହେତୁ ସବୁକିଛିକୁ ମଧ୍ୟ ଯଦି ସତ୍ୟ ବୋଲି ବୁଝାଯାଏ, ତେବେ ବ୍ୟକ୍ତିସତ୍ତା ଓ ବିଶ୍ୱସତ୍ତାର ଜ୍ଞାନ ଅଥବା ବୋଧ କହିଲେ ମଧ୍ୟ ତାହାର ଆଧ୍ୟାତ୍ମିକ ମୂଳ ଓ ସ୍ୱଭାବ ଦୃଷ୍ଟିରୁ ବିଚାର କରି କେବଳ ଅନନ୍ତ ଆତ୍ମଜ୍ଞାନ ଓ ସର୍ବଜ୍ଞାନର ଲୀଳାକୁହିଁ ବୁଝାଇବ । ସେତେବେଳେ ଅବିଦ୍ୟା କେବଳ ଏକ ଗୌଣ ବୃତ୍ତି ହୋଇ ରହିବ, କେବଳ ଏକ ଆଚ୍ଛନ୍ନ ଓ ସୀମାବଦ୍ଧ ଜ୍ଞାନ ହୋଇ ରହିବ । କିମ୍ବା ତାହାକୁ କ୍ରମବିବର୍ତ୍ତିମାନ ଜ୍ଞାନର ଏକ ଆଂଶିକ ଓ ଅପରିପୂର୍ଣ୍ଣ ଅବସ୍ଥା ବୋଲି ବୁଝାଯାଇ ପାରିବ, ଯାହାର ଭିତରେ ଓ ଯାହାର ଅନ୍ତରାଳରେ କ ଯଥାର୍ଥ ଓ ସମଗ୍ର ଆତ୍ମ-ଜାଗ୍ରତତା ଓ ସର୍ବଜାଗ୍ରତତା ପ୍ରଚ୍ଛନ୍ନ ହୋଇ ଅବସ୍ଥିତ ରହିଛି । ସେହି କ୍ଷେତ୍ରରେ ଅବିଦ୍ୟାକୁ କେବଳ ଏକ କ୍ଷଣସ୍ଥାୟୀ ପ୍ରତିଭାସ ବୋଲି ବୁଝାଯିବ, ବିଶ୍ୱସତ୍ତାର କାରଣ ଓ ସାରମର୍ମ ବୋଲି କଦାପି ବୁଝାଯିବ ନାହିଁ । ବିଶ୍ୱସୀମାରୁ କୌଣସି ଏକ ବିଶ୍ୱାତୀତ ଆତ୍ମଚେତନା ମଧ୍ୟକୁ ବାହାରିଯାଇ ନୁହେଁ, ମାତ୍ର ଆତ୍ମାର ଆସ୍ଥାନଟିକୁ ଫେରି ଆସିବାରେହିଁ ଅବିଦ୍ୟା ପରିପୂର୍ଣ୍ଣ ହେବ, ଏହି ବିଶ୍ୱ ମଧ୍ୟରେହିଁ ଏକ ସମଗ୍ର ଆତ୍ମଜ୍ଞାନ ଓ ସର୍ବଜ୍ଞାନର ଉପଲବ୍ଧି ମଧ୍ୟକୁ ଫେରି ଆସିଲେ ସେହି ପରିପୂର୍ଣ୍ଣତା ସମ୍ଭବ ହେବ ।

ଏଠାରେ ହୁଏତ ଆପତ୍ତି ଉଠିପାରେ ଯେ ଯେତେ ଯାହା ବୁଝାଗଲେ ମଧ୍ୟ ଅତିମାନସ ଜ୍ଞାନ କଦାପି ବିଶ୍ୱବିଷୟକ ଚରମ ସତ୍ୟର ସମବାଚୀ ହୋଇ ପାରିବ

'oaob.nitrkl.ac.in' images reprocessed

ନାହିଁ । ସଚ୍ଚିଦାନନ୍ଦଙ୍କର ପରିପୂର୍ଣ୍ଣ ଅନୁଭୂତି ଲାଭ କରିବାର ମାର୍ଗରେ ଅତିମାନସର ଚୈତନ୍ୟଭୂମିଟି ଅଧିମାନସ ଓ ମାନସଭୂମିର ସେପାଖରେ ଏକ ମଧ୍ୟବର୍ତ୍ତୀ ସୋପାନ-ରୂପେହିଁ ଅବସ୍ଥିତ ରହିଛି । ଅତିମାନସର ସେପାଖକୁ ମଧ୍ୟ ପ୍ରକାଶୋଜ୍ଜ୍ୱଳ ପରମାତ୍ମାଙ୍କର ଉଚ୍ଚତମ ଶିଖରମାନ ରହିଛି । ଏହିସବୁ ଶିଖରଦେଶରେ ସତ୍ତା କହିଲେ ତାହା ପରମ ଅଦ୍ୱିତୀୟର ବସ୍ତୁରୂପେ ବ୍ୟାକୃତ ଉପରେହିଁ ଆଧାରିତ ଏକ ସତ୍ତାକୁ କଦାପି ବୁଝାଇବ ନାହିଁ, ସତ୍ତା ସେଠାରେ ଏକତ୍ୱ ମଧ୍ୟରେ ଅତ୍ୟନ୍ତ ଏକାନ୍ତ ଓ ସ୍ପଷ୍ଟଭାବରେ ଏକ ବିଶୁଦ୍ଧ ଏକାତ୍ମକତାକୁହିଁ ପ୍ରକାଶ କରି ଦେଉଥିବ । ମାତ୍ର ଏହିସବୁ ଭୂମିରୁ ଅତିମାନସ ଦୃତଟନ୍ତୁ ତଥାପି ଅବର୍ତ୍ତମାନ ରହିବ ନାହିଁ, କାରଣ ଏହା ହେଉଛି ସଚ୍ଚିଦାନନ୍ଦଙ୍କର ଏକ ଅନ୍ତର୍ନିହିତ ସାମର୍ଥ୍ୟ । କେବଳ ଏତିକି ପାର୍ଥକ୍ୟ ରହିବ ଯେ ସେହି ଭୂମିରେ ବ୍ୟାକୃତଗୁଡ଼ିକ ମଝିରେ ଗାର ଟଣା ହେଲପରି ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିବେ ନାହିଁ, ମାତ୍ର ଅତ୍ୟନ୍ତ ସ୍ଥିତିସ୍ଥାପକ ଅବସ୍ଥାରେ ରହିବେ, ଗୋଟିଏ ଅନ୍ୟଟି ଭିତରେ ଅନୁପ୍ରବିଷ୍ଟ ହୋଇଥିବା ପରି ରହିବେ, ପ୍ରତ୍ୟେକ ଗୋଟିଏ ଗୋଟିଏ ସୀମାସ୍ଥାନ ସୀମିତତା ରୂପେ ବର୍ତ୍ତମାନ ରହିବେ । କାରଣ ସେଠାରେ ମୂଳତଃ ଓ ସମଗ୍ରତଃ ସମସ୍ତେ ପ୍ରତ୍ୟେକ ମଧ୍ୟରେ ଓ ପ୍ରତ୍ୟେକେ ସକଳ ମଧ୍ୟରେ ସମାବିଷ୍ଟ ହୋଇ ରହିବେ । ସେଠାରେ ମୌଳିକ ଏକାତ୍ମବୋଧର ଜ୍ଞାନ ପରାକାଷ୍ଠା-ପ୍ରାପ୍ତ ହୋଇ ରହିବ, ଚେତନା ମଧ୍ୟ ପରସ୍ପରର ଅନ୍ତର୍ଭୁକ୍ତ ଓ ପରସ୍ପର ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ରହିବ । ଆମେ ସାଧାରଣତଃ ଯାହାକୁ ଜ୍ଞାନ ବୋଲି କହୁ, ତାହା ସେଠାରେ ଆଦୌ ନଥିବ, କାରଣ ସେଠାରେ ତାହାର କୌଣସି ଆବଶ୍ୟକତା ନଥିବ । କାରଣ ସବୁକିଛି ସେଠାରେ ସତ୍ତାର ଆପଣା ମଧ୍ୟରେ ଚେତନାର ପ୍ରତ୍ୟକ୍ଷ କ୍ରିୟାରୂପେହିଁ ଚାଲିଥିବ । ସେଠାରେ ସବୁ ଏକାତ୍ମକ ଓ ଅନ୍ତରଙ୍ଗ ଭାବରେ ରହିଥିବ, ଆତ୍ମଜାଗ୍ରତ ଓ ସର୍ବଜାଗ୍ରତ ହୋଇ ରହିଥିବ । ତଥାପି ଚେତନାର ସମ୍ବନ୍ଧସକଳ, ସତ୍ତାଗତ ପାରସ୍ପରିକ ଆନନ୍ଦର ସମ୍ବନ୍ଧଚୟ ଓ ସତ୍ତାର ଗୋଟିଏ ଆତ୍ମସାମର୍ଥ୍ୟ ସହିତ ଆଉ ଗୋଟିଏ ଆତ୍ମସାମର୍ଥ୍ୟର ସମ୍ବନ୍ଧମାନ ଲୁପ୍ତ ଓ ନିରାକୃତ ହୋଇ ରହିବ ନାହିଁ । ଏହିସବୁ ଉଚ୍ଚତମ ଅଧ୍ୟାତ୍ମଭୂମି କେବଳ ନିରାଲମ୍ବ ଅନିର୍ଦ୍ଦେଶ୍ୟତାର ଏକ କ୍ଷେତ୍ର କିମ୍ବା ବିଶୁଦ୍ଧ ସତ୍ତାର ଏକ ଶୂନ୍ୟଗର୍ଭତା ହୋଇ କଦାପି ରହିବ ନାହିଁ ।

ଏଠାରେ ପୁଣିଥରେ କୁହାଯାଇପାରେ ଯେ ପ୍ରକାଶିତ ସକଳ ଜଗତର ଊର୍ଦ୍ଧ୍ୱରେ ସଚ୍ଚିଦାନନ୍ଦଙ୍କ ମଧ୍ୟରେ କେବଳ ଶୁଦ୍ଧ ସତ୍ତା, ଶୁଦ୍ଧ ଚେତନା ଓ ଶୁଦ୍ଧ ଆନନ୍ଦର ଆତ୍ମଜାଗ୍ରତତା ବ୍ୟତୀତ ତଥାପି ଆଉ କିଛିହେଲେ ଅବସ୍ଥିତ ନଥିବ । ଅଥବା, ବସ୍ତୁତଃ ଏହି ତ୍ରୟୀ ସତ୍ତାଟି ମଧ୍ୟ ହୁଏତ ପରମ ଅନନ୍ତ ତତ୍ତ୍ୱଙ୍କର କେବଳ ତିନୋଟି ମୂଳଗତ ଆଧ୍ୟାତ୍ମିକ ଆତ୍ମବ୍ୟାକୃତ ମାତ୍ରହିଁ ହୋଇଥିବ । ଏବଂ ଅନ୍ୟାନ୍ୟ

'oaob.nitrkl.ac.in' images reprocessed

ସକଳବ୍ୟାକୃତ ପର ଅନିର୍ବଚନୀୟ ପରମ ତତ୍ତ୍ୱଟି ମଧ୍ୟରେ ଏଗୁଡ଼ିକର ମଧ୍ୟ ବିଲୋପ ଘଟିବ । ମାତ୍ର ଆମର ମତ ହେଉଛି ଯେ ଏଗୁଡ଼ିକୁ ସର୍ବୋଚ୍ଚ ସତ୍ତାର ଅନ୍ତର୍ନିହିତ ସତ୍ୟହିଁ ହେବାକୁ ପଡ଼ିବ । ଏଗୁଡ଼ିକର ଚରମ ସତ୍ୟ ସେହି ନିତ୍ୟ ଓ ପରମ ତତ୍ତ୍ୱଟି ମଧ୍ୟରେ ପୂର୍ବରୁହିଁ ବିଦ୍ୟମାନ ରହିଥିଲା । ଅବଶ୍ୟ ଏକଥା ହୋଇପାରେ ଯେ ଅଧ୍ୟାତ୍ମମନର ସର୍ବୋଚ୍ଚ ଅନୁଭୂତିରେ ମଧ୍ୟ ସେଗୁଡ଼ିକୁ ଯେଉଁଭଳି ବୋଧ ହେଉଛି, ସେଠାରେ ସେଗୁଡ଼ିକ ଅନ୍ୟପ୍ରକାରେ ଓ ଅବର୍ଣ୍ଣନୀୟ ଭାବରେ ଅବସ୍ଥିତ ରହିଥିଲେ । ଚରମ ଓ ପରମତତ୍ତ୍ୱ କହିଲେ କେବଳ ଏକ ଅନନ୍ତ ଶୂନ୍ୟଗର୍ଭତାର ପରମ ରହସ୍ୟକୁ ବୁଝାଏ ନାହିଁ କିମ୍ବା ନାନା ନେତିବାଚକତାର ଏକ ପରମ ଯୋଗଫଳକୁ ମଧ୍ୟ ବୁଝାଏ ନାହିଁ । ସର୍ବମୂଳ ତଥା ସର୍ବଗତ ପରମଶକ୍ତିର କୌଣସି ଆତ୍ମଶକ୍ତିଦ୍ୱାରା ପରିପୁଷ୍ଟ ହୋଇ ଯାହା ଆପଣାର ଔଚିତ୍ୟକୁ ପ୍ରମାଣ କରିପାରୁ ନାହିଁ, ତାହାର ପ୍ରକାଶ ହେବା ଆଦୌ ସମ୍ଭବ ନୁହେଁ ।

'oaob.nitrkl.ac.in' images reprocessed

## ଦ୍ୱିତୀୟ ପରିଚ୍ଛେଦ

# ବ୍ରହ୍ମ, ପୁରୁଷ, ଈଶ୍ୱର,—ମାୟା, ପ୍ରକୃତି, ଶକ୍ତି

ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।

—ଗୀତା, ୧୩ । ୧୬

ଏହା ଭୂତସକଳରେ ଅବିଭକ୍ତ ଭାବରେ ବିଦ୍ୟମାନ ରହିଛି, ସତେଅବା ବିଭକ୍ତ ହୋଇଥିବା ପରି ମନେହେଉଛି ।

ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ।

—ତୈତ୍ତିରୀୟ ଉପନିଷଦ, ୨ । ୧

ବ୍ରହ୍ମ ହେଉଛି, ସତ୍ୟ, ସେହି ଜ୍ଞାନ, ସେହି ଅନନ୍ତ ।

ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧି ଅନାଦୀ ଉଭାବପି ।

—ଗୀତା, ୧୩ । ୧୯

ପୁରୁଷ ଓ ପ୍ରକୃତି ଉଭୟଙ୍କୁହିଁ ଅନାଦି ବୋଲି ଜାଣ ।

ମାୟାଂ ତୁ ପ୍ରକୃତିଂ ବିଦ୍ୟାନ୍ମାୟିନଂ ତୁ ମହେଶ୍ୱରମ୍ ॥

—ଶ୍ୱେତାଶ୍ୱତର ଉପନିଷଦ, ୪ । ୧୦

ମାୟାକୁ ପ୍ରକୃତି ବୋଲି ଜାଣିବା ଉଚିତ, ଓ ମାୟା ରଚନା କରୁଥିବା ପ୍ରଭୁଙ୍କୁ ମହେଶ୍ୱର ବୋଲି ଜାଣିବା ଉଚିତ ।

ଦେବସ୍ୟ ଏଷ ମହିମା ତୁ ଲୋକେ ଯେନେଦଂ ଭ୍ରାମ୍ୟତେ ବ୍ରହ୍ମଚକ୍ରମ୍ ॥
ତମୀଶ୍ୱରାଣାଂ ପରମଂ ମହେଶ୍ୱରଂ ତଂ ଦେବତାନାଂ ପରମଂ ଚ ଦୈବତମ୍ ।
ବିଦାମ ଦେବଂ ଭୁବନେଶମୀଡ୍ୟମ୍ ॥
ପରାସ୍ୟ ଶକ୍ତିଃ ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଲକ୍ରିୟା ଚ ॥

'oaob.nitrkl.ac.in' images reprocessed

ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା ।
କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ ସାକ୍ଷୀ ଚେତା କେବଳୋ ନିର୍ଗୁଣଶ୍ଚ ॥

—ଶ୍ୱେତାଶ୍ୱତର ଉପନିଷଦ, ୬।୧, ୭, ୮, ୧୧

ଏହି ବିଶ୍ୱଜଗତରେ ଦେବତାଙ୍କର ମହିମାହିଁ ବ୍ରହ୍ମଚକ୍ରକୁ ବୁଲାଇବାରେ ଲାଗିଛି । ସକଳ ଈଶ୍ୱରଙ୍କ ଉପରେ ଯିଏ ପରମ ମହେଶ୍ୱରରୂପେ ପ୍ରତିଷ୍ଠିତ ଅଛନ୍ତି, ସକଳ ଦେବତାଙ୍କ ଉପରେ ଯିଏ ହେଉଛନ୍ତି ପରମ ଦେବତା, ଆମେ ତାହାଙ୍କୁହିଁ ସକଳ ଭୁବନର ଈଶ୍ୱର ବୋଲି ଜାଣିବା । ତାଙ୍କର ଶକ୍ତି ହେଉଛି ପରା ଶକ୍ତି, ଏବଂ ସେହି ଶକ୍ତିର ଜ୍ଞାନ ତଥା ବଳର ସକଳ କ୍ରିୟା ବହୁବିଧ ଅଥଚ ସ୍ୱଭାବଗତ । ସେହି ଏକ ଦେବତାହିଁ ସର୍ବଭୂତରେ ଗୂଢ଼ ହୋଇ ରହିଛନ୍ତି; ଯିଏ ସର୍ବବ୍ୟାପୀ ଓ ସକଳ ଭୂତର ଅନ୍ତର ଭିତରେ ଆତ୍ମାରୂପେ ଅସୀନ ରହିଛନ୍ତି । ସେଇ ହେଉଛନ୍ତି ସକଳ କର୍ମର ଅଧ୍ୟକ୍ଷ; ସେ ସର୍ବଭୂତାଧିବାସ; ଯିଏ ସାକ୍ଷୀ, ସେଇ ଚେତା ବା ଜ୍ଞାତା । ସେ ପରମ ଓ ଅଦ୍ୱିତୀୟ । ସେ ନିର୍ଗୁଣ ।

ତେଣୁ ନିଷ୍କର୍ଷ ହେଲା, ଏକ ଶାଶ୍ୱତ ଓ ଅନନ୍ତ ପରମସତ୍ୟ ନିତ୍ୟବସ୍ତୁ-ସ୍ୱରୂପ ବିଦ୍ୟମାନ ରହିଛନ୍ତି । ସେ ପରମ ଓ ଅନନ୍ତ ହୋଇଥିବାରୁ ସ୍ୱଭାବତଃ ଅନିର୍ଦ୍ଦେଶ୍ୟ । ଆମେ ତାଙ୍କର କୌଣସି ସଂଜ୍ଞା ନିରୂପଣ କରି ପାରିବା ନାହିଁ, କୌଣସି ବ୍ୟାଖ୍ୟା ଦେଇ ପାରିବା ନାହିଁ, ଅନ୍ତବିଶିଷ୍ଟ ଓ ସଂଜ୍ଞାଧର୍ମୀ ଏହି ମନୋଭୂମିରେ ଆମେ ତାଙ୍କୁ କଦାପି କଳ୍ପନା କରି ପାରିବା ନାହିଁ । ଏହି ମନୋଗତ ଆୟତନ ଯେଉଁ ବାଣୀର ସୃଷ୍ଟି କରିଛି, ସେହି ବାଣୀଦ୍ୱାରା ତାଙ୍କର ପ୍ରକାଶ କରାଯାଇ ପାରିବ ନାହିଁ । ଆମର ନେତିଗୁଡ଼ିକ ଦ୍ୱାରା ଆମେ ତାଙ୍କୁ ବର୍ଣ୍ଣନା କରି ପାରିବା ନାହିଁ; କାରଣ ଯିଏ ଏଇଟା ନୁହନ୍ତି, ଯିଏ ସେଇଟା ନୁହନ୍ତି ପ୍ରଭୃତି କହି ଆମେ ତାଙ୍କୁ କୌଣସି ପ୍ରକାର ସୀମା ଭିତରେ କଳକରି ରଖିପାରିବା ନାହିଁ । ଆମର ଇତି ବା ସ୍ୱୀକୃତିଗୁଡ଼ିକଦ୍ୱାରା ବି ଆମେ ତାଙ୍କୁ ବର୍ଣ୍ଣନା କରି ପାରିବା ନାହିଁ; କାରଣ ଯିଏ ଏପରି ଅଥବା ଯିଏ ସେପରି ବୋଲି ଦର୍ଶାଇ ଆମେ ତାଙ୍କୁ କୌଣସି ସୀମାଭିତରେ ନିରୂପଣ କରିଦେଇପାରିବା ନାହିଁ । ମାତ୍ର, ଏହିପରି ଭାବରେ ଅବିଜ୍ଞେୟ ହୋଇ ରହିଥିଲେ ମଧ୍ୟ ସେ ତଥାପି କେବଳ ଓ ସକଳ ପ୍ରକାରରେ ଅବିଜ୍ଞେୟ ଆଦୌ ନୁହନ୍ତି । ଯିଏ ସ୍ୱୟଂପ୍ରକାଶ, ଯିଏ ସ୍ୱୟଂସ୍ପଷ୍ଟ; ଏବଂ ତାଙ୍କୁ କୌଣସି ପ୍ରକାର ଭାଷା ଦେଇ ପୂର୍ଣ୍ଣରୂପେ ପ୍ରକାଶ କରିବା ସମ୍ଭବ ହେଉ ନଥିଲେହେଁ ଏକ ତାଦାତ୍ମ୍ୟଜ୍ଞାନ ଦ୍ୱାରା ସେ ତଥାପି ଉପଲବ୍ଧ ଓ ଅନୁଭୂତ ହୋଇପାରିବେ । ଏବଂ ଆମ ଭିତରେ ରହିଥିବା ଆଧ୍ୟାତ୍ମିକ ସତ୍ତାଟିର ଏହି ତାଦାତ୍ମ୍ୟଲାଗି ଅବଶ୍ୟ ସାମର୍ଥ୍ୟ ରହିଛି । କାରଣ ଆପଣାର ମର୍ମ ଓ ମୂଳଗତ ଅନ୍ତରଙ୍ଗତମ ସତ୍ୟ ଦୃଷ୍ଟିରୁ ବିଚାର କଲେ ସେହି ଆଧ୍ୟାତ୍ମିକ ସତ୍ତାଟିକୁ ଆମେ ପରମସତ୍ତାଙ୍କ ବ୍ୟତୀତ ଆଉ ଅନ୍ୟକିଛି ବୋଲି କଦାପି କହିପାରିବା ନାହିଁ ।

'oaob.nitrkl.ac.in' images reprocessed

ଆପଣାର ନିର୍ବିଶେଷତା ଓ ଅନନ୍ତତା ହେତୁ ପରମ ସତ୍ୟ ଯେ ଆମର ମନୋଭୂମିର ଅନିର୍ଦ୍ଦେଶ୍ୟ ହୋଇ ରହିଛନ୍ତି, 'ସେକଥା ସତ; ମାତ୍ର ଆମେ ଏକଥାଟି ମଧ୍ୟ ବେଶ୍ ଜାଣିପାରୁଛୁ ଯେ ପରମ ଓ ଅନନ୍ତ ସେହି ଶାଶ୍ୱତ ସତ୍ତା ଆମର ଚେତନା ଭିତରେ ମଧ୍ୟ ଆପଣାକୁ ରୂପାୟିତ କରିବାରେ ଲାଗିଛନ୍ତି। ଆପଣା ସତ୍ତାର ଯଥାର୍ଥ ଓ ମୌଳିକ ସତ୍ୟଗୁଡ଼ିକ ଦ୍ୱାରା ସେ ଆପଣାକୁ ରୂପାୟିତ କରୁଛନ୍ତି। ଏହି ସତ୍ୟଗୁଡ଼ିକ ବିଶ୍ୱାତୀତ, ତଥାପି ବିଶ୍ୱଗତ; ଏବଂ ଏହିଗୁଡ଼ିକହିଁ ବିଶ୍ୱର ମୂଳରୂପେ ପ୍ରତିଷ୍ଠିତ ରହି ତାହାକୁ ଧାରଣ କରି ରଖିଛି। ଆମର ପ୍ରକଳ୍ପନମୟ ଜ୍ଞାନ ସମକ୍ଷରେ ଏହି ସତ୍ୟଗୁଡ଼ିକ ଆପଣାକୁ ଗୋଟିଏ ଗୋଟିଏ ମୌଳିକ ବିଭାବରୂପେ ପ୍ରକଟିତ କରାଉଛନ୍ତି, ଏବଂ ସେହି ବିଭାବଗୁଡ଼ିକ ମଧ୍ୟରେହିଁ ଆମେ ସର୍ବତ୍ରବିଦ୍ୟମାନ ପରମ-ସତ୍ୟଟିକୁ ଦେଖିବାକୁ ପାଉଛୁ, ତାହାକୁ ଅନୁଭବ କରିପାରୁଛୁ। ସେହି ସତ୍ୟଗୁଡ଼ିକର ସ୍ୱରୂପ ବସ୍ତୁତଃ ଆମର ବୁଦ୍ଧି ପାଖରେ ଆଦୌ ଧରା ଦେଉ ନାହିଁ, ମାତ୍ର ଏକ ଆଧ୍ୟାତ୍ମିକ ଅନ୍ତର୍ବୋଧଦ୍ୱାରା ଅର୍ଥାତ୍ ଆମ ଚେତନାର ଅନ୍ତର୍ମୂଳରେ ଘଟୁଥିବା ଏକ ଆଧ୍ୟାତ୍ମିକ ଅନୁଭୂତିଦ୍ୱାରାହିଁ ତାହା ପ୍ରତ୍ୟକ୍ଷ ଭାବରେ ଆସି ଧରା ଦେଉଛି। ମାତ୍ର ଏକ ବୃହତ୍ ଓ ସାବଲୀଳ ଭାବଦ୍ୟୋତନା ଦ୍ୱାରା ସମ୍ଭବ ହେଉଥିବା ଆମର ସାମାନ୍ୟ କଳ୍ପନାଟି ମଧ୍ୟ ସେଗୁଡ଼ିକୁ ଧରି ପାରିବାକୁ ଚେଷ୍ଟା କରିପାରେ, ଏବଂ ସୁସ୍ପଷ୍ଟ ଶବ୍ଦର କଠୋର ଆୟତନ ମଧ୍ୟରେ ଭାଷାର ସୂକ୍ଷ୍ମତା ଓ ଉଦାରତାକୁ କୁଣ୍ଠିତ କରି ରଖିବାକୁ ନଚାହୁଁଥିବା ଏକ ଗ୍ରନ୍ଥିମୁକ୍ତ ଭାଷା ମଧ୍ୟ ତାହାକୁ କୌଣସି ଏକ ରୂପ ଦେଇ ପ୍ରକାଶ କରିବାକୁ ସମର୍ଥ ହୋଇପାରେ। କୌଣସି ପ୍ରକାର ପ୍ରାୟପୂର୍ଣ୍ଣତା ସହିତ ଏହି ଅନୁଭୂତି ବା ଏହି ଭାବସମ୍ପଦଟିକୁ ପ୍ରକାଶ କରି ପାରିବା ଲାଗି ଆମକୁ ଏପରି ଏକ ଭାଷାର ସୃଷ୍ଟି କରିବାକୁ ହେବ, ଯାହା ଭିତରେକି ଏକାଧାରରେ ତତ୍ତ୍ୱଦର୍ଶନର ବୋଧିଗତ ଗଭୀରତା ରହିଥିବ ଏବଂ ସ୍ପଷ୍ଟ ରୂପାୟନଗୁଡ଼ିକୁ ଫୁଟାଇ ଦେଖାଇ ଦେଇ ପାରିବାର କବିତ୍ୱପ୍ରତିଭା ମଧ୍ୟ ରହିଥିବ। ସେହି ଭାଷାରେ ଏଭଳି ଅର୍ଥପୂର୍ଣ୍ଣ ଓ ପ୍ରାଣମୟ ରୂପବ୍ୟଞ୍ଜନାମାନ ରହିଥିବ, ଯାହାକି ଅପରୋକ୍ଷ ସକଳ ଅନୁଭୂତିକୁ ନିବିଡ଼, ଇଙ୍ଗିତପୂର୍ଣ୍ଣ ତଥା ପ୍ରାଞ୍ଜଳ କରି ପ୍ରକାଶ କରିବାରେ ଏକ ଉପଯୁକ୍ତ ବାହନ ହୋଇ ପାରୁଥିବ। ବେଦ ଓ ଉପନିଷଦରେ ଯାହା ଆପଣାକୁ ଏକ ସୂକ୍ଷ୍ମ ଓ ଅର୍ଥସମୃଦ୍ଧ ପ୍ରକାଶମାଧ୍ୟମ-ରୂପେ ସୁଗଠିତ କରି ରଖିଛି, ଠିକ୍ ସେହି ଭଳି ଏକ ଭାଷା। ତତ୍ତ୍ୱଗତ ବିଚାରର ସାଧାରଣ ଭାଷାଟିକୁ ବ୍ୟବହାର କଲାବେଳେ ଆମକୁ କେବଳ ଏକ ଦୂରନ୍ୟସ୍ତ ଅର୍ଥ-ଇଙ୍ଗିତରେହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ, ବସ୍ତୁଠାରୁ ବିଚ୍ଛିନ୍ନ କେବଳ ଭାବ ଓ ଗୁଣବର୍ଣ୍ଣନା ଦ୍ୱାରା ସତ୍ୟର ଏକ ଅସ୍ପଷ୍ଟ ରୂପାନୁମାନରେହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ। ଆମ ବୁଦ୍ଧିର କୌଣସି ନା କୌଣସି କାମରେ ଏସବୁ ବେଶ୍ ଲାଗିପାରିବ, କାରଣ ଆମର ତର୍କନ୍ୟାୟଗତ ବୌଦ୍ଧିକ ବୋଧପାଇଁ ଏହିପ୍ରକାର ଭାଷା ବେଶ୍ ଉପଯୁକ୍ତ

'oaob.nitrkl.ac.in' images reprocessed

ହେବ । ମାତ୍ର ଏହାକୁ ଆପଣାର ଯଥାର୍ଥ କାମରେ ଲଗାଇବାକୁ ହେଲେ ବୁଦ୍ଧିକୁ ଏକ ସୀମାବଦ୍ଧ ତର୍କନ୍ୟାୟର ସୀମାକୁ ଅତିକ୍ରମ କରି ପରମ ଅନନ୍ତଙ୍କର ସ୍ୱକୀୟ ତର୍କବୋଧ ସହିତ ପରିଚିତ ଓ ଅଭ୍ୟସ୍ତ ହେବାକୁହିଁ ପଡ଼ିବ । କେବଳ ଏହିପରି ହୋଇପାରିଲେ, ଅର୍ଥାତ୍ ଏହି ଆଲୋକରେ ଦେଖି ପାରିଲେ ଓ ଚିନ୍ତା କରିପାରିଲେ ଯାଇ ଅନିର୍ବଚନୀୟଙ୍କ ସମ୍ବନ୍ଧରେ କିଛି କହିବାକୁ ଯିବାଟା ଆଉ ବିରୋଧପୂର୍ଣ୍ଣ ଓ ବ୍ୟର୍ଥ ବୋଲି ମନେ ହେବ ନାହିଁ । ମାତ୍ର ପରମ ଅନନ୍ତଙ୍କୁ ବୁଝିବାଲାଗି କେବଳ ଏକ ଅନ୍ତବିଶିଷ୍ଟ ଅର୍ଥାତ୍ ସୀମାବଦ୍ଧ ତର୍କବୁଦ୍ଧିରହିଁ ସାହାଯ୍ୟ ନେବାକୁ ଜିଦ୍ ଧରି ବସିଥିବା ଯାଏ ସର୍ବତ୍ର ବର୍ତ୍ତମାନ ପରମସତ୍ୟଟି ଆମ ପହଞ୍ଚର ସେପାଖରେ ରହିଥିବ; ଏବଂ ତାଙ୍କୁ ବୁଝିବା ପରିବର୍ତ୍ତରେ ଆମେ କେବଳ ଏକ ବାସ୍ତବତାହୀନ ଛାଇଟାକୁହିଁ ଧରି ପଡ଼ିରହିଥିବା । ଆମେ ତୁଷାରେ ପ୍ରସ୍ତରୀଭୂତ ହୋଇରହିଥିବା ଏକ ମୃତ ପ୍ରତିରୂପ ଅଥବା ପରମସତ୍ୟର ଇଙ୍ଗିତ ଦେଉଥିବା ଅଥଚ ତାହାକୁ ପ୍ରକାଶ କରୁନଥିବା ଏକ କଠିନ ଓ ତୀକ୍ଷ୍ଣଧାର ନକ୍ସାଟିଏ ନେଇ ପଡ଼ି ରହିଥିବା । ଆମର ଜ୍ଞାନଗ୍ରାହୀଟିକୁ ଜ୍ଞେୟର ଅନୁରୂପ ଓ ଉପଯୁକ୍ତ ହେବାକୁ ପଡ଼ିବ; ତା' ନହେଲେ ସେହି ସତ୍ୟଟିଠାରୁ ଦୂରରେ ଥାଇ କେବଳ ଅନୁମାନ କରିବାହିଁ ସାର ହେବ; ଜ୍ଞାନର କେବଳ ଏକ ଛାୟାଭାସ ମିଳିବ ସିନା, ମାତ୍ର ଯଥାର୍ଥ ସତ୍ୟମୟ ଜ୍ଞାନଟି ସେହିଭଳି ଅଗୋଚର ହୋଇ ରହିଥିବ ।

ଅର୍ଥାତ୍, ଆମ ପାଖରେ ଆପଣାକୁ ଏହିପରି ଭାବରେ ପ୍ରକଟ କରୁଥିବା ପରମ ସତ୍ୟବସ୍ତୁଟି ହେଉଛି ଏକ ଶାଶ୍ୱତ, ଅନନ୍ତ ଓ ପରମ ସତ୍ତା; ତାହା ସ୍ୱୟଂସତ୍ତାମୟ, ସ୍ୱୟଂଚେତନାମୟ ଓ ସ୍ୱୟଂଆନନ୍ଦମୟ । ଏହାରି ଉପରେ ସକଳ ସୃଷ୍ଟି ପ୍ରତିଷ୍ଠିତ ରହିଛି, ଏହାହିଁ ସକଳ ସୃଷ୍ଟିକୁ ଧରିରଖିଛି, ସକଳ ସୃଷ୍ଟିରେ ବ୍ୟାପ୍ତ ହୋଇ ରହିଛି । ଏହି ପରମ ସ୍ୱୟଂସତ୍ତା ପୁଣି ଆପଣା ମୂଳସ୍ୱଭାବର ତିନୋଟି ଧାରାରେ ଆପଣାକୁ ପ୍ରକାଶ କରୁଛନ୍ତି । ସେହି ଧାରାଗୁଡ଼ିକ ହେଲା ଆତ୍ମା, ଚୈତନ୍ୟସତ୍ତା ଏବଂ ଈଶ୍ୱର ଅର୍ଥାତ୍ ଦିବ୍ୟ ସତ୍ତା । ଅଧିକ ପ୍ରକାଶକ୍ଷମ ଭାରତୀୟ ପରିଭାଷାରେ ଏହାକୁ ସତ୍ୟସ୍ୱରୂପ ବ୍ରହ୍ମ ବା ଆତ୍ମା, ପୁରୁଷ ଓ ଈଶ୍ୱର ବୋଲି କୁହାଯାଇଛି । କାରଣ ସମ୍ବୋଧମୂଳକ ଏକ ଧାତୁରୁ ଏହି ତିନୋଟି ଶବ୍ଦର ବ୍ୟୁତ୍ପତ୍ତି ହୋଇଛି; ସେଗୁଡ଼ିକ ଭିତରେ ଏକ ବ୍ୟାପକ ସୁସ୍ପଷ୍ଟତା ରହିଛି ଏବଂ ସାବଲୀଳ ଭାବରେ ପ୍ରୟୋଗ କରାଯାଇ ପାରିବାର ସାମର୍ଥ୍ୟ ରହିଛି । ଏସବୁ ଶବ୍ଦର ପ୍ରୟୋଗ କଲାବେଳେ କୌଣସି ଅସ୍ପଷ୍ଟତା ମଧ୍ୟରେ ପଡ଼ିଯିବାର କିମ୍ବା ଏକ ଅତ୍ୟନ୍ତ ସୀମାବଦ୍ଧ ବୁଦ୍ଧିଗତ କଳ୍ପନାର ଗହନ ଜାଲ ଭିତରେ ଜଡ଼ିତ ହୋଇଯିବାର କୌଣସି ଭୟ ନଥାଏ । ଆମେ ଯାହାକୁ ପରମ ବ୍ରହ୍ମ ବୋଲି କହୁଛୁ; ପାଶ୍ଚାତ୍ୟ ତତ୍ତ୍ୱଶାସ୍ତ୍ରରେ ତାହାକୁହିଁ ପରମ ନିର୍ବିଶେଷ ବୋଲି କୁହାଯାଏ । ମାତ୍ର ଏହି ବ୍ରହ୍ମ ଏକାଧାରରେ ସେହି ସର୍ବତ୍ରବିଦ୍ୟମାନ ସତ୍ୟରୂପେ ଅବସ୍ଥିତ ରହିଛନ୍ତି, ଯାହାଙ୍କ

'oaob.nitrkl.ac.in' images reprocessed

ମଧ୍ୟରେ କି ଆପେକ୍ଷିକ ଜଗତର ଯାବତୀୟ ବସ୍ତୁ ମଧ୍ୟ ତାଙ୍କର ରୂପ ବା ତାଙ୍କର ଗତିସ୍ପନ୍ଦନରୂପେ ଅବସ୍ଥିତ ରହିଛନ୍ତି । ସକଳ ଆପେକ୍ଷିକତାକୁ ଆପଣା ମଧ୍ୟରେ ଆବୋରିଧରିହିଁ ବ୍ରହ୍ମରୂପୀ ନିର୍ବିଶେଷ ସତ୍ତା ବିଦ୍ୟମାନ ରହିଛନ୍ତି । ବସ୍ତୁଜଗତରେ ଇହିସକଳକୁ ଉପନିଷଦ ସେହି ବ୍ରହ୍ମ ବୋଲି ଘୋଷଣା କରିଛି । ମନ ହେଉଛି ବ୍ରହ୍ମ, ପ୍ରାଣ ବି ବ୍ରହ୍ମ, ଏହି ଜଡ଼ ମଧ୍ୟ ବ୍ରହ୍ମ । ପବନ ଅର୍ଥାତ୍ ପ୍ରାଣର ଦେବତା ବାୟୁଙ୍କୁ ସମ୍ବୋଧନ କରି ଏଥିରେ କୁହାଯାଇଛି, "ହେ ବାୟୁ, ତୁମେ ହେଉଛ ବ୍ରହ୍ମଙ୍କର ପ୍ରକାଶରୂପ ।" ଏବଂ ମନୁଷ୍ୟ, ପଶୁ, ପକ୍ଷୀ ଓ ପତଙ୍ଗ ପ୍ରତ୍ୟେକଙ୍କ ଆଡ଼କୁ ନିର୍ଦ୍ଦିଷ୍ଟ କରାଯାଇ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ରଭାବରେ ସେହି ପରମ ଅଦ୍ୱିତୀୟଙ୍କ ସହିତ ଏକାତ୍ମକ ବୋଲି କୁହାଯାଇଛି : "ହେ ବ୍ରହ୍ମ ! ଏହି ବୃଦ୍ଧ, ଏହି ବାଳକ ଓ ଏହି ବାଳିକା,—ଏସବୁ କେବଳ ତୁମରି ବ୍ୟତୀତ ଆଉ କିଛି ନୁହନ୍ତି । ତୁମେହିଁ ଏହି ପକ୍ଷୀ, ତୁମେ ମଧ୍ୟ ଏହି ପତଙ୍ଗ ।" ବ୍ରହ୍ମ ହେଉଛନ୍ତି ସେହି ପରମ ଚେତନା ଯାହାକି ସକଳ ସତ୍ତା ମଧ୍ୟରେ ଆପଣାର ପରିଚୟ ଲାଭ କରୁଛି, ବ୍ରହ୍ମ ହେଉଛନ୍ତି ସେହି ପରମ ସାମର୍ଥ୍ୟ ଯାହାକି ଭଗବାନ, ଦେବତା ଓ ରାକ୍ଷସ ସବୁରି ବଳବୀର୍ଯ୍ୟକୁ ଧାରଣ କରି ରହିଛି । ମନୁଷ୍ୟ ଓ ପଶୁ ଭିତରେ, ତଥା ପ୍ରକୃତିର ଯାବତୀୟ ରୂପ ଓ ଶକ୍ତିମତ୍ତା ଭିତରେ ସେହି ବ୍ରହ୍ମରୂପୀ ପରମ ସାମର୍ଥ୍ୟହିଁ କାର୍ଯ୍ୟ କରୁଛି । ପୁଣି ବ୍ରହ୍ମହିଁ ପରମ ଆନନ୍ଦ; ଆମ ଅସ୍ତିତ୍ୱଲାଗି ଯାହା ବ୍ୟୋମପରି କାର୍ଯ୍ୟ କରୁଛି ଓ ଯାହା ବ୍ୟତୀତ କେହି ପ୍ରାଣଧାରଣ କରି ପାରିବେ ନାହିଁ, ସତ୍ତାର ସେହି ଗୋପନ ପରମ ଉଲ୍ଲାସ ହେଉଛି ବ୍ରହ୍ମ । ବ୍ରହ୍ମ ସର୍ବଭୂତାନ୍ତରାତ୍ମା । ଯେଉଁଠି ଯେଉଁଭଳି ସୃଷ୍ଟ ରୂପର ଭିତରେ ଏହା ବାସ କରୁଛି, ସେଠାରେ ତାହା ସେହିଭଳି ରୂପ ଧାରଣ କରିଛି । ଜଗତ୍‌ମୟ ଜୀବସତ୍ତାର ପରମ ପ୍ରଭୁ ଚେତନ ଭିତରେ ଚେତନ ହୋଇ ରହିଛନ୍ତି, ମାତ୍ର ନିଶ୍ଚେତନ ଭିତରେ ମଧ୍ୟ ସେ ପରମ ଚେତନରୂପେ ଅବସ୍ଥାନ କରୁଛନ୍ତି । ଶକ୍ତିମୟୀ ପ୍ରକୃତିର ରାଜ୍ୟରେ ଯାହାସବୁ ନିଷ୍କ୍ରିୟରୂପେ ରହିଛି, ସେହି ପରମ ଏକ ସେଗୁଡ଼ିକର ପ୍ରଭୁ ଓ ନିୟନ୍ତା ରୂପେ ବିରାଜିତ ଅଛନ୍ତି । ସିଏ କାଳାତୀତ, ପୁଣି ସେଇ ହେଉଛନ୍ତି କାଳ । ସିଏ ଦେଶ, ପୁଣି ସେଇ ହେଉଛନ୍ତି ଦେଶସ୍ଥ ସକଳ ସବୁକିଛି । ସିଏ ହେଉଛନ୍ତି କାର୍ଯ୍ୟ-କାରଣଭାବ; ପୁଣି ସେଇ କାରଣ ଓ ସେଇ କାର୍ଯ୍ୟ । ସେଇ ହେଉଛନ୍ତି ଭାବବାଦୀ, ପୁଣି ସେଇ ହେଉଛନ୍ତି ତାଙ୍କର ଭାବନା । ସେଇ ଯୋଦ୍ଧା, ପୁଣି ସେଇ ହେଉଛନ୍ତି ତାଙ୍କ ନିଜର ସାହସ । ପାଲି ପକାଇ ସେଇ ଖେଳ ବସିଛନ୍ତି, ପୁଣି ପଶାକାଠିରେ ସେଇ ପଡ଼ୁଛନ୍ତି । ସକଳ ସତ୍ୟ, ସକଳ ବିଭବ ଓ ସକଳ ପ୍ରତିଭାସ କେବଳ ସେହି ବ୍ରହ୍ମ ବ୍ୟତୀତ ଆଉ କିଛି ନୁହେଁ । ବ୍ରହ୍ମହିଁ ପରମ ନିର୍ବିଶେଷ, ବ୍ରହ୍ମହିଁ ବିଶ୍ୱାତୀତ । ଆମର ସକଳ ପହଞ୍ଚର ଅତୀତ ସେ,—ବ୍ରହ୍ମରୂପୀ ସେହି ବିଶ୍ୱୋତ୍ତୀର୍ଣ୍ଣ ପରମ ସତ୍ତାହିଁ ଏହି ବିଶ୍ୱଟିକୁ ଧରି ରଖିଛନ୍ତି । ସେହି ବିଶ୍ୱାତ୍ମା ସକଳ ପ୍ରାଣୀଙ୍କୁ ଧରି ରଖିଛନ୍ତି, ମାତ୍ର

'oaob.nitrkl.ac.in' images reprocessed

ସେ ସକଳ ବ୍ୟକ୍ତି-ଜୀବର ଆତ୍ମାରୂପେ ବି ଅବସ୍ଥିତ ଅଛନ୍ତି । ଆମେ ଯାହାକୁ ଆତ୍ମା ବା ଚୈତ୍ୟପୁରୁଷ ବୋଲି କହୁଛୁ, ତାହା ମଧ୍ୟ ସେହି ପରମେଶ୍ୱରଙ୍କର ଏକ ସନାତନ ଅଂଶରୂପେ ଅବସ୍ଥିତ ରହିଛି । ତାଙ୍କର ପରମା ପ୍ରକୃତି ବା ଚିତ୍-ଶକ୍ତିହିଁ ଜୀବମୟ ଏହି ଜଗତରେ ଜୀବରୂପେ ଅବତୀର୍ଣ୍ଣ ହୋଇଛି । ସାରତଃ କେବଳ ସେହି ବ୍ରହ୍ମହିଁ ରହିଛନ୍ତି, ଏବଂ ତାଙ୍କର ସକାଶେହିଁ ଆଉ ସବୁକିଛି ରହିଛି; କାରଣ ଯେତେ ଯାହାକିଛି ରହିଛି, ସେସବୁ ସେହି ବ୍ରହ୍ମ ବ୍ୟତୀତ ଆଉ କିଛିହେଲେ ନୁହନ୍ତି । ବ୍ରହ୍ମରୂପୀ ପରମସତ୍ୟଙ୍କୁହିଁ ଆମେ ଆତ୍ମା ତଥା ପ୍ରକୃତି ମଧ୍ୟରେ ଅବସ୍ଥିତ ଯାବତୀୟ ବିଷୟର ସତ୍ୟରୂପେ ପ୍ରତ୍ୟକ୍ଷ କରୁଛୁ । ଈଶ୍ୱରରୂପୀ ବ୍ରହ୍ମ ତାଙ୍କର ଯୋଗମାୟା ବଳରେ ଏହିସବୁ ରୂପରେ ପ୍ରକଟ ହୋଇଛନ୍ତି । ଆତ୍ମରୂପାୟନର ଲୀଳା ଭିତରେ ପ୍ରୟୋଗ କରାଯାଇଥିବା ପରମା ଚିତ୍-ଶକ୍ତିର ସାମର୍ଥ୍ୟଦ୍ୱାରାହିଁ ସେ ଏସବୁ ରୂପରେ ପ୍ରକଟ ହେଉଛନ୍ତି । ସେଇ ହେଉଛନ୍ତି ପରମ ଚିତ୍‌ସତ୍ତା, ସେଇ ଆତ୍ମା, ସେଇ ଚୈତନ୍ୟ ଓ ସେଇ ହେଉଛନ୍ତି ପୁରୁଷ; ଏବଂ ତାଙ୍କର ଆତ୍ମସ୍ୱଭାବ ହେତୁ, ଅର୍ଥାତ୍ ଆପଣାର ଚେତନା-ମୟ ଆତ୍ମସତ୍ତାର ସାମର୍ଥ୍ୟ ହେତୁହିଁ ସିଏ ଏସବୁ ହୋଇ ପାରିଛନ୍ତି । ସିଏ ହେଉଛନ୍ତି ଈଶ୍ୱର, ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ସକଳ-ନିୟନ୍ତା; ଏବଂ ଆପଣାର ଶକ୍ତି ଅର୍ଥାତ୍ ଚେତନ ସାମର୍ଥ୍ୟଦ୍ୱାରାହିଁ ସେ କାଳର ଭୂମି ଉପରେ ନିଜକୁ ପ୍ରକାଶିତ କରୁଛନ୍ତି ଓ ବିଶ୍ୱର ଶାସନ କରୁଛନ୍ତି । ଏହିସବୁ ବାକ୍ୟ ଓ ଏହିଭଳି ବାକ୍ୟଗୁଡ଼ିକୁ ଏକାଠି କରି ବିଚାର କଲେ ଆମେ ସେଗୁଡ଼ିକ ମଧ୍ୟରେ ସକଳ ଭାବ ଅନ୍ତର୍ଗତ ହୋଇ ରହିଥିବାର ପ୍ରତ୍ୟକ୍ଷ କରିପାରିବା । ଏହାକୁ କାଟିଛାଣ୍ଟି ଓ ବାଡ଼ ବସାଇ ସେଥିରୁ ଏକ ମତ ବା ସିଦ୍ଧାନ୍ତର ରଚନା କରିବା ଏବଂ ତାହା ସହିତ ଖାପ ଖାଉ ନଥିବା ଆଉ ସବୁକିଛିକୁ ମୂଲ୍ୟହୀନ ବୋଲି କହି ଉଡ଼ାଇଦେବା ଲାଗି ମନର ଅବଶ୍ୟ ଏକ ସାମର୍ଥ୍ୟ ରହିଛି । ମାତ୍ର ଏକ ସମଗ୍ର ଓ ପୂର୍ଣ୍ଣ ଜ୍ଞାନର ଅଧିକାରୀ ହେବାକୁ ହେଲେ ଆମକୁ ଏହିଭଳି ଏକ ବହୁମୁଖୀ ଉକ୍ତିର ସମ୍ପୂର୍ଣ୍ଣ ଭୂମି ଉପରେହିଁ ଠିଆହୋଇ ପାରିବାକୁ ପଡ଼ିବ ।

ତେବେ ଏକ ପରମ, ଶାଶ୍ୱତ ଓ ଅନନ୍ତ ସ୍ୱୟଂସତ୍ତା, ସ୍ୱୟଂଚେତନା ଏବଂ ସ୍ୱୟଂ-ଆନନ୍ଦଙ୍କୁହିଁ ଆମେ ଆଧ୍ୟାତ୍ମିକ ଅନୁଭୂତିର ପ୍ରଥମ ସତ୍ୟରୂପେ ଜାଣିବା । ବିଶ୍ୱୋତ୍ତୀର୍ଣ୍ଣ ହୋଇ ଅବସ୍ଥିତ ରହିଥିଲେ ମଧ୍ୟ ସେ ପ୍ରଚ୍ଛନ୍ନଭାବରେ ଏହି ବିଶ୍ୱକୁ ଧାରଣ କରିଛନ୍ତି ଏବଂ ଏଥିରେ ବ୍ୟାପ୍ତ ହୋଇ ରହିଛନ୍ତି । ମାତ୍ର ସତ୍ତାଗତ ଏହି ସତ୍ୟଟିର ଏକ ନୈର୍ବ୍ୟକ୍ତିକ ଦିଗ ରହିଛି, ଏକ ବ୍ୟକ୍ତିରୂପାତ୍ମିକ ଦିଗ ମଧ୍ୟ ଅଛି । ଏହା କେବଳ ଏକ ପରମ ସତ୍ତା ନୁହେଁ, ଏହା ସେହି ଏକ ଓ ଅଦ୍ୱିତୀୟ ପୁରୁଷ, ଶାଶ୍ୱତ ଓ ଅନନ୍ତ ପୁରୁଷ । ଯେପରି ଏକ ଦିଗରେ ଏହି ନିର୍ବିଶେଷ ସର୍ବଗତ ସତ୍ୟ ବା ବ୍ରହ୍ମ, ଭାରତୀୟ ପରିଭାଷାରେ ବର୍ଣ୍ଣିତ ଆତ୍ମା, ପୁରୁଷ ଓ ଈଶ୍ୱର,—ଏହି ତିନୋଟି

'oaob.nitrkl.ac.in' images reprocessed

ରୂପରେ ଆମ ପାଖରେ ଆତ୍ମପ୍ରକାଶ କରିଥାଆନ୍ତି, ସେହିପରି ତାଙ୍କର ଚୈତନ୍ୟଶକ୍ତି ମଧ୍ୟ ଆମ ଆଗରେ ମାୟା, ପ୍ରକୃତି ଓ ଶକ୍ତି,—ଏହି ତିନିରୂପରେ ଆବିର୍ଭୂତ ହୋଇଥାଏ । ସେହି ଚୈତନ୍ୟର ଆତ୍ମଗତ ଶକ୍ତି ମାୟାରୂପରେ ସକଳ ବସ୍ତୁର ସୃଷ୍ଟି କରିଛି । ସେଇ ପ୍ରକୃତିରୂପେ ସକ୍ରିୟଭାବରେ କାର୍ଯ୍ୟକାରୀ ହୋଇ ପରମ ଚୈତନ୍ୟମୟ ପୁରୁଷ ବା ଆତ୍ମାଙ୍କର ସାକ୍ଷୀରୂପେ ଅବସ୍ଥିତ ରହି ସବୁ ଦେଖୁଥିବା ନୟନ ସମକ୍ଷରେ ସକଳ ବସ୍ତୁକୁ ଉଦ୍‌ଭାସିତ କରି ରଖିଛି । ପରମ ଦିବ୍ୟ ପୁରୁଷଙ୍କର ଚେତନାମୟ ସାମର୍ଥ୍ୟ ବା ଶକ୍ତିରୂପେ ତାହାହିଁ ମୂଳକଳ୍ପନାଗୁଡ଼ିକୁ ସୃଷ୍ଟି କରୁଛି ତଥା ସକ୍ରିୟ ଭାବରେ କାର୍ଯ୍ୟକାରୀ ହୋଇ ଯାବତୀୟ ଦିବ୍ୟ କର୍ମକୁ ସମ୍ପନ୍ନ କରୁଛି । ସକଳ ସତ୍ତା ବା ସମଗ୍ର ପ୍ରକୃତି କହିଲେ ଆମେ ଆଧାରରୂପେ ଅବସ୍ଥିତ ଏହି ତିନୋଟି ବିଭାବ ଓ ସେଗୁଡ଼ିକର ସାମର୍ଥ୍ୟକୁହିଁ ବୁଝିବା । ଏବଂ ତିନୋଟିଯାକକୁ ଗୋଟିଏ ଅଭିନ୍ନ ସମଗ୍ରତା ଭିତରେ ଅନୁଭବ କରିପାରିଲେ ବିଶ୍ୱୋତ୍ତୀର୍ଣ୍ଣ ରୂପରେ, ସମଗ୍ର ବିଶ୍ୱଗତ ରୂପରେ ଏବଂ ଆମ ବ୍ୟକ୍ତିସତ୍ତାର ବିବିକ୍ତତା ରୂପରେ ଅବସ୍ଥିତ ସତ୍ତାତିନୋଟି ମଧ୍ୟରେ ଯେଉଁ ଭେଦ ଓ ବିରୋଧିତା ରହିଯାଇଛି ବୋଲି ଆମକୁ ପ୍ରତୀତ ହେଉଛି, ଆମେ ସେଥିରେ ଏକ ସମନ୍ୱୟ ଓ ସମାଧାନ ପାଇଯିବା । ପରମ ଅଦ୍ୱିତୀୟ, ବିଶ୍ୱପ୍ରକୃତି ତଥା ଆମେ ନିଜେ ଏକୈବ ପରମସତ୍ୟର ଏହି ତ୍ରିଧାରା ମଧ୍ୟରେ ଗୋଟିଏ ଏକତ୍ୱ ସୂତ୍ରରେ ଗଁଠା ହୋଇ ରହିଛୁ ବୋଲି ଦେଖିବାକୁ ପାଇବା । କାରଣ ପରମ, ଅଦ୍ୱିତୀୟ ସତ୍ତା ଅର୍ଥାତ୍ ପରଂବ୍ରହ୍ମଙ୍କୁ ଏକ ଭିନ୍ନ ଓ ଅସଂଲଗ୍ନ ଏକକରୂପେ ବିଚାର କଲେ ସେ ଏହି ଆପେକ୍ଷିକ ବିଶ୍ୱଜଗତର କେବଳ ଏକ ବିରୁଦ୍ଧତତ୍ତ୍ୱ ହିସାବରେ ପ୍ରତୀତ ହେବେ, ଏବଂ ଆମ ନିଜର ବାସ୍ତବ ସତ୍ତାଟି ମଧ୍ୟ ତାଙ୍କର ଐକାନ୍ତିକ ଓ ଅପହୁଞ୍ଚ ପରମ ସତ୍ୟଟିର ସମ୍ମୁଖରେ ସମ୍ପୂର୍ଣ୍ଣ ଅସଙ୍ଗତ ବୋଲି ବୋଧ ହେବ । ମାତ୍ର ପ୍ରକୃତ ସତ୍ୟ ହେଉଛି ଯେ ବ୍ରହ୍ମ ଏହି ଜଗତର ସକଳ ଆପେକ୍ଷିକତା ମଧ୍ୟରେ ବି ସର୍ବତ୍ର ପୂର୍ଣ୍ଣ ହୋଇ ରହିଛନ୍ତି । ପରମ ଓ ଅଦ୍ୱିତୀୟ ନିର୍ବିଶେଷରୂପେ ସେ ସକଳ ଆପେକ୍ଷିକ ବିସୃଷ୍ଟି ଭିତରୁ ସ୍ୱତନ୍ତ୍ର ରହିଛନ୍ତି, ପୁଣି ସେ ସକଳ ଆପେକ୍ଷିକ ବିସୃଷ୍ଟିର ଭୂମିରୂପେ ପ୍ରତିଷ୍ଠିତ ଅଛନ୍ତି; ଏବଂ ସକଳ ଆପେକ୍ଷିକ ବିସୃଷ୍ଟିର ନିୟମନ କରୁଛନ୍ତି, ସେଗୁଡ଼ିକ ଭିତରେ ବ୍ୟାପ୍ତ ହୋଇ ରହିଛନ୍ତି ଓ ସେଗୁଡ଼ିକୁ ଏକ ଗଠନରୂପ ଦେଇଛନ୍ତି । ଏଠି କେଉଁଠି କିଛିହେଲେ ନାହିଁ ଯାହାକୁକି ଆମେ ସର୍ବଗତ ପରମସତ୍ୟ ବୋଲି କହିପାରିବା ନାହିଁ । ଏହା କିପରି ସମ୍ଭବ ହୋଇଛି, ତାଙ୍କର ନିଜଭାବ ଓ ନିଜସାମର୍ଥ୍ୟକୁ ପର୍ଯ୍ୟବେକ୍ଷଣ କରିହିଁ ଆମେ ତାହା ବୁଝିବାକୁ ସମର୍ଥ ହେଉଛୁ ।

ସ୍ୱୟଂଭବ ପରମସତ୍ତା ଓ ଏହାର କାର୍ଯ୍ୟାବଳୀର ଏହି ତିନିଟିକୁ ଏକ ଏକକ ଓ ଅସୀମିତ ଦୃଷ୍ଟିସମଗ୍ରତାରୂପେ ଅବଲୋକନ କରିପାରିଲେ ଆମେ ତାହା ମଧ୍ୟରେ ଆଉ କୌଣସି ବିଭେଦ ବା ବିଚ୍ଛିନ୍ନତା ଦେଖିବାକୁ ପାଇବା ନାହିଁ ଏବଂ ତାହାର

'oaob.nitrkl.ac.in' images reprocessed

ସମଗ୍ରତା ସମ୍ବନ୍ଧରେ ଆମର ମନରେ ଆଉ କୌଣସି ସଂଶୟ ରହିବ ନାହିଁ । ମାତ୍ର ତର୍କନ୍ୟାୟର ବୁଦ୍ଧିଦ୍ୱାରା ଶିରାରୁ ଶିରାକୁ ଅଲଗା କରି ଦେଖୁଥିବାପର୍ଯ୍ୟନ୍ତ ଆମକୁ ନାନା ଅସୁବିଧା ଭିତରେ ଛନ୍ଦିହୋଇ ରହିବାକୁ ପଡ଼ିବ । ଏକ କଳନାତୀତ ପରମ ସତ୍ତାର କଳ୍ପନାରୁ ତର୍କ-ବୁଦ୍ଧିସଙ୍ଗତ ଏକ ସୈଦ୍ଧାନ୍ତିକ ରଚନାକୁ ଠିଆ କରାଇବାର ଯାବତୀୟ ପ୍ରୟାସରେ ଅବସ୍ଥା ଯାହା ହେବାର କଥା, ଆମେ ଠିକ୍ ସେଇ ଅବସ୍ଥାରେ ଆସି ପଡ଼ିଯିବା । କାରଣ, ଏପରି ଏକ ପ୍ରୟାସ କରିବାକୁ ଯାଇ ଆମେ ହୁଏତ ସମଗ୍ର ଓ ସଂଯୁକ୍ତ ବିଷୟ ସତ୍ୟଟିରୁ ମନଇଚ୍ଛା କେବଳ ଗୋଟିଏ ଅଂଶକୁ କାଟିନେଇ ଯେକୌଣସି ପ୍ରକାରେ ଏକ ସଙ୍ଗତି ଆଣି ଥୋଇଦେବାକୁ ଚେଷ୍ଟା କରିବା, ଅଥବା ତାହାର ବ୍ୟାପକ ଓ ପରିପୂର୍ଣ୍ଣ ସ୍ୱରୂପଟିକୁ ବୁଝିବାଲାଗି ସକଳ ତର୍କବୁଦ୍ଧି ଏକାବେଳେକେ ଅକ୍ଷମ ବୋଲି ସ୍ୱୀକାର କରିନେବା । କାରଣ ଆମେ ଦେଖୁଛୁ ଯେ ପରମ ଅନିର୍ଦ୍ଦେଶ୍ୟ ଅନନ୍ତ ଓ ସାନ୍ତ ଉଭୟ ରୂପରେ ଆତ୍ମପ୍ରକାଶ କରୁଛନ୍ତି, ପରମ ଅକ୍ଷର ଓ ଅପରିବର୍ତ୍ତନୀୟ ସତତ ବହୁକ୍ଷର ରୂପାୟନକୁ ଆପଣା ମଧ୍ୟରେ ସ୍ଥାନ ଦେଉଛନ୍ତି, ଅନନ୍ତସ୍ଥାନ କେତେ କେତେ ବିଶେଷକୁ ପ୍ରତିଷ୍ଠିତ କରାଉଛନ୍ତି; ପରମ ଅଦ୍ୱିତୀୟ ଅଗଣନୀୟ ବହୁରେ ରୂପାୟିତ ହେଉଛନ୍ତି । ପରମ ନୈର୍ବ୍ୟକ୍ତିକ ବ୍ୟକ୍ତିବିଶ୍ୱବର ସୃଷ୍ଟି ଓ ଧାରଣ କରୁଛନ୍ତି, ଏବଂ ସ୍ୱୟଂ ଜଣେ ପରମ ବ୍ୟକ୍ତି ହୋଇ ରହିଛନ୍ତି । ଆତ୍ମାର ଏକ ସ୍ୱକୀୟ ପ୍ରକୃତି ରହିଛି ସତ, ମାତ୍ର ତଥାପି ସେହି ପ୍ରକୃତିକୁ ଅତିକ୍ରମ କରି ତା'ଭିତରେ ଆଉ କିଛି ମଧ୍ୟ ରହିଛି । ପରମ ସତ୍ତା ସମ୍ଭୂତିର ରୂପ ଧାରଣ କରୁଛି, ତଥାପି ସର୍ବଦା ସ୍ୱକୀୟ ସତ୍ତାରେ ଅବସ୍ଥିତ ରହିଛି ଏବଂ ଆପଣାର ସକଳ ସମ୍ଭୂତିର ଅତୀତ ହୋଇ ରହିଛି । ପରମ ବିଶ୍ୱସତ୍ତା ଆପଣାକୁ ବ୍ୟକ୍ତିରେ ରୂପାୟିତ କରୁଛି ଏବଂ ପରମ ବ୍ୟକ୍ତି ଆପଣାକୁ ବିଶ୍ୱଗତ କରିଦେଉଛି, ବ୍ରହ୍ମ ଗୁଣରହିତ ହୋଇ ରହିଛନ୍ତି ଓ ଏକାଧାରରେ ଅନନ୍ତ ଗୁଣବିଶିଷ୍ଟତାର ସାମର୍ଥ୍ୟ ମଧ୍ୟ ରଖିଛନ୍ତି । ସେ ସକଳ କାର୍ଯ୍ୟର ପ୍ରଭୁ ଓ କର୍ତ୍ତା ହୋଇ ଅଛନ୍ତି, ତଥାପି ସେ କେବେହେଲେ କିଛି କରୁନାହାନ୍ତି ଏବଂ ପ୍ରକୃତିର ଯାବତୀୟ କାର୍ଯ୍ୟାବଳୀର କେବଳ ଜଣେ ନୀରବ ସାକ୍ଷୀରୂପେ ବିଦ୍ୟମାନ ଅଛନ୍ତି । ପ୍ରକୃତିର ଏହି କାର୍ଯ୍ୟାବଳୀଗୁଡ଼ିକୁ ଯତ୍ନ ସହକାରେ ଅନୁଧ୍ୟାନ କଲେ, ନିତ୍ୟନୈମିତ୍ତିକ ଅଭ୍ୟସ୍ତତାର ଆବରଣଟିକୁ ଅପସାରି ଦେଇ ବସ୍ତୁଗୁଡ଼ିକର ପ୍ରକ୍ରିୟାମାନ ସର୍ବଦା କେବଳ ଏହିପରିହିଁ ଘଟୁଛି ବୋଲି ବିନା ବିଚାରରେ ସେଗୁଡ଼ିକୁ ସ୍ୱାଭାବିକ ବୋଲି କହିବା ପାଇଁ ଅସମ୍ମତି ପ୍ରକାଶ କଲେ ଆମେ ଏକଥା ଅବଶ୍ୟ ଆବିଷ୍କାର କରିବାକୁ ସମର୍ଥ ହେବା ଯେ ସମଗ୍ର କିମ୍ବା ଅଂଶଗୁଡ଼ିକର କ୍ଷେତ୍ରରେ ପ୍ରକୃତି ଯାହାସବୁ କରୁଛି, ତାହା ପ୍ରକୃତରେ ଏକ କୁହୁକ ପରି, କୌଣସି ଏକ ଅବୋଧ ଜାଦୁଗରର ଏକ କ୍ରିୟାପରି । ସ୍ୱୟମ୍ଭୂସତ୍ତା ତଥା ତାହା ମଧ୍ୟରେ ଆବିର୍ଭୂତ ହୋଇଥିବା ବିଶ୍ୱଜଗତ,—ଏଗୁଡ଼ିକୁ ଅଲଗା ଅଲଗା କରି

'oaob.nitrkl.ac.in' images reprocessed

କିମ୍ବା ଏକଥା ଯେକୌଣସି ଭାବରେ ବିସ୍ତାର କଲେ ମଧ୍ୟ ଦୁହେଁଯାକ କେବଳ ଏକ ରହସ୍ୟ ବୋଲି ବୋଧ ହେବେ, ଆମର ବୁଦ୍ଧି ଯାହାରିକ ଆଦୌ କୌଣସି ଅନ୍ତ ପାଇବ ନାହିଁ । ଆମର ଅଭ୍ୟସ୍ତ ଜଗତଟିକୁ ଦେଖି ଆମକୁ ପ୍ରତ୍ୟେକ ବସ୍ତୁ ଓ ବିଷୟର ଏକ କାରଣ ଅବଶ୍ୟ ରହିଛି ବୋଲି ବୋଧ ହେଉଛି । କାରଣ ସୀମାନ୍ତସ୍ଥିତ ଏହି ଭୌତିକ ଜଗତର ପ୍ରକ୍ରିୟାଗୁଡ଼ିକ ଆମର ଉକ୍ତ ଅନୁମାନଟିକୁ ଯଥାର୍ଥ ବୋଲି ପ୍ରମାଣିତ ଓ ସାବ୍ୟସ୍ତ କରିଦେଉଛି, ସେହି ପ୍ରକ୍ରିୟାଗୁଡ଼ିକ ସତତ ଏକ ନିର୍ଦ୍ଦେଶିତ ବିଧାନ ଅନୁସାରେ ଚାଲିଛନ୍ତି । ମାତ୍ର ବିଷୟସମୂହର ଅସ୍ତିତ୍ୱ ପଛରେ ଅନୁମିତ ଏହି କାରଣବାଦଟିକୁ ବି ଟିକିଏ ଭଲ କରି ପରୀକ୍ଷା କରି ଦେଖିଲେ ସେଇଟି ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ବୁଦ୍ଧିବର୍ଜିତ ଅଥବା ଅବବୌଦ୍ଧିକ ଏବଂ ବୁଦ୍ଧିର ଅଜ୍ଞାତ କ୍ଷେତ୍ରଗୁଡ଼ିକର ସମ୍ମୁଖକୁ ଆସି ଟୁଣ୍ଡିକରି ପଡ଼ିବାପରି ମନେହୁଏ । ଜଡ଼ରୁ ପ୍ରାଣସ୍ତରକୁ ଓ ପ୍ରାଣରୁ ମନଃସ୍ତରକୁ ଅତିକ୍ରମ କଲାବେଳେ ପ୍ରକ୍ରିୟାର ଏହି କାରଣ-ସଙ୍ଗତି ଓ ନିର୍ଦ୍ଦେଶ୍ୟତା ବୃଦ୍ଧି ପାଇବା ପରିବର୍ତ୍ତେ ସତେଅବା ଊଣା ହୋଇ ଯାଉଥିବା ପରି ଲାଗୁଥାଏ । ସତେଯେପରି ଆମେ ସବୁବେଳେ ବୁଦ୍ଧିଦ୍ୱାରାହିଁ ପରିଚାଳିତ ହେଉଛୁ, ଆମର ସୀମାନ୍ତସ୍ଥିତ ସାନ୍ତ ଜୀବନବୃତ୍ତିଟି ହୁଏତ କେତେକ ପରିମାଣରେ ଏକଥା ମାନିନେବାକୁ ରାଜି ହୋଇପାରେ; ମାତ୍ର ଆଣବିକ ଅତି କ୍ଷୁଦ୍ର ସ୍ତରର ଜୀବନ ସେପରି କୌଣସି ବିଧାନର ବାଡ଼ ଭିତରେ ବନ୍ଦ ହୋଇ ରହିବାକୁ ସ୍ପଷ୍ଟ ମନା କରିଦିଏ, ଏବଂ ଅନନ୍ତତାର ସ୍ତରଟି ସେହି ବିଧାନ ପାଖରେ ଧରାଛୁଆଁ ହିଁ ଦିଏ ନାହିଁ । ବିଶ୍ୱକ୍ରିୟା ଓ ତାହାର ତାତ୍ପର୍ଯ୍ୟଟି ସର୍ବଦା ଆମ ବୁଦ୍ଧିର ଅଗମ୍ୟ ହୋଇ ରହିଥାଏ । ଯଦି ଆତ୍ମା ବା ଈଶ୍ୱର ବୋଲି କେହି ଥାଆନ୍ତି, ତେବେ ଏହି ବିଶ୍ୱ ସହିତ ତଥା ଆମ ସହିତ ତାଙ୍କର ଯାବତୀୟ କାରବାର ମଧ୍ୟ ଆମର ବୁଦ୍ଧିର ଅଗମ୍ୟ ହୋଇ ରହେ, ଏବଂ ଆମେ ବୁଝିପାରିଲା ଭଳି ଆମକୁ ସେଥିରୁ କୌଣସି ସୂତ୍ର ବା ସଙ୍କେତ ବି ମିଳେ ନାହିଁ । ଈଶ୍ୱର, ପ୍ରକୃତି ଓ ଏପରିକି ଆମ୍ଭେମାନେ ମଧ୍ୟ ସତେଅବା ଏକ ରହସ୍ୟମୟ ମାର୍ଗରେ ଆତଯାତ ହେବାରେ ଲାଗିଥାଉ । କେବଳ ଆଂଶିକ ଭାବରେ ଓ କେବଳ କେତୋଟି ସ୍ଥାନରେହିଁ ଆମକୁ ସେହି ମାର୍ଗଟି ବୋଧ ପରି ମନେହୁଏ, ମାତ୍ର ସମଗ୍ର ମାର୍ଗଟି ତଥାପି ଆମ ବୁଦ୍ଧିର ଅଗମ୍ୟ ହୋଇ ରହିଥାଏ । ମାୟାର ଯାବତୀୟ କ୍ରିୟାବଳୀ ସତେଅବା ଏକ ଅତିବୌଦ୍ଧିକ ଜାଦୁଗରୀ ପରମଶକ୍ତିର ବିସୃଷ୍ଟି ଓ ଭିଆଣ ବୋଲିହିଁ ମନେହୁଏ, ସେହି ଶକ୍ତି ସତେଅବା ଆପଣାର ବିବେକ ବୁଦ୍ଧି ଅଥବା ଆପଣାର କଳ୍ପନା ଅନୁସାରେ ବସ୍ତୁଜଗତଟିକୁ ଖଞ୍ଜି ରଖିଥିଲା ପରି ଲାଗେ । ମାତ୍ର ସେହି ବିବେକବୁଦ୍ଧିର ଅନ୍ତ ପାଇବାକୁ ଆମ ବୁଦ୍ଧିର କୌଣସି ଶକ୍ତି ନଥାଏ ଓ ସେହି କଳ୍ପନାକୁ ଆମ କଳ୍ପନାର ଦଉଡ଼ିହିଁ ପାଏ ନାହିଁ । ଏଭଳି ରହସ୍ୟମୟ ଭାବରେ ଯେଉଁ ଚିନ୍ମୟ ସତ୍ତା ବସ୍ତୁଜଗତର ପ୍ରକାଶ ଘଟାଉଛି ବା

'oaob.nitrkl.ac.in' images reprocessed

ବସ୍ତୁସକଳ ମଧ୍ୟରେ ଆପଣାକୁ ପ୍ରକାଶିତ କରୁଛନ୍ତି ସିଏ ଆମର ବୁଦ୍ଧିକୁ କେବଳ ଏକ ପରମ ଜାଦୁକର ପରିହିଁ ଦେଖାଯାଏ, ତା'ର ଶକ୍ତି ଅଥବା ମାୟା ଏକ ସୃଜନଶାଳୀ ଜାଦୁଖେଳ ପରିହିଁ ଦେଖାଯାଏ । ମାତ୍ର ଜାଦୁ ଇନ୍ଦ୍ରଜାଲ ରଚନା କରିପାରେ, ପୁଣି ବିସ୍ମୟକାରୀ ବାସ୍ତବତାଗୁଡ଼ିକର ବି ସୃଷ୍ଟି କରିପାରେ; ଏବଂ ଏହି ଦୁଇଟି ଅତିବୌଦ୍ଧିକ ପ୍ରକ୍ରିୟା ମଧ୍ୟରୁ ଏହି ବିଶ୍ୱଜଗତରେ ଆମେ ପ୍ରକୃତରେ କେଉଁଟିର ସମ୍ମୁଖୀନ ହେଉଛୁ, ସେଇଟିର ମୀମାଂସା କରିବା ଆମ ଲାଗି ବଡ଼ କଷ୍ଟକର ହୋଇପଡ଼େ ।

ମାତ୍ର ବସ୍ତୁତଃ ପରମତତ୍ତ୍ୱ ବା ବିଶ୍ୱଗତ ସ୍ୱୟମ୍ଭୂସତ୍ତା ମଧ୍ୟରେ ରହିଥିବା ଓ ଆମକୁ ମାୟା ଭିତରେ ଆଣି ପକାଇ ଦେଉଥିବା କୌଣସି ଭ୍ରମକଳ୍ପନା ଭିତରେ ଆମେ ଏହି ଭ୍ରାନ୍ତ ଧାରଣାଟିର କାରଣ ଖୋଜି ଯିବା ନାହିଁ; ତାଙ୍କର ବହୁବିଚିତ୍ର ସତ୍ତାଟିକୁ ବୁଝି ପାରିବା ଲାଗି ପରମ ସୂତ୍ରଟିକୁ ପାଇବାରେ ତଥା ତାଙ୍କର କ୍ରିୟା ପଛରେ ରହିଥିବା ପ୍ରଚ୍ଛନ୍ନ ଯୋଜନା ଓ ଯୁକ୍ତିଟିକୁ ଆବିଷ୍କାର କରିବାରେ ଆମ ନିଜର ଅକ୍ଷମତାକୁହିଁ ଆମେ ତାହାର କାରଣ ବୋଲି ଗ୍ରହଣ କରିବା । ସ୍ୱୟମ୍ଭୂସତ୍ତାହିଁ ପରମ ଅନନ୍ତ ସତ୍ତା; ତେଣୁ ତାଙ୍କର ସତ୍ତା ତଥା କ୍ରିୟାର ଯୁକ୍ତି ମଧ୍ୟ ପରମ ଅନନ୍ତରହିଁ ଯୁକ୍ତି ହେବାକୁ ବାଧ୍ୟ । ମାତ୍ର ଆମର ଚେତନାହିଁ ନାନା ସୀମାଦ୍ୱାରା ଅସମର୍ଥ ହୋଇ ରହିଛି; ଆମର ବୋଧବୁଦ୍ଧି ମଧ୍ୟ କେବଳ ସୀମିତ ଓ ଅଳ୍ପବିଶିଷ୍ଟ ବସ୍ତୁଗୁଡ଼ିକୁ ଆଶ୍ରୟ କରି ଠିଆହୋଇଛି । ତେଣୁ ଏକ ସୀମାସଙ୍କୁଚିତ ଚେତନା ଓ ବୁଦ୍ଧିଗତ ବୋଧ ଯେ ପରମ ଅନନ୍ତତତ୍ତ୍ୱର କଳନା କରିବାରେ ସମର୍ଥ ହୋଇ ପାରିବ, ଏଭଳି ଏକ ଅନୁମାନ କଦାପି ବୁଦ୍ଧିସମର୍ଥିତ ହେବ ନାହିଁ । ଏହି କ୍ଷୁଦ୍ରତାଟି କଦାପି ସେହି ପରମ ଅପାରତା ଓ ଅଗାଧତାକୁ ମାପି ପାରିବ ନାହିଁ, ଆପଣାର ଅତ୍ୟଳ୍ପ ସାଧନଗୁଡ଼ିକୁ କେବଳ ସୀମିତ ସ୍ତରରେ କାର୍ଯ୍ୟରେ ଲଗାଇ ପାରୁଥିବା ଏହି ଦୀନତା ସେହିସବୁ ସମ୍ପଦର ବିପୁଳ ବିଶ୍ୱବ୍ୟବସ୍ଥାଟିର କଳ୍ପନାହିଁ କରି ପାରିବ ନାହିଁ । ଏକ ଅଜ୍ଞାନାଚ୍ଛନ୍ନ ଅଳ୍ପଜ୍ଞାନ ଏକ ପରମ ସର୍ବଜ୍ଞାନର ଗତିଧାରାଗୁଡ଼ିକୁ କଦାପି ବୁଝି ପାରିବ ନାହିଁ । ଭୌତିକ ପ୍ରକୃତିର ସୀମାବଦ୍ଧ କ୍ରିୟାଗୁଡ଼ିକ ସମ୍ବନ୍ଧରେହିଁ ଆମର ଯେଉଁ ଅଭିଜ୍ଞତା ହୋଇଥାଏ, ତାହାରି ଭିତ୍ତି ଉପରେହିଁ ଆମ ବୁଦ୍ଧି ଓ ବୋଧର ସମୁଦାୟ ମାନଚିତ୍ରଟି ତିଆରି ହୋଇଥାଏ; ନାନା ସୀମା ଭିତରେ ଆବଦ୍ଧ ହୋଇ କାର୍ଯ୍ୟ କରୁଥିବା ଏକ ପ୍ରକ୍ରିୟାଟିର କେବଳ ଏକ ଅତି ଅପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଓ ଅନିଶ୍ଚିତ ଜ୍ଞାନକୁହିଁ ସେହି ମାନଚିତ୍ର ଆଶ୍ରାକରି ରହିଥାଏ । ଏହି ଭୂମିଟି ଉପରେ ଆମର ବୁଦ୍ଧିଗତ ବୋଧ ଆପଣାର କେତୋଟି ଧାରଣାକୁ ସଜ୍ଜିତ ଓ ସଂଗଠିତ କରି ରଖିଥାଏ, ଏବଂ ଏହି ଧାରଣାଗୁଡ଼ିକୁ ସେ ସାମାନ୍ୟ ସତ୍ୟଧାରଣାରେ ପରିଣତ କରିବାକୁ ଚାହୁଁଥାଏ, ସେଗୁଡ଼ିକୁ ବିଶ୍ୱଗତ କରି ଦେଖିବାକୁ ଚାହୁଁଥାଏ । ଏବଂ ଏହିସବୁ ଧାରଣାର ସମ୍ମୁଖରେ

'oaob.nitrkl.ac.in' images reprocessed

ଯାହାକିଛି ମେଳ ଖାଏ ନାହିଁ କିମ୍ବା ଅନ୍ୟ ସ୍ୱଭାବର ବୋଲି ପ୍ରତୀତ ହୁଏ, ସେଗୁଡ଼ିକୁ ତାହା ବୁଦ୍ଧିବିରୋଧୀ, ମିଥ୍ୟା କିମ୍ବା ଅବୋଧ୍ୟ ବୋଲି ବିଚାର କରିବାକୁ ଲାଗେ । ମାତ୍ର ଯଥାର୍ଥତଃ ବିଚାର କରି ଦେଖିଲେ ସତ୍ୟର ସର୍ବଦା ନାନା ସ୍ତର ରହିଛି, ଏବଂ ଗୋଟିଏ ସ୍ତରରେ ଉପଯୋଗୀ ବୋଲି ସାବ୍ୟସ୍ତ ହେଉଥିବା ସାମାନ୍ୟ ଧାରଣା, ମାପକ ଏବଂ ମାନଦଣ୍ଡଗୁଡ଼ିକ ହୁଏତ ଅନ୍ୟ ଏକ ସ୍ତରରେ ଆଦୌ ପ୍ରଯୁଜ୍ୟହିଁ ହୋଇ ନପାରେ । ଆମର ସ୍ଥୂଳ ଶରୀରଟି ପ୍ରଥମତଃ ଇଲେକ୍‌ଟ୍ରନ୍, ଅଣୁ, ପରମାଣୁ ଓ କୋଷ ପ୍ରଭୃତି ଅତିକ୍ଷୁଦ୍ରାଣୁର ସମଷ୍ଟିଦ୍ୱାରା ଗଢ଼ାହୋଇଛି, ମାତ୍ର କେବଳ ଏହିସବୁ ଅତିକ୍ଷୁଦ୍ରାଣୁର କ୍ରିୟାରୀତିଦ୍ୱାରାହିଁ । ଏପରିକି ଏହି ମନୁଷ୍ୟଶରୀରର ସକଳ ଜଡ଼ସ୍ତରୀୟ କ୍ରିୟାକୁ ବୁଝାଇଦେଇ ପାରିବା ମଧ୍ୟ କଦାପି ସମ୍ଭବ ହେବ ନାହିଁ । ପୁଣି ମନୁଷ୍ୟର ଅତି ଭୌତିକ ଅଙ୍ଗପ୍ରତଙ୍ଗ ଓ ତା'ର ପ୍ରାଣ, ମନ ଓ ଆତ୍ମଗତ ଗତିସ୍ପନ୍ଦନ-ସ୍ତରର କ୍ରିୟାରୀତି ଓ ବିଧାନଗୁଡ଼ିକୁ ବୁଝିବାରେ ତାହା ଆହୁରି କେତେ କମ୍ ସମର୍ଥ ହୋଇପାରିବ । ଏହି ଶରୀର ଭିତରେ ସୀମାବଦ୍ଧ ତତ୍ତ୍ୱଗୁଡ଼ିକର ରଚନା ହୋଇଛି, ସେହି ତତ୍ତ୍ୱସବୁ ସେଠାରେ ସ୍ୱକୀୟ ପ୍ରକୃତି, ଗୁଣଧର୍ମ ଓ ସ୍ୱଭାବଗତ କ୍ରିୟାରୀତି ସହିତ କାର୍ଯ୍ୟ କରୁଛନ୍ତି । ସ୍ୱୟଂ ଶରୀରଟି ମଧ୍ୟ ଗୋଟିଏ ସୀମାବଦ୍ଧ ତତ୍ତ୍ୱ ଯାହାକୁ କି ଆମେ ତାହାର ଅଂଶ, ଅବୟବ ଓ ସାଧନରୂପେ ବ୍ୟବହୃତ ହେଉଥିବା ଏହି କ୍ଷୁଦ୍ରତର ସୀମିତ ତତ୍ତ୍ୱଗୁଡ଼ିକର କେବଳ ଏକ ସମଷ୍ଟିମାତ୍ର ବୋଲି ଆଦୌ କହି ପାରିବା ନାହିଁ । କାରଣ ଆପଣାର ବିବର୍ତ୍ତନକ୍ରମରେ ଶରୀର ଆପଣାର ଏକ ସତ୍ତା ବା ଅସ୍ତିତ୍ୱକୁ ବିକଶିତ କରାଇ ପାରିଛି ଏବଂ ଏକ ସାମାନ୍ୟ ବିଧାନ ଅନୁସାରେ ଆତଯାତ କି ହେଉଛି । ଏହି ସାମାନ୍ୟ ବିଧାନଟିକୁ ଆମେ ଏହିସବୁ ଅଂଶ ଓ ଅବୟବ ଉପରେ କେବଳ ଏକ ନିର୍ଭରଶୀଳତା ବୋଲି କଦାପି କହି ପାରିବା ନାହିଁ । ଏହା ସେହି ନିର୍ଭରଶୀଳତାଠାରୁ ଅନେକ ବେଶୀ । ପୁଣି ପ୍ରାଣ ଓ ମନ ହେଉଛନ୍ତି ଦୁଇଟି ଅତିଭୌତିକ ସୀମାବଦ୍ଧ ତତ୍ତ୍ୱ; ସେଗୁଡ଼ିକର ଏକ ସ୍ୱକୀୟ କ୍ରିୟାରୀତି ରହିଛି ଯାହାକି ଶରୀରର କ୍ରିୟାରୀତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ଅଧିକ ସୂକ୍ଷ୍ମ । ଦେହରୂପୀ ସାଧନ ଉପରେ ଏମାନଙ୍କୁ ଯେତେ ନିର୍ଭରଶୀଳ ହୋଇ ରହିବାକୁ ପଡ଼ିଲେ ମଧ୍ୟ ଏମାନେ ଆପଣା ଆପଣାର ନିଜସ୍ୱ ଧର୍ମରୁ କେବେହେଲେ ବିଚ୍ୟୁତ ହୋଇ ପଡ଼ନ୍ତି ନାହିଁ । ଆମର ପ୍ରାଣ ଓ ମନୋଗତ ସତ୍ତାରେ ତଥା ପ୍ରାଣ ଓ ମନୋଗତ ସାମର୍ଥ୍ୟ ଭିତରେ ଏକ ଭିନ୍ନ ଧାତୁ ଓ ଭିନ୍ନ ଧର୍ମର ଏପରି ଅଧିକ କିଛି ରହିଛି, ଯାହାକୁ କି ଆମେ କେବଳ ଏକ ଭୌତିକ ଶରୀରଗତ କ୍ରିୟା ବୋଲି କଦାପି କହିପାରିବା ନାହିଁ । ପୁଣି ଆପଣାର ମର୍ମସତ୍ୟରୂପେ ବା ଆପଣା ଭିତରେ ପ୍ରତ୍ୟେକ ସୀମାବଦ୍ଧ ତତ୍ତ୍ୱ ଏକ ପରମ ଅନନ୍ତର ବ୍ୟଞ୍ଜନାକୁ ମଧ୍ୟ ପ୍ରଚ୍ଛନ୍ନରୂପେ ଧରିରଖିଛି । ସେହି ବ୍ୟଞ୍ଜନାହିଁ ଏକ ସୀମାବଦ୍ଧ ତତ୍ତ୍ୱକୁ ଆପଣା ଆତ୍ମରୂପାୟନର ଏକ ବିଗ୍ରହରୂପେ ନିର୍ମାଣ କରିଛି, ତାହାକୁ ଧାରଣ କରି ରଖିଛି ଓ

'oaob.nitrkl.ac.in' images reprocessed

ତାହାକୁ ବାଣ୍ଟ ଦେଖାଇ ନେଉଛୁ । ତେଣୁ ଏକ ସୀମାବଦ୍ଧ ତତ୍ତ୍ୱର ଅସ୍ତିତ୍ୱ, ବିଧାନ ତଥା ପ୍ରକ୍ରିୟାକୁ ବି ବୁଝିବାକୁ ହେଲେ ତାହାର ଭିତରେ ବା ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଅନନ୍ତରୂପୀ ରହସ୍ୟଟିର ପରିଚୟ ବ୍ୟତୀତ ତାହା ଆଦୌ ସମ୍ଭବ ହୋଇ ପାରିବ ନାହିଁ । ଆମର ସୀମାବଦ୍ଧ ଜ୍ଞାନ, ବୋଧ ଓ ମାନଦଣ୍ଡମାନ ସେଗୁଡ଼ିକର ଆପଣାଆପଣାର ସୀମା ଭିତରେ ହୁଏତ ବେଶ୍ ସତ୍ୟ ହୋଇପାରିବ, ମାତ୍ର ସେଗୁଡ଼ିକୁ ସର୍ବଥା ଅପୂର୍ଣ୍ଣ ଓ ଆପେକ୍ଷିକ ବୋଲିହିଁ ମାନିନେବାକୁ ପଡ଼ିବ । ଦେଶ ଓ କାଳ ଭିତରେ ଯାହାସବୁ କେବଳ ବିଭାଜିତ ଅବସ୍ଥାରେ ରହିଛି, କେବଳ ସେହିଗୁଡ଼ିକର ପର୍ଯ୍ୟବେକ୍ଷଣକୁ ଭିତ୍ତି କରି ରହିଥିବା ଯେକୌଣସି ବିଧାନ ବା ନିୟମ ପରମ ଅଖଣ୍ଡ ଓ ଅବିଭାଜ୍ୟର ସତ୍ତା ଓ କ୍ରିୟାର କ୍ଷେତ୍ରରେ କଦାପି ପ୍ରଯୁଜ୍ୟ ହୋଇପାରିବ ନାହିଁ । ଦେଶକାଳାତୀତ ପରମ ଅନନ୍ତତତ୍ତ୍ୱର କ୍ଷେତ୍ରରେ କେବଳ ଯେ ତାହାକୁ ପ୍ରୟୋଗ କରାଯାଇ ପାରିବ ନାହିଁ, ତା' ନୁହେଁ; ଅନନ୍ତ ଦେଶ ଓ ଅନନ୍ତ କାଳର କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ ନାହିଁ । ଆମର ଏହି ଉପରିଭାଗୀୟ ସତ୍ତାର କ୍ଷେତ୍ରରେ ଯେଉଁ ନିୟମ ଓ ଯେଉଁ ପ୍ରକ୍ରିୟାଟିକୁ ଲାଗୁ କରାଯାଇ ପାରୁଛି ଆମ ଭିତରେ ଅନ୍ତର୍ଗୂଢ଼ ହୋଇ ରହିଥିବା କୌଣସି ତତ୍ତ୍ୱର କ୍ଷେତ୍ରରେ ମଧ୍ୟ ଯେ ସେଇଟିକୁ ଲାଗୁ କରାଯାଇ ପାରିବ, ସେପରି ମାନିନେବାର ଆଦୌ କୌଣସି କାରଣ ନାହିଁ । ପୁଣି, ତର୍କ ଉପରେ ପ୍ରତିଷ୍ଠିତ ରହିଥିବା ଆମର ବୁଦ୍ଧି ଯେଉଁଠାରେ ବୁଦ୍ଧି ବା ବିଚାରବୋଧର ବିକାଶ ଘଟି ନାହିଁ ଏପରି ଏକ ଅବବୌଦ୍ଧିକ କ୍ଷେତ୍ରର ସମ୍ମୁଖୀନ ହେଲାବେଳେ ସତେଅବା ବଡ଼ ହରକତ ଭିତରେ ଆସି ପଡ଼ିଯାଏ । ପ୍ରାଣର ତତ୍ତ୍ୱଟି ହେଉଛି ଏହିପରି ଏକ ଅବବୌଦ୍ଧିକ ତତ୍ତ୍ୱ, ଏବଂ ଆମେ ସାଧାରଣତଃ ଦେଖିବାକୁ ପାଉ ଯେ ପ୍ରାଣର କ୍ଷେତ୍ରରେ ଆପଣାକୁ ପ୍ରୟୋଗ କଲାବେଳେ ଆମର ବୁଦ୍ଧିଗତ ବିଚାରବୋଧ ସତତ ତାହା ଉପରେ ସତେଅବା ବାହାରୁ ଆଣି ଆପଣାର ଶାସନଟିକୁ ଲଦିଦେଇଥାଏ, ଆପଣାର ପରିମାପକଗୁଡ଼ିକୁ ତା' ଉପରେ ଲଦିଦିଏ ଏବଂ ଏକ କୃତ୍ରିମ ନିୟମତନ୍ତ୍ରକୁ ଜବରଦସ୍ତି କଲାପରି ପ୍ରାଣର ସମଗ୍ର କ୍ଷେତ୍ରଟିରେ ଜାରି କରି ରଖିବାକୁ ଇଚ୍ଛା କରେ । ଏହିପରି ଏକ ବଳାତ୍କୃତତା ଫଳରେ ପ୍ରାଣ ହୁଏତ ମରିଯାଏ କିମ୍ବା ନିର୍ଜୀବ ଓ ପ୍ରାଣଶକ୍ତିହୀନ ହୋଇ ରହେ, ଅଥବା ଏଭଳି ସବୁ ଅତି କଠିନ ଓ ଅନମନୀୟ ଗ୍ରନ୍ଥି ତଥା ପରମ୍ପରା ଭିତରେ ପ୍ରାଣକୁ ଘୁପିହୋଇ ରହିବାକୁ ପଡ଼େ ଯାହାଫଳରେ କି ପ୍ରାଣର ସାମର୍ଥ୍ୟଟି ଅତ୍ୟନ୍ତ ପଙ୍ଗୁ ହୋଇପଡ଼େ ଓ ତାହା ବନ୍ଦୀଶାଳାରେ ବନ୍ଦୀ ହୋଇ ରହିଲାପରି ପଡ଼ିରହେ । ଅଥବା, ଏଥିରୁ ଏକ ଚରମ ଅବ୍ୟବସ୍ଥାହିଁ ପରିଣାମ ହୁଏ । ଏହି ଜବରଦସ୍ତି ବିରୁଦ୍ଧରେ ପ୍ରାଣ ବିଦ୍ରୋହ କରିଉଠେ ଏବଂ ଯେଉଁ ବ୍ୟବସ୍ଥାଟିକୁ ଆମର ବୁଦ୍ଧି ବାହାରୁ ଆଣି ତାହା ଉପରେ ବଳପୂର୍ବକ ଲଦି ଦେଇଥିଲା, ପ୍ରାଣ ସେହି ବ୍ୟବସ୍ଥାର ତନ୍ତ୍ରଟିକୁ ଧ୍ୱସ୍ତ ଓ ଚୂର୍ଣ୍ଣୀଭୂତ କରିଦେବାକୁ ବାହାରେ । ତେଣୁ ଏହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଏକ ସହଜାତ ପ୍ରବୃତ୍ତି ଅଥବା ଏକ ପ୍ରତ୍ୟୟବୋଧର ଆବଶ୍ୟକତା ରହିଛି, ଯାହାକି କେବେହେଲେ ବୁଦ୍ଧିର ବଶ ହୋଇ ରହୁ ନଥିବ ଏବଂ ମନୋଗତ କ୍ରିୟାକ୍ଷେତ୍ରରେ ଏକ ସହାୟକ ହିସାବରେ ଆପଣାଛାଏଁ ଆସି କାର୍ଯ୍ୟ କରୁଥିବାବେଳେ ଯାହାକି ବୁଦ୍ଧିର କଥା ଶୁଣିବା ଲାଗି କଦାପି ବାଧ୍ୟ ହେବ ନାହିଁ । ମାତ୍ର ଅତିବୌଦ୍ଧିକ କ୍ଷେତ୍ରଟିକୁ ବୁଝି ତାହାର ସମ୍ମୁଖୀନ ହେବା ଆମର ବୁଦ୍ଧିଗତ ବୋଧ ପକ୍ଷରେ ଆହୁରି ଅଧିକ ଆୟାସସାଧ୍ୟ ହୋଇପଡ଼ିବ । ଅତିବୌଦ୍ଧିକ କ୍ଷେତ୍ର ହେଉଛି ଏକ ଚିନ୍ମୟ କ୍ଷେତ୍ର, ଏହା ଅଧ୍ୟାତ୍ମର କ୍ଷେତ୍ର । ଅତିବୌଦ୍ଧିକ ସତ୍ୟଭୂମିର ବିଶାଳତା, ସୂକ୍ଷ୍ମତା, ଗମ୍ଭୀରତା ଓ ବହୁସମ୍ବନ୍ଧତା ମଧ୍ୟରେ ଆମର ବୁଦ୍ଧି କୁଆଡ଼େ ବଣା ହୋଇ ହଜିଯିବ । ଏଠାରେ ଆମର ପ୍ରତ୍ୟୟବୋଧ ଓ ଅନ୍ତର୍ଗତ ଅନୁଭୂତିହିଁ ଆମକୁ ବାଟ ଦେଖାଇ ନେଇଯାଇ ପାରିବେ । କିମ୍ବା, ବାଟ ଦେଖାଇ ନେଇଯିବାକୁ ସମର୍ଥ ହେଉଥିବା ଯଦି ଆଉକିଛି କୋଉଠି ରହିଥାଏ, ତେବେ ପ୍ରତ୍ୟୟବୋଧ ବା ସମ୍ବୋଧିକୁ ତାହାର କେବଳ ଏକ ତୀକ୍ଷ୍ଣ ଧାର ପରି କାର୍ଯ୍ୟ କରିବାକୁ ପଡ଼ିବ, ତାହାର ଏକ ସଘନ ଓ ପ୍ରକ୍ଷେପିତ ରଶ୍ମି ପରିହିଁ କାର୍ଯ୍ୟ କରୁଥିବ । ଅତିବୌଦ୍ଧିକ ସତ୍ୟଚକ୍ଷୁରୁ, ଅର୍ଥାତ୍ ଅତିମାନସ ଦୃଷ୍ଟି ତଥା ଅତିମାନସ ପରିଚୟରୁହିଁ ଚରମ ଓ ପରମ ଜ୍ଞାନାଲୋକର କ୍ଷରଣ ଘଟିବ ।

ମାତ୍ର ସେଥିଲାଗି ଆମେ ପରମ ଅନନ୍ତଙ୍କର ସତ୍ତା ଓ କ୍ରିୟାକୁ ସତେଅବା ସକଳ ଯୁକ୍ତି ଓ ତର୍କସଙ୍ଗତତାରୁ ବିବର୍ଜିତ ହୋଇ ରହିଥିବା କେବଳ ଏକ କୁହୁକ-ମୟତା ବୋଲି କଦାପି ବିଚାର କରିବା ନାହିଁ । ବରଂ ଅନ୍ୟପକ୍ଷରେ ଆମକୁ ଜାଣି ରଖିବାକୁ ପଡ଼ିବ ଯେ ପରମ ଅନନ୍ତଙ୍କର ଯାବତୀୟ କ୍ରିୟାକଳାପରେ ସତତ ଏକ ବୃହତ୍ତର ବିବେକ କାର୍ଯ୍ୟ କରୁଛି । ମାତ୍ର ଏହି ବିବେକ ଏକ ମାନସିକ କିମ୍ବା ମସ୍ତିଷ୍କଗତ ସ୍ତରର ବିବେକ ନୁହେଁ, ଏହା ହେଉଛି ଏକ ଆଧ୍ୟାତ୍ମିକ ବିବେକ, ଏହା ଅତିମାନସ ବିବେକ । ଏଥିରେ ମଧ୍ୟ ଏକ ନ୍ୟାୟସଙ୍ଗତି ଅବଶ୍ୟ ରହିଛି, କାରଣ ଏହା ମଧ୍ୟରେ କେତେକେତେ ସମ୍ବନ୍ଧ ଓ ସଂଯୋଗ ସୂତ୍ରମାନ ଅଭ୍ରାନ୍ତ ଭାବରେ ପର୍ଯ୍ୟବେକ୍ଷିତ ତଥା କାର୍ଯ୍ୟାନ୍ୱିତ ହେବାରେ ଲାଗିଛି । ଆମ ସୀମାବଦ୍ଧ ବିବେକର ଆଖିକୁ ଯାହା କୁହୁକଭଳି ଦେଖାଯାଉଛି, ତାହାହିଁ ପରମ ଅନନ୍ତଙ୍କର ଦିବ୍ୟ ନ୍ୟାୟରୂପେ ପ୍ରତିଷ୍ଠିତ ରହିଛି । ଏହି ବିବେକ ଏକ ବୃହତ୍ତର ବିବେକ, ଏହି ନ୍ୟାୟ ଏକ ବୃହତ୍ତର ନ୍ୟାୟ; କାରଣ ଆପଣାର କାର୍ଯ୍ୟକାରିତାରେ ଏହା ଅଧିକ ବ୍ୟାପକ, ଅଧିକ ସୂକ୍ଷ୍ମ ଓ ଅଧିକ ସମ୍ବନ୍ଧବହୁଳ । ଆମର ଦୃଷ୍ଟିରେ ଧରା ପଡ଼ୁନଥିବା ସକଳ ତଥ୍ୟ ଏହି ନ୍ୟାୟର ସମଗ୍ର ଗୋଚର ମଧ୍ୟରେ ଅବସ୍ଥିତ ରହିଛି । ଆମର ଅବରୋହୀ କିମ୍ବା ଆରୋହୀ ଯୁକ୍ତି ଯେଉଁସବୁ ପରିଣାମ ଓ ପରିଣତିର ଆଭାସ ସୂଚନା ପାଇବାକୁ ସମର୍ଥ

'oaob.nitrkl.ac.in' images reprocessed

ହେଉ ନାହିଁ, ଦିବ୍ୟ ନ୍ୟାସ୍ ଉକ୍ତ ତଥ୍ୟଗୁଡ଼ିକରୁ ସେସବୁ ସିଦ୍ଧାନ୍ତ ଓ ପରିଣାମରେ ଅତି ସହଜରେ ଉପନୀତ ହୋଇ ପାରୁଛୁ । କାରଣ ଆମର ସିଦ୍ଧାନ୍ତ ଓ ଅନୁମାନଗୁଡ଼ିକ କେବଳ ଏକ ଦୁର୍ବଳ ଭିତ୍ତି ଉପରେ ଠିଆହୋଇ ରହିଥିବାରୁ ବଡ଼ ଭ୍ରମାତ୍ମକ ଓ ଭଙ୍ଗୁର ଅବସ୍ଥାରେ ପଡ଼ିରହିଛି । ଘଟିଥିବା କୌଣସି ଘଟଣାକୁ ଦେଖିଥିବା ସମୟରେ ଆମେ ତାହାର ପରିଣାମଟିରୁହିଁ ତା'ର ବିଚାର ଓ ବ୍ୟାଖ୍ୟା କରିବାର ଚେଷ୍ଟା କରୁଛୁ, ଏକାବେଳେକେ ଉପରିଭାଗରେ ଦେଖା ଦେଉଥିବା ତାହାର ବାହ୍ୟ ଉପାଦାନ, ପରିବେଶ ଓ କାରଣଗୁଡ଼ିକ ଉପରେ କିଞ୍ଚିତ୍ ଦୃଷ୍ଟିପାତ କରିହିଁ ଆମେ ସେହି ଘଟଣାର କଳନା ଓ ବ୍ୟାଖ୍ୟା କରିବାକୁ ଯାଉଛୁ । ମାତ୍ର ଯେଉଁ ବହୁବିଧ ଶକ୍ତିର ଏକତ୍ର ଓ ଜଟିଳ ସଂଯୋଜନ ଦ୍ୱାରାହିଁ ପ୍ରତ୍ୟେକ ଘଟଣା ଘଟୁଛି, ଆମେ ସେହି ଶକ୍ତିଗୁଡ଼ିକୁ ଆଦୌ ଦେଖିବାକୁ ପାଉ ନାହୁଁ; ସେଗୁଡ଼ିକୁ ଦେଖିପାରିବା ଲାଗି ଆମ ପାଖରେ କୌଣସି ସାମର୍ଥ୍ୟ ମଧ୍ୟ ନାହିଁ । କାରଣ ସକଳ ଶକ୍ତି ଆମ ଲାଗି ଅଦୃଶ୍ୟ ହୋଇ ରହିଛି । ମାତ୍ର ସେଥିଲାଗି ପରମ ଅନନ୍ତଙ୍କର ଆଧ୍ୟାତ୍ମିକ ଦୃଷ୍ଟିକୁ ସେସବୁ କଦାପି ଅଦୃଶ୍ୟ ହୋଇ ରହି ନାହିଁ । ସେଗୁଡ଼ିକ ମଧ୍ୟରୁ କେତେକ ଗୋଟିଏ ଗୋଟିଏ ବାସ୍ତବତାରୂପେ ପ୍ରତିଷ୍ଠିତ ରହି ଏକ ନୂତନ ବାସ୍ତବତାର ସୃଷ୍ଟି ଲାଗି କାର୍ଯ୍ୟ କରୁଛନ୍ତି, ସେଥିଲାଗି କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି । ପୁଣି ଯେଉଁସବୁ ଶକ୍ତି ଆଗରୁ ବିଦ୍ୟମାନ ରହିଛି, କେତେକ ସେଗୁଡ଼ିକର ସମୀପବର୍ତ୍ତୀ ଭାବରେ ଗୋଟିଏ ଗୋଟିଏ ସମ୍ଭାବନାରୂପେ ପ୍ରତିଷ୍ଠିତ ରହିଛନ୍ତି ଓ ଗୋଟିଏ ଦୃଷ୍ଟିରୁ ଦେଖିଲେ ସେଗୁଡ଼ିକର ସମାହାର ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି । ମାତ୍ର ନୂତନ ସମ୍ଭାବନାମାନ ସହସା ଆସି ଗତିଶୀଳ ସମ୍ଭାବ୍ୟତାରୂପେ ଅବତୀର୍ଣ୍ଣ ହେବା ଲାଗି ଏବଂ ସେହି ଶକ୍ତିସମଷ୍ଟି ସହିତ ସମ୍ମିଳିତ ହେବା ଲାଗି ସତତ ସମ୍ଭାବନା ରହିଛି । ଏବଂ ଏହିସବୁ ଶକ୍ତି ପଛରେ ଏକ ବା ଏକାଧିକ ନିୟାମକ ଶକ୍ତି ମଧ୍ୟ ରହିଛି, ଯାହାର ଆଦେଶକ୍ରମେ ଏହିସବୁ ସମ୍ଭାବନା କାର୍ଯ୍ୟରେ ପରିଣତ କରିବାର ପ୍ରୟାସ କରୁଛନ୍ତି । ପୁଣି, ସେହି ଗୋଟିଏ ଶକ୍ତିସଂସ୍ଥାନରୁ ମଧ୍ୟ ଭିନ୍ନଭିନ୍ନ ସମ୍ଭାବନା ଉପୁଜିବାର ପୂର୍ଣ୍ଣ ସମ୍ଭାବନା ରହିଛି । ନିଃସନ୍ଦେହ ଭାବରେ ଆଗରୁ ପଛରେ ଅପେକ୍ଷା କରି ରହିଥିବା ଓ ସତତ ପ୍ରସ୍ତୁତ ହୋଇ ରହିଥିବା ଏକ ନିର୍ଦ୍ଦେଶହିଁ ଏହିସବୁ ସମ୍ଭାବନାରୁ ପ୍ରକୃତରେ କି ପରିଣାମ ଘଟିବ, ତାହା ନିର୍ଣ୍ଣୟ କରି ଦେଉଛି; ମାତ୍ର ମନେହେଉଛି ଯେପରି ତାହା ହଠାତ୍ ଆବିର୍ଭୂତ ହୋଇ ଓ ସହସା କ୍ଷେତ୍ରଟି ଉପରେ ଅବତୀର୍ଣ୍ଣ ହୋଇ ସବୁକିଛି ବଦଳାଇ ଦେଇ ଯାଉଛି, ତାହାକୁ ସତେଅବା ସବୁ ମୀମାଂସା କରିବାକୁ ଆସିଥିବା ଏକ ଦିବ୍ୟ ନିର୍ଦ୍ଦେଶ ପରି ମନେ ହେଉଛି । ଆମର ବୁଦ୍ଧି ପକ୍ଷରେ ଏସବୁକୁ ବୁଝିପାରିବା ଆଦୌ ସମ୍ଭବ ନୁହେଁ । କାରଣ ଯାହାକୁ ଆମେ ବୁଦ୍ଧି ବୋଲି କହୁଛୁ, ତାହା କେବଳ ଅଜ୍ଞାନର ଏକ ସାଧନ ବ୍ୟତୀତ ଆଉ କିଛି ନୁହେଁ । ଏହାର ଦୃଷ୍ଟି ଅତ୍ୟନ୍ତ ସୀମାବଦ୍ଧ, ଏବଂ ଏହାର କ୍ଷୁଦ୍ର

'oaob.nitrkl.ac.in' images reprocessed

ଭଣ୍ଡାରଟି ମଧ୍ୟରେ ଯାହାକିଛି ଜ୍ଞାନ ସଞ୍ଚିତ ହୋଇ ରହିଛି, ତାହାକୁ ମଧ୍ୟ ଆମେ ସବୁବେଳେ ଅଭ୍ରାନ୍ତ ଓ ବିଶ୍ୱାସଯୋଗ୍ୟ ବୋଲି ଆଦୌ କହି ପାରିବା ନାହିଁ । ଆମର ଏହି ବୁଦ୍ଧି ପାଖରେ ପ୍ରତ୍ୟକ୍ଷ ପରିଚୟ ବା ପ୍ରତ୍ୟକ୍ଷ ବୋଧ ଲାଗି ଆଦୌ କୌଣସି ସାଧନ ନାହିଁ । ଏହାକୁହିଁ ଆମେ ପ୍ରଜ୍ଞାବୋଧ ଓ ବୁଦ୍ଧି ମଧ୍ୟରେ ରହିଥିବା ପାର୍ଥକ୍ୟ ବୋଲି ଜାଣିରଖିବା । ଏକ ପ୍ରତ୍ୟକ୍ଷ ବୋଧ ଦ୍ୱାରା ପରିଚୟର ପ୍ରଜ୍ଞାବୋଧର ଜନ୍ମ ହୁଏ, ମାତ୍ର ବୁଦ୍ଧି ହେଉଛି ଜ୍ଞାନଲାଭର ଏକ ପରୋକ୍ଷ କ୍ରିୟା ମାତ୍ର । ବୁଦ୍ଧି ଯେଉଁସବୁ ତଥ୍ୟ ସଂଗ୍ରହ କରି ରଖିଥାଏ ଏବଂ ଅଜ୍ଞାତବସ୍ତୁର ସଙ୍କେତ ଓ ଇଙ୍ଗିତଗୁଡ଼ିକରୁ ସିଏ ଯାହାସବୁ ଅନୁମାନ କରିବାକୁ ସମର୍ଥ ହୁଏ, ସେହିଗୁଡ଼ିକର ସାହାଯ୍ୟରେହିଁ ବୁଦ୍ଧି ବହୁ ଆୟାସ କରି ଏହି ପରୋକ୍ଷ ଜ୍ଞାନଟିର ରଚନା କରିଥାଏ । ମାତ୍ର ଆମର ବୁଦ୍ଧି ଓ ଇନ୍ଦ୍ରିୟ-ଗୁଡ଼ିକୁ ଯାହା ସ୍ପଷ୍ଟ ହୋଇପାରେ ନାହିଁ, ପରମ ଅନନ୍ତ-ଚୈତନ୍ୟ ଲାଗି ତାହା ସ୍ୱତଃପ୍ରକାଶିତ ହୋଇ ରହିଥାଏ; ଏବଂ ପରମ ଅନନ୍ତଙ୍କର ଏକ ଇଚ୍ଛାଶକ୍ତି ରହିଛି ବୋଲି ଯଦି କୁହାଯାଇ ପାରେ, ତେବେ ତାହା ଏହି ପରିପୂର୍ଣ୍ଣ ଜ୍ଞାନର ଭୂମି ଉପରେହିଁ ଆପଣାକୁ କାର୍ଯ୍ୟକାରୀ କରାଏ । ଏକ ସମଗ୍ର ସ୍ୱତଃପ୍ରକାଶିତତାର ପରିପୂର୍ଣ୍ଣ ଓ ସ୍ୱତଃସ୍ଫୂର୍ତ୍ତି ପରିଣାମରୂପେହିଁ ସେହି ଇଚ୍ଛାଶକ୍ତିର ପ୍ରକାଶ ହୁଏ । ଏହି ଇଚ୍ଛାଶକ୍ତିକୁ ଆମେ ଆପଣାଦ୍ୱାରା ବିବର୍ଦ୍ଧିତ ହୋଇଥିବା ବସ୍ତୁଟିଦ୍ୱାରା ବଦ୍ଧ ହୋଇ ରହିଥିବା ଏକ ବାଧାବିପର୍ଯ୍ୟସ୍ତ ବିବର୍ତ୍ତନଶକ୍ତି ବୋଲି କହି ପାରିବା ନାହିଁ, କିମ୍ବା ବନ୍ଧନହୀନ କୌଣସି ଏକ ଖିଆଲର ବଶବର୍ତ୍ତୀ ହୋଇ ମହାଶୂନ୍ୟ ମଧ୍ୟରେ କେବଳ କଳ୍ପନାର ଖେଳରେ ମତ୍ତ ହୋଇ ରହିଥିବା ଏକ ଇଚ୍ଛାଶକ୍ତି ବୋଲି ବି କହି ପାରିବା ନାହିଁ । ଅନନ୍ତବିଶିଷ୍ଟ ରୂପାୟନଗୁଡ଼ିକରେ ଯେଉଁ ପରମ ଅନନ୍ତ ଆପଣାକୁ ପ୍ରତିଷ୍ଠିତ କରାଇବାରେ ଲାଗିଛନ୍ତି, ଏହି ଇଚ୍ଛାଶକ୍ତି କେବଳ ତାଙ୍କର ସତ୍ୟ ବ୍ୟତୀତ ଆଉ କିଛି ନୁହେଁ ।

ଆମର ସୀମାବଦ୍ଧ ବୁଦ୍ଧିର ସିଦ୍ଧାନ୍ତଗୁଡ଼ିକ ସହିତ ସଙ୍ଗତି ରଖି କିମ୍ବା ଏହାର ପରିଚିତ ଏକ ପ୍ରକ୍ରିୟାର ଅନୁସରଣ କରି ଓ ଆମ ବୁଦ୍ଧିଦ୍ୱାରା ରଚିତ ଧାରଣାଗୁଡ଼ିକର ସମର୍ଥନ ଅନୁସାରେ କିମ୍ବା ଏକ ସୀମାବଦ୍ଧ ଓ ଖଣ୍ଡିତ କଲ୍ୟାଣସାଧନ ଲାଗି କାର୍ଯ୍ୟ କରୁଥିବା ଏକ ନୈତିକ ବୁଦ୍ଧିର ଅଧୀନ ରହି କାର୍ଯ୍ୟ କରିବା ଲାଗି ଯେ ଏକ ପରମ ଚୈତନ୍ୟ ଓ ପରମ ଇଚ୍ଛାଶକ୍ତିର ଆଦୌ କୌଣସି ଆବଶ୍ୟକତା ନାହିଁ, ଏଠାରେ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ଆମର ବୁଦ୍ଧିଗତ ବୋଧ ଯାହାକୁ ବୁଦ୍ଧିବିରୁଦ୍ଧ ଓ ଅନୈତିକ ବୋଲି ମନେକରୁଛି, ପରମ ଚୈତନ୍ୟ ଓ ଇଚ୍ଛାଶକ୍ତି ତାହାକୁ ମଧ୍ୟ ସ୍ୱୀକାର କରିନେଇ ପାରେ ଓ ସ୍ୱୀକାର କରି ନେଇଥାଏ । କାରଣ ଚରମ ଓ ପରମ କଲ୍ୟାଣ-ସାଧନର ଦୃଷ୍ଟିରୁ ଏବଂ ଏକ ବିଶ୍ୱଗତ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ଲାଗି ତାହାର ଏକ ଆବଶ୍ୟକତା ରହିଥିଲେ ସେ ତାହାକୁ ଅବଶ୍ୟ ସ୍ୱୀକାର କରି ନେଇଥାଏ ।

'oaob.nitrkl.ac.in' images reprocessed

ଘଟଣାଗତ ତଥ୍ୟ, ଅଭିପ୍ରାୟ ଓ ଆବଶ୍ୟକତାର କେବଳ ଏକ ଆଂଶିକ ପୂର୍ତ୍ତି ସହିତ ତୁଳନା କରି ଦେଖୁଥିବା ବେଳେ ଆମକୁ ଯାହାସବୁ ବୁଦ୍ଧିବିରୁଦ୍ଧ ଓ ହେୟ ବୋଲି ମନେ ହୋଇଥାଏ, ଆହୁରି ଅଧିକ ବ୍ୟାପକ ଏକ ଉଦ୍ଦେଶ୍ୟ ଏବଂ ତଥ୍ୟ ଓ ଆବଶ୍ୟକତାର ସମଗ୍ରତା ଆଗରେ ସେଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ବୁଦ୍ଧିସଙ୍ଗତ ଓ ସମର୍ଥନ-ଯୋଗ୍ୟ ବୋଲି ଅବଶ୍ୟ ବିବେଚିତ ହୋଇପାରେ । କେବଳ ଏକ ଖଣ୍ଡିତ ଦୃଷ୍ଟିବିଶିଷ୍ଟ ଆମର ବୁଦ୍ଧି ଆପଣାର ଯେଉଁସବୁ ପ୍ରତ୍ୟୟକୁ ସିଦ୍ଧାନ୍ତରୂପେ ଆଣି ଥୋଇଦିଏ, ସେହିଗୁଡ଼ିକୁହିଁ ସେ ଜ୍ଞାନ ଓ କ୍ରିୟାର ସାଧାରଣ ନିୟମରୂପେ ପ୍ରତିଷ୍ଠିତ କରିବା ଲାଗି ଚେଷ୍ଟା କରୁଥାଏ; ଏବଂ ଆଉ ଯାହାସବୁ ଏହି ନିୟମଗୁଡ଼ିକ ସହିତ ଖାପ ଖାଉନଥାଏ, କୌଣସି ନା କୌଣସି ମନୋଗତ କୌଶଳଦ୍ୱାରା ବୁଦ୍ଧି ସେଗୁଡ଼ିକୁ ଜବରଦସ୍ତି ସେହିସବୁ ନିୟମ ସହିତ ଖାପ ଖୁଆଇ ରଖେ ଅଥବା ସେଗୁଡ଼ିକୁ ଏକାବେଳେକେ ପ୍ରତ୍ୟାଖ୍ୟାନ କରିଦିଏ । ମାତ୍ର ଏକ ଅନନ୍ତ ଚୈତନ୍ୟର ନିୟମତଃ ଏଭଳି କୌଣସି ନିୟମର ଆବଶ୍ୟକତା ନଥାଏ; ଅପର ପକ୍ଷରେ ତା' ପାଖରେ ବୃହତ୍ତ୍ୱ ଓ ଅନ୍ତର୍ଗତ ସତ୍ୟମାନ ମହଜୁଦ ରହିଥାଏ, ଯେଉଁଗୁଡ଼ିକକ ସ୍ୱଭାବତଃ ସିଦ୍ଧାନ୍ତ ଓ ପରିଣାମଗୁଡ଼ିକ ଉପରେ ବାଧାତ୍ମକ ପରି କାର୍ଯ୍ୟ କରୁଥାଏ; ମାତ୍ର ସେଗୁଡ଼ିକୁ ପରିବେଶାବଳୀର ଏକ ସମ୍ପୂର୍ଣ୍ଣ ଭିନ୍ନ ସମଗ୍ରତା ଆଡ଼କୁ ବିଭିନ୍ନ ଓ ସାବଲୀଳ ଭାବରେ ଅନୁକୂଳିତ କରିବାରେ ଲାଗିଥାଏ, ଏବଂ ଏହି ସ୍ଥିତିସ୍ଥାପକତା ଓ ମୁକ୍ତ ଅନୁକୂଳନ ହେତୁହିଁ ଏହା ସଙ୍କୀର୍ଣ୍ଣ ଚିତ୍ତବୃତ୍ତିକୁ ସତେଅବା ଆଦୌ କୌଣସି ମାନଦଣ୍ଡ ନଥିବାପରି ବୋଧ ହୋଇଥାଏ । ସେହିପରି, ଅନନ୍ତ ସତ୍ତାର ତତ୍ତ୍ୱ ଓ ଗତିଶୀଳ କାର୍ଯ୍ୟକାରିତାକୁ ମଧ୍ୟ ଆମେ ସୀମାବଦ୍ଧ ସତ୍ତାର ମାନଦଣ୍ଡଗୁଡ଼ିକ ଦ୍ୱାରା କଦାପି ବିଚାର କରି ପାରିବା ନାହିଁ । କାରଣ ଯାହା ଗୋଟିକ ଲାଗି ହୁଏତ ଅସମ୍ଭବ ବୋଲି ମନେ ହେଉଥିବ, ଅନ୍ୟଟି ଅର୍ଥାତ୍ ସେହି ବୃହତ୍ତର ଓ ବିମୁକ୍ତତର ପରମସତ୍ୟଟି ଲାଗି ତାହା ଅତ୍ୟନ୍ତ ସାଧାରଣ ଓ ବଡ଼ ସ୍ପଷ୍ଟଭାବରେ ସ୍ୱାଭାବିକ ହୋଇ ରହିଥିବ । ଠିକ୍ ଏହି କାରଣଟିରୁହିଁ ଆପଣାର ବହୁଖଣ୍ଡିତ ଭୂମିରୁ ତଥାକଥିତ ସମଗ୍ରତାମାନ ରଚନା କରିବାର ପ୍ରୟାସ କରୁଥିବା ଆମର ଖଣ୍ଡିତ ମାନସିକ ଚେତନା ଏବଂ ଏକ ସାରଗତ ସମଗ୍ର ଚେତନାର ଦୃଷ୍ଟି ଓ ଜ୍ଞାନ ମଧ୍ୟରେ ଏକ ପାର୍ଥକ୍ୟ ସବୁବେଳେ ବିଦ୍ୟମାନ ରହିଛି । ଏକଥା ସତ ଯେ ବୁଦ୍ଧିଗତ ବୋଧକୁହିଁ ଆମର ସର୍ବପ୍ରଧାନ ଅବଲମ୍ବନରୂପେ ବ୍ୟବହାର କରିବାକୁ ବାଧ୍ୟ ହେଉଥିବାପର୍ଯ୍ୟନ୍ତ ବୁଦ୍ଧିକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି ଏକ ଅବିକଶିତ ଓ ଅର୍ଦ୍ଧସ୍ଫୁଟ ପ୍ରତିବୋଧର ଆଶ୍ରୟ ନେବା ଆମ ପକ୍ଷରେ କେବେହେଲେ ସମ୍ଭବ ହେବ ନାହିଁ । ତଥାପି. ପରମ ଅନନ୍ତତତ୍ତ୍ୱ ତଥା ତାଙ୍କର ସତ୍ତା ଓ କ୍ରିୟାର ବିଚାର କରୁଥିବା ବେଳେ ଆମ ବୁଦ୍ଧିର କ୍ଷେତ୍ରଟିକୁ ଯଥାସମ୍ଭବ ଅଧିକ ନମନୀୟ କରି ରଖିବା ଏବଂ ତାହାର ବିସ୍ତୃରକଳନା ଲାଗି ଆମେ ପ୍ରୟାସ କରୁଛୁ, ତାହାରି ବୃହତ୍ତର ଓ

'oaob.nitrkl.ac.in' images reprocessed

ବ୍ୟାପ୍ତିର ସ୍ତର ଓ ସମ୍ଭାବନାଗୁଡ଼ିକର ପରିଚୟଲାଭ ଲାଗି ତାହାକୁ ଉନ୍ମୋଚିତ କରିଦେବା ଆମ ଲାଗି ଏକ ଅପରିହାର୍ଯ୍ୟ କର୍ତ୍ତବ୍ୟ ହୋଇପଡ଼ିବ । ଯାହାକୁ କୌଣସି ପ୍ରକାର ସୀମାବଦ୍ଧତାଦ୍ୱାରା କଦାପି ବାନ୍ଧି ରଖି ହେବ ନାହିଁ, ଆମର ସୀମାବଦ୍ଧ ଓ ସୀମାବଦ୍ଧକାରୀ ସିଦ୍ଧାନ୍ତଗୁଡ଼ିକୁ ନେଇ ତାଙ୍କ ଉପରେ ପ୍ରୟୋଗ କରିବାକୁ ଗଲେ କଦାପି କାମ ଚଳିବ ନାହିଁ । ଯଦି ଆମେ କେବଳ ଗୋଟିଏ ବିଷୟ ଉପରେ ଆମର ସକଳ ଦୃଷ୍ଟିକୁ ନିବଦ୍ଧ କରି ରଖିବା ଓ ତାହାକୁହିଁ ସମଗ୍ର ବୋଲି ଭାବିବାକୁ ଆରମ୍ଭ କରିବା, ତେବେ ଆମେ ଅନ୍ଧମାନଙ୍କର ହାତୀ ଦେଖିବାର ସେହି ଉପାଖ୍ୟାନଟିକୁ କେବଳ ଆଉ ଗୋଟିଏ ଦୃଷ୍ଟାନ୍ତହିଁ ଯୋଗାଇଦେବା । ହାତୀ ପ୍ରକୃତରେ କିଭଳି ଏକ ଜୀବ ବୋଲି ଠଉରାଇବାକୁ ଯାଇ ଅନ୍ଧମାନେ ପ୍ରତ୍ୟେକେ ହାତୀର କେବଳ ଗୋଟିଏ ଗୋଟିଏ ଭିନ୍ନ ପ୍ରତ୍ୟଙ୍ଗକୁ ଯାଇ ସ୍ପର୍ଶ କଲେ, ଏବଂ ଯିଏ ଯେଉଁ ପ୍ରତ୍ୟଙ୍ଗଟିକୁ ଛୁଇଁଥିଲା, କେବଳ ତାହାର ସହିତ ସାଦୃଶ୍ୟ ରଖିଥିବା କୌଣସି ଏକ ପଦାର୍ଥ ସହିତହିଁ ସମଗ୍ର ହାତୀଟିର ତୁଳନା କରିବସିଲା ଓ ପ୍ରାଣୀଟିକୁ କେବଳ ସେହି ପଦାର୍ଥ ବୋଲି କହିଲା ! ପରମ ଅନନ୍ତତତ୍ତ୍ୱର କୌଣସି ଗୋଟିଏ ବିଷୟର ଅନୁଭୂତିର ସତ୍ୟତା ଓ ଯଥାର୍ଥତା ଅବଶ୍ୟ ରହିଛି, ମାତ୍ର ଆମେ ତାହାକୁ ଏକ ସାଧାରଣ ଓ ସମଗ୍ର ସତ୍ୟରେ କଦାପି ପରିଣତ କରି ପାରିବା ନାହିଁ ଓ ପରମ ଅନନ୍ତଙ୍କୁ କେବଳ ସେହି ବିଷୟଟି ବୋଲି କଦାପି କହି ପାରିବା ନାହିଁ । ପୁନଶ୍ଚ, ପରମ ଅନନ୍ତଙ୍କର ଅବଶିଷ୍ଟ ଯାବତୀୟ ସତ୍ୟକୁ କେବଳ ସେହି ଗୋଟିଏ ବିଷୟର ଦୃଷ୍ଟିଭୂମି ଉପରେ ବିଚାର କରିବା ଓ ସେପରି କରି ଆଧ୍ୟାତ୍ମିକ ଅନୁଭୂତିର ଅନ୍ୟ ସକଳ ଦୃଷ୍ଟିକୋଣକୁ ବହିଷ୍କୃତ କରି ରଖିବା ମଧ୍ୟ କଦାପି ପ୍ରମାଦଶୂନ୍ୟ ହେବ ନାହିଁ । ପରମ ଅନନ୍ତ ଏକାଧାରରେ ଏକ ସ୍ୱରୂପସତ୍ୟ, ସକଳ ସୀମାର ଅତୀତ ଏକ ସମଗ୍ରତା ଓ ଏକ ବହୁବିଚିତ୍ରତା । ପରମ ଅନନ୍ତଙ୍କର ଯଥାର୍ଥ ଜ୍ଞାନଲାଭ କରିବାକୁ ହେଲେ ଆମକୁ ଏହିସବୁଗୁଡ଼ିକୁ ଜାଣିବାକୁ ପଡ଼ିବ । କେବଳ ଅଂଶ ବା ଭାଗଗୁଡ଼ିକୁ ଦେଖି ସମଗ୍ରତାଟିକୁ ମୋଟେ ନଦେଖିବା କିମ୍ବା ଭାଗଗୁଡ଼ିକର ସମଷ୍ଟିଟିକୁହିଁ ସମଗ୍ରତା ବୋଲି କହିବା,—ଏହାକୁ ଅବଶ୍ୟ ଏକ ପ୍ରକାର ଜ୍ଞାନ ବୋଲି କୁହାଯାଇ ପାରିବ, ମାତ୍ର ଏହାକୁ ଏକ ଅଜ୍ଞାନ ବୋଲି ବି କୁହାଯିବ । କେବଳ ସମଗ୍ରତାଟିକୁହିଁ ଦେଖିବା ଓ ଅଂଶଗୁଡ଼ିକ ଆଡ଼କୁ ଆଖି ବୁଜିଦେବା,—ଏଇଟି ମଧ୍ୟ ଗୋଟିଏ ଜ୍ଞାନ, ଏବଂ ଏହି ଜ୍ଞାନକୁ ଏକ ଅଜ୍ଞାନ ବୋଲି ବି କୁହାଯାଇ ପାରିବ । କାରଣ ଏକ ଅଂଶ ମଧ୍ୟ ସମଗ୍ରଟିଠାରୁ ଅଧିକ ବୃହତ୍ତ୍ୱ ହୋଇପାରେ, ଯେହେତୁ ଅଂଶ ଭିତରେ ମଧ୍ୟ ବିଶ୍ୱାତୀତର ଆବେଶଟି ସତତ ଅନ୍ତର୍ନିହିତ ହୋଇ ରହିଛି । କୌଣସି ବିଷୟର ସ୍ୱରୂପସତ୍ୟହିଁ ଆମକୁ ସିଧା ବିଶ୍ୱାତୀତ ସତ୍ୟ ଆଡ଼କୁ ବହନ କରି ନେଇଯାଏ ବୋଲି କେବଳ ସେହି ସ୍ୱରୂପସତ୍ୟକୁ ଦେଖିବା ଏବଂ ସମଗ୍ରତା ତଥା ଅଂଶବିଶେଷଗୁଡ଼ିକୁ ଅସ୍ୱୀକାର

'oaob.nitrkl.ac.in' images reprocessed

କରି ରଖିବା,—ଏଇଟି ହେଉଛି ପରମ ଜ୍ଞାନର ଏକ ପୂର୍ବବର୍ତ୍ତୀ ଅବସ୍ଥା ସତ, ମାତ୍ର ଏଠାରେ ମଧ୍ୟ ଏକ ବୃହତ୍ ଅଜ୍ଞାନ ତଥାପି ବର୍ତ୍ତମାନ ରହିଛି । ଅର୍ଥାତ୍, ଏକ ସମଗ୍ର ଜ୍ଞାନ ଅବଶ୍ୟ ରହିଛି; ଏବଂ ଆମର ବୁଦ୍ଧିଗତ ବୋଧକୁ ସେଥିଲାଗି ଯଥେଷ୍ଟ ନମନୀୟ ଓ ସ୍ଥିତିସ୍ଥାପକ ହେବାକୁ ପଡ଼ିବ, ଯେପରିକି ଏହା ସବୁପାଖକୁ ଓ ସବୁ ବାସ୍ତବଗୁଡ଼ିକୁ ଦେଖିବାକୁ ସମର୍ଥ ହେବ ଏବଂ ଯାହା ଭିତରେ ଏଗୁଡ଼ିକ ଏକ ପରମ ଏକତ୍ୱରେ ମିଳିତ ହୋଇ ରହିଛନ୍ତି, ବାସ୍ତବଗୁଡ଼ିକର ମଧ୍ୟ ଦେଇ ସେ ତାହାର ଅନ୍ୱେଷଣ କରିପାରିବ ।

ପୁଣି ଏହିପରି ଭାବରେ ଯଦି ଆମେ ପରମ ସତ୍ତାଙ୍କର କେବଳ ନିର୍ବିକଳ୍ପ ଆତ୍ମସ୍ୱରୂପଟିହିଁ ଦର୍ଶନ କରିବାକୁ ଯାଉ, ତେବେ ଆମେ ହୁଏତ ତାଙ୍କର ଅବିଚଳ ନୈଶବ୍ଦ୍ୟ ଭିତରେହିଁ ସମାହିତ ହୋଇ ରହିଯାଇପାରୁ ଓ ପରମ ଅନନ୍ତଙ୍କର ଗତିଶୀଳତାମୟ ସତ୍ୟଟିକୁ ହରାଇ ବସିପାରୁ । ତାଙ୍କ ଭିତରେ କେବଳ ଈଶ୍ୱରଙ୍କରହିଁ ଦର୍ଶନ କରିବାକୁ ଗଲେ ଆମେ ହୁଏତ ଗତିଶୀଳତାମୟ ସତ୍ୟଟିର ଅଧିକାରୀ ହୋଇପାରୁ, ମାତ୍ର ତାଙ୍କର ଶାଶ୍ୱତ ସ୍ଥିତି ଓ ଅନନ୍ତ ନୈଶବ୍ଦ୍ୟଟିକୁ ହରାଇ ବସିପାରୁ; କେବଳ ସେହି ଗତିଶୀଳ ସତ୍ତା; ଗତିଶୀଳ ଚୈତନ୍ୟ ଓ ଗତିଶୀଳ ଆନନ୍ଦର ପରିଚୟ ଲାଭ କରିପାରୁ, ମାତ୍ର ବିଶୁଦ୍ଧ ସତ୍ତା, ବିଶୁଦ୍ଧ ଚୈତନ୍ୟ ଓ ବିଶୁଦ୍ଧ ଆନନ୍ଦରୁ ବଞ୍ଚିତ ହୋଇପାରୁ । ଯଦି ଆମେ ଆମର ଲକ୍ଷ୍ୟକୁ କେବଳ ପୁରୁଷ-ପ୍ରକୃତି ଉପରେହିଁ କେନ୍ଦ୍ରବଦ୍ଧ କରିରଖୁ, ତେବେ ଆମେ ତଦ୍ଦ୍ୱାରା କେବଳ ପୁରୁଷ ଓ ପ୍ରକୃତି ଅର୍ଥାତ୍ ଚେତନ ଓ ଜଡ଼ର ଦ୍ୱୈତଲୀଳାଟିକୁ ଦେଖିପାରୁ ସତ, ମାତ୍ର ସେମାନଙ୍କର ଏକତ୍ୱଟିକୁ ଅନୁଭବ କରିବାରୁ ବଞ୍ଚିତ ହୋଇ ରହିପାରୁ । ପରମ ଅନନ୍ତଙ୍କ କ୍ରିୟାର ବିଚାରକଲନା କଲାବେଳେ ଆମକୁ ଉପାଖ୍ୟାନର ସେହି ଶିଷ୍ୟଟିର ଭୁଲ୍‌କୁ ଏଡ଼ି ଅଗ୍ରସର ହେବାକୁ ପଡ଼ିବ, ଯିଏକି ଆପଣାକୁ କେବଳ ବ୍ରହ୍ମବୋଲିହିଁ କଳ୍ପନା କରିନେଲା ଏବଂ ଅପ୍ରଶସ୍ତ ମାର୍ଗଟିରୁ ଘୁଞ୍ଚି ଠିଆହେବା ଲାଗି ମାହୁନ୍ତର ସତର୍କ ବାଣୀକୁ ମାନିବା ଲାଗି ଅସ୍ୱୀକାର କରିଥିଲା । ଫଳରେ ହାତୀ ଆପଣାର ଶୁଣ୍ଢରେ ତାକୁ ଶୂନ୍ୟେ ଶୂନ୍ୟେ ଉପରକୁ ଟେକିନେଲା ଓ ପଥ ଉପରୁ ଦୂରକୁ ଫିଙ୍ଗିଦେଲା, ସଂଶୟଗ୍ରସ୍ତ ଶିଷ୍ୟଟିକୁ ତା'ର ଗୁରୁ ବୁଝାଇ କହିଲେ : “ତୁମେ ଯେ ବ୍ରହ୍ମ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର ତୁମେ ମାହୁନ୍ତରୂପୀ ବ୍ରହ୍ମର ଚେତାବନୀକୁ କାହିଁକି ମାନିଲ ନାହିଁ ଓ ହସ୍ତୀରୂପୀ ବ୍ରହ୍ମର ସମ୍ମୁଖରୁ କାହିଁକି ଅପସରି ଗଲ ନାହିଁ ?” ତେଣୁ ଆମେ କଦାପି ପରମ ସତ୍ୟର କେବଳ ଗୋଟିଏ ଦିଗ ଉପରେ ଅତିରିକ୍ତ ଜୋର ଦେବାର ଭୁଲ୍ କରି ବସିବା ନାହିଁ ଏବଂ ପରମ ଅନନ୍ତଙ୍କର ଅନ୍ୟ ସକଳ ଦିଗ ଓ ଅନ୍ୟ ସକଳ ବାସ୍ତବକୁ

'oaob.nitrkl.ac.in' images reprocessed

ବହିଷ୍କୃତ କରି ରଖି ସେହି ଗୋଟିଏ ଦଗର ବସ୍ତୁରରୁହିଁ କୌଣସି ନିର୍ଣ୍ଣୟରେ ଆସି ପହଞ୍ଚିବା ନାହିଁ କିମ୍ବା କେବଳ ତାହାକୁହିଁ ଭିତ୍ତି କରି କୌଣସି କାର୍ଯ୍ୟ କରିବା ନାହିଁ । 'ଅହଂ ବ୍ରହ୍ମାସ୍ମି' ଅର୍ଥାତ୍ 'ମୁଁ ହେଉଛି ବ୍ରହ୍ମ',—ଏହି ଉପଲବ୍ଧିଟି ନିଶ୍ଚୟ ସତ୍ୟ; ମାତ୍ର 'ସର୍ବଂ ଖଳ୍ୱିଦଂ ବ୍ରହ୍ମ' ଅର୍ଥାତ୍ ଏହି ସକଳ ବିଶ୍ୱଜଗତ ମଧ୍ୟ ତାଙ୍କର ବ୍ୟତୀତ ଆଉ କିଛି ନୁହେଁ,—ଏଇଟିର ଉପଲବ୍ଧି ନ ହେବାଯାଏ ଆମେ କେବଳ ପ୍ରଥମ ସତ୍ୟଟିକୁ ଅବଲମ୍ବନ କରି ପ୍ରମାଦଶୂନ୍ୟ ଭାବରେ କଦାପି ଅଗ୍ରସର ହୋଇ ପାରିବା ନାହିଁ । ଆମ ନିଜର ଅସ୍ତିତ୍ୱ ଯେ ଏକ ସତ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ; ଆମକୁ ଅନ୍ୟ ଆତ୍ମା ଓ ଅନ୍ୟ ଅସ୍ତିତ୍ୱଗୁଡ଼ିକ ସମ୍ବନ୍ଧରେ ମଧ୍ୟ ସଚେତନ ହେବାକୁ ପଡ଼ିବ । ଅନ୍ୟ ଜୀବମାନଙ୍କ ମଧ୍ୟରେ ଯେ ସେହି ଏକ ପରମ ଆତ୍ମା ବିରାଜିତ ରହିଛନ୍ତି ଏବଂ ବ୍ରହ୍ମ ଆମ ନିଜ ଭିତରେ ତଥା ଅନ୍ୟ ସମସ୍ତଙ୍କର ଭିତରେ ଅବସ୍ଥିତ ରହି ମଧ୍ୟ ତଥାପି ଯେ ଉଭୟଙ୍କର ଅତୀତ ହୋଇ ଅବସ୍ଥିତ ରହିଛନ୍ତି, ସେବିଷୟରେ ସଚେତନ ହେବାକୁ ପଡ଼ିବ । ପରମ ଅନନ୍ତ ଏକ, ମାତ୍ର ସେ ହେଉଛନ୍ତି ଏକ ବହୁ ଭିତରେ ମଧ୍ୟ ଏକ; ଏବଂ ଯେଉଁ ପରମ ବୋଧଶକ୍ତି ଏହି ସକଳ ବା ଭୂମାକୁହିଁ ଅନୁଭବ କରି ପାରୁଥିବ, କେବଳ ସେଇ ତାଙ୍କର କ୍ରିୟାସକଳକୁ ଅଧିଗମି ପାରିବ । ସେହି ପରମ ବୋଧଶକ୍ତି ଏକ ଅଭେଦ ଚେତନା ବା ଏକତ୍ୱବୋଧରୂପେ କାର୍ଯ୍ୟକରି ପାରୁଥିବ, ଯାହାକି ଭେଦ ମଧ୍ୟରେ ବି ଅଭେଦର ଦର୍ଶନ କରୁଥିବ ଅଥଚ ନିଜସ୍ୱ ଭେଦଗୁଡ଼ିକୁ ଯଥାର୍ଥ ମର୍ଯ୍ୟାଦା ଦେଇ ପାରୁଥିବ, ଯେପରିକି ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ସତ୍ତା ଆପଣାର ସ୍ୱରୂପ ତଥା ସ୍ୱଧର୍ମର ଅଧିକାରୀ ହୋଇ ରହିଥିବ ଏବଂ ସମଗ୍ର ଲୀଳାଟି ଭିତରେ ସମସ୍ତଙ୍କର ଯଥାର୍ଥ ସ୍ଥାନ ସ୍ୱୀକୃତ ଓ ସୁରକ୍ଷିତ ହୋଇ ରହିଥିବ । ଅସୀମ ଓ ଅନନ୍ତ ବୈଚିତ୍ର୍ୟ ମଧ୍ୟରେ ଏକର ଲୀଳା,—ପରମ ଅନନ୍ତଙ୍କର ଜ୍ଞାନ ଓ କ୍ରିୟା କହିଲେ ଆମେ କେବଳ ଏହାକୁହିଁ ବୁଝିବା । ତେଣୁ ଏହି କ୍ରିୟା ସକଳ ପରିସ୍ଥିତିରେ ସମାନ ଭାବରେ କାର୍ଯ୍ୟ କରୁଥିବ ଅଥବା ସକଳ ବହିର୍ବୈଚିତ୍ର୍ୟର ପଛରେ ଏକତ୍ୱବିଧାୟକ କୌଣସି ସତ୍ୟ କିମ୍ବା ସମନ୍ୱୟ ବ୍ୟତୀତ ଏହା କେବଳ ଏକ ବିଭିନ୍ନତାରୂପେହିଁ କାର୍ଯ୍ୟ କରୁଥିବ, ସେଭଳି ଅନୁମାନ କରି ବସିଲେ ଅନନ୍ତ ପରମ ସତ୍ୟର ଦୃଷ୍ଟିକୋଣରୁ ତାହାକୁ କେବଳ ଏକ ଭ୍ରାନ୍ତି ବୋଲିହିଁ ବୁଝାଯାଇ ପାରିବ । ଆମ ନିଜର ଜୀବନଧାରଣାରେ ମଧ୍ୟ ଯଦି ଆମେ ବୃହତ୍ତର ସତ୍ୟର ତତ୍ତ୍ୱଟିକୁ ପ୍ରତିଫଳିତ କରିବାକୁ ଇଚ୍ଛା କରୁଥାଉ, ତେବେ କେବଳ ଆପଣା ଆତ୍ମା କିମ୍ବା କେବଳ ଅନ୍ୟ ସମସ୍ତଙ୍କର ଆତ୍ମା ଉପରେ ଅତିରିକ୍ତ ଜୋର ଦେଇ ବସିଲେ ଉଭୟ କ୍ଷେତ୍ରରେହିଁ ଆମେ ସମାନ ଭୁଲ୍ କରି ବସିବା । ସକଳ ମଧ୍ୟରେ ଅବସ୍ଥିତ ଆତ୍ମାର ଅନୁଭୂତି ଉପରେହିଁ ଆମକୁ ଆମ ଯାବତୀୟ କର୍ମର ଏକତ୍ୱପ୍ରତିଷ୍ଠା କରିବାକୁ ପଡ଼ିବ, ଅନନ୍ତଭାବେ ନମନୀୟ ଅଥଚ ସାମଞ୍ଜସ୍ୟପୂର୍ଣ୍ଣ କର୍ମବିଭିନ୍ନତାକୁ ମଧ୍ୟ ତାହାରି ଉପରେ

'oaob.nitrkl.ac.in' images reprocessed

ପ୍ରତିଷ୍ଠିତ କରି ରଖିବାକୁ ପଡ଼ିବ । କାରଣ ପରମ ଅନନ୍ତଙ୍କର ଯାବତୀୟ କିମ୍ବା ସ୍ୱଭାବତଃ ସେହିପରି ଭାବରେହିଁ ଚାଲିଛି ।

ପରମ ଅନନ୍ତଙ୍କର ସ୍ୱକୀୟ ଦିବ୍ୟ ନ୍ୟାୟଟିକୁ ଧ୍ୟାନରେ ରଖି ଏକ ବୃହତ୍ତର ଓ ଅଧିକ ନମନୀୟ ବୋଧଦୃଷ୍ଟିରେ ଯଦି ଆମେ ନିତ୍ୟ, ଅଖଣ୍ଡ ଓ ସର୍ବଗତ ପରମ ସତ୍ତାର କଳ୍ପନା କଲାବେଳେ ଆମର ବୁଦ୍ଧି ଆଗରେ ଉପସ୍ଥିତ ହେଉଥିବା ଅସୁବିଧାଗୁଡ଼ିକୁ ଅବଲୋକନ କରିବାକୁ ଚେଷ୍ଟା କରିବା, ତେବେ ଆମେ ସମସ୍ତ ଅସୁବିଧାଟିକୁ କେବଳ ଏକ ଭାଷା ଦେଇ ପ୍ରକାଶ କରିବା ଜନିତ ଓ କଳ୍ପନାଗତ ଅସୁବିଧା ବୋଲି ଜାଣିବାକୁ ପାଇବା; ଏହି କ୍ଷେତ୍ରରେ ପ୍ରକୃତ ଅସୁବିଧା କିଛି ନାହିଁ ବୋଲି ଜାଣିପାରିବା । ନିର୍ବିଶେଷ ପରମ ତତ୍ତ୍ୱଟି ଆଡ଼କୁ ଅନାଇଲାବେଳେ ତାହା ଯେ କେବଳ ଏକ ଅନିର୍ଦ୍ଦେଶ୍ୟ ଓ ଅନିର୍ବଚନୀୟ ତତ୍ତ୍ୱ ବ୍ୟତୀତ ଆଉ କିଛିହେଲେ କଦାପି ହୋଇ ପାରିବେ ନାହିଁ, ଆମର ବୁଦ୍ଧି ଅତି ସ୍ପଷ୍ଟ ଭାବରେ ତାହା ଅନୁଭବ କରିଥାଏ । ପୁଣି ଏଣେ ସେହି ପରମ ନିର୍ବିଶେଷରୁ ନିଷ୍ପନ୍ନ ହୋଇଥିବା ଓ ତାଙ୍କରି ମଧ୍ୟରେ ଅବସ୍ଥାନ କରୁଥିବା ନାନା ବିଶେଷ ଓ ବ୍ୟାକୃତିଦ୍ୱାରା ପରିପୂର୍ଣ୍ଣ ଏହି ବିଶ୍ୱଜଗତକୁ ମଧ୍ୟ ସେ ଦେଖିବାକୁ ପାଏ । କାରଣ ସେହି ପରମ ନିର୍ବିଶେଷଙ୍କ ବ୍ୟତୀତ ଆଉ କୌଣସିଥିରୁ ଯେ ଏହି ବିଶ୍ୱଜଗତର ଉତ୍ପତ୍ତି ହୋଇ ନଥିବ ଓ ଆଉ ଅନ୍ୟ କାହା ଭିତରେ ଯେ ସେହି ଜଗତ୍ କଦାପି ଅବସ୍ଥାନ କରୁନଥିବ, ଆମର ବୁଦ୍ଧି ଏକଥାଟି ମଧ୍ୟ ବେଶ୍ ବୁଝିପାରେ । ସକଳ ବିଶେଷ ଓ ବ୍ୟାକୃତି ଯେ ସ୍ୱୟଂ ଏହି ଅନିର୍ଦ୍ଦେଶ୍ୟ ପରମ ନିର୍ବିଶେଷଙ୍କ ବ୍ୟତୀତ ଆଉକିଛି ନୁହେଁ, ଆପଣାର ସ୍ୱୀକୃତ ଅନୁମାନଦ୍ୱାରା ପରିଚାଳିତ ହୋଇ ବୁଦ୍ଧି ସେକଥା ଜାଣିବାକୁ ପାଏ ସତ, ମାତ୍ର ଆପଣାର ପ୍ରତ୍ୟୟଭୂମିରେ ସତେଅବା ବିଚଳିତ ହୋଇପଡ଼େ । ମାତ୍ର ଏଠାରେ ଅନିର୍ଦ୍ଦେଶ୍ୟତା କହିଲେ ଯେ ଯଥାର୍ଥତଃ ଏକ ନାସ୍ତିବାଚକତାକୁ ଆଦୌ ବୁଝାଏ ନାହିଁ କିମ୍ବା ପରମ ଅନନ୍ତଙ୍କ ଉପରେ କୌଣସି ଅସମର୍ଥତାକୁ ଆଣି ଲଦିଦେବାକୁ ବି ବୁଝାଏ ନାହିଁ; ଏହା ଏକ ଭାବାତ୍ମକତାକୁ ବୁଝାଏ, ଆପଣା ବିସୃଷ୍ଟିର ସକଳ ସୀମାବଦ୍ଧତାରୁ ଏକ ଅନ୍ତର୍ଗତ ଓ ସ୍ୱାଭାବିକ ବିମୁକ୍ତତାକୁ ବୁଝାଏ, ଏହି ସତ୍ୟଟିକୁ ବୁଝିବାକୁ ଆରମ୍ଭ କଲେ ବିରୋଧିତାର ଯାବତୀୟ ଭାବନା ଅନ୍ତର୍ହିତ ହୋଇଯାଏ । ପରମ ଅନିର୍ଦ୍ଦେଶ୍ୟ କେବଳ ଆପଣାଦ୍ୱାରାହିଁ ନିର୍ଦ୍ଦେଶିତ ହେଉଛନ୍ତି, ଏବଂ ଅନ୍ୟ ସକଳପ୍ରକାର ବହିର୍ନିର୍ଦ୍ଦେଶନରୁ ସେ ନ୍ୟାୟତଃ ବିମୁକ୍ତ ହୋଇ ରହିଛନ୍ତି, କାରଣ ତାଙ୍କ ବ୍ୟତୀତ ଆଉ କୌଣସି ସତ୍ତା ସମ୍ଭବ ହେବାଲାଗି ମଧ୍ୟ ପ୍ରକୃତରେ କୌଣସି ସମ୍ଭାବନା ନାହିଁ । ପରମ ଅନନ୍ତ ସୀମାହୀନ ଭାବରେ ବିମୁକ୍ତ ରହିଛନ୍ତି, ଆପଣାକୁ ଅନନ୍ତପ୍ରକାରେ ବ୍ୟାକୃତ କରିବା ଲାଗି ବିମୁକ୍ତ ରହିଛନ୍ତି, ଏବଂ ଆପଣା ବିସୃଷ୍ଟି ଓ ବ୍ୟାକୃତିଗୁଡ଼ିକର ନିରୋଧକ ସକଳ ପରିଣାମରୁ ସେ ବିମୁକ୍ତ ହୋଇ ରହିଛନ୍ତି ।

'oaob.nitrkl.ac.in' images reprocessed

ବସ୍ତୁତଃ ପରମ ଅନନ୍ତ ପ୍ରକୃତରେ କିଛି ସୃଷ୍ଟି କରନ୍ତି ନାହିଁ; ତାଙ୍କ ଆପଣା ମଧ୍ୟରେ ଅର୍ଥାତ୍ ତାଙ୍କର ସ୍ୱରୂପସତ୍ୟ ମଧ୍ୟରେ ଯାହା ଅବସ୍ଥିତ ରହିଥାଏ, ସିଏ କେବଳ ତାହାକୁହିଁ ପ୍ରକାଶିତ କରିଦିଅନ୍ତି । ସିଏ ସ୍ୱୟଂ ସକଳ ସତ୍ୟ ଓ ସକଳ ବସ୍ତୁର ସାରସତ୍ୟ ହୋଇ ରହନ୍ତି ଓ ସକଳ ବସ୍ତୁ ମଧ୍ୟ ସେହି ଅଦ୍ୱିତୀୟ ପରମ ସତ୍ୟଙ୍କର ସାମର୍ଥ୍ୟତସ୍ୱରୂପେ ଅବସ୍ଥାନ କରୁଥାଏ । କିଛି ତିଆରି କରିବା ଓ କାହାରିଦ୍ୱାରା ତିଆରି ହେବା ଅର୍ଥରେ ପରମ ନିର୍ବିଶେଷ କିଛି ସୃଷ୍ଟି କରନ୍ତି ନାହିଁ କିମ୍ବା କାହାରି ଦ୍ୱାରା ସୃଷ୍ଟ ହୁଅନ୍ତି ନାହିଁ । ଆପଣାର ମୂଳ ସତ୍ତା ଓ ସ୍ୱରୂପସ୍ଥିତିରେ ପରମ ସତ୍ତା ଆଗରୁ ଯାହା ଥାଆନ୍ତି, ରୂପାୟନ ଓ ଗତିସ୍ପନ୍ଦନର ଭୂମି ଉପରେ ସେ କେବଳ ସେହିଭାବେ ସମ୍ଭୂତ ହୁଅନ୍ତି;—ଖାଲି ଏହି ଗୋଟିଏ ଅର୍ଥରେ ସିଏ ସୃଷ୍ଟି କରୁଛନ୍ତି ବୋଲି କଳ୍ପନା କରିଯାଇ ପାରିବ । ତଥାପି କୌଣସି ଅଭାବାତ୍ମକତା କିମ୍ବା ନାସ୍ତିବାଚକତା ଅର୍ଥରେ ନୁହେଁ, ମାତ୍ର ସେହି ବିଶେଷ ଓ ଭାବାତ୍ମକ ଅର୍ଥରେହିଁ ଆମେ ପରମ ଅନନ୍ତଙ୍କର ଅନିର୍ଦ୍ଦେଶ୍ୟତା ଉପରେ ଜୋର ଦେଇ ପାରିବା; ତାଙ୍କର ବିମୁକ୍ତ ଓ ଅନନ୍ତ ଆତ୍ମବ୍ୟାକୃତି ଲାଗି ଏକ ଅପରିହାର୍ଯ୍ୟ ସର୍ତ୍ତରୂପେହିଁ ଆମେ ତାଙ୍କର ଅନିର୍ଦ୍ଦେଶ୍ୟତାକୁ ଗ୍ରହଣ କରିବା । କାରଣ ତାହା ବ୍ୟତୀତ ପରମ ସତ୍ୟ କହିଲେ କେବଳ ଏକ ଏକାନ୍ତ ନିର୍ଦ୍ଦେଶିତ ଶାଶ୍ୱତ ବ୍ୟାକୃତିକୁ ଅଥବା ଆପଣା ମଧ୍ୟରେ ଅନ୍ତର୍ନିହିତ ବ୍ୟାକୃତିଗତ କେତେଗୁଡ଼ିଏ ସମ୍ଭାବନାର ସମଷ୍ଟି ସହିତ ନିର୍ଦ୍ଦେଶିତ ଓ ବଦ୍ଧ ହୋଇ ରହିଥିବା ଏକ ଅବ୍ୟାକୃତିକୁହିଁ ବୁଝାଇବ । ଯେଉଁ ପରମସତ୍ୟ ସକଳ ସୀମାବଦ୍ଧତାରୁ ବିମୁକ୍ତ ହୋଇ ରହିଛି, ଆପଣା ସୃଷ୍ଟିଦ୍ୱାରା ଯାହା କୌଣସିପ୍ରକାରେ ବଦ୍ଧ ହୋଇ ରହି ନାହିଁ, ତାହାକୁ ଆମେ କଦାପି ସ୍ୱୟଂ ଏକ ସୀମାବଦ୍ଧତାରେ ପରିଣତ କରିଦେଇ ପାରିବା ନାହିଁ, ତାହାକୁ ଏକ ଅସାମର୍ଥ୍ୟ ବୋଲି କହି ଆତ୍ମ-ରୂପାୟନର ସକଳ ସ୍ୱାତନ୍ତ୍ର୍ୟରୁ ତାହାକୁ କଦାପି ବଞ୍ଚିତ କରି ରଖି ପାରିବା ନାହିଁ । ଏପରି କଲେ ତଦ୍ୱାରା କେବଳ ଏକ ଅନ୍ତର୍ବିରୋଧହିଁ ହେବ; ଯାହା ଅନନ୍ତ ଓ ସକଳ ସୀମାବଦ୍ଧତାର ଅତୀତ, ଅଭାବାତ୍ମକତାର ଆଶ୍ରୟ ନେଇ ତାହାକୁ ସ[illegible]ବଦ୍ଧ ଓ ସୀମାନିର୍ଦ୍ଦିଷ୍ଟ କରି ରଖିବାର ଏକ ପ୍ରୟାସ ପରି ହେବ । ମୂଳତଃ ନିର୍ବିଶେଷ ପରମ ତତ୍ତ୍ୱର ସ୍ୱଭାବରେ ଦୁଇଟି ଦିଗ ରହିଛି । ଗୋଟିଏ ହେଉଛି କ୍ରିୟାରହିତ ସ୍ୱରୂପସ୍ଥିତିର ଦିଗ, ଅନ୍ୟଟି କ୍ରିୟାମୟ ଆତ୍ମବିସୃଷ୍ଟିର ଦିଗ । ଦୁଇଟି ଭିତରେ ଯଥାର୍ଥତଃ କୌଣସି ବିରୋଧ ନାହିଁ । ଯଥାର୍ଥରେ ଦେଖିଲେ ପରମତତ୍ତ୍ୱ ହେଉଛନ୍ତି ଏକ ବିଶୁଦ୍ଧ ଓ ଅନନ୍ତ ସ୍ୱରୂପସତ୍ୟ ଯିଏକି ଆପଣାକୁ ଅନନ୍ତ ପ୍ରକାରେ ରୂପାୟିତ କରି ପାରୁଛନ୍ତି । ଗୋଟିଏ ଦିଗ ହେଉଛି ଅନ୍ୟଟିର ଅନୁପୂରକ । ଗୋଟିଏ ଅନ୍ୟଟିକୁ କଦାପି ବହିଷ୍କୃତ କରି ଦେଉ ନାହିଁ ବା ଦୁହିଁଙ୍କ ମଧ୍ୟରେ କୌଣସି ଅସଙ୍ଗତି ନାହିଁ । କେବଳ ମଣିଷର ବୁଦ୍ଧି ମଣିଷର ସୀମିତ ଛାପ ଦେଇ ଯେତେବେଳେ ସେହି ଏକ ଅଦ୍ୱୟ

'oaob.nitrkl.ac.in' images reprocessed

ତତ୍ତ୍ୱଟିକୁ ପ୍ରକାଶ କରିବାକୁ ଯାଉଛୁ, ସେତେବେଳେ ସିଏ ତାହାକୁ ଦୁଇଟି ବୋଲି କହୁଛୁ ।

ଏକ ସରଳ ଓ ଯଥାର୍ଥ ଦୃଷ୍ଟି ସହିତ ପରମ ବସ୍ତୁସତ୍ୟ ଆଡ଼କୁ ଅବଲୋକନ କରିପାରିଲେ ଆମେ ସକଳ କ୍ଷେତ୍ରରେ କେବଳ ସମନ୍ୱୟ ଓ ସମଞ୍ଜସତାହିଁ ଦେଖିବାକୁ ପାଇବା । ପରମସତ୍ତାକୁ ଅନୁଭବ କଲାବେଳେ ଆମେ ତାହାଙ୍କୁ ଏକ ପରମ ଅନନ୍ତରୂପେ ଜାଣିଥାଉ ସିଏ କି ସର୍ମତଃ ଗୁଣଧର୍ମ ଓ ଲକ୍ଷଣଜନିତ ଯାବତୀୟ ସୀମାବଦ୍ଧତାରୁ ମୁକ୍ତ ହୋଇ ରହିଛନ୍ତି । ପୁଣି, ଅନ୍ୟ ପକ୍ଷରେ ତାଙ୍କୁ ଆମେ ଏଭଳି ଏକ ପରମ ଅନନ୍ତରୂପେ ଜାଣିଥାଉ, ଯାହାଙ୍କ ମଧ୍ୟରେ କି ଅଗଣିତ ଗୁଣ ପରିପୂର୍ଣ୍ଣ ହୋଇ ରହିଛି, ଅକଳନୀୟ କେତେ ଧର୍ମ ଓ କେତେ ଲକ୍ଷଣମାନ ରହିଛି । ଏଠାରେ ମଧ୍ୟ ତାଙ୍କର ସୀମାବଦ୍ଧତାହୀନ ସ୍ୱାତନ୍ତ୍ର୍ୟ ବିଷୟରେ କହିଲାବେଳେ ତାହା କେବଳ ଏକ ଭାବାତ୍ମକତାକୁ ବୁଝାଇବ, କୌଣସି ଅଭାବାତ୍ମକତାକୁ ବୁଝାଇବ ନାହିଁ । ଆମେ ଯେଉଁଭଳି ଭାବରେ ଦେଖୁଛୁ, ଏହାଦ୍ୱାରା ସେଇଟିର କୌଣସିପ୍ରକାର ଖଣ୍ଡନ ହେଉ ନାହିଁ, ମାତ୍ର ଓଲଟି ସେଥିଲାଗି ଏକ ସମ୍ଭାବ୍ୟ ଆଧାରହିଁ ମିଳିଯାଉଛି । ତାହାହିଁ ଧର୍ମ ଓ ବୈଶିଷ୍ଟ୍ୟଗତ ଏକ ମୁକ୍ତ ଓ ଅନନ୍ତ ଆତ୍ମରୂପାୟନକୁ ସମ୍ଭବ କରୁଛି । ଚେତନ ସତ୍ତାର ଏକ ବିଶିଷ୍ଟ ସାମର୍ଥ୍ୟର ନାମ ହେଉଛି ଗୁଣ । ଅଥବା ଆମେ ଏକଥା ମଧ୍ୟ କହିପାରିବା ଯେ ସତ୍ତାର ଚେତନା ତା'ର ଆପଣା ଭିତରେ ଯାହା ରହିଛି, ତାହାକୁ ପ୍ରକାଶ କରିବାକୁ ଯାଇ ଯେଉଁ ବିଶିଷ୍ଟ ସାମର୍ଥ୍ୟଟିକୁ ବାହାରକୁ ବହନ କରିଆଣେ, ସତେଅବା ତାହାକୁହିଁ ପରିଚିତ କରାଇବା ଉଦ୍ଦେଶ୍ୟରେ ତଦନୁରୂପ ଗୋଟିଏ ଛାପ ତାହା ଉପରେ ଲଗାଇଦିଏ, ଏବଂ ସେହି ଛାପଟିକୁ ଆମେ ଗୁଣ ବା ଉପାଧି ବୋଲି କହିଥାଉ । ଦୃଷ୍ଟାନ୍ତସ୍ୱରୂପ ସାହସରୂପୀ ଗୁଣଟି ସତ୍ତାର ଏହିପରି ଏକ ସାମର୍ଥ୍ୟ । ସାହସ ହେଉଛି, ମୋ ଚେତନାର ଏକ ବିଶେଷ ଗୁଣ, ଯାହାକି ମୋ ସତ୍ତାର ଏକ ସ୍ୱତନ୍ତ୍ର ସାମର୍ଥ୍ୟରୂପେ ପ୍ରକାଶିତ ହେଉଛି ଏବଂ ମୋର କ୍ରିୟା ମଧ୍ୟରେ ତାହା ମୋ ପ୍ରକୃତିର ଏକ ନିର୍ଦ୍ଦିଷ୍ଟ ପ୍ରକାରର ସାମର୍ଥ୍ୟକୁ ସଞ୍ଚାର କରୁଛି ବା ସୃଷ୍ଟି କରୁଛି । ସେହିପରି, କୌଣସି ଔଷଧ ଭିତରେ ରୋଗୋପଶମ କରିବାର ଯେଉଁ ସାମର୍ଥ୍ୟ ରହିଛି ସେଇଟି ହେଉଛି ସେହି ଔଷଧର ଗୁଣ; ଯେଉଁ ଉଦ୍‌ଭିଦ ଅଥବା ଖଣିଜରୁ ଏହି ଔଷଧଟି ତିଆରି ହୋଇଛି, ସେଇଥିରେହିଁ ସତ୍ତାଗତ ଏହି ବିଶେଷ ସାମର୍ଥ୍ୟଟି ରହିଛି । ଏବଂ ସେହି ଉଦ୍‌ଭିଦ କିମ୍ବା ଖଣିଜ ମଧ୍ୟରେ ରହିଥିବା ସଂବୃତ ଚେତନାଟିରେ ଯେଉଁ ପରମ ସଦ୍‌ଭୂତ ବିଜ୍ଞାନ ପ୍ରଚ୍ଛନ୍ନ ରହିଛି, ତାହା ଏହି ବିଶେଷ ଗୁଣଟିକୁ ନିରୂପିତ କରି ରଖିଛି । ତାହାର ପ୍ରକାଶର ମୂଳରେ ଯାହା ନିଗୂଢ଼ ହୋଇ ରହିଥିଲା, ବିଜ୍ଞାନ ତାହାକୁହିଁ ବାହାରକୁ ଫୁଟାଇ ଆଣିଛି; ଏବଂ ବର୍ତ୍ତମାନ ତାହାହିଁ ଏହାର ସତ୍ତାଗତ ସାମର୍ଥ୍ୟରୂପେ ଶକ୍ତିସମ୍ପନ୍ନ ହୋଇ ବାହାରକୁ ପ୍ରକାଶିତ ହୋଇଛି । ଗୁଣ, ଧର୍ମ ବା

'oaob.nitrkl.ac.in' images reprocessed

ବିଶେଷ ଲକ୍ଷଣ ବୋଲି ଯେତେ ଯାହା ଅଛି, ସେସବୁକୁ ଆମେ କେବଳ ଏହିଭଳି ଏକ ଚେତନସତ୍ତାର ସାମର୍ଥ୍ୟ ବୋଲି କହିବା, ଯାହାକୁ କି ପରମ ନିର୍ବିଶେଷ ଆପଣା ମଧ୍ୟରୁ ବାହାରକୁ ଫୁଟାଇ ଧରିଛନ୍ତି । ସେହି ନିର୍ବିଶେଷ ପରମ ମଧ୍ୟରେ ସବୁକିଛି ରହିଛି, ପୁଣି ସବୁକିଛି ସୃଷ୍ଟି* କରିବାର ଅର୍ଥାତ୍ ଆପଣା ମଧ୍ୟରୁ ପ୍ରକାଶିତ କରି ଆଣିବାର ପୂର୍ଣ୍ଣମୁକ୍ତ ସାମର୍ଥ୍ୟ ବି ତାଙ୍କ ପାଖରେ ଅଛି । ତଥାପି ପରମ ନିର୍ବିଶେଷଙ୍କୁ ଆମେ କେବଳ ସାହସସ୍ୱରୂପୀ ଏକ ଗୁଣ କିମ୍ବା ଆଗ୍ରେସ୍ୟରୂପୀ ଏକ ସାମର୍ଥ୍ୟ ବୋଲି ବ୍ୟାଖ୍ୟା କରି ପାରିବା ନାହିଁ । ଆମେ ଏସବୁକୁ ତାଙ୍କର ଗୋଟିଏ ଗୋଟିଏ ସ୍ୱରୂପଲକ୍ଷଣ ବୋଲି ମଧ୍ୟ କହି ପାରିବା ନାହିଁ କିମ୍ବା ଗୁଣଗୁଡ଼ିକର ଏକ ସମଷ୍ଟି କରି ତାହାକୁହିଁ ପରମ ନିର୍ବିଶେଷ ବୋଲି ଘୋଷଣା କରି ପାରିବା ନାହିଁ । ମାତ୍ର ଅନ୍ୟପକ୍ଷରେ ଆମେ ତାଙ୍କୁ ଏକ ବିଶୁଦ୍ଧ ଶୂନ୍ୟଗର୍ଭତା ବୋଲି କଳ୍ପନା କରି ପାରିବା ନାହିଁ, ଯାହାଙ୍କର କି ଏସବୁର ରୂପାୟନ ସକାଶେ ଆଦୌ କୌଣସି ସାମର୍ଥ୍ୟ ନାହିଁ । କାରଣ ଯଥାର୍ଥତଃ, ତାଙ୍କର ଭିତରେ ସକଳ ସାମର୍ଥ୍ୟ ଭରପୂର ହୋଇ ରହିଛି, ସକଳ ଗୁଣ ଓ ସକଳ ବିଶିଷ୍ଟତାର ସାମର୍ଥ୍ୟମାନ ତାଙ୍କର ଭିତରେହିଁ ଅନ୍ତର୍ନିହିତ ରହିଛି । ଏହି କ୍ଷେତ୍ରରେ କେବଳ ଆମର ମନହିଁ ଅଡୁଆରେ ପଡ଼ିଯାଉଛି, କାରଣ ତାକୁ କହିବାକୁ ପଡ଼ୁଛି, "ପରମ ନିର୍ବିଶେଷ ବା ପରମ ଅନନ୍ତ ଏସବୁ କିଛି ନୁହନ୍ତି, ଏସବୁ ମଧ୍ୟ ପରମ ନିର୍ବିଶେଷ ବା ପରମ ଅନନ୍ତ କଦାପି ନୁହନ୍ତି ।" ଏବଂ ସଙ୍ଗେ ସଙ୍ଗେ ତାକୁ ଏକଥା ମଧ୍ୟ କହିବାକୁ ପଡ଼ୁଛି, "ପରମ ନିର୍ବିଶେଷହିଁ ହେଉଛନ୍ତି ଏହି ସକଳ ବିଷୟ, ଏଗୁଡ଼ିକ କେବଳ ତାଙ୍କର ବ୍ୟତୀତ ଅନ୍ୟକିଛି କଦାପି ନୁହନ୍ତି; କାରଣ ସେଇ ହେଉଛନ୍ତି ଏକମାତ୍ର ସତ୍ତା, ସେଇ ହେଉଛନ୍ତି ସକଳ ସତ୍ତା ।" ଭାବନାର ଧାରଣା ଓ ତାହାକୁ ଶବ୍ଦ ଦେଇ ପ୍ରକାଶ କରିବା ବିଷୟରେ ଏଠାରେ ଯେ ଏକ ଅନାବଶ୍ୟକ ସୀମାବଦ୍ଧତା ଓ ସଙ୍କୁଚିତତା ରହିଛି, ଏକଥା ଏଠାରେ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଏବଂ ତାହାର ଫଳରେହିଁ ଅଡୁଆଟିର ସୃଷ୍ଟି ହେଉଛି । ମାତ୍ର ଯଥାର୍ଥରେ ଦେଖିଲେ ଏଠାରେ ଆଦୌ କୌଣସି ଅଡୁଆ ନାହିଁ । କାରଣ ସ୍ପଷ୍ଟତଃ ପରମ ନିର୍ବିଶେଷଙ୍କୁ ସାହସ ବା ଆଗ୍ରେସ୍ୟଶକ୍ତି ବୋଲି କହିବା ଏକାନ୍ତ ଅସମ୍ଭବ ଓ ସାହସ ଏବଂ ଆଗ୍ରେସ୍ୟଶକ୍ତିକୁ ମଧ୍ୟ ପରମ ନିର୍ବିଶେଷ ବୋଲି କହିବା ମଧ୍ୟ ଠିକ୍ ସେହିଭଳି ଅସମ୍ଭବ । ମାତ୍ର, ଆପଣାକୁ ପ୍ରକଟ କରିବାର ପ୍ରକ୍ରିୟାରେ ସାହସ କିମ୍ବା ଆଗ୍ରେସ୍ୟଶକ୍ତିକୁ ଗୋଟିଏ ଗୋଟିଏ ଆତ୍ମରୂପାୟନ ଭାବରେ ଉପସ୍ଥାପିତ କରିବା ଲାଗି ପରମ ନିର୍ବିଶେଷଙ୍କର କୌଣସି ସାମର୍ଥ୍ୟ ନାହିଁ ବୋଲି କହିଲେ ବି ତାହା ଠିକ୍ ସେହିପରି ଅବାନ୍ତର କଥା ହେବ । ସୀମିତ ଭୂମିର

* ବସ୍ତୁତ 'ସୃଷ୍ଟି' ଶବ୍ଦଟି ମଧ୍ୟ ଯାହା ସତ୍ତା ମଧ୍ୟରେ ଅନ୍ତର୍ଗୂଢ଼ ହୋଇ ରହିଛି, ତାହାକୁହିଁ ମୁକୁଳାଇ ଆଣିବା ବା ପ୍ରକାଶିତ କରିବାକୁ ବୁଝାଏ ।

'oaob.nitrkl.ac.in' images reprocessed

ତର୍କବୁଦ୍ଧି ଯେତେବେଳେ ଆମର ଆଉ କୌଣସି କାମରେ ଲାଗି ପାରେ ନାହିଁ, ସେତେବେଳେ ତାହାର ପଶ୍ଚାତ୍‌ଦେଶରେ ଅର୍ଥାତ୍ ପରମ ଅନନ୍ତଙ୍କର ନ୍ୟାସ ଭିତରେ କ'ଣ ସବୁ ଅବସ୍ଥିତ ରହିଛି, ପ୍ରତ୍ୟକ୍ଷ ଓ ସମ୍ମୁକ୍ତ ଦୃଷ୍ଟିରେ ଆମକୁ ତାହାହିଁ ଦେଖିବାକୁ ପଡ଼ିବ । ପରମ ଅନନ୍ତ ହେଉଛନ୍ତି ଗୁଣରେ ଅନନ୍ତ, ଲକ୍ଷଣ ଓ ସାମର୍ଥ୍ୟରେ ମଧ୍ୟ ସେ ଅନନ୍ତ; ମାତ୍ର ଗୁଣ, ଲକ୍ଷଣ ଓ ସାମର୍ଥ୍ୟର କୌଣସି ସମଷ୍ଟି ବା ସମାହାର ଯେ ପରମ ଅନନ୍ତଙ୍କର ବର୍ଣ୍ଣନା କରି ପାରିବ ନାହିଁ, ସେତେବେଳେ ଯାଇ ଆମେ ତାହା ଉପଲବ୍ଧି କରି ପାରିବା ।

ଆମେ ଦେଖୁଛୁ ଯେ ପରମ ନିର୍ବିଶେଷଙ୍କୁ ଆମେ ଆତ୍ମା, ଈଶ୍ୱର, ଚିତ୍ପୁରୁଷ କିମ୍ବା ପରମ ସତ୍ତା ଯାହାକିଛି କହୁନା କାହିଁକି, ସେ ହେଉଛନ୍ତି କେବଳ ଅଦ୍ୱିତୀୟ, କେବଳ ଏକ; ସେଇ ବିଶ୍ୱୋତ୍ତୀର୍ଣ୍ଣ, ପୁଣି ସେଇ ବିଶ୍ୱବ୍ୟାପ୍ତ । ପୁଣି ଆମେ ଏଣେ ମଧ୍ୟ ଦେଖୁଛୁ ଯେ ଏଠାରେ ଅନେକ ସତ୍ତା ରହିଛନ୍ତି, ପ୍ରତ୍ୟେକ ସତ୍ତାର ଗୋଟିଏ ଗୋଟିଏ ଆତ୍ମା ରହିଛି, ଏକ ଚିନ୍ମୟ ସତ୍ତା ରହିଛି, ଅନୁରୂପ ଅଥଚ ଭିନ୍ନ ଏକ ପ୍ରକୃତି ବି ରହିଛି । ଏବଂ ସକଳ ବିଷୟର ଚିନ୍ମୟ ସତ୍ତା ଓ ମର୍ମସତ୍ୟ ଏକ ହୋଇଥିବାରୁ ଆମେ ଏହିସବୁ ଅନେକଙ୍କୁ ମୂଳତଃ ଅବଶ୍ୟ ଏକ ଓ ଅଦ୍ୱିତୀୟ ବୋଲି ସ୍ୱୀକାର କରିବାକୁ ବାଧ୍ୟ ହେଉଛୁ । ଏବଂ ଏକ ଅନୁସିଦ୍ଧାନ୍ତରୂପେ ଆମେ ତଦ୍ୱାରା ଜାଣୁଛୁ ଯେ ସେହି ପରମ ଅଦ୍ୱିତୀୟହିଁ ହେଉଛନ୍ତି ଏହି ଅନେକ, ଅର୍ଥାତ୍ କେବଳ ସେଇ ଏହି ଅନେକରେ ରୂପାୟିତ ହୋଇଛନ୍ତି; ମାତ୍ର ଯାହା ସୀମାବଦ୍ଧ ଓ ଆପେକ୍ଷିକ ତାହା କିପରି ପରମ ନିର୍ବିଶେଷ ହୋଇପାରିବ ଓ ମନୁଷ୍ୟ କିମ୍ବା ପଶୁ କିମ୍ବା ପକ୍ଷୀ କିପରି ଈଶ୍ୱର ହୋଇ ପାରିବ ? ମାତ୍ର ଏହି ଆପାତବିରୋଧଟିର ରଚନା କଲାବେଳେ ଆମର ମନ ଏକାବେଳେକେ ଦୁଇଟି ଭୁଲ୍ କରିପକାଉଛି । ମନ ଏହି କ୍ଷେତ୍ରରେ ପରମ ତତ୍ତ୍ୱକୁ ସତେଅବା ଏକ ଗାଣିତିକ 'ଏକ' ରୂପେ କଳ୍ପନା କରୁଛି, ଯାହାକି କେବଳ ସେହି 'ଏକ' ମଧ୍ୟରେହିଁ ସୀମାବଦ୍ଧ ରହିଛି । ଯିଏକି ସବୁବେଳେ ଦୁଇରୁ କମ୍ ହୋଇ ରହିଛି ଏବଂ କେବଳ ଭାଗ ଓ ଦୁଇଖଣ୍ଡ କଲେ କିମ୍ବା ଯୋଗ ଓ ଗୁଣନ କଲେ ଯାଇ ଦୁଇରେ ପରିଣତ ହୋଇ ପାରିବ । ମାତ୍ର ବ୍ରହ୍ମଙ୍କର ଏକତ୍ୱ ହେଉଛି ଏକ ଅନନ୍ତ ଏକତ୍ୱ । ଏହି ମୌଳିକ ଓ ଅନନ୍ତ ଏକତ୍ୱ ମଧ୍ୟରେ ଶହ, ହଜାର, ନିୟୁତ, ପରାର୍ଦ୍ଧ ଓ ଅର୍ବୁଦକୁ ମଧ୍ୟ ଧରି ରଖିବାର ସାମର୍ଥ୍ୟ ରହିଛି । ଜ୍ୟୋତିଷପ୍ରମାଣ ବା ତା'ଠାରୁ ଆହୁରି ଅଧିକ ଯେତେବେଶୀ ସଂଖ୍ୟାକୁ ଯୋଡ଼ି, ଗଦା କରି ରଖିଲେ ମଧ୍ୟ ତାହା ସେହି ପରମ ଏକତ୍ୱକୁ କଦାପି ବଳି ଯିବ ନାହିଁ । କାରଣ, ଉପନିଷଦର ଭାଷାରେ, ତାହା ସର୍ବଦା ଅବିଚଳ ରହିଛି ତଥାପି ତା'ର ଅନୁଧାବନ କରି ତାକୁ ଧରିବାକୁ ବାହାରିଲେ ମାତ୍ରକେ ତାହା ଆମର ସମ୍ମୁଖରେ ଆହୁରି କେତେ ଆଗରେ ଯାଇ

'oaob.nitrkl.ac.in' images reprocessed

ରହିଛି । ଏହା ବିଷୟରେ ଆମେ ବେଶ୍ କହିପାରିବା ଯେ ଆପଣାକୁ ଅନନ୍ତ ଓ ଅପରିମିତ ଭାବରେ ଅନେକ କରି ପାରିବାର ସାମର୍ଥ୍ୟ ରଖିନଥିଲେ ଏହା କଦାପି ଅନନ୍ତ ଏକତ୍ୱ ବୋଲାଇ ପାରନ୍ତା ନାହିଁ । ମାତ୍ର ତାହାର ଅର୍ଥ ନୁହେଁ ଯେ ପରମ ଏକ ବସ୍ତୁର ଏକ ସମଷ୍ଟି ମାତ୍ର ଅଥବା ବସ୍ତୁ ବା ଅନେକର ଏକ ସମଷ୍ଟିରୂପେ ତାହାକୁ ଆମେ ସୀମାବଦ୍ଧ କରିଦେଇ ପାରିବା ବା ତା'ର ବର୍ଣ୍ଣନା କରିପାରିବା । ଅସଲ କଥା ହେଉଛି ଯେ ଅନନ୍ତ ଅନେକରେ ରୂପାୟିତ ହେବାର ପୂର୍ଣ୍ଣ ସାମର୍ଥ୍ୟ ଏହାର ରହିଛି, କାରଣ ଏହା ଅନେକତ୍ୱବାଚକ ସକଳ ସୀମାବଦ୍ଧତା କିମ୍ବା ବର୍ଣ୍ଣନାକୁ ଅତିକ୍ରମ କରିଯାଇଛି ଏବଂ ତହିଁ ସଙ୍ଗେ ସଙ୍ଗେ ସୀମାବଦ୍ଧ କଳ୍ପନାପ୍ରସୂତ ଏକତ୍ୱର ସକଳ ସୀମିତତାକୁ ମଧ୍ୟ ପାର ହୋଇ ଯାଇଛି । ଅନେକବାଦକୁ କେବଳ ଏକ ଭ୍ରାନ୍ତ ବୋଲି ବୁଝାଯିବ, କାରଣ, ଆଧ୍ୟାତ୍ମିକ ଅନେକତାର ତତ୍ତ୍ୱଟିକୁ ସ୍ୱୀକାର କରିନେଲେ ମଧ୍ୟ, ଏହି ଅନେକ ସଂଖ୍ୟକ ଆତ୍ମା କେବଳ ନିର୍ଭରଶୀଳ ଓ ପରସ୍ପର-ନିର୍ଭରଶୀଳ ଭାବରେହିଁ ଅବସ୍ଥାନ କରୁଛନ୍ତି । ପରମ ଏକ କହିଲେ ଖାଲି ସେମାନଙ୍କର ସମଷ୍ଟିକୁ ବୁଝାଏ ନାହିଁ କିମ୍ବା ବିଶ୍ୱମୟ ସମଗ୍ରତାଟିକୁ ବି ବୁଝାଏ ନାହିଁ । ସେଗୁଡ଼ିକ ପରମ ଏକ ଉପରେ ନିର୍ଭର କରି ରହିଛନ୍ତି ଏବଂ ସେହି ଏକର ଏକତ୍ୱଟିକୁ ଆଶ୍ରୟ କରି ରହିଛନ୍ତି । ତଥାପି ଏହି ଅନେକତାକୁ ଆମେ ଏକ ଅବାସ୍ତବତା ବୋଲି ବି କହିବା ନାହିଁ । ସେହି ପରମ ଏକ ଆତ୍ମାହିଁ ବ୍ୟକ୍ତିରୂପେ ଏହିସବୁ ଅନେକ ଆତ୍ମାଭିତରେ ଅଧିଷ୍ଠିତ ରହିଛନ୍ତି । ସେହି ପରମ ଏକ ମଧ୍ୟରେ ସେଗୁଡ଼ିକ ଶାଶ୍ୱତ ହୋଇ ରହିଛନ୍ତି ଓ ସେହି ଏକ ଓ ପରମ ଶାଶ୍ୱତଦ୍ୱାରାହିଁ ଶାଶ୍ୱତ ହୋଇ ପାରିଛନ୍ତି । ଅନନ୍ତ ଓ ଅନ୍ତକୁ ପରସ୍ପରର ବିରୋଧୀ ଓ ବିପରୀତ ବୋଲି ସମର୍ଥିଥିବା ଏବଂ ଅନ୍ତବିଶିଷ୍ଟତାକୁ ଅନେକ ବୋଲି ଧରିନେଇ ଅନନ୍ତତାକୁ ଏକତ୍ୱ ସହିତ ଯୋଡ଼ିକରି ରଖିଥିବା ଆମର ମାନସିକ ତର୍କବୁଦ୍ଧି ହିଁ ସତ୍ୟଟିକୁ ବୁଝିବାକୁ ଯାଇ ବଡ଼ ଅଡୁଆରେ ପଡ଼ିଯାଉଛି । ମାତ୍ର ଅନନ୍ତଭୂମିର ନ୍ୟାୟବୁଦ୍ଧି ମଧ୍ୟରେ ଆଦୌ ସେଭଳି କୌଣସି ବିରୋଧ ନାହିଁ । ସେଠି ପରମ ଏକ ମଧ୍ୟରେ ପରମ ଅନେକର ଶାଶ୍ୱତତା ସମ୍ପୂର୍ଣ୍ଣଭାବେ ସ୍ୱାଭାବିକ ଓ ସମ୍ଭବ ହୋଇ ଅବସ୍ଥାନ କରି ପାରୁଛି ।

ପୁନଶ୍ଚ, ଆମେ ଗୋଟିଏ ପାଖରେ ଦେଖୁଛୁ ଯେ ପରମ ଚିନ୍ମୟାତ୍ମା ଏକ ଅନନ୍ତ ବିଶୁଦ୍ଧାବସ୍ଥା ଓ ଅବିଚଳ ନୈଶବ୍ଦ୍ୟ ମଧ୍ୟରେ ଅବସ୍ଥାନ କରୁଛନ୍ତି, ପୁଣି ଆର ପାଖରେ ଦେଖୁଛୁ ଯେ ସେହି ପରମ ଚିନ୍ମୟତା ଭିତରେ ଏକ ଅସୀମ ଗତିସ୍ପନ୍ଦନ ଲାଗି ରହିଛି, ଏକ ସାମର୍ଥ୍ୟ ରହିଛି, ସମଗ୍ର ସକଳକୁ ଆପଣା ଭିତରେ ରଖିଥିବା ଏକ ଗତିଶୀଳ ଓ ଆଧ୍ୟାତ୍ମିକ ଆତ୍ମପ୍ରସାରଣ ବି ପରମ ଅନନ୍ତଙ୍କର ରହିଛି । ଏହି ଦ୍ୱିବିଧ କଳ୍ପନାରୁହିଁ ଆମର ମନୋଭୂମିଗତ ଧାରଣାଗୁଡ଼ିକ ଜନ୍ମଲାଭ କରୁଛି । ଆପଣାର କ୍ଷେତ୍ରସୀମା

'oaob.nitrkl.ac.in' images reprocessed

ଭିତରେ ଏଗୁଡ଼ିକୁ ଯଥାର୍ଥ ଓ ପ୍ରାମାଣିକ ବୋଲି ଅବଶ୍ୟ ବୁଝାଯିବ । ଏହି ଧାରଣା ଅନୁସାରେ ଆମକୁ ଏକ ପାଖରେ ଏହି ନୈଶବ୍ଦ୍ୟ ଓ ସ୍ୱରୂପସ୍ଥିତି ଓ ଅନ୍ୟପାଖରେ ଗତିଶୀଳତା ଓ ଚଳମାନତା ମଧ୍ୟରେ ଏକ ବିରୋଧହିଁ ଦୃଷ୍ଟିଗୋଚର ହେଉଛି । ମାତ୍ର ପରମ ଅନନ୍ତର ବିବେକ ଓ ନ୍ୟାୟ ଭିତରେ ଏଭଳି କୌଣସି ବିରୋଧ କଦାପି ଠିଆହୋଇ ପାରିବ ନାହିଁ । କେବଳ ନୈଶବ୍ଦ୍ୟ ଓ ସ୍ୱରୂପସ୍ଥିତି ଭିତରେ ଆବୋରି ହୋଇ ରହିଥିବା ଏକ ପରମ ଅନନ୍ତ, ଯାହାଙ୍କର କି ଏକ ଅନନ୍ତ ଶକ୍ତି, ଅନନ୍ତ ଗତିଶୀଳତା କିମ୍ବା ଅନନ୍ତ ସାମର୍ଥ୍ୟ କିଛି ନାହିଁ, ଏହାକୁ କେବଳ ଗୋଟିଏ ଭସ୍ମବର ଏକଦର୍ଶୀ ଧାରଣା ବୁଝାଯିବ ସିନା, ମାତ୍ର ସମଗ୍ର ସତ୍ୟଧାରଣା ହିସାବରେ କଦାପି ଗ୍ରହଣ କରାଯାଇ ପାରିବ ନାହିଁ । ଏକ ଶକ୍ତିହୀନ ପରମ ଅନନ୍ତ ବା ଏକ ବୀର୍ଯ୍ୟହୀନ ପରମ ଚିନ୍ମୟତାର ଚିନ୍ତାହିଁ କରାଯାଇ ପାରିବ ନାହିଁ । ପରମ ଅନନ୍ତଙ୍କର ଚଳମାନ ଲୀଳା ମଧ୍ୟରେ ଏକ ଅନନ୍ତ ସାମର୍ଥ୍ୟକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ, ପରମ ନିର୍ବିଶେଷଙ୍କର ଅନ୍ତର୍ଗୂଢ଼ ଶକ୍ତି ହିସାବରେ ଏକ ସର୍ବସମର୍ଥତାକୁ ମାନିନେବାକୁ ହେବ, ପରମ ଚିତ୍ସତ୍ତାଙ୍କର ଶକ୍ତି କହିଲେ ସକଳ ସୀମାବଦ୍ଧତାକୁ ଅତିକ୍ରମ କରି ରହିଥିବା ଏକ ଶକ୍ତି ବୋଲି ବୁଝିବାକୁ ହେବ । ମାତ୍ର ପରମ ତତ୍ତ୍ୱର ନୈଶବ୍ଦ୍ୟ ଓ ସ୍ୱରୂପସ୍ଥିତି ହେଉଛି ତାଙ୍କ ଗତିଶୀଳତାର ଆଧାରସ୍ୱରୂପ, ଏକ ଶାଶ୍ୱତ ଅବିଚଳତା ହେଉଛି ସେହି ଶାଶ୍ୱତ ଚଳମାନତାର ଆବଶ୍ୟକ ସର୍ତ୍ତ, ଭୂମି ଓ ମର୍ମସ୍ୱରୂପ । ଏକ ନିତ୍ୟସ୍ଥିତିର ସତ୍ତା ହେଉଛନ୍ତି ପରମ ସତ୍ତାଶକ୍ତିଙ୍କର ବିଶ୍ୱମୟ ସକଳ ବିସ୍ତାରର ସର୍ତ୍ତ ଓ ଆଧାରସ୍ୱରୂପ । ଆମେ ଯେତେବେଳେ କେତେକ ପରିମାଣରେ ଏହି ନୈଶବ୍ଦ୍ୟ, ଏହି ନିତ୍ୟସ୍ଥିରତା ଓ ଏହି ଅବିଚଳତା ଭିତରେ ପ୍ରବେଶ କରୁ, କେବଳ ସେତିକବେଳେ ଯାଇ ଆମେ ଏହାର ଭିତ୍ତି ଉପରେ ଏପରି ଏକ ଶକ୍ତି ତଥା ସାମର୍ଥ୍ୟକୁ ସ୍ଥାପିତ କରିବାରେ ସମର୍ଥ ହେଉ, ଆମର ଉପରିଭାଗୀୟ ଅସ୍ଥିର ଚଞ୍ଚଳାବସ୍ଥାରେ ଯାହାରିକ କୌଣସି କଳ୍ପନା କରିବା ମଧ୍ୟ ଆଦୌ ସମ୍ଭବ ହେବ ନାହିଁ । ତେଣୁ ଆମେ ଯେଉଁ ବିରୋଧଟିକୁ ଆଣି ମଝିରେ ଥୋଉଛୁ, ତାହା କେବଳ ମାନସିକ ଓ ଆମର କଳ୍ପନାଗତ । ଯଥାର୍ଥତଃ ପରମ ଚିନ୍ମୟ ସତ୍ତାଙ୍କର ନୈଶବ୍ଦ୍ୟ ଓ ତାଙ୍କର ଚଳମାନ ସ୍ପନ୍ଦନଲୀଳା,—ଦୁଇଟିଯାକ ସତ୍ୟ ପରସ୍ପରର ଅନୁପୂରକ ଓ ପରସ୍ପରଠାରୁ ଅଭିନ୍ନ । ସଦା-ଅପରିବର୍ତ୍ତନୀୟ ନିଃଶବ୍ଦ ପରମାତ୍ମା ଆପଣାର ଅନନ୍ତ ଶକ୍ତିକୁ ହୁଏତ ଆପଣା ଭିତରେ ନିଃଶବ୍ଦ ଓ ଅବିଚଳ ଭାବରେ ଧାରଣ କରି ରହିପାରନ୍ତି, କାରଣ ଆପଣାର ସାମର୍ଥ୍ୟଗୁଡ଼ିକ ଦ୍ୱାରା ସେ କୌଣସିପ୍ରକାରେ କଦାପି ବଦ୍ଧ ନୁହନ୍ତି, ସେ ସେଗୁଡ଼ିକର ଅଧୀନ କିମ୍ବା ଯନ୍ତ୍ରସଦୃଶ ବି ନୁହନ୍ତି; ମାତ୍ର କେବଳ ସେଇ ହେଉଛନ୍ତି ଏହିସବୁ ସାମର୍ଥ୍ୟର ଅଧିକାରୀ, କେବଳ ସେଇ ସେଗୁଡ଼ିକର ଉନ୍ମୋଚନ ଘଟାଇ ପାରନ୍ତି । କେବଳ ତାଙ୍କରିଠାରେ ଶାଶ୍ୱତ

'oaob.nitrkl.ac.in' images reprocessed

ଓ ଅନନ୍ତ କ୍ରିୟାର ସାମର୍ଥ୍ୟ ରହିଛି । ସିଏ କେବେହେଲେ ଥକି ଯାଆନ୍ତି ନାହିଁ କିମ୍ବା ଅଟକିଯିବାକୁ ବାଧ୍ୟ ହୁଅନ୍ତି ନାହିଁ ଏବଂ ତଥାପି ତାଙ୍କର ସକଳ କ୍ରିୟା ଓ ସଚଳତା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ତାଙ୍କର ନିଃଶବ୍ଦ ଅବିଚଳତା ତାଙ୍କର କ୍ରିୟା ଓ ସଚଳତା ଦ୍ୱାରା କେତେବେଳେ ହେଲେ ବ୍ୟାହତ ବା ବିଚଳିତ ହୋଇ ପଡ଼େ ନାହିଁ ଓ ସର୍ବଦା ଅପରିବର୍ତ୍ତିତ ହୋଇ ରହିଥାଏ । ପ୍ରକୃତିର ସକଳ ଗତି ଓ ସକଳ କ୍ରିୟାର ମର୍ମେମର୍ମେ ପରମାତ୍ମାଙ୍କର ନୈଃଶବ୍ଦ୍ୟ ସାକ୍ଷୀରୂପେ ଅବସ୍ଥିତ ରହିଥାଏ । ଏସବୁ ବୁଝିବା ଆମ ପାଇଁ କଷ୍ଟକର ହୋଇପାରେ, କାରଣ ଆମ ଜୀବନର ଉପରିସ୍ତରସ୍ଥ ଅତିସୀମିତ ସାମର୍ଥ୍ୟଟି ଉଭୟ ଦିଗରେ ଅତ୍ୟନ୍ତ ସଙ୍କୁଚିତ ହୋଇ ରହିଛି ଓ ଆମର କଳ୍ପନା ଓ ଧାରଣାଗୁଡ଼ିକ ମଧ୍ୟ ଏହି ସଙ୍କୁଚିତତାର ଭିତ୍ତି ଉପରେହିଁ ଦଣ୍ଡାୟମାନ ହୋଇଛି । ମାତ୍ର ପରମ ନିର୍ବିଶେଷ ଓ ପରମ ଅନନ୍ତର କ୍ଷେତ୍ରରେ ଏହିସବୁ ଆପେକ୍ଷିକ ଓ ଅତିସୀମିତ ଧାରଣାଗୁଡ଼ିକୁ ଯେ କେବେହେଲେ ଲଗୁ କରାଯାଇ ପାରିବ ନାହିଁ, ଆମର ଅତି ସହଜରେ ସେକଥା ହୃଦୟଙ୍ଗମ କରି ପାରିବା ଉଚିତ ।

ପରମ ଅନନ୍ତଙ୍କୁ ଆମେ ନିରାକାରରୂପେ କଳ୍ପନା କରିଥାଉ, ମାତ୍ର ଆମ ଚତୁର୍ଦ୍ଦିଗରେ ଆମେ ସର୍ବତ୍ର କେବଳ ଆକାରଗୁଡ଼ିକହିଁ ଦେଖିବାକୁ ପାଉ; ଏବଂ ଦିବ୍ୟ ପୁରୁଷ ଅର୍ଥାତ୍ ଈଶ୍ୱର ଯେ ଏକାଧାରରେ ଆକାର ତଥା ନିରାକାର, ତାଙ୍କ ବିଷୟରେ ଏହି ସତ୍ୟଟି ବୁଝାଯାଇପାରେ ଓ ବୁଝା ମଧ୍ୟ ଯାଇଥାଏ । କାରଣ ଏଠାରେ ମଧ୍ୟ ଏହି ଆପାତ ବିରୋଧଟି ପଛରେ କୌଣସି ପ୍ରକୃତ ବିରୋଧର ସମର୍ଥନ ରହିଥିବାର ଆଦୌ ଜଣା ପଡ଼େ ନାହିଁ । ନିରାକାରଙ୍କ ସକାଶେ ରୂପାୟନଶକ୍ତି କୌଣସିମତେ ଖଣ୍ଡିତ ଓ ବର୍ଜିତ ହୋଇ ପଡ଼େ ନାହିଁ, ମାତ୍ର ପରମ ଅନନ୍ତର ବାଧାହୀନ ରୂପାୟନ ଲାଗି ତାହା ଆବଶ୍ୟକ ସର୍ତ୍ତରୂପେ କାର୍ଯ୍ୟ କରେ । କାରଣ ତାହା ନହୋଇଥିଲେ ଏହି ସୀମାବଦ୍ଧ ବିଶ୍ୱରେ କେବଳ ଗୋଟିଏ ମାତ୍ର ପରମ ଆକାର ରହିଥା'ନ୍ତା କିମ୍ବା ସମ୍ଭାବ୍ୟ ଆକାରଗୁଡ଼ିକର କେବଳ ଏକ ନିର୍ଦ୍ଦିଷ୍ଟ ସମଷ୍ଟିମାତ୍ର ରହିଥା'ନ୍ତା, ଯେଉଁଥିରେ କି ଆଦୌ କୌଣସି ଏପାଖସେପାଖ ହୋଇପାରୁ ନଥା'ନ୍ତା । ପରମ ପୁରୁଷଙ୍କର ନିରାକାରଭାବ ହେଉଛି ତାଙ୍କ ଚିନ୍ମୟ ଓ ମୌଳିକ ସତ୍ତାର ଏକ ସ୍ୱଭାବ, ପରମସତ୍ୟର ଚିନ୍ମୟ ଉପାଦାନ । ବିଶ୍ୱର ଯାବତୀୟ ସୀମାବଦ୍ଧ ବିସୃଷ୍ଟି ହେଉଛି ସେହି ଉପାଦାନଟିର ନାନା ସାମର୍ଥ୍ୟ, ନାନା ଆକାର ଓ ନାନା ଆତ୍ମରୂପାୟନ । ପରମେଶ୍ୱର ଅରୂପ ଓ ଅନାମ, ମାତ୍ର ଖାସ୍ ସେହି କାରଣରୁହିଁ ସେ ସତ୍ତାଗତ ନାନା ନାମ ଓ ନାନା ଆକାରର ପ୍ରକାଶ କରିବାକୁ ସମର୍ଥ । ଯାବତୀୟ ଆକାରସୃଷ୍ଟି କେବଳ ଆତ୍ମରୂପାୟନମାତ୍ର; କେବଳ କାହାର ଖିଆଲର ବଶବର୍ତ୍ତୀ ହୋଇ ସେଗୁଡ଼ିକ ଶୂନ୍ୟରୁ ଉଦ୍ଭବିତ ହୋଇ ଏଠାକୁ କଦାପି ଆସିନାହାନ୍ତି । କାରଣ, ଯେଉଁ ରେଖା ଓ ରଙ୍ଗ

'oaob.nitrkl.ac.in' images reprocessed

ତଥା ଆୟତନ ଓ ପରିଗଠନକୁ ଆମେ ଯେକୌଣସି ଆକାରର ସାରକଥା ବୋଲି କହୁଥାଉ, ସେଗୁଡ଼ିକ ଆପଣା ମଧ୍ୟରେ ସର୍ବଦା ଏକ ଅର୍ଥବ୍ୟଞ୍ଜନାକୁ ବହନ କରି ଚାଲିଥା'ନ୍ତି । ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ ସେଗୁଡ଼ିକ ଦୃଶ୍ୟମାନ ହୋଇଥିବା ଏକ ଅଦୃଶ୍ୟ ସତ୍ୟର ପ୍ରଚ୍ଛନ୍ନ ଅର୍ଥ ଓ ପ୍ରୟୋଜନକୁ ବ୍ୟକ୍ତ କରୁଥା'ନ୍ତି । ଏବଂ ସେଇଥିଲାଗିହିଁ ଆକାର, ରେଖା, ରଙ୍ଗ, ଆୟତନ ଓ ଗଠନର ମଧ୍ୟ ଦେଇ ଏପରି ଏକ ସତ୍ୟ ମୂର୍ତ୍ତିମନ୍ତ ହୋଇଉଠେ, ଯାହାକି ସେଗୁଡ଼ିକ ବ୍ୟତୀତ ଅଦୃଶ୍ୟହିଁ ରହିଯାଇ-ଥାଆନ୍ତା; ଏପରି ଏକ ସତ୍ୟର ବ୍ୟଞ୍ଜନାକୁ ବହନ କରି ଆଣନ୍ତି, ଯାହାକି ସେଗୁଡ଼ିକ ବ୍ୟତୀତ ଆମ ଇନ୍ଦ୍ରିୟ ଲାଗି ରହସ୍ୟାବୃତ ଓ ଅଗୋଚର ହୋଇ ରହିଥା'ନ୍ତା । ଆକାରକୁ ଆମେ ହୁଏତ ସହଜାତ ଓ ସ୍ୱାଭାବିକ ଶରୀର ବୋଲି କହିପାରିବା, ତାହାକୁ ଆମେ ଅରୂପର ଅନିବାର୍ଯ୍ୟ ଆତ୍ମ-ଉନ୍ମୋଚନ ବୋଲି କହିପାରିବା । ଏବଂ କେବଳ ବାହ୍ୟ ଆକାରଗୁଡ଼ିକର କ୍ଷେତ୍ରରେ ଯେ ଏକଥା ସତ୍ୟ, ତା' ନୁହେଁ, ମନ ତଥା ପ୍ରାଣର ଯେଉଁ ଅଦୃଶ୍ୟ ରୂପାୟନଗୁଡ଼ିକ କେବଳ ଭାବନାଚକ୍ଷୁରେହିଁ ଦୃଷ୍ଟିଗୋଚର ହୋଇଥା'ନ୍ତି ଅଥବା କେବଳ ଅନ୍ତର୍ଚେତନାର ସୂକ୍ଷ୍ମ ବୋଧଦ୍ୱାରାହିଁ ଆକାରମୟ ଯେଉଁ ଜଗତଟିକୁ ଜାଣିବା ସମ୍ଭବ ହୁଏ, ସେଗୁଡ଼ିକର କ୍ଷେତ୍ରରେ ମଧ୍ୟ ଏହା ସମାନଭାବରେ ସତ୍ୟ । କେବଳ ଯେଉଁ ଶବ୍ଦଟି ଦେଇ ଆମେ କୌଣସି ବସ୍ତୁର ବର୍ଣ୍ଣନା କରିଥାଉ, ନାମ କହିଲେ ଏକ ଗଭୀର ଅର୍ଥରେ କେବଳ ତାହାକୁହିଁ ବୁଝାଏ ନାହିଁ, ମାତ୍ର ଯେଉଁ ସତ୍ୟଟି ବସ୍ତୁଗତ ଏକ ଆକାର ମଧ୍ୟରେ ବିଗ୍ରହଧାରଣ କରିଥାଏ, ତାହାର ସାମର୍ଥ୍ୟ, ଗୁଣ ଓ ସ୍ୱଭାବକୁହିଁ ଆମେ ଯଥାର୍ଥରେ ନାମ ବୋଲି କହିପାରିବା । ଏହି ସାମର୍ଥ୍ୟ, ଗୁଣ ଓ ସ୍ୱଭାବକୁହିଁ ଆମେ ଠୁଳ ଭାବରେ ଅର୍ଥସୂଚକ ଏକ ଶବ୍ଦ କିମ୍ବା ପରିଗୁଚ୍ଛକ ଏକ ନାମଦ୍ୱାରା ପ୍ରକାଶ କରିବାର ଚେଷ୍ଟା କରିଥାଉ । ଏହି ଅର୍ଥରେ ନାମକୁ ଆମେ ପ୍ରକାଶର ଅନ୍ତରସ୍ଥ ସତ୍ୟ ବୋଲି କହିପାରିବା । ଦେବତାମାନଙ୍କର ନାମ ସେମାନଙ୍କର ସାମର୍ଥ୍ୟ, ଗୁଣ ଓ ସତ୍ତ୍ୱଗତ ସ୍ୱଭାବଟିକୁହିଁ ପ୍ରକାଶ କରିଥାଏ । ସେଗୁଡ଼ିକ ସେହି ନାମଟିର ମାଧ୍ୟମରେ ଆମ ଚେତନା ପାଖରେ ଆସି ଧରାଦିଏ ଓ ଆମ କଳ୍ପନାର ପରିଧି ଭିତରକୁ ଆସେ, ପରମ ଅନନ୍ତଙ୍କର ଆଦୌ କୌଣସି ନାମ ନାହିଁ ସତ, ମାତ୍ର ସେହି ନାମାତୀତତା ମଧ୍ୟରେ ସମ୍ଭାବ୍ୟ ସକଳ ନାମ, ଦେବତାମାନଙ୍କର ପ୍ରକାଶଗତ ସକଳ ଅନ୍ତର୍ସତ୍ୟ, ସକଳ ବସ୍ତୁସତ୍ୟର ସକଳ ନାମ ଓ ରୂପ ଆଗରୁ ସନ୍ଦୃଷ୍ଟ ଓ ସଂକଳ୍ପିତ ହୋଇ ରହିଥାଏ, କାରଣ ପରମ ସର୍ବସତ୍ତ୍ୱମୟତା ଭିତରେ ସେଗୁଡ଼ିକ ସେହିଁଠାରେହିଁ ପ୍ରଚ୍ଛନ୍ନ ଓ ଅନ୍ତର୍ନିହିତ ହୋଇ ରହିଥା'ନ୍ତି ।

ଏହିସବୁ ଆଲୋଚନାରୁ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ବିଶ୍ୱସତ୍ତାର ସ୍ୱଭାବସତ୍ୟରୂପେ ବିଦ୍ୟମାନ ରହିଥିବା ଅସୀମ ଓ ସସୀମର ଏହି ସହାବସ୍ଥାନ ଦୁଇଟି ବିଭିନ୍ନ ତତ୍ତ୍ୱକୁ କେବଳ ପରସ୍ପରର ପାଖାପାଖି କରି ରଖି ଦିଆଯାଇଥିବାକୁ ବୁଝାଉ

'oaob.nitrkl.ac.in' images reprocessed

ନାହିଁ । ଦୁଇଟି ବିପରୀତ ତତ୍ତ୍ୱ ଏହି କ୍ଷେତ୍ରରେ ପରସ୍ପରକୁ ଆପଣାର ଅନ୍ତର୍ଗତ କରି ବି ରଖିନାହାନ୍ତି । ମାତ୍ର ସୂର୍ଯ୍ୟ ସହିତ ଆଲୋକ ଏବଂ ଅଗ୍ନିର ଯେଉଁଭଳି ଏକ ସ୍ୱାଭାବିକ ଓ ଅନିବାର୍ଯ୍ୟ ସମ୍ବନ୍ଧ ରହିଛି ଆମର ଆଲୋଚିତ କ୍ଷେତ୍ରରେ ମଧ୍ୟ ଆମେ ସେହି ସମ୍ବନ୍ଧଟିକୁହିଁ ବୁଝିବା । ସସୀମ ହେଉଛି ପୃଷ୍ଠଭୂମିରେ ଅବସ୍ଥିତ ଏକ ବାସ୍ତବ, ପରମ ଅସୀମର ଏକ ଆତ୍ମବ୍ୟାକୃତି । କେବଳ ଆପଣା ଭିତରେ ଓ କେବଳ ଆପଣାଦ୍ୱାରାହିଁ ନିସ୍ପନ୍ଦିତ ହୋଇ ସସୀମର କୌଣସି ଅସ୍ତିତ୍ୱ କଦାପି ସମ୍ଭବ ନୁହେଁ । କେବଳ ଅସୀମ ଓ ଅନନ୍ତର ନିସ୍ପନ୍ଦନରେହିଁ ସସୀମ ବର୍ତ୍ତମାନ ରହିଛି, ପରମ ଅନନ୍ତ ସହିତ ତାହାର ମର୍ମଗତ ସାଦୃଶ୍ୟ ରହିଛି ବୋଲି ସସୀମ ବର୍ତ୍ତମାନ ରହିଛି । କାରଣ ପରମ ଅନନ୍ତ କହିଲେ ତଦ୍ୱାରା ଆମେ କାଳ ଓ ଦେଶ ମଧ୍ୟରେ କେବଳ ଏକ ସୀମାହୀନ ଆତ୍ମପ୍ରସାରଣକୁହିଁ ବୁଝୁ ନାହୁଁ, ମାତ୍ର ଦେଶାତୀତ ଓ କାଳାତୀତ ଏକ ତତ୍ତ୍ୱ ବା ସତ୍ୟକୁ ବୁଝୁଛୁ । ଏକ ଅପରିଚ୍ଛେଦ୍ୟମାନ ପରମ ସଙ୍ଖ୍ୟାତୀତ ଓ ସୀମାତୀତକୁ ବୁଝୁଛୁ, ଯିଏ କି କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ଭିତରେ ଆପଣାକୁ ପ୍ରକଟ କରିପାରିବେ, ବିପୁଳ ବ୍ୟାପ୍ତି ମଧ୍ୟରେ ବି ପ୍ରକଟ ହୋଇପାରିବେ; ସ୍ୱୟଂ କାଳମାନଙ୍କେ ଯେକୌଣସି ମୁହୂର୍ତ୍ତରେ, ଯେକୌଣସି ସ୍ଥାନରେ ଓ ଯେକୌଣସି ମୁହୂର୍ତ୍ତସ୍ଥାୟୀ ଘଟଣା ଭିତରେ ମଧ୍ୟ ଆପଣାକୁ ପ୍ରକାଶିତ କରିଦେଇ ପାରିବେ । ସସୀମକୁ ପରମ ଅସୀମର ଏକ ବିଖଣ୍ଡନ ବୋଲି ବିଚାର କରାଯାଇଥାଏ, ମାତ୍ର ଯଥାର୍ଥରେ ଏଭଳି କୌଣସି ବିଖଣ୍ଡନ କେଉଁଠିହେଲେ ହୁଏ ନାହିଁ । କାରଣ ଯାହାକୁ ବିଖଣ୍ଡନ ବୋଲି କୁହାଯାଏ, କେବଳ ଆମର ଆଖିକୁହିଁ ତାହା ସେଭଳି ଦେଖାଯାଏ । କେବଳ ଏକ ସୀମାନିର୍ଦ୍ଧାରଣ ଅବଶ୍ୟ ଘଟିଥାଏ, ମାତ୍ର କୌଣସି ପ୍ରକୃତ ବିଚ୍ଛେଦ କଦାପି ସମ୍ଭବ ହୁଏ ନାହିଁ । କେବଳ ଆମର ଚର୍ମଆଖିରେ ନଦେଖି ଯେତେବେଳେ ଆମେ ଅନ୍ତର୍ଚକ୍ଷୁ ଓ ଅନ୍ତରେନ୍ଦ୍ରିୟ ଦେଇ ଗୋଟିଏ ଗଛ କିମ୍ବା ଅନ୍ୟକୌଣସି ବସ୍ତୁକୁ ଦେଖିବାକୁ ଯାଉ, ସେତେବେଳେ ଆମେ ସେହି ଗଛ ବା ସେହି ବସ୍ତୁ ଭିତରେ ମୂର୍ତ୍ତ ହୋଇ ରହିଥିବା ଏକ ଅନନ୍ତ ଓ ଅଦ୍ୱିତୀୟ ପରମ ସତ୍ୟର ଚେତନା ଲାଭ କରିଥାଉ, ସେହି ପରମ ସତ୍ୟହିଁ ତାହାର ପ୍ରତ୍ୟେକ ଅଣୁ ଓ ପରମାଣୁକୁ ଭେଦ କରି ରହିଥାଏ, ଆପଣା ମଧ୍ୟରୁ ସେଗୁଡ଼ିକର ନିର୍ମାଣ କରିଥାଏ ଏବଂ ବସ୍ତୁଟିର ସମଗ୍ର ପ୍ରକୃତି, ତାହାର ସମ୍ଭୂତିପ୍ରକ୍ରିୟା ଓ ତାହାରି ଭିତରେ ରହିଥିବା ଶକ୍ତିର ନିଷ୍ପତ୍ତିକୁ ଗଢ଼ିବାରେ ଲାଗିଥାଏ । ଏସବୁ ହେଉଛନ୍ତି କେବଳ ସେ ନିଜେ, ତାହା ବ୍ୟତୀତ ଆଉ ଅନ୍ୟକିଛି ନୁହନ୍ତି । ସେସବୁ ହେଉଛନ୍ତି ଏହି ଅନନ୍ତ, ଏହି ପରମସତ୍ୟ । ଏହାହିଁ ଅବିଭକ୍ତ ଭାବରେ ସବୁରି ଭିତରେ ପ୍ରସାରିତ ହୋଇ ରହିଛି ଏବଂ ସକଳ ବସ୍ତୁ ଓ ବିଷୟକୁ ଏକତ୍ର ସଂଯୁକ୍ତ କରି ରଖିଛି, ଯେପରିକି କୌଣସି ବସ୍ତୁ ତା'ଠାରୁ ପ୍ରକୃତରେ ଅଲଗା ହୋଇ ରହି ନାହିଁ ଅଥବା ଅନ୍ୟ ବସ୍ତୁଗୁଡ଼ିକଠାରୁ ବି ପୂର୍ଣ୍ଣରୂପେ ଅଲଗା ରହି ନାହିଁ । ଗୀତାରେ କୁହାଯାଇଛି, 'ଅବିଭକ୍ତଂ ଚ ଭୂତେଷୁ

ବିଭକ୍ତମିବ ଚ ସ୍ଥିତଂ',—ଅବିଭକ୍ତ ଭାବରେ ସକଳ ଭୂତରେ ରହି ମଧ୍ୟ ସେ ସତେଅବା ବିଭକ୍ତ ହେଲାପରି ରହିଛନ୍ତି । ଏହିପରି ଭାବରେ ଦେଖିଲେ ପ୍ରତ୍ୟେକ ବସ୍ତୁହିଁ ସେହି ପରମ ଅନନ୍ତ ଏବଂ ଯାବତୀୟ ଅନ୍ୟ ପ୍ରତ୍ୟେକ ବସ୍ତୁ ସହିତ ତାହା ସାରତଃ ସଂଯୁକ୍ତ ହୋଇ ରହିଛି । ଅନ୍ୟ ସକଳ ବସ୍ତୁ ମଧ୍ୟ ସେହି ପରମ ଅନନ୍ତଙ୍କର ରୂପ ଓ ନାମ, ଅର୍ଥାତ୍ ସାମର୍ଥ୍ୟ ଏବଂ ଅନ୍ତର୍ସତ୍ତା ବ୍ୟତୀତ ଆଉ ଅନ୍ୟକିଛି ନୁହନ୍ତି ।

ସକଳ ବିଭାଜନ ଏବଂ ସକଳ ବିଚିତ୍ରତା ମଧ୍ୟରେ ତଥାପି ଏକ ଅନ୍ତର୍ଗତ ଏକତା ଅଦମ୍ୟ ଭାବରେ ବିଦ୍ୟମାନ ରହିଛି,—ପରମ ଅନନ୍ତଙ୍କର ଗଣିତ କହିଲେ ଆମେ ଏହାହିଁ ବୁଝିବା । ଉପନିଷଦର ଗୋଟିଏ ଶ୍ଳୋକରେ ଠିକ୍ ଏହାହିଁ ସୂଚିତ କରି ଦିଆଯାଇଛି,—"ପୂର୍ଣ୍ଣମଦଃ, ପୂର୍ଣ୍ଣମିଦଂ,...ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ' —ଇଏ ପୂର୍ଣ୍ଣ, ସିଏ ବି ପୂର୍ଣ୍ଣ; ପୂର୍ଣ୍ଣରୁ ପୂର୍ଣ୍ଣକୁ ଫେଡ଼ିଦେଲେ ମଧ୍ୟ ତଥାପି କେବଳ ସେହି ପୂର୍ଣ୍ଣହିଁ ଅବଶେଷ ରହିଯାଏ । କାରଣ, ପରମ ସତ୍ୟଙ୍କର ଅନନ୍ତ ଆତ୍ମରୂପାୟନ ସମ୍ବନ୍ଧରେ ବି ଠିକ୍ ସେହିଭଳି କୁହାଯାଇ ପାରିବ ଯେ ଯାବତୀୟ ବସ୍ତୁ ହେଉଛି କେବଳ ସେହି ଆତ୍ମରୂପାୟନ ମାତ୍ର । ପରମ ଏକ ପରମ ବହୁରୂପେ ସମ୍ଭୂତ ହେଉଛନ୍ତି, ମାତ୍ର ଏହି ଯାବତୀୟ ବହୁ ତଥାପି ସେହି ପରମ ଏକରୂପେ ଅବସ୍ଥିତ ରହିଛନ୍ତି; ଯାହାକି ଆଗରୁ କେବଳ ସ୍ୱରୂପସ୍ଥିତିରେ ବିଦ୍ୟମାନ ରହିଥିଲେ, ବର୍ତ୍ତମାନ ମଧ୍ୟ କେବଳ ସେହି ସ୍ୱରୂପସ୍ଥିତିରେ ବିଦ୍ୟମାନ ରହିଛନ୍ତି ଓ ପରମ ବହୁରୂପେ ସମ୍ଭୂତ ହୋଇ ମଧ୍ୟ ତଥାପି ସେହି ପରମ ଏକରୂପେ ଅବସ୍ଥିତ ରହିଛନ୍ତି । ସାନ୍ତ ଓ ସସୀମର ଆବିର୍ଭାବ ହେତୁ ପରମ ଏକ କୌଣସି ପ୍ରକାରେ ବିଭାଜିତ ହୋଇ ପଡ଼ୁନାହାନ୍ତି । କାରଣ ସେହି ଏକ ପରମ ଅନନ୍ତହିଁ ଆମର ଆଖିକୁ ସସୀମ ବହୁ ହୋଇ ଦେଖାଯାଉଛନ୍ତି । ବିସୃଷ୍ଟି ଓ ରୂପାୟନର ସକଳ ପ୍ରକ୍ରିୟାଦ୍ୱାରା ପରମ ଅନନ୍ତଙ୍କ ସହିତ ଆଉ କିଛିହେଲେ ଯୋଗ କରାଯାଉ ନାହିଁ । ସୃଷ୍ଟି କରିବା ଆଗରୁ ସେ ଯେପରି ଥିଲେ, ସୃଷ୍ଟି କରିବା ପରେ ମଧ୍ୟ ସେ ଠିକ୍ ତାହାହିଁ ରହିଛନ୍ତି । ପରମ ଅନନ୍ତଙ୍କୁ ଆମେ କଦାପି ବସ୍ତୁଗୁଡ଼ିକର କେବଳ ଏକ ସମଷ୍ଟି ବୋଲି କହିବା ନାହିଁ । ସିଏ ହେଉଛନ୍ତି ତତ୍ତ୍ୱସ୍ୱରୂପ, ଯିଏକି ସକଳ ବସ୍ତୁରେ ମୂର୍ତ୍ତିମନ୍ତ ହୋଇ ରହିଛନ୍ତି ଓ ସକଳ ବସ୍ତୁର ଅତୀତ ଓ ସକଳ ବସ୍ତୁଠାରୁ ଅଧିକ ହୋଇ ରହିଛନ୍ତି । ପରମ ଅନନ୍ତଙ୍କର ଏହି ନ୍ୟାୟସୂତ୍ର ଯଦି ଆମ ସୀମିତ ବୁଦ୍ଧିଗତ ବୋଧର ବିରୁଦ୍ଧ ସାକ୍ଷ୍ୟ ଦେଉଥାଏ, ତେବେ ତାହାର କାରଣ ହେଉଛି ଯେ ଏହା ତାହାକୁ ଢେର୍ ଆହୁରି ଅନେକ ଦୂର ଅତିକ୍ରମ କରିଯାଇଛି ଏବଂ କେବଳ ସୀମିତ ପ୍ରତିଭାସର ତଥ୍ୟକୁ ଭିତ୍ତି କରି ଆଦୌ ଠିଆ ହୋଇ ନାହିଁ । ମାତ୍ର ଏହା ପରମ ସତ୍ୟର ସମଗ୍ର କ୍ଷେତ୍ରଟିକୁହିଁ ଆଲିଙ୍ଗନ କରି ରହିଛି, ଏବଂ ପରମ ସତ୍ୟର ଯଥାର୍ଥ ଜ୍ଞାନ ମଧ୍ୟରେହିଁ ସକଳ

'oaob.nitrkl.ac.in' images reprocessed

ପ୍ରତିଭାସର ସତ୍ୟକୁ ପ୍ରତ୍ୟକ୍ଷ କରୁଛୁ । ପ୍ରତିଭାସଗୁଡ଼ିକୁ ସେହି ନ୍ୟାୟ ପୃଥକ୍ ପୃଥକ୍ ସତ୍ତ୍ୱରୂପେ ଦେଖୁ ନାହିଁ, ପୃଥକ୍ ପୃଥକ୍ ଗଠିତ ସ୍ପନ୍ଦନ, ନାମ, ରୂପ କିମ୍ବା ବିଷୟରୂପେ ମଧ୍ୟ ଦେଖୁ ନାହିଁ । କାରଣ ସେଗୁଡ଼ିକ ନ୍ୟାୟତଃ କଦାପି ପୃଥକ୍ ପୃଥକ୍ ହୋଇ ପାରିବେ ନାହିଁ । ଯଦି ସେଗୁଡ଼ିକ କେବଳ ଏକ ମହାଶୂନ୍ୟ ଭିତରେହିଁ ପ୍ରତିଭାସରୂପେ ଅବସ୍ଥାନ କରୁଥା'ନ୍ତେ, ସେମାନଙ୍କର ଯଦି କୌଣସି ସାଧାରଣ ଭିତ୍ତି କିମ୍ବା ସାରସତ୍ୟ ନଥା'ନ୍ତା, ଯଦି ସେଗୁଡ଼ିକ ମୂଳତଃ ଅସଂଲଗ୍ନ ହୋଇ ରହିଥା'ନ୍ତେ ଓ କେବଳ ସହାବସ୍ଥିତ ଏବଂ ଏକ ପ୍ରୟୋଜନମୂଳକ ପାରସ୍ପରିକ ସମ୍ବନ୍ଧ ହେତୁହିଁ ପରସ୍ପର ସହିତ ସଂଲଗ୍ନ ହୋଇଥା'ନ୍ତେ, ଯଦି ସେମାନେ ଏକତ୍ୱର ଗୋଟିଏ ମୂଳରୁ ଜାତ ସତ୍ୟରୂପେ ଅବସ୍ଥାନ କରୁନଥା'ନ୍ତେ, ତେବେ ହୁଏତ ସେମାନେ ପରସ୍ପରଠାରୁ ପୃଥକ୍ ହୋଇ ରହିଥା'ନ୍ତେ । ଭିତରେ ଓ ବାହାରେ, ନାମ, ରୂପ ଓ ଗତିରେ ସେମାନଙ୍କର ଯେଉଁ ସ୍ୱାତନ୍ତ୍ର୍ୟ ଦୃଷ୍ଟିଗୋଚର ହୁଏ ଏବଂ ସେଗୁଡ଼ିକୁ ଯେତେଦୂର ସ୍ୱତନ୍ତ୍ର ବୋଲି କୁହା ଯାଇପାରେ, ତାହା ମଧ୍ୟ ସେଗୁଡ଼ିକ ଯେଉଁ ପରମ ଅନନ୍ତ ମଧ୍ୟରୁ ସମ୍ଭୂତ ହୋଇଛନ୍ତି, କେବଳ ତାହାରି ନିତ୍ୟ ଅଧୀନ ହୋଇ ରହିବା ବ୍ୟତୀତ ଆଉ କିଛି ନୁହେଁ । ସେହି ପରମ ଏକ ସହିତ ସେମାନଙ୍କର ଯେଉଁ ପ୍ରଚ୍ଛନ୍ନ ଏକତ୍ୱ ରହିଛି, ସେମାନେ ସେଇଥିରୁହିଁ ଜାତ ହୋଇଛନ୍ତି । ସେଇ ପରମ ଏକ ହେଉଛି ସେମାନଙ୍କର ମୂଳ, ସେମାନଙ୍କ ରୂପାୟିତ ହେବାର ଆଦି କାରଣ, ସେମାନଙ୍କର ବିଭିନ୍ନ ଓ ବିଚିତ୍ର ସାମର୍ଥ୍ୟର ଆଦିସାମର୍ଥ୍ୟ, ସେମାନଙ୍କ ରଚିତ ହେବାର ମୂଳ ଉପାଦାନ ।

ଏହି ପରମ ଏକତ୍ୱ ବା ପରମ ଅଦ୍ୱୟ ତତ୍ତ୍ୱକୁ ଆପଣାର ଧାରଣାରେ ଆମେ ପରମ ଅକ୍ଷର ବୋଲି କହିଥାଉ । ଏହା ଶାଶ୍ୱତ କାଳ ଧରି ଅପରିବର୍ତ୍ତନୀୟ । କାରଣ ଯଦି ଏଥିରେ ପରିବର୍ତ୍ତନ ହେଉଥା'ନ୍ତା କିମ୍ବା ଏହା କୌଣସି ପରିବର୍ତ୍ତନର ଅଧୀନ ହୋଇ ରହିଥା'ନ୍ତା, ଅଥବା ଏହା ଭିତରେ କୌଣସି ପାର୍ଥକ୍ୟ ସକାଶେ ଯଦି ସ୍ଥାନ ରହିଥା'ନ୍ତା, ତେବେ ଏହା ଆଉ ଏକ ଅଦ୍ୱୟ ତତ୍ତ୍ୱ ହୋଇ ରହିନଥା'ନ୍ତା । ମାତ୍ର ଆମେ ସବୁଠାରେ କେବଳ ଏକ ଅନନ୍ତ ବୈଚିତ୍ର୍ୟବିଶିଷ୍ଟ ମୂଳଭୂତ ଏକତ୍ୱହିଁ ପ୍ରତ୍ୟକ୍ଷ କରୁଛୁ, ଯାହାକି ପ୍ରକୃତିର ମର୍ମଗତ ବିଧାନ ବୋଲିହିଁ ପ୍ରତୀତ ହେଉଛି । ମୂଳରେ କେବଳ ସେହି ଏକ ପରମା ଶକ୍ତି ରହିଛି, ମାତ୍ର ତାହା ଅଗଣିତ ନାନା ଶକ୍ତିରୂପେ ଆପଣାକୁ ପ୍ରକଟ କରିବାରେ ଲାଗିଛି । ମୂଳରେ କେବଳ ସେହି ଏକ ଉପାଦାନ ରହିଛି, ମାତ୍ର ତାହା କେତେକେତେ ଭିନ୍ନ ଭିନ୍ନ ଉପାଦାନର ବିକାଶ କରାଉଛି ଓ କୋଟିସଂଖ୍ୟାରେ ଭିନ୍ନ ଭିନ୍ନ ବସ୍ତୁର ବିବର୍ତ୍ତନ ଘଟାଉଛି । ମନ ହେଉଛି ମୂଳତଃ ଏକ; ମାତ୍ର ଆପଣାର ଭିନ୍ନ ଭିନ୍ନ ବିସୃଷ୍ଟିରେ ଏହା ଅନେକ ମାନସିକ ଅବସ୍ଥା, ମାନସିକ ରୂପାୟନ, ଭାବନା ଓ ଧାରଣାର ଅବତାରଣା କରାଉଛି । ଏଗୁଡ଼ିକ ପରସ୍ପରଠାରୁ

'oaob.nitrkl.ac.in' images reprocessed

ଭିନ୍ନ ବୋଲି ପ୍ରକଟିତ ହେଉଛନ୍ତି । ସେଗୁଡ଼ିକ ଭିତରେ କେତେବେଳେ ସମନ୍ୱୟ ସ୍ଥାପିତ ହୋଇଯାଉଛି, ପୁଣି କେତେବେଳେ ଦ୍ୱନ୍ଦ୍ୱ ଲାଗିଯାଉଛି । ପ୍ରାଣ ମୂଳତଃ ଏକ; ମାତ୍ର ଏହି ପ୍ରାଣର ଅଗଣିତ ଓ ଭିନ୍ନ ଭିନ୍ନ ରୂପ ରହିଛି । ସମଗ୍ର ମନୁଷ୍ୟଜାତି ମୂଳତଃ ଏକ ଓ ଅଭିନ୍ନ; ମାତ୍ର ଏହା ଭିତରେ ପ୍ରଜାତିଗତ କେତେ ପାର୍ଥକ୍ୟ ରହିଛି, ଏବଂ ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱକୀୟ ଅସ୍ତିତ୍ୱ ରହିଛି ଓ ତାହା କୌଣସି ନା କୌଣସି ଦୃଷ୍ଟିରୁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇ ରହିଛି । ଗୋଟିଏ ବୃକ୍ଷର ବିଭିନ୍ନ ପତ୍ରରେ ମଧ୍ୟ ଭିନ୍ନ ଭିନ୍ନ ରେଖା ଆଙ୍କି ରଖିବା ଲାଗି ସତେଅବା ପ୍ରକୃତିର ଏକ ଚେଷ୍ଟା ଲାଗିରହିଛି । ପ୍ରତ୍ୟେକକୁ ଭିନ୍ନ ଭିନ୍ନ ଭାବରେ ପ୍ରକଟ କରିବା ଲାଗି ପ୍ରକୃତିର ଏତେଦୂର ଚେଷ୍ଟା ଚାଲିଛି ଯେ ଏପରିକି ଜଣେ ମନୁଷ୍ୟର ବୁଢ଼ା ଆଙ୍ଗୁଠିରେ ଥିବା ରେଖାମାନ ଅନ୍ୟ ପ୍ରତ୍ୟେକ ମନୁଷ୍ୟର ବୁଢ଼ା ଆଙ୍ଗୁଠିରେ ଥିବା ରେଖାମାନଙ୍କଠାରୁ ଭିନ୍ନ ଦୃଷ୍ଟିଗୋଚର ହୋଇଛି, ଏବଂ କେବଳ ସେହି ଭିନ୍ନତାଟିର ସାହାଯ୍ୟରେହିଁ ତାକୁ ସମସ୍ତେ ଚିହ୍ନି ପାରୁଛନ୍ତି । ତଥାପି ମୂଳତଃ ସବୁ ମଣିଷ ପ୍ରକୃତରେ ଅଭିନ୍ନ ଓ ମଣିଷ ମଣିଷ ଭିତରେ ଆଦୌ କୌଣସି ମୌଳିକ ପାର୍ଥକ୍ୟ ନାହିଁ । ସବୁଠାରେ ଏକତ୍ୱ ରହିଛି, ସବୁଠାରେ ସମାନତା ରହିଛି; ସେହିପରି ବୈଚିତ୍ର୍ୟ ବା ପାର୍ଥକ୍ୟ ମଧ୍ୟ ସବୁଠାରେ ରହିଛି । ସେହି ଗୋଟିଏ ବୀଜ ଯେପରି କୋଟିକୋଟି ବହୁ ବିଭିନ୍ନ ରୀତିରେ ବିକଶିତ ହୋଇପାରିବ, ତାହାକୁହିଁ ଭିତ୍ତିରୂପେ ଗ୍ରହଣ କରି ଅନ୍ତର୍ନିବାସୀ ପରମସତ୍ତା ଏହି ବିଶ୍ୱର ରଚନା କରିଛନ୍ତି । କିନ୍ତୁ ଏଇଟିକୁ ବି ଆମେ କେବଳ ପରମ ଅନନ୍ତଙ୍କର ନ୍ୟାସ୍ତ ବୋଲିହିଁ କହିବା, କାରଣ ପରମସତ୍ତା ହେଉଛି ସାରତଃ ଏକ, ତାହା ଅପରିବର୍ତ୍ତନୀୟ; ଏବଂ ରୂପ, ସ୍ୱଭାବ ଓ ଗତିସ୍ପନ୍ଦନର ଏହିସବୁ ଅଗଣିତ ବିଚିତ୍ରତାରୂପେ ଅତି ନିଶ୍ଚିତ ଭାବରେ ପ୍ରକଟ ହୋଇ ପାରିବାର ସାମର୍ଥ୍ୟ ମଧ୍ୟ ତାହାର ସବୁବେଳେ ରହିଛି । କାରଣ ପଦ୍ମ ଓ ପରାର୍ଦ୍ଧ ସଂଖ୍ୟାରେ ଏହିସବୁ ବିଚିତ୍ରତାକୁ ପ୍ରକଟ କରିବାରେ ଲାଗିଥିଲେ ମଧ୍ୟ ତଥାପି ଶାଶ୍ୱତ ପରମ ଏକତ୍ୱର ଅନ୍ତର୍ଗତ ଅପରିବର୍ତ୍ତନୀୟତାଟି କଦାପି ବ୍ୟାହତ ହୋଇ ପାରିବ ନାହିଁ । ଯେହେତୁ ଯାବତୀୟ ବସ୍ତୁ ଓ ଯାବତୀୟ ସତ୍ତା ଭିତରେ ବିରାଜିତ ରହିଥିବା ପରମ ଆତ୍ମା ଓ ପରମ ଚିତ୍‌ସତ୍ତା ସର୍ବତ୍ର ଅଭିନ୍ନ ଓ ଏକ ହୋଇ ରହିଛି, ସେହି କାରଣରୁ ଅନନ୍ତ ବୈଚିତ୍ର୍ୟର ଏହି ଲୀଳାପଟିକୁ ଅବ୍ୟାହତ ରଖିଥିଲେ ମଧ୍ୟ ପ୍ରକୃତିର କଦାପି କୌଣସି କ୍ଷତି ହେବ ନାହିଁ । ଯେଉଁ ନିଶ୍ଚିତ ଭୂମିଟି ଭିତ୍ତି ହୋଇ ରହିଥିବାରୁ ମୂଳତଃ କିଛି କେଉଁଠି ବଦଳୁ ନଥିଲେ ମଧ୍ୟ ତଥାପି ସବୁକିଛି ସତତ ବଦଳିଯିବା ସମ୍ଭବ ହୋଇ ପାରୁଛି, ସେଇଟି ନଥିଲେ ଏହି ରୂପାୟନଲୀଳାରେ ପ୍ରକୃତିର ସକଳ କୃତି ଓ ସକଳ ସୃଷ୍ଟି କେବଳ ବିନାଶ ଓ ଅରାଜକତାରୂପେ ଭାଙ୍ଗି ଭୁଷୁଡ଼ି ପଡ଼ୁଥା'ନ୍ତା, ତାହାର ବହୁବିଚିତ୍ର ଗତିଶୀଳତା ଓ ବିସୃଷ୍ଟିଗୁଡ଼ିକୁ ଏକାଠି କରି ଧରିରଖିବା ପାଇଁ ଆଉ କେଉଁଠି କିଛିହେଲେ ନଥା'ନ୍ତା

'oaob.nitrkl.ac.in' images reprocessed

ପରମ ଏକତ୍ୱର ଅପରିବର୍ତ୍ତନୀୟତା କହିଲେ ତାହା କଦାପି ଯାବତୀୟ ବୈଚିତ୍ର୍ୟ ଲାଗି ଅସମର୍ଥ ହୋଇ ରହିଥିବା ପରିବର୍ତ୍ତନରହିତ ସାଦୃଶ୍ୟର ଏକ ନୀରସତାକୁ ବୁଝାଇବ ନାହିଁ । ଏହା ଯଥାର୍ଥରେ ସତ୍ତାର ଏକ ଅପରିବର୍ତ୍ତନୀୟତାକୁ ବୁଝାଇବ, ଯାହା ମଧ୍ୟରେ କି ସତ୍ତାର ଅଗଣିତ ରୂପାୟନ ସକାଶେ ପରିପୂର୍ଣ୍ଣ ସାମର୍ଥ୍ୟ ଭରିରହିଛି, ମାତ୍ର ଯାହାକୁ କି କୌଣସି ପ୍ରକାର ବିଭେଦନ ବା ବିଚିତ୍ରରୂପାୟନ କଦାପି ନଷ୍ଟ କରିଦେଇ ପାରିବେ ନାହିଁ, ବିପନ୍ନ କରି ପାରିବେ ନାହିଁ ବା ତାହାର ଶକ୍ତିକୁ କୌଣସି ପ୍ରକାରେ ହ୍ରାସ କରିଦେଇ ପାରିବେ ନାହିଁ । ସେହି ପରମ ଆତ୍ମାହିଁ ପତଙ୍ଗ, ପକ୍ଷୀ, ପଶୁ ଓ ମନୁଷ୍ୟ ଭାବରେ ରୂପାୟିତ ହେଉଛି; ମାତ୍ର ଏହିସବୁ ରୂପାୟନ ମଧ୍ୟରେ ବି ତାହା ସେହି ପରମ ଆତ୍ମା ହୋଇ ରହିଛି, କାରଣ ସେହି ଏକ ଓ ଅଦ୍ୱିତୀୟ ସତ୍ୟହିଁ ସୀମାହୀନ ବୈଚିତ୍ର୍ୟ ଭିତରେ ଆପଣାକୁ ଅନନ୍ତ ରୂପରେ ପ୍ରକାଶିତ କରୁଛି । କେବଳ ଉପରି ଭାଗଟାରେହିଁ କାର୍ଯ୍ୟ କରୁଥିବା ଆମର ବିବେକବୁଦ୍ଧି ଆପଣା ଅଭ୍ୟାସର ବଶବର୍ତ୍ତୀ ହୋଇ ଏହି ବୈଚିତ୍ର୍ୟକୁ କେବଳ ଅବାସ୍ତବ ଓ ପ୍ରାତିଭାସିକ ବୋଲି ଧରିନେଉଛି, ମାତ୍ର ଟିକିଏ ଗଭୀରତର ଭାବରେ ଅନାଇ ଦେଖିଲେ ଆମେ ଅବଶ୍ୟ ଦେଖି ପାରିବା ଯେ ଏକ ଯଥାର୍ଥ ସୃଷ୍ଟିବୈଚିତ୍ର୍ୟ ସେହି ଯଥାର୍ଥ ପରମ ଏକତ୍ୱଟିକୁହିଁ ପ୍ରକଟ କରି-ଦେଉଛି, ସତେଅବା ତାହାର ସର୍ବୋଚ୍ଚ ସାମର୍ଥ୍ୟଟିକୁ ପ୍ରକାଶିତ କରୁଛି, ତାହାର ଯାବତୀୟ ସମ୍ଭାବନା ଓ ସ୍ୱରୂପସତ୍ୟକୁ ଉନ୍ମୋଚିତ କରିଦେଉଛି, ତାହାର ଶୁଭ୍ରବର୍ଣ୍ଣ ସମଗ୍ରତାଟି ମଧ୍ୟରେ ଏକତ୍ର ନିଲୀନ ହୋଇ ରହିଥିବା ବିଭିନ୍ନ ବର୍ଣ୍ଣରାଜିକୁ ବିତରଣ କରିଦେଉଛି । ଆମ ଆଖିରେ ଯାହା ଏକତ୍ୱରୁ ତଳକୁ ଖସିପଡ଼ିବା ପରି ମନେହେଉଛି, ଅଥଚ ଯାହା ପ୍ରକୃତରେ ସେହି ଏକତ୍ୱର ବିଚିତ୍ର ଲୀଳାକୁହିଁ ଅବିରାମ ପ୍ରକଟ କରିବାରେ ଲାଗିଛି, ତାହାରି ମଧ୍ୟରେ ପରମ ଏକତ୍ୱ ଆପଣାକୁ ଅନନ୍ତ ଭାବରେ ଆବିଷ୍କାର କରି ଚାଲିଛନ୍ତି । ଏହାହିଁ ହେଉଛି ସେହି ଅଲୌକିକ ଘଟଣା, ଯାହାକୁ ଆମେ ଏହି ବିଶ୍ୱର ମାୟା ବୋଲି କହିଥାଉ । ମାତ୍ର ତଥାପି ଏଥିରେ ପରିପୂର୍ଣ୍ଣ ନ୍ୟାୟସଙ୍ଗତ ରହିଛି; ପରମ ଅନନ୍ତଙ୍କର ଆତ୍ମ-ଦୃଷ୍ଟି ଓ ଆତ୍ମ-ଅନୁଭବ ସକାଶେ ଏହା ଅତ୍ୟନ୍ତ ସ୍ୱାଭାବିକ ଓ ସାଧାରଣ କଥା ହୋଇ ରହିଛି ।

କାରଣ ବ୍ରହ୍ମର ମାୟାଶକ୍ତିକୁ ଆମେ ଏକାଧାରରେ ଏକ ଅନନ୍ତ ବୈଚିତ୍ର୍ୟ-ସମ୍ପନ୍ନ ଏକତ୍ୱର ଅଲୌକିକ ଶକ୍ତି ବୋଲି କହିପାରିବା, ପୁଣି ତାହାର ନ୍ୟାୟ ବୋଲି ବି କହିପାରିବା । ବସ୍ତୁତଃ ଯଦି କେବଳ ଏକ ସୀମିତ ଏକତ୍ୱ ଓ ସମତ୍ୱର ଅନମନୀୟ ନୀରସତାଟାହିଁ ବିରାଜମାନ କରୁଥା'ନ୍ତା, ତେବେ ସେହି କ୍ଷେତ୍ରରେ ବିବେକବୁଦ୍ଧି ଓ ନ୍ୟାୟବୁଦ୍ଧି ଲାଗି ଆଉ କୌଣସି ସ୍ଥାନ ଆଦୌ ନଥା'ନ୍ତା  କାରଣ କୌଣସିଠାରେ ରହିଥିବା ସମ୍ବନ୍ଧଗୁଡ଼ିକୁ ଯଥାର୍ଥ ଭାବରେ ଦେଖିବା ହେଉଛି ନ୍ୟାୟର

'oaob.nitrkl.ac.in' images reprocessed

କାର୍ଯ୍ୟ । ବିବେକବୁଦ୍ଧିର ସର୍ବୋଚ୍ଚ କାର୍ଯ୍ୟ ହେଉଛି ସେହି ଅଦ୍ୱିତୀୟ ବସ୍ତୁ ତଥା ଅଦ୍ୱିତୀୟ ବିଧାନଟିର ଆବିଷ୍କାର କରିବା, ଯାହାକି ଅନ୍ତର୍ନିହିତ ସତ୍ୟରୂପେ ଅବସ୍ଥିତ ରହି ଅନେକକୁ ଏକତ୍ୱବଦ୍ଧ କରି ରଖିଛି; ଯାହା ବିଭିନ୍ନ, ଯାହା ବିରୁଦ୍ଧଧର୍ମୀ ଓ ବିପରୀତ, ସେଗୁଡ଼ିକୁ ଏକତ୍ର ସମନ୍ୱିତ କରି ଦେଉଛି । ବିଶ୍ୱର ସକଳ ସତ୍ତା ଏହି ଦୁଇ ଭାବର ମଝିରେହିଁ ଗତି କରୁଛି : ଗୋଟିଏ ପାଖରେ ପରମ ଏକର ବହୁ ହେବାର ଭାବ ଓ ଅନ୍ୟପାଖରେ ବହୁ ଓ ଅନେକର ଏକତ୍ୱ ଭିତରକୁ ଫେରି ଆସିବାର ଭାବ । କେବଳ ଏହାହିଁ ଖାଣ୍ଟି ହୋଇ ରହିବ, କାରଣ ପରମ ଏକ ତଥା ପରମ ଅନେକ ଉଭୟ ହେଉଛି ପରମ ଅନନ୍ତର ଗୋଟିଏ ଗୋଟିଏ ମୌଳିକ ବିଭାବ । କାରଣ ଦିବ୍ୟ ଆତ୍ମଜ୍ଞାନ ଓ ଦିବ୍ୟ ସର୍ବଜ୍ଞାନ ଆପଣାର ଆତ୍ମ-ରୂପାୟନ-କ୍ରମରେ ଯାହାକିଛି ପ୍ରକାଶ କରୁଛି, ତାହା ତା'ର ଆପଣା ସତ୍ତାର ସତ୍ୟ ବ୍ୟତୀତ ଆଉ କଦାପି କିଛିହେଲେ ହୋଇ ନପାରେ । ଏବଂ ସେହି ସତ୍ୟର ବିବିଧ ପ୍ରକାଶକୁହିଁ ଆମେ ତାହାର ଲୀଳା ବୋଲି ବୁଝିବା ।

ତେବେ ଏହାହିଁ ହେଲା ବ୍ରହ୍ମରୂପୀ ବିଶ୍ୱସତ୍ତାଙ୍କର କାର୍ଯ୍ୟ କରିବାର ନ୍ୟାୟ, ତାଙ୍କ ବିବେକର ମୂଳଭୂତ କାର୍ଯ୍ୟକାରୀ ରୂପ ଓ ତାଙ୍କର ମାୟାର ଅନନ୍ତ ବୁଦ୍ଧିସମ୍ପନ୍ନତା । ବ୍ରହ୍ମଙ୍କର ସତ୍ତା ବେଳକୁ ଯେପରି, ତାଙ୍କର ଚେତନା ଅର୍ଥାତ୍ ମାୟା ବେଳକୁ ମଧ୍ୟ ଠିକ୍ ସେହିପରି : ଆପଣାର କୌଣସି ଆତ୍ମସଙ୍କୁଚିତତା ମଧ୍ୟରେ ଏହା ଆଦୌ ବନ୍ଦୀ ହୋଇ ରହି ନାହିଁ । କିମ୍ବା ଆପଣା କ୍ରିୟାର କୌଣସି ଗୋଟିଏ ଅବସ୍ଥା ବା ଗୋଟିଏ ବିଧାନ ସହିତ ମଧ୍ୟ ବନ୍ଧା ହୋଇ ରହି ନାହିଁ । ଏକାବେଳେକେ ଅନେକ ବସ୍ତୁ ହୋଇ ପାରିବା ଲାଗି ଏହାର ପରିପୂର୍ଣ୍ଣ ସାମର୍ଥ୍ୟ ରହିଛି, ସୁସଙ୍ଗତ ବହୁ ଗତିର ରୂପ ମଧ୍ୟ ଏହା ଅନାୟାସରେ ଗ୍ରହଣ କରି ପାରୁଛି । ମାତ୍ର ସୀମିତ ବୁଦ୍ଧିର ଆଖିକୁ ଏସବୁ ପରସ୍ପରବିରୋଧୀ ପରି ମନେ ହେଉଛି । ଏହି ମାୟା ମୂଳତଃ ଏକ ରହିଛି; ମାତ୍ର ଅଗଣିତ ଅନେକ ରୂପ ଧାରଣ କରୁଛି, ଅନନ୍ତଭାବେ ନମନୀୟ ହୋଇପାରୁଛି ଓ ଅସରନ୍ତି ପ୍ରକାରେ ଆପଣାର ଅନୁକୂଳନ କରିପାରୁଛି । ମାୟା ହେଉଛି ପରମ ଶାଶ୍ୱତ ତଥା ପରମ ଅନନ୍ତଙ୍କର ସର୍ବୋପରିସ୍ଥ ଓ ବିଶ୍ୱଗତ ଚେତନା ଓ ଶକ୍ତି, ଏବଂ ସ୍ୱଭାବତଃ ସକଳ ବନ୍ଧନ ଓ ସକଳ ସୀମାର ଅତୀତ ହୋଇ ରହିଥିବାରୁ ଏକ ସମୟରେ ଚୈତନ୍ୟର ଅନେକ ଅବସ୍ଥାକୁ ଉପସ୍ଥାପିତ କରିବାର ସାମର୍ଥ୍ୟ ତାହା ଭିତରେ ମହଜୁଦ ରହିଛି । ସବୁବେଳେ ସେହି ଏକ ଚେତନାରୂପେ ଅବସ୍ଥିତ ରହି ମଧ୍ୟ ତାହା ଏକାବେଳେକେ ଆପଣା ଶକ୍ତିର ବହୁବିଧ ରୂପକୁ ଫୁଟାଇ ଦେଇ ପାରୁଛି । ଏହି ଚେତନା ଏକାଧାରରେ ବିଶ୍ୱାତୀତ, ବିଶ୍ୱବ୍ୟାପ୍ତ ଓ ବ୍ୟକ୍ତିଗତ । ପରମ ବିଶ୍ୱାତୀତ ସତ୍ତାରୂପେ ତାହା ଆପଣାକୁ ସର୍ବସତ୍ତାରୂପେ, ବିଶ୍ୱାତ୍ମସତ୍ତାରୂପେ ଓ ବିଶ୍ୱପ୍ରକୃତିର

'oaob.nitrkl.ac.in' images reprocessed

ଚିତ୍‌ଶକ୍ତିରୂପେ ଜାଣିଛି, ଏବଂ ତାହା ସାଙ୍ଗକୁ ବିଶ୍ୱମଧ୍ୟ ପ୍ରତ୍ୟେକ ସତ୍ତା ମଧ୍ୟରେ ଆପଣାକୁ ବ୍ୟକ୍ତିସତ୍ତା ଓ ବ୍ୟକ୍ତିଚେତନାରୂପେ ମଧ୍ୟ ଅନୁଭବ କରୁଛି । ବ୍ୟକ୍ତିଚେତନା ଆପଣାକୁ ସୀମିତ ଓ ଭିନ୍ନ ବୋଲି ବେଶ୍ ଅନୁଭବ କରିପାରୁଛି, ମାତ୍ର ଆପଣାର ସୀମାଗୁଡ଼ିକୁ ଫିଙ୍ଗି ଦେଇ ଆପଣାକୁ ବିଶ୍ୱବ୍ୟାପ୍ତ ଓ ପୁଣି ବିଶ୍ୱାତୀତ ବୋଲି ଅନୁଭବ କରିବାର ସାମର୍ଥ୍ୟ ମଧ୍ୟ ତାହାରି ଭିତରେ ରହିଛି । କାରଣ, ଏହିସବୁ ପ୍ରତ୍ୟେକ ଅବସ୍ଥା ବା ପର୍ଯ୍ୟାୟରେ ଅର୍ଥାତ୍ ସେଗୁଡ଼ିକର ଅନ୍ତର୍ମୂଳରେ ସେହି ଏକ ଐକ ଚେତନା ତ୍ରିଧା ସ୍ଥିତିରେ ନିରନ୍ତର ବର୍ତ୍ତମାନ ରହିଛି । ତେଣୁ ସେହି ପରମ ଏକ ବା ଅଦ୍ୱିତୀୟଙ୍କ ପକ୍ଷରେ ଉପରେ ଅବସ୍ଥିତ ବିଶ୍ୱାତୀତ ସତ୍ତା, ମଧ୍ୟସ୍ଥିତ ବିଶ୍ୱବ୍ୟାପ୍ତ ସତ୍ତା ଅଥବା ନିମ୍ନସ୍ଥିତ ବ୍ୟକ୍ତିଚେତନାର ସତ୍ତାଗତ ଭୂମିରୁ ଆପଣାକୁ ତିନିପ୍ରକାରେ ପ୍ରତ୍ୟକ୍ଷ ବା ଅନୁଭବ କରିବା ଲାଗି ଆଦୌ କୌଣସି ବାଧା ଉପୁଜୁ ନାହିଁ । ସେହି ପରମ ଅଦ୍ୱିତୀୟ ସତ୍ତାଙ୍କର ଚେତନାଗତ ବହୁ ବିଭିନ୍ନ ବାସ୍ତବ ଭୂମି ରହିଛି, ଏବଂ କୌଣସି ଗୋଟିଏ ବିଶେଷ ଅବସ୍ଥାରେ ଯାହାଙ୍କୁ କଦାପି ବାନ୍ଧି ରଖାଯାଇ ପାରିବ ନାହିଁ, ସେହିଭଳି ଏକ ମୁକ୍ତ ଓ ଅନନ୍ତ ପରମ ସତ୍ତାଙ୍କ ପକ୍ଷରେ ଏହା ଆଦୌ ଅସମ୍ଭବ ନୁହେଁ, ଏତିକି ସ୍ୱୀକାର କରିନେଇ ପାରିଲେହିଁ ସେଇଟିକୁ ମଧ୍ୟ ସ୍ୱାଭାବିକ ଓ ନ୍ୟାୟସଙ୍ଗତ ବୋଲି ଗ୍ରହଣ କରିପାରିବା ସମ୍ଭବ ହୋଇଯିବ । ଯେଉଁ ଚେତନାଟିକୁ ଆମେ ଅନନ୍ତ ବୋଲି ସ୍ୱୀକାର କରିସାରିଛୁ, ଆପଣାକୁ ନାନା ବିଚିତ୍ରଭାବେ ରୂପାୟିତ କରିବାର ପରିପୂର୍ଣ୍ଣ ଶକ୍ତି ତାଙ୍କଠାରେ ରହିବହିଁ ରହିବ । ଯଦି ଚେତନାର ବହୁବିଧ ନାନା ଅବସ୍ଥା ସମ୍ଭବ ବୋଲି ମାନି ନିଆଯାଏ, ତେବେ ପ୍ରତ୍ୟେକ ଭୂମିରେ କେତେ ବିଭିନ୍ନ ପ୍ରକାରେ ଯେ ଏହି ବୈଚିତ୍ର୍ୟ ପ୍ରକାଶିତ ହୋଇ ପାରିବ, ଆଉ ସେଥିଲାଗି କୌଣସି ନିର୍ଦ୍ଦିଷ୍ଟ ସୀମା କଦାପି ଧାର୍ଯ୍ୟ କରି ହେବ ନାହିଁ । ଅବଶ୍ୟ ସେଥିଲାଗି ଏକଥାଟିକୁ ବି ସ୍ୱୀକାର କରିବାକୁ ପଡ଼ିବ ଯେ ସେହିସବୁ ବୈଚିତ୍ର୍ୟ ମଧ୍ୟରେ ଅନ୍ତରସ୍ଥ ଏକରୂପେ ଯିଏ ଅବସ୍ଥିତ ରହିଛନ୍ତି, ସେ ଏକାଧାରରେ ସମସ୍ତଙ୍କ ମଧ୍ୟରେ ଆତ୍ମଜାଗ୍ରତ ହୋଇ ରହିଥିବେ । କାରଣ ପରମ ଅଦ୍ୱିତୀୟ ଓ ଅନନ୍ତଙ୍କର ଚେତନା ଅବଶ୍ୟ ବିଶ୍ୱଗତ ଓ ବିଶ୍ୱବ୍ୟାପ୍ତ ହୋଇ ରହିବ । ଅବିଦ୍ୟାର ଏକ ଭୂମିରୂପେ ଅବସ୍ଥିତ ରହିଥିବା ଆମର ଏହି ସୀମାବଦ୍ଧ ବା ଆୟାସରଚିତ ଚେତନାଟିର ଅନନ୍ତ ଆତ୍ମଜ୍ଞାନ ଓ ସର୍ବଜ୍ଞାନ ସହିତ ପ୍ରକୃତରେ କିଭଳି କେଉଁ ସମ୍ବନ୍ଧମାନ ରହିବ, କେବଳ ସେଇଟିକୁହିଁ ବୁଝିବାଲାଗି ହୁଏତ ଆମକୁ ଅସୁବିଧା ହେବ । ଏହି ବିଷୟରେ ଆଉଟିକିଏ ଆଗକୁ ଆଲୋଚନା କଲେ ହୁଏତ ସେହି ଅସୁବିଧାଟିର ମଧ୍ୟ ଆମକୁ ଏକ ସମାଧାନ ମିଳିଯାଇ ପାରିବ ।

ପରମ ଅନନ୍ତ ଚେତନାର ଆଉ ଗୋଟିଏ ଦ୍ୱିତୀୟ ସମ୍ଭାବନାକୁ ବି ସ୍ୱୀକାର କରିବାକୁ ହୋଇଥାଏ । ସେଇଟି ହେଉଛି ତା'ର ଆତ୍ମସଙ୍କୁଚନ ଅଥବା ଗୌଣ

'oaob.nitrkl.ac.in' images reprocessed

ଆତ୍ମରୂପାୟନର ସାମର୍ଥ୍ୟ, ଯାହାଫଳରେ କି ଅସୀମ ଓ ସମଗ୍ର ଚେତନା ତଥା ଜ୍ଞାନର ରାଜ୍ୟ ମଧ୍ୟରେ ଏକ ଗୌଣ କ୍ରିୟା ବା ଗଠ ଦୃଷ୍ଟିଗୋଚର ହୋଇଥାଏ । କାରଣ, ପରମ ଅନନ୍ତ ମଧ୍ୟରେ ଆତ୍ମବ୍ୟାକୃତର ଯେଉଁ ସାମର୍ଥ୍ୟ ରହିଛି, ତାହାର ଏକ ଆବଶ୍ୟକ ପରିଣାମରୂପେହିଁ ଏପରି ଘଟିଥାଏ । ସତ୍‌ସ୍ୱରୂପର ପ୍ରତ୍ୟେକ ଆତ୍ମରୂପାୟନ ମଧ୍ୟରେ ତାହାର ସ୍ୱକୀୟ ସତ୍ୟ ଓ ସ୍ୱଭାବର ଜ୍ଞାନ ନିଶ୍ଚିତଭାବେ ବର୍ତ୍ତମାନ ରହିଛି; ଅଥବା, ଅନ୍ୟ ପ୍ରକାରରେ କହିଲେ, ସେହି ଆତ୍ମରୂପାୟନଟି ମଧ୍ୟରେ ରହିଥିବା ପରମ ସତ୍ତା ଆପଣାର ପରମ ସତ୍ତାବିଷୟରେ ସଂପୂର୍ଣ୍ଣ ଆତ୍ମସଚେତନ ହୋଇ ରହିଛନ୍ତି । ଅଧ୍ୟାତ୍ମ କ୍ଷେତ୍ରରେ ବ୍ୟକ୍ତିସତ୍ତା କହିଲେ ସର୍ବଦା କେବଳ ଏହାହିଁ ବୁଝାଇବ ଯେ ପ୍ରତ୍ୟେକ ବ୍ୟକ୍ତିର ଆତ୍ମା ଆତ୍ମଗତ ଦୃଷ୍ଟି ଓ ସର୍ବଗତ ଦୃଷ୍ଟିର ଏକ କେନ୍ଦ୍ରରୂପେ ଅବସ୍ଥିତ ରହିଛି । ଏହି ଦୃଷ୍ଟିଟିର ପରିବେଶ ଅର୍ଥାତ୍ ସୀମାସ୍ଥାନ ପରିଧିଟି ହୁଏତ ସମସ୍ତଙ୍କ କ୍ଷେତ୍ରରେ ସେହି ଏକ ହୋଇଥିଲେ ମଧ୍ୟ କେନ୍ଦ୍ର ହୁଏତ ଭିନ୍ନଭିନ୍ନ ହୋଇ ରହିଛି । ସ୍ଥୂଳ ଦେଶର କୌଣସି ବୃତ୍ତ ମଧ୍ୟରେ ଏକ ସ୍ଥୂଳ ବିନ୍ଦୁରୂପେ ଏହି କେନ୍ଦ୍ର ଅବସ୍ଥିତ ରହି ନାହିଁ, ମାତ୍ର ଏହା ଏକ ମାନସିକ କେନ୍ଦ୍ରରୂପେ ଅବସ୍ଥିତ ରହିଛି, ଯାହାକି ବିଶ୍ୱବ୍ୟାପ୍ତ ସତ୍ତା ମଧ୍ୟରେ ବିଭିନ୍ନଭାବେ ଚେତନାସମ୍ପନ୍ନ ବସ୍ତୁର ଏକ ସହାବସ୍ଥାନ ମାଧ୍ୟମରେ ଅନ୍ୟମାନଙ୍କ ସହିତ ସମ୍ବନ୍ଧିତ ହୋଇ ରହିଛି । ଯେକୌଣସି ବିଶ୍ୱରେ ଅବସ୍ଥିତ ପ୍ରତ୍ୟେକ ସତ୍ତା କେବଳ ସେହି ଏକ ବିଶ୍ୱକୁ ଦେଖିବ ସତ, ମାତ୍ର ଆପଣା ଆତ୍ମସତ୍ତାର ଦୃଷ୍ଟିକୋଣରୁ ଓ ଆପଣା ଆତ୍ମସ୍ୱଭାବର ସ୍ୱକୀୟ ଗଢ଼ଣଟିର ଅନୁସାରେହିଁ ସେ ଏହାକୁ ଦେଖିପାରିବ । କାରଣ ପ୍ରତ୍ୟେକ ସତ୍ତା ପରମ ଅନନ୍ତଙ୍କର କେବଳ ସ୍ୱକୀୟ ସତ୍ୟଟିକୁହିଁ ପ୍ରକାଶିତ କରିବେ, ଆତ୍ମବ୍ୟାକୃତର ସ୍ୱକୀୟ ଧାରାଟିକୁ ପ୍ରକଟ କରିବେ, ବିଶ୍ୱବ୍ୟାକୃତ ସହିତ ସମ୍ବନ୍ଧିତ ହେବାର କେବଳ ଆପଣା ଗଢ଼ଣଟିକୁହିଁ ଫୁଟାଇ ଧରିବେ । ବୈଚିତ୍ର୍ୟ ମଧ୍ୟରେ ଏକତ୍ୱର ବିଧାନଟିକୁ ଅନୁସରଣ କରୁଥିବା ଏହାର ଦୃଷ୍ଟି ମଧ୍ୟ ମୂଳତଃ କେବଳ ଅନ୍ୟମାନଙ୍କର ଦୃଷ୍ଟି ପରିହିଁ ହେବ, ମାତ୍ର ତଥାପି ଏହାର ଆପଣାର ଏକ ନିଜସ୍ୱ ଏକତା ମଧ୍ୟ ସତତ ବିକଶିତ ହେବାରେ ଲାଗିଥିବ । ଯେପରି ଆମେ ଦେଖୁଛୁ ଯେ ପ୍ରତ୍ୟେକ ମନୁଷ୍ୟ ବିଶ୍ୱର ବିଷୟଗୁଡ଼ିକ ସମ୍ବନ୍ଧରେ ଅନ୍ୟ ସବୁ ମଣିଷଙ୍କ ପରି ସମାନଭାବେ ସଚେତ ରହିଛନ୍ତି, ତଥାପି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଏକ ଦୃଷ୍ଟିଗତ ପାର୍ଥକ୍ୟ ସବୁବେଳେ ଅବଶ୍ୟ ରହିଛି । ଏହି ଆତ୍ମ ସଙ୍କୁଚନ ବା ଆତ୍ମସୀମା-ନିର୍ଦ୍ଦେଶନକୁ ଆମେ କଦାପି ଏକ ମୌଳିକ ସତ୍ୟ ବୋଲି କହିବା ନାହିଁ, ଆମେ ଏହାକୁ ଏକ ବିଶ୍ୱଗତ ସର୍ବସାମାନ୍ୟତା ବା ସମଗ୍ରତାର ଏକ ବ୍ୟକ୍ତିରୂପାୟିତ ବିଶିଷ୍ଟତା ବୋଲି କହିବା । ଆଧ୍ୟାତ୍ମ କ୍ଷେତ୍ରରେ ବ୍ୟକ୍ତିସତ୍ତା ସେହି ଏକ ପରମ ସତ୍ୟସ୍ଥିତ ତା'ର ଆପଣା କେନ୍ଦ୍ରଟିରୁ ଓ ତା'ର ଆପଣା ସ୍ୱଭାବ ଅନୁସାରେହିଁ ସବୁବେଳେ କାର୍ଯ୍ୟ କରିବ । ମାତ୍ର ତଥାପି ସେ ଏକ ସାଧାରଣ ଭୂମି ଉପରେ କାର୍ଯ୍ୟ

'oaob.nitrkl.ac.in' images reprocessed

କରିବ, ଅନ୍ୟ ଆତ୍ମା ଓ ଅନ୍ୟ ସ୍ୱଭାବଗୁଡ଼ିକ ପ୍ରତି ଆଖି ବୁଜିଦେଇ ଅନ୍ଧ ପରି କିଛି କରିବ ନାହିଁ । ପରିପୂର୍ଣ୍ଣ ଜ୍ଞାନ ବିଷୟରେ ଅବହିତ ରହିହିଁ ଏହି କ୍ଷେତ୍ରରେ ଚୈତନ୍ୟ ଆପଣା କ୍ରିୟାର ଏକ ସୀମାନିର୍ଦ୍ଦେଶନ କରିଦେବ, ତେଣୁ ଆମେ ଏହାକୁ ଅଜ୍ଞାନ୍ୟାର ଏକ କ୍ରିୟା ବୋଲି ଆଦୌ କହି ପାରିବା ନାହିଁ । ମାତ୍ର ଆପଣାକୁ ଏକ ବ୍ୟକ୍ତିସତ୍ତାରୂପେ ସଙ୍କୁଚିତ କରି ପାରିବାର ସାମର୍ଥ୍ୟ ସଙ୍ଗେ ସଙ୍ଗେ ପରମ ଅନନ୍ତଙ୍କର ଚେତନା ଭିତରେ ବିଶ୍ୱଗତ ସଙ୍କୁଚନ ଲାଗି ମଧ୍ୟ ଏକ ସାମର୍ଥ୍ୟ ନିଶ୍ଚୟ ରହିଥିବ । ସେହି ସାମର୍ଥ୍ୟ ଆପଣାକୁ ସଙ୍କୁଚିତ ବା ସୀମିତ କରିଆଣି ଏକ ନିର୍ଦ୍ଦିଷ୍ଟ ଜଗତ ଅର୍ଥାତ୍ ବିଶ୍ୱର ଭିତ୍ତି ଗଢ଼ିଦେଇ ପାରୁଥିବ ଓ ତାହାକୁ ତା'ର ସୁବିଧାନ, ସାମଞ୍ଜସ୍ୟତା ତଥା ଆତ୍ମରଚନାର ଧାରା ମଧ୍ୟରେ ପ୍ରତିଷ୍ଠାପିତ କରି ରଖି ପାରୁଥିବ । କାରଣ ଏକ ବିଶ୍ୱର ସୃଷ୍ଟି ଲାଗି ସେହି ବିଶ୍ୱର ଅଧିଷ୍ଠାତାରୂପେ ପରମ ଅନନ୍ତଚୈତନ୍ୟଙ୍କର ଏକ ବିଶେଷ ବ୍ୟାକୃତ ଏକାନ୍ତ ଆବଶ୍ୟକ, ଏବଂ ସେହି କ୍ରିୟାଟି ଲାଗି ଯାହା ଆବଶ୍ୟକ ନୁହେଁ, ସେଗୁଡ଼ିକୁ ପ୍ରତ୍ୟାହୃତ କରି ରଖିବା ମଧ୍ୟ ଆବଶ୍ୟକ । ଠିକ୍ ସେହିପରି ଭାବରେ ମନ, ପ୍ରାଣ ବା ଜଡ଼ ଭଳି କୌଣସି ଶକ୍ତି ସ୍ୱତନ୍ତ୍ରଭାବରେ କ୍ରିୟା କରିପାରିବା ଲାଗି ଆତ୍ମସଙ୍କୁଚନର ଏକ ଅନୁରୂପ ତତ୍ତ୍ୱର ଆଶ୍ରୟ ମଧ୍ୟ ଏକାନ୍ତ ଆବଶ୍ୟକ । ପରମ ଅନନ୍ତ ହେଉଛନ୍ତି ସକଳ ସୀମା ଓ ସକଳ ନିର୍ଦ୍ଦେଶନର ଅତୀତ, ତେଣୁ ତାଙ୍କ ପକ୍ଷରେ ଏଭଳି ଏକ କ୍ରିୟାରେ ପ୍ରବୃତ୍ତ ହେବା ଏକାନ୍ତ ଅସମ୍ଭବ,—ଏଭଳି କଦାପି କୁହାଯାଇ ପାରିବ ନାହିଁ । ବରଂ ଏଇଟିକୁ ମଧ୍ୟ ତାଙ୍କର ନାନା ସାମର୍ଥ୍ୟରୁ ଗୋଟିଏ ବୋଲି କହିବାକୁ ପଡ଼ିବ, କାରଣ ତାଙ୍କର ସାମର୍ଥ୍ୟଗୁଡ଼ିକ ମଧ୍ୟ ସକଳ ସୀମା ଓ ନିର୍ଦ୍ଦେଶନର ଅତୀତ । ମାତ୍ର ଅନ୍ୟାନ୍ୟ ସକଳ ଆତ୍ମବ୍ୟାକୃତ ପରି ଏଇଟି ମଧ୍ୟ କଦାପି ଏକ ବାସ୍ତବ ବିଭାଜନ ବା ବିଚ୍ଛେଦନ ହେବ ନାହିଁ; କାରଣ ତା'ର ଚାରିପାଖରେ ଓ ତା'ର ପଶ୍ଚାତରେ ବ୍ୟାପ୍ତ ଓ ପରିପୂର୍ଣ୍ଣ ହୋଇ ରହିଥିବା ପରମ ଅନନ୍ତଚୈତନ୍ୟହିଁ ତାକୁ ଘେରିକରି ରହିଥିବ, ତା'ର ଆଶ୍ରୟ ହୋଇ ରହିଥିବ; ଏବଂ ସେହି ବିଶେଷ କ୍ରିୟାଟି ଅନ୍ତର୍ଗତଭାବରେ କେବଳ ଯେ ଆପଣା ବିଷୟରେ ସଚେତନ ହୋଇ ରହିଥିବ, ତା' ନୁହେଁ, ମାତ୍ର ତା'ର ପଛରେ ଯାହା ଅବସ୍ଥିତ ରହିଛି, ତା' ବିଷୟରେ ମଧ୍ୟ ପୂର୍ଣ୍ଣସଚେତନ ଥିବ । ପରମ ଅନନ୍ତଙ୍କର ସମଗ୍ର ଚେତନା ମଧ୍ୟରେ ମର୍ମତଃ ଏହିଭଳିହିଁ ହେବ; ମାତ୍ର ଆମେ ଏକଥାଟି ମଧ୍ୟ ବେଶ୍ ଅନୁମାନ କରି ପାରିବା ଯେ ଯାହା ସାନ୍ତ ବା ସୀମାନିର୍ଦ୍ଦିଷ୍ଟ ଭାବରେ ସ୍ଥାପିତ ବା ପ୍ରତିଷ୍ଠିତ ହେଉଛି, ତାହାର ସମଗ୍ର ଆତ୍ମଚେତନାଟି ଭିତରେ ହୁଏତ କ୍ରିୟାଶୀଳ ଅବସ୍ଥାରେ ନଥିଲେ ମଧ୍ୟ ଅନ୍ତର୍ଗତ ଭାବରେ ଏକ ସଚେତନତା ରହିଛି, ଯାହାକି ଆପଣାର ସୀମାଗୁଡ଼ିକ ବିଷୟରେ ଅବଶ୍ୟ ଅବହିତ ରହିଛି, ମାତ୍ର ତଥାପି ଆପଣାକୁ ଅବିଭକ୍ତ ବୋଲି ଜାଣୁଛି । ବିଶ୍ୱଗତ ହେଉ ବା ବ୍ୟକ୍ତିସତ୍ତାଗତ ହେଉ, ପରମ ଅନନ୍ତ ପକ୍ଷରେ ଏତକ ସଚେତନ ଆତ୍ମ-



'oaob.nitrkl.ac.in' images reprocessed

ସଙ୍କୁଚନ ଅବଶ୍ୟ ସମ୍ଭବ, ଏବଂ ଏକ ବୃହତ୍ତର ବୋଧଭୂମିରେ ଆମେ ଏହାକୁ ତାହାର ଏକ ଆଧ୍ୟାତ୍ମିକ ସମ୍ଭାବନାରୂପେ ନିଶ୍ଚୟ ଗ୍ରହଣ କରିନେଇ ପାରିବା । ମାତ୍ର ଆମର ସୀମିତ ଚେତନାରେ ଯାହା ଏକ ବିଭାଜନ କିମ୍ବା ଅଜ୍ଞାନଜନିତ ବିଚ୍ଛେଦନ ପରି ଦେଖାଯାଏ, ଅଥବା ବାନ୍ଧିହୋଇ ପଡ଼ିବା ଏବଂ ସୀମା ଭିତରେ ଆପଣାକୁ କଳି ରଖିବା ପରି ଦେଖାଯାଏ, ଏହି ଭୂମିରେ ଏପର୍ଯ୍ୟନ୍ତ ତାହାର କୌଣସି ବ୍ୟାଖ୍ୟା ଦେଇପାରିବା ଆଦୌ ସମ୍ଭବ ହେବ ନାହିଁ ।

ମାତ୍ର ଏଠାରେ ପରମ ଅନନ୍ତଚୈତନ୍ୟଙ୍କର ଏକ ତୃତୀୟ ସାମର୍ଥ୍ୟ ବା ସମ୍ଭାବନାଟିକୁ ସ୍ୱୀକାର କରାଯାଇ ପାରିବ । ସେଇଟି ହେଉଛି ତାଙ୍କର ଆତ୍ମନିମଜ୍ଜନର ସାମର୍ଥ୍ୟ, ଆପଣା ଭିତରେ ପ୍ରବେଶ କରି ସେଇଠି ନିମଗ୍ନ ହୋଇ ରହିବାର ସାମର୍ଥ୍ୟ । ଏଭଳି ଏକ ଅବସ୍ଥାରେ ଆତ୍ମଚେତନା ରହିଥାଏ ସତ, ମାତ୍ର ତାହା ଜ୍ଞାନ ବା ସର୍ବଗତ ଜ୍ଞାନରୂପେ ଆଦୌ ଅବସ୍ଥିତ ନଥାଏ । ସେହି ଅବସ୍ଥାରେ ସବୁକିଛି ଏକ ବିଶୁଦ୍ଧ ଆତ୍ମଚେତନା ମଧ୍ୟରେ ସମାହିତ ହୋଇ ରହିଥାଏ, ଏବଂ ଜ୍ଞାନ ତଥା ଅନ୍ତର୍ଗତ ଚେତନାଟି ମଧ୍ୟ ବିଶୁଦ୍ଧ ସତ୍ତା ଭିତରେ ଆପଣାକୁ ହଜାଇ ଦେଇଥାଏ । ଏହି ଜ୍ୟୋତିର୍ମୟ ଅବସ୍ଥାଟିକୁ ଆମେ ଏକ ନିର୍ବିଶେଷ ଅର୍ଥରେ ଅତିଚେତନା ବୋଲି କହିଥାଉ । ଅବଶ୍ୟ ଏକଥା ସତ୍ୟ ଯେ ଆମେ ସାଧାରଣତଃ ଯାହାକୁ ଅତିଚେତନ ବୋଲି କହୁ, ସେଥିରୁ ଅଧିକାଂଶ ହେଉଛି ବସ୍ତୁତଃ କେବଳ ଏକ ଉଚ୍ଚତର ଚେତନ-ପର୍ଯ୍ୟାୟର; ଯାହାକି ଆପଣା ବିଷୟରେ ଆପେ ଚେତନ ରହିଥାଏ, ମାତ୍ର କେବଳ ଆମ ନିଜର ସୀମାବଦ୍ଧ ଜ୍ଞାନସ୍ତରକୁ ଅତିଚେତନ ବୋଲି ଅନୁଭୂତ ହୁଏ । ପୁଣି, ପ୍ରକାଶ ଓ ଆଲୋକର ଦୃଷ୍ଟିରେ ନଦେଖି ଅନ୍ଧକାର ଓ ଅପ୍ରକାଶର ଦୃଷ୍ଟିରେ ଦେଖିଲେ ଅନନ୍ତର ଏହି ଆତ୍ମନିମଜ୍ଜନ ବା ସମାଧି ଆମକୁ ନିଶ୍ଚେତନାର ଏକ ଅବସ୍ଥା ବୋଲି ମନେହୁଏ । କାରଣ ପରମ ଅନନ୍ତଙ୍କର ସତ୍ତାଟି ସେଠାରେ ଅବଶ୍ୟ ଅବସ୍ଥିତ ରହିଥାଏ, ମାତ୍ର ନିଶ୍ଚେତନାର ରୂପଧାରଣ କରିଥିବା ପରି ଦେଖାଯାଉଥିବାରୁ ଏହା ଆମ ଆଖିକୁ ସତେଯେପରି ଏକ ଅନନ୍ତ ଅସତ୍ ପରି ବୋଧ ହେଉଥାଏ । ସେହି ପ୍ରତୀତ ଅସତ୍ ମଧ୍ୟରେ ବି ଏକ ଅନ୍ତର୍ନିହିତ ଅଥଚ ଆତ୍ମବିସ୍ମୃତ ଚୈତନ୍ୟ ଓ ସାମର୍ଥ୍ୟ ବିଦ୍ୟମାନ ରହିଥାଏ, କାରଣ ସେହି ଅନନ୍ତ ନିଶ୍ଚେତନର ଶକ୍ତିଦ୍ୱାରାହିଁ ଏକ ବିଶ୍ୱବ୍ୟବସ୍ଥା ଜନ୍ମଲାଭ କରେ । ଆତ୍ମନିମଜ୍ଜନର ଏକ ସମାଧିସ୍ଥ ଅବସ୍ଥାରେ ଏହା ଜନ୍ମଲାଭ କରେ; ସତେଅବା ସମାଧିସ୍ଥ ହୋଇ ରହିଥିବା ପରି ସେହି ସାମର୍ଥ୍ୟ ସ୍ୱୟଂକ୍ରିୟ ଭଳି କାର୍ଯ୍ୟ କରେ, ସତେଅବା ଆଖି ନଥିବା ଏକ ଯନ୍ତ୍ରପରି କାର୍ଯ୍ୟ କରେ, ମାତ୍ର ତଥାପି ପରମ ଅନନ୍ତରୂପୀସତ୍ୟର ଅନିବାର୍ଯ୍ୟତା ଓ ଶକ୍ତି ସେଥିରେ ନିର୍ଭୁଲ ଭାବେ କାର୍ଯ୍ୟ କରିବାରେ ଲାଗିଥାଏ । ଆଉ ଗୋଟିଏ ପାଦ ଆଗକୁ

'oaob.nitrkl.ac.in' images reprocessed

ଯାଇ ଯଦି ଆମେ ପରମ ଅନନ୍ତଙ୍କ ପକ୍ଷରେ ଏକ ବିଶେଷ କିମ୍ବା ସୀମାବଦ୍ଧ ଆଂଶିକ ଆତ୍ମନିମଜ୍ଜନର କ୍ରିୟା ମଧ୍ୟ ସମ୍ଭବ ବୋଲି ସ୍ୱୀକାର କରିପାରିବା, ଅର୍ଥାତ୍ ଏହି କ୍ରିୟା ଯଦି ସର୍ବଦା କେବଳ ଆପଣା ମଧ୍ୟରେହିଁ ଅଭିନିବିଷ୍ଟ ହୋଇ ରହିଥିବା ତାଙ୍କ ଅନନ୍ତତାର କ୍ରିୟା ନହୋଇ ଏକ ବିଶେଷ ଅବସ୍ଥା ବା ଏକ ବ୍ୟକ୍ତି ଅଥବା ବିଶ୍ୱବ୍ୟାକୃତ ମଧ୍ୟରେ ଆପଣାକୁ ସୀମାବଦ୍ଧ କରି ରଖିପାରେ, ତେବେ ଯେଉଁ କେନ୍ଦ୍ରୀଭୂତ ସ୍ଥିତି ବା ଅବସ୍ଥାରେ ସେ ଆପଣା ସତ୍ତାର କେବଳ ଗୋଟିଏ ବିଭାବ ବିଷୟରେ ପୃଥକ୍ ଭାବରେ ସଚେତନ ହୋଇ ପାରନ୍ତି, ସେଥିଲାଗି ମଧ୍ୟ ଆମକୁ ଏକ ବ୍ୟାଖ୍ୟା ମିଳିଯିବ । ତାହାହେଲେ ଆମେ ବ୍ରହ୍ମର ଦୁଇଟି ମୌଳିକ ସ୍ଥିତିର ପରିଚୟ ପାଇପାରିବା, ଗୋଟିଏ ହେଉଛି ନିର୍ଗୁଣ ସ୍ଥିତି, ଯେଉଁଥିରେ କି ସଗୁଣ ଭାବର ଅନ୍ତରାଳରେ ସେ କେବଳ ଆପଣାର ବିଶୁଦ୍ଧତା ଓ ଅବିଚଳତା ମଧ୍ୟରେହିଁ ଅଭିନିବିଷ୍ଟ ଓ ନିମଜ୍ଜିତ ହୋଇ ରହିଥା'ନ୍ତି, ଏବଂ ତାହା ବାହାରେ ଅବଶିଷ୍ଟ ଯାହାକିଛି ରହିଛି, ସେସବୁ କେବଳ ଏକ ଆବରଣର ଅନ୍ତରାଳରେ ରହିଥାଏ ଏବଂ ଏହି ବିଶେଷ ସ୍ଥିତିଟି ମଧ୍ୟରେ ଆଦୌ ପ୍ରବେଶ କରିପାରେ ନାହିଁ । ଠିକ୍ ସେହିପରି ସତ୍ତାର କେବଳ ଗୋଟିଏ କ୍ଷେତ୍ର କିମ୍ବା ଆପଣାର କେବଳ ଗୋଟିଏ କ୍ରିୟା ବିଷୟରେ ସଚେତନ ରହିଥିବା ଚେତନାସ୍ଥିତିଟିକୁ ମଧ୍ୟ ଆମେ ବୁଝିବାକୁ ସମର୍ଥ ହେବା । ସେତେବେଳେ ତାହାର ବାହାରେ ଆଉ ଯାହାକିଛି ରହିଛି, ତାହା ଏକ ଆବରଣ ପଛରେ ଅପସାରିତ ହୋଇ ରହିଥିବ, ଅଥବା ସତେଯେପରି ଗତିଶୀଳ ଅଭିନିବେଶର ଏକ ଜାଗ୍ରତ ସମାଧିଦ୍ୱାରା କେବଳ ଆପଣାର ନିଜ କ୍ଷେତ୍ରଟି ତଥା ନିଜ କ୍ରିୟାଟି ସହିତ ସଂଶ୍ଳିଷ୍ଟ ହୋଇ ରହିଥିବା ସେହି ବିଶିଷ୍ଟ ଓ ସୀମିତ ଚେତନାଟିରୁ ତାହା ବିଚ୍ଛିନ୍ନ ହୋଇ ରହିଥିବ । ସେତେବେଳେ ଅନନ୍ତ ଚେତନାର ସମଗ୍ରତାଟି ମଧ୍ୟ ଅବଶ୍ୟ ବିଦ୍ୟମାନ ରହିଥିବ । ତାହା କଦାପି ବିଲୁପ୍ତ ହୋଇ ଯାଇ ନଥିବ ଓ ଇଚ୍ଛାକଲେ ମାତ୍ରକେ ଜାଗ୍ରତ କରାଯାଇ ପାରୁଥିବ । ମାତ୍ର ତାହା ପ୍ରକାଶ୍ୟ ଭାବରେ କୌଣସି କ୍ରିୟା କରୁ ନଥିବ, କେବଳ ପରୋକ୍ଷ ଅନୁମାନ ଦ୍ୱାରା ସେହି କ୍ରିୟା ଅନୁଭୂତ ହୋଇ ପାରୁଥିବ । ସୀମିତ ଚେତନାଟିକୁ ନିମିତ୍ତରୂପେ ବ୍ୟବହାର କରି ତାହା ଆପେ ଅନ୍ତର୍ନିହିତ ହୋଇ ରହିଥିବ, ମାତ୍ର ଆପଣାର ପ୍ରକାଶ୍ୟ ଶକ୍ତି ଓ ଉପସ୍ଥିତି ଦ୍ୱାରା କୌଣସି କାର୍ଯ୍ୟ କରୁ ନଥିବ । ଏଠାରେ ଅବଶ୍ୟ ସ୍ପଷ୍ଟ ହୋଇଯିବା ଉଚିତ ଯେ ଆମେ ଏହି ଉଭୟଟିଯାକ ସାମର୍ଥ୍ୟକୁ ପରମ ଅନନ୍ତଚୈତନ୍ୟଙ୍କର ଗତିଲୀଳା ମଧ୍ୟରେ ଦୁଇଟି ବିଭିନ୍ନ ସମ୍ଭାବନାରୂପେ ବେଶ୍ ଗ୍ରହଣ କରିନେଇ ପାରିବା । ଏବଂ ସେଗୁଡ଼ିକ ଯେଉଁ ବହୁବିଧ ମାର୍ଗରେ କାର୍ଯ୍ୟ କରିପାରିବେ, ତାହାର ବିସ୍ତାର କରିବାଦ୍ୱାରାହିଁ ଆମେ ହୁଏତ ମାୟାଶକ୍ତିର ରହସ୍ୟଭେଦ କରିବା ଲାଗି ଏକ ସୂତ୍ର ମଧ୍ୟ ପାଇଯିବା ।

'oaob.nitrkl.ac.in' images reprocessed

ଆମ ମାନସିକ ଭୂମି ଉପରେ ରହି ଆମେ ଗୋଟିଏ ପାଖରେ ବିଶୁଦ୍ଧ ଚେତନା, ବିଶୁଦ୍ଧ ସତ୍ତା ତଥା ବିଶୁଦ୍ଧ ଆନନ୍ଦ ଏବଂ ଅପର ପାଖରେ ଏହି ବିଶ୍ୱବ୍ୟାପୀ ଲାଗି ରହିଥିବା ସତ୍ତା, ଚେତନା ଓ ଆନନ୍ଦର ବିପୁଳ କ୍ରିୟାଶୀଳତା, ବହୁବିଧ ନସ୍ୱୋକ୍ଷକତା ଓ ଅନ୍ତହୀନ ଅବସ୍ଥା-ବିପର୍ଯ୍ୟୟଗୁଡ଼ିକ ମଧ୍ୟରେ ଯେଉଁ ପରସ୍ପର ବିରୋଧିତାର ଆରୋପ କରିଥାଉ, ପ୍ରସଙ୍ଗକ୍ରମେ ଏଠାରେ ଆମର ଆଲୋଚନା ତାହା ଉପରେ ମଧ୍ୟ କିଞ୍ଚିତ୍ ଆଲୋକପାତ କରିପାରିବ । ବିଶୁଦ୍ଧ ଚେତନା ଓ ବିଶୁଦ୍ଧ ସତ୍ତାର ସ୍ଥିତିରେ ଆମେ କେବଳ ସେହି ତତ୍ତ୍ୱସ୍ୱରୂପଙ୍କର ଅନୁଭୂତିହିଁ ଲାଭ କରିଥାଉ । ସେତେବେଳେ ଆମେ ତାଙ୍କୁ ନିଶ୍ଚଳ, ନିର୍ବିଷୟ, ସ୍ୱୟଂବର୍ତ୍ତିମାନ ଓ ନିରାକାର ବୋଲି ଅନୁଭବ କରିଥାଉ ଓ କେବଳ ତାହାଙ୍କୁହିଁ ସତ୍ୟ ଓ ବାସ୍ତବ ବୋଲି ଅନୁଭବ କରୁ । ଅନ୍ୟ ଅର୍ଥାତ୍ ତାଙ୍କର ଗତିଶୀଳ ସ୍ଥିତିଟିରେ ଆମେ ତାଙ୍କର ଗତିଶୀଳତାକୁ ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ଓ ସ୍ୱାଭାବିକ ବୋଲି ଅନୁଭବ କରୁ ଏବଂ ହୁଏତ ଏପରିକି ଏକଥା ମଧ୍ୟ ଭାବିବାକୁ ଲାଗୁ ଯେ ବିଶୁଦ୍ଧ ଚେତନା ଭଳି ଏକ ଅନୁଭୂତି କଦାପି ସମ୍ଭବ ହେବ ନାହିଁ । ତଥାପି ବର୍ତ୍ତିମାନ ଏକଥାଟି ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇ ଯାଇଛି ଯେ ପରମ ଅନନ୍ତଚୈତନ୍ୟଙ୍କ ପକ୍ଷରେ ଗତିଶୀଳତା ଯେପରି ସମ୍ଭବ, ସ୍ଥିତିଶୀଳତା ମଧ୍ୟ ଠିକ୍ ସେହିପରି ସମ୍ଭବ । ଏହି ଦୁଇଟିଯାକ ହେଉଛି କେବଳ ତାଙ୍କରି ଦୁଇଟି ସ୍ଥିତି, ଏବଂ ବିଶ୍ୱଚେତନାରେ ଦୁଇଟିଯାକର ଯୁଗପତ୍ ଅବସ୍ଥିତି କଦାପି ଅସମ୍ଭବ ନୁହେଁ । ସେଠି ଗୋଟିଏ ଅନ୍ୟଟିର ସାକ୍ଷୀରୂପେ ବର୍ତ୍ତିମାନ ରହିଛି, ଏବଂ ତାହାର ଆଶ୍ରୟରୂପେ କାର୍ଯ୍ୟ କରୁଛି; କିମ୍ବା ସେଇଟି ଆଡ଼କୁ ଆଦୌ ଦୃଷ୍ଟିପାତ କରୁ ନାହିଁ, ମାତ୍ର ସ୍ୱତଃ ତାହାର ଆଶ୍ରୟ ହୋଇ ରହିଛି । ଅଥବା ସେଠାରେ ତାଙ୍କର ନୈଶବ୍ଦ୍ୟ ଓ ସ୍ୱରୂପସ୍ଥିତି ହୁଏତ ତାଙ୍କର ସକଳ କ୍ରିୟାଶୀଳତାକୁ ଭେଦକରି ରହିଛି, ଏବଂ ଯେପରି ଏକ ମହାସମୁଦ୍ର ଆପଣାର ତଳଦେଶରେ ସମ୍ପୂର୍ଣ୍ଣ ଶାନ୍ତ ଓ ଅବିଚଳ ରହି ଉପରିଭାଗରେ ଆପଣାର ତରଙ୍ଗସମାକୁଳତାକୁ ଉତ୍କ୍ଷିପ୍ତ କରି ରଖିଥାଏ, ଠିକ୍ ସେହିପରି ସେ ଆପଣାର କ୍ରିୟାଶୀଳତାକୁ ଉତ୍କ୍ଷିପ୍ତ କରି ଦେଇଛି । ଆମ ସତ୍ତାର କେତୋଟି ଅବସ୍ଥାରେ ଆମ ପକ୍ଷରେ କିପରି ଏକାବେଳେକେ ଚେତନାର ଭିନ୍ନ ଭିନ୍ନ ସ୍ଥିତିକୁ ଅନୁଭବ କରିବା ସମ୍ଭବ ହୋଇଥାଏ, ଏଥିରୁ ମଧ୍ୟ ଆମେ ତାହାର ଏକ କାରଣ ପାଇପାରିବା । ଯୋଗାନୁଭୂତିରେ ମଧ୍ୟ ଏପରି ଏକ ଅବସ୍ଥା ରହିଛି ଯେତେବେଳେ କି ଆମେ ଏକାବେଳେକେ ଦୁଇଟି ଚେତନାର ରୂପ ଧାରଣ କରିଥାଉ । ଗୋଟିଏ ଚେତନା ଉପରିଭାଗରେ ଥାଏ; ତାହା କ୍ଷୁଦ୍ରାୟତନ, କ୍ରିୟାଶୀଳ ଓ ଅଜ୍ଞାନବଶ ହୋଇ ରହିଥାଏ । କେତେପ୍ରକାର ଭାବ ଓ ଆବେଗ, ଦୁଃଖ ଓ ଆନନ୍ଦ ତଥା ଯାବତୀୟ ପ୍ରକାରର ପ୍ରତିକ୍ରିୟାମାନ ଆସି ତାହାକୁ ନାନାପ୍ରକାରେ ଦୋହଲାଇ ଦେବାରେ ଲାଗିଥା'ନ୍ତି । ଅନ୍ୟ ଚେତନାଟି ଅନ୍ତଃସ୍ତରରେ

'oaob.nitrkl.ac.in' images reprocessed

ରହିଥାଏ; ଶାନ୍ତ, ପରିବ୍ୟାପ୍ତ ଓ ସମତାସମ୍ପନ୍ନ ହୋଇଥାଏ, ଓ ଏକ ଅବିଚଳ ଅନାସକ୍ତ ଅର୍ଥାତ୍ ଉଦାସୀନତା ସହିତ ଉପରିଭାଗର ସକ୍ରିଟିକୁ ଅବଲୋକନ କରୁଥାଏ । ଅଥବା, ହୁଏତ ତାହାର ଉତ୍ତେଜିତ ଉପରିଭାଗ ଉପରେ ଆପଣାର ପ୍ରଭାବ ପକାଇ ତାହାକୁ ଶାନ୍ତ ଓ ଅଧିକ ପ୍ରଶସ୍ତ କରି ଦେଉଥାଏ, ତାହାର ରୂପାନ୍ତର ଘଟାଉଥାଏ । ଠିକ୍ ସେହିପରି ଭାବରେ ଆମେ ଆହୁରି ଉପରେ ରହିଥିବା ଆଉ ଏକ ଚେତନା ଭିତରକୁ ମଧ୍ୟ ଆପଣାକୁ ବେଶ୍ ଉତ୍ତୀର୍ଣ୍ଣ କରି ନେଇଯାଇ ପାରିବା, ସେଇଠାରେ ଅବସ୍ଥିତ ରହି ତଳେ ରହିଥିବା ଆମ ସତ୍ତାର ଅନ୍ତରସ୍ଥ ଓ ବହିଃସ୍ଥ, ମନ, ପ୍ରାଣ ଓ ଦେହଗତ ତଥା ଅବଚେତନ ପ୍ରଭୃତି ବିଭିନ୍ନ ଭାଗଗୁଡ଼ିକ ଉପରେ ନିଶ୍ଚୟ ଦୃଷ୍ଟିପାତ କରିପାରିବା । ଏବଂ ସେହି ଉଚ୍ଚତର ସ୍ଥିତିରୁ ସେଥିରୁ ଏଇଟି, ସେଇଟି ଅଥବା ସମସ୍ତଟି ଉପରେ ମଧ୍ୟ କ୍ରିୟା କରିପାରିବା । ସେହି ଉଚ୍ଚ ସ୍ଥିତିଟିରୁ ଅଥବା ଯେକୌଣସି ଉଚ୍ଚ ସ୍ଥିତିରୁ ଏହିସବୁ ନିମ୍ନଭାଗସ୍ଥ ଅଂଶଗୁଡ଼ିକ ମଧ୍ୟରୁ ଯେକୌଣସିଟିର ଭିତରକୁ ଓହ୍ଲାଇ ଆସିବା ମଧ୍ୟ ଠିକ୍ ସେହିପରି ସମ୍ଭବ । ସେତେବେଳେ ସେହି ନିମ୍ନତର ସ୍ତରର ସୀମିତ ଆଲୋକଟିକୁ ଅର୍ଥାତ୍ ତାହାର ଅସ୍ପଷ୍ଟତାଟିକୁ ଆମର କର୍ମଗତ କ୍ଷେତ୍ରରୂପେ ବ୍ୟବହାର କରିବା ମଧ୍ୟ ଆମ ପକ୍ଷରେ ନିଶ୍ଚୟ ସମ୍ଭବ ହେବ, ଏବଂ ସେହି ସମୟଟି ଲାଗି ଆମ ସତ୍ତାର ଅବଶିଷ୍ଟ ଭାଗଟି ହୁଏତ କ୍ଷଣସ୍ଥାୟୀ ଭାବରେ ଅପସାରିତ ହୋଇ ରହିଥିବ, ଅନ୍ତରାଳରେ ଥିବ, କିମ୍ବା ଏକ ଊର୍ଦ୍ଧ୍ୱତର ଶକ୍ତିଭଣ୍ଡାରରୂପେ ଅବସ୍ଥିତ ରହିଥିବ, ଯେଉଁଥିରୁ କି ଆମେ ନିର୍ଭର ଓ ସ୍ୱୀକୃତି ପାଇ ପାରୁଥିବା, ଏବଂ ଆଲୋକ ଓ ଉତ୍ପ୍ରେରଣା ବି ଲାଭ କରି ପାରୁଥିବା । ଅଥବା ସେହି ଭାଗଟି ଏପରି ଏକ ସ୍ଥିତିରୂପେ ଅବସ୍ଥିତ ରହିଥିବ, ଯାହା ଭିତରକୁ କି ଆମେ ଆରୋହଣ କରିଯାଇ ପାରୁଥିବା ବା ଯାହା ମଧ୍ୟକୁ ଫେରିଆସି ପାରୁଥିବା, ଏବଂ ସେଇଠି ରହି ନିମ୍ନସ୍ଥ ପ୍ରଦେଶର ଗତିବିଧିଗୁଡ଼ିକୁ ଲକ୍ଷ୍ୟ କରି ପାରୁଥିବା । ଅଥବା ଆମେ ଇଚ୍ଛାକଲେ ସମାଧି ଭିତରେ ବି ପ୍ରବେଶ କରି ପାରିବା, ଆମ ନିଜର ଅନ୍ତର୍ଦେଶରେ ଯାଇ ପହଞ୍ଚି ପାରିବା, ଏବଂ ସେଠାରେ ଜାଗ୍ରତଭାବେ ଅବସ୍ଥାନ କରି ପାରିବା । ସେତେବେଳେ ବହିଃସ୍ଥ ଯାବତୀୟ ବସ୍ତୁ ଓ ବିଷୟ ଆମଠାରୁ ନିରାକୃତ ହୋଇ ରହିଥିବ । ଅଥବା ଆମେ ଏହି ଅନ୍ତର୍ଗତ ଚେତନାଟିର ସ୍ତରକୁ ଅତିକ୍ରମ କରି ଆହୁରି ଅଧିକ ଦୂରକୁ ମଧ୍ୟ ଚାଲିଯାଇ ଆହୁରି ଗଭୀର ଅନ୍ୟକୌଣସି ଏକ ଚେତନା ଅର୍ଥାତ୍ ଏକ ଉଚ୍ଚତର ଅତିଚେତନା ମଧ୍ୟରେ ଆପଣାକୁ ହଜାଇ ଦେଇପାରିବା । ଏହା ବ୍ୟତୀତ ଏପରି ଆଉଗୋଟିଏ ସର୍ବତୋ-ବ୍ୟାପ୍ତ ଓ ସମତାବିଶିଷ୍ଟ ଚେତନା ମଧ୍ୟ ରହିଛି, ଯାହା ଭିତରକୁ ବି ଆମେ ପ୍ରବେଶ କରି ପାରିବା ଏବଂ ସେଠାରୁ ଗୋଟିଏ ସର୍ବସମାବେଶକାରୀ ଦୃଷ୍ଟିରେ ଆମର ସର୍ବବ୍ୟାପୀ ଅସ୍ତିତ୍ୱଟିକୁ ପ୍ରତ୍ୟକ୍ଷ କରି ପାରିବା, ଏକ ଅବିଭକ୍ତ ଓ ସର୍ବତ୍ରବର୍ତ୍ତିମାନ

'oaob.nitrkl.ac.in' images reprocessed

ଚେତନାରେ ସୃଷ୍ଟିକୁ ଦେଖିପାରିବା । ଉପରିସ୍ତରସ୍ଥ ଆମର ବୁଦ୍ଧିଆଶ୍ରିତ ଦୃଷ୍ଟିଟି ଆମ ଅନ୍ତରସ୍ଥ ଉଚ୍ଚତର ଓ ସମଗ୍ର ସତ୍ୟଠାରୁ ଏକାନ୍ତ ବିଚ୍ଛିନ୍ନ ହୋଇ ରହିଥିବା କେବଳ ଆମ ନିତ୍ୟନୈମିତ୍ତିକ ସାଧାରଣ ଜୀବନସ୍ଥିତି ସହିତହିଁ ପରିଚିତ ରହିଛି । ତେଣୁ ଆମର ଆଲୋଚିତ ସମ୍ଭାବ୍ୟ ଉଚ୍ଚତର ସ୍ଥିତି ଓ ଆରୋହଣଗୁଡ଼ିକ ହୁଏତ ଅଦ୍ଭୁତ ଓ ଅସ୍ୱାଭାବିକ ବୋଲି ମନେହେବ ଅଥବା ହୁଏତ ଅତିରିକ୍ତ କଳ୍ପନାଗ୍ରସ୍ତ ପରି ଲାଗିବ । ମାତ୍ର ପରମ ଅନନ୍ତଙ୍କର ବୃହତ୍ତର ବୋଧ ଓ ନ୍ୟାୟର ମାନଦଣ୍ଡରେ ବିଚାର କଲେ ଅଥବା ପରମ ଅନନ୍ତଙ୍କର ସାରସତ୍ୟ ସହିତ ଅଭିନ୍ନ ହୋଇ ରହିଥିବା ଆମର ଅନ୍ତର୍ଗତ ଆତ୍ମାର ବୃହତ୍ତର ଓ ଅପାର ସାମର୍ଥ୍ୟଗୁଡ଼ିକୁ ସ୍ୱୀକାର କରିନେଇ ପାରିଲେ ତାହା ଅତି ସହଜରେ ଆମର ବୋଧଗମ୍ୟ ହୋଇଯିବ ଓ ଅତି ସହଜରେ ଗୃହୀତ ହୋଇପାରିବ ।

ପରମ ସତ୍ୟରୂପୀ ବ୍ରହ୍ମ ହେଉଛନ୍ତି ଆପେ-ବର୍ତ୍ତିମାନ ପରମ ନିର୍ବିଶେଷ ଏବଂ ମାୟା ହେଉଛି ଏହି ସ୍ୱୟମ୍ଭୂସତ୍ତାର ଚେତନା ଓ ଶକ୍ତି । ମାତ୍ର ଏହି ବିଶ୍ୱଆଡ଼କୁ ଦୃଷ୍ଟିପାତ କଲେ ବ୍ରହ୍ମ ଏହି ସକଳ ବିଶ୍ୱସତ୍ତାର ଆତ୍ମାରୂପେ ଦେଖା ଯାଉଛନ୍ତି ଅର୍ଥାତ୍ ବିଶ୍ୱାତ୍ମାରୂପେ ଦେଖାଯାଉଛନ୍ତି, ପୁଣି ଆପଣାର ବିଶ୍ୱବ୍ୟାପ୍ତତାକୁ ଅତିକ୍ରମ କରି ରହିଥିବା ସର୍ବାତୀତ ପରମ ଆତ୍ମାରୂପେ ମଧ୍ୟ ଦେଖାଯାଉଛନ୍ତି ଏବଂ ଯୁଗପତ୍ ଭାବରେ ପ୍ରତ୍ୟେକ ସତ୍ତା ଭିତରେ ସେ ବିଶ୍ୱମୟ-ବ୍ୟକ୍ତିସତ୍ତାମୟ ହୋଇ ରହିଛନ୍ତି । ତେଣୁ ମାୟାକୁ ଆମେ ପରମ ଆତ୍ମାଙ୍କର ଆତ୍ମଶକ୍ତି ବୋଲି ବି କହିପାରିବା । ଏକଥା ସତ୍ୟ ଯେ ଯେତେବେଳେ ଆମେ ପରମ ତତ୍ତ୍ୱର ଏହି ବିଭବଟି ସମ୍ବନ୍ଧରେ ପ୍ରଥମେ ସଚେତନ ହେବାକୁ ଆରମ୍ଭ କରୁ, ସେତେବେଳେ ଆମେ ସାଧାରଣତଃ ସମଗ୍ର ସତ୍ତାର ଏକ ନୈଶବ୍ଦ୍ୟ ମଧ୍ୟରେହିଁ ଏହି ଅନୁଭୂତିଟି ଲାଭ କରିଥାଉ, ଅଥବା ଅନ୍ତତଃ ଏକ ଅନ୍ତର୍ଗତ ନୈଶବ୍ଦ୍ୟ ମଧ୍ୟରେ ଏହି ଅନୁଭୂତିଟି ପାଇଥାଉ, ଯାହାକି ଉପରର ଯାବତୀୟ କ୍ରିୟାରୁ ଆପଣାକୁ ପ୍ରତ୍ୟାହୃତ କରି ନେଇଥାଏ କିମ୍ବା ତାହାଠାରୁ ଅପସରି ଯାଇ ଅନ୍ତରାଳରେ ଠିଆ ହୋଇଥାଏ । ତେଣୁ ଏହି ପରମ ଆତ୍ମାକୁ ଆମେ କେବଳ ନୈଶବ୍ଦ୍ୟ ମଧ୍ୟରେ ଅବସ୍ଥିତ ଏକ ସ୍ଥିତିରୂପେ ଅନୁଭବ କରୁ; ତାହାଙ୍କୁ ଆମେ ଏକ ଅବିଚଳ ଓ ପରିବର୍ତ୍ତନରହିତ ସତ୍ତାରୂପେ ଦେଖୁ, ଯିଏକି ଆପଣାଛୁଏଁ ଆପେ ବିଦ୍ୟମାନ ରହିଛନ୍ତି, ସକଳ ବିଶ୍ୱକୁ ଆଚ୍ଛାଦିତ କରି ସବୁରି ଭିତରେ ଉପସ୍ଥିତ ଅଛନ୍ତି, ମାତ୍ର ଯାହାଙ୍କ ମଧ୍ୟରେ କୌଣସି ଗତିଶୀଳତା ନାହିଁ ଅର୍ଥାତ୍ ଯିଏକି କୌଣସି କ୍ରିୟା କରୁନାହାନ୍ତି । ସେ ସତତ ମାୟାର ସତତସଚଳ ଶକ୍ତିଠାରୁ ଅଲଗା ହୋଇ ରହିଛନ୍ତି । ଠିକ୍ ସେହିପରି ଭାବରେ ପ୍ରକୃତିଠାରୁ ବିଚ୍ଛିନ୍ନ ହୋଇ ରହିଥିବା ପୁରୁଷରୂପେ ମଧ୍ୟ ଆମେ ତାଙ୍କର ପରିଚୟ ଲାଭ କରିପାରୁ, ପ୍ରକୃତିର ଯାବତୀୟ କ୍ରିୟାଶୀଳତାରୁ ଅଲଗା ରହି

'oaob.nitrkl.ac.in' images reprocessed

ଅନ୍ତସ୍ଥଳରେ ଅବସ୍ଥିତ ପରମ ଚୈତନ୍ୟମୟ ସତ୍ତାରୂପେ ତାଙ୍କୁ ଜାଣିପାରୁ । ମାତ୍ର ଏଭଳି ଏକ ଅଭିନିବେଶକୁ କେବଳ ଏକଦର୍ଶୀ ବା ଏକଦେଶୀ ବୋଲି ବୁଝାଯାଇ ପାରିବ । ଏହି ଅଭିନିବେଶ ଆପଣାକୁ କେବଳ ଏକ ଅଧ୍ୟାତ୍ମଭୂମି ଭିତରେ ସୀମାବଦ୍ଧ କରି ରଖୁଛି; ଏବଂ ଯେଉଁ ସ୍ୱୟମ୍ଭୂ ସତ୍ୟରୂପୀ ବ୍ରହ୍ମ ତାଙ୍କର ଆପଣାର ସକଳ କ୍ରିୟା ତଥା ରୂପାୟନର ସୀମାବଦ୍ଧତାରୁ ସର୍ବଦା ମୁକ୍ତ ଓ ସ୍ୱତନ୍ତ୍ର ହୋଇ ରହିଛନ୍ତି, ତାଙ୍କର ସେହି ସ୍ୱାତନ୍ତ୍ର୍ୟଟିକୁ ଉପଲବ୍ଧି କରିବା ଲାଗି ସେହି ଅଭିନିବେଶ ଆପଣାଠାରୁ ସକଳ ସକ୍ରିୟତାକୁ ଅପସାରିତ କରି ରଖିବାକୁ ଇଚ୍ଛା କରୁଛି । ଏହି ଉପଲବ୍ଧିଟିକୁ କଦାପି ଏକ ଅସାର ଉପଲବ୍ଧି ବୋଲି ବୁଝାଯିବ ନାହିଁ; ମାତ୍ର ସମଗ୍ର ଉପଲବ୍ଧି କହିଲେ ପ୍ରକୃତରେ ଯାହା ବୁଝାଇବା ଉଚିତ, ଏଇଟି ତାହା ଆଦୌ ନୁହେଁ । କାରଣ ଯେଉଁ ଚୈତନ୍ୟଶକ୍ତି କ୍ରିୟାଶୀଳ ହୋଇ ଏହି ବିଶ୍ୱଭୁବନର ସୃଷ୍ଟି କରୁଛି, ତାହା ଯେ ସେହି ପରମବ୍ରହ୍ମଙ୍କର ମାୟା ଅର୍ଥାତ୍ ସର୍ବଜ୍ଞାନ ବ୍ୟତୀତ ଆଉ କିଛି ନୁହେଁ, ଆମେ ସେକଥା ଅତି ସ୍ପଷ୍ଟଭାବରେ ଦେଖି ପାରୁଛୁ । ଏହି ଶକ୍ତି ପରମବ୍ରହ୍ମଙ୍କର ଶକ୍ତି । ପୁରୁଷର କ୍ରିୟାଶୀଳ ପ୍ରକ୍ରିୟା ଓ ପରିଣାମ,—ତାହାହିଁ ପ୍ରକୃତି । ଆପଣାର ସ୍ୱଭାବଦ୍ୱାରା ପ୍ରେରିତ ହୋଇ କ୍ରିୟାଶୀଳ ହେଉଥିବା ପରମ ଚୈତନ୍ୟମୟ ସତ୍ତାହିଁ ପ୍ରକୃତି । ତେଣୁ ପରମ ଆତ୍ମା ଓ ଏହି ବିଶ୍ୱକୁ ସୃଷ୍ଟି କରି ତାହାକୁ ଧାରଣ କରି ରଖିଥିବା ଶକ୍ତି, ନୈଶବ୍ଦ୍ୟମୟ ଆତ୍ମା ଓ ପରମ ଚିତ୍‌ସତ୍ତାର ସୃଜନକାରୀ ଶକ୍ତି,—ଉଭୟଙ୍କ ମଧ୍ୟରେ ଯେଉଁ ଦ୍ୱୈତଭାବର ଆରୋପ କରା ଯାଇଥାଏ, ତାହା ଯଥାର୍ଥତଃ ଦ୍ୱୈତ ନୁହେଁ, ଏବଂ ଦୁଇଟି ମଧ୍ୟରେ ଆଦୌ କୌଣସି ବିଚ୍ଛିନ୍ନତା ନାହିଁ । ଏହା ହେଉଛି ସେହି ଗୋଟିଏ ତତ୍ତ୍ୱର ଦୁଇଟି ଦିଗ, ଉକ୍ତ ଅଛି ଯେ ଯେପରି ଅଗ୍ନିଠାରୁ ଅଗ୍ନିର ଶକ୍ତିକୁ କୌଣସିମତେ ପୃଥକ୍ କରାଯାଇ ପାରିବ ନାହିଁ, ଠିକ୍ ସେହିପରି ଆମେ ଦିବ୍ୟ ପରମତତ୍ତ୍ୱକୁ ତାହାର ପରମ ଚିତ୍-ଶକ୍ତିଠାରୁ ମଧ୍ୟ ପୃଥକ୍ କରି ପାରିବା ନାହିଁ । ପରମ ଆତ୍ମାଙ୍କ ସମ୍ବନ୍ଧରେ ସେ ସମ୍ପୂର୍ଣ୍ଣ ନିଃଶବ୍ଦ ଓ ନିଶ୍ଚଳଭାବରେ ସ୍ଥିତିଶୀଳ ବୋଲି ଯେଉଁ ପ୍ରଥମ ଉପଲବ୍ଧିଟି ହୋଇଥାଏ, ତାହାହିଁ ତାଙ୍କ ବିଷୟରେ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ପରମାତ୍ମାଙ୍କୁ ତାଙ୍କର ସାମର୍ଥ୍ୟରୂପେ ମଧ୍ୟ ଉପଲବ୍ଧି କରାଯାଇପାରେ, ବିଶ୍ୱ-କର୍ମ ଓ ବିଶ୍ୱ-ଅସ୍ତିତ୍ୱର ପରମ ସର୍ତ୍ତୀରୂପେ ତାଙ୍କର ଉପଲବ୍ଧି କରାଯାଇପାରେ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆତ୍ମା ହେଉଛି ବ୍ରହ୍ମଙ୍କର ଏକ ମୌଳିକ ବିଭବ, ମାତ୍ର ଏଥିରେ ତାଙ୍କର ନୈଷ୍କର୍ମ୍ୟକତା ଉପରେ ଟିକିଏ ବିଶେଷ ଜୋର ଦିଆଯାଇଛି । ତେଣୁ ଆତ୍ମାର ସାମର୍ଥ୍ୟ ବୋଲି କହିଲେ ତାହାକୁ ଏପରି ଏକ ଶକ୍ତି ବୋଲି ମନେହୁଏ, ଯାହାକି ତାହାକୁ ଧାରଣକରି ରଖିଥିବା ଆତ୍ମା ସହିତ ସ୍ୱୟଂକ୍ରିୟଭାବେ କାର୍ଯ୍ୟ କରୁଛି । ଆତ୍ମା ଏହି ଶକ୍ତିର ଯାବତୀୟ କ୍ରିୟାର ସାକ୍ଷୀ, ଆଶ୍ରୟ ଓ ଉତ୍ସ ହୋଇ ରହିଛି, ତଥାପି ଯେପରି ମୁହୂର୍ତ୍ତିକ ପାଇଁ ମଧ୍ୟ ସେଗୁଡ଼ିକରେ ଲିପ୍ତ ଓ ସଂଶ୍ଳିଷ୍ଟ ହୋଇ

'oaob.nitrkl.ac.in' images reprocessed

ପନ୍ଥା ନାହିଁ । ଆତ୍ମାର ଅନୁଭୂତି ଲାଭ କରିବା ମାତ୍ରକେ ଆମେ ତାହାକୁ ଶାଶ୍ୱତ, ଅଜ, ଅରୂପ ଓ ଆପଣାର ସକଳ କର୍ମରୁ ଅସଂଶ୍ଳିଷ୍ଟ ରହିଥିବା ଏକ ସାମଗ୍ରୀରୂପେ ଅନୁଭବ କରିଥାଉ । ଆମ ସତ୍ତାର ଏହି ରୂପଟି ଭିତରେ ମଧ୍ୟ ଆତ୍ମାକୁ ଅଧିଷ୍ଠାତାରୂପେ ଅନୁଭବ କରାଯାଇପାରେ, ମାତ୍ର ତଥାପି ସେତେବେଳେ ମଧ୍ୟ ତାହାକୁ ଆମେ ସଚେ- ଅବା ଏକ ଆହ୍ଲାଦକରୂପେ, ଆମ ସତ୍ତାର ଉପରେ ଅବସ୍ଥିତ ରହି ଓ ସେହି ଉପରେ ଥାଇ ତାଙ୍କର ଏକ ରୂପାୟନକୁ ଦେଖୁଥିବା ଅଧ୍ୟକ୍ଷରୂପେହିଁ ଅନୁଭବ କରିଥାଉ । ଆମେ ଅନୁଭବ କରୁ ଯେ ସେ ସର୍ବତ୍ର ବିଦ୍ୟମାନ ରହିଛନ୍ତି, ପ୍ରତ୍ୟେକ ବିସୃଷ୍ଟି ମଧ୍ୟରେ ସେହି ଏକାପରି ରହିଛନ୍ତି; ସର୍ବଦା ଅନନ୍ତ, ଶୁଦ୍ଧ ଓ ଅଗ୍ରାହ୍ୟରୂପେ ଅବସ୍ଥିତ ଅଛନ୍ତି । ଏହି ଆତ୍ମାକୁ ଆମେ ବ୍ୟଷ୍ଟିର ଆତ୍ମାରୂପେ ଅନୁଭବ କରିପାରିବା ସତ, ମନ୍ତା, କର୍ତ୍ତା ଓ ଭୋକ୍ତାର ଆତ୍ମାରୂପେ ଅନୁଭବ କରିପାରିବା ସତ, ମାତ୍ର ତଥାପି ତାହା ସର୍ବଦା ଆପଣାର ବୃହତ୍ତର ପରିଚୟରେହିଁ ଅବଶ୍ୟ ବଳବତ୍ତର ରହିଥିବ; ଏହାର ବ୍ୟକ୍ତିଭାବାପନ୍ନତା ଏକାଧାରରେ ଏକ ବିପୁଳ ବିଶ୍ୱାତ୍ମକତା ହୋଇ ରହିଥିବ, ଅର୍ଥାତ୍ ସ୍ୱହିଲମାତ୍ରକେ ତାହା ମଧ୍ୟରେ ଅବଗାହନ କରି ପାରୁଥିବ । ଏବଂ ତା'ର ପରବର୍ତ୍ତୀ ସୋପାନରେ କେବଳ ଏକ ବିଶୁଦ୍ଧ ବିଶ୍ୱୋତ୍ତୀର୍ଣ୍ଣତା ବା ପରମ ନିର୍ବିଶେଷ ମଧ୍ୟରେ ଏକ ପରିପୂର୍ଣ୍ଣ ଓ ଅନିର୍ବଚନୀୟ ନିମଜ୍ଜନହିଁ ବିଦ୍ୟମାନ ରହିଥିବ । ଆତ୍ମା ହେଉଛି ବ୍ରହ୍ମର ସେହି ଅନନ୍ୟ ବିଭାବ, ଯେଉଁଠାରେକି ବ୍ରହ୍ମଙ୍କୁ ଏକାଧାରରେ ବ୍ୟକ୍ତିସଞ୍ଜ୍ଞଗତ, ବିଶ୍ୱଗତ ତଥା ବିଶ୍ୱୋତ୍ତୀର୍ଣ୍ଣରୂପେ ଅତି ଅନ୍ତରଙ୍ଗ ଭାବରେ ଅନୁଭବ କରାଯାଇ ପାରେ । ଆତ୍ମାର ଉପଲବ୍ଧି ହେଉଛି ବ୍ୟଷ୍ଟିସତ୍ତାର ମୁକ୍ତି, ପରମ ନିଷ୍କଳ ବିଶ୍ୱାତ୍ମ ଭାବରେ ଉପନୀତ ହେବା ଲାଗି ତଥା ସକଳ ବିଶ୍ୱପ୍ରକୃତିରୁ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ସରଳ ଓ ସତ୍ୱର ପନ୍ଥା । ପୁନଶ୍ଚ, ଆତ୍ମୋପଲବ୍ଧିର ଆହୁରି ଏପରି ଗୋଟିଏ ଦିଗ ରହିଛି ଯେଉଁଥିରେ କି ଆତ୍ମା ଯେ କେବଳ ପ୍ରତ୍ୟେକ ବସ୍ତୁକୁ ଧାରଣ କରି ରଖିଛି, ସକଳ ବସ୍ତୁରେ ବ୍ୟାପ୍ତ ହୋଇ ରହିଛି ଓ ସକଳ ବସ୍ତୁକୁ ଆପଣା ମଧ୍ୟରେ ସମାବିଷ୍ଟ ଓ ସମାଚ୍ଛାଦିତ କରି ରଖିଛି ତାହା ନୁହେଁ, ମାତ୍ର ତାହାହିଁ ସକଳ ବସ୍ତୁରୂପେ ସମ୍ଭୂତ ହୋଇଛି, ପ୍ରକୃତି ମଧ୍ୟରେ ଅବସ୍ଥିତ ଆପଣାର ଯାବତୀୟ ସମ୍ଭୂତି ସହିତ ଏକ ପୂର୍ଣ୍ଣମୁକ୍ତ ତଦାତ୍ମକତାରେ ଅଭିନ୍ନ ଓ ତନ୍ମୟ ହୋଇ ରହିଛି । କିନ୍ତୁ ସେହି ସ୍ଥିତିଟିରେ ମଧ୍ୟ ପୂର୍ଣ୍ଣମୁକ୍ତତା ଓ ପୂର୍ଣ୍ଣ ନୈର୍ବ୍ୟକ୍ତିକତା ଆତ୍ମାର ସ୍ୱଭାବରୂପେ ଅବସ୍ଥିତ ରହିଛନ୍ତି । ଏହି ବିଶ୍ୱରେ ଆତ୍ମାର ସାମର୍ଥ୍ୟ ଯେଉଁସବୁ କ୍ରିୟା ଭିତରେ ପ୍ରବୃତ୍ତ ହେଉଛି, ଆତ୍ମା ସେଥିଭିତରେ ବାନ୍ଧିହୋଇ ରହିଛି କିମ୍ବା ସେସବୁର ଅଧୀନ ହୋଇ ରହିଛି ବୋଲି ଆଦୌ କୌଣସି ସୂଚନା ମିଳୁ ନାହିଁ । ପ୍ରକୃତି ପାଖରେ ପୁରୁଷର ରହିଥିବା ଆପାତବଶ୍ୟତାଟି ମଧ୍ୟ ସେଠାରେ ନାହିଁ । ଆତ୍ମାର ଉପଲବ୍ଧି କରିବା ହେଉଛି ଚୈତନ୍ୟମୟ ସତ୍ତାର ଶାଶ୍ୱତ ସ୍ୱତନ୍ତ୍ରତାକୁହିଁ ଉପଲବ୍ଧି କରିବା ।

'oaob.nitrkl.ac.in' images reprocessed

ପରମ ଚୈତନ୍ୟମୟ ସତ୍ତା ବା ପୁରୁଷ ହେଉଛନ୍ତି ଏହି ପ୍ରକୃତିର ସକଳ ରୂପ ଓ ସକଳ କ୍ରିୟାର ପ୍ରବର୍ତ୍ତକରୂପୀ ଆତ୍ମା, ତାହାର ସାକ୍ଷୀରୂପୀ, ଆଶ୍ରୟ ଓ ଭର୍ତ୍ତାରୂପୀ ଏବଂ ଭୋକ୍ତାରୂପୀ ଆତ୍ମା । ଆପଣାର ବିଶ୍ୱଗତ ଓ ବ୍ୟକ୍ତିସତ୍ତାଗତ ସମୂତିଗୁଡ଼ିକ ଭିତରେ ସଂଶ୍ଳିଷ୍ଟ ହୋଇ ରହିଥିବା ସମୟରେ ମଧ୍ୟ ଆତ୍ମରୂପୀ ସ୍ୱଭାବଟି ମୂଳତଃ ଯେପରି କେବଳ ବିଶ୍ୱୋତ୍ତୀର୍ଣ୍ଣ ହୋଇଥାଏ, ସେହିପରି ପ୍ରକୃତିଠାରୁ ବିଚ୍ଛିନ୍ନ ହୋଇ ରହିଥିବା ସମୟରେ ମଧ୍ୟ ପୁରୁଷରୂପୀ ସ୍ୱଭାବଟି ବି ସ୍ୱଭାବତଃ ବିଶ୍ୱଗତ-ବ୍ୟକ୍ତିସତ୍ତାଗତ ହୋଇ ରହିଥାଏ ଏବଂ ପ୍ରକୃତି ସହିତ ନିବିଡ଼ଭାବରେ ସଂଲଗ୍ନ ହୋଇ ରହିଥାଏ । କାରଣ ଏହି ଚିନ୍ମୟ ସତ୍ତା ଆପଣାର ନୈର୍ବ୍ୟକ୍ତିକତା, ଶାଶ୍ୱତତା ତଥା ବିଶ୍ୱବ୍ୟାପ୍ତତାକୁ ଅକ୍ଷୁଣ୍ଣ ରଖି ମଧ୍ୟ ତଥାପି ଏକ ବ୍ୟକ୍ତିସତ୍ତାଗତ ସ୍ୱଭାବକୁ* ଅଧିକତରଭାବରେ ଧାରଣ କରି ରହିଥାଏ । ପ୍ରକୃତିରେ ରହିଥିବା ଏହି ନୈର୍ବ୍ୟକ୍ତିକ-ବ୍ୟକ୍ତିସତ୍ତାଗତ ସତ୍ତାଟି ସହିତ ପୁରୁଷର ଖିଅଟି କେତେବେଳେ ହେଲେ ଏକାବେଳେ ଛିଣ୍ଡିଯାଏ ନାହିଁ, କାରଣ ପୁରୁଷ ସର୍ବଦା ପ୍ରକୃତି ସହିତ ସଂଯୁକ୍ତ ହୋଇ ରହିଥାଏ । ପୁରୁଷର ସମ୍ମତି ବା ଅନୁମତି ନେଇ ପ୍ରକୃତି ପୁରୁଷ ଲାଗିହିଁ କାର୍ଯ୍ୟ କରୁଥାଏ । ପୁରୁଷର ଇଚ୍ଛା ଓ ସୁଖ ଲାଗି କାର୍ଯ୍ୟ କରୁଥାଏ । ଯେଉଁ ଶକ୍ତିକୁ ଆମେ ପ୍ରକୃତି ବୋଲି କହୁ, ପରମ ଚେତନାମୟ ସତ୍ତାହିଁ ତାହାକୁ ଆପଣାର ଚେତନା ପ୍ରଦାନ କରିଥା'ନ୍ତି, ସତେଅବା ଏକ ଦର୍ପଣ ପରି ସେ ସେହି ଚେତନା ମଧ୍ୟରେ ପ୍ରକୃତିର ଯାବତୀୟ କ୍ରିୟାକୁ ଗ୍ରହଣ ବି କରନ୍ତି । ବିଶ୍ୱମୟୀ କ୍ରିୟାତ୍ମିକା ଶକ୍ତିରୂପେ ପ୍ରକୃତି ଯେଉଁସବୁ ରୂପାୟନର ସୃଷ୍ଟି କରି ତାଙ୍କ ଉପରେ ଆଣି ଲଦିଦିଏ, ପରମ ଚେତନାମୟ ସତ୍ତା ସେଗୁଡ଼ିକୁ ସ୍ୱୀକାର କରିନିଅନ୍ତି । ପ୍ରକୃତିର କ୍ରିୟା ଓ ଗତିଲାଗି କେତେବେଳେ ଆପଣାର ଅନୁମୋଦନ ଦିଅନ୍ତି ଓ ପୁଣି କେତେବେଳେ ସେହି ଅନୁମୋଦନକୁ ପ୍ରତ୍ୟାହାର ବି କରିନିଅନ୍ତି । ପ୍ରକୃତି ସହିତ ସମ୍ବନ୍ଧଯୁକ୍ତ ହୋଇଥିବା ଚିନ୍ମୟ ପରମସତ୍ତାର ଅର୍ଥାତ୍ ପୁରୁଷ-ପ୍ରକୃତିରୂପୀ ଏହି ଉପଲବ୍ଧିଟିର ବ୍ୟାବହାରିକ ମହତ୍ତ୍ୱ ଅନେକ ବେଶୀ ରହିଛି । କାରଣ ଏହି ସମ୍ବନ୍ଧସମୂହ ଉପରେହିଁ ଶରୀରଧାରୀ ସତ୍ତା ମଧ୍ୟରେ ସ୍ଥିତଥିବା ଚେତନାର ସମସ୍ତ ଲୀଳାଟି ପୂର୍ଣ୍ଣମାତ୍ରାରେ ନିର୍ଭର କରି ରହିଛି । ଆମ ଭିତରର ପୁରୁଷ ଯଦି କେବଳ ନିଷ୍କ୍ରିୟ ହୋଇ ରହୁଥା'ନ୍ତେ ଏବଂ ପ୍ରକୃତିକୁହିଁ କାର୍ଯ୍ୟ କରିବାକୁ ଦେଉଥା'ନ୍ତେ,

---

* ସାଂଖ୍ୟଦର୍ଶନରେ ଏହି ବ୍ୟକ୍ତିସତ୍ତାଗତ ଦିଗଟି ଉପରେ ଜୋର ଦିଆଯାଇ ବୁଝାଯାଇଛି । ସାଂଖ୍ୟ ଅନେକ ବା ବହୁ ପୁରୁଷର ସ୍ୱୀକାର କରିଛି ଏବଂ ପ୍ରକୃତିକୁ ବିଶ୍ୱବ୍ୟାପକ ବୋଲି ଘୋଷଣା କରିଛି । ଏହି ମତ ଅନୁସାରେ ସକଳ ଆତ୍ମା ଏକ ସାଧାରଣ ଓ ବିଶ୍ୱବ୍ୟାପୀ ପ୍ରକୃତିକୁ ଅନୁଭବ କରୁଥିଲେ ମଧ୍ୟ ପ୍ରତ୍ୟେକ ଆତ୍ମାକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସତ୍ତା ବୋଲି ବୁଝାଯାଇଛି ।

'oaob.nitrkl.ac.in' images reprocessed

ପ୍ରକୃତି ତାଙ୍କ ଉପରେ ଯାହାସବୁ ଆଣି ଲଦି ଦେଉଥା'ନ୍ତି, ସତତ କେବଳ ଯନ୍ତ୍ରବତ୍ ଏକ ଅନୁମୋଦନଦ୍ୱାରା ଯଦି ସେ ସବୁକିଛି ଗ୍ରହଣ କରି ନେଉଥା'ନ୍ତେ, ତେବେ ଆମର ମନ, ପ୍ରାଣ ଓ ଶରୀର ଅର୍ଥାତ୍ ଆମ ଭିତରର ମନୋମୟ, ପ୍ରାଣମୟ ତଥା ଜଡ଼ମୟ ସତ୍ତା ଭିତରେ ଅବସ୍ଥିତ ଆତ୍ମାଟି କେବଳ ଆମ ପ୍ରକୃତିରହିଁ ଅଧୀନ ହୋଇ ରହୁଥା'ନ୍ତା, କେବଳ ପ୍ରକୃତିର ରୂପାୟନଗୁଡ଼ିକଦ୍ୱାରା ଶାସିତ ହେଉଥା'ନ୍ତା, କେବଳ ତାହାର କ୍ରିୟାଗୁଡ଼ିକଦ୍ୱାରାହିଁ ଚାଳିତ ହେଉଥା'ନ୍ତା । ଏହାକୁହିଁ ଆମେ ଆମର ଅଜ୍ଞାନାଚ୍ଛନ୍ନତାର ସ୍ୱାଭାବିକ ଅବସ୍ଥା ବୋଲି କହି ପାରିବା । ଆମ ଭିତରର ପୁରୁଷ ଯେତେବେଳେ ଆପଣାକୁ ପରମ ସାକ୍ଷୀ ବୋଲି ଅନୁଭବ କରିବାକୁ ଆରମ୍ଭ କରନ୍ତି ଓ ପ୍ରକୃତିଠାରୁ ଘୁଞ୍ଚିଯାଇ ଠିଆହୋଇ ରହନ୍ତି, ଆମ ଆତ୍ମାର ମୁକ୍ତିଲାଗି ଆମେ ତାହାକୁହିଁ ପ୍ରଥମ ପଦକ୍ଷେପ ବୋଲି କହିବା । କାରଣ ସେତିକବେଳେହିଁ ସେ ତଟସ୍ଥ ହେବାକୁ ଆରମ୍ଭ କରନ୍ତି ଏବଂ କେବଳ ସେହି ତଟସ୍ଥ ଅବସ୍ଥାରେହିଁ ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ମୁକ୍ତ ଓ ସ୍ୱାଧୀନଭାବରେ ପ୍ରକୃତି ଏବଂ ତାହାର ପ୍ରକ୍ରିୟାଗୁଡ଼ିକୁ ଜାଣିବା ସମ୍ଭବ ହୁଏ । କାରଣ ସେତେବେଳେ ଆମେ ପ୍ରକୃତି ଭିତରେ ଆଉ ଜଡ଼ିତ ହୋଇ ରହୁ ନାହିଁ; ତେଣୁ ଆମେ ଚାହିଁଲେ ପ୍ରକୃତିର କାର୍ଯ୍ୟଗୁଡ଼ିକୁ ଗ୍ରହଣ ବି କରିପାରୁ, ପୁଣି ବର୍ଜନ ବି କରିପାରୁ । ପ୍ରକୃତିଲାଗି ଆମର ଅନୁମୋଦନ ସେତେବେଳେ ଆଉ ଯନ୍ତ୍ରବତ୍ ହୋଇ ରହେ ନାହିଁ । ମାତ୍ର ଆମେ ସ୍ୱାଧୀନଭାବେ ଅନୁମୋଦନ ବା ବର୍ଜନ କରିବାକୁ ସମର୍ଥ ହେଉ ଓ ତାହାକୁ କାର୍ଯ୍ୟକାରୀ ମଧ୍ୟ କରିପାରୁ । ଆମ ଭିତରେ ରହି ପ୍ରକୃତି କ'ଣ କରିବ ଓ କ'ଣ ନ କରିବ, ତାହା ନିର୍ଣ୍ଣୟ କରିବାକୁ ବି ଆମେ ସମର୍ଥ ହେଉ । ଅଥବା ଇଚ୍ଛା କଲେ ଆମେ ତାହାର କ୍ରିୟାଗୁଡ଼ିକରୁ ସମ୍ପୂର୍ଣ୍ଣଭାବେ ଅପସରି ଯାଇପାରୁ ଏବଂ ଆତ୍ମାର ଆଧ୍ୟାତ୍ମିକ ନୈଃଶବ୍ଦ୍ୟ ଭିତରେ ଅତି ସହଜରେ ଆପଣାକୁ ପ୍ରତ୍ୟାହୃତ କରି ରଖିପାରୁ । ପୁଣି, ପ୍ରକୃତିର ବର୍ତ୍ତମାନ ରୂପାୟନଗୁଡ଼ିକୁ ଆମେ ଏକାବେଳେକେ ବର୍ଜନ ବି କରି ଦେଇପାରୁ, ସତ୍ତାର ଏକ ଆଧ୍ୟାତ୍ମିକ ଭୂମିକୁ ଆରୋହଣ କରି ସେହିଠାରୁହିଁ ଆପଣାର ସତ୍ତାକୁ ନୂତନଭାବେ ସୃଷ୍ଟି କରିବା ଲାଗି ପ୍ରବୃତ୍ତ ହୋଇପାରୁ । ସେତେବେଳେ ପୁରୁଷ ଆଉ ଅଧୀନ ହୋଇ ରହେ ନାହିଁ, ସେ ଆପଣା ପ୍ରକୃତିର ଈଶ୍ୱରରୂପେ ପ୍ରତିଷ୍ଠିତ ହୁଏ ।

ସାଂଖ୍ୟ ଦର୍ଶନରେହିଁ ଆମେ ପୁରୁଷ-ପ୍ରକୃତିର ତତ୍ତ୍ୱକଳ୍ପନାଟି ସବୁଠାରୁ ଅଧିକ ପରିପୂର୍ଣ୍ଣ ଭାବରେ ବିକଶିତ ହୋଇଥିବାର ଦେଖିବାକୁ ପାଉ । ସାଂଖ୍ୟମତରେ ପୁରୁଷ ଓ ପ୍ରକୃତି ଶାଶ୍ୱତ ଭାବରେ ଦୁଇଟି ଭିନ୍ନ ଭିନ୍ନ ତତ୍ତ୍ୱ, ମାତ୍ର ଏମାନେ ପରସ୍ପର ସହିତ ସମ୍ବନ୍ଧିତ ହୋଇ ରହିଛନ୍ତି । ପ୍ରକୃତି ଅର୍ଥାତ୍ ଏକ କ୍ରିୟାତ୍ମିକା ଶକ୍ତି, ଏହା ଏପରି ଏକ ଶକ୍ତି ଯାହାକି ପରମ ଚୈତନ୍ୟଠାରୁ ଅଲଗା ହୋଇ ଅବସ୍ଥିତ ରହିଛି । କାରଣ କେବଳ ପୁରୁଷରହିଁ ଚୈତନ୍ୟ ଅଛି; ପୁରୁଷ ବ୍ୟତୀତ ପ୍ରକୃତି ଅଚେତନ,

'oaob.nitrkl.ac.in' images reprocessed

ଜଡ଼ ଓ ଯନ୍ତ୍ରବତ୍ ହୋଇ ରହିବାକୁହିଁ ବାଧ୍ୟ ହେବ । ଆପଣାର ସ୍ୱରୂପ ଆତ୍ମା ତଥା ଆପଣା କ୍ରିୟାର ଭୂମିରୂପେ ପ୍ରକୃତି ଆଦ୍ୟଜଡ଼ର ବିକାଶ କରାଉଛି ଓ ସେହି ଜଡ଼ ମଧ୍ୟରେ ପ୍ରାଣ, ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ପ୍ରକଟ କରାଇ ଦେଉଛି । ମାତ୍ର ବୁଦ୍ଧି ବି ତ ପ୍ରକୃତିର ଏକ ଅଂଶମାତ୍ର, ଆଦ୍ୟଜଡ଼ର ଆଧାର ଉପରେ ବୁଦ୍ଧି ସେହି ପ୍ରକୃତିରୁହିଁ ଉତ୍ପନ୍ନ ହୋଇଛି । ତେଣୁ ବୁଦ୍ଧି ମଧ୍ୟ ଜଡ଼, ଯନ୍ତ୍ରବତ୍ ଓ ଅଚେତନ । ଜଡ଼ମୟ ବିଶ୍ୱରେ ପରମ ଅଚେତନର କ୍ରିୟାଗୁଡ଼ିକରେ କିପରି ଯେ ଏପରି ଶୃଙ୍ଖଳା ଓ ପରିପୂର୍ଣ୍ଣ ସମ୍ବଦ୍ଧତତା ସ୍ଥାପିତ ହୋଇ ରହିଛି, ସାଂଖ୍ୟର ଆଲୋଚିତ କଳ୍ପନାଟି ତାହା ଉପରେ କେତେକ ପରିମାଣରେ ଆଲୋକପାତ କରିଥାଏ । ଇନ୍ଦ୍ରିୟ-ମନ ଓ ବୁଦ୍ଧିର ଯନ୍ତ୍ରବତ୍ କ୍ରିୟାତ୍ମକତା ଉପରେ ଚେତନାମୟ ଆତ୍ମାର ଆଲୋକ ଆସି ପଡ଼େ ବୋଲି ତାହାର ଚେତନାଦ୍ୱାରାହିଁ ସେଗୁଡ଼ିକ ଚେତନାମୟ ହୋଇପାରନ୍ତି । ଚିତ୍ସତ୍ତ୍ୱର ସ୍ୱୀକୃତି ଓ ସମ୍ମତି ଲାଭ କରି ସେଗୁଡ଼ିକ ଯେପରି ସକ୍ରିୟ ହୁଅନ୍ତି, ଠିକ୍ ସେହିପରି ପ୍ରକୃତିଠାରୁ ଆପଣାକୁ ପ୍ରତ୍ୟାହାର କରିନେଇ ପୁରୁଷ ମୁକ୍ତି ଲାଭ କରେ । ଜଡ଼ ଭିତରେ ରୁଦ୍ଧ ହୋଇ ଓ ବାନ୍ଧି ହୋଇ ରହିବାକୁ ଅସ୍ୱୀକାର କରିହିଁ ପୁରୁଷ ପ୍ରକୃତିର ପ୍ରଭୁରୂପେ ପ୍ରତିଷ୍ଠିତ ହୁଏ । ଆପଣା ଉପାଦାନ ଓ କ୍ରିୟାର ତିନୋଟି ସ୍ୱଭାବ, ନୀତି ବା ଗୁଣରେ ପ୍ରକୃତି କାର୍ଯ୍ୟ କରୁଥାଏ । ସେହି ତିନୋଟି ସ୍ୱଭାବ ବା ଗୁଣ ଆମ ଭିତରକୁ ଆସି ଆମ ମାନସିକ ତଥା ଶାରୀରିକ ଉପାଦାନ ଓ ତାହାର ଯାବତୀୟ କ୍ରିୟାର ମୂଳଭୂତ ରୀତି ବା ଶୈଳୀରେ ପରିଣତ ହୁଅନ୍ତି । ସେଗୁଡ଼ିକ ହେଉଛନ୍ତି : ଜଡ଼ସ୍ଥିତିର ତତ୍ତ୍ୱ, ଗତିଧର୍ମର ତତ୍ତ୍ୱ ଓ ଭାରସାମ୍ୟ, ଆଲୋକ ତଥା ସମଞ୍ଜସତାର ତତ୍ତ୍ୱ । ଯେତେବେଳଯାଏ ଏହି ତିନୋଟି ତତ୍ତ୍ୱ ଅସମ ଭାବରେ ଗତି କରୁଥା'ନ୍ତି, ସେତେବେଳଯାଏ ପ୍ରକୃତିର କ୍ରିୟା ଚାଲିଥାଏ । ଯେତେବେଳେ ସେଗୁଡ଼ିକ ଏକ ସମାବସ୍ଥା ଅର୍ଥାତ୍ ସମାହିତ ଅବସ୍ଥାରେ ଆସି ପହଞ୍ଚନ୍ତି, ସେତେବେଳେ ପ୍ରକୃତି ମଧ୍ୟ ଶାନ୍ତ ହୋଇଯାଏ, କ୍ରିୟାରହିତ ହୁଏ । ଅର୍ଥାତ୍ ଚେତନ ସତ୍ତା ପୁରୁଷ ହେଉଛି ଅନେକ, ତାହା ଏକ ନୁହେଁ; ମାତ୍ର ପ୍ରକୃତି ହେଉଛି ଏକ । ସେଥିରୁ ଏକଥା ମଧ୍ୟ କୁହାଯାଇ ପାରିବ ଯେ ଏହି ବିଶ୍ୱସତ୍ତାରେ ଆମେ ଯେଉଁଠି ଯାହାକିଛି ଏକତ୍ୱ ଦେଖୁଛୁ, ତାହା ହେଉଛି କେବଳ ପ୍ରକୃତିର । ମାତ୍ର ପ୍ରତ୍ୟେକ ଆତ୍ମା ପରସ୍ପରଠାରୁ ସ୍ୱତନ୍ତ୍ର ଓ ଅନନ୍ୟ, ପ୍ରକୃତିର ଭୋକ୍ତା ଭାବରେ ହେଉ କିମ୍ବା ପ୍ରକୃତିଠାରୁ ମୁକ୍ତ ହୋଇ ରହିଥିବା ଅବସ୍ଥାରେ ହେଉ, ପ୍ରତ୍ୟେକ ଆତ୍ମା ଏକକ ଓ ପରସ୍ପରଠାରୁ ପୃଥକ୍ ହୋଇ ଅବସ୍ଥିତ ରହିଛନ୍ତି । ଅନ୍ତର୍ଗତ ଭାବରେ ବ୍ୟକ୍ତି-ଆତ୍ମା ତଥା ବିଶ୍ୱପ୍ରକୃତିର ବସ୍ତୁସତ୍ୟଗୁଡ଼ିକ ସହିତ ସମ୍ପର୍କରେ ଆସିଲାବେଳେ ସାଂଖ୍ୟର ଏହି ମତଗୁଡ଼ିକ ଆମର ଅନୁଭବରେ ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ବୋଧ ହୋଇଥା'ନ୍ତି । ମାତ୍ର ସେଗୁଡ଼ିକ ହେଉଛନ୍ତି କେବଳ ବ୍ୟାବହାରିକ ସତ୍ୟ; ଏବଂ

ଆତ୍ମାବିଷୟରେ ହେଉ କିମ୍ବା ପ୍ରକୃତିବିଷୟରେ ହେଉ, ସେଗୁଡ଼ିକୁ ସମଗ୍ର ଅଥବା ମୌଳିକ ସତ୍ୟ ବୋଲି ମାନି ନେବାଲାଗି ଆମେ କୌଣସି ପ୍ରକାରେ ଆଦୌ ବାଧ୍ୟ ନୋହୁଁ । ଜଡ଼ଭୂମି ଜଗତରେ ପ୍ରକୃତି ଏକ ନିଶ୍ଚେତନ ଶକ୍ତି ପରି ଦୃଷ୍ଟିଗୋଚର ହୋଇଥାଏ ସତ, ମାତ୍ର ଚେତନାର ସୋପାନରେ ଊର୍ଦ୍ଧ୍ୱକୁ ଊର୍ଦ୍ଧ୍ୱକୁ ଆରୋହଣ କରି ଯାଉଥିବା ସଙ୍ଗେ ସଙ୍ଗେ ଆମେ ତାହାକୁ ଅଧିକରୁ ଅଧିକ ପରିମାଣରେ ଏକ ସଚେତନ ଶକ୍ତିରୂପେହିଁ ପ୍ରତ୍ୟକ୍ଷ କରୁ । ତାହାର ତଥାକଥିତ ନିଶ୍ଚେତନତା ମଧ୍ୟରେ ଯେ ତଥାପି ଏକ ଚେତନା ପ୍ରଚ୍ଛନ୍ନ ଓ ନିଗୂଢ଼ ହୋଇ ରହିଥିଲା, ଆମେ ତାହା ଆବିଷ୍କାର କରିବାକୁ ସମର୍ଥ ହେଉ । ଠିକ୍ ସେହିପରି ବ୍ୟକ୍ତିତ୍ୱାପନ୍ନ ଆତ୍ମାର ଭୂମି ଉପରେ ଦେଖିଲେ ଚେତନସତ୍ତା ମଧ୍ୟ ଅନେକ ବୋଲି ଧାରଣା ହୁଏ, ମାତ୍ର ଆମେ ତାହାକୁ ମଧ୍ୟ ସ୍ୱରୂପତଃ ସକଳ ମଧ୍ୟରେ ସେହି ଏକରୂପେ ଅନୁଭବ କରିପାରିବା, ତାହାର ସ୍ୱକୀୟ ମର୍ମଗତ ସତ୍ତାରେ ତାହାକୁ କେବଳ ଏକ ବୋଲି ଜାଣି ପାରିବା । ପୁଣି, ଆତ୍ମା ଓ ପ୍ରକୃତି ଦୁଇଟି ବିଭିନ୍ନ ତତ୍ତ୍ୱ ବା ସତ୍ତା ବୋଲି ଆମର ଯେଉଁ ଅନୁଭୂତି ହୋଇଥାଏ, ତାହା ଅବଶ୍ୟ ସତ୍ୟ; ମାତ୍ର ସେ ଦୁହିଁଙ୍କୁ ମୂଳତଃ ଏକ ବୋଲି ଜାଣିବା ଓ ଅନୁଭବ କରିବାର ମଧ୍ୟ ଯଥାର୍ଥତା ଅବଶ୍ୟ ରହିଛି । ଏକଥା ସମ୍ପୂର୍ଣ୍ଣ ସତ୍ୟ ଯେ ପ୍ରକୃତି ବା ଶକ୍ତି ଆପଣାର ରୂପାୟନ ତଥା କ୍ରିୟାଗୁଡ଼ିକୁ ଆଣି ପରମସତ୍ତାଙ୍କ ଉପରେ ଲଦି ଦେବାକୁ ସମର୍ଥ ହେଉଛି । ମାତ୍ର ତାହା କେବଳ ସେହି ପରମସତ୍ତାଙ୍କର ପ୍ରକୃତି ବା ଶକ୍ତି ହୋଇଥିବାରୁହିଁ ତାହା ସମ୍ଭବ ହୋଇ ପାରୁଛି, ଏବଂ କେବଳ ସେହି କାରଣରୁହିଁ ପରମସତ୍ତା ମଧ୍ୟ ସେଗୁଡ଼ିକୁ ଆପଣାର କରି ଗ୍ରହଣ କରିନେଇ ପାରୁଛନ୍ତି । ପରମସତ୍ତା ଯେ ପ୍ରକୃତିର ପ୍ରଭୁରୂପେ ଆପଣାକୁ ପ୍ରତିଷ୍ଠିତ କରି ପାରୁଛନ୍ତି, ତାହାର ଏକମାତ୍ର କାରଣ ହେଉଛି ଯେ ଏହା ହେଉଛି ତାଙ୍କର ନିଜ ପ୍ରକୃତି । ଏହି ପ୍ରକୃତିର କ୍ରିୟାବଳୀକୁହିଁ ସେ ସତେଅବା ଜଣେ ନିର୍ଲିପ୍ତ ସାକ୍ଷୀରୂପେ ଦେଖିବାରେ ଲାଗିଛନ୍ତି, ମାତ୍ର ତାହାକୁ ଆପଣାର ନିୟନ୍ତ୍ରଣକୁ ଆଣି ତାହାର ପ୍ରଭୁ ହୋଇ ପାରିବାର ପରିପୂର୍ଣ୍ଣ ସାମର୍ଥ୍ୟ ତାଙ୍କ ଭିତରେ ରହିଛି । ତାଙ୍କର ଏହି ତଥାକଥିତ ନିଷ୍କ୍ରିୟ ଓ ନିର୍ଲିପ୍ତ ଅବସ୍ଥାରେ ମଧ୍ୟ ପ୍ରକୃତିର ଯାବତୀୟ କ୍ରିୟାତ୍ମକତା ଲାଗି କେବଳ ତାଙ୍କର ଅନୁମୋଦନହିଁ ଆବଶ୍ୟକ ହେଉଛି । ଏବଂ ଏହି ସମ୍ବନ୍ଧଟିରୁ ସ୍ପଷ୍ଟ ପ୍ରମାଣ ମିଳିଯାଉଛି ଯେ ପ୍ରକୃତି ଓ ପୁରୁଷ ଦୁଇଟି ଭିନ୍ନ ଭିନ୍ନ ତତ୍ତ୍ୱ ନୁହନ୍ତି । ସେମାନେ କେବଳ ଏକ ଆବଶ୍ୟକ ସ୍ଥିତି ହିସାବରେହିଁ ଦ୍ୱୈତତାକୁ ସ୍ୱୀକାର କରିଛନ୍ତି, ସତ୍ତାର ଆତ୍ମ-ରୂପାୟନକୁ କାର୍ଯ୍ୟକାରୀ କରିବାଲାଗିହିଁ ଏହି ଦ୍ୱୈତ ଅବସ୍ଥାଟିକୁ ଗ୍ରହଣ କରି ନେଇଛନ୍ତି । ମାତ୍ର ଶାଶ୍ୱତ ଓ ମୌଳିକ ଭୂମି ଉପରେ ଦେଖିଲେ ପରମସତ୍ତା ଓ ଓ ତାଙ୍କର ପରମ ଚିତ୍‌ଶକ୍ତି, ଅର୍ଥାତ୍ ଆତ୍ମା ଓ ପ୍ରକୃତି ଭିତରେ ପ୍ରକୃତରେ କୌଣସି ବିଭିନ୍ନତା ନାହିଁ, କୌଣସି ଦ୍ୱୈତତା ନାହିଁ ।

'oaob.nitrkl.ac.in' images reprocessed

ସେହି ପରମ ସତ୍ୟ ବା ପରମ ଆତ୍ମା ହିଁ ପୁରୁଷ ବା ଚିନ୍ମୟ ପରମ ସତ୍ତାରୂପେ ଅଧିଷ୍ଠିତ ରହି ଆପଣା ପ୍ରକୃତିର କାର୍ଯ୍ୟାବଳୀକୁ ଅବଲୋକନ କରନ୍ତି, ସେଗୁଡ଼ିକୁ ସ୍ୱୀକାର କରନ୍ତି ଓ ସେଗୁଡ଼ିକୁ ଶାସନ କରନ୍ତି । ପୁରୁଷର ସ୍ୱୀକୃତି ସହିତ ପ୍ରକୃତି ଯେପରି ସ୍ୱାଧୀନ ଭାବରେ କ୍ରିୟା କରି ପାରିବ ଏବଂ ପ୍ରକୃତିର କ୍ରିୟାକୁ ନିୟନ୍ତ୍ରିତ କରି ପାରିବା ଲାଗି ଯେପରି ପୁରୁଷ ମଧ୍ୟ ସ୍ୱାଧୀନ ଓ ପ୍ରଭୁତ୍ୱସମ୍ପନ୍ନ ହୋଇ ରହି ପାରିବ, ସେଇଥି ସକାଶେ ହିଁ ଏକ ଆପାତ ଦ୍ୱୈତତାର ଅବତାରଣା ହୋଇଥାଏ । ପ୍ରକୃତିର କୌଣସି ବିଶେଷ ରୂପାୟନରୁ ଆପଣାକୁ ଅପସରାଇ ନେବା ପାଇଁ ଓ ଯାବତୀୟ ରୂପାୟନକୁ ନଷ୍ଟ କରି ଦେବା ପାଇଁ ଅଥବା ନୂତନ କରି ଏକ ଉଚ୍ଚତର ସ୍ତରର ରୂପାୟନକୁ ଗ୍ରହଣ କିମ୍ବା ପ୍ରଣୟନ କରି ପାରିବା ପାଇଁ ଯେପରି ପୁରୁଷର ସର୍ବଦା ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଥିବ, ସେଥିଲାଗି ମଧ୍ୟ ଏହି ଦ୍ୱୈତତା ଆବଶ୍ୟକ ହୋଇଥାଏ । ଆପଣାର ଶକ୍ତି ସହିତ ନାନା ସମ୍ବନ୍ଧରେ ଆବଦ୍ଧ ହେବାର କ୍ଷେତ୍ରରେ ପୁରୁଷର ଏହିସବୁ ସ୍ପଷ୍ଟ ସମ୍ଭାବନା ରହିଛି ବୋଲି ଆମେ ଜାଣିବା । ଆମେ ଏଗୁଡ଼ିକୁ ଆପଣାର ଅଭିଜ୍ଞତା ମଧ୍ୟଦେଇ ପର୍ଯ୍ୟବେକ୍ଷଣ କରିପାରିବା, ଏଗୁଡ଼ିକର ପ୍ରମାଣ ବି ପାଇ ପାରିବା । ସେଗୁଡ଼ିକୁ ଆମେ ପରମ ଅନନ୍ତଚୈତନ୍ୟର ସାମର୍ଥ୍ୟଗୁଡ଼ିକର ନ୍ୟାୟସିଦ୍ଧ ପରିଣାମ ବୋଲି ଜାଣିବା । ସେହି ସାମର୍ଥ୍ୟଗୁଡ଼ିକୁ ମଧ୍ୟ ଆମେ ତା'ର ଅନନ୍ତତାର ସ୍ୱଭାବଜାତ ସାମର୍ଥ୍ୟ ବୋଲି ଜାଣିସାରିଛୁ । ପୁରୁଷ ଓ ପ୍ରକୃତି,—ଏହି ଉଭୟ ବିଭାବ ସର୍ବଦା କେବଳ ଏକାଠି ହୋଇହିଁ ଗତି କରନ୍ତି, ଏବଂ ପ୍ରକୃତି ଅର୍ଥାତ୍ କ୍ରିୟାଶୀଳ ଚିତ୍‌ଶକ୍ତି ଯେତେବେଳେ ଯେଉଁ ସ୍ଥିତିରେ ରହେ, ଯେଉଁ ସ୍ଥିତିକୁ ପ୍ରକଟ ବା ବିକଶିତ କରାଏ, ସେତେବେଳେ ପୁରୁଷ ମଧ୍ୟ ଏକ ଅନୁରୂପ ସ୍ଥିତିରେ ପ୍ରତିଷ୍ଠିତ ହୋଇ ରହିଥାଏ । ପୁରୁଷୋତ୍ତମ ହେଉଛନ୍ତି ପୁରୁଷର ସର୍ବୋଚ୍ଚ ବା ସର୍ବୋତ୍ତମ ସ୍ଥିତି, ଏବଂ ପରମ ଚିତ୍‌ଶକ୍ତି ହେଉଛି ତାଙ୍କର ପରାପ୍ରକୃତି । ପ୍ରକୃତିର ସୋପାନକ୍ରମରେ ପ୍ରତ୍ୟେକଟି ସ୍ଥିତି ବା ଅବସ୍ଥାରେ ପୁରୁଷ ମଧ୍ୟ ସେହି ସୋପାନର ଅନୁରୂପ ଆପଣା ସତ୍ତାର ଏକ ସ୍ଥିତିକୁ ଧାରଣ କରି ରହିଥା'ନ୍ତି । ମନୋଭୂମିଗତ ପ୍ରକୃତି ଭିତରେ ପୁରୁଷ ମନୋମୟ ସତ୍ତା ହୋଇ ରହନ୍ତି, ପ୍ରାଣଭୂମିଗତ ପ୍ରକୃତି ଭିତରେ ପ୍ରାଣମୟ ସତ୍ତା ହୋଇ ରହିଥା'ନ୍ତି, ଏବଂ ଜଡ଼ଭୂମିଗତ ପ୍ରକୃତିରେ ସେ ଜଡ଼ସତ୍ତା ହୋଇ ଥା'ନ୍ତି । ପୁଣି ଅତିମାନସର ଭୂମିରେ ସେ ପରମ ଜ୍ଞାନସତ୍ତାରୂପେ ଅବତୀର୍ଣ୍ଣ ହୁଅନ୍ତି । ସର୍ବୋଚ୍ଚ ଆଧ୍ୟାତ୍ମିକ ସ୍ଥିତିରେ ପୁରୁଷ ମଧ୍ୟ ପରମ ଆନନ୍ଦମୟ ପୁରୁଷ ଓ ବିଶୁଦ୍ଧ ପରମ ସତ୍ତାର ରୂପ ଧାରଣ କରନ୍ତି । ଆମ ଭିତରେ, ଅର୍ଥାତ୍ ଦେହଧାରୀ ଏହି ବ୍ୟକ୍ତିସତ୍ତା ଭିତରେ ସେ ଏହି ସବୁକିଛିର ଅନ୍ତରାଳରେ ଚୈତ୍ୟପୁରୁଷରୂପେ ଦଣ୍ଡାୟମାନ ରହିଥା'ନ୍ତି, ଅନ୍ତରସ୍ଥିତ ଆତ୍ମାରୂପେ ଆମ ଚେତନା ଓ ଆଧ୍ୟାତ୍ମିକ ସତ୍ତାର ଅନ୍ୟ ସକଳ ରୂପାୟନ-ଗୁଡ଼ିକୁ ଧାରଣ କରି ରହିଥା'ନ୍ତି । ଆମ ଭିତରେ ବ୍ୟକ୍ତିର ସତ୍ତା ଧାରଣ କରି ରହିଥିବା

'oaob.nitrkl.ac.in' images reprocessed

ପୁରୁଷ ବିଶ୍ୱରେ ବିଶ୍ୱଗତ ହୋଇ ରହିଛନ୍ତି, ପୁଣି ବିଶ୍ୱାତୀତ ଅବସ୍ଥାରେ ବିଶ୍ୱାତୀତ ହୋଇ ରହିଛନ୍ତି । ଆତ୍ମସ୍ୱରୂପ ସହିତ ତାଙ୍କର ତାଦାତ୍ମ୍ୟ ଅତି ସୁସ୍ପଷ୍ଟ, ମାତ୍ର ଏହି ଆତ୍ମସ୍ୱରୂପ ହେଉଛି ସର୍ବଭୂତରେ ଅନୁପ୍ରବିଷ୍ଟ ହୋଇ ବିରାଜୁଥିବା ଚିନ୍ମୟ ଆତ୍ମାର ଏକ ବିଶୁଦ୍ଧ ନୈର୍ବ୍ୟକ୍ତିକ-ବ୍ୟକ୍ତିସତ୍ତାଗତ ସ୍ଥିତି । ଏହି ସ୍ଥିତିକୁ ଆମେ ନୈର୍ବ୍ୟକ୍ତିକ ବୋଲି କହିବା, କାରଣ ବ୍ୟକ୍ତିଗତ ଗୁଣକୁ ଧାରଣ କରିଥିଲେ ମଧ୍ୟ ସେଥିରେ ଆଦୌ କୌଣସି ଭେଦର ଅବତାରଣା ହୋଇ ନାହିଁ । ତାହାକୁ ସଗୁଣ ବା ବ୍ୟକ୍ତିସତ୍ତାଗତ ବୋଲି ମଧ୍ୟ କୁହାଯିବ, କାରଣ ପ୍ରତ୍ୟେକ ବ୍ୟକ୍ତି ଭିତରେ ଆତ୍ମାର ବ୍ୟକ୍ତିତ୍ୱାପନ୍ନ ହେବାରେ ସେଇ ଆତ୍ମାହିଁ ନିୟାମକରୂପେ ଅଧିଷ୍ଠିତ ରହିଛି । ଏହି ଆତ୍ମସ୍ୱରୂପହିଁ ତାଙ୍କର ସ୍ୱକୀୟ ଚିତ୍ଶକ୍ତି ଓ କ୍ରିୟାଶକ୍ତିର ସକଳ ଲୀଳାର ବିଧାତା, ଏବଂ ସେହି କାରଣରୁହିଁ ସୃଷ୍ଟିପରିଣାମର ପ୍ରତ୍ୟେକ ପର୍ବରେ ସେ ଅନୁରୂପ ଭାବରେ ଅବସ୍ଥିତ ରହିଛନ୍ତି ।

ମାତ୍ର ଏଠାରେ ଗୋଟିଏ କଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି । ପୁରୁଷ-ପ୍ରକୃତିର ଯେକୌଣସି ବ୍ୟକ୍ତିତ୍ୱାପନ୍ନ ସମ୍ବନ୍ଧବନ୍ଧରେ ପୁରୁଷ ଯେକୌଣସି ରୂପ ଗ୍ରହଣ କରିଥା'ନ୍ତୁ ପଛକେ, ଏକ ମୌଳିକ ଓ ବିଶ୍ୱଗତ ସମ୍ବନ୍ଧର ବିଧାନ ଅନୁସାରେ ସେ ଆପଣା ପ୍ରକୃତିର ପ୍ରଭୁ ଓ ଶାସକ ହୋଇ ରହିଥା'ନ୍ତି । କାରଣ ତାଙ୍କ ଆପଣା ସହିତ ସେ ପ୍ରକୃତିକୁ ତା'ର ଇଚ୍ଛା ଅନୁସାରେ ଯେକୌଣସି ପ୍ରକାରେ ସମ୍ବନ୍ଧିତ ହେବା ଲାଗି ପୂର୍ଣ୍ଣ ଅନୁମତି ଦେଇଥିବା ସମୟରେ ମଧ୍ୟ ତଥାପି ପ୍ରକୃତିର ଯାବତୀୟ କ୍ରିୟାକୁ ଧରିରଖିବା ଲାଗି ସେତେବେଳେ ମଧ୍ୟ ତାଙ୍କର ସମ୍ମତି ଆବଶ୍ୟକ ହୋଇଥାଏ । ପରଂବ୍ରହ୍ମଙ୍କର ତୃତୀୟ ବିଭାବଟିରେ ଅର୍ଥାତ୍ ତାଙ୍କର ଈଶ୍ୱରସ୍ୱରୂପରେ ଏହି ତତ୍ତ୍ୱଟି ସବୁଠାରୁ ଅଧିକ ଫଳପୂର୍ଣ୍ଣ ହୋଇ ଫୁଟି ଉଠିଥାଏ । ଏହି ବିଭାବଟିରେ ଯିଏ ପରମ ପୁରୁଷ, ଆପଣାର ଚୈତନ୍ୟ ଓ ସାମର୍ଥ୍ୟରେ ଏହି ବିଶ୍ୱର ଅତୀତ ହୋଇଥିଲେହେଁ ଯିଏ ବିଶ୍ୱରେ ବ୍ୟାପ୍ତ ହୋଇ ରହିଛନ୍ତି, ସେଇ ଆସି ଆମ ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି । ଯିଏ ହେଉଛନ୍ତି ସର୍ବଶକ୍ତିମାନ, ସର୍ବଜ୍ଞ । ଯିଏ ସକଳ ସାମର୍ଥ୍ୟର ନିୟନ୍ତା, ଚେତନ ତଥା ନିଶ୍ଚେତନ ସକଳ ବସ୍ତୁରେ ସେଇ ପରମଚେତନରୂପେ ବିଦ୍ୟମାନ ଅଛନ୍ତି । ସେଇ ସକଳ ଆତ୍ମା, ସକଳ ମନ, ହୃଦୟ ଓ ଶରୀରରେ ନିବାସ କରୁଛନ୍ତି, ସକଳ କର୍ମର ଶାସନ କରୁଛନ୍ତି, ସର୍ବୋଚ୍ଚ ଶାସକ ହୋଇ ରହିଛନ୍ତି । ସେଇ ହେଉଛନ୍ତି ସକଳ ଆନନ୍ଦର ଯଥାର୍ଥ ଭୋକ୍ତା । ଆପଣାର ସତ୍ତା ମଧ୍ୟରେ ସେ ସକଳ ବସ୍ତୁର ସୃଷ୍ଟି କରିଛନ୍ତି । ସେଇ ହେଉଛନ୍ତି ସର୍ବମୟ ପୁରୁଷ, ଏହି ଜଗତସଂସାରର ସକଳ ଜୀବ କେବଳ ତାଙ୍କର ବ୍ୟକ୍ତିରୂପ ଅଭିବ୍ୟକ୍ତି ମାତ୍ର । ଯାବତୀୟ ସାମର୍ଥ୍ୟର ସେଇ ହେଉଛନ୍ତି ଆଦ୍ୟସାମର୍ଥ୍ୟ, ସେଇ ହେଉଛନ୍ତି ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ବିଷୟର ଆତ୍ମା । ଆପଣାର ସତ୍ତାବଳରେ ଯିଏ ସକଳ ଜଗତର ଜନକ, ଆପଣାର

'oaob.nitrkl.ac.in' images reprocessed

ଚୈତନ୍ୟରେ ସିଏ ସମସ୍ତଙ୍କର ଦିବ୍ୟା ଜନନୀ, ସିଏ ସକଳ ଜୀବର ପରମ ସଖା । ସେହି ସର୍ବଶିବମୟ ଓ ସର୍ବସୌନ୍ଦର୍ଯ୍ୟମୟଙ୍କଠାରୁହିଁ ଯାବତୀୟ ସୌନ୍ଦର୍ଯ୍ୟ ଓ ଯାବତୀୟ ଆନନ୍ଦ ପ୍ରକାଶିତ ହେବାରେ ଲାଗିଛି । ସେଇ ହେଉଛନ୍ତି ବିଶ୍ୱନିଖିଳର ପରମ ପ୍ରେମିକ ତଥା ପରମ ପ୍ରେମାସ୍ପଦ । ଏହିପରି ଭାବରେ ଦେଖିଲେ ଓ ବୁଝିପାରିଲେ ପରମ ସତ୍ୟସ୍ୱରୂପଙ୍କର ସକଳ ବିଭାବ ମଧ୍ୟରୁ ଏହି ବିଭାବଟିହିଁ ଗୋଟିଏ ଦୃଷ୍ଟିରୁ ସବୁଠାରୁ ଅଧିକ ବ୍ୟାପକ ବୋଲି ବୋଧ ହୋଇଥାଏ, କାରଣ ଏଠାରେ ସେହି ଗୋଟିଏ ରୂପକଳ୍ପନା ମଧ୍ୟରେହିଁ ସକଳ ବିଭାବ ଆସି ସମ୍ମିଳିତ ହୋଇ ରହିଛନ୍ତି । କାରଣ ସେହି ଏକ ଈଶ୍ୱର ବିଶ୍ୱାତୀତ ଓ ଭୂମାସ୍ଥ ହୋଇ ରହିଛନ୍ତି, ପୁଣି ସେଇ ଏହି ନିଖିଳ ବିଶ୍ୱରେ ପରିବ୍ୟାପ୍ତ ବି ହୋଇ ରହିଛନ୍ତି । ସେହି ଈଶ୍ୱରରୂପୀ ସମଷ୍ଟି ଯାବତୀୟ ବ୍ୟକ୍ତିସତ୍ତାର ଅତୀତ ହୋଇ ରହିଛି, ପୁଣି ଯାବତୀୟ ବ୍ୟକ୍ତିସତ୍ତାର ଅନ୍ତର୍ବାସୀ ରୂପେ ସିଏ ସେମାନଙ୍କୁ ଧାରଣ କରି ରଖିଛି । ଈଶ୍ୱର ହେଉଛନ୍ତି ପରଂବ୍ରହ୍ମ, ସେ ବିଶ୍ୱଚରାଚରମୟ, ପରମ ନିର୍ବିଶେଷ, ପରମ ଆତ୍ମା, ପରମ ପୁରୁଷ ବା ପୁରୁଷୋତ୍ତମ (ଗୀତା) । ଏବଂ ଏଥିରେ ମଧ୍ୟ ଆଦୌ କୌଣସି ସଂଶୟ ନାହିଁ ଯେ ଇତିହାସର ପରିଚିତ ଧର୍ମଗୁଡ଼ିକରେ ଯାହାକୁ ଈଶ୍ୱର ବୋଲି ବୁଝାଯାଇଛି, ସେ ତାହା ଆଦୌ ନୁହନ୍ତି । କାରଣ ବିଭିନ୍ନ ଧର୍ମଗୁଡ଼ିକରେ ଯେଉଁ ଈଶ୍ୱରଙ୍କର କଳ୍ପନା କରାଯାଇଛି, ସେଥିରେ ତାଙ୍କୁ ଆପଣା ଗୁଣଗୁଡ଼ିକଦ୍ୱାରା ସୀମାବଦ୍ଧ ଏକ ସତ୍ତା ବୋଲି ବୁଝାଯାଇଛି । ତାଙ୍କୁ ଏକ ବ୍ୟକ୍ତିପରି ବର୍ଣ୍ଣନା କରାଯାଇ ଅନ୍ୟ ସମସ୍ତଙ୍କଠାରୁ ପୃଥକ୍ କରି ଦିଆଯାଇଛି । ବ୍ୟକ୍ତିଭାବର ଆରୋପ କରାଯାଇଥିବା ଏହିସବୁ ଈଶ୍ୱରକଳ୍ପନା ହେଉଛି ସେଇ ଏକ ଓ ପରମ ଈଶ୍ୱରଙ୍କର ଗୋଟିଏ ଗୋଟିଏ ସୀମିତ ପ୍ରତୀକ ମାତ୍ର, ବିଭିନ୍ନ ନାମ ଅଥବା ଗୋଟିଏ ଗୋଟିଏ ଦିବ୍ୟ ବ୍ୟକ୍ତିତ୍ୱ ମାତ୍ର । ଏହି ପରମ ଈଶ୍ୱର କେବଳ ଏକ ନିର୍ଦ୍ଧାରିତ ସଗୁଣ ବ୍ରହ୍ମ ନୁହନ୍ତି, କାରଣ ସଗୁଣତ୍ୱ ହେଉଛି ଈଶ୍ୱରସତ୍ତାର କେବଳ ଗୋଟିଏ ଦିଗ, କେବଳ ଗୋଟିଏମାତ୍ର ବିଭାବ । ତାଙ୍କର ଅନ୍ୟ ବିଭାବଟି ହେଉଛି ତାଙ୍କର ନିର୍ଗୁଣତ୍ୱ, ତାଙ୍କର ଅବିଚଳତ୍ୱ । ଈଶ୍ୱର ହେଉଛନ୍ତି ପରମ ସତ୍ୟରୂପୀ ବ୍ରହ୍ମ, ପରମ ଆତ୍ମା ଓ ପରମ ଚିନ୍ମୟ ସତ୍ତା । ସେ ଆପଣା ଆତ୍ମସତ୍ତାର ସ୍ୱାମୀ ଓ ସ୍ୱେଚ୍ଛାରୂପେ ଆପଣାକୁ ପ୍ରକଟ କରୁଛନ୍ତି, ଏହି ବିଶ୍ୱଜଗତର ସୃଷ୍ଟି କରି ତାହା ସହିତ ଏକାତ୍ମ ହୋଇ ରହିଛନ୍ତି । ସିଏ ଏହି ବିଶ୍ୱ ଭିତରେ ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛନ୍ତି, ତଥାପି ବିଶ୍ୱୋତ୍ତୀର୍ଣ୍ଣ ହୋଇ ଅଛନ୍ତି । ସିଏ ପରମ ଶାଶ୍ୱତ, ପରମ ଅନନ୍ତ; ସେ ଅନିର୍ବଚନୀୟ, ସିଏ ହେଉଛନ୍ତି ସର୍ବୋତ୍ତୀର୍ଣ୍ଣ ଦିବ୍ୟ ପରମସତ୍ତା ।

ଆମ ମାନସିକଭୂମିଗତ ଭାବନାର ସ୍ତରରେ ଆମେ ବ୍ରହ୍ମର ବ୍ୟକ୍ତିସତ୍ତାଗତ ତଥା ନୈର୍ବ୍ୟକ୍ତିକ କଳ୍ପନା ମଧ୍ୟରେ ଏକ ତୀକ୍ଷ୍ଣ ବିରୋଧର ଅବତାରଣା କରିଥାଉ ସତ,

'oaob.nitrkl.ac.in' images reprocessed

ମାତ୍ର ତାହାକୁ କେବଳ ଆମ ମନର ଭ୍ରମସୃଷ୍ଟି ବୋଲିହିଁ କହିବାକୁ ହେବ । ଭୌତିକ ଜଗତର ପ୍ରତ୍ୟକ୍ଷସତ୍ୟଗୁଡ଼ିକର ଭିତ୍ତି ଉପରେହିଁ ଏହି ମନ ଆପଣାକୁ ଠିଆ କରି ରଖିଥାଏ । କାରଣ ଏହି ଜାଗତିକ ଅସ୍ତିତ୍ୱର ସ୍ତରରେ ସକଳ ସୃଷ୍ଟିର ମୂଳସ୍ୱରୂପ ପ୍ରତିଷ୍ଠିତ ରହିଥିବା ପରମ ନିଶ୍ଚେତନ ସତେ ଯେପରି ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକ କୌଣସି ସାମଗ୍ରୀ ପରି ପ୍ରତୀତ ହୋଇଥାଆନ୍ତି । ପ୍ରକୃତିରୂପିଣୀ ପରମା ନିଶ୍ଚେତନଶକ୍ତି ତାହାର ବ୍ୟକ୍ତ ସତ୍ତା ତଥା କ୍ରିୟାରେ ମଧ୍ୟ ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକ ପରି ପ୍ରତୀତ ହୋଇଥାଏ । ଯାବତୀୟ ସାମର୍ଥ୍ୟ ଏହି ନୈର୍ବ୍ୟକ୍ତିକତାର ମୁଖା ପିନ୍ଧିଥିବା ପରି ଦେଖାଯାଆନ୍ତି; ଯାବତୀୟ ଗୁଣ ଓ ଯାବତୀୟ ସାମର୍ଥ୍ୟ, ଏପରିକି ପ୍ରେମ, ଆନନ୍ଦ ତଥା ଚୈତନ୍ୟ ମଧ୍ୟ ସେହି ନୈର୍ବ୍ୟକ୍ତିକ ପରି ଦେଖାଯାଆନ୍ତି । ଏହିଭଳି ଏକ ନୈର୍ବ୍ୟକ୍ତିକ ଜଗତରେ ଚୈତନ୍ୟର ଏକ ବହିଃସୃଷ୍ଟିରୂପେହିଁ ବ୍ୟକ୍ତିତ୍ୱର ଗ୍ରସ୍ତାପାତ ହେଲାପରି ମନେହୁଏ । ବ୍ୟକ୍ତିତ୍ୱ କହିଲେ ଏହି କ୍ଷେତ୍ରରେ ପ୍ରକୃତିକ୍ରିୟାର ଶକ୍ତି, ଗୁଣ ଓ ଅଭ୍ୟସ୍ତ ସାମର୍ଥ୍ୟଗୁଡ଼ିକର ଏକ ସୀମାସୂତ୍ର ରୂପାୟନ ଦ୍ୱାରା ସମ୍ଭୂତ ହେଉଥିବା କେବଳ ଏକ ସୀମାବଦ୍ଧତା ବୋଲି ମନେହୁଏ, ଆତ୍ମ-ଅନୁଭବର ଏକ ସୀମାସଙ୍କୁଚିତ ବୃତ୍ତ ମଧ୍ୟରେ କାରାରୁଦ୍ଧ ହୋଇ ରହିଥିବାର ଏକ ଅବସ୍ଥା ପରି ମନେହୁଏ । ଆମେ ଦେଖୁ ଯେ ଆତ୍ମ-ଅନୁଭବର ଏହି ସଙ୍କୀର୍ଣ୍ଣ ସୀମାଟିକୁ ଆମକୁ ଅତିକ୍ରମ କରି ଚାଲିଯିବାକୁ ହେବ, ବିଶ୍ୱାତ୍ମକତାର ଉପଲବ୍ଧି କରିବାକୁ ହେଲେ ବ୍ୟକ୍ତିତ୍ୱର ଏହି ସ୍ଥିତିଟିକୁ ପରିତ୍ୟାଗ କରିବା ଆବଶ୍ୟକ ହେବ । ପୁଣି ବିଶ୍ୱାତୀତ ଉପଲବ୍ଧିର ସ୍ତରଯାଏ ଆରୋହଣ କରିବାକୁ ହେଲେ ଏହି ଆବଶ୍ୟକତା ଆହୁରି ଜରୁରୀ ହୋଇ ପଡ଼ିବ । ମାତ୍ର ଏହି କ୍ଷେତ୍ରରେ ଆମେ ଯାହାକୁ ବ୍ୟକ୍ତିତ୍ୱ ବୋଲି କହୁଛୁ, କେବଳ ଉପରିସ୍ତରସ୍ଥ ବାହ୍ୟ ଚୈତନ୍ୟର ଏକ ବହିଃସୃଷ୍ଟି ବ୍ୟତୀତ ଏହା ଆଉ କିଛି ନୁହେଁ । ଏହାର ଅନ୍ତରାଳରେ ସେହି ପରମ ବ୍ୟକ୍ତି ନିରନ୍ତର ଅବସ୍ଥିତ ରହିଆ'ନ୍ତି, ଯିଏକି ନାନା ବ୍ୟକ୍ତିତ୍ୱ ଗ୍ରହଣ କରୁଆ'ନ୍ତି, ଯିଏକି ଏକାବେଳେକେ ବହୁ ବ୍ୟକ୍ତିତ୍ୱ ଗ୍ରହଣ କରିପାରନ୍ତି ମାତ୍ର ସ୍ୱୟଂ ସେହି ଏକ, ସତ୍ୟ ଓ ଶାଶ୍ୱତ ହୋଇ ରହିଆ'ନ୍ତି । ଏକ ବୃହତ୍ତର ଭୂମି ଉପରେ ବିଷୟଗୁଡ଼ିକ ଉପରେ ଦୃଷ୍ଟିପାତ କରିପାରିଲେ ହୁଏତ ଆମେ ଏକଥା କହିବାକୁ ବେଶ୍ ସମର୍ଥ ହୋଇପାରିବା ଯେ ଯାହା ଆମକୁ ନୈର୍ବ୍ୟକ୍ତିକ ବୋଲି ଦେଖାଯାଉଛି, ତାହା ସେହି ବ୍ୟକ୍ତିଙ୍କର ଏକ ଅନ୍ୟତମ ସାମର୍ଥ୍ୟ ବ୍ୟତୀତ ଆଉ କିଛି ନୁହେଁ । ପରମ ସତ୍ତ୍ୱ ବା ସତ୍ତ୍ୱମୟ ଏକ ପରମ ପୁରୁଷଙ୍କ ବ୍ୟତୀତ ସତ୍ତାର ଆଦୌ କୌଣସି ଅର୍ଥ ରହିବ ନାହିଁ । ଏକ ଚୈତନ୍ୟମୟ ପୁରୁଷଙ୍କ ବ୍ୟତୀତ ଆପେ ଠିଆହୋଇ ପାରିବା ଲାଗି ଚୈତନ୍ୟର ଆଉ କୌଣସି ସ୍ଥାନ ରହିବ ନାହିଁ । ଆନନ୍ଦର ଭୋକ୍ତା ଭାବରେ କେହି କେଉଁଠି ପ୍ରତିଷ୍ଠିତ ନଥିଲେ ଆନନ୍ଦ ନିରର୍ଥକ ଓ ଅଯୌକ୍ତିକ ହୋଇପଡ଼ିବ । କେଉଁଠିହେଲେ କେହି ପ୍ରେମିକରୂପେ ପ୍ରତିଷ୍ଠିତ ନ ରହିଲେ ପ୍ରେମ ଭିତ୍ତିହୀନ ଓ

'oaob.nitrkl.ac.in' images reprocessed

ଅସାର୍ଥକ ହୋଇ ପଡ଼ିବ । ଜଣେ ପରମ ଶକ୍ତିମାନଙ୍କର ଅବସ୍ଥିତି ବ୍ୟକ୍ତିଗତ ସର୍ବଶକ୍ତି କେବଳ ବ୍ୟର୍ଥ ଓ ଅଭିପ୍ରାୟହୀନ ବୋଲି ସାବ୍ୟସ୍ତ ହେବ । କାରଣ ପୁରୁଷ କହିଲେ ଆମେ ଚୈତନ୍ୟମୟ ସତ୍ତାକୁହିଁ ବୁଝିଥାଉ । ଏହି କ୍ଷେତ୍ରରେ ସେହି ଚୈତନ୍ୟମୟ ସତ୍ତା ପରମ ନିଶ୍ଚେତନର ଏକ ବିକାଶରୂପେ ସେଇଥିରୁହିଁ ଉତ୍ପନ୍ନ ହୋଇଥିଲେ ମଧ୍ୟ ତଥାପି ବସ୍ତୁତଃ ତାହା ତାହାହିଁ ନୁହେଁ । କାରଣ ପରମ ନିଶ୍ଚେତନ ମଧ୍ୟରେ ଯେଉଁ ପରମ ଚେତନାମୟତା ପ୍ରଚ୍ଛନ୍ନ ହୋଇ ରହିଛି, ପରମ ନିଶ୍ଚେତନ ହେଉଛି କେବଳ ତାହାର ଏକ କଳା, ତାହାର ଏକ ବିଭୂତି ମାତ୍ର । ଯାହା ଉତ୍ପନ୍ନ ହେଉଛି ବା ଯାହାର ଉଦ୍ଭବ ହେଉଛି, ତାହା, ଯେଉଁଥିରୁ ତାହା ଉତ୍ପନ୍ନ ବା ଉଦ୍ଭୂତ ହେଉଛି, ତା'ଠାରୁ ସର୍ବଥା ବୃହତ୍ତର । ଏହି ରୀତିଟି ଅନୁସାରେ ଜଡ଼ ଅପେକ୍ଷା ମନ ବୃହତ୍ତର, ମନ ଅପେକ୍ଷା ଆତ୍ମା ବୃହତ୍ତର । ଏବଂ ଅନ୍ୟ ଯାବତୀୟ ତତ୍ତ୍ୱଠାରୁ ଅଧିକ ପ୍ରଚ୍ଛନ୍ନଭାବେ ରହିଥିବା ଓ ସର୍ବଶ୍ରେଷ୍ଠ ତଥା ସର୍ବଶେଷ ଉନ୍ମୋଚନରୂପେ ଆତ୍ମପ୍ରକାଶ କରୁଥିବା ଚିଦ୍‌ବସ୍ତୁ ବା ଚୈତନ୍ୟ ହେଉଛି ସବୁରି ଭିତରେ ବୃହତ୍ତମ ତତ୍ତ୍ୱ । ସେହି ଚିଦ୍‌ବସ୍ତୁ ହେଉଛି ପୁରୁଷ, ସର୍ବମୟ ପରମ ବ୍ୟକ୍ତି, ସର୍ବତ୍ର ବିଦ୍ୟମାନ ପରମ ଚୈତନ୍ୟମୟ ସତ୍ତା । ଏହି ସତ୍ୟ ପୁରୁଷହିଁ ଆମ ଭିତରେ ଅବସ୍ଥିତ ରହିଛନ୍ତି, ମାତ୍ର ଆମର ମନ ସେବିଷୟରେ ଅଜ୍ଞାନ ହୋଇ ରହିଛି, ପୁରୁଷଙ୍କୁ ତାହା ଅହଂଗତ ଅନୁଭବ ଓ ସୀମାସଙ୍କୁଚିତ ବ୍ୟକ୍ତିତ୍ୱ ବୋଲି ଭ୍ରମ କରୁଛି । ଏକ ନିଶ୍ଚେତନ ସତ୍ତା ମଧ୍ୟରେହିଁ ସୀମାବଦ୍ଧ ଚୈତନ୍ୟ ଓ ବ୍ୟକ୍ତିଭାବର ଉନ୍ମେଷ ହେବାରେ ଲାଗିଛି, ଏହିପରି ଏକ ପ୍ରାତିଭାସିକ ଭ୍ରମର ବଶ ହୋଇ ରହିଥିବାରୁ ଆମେ ପରମ-ସତ୍ୟର ଏହି ଦୁଇଟି ବିଭାବ ଭିତରେ ଏକ ବିରୋଧ ସୃଷ୍ଟି କରି ପକାଉଛୁ । ମାତ୍ର ପ୍ରକୃତରେ ଏଠାରେ ଆଦୌ କୌଣସି ବିରୋଧ ନାହିଁ । ଏକ ଶାଶ୍ୱତ ଓ ଅନନ୍ତ ଆତ୍ମସତ୍ତା ହେଉଛି ସର୍ବୋଚ୍ଚ ପରମସତ୍ୟ, ମାତ୍ର ସେହି ଆତ୍ମସତ୍ତାର ଯଥାର୍ଥ ସତ୍ୟ ଓ ତାତ୍ପର୍ଯ୍ୟ ହେଉଛି ବିଶ୍ୱାତୀତ ପରମ ଓ ଶାଶ୍ୱତ ପୁରୁଷ ବା ପୁରୁଷୋତ୍ତମ । ତାହାଙ୍କୁ ଆମେ ଏକ ଅନନ୍ତ ପୁରୁଷ ବୋଲି ବି ବର୍ଣ୍ଣନା କରିପାରୁ, କାରଣ କେବଳ ତାଙ୍କର ସତ୍ତା ହେଉଛି ଯାବତୀୟ ବ୍ୟକ୍ତିଭାବର ସ୍ୱରୂପ ଓ ଉତ୍ସ । ଠିକ୍ ସେହିଭଳି ବିଶ୍ୱାତ୍ମା, ବିଶ୍ୱସତ୍ତା ବା ବିଶ୍ୱପୁରୁଷ ହେଉଛନ୍ତି ବିଶ୍ୱରୂପେ ଅବସ୍ଥିତ ରହିଥିବା ସକଳ ଅସ୍ତିତ୍ୱର ସ୍ୱରୂପ ଓ ତାତ୍ପର୍ଯ୍ୟ । ସେହି ଏକ ଆତ୍ମା, ଚିଦ୍‌ବସ୍ତୁ, ସତ୍ତା ବା ପୁରୁଷ ନିଜକୁ ବହୁରୂପେ ପ୍ରକଟ କରୁଛନ୍ତି, ଏବଂ ସେଇ ହେଉଛନ୍ତି ସକଳ ବ୍ୟକ୍ତିସତ୍ତାର ସତ୍ୟ ଓ ତାତ୍ପର୍ଯ୍ୟ ।

ଦିବ୍ୟ ପରମସତ୍ତା, ପରମ ପୁରୁଷ ବା ସର୍ବମୟ ପୁରୁଷଙ୍କୁ ଈଶ୍ୱର ବୋଲି ଗ୍ରହଣ କରିନେଲେ ଏହି ବିଶ୍ୱସତ୍ତା ଉପରେ ତାଙ୍କର ଶାସନ ବା ନିୟନ୍ତ୍ରଣଟିକୁ ବୁଝିବାରେ ଏକ ଅସୁବିଧା ଆସି ଉପସ୍ଥିତ ହୋଇଥାଏ । କାରଣ ଆମେ ଏହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ସଙ୍ଗେ ସଙ୍ଗେ ଜଣେ ମନୁଷ୍ୟ-ଶାସକ ବିଷୟରେ ଆମର ମନରେ ଯେଉଁ ଧାରଣା ରହିଆସିଛି, ତାହାକୁ ନେଇ ସେହି ଈଶ୍ୱରଙ୍କ ଉପରେ ଆରୋପ କରି ଦେଇଥାଉ । ଆମେ କଳ୍ପନା କରିନେଉ, ସତେଯେପରି ଜଣେ ମହିମ ପରି ମନ ଓ ମାନସିକ ଇଚ୍ଛାଦ୍ୱାରାହିଁ ପ୍ରେରିତ ହୋଇ ସେ ଆପଣାର କାର୍ଯ୍ୟ କରୁଛନ୍ତି, ସତେଅବା ସର୍ବଶକ୍ତିଶାଳୀ ଏକ ଖିଆଲ ଅନୁସାରେ ସେ କେବଳ ଆପଣାର ମନଃକଳ୍ପନାଗୁଡ଼ିକୁ ଆଣି ଏହି ଜଗତ ଉପରେ ଆଇନରୂପେ ଲଦି ଦେଉଛନ୍ତି । ଏବଂ ତାଙ୍କର ଇଚ୍ଛାଟିକୁ ମଧ୍ୟ ଆମେ ତାଙ୍କ ବ୍ୟକ୍ତିତ୍ୱର କେବଳ ଏକ ବନ୍ଧନହୀନ ଖିଆଲ ବୋଲି କଳ୍ପନା କରିନେଉ । ମାତ୍ର ଏକ ଦିବ୍ୟ ପରମ ପୁରୁଷଙ୍କ ଲାଗି ଜଣେ ସର୍ବଶକ୍ତିମାନ ଅଥଚ ଅଜ୍ଞାନାଚ୍ଛନ୍ନ ମନୁଷ୍ୟସତ୍ତା ପରି କେବଳ ଏକ ସ୍ୱେଚ୍ଛାପ୍ରଣୋଦିତ ଇଚ୍ଛା ବା କଳ୍ପନା ନେଇ କାର୍ଯ୍ୟ କରିବା ପାଇଁ ପୁଣି କି ଆବଶ୍ୟକତା ରହିଛି ? ଅବଶ୍ୟ ଏକ ଅଜ୍ଞାନାଚ୍ଛନ୍ନ ସତ୍ତାର ସର୍ବଶକ୍ତିମତ୍ତାକୁ ଏଠାରେ କେବଳ ଏକ ଯୁକ୍ତି ହିସାବରେ ସମ୍ଭବ ବୋଲି ମାନି ନିଆଯାଇ ପାରେ । କାରଣ ସେହି ପରମ ପୁରୁଷ ମନର ସୀମାଦ୍ୱାରା କୌଣସି ପ୍ରକାରେ ଆବଦ୍ଧ ନୁହନ୍ତି । ତାଙ୍କ ମଧ୍ୟରେ ଏକ ସର୍ବଗତ ଚେତନାମୟତା ବିଦ୍ୟମାନ ରହିଛି, ଯାହାର ଭୂମି ଉପରେ କି ସେ ଯାବତୀୟ ବିଷୟସକଳର ସତ୍ୟଜ୍ଞାନ ଲାଭ କରି ପାରୁଛନ୍ତି । ତାଙ୍କର ନିଜ ମଧ୍ୟରେ ଅବସ୍ଥିତ ରହିଥିବା ଯେଉଁ ସର୍ବପ୍ରଜ୍ଞା ବିଷୟଗୁଡ଼ିକୁ ସେଗୁଡ଼ିକର ଅନ୍ତର୍ନିହିତ ସତ୍ୟ ଅନୁସାରେ ରୂପାନ୍ୱିତ କରିଦେଉଛି, ସେଗୁଡ଼ିକର ତାତ୍ପର୍ଯ୍ୟ, ସମ୍ଭାବନା ବା ଆବଶ୍ୟକତା ଏବଂ ସେଗୁଡ଼ିକର ସ୍ୱପ୍ରକୃତିର ଅପରିହାର୍ଯ୍ୟ ଆତ୍ମସ୍ୱଭାବଟିକୁ ବ୍ୟକ୍ତ କରିଦେଉଛି, ଈଶ୍ୱର ସେହି ପ୍ରଜ୍ଞା ସମ୍ବନ୍ଧରେ ମଧ୍ୟ ସଚେତନ ରହିଛନ୍ତି । ଦିବ୍ୟ ପୁରୁଷ ହେଉଛନ୍ତି ସର୍ବଥା ମୁକ୍ତ ପୁରୁଷ, କାହାର ତିଆରି କୌଣସି ବିଧାନଦ୍ୱାରା ସେ ଆଦୌ ବଦ୍ଧ ନୁହନ୍ତି; ମାତ୍ର ତଥାପି କେବଳ କେତେକ ବିଧାନ ତଥା ପ୍ରକ୍ରିୟାର ବଶବର୍ତ୍ତୀ ହୋଇହିଁ ସେ କାର୍ଯ୍ୟ କରୁଛନ୍ତି, କାରଣ ସେହି ବିଧାନ ଓ ପ୍ରକ୍ରିୟାଗୁଡ଼ିକ ବସ୍ତୁଗୁଡ଼ିକର ସତ୍ୟକୁହିଁ ପ୍ରକାଶ କରୁଛନ୍ତି । କେବଳ ସେଗୁଡ଼ିକର ଯାନ୍ତ୍ରିକ, ଗାଣିତିକ ଓ ଅନ୍ୟାନ୍ୟ ବାହ୍ୟଶରୀରଗତ ସତ୍ୟକୁ ପ୍ରକାଶ କରୁନାହାନ୍ତି, ମାତ୍ର ସେଗୁଡ଼ିକର ଆଧ୍ୟାତ୍ମିକ ସତ୍ୟକୁ ପ୍ରକାଶ କରି ଦେଉଛନ୍ତି । ସେଗୁଡ଼ିକ ସ୍ୱରୂପତଃ କ'ଣ, ସମ୍ଭୂତିର କ୍ରମରେ ସେଗୁଡ଼ିକ କ'ଣସବୁ ହୋଇଛନ୍ତି ଓ ଆହୁରି କ'ଣସବୁ ହେବାଲାଗି ତଥାପି ବାକି ରହିଛି ଅର୍ଥାତ୍ ସେମାନଙ୍କ ଭିତରେ ସମ୍ଭାବ୍ୟ ଉପଲବ୍ଧି ସକାଶେ ଆହୁରି କ'ଣସବୁ ଅନ୍ତର୍ନିହିତ ହୋଇ ରହିଛି, ଉକ୍ତ ବିଧାନ ଓ ପ୍ରକ୍ରିୟାସବୁ ସେଇଗୁଡ଼ିକୁ ପ୍ରକାଶିତ କରୁଛନ୍ତି । ଏହିସବୁ କ୍ରିୟା ମଧ୍ୟରେ ସେ ସ୍ୱୟଂ ବିଦ୍ୟମାନ ରହିଛନ୍ତି, ମାତ୍ର ତଥାପି ସେଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇ ରହିଛନ୍ତି ଓ ସେଗୁଡ଼ିକର ପ୍ରଶାସନକୁ ଏଡ଼ିଦେବାର ପରିପୂର୍ଣ୍ଣ ସାମର୍ଥ୍ୟ ମଧ୍ୟ ତାଙ୍କ ଭିତରେ ବର୍ତ୍ତମାନ ରହିଛି । କାରଣ ଏକପକ୍ଷରେ କେବଳ ଆପଣାର ସୀମାବଦ୍ଧ ସ୍ୱତନ୍ତ୍ରର

'oaob.nitrkl.ac.in' images reprocessed

ଶାସନକୁ ମାନିହିଁ ପ୍ରକୃତି କାର୍ଯ୍ୟ କରୁଛି ଏବଂ ସେହି ସୂତ୍ରଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବାରେ ଦିବ୍ୟପୁରୁଷଙ୍କର ଉପସ୍ଥିତିକୁ ଅଗ୍ରାହ୍ୟ କରି ରହିଛି; ମାତ୍ର ଅପର ପକ୍ଷରେ ଉପରେ ଥାଇ ଆହୁରି ଏକ ଶକ୍ତି ପ୍ରକୃତିର ସକଳ କାର୍ଯ୍ୟକୁ ତନଖି ଦେଖିବାରେ ଲାଗିଛି । ଆମେ ଏହାକୁ ଏକ ଉଚ୍ଚତର କ୍ରିୟାଧିଷ୍ଠାନ ଓ ନିୟନ୍ତ୍ରଣ ବୋଲି କହିପାରିବା, ଏପରିକି ଏକ ହସ୍ତକ୍ଷେପ ବୋଲି ମଧ୍ୟ କହିପାରିବା । ତାହା ସତତ ମୁକ୍ତ ରହି କାର୍ଯ୍ୟ କରୁଛି, ମାତ୍ର ତଥାପି କେବଳ ଆପଣାର ଖିଆଲ ଅନୁଯାୟୀ କାର୍ଯ୍ୟ କରୁ ନାହିଁ । ତା'ର କ୍ରିୟାଗୁଡ଼ିକ ଆମକୁ ଅନେକ ସମୟରେ ସତେଅବା ଏକ କୁହୁକ ବା ଅଲୌକିକ ଇନ୍ଦ୍ରଜାଲ ବୋଲି ମନେ ହେଉଛି, କାରଣ ଏକ ଦିବ୍ୟ ଅତିପ୍ରକୃତିର ଭୂମି ଉପରୁହିଁ ତାହା ପ୍ରକୃତି ଉପରେ କାର୍ଯ୍ୟ କରିବାରେ ଲାଗିଛି । ଏହି କ୍ଷେତ୍ରରେ ଆମେ ପ୍ରକୃତିକୁ ସେହି ଅତିପ୍ରକୃତିର ଏକ ସୀମିତ ଅଭିବ୍ୟକ୍ତି ବୋଲିହିଁ ବୁଝିବା । ସେହି ଅତିପ୍ରକୃତି ବା ପରାପ୍ରକୃତିର ଆଲୋକ, ଶକ୍ତି ବା ପ୍ରଭାବ ଆସି ପ୍ରକୃତିରୂପୀ ଭୂମିଟି ଉପରେ ଯେକୌଣସି ସମୟରେ ହସ୍ତକ୍ଷେପ କରିପାରିବ ବା ତାହାକୁ ବଦଳାଇ ବି ଦେଇପାରିବ, ଏପରି ସମ୍ଭାବନା ଲାଗି ପ୍ରକୃତି ସର୍ବଦା ମୁକ୍ତ ହୋଇ ରହିଛି । ବସ୍ତୁଗୁଡ଼ିକର ନିୟମନ କରୁଥିବା ଯାନ୍ତ୍ରିକ, ଗାଣିତିକ ଓ ସ୍ୱୟଂକ୍ରିୟ ବିଧାନଟିକୁ ଆମେ ଅବଶ୍ୟ ଗୋଟିଏ ଗୋଟିଏ ସତ୍ୟ ବୋଲି ଗ୍ରହଣ କରିବା; ମାତ୍ର ଏହି ବିଧାନଟି ଭିତରେ ଚେତନାର ଏକ ଆଧ୍ୟାତ୍ମିକ ବିଧାନ ମଧ୍ୟ ଅବସ୍ଥିତ ରହି କାର୍ଯ୍ୟ କରିବାରେ ଲାଗିଛି, ଯାହାକି ପ୍ରକୃତିର ଶକ୍ତିଗୁଡ଼ିକର ଯାନ୍ତ୍ରିକ ସସ୍ତୁରକ୍ଷେପଗୁଡ଼ିକୁ ଏକ ଅନ୍ତର୍ଗତ ସ୍ତରରେ ଏକ ନୂତନ ଆଡ଼େ ମୁହାଁଇ ନେଉଛି, ସେଗୁଡ଼ିକରେ ଏକ ନୂତନ ମୂଲ୍ୟ ଭରିଦେଉଛି; ସେଗୁଡ଼ିକୁ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଯଥାର୍ଥତା ଆଣି ଦେଉଛି ଓ ସଚେତନ ଭାବରେ ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟସାଧନର ଅଭିମୁଖରେ ପରିଚାଳିତ କରିନେଉଛି । ଏବଂ ସର୍ବୋପରି ସେଥିରେ ଏକ ଆଧ୍ୟାତ୍ମିକ ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ ବିଦ୍ୟମାନ ରହିଛି ଯାହାକି ପରମ ଚିନ୍ମୟ ସତ୍ତାର ସର୍ବୋଚ୍ଚ ଓ ବିଶ୍ୱଗତ ସତ୍ୟଟିକୁ ଜାଣିଛି ଓ ତାହାରି ମଧ୍ୟରେ ଅବସ୍ଥିତ ରହି କାର୍ଯ୍ୟ କରୁଛି । ଏହି ଜଗତ ଜଣେ ଦିବ୍ୟପୁରୁଷର ଶାସନରେ ଚାଲିଛି, ସେହି ବିଷୟରେ ଓ ସେହି ଦିବ୍ୟ ପୁରୁଷର ଗୋପନ କ୍ରିୟାଟି ବିଷୟରେ ଆମର ସଚରାଚର ଯେଉଁ ଦୃଷ୍ଟିକୋଣ ରହିଛି, ସେଥିରେ ଯେ ଆମେ ଏକ ମନୁଷ୍ୟସୁଲଭ ସ୍ୱଭାବର ଆରୋପ କରି ପକାଉଛୁ, କିମ୍ବା ତାହାକୁ ବିଶୁଦ୍ଧ ଏକ ଯାନ୍ତ୍ରିକ କ୍ରିୟା ବୋଲି ମାନିନେଉଛୁ, ଏଥିରେ କୌଣସି ସନ୍ଦେହ ନାହିଁ । ମନୁଷ୍ୟସୁଲଭ ସ୍ୱଭାବର ଆରୋପ କରିବା ଓ ସକଳ ପ୍ରକ୍ରିୟାଟିକୁ କେବଳ ଏକ ଯାନ୍ତ୍ରିକତାରୂପେ ଦେଖିବା, —ଏହି ଉଭୟ ମଧ୍ୟରେ ସତ୍ୟର ଉପାଦାନ ଅବଶ୍ୟ ରହିଛି । ମାତ୍ର ଏଇଟି ହେଉଛି ସତ୍ୟର କେବଳ ଗୋଟିଏ ପାଖ ବା ଗୋଟିଏ ଦିଗ । ଏବଂ ପ୍ରକୃତ ସତ୍ୟଟି ହେଉଛି ଯେ, ସକଳ ବସ୍ତୁ ଭିତରେ ଅବସ୍ଥିତ ରହି ତଥା ସକଳ ବସ୍ତୁରୁ ଉତ୍ତୀର୍ଣ୍ଣ ହୋଇ

'oaob.nitrkl.ac.in' images reprocessed

ରହି ସେହି ପରମ ଅଦ୍ୱିତୀୟହିଁ ଏହି ଜଗତର ଶାସନ କରୁଛି । ସେହି ପରମ ଅଦ୍ୱିତୀୟର ଚେତନା ହେଉଛି ଅନନ୍ତ ଚେତନା । ଏବଂ ଏକ ଅନନ୍ତ ଚେତନାର ନିୟମ ଓ ନ୍ୟାୟ ଅନୁସାରେହିଁ ଆମକୁ ବିଶ୍ୱଜଗତର ତାତ୍ପର୍ଯ୍ୟ, ସର୍ଜନା ଓ ସଞ୍ଚାଳନାକୁ ବୁଝିବାକୁ ପଡ଼ିବ ।

ଏକ ଓ ଅଦ୍ୱିତୀୟ ପରମସତ୍ୟର ଏହି ଧାରଣାଟିକୁ ଚିହ୍ନି ଯଦି ଆମେ ସେଇଟିକୁ ଅନ୍ୟ ଧାରଣାଗୁଡ଼ିକ ସହିତ ଘନିଷ୍ଠଭାବେ ସଂଯୁକ୍ତ କରି ଦେଖିପାରିବା, ତେବେ ଶାଶ୍ୱତ ଓ ପରମ ସ୍ୱୟମ୍ଭୂସତ୍ତା ଓ ବିଶ୍ୱକୁ ପ୍ରକାଶିତ କରିବାର ପ୍ରକ୍ରିୟାରେ ସେହି ସତ୍ତା ଯେଉଁ ପରମ ଚୈତନ୍ୟଶକ୍ତିକୁ ସାଧନରୂପେ ବ୍ୟବହାର କରୁଛି ତାହାର ଗତିକ୍ରିୟା, ଦୁହିଙ୍କ ମଧ୍ୟରେ ବିଦ୍ୟମାନ ଥିବା ସମ୍ବନ୍ଧଟି ବିଷୟରେ ଏକ ପରିପୂର୍ଣ୍ଣ ଦୃଷ୍ଟି ଲାଭ କରିପାରିବା । ଆପଣାକୁ ନେଇ ଏକ ଅବିଚଳ, ସ୍ଥିର, ନିଷ୍କ୍ରିୟ ରହିତ ଓ ନୈଶବ୍ଦ୍ୟମୟ ପରମ ଆତ୍ମସତ୍ତା ମଧ୍ୟରେ ଉପସ୍ଥାପିତ କରିପାରିଲେ ଆମେ ବେଶ୍ ଦେଖିପାରିବା ଯେ ଆପଣାର ସକଳ ଧାରଣା ଓ ଭାବନାକୁ ରୂପାୟିତ କରିପାରିବାର ସାମର୍ଥ୍ୟ ଥିବା ଏକ ପରମା ଚିତ୍‌ଶକ୍ତି ଅର୍ଥାତ୍ ମାୟା ସେହି ନୈଶବ୍ଦ୍ୟମୟ ପରମ ପୁରୁଷର ଗତିଶୀଳା ଲୀଳାସଙ୍ଗିନୀରୂପେ ଅବସ୍ଥିତ ରହିହିଁ ସବୁକିଛି କରୁଛି । ସେହି ଅବିଚଳ, ସ୍ଥିର ଓ ଶାଶ୍ୱତ ଭୂମିଟି ଉପରେ ପ୍ରତିଷ୍ଠିତ ରହି ପରମା ଚିତ୍‌ଶକ୍ତି ସତ୍ତାର ଆଧ୍ୟାତ୍ମିକ ତନ୍ମୟ ଉପାଦାନକୁ ଯାବତୀୟ ସକଳପ୍ରକାର ରୂପ ଓ ଗତିସ୍ପନ୍ଦନ ଉପରେ ନିକ୍ଷେପ କରିବାରେ ଲାଗିଛି । ନିଶ୍ଚଳ ଓ ନିଷ୍କ୍ରିୟ ରହିତ ପରମସତ୍ତା ସେସବୁଥିରେ ଆପଣାର ସମ୍ମତି ଦେଉଛି ଅର୍ଥାତ୍ ସେଥିରେ ଆପଣାର ଏକ ତଟସ୍ଥ ଆନନ୍ଦ ଅନୁଭବ କରୁଛି, ସୃଷ୍ଟିଶୀଳ ଓ ଚଳମାନ ସତ୍ତାରୁ ଆପଣାର ନିଶ୍ଚଳ ଓ ପ୍ରକମ୍ପହୀନ ଆନନ୍ଦ ଲାଭ କରୁଛି । ଏହି ସତ୍ତା ସତ୍ୟ ହୋଇଥାଉ କିମ୍ବା ଭ୍ରମ ହୋଇଥାଉ ପଛକେ, ଏହାହିଁ ହେଉଛି ତାହାର ତତ୍ତ୍ୱ ଓ ତାତ୍ପର୍ଯ୍ୟ । ପରମ ଚେତନା ପରମ ପୁରୁଷ ସହିତ ଲୀଳାରତ ହୋଇ ରହିଛି । ପ୍ରକୃତି ଶକ୍ତି ପରମସତ୍ତାକୁ ନେଇ ଆପଣାର ଯାହା ଇଚ୍ଛା ତାହା କରିପାରୁଛି ଏବଂ ତାହାକୁହିଁ ଆପଣାର ସୃଷ୍ଟି ନିମିତ୍ତ ଉପାଦାନରୂପେ ବ୍ୟବହାର କରୁଛି, ମାତ୍ର ଏହାକୁ ସମ୍ଭବ କରିବା ଲାଗି ସେଠାରେ ପ୍ରତ୍ୟେକ ପଦରେ ପରମ ସତ୍ତାର ପ୍ରଚ୍ଛନ୍ନ ସମର୍ଥନ ବା ସମ୍ମତି ଅବଶ୍ୟ ରହିଥିବା ଦରକାର । ବସ୍ତୁବିଷୟକ ଏହି ଅନୁଭୂତିଟିରେ ଏକ ସ୍ପଷ୍ଟ ସତ୍ୟ ନିହିତ ହୋଇ ରହିଛି । ଆମ ଆପଣା ଭିତରେ ଓ ଆମ ନିଜ ପାଖରେ ଆମେ ସର୍ବତ୍ର ଏହାହିଁ ଘଟୁଥିବାର ଦେଖିପାରୁଛୁ । ବିଶ୍ୱର ଏକ ସତ୍ୟ ହୋଇଥିବାରୁ ପରମ ନିର୍ବିଶେଷ ସତ୍ୟର କୌଣସି ନା କୌଣସି ମୌଳିକ ସତ୍ୟବିଭାବ ସହିତ ଏହାର ଯୋଗ ଅବଶ୍ୟ ରହିଥିବ । ମାତ୍ର ବାହ୍ୟ ଜଗତର ଗତିଚଞ୍ଚଳ ବସ୍ତୁପ୍ରତିଭାସର କ୍ଷେତ୍ର ଉପରୁ ଅପସରି ଯାଇ ଆମେ ଯେତେବେଳେ ସାକ୍ଷୀପୁରୁଷର ପରମ ନୈଶବ୍ଦ୍ୟ ମଧ୍ୟରେ ଲୁଚେଁ, ମାତ୍ର

'oaob.nitrkl.ac.in' images reprocessed

ପରମ ଚିନ୍ମୟଙ୍କର ସକ୍ରିୟ ଲୀଳାର ଏକ ଅନ୍ତର୍ଗତ ଅନୁଭୂତି ମଧ୍ୟରେ ପ୍ରବେଶ କରୁ, ସେତେବେଳେ ଆମେ ଦେଖିବାକୁ ପାଉ ଯେ ଏହି ପରମା ଚିତ୍‌ଶକ୍ତି ଅର୍ଥାତ୍ ମାୟାଶକ୍ତି ସ୍ୱୟଂ ସେହି ସ୍ୱୟଂବର୍ତ୍ତିମାନ ପରମପୁରୁଷ ଈଶ୍ୱରଙ୍କ ବ୍ୟତୀତ ଆଉକିଛି ନୁହେଁ । ସେହି ପରମପୁରୁଷହିଁ ମାୟାର ଅଧୀଶ୍ୱର, ସକଳ ଜଗଦ୍‌ବସ୍ତୁର ଅଧୀଶ୍ୱର । ଆମେ ଦେଖିବାକୁ ପାଉ ଯେ ଆପଣା ରୂପାୟନର ସ୍ରଷ୍ଟା ଓ ନିୟନ୍ତାରୂପେ ଆପଣାର ସ୍ୱାମିତ୍ୱଶକ୍ତିଦ୍ୱାରା କେବଳ ସେଇ ସବୁକିଛି କରୁଛନ୍ତି । ଅଥବା ଆପେ ଅନ୍ତରାଳରେ ରହି ପ୍ରକୃତିର ଶକ୍ତିଚୟ ଓ ପ୍ରକୃତିସୃଷ୍ଟ ଜୀବମାନଙ୍କୁ କିୟତ୍‌ସ୍ୱାତନ୍ତ୍ର୍ୟ ପ୍ରଦାନ କରୁଥିଲେ ମଧ୍ୟ ତଥାପି ଏହି ସ୍ୱାତନ୍ତ୍ର୍ୟଦାନ ଭିତରେ ମଧ୍ୟ କେବଳ ତାଙ୍କର ସର୍ବାଧୀଶତ୍ୱହିଁ ଅନ୍ତର୍ନିହିତ ହୋଇ ରହିଛି । ସେଠାରେ ପ୍ରତ୍ୟେକ ପଦରେ ତାଙ୍କର ନୀରବ ସମ୍ମତି ବା 'ତଥାସ୍ତୁ'ହିଁ ପ୍ରଚ୍ଛନ୍ନ ହୋଇ ରହିଛି । କାରଣ ତାଙ୍କର ଏହି ସମ୍ମତି ବା ଅନୁମୋଦନଟି ନ ଥିଲେ କଦାପି କିଛି କରି ହୁଅନ୍ତା ନାହିଁ ବା କଦାପି କିଛିହେଲେ ଘଟନ୍ତା ନାହିଁ । ପରମ ସତ୍ତ୍ୱପୁରୁଷ ଓ ତାଙ୍କର ଚିତ୍‌ଶକ୍ତି,—ଅର୍ଥାତ୍ ଚିନ୍ମୟ ସତ୍ତ୍ୱ ଓ ପ୍ରକୃତିସତ୍ତ୍ୱ,—ମୂଳତଃ ଏଦୁଇଟି କଦାପି ଭିନ୍ନ ଭିନ୍ନ ଦୁଇଟି ତତ୍ତ୍ୱ ହୋଇ ପାରିବେ ନାହିଁ । ଯାହା ପ୍ରକୃତି କରୁଛି, ଯଥାର୍ଥତଃ ଚିନ୍ମୟ ସତ୍ତ୍ୱହିଁ ତାହା କରୁଛି । ଆବରଣଟିକୁ ଭେଦ କରି ଗଭୀରକୁ ଯାଇପାରିଲେ ଓ ସର୍ବମୟ ଓ ସର୍ବନିୟାମକ ଏକ ଜାଗ୍ରତ ପରମସତ୍ତାର ଉପସ୍ଥିତିକୁ ଅନୁଭବ କରିପାରିଲେ ଠିକ୍ ଏହି ସତ୍ୟଟି ଆମ ଆଗରେ ଅତି ସ୍ପଷ୍ଟହୋଇ ଧରା ପଡ଼ିଯାଏ । ସେହି ପରମସତ୍ୟହିଁ ସର୍ବଶକ୍ତିମାନ ଓ ସର୍ବନିୟନ୍ତା । ଏବଂ ଏହି ସତ୍ୟଟି ମଧ୍ୟ ମୂଳତଃ ସେହି ପରମ ନିର୍ବିଶେଷଙ୍କର ଏକ ସତ୍ୟବସ୍ତୁ ।

ପୁନଶ୍ଚ, ଯେତେବେଳେ ଆମେ ପରମ ନୈଃଶବ୍ଦ୍ୟ ଭିତରେ ନିମଜ୍ଜିତ ହୋଇ ରହିଥାଉ, ସେତେବେଳେ ସୃଷ୍ଟିଶୀଳା ଚେତନାଶକ୍ତି ଓ ତା'ର ଯାବତୀୟ କରଣି ମଧ୍ୟ ସେହି ନୈଃଶବ୍ଦ୍ୟ ମଧ୍ୟରେ କୁଆଡ଼େ ଅନ୍ତର୍ହିତ ହୋଇଯାଏ । ସେତେବେଳେ ପ୍ରକୃତି ଓ ତାହାର ଯାବତୀୟ ସୃଷ୍ଟି ଆଉ ଆମ ଆଗରେ ସତ୍ୟ ହୋଇ ରହେ ନାହିଁ । ମାତ୍ର ଅପର ପକ୍ଷରେ ଆମେ ଯେତେବେଳେ ପରମ ପୁରୁଷଙ୍କୁ କେବଳ ଏକମାତ୍ର ବର୍ତ୍ତିମାନ ଓ ଏକମାତ୍ର ନିୟାମକରୂପେ ଦେଖି ଓ କେବଳ ସେହି ଦିଗଟି ଦେଇ ତାଙ୍କ ଉପରେ ଦୃଷ୍ଟି ନିବଦ୍ଧ କରୁ, ସେତେବେଳେ ସେ ଆପଣାର ଯାବତୀୟ କାର୍ଯ୍ୟରେ ଆପଣାର ନିମିତ୍ତରୂପେ ବ୍ୟବହାର କରୁଥିବା ତାଙ୍କର ଶକ୍ତି ମଧ୍ୟ କେବଳ ତାଙ୍କର ଅନନ୍ୟତା ମଧ୍ୟରେ କୁଆଡ଼େ ଅନ୍ତର୍ହିତ ହୋଇଯାଏ ଅଥବା ତାଙ୍କର ବିଶ୍ୱାତିଗ ବ୍ୟକ୍ତିତ୍ୱର କେବଳ ଏକ ଗୁଣ ବା ବିଭୂତିରେହିଁ ପରିଣତ ହୁଏ । ସେତେବେଳେ ଈଶ୍ୱର କହିଲେ ଆମେ କେବଳ ସେହି ଅଦ୍ୱିତୀୟ ଓ ଅନନ୍ୟ ପୁରୁଷଙ୍କର ସାର୍ବଭୌମ ସାମ୍ରାଜ୍ୟକୁହିଁ ପ୍ରତ୍ୟକ୍ଷ କରିବାକୁ ଲାଗୁ । ଏହି ଦୁଇଟିଯାକ ଅନୁଭୂତି ଆମର

'oaob.nitrkl.ac.in' images reprocessed

ମନୋଭୂମି ଉପରେ ଅନେକ ଅଡୁଆ ଆଣି ପକାଇ ଦିଏ; କାରଣ ତାଙ୍କର ବିମର୍ଶ ବା ପ୍ରକାଶ ଯେକୌଣସି ଅବସ୍ଥାରେ ହେଉ ପଛକେ, ଆମର ମନ ସେହି ପରମ ଆତ୍ମଶକ୍ତିର ସତ୍ୟଟିକୁ ଆଦୌ ଅଧିଗମି ପାରେ ନାହିଁ, ତାହାର କୌଣସି ଅବଧାରଣା କରିପାରେ ନାହିଁ । ଅଥବା ମନ ବଡ଼ ଅତିରିକ୍ତ ପରିମାଣରେ ସେହି ପରମ ଆତ୍ମାଙ୍କର କେବଳ ନକାରାତ୍ମକ ଧାରଣାମାନ କରିବାରେ ଲାଗିଯାଏ, କିମ୍ବା ପରମ ପୁରୁଷଙ୍କୁ ପରମ ଅଧୀଶ୍ୱରରୂପେ ଅନୁଭବ କଲାବେଳେ ଆମର ମନୋଭୂମିଗତ କଳ୍ପନା ତାଙ୍କ ଉପରେ ମନୁଷ୍ୟସୁଲଭ ଗୁଣ ଓ ସ୍ୱଭାବର ଅତିରିକ୍ତ ଆରୋପ କରିପକାଏ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏଠାରେ ଆମେ ଯେଉଁ ପରମ ଅନନ୍ତଙ୍କର ଚର୍ଚ୍ଚା କରୁଛୁ, ତାଙ୍କର ଆତ୍ମଶକ୍ତି ମଧ୍ୟରେ ବହୁରୂପେ ବ୍ୟକ୍ତ ଓ ଗତିଶୀଳ ହେବାର ସାମର୍ଥ୍ୟ ପୂର୍ଣ୍ଣ ହୋଇ ରହିଛି, ଏବଂ ଏହିସବୁ ଅଭିବ୍ୟକ୍ତି ଓ ଗତିଶୀଳନର ପ୍ରତ୍ୟେକଟିର ସତ୍ୟତା ଓ ଯଥାର୍ଥତା ମଧ୍ୟ ରହିଛି । ପୁଣି ଆହୁରି ପାଦେ ଆଗକୁ ଯାଇ ଏକ ବୃହତ୍ତର ଭୂମି ଉପରୁ ଦୃଷ୍ଟିପାତ କଲେ ଓ ବିଶ୍ୱଜଗତର ନୈର୍ବ୍ୟକ୍ତିକ ଓ ବ୍ୟକ୍ତିସତ୍ତାଗତ ଉଭୟ ସତ୍ୟକୁ ଯଥାର୍ଥରେ ଗୋଟିଏ ସତ୍ୟ ବୋଲି ବୁଝି ପାରିଲେ, ଏବଂ ନୈର୍ବ୍ୟକ୍ତିକତା ମଧ୍ୟରେ ଅନ୍ତର୍ଗତ ହୋଇ ରହିଥିବା ବ୍ୟକ୍ତିଭାବର ଆଲୋକରେ ଦେଖିବାକୁ ସମର୍ଥ ହେଲେ ଆମେ ପରମ ଆତ୍ମା ଓ ତାଙ୍କର ଶକ୍ତିରୂପୀ ବିଭାବ ଦୁଇଟିର ମର୍ମରେ ରହିଥିବା ସେହି ଏକ ପରମସତ୍ୟକୁ ପ୍ରତ୍ୟକ୍ଷ କରିବା । ସେତେବେଳେ ପରମ ବ୍ୟକ୍ତିଭାବର ବିଭାବଟିରେ ଆମ ସମକ୍ଷରେ ଏକ ଦ୍ୱି ମୂର୍ତ୍ତି ପୁରୁଷର ଆବିର୍ଭାବ ହେବ । ଗୋଟିଏ ହେଉଛି ଈଶ୍ୱରଙ୍କର ମୂର୍ତ୍ତି ଓ ଅନ୍ୟଟି ଶକ୍ତିରୂପିଣୀ ପ୍ରକୃତିର ମୂର୍ତ୍ତି । ଗୋଟିଏ ହେଉଛି ସ୍ରଷ୍ଟାରୂପୀ ଦିବ୍ୟ ଆତ୍ମା ଓ ଅନ୍ୟଟି ବିଶ୍ୱଜଗତର ସ୍ରଷ୍ଟାରୂପିଣୀ ଦିବ୍ୟଜନନୀ । ପୁରୁଷ ଓ ପ୍ରକୃତିର ଯେଉଁ ବିଶ୍ୱତତ୍ତ୍ୱ ଦୁଇଟିର ପରସ୍ପର-ଲୀଳା ଓ ପରସ୍ପର-କ୍ରିୟା ଯାବତୀୟ ସୃଷ୍ଟିଲାଗି ଆବଶ୍ୟକ ହେଉଛି, ସେତେବେଳେ ତାହାର ରହସ୍ୟ ମଧ୍ୟ ଆମ ଆଗରେ ଉଦ୍‌ଘାଟିତ ହୋଇଯିବ । ପରମ ସ୍ୱୟମ୍ଭୂସତ୍ତାର ଅତିଚେତନ ସତ୍ୟରେ ଏହି ଦୁଇଟିଯାକ ତତ୍ତ୍ୱ ପରସ୍ପର ମଧ୍ୟରେ ଏକ-ଲୀନ ହୋଇ ଯାଇଛି, ଅର୍ଥାତ୍ ଗୋଟିଏ ଅନ୍ୟଟି ଭିତରେ ଅନ୍ତର୍ଗତ ହୋଇ ରହିଛି । ଦୁହିଁଙ୍କ ମଧ୍ୟରେ ସେଠାରେ ଆଦୌ କୌଣସି ଅନ୍ତର ନାହିଁ । ମାତ୍ର ବିଶ୍ୱଗତିଶୀଳତାର ବ୍ୟାବହାରିକ ଅଧ୍ୟାତ୍ମସତ୍ୟରେ ଦୁଇଟିଯାକ ତତ୍ତ୍ୱ ଦୁଇଟି ତତ୍ତ୍ୱରୂପେ ଆବିର୍ଭୂତ ଓ ସକ୍ରିୟ ହେଉଛନ୍ତି । ବିଶ୍ୱର ସୃଷ୍ଟିକାରିଣୀ, ମାୟା, ପରାପ୍ରକୃତି ଓ ଚିତ୍‌ଶକ୍ତିରୂପେ ଦିବ୍ୟ ଜନନୀଶକ୍ତି ଗୋଟିଏ ଦିଗରେ ବିଶ୍ୱାତ୍ମା ଈଶ୍ୱରଙ୍କୁ ଓ ଅନ୍ୟଦିଗରେ ସ୍ୱକୀୟ ଆତ୍ମଶକ୍ତିକୁ ଏକ ଦ୍ୱୈତ ତତ୍ତ୍ୱରୂପେ ପ୍ରକଟ କରୁଛନ୍ତି । କେବଳ ତାଙ୍କର ମଧ୍ୟଦେଇହିଁ ପରମ ପୁରୁଷ, ଆତ୍ମା ଓ ଈଶ୍ୱର କାର୍ଯ୍ୟ କରୁଛନ୍ତି, ଏବଂ ତାଙ୍କୁ ଛାଡ଼ି ସେ କିଛିହେଲେ କରୁନାହାନ୍ତି । ଏକଥା ସତ୍ୟ ଯେ ସେହି ଜନନୀଙ୍କ

'oaob.nitrkl.ac.in' images reprocessed

ମଧ୍ୟରେ ଈଶ୍ୱରଙ୍କର ଇଚ୍ଛା ପ୍ରଚ୍ଛନ୍ନ ହୋଇ ରହିଛି, ମାତ୍ର ସେହି ଜନନୀହିଁ ଆପଣା ଭିତରେ ସକଳ ଆତ୍ମା ଓ ସକଳ ସତ୍ତାକୁ ଧାରଣ କରି ରଖିଥିବା ପରମା ଚିତ୍-ଶକ୍ତି ହିସାବରେ ସବୁକିଛି କାର୍ଯ୍ୟାନ୍ୱିତ କରୁଛନ୍ତି, କାର୍ଯ୍ୟକାରିଣୀ ପ୍ରକୃତିରୂପେ ସବୁକିଛି ପ୍ରକାଶିତ କରି ଦେଉଛନ୍ତି । ସେହି ପ୍ରକୃତିର ବିଧାନ ମାନିହିଁ ସବୁକିଛି ରହିଛି ଓ କାର୍ଯ୍ୟ କରୁଛି । ଚିତ୍-ଶକ୍ତିହିଁ ପରମ ପୁରୁଷଙ୍କର ସତ୍ତାକୁ ଅନନ୍ତକୋଟି ରୂପ ଓ ଗତିସ୍ପନ୍ଦନରେ ସଞ୍ଚାଳିତ କରି ତାଙ୍କୁ ପ୍ରକାଶିତ କରିବାରେ ଲାଗିଛନ୍ତି ଓ ତାଙ୍କ ସହିତ କ୍ରୀଡ଼ାରେ ରତ ହୋଇ ରହିଛନ୍ତି । ଏହି ବିଶ୍ୱରେ ଯାହାକିଛି ଅଛି ବା କାର୍ଯ୍ୟ କରୁଛି, ତାହା କେବଳ ସେହି ଚିତ୍ଶକ୍ତିର କ୍ରୀଡ଼ା ବ୍ୟତୀତ ଆଉ କିଛି ନୁହେଁ । ଯେତେବେଳେ ଆମେ ପ୍ରକୃତିର କ୍ରିୟାଙ୍ଗନରୁ ଅପସରି ଆସୁ, ସେତେବେଳେ ସବୁକିଛି ଏକ ନୀରବ ନିଶ୍ଚଳତା ଭିତରେ ନିମଗ୍ନ ହୋଇ ରହି ଯାଇପାରେ ଓ ଆମେ ବି ସେହି ନୈଃଶବ୍ଦ୍ୟ ଭିତରେ ପ୍ରବେଶ କରିପାରୁ, କାରଣ ସେତେବେଳେ ପ୍ରକୃତି ମଧ୍ୟ ଆପଣାର ଗତିଶୀଳ କ୍ରିୟାତ୍ମକତାରୁ ନିବୃତ୍ତ ହେବାକୁ ସମ୍ମତ ହୋଇଯାଏ । ମାତ୍ର ଆମେ କେବଳ ସେହି ପ୍ରକୃତିର ନିଶ୍ଚଳତା ଓ ନୀରବତା ମଧ୍ୟରେ ବୁଡ଼ି ରହିଥାଉ ବୋଲିହିଁ ଆପେ ନିଶ୍ଚଳ ଓ ସ୍ତବ୍ଧ ହୋଇଯିବାକୁ ସମର୍ଥ ହେଉ । ପୁଣି ଯେତେବେଳେ ଆମେ ପ୍ରକୃତିଠାରୁ ଆପଣାର ସ୍ୱତନ୍ତ୍ରତା ଘୋଷଣା କରିବାକୁ ଯିବୁ, ସେତେବେଳେ ମଧ୍ୟ ପ୍ରକୃତି ଆମ ସମକ୍ଷରେ ଈଶ୍ୱରଙ୍କର ସର୍ବୋଚ୍ଚ ତଥା ସର୍ବାତିବର୍ତ୍ତିମାନ ଶକ୍ତିକୁ ଉନ୍ମୋଚନ କରିଦିଏ ଏବଂ ଆମେ ନିଜେ ମଧ୍ୟ ସେହି ଈଶ୍ୱରସତ୍ତାର ସତ୍ତା ବୋଲି ଆମକୁ ବୁଝାଇଦିଏ । କିନ୍ତୁ ପ୍ରକୃତି ସ୍ୱୟଂ ବି ସେହି ସର୍ବୋଚ୍ଚ ଶକ୍ତି ବ୍ୟତୀତ ଆଉ କିଛି ନୁହେଁ, ଏବଂ ପ୍ରକୃତିର ପରାପ୍ରକୃତିରେ ଆମେ ନିଜେ ମଧ୍ୟ ସେହି ଶକ୍ତି ବ୍ୟତୀତ ଆଉ କିଛି ନୋହୁଁ । ଯେତେବେଳେ ଆମେ ସତ୍ତାର କୌଣସି ଉଚ୍ଚତର ରୂପାୟନ ବା ସ୍ଥିତିର ଉପଲବ୍ଧି କରିବାକୁ ସମର୍ଥ ହେବା, ସେତେବେଳେ କେବଳ ସେହି ପ୍ରକୃତିର ମଧ୍ୟଦେଇହିଁ ତାହା ସମ୍ଭବ ହେବ । ସେହି ଦିବ୍ୟା ଶକ୍ତି ଅର୍ଥାତ୍ ପରମ ପୁରୁଷଙ୍କର ଚିତ୍ଶକ୍ତି ମଧ୍ୟଦେଇହିଁ ତାହା ସାଧିତ ହୋଇ ପାରିବ । ତେଣୁ ଆମକୁ ସେହି ଦିବ୍ୟା ଜନନୀଙ୍କର ମଧ୍ୟଦେଇହିଁ ଦିବ୍ୟ ପରମ ପୁରୁଷଙ୍କ ପାଖରେ ଆତ୍ମନିବେଦନ କରିବାକୁ ପଡ଼ିବ । କାରଣ ଆମର ଆରୋହଣ-କ୍ରମଟିକୁ ସେହି ପରମା ପ୍ରକୃତିର ଅଭିମୁଖରେ ଅର୍ଥାତ୍ ସେହି ପରମ ପ୍ରକୃତିର ମଧ୍ୟକୁହିଁ ଗତି କରିବାକୁ ହେବ; ଏବଂ ଆମର ମନୋଭୂମି କେବଳ ସେହି ଅତିମାନସ ଶକ୍ତିଦ୍ୱାରା ସମାବିଷ୍ଟ ହୋଇପାରିଲେ ଓ ତାହାକୁ ଆପଣାର ଅତିମାନସତ୍ୱ ମଧ୍ୟକୁ ରୂପାନ୍ତରିତ କରିଦେଇ ପାରିଲେ ଯାଇ ସେହି ଆରୋହଣ ସମ୍ଭବ ହେବ । ଏହିପରି ଭାବରେ ଆମେ ବେଶ୍ ଦେଖିପାରୁଛୁ ଯେ ପରମସତ୍ତାର ଏହି ତିନୋଟି ବିଭାବ ମଧ୍ୟରେ ଆଦୌ କୌଣସି ବିରୋଧ କିମ୍ବା ଅସଙ୍ଗତି ନାହିଁ । ଅଥବା ସେଗୁଡ଼ିକର ଶାଶ୍ୱତ

'oaob.nitrkl.ac.in' images reprocessed

ସ୍ଥିତି ଓ ବିଶ୍ୱରେ କାର୍ଯ୍ୟକାରୀ ହେଉଥିବା ପରମସତ୍ତ୍ୱର ଗତିଶୀଳ ଶକ୍ତିନୋଟି ଧାରା ମଧ୍ୟରେ ବି ଆଦୌ କୌଣସି ବିରୋଧ କିମ୍ବା ଅସଙ୍ଗତି ନାହିଁ । ସେହି ଏକ ଓ ଅଦ୍ୱିତୀୟ ପରମସତ୍ତା ବା ପରମ ସତ୍ୟହିଁ ପରମ ଆତ୍ମାରୂପେ ଆପଣାଦ୍ୱାରା ସୃଷ୍ଟ ଏହି ପ୍ରତିଭାସଜଗତର ଭିତ୍ତି ହୋଇ ରହିଛି, ତାହାକୁ ଧାରଣ କରି ଓ ଅନୁପ୍ରେରିତ କରି ରହିଛି; ଚିନ୍ମୟ ସତ୍ତା ବା ପୁରୁଷରୂପେ ତାହାର ଭୋକ୍ତା ହୋଇ ରହିଛି ବା ତାହାକୁ ଅନୁଭବ କରୁଛି; ଏବଂ ଈଶ୍ୱରରୂପେ ସେହି ଜଗତର ସୃଷ୍ଟିଲାଗି ନିର୍ଦ୍ଦେଶ ଦେଉଛି, ତାହାର ଶାସନ କରୁଛି ଓ ତାହାକୁ ଅଧିକାର କରି ରହିଛି । ତାହାର ଆପଣା ଚିତ୍-ଶକ୍ତି ଅଥବା ଆତ୍ମଶକ୍ତି, ଅର୍ଥାତ୍ ମାୟା, ପ୍ରକୃତି ବା ଶକ୍ତିଦ୍ୱାରାହିଁ ସେହି ଜଗତର ସୃଷ୍ଟି ହୋଇଛି, ଗତିଶୀଳ ଓ କ୍ରିୟାଶୀଳ ହୋଇ ରହିଛି ।

ଏକ ଅଦ୍ୱିତୀୟ ଆତ୍ମା ଓ ପରମ ଚିତ୍‌ସତ୍ତାଙ୍କର ଏହି ବିଭିନ୍ନ ଦିଗ ଓ ବିଭାବ-ଗୁଡ଼ିକୁ ସମନ୍ୱିତ କରି ଦେଖିବାରେ ଆମର ମନ ଭିତରେ ଏକପ୍ରକାର ଦୁରୂହତା ଅନୁଭୂତ ହୋଇଥାଏ; କାରଣ ଯାହା ମୂଳତଃ ସତ୍ୟ ବସ୍ତୁଠାରୁ ଆଦୌ ବିଚ୍ଛିନ୍ନ ନୁହେଁ, ଆଧ୍ୟାତ୍ମିକ ଭୂମି ଉପରୁ ଅବଲୋକନ କରି ଦେଖିଲେ ଯାହା ଏକାନ୍ତ ଜୀବନ୍ତ ଓ ଅତି ନିବିଡ଼ ଭାବରେ ସତ୍ୟ, ତାହାକୁ ବର୍ଣ୍ଣନା କରିବାକୁ ଯାଇ ଆମେ ନାନା ସାମାନ୍ୟ ପ୍ରତ୍ୟୟ ଓ ସଂଜ୍ଞାନିରୂପକ ଶବ୍ଦ ଓ ଧାରଣାମାନ ବ୍ୟବହାର କରିବାକୁ ବାଧ୍ୟ ହୋଇଥାଉ । ଆମଦ୍ୱାରା ବ୍ୟବହୃତ ଏହି ସାମାନ୍ୟ ପ୍ରତ୍ୟୟଗୁଡ଼ିକ ଗୋଟିଏ ବସ୍ତୁକୁ ଆଉଗୋଟିଏ ବସ୍ତୁଠାରୁ କେବଳ ବିଚ୍ଛିନ୍ନ ଓ ବିଭିନ୍ନ କରି ଦେଖିବାର କଳ୍ପନାରୂପେ ଆମ ମନରେ ଦୃଢ଼ଭିତ୍ତିକ ହୋଇ ରହିଯାଆନ୍ତି, ସେଗୁଡ଼ିକ ପରସ୍ପର ମଧ୍ୟରେ ସତେଅବା ନାନା ତୀକ୍ଷ୍ଣ ଭେଦରେଖା ଟାଣିଦିଅନ୍ତି । ମାତ୍ର ପରମସତ୍ୟର ପ୍ରକୃତି ଆଦୌ ଏଭଳି ନୁହେଁ । ପରମସତ୍ୟର ଅନେକ ବିଭାବ ରହିଛି ସତ, ମାତ୍ର ସେହି ବିଭାବ-ଗୁଡ଼ିକ ସତତ ପରସ୍ପରର ଭିତରକୁ ଭେଦ କରି ପରସ୍ପର ସହିତ ସମ୍ମିଳିତ ହୋଇ ରହିଛନ୍ତି । ତାହାର ସତ୍ୟଟିକୁ ଆମେ କେବଳ ଏଭଳି ସବୁ ଧାରଣା ଓ ରୂପକଦ୍ୱାରା ପ୍ରକାଶ କରିପାରିବା, ଯାହାକି ତତ୍ତ୍ୱବିଜ୍ଞାନର ଅନ୍ତର୍ଗତ ହୋଇଥିବ, ମାତ୍ର ତଥାପି ଜୀବନ୍ତ ଓ ବାସ୍ତବ ମଧ୍ୟ ହୋଇଥିବ; ଯେଉଁସବୁ ରୂପକକୁ ବିଶୁଦ୍ଧ ବୁଦ୍ଧି ତତ୍ତ୍ୱକଳ୍ପ ଓ ପ୍ରତୀକ ହିସାବରେ ଗ୍ରହଣ କରି ପାରୁଥିବ, ମାତ୍ର ତଥାପି ସେଗୁଡ଼ିକ କେବଳ ସେତିକଠାରୁ ଅଧିକ ତାତ୍ପର୍ଯ୍ୟ ବହନ କରୁଥିବେ, ଅନ୍ତର୍ବୋଧ ଦୃଷ୍ଟି ଓ ଅନୁଭୂତି ଲାଗି ସେଗୁଡ଼ିକ ମଧ୍ୟରେ ଆହୁରି ଅଧିକ ବ୍ୟଞ୍ଜନା ଭରି ରହିଥିବ । କାରଣ ସେଗୁଡ଼ିକ କେବଳ ଅବାସ୍ତବ ପ୍ରତୀକମାତ୍ର ନୁହନ୍ତି, ସେଗୁଡ଼ିକ ହେଉଛନ୍ତି ଏକ ଜୀବନବନ୍ତ ଓ ଗତିଶୀଳ ଆଧ୍ୟାତ୍ମିକ ଅନୁଭୂତିର ବାସ୍ତବ ସତ୍ୟସମ୍ପଦ । ବିଷୟଗୁଡ଼ିକର ନୈର୍ବ୍ୟକ୍ତିକ ସତ୍ୟଗୁଡ଼ିକୁ ଆମେ ଶୁଦ୍ଧ ବୁଦ୍ଧିର ସାମାନ୍ୟ ସୂତ୍ରଗୁଡ଼ିକର ମାଧ୍ୟମରେ ବେଶ୍ ପ୍ରକାଶ

'oaob.nitrkl.ac.in' images reprocessed

କରିପାରିବା, ମାତ୍ର ଏହା ବ୍ୟତୀତ ସତ୍ୟର ଆଉଗୋଟିଏ ଦିଗ ରହିଛି ଯାହାକି କେବଳ ଏକ ଆଧ୍ୟାତ୍ମିକ ଓ ତତ୍ତ୍ୱୋପଲବ୍ଧିଗତ ଦୃଷ୍ଟିରହିଁ ଅଧିଗମ୍ୟ ହୋଇପାରିବ; ଏବଂ ସତ୍ୟ ବିଷୟରେ ସେହି ଅନ୍ତର୍ଗତ ଦୃଷ୍ଟି ବ୍ୟତୀତ ସତ୍ୟକୁ କେବଳ ବସ୍ତୁନିରପେକ୍ଷ ନାନା ସୂତ୍ରରେ ଆବଦ୍ଧ କରି ରଖିବାକୁ ଚେଷ୍ଟା କଲେ ତାହା ସର୍ବଥା ଅପୂର୍ଣ୍ଣ ରହିଯିବ ଓ ଯଥାର୍ଥଭାବେ ପ୍ରାଣବନ୍ତ ହୋଇ ପାରିବ ନାହିଁ । ବସ୍ତୁର ଯେଉଁ ଅନ୍ତର୍ସତ୍ୟ ବାହାରକୁ ରହସ୍ୟ ପରି ହୋଇ ରହିଛି, ତାହାହିଁ ହେଉଛି ବସ୍ତୁର ଯଥାର୍ଥ ସତ୍ୟ । ଆମର ବୁଦ୍ଧି ଏହି ସତ୍ୟକୁ ଯେଉଁଭଳି ଭାବରେ ଉପସ୍ଥାପିତ କରିବାର ଚେଷ୍ଟା କରିଥାଏ, ତାହା ହେଉଛି ସତ୍ୟର କେବଳ ଏକ ପ୍ରତିବିମ୍ବ ମାତ୍ର । କେବଳ ବସ୍ତୁନିରପେକ୍ଷ ପ୍ରତୀକସବୁର ସାହାଯ୍ୟରେ ତାହାକୁ ପ୍ରକାଶ କରିବାର ଚେଷ୍ଟା କରି ଯାଇଥାଏ; ସତେ ଯେପରି ଜ୍ୟାମିତିକ ଚିତ୍ରଦ୍ୱାରା କାହାର ବର୍ଣ୍ଣନା କରାଯାଇଛି ଅଥବା କ୍ୟୁବିଷ୍ଟ ଶିଳ୍ପୀର ବାକ୍ୟଦ୍ୱାରା ଅଙ୍କିତ ଭାବନାର ଏକ ଛବି ପ୍ରଦର୍ଶିତ କରି ଦିଆଯାଇଛି, ଏହି କ୍ଷେତ୍ରରେ ପ୍ରାୟ ସେହିଭଳି ମନେ ହୋଇଥାଏ । ଦାର୍ଶନିକ ଗବେଷଣାର କ୍ଷେତ୍ରରେ ମୁଖ୍ୟତଃ ଏହିଭଳି ଏକ ବୁଦ୍ଧିସୀମିତ ଉପସ୍ଥାପନ ମଧ୍ୟରେ ଆପଣାକୁ ଆବଦ୍ଧ କରି ରଖିବା ଆବଶ୍ୟକ ହୋଇଥାଏ ସତ, ମାତ୍ର ତଥାପି ସ୍ମରଣ ରଖିବା ଉଚିତ ଯେ ଯଥାର୍ଥ ପରମସତ୍ୟ କହିଲେ ଯାହା ବୁଝାଏ, ଏହା ତାହା ଆଦୌ ନୁହେଁ, ଏହା ଯଥାର୍ଥ ସତ୍ୟର ଏକ ବସ୍ତୁବିଚ୍ଛିନ୍ନ କଳ୍ପନା ମାତ୍ର । ଏବଂ ପରମସତ୍ୟର ପରିପୂର୍ଣ୍ଣ ଅବଧାରଣା ଲାଗି ଓ ତାହାକୁ ପରିପୂର୍ଣ୍ଣରୂପେ ପ୍ରକାଶ କରି ପାରିବା ଲାଗି ତାହାର ଏକ ବାସ୍ତବ ଅନୁଭୂତି ଏକାନ୍ତ ଆବଶ୍ୟକ, ଏକ ଅଧିକ ଜୀବନ୍ତ ଓ ପୂର୍ଣ୍ଣାଙ୍ଗ ଭାଷା ମଧ୍ୟ ଆବଶ୍ୟକ ।

ପରମସତ୍ୟର ଏହି ଦିଗଟିର ପୃଷ୍ଠଭୂମି ଉପରେ ପରମ ଏକ ତଥା ପରମ ବହୁମଧ୍ୟରେ ଆମେ ଆବିଷ୍କାର କରିଥିବା ସମ୍ବନ୍ଧଟିକୁ କିପରି ଦୃଷ୍ଟିରେ ଦେଖିବା ଉଚିତ, ଏଠାରେ ସେଇଟିକୁ ବୁଝିବାଲାଗି ଚେଷ୍ଟା କରିବା ନିଶ୍ଚୟ ଆମର ସହାୟକ ହୋଇ ପାରିବ । ଅର୍ଥାତ୍, ଅନ୍ୟଭାଷାରେ କହିଲେ ଆମକୁ ଏଠାରେ ବ୍ୟକ୍ତି ଓ ଦିବ୍ୟ ପରମପୁରୁଷଙ୍କ ମଧ୍ୟରେ ଅର୍ଥାତ୍ ଆତ୍ମା ଓ ଈଶ୍ୱରଙ୍କ ମଧ୍ୟରେ ରହିଥିବା ସମ୍ବନ୍ଧଟିର ପର୍ଯ୍ୟାଲୋଚନା କରି ଦେଖିବାକୁ ପଡ଼ିବ । ସାଧାରଣ ଈଶ୍ୱରବାଦୀ ତତ୍ତ୍ୱକଳ୍ପନାରେ ପରମ ଈଶ୍ୱର ବହୁର ସୃଷ୍ଟି କରିଛନ୍ତି ବୋଲି କୁହାଯାଇଥାଏ । କୁମ୍ଭାର ପାତ୍ରଟିଏ ତିଆରି କରୁଥିବା ପରି ଈଶ୍ୱର ବସ୍ତୁଗୁଡ଼ିକର ନିର୍ମାଣ କରିଛନ୍ତି । ସୃଷ୍ଟ ଜୀବସମୂହ ଯେପରି ସେମାନଙ୍କ ସ୍ରଷ୍ଟାଙ୍କ ଅଧୀନ ହୋଇ ରହିଥା'ନ୍ତି, ସେହିପରି ବସ୍ତୁଗୁଡ଼ିକ ଈଶ୍ୱରଙ୍କ ଉପରେ ନିର୍ଭର କରି ରହିଛନ୍ତି । ମାତ୍ର ଈଶ୍ୱରଙ୍କ ବିଷୟରେ ଏହି ବୃହତ୍ତର ଦୃଷ୍ଟିଟିର ଅନୁସାରେ ବହୁବାଚୀ ବସ୍ତୁତନ୍ତ୍ର ମଧ୍ୟ ବିଚ୍ଛିନ୍ନ କୌଣସି ପଦାର୍ଥ ନୁହନ୍ତି, ସେମାନଙ୍କର ଅନ୍ତରତମ ସତ୍ୟଭୂମି ଉପରେ ସେଗୁଡ଼ିକ ସେହି ଏକ ଓ ପରମ

'oaob.nitrkl.ac.in' images reprocessed

ଦିବ୍ୟପୁରୁଷ ବ୍ୟତୀତ ଯଥାର୍ଥରେ ଆଉ କିଛି ନୁହନ୍ତି । ସେମାନେ ହେଉଛନ୍ତି ସର୍ବପରମ ଓ ବିଶ୍ୱବ୍ୟାପ୍ତ ସ୍ୱୟମ୍ଭୂସତ୍ତାର ଗୋଟିଏ ଗୋଟିଏ ବ୍ୟକ୍ତିତ୍ୱାପନ୍ନ ଆତ୍ମା । ସେଗୁଡ଼ିକ ମଧ୍ୟ ସେହି ପରମ ସ୍ୱୟମ୍ଭୂସତ୍ତା ପରି ଶାଶ୍ୱତ, ମାତ୍ର କେବଳ ତାଙ୍କର ଶାଶ୍ୱତ ସତ୍ତାର ଅନ୍ତର୍ଗତ ହୋଇ ରହିଥିବାରୁହିଁ ଶାଶ୍ୱତ । ବିଶ୍ୱଜଗତଗତ ଆମର ଏହି ଭୌତିକ ସତ୍ତା ହେଉଛି ପ୍ରକୃତିରହିଁ ଏକ ସୃଷ୍ଟି, ମାତ୍ର ଆମର ଆତ୍ମା ହେଉଛି ଦିବ୍ୟ ପରମସତ୍ତାର ଏକ ଅବିନାଶ ଅଂଶ । ଏବଂ ଏହି ଆତ୍ମାର ପଛରେ ପ୍ରକୃତିସୃଷ୍ଟ ଜୀବ ମଧ୍ୟରେ ସେହି ଦିବ୍ୟ ପରମ ଆତ୍ମାହିଁ ଅବସ୍ଥିତ ରହିଛନ୍ତି । ତଥାପି ସେହି ପରମ ଏକ ହେଉଛନ୍ତି ସତ୍ତାର ସର୍ବମୌଳିକ ସତ୍ୟ । ସେହି ପରମ ଏକ ଦ୍ୱାରାହିଁ ବହୁ ବା ଅନେକର ଅସ୍ତିତ୍ୱ ସମ୍ଭବ ହେଉଛି । ତେଣୁ ଏହିଭଳି ଭାବରେ ସୃଷ୍ଟିର ସକଳ ରୂପାୟିତ ସତ୍ତା ସେହି ପରମ ଈଶ୍ୱରଙ୍କ ଉପରେହିଁ ସଂପୂର୍ଣ୍ଣଭାବେ ନିର୍ଭର କରି ରହିଛନ୍ତି । ଏକ ବିଭେଦକାରୀ ମୋହାଚ୍ଛନ୍ନତା ଓ ଅଜ୍ଞାନର ବଶବର୍ତ୍ତୀହୋଇ ରହିଥିବା ଅହଂ ଏହି ନିର୍ଭରଶୀଳତାକୁ ଲୁକ୍କାୟିତ କରି ରଖିଛି । ଏହି ଅହଂ ସତତ କେବଳ ଆପଣା ଉପରେହିଁ ନିର୍ଭର କରି କେବଳ ଆପଣା ଅଧିକାରରେହିଁ ତିଷ୍ଠିରହିବାକୁ ଚେଷ୍ଟା କରୁଛି । ମାତ୍ର ପ୍ରତ୍ୟେକ ପଦରେ ତାହାକୁ ସ୍ପଷ୍ଟତଃ ତାହାର ସୃଷ୍ଟିକର୍ତ୍ତ୍ରୀ ସେହି ବିଶ୍ୱଗତ ପରମଶକ୍ତିଙ୍କୁ ଆଶ୍ରୟ କରିହିଁ ରହିବାକୁ ପଡ଼ୁଛି । ସେହି ପରମଶକ୍ତିହିଁ ତାହାକୁ ଗଢ଼ି ଓ ସ୍ପନ୍ଦନ ଦେଇଛନ୍ତି, ଓ ଅହଂ କେବଳ ତାଙ୍କର ବିଶ୍ୱାତ୍ମକ ସତ୍ତା ଓ ବିଶ୍ୱାତ୍ମକ କ୍ରିୟାର ଏକ ଅଂଶମାତ୍ର ହୋଇ ରହିଛି । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଭଳି ଏକ ଚେଷ୍ଟା କରି ଅହଂ କେବଳ ଆପଣାର ସୀମାବଦ୍ଧ ଜ୍ଞାନ ଅର୍ଥାତ୍ ଆପଣାର ଅଜ୍ଞାନକୁହିଁ ଲୁଚାଇ ରଖିବାର ପ୍ରୟାସ କରୁଛି । ଆମ ଭିତରେ ରହିଥିବା ସ୍ୱୟମ୍ଭୂସତ୍ତାର ସତ୍ୟଟିକୁ ଅହଂ ଭ୍ରାନ୍ତିବଶତଃ ଆପଣା ଉପରେ ନେଇ ଆରୋପିତ କରିବାର ଚେଷ୍ଟା କରୁଛି । ଆମ ଭିତରେ ଯେ ସ୍ୱୟଂସ୍ୱତନ୍ତ୍ର ଏକ ସତ୍ତା ରହିଛି ତାହା ଅବଶ୍ୟ ସତ୍ୟ; ମାତ୍ର ସେହି ସତ୍ତା ଅହଂ ଭିତରେ ନାହିଁ, ତାହା ଆମର ଆତ୍ମା ଅର୍ଥାତ୍ ଅନ୍ତରତମ ସତ୍ତା ଭିତରେ ରହିଛି । ବିଶ୍ୱପ୍ରକୃତିର ସୀମାକୁ ଅତିକ୍ରମ କରି ପରମ ବିଶ୍ୱୋତ୍ତୀର୍ଣ୍ଣତାର ଏକ ସମ୍ପଦରୂପେ ତାହା ଆମ ଭିତରେ ଅବସ୍ଥିତ ରହିଛି । ମାତ୍ର କେବଳ ଏକ ଉଚ୍ଚତର ପରମସତ୍ୟକୁ ଆପଣାର ଆଶ୍ରୟ ଓ ପରମ ଅବଲମ୍ବନରୂପେ ଗ୍ରହଣ କରିହିଁ ଏହା ଆପଣାକୁ ପ୍ରକୃତିଠାରୁ ସ୍ୱତନ୍ତ୍ର ବୋଲି ଜାଣିବାକୁ ସମର୍ଥ ହୋଇଥାଏ । ପରମ ଦିବ୍ୟପୁରୁଷଙ୍କ ପାଖରେ ଆପଣାର ଆତ୍ମା ତଥା ପ୍ରକୃତିକୁ ସମର୍ପଣ କରିଦେଇ ପାରିଲେ ଯାଇ ଆମେ ଆମର ଉଚ୍ଚତମ ଆତ୍ମୋପଲବ୍ଧି ଲାଗି ସମର୍ଥ ହୋଇଥାଉ ଏବଂ ସେହି ସର୍ବପରମ ସତ୍ୟର ସାନ୍ନିଧ୍ୟ ଲାଭ କରୁ । କାରଣ ସେହି ଉଚ୍ଚତମ ଆତ୍ମା ଓ ସର୍ବପରମ ସତ୍ୟ କହିଲେ କେବଳ ଦିବ୍ୟ ପରମପୁରୁଷଙ୍କୁହିଁ ବୁଝାଇଥାଏ, ଏବଂ କେବଳ ତାଙ୍କର ଶାଶ୍ୱତତାରେ ଓ ତାଙ୍କର

'oaob.nitrkl.ac.in' images reprocessed

ସ୍ୱୟମ୍ଭୂତା ଦ୍ୱାରହିଁ ଆମେ ଶାଶ୍ୱତ ଓ ସ୍ୱୟମ୍ଭୂ ହୋଇ ରହିଛୁ । ତାହାଙ୍କୁହିଁ ପରମ ଈଶ୍ୱରରୂପେ ଗ୍ରହଣ କରିନେବାର ଏହି ଆତ୍ମନିବେଦନ ତାଙ୍କ ସହିତ ଏକତ୍ୱବୋଧର ଆଦୌ ବିରୋଧୀ ନୁହେଁ, ମାତ୍ର ସେହି ଏକତ୍ୱବୋଧର ଉପଲବ୍ଧି ସକାଶେ ଏହାହିଁ ହେଉଛି ଆମର ସର୍ବୋତ୍ତମ ଦ୍ୱାର । ଆମେ ଏଠାରେ ମଧ୍ୟ ମର୍ମଗତ ଏକତ୍ୱଟିକୁ ପ୍ରକଟ କରି ଦେଉଥିବା ସେହି ଦ୍ୱୈତ ପ୍ରତୀକସବର ସମ୍ମୁଖୀନ ହୋଇଥାଉ । ସେହି ଦ୍ୱୈତ-ବୋଧ ଅଦ୍ୱୈତବୋଧରୁହିଁ ସମ୍ଭୂତ ହୋଇଥାଏ ଓ ପୁଣି ସେହି ଅଦ୍ୱୈତ ଭିତରକୁ ଫେରି ଯିବାଲାଗି ଦ୍ୱାରୋନ୍ମୋଚନ କରିଦେଇ ଯାଏ । ଏହି ବିଶ୍ୱଜଗତ ବିଷୟରେ ଏହାହିଁ ହେଉଛି ସେହି ଚିରନ୍ତନ ଗୁପ୍ତ ସତ୍ୟ, ଏବଂ ଏହି ସତ୍ୟଟିର ବିଧାନ ଅନୁସାରେହିଁ ମୂଳତଃ ବିଶ୍ୱର ଯାବତୀୟ କ୍ରିୟା ସମ୍ଭବ ହେଉଛି, ପରମ ଅନନ୍ତ ସମ୍ବନ୍ଧରେ ଏହି ସଚେତନତାର ସତ୍ୟହିଁ ବହୁ ଓ ପରମ ଏକ ମଧ୍ୟରେ ରହିଥିବା ଯାବତୀୟ ସମ୍ବନ୍ଧର ସମ୍ଭାବନାକୁ ସୃଷ୍ଟି କରିବାରେ ଲାଗିଛି । ଆମର ମନଦ୍ୱାରା ଏକତ୍ୱର ଉପଲବ୍ଧି କରିବା, ହୃଦୟ ଭିତରେ ସେହି ଏକତ୍ୱର ଉପସ୍ଥିତିକୁ ଅନୁଭବ କରିବା ଏବଂ ସକଳ ଜୀବ ମଧ୍ୟରେ ଏହି ଏକତ୍ୱ ରହିଛି ବୋଲି ଜାଣିବା,—ଯାବତୀୟ ସମ୍ବନ୍ଧ ଭିତରେ ଏହା ହେଉଛି ଏକ ଉଚ୍ଚତମ ଶିଖର । ମାତ୍ର ତଥାପି ଏହି ଶିଖର ଉପଲବ୍ଧିଟି ମଧ୍ୟ ଅନ୍ୟାନ୍ୟ ଯାବତୀୟ ବ୍ୟକ୍ତିଗତ ସମ୍ବନ୍ଧଗୁଡ଼ିକୁ କଦାପି ନଷ୍ଟ କରି ଦିଏ ନାହିଁ, ଅଧିକନ୍ତୁ ଏହା ସେଗୁଡ଼ିକୁ ଆହୁରି ଦୃଢ଼ୀଭୂତ କରେ, ସେଗୁଡ଼ିକୁ ପରିପୂର୍ଣ୍ଣତା ଦିଏ, ପୂର୍ଣ୍ଣାନନ୍ଦଦ୍ୱାରା ଭରିଦିଏ ଓ ପରିପୂର୍ଣ୍ଣ ସାର୍ଥକତା ଦାନ କରେ । ଏଇଟି ମଧ୍ୟ ସତେଅବା ଏକ ଇନ୍ଦ୍ରଜାଲ ପରି ମନେହୁଏ, ମାତ୍ର ଏହାହିଁ ହେଉଛି ପରମ ଅନନ୍ତଙ୍କର ନ୍ୟାୟ ।

ମାତ୍ର ଗୋଟିଏ ସମସ୍ୟାର ସମାଧାନ ତଥାପି ବାକି ରହିଛି, ଏବଂ ଠିକ୍ ଏହି ଭିତ୍ତି ଉପରେ ଆମେ ସେଇଟିର ବି ସମାଧାନ କରିଦେଇ ପାରିବା । ସମସ୍ୟାଟି ହେଉଛି ବ୍ୟକ୍ତ ଓ ଅବ୍ୟକ୍ତ ମଧ୍ୟରେ ରହିଥିବା ବିରୋଧର ସମସ୍ୟା । କାରଣ ଏପରି ଏକ ଆପତ୍ତି ହୋଇପାରେ ଯେ ଏପର୍ଯ୍ୟନ୍ତ ଯାହାକିଛି ଯୁକ୍ତିରୂପେ ଦର୍ଶାଯାଇଛି, ସେସବୁ କେବଳ ବ୍ୟକ୍ତ ଜଗତ୍ ସମ୍ବନ୍ଧରେ ସତ୍ୟ ହୋଇପାରେ, ମାତ୍ର ବ୍ୟକ୍ତ ସ୍ତରଟି ହେଉଛି ସତ୍ୟର ଏକ ନିମ୍ନତର ସ୍ତର । ଏହାର ଗତିସ୍ପନ୍ଦନ ହେଉଛି ଏକ ଆଂଶିକ ଗତିସ୍ପନ୍ଦନ, ଏହା ଅବ୍ୟକ୍ତ ସେହି ପରମସତ୍ୟରୁହିଁ ସଞ୍ଜାତ ହୋଇଛି । ଏବଂ, ଆମେ ଯେତେବେଳେ ସର୍ବୋଚ୍ଚ ପରମସତ୍ୟର କ୍ଷେତ୍ର ମଧ୍ୟରେ ପ୍ରବେଶ କରିବାକୁ ସମର୍ଥ ହେଉ, ସେତେବେଳେ ବ୍ୟକ୍ତ ଈଶ୍ୱର ଏହିସବୁ ସତ୍ୟର ଆଉ କୌଣସି ମୂଲ୍ୟ ରହେ ନାହିଁ । ପରମ ଅବ୍ୟକ୍ତ ହେଉଛନ୍ତି ସର୍ବକାଳର ଅତୀତ, ସେ ଏକାନ୍ତ ଶାଶ୍ୱତ; ସେହି ପରମ ନିର୍ବିଶେଷ ଓ ସକଳ ନ୍ୟୂନତା ବିଧାନର ଅତୀତ ସ୍ୱୟମ୍ଭୂସତ୍ତାର ପରିଚୟ ପାଇବା ଲାଗି ବ୍ୟକ୍ତ ଜଗତ୍ ଓ ତାହାର ଯାବତୀୟ ସୀମାବଦ୍ଧତା କୌଣସି

'oaob.nitrkl.ac.in' images reprocessed

ପଥ ଦେଖାଇ ପାରିବ ନାହିଁ; ଅଥବା କେବଳ ଏକ ଅପୂର୍ଣ୍ଣ ପଥ ଦେଖାଇବ, ଯାହାକି ଆମକୁ କେବଳ ଭ୍ରମରେ ପକାଇବ, ଆମକୁ ନାନାଭାବେ ପ୍ରବଞ୍ଚିତ କରିବ । ଅନନ୍ତକାଳ ସହିତ କାଳାତୀତ ପରମ ଚିତ୍ସତ୍ତାଙ୍କର ପ୍ରକୃତରେ କିଭଳି ସମ୍ବନ୍ଧ ରହିଛି ଏଠାରେ ସେହି ସମସ୍ୟାଟି ଉଠୁଛି । କାରଣ ଆମେ ଅନ୍ୟପକ୍ଷରେ ସ୍ୱୀକାର କରି ନେଇଛୁ ଯେ ପରମ ଓ କାଳାତୀତ ଶାଶ୍ୱତସତ୍ତା ମଧ୍ୟରେ ଯାହା ଅବ୍ୟକ୍ତ ହୋଇ ରହିଛି, ତାହାହିଁ ପରମକାଳର ଶାଶ୍ୱତତାରେ ବ୍ୟକ୍ତ ହୋଇ ଉଠୁଛି । ଯଦି ତାହାହିଁ ସତ୍ୟ ହୋଇଥାଏ, ଅର୍ଥାତ୍ ଯାହାସବୁ କାଳର ଅଧୀନ ହୋଇ ରହିଛି, ଯଦି ସେସବୁ ପରମ ଶାଶ୍ୱତଙ୍କର କେବଳ ବ୍ୟକ୍ତରୂପହିଁ ହୋଇଥାଏ, ତେବେ ନିମିତ୍ତ ବା ପରିବେଶ ଯେତେ ବିଚିତ୍ର ବା ବିଭିନ୍ନ ହୋଇଥାଉ ପଛକେ, ଅଭିବ୍ୟକ୍ତି ଯେତେ ଅପୂର୍ଣ୍ଣ ଓ ଆଂଶିକ ହୋଇଥାଉ ପଛକେ, ତଥାପି କାଳର ଅଭିବ୍ୟକ୍ତି ଭିତରେ ଯାହା ମୌଳିକ ଓ ମର୍ମସ୍ୱରୂପ ହୋଇ ରହିଛି, ତାହା ଯେ ପରମ ବିଶ୍ୱାତୀତ ମଧ୍ୟରେ କୌଣସି ନା କୌଣସି ପ୍ରକାରେ ଆଗରୁ ଅବଶ୍ୟ ଅବସ୍ଥିତ ରହିଥିଲା ଏବଂ ତାହା ଯେ ସେହି କାଳାତୀତ ପରମସତ୍ୟରୁହିଁ ସମ୍ଭୂତ ହୋଇ ଆସିଛି, ତାହା ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । କାରଣ ତାହା ନ ହେଲେ ଏହିସବୁ ମୌଳିକ ତତ୍ତ୍ୱକୁ ପରମକାଳ ଅଥବା ପରମ କାଳାତୀତତାଠାରୁ ଭିନ୍ନ ଆଉକୌଣସି ଏକ ପରମ ନିର୍ବିଶେଷ ଓ ନିରପେକ୍ଷ ସତ୍ତା ମଧ୍ୟରୁ ସିଧା ଆସିବାକୁ ପଡ଼ିବ, ଏବଂ କାଳାତୀତ ପରମ ଚିତ୍ସତ୍ତାଙ୍କୁ ମଧ୍ୟ ଅଧ୍ୟାତ୍ମଭୂମିଗତ ଏକ ପରମ ନକାରାତ୍ମକତାରେ ପରିଣତ ହେବାକୁ ପଡ଼ିବ । ତାଙ୍କୁ ଏପରି ଏକ ଅନିର୍ଦ୍ଦେଶ୍ୟ ସତ୍ତାରୂପେ ମାନିବାକୁ ପଡ଼ିବ, ଯାହାକୁ ଆଶ୍ରୟ କରି କାଳାଧୀନତାର ରୂପାୟନଦ୍ୱାରା ପରମ ନିର୍ବିଶେଷଙ୍କର ସକଳ ସ୍ୱାତନ୍ତ୍ର୍ୟ ଫୁଟି ଉଠିବାରେ ଲାଗିଛି । ସଗୁଣ ସହିତ ନିର୍ଗୁଣର ଯେଉଁଭଳି ସମ୍ବନ୍ଧ ରହିଛି, କାଳର ଭାବାତ୍ମକତା ସହିତ ଏହି ନକାରାତ୍ମକତା ବା ଅଭାବାତ୍ମକତାର ସେହିଭଳି ଏକ ସମ୍ବନ୍ଧ ରହିଛି ବୋଲି କହିବାକୁ ପଡ଼ିବ । ମାତ୍ର ପରମ କାଳାତୀତ କହିଲେ ଆମେ ସତ୍ତାର କେବଳ ଏପରି ଏକ ଅଧ୍ୟାତ୍ମଭୂମିଗତ ଅବସ୍ଥାକୁ ବୁଝାଉଛୁ, ଯାହାକି କାଳବାଚକ ସକଳ ଗତିସ୍ପନ୍ଦନରୁ ସ୍ୱତନ୍ତ୍ର ହୋଇ ରହିଛି, ଯାହାକି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତବ୍ୟଞ୍ଜକ କୌଣସି କ୍ରମବନ୍ଧ ଓ ଆପେକ୍ଷିକ କାଳାନୁଭୂତିର କୌଣସିପ୍ରକାରେ ଅଧୀନ ହୋଇ ରହି ନାହିଁ । କାଳାତୀତ ପରମ ଚିତ୍ସତ୍ତା ଅବଶ୍ୟ ଏକ ମହାଶୂନ୍ୟ ପରି କିଛି ହୋଇଥିବେ ବୋଲି ଆମେ କଦାପି ମାନି ନେବା ନାହିଁ । ସେ ଆପଣା ମଧ୍ୟରେ ଯାବତୀୟ ସବୁକିଛିକୁ ଧାରଣ କରି ରଖିପାରନ୍ତି । କାଳ, ରୂପ, ସମ୍ବନ୍ଧ ବା ପରିବେଶ ଆଦି କୌଣସି ତତ୍ତ୍ୱ ସହିତ କୌଣସିପ୍ରକାରେ ଆବଦ୍ଧ ନ ହୋଇ ସେ ସବୁକିଛିକୁ ସେଗୁଡ଼ିକର ମର୍ମସତ୍ୟର ଭୂମି ଉପରେ ଧରି ରଖିପାରନ୍ତି, ସମ୍ଭବତଃ ଏକ ଚିରନ୍ତନ ଏକତା ଭିତରେ ଆବଦ୍ଧ କରି ରଖିପାରନ୍ତି । ଶାଶ୍ୱତତା

'oaob.nitrkl.ac.in' images reprocessed

ହେଉଛି ଶବ୍ଦଗତ ଏପରି ଗୋଟିଏ କଳ୍ପନା, ଯାହାକି କାଳ ଓ କାଳାତୀତ ପରମ ଚତ୍‌ସତ୍ତା ଉଭୟ କ୍ଷେତ୍ରରେ ସମାନଭାବରେ ପ୍ରଯୁଜ୍ୟ ହୋଇପାରିବ । ପରମ କାଳାତୀତତା ମଧ୍ୟରେ ଯାହାକିଛି ଅବ୍ୟକ୍ତ, ନିଗୂଢ଼ ଓ ଆତ୍ମମର୍ମରୂପେ ବିଦ୍ୟମାନ ରହିଥାଏ, କାଳର ଆଧାର ଉପରେ ଗତିସ୍ପନ୍ଦନରୂପେ ତାହାରହିଁ ଆବିର୍ଭାବ ହୁଏ, ଅଥବା ଅନ୍ତତଃ ପରିକଳ୍ପନା ଓ ସମ୍ବନ୍ଧ ତଥା ପରିଣାମ ଓ ପରିବେଶର ଆୟୋଜନ ମଧ୍ୟରେ ତାହାହିଁ ପ୍ରକାଶିତ ହୁଏ । ତେଣୁ ଏହି ଦୁହେଁଯାକ ହେଉଛନ୍ତି କେବଳ ସେହି ଏକ ପରମ ଶାଶ୍ୱତତାର ଦ୍ୱିବିଧ ଅବସ୍ଥା ମାତ୍ର, ସତ୍ତା ଓ ଚୈତନ୍ୟମୟତାର ଦୁଇପ୍ରକାର ସ୍ଥିତି ମାତ୍ର । ଗୋଟିଏ ହେଉଛି ଅଚଳ ପ୍ରତିଷ୍ଠା ବା ଅବିଚଳ ସ୍ଥିତିର ଶାଶ୍ୱତତା, ଏବଂ ଅନ୍ୟଟି ସ୍ଥିତି ମଧ୍ୟରେ ଗତିସ୍ପନ୍ଦନର ଶାଶ୍ୱତତା ।

ଆପଣାର ସର୍ବମୂଳ ସ୍ୱରୂପସ୍ଥିତିରେ ପରମସତ୍ୟ କାଳାତୀତ ଓ ଦେଶାତୀତ; ସେହି ପରମସତ୍ୟଙ୍କ ମଧ୍ୟରେ ଯାହା ଚିରନ୍ତନଭାବେ ରହିଥିଲା, ତାହାକୁ ଏକ ପ୍ରକାଶରୂପ ଦେବା ଲାଗି ସେ ଯେତେବେଳେ ଆପଣାକୁ ପ୍ରସାରିତ କରି ଦିଅନ୍ତି, ସେତେବେଳେ ତାହାହିଁ ଦେଶ ଓ କାଳ ରୂପରେ ପ୍ରତିଭାସିତ ହୁଏ । ଅନ୍ୟ ସକଳ ବିଷୟର କ୍ଷେତ୍ରରେ ପ୍ରକୃତରେ ଯେତିକି ପାର୍ଥକ୍ୟ ରହିଥାଏ, ଏଠାରେ ମଧ୍ୟ ଠିକ୍ ସେତିକି ପାର୍ଥକ୍ୟ ରହିବ । ଗୋଟିଏ ସ୍ଥିତିରେ ପରମ ଚିତ୍‌ସତ୍ତା ଆପଣାର ମର୍ମସତ୍ୟ ଓ ତତ୍ତ୍ୱଟି ଉପରେ ଦୃଷ୍ଟି ନିବଦ୍ଧ କରି ରଖିଥିବେ ଏବଂ ଅନ୍ୟ ସ୍ଥିତିଟିରେ ସେହି ଏକ ପରମ ଚିତ୍‌ସତ୍ତା ଆପଣା ସତ୍ୟ ଓ ତତ୍ତ୍ୱର ଗତିଶୀଳତା ରୂପରେହିଁ ଆପଣାକୁ ଅବଲୋକନ କରୁଥିବେ । ଆମ ନିଜର ବୁଝିବାକୁହିଁ ଆମେ ସେହି ଏକ ପରମସତ୍ୟର ଏହି ଆତ୍ମପ୍ରସାରଣଟିକୁ ଦେଶ ଓ କାଳ ନାମକ ଦୁଇଟି ଅଭିଧା ଦେଇ ରଖିଛୁ । ଦେଶ କହିଲାବେଳେ ଆମେ ତାହାକୁ ସାଧାରଣତଃ ଏକ ନିଶ୍ଚଳ ପ୍ରସାରିତତାର ସ୍ଥିତିରୂପେ ଦେଖୁଛୁ, ଯାହା ମଧ୍ୟରେ କି ସକଳ ବସ୍ତୁ ସତେଅବା ଏକ ଅପରିବର୍ତ୍ତନୀୟ ନିୟମଦ୍ୱାରା ବଦ୍ଧ ହୋଇ ଅବସ୍ଥିତ ରହିଛନ୍ତି ଅଥବା ଏକତ୍ର ଗତି କରୁଛନ୍ତି । ପୁଣି କାଳ କହିଲେ ଆମେ ତାହାକୁ ଏକ ଗତିଶୀଳ ପ୍ରସାରଣରୂପେ ବୁଝୁଁଛୁ, କେବଳ ଗତିଶୀଳତା ଓ ଘଟଣାପ୍ରବାହଦ୍ୱାରାହିଁ ଯାହାର କଳନା କରାଯାଇ ପାରିବ । ଏହିପରି ଏକ ଦୃଷ୍ଟିର ପୃଷ୍ଠଭୂମି ଉପରେ ବିଚାର କଲେ ଦେଶକୁ ପରମ ବ୍ରହ୍ମଙ୍କର ଆତ୍ମପ୍ରସାରିତ ନିଶ୍ଚଳ ସ୍ଥିତି ବୋଲି ବୁଝାଯିବ, ପୁଣି କାଳ କହିଲେ ଆତ୍ମପ୍ରସାରିତ ଗତିଶୀଳ ଅବସ୍ଥାରେ ସେହି ବ୍ରହ୍ମଙ୍କୁ ବୁଝାଇବ । ମାତ୍ର ଏହାକୁ ଆମେ କେବଳ ହୁଏତ ଏକ ପ୍ରଥମ ଦୃଷ୍ଟି ବୋଲି କହିପାରିବା ଏବଂ ଏଥିରେ ନାନା ଭ୍ରମ ରହିଯିବାର ସମ୍ଭାବନା ବି ସବୁବେଳେ ରହିଥିବ । ବସ୍ତୁତଃ ଦେଶ ମଧ୍ୟ ନିଶ୍ଚିତ ଗତିଶୀଳ ହୋଇପାରେ; କାଳ ସହିତ ବସ୍ତୁ ସକଳର ସତତ ନିଶ୍ଚିତ ଓ ସତତ

'oaob.nitrkl.ac.in' images reprocessed

ପୁନରାବୃତ୍ତି ସମ୍ବନ୍ଧ ରହିଛି, ହୁଏତ ସେଇଥିରୁହିଁ ଦେଶକୁ ସ୍ଥିର ଓ ନିଶ୍ଚଳ ବୋଲି କହିବାର ଏକ ବୋଧ ଜାତ ହୋଇପାରେ । ପୁଣି ଦେଶର ଗତିଶୀଳତାରୁହିଁ ସ୍ଥିର ଓ ନିଶ୍ଚଳ ଦେଶ ମଧ୍ୟରେ କାଳର ଗତି ଅବିଚ୍ଛିନ୍ନ ରହିଛି ବୋଲି ମଧ୍ୟ ବୋଧ ହୋଇପାରେ । ଅଥବା, ଏପରି ମଧ୍ୟ କୁହାଯାଇପାରେ ଯେ ରୂପାୟନ ଓ ବିଷୟଗୁଡ଼ିକୁ ଏକତ୍ର ଧାରଣ କରି ରଖିବା ଲାଗି ଆପଣାକୁ ପ୍ରସାରିତ କରି ରହିଥିବା ବ୍ରହ୍ମହିଁ ହେଉଛନ୍ତି ଦେଶ; ଏବଂ ଆପଣା ମଧ୍ୟରେ ଯାବତୀୟ ରୂପାୟନ ଓ ବିଷୟକୁ ବହନ କରୁଥିବା ଆତ୍ମଶକ୍ତିକୁ ବ୍ରହ୍ମ ଯେତେବେଳେ ଗତିଶୀଳତାର ମାଧ୍ୟମରେ ପ୍ରସାରିତ ଓ ବିସ୍ତାରିତ କରି ଦେଉଛନ୍ତି, ଆମେ ତାହାକୁହିଁ କାଳ ବୋଲି କହୁଛୁ । ସେହି କ୍ଷେତ୍ରରେ ଦୁଇଟିଯାକକୁ ସେହି ଗୋଟିଏ ପରମତତ୍ତ୍ୱର ଦୁଇଟି ବିଭବ ବୋଲି କୁହାଯିବ, ବିଶ୍ୱବ୍ୟାପୀ ପରମ ଶାଶ୍ୱତଙ୍କର ସେହି ଏକ ଆତ୍ମପ୍ରସାରଣର କେବଳ ଦୁଇଟି ଦିଗ ବୋଲିହିଁ କୁହାଯିବ ।

କେବଳ ଭୌତିକ ଏକ ଦେଶକୁ କେବଳ ସେହି ସୀମାଟି ଭିତରେ ଜଡ଼ର ଏକ ଧର୍ମ ବୋଲି କୁହାଯାଇପାରେ । ମାତ୍ର ଶକ୍ତି ଭିତରେ ଗତିର ସଞ୍ଚାର ହେଲେ ସେଥିରୁ ଯାହା ଜାତ ହୁଏ, ତାହାହିଁ ଜଡ଼ । ତେଣୁ ଜଡ଼ଜଗତରେ ଦେଶ କହିଲେ ତାହା ହୁଏତ ଜଡ଼ଗତ ଶକ୍ତିର ଏକ ମୌଳିକ ଆତ୍ମସମ୍ପ୍ରସାରଣକୁ ବୁଝାଇବ, ଅଥବା ତାହାର ଆତ୍ମସମ୍ଭୂତ ଅଧିଷ୍ଠାନକ୍ଷେତ୍ରକୁ ବୁଝାଇବ, ଯେଉଁ ପରମ ନିଶ୍ଚେତନ ଅନନ୍ତତା ମଧ୍ୟରେ ସେହି ଶକ୍ତି କାର୍ଯ୍ୟକାରୀ ହେଉଛି, ଆପଣାକୃତ ତାହାର ଏକ ପ୍ରତିରୂପକୁ ବୁଝାଇବ । ଆପଣା କ୍ରିୟା ଓ ଆତ୍ମବିସୃଷ୍ଟିର ସକଳ ଗତି ଓ ସ୍ଥିତିକୁ ସଂସ୍ଥାପିତ କରି ରଖିବାର କ୍ଷେତ୍ରଟିକୁ ବୁଝାଇବ । ସେତେବେଳେ କାଳହିଁ ସେହି ଗତିଶୀଳତାର ପ୍ରବାହପଥରୂପେ ନିର୍ଣ୍ଣିତ ହେବ ଅଥବା ସେହି ଗତିପ୍ରବାହରୁ ସଂଜାତ ଏକ ସଂସ୍କାର ବା ସଙ୍କେତ ବୋଲି ପରିଚିତ ହେବ । ଆମ ଭିତରେ ଯାହା ଏକ ନିୟମିତ ଓ କାଳଗତ ପୂର୍ବାପରତାର ବୋଧ ସୃଷ୍ଟି କରୁଛି, ଅବିରାମ ଗତିର ନିରବଚ୍ଛିନ୍ନ ଆଧାର ହୋଇ ରହିଥିଲେ ମଧ୍ୟ ଯାହା ସେହି ଗତିକୁ ପୂର୍ବାପରତାର ଏକ କ୍ରମରେ ବିଭକ୍ତ କରି ଦେଖାଇ ଦେଉଛି, ତାହାରି ଏକ ସଂସ୍କାର ବା ସଙ୍କେତ ବୋଲି ପରିଚିତ ହେବ । କାରଣ ସେହି ଗତି ମଧ୍ୟରେ ବି ପୂର୍ବାପରତାର ଏକ ନିୟତ ଧାରା ବିଦ୍ୟମାନ ରହିଛି । ଅଥବା, ଶକ୍ତି ଯେପରି ସମ୍ପୂର୍ଣ୍ଣ ଭାବରେ ଆପଣାକୁ କାର୍ଯ୍ୟକାରୀ କରି ପାରିବ, ସେଥିଲାଗି କାଳ ଦେଶର କେବଳ ଏକ ଅନ୍ୟତମ ସୀମାସୂଚକରୂପେ ବି ଅବସ୍ଥିତ ରହିପାରେ; ଏବଂ ଆମର ବିଷୟୀଚେତନା ତାହାକୁ କେବଳ ଆଶୟଗତ ଏକ ତତ୍ତ୍ୱରୂପେ ଦେଖୁଥିବାରୁ ହୁଏତ ତାହା ଆମର ବୋଧଗମ୍ୟ ହୋଇ ପାରୁ ନାହିଁ । ଆମେ କାଳକୁ କେବଳ ଆମର ମନଦ୍ୱାରାହିଁ ଅନୁଭବ କରୁଛୁ, ଇନ୍ଦ୍ରିୟଦ୍ୱାରା ଗ୍ରହଣ

'oaob.nitrkl.ac.in' images reprocessed

କରିପାରୁ ନାହୁଁ; ଏବଂ ହୁଏତ ସେଇଥିଲାଗି ତାହାକୁ ଦେଶର ଏକ ଅନ୍ୟତମ ଷିତକରୂପେ ଚନ୍ତି ପାରୁ ନାହୁଁ । ଏବଂ ଅପର ପକ୍ଷରେ ଦେଶ ଆମକୁ ଇନ୍ଦ୍ରିୟଦ୍ୱାରା ସୃଷ୍ଟ ଓ ଇନ୍ଦ୍ରିୟଦ୍ୱାରା ଗୃହୀତ ବସ୍ତୁସତ୍ତାଗତ ପ୍ରସାରଣ ପରି ମନେହେଉଛୁ ।

ମାତ୍ର ଯାହା ହେଉ ପଛକେ, ଯଦି ପରମ ଚିଦ୍‌ବସ୍ତୁହିଁ ମୌଳିକ ସତ୍ୟ ହୋଇଥାଏ, ତେବେ କାଳ ତଥା ଦେଶକୁ ହୁଏତ ସେହି ଚିଦ୍‌ବସ୍ତୁ ବା ଚୈତନ୍ୟସ୍ୱରୂପଙ୍କର ଦୁଇଟି ଉପାଧିରୂପେ ସ୍ୱୀକାର କରିନେବାକୁ ସମ୍ଭବ ଯାହାର ପରିବେଶ ମଧ୍ୟରେ କି ଚୈତନ୍ୟସ୍ୱରୂପ ଆପଣା ଶକ୍ତିର ସ୍ପନ୍ଦନଲୀଳାକୁ ଅବଲୋକନ କରିବାରେ ଲାଗିଛନ୍ତି; ଅଥବା କାଳ ଓ ଦେଶକୁ ସ୍ୱୟଂ ପରମ ଚୈତନ୍ୟସ୍ୱରୂପଙ୍କରହିଁ ଏପରି ଦୁଇଟି ମୌଳିକ ବିଭୂତିରୂପେ ମାନିନେବାକୁ ସମ୍ଭବ, ଯାହାକି ଯେଉଁ ଚେତନାସ୍ଥିତି ମଧ୍ୟରେ ସେମାନେ ପ୍ରକାଶିତ ହେଉଛନ୍ତି, ତାହାର ଅନୁସାରେ ବିଭିନ୍ନ ରୂପରେ ଆବିର୍ଭୂତ ହେଉଛନ୍ତି ବା ବିଭିନ୍ନ ଅବସ୍ଥା ଧାରଣ କରୁଛନ୍ତି । ଅନ୍ୟ ଭାଷାରେ କହିଲେ ଆମ ଚେତନାର ପ୍ରତ୍ୟେକ ସ୍ଥିତି ବା ଅବସ୍ଥା ଲାଗି କାଳ ଓ ଦେଶର ମଧ୍ୟ ଭିନ୍ନଭିନ୍ନ ସ୍ଥିତି ରହିଛି, ଏବଂ ଏପରିକି ପ୍ରତ୍ୟେକଟି ଅବସ୍ଥା ଭିତରେ ମଧ୍ୟ କାଳ ଓ ଦେଶର ଭିନ୍ନଭିନ୍ନ ଗତିସ୍ପନ୍ଦନ ରହିଛି । ମାତ୍ର ତଥାପି ଏହି ସମସ୍ତ ସ୍ଥିତି ଓ ଅବସ୍ଥା ଦେଶ-କାଳରୂପୀ ଏକ ମୌଳିକ ଅଧ୍ୟାତ୍ମସତ୍ୟର ବିଭିନ୍ନ ଭାବପ୍ରକାଶ ବ୍ୟତୀତ ଆଉ କିଛି ନୁହେଁ । ବସ୍ତୁତଃ ଯେତେବେଳେ ଆମେ ଭୌତିକ ଦେଶର ସୀମା ଡେଇଁ ଆହୁରି ଅନ୍ତରାଳକୁ ଚାଲିଯିବା, ସେତେବେଳେ ଆମେ ଏଭଳି ଏକ ଆତ୍ମସମ୍ପ୍ରସାରଣର ପରିଚୟ ପାଇବା, ଯାହାକୁ ଆଧାର କରିହିଁ ଏହି ଯାବତୀୟ ସକଳ ଗତିସ୍ପନ୍ଦନ ଅବସ୍ଥିତ ରହିଛନ୍ତି, ଏବଂ ଏହି ସମ୍ପ୍ରସାରଣ ଏକ ଭୌତିକ ସମ୍ପ୍ରସାରଣ ନୁହେଁ, ଏହା ହେଉଛି ଏକ ଅଧ୍ୟାତ୍ମଭୂମିଗତ ସମ୍ପ୍ରସାରଣ । ଏଠାରେ ପରମ ଆତ୍ମା ବା ପରମ ଚୈତନ୍ୟସ୍ୱରୂପ ସ୍ୱକୀୟ ଶକ୍ତିର ସକଳ କ୍ରିୟାକୁ ଆପଣା ମଧ୍ୟରେ ଧାରଣ କରି ରହିଛନ୍ତି । ଭୌତିକ ପ୍ରକୃତିକୁ ଗୁଡ଼ ଅଧିକ ଗଭୀରକୁ ପଶିହୁଏ ପାରିଲେ ଯାଇ ଆମ ସମକ୍ଷରେ ଏହି ମୂଳ ଅର୍ଥାତ୍ ଆଧାରଭୂତ ସତ୍ୟଟି ପ୍ରତିଭାତ ହେବାକୁ ଆରମ୍ଭ କରେ । କାରଣ କେବଳ ସେତିକିବେଳେହିଁ ଆମେ ଦେଶର ଏକ ଆଣବିକଗତ ପ୍ରସାରଣର ପରିଚୟ ଲାଭ କରୁ, ଯାହାଭିତରେ କି ସ୍ୱୟଂ ମନ ମଧ୍ୟ ଅବସ୍ଥାନ ଓ ବିଚରଣ କରୁଥାଏ । ଏହି ପ୍ରସାରଣଟି ଭୌତିକ ଦେଶ-କାଳଠାରୁ ସମ୍ପୂର୍ଣ୍ଣ ପୃଥକ୍, ମାତ୍ର ତଥାପି ଦୁହେଁ ଦୁହିଁଙ୍କ ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ରହିଥାʼନ୍ତି । କାରଣ ଆମ ମନର ଆପଣାର ସ୍ୱକୀୟ କ୍ଷେତ୍ରରେ ଏପରି ଭାବରେ ବିଚରଣ କରିବାର ସାମର୍ଥ୍ୟ ରହିଛି ଯେ ତଦ୍ୱାରା ତାହା ଜଡ଼ର କ୍ଷେତ୍ରରେ ମଧ୍ୟ ଏକ ଗତିଶୀଳତା ଆଣିଦେବାକୁ ସମର୍ଥ ହୋଇପାରୁଛି, ଅର୍ଥାତ୍ ଜଡ଼ର କ୍ଷେତ୍ରରେ ଦୂରବର୍ତ୍ତୀ ହୋଇ ରହିଥିବା କୌଣସି ବସ୍ତୁ ଉପରେ ମଧ୍ୟ କାର୍ଯ୍ୟ

'oaob.nitrkl.ac.in' images reprocessed

କରିପାରୁଛୁ । ସ୍ୱଚେତନାର ଆଉ ଏକ ଗଭୀରତର ପର୍ଯ୍ୟାୟରେ ଆମେ ଏକ ବିଶୁଦ୍ଧ ଅଧ୍ୟାତ୍ମଭୂମିଗତ ଦେଶର ବି ପରିଚୟ ପାଇବା । ଏଭଳି ଏକ ପରିଚୟର ପର୍ଯ୍ୟାୟରେ ସମସ୍ତ ବୋଲି କେଉଁଠି କିଛୁ ରହିଛି ବୋଲି ଦୁଏତ କୌଣସି ବୋଧହିଁ ହେବ ନାହିଁ, କାରଣ ସେତେବେଳେ ସକଳ ଗତି ଓ ସକଳ ସ୍ପନ୍ଦନ ବନ୍ଦ ହୋଇଯିବ; ଅଥବା, ଯଦି କୌଣସିଠାରେ କୌଣସି ଗତିସ୍ପନ୍ଦନ ରହିଥିବ କିମ୍ବା କୌଣସି ଘଟଣା ଘଟୁଥିବ, ତେବେ ତାହା ଇନ୍ଦ୍ରିୟଗ୍ରାହ୍ୟ କାଳବାଚକ ଯାବତୀୟ ପୂର୍ବାପରତାରୁ କେବଳ ସ୍ୱତନ୍ତ୍ର ରହିହିଁ ସଂଘଟିତ ହେଉଥିବ ।

ଏହାପରେ ଏକ ଅନ୍ତର୍ଯାତ୍ରାର ମାର୍ଗ ଧରି ଯେତେବେଳେ ଆମେ କାଳକୁ ପାରହୋଇ ସେପାଖକୁ ଚାଲିଯାଇ ପାରିବା, ଯେତେବେଳେ ଭୌତିକ ଆବରଣର ପ୍ରତିଟିରୁ ଅପସରି ଯାଇ ତଟସ୍ଥ ଭାବରେ ତାହା ଉପରେ ଦୃଷ୍ଟିପାତ କରିପାରିବା, ସେତେବେଳେ ଆମେ କାଳର ଅବଲୋକନ ଓ କାଳର ଗତିସ୍ପନ୍ଦନକୁ ଆପେକ୍ଷିକ ବୋଲି ଆବିଷ୍କାର କରିବାକୁ ସମର୍ଥ ହେବା, ମାତ୍ର ସ୍ୱୟଂ କାଳକୁ ସତ୍ୟ ଓ ଶାଶ୍ୱତ ବୋଲି ଜାଣିବା । କାଳକୁ ଅବଲୋକନ କରିବା ଲାଗି ଆମେ ଯେଉଁସବୁ ପରିମାପକର ସାହାଯ୍ୟ ନେଇଥାଉ, କାଳର ଅବଲୋକନ କେବଳ ସେହିଗୁଡ଼ିକ ଉପରେହିଁ ନିର୍ଭର କରେ ନାହିଁ, ତାହା ଅବଲୋକନକାରୀର ଚେତନା ଓ ଅବସ୍ଥିତି ଉପରେ ମଧ୍ୟ ନିର୍ଭର କରିଥାଏ । ପୁଣି, ଚେତନାର ଭିନ୍ନ ଭିନ୍ନ ସ୍ଥିତି ଭିନ୍ନ ଭିନ୍ନ କାଳଗତ ସମ୍ବନ୍ଧ ବି ରଖିଥାଏ । ମନୋମୟ ଚେତନା ଓ ମନୋମୟ ଦେଶଗତ କ୍ଷେତ୍ରରେ କାଳଗତ ଗତିସ୍ପନ୍ଦନର ଯେଉଁ ତାତ୍ପର୍ଯ୍ୟ ଓ ଯେଉଁ ମାନ ରହିଥାଏ, ଭୌତିକ ଦେଶଗତ କ୍ଷେତ୍ରରେ ତାହାର ସେହି ତାତ୍ପର୍ଯ୍ୟ ଓ ସେହି ମାନ ଆଦୌ ନଥାଏ । ଚେତନାର ସ୍ଥିତି ଅନୁସାରେ ତାହା ସେଠାରେ ଦ୍ରୁତ ଅଥବା ବିଳମ୍ବିତ ଭାବରେ ଗତି କରୁଥାଏ । ଚେତନାର ପ୍ରତ୍ୟେକ ସ୍ଥିତିର ଆପଣାର ସ୍ୱତନ୍ତ୍ର କାଳଗତ ଅବଧାରଣା ରହିଛି, ମାତ୍ର ଚେତନାଗତ ବିଭିନ୍ନ ସ୍ଥିତିର କାଳଗତ ଅବଧାରଣାରେ ପାରସ୍ପରିକ ସମ୍ବନ୍ଧମାନ ରହିବା ମଧ୍ୟ ଆଦୌ ଅସମ୍ଭବ ନୁହେଁ । ଏବଂ ଭୌତିକ ବହିର୍ଦେଶର ସୀମା ଡେଇଁ ପଛକୁ ଚାଲିଯାଇ ପାରିଲେ ଆମେ ଚେତନାର ଗୋଟିଏ ସ୍ଥିତିରେ ମଧ୍ୟ ଏକାଧିକ ଭିନ୍ନ ଭିନ୍ନ କାଳଗତ ସ୍ଥିତି ଓ କାଳଗତ ଗତିସ୍ପନ୍ଦନ ସହାବସ୍ଥିତ ଭାବେ ରହିଥିବାର ଆବିଷ୍କାର କରିଥାଉ । ଆମେ ସ୍ୱପ୍ନ ଦେଖୁଥିବା ବେଳେ ଏହି କଥାଟି ବଡ଼ ସ୍ପଷ୍ଟଭାବରେ ଦେଖାଦିଏ, ଯେତେବେଳେ କି ନାନା ଘଟଣାର ଏକ ଦୀର୍ଘ ସରଣୀ ଭୌତିକ କାଳର ଏକ ସେକେଣ୍ଡ୍ ବା ମାତ୍ର କେତୋଟି ସେକେଣ୍ଡ୍‌ର ଅବଧି ଭିତରେ ଘଟିବା ମଧ୍ୟ ସମ୍ଭବ ହୋଇଥାଏ । ଏଥିରୁ ଜଣାଯାଉଛି ଯେ କାଳଗତ ବିଭିନ୍ନ ସ୍ଥିତି ମଧ୍ୟରେ କୌଣସି ନା କୌଣସି ଏକ ପ୍ରକାରର ସମ୍ବନ୍ଧ ଅବଶ୍ୟ ରହିଛି, ମାତ୍ର ସେଗୁଡ଼ିକର ପରିମାପକରେ ଅବଧାରଣ କରିପାରିବା ଭଳି କୌଣସି ସାମଞ୍ଜସ୍ୟ

'oaob.nitrkl.ac.in' images reprocessed

ନାହିଁ । ଏଥିରୁ ମନେ ହୋଇଥାଏ, ସତେ ଯେପରି କାଳର ବିଷୟିସତ୍ତ୍ୟଗତ କୌଣସି ଅସ୍ତିତ୍ୱ ନାହିଁ; ସତ୍ତ୍ୱର ସ୍ଥିତି ଓ ଗତିସ୍ପନ୍ଦନ ଅନୁସାରେ ଚେତନାର କ୍ରିୟାଦ୍ୱାରା ଯେତେବେଳେ ଯେଉଁଭଳି ପରିବେଶର ସୃଷ୍ଟି ହୁଏ, ସତେ ଯେପରି କାଳ କେବଳ ତାହାରି ଉପରେ ନିର୍ଭର କରି ରହିଥାଏ; ଅର୍ଥାତ୍ କାଳ କେବଳ ଏକ ଆଶୟିସତ୍ତ୍ୟଗତ ତତ୍ତ୍ୱପରି ମନେହୁଏ । ମାତ୍ର, ମନୋମୟ ଦେଶ ଓ ଜଡ଼ଭୂମିଗତ ଦେଶର ପାରସ୍ପରିକ ସମ୍ବନ୍ଧକୁ ବିଚାର କରି ଦେଖିଲାବେଳେ ଦେଶ ମଧ୍ୟ ବସ୍ତୁତଃ ସେହିପରି ଆଶୟିସତ୍ତ୍ୟଗତ ବୋଲି ମନେ ହୋଇଥାଏ । ଅନ୍ୟ ଭାଷାରେ କହିଲେ, କାଳ ଓ ଦେଶ ଉଭୟେ ହେଉଛନ୍ତି ମୌଳିକ ଚିନ୍ମୟ ପ୍ରସାରଣ; ମାତ୍ର ମନୋଗତ ବିଶୁଦ୍ଧ ଭୂମିଦ୍ୱାରା ଏହା ଆଶୟିସତ୍ତ୍ୟଗତ ଏକ ମନୋଗତ ଭୂମିରେ ପରିଣତ ହୋଇଯାଏ, ଏବଂ ଇନ୍ଦ୍ରିୟମନ ଦ୍ୱାରା ଇନ୍ଦ୍ରିୟାନୁଭୂତିର ଏକ ବିଷୟିସତ୍ତ୍ୟଗତ କ୍ଷେତ୍ରରେ ପରିଣତ ହୁଏ । ଆଶୟିସତ୍ତ୍ୟ ଓ ବିଷୟିସତ୍ତ୍ୟ ଉଭୟେ ସେହି ଗୋଟିଏ ଚେତନାର ଦୁଇଟି ଦିଗ ମାତ୍ର । ଏବଂ ଅସଲ କଥାଟି ହେଉଛି ଯେ ଯେକୌଣସି କାଳ, ଯେକୌଣସି ଦେଶ ଅଥବା ଯେକୌଣସି ଦେଶ-କାଳ ସମଗ୍ରତଃ ସତ୍ତ୍ୱର ଏକ ଅବସ୍ଥା ବା ସ୍ଥିତି ବ୍ୟତୀତ ଆଉ କିଛି ନୁହେଁ, ଯେଉଁଥିରେକି ସତ୍ତ୍ୱର ଚେତନା ଓ ଶକ୍ତିର ଏକ ଗତିସ୍ପନ୍ଦନ ଅବଶ୍ୟ ବିଦ୍ୟମାନ ରହିଛି ଏବଂ ଏହି ଗତିସ୍ପନ୍ଦନହିଁ ଘଟଣାଗୁଡ଼ିକର ସୃଷ୍ଟି କରୁଛି ଓ ସେଗୁଡ଼ିକୁ ପ୍ରକଟ କରାଇ ଦେଉଛି । ସାକ୍ଷୀରୂପେ ଅବସ୍ଥିତ ରହିଥିବା ଚେତନା ଓ ଘଟଣାବଳୀକୁ ସଂଗଠିତ ରୂପ ଦେଉଥିବା ଶକ୍ତି ମଧ୍ୟରେ ସବୁବେଳେ ଏକ ସମ୍ବନ୍ଧ ବିଦ୍ୟମାନ ରହିଛି । ପ୍ରତ୍ୟେକ ଭୂମିରେ ଏହି ସମ୍ବନ୍ଧଟି ଅବଶ୍ୟ ଅନ୍ତର୍ନିହିତ ହୋଇ ରହିଛି, ଏବଂ ସେହି ସମ୍ବନ୍ଧ କାଳର ବୋଧକୁ ଜାଗ୍ରତ କରୁଛି, କାଳର ଗତିଶୀଳତା, ସମ୍ବନ୍ଧ ଓ ପରିମାପ ସମ୍ବନ୍ଧରେ ଆମର ବୋଧକୁ ସୃଷ୍ଟି କରୁଛି । ମାତ୍ର ଏହାର ମୌଳିକ ସତ୍ତ୍ୟ ଦୃଷ୍ଟିରୁ ବିଚାର କଲେ କାଳର ଯାବତୀୟ ବିଚିତ୍ର ରୂପାୟନ ପଛରେ ରହିଥିବା କାଳଗତ ମୂଳ ସ୍ଥିତିଟି ବସ୍ତୁତଃ ସେହି ପରମ ଶାଶ୍ୱତତା ବ୍ୟତୀତ ଆଉ କିଛି ନୁହେଁ । ଠିକ୍ ସେହିପରି ଆପଣାର ମୂଳ ସତ୍ତ୍ୟ ଓ ମୂଳ ତାତ୍ପର୍ଯ୍ୟରେ ଦେଶ ମଧ୍ୟ ପରମ ଅନନ୍ତଙ୍କର ଅନନ୍ତତା ବ୍ୟତୀତ ଆଉ କିଛି ନୁହେଁ ।

ଆପଣାର ଶାଶ୍ୱତତା ସମ୍ବନ୍ଧରେ ପରମସତ୍ତ୍ୱଙ୍କର ଚୈତନ୍ୟ ଭିତରେ ତିନୋଟି ବିଭିନ୍ନ ଅବସ୍ଥାର ନିରୂପଣ କରାଯାଇ ପାରେ । ଆପଣାର ସ୍ୱରୂପସତ୍ତ୍ୱରେ ପରମ ଆତ୍ମା ଯେଉଁଠାରେ ଅବିଚଳ ଭାବରେ ଅବସ୍ଥିତ ରହିଥା'ନ୍ତି, ସେଇଟି ହେଉଛି ପ୍ରଥମ ଅବସ୍ଥା । ସେଠାରେ ସେ ଆପଣା ଭିତରେ ଆପେ ନିମଗ୍ନ ହୋଇ ରହିଥା'ନ୍ତି ଅଥବା ଆତ୍ମଚୈତନ୍ୟମୟ ଅବସ୍ଥାରେ ଥାଆନ୍ତି । ମାତ୍ର ଏହି ଦୁଇଟିରୁ କୌଣସି ଅବସ୍ଥାରେ ମଧ୍ୟ ସେହି ଚୈତନ୍ୟରେ ଗତିସ୍ପନ୍ଦନର ସଞ୍ଚାର ହୋଇ ନଥାଏ, ଘଟଣାର

ମାଧ୍ୟମରେ କୌଣସି ଆତ୍ମପ୍ରକାଶ ଘଟି ନଥାଏ । ଏହି ଅବସ୍ଥାଟିକୁ ଆମେ ପରମସତ୍ତାଙ୍କର କାଳାତୀତ ଶାଶ୍ୱତତା ବୋଲି ଚିହ୍ନି ରଖୁ । ଦ୍ୱିତୀୟ ଅବସ୍ଥାରେ ସେ ପୂର୍ବନିର୍ଦ୍ଦିଷ୍ଟ ହୋଇ ରହିଥିବା ଅଥବା ପ୍ରକୃତରେ ସଂଘଟିତ ହେବାକୁ ଯାଉଥିବା ଏକ ପ୍ରକାଶ-ପର୍ଯ୍ୟାୟ ମଧ୍ୟରେ ଅବସ୍ଥିତ ସକଳ ବସ୍ତୁ ଓ ବିଷୟର ପୂର୍ବାପର ସମ୍ବନ୍ଧଗୁଡ଼ିକ ବିଷୟରେ ସମଗ୍ର ଭାବରେ ସଚେତନ ରହିଥା'ନ୍ତି । ଆମେ ଯାହାକୁ ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ବୋଲି କହୁ, ସେଗୁଡ଼ିକ ସେଠାରେ ସତେଅବା ଗୋଟିଏ ମାନଚିତ୍ର ବା ସୁନିବଦ୍ଧ ନକ୍ସା ଉପରେ ଲେଖାହୋଇ ରହିଥିଲା ପରି ଏକତ୍ର ଅବସ୍ଥାନ କରୁଥା'ନ୍ତି । ଅଥବା, ଯେପରି କୌଣସି କଳାବିତ୍‌, ଚିତ୍ରକର କିମ୍ବା ସୌଧନିର୍ମାତା ଆପଣା କୃତିଟିର ଟିକିନିଖି ସବୁଗୁଡ଼ିକୁ ସମଗ୍ର ଭାବରେ ଆପଣାର ଦୃଷ୍ଟି ସମକ୍ଷରେ ଧରି ରଖିଥାଏ, ଆପଣାର ମନ ଭିତରେ ତାହାର ସଙ୍କଳନ ଓ ସନ୍ତୁଳନ କରିବାରେ ଲାଗିଥାଏ ଓ ସେଗୁଡ଼ିକୁ ବାସ୍ତବ ରୂପ ଦେବାଲାଗି ଏକ ଯୋଜନା ଅନୁସାରେ ସଜାଇ ରଖିଥାଏ, ଠିକ୍ ସେହିପରି । ଏହାକୁ ଏକ ସ୍ଥାୟୀ ସ୍ଥିତି ବା କାଳର ଯୁଗପତ୍‌ ସମଗ୍ରତା ବୋଲି ବୁଝାଯାଇପାରେ । ଏହିପରି ଏକ ଦୃଷ୍ଟିରେ କାଳର ଅବଲୋକନ କରିବାକୁ ଘଟି ଯାଉଥିବା ଘଟଣାଗୁଡ଼ିକ ସମ୍ବନ୍ଧରେ ଆମର ନିତ୍ୟନୈମିତ୍ତିକ ଜ୍ଞାନ ବା ବୋଧର ଏକ ଅଂଶ ବୋଲି ଆଦୌ ବୁଝାଯାଇ ପାରିବ ନାହିଁ । ଅବଶ୍ୟ ଭୂତ ବା ଅତୀତ ସମ୍ବନ୍ଧରେ ଆମର ଦୃଷ୍ଟି ମଧ୍ୟରେ ଏହାର ସମାନଧର୍ମୀ ଏକ ପ୍ରକୃତି ବେଳେବେଳେ ଅବଶ୍ୟ ଦୃଷ୍ଟିଗୋଚର ହୋଇପାରେ । କାରଣ ଯାହା ଘଟିଯାଇଛି ବା ଆମେ ଯାହାକୁ ଆଗରୁ ଜାଣି ସାରିଛୁ, ଆମେ ତାହାକୁ ଏକ ସମଗ୍ର ଏକକରୂପେ ଦେଖିବାକୁ ହୁଏତ ସମର୍ଥ ବି ହୋଇପାରୁ । ମାତ୍ର ଆମେ ଏକଥା ଅବଶ୍ୟ ଜାଣିଛୁ ଯେ ଏହିପରି ଏକ ସମଗ୍ର ବୋଧ ବା ସମଗ୍ର ସଚେତନତା ରହିଛି, କାରଣ ଚେତନାର ଏକ ବିଶେଷ ଓ ଉନ୍ନତ ଅବସ୍ଥାରେ ଏହା ଭିତରେ ପ୍ରବେଶ କରିବା ଏବଂ କାଳଗତ ଯୁଗପତ୍‌ ଦୃଷ୍ଟିରେ ବିଷୟଗୁଡ଼ିକର ଅବଲୋକନ କରିବା ଆମ ପକ୍ଷରେ ସମ୍ଭବ ହୋଇ ପାରୁଛି । ତୃତୀୟ ଅବସ୍ଥାଟି ହେଉଛି ପରମ ତତ୍ତ୍ୱ-ଶକ୍ତିର ଏକ କ୍ରମପ୍ରକ୍ରିୟାଗତ ଗତିସ୍ପନ୍ଦନର ଅବସ୍ଥା; ଏବଂ ପରମ ଶାଶ୍ୱତଙ୍କର ନିଶ୍ଚଳ ସ୍ଥିତିବେଳେ ତାଙ୍କର ଦୃଷ୍ଟି ସମକ୍ଷରେ ଯାହାସବୁ ଭାସମାନ ହୋଇ ଉଠିଥିଲା, ଗୋଟି ଗୋଟି କରି ତାହାକୁ କାର୍ଯ୍ୟକାରୀ କରିବାର ଅବସ୍ଥା । ଏହାକୁହିଁ ଆମେ କାଳର ଗତିସ୍ପନ୍ଦନ ବୋଲି କହିବା । ମାତ୍ର ତିନୋଟି ବିଭିନ୍ନ ଅବସ୍ଥା ହେଲେ ମଧ୍ୟ ସେହି ଏକ ପରମ ଶାଶ୍ୱତତା ମଧ୍ୟରେ ତିନୋଟିଯାକ ଅବସ୍ଥିତ ରହିଛନ୍ତି, ସେଗୁଡ଼ିକର ଗତିଶୀଳତା ମଧ୍ୟ ସେଇଠାରେହିଁ ସଂଘଟିତ ହେଉଛି । ପ୍ରକୃତ ଦୃଷ୍ଟିରେ ଦେଖିଲେ ଦୁଇଟି ଶାଶ୍ୱତତା ଭିନ୍ନ ଭିନ୍ନ ହୋଇ ଅବସ୍ଥାନ କରୁ ନାହିଁ । ଅବିଚଳ ସ୍ଥିତିର ଶାଶ୍ୱତତା ଏବଂ ଗତିସ୍ପନ୍ଦନର ଶାଶ୍ୱତତା ବୋଲି ଦୁଇଟି ଭିନ୍ନ ଭିନ୍ନ ତତ୍ତ୍ୱ କେଉଁଠି ହେଲେ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର ସେହି ଏକ ପରମ ଶାଶ୍ୱତତା ସହିତ ବିଭିନ୍ନ ଭାବେ ସମ୍ବନ୍ଧିତ ଚେତନାହିଁ ବିଭିନ୍ନ ସ୍ଥିତି ବା ଭୂମିକା ଗ୍ରହଣ କରୁଛି । କାରଣ ଯାବତୀୟ ଗତିସ୍ପନ୍ଦନର ବାହାରେ ଅବସ୍ଥିତ ରହି ବା ତାହାର ଊର୍ଦ୍ଧ୍ୱଦେଶରେ ଥାଇ କାଳଗତ ସକଳ ପରିଣାମକୁ ଅବଲୋକନ କରିପାରିବା ଲାଗି ଚେତନାର ପୂର୍ଣ୍ଣ ସାମର୍ଥ୍ୟ ରହିଛି । ସେହି ଗତିସ୍ପନ୍ଦନ ମଧ୍ୟରେ ଚେତନା ଆପଣା ଲାଗି ଏକ ସ୍ଥିର ଓ ସ୍ଥାୟୀ ସ୍ଥିତି ଗ୍ରହଣ କରିନେଇ ପାରେ ଓ ଏକ ସୁନିବଦ୍ଧ ଓ ପୂର୍ବନିର୍ଦ୍ଧାରିତ କ୍ରମାନୁଗତିତା ମଧ୍ୟରେ ଯାହାକିଛି ଘଟିଯାଇଛି ଓ ଯାହାକିଛି ଘଟିବାକୁ ଯାଉଛି, ତାହା ଉପରେ ବେଶ୍ ଦୃଷ୍ଟିପାତ କରିପାରେ । ଅଥବା ଏହା ଅନ୍ୟ ପକ୍ଷରେ ସେହି ଗତିସ୍ପନ୍ଦନ ଭିତରେ ଆପଣା ଲାଗି ଏକ ଗତିଶୀଳ ଭୂମିକା ମଧ୍ୟ ଗ୍ରହଣ କରିପାରେ, ମୁହୂର୍ତ୍ତପରେ ମୁହୂର୍ତ୍ତର ଅନୁକ୍ରମରେ ସେହି ଗତିସ୍ପନ୍ଦନ ସହିତ ସ୍ୱୟଂ ବି ଗତି କରିପାରେ, ଏବଂ ଯାହାସବୁ ଆଗରୁ ଘଟିଯାଇଛି, ସେଗୁଡ଼ିକ ଅତୀତର ଗର୍ଭକୁ ଚାଲି ଯାଉଥିବାର ତଥା ଯାହାସବୁ ଘଟିବାକୁ ଯାଉଛି, ସେସବୁ ଭବିଷ୍ୟତ ମଧ୍ୟରୁ ବାହାରି କ୍ରମେ ନିକଟବର୍ତ୍ତୀ ହୋଇ ଆସୁଥିବାର ମଧ୍ୟ ବେଶ୍ ଲକ୍ଷ୍ୟ କରିପାରେ । ଅଥବା ଚେତନା କେବଳ ଉପସ୍ଥିତ ମୁହୂର୍ତ୍ତଟି ମଧ୍ୟରେହିଁ ଆପଣାକୁ ଅଭିନିବିଷ୍ଟ କରି ରଖିପାରେ, ଏବଂ କେବଳ ସେହି ମୁହୂର୍ତ୍ତଟିରେ ଯେତିକି ବର୍ତ୍ତମାନ ରହିଛି ଓ ତାହାର ଠିକ୍ ଚାରି ପାଖରେ ଓ ପଛପଟେ ଯେତିକି ରହିଛି, କେବଳ ସେତିକି ବ୍ୟତୀତ ଆଉକିଛି ଦେଖିବାରୁ ଆପଣାକୁ ନିବୃତ୍ତ କରି ରଖିପାରେ । ଏକ ଯୁଗପତ୍ ଦୃଷ୍ଟି ବା ଅନୁଭୂତି ମଧ୍ୟରେ ଏହି ସକଳପ୍ରକାର ଅବସ୍ଥା ଗ୍ରହଣ କରିବାକୁ ପରମ ଅନନ୍ତସତ୍ତାଙ୍କର ସମ୍ପୂର୍ଣ୍ଣ ସାମର୍ଥ୍ୟ ରହିଛି । ସେ ଊର୍ଦ୍ଧ୍ୱରେ ଥାଇ ସେହି ଊର୍ଦ୍ଧ୍ୱରୁ କାଳ ଉପରେ ଦୃଷ୍ଟିପାତ କରିପାରନ୍ତି, କାଳର ଭିତରେ ଅବସ୍ଥିତ ରହି ମଧ୍ୟ କାଳକୁ ଦେଖିପାରନ୍ତି । ପୁଣି କାଳ ଭିତରେ ନରହି ଓ କାଳୋତ୍ତୀର୍ଣ୍ଣ ହୋଇ ମଧ୍ୟ ସେ କାଳକୁ ଅବଲୋକନ କରି ପାରନ୍ତି । ପରମ କାଳାତୀତ ତତ୍ତ୍ୱଟି ଆପଣାର କାଳାତୀତତାକୁ କୌଣସି ପ୍ରକାରେ ପରିହାର ନକରି ତଥାପି କିପରି କାଳଗତ ଗତିସ୍ପନ୍ଦନର ସଂଘଟନ କରାଉଛି, ସେ ସେକଥା ମଧ୍ୟ ଦେଖିପାରନ୍ତି । ସ୍ଥିତିଶୀଳ ତଥା ଗତିଶୀଳ ଉଭୟ ଦୃଷ୍ଟିରେ ସେ କାଳଗତ ସମଗ୍ର ଗତିସ୍ପନ୍ଦନଟିକୁ ଆବୋରି ନେଇ ପାରନ୍ତି ଏବଂ ଯୁଗପତ୍ ଭାବରେ ମୁହୂର୍ତ୍ତକର ସେହି ଦୃଷ୍ଟି ମଧ୍ୟରେ ଆପଣାର କିଛି ଅଂଶକୁ ନେଇ ମଧ୍ୟ ଭରିଦେଇପାରନ୍ତି । ଏହି ଯୁଗପତ୍ ସଂଘଟନ-ଗୁଡ଼ିକ କେବଳ କ୍ଷଣ ବା ମୁହୂର୍ତ୍ତର ଦେଖିବା ଭିତରେ ଆବଦ୍ଧ ହୋଇ ରହିଥିବା ସୀମିତ ଚେତନାକୁ ହୁଏତ ପରମ ଅନନ୍ତସତ୍ତା କିମ୍ବା ମାୟାର ଏକ କୁହୁକପରି ମନେ ହୋଇପାରେ । ସୀମିତ ଚେତନା ଆପଣାର ଅଭ୍ୟସ୍ତ ଅନୁଭୂତି ଦ୍ୱାରା ସବୁ କଥାକୁ କେବଳ ସୀମାବଦ୍ଧ କରିପକାଏ, ସବୁଗୁଡ଼ିକୁ ପରସ୍ପର ସହିତ ଖଣ୍ଡି କରି ରଖିପାରିବାକୁ ତାହା ଅରକରେ କେବଳ ଗୋଟିଏ ବିଶେଷ ସ୍ଥିତିର ଅବଲୋକନ କରିଥାଏ । ତେଣୁ

'oaob.nitrkl.ac.in' images reprocessed

ତାହା ଏହିଭଳି ଏକ ଯୁଗପତ୍ ଦୃଷ୍ଟି ଓ ଯୁଗପତ୍ ସଂଘଟନକୁ କେବଳ ଏକ ବିଭ୍ରାନ୍ତିକାରୀ ଓ ସଂଗତିରହିତ ଅସତ୍ୟ ବୋଲିହିଁ ମନେ କରିଥାଏ । ମାତ୍ର ଏକ ଅନନ୍ତ ଚେତନା ଏହି ଯୁଗପତ୍ ଦୃଷ୍ଟି ଓ ଅନୁଭୂତିଗତ ସମଗ୍ରତାକୁ ଅତି ସ୍ୱାଭାବିକ ଭାବରେ ସମ୍ପୂର୍ଣ୍ଣ ନ୍ୟାୟାନୁମୋଦିତ ଓ ସୁସଙ୍ଗତ ବୋଲି ଗ୍ରହଣ କରିନିଏ । ସବୁଗୁଡ଼ିକୁ ତାହା ଏକ ସମଗ୍ର ଦୃଷ୍ଟିର ନାନା ଉପାଦାନ ବୋଲି ଗ୍ରହଣ କରେ । ଏକ ସମନ୍ୱିତ ସଂଯୋଜନ ଭିତରେ ଏହି ଉପାଦାନଗୁଡ଼ିକ ଯେ ଅବଶ୍ୟ ଅତି ଘନିଷ୍ଠ ଭାବରେ ପରସ୍ପର ସହିତ ଏକାନ୍ତ ସମ୍ବନ୍ଧିତ ହୋଇ ରହିପାରନ୍ତି, ଦୃଷ୍ଟିଗତ ଏକ ବିବିଧତା ଯେ ଦୃଷ୍ଟ ବସ୍ତୁଟିର ସମଗ୍ର ଏକତାଟିକୁ ଅବଶ୍ୟ ପ୍ରକଟ କରି ଦେଇପାରେ, ବହୁବିଧ ସେହି ଉପାଦାନଗୁଡ଼ିକ ଯେ ସେହି ପରମ ଅଦ୍ୱୟଙ୍କର ଅନ୍ତର୍ଗତ ବସ୍ତୁସ୍ୱଭାବର ବିଭିନ୍ନ ଦିଗ ବ୍ୟତୀତ ଆଉକିଛି ନୁହନ୍ତି, ଅନନ୍ତ ଚେତନା ଏହି ସତ୍ୟଟିକୁ ସହଜରେ ଗ୍ରହଣ କରିନିଏ ।

ସେହି ପରମ ଅଦ୍ୱୟସତ୍ୟ ଆପଣାକୁ ଯେ ବହୁ ବିଚିତ୍ର ଓ ବିବିଧ ରୂପରେ ପ୍ରକାଶିତ କରି ପାରୁଛନ୍ତି, ଏହି ସତ୍ୟଟିକୁ ସ୍ୱୀକାର କରିନେଲେ ଆମେ ଏକ ପରମ କାଳାତୀତ ଶାଶ୍ୱତତା ଓ ଏକ କାଳଗତ ଶାଶ୍ୱତତା ଯେ ଏକତ୍ର ସହାବସ୍ଥାନ କରି ରହିଛନ୍ତି, ତାହାକୁ ଆଉ ଅସମ୍ଭବ ବୋଲି କଦାପି କହିବା ନାହିଁ । ସେତେବେଳେ ଆମେ ବେଶ୍ ବୁଝି ପାରିବା ଯେ କେବଳ ଏକ ଦ୍ୱିବିଧ ଆତ୍ମଚେତନାରେହିଁ ସେହି ଏକ ପରମ ଶାଶ୍ୱତତା ଦ୍ୱିବିଧରୂପେ ପ୍ରତୀତ ହେଉଛନ୍ତି ଓ ସେହି ଦୁଇଟି ଅବସ୍ଥା ଭିତରେ ଆଦୌ କୌଣସି ବିରୋଧ ଲାଗି ସ୍ଥାନ ନାହିଁ । ଏହି ପ୍ରସଙ୍ଗଟିକୁ ଆମେ ଅନନ୍ତ ଓ ଶାଶ୍ୱତ ପରମ ସତ୍ୟଙ୍କର ଆତ୍ମଚେତନାଗତ ଦୁଇଟି ସାମର୍ଥ୍ୟର ଏକ ପରସ୍ପର-ସମ୍ବନ୍ଧିତତା ବୋଲିହିଁ କହିବା । ଗୋଟିଏ ହେଉଛି ତାଙ୍କର ଅଚଳପ୍ରତିଷ୍ଠାର ଓ ଅପ୍ରକଟ ରହିବାର ସାମର୍ଥ୍ୟ, ଏବଂ ଆରଟି ହେଉଛି ଆପଣାକୁ ଆପଣା ଭିତରୁ ସଂକ୍ଷିପ୍ତ କରାଇ ଆପଣା ମଧ୍ୟରେ ଗତିସ୍ପନ୍ଦନ ଆଣିବାର ସାମର୍ଥ୍ୟ, ଆପଣାକୁ ରୂପାୟିତ ଓ ପ୍ରକଟ କରିବାର ସାମର୍ଥ୍ୟ । ଏହି ଦୁଇଟିଯାକ ସାମର୍ଥ୍ୟ ଯେ ଯୁଗପତ୍ ଭାବରେ ରହିଛି ଓ ଯୁଗପତ୍ ଭାବରେ ଘଟୁଛି, ଆମର ସୀମାବଦ୍ଧ ବାହ୍ୟ ଦେଖିବାକୁ ଯେତେ ପରସ୍ପର-ବିରୋଧୀ ଓ ଅସମଞ୍ଜସ ବୋଧ ହେଉଥିଲେ ମଧ୍ୟ ମାୟା ଅର୍ଥାତ୍ ପରଂବ୍ରହ୍ମଙ୍କର ଶାଶ୍ୱତ ଆତ୍ମଜ୍ଞାନ ଓ ସର୍ବଜ୍ଞାନ ଲାଗି, ଈଶ୍ୱରଙ୍କର ଶାଶ୍ୱତ ଓ ଅନନ୍ତ ଜ୍ଞାନ ତଥା ପ୍ରଜ୍ଞାଶକ୍ତି ଲାଗି ତଥା ସ୍ୱୟଂ ସଚ୍ଚିଦାନନ୍ଦଙ୍କର ଚୈତନ୍ୟଶକ୍ତି ଲାଗି ଏହା ଅତ୍ୟନ୍ତ ସ୍ୱଧର୍ମଗତ ଓ ଅତ୍ୟନ୍ତ ସ୍ୱାଭାବିକ ।

'oaob.nitrkl.ac.in' images reprocessed

## ତୃତୀୟ ପରିଚ୍ଛେଦ

# ବ୍ରହ୍ମସତ୍ତା ଓ ବ୍ୟକ୍ତିସତ୍ତା

ସୋଽହମସ୍ମି ॥

—ଈଶୋପନିଷଦ, ୧୬ଶ ଶ୍ଲୋକ

ସେହି ହେଉଛନ୍ତି ମୁଁ ।

ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।

ଉତ୍କ୍ରାମନ୍ତଂ ସ୍ଥିତଂ ବାଽପି ଭୁଞ୍ଜାନଂ ବା……ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ॥

—ଗୀତା, ୧୫ । ୭, ୧୦

ସ୍ୱୟଂ ମୋର ଏକ ସନାତନ ଅଂଶ ଜୀବଲୋକରେ ଜୀବଭୂତ ହୋଇ ରହିଛି । କେବଳ ଈଶ୍ୱରହିଁ ଦେହ ମଧ୍ୟରେ ଅବସ୍ଥିତ ଅଛନ୍ତି, ସେହି ସବୁକିଛି ଭୋଗ କରୁଛନ୍ତି ଓ ଦେହରୁ ଉତ୍କ୍ରାନ୍ତ ହୋଇଯାଉଛନ୍ତି;—ଯେଉଁମାନଙ୍କର ଜ୍ଞାନଚକ୍ଷୁ ଅଛି, ସେମାନେ ତାହା ଅବଶ୍ୟ ଦେଖିପାରନ୍ତି ।

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଲଂ ସ୍ୱାଦ୍ୱତ୍ତି, ଅନଶ୍ନନ୍ ଅନ୍ୟୋ ଅଭିଚାକଶୀତି ॥
ଯତ୍ରା ସୁପର୍ଣ୍ଣା ଅମୃତସ୍ୟ ଭାଗମନିମେଷଂ ବିଦଥାଭିସ୍ୱରନ୍ତି ।
ଇନୋ ବିଶ୍ୱସ୍ୟ ଭୁବନସ୍ୟ ଗୋପାଃ ସ ମା ଧୀରଃ ପାକମତ୍ରା ବିବେଶ ॥

ଋକ୍‌ବେଦ, ୧ । ୧୬୪ । ୨୦, ୨୧

ସୁନ୍ଦର ପକ୍ଷଯୁକ୍ତ ଦୁଇଟି ପକ୍ଷୀ ସଖାପରି ପରସ୍ପର ସହିତ ଯୁକ୍ତ ହୋଇ ଗୋଟିଏ ବୃକ୍ଷକୁ ଅବରି ରହିଛନ୍ତି । ଗୋଟିଏ ସେହି ବୃକ୍ଷର ସୁସ୍ୱାଦୁ ଫଳ ଖାଇବାରେ ରତ ଅଛି ଓ ଅନ୍ୟଟି ଅପେ କିଛି ନଖାଇ ପ୍ରଥମଟି ଆଡ଼କୁ କେବଳ ଅନାଇ ରହିଛି । ଯେଉଁଠି ସୁନ୍ଦର ପକ୍ଷଯୁକ୍ତ ଆତ୍ମାସବୁ ଅମୃତର ଭାଗ ଲଭି କରି ଅପଲକନେତ୍ରରେ ନିରନ୍ତର ବିଦ୍ୟାର ଘୋଷଣା କରୁଛନ୍ତି, ସେଠାରେ ଜଗତ୍‌ପାଳକ ଜଗଦୀଶ୍ୱର ସ୍ୱୟଂ ବିଜ୍ଞାନୀ ହୋଇ ମଧ୍ୟ ଅଜ୍ଞାନୀ ମୋ ଭିତରକୁ ପଶି ମୋତେ ଅବୋରି ରହିଲେ ।

'oaob.nitrkl.ac.in' images reprocessed

ଏଥିରୁ ଆମେ ଜାଣିବାକୁ ପାଉଛୁ ଯେ ସତ୍ତାର ଏକ ଆଧାରଭୂତ ସତ୍ୟ ଅର୍ଥାତ୍ ଏକ ସର୍ବଗତ ପରମସତ୍ୟ ବିଶ୍ୱଜଗତର ଏହି ରୂପାୟନଭୂମି ଉପରେ ସର୍ବତ୍ର-ବିଦ୍ୟମାନ ରହିଛି । ଏହି ବିଶ୍ୱଜଗତ ଭିତରେ ପରିପୂର୍ଣ୍ଣ ହୋଇ ରହିଛି ଓ ପ୍ରତ୍ୟେକ ବ୍ୟକ୍ତି ବା ଜୀବ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି । ଏହି ସର୍ବତ୍ରବିଦ୍ୟମାନ ପରମ ସତ୍ୟର ଏକ ଗତିଶୀଳ ଶକ୍ତି ମଧ୍ୟ ରହିଛି, ଏହାର ଅନନ୍ତ ଚିତ୍‌ଶକ୍ତି ମଧ୍ୟରେ ଏକ ସୃଜନାତ୍ମକ ଓ ଆତ୍ମରୂପାୟନମୂଳକ କ୍ରିୟା ରହିଛି । ଏହି ଆତ୍ମରୂପାୟନର ଏକ ପର୍ଯ୍ୟାୟ ବା ସୋପାନଗତ ଗତିକ୍ରମରୂପେ ଏଭଳି ଏକ ଅବସ୍ଥା ରହିଛି, ଯେଉଁଥିରେ କି ତାହା ଏକ ଆପାତ ଜଡ଼ଭୂମିଗତ ନିଶ୍ଚେତନ ମଧ୍ୟକୁ ଅବତରଣ କରିଆସୁଛି, ତା'ପରେ ସେହି ନିଶ୍ଚେତନ ଭିତରୁ ବ୍ୟଷ୍ଟିରୂପେ ଜାଗୃତ ହୋଇ ଉଠୁଛି ଏବଂ ତା'ପରେ ତା' ସତ୍ତାର ବିବର୍ତ୍ତନକ୍ରମଟି ପରମସତ୍ୟର ଆଧ୍ୟାତ୍ମିକ ଓ ଅତିମାନସ ଚେତନା ଓ ସାମର୍ଥ୍ୟର ଅଭିମୁଖରେ ଗତି କରିବାକୁ ଆରମ୍ଭ କରୁଛି, ତାହାର ଆପଣା ବିଶ୍ୱଗତ ଓ ବିଶ୍ୱାତୀତ ସ୍ୱରୂପାତ୍ମା ଓ ତାହାର ସତ୍ତାର ପରମ ଉତ୍ସ ଅଭିମୁଖରେ ଯାତ୍ରୀ ହୋଇ ବାହାରି ଯାଉଛି । ଏହି ତତ୍ତ୍ୱଟିକୁ ଆଧାର ବୋଲି ମାନିନେଇ ତାହାର ଉପରେହିଁ ଆମକୁ ଆମ ପାର୍ଥିବ ସତ୍ତାଟିର ମୂଳ ସତ୍ୟ ଏବଂ ଜଡ଼ପ୍ରକୃତି ମଧ୍ୟରେ ଏକ ଦିବ୍ୟ ପରମ ଜୀବନର ସମ୍ଭାବନା ବିଷୟରେ ଆମର ଯାବତୀୟ କଳ୍ପନାକୁ ଠିଆ କରିବାକୁ ପଡ଼ିବ । ତେଣୁ, ଜଡ଼ର ନିଶ୍ଚେତନତା ମଧ୍ୟରୁ ଯେଉଁ ଅଜ୍ଞାନ ଜନ୍ମଲାଭ କରୁଥିବାର ଏବଂ ଏକ ଜଡ଼ଶରୀର ମଧ୍ୟରେ କ୍ରମଶଃ ଆତ୍ମପ୍ରକାଶ କରୁଥିବାର ଆମେ ଦେଖିବାକୁ ପାଉଛୁ, ତାହାର ମୂଳ ଉତ୍ସ ଓ ପ୍ରକୃତିଟିକୁ ଆବିଷ୍କାର କରିପାରିବା ଏଠାରେ ଅତ୍ୟାବଶ୍ୟକ ହୋଇ ଉଠୁଛି । ଯେଉଁ ପରମ ସତ୍ୟଜ୍ଞାନ ଏହି ଅଜ୍ଞାନର ସ୍ଥାନ ଅଧିକାର କରିବାକୁ ଆସିବ, ତାହାର ସ୍ୱଭାବଟିକୁ ମଧ୍ୟ ଯଥାର୍ଥଭାବେ ଜାଣିବାକୁ ହେବ, ପ୍ରକୃତିର ଆତ୍ମ-ଉନ୍ମୋଚନ ତଥା ଆତ୍ମାର ପୁଣି ଆପଣାକୁ ଫେରି ପାଇବାର ପ୍ରକ୍ରିୟାଟିକୁ ମଧ୍ୟ ଭଲକରି ବୁଝିବାକୁ ପଡ଼ିବ । କାରଣ ସେହି କ୍ଷେତ୍ରରେ ସତ୍ୟଜ୍ଞାନ ବସ୍ତୁତଃ ସେହି ଅଜ୍ଞାନ ଭିତରେହିଁ ଲୁକ୍‌କାୟିତ ହୋଇ ରହିଛି । ତେଣୁ ଏହି ସତ୍ୟଜ୍ଞାନକୁ ଲାଭ କରିବାକୁ ହେବ ବୋଲି ନକହି ତାହାକୁ ଆବରଣମୁକ୍ତ କରିବାକୁ ହେବ ବୋଲି କହିଲେ ବରଂ ଅଧିକ ଯଥାର୍ଥ ହେବ । ଏହି ସତ୍ୟଜ୍ଞାନକୁ ଅର୍ଜନ କରିଯାଏ ନାହିଁ, ତାହା ଆପେ ଆପଣାକୁହିଁ ପ୍ରକାଶିତ କରେ; ଏକ ଅନ୍ତର୍ମୁଖୀ ଓ ଊର୍ଦ୍ଧ୍ୱମୁଖୀ ଆତ୍ମବିମୋଚନଦ୍ୱାରାହିଁ ତାହା ଆପଣାକୁ ପ୍ରକାଶିତ କରେ । ମାତ୍ର ପ୍ରଥମେ ଅନିବାର୍ଯ୍ୟ ଭାବରେ ଆସି ଆମ ଆଗରେ ଠିଆ ହେଉଥିବା ଗୋଟିଏ ସଂଶୟର ସମ୍ମୁଖୀନ ହୋଇ ସେଇଟିକୁ ଆମର ପଥ ଉପରୁ ଅପସାରଣ କରିଦେବା ଆମ ଲାଗି ଅଧିକ ସୁବିଧାଜନକ ହେବ । ଏହି ସଂଶୟଟି ସାଧାରଣତଃ ଏହି କଥାଟି ସ୍ୱୀକାର କରିନେବା ସମୟରେ ଉପୁଜିଥାଏ ଯେ ପରମ ଦିବ୍ୟପୁରୁଷ ଆମରି ଭିତରେ

'oaob.nitrkl.ac.in' images reprocessed

ଅନ୍ତର୍ନିହିତ ହୋଇ ଅଛନ୍ତି ଅଥବା ଆମର ବ୍ୟଷ୍ଟିଚେତନା ପ୍ରକୃତରେ ବିଶ୍ୱପ୍ରକାଶ-ଲୀଳାର ପରିଣତିକ୍ରମରେ ଏକ ବାହାନରୂପେ କାର୍ଯ୍ୟ କରୁଛି ବୋଲି ମାନିନେଲେ ମଧ୍ୟ ବ୍ୟକ୍ତି ବା ଜୀବକୁ ଆମେ କେତେଦୂର ବା କେଉଁ ଅର୍ଥରେ ନିତ୍ୟ ଓ ଶାଶ୍ୱତ ବୋଲି କହିପାରିବା; ଅଥବା, ଏକତ୍ୱର ଉପଲବ୍ଧି ଓ ଆତ୍ମଜ୍ଞାନ ଦ୍ୱାରା ମୁକ୍ତି ପ୍ରାପ୍ତ ହୋଇ ସାରିବାପରେ ତଥାପି ଜୀବର ଜୀବତ୍ୱ ବା ବ୍ୟଷ୍ଟିତ୍ୱ କେତେଦୂର ଅକ୍ଷୁଣ୍ଣରୂପେ ବର୍ତ୍ତିମାନ ରହିପାରିବ ?

ନ୍ୟାୟଗତ ତର୍କବୁଦ୍ଧିର ସ୍ତରରେହିଁ ଏହି ସଂଶୟଟି ଜାତ ହୋଇଥାଏ, ତେଣୁ ଏକ ବୃହତ୍ତର ଓ ଉଦାରତର ଆଲୋକପାତକାରୀ ଯୁକ୍ତିର ବିବେକଦ୍ୱାରା ଆମକୁ ଏହାର ସମ୍ମୁଖୀନ ହେବାକୁ ପଡ଼ିବ । ଅଥବା, ଯଦି ଏଇଟି ଆଧ୍ୟାତ୍ମିକ ଅନୁଭୂତିକ୍ଷେତ୍ରର ଏକ ସଂଶୟ ହୋଇଥାଏ, ତେବେ କେବଳ ଏକ ପ୍ରଶସ୍ତତର ସଂଶୟମୋଚନକାରୀ ଅନୁଭୂତିଦ୍ୱାରାହିଁ ଏହାର ସମ୍ମୁଖୀନ ହେବା ସମ୍ଭବ ହେବ । ଏକ ତର୍କଯୁକ୍ତି ଦ୍ୱାରା ମଧ୍ୟ ଏହି ସଂଶୟଟିର ସାମନା କରାଯାଇ ପାରିବ, ତର୍କବୁଦ୍ଧିପ୍ରଖର ମନର ଶାବ୍ଦିକ କଳହଦ୍ୱାରା ବି ଏହି ସଂଶୟଟି ସହିତ ଯୁଝି ହେବ । ମାତ୍ର ସେଇ ପଦ୍ଧତିଟିକୁ ଆମେ କେବଳ ଏକ କୃତ୍ରିମ ଓ ଅସ୍ୱାଭାବିକ ପଦ୍ଧତି ବୋଲି କହିବା; ଏଥିରେ ଅନେକ ସମୟରେ ସତେଅବା ମେଘର ଅସ୍ପଷ୍ଟତା ଉପରେ ଠିଆହୋଇ କେବଳ ବ୍ୟର୍ଥ ଲଢ଼ିବାହିଁ ସାର ହେବ, ଏବଂ ସେଥିରୁ ମଧ୍ୟ କେବେହେଲେ କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ହେବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତର୍କବୁଦ୍ଧିଗତ ଯୁକ୍ତି ଆପଣା କ୍ଷେତ୍ରର ସୀମା ଭିତରେ ଅନେକ କାମ ଦେଇଥାଏ ଓ ଅପରିହାର୍ଯ୍ୟ ସାବ୍ୟସ୍ତ ହୋଇଥାଏ । ମନ ଆପଣାର ଅବଧାରଣା ତଥା ଶବ୍ଦଗତ ପ୍ରତୀକଗୁଡ଼ିକୁ ନେଇ କାର୍ଯ୍ୟ କରୁଥିଲାବେଳେ ଏହା ମନ ଭିତରେ ଅନେକ ପରିମାଣରେ ସ୍ପଷ୍ଟତା, ଯଥାର୍ଥତା ଓ ସୂକ୍ଷ୍ମତା ଆଣିଦେବାରେ ଖୁବ୍ ସାହାଯ୍ୟ କରେ । ଏହା ଫଳରେ, ପର୍ଯ୍ୟବେକ୍ଷଣ ଏବଂ ଅନୁଭୂତି ଦ୍ୱାରା ଆମେ ବିଭିନ୍ନ ସତ୍ୟର ଯେଉଁଭଳି ଅବଧାରଣାରେ ଆସି ଉପନୀତ ହୋଇଥାଉ, ଅଥବା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଦୃଷ୍ଟିରେ ଆମେ ଯେଉଁ ସତ୍ୟଗୁଡ଼ିକର ଅବଲୋକନ କରିଥାଉ, ସେଗୁଡ଼ିକ ଯେପରି ଆମ ସାଧାରଣ ମନୁଷ୍ୟବୁଦ୍ଧିର ବିକୃତିଦ୍ୱାରା ଯଥାସମ୍ଭବ କମ୍ ଭ୍ରମାଚ୍ଛନ୍ନ ହୋଇ ରହିପାରିବେ, ସେଥିରେ ଆମର ତର୍କବୁଦ୍ଧି ଆମର ବଡ଼ ସହାୟକ ହୋଇଥାଏ । ଆମର ସାଧାରଣ ମନୁଷ୍ୟବୁଦ୍ଧି ଭିତରେ ସତ୍ୟପ୍ରତୀତିଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରିବାର ଏକ ସ୍ୱଭାବଗତ ପ୍ରବଣତା ରହିଥାଏ, ଅନେକ ସମୟରେ ଏହା ସତେଅବା ଧୈର୍ଯ୍ୟଚ୍ୟୁତ ହୋଇଗଲା ପରି କେବଳ ଏକ ଖଣ୍ଡସତ୍ୟ ଦ୍ୱାରା ଆପଣାକୁ ଭ୍ରାନ୍ତଭାବେ ପରିଚାଳିତ କରି ନେଇଯାଏ, ଆପଣାର ସିଦ୍ଧାନ୍ତଗୁଡ଼ିକୁ ବଡ଼ ଅତିରଞ୍ଜିତ କରିପକାଏ, ବୁଦ୍ଧି ଓ ସଂବେଗର କ୍ଷେତ୍ରରେ ନାନା ପକ୍ଷାଗ୍ରହ ଭିତରେ ଆସି ପଡ଼ିଯାଏ, ଗୋଟିଏ

'oaob.nitrkl.ac.in' images reprocessed

ସତ୍ୟକୁ ଆଉ ଗୋଟିଏ ସତ୍ୟରେ ଆଣି ଯୋଡ଼ିବା ସମୟରେ ବଡ଼ ଅକୁଶଳ ଭାବରେ କେତେକ'ଣ ଗୋଳଆମିଶା କରିଦିଏ ଓ ସେହି କାରଣରୁ କେବେହେଲେ କୌଣସି ପରିପୂର୍ଣ୍ଣ ଜ୍ଞାନରେ ଆସି ପହଞ୍ଚିପାରେ ନାହିଁ । ଆମର ଯେଉଁ ପ୍ରାୟ ଚିରାଚରିତ ମାନସିକ ଅଭ୍ୟସ୍ତତା ସତ୍ୟକୁ ଆଣି ମିଥ୍ୟାର ଏକ ପରିବେଷକରେ ପରିଣତ କରିଦିଏ, ତାହାରି କବଳରୁ ଯଥାସମ୍ଭବ ସତତ ମୁକ୍ତ ରହିପାରିବା ଲାଗି ଆମକୁ ଆମର ମନକୁ ଶୁଦ୍ଧ, ପରିଚ୍ଛନ୍ନ, ସୂକ୍ଷ୍ମ ଓ ସ୍ଥିତିସ୍ଥାପକ କରି ରଖିବାକୁ ପଡ଼ିବ । ମନକୁ ଏହିପରି ସ୍ୱଚ୍ଛ ଓ ବିମୁକ୍ତ ରଖିପାରିଲେ, ତତ୍ତ୍ୱଗତ ତର୍କବିବେକର ପଦ୍ଧତିରେ ଆପଣାର ଚରମ ଉତ୍କର୍ଷ ଲାଭ କରୁଥିବା ସ୍ୱଚ୍ଛ ତର୍କବୁଦ୍ଧିରେ ଆପଣାକୁ ଅଭ୍ୟସ୍ତ କରିନେଇ ପାରିଲେ ତାହା ଜ୍ଞାନଲାଭରେ ସଫଳ ହେବାଲାଗି ଅବଶ୍ୟ ସହାୟକ ହୁଏ, ଏବଂ ସେହି କାରଣରୁ ଜ୍ଞାନର ପ୍ରସ୍ତୁତିକ୍ରମରେ ଏହାର ସର୍ବଦା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ମାତ୍ର କେବଳ ଆପଣା ଉପରେ ନିର୍ଭର କରି ଏହା ବିଶ୍ୱ ଅଥବା ଭଗବାନଙ୍କ ସମ୍ବନ୍ଧରେ କୌଣସି ଯଥାର୍ଥ ଜ୍ଞାନରେ କଦାପି ଉପନୀତ ହୋଇପାରିବ ନାହିଁ । ଏବଂ ନିମ୍ନତର ଓ ଊର୍ଦ୍ଧ୍ୱତର ସ୍ତରର ଉପଲବ୍ଧି-ଦ୍ୱୟରେ ଏହା କୌଣସି ସମନ୍ୱୟ ସ୍ଥାପନ କରିପାରିବ ବୋଲି ଆଶା କରିବାର ତ' ପ୍ରଶ୍ନହିଁ ଉଠୁ ନାହିଁ । ଏହାକୁ ଆମେ ସତ୍ୟର ଯଥାର୍ଥ ଆବିଷ୍କାରକ ବୋଲି ଯେତେଦୂର କହିପାରିବା, ଭ୍ରାନ୍ତ ଓ ପ୍ରମାଦକୁ ଘଟିବାକୁ ନଦେଉଥିବା ଏକ ସତର୍କ ନିପୁଣ ପ୍ରହରୀ ବୋଲି ତା'ଠାରୁ ଅନେକ ଅଧିକ ନିଶ୍ଚିତ ଭାବରେ କହିପାରିବା, ଅବଶ୍ୟ ଏକଥା ସତ ଯେ ପୂର୍ବଲବ୍ଧ କୌଣସି ଜ୍ଞାନରୁ ଅବରୋହଣଧର୍ମୀ ପଦ୍ଧତିଦ୍ୱାରା ଏହା ହୁଏତ ଆହୁରି କେତେ ନୂତନ ସତ୍ୟର ସନ୍ଧାନ ଆଣି ଦେଇପାରେ, ଏବଂ ଆମର ଅନୁଭୂତି ସମକ୍ଷରେ ଅଥବା ଉଚ୍ଚତର କମ୍ବା ବୃହତ୍ତର ସତ୍ୟଦର୍ଶୀ ପ୍ରବୃତ୍ତିଗୁଡ଼ିକ ଆଗରେ ସେଗୁଡ଼ିକୁ ସମର୍ଥନ ପାଇଁ ଆଣି ଉପସ୍ଥାପିତ କରିପାରେ । ମାତ୍ର ଏକତ୍ୱବୋଧ ଆଡ଼କୁ ବାଟ ଦେଖାଇ ନେଉଥିବା ସମନ୍ୱୟଧର୍ମୀ ଜ୍ଞାନକ୍ଷେତ୍ରରେ ଆମ ମନର ତର୍କବୁଦ୍ଧିପ୍ରବଣ ଅଭ୍ୟାସଟି ହୁଏତ ଏକ ବିଶେଷ କ୍ଷେତ୍ରରେ କାମ ଦେଉଥିବା ଖାସ୍ ଆପଣାର ବୈଶିଷ୍ଟ୍ୟଟି ସକାଶେହିଁ ଏକ ବିଘ୍ନରୂପେ ଆସି ଦଣ୍ଡାୟମାନ ହୋଇପାରେ । କାରଣ ଭେଦ ଦେଖାଇ ଦେବାରେ ଓ ଭେଦ ଭିତରେ ସଂଶ୍ଳିଷ୍ଟ ହୋଇ ରହି ଭେଦଦ୍ୱାରାହିଁ ଆପଣାର କାର୍ଯ୍ୟ ହାସଲ କରିବାରେ ତାହା ଏତେବେଶୀ ଅଭ୍ୟସ୍ତ ହୋଇ ପଡ଼ିଥାଏ ଯେ ଯେତେବେଳେ ଭେଦଗୁଡ଼ିକୁ ଅତିକ୍ରମ କରିବା ଓ ଭେଦର ନିରାକରଣ କରିବା ଦରକାର ହେଉଥାଏ, ତାହା ସେତେବେଳେ ସାଧାରଣତଃ ଟିକିଏ କିଂକର୍ତ୍ତବ୍ୟବିମୂଢ଼ ହିଁ ହୋଇପଡ଼େ । ତେଣୁ, ବିଶ୍ୱଗତ ତଥା ବିଶ୍ୱୋତ୍ତୀର୍ଣ୍ଣ ଅନୁଭୂତିର ସମ୍ମୁଖୀନ ହେଲାବେଳେ ବ୍ୟକ୍ତି ସମକ୍ଷରେ ସାଧାରଣ ମନୋଭୂମିରୁ ଯେଉଁସବୁ ବାଧା ଓ ପ୍ରତିକୂଳତା ଆସି ପହଞ୍ଚେ, ସେହିଗୁଡ଼ିକର ବିଚାର କରିବାକୁ ଯାଇ ଆଗ କେତୋଟି ବିଷୟରେ ସ୍ପଷ୍ଟ ହୋଇ

'oaob.nitrkl.ac.in' images reprocessed

ଯିବାହିଁ ଆମର ଧ୍ୟେୟ ହେବା ଉଚିତ । ପ୍ରଥମତଃ, ଏହିସବୁ ବାଧା ପ୍ରକୃତରେ କେଉଁଠୁ ଉପୁଜୁଛି ଓ ସେଗୁଡ଼ିକୁ କିପରି ଉପାୟରେ ଏଡ଼ାଇ ରଖାଯାଇ ପାରିବ, ଆମର ସେକଥା ପରିଷ୍କାର ଭାବରେ ଜାଣିବା ଉଚିତ । ଏବଂ ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହେଉଛି, ସେ କଥାଟି ଜାଣି ସାରିବା ପରେ ତାହାର ସାହାଯ୍ୟରେ, ଆମେ ଉପଲବ୍ଧି କରିବାକୁ ଯାଉଥିବା ଏକତାଟିର ଯଥାର୍ଥ ସ୍ୱଭାବ କ'ଣ ଏବଂ ସକଳ ଭୂତ ସହିତ ଏକାତ୍ମତା ଅର୍ଜନ କରି ବ୍ୟକ୍ତି ବା ଜୀବ ଯେତେବେଳେ ପରମ ଶାଶ୍ୱତଙ୍କର ଏକୈକତା ମଧ୍ୟରେ ଅବସ୍ଥାନ କରୁଥାଏ, ସେତେବେଳେ ସେହି ଚରମ ଉପଲବ୍ଧିର ଯଥାର୍ଥ ସ୍ୱଭାବଟି ମଧ୍ୟ କ'ଣ,—ସେହି ସମ୍ବନ୍ଧରେ ମଧ୍ୟ ଯଥାର୍ଥ ଜ୍ଞାନ ଲାଭ କରିବା ଉଚିତ ।

ତର୍କବୁଦ୍ଧିର ପ୍ରଥମ ଦୋଷଟି ହେଉଛି ଯେ ବ୍ୟକ୍ତିର ଆତ୍ମା ଓ ଅହଂକୁ ସମବାଚୀ ବୋଲି ଅନୁମାନ କରିବାରେ ଏହା ସର୍ବଦା ବଡ଼ ଅଭ୍ୟସ୍ତ ରହିଆସିଛି । କେବଳ ଅହଂର ସୀମା ଓ ଭେଦଧର୍ମକୁ ନେଇ ତାହା ଆତ୍ମା ଉପରେ ଆରୋପିତ କରିଦିଏ । ଯଦି ତାହାହିଁ ସତ୍ୟ ହୋଇଥା'ନ୍ତା, ତେବେ ଅହଂର ବିଲୟ ଘଟିବା ସଙ୍ଗେସଙ୍ଗେ ବ୍ୟକ୍ତିଆତ୍ମାର ଅସ୍ତିତ୍ୱଟି ମଧ୍ୟ ଲୁପ୍ତ ହୋଇ ଯାଉଥାଆନ୍ତା, ଏବଂ ସେପରି କ୍ଷେତ୍ରରେ ଜଡ଼, ପ୍ରାଣ, ମନ, ଚେତନା କିମ୍ବା ଆମ ଅସ୍ମିତାର ଅହଂଗତ ବ୍ୟାକୃତି-ଗୁଡ଼ିକର ପ୍ରଥମ ଉନ୍ମେଷ ଘଟାଇଥିବା ଅନ୍ୟକୌଣସି ଅବ୍ୟାକୃତର ବକ୍ଷଗର୍ଭ ଭିତରେ ଅନ୍ତର୍ହିତ ବା ବିଲୀନ ହୋଇଯିବାରେହିଁ ଆମର ଚରମ ପରିଣତି ହେଉଥାଆନ୍ତା । ମାତ୍ର ବଡ଼ ଅନମନୀୟ ଭାବରେ ଗୋଟିକରୁ ଗୋଟିକୁ କେବଳ ଭିନ୍ନ କରି ଦେଖୁଥିବା ଏହି ଯେଉଁ ଆତ୍ମ-ଅନୁଭୂତି ବା ଅସ୍ମିତାକୁ ଆମେ ଅହଂ ବୋଲି କହୁ, ତାହାର ପ୍ରକୃତ ସ୍ୱରୂପ କ'ଣ ? ମୂଳତଃ ଏହି ଅହଂ ଭିତରେ କୌଣସି ସତ୍ୟ ନାହିଁ; ଏହାକୁ ଆମେ ଆମ ଚେତନାର ଏକ ବ୍ୟାବହାରିକ ବା ପ୍ରୟୋଜନଗତ ରୂପାୟନ ବୋଲି କହିପାରିବା, ଏବଂ ଆମ ଭିତରେ ପ୍ରକୃତିର ବିବିଧ କ୍ରିୟାକୁ କେନ୍ଦ୍ରୀଭୂତ କରି ରଖିବା ଲାଗି ଏହାର ଉଦ୍ଭାବଣ ହୋଇଛି । ଆମେ ଭାବିଥାଉ ଯେ ମନୋମୟ, ଅନ୍ନମୟ ଓ ପ୍ରାଣଗତ ସ୍ଥୂଳ ଅନୁଭବସବୁ ଆମ ଭିତରେ ଏପରି ଏକ ତତ୍ତ୍ୱର ଗଠନ କରିଛନ୍ତି, ଯାହାକି ସତ୍ତାର ଅବଶିଷ୍ଟ କ୍ଷେତ୍ରଠାରୁ ନିଜକୁ ଅଲଗା ବୋଲି ମନେ କରୁଛି । ଏବଂ ଏହାକୁ ଅର୍ଥାତ୍ ସମୂହଗତ ସତ୍ତାର ଏହି ବ୍ୟକ୍ତିଭାବାପନ୍ନତାକୁହିଁ ଆମେ ପ୍ରକୃତ ଭିତରେ ଆମର ସ୍ୱରୂପ ବୋଲି ଗ୍ରହଣ କରିନେଉ । ଆଉ ପାଦେ ଆଗକୁ ଯାଇ ଏହିପରି ଅସ୍ଥାୟୀ ଭାବେ ବା ଅନ୍ତତଃ ଏକ କାଳାଧୀନ ସମୂହରୂପେ ବ୍ୟକ୍ତିଭାବର ପ୍ରତୀତି ଧାରଣ କରିଥିବା ଓ କେବଳ ଏହି ବ୍ୟକ୍ତିଭାବଟି ରହିଥିବାଯାଏହିଁ ଆପେ ରହିଛି ବୋଲି ଅନୁଭବ କରୁଥିବା ଏକ ପ୍ରତ୍ୟୟରୂପକୁହିଁ ଆପଣାର ଏକମାତ୍ର ପରିଚୟ ବୋଲି ଭାବୁ । ଅଥବା, ଏହି ବ୍ୟକ୍ତିଭାବାପନ୍ନତାକୁ ଯିଏ ଘଟାଉଛି ବା ଯିଏ ଏହାର ଆଶ୍ରୟ ହୋଇ

ରହିଛୁ, 'ଆମେ' କହିଲେ କେବଳ ସେହିଭଳି ଜଣେ କାହାକୁ ବୁଝିଥାଉ । ତାହାକୁ ଆମେ ହୁଏତ ଅମର ବୋଲି ଅନୁମାନ କରୁ, ତଥାପି ଆପଣାର ବ୍ୟକ୍ତିତ୍ୱର ସୀମାଗୁଡ଼ିକ ଦ୍ୱାରା ସୀମାବଦ୍ଧ ହୋଇ ରହିଛୁ ବୋଲି ଭାବୁ । ଏହି କଳ୍ପନା ଓ ଏହି ଧାରଣା ହେଉଛି ଆମର ଅହଂଭାବ ବା ଅହଂବୋଧ । ଆମ ବ୍ୟକ୍ତିସତ୍ତା ସମ୍ବନ୍ଧରେ କେବଳ ଏତକ ଜାଣିବା ବ୍ୟତୀତ ଆମେ ସାଧାରଣତଃ ଆଉ ଅଧିକ ଦୂରକୁ ଅଗ୍ରସର ହୋଇପାରୁ ନାହିଁ ।

ମାତ୍ର ଆମର ଏହି ବ୍ୟକ୍ତିତ୍ୱବାପନ୍ନତା ଯେ କେବଳ ଏକ ବହିରଙ୍ଗ ରୂପାୟନ ମାତ୍ର, ପରିଶେଷରେ ଆମକୁ ସେ କଥା ବୁଝିବାକୁହିଁ ପଡ଼ିବ । ଗୋଟାଏ ନିର୍ଦ୍ଦିଷ୍ଟ ଦେହ ବା ଘଟରେ ବାସ କରୁଥିବା ପ୍ରାଣର ସାମୟିକ ପ୍ରୟୋଜନ ଦୃଷ୍ଟିରୁହିଁ କେତେକ ନିର୍ବାଚିତ ଓ ଅତି ସୀମାବଦ୍ଧ ଉପାଦାନକୁ ଏକାଠି କରି ଏହି କ୍ଷେତ୍ରରେ ବ୍ୟାବହାରିକ ସମାହାରରହିଁ ରଚନା କରାଯାଇଛି । ଅଥବା, ଏହି ସମାହାର ବା ସଂଯୋଜନ ଭିତରେ ସର୍ବଦା ନାନା ପରିବର୍ତ୍ତନ ଓ ବିବର୍ତ୍ତନ ଲାଗିରହିଛି,—ଗୋଟିଏ ପରେ ଆଉ ଗୋଟିଏ ଜନ୍ମରେ ଗୋଟିଏ ଦେହ ପରେ ଆଉ ଗୋଟିଏ ଦେହର ମଧ୍ୟଦେଇ ଏହା ଲାଗିରହିଛି । ଏହି ବିବର୍ତ୍ତନ ପଛରେ ଏକ ଚେତନା ରହିଛି, ଚେତନାମୟ ଏକ ପୁରୁଷ ଅବସ୍ଥିତ ରହିଛି, ଯିଏକି ତା'ର ବ୍ୟକ୍ତିତ୍ୱବାପନ୍ନତା ଅଥବା ଏହି ସମାହାର ଓ ସଂଯୋଜନଦ୍ୱାରା କୌଣସିପ୍ରକାରେ ଶାସିତ ବା ନିୟନ୍ତ୍ରିତ ହେଉ ନାହିଁ । ଅପର ପକ୍ଷରେ ସେହି ପୁରୁଷହିଁ ଏହି ସଂଯୋଜନଟିକୁ ନିୟନ୍ତ୍ରଣ କରୁଛି, ତାହାକୁ ଧାରଣ କରିଛି ଓ ତଥାପି ଏହାର ଅତୀତ ହୋଇ ଅବସ୍ଥାନ କରୁଛି । ଏହି ସଂଯୋଜନଟିର ରଚନା କରିବା ଲାଗି ସେ ବିଶ୍ୱସତ୍ତା ସମ୍ବନ୍ଧରେ ଆପଣାର ସମଗ୍ର ଅନୁଭୂତିରୁହିଁ ଆବଶ୍ୟକ ଉପାଦାନଗୁଡ଼ିକୁ ବାଛି ନେଉଛି । ତେଣୁ ବିଶ୍ୱସତ୍ତା ରହିଛି ବୋଲି ଆମର ବ୍ୟକ୍ତିତ୍ୱବାପନ୍ନତା ମଧ୍ୟ ରହିଛି; ପୁଣି ବ୍ୟକ୍ତିତ୍ୱର ବିଭିନ୍ନ ସମ୍ଭାବନାକୁ ଅନୁଭବ କରିବା ଲାଗି ଏହି ବିଶ୍ୱସତ୍ତାକୁ ବ୍ୟବହାର କରୁଥିବା ଏକ ଚେତନା ମଧ୍ୟ ରହିଛି ବୋଲି ବ୍ୟକ୍ତିତ୍ୱବାପନ୍ନତା ସମ୍ଭବ ହେଉଛି । ଆମର ବର୍ତ୍ତମାନ ବ୍ୟକ୍ତିତ୍ୱଟିକୁ ଅନୁଭବ କରିପାରିବା ଲାଗି ଏହି ପୁରୁଷ ଓ ତାହାର ବିଶ୍ୱ-ଉପାଦାନ, ଏହି ଉଭୟ ଶକ୍ତିର ପ୍ରୟୋଜନ ରହିଛି । ଯଦି ପୁରୁଷ ଓ ବ୍ୟକ୍ତିତ୍ୱର ଅବତାରଣା କରାଉଥିବା ତା'ର ଚେତନାଗତ ସଂଯୋଜନଗୁଡ଼ିକ ଅନ୍ତର୍ହିତ ବା ବିଲୀନ ହୋଇଯାଏ ଅଥବା ଆପଣାକୁ କୌଣସି ପ୍ରକାରେ ବିଲୁପ୍ତ କରିଦିଏ, ତେବେ ତାହାର ଫଳତ ଆମର ଏହି ବ୍ୟକ୍ତିତ୍ୱଟିର ମଧ୍ୟ ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ, କାରଣ ଏହାକୁ ଧାରଣ କରି ରହିଥିବା ପରମ ସତ୍ୟଟି ମଧ୍ୟ ସେତେବେଳେ ଉପସ୍ଥିତ ନଥିବ । ପୁଣି, ଅପର ପକ୍ଷରେ ଯଦି ବିଶ୍ୱସତ୍ତା ବିଲୀନ, ଲୁପ୍ତ ବା ଅନ୍ତର୍ହିତ ହୋଇଯାଏ, ତେବେ ଆମର ବ୍ୟକ୍ତିତ୍ୱବାପନ୍ନତା ମଧ୍ୟ ବିଲୁପ୍ତ ହୋଇଯିବ; କାରଣ ଯେଉଁ ଅନୁଭୂତିର ଉପାଦାନଦ୍ୱାରା

'oaob.nitrkl.ac.in' images reprocessed

ଏହା ଆପଣାକୁ କ୍ରିୟାଶୀଳ କରିପାରୁଛୁ, ସେତେବେଳେ ତାହାର ଅଭାବ ଘଟିବ । ତେଣୁ ଏହି ଦୁଇଟିକୁ ଆମେ ଆମ ଅସ୍ତିତ୍ୱର ଦୁଇଟି ତତ୍ତ୍ୱରୂପେ ସ୍ୱୀକାର କରିନେବା । ଗୋଟିଏ ହେଉଛି ବିଶ୍ୱସତ୍ତା ଓ ଅନ୍ୟଟି ହେଉଛି ବ୍ୟକ୍ତିଭାବର ବିଧାୟକରୂପେ ଅବସ୍ଥିତ ରହିଥିବା ଚେତନା । ଏହି ଚେତନାହିଁ ଆମର ଯାବତୀୟ ଆତ୍ମ-ଅନୁଭୂତି ଓ ବିଶ୍ୱାନୁଭୂତିର କାରଣ ।

ମାତ୍ର ଆହୁରି ଅଗ୍ରସର ହୋଇ ଆମେ ଏକଥା ମଧ୍ୟ ଦେଖିବାକୁ ପାଉ ଆମ ବ୍ୟକ୍ତିଭାବର କାରଣ ଓ ବିଧାନ ସ୍ୱରୂପ ଏହି ପୁରୁଷହିଁ ଆପଣାର ଏକପ୍ରକାର ଚେତନାମୟ ସଂପ୍ରସାରଣ ଦ୍ୱାରା ସମଗ୍ର ବିଶ୍ୱଜଗତ ଓ ଅନ୍ୟ ସକଳ ସତ୍ତା ମଧ୍ୟରେ ପରିପୂର୍ଣ୍ଣ ହୋଇ ରହିଛନ୍ତି ଏବଂ ଆପଣାକୁ ବିଶ୍ୱସତ୍ତା ସହିତ ଏକ ବୋଲି ଅନୁଭବ କରୁଛନ୍ତି । ଆପଣାକୁ ସଚେତନ ଭାବରେ ଏହିପରି ସଂପ୍ରସାରିତ କରିଦେଇ ସେ ଆପଣାର ପ୍ରଥମ ଅନୁଭୂତିଟିକୁ ଅତିକ୍ରମ କରି ଯାଉଛନ୍ତି ଏବଂ ଆପଣାର ସକ୍ରିୟ ଆତ୍ମସୀମିତତା ଓ ବ୍ୟକ୍ତିଭାବଟିକୁ ବିକଶିତ କରାଇବା ଲାଗି ଯାହାସବୁ ଅନ୍ତରାୟ ହୋଇ ରହିଥିଲା, ସେଗୁଡ଼ିକୁ ବିଲୁପ୍ତ କରି ଦେଉଛନ୍ତି । ଆପଣାର ଅନନ୍ତ ବିଶ୍ୱାତ୍ମକତାର ଅବଧାରଣା ଦ୍ୱାରା ସେ ବିଚ୍ଛିନ୍ନତାଧର୍ମୀ ବ୍ୟକ୍ତିଭାବ ବା ସୀମାସୃଜନସିଦ୍ଧ ଅହଂସତ୍ତାର ସକଳ ଚେତନାକୁ ଅତିକ୍ରମ କରି ଯାଉଛନ୍ତି । ଏବଂ ଖାସ୍ ସେହି କାରଣଟିରୁହିଁ ଆମେ ବ୍ୟକ୍ତିକୁ କଦାପି କେବଳ ଆପଣା ମଧ୍ୟରେ ସୀମାବଦ୍ଧ ହୋଇ ରହିଥିବା ଅହଂ ବୋଲି କହିପାରିବା ନାହିଁ । ଅର୍ଥାତ୍, କେବଳ ଆପଣାର ସୀମାଗୁଡ଼ିକୁ ଦେଖାଇ ଦେଇ ଆମର ଯେଉଁ ମିଥ୍ୟାଚେତନାଟି ଅନ୍ୟ ସକଳ ସତ୍ତା ଓ ସମୂହଠାରୁ ଆପଣାକୁ ଭିନ୍ନ ବୋଲି ଅନୁଭବ କରି ବସି ରହିଥାଏ, ଆମେ ସେଇଟିକୁ ଅତିକ୍ରମ କରି ଚାଲିଯିବା । ଯେଉଁ ଏତ୍ରସାସ୍ତ ବୋଧ ଦ୍ୱାରା ଆମେ ଏକ ବିଶେଷ ମନ ଓ ବିଶେଷ ଦେହ ଭିତରେ ଆମର ବ୍ୟକ୍ତିଗତ ଓ କାଳାଧୀନ ବ୍ୟକ୍ତିଭାବାପନ୍ନତାଟିକୁହିଁ ଯେପରି ଆମର ସମଗ୍ର ପରିଚୟ ବୋଲି ଭ୍ରମ କରି ବସିଥିଲୁ, ଆମର ସେହି ବୋଧ ଦୂର ହୋଇଯିବ । ମାତ୍ର ତଥାପି ତଦ୍ୱାରା ବ୍ୟକ୍ତିତ୍ୱ ଓ ବ୍ୟକ୍ତିଭାବାପନ୍ନତାର ସକଳ ସତ୍ୟ ପ୍ରକୃତରେ ବିଲୁପ୍ତ ହୋଇଯାଏ କି ? ସେତେବେଳେ ପୁରୁଷର ସକଳ ସତ୍ତା ବିଲୁପ୍ତ ହୋଇଯାଏ କି, ଅଥବା ତାହା କେବଳ ଏକ ବିଶ୍ୱପୁରୁଷରୂପେ ଅବସ୍ଥିତ ରହି ଅଗଣିତ ମନ ଓ ଅଗଣିତ ଦେହ ମଧ୍ୟରେ ଅନ୍ତରଙ୍ଗ ଭାବରେ ବାସ କରୁଥାଏ କି ? ସେଭଳି ଏକ ସ୍ଥିତି ଆସି ପହଞ୍ଚୁଥିବ ବୋଲି ଆମେ ଆଦୌ ଅନୁଭବ କରିପାରୁ ନାହୁଁ । ପୁରୁଷର ବ୍ୟଷ୍ଟିଭାବନା ତଥାପି କାର୍ଯ୍ୟ କରୁଥାଏ, ଏବଂ ତଥାପି ସେହି ପୁରୁଷହିଁ ଆପଣାର ବ୍ୟଷ୍ଟିଭାବନାକୁ କାର୍ଯ୍ୟକାରୀ କରିବା ସଙ୍ଗେସଙ୍ଗେ ପୁରୁଷ ବର୍ତ୍ତମାନ ରହନ୍ତି ଓ ଏହି ବୃହତ୍ତର ଚେତନାଟି ମଧ୍ୟରେ ପ୍ରତିଷ୍ଠିତ ରହିଥା'ନ୍ତି । ମାତ୍ର ସେତେବେଳେ ଆମର ମନ କେବଳ ଏକ ସୀମାବଦ୍ଧ ଓ ଅସ୍ଥାୟୀ ବ୍ୟକ୍ତିଭାବାପନ୍ନତାକୁହିଁ

'oaob.nitrkl.ac.in' images reprocessed

ଆପଣାର ସମୁଦାୟ ପରିଚୟ ବୋଲି ଭ୍ରମ କରି ବସେ ନାହିଁ । ସେତେବେଳେ ଏହାକୁ ସେ ଆପଣା ସତ୍ତାର ସାଗରଗର୍ଭରୁ ନିକ୍ଷିପ୍ତ ହେଉଥିବା ସମୁଦ୍ରର ଏକ ତରଙ୍ଗ ପରି ଅନୁଭବ କରେ, ଅଥବା ତାହାକୁ ବିଶ୍ୱାତ୍ମକତାର ଏକ ରୂପାୟନ ବା କେନ୍ଦ୍ର ବୋଲି ଭାବିଥାଏ । ଆତ୍ମା ବିଶ୍ୱସମୁଦ୍ରକୁହିଁ ଆପଣା ବ୍ୟକ୍ତିଗତ ଅନୁଭବର ଉପାଦାନ ଓ ସାମଗ୍ରୀରୂପେ ବ୍ୟବହାର କରୁଥାଏ । ମାତ୍ର ଏହି ବିଶ୍ୱସମୁଦ୍ର ତା'ର ବାହାରେ ଆଉକେଉଁଠି ରହିଛି, ତା'ଠାରୁ ଏକ ବୃହତ୍ତର ସତ୍ତାରୂପେ ତାହାର ଏକ ଭଣ୍ଡାର ପରି ଅବସ୍ଥିତ ରହିଛି, ଯାହା ତାହାକୁ ପ୍ରଭାବିତ କରୁଛି ଓ ଯାହା ସହିତ ତାକୁ ଆପଣାକୁ ଖାପଖୁଆଇ ରହିବାକୁ ହେଉଛି,—ସେତେବେଳେ ଏସବୁ ଭ୍ରମ ନିରାକୃତ ହୋଇଯାଏ । ସେତେବେଳେ ଆତ୍ମା ବିଶ୍ୱପ୍ରକୃତିକୁ ଆଣସ୍ଥଗତ ଭାବରେ ଆପଣା ଭିତରେ ରହିଛି ବୋଲି ଅନୁଭବ କରେ । ପ୍ରକୃତିର ବିଶ୍ୱ-ଉପାଦାନକୁ ତଥା ଦେଶକାଳଗତ ବିବିଧ ବିସ୍ତାର ମାଧ୍ୟମରେ ଆତ୍ମପ୍ରକାଶ କରୁଥିବା ତାହାର ବ୍ୟକ୍ତି-ଭାବାପନ୍ନ ଅନୁଭୂତିଟିକୁ ଆତ୍ମା ଏକ ମୁକ୍ତ ଓ ବୃହତ୍ତର ଚେତନାର ଭୂମି ଉପରେ ଦେଖିବାକୁ ପାଏ । ଏହି ନୂତନ ଚେତନାଦ୍ୱାରା ସମାବିଷ୍ଟ ହୋଇ ବ୍ୟକ୍ତି ଆପଣାର ଯଥାର୍ଥ ସ୍ୱରୂପଟିର ପରିଚୟ ପାଏ, ତାହାକୁ ପରମ ବିଶ୍ୱୋତ୍ତୀର୍ଣ୍ଣତା ସହିତ ଏକ ସତ୍ତାଗତ ହୋଇ ରହିଥିବାର ପ୍ରତ୍ୟକ୍ଷ କରେ । ଆପଣାର ଯଥାର୍ଥ ସ୍ୱରୂପକୁ ସେ ଆପଣା ମଧ୍ୟରେ ଅଧିଷ୍ଠିତ ରହିଥିବାର ଓ ସେହିଠାରେହିଁ ନିବାସ କରୁଥିବାର ଦେଖିବାକୁ ପାଏ । ସେତେବେଳେ ବିଚ୍ଛିନ୍ନତାର ଏକ ଆପାତପ୍ରତୀତି ଦ୍ୱାରା ରଚିତ ଆପଣାର ବ୍ୟଷ୍ଟିସତ୍ତା ବା ବ୍ୟକ୍ତିତ୍ୱକୁ ସେ ବିଶ୍ୱାନୁଭୂତି ଲାଗି ଆବଶ୍ୟକ କେବଳ ଏକ ରୂପାୟନ ବୋଲି ଜାଣିଥାଏ ।

ବିଶ୍ୱସତ୍ତା ସହିତ ଆପଣାକୁ ଏକ ବୋଲି ଅନୁଭବ କରିବାର ଅର୍ଥ ହେଉଛି ଆପଣା ଭିତରେ ଅଧିଷ୍ଠିତ ଏପରି ଏକ ଆତ୍ମାର ସଚେତନ ପରିଚୟ ଲାଭ କରିବା, ଯାହାକି ଏକାଧାରରେ ବିଶ୍ୱ ମଧ୍ୟରେ ବିଶ୍ୱମୟ ହୋଇ ରହିଛି ଏବଂ ବ୍ୟଷ୍ଟିପ୍ରକୃତିର ମାଧ୍ୟମରେ ବ୍ୟକ୍ତିଭାବାପନ୍ନ ହୋଇପାରୁଛି । ଏବଂ ସେହି ବିଶ୍ୱସତ୍ତା ଓ ଏହି ବ୍ୟକ୍ତିସତ୍ତା ଦୁଇଟିଯାକ ସ୍ଥିତିରେ ତଥା ଯାବତୀୟ ବ୍ୟକ୍ତିସତ୍ତା ମଧ୍ୟରେ ତାହା ସେହି ଏକ ପରମ ପୁରୁଷହିଁ ଆପଣାକୁ ରୂପାୟିତ କରୁଛି ଓ ଆପଣାର ବିବିଧ ରୂପାୟନକୁ ଅନୁଭବ କରୁଛି ବୋଲି ଜାଣିଥାଏ । ତେଣୁ ସେହି ପରମ ପୁରୁଷ ଆପଣା ସତ୍ତାରେ ନିଶ୍ଚୟ କେବଳ ଏକ ଓ ଅଦ୍ୱିତୀୟହିଁ ହୋଇଥିବେ, କାରଣ ସେପରି ନହୋଇଥିଲେ ଆମ ଲାଗି ମଧ୍ୟ ଏହି ଏକତ୍ୱବୋଧଟି କଦାପି ସମ୍ଭବ ହେବ ନାହିଁ । ମାତ୍ର ଏକ ଓ ଅଦ୍ୱିତୀୟ ରହି ମଧ୍ୟ ସେ ତଥାପି ବିଶ୍ୱବୈଚିତ୍ର୍ୟ ଓ ବ୍ୟକ୍ତିଭାବାପନ୍ନ ବହୁତ୍ୱ ଲାଗି ବି ସମର୍ଥ ହେଉଥିବେ । ଏକତ୍ୱକୁ ଯେ ଆମେ ସେହି ପୁରୁଷର ସତ୍ତା ବୋଲି ମାନିବା ଏକଥା ସତ୍ୟ, ମାତ୍ର ବିଶ୍ୱବୈଚିତ୍ର୍ୟ ଓ ବହୁ ବ୍ୟକ୍ତିଭାବର ସୃଷ୍ଟି କରିବା ହେଉଛି ସେହି ସତ୍ତାର

'oaob.nitrkl.ac.in' images reprocessed

ସାମର୍ଥ୍ୟ । ସେ ଆପଣାର ଏହି ସାମର୍ଥ୍ୟକୁ ଜଗତ କାର୍ଯ୍ୟକାରୀ କରିବାରେ ଲଗାନ୍ତି ଏବଂ ଏହିଭଳି କାର୍ଯ୍ୟକାରୀ କରିବା ହେଉଛି ତାର ଚୈତନ୍ୟମୟତାର ସ୍ୱଭାବ ଓ ତା' ଆନନ୍ଦର ଏକ ଲୀଳା । ତେଣୁ ଯଦି ଆମେ ସେହି ପୁରୁଷ ସହିତ ଏକତ୍ୱ ଅର୍ଜନ କରିପାରିବା, ଏପରିକି ଯଦି ଆମେ ପ୍ରତ୍ୟେକ ଅର୍ଥରେ ସମ୍ପୂର୍ଣ୍ଣରୂପେ ସେହି ସତ୍ତାରେ ପରିଣତ ହୋଇଯିବା, ତେବେ ସେହି ସତ୍ତାର ଶକ୍ତିକୁ ତାହାଠାରୁ ଆଉ କାହିଁକି କାଟି ଦିଆଯିବ, ଏବଂ ଆମେ ବା କାହିଁକି ତାହାକୁ କାଟି ଦେବା ଲାଗି କୌଣସି ଇଚ୍ଛା ବା ଚେଷ୍ଟା କରିବାକୁ ଯିବା ? ସେପରି କରିବସିଲେ ଆମେ କେବଳ ଏହା ସହିତ ଆମର ଏକତ୍ୱଟିରହିଁ ପରିସରକୁ ହ୍ରାସ କରି ପକାଇବା, କାରଣ ସେତେବେଳେ ଆମେ ଏକାନ୍ତ ଅଭିନିବେଶ ଦ୍ୱାରା ସେହି ଦିବ୍ୟ ସତ୍ତାକୁ ଗ୍ରହଣ କରିବା ସତ, ମାତ୍ର ସେହି ପରମ ଦିବ୍ୟପୁରୁଷର ସାମର୍ଥ୍ୟ, ଚୈତନ୍ୟ ଓ ଆନନ୍ଦ ମଧ୍ୟରେ ଆମର ବି ଯେଉଁ ଅଂଶଟି ବିଦ୍ୟମାନ ରହିଛି, ଆମେ ସେଇଟିକୁ ଗ୍ରହଣ କରିବା ନାହିଁ । ଫଳରେ ଏହା କେବଳ ଏକ ନିଶ୍ଚଳ ଏକତ୍ୱବୋଧ ଓ ଏକାତ୍ମକତା ମଧ୍ୟରେ ବ୍ୟକ୍ତିର ଏକତ୍ୱଜନିତ ଶାନ୍ତି ଓ ବିଶ୍ରାମର ଅନ୍ୱେଷଣ କରୁଥିବାରୂପେ ପରିଗଣିତ ହେବ ସତ, ମାତ୍ର ତାହାଦ୍ୱାରା ଦିବ୍ୟ ପରମସତ୍ତାର ସ୍ୱଭାବ, କ୍ରିୟା ଓ ସାମର୍ଥ୍ୟ ସହିତ ସମ୍ମିଳିତ ହେବାର ଆନନ୍ଦ ଓ ବହୁବିଧ ସୌଭାଗ୍ୟକୁ କେବଳ ଅସ୍ୱୀକାର ଓ ବର୍ଜନ କରି ଆସିଲା ପରି ହେବ । ଏପରି ଏକ ଉପଲବ୍ଧି ଅବଶ୍ୟ ସମ୍ଭବ, ମାତ୍ର ଏହାକୁହିଁ ଆମ. ଜୀବନର ଚରମ ଉଦ୍ଦେଶ୍ୟ ଅଥବା ଆମର ଚରମ ପରିପୂର୍ଣ୍ଣତା ବୋଲି ଦର୍ଶାଇବା ଲାଗି ଆଦୌ କୌଣସି କାରଣ ବା ଆବଶ୍ୟକତା ନାହିଁ ।

ଅଥବା, ଏକ ସମ୍ଭାବ୍ୟ କାରଣରୂପେ ଏଠାରେ ହୁଏତ ଏପରି କୁହାଯାଇ ପାରେ ଯେ ଚେତନାର ଶକ୍ତି ଓ ପ୍ରବୃତ୍ତିରେ ଯଥାର୍ଥ ଏକାତ୍ମକତା ବା ସଂଯୁକ୍ତତା ସଂଘଟିତ ହୁଏ ନାହିଁ, ଏବଂ କେବଳ ଚେତନାର ନିଶ୍ଚଳ ସ୍ଥିତିରେହିଁ ସେହି ପରିପୂର୍ଣ୍ଣ ଅଭିନ୍ନ ଏକତ୍ୱ ଉପଲବ୍ଧ ହୋଇଥାଏ । ଏହି ପ୍ରସଙ୍ଗଟିରେ, ଯେଉଁ ସ୍ଥିତିଟିକୁ ଆମେ ପରମ ଦିବ୍ୟସତ୍ତା ସହିତ ବ୍ୟକ୍ତିର ଏକ ଜାଗ୍ରତ ତାଦାତ୍ମ୍ୟ ବୋଲି କହିପାରିବା, ତାହା ସହିତ ତାହାର ଏକ ବିପରୀତ ସ୍ଥିତି ସ୍ୱରୂପ ଏକ ସୁପ୍ତି ଅବସ୍ଥା ଅର୍ଥାତ୍ ଏକ ନିମଗ୍ନ ଏକାତ୍ମକତା ମଧ୍ୟରେ ବ୍ୟକ୍ତିଚେତନାର ଏକ ଅଭିନିବେଶର ଅନୁଭୂତିଗତ ଏକ ପାର୍ଥକ୍ୟ ଅବଶ୍ୟ ରହିବହିଁ ରହିବ । କାରଣ ସକ୍ରିୟ ଏକାତ୍ମକତାର ଏହି ସ୍ଥିତିଟିରେ ବ୍ୟକ୍ତିପୁରୁଷ ଆପଣାର ନିଶ୍ଚଳ ଚେତନାଟିକୁ ସମ୍ପ୍ରସାରିତ କରିବା ସଙ୍ଗେ ସଙ୍ଗେ ତାହାର ସକ୍ରିୟ ଅନୁଭୂତିଟିକୁ ମଧ୍ୟ ସେହିପରି ସମାନ ଭାବରେ ପ୍ରସାରିତ କରି ଦେଇଥାଏ, ଯାହାଫଳରେ ଆପଣା ସତ୍ତା ତଥା ଜଗତ୍ ସତ୍ତାର ପରମ ଆତ୍ମାଟି ସହିତ ସେ ଏକାତ୍ମତା ଲାଭ କରିପାରେ; ମାତ୍ର ତଥାପି ବ୍ୟକ୍ତିଭାବାପନ୍ନତା ଆଦୌ ବର୍ଜିତ ହୋଇଯାଏ ନାହିଁ, ଏବଂ ସେହି କାରଣରୁ ଦୁହିଁଙ୍କ ମଧ୍ୟରେ ଏକ ଭେଦ ବି ରହିଯାଏ ।

'oaob.nitrkl.ac.in' images reprocessed

ପରମପୁରୁଷ ଅପର ସକଳ ବ୍ୟକ୍ତିଙ୍କୁ କେବଳ ଆପଣାରହିଁ ଗୋଟିଏ ଗୋଟିଏ ଆତ୍ମାରୂପେ ଚହ୍ନେ । ଆପଣାର ମନୋଗତ ତଥା ବ୍ୟାବହାରିକ କ୍ରିୟା ବିଷୟରେ ସଚେତନ ହୋଇ ପାରୁଥିବା ପରି ସେ ଏକ ଗତିଶୀଳ ସଂଯୋଗ ସ୍ଥାପନଦ୍ୱାରା ସେମାନଙ୍କର ମନୋଗତ ଓ ବ୍ୟାବହାରିକ କ୍ରିୟାକୁ ତା' ଆପଣାର ବିଶ୍ୱଚେତନା ମଧ୍ୟରେହିଁ ସଂଘଟିତ ହେଉଥିବାର ଜାଣିବାକୁ ସମର୍ଥ ହୋଇପାରେ; ସେମାନଙ୍କ ସହିତ ଏକ ଆଣବିକଧର୍ମୀ ଏକାତ୍ମକତା ହାସଲ କରି ପୁରୁଷ ସେମାନଙ୍କର କ୍ରିୟାକୁ ନିୟନ୍ତ୍ରିତ ହେବାରେ ସହାୟକ ମଧ୍ୟ ହୋଇପାରେ । ମାତ୍ର ତଥାପି ବ୍ୟାବହାରିକ କ୍ଷେତ୍ରରେ ଅବଶ୍ୟ ଏକ ଭେଦ ବା ପାର୍ଥକ୍ୟ ରହିଥାଏ । ଆପଣାର ଭିତରେ ଦିବ୍ୟ ପୁରୁଷଙ୍କର ଯେଉଁ କ୍ରିୟା ଚାଲିଥାଏ ତାହା ସହିତ ସେ ବିଶେଷ ଓ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ହୋଇ ରହିଥା'ନ୍ତି । ମାତ୍ର ଆପଣାର ଅପର ରୂପାତ୍ମାଗୁଡ଼ିକ ଭିତରେ ତାଙ୍କର ଯେଉଁ କ୍ରିୟା ଚାଲିଥାଏ, ତାହା ସହିତ ସେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ନହୋଇ ବିଶ୍ୱାତ୍ମକ ଭାବରେ ସମ୍ପୃକ୍ତ ହୋଇ ରହିଥା'ନ୍ତି, ସେମାନଙ୍କ ସହିତ ଓ ପରମ ଦିବ୍ୟସତ୍ତା ସହିତ ସେ ଯୁକ୍ତ ହେବାଦ୍ୱାରା ସେହି ଯୋଗର ମଧ୍ୟଦେଇ ସେ ସମ୍ପୃକ୍ତ ହୋଇ ରହିଥା'ନ୍ତି । ତେଣୁ ବ୍ୟକ୍ତି ତଥାପି ଅବସ୍ଥିତ ରହିଥାଏ; ଅବଶ୍ୟ ଏହି ସ୍ଥିତିରେ ସେ ଆପଣାର କ୍ଷୁଦ୍ର ଓ ଭେଦଧର୍ମୀ ଅହଂଟିକୁ ଉତ୍ତୀର୍ଣ୍ଣ ହୋଇ ଅବସ୍ଥିତ ରହିଥାଏ । ବିଶ୍ୱାତ୍ମକତାଟି ମଧ୍ୟ ଅବସ୍ଥିତ ରହିଥାଏ, ତାହା ବ୍ୟକ୍ତିସତ୍ତାର ଆଲିଙ୍ଗନବଦ୍ଧ ହୋଇ ରହିଥାଏ; ମାତ୍ର ତଦ୍ଦ୍ୱାରା ସକଳ ବ୍ୟକ୍ତିଗତ ଭେଦଗୁଡ଼ିକ ଆଦୌ ବିଲୀନ ବା ବିଲୁପ୍ତ ହୋଇଯାଏ ନାହିଁ । ବ୍ୟକ୍ତି ଏହି କ୍ଷେତ୍ରରେ ଆପଣାକୁ ବିଶ୍ୱାତ୍ମକତା ମଧ୍ୟରେ ଅବତୀର୍ଣ୍ଣ କରାଇବା ଦ୍ୱାରା ବ୍ୟକ୍ତିଗତ ଅହଂଜନିତ ସୀମାବଦ୍ଧତାଟିକୁ ପାରି ହୋଇଯିବା ସମ୍ଭବ ହେଉଥିଲେ ମଧ୍ୟ ବ୍ୟକ୍ତିଭାବ ତଥାପି ରହିଥାଏ ।

ଏକାତ୍ମବୋଧର ଐକାନ୍ତିକ ଅଭିନିବେଶ ଭିତରେ ବୁଡ଼ିଯାଇ ଆମେ ଏଠାରେ ଇଚ୍ଛାକଲେ ହୁଏତ ଏହି ଭେଦବୋଧଟିରୁ ମଧ୍ୟ ନିସ୍ତାର ପାଇ ପାରିବା । ମାତ୍ର ଆମେ କ'ଣ ପାଇଁ ଏକଥା କରିବା ? ପରିପୂର୍ଣ୍ଣ ଏକାତ୍ମବୋଧ ଲାଗି ଏହା କରିବା କି ? ମାତ୍ର ଭେଦବୋଧ ବା ବୈଚିତ୍ର୍ୟକୁ ସ୍ୱୀକାର କରିନେଲେ ଆମେ ସେହି ପୂର୍ଣ୍ଣ ଏକତ୍ୱ-ବୋଧର ଅଧିକାରକୁ ହରାଇ ବସିବା ବୋଲି କଦାପି କୁହାଯାଇ ପାରିବ ନାହିଁ । ବୈଚିତ୍ର୍ୟକୁ ସ୍ୱୀକାର କରିନେଇ ପରମ ଦିବ୍ୟପୁରୁଷ ଯେପରି ଆପଣାର ଏକତ୍ୱକୁ କଦାପି ହରାଇ ବସନ୍ତି ନାହିଁ, ଠିକ୍ ସେହିପରି । ସେହି ପରମ ସତ୍ତାଙ୍କ ସହିତ ଆମର ପରିପୂର୍ଣ୍ଣ ଏକତ୍ୱଟି ଅନବଚ୍ଛିନ୍ନ ଭାବରେ ବର୍ତ୍ତମାନ ରହିଛି ଏବଂ ଆମେ ଯେକୌଣସି ସମୟରେ ଆପଣାକୁ ତାହାର ମଧ୍ୟରେ ନିମଜ୍ଜିତ କରିଦେଇ ପାରିବା । ମାତ୍ର ତାହା ସଙ୍ଗେ ସଙ୍ଗେ ତାଙ୍କ ସହିତ ଆମର ଏହି ବୈଚିତ୍ର୍ୟମୟ ଅନ୍ୟ ଏକତ୍ୱଟି ମଧ୍ୟ ବର୍ତ୍ତମାନ ରହିଛି, ଏବଂ ଏକତ୍ୱ ଭାବଟିରେ କୌଣସି ହାନି ନଘଟାଇ ଆମେ ଯେକୌଣସି

'oaob.nitrkl.ac.in' images reprocessed

ସମସ୍ତରେ ତାହାର ଭିତରକୁ ଉଦ୍‌ଗତ ହୋଇ ଯାଇପାରିବା ଓ ତାହାର ଭିତରେ ରହି ମୁକ୍ତ ଭାବରେ କ୍ରିୟା କରିପାରିବା । କାରଣ ଏହି ସ୍ଥିତିଟିରେ ଆମେ ଆମର ଅହଂଟିକୁ ବିଲୀନ କରିଦେଇ ପାରିଛୁ ଏବଂ ଆପଣା ମନୋଗତ ଭୂମିର ଭେଦକାରୀ ସକଳ ପ୍ରାଦୁର୍ଭାବରୁ ଆପଣାକୁ ମୁକ୍ତ କରିନେଇଛୁ । ତେବେ କ'ଣ ଚରମ ଶାନ୍ତି ଓ ଚରମ ବିଶ୍ରାନ୍ତି ଲାଗି ଆମେ ଆପଣାର ଐକାନ୍ତିକ ବିଲୟର କାମନା କରିବାକୁ ଯିବା ? ମାତ୍ର ସେହି ପରମ ପୁରୁଷଙ୍କ ସହିତ ଏକଯୁକ୍ତ ହୋଇ ତ ଆମେ ସେହି ଶାନ୍ତି ଓ ବିଶ୍ରାନ୍ତି ଲାଭ କରିସାରିଛୁ । ଆପଣାର ଶାଶ୍ୱତ କ୍ରିୟାର ଅଙ୍ଗନରେ ଆପଣାକୁ ପ୍ରତିଷ୍ଠିତ ରଖି ଦିବ୍ୟ ପରମପୁରୁଷ ଯେପରି ଅବିରତ ଆପଣାର ଶାଶ୍ୱତ ଶାନ୍ତିର ଅଧିକାରୀ ହୋଇ ରହିଥା'ନ୍ତି, ଠିକ୍ ସେହିପରି । ତେବେ ସକଳ ବୈଚିତ୍ର୍ୟ-ବୋଧରୁ ନିଷ୍କୃତି ପାଇଛୁ ବୋଲି କେବଳ ଏକ ସନ୍ତୋଷ ବା ଆନନ୍ଦ ପାଇବା ଲାଗି କ'ଣ ଆମେ ଆତ୍ମବିଲୟର କାମନା କରିବା ? ମାତ୍ର ବୈଚିତ୍ର୍ୟର ସେହି ଲୀଳାଟି ପଛରେ ଗୋଟିଏ ଦିବ୍ୟ ଅଭିପ୍ରାୟ ପ୍ରଚ୍ଛନ୍ନ ହୋଇ ରହିଛି । ଏକ ବୃହତ୍ତର ଏକତ୍ୱର ଉପଲବ୍ଧି ଲାଗି ଏହି ବୈଚିତ୍ର୍ୟ ସାଧନ ପରି କାର୍ଯ୍ୟ କରୁଛି । ଅହଂକବଳିତ ଜୀବନ-ଭୂମିରେ ଭେଦର ଏହି ବୋଧ ଯେପରି ଆହୁରି କେତେ କେତେ ଖଣ୍ଡିତତାର ସୃଷ୍ଟି କରିବା ଲାଗି ଏକ ସାଧନ ପରି କାର୍ଯ୍ୟ କରୁଛି, ସେପରି ନୁହେଁ; କାରଣ ଏହି ବୈଚିତ୍ର୍ୟବୋଧଟି ଦ୍ୱାରା ଆମେ ଆପଣାର ଅନ୍ୟ ସକଳ ଆତ୍ମାଗୁଡ଼ିକ ସହିତ ତଥା ସବୁରି ଭିତରେ ରହିଥିବା ଭଗବାନଙ୍କ ସହିତ ଆମର ଏକତ୍ୱଟିକୁ ଅନୁଭବ କରିପାରୁଛୁ । ସେହି ଭଗବାନ ଯେ ବହୁରୂପରେ ପ୍ରକାଶିତ ହେବାରେ ଲାଗିଛନ୍ତି, ଏହି ସତ୍ୟଟିକୁ ଅସ୍ୱୀକାର କରି ଆମେ କେବଳ ଆପଣାକୁହିଁ ସେହି ଅନୁଭବଜନିତ ଆନନ୍ଦରୁ ବଞ୍ଚିତ କରି ରଖୁଛୁ । ଉଭୟ କ୍ଷେତ୍ରରେ ବ୍ୟକ୍ତି ମଧ୍ୟରେ ଆମେ କେବଳ ସେହି ପରମ ଦିବ୍ୟ ପୁରୁଷଙ୍କରହିଁ ଅନୁଭୂତି ଲାଭ କରୁଛୁ । ଗୋଟିକରେ ସେ ଆପଣାର ପରମ ଦିବ୍ୟତ୍ୱକୁ ଆପଣାର ବିଶୁଦ୍ଧ ଓ ବୈଚିତ୍ର୍ୟରହିତ ଏକତ୍ୱ ମଧ୍ୟରେ ଅଧିକାର କରି ରହିଛନ୍ତି ଓ ତାହାର ସମ୍ଭୋଗ କରୁଛନ୍ତି; ଏବଂ ଅନ୍ୟଟିରେ ସେ ତତ୍‌ସ୍ୱରୂପ ମଧ୍ୟରେ ଓ ବିଶ୍ୱମୟ ଏକତ୍ୱ ମଧ୍ୟରେ ରହିଥିବା ଆପଣାର ଦିବ୍ୟତ୍ୱଟିକୁ ଅଧିକାର କରି ରହିଛନ୍ତି ଓ ଉପଭୋଗ କରୁଛନ୍ତି । କୌଣସି ନିର୍ବିଶେଷ ପରମ ଦିବ୍ୟସତ୍ତା ଆଗରୁ ଆପଣାର ଏକତ୍ୱଟିକୁ ହରାଇ ପକାଇଥିଲେ ଓ ଆପଣାର ବିଶ୍ୱକ୍ରିୟା ଦ୍ୱାରା ସେହି ଏକତ୍ୱଟିକୁ ପୁଣି ଫେରି ପାଉଛନ୍ତି ବୋଲି ଆମେ ଏହି କ୍ଷେତ୍ରରେ ଆଦୌ କହିପାରିବା ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ ଇଚ୍ଛା କଲେ ଏକ ବିଶୁଦ୍ଧ ଓ ଐକାନ୍ତିକ ଏକତ୍ୱ ଭିତରେ ବିଲୀନ ହୋଇ ଯିବାକୁ ଅଧିକ କାମ୍ୟ ବୋଲି ମନେ କରିପାରିବା ଓ ବିଶ୍ୱକୁ ଛାଡ଼ିଦେଇ ଆଉ କେଉଁଠାକୁ ଉତ୍ତୀର୍ଣ୍ଣ ହୋଇ ଯିବାକୁ ମଧ୍ୟ ଇଚ୍ଛା କରିପାରିବା; ମାତ୍ର ତାଙ୍କର ପରମ ବିଶ୍ୱସତ୍ତାର ଏହି

'oaob.nitrkl.ac.in' images reprocessed

ବୃହତ୍ତର ଅଧିକାର ଓ ଆନନ୍ଦରେ ଆମେ ମଧ୍ୟ କାହିଁକି ସମ୍ମିଳିତ ହୋଇ ନପାରିବା ଓ ସେହି ବିଶ୍ୱସତ୍ତାରେହିଁ ଆପଣା ବ୍ୟକ୍ତିସତ୍ତାର ପରିପୂର୍ଣ୍ଣତାଟିକୁ ଉପଲବ୍ଧି କରି ନପାରିବା, ପରମ ଦିବ୍ୟ ସତ୍ତାଙ୍କର ଆଧ୍ୟାତ୍ମିକ ସତ୍ୟ ମଧ୍ୟରେ ଆମେ ସେହିଭଳି ବଞ୍ଚିତ ହୋଇ ରହିବାର ଆଦୌ କୌଣସି କାରଣ ନାହିଁ ।

ମାତ୍ର ଆହୁରି ଆଗକୁ ଯାଇ ଆମେ ଅନୁଭବ କରିପାରିବା ଯେ ଏହି କ୍ଷେତ୍ରରେ ଚରମ ଓ ଐକାନ୍ତିକ ଭାବରେ କେବଳ ଏକ ବିଶ୍ୱସତ୍ତାରହିଁ ପ୍ରଶ୍ନ ଉଠୁ ନାହିଁ, ଯାହା ଭିତରେ କି ଆମର ବ୍ୟକ୍ତିଭାବାପନ୍ନ ସତ୍ତାଟି ଲୀନ ପ୍ରବିଷ୍ଟ ହେଉଛି । ଏଠାରେ ସାରତଃ ଏପରି ଏକ କ୍ଷେତ୍ରଗତ ସତ୍ୟର ପ୍ରଶ୍ନ ଉଠୁଛି, ଯେଉଁଠାରେ କି ବିଶ୍ୱସତ୍ତା ଓ ବ୍ୟକ୍ତିସତ୍ତା ଉଭୟେ ପରସ୍ପର ସହିତ ସଂଯୁକ୍ତ ଓ ସମ୍ମିଳିତ ହେଉଛନ୍ତି । ଏହି ଜଗତରେ ଆମେସବୁ ଯେଉଁ ବ୍ୟକ୍ତିଭାବଟିକୁ ଧାରଣ କରି ରହିଛୁ, ତାହା କେବଳ ସେହି ପରମ ଆତ୍ମାଙ୍କର ଏକ ଅନ୍ୟତମ ସମ୍ମୂର୍ତ୍ତି ବ୍ୟତୀତ ଆଉ କିଛି ନୁହେଁ । ଠିକ୍ ସେହିପରି ଏହି ଜଗତ ମଧ୍ୟ ତାଙ୍କର ଏକ ସମ୍ମୂର୍ତ୍ତି ବ୍ୟତୀତ ଆଉ କିଛି ନୁହେଁ । ବ୍ୟକ୍ତିସତ୍ତା ବିଶ୍ୱସତ୍ତା ମଧ୍ୟରେ ସର୍ବଦା ଅନ୍ତର୍ଗତ ହୋଇ ରହିଛି । ତେଣୁ ବିଶ୍ୱରୂପକତା ଓ ବ୍ୟକ୍ତିରୂପକତା ନାମରେ ଅଭିହିତ ହେଉଥିବା ଏହି ଦୁଇଟିଯାକ ସମ୍ମୂର୍ତ୍ତି ସର୍ବଦା ପରସ୍ପରସମ୍ବନ୍ଧିତ ଭାବରେ ଅବସ୍ଥାନ କରୁଛନ୍ତି ଏବଂ ଆପଣାର ବ୍ୟାବହାରିକ ସମ୍ବନ୍ଧଭୂମିଟି ଉପରେ ପରସ୍ପର ଉପରେ ନିର୍ଭର କରି ରହିଛନ୍ତି । ମାତ୍ର ପରିଶେଷରେ ବ୍ୟକ୍ତିସତ୍ତା ଆପଣାର ଚେତନା ମଧ୍ୟରେ ସମଗ୍ର ଜଗତ୍‌ସତ୍ତାଟିକୁ ମଧ୍ୟ ଯେ ଅନ୍ତର୍ଗତ କରି ଧରିବାକୁ ସମର୍ଥ ହୁଏ, ଆମେ ସେକଥା ମଧ୍ୟ ଦେଖିପାରୁଛୁ । ମାତ୍ର ଏପରି କରିପାରିବା ଲାଗି ତାକୁ ଆପଣାର ଆଧ୍ୟାତ୍ମିକ ବ୍ୟକ୍ତିସତ୍ତାଟିକୁ ଆଦୌ ବିଲୁପ୍ତ କରି ଦେବାକୁ ପଡ଼େ ନାହିଁ । ବସ୍ତୁତଃ ଆପଣାର ପରିପୂର୍ଣ୍ଣ, ବୃହତ୍ ଓ ସକଳାଙ୍ଗ ଆତ୍ମଚେତନାର ଉପଲବ୍ଧି କ୍ଷେତ୍ରରେ ଉପନୀତ ହୋଇହିଁ ସେ ଏହା କରିବାକୁ ସମର୍ଥ ହୁଏ । ଏହି ଦୃଷ୍ଟିରୁ ବିଚାର କରି ଆମକୁ ସ୍ୱୀକାର କରିନେବାକୁ ପଡ଼ିବ ଯେ ଯାହାକୁ ଆମେ ବ୍ୟକ୍ତିସତ୍ତା ବୋଲି କହୁଛୁ, ତାହାରି ଭିତରେ ସମଗ୍ର ବିଶ୍ୱସତ୍ତାଟି ମଧ୍ୟ ନିରନ୍ତର ଅନ୍ତର୍ଗତ ହୋଇ ରହିଥିଲା; ଏବଂ ଖାଲି ଉପରିସ୍ତରରେ ବିଚରଣ କରୁଥିବା ବାହ୍ୟଚେତନାଟିହିଁ ନିଜର ଅଜ୍ଞାନତାବଶତଃ ଅନ୍ତର୍ଗତ ସେହି ସମ୍ପଦଟି ବିଷୟରେ ସଚେତନ ହୋଇ ପାରୁନଥିଲା, କାରଣ ଅହଂରଚିତ ନାନା ସୀମାବଦ୍ଧତା ଦ୍ୱାରା ତାହା ଆପଣାକୁ ବଡ଼ ସୀମାବଦ୍ଧ କରି ରଖିଥାଏ । ମାତ୍ର ଯେତେବେଳେ ଆମେ ବିଶ୍ୱଭାବକତା ଓ ବ୍ୟକ୍ତିଭାବକତାକୁ ପରସ୍ପର ପରସ୍ପରର ଅନ୍ତର୍ଗତ ବୋଲି କହୁ, ଯେତେବେଳେ ମୋର ଭିତରେ ବିଶ୍ୱଜଗତ ଓ ବିଶ୍ୱଜଗତ ମଧ୍ୟରେ 'ମୁଁ'ର ଅନୁଭୂତି ଉପଲବ୍ଧ ହୋଇଥାଏ, ମୋର ଭିତରେ ସବୁ ତଥା ସବୁରି ଭିତରେ 'ମୁଁ'ର ଉପଲବ୍ଧି ହୁଏ, ସେତେବେଳେ ଆମେ ଅତି ନିଶ୍ଚିତ ଭାବରେ ଆମ ନିତ୍ୟନୈମିତ୍ତିକ ସାଧାରଣ

'oaob.nitrkl.ac.in' images reprocessed

ବୁଦ୍ଧିର ସ୍ୱୟଂସ୍ଥିତତାକୁ ଅତିକ୍ରମ କରି ଚାଲିଯାଉ । ସେତେବେଳେ ଆମେ ସର୍ବଥା ବିମୁକ୍ତ ଆତ୍ମଅନୁଭୂତିର କ୍ଷେତ୍ରରେ ଆସି ଉପନୀତ ହେଉ । କାରଣ ସାଧାରଣ ବୁଦ୍ଧିର ସ୍ତରରେ ଆମେ ଯେଉଁସବୁ ଶବ୍ଦର ବ୍ୟବହାର କରୁ ତାହା କେବଳ ମନର କର୍ମଶାଳାରେହିଁ ଗଢ଼ା ହୋଇଥାଏ, ଏବଂ ଭୌତିକ ଦେଶ ତଥା ପରିବେଶକଳ୍ପନାର ଆୟତନ ମଧ୍ୟରେ ଆବଦ୍ଧ ହୋଇ ରହିଥିବା ଏତାଦୃଶ ବୁଦ୍ଧିହିଁ ସେହି ଶବ୍ଦକୁ ଅର୍ଥ ଦେଇ ଚାଲିଥାଏ । ଏକ ଉଚ୍ଚତର ମାନସିକ ଅନୁଭୂତିକୁ ପ୍ରକାଶ କରିବାକୁ ଯାଇ ତାହା କେବଳ ଭୌତିକ ଜୀବନସ୍ତରର ଓ ଇନ୍ଦ୍ରିୟାନୁଭୂତିରୁ ଆହୃତ ଅର୍ଥକଳ୍ପନାର ଆଶ୍ରୟ ନେବାକୁ ବାଧ୍ୟ ହୋଇଥାଏ । ମାତ୍ର ଆପଣାର ବିମୁକ୍ତ ପର୍ଯ୍ୟାୟରେ ମନୁଷ୍ୟ ଚେତନାର ଯେଉଁ ସ୍ତରଟିକୁ ଉନ୍ନୀତ ହୋଇଯାଏ, ତାହା ଭୌତିକ ଜଗତ ଉପରେ ଆଉ କୌଣସି ପ୍ରକାରେ ନିର୍ଭରଶୀଳ ହୋଇ ରହେ ନାହିଁ; ଏବଂ ଏହି ଉତ୍ତରଣର ପ୍ରତିଷ୍ଠିତିରେ ଆମେ ଯେଉଁ ବିଶ୍ୱଜଗତଟିକୁ ଆପଣାର ଅନ୍ତର୍ଗତରୂପେ ଦେଖୁ ଓ ଆପଣାକୁ ଯାହାର ଅନ୍ତର୍ଗତ ବୋଲି ଜାଣୁ, ତାହା କଦାପି ଏହି ଭୌତିକ ବିଶ୍ୱଜଗତର ସମବାଚୀ ନୁହେଁ । ତାହା ହେଉଛି ପୂର୍ଣ୍ଣ ସୌଷମ୍ୟର ସହିତ ପ୍ରକଟିତ ହେଉଥିବା ସେହି ଭଗବାନଙ୍କରହିଁ ସତ୍ତା, ଯାହାକି ତାଙ୍କର ଚୈତନ୍ୟମୟତା ଓ ତାଙ୍କର ଆତ୍ମଗତ ଆନନ୍ଦକୁ ଦୁଇଟି ବୃହତ୍ ଛନ୍ଦୋମୟ ରୂପରେ ପ୍ରକଟ କରି ଦେଇଥାଏ । ତେଣୁ ବିଶ୍ୱ ଓ ବ୍ୟକ୍ତିକୁ ଏହିପରି ପରସ୍ପରର ଅନ୍ତର୍ଗତରୂପେ ଅନୁଭବ କରିବା ହେଉଛି ଏକ ଆଧ୍ୟାତ୍ମିକ ସ୍ତରର ଅନୁଭୂତି, ତାହା ଏକ ଅନ୍ତର୍ଚେତନାଗତ ଅନୁଭୂତି । ସର୍ବ ଓ ବ୍ୟଷ୍ଟି ନାମରେ ପରମ ବସ୍ତୁର ଯେଉଁ ଦୁଇଟି ରୂପ ରହିଛି, ସେହି ଦୁଇଟି ରୂପହିଁ ଏହି ଅନୁଭୂତିଟି ମଧ୍ୟରେ ଏକ ସଙ୍ଗମସୂଚକ ଆଧ୍ୟାତ୍ମିକ ଅନୁଭବରୂପେ ପ୍ରତିଷ୍ଠିତ ହୋଇ ଉଠିଛି । ପରମ ଏକ ଓ ପରମ ବସ୍ତୁର ଶାଶ୍ୱତ ଏକତ୍ୱ ଓ ଅଭିନ୍ନତାହିଁ ଏଠାରେ ପ୍ରତିଷ୍ଠିତ ହୋଇ ଉଠିଛି । କାରଣ ଯେଉଁ ପରମ ବସ୍ତୁ ବିଶ୍ୱଜଗତରେ ଆପଣାକୁ ବିଚିତ୍ରରୂପେ ପ୍ରକଟିତ କରୁଛନ୍ତି ଓ ଆପଣାର ବହୁବିଚିତ୍ରତା ମଧ୍ୟରେ ଆପଣାର ଅଭିନ୍ନତ୍ୱ ଓ ଏକତ୍ୱଟିକୁ ଠିକ୍ ରଖିଛନ୍ତି, ପରମ ଏକ ବୋଲି କହିଲେ ଆମେ କେବଳ ତାଙ୍କର ଶାଶ୍ୱତ ଏକତ୍ୱକୁହିଁ ବୁଝିବା । ଅର୍ଥାତ୍ ବିଶ୍ୱଭାବ ଓ ବ୍ୟକ୍ତିଭାବର ପ୍ରକାଶକୁ ଆମେ ଏକ ପରମ ସ୍ୱୟଂସ୍ଥିତ ଆତ୍ମାରହିଁ ଦୁଇଟି ପ୍ରକାଶ ବୋଲି ବୁଝିବା, ଯିଏକି ଆମ ଆଖିକୁ ବିଭକ୍ତ ବା ବିଚ୍ଛିନ୍ନ ହୋଇ ଯାଉଥିବା ପରି ପ୍ରତୀତ ହେଉଥିଲେହେଁ ମୂଳତଃ ଏକ, ମୂଳତଃ ଅବିଭାଜ୍ୟ । ମାତ୍ର ସେ ପ୍ରକୃତରେ କେତେବେଳେ ହେଲେ ବିଭକ୍ତ କିମ୍ବା ବିଚ୍ଛିନ୍ନ ହେଉନାହାନ୍ତି ଏବଂ ଅବିଭାଜ୍ୟ ଭାବରେ ସର୍ବତ୍ର ବିଦ୍ୟମାନ ରହିଛନ୍ତି । ତେଣୁ ସବୁକିଛି ପ୍ରତ୍ୟେକଟି ମଧ୍ୟରେ ବିଦ୍ୟମାନ ରହିଛି ଓ ପ୍ରତ୍ୟେକଟି ସବୁକିଛି ମଧ୍ୟରେ ଅବସ୍ଥାନ କରୁଛି । ସବୁକିଛି ଭଗବାନଙ୍କ ମଧ୍ୟରେ ରହିଛି ଓ ଭଗବାନ ସବୁକିଛି ଭିତରେ ରହିଛନ୍ତି ।

'oaob.nitrkl.ac.in' images reprocessed

ଏବଂ ଯେତେବେଳେ ବିମୁକ୍ତ ଆତ୍ମା ଏହି ପରମ ବିଶ୍ୱାତୀତଙ୍କ ସହିତ ସମ୍ମିଳିତ ହେବାର ଭୂମି ଉପରେ ଆସି ଉପନୀତ ହେଉଛି, ସେତେବେଳେ ତାହା ଆପଣା ସମ୍ବନ୍ଧରେ ଓ ବିଶ୍ୱଜଗତ ସମ୍ବନ୍ଧରେ ଏହି ଆତ୍ମ-ଅନୁଭୂତିଟିକୁ ଲାଭ କରିପାରୁଛି । ଅନ୍ତର୍ଚେତନାର କ୍ଷେତ୍ର ଉପରେ ଉଙ୍କୁଟି ଏହା ବ୍ୟକ୍ତିତ୍ୱ ତଥା ବିଶ୍ୱଭାବକୁ ପରସ୍ପରର ଅନ୍ତର୍ଗତରୂପେ ପ୍ରତ୍ୟକ୍ଷ କରୁଛି । ଏହାର ଆଖିରେ ଦୁଇଟିଯାକ ଅବିଚ୍ଛିନ୍ନ ଭାବରେ ଏକ ଦିବ୍ୟ ମିଳନ ଭିତରେ ଅବସ୍ଥାପିତ ହୋଇ ରହିଛନ୍ତି, ଯାହାକୁକି ଏକାଧାରରେ ଏକ ଏକତ୍ୱ-ଉପଲବ୍ଧି ବୋଲି ବୁଝାଯାଇ ପାରିବ, ଗୋଟିଏ ଅନ୍ୟ ଗୋଟିକର ମଧ୍ୟରେ ଏକାବେଳକେ ବିଲୀନ ହୋଇଯାଉଛି ବୋଲି ବୁଝାଯାଇ ପାରିବ, ପୁଣି ଗୋଟିଏ ଆରଟିକୁ ଆଲିଙ୍ଗନ କରି ଅବସ୍ଥିତ ରହିଛି ବୋଲି ମଧ୍ୟ ବୁଝିହୁଯାଇ ପାରିବ ।

ତେଣୁ ଆମ ବୁଦ୍ଧିର ନିତ୍ୟନୈମିତ୍ତିକ ଅନୁଭୂତିକୁ ଆମେ ଉଚ୍ଚତର ସତ୍ୟ-ଗୁଡ଼ିକର କ୍ଷେତ୍ରରେ କଦାପି ପ୍ରୟୋଗ କରିପାରିବା ନାହିଁ । ପ୍ରଥମତଃ କେବଳ ଅଜ୍ଞାନଦ୍ୱାରା ଆଚ୍ଛନ୍ନ ବ୍ୟକ୍ତିକୁହିଁ ଆମେ ଅହଂ ବୋଲି କହିବା । ଅହଂ ବ୍ୟତୀତ ବ୍ୟକ୍ତିର ଏକ ସତ୍ୟ ରୂପ ବା ସତ୍ୟ ପରିଚୟ ମଧ୍ୟ ରହିଛି, ଯାହାକି ଅନ୍ୟ ସକଳ ବ୍ୟକ୍ତିଙ୍କ ସହିତ ଏକ ଶାଶ୍ୱତ ସମ୍ବନ୍ଧରେ ଆବଦ୍ଧ ହୋଇ ରହିଛି । ଏହି ସମ୍ବନ୍ଧରେ ଅହଂଭାବ ଲାଗି ଆଦୌ କୌଣସି ସ୍ଥାନ ନାହିଁ, ଆପଣାକୁ ଅନ୍ୟମାନଙ୍କଠାରୁ ଭିନ୍ନ କରି ଦେଖୁଥିବାର ମଧ୍ୟ କୌଣସି ସ୍ଥାନ ନାହିଁ । ଏକ ମର୍ମଗତ ଏକତ୍ୱ ଉପରେ ପ୍ରତିଷ୍ଠିତ ବ୍ୟାବହାରିକ ପରସ୍ପରସମ୍ବନ୍ଧିତତା ହେଉଛି ଏହି ସମ୍ବନ୍ଧର ପ୍ରକୃତିଗତ ଧର୍ମ । ଏକତ୍ୱ ଉପରେ ପ୍ରତିଷ୍ଠିତ ରହିଥିବା ଏହି ପରସ୍ପରସମ୍ବନ୍ଧିତତାକୁ ଆମେ ତା'ର ପରିପୂର୍ଣ୍ଣ ପ୍ରକାଶିତ ରୂପରେ ଦିବ୍ୟସତ୍ତାର ନିଗୂଢ଼ ସତ୍ୟ ବୋଲି ଜାଣିବା । ଆମେ ଯେତେବେଳେ ଯାହାକିଛିକୁ ଏକ ଦିବ୍ୟଜୀବନ ବୋଲି ଅଭିହିତ କରିବାକୁ ଯିବା, ସେତେବେଳେ ଏହି ପରସ୍ପରସମ୍ବନ୍ଧିତତାହିଁ ତାହାର ଭିତ୍ତି ହୋଇ ରହିବ । ମାତ୍ର ଦ୍ୱିତୀୟତଃ, ଆମେ ଦେଖିବାକୁ ପାଉଛୁ ଯେ ଆପଣାର ନିତ୍ୟନୈମିତ୍ତିକ ସାଧାରଣ ବୁଦ୍ଧିଟିକୁ ନେଇ ଆମେ ଯେତେ ଯାହା ଅସୁବିଧା ଓ ଅଡ଼ୁଆରେ ପଡ଼ିଯାଉଛୁ, ତାହାର କାରଣ ହେଉଛି ଯେ ଆମେ ଏଣେ ଗୋଟାଏ ପାଖରେ ଦିବ୍ୟତତ୍ତ୍ୱର ଅନନ୍ତତାଗୁଡ଼ିକୁ ଭିତ୍ତି କରି ରହିଥିବା ଏକ ଉଚ୍ଚତର ଓ ସୀମାତୀତ ଆତ୍ମ-ଅନୁଭୂତିର ଚର୍ଚ୍ଚା କରୁଛୁ, ମାତ୍ର ତେଣେ ଏହି ନିମ୍ନତର ସ୍ତରଟିର ସୀମାବଦ୍ଧ ଓ ସଂକୀର୍ଣ୍ଣ ଅନୁଭୂତି ଦ୍ୱାରା ରଚିତ ଓ ପ୍ରକଳ୍ପିତ ଭାଷାକୁ ନେଇ ଆମେ ସେହି କ୍ଷେତ୍ରରେ ପ୍ରୟୋଗ କରିବାକୁ ଇଚ୍ଛା କରୁଛୁ । ଆମର ଏହି ସଂକୀର୍ଣ୍ଣ ଅନୁଭୂତି କେବଳ ସୀମାସୂଚନସିଦ୍ଧ ନାନା ପ୍ରତିଭାସ ଉପରେହିଁ ପ୍ରତିଷ୍ଠିତ ହୋଇ ରହିଛି, ସଂଜ୍ଞାନିରୂପଣ କରିବାକୁ ଯାଇ ତାହା ଗୋଟିକୁ ଆଉ ଗୋଟିକରୁ କେବଳ ଅଲଗା କରି ଥୋଇଦେଉଛି ଏବଂ

'oaob.nitrkl.ac.in' images reprocessed

ଭୌତିକ ଜଗତର ବସ୍ତୁ ଓ ବିଷୟଗୁଡ଼ିକୁ ନାନା ଶ୍ରେଣୀବିଭାଗରେ ପରସ୍ପରଠାରୁ ଅଲଗା କରି ଦେଖିବାକୁ ଚେଷ୍ଟା କରିବାକୁ ଯାଇ ଆମେ ସେହି ସଂଜ୍ଞାଗୁଡ଼ିକର ସାହାଯ୍ୟ ନେଉଛୁ । ଏହି ଭାବରେ ପ୍ରେରିତ ହୋଇ ଆମେ ବ୍ୟକ୍ତି କହିଲେ ସେହି ଶବ୍ଦଟିଦ୍ୱାରା କେତେବେଳେ ଅହଂକୁ ବୁଝୁ ତ ପୁଣି ଆଉ କେତେବେଳେ ଯଥାର୍ଥ ବ୍ୟକ୍ତିଟିକୁ ବୁଝୁ; ମନୁଷ୍ୟ କହିଲେ କେତେବେଳେ କେବଳ ମନୁଷ୍ୟାକୃତିରେ ପ୍ରତୀୟମାନ ହେଉଥିବା ଜୀବଟିକୁ ବୁଝୁ ତ ପୁଣି ଆଉ କେତେବେଳେ ଅସଲ ମନୁଷ୍ୟଟିକୁ ବୁଝୁ । ଏଥିରେ ଆଦୌ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ମନୁଷ୍ୟ, ପ୍ରତୀୟମାନ, ପ୍ରକୃତ, ବ୍ୟକ୍ତି ଓ ଯଥାର୍ଥ ପ୍ରଭୃତି ଶବ୍ଦଗୁଡ଼ିକୁ ଆମେ ସର୍ବଦା କେବଳ ଏକ ଆପେକ୍ଷିକ ଅର୍ଥରେହିଁ ବୁଝିବା । ଆମର ଅଭିପ୍ରେତ ଅର୍ଥଗୁଡ଼ିକୁ ଏହିସବୁ ଶବ୍ଦ ଯେ କେବେହେଲେ ସମ୍ପୂର୍ଣ୍ଣ ଓ ନିର୍ଦ୍ଦୋଷ ଭାବରେ ପ୍ରକାଶ କରିପାରିବେ ନାହିଁ, ଆମେ ସେହି କଥାଟିକୁ ସର୍ବଦା ମନେ ରଖିଥିବା । 'ବ୍ୟକ୍ତି' କହିଲେ ଆମେ ସାଧାରଣତଃ ଏପରି ଏକ ସାମଗ୍ରୀକୁ ବୁଝିଥାଉ ଯାହାକି ଅନ୍ୟ ସକଳ ସାମଗ୍ରୀଠାରୁ ଆପଣାକୁ ପୃଥକ୍ କରି ରଖିଛି, ସମସ୍ତଙ୍କଠାରୁ ଭିନ୍ନ ଓ ଅସଂଲଗ୍ନ ହୋଇ ଠିଆ ହୋଇଛି । ମାତ୍ର ପ୍ରକୃତ କ୍ଷେତ୍ରରେ ବିଚାର କରି ଦେଖିଲେ ଏପରି ଗୋଟିଏ ସାମଗ୍ରୀ ଚରାଚର ସୃଷ୍ଟି ମଧ୍ୟରେ ଆଦୌ କେଉଁଠିହେଲେ ନାହିଁ । ଏହି ସାମଗ୍ରୀଟି କେବଳ ଆମ ମନଃକଳ୍ପନା ଭିତରେ ରହିଛି, ଏବଂ ଏକ ଆଂଶିକ ଓ ବ୍ୟବହାରସାପେକ୍ଷ ସତ୍ୟକୁ ପ୍ରକାଶ କରିବାରେ ଏହାର ଏକ ଉପଯୋଗିତା ଓ ଆବଶ୍ୟକତା ମଧ୍ୟ ରହିଛି । ମାତ୍ର ଏଠାରେ ଏକମାତ୍ର ଅସୁବିଧାଟି ହେଉଛି ଯେ ଆମର ମନ ଆପଣାର ରଚନାପ୍ରସୂତ ଶବ୍ଦଗୁଡ଼ିକ ଦ୍ୱାରା ବଶୀଭୂତ ଓ କବଳିତ ହୋଇ ପଡ଼ୁଛି, ଓ କେବଳ ଅନ୍ୟାନ୍ୟ ସତ୍ୟଗୁଡ଼ିକ ସହିତ ରହିଥିବା ଆପଣାର ସମ୍ବନ୍ଧଦ୍ୱାରାହିଁ ଆଂଶିକ ଓ ବ୍ୟବହାରସାପେକ୍ଷ ସତ୍ୟଟି ପ୍ରକୃତ ସତ୍ୟ ବୋଲି ମନେ ହୋଇଥାଏ ବୋଲି ଭୁଲିଯାଉଛି । ଅନ୍ୟାନ୍ୟ ବୃହତ୍ତର ସତ୍ୟଗୁଡ଼ିକ ଆମର ବୁଦ୍ଧି-ଆଖିକୁ ଏହି ସତ୍ୟଟିର ବିରୋଧୀ ବୋଲି ମନେହେଉଛି । ଏବଂ ଏଇଟିକୁ କେବଳ ତାହାର ସାଧାରଣ ଅର୍ଥର ଆୟତନ ମଧ୍ୟରେ ବିଚାର କଲେ ତାହା ମଧ୍ୟରେ ସର୍ବଦା ଏକ ମିଥ୍ୟାର ଉପାଦାନ ରହିଯାଉଛି । ଉଦାହରଣସ୍ୱରୂପ ଯେତେବେଳେ ଆମେ ଜଣେ ବ୍ୟକ୍ତିର କଥା କହିବାକୁ ବସୁ, ସେତେବେଳେ ତଦ୍ୱାରା ସାଧାରଣତଃ ମନ, ପ୍ରାଣ ଓ ଦେହଗତ ସତ୍ତାର ଏକ ବ୍ୟକ୍ତିଭାବାପନ୍ନତା ବୋଲି ବୁଝିଥାଉ । ଆମେ ତାହାକୁ ଅନ୍ୟ ସକଳ ସତ୍ତାଠାରୁ ପୃଥକ୍ ବୋଲି ବିଚାର କରୁ ଏବଂ ଏହା ବ୍ୟକ୍ତିଭାବାପନ୍ନ ହୋଇଥିବାରୁ ଏହା ଅନ୍ୟ ସତ୍ତାଗୁଡ଼ିକ ସହିତ ଏକାତ୍ମତା ଅର୍ଜନ କରିବାକୁ ଏକାନ୍ତ ଅସମର୍ଥ ବୋଲି ଭାବିଥାଉ । ପୁଣି ଯେତେବେଳେ ଆମେ ମନ, ପ୍ରାଣ ଓ ଦେହ, ଏହି ତିନୋଟି ତତ୍ତ୍ୱର ସୀମାଗୁଡ଼ିକୁ ପାର ହୋଇଯାଇ ବ୍ୟକ୍ତିକୁ ଆତ୍ମା କିମ୍ବା ବ୍ୟଷ୍ଟିଭୂତ ସତ୍ତା ବୋଲି ବୁଝୁ, ସେତେବେଳେ ମଧ୍ୟ ଆମେ ତଦ୍ୱାରା

'oaob.nitrkl.ac.in' images reprocessed

କେବଳ ଏକ ବ୍ୟକ୍ତିସ୍ୱଭାବାପନ୍ନ ସତ୍ତାକୁହିଁ ବୁଝିଥାଉ, ଯାହାକି ଆଉ ସମସ୍ତଙ୍କଠାରୁ ପୃଥକ୍ ହୋଇ ରହିଥାଏ, ଏକାତ୍ମକତା ଏବଂ ପରସ୍ପରକୁ ଆପଣାର ଅନ୍ତର୍ଗତ କରି ରହିଥିବା ପରସ୍ପରସମ୍ବନ୍ଧତତା ଲାଗି ଯାହାର କୌଣସି ସାମର୍ଥ୍ୟ ନଥାଏ; ଖୁବ୍ ବେଶୀ ହେଲେ ଯାହାକି ଅନ୍ୟମାନଙ୍କ ସହିତ କେବଳ ଏକ ଆଧାତ୍ମିକ ସଂଯୋଗ ଓ ହୃଦ୍‌ଗତ ସମ୍ବେଦନଶୀଳତା ଲାଗିହିଁ ସମର୍ଥ ହୋଇଥାଏ । ତେଣୁ ଦୃଢ଼ତାର ସହିତ ଏହି କଥାଟି କହିରଖିବା ଏକାନ୍ତ ଆବଶ୍ୟକ ଯେ ଯଥାର୍ଥ ବ୍ୟକ୍ତି କହିଲେ ଆମେ ଏସବୁ ମଧ୍ୟରୁ କୌଣସିଟିକୁ ବୁଝୁ ନାହିଁ । ଯଥାର୍ଥ ବ୍ୟକ୍ତି କହିଲେ ଆମେ ସବୁବେଳେ ସେହି ପରମ ଶାଶ୍ୱତ ସତ୍ତାଙ୍କର ଏକ ଚେତନାସଂପନ୍ନ ଶକ୍ତିକୁହିଁ ବୁଝୁ, ଯାହାକି ସର୍ବଦା ଏକାତ୍ମକତାର ସ୍ଥିତି ମଧ୍ୟରେ ଅବସ୍ଥିତ ରହିଥାଏ, ପରସ୍ପରର ଅନ୍ତର୍ଗତ ହୋଇ ରହିବା ଲାଗି ଯାହାକି ସର୍ବଦା ସମର୍ଥ ହୋଇପାରେ । ଏବଂ ଏହି ବ୍ୟକ୍ତିସତ୍ତା ଆତ୍ମଜ୍ଞାନ ଦ୍ୱାରା ମୁକ୍ତି ଓ ଅମୃତତ୍ୱ ଲାଭ କରେ ।

ଏହି ସାଧାରଣ ସ୍ତରର ଓ ଏହାଠାରୁ ଏକ ଉଚ୍ଚତର ସ୍ତରର ବୁଦ୍ଧି ଓ ବିବେକ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱଟି ବିଷୟରେ ଆମେ ଆଉଟିକିଏ ଆଲୋଚନା କରି ଦେଖିବା । ଯେତେବେଳେ ପରମ ଶାଶ୍ୱତଙ୍କର ଏକ ଚେତନ ସତ୍ତାଶକ୍ତି ହିସାବରେ ଆମେ ଯଥାର୍ଥ ବ୍ୟକ୍ତିର ଆଲୋଚନା କରିବାକୁ ଯାଉ, ଆମେ ସେତେବେଳେ ମଧ୍ୟ କେବଳ ମସ୍ତିଷ୍କଗତ ବୁଦ୍ଧିପ୍ରସୂତ ଶବ୍ଦର ପ୍ରୟୋଗ କରି ସେହି ଆଲୋଚନା କରୁଥାଉ । ଏଭଳି କରିବା ବ୍ୟତୀତ ଆମର ଆଉ ଅନ୍ୟକୌଣସି ଗତି ନଥାଏ; କାରଣ ବିଶୁଦ୍ଧ ପ୍ରତୀକ ଓ ତତ୍ତ୍ୱସାଧନାର ମୂଲ୍ୟବ୍ୟଞ୍ଜକ ବାକ୍ୟର ଭାଷା ବ୍ୟବହାର ନକଲେ ଏସବୁ କଥା ଆଦୌ ପ୍ରକାଶ କରି ହୁଏ ନାହିଁ । ମାତ୍ର ଆମକୁ ତାହାଠାରୁ ଆହୁରି ଅଧିକ ଅଡୁଆ ଭିତରେ ଯାଇ ଛନ୍ଦି ହୋଇ ପଡ଼ିବାକୁ ହୁଏ, କାରଣ ଅହଂଭାବନାରୁ ଆପଣାକୁ ମୁକ୍ତ ରଖିବାକୁ ଚେଷ୍ଟା କରି ଆମେ ଅତିରିକ୍ତ ପରିମାଣରେ ଅବାସ୍ତବ ଅର୍ଥାତ୍ ବସ୍ତୁନିରପେକ୍ଷ ଏକ ଭାଷାର ପ୍ରୟୋଗ କରିବାକୁ ପ୍ରବୃତ୍ତ ହୋଇଥାଉ । ତେଣୁ ବ୍ୟକ୍ତିକୁ ଆମେ ଏକ ସଚେତନ ସତ୍ତା ବୋଲି କହୁବା; ଆମେ ସତ୍ତାର ଯେଉଁଭଳି ମୂଲ୍ୟାବଧାରଣ କରୁଛୁ, ତାହାର ଅନୁସାରେ ବ୍ୟକ୍ତିକୁ ଆମେ ପରମ ଶାଶ୍ୱତଙ୍କରହିଁ ଏକ ସତ୍ତା ବୋଲି କହୁବା; ଯେତେବେଳେ ସେ ବ୍ୟକ୍ତିଭାବରେ ଆପଣାକୁ ଅନୁଭବ କରିବାକୁ ଚାହାନ୍ତି, ସେତେବେଳେ ତାଙ୍କର ଶକ୍ତିରୁ ପ୍ରସୂତ ସତ୍ତାଟିକୁ ଆମେ ବ୍ୟକ୍ତି ବୋଲି କହୁବା । କାରଣ ଏହି ବ୍ୟକ୍ତି କେବଳ ଏକ ବସ୍ତୁନିରପେକ୍ଷ ସତ୍ତା କଦାପି ହୋଇନପାରେ । ବ୍ୟକ୍ତିର ସତ୍ତା ହେଉଛି ଏକ ମୂର୍ତ୍ତିମନ୍ତ ସତ୍ତା, ଏବଂ ଏହି ସତ୍ତାହିଁ ଅମୃତତ୍ୱ ଲାଭ କରେ ଓ ଅମୃତତ୍ୱ ଭୋଗ କରେ । ଏବଂ ଏଥିରୁ ଆମେ ପୁଣି ଏହି ନିଷ୍କର୍ଷରେ ଆସି ପହଞ୍ଚିବା ଯେ କେବଳ ଯେ ମୁଁ ବିଶ୍ୱଜଗତ ମଧ୍ୟରେ ପୂର୍ଣ୍ଣ ହୋଇ ରହିଛି ଏବଂ ଏହି ବିଶ୍ୱଜଗତ ମୋ'ଭିତରେ ପୂର୍ଣ୍ଣ ହୋଇ ରହିଛି ସେତିକି ନୁହେଁ, ସ୍ୱୟଂ ପରମେଶ୍ୱର ମଧ୍ୟ

ମୋ'ର ଭିତରେ ପୂର୍ଣ୍ଣ ହୋଇ ରହିଛନ୍ତି ଓ ମୁଁ ପରମେଶ୍ୱରଙ୍କ ମଧ୍ୟରେ ରହିଛି। ତଥାପି ଏହାଦ୍ୱାରା ଭଗବାନ ବା ପରମେଶ୍ୱର ଆପଣାର ଅସ୍ତିତ୍ୱ ପ୍ରକାଶେ ମନୁଷ୍ୟ ଉପରେ ନିର୍ଭରଶୀଳ ହୋଇ ରହିଛନ୍ତି ବୋଲି କଦାପି ପ୍ରତିପାଦିତ ହେଉ ନାହିଁ। ମାତ୍ର କେବଳ ଏତିକି ପ୍ରତିପାଦିତ ହେଉଛି ଯେ ଭଗବାନ ଆପଣା ମଧ୍ୟରେ ଯାହାକୁ ପ୍ରକାଶ କରୁଛନ୍ତି, ତାହାରି ଭିତରେ ସେ ଆପେ ମଧ୍ୟ ପ୍ରକାଶିତ ହେଉଛନ୍ତି। ବ୍ୟକ୍ତି ବିଶ୍ୱାତୀତ ମଧ୍ୟରେ ଅବସ୍ଥାନ କରୁଛି, ମାତ୍ର ଶୂନ୍ୟ ବା ବିଶ୍ୱାତୀତ ବୋଲି ଯେଉଁଠି ଯାହା ରହିଛି, ତାହା ମଧ୍ୟ ପୂର୍ଣ୍ଣମାତ୍ରାରେ ବ୍ୟକ୍ତି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ଅବସ୍ଥାନ କରୁଛି। ପୁଣି, ଆପଣା ସତ୍ତାରେ ମୁଁ ଭଗବାନଙ୍କ ସହିତ ଏକତ୍ରସମ୍ମିଳିତ ହୋଇ ରହିଛି, ଏବଂ ତଥାପି ଆପଣାର ଅନୁଭୂତିରେ ମୁଁ ତାଙ୍କ ସହିତ ସମ୍ବନ୍ଧ-ସ୍ଥାପନ କରିପାରୁଛି। ଜଣେ ବିମୁକ୍ତ ବ୍ୟକ୍ତି ହିସାବରେ ମୁଁ ସେହି ଦିବ୍ୟପୁରୁଷଙ୍କ ସହିତ ଯୁକ୍ତ ରହି ତାଙ୍କ ବିଶ୍ୱାତୀତତାର ଭୂମି ଉପରେ ତାଙ୍କୁ ଅନୁଭବ କରିପାରୁଛି; ଏବଂ ତଥାପି ଯୁଗପତ୍ ଭାବରେ ଅନ୍ୟ ଜୀବମାନଙ୍କ ମଧ୍ୟରେ ତଥା ବିଶ୍ୱସତ୍ତା ମଧ୍ୟରେ ଅବସ୍ଥିତ ପରମ ଦିବ୍ୟସତ୍ତାଟିକୁ ଅନୁଭବ କରିବାର ଅଧିକାର ବି ଲାଭ କରିପାରୁଛି। ଏଠାରେ ଆମେ ଅତି ସ୍ପଷ୍ଟଭାବରେ ପରମ ନିର୍ବିଶେଷଙ୍କ ସହିତ କେତେକ ପ୍ରାଥମିକ ସମ୍ବନ୍ଧରେ ଆସି ଆବଦ୍ଧ ହୋଇପାରୁଛୁ, ଏବଂ ସେହି ସମ୍ବନ୍ଧଗୁଡ଼ିକ ଆମର ମନ ସମକ୍ଷରେ ମଧ୍ୟ ସେତିକିବେଳେ ସ୍ପଷ୍ଟ ହୋଇ ଯାଇ ପାରିବ, ଯେତେବେଳେ ଆମେ ପରମ ବିଶ୍ୱାତୀତ, ବ୍ୟକ୍ତି ଏବଂ ବିଶ୍ୱସତ୍ତା ତିନୋଟିଯାକକୁ ସେହି ଏକ ଚୈତନ୍ୟମୟଙ୍କର ଶାଶ୍ୱତ ଶକ୍ତିରୂପେ ପ୍ରତ୍ୟକ୍ଷ କରିପାରିବା। ଏସବୁ କହିଲାବେଳେ ମଧ୍ୟ ଆମେ ପୁଣି ସେହି ତାର୍କିକ ଭାଷାର ଜାଲ ଭିତରେ ଆସି ପଡ଼ିଯାଉଛୁ, ମାତ୍ର ସେଥିରୁ ବଞ୍ଚିବା ଲାଗି ଏହି କ୍ଷେତ୍ରରେ ଆମର ଆଉ କୌଣସି ଉପାୟ ନାହିଁ। ବିଶ୍ୱାତୀତ, ବ୍ୟକ୍ତି ଏବଂ ବିଶ୍ୱସତ୍ତା,—ତିନୋଟିଯାକ ହେଉଛନ୍ତି ଏକ ନିର୍ବିଶେଷ ସତ୍ତାର ଶାଶ୍ୱତ ଚେତନାଶକ୍ତି। ଏହାକୁ ଆମେ ଅବଶ୍ୟ ଏକ ଏକତ୍ୱ ବୋଲି କହିପାରିବା, ମାତ୍ର ତଥାପି ଏହା ତା'ଠାରୁ ଆହୁରି ଅନେକ ବେଶୀ। ସେହି ଏକତ୍ୱ ଆମରି ମଧ୍ୟରେ ରହିଥିବା ତା'ର ଆପଣାର ଚେତନା ସମକ୍ଷରେ ଆପଣାକୁ ଏହିପରି ଭାବରେ ପ୍ରକାଶ କରିବାରେ ଲାଗିଛି, ମାତ୍ର ମନୁଷ୍ୟର ଭାଷା ଦେଇ ଆମେ ତାହାର ସମ୍ପୂର୍ଣ୍ଣ ବର୍ଣ୍ଣନା କରିବା ଲାଗି କଦାପି ସମର୍ଥ ହୋଇ ପାରିବା ନାହିଁ। ତେଣୁ ଅସ୍ତିବାଚକ କିମ୍ବା ଭାବାତ୍ମକ କୌଣସି ପ୍ରକାର ସୂତ୍ରରେ ମଧ୍ୟ ଆମ ବୁଦ୍ଧିର ବୋଧଗମ୍ୟ ହେବାଭଳି ତାହାର କୌଣସି ବର୍ଣ୍ଣନା କରିପାରିବା ଲାଗି ଆମର ଆଦୌ ଆଶା କରିବା ଉଚିତ ନୁହେଁ। ମାତ୍ର ଆମ ଭାଷାର ସମ୍ପୂର୍ଣ୍ଣ ଶକ୍ତି ଖଟାଇ ଆମେ ତାହାର କେବଳ ଏକ ଇଙ୍ଗିତମାତ୍ର ଦେଇପାରିବା,—ଆମର ସାମର୍ଥ୍ୟ କେବଳ ସେତିକିଯାଏ।

'oaob.nitrkl.ac.in' images reprocessed

ବନ୍ଧନମୁକ୍ତ ଚେତନା ଲାଗି ଏତେ ଶକ୍ତିଶାଳୀ ଭାବରେ ସତ୍ୟରୂପେ ପ୍ରତ୍ୟକ୍ଷ ହେଉଥିବା ଏହିସବୁ ଉପଲବ୍ଧି ସମ୍ପଦ ବିଷୟରେ ସାଧାରଣ ନିତ୍ୟନୈମିତ୍ତିକ ମନର ଆଦୌ କୌଣସି ଅଭିଜ୍ଞତା ନାହିଁ । ସାଧାରଣ ମନ ଆଗରେ ସେଗୁଡ଼ାକ ହୁଏତ ବୁଦ୍ଧିଗତ ନାନା ବିରୋଧରେ ଭର୍ତ୍ତି ହୋଇଥିବା କେବଳ ଏକ ଖିଚୁଡ଼ି ପରି ମନେ ହୋଇପାରେ ଓ ସେଥିଲାଗି ମନ ସେଗୁଡ଼ାକ ବିରୁଦ୍ଧରେ ହୁଏତ ବିଦ୍ରୋହ ଘୋଷଣା କରିପାରେ । ମନ ହୁଏତ ଆସ୍ଫାଳନ କରି କହିପାରେ : "ପରମ ନିର୍ବିଶେଷ କହିଲେ ଯାହାସବୁ ବୁଝାଏ, ସେଗୁଡ଼ାକ ମୁଁ ଭଲକରି ଜାଣିଛି । ପରମ ନିର୍ବିଶେଷ ଏପରି ଏକ ବସ୍ତୁ, ଯେଉଁଥିରେ କି ସମ୍ବନ୍ଧ ବା ବୈଶିଷ୍ଟ୍ୟ ବୋଲି କିଛି ନଥାଏ । ପରମ ନିର୍ବିଶେଷ ଓ ଆପେକ୍ଷିକ ଜଗତ,—ଦୁହେଁ ହେଉଛନ୍ତି ପରସ୍ପରର ଏକାନ୍ତ ବିପରୀତ । ଦୁହିଁଙ୍କ ମଧ୍ୟରେ କୌଣସି ସହାବସ୍ଥାନର କଳ୍ପନା ହିଁ କରାଯାଇ ପାରିବ ନାହିଁ । ଆପେକ୍ଷିକ ବା ସବିଶେଷର କ୍ଷେତ୍ରରେ ନିର୍ବିଶେଷ ବୋଲି କେଉଁଠି କିଛି ନଥାଏ, ଏବଂ ପରମ ନିର୍ବିଶେଷ ମଧ୍ୟରେ ଆପେକ୍ଷିକ ବା ସବିଶେଷ ବୋଲି ବି କିଛି ନଥାଏ । ମୋର ଅବଧାରଣାର ଏହି ପ୍ରଥମ ସୂତ୍ରଟିର ଯାହା ବିରୋଧ କରୁଥାଏ, ତାହା ଯାହା ହେଉ ପଛକେ, ବୁଦ୍ଧି ଦୃଷ୍ଟିରୁ ତାହାକୁ ମିଥ୍ୟା ବୋଲି କୁହାଯିବ ଓ ବ୍ୟାବହାରିକ ଦୃଷ୍ଟିରୁ ତାହା କେବଳ ଅସମ୍ଭବ ବୋଲି ସାବ୍ୟସ୍ତ ହେବ । ପରସ୍ପରର ବିରୋଧ କରୁଥିବା ଓ ଦୁଇଟି ବିପରୀତ ସତ୍ୟକୁ ସାବ୍ୟସ୍ତ କରୁଥିବା ଦୁଇଟି ଉକ୍ତି କଦାପି ଏକାବେଳକେ ସତ୍ୟ ହୋଇ ନପାରନ୍ତି ବୋଲି ନ୍ୟାୟଶାସ୍ତ୍ରରେ ଯେଉଁ ନିୟମଟି ରହିଛି, ଏହିସବୁ ଅନ୍ୟ ବିବରଣମାନ ସେହି ନିୟମର ବିରୁଦ୍ଧାଚରଣ କରୁଛନ୍ତି । ଏଣେ ଭଗବାନଙ୍କ ସହିତ ଏକାତ୍ମକତା ଅର୍ଜନ କରାଯିବ ଓ ତଥାପି ତେଣେ ତାଙ୍କ ସହିତ ଏକ ସମ୍ବନ୍ଧର ବି ସ୍ଥାପନା ହୋଇପାରିବ ଓ ପରମ ଦିବ୍ୟସତ୍ତାଙ୍କୁ ତଦ୍ଦ୍ୱାରା ଭୋଗ କରାଯାଇ ପାରୁଛି ବୋଲି କୁହାଯିବ,—ଏକଥା ଏକାବେଳକେ ଅସମ୍ଭବ । ଯେତେବେଳେ ଜୀବ ଭଗବାନଙ୍କ ମଧ୍ୟରେ ଏକତ୍ୱବଦ୍ଧ ହୋଇ ରହିଛି, ସେତେବେଳେ କେବଳ ସେହି ପରମ ଏକ ଓ ଅଦ୍ୱିତୀୟଙ୍କୁ ଛାଡ଼ିଦେଲେ ଆଉ କେହି ଭୋଗ କରିବାର ଆଶୟ ହୋଇ ପାରିବ ନାହିଁ, କେବଳ ତାଙ୍କର ବ୍ୟତୀତ ଆଉ କେହି ଭୋଗ କରିବାର ବିଷୟ ମଧ୍ୟ କଦାପି ହୋଇ ପାରିବ ନାହିଁ । ଈଶ୍ୱର, ବ୍ୟକ୍ତି ଓ ବିଶ୍ୱସତ୍ତା,—ଏହି ତିନୋଟିକୁ ସର୍ବଦା ତିନୋଟି ପୃଥକ୍ ପୃଥକ୍ ସତ୍ୟରୂପେ ସ୍ୱୀକାର କରିବାକୁ ପଡ଼ିବ, ନଚେତ୍ ସେମାନଙ୍କ ଭିତରେ କୌଣସି ସମ୍ବନ୍ଧପ୍ରତିଷ୍ଠା କଦାପି ସମ୍ଭବ ହେବ ନାହିଁ । ହୁଏତ ସେମାନେ ଚିରନ୍ତନ ଭାବରେ ପରସ୍ପରଠାରୁ ପୃଥକ୍ ଓ ଭିନ୍ନ ହୋଇ ରହି ଆସିଛନ୍ତି; ଅଥବା, କେଉଁ ଆଦ୍ୟ ଅବସ୍ଥାରେ ହୁଏତ ପରସ୍ପରଠାରୁ ଅଭିନ୍ନ ହୋଇ ରହିଥିଲେ ମଧ୍ୟ ଏବଂ ଭବିଷ୍ୟତରେ ପୁଣି ଏକ ଅଭିନ୍ନ ଓ ଏକାତ୍ମ ସତ୍ତାରୂପେ ହୁଏତ ପରିଣତ ହେବାକୁ ଯାଉଥିଲେ ମଧ୍ୟ ବର୍ତ୍ତମାନ ସେମାନେ ପରସ୍ପରଠାରୁ ଭିନ୍ନ ହୋଇ ରହିଛନ୍ତି ।

'oaob.nitrkl.ac.in' images reprocessed

ହୁଏତ ଅତୀତରେ କେବେ ଏକତ୍ୱର ସ୍ଥିତି ବର୍ତ୍ତମାନ ରହିଥିଲା ଓ ହୁଏତ ଭବିଷ୍ୟତରେ କେବେ ପୁଣି ସେହିଭଳି ଏକ ସ୍ଥିତି ଆସି ପହଞ୍ଚିବ; ମାତ୍ର ବର୍ତ୍ତମାନ ତାହା ନାହିଁ ଓ ବିଶ୍ୱ ଏବଂ ବ୍ୟକ୍ତି ଗୋଟିଏ ଗୋଟିଏ ସତ୍ତାରୂପେ ବିଦ୍ୟମାନ ରହିଥିବା ପର୍ଯ୍ୟନ୍ତ ସେହି ଏକତ୍ୱ କଦାପି ସମ୍ଭବ ହେବ ନାହିଁ । ଯେତେବେଳେ ବିଶ୍ୱସତ୍ତା ବିଶ୍ୱାତୀତ ଅର୍ଥାତ୍ ତୁରୀୟସ୍ଥ ଏକତ୍ୱର ପରିଚୟ ଲାଭ କରିବ ଓ ତାହାର ଅଧିକାରୀ ହେବ, ସେତେବେଳେ ତାହାକୁ ବିଶ୍ୱଭାବଟିକୁ ବର୍ଜନ କରିବାକୁହିଁ ହେବ ଓ ସେତେବେଳେ ତାହା ଆଉ ବିଶ୍ୱସତ୍ତା ହୋଇ ରହିବ ନାହିଁ । ଆପଣାର ବ୍ୟକ୍ତିତ୍ୱ ଏବଂ ବ୍ୟକ୍ତିଭାବାପନ୍ନତାକୁ ପରିହାର କରିସାରିଲେ ଯାଇ ବ୍ୟକ୍ତି ବିଶ୍ୱସତ୍ତାଗତ ଓ ବିଶ୍ୱାତୀତ ଏକତ୍ୱଟିକୁ ଜାଣିବାକୁ ସମର୍ଥ ହେବ ଓ ତାହାର ଅଧିକାରୀ ହୋଇପାରିବ । ଅଥବା, ଯଦି ଏକତ୍ୱହିଁ ଏକମାତ୍ର ଶାଶ୍ୱତ ସତ୍ୟ ହୋଇଥାଏ, ତେବେ ବିଶ୍ୱସତ୍ତା ଓ ବ୍ୟକ୍ତିର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ । ପରମ ଶାଶ୍ୱତ ଏହି ଦୁଇଟିଯାକ ଭ୍ରାନ୍ତିକୁ ନେଇ ଆପଣା ଉପରେ ଲଦି ଦେଇଛନ୍ତି, ସେତେବେଳେ ଏହାହିଁ ସ୍ୱୀକାର କରିବାକୁ ପଡ଼ିବ । ତଦ୍ୱାରା ହୁଏତ ଏକ ବିରୋଧାଭାସ ଉତ୍ପନ୍ନ ହେବ, ଅର୍ଥାତ୍ ଏକ ଅମୀମାଂସିତ ପରସ୍ପର-ବିପରୀତତା ଆସି ବାଧା ହୋଇ ଠିଆହେବ । ମାତ୍ର ପରମ ଶାଶ୍ୱତଙ୍କଠାରେ ମୁଁ ଏହି ବିରୋଧଟିକୁ ସ୍ୱୀକାର କରିନେବାକୁ ବି ପ୍ରସ୍ତୁତ ଅଛି, କାରଣ ସେହି ବିରୋଧଟିର ମୀମାଂସା ବା ସମାଧାନ କରିବାକୁ ମୁଁ ନିଜକୁ କୌଣସି ପ୍ରକାରେ ବାଧ୍ୟ ବୋଲି ମନେ କରୁ ନାହିଁ । ମାତ୍ର ଅପର ପକ୍ଷରେ ଏଣେ ମୋ ନିଜର ମୂଳ ଧାରଣାଗୁଡ଼ିକରେ ଯଦି କୌଣସି ବିରୋଧ ଆସି ଉପସ୍ଥିତ ହୁଏ, ନ୍ୟାୟବୁଦ୍ଧିର ସାହାଯ୍ୟ ନେଇ ତାହାର ସମାଧାନ କରିବା ଲାଗି ମୁଁ ଆପଣାକୁ ବାଧ୍ୟ ବୋଲି ଭାବୁଛି, କାରଣ ତା' ନହେଲେ ମୋର ବ୍ୟାବହାରିକ ଲକ୍ଷ୍ୟସାଧନରେ ମୁଁ କୌଣସିମତେ ଅଗ୍ରସର ହୋଇପାରୁ ନାହିଁ । ଏହି ମୂଳ ଅନୁମାନଟିକୁ ସ୍ୱୀକାର କରି ନେବାଦ୍ୱାରା ମୁଁ ହୁଏତ ଏହି ବିଶ୍ୱଜଗତକୁ ବ୍ୟାବହାରିକ ସତ୍ୟରୂପେ ମାନିନେଇ ତାହାରି ମଧ୍ୟରେ ମୋର ଭାବନା ଓ କ୍ରିୟାକୁ କାର୍ଯ୍ୟକାରୀ କରିପାରୁଛି, ଅଥବା ତାହାକୁ କେବଳ ଏକ ମିଥ୍ୟା ବୋଲି ଜାଣି ବର୍ଜନ କରିଦେଉଛି ଓ ସକଳ ଭାବନା ତଥା କ୍ରିୟାରୁ ନିବୃତ୍ତ ହୋଇ ରହୁଛି । ବିରୋଧ-ଗୁଡ଼ିକ ମଧ୍ୟରେ ଏକ ସମାଧାନ ବାହାର କରିବାକୁ ମୁଁ ଆଦୌ ବାଧ୍ୟ ନୁହେଁ । ମୋ ନିଜର ଓ ଏହି ଜଗତର ସୀମା ବାହାରେ ଥିବା ଆଉ କୌଣସି ବିଷୟରେ ବା ତାହା ମଧ୍ୟରେ ମୁଁ ଅବଶ୍ୟ ସଚେତନ ରହିବାକୁ ବାଧ୍ୟ ହେବି ଓ ଭଗବାନଙ୍କ ପରି ସେହି ଭୂମିଟି ଉପରୁ ନାନା ବିରୋଧରେ ପୂର୍ଣ୍ଣ ହୋଇ ରହିଥିବା ଜଗତରେ କାର୍ଯ୍ୟ କରୁଥିବି, ମୋଲାଗି ଏପରି କୌଣସି ତାଗିଦା ରହିଛି ବୋଲି ମୁଁ ଆଦୌ ଅନୁଭବ କରୁ ନାହିଁ । କେବଳ ଜଣେ ବ୍ୟକ୍ତି ହୋଇ ରହିଥିବାପର୍ଯ୍ୟନ୍ତ ଭଗବାନଙ୍କ ପରି ହେବାକୁ ଚେଷ୍ଟାକରିବା କିମ୍ବା ଏକାବେଳକେ ଦୁନୋଟିଯାକ ହେବାକୁ ଯିବା ନ୍ୟାୟଦୃଷ୍ଟିରୁ ମୋତେ କେବଳ

'oaob.nitrkl.ac.in' images reprocessed

ଏକ ବିଭ୍ରାନ୍ତି ବୋଲି ଲାଗୁଛି, ବ୍ୟାବହାରିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ମନେହେଉଛି ।" ଆମ ସାଧାରଣ ଯୁକ୍ତିସିଦ୍ଧ ବୁଦ୍ଧିର ଦୃଷ୍ଟିକୋଣଟି ଠିକ୍ ଏହିଭଳି ହୋଇପାରେ । ଆପଣାର ଭେଦକଳ୍ପନାରେ ଏହି ଦୃଷ୍ଟିଟି ଅତି ସୁସ୍ପଷ୍ଟ, ଅତି ପ୍ରାଞ୍ଜଳ ଓ ଅତ୍ୟନ୍ତ ସଙ୍ଗତିସମ୍ପନ୍ନ । ଆପଣାର ସୀମାକୁ ଅତିକ୍ରମ କରିବା ଲାଗି ଏହି କ୍ଷେତ୍ରରେ ବୁଦ୍ଧିକୁ କୌଣସି ଅସାଧାରଣ କସରତ କରିବାକୁ ପଡ଼େ ନାହିଁ, କୌଣସିପ୍ରକାର ଗୁହ୍ୟ, ଅର୍ଦ୍ଧଗୁହ୍ୟ ବା କୌଣସି ରହସ୍ୟାବୃତ ଅବବୋଧ ମଧ୍ୟରେ ଆପଣାକୁ ହରାଇ ଦେବାକୁ ପଡ଼େ ନାହିଁ । ଅଥବା, ଏଠାରେ କେବଳ ଏକପ୍ରକାର ଆଦିମ ଓ ଅପେକ୍ଷାକୃତ ଅଧିକ ସରଳ ଏକ ରହସ୍ୟବୋଧ ରହିଛି ଯାହାକି ଅନ୍ୟ ଯାବତୀୟ ଆସ୍ଥାସମସ୍ତ ଜଟିଳତାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଛି । ତେଣୁ କେବଳ ବୁଦ୍ଧିଟା ଉପରେ ନିର୍ଭର କରି ରହିଥିବା ଆମର ମନ ସକାଶେ ଏଇଟି ସବୁଠାରୁ ଅଧିକ ଉପଯୁକ୍ତ ଓ ସନ୍ତୋଷଜନକ ବୋଲି ମନେହେଉଛି । ମାତ୍ର ଏଠାରେ ଏକାବେଳକେ ତିନୋଟି ଭୁଲ ପରସ୍ପର ସହିତ ଗୁରାଇ ଭୂରାଇ ହୋଇ ରହିଛି । ପ୍ରଥମତଃ ଏଠାରେ ପରମ ନିର୍ବିଶେଷ ଓ ସବିଶେଷ ବା ଆପେକ୍ଷିକ ଜଗତ ମଧ୍ୟରେ ଏପରି ଏକ ବ୍ୟବଧାନ ସୃଷ୍ଟି କରି ଦିଆଯାଉଛି, ଯାହାର ଅପନୋଦନ କରିବା ଅସମ୍ଭବ ହୋଇପଡ଼ୁଛି; ଦ୍ୱିତୀୟତଃ ବିରୋଧନ୍ୟାୟର ନିୟମଟିକୁ ଅତିରିକ୍ତଭାବରେ ସରଳ କରି ଦିଆଯାଉଛି, ତାହାକୁହିଁ ଏକମାତ୍ର ନିୟମ ବୋଲି ମାନି ନିଆଯାଉଛି ଓ ତାହାର ପ୍ରୟୋଗକ୍ଷେତ୍ରଟିକୁ ଅତିରିକ୍ତଭାବରେ ପ୍ରସାରିତ କରି ଦିଆଯାଉଛି । ଏବଂ ତୃତୀୟତଃ, ଯେଉଁସବୁ ସାମଗ୍ରୀ ପରମ ଶାଶ୍ୱତ ଭିତରୁ ନିଷ୍ପନ୍ନ ହୋଇଛି, ପରମ ଶାଶ୍ୱତହିଁ ଯାହାର ଆଦିନିବାସ ହୋଇ ରହିଛି, କାଳର ସୀମାବଦ୍ଧ ପରିଭାଷାରେହିଁ ସେଗୁଡ଼ିକର ନିର୍ଣ୍ଣୟ କରିବାକୁ ଚେଷ୍ଟା କରାଯାଇଛି ।

ପରମ ନିର୍ବିଶେଷ କହିଲେ ଆମେ ଆମ ନିଜଠାରୁ ଏକ ବୃହତ୍ତର ସତ୍ୟକୁ ବୁଝିଥାଉ; ଆମେ ଯେଉଁ ବିଶ୍ୱଜଗତରେ ବାସ କରୁଛୁ, ତା'ଠାରୁ ବୃହତ୍ତର ଏକ ସତ୍ତାକୁ ବୁଝିଥାଉ । ଆମେ ଭଗବାନ ବୋଲି କହୁଥିବା ସେହି ବିଶ୍ୱୋତ୍ତୀର୍ଣ୍ଣ ପୁରୁଷଙ୍କର ପରମ ସତ୍ୟକୁହିଁ ବୁଝିଥାଉ, ଯାହାଙ୍କ ବ୍ୟତୀତ କି ଆମେ ଯାହାସବୁ ଦେଖୁଛୁ ବା ଯାହାସବୁ ରହିଛି ବୋଲି ଜାଣିପାରୁଛୁ, ସେସବୁର ଆଦୌ କୌଣସି ଅସ୍ତିତ୍ୱ ନଥା'ନ୍ତା ବା ସେସବୁ ଗୋଟିଏ ନିମେଷ ସକାଶେ ମଧ୍ୟ କଦାପି ରହିପାରନ୍ତେ ନାହିଁ । ଭାରତୀୟ ଦର୍ଶନ ସେହି ସତ୍ୟକୁ ବ୍ରହ୍ମ ବୋଲି କହେ, ଇଉରୋପୀୟ ଦର୍ଶନ ଏହାକୁ Absolute ଅର୍ଥାତ୍ ନିର୍ବିଶେଷ ଚରମତତ୍ତ୍ୱ ବୋଲି କହେ; କାରଣ ତାହା ହେଉଛି ଏକ ସ୍ୱୟମ୍ଭୂ ସତ୍ତା ଏବଂ କୌଣସିପ୍ରକାର ବିଶେଷତା ବା ଆପେକ୍ଷିକତା ସହିତ ତାହା କୌଣସିପ୍ରକାରେ ବାନ୍ଧି ହୋଇ ରହି ନାହିଁ । କାରଣ ଆମେ ଯାହାକିଛିକୁ ଆପେକ୍ଷିକ ବୋଲି କହୁଛୁ, ସେଗୁଡ଼ିକ ଏପରି ଏକ ତତ୍ତ୍ୱ ଉପରେ ଆଶ୍ରିତ ରହିଛି ଯାହାକି

'oaob.nitrkl.ac.in' images reprocessed

ସେଗୁଡ଼ିକର ପ୍ରତ୍ୟେକର ସତ୍ୟର ପ୍ରତିନିଧିତ୍ୱ କରୁଛି, ଯାହାକି ସେଗୁଡ଼ିକର ସକଳ ସାମର୍ଥ୍ୟ ଓ ଧର୍ମର ଉତ୍ସ ତଥା ଆଶ୍ରୟ ହୋଇ ରହିଛି, ଅଥଚ ତଥାପି ସେଗୁଡ଼ିକୁ ଅତିକ୍ରମ କରି ଅବସ୍ଥିତ ରହିଛି । ଏହା ଏପରି ଗୋଟିଏ ସତ୍ୟ, କେବଳ ଯେକୌଣସି ଏକକ ଆପେକ୍ଷିକତା ନୁହେଁ, ମାତ୍ର ଆମର ଜ୍ଞାତସାରରେ ଯେଉଁଠି ଯେତେ ଆପେକ୍ଷିକତା ରହିଛି ସେଗୁଡ଼ିକର ଯେକୌଣସି ସମ୍ଭାବ୍ୟ ସମଷ୍ଟି ମଧ୍ୟ ଯାହାର କେବଳ ଗୋଟିଏ ଅଂଶମାତ୍ରକୁହିଁ ପ୍ରକାଶ କରୁଛି, ତାହାର କେବଳ ଏକ ନିମ୍ନସ୍ତରୀୟ ଅନୁକୃତି ହୋଇ ରହିଛି, କେବଳ ଏକ ବ୍ୟାବହାରିକ ପ୍ରକାଶରୂପେ ଅବସ୍ଥିତ ରହିଛି । ସେହିଭଳି ଏକ ପରମ ତତ୍ତ୍ୱ ବା ସତ୍ୟ ଅବଶ୍ୟ ବିଦ୍ୟମାନ ରହିଛି ବୋଲି ଆମର ବୁଦ୍ଧି ଆମକୁ ସୂଚାଇ ଦେଉଛି, ଆଧ୍ୟାତ୍ମିକ ଅନୁଭବ ଦ୍ୱାରା ଆମେ ତାହାର ଅସ୍ତିତ୍ୱ ବିଷୟରେ ପରିଚୟ ଲାଭ କରିପାରୁଛୁ । ମାତ୍ର ସେହି ସତ୍ୟର ଘନିଷ୍ଠତମ ପରିଚୟ ପାଉଥିବା ବେଳେ ମଧ୍ୟ ତାକୁ ବର୍ଣ୍ଣନା କରି ପାରିବାକୁ ଆମର ସାମର୍ଥ୍ୟ ହେଉ ନାହିଁ, କାରଣ ଆମର ଭାଷା ଓ ଆମର ଭାବନା କେବଳ ଆପେକ୍ଷିକ ସତ୍ୟ-ଗୁଡ଼ିକରହିଁ ବର୍ଣ୍ଣନା କରି ଜାଣିଛି । ତେଣୁ ପରମ ନିର୍ବିଶେଷ ସେହି ଚରମ ସତ୍ୟଟି ଆମ ଲାଗି ଅନିର୍ବଚନୀୟ ହୋଇ ରହିଯାଉଛି ।

ଆପଣାର ଆଲୋଚନାରେ ଏଯାଏ ଆମକୁ କୌଣସି ପ୍ରକୃତ ଅସୁବିଧା ବା ଅନ୍ତରାୟର ସମ୍ମୁଖୀନ ହେବାକୁ ପଡ଼େ ନାହିଁ । ମାତ୍ର ଆମର ମନ କେବଳ ବିରୋଧ ଦେଖିବାରେହିଁ ଅଭ୍ୟସ୍ତ, ଗୋଟିକୁ ଆଉ ଗୋଟିକରୁ ପୃଥକ କରି ଭାବି କେବଳ ଦ୍ୱନ୍ଦ୍ୱଗୁଡ଼ିକର ନିରୂପଣ କରିବାରେ ସେ ଭାରି ପାରଙ୍ଗମ । ତେଣୁ ଏଠାରେ ମଧ୍ୟ ସେ ଅଧିକ ଆଗକୁ ଯାଇ କହିବ ଯେ ପରମ ସତ୍ୟ କେବଳ ଯେ କୌଣସି ଆପେକ୍ଷିକତା ଦ୍ୱାରା ଆବଦ୍ଧ ନୁହେଁ ତା' ନୁହେଁ; ସକଳ ସୀମାବଦ୍ଧତାରୁ ଆପଣାର ସ୍ୱତନ୍ତ୍ରତା ଦ୍ୱାରାହିଁ ସତେଯେପରି ତାହା ବାନ୍ଧି ହୋଇ ରହିଛି, ମନ ସେକଥା ମଧ୍ୟ କହିବାକୁ ଚାହେଁ । ମନର କଳ୍ପନା ଅନୁସାରେ ସେହି ସତ୍ୟର କୌଣସି ପ୍ରକାର ସମ୍ବନ୍ଧସ୍ଥାପନ ଲାଗି ଆଦୌ କୌଣସି ସାମର୍ଥ୍ୟ ନଥାଏ ଏବଂ ତାହା ସ୍ୱଭାବତଃ ସେଥିଲାଗି ଏକାନ୍ତ ଅସମର୍ଥ ହୋଇ ରହିଥାଏ । ମନ ସେହି ପରମ ସତ୍ୟର ସମସ୍ତ ସନ୍ତତିକୁ ଆପେକ୍ଷିକତା ଓ ସମ୍ବନ୍ଧସ୍ଥାପନର ପରିପନ୍ଥୀ ବୋଲି ଭାବେ, ତାହାର ନିତ୍ୟବିରୋଧୀ ବୋଲି ଧରିନିଏ । ଆମ ନ୍ୟାୟବୁଦ୍ଧିର ଏହି ଭ୍ରାନ୍ତ ପଦକ୍ଷେପଟି ସକାଶେ ଆମେ ସତେଅବା ଏକ ଅନ୍ଧାରୁଆ ଗଳି ଭିତରେ ଆସି ପଶିଯାଉ । ଏହି ଯୁକ୍ତି ଫଳରେ ଆମ ନିଜର ତଥା ଏହି ବିଶ୍ୱଜଗତର ଅସ୍ତିତ୍ୱ କେବଳ ଯେ ଏକ ରହସ୍ୟା-ଚ୍ଛନ୍ନତାରେ ପରିଣତ ହୋଇଯାଏ ତା' ନୁହେଁ, ଆମର ନ୍ୟାୟବୁଦ୍ଧି ଲାଗି ତାହା ସକଳ ଅବଧାରଣାର ଅତୀତ ହୋଇରହେ । କାରଣ ଏହି ବାଟରେ ଚିନ୍ତା କରି ଆମେ ଏପରି

'oaob.nitrkl.ac.in' images reprocessed

ଏକ ପରମ ନିର୍ବିଶେଷର କଳ୍ପନାରେ ଆସି ପହଞ୍ଚିଯାଉ, ଯାହାର କି କୌଣସିପ୍ରକାର ଆପେକ୍ଷିକତା ଲାଗି ଆଉ କୌଣସି ସାମର୍ଥ୍ୟ ନଥାଏ, ସକଳ ସମ୍ବନ୍ଧ ଓ ସବିଶେଷତାରୁ ଯାହା ସତତ ନିର୍ମୁକ୍ତ ହୋଇ ରହିଥାଏ, ମାତ୍ର ତଥାପି ଯାହା ଆପେକ୍ଷିକତା ଓ ସବିଶେଷତାର କାରଣ, ବା ଅନ୍ତତଃ ଆଶ୍ରୟ ହୋଇ ରହିଥାଏ, ଯାହା ଯାବତୀୟ ଆପେକ୍ଷିକତାର ଆଧାର, ସତ୍ୟ ଓ ଉପାଦାନରୂପେ କାର୍ଯ୍ୟ କରୁଥାଏ । ସେତେବେଳେ ଏହି ଅନ୍ଧଗଳି ଭିତରୁ ଉଦ୍ଧାର ପାଇବାଲାଗି ଆମ ଆଗରେ କେବଳ ଗୋଟିଏ ବାଟ ଉନ୍ମୁକ୍ତ ରହିଥାଏ । ଏହି ବାଟଟିକୁ ନ୍ୟାୟଦୃଷ୍ଟିରୁ ସଙ୍ଗତ ବୋଲି କୁହାଯାଇ ପାରିବ, ଅସଙ୍ଗତ ବୋଲି ମଧ୍ୟ କୁହାଯାଇ ପାରିବ । ଏକ ସ୍ୱୟଂନିର୍ଭର ମାୟାରୂପେ କିମ୍ବା କାଳାଧୀନ ଏକ ଅବାସ୍ତବ ସତ୍ୟରୂପେ ଆକାର ଏବଂ ସମ୍ବନ୍ଧରହିତ ପରମ ନିର୍ବିଶେଷଙ୍କର ଶାଶ୍ୱତତା ଉପରେ ଏହି ଜଗତଟିକୁ ବାହାରୁ ଅନ୍ୟକେଉଁଠାରୁ ଆଣି ଲଦି ଦିଆଯାଇଛି, ସେତେବେଳେ ଏକମାତ୍ର ସମାଧାନ ହିସାବରେ ଏହାହିଁ ଅନୁମାନ କରିନେବାକୁ ହୁଏ । ଭ୍ରାନ୍ତପଥରେ ଆମକୁ ବାଟ କରି ନେଇ ଯାଉଥିବା ଆମର ବ୍ୟକ୍ତିଚେତନାଟିହିଁ ଆମକୁ ଏହିଭଳି ଏକ ଆରୋପର ପ୍ରମାଦଟି ଭିତରେ ଆଣି ପକାଇ ଦେଇଥାଏ । ସେହି ଚେତନା ଭ୍ରମବଶ ହୋଇ ବ୍ରହ୍ମଙ୍କୁ ଜଗତ ରୂପରେହିଁ ଦେଖିଥାଏ । କୌଣସି ମନୁଷ୍ୟ ଭ୍ରମବଶ ହୋଇ ରଜ୍ଜୁରେ ଯେପରି ସର୍ପର ଦର୍ଶନ କରିଥାଏ, ଠିକ୍ ସେହିପରି । ମାତ୍ର ଆମର ବ୍ୟକ୍ତିଚେତନା ମଧ୍ୟ ସ୍ୱୟଂ ଗୋଟିଏ ଆପେକ୍ଷିକ ବସ୍ତୁ, କେବଳ ବ୍ରହ୍ମଙ୍କୁ ଆଶ୍ରୟ କରିହିଁ ତାହା ବିଦ୍ୟମାନ ରହିଛି ଓ କେବଳ ସେହି ବ୍ରହ୍ମ ମଧ୍ୟରେହିଁ ଅଧିଷ୍ଠିତ ରହିଛି । ବ୍ୟକ୍ତିଚେତନା ଏକ ସ୍ୱୟଂଆଶ୍ରିତ ପ୍ରକୃତ ସତ୍ୟ ଆଦୌ ନୁହେଁ । ଅଥବା, ଏପରି ମଧ୍ୟ କୁହାଯାଇ ପାରେ ଯେ ଏହାର ମର୍ମଗତ ସତ୍ୟଭୂମି ଉପରେ ଏହା ବ୍ରହ୍ମବ୍ୟତୀତ ଆଉ କିଛି ନୁହେଁ । ତେଣୁ କହିବାକୁ ହେବ ଯେ ଏହି କ୍ଷେତ୍ରରେ ସ୍ୱୟଂ ବ୍ରହ୍ମହିଁ କାର୍ଯ୍ୟତଃ ଆମ ଭିତରେ ରହିଥିବା ବ୍ରହ୍ମ ଉପରେ ଏହି ଭ୍ରମଟିର ଆରୋପ କରୁଛନ୍ତି ଏବଂ ଆପଣା ଚେତନାର କୌଣସି ପରିଚାଳଣରେ ବାସ୍ତବସତ୍ତ୍ୱବିଶିଷ୍ଟ ରଜ୍ଜୁରେ ଏକ ଅବାସ୍ତବ ସର୍ପର ଭ୍ରମ କରୁଛନ୍ତି । ଆପଣାର ଅନିର୍ଦ୍ଦେଶ୍ୟ ବିଶୁଦ୍ଧ ପରମ ସତ୍ତ୍ୱଟି ଉପରେ ସେ ଏକ ବିଶ୍ୱସାଦୃଶ୍ୟର ଆରୋପ କରୁଛନ୍ତି । ଅଥବା, ସେ ଆପଣାର ଚୈତନ୍ୟ ଉପରେ ଏହି ଆରୋପ କରୁନାହାନ୍ତି ବୋଲି ଯଦି କୁହାଯାଏ, ତେବେ କହିବାକୁ ହେବ ଯେ ସେ ତାଙ୍କଠାରୁ ଉଦ୍‌ଗତ ଓ ତାଙ୍କରି ଉପରେ ନିର୍ଭରଶୀଳ ଏକ ଚେତନା ଉପରେ ସେହି ଆରୋପଟି କରୁଛନ୍ତି, ପରମ ମାୟା ଭିତରକୁ ଆପଣାର ଏକ ପ୍ରକ୍ଷେପଣ ଉପରେ ଏହି ଆରୋପଟି କରୁଛନ୍ତି । ମାତ୍ର ଏପରି ଏକ ବ୍ୟାଖ୍ୟାଦ୍ୱାରା ପ୍ରକୃତରେ କୌଣସି ବ୍ୟାଖ୍ୟା ହୁଏ ନାହିଁ । ମୂଳ ବିରୋଧଟି ଯେଉଁଠି ଥିଲା, ଠିକ୍ ସେଇଠି ରହିଥାଏ; ସେଥିରେ ଆଦୌ ସମାଧାନ ହୋଇପାରେ ନାହିଁ, ଏବଂ ସେହି ପୁରୁଣା ବିରୋଧଟିକୁ କେବଳ ଏକ ଭିନ୍ନପ୍ରକାର ଲିପା ଦେଇ ପୁଣି

'oaob.nitrkl.ac.in' images reprocessed

ଆଉଥରେ କହିବାହିଁ ସାର ହୁଏ । ଦେଖିଲେ ମନେହୁଏ, ସତେଯେପରି ବୁଦ୍ଧିଗତ ବିଶ୍ଳେଷଣ ଦ୍ୱାରା ଏହି ବିରୋଧଟିର ଏକ ବ୍ୟାଖ୍ୟାରେ ଉପନୀତ ହେବାକୁ ଚେଷ୍ଟା କରି ଆମେ ଆପଣାର ଏହି ଅନମନୀୟ ନ୍ୟାୟବୁଦ୍ଧିର ଭ୍ରମପ୍ରତ୍ୟାଶାଟି ଦ୍ୱାରା କେବଳ ଆମ ନିଜବୁଦ୍ଧି କୁହେଳିକାଚ୍ଛନ୍ନ କରି ରଖିଛୁ । ଆମର ଅତିଦୁଃସାହସୀ ତର୍କବୁଦ୍ଧି ଧୃଷ୍ଟତାର ସହିତ ଆମ ବୁଦ୍ଧି ଉପରେ ଯେଉଁ ଭ୍ରମପ୍ରତ୍ୟୟଟିକୁ ଆଣି ଲଦି ଦେଇଛି, ଆମେ ସେଇଟିକୁ ନେଇ ପରମ ନିର୍ବିଶେଷଙ୍କ ଉପରେ ଆରୋପ କରିଦେଉଛୁ । ବିଶ୍ୱରୂପାୟନର ସତ୍ୟରହସ୍ୟଟିକୁ ଯଥାର୍ଥରୂପେ ବୁଝିବାରେ ମନୋଗତ କ୍ଷେତ୍ରରେ ଆମର ଯେଉଁ ଅସୁବିଧାଟି ରହିଛି, ଆମେ ସେଇଟିକୁ ପରମ ନିର୍ବିଶେଷଙ୍କର ବିଶ୍ୱଜଗତରେ ଆପଣାକୁ ପ୍ରକାଶିତ କରିବା ମୂଳତଃ କଦାପି ସମ୍ଭବ ନୁହେଁ ବୋଲି ଏକ ଯୁକ୍ତିରେ ନେଇ ପରିଣତ କରି ପକାଉଛୁ । ମାତ୍ର ଏହା ଅତି ସ୍ପଷ୍ଟ ଯେ ବିଶ୍ୱଜଗତର ରୂପାୟନ କରିବାକୁ ଯାଇ ପରମ ନିର୍ବିଶେଷ ଆଦୌ କୌଣସି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ଏବଂ ଯୁଗପତ୍ ଭାବରେ ଆପଣାକୁ ସକଳ ବିଶ୍ୱରୂପାୟନରୁ ଉତ୍ତୀର୍ଣ୍ଣ କରି ରଖିବାରେ ମଧ୍ୟ ସେ କୌଣସି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି । ଯାବତୀୟ ଅସୁବିଧା କେବଳ ଆମର ନାନାପ୍ରକାରେ ସୀମାବଦ୍ଧ ଏହି ମନ ଭିତରେହିଁ ରହିଛି ଏବଂ ସେହି ସୀମାଜନିତ ବାଧାଗୁଡ଼ିକ ସକାଶେହିଁ ଆମେ ଅନନ୍ତ ଓ ଅନ୍ତବିଶିଷ୍ଟର ସହାବସ୍ଥାନ ପଛରେ ରହିଥିବା ଅତିମାନସ ନ୍ୟାୟସଙ୍ଗତଟିକୁ ବୁଝିପାରିବାକୁ ଅଥବା ସବିଶେଷ ସହିତ ନିର୍ବିଶେଷର ଏକତ୍ରଗ୍ରଥିତତାକୁ ଅଧିଗମି ପାରିବାକୁ ଅସମର୍ଥ ହୋଇ ରହିଛୁ । ଆମ ମସ୍ତିଷ୍କଗତ ବୁଦ୍ଧିକୁ ଏ ଦୁହେଁ ପରସ୍ପରର ବିପରୀତ ବୋଲି ଦେଖା ଯାଉଛନ୍ତି । ମାତ୍ର ନିର୍ବିଶେଷ ଭୂମିର ପରମ ନ୍ୟାୟବୁଦ୍ଧି ଲାଗି ସେଗୁଡ଼ିକ ସେହି ଗୋଟିଏ ପରମ ସତ୍ୟର ପରସ୍ପରସମ୍ବନ୍ଧିତ ଦୁଇଟି ପ୍ରକାଶମାତ୍ର ହୋଇ ରହିଛନ୍ତି, ସେମାନଙ୍କ ମଧ୍ୟରେ ମୂଳତଃ ଆଦୌ କୌଣସି ଦ୍ୱନ୍ଦ୍ୱ ନାହିଁ । ଅନନ୍ତ ପରମସତ୍ତାଙ୍କର ଚେତନା ଆମର ମନଶ୍ଚେତନା ଓ ଇନ୍ଦ୍ରିୟଚେତନାଠାରୁ ଏକାବେଳକେ ଭିନ୍ନ, ଏହା ଏକ ବୃହତ୍ତର ଓ ଅଧିକ ସାମର୍ଥ୍ୟସମ୍ପନ୍ନ ଚେତନା । କାରଣ ମନଶ୍ଚେତନା ଓ ଇନ୍ଦ୍ରିୟଚେତନା ତାହାରି ବିସ୍ତାର ଏକ ଗୌଣ ବିଭାବରୂପେ ତାହାରି ଭିତରେ ଅନ୍ତର୍ଗତ ହୋଇ ରହିଛି । ଏବଂ ଅନନ୍ତ ପରମସତ୍ତାଙ୍କର ନ୍ୟାୟ ମଧ୍ୟ ଆମ ମସ୍ତିଷ୍କଭୂମିଗତ ନ୍ୟାୟଠାରୁ ଏକାବେଳକେ ଭିନ୍ନ । ଆମର ମନୋଭୂମିଗତ ଦୃଷ୍ଟିଟି ଯେଉଁସବୁ ଶବ୍ଦ, ଭାଷା ଓ ଭାବନାକୁ ନେଇ କାରବାର କରୁଥାଏ, ତାହା କେବଳ ପରୋକ୍ଷ ଓ ଗୌଣ ତଥ୍ୟଗୁଡ଼ିକରୁହିଁ ଗଠିତ ହୋଇଛି । ସେହି ଦୃଷ୍ଟିଟି ଲାଗି ଯାହା କେବଳ ଏକାନ୍ତ ଓ ଅନପନେୟ ବିରୁଦ୍ଧ ସତ୍ୟ ପରି ବୋଧ ହେଉଥାଏ, ଅନନ୍ତଭୂମିର ନ୍ୟାୟ ଓ ସମଗ୍ର ବିବେକ ଆପଣା ସତ୍ତ୍ୱଗତ ଅନାଦି ତଥ୍ୟର ଅପରୋକ୍ଷ ଅନୁଭବ ଦ୍ୱାରା ଅତି ସହଜରେ ସେଗୁଡ଼ିକରେ ସମନ୍ୱୟ ଘଟାଇ ଦିଏ ।

'oaob.nitrkl.ac.in' images reprocessed

ଆମର ଭୁଲଟି ହେଉଛି ଯେ ଯାହା ସକଳ ସଂଜ୍ଞାର ଅତୀତ ତାହାର ସଂଜ୍ଞାନିରୂପଣ କରିବାର ଚେଷ୍ଟା କରିବାକୁ ଯାଇ ଆମେ ସକଳ ସତ୍ୟକୁ କେବଳ ଛିନ୍ନ ଭିନ୍ନ କରି ଥୋଇ ଦେଉଥିବା ଏକ ନକାରାତ୍ମକତାଦ୍ୱାରାହିଁ ପରମ ନିର୍ବିଶେଷଙ୍କର ବର୍ଣ୍ଣନା କରିବା ଲାଗି ଆଗଭର ହେଉ ଏବଂ ସେତିକି କରିଦେଇ ସଫଳକାମ ହୋଇଗଲୁ ବୋଲି ମନେକରୁ । ଅଥଚ ସେହି ପରମ ନିର୍ବିଶେଷଙ୍କୁ ଆମେ ସର୍ବପରମ ସକାରାତ୍ମକତା ତଥା ଯାବତୀୟ ସକାରାତ୍ମକ ସତ୍ତ୍ୱର ଉତ୍ପତ୍ତିସ୍ଥଳରୂପେ କଳ୍ପନା କରିଥାଉ । କେବଳ ଶବ୍ଦଗତ ତାରତମ୍ୟଗୁଡ଼ିକୁ ଏକମାତ୍ର ମହତ୍ତ୍ୱ ନ ଦେଇ ସତ୍ତ୍ୱଗତ ସତ୍ୟତତ୍ତ୍ୱକୁ ବୁଝିବାକୁ ଚେଷ୍ଟା କରୁଥିବା ତୀକ୍ଷ୍ଣବୁଦ୍ଧିର ଦାର୍ଶନିକମାନେ ଯେ ଏତେ ବେଶୀ ସଂଖ୍ୟାରେ ପରମ ନିର୍ବିଶେଷଙ୍କୁ ବୁଦ୍ଧିଭୂମିର କେବଳ ଏକ ଅଳୀକ କଳ୍ପନା ବୋଲି କହିବାକୁ, କେବଳ ଶବ୍ଦ ଓ ଶବ୍ଦଗତ ତର୍କବିଳାସରୁ ଜନ୍ମଲାଭ କରିଥିବା ଏକ ଧାରଣାମାତ୍ର, କୌଣସି ମୂଲ୍ୟ ନଥିବା ଏକ ଶୂନ୍ୟସଂଖ୍ୟା ଓ ଏକ ଅସ୍ତିତ୍ୱହୀନ ତତ୍ତ୍ୱ ବୋଲି ଅନୁମାନ କରିବାକୁ ବାଧ୍ୟ ହୋଇଛନ୍ତି, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏକ ବିଗ୍ରହହୀନ ଚିରନ୍ତନ ଅମୂର୍ତ୍ତ ହେଉଛି ଆମ ସତ୍ତ୍ୱର ଏକମାତ୍ର ସତ୍ୟ, ସେମାନେ ଏହିଭଳି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି । ଏକଥା ସତ୍ୟ ଯେ ପ୍ରାଚୀନ ଋଷିମାନେ କେବଳ ନେତିବାଚକ ନାନା ଶବ୍ଦଦ୍ୱାରା ବ୍ରହ୍ମର ବର୍ଣ୍ଣନା କରି ଯାଇଛନ୍ତି । ସେମାନେ ବ୍ରହ୍ମକୁ ନେତି, ନେତି ବୋଲି କହିଛନ୍ତି; ବ୍ରହ୍ମ ଏଇଟା ନୁହେଁ, ବ୍ରହ୍ମ ସେଇଟା ନୁହେଁ ବୋଲି କହିଛନ୍ତି । ମାତ୍ର ସେମାନେ ଇତିବାଦର ବର୍ଣ୍ଣନା ଦେଇ ବ୍ରହ୍ମର ବ୍ୟାଖ୍ୟା କରିବାକୁ ମଧ୍ୟ ଆଦୌ ଭୁଲିଯାଇ ନାହାନ୍ତି । ସେମାନେ 'ଏହାହିଁ ବ୍ରହ୍ମ', 'ତାହାହିଁ ଇଦଂ ବ୍ରହ୍ମ' ଓ 'ସର୍ବଂ ଖଳୁ ବ୍ରହ୍ମ' ବୋଲି ମଧ୍ୟ କହିଛନ୍ତି । କାରଣ ବ୍ରହ୍ମର ବିଚାର କରିବାକୁ ଯାଇ ସେମାନେ ଭଲ କରି ଦେଖି ପାରିଛନ୍ତି ଯେ ବ୍ରହ୍ମକୁ କେବଳ ଇତିବାଚକ କିମ୍ବା କେବଳ ନେତିବାଚକ ସଂଜ୍ଞାଗୁଡ଼ିକ ଦ୍ୱାରା ସୀମାବଦ୍ଧ କରିଦେବାକୁ ବସିଲେ ତଦ୍ଦ୍ୱାରା ବ୍ରହ୍ମର ଯଥାର୍ଥ ସତ୍ୟଠାରୁ କେବଳ ବିଚ୍ୟୁତ ଓ ଭ୍ରଷ୍ଟ ହୋଇ ରହିବାହିଁ ସାର ହେବ । ସେମାନେ ବ୍ରହ୍ମଙ୍କୁ ଅନ୍ନ ବା ଜଡ଼ ବୋଲି କହିଛନ୍ତି, ପ୍ରାଣ ବୋଲି କହିଛନ୍ତି, ମନ ବୋଲି କହିଛନ୍ତି, ଅତିମାନସ ବା ବିଜ୍ଞାନ ବୋଲି କହିଛନ୍ତି, ବିଶ୍ୱକୁ ଭରି କରି ରହିଥିବା ଆନନ୍ଦ ବୋଲି କହିଛନ୍ତି, ପରମ ସଚ୍ଚିଦାନନ୍ଦ ବୋଲି କହିଛନ୍ତି । ମାତ୍ର ତଥାପି ବ୍ରହ୍ମ କହିଲେ ଯଥାର୍ଥରେ ଏଥିରୁ କେବଳ କୌଣସି ଗୋଟିକୁହିଁ ବୁଝାଇବ ନାହିଁ, ଏପରିକି ସଚ୍ଚିଦାନନ୍ଦର ବୃହତ୍ତମ କଳ୍ପନାଟି ଦ୍ୱାରା ମଧ୍ୟ ବ୍ରହ୍ମର ପରିପୂର୍ଣ୍ଣ ବ୍ୟାଖ୍ୟା ଦେଇ ହେବ ନାହିଁ । ଆମେ ଦେଖୁଥିବା ଏହି ବିଶ୍ୱଜଗତରେ ଆପଣାର ମନଶ୍ଚେତନାଟିକୁ ଯେତେବେଶୀ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରିନେଇ ପାରିଲେ ମଧ୍ୟ ଆମେ ତଥାପି ଦେଖିପାରିବା ଯେ ଯେଉଁଠି ଭାବ ରହିଛି, ସେଠାରେ ଏକ ଅଭାବ ମଧ୍ୟ ରହିଛି, ପ୍ରତ୍ୟେକ ଇତି ସାଙ୍ଗକୁ ଗୋଟିଏ ନେତି ମଧ୍ୟ ରହିଛି । ମାତ୍ର ନେତି କହିଲେ

'oaob.nitrkl.ac.in' images reprocessed

ଏଠାରେ ଆଦୌ ଏକ ମୂଲ୍ୟହୀନ ଶୂନ୍ୟକୁହିଁ ବୁଝାଉ ନାହିଁ ଏବଂ ପ୍ରକୃତରେ କହିବାକୁ ଗଲେ ଯାହାସବୁ ଆମକୁ କେବଳ ଶୂନ୍ୟ ବୋଲି ପ୍ରତୀତ ହୋଇଥାଏ, ତାହା ପ୍ରକୃତରେ ଶୂନ୍ୟ ନୁହେଁ; ତାହା ଶକ୍ତିଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଥାଏ, ସୃଷ୍ଟିର କାର୍ଯ୍ୟଦ୍ୱାରା ଭରପୂର ରହିଥାଏ, ଭୂତ ଓ ଭବ୍ୟର ନାନା ସମ୍ଭାବନାଦ୍ୱାରା ସମ୍ପନ୍ନ ହୋଇ ରହିଥାଏ । ପୁନଶ୍ଚ, ନେତି ରହିଛି ବୋଲି ତାହାର ପ୍ରତିପ୍ରାନ୍ତ ଇତିଟି ଆଦୌ ନାହିଁ ବା କେବଳ ଏକ ଅବାସ୍ତବତା ହୋଇ ରହିଛି ବୋଲି ମଧ୍ୟ କହି ହେବ ନାହିଁ । ଇତିବାଦ ଦ୍ୱାରା ବସ୍ତୁସତ୍ୟର ସମ୍ପୂର୍ଣ୍ଣ ପରିଚୟଟି ଆମକୁ ମିଳୁ ନାହିଁ, ନେତିର ଅସ୍ତିତ୍ୱ ଆମକୁ କେବଳ ଏହି କଥାଟି ସମ୍ବନ୍ଧରେ ସତର୍କ କରିଦେଉଛି । ହୁଏତ କୁହାଯାଇ ପାରେ ଯେ ଏହି କ୍ଷେତ୍ରରେ ଆମକୁ ଇତିଟିର ସମ୍ପୂର୍ଣ୍ଣ ସତ୍ୟ ମଧ୍ୟ ପ୍ରାପ୍ତ ହୋଇପାରୁ ନାହିଁ । କାରଣ ଇତି ଓ ନେତି, ଭାବ ଓ ଅଭାବ କେବଳ ଯେ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଛନ୍ତି ତାହା ନୁହେଁ, ସେମାନେ ପରସ୍ପର ସହିତ ସମ୍ବନ୍ଧିତ ହୋଇ ରହିଛନ୍ତି, ପରସ୍ପର ଉପରେ ନିର୍ଭର କରି ରହିଛନ୍ତି । ସେମାନେ ହେଉଛନ୍ତି ପରସ୍ପରର ପରିପୂରକ, ଏବଂ ଏକ ସମଗ୍ର ଓ ସର୍ବତୋଦୃଷ୍ଟି ଦେଇ ଦେଖିଲେ ଗୋଟିଏ ଅନ୍ୟଟିର ସତ୍ୟଟିକୁ ଉଦ୍‌ଘାଟନ କରିଦେଇ ପାରିବେ । ମାତ୍ର ସୀମାବଦ୍ଧ ମନୋଭୂମି ସେଯାଏ ଆଦୌ ପହଞ୍ଚି ପାରିବ ନାହିଁ । କେବଳ ଗୋଟିକୁ ଦେଖୁଥିବା ପର୍ଯ୍ୟନ୍ତ ଆମେ ତାହାର ଯଥାର୍ଥ ଓ ସମ୍ପୂର୍ଣ୍ଣ ପରିଚୟଟି କଦାପି ପାଇବା ନାହିଁ । ଯେତେବେଳେ ଆମେ ଗୋଟିକୁ ତାହାର ଆପାତ-ବିରୋଧୀ ତତ୍ତ୍ୱଟିର ବ୍ୟଞ୍ଜନା ଦେଇ ଉଦ୍ଧାର କରି ଶିଖିବା, କେବଳ ସେତିକବେଳେହିଁ ଆମେ ତାହାର ଗଭୀରତର ମର୍ମସତ୍ୟଟିକୁ ଜାଣି ପାରିବା । ଖାଲି ଭେଦ ବାହାର କରୁଥିବା ଓ ବିରୋଧଗୁଡ଼ିକୁ ନିରୂପଣ କରି ଦେଉଥିବା ନ୍ୟାୟବୁଦ୍ଧି ଦ୍ୱାରା ନୁହେଁ, ମାତ୍ର ଏହିଭଳି ଏକ ଗଭୀରତର ଉଦାର ବୋଧିଗତ ଜ୍ଞାନର ମାର୍ଗ ଅନୁସରଣ କରିହିଁ ଆମର ବୁଦ୍ଧିକୁ ନିର୍ବିଶେଷ ପରମତତ୍ତ୍ୱର ଅଭିମୁଖରେ ଅଗ୍ରସର ହେବାକୁ ପଡ଼ିବ ।

ନିର୍ବିଶେଷ ବ୍ରହ୍ମର ଯେଉଁସବୁ ଇତିବାଚକ ଅର୍ଥାତ୍ ଭାବାତ୍ମକ ତତ୍ତ୍ୱ ରହିଛି, ଆମର ଚେତନା ଭିତରେ ତାହାର ବିଭିନ୍ନ ପ୍ରକାଶଦ୍ୱାରା ଆମେ ସେଗୁଡ଼ିକର ପରିଚୟ ପାଇଥାଉ । ପ୍ରକାଶିତ ଭାବାତ୍ମକତାଗୁଡ଼ିକ ବ୍ୟତୀତ ସେହି ବ୍ରହ୍ମ ମଧ୍ୟରେ ଆଉ ଯାହାସବୁ ରହିଛି, ସେଗୁଡ଼ିକ ମଧ୍ୟ ଇତିବାଚକ ବା ଭାବାତ୍ମକ ବୋଲି କହିବାକୁ ହେବ; ବ୍ରହ୍ମର ନେତିବାଚକତା ଦ୍ୱାରା ସେଗୁଡ଼ିକହିଁ ସୂଚିତ ହୋଇଥାଏ । ଇତିବାଚକ ଭାବଟି ଦ୍ୱାରା ଯେଉଁ ସୀମାଟିକୁ ନିର୍ଦ୍ଦେଶିତ କରି ଦିଆଯାଏ, ନେତିବାଚକ ଭାବଟିଦ୍ୱାରା ସେହି ସୀମାଟିକୁହିଁ ଅସ୍ୱୀକାର କରାଯାଏ । ବ୍ରହ୍ମଙ୍କର ପ୍ରଶସ୍ତ ଓ ମୂଳ ସମ୍ବନ୍ଧଗୁଡ଼ିକର ଚର୍ଚ୍ଚା କରିବାକୁ ଯାଇ ଆମେ ସେଗୁଡ଼ିକୁ ଅନନ୍ତ ଓ ଅନ୍ତବିଶିଷ୍ଟ, ସବିଶେଷ ଓ ନିର୍ବିଶେଷ

'oaob.nitrkl.ac.in' images reprocessed

ଏବଂ ସଗୁଣ ଓ ନିର୍ଗୁଣ ବୋଲି ଜାଣିଥାଉ । ଏଗୁଡ଼ିକରୁ ପ୍ରତ୍ୟେକଟି ଯୁଗଳତତ୍ତ୍ୱର ନେତିତତ୍ତ୍ୱଟି ମଧ୍ୟରେ ତାହାର ପ୍ରତିପ୍ରାନ୍ତରେ ରହିଥିବା ଇତିତତ୍ତ୍ୱଟିର ସକଳ ଶକ୍ତି ନିଗୂଢ଼ ହୋଇ ରହିଛି । ନେତିଭାବର ଆଧାର ଉପରେହିଁ ଇତିଭାବ ପ୍ରତିଷ୍ଠିତ ରହିଛି, ନେତିଭାବରୁହିଁ ଇତିଭାବର ଉନ୍ମେଷ ହେଉଛି । ଯଥାର୍ଥତଃ କେଉଁଠିହେଲେ କୌଣସି ବିରୋଧ ନାହିଁ । ସତ୍ୟର ଏକ ଅପେକ୍ଷାକୃତ କମ୍ ସୂକ୍ଷ୍ମ ସ୍ତରରେ ଆମେ ବିଶ୍ୱାତୀତ ଓ ବିଶ୍ୱବ୍ୟାପ୍ତ ଏବଂ ବିଶ୍ୱସତ୍ତା ଓ ବ୍ୟକ୍ତିସତ୍ତାର ସମ୍ମୁଖୀନ ହୋଇଥାଉ । ଏହି ଯୁଗଳଗୁଡ଼ିକର ପ୍ରତ୍ୟେକଟିରେ ଗୋଟିଏ ତତ୍ତ୍ୱ ଯେ ବସ୍ତୁତଃ ତାହାର ଆପାତ-ବିରୋଧୀ ଅନ୍ୟଟିର ଅନ୍ତର୍ଗତ ହୋଇ ରହିଛି, ତାହା ଆମେ ଆଗରୁ ବିଚାର କରି ଦେଖିଛୁ । ବିଶ୍ୱାତ୍ମା ବା ବିଶ୍ୱସତ୍ତା ବ୍ୟକ୍ତିସତ୍ତାର ମଧ୍ୟଦେଇ ଆପଣାକୁ ବିଶେଷ ରୂପରେ ପ୍ରକଟ କରୁଛନ୍ତି; ଏବଂ ବ୍ୟକ୍ତିସତ୍ତା ମଧ୍ୟରେ ବିଶ୍ୱସତ୍ତାର ସକଳ ସାଧାରଣ ଓ ସର୍ବସାମାନ୍ୟ ତତ୍ତ୍ୱଗୁଡ଼ିକ ଅନ୍ତର୍ଗତ ହୋଇ ରହିଛି । ବହୁତ୍ୱ ଓ ବୈଚିତ୍ର୍ୟକୁ ନିରୁଦ୍ଧ କରି ରଖିବାଦ୍ୱାରା ନୁହେଁ, ମାତ୍ର ଅଗଣିତ ବ୍ୟକ୍ତିସତ୍ତାର ନାନା ବୈଚିତ୍ର୍ୟମୟତାର ସୃଷ୍ଟିଦ୍ୱାରାହିଁ ବିଶ୍ୱଚେତନା ଆପଣାକୁ ସକଳାଙ୍ଗ ସର୍ବତୋଭାବରେ ଉପଲବ୍ଧି କରିପାରୁଛି । ଆପଣାକୁ କେବଳ ଆପଣା ଅହଂର ବାଡ଼ଗୁଡ଼ିକ ମଧ୍ୟରେ କଳିରଖି ନୁହେଁ, ମାତ୍ର ବିଶ୍ୱଗତ ସକଳ ସହିତ ଏକାତ୍ମତା ଓ ସମ୍ବେଦନଶୀଳତା ଦ୍ୱାରା ବିଶ୍ୱାତ୍ମକ ହେବାଦ୍ୱାରାହିଁ ବ୍ୟକ୍ତିଚେତନା ଆପଣାକୁ ସର୍ବତୋଭାବେ ପରିପୂର୍ଣ୍ଣ କରୁଛି । ଠିକ୍ ସେହିପରି ଯାହାକୁ ବା ଯାହାକିଛିକୁ ଆମେ ଏହି ବିଶ୍ୱରେ ବ୍ୟାପ୍ତ ହୋଇ ରହିଥିବାର ଦେଖୁଛୁ, ତାହାର ମଧ୍ୟଦେଇ ବିଶ୍ୱାତ୍ମକତା ମଧ୍ୟ ବିଶ୍ୱୋତ୍ତୀର୍ଣ୍ଣତାର ନିଗୂଢ଼ ସତ୍ୟଟିକୁ ଧାରଣ କରି ରହିଛି । ଆପଣାର ବିଶ୍ୱୋତ୍ତୀର୍ଣ୍ଣ ସତ୍ୟଟିର ଚେତନାଟି ଦ୍ୱାରାହିଁ ତାହା ଆପଣାକୁ ବିଶ୍ୱସତ୍ତାରୂପେ ପ୍ରତିଷ୍ଠିତ କରି ରଖିପାରିଛି । ପ୍ରତ୍ୟେକ ସତ୍ତାରେ ଅର୍ଥାତ୍ ଯାବତୀୟ ଅସ୍ତିତ୍ୱ ମଧ୍ୟରେ ଦିବ୍ୟ ଓ ବିଶ୍ୱୋତ୍ତୀର୍ଣ୍ଣ ସତ୍ତାଟିର ଉପଲବ୍ଧି ଦ୍ୱାରାହିଁ ଏହା ପ୍ରତ୍ୟେକ ବ୍ୟକ୍ତିସତ୍ତା ମଧ୍ୟରେ ଆପଣାର ପରିଚୟ ପାଇବାକୁ ସମର୍ଥ ହେଉଛି । ପରମ ବିଶ୍ୱୋତ୍ତୀର୍ଣ୍ଣ ସତ୍ତାହିଁ ବିଶ୍ୱବ୍ରହ୍ମାଣ୍ଡକୁ ଆପଣା ଭିତରେ ଧାରଣ କରିଛି, ତାହାକୁ ପ୍ରକାଶରୂପ ଦେଉଛି ଓ ତାହାର ଉପାଦାନରୂପେ କାର୍ଯ୍ୟ କରୁଛି । ଏବଂ ବିଶ୍ୱବ୍ରହ୍ମାଣ୍ଡକୁ ପ୍ରକାଶିତ କରିବାର ମାଧ୍ୟମରେ ତାହା କେବଳ ଆପଣାର ଅନନ୍ତ ଓ ନାନା-ସୌଷମ୍ୟମୟ ବୈଚିତ୍ର୍ୟଟିକୁହିଁ ପ୍ରକାଶିତ କରିଦେଉଛି; ଅଥବା, ଶବ୍ଦଟିର ପାରମ୍ପରିକ ଜଡ଼ତ୍ୱବ୍ୟଞ୍ଜକ ଅର୍ଥ ସହିତ କହିବାକୁ ବସିଲେ, ତାହା ଆପଣାର ସେହି ଅନନ୍ତ ବୈଚିତ୍ର୍ୟକୁହିଁ ଆବିଷ୍କାର କରିବାରେ ଲାଗିଛି । କିନ୍ତୁ ଆପେକ୍ଷିକତା ଓ ସବିଶେଷତାର ନିମ୍ନତର ସ୍ତରଗୁଡ଼ିକରେ ମଧ୍ୟ ଆମେ ନେତି ଓ ଇତିର ଏହି କ୍ରୀଡ଼ାଟିର ସନ୍ଦର୍ଶନ କରିଥାଉ । ଏବଂ ସେଠାରେ ମଧ୍ୟ, ଏଥିରୁ କୌଣସିଟିକୁ ଏକାବେଳକେ କାଟି ପକାଇ କିମ୍ବା ସେଗୁଡ଼ିକ ମଧ୍ୟରେ ରହିଥିବା ବିରୋଧଟିକୁ ଚରମ ପ୍ରାନ୍ତ ଯାଏ ଆହୁରି

'oaob.nitrkl.ac.in' images reprocessed

ପ୍ରଲମ୍ବିତ କରିନେଇ ନୁହେଁ, ମାତ୍ର କେବଳ ଦିବ୍ୟବ୍ୟଞ୍ଜନାର ଏକ ଭୂମି ଉପରେ ସେଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ କରିହିଁ ଆମକୁ କ୍ରମେ ପରମ ନିର୍ବିଶେଷ ସତ୍ୟର ସ୍ତରଟିଯାଏ ଆରୋହଣ କରି ଆସିବାକୁ ପଡ଼ିଥାଏ । କାରଣ ସେହି ପରମ ନିର୍ବିଶେଷର ସର୍ବସମାବେଶକତା ମଧ୍ୟରେ ନିମ୍ନତର ସ୍ତରର ଏହିସବୁ ଆପେକ୍ଷିକତା ଓ ନିର୍ବିଶେଷ ସତ୍ୟର ଛନ୍ଦୋବୈଚିତ୍ର୍ୟମୟ ଏହିସବୁ ରୂପାୟିତତା କୌଣସିପ୍ରକାରେ ବର୍ଜିତ ବା ଅସ୍ୱୀକୃତ ହୋଇ ରହନ୍ତି ନାହିଁ, ମାତ୍ର ଆପଣା ଅସ୍ତିତ୍ୱର ଅସଲ ଔଚିତ୍ୟ ଓ ଯଥାର୍ଥତାହିଁ ଲାଭ କରନ୍ତି । ସେଠାରେ ସେଗୁଡ଼ିକୁ ମିଥ୍ୟା ବୋଲି ଉଡ଼ାଇ ଦିଆଯାଏ ନାହିଁ, ମାତ୍ର ସେଗୁଡ଼ିକୁ ସ୍ୱସତ୍ୟର ଉତ୍ସ ଓ ମୂଳତତ୍ତ୍ୱଟି ପାଖରେ ନେଇ ପହଞ୍ଚାଇ ଦିଆଯାଏ । ବ୍ୟକ୍ତି ଓ ବିଶ୍ୱଜଗତ ପରମ ନିର୍ବିଶେଷ ମଧ୍ୟରେ ଏପରି ଏକ ତତ୍ତ୍ୱପାଖକୁ ଫେରିଯାଆନ୍ତି ଯେଉଁଠାରେକି ସେମାନଙ୍କୁ କୌଣସି ପ୍ରକାରେ ଅସ୍ୱୀକାର କରାଯାଏ ନାହିଁ ବା ସେଗୁଡ଼ିକୁ ମିଥ୍ୟା କହି ଉଡ଼ାଇ ଦିଆଯାଏ ନାହିଁ; ମାତ୍ର ଯାହା ମଧ୍ୟରେକି ବ୍ୟକ୍ତିସତ୍ତାର ଅସଲ ସତ୍ୟଟି ବିଦ୍ୟମାନ ରହିଥାଏ, ବିଶ୍ୱସତ୍ତାର ଅସଲ ସତ୍ୟଟି ମଧ୍ୟ ବିଦ୍ୟମାନ ରହିଥାଏ । ପରମ ନିର୍ବିଶେଷ ସତ୍ତାଙ୍କୁ ଆମେ କଦାପି ଆପଣାର ସକଳ ବିକୃତି ଓ ଆତ୍ମପ୍ରକାଶଗୁଡ଼ିକର ସତ୍ୟତାକୁ ଖଣ୍ଡନ ଓ ଅସ୍ୱୀକାର କରୁଥିବା ଜଣେ ସଶସ୍ୱବାଦୀ ନୈସ୍ୱାତ୍ୱିକ ରୂପରେ କଳ୍ପନା କରିପାରିବା ନାହିଁ । ତାହାଙ୍କୁ ଆମେ ଇତିବାଚକତା ଓ ଭାବାତ୍ମକତାର ଏପରି ଏକ ଏକାନ୍ତ ଓ ଅନନ୍ତ ଅସ୍ତିତ୍ୱରୂପେ ଜାଣିବା, ଯାହାର ଭଣ୍ଡାରକୁ କି ସାନ୍ତ ଓ ସବିଶେଷ କୌଣସି ସୂତ୍ରବଦ୍ଧ ଭାବାତ୍ମକ ରୂପାୟନ କଦାପି ନିଃଶେଷିତ କରିଦେଇ ପାରିବ ନାହିଁ ବା ଆପଣାର ସଙ୍କୀର୍ଣ୍ଣସୀମା ମଧ୍ୟରେ ବାନ୍ଧି ରଖିପାରିବ ନାହିଁ ।

ଏଥିରୁ ସ୍ପଷ୍ଟ ହୋଇଯିବା ଉଚିତ ଯେ ପରମ ନିର୍ବିଶେଷଙ୍କର ସତ୍ୟଟି ଯଦି ଏହିଭଳିହିଁ ହୁଏ, ତେବେ ଆମେ ସେହି ସତ୍ୟଟିକୁ ଆମ ବିରୋଧବାଚୀ ବିଧାନଟି ଦ୍ୱାରା କଦାପି ବାନ୍ଧି ରଖିପାରିବା ନାହିଁ । ହଁ, ଆଂଶିକ ତଥା ବ୍ୟାବହାରିକ ସତ୍ୟଗୁଡ଼ିକୁ ଉପସ୍ଥାପିତ କରିବା ସମୟରେ, ସବୁକିଆକୁ ପରିଷ୍କାର ଭାବରେ ବିବୃତ କରିପାରିବାରେ, ସେଗୁଡ଼ିକରୁ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଆସି ପହଞ୍ଚିବା ଏବଂ ତାହାକୁ ଆପଣାର କାର୍ଯ୍ୟରେ ଲଗାଇବାରେ ସେହି ବିରୋଧବାଚକ ବିଧାନର ଅବଶ୍ୟ ଆବଶ୍ୟକତା ରହିଛି । ଆମର ଦେଶଗତ ବିଭାଜନଗୁଡ଼ିକରେ, ରୂପ ଓ ଧର୍ମର ଭେଦନିରୂପଣରେ ତଥା କାଳାନ୍ତର୍ଗତ ମୁହୂର୍ତ୍ତଗୁଡ଼ିକରେ ବିଭିନ୍ନ ବିଷୟର ଶ୍ରେଣୀବିଭାଗ କରି କାର୍ଯ୍ୟ କରିବା ଓ କୌଣସି ବିଶେଷ ଉଦ୍ଦେଶ୍ୟର ସାଧନ ଲାଗି ସେଗୁଡ଼ିକ ବ୍ୟାବହାର କରିପାରିବା ସକାଶେ ଉକ୍ତ ବିଧାନଟିର ଅବଶ୍ୟ ସାହାଯ୍ୟ ନେବାକୁ ପଡ଼ିବ । ଏହି ବିଧାନଟି ଅତି ଶକ୍ତିଶାଳୀ ଭାବରେ ଗତିଶୀଳ ଏକ ରୂପାନ୍ୱିତ

'oaob.nitrkl.ac.in' images reprocessed

ସତ୍ତାସତ୍ୟର ବ୍ୟାବହାରିକ ପ୍ରକ୍ରିୟାର ଭୂମି ଉପରେହିଁ ତାହାର ପ୍ରତିନିଧିତ୍ୱ କରୁଛି । ବିଶ୍ୱବିଷୟର ବାହ୍ୟତମ ପରସ୍ତଟିରେ ଅର୍ଥାତ୍ ଜଡ଼ର ସ୍ତରରେ ତାହା ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ରହିଛି; ମାତ୍ର ଆରୋହଣକ୍ରମରେ ଆମେ ଯେତିକି ଯେତିକି ଉପରକୁ ଯାଉଥିବା ଓ ସତ୍ତାସିଡ଼ିର ପଥ ଧରି ଯେତିକି ଯେତିକି ସୂକ୍ଷ୍ମତର ସୋପାନମାନଙ୍କରେ ଆସି ପହଞ୍ଚୁଥିବା, ସେହି ବିଧାନର ବନ୍ଧନଟି ସେତିକି ଶିଥିଳ ହୋଇ ଯାଉଥିବ । ଜଡ଼ସ୍ତରର ବିଷୟବସ୍ତୁ ଓ ଶକ୍ତିଗୁଡ଼ିକର ସମ୍ମୁଖୀନ ହେଉଥିବା ବେଳେ ଏହି ବିଧାନଟି ବିଶେଷ ଭାବରେ ଆବଶ୍ୟକ । କାରଣ ଜଡ଼ସ୍ତରରେ ଆମକୁ ସେହି ବିଷୟ ଓ ଶକ୍ତିଗୁଡ଼ିକୁ କୌଣସି ବିଶେଷ ସମୟରେ କେବଳ ଗୋଟିଏ ଅବସ୍ଥାରେ ରହିଥିବାର ମାନିନେବାକୁ ହୋଇଥାଏ । ସେଗୁଡ଼ିକ କୌଣସି ବିଶେଷ ସମୟରେ କେବଳ ଗୋଟିଏ ସାମର୍ଥ୍ୟର ଅଧିକାରୀ ହୋଇଥା'ନ୍ତି, ଆପଣାର ସ୍ୱଧାରିତ ଏବଂ ବ୍ୟାବହାରିକ କ୍ଷେତ୍ରରେ ଫଳପ୍ରଦ ହେଉଥିବା ସାମର୍ଥ୍ୟ ଓ ଧର୍ମଗୁଡ଼ିକ ଦ୍ୱାରା ସେଗୁଡ଼ିକ ସୀମାବଦ୍ଧ ହୋଇ ରହିଥା'ନ୍ତି,—ଏଭଳି ଅନୁମାନ କରିନେବାକୁ ପଡ଼ିଥାଏ । ନଚେତ୍ ସେଗୁଡ଼ିକୁ ନେଇ ଆଦୌ କୌଣସି କାର୍ଯ୍ୟ କରି ହୁଏ ନାହିଁ । ମାତ୍ର ସେହି ସ୍ତରରେ ମଧ୍ୟ ମନୁଷ୍ୟର ବିଚାର ଏକ ନୂତନ ସତ୍ୟର ଅନୁଭବ କରିବାକୁ ଆରମ୍ଭ କଲାଣି । ବୁଦ୍ଧିର ସାହାଯ୍ୟରେ ଆମେ ଭେଦଗୁଡ଼ିକୁ ଯେତେ ସ୍ପଷ୍ଟ କରି ଦେଖାଇଦେଉ ପଛକେ ଓ ଆଧୁନିକ ଜଡ଼ବିଜ୍ଞାନ ଯେତେ ନିପୁଣ ଭାବରେ ଶ୍ରେଣୀବିଭାଗ ଓ ବ୍ୟାବହାରିକ ପ୍ରୟୋଗରେ ଅଗ୍ରସର ହେଉଥାଉ ପଛକେ, ସେଗୁଡ଼ିକର ନିଜ ନିଜ କ୍ଷେତ୍ରସୀମା ଭିତରେ ଓ ସେଗୁଡ଼ିକର ନିଜ ନିଜ ଉଦ୍ଦେଶ୍ୟର ସାଧନ ଦୃଷ୍ଟିରୁ ବିଚାର କଲେ ସେଗୁଡ଼ିକର ସମ୍ପୂର୍ଣ୍ଣ ବୈଧତା ଓ ଯଥାର୍ଥତା ରହିଛି ସତ ମାତ୍ର; ତଥାପି ସେଗୁଡ଼ିକରୁ ଆମକୁ ବିଶ୍ୱ-ବସ୍ତୁର ସମ୍ପୂର୍ଣ୍ଣ ଓ ଯଥାର୍ଥ ସତ୍ୟଟିର ଆଦୌ ପରିଚୟ ମିଳୁ ନାହିଁ । ବସ୍ତୁ ବିଷୟରେ ସମଗ୍ରତଃ କୌଣସି ସତ୍ୟପରିଚୟ ମିଳୁ ନାହିଁ, ଅଥବା ଆମେ ଯେଉଁ ବସ୍ତୁଟିର ଶ୍ରେଣୀବିଭାଗ କରୁଛୁ ଓ କୃତ୍ରିମ ଭାବରେ ତାହାକୁ ଅନ୍ୟ ବସ୍ତୁଗୁଡ଼ିକଠାରୁ ଅଲଗା କରି ସ୍ୱତନ୍ତ୍ର ବିଶ୍ଳେଷଣ କରିବାକୁ ପ୍ରୟାସ କରୁଛୁ, ସେଇଟିର ଯଥାର୍ଥ ସତ୍ୟଟି ମଧ୍ୟ ଧରାପଡ଼ୁ ନାହିଁ । ସେହିପରି ଭାବରେ ଗୋଟିକୁ ଅନ୍ୟଗୁଡ଼ିକଠାରୁ ଅଲଗା କରିନେଇ ଆମେ ବ୍ୟାବହାରିକ କ୍ଷେତ୍ରରେ ଅବଶ୍ୟ ଭାରି ସଫଳ ଭାବରେ ସେଇଟିକୁ ନେଇ କାର୍ଯ୍ୟ କରିପାରୁଛୁ, ଏବଂ ଆମ କାର୍ଯ୍ୟଗତ ସଫଳତାଟି ଯେ ପୃଥକ୍ କରି ଦେଉଥିବା ଆମର ବିଶ୍ଳେଷଣଧର୍ମୀ ଜ୍ଞାନର ସମ୍ପୂର୍ଣ୍ଣ ଓ ପର୍ଯ୍ୟାପ୍ତ ସତ୍ୟଟିକୁ ଅବଶ୍ୟ ପ୍ରମାଣ କରି ଦେଉଛି, ପ୍ରଥମେ ଆମେ ସେହିଭଳି ଭାବିବାକୁ ବି ଆରମ୍ଭ କରିଦେଇଛୁ । ମାତ୍ର ପରେ ଆମେ ସ୍ପଷ୍ଟଭାବରେ ଜାଣିପାରୁଛୁ ଯେ ଏହି ସୀମା ଓ ଏହି ବାଡ଼ଟିକୁ ଅତିକ୍ରମ କରି ଯାଇପାରିଲେ ଆମେ ତା'ଠାରୁ ଅଧିକ ବୃହତ୍ ଏକ ସତ୍ୟରେ ଯାଇ ପହଞ୍ଚି ପାରିବା ଓ ଏକ ବୃହତ୍ତର ଫଳପ୍ରଦତାର ଅଧିକାରୀ ହୋଇ ପାରିବା ।

'oaob.nitrkl.ac.in' images reprocessed

ପ୍ରଥମସ୍ତରସ୍ଥ ଜ୍ଞାନଲାଭଟି ଲାଗି ବସ୍ତୁଗୁଡ଼ିକୁ ପରସ୍ପରଠାରୁ ପୃଥକ୍ କରି ବିଚାର କରିବାର ନିଶ୍ଚୟ ଏକ ପ୍ରୟୋଜନ ରହିଛି । ଖଣ୍ଡେ ସୁନା ହେଉଛି ଖଣ୍ଡେ ସୁନା, ଏବଂ ଗୋଟିଏ ମୋଢ ହେଉଛି ଗୋଟିଏ ମୋଢ; ପ୍ରତ୍ୟେକଟି ହେଉଛି ଆପଣା ଶ୍ରେଣୀର ଗୋଟିଏ ଗୋଟିଏ ବସ୍ତୁ, ଅନ୍ୟ ସବୁବିଧ ବସ୍ତୁଠାରୁ ଏଗୁଡ଼ିକର ଯେଉଁ ପ୍ରଭେଦଟି ରହିଛି, ଆମେ ସେଇଥିରୁହିଁ ସେଗୁଡ଼ିକର ଅସ୍ତିତ୍ୱକୁ ଜାଣୁଛୁ । ଆପଣାର ଦେହଗଠନ ଓ ଧର୍ମଦ୍ୱାରା ସେଗୁଡ଼ିକୁ ଆମେ ପରସ୍ପରଠାରୁ ଭିନ୍ନ ବୋଲି ନିରୂପଣ କରିପାରୁଛୁ । ମାତ୍ର ସୁନା ଓ ମୋଢ ପ୍ରତ୍ୟେକଟି ମଧ୍ୟରେ ଏପରି କେତେକ ଗୁଣଧର୍ମ ତଥା ଉପାଦାନମାନ ରହିଛି ଯାହାକି ଦୁହିଁଙ୍କ ଭିତରେ ଏକ ସାଧାରଣ ଗୁଣ ଓ ଉପାଦାନରୂପେ ଅବସ୍ଥିତ ରହିଛି । ଜଡ଼ ଉପାଦାନଦ୍ୱାରା ଗଠିତ ପ୍ରତ୍ୟେକ ବସ୍ତୁ ଭିତରେ ବି ସାଧାରଣ ଭାବରେ ଅବସ୍ଥିତ ରହିଥିବା କେତେକ ଗୁଣ ଓ ଧର୍ମ ସୁନା ଓ ମୋଢ ଭିତରେ ରହିଛି । ଏବଂ ଯଥାର୍ଥରେ ବିଚାର କରି ବସିଲେ, ଅନ୍ୟଠାରୁ ଆପଣାକୁ ଭିନ୍ନ କରି ରଖିଥିବା କେବଳ ବିଶେଷତାଗୁଡ଼ିକ ଦ୍ୱାରା ଏଥିଭିତରୁ କୌଣସିଟି ତିଷ୍ଠି ରହିନାହାନ୍ତି; ମାତ୍ର ଦୁହିଁଙ୍କ ମଧ୍ୟରେ ଯାହା ସାଧାରଣ ସାମଗ୍ରୀରୂପେ ଅବସ୍ଥିତ ରହିଛି, ମୂଳତଃ ତାହାହିଁ ସେଗୁଡ଼ିକର ତିଷ୍ଠି ରହିବାରେ ଅଧିକ ସାହାଯ୍ୟ କରୁଛି । ଏବଂ, ଯେତେବେଳେ ଆମେ ସକଳ ପଦାର୍ଥକୁ ଏକ ମୂଳପଦାର୍ଥ ବୋଲି ଜାଣିବାକୁ ଆରମ୍ଭ କରିବା, ସେଗୁଡ଼ିକୁ ଗୋଟିଏ ଶକ୍ତି ବା ଗୋଟିଏ ଉପାଦାନ ବୋଲି ଜାଣିବା, କେବଳ ସେତିକିବେଳେ ଯାଇ ଆମେ ଜଡ଼ସ୍ତରସ୍ଥ ସକଳ ପଦାର୍ଥର ମୂଳ ଆଧାର ଏବଂ ସ୍ଥାୟୀ ସତ୍ୟଟି ପାଖକୁ ଫେରିଆସି ପାରିବା । ଅନ୍ୟଭାଷାରେ କହିବାକୁ ଇଚ୍ଛା କଲେ, ସେତେବେଳେ ସକଳ ଜଡ଼ଭୂତକୁ ଆମେ ଏକ ବିଶ୍ୱବ୍ୟାପ୍ତ ଗତିଶୀଳତାରୂପେ ପ୍ରତ୍ୟକ୍ଷ କରିବା, ଯାହାକି ବିଶ୍ୱଚରାଚରର ଏହି ବିଭିନ୍ନ ରୂପ ଓ ରୂପାୟନକୁ, ଏହିସବୁ ବିଭିନ୍ନ ଗୁଣ ଓ ଧର୍ମକୁ ଏବଂ ସେହି ଗୋଟିଏ ସତ୍ତାର ଏହିସବୁ ସୁନିର୍ଦ୍ଦିଷ୍ଟ ଓ ପରସ୍ପରସମନ୍ୱିତ ଅନ୍ତର୍ସମ୍ଭାବନାଗୁଡ଼ିକୁ ଆପଣାର ଗର୍ଭ ଭିତରୁ ବାହାରକୁ ନିକ୍ଷିପ୍ତ କରିଦେଉଛି, ସେଗୁଡ଼ିକୁ ନାନାଭାବେ ସଂଯୋଜିତ କରୁଛି ଏବଂ ସେଗୁଡ଼ିକୁ ସୃଷ୍ଟ ସତ୍ୟରେ ପରିଣତ କରିବାରେ ଲାଗିଛି । ବସ୍ତୁ ବସ୍ତୁ ଭିତରେ ରହିଥିବା କେବଳ ପାର୍ଥକ୍ୟଗୁଡ଼ିକ ପାଖରେ ଆମର ଜ୍ଞାନସୀମାକୁ ଗାର କାଟି ଅଟକାଇ ରଖିଲେ ଆମେ ସୁନାକୁ କେବଳ ସୁନା ଓ ମୋଢକୁ କେବଳ ମୋଢ ବୋଲି ଜାଣିବା, ସେଗୁଡ଼ିକର ମୂଲ୍ୟ, ଉପଯୋଗିତା ଓ ପ୍ରକାରବିବିଧତାକୁ ବେଶ୍ ନିର୍ଦ୍ଦିଷ୍ଟ କରିଦେଇ ପାରିବା ଏବଂ ସାଧାରଣ ବ୍ୟବହାରକ୍ଷେତ୍ରରେ ସେଗୁଡ଼ିକରୁ ସବୁଠାରୁ ବେଶୀ ଲାଭ ଉଠାଇ ପାରିବା । ମାତ୍ର ବସ୍ତୁତଃ ଭାବରେ ସେଗୁଡ଼ିକ ଯେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ, ତାହାର ସାଧାରଣ ଧର୍ମ ଓ ଉପାଦାନଗୁଡ଼ିକୁ ଜାଣି ସେଗୁଡ଼ିକୁ କାମରେ ଲଗାଇବାକୁ ସମର୍ଥ ହୋଇ ପାରିଲେ,

'oaob.nitrkl.ac.in' images reprocessed

ଆମେ ଇଚ୍ଛା କଲେ ନିଜେ ଗୋଟିଏ ସ୍ୱର୍ଣ୍ଣ ବା ମୋତି ତିଆରି କରି ପାରିବାର ଶକ୍ତି ହସ୍ତଗତ ହାସଲ କରିପାରିବା । ଅଥବା, ଆହୁରି ଅଗ୍ରସର ହୋଇ ସକଳ ଜଡ଼ପଦାର୍ଥର ମୂଳତତ୍ତ୍ୱଟି ଉପରେ କର୍ତ୍ତୃତ୍ୱ ହାସଲ କରି ପାରିଲେ ତେବେ ଆମେ ଗୋଟିଏ ବସ୍ତୁକୁ ଆଉଗୋଟିଏ ବସ୍ତୁରେ ରୂପାନ୍ତରିତ ବି କରିପାରିବା ଏବଂ ତାହାଫଳରେ ଜଡ଼ବସ୍ତୁର ପ୍ରକୃତି ଉପରେ ସବୁଠାରୁ ଅଧିକ ସମ୍ଭବ ଆଧିପତ୍ୟ ଅର୍ଜନ କରିପାରିବା । ତେଣୁ ଆମେ ଏଠାରେ ଅବଶ୍ୟ କହିପାରିବା ଯେ ଯେଉଁତେବେଳେ ଆମେ ସକଳ ବୈଚିତ୍ର୍ୟ ପଛରେ ନିଗୂଢ଼ ହୋଇ ରହିଥିବା ଏକତ୍ୱଟି ମଧ୍ୟରେ ସକଳ ଭେଦ ଓ ପାର୍ଥକ୍ୟକୁ ଏକତ୍ର ସମାବିଷ୍ଟ ଓ ସନ୍ତୁଳିତ କରି ଦେଉଥିବା ସେହି ଚରମ ସତ୍ୟଟିର ଗଭୀରତର ଜ୍ଞାନକୁ ଅର୍ଜନ କରିପାରିବା, ସେତିକିବେଳେ ଭେଦ ଓ ପାର୍ଥକ୍ୟଗୁଡ଼ିକ ସମ୍ବନ୍ଧରେ ଆମର ଜ୍ଞାନଟି ମଧ୍ୟ ଆପଣାର ବୃହତ୍ତମ ସତ୍ୟଟିକୁ ପ୍ରତ୍ୟକ୍ଷ କରିପାରିବ ଓ ଆପଣାକୁ ସବୁଠାରୁ ଅଧିକ ସମ୍ପନ୍ନ ଭାବରେ କାର୍ଯ୍ୟରେ ଲଗାଇ ପାରିବ । ସେହି ଗଭୀରତର ଜ୍ଞାନଟିର ଅର୍ଜନଦ୍ୱାରା ପ୍ରୟୋଜନସିଦ୍ଧତାର ଏହି ଅନ୍ୟ ଅଧିକ ଉପରିସ୍ତରସ୍ଥ ଜ୍ଞାନଟି କୌଣସି ପ୍ରକାରେ ଆଦୌ ବଞ୍ଚିତ ହୋଇ ରହିବ ନାହିଁ କିମ୍ବା ଆଦୌ ବ୍ୟର୍ଥ ବା ବୃଥା ବୋଲି ପ୍ରମାଣିତ ହେବ ନାହିଁ । ଜଡ଼ ସମ୍ବନ୍ଧରେ ଆମର ଚରମ ଜ୍ଞାନଟିର ଆବିଷ୍କାର କରି ଆମେ କଦାପି କହିବା ନାହିଁ ଯେ ଜଡ଼ ବା ମୌଳିକ ଉପାଦାନ ବୋଲି ଆଦୌ କେଉଁଠି କିଛିହେଲେ ନାହିଁ, କେବଳ ଶକ୍ତିହିଁ ସକଳ ଉପାଦାନକୁ ପ୍ରକାଶ କରୁଛି ଅଥବା ଉପାଦାନରୂପେ ପ୍ରକାଶିତ ହେବାରେ ଲାଗିଛି । ଆମେ କେବେହେଲେ କହିବା ନାହିଁ ଯେ ସ୍ୱର୍ଣ୍ଣ ବା ମୋତି ବୋଲି ଆଦୌ କୌଣସି ପଦାର୍ଥ ନାହିଁ, ସେଗୁଡ଼ିକର କୌଣସି ସତ୍ୟତା ନାହିଁ; କେବଳ ଆମର ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟସବୁ ଭ୍ରମରେ ପଡ଼ି ସେଗୁଡ଼ିକୁ ସେହିଭଳି ଦେଖା ଯାଉଛନ୍ତି ! ସେହି ଏକ ମୂଳ ଉପାଦାନ, ଶକ୍ତି ଅଥବା ଗତିଶୀଳତା ହେଉଛି ଏକମାତ୍ର ଶାଶ୍ୱତ ସତ୍ୟ; ତେଣୁ ଖାଲି ଆମେ ସ୍ୱର୍ଣ୍ଣ, ମୋତି ଏବଂ ତରଳାଇ ପାରିବାର ଆଉ ଯାହାକିଛି ପଦାର୍ଥ ରହିଛି, ସବୁକିଛିକୁ ଏକାଠି ତରଳାଇ ଦେବା ଏବଂ ସବୁଟିକୁ ଏହି ଅଦ୍ୱିତୀୟ, ଚିରନ୍ତନ ମୂଳସତ୍ୟଟିରେ ପରିଣତ କରିଦେବା ଓ ସେଗୁଡ଼ିକର ସକଳ ରୂପ ଓ ଗୁଣଧର୍ମକୁ ସବୁଦିନ ଲାଗି ବିଲୁପ୍ତ କରିଦେବା,—କାରଣ ଏହିପରି କରିହିଁ ଆମେ ଆମ ବିଜ୍ଞାନର ସର୍ବୋତ୍କୃଷ୍ଟ ଅଥବା ଏକମାତ୍ର ବୁଦ୍ଧିସଙ୍ଗତ ବିନିଯୋଗ କରିପାରିବା । ଆମେ ଏସବୁ କଥା କଦାପି କହିବାକୁ ଯିବା ନାହିଁ । ଯାବତୀୟ ପଦାର୍ଥର ଏକ ସ୍ୱରୂପସତ୍ୟ ରହିଛି, ଗୋଟିଏ ସାର୍ବଜନୀନ ସାମାନ୍ୟସତ୍ୟ ରହିଛି, ଏକ ବ୍ୟକ୍ତିସତ୍ତ୍ୱଗତ ପରିଚୟ ମଧ୍ୟ ରହିଛି । ସାର୍ବଜନୀନ ସାମାନ୍ୟ ସତ୍ୟ ଓ ବ୍ୟକ୍ତିସତ୍ତ୍ୱଗତ ପରିଚୟ,—ଏଗୁଡ଼ିକ ହେଉଛନ୍ତି ସ୍ୱରୂପସତ୍ୟର ଗୋଟିଏ ଗୋଟିଏ ଯଥାର୍ଥ ଓ ଶାଶ୍ୱତ ଶକ୍ତି ମାତ୍ର । ସ୍ୱରୂପସତ୍ୟ ଅନ୍ୟ ଦୁଇଟିଯାକ ସତ୍ୟକୁ ଅତିକ୍ରମ କରି ଅବସ୍ଥିତ ରହିଥିଲେ ମଧ୍ୟ ଆମେ ଏହି

'oaob.nitrkl.ac.in' images reprocessed

ତିନୋଟିକୁ କୌଣସି ଗୋଟିଏ ସତ୍ୟକୁ ଶାଶ୍ୱତ ସତ୍‌ସ୍ୱରୂପର ସମ୍ପୂର୍ଣ୍ଣ ପରିଚୟ ବୋଲି କଦାପି କହିପାରିବା ନାହିଁ । ତିନୋଟିଯାକର ଏକତ୍ର ସଂଯୋଗକୁହିଁ ଆମେ ପରମ ସତ୍ତାର ଯଥାର୍ଥ ପରିଚୟ ବୋଲି କହିବା ।

ଏପରିକି ଏହି ଭୌତିକ ଜଗତରେ, ଯେଉଁଠାରେ କି ସତ୍ତାର ସୂକ୍ଷ୍ମତର ତଥା ଉଚ୍ଚତର ସାମର୍ଥ୍ୟଗୁଡ଼ିକ ଆମ ବୁଦ୍ଧିର କ୍ରିୟାଭୂମି ଉପରୁ ବହିଷ୍କୃତ ହୋଇ ରହିଥାଏ, ଏଠାରେ ମଧ୍ୟ ଯେତେ ଆୟାସର ସହିତ ଓ ଯେତେଦୂର ସୀମାବଦ୍ଧ ଭାବରେ ହେଲେ ମଧ୍ୟ ଏହି ସତ୍ୟଟି ତଥାପି ଆମର ଅନୁଭୂତିଲବ୍ଧ ହୋଇଥାଏ । ମାତ୍ର ଆପଣା ଚେତନାର ମାର୍ଗରେ ଆହୁରି ଉପରକୁ ଅନ୍ୱେଷଣ କରି ଯାଇପାରିଲେ ଏହି ଅନୁଭୂତି ଆହୁରି ସ୍ପଷ୍ଟ ଓ ଆହୁରି ଶକ୍ତିଶାଳୀ ହୋଇଥାଏ । ସେତେବେଳେ ଆମେ ଆମର ଯାବତୀୟ ଶ୍ରେଣୀବିଭାଗ ଏବଂ ପାର୍ଥକ୍ୟଜ୍ଞାନର ସତ୍ୟଟିକୁ ଦେଖିବାକୁ ପାଉ, ମାତ୍ର ସେଗୁଡ଼ିକର ସୀମାଗୁଡ଼ିକୁ ବି ଦେଖିବାକୁ ପାଉ । ପରସ୍ପରଠାରୁ ଯେତେ ଭିନ୍ନ ଓ ପୃଥକ୍ ହୋଇଥିଲେ ମଧ୍ୟ ପ୍ରତ୍ୟେକ ପଦାର୍ଥ ତଥାପି ଏକ । ବ୍ୟାବହାରିକ ଉଦ୍ଦେଶ୍ୟସାଧନର କ୍ଷେତ୍ରରେ ଉଦ୍ଭିଦ, ପ୍ରାଣୀ ଓ ମନୁଷ୍ୟ ପରସ୍ପରଠାରୁ ଭିନ୍ନ ଗୋଟିଏ ଗୋଟିଏ ସତ୍ତା । ମାତ୍ର ଟିକିଏ ଗଭୀରତର ଦୃଷ୍ଟି ସହିତ ଅବଲୋକନ କରିପାରିଲେ ଆମେ ବେଶ୍ ଦେଖିବାକୁ ପାଇବା ଯେ ଉଦ୍ଭିଦ ମଧ୍ୟ ପ୍ରକୃତରେ ଗୋଟିଏ ପ୍ରାଣୀ, ଉଦ୍ଭିଦ ମଧ୍ୟରେ କେବଳ ଆତ୍ମଚେତନା ଓ କ୍ରିୟାସ୍ପୃହା ଶକ୍ତି ବର୍ତ୍ତମାନ ମଧ୍ୟ ଯଥେଷ୍ଟ ପରିଣତି ଲାଭ କରିପାରି ନାହିଁ । ଇତର ପ୍ରାଣୀ ମଧ୍ୟରେ ମନୁଷ୍ୟ ରହିଛି, କେବଳ ତାହାର ସମ୍ପୂର୍ଣ୍ଣ ବିବର୍ତ୍ତିତ ହେବାକୁ ଏପର୍ଯ୍ୟନ୍ତ ବାକି ରହିଛି । ମନୁଷ୍ୟକୁ ମଧ୍ୟ ଆମେ ସେହି ପ୍ରାଣୀଟି ବୋଲି କହିପାରିବା, ମାତ୍ର ତା'ର ଆତ୍ମସଚେତନତା ଏବଂ କ୍ରିୟାସ୍ପୃହା ଶକ୍ତିର କ୍ଷେତ୍ରରେ ମନୁଷ୍ୟ ଭିତରେ ପଶୁଠାରୁ ଏପରି କିଛି ଅଧିକ ସାମଗ୍ରୀ ରହିଛି, ଯାହାକି ତାକୁ ମନୁଷ୍ୟପଦବାଚ୍ୟ କରିଛି । ଏବଂ ତଥାପି ସେଇ ମନୁଷ୍ୟ ଭିତରେ ମଧ୍ୟ ଆହୁରି ଅଧିକ ଏପରି କିଛି ସାମଗ୍ରୀ ଅନ୍ତର୍ଗତ ଓ ନିରୁଦ୍ଧ ହୋଇ ରହିଛି, ଯାହାକୁ କି ଆମେ ତା'ଭିତରେ ଦିବ୍ୟ ସତ୍ତାର ସମ୍ଭାବନା ବୋଲି କହିପାରିବା, ଏବଂ ତାହାହିଁ ହେଉଛି ମନୁଷ୍ୟର ସର୍ବୋତ୍ତମ ପରିଚୟ । ମନୁଷ୍ୟ, ଅର୍ଥାତ୍ ବିବର୍ତ୍ତମାନ ଏକ ଦେବତା । ଉଦ୍ଭିଦ, ଇତର ପ୍ରାଣୀ, ମନୁଷ୍ୟ ଓ ଦେବତା, ଏହି ପ୍ରତ୍ୟେକଟି ମଧ୍ୟରେ ଅବସ୍ଥିତ ରହି ସେହି ପରମ ଶାଶ୍ୱତହିଁ ସେଠାରେ ଆପଣାକୁ ନିରୁଦ୍ଧ କରି ରଖିଛନ୍ତି, ସତେଯେପରି ସେ ଆପଣା ସତ୍ତାର କୌଣସି ଏକ ବିଶେଷ ବିବୃତି ଦେବାଲାଗି ସେଠାରେ ଅପେକ୍ଷା କରି ରହିଛନ୍ତି । ଏହି ପ୍ରତ୍ୟେକଟିକୁ ଆମେ ସେହି ପରମ ଓ ପୂର୍ଣ୍ଣ ଶାଶ୍ୱତଙ୍କରହିଁ ଏକ ପ୍ରଚ୍ଛନ୍ନ ଅବସ୍ଥିତି ବୋଲି ଜାଣିବା । ଯେଉଁ ମନୁଷ୍ୟ ଆପଣାର ପୂର୍ବଗାମୀ ସକଳ ସ୍ତରର ସମୁଦାୟ ସମ୍ପଦଗୁଡ଼ିକୁ ଆତ୍ମସ୍ଥ କରି ଆପଣା ମନୁଷ୍ୟତାର ସମଗ୍ର ପରିଚୟଟି ଭିତରେ ସେଗୁଡ଼ିକୁ ରୂପାନ୍ତରିତ କରିଦେଉଛି, ତାହାକୁହିଁ ଆମେ ମନୁଷ୍ୟବ୍ୟକ୍ତି ବୋଲି

'oaob.nitrkl.ac.in' images reprocessed

କହୁଛୁ । ତଥାପି ସିଏ କେବଳ ଜଣେ ବ୍ୟକ୍ତି ନୁହେଁ, ସିଏ ହେଉଛନ୍ତି ସମଗ୍ର ମାନବଜାତି; ସେଇ ହେଉଛନ୍ତି ବିଶ୍ୱମାନବ, ଯିଏକି ଏକ ମାନବୀକ ବ୍ୟକ୍ତିତ୍ୱ ହିସାବରେ ବ୍ୟକ୍ତି ଭିତରେ କାର୍ଯ୍ୟ କରିବାରେ ଲାଗିଛି । ସେ ହେଉଛନ୍ତି ସବୁ, ସର୍ବମୟ; ତଥାପି ସେ କେବଳ ତାହାର ପ୍ରତିନିଧି, କେବଳ ତାହାର ଦ୍ୟୋତକ; ସେ ଅନନ୍ୟ । ଜଣେ ବ୍ୟକ୍ତି ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି, ସେହି ବ୍ୟକ୍ତି କହିଲେ ଆମେ ସେଇ କଥାକୁ ବୁଝିବା; ମାତ୍ର ଅତୀତରେ ସିଏ ଯାହାସବୁ ଥିଲା ଏବଂ ତା' ଭିତରେ ଏପର୍ଯ୍ୟନ୍ତ ବିକଶିତ ହୋଇ ନଥିବା ଯେଉଁ ସମ୍ଭାବନାଗୁଡ଼ିକ ତା'ଭିତରେ ଅନ୍ତର୍ନିହିତ ହୋଇ ରହିଛି, ଜଣେ ବ୍ୟକ୍ତି କହିଲେ ଆମେ ସେଗୁଡ଼ିକୁ ମଧ୍ୟ ଅବଶ୍ୟ ବୁଝିବା ଦରକାର । କେବଳ ତାହାର ବର୍ତ୍ତମାନ ବ୍ୟକ୍ତିତ୍ୱଟିର ସୀମା ଭିତରେ ତାହାକୁ ଦେଖୁଥିବାପର୍ଯ୍ୟନ୍ତ ଆମେ ଜଣେ ବ୍ୟକ୍ତିକୁ କଦାପି ବୁଝିପାରିବା ନାହିଁ । ମାତ୍ର ତା'ଭିତରେ ମନୁଷ୍ୟବାଚକ ଯେଉଁ ସର୍ବସାମାନ୍ୟ ଲକ୍ଷଣଗୁଡ଼ିକ ରହିଛି, କେବଳ ସେତିକ ଭିତରେ ସୀମାବଦ୍ଧ ରହି ତାକୁ ଦେଖୁଥିବା ପର୍ଯ୍ୟନ୍ତ ଅର୍ଥାତ୍ କେବଳ ଏକ ସାଧାରଣ ମନୁଷ୍ୟବାଚକତାର ଭୂମି ଉପରେ ତାକୁ ଦେଖୁଥିବା ପର୍ଯ୍ୟନ୍ତ ବି ଆମେ ତାହାକୁ କଦାପି ବୁଝିପାରିବା ନାହିଁ । କିମ୍ବା ଏହି ଦୁଇଟିଯାକ ବିବେଚନାଭୂମିରୁ ତାହାକୁ ଅଲଗା କରିନେଇ ଆମେ ତାହାକୁ କେବଳ ତା'ର ସ୍ୱରୂପସତ୍ତାଟିରୂପେ ଗ୍ରହଣ କଲେ ତଦ୍ୱାରା ତାହାକୁ ଏକ ବିଶେଷ ମନୁଷ୍ୟବ୍ୟକ୍ତି ବୋଲି ଚିହ୍ନାଇ ଦେଉଥିବା ସକଳ ବୈଶିଷ୍ଟ୍ୟ ଅନ୍ତର୍ହିତ ହୋଇ ଗଲାପରି ମନେହେବ ସିନା, ମାତ୍ର ତଥାପି ସେହି ବ୍ୟକ୍ତିକୁ ବୁଝିହେବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ଦ୍ରବ୍ୟ କେବଳ ସେହି ପରମ ନିର୍ବିଶେଷଙ୍କ ବ୍ୟତୀତ ଆଉ କିଛି ନୁହେଁ । ଏଠାରେ ଯାହାକିଛି ରହିଛି, ସମସ୍ତ କେବଳ ତଦ୍ରୂପରେହିଁ ରହିଛି, ମାତ୍ର କେବଳ ଏହି ତିନୋଟି ବିଭବର ମଧ୍ୟଦେଇହିଁ ତାଙ୍କ ଆତ୍ମସତ୍ତାର ପରିପୂର୍ଣ୍ଣ ଅଭିବ୍ୟକ୍ତି ହେବାରେ ଲାଗିଛି । ସ୍ୱରୂପତଃ ତାଙ୍କରି ସହିତ ଏକତ୍ୱବଦ୍ଧ ହୋଇ ରହିଛୁ ବୋଲି ଆମେ କଦାପି ଏକଥା କହିବା ଲାଗି କେବେହେଲେ ବାଧ୍ୟ ହେଉ ନାହୁଁ ଯେ ପରମେଶ୍ୱରଙ୍କର ଏହିସବୁ ବିଚିତ୍ର କ୍ରିୟାକଳାପର ଆଦୌ କୌଣସି ମୂଲ୍ୟ ନାହିଁ, ଏହା କେବଳ ଅବାସ୍ତବ, କେବଳ ପ୍ରାତିଭାସିକ କିମ୍ବା କେବଳ ଏକ ତୁଚ୍ଛା ଭ୍ରମ । ସେସବୁଥିରୁ ଦୂରକୁ ପଳାଇଯାଇ ବିଶ୍ୱଗତ ଓ ବ୍ୟକ୍ତିସତ୍ତାଗତ ଯାବତୀୟ ଅସ୍ତିତ୍ୱକୁ ସେହି ସ୍ୱରୂପସତ୍ତା ମଧ୍ୟରେ ବିଲୀନ କରିଦେଇ ସକଳ ସମ୍ଭୂତିକୁ କେବଳ ନିରର୍ଥକ ବୋଲି ଜାଣି ତାହାର କବଳରୁ ଆପଣାକୁ ବଞ୍ଚାଇ ରଖିବାଦ୍ୱାରାହିଁ ଯେ ଆମେ ଆପଣା ଜ୍ଞାନର ପ୍ରକୃଷ୍ଟ ଏବଂ ଏକମାତ୍ର ବୁଦ୍ଧିସଙ୍ଗତ କିମ୍ବା ଅତିବୌଦ୍ଧିକ ଉପଯୋଗ କରିପାରିବା, ଏପରି କହିବା ଲାଗି ମଧ୍ୟ ଆମେ କେବେହେଲେ ବାଧ୍ୟ ହେଉ ନାହୁଁ ।

ଜୀବନ ସହିତ ଆମର ପ୍ରୟୋଜନଗତ ବ୍ୟବହାରଭୂମିରେ ମଧ୍ୟ ଆମକୁ ଠିକ୍ ଏହି ସତ୍ୟରେ ଆସି ପହଞ୍ଚିବାକୁ ପଡ଼ିବ । କେତେକ ବିଶେଷ ଉଦ୍ଦେଶ୍ୟକୁ ସାଧନ

'oaob.nitrkl.ac.in' images reprocessed

କରିବା ଦୃଷ୍ଟିରୁ ଆମକୁ କୌଣସି ଏକ ପଦାର୍ଥକୁ ଭଲ କିମ୍ବା ମନ୍ଦ ବୋଲି କହିବାକୁ ପଡ଼ିଥାଏ, ସୁନ୍ଦର କିମ୍ବା କୁତ୍ସିତ ଏବଂ ନ୍ୟାୟପୂର୍ଣ୍ଣ ଅଥବା ଅନ୍ୟାୟ ବୋଲି କହିବାକୁ ପଡ଼ିଥାଏ; ଏବଂ ଏହି ଭିତ୍ତିର ଆଧାରଟି ଉପରେ ଆମେ ନାନା କାର୍ଯ୍ୟରେ ପ୍ରବୃତ୍ତ ହୋଇଥାଉ । ମାତ୍ର ଆପଣାକୁ କେବଳ ଏତିକି ଭିତରେ ସୀମାବଦ୍ଧ କରି ରଖିଲେ ଆମ ପକ୍ଷରେ ଆଉ ଯଥାର୍ଥ ସତ୍ୟରେ ପହଞ୍ଚି ପାରିବା ସମ୍ଭବ ହୁଏ ନାହିଁ । ଯେତେବେଳଯାଏ ଦୁଇଟି ଭିନ୍ନ ଓ ବିପରୀତ ଉକ୍ତି କୌଣସି ଗୋଟିଏ ବିଷୟର ସମ୍ବନ୍ଧରେ, ଏକା କ୍ଷେତ୍ରରେ, ଏକା ଦୃଷ୍ଟିରୁ ଏବଂ ଏକ ଉଦ୍ଦେଶ୍ୟର ସାଧନ କରିବାରେ ଏକାବେଳକେ ଏକ ସତ୍ୟରୂପେ ପ୍ରଯୁଜ୍ୟ ହୋଇ ନପାରେ, ଏଠାରେ କେବଳ ସେତିକବେଳଯାଏଁହିଁ ବିରୋଧ ଦ୍ୱାରା ସତ୍ୟର ନିରୂପଣ କରିବାକୁ ଯାଉଥିବା ବିଧାନଟିର କୌଣସି ପ୍ରାମାଣିକତା ବା ଯଥାର୍ଥତା ରହିପାରେ । ଉଦାହରଣସ୍ୱରୂପ, ଏକ ମହାଯୁଦ୍ଧ, ପ୍ରଳୟଙ୍କର ଧ୍ୱଂସ ଅଥବା ସବୁକିଛିକୁ ଓଲଟପାଲଟ କରି ଦେବାକୁ ବସିଥିବା ଏକ ହିଂସାତ୍ମକ ବିପ୍ଲବ ଆମ ଆଖିକୁ କେବଳ ଦୁର୍ଯୋଗହିଁ ବହନ କରି ଆଣୁଥିବା ଏକ ଅମଙ୍ଗଳ ବୋଲି ଦୃଶ୍ୟମାନ ହୋଇପାରେ, ଆମେ ତାହାକୁ କେବଳ ଏକ ପ୍ରବଳ ବିଧ୍ୱଂସକାରୀ ବିଘଟନ ବୋଲିହିଁ ମନେ କରିପାରୁ; ଏବଂ ବାହ୍ୟଗତ କେତେକ ଭୂମି, କେତେକ ପରିଣାମ ଏବଂ ଦୃଷ୍ଟିକୋଣରୁ ଦେଖିଲେ ତାହାକୁ ଏକ ଅମଙ୍ଗଳ ବୋଲି କହିବାରେ ଅବଶ୍ୟ ସତ୍ୟତା ରହିଛି । ମାତ୍ର ଅନ୍ୟ ପରିଣାମ ଓ ଅନ୍ୟାନ୍ୟ ଦୃଷ୍ଟିର ଭୂମି ଉପରେ ବିଚାର କଲେ ତାହାକୁ ଆମେ ହୁଏତ ଏକ ବିରାଟ ମଙ୍ଗଳ ବୋଲି କହିବା ଲାଗି ଆଗ୍ରହୀ ହେବା, କାରଣ ଏହି ତଥାକଥିତ ବିପର୍ଯ୍ୟୟ ବା ଅମଙ୍ଗଳହିଁ ଏକ ନୂତନ ମଙ୍ଗଳ ଅଥବା ଅଧିକ ସନ୍ତୋଷଜନକ ବ୍ୟବସ୍ଥା ଲାଗି ହଠାତ୍ କ୍ଷେତ୍ର ପରିଷ୍କାର କରି ଦେଇଥାଏ । କୌଣସି ମନୁଷ୍ୟକୁ ଆମେ କେବଳ ଭଲ ବା କେବଳ ମନ୍ଦ ବୋଲି କହିପାରିବା ନାହିଁ । ପ୍ରତ୍ୟେକ ମନୁଷ୍ୟ ଭିତରେ କେତେକେତେ ପରସ୍ପରବିରୋଧିତା ଏକତ୍ର ଗୁନ୍ଥା ହୋଇ ମିଶିମାଶି ରହିଛି । ଏପରିକି ଏହିସବୁ ପରସ୍ପରବିରୋଧିତା ଅନେକ ସମୟରେ ବାହାରକୁ ଗୋଟିଏ ବୋଲି ଦେଖା ଯାଉଥିବା ସବେଗ କିମ୍ବା କାର୍ଯ୍ୟ ଭିତରେ ବଡ଼ ଅସମାହିତ ଭାବରେ ଏକତ୍ର ମିଶ୍ରିତ ହୋଇ ରହିଥିବାର ଦେଖା ଯାଇଥାଏ । ଆମର ଯାବତୀୟ କର୍ମ ଭିତରେ, ଆମର ଜୀବନ ଓ ସ୍ୱଭାବ ମଧ୍ୟରେ ସର୍ବଦା ପରସ୍ପର ସହିତ ନାନାଭାବେ ଦ୍ୱନ୍ଦ୍ୱରତ ରହିଥିବା କେତେକେତେ ଗୁଣ, କେତେକେତେ ଶକ୍ତି ଓ ମୂଲ୍ୟଦଣ୍ଡମାନ ପରସ୍ପରର ସମ୍ମୁଖୀନ ହୋଇ ରହିଥାଏ, ପରସ୍ପର ସହିତ ଅନୁପ୍ରବିଷ୍ଟ ହୋଇ ରହିଥାଏ । ଏହିସବୁ ଜଟିଳତା ଭିତରେ ଏକ ସମ୍ପୂର୍ଣ୍ଣ ବୋଧଗମ୍ୟତା ସମ୍ଭବ କରିବାକୁ ହେଲେ ପ୍ରଥମେ ପରମ ନିର୍ବିଶେଷତତ୍ତ୍ୱର କିଞ୍ଚିତ୍ ଅନୁଭୂତି ଲାଭ କରିବା ଆବଶ୍ୟକ ହୋଇଥାଏ ଏବଂ ତଥାପି ପ୍ରକାଶିତ ଯାବତୀୟ ଆପେକ୍ଷିକତାର ଭୂମି ଉପରେ ସଙ୍ଘଟିତ ହେଉଥିବା

'oaob.nitrkl.ac.in' images reprocessed

ତାହାର କ୍ରିୟାଗୁଡ଼ିକୁ ଦେଖିପାରିବା ଲାଗି ସମର୍ଥ ହେବାକୁ ପଡ଼ିଥାଏ । ଏହି କ୍ରିୟାଗୁଡ଼ିକୁ କେବଳ ପ୍ରତ୍ୟେକଟିକୁ ବାକୀଗୁଡ଼ିକଠାରୁ ଅଲଗା କରି ନୁହେଁ, ମାତ୍ର ପ୍ରତ୍ୟେକଟିକୁ ସକଳ ସହିତ ସମ୍ବନ୍ଧିତ କରି ଦେଖିବାକୁ ପଡ଼ିଥାଏ; ପୁଣି ସକଳକୁ ଅତିକ୍ରମ କରି ଯାହା ସକଳକୁ ଏକତ୍ର ସମାବିଷ୍ଟ କରି ରଖିଛି, ତାହା ସହିତ ମଧ୍ୟ ସମ୍ବନ୍ଧିତ କରି ଦେଖିବାକୁ ପଡ଼ିଥାଏ । କେବଳ ଆପଣା ଆଖିରେ ଓ ଆପଣା ମତଲବ ଦେଇ ଦେଖିଲେ ନୁହେଁ, ମାତ୍ର ପ୍ରତ୍ୟେକ ପଦାର୍ଥ ମଧ୍ୟରେ ନିଗୂଢ଼ ହୋଇ ରହିଥିବା ଦିବ୍ୟ ଦୃଷ୍ଟି ତଥା ଦିବ୍ୟ ଅଭିପ୍ରାୟ ଦ୍ୱାରା ଆପଣାକୁ ପ୍ରେରିତ କରିପାରିଲେହିଁ ଆମେ ଯଥାର୍ଥରେ ଯାହାକିଛି ଜାଣିବାର ଅଧିକାରୀ ହୋଇଥାଉ । ଅବଶ୍ୟ ଏକଥା ସତ୍ୟ ଯେ ଆମର ସୀମାବଦ୍ଧ ମାନବଦୃଷ୍ଟି ଓ ମାନବଜନୋଚିତ ତାତ୍କାଳିକ ଅଭିପ୍ରାୟଗୁଡ଼ିକର ମଧ୍ୟ ପରମ ସର୍ବଗମ୍ୟତା ମଧ୍ୟରେ ଏକ ଯଥାର୍ଥତା ଅବଶ୍ୟ ରହିଛି । କାରଣ ସକଳ ଆପେକ୍ଷିକତା ପଛରେ ଏହି ପରମ ନିର୍ବିଶେଷ ତତ୍ତ୍ୱହିଁ ସୂତ୍ରକୁ ଧରି ବସିରହିଛି, ଏବଂ ସେହି ନିର୍ବିଶେଷ ତତ୍ତ୍ୱହିଁ ସକଳ ଆପେକ୍ଷିକତାର ଉତ୍ସରୂପେ ଅବସ୍ଥିତ ରହିଛି, ସେଗୁଡ଼ିକୁ ସେଗୁଡ଼ିକର ଔଚିତ୍ୟ ଆଣି ଦେଉଛି । ବିଶ୍ୱଜଗତର କୌଣସି ବିଶେଷ କ୍ରିୟା କିମ୍ବା ବ୍ୟବସ୍ଥାକୁ ଆମେ କେବଳ ତାହାର ସୀମାଗୁଡ଼ିକ ମଧ୍ୟରେ ବିଚାର କରି କଦାପି ଏକ ଅମୋଘ ନ୍ୟାୟର ବିଧାନ ବୋଲି କହିପାରିବା ନାହିଁ । ମାତ୍ର ତଥାପି ବିଶ୍ୱଜଗତର ଯାବତୀୟ କ୍ରିୟା ଓ ବ୍ୟବସ୍ଥା ପଛରେ ଏପରି ଏକ ଅମୋଘତା ବା ଅକାଟ୍ୟତା ରହିଛି ଯାହାକୁ କି ଆମେ ନ୍ୟାୟ ବୋଲି କହିପାରିବା, ଯାହାକି ସେହି କ୍ରିୟା ଓ ବ୍ୟବସ୍ଥାରୂପୀ ଆପେକ୍ଷିକତାର ମଧ୍ୟଦେଇ ଆପଣାକୁ ପ୍ରକାଶିତ କରୁଛି ଏବଂ ଆମର ଦୃଷ୍ଟି ତଥା ଜ୍ଞାନକୁ କେବଳ ଆଂଶିକ, କେବଳ ଉପରିସ୍ତରୀୟ ଓ ମାତ୍ର କେତୋଟି ଅଳ୍ପ ତଥ୍ୟ ଓ ପ୍ରତିଭାସ ଭିତରେହିଁ ସୀମାବଦ୍ଧ କରି ନରଖି ଏକ ସମଗ୍ର ଓ ସମ୍ପ୍ରସାରିତ ଜ୍ଞାନରେ ରୂପାନ୍ତରିତ କରିଦେଇ ପାରିଲେ ଆମେ ଆପଣା ଜୀବନରେ ମଧ୍ୟ ସେହି ପରମ ନ୍ୟାୟର ଅନୁଭୂତି ଲାଭ କରିପାରିବା । ଠିକ୍ ସେହିଭଳି ପରମ ନ୍ୟାୟ ପରି ଏକ ପରମ ଶୁଭ ବା ପରମ ଶିବ ରହିଛି, ଏକ ପରମ ସୁନ୍ଦର ମଧ୍ୟ ରହିଛି । ମାତ୍ର କେବଳ ଏକଦେଶଦର୍ଶିତାରୁ ଆପଣାକୁ ମୁକ୍ତ କରି ସକଳ ବସ୍ତୁକୁ ଗ୍ରହଣ କରିପାରିଲେ ଓ ସେଗୁଡ଼ିକର ବାହ୍ୟ ରୂପକୁ ଅତିକ୍ରମ କରି, ଯାହାକୁ କି ଏଗୁଡ଼ିକ ସମସ୍ତେ ଓ ପ୍ରତ୍ୟେକେ ନାନା ବିଚିତ୍ର ଭାବ ଓ ଭାଷାରେ ବ୍ୟକ୍ତ ଏବଂ ପ୍ରକଟ କରିବାର ପ୍ରୟାସ କରୁଛନ୍ତି, ଏପରି ଏକ ସମ୍ପଦର ଅନୁଭୂତି ଲାଭ କରିପାରିଲେ ଯାଇ ଆମେ ଏହାର ଏକ ଆଶ୍ୱାସ ପାଇ ପାରିବା । ମାତ୍ର ଏହି ସମ୍ପଦ ଏକ ଅନିର୍ଦ୍ଦେଶ୍ୟ ତତ୍ତ୍ୱ ହେଲେ ହେବ ନାହିଁ; କାରଣ ଅବ୍ୟକ୍ତ ଓ ଅନିର୍ଦ୍ଦେଶ୍ୟ ତତ୍ତ୍ୱ ହେଉଛି କେବଳ ଏକ ସର୍ବମୂଳ ବା ଆଦିମ ଉପାଦାନ ଅଥବା ସକଳ ବ୍ୟାକୃତ ଓ ବିଶେଷର କେବଳ ଏକ ଘନୀଭୂତ ଅବସ୍ଥା ଏବଂ କେବଳ ତାହାର ସାହାଯ୍ୟରେ ଆମକୁ କୌଣସି ସତ୍ୟର ବ୍ୟାଖ୍ୟା ମିଳିପାରିବ

'oaob.nitrkl.ac.in' images reprocessed

ନାହିଁ । ତେଣୁ ତାହାକୁ ଆମେ ପରମ ନିର୍ବିଶେଷ ତତ୍ତ୍ୱ ବୋଲି କହିବା । ଅବଶ୍ୟ ଏକଥା ମଧ୍ୟ ସମ୍ଭବ ଯେ ଆମେ ଇଚ୍ଛା କଲେ ଏହାର ଠିକ୍ ବିପରୀତ ଗତିଟିକୁ ଗ୍ରହଣ କରିପାରିବା ଓ ସବୁ କଥାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେଇ ପାରିବା; ତା'ପରେ ସେଗୁଡ଼ିକୁ ଏକ ସମଗ୍ର ଭାବରେ ଦେଖିବାକୁ ଓ ଯାହା ସେଗୁଡ଼ିକଠୁ ସେଗୁଡ଼ିକର ଔଚିତ୍ୟ ଆଣି ଦେଉଛି, ସେଗୁଡ଼ିକୁ ତାହାର ସହିତ ସମ୍ବନ୍ଧିତ କରି ଦେଖିବାକୁ ମଧ୍ୟ ଅସ୍ୱୀକାର କରିବା; ଏବଂ ଏହିପରି ଭାବରେ ଆପଣା ବୁଦ୍ଧିର ରାଜ୍ୟ ଭିତରେ ଚରମ ଅମଙ୍ଗଳ, ଚରମ ଅନ୍ୟାୟ, ଚରମ ବୀଭତ୍ସତା, ଯନ୍ତ୍ରଣା, ତୁଚ୍ଛତା ବା ବ୍ୟର୍ଥତା ପ୍ରଭୃତି ପ୍ରତ୍ୟେକ ପଦାର୍ଥର ଗୋଟିଏ ଗୋଟିଏ ଚରମ ତତ୍ତ୍ୱ ରହିଛି ବୋଲି କଳ୍ପନା କରିବସିବା । ମାତ୍ର ଏପରି କରିବାର ଅର୍ଥ ହେଉଛି କେବଳ ବିଭାଜନ ଉପରେହିଁ ଆପଣାର ଦୃଷ୍ଟିକୁ ଆଧାରିତ କରି ରଖିଥିବା ପରମ ଅଜ୍ଞାନର ଖାତ ବା ପଦ୍ଧତିକୁ ତାହାର ଶେଷ ସୀମା ପର୍ଯ୍ୟନ୍ତ ପ୍ରଲମ୍ବିତ କରିନେବା । ଦ୍ରବ୍ୟ ପ୍ରକ୍ରିୟାଗୁଡ଼ିକ ସହିତ ଏଭଳି ବ୍ୟବହାର କରିବାକୁ ଗଲେ ତାହା ଆଦୌ ଯୁକ୍ତିଯୁକ୍ତ ହେବ ନାହିଁ । ଏକଥା ସତ ଯେ ପରମ ନିର୍ବିଶେଷ ଯେଉଁସବୁ ଆପେକ୍ଷିକତାର ମଧ୍ୟଦେଇ ଆପଣାକୁ ପ୍ରକଟ କରୁଛନ୍ତି, ସେଗୁଡ଼ିକର ରହସ୍ୟ ଭେଦ କରିବା ଆମ ଲାଗି ବଡ଼ କଷ୍ଟକର ହୋଇ ପଡ଼ୁଛି; ଏକଥା ସତ ଯେ ଆମର ଅତିସୀମାବଦ୍ଧ ଦୃଷ୍ଟିକୁ ସବୁକଥା ଖାଲି ପରସ୍ପରବିରୋଧୀ ଓ ନକାରାତ୍ମକ ତତ୍ତ୍ୱଗୁଡ଼ିକର ଏକ ଉଦ୍ଦେଶ୍ୟହୀନ ଖେଳ ଅଥବା ଏକାନ୍ତବିରୋଧର କେବଳ ଏକ ପୁଞ୍ଜୀଭୂତ ସମାହାର ପରିହିଁ ପ୍ରତୀତ ହେଉଛି । ମାତ୍ର ସେହି କାରଣରୁ ଆମେ କଦାପି କେବଳ ଆମର ସୀମାବଦ୍ଧ ଦୃଷ୍ଟିଟିକୁ ଯଥାର୍ଥ ଦୃଷ୍ଟି ବୋଲି କହିବାର ସିଦ୍ଧାନ୍ତରେ ଆସି ପହଞ୍ଚି ଯିବା ନାହିଁ, ଏବଂ ଏଗୁଡ଼ାକ ସବୁ କେବଳ ମନର ଏକ ଶୂନ୍ୟଗର୍ଭ ଭ୍ରମ ଏବଂ ଏସବୁଥିରେ ଆଦୌ କୌଣସି ସତ୍ୟତା ନାହିଁ ବୋଲି ଘୋଷଣା କରି ପକାଇବା ନାହିଁ । ଅଥବା ଚରମ ତତ୍ତ୍ୱକୁ ବୁଝିବାକୁ ଯାଇ ଆମେ ତାହା ଭିତରେ ଏକ ମୂଳଭୂତ ଅନପନେୟ ଏକାନ୍ତବିରୋଧର ଅସ୍ତିତ୍ୱକୁ ମାନି ନେଇ ତାହାରି ସାହାଯ୍ୟରେ ଅବଶିଷ୍ଟ ଆଉ ସକଳର ସମାଧାନ ମଧ୍ୟ କରିପାରିବା ନାହିଁ । ଆମର ମନୁଷ୍ୟବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଆମେ ଏକାନ୍ତବିରୋଧୀ ପ୍ରତ୍ୟେକ ଦ୍ୱନ୍ଦ୍ୱକୁ ଯେପରି ଏକ ଭିନ୍ନ ଓ ସ୍ୱତନ୍ତ୍ର ମୂଲ୍ୟ ଦେବାକୁ ଯାଉ ଅଥବା ସେଥିଭିତରୁ ଗୋଟିକୁ ସମ୍ପୂର୍ଣ୍ଣଭାବରେ ଅସ୍ୱୀକାର କରି ଯେପରି ଅନ୍ୟଟିର ହଠଯୁକ୍ତ ସମାଧାନ କରିବାକୁ ବସୁ, ତଦ୍ଦ୍ୱାରା ଆମେ ଏକ ଭୁଲ ପଦ୍ଧତିରହିଁ ଅନୁସରଣ କରିଥାଉ । ମାତ୍ର ଯେଉଁ ବିରୋଧଟିର କୌଣସିପ୍ରକାର ସମାଧାନ କରା ହୋଇ ନାହିଁ, ସେହି ବିରୋଧର ଉଭୟ ପ୍ରାନ୍ତକୁ ଏକତ୍ର ସତ୍ୟରୂପେ ଗ୍ରହଣ କରିବା ଲାଗି ଯେତେବେଳେ ଏକ ପ୍ରଲୋଭନ ଆସି ପହଞ୍ଚେ ଏବଂ ତାହାକୁହିଁ ସର୍ବଶେଷ ସତ୍ୟସିଦ୍ଧାନ୍ତରୂପେ ମାନିନେବାକୁ ପ୍ରରୋଚନା ଦିଆଯାଏ, ଅଥବା ସେଗୁଡ଼ିକର ଦ୍ୱନ୍ଦ୍ୱର ଅତୀତ ହୋଇ ରହିଥିବା

'oaob.nitrkl.ac.in' images reprocessed

କୌଣସି ଏକ ଉଚ୍ଚତର ତତ୍ତ୍ୱ ମଧ୍ୟରେ ସେଗୁଡ଼ିକର ଉତ୍ସ ଓ ତାତ୍ପର୍ଯ୍ୟ ନିହିତ ହୋଇ ରହିଛି ବୋଲି ଯେପର୍ଯ୍ୟନ୍ତ ଦେଖି ହୁଏ ନାହିଁ, ସେପର୍ଯ୍ୟନ୍ତ ତାହାକୁ ମାନ ନେବାକୁ ନାସ୍ତି କରିଦେଇ ଆମର ଏହି ବୁଦ୍ଧି ପ୍ରକୃତରେ ଉଚିତ କାର୍ଯ୍ୟହିଁ କରିଥାଏ ।

କାଳ ବିଷୟରେ ଆମର ସାଧାରଣତଃ ଯେଉଁ କଳ୍ପନା ରହିଛି, ତାହାର ମଧ୍ୟରେ ଆଶ୍ରୟ ନେଇ ଆମେ ମୂଳଭୂତ ଏକାନ୍ତ ବିରୋଧିତାଗୁଡ଼ିକ ଭିତରେ ଆଦୌ କୌଣସି ସମାଧାନ ପାଇ ପାରିବା ନାହିଁ କିମ୍ବା ସେଗୁଡ଼ିକର ଯଥାର୍ଥ ବ୍ୟାଖ୍ୟା ମଧ୍ୟ କରିପାରିବା ନାହିଁ । କାଳ ସମ୍ବନ୍ଧରେ ଆମର ଯେଉଁ ଜ୍ଞାନ ବା ଯେଉଁ କଳ୍ପନା ରହିଛି, ତାହାକୁ ଆମେ ଏକ ପୂର୍ବାପର କ୍ରମାନୁସରଣରେ ବିଶ୍ୱର ବିଷୟଗୁଡ଼ିକୁ ଅନୁଭବ କରିପାରିବା ଲାଗି ଏକ ସାଧନରୂପେ ବ୍ୟବହାର କରିଥାଉ । ଆମ କଳ୍ପନାର ଏହି କାଳ ହେଉଛି କେବଳ ଏକ ଅବସ୍ଥା ମାତ୍ର ଏବଂ ଅବସ୍ଥାସକଳର କାରଣ ମାତ୍ର; ଅସ୍ତିତ୍ୱର ବିଭିନ୍ନ ସ୍ତର ଓ ସୋପାନରେ ଏହି ଅବସ୍ଥାଟିରେ ମଧ୍ୟ ନିଶ୍ଚିତ ପରିବର୍ତ୍ତନ ହୋଇଥାଏ, ଏପରିକି ଗୋଟିଏ ସୋପାନରେ ବାସ କରୁଥିବା ସତ୍ତ୍ୱମାନଙ୍କ ପାଇଁ ମଧ୍ୟ ଏହା ନାନା ବିଭିନ୍ନ ଭାବରେ ଅନୁଭୂତ ହୋଇଥାଏ । ଅର୍ଥାତ୍ ଆମର କଳ୍ପିତ କାଳ ଆଦୌ ଏକ ଚରମ ନିତ୍ୟବସ୍ତୁ ନୁହେଁ, ଏବଂ ତେଣୁ ଏହା ପରମ ନିତ୍ୟବସ୍ତୁଙ୍କର ମୌଳିକ ସମ୍ବନ୍ଧଗୁଡ଼ିକର ମଧ୍ୟ ଆଦୌ କୌଣସି ବ୍ୟାଖ୍ୟା କରିପାରିବ ନାହିଁ । କାଳର ଭୂମି ଉପରେହିଁ ସେହି ସମ୍ବନ୍ଧଗୁଡ଼ିକ ଆପଣାକୁ ପ୍ରକାଶିତ କରନ୍ତି, ଏବଂ ତେଣୁ ଆମର ମନ ଓ ପ୍ରାଣଗତ ସତ୍ତା ଲାଗି ସେଗୁଡ଼ିକ ସତେଅବା ସେହି କାଳଦ୍ୱାରାହିଁ ନିରୂପିତ ହେଉଥିବା ପରି ମନେ ହୋଇଥା'ନ୍ତି । ମାତ୍ର ଏପରି ମନେ ହେବାଦ୍ୱାରା ଆମେ ସେଗୁଡ଼ିକର ଅସଲ ଉତ୍ପତ୍ତିସ୍ଥଳ ଓ ମୂଳତତ୍ତ୍ୱଗୁଡ଼ିକର କୌଣସି ସନ୍ଧାନ ପାଇବାରେ ଆଦୌ ସମର୍ଥ ହେଉ ନାହୁଁ । ବିଶେଷ ଓ ନିର୍ବିଶେଷ ମଧ୍ୟରେ ଆମେ ଏକ ଭେଦ ରହିଥିବାର ଅନୁଭବ କରିଥାଉ ଏବଂ ନିର୍ବିଶେଷହିଁ ଆପଣାର ସମ୍ଭୂତିକ୍ରମରେ ବିଶେଷରୂପେ ପ୍ରକାଶିତ ହୋଇଛି ବୋଲି କଳ୍ପନା କରିଥାଉ । କାଳର କୌଣସି ଏକ ବିଶେଷ କ୍ଷଣ ବା ଦିବସରେ ପରମ ଅନନ୍ତ ଅନ୍ତବିଶିଷ୍ଟ ସତ୍ତ୍ୱରେ ପରିଣତ ହୋଇଛନ୍ତି ଏବଂ ସେହି କାଳର ଆଉ ଏକ ବିଶେଷ କ୍ଷଣ ବା ଦିବସରେ ସେ ପୁଣି ଆପଣାର ଏହି ଅନ୍ତବିଶିଷ୍ଟତାକୁ ପରିହାର ଓ ବର୍ଜନ କରି ଆସିବେ, ଆମେ ଏହିପରି କଳ୍ପନା କରିଥାଉ । କାରଣ ବିଶ୍ୱବିଷୟଗୁଡ଼ିକୁ ବିଷୟଭାବରେ ଗୋଟିଗୋଟି କରି ଅନାଇ ଦେଖିଲାବେଳେ ଏବଂ ବିଶ୍ୱବ୍ୟବସ୍ଥାର ଏଇଟି କିମ୍ବା ସେଇଟି ଉପରେ ଦୃଷ୍ଟିପାତ କଲାବେଳେ ତାହା ଆମ ଆଖିକୁ ଠିକ୍ ସେହିପରି ମନେ ହୋଇଥାଏ । ମାତ୍ର ଏକ ସମଗ୍ର ଦୃଷ୍ଟିନେଇ ସଭିଙ୍କ ଆଡ଼କୁ ଅବଲୋକନ କରିପାରିଲେ ଆମେ ସାନ୍ତ ଓ ଅନନ୍ତ ଉଭୟଙ୍କୁହିଁ ଏକତ୍ର ପାର୍ଶ୍ୱବର୍ତ୍ତୀ ହୋଇ ଅବସ୍ଥିତ ରହିଥିବାର ଓ ପରସ୍ପରର ମଧ୍ୟରେ

'oaob.nitrkl.ac.in' images reprocessed

ତଥା ପରସ୍ପରକୁ ଅଗ୍ରସ୍ତ କରି ଅବସ୍ଥିତ ରହିଥିବାର ଦେଖିବାକୁ ପାଉ । ଏକ କାଳଗତ କମଛନ୍ଦର ଅନୁସରଣ କରି ଆମର ଏହି ବିଶ୍ୱଜଗତ ଅନ୍ତର୍ହିତ ହୋଇ ଯାଉଛି ଓ ପୁଣି ଆବର୍ତ୍ତିତ ହେଉଛି ବୋଲି ଆଗକାଳରେ ଯେଉଁ ବିଶ୍ୱାସ ରହିଥିଲା, ତାହାକୁ ସତ୍ୟ ବୋଲି ଗ୍ରହଣ କଲେ ମଧ୍ୟ ସେଇଟି ଆମ ପ୍ରାକୃତ ପର୍ଯ୍ୟାୟବୋଧର କେବଳ ଏକ ସ୍ଥୂଳ ଘଟଣା ହୋଇ ରହିବ । ମାତ୍ର, କାଳର କୌଣସି ବିଶେଷ କ୍ଷଣରେ ଅନନ୍ତ ଅସ୍ତିତ୍ୱର ସର୍ବକ୍ଷେତ୍ରକୁ ସକଳ ଅବସ୍ଥା ଓ ସକଳ ପ୍ରକାଶର ଏକାନ୍ତ ବିଲୁପ୍ତି ଘଟିବ ଓ ସକଳ ସତ୍ତା ନିର୍ବିଶେଷର ଅବସ୍ଥାକୁ ପ୍ରାପ୍ତ ହେବ; ପୁଣି କାଳର ଆଉ ଏକ ବିଶେଷ ମୁହୂର୍ତ୍ତରେ ଏହି ଅବସ୍ଥାବିଶେଷଗୁଡ଼ିକ ପୁଣି ସତ୍ୟ ଓ ବାସ୍ତବରୂପ ଧାରଣ କରିବ ଓ ପୁଣି ପ୍ରକାଶିତ ହେଉଥିବା ପରି ବୋଧହେବ, ସେଥିରୁ ଏକଥା ଆଦୌ ପ୍ରମାଣିତ ହେଉ ନାହିଁ । ଯେଉଁ କ୍ଷେତ୍ରସୀମା ମଧ୍ୟରେ ରହି ଆମର ମନ କାଳ ଭିତରେ ଆପଣା କଳ୍ପନାଗତ ନାନା ବିଭାଜନ କରିବାରେ ଲାଗିଛି, ବିଶ୍ୱପ୍ରକାଶର ଆଦ୍ୟ ଭିତ୍ତି ଓ ସର୍ବମୂଳ ସମ୍ବନ୍ଧଗୁଡ଼ିକ ସେହି କ୍ଷେତ୍ରର ଅତୀତ ହୋଇ ରହିଛି । ଏକ ଦିବ୍ୟ କାଳାତୀତତା ମଧ୍ୟରେ ସେଗୁଡ଼ିକ ଅବସ୍ଥିତ ରହିଛି । ଅଥବା, ଆମର ମନୋଗତ ବିଭାଜନ ଓ ପୂର୍ବାପରକଳ୍ପନାଗୁଡ଼ିକ ଯାହାର ରୂପାୟନରୂପେ ପ୍ରକଟ ହେଉଛି, ସେହି ଅଖଣ୍ଡ ଓ ଶାଶ୍ୱତ ପରମ କାଳ ମଧ୍ୟରେ ସେଗୁଡ଼ିକ ଅବସ୍ଥିତ ରହିଛି ।

ଏହି ମହାସଙ୍ଗମରେ ଆସି ବିଶ୍ୱର ସକଳ ତତ୍ତ୍ୱ ଓ ସତ୍ତାର ସକଳ ନିତ୍ୟବିଭାବ ପରସ୍ପର ସହିତ ଏକତ୍ର ସମ୍ମିଳିତ ହୋଇଛି (କାରଣ ପରମ ସତ୍ତାର କ୍ଷେତ୍ରରେ ଅନନ୍ତତା ପରି ସାନ୍ତତ୍ୱବି ମଧ୍ୟ ଗୋଟିଏ ନିତ୍ୟ ତତ୍ତ୍ୱ) । ଏକ ମୁକ୍ତ ଓ ପରମ ନିର୍ବିଶେଷର ଏକତ୍ୱ ମଧ୍ୟରେ ଏହିସବୁ ତତ୍ତ୍ୱ ପରସ୍ପର ସହିତ ମୌଳିକଭାବରେ ସମ୍ବନ୍ଧିତ ହୋଇ ବିଦ୍ୟମାନ ରହିଛନ୍ତି । ଏହି ଏକତ୍ୱଟି ମଧ୍ୟରେ କୌଣସି ଗୋଟିଏ ହେଲେ ତତ୍ତ୍ୱ କଦାପି ବହିଷ୍କୃତ ବା ନିରାକୃତ ହୋଇ ରହି ନାହିଁ । ଏବଂ ଏକ ଭୌତିକ କିମ୍ବା ଏକ ମନୋମୟ ଜଗତରେ ଆମ ଆଗରେ ସେହି ତତ୍ତ୍ୱଗୁଡ଼ିକର ଯେଉଁଭଳି ଉପସ୍ଥାପନା ହେଉଛି, କେବଳ ଆପେକ୍ଷିକତାର ଦ୍ୱିତୀୟ, ତୃତୀୟ କିମ୍ବା ଆହୁରି ନିମ୍ନତର କୌଣସି ସ୍ତରରେ ସେହି ତତ୍ତ୍ୱଗୁଡ଼ିକୁ କାର୍ଯ୍ୟକାରୀ କଲାବେଳେହିଁ ସେଭଳି ହେଉଛି । ପରମ ନିତ୍ୟ ବସ୍ତୁ ତାଙ୍କର ଆପଣା ସତ୍ତାର ବିରୋଧୀ ଅଙ୍କକଷ୍ଟରେ ପରିଣତ ହୋଇଛନ୍ତି, ସେ ମୂଳତଃ ବାସ୍ତବ ଅଥବା ଅବାସ୍ତବ କୌଣସିପ୍ରକାର ଆପେକ୍ଷିକତାକୁ ନିଷ୍ପନ୍ନ କରିବା ଲାଗି ଆଦୌ ସମର୍ଥ ନଥିଲେ ଏବଂ କାଳସ୍ଥ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷଣରେହିଁ ସେ ଏହିସବୁ ଆପେକ୍ଷିକତାକୁ ଧାରଣ କରିଛନ୍ତି;—ଏସବୁ ଆଦୌ ସତ୍ୟ ନୁହେଁ । ଅଥବା ଆମେ ଏକଥା ମଧ୍ୟ କହିପାରିବା ନାହିଁ ଯେ ସତେଅବା ଏକ ଅଲୌକିକ ଆବଶ୍ୟକତା ଦ୍ୱାରା ବାଧ୍ୟ ହୋଇ ପରମ ଅଦ୍ୱିତୀୟ ବହୁରେ ପରିଣତ

'oaob.nitrkl.ac.in' images reprocessed

ହୋଇଛନ୍ତି । କିମ୍ବା ନିର୍ବିଶେଷ ସତ୍ୟ ସତେଅବା ବାଟ ଭୁଲିଗଲା ପରି ସବିଶେଷ ଭିତରକୁ ବଣା ହୋଇଯାଇ ନାହିଁ, ଅଥବା ମୂଳତଃ ନିର୍ଗୁଣ ରହିଥିବା କୌଣସି ପରମ ସତ୍ୟ ହଠାତ୍ ନାନାବିଧ ବହୁ ଗୁଣରେ ଅଳଙ୍କୃତ ହୋଇ ଉଠିନାହାନ୍ତି । ଆମ ମାନସିକ ଚେତନାର ସୁବିଧା ଲାଗିହିଁ ଆମେ ଏହିସବୁ ବିରୋଧର ସୃଷ୍ଟି କରି ରଖିଛୁ; ଯାହା ମୂଳତଃ ଅବିଭାଜ୍ୟ, ତାହାକୁ ନାନାପ୍ରକାର ବିଭାଜନରେ ବିଭକ୍ତ କରି ରଖିଛୁ । ସେଗୁଡ଼ିକ ଯେଉଁସବୁ ବ୍ୟାପାରର ପ୍ରତିଫଳନ କରୁଛନ୍ତି, ସେସବୁ ଆଦୌ ଅଳୀକ ନୁହେଁ; ସେଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ସତ୍ୟ । ମାତ୍ର ସେଗୁଡ଼ିକୁ ଅସମାହିତ ଭାବରେ ପରସ୍ପରର ବିରୋଧୀ ଭାବରେ ଉପସ୍ଥାପିତ କରି ଓ ପରସ୍ପରଠାରୁ ବିଚ୍ଛିନ୍ନ କରି ରଖିଥିବା ପର୍ଯ୍ୟନ୍ତ ଆମେ ସେଗୁଡ଼ିକର ଯଥାର୍ଥ ସତ୍ୟକୁ କଦାପି ଜାଣିପାରିବା ନାହିଁ । କାରଣ ପରମ ସତ୍ୟ ଓ ନିର୍ବିଶେଷଙ୍କର ସମ୍ପୂର୍ଣ୍ଣ ଦୃଷ୍ଟିଟି ଭିତରେ ଏଭଳି ଅସମାହିତ ବିରୋଧ କିମ୍ବା ବିଚ୍ଛେଦ ଲାଗି ଆଦୌ କୌଣସି ଅବକାଶହିଁ ନାହିଁ । ଏହି ଦୁର୍ବଳତାଟିକୁ ଆମେ କେବଳ ଯେ ଆମ ବିଜ୍ଞାନର ବିଭାଜନସୂତ୍ର ଓ ତତ୍ତ୍ୱବିଜ୍ଞାନର ଭେଦାତ୍ମକ ବୁଦ୍ଧିର ଏକ ଦୁର୍ବଳତା ବୋଲି କହିବା ତାହା ନୁହେଁ, ବିଭେଦ ଓ ବହିଷ୍କରଣ ଉପରେ ଆଧାରିତ ଆମର ଯାବତୀୟ ଆଧ୍ୟାତ୍ମିକ ଉପଲବ୍ଧିଗୁଡ଼ିକର ଦୁର୍ବଳତା ବୋଲି ମଧ୍ୟ କହିବା । କେବଳ ବହିଷ୍କରଣକୁ ଭିତ୍ତି କରିହିଁ ଏହିସବୁ ଆଧ୍ୟାତ୍ମିକ ଉପଲବ୍ଧି ଆପଣାକୁ ଠିଆ କରାଇ ରଖିଥାଏ, କାରଣ ସେହି ଉପଲବ୍ଧିମାନ ହାସଲ କରିବା ଲାଗି ଆମକୁ ସୀମାସଙ୍କୋଚ ତଥା ବିଭାଜନକୁ ଆଶ୍ରୟ କରି ରହିଥିବା ମନୋଭୂମିଗତ ଚେତନାଟିର ସ୍ତରରୁହିଁ ଆମର ସାଧନା ଆରମ୍ଭ କରିବାକୁ ପଡ଼େ । ଯେଉଁ ସତ୍ୟଟି ଆମ ବୁଦ୍ଧିଗତ କ୍ଷେତ୍ରକୁ ଅତିକ୍ରମ କରି ରହିଛି, ତାହାରି ଅଭିମୁଖରେ ଆପଣାକୁ ପ୍ରେରିତ କରିପାରିବା ଲାଗି ଆମ ବୁଦ୍ଧିକୁ କିଞ୍ଚିତ୍ ସାହାଯ୍ୟ କରିବାଲାଗିହିଁ ଆମକୁ ଆମର ସକଳ ତତ୍ତ୍ୱବିଜ୍ଞାନଗତ ଚର୍ଚ୍ଚାରେ ନାନାବିଧ ଭେଦନିରୂପଣସୂତ୍ରର ଆଶ୍ରୟ ନେବାକୁ ପଡ଼େ । ମାନସିକ ଚେତନାର ସ୍ତରରେ ବିଷୟଗୁଡ଼ିକ ଉପରେ ପ୍ରଥମ ଦୃଷ୍ଟିପାତ କଲାବେଳେ ଅଭେଦଦର୍ଶନ କରିବାକୁ ଯାଇ ଆମେ ଯେଉଁସବୁ ଅନ୍ଧୁଆ ଭିତରେ ପଡ଼ି ଯାଇଥାଉ, ସେଇଥିରୁ ନିଷ୍କୃତି ପାଇବାଲାଗିହିଁ ଦର୍ଶନରେ ଭେଦନିରୂପଣର ପ୍ରୟୋଜନ ହୋଇଥାଏ । ମାତ୍ର ଶେଷ ପର୍ଯ୍ୟନ୍ତ ମଧ୍ୟ ଆମେ ଯଦି ଆପଣାକୁ କେବଳ ସେହିଗୁଡ଼ିକରେହିଁ ବାନ୍ଧି ରଖୁ, ତେବେ ଯାହା ପ୍ରଥମ ପର୍ଯ୍ୟାୟରେ ଆମକୁ ସହାୟକର କାର୍ଯ୍ୟ ଦେଇ ପାରିଥା'ନ୍ତେ, ସେଗୁଡ଼ିକୁ ଆମେ ଆପଣାର ଶୃଙ୍ଖଳରେହିଁ ପରିଣତ କରିଦେଉ । ପ୍ରଥମ ଅବସ୍ଥାରେ ହୁଏତ ପରସ୍ପରବିରୋଧୀ ବୋଲି ମନେ ହେଉଥିବା ସ୍ପଷ୍ଟ ଆଧ୍ୟାତ୍ମିକ ଅନୁଭବଗୁଡ଼ିକୁ ମଧ୍ୟ ଆମକୁ ଆପଣାର କାମରେ ଲଗାଇ ଶିଖିବାକୁ ହେବ, କାରଣ ଯାହା ଆମ ମନୋଭୂମିର ଅଜ୍ଞାତ ହୋଇ ଅବସ୍ଥିତ ରହିଛି, ସମଗ୍ର ଓ ପରିପୂର୍ଣ୍ଣ ଭାବରେ ତାହାକୁ ସଙ୍ଗେ ସଙ୍ଗେ ଆପଣାର

'oaob.nitrkl.ac.in' images reprocessed

ସମ୍ବନ୍ଧରେ ପରିଣତ କରିବା ଆମ ଭଳି ମନୋମୟ ସତ୍ତାଗୁଡ଼ିକ ପକ୍ଷରେ ଅତୀବ କଷ୍ଟକର ଏବଂ ଏକାନ୍ତ ଅସମ୍ଭବ । ମାତ୍ର ବୁଦ୍ଧିର କସରତ ଖଟାଇ ସେହି ଅନୁଭବ-ଗୁଡ଼ିକୁ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ସତ୍ୟରେ ପରିଣତ କରିବାର ଚେଷ୍ଟା କରି ଆମେ କେବଳ ଭୁଲହିଁ କରିବସିବା । ଉଦାହରଣସ୍ୱରୂପ ଆମେ ଯେତେବେଳେ ଦମ୍ଭ କରି ଘୋଷଣା କରିବସୁ ଯେ କେବଳ ସେହି ପରମ ନୈର୍ବ୍ୟକ୍ତିକ ସତ୍ତାଟି ବ୍ୟତୀତ ଚରମ ଉପଲବ୍ଧିର ବସ୍ତୁ ଆଉ କେଉଁଠି କିଛିହେଲେ ନାହିଁ; ଆଉ ଯେଉଁଠି ଯାହାକିଛି ରହିଛି, ତାହା କେବଳ ମାୟା ବ୍ୟତୀତ ଆଉ କିଛି ନୁହେଁ;—ସେତେବେଳେ ଆମେ ଭୁଲ କରି ପକାଉ । ଅଥବା, ଅନ୍ୟପକ୍ଷରେ ଆମେ ଯେତେବେଳେ ପରମ ସଗୁଣର ଉପଲବ୍ଧି କରିବାକୁହିଁ ଚରମ ଉପଲବ୍ଧି ବୋଲି ଘୋଷଣା କରୁ ଓ ଆମର ଆଧ୍ୟାତ୍ମିକ ଅନୁଭବ ଭିତରୁ ନୈର୍ବ୍ୟକ୍ତିକତାର ଯାବତୀୟ ଭାବକୁ ବହିଷ୍କୃତ କରି ରଖୁ, ସେତେବେଳେ ମଧ୍ୟ ଆମେ ଭୁଲ କରିପକାଉ । ମହାନ୍ ଆଧ୍ୟାତ୍ମିକ ସତ୍ୟଜିଜ୍ଞାସୁମାନଙ୍କର ଏହି ଦୁଇଟିଯାକ ଉପଲବ୍ଧିର ଯେ ସମାନ ସ୍ୱୀକାର୍ଯ୍ୟ ମୂଲ୍ୟ ତଥା ମହତ୍ତ୍ୱ ଅବଶ୍ୟ ରହିଛି, ଆମକୁ ସେକଥା ହୃଦୟଙ୍ଗମ କରିବାକୁ ହେବ । ସେହିପରି ବିବିକ୍ତଭାବନା ଦେଇ ଦେଖିଲେ ଗୋଟିଏ ଅନ୍ୟଟିର ସମକ୍ଷରେ ପ୍ରାମାଣ୍ୟବର୍ଜିତ ବୋଲି ମନେ ହେଉଛି । ସେଗୁଡ଼ିକ ସେହି ଗୋଟିଏ ପରମ ସତ୍ୟରହିଁ ଦୁଇ ବିଭିନ୍ନ ପାଖରେ ଅବସ୍ଥିତ ଦୁଇଟି ଅନୁଭୂତି । ସେଥିମଧ୍ୟରୁ ଯେକୌଣସି ଗୋଟିକର ପରିପୂର୍ଣ୍ଣ ଜ୍ଞାନ ଓ ଅନୁଭୂତି ଅର୍ଜନ କରିବାକୁ ହେଲେ କିମ୍ବା ଦୁଇଟିଯାକ ଯେଉଁ ବୃହତ୍ତର ସତ୍ୟଟିର ସମ୍ବନ୍ଧରୂପେ ଅବସ୍ଥିତ ରହିଛନ୍ତି, ତାହାକୁ ପରିପୂର୍ଣ୍ଣ ଭାବରେ ଜାଣିବା ଓ ଅନୁଭବ କରିବାକୁ ହେଲେ ମଧ୍ୟ ଦୁଇଟିଯାକର ପ୍ରୟୋଜନ ରହିଛି । ପରମ ଅଦ୍ୱିତୀୟ ଓ ପରମ ଅନେକ, ଅନ୍ତବିଶିଷ୍ଟ ଓ ଅନନ୍ତ, ବିଶ୍ୱାତୀତ ଓ ବିଶ୍ୱଗତ, ବ୍ୟକ୍ତିସତ୍ତାଗତ ତଥା ବିଶ୍ୱବ୍ୟାପ୍ତ,—ଏହିସବୁ ପ୍ରତ୍ୟେକ କ୍ଷେତ୍ରରେ ଏହି ଦୁଇଟିଯାକର ପ୍ରୟୋଜନ ରହିଛି । ଗୋଟିଏ ହେଉଛି ଅନ୍ୟଟିର ସମବାଚୀ, ଆପଣା ମଧ୍ୟରେ ପୂର୍ଣ୍ଣଭାବେ ବର୍ତ୍ତମାନ ଥାଇ ମଧ୍ୟ ଗୋଟିଏ ଅନ୍ୟଟି ମଧ୍ୟରେ ଅନୁସ୍ୟୂତ ହୋଇ ରହିଛି । ଅନ୍ୟଟିକୁ ନଜାଣିବା ଯାଏ ଏଥିମଧ୍ୟରୁ କୌଣସି ଗୋଟିକୁ ପୂର୍ଣ୍ଣଭାବେ ଜାଣିବା କଦାପି ସମ୍ଭବ ହେବ ନାହିଁ । ବାହାରୁ ଦେଖିଲେ ଦୁଇଟି ମଧ୍ୟରେ ଯେଉଁ ବିରୋଧଟି ରହିଥିବାର ଆମକୁ ଦେଖାଯାଉଛି, ସେହି ପ୍ରତୀତିଟିକୁ ପାରହୋଇ ନଯିବା ପର୍ଯ୍ୟନ୍ତ ଆମେ କୌଣସି ସମ୍ବନ୍ଧରେ କଦାପି ପରିପୂର୍ଣ୍ଣ ଜ୍ଞାନ ଲାଭ କରିପାରିବା ନାହିଁ ।

ଏହିସବୁ ଚର୍ଚ୍ଚାରୁ ଆମେ ସେହି ଗୋଟିଏ ସତ୍ତାର ତିନୋଟି ବିଭିନ୍ନ ବିଭାବ ରହିଥିବାର ଦେଖିପାରୁଛୁ । ଗୋଟିଏ ବିଶ୍ୱାତୀତ, ଆଉଗୋଟିଏ ବିଶ୍ୱବ୍ୟାପ୍ତ ଓ ତୃତୀୟଟି ବ୍ୟକ୍ତିଭାବାପନ୍ନ । ଏହି ତିନୋଟିଯାକର ପ୍ରତ୍ୟେକଟି ମଧ୍ୟରେ ଅବଶିଷ୍ଟ

'oaob.nitrkl.ac.in' images reprocessed

ଦୁଇଟି ମଧ୍ଯ ପ୍ରଚ୍ଛନ୍ନ ଅଥବା ପ୍ରକାଶ୍ୟ ଭାବରେ ସର୍ବଦା ଅନ୍ତର୍ଗତ ହୋଇ ରହିଛି । ବିଶ୍ୱାତୀତ ଆପଣାର ସ୍ୱରୂପ ଓ ସ୍ୱଭାବ ମଧ୍ୟରେ ନିରନ୍ତର ଅବସ୍ଥିତ ରହିଛନ୍ତି ଏବଂ ଆପଣାର କାଳଗତ ନାନା ସମ୍ଭାବ୍ୟତାର ଆଧାରରୂପେ ଅନ୍ୟ ଦୁଇଟିର ନିୟନ୍ତ୍ରଣ କରୁଛନ୍ତି । ସେଇ ବିଶ୍ୱାତୀତହିଁ ପରମ ଦିବ୍ୟ ପୁରୁଷ, ସେଇ ହେଉଛନ୍ତି ସକଳର ସ୍ୱାମୀରୂପେ ବିଦ୍ୟମାନ ଶାଶ୍ୱତ ଈଶ୍ୱରଚେତନା । ସେ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବଗତ । ସେଇ ସକଳ ସତ୍ତାକୁ ପ୍ରେରିତ କରି ରଖିଛନ୍ତି, ସକଳ ସତ୍ତାକୁ ଆଲିଙ୍ଗନ କରି ରହିଛନ୍ତି ଓ ସକଳ ସତ୍ତାର ଶାସନ କରୁଛନ୍ତି । ତାଙ୍କର ତୃତୀୟ ବିଭାବ ଅର୍ଥାତ୍ ବ୍ୟକ୍ତିଭାବାପନ୍ନତାର ଉଚ୍ଚତମ ସାମର୍ଥ୍ୟରୂପେ ଏହି ଜଗତରେ ମନୁଷ୍ୟ ଅବସ୍ଥାନ କରୁଛି, କାରଣ କେବଳ ଏହି ମନୁଷ୍ୟହିଁ ଦିବ୍ୟଭାବର ମାର୍ଗରେ ଯାତ୍ରା କରି ଯିବାର ଏହି ସନ୍ଧିସ୍ଥଳରେ ଠିଆ ହୋଇ ସେହି ଆତ୍ମପ୍ରକାଶର ଗତିଧାରାଟିକୁ ବିକଶିତ କରାଇବା ଲାଗି ସମର୍ଥ ହେବ, ଯାହାକି ବିଦ୍ୟା ଓ ଅବିଦ୍ୟା ଏହି ଉଭୟ କୋଟୀର ମଧ୍ୟଦେଇ ସେହି ଦିବ୍ୟଚେତନାର ସଂବୃତ୍ତ ଓ ବିବୃତ୍ତରୂପେ ଆମର ସମକ୍ଷରେ ଆସି ଆବିର୍ଭୂତ ହୋଇଛି । ଆତ୍ମଜ୍ଞାନର ସାହାଯ୍ୟରେ ଆପଣାର ଚେତନା ଭିତରେ ପରମ ବିଶ୍ୱାତୀତ ତଥା ବିଶ୍ୱବ୍ୟାପ୍ତ ସହିତ ନିଜର ଏକତ୍ୱଟିକୁ ଧାରଣ କରି ରଖିବା ଲାଗି, ଅଦ୍ୱିତୀୟ ପରମ ସତ୍ତା ତଥା ସକଳ ସତ୍ତା ସହିତ ଆପଣାର ଏକତ୍ୱଟିକୁ ଉପଲବ୍ଧି କରି ସେହି ଉପଲବ୍ଧିଜନିତ ଜ୍ଞାନ ଭିତରେ ବଞ୍ଚିରହିବା ଓ ତଦ୍ଦ୍ୱାରା ଆପଣାର ଜୀବନରେ ରୂପାନ୍ତର ସମ୍ଭବ କରିବା ଲାଗି ବ୍ୟକ୍ତି ମଧ୍ୟରେ ଯେଉଁ ଶକ୍ତି ଅନ୍ତର୍ନିହିତ ହୋଇ ରହିଛି, ସେହି ଶକ୍ତିବଳରେହିଁ ବ୍ୟକ୍ତିର ଜୀବନ ମଧ୍ୟଦେଇ ଦିବ୍ୟସତ୍ତାର ଆତ୍ମପ୍ରକାଶ ସମ୍ଭବ ହୋଇ ପାରୁଛି । ଏବଂ କେବଳ ଜଣେମାତ୍ର ବ୍ୟକ୍ତି ନୁହେଁ, ମାତ୍ର ସମସ୍ତଙ୍କ ଲାଗି ସେହି ଦିବ୍ୟ ଜୀବନର ସ୍ଥିତିରେ ଯାଇ ଉପନୀତ ହେବା,—ଏହାହିଁ ହେଉଛି ଏହି ଯାତ୍ରାଭିଯାନର ଏକମାତ୍ର ପରିକଳ୍ପନୀୟ ଲକ୍ଷ୍ୟ । ବ୍ୟକ୍ତିସତ୍ତାର ଅସ୍ତିତ୍ୱ ହେଉଛି ପରମ ନିର୍ବିଶେଷଙ୍କର କୌଣସି ଆତ୍ମା ଭିତରେ କଳ୍ପିତ ଏକ ଭ୍ରମଜ୍ଞାନ ମାତ୍ର, ଏବଂ ଏକ ପରବର୍ତ୍ତୀ କାଳରେହିଁ ସେହି ଆତ୍ମା ସେହି ଭ୍ରମଟିକୁ ଆବିଷ୍କାର କରିବାକୁ ସମର୍ଥ ହେବ,—ଏପରି କଦାପି ହୋଇନପାରେ । କାରଣ ଏକଥା କଦାପି ସମ୍ଭବ ନୁହେଁ ଯେ ଯାହା ଚରମ ଆତ୍ମଜ୍ଞାନସ୍ୱରୂପ ଅଥବା ଯାହା ତାହା ସହିତ ଏକାତ୍ମକ ହୋଇ ରହିଛି, ଆପଣାର ସତ୍ୟ ଓ ଆପଣା ସାମର୍ଥ୍ୟଗୁଡ଼ିକ ସମ୍ବନ୍ଧରେ ସେ ସମ୍ପୂର୍ଣ୍ଣ ଅଜ୍ଞ ହୋଇ ରହିଥିବ ଏବଂ ସେହି ଅଜ୍ଞାନଦ୍ୱାରା ପ୍ରତାରିତ ହୋଇ ଆପଣା ସମ୍ବନ୍ଧରେ ଏକ ଭ୍ରମଧାରଣା ଭିତରେ ବୁଡ଼ିକରି ରହିଥିବ ଯାହାକୁ କି ତାକୁ ପରେ ସଂଶୋଧନ କରିବାକୁ ପଡ଼ିବ; ଅଥବା ଏପରି ଏକ ଅସମ୍ଭବ ଦୁଃସାହସ ପଛରେ ଆପଣାକୁ ବ୍ୟାପୃତ କରି ରଖିଥିବ, ଯାହାକୁ କି ତାକୁ ବର୍ଜନ କରି ଆସିବାକୁ ପଡ଼ିବ । ଆମେ ବ୍ୟକ୍ତିସତ୍ତାକୁ ଏକ ବିଶ୍ୱଲୀଳାର ଅନ୍ତର୍ଗତ ହୋଇ ରହିଥିବା କେବଳ ଏକ ଗୌଣ ବିଷୟ ବୋଲି

ବି କହିପାରିବା ନାହିଁ । ଏବଂ ସେହି ଲୀଳା ମଧ୍ୟରେ ବି କୌଣସି ଉଚ୍ଚତର ଆଶା ପୋଷଣ ନକରି ସୁଖ ଓ ଦୁଃଖର ଅବିରତ ଚକ୍ରାବର୍ତ୍ତନ ଭିତରେହିଁ ଚିରକାଳ ପାଇଁ ରହିବାକୁ ପଡ଼ିବ ଏବଂ ସେହି ଅଜ୍ଞାନର ବନ୍ଧନ ଭିତରୁ କେବେକେବେ କେବଳ ଜଣେ ଦୁଇଜଣଙ୍କର ପଳାୟନ ବ୍ୟତୀତ ଆଉ ନିଷ୍କୃତିର କୌଣସି ଉପାୟହିଁ ନଥିବ, ସେକଥା ମଧ୍ୟ କଦାପି ହୋଇପାରିବ ନାହିଁ । ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରି ଚାଲିଯିବା ସକାଶେ ଓ ଆତ୍ମଜ୍ଞାନ ଦ୍ୱାରା ସେହି ଲୀଳାର ପରିବେଶଗୁଡ଼ିକରେ ରୂପାନ୍ତର ଘଟାଇ ଦିବ୍ୟ ପରମ ଆନନ୍ଦରୂପୀ ସତ୍ୟଟିର ଅଧିକରୁ ଅଧିକ ନିକଟବର୍ତ୍ତୀ ହେବା ସକାଶେ ଯଦି ମନୁଷ୍ୟ ଭିତରେ ପ୍ରକୃତରେ କୌଣସି ଶକ୍ତି ନଥା'ନ୍ତା, ତେବେଯାଇ ଆମେ ହୁଏତ ଭଗବାନଙ୍କର ଏହି ବିଶ୍ୱଲୀଳାକୁ ସେହିପରି ନିଦାରୁଣ ଓ ସର୍ବନାଶୀ ବୋଲି କହିପାରନ୍ତୁ । ବ୍ୟକ୍ତି ମଧ୍ୟରେ ନିହିତ ସେହି ଶକ୍ତିରେହିଁ ବ୍ୟକ୍ତିସତ୍ତାର ଔଚିତ୍ୟ ମଧ୍ୟ ନିହିତ ରହିଛି । ବ୍ୟକ୍ତି ଏବଂ ବିଶ୍ୱସତ୍ତା ଆପଣା ମଧ୍ୟରେ ବିଶ୍ୱୋତ୍ତୀର୍ଣ୍ଣ ସଚ୍ଚିଦାନନ୍ଦଙ୍କର ଆଲୋକ, ସାମର୍ଥ୍ୟ ଓ ଆନନ୍ଦକୁହିଁ ବିକଶିତ କରିଦେବାରେ ଲାଗିଛନ୍ତି । ସେହି ସଚ୍ଚିଦାନନ୍ଦ ବ୍ୟକ୍ତି ଓ ବିଶ୍ୱର ସକଳ ସୀମାକୁ ଅତିକ୍ରମ କରି ବିରାଜିତ ରହିଛି, ସେଗୁଡ଼ିକର ବାହ୍ୟ ପ୍ରତିଭାସର ଅନ୍ତରାଳରେ ତାହା ପରମ ସତ୍ୟରୂପେ ପ୍ରଚ୍ଛନ୍ନ ହୋଇ ରହିଛି । ଆମେ ଏହାକୁହିଁ ଏହି ବିଶ୍ୱଲୀଳାର ପ୍ରଚ୍ଛନ୍ନ ଅଭିପ୍ରାୟ ଓ ପରମ ତାତ୍ପର୍ଯ୍ୟ ବୋଲି ଗ୍ରହଣ କରିବା । ମାତ୍ର ଆପଣାକୁ ବିଲୁପ୍ତ କରିଦେଇ ନୁହେଁ, ଆପଣା ଭିତରେ ଓ ଆପଣାର ରୂପାନ୍ତର ଘଟାଇ, ଆପେ ନିରନ୍ତର ବର୍ତ୍ତମାନ ରହି ଓ ପରିପୂର୍ଣ୍ଣ ଭାବରେ ସମ୍ବନ୍ଧବଦ୍ଧ ହୋଇହିଁ ସେମାନେ ସଚ୍ଚିଦାନନ୍ଦଙ୍କୁ ବିକଶିତ କରିବେ । ନହେଲେ ସେମାନେ କାହିଁକି ଯେ ସତ୍ତାଗ୍ରହଣ କରି ଏଠାରେ ଆବିର୍ଭୂତ ହୋଇଥିଲେ, ସେଥିଲାଗି ଆଉ କୌଣସି ଯୁକ୍ତିହିଁ ରହିବ ନାହିଁ । ବ୍ୟକ୍ତିସତ୍ତା ମଧ୍ୟରେ ପରମ ଦିବ୍ୟସତ୍ତାର ଉନ୍ମେଷ ଓ ବିକାଶ ସମ୍ଭବ ହେବ,—ଏହାହିଁ ହେଉଛି ଏହି ପ୍ରହେଳିକାର ଗୋପନ ସତ୍ୟରହସ୍ୟ । ସେଇଥିଲାଗିହିଁ ସେ ତାହାର ମଧ୍ୟରେ ଅବସ୍ଥିତ ରହିଛନ୍ତି ଓ ଆପଣାକୁ ପ୍ରକାଶ କରିବାର ଅଭିପ୍ରାୟ ନେଇ ସେ ସେଠାରେ ଅବସ୍ଥିତ ଅଛନ୍ତି;—ବିଦ୍ୟାଅବିଦ୍ୟାର ଏହି ଜଗତରହସ୍ୟଟିକୁ ଚିହ୍ନି ପାରିବାକୁ ହେଲେ ତାହା ଜାଣିବା ହେଉଛି ଆମର ନିଶ୍ଚିତତମ ସୂତ୍ର ।

'oaob.nitrkl.ac.in' images reprocessed

# ଚତୁର୍ଥ ପରିଚ୍ଛେଦ

## ଦିବ୍ୟ ଓ ଅଦିବ୍ୟ

କବିର୍ମନୀଷୀ ପରିଭୂଃ ସ୍ୱୟଂଭୂଃ
ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାତ୍ ଶାଶ୍ୱତୀଭ୍ୟଃ ସମାଭ୍ୟଃ ॥

—ଈଶୋପନିଷଦ, ଅଷ୍ଟମ ଶ୍ଳୋକ

ସିଏ କବି, ମନୀଷୀ, ପରିଭୂ ଓ ସ୍ୱୟଂଭୂ । ସେଇ ଶାଶ୍ୱତକାଳରୁ ସକଳ ସୃଷ୍ଟିର ପରିପୂର୍ଣ୍ଣ ବିଧାନ କରି ରଖିଛନ୍ତି ।

ବହବୋ ଜ୍ଞାନତପସା ପୂତା ମଦ୍ଭାବମାଗତାଃ ॥
ମମ ସାଧର୍ମ୍ୟମାଗତାଃ ॥

—ଗୀତା ୪।୧୦, ୧୪।୨

ଜ୍ଞାନତପ ଦ୍ୱାରା ପୂତ ହୋଇ ଅନେକେ ମୋର ଭାବକୁ ପ୍ରାପ୍ତ ହୋଇଛନ୍ତି । ......ସେମାନେ ମୋର ସାଧର୍ମ୍ୟ ଲାଭ କରିଛନ୍ତି ।

ତଦେବ ବ୍ରହ୍ମ ତ୍ୱଂ ବିଦ୍ଧି ନେଦଂ ଯଦିଦମୁପାସତେ ॥

—କେନୋପନିଷଦ, ୧।୪

ତାହାକୁହିଁ ତୁ ବ୍ରହ୍ମ ବୋଲି ଜାଣିବୁ । ଏଠାରେ ଯାହାର ଉପାସନା କରାଯାଉଛି, ତାହାକୁ ନୁହେଁ ।

ଏକୋ ବଶୀ ସର୍ବଭୂତାନ୍ତରାତ୍ମା ।
ସୂର୍ଯ୍ୟୋ ଯଥା ସର୍ବଲୋକସ୍ୟ ଚକ୍ଷୁଃ ନ ଲିପ୍ୟତେ ଚାକ୍ଷୁଷୈଃ ବାହ୍ୟଦୋଷୈଃ ॥
ଏକସ୍ତଥା ସର୍ବଭୂତାନ୍ତରାତ୍ମା ନ ଲିପ୍ୟତେ ଲୋକଦୁଃଖେନ ବାହ୍ୟଃ ॥

—କଠୋପନିଷଦ, ୨।୧୨, ୧୧

'oaob.nitrkl.ac.in' images reprocessed

ସେହି ଏକ ଆତ୍ମା ସର୍ବଭୂତର ଅନ୍ତରରେ ଅବସ୍ଥିତ ରହି ସର୍ବଭୂତର ନିୟମନ କରୁଛନ୍ତି । ସର୍ବଲୋକର ଚକ୍ଷୁସ୍ୱରୂପ ସୂର୍ଯ୍ୟଙ୍କୁ ଯେପରି ବାହାରର କୌଣସି ଚକ୍ଷୁଦୋଷ ସ୍ପର୍ଶ କରିପାରୁ ନାହିଁ, ସେହିପରି ବାହ୍ୟ ଜଗତର କୌଣସି ଦୁଃଖ ମଧ୍ୟ ସର୍ବଭୂତର ସେହି ଏକ ଅନ୍ତରାତ୍ମାକୁ ଆଦୌ ସ୍ପର୍ଶ କରିପାରେ ନାହିଁ ।

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ······ତିଷ୍ଠତି ॥

—ଗୀତା, ୧୮।୬୧

ଈଶ୍ୱର ସର୍ବଭୂତର ହୃଦୟରେ ଅବସ୍ଥାନ କରୁଛନ୍ତି ।

ଏହି ବିଶ୍ୱବ୍ରହ୍ମାଣ୍ଡ ହେଉଛି ଏକ ଅନନ୍ତ ଓ ଶାଶ୍ୱତ ସର୍ବସ୍ୱରୂପ ସତ୍ତାଙ୍କର ଏକ ପ୍ରକାଶମୟ ରୂପ । ଏହି ବିଶ୍ୱରେ ଯାହାକିଛି ରହିଛି, ପରମ ଦିବ୍ୟପୁରୁଷ ତାହା ଭିତରେ ଅବସ୍ଥାନ କରୁଛନ୍ତି । ଆମ ନିଜର ଯଥାର୍ଥ ସ୍ୱରୂପରେ ଆମେ ନିଜେ ମଧ୍ୟ କେବଳ ତାଙ୍କର ବ୍ୟତୀତ ଆଉ କିଛି ନୋହୁ, ଆମ୍ଭର ଗମ୍ଭୀରତମ ଅସ୍ତିତ୍ୱର କ୍ଷେତ୍ରରେ କେବଳ ତାଙ୍କର ବ୍ୟତୀତ ଆଉ କିଛି ନୋହୁ । ଆମ ଅନ୍ତର ଭିତରେ ପ୍ରଚ୍ଛନ୍ନଭାବେ ବାସ କରୁଥିବା ଚୈତ୍ୟସତ୍ତା ଅର୍ଥାତ୍ ଆମର ଆତ୍ମା ହେଉଛି ସେହି ଦିବ୍ୟ ଚେତନା ତଥା ସତ୍ୟର ଏକ ଅଂଶ ମାତ୍ର । ଆମର ସତ୍ତା ବିଷୟରେ ଆମେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚୁ, ମାତ୍ର ତାହା ସଙ୍ଗେ ସଙ୍ଗେ ଏକ ଦିବ୍ୟ ଜୀବନକୁ ମଧ୍ୟ ଆମେ ବିଶ୍ୱଗତ ବିବର୍ତ୍ତନପ୍ରକ୍ରିୟାଟିର ପରାକାଷ୍ଠା ବା ଚରମ ପରିଣତି ବୋଲି ବର୍ଣ୍ଣନା କରୁ । ଏଭଳି ଏକ ଭାଷା ବ୍ୟବହାର କରିବାଦ୍ୱାରା ଅବଶ୍ୟ ସୂଚନା ମିଳୁଛି ଯେ ଆମର ବର୍ତ୍ତମାନ ଜୀବନସ୍ଥିତି ହେଉଛି ସକଳ ଦିବ୍ୟତାରୁ ବିଚ୍ଛିନ୍ନ ହୋଇ ରହିଥିବା ଏକ ଅଦିବ୍ୟ ସ୍ଥିତି; ଏବଂ ଆମଠାରୁ ଆହୁରି ଅଧିକ ନିମ୍ନସ୍ତରରେ ଏହି ବିଶ୍ୱରେ ଜୀବନ ବୋଲି ଯାହାକିଛି ରହିଛି, ତାହା ମଧ୍ୟ ସକଳ ଦିବ୍ୟତାଠାରୁ ବିଚ୍ଛିନ୍ନ ହୋଇ ରହିଛି । ହଠାତ୍ ଦେଖିବାକୁ ଏହା ହୁଏତ ଏକ ଅନ୍ତର୍ବିରୋଧୀ କଥା ପରି ମନେହେବ । ଆମର ଉପସ୍ଥିତ ଦିବ୍ୟ ଜୀବନ ଓ ବର୍ତ୍ତମାନ ସ୍ଥିତିର ଏକ ଅଦିବ୍ୟ ଅସ୍ତିତ୍ୱ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ନିରୂପଣ କରିଦେବା ପରିବର୍ତ୍ତରେ ତାହାକୁ ଏହି ସୋପାନଟିରୁ ଦିବ୍ୟ ଆତ୍ମୋନ୍ମୋଚନର ଏକ ଉଚ୍ଚତର ସ୍ତରକୁ ଆରୋହଣ କରିଯିବା ବୋଲି ଉଲ୍ଲେଖ କରିବା ହୁଏତ ଅଧିକ ନ୍ୟାୟସଙ୍ଗତ ହୋଇଥାଆନ୍ତା । ହୁଏତ ଏକଥା ମଧ୍ୟ କୁହାଯାଇ ପାରେ ଯେ ଯଦି ଆମେ ମୂଳତଃ ଅନ୍ତର୍ଗତ ସ୍ୱରୂପସତ୍ୟଟି ଉପରେହିଁ ଆମର ସକଳ ଦୃଷ୍ଟିକୁ ନିବଦ୍ଧ କରି ରଖିବା ଏବଂ ବାହ୍ୟ ରୂପାୟନ କ୍ଷେତ୍ରର ସକଳ ଇଙ୍ଗିତକୁ ଅସ୍ୱୀକାର କରି ଦେଉଥିବା, ତେବେ ପ୍ରକୃତି ମଧ୍ୟରେ ଅବସ୍ଥାନ କରୁଥିବା ଆମ ଜୀବନର ପରିବର୍ତ୍ତନ-କ୍ରମଟି ଅର୍ଥାତ୍ ଆମ ବିବର୍ତ୍ତନର ପ୍ରକୃତିଟି ହୁଏତ ଏହିପରି ଭାବରେହିଁ ଆପଣାକୁ ଦୃଷ୍ଟିଗୋଚର

'oaob.nitrkl.ac.in' images reprocessed

କରାଇବ । ବିଦ୍ୟା ଓ ଅବିଦ୍ୟା, ଭଲ ଓ ମନ୍ଦ ତଥା ସୁଖ ଓ ଦୁଃଖର ଆମ ଏହିସମସ୍ତ ଦ୍ୱନ୍ଦ୍ୱଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ବାଧାଗ୍ରସ୍ତ ହେଉନଥିବା ଏବଂ ସଚ୍ଚିଦାନନ୍ଦଙ୍କର ବନ୍ଧନହୀନ ଚୈତନ୍ୟ ଓ ଆନନ୍ଦରେ ଅଂଶଗ୍ରହଣ କରି ପାରୁଥିବା ଏକ ବିଶ୍ୱତୋଦୃଷ୍ଟିର ନିରପେକ୍ଷ ଚକ୍ଷୁକୁ ମଧ୍ୟ ଏହା ସେହିଭଳି ଭାବରେ ଦୃଷ୍ଟିଗୋଚର ହୋଇପାରେ । ଏବଂ ତଥାପି, ତତ୍ତ୍ୱଗତ ଦୃଷ୍ଟିଟିକୁ ବାଦ ଦେଇ ଯଦି ଆମେ ବ୍ୟାବହାରିକ ଓ ଆପେକ୍ଷିକ ଦୃଷ୍ଟିକୋଣରୁ ବିଚାର କରି ଦେଖିବା, ତେବେ ଦିବ୍ୟ ଓ ଅଦିବ୍ୟ ମଧ୍ୟରେ ଏକ ପ୍ରଭେଦ ଅବଶ୍ୟ ରହିଥିବା ପରି ଦୃଷ୍ଟିଗୋଚର ହେବ, ଯାହାର ମୂଲ୍ୟ ଓ ତାତ୍ପର୍ଯ୍ୟଟିକୁ ଆମେ କଦାପି ଏଡ଼ିଦେଇ ପାରିବା ନାହିଁ । ସମସ୍ୟାଟିର ଏହି ଦିଗଟିକୁ ଏଠାରେ ବିଚାର କରି ଦେଖିବା ଓ ଏହାର ଯଥାର୍ଥ ମୂଲ୍ୟଟିକୁ ନିରୂପଣ କରିବା ଲାଗି ଏଠାରେ ଏକ ଆବଶ୍ୟକତା ଅବଶ୍ୟ ରହିଛି ।

ଆତ୍ମଜାଗୃତ ଓ ପରମ ଦିବ୍ୟ ଆଲୋକର ଶକ୍ତିମତ୍ତା ଭିତରେ ଅଧିବାହିତ ହେଉଥିବା ଏକ ଜ୍ଞାନମୟ ଜୀବନ ଓ ଏକ ଅବିଦ୍ୟାଚ୍ଛନ୍ନ ଅଜ୍ଞାନମୟ ଜୀବନ ମଧ୍ୟରେ ମୂଳତଃ ଯେଉଁ ପାର୍ଥକ୍ୟ ରହିଛି, ଦିବ୍ୟଜୀବନ ଓ ଅଦିବ୍ୟଜୀବନ ମଧ୍ୟରେ ବି ବସ୍ତୁତଃ ସେହି ପାର୍ଥକ୍ୟ ରହିଛି । ଏକ ମୂଳଭୂତ ନିଶ୍ଚେତନତା ଭିତରୁ ବଡ଼ ଧୀର ଗତିରେ ଓ ଅତ୍ୟନ୍ତ ଆୟାସର ସହିତ ମୁକୁଳି ଆସୁଥିବା ଅନ୍ତତଃ ଏକ ଜଗତରେ ଏହି ପାର୍ଥକ୍ୟଟି ସେହିଭଳି ଅନୁଭୂତ ହେଉଛି । ଯେଉଁସବୁ ଜୀବନର କ୍ଷେତ୍ରରେ ଏହି ନିଶ୍ଚେତନତା ତଥାପି ଭିତ୍ତିଭୂମି ହୋଇ ରହିଛି, ସେଠାରେ ଆମେ ଏକ ମୌଳିକ ଅପୂର୍ଣ୍ଣତାର ଛାପ ଅବଶ୍ୟ ଦେଖିବାକୁ ପାଇବା । କାରଣ ଏହିପରି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ତରର ଜୀବନ ଆପଣାର ସ୍ତରଟି ମଧ୍ୟରେ ଯେତେ ଆତ୍ମସନ୍ତୁଷ୍ଟ ହୋଇ ରହିଲେ ମଧ୍ୟ ତଥାପି ସେହି ତଥାକଥିତ ସନ୍ତୋଷ ମଧ୍ୟରେ ଆମେ ଅପୂର୍ଣ୍ଣତା ଓ ଅସନ୍ତୁଳିତତାର ଏକ ଉପାଦାନ ଅବଶ୍ୟ ଦେଖିବାକୁ ପାଇବା, ତା' ଭିତରେ ନାନାବିଧ ବିସମ୍ବାଦ ସତେଅବା ଡାଳ ପତ୍ର ରହିଥିବା ପରି ଦେଖିବାକୁ ପାଇବା । ମାତ୍ର ଅପର ପକ୍ଷରେ ଯେତେ ସୀମିତ ଭାବରେ ହେଲେ ମଧ୍ୟ ଯଦି ଏକ ବିଶୁଦ୍ଧ ମନୋମୟ କିମ୍ବା ପ୍ରାଣମୟ ଜୀବନ ଏକ ସନ୍ତୁଳିତ ଓ ସମନ୍ୱିତ ଆତ୍ମଶକ୍ତି ତଥା ଆତ୍ମଜ୍ଞାନର ଭୂମି ଉପରେ ପ୍ରତିଷ୍ଠିତ ହୋଇପାରେ, ତେବେ ସେଠାରେ ମଧ୍ୟ ପରିପୂର୍ଣ୍ଣତା ସମ୍ଭବ ହୋଇପାରେ । ଅପୂର୍ଣ୍ଣତା ଓ ଅସମନ୍ୱିତତାର ଏକ ଅବ୍ୟାହତ ଛାପକୁ ଆପଣା ଉପରେ ବହନ କରିବାର ଏହି ଅବଶତା ବା ଅଧୀନତାକୁହିଁ ଆମେ ଅଦିବ୍ୟତାର ନିଦର୍ଶନ ବୋଲି କହିବା । ଏବଂ ଅପର ପକ୍ଷରେ ଅଳ୍ପ ଓ କ୍ଷୁଦ୍ରର ସ୍ତରରୁ ଧୀରେଧୀରେ ଅଧିକ ଓ ବୃହତ୍ତ ଆଡ଼କୁ ଅଗ୍ରସର ହେଉଥିଲେ ମଧ୍ୟ ଏକ ଦିବ୍ୟ ଜୀବନ ତଥାପି ଆପଣାର ପ୍ରତ୍ୟେକ ସୋପାନରେ ଓ

'oaob.nitrkl.ac.in' images reprocessed

ଆପଣାର ମୂଳ ଲକ୍ଷ୍ୟ ତଥା ଅଖଣ୍ଡ କାର୍ଯ୍ୟାନ୍ୱିତତାର କ୍ଷେତ୍ରରେ ଏକ ସୁସମତା ଓ ସାମଞ୍ଜସ୍ୟକୁ ଅବଶ୍ୟ ରକ୍ଷା କରିଥିବ । ସ୍ୱାଧୀନତା ଏବଂ ପୂର୍ଣ୍ଣତାର ସ୍ୱାଭାବିକ ବିକାଶ କରାଇ ତାହାକୁ ସେଗୁଡ଼ିକର ଚରମ ଶୀର୍ଷପର୍ଯ୍ୟନ୍ତ ଅଗ୍ରସର କରାଇ ନେଇଯିବାକୁ ଏହା ଏକ ନିଶ୍ଚିତ ଓ ନିର୍ଭରଯୋଗ୍ୟ ଭୂମି ଯୋଗାଇ ଦେଇଥାଏ; ସେଗୁଡ଼ିକ ଯେପରି ଅଧିକରୁ ଅଧିକ ପରିଶୁଦ୍ଧ ହୋଇ ଆପଣାଆପଣାର ସୂକ୍ଷ୍ମତମ ଐଶ୍ୱର୍ଯ୍ୟ ମଧ୍ୟକୁ ସମ୍ପ୍ରସାରିତ ହୋଇପାରିବ, ସେଥିଲାଗି ଆବଶ୍ୟକ ଭୂମି ଯୋଗାଇ ଦିଏ । ଏକ ଅଦ୍ରବ୍ୟ ଓ ଦ୍ରବ୍ୟ ସତ୍ତା ମଧ୍ୟରେ ରହିଥିବା ପାର୍ଥକ୍ୟଟିର ବିଷୟ କହିଲାବେଳେ ଯାବତୀୟ ଅପରିପୂର୍ଣ୍ଣତା ଓ ଯାବତୀୟ ପରିପୂର୍ଣ୍ଣତାର ବିଷୟ ମଧ୍ୟ କହିବାକୁ ପଡ଼ିବ । ମାତ୍ର ଏହି ପାର୍ଥକ୍ୟଟିର ବିଷୟ କହିଲାବେଳେ ଆମେ ସାଧାରଣତଃ ଜୀବନର ଗୁରୁତ୍ୱର ତଳେ ପେଷି ହୋଇ ତାହାଲାଗି ସମସ୍ୟା ତଥା ଜଟିଳତାଗୁଡ଼ିକ ମଧ୍ୟରେ ଅତ୍ୟନ୍ତ କଷ୍ଟ ସହକାରେ ଆପଣାକୁ ତଥାପି ପରିଚାଳିତ କରି ନେବାଲାଗି ସଂଗ୍ରାମ କରୁଥିବା ଗୋଟିଏ ଗୋଟିଏ ମଣିଷ ପରି ତାହା କରିଥାଉ । ଭଲ ଓ ମନ୍ଦ ଭିତରେ ଆମେ ସାଧାରଣତଃ ଯେଉଁଭଳି ପାର୍ଥକ୍ୟ ନିରୂପଣ କରିଥାଉ ଅଥବା ଭଲ ଓ ମନ୍ଦର ସମସ୍ୟାଟି ସହିତ ନିବିଡ଼ ଭାବରେ ସମ୍ବନ୍ଧିତ ହୋଇ ରହିଥିବା ଓ ଆମର ଜୀବନ ମଧ୍ୟରେ ମିଶ୍ରିତଭାବେ ବିଦ୍ୟମାନ ଥିବା ସୁଖ ଓ ଦୁଃଖରୂପୀ ଦ୍ୱନ୍ଦ୍ୱଟିର ସମସ୍ୟାକୁ ଯେଉଁଭଳି ଭାବରେ ଗ୍ରହଣ କରିଥାଉ, ଦ୍ରବ୍ୟ ଓ ଅଦ୍ରବ୍ୟ ମଧ୍ୟରେ ରହିଥିବା ପାର୍ଥକ୍ୟର ବିଷୟ କହିଲାବେଳେ ଆମେ ଖୁବ୍ ବେଶୀ ହେଲେ ତାହାହିଁ କହିବାକୁ ବାଧ୍ୟ ହେଉ । ଯେତେବେଳେ ବୁଦ୍ଧିର ସାହାଯ୍ୟରେ ଆମେ ଏହି ବିଶ୍ୱର ବସ୍ତୁଗୁଡ଼ିକ ମଧ୍ୟରେ ଏକ ଦ୍ରବ୍ୟ ସତ୍ତାର ସନ୍ଧାନ କରି ବାହାରୁ, ଏକ ଦ୍ରବ୍ୟ ଭାବରୁହିଁ ଏହି ଦୃଶ୍ୟର ଉତ୍ପତ୍ତି ହୋଇଛି ଏବଂ ଏକ ଦ୍ରବ୍ୟ ବିଧାନଦ୍ୱାରାହିଁ ଏହା ଆଜ୍ଞାଯାତ ହେଉଛି ବୋଲି ଯେତେବେଳେ ଅନୁଭବ କରିବାକୁ ଇଚ୍ଛା କରୁ, ସେତେବେଳେ ଏହି ବିଶ୍ୱରେ ଜମା ହୋଇ ରହିଥିବା ମନ୍ଦ ଓ ଦୁଃଖ ଆମର ସକଳ ବୁଦ୍ଧି ଓ ବିବେକକୁ ସତେଅବା ଗ୍ରାସ କରି ପକାଇବା ପରି ମାଡ଼ି ଆସୁଥିବାର ମନେହୁଏ । ପ୍ରକୃତିର ଇହବ୍ୟବସ୍ଥାଟିରେ କଷ୍ଟ, ଦୁଃଖ ଓ ସନ୍ତାପକୁ ଯେଉଁଭଳି ଅତ୍ୟନୁଷ୍ଠାତ ବାହୁଲ୍ୟ ଦିଆଯାଇଛି, ଏକ ନିର୍ମମ ବାସ୍ତବସତ୍ୟରୂପେ ତାହା ଆମକୁ ସତେଅବା ବିମୂଢ଼ କରିଦେଇ ଯାଏ ଏବଂ ସ୍ୱାଭାବିକ ଭାବରେ ଦ୍ରବ୍ୟ ଉତ୍ପତ୍ତି ଏବଂ ଦ୍ରବ୍ୟ ଶାସନ ଉପରେ ମନୁଷ୍ୟସମାଜର ଯେଉଁ ସହଜ ବିଶ୍ୱାସଟି ରହିଛି ଅଥବା ସବୁ ଦେଖୁଥିବା ଓ ସବୁର ବିଧାନ କରୁଥିବା ଏକ ସର୍ବଗତ ଦ୍ରବ୍ୟ ପରମ ସତ୍ତା ଏହି ବିଶ୍ୱଜଗତ ଭିତରେ ବିରାଜିତ ରହି ସବୁକିଛି କରୁଛି ବୋଲି ଯେଉଁ ସହଜ ପ୍ରତ୍ୟୟଟି ଆମ ଭିତରେ ରହିଛି, ତାହା ସତେଅବା ଟଳିଗଲା ପରି ମନେହୁଏ । ଏହାବ୍ୟତୀତ ରହିଥିବା ଅନ୍ୟ ସମସ୍ୟାଗୁଡ଼ିକୁ ଆମେ ଆହୁରି ଅଧିକ ସହଜରେ ଓ ଅଧିକ ନିଶ୍ଚିନ୍ତ ଭାବରେ ସମାଧାନ କରିପାରିବା ପରି ମନେକରୁ ଓ ଆମ ସମାଧାନଗୁଡ଼ିକ ଆମକୁ



'oaob.nitrkl.ac.in' images reprocessed

ଏତେ ସହଜରେ ସକଳ ସଂଶୟରୁ ମୁକ୍ତ କରିଦେଇ ପାରୁଛନ୍ତି ବୋଲି ଏକ ଆତ୍ମପ୍ରସାଦ ମଧ୍ୟ ଲାଭ କରୁ । ମାତ୍ର ସମସ୍ୟା-ସମାଧାନର ଏହିମାନଙ୍କୁ ଆମେ କଦାପି ଯଥେଷ୍ଟ ବ୍ୟାପକ କିମ୍ବା ସମଗ୍ର ବୋଲି କହିପାରିବା ନାହିଁ ଏବଂ କେବଳ ମନୁଷ୍ୟ-ସ୍ତରର ଏକ ଦୃଷ୍ଟିକୋଣ ଉପରେ ତାହା ଅତିରିକ୍ତ ଭାବରେ ଆଧାରିତ ହୋଇ ରହିଛି । କାରଣ ଏକ ବ୍ୟାପକତର ଦୃଷ୍ଟି ଦେଇ ଅବଲୋକନ କଲାବେଳେ ଏହି ସଂସାରର ମନ୍ଦ, କଷ୍ଟ ଓ ସନ୍ତାପଗୁଡ଼ାକ ଜାଗତିକ ଏକ ବିଶିଷ୍ଟ ବ୍ୟାପାର ହିସାବରେ ଆମ ଆଖିକୁ ଜଳଜଳ ହୋଇ ଦେଖାଯିବ ସତ, ମାତ୍ର ସେତେବେଳେ କେବଳ ତାହାକୁହିଁ ଆମେ ଯାବତୀୟ ଦୋଷ କିମ୍ବା ଅଭାବ ବୋଲି କଦାପି କହିବା ନାହିଁ । ତାହାକୁହିଁ ଯାବତୀୟ ସମସ୍ୟାର ମୂଳ ବୋଲି କହିବାର ତ ପ୍ରଶ୍ନହିଁ ଉଠିବ ନାହିଁ । ମନ୍ଦ ଏବଂ ଦୁଃଖ,—କେବଳ ଏହି ଦୁଇଟି ଅଭାବରୁହିଁ ବିଶ୍ୱଜଗତର ଯାବତୀୟ ଅପୂର୍ଣ୍ଣତା ଆଦୌ ଉତ୍ପନ୍ନ ହୋଇ ନାହିଁ; ଭଲ ଏବଂ ସୁଖରୁ ଆମ ଆଧ୍ୟାତ୍ମିକ କିମ୍ବା ଭୌତିକ ଜୀବନର ସ୍ଖଳନଟିକୁ ଯଦି ଆଦୌ ସ୍ଖଳନ ବୋଲି ବୁଝାଯାଏ ଏବଂ ମନ୍ଦ ଓ ଦୁଃଖ ଉପରେ ବିଜୟ ଲାଭ କରିବାରେ ଆମର ପ୍ରକୃତି ଯଦି ପ୍ରକୃତରେ ବିଫଳ ହୋଇଛି ବୋଲି ବି ବୁଝାଯାଏ, ତେବେ ଜାଗତିକ ସକଳ ଅପୂର୍ଣ୍ଣତାର କାରଣସ୍ୱରୂପ ଏହି ସ୍ଖଳନ ଓ ଏହି ବିଫଳତାଠାରୁ ଏଠାରେ ଆହୁରି ଅଧିକ କିଛି ଅବଶ୍ୟ ନିହିତ ହୋଇ ରହିଛି । ଏକଥା ସତ୍ୟ ଯେ ଆମର ନୈତିକ ତଥା ସୁଖକାମୀ ଜୀବନର ତର୍ପଣବିଧିରେ ଅନେକ ଦୋଷତ୍ରୁଟି ରହିଛି, ଆମର ବିଶ୍ୱାନୁଭୂତିରେ କଲ୍ୟାଣ ଓ ଆନନ୍ଦର ଅନେକ ଅଭାବ ରହିଯାଇଛି; ମାତ୍ର ଅନ୍ୟାନ୍ୟ ଦିବ୍ୟଭାବର କ୍ଷେତ୍ରରେ ମଧ୍ୟ ଅଭାବ ରହିଛି । କାରଣ ସେଗୁଡ଼ିକ ପରି ଜ୍ଞାନ, ସତ୍ୟ, ସୌନ୍ଦର୍ଯ୍ୟ, ସାମର୍ଥ୍ୟ ଓ ସର୍ବାତ୍ମଭାବକୁ ମଧ୍ୟ ଆମେ ଏକ ଦିବ୍ୟ ଜୀବନର ସାମଗ୍ରୀ ଓ ଉପାଦାନ ବୋଲି କହିବା ଏବଂ ଏହିସବୁ ବିଭବରୁ ଆମେ ଯେତିକି ଯେତିକି ପାଇଛୁ, ତାହା ଅତ୍ୟନ୍ତ ଅଳ୍ପ, ଅତ୍ୟନ୍ତ କୁଣ୍ଠିତ । ଅଥଚ ଏଗୁଡ଼ିକର ଚରମ ପର୍ଯ୍ୟାୟରେ ଏଗୁଡ଼ିକ ମଧ୍ୟ ପରମ ଦିବ୍ୟ ସ୍ୱଭାବର ଗୋଟିଏ ଗୋଟିଏ ସାମର୍ଥ୍ୟ ।

ତେଣୁ କେବଳ ନୈତିକ ଅନିଷ୍ଟ ଓ ଇନ୍ଦ୍ରିୟଗ୍ରାହ୍ୟ ଭୂମିର କଷଣଗୁଡ଼ିକ ମଧ୍ୟରେ ଆମ ନିଜର ତଥା ଏହି ଜଗତର ଅଦିବ୍ୟ ଅପୂର୍ଣ୍ଣତାଟିର ବର୍ଣ୍ଣନାକୁ ସୀମିତ କରି ରଖିବା ଆଦୌ ସମ୍ଭବ ନୁହେଁ । କେବଳ ସେଇ ଦ୍ୱିବିଧ ସମସ୍ୟା ବ୍ୟତୀତ ଏହି ଜଗତର ପ୍ରହେଳିକା ଭିତରେ ଆହୁରି ଅନେକ କିଛି ଭରି ରହିଛି, କାରଣ ଏକ ସାଧାରଣ ଉତ୍ସର ପ୍ରବଳ ପରିଣାମସ୍ୱରୂପହିଁ ଉକ୍ତ ଦୁଇଟି ସମସ୍ୟାର ଉତ୍ପତ୍ତି ହୋଇଛି । ଏଠାରେ ଆମେ ଅପୂର୍ଣ୍ଣତାର ସେହି ସାଧାରଣ ଉତ୍ସଟିକୁ ସ୍ୱୀକାର କରିବା ଓ ତାହାର ଆବଶ୍ୟକ ଆଲୋଚନା କରିବା । ଏହି ସାଧାରଣ ଅପୂର୍ଣ୍ଣତାଟି ବିଷୟରେ ଟିକିଏ ନିକଟରୁ ବିଚାର କରି ଦେଖିଲେ ଆମେ ଜାଣିବାକୁ ପାଇବା ଯେ ପ୍ରଥମତଃ ଦିବ୍ୟ

'oaob.nitrkl.ac.in' images reprocessed

ଉପାଦାନଗୁଡ଼ିକ ଆମ ଭିତରେ ବଡ଼ ନିରୁଦ୍ଧ ଓ ତେଣୁ ବଡ଼ ସୀମାବଦ୍ଧ ହୋଇ ରହିଛି ଏବଂ ତେଣୁ ସେଗୁଡ଼ିକ ସେଗୁଡ଼ିକର ଦିବ୍ୟଜାତିକୁହିଁ ହରାଇ ବସିଛି । ଏବଂ ତା'ପରେ ନାନାବିଧ ବିକୃତ ସତେଅବା କେତେପ୍ରକାର ଶାଖାପ୍ରଶାଖା ମେଲି ଆମ ଭିତରେ ଘର କରି ରହିବାକୁ ଆସୁଛି, ଆମର ବିକାଶ ଯେଉଁ ମାର୍ଗରେ ହେବାର କଥା ଠିକ୍ ତାହାର ବିପରୀତ ମାର୍ଗରେ ହେଉଛି; ସତ୍ତାର କୌଣସି ସତ୍ୟାଦର୍ଶରୁ ଆମର ବିଚ୍ୟୁତି ଘଟୁଛି ଏବଂ ତା'ପରେ ନାନା ମିଥ୍ୟା ଆସି ଆମକୁ ଗ୍ରାସ କରି ପକାଉଛି । ଆମର ଏହି ମନ ସେହି ସତ୍ୟଟିକୁ ଲାଭ କରିପାରୁ ନାହିଁ, ମାତ୍ର ତାହାର କଳ୍ପନା କରିବାକୁ ବେଶ୍ ସମର୍ଥ ହେଉଛି; ହୁଏତ ଏକ ଦିବ୍ୟ ସ୍ଥିତିରୁ ଆମର ଆଧ୍ୟାତ୍ମିକ ସ୍ଖଳନ ଘଟିଛି, ଅଥବା ସେହି ଦିବ୍ୟ ସ୍ଥିତିର ସମ୍ଭାବନାଟି ଆମଠାରୁ ଯାହାସବୁ ଦାବି କରୁଛି, ଆମେ ତାହାକୁ କେବେହେଲେ ପୂରଣ କରିପାରିବା ନାହିଁ; ସେହି ସମ୍ଭାବନାଟି ଆମ ସତ୍ତାର ବାହାରେ କେବଳ ଏକ ଆଦର୍ଶରୂପେହିଁ ରହିଛି, ତେଣୁ ଆମେ କେବେ-ହେଲେ ତାହାକୁ ଏହି ଜୀବନର ଏକ ସତ୍ୟରେ ପରିଣତ କରିପାରିବୁ ନାହିଁ;— ସତ୍ୟାଦର୍ଶରୁ ବିଚ୍ୟୁତ ହେବା କହିଲେ ଆମର ମନ ଠିକ୍ ତାହାହିଁ ବୁଝୁଛି । କୌଣସି ଉଚ୍ଚତର ଚେତନା ଓ ଜ୍ଞାନ, ଆନନ୍ଦ, ପ୍ରେମ ଓ ସୌନ୍ଦର୍ଯ୍ୟ, ଶକ୍ତି ଓ ସମର୍ଥତା ତଥା ସୌଷମ୍ୟ ଏବଂ ଶିବରୁ ଆମ ଅନ୍ତରାତ୍ମା ତଳକୁ ଖସି ଆସିଛି, ଅଥବା ଉପରକୁ ଯିବାଲାଗି ସଂଗ୍ରାମ କରୁଥିବା ଆମ ପ୍ରକୃତିର ସେହି ସଂଗ୍ରାମ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଆପଣାର ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ଯାହାକୁ ଆମେ ଦିବ୍ୟ ଓ କାମ୍ୟ ବୋଲି ସ୍ପଷ୍ଟ ଜାଣିପାରୁଛୁ, ତାହାକୁ ହାସଲ କରିବା ଲାଗି ଆମେ ବଡ଼ ଅଶକ୍ତ ହୋଇ ରହିଛୁ । ସେହି ପତନ ଓ ସେହି ବିଫଳତାର କାରଣ ଖୋଜିବାକୁ ଯାଇ ତାହାର ମର୍ମପ୍ରବେଶ କଲେ ଆମେ ଦେଖିବାକୁ ପାଇବା ଯେ ଏହି ସକଳ ପ୍ରମାଦ କେବଳ ଗୋଟିଏ ମୂଳ ପ୍ରମାଦରୁହିଁ ଜନ୍ମଲାଭ କରୁଛି । ସେହି ପ୍ରମାଦଟି ହେଉଛି, ଆମର ସତ୍ତାରେ, ଆମର ଚେତନାରେ, ସାମର୍ଥ୍ୟ ଓ ଯାବତୀୟ ପଦାର୍ଥ ବିଷୟରେ ଆମର ଅନୁଭବରେ ମଧ୍ୟ ଆମେ ଦିବ୍ୟ ପରମସତ୍ତାର ଐକ୍ୟ ମଧ୍ୟରେ ମୂଳତଃ କେବଳ ଏକ ବିଭାଜନ ଓ ବିଭେଦ ଦେଖିବାର ଫାନ୍ଦରେ ପଡ଼ିଯାଇଛୁ ଏବଂ ସେହି ପ୍ରତିଶ୍ରୁତି ଅନୁସାରେ କାର୍ଯ୍ୟ କରିବାରେ ଲାଗିଛୁ । ଏଠାରେ ସେଗୁଡ଼ିକର ମର୍ମସତ୍ୟ ବିଷୟରେ ସେକଥା ବୁଝାଯାଉ ନାହିଁ, ମାତ୍ର ସ୍ୱପ୍ରକୃତିର ବ୍ୟାବହାରିକ ଉପରିଭାଗରେ ସେମାନେ ଯେପରି ଆଚରଣ କରିଥା'ନ୍ତି, କେବଳ ସେହି କଥାହିଁ ବୁଝାଯାଉଛି । ଆପଣାର ବ୍ୟାବହାରିକ ପରିଣାମର ଭୂମିକୁ ଆସି ସେହି ବିଭାଜନ ସତେଅବା ଅନିବାର୍ଯ୍ୟ ଭାବରେ ଦିବ୍ୟ ଚେତନା ଓ ଜ୍ଞାନକୁ, ଦିବ୍ୟ ଆନନ୍ଦ ଓ ସୌନ୍ଦର୍ଯ୍ୟକୁ, ଦିବ୍ୟ ସାମର୍ଥ୍ୟ ଓ ଶକ୍ତିମତ୍ତାକୁ ଏବଂ ଦିବ୍ୟ ସୌଷମ୍ୟ ଓ ଶୁଭୋଦ୍ଦିଷ୍ଟତାକୁ ଆମ ଲାଗି ବଡ଼ ସୀମାବଦ୍ଧ କରି ପକାଉଛି । ସେହି ବିଭାଜନ ଦ୍ୱାରା ପୂର୍ଣ୍ଣତା ଓ ସମଗ୍ରତା ମଧ୍ୟ ସୀମାବଦ୍ଧ ହୋଇ

'oaob.nitrkl.ac.in' images reprocessed

ପଡ଼ୁଛି, ଏହିସବୁ ସମ୍ବନ୍ଧରେ ରହିଥିବା ଆମର ଦୃଷ୍ଟି ମଧ୍ୟରେ ନାନା ଅନ୍ଧତା ଆସି ପଶିଯାଉଛି, ସେଗୁଡ଼ିକର ଅନୁଶୀଳନ କଲାବେଳକୁ ଆମେ ଆପଣାକୁ ସତେଅବା ପଙ୍ଗୁପରି ଅନୁଭବ କରୁଛୁ । ଆମର ଅନୁଭୂତି ଭିତରେ ଆମେ ସେଗୁଡ଼ିକୁ ବଡ଼ ଖଣ୍ଡଖଣ୍ଡ କରି ଦେଉଛୁ, ଆମ ଅନୁଭୂତିର ଶକ୍ତି ଓ ଗଭୀରତା ଅତ୍ୟଧିକ ପରିମାଣରେ ହ୍ରାସ ହୋଇ ଯାଉଛି, ତାହାର ମାନରେ ମଧ୍ୟ ପତନ ଘଟୁଛି । ଏସବୁଥିରୁ ଆମେ ସତେଅବା ଆଧ୍ୟାତ୍ମିକ କେତେ ଉଚ୍ଚଶିଖରରୁ ତଳକୁ ଖସି ପଡ଼ିଥିବାର ସ୍ପଷ୍ଟ ସଙ୍କେତ ପାଇବା ପରି ଅନୁଭବ କରୁଛୁ । ଅଥବା ଅନ୍ୟ ପକ୍ଷରେ ପରମ ନିଶ୍ଚେତନତାର ବୋଧଶକ୍ତିହୀନ ଓ ବୈଚିତ୍ର୍ୟହୀନ ନୀରସତା ମଧ୍ୟରୁ ସତେଅବା ଏକ ଚେତନା ଧୀରେ ଧୀରେ ଉଦ୍‌ଭୂତ ହେଉଥିବାର ଅନୁଭବ କରିପାରୁଛୁ । ଜୀବନଧାରଣର ଉଚ୍ଚତର ସ୍ତରରେ ଯେଉଁସବୁ ଗଭୀରତା ଓ ଐକାନ୍ତିକତା ଅତ୍ୟନ୍ତ ସାଧାରଣ ଓ ସ୍ୱାଭାବିକ ବୋଲି ମନେ ହେଉଥା'ନ୍ତା, ଆମ ଭିତରେ ସେଗୁଡ଼ିକ ସତେଅବା କୁଆଡ଼େ ହଜି ଯାଇଥିଲା ପରି ଲାଗୁଛି, ଅଥବା ଆମ ଜଡ଼ଗ୍ରସ୍ତ ଏହି ଜୀବନର ରୁକ୍ଷତା ଓ ଧୂସରତାଗୁଡ଼ିକ ସହିତ ଏକରସ ହୋଇ ରହିପାରିବାକୁ ଆପଣାର ଦୀପ୍ତିକୁ ମ୍ଳାନ କରିଦେଇ ଯେ କୌଣସିପ୍ରକାରେ ଖାପଖାଇ ରହୁଛି । ଏବଂ ତା'ପରେ ଏକ ପ୍ରୟୋଜନମୂଳକ ଗୌଣ ପରିଣାମରୂପେ ଏହିସବୁ ଉଚ୍ଚତର ସମ୍ପଦଗୁଡ଼ିକର ବିକୃତି ମଧ୍ୟ ଘଟୁଛି । ନାନା ସୀମାଦ୍ୱାରା ଅତିସଙ୍କୁଚିତ ଆମର ମନଶ୍ଚେତନାରେ ଅଚେତନତା ଓ ଭ୍ରାନ୍ତ ଚେତନା ଆସି ସତେଅବା ବାଡ଼ ଉଗାଳି ଠିଆ ହୋଇ ଯାଉଛନ୍ତି, ଆମର ସକଳ ପ୍ରକୃତିଟି ଅଜ୍ଞାନଦ୍ୱାରା ଆଚ୍ଛନ୍ନ ହୋଇ ରହୁଛି; ଏବଂ ଏକ ପ୍ରମାଦଗ୍ରସ୍ତ ଇଚ୍ଛାଶକ୍ତି ଓ ଜ୍ଞାନର ଅପପ୍ରୟୋଗ ବା ଅପଚାଳନା ଦ୍ୱାରା, ଆମ କ୍ଷୀଣ ଶକ୍ତି ଚୈତନ୍ୟ ସାମର୍ଥ୍ୟର ଅନ୍ଧ ପ୍ରତିକ୍ରିୟାଗୁଡ଼ିକ ଦ୍ୱାରା ଏବଂ ଆମ ପ୍ରକୃତିର ଅକୁଶଳ ହୀନତାଦ୍ୱାରା ଆମ ଭିତରେ ଦିବ୍ୟ ଉପାଦାନର ବିରୋଧୀ ବୃତ୍ତିଗୁଡ଼ିକରହିଁ ଆବିର୍ଭାବ ହେଉଛି । ଅସମର୍ଥତା, ଜଡ଼ତା, ମିଥ୍ୟା, ଭ୍ରାନ୍ତି, ଦୁଃଖ-ଯନ୍ତ୍ରଣା, ଅପକର୍ମ, ବିସମ୍ବାଦ ଓ ଅଶୁଭ ପ୍ରବୃତ୍ତି ନାନା ଅନର୍ଥ ଆସି ପହଞ୍ଚୁଛି । ଏବଂ କେଉଁଠି ଆମରି ଭିତରେ ଲୁକ୍‌କାୟିତ ରହି ବିଭାଜନର ଅନୁଭୂତି ପ୍ରତି ଏକ ଆସକ୍ତି ମଧ୍ୟ ସର୍ବଦା ଆମରି ଭିତରେ ପରିପାଳିତ ଓ ପୁଷ୍ଟ ହେବାରେ ଲାଗିଛି । ଆମର ସଚେତନ ଜୀବନାଚରଣରେ ଆମେ ସେହି ଅନର୍ଥଗୁଡ଼ିକୁ ସବୁବେଳେ ଅନୁଭବ କରିପାରୁ ନାହୁଁ; ଏପରିକି ଯେତେବେଳେ ସେମାନେ ଆମ ଜୀବନର କୌଣସି ଏକ ଅଂଶକୁ ପୀଡ଼ିତ କରିବାକୁ ଆରମ୍ଭ କରନ୍ତି ଏବଂ ସେହି ଉତ୍ପୀଡ଼ିତ ଅଂଶଟି ସେଗୁଡ଼ିକୁ ବର୍ଜନ କରିବାକୁ ଇଚ୍ଛା କରେ, ସେତେବେଳେ ମଧ୍ୟ ସେହି ଆସକ୍ତି ଓ ପ୍ରବୃତ୍ତି ନଷ୍ଟ ହୁଏ ନାହିଁ । ଆମେ ତଥାପି ଆପଣା ଦୃଷ୍ଟିରେ ବିଭାଜିତ ହୋଇ ଜୀବନ ବଞ୍ଚିବାର ଏହି ଶୈଳୀଟି ଭିତରେ ଲାଗି ରହୁ ଏବଂ ତାହା ଆମକୁ କେବେହେଲେ ଏହିସବୁ କ୍ଲିଷ୍ଟତାଗୁଡ଼ିକୁ ଆମ ପ୍ରକୃତିରୁ

'oaob.nitrkl.ac.in' images reprocessed

ଉଚ୍ଛେଦ କରିଦେବାକୁ, ସେଗୁଡ଼ିକର ବର୍ଜନ କିମ୍ବା ଅପସାରଣ କରିବାକୁ ହୁଏ ନାହିଁ । କାରଣ ଆମେ ଭଲ କରି ଜାଣିଛୁ ଯେ ଏହି ବିଶ୍ୱର ଯାବତୀୟ ରୂପାୟନର ମୂଳରେ ପରମ ଚିତ୍-ଶକ୍ତି ଓ ଆନନ୍ଦର ତତ୍ତ୍ୱଟି ଅନ୍ତର୍ନିହିତ ହୋଇ ରହିଛି । ତେଣୁ ଆମର ପ୍ରକୃତି ମଧ୍ୟରେ ସେଥିଲାଗି କୌଣସି ଇଚ୍ଛା ନଥିଲେ, ଅନ୍ତର୍ବାସୀ ପୁରୁଷର କୌଣସି ସମର୍ଥନ ନଥିଲେ, ଆମର ସତ୍ତାର କୌଣସି ଏକ ଅଂଶ ସେଥିରୁ ଏକ ସ୍ଥାୟୀ ସୁଖ ପାଉ ନଥିଲେ ଆମ ଭିତରେ କୌଣସି ପ୍ରବୃତ୍ତି କଦାପି ସ୍ଥାୟୀ ହୋଇ ରହିପାରିବ ନାହିଁ । ସେହି ପ୍ରବୃତ୍ତିଟିକୁ ବଞ୍ଚାଇ ରଖିବା ଦ୍ୱାରା ଆମକୁ ଏପରିକି କୌଣସି ଗୋପନ କିମ୍ବା ବିକୃତ ସୁଖ ଓ ତୃପ୍ତି ମିଳୁ ନଥିଲେ ତାହା ଆମ ଭିତରେ କଦାପି ବଞ୍ଚି ରହିପାରିବ ନାହିଁ ।

ସକଳ ରୂପାୟନକୁ ଆମେ ଯେତେବେଳେ ଏକ ଦିବ୍ୟ ରୂପାୟନ ବୋଲି କହୁଛୁ, ଏପରିକି ଏହି ସୃଷ୍ଟିରେ ଯାହାକୁ ଆମେ ଅଦିବ୍ୟ ବୋଲି କହୁଛୁ, ତାହାକୁ ମଧ୍ୟ ଦିବ୍ୟ ରୂପାୟନ ବୋଲି କହୁଛୁ, ସେତେବେଳେ ଆମେ ତଦ୍ୱାରା କେବଳ ଏତିକି ବୁଝୁଁଛୁ ଯେ ବାହ୍ୟ ରୂପଟି ଆମକୁ ଯେତେ ପ୍ରତିହତ ଓ ବିମୁଖ କରି ପକାଉଥିଲେ ମଧ୍ୟ ସ୍ୱରୂପତଃ ସକଳ ସୃଷ୍ଟିରେ ଦିବ୍ୟତାହିଁ ପରିପୂର୍ଣ୍ଣ ହୋଇ ରହିଛି । ଅଥବା, ଆମର ମାନସବୋଧ ଅଧିକ ସହଜରେ ଗ୍ରହଣ କରିପାରିବା ଭଳି ଏକ ସୂତ୍ରରେ ପକାଇ କହିବାକୁ ଗଲେ, ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ପଦାର୍ଥରେ ଅସ୍ତିତ୍ୱର ଏକ ମୂଳସତ୍ତା ଅବଶ୍ୟ ବିଦ୍ୟମାନ ରହିଛି । ତାହାକୁ ଆମେ ନାନାପ୍ରକାର ସଂଜ୍ଞା ଦେଇ ଆତ୍ମା, ଭଗବତ୍‌ସତ୍ତା ଅଥବା ବ୍ରହ୍ମ ବୋଲି କହିପାରିବା । ସେହି ମୂଳସତ୍ତାଟି ସଦା ଶୁଦ୍ଧ, ସଦା ପୂର୍ଣ୍ଣ, କଲ୍ୟାଣମୟ ଓ ଅନନ୍ତ । ଆପେକ୍ଷିକ ଜଗତର ଦ୍ରବ୍ୟଗତ ସୀମାବଦ୍ଧତା ଦ୍ୱାରା ଏହି ଅନନ୍ତତା କୌଣସି ପ୍ରକାରେ କ୍ଷୁଣ୍ଣ ହୁଏ ନାହିଁ । ଆମର କୃତ ପାପ ଓ ମନ୍ଦଦ୍ୱାରା ତାହାର ବିଶୁଦ୍ଧତାରେ କଦାପି କୌଣସି କଳଙ୍କ ଲାଗେ ନାହିଁ । ଆମର ଦୁଃଖ ବା ଯନ୍ତ୍ରଣା ତାହାର ଆନନ୍ଦ ଓ କଲ୍ୟାଣମୟତାକୁ ଆଦୌ ସ୍ପର୍ଶ କରେ ନାହିଁ । ଆମର ଚେତନା, ଜ୍ଞାନ, ଇଚ୍ଛାଶକ୍ତି ଓ ଏକତାବୋଧ ମଧ୍ୟରେ ଯେଉଁସବୁ ପ୍ରମାଦ ବା ଦୋଷ ରହିଛି, ତାହାର ପରିପୂର୍ଣ୍ଣତାକୁ ତାହା କୌଣସି ପ୍ରକାରେ ବିପନ୍ନ କରିଦିଏ ନାହିଁ । ଉପନିଷଦର କେତେକ କଳ୍ପନାରେ ଦିବ୍ୟ ପରମ ପୁରୁଷଙ୍କୁ ସେହି ଏକ ଅଗ୍ନି ରୂପେ ବର୍ଣ୍ଣନା କରାଯାଇଛି, ଯାହାକି ନାନା ରୂପ ଓ ନାନା ଆକାର ମଧ୍ୟରେ ପ୍ରବେଶ କରିଛି ଓ ପ୍ରତ୍ୟେକଟିରେ ଅନୁରୂପ ରୂପ ଧାରଣ କରିଛି । ତାଙ୍କୁ ସେହି ଏକ ସୂର୍ଯ୍ୟରୂପେ ବର୍ଣ୍ଣନା କରାଯାଇଛି ଯିଏକି କୌଣସିପ୍ରକାର ପକ୍ଷପାତ ନକରି ଆପଣାର ଆଲୋକରେ ସବୁ ପଦାର୍ଥକୁ ଆଲୋକିତ କରିଦେଉଛି ଏବଂ ଆମ ଦେଖିବା ଭିତରେ ରହି ଯାଉଥିବା ଦୋଷଗୁଡ଼ିକ ଯାହାକୁ ସ୍ପର୍ଶହିଁ କରିପାରୁ ନାହିଁ । ମାତ୍ର ତଥାପି କେବଳ ଏତିକି କହିଦେଲେ ତାହା ଆଦୌ

'oaob.nitrkl.ac.in' images reprocessed

ଯଥେଷ୍ଟ ହେବ ନାହିଁ । କାରଣ ଏହାଦ୍ୱାରା ସମସ୍ୟାଟି ତଥାପି ଅସମାହିତ ହୋଇ ରହିଯିବ । ଯାହା ସ୍ୱୟଂ ସର୍ବଦା ଶୁଦ୍ଧ, ପରିପୂର୍ଣ୍ଣ, ଆନନ୍ଦମୟ ଓ ଅନନ୍ତ ତାହା ଯେ କାହିଁକି ଆପଣାର ପ୍ରକାଶକ୍ରମରେ କୌଣସି ଅପୂର୍ଣ୍ଣତା ଓ ସୀମାବଦ୍ଧତା, ଅପବିତ୍ରତା ଓ ଯନ୍ତ୍ରଣା, ଏବଂ ମିଥ୍ୟା ଓ ମନ୍ଦ ଲାଗି କେବଳ ଯେ ଏକ ସହିଷ୍ଣୁ ଦୃଷ୍ଟି ଅବଲମ୍ବନ କରିବ ତା' ନୁହେଁ ମାତ୍ର ସେଗୁଡ଼ିକୁ ପ୍ରତିପାଳିତ ଓ ପ୍ରୋତ୍ସାହିତ କରି ରଖିଥିବା ପରି ବୋଧ ହେଉଥିବ, ଏଇଟି ହେଉଛି ଅସଲ ସମସ୍ୟା । ସମସ୍ୟାଟି ଭିତରେ ଯେ ସ୍ପଷ୍ଟତଃ ଏକ ଦ୍ୱନ୍ଦ୍ୱ ରହିଯାଇଛି, ଏଥିରୁ ଆମେ ତାହାର ପରିଚୟ ଅବଶ୍ୟ ପାଉ, ମାତ୍ର ସେଥିରୁ ଆମକୁ ସେହି ଦ୍ୱନ୍ଦ୍ୱଟିର କୌଣସି ସମାଧାନ ମିଳେ ନାହିଁ ।

ଏହି ବିସମ୍ବାଦୀ ସତ୍ୟ ଦୁଇଟିକୁ ଯଦି ଆମେ କେବଳ ପରସ୍ପରର ସମକ୍ଷରେ ଦଣ୍ଡାୟମାନ ହୋଇ ରହିବାକୁ ଛାଡ଼ିଦେଉ, ତେବେ ସେଥିରୁ ଆମକୁ ଏହିପରି ଏକ ସିଦ୍ଧାନ୍ତରେ ଆସି ଉପନୀତ ହେବାକୁ ପଡ଼େ ଯେ ଏହି ଦୁଇଟି ମଧ୍ୟରେ ଆଦୌ କୌଣସି ସମାଧାନ ସମ୍ଭବ ନୁହେଁ । ତେଣୁ ଏଭଳି ଏକ ଅବସ୍ଥାରେ ଆମେ ଏକ ପକ୍ଷରେ ଯେତେଦୂର ପାରିବା, ଶୁଦ୍ଧ ଏବଂ ମର୍ମସ୍ଥ ପରମସ୍ୱରୂପଙ୍କର ଆନନ୍ଦଟିକୁ ସେତେ ଅଧିକ ଗମ୍ଭୀର ଭାବରେ ସ୍ୱୀକାର କରିନେଇ ତାହା ସହିତ ଖିଅ ଲଗାଇ ରହିବା; ଏବଂ ଯେତେଦିନପର୍ଯ୍ୟନ୍ତ ତାହା ଉପରେ ତାହାର ବିପରୀତ ପ୍ରାନ୍ତରେ ରହିଥିବା ଦିବ୍ୟ ଅନ୍ୟସ୍ୱରଟିକୁ ଆରୋପ କରି ନ ପାରିବା, ସେତେଦିନପର୍ଯ୍ୟନ୍ତ ବିସମ୍ବାଦୀ ବହିର୍ଜଗତଟିକୁ ଯଥାଶକ୍ତି ସହିନେବାକୁ ଚେଷ୍ଟା କରିବା । କିମ୍ବା ଅନ୍ୟପକ୍ଷରେ ଆମେ ସମସ୍ୟାଟିର କୌଣସି ସମାଧାନ ନକରି ବରଂ ତାହାଠାରୁ ପଳାଇ ଯିବାକୁ ଚେଷ୍ଟା କରିବା । କାରଣ ଆମେ କହିପାରିବା ଯେ ଯଥାର୍ଥ ସତ୍ୟ କହିଲେ କେବଳ ସେହି ଅନ୍ତର୍ଗତ ସତ୍ତ୍ୱସ୍ୱରୂପଙ୍କୁହିଁ ବୁଝାଇବ, ଏବଂ ତେଣୁ ବାହାରେ ଦୃଶ୍ୟମାନ ଏହିସବୁ ବିସମ୍ବାଦମୟତା କେବଳ ଏକ ମିଥ୍ୟା ବା ମାୟା ବ୍ୟତୀତ ଆଉ କିଛି ନୁହେଁ । ପରମ ଅଜ୍ଞାନର ଏକ ରହସ୍ୟମୟ ଶକ୍ତିଦ୍ୱାରାହିଁ ଏହି ମାୟାର ସର୍ଜନା ହୋଇଛି । ଏବଂ ରୂପ ଓ ପ୍ରକାଶମୟ ଜଗତର ମିଥ୍ୟା ଭିତରୁ ଲୁକ୍‌କାୟିତ ପରମ ତତ୍ତ୍ୱଟିର ସତ୍ୟ ମଧ୍ୟକୁ ପଳାଇ ଯାଇପାରିବା ଲାଗି କୌଣସିମତେ ଏକ ବାଟ ପାଇବା ହେଉଛି ଆମର ଅସଲ ସମସ୍ୟା । ଅଥବା, ବୌଦ୍ଧବର୍ଗର ଅନୁସରଣ କରି ଆମେ ହୁଏତ କହିବା ଯେ ସମସ୍ୟାଟିର ସମାଧାନ କରିବା ଲାଗି ମଧ୍ୟ ଆଦୌ କୌଣସି ଆବଶ୍ୟକତା ନାହିଁ; କାରଣ ଏହି ବିଶ୍ୱର ଯାବତୀୟ ବିଷୟ ଯେ ଦୋଷଯୁକ୍ତ, ଅପୂର୍ଣ୍ଣ ଓ ଅସ୍ଥାୟୀ, ଆମ ଆଗରେ କେବଳ ଏହି ଗୋଟିଏ ମାତ୍ର ବ୍ୟାବହାରିକ ଓ ବାସ୍ତବ ସତ୍ୟ ରହିଛି । ଆତ୍ମା, ଭଗବତ୍‌ସତ୍ତା ବା ବ୍ରହ୍ମ ବୋଲି ପ୍ରକୃତରେ କୌଣସି ସତ୍ୟ ନାହିଁ, କାରଣ ସେଗୁଡ଼ିକ ମଧ୍ୟ ଆମ ଚେତନାର ଏକ ଭ୍ରମଜ୍ଞାନ ମାତ୍ର । ତେଣୁ

'oaob.nitrkl.ac.in' images reprocessed

ମୁକ୍ତିଲାଭ କରିବାକୁ ହେଲେ ଆମକୁ ସ୍ଥାୟୀ ବୋଲି ପ୍ରତୀତ ହେଉଥିବା ଆମ ଭାବନା ଓ କ୍ରିୟାଶକ୍ତିରୁହିଁ ନିଷ୍କୃତି ପାଇବାକୁ ପଡ଼ିବ । କାରଣ ଏହି ଭାବନା ଓ କ୍ରିୟାଶକ୍ତିହିଁ ଧାବମାନ କ୍ଷଣଭଙ୍ଗୁରତାର ପ୍ରବାହ ମଧ୍ୟରେ ଏକ ନିରନ୍ତରତାର ଭ୍ରମ ଜନ୍ମାଇ ରଖିଛନ୍ତି । ଏଡ଼ି ପଳାଇ ଯିବାର ଏହି ପଥଟି ଧରି ଆମେ ନିର୍ବାଣ ଭିତରେ ଆତ୍ମନିର୍ବାପନର ସ୍ଥିତିଟିକୁ ପ୍ରାପ୍ତ ହୋଇଥାଉ । ଏବଂ ଆପଣାକୁ ନିର୍ବାପିତ କରିଦେବା ସଙ୍ଗେ ସଙ୍ଗେ ବିଶ୍ୱବିପର୍ଯ୍ୟୟର ସମସ୍ୟାଟି ମଧ୍ୟ ଆପଣାକୁ ନିର୍ବାପିତ କରିଦିଏ । ଆମେ ଏହାକୁ ମଧ୍ୟ ନିଷ୍କୃତିର ଏକ ପଥ ବୋଲି ଅବଶ୍ୟ କହିପାରିବା, ମାତ୍ର ଏହା ଏକ ଯଥାର୍ଥ ପଥ ବା ଏକମାତ୍ର ପଥ ବୋଲି ଆଦୌ ମନେହେଉ ନାହିଁ । ଏବଂ ଅନ୍ୟ ସମାଧାନଗୁଡ଼ିକ ମଧ୍ୟ ଆଦୌ ସନ୍ତୋଷଜନକ ବୋଲି ଲାଗୁ ନାହିଁ । ଏକଥା ଅବଶ୍ୟ ଠିକ୍ ଯେ ଏହି ବିଶ୍ୱର ବିସମ୍ବାଦୀ ରୂପାୟନଗୁଡ଼ିକୁ କେବଳ ଏକ ଉପରିଭାଗୀୟ ବାହ୍ୟପ୍ରତୀୟମାନ ବୋଲି ଜାଣି ସେଗୁଡ଼ିକୁ ଆମ ଅନ୍ତଶ୍ଚେତନା ମଧ୍ୟରୁ ବହିଷ୍କୃତ କରି ରଖି ଓ କେବଳ ଶୁଦ୍ଧ ଓ ପୂର୍ଣ୍ଣ ସତ୍‌ସ୍ୱରୂପକୁହିଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରି ଆମେ ବ୍ୟକ୍ତିଗତ ଭାବରେ ଏହି ନିଷ୍ପନ୍ଦ ଓ ନିଃଶବ୍ଦ ପରମ ଦିବ୍ୟତାର ଏକ ଗଭୀର ଓ ଆନନ୍ଦମୟ ଅନୁଭୂତି ମଧ୍ୟରେ ବେଶ୍ ନିମଗ୍ନ ହୋଇ ରହିପାରିବା, ସେହି ପବିତ୍ର ଧାମରେ ଆଶ୍ରୟ ଗ୍ରହଣ କରି ଆଲୋକ ଓ ଆନନ୍ଦ ମଧ୍ୟରେ ବେଶ୍ ଅବସ୍ଥାନ କରିପାରିବା । ପରମ ସତ୍ୟ ଓ ଶାଶ୍ୱତ ସତ୍ତା ଉପରେ ଅନ୍ତର୍ଗତ ଭାବରେ ଐକାନ୍ତିକ ଅଭିନିବେଶ କରି ରହିବା ଆଦୌ ଅସମ୍ଭବ ନୁହେଁ । ଏପରିକି ଆମେ ଇଚ୍ଛାକଲେ ଆପଣାକୁ ମଧ୍ୟ ତାହା ଭିତରେ ଏପରି ଭାବରେ ବିସର୍ଜନ କରିଦେଇ ପାରିବା ଯାହାଦ୍ୱାରା କି ଜଗତର ବୈଷମ୍ୟ ଓ ବିସମ୍ବାଦଗୁଡ଼ିକ ଆମ ଲାଗି ଏକାବେଳକେ ବିଲୁପ୍ତ ଓ ବହିଷ୍କୃତ ହୋଇ ରହିଯାଇ ପାରିବ । ମାତ୍ର ଆମ ଜୀବନର ଗଭୀରରେ କୌଣସି ପ୍ରଦେଶରେ ଏପରି ଏକ ସ୍ଥାନ ରହିଛି, ଯେଉଁଠାରେ କି ଏକ ସମଗ୍ର ଚେତନାର ଆବଶ୍ୟକତା ମଧ୍ୟ ଅନୁଭୂତ ହେଉଛି, ଏହି ବିଶ୍ୱପ୍ରକୃତି ମଧ୍ୟରେ ସମସ୍ତ ଓ ପରମ ଦିବ୍ୟସତ୍ତାଟି ଲାଗି ବିଶ୍ୱବ୍ୟାପୀ ଏକ ଆକୁଳତା ନିତ୍ୟ ଅନୁଭୂତ ହେଉଛି, ସତ୍ତାକୁ ସମସ୍ତ ଭାବରେ ଜାଣି ତାହାର ପରିପୂର୍ଣ୍ଣ ଆନନ୍ଦ ଓ ସାମର୍ଥ୍ୟକୁ ଅନୁଭବ କରିବା ଲାଗି ଏକ ପ୍ରବଳ ଆକାଂକ୍ଷା ଆପଣାକୁ ଅନୁଭୂତ କରାଇବାରେ ଲାଗିଛି । ସମଗ୍ର ଓ ସମ୍ପୂର୍ଣ୍ଣ ସତ୍ତା ଓ ସମଗ୍ର ଜ୍ଞାନର ଅନୁଭୂତି ଲାଭ କରିବା ଲାଗି ଆମ ଭିତରେ ଏହି ଆବଶ୍ୟକତାବୋଧ ଏହି ସମଗ୍ର ଇଚ୍ଛାଟି ଉପରେ ଆଲୋଚିତ ହୋଇଥିବା ସମାଧାନଗୁଡ଼ିକ ଦ୍ୱାରା ଆଦୌ ସମ୍ପୂର୍ଣ୍ଣରୂପେ ପୂରଣ ହୋଇପାରେ ନାହିଁ । ଯେପର୍ଯ୍ୟନ୍ତ ଏକ ଦିବ୍ୟତାର ଭୂମି ଉପରେ ଆମ ଆଗରେ ଜଗତତତ୍ତ୍ୱର ବ୍ୟାଖ୍ୟା ହୋଇ ନପାରିଛି, ସେପର୍ଯ୍ୟନ୍ତ ପରମ ଦିବ୍ୟସତ୍ତା ସମ୍ବନ୍ଧରେ ଆମର ସକଳ ଜ୍ଞାନ କେବଳ ଅପୂର୍ଣ୍ଣ ହୋଇହିଁ ରହିଥିବ । କାରଣ ଏହି ଜଗତ ମଧ୍ୟ ମର୍ମତଃ କେବଳ ତତ୍‌ସ୍ୱରୂପ ।

'oaob.nitrkl.ac.in' images reprocessed

ଏବଂ ଯେପର୍ଯ୍ୟନ୍ତ ଆମେ ତାହାକୁ ଆମର ଚେତନା ଭିତରେ କେବଳ ସେହି ବ୍ରହ୍ମବସ୍ତୁରୂପେ ଅନୁଭବ କରି ନପାରିବା ଓ ଆମ ଚେତନାର ଶକ୍ତିଗୁଡ଼ିକ ଦ୍ୱାରା ତାହାକୁ ସେହିରୂପେ ଧରି ରଖି ନପାରିବା, ସେପର୍ଯ୍ୟନ୍ତ ଆମେ ପରମ ଦିବ୍ୟସତ୍ତାର ସମଗ୍ରତାଟିକୁ ମଧ୍ୟ ଧରି ରଖିପାରିବା ନାହିଁ ।

ସମସ୍ୟାଟିକୁ ଏଡ଼ି ପଳାଇଯିବା ପାଇଁ ଆମ ଆଗରେ ଆଉ ଗୋଟିଏ ବାଟ ବି ରହିଛି । କାରଣ, ସର୍ବଦା କେବଳ ସେହି ମୂଳ ସତ୍‌ସ୍ୱରୂପକୁହିଁ ସ୍ୱୀକାର କରି ପରିପୂର୍ଣ୍ଣତା ସମ୍ବନ୍ଧରେ ସାଧାରଣତଃ ମନୁଷ୍ୟର ଯେଉଁ ଧାରଣାଟି ରହିଛି, ସେଥିରେ ଟିକିଏ ସଂଶୋଧନ କରିନେଇ କିମ୍ବା ଏକ ଅତିସୀମାବଦ୍ଧ ମନଃକଳ୍ପିତ ଧାରଣା ବୋଲି କହି ତାହାକୁ ବର୍ଜନ କରି ଆମେ ବିଶ୍ୱର ଯାବତୀୟ ରୂପାୟନ ମଧ୍ୟରେ ଦିବ୍ୟତ୍ୱ ସର୍ବଥା ବିଦ୍ୟମାନ ରହିଛି ବୋଲି କହିପାରିବା ଓ ତାହାର ଔଚିତ୍ୟ ପ୍ରମାଣ କରିବାର ଚେଷ୍ଟା ମଧ୍ୟ କରିପାରିବା । ଆମେ ହୁଏତ କହିବା ଯେ ସକଳ ବସ୍ତୁର ଅନ୍ତର ଭିତରେ ଅବସ୍ଥାନ କରୁଥିବା ତତ୍‌ସତ୍ତା କେବଳ ଯେ ପୂର୍ଣ୍ଣ ଓ ଦିବ୍ୟ ତାହା ନୁହେଁ, ମାତ୍ର ପ୍ରତ୍ୟେକ ବସ୍ତୁ ମଧ୍ୟ ଆପଣା ସତ୍ତାରେ ଆପେକ୍ଷିକଭାବରେ ପୂର୍ଣ୍ଣ ଓ ଦିବ୍ୟ; କାରଣ ସତ୍ତାର ସମ୍ଭାବନାଗୁଡ଼ିକ ଭିତରୁ ପ୍ରତ୍ୟେକ ବସ୍ତୁକୁ ଯାହା ପ୍ରକାଶ କରିବାକୁ ହେବ, ସେ ତାହାହିଁ ପ୍ରକାଶ କରୁଛି ଏବଂ ସେହି ହେତୁରୁ ସମ୍ପୂର୍ଣ୍ଣ ସୃଷ୍ଟିପ୍ରକାଶର ଲୀଳାରେ ତାହା ଆପଣାର ଯଥୋଚିତ ସ୍ଥାନହିଁ ଅଧିକାର କରି ରହିଛି । ପ୍ରତ୍ୟେକ ବସ୍ତୁହିଁ ଆପଣା ସତ୍ତାରେ ଏକ ଦିବ୍ୟ ସତ୍ତା, କାରଣ ତାହା ସେହି ଦିବ୍ୟ ସତ୍ତା, ଦିବ୍ୟ ଜ୍ଞାନ ଓ ଦିବ୍ୟ ଇଚ୍ଛାର ଏକ ସତ୍ୟକୁହିଁ ପ୍ରକାଶ କରୁଛି ଓ ତାହାର ଏକ କଳ୍ପନାକୁହିଁ ବହନ କରିଛି । ଏବଂ ସେହି ବସ୍ତୁରୂପୀ ଏକ ବିଶିଷ୍ଟ ପ୍ରକାଶର ବିଧାନ ଅନୁସରେହିଁ ତାହା ଆପଣାକୁ ଅବ୍ୟର୍ଥଭାବେ ପରିପୂର୍ଣ୍ଣ କରୁଛି । ପ୍ରତ୍ୟେକ ବସ୍ତୁସତ୍ତା ମଧ୍ୟରେ ତାହାର ପ୍ରକୃତି ଲାଗି ଯାହା ଉପଯୁକ୍ତ, ଠିକ୍ ସେହି ପରିମାଣରେ ଓ ସେହି ଭାବରେହିଁ ଜ୍ଞାନ, ଶକ୍ତି, ଓ ଆନନ୍ଦ ବିଦ୍ୟମାନ ରହିଛି । ପ୍ରତ୍ୟେକ ବସ୍ତୁ ମଧ୍ୟରେ ଅନ୍ତର୍ନିହିତ ରହିଥିବା ଏକ ପ୍ରଚ୍ଛନ୍ନ ଇଚ୍ଛାଶକ୍ତି, ଏକ ସ୍ୱାଭାବିକ ବିଧାନ, ଏକ ସ୍ୱଜ୍ଞାତ୍ମ ଅନ୍ତର୍ଶକ୍ତି ଏବଂ ଏକ କଳନାତୀତ ନିଗୂଢ଼ ଚାତୁର୍ଯ୍ୟଦ୍ୱାରା ତାହା ସକାଶେ ଅନୁକୂଳତର ଯେଉଁ ପ୍ରକୃତି ନିର୍ଦ୍ଦିଷ୍ଟ ହୋଇ ରହିଛି, ପ୍ରତ୍ୟେକ ବସ୍ତୁ ତାହାର ମଧ୍ୟରେହିଁ ସନ୍ନିସ୍ଥ ହୋଇ ରହିଛି । ପ୍ରତ୍ୟେକ ବସ୍ତୁର ସତ୍ତାଗତ ବିଧାନଟି ସହିତ ତାହାର ପ୍ରାତିସ୍ୱିକ ଅସ୍ତିତ୍ୱର ଯେଉଁ ସମ୍ବନ୍ଧ ରହିଛି, ସେହି ଦୃଷ୍ଟିରୁ ପ୍ରତ୍ୟେକ ବସ୍ତୁକୁ ପୂର୍ଣ୍ଣ ବୋଲି କୁହାଯାଇ ପାରିବ । କାରଣ ବସ୍ତୁର ସ୍ୱରୂପଟି ସେହି ବିଧାନଟି ସହିତ ସୌଷମ୍ୟ ରକ୍ଷା କରି ରହିଛି, ତାହାରି ମଧ୍ୟରୁ ଉତ୍ପନ୍ନ ହୋଇଛି, ଏବଂ ତାହା ମଧ୍ୟରେ କାର୍ଯ୍ୟ କରୁଥିବା ଦିବ୍ୟ ଇଚ୍ଛା ଓ ଦିବ୍ୟ ଜ୍ଞାନର ଅମୋଘ ବିଧାନଟି ଅନୁସାରେହିଁ ତାହାର ଉଦ୍ଦେଶ୍ୟଟି ସହିତ ଆପଣାକୁ ଅନୁକୂଳିତ କରି ରଖିଛି । ସମସ୍ତ ସତ୍ତା ସହିତ ରହିଥିବା ତାହାର ସମ୍ବନ୍ଧ ଦୃଷ୍ଟିରୁ ଏବଂ

'oaob.nitrkl.ac.in' images reprocessed

ସମଗ୍ର ମଧ୍ୟରେ ତାହାର ଯଥୋଚିତ ସ୍ଥାନଟି ଦୃଷ୍ଟିରୁ ମଧ୍ୟ ତାହାକୁ ଆମେ ପୂର୍ଣ୍ଣ ବୋଲି କହିବା । ସମଗ୍ରତା ପ୍ରକାଶେ ତାହାର ଏକ ପ୍ରୟୋଜନ ମଧ୍ୟ ରହିଛି, ଏବଂ ସେହି ସମଗ୍ର ମଧ୍ୟରେ ରହି ଓ ସେଥିରେ ଆପଣାର ଅଂଶ ଗ୍ରହଣ କରି ତାହା ବିଶ୍ୱରେ ପୂର୍ଣ୍ଣ ହୋଇ ରହିଥିବା ଓ ପୂର୍ଣ୍ଣରୁ ପୂର୍ଣ୍ଣତର ହେବାର କ୍ରମରେ ଅଗ୍ରସର ହୋଇ ଚାଲିଥିବା ସୌଷମ୍ୟର ସହାୟକ ହେଉଛି । ତାହା ମଧ୍ୟରେ ଯାହାକିଛି ରହିଛି, ତାହା ସମଗ୍ର ଉଦ୍ଦେଶ୍ୟଟି ଅନୁସାରେହିଁ ଆପଣାକୁ ଅନୁକୂଳିତ କରିବାରେ ଲାଗିଛି, ସମଗ୍ରତାର ବୋଧଦ୍ୱାରାହିଁ ଆପଣାକୁ ପରିପୂର୍ଣ୍ଣ କରି ଉଠୁଛି । ଯଦି ତଥାପି ଏହି ବସ୍ତୁଗୁଡ଼ିକ ଆମର ଆଖିକୁ କେବଳ ଅଦିବ୍ୟ ବୋଲି ଦେଖାଯାଉଛି, ଯଦି ଭରବର ହୋଇ ଆମେ ବିଶ୍ୱବସ୍ତୁତତ୍ତ୍ୱର ଏଭଳି ବା ସେଇଟାକୁ ଏକ ଦିବ୍ୟ ସତ୍ତାର ସ୍ୱଭାବ ସହିତ ତାହାର ଆଦୌ କୌଣସି ସଙ୍ଗତି ନାହିଁ ବୋଲି ତିରସ୍କାର କରିବା ଲାଗି ବାହାରି ପଡ଼ୁଛୁ, ତାହାର ଏକମାତ୍ର କାରଣ ହେଉଛି ଯେ ଏହି ବିଶ୍ୱରେ କାର୍ଯ୍ୟ କରୁଥିବା ପରମ ଦିବ୍ୟସତ୍ତାର ସମଗ୍ର ସଙ୍କଳ୍ପ ଓ ସମଗ୍ର ଉଦ୍ଦେଶ୍ୟଟି ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ ରହିଛୁ । କାରଣ ଆମେ କେବଳ ଅଂଶଗୁଡ଼ିକୁ ଦେଖୁଛୁ, କେବଳ ଖଣ୍ଡଗୁଡ଼ିକୁହିଁ ଜାଣୁଛୁ; ଏହି ଅଂଶ ଓ ଖଣ୍ଡଗୁଡ଼ିକୁ ସମଗ୍ର ବୋଲି ଭ୍ରମ କରି ଆମେ ସେଗୁଡ଼ିକର ବିଚାର କରି ବସୁଛୁ, ପ୍ରଚ୍ଛନ୍ନ ନିହିତାର୍ଥଟି ବିଷୟରେ କୌଣସି ଜ୍ଞାନ ନଥାଇ ମଧ୍ୟ ଆମେ ବାହ୍ୟ ପ୍ରତୀୟମାନଟି ସମ୍ବନ୍ଧରେ ବିଚାର କରିବାକୁ ଯାଉଛୁ । ମାତ୍ର ଏଭଳି କରିବାଦ୍ୱାରା ଆମେ ବସ୍ତୁଜଗତ ସମ୍ବନ୍ଧରେ ଆମର ମୂଲ୍ୟାୟନଟିକୁହିଁ ପ୍ରମାଦଗ୍ରସ୍ତ କରି ଦେଉଛୁ; ପ୍ରଥମରୁହିଁ ତାହା ଉପରେ ଏକ ମୌଳିକ ଭ୍ରାନ୍ତିର ମୋହର ଲଗାଇ ଦେଉଛୁ । ଗୋଟିଏ ବସ୍ତୁକୁ ଆଉ ସକଳ ବସ୍ତୁଠାରୁ ସ୍ୱତନ୍ତ୍ର କରି ଦେଖୁଥିବା ପର୍ଯ୍ୟନ୍ତ ଆମେ କୌଣସି ବସ୍ତୁକୁ କଦାପି ପୂର୍ଣ୍ଣ ବୋଲି କହିପାରିବା ନାହିଁ । କାରଣ ସେହିଭଳି ସ୍ୱତନ୍ତ୍ର କରି ଦେଖିବାହିଁ ହେଉଛି ଏକ ଭ୍ରମ । ପୂର୍ଣ୍ଣତା କହିଲେ କେବଳ ସମଗ୍ର ଓ ଦିବ୍ୟ ସୌଷମ୍ୟର ସମଗ୍ରତାକୁହିଁ ବୁଝାଇବା ଉଚିତ ।

ଏସବୁ କେବଳ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ହିଁ ଏକ ସତ୍ୟ ବୋଲି ପରିଗଣିତ ହୋଇପାରିବ । ଯେତିକିଦୂର ଯାଏ ଏସବୁର ପହଞ୍ଚ ରହିଛି, ଏସବୁ କେବଳ ସେତିକି ଦୂର ଯାଏ ସତ ହେବ । ମାତ୍ର ଏଭଳି ଏକ ସମାଧାନକୁ ମଧ୍ୟ ଆମେ କେବଳ ଏକ ଅସମ୍ପୂର୍ଣ୍ଣ ସମାଧାନ ବୋଲି କହିବା ଏବଂ ଏହାଦ୍ୱାରା ଆମର କଦାପି ସମ୍ପୂର୍ଣ୍ଣ ସନ୍ତୋଷ-ବିଧାନ ହୋଇପାରିବ ନାହିଁ । ଏହି ଯେତେବେଳେ ସକଳ ବିଚାରରେ ଆମେ ମାନବୀୟ ଚେତନା ଓ ମାନବୀୟ ଦୃଷ୍ଟିକୁହିଁ ମୂଳଭିତ୍ତି ବୋଲି ଧରିବା । ମାତ୍ର ଉଲ୍ଲିଖିତ ସମାଧାନଟିରେ ସେହି ଚେତନା ଓ ସେହି ଦୃଷ୍ଟିକୁ ଯଥେଷ୍ଟଭାବରେ ବିଚାରକୁ ନିଆଯାଇ ନାହିଁ । ଏହି ସମାଧାନଟି ଯେଉଁ ସୌଷମ୍ୟର ପ୍ରସଙ୍ଗଟି ବିଷୟରେ ଉଲ୍ଲେଖ

'oaob.nitrkl.ac.in' images reprocessed

କରିଛି, ତାହା ଆମକୁ ସେହି ସୌଷମ୍ୟ ସମ୍ବନ୍ଧରେ ଆଦୌ କୌଣସି ଯଥାର୍ଥ ଦୃଷ୍ଟି ଯୋଗାଇ ଦେଇ ନାହିଁ; ତେଣୁ ଏହା ଆମର ଆବଶ୍ୟକତାଟିକୁ ଆଦୌ ପୂରଣ କରିପାରୁ ନାହିଁ କିମ୍ବା ଆମ ଭିତରେ କୌଣସି ଦୃଢ଼ ପ୍ରତ୍ୟୟ ଜନ୍ମାଇ ପାରୁ ନାହିଁ । ଏବଂ ମଣିଷ ହିସାବରେ ଏହି ସଂସାରରେ ମନ୍ଦ ଓ ଅପୂର୍ଣ୍ଣତାର ବାସ୍ତବତା ବିଷୟରେ ଆମର ଯେଉଁ ତୀବ୍ର ବୋଧ ରହିଛି, ଏକ ଶୀତଳ ଏବଂ ବୌଦ୍ଧିକ କଳ୍ପନାଦ୍ୱାରା ଏହି ସମାଧାନଟି ତାକୁ କେବଳ ଖଣ୍ଡନ କରି ଦେଉଛି । ଆମ ପ୍ରକୃତିର ଚୈତ୍ୟ ଉପାଦାନଟିକୁ ମଧ୍ୟ ଏହା ଆଦୌ କୌଣସି ପଥ ଦେଖାଇପାରୁ ନାହିଁ । ଆଲୋକ ଏବଂ ସତ୍ୟର ଅଭିମୁଖରେ ଅଗ୍ରସର ହେବାଲାଗି ଆତ୍ମାର ଯେଉଁ ମହତ୍ତମ ଆକାଂକ୍ଷା ରହିଛି, ଅପୂର୍ଣ୍ଣତା ଓ ଅଶିବ ଉପରେ ବିଜୟ ହାସଲ କରି ଏକ ଆଧ୍ୟାତ୍ମିକ ପରାକ୍ରମ ଦେଖାଇପାରିବା ଲାଗି ଯେଉଁ ଅଭୀପ୍ସା ରହିଛି, ଉକ୍ତ ସମାଧାନଟି ସେଥିଲାଗି କୌଣସି ଉଦ୍‌ବୋଧନ ଦେଇପାରେ ନାହିଁ । ଏହି ଜଗତରେ ଯାହାକିଛି ଅଛି, ସବୁ ଯଥାର୍ଥ ଭାବରେ ରହିଛି; କାରଣ ଦିବ୍ୟ ପରମ ପ୍ରଜ୍ଞାଟିଦ୍ୱାରାହିଁ ଏଠି ସବୁକିଛି ପରିପୂର୍ଣ୍ଣ ଭାବରେ ନିରୂପିତ ଓ ନିୟନ୍ତ୍ରିତ ହୋଇ ରହିଛି;—ତାହାର ସୀମାସୂତନଗୁଡ଼ିକ ମଧ୍ୟରେ ଆବଦ୍ଧ ରହି ବିସ୍ତାର କଲେ ସେହି ସମାଧାନଟି ଆମକୁ କେବଳ ଏହି ସହଜ ମତବାଦଟି ବ୍ୟତୀତ ଆଉ ଅଧିକ କିଛି ଯୋଗାଇ ଦେଇପାରୁ ନାହିଁ । ଏହାଦ୍ୱାରା କେବଳ ଏକ ଆତ୍ମତୃପ୍ତିକର ବୁଦ୍ଧିଗତ ଓ ଦାର୍ଶନିକ ଆଶାବାଦ ବ୍ୟତୀତ ଆମକୁ ଆଉ କିଛି ମିଳୁ ନାହିଁ । ଦୁଃଖ, ଯନ୍ତ୍ରଣା ଓ ବିରୋଧସଙ୍କୁଳତା ପ୍ରଭୃତି ଯେଉଁସବୁ ଦାରୁଣ ଜଗତ୍‌ସତ୍ୟ ଦ୍ୱାରା ଆମର ମାନୁଷୀ ଚେତନା ସତତ ପରାକ୍ରାନ୍ତ ଓ ପୀଡ଼ିତ ହେବାରେ ଲାଗିଛି, ଉପସ୍ଥିତ ସମାଧାନଟି ତାହା ଉପରେ କୌଣସି ଆଲୋକପାତ କରୁ ନାହିଁ । ସମାଧାନଟିର ସପକ୍ଷରେ ଖୁବ୍ ବେଶୀ କହିବାକୁ ଗଲେ ହୁଏତ କେବଳ ଏତିକିମାତ୍ର କୁହାଯାଇ ପାରିବ ଯେ ଦିବ୍ୟ ସ୍ତରର ଯେଉଁ ବିଷୟବିବେକ ମଧ୍ୟରେ ପ୍ରବେଶ କରିବା ଲାଗି ଆମ ଲାଗି ଆଦୌ କୌଣସି ପଥ ନାହିଁ, ତାହାର ମଧ୍ୟରେହିଁ ବିଶ୍ୱର ବସ୍ତୁସକଳର ଯଥାର୍ଥ ରହସ୍ୟଭେଦ କରିବାର ସୂତ୍ରକାଠି ରହିଛି ବୋଲି ଏହି ସମାଧାନଟି ଆମକୁ କେବଳ ଏକ ସଙ୍କେତ ଦେଇଯାଉଛି । ମାତ୍ର କେବଳ ଏହି ସଙ୍କେତଟିକୁହିଁ କ'ଣ ଆମେ ଆମ ଅସନ୍ତୋଷ ଏବଂ ଆମ ଅଭୀପ୍ସାର ଯଥେଷ୍ଟ ଉତ୍ତର ବୋଲି କହିପାରିବା ? ଏକଥା ସତ ଯେ ଏହି ଅସନ୍ତୋଷ ଓ ଏହି ଅଭୀପ୍ସାର ଆପଣାର ପ୍ରତିକ୍ରିୟାଗୁଡ଼ିକର ଅସଲ ବ୍ୟଞ୍ଜନା ବିଷୟରେ ଅନେକତଃ ଅଜ୍ଞ ରହିଥା'ନ୍ତି ଏବଂ ଆପଣାର ମନୋଗତ ଅଭିପ୍ରାୟକ୍ଷେତ୍ରରେ ସେଗୁଡ଼ିକରେ କେତେପ୍ରକାର ମିଶ୍ରଣ ରହିଥାଏ; ତଥାପି ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସେଗୁଡ଼ିକ ଆମ ସତ୍ତାର ଏକ ଗଭୀରତର ଭୂମିରେ ଅବସ୍ଥାନ କରୁଥିବା ଏକ ଦିବ୍ୟ ସତ୍ୟରହିଁ ସୂଚନା ଦେଇଥା'ନ୍ତି । ଯେଉଁ ଦିବ୍ୟ ସମସ୍ତତା ପ୍ରଧାନତଃ ଆପଣା ଅଂଶଗୁଡ଼ିକର ଅପୂର୍ଣ୍ଣତା

'oaob.nitrkl.ac.in' images reprocessed

ହେଉଛନ୍ତି ଆପଣାର ପୂର୍ଣ୍ଣତାଟିକୁ ବଜାୟ ରଖିଛ, ଆମେ ତାହାକୁ କେବଳ ଅପୂର୍ଣ୍ଣତା ମଧ୍ୟରେହିଁ ପୂର୍ଣ୍ଣତ୍ୱବୋଲି କହିପାରିବା, କାରଣ ଏକ ଅନୁପଲବ୍ଧ ଲକ୍ଷ୍ୟରେ ଉପନୀତ ହେବାର ମାର୍ଗରେ ତାହା କେବଳ ଗୋଟିଏ ଅବସ୍ଥାର ପୂର୍ଣ୍ଣରୂପଟିରହିଁ ସ୍ତ୍ରତନଧିକୁ କରିଥାଏ । ସେହି ଅବସ୍ଥାରେ ଆମେ ତାହାକୁ ଏକ ଉପସ୍ଥିତ ଅଥବା ତାତ୍କାଳିକ ପୂର୍ଣ୍ଣତା ବୋଲି କହିପାରିବା ସତ, ମାତ୍ର ଏକ ଚରମ ପୂର୍ଣ୍ଣତା ବୋଲି କହିପାରିବା ନାହିଁ । ପରମ ଦ୍ରବ୍ୟ ସତ୍ତା ବର୍ତ୍ତମାନ ସମ୍ମୂର୍ତ୍ତ ଅବସ୍ଥାରେ ଅଛନ୍ତି, ମାତ୍ର ସମ୍ମୂର୍ତ୍ତ ହୋଇନାହାନ୍ତି,—ଏକ ଗ୍ରୀକ୍ ଉକ୍ତିର ପ୍ରୟୋଗ କରି ସେତେବେଳେ ଆମେ କେବଳ ଏତିକି କହିପାରିବା । ତେବେ କହିବାକୁ ହେବ ଯେ ଅସଲ ବ୍ରହ୍ମ ବା ଦ୍ରବ୍ୟ ସତ୍ତା ଆମରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଛନ୍ତି, ଏବଂ ସମ୍ଭବତଃ ସେ ଆମକୁ ଅତିକ୍ରମ କରି ଆମ ଉପରେ ଆମର ଅଧୀଶ୍ୱରରୂପେ ରହିଛନ୍ତି । ଆମରି ଭିତରେ ତାଙ୍କର ସନ୍ଧାନ ପାଇବା ଓ ଆମ ଉପରେ ଆମକୁ ଅତିକ୍ରମ କରି ଅବସ୍ଥାନ କରୁଥିବା ଅଧୀଶ୍ୱରରୂପେ ଅନୁଭବ କରିବା,—ଏହାହିଁ ହେଉଛି ଅସଲ ସମାଧାନ । ସେହି ପରମ ତତ୍ତ୍ୱସ୍ୱରୂପ ଯେପରି ପୂର୍ଣ୍ଣ, ଆମେ ଆପେ ମଧ୍ୟ ସେହିପରି ପୂର୍ଣ୍ଣ ହେବା, ସାଦୃଶ୍ୟ ଦ୍ୱାରା ଅର୍ଥାତ୍ ତାଙ୍କରି ସଦୃଶ ହୋଇ, କିମ୍ବା ସାଧର୍ମ୍ୟଦ୍ୱାରା ଅର୍ଥାତ୍ ତାଙ୍କର ସ୍ୱଭାବଧର୍ମକୁ ଆପଣାର ସ୍ୱଭାବଧର୍ମରେ ପରିଣତ କରିହିଁ ଆମେ ସମସ୍ୟାଟିର ଯଥାର୍ଥ ସମାଧାନ ପାଇ ପାରିବା ।

ମନୁଷ୍ୟର ଚେତନା ଯଦି ଅପୂର୍ଣ୍ଣତାର ଗୋଟିଏ ସହିତ ନିତ୍ୟ ବନ୍ଧାହୋଇ ରହିଥା'ନ୍ତା, ଏବଂ ସେହି ଅପୂର୍ଣ୍ଣତାକୁ ମାନି ନେବାଟାହିଁ ଯଦି ଆମ ଜୀବନର ବିଧାନ ଓ ଆମ ଅସ୍ତିତ୍ୱର ଯଥାର୍ଥ ପ୍ରକୃତି ହୋଇ ରହିଥା'ନ୍ତା, ତେବେ ଯେପରି ପଶୁ ତାର ପଶୁପ୍ରକୃତି ଦ୍ୱାରା ପ୍ରେରିତ ହୋଇ ଯାହାସବୁକୁ ଅନ୍ଧଭାବରେ ମାନିନେଉଛି, ଆମର ମନୁଷ୍ୟପ୍ରକୃତି ମଧ୍ୟ ଆପଣାର ବିଚାରବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ସଚେତଭାବରେ ଠିକ୍ ସେହିଗୁଡ଼ିକୁ ମାନି ନେଉଥା'ନ୍ତା । ତେବେ ଆମେ ହୁଏତ ସେତେବେଳେ କହିପାରନ୍ତେ ଯେ ଆପଣାର ପରିଣତିକ୍ରମରେ ଆମେ ବର୍ତ୍ତମାନ ଯେତିକି ହୋଇପାରିଛୁ ବା ଯେଉଁ ସୀମାଟି ଯାଏ ଆସିପାରିଛୁ, ତାହାହିଁ ହେଉଛି ଆମ ଭିତରେ ଦ୍ରବ୍ୟ ଆତ୍ମପ୍ରକାଶର ସୀମା । ଆମେ ହୁଏତ ଏକଥା ମଧ୍ୟ ବିଶ୍ୱାସ କରିପାରନ୍ତେ ଯେ ଆମର ଯାବତୀୟ ଅପୂର୍ଣ୍ଣତା ଏବଂ ଯାବତୀୟ କଷ୍ଟଭୋଗ ଏହି ବିଶ୍ୱରେ କେବଳ ଏକ ସାଧାରଣ ସୌଷମ୍ୟ ସ୍ଥାପନ କରି ରଖିବାଲାଗିହିଁ ସହାୟକ ଭାବରେ କାର୍ଯ୍ୟ କରୁଛନ୍ତି । ଆମ କ୍ଷତଗୁଡ଼ିକ ସକାଶେ ଯୋଗାଇ ଦିଆଯାଉଥିବା ଏହି ଦାର୍ଶନିକ ମଲମକୁ ଆମେ ଆପଣାକୁ ହୁଏତ ବେଶ୍ ସାନ୍ତ୍ୱନା ଦେଇପାରନ୍ତେ, ଏବଂ ଆମର ଅପୂର୍ଣ୍ଣ ମାନସବୃତ୍ତି ଓ ଆମର ଅଧୀର ପ୍ରାଣ ଆମକୁ ଯେତିକିଦୂର ଅନୁମତି ଦିଅନ୍ତେ, ଆମେ ସେତିକି ଦୂର ପର୍ଯ୍ୟନ୍ତ ଏକ ମସ୍ତିଷ୍କପ୍ରସୂତ ଦୂରଦର୍ଶିତା କିମ୍ବା ଦାର୍ଶନିକ ବିଚକ୍ଷଣତା ଓ ଉଦାସୀନତା ସହିତ ବେଶ୍ ସନ୍ତୁଷ୍ଟ ମନରେ ଜୀବନର ଖାଲଖମା ଭିତରେ ବିଚରଣ

'oaob.nitrkl.ac.in' images reprocessed

ବି କରିପାରନ୍ତେ । ଅଥବା ତାହାଠାରୁ ଅଧିକ ସାନ୍ତ୍ୱନାଦାୟକ ଧର୍ମଗତ ନାନା ଆବେଗମୟତା ଭିତରେ ଆଶ୍ରୟ ଗ୍ରହଣ କରି ଆମେ ସର୍ବବିଧ ପରିସ୍ଥିତିକୁ ଭଗବାନଙ୍କର ଇଚ୍ଛାରୂପେ ମୁଣ୍ଡପାତି ବରଣ କରିନଅନ୍ତେ; ଏବଂ ଏହି ଜୀବନଟି ଅନ୍ତେ କୌଣସି ଏକ ଦିବ୍ୟ ସୁଖମୟ ସ୍ୱର୍ଗରେ ଏକ ଅଧିକ ଦୁଃଖରହିତ ଜୀବନ ଭିତରେ ପ୍ରବେଶ କରି ଆମେ ବର୍ତ୍ତମାନ ତୁଳନାରେ ଅଧିକ ଶୁଦ୍ଧ ଓ ଅଧିକ ପୂର୍ଣ୍ଣ ଏକ ପ୍ରକୃତି ଯେ ଲାଭ କରିପାରିବା ଓ ତଦ୍ୱାରା ଆମ ବର୍ତ୍ତମାନ ଦୁଃଖକ୍ଳେଶର ଯେ କ୍ଷତିପୂରଣ ହୋଇପାରିବ, ଏହି ଆଶା କିମ୍ବା ବିଶ୍ୱାସରେ ହୁଏତ ବଞ୍ଚିରହି ପାରନ୍ତେ । ମାତ୍ର ମନୁଷ୍ୟ ହିସାବରେ ଆମର ଚେତନା ଓ ତାହାର ନି ସ୍ୱାଧାର ମଧ୍ୟରେ ଏଭଳି ମୌଳିକ ବସ୍ତୁ ଅବସ୍ଥିତ ରହିଛି ଯାହାକି ଠିକ୍ ଆମ ବିଗ୍ରହଣକ୍ତ ପରି ଆମକୁ ଇତର ପ୍ରାଣୀଙ୍କଠାରୁ ପୃଥକ୍ କରି ରଖିଛି । ଆମର ଅପୂର୍ଣ୍ଣତାଟିକୁ ଚିହ୍ନି ପାରିବା ଲାଗି ଆମ ଭିତରେ କେବଳ ଯେ ଏକ ମନୋଭୂମି ରହିଛି ତାହା ନୁହେଁ; ଆମ ଭିତରେ ଏକ ଚୈତ୍ୟ ଭୂମି ମଧ୍ୟ ରହିଛି ଯାହାକି ସେହି ଅପୂର୍ଣ୍ଣତାକୁ ଆଦୌ ଗ୍ରହଣହିଁ କରୁ ନାହିଁ । ଅପୂର୍ଣ୍ଣତାକୁହିଁ ଏହି ବିଶ୍ୱଜଗତସ୍ଥିତ ଜୀବନର ବିଧାନରୂପେ ମାନି ନେବାରେ ଆମର ଆତ୍ମା ଆଦୌ ସନ୍ତୋଷ ଲାଭ କରିପାରୁ ନାହିଁ, ଆମର ପ୍ରକୃତି ମଧ୍ୟରୁ ଯାବତୀୟ ଅପୂର୍ଣ୍ଣତାକୁ ଦୂର କରିଦେବା ଲାଗି ଏହାର ଆକାଙ୍‌କ୍ଷା ନିରନ୍ତର ବଳବତ୍ତର ରହିଛି । ଏହି ଜୀବନ ଅନ୍ତେ ଆଉ କେଉଁ ଅନ୍ୟ ସ୍ୱର୍ଗରେ ଆଉ କୌଣସି ଅପୂର୍ଣ୍ଣତା ଭୋଗିବାକୁ ପଡ଼ିବ ନାହିଁ, ଏଥିରୁ ତାକୁ ଆଦୌ କୌଣସି ସାନ୍ତ୍ୱନା ମିଳୁ ନାହିଁ । କାରଣ ସେଠି କୌଣସି ଅପୂର୍ଣ୍ଣତା ରହିବା ତ ସ୍ୱତଃହିଁ ଅସମ୍ଭବ ହୋଇ ରହିବ । ଆମର ଆତ୍ମା ଏଇଠି ଏହି ଜୀବନରେହିଁ ଯାବତୀୟ ଅପୂର୍ଣ୍ଣତାକୁ ଦୂର କରିଦେବା ଲାଗି ଆକାଙ୍‌କ୍ଷୀ ହୋଇ ରହିଛି । ଏହିଠାରେହିଁ ପରିବର୍ତ୍ତନ ଓ ସଂଗ୍ରାମ ଦ୍ୱାରା ପୂର୍ଣ୍ଣତାକୁ ଜୟ କରି ଆଣିବାକୁ ପଡ଼ିବ । ଆମର ଆତ୍ମା ଯେଉଁ ଅପୂର୍ଣ୍ଣତା ବିରୁଦ୍ଧରେ ବିଦ୍ରୋହ କରୁଛି, ସେଗୁଡ଼ିକ ପରି ଆତ୍ମାର ଅସନ୍ତୋଷ ଓ ପୂର୍ଣ୍ଣତା ଲାଗି ଅଭୀପ୍ସା ମଧ୍ୟ ଆମ ସତ୍ତାର ଗୋଟିଏ ଗୋଟିଏ ବିଧାନ । ସେଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ଦିବ୍ୟ ତତ୍ତ୍ୱ । ସେହି ଅସନ୍ତୋଷ ଏକ ଦିବ୍ୟ ଅସନ୍ତୋଷ, ସେହି ଅଭୀପ୍ସା ଏକ ଦିବ୍ୟ ଅଭୀପ୍ସା । ସେଗୁଡ଼ିକ ମଧ୍ୟରେ ଏକ ଅନ୍ତର୍ବାସୀ ଶକ୍ତିର ଆଲୋକହିଁ ଅନ୍ତର୍ନିହିତ ହୋଇ ରହିଛି; ସେହି ଶକ୍ତିହିଁ ଆମ ଭିତରେ ସେଗୁଡ଼ିକର ଲାଳନ ଓ ପରିପୋଷଣ କରୁଛି, ଯେପରିକି ପରମ ଦିବ୍ୟ ସତ୍ୟ ସେଠାରେ କେବଳ ଆମ ଆଧ୍ୟାତ୍ମିକ ଅନ୍ତଃପୁର ଭିତରେହିଁ ଏକ ଲୁକ୍କାୟିତ ସତ୍ୟମାତ୍ର ହୋଇ ନରହି ପ୍ରକୃତିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଆପଣାକୁ ମଧ୍ୟ ଉନ୍ମୋଚିତ କରି ଦେଉଥିବ ।

ଏହି ଦୃଷ୍ଟିଟିକୁ ସମ୍ମୁଖରେ ରଖି ଆମେ ନିଶ୍ଚୟ ସ୍ୱୀକାର କରିପାରିବା ଯେ ଏକ ଦିବ୍ୟ ବିବେକଦ୍ୱାରା ପ୍ରେରିତ ହୋଇ ସବୁକିଛି ପରିପୂର୍ଣ୍ଣ ସନ୍ତର୍ପଣରେ ଏକ ଦିବ୍ୟ

'oaob.nitrkl.ac.in' images reprocessed

ଉଦ୍ଦେଶ୍ୟର ସାଧନ ଲାଗି କାର୍ଯ୍ୟ କରିବାରେ ଲାଗିଛି, ଏବଂ ସେହି ହେତୁରୁ ଜଗତର ଯାବତୀୟ ବସ୍ତୁ ସେହି ଅର୍ଥରେ ଯଥାସ୍ଥାନରେ ପ୍ରତିଷ୍ଠିତ ହୋଇ ରହିଛି । ମାତ୍ର ଆମ ମତରେ କେବଳ ସେତିକ କହିଲେ ସତ୍ୟ ଅଭିପ୍ରେରଣା ବିଷୟରେ କଦାପି ସମୁଦାୟ କଥା କୁହାଯିବ ନାହିଁ । କାରଣ ଯାହା ହୋଇପାରିବ ଓ ପ୍ରକୃତରେ ହେବ, କେବଳ ତାହାର ପୃଷ୍ଠଭୂମି ଉପରେହିଁ ଆମେ ଯାହାକିଛି କହୁଛୁ, ତାହାର ଔଚିତ୍ୟକୁ ପ୍ରମାଣ କରିପାରିବା ଓ କେବଳ ପ୍ରଥମଟି ଦ୍ୱାରାହିଁ ଦ୍ୱିତୀୟଟିର ପରିପୂର୍ଣ୍ଣ ସାର୍ଥକତା ଓ ତୃପ୍ତି ସାଧିତ ହୋଇପାରିବ ବୋଲି କହିପାରିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସତ୍ୟ ବିବେକ ମଧ୍ୟରେ ଏପରି ଏକ ଉନ୍ମୋଚକ ବ୍ୟଞ୍ଜନା ରହିଛି ଯାହାକି ସଂସାରର ବସ୍ତୁସକଳ କେବଳ ଯେପରି ଭାବରେ ଅଛି, ତାହାଦ୍ୱାରାହିଁ ସେଗୁଡ଼ିକର ଔଚିତ୍ୟ ପ୍ରମାଣ କରିଦେଇ ପାରିବ । ଆମ ଏହି ଭୂମିର ବୁଦ୍ଧିଟି କେବଳ ବସ୍ତୁଗୁଡ଼ିକର ବାହ୍ୟ ଅର୍ଥଟିକୁ ବୁଝିପାରିବ, କେବଳ ସେଗୁଡ଼ିକର ପ୍ରାତିଭାସିକ ରୂପଟିକୁହିଁ ଦେଖାଇଦେଇ ପାରିବ । ମାତ୍ର ତା'ଠାରୁ ଭିନ୍ନ, ସୂକ୍ଷ୍ମତର ଓ ଅଧିକ ଗଭୀର ଭାବରେ ରହିଥିବା ବସ୍ତୁଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟ ଓ ସତ୍ୟର ରହସ୍ୟଟିକୁ ଉଦ୍‌ଘାଟିତ କରିଦେଇ ସତ୍ୟ ବିବେକ ଆମକୁ ସେଗୁଡ଼ିକର ଯଥାର୍ଥ ପରିଚୟ ଅବଶ୍ୟ ଦେଇପାରିବ । ମାତ୍ର କେବଳ ଏତିକ ବ୍ୟାଖ୍ୟାରେହିଁ ଆମେ କେବେହେଲେ ସନ୍ତୁଷ୍ଟ ହୋଇ ରହିପାରିବା ନାହିଁ; କାରଣ, ବସ୍ତୁଗୁଡ଼ିକର ଆଧ୍ୟାତ୍ମିକ ରହସ୍ୟଭେଦ କରିପାରିବା ଭଳି ଏକ ସମାଧାନର ସନ୍ଧାନ କରିବା ଓ ତାହାକୁ ଲାଭ କରିବା ହେଉଛି ଆମ ସତ୍ତାର ଯଥାର୍ଥ ବିଧାନ । କୌଣସି ଦର୍ଶନତତ୍ତ୍ୱ ଦେଇ କେବଳ ଏକ ବୁଦ୍ଧିଗତ ପରିଚୟ ଲାଭ କଲେ ଜମ୍ମା ବସ୍ତୁଗୁଡ଼ିକ ମଧ୍ୟରେ କୌଣସି ଏକ ସତ୍ୟ ଭାବ ଓ ସତ୍ୟ ଉଦ୍ଦେଶ୍ୟ ଅବଶ୍ୟ ରହିଛି, ମାତ୍ର ତାହା କେବେହେଲେ ଆମର ଅଧିଗମ୍ୟ ହୋଇପାରିବ ନାହିଁ, ଏହିଭଳି ବିଶ୍ୱର ଜଣ ପ୍ରତ୍ୟେକବସ୍ତୁ ଯେଉଁ ଅବସ୍ଥାରେ ରହିଛି, ଏକ ନିରାସକ୍ତ ହୃଦ୍‌ବୋଧ ଦ୍ୱାରା ତାହାକୁ କେବଳ ତାହାହିଁ ବୋଲି ସ୍ୱୀକାର କରିନେଲେ ଆମକୁ ସେହି ସମାଧାନଟି ମିଳିଗଲା ବୋଲି ଆଦୌ କୁହାଯିବ ନାହିଁ । ପାଇବାର ଯଥାର୍ଥ ସଙ୍କେତ କେବଳ ସେତିକବେଳେ ମିଳିବ, ଆମେ ଯେତେବେଳେ ଆପଣାକୁ ସେହି ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତି ଆଡ଼କୁ ଉନ୍ମୋଚିତ କରିନେଇ ପାରିବା, ଯେଉଁ ଜ୍ଞାନ ଓ ଯେଉଁ ଶକ୍ତି କି ଆମ ଜୀବନର ପ୍ରଧାନ ବ୍ୟାପାର ତଥା ବାହ୍ୟରୂପଗୁଡ଼ିକୁ ଏକାବେଳକେ ରୂପାନ୍ତରିତ କରିଦେଇ ପାରିବ ଓ ସେଗୁଡ଼ିକୁ ସେହି ସତ୍ୟ ଭାବ ଓ ସତ୍ୟ ଉଦ୍ଦେଶ୍ୟର ଏକ ଯଥାର୍ଥ ପ୍ରତିରୂପର ଅଧିକ ନିକଟବର୍ତ୍ତୀ କରାଇ ନେବ । ଆମର ଦୁଃଖକ୍ଳେଶ ଓ ସକଳ ଅପୂର୍ଣ୍ଣତାର ଅଧୀନ ହୋଇ ରହିବାକୁ କେବଳ ସେହି ଭଗବାନଙ୍କର ଇଚ୍ଛା ଓ କେବଳ ଆମର ବର୍ତ୍ତମାନ ସ୍ଥିତିରେ ଆମ ଲାଗି ନିରୂପିତ କରି ଦିଆଯାଇଥିବା ଅପୂର୍ଣ୍ଣତାର ଏକ ବିଧାନ ବୋଲି ମାନି ନେଇ ସ୍ଥିର ଚିତ୍ତରେ ତାହାକୁ ସହ୍ୟ

'oaob.nitrkl.ac.in' images reprocessed

କରିନେବା ଅବଶ୍ୟ ଠିକ୍ ଓ ଯୁକ୍ତିଯୁକ୍ତ । ମାତ୍ର ସେଭଳି ସତ୍ୟ କରିନେବା ସହିତ ସବୁବେଳେ ଗୋଟିଏ ସର୍ତ୍ତ ମଧ୍ୟ ରହିବା ଉଚିତ । ସେହି ସର୍ତ୍ତଟି ହେଉଛି ଯେ ଏହି ଅଶୁଭ ଓ କଷ୍ଟକ୍ଲେଶଗୁଡ଼ିକୁ ପାର ହୋଇ ଏସବୁର ଉପରକୁ ଉଠିଯିବାକୁ, ଅପୂର୍ଣ୍ଣତାକୁ ପୂର୍ଣ୍ଣତାରେ ରୂପାନ୍ତରିତ କରି ଦେବାକୁ ଓ ଦିବ୍ୟ ପ୍ରକୃତିର ଏକ ଉଚ୍ଚତର ବିଧାନ ଭିତରକୁ ଆପଣାକୁ ଉତ୍ତୀର୍ଣ୍ଣ କରିନେବାକୁ ମଧ୍ୟ ଆମେ ଆମରି ଭିତରେ ସେହି ଭଗବାନଙ୍କର ବିଧାନରୂପେ ଅନୁଭବ କରିବାକୁ ସମର୍ଥ ହେବା । ଆମର ଏହି ମାନୁଷୀ ଚେତନା ମଧ୍ୟରେ ଏକ ସତ୍ତ୍ୱଗତ ସତ୍ୟାଦର୍ଶର, ଏକ ଦିବ୍ୟ ପ୍ରକୃତିର ଓ ପ୍ରକାଶୋନ୍ମୁଖ ଏକ ଦେବତ୍ୱର ଏକ ପ୍ରତିମୂର୍ତ୍ତି ସବୁବେଳେ ବିଦ୍ୟମାନ ରହିଛି । ସେହି ଉଚ୍ଚତର ସତ୍ୟଟି ସହିତ ଆପଣାର ସମ୍ବନ୍ଧ ନିରୂପଣ କଲାବେଳେ ଆମେ ଆମ ଜୀବନର ଅପୂର୍ଣ୍ଣତାମୟ ବର୍ତ୍ତମାନ ସ୍ତରଟିକୁ ଆପେକ୍ଷିକ ଦୃଷ୍ଟିରେ ଏକ ଅଦିବ୍ୟ ଜୀବନ ବୋଲି ଅବଶ୍ୟ ବର୍ଣ୍ଣନା କରିପାରିବା, ଯେଉଁ ଜାଗତିକ ପରିବେଶଟିରୁ ଆମେ ଆପଣାର ଯାତ୍ରାରମ୍ଭ କରିଛୁ, ସେଇଟିକୁ ମଧ୍ୟ ଏକ ଅଦିବ୍ୟ ପରିବେଶ ବୋଲି କହିପାରିବା । ପରିବେଶର ଏହି ଭୂମିଟିରେ ଯେଉଁ ଅପୂର୍ଣ୍ଣତାଗୁଡ଼ିକ ରହିଛି, ତାହାକୁ ଆମେ ଆମ ଆଗରେ ଉପସ୍ଥାପିତ ହେଉଥିବା ଦିବ୍ୟସତ୍ତ୍ୱ ଓ ଦିବ୍ୟ ପ୍ରକୃତିର ପ୍ରଥମ ଛଦ୍ମବେଶ ବୋଲି ଜାଣିବା, ସେଗୁଡ଼ିକୁ ଆମେ ତାହାର ଅଭିପ୍ରେତ ପ୍ରକାଶରୂପ ବୋଲି ଆଦୌ ଗ୍ରହଣ କରିବା ନାହିଁ । ଆମରି ଭିତରେ ରହିଥିବା ସେହି ପରମ ଶକ୍ତି ଓ ପ୍ରଚ୍ଛନ୍ନ ଦେବତ୍ୱହିଁ ଆମ ଭିତରେ ଅଭୀପ୍ସାର ଶିଖାଟିକୁ ପ୍ରଜ୍ୱଳିତ କରି ରଖିଛି, ସେଇ ଆମ ଭିତରେ ଆଦର୍ଶର ରୂପଟିକୁ ଚିତ୍ରଣ କରିବାରେ ଲାଗିଛି, ଆମର ଅସନ୍ତୋଷ-ଗୁଡ଼ାକୁ କେତେବେଳେ ହେଲେ ନିର୍ବାପିତ ହେବାକୁ ଦେଉ ନାହିଁ, ସେହି ଛଦ୍ମବେଶଟିକୁ କାଢ଼ି ଫିଙ୍ଗିଦେବା ଲାଗି ଆମକୁ ଆଗକୁ ଠେଲିଠେଲି ନେଉଛି, ଅଥବା, ବେଦୋକ୍ତ ଭାଷାରେ କହିବାକୁ ଗଲେ, ଏହି ଜାଗତିକ ଜୀବଟିର ବ୍ୟକ୍ତ ଆତ୍ମା, ମନ, ପ୍ରାଣ ଓ ଦେହ ଭିତରେ ପରମ ଦେବତ୍ୱର ଆବିର୍ଭାବ, ରୂପାୟନ ଓ ଉଦ୍‌ଘାଟନ କରି ଦେବାଲାଗି ଆମକୁ ଅଗ୍ରସର କରାଇ ନେଉଛି । ଆମର ବର୍ତ୍ତମାନ ପ୍ରକୃତି ଯେଉଁ ସ୍ତରରେ ରହିଛି, ତାହା ହେଉଛି ସେହି ଉଦ୍‌ଘାଟନ ଉଦ୍ଦେଶ୍ୟରେ ଗତି କରୁଥିବା ପରିବର୍ତ୍ତନ-କ୍ରମରେ କେବଳ ଏକ ମଧ୍ୟବର୍ତ୍ତୀକାଳୀନ ସ୍ତର ମାତ୍ର । ଆମର ଏହି ଅପୂର୍ଣ୍ଣ ଅବସ୍ଥାଟି ଆଉ ଏକ ଉଚ୍ଚତର, ଅଧିକ ପ୍ରଶସ୍ତ ଓ ଅଧିକ ମହାନ୍ ସ୍ଥିତିର ଉପଲବ୍‌ଧି ଲାଗି ଅଗ୍ରସର ହୋଇଯିବାର ଏକ ଆରମ୍ଭବିନ୍ଦୁ ମାତ୍ର, ଏକ ସୁଯୋଗ ଏବଂ ଅବସର ମାତ୍ର । ଉପଲବ୍‌ଧିର ସେହି ସ୍ଥିତି ହେଉଛି ଏକ ଦିବ୍ୟ ସ୍ଥିତି ଓ ଏକ ପୂର୍ଣ୍ଣ ସ୍ଥିତି । କେବଳ ଅନ୍ତରସ୍ଥିତ ପ୍ରଚ୍ଛନ୍ନ ଦିବ୍ୟ ଆତ୍ମା ଦ୍ୱାରା ତାହା ଯେ ଖାଲି ସେହି ଅନ୍ତର ଭିତରେ ପରିପୂର୍ଣ୍ଣ ହେବ ତା' ନୁହେଁ, ସଙ୍ଗେସଙ୍ଗେ ବ୍ୟକ୍ତ ଓ ବାହ୍ୟତମ ରୂପରେ ମଧ୍ୟ ତାହା ଦିବ୍ୟଭାବେ ପ୍ରକାଶିତ ହେବ ଓ ପରିପୂର୍ଣ୍ଣତା ଲାଭ କରିବ ।

'oaob.nitrkl.ac.in' images reprocessed

ମାତ୍ର ଏହିସବୁ ସିଦ୍ଧାନ୍ତ ଆମର ଅନ୍ତର୍ଗତ ଆତ୍ମ-ଅଭିଜ୍ଞତା ଓ ବିଶ୍ୱଗତ ସତ୍ତାର ଆପାତ ସତ୍ୟଗୁଡ଼ିକ ଉପରେ ଭିତ୍ତି କରି ରହିଥିବା କେବଳ ପ୍ରାଥମିକ ବିସ୍ମୟ ଓ ବୋଧିଜାତ ପ୍ରାଥମିକ ଜ୍ଞାନଗୁଡ଼ିକରୁହିଁ ଗଠିତ ହୋଇଛି । ମାତ୍ର ଆମେ ଯେପର୍ଯ୍ୟନ୍ତ ଅଜ୍ଞାନ, ଅପୂର୍ଣ୍ଣତା ଓ ଦୁଃଖକ୍ଲେଶର ପ୍ରକୃତ କାରଣଟିକୁ ନ ଜାଣିଛୁ ଏବଂ ବିଶ୍ୱଗତ ଉଦ୍ଦେଶ୍ୟ ଏବଂ ବିଶ୍ୱବିଧାନଟି ମଧ୍ୟରେ ସେଗୁଡ଼ିକର ଯଥାର୍ଥ ସ୍ଥାନଟିକୁ ଠାବ କରି ନ ପାରିଛୁ, ସେପର୍ଯ୍ୟନ୍ତ ସେହି ସିଦ୍ଧାନ୍ତଗୁଡ଼ିକ କଦାପି ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ପାରିବେ ନାହିଁ । ଈଶ୍ୱର ଅଛନ୍ତି ବୋଲି ଯଦି ସ୍ୱୀକାର କରାଯାଏ, ତେବେ ମନୁଷ୍ୟସମାଜର ସାଧାରଣ ବୁଦ୍ଧି ଓ ଚେତନାକୁ ଦୃଷ୍ଟିଗୋଚର ହେଉଥିବା ବସ୍ତୁରାଶିମାନଙ୍କ ଉପରେ ଆମେ ଈଶ୍ୱର ଓ ଜଗତ ବିଷୟରେ ତିନୋଟି ମତ ରହିଛି ବୋଲି ଦେଖିବାକୁ ପାଇବା । ଏଥିମଧ୍ୟରୁ ଗୋଟିଏ ମତର ଅନ୍ୟଦୁଇଟି ସହିତ ଆଦୌ କୌଣସି ସଙ୍ଗତି ବା ସାମଞ୍ଜସ୍ୟ ନାହିଁ, ଅଥଚ ଆମେ ବାସ କରୁଥିବା ଏହି ଜଗତର ପ୍ରକୃତିଗତ ପରିବେଶ ମଧ୍ୟରେ ସେଇଟିର ମଧ୍ୟ ଏକ ପ୍ରୟୋଜନ ରହିଛି । ଏବଂ ଏହି ଅସଙ୍ଗତିଟି ସକାଶେ ମଣିଷର ମନ ଏହି ବିରୋଧଜନିତ ନାନା ଜଟିଳତା ଭିତରେ ଆସି ପଡ଼ିଯାଉଛି ଏବଂ ସଂଶୟ ଓ ନକାରାତ୍ମକ ପ୍ରତ୍ୟାଖ୍ୟାନ ମଧ୍ୟରେ ଗ୍ରସ୍ତ ହୋଇ ପଡ଼ୁଛି । କାରଣ, ପ୍ରଥମତଃ ଆମକୁ ଏକ ସର୍ବଗତ ଦିବ୍ୟସତ୍ତା ଓ ପରମ ସତ୍ୟ ବିଦ୍ୟମାନ ରହିଛନ୍ତି ବୋଲି କୁହାଯାଇଛି । ତାଙ୍କୁ ବିଶୁଦ୍ଧ, ପୂର୍ଣ୍ଣ ଓ ଆନନ୍ଦମୟ ବୋଲି ବର୍ଣ୍ଣନା କରାଯାଇଛି । କୁହାଯାଇଛି ଯେ ତାଙ୍କ ବ୍ୟତୀତ ଅର୍ଥାତ୍ ତାଙ୍କୁ ଛାଡ଼ିକରି ବିଶ୍ୱଜଗତରେ ଆଉ କାହାରି ଅସ୍ତିତ୍ୱ ରହିବା ସମ୍ଭବ ହେବ ନାହିଁ, କାରଣ ସବୁକିଛି ତାଙ୍କରି ବିଧାନ ଅନୁସାରେ ଓ ତାଙ୍କରି ସତ୍ତା ମଧ୍ୟରେ ବିଦ୍ୟମାନ ରହିଛି । ନିରୀଶ୍ୱରବାଦ ଓ ଜଡ଼ବାଦ, କିମ୍ବା ଈଶ୍ୱରକଳ୍ପନାରେ ମନୁଷ୍ୟପ୍ରକୃତିର ଆରୋପ କରୁଥିବା ଆଦିମ ଆରୋପବାଦ,—କେବଳ ଏହି କେତୋଟିକୁ ଛାଡ଼ିଦେଲେ ଅନ୍ୟ ଯାବତୀୟ ବିସ୍ମୟକୁ ସେହି ସର୍ବଗତ ପରମସତ୍ତା ବା ଈଶ୍ୱରଙ୍କୁହିଁ ସକଳ ବିସ୍ମୟର ମୂଳବିନ୍ଦୁରୂପେ ସ୍ୱୀକାର କରିନେବାକୁ ହୁଏ ଅର୍ଥାତ୍ ଏହି ମୌଳିକ ସତ୍ୟଟିରେ ଆସି ଉପନୀତ ହେବାକୁ ହୁଏ । ଏକଥା ସତ ଯେ କେତେକ ଧର୍ମ ସତେଅବା ଏହି ବିଶ୍ୱଜଗତର ବାହାରେ ଆଉ କେଉଁଠି ଅବସ୍ଥିତ ରହିଥିବା ଏପରି ଏକ ଈଶ୍ୱରଙ୍କର କଳ୍ପନା କରିଥା'ନ୍ତି ଯିଏକି ଆପଣା ବାହାରେ ଓ ଆପଣା ସତ୍ତାରୁ ଭିନ୍ନ ଏକ ଜଗତର ସୃଷ୍ଟି କରିଛନ୍ତି । ମାତ୍ର ସେହି ଈଶ୍ୱରକଳ୍ପନାକୁ ନେଇ ଏକ ତତ୍ତ୍ୱଶାସ୍ତ୍ର କିମ୍ବା ଆଧ୍ୟାତ୍ମିକ ଦର୍ଶନ ତିଆରି କଲାବେଳେ ସେମାନେ ମଧ୍ୟ ଈଶ୍ୱରଙ୍କୁ ସର୍ବବ୍ୟାପୀ ଓ ଏହି ବିଶ୍ୱ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବାର ସ୍ୱୀକାର କରିଥା'ନ୍ତି, କାରଣ ଆଧ୍ୟାତ୍ମିକ ବିସ୍ମୟର କ୍ଷେତ୍ରରେ ଈଶ୍ୱରଙ୍କର ସର୍ବବ୍ୟାପ୍ତତା ସର୍ବଦା ଏକ ଅତ୍ୟାବଶ୍ୟକତାରୂପେ ଅନୁଭୂତ ହୋଇଥାଏ ଏବଂ ତାହାକୁ ଏଡ଼ାଇକରି ଯାଇହେବା

ଆଦୌ ସମ୍ଭବ ହୁଏ ନାହିଁ । ଯଦି ଏପରି ଏକ ଦିବ୍ୟ ପରମ ସତ୍ତା, ଆତ୍ମା ବା ସତ୍ୟ ରହିଛନ୍ତି ବୋଲି ସ୍ୱୀକାର କରାଯାଏ, ତେବେ ସେ ସର୍ବଦା ବିଦ୍ୟମାନ ରହିଛନ୍ତି ବୋଲି ମଧ୍ୟ ସ୍ୱୀକାର କରିବାକୁ ହେବ, ତାଙ୍କୁ ଅଦ୍ୱିତୀୟ ଓ ଅଖଣ୍ଡ ବୋଲି ସ୍ୱୀକାର କରିବାକୁ ହେବ । ତାଙ୍କ ସତ୍ତାର ବାହାରେ ହୁଏତ ଆଉ କେଉଁଠି କିଛି ରହିଛି ବୋଲି କଦାପି କୁହାଯାଇ ପାରିବ ନାହିଁ । କେବଳ ତାଙ୍କର ବ୍ୟତୀତ ଆଉ କାହାଠାରୁ ବିଶ୍ୱର କୌଣସି ବସ୍ତୁର ଉଦ୍‌ଭବ ହୋଇଛି ବା ତାଙ୍କୁ ଆଶ୍ରୟ ନକରି ସ୍ୱତନ୍ତ୍ର ଭାବରେ କୋଉଠି କିଛି ରହିଛି ବୋଲି ଆଦୌ ମାନି ହେବ ନାହିଁ । ତାଙ୍କରି ସତ୍ତାର ନିଃଶ୍ୱାସ ଓ ସାମର୍ଥ୍ୟଦ୍ୱାରା ପୂର୍ଣ୍ଣ ହୋଇ ରହି ନଥିବା କୌଣସି ବସ୍ତୁର କଳ୍ପନାହିଁ କରାଯାଇ ପାରିବ ନାହିଁ । ଏକଥା ମଧ୍ୟ ଯଥାର୍ଥରେ କୁହାଯାଇଛି ଯେ ଏହି ଜଗତକୁ ଘେରି ରହିଥିବା ଅଜ୍ଞାନ, ଅପୂର୍ଣ୍ଣତା ଓ ଦୁଃଖ ପରମ ଦିବ୍ୟସତ୍ତା ଦ୍ୱାରା କଦାପି ଆଶ୍ରିତ ହୋଇ ରହି ନାହିଁ । ମାତ୍ର ସେଥିଲାଗି ଆମକୁ ଦୁଇଜଣ ଈଶ୍ୱରଙ୍କର କଳ୍ପନା କରିବାକୁ ପଡ଼ିବ । ଗୋଟିଏ ଶୁଭ କରାଉଥିବା ଈଶ୍ୱର ଓ ଆଉ ଗୋଟିଏ ଜୀବଗଣଙ୍କୁ ଅଶୁଭ ଓ ବିଘ୍ନର ଭିଆଣ କରୁଥିବା ଈଶ୍ୱର । ଅଥବା ଗୋଟିକୁ ଆମେ ଏକ ପୂର୍ଣ୍ଣ ପରମ ପୁରୁଷରୂପେ କଳ୍ପନା କରିବା ଯିଏକି ବିଶ୍ୱର ବାହାରେ ରହି ମଧ୍ୟ ତଥାପି ଏହାରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଛନ୍ତି, ଏବଂ ଆରଟିକୁ ଏକ ଅପୂର୍ଣ୍ଣ ଅଥଚ ବିଶ୍ୱବ୍ୟାପ୍ତ ସ୍ରଷ୍ଟା ଓ ବିଧାତା ବୋଲି କଳ୍ପନା କରିପାରିବା କିମ୍ବା ଏକ ବିକୃତ ଓ ଅଦିବ୍ୟ ପ୍ରକୃତି ବୋଲି କହିପାରିବା । ଏପରି ଏକ କଳ୍ପନା କରିବା ଆଦୌ ଅସମ୍ଭବ ନୁହେଁ, ମାତ୍ର ଆମର ଉଚ୍ଚତମ ବୁଦ୍ଧି ପକ୍ଷରେ ଏହାକୁ କେବଳ ଅକଳ୍ପନୀୟ ବୋଲି କୁହାଯାଇ ପାରିବ । ଅତି ବେଶୀ ହେଲେ ଏହାକୁ ଈଶ୍ୱରଙ୍କର ଏକ ଗୌଣ ବିଭାବରୂପେ ଗ୍ରହଣ କରାଯାଇ ପାରେ, ମାତ୍ର ବସ୍ତୁଗୁଡ଼ିକର ସର୍ବମୂଳ କିମ୍ବା ସମ୍ପୂର୍ଣ୍ଣ ସତ୍ୟ ବୋଲି କଦାପି କୁହାଯାଇ ପାରିବ ନାହିଁ । ସେହିପରି ଆମେ ଏକଥାଟି ମଧ୍ୟ ଅନୁମାନ କରିପାରିବା ନାହିଁ ଯେ ସର୍ବଭୂତରେ ଅବସ୍ଥିତ ରହିଥିବା ପରମପୁରୁଷ ବା ପରମ ଆତ୍ମା ଏବଂ ସକଳର ସୃଷ୍ଟି କରୁଥିବା ପରମା ଶକ୍ତି ହେଉଛନ୍ତି ପରସ୍ପରଠାରୁ ଭିନ୍ନ, ସେମାନଙ୍କର ସତ୍ତା ହେଉଛି ପରସ୍ପରର ବିରୁଦ୍ଧସ୍ୱଭାବର, ସେମାନଙ୍କର ଇଚ୍ଛାଶକ୍ତି ଓ ଉଦ୍ଦେଶ୍ୟ ମଧ୍ୟ ପରସ୍ପରଠାରୁ ଭିନ୍ନ । ମାତ୍ର ଆମର ବିବେକବୁଦ୍ଧି ଆମକୁ ସ୍ପଷ୍ଟ କହିଦେଉଛି, ଆମର ବୋଧଗତ ଚେତନାଟି ସ୍ପଷ୍ଟ ଅନୁଭବ କରିପାରୁଛି ଏବଂ ଆମର ଆଧ୍ୟାତ୍ମିକ ଅନୁଭୂତିର ସାକ୍ଷ୍ୟ ମଧ୍ୟ ସେମାନଙ୍କର ମତଟିକୁ ସ୍ପଷ୍ଟ ସମର୍ଥନ ଜଣାଉଛି ଯେ ସକଳ ବସ୍ତୁ ଓ ସକଳ ଜୀବ ମଧ୍ୟରେ ସେହି ଗୋଟିଏ ନିତ୍ୟ ଓ ଶୁଦ୍ଧ ପରମ ସତ୍ତା ବିରାଜିତ ରହିଛନ୍ତି ଏବଂ ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ଜୀବ ମଧ୍ୟ ତାଙ୍କରି ଭିତରେ ଓ ତାହାଙ୍କୁହିଁ ଆଶ୍ରୟ କରି ରହିଛନ୍ତି; ଏହି ସର୍ବାଶ୍ରୟୀ ଓ ସର୍ବାନ୍ତର୍ଯାମୀ ପୁରୁଷଙ୍କ ବ୍ୟତୀତ କେଉଁଠି କିଛିହେଲେ କଦାପି ରହିପାରିବ ନାହିଁ ଓ କିଛି ହେଲେ ଘଟିପାରିବ ନାହିଁ ।

'oaob.nitrkl.ac.in' images reprocessed

ଉପରେ ଆଲୋଚିତ ପ୍ରଥମ ସ୍ୱୀକୃତିଟିର ପରିଣାମସ୍ୱରୂପେ ଆମର ମନ ଏକ ଦ୍ୱିତୀୟ ଅନୁମାନକୁ ମଧ୍ୟ ଜଡ଼ ସ୍ୱାଭାବିକ ଭାବରେ ଗ୍ରହଣ କରି ନେଇଥାଏ । ସେହି ଅନୁମାନଟି ହେଉଛି, ଏହି ସର୍ବଗତ ଦିବ୍ୟ ପରମସତ୍ତ୍ୱର ପରାତ୍ପରତ୍ୱ ତଥା ପରାଶକ୍ତିହିଁ ଆପଣାର ପରିପୂର୍ଣ୍ଣ ବିଶ୍ୱଗତ ଜ୍ଞାନ ଓ ଦିବ୍ୟ ପ୍ରଜ୍ଞାଦ୍ୱାରା ଜଗତର ସକଳ ବସ୍ତୁକୁ ସଂସ୍ଥାପିତ କରି ରଖିଛି, ଆପଣା-ଆପଣାର ପାରସ୍ପରିକ ମୌଳିକ ସମ୍ବନ୍ଧ ଓ ପ୍ରକ୍ରିୟାରେ ଏଗୁଡ଼ିକ କେବଳ ତାହାର ଶାସନଦ୍ୱାରାହିଁ ନିୟନ୍ତ୍ରିତ ହେଉଛି । ମାତ୍ର ଅପର ପକ୍ଷରେ, ବସ୍ତୁଗୁଡ଼ିକର ପ୍ରକୃତ ପ୍ରକ୍ରିୟା ଓ ପ୍ରକୃତ ସମ୍ବନ୍ଧଗୁଡ଼ିକୁ ଆମେ ଯେପରି ଦେଖୁଛୁ ଓ ଆମ ମାନୁଷୀ ଚେତନାକୁ ସେଗୁଡ଼ିକ ଯେଉଁଭଳି ପ୍ରତୀତ ହେଉଛି, ସେଥିରୁ ଆମେ ସେଗୁଡ଼ିକୁ କେବଳ ଅପୂର୍ଣ୍ଣତାର ଅର୍ଥାତ୍ ସୀମାବଦ୍ଧତାରହିଁ ସମ୍ବନ୍ଧ ବୋଲି ଜାଣୁଛୁ । ଏହି ଜଗତ ଆମକୁ ଏକ ବିସଙ୍ଗତି, ଏପରିକି ଏକ ବିକୃତି ପରି ଦେଖାଯାଉଛି । ପରମ ଦିବ୍ୟସତ୍ତ୍ୱ ସମ୍ବନ୍ଧରେ ଆମର ଯେଉଁ କଳ୍ପନା ରହିଛି, ଏହି ଜଗତ ତାହାର ଏକାନ୍ତ ବିରୋଧୀ ପରିହିଁ ଦେଖାଯାଉଛି । ଆମେ ଭାବୁଛୁ, ଏହି ବିସଙ୍ଗତି ସତେ ଯେପରି ଏଠାରେ ପରମ ଦିବ୍ୟସତ୍ତ୍ୱାଙ୍କର ଉପସ୍ଥିତିଟିକୁ ଏକାବେଳକେ ଖଣ୍ଡନ ବା ଅସ୍ୱୀକାର କରି ପକାଉଛି, ତାହାର ରୂପଟିକୁ ଏକାବେଳକେ ବିକୃତ କରି ଥୋଇ ଦେଉଛି, ଅଥବା ଆମ ସମକ୍ଷରେ ତାହାର କେବଳ ଏକ ଛଦ୍ମବେଶକୁ ଆଣି ଉପସ୍ଥାପିତ କରୁଛି । ଏଥିରୁ ଆମେ ଏକ ତୃତୀୟ ସ୍ୱୀକୃତ ନିଷ୍କର୍ଷରେ ମଧ୍ୟ ଉପନୀତ ହେଉଛୁ, ଯାହାକି ଦିବ୍ୟ ପରମସତ୍ୟ ଓ ବସ୍ତୁସତ୍ୟକୁ ସେଗୁଡ଼ିକର ମର୍ମଗତ ସତ୍ତା ଓ ବ୍ୟବସ୍ଥାରେ ପରସ୍ପରଠାରୁ ଭିନ୍ନ ବୋଲି ଦେଖୁଛି । ସେଗୁଡ଼ିକୁ ତାହା ପରସ୍ପରଠାରୁ ଏତେ ଭିନ୍ନ ବୋଲି ଦର୍ଶାଇ ଦେଉଛି ଯେ ସତେଯେପରି ମନେହେଉଛି, ସେଥିଭିତରୁ ଗୋଟିକ ପାଖରେ ଯାଇ ପହଞ୍ଚିବାକୁ ହେଲେ ଆରଟି ପାଖରୁ ଅବଶ୍ୟ ଦୂରକୁ ଅପସରି ଯିବାକୁ ପଡ଼ିବ । ଅର୍ଥାତ୍ ସେହି ଦିବ୍ୟ ପରମବାସୀଙ୍କୁ ଲାଭ କରିବାକୁ ହେଲେ, ଆମକୁ ତାଙ୍କର ଅଧ୍ୟୁଷିତ ଏହି ଜଗତଟିକୁ ବର୍ଜନ କରିବାକୁ ପଡ଼ିବ । ତାଙ୍କର ବିଧାନ ଅନୁସାରେ ଯେଉଁ ଜଗତଟି ପରିଚାଳିତ ହେଉଛି, ଯେଉଁ ଜଗତଟିକୁ ସେ ସୃଷ୍ଟି କରିଛନ୍ତି ଅର୍ଥାତ୍ ଆପଣାର ସତ୍ତା ମଧ୍ୟରେ ଯେଉଁଟିକୁ ପ୍ରକାଶିତ କରିଛନ୍ତି, ଆମକୁ ସେହି ଜଗତଟିକୁ ତ୍ୟାଗ କରିବାକୁ ପଡ଼ିବ । ଏହି ତିନୋଟିଯାକ ସିଦ୍ଧାନ୍ତ ମଧ୍ୟରୁ ପ୍ରଥମଟିକୁ ଗ୍ରହଣ କରିନେବାକୁହିଁ ପଡ଼ିବ । ସର୍ବଗତ ଦିବ୍ୟ ପରମସତ୍ତ୍ୱ ଯେଉଁ ଜଗତରେ ବାସ କରୁଛନ୍ତି, ସେହି ଜଗତଟି ସହିତ ଯଦି ପ୍ରକୃତରେ ତାଙ୍କର କୌଣସି ସମ୍ବନ୍ଧ ରହିଥାଏ, ସେହି ଜଗତର ପ୍ରକାଶିତ ଓ ରଚିତ ହେବାରେ, ତାହାର ପରିପାଳନ ଓ ପ୍ରଶାସନରେ ଯଦି ତାଙ୍କର କିଛିହେଲେ କରିବାକୁ ଥାଏ, ତେବେ ଆମକୁ ଦ୍ୱିତୀୟ ସିଦ୍ଧାନ୍ତଟିକୁ ମଧ୍ୟ ସ୍ୱୀକାର କରିନେବାକୁ ପଡ଼ିବ । ପୁଣି, ତୃତୀୟ ସିଦ୍ଧାନ୍ତଟି ମଧ୍ୟ ସେହିଭଳି ଅବଶ୍ୟମ୍ଭାବୀ ବୋଲି ମନେ ହେଉଥିଲେ ମଧ୍ୟ

'oaob.nitrkl.ac.in' images reprocessed

ତଥାପି ପୂର୍ବଗାମୀ ସିଦ୍ଧାନ୍ତଗୁଡ଼ିକ ସହିତ ତାହାର ଆଦୌ କୌଣସି ସଙ୍ଗତି ନାହିଁ; ଏବଂ ଏଥିରୁ ଜାତ ହେଉଥିବା ବିସମ୍ବାଦଟି ଆମ ଆଗରେ ଏପରି ଏକ ସମସ୍ୟାକୁ ଆଣି ଠିଆକରାଇ ଦେଉଛି, ଯାହାର ଆଦୌ କୌଣସି ସନ୍ତୋଷଜନକ ସମାଧାନ କେବେ ସମ୍ଭବ ହେବ ବୋଲି ମୋତେ ମନେହେଉ ନାହିଁ ।

ଈଶ୍ୱରତତ୍ତ୍ୱ ସମ୍ବନ୍ଧରେ ଶାସ୍ତ୍ର ଓ ଦର୍ଶନର ଯୁକ୍ତି ବାଛିଦେଇ ଏହି ଅସୁବିଧାଟିକୁ ଏଡ଼ାଇ ରଖିବା ଆଦୌ କଷ୍ଟକର ନୁହେଁ । ଏପିକ୍ୟୁରସ୍ କଳ୍ପନା କରି ଯାଇଥିବା ଏକ ଅଳସୁଆ ଈଶ୍ୱରଙ୍କର ରଚନା କରି ଥୋଇଦେବା ଆଦୌ ଅସମ୍ଭବ ନୁହେଁ, ଯିଏକି ସ୍ୱଭାବତଃ ନିଷ୍କର୍ମା ହୋଇ ବସିଛନ୍ତି, ଆପଣାର ଆନନ୍ଦ ମଧ୍ୟରେ ନିମଗ୍ନ ରହିଛନ୍ତି, ଏବଂ ପ୍ରକୃତିର ଏକ ଯନ୍ତ୍ରବତ୍ ବିଧାନଦ୍ୱାରା ସଂସାର ଉଚିତ ମାର୍ଗରେ ଚାଲୁଛି କିମ୍ବା ଅନୁଚିତ ଅପମାର୍ଗରେ ପରିଚାଳିତ ହେଉଛି, ସେବିଷୟରେ ଉଦାସୀନ ହୋଇ ଅଛନ୍ତି । ଆମେ ଇଚ୍ଛାକଲେ ଏହି କ୍ଷେତ୍ରରେ କେବଳ ସାକ୍ଷୀରୂପେ ଅବସ୍ଥିତ ଏକ ପରମ ଆତ୍ମାଙ୍କୁ ଆଣି ଥୋଇଦେଇ ପାରିବା, ତାଙ୍କୁ ଯାବତୀୟ ବସ୍ତୁ ମଧ୍ୟରେ ଅବସ୍ଥିତ ଏକ ନିଷ୍କ୍ରିୟ ଆତ୍ମାରୂପେ କଳ୍ପନା କରିପାରିବା । ତାଙ୍କୁ ଏକ ପୁରୁଷରୂପେ କଳ୍ପନା କରିପାରିବା ଯିଏକି ପ୍ରକୃତିକୁ ତା'ର ଯାହା ଇଚ୍ଛା ତାହା କରିବା ଲାଗି ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ଦେଇ ରଖିଛନ୍ତି ଏବଂ କେବଳ ଆପଣାର ନିଷ୍କ୍ରିୟ ଓ ନିଶ୍ଚଳ ଚେତନା ମଧ୍ୟରେ ପ୍ରକୃତି ଭିତରେ ରହିଥିବା ସକଳ ବ୍ୟବସ୍ଥା ତଥା ଅବ୍ୟବସ୍ଥାକୁ ପ୍ରତିଫଳିତ କରାଇ ସେଇଥିରୁହିଁ ସନ୍ତୋଷ ଲାଭ କରୁଛନ୍ତି । ଅଥବା ଆମେ ଏକ ନିର୍ବିଶେଷ ଏବଂ ସକଳ କ୍ରିୟାରୁ ରହିତ ପରମ ଆତ୍ମାର ବି କଳ୍ପନା କରିପାରିବା, ଯିଏକି ସକଳ ବିଷୟ ଓ ସମ୍ବନ୍ଧରୁ ମୁକ୍ତ ହୋଇ ରହିଛନ୍ତି ଏବଂ ବିଶ୍ୱମାୟା ବା ବିଶ୍ୱସୃଷ୍ଟିର ସକଳ କାର୍ଯ୍ୟରୁ ଆପଣାକୁ ଅସଂଲଗ୍ନ କରି ରଖିଛନ୍ତି । ଅଥଚ ଏଣେ କାଳବଶ ଜୀବମାନଙ୍କର ଏକ ଜଗତକୁ ସତେଅବା ପ୍ରଲୁବ୍ଧ ଓ ପୀଡ଼ିତ କରି ରଖିବା ଲାଗି ବଡ଼ ରହସ୍ୟପୂର୍ଣ୍ଣ ଅଥବା ଅସମ୍ଭବ ଭାବରେ ତାଙ୍କରିଠାରୁ ଅଥବା ତାଙ୍କର ଏକ ପ୍ରତିଦ୍ୱନ୍ଦ୍ୱୀ ହୋଇ ସେହି ବିଶ୍ୱମାୟା ବା ବିଶ୍ୱସୃଷ୍ଟିର ଉଦ୍ଭବ ହୋଇଛି । ମାତ୍ର ଏହିସବୁ ସମାଧାନ ଆମର ଦ୍ୱିଧାବିଭକ୍ତ ଅନୁଭୂତିରେ ରହିଥିବା ଆପାତ ବିସଙ୍ଗତିଟିକୁହିଁ ପ୍ରକଟ କରିଦେବା ବ୍ୟତୀତ ପ୍ରକୃତରେ ଆଉକିଛୁ କରୁନାହାନ୍ତି । ସେମାନେ ବିରୋଧଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ଆଣିବାକୁ କୌଣସି ଚେଷ୍ଟା କରୁନାହାନ୍ତି, ବିସଙ୍ଗତିଟିକୁ ସମାଧାନ କରିବାରେ କିମ୍ବା ସ୍ପଷ୍ଟ କରିଦେବାରେ ମଧ୍ୟ ଆଦୌ କିଛି କରୁନାହାନ୍ତି । ମାତ୍ର ଏକ ପ୍ରଚ୍ଛନ୍ନ କିମ୍ବା ପ୍ରକାଶ୍ୟ ଦ୍ୱନ୍ଦ୍ୱକଳ୍ପନାର ସୃଷ୍ଟି କରି ଏବଂ ପରମ ଅଖଣ୍ଡ ତତ୍ତ୍ୱକୁ ମୂଳତଃ ଖଣ୍ଡିତ କରି ପକାଇ ବିସଙ୍ଗତିଟିକୁ କେବଳ ଆଉଥରେ ଘୋଷଣା କରି କହି ଦେଉଛନ୍ତି । ବସ୍ତୁତଃ ତଦ୍ୱାରା ଗୋଟିଏ

'oaob.nitrkl.ac.in' images reprocessed

ପକ୍ଷରେ ଈଶ୍ବର ବା ଆତ୍ମା ଓ ଅନ୍ୟପକ୍ଷରେ ପ୍ରକୃତିକୁ ଦୁଇଟି ଭିନ୍ନଭିନ୍ନ ତତ୍ତ୍ୱ ବୋଲି କହି ଦିଆଯାଉଛି । ମାତ୍ର ପ୍ରକୃତି କହିଲେ ସର୍ବଦା ବସ୍ତୁଗୁଡ଼ିକ ମଧ୍ୟରେ ନିହିତ ହୋଇ ରହିଥିବା ଯେଉଁ ଶକ୍ତିକୁ ବୁଝାଏ, ତାହା ଯଥାର୍ଥରେ ଆତ୍ମା ଅର୍ଥାତ୍ ବସ୍ତୁଗୁଡ଼ିକର ମୌଳିକ ସତ୍ତ୍ୱର ଶକ୍ତି ବ୍ୟତୀତ କଦାପି ଭିନ୍ନ କିଛିହେଲେ ହୋଇ ନ ପାରେ । ପ୍ରକୃତିର କାର୍ଯ୍ୟାବଳୀ କଦାପି ଆତ୍ମାଠାରୁ ଏକାବେଳକେ ସ୍ୱତନ୍ତ୍ର ହୋଇପାରିବ ନାହିଁ, ତାହା ଏକାଧାରରେ ଆପଣାର ଉପସ୍ଥିତ ପରିଣାମଟିର କଦାପି ସମବାଚୀ ହୋଇପାରିବ ନାହିଁ । ପୁରୁଷର ସମ୍ମତି ବା ଅସମ୍ମତି ପ୍ରକୃତିର କାର୍ଯ୍ୟ ଉପରେ ଆଦୌ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କଦାପି କୁହାଯାଇ ନ ପାରେ; କିମ୍ବା ଏକଥା ମଧ୍ୟ ମାନିନେଇ ହେବ ନାହିଁ ଯେ ପୁରୁଷର ଯନ୍ତ୍ରବତ୍ ଜଡ଼ ନିଷ୍କ୍ରିୟତା ଉପରେ ଆପଣାକୁ ଲଦିଦେଇ ଯନ୍ତ୍ରବତ୍ ପ୍ରକୃତିରୂପୀ ଶକ୍ତି କେବଳ ଏକ ଅତ୍ୟାଗ୍ରହିଁ ଲଗାଇ ରଖିଛି । ପୁଣି, ସାକ୍ଷୀରୂପେ ବିଦ୍ୟମାନ ଏକ ନିଷ୍କ୍ରିୟ ପୁରୁଷ ସହିତ ସୃଷ୍ଟି କାର୍ଯ୍ୟରେ ତତ୍ପର ରହିଥିବା ଏକ ସକ୍ରିୟ ଈଶ୍ବରଙ୍କର ବି କଳ୍ପନା କରାଯାଇ ପାରେ । ମାତ୍ର ଏହାଦ୍ୱାରା ଆମର ଆଦୌ କୌଣସି ଲାଭ ହେବ ନାହିଁ, କାରଣ ଶେଷକୁ କେବଳ ଗୋଟିଏ ତତ୍ତ୍ୱର ଦୁଇଟି ବିଭବରୂପେ ସେଗୁଡ଼ିକୁ ଯଥାର୍ଥରେ ଏକ ବୋଲି ସ୍ୱୀକାର କରିନେବାକୁହିଁ ପଡ଼ିବ । ଈଶ୍ବରଙ୍କୁ ସାକ୍ଷୀରୂପେ ଅବସ୍ଥିତ ପୁରୁଷଙ୍କର କ୍ରିୟାଶୀଳ ବିଭବ ଏବଂ ପୁରୁଷଙ୍କୁ ସୃଷ୍ଟିକାର୍ଯ୍ୟରତ ଆପଣା ଈଶ୍ବରଙ୍କର ଏକ ସାକ୍ଷୀରୂପେ ଗ୍ରହଣ କରିନେବାକୁ ପଡ଼ିବ । ଜୀବନ ମଧ୍ୟରେ ଅବସ୍ଥିତ ଆତ୍ମା ଓ ଆପଣାର କାର୍ଯ୍ୟାବଳୀ ମଧ୍ୟରେ ଅବସ୍ଥିତ ଆତ୍ମା,—ଏହି ଦୁହିଁଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଅଥବା ବ୍ୟବଧାନଟି ରହିଯାଉଛି, ତାହାର ବ୍ୟାଖ୍ୟା ଅବଶ୍ୟ ଦରକାର, ମାତ୍ର ଯେତେ ବ୍ୟାଖ୍ୟା କଲେ ମଧ୍ୟ ତଥାପି ତାହା ଅବ୍ୟାଖ୍ୟାତ ହୋଇ ରହିଯାଉଛି ଅଥବା ଏହାର କୌଣସି ବ୍ୟାଖ୍ୟା କରିହେବ ନାହିଁ ବୋଲି ମନେହେଉଛି । ଅଥବା, ଆମେ ବ୍ରହ୍ମରୂପ ପରମ-ସତ୍ୟଙ୍କର ଦ୍ୱିବିଧ ଚେତନାର କଳ୍ପନା ମଧ୍ୟ କରିପାରିବା । ଗୋଟିଏ ସ୍ଥିତିଧର୍ମୀ ଚେତନା ଓ ଅନ୍ୟଟି ଗତିଧର୍ମୀ ଚେତନା । ଗୋଟିଏ ହେଉଛି ମୂଳଭୂତ ଓ ଆଧ୍ୟାତ୍ମିକ ଚେତନା ଯେଉଁଥିରେ କି ସେ ପୂର୍ଣ୍ଣ ଓ ନିର୍ବିଶେଷ ଆତ୍ମସ୍ୱରୂପ ହୋଇ ବିରାଜମାନ ଅଛନ୍ତି । ଅନ୍ୟ ବାସ୍ତବଧର୍ମୀ ଚେତନାଟି ଆପଣାକୁ ନାନାଭାବେ ଗଠନକ୍ଷମ କରି ରଖିଛି, ଯେଉଁଥିରେ କି ଆତ୍ମା ଆପଣାକୁ ଅନାତ୍ମ କରିପାରୁଛନ୍ତି, ମାତ୍ର ଯେଉଁଥିରେ ନିର୍ବିଶେଷ ପୂର୍ଣ୍ଣ ଆତ୍ମା ଆଦୌ କୌଣସିପ୍ରକାରେ ସଂଶ୍ଳିଷ୍ଟ ହେଉନାହାନ୍ତି, ତାହାର କାର୍ଯ୍ୟରେ ସେ କୌଣସି ପ୍ରକାର ଅଂଶ ଗ୍ରହଣ କରୁନାହାନ୍ତି । କାରଣ ଅନାତ୍ମତା ହେଉଛି କାଳାତୀତ ପରମସତ୍ୟ ମଧ୍ୟରେ କେବଳ ଏକ କାଳାଧୀନ ରୂପାତ୍ମକ ମାତ୍ର । ଅର୍ଦ୍ଧସତ୍ତ୍ୱ ଓ ଅର୍ଦ୍ଧଚେତନାବିଶିଷ୍ଟ ଅଥଚ ପରମସତ୍ତାର ଅର୍ଦ୍ଧସ୍ୱପ୍ନମୟ ଏକ ଜୀବନ ଭିତରେ ବାସ କରୁଥିବା ଆମେ ପ୍ରକୃତିର ତାଡ଼ନାରେ ବାଧ୍ୟ ହୋଇ ଏହି

'oaob.nitrkl.ac.in' images reprocessed

ସ୍ୱପ୍ନମୟତାକୁହିଁ ଯଥାର୍ଥ ଜୀବନ ବୋଲି ମାନିନେଇଛୁ ଓ ତାହାର ସେହି ଜଟିଳ ଉଦ୍ଭାବନତା ମଧ୍ୟରୁ ନିସ୍ତାର ପାଇବାର କୌଣସି ବାଟହିଁ ପାଉ ନାହୁଁ । ତେଣୁ ଆମର ଆଖିକୁ ଏହା ସ୍ପଷ୍ଟତଃ କେବଳ ଏକ ରହସ୍ୟ ପରିହିଁ ବୋଧ ହେଉଛି । କାରଣ ଏହି କାଳାଧୀନ ଚେତନା ଓ ତାହାର ବିସୃଷ୍ଟିଗୁଡ଼ିକ ମଧ୍ୟ ପରିଣାମରେ ସେହି ଗୋଟିଏ ଆତ୍ମାର ଏକ ଶକ୍ତି ବ୍ୟତୀତ ଆଉକିଛି ନୁହନ୍ତି । ସେମାନେ ତାହାରି ଉପରେ ନିର୍ଭର କରିଛନ୍ତି ଓ ତାହାକୁହିଁ ଆଶ୍ରୟ କରି ରହିଛନ୍ତି । ତେଣୁ ପରମ ସତ୍ୟର ଶକ୍ତି ଉପରେ ଆଶ୍ରୟ କରି ଯାହାକିଛି ରହିଛି, ଆମେ ତାହାକୁ କଦାପି ପରମ ଶକ୍ତିଠାରୁ ବିଚ୍ଛିନ୍ନ ବା ଅସଂଲଗ୍ନ ବୋଲି କହିପାରିବା ନାହିଁ; ଏବଂ ସେହି ପରମ ତତ୍ତ୍ୱସ୍ୱରୂପଙ୍କୁ ମଧ୍ୟ ତାଙ୍କର ଆପଣା ଶକ୍ତିଦ୍ୱାରା ବିସୃଷ୍ଟ ଏହି ଜଗତଠାରୁ ବିଚ୍ଛିନ୍ନ ବୋଲି କହିପାରିବା ନାହିଁ । ଯଦି କେବଳ ସେହି ପରମ ବ୍ରହ୍ମସତ୍ତାଙ୍କୁ ଆଶ୍ରୟ କରି ଏହି ଜଗତ ତିଷ୍ଠି ରହିଛି, ତେବେ ଏହି ଜଗତର ସକଳ ବ୍ୟବସ୍ଥା ଓ ସକଳ ସମ୍ବନ୍ଧ ମଧ୍ୟ କେବଳ ତାଙ୍କର ଶକ୍ତିକୁହିଁ ଆଶ୍ରୟ କରି ତିଷ୍ଠି ରହିପାରିବ । ଏହି ଜଗତର ବିଧାନଟି ମଧ୍ୟ ଆଧ୍ୟାତ୍ମିକ ଚେତନା ଓ ଆଧ୍ୟାତ୍ମିକ ସତ୍ତାର କୌଣସି ବିଧାନର ଅନୁସରଣ କରିବାକୁ ବାଧ୍ୟ ହେବ । ବ୍ରହ୍ମରୂପୀ ପରମସତ୍ୟ ଆପଣା ସତ୍ତାସ୍ଥିତ ବିଶ୍ୱଚେତନାଟି ବିଷୟରେ ଅବଶ୍ୟ ଅବହିତ ରହିବେ, ସେ ବିଶ୍ୱଚେତନା ମଧ୍ୟରେ ଓତପ୍ରୋତ ହୋଇ ରହିଥିବେ । କେବଳ ତାଙ୍କର ଶକ୍ତିହିଁ ଏହି ପ୍ରାତିଭାସିକ ଜଗତ ଓ ତାହାର କ୍ରିୟାବଳୀକୁ ସତତ ନିୟନ୍ତ୍ରିତ କରୁଥିବ, କିମ୍ବା ଅନ୍ତତଃ ସେଗୁଡ଼ିକ ଲାଗି ତାଙ୍କର ସ୍ୱୀକୃତି ଅବଶ୍ୟ ରହିଥିବ । କାରଣ, ମୂଳଭୂତ ଓ ଶାଶ୍ୱତ ପରମ ସ୍ୱରୂପସତ୍ତାରୁ ନିଷ୍ପନ୍ନ ହୋଇନଥିବା କୌଣସି ସ୍ୱତନ୍ତ୍ର ଶକ୍ତି ଓ କୌଣସି ପ୍ରକୃତି କଦାପି ସମ୍ଭବ ହେବ ନାହିଁ । ଆଉକିଛି ନକଲେ ମଧ୍ୟ ତାହା କେବଳ ଆପଣାର ଜ୍ଞାନମୟ ସର୍ବଗମ୍ୟତାଦ୍ୱାରାହିଁ ଜଗତକୁ ଜନ୍ମ ଦେଉଥିବ ଓ ତାହାର ନିୟନ୍ତ୍ରଣ କରୁଥିବ । ନିଃସନ୍ଦେହ ଭାବରେ ଏହାକୁ ଆଧ୍ୟାତ୍ମିକ ଅନୁଭୂତିର ଏକ ସତ୍ୟରୂପେ ମାନି ନିଆଯାଇ ପାରିବ ଯେ ବିଶ୍ୱବ୍ୟାପୀ ଏହି ସକଳ କ୍ରିୟାତ୍ମକତା ଓ କ୍ରିୟାଶୀଳତା ପଛରେ ପରମ ଅନନ୍ତ ଭିତରେ ଶାନ୍ତ ଓ ନୈଷ୍କର୍ମ୍ୟର ଏକ ସ୍ଥିତି ଅବଶ୍ୟ ରହିଛି, ଯାବତୀୟ ସୃଷ୍ଟି ଓ ବିସୃଷ୍ଟିର ଅବିଚଳ ପରମ ସାକ୍ଷୀରୂପେ ଏକ ପରମ ଚୈତନ୍ୟମୟତା ଅବଶ୍ୟ ଅବସ୍ଥିତ ରହିଛି । ମାତ୍ର କେବଳ ଏହାକୁହିଁ ଆଧ୍ୟାତ୍ମିକ ଉପଲବ୍ଧିର ସମଗ୍ର କ୍ଷେତ୍ର ବୋଲି କଦାପି ବୁଝାଯିବ ନାହିଁ, ଏବଂ ଜ୍ଞାନ ଓ ସତ୍ୟଦର୍ଶନର କେବଳ ଗୋଟିଏ ପାଖର ଆବିଷ୍କାର କରି ଆମେ ଏହି ବିଶ୍ୱରହସ୍ୟର ଏକ ମୌଳିକ ଓ ସମଗ୍ର ସମାଧାନ ପାଇ ପାରିବା ବୋଲି ମଧ୍ୟ କଦାପି ଆଶା କରିବାକୁ ଯିବା ନାହିଁ ।

ଏକ ଦିବ୍ୟ ପ୍ରଶାସନଦ୍ୱାରାହିଁ ଏହି ବିଶ୍ୱଜଗତ ପରିଚାଳିତ ହେଉଛି ବୋଲି ଥରେ ସ୍ୱୀକାର କରିନେବା ପରେ ଆମକୁ ଏହି ସିଦ୍ଧାନ୍ତଟିରେ ଅବଶ୍ୟ ପହଞ୍ଚିବାକୁ ହେବ ଯେ

'oaob.nitrkl.ac.in' images reprocessed

ସେହି ପ୍ରଭାବନଶକ୍ତି ହେଉଛି ଏକ ପୂର୍ଣ୍ଣ ଏବଂ ଅବ୍ୟାହତ ଶକ୍ତି । ତା'ନହେଲେ ଆମକୁ ବାଧ୍ୟହୋଇ କଳ୍ପନା କରିବାକୁ ହେବ ଯେ ଏକ ଅନନ୍ତ ଓ ସାର୍ବଭୌମ ସତ୍ତା ଓ ଚେତନାର କେବଳ ଏକ ସୀମାବଦ୍ଧ ଜ୍ଞାନ ଓ ଇଚ୍ଛାଶକ୍ତି ରହିଛି ଏବଂ ଏହି ସୀମାବଦ୍ଧତା ଦ୍ୱାରା ସେଗୁଡ଼ିକ ବସ୍ତୁଗୁଡ଼ିକର ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିପାରୁ ନାହିଁ ଏବଂ ଆପଣା କ୍ରିୟାତ୍ମକ ଶକ୍ତିରେ ଅନେକ କ୍ଷେତ୍ରରେ ବ୍ୟାହତ ହୋଇ ରହିଛି । ଏପରି ଏକ ଅନୁମାନ କରିବା ମଧ୍ୟ କଦାପି ଅସମ୍ଭବ ନୁହେଁ ଯେ ପରମ ଓ ଅନ୍ତର୍ନିହିତ ଦିବ୍ୟସତ୍ତା ଆପଣା ମଧ୍ୟରେ ରହିଥିବା କୌଣସି ଏକ ତତ୍ତ୍ୱକୁ କେତେକ ପରିମାଣରେ ସ୍ୱାତନ୍ତ୍ର୍ୟ ଦେଇ ରଖିଛନ୍ତି, ତାଙ୍କର ପରିପୂର୍ଣ୍ଣ ସତ୍ତା ମଧ୍ୟରେ ଯାହାର ଉନ୍ମେଷ ହୋଇଛି, ମାତ୍ର ସିଏ ସ୍ୱୟଂ ଅପୂର୍ଣ୍ଣ ରହିଛି ଏବଂ ଯାବତୀୟ ଅପୂର୍ଣ୍ଣତାର କାରଣରୂପେ କାର୍ଯ୍ୟ କରୁଛି । ଏକ ଅବିଦ୍ୟାଚ୍ଛନ୍ନ ନିଶ୍ଚେତନ ପ୍ରକୃତିକୁ ସେ ଏହିପରି ଏକ ସ୍ୱାଧୀନତା ଦେଇଛନ୍ତି, ମାନୁଷୀ ମନ ଓ ମାନୁଷୀ ଇଚ୍ଛାର ବିବିଧ କାର୍ଯ୍ୟକଳାପକୁ ଦେଇଛନ୍ତି, ଏପରିକି ଏକ ମୂଳଭୂତ ନିଶ୍ଚେତନତାର ରାଜ୍ୟରେ ପ୍ରତିଷ୍ଠିତ ରହିଥିବା ଅନ୍ଧାର ଓ ଅଶୁଭର ଶକ୍ତି ଅଥବା ସାମର୍ଥ୍ୟଗୁଡ଼ିକୁ ସେ ସେହିପରି ସ୍ୱାଧୀନତା ଦେଇ ରଖିଛନ୍ତି । ମାତ୍ର ଯଥାର୍ଥତଃ ଏଗୁଡ଼ିକ କଦାପି ସେହି ପରମ ଦିବ୍ୟତତ୍ତ୍ୱଟିର ସ୍ୱକୀୟ ସତ୍ତାଠାରୁ ସ୍ୱତନ୍ତ୍ର ହୋଇ ରହିପାରିବେ ନାହିଁ, ତାହାର ସ୍ୱକୀୟ ସ୍ୱଭାବ ଓ ଚେତନାରୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିପାରିବେ ନାହିଁ । ଏଗୁଡ଼ିକ କେବଳ ସେହି ପରମ ଦିବ୍ୟସତ୍ତାର ସମକ୍ଷରେ ଅବସ୍ଥିତ ରହିହିଁ କାର୍ଯ୍ୟ କରିପାରିବେ, କେବଳ ତାଙ୍କର ସ୍ୱୀକୃତି ବା ଅନୁମତି ଦ୍ୱାରାହିଁ କାର୍ଯ୍ୟ କରିପାରିବେ । ମନୁଷ୍ୟର ସ୍ୱାତନ୍ତ୍ର୍ୟ ହେଉଛି କେବଳ ଏକ ଆପେକ୍ଷିକ ସ୍ୱାତନ୍ତ୍ର୍ୟ, ଏବଂ ସେହି କାରଣରୁ ତା'ର ଆପଣା ସ୍ୱଭାବର ଅପୂର୍ଣ୍ଣତା ସକାଶେ ତାକୁ କଦାପି ସମ୍ପୂର୍ଣ୍ଣଭାବେ ଦାୟୀ କରାଯାଇ ପାରିବ ନାହିଁ । ପ୍ରକୃତି ମଧ୍ୟରେ ଯେଉଁ ଅବିଦ୍ୟା ଓ ନିଶ୍ଚେତନତା ରହିଛି, ତାହା ସ୍ୱତନ୍ତ୍ର ଭାବରେ ଆଉକେଉଁଠୁ ଉଦ୍ଭୂତ ହୋଇ ଆସି ନାହିଁ; ସେହି ଏକ ପରମସତ୍ତା ମଧ୍ୟରେହିଁ ସେଗୁଡ଼ିକର ଉନ୍ମେଷ ହୋଇଛି । ପ୍ରକୃତିର କ୍ରିୟା ମଧ୍ୟରେ ଯେଉଁସବୁ ଅପୂର୍ଣ୍ଣତା ରହିଛି, ତାହାକୁ ଆମେ ପରମ ଅନ୍ତର୍ନିହିତ ସତ୍ତାଙ୍କର ଇଚ୍ଛାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ସମ୍ପର୍କରହିତ ଆଉ କିଛି ବୋଲି କଳ୍ପନା କରିପାରିବା ନାହିଁ । ହୁଏତ ସ୍ୱୀକାର କରାଯାଇ ପାରେ ଯେ ଯେଉଁସବୁ ଶକ୍ତିର ଓ ଗତିର ସଂସ୍କରଣ ହୋଇଛି, ସେଗୁଡ଼ିକ କ୍ରମଶଃ ଆପଣା ଆପଣା ଗତିସ୍ପନ୍ଦନର ବିଧାନକୁ ମାନି କାର୍ଯ୍ୟ କରିବାର ସ୍ୱାତନ୍ତ୍ର୍ୟ ଲାଭ କରନ୍ତି । ମାତ୍ର ପରମ ସର୍ବଜ୍ଞତା ଏବଂ ସର୍ବଶକ୍ତିମତ୍ତାଠାରୁ ସ୍ୱୀକୃତି ପାଇ ତାହାର ସର୍ବସଞ୍ଚାମାନତା ଓ ସର୍ବମୟ ସତ୍ତା ମଧ୍ୟରେ ଯାହାକିଛି ଜନ୍ମଲାଭ କରିଛି ଓ କାର୍ଯ୍ୟ କରୁଛି, ସେଗୁଡ଼ିକ କେବଳ ତାଙ୍କଠାରୁ ଜାତ ହୋଇଛି ଓ ତାଙ୍କର ବିଧାନଦ୍ୱାରା ଚାଳିତ ହେଉଛି ବୋଲି ବୁଝିବାକୁ ହେବ, କାରଣ କେବଳ ତାଙ୍କର ନିର୍ଦ୍ଦେଶ ବ୍ୟତୀତ ସେଗୁଡ଼ିକ

'oaob.nitrkl.ac.in' images reprocessed

ଆଦୌ ଜନ୍ମଲାଭ କରିନଥା'ନ୍ତେ କିମ୍ବା ଅସ୍ତିତ୍ୱ ଧାରଣ କରି ରହି ପାରିନଥା'ନ୍ତେ । ଆମେ ରୂପାୟିତ କରିଥିବା ଜଗତଟି ସହିତ ପରମ ଦିବ୍ୟସତ୍ତାଙ୍କର ଯଦି ଆଦୌ କୌଣସି ସମ୍ବନ୍ଧ ଥାଏ, ତେବେ କେବଳ ସେଇଥି ଏହି ବିଶ୍ୱର ସ୍ୱାମୀ ଓ ପ୍ରଭୁ ହୋଇ ପ୍ରତିଷ୍ଠିତ ରହିବେ, ଏବଂ ତାଙ୍କର ମୂଳଭୂତ ବିଶ୍ୱଗତ ସତ୍ତାର ସେହି ଆବଶ୍ୟକତାଟିକୁ ଏଡ଼ିଦେଇ କିମ୍ବା ଛାଡ଼ିଦେଇ ପଳାଇଯିବା ଲାଗି କାର୍ଯ୍ୟତଃ ଆଉ କୌଣସି ଅବକାଶ ରହିବ ନାହିଁ । ଆମ ପ୍ରଥମ ଅନୁମାନଟିର ଏହି ସ୍ୱତଃ-ସ୍ପଷ୍ଟ ପରିଣାମଟିର ଭିତ୍ତି ଉପରେ ଅବସ୍ଥିତ ରହି ଓ ତାହାର ନିହିତାର୍ଥଗୁଡ଼ିକୁ କୌଣସିପ୍ରକାରେ ଏଡ଼ି ପଳାଇଯିବାର ଚେଷ୍ଟା ନକରିହିଁ ଆମକୁ ଅପୂର୍ଣ୍ଣତା, ଦୁଃଖ ଓ ଅଶୁଭର ସମସ୍ୟାଟିକୁ ସମାଧାନ କରିବାକୁ ପଡ଼ିବ ।

ଏବଂ ସର୍ବପ୍ରଥମେ ଆମକୁ ଏହି କଥାଟି ବୁଝିବାକୁ ପଡ଼ିବ ଯେ ଏହି ଜଗତରେ ଅଜ୍ଞାନ, ଭୁଲ, ସୀମାବଦ୍ଧତା, ବିଭାଜନ ଓ ବିସଙ୍ଗତିମାନ ରହିଛି ବୋଲି ଯେ ତଦ୍ଦ୍ୱାରା ଏଠାରେ ଦିବ୍ୟ ସତ୍ତା, ଦିବ୍ୟ ଚେତନା, ଦିବ୍ୟ ସାମର୍ଥ୍ୟ, ଦିବ୍ୟ ଜ୍ଞାନ, ଦିବ୍ୟ ଇଚ୍ଛା ଓ ଦିବ୍ୟ ଆନନ୍ଦର ଅସ୍ତିତ୍ୱଟି ଖଣ୍ଡିତ ଓ ଅପ୍ରମାଣିତ ହୋଇଯାଉଛି, ଆମେ ସେକଥା କଦାପି ଗ୍ରହଣ କରିନେବା ନାହିଁ । ଅନେକ ସମୟରେ ଚଞ୍ଚଳ ମନରେ ଆମେ ପ୍ରାୟ ସେହିଭଳି କଳ୍ପନା କରିଥାଉ । ଅବଶ୍ୟ ଯଦି ଏଗୁଡ଼ିକୁ ପରସ୍ପରଠାରୁ ବିଚ୍ଛିନ୍ନ କରି ସ୍ୱତନ୍ତ୍ର ଭାବରେ ଦେଖାଯାଏ, ତେବେ ସେଗୁଡ଼ିକ ସେହିଭଳି ବୋଧ ହୋଇ ପାରନ୍ତି । ମାତ୍ର ବିଶ୍ୱକ୍ରିୟାର ଏକ ସମଗ୍ର ଗୋଚରଭୂମି ଉପରେ ଯଦି ଆମେ ସେଗୁଡ଼ିକର ସ୍ଥାନ ଓ ତାତ୍ପର୍ଯ୍ୟ ବିଷୟରେ ଏକ ସ୍ପଷ୍ଟ ଦୃଷ୍ଟି ଲାଭ କରିପାରୁ, ତେବେ ସେଗୁଡ଼ିକୁ ସେଭଳି ଭ୍ରମ କରିବା ଲାଗି ଆଉ କୌଣସି ଆବଶ୍ୟକତା ରହେ ନାହିଁ । ଯଦି ଆମେ କୌଣସି ଅଂଶକୁ ସମଗ୍ରଠାରୁ ଭାଙ୍ଗି ଅଲଗା କରିଦେବା, ତେବେ ସେଇଟି ହୁଏତ ଅପୂର୍ଣ୍ଣ, ଅସୁନ୍ଦର ଦେଖାଯିବ ଓ ଅବୋଧ ପରି ମନେହେବ । ମାତ୍ର ଯେତେବେଳେ ଆମେ ଅଂଶଟିକୁ ସମଗ୍ରର ଅନ୍ତର୍ଗତ ଭାବରେ ଦେଖିବା, ସେତେବେଳେ ତାହା ଏକ ସୁସମଞ୍ଜସତା ଭିତରେ ଆପଣାର ଯଥୋଚିତ ସ୍ଥାନରେ ପ୍ରତିଷ୍ଠିତ ହୋଇପାରିବ; ସେତେବେଳେ ତାହାର ଏକ ତାତ୍ପର୍ଯ୍ୟ ରହିବ, ଏକ ପ୍ରୟୋଜନ ମଧ୍ୟ ରହିବ । ଦିବ୍ୟ ପରମସତ୍ତାର ସତ୍ତା ଏକ ଅନନ୍ତ ସତ୍ତା । ତାଙ୍କର ଏହି ଅନନ୍ତ ସତ୍ତା ମଧ୍ୟରେ ଆମେ ସବୁଠାରେ କେତେକେତେ ସୀମାବଦ୍ଧ ଓ ଅନ୍ତବିଶିଷ୍ଟ ସତ୍ତା ଦେଖିବାକୁ ପାଇବା । ଏହି ଆପାତ ବାସ୍ତବତାଟିକୁହିଁ ଇହଜଗତରେ ଆମ ଅସ୍ତିତ୍ୱର ପ୍ରଥମ ପଦକ୍ଷେପ ହୋଇଥିଲା ପରି ମନେ ହୋଇଥାଏ, ଏବଂ ଆମ ନିଜର ସଂକୀର୍ଣ୍ଣ ଅହଂ ଓ ତାହାର ଅହଂକେନ୍ଦ୍ରିତ ସକଳ କ୍ରିୟା ସର୍ବଦା କେବଳ ତାହାରି ସାକ୍ଷୀ ହୋଇ ରହିଥା'ନ୍ତି । ମାତ୍ର ଯଥାର୍ଥ କ୍ଷେତ୍ରରେ, ଯେତେବେଳେ ଆମେ ସମଗ୍ର ଆତ୍ମଜ୍ଞାନର ପରିଚୟ ଲାଭ କରୁ, ସେତେବେଳେ ଆମେ ଆବିଷ୍କାର କରୁ ଯେ ଆମେ କେହି

ଆଦୌ ସୀମାବଦ୍ଧ ନୋହୁଁ, କାରଣ ଆମେ ମଧ୍ୟ ଅସୀମ ବା ଅନନ୍ତସତ୍ତ୍ୱବିଶିଷ୍ଟ । ଆମର ଅହଂ ହେଉଛି ବିଶ୍ୱଗତ ସତ୍ତାର କେବଳ ଗୋଟିଏ ମୁଖ ବା ଗୋଟିଏ ଦିଗ ମାତ୍ର ଏବଂ ଏହାର ଆଦୌ କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ଅନ୍ୟ ସକଳଠାରୁ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ବୋଲି ପ୍ରତୀତ ହେଉଥିବା ଆମର ବ୍ୟକ୍ତିଭାବ ମଧ୍ୟ କେବଳ ଏକ ଉପରସ୍ତରର ଗତିସ୍ପନ୍ଦନ ମାତ୍ର, ଏବଂ ଏହାର ଅନ୍ତରାଳରେ ବା ପଶ୍ଚାଦ୍‌ଭାଗରେ ରହି ଆମର ଅସଲ ବ୍ୟକ୍ତିସ୍ୱରୂପଟି ସକଳ ବସ୍ତୁ ଭିତରକୁ ସଂପ୍ରସାରିତ ହୋଇ ରହିଛି, ସେଗୁଡ଼ିକ ସହିତ ଏକତ୍ୱବଦ୍ଧ ହୋଇଛି । ଏବଂ ଊର୍ଦ୍ଧ୍ୱକୁ ସଂପ୍ରସାରିତ ହୋଇ ତାହା ସେହି ବିଶ୍ୱାତୀତ ଓ ପରମ ଦ୍ରବ୍ୟ ଅନନ୍ତତା ସହିତ ମଧ୍ୟ ଏକତ୍ୱବଦ୍ଧ ହୋଇ ରହିଛି । ତେଣୁ ଅସ୍ତିତ୍ୱଗତ ଏକ ସୀମାବଦ୍ଧତା ବୋଲି ପ୍ରତୀତ ହେଉଥିବା ଆମର ଏହି ଅହଂ ହେଉଛି ପ୍ରକୃତରେ ଅନନ୍ତତାରହିଁ ଏକ ଶକ୍ତି । ଏହି ବିଶ୍ୱଜଗତରେ ରହିଥିବା ଅସୀମ ଓ ଅଗଣିତ ସତ୍ତା କଦାପି କୌଣସି ସୀମାବଦ୍ଧତା କିମ୍ବା ଅନ୍ତବିଶିଷ୍ଟତାର ପରିଣାମ ଓ ପ୍ରମାଣ ନୁହନ୍ତି, ସେଗୁଡ଼ିକ ହେଉଛନ୍ତି କେବଳ ସେହି ସୀମାତୀତ ଅନନ୍ତତାର ଜ୍ୱଳନ୍ତ ସାକ୍ଷୀ । କେବଳ ପ୍ରତୀତ ହେଉଥିବା ବିଭାଜନ ଆପଣାକୁ କଦାପି ଏକ ପ୍ରକୃତ ବିଚ୍ଛିନ୍ନତାରୂପେ ପ୍ରତିଷ୍ଠିତ କରିପାରିବ ନାହିଁ । କାରଣ ତାହାକୁ ଆଶ୍ରୟ ଦେଇ ଓ ତାହା ଉପରେ ଆସୀନ ରହି ଏକ ଅବିଭାଜ୍ୟ ଏକତ୍ୱ ରହିଛି, ଯାହାକୁକି ବିଭାଜନର କୌଣସି ତନ୍ତ୍ର କଦାପି ବିଭକ୍ତ କରିପାରିବ ନାହିଁ । ଅହଂର ଏହି ମୌଳିକ ବିଶ୍ୱସତ୍ୟ, ଆପାତ ଭେଦ ଏବଂ ଜଗତ୍‌ସତ୍ତା ମଧ୍ୟରେ ସଂଘଟିତ ହେଉଥିବା ସେଗୁଡ଼ିକର ଭେଦଧର୍ମୀ କ୍ରିୟାମାନ ଏକତ୍ୱ ଓ ଅବିଭାଜ୍ୟ ସତ୍ତାର ପରମ ଦ୍ରବ୍ୟପ୍ରକୃତିଟିକୁ କଦାପି ଖଣ୍ଡନ କରିଦେଇ ନାହିଁ । ପରମ ଓ ଅନନ୍ତ ଅଦ୍ୱିତୀୟତାର ଏକ ଶକ୍ତିରୂପେ ଏହି ବିଶ୍ୱରେ ଯେଉଁ ଅନନ୍ତ ବୈଚିତ୍ର୍ୟ ଓ ବହୁତ୍ୱ ପ୍ରକଟିତ ହେବାରେ ଲାଗିଛି, ସେଗୁଡ଼ିକୁ ଆମେ କେବଳ ତାହାର ବହିରଙ୍ଗ ପରିଣାମ ବୋଲି ଜାଣି ରଖିବା ।

।

ତେଣୁ ପ୍ରକୃତରେ ସତ୍ତାର କୌଣସି ବିଭାଜନ ହେଉ ନାହିଁ, ସତ୍ତା କୌଣସି ପ୍ରକାରେ ସୀମାବଦ୍ଧ ହୋଇଯାଉ ନାହିଁ, ଏବଂ ସଙ୍କୀର୍ଣ୍ଣବିଦ୍ୟମାନ ପରମ ସତ୍ୟଟିର ପ୍ରକୃତରେ କୌଣସି ମୌଳିକ ବିରୋଧ ଘଟୁ ନାହିଁ । ମାତ୍ର କୁଏତ ଚେତନାର କ୍ଷେତ୍ରରେ ସତେଅବା ପ୍ରକୃତରେ ଏକ ବିଭାଜନ ଘଟୁଥିଲା ପରି ମନେହେଉଛି । ଆତ୍ମା ଏକ ଅଜ୍ଞାନଦ୍ୱାରା ଆଚ୍ଛନ୍ନ ହୋଇ ରହିଛି, ଅନ୍ତରସ୍ଥ ପରମ ଦ୍ରବ୍ୟସତ୍ତା ସତେଅବା ଏକ ଆବରଣ ଭିତରେ ରହି ଯାଇଛନ୍ତି; ଏବଂ ତାହାର ପରିଣାମସ୍ୱରୂପ ଯାବତୀୟ ଅପୂର୍ଣ୍ଣତା ଆସି ପହଞ୍ଚୁଛି । କାରଣ ଯେଉଁ ବହିସ୍ତରର ଅହଂଚେତନା ଆମର ଆତ୍ମ-ଅନୁଭବ ଭିତରେ ପ୍ରଥମେ ଉଙ୍କିଟି ଉଠିଥାଏ ଏବଂ ତା'ପରେ ପଛକୁପଛ ଲାଗିରହି ଉଙ୍କିଟି ଉଠିବାରେ ଲାଗିଥାଏ, ଆପଣାର ମନ, ପ୍ରାଣ ଓ ଦେହର କ୍ଷେତ୍ରରେ ଆମେ

'oaob.nitrkl.ac.in' images reprocessed

ଆପଣାକୁ ତାହାର ସହିତହିଁ ଏକ ଓ ଅଭିନ୍ନ ବୋଲି ଅନୁଭବ କରିଥାଉ । ଏହାଦ୍ୱାରା ମୌଳିକ ଓ ବାସ୍ତବ ନହେଲେ ମଧ୍ୟ ଏକ ବ୍ୟାବହାରିକ ବିଭାଜନ ଆମ ଉପରେ ଆସି ଲଦି ହୋଇଯାଏ । ଏବଂ ପରମ ସତ୍ୟଠାରୁ ବିଚ୍ଛିନ୍ନ ହୋଇ ପଡ଼ିଲେ ଯେଉଁସବୁ ଅବାଞ୍ଛିତ ଫଳସବୁ ଭୋଗିବାକୁ ପଡ଼ିଥାଏ, ଆମକୁ ସେହିଗୁଡ଼ିକହିଁ ଆସି ଘେରିଯାଏ । ମାତ୍ର ଏହି କ୍ଷେତ୍ରରେ ମଧ୍ୟ ଆମକୁ ଅବଶ୍ୟ ଜାଣି ରଖିବାକୁ ହେବ ଯେ, ଆମ ଜୀବନ-ଭୂମିର ଉପରିସ୍ତରରେ ଆମର ପ୍ରତିକ୍ରିୟା ଅଥବା ଅଭିଜ୍ଞତା ଯାହା ହୋଇଥାଉ ପଛକେ, ଈଶ୍ୱରୀୟ କ୍ରିୟାର ଦୃଷ୍ଟିକୋଣରୁ ବିଚାର କଲେ ଅଜ୍ଞାନର ଏହି ବ୍ୟାପାରଟି ମଧ୍ୟ ପ୍ରକୃତରେ ଏକ ଅଜ୍ଞାନ ବା ଅବିଦ୍ୟା ନୁହେଁ, ତାହା ହେଉଛି ସେହି ଜ୍ଞାନ ବା ବିଦ୍ୟାର ଏକ କ୍ରିୟା । ଅବିଦ୍ୟାରୂପୀ ଏହି ପ୍ରତିଭାସଟି କେବଳ ଏକ ଉପରସ୍ତରର କ୍ରିୟା ଓ ତଥ୍ୟସନ୍ଦନ ମାତ୍ର । କାରଣ ଏହାର ମର୍ମାନ୍ତସ୍ଥଳରେ ଏକ ସର୍ବଗତ ଚେତନା ଅଧିଷ୍ଠିତ ହୋଇ ରହିଛି, ଯାହାର କି ଆଦୌ କୌଣସି ବିଭାଜନ ନାହିଁ, ଯାହା ଅବିଭାଜ୍ୟ । ଅବିଦ୍ୟା ହେଉଛି ସେହି ସର୍ବଗତ ଚେତନାର ଏକ ପୁରୋଭାଗସ୍ଥ ଶକ୍ତି ମାତ୍ର । ସର୍ବଗତ ଚେତନା ଜ୍ଞାନର କୌଣସି ଏକ ବିଶେଷ କ୍ରିୟାରେ ରତ ହୋଇ ରହିବାବେଳେ ଆପଣାକୁ ଏକ ବିଶେଷ କ୍ଷେତ୍ରରେ ଓ କେତୋଟି ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ସୀମାବଦ୍ଧ କରି ରଖେ । ସେତେବେଳେ ତାହା ଆପଣା ସଚେତନ କ୍ରିୟାର ଏକ ବିଶେଷ ଧାରାରେ ଆପଣାକୁ ନିବିଷ୍ଟ କରି ରଖିଥାଏ ଏବଂ ତା'ର ଆପଣା ଜ୍ଞାନର ଅବଶିଷ୍ଟ ଅଂଶଟି ଅନ୍ତରାଳରେ ଅପେକ୍ଷା କରି ରହିଥିବା ଏକ ଶକ୍ତିରୂପେ ପ୍ରଚ୍ଛନ୍ନ ହୋଇ ରହିଥାଏ । ଏହିପରି ଭାବରେ ଯାହାକିଛି ଲୁକ୍କାୟିତ ହୋଇ ରହିଥାଏ, ତାହା ପରମ ସର୍ବଗତ ଚେତନା ଲାଗି ଆଲୋକ ଓ ସାମର୍ଥ୍ୟର ଏକ ଗୁପ୍ତ ଭଣ୍ଡାରରୂପେ ସଞ୍ଚିତ ହୋଇ ରହିଥାଏ, ଏବଂ ସର୍ବଗତ ଚେତନା ଆମ ପ୍ରକୃତିସତ୍ତାର କ୍ରମପରିଣତିରେ ତାହାକୁ କାର୍ଯ୍ୟରେ ଲଗାନ୍ତି । ପୁରୋଭାଗରେ ଅବସ୍ଥିତ ଅବିଦ୍ୟା ମଧ୍ୟରେ ଯେଉଁସବୁ ଅଭାବତ୍ରୁଟି ରହିଛି, ଗୋପନ ରହି କାର୍ଯ୍ୟ କରୁଥିବା ଏକ ଶକ୍ତିର କ୍ରିୟା ତାହାକୁ ପୂରଣ କରି ଦେଉଥାଏ । ସେହି ଶକ୍ତି ଅବିଦ୍ୟାର ଆପାତ ବିଘ୍ନ-ସୃଷ୍ଟିକାରୀ ପରିବେଶ ମଧ୍ୟରେ କାର୍ଯ୍ୟ କରୁଥାଏ । ପରମ ସର୍ବଜ୍ଞାନ ଆଗରୁ ଯେଉଁ ପରିଣାମଟିକୁ ନିର୍ଦ୍ଦିଷ୍ଟ କରି ରଖିଛନ୍ତି, ବିଘ୍ନକାରୀ ପରିବେଶଗୁଡ଼ିକ ଯେପରି ସେହି ପରିଣାମଟିରୁ ଆଉ ଅନ୍ୟ ଏକ ଲକ୍ଷ୍ୟ ଓ ପରିଣାମ ଆଡ଼କୁ ଜୀବକୁ ଘୁଞ୍ଚାଇ ନ ନିଅନ୍ତି, ସେହି ଶକ୍ତି ପରିବେଶଗୁଡ଼ିକୁ ସେଥିରୁ କ୍ଷାନ୍ତ କରି ରଖିଥାଏ । ଅଜ୍ଞାନାଚ୍ଛନ୍ନ ଆତ୍ମାକୁ ସେହି ଶକ୍ତି ତାହାର ଅନୁଭୂତି ଭିତରୁ ଜ୍ଞାନ ଓ ଶକ୍ତି ଆହରଣ କରିବାରେ ସାହାଯ୍ୟ କରେ, ଏପରିକି ପ୍ରକୃତିର ଅଧୀନ ହୋଇ ରହିଥିବା ବ୍ୟକ୍ତିର ଦୁଃଖଭୋଗ ଓ ଭୁଲରୁ ମଧ୍ୟ ଶିଖିବାରେ ସାହାଯ୍ୟ କରେ । ଆପଣାର ଉତ୍ତରୋତ୍ତର ପରିଣତିପଥରେ ବ୍ୟଷ୍ଟିର ଯାହାସବୁ ପ୍ରୟୋଜନ ତାହାକୁ ପାଥେୟରୂପେ ସଂଗ୍ରହ କରିବାକୁ ଏବଂ

'oaob.nitrkl.ac.in' images reprocessed

ଯେଉଁସବୁର ଆଉ କୌଣସି ପ୍ରୟୋଜନ ନାହିଁ, ସେଗୁଡ଼ିକୁ ପଛରେ ପକାଇଦେଇ ଯିବାକୁ ସାହାଯ୍ୟ କରେ । ପ୍ରକୃତପକ୍ଷରେ କାର୍ଯ୍ୟ କରୁଥିବା ଏହି ଅବିଦ୍ୟା ଶକ୍ତିକୁ ଆମେ ଏକ ସୀମାବଦ୍ଧ କ୍ରିୟାକ୍ଷେତ୍ର ଭିତରେ ଶକ୍ତିର ଏକ ଅଭିନିବେଶ ବୋଲି କହିପାରିବା । ଆମ ମାନୁଷୀ ମନୋଭୂମିର ଯେଉଁ ଶକ୍ତିଟି ଦ୍ୱାରା ଆମେ କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଓ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ମଧ୍ୟରେ ଆପଣାକୁ ଅଭିନିବିଷ୍ଟ କରି ରଖୁ, ଏବଂ ସେଇଟି ସକାଶେ କେବଳ ଯେତିକି ଜ୍ଞାନ ଓ ଯେଉଁସବୁ ଭାବନାର ପ୍ରୟୋଜନ ରହିଛି, କେବଳ ସେତିକି ଜ୍ଞାନ ଓ ଭାବନାକୁ କାର୍ଯ୍ୟରେ ଲଗାଉଥିବା ପରି ମନେ କରିଥାଉ; ଏବଂ ତାହାଠାରୁ ଭିନ୍ନ ଓ ସେଥିରେ ବାଧା ସୃଷ୍ଟି କରୁଥିବା ଅନ୍ୟ ସକଳ ଜ୍ଞାନ ଓ ଭାବନାକୁ ସେଇ ସମୟଟି ପାଇଁ ପଛକୁ ରଖି ଦେଇଥାଉ, ଅନେକ ପରିମାଣରେ ସେହି ଶକ୍ତିଟି ସହିତ ଆମେ ଉକ୍ତ ଶକ୍ତିର ତୁଳନା କରିପାରିବା । ମାତ୍ର ଆମର ଯଥାର୍ଥ ପରିଚୟରେ କେବଳ ଯେଉଁ ଅବିଭାଜ୍ୟ ଚେତନାଟି ବ୍ୟତୀତ ଆମେ ଆଉ କିଛି ନୋହୁ, ସେହି ଚେତନାହିଁ ସର୍ବଦା ଯାହାକିଛି କରିବାର କଥା ତାହା କରୁଥାଏ, ଯାହା ଦେଖିବାର କଥା ତାହା ଦେଖୁଥାଏ । ଆମ ଭିତରର ନୀରବ ଜ୍ଞାତା ଓ ନୀରବ କର୍ତ୍ତା କହିଲେ ଆମେ କେବଳ ସେହି ଅବିଭାଜ୍ୟ ଚେତନାକୁହିଁ ବୁଝିବା । କେବଳ ସେଇ ସବୁ ଜାଣେ ଓ ସବୁ କରେ; ଚେତନାର କୌଣସି ଏକ ଖଣ୍ଡିତ ଅଂଶ କିମ୍ବା ଭିନ୍ନ ଓ ବହିଃସ୍ଥ କୌଣସି ସ୍ୱତନ୍ତ୍ର ଅବିଦ୍ୟା କିଛି ଜାଣେ ନାହିଁ ଓ କିଛି କରେ ନାହିଁ । ଆମ ଭିତରେ ଅବସ୍ଥିତ ପରମ ସର୍ବମୟ ଚେତନାର ଏହି ପ୍ରୟୋଜନଗତ ଅଭିନିବେଶଶକ୍ତି ବିଷୟରେ ମଧ୍ୟ ଠିକ୍ ସେହିକଥା କୁହାଯାଇ ପାରିବ ।

ଆମ ଚେତନାଗତ ଗତିସ୍ଫୁରଣାଗୁଡ଼ିକର ମୂଲ୍ୟନିରୂପଣ କଲାବେଳେ ଏକାଗ୍ର ଅଭିନିବେଶର ଏହି ସାମର୍ଥ୍ୟଟିକୁ ଯଥାର୍ଥରେ ମନୁଷ୍ୟ-ମନର ଏକ ବୃହତ୍ତମ ଶକ୍ତି ବୋଲି କୁହାଯାଇଥାଏ । ମାତ୍ର ଆମେ ଯାହାକୁ ସୀମିତ ଜ୍ଞାନର କେବଳ ଗୋଟିଏ ପ୍ରକାରେ ଅଭିନିବିଷ୍ଟ ହୋଇ କାର୍ଯ୍ୟ କରିବା ବୋଲି କହୁଅଛେ ଏବଂ ଯାହାକୁ ଆମେ ଅବିଦ୍ୟା ବୋଲି କହୁଥାଉ, ସେଇଟିକୁ କାର୍ଯ୍ୟରେ ଲଗାଇବାର ଶକ୍ତିଟିକୁ ମଧ୍ୟ ଆମେ ସମାନ ଭାବରେ ବିଦ୍ୟା ପରମ ଚେତନାର ଏକ ବୃହତ୍ତମ ଶକ୍ତି ବୋଲି ଅବଶ୍ୟ କହିବା । ଯେଉଁ ଜ୍ଞାନ ଆପଣାର ଶକ୍ତିମତ୍ତା ବଳରେ ଏକ ନିର୍ଦ୍ଦିଷ୍ଟ କ୍ରିୟାରେ ଆପଣାକୁ ସୀମାବଦ୍ଧ କରି ରଖିପାରୁଛି ଏବଂ ତଥାପି ସେହି ଆପାତ ଅବିଦ୍ୟାଟିର ମଧ୍ୟଦେଇ ପରିପୂର୍ଣ୍ଣ ଭାବରେ ଆପଣାର ସକଳ ଅଭିପ୍ରାୟକୁ ସିଦ୍ଧ କରିପାରୁଛି, ତାହାକୁ ଆମେ ଏକ ସ୍ୱପ୍ରତିଷ୍ଠ ପରମ ଜ୍ଞାନ ବ୍ୟତୀତ ଆଉ କ'ଣ କହିପାରିବା ? ଏହି ସ୍ୱପ୍ରତିଷ୍ଠ ପରମଜ୍ଞାନ ବିଶ୍ୱଜଗତରେ ଅଗଣିତ ବହୁ ଅବିଦ୍ୟା ମଧ୍ୟ ଦେଇ କାର୍ଯ୍ୟ କରୁଛି । ପ୍ରତ୍ୟେକ ଅବିଦ୍ୟା ଆପଣା ଆପଣାର ସ୍ୱକୀୟ ଅଧିକାର ବୋଲି ମାନି କାର୍ଯ୍ୟ କରିବାକୁ

'oaob.nitrkl.ac.in' images reprocessed

ଉଦ୍ୟମ କରୁଛନ୍ତି; ମାତ୍ର ତଥାପି ସକଳ ଅବିଦ୍ୟା ମଧ୍ୟ ଦେଇ ପରମଜ୍ଞାନ ଆପଣାର ବିଶ୍ୱଗତ ସମଞ୍ଜସତାଗୁଡ଼ିକୁ ରଚନା ଓ କାର୍ଯ୍ୟକାରୀ କରିବାରେ ଲାଗିଛି । ଅଧିକନ୍ତୁ, ଆମକୁ ଯାହା ଏକ ପରମ ନିଶ୍ଚେତନର କ୍ରିୟା ବୋଲି ବୋଧହେଉଛି, ତାହାର ମଧ୍ୟରେହିଁ ପରମଜ୍ଞାନର ସର୍ବଜ୍ଞତାରୂପୀ ବିମ୍ମୃତି ସବୁଠାରୁ ଅଧିକ ସ୍ପଷ୍ଟ ଭାବରେ ଆବିର୍ଭୂତ ହୋଇ ରହିଛି । ଆମର ଅବିଦ୍ୟାଠାରୁ ମଧ୍ୟ ଯେଉଁଠି ଅନ୍ଧକାର ଅଧିକ ଘନୀଭୂତ ହୋଇ ରହିଛି, ଅଣୁ, ପରମାଣୁ, ଜୀବକୋଷ, ଉଦ୍ଭିଦ, କୀଟପତଙ୍ଗ ପ୍ରଭୃତି ନିମ୍ନତର ପ୍ରାଣୀସ୍ତରଗୁଡ଼ିକର ପୂର୍ଣ୍ଣ ଅଥବା ଆଂଶିକ ନିଶ୍ଚେତନାର ମଧ୍ୟଦେଇ ପରମଜ୍ଞାନ ବଡ଼ ନିଖୁଣ ଭାବରେ ଆପଣାର ବସ୍ତୁବ୍ୟବସ୍ଥାଟିକୁ ବଳବତ୍ତର ରଖିଛି । ପରମ ସର୍ବମୟ ଜ୍ଞାନ ଭିତରେ ଯେଉଁ ଅଭିପ୍ରାୟ ସଦାବର୍ତ୍ତମାନ ରହିଛି ଅଥଚ ଯାହା ଏକ ଆବରଣର ଅନ୍ତରାଳରେ ରହିଛି, ସେହି ଅଭିପ୍ରାୟର ଜମିଦ୍ୱରୂପେ ବ୍ୟବହୃତ ହେଉଥିବା ସତ୍ତ୍ୱରୂପଗୁଡ଼ିକର ସେହି ବିଷୟରେ କୌଣସି ଜ୍ଞାନ ନାହିଁ, ଅଥଚ ସେମାନଙ୍କର ସହଜାତ ପ୍ରବୃତ୍ତି ଓ ପ୍ରବେଗ ମଧ୍ୟରେ ତାହା ପୂର୍ଣ୍ଣ ଭାବରେ କ୍ରିୟାଶୀଳ ହୋଇ ରହିଛି, ସେହି ଅଭିପ୍ରାୟଟି ଆଡ଼କୁହିଁ ପରମଜ୍ଞାନ ସେମାନଙ୍କର ସହଜାତ ପ୍ରବୃତ୍ତି ବା ଅଚେତନ ପ୍ରେରଣାଗୁଡ଼ିକୁ ବାଟ ଦେଖାଇ ନେଇଯାଉଛି । ତା'ହେଲେ ଆମେ କହିପାରିବା ଯେ ଅବିଦ୍ୟା ବା ଅଜ୍ଞାନର ଏହି କ୍ରିୟାଟି ଯଥାର୍ଥତଃ ଆଦୌ ଅବିଦ୍ୟା ନୁହେଁ; ମାତ୍ର ଏହା ଏକ ସାମର୍ଥ୍ୟ, ଏକ ସଙ୍କେତ, ଏକ ସର୍ବବିତ୍ ଆତ୍ମଜ୍ଞାନ ଓ ସର୍ବଜ୍ଞାନର ଏକ ପ୍ରମାଣ । ଅବିଦ୍ୟା ପଛରେ ରହିଥିବା ଏହି ଅବିଭାଜ୍ୟ ସର୍ବମୟ ଚେତନାର ବାହ୍ୟ ପ୍ରମାଣରୂପେ ସମଗ୍ର ପ୍ରକୃତି ବିଦ୍ୟମାନ ରହିଛି । ମାତ୍ର ଯଦି ଆମେ ଏହାର ଏକ ବ୍ୟକ୍ତିଗତ ଓ ଅନ୍ତରଙ୍ଗ ପ୍ରମାଣ ଗ୍ରହୁଥିବା, ତେବେ କେବଳ ଆମ ଗଭୀରତର ଅନ୍ତଃସତ୍ତ୍ୱା ବା ଏକ ପ୍ରଶସ୍ତତର ଓ ଉଚ୍ଚତର ଆଧ୍ୟାତ୍ମିକ ସ୍ଥିତିରେହିଁ ଯେକୌଣସି ପରିପୂର୍ଣ୍ଣତା ସହିତ ଆମେ ତାହା ଲାଭ କରିପାରିବା, ଯେତେବେଳେ କି ଆମେ ଆପଣାର ଏହି ଉପରିଭାଗସ୍ଥ ଅଜ୍ଞାନପରିସ୍ଥିତିର ଆବରଣଟିକୁ ଅତିକ୍ରମ କରି ସେପାଖକୁ ଅପସରି ଯାଇପାରିବା ଏବଂ ଏହା ପଛରେ ରହିଥିବା ଦିବ୍ୟପରମ ଜ୍ଞାନ ଓ ଦିବ୍ୟ ଇଚ୍ଛାଶକ୍ତିର ସଂସ୍ପର୍ଶ ପାଇପାରିବା । ସେତେବେଳେ ଆମେ ବେଶ୍ ସ୍ପଷ୍ଟଭାବରେ ଦେଖିବାକୁ ସମର୍ଥ ହେବା ଯେ ଆପଣା ଅବିଦ୍ୟାର ବଶବର୍ତ୍ତୀ ହୋଇ ଆମେ ନିଜେ ନିଜେ ଏପର୍ଯ୍ୟନ୍ତ ଯାହାକିଛି କରି ଆସିଛୁ, ଉପରେ ଥାଇ ସେହି ଅଦୃଶ୍ୟ ପରମ ସର୍ବବିତ୍ ତାହାକୁ ତଥାପି ଅବଲୋକନ କରିବାରେ ଲାଗିଛନ୍ତି ଓ ତାହାର ପରିଣାମଟି ଆଡ଼କୁ ତାହାକୁ ବାଟ ଦେଖାଇ ନେଇ ଯାଉଛନ୍ତି । ଆମେ ସେତେବେଳେ ଆମ ଅଜ୍ଞାନମୟ କ୍ରିୟାବିଧିଟି ପଛରେ ଏକ ବୃହତ୍ତର କ୍ରିୟା ବିଦ୍ୟମାନ ରହିଥିବାର ଆବିଷ୍କାର କରିପାରିବା ଓ ଆମରି ଭିତରେ ତାହାର ନିହିତ ଉଦ୍ଦେଶ୍ୟଟିର ଆଭାସ ପାଇବାକୁ ବି ଆରମ୍ଭ କରିବା । ବର୍ତ୍ତମାନ କେବଳ ବିଶ୍ୱାସର ସହିତ ଆମେ ଯାହାର

'oaob.nitrkl.ac.in' images reprocessed

ପୂଜା କରୁଛୁ, କେବଳ ସେତେବେଳେ ଯାଇ ଆମେ ତାହାଙ୍କୁ ଦେଖିବା ଲାଗି ଓ ଜାଣିବା ଲାଗି ସମର୍ଥ ହେବା, ସେହି ବିଶ୍ୱାତୀତ ଓ ବିଶ୍ୱଗତ ପରମ ଅଧିଷ୍ଠାନକୁ ଚିହ୍ନିପାରିବା, ସକଳ ଭୂତ ତଥା ସମସ୍ତ ପ୍ରକୃତିର ଅଧୀଶ୍ୱରଙ୍କ ସମ୍ମୁଖରେ ଆସି ଠିଆହୋଇ ପାରିବା ।

ଅବିଦ୍ୟାକୁ କାରଣରୂପେ ଗ୍ରହଣ କରି ଯାହାସବୁ କୁହାଯାଇଛି, ଅବିଦ୍ୟାର ପରିଣାମଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଠିକ୍ ସେଇଆ କୁହାଯାଇ ପାରିବ । ଏହିସବୁ ଯାବତୀୟ ବ୍ୟାପାର, ଯାହା ଆମକୁ ଅସମର୍ଥତା, ଦୁର୍ବଳତା, କ୍ଳୀବତା, ଶକ୍ତିଗତ ସୀମାବଦ୍ଧତା ଏବଂ ଆମ ଇଚ୍ଛାଶକ୍ତିର ବ୍ୟାହତ ପ୍ରୟାସ ଓ ଶୃଙ୍ଖଳାଦ୍ୱାରା ଆବଦ୍ଧ ହୋଇଥିବା ପଣ୍ଡଶ୍ରମ ପରି ବୋଧହେଉଛି, ପରମ ଦିବ୍ୟ ସତ୍ୟର ଆଧ୍ୟାତ୍ମିକ ଦୃଷ୍ଟିରୁ ସେଗୁଡ଼ିକର ବିଚାର କରିପାରିଲେ ସେଗୁଡ଼ିକ ଏକ ସର୍ବଜ୍ଞ ଶକ୍ତିର ଏକ ଯଥାର୍ଥ ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ଆପଣାକୁ ନାନା ସୀମାଦ୍ୱାରା ଆବଦ୍ଧ କରି ଦେଉଥିବାର ଫଳ ବୋଲି ସ୍ପଷ୍ଟ ଜଣାଯାଇ ପାରିବ । ସେହି ଶକ୍ତି ଆପଣାର ସ୍ୱାଧୀନ ଇଚ୍ଛାଦ୍ୱାରା ପ୍ରବୃତ୍ତ ହୋଇହିଁ ଆପଣାକୁ ଏପରି ସୀମାବଦ୍ଧ କରୁଛି, ଯେପରିକି ଯେଉଁ କାର୍ଯ୍ୟରେ ଠିକ୍ ଯେତିକି ଶକ୍ତିର ପ୍ରୟୋଜନ, କେବଳ ସେତିକି ଶକ୍ତିହିଁ ଉପରି ସ୍ତରରେ ପ୍ରକଟ ହୋଇପାରିବ । ତାହାର ପ୍ରୟାସଟିରେ କେବଳ ଯେତିକି ଶକ୍ତିର ଆବଶ୍ୟକତା ରହିଛି, ତାହାଲାଗି ଯେଉଁ ସଫଳତାଟି ନିରୂପିତ ହୋଇ ରହିଛି ଅଥବା ଆବଶ୍ୟକ ହୋଇଥିବାରୁ ଯେଉଁ ବିଫଳତାଟି ମଧ୍ୟ ସ୍ଥିରୀକୃତ ହୋଇଛି, ଶକ୍ତିଟିର ପ୍ରକାଶ ସମୟରେ ସେଗୁଡ଼ିକ ସହିତ ମଧ୍ୟ ସଙ୍ଗତି ରକ୍ଷା କରିବାକୁ ପଡ଼ୁଛି । ଯେଉଁ ଶକ୍ତିସମଷ୍ଟିର ଏକ ଅଙ୍ଗୀଭୂତ ଅଂଶରୂପେହିଁ ସେହି ଶକ୍ତିଟି କାର୍ଯ୍ୟ କରୁଛି, ଏବଂ ତାହାର ଆପଣା ପରିଣାମଗୁଡ଼ିକ ଯେଉଁ ବୃହତ୍ତର ପରିଣାମଟିର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି, ତାହା ସହିତ ମଧ୍ୟ ସତତ ସ୍ୱରସାମ୍ୟ ରଖି ସେହି ଶକ୍ତି ଆପଣାକୁ କାର୍ଯ୍ୟକାରୀ କରୁଛି । ଶକ୍ତିଗତ ଏହି ସୀମାବଦ୍ଧତାର ପଛରେ ପରମ ସର୍ବଶକ୍ତି ବିଦ୍ୟମାନ ରହିଛି, ଏବଂ ସୀମାବଦ୍ଧ ହେବାର ସେହି କାର୍ଯ୍ୟରେ ମଧ୍ୟ ପରମ ସର୍ବଶକ୍ତି ସତତ କାର୍ଯ୍ୟ କରିବାରେ ଲାଗିଛି । ମାତ୍ର କେବଳ ବହୁସଂଖ୍ୟକ ସୀମାବଦ୍ଧ କ୍ରିୟାର ସମଷ୍ଟି ମଧ୍ୟଦେଇହିଁ ପରମ ଅବିଚ୍ଛେଦ୍ୟ ସର୍ବଶକ୍ତିମତ୍ତା ଅବ୍ୟର୍ଥ ଓ ଅପ୍ରତିହତ ଭାବରେ ଆପଣାର ଉଦ୍ଦେଶ୍ୟଗୁଡ଼ିକୁ ସିଦ୍ଧ କରିବାରେ ଲାଗିଛି । ତେଣୁ, ଆପଣାର ସାମର୍ଥ୍ୟକୁ ଏହିପରି ସୀମାବଦ୍ଧ କରିପାରିବାର ଓ ସେହି ଆତ୍ମସୀମାବଦ୍ଧତା ଦ୍ୱାରା କାର୍ଯ୍ୟ କରିବାର ଶକ୍ତି, ଅଥବା ଯାହାକୁ ଆମେ ପ୍ରୟାସ, ସଂଗ୍ରାମ ଓ ଆୟାସ ବୋଲି କହୁଛୁ, କିମ୍ବା ଯାହା ଆମକୁ କେବଳ ଅକୃତକାର୍ଯ୍ୟ ହେବାର ବା ଅନେକ ପରିମାଣରେ ବାଧାପ୍ରାପ୍ତ ହେଉଥିବାର ଏକ ଜମାନୁସୂତା ବୋଲି ବୋଧହେଉଛି, ତାହାର ସାହାଯ୍ୟରେ କାର୍ଯ୍ୟ କରିବାର ଏବଂ ତାହାରି ଦ୍ୱାରା ଆପଣାର ଗୋପନ ଉଦ୍ଦେଶ୍ୟଟିକୁ ସିଦ୍ଧ କରିବାର ଶକ୍ତି,—

'oaob.nitrkl.ac.in' images reprocessed

ଏହାକୁ ଆମେ କଦାପି ଦୁର୍ବଳତାର ଏକ ସଙ୍କେତ, ପ୍ରମାଣ ବା ବ୍ୟାପାର ବୋଲି କହିପାରିବା ନାହିଁ । ଆମେ ଏହାକୁ ଏକ ପରମ ସର୍ବଶକ୍ତିମତ୍ତାର ବୃହତ୍ତମ ସମ୍ଭବ ସଙ୍କେତ, ପ୍ରମାଣ ଓ ବାସ୍ତବ ସତ୍ୟ ବୋଲି ଜାଣିବା ।

ଯେଉଁ ଦୁଃଖଭୋଗକୁ ଆମେ ବିଶ୍ୱକୁ ଯଥାର୍ଥଭାବେ ବୁଝିବା ପଥରେ ଏତେବଡ଼ ଅନ୍ତରାୟ ବୋଲି କହୁଛୁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଚେତନାଗତ ସୀମାବଦ୍ଧତାର ଏକ ପରିଣାମସ୍ୱରୂପହିଁ ସେହି ଦୁଃଖଭୋଗ ନିଷ୍ପନ୍ନ ହେଉଛି । ଶକ୍ତିର ଏହି ସଙ୍କୁଚନ ବା ପ୍ରତିବନ୍ଧନ ଫଳରେ ଯାହା ଆମକୁ ଅନ୍ୟ-ଶକ୍ତି ବୋଲି ପ୍ରତୀତ ହେଉଛି, ଆମେ ତାହାକୁ ଆଉ ଆତ୍ମସ୍ଥ କରିପାରୁ ନାହୁଁ କିମ୍ବା ତାହାର ସ୍ପର୍ଶଟିକୁ ନିଜସ୍ୱ କରିପାରୁ ନାହୁଁ । ଏବଂ ଏହି ଅସମର୍ଥତା ଓ ଅସମଞ୍ଜସତା ଫଳରେ ଆମେ ସେହି ସ୍ପର୍ଶଜନିତ ଆନନ୍ଦଟିକୁ ଧରିପାରୁ ନାହୁଁ ଏବଂ ସେହି ଆଘାତର ପ୍ରତିକ୍ରିୟାସ୍ୱରୂପ ଆମେ ଅସ୍ୱସ୍ତି ବା ବେଦନା ଅନୁଭବ କରୁଛୁ, ଅଭାବ ବା ଆତୁରଶ୍ୟ ଅନୁଭବ କରୁଛୁ । ଏଥିରୁ ଉପୁଜୁଥିବା ବିସଙ୍ଗତି ଫଳରେ ଆମର ଭିତରେ ବା ବାହାରେ କେଉଁଠି କ'ଣ ଆହତ ହୋଇପଡ଼ିଲା ପରି ଅନୁଭୂତ ହେଉଛି । ଆମ ଆପଣା ସତ୍ତାଟିର ଶକ୍ତି ଓ ଆମର ସମ୍ମୁଖରେ ଯେଉଁ ସତ୍ତାଟିକୁ ଆମେ ଦଣ୍ଡାୟମାନ ରହିଥିବାର ଅନୁଭବ କରୁଛୁ, ତାହାର ଶକ୍ତି,—ଦୁହିଁଙ୍କ ମଧ୍ୟରେ ଉପୁଜୁଥିବା ବିଭେଦରୁହିଁ ସେହି ବିସଙ୍ଗତିଟି ଜାତ ହେଉଛି । ଆମର ଆପଣା ସତ୍ତା ଓ ଚେତନାରେ ବିଶ୍ୱସତ୍ତାର ସେହି ପରମ ସର୍ବମୟ ଆନନ୍ଦ ବିରାଜମାନ ରହିଛି, ଯିଏ କି ଆପଣା ସ୍ତରରେ ସେହି ସଂସ୍ପର୍ଶ ବା ସାକ୍ଷାତଟିର ହିସାବ ନେବାରେ ଲାଗିଛି । ସେହି ସଂସ୍ପର୍ଶକୁ ସେ ପ୍ରଥମତଃ ଦୁଃଖକୁ ବରଣ କରିନେବା ବା ସହିବାର ଆନନ୍ଦରୂପେ ଜାଣୁଛି । ତା'ପରେ ସେହି ଦୁଃଖ ଉପରେ ବିଜୟ ଲାଭ କରିବାର ଆନନ୍ଦରୂପେ ଓ ସର୍ବଶେଷରେ ଏକ ପରବର୍ତ୍ତୀ ସୋପାନରେ ଉପଲବ୍ଧ ହେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଦୁଃଖର ରୂପାନ୍ତରଜନିତ ଆନନ୍ଦରୂପେ ସେହି ବିଷୟରେ ଅବହିତ ହେଉଛି । କାରଣ ସତ୍ତାଗତ ଆନନ୍ଦର ଏକ ବିକୃତ ଓ ବିପରୀତ ପରିପ୍ରକାଶକୁହିଁ ଆମେ ଯାବତୀୟ ବେଦନା ଓ ଦୁଃଖର ଯଥାର୍ଥ ପରିଚୟ ବୋଲି ଜାଣିବା । ସେଗୁଡ଼ିକ ସେଗୁଡ଼ିକର ବିପରୀତ ଭାବର ରୂପକୁ ମଧ୍ୟ ପରିବର୍ତ୍ତିତ ହୋଇ ପାରିବେ, ଏପରିକି ମୂଳଭୂତ ପରମ ଆନନ୍ଦରେ ବି ରୂପାନ୍ତରିତ ହୋଇପାରିବେ । କେବଳ ଯେ ବିଶ୍ୱଚେତନା ଭିତରେ ଏହି ପରମ ଆନନ୍ଦ ବିଦ୍ୟମାନ ରହିଛି ତାହା ନୁହେଁ, ଏହା ଏହି ଇହସ୍ତରରେ ଆମର ଭିତରେ ବି ରହିଛି । କେବଳ ବାହାର ଭୂମିରେ ଚରି ବୁଲୁଥିବା ଚେତନାରୁ ପଛକୁ ଯାଇ ଆମେ ଯେତେବେଳେ ଆମ ଭିତରେ ରହିଥିବା ଅନ୍ତରାତ୍ମାଟି ଭିତରେ ପ୍ରବେଶ କରିପାରିବା, ସେତେବେଳେ ଯାଇ ଆମେ ସେହି ସତ୍ୟଟିର ଆବିଷ୍କାର କରିବା । ଆମର ଭିତରେ ଅବସ୍ଥାନ କରୁଥିବା

'oaob.nitrkl.ac.in' images reprocessed

ଚୈତ୍ୟପୁରୁଷ ତାହାର ଅନିଷ୍ଟକୃତ ବା ବିପରୀତ ଅନୁଭୂତିଗୁଡ଼ିକ ବିଷୟରେ ଯେପରି ଅବଗତ ହେଉଛି, ତାହାର ଅନୁକୂଳ ବା ଶୁଭଦ ଅନୁଭୂତିଗୁଡ଼ିକ ବିଷୟରେ ମଧ୍ୟ ସେହିପରି ଅବଗତ ହେଉଛି; ସେଗୁଡ଼ିକୁ ବର୍ଜନ ବା ଗ୍ରହଣ କରି ସେ ଆପଣାକୁ ସମୃଦ୍ଧ ଓ ପରିପକ୍ୱ କରୁଛି । ଆମ ଜୀବନରେ ଆସି ଉପସ୍ଥିତ ହେଉଥିବା ଉତ୍କଟତମ ଦୁଃଖ, ବାଧା ଓ ବିପତ୍ତିରୁ ମଧ୍ୟ ସେହି ଚୈତ୍ୟପୁରୁଷ ଏକ ଦିବ୍ୟ ବ୍ୟଞ୍ଜନା ଓ ଦିବ୍ୟ ଉପଯୋଗିତା ନିର୍ଯ୍ୟାସିତ କରି ନେଉଛି । କେବଳ ଏହି ପରମ ସର୍ବମୟ ଆନନ୍ଦହିଁ ଆପଣା ଉପରେ ବା ଆମମାନଙ୍କ ଉପରେ ଏହିଭଳି ଅନୁଭୂତି ଆଣି ଲଦି ଦେବାକୁ ସମର୍ଥ ହେବେ ଓ ସେଥିଲାଗି ଦୁଃସାହସ କରିପାରିବେ । କେବଳ ସେଇ ସେହି ଅନୁଭୂତିଗୁଡ଼ିକୁ ଆପଣାର ପ୍ରୟୋଜନ ଓ ଆମର ଆଧ୍ୟାତ୍ମିକ ମଙ୍ଗଳସାଧନର ଅନୁକୂଳ ଉପାଦାନରେ ପରିଣତ କରିଦେଇ ପାରିବେ । ଏବଂ ସେହିଦୃଷ୍ଟିରୁ ଦେଖିଲେ ଏକ ଅଚ୍ଛେଦ୍ୟ ସତ୍ତାଗତ ଏକତ୍ୱ ମଧ୍ୟରେ ଅନ୍ତର୍ନିହିତ କେବଳ ସତ୍ତାଗତ ସେହି ପରମ ସୌଷମ୍ୟଟି ବ୍ୟତୀତ ଆଉ କେହି ହେଲେ କଠୋରତମ ଆପାତ ବିସଙ୍ଗତିଗୁଡ଼ିକୁ ଏତେ ବେଶୀ ସଂଖ୍ୟାରେ ସୃଷ୍ଟି କରିପାରନ୍ତା ନାହିଁ, ଏବଂ ଆପଣାର ଉଦ୍ଦେଶ୍ୟସିଦ୍ଧିରେ ସେଗୁଡ଼ିକୁ ଏପରି ଭାବରେ ବିନିଯୋଗ କରିପାରନ୍ତା ନାହିଁ । ଆଉ କେହି ସେଗୁଡ଼ିକୁ ଏପରି ଭାବରେ ପରିଚାଳିତ କରିପାରନ୍ତା ନାହିଁ ଯେପରିକି କେବଳ ତାହାଙ୍କ କାର୍ଯ୍ୟସାଧନ ଏବଂ ସୁରକ୍ଷା ବ୍ୟତୀତ ସେଗୁଡ଼ିକ ଅବଶେଷରେ ଆଉ କିଛିହେଲେ କରିବାକୁ ସମର୍ଥ ହେବେ ନାହିଁ, ଏପରିକି ସତତ ବର୍ଦ୍ଧମାନ ବିଶ୍ୱଜାଗତିକ ଛନ୍ଦ ଓ ପରମ ସୌଷମ୍ୟର ଉପାଦାନରୂପେ ରୂପାନ୍ତରିତ ହୋଇଯିବେ । ଆମେ ବିଚରଣ କରୁଥିବା କେବଳ ଏହି ବହିର୍ଭାଗୀୟ ଚେତନାର ପ୍ରକୃତିଦ୍ୱାରା ପ୍ରସୀମିତ ଓ ବାଧ୍ୟ ହୋଇ ରହି ଯେଉଁସବୁ ବିଷୟକୁ ଆମେ ଅଦିବ୍ୟ ବୋଲି କହୁଛୁ ଏବଂ ଯେଉଁଗୁଡ଼ିକୁ ସେହିଭଳି ଏକ ନାମରେ ଅଭିହିତ କରିବାର ଏକ ଯଥାର୍ଥତା ମଧ୍ୟ ରହିଛି, ଆମେ ପ୍ରତିପାଦରେ ସେହିସବୁ ପ୍ରତ୍ୟେକ ବିଷୟର ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହିଥିବା କେବଳ ସେହି ଅନନ୍ୟପରମ ସତ୍ୟକୁହିଁ ଆବିଷ୍କାର କରିବାକୁ ସମର୍ଥ ହେବା । କାରଣ, ଅଦିବ୍ୟ ବୋଲି ଦିଶୁଥିବା ଏହି ପ୍ରତିରୂପ ବା ପ୍ରତୀତିଗୁଡ଼ିକ କେବଳ ସେହି ଦିବ୍ୟ ପରମ ସତ୍ତାକୁ ଘୋଡ଼ାଇ ରଖିଥିବା ଗୋଟିଏ ଗୋଟିଏ ଆବରଣ ମାତ୍ର । ଆମ ଆରୋହଣର ବର୍ତ୍ତମାନ ସ୍ତରରେ ଏହି ଆବରଣର ନିଶ୍ଚୟ ଏକ ପ୍ରୟୋଜନ ରହିଛି, ମାତ୍ର ଏହି ଆବରଣ କଦାପି ସେଗୁଡ଼ିକର ସତ୍ୟ ରୂପ ନୁହେଁ, ବା ପୂର୍ଣ୍ଣ ରୂପ ନୁହେଁ ।

ମାତ୍ର ଏହି ଉତ୍‌କ୍ରାନ୍ତ ଦୃଷ୍ଟିରେ ବିଶ୍ୱଜଗତକୁ ଦେଖିଲାବେଳେ ମଧ୍ୟ ଆମେ ଆମର ସୀମିତ ମାନବଚେତନା ଏହି ବିଶ୍ୱକୁ ଯେଉଁଭଳି ମୂଲ୍ୟ ଦେଇ ଦେଖିବାରେ ଅଭ୍ୟସ୍ତ ହୋଇ ରହିଛି, ସେଗୁଡ଼ିକୁ ସମ୍ପୂର୍ଣ୍ଣତଃ ମୂଳତଃ ମିଥ୍ୟା ଓ ଅବାସ୍ତବ କହି

'oaob.nitrkl.ac.in' images reprocessed

କଦାପି ଉଡ଼ାଇ ଦେଇପାରିବା ନାହିଁ । ସେପରି ଉଡ଼ାଇଦେବା ଆଦୌ ଉଚିତ ମଧ୍ୟ ହେବ ନାହିଁ । କାରଣ ଦୁଃଖ, ଶୋକ, ବେଦନା, ଭୁଲ, ମିଥ୍ୟା, ଅଜ୍ଞାନ, ଦୁର୍ବଳତା, ଦୁଷ୍ଟତା, ଅସମର୍ଥତା, ଯାହା କରିବା କର୍ତ୍ତବ୍ୟ ତାହାକୁ କରିବାରେ ପରାଙ୍ମୁଖତା ଏବଂ ଯାହା କର୍ତ୍ତବ୍ୟ ନୁହେଁ ତାହାହିଁ କରିବା, ସଂକଳ୍ପବିଚ୍ୟୁତି ଓ ସଂକଳ୍ପର ବର୍ଜନ, ଅହଙ୍କାର, ସୀମାବଦ୍ଧତା, ଯେଉଁ ଅନ୍ୟ ସତ୍ତାଗୁଡ଼ିକ ସହିତ ଏକାତ୍ମ ହୋଇ ରହିବା ଉଚିତ ସେଗୁଡ଼ିକରୁ ନିଜକୁ ଭିନ୍ନ ଓ ବିଚ୍ଛିନ୍ନ ବୋଲି ଅନୁଭବ କରିବା,—ଏହି ସଂସାରରେ ମନ୍ଦ ବା ଅନର୍ଥ କହିଲେ ଆମେ ସାଧାରଣତଃ ଏହିସବୁକୁହିଁ ବୁଝିଥାଉ । ଏଗୁଡ଼ିକ ହେଉଛି ବିଶ୍ୱଚେତନାର ଗୋଟିଏ ଗୋଟିଏ ସତ୍ୟ, କେବଳ କଳ୍ପନା ନୁହେଁ କିମ୍ବା ଅବାସ୍ତବତା ନୁହେଁ । ଅବଶ୍ୟ ଏକଥା ସତ୍ୟ ଯେ ଆପଣା ଅଜ୍ଞାନର ବଶବର୍ତ୍ତୀ ହୋଇ ଆମେ ସେସବୁଥିରେ ଯାହାସବୁର ଆରୋପ କରିଥାଉ, ତାହାହିଁ ସେଗୁଡ଼ିକର ପରିପୂର୍ଣ୍ଣ ଅର୍ଥ ଓ ପ୍ରକୃତ ମୂଲ୍ୟ ନୁହେଁ । ତଥାପି ସେଗୁଡ଼ିକୁ ଆମେ ଯେଉଁ ଅର୍ଥ ଦେଇ ବୁଝିଥାଉ, ତାହା ଏକ ପ୍ରକୃତ ଅର୍ଥର ଅଂଶମାତ୍ର; ସେଗୁଡ଼ିକରେ ଆମେ ଯେଉଁସବୁ ମୂଲ୍ୟର ଆରୋପ କରୁ, ତାହା ସେଗୁଡ଼ିକର ପରିପୂର୍ଣ୍ଣ ମୂଲ୍ୟ ସକାଶେ ବି ଆବଶ୍ୟକ । ଏକ ଅଧିକ ଗଭୀର ଓ ବୃହତ୍ତର ଚେତନାସ୍ତରରେ ଆସି ଉପନୀତ ହେଲାବେଳେ ଆମେ ଏହିସବୁ ବସ୍ତୁର ଯଥାର୍ଥ ସତ୍ୟର ଗୋଟିଏ ଦିଗକୁ ଆବିଷ୍କାର କରିବାକୁ ସମର୍ଥ ହୋଇଥାଉ । କାରଣ ଏହି ସ୍ତରରେ ଆମକୁ ଯାହା କେବଳ ପ୍ରତିକୂଳ ଓ ଅନର୍ଥପୂର୍ଣ୍ଣ ବୋଲି ମନେହେଉଛି, ବିଶ୍ୱ ଓ ବ୍ୟଷ୍ଟିର ଦୃଷ୍ଟିରୁ ବିଚାର କଲେ ତାହାର ମଧ୍ୟ ଯେ ଏକ ପ୍ରୟୋଜନ ରହିଛି, ଆମେ ସେତିକିବେଳେ ସେକଥା ଜାଣିବାକୁ ପାଉ । କାରଣ, ଦୁଃଖହିଁ ଜନନୀରୂପେ ଯେଉଁ ଦିବ୍ୟ ଆନନ୍ଦଟିକୁ ଜନ୍ମ ଦେଉଛି, ଦୁଃଖ ଅନୁଭବ କରୁନଥିଲେ ଆମେ କଦାପି ସେହି ଆନନ୍ଦର ଯାବତୀୟ ଅନନ୍ତ ମୂଲ୍ୟରାଶିର ଅଧିକାରୀ ହୋଇପାରନ୍ତେ ନାହିଁ । ଏଠି ଯାହାକିଛି ଆମକୁ ଅବିଦ୍ୟା ବା ଅଜ୍ଞାନ ବୋଲି ଦିଶୁଛି, ତାହା କେବଳ ଏକ ଜ୍ୟୋତିର୍ମଣ୍ଡଳ ପରି, ଯାହାକି ବିଦ୍ୟାର ମଣ୍ଡଳଟିକୁ ଚତୁର୍ଦ୍ଦିଗରେ ବେଷ୍ଟିତ କରି ରହିଛି । ତଥାକଥିତ ପ୍ରତ୍ୟେକ ମିଥ୍ୟା ଭିତରେ ଏକ ସତ୍ୟାବିଷ୍କାରର ସମ୍ଭାବନା ଓ ସମ୍ଭାବନାଟି ସତେଅବା ଏକ ବ୍ୟଞ୍ଜନା ପରି ପ୍ରଚ୍ଛନ୍ନ ହୋଇ ରହିଛି । ଆମର ଯାବତୀୟ ଦୁର୍ବଳତା ଓ ବିଫଳତା ମଧ୍ୟରେ ସାମର୍ଥ୍ୟ ଓ ଶକ୍ତିନିହିତତାର ସମ୍ଭୁଦ୍ରଗଭୀରତାକୁ ମାପିବାର ପ୍ରଥମ ପ୍ରୟାସଟି ନିହିତ ରହିଛି । ସକଳ ବିରାଗ ଓ ବିଭେଦନ ବହୁବିଚିତ୍ର ମିଳନମାଧୁରୀର ଏକ ଅନୁଭୂତି ଦ୍ୱାରା ଉପଲବ୍ଧ ଏକତ୍ୱଟିର ଆନନ୍ଦଟିକୁହିଁ ସମୃଦ୍ଧ କରିବା ଲାଗି ଅଭିପ୍ରେତ ହୋଇ ରହିଛି । ଏହିସବୁ ଅପୂର୍ଣ୍ଣତା ଆମକୁ କେବଳ ଅଶିବ ଓ ଅକଲ୍ୟାଣ ବୋଲି ମନେହେଉଛି, ମାତ୍ର ପ୍ରତ୍ୟେକ ଅଶିବ ଓ ଅକଲ୍ୟାଣ କେବଳ ସେହି ଶାଶ୍ୱତ ଶିବ ଓ ଶାଶ୍ୱତ କଲ୍ୟାଣକୁହିଁ ଗର୍ଭରେ ଧାରଣ କରି ରହିଛି ଏବଂ କେବଳ ତାହାରି ପ୍ରସବ-

'oaob.nitrkl.ac.in' images reprocessed

ବେଦନାରୂପେହିଁ ପ୍ରକାଶିତ ହେଉଛି । କାରଣ ପରମ ନିଶ୍ଚେତନା ମଧ୍ୟରୁ କ୍ରମପରିଣତ ହେବାରେ ଲାଗିଥିବା ଜୀବନର ବିଧାନଟିରେ ସକଳ ଅପୂର୍ଣ୍ଣତା ହେଉଛି କେବଳ ସେହି ପ୍ରଚ୍ଛନ୍ନ ଭବ୍ୟଶ୍ରୀର ଆପଣାକୁ ପ୍ରକାଶ କରିବାର ଲୀଳାରେ ଏକ ବୃହତ୍ତର ପୂର୍ଣ୍ଣତାକୁ ସମ୍ଭବ କରାଇବାକୁ ଯାଉଥିବା ଏକ ପ୍ରଥମ ସନ୍ଧି ବା ପ୍ରଥମ ପ୍ରସ୍ତୁତି ମାତ୍ର । ମାତ୍ର ସେହିଟିକୁ ଏକ ସତ୍ୟ ବୋଲି ଅନୁଭବ କରିବା ସଙ୍ଗେ ସଙ୍ଗେ, ଆମ ଉପସ୍ଥିତ ସଂସାର ମଧ୍ୟରେ ଏହି ଅଶିବ ତଥା ଅପୂର୍ଣ୍ଣତା ସମ୍ବନ୍ଧରେ ଆମର ଅନୁଭୂତିଟିକୁ ଏବଂ ସେଗୁଡ଼ିକର ବିରୁଦ୍ଧରେ ଆମ ଚେତନାର ବିଦ୍ରୋହଟିକୁ ମଧ୍ୟ ଏକ ସାର୍ଥକ ଆବଶ୍ୟକତାରୂପେ ସ୍ୱୀକାର କରିନେବାକୁ ହେବ । କାରଣ ପ୍ରଥମ ପର୍ଯ୍ୟାୟରେ ଆମକୁ ସେଗୁଡ଼ିକର ସମ୍ମୁଖୀନ ହେବାକୁ ଏବଂ ଧୃତି ସହିତ ସେଗୁଡ଼ିକୁ ସହ୍ୟ କରିନେବାକୁ ପଡ଼ୁଥିଲେ ମଧ୍ୟ, ଚରମ ପର୍ଯ୍ୟାୟରେ ଆମକୁ ସେଗୁଡ଼ିକୁ ବର୍ଜନ କରି ଆସିବାକୁ ପଡ଼ିବ, ସେଗୁଡ଼ିକୁ ଅତିକ୍ରମ କରିଯିବାକୁ ହେବ, ଏହି ଜୀବନଭୂମି ଓ ପ୍ରକୃତିରେ ରୂପାନ୍ତର ଘଟାଇବାକୁ ପଡ଼ିବ । ଏହାହିଁ ନିର୍ଦ୍ଦେଶ । ଏବଂ ସେହି ଚରମ ପରିଣତି ଉପରେ ଲକ୍ଷ୍ୟ ରଖିହିଁ ସେଗୁଡ଼ିକର ତୀବ୍ରତା ଓ ଅବିରତ ଆବିର୍ଭାବକୁ କୌଣସି ପ୍ରକାରେ ଶିଥିଳ ହେବାକୁ ଦିଆଯାଏ ନାହିଁ । ଅବିଦ୍ୟାର ଯାବତୀୟ ପରିଣାମକୁ ଆତ୍ମା ବୁଝିବ, ସେଗୁଡ଼ିକରୁ ଅଭିଜ୍ଞତା ଓ ଶିକ୍ଷା ଲାଭ କରିବ, ସେଗୁଡ଼ିକର ବିବିଧ କ୍ରିୟା ଓ ପ୍ରତିକ୍ରିୟାକୁ ଆତ୍ମା ସେଗୁଡ଼ିକ ଉପରେ ଆପଣାର ପ୍ରଭୁତ୍ୱ ହାସଲ କରିବାର, ସେଗୁଡ଼ିକୁ ଜୟ କରିବାର ଏବଂ ସ୍ୱରୂପାନ୍ତର ଦ୍ୱାରା ସେଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇଯିବାର ବୃହତ୍ତର ପ୍ରଚେଷ୍ଟାରେ ସେଗୁଡ଼ିକୁ ଏକ ଉତ୍ପ୍ରେରକ ପରି ଅନୁଭବ ବି କରିପାରିବ । ଆପଣାର ଗଭୀରତମ ଭୂମିଗୁଡ଼ିକ ଉପରେ ଅନ୍ତର୍ଗତ ଭାବରେ ବଞ୍ଚିବାର ସାମର୍ଥ୍ୟ ଲାଭ କରିପାରିଲେ ଏକ ଅନ୍ତର୍ଗତ ସମତା ଓ ଶାନ୍ତିର ସ୍ଥିତିରେ ଉପନୀତ ହେବା ଅବଶ୍ୟ ସମ୍ଭବ ହେବ, ବାହ୍ୟ ପ୍ରକୃତିର ପ୍ରତିକ୍ରିୟାମାନ ଯେଉଁ ସ୍ଥିତିକୁ କି ଆଦୌ ସ୍ପର୍ଶ କରିପାରିବ ନାହିଁ । ଏହି ମୁକ୍ତ ଅବସ୍ଥାଟିକୁ ଆମେ ଏକ ମହାନ୍ ଅବସ୍ଥା ବୋଲି ନିଶ୍ଚୟ କହିବା, ମାତ୍ର ତଥାପି ଏକ ଅପୂର୍ଣ୍ଣ ଅବସ୍ଥା ବୋଲି କହିବା । କାରଣ ଯାହାକୁ ଆମେ ବାହ୍ୟ ପ୍ରକୃତି ବୋଲି କହୁଛୁ, ତାହାର ମଧ୍ୟ ମୁକ୍ତିଲାଭ କରିବା ଲାଗି କାହିଁକି ଏକ ଅଧିକାର ନ ରହିବ ? ମାତ୍ର ବ୍ୟକ୍ତିଗତ ଭାବରେ ଆମ ନିଜର ମୁକ୍ତିଟି ସମ୍ପୂର୍ଣ୍ଣ ଭାବରେ ହାସଲ ହୋଇ ସାରିଲେ ମଧ୍ୟ ଅନ୍ୟମାନଙ୍କର ମୁକ୍ତି ପାଇବା ତଥାପି ବାକି ରହିଥିବ, ଅନ୍ୟମାନେ ତଥାପି ଦୁଃଖ ମଧ୍ୟରେ ପଡ଼ି ରହିଥିବେ, ବିଶ୍ୱର ପ୍ରସବବେଦନା ତଥାପି ପ୍ରଶମିତ ହୋଇ ନଥିବ; ଏବଂ ଆପେ ମୁକ୍ତି ଲାଭ କରିଥିବା ମହାନ୍ ଆତ୍ମା ଏଗୁଡ଼ିକ ପ୍ରତି କେବେହେଲେ ଉଦାସୀନ ହୋଇ ରହି ପାରିବ କି ? ଏକ ଅନ୍ତର୍ଗତ ଏକତ୍ୱ ସକଳ ସତ୍ତା ଓ ସକଳ ଜୀବକୁ ଏକାଠି କରି ବାନ୍ଧି ରଖିଛି । ଆମ ପ୍ରତ୍ୟେକଙ୍କ ଭିତରେ ଏପରି ଏକ ଉପାଦାନ ବା ପ୍ରାଣସମ୍ପଦ

'oaob.nitrkl.ac.in' images reprocessed

ରହିଛି, ଯାହାକି ସେହି ଏକତ୍ୱଟିକୁ ସର୍ବଦା ଅନୁଭବ କରୁଛି । ତେଣୁ ଯେକୌଣସି ମୁକ୍ତ ଆତ୍ମା ପକ୍ଷରେ ଆପଣାର ମୁକ୍ତି ଯେତିକି ଅନ୍ତରଙ୍ଗ ଓ ଯେତିକି କାମ୍ୟ ବୋଲି ମନେହେବ, ଅନ୍ୟମାନଙ୍କର ମୁକ୍ତିକୁ ମଧ୍ୟ ସେ ନିଶ୍ଚୟ ସେତିକି ଅନ୍ତରଙ୍ଗ ଓ ସେତିକି କାମ୍ୟ ବୋଲି ଅନୁଭବ କରିବ ।

ତେବେ ଏହାହିଁ ହେଉଛି ଏହି ଜଗତରେ ସକଳ ରୂପାୟନର ବିଧାନ, ଇହସଂସାରରେ ରହିଥିବା ସକଳ ଅପୂର୍ଣ୍ଣତାର କାରଣ । ଏକଥା ସତ ଯେ ଏହା ହେଉଛି କେବଳ ଏହି ବିଶ୍ୱସୃଷ୍ଟିର ଗୋଟିଏ ବିଧାନ; ଜଗତ୍‌ରୂପୀ ଯେଉଁ ଗତିସ୍ପନ୍ଦନଟି ମଧ୍ୟରେ ଆମେ ବାସ କରୁଛୁ, କେବଳ ତାହାର ଗୋଟିଏ ବିଧାନ । ଯଦି ଏଠାରେ ବିସୃଷ୍ଟିର କୌଣସି କ୍ରିୟା ନ ଥା'ନ୍ତା, ଅର୍ଥାତ୍ ଏହି ଗତିସ୍ପନ୍ଦନଟି ନ ଥା'ନ୍ତା, ତେବେ ଏହି ବିଧାନଟିର ବି ଆଦୌ କୌଣସି ପ୍ରୟୋଜନ ଯେ ନ ଥା'ନ୍ତା, ଆମେ ହୁଏତ ସେକଥା ମଧ୍ୟ କହିପାରିବା । ମାତ୍ର ଯେହେତୁ ବିସୃଷ୍ଟି ରହିଛି ଏବଂ ତଜ୍ଜନିତ ଗତିସ୍ପନ୍ଦନଟି ରହିଛି, ତେଣୁ ଏହି ବିଧାନଟିର ମଧ୍ୟ ପ୍ରୟୋଜନ ରହିଛି । ଏହି ବିଧାନଟି ତଥା ଏହାର ଯାବତୀୟ ପରିବେଶ ମଧ୍ୟରେ ଆଦୌ କୌଣସି ବାସ୍ତବତା ନାହିଁ, ଏହା କେବଳ ଆମ ମାନସିକ ଚେତନାଦ୍ୱାରାହିଁ ଏଠି ତିଆରି ହୋଇ ରହିଛି, ପରମେଶ୍ୱରଙ୍କ ଭିତରେ ଏହାର କୌଣସି ଅସ୍ତିତ୍ୱ ନାହିଁ, କେବଳ ଏତିକି କହିଦେଲେ ତାହା ଆଦୌ ଯଥେଷ୍ଟ ହେବ ନାହିଁ । କିମ୍ବା ଏହି ଦ୍ୱନ୍ଦ୍ୱ ଓ ବିରୋଧ-ଗୁଡ଼ିକ ପ୍ରତି ଉଦାସୀନ ରହିଲେ ବା ଏହିସବୁ ରୂପାୟନଜାଲରୁ ଆପଣାକୁ ନିଷ୍କ୍ରାନ୍ତ କରିନେଇ ପରମେଶ୍ୱରଙ୍କର ଅପାପବିଦ୍ଧ ସତ୍ତା ଭିତରେ ଆଶ୍ରୟ ଗ୍ରହଣ କରିବାଟାକୁହିଁ ପରମ ବିଜ୍ଞତା ବୋଲି ମାନିନେଲେ ମଧ୍ୟ ଯଥେଷ୍ଟ ହେବ ନାହିଁ । ଏକଥା ସତ୍ୟ ଯେ ଆମର ମନଶ୍ଚେତନାହିଁ ସେଗୁଡ଼ିକର ସୃଷ୍ଟି କରିଛି । ମାତ୍ର ଯଥାର୍ଥରେ ଦେଖିଲେ ଏଥିରେ ମନର କେବଳ ଏକ ଗୌଣ ଉତ୍ତରଦାୟିତ୍ୱହିଁ ରହିଛି । ଏକ ଗଭୀରତର ସତ୍ୟର ବିସ୍ତୃତଭୂମିରେ ଦେଖିଲେ,—ଆମେ ଏଥିପୂର୍ବରୁ ଏହାର ଆଲୋଚନା କରିସାରିଛୁ,—ଏଗୁଡ଼ିକ ମୂଳତଃ ସେହି ପରମ ଦିବ୍ୟଚେତନାର ସୃଷ୍ଟି । ପରମ ଦିବ୍ୟଚେତନାହିଁ ଆପଣା ସର୍ବଶକ୍ତିମତ୍ତା, ସର୍ବଜ୍ଞାନ, ସର୍ବଆନନ୍ଦ, ସର୍ବସତ୍ତା ତଥା ଅଖଣ୍ଡ ଏକତ୍ୱର ବିରୋଧୀ ବା ବିପରୀତ ଲୀଳାୟନଗୁଡ଼ିକୁ ଉପଲବ୍ଧି କରିବା ଉଦ୍ଦେଶ୍ୟରେ ଆପଣାର ସର୍ବଜ୍ଞାନ ମଧ୍ୟରୁ ମନକୁ ପ୍ରକ୍ଷେପିତ କରିଦେଇଛି, ଓ ସେଇଥିରୁହିଁ ସକଳ ସୃଷ୍ଟି ଉପୁଜିଛି । ଏହା ଅତି ସ୍ପଷ୍ଟ ଯେ ପରମ ଦିବ୍ୟଚେତନାର ଏହି କ୍ରିୟା ଓ ଏହିସବୁ ପରିଣାମ ସତ୍ତାର ଶାଶ୍ୱତ ଓ ମୌଳିକ ସତ୍ୟ ହୋଇ ନ ଥିବାରୁ ଆମେ କେବଳ ସେହି ଅର୍ଥରେ ଏଗୁଡ଼ିକୁ ଅବାସ୍ତବ ବୋଲି କହିପାରିବା । ସର୍ବମୂଳରେ ତଥା ଚରମ ଅବସ୍ଥାରେ ଯାହାକୁ ଆମେ ସତ୍ତାର ସତ୍ୟ ବୋଲି କହିପାରିବା, ଏଗୁଡ଼ିକ ତାହାର ବିରୁଦ୍ଧ ଆଭାସ ଦେଉଥିବାରୁ ଆମେ ସେଗୁଡ଼ିକୁ ମିଥ୍ୟା ବୋଲି କହିଦେଇ

'oaob.nitrkl.ac.in' images reprocessed

ପାରିବା । ମାତ୍ର ତଥାପି ସୃଷ୍ଟିପ୍ରକାଶର ବର୍ତ୍ତମାନ ପର୍ଯ୍ୟାୟଟିରେ ସେଗୁଡ଼ିକର ଯେଉଁ ଯଥାର୍ଥତା ଓ ମହତ୍ତ୍ୱ ରହିଛି, ତାହା ସବୁବେଳେ ସେହିପରହିଁ ରହିଥିବ । ଆମେ କଦାପି ଏକଥା କହିପାରିବା ନାହିଁ ଯେ ଦ୍ରବ୍ୟଚେତନାର କୌଣସି ଏକ ଭୁଲବଶତଃ ସେସବୁର ଆବିର୍ଭାବ ହୋଇଛି, ଦ୍ରବ୍ୟ ପ୍ରପଞ୍ଚ ମଧ୍ୟରେ ସେଗୁଡ଼ିକର କୌଣସି ସାର୍ଥକତା ନାହିଁ, ସେଗୁଡ଼ିକର ଅସ୍ତିତ୍ୱର ଯଥାର୍ଥତାକୁ ପ୍ରତିପାଦନ କରୁଥିବା କୌଣସି ଅଭିପ୍ରାୟ ବା ଉଦ୍ଦେଶ୍ୟ ସେହି ଦ୍ରବ୍ୟ ଆନନ୍ଦ, ଦ୍ରବ୍ୟ ଶକ୍ତି ଓ ଦ୍ରବ୍ୟ ଜ୍ଞାନ ମଧ୍ୟରେ ଆଦୌ ନାହିଁ । ଏହି ଯଥାର୍ଥତା ରହିବହିଁ ରହିବ । ଯେପର୍ଯ୍ୟନ୍ତ ଆମେ କେବଳ ଏକ ବହିଷ୍ଠର ଅଭିଜ୍ଞତାର ଭୂମି ଉପରେହିଁ ଜୀବନଧାରଣ କରି ରହିଛୁ, ତାହା ସେପର୍ଯ୍ୟନ୍ତ ଆମ ଲାଗି ହୁଏତ କେବଳ ରହସ୍ୟାବୃତ ପ୍ରହେଳିକା ହୋଇ ରହିଥିବ ଓ ଆମେ ତା' ଭିତରେ ଆଦୌ କୌଣସି ସମାଧାନ ପାଇପାରୁ ନଥିବା; ମାତ୍ର ତଥାପି ଯଥାର୍ଥତା ଅବଶ୍ୟ ରହିଥିବ ।

ମାତ୍ର, ପ୍ରାକୃତିକ ବିଧାନର କେବଳ ଏହି ଦିଗଟିକୁ ସ୍ୱୀକାର କରିନେଇ ଆମେ ଯଦି କହିବା ଯେ ବିଶ୍ୱର ସକଳ ବିଷୟ ଆପଣା ଆପଣାର ନିର୍ଦ୍ଦିଷ୍ଟ ନିୟମଦ୍ୱାରା ବାନ୍ଧିହୋଇ ରହିଥିବାରୁ ଓ ସେଥିରେ କଦାପି କୌଣସି ପରିବର୍ତ୍ତନ ଘଟିବାର ସମ୍ଭାବନା ନଥିବାରୁ ଏହି ମନୁଷ୍ୟ ମଧ୍ୟ ତା'ର ନାନା ଅପୂର୍ଣ୍ଣତା, ତା'ରି ଅଜ୍ଞାନ, ପାପ, ଦୁର୍ବଳତା, ଅଧମତା ଓ ଦୁଃଖଦ୍ୱାରା ସବୁଦିନ ସକାଶେ କବଳିତ ହୋଇ ରହିବାକୁ ବାଧ୍ୟହେବ, ତେବେ ତଦ୍ଦ୍ୱାରା ଆମର ଜୀବନ ଆପଣାର ଯଥାର୍ଥ ତାତ୍ପର୍ଯ୍ୟଟିକୁ ହରାଇ ବସିବ । ଆପଣା ସ୍ୱଭାବର ଅନ୍ଧକାର ତଥା ହୀନତା ମଧ୍ୟରୁ ମୁକ୍ତି ଲାଭ କରିବା ସକାଶେ ମନୁଷ୍ୟ ନିରନ୍ତର ଯେଉଁ ପ୍ରଚେଷ୍ଟା କରିବାରେ ଲାଗିଛି, ସେତେବେଳେ ଜଗତରେ ଅଥବା ଜୀବନ ମଧ୍ୟରେ ତାହାର କୌଣସି ସାର୍ଥକତା ସମ୍ଭବ ହୋଇପାରିବ ନାହିଁ । ସେତେବେଳେ ଏହି ଜୀବନ, ଜଗତ ଓ ଆପଣାର ମାନବରୂପୀ ଅସ୍ତିତ୍ୱ ମଧ୍ୟରୁ କେବଳ ପଳାଇଯିବାହିଁ ତାହାଲାଗି ଏକମାତ୍ର ସାର୍ଥକତା ହୋଇ ରହିବ; ଅର୍ଥାତ୍ ଆପଣା ଅପୂର୍ଣ୍ଣ ସତ୍ତାର ଅସନ୍ତୋଷଜନକ ଚିରନ୍ତନ ବିଧାନଟିରୁ ଏକ ଦେବଲୋକ, ଏକ ଅଦ୍ୱିତୀୟ ପରମେଶ୍ୱରଙ୍କର ଧାମ ଅଥବା ଜଗଦାତୀତ ପରମ ନିର୍ବିଶେଷଙ୍କର ଶୁଦ୍ଧ ଅନିର୍ବଚନୀୟତା ଭିତରକୁ ପଳାଇଯିବା ବ୍ୟତୀତ ତାହାର ଆଉ କୌଣସି ଅନ୍ୟ ପଥ ରହିବ ନାହିଁ । ଯଦି ତାହାହିଁ ସତ୍ୟ ହୋଇଥାଏ, ତେବେ ମନୁଷ୍ୟ ପକ୍ଷରେ ଅବିଦ୍ୟା ଓ ମିଥ୍ୟାର ଗହ୍ୱର ଭିତରୁ ସତ୍ୟ ଓ ଜ୍ଞାନର ଉନ୍ମୋଚନ କରାଇବା ଆଉ କସ୍ମିନ୍‌କାଳେ ସମ୍ଭବ ହେବ ନାହିଁ । ଅଶିବ ଓ ଅସୁନ୍ଦରର ଗହ୍ୱର ମଧ୍ୟରୁ ଶିବ ଓ ସୁନ୍ଦରର, ଦୁର୍ବଳତା ଓ ଦାସ୍ୟମୟ ଅଧମତା ଭିତରୁ ଶକ୍ତିମତ୍ତା ଓ ଗୌରବମୟତାର, ଏବଂ ଦୁଃଖ ଓ କଷ୍ଟକ୍ଲେଶ ଭିତରୁ ହର୍ଷ ଓ ଆନନ୍ଦର ଉନ୍ମୋଚନ କରାଇ ପାରିବ

'oaob.nitrkl.ac.in' images reprocessed

ନାହିଁ । ଉନ୍ମୋଚିତ ହେବା ଲାଗି ଅପେକ୍ଷା କରି ରହିଥିବା ସେହି ଦୈବୀସମ୍ପଦଗୁଡ଼ିକ ଏହିସବୁ ଅପୂର୍ଣ୍ଣତାଗୁଡ଼ିକର ଅନ୍ତରାଳରେ ଅବସ୍ଥିତ ପରମ ଚିତ୍‌ସତ୍ତାଟି ମଧ୍ୟରେ ନିହିତ ହୋଇ ରହିଛି ଏବଂ ସେଗୁଡ଼ିକର ପ୍ରତିକୂଳ ଓ ବିପରୀତ ଏହିସବୁ ଦ୍ୱନ୍ଦ୍ୱମୂଳକ ଭାବ ସେଗୁଡ଼ିକର ଉନ୍ମେଷ ଓ ପ୍ରକାଶର ପ୍ରଥମ ଅବସ୍ଥାରୂପେ ବର୍ତ୍ତମାନ ରହିଛି । ଏହି ପରିସ୍ଥିତିରେ ମଣିଷ କେବଳ ଏତିକିମାତ୍ର କରିପାରିବ : ସେ ଅପୂର୍ଣ୍ଣତାଗୁଡ଼ିକୁ ଆପଣାଠାରୁ କାଟି ଫୋପାଡ଼ିଦେଇ ପାରିବ, ଏବଂ ସେପରି କରିବାଦ୍ୱାରା ସେ ସେଗୁଡ଼ିକର ଅପର ବା ବିପରୀତ ପାର୍ଶ୍ୱରେ ଅବସ୍ଥିତ ଠିକ୍ ସେହିପରି ଅପୂର୍ଣ୍ଣ ଶୁଭଭାବଗୁଡ଼ିକୁ ମଧ୍ୟ ତେଜିକରି ଚାଲିଯିବ । ଅର୍ଥାତ୍ ଅବିଦ୍ୟା ସହିତ ଆପଣାର ମାନବୀୟ ଜ୍ଞାନଟିକୁ ମଧ୍ୟ ବର୍ଜନ କରି ବସିବ, ଅଶୁଭ ସହିତ ମାନବୀୟ ଶୁଭଟିକୁ ବି ଛାଡ଼ି ଚାଲିଯିବ, ଦୁର୍ବଳତା ସହିତ ଜଣେ ମନୁଷ୍ୟ ହିସାବରେ ଆପଣା ଭିତରେ ରହିଥିବା ବଳ ଓ ସାମର୍ଥ୍ୟଟିକୁ ମଧ୍ୟ ହରାଇ ବସିବ, ଏବଂ ସଂଘର୍ଷ ଓ ଦୁଃଖସବୁକୁ କାଟି ପଳାଇଯିବା ସଙ୍ଗେସଙ୍ଗେ ଆପଣାର ମାନବୀୟ ଶ୍ରଦ୍ଧା ଓ ଆନନ୍ଦଟିକୁ ମଧ୍ୟ ଆପଣାଠାରୁ କାଟି ପକାଇବ । କାରଣ ଆମ ପ୍ରକୃତିର ବର୍ତ୍ତମାନ ସ୍ତରରେ ଏହି ଦୁଇଟିଯାକ ପରସ୍ପର ସହିତ ଏକାଠି ଗୁନ୍ଥାହୋଇ ରହିଛନ୍ତି । ସେଥିରୁ ଗୋଟିକୁ ଆଉ ଗୋଟିକଠାରୁ ଅଲଗା କରିବା ଆଦୌ ସମ୍ଭବ ହେବ ନାହିଁ । ସେଗୁଡ଼ିକ ଠିକ୍ ପରସ୍ପର ସହିତ ସଂଲଗ୍ନ ହୋଇ ରହିଥିବା ଗୋଟିଏ ଗୋଟିଏ ଦ୍ୱୈତତା ପରି ଦିଶୁଛନ୍ତି । ଗୋଟିଏ ଅବାସ୍ତବତାର ଅଭାବାତ୍ମକ ଓ ଭାବାତ୍ମକ ଦୁଇଟି ମେରୁ ହୋଇ ରହିଛନ୍ତି । ସେଗୁଡ଼ିକର ଉନ୍ମୋଚନ, ଉନ୍ନୟନ କିମ୍ବା ରୂପାନ୍ତର କେବେହେଲେ ସମ୍ଭବ ହେବ ନାହିଁ, ତେଣୁ ସେଗୁଡ଼ିକୁ ବର୍ଜନହିଁ କରିବାକୁ ପଡ଼ିବ । ମନୁଷ୍ୟଭାବ ପକ୍ଷରେ ଦିବ୍ୟଭାବ ମଧ୍ୟରେ ଆପଣାକୁ ପୂର୍ଣ୍ଣ କରିପାରିବା କଦାପି ସମ୍ଭବ ହେବ ନାହିଁ, ତେଣୁ ଏହି ମନୁଷ୍ୟ-ଭାବଟିର ଉଚ୍ଛେଦ ସାଧନ କରିବାକୁ ପଡ଼ିବ, ଏହାକୁ ପଛରେ ଛାଡ଼ିଦେଇ ଆସିବାକୁ ହେବ, ବର୍ଜନ କରିବାକୁ ପଡ଼ିବ । ଏହାର ପରିଣାମସ୍ୱରୂପ ବ୍ୟକ୍ତି ପରମ ଦିବ୍ୟ ସ୍ୱଭାବର ଉପଭୋଗ କରିବ, ସତତ ପରମ ଦିବ୍ୟ ପୁରୁଷର ସାନ୍ନିଧ୍ୟଟିକୁ ଅନୁଭବ କରିବ, ଅଥବା ନିର୍ଗୁଣ ନିର୍ବିଶେଷଙ୍କର ପରମାନୁଭୂତି ମଧ୍ୟରେ ନିର୍ବାଣ ଲାଭ କରିବ, ଏହି ବିଷୟରେ ବିଭିନ୍ନ ଧର୍ମ ଓ ଦର୍ଶନ ମଧ୍ୟରେ କେତେ ମତଭେଦ ରହିଛି, ମାତ୍ର ପରିଣାମ ଯାହା ହେଉ ପଛକେ, ଏହି ପ୍ରତ୍ୟେକଟି କ୍ଷେତ୍ରରେ ଆମକୁ ଏହି ଜଗତ୍‌ପୃଷ୍ଠରେ ବିଚରଣ କରୁଥିବା ମାନବୀୟ ଅଭିବ୍ୟକ୍ତିଟି ତା'ର ଆପଣା ସତ୍ତାର ନିରୂପିତ ବିଧାନଦ୍ୱାରା ଚିରଦିନ ସକାଶେ ନିଶ୍ଚୟ ଅପୂର୍ଣ୍ଣ ହୋଇ ପଡ଼ି ରହିଥିବ ବୋଲି ଗ୍ରହଣ କରିବାକୁହିଁ ପଡ଼ିବ । ପରମ ଦିବ୍ୟସତ୍ତା ମଧ୍ୟରେ ମନୁଷ୍ୟର ସତ୍ତାଟି ସବୁଦିନ ଲାଗି କେବଳ ଏକ ଅଦିବ୍ୟ ପରିପ୍ରକାଶରୂପେ ପଡ଼ି ରହିଥିବ ଓ ତା'ର ଏହି ଦଶାରେ କେବେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ମାନିନେବାକୁ ପଡ଼ିବ । ଏକ ମନୁଷ୍ୟଭାବ ଗ୍ରହଣ

'oaob.nitrkl.ac.in' images reprocessed

କରି, ଅଥବା ସମ୍ଭବତଃ ଏକ ମନୁଷ୍ୟରୂପେ ଜନ୍ମଲାଭ କରିହିଁ ଆତ୍ମା ପରମ ଦିବ୍ୟଭୂମିରୁ ସ୍ଖଳିତ ହୋଇ ଆସିଛି ବା ଏକ ମୌଳିକ ଭୁଲ୍ ଓ ପାପ କରି ପକାଇଛି । ସେହି ପାପକୁ ସମ୍ପୂର୍ଣ୍ଣଭାବରେ ପୋଛିଦେଇ ପାରିବା, କୌଣସିପ୍ରକାର ସଦସ୍ତତା ନରଖି ସେଗୁଡ଼ିକୁ ବିଲୁପ୍ତ କରିଦେବା,—ବିବେକୋଦୟ ହେବାର ସଙ୍ଗେସଙ୍ଗେ ଏହାହିଁ ମନୁଷ୍ୟର ଆଧ୍ୟାତ୍ମିକ ଲକ୍ଷ୍ୟ ହୋଇ ରହିବା ଉଚିତ ।

ସେପରି କ୍ଷେତ୍ରରେ ଆମେ ସୃଷ୍ଟି ବୋଲି କହୁଥିବା ଏହି ବିରୋଧମୟ ପ୍ରକାଶଟିର କେବଳ ଗୋଟିଏମାତ୍ର ଯୁକ୍ତିଯୁକ୍ତ ବ୍ୟାଖ୍ୟା ଦିଆଯାଇ ପାରିବ । ଆମେ ଏହି ସୃଷ୍ଟିକୁ କେବଳ ଏକ ବିଶ୍ୱକ୍ରୀଡ଼ା, ଏକ ଲୀଳା ଅଥବା ପରମ ଦିବ୍ୟସତ୍ତାଙ୍କର ଏକ କୌତୁକକୃତ୍ୟ ବୋଲି କହିପାରିବା । ହୁଏତ ଏପରି ବି ହୋଇପାରେ ଯେ ସେ ଆପଣାକୁ ନେଇ ସତେଅବା ଅଦିବ୍ୟତାର ଛଳନା କରୁଛନ୍ତି । କୌଣସି ଅଭିନେତା ଯେପରି ଆପଣା ମୁହଁ ଉପରେ ଏକ ମୁଖା ପିନ୍ଧିଥାଏ ଅଥବା ତାହାକୁ ଯେପରି ଅନ୍ୟପ୍ରକାରେ ବେଶ କରିଥାଏ, ସେହିପରି କେବଳ ଛଳନା ବା ଅଭିନୟରୁ ଆନନ୍ଦ ପାଇବାଲାଗିହିଁ ସେ ସେହିପରି ଏକ ବେଶ ଧାରଣ କରିଛନ୍ତି । ଅଥବା ସେଇ ଏହିସବୁ ଅଦିବ୍ୟତାକୁ ନିଜେ ସୃଷ୍ଟି କରିଛନ୍ତି, କେବଳ ବହୁସଷ୍ଟିରୁ ଆନନ୍ଦ ପାଇବା ଉଦ୍ଦେଶ୍ୟରେହିଁ ସେ ଅବିଦ୍ୟା, ପାପ ଓ ଦୁଃଖର ଉଦ୍ଭାବନ କରିଛନ୍ତି । କିମ୍ବା, ଯେତେ ଅଦ୍ଭୁତ ଲାଗୁଥିଲେ ମଧ୍ୟ କେତେକ ଧର୍ମ ତାଙ୍କୁ ଯେଉଁଭଳି ଭାବରେ ଅନୁମାନ କରିଛନ୍ତି, —ସେହି ପରମେଶ୍ୱର ଏହି ଅପୂର୍ଣ୍ଣ ସଂସାରର ସୃଷ୍ଟି କରିଛନ୍ତି, ଯେପରିକି ଏଠି ନିମ୍ନତର ସ୍ତରର ଜୀବମାନେ ରହିବେ, ଯେଉଁମାନେକି ପରମେଶ୍ୱରଙ୍କର ଶାଶ୍ୱତ ଶିବମୟତା, ଶାଶ୍ୱତ ପ୍ରଜ୍ଞା, ଶାଶ୍ୱତ ଆନନ୍ଦ ଓ ସର୍ବଶକ୍ତିମତ୍ତା ଲାଗି ତାଙ୍କୁ ସର୍ବଦା ପ୍ରଶଂସା କରୁଥିବେ, ନିରନ୍ତର ତାଙ୍କର ଗୁଣଗାନ କରୁଥିବେ; ଏବଂ ତାଙ୍କର ସେହି ଆନନ୍ଦରୁ କଣିକାଏ ପାଇବା ଲାଗି ଅତ୍ୟନ୍ତ କ୍ଷୀଣ ଭାବରେ ଇଏଣେ ଅଧିଇଅ କରି ସେହି ଶିବମୟତାର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରୁଥିବେ । ସେମାନଙ୍କର ସେହି ଚେଷ୍ଟାରେ କୃତକାର୍ଯ୍ୟ ହୋଇ ନପାରିଲେ ସେମାନଙ୍କର କଳ୍ପିତ କୌଣସି ନିଷ୍ଠୁର ବିଧାତା ଯେ ଅବଶ୍ୟ ସେମାନଙ୍କ ପ୍ରତି ଦଣ୍ଡବିଧାନ କରିବେ, ଏହି ଭୟରେହିଁ ସେମାନେ ସେହି ଚେଷ୍ଟା କରୁଥିବେ । ଏବଂ ଆପଣାର ଅପୂର୍ଣ୍ଣତାଟିକୁ ବହନ କରୁଥିବାରୁ ସେମାନଙ୍କ ମଧ୍ୟରୁ ବହୁସଂଖ୍ୟକ ଅଧିକାଂଶ ଯେ ଏଥିରେ ଅକୃତକାର୍ଯ୍ୟ ହେବେ, ସେଥିରେ ଆଶ୍ଚର୍ଯ୍ୟର କଥା କ'ଣ ଅଛି ? ମାତ୍ର ଏଭଳି ଅଶୋଧିତ ଭାବରେ କଳ୍ପିତ ଓ କଥିତ ଲୀଳାର ଏହି ଚିତ୍ରାଙ୍କନଟିର ଜବାବସ୍ୱରୂପ ଏକଥା ମଧ୍ୟ ସର୍ବଦା କୁହାଯାଇ ପାରିବ ଯେ ସର୍ବାନନ୍ଦମୟ ଯେଉଁ ଭଗବାନ ଜୀବମାନଙ୍କର ଦୁଃଖଭୋଗରୁ ଏପରି ଆମୋଦ ଅନୁଭବ କରନ୍ତି କିମ୍ବା ଆପଣା ଅପୂର୍ଣ୍ଣତାମୟ ସୃଷ୍ଟିର ଦୋଷଗୁଡ଼ାକ

'oaob.nitrkl.ac.in' images reprocessed

ହେଉ ସେମାନଙ୍କ ଉପରେ ଏହିସବୁ ଦୁଃଖକୁ ଆଣି ଲଦି ଦିଅନ୍ତି, ତାହାଙ୍କୁ ଆମେ ଆଦୌ ଭଗବାନ ବୋଲି ବା କାହିଁକି କହିବାକୁ ଯିବା ? ତେବେ ସେପରି ସ୍ଥଳେ ମନୁଷ୍ୟଜାତିର ନୈତିକବୋଧ ଓ ବୁଦ୍ଧି ସେହି ଭଗବାନଙ୍କ ବିରୁଦ୍ଧରେ ବିଦ୍ରୋହ ବା କାହିଁକି ନକରିବ ଅଥବା ତାଙ୍କର ଅସ୍ତିତ୍ୱକୁ କାହିଁକି ଅସ୍ୱୀକାର ନକରିବ ? ମାତ୍ର ଯଦି ମନୁଷ୍ୟର ଆତ୍ମା ସେହି ପରମ ଦିବ୍ୟତାର ଏକ ଅଂଶହିଁ ହୁଏ, ଯଦି ମନୁଷ୍ୟ ଭିତରେ ଦିବ୍ୟ ସତ୍ତାକୁ ବହନ କରୁଥିବା ଏକ ଚିନ୍ମୟ ପୁରୁଷହିଁ ଆପଣା ଉପରେ ଅପୂର୍ଣ୍ଣତାର ଏହି ଆଭରଣଟିକୁ ସ୍ୱୀକାର କରିନେଇ ଆସନ୍ତି ଏବଂ ମନୁଷ୍ୟଜାତିର ରୂପରେ ଏହି ଦୁଃଖର ସହନ କରିବା ଲାଗି ସମ୍ମତ ଦେଇଥା'ନ୍ତି, କିମ୍ବା ମନୁଷ୍ୟଜାତି ମଧ୍ୟରେ ଅଧିଷ୍ଠିତ ଆତ୍ମାଟି ଯଦି ସେହି ପରମ ଦିବ୍ୟ ଚିନ୍ମୟତାରେ ଯାଇ ପହଞ୍ଚିବାକୁହିଁ ଅଭିପ୍ରେତ ହୋଇ ରହିଥାଏ ଏବଂ ଅପୂର୍ଣ୍ଣତାର ଇହଲୀଳାରେ ତଥା ପରଲୋକରେ ତାଙ୍କର ପୂର୍ଣ୍ଣସତ୍ତାର ଆନନ୍ଦରେ ଯଦି ସେ ସେହି ପରମ ପୁରୁଷଙ୍କର ନିତ୍ୟସହଚର ହୋଇଥାଏ, ତେବେ ସେହି ଲୀଳା ତଥାପି ଏକ ବିରୋଧମୟ ପ୍ରହେଳିକା ହୋଇ ରହି ଯାଇପାରେ । ମାତ୍ର ସେତେବେଳେ ତାହାକୁ ଆମେ ଏପରି ଏକ ନିର୍ମମ ପ୍ରହେଳିକା ବୋଲି କଦାପି କହିପାରିବା ନାହିଁ, ଯାହାର ବିରୁଦ୍ଧରେକି ଆମର ମନ ବିଦ୍ରୋହ କରି ଉଠିବାକୁ ଇଚ୍ଛା କରିବ । ସେତେବେଳେ ଆମେ ଏହାକୁ ଖୁବ୍ ବେଶୀ ହେଲେ ହୁଏତ କେବଳ ଏକ ଅଦ୍ଭୁତ ରହସ୍ୟ ବୋଲି କହିପାରିବା, ତାହାକୁ କେବଳ ଆମ ବୁଦ୍ଧିର ଅଗମ୍ୟ ବା ଅବୋଧ ବୋଲି କହିପାରିବା । ସେହି ଲୀଳାବାଦଟିର ବ୍ୟାଖ୍ୟା କରିବାକୁ ଯାଇ ଆମକୁ ଅନୁପସ୍ଥିତ ଦୁଇଟି ଉପାଦାନର ସମ୍ମୁଖୀନ ହେବାକୁ ପଡ଼ିବ;—ଗୋଟିଏ ହେଉଛି ଏହି ପ୍ରକାଶ ବା ସୃଷ୍ଟିରେ ଜୀବାତ୍ମାର ସମ୍ମତି, ଦ୍ୱିତୀୟଟି ହେଉଛି ସର୍ବଜ୍ଞାନ ମଧ୍ୟରେ ରହିଥିବା ଏପରି ଏକ ବିବେକ ବା ବୁଦ୍ଧିଯୁକ୍ତ କାରଣ, ଯାହାକି ଏହି ଲୀଳା ଭିତରେ ତାତ୍ପର୍ଯ୍ୟ ଆଣି ଦେଉଛି, ଏହାକୁ ବୋଧଗମ୍ୟ କରାଉଛି ।

ଏହି ସୃଷ୍ଟିରେ ଆପଣା ଆପଣାର ପ୍ରକୃତି ଅନୁସାରେ ଯଥୋପଯୁକ୍ତ ଶୃଙ୍ଖଳା ମୁତାବକ ଏକ ପୂର୍ବନିରୂପିତ ସ୍ତରବିଭାଗ ରହିଛି ସତ, ମାତ୍ର ସେହି ସ୍ତରଗୁଡ଼ିକ ଜଡ଼ରୂପର ଶରୀର ଭିତରେ ବାନ୍ଧିହୋଇ ରହିଥିବା ଆତ୍ମାଗୁଡ଼ିକର ଊର୍ଦ୍ଧ୍ୱାରୋହର ଆରୋହଣ ଲାଗିହିଁ ଗୋଟିଏ ଗୋଟିଏ ସୁଦୃଢ଼ ପାବଚ୍ଛ ହୋଇ ରହିଛି; ଦିବ୍ୟ ପରିପ୍ରକାଶର ଏହି ଆରୋହକ୍ରମଟି ନିଶ୍ଚେତନର ସ୍ତରରୁ ଆରମ୍ଭ ହୋଇ ଅତିଚେତନ ବା ସର୍ବଚେତନର ସ୍ତରଟି ପର୍ଯ୍ୟନ୍ତ ଉଠିଉଠି ଯାଇଛି ଏବଂ ମନୁଷ୍ୟର ଚେତନା ଏହି କ୍ରମ-ଆରୋହଣରେ ଏପରି ଏକ ସନ୍ଧିବିନ୍ଦୁରେ ଅବସ୍ଥିତ ରହିଛି, ଯେଉଁଠାରୁକି ଏହି ପରିବର୍ତ୍ତନର ଧାରାଟି ଏକ ମୀମାଂସକ ଗତିପଥ ଧାରଣ କରୁଛି;—ଏତିକି ଜାଣିବାକୁ ସମର୍ଥ ହେଲେ ଈଶ୍ୱର ରହସ୍ୟଲୀଳା ଆମ ଆଗରେ ଆଉ ଏତେଦୂର ଅଦ୍ଭୁତ ବୋଲି

'oaob.nitrkl.ac.in' images reprocessed

ପ୍ରତୀତ ହେବ ନାହିଁ କିମ୍ବା ତାହାର ପ୍ରହେଳିକା ଆଉ ସେତେଦୂର ଦୁର୍ବୋଧ ହୋଇ ରହିବ ନାହିଁ । ସେତେବେଳେ ଆମେ ଅପୂର୍ଣ୍ଣତାକୁ ସୃଷ୍ଟିପ୍ରକାଶର ଏକ ଆବଶ୍ୟକ ଅଙ୍ଗ ବୋଲି ଜାଣିପାରିବା; କାରଣ, ପରମ ନିଶ୍ଚେତନ ମଧ୍ୟରେ ଯେଉଁ ସମ୍ପୂର୍ଣ୍ଣ ବିଦ୍ୟା ସ୍ୱଭାବଟି ପ୍ରଚ୍ଛନ୍ନ ହୋଇ ରହିଛି, ତାହା କ୍ରମଶଃ ସେଥିରୁ ଅବଶ୍ୟ ମୁକ୍ତିଲାଭ କରିବ । କ୍ରମପ୍ରକାଶର ଧାରାଟିକୁ ଅନୁସରଣ କରୁଥିବାରୁ ପ୍ରଥମ ଉନ୍ମୋଚନଗୁଡ଼ିକ କେବଳ ଆଂଶିକ ଉନ୍ମୋଚନହିଁ ହେବ, ଏବଂ ଉନ୍ମୋଚନର ଏହି ଆଂଶିକତା ଅଥବା ଅସମ୍ପୂର୍ଣ୍ଣତାରୁ ଅପୂର୍ଣ୍ଣତା ଉପୁଜିବ । କ୍ରମପରିଣତିର ମାର୍ଗ ଅନୁସରଣ କରୁଥିବା ଏକ ପ୍ରକାଶଧାରାରେ ଏକ ମଧ୍ୟାବସ୍ଥା ରହିବହିଁ ରହିବ, ଏବଂ ସେହି ମଧ୍ୟାବସ୍ଥା ଯାଏ ଉପରେ ନାନା ସୋପାନ ରହିଥିବ ଓ ସେଠାରୁ ତଳକୁ ମଧ୍ୟ ନାନା ସୋପାନ ଲମ୍ବି ଲମ୍ବି ଯାଇଥିବ । ମନୁଷ୍ୟର ମନୋମୟ ଚେତନାଟି ଠିକ୍ ସେହିପରି ଏକ ମଧ୍ୟାବସ୍ଥାରେ ରହିଛି; ସେଥିରେ କିଛି ଜ୍ଞାନ ଅଛି, କିଛି ଅଜ୍ଞାନ ମଧ୍ୟ ଅଛି । ଏହି ମଧ୍ୟବର୍ତ୍ତୀ ସତ୍ତ୍ୱ-ଶକ୍ତିଟି ପରମ ନିଶ୍ଚେତନ ଉପରେ ତଥାପି ଭରାଦେଇ ରହିଛି, ମାତ୍ର ଅତ୍ୟନ୍ତ ଧୀର ପଦକ୍ଷେପ ସହିତ ତାହା ସର୍ବଚେତନ ପରମ ବିଦ୍ୟାସ୍ୱଭାବଟିର ଅଭିମୁଖରେ ଅଗ୍ରସର ହେବାରେ ଲାଗିଛି । ଅପୂର୍ଣ୍ଣତା ଓ ଅବିଦ୍ୟାକୁ ସୂଚିତ କରି ଦେଉଥିବା ଏହି ଅର୍ଦ୍ଧବିକଶିତ ସ୍ଥିତିଟି ହୁଏତ ଆପଣାର ଅବଶ୍ୟମ୍ଭାବୀ ସହଚରରୂପେ କିମ୍ବା ସମ୍ଭବତଃ ଏହାର କତିପୟ ଗତିସ୍ପନ୍ଦନର ଆଧାରରୂପେ ସତ୍ତ୍ୱଗତ ମୂଳସତ୍ୟଟିର ଏକ ଆପାତ ବିକୃତିକୁ ଆପଣା ଉପରକୁ ବହନ ବି କରି ନେଇପାରେ । କାରଣ ଅବିଦ୍ୟା ବା ଅପୂର୍ଣ୍ଣତାକୁ ସ୍ଥାୟୀ ହୋଇ ରହି ପାରିବାକୁ ହେଲେ ବିଦ୍ୟା ପ୍ରକୃତିଟିର ପରିପନ୍ଥକ ହୋଇ ରହିଥିବା ଏହାର ଅଖଣ୍ଡତା, ଏହାର ସର୍ବମୟ ଚେତନା, ସର୍ବଶକ୍ତିମତ୍ତା, ସର୍ବସୌଷମ୍ୟ, ସର୍ବଶିବ ଓ ସର୍ବଆନନ୍ଦର ବିରୋଧୀ ବୋଲି ମନେହେଉଥିବା କୌଣସି ନା କୌଣସି ତତ୍ତ୍ୱକୁ ଆବିର୍ଭୂତ ହେବାକୁହିଁ ପଡ଼ିବ । ତେଣୁ ଏହି ପ୍ରୟୋଜନବଶତଃ ସୀମାବଦ୍ଧତା ଦେଖାଦେବ, ବିସଙ୍ଗତି ଦେଖାଦେବ; ଅଚେତନା, ଅସୌଷମ୍ୟ, ଅସାମର୍ଥ୍ୟ, ସମ୍ବେଦନରହିତତା, ଦୁଃଖ ଓ ଅନର୍ଥ ଆସି ଦେଖାଦେବ । କାରଣ ସେହି ବିକୃତିଟି ବ୍ୟତୀତ ଅପୂର୍ଣ୍ଣତା ଲାଗି ତିଷ୍ଠି ଠିଆହୋଇ ପାରିବା ସକାଶେ ଆଉ କୌଣସି ଦୃଢ଼ ଭୂମିହିଁ ରହିବ ନାହିଁ, ଅନ୍ତର୍ନିହିତ ପରମ ବିଦ୍ୟାବୃତ୍ତ ସମ୍ମୁଖରେ ଅପୂର୍ଣ୍ଣତା ତା'ହେଲେ ଆପଣାର ସ୍ୱଭାବଟିକୁ ଆଉ ଏପରି ମୁକ୍ତଭାବରେ ପ୍ରକାଶ କରିପାରିବ ନାହିଁ ବା ସେଇଟିକୁ ବଜାୟ ରଖିପାରିବ ନାହିଁ । ଯେଉଁ ଜ୍ଞାନ ଆଂଶିକ, ତାହା ଅପୂର୍ଣ୍ଣ; ଏବଂ ସେହି ଦୃଷ୍ଟିରୁ ଅପୂର୍ଣ୍ଣ ଜ୍ଞାନକୁ ଆମେ ଏକ ଅଜ୍ଞାନ ବୋଲିହିଁ କହିପାରିବା, ତାହାକୁ ବିଦ୍ୟା ସ୍ୱଭାବର ବିରୁଦ୍ଧ ବୋଲି କହିପାରିବା । ମାତ୍ର ଏହାର ଆପଣା ଜ୍ଞାନସୀମାର ସେପାଖରେ ରହିଥିବା ସମ୍ପଦଗୁଡ଼ିକୁ ଏହା ସାଧାରଣତଃ ଯେଉଁ ଦୃଷ୍ଟିରେ ଦେଖିଆଏ, ସେହି ଦୃଷ୍ଟିରେ ଉକ୍ତ ବିରୁଦ୍ଧ ଅସ୍ୱଭାବାତ୍ମକତାଟି ଏକ ବିରୁଦ୍ଧ

'oaob.nitrkl.ac.in' images reprocessed

ସ୍ୱାତ୍ମକତାରେହିଁ ପରିଣତ ହୋଇଯାଏ । ସେଇଥିରୁ ଭ୍ରମ ଓ ଭୁଲର ଜନ୍ମ ହୁଏ, ସେଇଥିରୁ ମିଥ୍ୟା ଜ୍ଞାନ ଉପୁଜେ; ଈଶ୍ୱର ବସ୍ତୁଗୁଡ଼ିକ ସମ୍ବନ୍ଧରେ, ଜୀବନ ଓ କର୍ମ ସମ୍ବନ୍ଧରେ ସେତିକବେଳେ ନାନା ଭ୍ରାନ୍ତିରେ ଆସି ପଡ଼ିଯିବାକୁ ହୁଏ । ଆମ ସ୍ୱଭାବର ସ୍ତରକୁ ଆସି ମିଥ୍ୟା ଜ୍ଞାନ ମିଥ୍ୟା ସଂକଳ୍ପରେ ପରିଣତ ହୁଏ । ପ୍ରଥମତଃ ହୁଏତ ଭୁଲବଶତଃ ଏପରି ହୋଇଯାଏ, ମାତ୍ର ତା'ପରେ ଜାଣିଶୁଣି ସେହି ଭୁଲ ଭିତରେ ଗୁରାଇ ଭୂରାଇ ହୋଇ ରହିବାକୁ ମନ ଧାଏଁ । ତାହାରି ଆସକ୍ତିରେ ଛନ୍ଦ ହୋଇଯାଏ, ମିଥ୍ୟାରେ ଜଡ଼ିତ ହୋଇ ରହିବାରୁ ସତେଅବା ଆନନ୍ଦ ମିଳୁଥାଏ । ବସ୍ତୁତଃ ପ୍ରଥମ ଅବସ୍ଥାରେ ସହଜ ବିରୋଧିତାଟି କ୍ରମଶଃ ପାକଳ ହୋଇ ଏକ ଜଟିଳ ଓ ଗ୍ରନ୍ଥିଳ ବିକୃତିରେ ପରିଣତ ହୋଇଯାଏ । ନିଶ୍ଚେତନା ଓ ଅଜ୍ଞାନକୁ ଥରେ ସମ୍ମତି ଦେଇ ସ୍ୱୀକାର କରିନେଲେ ସତେଅବା ଏକ ଅନ୍ତର୍ଗତ ସ୍ୱାଦ ସହିତ ପୂର୍ଣ୍ଣ ସଙ୍ଗତି ରକ୍ଷା କରି ତାହା କ୍ରମେ ଏକ ସ୍ୱାଭାବିକ ପରିଣାମରେ ପର୍ଯ୍ୟବସିତ ହୁଏ, ଏବଂ ତା'ପରେ ସେଗୁଡ଼ିକୁ ଆବଶ୍ୟକ ଉପାଦାନରୂପେ ଆପଣା ଭିତରେ ସ୍ଥାନ ଛାଡ଼ିଦେବାକୁ ହୁଏ । ଏପରି ଏକ କ୍ରମବର୍ଦ୍ଧମାନ ପ୍ରକାଶ ଲାଗି ପ୍ରକୃତିରେ କି ପ୍ରୟୋଜନ ବା ଥିଲା, କେବଳ ସେହି ପ୍ରଶ୍ନଟି ବାକି ରହିଯାଏ; କେବଳ ଏହି ଗୋଟିଏ କଥା ବୁଝି ଲାଗି ଅସ୍ପଷ୍ଟ ହୋଇ ରହିଯାଏ ।

ଏଭଳି ଏକ ପ୍ରକାଶ ବା ରୂପାୟନ, ଏହି ଆତ୍ମବିସୃଷ୍ଟି ବା ଲୀଳାକୁ ଯଦି ଅନିଚ୍ଛୁକ ଜୀବର ମୁଣ୍ଡ ଉପରେ ଜବରଦସ୍ତି ଆଣି ଲଦି ଦିଆଯାଉ ଥାଆନ୍ତା, ତେବେ ତା'ର ଆଦୌ କୌଣସି ଔଚିତ୍ୟ ନଥା'ନ୍ତା । ମାତ୍ର ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ଏହା ପଛରେ ଶରୀର ମଧ୍ୟରେ ଅଧିଷ୍ଠିତ ହୋଇ ରହିଥିବା ଚିତ୍‌ସତ୍ତାଙ୍କର ପୂର୍ବସମ୍ମତି ଅବଶ୍ୟ ରହିଛି । କାରଣ ପୁରୁଷର ସ୍ୱୀକୃତି ବା ସମ୍ମତି ବ୍ୟତିରେକେ ପ୍ରକୃତି କଦାପି କୌଣସି କାର୍ଯ୍ୟ କରିପାରିବ ନାହିଁ । ଏକ ବିସୃଷ୍ଟ ବିଶ୍ୱକୁ ସମ୍ଭାଇବା ପଛରେ କେବଳ ଯେ ପରମ ଦିବ୍ୟ ପୁରୁଷଙ୍କର ଇଚ୍ଛାଟି ଅବଶ୍ୟ ରହିଥିବ ତା' ନୁହେଁ, ବ୍ୟକ୍ତିରୂପଟିର ପ୍ରକାଶିତ ହେବା ପଛରେ ମଧ୍ୟ ବ୍ୟକ୍ତିସ୍ୱଭାବକୁ ସ୍ୱୀକାର କରି ନେଇଥିବା ପୁରୁଷଙ୍କର ସମ୍ମତି ଅବଶ୍ୟ ରହିଥିବ । ମାତ୍ର ଏଠାରେ ଆପତ୍ତି କରି କୁହାଯାଇ ପାରେ ଯେ ଏଭଳି ଏକ ଆୟାସସଙ୍କୁଳ ଓ ବେଦନାମୟ କ୍ରମପରିଣତି ଲାଗି ପରମ ଦିବ୍ୟ ସଂକଳ୍ପ ଓ ଆନନ୍ଦ କାହିଁକି ଯେ ଆପଣାର ସମ୍ମତି ଦେଉଛନ୍ତି ଏବଂ ବ୍ୟକ୍ତି-ଆତ୍ମା ବି ତାହାକୁ କାହିଁକି ଅଙ୍ଗୀକାର କରି ନେଉଛନ୍ତି, ତାହାର କାରଣଟି ତଥାପି ଏକ ରହସ୍ୟ ହୋଇ ରହିଯାଉଛି । ମାତ୍ର ଯଦି ଆମେ ଆମ ନିଜର ସ୍ୱଭାବଟିକୁ ଲକ୍ଷ୍ୟ କରି ଦେଖିପାରିବା ଏବଂ ବିଶ୍ୱରୂପାୟନର ଆରମ୍ଭପର୍ବରେ ସତ୍ତା ଭିତରେ ବି ଏକ ଅନୁରୂପ ଗତିସ୍ପନ୍ଦନ ଦେଖା ଦେଇଥିଲା ବୋଲି ଅନୁମାନ କରିପାରିବା, ତେବେ ଉକ୍ତ କାରଣଟି ଆଉ ପୁରାପୁରି ଏକ ରହସ୍ୟ ବୋଲି କଦାପି ମନେହେବ ନାହିଁ । ପୁଣି ଆପଣାକୁ ଆବୃତ

'oaob.nitrkl.ac.in' images reprocessed

କରିଦେଇ ପୁନର୍ବାର ଆପଣାକୁ ଖୋଜି ପାଇବାର ଏହି ଲୀଳାଟିଦ୍ୱାରା ଚୈତନ୍ୟମୟ ସତ୍ତା ହୁଏତ ଆପଣାର ଅଭୂତପୂର୍ବଜନିତ ଏକ ସର୍ବଶ୍ରେଷ୍ଠ ଆନନ୍ଦ ଲାଭ କରୁଛନ୍ତି । ମନୁଷ୍ୟ ଯେତେବେଳେ ଆପଣାର ସମ୍ମୁଖରେ ରହିଥିବା ବାଧାଗୁଡ଼ିକ ଉପରେ ଜୟଲାଭ କରୁଛି, ହୁଏତ ସେ ସେତିକିବେଳେ ଆପଣା ଲାଗି ସବୁଠାରୁ ଅଧିକ ସୁଖ ଅନୁଭବ କରୁଛି । ସେ ଜ୍ଞାନରେ ଜୟଲାଭ କରୁଛି, ଶକ୍ତିରେ ଜୟଲାଭ କରୁଛି; ଯେଉଁଠି ସୃଷ୍ଟି କରିବା ହୁଏତ ଅସମ୍ଭବ ବୋଲି ମନେହେଉଛି, ସେଠାରେ ଯଥାର୍ଥରେ କିଛି ସୃଷ୍ଟି କରିବାଦ୍ୱାରା ସେ ଅସମ୍ଭବତାକୁ ବି ଜୟ କରୁଛି । ନାନା ବେଦନାଜନିତ କଠୋର ସାଧନା ଓ କେତେ ଦୁଃଖଯାତନାର ଅଗ୍ନିପରୀକ୍ଷା ଦେଇ ସେ ଯେଉଁ ବିଜୟ ହାସଲ କରୁଛି, ମନୁଷ୍ୟ ସେଥିରୁହିଁ ସର୍ବାଧିକ ସୁଖ ଅନୁଭବ କରୁଛି । ବିଚ୍ଛେଦର ଅବସାନ ଘଟି ଯେଉଁ ମିଳନ ଆସୁଛି, ସେଇଥିରୁହିଁ ନିବିଡ଼ ଆନନ୍ଦ ମିଳୁଛି । ଯେଉଁ ଆତ୍ମ ଟିଠାରୁ ଆମେ ଏତେଦିନ ବିଚ୍ଛିନ୍ନ ହୋଇ ରହିଥିଲେ, ସତେଅବା ସେହି ଆତ୍ମାଟିସହିତ ପୁଣି ଭେଟ ହୋଇ ଯାଉଛି ! ସେହିପରି ଅଜ୍ଞାନରେ ମଧ୍ୟ ଏକ ଆକର୍ଷଣ ରହିଛି, କାରଣ ଅଜ୍ଞାନ ଆମକୁ ନୂତନ ଆବିଷ୍କାର ଓ ନୂତନ ସତ୍ୟୋଦ୍‌ଘାଟନର ଆନନ୍ଦଟିକୁ ଆଣି ଯୋଗାଇ ଦେଉଛି, ନୂତନ ଅଦୃଷ୍ଟପୂର୍ବ ସୃଷ୍ଟିର ବିସ୍ମୟ ଆଣି ଦେଇଯାଉଛି, ଆତ୍ମା ଲାଗି ଏକ ନୂତନ ସାହସିକତାର ଅବସର ଦେଇଯାଉଛି । ଯାତ୍ରାରେ ଆନନ୍ଦ ରହିଛି, ଅନୁସନ୍ଧାନରେ ଆନନ୍ଦ ରହିଛି, ପାଇବାରେ ବି ଆନନ୍ଦ ରହିଛି; ସଂଗ୍ରାମରେ ଆନନ୍ଦ ରହିଛି ଓ ସଂଗ୍ରାମଜନିତ ସଫଳତାରେ ବି ଆନନ୍ଦ ରହିଛି; ସାଧନାରେ ଆନନ୍ଦ ରହିଛି, ପୁଣି ସାଧନାଜନିତ ସିଦ୍ଧିରେ ବି ଆନନ୍ଦ ରହିଛି । ସତ୍ତାର ଆନନ୍ଦହିଁ ଯଦି ସୃଷ୍ଟିର ସତ୍ୟରହସ୍ୟ ହୋଇଥାଏ, ତେବେ ଏହାକୁ ମଧ୍ୟ ଆମେ ସେହି ସତ୍ତାର ଏକ ଆନନ୍ଦ ବୋଲି କହିପାରିବା । ଏହି ଆନନ୍ଦକୁହିଁ ଏହି ଆପାତ ଦ୍ୱନ୍ଦ୍ୱ ଓ ପ୍ରହେଳିକାମୟ ଲୀଳାର ଏକମାତ୍ର କାରଣ ବା ଅନ୍ତତଃ ତାହାର ଗୋଟିଏ କାରଣ ବୋଲି ନିଶ୍ଚୟ କୁହାଯାଇ ପାରିବ । ବ୍ୟକ୍ତିପୁରୁଷଙ୍କର ଏହି ସ୍ୱୀକୃତି ବା ସମ୍ମତିର ବିଷୟଟିକୁ ଛାଡ଼ିଦେଲେ ମଧ୍ୟ ପରମ ନିଶ୍ଚେତନା ମଧ୍ୟକୁ ଲମ୍ଫପ୍ରଦାନ କରି ଆପଣାକୁ ପରିପ୍ରକାଶିତ କରୁଥିବା ମୂଳ ପରମ ସତ୍ତାଟି ଭିତରେ ଆହୁରି ଏକ ଗଭୀରତର ସତ୍ୟ ଅନ୍ତର୍ନିହିତ ରହିଛି । ଏହି ସତ୍ୟଟିର ପରିଣାମସ୍ୱରୂପ ତାଙ୍କର ଏକ ଆପାତବିରୋଧୀ ତତ୍ତ୍ୱ ମଧ୍ୟରେ ସଚ୍ଚିଦାନନ୍ଦଙ୍କର ଏକ ନୂତନ ପ୍ରତିଷ୍ଠା ହେଉଛି । ପରମ ଅନନ୍ତଙ୍କର ଆପଣାକୁ ନାନା ବିଚିତ୍ରଭାବେ ପ୍ରକାଶ କରିବାର ଅଧିକାର ନିଶ୍ଚୟ ରହିଛି ବୋଲି ଯଦି ସ୍ୱୀକାର କରି ନିଆଯାଏ, ତେବେ ଆମେ ଏଇଟିକୁ ମଧ୍ୟ ତାଙ୍କ ଆତ୍ମପ୍ରକାଶର ଏକ ସମ୍ଭାବନାରୂପେ ବୁଝିପାରିବା ଏବଂ ଏଥିରେ ଅନ୍ତର୍ନିହିତ ତାତ୍ପର୍ଯ୍ୟଟିକୁ ବି ଯଥାର୍ଥରେ ହୃଦୟଙ୍ଗମ କରିପାରିବା ।

'oaob.nitrkl.ac.in' images reprocessed

## ପଞ୍ଚମ ପରିଚ୍ଛେଦ

# ବିଶ୍ୱମାୟା ;
# ମନ, ସ୍ୱପ୍ନ ଓ ଚିତ୍ତବିଭ୍ରମ

ଅନିତ୍ୟଂ ଅସୁଖଂ ଲୋକଂ ଇମଂ ପ୍ରାପ୍ୟ ଭଜସ୍ୱ ମାଂ ॥

—ଗୀତା, ୯ । ୩୩

ଅନିତ୍ୟ ଓ ଦୁଃଖମୟ ସଂସାରରେ ଜନ୍ମଗ୍ରହଣ କରିଥିବା ତୁମେ ମୋ'ର ଆଶ୍ରୟକୁ ଆସ, ମୋହର ଭଜନ କର ।

ଆତ୍ମେତି ଯୋଽୟଂ ବିଜ୍ଞାନମୟଃ······ ··ହୃଦ୍ୟନ୍ତର୍ଜ୍ୟୋତିଃ ପୁରୁଷ ।
ସ ସମାନଃ ସନ୍ନୁଭୌ ଲୋକାବନୁସଞ୍ଚରତି ··· ···ସ ହି ସ୍ୱପ୍ନୋ
ଭୂତ୍ୱା ଇମଂ ଲୋକମତିକ୍ରାମତି ମୃତ୍ୟୋ ରୂପାଣି ॥

ତସ୍ୟ ବା ଏତସ୍ୟ ପୁରୁଷସ୍ୟ ଦ୍ୱେ ଏବ ସ୍ଥାନେ ଭବତଃ, ଇଦଂ ଚ ପରଲୋକସ୍ଥାନଂ ଚ, ସନ୍ଧ୍ୟଂ ତୃତୀୟଂ ସ୍ୱପ୍ନସ୍ଥାନଂ; ତସ୍ମିନ୍ ସନ୍ଧ୍ୟେ ସ୍ଥାନେ ତିଷ୍ଠନ୍ନେତେ ଉଭେ ସ୍ଥାନେ ପଶ୍ୟତୀଦଂ ଚ ପରଲୋକସ୍ଥାନଂ ଚ,······
ସ ଯତ୍ର ପ୍ରସ୍ୱପିତି ଅସ୍ୟ ଲୋକସ୍ୟ ସର୍ବାବତୋ ମାତ୍ରାମପାଦାୟ ସ୍ୱୟଂ ବିହତ୍ୟ ସ୍ୱୟଂ ନିର୍ମାୟ ସ୍ୱେନ ଭାସା ସ୍ୱେନ ଜ୍ୟୋତିଷା, ପ୍ରସ୍ୱପିତ୍ୟତ୍ରାୟଂ ପୁରୁଷଃ ସ୍ୱୟଂଜ୍ୟୋତିର୍ଭବତି ॥

ନ ତତ୍ର ରଥାଃ ନ··· ପନ୍ଥାନୋ ଭବନ୍ତି,
ନ ତତ୍ରାନନ୍ଦା ମୁଦଃ ପ୍ରମୁଦୋ ଭବନ୍ତି,···
ନ ତତ୍ର ବେଶାନ୍ତାଃ ପୁଷ୍କରିଣ୍ୟଃ ସ୍ରବନ୍ତ୍ୟୋ ଭବନ୍ତି,
ଅଥ···ସୃଜତେ ସ ହି କର୍ତ୍ତା ॥

ସ୍ୱପ୍ନେନ ଶାରୀରମଭିପ୍ରହତ୍ୟ ଅସୁପ୍ତଃ ସୁପ୍ତାନଭିଚାକଶୀତି ॥
ପ୍ରାଣେନ ରକ୍ଷନ୍ନବରଂ କୁଲାୟଂ ବହିଷ୍କୁଲାୟାଦମୃତଶ୍ଚରିତ୍ୱା ।

'oaob.nitrkl.ac.in' images reprocessed

ସ ଈୟତେଽମୃତୋ ଯତ୍ର କାମଂ ହିରଣ୍ମୟଃ ପୁରୁଷଃ ଏକହଂସଃ ॥
...ଅଥୋ ଖଲ୍ୱାହୁଃ "ଜାଗରିତ ଦେଶ ଏବାସ୍ୟୈଷ ଇତି, ଯାନି ହ୍ୟେବ ଜାଗ୍ରତ୍ ପଶ୍ୟତି ତାନି ସୁପ୍ତ ଇତି"; ଅତ୍ରାୟଂ ପୁରୁଷଃ ସ୍ୱୟଂଜ୍ୟୋତିର୍ଭବତି ॥

—ବୃହଦାରଣ୍ୟକ ଉପନିଷଦ, ୪ । ୩, ୭, ୯-୧୨, ୧୪

ଏହି ଆତ୍ମା ବିଜ୍ଞାନମୟ, ହୃଦୟ ମଧ୍ୟରେ ସେହି ଅନ୍ତର୍ଜ୍ୟୋତି । ଏହି ପୁରୁଷ ସତ୍ତାର ସକଳ ଅବସ୍ଥାରେ ସମାନଭାବେ ଅବସ୍ଥିତ ରହିଛନ୍ତି ଏବଂ ଉଭୟ ଲୋକରେ ସଞ୍ଚରଣ କରୁଛନ୍ତି । ସ୍ୱପ୍ନର ରୂପ ଧାରଣ କରି ସେ ଏହି ଲୋକ ତଥା ଏଠାରେ ରହିଥିବା ମୃତ୍ୟୁର ଯାବତୀୟ ରୂପକୁ ଅତିକ୍ରମ କରିଯାଆନ୍ତି ।......ଏହି ଚେତନ୍ୟ ପୁରୁଷର ଦୁଇଟି ଆସ୍ଥାନ ରହିଛି; ଗୋଟିଏ ଇହଲୋକ ଓ ଅନ୍ୟଟି ପରଲୋକ । ଦୁଇ ଲୋକର ସନ୍ଧିସ୍ଥଳରେ ଯେଉଁ ତୃତୀୟ ଅବସ୍ଥାଟି ରହିଛି, ତାହା ହେଉଛି ସେହି ପୁରୁଷର ସ୍ୱପ୍ନ-ଅବସ୍ଥା । ଏବଂ ଯେତେବେଳେ ପୁରୁଷ ଏହି ସ୍ୱପ୍ନ-ଅବସ୍ଥାଟିରେ ଅବସ୍ଥାନ କରୁଥାଏ, ସେତେବେଳେ ସେ ଆପଣା ସତ୍ତାର ଦୁଇଟିଯାକ ଲୋକକୁ ଅବଲୋକନ କରୁଥାଏ । ଇହଲୋକକୁ ଦେଖେ ତଥା ପରଲୋକକୁ ଦେଖେ । ସୁପ୍ତ ଅବସ୍ଥାରେ ରହିଥିବା ସମୟରେ ସେ ଏହି ସର୍ବମୟ ଜଗତର ଉପାଦାନକୁ ନେଇ ଆପଣା ଜ୍ୟୋତିରୁଦ୍‌ଭାସ ଓ ଆପଣାର ଆଲୋକରେ ନିଜେହିଁ ସବୁ ଭାଙ୍ଗେ ଓ ନିଜେହିଁ ସବୁ ଗଢ଼ୁଥାଏ । ସୁପ୍ତ ଅବସ୍ଥାରେ ଏହି ଚେତନାମୟ ପୁରୁଷ ତା'ର ଆତ୍ମଜ୍ୟୋତି ଦ୍ୱାରା ଜ୍ୟୋତିର୍ମୟ ହୋଇ ରହିଥାଏ ।......ସେଠାରେ ପଥ ନଥାଏ, ରଥ ନଥାଏ, ଆନନ୍ଦ ନଥାଏ କିମ୍ବା ଆମୋଦପ୍ରମୋଦ ନଥାଏ; ସରସୀ, ପୁଷ୍କରିଣୀ ବା ନଦୀ କିଛି ନଥାଏ । ମାତ୍ର ସେ ଆପଣା ଜ୍ୟୋତିରୁହିଁ ସେହିସବୁର ସୃଷ୍ଟି କରେ, କାରଣ ସିଏ ସ୍ରଷ୍ଟା, ସିଏ କର୍ତ୍ତା । ସୁପ୍ତ ଅବସ୍ଥାରେ ସେ ଆପଣା ଶରୀରକୁ ପରିହାର କରି ଅସୁପ୍ତ ରହେ ଓ ସୁପ୍ତ ରହିଥିବା ସମସ୍ତଙ୍କୁ ଦେଖୁଥାଏ । ପ୍ରାଣବାୟୁ ସାହାଯ୍ୟରେ ନିମ୍ନସ୍ଥ ଏହି କୁଳାୟଟିକୁ ରକ୍ଷା କରେ, ଏବଂ ଅମୃତରୂପ ହୋଇଥିବାରୁ ଆପଣାର କୁଳାୟରୁ ବାହାରି ବାହାରକୁ ଚାଲିଯାଏ । ଅମୃତତ୍ୱର ଅଧିକାରୀ ହୋଇଥିବାରୁ ସେ ଯେଉଁଠାକୁ ଯିବାକୁ ଇଚ୍ଛାକରେ, ସେଠାକୁ ଯାଇପାରେ । ସେ ହେଉଛି ହିରଣ୍ମୟ ପୁରୁଷ, ସେ ଏକହଂସ ।......ଲୋକେ କହନ୍ତି, "ଜାଗରଣର ଦେଶ କେବଳ ତାହାରି ଦେଶ, କାରଣ ଜାଗ୍ରତାବସ୍ଥାରେ ସେ ଯାହାସବୁ ଦେଖେ, ସେସବୁକୁ ଆପଣାର ସୁପ୍ତାବସ୍ଥାରେ ମଧ୍ୟ ଦେଖିପାରେ ।" ମାତ୍ର ଏଠାରେ ଏହି ପୁରୁଷ ସ୍ୱୟଂଜ୍ୟୋତି ହୋଇ ଅବସ୍ଥାନ କରୁଥାଏ ।

......ଦୃଷ୍ଟଂ ଚାଦୃଷ୍ଟଂ ଚ,......ଅନୁଭୂତଂ ଚ, ସଚ୍ଚାସଚ୍ଚ, ସର୍ବଂ ପଶ୍ୟତି,
ସର୍ବଃ ପଶ୍ୟତି ॥

—ପ୍ରଶ୍ନୋପନିଷଦ, ୪ । ୫

'oaob.nitrkl.ac.in' images reprocessed

ଯାହା ଦୃଷ୍ଟ ଓ ଯାହା ଅଦୃଷ୍ଟ, ଯାହା ଅନୁଭୂତ ଓ ଯାହା ଅନନୁଭୂତ, ଏବ ଯାହା ସତ୍ ଓ ଯାହା ଅସତ୍,—ଏହି ପୁରୁଷ ସବୁ ଦେଖୁଥାଏ, ସର୍ବରୂପହିଁ ସବୁ ଦେଖୁଥାଏ ।

ମନୁଷ୍ୟର ସକଳ ଭାବନା, ମନୋଗତ ମନୁଷ୍ୟର ଯାବତୀୟ ଅନୁଭୂତି ଏକ ନିଶ୍ଚିତ ଭାବାତ୍ମକତା ଓ ଅଭାବାତ୍ମକତାର ଦୁଇ ବିନ୍ଦୁ ମଧ୍ୟରେ ସତତ ଗତି କରିବାରେ ଲାଗିଥାଏ । ତାହାର ମନର ବିଚାରଦ୍ୱାରା ଅବଧୃତ ଏପରି କୌଣସି ସତ୍ୟ ଏବଂ ଅନୁଭୂତିଗତ ଏପରି କୌଣସି ପରିଣାମ ନାହିଁ ଯାହାକୁ କି ସ୍ୱୀକାର କରାଯାଇ ପାରିବ ନାହିଁ ଓ ଯାହାକୁ ଅସ୍ୱୀକାର ମଧ୍ୟ କରାଯାଇ ପାରିବ ନାହିଁ । ମନୁଷ୍ୟର ମନୋଗତ ବିଚାର ବ୍ୟକ୍ତି-ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରିଛି, ବିଶ୍ୱଜଗତର ଅସ୍ତିତ୍ୱକୁ ଅସ୍ୱୀକାର କରିଛି, କେଉଁଠି ଅନ୍ତଃସ୍ଥିତ ବା ଅନ୍ତର୍ନିହିତ ହୋଇ କୌଣସି ପରମସତ୍ୟ ପ୍ରକୃତରେ ରହିଛି ବୋଲି ମଧ୍ୟ ସ୍ୱୀକାର କରିବାକୁ ରାଜି ନାହିଁ । ପୁଣି, ଜୀବ ଓ ଜଗତର ଅତୀତ କୌଣସି ପରମ ସତ୍ୟ ରହିଛି ବୋଲି ଅସ୍ୱୀକାର କରିଛି । ମାତ୍ର ଅପରପକ୍ଷରେ ସେ ଏହିସବୁର ଅସ୍ତିତ୍ୱକୁ ମଧ୍ୟ ସର୍ବଦା ସ୍ୱୀକାର କରି ଆସିଛି । କେତେବେଳେ ଏଗୁଡ଼ିକରୁ କୌଣସି ଗୋଟିଏକୁ ପୂର୍ଣ୍ଣରୂପେ ସ୍ୱୀକାର କରିନେଇଛି, ଏବଂ ପୁଣି କେତେବେଳେ ଏଥିରୁ କୌଣସି ଦୁଇଟିକୁ କିମ୍ବା ସବୁଗୁଡ଼ିକୁ ଏକତ୍ର ସତ୍ୟ ବୋଲି ଗ୍ରହଣ କରିଛି । ଏଭଳି କରିବା ବ୍ୟତୀତ ଆଉ କୌଣସି ଗତି ନାହିଁ । କାରଣ କେବଳ ନାନା ସମ୍ଭାବନାକୁ ନେଇହିଁ ଅଜ୍ଞାନ ସଉଦା କରିବା ହେଉଛି ଆମ ପ୍ରାକୃତ ମନର ସ୍ୱଭାବ । ସେଗୁଡ଼ିକର କୌଣସିଟି ପଛରେ ଯେଉଁ ସତ୍ୟ ନିଗୂଢ଼ ହୋଇ ରହିଛି, ଆମର ମନ ସହିତ ତାହାର କୌଣସି ପରିଚୟ ନାହିଁ । ମାତ୍ର ସେ କେବଳ ସେଗୁଡ଼ିକୁ ଗୋଟିଗୋଟି କରି କିମ୍ବା ସେଗୁଡ଼ିକରୁ ଅନେକକୁ ଏକାଠି ବଜାଇ ଦେଖୁଛି ଅଥବା ପରଖିବାକୁ ବସୁଛି । ଏପରି କରି ସେ କାଳେ ଦୈବାତ୍ ସେଗୁଡ଼ିକ ସମ୍ବନ୍ଧରେ କୌଣସି ସ୍ଥିର ଓ ନିଶ୍ଚିତ ବିଶ୍ୱାସ କିମ୍ବା ଜ୍ଞାନ ଲାଭକରି ପାରିବ, ଏହି ଆଶାରେ ମନ ସେଭଳି କରିବାରେ ଲାଗିଛି । ମାତ୍ର ତଥାପି କେବଳ ଆପେକ୍ଷିକତା ଓ ସମ୍ଭାବନାର ଏକ ଜଗତ ଭିତରେ ବାସ କରୁଥିବାରୁ କୌଣସି ଧ୍ରୁବ ସତ୍ୟରେ ପହଞ୍ଚିବା ବା କୌଣସି ଚରମ ଓ ସ୍ଥାୟୀ ବିଶ୍ୱାସର ଅଧିକାରୀ ହେବା ତାହା ପକ୍ଷରେ କେବେହେଲେ ସମ୍ଭବ ହେଉ ନାହିଁ । ଏପରିକି ଯାବତୀୟ ବାସ୍ତବ ଏବଂ ଉପଲବ୍ଧ ଅନୁଭୂତି ମଧ୍ୟ ଆମର ମନୋଭୂମି ସମକ୍ଷରେ କେବଳ 'ହୋଇପାରେ ବା ନହୋଇପାରେ' ରୂପେ ଅନୁଭୂତ ହେଉଛି (ସ୍ୟାତ୍ ବା ନ ସ୍ୟାତ୍ ବା) । ଅଥବା ହୁଏତ କେବଳ ଏକ 'ନହୋଇ ବି ପାରିଥା'ନ୍ତା'ର ପରିସ୍ଥୂଗ୍ରସ୍ଥା ଭିତରେ ସେ ଯାବତୀୟ 'ଅଛି'କୁ ଅନୁଭବ କରୁଛି । ବର୍ତ୍ତମାନ ଯାହା ଅଛି, ତାହା ହୁଏତ ଏହାପରେ ରହିବ ନାହିଁ, ଏହିପରି

ଏକ ଆଶଙ୍କାର ପରଧାନ ଭିତରେ ସେ 'ଅଛୁ'କୁ ଦେଖୁଛୁ । ଆମ ପ୍ରାଣସତ୍ତ୍ୱଟି ମଧ୍ୟ ଠିକ୍ ଏହି ଅନିଶ୍ଚୟତା ଦ୍ୱାରା ଆକ୍ରାନ୍ତ ହୋଇ ରହିଛି । ବସ୍ତୁବାର ଯେଉଁ ଉଦ୍ଦେଶ୍ୟଟି ଥିଲେ ପ୍ରାଣ ସେଥିରୁ ଏକ ନିଷ୍ଠ ତ ଅର୍ଥାତ୍ ଚରମ ସନ୍ତୋଷ ଲାଭ କରିପାରନ୍ତା ବା ଯାହାକୁ କି ସେ ଏକ ସ୍ଥାୟୀ ମୂଲ୍ୟ ଦେଇ ଦେଖିପାରନ୍ତା, ପ୍ରାଣ ସେପରି କୌଣସି ଉଦ୍ଦେଶ୍ୟକୁ ଆଶ୍ରୟ କରି ରହିପାରୁ ନାହିଁ । ଯେଉଁସବୁ ଘଟଣା ବା ବାସ୍ତବତା ଆମକୁ ସତ୍ୟ ପରି ପ୍ରତୀତ ହେଉଛନ୍ତି, ସେହିସବୁ ଉପରେ ନିର୍ଭର କରିହିଁ ଆମର ପ୍ରକୃତି ଆପଣାର ବିଚରଣ ଆରମ୍ଭ କରୁଛି । ଏବଂ ସତେଅବା ଆଉ କାହାଦ୍ୱାରା ଠେଲି ହୋଇ ଗଲାପରି ସେ ସେଗୁଡ଼ିକର ଆୟତନକୁ ଡେଇଁ ଚାଲିଯାଉଛି, ଅନିଶ୍ଚିତ ନାନା ସମ୍ଭାବନାର ଅନୁଧାବନ କରିବାରେ ଲାଗିଯାଉଛି ଏବଂ ପରିଣାମରେ ଓ ପରିଶେଷରେ ଯେଉଁଗୁଡ଼ିକୁ ସତ୍ୟ ବୋଲି ଭାବି ସେ ଆପଣାର ଯାତ୍ରା ଆରମ୍ଭ କରିଥିଲା, ସେଗୁଡ଼ିକର ସତ୍ୟତା ବିଷୟରେ ସନ୍ଦେହ କରିବାକୁ ଆରମ୍ଭ କରୁଛି । କାରଣ ଏକ ମୌଳିକ ଅଜ୍ଞାନକୁ ଭିତ୍ତି କରିହିଁ ଏହା ଅଗ୍ରସର ହେଉଛି ଓ କୌଣସି ସ୍ଥାୟୀ ସତ୍ୟକୁ ନିର୍ଭର କରି ରହିବା ଲାଗି ସମର୍ଥ ହୋଇପାରୁ ନାହିଁ । ହୁଏତ ପ୍ରୟୋଜନବେଳେ ତାହା ଯେଉଁସବୁ ସତ୍ୟ ଉପରେ ଆସ୍ଥା କରି ବାଟ ଚାଲୁଛି, ସେଗୁଡ଼ିକ ସମସ୍ତେ ପରିଶେଷରେ କେବଳ ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛନ୍ତି, କେବଳ ଅପୂର୍ଣ୍ଣ ଓ ଚଣସ୍ଥାୟୀ ବୋଲି ଧରାପଡ଼ି ଯାଉଛନ୍ତି ।

(ମନୁଷ୍ୟ ପ୍ରଥମେ ତାର ଦେହଗତ ମନର ଆୟତନଟି ଭିତରେ ବାସ କରୁଥାଏ । ଯାହାସବୁ ବାସ୍ତବ ଘଟଣାରୂପେ ଘଟେ, ଯାହାର ଏକ ଜଡ଼ସତ୍ତ୍ୱ ଓ ବିଷୟଗତ ଅସ୍ତିତ୍ୱ ରହିଥାଏ, କେବଳ ତାହାହିଁ ଏହି ମନ ପାଖରେ ଗ୍ରାହ୍ୟ ହୋଇଥାଏ । ମନ ତାହାକୁହିଁ ବାସ୍ତବ ସତ୍ୟ ବୋଲି ଗ୍ରହଣ କରେ ଏବଂ ଏକ ସତ୍ୟ ହିସାବରେ ସେଗୁଡ଼ିକର ଯଥାର୍ଥ ବିଷୟରେ ସେ ଆଉ କୌଣସିପ୍ରକାର ସନ୍ଦେହ ରଖିବାକୁ ପ୍ରସ୍ତୁତ ନଥାଏ । ଯାହାକୁ ବାସ୍ତବ ଘଟଣା ବୋଲି କୁହାଯାଇ ପାରିବ ନାହିଁ, ଯାହା ଜଡ଼ସତ୍ତ୍ୱ-ବିଶିଷ୍ଟ ନୁହେଁ ବା ଯାହାର ବିଷୟଗତ ଅସ୍ତିତ୍ୱ ନାହିଁ, ସେଗୁଡ଼ିକୁ ମନ ଅବାସ୍ତବ ବୋଲି କହେ, ଅନୁପଲବ୍ଧ ବୋଲି କହେ । କେବଳ ଯେତେବେଳେ ସେଗୁଡ଼ିକ ବାସ୍ତବ ଘଟଣାରେ ପରିଣତ ହେବାରେ ସଫଳ ହୁଏ, ଜଡ଼ସତ୍ତ୍ୱବିଶିଷ୍ଟ ହୁଏ ଓ ଏକ ବିଷୟଗତ ଅସ୍ତିତ୍ୱକୁ ଧାରଣ କରିପାରେ, ସେତେବେଳେ ଯାଇ ମନ ସେଗୁଡ଼ିକୁ ସମ୍ପୂର୍ଣ୍ଣ ବାସ୍ତବ ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ଥାଏ । ଆପଣାର ନିଜ ସତ୍ତ୍ୱଟିକୁ ମଧ୍ୟ ମନ ଏକ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ବୋଲି ବିଚାର କରିଥାଏ । ଏକ ଇନ୍ଦ୍ରିୟଗ୍ରାହ୍ୟ ସ୍ଥୂଳ ଦେହ ମଧ୍ୟରେ ଅବସ୍ଥାନ କରୁଛି ବୋଲି ସେ ଆପଣାର ସତ୍ତାକୁ ସତ୍ୟ ଓ ବାସ୍ତବ ବୋଲି ମନେକରେ । ଠିକ୍ ଏହିପରି ଏକ ପ୍ରମାଣର ମାନଦଣ୍ଡ ଉପରେହିଁ ସେ ଅନ୍ୟ ଯାବତୀୟ ଆଶ୍ରୟଗତ ସତ୍ତ୍ୱ ଓ ବସ୍ତୁଗୁଡ଼ିକୁ ଗ୍ରହଣ କରିଥାଏ । କେବଳ ଯେତକ ଦୂର ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ସେଗୁଡ଼ିକ ଆମର ବାହ୍ୟ ଚେତନାର ବିଷୟରୂପେ ପରିଣତ ହେବାକୁ ସମର୍ଥ ହୁଅନ୍ତି, ଅଥବା ଆମ ବୁଦ୍ଧିର ଯେଉଁ ଅଂଶ ବା କ୍ଷେତ୍ରଟି ସେହି ବାହ୍ୟ ଚେତନା ଆଣି ଯୋଗାଇ ଦେଉଥିବା ତଥ୍ୟଗୁଡ଼ିକ ଉପରେହିଁ ଆପଣାର ଜଗତଟିକୁ ରଚନା କରିବାରେ ଅଭ୍ୟସ୍ତ ରହିଆଏ ଓ ସେହି ତଥ୍ୟଗୁଡ଼ିକୁ ଜ୍ଞାନର ଏକମାତ୍ର ନିର୍ଭରଯୋଗ୍ୟ ଭିତ୍ତିରୂପେ ମାନି ନେଇଥାଏ, ସେଗୁଡ଼ିକ ଯେତିକି ପର୍ଯ୍ୟନ୍ତ ସେହି କ୍ଷେତ୍ରଟିର ସମର୍ଥନ ପାଇପାରନ୍ତି, କେବଳ ସେତିକି ପର୍ଯ୍ୟନ୍ତ ସେଗୁଡ଼ିକ ଗ୍ରହଣଯୋଗ୍ୟ ହୋଇଥା'ନ୍ତି। ଜଡ଼ବିଜ୍ଞାନକୁ ଆମେ ଏହି ମାନସିକ ବୃତ୍ତିର ଏକ ବୃହତ୍ତ ସମ୍ପ୍ରସାରଣ ବୋଲି କହିପାରିବା। ଜଡ଼ବିଜ୍ଞାନ ଆମ ଇନ୍ଦ୍ରିୟଗତ ଭ୍ରମଗୁଡ଼ିକୁ ସଂଶୋଧନ କରେ, ଏବଂ ଆମେ ଶାରୀରିକ ଇନ୍ଦ୍ରିୟଗୁଡ଼ିକର ଅଗମ୍ୟ ହୋଇ ରହିଥିବା ବିଷୟ ଓ ବସ୍ତୁଗୁଡ଼ିକୁ ବିଷୟଗତ ଜ୍ଞାନର କ୍ଷେତ୍ର ଭିତରକୁ ଆଣି ପାରିବାର ଉପାୟମାନ ଆବିଷ୍କାର କରି ତାହା ଇନ୍ଦ୍ରିୟ-ମନର ପ୍ରାଥମିକ ସୀମାଗୁଡ଼ିକୁ ଅତିକ୍ରମ କରିଯାଏ; ମାତ୍ର ଏହା ସେହି ଏକ ମାନଦଣ୍ଡ ଦ୍ୱାରାହିଁ ସତ୍ୟର ମୂଲ୍ୟାୟନ କରିଥାଏ। ସତ୍ୟ କହିଲେ କେବଳ ବିଷୟଗତ ଓ ବସ୍ତୁସତ୍ତାବିଶିଷ୍ଟ ବାସ୍ତବକୁହିଁ ବୁଝିଥାଏ। ବସ୍ତୁନିଷ୍ଠ ବୁଦ୍ଧି ଓ ବିଷୟଗତ ତଥ୍ୟପ୍ରମାଣ ଦ୍ୱାରା ତନଖି ଦେଖିବାପାଇଁ ଯେଉଁ କ୍ଷେତ୍ରରେ ଯେତେ ସମ୍ଭାବନା ରହିଛି, ଜଡ଼ବିଜ୍ଞାନ ତାହାକୁ ସେତେ ବେଶି ସତ୍ୟ ବୋଲି ଘୋଷଣା କରିଥାଏ।

ମାତ୍ର ଏହି ମନୁଷ୍ୟ ମଧ୍ୟରେ ଏକ ପ୍ରାଣଗତ ମନ ମଧ୍ୟ ରହିଛି, ଏକ ପ୍ରାଣମୟ ମନୋଭୂମି ରହିଛି ଯାହାକି ବାସନାର ଏକ ନିମିତ୍ତରୂପେ କାର୍ଯ୍ୟ କରୁଛି। କେବଳ ବାସ୍ତବ ଘଟଣାରେ ଏହାର ତୃପ୍ତି ହେଉ ନାହିଁ, ଏହା କେତେ କେତେ ସମ୍ଭାବ୍ୟତା ଓ ସମ୍ଭାବନାକୁ ନେଇ କାରବାର କରୁଛି। ଏହା ମଧ୍ୟରେ ନୂତନତ୍ୱ ପାଇଁ ଏକ ପ୍ରବଳ ଆକର୍ଷଣ ରହିଛି; ଏବଂ ବାସନାର ତୃପ୍ତି ଲାଗି, ଉପଭୋଗ କରିବା ଲାଗି, ଆପଣାର ଅହଂକୁ ଏକ ଅଧିକ ବିସ୍ତୃତ କ୍ଷେତ୍ରରେ ପ୍ରତିଷ୍ଠିତ କରିବା ଲାଗି ଓ ଆପଣାର ସମର୍ଥତା ତଥା ସମ୍ପଦର ରାଜ୍ୟଟିକୁ ବୃଦ୍ଧି କରିବା ଲାଗି ତାହା ଆପଣା ଅଭିଜ୍ଞତାର ସୀମାଗୁଡ଼ିକୁ ସମ୍ପ୍ରସାରିତ କରିଦେବ ବୋଲି ସତତ ବାଟ ଖୋଜିବାରେ ଲାଗିଛି। ଏହି ପ୍ରାଣଗତ ମନ ବାସ୍ତବତାର କାମନା କରୁଛି, ବାସ୍ତବତାକୁ ଉପଭୋଗ କରୁଛି ଓ ବାସ୍ତବତାକୁ ଅଧିକାର କରି ରହିଛି, ମାତ୍ର ତାହା ସଙ୍ଗେ ସଙ୍ଗେ ସେ ଅନୁପଲବ୍ଧ ନାନା ସମ୍ଭାବନାର ବି ଅନ୍ୱେଷଣ କରୁଛି, ସେଗୁଡ଼ିକ ବି ବାସ୍ତବରେ ପରିଣତ କରି ସେଗୁଡ଼ିକୁ ଭୋଗ କରିବାକୁ ତଥା ଆୟତ୍ତରେ ପରିଣତ କରିବାକୁ ବ୍ୟଗ୍ର ହୋଇ ରହିଛି। ବସ୍ତୁସତ୍ତାମୟ ବିଷୟଜଗତ ମଧ୍ୟରେ ଯେତିକି କଥା ରହିଛି କେବଳ ସେତିକରେ ତା'ର ସନ୍ତୋଷ ହେଉ ନାହିଁ; ମାତ୍ର ଆପଣାର ଆଶୟଗତ କ୍ଷେତ୍ରରେ ମଧ୍ୟ ଏହା ଆପଣାର କଳ୍ପନାପ୍ରବଣତା ଓ ବିଶୁଦ୍ଧ ସମ୍ବେଗମୟତାର ଭୂମି ଉପରେ

'oaob.nitrkl.ac.in' images reprocessed

ଆଉ କେତେ କେତେ ସନ୍ତୋଷ ଓ ସୁଖର ସନ୍ଧାନ କରିବାରେ ଲଗିଛି । ମନୁଷ୍ୟ ମଧ୍ୟରେ ଯଦି ଏପରି ଏକ ପ୍ରବଣତା ନଥା'ନ୍ତା, ତେବେ ତା'ର ଦେହଗତ ମନଟି ଆପଣା ବିଚରଣର ଘେରବାଡ଼ ଭିତରେ କେବଳ ଇତର ଯେକୌଣସି ପ୍ରାଣୀ ପରିହିଁ ଜୀବନ ଧାରଣ କରି ରହିଥା'ନ୍ତା; ଆପଣାର ପ୍ରଥମ ସ୍ତରର ଭୌତିକ ଜୀବନ ଓ ତାହାର ସୀମାଗୁଡ଼ିକୁ ଆପଣାର ସମଗ୍ର ସମ୍ଭାବ୍ୟତାରୂପେ ଗ୍ରହଣ କରି ନେଉଥା'ନ୍ତା । କେବଳ ଜଡ଼ଗତ ପ୍ରକୃତିର ପ୍ରତିଷ୍ଠିତ ବ୍ୟବସ୍ଥାସୀମାଟି ଭିତରେହିଁ ବାଟଚାଲା କରୁଥା'ନ୍ତା ଓ କେତେବେଳେ ମଧ୍ୟ ତାହାଠାରୁ ଅଧିକ କିଛି ମାଗୁ ନଥା'ନ୍ତା । ମାତ୍ର ଠିକ୍ ଏହିଠାରେହିଁ ଏହି ପ୍ରାଣଗତ ମନ ଅଥବା ଅଶାନ୍ତ ପ୍ରାଣସଙ୍କଳ୍ପଟି ମଝିରେ ଆସି ପହଞ୍ଚିଯାଉଛି ଓ ଆପଣାର ଆହୁରି ନାନା ଦାବିଦ୍ୱାରା ତଥାକଥିତ ବାସ୍ତବତାର ସୀମା ଭିତରେ ଆବଦ୍ଧ ହୋଇ ବାସ କରୁଥିବା ଏକ ଜୀବନସ୍ଥାନ ଅର୍ଥାତ୍ ଧରାବନ୍ଧା ସନ୍ତୋଷର ସଂସାରରେ ଅଶାନ୍ତ ସୃଷ୍ଟି କରୁଛି । ଆମର ବାସନାଗୁଡ଼ିକୁ ଏହା ଅଧିକ ବଢ଼ାଇ ଆଣି ଦେଉଛି, ଏକ ଅସନ୍ତୋଷ ଓ ଅଶାନ୍ତ ଅବସ୍ଥାର ସୃଷ୍ଟି କରୁଛି । ଏହି ଜୀବନ କେବଳ ଯେତିକ ଦେଇ ପାରିବ ବୋଲି ବୋଧହେଉଛି, ତାହାଠାରୁ ଆହୁରି ଅଧିକ କିଛିର ସନ୍ଧାନ କରିବା ଲାଗି ଆମକୁ ଚଞ୍ଚଳ କରି ପକାଉଛି । ଆମ ଅନୁପଲବ୍ଧ ସମ୍ଭାବନାଗୁଡ଼ିକୁ ବାସ୍ତବ ପ୍ରୟୋଜନୀୟତା ଦେଇ ଏହା ଜଡ଼ଗତ ବାସ୍ତବତାର କ୍ଷେତ୍ରଟିକୁ ବହୁଗୁଣରେ ପ୍ରସାରିତ କରିଦେଉଛି; କେବଳ ସେତିକ ନୁହେଁ, ମାତ୍ର ସତତ ଅଧିକ ଓ ଆହୁରି ଅଧିକ ଲାଗି ଏକ ଆକାଙ୍କ୍ଷା ଜଗାଇ ଦେଇ ଯାଉଛି । ଆହୁରି କେତେ କେତେ ନୂତନ ପୃଥିବୀକୁ ଜୟ କରିବା ଲାଗି ଉଦ୍‌ବୁଦ୍ଧ କରୁଛି, ପରିସ୍ଥିତି ଓ ପରିବେଶର ସୀମାଗୁଡ଼ିକୁ ଡେଇଁ ଚାଲିଯିବାକୁ ଏବଂ ଏପରିକି ଆପଣାର ପରିଧିଗୁଡ଼ିକୁ ମଧ୍ୟ ଅତିକ୍ରମ କରିଯିବାକୁ ଏକ ନିୟତ ଚେଷ୍ଟାର ଆହ୍ୱାନ ଦେଇଯାଉଛି । ଏହି ଅଶାନ୍ତତା ଓ ଅନଶ୍ବରତାର କାରଣଟି ସହିତ ପୁଣି ଏକ ଚିନ୍ତନାଶୀଳ ମନ ବି ଆସି ପହଞ୍ଚିଯାଉଛି । ଏହି ମନ ସବୁଠାରେ ସବୁକିଛିର ରହସ୍ୟୋଦ୍‌ଘାଟନ କରିବାକୁ ଚାହୁଁଛି, ସବୁ କଥାରେ ପ୍ରଶ୍ନ ପଚାରିବାକୁ ବାହାରୁଛି, କେତେ କେତେ ସିଦ୍ଧାନ୍ତ ଗଢ଼ି ପୁଣି ସେଗୁଡ଼ିକୁ ଭାଙ୍ଗି ପକାଉଛି । ନିଶ୍ଚିତ ମତବାଦର କେତେ ସୌଧ ତିଆରି କରୁଛି, ମାତ୍ର ପରିଶେଷରେ କୌଣସିଟିକୁ ବି ସ୍ଥିରନିଶ୍ଚିତ ବୋଲି ଗ୍ରହଣ କରୁ ନାହିଁ । ଆମ ଇନ୍ଦ୍ରିୟସବୁ ଆମକୁ ଆଣି ଦେଉଥିବା ସାକ୍ଷ୍ୟପ୍ରମାଣଗୁଡ଼ିକୁ କେତେବେଳେ ସମର୍ଥନ କରୁଛି, ପୁଣି କେତେବେଳେ ସେଗୁଡ଼ିକର ଯଥାର୍ଥତା ସମ୍ବନ୍ଧରେ ସନ୍ଦେହ ପ୍ରକଟ କରୁଛି । ବୁଦ୍ଧିର ସିଦ୍ଧାନ୍ତଗୁଡ଼ିକୁ ମାନି ଚଳିବାକୁ ବାହାରୁଛି, ମାତ୍ର ପୁଣି ସେଗୁଡ଼ିକଠାରୁ ଏକାବେଳକେ ଭିନ୍ନ ଓ ପ୍ରାୟ ବିପରୀତ ଅନ୍ୟ ସିଦ୍ଧାନ୍ତ-ଗୁଡ଼ିକରେ ଆସି ପହଞ୍ଚିବାକୁ ମନ କରି ସେଗୁଡ଼ିକୁ ଖଣ୍ଡନ କରିଦେଉଛି, ଏବଂ ଅନନ୍ତକାଳ ପର୍ଯ୍ୟନ୍ତ ନ ହେଲେ ମଧ୍ୟ ସଚେତଅବା ଅଚ୍ଛିଣ୍ଣା ଭାବରେ ତାହାର ଏହି ପ୍ରକ୍ରିୟାଟି ଲାଗି-

'oaob.nitrkl.ac.in' images reprocessed

ରହିଛି । ଏହାହିଁ ହେଉଛି ମନୁଷ୍ୟର ଭାବନା ଓ ମନୁଷ୍ୟର ପ୍ରୟାସର ଇତିହାସ । ସୀମାଗୁଡ଼ିକ ବାରବାର ଭାଙ୍ଗିଯାଉଛି, ମାତ୍ର ତଥାପି ସେହି ଗୋଟିଏ ଘେର ଭିତରେହିଁ ବୁଲିବାକୁ ପଡ଼ୁଛି । ହୁଏତ ଏହି ଘେରଟି କ୍ରମଶଃ ଟିକିଏ ଅଧିକ ବିସ୍ତୃତ ହୋଇଯାଉଛି, ମାତ୍ର ତଥାପି ଦିଗ୍‌ନିର୍ଦ୍ଦେଶନର ସେହି ଗୋଟିଏ ପଦ୍ଧତିରହିଁ ଅନୁସରଣ କରିବାକୁ ପଡ଼ୁଛି । ମନୁଷ୍ୟର ମନ ସତତ ଖୋଜୁଛି, ସତତ ସନ୍ଦିଗ୍ଧ ରହିଛି; ଜୀବନର ଉଦ୍ଦେଶ୍ୟ ଓ ବିଷୟ ସମ୍ବନ୍ଧରେ ସେ କେବେହେଲେ କୌଣସି ଦୃଢ଼ସିଦ୍ଧ ସତ୍ୟଭୂମିରେ ଆସି ପହଞ୍ଚି ପାରୁ ନାହିଁ, ଅଥବା ଆପଣାର ନିଷ୍ଠା ଓ ବିଶ୍ୱାସଗୁଡ଼ିକର ସମ୍ବନ୍ଧରେ ମଧ୍ୟ ସେ କୌଣସି ନିଶ୍ଚିତ ସତ୍ୟରେ ଆସି ପହଞ୍ଚି ପାରୁ ନାହିଁ; ସର୍ବ ବିଷୟରେ ଏହାର ଧାରଣା ସମ୍ବନ୍ଧରେ କୌଣସି ସୁପ୍ରତିଷ୍ଠିତ ଭିତ୍ତି କିମ୍ବା ଦୃଢ଼ ଭୂଇଁ ଉପରେ ଆସି ଠିଆ ହୋଇପାରୁ ନାହିଁ ।

ଏହି ସତତ ଅଶାନ୍ତ ଓ ଶ୍ରମାସ୍ୱାସ ମଧ୍ୟରେ ବାସ କରୁଥିବାବେଳେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ ଯେତେବେଳେ କି ଦେହଗତ ମନଟା ବି ବିଷୟଗତ ନିଶ୍ଚିତତା ସମ୍ବନ୍ଧରେ ଆପଣାର ବିଶ୍ୱାସଟିକୁ ହରାଇ ବସେ ଓ ଏପରି ଏକ ଅଜ୍ଞେୟବାଦୀ ସଂଶୟ ଦୃଷ୍ଟି ଭିତରେ ଆସି ପଡ଼ିଯାଏ ଯାହାକି ଜୀବନ ଓ ଜ୍ଞାନ ସମ୍ବନ୍ଧରେ ତା'ର ଆପଣାର ଯାବତୀୟ ମାନଦଣ୍ଡକୁ ମଧ୍ୟ ସନ୍ଦେହ କରିବାକୁ ଆରମ୍ଭ କରେ । ଏସବୁ କ'ଣ ପ୍ରକୃତରେ ସତ୍ୟ, ଏବଂ ସତ୍ୟ ହୋଇଥିଲେ ମଧ୍ୟ ଏସବୁକୁ କାହିଁକି ବୃଥା ବୋଲି କୁହାନଯିବ, ଦେହଗତ ମନ ଏହିଭଳି ସନ୍ଦେହ ଭିତରେ ପଡ଼ିଯାଏ । ପୁଣି, ଜୀବନଦ୍ୱାରା ପ୍ରତିହତ ହୋଇ ଏବଂ ଜୀବନଗତ ସକଳ ଭୋଗତୃପ୍ତି ବିଷୟରେ ନୈରାଶ୍ୟ କିମ୍ବା ଅସନ୍ତୋଷ ଦ୍ୱାରା ଜର୍ଜରିତ ହୋଇ, ଏକ ଗଭୀର ବିରକ୍ତି ତଥା ନିରାଶାଭାବ ଦ୍ୱାରା ପ୍ରପୀଡ଼ିତ ହୋଇ ପ୍ରାଣଗତ ମନଟା ବି ଏସବୁକୁ କେବଳ ଏକ ବୃଥା ଚକ୍ରବିଡ଼ମ୍ବନା ବୋଲି ଅନୁଭବ କରିବାକୁ ଆରମ୍ଭ କରେ ଏବଂ ଜୀବନ ତଥା ଅସ୍ତିତ୍ୱକୁ କେବଳ ଏକ ଅବାସ୍ତବତାରୂପେ ବର୍ଜନ କରିବାର ପାଞ୍ଚ କରୁଥାଏ । ସିଏ ଯେତେଯାହା ପଛରେ ଧାଇଁବାରେ ଲାଗିଥିଲା, ତାହାକୁ ଭୁଚ୍ଛା ଏକ ମାୟା ବୋଲି ମଣିବାକୁ ଲାଗେ । ଭାବନାଗତ ମନର ରଚିତ ନାନା ମତବାଦ ମଧ୍ୟ ଭୁଷୁଡ଼ିପଡ଼େ । ଏହିସବୁ କେବଳ ଏହି ମନରହିଁ ରଚନା ଏବଂ ତାହା ଭିତରେ ଯଥାର୍ଥରେ ଆଦୌ କୌଣସି ସତ୍ୟ ନାହିଁ, କିମ୍ବା ଯଦି କେଉଁଠି ପ୍ରକୃତରେ ସତ୍ୟ ବୋଲି କିଛି ଅଛି, ତାହା ଏହି ଜୀବନର ଅତୀତ ହୋଇ ରହିଛି; ତାହା ଅସ୍ପୃଷ୍ଟ ଓ ଅରଚିତ ଅବସ୍ଥାରେ ରହିଛି ଅର୍ଥାତ୍ ଏକ ପରମ ନିର୍ବିଶେଷ ଓ ଶାଶ୍ୱତ ସ୍ତରରେ ରହିଛି,—ଭାବନାଗତ ମନ ଏହିପରି ଦେଖିବାକୁ ଆରମ୍ଭ କରେ । ସିଏ ଭାବେ, ଏଠି ଯାହାକିଛି ରହିଛି, ତାହା ହେଉଛି କେବଳ ଆପେକ୍ଷିକ; କାଳର ଅଧୀନ ହୋଇ ଏଠି ଯାହାକିଛି ରହିଛି, ତାହା

'oaob.nitrkl.ac.in' images reprocessed

କେବଳ ଏକ ସ୍ୱପ୍ନ ମାତ୍ର, ମନର ଏକ ବିଭ୍ରମ ଅଥବା ଏକ ବିରାଟ ପ୍ରଳାପମାତ୍ର; ବିଶ୍ୱଭରି ବ୍ୟାପି ରହିଥିବା ଏକ ବୃହଦାକାର ମାୟା ବା ଆପାତ ଅସ୍ତିତ୍ୱର ଏକ ଭ୍ରାନ୍ତିଦାୟକ ଚିତ୍ରଛବି ମାତ୍ର । ଏଠାରେ ଅସ୍ତିବାଚକ ତତ୍ତ୍ୱଟିକୁ ପରାଭୂତ କରି ନାସ୍ତିବାଚକ ତତ୍ତ୍ୱଟିହିଁ ବଳବତ୍ତର ରହେ ଏବଂ ଏକ ସାର୍ବଜନୀନ ପରମ ତତ୍ତ୍ୱରୂପେ ଆପଣାକୁ ସାବ୍ୟସ୍ତ କରିବାକୁ ଆସେ । ଏବଂ ସେଇଥିରୁହିଁ ବିଶ୍ୱକୁ ଏକ ମିଥ୍ୟା ନକାରାତ୍ମକତା ବୋଲି ଘୋଷଣା କରୁଥିବା ଧର୍ମମତ ଓ ଦର୍ଶନଗୁଡ଼ିକର ଉଦ୍‌ଭବ ହୁଏ । ଏବଂ ଏଇଥିରୁହିଁ ପ୍ରାଣବାସନାର ଆପଣା ପାଖରୁ ଲେଉଟି ଆସିବାର ଏକ ପ୍ରବୃତ୍ତି ମଧ୍ୟ ଜାତ ହୁଏ; ଏହି ବିଶ୍ୱକୁ ଛାଡ଼ି ଆଉ କେଉଁଠି ଏକ କଳଙ୍କମୁକ୍ତ କାଳାତୀତ ଜୀବନର ସନ୍ଧାନ କରିବାକୁ ଉତ୍କଣ୍ଠା ଜନ୍ମେ ଅଥବା କେଉଁଠି ଏକ ଚଳନ୍ତିଶକ୍ତିରହିତ ପରମ ସତ୍ୟ କିମ୍ବା ଏକ ମୂଳଭୂତ ପରମ ଅସତ୍ ମଧ୍ୟରେ ଜୀବନର ବିଲୟ କରି ଦେବାଲାଗି ଏକ ଇଚ୍ଛା ପ୍ରବଳ ହୋଇଉଠେ । ବିଶ୍ୱକୁ ଅସ୍ୱୀକାର କରିବାର ଦର୍ଶନମତଟିକୁ ଭାରତବର୍ଷରେ ଏହି ଦେଶର ଦୁଇଜଣ ମହାମନୀଷୀ ପ୍ରଭୂତ ଶକ୍ତି ଓ ମୂଲ୍ୟସମ୍ବଳିତ ସୂତ୍ରରେ ଆବଦ୍ଧ କରିଦେଇ ଯାଇଛନ୍ତି । ସେମାନେ ହେଉଛନ୍ତି ବୁଦ୍ଧ ଏବଂ ଶଙ୍କର । ସେମାନଙ୍କର ମଧ୍ୟବର୍ତ୍ତୀ କାଳରେ କିମ୍ବା ସେମାନଙ୍କ ପରେ ମଧ୍ୟ ଆହୁରି ଏକାଧିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦର୍ଶନମାନ ପ୍ରବର୍ତ୍ତିତ ହୋଇଛି । ସେଥିମଧ୍ୟରୁ କେତୋଟି ବହୁଜନଙ୍କର ସମର୍ଥନ ଲାଭ କରିଛି, ପ୍ରତିଭା ଓ ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟିଦ୍ୱାରା ବଳୀୟାନ୍ ବ୍ୟକ୍ତିମାନେ ଯଥେଷ୍ଟ ମନୀଷା ଦେଇ ସେଗୁଡ଼ିକୁ ସୂତ୍ରବଦ୍ଧ କରିଛନ୍ତି, ଯେଉଁଗୁଡ଼ିକ କି ଅଳ୍ପବହୁତ ଶକ୍ତି ଓ ସଫଳତା ସହିତ ପ୍ରଥମୋକ୍ତ ଦୁଇଟିଯାକ ମହାନ୍ ଦର୍ଶନମତର ସିଦ୍ଧାନ୍ତଗୁଡ଼ିକୁ ଖଣ୍ଡନ କରିବାକୁ ଚେଷ୍ଟା କରିଛନ୍ତି । ମାତ୍ର ସେଗୁଡ଼ିକ ମଧ୍ୟରୁ କୌଣସିଟିକୁ ବୁଦ୍ଧ ତଥା ଶଙ୍କରଦର୍ଶନ ଭଳି ଏତେଦୂର ଶକ୍ତିଶାଳୀ ଭାବରେ ଉପସ୍ଥାପିତ କରାଯାଇ ନାହିଁ, କୌଣସିଟି ପଛରେ ସେଭଳି ଶକ୍ତିଶାଳୀ ବ୍ୟକ୍ତିତ୍ୱର ସଂପ୍ରେରଣା ରହିପାରି ନାହିଁ କିମ୍ବା କୌଣସିଟିର ସେତେଦୂର ବ୍ୟାପକ ପ୍ରଭାବ ମଧ୍ୟ ପଡ଼ିପାରି ନାହିଁ । ଭାରତୀୟ ମାନସର ଇତିହାସଧାରାରେ ଶଙ୍କରହିଁ ବୁଦ୍ଧଙ୍କର ରିକ୍ତ ସ୍ଥାନଟିକୁ ପୂର୍ଣ୍ଣ କରିବାକୁ ଆସିଛନ୍ତି, ବୁଦ୍ଧଙ୍କର ପରିପୂରକ ଏକ ସ୍ଥାନାପନ୍ନଭାବରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ଅଧ୍ୟାତ୍ମଦର୍ଶନର କ୍ଷେତ୍ରରେ ପ୍ରଖ୍ୟାତ ଏହି ଦୁଇ ସ୍ରଷ୍ଟାଙ୍କର ଚିନ୍ତାଧାରା ଭାରତବର୍ଷର ଦର୍ଶନ, ଧର୍ମ ତଥା ସାଧାରଣ ମାନସ ଉପରେ ବିରାଟ ପ୍ରଭାବ ବିସ୍ତାର କରି ରହିଛି । ଏହା ପ୍ରାୟ ସର୍ବତ୍ର ଆପଣାର ଶକ୍ତିଶାଳୀ ଛାୟା ବିସ୍ତାର କରିଛି । କର୍ମର ଶୃଙ୍ଖଳ, ବାରବାର ଜନ୍ମଗ୍ରହଣ କରିବାର ଚକ୍ର ଭିତରୁ ନିଷ୍କ୍ରମଣ ଓ ମାୟା,—ଆମେ ସବୁଠାରେ ଏହି ତିନୋଟି ପ୍ରଧାନ ସୂତ୍ରର ଛାପ ପଡ଼ିଥିବାର ଦେଖିବାକୁ ପାଇବା । ତେଣୁ ବିଶ୍ୱକୁ ଅସ୍ୱୀକାର କରିବାର ମତବାଦଟି ପଛରେ ଯେଉଁ ମୂଳ ଭାବ ବା ସତ୍ୟଟି ନିହିତ ରହିଛି, ତାହା ଉପରେ ପୁଣିଥରେ

'oaob.nitrkl.ac.in' images reprocessed

ଦୃଷ୍ଟିପାତ କରିବା, ଏବଂ ଯେତେ ସଂକ୍ଷେପରେ ହେଲେ ମଧ୍ୟ, ଏହାର ପ୍ରଧାନ ସୂତ୍ର ତଥା ନିହିତାର୍ଥଗୁଡ଼ିକର ପ୍ରକୃତ ମୂଲ୍ୟ କ'ଣ, ସେଗୁଡ଼ିକ କେଉଁ ସତ୍ୟ ଉପରେ ଦଣ୍ଡାୟମାନ ରହିଛି ଏବଂ ସେଗୁଡ଼ିକୁ ମାନିନେବା ଲାଗି ବୁଦ୍ଧି ଓ ଅନୁଭୂତି କେତେଦୂର ବାଧ୍ୟ ହେଉଛନ୍ତି, ତାହାର ବିଚାର କରିବାର ପ୍ରୟୋଜନ ରହିଛି । ବିଶ୍ୱବ୍ୟାପୀ ମାୟାର କଳ୍ପନାଟିକୁ କେନ୍ଦ୍ର କରି ଯେଉଁସବୁ ପ୍ରଧାନ ଧାରଣା ପ୍ରଚଳିତ ରହିଛି, ବର୍ତ୍ତମାନ ଆମେ କେବଳ ସେଗୁଡ଼ିକ ଉପରେ କିଞ୍ଚିତ୍ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବା ଏବଂ ସେଗୁଡ଼ିକୁ ଆମର ନିଜସ୍ୱ ଚିନ୍ତା ଓ ଦୃଷ୍ଟିଭଙ୍ଗୀଟିର ସମ୍ମୁଖରେ ଉପସ୍ଥାପିତ କରି ଦେଖିବା । କାରଣ ଏକ ଅଦ୍ୱିତୀୟ ପରମ ସତ୍ୟର ମୂଳ କଳ୍ପନାରୁହିଁ ଦୁଇଟିଯାକ ଉଦ୍ଭୂତ ହୋଇଛନ୍ତି । ମାତ୍ର ଗୋଟିଏ ଆମକୁ ନେଇ ଏକ ବିଶ୍ୱମୟ ମାୟାବାଦ ପାଖରେ ହାବୁଡ଼ାଇ ଦେଉଛି, ଏବଂ ଅନ୍ୟଟି ଏକ ବିଶ୍ୱମୟ ପରମ ସତ୍ୟର ସିଦ୍ଧାନ୍ତ ପାଖରେ ପହଞ୍ଚାଇ ଦେଉଛି । ଗୋଟିକ ଅନୁସାରେ ଏକ ଅବାସ୍ତବ ବାସ୍ତବ-ଅବାସ୍ତବ ବିଶ୍ୱ ଏକ ବିଶ୍ୱାତୀତ ପରମ ସତ୍ୟକୁ ଆଶ୍ରୟ କରି ବର୍ତ୍ତମାନ ରହିଛି, ଏବଂ ଅନ୍ୟଟି ଅନୁସାରେ ଏକ ବାସ୍ତବ ସତ୍ୟମୟ ବିଶ୍ୱ ଏକାଧାରରେ ବିଶ୍ୱଗତ ତଥା ବିଶ୍ୱାତୀତ ବା ପରମ ସତ୍ୟକୁ ଆଶ୍ରୟ କରି ଅବସ୍ଥିତ ରହିଛି ।

ଜୀବନ ପ୍ରତି ପ୍ରାଣମୟ ସତ୍ତାର ସଚରାଚର ଯେଉଁ ଜୁଗୁପ୍ସା ବା ବିତୃଷ୍ଣା ରହିଛି, ଅର୍ଥାତ୍ ପ୍ରାଣଗତ ମନ ଯେ ଜୀବନ ପାଖରୁ ଲେଉଟି ପଳାଇ ଆସିବାକୁ ଚାହୁଁଛି, ତାହାକୁ ଏକାନ୍ତଭାବରେ ଏକ ସଙ୍ଗତ ଓ ଚୂଡ଼ାନ୍ତ ପରିଣାମ ବୋଲି ଧରିନେବାର କୌଣସି କାରଣ ନାହିଁ । ଏହାର ସର୍ବପ୍ରଧାନ କାରଣ ହେଲା ଏକ ଅସନ୍ତୋଷଭାବ ଏବଂ ବ୍ୟର୍ଥତାକୁହିଁ ଏକମାତ୍ର ପରିଣାମ ବୋଲି ମାନିନେବା । ମାତ୍ର ଅପର ପକ୍ଷରେ ଆଦର୍ଶବାଦୀର ଅଦମ୍ୟ ଆଶା ଓ ଈପ୍ସିତର ଉପଲବ୍ଧି ବିଷୟରେ ତା'ର ବିଶ୍ୱାସ ଓ ପ୍ରବଳ ଇଚ୍ଛାକୁ ମଧ୍ୟ ଆମେ ଯେପରି ଚୂଡ଼ାନ୍ତ ବୋଲି ମାନିନେବା ନାହିଁ, ଏହି ଜୁଗୁପ୍ସାକୁ ମଧ୍ୟ ଆମେ ସେହିପରି ଚୂଡ଼ାନ୍ତ ବୋଲି ଗ୍ରହଣ କରିବା ନାହିଁ । ମାତ୍ର ଏହି ବ୍ୟର୍ଥତାବୋଧକୁ ମନର ସ୍ତରରେ ଯେଉଁ ସମର୍ଥନ ମିଳିଥାଏ, ଯେଉଁ କଳ୍ପନାଦ୍ୱାରା ପରିଚାଳିତ ହୋଇ ଭାବନାଶୀଳ ମନ ମନୁଷ୍ୟର ସକଳ ପ୍ରୟାସ ଓ ଯାବତୀୟ ଇହଚେଷ୍ଟା ପଛରେ କେବଳ ଏକ ମାୟା ବା ଭ୍ରାନ୍ତିହିଁ ନିହିତ ହୋଇ ରହିଛି ବୋଲି ସ୍ୱୀକାର କରିନିଏ, ସେଥିରେ ତଥାପି ଏକ ମୂଲ୍ୟ ରହିଛି । ସେହି କଳ୍ପନାଦ୍ୱାରା ଚାଳିତ ହୋଇ ମନ ଏହି ମଣିଷର ଯାବତୀୟ ରାଜନୀତିକ ତଥା ସାମାଜିକ ସତ୍ୟାଦର୍ଶକୁ ଭ୍ରାନ୍ତ ବୋଲି କହେ, ପରିପୂର୍ଣ୍ଣତା ଲାଭ କରିବା ସକାଶେ ତା'ର ସକଳ ନୈତିକ ପ୍ରୟାସକୁ ଭ୍ରାନ୍ତ ବୋଲି କହେ । ସକଳ ପ୍ରକାରର ଲୋକହିତୈଷିତା ଓ ସେବା, ସକଳପ୍ରକାର କର୍ମସାଧନା, ଯଶଖ୍ୟାତି, ସଫଳତା ଓ

'oaob.nitrkl.ac.in' images reprocessed

ସିଦ୍ଧିକୁ ମଧ୍ୟ କେବଳ ଭ୍ରାନ୍ତ ବୋଲି କହେ । ମାନବିକ, ସାମାଜିକ ଓ ରାଜନୀତିକ ଯାବତୀୟ ପ୍ରୟାସ ସର୍ବଦା ସତେଅବା ଗୋଟାଏ ଅମୂହାଁ ଚକ ଭିତରେ ପଶି ଭୁଆଁ ବୁଲୁଥାଏ ଏବଂ ଆମକୁ ଯଥାର୍ଥରେ କୌଣସି ଲକ୍ଷ୍ୟସ୍ଥଳରେ ନେଇ ପହଞ୍ଚାଇ ପାରେ ନାହିଁ । ମଣିଷର ଜୀବନ ଓ ମଣିଷର ପ୍ରକୃତି ଯେଉଁଠି ଥିଲା ଠିକ୍ ସେଇଠି ପଡ଼ି ରହିଥାଏ, ସେହି ଅପୂର୍ଣ୍ଣତାଗୁଡ଼ାକ ଭିତରେହିଁ ଘାଣ୍ଟି ହେଉଥାଏ । ଏକ ପରିପୂର୍ଣ୍ଣ ମନୁଷ୍ୟର କଳ୍ପନା ନେଇ ସଂସାରରେ କେତେ ଆଇନ କରାଯାଇଛି, କେତେ ଅନୁଷ୍ଠାନ ଗଢ଼ାଯାଇଛି, କେତେ ଶିକ୍ଷା, କେତେ ଦର୍ଶନ, ନୈତିକ ଆଦର୍ଶ ଓ ଧର୍ମ ଉପଦେଶର ବଖାଣ ହୋଇଛି; ତଥାପି ପୂର୍ଣ୍ଣ ମନୁଷ୍ୟ ତିଆରି ହୋଇପାରି ନାହିଁ । ପୁଣି ଏକ ପୂର୍ଣ୍ଣ ମନୁଷ୍ୟସମାଜ ତିଆରି କରିବା ତ ଆହୁରି ଦୂରର କଥା ! କୁକୁରର ଲାଙ୍ଗୁଡ଼କୁ ଯେତେ ଯତ୍ନରେ ସାଉଁଳେଇ ସିଧା କରିବାକୁ ଚେଷ୍ଟା କଲେ ମଧ୍ୟ ତାହା ସର୍ବଦା ଯେଉଁ ବଙ୍କାକୁ ସେହି ବଙ୍କା ରହୁଥାଏ ବୋଲି ପ୍ରବାଦ ଅଛି । ପରାର୍ଥପରତା, ଲୋକହିତୈଷଣା ଓ ସେବା, ଖ୍ରୀଷ୍ଟଧର୍ମର ପ୍ରେମ ଓ ବୌଦ୍ଧଧର୍ମର କରୁଣା କେହି-ହେଲେ ଏହି ସଂସାରକୁ ଏତେଟିକିଏ ଅଧିକ ସୁଖୀ କରିପାରି ନାହାନ୍ତି, କେବଳ ଏଠିସେଠି ହୁଏତ ମାତ୍ର ମୁହୂର୍ତ୍ତିକ ଲାଗି ଅଳ୍ପକେତେକଙ୍କୁ ସାନ୍ତ୍ୱନା ବା ଶାନ୍ତି ଦେବା ବ୍ୟତୀତ ସେମାନେ ଆଉ କିଛିହେଲେ କଲେନାହାନ୍ତି । ବିଶ୍ୱବ୍ୟାପୀ ଦୁଃଖର ହୁତାଶନ ଉପରେ କେବଳ କେତେ ବିନ୍ଦୁ ପାଣି ପକାଇବାକୁହିଁ ସମର୍ଥ ହୋଇଛନ୍ତି । ମନୁଷ୍ୟର ସକଳ ଉଦ୍ଦେଶ୍ୟ ପରିଶେଷରେ କେବଳ କ୍ଷଣସ୍ଥାୟୀ ଓ ବୃଥା ବୋଲି ପ୍ରମାଣିତ ହେଉଛି, ତାହାର ସକଳ ସିଦ୍ଧି ତାକୁ କୌଣସି ସନ୍ତୋଷ ଦେଇପାରୁ ନାହିଁ ଓ ଏହି ମୁହୂର୍ତ୍ତରେ ହାତକୁ ଆସି ପର ମୁହୂର୍ତ୍ତରେ ଖସି ପଳାଉଛି । ତା'ର ଯାବତୀୟ କର୍ମ କେବଳ ଏତେ ବା ଏତେ ଆୟାସ ବା ପରିଶ୍ରମରେହିଁ ପରିଣତ ହୋଇ ରହୁଛି, ତା'ର ସଫଳତା ବା ବିଫଳତାମାନ ତାକୁ କୌଣସି ନିର୍ଦ୍ଦିଷ୍ଟ ଫଳଲାଭର ଅଧିକାରୀ କରି ପାରୁନାହାନ୍ତି । ମନୁଷ୍ୟର ଜୀବନରେ ଯେଉଁଠି ଯାହାକିଛି ବଦଳୁଛି, ତାହା କେବଳ ଉପରେ ରୂପ ବା ଆକାରଟାରେହିଁ ବଦଳୁଛି, ଏବଂ ଏହିସବୁ ରୂପ ସତେଅବା ଏକ ବ୍ୟର୍ଥ ଚକ୍ରାବର୍ତ୍ତନରେ ପରସ୍ପରର ଅନୁଧାବନ କରିବାରେ ଲାଗିଛନ୍ତି । କାରଣ ସାରତଃ ଅର୍ଥାତ୍ ଆପଣାର ସାଧାରଣ ପ୍ରକୃତି ଦୃଷ୍ଟିରୁ ବିଚାର କଲେ ଜୀବନ ଯାହା ଥିଲା, ତାହା ଚିରକାଳ ସକାଶେ କେବଳ ତାହାହିଁ ରହୁଛି । ବିଷୟଟିକୁ ଏହିଭଳି ବିଚାର କରିବାରେ ହୁଏତ କିଛିକୁ ଅତିରଞ୍ଜନ ରହି ଯାଇପାରେ, ମାତ୍ର ଏଥିରେ ଥିବା ଶକ୍ତିଶାଳୀ ସତ୍ୟଟିକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ । ଏହା ପଛରେ ମନୁଷ୍ୟ ଅନେକ ଦିନରୁ ଆସିଥିବା ବହୁ ଶତାବ୍ଦୀର ସମର୍ଥନ ରହିଛି, ଏବଂ ଏହା ଭିତରେ ଏଭଳି ଏକ ତାତ୍ପର୍ଯ୍ୟ ନିହିତ ହୋଇ ରହିଛି ଯାହାକି କୌଣସି ନା କୌଣସି ସମୟରେ ଏକ ସ୍ୱତଃସିଦ୍ଧ ଦୁର୍ବାର ସତ୍ୟର ରୂପଧରି ମନୁଷ୍ୟର ହୃଦୟକୁ

'oaob.nitrkl.ac.in' images reprocessed

ଅନ୍ତର୍ଭୁକ୍ତ କରିଦେବାକୁ ଆସୁଛି । କେବଳ ସେତିକି ନୁହେଁ, ମାତ୍ର ଇହ ଅସ୍ତିତ୍ୱର ମୌଳିକ ବିଧାନ ଓ ମୂଲ୍ୟଗୁଡ଼ିକ ଯଦି ପ୍ରକୃତରେ ଅପରିବର୍ତ୍ତନୀୟ ହୋଇଥାଏ ଏବଂ କେବଳ ଏକ ପୁନରାବୃତ୍ତିର କ୍ରମରେହିଁ ଯଦି ସଂସାରର ଚକ୍ର ଚାଲିବାକୁ ବାଧ୍ୟ ହେବ ବୋଲି ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥାଏ,—ଏବଂ ବହୁକାଳରୁ ଏହିପରି ଏକ ଧାରଣାହିଁ ପୃଥିବୀରେ ପ୍ରଚଳିତ ହୋଇ ଆସିଛି,—ତେବେ ବିଷୟଟିକୁ ଏହିଭଳି ଏକ ନୈରାଶ୍ୟମୟ ଦୃଷ୍ଟିରେ ବିଚାର କରିବା ବ୍ୟତୀତ ଆମର ଆଉ କୌଣସି ସୁରାହିଁ ରହିବ ନାହିଁ । କାରଣ, ଅପୂର୍ଣ୍ଣତା, ଅଜ୍ଞାନ, ବ୍ୟର୍ଥତାବୋଧ ଓ ଦୁଃଖ,—ଏହିଗୁଡ଼ାକହିଁ ହେଉଛି ଆମ ବର୍ତ୍ତମାନ ବିଶ୍ୱବ୍ୟବସ୍ଥାର ପ୍ରଧାନ କଥା । ଏଗୁଡ଼ିକର ପ୍ରତିପକ୍ଷରୂପେ ଜ୍ଞାନ, ସୁଖ, ସିଦ୍ଧି ଓ ପୂର୍ଣ୍ଣତାର ଯେଉଁ ଉପାଦାନଗୁଡ଼ିକ ରହିଛି, ତାହା ଆମକୁ କେବଳ ପ୍ରତାରଣା କରିବାରେ ଲାଗିଛି, ଏବଂ ଆମେ ସେଗୁଡ଼ିକର ପୂର୍ଣ୍ଣ ରୂପର କୌଣସି ପରିଚୟ ପାଇପାରୁ ନାହୁଁ । ଦୁଇଟିଯାକ ବିପରୀତ ଉପାଦାନ ପରସ୍ପର ସହିତ ଏପରି ଓତପ୍ରୋତ ଭାବରେ ରହିଛନ୍ତି ଯେ ବିଷୟଗୁଡ଼ିକର ଏହିଭଳି ଏକ ସ୍ଥିତି ଯଦି ଏକ ବୃହତ୍ତର ପରିପୂର୍ଣ୍ଣତାର ଅଭିମୁଖରେ ଗତିକରୁଥିବା ଗୋଟିଏ ପ୍ରକ୍ରିୟା ହୋଇ ନଥାଏ, ଏହାହିଁ ଯଦି ବିଶ୍ୱବ୍ୟବସ୍ଥାର ସ୍ଥାୟୀ ଧର୍ମ ହୋଇଥାଏ, ତେବେ କେବଳ ଗୋଟିଏମାତ୍ର ସିଦ୍ଧାନ୍ତରେ ପହଞ୍ଚିବା ବ୍ୟତୀତ ଆମର ଆଉକୌଣସି ଉପାୟ ନଥିବ । ସେହି ସିଦ୍ଧାନ୍ତଟି ହେଉଛି, ଏହି ବିଶ୍ୱଜଗତରେ ଯାହାକିଛି ଅଛି, ତାହା ହୁଏତ ଏକ ଅଚେତନ ପରମଶକ୍ତିଦ୍ୱାରା ସୃଷ୍ଟ ହୋଇଛି ଏବଂ ସେହି କାରଣରୁହିଁ ଏକ ଆପାତ ଚେତନ ଏଠି କୌଣସିପ୍ରକାର ଅଭୀଷ୍ଟ ପାଖରେ ପହଞ୍ଚିବାକୁ ଏକାନ୍ତ ଅସମର୍ଥ ହୋଇ ରହିଛି; ଅଥବା ଏହି ବିଶ୍ୱକୁ ଜାଣିଶୁଣି କେବଳ କଷ୍ଟଭୋଗ ଓ ବ୍ୟର୍ଥତା ଭିତରେହିଁ ବାନ୍ଧିକରି ରଖାଯାଇଛି; ସିଦ୍ଧି ଏଠାରେ ମିଳିବ ନାହିଁ, ହୁଏତ ଆଉ କେଉଁଠି ଯାଇ ମିଳିବ; କିମ୍ବା ଏହି ସମଗ୍ର ବିଶ୍ୱବ୍ୟାପାର କେବଳ ଏକ ବିରାଟ ମାୟା ଓ ଭ୍ରାନ୍ତି ମାତ୍ର, ଯାହାର କି କୌଣସି ସୀମା ନାହିଁ, କୌଣସି ଉଦ୍ଦେଶ୍ୟ ମଧ୍ୟ ନାହିଁ ।

ଏହିସବୁ ନାନା ସିଦ୍ଧାନ୍ତ ମଧ୍ୟରୁ ଦ୍ୱିତୀୟଟିକୁ ସାଧାରଣତଃ ଯେପରି ଭାବରେ ଆମ ଆଗରେ ଉପସ୍ଥାପିତ କରାଯାଇଥାଏ, ସେଥିରେ ଦାର୍ଶନିକ ଯୁକ୍ତିବୁଦ୍ଧି ଲାଗି ଆଉକୌଣସି ସ୍ଥାନ ନଥାଏ । କାରଣ ଏଥିରେ ଇହଲୋକ ତଥା ଅନ୍ୟଲୋକ ନାମକ ଦୁଇଟି ଲୋକକୁ ପରସ୍ପରର ବିରୋଧୀ ବୋଲି ଦର୍ଶାଇ ଦିଆଯାଏ, ଦୁହିଙ୍କ ମଧ୍ୟରେ କୋଉଠି କୌଣସି ସଂଯୋଗସୂତ୍ର ରହିଛି ବୋଲି କୌଣସି ସନ୍ତୋଷଜନକ ପ୍ରମାଣହିଁ ମିଳେ ନାହିଁ; ଏବଂ ସେହି ଦୁଇଟିର ପାରସ୍ପରିକ ସମ୍ପର୍କ କାହିଁକି ଯେ ଏଭଳି ହେବାକୁ ବାଧ୍ୟ ହେବ, ସେଥିଲାଗି କୌଣସି କାରଣ ଦିଆଯାଏ ନାହିଁ । ପୁଣି,

'oaob.nitrkl.ac.in' images reprocessed

ଦୁଃଖକ୍ଳେଶ ଓ ବ୍ୟର୍ଥତା ପଛରେ ପ୍ରକୃତରେ କେଉଁଠି କି ଆବଶ୍ୟକତା ବା ମୌଳିକ ତାତ୍ପର୍ଯ୍ୟ ରହିଛି, ସେବିଷୟରେ କୌଣସି ଆଲୋକପାତ କରାଯାଏ ନାହିଁ । ହୁଏତ କୁହାଯାଇପାରେ ଯେ କୌଣସି ସ୍ୱେଚ୍ଛାଚାରୀ ପରମସ୍ରଷ୍ଟାର ଖିଆଲ ଅନୁସାରେ ଏସବୁ ଏପରି ହେଉଛି, ମାତ୍ର ଆମର ବୁଦ୍ଧିଗତ ବୋଧ ଏସବୁକୁ ଆଦୌ ସମର୍ଥନ କରିପାରେ ନାହିଁ । ଅମୃତତ୍ତ୍ୱ ଲାଭ କରିଥିବା ତନ୍ମୟାତ୍ମାମାନେ ଆପଣା ଇଚ୍ଛାରେ ପରମ ଅଜ୍ଞାନର ଦୁଃସାହସଯାତ୍ରାକୁ ବରଣ କରି ନେଉଛନ୍ତି, ଏବଂ ପରମ ଅଜ୍ଞାନଦ୍ୱାରା ଆବୃତ ଏକ ଜଗତକୁ ସେମାନେ ଯେପରି ବର୍ଜନ କରିବାକୁ ସମର୍ଥ ହେବେ, ସେଥିଲାଗି ସେହି ଜଗତଟିର ପ୍ରକୃତ ସମ୍ବନ୍ଧରେ ଜ୍ଞାନଲାଭ କରିବାକୁ ସେମାନେ ଯଦି ଆବଶ୍ୟକ ମନେ କରୁଥାଆନ୍ତି, ହୁଏତ ତେବେଯାଇ ଏକଥାଟି କେତେକ ପରିମାଣରେ ବୁଦ୍ଧିଗ୍ରାହ୍ୟ ମନେ ହୋଇପାରେ । କିନ୍ତୁ ସେପରି ହେଲେ ଏହି ସୃଷ୍ଟିର ଉଦ୍ଦେଶ୍ୟଟି କେବଳ ଆକସ୍ମିକ ଓ ଅଳ୍ପକ୍ଷଣସ୍ଥାୟୀ ବୋଲି ସାବ୍ୟସ୍ତ ହୋଇଯିବ, ଏହି ଜଗତ ସେହି ଉଦ୍ଦେଶ୍ୟଟି ଲାଗି କେବଳ ଏକ ନୈମିତ୍ତିକ ବା ଆକସ୍ମିକ କ୍ଷେତ୍ରମାତ୍ର ହୋଇ ରହିବ; ମାତ୍ର କେବଳ ଏହାକୁହିଁ ଏହି ଜଟିଳ ବିଶ୍ୱବିସୃଷ୍ଟିର ବିପୁଳ ଓ ସ୍ଥାୟୀ ବ୍ୟାପାରଟିର ଏକ ସଙ୍ଗତ ବ୍ୟାଖ୍ୟାରୂପେ କଦାପି ଗ୍ରହଣ କରାଯାଇ ପାରିବ ନାହିଁ । କିନ୍ତୁ ଅପର ପକ୍ଷରେ, ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଥିବା ଏକ ବୃହତ୍ତର ସୃଷ୍ଟି-ଶୀଳ ଇଚ୍ଛା ଲାଗି ଏହି ଜଗତ କ୍ଷେତ୍ରରୂପେ କାର୍ଯ୍ୟ କରୁଛି ବୋଲି ଯଦି କୁହାଯାଏ, ଏହି ବିଶ୍ୱ ହେଉଛି ଏକ ଦିବ୍ୟ ପରମସତ୍ତ୍ୟ ଅର୍ଥାତ୍ ଏକ ଦିବ୍ୟ ପରମ ସମ୍ଭାବନାର ଏକ ପ୍ରକାଶରୂପ ମାତ୍ର, ଏବଂ ଏଥିରେ ଏକ ବିଶେଷ ପର୍ଯ୍ୟାୟରେ ଏକ ଆବଶ୍ୟକ ଉପାଦାନରୂପେ ଏକ ପ୍ରାରମ୍ଭକାରୀ ଅବିଦ୍ୟାର ଆବିର୍ଭାବ ହୋଇଥାଏ ବୋଲି ଯଦି କୁହାଯାଏ, ତେବେ ଏହି ବ୍ୟାଖ୍ୟାଟି ଜଗତ୍‌ରହସ୍ୟର ଏକ ସନ୍ତୋଷ-ଜନକ ସମାଧାନରେ ଏକ କାର୍ଯ୍ୟକାରୀ ଅଙ୍ଗରୂପେ ସ୍ଥାନ ପାଇପାରେ । ଏଥିରେ ସ୍ୱୀକାର କରିନେବାକୁ ହୁଏ ଯେ ଏହି ବିଶ୍ୱଜଗତର ଅନ୍ତଃପ୍ରେରିତ ବ୍ୟବସ୍ଥାଟି ଅନୁସାରେ ଅବିଦ୍ୟା ବିଦ୍ୟାର ଅଭିମୁଖରେ ଧାବିତ ହେବାକୁ ବାଧ୍ୟ ହେଉଛି, ଏଠି ରହିଥିବା ଯାବତୀୟ ଅପୂର୍ଣ୍ଣ ରୂପାୟନ ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇ ଚାଲିଛି, ଏଠାକାର ଯାବତୀୟ ବ୍ୟର୍ଥତା ଏକ ଚରମ ବିଜୟ ଲାଗି ସୋପାନପରି କାର୍ଯ୍ୟ କରୁଛି, ଏଠାକାର ଯାବତୀୟ ଦୁଃଖ ଓ ଯାତନା ସତ୍ତ୍ୱାଗତ ଦିବ୍ୟ ଆନନ୍ଦର ଆବିର୍ଭାବ ସକାଶେହିଁ କ୍ଷେତ୍ର ପ୍ରସ୍ତୁତ କରିବାରେ ଲାଗିଛି । ତାହାକୁହିଁ ସତ୍ୟରୂପେ ସ୍ୱୀକାର କରିନେଲେ ଆଉ ନୈରାଶ୍ୟବୋଧ, ବ୍ୟର୍ଥତା, ମାୟା ଓ ସକଳ ବିଷୟକୁ ଅଳୀକ ମଣିବାର କୌଣସି ଯଥାର୍ଥତା ଆଦୌ ରହିବ ନାହିଁ; କାରଣ ସେସବୁର ଔଚିତ୍ୟକୁ ସୂଚାଇ ଦେଉଥିବା ପ୍ରସଙ୍ଗଗୁଡ଼ିକ କେବଳ ଏକ ଜଟିଳ ବିବର୍ତ୍ତନକ୍ରମରେ ସ୍ୱାଭାବିକ ଗୋଟିଏ ଗୋଟିଏ ପର୍ଯ୍ୟାୟରୂପେହିଁ ସାବ୍ୟସ୍ତ ହେବେ । ସେତେବେଳେ ସଂଘର୍ଷ ଓ

'oaob.nitrkl.ac.in' images reprocessed

ପ୍ରୟାସର ଯାବତୀୟ ସନ୍ତାପ, ଯାବତୀୟ ସଫଳତା ଓ ବିଫଳତା, ଆନନ୍ଦ ଓ ଦୁଃଖ, ତଥା ଅଜ୍ଞାନ ଓ ଜ୍ଞାନର ଏହି ବିମିଶ୍ରିତ ଅନୁଭୂତିସବୁ କେବଳ ଆମର ଆତ୍ମା, ମନ, ପ୍ରାଣ ଓ ଦେହ ଲାଗି ଏକ ଆଧ୍ୟାତ୍ମିକ ପୂର୍ଣ୍ଣତ୍ୱର ପରିପୂର୍ଣ୍ଣ ଆଲୋକ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇ ଯିବାର ପଥରେ ଗୋଟିଏ ଗୋଟିଏ ଆବଶ୍ୟକ ଅନୁଭୂତିରୂପେ ପରିଗଣିତ ହେବେ । ସେତେବେଳେ ଏହା ଆମ ଆଗରେ ଏକ ବିବର୍ତ୍ତନଧର୍ମୀ ପ୍ରକାଶଲୀଳାର ପ୍ରତିଷ୍ଠାରୂପେ ଆପଣାକୁ ଉଦ୍‌ଘାଟିତ କରିଦେବ । ଏକ ସ୍ୱେଚ୍ଛାଚାରୀ ସର୍ବଶକ୍ତିମତ୍ତାର ହୁକୁମ ବା ଏକ ବିଶ୍ୱଭ୍ରାନ୍ତି ଅଥବା ଅର୍ଥହୀନ ମାୟାର ଏକ କିମ୍ଭୂତକଳ୍ପନାକୁ ଆଣି ଥୋଇବା ଲାଗି ସେତେବେଳେ ଆଉ କୌଣସି ଆବଶ୍ୟକତା ରହିବ ନାହିଁ ।

ମାତ୍ର ଏହି ବିଶ୍ୱ ସମ୍ବନ୍ଧରେ ଏକ ଅସ୍ୱୀକାରାତ୍ମକ ଦୃଷ୍ଟି ଅବଲମ୍ବନ କରୁଥିବା ଦର୍ଶନଟିର ପଛରେ ଏକ ଉଚ୍ଚତର ମାନସିକ ଓ ଆଧ୍ୟାତ୍ମିକ ଭିତ୍ତି ମଧ୍ୟ ରହିଛି ଏବଂ ସେଠାରେ ତାହା ପଛରେ ଦୃଢ଼ତର ଯୁକ୍ତି ରହିଛି । କାରଣ ବେଶ୍ କୁହାଯାଇପାରେ ଯେ ଏହି ବିଶ୍ୱଜଗତ ସ୍ୱଭାବତଃ କେବଳ ଏକ ଭ୍ରାନ୍ତି ବ୍ୟତୀତ ଆଉ କିଛି ନୁହେଁ, ଏବଂ ଏକ ଭ୍ରାନ୍ତି ମଧ୍ୟରେ ଥିବା କୌଣସି ବ୍ୟାପାର ଓ ପରିବେଶ ମଧ୍ୟରୁ ଆହୃତ ହୋଇଥିବା କୌଣସିପ୍ରକାର ଯୁକ୍ତି ବା ବ୍ୟାଖ୍ୟାଦ୍ୱାରା ସେହି ଭ୍ରାନ୍ତିର ଔଚିତ୍ୟକୁ କଦାପି ପ୍ରମାଣ କରାଯାଇ ପାରିବ ନାହିଁ କିମ୍ବା ତାହାକୁ ଏକ ପରମସତ୍ୟର ଆସ୍ଥାନ ଉପରକୁ ଉନ୍ନୀତ କରାଇବ ନାହିଁ । ପରମ ସତ୍ୟ କହିଲେ ସବୁବେଳେ କେବଳ ସେହି ବିଶ୍ୱାତୀତ ଓ ବିଶ୍ୱୋତ୍ତୀର୍ଣ୍ଣ ସତ୍ୟକୁହିଁ ବୁଝାଇବ । ଆମର ଏହି ଜୀବନ ଦେବତାମାନଙ୍କର ଜୀବନସ୍ତରକୁ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିଲେ ମଧ୍ୟ ଦିବ୍ୟ ପରିପୂର୍ଣ୍ଣତାର କୌଣସି ଯୁକ୍ତି ଏହି ବିଶ୍ୱର ମୂଳ ଅବାସ୍ତବତାଟିକୁ କାଟିଦେଇ ପାରିବ ନାହିଁ କିମ୍ବା ମିଥ୍ୟା ବୋଲି କହିଦେଇ ପାରିବ ନାହିଁ । କାରଣ ଏହି ଅବାସ୍ତବତା ହେଉଛି ଏହାର ଆଧାରଭୂତ ଲକ୍ଷଣ । କାରଣ ସେତେବେଳେ ସେହି ପରିପୂର୍ଣ୍ଣତାକୁ ଏକ ଭ୍ରାନ୍ତିର ଉଜ୍ଜ୍ୱଳ ଦିଗରୂପେ ହୁଏତ ଗ୍ରହଣ କରାଯାଇ ପାରିବ । ଅଥବା ଜଗତକୁ ଏକ ରୁଚ୍ଛା ଭ୍ରାନ୍ତି ବୋଲି ଗ୍ରହଣ କରାନଗଲେ ମଧ୍ୟ ତଥାପି ତାହାକୁ କେବଳ ଏକ ନିମ୍ନସ୍ତରର ସତ୍ୟ ବୋଲି କହିବାକୁ ପଡ଼ିବ, ଏବଂ ଆତ୍ମା କେବଳ ବ୍ରହ୍ମକୁହିଁ ଏକମାତ୍ର ସତ୍ୟ ବୋଲି ଉପଲବ୍ଧି କରିବା ମାତ୍ରକେ ତାହା ବିଲୁପ୍ତ ହୋଇଯିବାକୁ ବାଧ୍ୟ ହେବ । କେବଳ ସେହି ବିଶ୍ୱାତୀତ ଓ ଅପରିବର୍ତ୍ତନୀୟ ପରମ ନିର୍ବିଶେଷଙ୍କ ବ୍ୟତୀତ ଆଉ ସତ୍ୟ ବୋଲି କିଛି ନାହିଁ, ଆତ୍ମା ଏତିକି ପରିଚୟ ପାଇଗଲେହିଁ ତାହା ବିଦାୟ ନେବାକୁ ବାଧ୍ୟ ହେବ । ଯଦି ଏହାହିଁ ଏକମାତ୍ର ସତ୍ୟ ହୁଏ, ତେବେ ଆମର ଗୋଡ଼ତଳେ ଆଉ ଏତେଟିକିଏ ହେଲେ ଭୂମି ରହିବ ନାହିଁ । ଦିବ୍ୟସତ୍ତାଙ୍କର ଆତ୍ମରୂପାୟନ, ଜଡ଼ ଭିତରେ ଆତ୍ମାର ଜୟଲାଭ, ସକଳ ଅସ୍ତିତ୍ୱ ଉପରେ ଏହାର

'oaob.nitrkl.ac.in' images reprocessed

ପ୍ରଭୃତ୍ୱ, ପ୍ରକୃତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଦିବ୍ୟ ଜୀବନ,—ଏସବୁ କେବଳ ଗୋଟିଏ ଗୋଟିଏ ମିଥ୍ୟାରେହିଁ ପରିଣତ ହୋଇଯିବ; ଅଥବା, ଏସବୁକୁ ଆମେ ଅଧା ସତ୍ୟ ଓ ଅଧା ଅସତ୍ୟ ଏକ ବ୍ୟାପାର ବୋଲି କହିପାରିବା ଯାହାକୁ କି କେବଳ କିଛି ସମୟ ଲାଗି ସେହି ଏକମାତ୍ର ପରମସତ୍ୟ ଉପରେ ଆଣି ଲଦି ଦିଆଯାଇଛି । ମାତ୍ର ଏଠାରେ ସବୁକିଛି ମନର ଧାରଣା ଓ ଆମର ମନୋମୟ ସତ୍ତା ସତ୍ୟ ବିଷୟରେ ଯାହା ଅନୁଭବ କରେ, କେବଳ ତାହାର ଉପରେହିଁ ନିର୍ଭର କରୁଛି । ଏବଂ ମନର ସେହି ଧାରଣା ବା କଳ୍ପନାଟି ପ୍ରକୃତରେ କେତେଦୂର ଯଥାର୍ଥ ବା ମନୋମୟ ସତ୍ତାର ଅନୁଭୂତିଟିକୁ ଆମେ କେତେଦୂର ଏକମାତ୍ର ଅନୁଭୂତି ବୋଲି ଗ୍ରହଣ କରିନେଇ ପାରିବା, ଏଠାରେ ସେହି କଥାଟିର ବିଚାର କରିବାକୁ ପଡ଼ିବ । ମନର ଅନୁଭୂତିକୁ ଏକ ଆଧ୍ୟାତ୍ମିକ ଅନୁଭୂତି ବୋଲି କହିଲେ ମଧ୍ୟ ତାହାକୁହିଁ ଯେ କେତେଦୂର ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ ଓ ମାନିନେବାକୁ ପଡ଼ିବ, ଆମକୁ ପ୍ରଥମେ ସେହି ପ୍ରଶ୍ନଟି ପଚାରିବାକୁ ହେବ ।

ବେଳେବେଳେ ଅନେକ କ୍ଷେତ୍ରରେ ବିଶ୍ୱଭ୍ରାନ୍ତିକୁ ଏପରି ଏକ ପଦାର୍ଥରୂପେ ବିଚାର କରା ଯାଇଥାଏ, ଯାହା ଭିତରେ କି କୌଣସି ବାସ୍ତବତା ନାହିଁ, ଯାହାକୁକି କେବଳ ଏକ ଆତ୍ମସ୍ଥଗତ ଅନୁଭବ ବୋଲିହିଁ ବୁଝାଯାଇ ପାରିବ । ଅବଶ୍ୟ ଏକଥା ସତ୍ୟ ଯେ ଏହି ସିଦ୍ଧାନ୍ତଟି ଆଦୌ ସର୍ବସମ୍ମତ ନୁହେଁ । ଯେତେବେଳେ ବିଶ୍ୱମାୟାକୁ ବହୁ ରୂପ ଓ ବହୁ ଗତିସ୍ପନ୍ଦନ ଦେଇ ରଚିତ ହୋଇଥିବା ଏପରି ଏକ ଛନ୍ଦଛବି ବୋଲି ବୁଝାଯାଏ ବା ଅନୁମାନ କରାଯାଏ, ବିଷୟଗୁଡ଼ିକର କୌଣସି ଏକ ଶାଶ୍ୱତ ସୁପ୍ତାବସ୍ଥାରେ ଅର୍ଥାତ୍ ଏକ ସ୍ୱପ୍ନମଗ୍ନ ଚେତନା ଭିତରେ ଯାହାର ଉନ୍ମେଷ ହୋଇଥାଏ, ଏବଂ ଯାହାକୁକି ସାମୟିକ ଭାବରେ ଏକ ଶୁଦ୍ଧ, ଲକ୍ଷଣାତୀତ ଓ ସ୍ୱୟଂପ୍ରଜ୍ଞ ପରମସତ୍ତା ଉପରେ ଆଣି ଲଦି ଦିଆଯାଇଥାଏ । ଏହାକୁ ଏଭଳି ଏକ ସ୍ୱପ୍ନରୂପେ କଳ୍ପନା କରାଯାଏ ଯାହାକି ପରମ ଅନନ୍ତଙ୍କ ମଧ୍ୟରେ ସଂଘଟିତ ହୋଇଥାଏ । ମାୟାବାଦରେ ବିଭିନ୍ନ ଦାର୍ଶନିକ ମତ ସବୁବେଳେ ରହିଆସିଛି, ସେଗୁଡ଼ିକର ସମସ୍ତଙ୍କର ମୂଳଭିତ୍ତି ଏକ ହୋଇଥିଲେ ମଧ୍ୟ ସେମାନେ ସଂପୂର୍ଣ୍ଣରୂପେ ଏକା କଥା ଆଦୌ କହନ୍ତି ନାହିଁ, କିମ୍ବା ସବୁ କଥାରେ ପରସ୍ପର ସହିତ ଆଦୌ ସମ୍ମତ ହୋଇ ନଥା'ନ୍ତି । ଏହି ମାୟାବାଦୀ ଦର୍ଶନଗୁଡ଼ିକରେ ବିଶ୍ୱର ବ୍ୟାଖ୍ୟା କରିବା ସମୟରେ ସ୍ୱପ୍ନର ଉପମାଟି ଦିଆଯାଇଛି । ମାତ୍ର କେବଳ ଏକ ଉପମା ହିସାବରେହିଁ ଦିଆଯାଇଛି, ବିଶ୍ୱଭ୍ରାନ୍ତିର ଅନ୍ତର୍ଗତ ଲକ୍ଷଣରୂପେ କଦାପି ଦିଆଯାଇ ନାହିଁ । ଆମେ ଜାଣେ, ଏହି ଜଗତ ଓ ଜୀବନ,—ଆମର ଚେତନା କେବଳ ଯେଉଁସବୁ ବିଷୟରେ ଆମକୁ ଦୃଢ଼ ସାକ୍ଷ୍ୟ ଦେଇଥାଏ,—ଏଗୁଡ଼ିକର ଯେ ପ୍ରକୃତରେ କୌଣସି

ଅସ୍ତିତ୍ୱ ନାହିଁ, ଆମ ସକାରାତ୍ମକ ଦେହଗତ ମନଟି ପକ୍ଷରେ ସେହି ଧାରଣାଟିକୁ ସ୍ୱୀକାର କରିପାରିବା ଖୁବ୍ କଠିନ ହୋଇପଡ଼େ, ସେହି ଚେତନାହିଁ ସେଗୁଡ଼ିକୁ କେବଳ ଏକ ପ୍ରବଞ୍ଚନାରୂପେ ଆମ ଉପରେ ଆଣି ଲଦିଦେଇଛି ବୋଲି ମାନିନେଇ ପାରିବା କଠିନ ହୋଇପଡ଼େ । ତେଣୁ କେତେଗୁଡ଼ିଏ ଉପମା, ବିଶେଷତଃ ସ୍ୱପ୍ନ ଓ ଚିତ୍ତବିଭ୍ରମର ଉପମାସବୁକୁ ଆଣି ଉପସ୍ଥାପିତ କରାଯାଏ, ଓ ଏହାହିଁ ପ୍ରମାଣ କରିବାକୁ ଚେଷ୍ଟା କରାଯାଏ ଯେ ଚେତନାର ଅନୁଭୂତି ଯେଉଁଠି ଏକ ସତ୍ୟ ବୋଲି ପ୍ରତୀତ ହେଉଛି, ସେଠାରେ ମୂଳତଃ କୌଣସି ସତ୍ୟ ନାହିଁ, ଅର୍ଥାତ୍ ସେଠାରେ ସତ୍ୟର ବସ୍ତୁତଃ ଯଥେଷ୍ଟ ଭିତ୍ତି ନାହିଁ । ସୁପ୍ତ ଅବସ୍ଥାରେ ରହିଥିବା ପର୍ଯ୍ୟନ୍ତ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ପାଖରେ ତା'ର ସ୍ୱପ୍ନ ଏକ ସତ୍ୟ ହିସାବରେ ବର୍ତ୍ତମାନ ରହିଥାଏ, ମାତ୍ର ଜାଗ୍ରତ ହେବା ମାତ୍ରକେ ତାହା ଅବାସ୍ତବ ବୋଲି ସାବ୍ୟସ୍ତ ହୁଏ । ଠିକ୍ ସେହିପରି ଜଗତ ଭିତରେ ଥାଇ ଏହି ଜଗତ ସମ୍ବନ୍ଧରେ ଆମେ ଯେଉଁସବୁ ଅନୁଭୂତି ଲାଭ କରୁ, ତାହା ଆମକୁ ସକାରାତ୍ମକ ଓ ବାସ୍ତବ ବୋଲି ବୋଧ ହେଉଥାଏ; ମାତ୍ର ଆମେ ଯେତେବେଳେ ଏହି ଭ୍ରାନ୍ତିର ରାଜ୍ୟଟିରୁ ଅପସରି ଠିଆହୋଇ ପାରିବା, ସେତେବେଳେ ଆମେ ଏହାକୁ ଅବଶ୍ୟ ନିଃସାର ଓ ଅବାସ୍ତବ ବୋଲି ଉପଲବ୍ଧି କରିପାରିବା । ତଥାପି ସ୍ୱପ୍ନ ବିଷୟରେ ଆଲୋଚିତ ଉପମାଟିକୁ ଆମେ ହୁଏତ ତାହାର ପୂର୍ଣ୍ଣ ମୂଲ୍ୟ ଦେଇ ସ୍ୱୀକାର କରିନେବା ଓ ଜଗଦନୁଭୂତି ସମ୍ବନ୍ଧରେ ଆମର ଧାରଣାଟିର ମଧ୍ୟ ଅନୁରୂପ ଏକ ଭିତ୍ତି କେତେଦୂର ରହିଛି କି ନାହିଁ, ସେକଥାଟି ପରୀକ୍ଷା କରି ଦେଖିପାରିବା । ଆଶରୀରଗତ ମନର, ଆତ୍ମାର କିମ୍ବା ପରମ ଶାଶ୍ୱତଙ୍କର,—ଯାହାର ହେଲେ ହେଉ ପଛକେ, ଜଗତକୁ ଏକ ସ୍ୱପ୍ନରୂପେ କଳ୍ପନା କରିବାର କଥାଟିକୁ ଅନେକ ସମୟରେ ସତ୍ୟ ବୋଲି ଗ୍ରହଣ କରି ନିଆଯାଏ ଏବଂ ଏହି ଧାରଣାଟିହିଁ ମନୁଷ୍ୟର ଅନୁଭବ ଓ ତା'ର ଭାବନା ଭିତରେ ଭ୍ରାନ୍ତିବାଦୀ ପ୍ରବୃତ୍ତିଟିକୁ ଆହୁରି ଶକ୍ତିଶାଳୀ ଭାବରେ ଆଣି ଲଦିଦିଏ । ଏହି ଧାରଣାଟିର ଯଦି ପ୍ରକୃତରେ କୌଣସି ଯଥାର୍ଥତା ନଥାଏ, ତେବେ ଆମକୁ ସେଇଟିକୁ ନିର୍ଦ୍ଦିଷ୍ଟ ଭାବରେ ଜାଣି ରଖିବାକୁ ହେବ, ଏହାର ଅପ୍ରଯୁଜ୍ୟତା ସମ୍ବନ୍ଧରେ ରହିଥିବା କାରଣଗୁଡ଼ିକୁ ମଧ୍ୟ ଜାଣିବାକୁ ପଡ଼ିବ, ଏବଂ ତାହାକୁ ଆମର ପଥ ଉପରୁ ଅପସରାଇ ରଖିବାକୁ ହେବ । ଅପର ପକ୍ଷରେ, ଏହାର ଯଦି କୌଣସି ଯଥାର୍ଥତା ରହିଥାଏ, ତେବେ ସେହି ଯଥାର୍ଥତାଟି ପ୍ରକୃତରେ କ'ଣ ଓ କେତେଦୂର ପର୍ଯ୍ୟନ୍ତ ତାହାର ପ୍ରଯୁଜ୍ୟତା ରହିଛି, ଆମକୁ ତାହା ଅବଶ୍ୟ ଜାଣିବାକୁ ପଡ଼ିବ । ଏହି ଜଗତ ଯଦି ଏକ ଭ୍ରାନ୍ତି ହୋଇଥାଏ, ମାତ୍ର ଯଦି ସେହି ଭ୍ରାନ୍ତି ସ୍ୱପ୍ନପ୍ରସୂତ ହୋଇନଥାଏ, ତେବେ ଉଭୟ ସିଦ୍ଧାନ୍ତ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମଧ୍ୟ ଏକ ନିଶ୍ଚିତ ଭିତ୍ତି ଉପରେ ସ୍ଥାପନ କରି ଦେଖିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ସ୍ୱପ୍ନ ସାଧାରଣତଃ ଏକ ଅବାସ୍ତବ ବ୍ୟାପାର ବୋଲି ଅନୁଭୂତ ହୋଇଥାଏ । ତାହାର ପ୍ରଥମ କାରଣ ହେଉଛି ଯେ ସ୍ୱପ୍ନାବସ୍ଥାରୁ ଜାଗ୍ରତ ଅବସ୍ଥାକୁ ଫେରି ଆସିଲେ ଅର୍ଥାତ୍ ଚେତନାର ଗୋଟିଏ ଅବସ୍ଥାରୁ ଆମର ସ୍ୱାଭାବିକ ଚେତନ ଅବସ୍ଥା ବୋଲି ବୁଝାଯାଉଥିବା ଆଉଗୋଟିଏ ଅବସ୍ଥା ଭିତରକୁ ଅତିକ୍ରମ କରିଗଲେ ସ୍ୱପ୍ନର ଆଉ କୌଣସି ଅସ୍ତିତ୍ୱ ରହେ ନାହିଁ, ଏବଂ ତାହାର ଆଉ କୌଣସି ଯଥାର୍ଥତା ମଧ୍ୟ ରହେ ନାହିଁ । ମାତ୍ର କେବଳ ଏତିକି କହିଲେ ତାହା କଦାପି ଏକ ଯଥେଷ୍ଟ କାରଣ ହେବ ନାହିଁ । କାରଣ ହୁଏତ ଏପରି ମଧ୍ୟ ହୋଇପାରେ ଯେ ଆମ ଚେତନାର ଭିନ୍ନ ଭିନ୍ନ ଅନେକ ଅବସ୍ଥା ରହିଛି ଓ ପ୍ରତ୍ୟେକ ଅବସ୍ଥାର ସ୍ୱକୀୟ ସତ୍ୟମାନ ବି ରହିଛି । ଚୈତନ୍ୟର ଗୋଟିଏ ଭୂମି ଛାଡ଼ି ଆମେ ଯେତେବେଳେ ଅନ୍ୟ ଏକ ଭୂମିକୁ ଯାଉ, ଯଦି ସେତେବେଳେ ପ୍ରଥମ ଭୂମିଟିର ଭାବ ଓ ଭାବନାଗୁଡ଼ିକ ଅସ୍ପଷ୍ଟ ହୋଇ ଅପସରି ଯାଏ, ଏବଂ ତାହା ମଧ୍ୟରେ ଯାହାସବୁ ରହିଥିଲା ତାହା ହଜି ହଜି ଯାଏ, ଅଥବା ସ୍ମୃତିର ଭଣ୍ଡାର ଭିତରେ ଧରିଦେଇ ପାରିଲେ ମଧ୍ୟ ସେଗୁଡ଼ିକ କେବଳ ଭ୍ରାନ୍ତିମୂଳକ ବୋଲି ମନେହୁଏ, ତେବେ ସେପରି ହେବା ସମ୍ପୂର୍ଣ୍ଣ ସ୍ୱାଭାବିକ । ମାତ୍ର ତଦ୍ୱାରା ଏକଥା କଦାପି ପ୍ରମାଣିତ ହେବ ନାହିଁ ଯେ ବର୍ତ୍ତମାନ ଆମେ ଯେଉଁ ଅବସ୍ଥାଟିରେ ରହିଛୁ ତାହା ହେଉଛି ସତ୍ୟ, ଏବଂ ଯେଉଁ ଅବସ୍ଥାଟିକୁ ଆମେ ପଛରେ ଛାଡ଼ିଦେଇ ଆସିଛୁ, ତାହା ଏକାନ୍ତ ଅସତ୍ୟ । ଯଦି ଅନ୍ୟ ଏକ ଜଗତ ଅର୍ଥାତ୍ ଚେତନାର ଅନ୍ୟ ଏକ ଭୂମିରେ ପ୍ରବେଶ କରୁଥିବା କୌଣସି ଆତ୍ମାକୁ ଏହି ଜଗତର ପରିବେଶସବୁ ଅବାସ୍ତବ ବା ଅସତ୍ୟ ବୋଧହେବାକୁ ଆରମ୍ଭ କରେ, ତେବେ ତଦ୍ୱାରା ଏହି ପରିବେଶଗୁଡ଼ିକର ଅସତ୍ୟତା ପ୍ରମାଣିତ ହୋଇଯିବ ନାହିଁ । ଠିକ୍ ସେହିପରି, ଆଧ୍ୟାତ୍ମିକ ନୈଶବ୍ଦ୍ୟ ଅର୍ଥାତ୍ କୌଣସି ନିର୍ବାଣର ଅବସ୍ଥା ମଧ୍ୟରେ ପ୍ରବେଶ କଲାବେଳେ ଏହି ବିଶ୍ୱସତ୍ତା ଯଦି ଆମକୁ ଅସତ୍ୟ ବୋଲି ପ୍ରତୀତ ହୁଏ, ଏହି ବିଶ୍ୱଜଗତ ସବୁଦିନେ କେବଳ ଯେ ଏକ ଭ୍ରାନ୍ତି ହୋଇ ରହିଥିଲା ସେଥିରୁ ସେଇ କଥାଟି କଦାପି ପ୍ରମାଣିତ ହୋଇଯିବ ନାହିଁ । ଏହି ଜଗତରେ ନିବାସ କରୁଥିବା ଚେତନାଟି ଲାଗି ଏହି ଜଗତ ହେଉଛି ସତ୍ୟ, ନିର୍ବାଣ ଭିତରେ ମଗ୍ନ ହୋଇ ରହିଥିବା ଚେତନାଟି ଲାଗି ଏକ ଅବ୍ୟାକୃତ ଓ ନିର୍ବିଶେଷ ସତ୍ତା ହେଉଛି ସତ୍ୟ;—ଏଥିରୁ କେବଳ ଏତିକିମାତ୍ର ନିଷ୍କର୍ଷ ବାହାରୁଛି । ମାତ୍ର ଆମର ସ୍ୱପ୍ନାବସ୍ଥାକୁ କେବଳ ଏକ ବିଭ୍ରମ ବୋଲି କହିବା ପଛରେ ଆଉ ଏକ ଦ୍ୱିତୀୟ କାରଣ ମଧ୍ୟ ରହିଛି । ସ୍ୱପ୍ନର ଅନୁଭୂତି ହେଉଛି ଏକ ଅତ୍ୟନ୍ତ କ୍ଷଣସ୍ଥାୟୀ ଅନୁଭୂତି; ତାହାର ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଅବସ୍ଥାଗୁଡ଼ିକ ସହିତ ତାହାର କୌଣସି ସମ୍ବନ୍ଧ ନଥାଏ । ସାଧାରଣତଃ ସ୍ୱପ୍ନରେ ଘଟିଯାଉଥିବା ଘଟଣାଗୁଡ଼ିକ ମଧ୍ୟରେ ଯଥେଷ୍ଟ ସଙ୍ଗତି ମଧ୍ୟ ନଥାଏ, କିମ୍ବା ଆମର ଜାଗ୍ରତ ଅବସ୍ଥାଟିର ବୋଧଗମ୍ୟ ହେଲାଭଳି ସେପରି କୌଣସି ତାତ୍ପର୍ଯ୍ୟ ବି ନଥାଏ । ଆମ ଜାଗ୍ରତ ଜୀବନ ପରି ଆମ ସ୍ୱପ୍ନଗୁଡ଼ିକରେ

'oaob.nitrkl.ac.in' images reprocessed

ମଧ୍ୟ ପରସ୍ପରସଂଗତିର ଏକ ଆଚ୍ଛାଦନ ରହିଥା'ନ୍ତା, ଆମର ପ୍ରତ୍ୟେକ ଦିବାକାଳ ଆମ ଜାଗ୍ରତ ଜଗଦନୁଭୂତିର ଧାରାବାହିକତାଟିକୁ ଗ୍ରହଣ କରୁଥିବା ପରି ଆମର ପ୍ରତ୍ୟେକ ରାତ୍ରି ଅତୀତକୁ ଧାରାବାହିକ ଓ ସଂଲଗ୍ନ ଭାବରେ ଗଢ଼ି ଆସୁଥିବା ନିଦ୍ରାକାଳୀନ ଅନୁଭୂତିଗୁଡ଼ିକୁ ଯଦି ଗ୍ରହଣ କରି ପାରୁଥା'ନ୍ତା ଓ ସେହି ଧାରାଟିକୁ ଆହୁରି ଅଗ୍ରସର କରାଇ ନେଉଥା'ନ୍ତା, ତେବେ ଆମର ମନୋଭୂମି ଲାଗି ସ୍ୱପ୍ନଗୁଡ଼ିକ ଏକାବେଳକେ ଭିନ୍ନରୂପେ ଅନୁଭୂତ ହୋଇ ପାରନ୍ତେ । ତେଣୁ ଏକ ସ୍ୱପ୍ନାବସ୍ଥା ଓ ଜାଗ୍ରତ ଅବସ୍ଥା ମଧ୍ୟରେ ଆମେ କୌଣସି ତୁଳନା କରିପାରିବା ନାହିଁ । ଏଗୁଡ଼ିକ ଦୁଇଟି ଭିନ୍ନଭିନ୍ନ ଅନୁଭୂତି; ଏଗୁଡ଼ିକର ପ୍ରକୃତି ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯଥାର୍ଥତା ଓ ସ୍ଥିର ମଧ୍ୟ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆମର ଏହି ଜୀବନ ବଡ଼ କ୍ଷଣସ୍ଥାୟୀ ବୋଲି ଆମେ ଅଭିଯୋଗ କରିଥାଉ ଏବଂ ସମଗ୍ରତଃ ଏଥିରେ କୌଣସି ଅନ୍ତର୍ଗତ ସଙ୍ଗତି ଓ ତାତ୍ପର୍ଯ୍ୟ ମଧ୍ୟ ନାହିଁ ବୋଲି ଅନେକ ସମୟରେ ଅପବାଦ ଦେଇ କହିଥାଉ । ମାତ୍ର ଆମର ବୋଧଶକ୍ତିରେ କୌଣସି ଅଭାବ ରହିଛି ଅଥବା ଏହା ଅତ୍ୟନ୍ତ ସୀମିତ ହୋଇ ରହିଛି ବୋଲି ହୁଏତ ଏହି ଜୀବନ ଆମକୁ ପରିପୂର୍ଣ୍ଣରୂପେ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେହେଉ ନାହିଁ । ବସ୍ତୁତଃ, ଯେତେବେଳେ ଅନ୍ତଃପ୍ରବେଶ କରି ଆମେ ସେହି ଅନ୍ତଃଦେଶରୁ ହିଁ ଜୀବନ ଉପରେ ଦୃଷ୍ଟିପାତ କରିବାକୁ ଆରମ୍ଭ କରୁ, ସେତେବେଳେ ଜୀବନର ପରିପୂର୍ଣ୍ଣ ତାତ୍ପର୍ଯ୍ୟ ଓ ସଯୁକ୍ତତାଟି ଆଉ କଦାପି ଆମର ଆଖି ଏଡ଼ାଇ ଯାଇପାରେ ନାହିଁ । ପୁଣି, ଅନ୍ତର୍ଗତ ସଙ୍ଗତି ବିଷୟରେ ଆଗରୁ ଯେତେ ଯାହା ଅଭାବ ଅନୁଭୂତ ହେଉଥିଲା, ସେସବୁ ଲୁଆଡ଼େ ଉଭେଇଯାଏ; ଏବଂ ଆମେ ଉପଲବ୍ଧି କରିପାରୁ ଯେ ଆମ ନଜର ଅନ୍ତର୍ଗତ ଦେଖିବା ଓ ଜାଣିବାରେ କେଉଁଠି କିଛି ଅସଙ୍ଗତି ରହିଥିବାରୁ ହିଁ ସେପରି ହେଉଥିଲା ଏବଂ ବସ୍ତୁତଃ ଜୀବନର ପ୍ରକୃତି ଭିତରେ ଆଦୌ କୌଣସି ଅସଙ୍ଗତି ନଥିଲା । ଆମ ଜୀବନର ବହିର୍ଭାଗରେ ଆଦୌ କୌଣସି ଅସଙ୍ଗତି ନାହିଁ, ବରଂ ମନେହୁଏ ଯେପରି କାର୍ଯ୍ୟକାରଣର ଏକ ଦୃଢ଼ ତଥା ଅବିଚ୍ଛିନ୍ନ ଶୃଙ୍ଖଳା ସେଠାରେ ବଳବତ୍ତର ରହିଛି । ଏବଂ, ସମୟସମୟରେ ଯେପରି କୁହାଯାଇଥାଏ, ତାହା ଯଦି ଆମ ମନର ଏକ ଭ୍ରମମାତ୍ର ହିଁ ହୋଇଥାଏ, ଯଦି ଏହି ଶୃଙ୍ଖଳା କେବଳ ଆମ ମନଦ୍ୱାରାହିଁ ସୃଷ୍ଟ ହୋଇଥାଏ ଏବଂ ପ୍ରକୃତ ଜୀବନରେ ସେଭଳି କୌଣସି ଶୃଙ୍ଖଳା ଆଦୌ ନଥାଏ, ତେବେ ତଦ୍ଦ୍ୱାରା ମଧ୍ୟ ସ୍ୱପ୍ନ ଓ ଜାଗ୍ରତ ଏହି ଦୁଇ ଅବସ୍ଥାର ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ହଟାଇ ଦିଆଯାଇ ପାରିବ ନାହିଁ । କାରଣ ସ୍ୱପ୍ନାବସ୍ଥାରେ ଅବଲୋକନକାରୀ ଏକ ଅନ୍ତର୍ଗତ ଚେତନାଦ୍ୱାରା ସୃଷ୍ଟ କୌଣସି ସଙ୍ଗତି ଆଦୌ ନଥାଏ; ଏବଂ ସେଥିରେ ଯାହାକିଛି ସଙ୍ଗତି ଅଥବା ପୂର୍ବାପରବୋଧ ରହିଥାଏ, ତାହା ଜାଗ୍ରତ ଅବସ୍ଥାରେ ରହିଥିବା ଯୋଗସୂତ୍ରଗୁଡ଼ିକର ଏକ ଅସ୍ପଷ୍ଟ ମିଥ୍ୟାନୁକରଣ ଦ୍ୱାରା ଉପୁଜୁଥିବା ପରି ମନେ ହୋଇଥାଏ । ଏହି ଅନୁକରଣକୁ ଏକ ଅବଚେତନ

'oaob.nitrkl.ac.in' images reprocessed

ଅନୁକରଣ ବୋଲି କୁହାଯାଇପାରେ, ମାତ୍ର ଅନୁକରଣପ୍ରସୂତ ଏହି ପୂର୍ବାପରବୋଧଟି ବହୁ ବିସ୍ମାବୃତ ଓ ଅପୂର୍ଣ୍ଣ ଅବସ୍ଥାରେ ରହିଥାଏ । ତାହା ପ୍ରତି ପଦରେ ଟଳି ପଡ଼ିଲାପରି ଲାଗୁଥାଏ, ଭାଙ୍ଗି ଭାଙ୍ଗି ଯାଉଥାଏ, ଏବଂ ଅନେକ ସମୟରେ ସମ୍ପୂର୍ଣ୍ଣଭାବେ ଅବର୍ତ୍ତମାନ ରହୁଥାଏ । ଆମେ ଏକଥା ମଧ୍ୟ ଦେଖିପାରିବା ଯେ ଆମ ଜାଗ୍ରତ ଅବସ୍ଥାର ଚେତନାଟି କେତେକ ପରିମାଣରେ ଜୀବନର ପରିବେଶଗୁଡ଼ିକ ଉପରେ ଯେଉଁ ନିୟନ୍ତ୍ରଣଟିକୁ କାର୍ଯ୍ୟକାରୀ କରୁଥାଏ, ସ୍ୱପ୍ନାବସ୍ଥାର ଚେତନାରେ ସେହି ନିୟନ୍ତ୍ରଣର ଆଦୌ କୌଣସି ସ୍ଥାନ ରହିଥିଲା ପରି କଦାପି ବୋଧହୁଏ ନାହିଁ । ସ୍ୱପ୍ନାବସ୍ଥାରେ ଏକ ଅବଚେତନ କ୍ଷେତ୍ରର ପ୍ରକୃତିଗତ ସ୍ୱୟଂକ୍ରିୟତାହିଁ କାର୍ଯ୍ୟ କରୁଥାଏ, ଏବଂ ସଚେତନ ଇଚ୍ଛାଶକ୍ତି ଓ ବିବର୍ତ୍ତିତ ମନୁଷ୍ୟ-ମନର ସଂଗଠନକାରୀ ସାମର୍ଥ୍ୟ ଲାଗି ସେଠାରେ ଆଦୌ କୌଣସି ସ୍ଥାନ ନଥାଏ । ପୁଣି, କ୍ଷଣକେ ଆସି କ୍ଷଣକେ ଅନ୍ତର୍ହିତ ହୋଇଯିବା ହେଉଛି ସ୍ୱପ୍ନର ଏକ ମୌଳିକ ପ୍ରକୃତି, ଏବଂ ଗୋଟିଏ ସ୍ୱପ୍ନର ଆଉ ଗୋଟିଏ ସ୍ୱପ୍ନ ସହିତ କେବେହେଲେ କୌଣସି ସଂଯୋଗ ନଥାଏ । ମାତ୍ର ଜାଗ୍ରତ ଜୀବନର କ୍ଷଣସ୍ଥାୟିତା କେବଳ ଅନୁଭବଗତ ଟିକିନିଖି ବ୍ୟାପାର ସମ୍ବନ୍ଧୀୟ କ୍ଷଣସ୍ଥାୟିତା; ଜଗଦନୁଭୂତିର ପରସ୍ପରସମ୍ବନ୍ଧିତ ସମଗ୍ରତା ମଧ୍ୟରେ କ୍ଷଣସ୍ଥାୟିତାର ଆଦୌ କୌଣସି ପ୍ରମାଣ ନଥାଏ । ଆମର ଏହି ଶରୀର ବିନଷ୍ଟ ହୋଇଯାଏ, ମାତ୍ର ଆତ୍ମାସବୁ ଚିରନ୍ତନ କାଳଲାଗି ଜନ୍ମରୁ ଜନ୍ମାନ୍ତରକୁ ଗତି କରୁଥା'ନ୍ତି । କୋଟିକୋଟି ଯୁଗ ଅଥବା ଅନେକ ଆଲୋକବର୍ଷ ଅତିକ୍ରାନ୍ତ ହେବା ସଙ୍ଗେସଙ୍ଗେ ଗ୍ରହତାରାମାନେ ହୁଏତ ଅନ୍ତର୍ହିତ ହୋଇଯାଆନ୍ତି; ମାତ୍ର ଏହି ବିଶ୍ୱସତ୍ତା ଓ ବିଶ୍ୱବ୍ୟବସ୍ଥା ହୁଏତ ସର୍ବଦିନ ଲାଗି ଯେପରି ଅଛି ଠିକ୍ ସେହିପରି ରହିପାରେ । କାରଣ ଏହା ଯେ ଏକ ଅବିଚ୍ଛିନ୍ନ ପ୍ରକ୍ରିୟା, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଯେଉଁ ଅନନ୍ତ ପରମଶକ୍ତି ଏହି ବିଶ୍ୱକୁ ସୃଷ୍ଟି କରିବାରେ ଲାଗିଛି, ତାହାର ବା ତା'ର କାର୍ଯ୍ୟର ଏକ ଶେଷ ରହିଛି କିମ୍ବା ଏକ ଆରମ୍ଭ ମଧ୍ୟ ରହିଛି ବୋଲି ସାବ୍ୟସ୍ତ କରିଦେବାକୁ କେଉଁଠି କୌଣସି ପ୍ରମାଣ ନାହିଁ । ତେଣୁ ସ୍ୱପ୍ନାବସ୍ଥା ଓ ଜାଗ୍ରତ ଅବସ୍ଥା ମଧ୍ୟରେ ଏତେବେଶୀ ପ୍ରଭେଦ ରହିଛି ଯେ ଗୋଟିକର ଉପମା ଦେଇ ଅନ୍ୟଟିର ବର୍ଣ୍ଣନା କରିବା ଆଦୌ ସମ୍ଭବ ହୋଇପାରେ ନାହିଁ ।

ମାତ୍ର ଏଠାରେ ଆଉ ଗୋଟିଏ ପ୍ରଶ୍ନ ବି ଉଠିପାରେ : ଆମେ ସ୍ୱପ୍ନରେ ଯାହାସବୁ ଦେଖୁ, ସେଗୁଡ଼ାକ କ'ଣ ଏକାବେଳକେ ଅବାସ୍ତବ, ସେସବୁଥିରେ କ'ଣ ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ ? ସେଗୁଡ଼ିକୁ କ'ଣ ଆମେ ବାସ୍ତବ ସତ୍ୟବସ୍ତୁଗୁଡ଼ିକର ଏକ ଚିତ୍ରରଚନା, ଏକ କଳ୍ପଜାଲିପି ବା ଏକ ପ୍ରତୀକମୟ ପ୍ରତିଲିପି କିମ୍ବା ପ୍ରତିରୂପ ବୋଲି କହିପାରିବା ନାହିଁ ? ଏହି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ, ଯେତେ ସଂକ୍ଷିପ୍ତ ଭାବରେ ହେଲେ ମଧ୍ୟ ଆମକୁ ନିଦ୍ରା ଓ ସ୍ୱପ୍ନର ପ୍ରକୃତିଟିକୁ ପରୀକ୍ଷା

'oaob.nitrkl.ac.in' images reprocessed

କରି ଦେଖିବାକୁ ପଡ଼ିବ । ସେମାନଙ୍କର ଉନ୍ମେଷ-ପ୍ରକ୍ରିୟା ଓ ମୂଳ ଉତ୍ପତ୍ତିକୁ ପରୀକ୍ଷା କରିବାକୁ ହେବ । ଆମର ସୁପ୍ତ ଅବସ୍ଥାରେ ଆମ ଚେତନାଟି ଆମ ଜାଗ୍ରତ ଅନୁଭୂତିର ଭୂମିରୁ ଅନ୍ତରାଳକୁ ଅପସରି ଯାଇଥାଏ । ସେତେବେଳେ ଆମର ଚେତନା ବିଶ୍ରାମ କରୁଛି, ଅନ୍ତତଃ କେତେ ସମୟ ପାଇଁ କର୍ମରୁ ବିରତ ହୋଇ ରହିଛି, ସାମୟିକ ଭାବରେ ଅଟକି ରହିଛି ବୋଲି ଆମେ ଅନୁମାନ କରିଥାଉ । ମାତ୍ର କେବଳ ବାହ୍ୟଦୃଷ୍ଟିରେହିଁ ତାହା ଆମକୁ ସେପରି ଦେଖାଯାଏ । ସେତେବେଳେ ଚେତନା ଅଟକି ରହିନଥାଏ, ଜାଗ୍ରତ ଅବସ୍ଥାର କ୍ରିୟାସକଳହିଁ ଅଟକି ରହିଥାଏ । ଚେତନା ବିଶ୍ରାମ କରୁନଥାଏ, କେବଳ ଉପରିଭାଗସ୍ଥ ମନଟାହିଁ ବିଶ୍ରାମ କରୁଥାଏ, ଆମ ଜୀବନର ଦେହଗତ ଅଂଶଟିର ସ୍ୱାଭାବିକ ସଚେତନ କ୍ରିୟାଟିହିଁ ବିଶ୍ରାମ କରୁଥାଏ । ମାତ୍ର ଅନ୍ତର୍ଦ୍ଦେଶରେ ରହିଥିବା ଚେତନାଟି ତଥାପି କାର୍ଯ୍ୟ କରୁଥାଏ, ସେତେବେଳେ ତାହା ନାନା ନୂତନ କାର୍ଯ୍ୟକଳାପ ମଧ୍ୟରେ ଅନ୍ତର୍ପ୍ରବିଷ୍ଟ ହୋଇ ରହେ । ସେଥିରୁ କେବଳ ଗୋଟିଏ ଅଂଶମାତ୍ରକୁ, ଆମ ଜୀବନଭୂମିର କୌଣସିଠାରେ ଘଟୁଥିବା ବା ବା ଲିପିବଦ୍ଧ ହୋଇ ରହିପାରୁଥିବା ଯେଉଁ ଅଂଶଟି ଆମ ଚେତନାର ଉପରିଭାଗଟି ପାଇଁ ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ, କେବଳ ସେହି ଅଂଶଟିକୁହିଁ ଆମେ ମନେ କରିବାକୁ ସମର୍ଥ ହୋଇଥାଉ । ଏଣୁ ସେହି ଉପରିଭାଗର ନିକଟବର୍ତ୍ତୀ ପ୍ରଦେଶରେ ନିଦ୍ରା ସମୟରେ ଏକ ଅତି ଅସ୍ପଷ୍ଟ ଓ ଅବଚେତନ ଉପାଦାନ ସଂରକ୍ଷିତ ହୋଇ ରହେ, ଯାହାକି ଆମର ସ୍ୱପ୍ନଗୁଡ଼ିକ ଲାଗି ଏକ ଗ୍ରହଣପାତ୍ର ବା ମାର୍ଗ ପରି କାର୍ଯ୍ୟ କରୁଥାଏ ଏବଂ ଯାହା ସ୍ୱୟଂ ଏହି ସ୍ୱପ୍ନଗୁଡ଼ିକର ନିର୍ମାଣ ବି କରୁଥାଏ । କିନ୍ତୁ ତା’ପଛକୁ ଅଧିକ ଗଭୀରରେ ଅଧିଚେତନାର ବିଶାଳ ରାଜ୍ୟଟି ପରିବ୍ୟାପ୍ତ ହୋଇ ରହିଥାଏ, ଆମ ପ୍ରଚ୍ଛନ୍ନ ଚେତନା ଓ ଅନ୍ତଃସତ୍ତାଟିର ସମଗ୍ରତାଟି ଅବସ୍ଥାନ କରୁଥାଏ । ଉପରିଭାଗର ସତ୍ତା ଓ ଉପରିଭାଗର ଚେତନାଠାରୁ ଏହାର ପ୍ରକୃତି ଏକାବେଳକେ ଭିନ୍ନ ପ୍ରକାରର, ଏକାବେଳକେ ଭିନ୍ନ ସ୍ତରର । ଏହା ଆମ ଭିତରେ ସାଧାରଣତଃ ଏକ ଅବଚେତନ ଅଂଶରୂପେ ଅବସ୍ଥାନ କରୁଥାଏ, ଚେତନା ଓ ସମ୍ପୂର୍ଣ୍ଣ ବା ବିଶୁଦ୍ଧ ନିଶ୍ଚେତନା ମଧ୍ୟରେ ରହିଥିବା ଏକ ମଧ୍ୟବର୍ତ୍ତୀ ସ୍ତର ହିସାବରେ ଅବସ୍ଥାନ କରୁଥାଏ । ଆପଣାର ସଂରଚନାଗୁଡ଼ିକୁ ତାହା ଏହି ଉପରିଭାଗସ୍ଥ ସ୍ତରଟିର ମଧ୍ୟ ଦେଇ ସ୍ୱପ୍ନର ଆକାରରେ ପ୍ରେରଣ କରିବାରେ ଲାଗିଥାଏ ଏବଂ ଏହି ସ୍ୱପ୍ନଗୁଡ଼ିକରେ ନାନା ଆପାତ ଅସଙ୍ଗତି ଏବଂ ଅସଂଲଗ୍ନତା ଭର୍ତ୍ତି ହୋଇ ରହିଥାଏ । ଏଥିଭିତରୁ ଅନେକ କ୍ଷଣକେ ଆସି ପୁଣି ତତ୍କ୍ଷଣାତ୍ ଅନ୍ତର୍ହିତ ହୋଇଯାଆନ୍ତି; ହଠାତ୍ ଦେଖିବାକୁ ମୁଖ୍ୟତଃ ଅନ୍ଧଭାବରେ ସାହୃତ ହୋଇ ଆସିଥିବା ଓ ନାନା ବିଚିତ୍ରତାର ଏକ କଳ୍ପନାଦ୍ୱାରା ଆବୃତ ହୋଇ ରହିଥିବା ଆମ ବର୍ତ୍ତମାନ ଜୀବନର ପରିବେଶଗୁଡ଼ିକର ଆଧାର ଉପରେ ସେଗୁଡ଼ିକ ନିର୍ମିତ ହୋଇଥା’ନ୍ତି । ଆହୁରି କେତେ ଆମର ଅତୀତକୁ ଆଣି ଆମ ଆଗରେ

'oaob.nitrkl.ac.in' images reprocessed

ପୁନଃପ୍ରତିଫଳିତ କରନ୍ତି, ଅଥବା ଅଧିକ ଯଥାର୍ଥଭାବେ କହିବାକୁ ଗଲେ ଆମ ଅତୀତ ଭିତରୁ କେବଳ କେତୋଟି ବସ୍ତୁ ବସ୍ତୁ ଘଟଣା ଓ ବ୍ୟକ୍ତିଙ୍କୁ ଆଣି ପ୍ରତିଫଳିତ କରାଇଥା'ନ୍ତି, ଏବଂ ସେହିଗୁଡ଼ିକୁ ମୂଳଭିତ୍ତି କରି ଅନୁରୂପ ଦୃଶ୍ୟପଟମାନ କେତେ ସୌଧ ଗଢ଼ିଦେବାରେ ଲାଗନ୍ତି । ଏହି ଅବଚେତନ ସ୍ତରର ଏପରି ଆହୁରି ଅନ୍ୟ କେତେକ ସ୍ୱପ୍ନ ବି ଅଛନ୍ତି, ଯେଉଁଗୁଡ଼ିକ କି କେବଳ ବିଶୁଦ୍ଧ କଳ୍ପନାପ୍ରସୂତ ବୋଲି ବୋଧ ହୋଇଥା'ନ୍ତି, ଯାହା ପଛରେ କି ଏଭଳି କୌଣସି ଉଦ୍‌ଯୋଗସୂତ୍ର ବା ଆଧାରଭୂମି ଆଦୌ ନଥାଏ । ମାତ୍ର ମନୋବିଶ୍ଳେଷଣର ନୂତନ ପଦ୍ଧତିଟି ଏବେ ଏକପ୍ରକାର ବୈଜ୍ଞାନିକ ଅନ୍ତର୍ପ୍ରବେଶର ଆଗ୍ରହ ନେଇ ଆମ ସ୍ୱପ୍ନଗୁଡ଼ିକର ବିଚାର କରିବାକୁ ଆରମ୍ଭ କଲାଣି ଏବଂ ସେଗୁଡ଼ିକ ମଧ୍ୟରେ ଅର୍ଥ ଓ ବ୍ୟାଖ୍ୟାର ଏକ ସଙ୍ଗତ ଧାରାର ପ୍ରତିଷ୍ଠା କରିବାରେ ସମର୍ଥ ହେଲାଣି । ଆମ ଜାଗ୍ରତ ଚେତନା ଲାଗି ଯାହାକୁ ଜାଣିବାର ଓ ଯାହାକୁ ନେଇ କାରବାର କରିବାର ପ୍ରୟୋଜନ ରହିଛି, ସେହିଭଳି କେତେକ ବିଷୟରେ ମର୍ମପ୍ରବେଶ କରିବାକୁ ମନୋବିଶ୍ଳେଷଣ ଆମ ଲାଗି ହୁଏତ ଏକ ଦ୍ୱାର ବି ଉନ୍ମୁକ୍ତ କରିଦେବାର ଚେଷ୍ଟା କଲାଣି । କେବଳ ଏତିକିଦ୍ୱାରାହିଁ ଆମ ସ୍ୱପ୍ନାନୁଭୂତିର ସମ୍ପୂର୍ଣ୍ଣ ପ୍ରକୃତି ଓ ମୂଲ୍ୟନିରୂପଣରେ ଉନ୍ମୂଳ ପରିବର୍ତ୍ତନ ହୋଇଯାଉଛି । ସ୍ୱପ୍ନ ପଛରେ ସତେଅବା କୌଣସି ଏକ ବାସ୍ତବତା ନିହିତ ହୋଇ ରହିଛି ଏବଂ ସେହି ବାସ୍ତବତାର ଉପାଦାନଟି ଆମ ଜୀବନର ବ୍ୟାବହାରିକ ମହତ୍ତ୍ୱ ଦୃଷ୍ଟିରୁ ସତେଅବା ଆଦୌ କୌଣସି ଗୁଣରେ ଊଣା ନୁହେଁ, ସେହିଭଳି ଏକ ଦୃଷ୍ଟି ସହିତ ମନୋବିଶ୍ଳେଷଣ ସ୍ୱପ୍ନର ବିଚାର କରିବାକୁ ଆରମ୍ଭ କରୁଛି ।

ମାତ୍ର କେବଳ ଏହି ଅବଚେତନଟି ଦ୍ୱାରାହିଁ ଆମ ସ୍ୱପ୍ନଗୁଡ଼ିକର ନିର୍ମାଣ ହୁଏ ନାହିଁ । ଯେଉଁ ଅନ୍ତର୍ଗତ ସତ୍ତାଟି ଆମ ଭିତରେ ଅତି ନିଗୂଢ଼ ହୋଇ ରହିଛି, ଆମ ଅବଚେତନଟିକୁ ଆମେ ତାହାର ବହିଃସୀମାରୂପେହିଁ ଜାଣିରଖିବା । ଏହି ବହିଃସୀମାଟି ଉପରେ ଆମର ଅନ୍ତଃସତ୍ତା ପରମ ନିଶ୍ଚେତନ ସହିତ ଯାଇ ସଂଯୁକ୍ତ ହୋଇଛି । ଆମ ଜୀବନସତ୍ତାର ଏହି ସୋପାନଟିରେ ପରମ ନିଶ୍ଚେତନ ଏକ ଅର୍ଦ୍ଧଚେତନାରୂପେ ଫୁଟି ଉଠିବାଲାଗି ଉଦ୍ୟମ କରୁଛି । ଉପରିଭାଗରେ ରହିଥିବା ଆମର ଦେହଗତ ସ୍ଥୂଳଚେତନାଟି ମଧ୍ୟ ଜାଗ୍ରତ ଅବସ୍ଥାରୁ ନିଷ୍କ୍ରାନ୍ତ ହୋଇ ପରମ ନିଶ୍ଚେତନ ଆଡ଼କୁ ଫେରିଆସିବା ସମୟରେ ମଧ୍ୟବର୍ତ୍ତୀ ସୋପାନରେ ଅବସ୍ଥିତ ରହିଥିବା ଏହି ଅବଚେତନା ମଧ୍ୟରେ ଆଶ୍ରୟ ଗ୍ରହଣ କରୁଛି । ଅଥବା, ଏକ ଅନ୍ୟ ଦୃଷ୍ଟିରୁ ବିଚାର କଲେ ଆମ ଭିତରେ ଅବସ୍ଥିତ ଏହି ନିମ୍ନତର ଅଂଶଟିକୁ ଆମେ ପରମ ନିଶ୍ଚେତନର ଏପରି ଏକ ମୁଖଶାଳା ବା ମାର୍ଗପ୍ରକୋଷ୍ଠ ବୋଲି ବର୍ଣ୍ଣନା କରିପାରିବା, ଯାହାର ମଧ୍ୟରେ କି ନିଶ୍ଚେତନର ମୂଳକକ୍ଷଟିରୁ ନିର୍ଗତ ହୋଇ ଯାବତୀୟ ରୂପାୟନ ଆମର

'oaob.nitrkl.ac.in' images reprocessed

ଜାଗ୍ରତ କିମ୍ବା ଅଧିଚେତନ ଭୂମି ଉପରେ ଆସି ଫୁଟି ଉଠନ୍ତି । ଆମେ ଯେତେବେଳେ ନିଦ୍ରାମଗ୍ନ ହୋଇ ରହୁ, ଏବଂ ଯେତେବେଳେ ଆମର ଦେହଗତ ସ୍ଥୂଳଚେତନାଟି ଯେଉଁ ନିଶ୍ଚେତନରୁ ତାହାର ପ୍ରଥମ ଉନ୍ମେଷ ହୋଇଛି, ତାହାରି ପାଖକୁହିଁ ଲେଉଟିଯାଏ, ସେତେବେଳେ ତାହା ଏହି ଅବଚେତନ ଉପାଦାନଟିର ମାର୍ଗପ୍ରକୋଷ୍ଠ ବା ଅଧଃସ୍ତର ମଧ୍ୟରେ ଯାଇ ପ୍ରବେଶ କରିଥାଏ । ସେଠାରେ ପହଞ୍ଚି ସେ ଆପଣାର ଅତୀତ ଅଭିଜ୍ଞତା ଓ ମନର ଅଭ୍ୟସ୍ତ ସଂସ୍କାରର ସ୍ତୂପଗୁଡ଼ିକୁ ଦେଖିବାକୁ ପାଏ, କାରଣ ଜୀବନର ସବୁକିଛି ଆମର ଏହି ଅବଚେତନ ଅଂଶଟିରେ ଆପଣାର ସ୍ପର୍ଶ ବଜାଇ ଦେଇ ଯାଆନ୍ତି ଓ ଚିହ୍ନ ରଖିଦେଇ ଯାଇଥା'ନ୍ତି, ଏହିଠାରେହିଁ ସେମାନଙ୍କର ପୁନରାବିର୍ଭାବର ଏକ ଶକ୍ତି ଗୁପ୍ତ ହୋଇ ରହିଥାଏ । ଆମର ଜାଗ୍ରତ ଅବସ୍ଥା ଉପରେ ଯେତେବେଳେ ଏହି ପୁନରାବିର୍ଭାବର ପ୍ରଭାବ ପଡ଼େ, ସେତେବେଳେ ତାହା ଅନେକ ସମୟରେ ପୁରାତନ ଅଭ୍ୟାସଗୁଡ଼ିକର ପୁନଃପ୍ରତିଷ୍ଠାରୂପେ ଦେଖା ଦେଇଥାଏ, ଆମ ଭିତରେ ସୁପ୍ତ ବା ଅବଦମିତ ହୋଇ ରହିଥିବା ଆବେଗମାନ ବାହାରକୁ ଆସିବାକୁ ଚେଷ୍ଟା କରେ, ଆମ ପ୍ରକୃତିର ନାନା ବର୍ଜିତ ଉପାଦାନ ଆପଣାକୁ ପୁଣି ପ୍ରତିଷ୍ଠିତ କରିବା ଲାଗି ଧାଇଁଆସେ । ବା ଏହି ପୁନରୁନ୍ମେଷ ଏପରି ଏକ ଆକୃତି ଧରି ଆସେ, ଯାହାକୁ କି ସହଜରେ ଚିହ୍ନି ହୁଏ ନାହିଁ । ଆମର ଯେଉଁସବୁ ଆବେଗ ବା ଉପାଦାନକୁ ଆମେ ଦବାଇ ରଖିଥାଉ ବା ବର୍ଜିତ କରି ରଖିଥାଉ, ମାତ୍ର ତଥାପି ଯେଉଁଗୁଡ଼ିକ ଆମ ଭିତରୁ ଏକାବେଳକେ ଲିଭିଯାଇ ନଥା'ନ୍ତି, ସେହିଗୁଡ଼ିକହିଁ ନାନା ଅଦ୍ଭୁତ ଛଦ୍ମବେଶରେ ଅଥବା ନାନା ସୂକ୍ଷ୍ମ ରୂପ ଧାରଣ କରି ପୁଣି ଆବିର୍ଭୂତ ହେବାକୁ ଆସନ୍ତି । ଆମର ସ୍ୱପ୍ନଚେତନାରେ ଯେଉଁ ବ୍ୟାପାରଟି ଆସି ଉପସ୍ଥିତ ହୋଇଥାଏ, ତାହା ଆପାତଅଦ୍ଭୁତ ନାନା ଆକାରଦ୍ୱାରା ରଚିତ ହୋଇଥାଏ; ଅବଚେତନର ଗଭୀର ଭିତରେ ଯାହା ପୋତାହୋଇ ରହିଥାଏ, ସେହିଗୁଡ଼ିକ ଉପରେ କିମ୍ବା ସେଗୁଡ଼ିକର ଚାରିପାଖରେ ନାନା ଗତି ଓ ଆକୃତିର ଏକ ସମ୍ମିଶ୍ରଣ ରୂପେ ଏହା ରଚିତ ହୋଇଥାଏ । ଏହା ଭିତରେ କୌଣସି ନା କୌଣସି ଅର୍ଥ ଅବଶ୍ୟ ନିହିତ ହୋଇ ରହିଥାଏ, ମାତ୍ର ଆମର ଜାଗ୍ରତ ବୁଦ୍ଧି ତାହାର କୌଣସି ଅନ୍ତ ପାଏ ନାହିଁ, କାରଣ ଅବଚେତନ ରାଜ୍ୟର ତାତ୍ପର୍ଯ୍ୟବିଧିକୁ ଅଧିଗମି ପାରିବା ଲାଗି ଏହି ବୁଦ୍ଧିର କୌଣସି ସାମର୍ଥ୍ୟ ନଥାଏ । କିଛି କାଳ ଅତିବାହିତ ହୋଇଯିବା ପରେ ଏହି ଅବଚେତନ ବିସ୍ଥିତି ସତେଅବା ପୁଣି ସେହି ସମ୍ପୂର୍ଣ୍ଣ ନିଶ୍ଚେତନ ଭିତରେ ଯାଇ ବୁଡ଼ିଗଲା ପରି ମନେହୁଏ, ଏବଂ ଏହି ଅବସ୍ଥାଟିକୁ ଆମେ ସ୍ୱପ୍ନହୀନ ଗଭୀର ନିଦ୍ରାର ଅବସ୍ଥା ବୋଲି କହିଥାଉ । ସେଠାରୁ ଆମେ ହୁଏତ ପୁଣି ସ୍ୱପ୍ନମୟ ଅଗଭୀର ରାଜ୍ୟଟି ଭିତରକୁ ଫେରିଯାଉ ଅଥବା ଉପରିଭାଗରେ ରହିଥିବା ଜାଗ୍ରତ ଭୂମିକୁ ଲେଉଟି ଆସୁ ।

'oaob.nitrkl.ac.in' images reprocessed

ମାତ୍ର ଯାହାକୁ ଆମେ ସ୍ୱପ୍ନହୀନ ସୁଷୁପ୍ତିର ଅବସ୍ଥା ବୋଲି କହୁଛୁ, ସେଥିରେ ଉପନୀତ ହୋଇ ଆମେ ବସ୍ତୁତଃ ଅବଚେତନର ଏକ ଅଧିକ ଗଭୀର ଓ ଅଧିକ ନିବିଡ଼ ଏକ ସ୍ତରକୁ ଚାଲିଯାଇଛୁ । ଏହି ଅବସ୍ଥାଟି ହେଉଛି ଏକ ଅତ୍ୟନ୍ତ ସଂକ୍ଲିଷ୍ଟ ଅବସ୍ଥା, ଅତ୍ୟନ୍ତ ନିମଗ୍ନ ଓ ଅତ୍ୟନ୍ତ ଆବୃତ ଓ ଅସ୍ପଷ୍ଟ ଅବସ୍ଥା । ଏହି ଅବସ୍ଥାଟି ଏତେ ସ୍ପନ୍ଦନରହିତ ଓ ଗୁରୁ ଅବସ୍ଥା ଯେ ତାହାର ରଚନାଗୁଡ଼ିକ ଆମର ଉପରିସ୍ତରସ୍ଥ ବାହ୍ୟଜ୍ଞାନର ରାଜ୍ୟକୁ ଆଦୌ ପ୍ରବେଶ କରିପାରେ ନାହିଁ । ସେହି ଅବସ୍ଥାରେ ମଧ୍ୟ ଆମେ ସ୍ୱପ୍ନାବିଷ୍ଟ ହୋଇ ରହିଥାଉ, ମାତ୍ର ଏହିସବୁ ଅଧିକ ଅସ୍ପଷ୍ଟ ସ୍ୱପ୍ନସଂରଚନାଗୁଡ଼ିକୁ ବୁଝି ପାରିବାଲାଗି ବା ଅବଚେତନର ସ୍ତରରେ ଧାରଣ କିମ୍ବା ଲିପିବଦ୍ଧ କରି ରଖିବା ଲାଗି ଆମର ଆଦୌ କୌଣସି ସାମର୍ଥ୍ୟ ନଥାଏ । ବା ଏକଥା ମଧ୍ୟ ହୋଇପାରେ ଯେ ଆମ ମାନସଯନ୍ତ୍ରର ଯେଉଁ ଅଂଶଟି ଆମ ଦେହର ନିଦ୍ରିତାବସ୍ଥାରେ ତଥାପି ସକ୍ରିୟ ହୋଇ ରହିଥାଏ, ସୁଷୁପ୍ତି ଅବସ୍ଥାକୁ ଆସି ତାହା ଆମ ସତ୍ତାର ଅନ୍ତରତର ପ୍ରଦେଶ ଭିତରେ ଆସି ପ୍ରବେଶ କରେ, ଅଧିଚେତନ ମନ, ଅଧିଚେତନ ପ୍ରାଣ ତଥା ସୂକ୍ଷ୍ମଭୂତର ସ୍ତରରେ ଆସି ପ୍ରବେଶ କରେ ଏବଂ ସେଠାରେ ଉପସ୍ଥିତ ହୋଇ ଆମ ସତ୍ତାର ଉପରିସ୍ତରସ୍ଥ ଯାବତୀୟ କ୍ଷେତ୍ରଗୁଡ଼ିକ ସହିତ ସବୁପ୍ରକାର ସକ୍ରିୟ ସଂଯୋଗ ହରାଇବସେ । ଆମେ ଯଦି ତଥାପି ଏହି ରାଜ୍ୟର ନିକଟତର ତଳଗୁଡ଼ିକରେ ବିଚରଣ କରୁଥାଉ, ଆମର ନିଦ୍ରା-ଜାଗ୍ରତ ଅବସ୍ଥାର ସମବାଚୀ ଉପରିସ୍ତରସ୍ଥ ଅବଚେତନଟି ସେହି ଅତିଗଭୀର ତଳରେ ଉପଲବ୍ଧ ହେଉଥିବା ଅନୁଭୂତିଗୁଡ଼ିକୁ କେତେକ ପରିମାଣରେ ଲିପିବଦ୍ଧ କରି ରଖିବାକୁ ସମର୍ଥ ହୋଇଥାଏ, ମାତ୍ର କେବଳ ତାହାର ନିଜସ୍ୱ ଭାଷାରେହିଁ ସେ ସେଗୁଡ଼ିକୁ ଲିପିବଦ୍ଧ କରିଥାଏ । ତେଣୁ ଅନେକ ସମୟରେ ସେଗୁଡ଼ିକ ତାହାର ପ୍ରକୃତିଗତ ନାନା ଅସଙ୍ଗତି ଦ୍ୱାରା ବହୁ ବ୍ୟାହତ ହୋଇପଡ଼େ; ଏବଂ ଏପରିକି ସବୁଠାରୁ ଅଧିକ ସଙ୍ଗତି ରକ୍ଷା କରୁଥିବାବେଳେ ମଧ୍ୟ ତାହା ସର୍ବଦା ନାନାପ୍ରକାରେ ବିକୃତ ହୋଇପଡ଼େ, ଅଥବା ଜାଗ୍ରତ ଅବସ୍ଥାର ଅନୁଭୂତି-ଜଗତର ମୂର୍ତ୍ତିଗୁଡ଼ିକର ଛାଞ୍ଚ ଅନୁସାରେ ଢାଳି ହୋଇଯାଏ । ମାତ୍ର ଯଦି ଏହି ଅନ୍ତର୍ଯାତ୍ରାରେ ଆମର ପହଞ୍ଚ ଆହୁରି ଅଧିକ ଗଭୀରକୁ ହୋଇଥାଏ, ତେବେ ଆଉ କୌଣସିପ୍ରକାର ଲିପିବଦ୍ଧ କରି ରଖିବା ସମ୍ଭବ ହୁଏ ନାହିଁ, ଅଥବା କିଛି ଲିପିବଦ୍ଧ ହୋଇ ରହିଥିଲେ ମଧ୍ୟ ତାହାକୁ ଆଉ ପୁନରୁଦ୍ଧାର କରିହୁଏ ନାହିଁ ଏବଂ ସେତେବେଳେ ସେହି ଅବସ୍ଥାଟି ଆମକୁ ଏକ ସ୍ୱପ୍ନହୀନ ସୁଷୁପ୍ତିର ଅବସ୍ଥା ବୋଲି ଭ୍ରମ ହୋଇଥାଏ । ମାତ୍ର ଅନ୍ତର୍ଗତ ସ୍ୱପ୍ନଚେତନାଟି ତଥାପି ଅବିଚ୍ଛିନ୍ନଭାବରେ ସକ୍ରିୟ ହୋଇ ରହିଥାଏ, ବର୍ତ୍ତମାନ ନିର୍ବାକ୍ ଓ ନିଷ୍ପନ୍ଦ ହୋଇ ରହିଥିବା ଅବଚେତନ ଉପରିସ୍ତରଟିର ଆବରଣଟି ପଛରେ ଏହାର କ୍ରିୟା ଅବିରତ ଚାଲିଥାଏ । ଯେତେବେଳେ ଆମେ ଅଧିକ ଅନ୍ତର୍ଗତ ଚେତନାର ସାମର୍ଥ୍ୟ ଲାଭ କରୁ, ସେତେବେଳେହିଁ ଆମେ ଅବିରତ ଲାଗିରହିଥିବା ଏହି

'oaob.nitrkl.ac.in' images reprocessed

ସ୍ୱପ୍ନଗତ କ୍ରିୟାଶୀଳତାର ପରିଚୟ ପାଇଥାଉ, କାରଣ ସେହି ସୋପାନକୁ ଆସି ଆମେ ଆମର ଅଧିକ ଗୁରୁ ଓ ଅଧିକ ଗଭୀର ଅବଚେତନ ସ୍ତରଟି ସହିତ ସଂଯୋଗ ସ୍ଥାପନ କରିଥାଉ ଏବଂ ଆମେ ଏହିସବୁ ନିଷ୍ପନ୍ଦ ଗଭୀର ଭିତରେ ନିମଜ୍ଜିତ ହୋଇ ରହିଥିବାବେଳେ କ'ଣସବୁ ଘଟଣା ଘଟିଲା, ସେକଥା ଜାଣିବାକୁ ସମର୍ଥ ହେଉ । ହୁଏତ ଠିକ୍ ସେହି ସମୟରେ ଆମେ ଏସବୁ ଜାଣିପାରୁ, ଅଥବା ସ୍ମୃତିର ସାହାଯ୍ୟରେ ସେଗୁଡ଼ିକୁ ପୁନରୁଦ୍ଧାର କରି ଆଣି ଜାଣିପାରୁ । ଆମର ଗଭୀରତର ଅଧିଚେତନ ଭୂମିଗୁଡ଼ିକ ଭିତରେ ରହି ମଧ୍ୟ ତଥାପି ସଚେତନ ରହିବା ନିଶ୍ଚୟ ସମ୍ଭବ, ଏବଂ ସେହି ଅବସ୍ଥାରେ ଆମେ ଆମ ସତ୍ତାର ଅନ୍ୟ ଭୂମିଗୁଡ଼ିକରେ ଲବ୍ଧ ହେଉଥିବା ଅନୁଭୂତିସବୁର ପରିଚୟ ବି ଲାଭ କରିଥାଉ । ଏପରିକି ଅତିଭୌତିକ ଆନ୍ତର କେତେ ଜଗତର ଅନୁଭୂତି ବି ଆମେ ହାସଲ କରିବାକୁ ସମର୍ଥ ହେଉ, କାରଣ ସୁଷୁପ୍ତିର ଅବସ୍ଥା ଆମକୁ ସେହିସବୁ ରାଜ୍ୟରେ ଗୋପନଭାବରେ ପ୍ରବେଶ କରିବା ଲାଗି ଅଧିକାର କରାଇ ଦେଇଥାଏ । ଏହିସବୁ ଅନୁଭୂତିର ଏକ ପ୍ରତିଲିପି ମଧ୍ୟ ଆମ ପାଖରେ ଆସି ପହଞ୍ଚେ, ମାତ୍ର ସେହି ପ୍ରତିଲିପିକାରକୁ ଆମେ ଏଠାରେ ଆମର ଅବଚେତନ ବୋଲି କହିପାରିବା ନାହିଁ । ଏଠି ପ୍ରତିଲିପିକାର ହେଉଛି ଆମର ଅଧିଚେତନ, ଏକ ବୃହତ୍ତର ସ୍ୱପ୍ନ-ନିର୍ମାତା ।

ଯେତେବେଳେ ଏହିପରିଭାବରେ ଅଧିଚେତନ ଆସି ଆମ ସ୍ୱପ୍ନଚେତନାର ପୁରୋଭାଗରେ ଉପଗତ ହୋଇଯାଏ, ସେତେବେଳେ ବେଳେବେଳେ ଆମ ଅଧିଚେତନ ବୁଦ୍ଧିର କ୍ଷେତ୍ରରେ ଏକ ସକ୍ରିୟତାର ସଞ୍ଚାର ହୁଏ । ସେତେବେଳେ ସ୍ୱପ୍ନର ପ୍ରବାହଟି ଭାବନାର ଏକ ପ୍ରବାହରେ ପରିଣତ ହୁଏ, ସେଥିରେ ଅନେକ ସମୟରେ ଅନନୁଭୂତପୂର୍ବ ଅଥବା ସ୍ପଷ୍ଟରୂପରେ କେତେ ମୂର୍ତ୍ତି ଓ କେତେ ରଚନା ଭାସିଭାସି ଉଠେ । ଆମ ଜାଗ୍ରତ ଚେତନାରେ ଯେଉଁସବୁ ସମସ୍ୟା ଅସମାହିତ ହୋଇ ରହିଥିଲା, ସେସବୁର ସମାଧାନ ହୋଇଯାଏ । ଅନାଗତ ଭବିଷ୍ୟତର କେତେକେତେ ସୂଚନା ମିଳେ, କେତେପ୍ରକାରେ ଚେତାବନୀ ଦେଇଯାଏ, ଅନବଗତ କେତେ ବିଷୟର ପୂର୍ବସଙ୍କେତ ପ୍ରାପ୍ତ ହୁଏ । ଯେଉଁଠି କେବଳ ଅବଚେତନ କ୍ଷେତ୍ରର ସ୍ୱାଭାବିକ ଅସଙ୍ଗତିମାନ ରହିଥିଲା, ସେଠାରେ ସତ୍ୟର ସନ୍ଧାନ ଦେଇ ଯାଉଥିବା ସ୍ୱପ୍ନମାନ ଉପଲବ୍ଧ ହୁଏ । ଏହି ସମୟରେ ନାନାବିଧ ପ୍ରତୀକମୂର୍ତ୍ତି ମଧ୍ୟ ଆସି ଆବିର୍ଭୂତ ହୋଇପାରେ । ସେଥିମଧ୍ୟରୁ କେତେକ ମନୋମୟ ଓ କେତେକ ପ୍ରାଣମୟ ପ୍ରକୃତିର ହୋଇ ରହିଥାଏ । ମନୋମୟ ମୂର୍ତ୍ତିଗୁଡ଼ିକର ଗଠନ ବଡ଼ ସ୍ପଷ୍ଟ, ସେଗୁଡ଼ିକର ତାତ୍ପର୍ଯ୍ୟ ମଧ୍ୟ ବଡ଼ ସ୍ପଷ୍ଟଭାବରେ ପ୍ରତିଭାତ ହେଉଥାଏ; କିନ୍ତୁ ପ୍ରାଣମୟ ମୂର୍ତ୍ତିରଚନାଗୁଡ଼ିକ ଅନେକ ସମୟରେ ବଡ଼ ଜଟିଳ ହୋଇ ରହିଥାଏ, ଆମର ଜାଗ୍ରତ ଚେତନା ଲାଗି ବଡ଼ ଦୁର୍ବୋଧ ହୋଇ ରହିଥାଏ । ମାତ୍ର ସେଗୁଡ଼ିକର ମର୍ମପ୍ରବେଶ କରିପାରିବାର

'oaob.nitrkl.ac.in' images reprocessed

ପ୍ରବୃତ୍ତି ହାତକୁ ଆସିଗଲେ, ସେଗୁଡ଼ିକ ମଧ୍ୟ ଆପଣାର ସ୍ୱକୀୟ ଅର୍ଥରେ ଆମ ଆଗରେ ଆସି ଉଦ୍‌ଘାଟିତ ହୁଅନ୍ତି, ସେମାନଙ୍କର ସ୍ୱକୀୟ ସଙ୍ଗତି ମଧ୍ୟ ଆମପାଖରେ ବେଶ୍ ଧରା ପଡ଼ିଯାଏ । ପରିଶେଷରେ, ଆମ ଆପଣା ସତ୍ତାର ଆନ୍ତର ଅନ୍ୟ କେତେ ଭୂମିରେ ଆମଦ୍ୱାରା ଦୃଷ୍ଟ ଅଥବା ଅନୁଭୂତ ହେଉଥିବା ଘଟଣାସବୁର ଅନୁଲିପିମାନ ବି ଆମର ଏହି ଚେତନାର ଭୂମିରେ ଆସି ପହଞ୍ଚିପାରେ । ଅଥବା ଆମେ ଯେଉଁ ବିଶ୍ୱଗତ ସତ୍ତାଟି ମଧ୍ୟରେ ଯାଇ ପ୍ରବେଶ କରୁ, ସେଠାରୁ ମଧ୍ୟ ଆସି ପହଞ୍ଚିପାରେ । ପ୍ରତୀକସ୍ୱପ୍ନ ପରି ଏଗୁଡ଼ିକର ମଧ୍ୟ ଅନେକ ସମୟରେ ଆମ ନିଜର ଅନ୍ତର୍ଗତ ଓ ବହିର୍ଗତ ଜୀବନ ତଥା ଅନ୍ୟମାନଙ୍କର ଜୀବନ ସହିତ ଏକ ଗଭୀର ଯୋଗ ରହିଥାଏ, ସେସବୁ ଆମ ଆଗରେ ଆମ ନିଜର ଓ ସେମାନଙ୍କର ମନଃସତ୍ତା ତଥା ପ୍ରାଣସତ୍ତାଗତ ଉପାଦାନଗୁଡ଼ିକକୁ ଆଣି ଉଦ୍‌ଘାଟିତ କରି ଦେଇଥା'ନ୍ତି ଏବଂ ସେମାନଙ୍କ ଉପରେ ପଡ଼ୁଥିବା ଏପରିସବୁ ପ୍ରଭାବର ସନ୍ଦେଶ ଆଣି ଦିଅନ୍ତି, ଯାହା ସମ୍ବନ୍ଧରେ କି ଆମ ଜାଗ୍ରତ ସତ୍ତାର ଆଦୌ କୌଣସି ଜ୍ଞାନ ନଥାଏ । ମାତ୍ର ବେଳେବେଳେ ସେଗୁଡ଼ିକରେ ଏପରି କୌଣସି ଆଚରଣବୃତ୍ତି ନଥାଏ; ଏବଂ ସେତେବେଳେ ସେସବୁ ଆମର ଏହି ଭୌତିକ ସତ୍ତାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ରହିଥିବା ସୁବ୍ୟବସ୍ଥିତ ଅନ୍ୟ ନାନା ଚେତନାର ଶୁଦ୍ଧ ପ୍ରକାଶଧାରାରୂପେ ଆମ ଆଗରେ ପ୍ରତିଭାତ ହୁଅନ୍ତି, ଆମର ଅତିସାଧାରଣ ନିଦ୍ରାକାଳୀନ ଅନୁଭୂତି ଭିତରେ ଅଧିକାଂଶତଃ ଅବଚେତନ ସ୍ତରର ସ୍ୱପ୍ନମାନହିଁ ଭରପୂର ହୋଇ ରହିଥାଏ ଏବଂ ସାଧାରଣତଃ ଆମେ ସେହିଗୁଡ଼ିକୁହିଁ ମନେ ରଖିଥାଉ । ମାତ୍ର ବେଳେବେଳେ ଆମର ଅଧିଚେତନ କର୍ମୀତାଟି ମଧ୍ୟ ଆମ ସ୍ୱପ୍ନଚେତନା ଉପରେ ଯଥେଷ୍ଟ ପ୍ରଭାବ ପକାଇବାକୁ ସମର୍ଥ ହୋଇଥାଏ, ଯାହାଫଳରେ କି ଆମ ଜାଗ୍ରତ ଭୂମିର ସ୍ମୃତିପଟରେ ମଧ୍ୟ ତା'ର କ୍ରିୟାବଳୀର ଛାପ ଲେଖିହୋଇ ରହିଯାଏ । ଆପଣା ଆନ୍ତର ସତ୍ତାଟିର ଯଥେଷ୍ଟ ବିକାଶ କରିପାରିଲେ, ଅନ୍ୟାନ୍ୟ ଅନେକ ଲୋକଙ୍କ ତୁଳନାରେ ଅଧିକ ପରିମାଣରେ ଅନ୍ତର୍ଗତଭାବରେ ଆପଣାର ଜୀବନଟିକୁ ବଞ୍ଚିପାରିଲେ, ତାହାର ପରିଣାମରେ ଆମର ବର୍ତ୍ତମାନ ବ୍ୟବସ୍ଥାଟିର ଅନୁପାତରେ ମଧ୍ୟ ଏକ ପରିବର୍ତ୍ତନ ଘଟିବ ଏବଂ ଆମ ଆଗରେ ଏକ ବୃହତ୍ତର ସ୍ୱପ୍ନଚେତନା ଉନ୍ମୋଚିତ ହୋଇଯିବ । ସେତେବେଳେ ଆମର ସ୍ୱପ୍ନଗୁଡ଼ିକ ଆଉ ଅବଚେତନର ସ୍ୱଭାବସିଦ୍ଧ ଅସଂଗତି ଭିତରେ ବାନ୍ଧିହୋଇ ରହିବେ ନାହିଁ, ସେତେବେଳେ ସେଗୁଡ଼ିକ ଅଧିଚେତନର ସ୍ତରକୁ ଉନ୍ନୀତ ହୋଇଯିବେ ଏବଂ ଏକ ନୂତନ ସତ୍ୟ ଓ ନୂତନ ଅର୍ଥ ବହନ କରିବାକୁ ସମର୍ଥ ହୋଇ ପାରିବେ ।

ନିଦ୍ରାମଗ୍ନ ରହିଥିବା ସମୟରେ ମଧ୍ୟ ଆମେ ସମ୍ପୂର୍ଣ୍ଣରୂପେ ସଚେତନ ରହି ପାରିବା ଏବଂ ଆରମ୍ଭରୁ ଶେଷଯାଏ କିମ୍ବା ଅନେକାଂଶରେ ଆମ ସ୍ୱପ୍ନାନୁଭୂତିର ଗତିକୁ

'oaob.nitrkl.ac.in' images reprocessed

ପର୍ଯ୍ୟାୟଗୁଡ଼ିକୁ ବେଶ୍ ଅନୁଭବ କରିପାରିବା । ସେତେବେଳେ ଏକଥା ଦେଖିବାକୁ ମିଳିଥାଏ ଯେ ଆମେ ଅତ୍ୟନ୍ତ ସଚେତନ ଭାବରେ ଚେତନାର ଗୋଟିଏ ଅବସ୍ଥାକୁ ଅତିକ୍ରମ କରି କ୍ରମଶଃ ଆଉ ଗୋଟିଏ ଅବସ୍ଥାରେ ଆସି ଉପନୀତ ହେବାରେ ଲାଗିଛୁ, ପରିଶେଷରେ ଅଳ୍ପ କେତେସମୟ ଲାଗି ଏକ ଶାନ୍ତ ଜ୍ୟୋତିର୍ମୟ ସ୍ୱପ୍ନମୁକ୍ତ ବିଶ୍ରାମର ଅବସ୍ଥାରେ ଆସି ପହଞ୍ଚୁଛୁ, ଏବଂ ଏହି ବିଶ୍ରାମହିଁ ପ୍ରକୃତରେ ଆମ ଜାଗ୍ରତ ପ୍ରକୃତିର ଶକ୍ତି ଓ ସାମର୍ଥ୍ୟଗୁଡ଼ିକୁ ପୁଣି ସଞ୍ଜୀବିତ କରିଦେଉଛି । ଏବଂ ତାପରେ ଆମେ ଯେଉଁ ବାଟଦେଇ ସେପର୍ଯ୍ୟନ୍ତ ଯାଇଥିଲୁ, ସେହି ବାଟରେ ଜାଗ୍ରତ ଅବସ୍ଥାର ଚେତନାଟି ପାଖକୁ ଫେରି ଆସୁଛୁ । ଏହିପରି ଅବସ୍ଥାରୁ ଅବସ୍ଥାକୁ ଗତି କରି ଯାଉଥିବା ସମୟରେ ପୂର୍ବତନ ଅନୁଭୂତିଗୁଡ଼ିକୁ ଆମ ନିଜ ଉପରୁ ଖସାଇ ପକାଇବା ଅତି ସ୍ୱାଭାବିକ, ଏବଂ ସେହି ଅବସ୍ଥାଟିକୁ ପୁଣି ଫେରିଆସିବା ସମୟରେ କେବଳ ଅଧିକ ସ୍ପଷ୍ଟ ଏବଂ ଉପରିଭାଗର ଜାଗ୍ରତଭୂମିଠାରୁ ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବା ଅନୁଭୂତିଗୁଡ଼ିକୁହିଁ ଆମେ ମନେ ରଖିବାକୁ ସମର୍ଥ ହୋଇଥାଉ । ମାତ୍ର ଏହାର ମଧ୍ୟ ପ୍ରତିକାର ରହିଛି;—ସ୍ୱପ୍ନର ଏକ ଆହୁରି ବୃହତ୍ତର ଅଂଶକୁ ମଧ୍ୟ ସ୍ମୃତି ଉପରେ ଧାରଣ କରି ରଖିବା ଆଦୌ ଅସମ୍ଭବ ନୁହେଁ । ଆପଣାର ସ୍ମୃତିରାଜ୍ୟର ବିଚରଣରେ ସ୍ୱପ୍ନରୁ ସ୍ୱପ୍ନାନ୍ତର ହୋଇ ପଛକୁ ପଛକୁ ଯାଇପାରିବାର ଶକ୍ତିଟିକୁ ମଧ୍ୟ ନିଶ୍ଚୟ ବିକଶିତ କରାଯାଇ ପାରିବ, ଗୋଟିଏ ଅବସ୍ଥାରୁ ଆଉ ଗୋଟିଏ ଅବସ୍ଥାକୁ ଫେରିଯିବାର ସାମର୍ଥ୍ୟ ଅର୍ଜନ କରାଯାଇ ପାରିବ, ଯେପରିକି ଅବଶେଷରେ ସ୍ୱପ୍ନାନୁଭୂତିର ସମଗ୍ର ରାଜ୍ୟଟି ପୁଣି ଆସି ଆମ ସମ୍ମୁଖରେ ଉପସ୍ଥିତ ହେବ । ନିଦ୍ରାବସ୍ଥାକାଳୀନ ଜୀବନ ସମ୍ବନ୍ଧରେ ଏକ ସଙ୍ଗତ ଜ୍ଞାନ ଲାଭ କରିବା ଓ ସେହି ଜ୍ଞାନଲାଭର ଶକ୍ତିକୁ ପ୍ରତିଷ୍ଠିତ କରି ରଖିବା ଯେ କଷ୍ଟକର, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଏହା ଆଦୌ ଅସମ୍ଭବ ନୁହେଁ ।

ଉପରିଭାଗରେ ଥିବା ଆମର ଏହି ଦେହଗତ ସତ୍ତାଟି ପରି ଆମର ଅଧିଚେତନ ସତ୍ତା ପରମ ନିଶ୍ଚେତନର ଶକ୍ତିମଧ୍ୟରୁ କଦାପି ନିଷ୍ପନ୍ନ ହୋଇ ନାହିଁ । ଏକ ବିବର୍ତ୍ତନ କ୍ରମର ପରିଣାମସ୍ୱରୂପ ତଳୁ ଯେଉଁ ଚେତନାଟି ଉନ୍ମେଷଲାଭ କରୁଛି ଓ ଅପର ପକ୍ଷରେ ଆତ୍ମବୃତ୍ତିର ଅଭିପ୍ରାୟଟିକୁ ଚରିତାର୍ଥ କରିବା ଲାଗି ଉପରୁ ଯେଉଁ ଚେତନାଟି ଅବତୀର୍ଣ୍ଣ ହୋଇ ଆସିଛି, ସେହି ଦୁହିଁଙ୍କର ମିଳନ ସ୍ଥଳରେହିଁ ଅଧିମାନସ ରହିଛି । ଏହି ଅଧିମାନସ ମଧ୍ୟରେ ଆମ ସତ୍ତାର ଏକ ଅନ୍ତର୍ଗତ ମନ ରହିଛି, ଏକ ଅନ୍ତର୍ଗତ ପ୍ରାଣ ବି ରହିଛି, ଆମ ବାହ୍ୟ ସତ୍ତା ଓ ବାହ୍ୟ ପ୍ରକୃତିଠାରୁ ଅନେକ ବୃହତ୍ତର ଏକ ଅନ୍ତର୍ଗତ ଅର୍ଥାତ୍ ସୂକ୍ଷ୍ମଭୌତିକ ସତ୍ତା ମଧ୍ୟ ରହିଛି । ଆମ ଉପରିଭାଗସ୍ଥ ସତ୍ତା ମଧ୍ୟରେ ଯାହାକିଛି ନିଶ୍ଚେତନ ଆଦି ବିଶ୍ୱଶକ୍ତିର ରଚନାରୁ ଉଦ୍ଭୂତ ହୋଇ ନାହିଁ, ଯାହାକିଛି ଆମ ଉପରିଭାଗସ୍ଥ ଚେତନାକୁ ସ୍ୱାଭାବିକଭାବେ ବିକାଶ ଲାଭ କରି କାର୍ଯ୍ୟ

'oaob.nitrkl.ac.in' images reprocessed

କରୁ ନାହିଁ ଅଥବା ଯାହାସବୁ ବହିଃସ୍ଥ ବିଶ୍ୱପ୍ରକୃତିର ଅଭିଘାତଜନିତ ଏକ ପ୍ରତିକ୍ରିୟାରୂପେ ଜନ୍ମଲାଭ କରି ନାହିଁ, ସେଗୁଡ଼ିକ ପ୍ରାୟ ସମସ୍ତେ ଏହି ଆନ୍ତର ସତ୍ତାର ଗୂଢ଼ ଉତ୍ସଟି ମଧ୍ୟରୁହିଁ ଉଦ୍‌ଭୂତ ହୋଇଛନ୍ତି । ଏପରିକି ଉପରେ ଆଲୋଚିତ ଏହିସବୁ ରଚନା, କ୍ରିୟା ଏବଂ ପ୍ରତିକ୍ରିୟାଗୁଡ଼ିକରେ ମଧ୍ୟ ଅଧିଚେତନର ବି ଏକ ସ୍ଥାନ ରହିଛି ଏବଂ ସେଗୁଡ଼ିକ ଉପରେ ତାହା ପ୍ରଭୂତ ପ୍ରଭାବ ପକାଇବାରେ ଲାଗିଛି । ଇନ୍ଦ୍ରିୟଗତ ମନ ତଥା ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ଉପରିସ୍ତରରେ ବିଚରଣ କରୁଥିବା ଆମର ଏହି ବାହ୍ୟ ସତ୍ତାଟି ବିଶ୍ୱଜଗତ ସହିତ କେବଳ ପରୋକ୍ଷ ଭାବରେହିଁ ସମ୍ପର୍କ ସ୍ଥାପନ କରୁଛି, ମାତ୍ର ଅଧିଚେତନ ଭିତରେ ବିଶ୍ୱଜଗତ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାର ସାମର୍ଥ୍ୟ ରହିଛି । ଅଧିଚେତନର ସ୍ତରରେ ଗ୍ରହଣକାରୀ ଅନ୍ତର୍ଗତ ଇନ୍ଦ୍ରିୟମାନେ ରହିଛନ୍ତି, ଏକ ଅଧିଚେତନ ଦୃଷ୍ଟି ରହିଛି, ଅଧିଚେତନ ସ୍ପର୍ଶ ଓ ଅଧିଚେତନ ଶ୍ରବଣର ଶକ୍ତି ନିହିତ ରହିଛି, ମାତ୍ର ଏହି ସୂକ୍ଷ୍ମ ଇନ୍ଦ୍ରିୟଦ୍ୱାରଗୁଡ଼ିକୁ ବିଶ୍ୱଜଗତର ବାର୍ତ୍ତା ବହନ କରି ଆଣୁଥିବା ଗୋଟିଏ ଗୋଟିଏ ସାଧନ ବୋଲି ନକହି ବିଷୟଗୁଡ଼ିକ ସମ୍ବନ୍ଧରେ ଅପରୋକ୍ଷାନୁଭୂତି ଅର୍ଜନ କରିବା ଲାଗି ଅନ୍ତର୍ଗତ ସତ୍ତାର ଗୋଟିଏ ଗୋଟିଏ ବିଚରଣମାର୍ଗ ବୋଲି କହିଲେ ସମ୍ଭବତଃ ତାହା ଅଧିକ ଯୁକ୍ତିଯୁକ୍ତ ହେବ । ଆପଣାର ଜ୍ଞାନ ଆହରଣ ସକାଶେ ଅଧିଚେତନ ଆପଣାର ଏହି ଇନ୍ଦ୍ରିୟଗୁଡ଼ିକ ଉପରେ କୌଣସିପ୍ରକାରେ ନିର୍ଭରଶୀଳ ହୋଇ ରହି ନାହିଁ, ଏହି ଇନ୍ଦ୍ରିୟଗୁଡ଼ିକ ବିଷୟଗୁଡ଼ିକ ସମ୍ବନ୍ଧରେ ତାହାର ପ୍ରତ୍ୟକ୍ଷ ଅନୁଭୂତିଗୁଡ଼ିକୁ କେବଳ ଏକ ନିର୍ଦ୍ଦିଷ୍ଟ ରୂପ ବା ଆକାରହିଁ ଦେଇଯାଉଛି । ଜାଗ୍ରତ ଅବସ୍ଥାର ମନ ପରି ସେମାନେ ମନର ଲିପିବଦ୍ଧ କରି ରଖିବା ସକାଶେ ବିଷୟର ରୂପଗୁଡ଼ିକୁ ତାହାପାଖକୁ ବହନ କରି ଆଣନ୍ତି ନାହିଁ । କେବଳ ବାହ୍ୟେନ୍ଦ୍ରିୟଗୁଡ଼ିକହିଁ ବସ୍ତୁର ରୂପାକୃତିଗୁଡ଼ିକୁ ମନ ପାଖକୁ ବହନ କରି ଆଣନ୍ତି, ମନ ସେଗୁଡ଼ିକୁ ସଂଗ୍ରହ କରି ରଖେ, କାମରେ ଲଗାଏ ଅଥବା ଆହୁରି ଏହିସବୁ ରୂପକୁ ପୁଞ୍ଜିକରି ନିଜର ଯାତ୍ରା ଆରମ୍ଭ କରେ ବା ସେଗୁଡ଼ିକ ଉପରେ ଭିତ୍ତି କରି ଆପଣା ଲାଗି ପରୋକ୍ଷାନୁଭୂତିର ଏକ ବ୍ୟୂହ ରଚନା କରିବାକୁ ସମର୍ଥ ହୋଇଥାଏ । ବିଶ୍ୱଚେତନା ମଧ୍ୟରେ ଯେଉଁ ମନୋଗତ, ପ୍ରାଣଗତ ତଥା ସୂକ୍ଷ୍ମଭୌତିକ ସ୍ତରମାନ ରହିଛି, ସେଗୁଡ଼ିକ ଭିତରେ ପ୍ରବେଶ କରିବା ଲାଗି ଅଧିଚେତନର ସମ୍ପୂର୍ଣ୍ଣ ଅଧିକାର ରହିଥାଏ । କେବଳ ଭୌତିକ ସ୍ତର ଓ ସ୍ଥୂଳ ଜଗତଟି ଭିତରେ ତାହା କଦାପି ଆବଦ୍ଧ ହୋଇ ରହେ ନାହିଁ । ଆତ୍ମସଂବୃତି-କାଳୀନ ଅବତରଣ ଆପଣାର ମାର୍ଗରେ ସତ୍ତାବିଶିଷ୍ଟ ଯେଉଁସବୁ ସ୍ତରର ସୃଷ୍ଟି କରିଥାଏ, ସେଗୁଡ଼ିକ ସହିତ ଯୋଗସୂତ୍ର ସ୍ଥାପନ କରିବା ସକାଶେ ମଧ୍ୟ ଅଧିଚେତନ ପାଖରେ ଆବଶ୍ୟକ ସାଧନ ରହିଥାଏ । ଏବଂ ନିଶ୍ଚେତନ ଭୂମିରୁ ଅତିମାନସ ଭୂମିକୁ ପୁନର୍ବାର ଆରୋହଣ କରି ଯିବାର ଉଦ୍ଦେଶ୍ୟଟିକୁ ପୂର୍ଣ୍ଣ କରିବାଲାଗି ତନ୍ମଧ୍ୟ ଯେଉଁସବୁ ଭୂମି ବା

'oaob.nitrkl.ac.in' images reprocessed

ଜଗତର ଉଦ୍‌ଭବ ବା ରଚନା ହୋଇଥାଏ, ଅଧିଚେତନ ସେଗୁଡ଼ିକ ସହିତ ମଧ୍ୟ ସମ୍ବନ୍ଧ ସ୍ଥାପନ କରିବାକୁ ସାମର୍ଥ୍ୟ ରଖିଥାଏ । ଆମର ଏହି ମନୋଗତ ତଥା ପ୍ରାଣଗତ ସତ୍ତା ଯେତେବେଳେ ଉପରିଭାଗସ୍ଥ ଯାବତୀୟ କ୍ରିୟାଶୀଳତାରୁ ଅପସରି ଯାଆନ୍ତି,— ଏହି ଅପସରି ଯିବା ନିଦ୍ରାଦ୍ୱାରା ସମ୍ଭବ ହୋଇପାରେ, ପ୍ରତ୍ୟାହାରଦ୍ୱାରା ସମ୍ଭବ ହୋଇପାରେ ଏବଂ ସମାଧି ଭିତରେ ଆତ୍ମନିମଗ୍ନ ହେବାଦ୍ୱାରା ମଧ୍ୟ ସମ୍ଭବ ହୋଇ-ପାରେ,—ସେତେବେଳେ ସେମାନେ ଅନ୍ତରସତ୍ତାର ଏହି ବିଶାଳ ରାଜ୍ୟଟିରେହିଁ ବିଶ୍ରାମ ଲାଭ କରନ୍ତି ।

ଆମର ଜାଗ୍ରତ ଅବସ୍ଥାଟିର ଅଧିଚେତନ ସତ୍ତାଟି ସହିତ ଯେଉଁଠି ଯେପରି ଗିଅ ଲାଗି ରହିଛି, ଜାଗ୍ରତ ଅବସ୍ଥାରେ ଆମେ ସେବିଷୟରେ ଏକାନ୍ତ ଅନବଗତ ହୋଇ ରହିଥାଉ । ଏକଥା ସତ୍ୟ ଯେ ଜାଗ୍ରତ ଭୂମି ସେହି ଅଧିଚେତନଠାରୁହିଁ ଆପଣାର ଯାବତୀୟ ଅନୁପ୍ରେରଣା ଲାଭ କରିଥାଏ, ଆପଣାର ସକଳ ବୋଧି, ବିସ୍ଫୁର, ଇଚ୍ଛାଗତ ଓ ଇନ୍ଦ୍ରିୟଚେତନାଗତ ଯାବତୀୟ ଇଙ୍ଗିତ ସେ କେବଳ ସେହିଠାରୁହିଁ ପାଇଥାଏ । ଆମର ଏହି ଅତି ସୀମାବଦ୍ଧ ଉପରିଭାଗର ଅନ୍ତିତ୍ୱଟିର ତଳୁ ବା ପଶ୍ଚାତ୍-ଦେଶରୁ ଯେତେବେଳେ ଯେଉଁସବୁ କର୍ମଗତ ଉଦ୍ଦୀପନାର ସମୁଦ୍‌ଭବ ହୋଇଥାଏ, ସେହି ଉଦ୍ଦୀପନା କେବଳ ଅଧିଚେତନରୁହିଁ ଆସିଥାଏ । ମାତ୍ର ଏସବୁ ପ୍ରକୃତରେ କେଉଁଠାରୁ ଆସୁଛି ବା ଏସବୁର ମୂଳ କେଉଁଠି, ଜାଗ୍ରତ ଅବସ୍ଥାର ବହିଶ୍ଚର ମନର ସେବିଷୟରେ କୌଣସି ଜ୍ଞାନ ନଥାଏ । ସମାଧିପରି ନିଦ୍ରା ମଧ୍ୟ ଆମ ଲାଗି ଅଧିଚେତନର ଦ୍ୱାରଟିକୁ ଉନ୍ମୁକ୍ତ କରିଦିଏ । କାରଣ ସମାଧିକାଳୀନ ଅବସ୍ଥାପରି ନିଦ୍ରାବେଳେ ମଧ୍ୟ ଆମେ ଅତିସୀମାବଦ୍ଧ ଜାଗ୍ରତ ବ୍ୟକ୍ତିଜୀବନର ଆବରଣଟିକୁ ପାରି ହୋଇ ପଛକୁ ଅପସରି ଯାଉ ଏବଂ ଏହି ଆବରଣଟିର ପଛରେହିଁ ଅଧିଚେତନ ଅବସ୍ଥାନ କରୁଥାଏ । ମାତ୍ର କେବଳ ସ୍ୱପ୍ନ ଏବଂ ସ୍ୱପ୍ନଗତ ଆକାରରଚନାର ମଧ୍ୟଦେଇହିଁ ଆମେ ଆମ ନିଦ୍ରାକାଳୀନ ଅନୁଭୂତିର ସକଳ ସମାଚାର ପାଇଥାଉ । ଯାହାକୁ କି ହୁଏତ ଏକ ଅନ୍ତର୍ଜାଗରଣର ଅବସ୍ଥା ବୋଲି କୁହାଯାଇ ପାରିବ ଏବଂ ସମାଧିଦ୍ୱାରା ଯାହାକୁ ଅତି ସହଜରେ ଲାଭ କରାଯାଇ ଥାଏ, ସେପରି ଏକ ଅବସ୍ଥାରେ ସେସବୁ ସମାଚାର ଲାଭ କରିବା ଆମ ପକ୍ଷରେ ଆଦୌ ସମ୍ଭବ ହୋଇ ନଥାଏ । ମାତ୍ର, ଆମ ଜାଗ୍ରତ ସତ୍ତା ସହିତ ନିଯୁକ୍ତ ଅଭ୍ୟସ୍ତ ଅଥବା ସାମୟିକ ସଚେତନ ସ୍ତରରେ ସଂଯୋଗ ସ୍ଥାପନ କରିବାକୁ ସମର୍ଥ ହୋଇ ଅନ୍ତର୍ଗତ ଅଧିଚେତନ ବୋଧ ଯେଉଁ ଅସାଧାରଣ ଓ ସୁସ୍ପଷ୍ଟ ଦୃଷ୍ଟି ତଥା ଯେଉଁସବୁ ଅଧିକ ଜ୍ୟୋତିର୍ମୟ ଓ ବିଶିଷ୍ଟ ଅନ୍ୟ ସଂଯୋଗମାର୍ଗଗୁଡ଼ିକର ବିକାଶ କରାଇଥାଏ, ସେଗୁଡ଼ିକର ମଧ୍ୟଦେଇ ହିଁ ଆମେ ଉକ୍ତ ସମାଚାରସକଳ ଲାଭ କରିପାରୁ ନାହିଁ । ଅଧିଚେତନ ତାହାର ଏକ ସର୍ବାନ୍ତିମ ଅଂଶପରି ଅବସ୍ଥିତ ରହିଥିବା ଅବଚେତନ ଭୂମିଟି ସହିତ,—କାରଣ ଆବରଣର ପଛରେ ସତ୍ତାର ଯେଉଁ

ଭୂମି ପଡ଼ିରହିଛି, ଅବଚେତନ ମଧ୍ୟ ତାହାର ଗୋଟିଏ ଅଂଶ,—ଅନ୍ତର୍ଗତ ସକଳ ବିଷୟ ତଥା ଜଡ଼ାଶ୍ରିତ ସକଳ ଅନୁଭୂତିର ଦ୍ରଷ୍ଟାରୂପେ ଅଧିଷ୍ଠିତ ହୋଇ ରହିଥାଏ । ଉପରିସ୍ତରର ଅବଚେତନଟି ସେହି ଅନୁଭୂତିଗୁଡ଼ିକର କେବଳ ଏକ ଲିପିକାର ପରି କାର୍ଯ୍ୟ କରେ । ଏହି କାରଣରୁହିଁ ଉପନିଷଦରେ ଅଧିଚେତନ ସତ୍ତାକୁ ସ୍ୱପ୍ନମୟ ପୁରୁଷ ବୋଲି ବର୍ଣ୍ଣନା କରାଯାଇଛି, କାରଣ ସାଧାରଣତଃ ସ୍ୱପ୍ନାବସ୍ଥାରେ, ଅତୀନ୍ଦ୍ରିୟ ଦର୍ଶନର ଅନୁଭୂତି ସମୟରେ ଓ ଅନ୍ତର୍ଗତ ଅନୁଭବର ଆତ୍ମନିମଗ୍ନ ଅବସ୍ଥାଗୁଡ଼ିକରେହିଁ ଆମେ ସେହି ସତ୍ତାର ରାଜ୍ୟ ଭିତରେ ପ୍ରବେଶ କରିଥାଉ ଓ ତାହାରି ଏକ ଅଂଶରେ ରୂପାନ୍ତରିତ ହୋଇଯାଉ । ଠିକ୍ ସେହିପରି ଭାବରେ ଉପନିଷଦ ଅତିଚେତନକୁ ମଧ୍ୟ ସୁଷୁପ୍ତିମୟ ପୁରୁଷ ବୋଲି ବର୍ଣ୍ଣନା କରିଛି, କାରଣ ଅତିଚେତନର ରାଜ୍ୟ ଭିତରେ ପ୍ରବେଶ କରିଥିବା ଅବସ୍ଥାରେ ଆମର ଯାବତୀୟ ମାନସିକ ତଥା ଇନ୍ଦ୍ରିୟଗତ ଅନୁଭୂତି ସାଧାରଣତଃ ବିଲୁପ୍ତହିଁ ହୋଇଯାଏ । କାରଣ ଅତିଚେତନର ସ୍ପର୍ଶ ବାଜି ସେତେବେଳେ ଆମର ମନୋରାଜ୍ୟଟି ଯେଉଁ ଗଭୀରତର ସମାଧି ମଧ୍ୟରେ ନିମଗ୍ନ ହୋଇ ରହିଥାଏ, ସେଥିରୁ କୌଣସିପ୍ରକାର ବିବରଣୀ ଅଥବା ଅନୁଲିପି ଆସି ସାଧାରଣତଃ ଆମ ଯାଏ ପହଞ୍ଚି ପାରେ ନାହିଁ । କେବଳ ଯେପରି କୌଣସି ବିଶେଷ ବା ଅସାଧାରଣ ବ୍ୟତିକ୍ରମ ଘଟିଲେ, କୌଣସି ଏକ ଅପ୍ରାକୃତ ଅବସ୍ଥାରେ ଅଥବା ଆମ ପ୍ରାକୃତ ଚେତନାର ଆତ୍ମଗୋପନସିଦ୍ଧ କାରାଗାରରେ କେଉଁଠି କୌଣସି ଫାଟ ବା କଣା ଦେଖାଦେଲେ ଯାଇ ଆମର ଉପରିସ୍ତରସ୍ଥ ଚେତନା ଅତିଚେତନାର ସଂସ୍ପର୍ଶ ଅଥବା ସେଠାରୁ ଆସୁଥିବା କୌଣସି ସନ୍ଦେଶ ବିଷୟରେ ସଚେତନ ହୋଇପାରେ । ମାତ୍ର ଚେତନାର ଏହି ଦୁଇ ଅବସ୍ଥାକୁ ରୂପକପୂର୍ଣ୍ଣ ଭାଷାର ପ୍ରୟୋଗ କରି ସ୍ୱପ୍ନାବସ୍ଥା ଓ ସୁଷୁପ୍ତି ଅବସ୍ଥାରୂପେ ଅଭିହିତ କଲେ ମଧ୍ୟ ଏହି ଉଭୟ ଅବସ୍ଥାର କ୍ଷେତ୍ରକୁ ଋଷିମାନେ ଏକ ସତ୍ୟାନୁଭୂତିର ଭୂମିରୂପେ ବର୍ଣ୍ଣନା କରି ଯାଇଛନ୍ତି । ଆମ ଜାଗ୍ରତ ଅବସ୍ଥାଟିର କ୍ଷେତ୍ରରେ, ଯେଉଁଠି କି କେବଳ ଭୌତିକ ବିଷୟଜଗତ ଓ ଜଡ଼ବସ୍ତୁ ସହିତ ଆମର ଯାବତୀୟ ସମ୍ପର୍କର ବିବରଣୀ ଓ ଅନୁଲିପିହିଁ ଆମ ଇନ୍ଦ୍ରିୟଗ୍ରାହ୍ୟ ଚେତନାର ଗତିସ୍ପନ୍ଦନରୂପେ ଫୁଟି ଉଠିଥାଏ, ପ୍ରାଚୀନ ଋଷିମାନେ ସେହି ଅବସ୍ଥାକୁ ଯେତିକି ସତ୍ୟ ବୋଲି ମାନିଛନ୍ତି, ସ୍ୱପ୍ନ ଓ ସୁଷୁପ୍ତିର ଅବସ୍ଥାକୁ ମଧ୍ୟ ସେତିକି ସତ୍ୟ ବୋଲି ମାନିଛନ୍ତି । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି,—ଏହି ତିନୋଟିଯାକ ଅବସ୍ଥାକୁ ଯେ ଆମେ କେବଳ ଏକ ଭ୍ରାନ୍ତିରହିଁ ବିଭିନ୍ନ ଅଂଶରୂପେ ଶ୍ରେଣୀବଦ୍ଧ କରି ବିଚାର କରିପାରିବା, ଏଥିରେ କୌଣସି ସନ୍ଦେହ ନାହିଁ । ସେହିସବୁ ଅବସ୍ଥା ବିଷୟରେ ଆମର ଅନୁଭୂତି-ଗୁଡ଼ିକୁ ମଧ୍ୟ ଆମେ ଏକ ବିଭ୍ରମଦ୍ୱାରା ଆକ୍ରାନ୍ତ ଚେତନାର ନାନାବିଧ ରଚନା ବୋଲି ଏକତ୍ର କରି ଦେଖିପାରିବା । ସେହିଦୃଷ୍ଟିରୁ ଦେଖିଲେ ଆମର ଜାଗ୍ରତ ଅବସ୍ଥାକୁ ଆମର ସ୍ୱପ୍ନ ବା ସୁଷୁପ୍ତିର ଅବସ୍ଥାଠାରୁ ଆଦୌ କୌଣସିପ୍ରକାରେ କମ୍ ବିଭ୍ରାନ୍ତିମୟ

'oaob.nitrkl.ac.in' images reprocessed

ବୋଲି କୁହାଯାଇ ପାରିବ ନାହିଁ । କାରଣ ସତ୍ୟମୟ ସତ୍ୟ ବା ଯଥାର୍ଥ ବାସ୍ତବତା କହିଲେ ମୂଳତଃ କେବଳ ଗୋଟିଏ କଥାକୁହିଁ ବୁଝାଇବ; ତାହା ହେଉଛି ଆତ୍ମା ବା ଅଦ୍ୱୈତ, ଏବଂ ଏହା ବାକ୍ୟ ଓ ମନର ଅତୀତ, ସକଳ ବର୍ଣ୍ଣନାର ଅତୀତ । ବେଦାନ୍ତରେ ଏହାକୁହିଁ ଆତ୍ମାର ତୁରୀୟ ବା ଚତୁର୍ଥ ଅବସ୍ଥା ବୋଲି ବର୍ଣ୍ଣନା କରାଯାଇଛି । ମାତ୍ର ଏହି ତିନୋଟିଯାକ ଅବସ୍ଥାକୁ ଏକାଠି କେବଳ ଗୋଟିଏ ସତ୍ୟର ତିନୋଟି ଭିନ୍ନଭିନ୍ନ ସ୍ତର ବା ଅବସ୍ଥାରୂପେ ବର୍ଣ୍ଣନା କରିବା ମଧ୍ୟ ସମାନଭାବେ ସମ୍ଭବ ହୋଇପାରିବ । ଏଗୁଡ଼ିକୁ ଆମେ ଚେତନାର ତିନୋଟି ପର୍ଯ୍ୟାୟ ବୋଲି କହିପାରିବା, ଯେଉଁଥିରେ କି ଆତ୍ମ-ଅନୁଭୂତି ତଥା ବିଶ୍ୱ-ଅନୁଭୂତିର ତିନୋଟି ଭିନ୍ନଭିନ୍ନ ସ୍ତର ସହିତ ଆମର ବିଭିନ୍ନ ପ୍ରକାର ସମ୍ପର୍କ ଘଟିଥାଏ ।

ଯଦି ଏହାକୁହିଁ ସ୍ୱପ୍ନାନୁଭୂତିର ଏକ ପ୍ରକୃତ ବିବରଣ ବୋଲି କୁହାଯାଏ, ତେବେ ସ୍ୱପ୍ନକୁ ଆମେ ଆଉ କେବଳ ଅବାସ୍ତବ ବିଷୟବସ୍ତୁର ଏକ ଅବାସ୍ତବ ରଚନା ବୋଲି କହି କଦାପି ଉଡ଼ାଇଦେଇ ପାରିବା ନାହିଁ । ଆମର ଅର୍ଦ୍ଧ-ଅଚେତନତାର ଭୂମି ଉପରେ ସେଗୁଡ଼ିକ କେବଳ ମାତ୍ର କେତେସମୟ ସକାଶେ ଏକ ସତ୍ୟ ବା ବାସ୍ତବତାର ଛଦ୍ମବେଶ ଧରି ଆପଣାକୁ ଲଦି ଦେଉଛନ୍ତି ବୋଲି କଦାପି କହିପାରିବା ନାହିଁ । ତେଣୁ ବିଶ୍ୱଭ୍ରାନ୍ତିର ସିଦ୍ଧାନ୍ତଟିକୁ ସମର୍ଥନ କରିବାକୁ ଯାଇ କେବଳ ଏକ ଦୃଷ୍ଟାନ୍ତରୂପେ ଏହାର ପ୍ରୟୋଗ କଲାବେଳେ ମଧ୍ୟ ସ୍ୱପ୍ନର ତୁଳନାଟିକୁ ଆଣି ବାଢ଼ିବା ତଥାପି ଠିକ୍ ହେବ ନାହିଁ । ଅବଶ୍ୟ ଏପରି କୁହାଯାଇ ପାରେ ଯେ ଆମର ସ୍ୱପ୍ନଗୁଡ଼ିକ ସ୍ୱୟଂ କୌଣସି ସତ୍ୟବସ୍ତୁ ନୁହନ୍ତି, ସେଗୁଡ଼ିକ ସତ୍ୟର କେବଳ ଏକ ପ୍ରତିଲିପି ମାତ୍ର, ପ୍ରତୀକମୂର୍ତ୍ତିସମୂହର କେବଳ ଏକ ପ୍ରବାହ ମାତ୍ର । ଏବଂ ଠିକ୍ ସେହିପରି ବିଶ୍ୱଜଗତ ସମ୍ବନ୍ଧରେ ଆମ ଜାଗ୍ରତ ଅବସ୍ଥାର ଅନୁଭୂତିଟି ମଧ୍ୟ ଆଦୌ ଏକ ସତ୍ୟବସ୍ତୁ ନୁହେଁ, ସେଇଟି ମଧ୍ୟ ସତ୍ୟର ଏକ ପ୍ରତିଲିପି ମାତ୍ର, ପ୍ରତୀକମୂର୍ତ୍ତିସମୂହର ଏକ ପୁଞ୍ଜୀଭୂତ ଜମ ମାତ୍ର । ଏକଥା ବେଶ୍ ସତ ଯେ ଆମେ ମୂଳତଃ ଏହି ଭୂତଜଗତକୁ କେବଳ ନାନା ପ୍ରତିରୂପର ଏକ ପ୍ରବାହ ମାଧ୍ୟମରେହିଁ ଦେଖିଥାଉ, ଯେଉଁ ପ୍ରତିରୂପଗୁଡ଼ିକ କି ଆମର ଇନ୍ଦ୍ରିୟଗୁଡ଼ିକ ଉପରେ ଆସି ଉକୁଟିବାରେ ବା ଲଦିହୋଇ ପଡ଼ିବାରେ ଲାଗିଥା'ନ୍ତି । ଏପର୍ଯ୍ୟନ୍ତ ଏହି ଉକ୍ତିରେ ଆମେ ଆଦୌ କୌଣସି ଅନୌଚିତ୍ୟ ଦେଖି ପାରିବା ନାହିଁ । ହୁଏତ ଏକଥା ମଧ୍ୟ ଠିକ୍ ବୋଲି ଗ୍ରହଣ କରାଯାଇ ପାରିବ ଯେ ଏକ ବିଶେଷ ଅର୍ଥରେ ଓ ଗୋଟିଏ ଦୃଷ୍ଟିକୋଣରୁ ବିଚାର କଲେ ଆମର ସକଳ ଅନୁଭୂତି ଓ ସକଳ ଚେଷ୍ଟାକୁ ଆମେ ଏଭଳି ଏକ ସତ୍ୟର ବିଭିନ୍ନ ପ୍ରତୀକ ବୋଲି କହିପାରିବା, ଯାହାକୁ କି ଆମର ଇହଜୀବନ ସକଳ ପ୍ରକାଶ କରିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ଏପର୍ଯ୍ୟନ୍ତ ସେହି ପ୍ରୟାସରେ କେବଳ କେତେକାଂଶରେହିଁ କୃତକାର୍ଯ୍ୟ ହୋଇଛନ୍ତି ଏବଂ ସେଥିରେ ସେମାନଙ୍କର ପୂର୍ଣ୍ଣ ସଙ୍ଗତି ଏବେସୁଦ୍ଧା ଆସି ନାହିଁ ।

'oaob.nitrkl.ac.in' images reprocessed

ଯଦି ତାହାହିଁ ସବୁକଥା ହୋଇଥା'ନ୍ତା, ତେବେ ଜୀବନକୁ ପରମ ଅନନ୍ତଙ୍କର ଚେତନା ଭିତରେ ଆତ୍ମା ଏବଂ ବସ୍ତୁର କେବଳ ଏକ ସ୍ୱପ୍ନାନୁଭବ ବୋଲି ବେଶ୍ କୁହାଯାଇ ପାରନ୍ତା । ମାତ୍ର ବିଶ୍ୱଜଗତର ଯାବତୀୟ ବସ୍ତୁ ସମ୍ବନ୍ଧରେ ଆମର ପ୍ରଥମସ୍ତରସ୍ଥ ସାକ୍ଷ୍ୟଟି ଇନ୍ଦ୍ରିୟଦ୍ୱାରା ଗୃହୀତ ପ୍ରତିରୂପସମୂହ ଦ୍ୱାରା ରଚିତ ହୋଇଥିଲେହେଁ ତଥାପି ଆମ ଚେତନା ମଧ୍ୟରେ ରହିଥିବା ଏକ ସ୍ୱୟଂପ୍ରେରିତ ବୋଧିଦ୍ୱାରା ସେଗୁଡ଼ିକ ସର୍ବଦା ପୂର୍ଣ୍ଣାଙ୍ଗପ୍ରାପ୍ତ, ପ୍ରାମାଣ୍ୟଯୁକ୍ତ ଏବଂ ସୁବିନ୍ୟସ୍ତ ହୋଇଥା'ନ୍ତି । ଏହି ବୋଧିହିଁ ଏହି ପ୍ରତିରୂପଗୁଡ଼ିକୁ ସେଗୁଡ଼ିକ ଯାହାର ପ୍ରତିରୂପ ତାହା ସହିତ ତତ୍‌କ୍ଷଣାତ୍ ସଂଯୁକ୍ତ କରିଦିଏ ଏବଂ ବସ୍ତୁଟି ବିଷୟରେ ଏକ ସୁସ୍ପଷ୍ଟ ଅନୁଭବ ଆଣି ଦେଇଥାଏ, ଯେପରିକି ଏହି ବିଶ୍ୱକୁ ଅବଲୋକନ କଲାବେଳେ ଆମେ କେବଳ ସେହି ବାସ୍ତବ ସତ୍ୟଟିର ଏକ ଅନୁବାଦ ଅଥବା ଇନ୍ଦ୍ରିୟର ଭାଷାରେ ଲେଖା ହୋଇଥିବା ଏକ ଅନୁଲିପି ମାତ୍ର ପଢ଼ିବସୁ ନାହିଁ, ମାତ୍ର ଇନ୍ଦ୍ରିୟଗୁଡ଼ିକ ବହନ କରି ଆଣୁଥିବା ପ୍ରତିରୂପଟିର ମଧ୍ୟଦେଇ ଆମେ ସେହି ବାସ୍ତବ ସତ୍ୟଟିରହିଁ ଅବଲୋକନ କରିଥାଉ । ଏବଂ ଏହା ସହିତ ବୁଦ୍ଧିର ପ୍ରକ୍ରିୟାଟି ଆସି ଯୋଗ ଦେଲେ ଏହା ଆହୁରି ଅଧିକ ପର୍ଯ୍ୟାପ୍ତ ହୋଇଯାଏ । ବୁଦ୍ଧି ଇନ୍ଦ୍ରିୟଦ୍ୱାରା ଗୃହୀତ ହେଉଥିବା ବସ୍ତୁଗୁଡ଼ିକର ଅନ୍ତର୍ନିହିତ ବିଧାନଟିର ଅନ୍ତର୍ପ୍ରବେଶ କରେ, ତାହାର ମର୍ମଟିକୁ ବୁଝିପାରେ, ଇନ୍ଦ୍ରିୟଲିଖିତ ଅନୁଲିପିଟିକୁ ତନ୍ନତନ୍ନ କରି ଦେଖିବାକୁ ସମର୍ଥ ହୁଏ ଏବଂ ସେଥିରେ ଥିବା ଭୁଲଗୁଡ଼ିକୁ ମଧ୍ୟ ସଂଶୋଧନ କରିନିଏ । ତେଣୁ ଆମେ ଏହିପରି ଏକ ସିଦ୍ଧାନ୍ତରେ ବେଶ୍ ପହଞ୍ଚିପାରିବା ଯେ ବୋଧି ଏବଂ ବୁଦ୍ଧିର ସାହାଯ୍ୟ ନେଇ ଓ ଇନ୍ଦ୍ରିୟଦ୍ୱାରା ଗୃହୀତ ପ୍ରତିରୂପମୟ ଅନୁଲିପିର ମାଧ୍ୟମରେ ଆମେ ଏକ ବାସ୍ତବ ବିଶ୍ୱର ଅନୁଭୂତିହିଁ ଲାଭ କରିଥାଉ । ଆମର ବୋଧି ଆମକୁ ବସ୍ତୁଗୁଡ଼ିକର ସତ୍ୟସ୍ପର୍ଶ ଆଣି ଦେଇଯାଏ, ଏବଂ ଆମର ବୁଦ୍ଧି ଆପଣାର ଅନ୍ୱେଷାଧର୍ମୀ ଜ୍ଞାନର ସାହାଯ୍ୟରେ ସେହି ବସ୍ତୁଗୁଡ଼ିକର ସତ୍ୟଟିକୁ ଖୋଜିବାରେ ଲାଗିଥାଏ । ମାତ୍ର ଏଠାରେ ଆମେ ଏକଥା ମଧ୍ୟ ନିଶ୍ଚୟ ସ୍ମରଣ ରଖିବା ଯେ ପ୍ରତିରୂପର ମାଧ୍ୟମରେ ଆମେ ଏହି ବିଶ୍ୱଜଗତକୁ ଯେଭଳି ଭାବରେ ଦେଖିଥାଉ ଓ ଇନ୍ଦ୍ରିୟଦ୍ୱାରା ତାହାର ଯେଉଁ ଅନୁଲିପିଟି ଲାଭ କରିଥାଉ, ତାହା କେବଳ ପ୍ରତୀକମୂର୍ତ୍ତିର ଏକ ସମାହାର ହୋଇଥିଲେ ମଧ୍ୟ ଓ ଏକ ଅବିକଳ ନକଲ ବା ପ୍ରତିଲିପି ଓ ଏକ ଆକ୍ଷରିକ ଅନୁବାଦ ନହେଲେ ମଧ୍ୟ ତଥାପି ପ୍ରତୀକ ହେଉଛି ଏପରି ଏକ ପଦାର୍ଥର ସଙ୍କେତ ଯାହା ପ୍ରକୃତରେ ରହିଛି, ଏହା ହେଉଛି ସତ୍ୟଗୁଡ଼ିକରହିଁ ପ୍ରତିଲିପି । ଏପରିକି ଆମର ପ୍ରତିରୂପଗୁଡ଼ିକ ମଧ୍ୟ ଠିକ୍ ପ୍ରତିରୂପ ନହୋଇଥିଲେହେଁ ଯାହାକୁ ସେମାନେ ପ୍ରତିଫଳିତ କରିବାକୁ ଚେଷ୍ଟା କରନ୍ତି, ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ସତ୍ୟ, ଭ୍ରମ ନୁହନ୍ତି । ଯେତେବେଳେ ଆମେ କୌଣସି ଏକ ଗଛ ଦେଖୁ କିମ୍ବା ଖଣ୍ଡେ ପଥର କିମ୍ବା ଗୋଟିଏ ପ୍ରାଣୀକୁ ଦେଖୁ,

'oaob.nitrkl.ac.in' images reprocessed

ସେତେବେଳେ ଆମେ ଅସ୍ତିତ୍ୱ ନଥିବା କୌଣସି ଏକ ବସ୍ତୁର ପ୍ରତିରୂପଟିକୁ ଦେଖୁ ବୋଲି କଦାପି କହିହେବ ନାହିଁ, ଆମର ଚକ୍ଷୁରୁ ଜାତ ହୋଇଥିବା ଏକ ଭ୍ରମକୁ ଦେଖୁ ବୋଲିବି କହିହେବ ନାହିଁ । ଆମେ ଦେଖୁଥିବା ପ୍ରତିରୂପଟି ଯେ କୌଣସି ବସ୍ତୁର ଅବିକଳ ପ୍ରତିରୂପ ହୋଇଥିବ, ଆମେ ସେକଥା ନିଶ୍ଚିତ କରି କହିପାରିବା ନାହିଁ; ହୁଏତ ଏକଥା ମଧ୍ୟ ସ୍ୱୀକାର କରିବା ଯେ ଆଉ ଏକ ପ୍ରକାରର ଇନ୍ଦ୍ରିୟ ଏହାକୁ ହୁଏତ ଭିନ୍ନଭାବରେ ଦେଖୁଥିବ । ମାତ୍ର ତଥାପି ସେହି ପ୍ରତିରୂପ ଭିତରେ ଏପରି କିଛି ଅବଶ୍ୟ ରହିଥିବ ଯାହାକି ପ୍ରତିରୂପଟିର ଔଚିତ୍ୟକୁ ନିଶ୍ଚୟ ସାବ୍ୟସ୍ତ କରି ଦେଉଥିବ, ଏପରି କିଛି ଅବଶ୍ୟ ରହିଥିବ ଯାହା ସହିତ କି ପ୍ରତିରୂପଟିର ନିଶ୍ଚୟ ଅଳ୍ପବହୁତ ସାମଞ୍ଜସ୍ୟ ରହିଥିବ । ମାତ୍ର ମାୟାବାଦକୁହିଁ ସତ୍ୟ ବୋଲି ମାନୁଥିବା ସିଦ୍ଧାନ୍ତରେ ଏକ ଅନିର୍ଦ୍ଦେଶ୍ୟ ଓ ଲକ୍ଷଣହୀନ ବିଶୁଦ୍ଧ ପରମସତ୍ତ୍ୱ ବା ବ୍ରହ୍ମକୁହିଁ ଏକମାତ୍ର ସତ୍ୟ ବୋଲି ସ୍ୱୀକାର କରାଯାଏ, ଏବଂ ସେଥିରେ କୌଣସିପ୍ରକାର ପ୍ରତୀକଧର୍ମୀ ମୂର୍ତ୍ତିରଚନା ଦ୍ୱାରା ଏହି ସତ୍ତ୍ୱର ସତ ବା ମିଛ ଅନୁବାଦ ହୋଇ ପାରିବାର ବି କୌଣସି ସମ୍ଭାବନା ନଥାଏ । କାରଣ ଯେତେବେଳେ ଏହି ସତ୍ତ୍ୱ ଭିତରେ କୌଣସି ବିଶେଷ ବସ୍ତୁ ବା ଭାବ ଲାଗି କୌଣସି ସ୍ଥାନ ରହିବ ଅଥବା ସେଥିରେ ଏପରି କୌଣସି ଅବ୍ୟକ୍ତ ବା ଅପ୍ରକାଶିତ ସତ୍ୟ ରହିଥିବ, ନାମ ଓ ରୂପର ମାଧ୍ୟମରେ ଆମର ଚେତନା ଯାହାର କି ଏକ ପ୍ରତିଲିପି ତିଆରି କରିପାରିବ, ସେତେବେଳେ ଯାଇ ତାହାର କୌଣସି ଅନୁବାଦ ସମ୍ଭବ ହେବ । ଏକ ବିଶୁଦ୍ଧ ଓ ଅନିର୍ଦ୍ଦେଶ୍ୟ ପରମସତ୍ତ୍ୱଙ୍କର କୌଣସି ଅନୁଲିପି ହୋଇପାରିବ ନାହିଁ, ପ୍ରତିନିଧିମୂଳକ ବିଭିନ୍ନତାଦ୍ୱାରା ତାଙ୍କୁ ବହୁରୂପେ ପ୍ରକାଶିତ କରିହେବ ନାହିଁ ବା ପ୍ରତୀକ କିମ୍ବା ମୂର୍ତ୍ତିମନ୍ତତାର ଅସୁମାରି ରଚନାଦ୍ୱାରା ତାଙ୍କୁ ପ୍ରତିବିମ୍ବିତ କରାଯାଇ ପାରିବ ନାହିଁ । କାରଣ ତାଙ୍କ ଭିତରେ କେବଳ ଏକ ବିଶୁଦ୍ଧ ଏକତ୍ୱବାଚକତାହିଁ ବର୍ତ୍ତମାନ ରହିଥିବ, ଅନୁଲିପିବଦ୍ଧ କରିବାକୁ କିଛି ନଥିବ, ପ୍ରତୀକ କିମ୍ବା ପ୍ରତିମୂର୍ତ୍ତି ଗଢ଼ିବା ଲାଗି ବି କିଛି ନଥିବ । ତେଣୁ ସ୍ୱପ୍ନକୁ ଉପମା କରି ଆମେ ଆଦୌ କୌଣସି ଉଦ୍ଦେଶ୍ୟ ସିଦ୍ଧ କରିପାରିବା ନାହିଁ । ତେଣୁ ସେଇଟିକୁ ବର୍ଜନ କରିବାହିଁ ସବୁଠାରୁ ଅଧିକ ଯୁକ୍ତିଯୁକ୍ତ ହେବ । ଆପଣାର ଅନୁଭୂତି ଉପରେ ଦୃଷ୍ଟିପାତ କରିବା ଲାଗି ଆମ ମନର ଏକ ବିଶେଷ ଦୃଷ୍ଟିଭଙ୍ଗୀକୁ ବୁଝାଇବାକୁ ଯାଇ ଆମେ ସ୍ୱପ୍ନକୁ ଏକ ରୂପକରୂପେ ବେଶି ବ୍ୟବହାର କରିପାରିବା; ମାତ୍ର ଯଥାର୍ଥ ସତ୍ୟର ରାଜ୍ୟରେ ତତ୍ତ୍ୱଗତ ଅନ୍ୱେଷଣ କରି ବାହାରିଥିବା ସମୟରେ ଓ ଆମ ଜୀବନସତ୍ତ୍ୱର ମୂଳ ତାତ୍ପର୍ଯ୍ୟ ବା ଉତ୍ପତ୍ତିକୁ ନିର୍ଣ୍ଣୟ କରିବାକୁ ବସିଥିବାବେଳେ ତାହାର ଆଦୌ କୌଣସି ମୂଲ୍ୟ ନାହିଁ ।

ସ୍ୱପ୍ନ ପରିବର୍ତ୍ତେ ଚକ୍ଷୁବିଭ୍ରମକୁ ଏକ ଉପମାରୂପେ ଗ୍ରହଣ କରି ବିଚାର କଲାବେଳେ ମଧ୍ୟ ବିଶ୍ୱମାୟାର ତତ୍ତ୍ୱଟିକୁ ଯଥାର୍ଥ ଭାବରେ ବୁଝିବା ଲାଗି ଆମକୁ ଆଦୌ

'oaob.nitrkl.ac.in' images reprocessed

କୌଣସି ଅଧିକ ସାହାଯ୍ୟ ମିଳିବ ନାହିଁ । ଚିତ୍ତବିଭ୍ରମ ଦୁଇ ପ୍ରକାରର; ଗୋଟିଏ ହେଉଛି ମାନସିକ ଅର୍ଥାତ୍ ମନୋଗତ ଧାରଣାପ୍ରସୂତ; ଆଉଗୋଟିଏ ଦୃଷ୍ଟିଗତ ଅଥବା କୌଣସି ନା କୌଣସି ପ୍ରକାରେ ଇନ୍ଦ୍ରିୟଗତ ଅଭିଜ୍ଞତାରୁ ପ୍ରସୂତ । ଯେତେବେଳେ ଆମେ ଆମ ମନ ଭିତରେ ବସ୍ତୁଗୁଡ଼ିକର ଏକ ପ୍ରତିରୂପ ଦେଖିବାକୁ ପାଉଛୁ ଅଥଚ ସେହି ବସ୍ତୁଗୁଡ଼ିକ ଅସ୍ତିତ୍ୱରେ ନାହାନ୍ତି, ସେତେବେଳେ ତାହାକୁ ଇନ୍ଦ୍ରିୟପ୍ରସୂତ ଏକ ଭ୍ରମରଚନା ବୋଲି କୁହାଯିବ, ଏକ ଦୃଷ୍ଟିଗତ ଚିତ୍ତବିଭ୍ରମ ବୋଲି କୁହାଯିବ । କେବଳ ମନ ଭିତରେହିଁ ଯେଉଁ ବସ୍ତୁର କେବଳ ଏକ ଆଶୟଗତ ଅସ୍ତିତ୍ୱହିଁ ରହିଛି ଅଥଚ ତାହାକୁ ଆମେ ଏକ ବିଷୟଗତ ବସ୍ତୁସତ୍ୟ ବୋଲି ଭ୍ରମ କରୁଛୁ, ସେତେବେଳେ ତାହାକୁ ଆମେ ଏକ ମନୋଗତ ଚିତ୍ତବିଭ୍ରମ ବୋଲି କହିବା । କାରଣ ସେହି କ୍ଷେତ୍ରରେ ଆମର ମନୋଗତ ଏକ ଭୁଲହିଁ ଗୋଟାଏ କିଛିକୁ ଆକାର ଦେଇ ରଚନା କରିଥାଏ, ଅଥବା କେବଳ ଏକ କଳ୍ପନାହିଁ ବସ୍ତୁସତ୍ୟର ରୂପ ଗ୍ରହଣ କରିଥାଏ କିମ୍ବା କେବଳ ଏକ ମନୋଗତ ପ୍ରତିରୂପକୁ ଏକ ଅଯଥା ସ୍ଥାନରେ ନେଇ ବସାଇ ଦିଆଯାଇଥାଏ । ମରୀଚିକାକୁ ଆମେ ପ୍ରଥମ ସ୍ତରର ଭ୍ରମର ଏକ ଦୃଷ୍ଟାନ୍ତ ବୋଲି କହିବା । ରଜ୍ଜୁକୁ ସର୍ପ ବୋଲି ଭ୍ରମ କରିବାର ଯେଉଁ ଶାସ୍ତ୍ରୀୟ ଉଦାହରଣଟି ରହିଆସିଛି, ତାକୁ ଦ୍ୱିତୀୟ ସ୍ତରର ଭ୍ରମ ବୋଲି କହିବା । ଏହି ପ୍ରସଙ୍ଗରେ ଆମେ ଦୃଢ଼ତ ଏକଥା ବି କହିପାରିବା ଯେ ଏପରି ଅନେକ କଥାକୁ ଆମେ ଚିତ୍ତବିଭ୍ରମ ବୋଲି କହିଥାଉ, ଯାହାକି ପ୍ରକୃତରେ ଚିତ୍ତବିଭ୍ରମ ନୁହେଁ; ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ପ୍ରତୀକ-ମୂର୍ତ୍ତି । ଏହିସବୁ ମୂର୍ତ୍ତି ଅଧିଚେତନ ସ୍ତରରୁହିଁ ଉପରିସ୍ତରକୁ ଉତ୍ଥିତ ହୋଇ ଆସିଥାଏ । ଏଗୁଡ଼ିକୁ ଆମେ ଏପରି ଗୋଟିଏ ଗୋଟିଏ ଅନୁଭୂତି ବୋଲି ମଧ୍ୟ କହିପାରିବା ଯେତେବେଳେ କି ଅଧିଚେତନ ଚେତନା ବା ଅଧିଚେତନ ସ୍ତର ଉପରିସ୍ତରରେ ଆସି ଉପସ୍ଥିତ ହୋଇଥାଏ ଏବଂ ଜଡ଼ାତୀତ ନାନା ସତ୍ୟ ସହିତ ଆମର ଭିଥ ଲଗାଇ ଦେଇଯାଏ । ମନୋଭୂମିଗତ କ୍ଷୁଦ୍ରସୀମାଗୁଡ଼ିକୁ ଲଙ୍ଘି ଦେଇ ଆମେ ବିଶାଳ ସତ୍ୟବୋଧର ରାଜ୍ୟରେ ପ୍ରବେଶ କରିଥାଉ, ସେହି ବିଶ୍ୱଗତ ଚେତନାର ଯଥାର୍ଥତାଟିକୁ ସ୍ୱୀକାର କରୁଥିଲେ ମଧ୍ୟ ଅନେକେ ଏହିପରି ସ୍ତରରେ ତାକୁ ଏକ ଚିତ୍ତବିଭ୍ରମର ପର୍ଯ୍ୟାୟ ମଧ୍ୟରେ ଅନ୍ତର୍ଗତ କରି ବସିଛନ୍ତି । ମାତ୍ର କେବଳ ମାନସିକ ଓ ଦୃଷ୍ଟିଗତ ଏହି ଦୁଇ ପ୍ରକାରର ସାଧାରଣ ଚିତ୍ତବିଭ୍ରମକୁ ବିଚାରକୁ ନେଇ ଆମେ ବେଶ୍ ଦେଖିପାରିବା ଯେ ଦାର୍ଶନିକ ତତ୍ତ୍ୱରେ ଯାହାକୁ ଏକ ଆରୋପ ବା ଅଧ୍ୟାସ ବୋଲି କୁହାଯାଇଥାଏ, ଚିତ୍ତବିଭ୍ରମ କହିଲେ ପ୍ରଥମ ଅବଲୋକନରେ ଠିକ୍ ତାହାର ଏକ ଯଥାର୍ଥ ଉଦାହରଣ ବୋଲି ମନେହେବ । କୌଣସି ଏକ ବାସ୍ତବ ସତ୍ୟ ଉପରେ ଅବାସ୍ତବ କୌଣସି ବସ୍ତୁ କିମ୍ବା ମୂର୍ତ୍ତିର ଆରୋପଣକୁହିଁ ଅଧ୍ୟାସ କୁହାଯାଏ । ଅର୍ଥାତ୍ ଯେଉଁଠି କେବଳ ମରୁଭୂମିର ଶୁଷ୍କ ପବନ ବ୍ୟତୀତ କିଛି ନଥାଏ, ସେଠାରେ

'oaob.nitrkl.ac.in' images reprocessed

ଆମେ ମରୀଚିକାର ଆରୋପଣ କରିଥାଉ । ଯେଉଁପରି ବାସ୍ତବ କ୍ଷେତ୍ରରେ କେବଳ ଏକ ରଜ୍ଜୁ ପଡ଼ି ରହିଥାଏ, ସେଠାରେ ଆଦୌ ଅସ୍ତିତ୍ୱରେ ନଥିବା ଏକ ସର୍ପର ଆକୃତିକୁ ଆଣି ଲଦି ଦିଆଯାଏ । ଠିକ୍ ସେହିପରି ଯୁକ୍ତିଦ୍ୱାରା ଅନୁପ୍ରେରିତ ହୋଇ ଆମେ ଜଗତକୁ ମଧ୍ୟ ଏକ ଚିତ୍ତବିଭ୍ରମ ବୋଲି କହିବାକୁ ବାହାରିବା; ଅର୍ଥାତ୍ ଯେଉଁଠି କେବଳ ଶୁଦ୍ଧ, ଶାଶ୍ୱତ ଓ ଏକମାତ୍ର ବ୍ରହ୍ମର ସତ୍ତା ବ୍ୟତୀତ ଆଉ କିଛିହେଲେ ବର୍ତ୍ତମାନ ନାହିଁ, ସେଠାରେ ଏକ ଅସ୍ତିତ୍ୱହୀନ ଓ ଅବାସ୍ତବ ବସ୍ତୁରୂପର ଆରୋପଣକୁହିଁ ଜଗତ ବୋଲି କୁହାଯାଉଛି ବୋଲି ଆମେ ଯୁକ୍ତି କରିବାକୁ ଯିବା । ମାତ୍ର ତା'ପରେ ଆମେ ଜାଣିବାକୁ ପାଇବା ଯେ ପ୍ରତ୍ୟେକ କ୍ଷେତ୍ରରେ ଯାହାକୁ ଆମେ ଚିତ୍ତବିଭ୍ରମ ବା ମିଥ୍ୟାପ୍ରତିରୂପ ବୋଲି କହୁଛୁ, ତାହା ଏକା'ବେଳକେ ଅସ୍ତିତ୍ୱହୀନ କୌଣସି ପଦାର୍ଥ ଆଦୌ ନୁହେଁ । ଏହା ଏପରି ଏକ ବସ୍ତୁର ପ୍ରତିରୂପ, ଯାହାର ନିଶ୍ଚୟ ଏକ ଅସ୍ତିତ୍ୱ ରହିଛି, ଯାହା ପଛରେ ଏକ ବାସ୍ତବତା ଅବଶ୍ୟ ଅଛି; ମାତ୍ର ମନର ଭ୍ରମ ଅଥବା ଇନ୍ଦ୍ରିୟଗତ ଏକ ଭ୍ରମବଶତଃ ଯାହା ଉପରେ ସେଇଟିକୁ ଆଣି ଆରୋପିତ କରି ଦିଆଯାଇଛି, ସେହି ବସ୍ତୁଟି ସେଠାରେ ଉପସ୍ଥିତ ନାହିଁ । ଏକ ମରୀଚିକା ହେଉଛି ଏକ ଜନବସତି ବା ନଗରୀର ପ୍ରତିରୂପ, ଏକ ମରୁଦ୍ୱୀପର ପ୍ରତିରୂପ, ଯେଉଁଠାରେ କି କଳକଳ ବହିଯାଉଥିବା ଜଳଧାରା ରହିଛି ଏବଂ ଅବର୍ତ୍ତମାନ ଆହୁରି କେତେ କଅଣ ରହିଛି । ଏବଂ ଯଦି ଏହିସବୁ ବସ୍ତୁର ଆଦୌ କେଉଁଠି ହେଲେ କୌଣସି ଅସ୍ତିତ୍ୱ ନଥା'ନ୍ତା, ତେବେ ମନର କଳ୍ପନାଦ୍ୱାରା ହେଉ କିମ୍ବା ମରୁଭୂମିର ବାଲୁ ଉପରେ ଆଲୋକର ପ୍ରତିଫଳନଦ୍ୱାରା ହେଉ, ସେଗୁଡ଼ିକର କୌଣସି ଭୁଲ ପ୍ରତିରୂପ ଆଦୌ ସମ୍ଭବ ହେଉନଥା'ନ୍ତା ଏବଂ ସତ୍ୟର ଭ୍ରମ ଜାତ କରାଇ ଆମର ମନକୁ କୌଣସିପ୍ରକାରେ ପ୍ରବଞ୍ଚିତ କରିପାରୁ ନଥା'ନ୍ତା । ସର୍ପ ବୋଲି ଗୋଟିଏ ବସ୍ତୁର ଅବଶ୍ୟ ଅସ୍ତିତ୍ୱ ରହିଛି, ଏବଂ କ୍ଷଣକ ପାଇଁ ଚିତ୍ତବିଭ୍ରମରେ ପଡ଼ି ଯାଉଥିବା ବିଚାରା ବ୍ୟକ୍ତିଟିକୁ ମଧ୍ୟ ତାହାର ଅସ୍ତିତ୍ୱ ତଥା ଆକୃତି ବେଶ୍ ଭଲଭାବରେ ଜଣାଅଛି । ଯଦି ଏପରି ହୋଇନଥା'ନ୍ତା, ତେବେ ରଜ୍ଜୁକୁ ସର୍ପ ବୋଲି ମନେ କରିବାର ଭ୍ରମଟି ମଧ୍ୟ କଦାପି ଉପୁଜି ନଥା'ନ୍ତା । କାରଣ ଦୃଷ୍ଟ ବସ୍ତୁ ଏବଂ ପୂର୍ବରୁ ଜ୍ଞାତ ଅନ୍ୟତ୍ର ଅନ୍ୟ ଏକ ବସ୍ତୁ ମଧ୍ୟରେ ଆକୃତିଗତ ଯେଉଁ ସାଦୃଶ୍ୟଟି ରହିଛି, ତାହାହିଁ ଏଠାରେ ଭ୍ରମର ସୂତ୍ରପାତ କରୁଛି । ତେଣୁ ଚିତ୍ତବିଭ୍ରମର ଉପମାଟି ଦେଇ ଜଗତକୁ ବୁଝିବାକୁ ବସିଲେ ତଦ୍ୱାରା ଆମର କୌଣସି ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ । ଜଗତ ବୋଲି ଯେଉଁ ପ୍ରତିରୂପଟି ଯଦି କେବଳ ଏକ ମିଥ୍ୟା ପ୍ରତିରୂପ ହୋଇଥା'ନ୍ତା ଏବଂ ଏଠା ବ୍ୟତୀତ ଆଉ ଅନ୍ୟ ଏକ ସ୍ଥାନରେ ଅବସ୍ଥିତ ରହିଥିବା ଏକ ପ୍ରକୃତ ଜଗତର ପ୍ରତିଫଳନ କରୁଥା'ନ୍ତା, ଅଥବା ଯଦି ଏହା ପରମ ସତ୍ୟସ୍ୱରୂପଙ୍କର କେବଳ ଏକ ମିଥ୍ୟା ପ୍ରତିରୂପରୂପେ ପ୍ରକାଶିତ ହୋଇଥା'ନ୍ତା ଏବଂ ତଦ୍ୱାରା ମନର ଭୂମି ଉପରୁ ଏକ ସତ୍ୟ ରୂପାୟନକୁ

'oaob.nitrkl.ac.in' images reprocessed

ବହିଷ୍କୃତ କରି ରଖିଥା'ନ୍ତି କିମ୍ବା ଆପଣାର ବିକୃତିକାରୀ ପାଦୁର୍ଭାବକି ଦ୍ୱାରା ତାହାକୁ ଆଚ୍ଛନ୍ନ କରି ପକାଇଥା'ନ୍ତି, ତୁଏତ ତେବେଯାଇ ଉପମାଟିର କୌଣସି ଯଥାର୍ଥତା ଥାଆନ୍ତା । ମାତ୍ର ଜଗତକୁ ଭ୍ରାନ୍ତ ବୋଲି ଘୋଷଣା କରୁଥିବା ବ୍ୟକ୍ତିମାନେ ଜଗତର ଆଦୌ କୌଣସି ଅସ୍ତିତ୍ୱ ନାହିଁ ବୋଲି କହନ୍ତି, ଏହାକୁ ଶୁଦ୍ଧ ପରମସତ୍ତା ଉପରେ ଆରୋପିତ ହୋଇଥିବା ଏକ ଭ୍ରାନ୍ତିମୂଳ ରଚନା ବୋଲି କହନ୍ତି । ଯେଉଁ ପରମସତ୍ତା ଶାଶ୍ୱତକାଳରୁ ବସ୍ତୁ ବା ରୂପବର୍ଜିତ ହୋଇ ରହିଛନ୍ତି, ସେହି ପରମ ନିରାକାର ଓ ନିର୍ବିଶେଷଙ୍କ ଉପରେ ଲଦା ହୋଇଥିବା ଏକ ମିଥ୍ୟା ବୋଲି କହିଥା'ନ୍ତି । ଯଦି ଆମର ଦୃଷ୍ଟି ମରୁଭୂମିର ଶୂନ୍ୟ ବାୟୁ ଉପରେ ତୁଏତ କୌଣସିଠାରେ ମଧ୍ୟ ଅସ୍ତିତ୍ୱରେ ନଥିବା ଏକ ବସ୍ତୁରୂପର ରଚନା କରିପାରନ୍ତା, ଅଥବା ଯଦି ଏକ ଶୂନ୍ୟ ଭୂମି ଉପରେ ରଜ୍ଜୁ, ସର୍ପ ଓ ଅନ୍ୟ କୌଣସିଠାରେ ଅସ୍ତିତ୍ୱ ଧରି ରହିନଥିବା ସେହିପରି ଅନ୍ୟାନ୍ୟ ରୂପର ଅଧ୍ୟାସ କରିବାକୁ ବି ସମର୍ଥ ହୁଅନ୍ତା, ତେବେଯାଇ ଆମ ହାତରେ ଏକ ଯଥାର୍ଥ ଉପମା ରହିଛି ବୋଲି ଜଣାପଡ଼ନ୍ତା ।

ଏକଥା ପରିଷ୍କାର ଜଣାପଡ଼ୁଛି ଯେ ଏହି ଉପମାଟିରେ ପରସ୍ପରର ତୁଳନୀୟ ହୋଇ ପାରୁନଥିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ଭ୍ରମକୁ ଏଠାରେ ବଡ଼ ପ୍ରମାଦପୂର୍ଣ୍ଣ ଭାବରେ ଏକତ୍ର ଆଣି ରଖି ଦିଆଯାଇଛି, ଏବଂ ସେମାନଙ୍କର ପ୍ରକୃତିକୁ ସତେ ଯେପରି ଅଭିନ୍ନ ବୋଲି ଭ୍ରମ କରାଯାଇଛି ! ପ୍ରକୃତରେ ଦେଖିବାକୁ ଗଲେ ମାନସିକ କିମ୍ବା ଇନ୍ଦ୍ରିୟଗତ ଯାବତୀୟ ଭ୍ରମକୁ ଆମେ ସ୍ୱୟଂ ବର୍ତ୍ତମାନ ବା ସମ୍ଭାବନାସାପେକ୍ଷ ହୋଇ ରହିଥିବା ଅଥବା କୌଣସି ନା କୌଣସି ପ୍ରକାରେ ସତ୍ୟର ରାଜ୍ୟରେ ବାସ କରୁଥିବା କିମ୍ବା ତାହା ସହିତ ସମ୍ବନ୍ଧିତ ହୋଇ ରହିଥିବା ବସ୍ତୁଗୁଡ଼ିକର ଭୁଲ ଉପସ୍ଥାପନ, ଭୁଲ ଚୟନ କିମ୍ବା ଅସମ୍ଭବ ଏକତ୍ରୀକରଣ ଅଥବା ପ୍ରମାଦପୂର୍ଣ୍ଣ ପରିଣତି ବୋଲି କହି ପାରିବା । ଆମର ମନୋଗତ ସକଳ ଭୁଲ ଓ ଭ୍ରମ କେବଳ ଏକ ଅଜ୍ଞାନର ପରିଣାମ, ଯେଉଁ ଅଜ୍ଞାନକି ଆପଣାର ଦରିଦ୍ର ତଥ୍ୟଭୂମିଟିକୁ ବଡ଼ ଆବୁରାଯାବୁରା କରି ଏକାଠି ମିଶାଇ ପକାଏ ଅଥବା ଏକ ପୂର୍ବସ୍ଥିତ, ଅଥବା ବର୍ତ୍ତମାନ ଅଥବା ସମ୍ଭାବ୍ୟ ଜ୍ଞାନଭୂମିକୁ ଆଶ୍ରୟ କରି ଭୁଲ ବାଟରେ ଚାଲିବାକୁ ଆରମ୍ଭ କରେ । ମାତ୍ର ବିଶ୍ୱଭ୍ରାନ୍ତିର ମତବାଦଟି ପଛରେ ବାସ୍ତବ ସତ୍ୟର ଆଦୌ କୌଣସି ଭୂମି ନାହିଁ । ଏହାକୁ କେବଳ ଏକ ମୌଳିକ ଭ୍ରମ ବୋଲି କୁହାଯାଇ ପାରିବ, ଯେଉଁଥିରୁ କି ଅନ୍ୟ ଯାବତୀୟ ବସ୍ତୁର ଜନ୍ମ ହୋଇଛି । ନାମ, ରୂପ ଓ ଘଟଣାର ତୁଚ୍ଛା ଉଦ୍ଭାବନ-ଗୁଡ଼ାକୁ ଏହା ଏପରି ଏକ ପରମ ସତ୍ୟ ଉପରେ ଆଣି ଲଦି ଦେଇଥାଏ, ଯାହା ଭିତରେ କି କେବେ କୌଣସି ଘଟଣା ଘଟି ନଥିଲା, କି କେବେ କୌଣସି ଘଟଣା ଘଟିବ ନାହିଁ; ଯାହା ଭିତରେ କି କେବେ କୌଣସି ନାମ ବା ରୂପର ସ୍ଥାନ ନଥିଲା

'oaob.nitrkl.ac.in' images reprocessed

ବା କେବେ ରହିବ ବି ନାହିଁ । କେବଳ ଗୋଟିଏ ମାତ୍ର କ୍ଷେତ୍ରରେହିଁ ମାନସିକ ଭ୍ରମର ଉପମାଟି ପ୍ରଯୁଜ୍ୟ ହୋଇପାରିବ, ଯଦି ଆମେ ନାମ, ରୂପ ଓ ସମ୍ବନ୍ଧରହିତ ଏକ ବ୍ରହ୍ମର ଅସ୍ତିତ୍ୱକୁ ସ୍ୱୀକାର କରିବା ଓ ତାହା ସହିତ ନାମ, ରୂପ ଓ ସମ୍ବନ୍ଧବିଶିଷ୍ଟ ଏକ ଜଗତକୁ ମଧ୍ୟ ସ୍ୱୀକାର କରିନେବା; ଦୁଇଟିଯାକକୁ ସମାନ ଭାବରେ ସତ୍ୟ ବୋଲି ଜାଣିବା ଏବଂ ଗୋଟିକୁ ଅନ୍ୟ ଉପରେ ଆଣି ଲଦି ଦିଆଯାଇଛି ବୋଲି କହିବା । ଅର୍ଥାତ୍ ସର୍ପ ଉପରେ ରଜ୍ଜୁକୁ ଆଣି ଲଦି ଦିଆଯାଇଛି ଅଥବା ରଜ୍ଜୁ ଉପରେ ସର୍ପକୁ ଆଣି ଲଦି ଦିଆଯାଇଛି ବୋଲି କହିବା । ଆମେ ଏହାକୁ ହୁଏତ ନିର୍ଗୁଣର ନୀରବ ସତ୍ତା ଉପରେ ସଗୁଣର କ୍ରିୟାଶୀଳ ହୋଇ ରହିଥିବା ବୋଲି କହିବା । ମାତ୍ର ଯଦି ଦୁଇଟିଯାକ ଗୋଟିଏ ଗୋଟିଏ ବାସ୍ତବ ସତ୍ୟ ହୁଅନ୍ତି, ତେବେ ସେମାନେ ସେହି ଏକ ପରମସତ୍ୟଙ୍କର ହୁଏତ ଗୋଟିଏ ଗୋଟିଏ ଭିନ୍ନ ଭିନ୍ନ ବିଭାବ ହୋଇଥିବେ ଅଥବା ପରସ୍ପରର ସହଯୋଗୀ ବିଭାବ ହୋଇଥିବେ । ସେହି ଏକ ଓ ଅଦ୍ୱିତୀୟ ପରମ-ସତ୍ତାଙ୍କର ସକାରାତ୍ମକ ତଥା ନକାରାତ୍ମକ ଦୁଇଟି ପ୍ରାନ୍ତବିନ୍ଦୁ ହୋଇଥିବେ । ସେହି ଦୁଇଟିର ନିର୍ଣ୍ଣୟ କରିବାକୁ ଯାଇ ଯଦି ମନ କୌଣସି ଭୁଲ କରିବସେ ବା ଭ୍ରମ ସୃଷ୍ଟି କରେ, ତେବେ ତାହାକୁ ଆମେ ବିଶ୍ୱସୃଷ୍ଟିରେ ଅନ୍ତର୍ନିହିତ ରହିଥିବା ଏକ ଭ୍ରମ ବୋଲି କଦାପି କହିପାରିବା ନାହିଁ । ଏହାକୁ ଆମେ ବାସ୍ତବ ସତ୍ୟଭୂମିର କେବଳ ଏକ ଭ୍ରମାଚ୍ଛନ୍ନ ଅବଧାରଣା ବୋଲିହିଁ କହିବା, ଆମ ଅଜ୍ଞାନଦ୍ୱାରା ସୃଷ୍ଟି ହୋଇଥିବା ଏକ ଭ୍ରମପୂର୍ଣ୍ଣ ସମ୍ବନ୍ଧ ବୋଲି କହିବା ।

ମାୟାର ନିଷ୍ପତ୍ତିକୁ ଆମେ ଯେପରି ଅଧିକ ଭଲଭାବରେ ବୁଝିପାରିବା, ସେହି ଅଭିପ୍ରାୟରେ ଆମ ଆଗରେ ବାଢ଼ି ଦିଆଯାଉଥିବା ଅନ୍ୟ ଦୃଷ୍ଟାନ୍ତ ଅଥବା ଉପମା-ଗୁଡ଼ିକୁ ଭଲକରି ବିଚାର କଲାବେଳେ ମଧ୍ୟ ଆମେ ସବୁ ସ୍ଥଳରେ ଠିକ୍ ଏହିପରି ଏକ ଅପ୍ରଯୁଜ୍ୟତା ରହିଥିବାର ଦେଖିବାକୁ ପାଇବା ଯାହାକି ସେଗୁଡ଼ିକୁ ଏକାନ୍ତ ଅସମର୍ଥ ଓ ମୂଲ୍ୟହୀନ କରି ରଖିଛି । ରଜ୍ଜୁ ଓ ସର୍ପର ଉପମାଟି ପରି ଶାମୁକା ଓ ରୌପ୍ୟର ଉପମା ଆଣି ଥୋଉଥିବା ପରିଚିତ ଦୃଷ୍ଟାନ୍ତଟି ମଧ୍ୟ ଠିକ୍ ସେହିପରି ପ୍ରମାଦଗ୍ରସ୍ତ ହୋଇ ରହିଛି, କାରଣ ଏଠାରେ ଏକ ବର୍ତ୍ତମାନ ବାସ୍ତବ ଓ ଆଉ ଏକ ଅବର୍ତ୍ତମାନ ବାସ୍ତବ ମଧ୍ୟରେ ରହିଥିବା ସାଦୃଶ୍ୟରୁହିଁ ଏହି ପ୍ରମାଦଟି ଆସି ଉପସ୍ଥିତ ହେଉଛି । ଏକ ଅଦ୍ୱିତୀୟ ଓ ବିକାରରହିତ ପରମ ସ୍ୱରୂପସତ୍ୟ ଉପରେ ଏକ ବହୁରୂପାତ୍ମିତ ଓ ପରିବର୍ତ୍ତନର ଅଧୀନ ଅସତ୍ୟ ବା ଅବାସ୍ତବତାକୁ ଆଣି ଲଦିଦେବାର ସିଦ୍ଧାନ୍ତଟିକୁ ପ୍ରତିପାଦିତ କରିବାକୁ ଯାଇ ଆମେ ଏଠାରେ ସେହି ଉପମାଟିକୁ ଆଦୌ ପ୍ରୟୋଗ କରିପାରିବା ନାହିଁ । ଅନେକ ସମୟରେ ଏକ ଦୃଷ୍ଟିଗତ ଭ୍ରମ ସୃଷ୍ଟି କରାଯାଇ ଗୋଟିଏ ମାତ୍ର ପଦାର୍ଥକୁ ଦୁଇଟି ବା ତତୋଽଧିକ କରି ଦେଖାଇ ଦିଆଯାଇଥାଏ ।

'oaob.nitrkl.ac.in' images reprocessed

ଯେତେବେଳେ ଗୋଟିଏ ଜହ୍ନ ଜାଗାରେ ଆମେ ଦୁଇଟି ଜହ୍ନ ଦେଖୁ, ଗୋଟିଏ ବସ୍ତୁର ସାଦୃଶ୍ୟ ରହିଥିବା ଦୁଇଟି ବା ତତୋଧିକ ବସ୍ତୁ ଆମକୁ ଦେଖାଯାଏ । ଗୋଟିଏ ହେଉଛି ପ୍ରକୃତ ବସ୍ତୁ ଓ ଅନ୍ୟଟି ଅଥବା ଅନ୍ୟଗୁଡ଼ିକ ହେଉଛନ୍ତି ଭ୍ରମ । ମାତ୍ର ଏହି ଉଦାହରଣଟିର ସାହାଯ୍ୟରେ ଆମେ ବିଶ୍ୱଜଗତ ଓ ବ୍ରହ୍ମର ସମ୍ବନ୍ଧଟିକୁ ନିରୂପଣ କରିପାରିବା ନାହିଁ । କାରଣ ବିଶ୍ୱରେ କାର୍ଯ୍ୟ କରୁଥିବା ମାୟା ହେଉଛି ଏକ ଅତ୍ୟନ୍ତ ଜଟିଳ କଥା । ସକଳପ୍ରକାର ବିକାର ଓ ପରିବର୍ତ୍ତନରୁ ସର୍ବଦା ମୁକ୍ତ ରହିଥିବା ଅଦ୍ୱୟ ପରମତତ୍ତ୍ୱ ଉପରେ ଏଠି କେବଳ ତାହାର ଭ୍ରମାତ୍ମକ ବହୁରୂପଟିହିଁ ଆରୋପିତ ହେବାରେ ଲାଗିଛି । ସେହି ପରମ ଅଦ୍ୱିତୀୟହିଁ ବହୁରୂପରେ ଦୃଷ୍ଟ ହେଉଛନ୍ତି; ମାତ୍ର ତାଙ୍କ ଉପରେ ପ୍ରକୃତର ବୈଚିତ୍ର୍ୟ, ବିପୁଳ ଓ ସୁସଂବଦ୍ଧ ଅଗଣିତ ରୂପରାଶି ଓ ଗତିସ୍ପନ୍ଦନର ଆରୋପ ସଂଘଟିତ ହେଉଛି, ଅଥଚ ମୂଳ ପରମସତ୍ୟଟି ମଧ୍ୟରେ ଏସବୁ ଆଦୌ ନଥିଲା ବା ମୂଳ ପରମସତ୍ୟଟି ସହିତ ଏସବୁର ଆଦୌ କୌଣସି ସମ୍ବନ୍ଧ ନାହିଁ;—ଏକଥା ପୁଣି କିଭଳି ସମ୍ଭବ ହୋଇପାରୁଛି ? ସ୍ୱପ୍ନ, ଅତୀନ୍ଦ୍ରିୟ ଦର୍ଶନ ଅଥବା କୌଣସି କବି ବା କଳାକାରର କଳ୍ପନାରେ ହୁଏତ ଏପରି ଏକ ଅବାସ୍ତବ ଓ ସୁସଂବଦ୍ଧ ବୈଚିତ୍ର୍ୟର ଉପସ୍ଥାପନ ସମ୍ଭବ ହୋଇପାରେ । ମାତ୍ର ଏଠାରେ ଏକ ଅନୁକରଣ ନିହିତ ରହିଛି; ଯେଉଁ ବାସ୍ତବ ବୈଚିତ୍ର୍ୟଟି ସୁସଂଗଠିତ ଭାବରେ ଆଗରୁ ମହଜୁଦ ଅଛି, ତାହାର ଏକ ଅନୁକରଣ ନିହିତ ହୋଇ ରହିଛି । ଅର୍ଥାତ୍ ଏକ ଅନୁକରଣରୁହିଁ ଏହି ପ୍ରକ୍ରିୟାଟି ଆରମ୍ଭ ହେଉଛି, ଏବଂ ଏପରିକି ଏହି ପ୍ରକାରର ସର୍ବୋତ୍ତମ ବୈଚିତ୍ର୍ୟ ଓ ଉଦ୍ଦାମତମ ଉଦ୍ଭାବନର କ୍ଷେତ୍ରରେ ମଧ୍ୟ ଅନ୍ତତଃ କେତେକ ପରିମାଣରେ ଆମେ ଏହି ଅନୁକରଣମୂଳକ ଉପାଦାନଟିକୁ ଦେଖି ଲକ୍ଷ୍ୟ କରିପାରିବା । ମାୟାର ଆଲୋଚନା ସମୟରେ ଆମେ ସେଥିରେ ଯେଉଁ ଉପାଦାନଟିକୁ ସଂଯୁକ୍ତ କରି ତାହାର ବିଚାର କରିଥାଉ, ଏହି କ୍ଷେତ୍ରରେ ସେପରି କୌଣସି ଉପାଦାନର କୌଣସି ସ୍ଥାନ ନାହିଁ । ମାୟାରେ ଅନୁକରଣ ଲାଗି କୌଣସି ଅବସର ନାହିଁ, ମାତ୍ର ଅବାସ୍ତବ ବସ୍ତୁଗୁଡ଼ିକର କେବଳ ଏକ ବିଶୁଦ୍ଧ ଏବଂ ଏକାନ୍ତ ମୌଳିକ ସୃଷ୍ଟି ରହିଛି, ଅବାସ୍ତବ ଗତିସ୍ପନ୍ଦନସବୁର ବିଶୁଦ୍ଧ ସର୍ଜନା ହେଉଛି । ଏସବୁ ବସ୍ତୁ ବା ଗତିସ୍ପନ୍ଦନ ପ୍ରକୃତରେ କେଉଁଠିହେଲେ ଅସ୍ତିତ୍ୱରେ ନାହାନ୍ତି; ପରମସତ୍ୟ ମଧ୍ୟରେ ସେମାନେ ଆମେ ଆବିଷ୍କାର କରିପାରିଲା ଭଳି କୌଣସି କିଛିର ଅନୁକରଣ କିମ୍ବା ପ୍ରତିଫଳନ କରୁନାହାନ୍ତି ବା କୌଣସିଠାରେ କିଛିହେଲେ ପରିବର୍ତ୍ତନ ବା ବିକାଶ ଘଟାଉନାହାନ୍ତି । ମନୋଗତ ବିଭ୍ରମର କ୍ରିୟାପଦ୍ଧତି ମଧ୍ୟରେ ଏପରି କିଛି ନାହିଁ ଯାହାକି ଏହି ରହସ୍ୟଟି ଉପରେ କିଞ୍ଚିତ୍ ଆଲୋକପାତ କରିପାରୁଛି । ଏହା ହେଉଛି ଆପେନିଜରମାଣ, କେବଳ ଆପଣା ମଧ୍ୟରୁହିଁ ଆପେ ଉଦ୍ଭୂତ ହୋଇଛି । ଏଭଳି ଏକ ବିଶାଳ ଓ ବିଶ୍ୱଗତ ମାୟା ଏହା ବ୍ୟତୀତ ଆଉ କ'ଣ ହୋଇ ପାରନ୍ତା ? ତେଣୁ

'oaob.nitrkl.ac.in' images reprocessed

ଏହାର ମୂଳ କିଛି ନାହିଁ, ଏହାର କୌଣସି ସମାନ୍ତର ନାହିଁ । ଆମେ ଦେଖିପାରୁଛୁ ଯେ ଏହି ବିଶ୍ୱଜଗତରେ ସେହି ପରମ ଏକହିଁ ସର୍ବଜ୍ଞ ବିଶ୍ୱପ୍ରକୃତିର ମୂଳକ୍ରିୟାରୂପେ କାର୍ଯ୍ୟ କରୁଛି । ମାତ୍ର ଏହି କ୍ଷେତ୍ରରେ ତାହା ଆପଣାକୁ ଏକ ମାୟା ବା ଭ୍ରମରୂପରେ ନୁହେଁ, ଗୋଟିଏ ମୌଳିକ ବସ୍ତୁରୁ ପରିସୃଷ୍ଟ ହୋଇଥିବା ଏକ ବହୁବିଧତାବିଶିଷ୍ଟ ବାସ୍ତବ ରଚନାରୂପେ ଉପସ୍ଥାପିତ କରୁଛି । ପରମ ଅଦ୍ୱିତୀୟତାର ଏକ ପରମ ସତ୍ୟ ଆପଣାକୁ ଆପଣା ସତ୍ତାର ଅଗଣିତ ରୂପ ଓ ସାମର୍ଥ୍ୟର ଏକ ବାସ୍ତବତାରୂପେ ପ୍ରକାଶିତ କରୁଛି ଏବଂ ଏହି ବିଶ୍ୱଜଗତରେ ଆମେ ଯୁଆଡ଼େ ଅନାଇ ଦେଖିବା, ସେଠାରେ କେବଳ ଏହି କଥାଟିହିଁ ପ୍ରତ୍ୟକ୍ଷ କରିବା । ତାହାର ଏହି ପ୍ରକ୍ରିୟାଟିରେ ଯେ ଏକ ରହସ୍ୟ ନିହିତ ହୋଇ ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ; ଏପରିକି ହୁଏତ ଏକ କୁହୁକ କାର୍ଯ୍ୟ କରି ଚାଲିଛି । ମାତ୍ର ଏହି କୁହୁକକୁ ଏକ ଅବାସ୍ତବ କ୍ଷେତ୍ରର କୁହୁକ ବୋଲି କହିବାକୁ ଆମ ପାଖରେ କୌଣସି ପ୍ରମାଣ ନାହିଁ । ଏହା ପଛରେ ଯେ ସେହି ସର୍ବଶକ୍ତିମାନ୍ ପରମସତ୍ୟର ସତ୍ତାଗତ ଚୈତନ୍ୟ ଓ ସାମର୍ଥ୍ୟ ପ୍ରକୃତରେ କାର୍ଯ୍ୟ କରୁ ନାହିଁ, ଏହା ଯେ ଏକ ଚିରନ୍ତନ ଆତ୍ମଜ୍ଞାନମୟତା ଦ୍ୱାରା ଚାଳିତ ହେଉଥିବା ଏକ ଆତ୍ମସୃଜନ ନୁହେଁ, ଏଭଳି କହିବାପାଇଁ ଆମ ପାଖରେ କୌଣସି ବାଟ ନାହିଁ ।

ତେବେ ଏହିସବୁ ମାୟା ଓ ବିଭ୍ରମର ଜନକରୂପେ କାର୍ଯ୍ୟ କରୁଥିବା ମନର ଅସଲ ସ୍ୱଭାବଟି କଣ, ମୂଳ ପରମସତ୍ତା ସହିତ ଏହି ମନର ପ୍ରକୃତରେ କିଭଳି ସମ୍ବନ୍ଧ ରହିଛି, ଏଠାରେ ସଙ୍ଗେସଙ୍ଗେ ଏହିସବୁ ପ୍ରଶ୍ନ ଉଠୁଛି । ଏହି ମନ କଣ କୌଣସି ମୂଳଭୂତ ମାୟାରୁ ଜନ୍ମଲାଭ କରି ତାହାର ନିମିତ୍ତରୂପେ କାର୍ଯ୍ୟ କରୁଛି କି, ଅଥବା ଆଉ ଆମେ କ'ଣ ଏହାକୁ ସକଳ ଭ୍ରାନ୍ତିର ସୃଷ୍ଟି କରୁଥିବା ଏକ ଆଦିମ ଶକ୍ତି କିମ୍ବା ଚେତନା ବୋଲି କହିବା କି ? ଅଥବା ପରମସତ୍ତାର ସତ୍ୟଗୁଡ଼ିକୁ ଲୁକ୍କାୟିତ ଓ ଲୁଚାଇ ରଖିବା ଉଦ୍ଦେଶ୍ୟରେ ଆମର ମନୋଗତ ଅଜ୍ଞାନ ଏକ ଯନ୍ତ୍ରରୂପେ ବ୍ୟବହୃତ ହେଉଛି କି, ଏହି ବିଶ୍ୱଜଗତର ଯଥାର୍ଥ ନିର୍ମାତା ଏକ ମୌଳିକ ସତ୍ୟ-ଚେତନାରୁ ବିଚ୍ୟୁତ ହୋଇଯିବାକୁ କ'ଣ ଆମେ ମନ ବୋଲି କହିବା କି ? ସେକଥା ଯାହାହେଉ ପଛକେ ଆମ ନିଜର ଏହି ମନକୁ କଦାପି ପରମ ଚେତନାର ସର୍ବମୂଳ ଓ ସର୍ବପ୍ରାଥମିକ ସୃଷ୍ଟିକାରୀ ଶକ୍ତି ବୋଲି କୁହାଯାଇ ପାରିବ ନାହିଁ । ଏହି ମନ ହେଉଛି ଆଉ ଏକ ତତ୍ତ୍ୱ ବା ପଦାର୍ଥରୁ ଉଦ୍‌ଭୂତ ଏକ ଦ୍ୱିତୀୟ ପର୍ଯ୍ୟାୟର ପଦାର୍ଥ, ଏହା କେବଳ ନିମିତ୍ତରୂପେ ବ୍ୟବହୃତ ହେଉଥିବା ଏକ ସୃଷ୍ଟିସାମର୍ଥ୍ୟ, ଏକ ମଧ୍ୟବର୍ତ୍ତୀ ରଚୟିତା । ଏବଂ ଅନୁରୂପ ଯାବତୀୟ ମନ ବିଷୟରେ ମଧ୍ୟ ଆମେ ଠିକ୍ ଏହାହିଁ କହିବା । ତେଣୁ ମନୋଗତ ଯେଉଁ ଭ୍ରମସବୁ ଏକ ମଧ୍ୟବର୍ତ୍ତୀ ଅଜ୍ଞାନର ପରିଣାମସ୍ୱରୂପ

'oaob.nitrkl.ac.in' images reprocessed

ଜାତ ହୋଇଥାଏ, ସେଥିରୁ ଉପମା ନେଇ ଏକ ମୂଳଭୂତ ସୃଜନଶୀଳ ଭ୍ରମ, ଅର୍ଥାତ୍ ସବୁ ଉଦ୍ଭାବନ କରୁଥିବା ଓ ଏହି ସକଳର ରଚନା କରୁଥିବା ମାୟାର ପ୍ରକୃତ କମ୍ବା ନିଷ୍ପତ୍ତିକୁ ବୁଝିବାକୁ ଚେଷ୍ଟାକଲେ ତାହା ଆଦୌ ସମୀଚୀନ ହେବ ନାହିଁ। ଆମର ମନ ଏକ ଅନ୍ତଶ୍ଚେତନ ଓ ଏକ ନିଶ୍ଚେତନ ଭିତରେ ମଧ୍ୟବର୍ତ୍ତୀ ହୋଇ ଠିଆହୋଇଛି ଏବଂ ପରସ୍ପରର ବିପରୀତ ଏହି ଦୁଇଟିଯାକ ଶକ୍ତିର ଏକ ଗ୍ରହଣପାତ୍ର ହୋଇ ରହିଛି। ଗୋଟିଏ ପାଖରେ ରହସ୍ୟାବୃତ ଏକ ଅଧିଚେତନ ସତ୍ତା ଓ ଆଉ ଗୋଟିଏ ପାଖରେ ଏକ ବହିଃପ୍ରକାଶିତ ବିଶ୍ୱପ୍ରପଞ୍ଚ ମଧ୍ୟରେ ଏହି ମନ ଦଣ୍ଡାୟମାନ ରହିଛି। ଅଧିଚେତନରୂପୀ ଅବିଜ୍ଞାତ ଅନ୍ତର୍ମୂଳଟିର ସେ ଅନୁପ୍ରେରଣା ପାଉଛି, ବୋଧ, କଳ୍ପନା, ଜ୍ଞାନ ଓ କର୍ମର ଆକାଂକ୍ଷା ତଥା ଆଶୟଗତ ନାନା ସତ୍ୟ ଓ ସମ୍ଭାବନାର ମୂର୍ତ୍ତିମାନ ଲାଭ କରୁଛି। ଏବଂ ଅନ୍ୟପକ୍ଷରେ ପରିଦୃଷ୍ଟ ବିଶ୍ୱଜଗତଟିରୁ ସେ ଉପଲବ୍ଧ ବାସ୍ତବସତ୍ୟର ମୂର୍ତ୍ତିଗୁଡ଼ିକ ଓ ସେଗୁଡ଼ିକ ଦ୍ୱାରା ସୂଚିତ ଆହୁରି ଆଗକୁ ରହିଥିବା କେତେ ସମ୍ଭାବନାର ଇଙ୍ଗିତ ମଧ୍ୟ ପାଉଛି। ସେ ଯାହାକିଛି ପାଉଛି, ସେଗୁଡ଼ିକ ହେଉଛି ସାରଗତ ସତ୍ୟ, ସମ୍ଭାବ୍ୟ ସତ୍ୟ କମ୍ବା ବାସ୍ତବ ଅର୍ଥାତ୍ ଉପଲବ୍ଧ ସତ୍ୟ। ଏହି ଜଡ଼ଜଗତର ଉପଲବ୍ଧ ବାସ୍ତବଗୁଡ଼ିକରୁହିଁ ମନ ଆପଣାର ଯାତ୍ରା ଆରମ୍ଭ କରୁଛି ଏବଂ ଆପଣାର ଆଶୟଗତ କିମ୍ବାଦ୍ୱାରା ସେଗୁଡ଼ିକ ମଧ୍ୟରେ ରହିଥିବା, ସେଗୁଡ଼ିକ ସୂଚାଇ ଦେଉଥିବା ଅଥବା ସେଗୁଡ଼ିକୁ ମୂଳ ପୁଞ୍ଜି କରି ଯାତ୍ରା ଆରମ୍ଭ କଲେ ଆହୁରି ଆଗକୁ ଯିଏ ଯେଉଁ ସବୁଥିରେ ଯାଇ ପହଞ୍ଚି ପାରିବ, ସେଭଳି ଆହୁରି ଅନେକ ଅନୁପଲବ୍ଧ ସମ୍ଭାବନାକୁ ସେ ଆପଣାର ଜ୍ଞାତ ବାସ୍ତବର ଭୂମିରୁ ନିର୍ଦ୍ଧାରଣ କରିବାରେ ଲାଗିଛି। କୌଣସି ଏକ ଆଶୟଗତ କିମ୍ବା ସକାଶେ ସେ ଏହିସବୁ ସମ୍ଭାବନାରୁ କେତୋଟିକୁ ବାଛିନେଉଛି ଏବଂ ସେହିଗୁଡ଼ିକର କଳ୍ପିତ ଅଥବା ଅନ୍ତର୍ଗତ ମୂର୍ତ୍ତିଗୁଡ଼ିକୁ ନେଇ ବେଶ୍ କ୍ରୀଡ଼ାରତ ରହିଛି। ଅନ୍ୟ ସମ୍ଭାବନାଗୁଡ଼ିକୁ ସେ ବିଷୟରୂପେ ଉପଲବ୍ଧ କରିବାକୁ ଅଲଗା ବାଛିନିଏ ଏବଂ ସେଥିଲାଗି ନାନା ଉଦ୍ୟମ କରୁଥାଏ। ମାତ୍ର ସେ ଉପରୁ ଏବଂ ଆପଣା ଭିତରୁ ମଧ୍ୟ ପ୍ରେରଣା ପାଏ। କେବଳ ଏହି ଦୃଶ୍ୟମାନ ବିଶ୍ୱଜଗତର ନାନା ଅଭିଘାତରୁ ନୁହେଁ, ଆହୁରି ଅନେକ ଅଦୃଶ୍ୟ କ୍ଷେତ୍ରରୁ ମଧ୍ୟ ସେ ପ୍ରେରଣା ପାଇଥାଏ। ତା'ର ଆପଣା ଚତୁଃପାଖରେ ଘେରି ରହିଥିବା ବାସ୍ତବ ଜଡ଼ମୟତାହିଁ ତାକୁ ଯେଉଁସବୁ ସତ୍ୟର ଇଙ୍ଗିତ ଦେଇଥାଏ, କେବଳ ସେତକ ନୁହେଁ, ସେ ଅନ୍ୟ ଅନେକ ସତ୍ୟର ବି ଦର୍ଶନ କରିଥାଏ। ଏବଂ ଏହି କ୍ଷେତ୍ରରେ ମଧ୍ୟ ସେ ଏହିସବୁ ସତ୍ୟର ଆହୃତ ଅଥବା ସ୍ୱରଚିତ ମୂର୍ତ୍ତିଗୁଡ଼ିକୁ ନେଇ ଆପଣା ଭିତରେ କ୍ରୀଡ଼ା କରୁଥାଏ। ଅଥବା ଆପଣାର ବିଷୟଗତ ଉପଲବ୍ଧି ଲାଗି ସେ ସେଥିରୁ କେତୋଟିକୁ ବାଛିନିଏ ଓ ସେଇଗୁଡ଼ିକୁ ଉପଲବ୍ଧି କରିବାର ଚେଷ୍ଟା କରୁଥାଏ।

'oaob.nitrkl.ac.in' images reprocessed

ଆମର ମନ ଏହି ବିଶ୍ୱବାସ୍ତବର ପର୍ଯ୍ୟବେକ୍ଷଣ କରେ, ସେଗୁଡ଼ିକୁ କାମରେ ଲଗାଏ, ଏପର୍ଯ୍ୟନ୍ତ ଅବିଜ୍ଞାତ ଓ ଅନୁପଲବ୍‌ଧ ରହିଥିବା ସତ୍ୟଗୁଡ଼ିକର ଠାବକରେ ଓ ସେଗୁଡ଼ିକୁ ଗ୍ରହଣ କରେ । ଅମୂର୍ତ୍ତି ଓ ମୂର୍ତ୍ତି ସତ୍ୟର ମଧ୍ୟରେ ରହିଥିବା ସମ୍ଭାବନା-ଗୁଡ଼ିକୁ ନେଇ କାରବାର କରୁଥାଏ । ମାତ୍ର ଏକ ଅନନ୍ତ ପରମଚେତନା ପରି ମନ କଦାପି ସର୍ବଜ୍ଞ ହୋଇପାରେ ନାହିଁ । ଏହାର ଜ୍ଞାନରେ ସବୁବେଳେ ଏକ ସୀମା ରହିଥାଏ ଏବଂ ସେଥିଲାଗି କଳ୍ପନା ଓ ନୂତନ ଆବିଷ୍କାର ଦ୍ୱାରା ଏହାକୁ ଆପଣାର ସୀମିତ ଜ୍ଞାନର ପରିପୂରଣ କରିବାକୁ ପଡ଼େ । ଅନନ୍ତ ପରମଚେତନା ପରି ମନ ଯାହା ଜ୍ଞାତ ତା'ର ପ୍ରକାଶ କରେ ନାହିଁ; ଯାହା ଅଜ୍ଞାତ ହୋଇ ରହିଛି, ମନକୁ ତାହାରହିଁ ଆବିଷ୍କାର କରିବାକୁ ପଡ଼େ । ସେ ପରମ ଅନନ୍ତଙ୍କର ସମ୍ଭାବନାଗୁଡ଼ିକୁ ବେଶି ଆଘ୍ରାଣ କରିପାରେ, ମାତ୍ର ସେଗୁଡ଼ିକୁ ଏକ ଅବ୍ୟକ୍ତ ସତ୍ୟର ପରିଣାମ ବା ରୂପବୈଚିତ୍ର୍ୟ ହିସାବରେ ଅବଧାରଣା କରିପାରେ ନାହିଁ, ସେ ସେଗୁଡ଼ିକୁ କେବଳ ତା' ନିଜର ଅସୀମ କଳ୍ପନାର ରୂପାୟନ ବା ସୃଷ୍ଟି ବୋଲି ମନେକରିଥାଏ ଅଥବା ସ୍ୱକପୋଳକଳ୍ପିତରୂପେ ଦେଖିଥାଏ । ଏକ ଅନନ୍ତ ଚେତନାମୟୀ ଶକ୍ତିର ସର୍ବଶକ୍ତିମତ୍ତା ମଧ୍ୟ ଏହି ମନ ପାଖରେ ନଥାଏ । ବିଶ୍ୱମୟୀ ସଞ୍ଚରି ରହିଥିବା ଶକ୍ତି ତା'ଠାରୁ ଯେତିକମାତ୍ର ଗ୍ରହଣ କରିବାକୁ ପ୍ରସ୍ତୁତ ହୁଏ, ମନ କେବଳ ସେତିକମାତ୍ର ବ୍ୟକ୍ତ କରିପାରେ ବା ଉପଲବ୍‌ଧି କରିପାରେ । ଅଥବା, ଅବଚେତନ ବା ଅଧିଚେତନ ଯେଉଁ ସଗୁପ୍ତ ଦିବ୍ୟସତ୍ତା ମନକୁ ଆପଣାର ଏକ ସାଧନରୂପେ ବ୍ୟବହାର କରନ୍ତି, ସିଏ ପ୍ରକୃତି ମଧ୍ୟରେ କେବଳ ଯେତିକମାତ୍ର ବ୍ୟକ୍ତ ଓ ପ୍ରକାଶିତ କରିବାକୁ ଇଚ୍ଛା କରନ୍ତି, କେବଳ ସେତିକକୁହିଁ ସମଷ୍ଟିର ଲୀଳା ଭିତରେ ଆଣି ଆରୋପିତ ବା ପ୍ରବର୍ତ୍ତିତ କରିବାର ଶକ୍ତି ଏହି ମନର ରହିଛି । ମନ ହେଉଛି ସ୍ୱଭାବତଃ ଏକ ଅପୂର୍ଣ୍ଣ ସତ୍ତା, ତେଣୁ ତାହାର ଜ୍ଞାନ ମଧ୍ୟ ନାନା ସୀମାଦ୍ୱାରା ସୀମାବଦ୍ଧ । ତାହାଛଡ଼ା ତାହା ନାନା ଭ୍ରମ ଓ ପ୍ରମାଦଲାଗି ସର୍ବଦା ଉନ୍ମୁକ୍ତ ରହିଛି ଓ ଏକ ଅଜ୍ଞାନଦ୍ୱାରା ଆନ୍ଦୋଳିତ ହେଉଛି ବୋଲି ମଧ୍ୟ ଏହାର ଜ୍ଞାନ ସୀମିତ ହୋଇ ରହିଛି । ବିଶ୍ୱବାସ୍ତବର ସମ୍ମୁଖୀନ ହେଲାବେଳେ ମନର ପର୍ଯ୍ୟବେକ୍ଷଣରେ ହୁଏତ କୌଣସି ଦୋଷ ରହି ଯାଇପାରେ, ତା'ର ସଂଯୋଜନ, ପ୍ରୟୋଗ ତଥା ଉପସ୍ଥାପନର ସ୍ତରରେ ମଧ୍ୟ ପ୍ରମାଦ ଆସି ପହଞ୍ଚିପାରେ । ଯେଉଁସବୁ ସତ୍ୟ ତାହା ଆଗରେ ଉଦ୍‌ଘାଟିତ ହୁଅନ୍ତି, ମନ ସେଗୁଡ଼ିକୁ ବିକୃତ କରି ଦେଇପାରେ, ଭୁଲଭାବରେ ପରିବେଷଣ କରିପାରେ ଅଥବା ତାହା ଭିତରେ ନାନା ବିସମ୍ବାଦ ବି ପୂରାଇ ଦେଇପାରେ । ହୁଏତ ଆପଣା ଭିତରୁ ସେ ଏପରି ଅନେକ ରଚନା ରଚି ଥୋଇ ଦେଇପାରେ ଯାହାର କି ବାସ୍ତବ ଅସ୍ତିତ୍ୱରେ ଥିବା ବସ୍ତୁଗୁଡ଼ିକ ସହିତ ଆଦୌ କୌଣସି ସାଦୃଶ୍ୟ ନଥାଏ, ଯାହାମଧ୍ୟରେ କି ଉପଲବ୍‌ଧି କରିବାର କୌଣସି ଅନ୍ତର୍ନିହିତ ସମ୍ଭାବନା ନଥାଏ, ଅଥବା ସେଗୁଡ଼ିକର

'oaob.nitrkl.ac.in' images reprocessed

ଅନ୍ତରାଳରେ ଅବସ୍ଥିତ ସତ୍ୟଟିର କୌଣସି ସମର୍ଥନ ନଥାଏ । ମାତ୍ର ତଥାପି ଜ୍ଞାତ ବାସ୍ତବଭୂମିର ଏକ ଅବାସ୍ତବ ପ୍ରସାରଣ ଦ୍ୱାରାହିଁ ଏହି ରଚନାଗୁଡ଼ିକର ଜନ୍ମ ହୋଇଥାଏ, ଏହି ରଚନାଗୁଡ଼ିକ ଏପରି ସବୁ ସମ୍ଭାବନାର ଅବତାରଣା କରାନ୍ତି ଯେଉଁଗୁଡ଼ିକର ଅବତାରଣା କରାଇବା ଲାଗି ସେମାନଙ୍କର କୌଣସି ଅଧିକାର ନଥାଏ; ଅଥବା ସତ୍ୟଗୁଡ଼ିକୁ ନେଇ ସେମାନେ ଏପରିସବୁ କ୍ଷେତ୍ରରେ ପ୍ରୟୋଗ କରନ୍ତି, ଯେଉଁଠାରେ କି ସେଗୁଡ଼ିକ ଆଦୌ ପ୍ରଯୁଜ୍ୟ ହୋଇପାରିବେ ନାହିଁ । ମନର ବି ସୃଜନ ରହିଛି, ମାତ୍ର ଏହା ଏକ ମୌଳିକ ସ୍ରଷ୍ଟା ନୁହେଁ; ମନ ସର୍ବଜ୍ଞ ନୁହେଁ କି ସର୍ବଶକ୍ତିସମ୍ପନ୍ନ ନୁହେଁ । ଏପରିକି ସବୁବେଳେ ଏକ ଦକ୍ଷ ଓ ସମର୍ଥ ସୃଷ୍ଟିପ୍ରେରଣା-ରୂପେ କାର୍ଯ୍ୟ କରିବା ମଧ୍ୟ ତା'ର ଶକ୍ତି ଭିତରେ ନଥାଏ । ଅପର ପକ୍ଷରେ ଯାହାକୁ ଆମେ ମାୟାଶକ୍ତି ବୋଲି କହୁଥାଉ, ତାକୁ ଏକ ମୌଳିକ ସୃଜନକାରୀ ହେବାକୁହିଁ ପଡ଼ିବ; କାରଣ ଏକ ଶୂନ୍ୟଭୂମିରୁହିଁ ମାୟା ଏହି ବିଶ୍ୱର ବିଷୟସକଳକୁ ସୃଷ୍ଟି କରିଥାଏ । ଅବଶ୍ୟ ପରମ ସତ୍ତାରୂପର ଉପାଦାନସାମଗ୍ରୀରୁହିଁ ମାୟା ଯାହାକିଛି ସୃଷ୍ଟି କରେ ବୋଲି ମନେକରି ବସିଲେ ତାହା ଅନ୍ୟକଥା ହେବ, ମାତ୍ର ସେହି କ୍ଷେତ୍ରରେ ମାୟା ସୃଷ୍ଟି କରୁଥିବା ବିଷୟଗୁଡ଼ିକୁ ମଧ୍ୟ କୌଣସି ନା କୌଣସି ଅର୍ଥରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ । ମାୟା ଯାହାକିଛି ସୃଷ୍ଟି କରିବାକୁ ଇଚ୍ଛା କରେ, ସେସବୁ ବିଷୟରେ ତାହାର ପରିପୂର୍ଣ୍ଣ ଜ୍ଞାନ ରହିଥାଏ; ଯାହାକିଛି ସୃଷ୍ଟି କରିବାକୁ ସ୍ଥିର କରେ, ସେସବୁ ସୃଷ୍ଟି କରିବା ଲାଗି ତାହାର ପରିପୂର୍ଣ୍ଣ ସାମର୍ଥ୍ୟ ଥାଏ । କେବଳ ଆପଣା ମାୟାମୟତାର କ୍ଷେତ୍ର ଭିତରେ ହେଲେ ମଧ୍ୟ ମାୟା ଏକ ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ତତ୍ତ୍ୱରୂପେ କାର୍ଯ୍ୟ କରୁଥାଏ । ଆପଣାଦ୍ୱାରା ବିସୃଷ୍ଟ ଭ୍ରାନ୍ତିଗୁଡ଼ିକୁ ମାୟା ଆପାତ ସୌଷମ୍ୟ ଓ ସଂଗଠ ଭିତରେ ସଜାଇରଖେ, ଏକ ଅଦ୍ଭୁତ ସଂଶୟହୀନତା ଓ ଯଥାର୍ଥସାଧନର ସାମର୍ଥ୍ୟ ସହିତ ସତେଅବା ଏକ ନିପୁଣ ଜାଦୁଗର ପରି ସେଗୁଡ଼ିକୁ ଏକତ୍ର ସଂଲଗ୍ନ କରିରଖେ । ଆମ ଜୀବବୁଦ୍ଧିର ଭୂମି ଉପରେ ଅତି ସୁଦକ୍ଷ ଭାବରେ ମାୟା ଆପଣାଦ୍ୱାରା ଆରୋପିତ ନାନାବିଧ ବ୍ୟାକୃତିଗୁଡ଼ିକୁ ସତ୍ୟ, ସମ୍ଭାବନା ଓ ଓ ବାସ୍ତବତାରୂପେ ପ୍ରେରଣ କରିଥାଏ ।

ଯେତେବେଳେ ମନକୁ କୌଣସି ବାସ୍ତବ ପଦାର୍ଥ ନେଇ କାର୍ଯ୍ୟ କରିବାକୁ ଦିଆହୁଏ କିମ୍ବା ଆପଣାର କାର୍ଯ୍ୟ ଲାଗି ତାହାକୁ ଅନ୍ତତଃ ଏକ ଭୂମିରୂପେ ବ୍ୟବହାର କରିବାର ଅବସର ମିଳେ, ସେତେବେଳେ ଆମର ମନ ସବୁଠାରୁ ସୁନିପୁଣ ଭାବରେ ଓ ଅତ୍ୟନ୍ତ ଦୃଢ଼ ବିଶ୍ୱାସର ସହିତ କାର୍ଯ୍ୟ କରିବାକୁ ସମର୍ଥ ହୋଇଥାଏ । ଅଥବା ତାହାର ଜ୍ଞାତ କୌଣସି ବିଶ୍ୱଶକ୍ତିକୁ ନେଇ ଯେତେବେଳେ ସେ କାରବାର କରିବାର ସୁଯୋଗ ପାଏ, ସେତେବେଳେ ମଧ୍ୟ ସେ ଦୃଢ଼ ବିଶ୍ୱାସର ସହିତ କାର୍ଯ୍ୟ କରିଥାଏ । ବାସ୍ତବ ଭୂତାର୍ଥଗୁଡ଼ିକୁ ନେଇ କାରବାର କଲାବେଳେ ମନ ଆପଣାର ପଦକ୍ଷେପ

ସମ୍ବନ୍ଧରେ ସମ୍ପୂର୍ଣ୍ଣ ନିଶ୍ଚିତ ଓ ଆସ୍ଥାବାନ୍ ରହିଥାଏ । ବିଷୟଗତ ଭାବରେ ଦୃଷ୍ଟ ଓ ଆବିଷ୍କୃତ ବାସ୍ତବତାଗୁଡ଼ିକୁହିଁ ପୁଞ୍ଜିରୂପେ ଗ୍ରହଣ କରି ଓ ସେଇଗୁଡ଼ିକରୁ ନୂତନ ସୃଜନ ଆଡ଼କୁ ଅଗ୍ରସର ହେବାର ଏହି ପଦ୍ଧତିଟି ଯୋଗୁଁ ଭୌତିକ ବିଜ୍ଞାନ ଆଜି ଏପରି ବିପୁଳ ସଫଳତା ଲାଭ କରିପାରିଛି । ମାତ୍ର ଏକଥା ଅତି ସ୍ପଷ୍ଟ ଯେ ବିଶ୍ୱମାୟା ସମ୍ବନ୍ଧରେ ଯାହା କୁହାଯାଇଥାଏ, ଭୌତିକ ବିଜ୍ଞାନର ଏହି କ୍ଷେତ୍ରରେ ସେଭଳି କୌଣସି ଭ୍ରାନ୍ତିର ସୃଷ୍ଟି କରାଯାଏ ନାହିଁ । ଭୌତିକ ବିଜ୍ଞାନର କ୍ଷେତ୍ରରେ କେବଳ ଶୂନ୍ୟ ଉପରେ ଅସତ୍ତ୍ୱ ପଦାର୍ଥର ସୃଷ୍ଟି କରି ତାହାକୁ ଆପାତ ବାସ୍ତବରୂପେ ଚଳାଇ ନେବାକୁ ଚେଷ୍ଟା କରାହୁଏ ନାହିଁ । ବସ୍ତୁରୁ କେବଳ ଯାହାକିଛି ସମ୍ଭବ, ମନ ବସ୍ତୁ ଭିତରୁ କେବଳ ତାହାହିଁ ସୃଷ୍ଟି କରିପାରେ । ପ୍ରକୃତିର ଶକ୍ତିଗୁଡ଼ିକ ମଧ୍ୟରୁ କେବଳ ଯେତିକିକୁ ଉପଲବ୍ଧି କରିପାରିବା ଲାଗି ମନର ସାମର୍ଥ୍ୟ ରହିଛି, କେବଳ ସେଇଗୁଡ଼ିକୁ ନେଇହିଁ ମନ କାର୍ଯ୍ୟ କରିପାରେ । ପ୍ରକୃତିର ସତ୍ୟ ଓ ସମ୍ଭାବନା ମଧ୍ୟରେ ଆଗରୁ କେବଳ ଯାହାକିଛି ନିହିତ ହୋଇ ରହିଛି, ମନ କେବଳ ତାହାର ଉଦ୍ଭାବନ ବା ଆବିଷ୍କାର କରିପାରେ । ମାତ୍ର ଅପର ପକ୍ଷରେ, ସେ ଯାବତୀୟ ସୃଜନଲାଗି ଧ୍ରୁବତ ଆପଣା ଭିତରୁ ଅଥବା ଊର୍ଦ୍ଧ୍ୱଦେଶରୁ ପ୍ରେରଣା ପାଇଥାଏ । ମାତ୍ର ସେଗୁଡ଼ିକ କେବଳ ସତ୍ୟ କିମ୍ବା ଅନ୍ତର୍ନିହିତ ସମ୍ଭାବନା ହୋଇଥିଲେ ଯାଇ ସେହି ପ୍ରେରଣାସବୁ କୌଣସି ରୂପ ନେଇପାରେ, ମନ ସ୍ୱୟଂ କିଛିହେଲେ ଉଦ୍ଭାବନ କରେ ନାହିଁ । କାରଣ ଯାହା ସତ୍ୟ ନୁହେଁ କି ସମ୍ଭବ ନୁହେଁ, ସେଭଳି କିଛି ଗଢ଼ି ଠିଆ କରାଇବାକୁ ବାହାରିଲେ ମନ ତାହାକୁ ସୃଷ୍ଟି କରିବାରେ ଆଦୌ ସଫଳ ହୁଏ ନାହିଁ, ପ୍ରକୃତି ମଧ୍ୟରେ ତାହା ବାସ୍ତବରୂପେ ଫୁଟିଉଠି ପାରେ ନାହିଁ । ମାତ୍ର ଅନ୍ୟ ପକ୍ଷରେ, ଯଦି ମାୟା ପରମ ସତ୍ୟବସ୍ତୁକୁ ଭିତ୍ତି କରିହିଁ ସୃଷ୍ଟି କରୁଥାଏ, ମାତ୍ର ତଥାପି ସତ୍ୟବସ୍ତୁ ସହିତ କୌଣସି ସମ୍ବନ୍ଧ ରଖୁ ନଥିବା ଆନ୍ତରି ଏକ ସୌଧ ସେ ସତ୍ୟବସ୍ତୁ ଉପରେ ଗଢ଼ି ଦେଉଥାଏ, ତେବେ ମାୟାକୁ ଆମେ ସତ୍ୟବସ୍ତୁର ଏକ ସତ୍ୟ କିମ୍ବା ଅନ୍ତର୍ନିହିତ ସମ୍ଭାବନା ବୋଲି କଦାପି କହିପାରିବା ନାହିଁ । ଯଦି ମାୟା ସତ୍ୟବସ୍ତୁର ଉପାଦାନକୁ ନେଇହିଁ ସୃଷ୍ଟି କରୁଥାଏ, ତେବେ ସେଥିରୁ ଯେ ଏପରି ପଦାର୍ଥମାନ ସୃଷ୍ଟି କରେ ଯାହାକି ତାହା ପକ୍ଷରେ ଆଦୌ ସମ୍ଭବ ନୁହେଁ କିମ୍ବା ତାହାର ଅନୁରୂପ ନୁହେଁ । କାରଣ ମାୟା କେବଳ ଆକାରହିଁ ସୃଷ୍ଟି କରେ ଏବଂ ପରମ ସତ୍ୟବସ୍ତୁକୁ ଏକ ଆକାରରହିତ ସତ୍ତା ବୋଲି ସ୍ୱୀକାର କରାଯାଏ, ତାଙ୍କୁ ସ୍ୱଭାବତଃ ଅରୂପ ବୋଲି କୁହାଯାଏ । ମାୟା କେବଳ ବିଶେଷ ଓ ବ୍ୟାକୃତିରହିଁ ସୃଷ୍ଟି କରେ, ଏବଂ ପରମ ସତ୍ୟବସ୍ତୁକୁ ଏକାନ୍ତ ନିର୍ବିଶେଷ ବୋଲି ଅନୁମାନ କରାଯାଏ ।

ମାତ୍ର ଆମ ମନର ଏକ କଳ୍ପନାବୃତ୍ତି ରହିଛି । ଏହା ସୃଷ୍ଟି କରୁଥିବା ମନୋଗତ ରଚନାଗୁଡ଼ିକୁ ମନ କଳ୍ପନାବଳରେ ସତ୍ୟ ଓ ବାସ୍ତବ ବୋଲି ଗ୍ରହଣ

'oaob.nitrkl.ac.in' images reprocessed

କରିପାରେ । ବର୍ତ୍ତମାନ କେହି କେହି ହୁଏତ ଭାବିପାରନ୍ତି ଯେ ଏଠାରେ ଆମେ ମନର ଏହି କାର୍ଯ୍ୟଟିକୁ ମାଷ୍ଟାର କାର୍ଯ୍ୟ ସହିତ ବେଶ୍ ତୁଳନା କରିପାରିବା । ଆମ ମନୋଗତ କଳ୍ପନା ହେଉଛି ଅଜ୍ଞାନର ଏକ ସାଧନମାତ୍ର । ଜ୍ଞାନର ଏକ ସୀମାବଦ୍ଧ ସାମର୍ଥ୍ୟ ଓ ଫଳପ୍ରସୂ କର୍ମର ବି ସୀମିତ ସାମର୍ଥ୍ୟ ଲାଗି ଏହି କଳ୍ପନା ଏକ ଆଶ୍ରୟ ଓ କୌଶଳରୂପେ କାର୍ଯ୍ୟ କରିଥାଏ । ମନ ଭିତରେ ସ୍ୱଭାବତଃ ଏହିସବୁ ଯେଉଁ ଅଭାବ ରହିଥାଏ, ମନ କଳ୍ପନାଦ୍ୱାରାହିଁ ସେଗୁଡ଼ିକର ପରିପୂରଣ କରିବାକୁ ଚେଷ୍ଟା କରିଥାଏ । ସ୍ପଷ୍ଟ ଓ ଦୃଶ୍ୟ ବିଷୟଗୁଡ଼ିକରୁ ଅସ୍ପଷ୍ଟ ଓ ଅଦୃଶ୍ୟ ବିଷୟଗୁଡ଼ିକୁ ଦୁହିଁ ବାହାର କରିବା ସମୟରେ ମନ ଏହି କଳ୍ପନାକୁ କାମରେ ଲଗାଏ । ନାନା ସମ୍ଭବ ଓ ଅସମ୍ଭବର ଆପଣା ମୂର୍ତ୍ତିଗୁଡ଼ିକର ସୃଷ୍ଟି କରିବସିଲାବେଳେ ମନ କଳ୍ପନାର ସାହାଯ୍ୟ ନିଏ । କେତେ କେତେ ଭ୍ରମପୂର୍ଣ୍ଣ ବାସ୍ତବର ସୃଷ୍ଟି କରୁଥାଏ, ଅଥବା ବିଷୟଗୁଡ଼ିକ ସମ୍ବନ୍ଧରେ ସତ୍ୟର ଉପସ୍ଥାପନ କରିବାକୁ ଯାଇ ଅନ୍ଦାଜ କରି ଏପରି ଏକ କୃତ୍ରିମ ରୂପ ଗଢ଼େ ବା ଛବି ଆଙ୍କି ବସେ, ବାହ୍ୟ ଅନୁଭବ ପାଖରେ ଯାହାର କି ଆଦୌ କୌଣସି ସତ୍ୟତା ନଥାଏ । ତାହାକୁ ଦେଖିଲେ ମନର ସକଳ କ୍ରିୟା ଅନ୍ତତଃ ଏହିଭଳି ଚାଲିଥିବା ପରି ଦେଖାଯାଏ, ମାତ୍ର ପ୍ରକୃତରେ ଏହାହିଁ ହେଉଛି ମନର ଏକ ଉପାୟ ବା ଅନେକ ଉପାୟ ଭିତରେ ଗୋଟିଏ ଉପାୟ ଯାହାଦ୍ୱାରାକି ସେ ପରମସତ୍ତ୍ୱର ଅନନ୍ତ ସମ୍ଭାବନାଗୁଡ଼ିକୁ ନିଷ୍କାଶିତ କରିଆଣେ, ଏପରିକି ସେହି ପରମସତ୍ତ୍ୱର ଅବିଜ୍ଞାତ ସମ୍ଭାବନାଗୁଡ଼ିକୁ ଆବିଷ୍କାର କରିଥାଏ, ବା ସେଗୁଡ଼ିକୁ ଆୟତ୍ତ କରିଥାଏ । ମାତ୍ର ଆପଣାର ଆୟତ୍ତ ଜ୍ଞାନଟି ଦ୍ୱାରା ମନ ଏସବୁ କରିପାରେ ନାହିଁ । ତେଣୁ ସତ୍ୟ, ସମ୍ଭାବନା ଓ ଯାହା ଏପର୍ଯ୍ୟନ୍ତ ବାସ୍ତବରୂପେ ସିଦ୍ଧ ହୋଇ ନାହିଁ, ସେଗୁଡ଼ିକୁ ନେଇ ସେ ପ୍ରୟୋଗ-ଓ ପରୀକ୍ଷାମୂଳକ ଭାବରେ କଳ୍ପନାଦ୍ୱାରା ନାନାବିଧ ରୂପ ରଚିବାକୁ ଆରମ୍ଭ କରେ । ପରମସତ୍ୟର ପ୍ରେରଣା ପାଇବା ଲାଗି ଏହାର କେବଳ ଏକ ସୀମାବଦ୍ଧ ଶକ୍ତି ରହିଥିବାରୁ ମନ କଳ୍ପନା ଓ ଅନୁମାନର ଆଶ୍ରୟ ନିଏ, ଏଇଟା ବା ସେଇଟା କି ସତ୍ୟ ହୋଇଥିବ କି ନାହିଁ ବୋଲି ପ୍ରଶ୍ନ କରିବାରେ ଲାଗିଥାଏ । ଅନ୍ତର୍ନିହିତ ଯଥାର୍ଥ ସମ୍ଭାବନାଗୁଡ଼ିକୁ ନିଷ୍କାଶିତ କରି ଆଣି ପାରିବା ଲାଗି ତାହାର ଶକ୍ତିପରିସର ଅତ୍ୟନ୍ତ ସଙ୍କୀର୍ଣ୍ଣ ଓ ସୀମାବଦ୍ଧ ହୋଇଥିବାରୁ ସେ ଆପେ ମଧ୍ୟ କେତେ କେତେ ସମ୍ଭାବନାର ରୂପ ଗଢ଼ି ଥୋଇଦିଏ, ସେଗୁଡ଼ିକୁ ବାସ୍ତବରେ ପରିଣତ କରିବା ଲାଗି ଆଶା ରଖିଥାଏ କିମ୍ବା ବାସ୍ତବରେ ପରିଣତ କରିପାରିବ ବୋଲି ଇଚ୍ଛା କରୁଥାଏ । ପୁନଶ୍ଚ, ବାସ୍ତବରେ ପରିଣତ କରିବା ଲାଗି ଏହାର ସାମର୍ଥ୍ୟ ଭୌତିକ ଜଗତର ନାନା ବିରୋଧ ଓ ପ୍ରତିକୂଳତା ଦ୍ୱାରା ଅତ୍ୟନ୍ତ ଆବଦ୍ଧ ଓ କ୍ଷୀଣପରିସର ହୋଇଥିବାରୁ ମନ ଆପଣାର ସୃଷ୍ଟି କରିବାର ଇଚ୍ଛା ଓ ଆତ୍ମ-ଉପସ୍ଥାପନର ଆନନ୍ଦକୁ ଚରିତାର୍ଥ କରିବା ଲାଗି ବାସ୍ତବ ମନେକରି କେତେ ମନଗଢ଼ା ମୂର୍ତ୍ତି ରଚନା କରି



'oaob.nitrkl.ac.in' images reprocessed

ରଖିଥାଏ । ମାତ୍ର ଏଠାରେ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ସେ ଏହି କଳ୍ପନାର ସାହାଯ୍ୟରେ ସତ୍ୟର ବି ଏକ ପ୍ରଥମମୂର୍ତ୍ତି ଦେଖିବାକୁ ପାଇଥାଏ; ଏପରି ନାନା ସମ୍ଭାବନାକୁ ନିଷ୍କାଶିତ କରି ଆଣିଥାଏ, ଯେଉଁଗୁଡ଼ିକ କି ପରେ ତା'ଦ୍ୱାରା ଉପଲବ୍ଧ ଓ ସିଦ୍ଧ ହୋଇଥା'ନ୍ତି । ଆପଣାର କଳ୍ପନାଶକ୍ତି ଦ୍ୱାରା ଏହି ପୃଥିବୀର ବାସ୍ତବତାଗୁଡ଼ିକ ଉପରେ ମଧ୍ୟ ମନ ସଫଳତାର ସହିତ ନାନାପ୍ରକାର ଛାପ ପକାଇଥାଏ । ଯେଉଁସବୁ କଳ୍ପନା ମନୁଷ୍ୟର ମନକୁ କଦାପି ଛାଡ଼ିକରି ଯିବାକୁ ଚାହେ ନାହିଁ, ସେଗୁଡ଼ିକ ମନୁଷ୍ୟର ଆକାଶମାର୍ଗରେ ଭ୍ରମଣ କରିବାର କଳ୍ପନା ପରି ପରିଶେଷରେ ଆପେ ଆପେ ପରିପୂର୍ଣ୍ଣ ହୁଏ । ବ୍ୟକ୍ତିର ଭାବନା ଭିତରେ କଳ୍ପିତ ରଚନାମାନ ମଧ୍ୟ ଅନେକ ସମୟରେ ଆପଣାକୁ ବାସ୍ତବରେ ପରିଣତ କରିବାକୁ ସମର୍ଥ ହୋଇଥା'ନ୍ତି, ଯଦି ସେହି ରଚନାଗୁଡ଼ିକରେ ଯଥେଷ୍ଟ ଶକ୍ତି ଥାଏ ଅଥବା ସେଗୁଡ଼ିକୁ ରଚିତ କରୁଥିବା ମନ ଭିତରେ ଯଥେଷ୍ଟ ଶକ୍ତି ରହିଥାଏ । କଳ୍ପନା ଆପଣାର ଅନ୍ତର୍ନିହିତ ଶକ୍ତିଗୁଡ଼ିକୁ ନିଜେ ମଧ୍ୟ ସୃଷ୍ଟି କରିପାରେ, ବିଶେଷତଃ ଯେତେବେଳେ ସମଷ୍ଟିଗତ ମନ ଭିତରେ ସେଗୁଡ଼ିକର ସମର୍ଥନ ରହିଥାଏ ଏବଂ ଯଦି ସେମାନେ ପରିଶେଷରେ ଆପଣା ଲାଗି ପରମ ବିଶ୍ୱଇଚ୍ଛାର ସ୍ୱୀକୃତି ବି ଲାଭ କରିବାକୁ ସମର୍ଥ ହୁଅନ୍ତି । ବସ୍ତୁତଃ କଳ୍ପନା ମାତ୍ରେହିଁ ଅନ୍ତର୍ନିହିତ ସମ୍ଭାବନାର ପ୍ରତିନିଧିତ୍ୱ କରିଥା'ନ୍ତି । ସେଗୁଡ଼ିକ ଭିତରୁ କେତେକ କେବେ ଦିନେ କୌଣସି ବିଶେଷ ପ୍ରକାରେ ବାସ୍ତବରେ ପରିଣତ ହୋଇଥା'ନ୍ତି । ସମ୍ଭବତଃ ସେଗୁଡ଼ିକ ଏକାବେଳକେ ଭିନ୍ନ ପ୍ରକାରର ବାସ୍ତବରୂପ ଧାରଣ କରନ୍ତି । ମାତ୍ର ତାହାଠାରୁ ଆହୁରି ଅଧିକ କଳ୍ପନା କେବଳ ନିଷ୍ଫଳ ହୋଇ ରହନ୍ତି, କାରଣ ସେଗୁଡ଼ିକ ବର୍ତ୍ତମାନ ସୃଷ୍ଟିର ନକ୍‌ସା ବା ଯୋଜନାଟି ଭିତରେ ଆଦୌ ପ୍ରବେଶ କରନ୍ତି ନାହିଁ; ଅଥବା ଯେଉଁ ବ୍ୟକ୍ତିର ମନରେ ସେଗୁଡ଼ିକର ଉଦୟ ହୋଇଥାଏ, ସେହି ବ୍ୟକ୍ତି ଲାଗି ନିରୂପିତ ହୋଇଥିବା ସମ୍ଭାବନାଗୁଡ଼ିକ ମଧ୍ୟରେ ସେସବୁର କୌଣସି ସ୍ଥାନ ନ ଥାଏ । ବା ସେଗୁଡ଼ିକ ସମଷ୍ଟିଗତ କିମ୍ବା ପ୍ରଜାତିଗତ ତତ୍ତ୍ୱଟିର ଅନୁକୂଳ ହୋଇ ନଥା'ନ୍ତି ଅଥବା ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରି ରଖିଥିବା ବିଶ୍ୱଭାବର ପ୍ରକୃତି ବା ପରିଣାମ ସହିତ ସେଗୁଡ଼ିକର କୌଣସି ସଙ୍ଗତି ନଥାଏ ।

ତେଣୁ ଏଥିରୁ ବୁଝାଯାଉଛି ଯେ ଏହି ମନର କଳ୍ପନାଗୁଡ଼ିକ ସମ୍ପୂର୍ଣ୍ଣ ଓ ମୌଳିକ ଭାବରେ ଆଦୌ ଭ୍ରାନ୍ତିମୂଳକ ନୁହନ୍ତି । ବାସ୍ତବତା ସମ୍ବନ୍ଧରେ ସେଗୁଡ଼ିକର ଯେଉଁ ଅଜ୍ଞତା ଥାଏ, ସେଇଗୁଡ଼ିକୁ ଭିତ୍ତିକରିହିଁ ସେଗୁଡ଼ିକର ଉଦ୍ରେକ ହୋଇଥାଏ । ଅନ୍ତତଃ ସେଇଥିରୁହିଁ ସେଗୁଡ଼ିକର ଆରମ୍ଭ ହୋଇଥାଏ । ସେଗୁଡ଼ିକୁ ଆମେ ବାସ୍ତବତାରହିଁ ନାନା ବିଚିତ୍ର ବିଭଙ୍ଗ ବୋଲି କହିପାରିବା । ଅଥବା, ପରମ ଅନନ୍ତ ମଧ୍ୟରେ ଯାହାସବୁ 'ହୋଇପାରେ' କିମ୍ବା 'ହୋଇ ପାରିଥା'ନ୍ତା'ର ପର୍ଯ୍ୟାୟରେ

'oaob.nitrkl.ac.in' images reprocessed

ରହିଛନ୍ତି, ଆମର କଳ୍ପନା ସେହିଗୁଡ଼ିକୁହିଁ ଏକ ମୂର୍ତ୍ତି ରୂପ ଦେବାକୁ ଚେଷ୍ଟା କରିଥାଏ । ଯଦି ପ୍ରକାଶିତ ସତ୍ୟଗୁଡ଼ିକ ବ୍ୟତୀତ ଅନ୍ୟ ସତ୍ୟଗୁଡ଼ିକ ମଧ୍ୟ ପ୍ରକାଶିତ ହୋଇଥା'ନ୍ତା, ତା'ହେଲେ କ'ଣ ହୁଅନ୍ତା, ମହଜୁଦ ରହିଥିବା ସମ୍ଭାବନା-ଗୁଡ଼ିକୁ ଯଦି ଅନ୍ୟ ଏକ ବିନ୍ୟାସରେ ସଜାଡ଼ି ରଖାଯାଇଥାଆନ୍ତା, କିମ୍ବା ସ୍ୱୀକୃତ ହୋଇସାରିଥିବା ସମ୍ଭାବନାଗୁଡ଼ିକ ବ୍ୟତୀତ ଅନ୍ୟ ସମ୍ଭାବନାଗୁଡ଼ିକ ମଧ୍ୟ ଯଦି ଅନ୍ତର୍ନିହିତ ସମ୍ଭାବ୍ୟ ଶକ୍ତିରୂପେ ଅବତୀର୍ଣ୍ଣ ହୁଅନ୍ତା, ତେବେ କ'ଣ ହୁଅନ୍ତା,— କଳ୍ପନା ସେଇଗୁଡ଼ିକୁହିଁ ଆକାର ଦେଉଥାଏ । ପୁଣି, କଳ୍ପନାର ମଧ୍ୟଦେଇହିଁ ଏହି ଭୌତିକ ବାସ୍ତବଟି ବ୍ୟତୀତ ଅନ୍ୟସବୁ ରୂପ ଓ ସାମର୍ଥ୍ୟ ମଧ୍ୟ ଆମର ମନୋମୟ ସତ୍ତା ସହିତ ସଂଯୋଗସ୍ଥାପନ କରିଥାଏ । ଏପରିକି ଯେତେବେଳେ କଳ୍ପନା ସତେଅବା ଲଗାମ ଛାଡ଼ିଦେଇ ଯୁଆଡ଼େ ଇଚ୍ଛା ତେଣେ ଧାଇଁବାରେ ଲାଗିଥାଏ ଅଥବା ଚିତ୍ତବିଭ୍ରମ କିମ୍ବା ଭ୍ରାନ୍ତିର ଆକାର ଧାରଣ କରେ, ସେତେବେଳେ ମଧ୍ୟ ସେଗୁଡ଼ିକ କେବଳ ବାସ୍ତବ ଅଥବା ସମ୍ଭାବ୍ୟର ଭୂମି ଉପରେହିଁ ଆଢ଼ଯାତ ହେଉଥାଏ । ଆପଣାର କଳ୍ପନାରେ ମନ ଏକ ମତ୍ସ୍ୟନାରୀ ବା କନ୍ନରୀର ରୂପ ସୃଷ୍ଟି କରେ, ମାତ୍ର ଏହି କଳ୍ପନାଟି ଦୁଇଟି ବାସ୍ତବତା ଦେଇ ରଚିତ ହୋଇଥାଏ; ଦୁଇଟିଯାକକୁ ଏପରି ଭାବରେ ଏକାଠି ଯୋଡ଼ି ଦିଆଯାଇଥାଏ ଯେ ତାହା ଏହି ପୃଥିବୀର ସ୍ୱାଭାବିକ ବା ଚରାଚରର ସମ୍ଭାବନାଟି ଭିତରୁ ବହିର୍ଭୂତ ହୋଇ ରହିଥାଏ । ଦେବଦୂତ, ମୁହଁ ଓ ଡେଣା ଈଗଲପକ୍ଷୀ ପରି ଓ ଶରୀର ସିଂହପରି ଗଢ଼ା ହୋଇଥିବା ପୁରାଣ କଳ୍ପିତ ମୂର୍ତ୍ତିଟି ଓ ପ୍ରାଚୀନ ଗ୍ରୀକ୍‌କଳ୍ପନାରେ ସିଂହର ମସ୍ତକ, ସର୍ପର ଲାଙ୍ଗୁଳ ସହିତ ରଚିତ ଛାଗଳମୂର୍ତ୍ତିଟି,—ଏସବୁ ମଧ୍ୟ ଠିକ୍ ଏହିସବୁ ରୀତିରେ ତିଆରି ହୋଇଛନ୍ତି । ବେଳେବେଳେ ଆଗରୁ ଥିବା କୌଣସି ବାସ୍ତବତାର ଏକ ସ୍ମୃତିକୁ ନେଇ କଳ୍ପନା ଆପଣାକୁ ଗଢ଼ିଥାଏ । ପୁରାଣରେ ଥିବା ଡ୍ରାଗନ ବା ଅଜଗରର ମୂର୍ତ୍ତିଟି ହେଉଛି ଏହାର ଗୋଟିଏ ଉଦାହରଣ । ପୁଣି ବେଳେବେଳେ ଏପରି ଏକ ମୂର୍ତ୍ତି ବା ଘଟଣା, ଯାହା ବାସ୍ତବ ଅଥବା ଅସ୍ତିତ୍ୱର ଅନ୍ୟକୌଣସି ଭୂମି କିମ୍ବା ଅନ୍ୟକୌଣସି ପରିବେଶରେ ବାସ୍ତବ ହୋଇ ପାରିଥା'ନ୍ତା, ତାହାକୁ ନେଇ ବି କଳ୍ପନାର ରଚନା ହୁଏ । ଏପରିକି କୌଣସି ଉନ୍ମତ୍ତ ପାଗଳର ଭ୍ରାନ୍ତିଗୁଡ଼ାକ ମଧ୍ୟ କୌଣସି ଲଗାମ ନଥାଇ ବ୍ୟବହୃତ ହୋଇଥିବା ଓ ଆଦୌ ଖାପ ଖାଉନଥିବା ବାସ୍ତବ ବସ୍ତୁଗୁଡ଼ିକର ଭିତ୍ତି ଉପରେହିଁ ରଚିତ ହୋଇଥାଏ । ଉଦାହରଣସ୍ୱରୂପ କୌଣସି ପାଗଳ ବ୍ୟକ୍ତି ଯେତେବେଳେ ନିଜକୁ, ରାଜପଦକୁ ଓ ଇଂଲଣ୍ଡକୁ ଏକାଠି ଆଣି ଯୋଡ଼ିଦିଏ ଏବଂ ମନେ ମନେ ଇଂଲଣ୍ଡର କୌଣସି ପୂର୍ବତନ ବଂଶର ଜଣେ ରାଜା ହୋଇ ସିଂହାସନରେ ବସିଯାଏ, ସେତେବେଳେ ଆମକୁ ତାର ପ୍ରମାଣ ମିଳେ । ପୁଣି, ମାନସିକ ଭ୍ରମର କାରଣ ନିର୍ଣ୍ଣୟ କରିବାକୁ ଯାଇ ଆମେ ବେଶ୍ ଦେଖିଥାଉ ଯେ ଆମେ ଯାହାକୁ ମନର ଭ୍ରମ

'oaob.nitrkl.ac.in' images reprocessed

ବୋଲି କହୁଛୁ, ସାଧାରଣତଃ ସ୍ୱାଭାବିକ ଭାବରେ ଯୋଗ ହେଉନଥିବା ଅଭିଜ୍ଞତା ଓ ଜ୍ଞାନର ଉପାଦାନଗୁଡ଼ିକୁ ଆଣି ଏକାଠି ଯୋଡ଼ିଦେଲେ କିମ୍ବା ଯାହାର ଯେଉଁଠାରେ ରହିବା କଥା ନୁହେଁ, ତାହାକୁ ସେଠାରେ ଆଣି ରଖିଦେଲେ ସେହି ଭ୍ରମଟି ଘଟିଥାଏ । ସେଗୁଡ଼ିକୁ ଉଚିତ ପ୍ରକାରେ କାର୍ଯ୍ୟରେ ନଲଗାଇଲେ, ଭୁଲ ବୁଝିଲେ ବା ଯଥୋଚିତ ଭାବରେ ସେଗୁଡ଼ିକର ପ୍ରୟୋଗ ନକଲେ ଭ୍ରମ ଉପସ୍ଥିତ ହୋଇଥାଏ । ସତ୍ୟତର ଚେତନାର ସମ୍ଭାବନାକୁ ଯେଉଁ ବୋଧିର ସାହାଯ୍ୟରେ ଜାଣିବା ସମ୍ଭବ ହୁଏ, ନିମ୍ନତର ଚେତନାରେ ଏହି କଳ୍ପନା ସ୍ୱଭାବତଃ ତାହାର ଏକ ସ୍ଥାନାପନ୍ନରୂପେ କାର୍ଯ୍ୟକରେ । ଆମର ମନ ସତ୍ୟଚେତନାର ଅଭିମୁଖରେ ଯେତିକି ଯେତିକି ଆରୋହଣ କରି ଯାଉଥାଏ ବା ଅଗ୍ରସର ହେଉଥାଏ, କଳ୍ପନାରୂପୀ ଏହି ମାନସିକ ଶକ୍ତିଟି ମଧ୍ୟ ସେତିକି ସେତିକି ଏକ ସତ୍ୟକଳ୍ପନାରେ ପରିଣତ ହୁଏ, ଯାହାକି ପୂର୍ବଲବ୍ଧ ଓ ପୂର୍ବରୁ ସୁନିବଦ୍ଧ ହୋଇ ରହିଥିବା ଜ୍ଞାନର ସୀମାବଦ୍ଧ ପର୍ଯ୍ୟାପ୍ତି ବା ଅପର୍ଯ୍ୟାପ୍ତିର କ୍ଷେତ୍ରରେ ସେହି ଉଚ୍ଚତର ସତ୍ୟର ବର୍ଣ୍ଣ ତଥା ଆଲୋକକୁ ଉକୁଟାଇବାକୁ ଆରମ୍ଭ କରେ, ଏବଂ ପରିଶେଷରେ ଊର୍ଦ୍ଧ୍ୱସ୍ଥ ସେହି ରୂପାନ୍ତରକାରୀ ଆଲୋକ ମଧ୍ୟରେ ଏହା ଆପଣାକୁ ଉଚ୍ଚତର ସତ୍ୟର ସାମର୍ଥ୍ୟଗୁଡ଼ିକ ପାଖରେ ସମର୍ପଣ କରିଦିଏ, ଅର୍ଥାତ୍ ଆପେହିଁ ବୋଧି ଓ ପ୍ରେରଣାରୂପେ ରୂପାନ୍ତରିତ ହୋଇଯାଏ । ଏହି ଉତ୍କ୍ରାନ୍ତି ଫଳରେ ମନ ଆଉ ଭ୍ରମର ସୃଷ୍ଟି କରିବାରେ ଓ ଭୁଲର ସୌଧ ଗଢ଼ିବାରେ ରତ ହୋଇ ରହେ ନାହିଁ । ତେବେ ଏହି ମନକୁ ଆମେ ଆଉ ଅସତ୍‌କଳ୍ପିତ ଓ ଶୂନ୍ୟ ଉପରେ ରଚିତ ବିଷୟଗୁଡ଼ିକର ଏକାଧିପତି ସ୍ରଷ୍ଟା ବୋଲି କହିପାରିବା ନାହିଁ । ମନ ହେଉଛି ଏକ ଅଜ୍ଞାନ, ଯାହାକି ଜ୍ଞାନକୁ ଖୋଜିବାରେ ଲାଗିଛି, ଜାଣିବାକୁ ସତତ ଚେଷ୍ଟା କରୁଛି । ଯାହାକୁ ଆମେ ମନର ଭ୍ରମ ବୋଲି କହୁଛୁ, ସେଗୁଡ଼ିକ ମଧ୍ୟ କୌଣସି ନା କୌଣସି ଏକ ଭିତ୍ତିରୁହିଁ ଆରବ୍ଧ ହୋଇଥାଏ, ଏକ ସୀମାବଦ୍ଧ ଜ୍ଞାନ ଅଥବା ଅର୍ଦ୍ଧଅଜ୍ଞାନର ପରିଣାମରୂପେ ସେଗୁଡ଼ିକ ଘଟିଥାଏ । ମନ ହେଉଛି ବିଶ୍ୱଗତ ଅବିଦ୍ୟାର ଏକ ସାଧନମାତ୍ର, ମାତ୍ର ତାହା ଏକ ବିଶ୍ୱଗତ ଭ୍ରାନ୍ତିର ଏକ ଶକ୍ତି ବା ସାଧନ ପରି ଆଦୌ ମନେହୁଏ ନାହିଁ କିମ୍ବା ସେହିପରି ଆଦୌ କାର୍ଯ୍ୟ କରେ ନାହିଁ । ମନ ସତ୍ୟକୁହିଁ ଖୋଜୁଥାଏ, ସମ୍ଭାବନା ଓ ବାସ୍ତବତାଗୁଡ଼ିକର ଅନୁସନ୍ଧାନ କରୁଥାଏ; ସେହିଗୁଡ଼ିକର ଆବିଷ୍କାର କରିବାରେ ଲାଗିଥାଏ ଓ ସେଗୁଡ଼ିକର ସ୍ରଷ୍ଟା ଓ ଭାବୀସ୍ରଷ୍ଟାରୂପେ କାର୍ଯ୍ୟ କରୁଥାଏ, ଏବଂ ଏଭଳି ଏକ ଅନୁମାନ କରିବା ଅବଶ୍ୟ ଯୁକ୍ତିଯୁକ୍ତ ହେବ ଯେ ଯେଉଁ ମୂଳଭୂତ ଚେତନା ଓ ସାମର୍ଥ୍ୟରୁହିଁ ଏହି ମନର ଉଦ୍‌ଭବ ହୋଇଛି, ତାହା ମଧ୍ୟ ନିଶ୍ଚୟ ସତ୍ୟ, ସମ୍ଭାବନା ଓ ବାସ୍ତବତାର ଏକ ସ୍ରଷ୍ଟା ହୋଇଥିବ । ତାହା ମନପରି ଆଦୌ ସୀମାବଦ୍ଧ ହୋଇ ନଥିବ, ତାହାର ସଞ୍ଚାରକ୍ଷେତ୍ର ବିଶ୍ୱମୟ ପ୍ରସାରିତ ହୋଇଥିବ । ସେଥିରେ ଭୁଲ ବା

'oaob.nitrkl.ac.in' images reprocessed

ଭ୍ରାନ୍ତି ଲାଗି କୌଣସି ସମ୍ଭାବନା ନଥିବ, କାରଣ ତାହା ଯାବତୀୟ ଅବିଦ୍ୟାରୁ ମୁକ୍ତ ରହିଥିବ; ଏକ ପରମ ସର୍ବଜ୍ଞତା ତଥା ସର୍ବଶକ୍ତିମତ୍ତା ଓ ଏକ ଶାଶ୍ୱତ ପ୍ରଜ୍ଞା ତଥା ଜ୍ଞାନର ଏକ ପରମସାଧନ ଅଥବା ଆତ୍ମଶକ୍ତିରୂପେ କାର୍ଯ୍ୟ କରୁଥିବ ।

ତେଣୁ ଏହି କ୍ଷେତ୍ରରେ ଆମ ଆଗରେ ଦୁଇପ୍ରକାର ସମ୍ଭାବନା ରହିଛି । ପ୍ରଥମତଃ, ଆମେ ଅନୁମାନ କରିପାରିବା ଯେ ଭ୍ରାନ୍ତି ଓ ଅବାସ୍ତବତାମାନ ସୃଷ୍ଟି କରୁଥିବା ଏକ ମୂଳଗତ ଚେତନା ଓ ଶକ୍ତି ରହିଛି ଯାହାକି ମନୁଷ୍ୟ ତଥା ଇତର-ପ୍ରାଣୀର ଚେତନାକ୍ଷେତ୍ରରେ ମନକୁ ତାହାର ସାଧନ ବା ମାଧ୍ୟମରୂପେ ବ୍ୟବହାର କରୁଛି, ଯାହାଫଳରେ କି ବିଭେଦ ଓ ବିବିଧତାମୟ ଏହି ପରିଦୃଶ୍ୟମାନ ବିଶ୍ୱଜଗତ ଅବାସ୍ତବ ହୋଇ ରହିଛି, କେବଳ ମାୟାଦ୍ୱାରା ପ୍ରସୂତ ଏକ କଳ୍ପନା ହୋଇ ରହିଛି; ଏବଂ ସତ୍ୟ କହିଲେ କେବଳ କୌଣସି ଅନିର୍ଦ୍ଦେଶ୍ୟ ଓ ବିଭେଦାତୀତ ପରମ ନିର୍ବିଶେଷ ତତ୍ତ୍ୱକୁହିଁ ବୁଝାଉଛି । ଅଥବା, ଦ୍ୱିତୀୟତଃ ଆମେ ଏକଥା ମଧ୍ୟ ଅନୁମାନ କରିପାରିବା ଯେ ସବୁରି ମୂଳରେ ଅବସ୍ଥିତ ଥିବା ଏକ ପରମ ବା ବିଶ୍ୱାତ୍ମକ ସତ୍ୟଚେତନାହିଁ ଏକ ଯଥାର୍ଥ ବିଶ୍ୱର ସୃଷ୍ଟି କରିଛି, ମାତ୍ର ସେହି ଜଗତରେ ମନ ଏକ ଅପୂର୍ଣ୍ଣ, ଅଜ୍ଞାନ, ଜାଣିବା ଲାଗି ଆଂଶିକ ଭାବରେ ସମର୍ଥ ଓ ଆଂଶିକ ଭାବରେ ଅସମର୍ଥ ଚେତନାରୂପେ କାର୍ଯ୍ୟ କରୁଛି । ଆପଣାର ଅଜ୍ଞାନ ଅର୍ଥାତ୍ ଜ୍ଞାନଗତ ସୀମାବଦ୍ଧତା ହେତୁ ଏହି ଚେତନା ଭିତରେ ଭୁଲ୍ କରି ବସିବାର ଓ ଭୁଲଭାବରେ ଦେଖିବାର ସମ୍ଭାବନା ରହିଛି, ଆପଣାର ଜ୍ଞାତଭୂମିରୁ ଭୁଲଭାବରେ ଅଗ୍ରସର ହୋଇ କିମ୍ବା ଭୁଲ ବାଟରେ ଚାଳିତ ହୋଇ ଏହି ଚେତନା ଅବିଜ୍ଞାତ ଆଡ଼କୁ ବଡ଼ ଅନିଶ୍ଚିତ ଓ ଅନ୍ଧ ଭାବରେ ହାତ ବୁଲାଇବାରେ ଲାଗିଛି; ଏହି ମନର ଯାବତୀୟ ସୃଷ୍ଟି କେବଳ ଆଂଶିକ ସୃଷ୍ଟି, ଯାବତୀୟ ଗଢ଼ିବା କେବଳ ଆଂଶିକ ଗଢ଼ିବା । ସତ୍ୟ ଓ ଭ୍ରମର ମଧ୍ୟପଥରେ ମନର ଅବସ୍ଥିତି, ଜ୍ଞାନ ଓ ନିଶ୍ଚେତନର ମଧ୍ୟପଥରେ ଏହାର ବାସ । ମାତ୍ର ଯେତେ ଝୁଣ୍ଟି ପଡ଼ି ଯାଉଥିଲେ ମଧ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଅଜ୍ଞାନ କେବଳ ଜ୍ଞାନର ପଥରେହିଁ ଅଗ୍ରସର ହେଉଛି, କେବଳ ଜ୍ଞାନର ଅଭିମୁଖରେହିଁ ଚାଲିଛି । ଆପଣାର ଏହି ସୀମାବଦ୍ଧତା ଓ ବିମିଶ୍ରିତତାକୁ ଦୂର କରିଦେବାକୁ ବା ସେଗୁଡ଼ିକୁ ଅତିକ୍ରମ କରିଯିବାକୁ ଏହା ଭିତରେ ଅନ୍ତର୍ନିହିତ ସାମର୍ଥ୍ୟ ମଧ୍ୟ ରହିଛି, ଏବଂ ଏହି ସୀମାମୁକ୍ତି ଫଳରେ ଏହା ପରମ ସତ୍ୟଚେତନାର ଭୂମିରେ ଅବଶ୍ୟ ପ୍ରବେଶ କରିପାରିବ, ମୂଳଭୂତ ପରମଜ୍ଞାନର ସାମର୍ଥ୍ୟ ଭିତରକୁ ପ୍ରବେଶ କରିପାରିବ । ଏପର୍ଯ୍ୟନ୍ତ ଆମର ସମୀକ୍ଷା ଓ ସନ୍ଧାନରେ ଆମେ ମୁଖ୍ୟତଃ ଏହି ଦ୍ୱିତୀୟ ମାର୍ଗଟିରେ ଚାଳିତ ହୋଇଆସିଛୁ ବୋଲି କୁହାଯାଇ ପାରିବ । ଏଥିରୁ ଏହି ସିଦ୍ଧାନ୍ତଟିର ସୂଚନା ମିଳୁଛି ଯେ ଆମ ଚେତନାଟିର ସ୍ୱପ୍ରକୃତିରୁ ଏକ ପରମ

'oaob.nitrkl.ac.in' images reprocessed

ବିଶ୍ୱଭ୍ରାନ୍ତିର ଅନୁମାନକୁହିଁ ସମସ୍ୟାର ସମାଧାନରୂପେ ଗ୍ରହଣ କରିବା ଲାଗି ଆଦୌ କୌଣସି ଔଚିତ୍ୟ କିମ୍ବା ଯୁକ୍ତି ନାହିଁ । ସମସ୍ୟାଟିଏ ଯେ ରହିଛି ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଆମର ଆତ୍ମପରିଚୟ ତଥା ବସ୍ତୁପରିଚୟର କ୍ଷେତ୍ରରେ ଜ୍ଞାନ ଓ ଅଜ୍ଞାନ ପରସ୍ପର ସହିତ ଯେପରି ଏକତ୍ରମିଶ୍ରିତ ହୋଇ ରହିଛନ୍ତି, ତାହାହିଁ ହେଉଛି ପ୍ରକୃତ ସମସ୍ୟା । ଏବଂ ଆମକୁ ଏହି ଅପୂର୍ଣ୍ଣତାଟିର ମୂଳ କାରଣଟିକୁ ଖୋଜି ବାହାର କରିବାକୁ ପଡ଼ିବ । ମାତ୍ର ଏଥିଲାଗି ଶାଶ୍ୱତ ପରମସତ୍ତା ମଧ୍ୟରେ ଅତ୍ୟନ୍ତ ଦୁର୍ବୋଧ ଭାବରେ ଅବସ୍ଥିତ ରହିଥିବା ଅଥବା ସଦାବିଶୁଦ୍ଧ, ସଦାବର୍ତ୍ତିମାନ ଏକ ପରମଚେତନା ବା ଅତିଚେତନା ଉପରେ ଯଥାର୍ଥରେ କୌଣସି ଅସ୍ତିତ୍ୱ ନଥିବା ରୂପସକଳର ଏକ ଜଗତକୁ ଲଦି ଦେବା ଲାଗି ଆଗଭର ହୋଇ ଆସୁଥିବା ଏକ ପରମ ଭ୍ରାନ୍ତିକୁ ଆଣି ମୂଳ ଶକ୍ତିରୂପେ ଉପସ୍ଥାପିତ କରିବାପାଇଁ ଆଦୌ କୌଣସି ଆବଶ୍ୟକତା ନାହିଁ ।

'oaob.nitrkl.ac.in' images reprocessed

ଷଷ୍ଠ ପରିଚ୍ଛେଦ

# ପରମସତ୍ୟ ଓ ବିଶ୍ୱଭ୍ରମ

ବ୍ରହ୍ମ ସତ୍ୟଂ, ଜଗନ୍ମିଥ୍ୟା ॥

—ବିବେକଚୂଡ଼ାମଣି, ଶ୍ଳୋକ ୨୦

ବ୍ରହ୍ମ ହେଉଛି ସତ୍ୟ, ଜଗତ ମିଥ୍ୟା ।

ଅସ୍ମାନ୍ମାୟୀ ସୃଜତେ ବିଶ୍ୱମେତତ୍ ।
ତସ୍ମିଂଶ୍ଚାନ୍ୟୋ ମାୟୟା ସନ୍ନିରୁଦ୍ଧଃ ॥
ମାୟାଂ ତୁ ପ୍ରକୃତିଂ ବିଦ୍ୟାତ୍, ମାୟିନଂ ତୁ ମହେଶ୍ୱରମ୍ ॥

—ଶ୍ୱେତାଶ୍ୱତର ଉପନିଷଦ, ୪ । ୯, ୧୦

ମାୟାର ଅଧୀଶ୍ୱର ଆପଣାର ମାୟାଦ୍ୱାରା ଏହି ବିଶ୍ୱର ସୃଷ୍ଟି କରନ୍ତି, ତାହା ମଧ୍ୟରେ ଆଉଜଣେ ନିରୁଦ୍ଧ ହୋଇ ରହିଛନ୍ତି । ମାୟାକୁ ପ୍ରକୃତି ବୋଲି ଜାଣିବ ଏବଂ ମାୟା ରଚୁଥିବା ତାଙ୍କୁ ମହେଶ୍ୱର ବୋଲି ।

ପୁରୁଷ ଏବ ଇଦଂ ସର୍ବଂ ଯଦ୍ ଭୂତଂ ଯଚ୍ଚ ଭବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥

—ଶ୍ୱେତାଶ୍ୱତର ଉପନିଷଦ ୩ । ୧୫, ଋକ୍‌ବେଦ ୧୦ । ୯୦ । ୨

ଯାହାକିଛି ରହିଛି, ଥିଲା ବା ହେବାକୁ ଯାଉଛି, ସେସବୁ କେବଳ ପୁରୁଷ ବ୍ୟତୀତ ଆଉ କିଛି ନୁହେଁ । ସିଏ ହେଉଛନ୍ତି ଅମୃତତ୍ୱର ସ୍ୱାମୀ; ଯାହା ଅନ୍ନଦ୍ୱାରା ବଢ଼ୁଛି, ସେସବୁ ମଧ୍ୟ କେବଳ ସେହି ପୁରୁଷ ।

ବାସୁଦେବଃ ସର୍ବମ୍ ॥

—ଗୀତା ୭ । ୧୯

ସବୁ ହେଉଛି କେବଳ ସେଇ ବାସୁଦେବ ।

'oaob.nitrkl.ac.in' images reprocessed

ମାତ୍ର ଏପର୍ଯ୍ୟନ୍ତ ଆମେ ଆମ ଜିଜ୍ଞାସ୍ୟଭୂମିର ପୂର୍ବଭାଗରେ ଥିବା କେବଳ ଗୋଟିଏ ଅଂଶବିଶିଷ୍ଟ କ୍ଷେତ୍ରକୁହିଁ ପରିଷ୍କାର କରି ଦେଖିବାକୁ ସମର୍ଥ ହୋଇଛୁ । ତେଣେ ପୃଷ୍ଠଭାଗରେ ସମସ୍ୟାଟି ଠିକ୍ ସେହିପରି ଗୋଟାପୁଣା ଅସମାହିତ ହୋଇ ରହିଛି । ଏଇଟି ହେଉଛି ମୂଳରେ ଅବସ୍ଥିତ ଚେତନା ବା ଶକ୍ତିର ସ୍ୱଭାବ ବା ପ୍ରକୃତିଟି ପ୍ରକୃତରେ କଅଣ, ତାହାରି ସମସ୍ୟା;—ଯେଉଁ ଚେତନା କି ବିଶ୍ୱଜଗତର ସୃଷ୍ଟି କରିଛି, ତାହାକୁ ଏକ ଅବଧାରଣାଗତ ଆକାର ଦେଇଛି ବା ତାହାକୁ ପ୍ରକାଶିତ କରିଛି । ଏବଂ ଏହି ବିଶ୍ୱଜଗତଟି ସମ୍ବନ୍ଧରେ ଆମର ଜ୍ଞାନ ସହିତ ସେହି ଚେତନାର ସମ୍ବନ୍ଧ କ'ଣ, ସେଇଟି ମଧ୍ୟ ସମସ୍ୟା । ଅର୍ଥାତ୍, ମୋଟ ଉପରେ କହିଲେ, ଏକ ପରମ ବିଭ୍ରମଶକ୍ତିଦ୍ୱାରା ଆମର ମନୋଭୂମି ଉପରେ ଆରୋପିତ ହୋଇ ରହିଥିବା ଏକ ମିଥ୍ୟା ଚେତନାକୁ ଆମେ ଜଗତ ବୋଲି କହିବା, ଅଥବା ଜଗତ କହିଲେ ତଥାପି ଅଜ୍ଞ ରହିଥିବା ଅଥଚ କ୍ରମଶଃ ବିକଶିତ ହେଉଥିବା ଜ୍ଞାନଦ୍ୱାରା ଆମେ ଅନୁଭବ କରୁଥିବା ଏକ ପ୍ରକୃତ ସତ୍ତ୍ୱଗତ ରଚନାବିନ୍ୟାସକୁ ବୁଝାଇବ,—ଏଇଟି ହେଉଛି ଅସଲ ପ୍ରଶ୍ନ । ଏବଂ ଏହି ଅସଲ ପ୍ରଶ୍ନଟି କେବଳ ମନ ବିଷୟରେ ଏକ ପ୍ରଶ୍ନ ନୁହେଁ କିମ୍ବା ମନରୁ ଉଦ୍ଭୂତ ଏକ ବିଶ୍ୱସ୍ୱପ୍ନ କିମ୍ବା ବିଶ୍ୱବିଭ୍ରମର ପ୍ରଶ୍ନ ନୁହେଁ । ମାତ୍ର ଏଇଟି ପରମ ସତ୍ୟର ଯଥାର୍ଥ ପ୍ରକୃତି ସମ୍ବନ୍ଧରେ ଏକ ପ୍ରଶ୍ନ; ସେହି ସତ୍ୟ ମଧ୍ୟରେ ଯେଉଁ ସୃଷ୍ଟିପରିଣାମୀ କ୍ରିୟାଟି ସଂଘଟିତ ହୋଇଥାଏ ବା ଯେଉଁ ସୃଷ୍ଟିପରିଣାମୀ କ୍ରିୟାଟିକୁ ତାହା ଉପରେ ଲଦି ଦିଆଯାଇଥାଏ, ତାହାର ଯଥାର୍ଥତା ସମ୍ବନ୍ଧରେ ଏକ ପ୍ରଶ୍ନ । ସେହି ସତ୍ୟର ବା ଆମର ଚୈତନ୍ୟ ମଧ୍ୟରେ ଅଥବା ତାହାର ବା ଆମର ଜଗଦ୍‌ଦୃଷ୍ଟି ମଧ୍ୟରେ ପ୍ରକୃତରେ କୌଣସି ସତ୍ୟବସ୍ତୁ ରହିଛି କି ନାହିଁ, ସେଇଟି ହେଉଛି ପ୍ରଶ୍ନ । ସତ୍ତ୍ୱର ସତ୍ୟ ସମ୍ବନ୍ଧରେ ଆମେ ଯାହାସବୁ କହିଛୁ, ତାହାର ଉତ୍ତରରେ ଭ୍ରମବାଦୀ ପକ୍ଷରୁ କୁହାଯାଇ ପାରିବ ଯେ ବିଶ୍ୱଭ୍ରାନ୍ତିର ଆୟତନ ମଧ୍ୟରେ ଏ ସବୁକିଛି ବେଶ୍ ସତ୍ୟ ହୋଇପାରେ; ଯେଉଁ ମାୟା ଅବିଦ୍ୟା ଭିତରେ କାର୍ଯ୍ୟ କରୁଛି ଓ ସେହି ଅବିଦ୍ୟା ଭିତରେ ଆପଣାକୁ ବଳବତ୍ତର ରଖିଛି, ଏସବୁ ହେଉଛି ତାହାର ବ୍ୟବସ୍ଥା, ତାହାର ବ୍ୟାବହାରିକ ଯନ୍ତ୍ର । ମାତ୍ର ବିଶ୍ୱବ୍ୟବସ୍ଥା ମଧ୍ୟରେ ଯେଉଁସବୁ ସତ୍ୟ, ସମ୍ଭାବନା ଓ ବାସ୍ତବତା ଅନ୍ତର୍ଗତ ହୋଇ ରହିଛି, କେବଳ ବିଶ୍ୱଗତ ମହାଭ୍ରମଟି ଭିତରେହିଁ ସେଗୁଡ଼ିକୁ ସତ୍ୟ ଓ ବାସ୍ତବ ବୋଲି କୁହାଯାଇ ପାରିବ, ଏବଂ ସେଇ କୁହୁକମଣ୍ଡଳଟିର ବାହାରେ ସେମାନଙ୍କର ଆଦୌ କୌଣସି ପ୍ରାମାଣିକତା ନାହିଁ । ସେଗୁଡ଼ିକୁ ଆମେ ଧ୍ରୁବ ଓ ଶାଶ୍ୱତ ସତ୍ୟ ବୋଲି କହିପାରିବା ନାହିଁ । ସବୁଯାକ ହେଉଛନ୍ତି କେବଳ ଗୋଟିଏ ଗୋଟିଏ କ୍ଷଣସ୍ଥାୟୀ ରଚନା, ଯାହାକୁ କି ଆମେ ସମାନଭାବରେ ବିଦ୍ୟା ଓ ଅବିଦ୍ୟା ଦୁହିଁଙ୍କର ଖେଳ ବୋଲି କହିପାରିବା । ଏ କଥା ସ୍ୱୀକାର କରାଯାଇ ପାରିବ ଯେ ଜ୍ଞାନ ହେଉଛି ମାୟାରୂପୀ

'oaob.nitrkl.ac.in' images reprocessed

ମହାଭ୍ରମର ଏକ ପ୍ରୟୋଜନୀୟ ଅଙ୍ଗ; ଆପଣାର ଜାଲରୁ ମୁକ୍ତ ହୋଇ ପଳାଇ ଯିବାକୁ, ମନର ଭୂମିଉପରେ ଆପଣାକୁ ବିନଷ୍ଟ କରିଦେଇ ପାରିବାକୁ ଜ୍ଞାନ ମାୟାକୁ ବଡ଼ ସାହାଯ୍ୟ କରିଥାଏ । ଆଧ୍ୟାତ୍ମିକ ଜ୍ଞାନ ହେଉଛି ଏକ ଅପରିହାର୍ଯ୍ୟ ବସ୍ତୁ; ମାତ୍ର ଏକମାତ୍ର ପ୍ରକୃତ ସତ୍ୟ, ଜ୍ଞାନଅଜ୍ଞାନର ଯାବତୀୟ ଦ୍ୱୈତତାର ସୀମାଅତିକ୍ରମ କରି ଅବସ୍ଥିତ ରହିଥିବା ଏକମାତ୍ର ଶାଶ୍ୱତ ସତ୍ୟ ହେଉଛି ସେହି ନିତ୍ୟସ୍ଥାୟୀ ଓ ସକଳସମ୍ବନ୍ଧରହିତ ପରମ ନିର୍ବିଶେଷ, ଯାହାକି ବିଶୁଦ୍ଧ ପରମ ସତ୍ତାରୂପେ ବିଦ୍ୟମାନ ରହିଛି । ଏଠି ଜଗତରେ ସବୁକିଛି କେବଳ ମନରହିଁ ଧାରଣା ଓ ସଂସ୍କାର ଉପରେ ନିର୍ଭର କରେ, ଆମର ମନୋମୟ ସତ୍ତାଟି ସତ୍ୟକୁ ଯେପରିଭାବରେ ଅନୁଭବ କରୁଛି, କେବଳ ତାହାରି ଉପରେ ନିର୍ଭର କରେ । କାରଣ ଏହି ମନ ସତ୍ୟକୁ ଯେପରି ଭାବରେ ଦେଖୁଥିବ ବା ସତ୍ୟ ବିଷୟରେ ଯେଉଁଭଳି ଅବଧାରଣା କରୁଥିବ, ଅନ୍ୟ ଦୃଷ୍ଟିରୁ ଏକ ହୋଇଥିଲେ ମଧ୍ୟ ବିଶ୍ୱଜଗତର ସକଳ ବ୍ୟାପାର, ବ୍ୟକ୍ତିର ଅନୁଭୂତି ଏବଂ ବିଶ୍ୱାତୀତ ପରମ ସତ୍ତାର ଉପଲବ୍ଧି ପ୍ରଭୃତିର ତଥ୍ୟଗୁଡ଼ିକୁ ମନ କେବଳ ତଦନୁରୂପ ଏକ ଅର୍ଥ ବା ତାତ୍ପର୍ଯ୍ୟ ଦେଇ ଅବଶ୍ୟ ଦେଖିବ । ମନୋଭୂମିର ଯାବତୀୟ ଜାଣିବା ସର୍ବଦା ତିନୋଟି ଉପାଦାନ ଦ୍ୱାରା ନିର୍ମିତ ହୋଇଥାଏ; ସେହି ତିନୋଟି ଉପାଦାନ ହେଉଛି ଯିଏ ଜାଣେ ବା ଜ୍ଞାତା, ଜାଣିବାର ପ୍ରକ୍ରିୟା ଅର୍ଥାତ୍ ଜ୍ଞାନ ଓ ଯାହାକୁ ଜଣାଯାଏ ଅର୍ଥାତ୍ ଜ୍ଞେୟ । ଏହି ତିନୋଟିଯାକକୁ କିମ୍ବା ତିନୋଟି ମଧ୍ୟରୁ ଯେକୌଣସିଟିର ସତ୍ୟତାକୁ ଆମେ ସ୍ୱୀକାର କରିପାରିବା ଅଥବା ଅସ୍ୱୀକାର ବି କରିପାରିବା । ତେଣୁ ପ୍ରଶ୍ନ ହେଉଛି, ଯଦି ଏଗୁଡ଼ିକ ବା ଏହାଭିତରୁ କୌଣସିଟି ସତ୍ୟ ହୋଇଥାଏ, ତେବେ କେଉଁଟି ହେଉଛି ପ୍ରକୃତ ସତ୍ୟ, କେତେଦୂର ସତ୍ୟ ଏବଂ କେଉଁପରି ସତ୍ୟ । ମାତ୍ର ଯଦି ତିନୋଟିଯାକକୁ ଏକ ବିଶ୍ୱଭ୍ରାନ୍ତିର ଗୋଟିଏ ଗୋଟିଏ ସାଧନ ବୋଲି କହି ବର୍ଜନ କରି ଦିଆଯାଏ, ତେବେ ତା'ଫଳରେ ଆଉଗୋଟିଏ ପ୍ରଶ୍ନ ଉଠିବ ଯେ ତେବେ ସେଗୁଡ଼ିକର ବାହାରେ କ'ଣ ଆଉକେଉଁଠି ଏକ ସତ୍ୟ ଅଧିଷ୍ଠିତ ହୋଇ ରହିଛି ଏବଂ ଯଦି ସେ କଥା ସତ୍ୟ ହୋଇଥାଏ, ତେବେ ସେହି ସତ୍ୟ ଓ ଏହି ଭ୍ରମ ମଧ୍ୟରେ ପ୍ରକୃତରେ କିଭଳି ସମ୍ବନ୍ଧ ରହିଛି ?

ଜ୍ଞାତା ଓ ତା'ର ଜ୍ଞାନଚେତନାର ସତ୍ୟତାକୁ ଅସ୍ୱୀକାର କରି ଅଥବା ସେଗୁଡ଼ିକୁ ନ୍ୟୂନତର ସତ୍ୟ ବୋଲି ମାତ୍ର ଜ୍ଞେୟ ଅର୍ଥାତ୍ ବିଷୟଗତ ବହିର୍ଜଗତକୁ ସତ୍ୟ ବୋଲି ସ୍ୱୀକାର କରିବା ସମ୍ଭବ ହୋଇପାରେ । ଭୂତ ବା ଜଡ଼କୁହିଁ ଏକମାତ୍ର ସତ୍ୟ ବୋଲି ଘୋଷଣା କରୁଥିବା ସିଦ୍ଧାନ୍ତଟିରେ ଚେତନାକୁ ଜଡ଼ ମଧ୍ୟରେ ଜଡ଼ଶକ୍ତିର କେବଳ ଏକ କାର୍ଯ୍ୟକାରିତା ବୋଲି ଦର୍ଶାଯାଇଥାଏ । ଚେତନାକୁ ମସ୍ତିଷ୍କରେ ଥିବା କୋଷଗୁଡ଼ିକର କେବଳ ଏକ କ୍ଷରଣ କିମ୍ବା କମ୍ପନ ବୋଲି କୁହାଯାଏ, ବସ୍ତୁର

'oaob.nitrkl.ac.in' images reprocessed

ସ୍ଥୂଳ ପ୍ରତିବିମ୍ବ-ଗ୍ରହଣ ଓ ମସ୍ତିଷ୍କର ପ୍ରତିସ୍ପନ୍ଦନ ବୋଲି କୁହାଯାଏ, ଜଡ଼ର ସ୍ପର୍ଶ ବା ଅଭିଘାତ ଉଦ୍ଦେଶ୍ୟରେ ଜଡ଼ର ଏକ ପ୍ରତିକ୍ଷେପ ବା ପ୍ରତିକ୍ରିୟାରୂପେ ବର୍ଣ୍ଣନା କରାଯାଏ । ଏପରିକି ଏହି ଉକ୍ତିଟିର ଅନମନୀୟତାକୁ କିଞ୍ଚିତ୍ ଶିଥିଳ କରିଦେଇ ଚେତନାର ଉଦ୍ଭବ ସମ୍ବନ୍ଧରେ ଅନ୍ୟ କାରଣ ଦର୍ଶାଇବାକୁ ଗଲେ ମଧ୍ୟ ତଥାପି ତାହା କେବଳ ଅନ୍ୟ ଏକ ବସ୍ତୁର ଜାତ ହୋଇଥିବା ଏକ କ୍ଷଣସ୍ଥାୟୀ ବ୍ୟାପାର ହୋଇ ରହେ, ଏକ ଶାଶ୍ୱତ ସତ୍ୟ ହିସାବରେ କେବେହେଲେ ସ୍ୱୀକୃତ ପାଏ ନାହିଁ । ସ୍ୱୟଂ ଜ୍ଞାତା ବ୍ୟକ୍ତିକୁ ମଧ୍ୟ ସାଧାରଣ ଭାବରେ ଚେତନା ବୋଲି ଅଭିହିତ କରୁଥିବା ଯନ୍ତ୍ରବତ୍ ପ୍ରତିକ୍ରିୟାଟିର ସାମର୍ଥ୍ୟବିଶିଷ୍ଟ କେବଳ ଏକ ଦେହ ଏବଂ ମସ୍ତିଷ୍କଦେଇ ତିଆରି ଗୋଟିଏ ବସ୍ତୁରୂପେ ବର୍ଣ୍ଣନା କରାଯାଇଥାଏ । ଏହି ସିଦ୍ଧାନ୍ତଟି ଅନୁସାରେ ବ୍ୟକ୍ତିର କେବଳ ଏକ ଆପେକ୍ଷିକ ମୂଲ୍ୟ ଏବଂ ଏକ କ୍ଷଣସ୍ଥାୟୀ ସତ୍ୟତା ରହିଛି ବୋଲି କୁହାଯାଏ । ମାତ୍ର ସ୍ୱୟଂ ଜଡ଼ହିଁ ଯଦି ଅବାସ୍ତବ ଓ ଆଉ ଅନ୍ୟକୌଣସି ତତ୍ତ୍ୱରୁ ଉଦ୍ଭୂତ ହୋଇଛି ବୋଲି ପ୍ରମାଣିତ ହୁଏ, ଏବଂ ବର୍ତ୍ତମାନ ଯାହା ସମ୍ଭବ ବୋଲି ବୋଧ ହେବାକୁ ଯାଉଛି, ଯଦି ତାହା ଶକ୍ତିରହିଁ ଏକ ବିସୃଷ୍ଟି ବା ବ୍ୟାପାର ବୋଲି ସାବ୍ୟସ୍ତ ହୋଇଯାଏ, ତେବେ ସେହି କ୍ଷେତ୍ରରେ ଜଡ଼ ନୁହେଁ, ଶକ୍ତିହିଁ ଏକମାତ୍ର ସତ୍ୟ ବୋଲି ପ୍ରତିଷ୍ଠିତ ହୋଇ ରହିବ; ଜ୍ଞାତା, ଜ୍ଞାନ ଓ ଜ୍ଞେୟ କେବଳ ସେହି ଶକ୍ତିରୁ ସମ୍ଭୂତ ଗୋଟିଏ ଗୋଟିଏ ବ୍ୟାପାରରୂପେ ପର୍ଯ୍ୟବସିତ ହୋଇ ରହିବେ । ମାତ୍ର ସେହି ଶକ୍ତିକୁ ଧାରଣ କରି ରହିଥିବା ଏକ ସତ୍ତା ଅଥବା ତାହାକୁ ଆଣି ଯୋଗାଇ ଦେଉଥିବା ଏକ ଚେତନା ବ୍ୟତୀତ ଯେଉଁ ଶକ୍ତିର କଳ୍ପନା କରାଯିବ, ସେଇଟି ମଧ୍ୟ ଅନେକ ପରିମାଣରେ ସତେଯେପରି କେବଳ ମନରହିଁ ଏକ ରଚନାପରି ଦେଖାଯିବ । ଯେଉଁ ଶକ୍ତି ମୂଳତଃ ଶୂନ୍ୟର ଏକ ଭୂମି ଉପରେ କାର୍ଯ୍ୟ କରୁଥିବାର ଅନୁମାନ କରାଯାଏ,—କାରଣ ଯେଉଁ ଜଡ଼ଭୂମିଟିରେ ଆମେ ଏହାକୁ କାର୍ଯ୍ୟ କରୁଥିବାର ଦେଖିବାକୁ ପାଉ, ତାହା ମଧ୍ୟ ଆଉ ଏକ ଅନ୍ୟ ତତ୍ତ୍ୱରୁ ବିସୃଷ୍ଟ ହୋଇଛି,—ତାହା ଏକ ଅବାସ୍ତବତା ପରି ମନେହେବ । ଅଥବା ଏହି ଶକ୍ତିକୁ ଆମେ ଗତିର ଏକ ସାମୟିକ ଉତ୍ସ୍ପନ୍ଦନ ବୋଲି ଅନୁମାନ କରିପାରିବା, ଯାହାର କି କୌଣସି ବ୍ୟାଖ୍ୟା ଦିଆଯାଇ ପାରିବ ନାହିଁ ଓ ଯାହା ଯେକୌଣସି ମୁହୂର୍ତ୍ତରେ ପ୍ରତିଭାସଜଗତର ସୃଷ୍ଟି କରିବାର କାର୍ଯ୍ୟରୁ ହୁଏତ ବିରତ ବି ହୋଇଯାଇ ପାରିବ । ତେଣୁ ସେହି କ୍ଷେତ୍ରରେ କେବଳ ପରମ ଅନନ୍ତର ଶୂନ୍ୟତାଟାହିଁ ଏକମାତ୍ର ସ୍ଥାୟୀ ଓ ସତ୍ୟ ହୋଇ ରହିବ । ଜ୍ଞାତା, ଜ୍ଞାନ ଓ ଜ୍ଞେୟ ସମ୍ବନ୍ଧରେ ବୌଦ୍ଧମତର ଯେଉଁ ସିଦ୍ଧାନ୍ତ ଏହି ତିନୋଟିଯାକକୁ କେବଳ କର୍ମଦ୍ୱାରା ରଚିତ ଅର୍ଥାତ୍ କର୍ମର କୌଣସି ବିଶ୍ୱଗତ ସତ୍ୟର ପ୍ରକ୍ରିୟା ବୋଲି କହୁଛି, ସେଥିରେ ଏହିଭଳି ଏକ ନିଷ୍କର୍ଷରେ ଆସି ପହଞ୍ଚିବାର ବାଟ ରଖାଯାଇ ଥିଲା । କାରଣ ସମ୍ପୂର୍ଣ୍ଣ ନ୍ୟାୟାନୁମୋଦିତ ଭାବରେ ଏହା ଆମକୁ

'oaob.nitrkl.ac.in' images reprocessed

ପରମ ଶୂନ୍ୟ ବା ଅସତ୍ତ୍ୱକୁହିଁ ମୂଳ ସତ୍ୟରୂପେ ସ୍ୱୀକାର କରିବାର ମତବାଦ ପାଖରେ ଆଣି ପହଞ୍ଚାଇ ଦେଉଥିଲା । ଏକଥା ଅବଶ୍ୟ ସମ୍ଭବ ହୋଇପାରେ ଯେ ଏ କ୍ଷେତ୍ରରେ ପ୍ରକୃତରେ ଏକ ଶକ୍ତି କାର୍ଯ୍ୟ କରୁ ନାହିଁ, ମାତ୍ର ଏକ ଚେତନା କାର୍ଯ୍ୟ କରୁଛି । ଯେପରି ଜଡ଼ ଶକ୍ତିରେ ପରିଣତ ହୋଇପାରୁଛି, ଯାହାକୁ ଆମେ ବସ୍ତୁସ୍ୱରୂପରେ ଦେଖିପାରୁ ନାହୁଁ, ମାତ୍ର ତାହାର ପରିଣାମ ଓ କ୍ରିୟାଗୁଡ଼ିକର ମାଧ୍ୟମରେ ଦେଖୁଛୁ, ସେହିପରି ଶକ୍ତି ମଧ୍ୟ ହୁଏତ ଯେପରି ଚେତନାର କ୍ରିୟାରେ ପରିଣତ ବା ପର୍ଯ୍ୟବସିତ ହୋଇପାରୁଛି; ଆମେ ତାହାକୁ ସ୍ୱରୂପତଃ ଦେଖିପାରୁ ନାହୁଁ, ମାତ୍ର ପରିଣାମ ଓ କ୍ରିୟାଗୁଡ଼ିକ ଦ୍ୱାରା ତାହାର ନିରୂପଣ କରିପାରୁଛୁ । ମାତ୍ର ଯଦି ଶକ୍ତି ଭଳି ଏହି ଚେତନା ମଧ୍ୟ ଏକ ଶୂନ୍ୟ ଭିତରେ କାର୍ଯ୍ୟ କରୁଛି ବୋଲି ଅନୁମାନ କରାଯାଏ, ତେବେ ତଦ୍ୱାରା ଆମକୁ ପୂର୍ବୋକ୍ତ ସେହିପରି ଏକ ସିଦ୍ଧାନ୍ତରେ ମଧ୍ୟ ଆସି ପହଞ୍ଚିବାକୁ ପଡ଼ିବ, ଅର୍ଥାତ୍ କହିବାକୁ ପଡ଼ିବ ଯେ ଚେତନା କେବଳ କ୍ଷଣସ୍ଥାୟୀ ପ୍ରାତିଭାସିକ ଭ୍ରମଗୁଡ଼ିକରହିଁ ସୃଷ୍ଟି କରୁଛି ଏବଂ ଆପେ ମଧ୍ୟ ଏକ ଭ୍ରମ ହୋଇ ରହିଛି । ଏକ ଅନନ୍ତ ଶୂନ୍ୟ ବା ଏକ ଆଦି ଅସତ୍ତ୍ୱହିଁ ଏକମାତ୍ର ସ୍ଥାୟୀ ସତ୍ୟରୂପେ ପ୍ରତିଷ୍ଠିତ ରହିଛି । ମାତ୍ର ଏହି ସିଦ୍ଧାନ୍ତଗୁଡ଼ିକୁ ସ୍ୱୀକାର କରିବା ଲାଗି ଆମେ ଆଦୌ ବାଧ୍ୟ ନୋହୁ । କାରଣ, କେବଳ ଆପଣାର କ୍ରିୟାଗୁଡ଼ିକର ମାଧ୍ୟମରେହିଁ ଅନୁମିତ ହେଉଥିବା ଏହି ଚେତନାଟିର ପଛରେ ଏକ ଅଦୃଶ୍ୟ ପରମ ସତ୍ତା ବି ଉତ୍ସରୂପେ ଅବସ୍ଥିତ ଥାଇପାରନ୍ତି । ସେପରି ହୋଇଥିଲେ ତାଙ୍କଠାରୁ ଉଦ୍‌ଭୂତ ଏକ ଚେତନାଶକ୍ତିଟି ମଧ୍ୟ ଏକ ସତ୍ୟ ଅବଶ୍ୟ ହୋଇପାରେ । ତାହାର ବିସୃଷ୍ଟିଗୁଡ଼ିକ ମଧ୍ୟ ସତ୍ୟ ହୋଇପାରେ । ପ୍ରଥମ ଅବସ୍ଥାରେ ଇନ୍ଦ୍ରିୟଦ୍ୱାରା ଅନୁଭୂତ ହୋଇ ପାରୁନଥିବା ଏକ ଅଣୁପ୍ରମାଣ ବସ୍ତୁସତ୍ତାଦ୍ୱାରାହିଁ ସେହି ବିସୃଷ୍ଟିର ଆରମ୍ଭ ହୋଇଥାଏ, ମାତ୍ର ଶକ୍ତିକ୍ରିୟାର ଏକ ବିଶେଷ ପର୍ଯ୍ୟାୟରେ ତାହା ଇନ୍ଦ୍ରିୟଗୋଚର ଜଡ଼ରୂପେ ଆବିର୍ଭୂତ ହୋଇପାରେ । ଠିକ୍ ସେହିଭଳି ଜଡ଼ମୟ ଏକ ଜଗତ ମଧ୍ୟରେ ମୂଳ ପରମସତ୍ତାରୁ ଏକ ଚେତନାମୟ ସତ୍ତାରୂପେ ଉଦ୍‌ଗତ ହେଉଥିବା ବ୍ୟକ୍ତିସତ୍ତା ମଧ୍ୟ ଏକ ସତ୍ୟ ହୋଇପାରେ । ମୂଳଭୂତ ଏହି ପରମସତ୍ୟ ଏକ ବିଶ୍ୱଗତ ଆଧ୍ୟାତ୍ମିକ ପରମସତ୍ତା ହୋଇପାରେ, ଯାହାକୁ କି ଗୋଟିଏ ଶବ୍ଦରେ ଏକ ବିଶ୍ୱବିଗ୍ରହ ବୋଲି କୁହାଯାଇ ପାରିବ । ଅଥବା ତାହାର ଅନ୍ୟ କୌଣସି ପ୍ରକାରର ସ୍ଥିତି ବା ଅବସ୍ଥା ବି ରହିପାରେ । ମାତ୍ର ସେକଥା ଯାହା ହେଉ ପଛକେ, ତାହାଦ୍ୱାରା ସୃଷ୍ଟି ହେଉଥିବା ବିଶ୍ୱଜଗତଟି କଦାପି କେବଳ ଏକ ଭ୍ରମ ବା ପ୍ରତିଭାସରେ ପରିଣତ ହୋଇ ରହିବ ନାହିଁ, ମାତ୍ର ଏକ ସତ୍ୟମୟ ଯଥାର୍ଥ ବିଶ୍ୱରୂପେ ପ୍ରକାଶିତ ହେବ ।

ମାୟାବାଦର ଶାସ୍ତ୍ରୀୟ ସିଦ୍ଧାନ୍ତଟିରେ ଏକ ପରମ ଓ ଅଦ୍ୱିତୀୟ ଅଧ୍ୟାତ୍ମସତ୍ତ୍ୱକୁହିଁ ଏକମାତ୍ର ପରମସତ୍ୟରୂପେ ସ୍ୱୀକାର କରାଯାଏ । ସାରତଃ ଏହାହିଁ

'oaob.nitrkl.ac.in' images reprocessed

ହେଉଛି ଆତ୍ମା; ମାତ୍ର ଯେଉଁ ପ୍ରାକୃତ ଜୀବଗୁଡ଼ିକର ଆତ୍ମାରୂପେ ତାହା ଅବସ୍ଥିତ ରହିଥାଏ, ସେଗୁଡ଼ିକ ହେଉଛନ୍ତି କେବଳ କ୍ଷଣିକର ପ୍ରତିଭାସ ମାତ୍ର । ଆପଣା ନିର୍ବିଶେଷତା ହେତୁ ଏହାହିଁ ଯାବତୀୟ ବିଷୟର ଆଧାରରୂପେ ପ୍ରତିଷ୍ଠିତ ରହିଛି; ମାତ୍ର ଏହି ଆଧାରଟି ଉପରେ ଯେଉଁ ଜଗତଟିର ରଚନା ହୋଇଛି, ତାହାର ଆଦୌ ନିଜର କୌଣସି ଅସ୍ତିତ୍ୱ ନାହିଁ, ବା ଯାହା କେବଳ ଏକ ଆଭାସରୂପେ ବର୍ତ୍ତମାନ ରହିଛି ଅଥବା ତାହା କୌଣସିପ୍ରକାରେ ଏକ ଅସତ୍ୟ ସତ୍ୟ ବା ଅବାସ୍ତବ ବାସ୍ତବରୂପେ ବିଦ୍ୟମାନ ଅଛି । ମୋଟ ଉପରେ କହିଲେ ଏହା ହେଉଛି ଏକ ବିଶ୍ୱଭ୍ରମ । କାରଣ ପରମ ବା ଅସଲ ସତ୍ୟ ହେଉଛି ଏକ, ଏହାର ଆଉ ଦ୍ୱିତୀୟ ନାହିଁ । ଶାଶ୍ୱତକାଳ ଲାଗି ସେଥିରୁ କୌଣସି ବ୍ୟାକୃତି ବା ପରିବର୍ତ୍ତନ କଦାପି ହୋଇପାରିବ ନାହିଁ । ଅସ୍ତିତ୍ୱ କହିଲେ କେବଳ ତାହାକୁହିଁ ବୁଝାଇବ । ତାହାବ୍ୟତୀତ ଅସ୍ତିତ୍ୱ କହିଲେ ଆଉ କେଉଁଠିହେଲେ କିଛି ନାହିଁ, ଏହି ପରମସତ୍ତାର ବସ୍ତୁତଃ କୌଣସି ସମ୍ଭୂତି ମଧ୍ୟ ନାହିଁ । ଏହା ନାମ, ରୂପ, କ୍ରିୟା, ସମ୍ବନ୍ଧ ଏବଂ ସଂଘଟନର ଅତୀତ ହୋଇ ରହିଛି ଏବଂ ସବୁଦିନ ଲାଗି କେବଳ ସେହିପରିହିଁ ରହିବ । ଯଦି ଏହା ଭିତରେ ଚେତନା ବୋଲି କିଛି ରହିଥାଏ, ତେବେ ତାହା ଏହାର ନିର୍ବିଶେଷ ସ୍ୱକୀୟ ସତ୍ତାରହିଁ ଏକ ବିଶୁଦ୍ଧ ଚେତନା ହେବ । ମାତ୍ର ସେପରି କ୍ଷେତ୍ରରେ ପୁଣି ଏହି ସତ୍ୟ ଓ ବିଶ୍ୱଭ୍ରମ ମଧ୍ୟରେ କିଭଳି ସମ୍ବନ୍ଧ ରହିବ ? କେଉଁ ରହସ୍ୟ ବା କୁହୁକଦ୍ୱାରା ଏହି ଭ୍ରମ ରଚିତ ହେଉଛି ବୋଲି କୁହାଯିବ । କାଳର ଭୂମି ଉପରେ ଏହି ମାୟା କିପରି ଆବିର୍ଭୂତ ହେଲା ଓ ଚିରକାଳ ଲାଗି ସେଠାରେ ପ୍ରତିଷ୍ଠିତ ହୋଇ ରହିଲା, ଏହି ପ୍ରଶ୍ନଟିର କି ଉତ୍ତର ଦିଆଯିବ ?

ଯଦି ଏକମାତ୍ର ବ୍ରହ୍ମହିଁ ସତ୍ୟ ହୁଏ, ତେବେ କେବଳ ସେହି ବ୍ରହ୍ମର ଏକ ଚେତନା ବା ଶକ୍ତିହିଁ ପ୍ରକୃତ ସ୍ରଷ୍ଟା ହୋଇପାରିବ, କେବଳ ସେଇ ସତ୍ୟବସ୍ତୁଗୁଡ଼ିକର ସ୍ରଷ୍ଟା ବୋଲି କୁହାଯାଇ ପାରିବ । ମାତ୍ର କେବଳ ଶୁଦ୍ଧ ଓ ନିର୍ବିଶେଷ ବ୍ରହ୍ମ ବ୍ୟତୀତ ଆଉ କେଉଁଠିହେଲେ କୌଣସି ସତ୍ୟ ନାହିଁ ବୋଲି ଯଦି ମାନି ନିଆଯାଏ, ତେବେ ବ୍ରହ୍ମର କୌଣସି ସତ୍ୟମୂଳକ ସୃଜନୀଶକ୍ତି ରହିଛି ବୋଲି ଆଉ କୁହାଯାଇ ପାରିବ ନାହିଁ । ଯଦି ବ୍ରହ୍ମଚେତନା ଭିତରେ ସତ୍ୟ ସତ୍ତା, ସତ୍ୟ ରୂପାୟନ ଓ ସତ୍ୟ ଘଟଣା-ଗୁଡ଼ିକ ବିଷୟରେ ଯଥାର୍ଥ ଜ୍ଞାନ ରହିଥାଏ, ତେବେ ସମ୍ଭୂତିକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରିବାକୁ ପଡ଼ିବ, ବିଶ୍ୱର ଚିନ୍ମୟ ଓ ଜଡ଼ମୟ ଉଭୟ ରୂପକୁ ସତ୍ୟ ବୋଲି ମାନିବାକୁ ପଡ଼ିବ । ମାତ୍ର କେବଳ ବ୍ରହ୍ମକୁହିଁ ଏକମାତ୍ର ପରମ ସତ୍ୟ ବୋଲି ଗ୍ରହଣ କରୁଥିବା ଅନୁଭୂତିଟି ଏହି ଜ୍ଞାନଟିର ଖଣ୍ଡନ କରିଥାଏ, ତାହାକୁ ଅଯଥାର୍ଥ ବୋଲି ଘୋଷଣା କରିଥାଏ । ଅସ୍ତିତ୍ୱ କହିଲେ କେବଳ ସେହି ଅଦ୍ୱିତୀୟ ବ୍ରହ୍ମରହିଁ ଅସ୍ତିତ୍ୱ ରହିଛି, ଏକଥା ଘୋଷଣା କରିବା ମାତ୍ରକେ ଏହା ଭିତରେ ଉକ୍ତ ଜ୍ଞାନଟି ଲାଗି ନ୍ୟାୟତଃ

'oaob.nitrkl.ac.in' images reprocessed

ଆଉ କୌଣସି ସ୍ଥାନ ନଥାଏ । ମାୟାହିଁ ସତ୍ତାଗୁଡ଼ିକର ସୃଷ୍ଟି କରେ, ନାମ, ରୂପ, ଘଟଣା ଓ ବସ୍ତୁଗୁଡ଼ିକୁ ସୃଷ୍ଟି କରେ; ତେଣୁ ସେଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । କାରଣ ଏଗୁଡ଼ିକୁ ସତ୍ୟ ବୋଲି ଗ୍ରହଣ କଲେ ତାହା ପରମ ଅଦ୍ୱିତୀୟ ସତ୍ତାର ଅନିର୍ଦ୍ଦେଶ୍ୟ ବିଶୁଦ୍ଧତାର ବିରୋଧ କଲାପରିହିଁ ହେବ । ତେଣୁ ମାୟା ସତ୍ୟ ନୁହେଁ, ଏହାର କୌଣସି ଅସ୍ତିତ୍ୱ ନାହିଁ । ମାୟା ହେଉଛି ସ୍ୱୟଂ ଏକ ଭ୍ରମ, ଯାହାକି ଅଗଣିତ ଯାବତୀୟ ଭ୍ରମକୁ ଜନ୍ମ ଦେଇଥାଏ । ମାତ୍ର ଏହି ଭ୍ରମ ଓ ତାହାର ବିସୃଷ୍ଟିଗୁଡ଼ିକର ତଥାପି କୌଣସି ନା କୌଣସି ଅସ୍ତିତ୍ୱ ରହିଛି, ଏବଂ ସେହି ଦୃଷ୍ଟିରୁ ସେଗୁଡ଼ିକୁ ବି ସତ୍ୟ ବୋଲି କୁହାଯାଇ ପାରିବ । ପୁଣି, ଏହି ବିଶ୍ୱଜଗତ ମଧ୍ୟ କେବଳ ଏକ ଶୂନ୍ୟ ଉପରେହିଁ ଅବସ୍ଥାପିତ ହୋଇ ତିଷ୍ଠି ରହି ନାହିଁ, କାରଣ ତାହା ବ୍ରହ୍ମ ଉପରେ ଆରୋପିତ ରହିଛି; ତେଣୁ ଗୋଟିଏ ଦୃଷ୍ଟିରୁ ଦେଖିଲେ ତାହା ସେହି ଅଦ୍ୱିତୀୟ ପରମସତ୍ୟରେହିଁ ଆଧାରିତ ରହିଛି । ମାୟା ଭିତରେ ଭ୍ରମି ରହିଥିବା ଆମେ ଏହି ଜଗତର ରୂପ, ନାମ, ସମ୍ବନ୍ଧ ଓ ସଂଘଟନଗୁଡ଼ିକୁ ନେଇ ବ୍ରହ୍ମ ଉପରେ ଆରୋପିତ କରି ଦେଉଛୁ, ସବୁକିଛିକୁ କେବଳ ବ୍ରହ୍ମ ବୋଲି ଅନୁଭବ କରୁଛୁ ଏବଂ ଏହିସବୁ ପ୍ରାତିଭାସିକ ଅସତ୍ୟର ମାଧ୍ୟମରେହିଁ ପରମ ସତ୍ୟଙ୍କୁ ଦେଖିବାରେ ଅଭ୍ୟସ୍ତ ହୋଇ ରହିଛୁ । ଅତଏବ ଏହି ମାୟା ଭିତରେ ଏକ ସତ୍ୟ ନିହିତ ରହିଛି, ମାୟା ହେଉଛି ଉଭୟ ସତ୍ୟ ଓ ଅସତ୍ୟ, ଅସ୍ତିତ୍ୱବାଚକ ପୁଣି ଅସ୍ତିତ୍ୱବର୍ଜିତ । ଅଥବା, ହୁଏତ କୁହାଯାଇ ପାରେ ଯେ ଏହା ସତ୍ୟ ନୁହେଁ ବା ଅସତ୍ୟ ବି ନୁହେଁ । ଏହା ଏକ ବିରୋଧାଭାସ, ଆମ ବୁଦ୍ଧିଗତ ପରିଧିର ସେପାଖରେ ରହିଥିବା ଏକ ପ୍ରହେଳିକା । ତେବେ ସେହି ରହସ୍ୟଟିର ବା ସ୍ୱରୂପ କ'ଣ ? କିମ୍ବା ଆମେ ଏହାକୁ ସମାଧାନର ଅତୀତ ଏକ ରହସ୍ୟ ବୋଲି କହିବା କି ? ବ୍ରହ୍ମସତ୍ତାର ଭୂମି ଉପରେ ଏହି ମାୟା କିପରି ଆସି ଅବତୀର୍ଣ୍ଣ ହେଲା, ମାୟାରୂପୀ ଏହି ଅସତ୍ୟ ସତ୍ୟଟିର ଅସଲ ପ୍ରକୃତିଟି ବା କ'ଣ ?

କୌଣସି ନା କୌଣସି ରୂପରେ ବ୍ରହ୍ମ ନିଶ୍ଚୟ ମାୟାର ସ୍ରଷ୍ଟା ହୋଇଥିବ,—ହଠାତ୍ ଦୃଷ୍ଟିପାତ କଲେ ଏହିଭଳି ଏକ ଅନୁମାନ କରିବାକୁ ବାଧ୍ୟ ହେବାକୁ ହୁଏ; କାରଣ ବ୍ରହ୍ମ ହେଉଛନ୍ତି ଏକମାତ୍ର ପରମସତ୍ୟ, ତେବେ ସିଏ ଯଦି ସ୍ରଷ୍ଟା ନହେବେ, ତେବେ ଆଉ କିଏ ମାୟାର ସ୍ରଷ୍ଟା ହୋଇପାରିବ ? ଆଉ ଦ୍ୱିତୀୟ ସ୍ରଷ୍ଟା ରହିଥିବାର ତ ପ୍ରଶ୍ନହିଁ ଉଠୁ ନାହିଁ । ଆମ ଭିତରର ଯେଉଁ ବ୍ୟକ୍ତିସତ୍ତାଟି ଆପାତ ସାକ୍ଷୀ ପରି ବୋଧହେଉଛି, ସିଏ ସ୍ୱୟଂ ପ୍ରାତିଭାସିକ ଓ ଅସତ୍ୟ, କେବଳ ମାୟାରହିଁ ଏକ ବିସୃଷ୍ଟି । ମାତ୍ର ଯଦି ବ୍ରହ୍ମଙ୍କୁ ସ୍ରଷ୍ଟା ବୋଲି ସ୍ୱୀକାର କରି ନିଆଯାଏ, ତେବେ ମାତ୍ର କ୍ଷଣକ ସକାଶେ ମଧ୍ୟ ଏହି ମାୟାର ବିଦ୍ୟମାନ ରହିବା କିପରି ସମ୍ଭବ ହେବ ? କାରଣ ଏହି ସ୍ରଷ୍ଟାର ଯଥାର୍ଥ ଚେତନା ହେଉଛି ତାହାର ଆତ୍ମଚେତନା, ଯାହାମଧ୍ୟରେ କି

'oaob.nitrkl.ac.in' images reprocessed

କେବଳ ତାହାର ବିଶୁଦ୍ଧ ସତ୍‌ସ୍ୱରୂପର ଜ୍ଞାନଟିକୁ ଛାଡ଼ିଦେଲେ ଆଉ ଅନ୍ୟ କୌଣସି ଜ୍ଞାନର ଅବସ୍ଥିତି ନାହିଁ । ଯଦି ବ୍ରହ୍ମହିଁ ତାଙ୍କର ଯଥାର୍ଥ ଚେତନାଦ୍ୱାରା ଜଗତ ଓ ଜଗତ୍‌ବସ୍ତୁକୁ ଦେଖୁଥା'ନ୍ତି, ତେବେ ସେସବୁ କେବଳ ତାଙ୍କର ସ୍ୱରୂପ ଧାରଣ କରୁଥିବ ଏବଂ ତେଣୁ ସତ୍ୟ ବୋଲି ସାବ୍ୟସ୍ତ ହେବ । ମାତ୍ର ସେଗୁଡ଼ିକ ପ୍ରକୃତରେ ବିଶୁଦ୍ଧ ସତ୍ତା ନୁହନ୍ତି, ଖୁବ୍ ବେଶୀହେଲେ ସେଗୁଡ଼ିକ ବ୍ରହ୍ମର କେବଳ ରୂପାୟନ ମାତ୍ର ଏବଂ ପ୍ରାତିଭାସିକ ଅଜ୍ଞାନର ମଧ୍ୟଦେଇହିଁ ଦୃଷ୍ଟିଗୋଚର ହୋଇଥା'ନ୍ତି । ତେଣୁ ଜଗତକୁ ସତ୍ୟ କହୁଥିବା ଏହି ବାସ୍ତବବାଦୀ ସିଦ୍ଧାନ୍ତଟି ଗୃହୀତ ହୋଇପାରିବ ନାହିଁ । ତଥାପି, ଅନ୍ତତଃ ସାମୟିକ ଭାବରେ ଆମକୁ ଏହି ବିଶ୍ୱଜଗତକୁ ଏକ ବାସ୍ତବ ଘଟଣା ବୋଲି ସ୍ୱୀକାର କରିବାକୁହିଁ ପଡ଼ିବ । ଅବଶ୍ୟ ତାହାର ତତ୍ତ୍ୱଭାବଟିକୁ, ଅର୍ଥାତ୍ ଜଗତକୁ ମୂଳତଃ ଏକ ସତ୍‌ବସ୍ତୁ ବୋଲି ସ୍ୱୀକାର କରିବା ସମ୍ଭବ ହେବ ନାହିଁ । କାରଣ ଜଗତରେ ମାୟା ରହିଛି ଓ ତା'ର କ୍ରିୟାବଳୀ ମଧ୍ୟ ଲାଗି ରହିଛି ଏବଂ ମୂଳତଃ ସେଗୁଡ଼ିକ ଯେତେ ମିଥ୍ୟା ହେଲେ ମଧ୍ୟ ଆମର ଚେତନା ଉପରେ ଗୋଟିଏ ଗୋଟିଏ ସତ୍ୟରୂପେ ଆବୋରି କରି ରହିଛି । ତେଣୁ ଏଇଟିକୁ ସ୍ୱୀକାର କରିନେଇହିଁ ଏହାରି ଭିତ୍ତି ଉପରେ ଆମକୁ ସମସ୍ୟାଟିର ସମ୍ମୁଖୀନ ହୋଇ ତାହାର ସମାଧାନ କରିବାକୁ ପଡ଼ିବ ।

ଯଦି କୌଣସି ଏକ ଦୃଷ୍ଟିରୁ ମାୟା ସତ୍ୟ ହୋଇଥାଏ, ତେବେ ଆମକୁ ଏହି ସିଦ୍ଧାନ୍ତଟିରେ ବି ପହଞ୍ଚିବାକୁ ହେବ ଯେ ସେହି ଦୃଷ୍ଟିରୁ ପରମସତ୍ୟ ବ୍ରହ୍ମକୁ ମଧ୍ୟ ମାୟାର ଜ୍ଞାତା ବୋଲି ବୁଝାଯାଇ ପାରିବ । ମାୟା ସେହି ବ୍ରହ୍ମର ବିଭେଦବୋଧୀ ଶକ୍ତି ହୋଇପାରେ, କାରଣ ଅଦ୍ୱିତୀୟ ଆଧ୍ୟାତ୍ମିକ ପରମାତ୍ମାଙ୍କର ପ୍ରକୃତ ଚେତନାଠାରୁ ଆପଣାକୁ ଭିନ୍ନ ବୋଲି ଅନୁଭବ କରୁଥିବା ମାୟାଚେତନାର ଶକ୍ତିହିଁ ହେଉଛି ଭେଦଦର୍ଶନର ଶକ୍ତି ଓ ଭେଦ ସୃଷ୍ଟି କରିବାର ଶକ୍ତି । ଅଥବା, ଯଦି ଏହି ବିଭେଦ-ସୃଷ୍ଟିକୁ ମାୟାଶକ୍ତିର ସାରସତ୍ୟ ନୁହେଁ, ମାତ୍ର କେବଳ ଏକ ପରିଣାମ ବୋଲି ବିଚାର କରାଯାଏ, ତେବେ ମାୟାକୁ ମଧ୍ୟ ବ୍ରହ୍ମଚେତନାର ଅନ୍ତତଃ କୌଣସି ଏକ ଶକ୍ତି ବୋଲି କହିବାକୁ ପଡ଼ିବ । କାରଣ କେବଳ ଏକ ଚେତନାହିଁ ଏକ ଭ୍ରାନ୍ତିକୁ ଦେଖିପାରିବ କିମ୍ବା ତାହାକୁ ସୃଷ୍ଟି କରିପାରିବ, ଏବଂ କେବଳ ବ୍ରହ୍ମର ଚେତନା ବ୍ୟତୀତ ଆମେ ଅନ୍ୟ କୌଣସି ମୂଳଭୂତ ଏବଂ ଉତ୍ପତ୍ତିକାରୀ ଚେତନାର କଳ୍ପନାହିଁ କରିପାରିବା ନାହିଁ । ମାତ୍ର ବ୍ରହ୍ମ କହିଲେ ସର୍ବଦା ଏକ ଆତ୍ମଜ୍ଞାନସମ୍ପନ୍ନ ପରମସତ୍ତାକୁ ବୁଝାଇବ; ତେଣୁ ଏପରିସ୍ଥଳେ ଆମକୁ ବ୍ରହ୍ମଚେତନାର ଦୁଇଟି ଭିନ୍ନଭିନ୍ନ ଅବସ୍ଥା ସ୍ୱୀକାର କରିବାକୁ ପଡ଼ିବ । ଗୋଟିଏ ହେଉଛି ଏକମାତ୍ର ଓ ଅଦ୍ୱିତୀୟ ପରମସତ୍ୟର ଚେତନା, ଏବଂ ଆଉ ଗୋଟିଏ ହେଉଛି ଅବାସ୍ତବତାଗୁଡ଼ିକ ସମ୍ବନ୍ଧରେ ଚେତନା । ସେହି ଅବାସ୍ତବତାଗୁଡ଼ିକୁ ଏହି ଦ୍ୱିତୀୟ ଚେତନାଟି ଏକ ସୃଷ୍ଟିମୂଳକ ବୋଧ ଦେଇ

'oaob.nitrkl.ac.in' images reprocessed

ଦେଖିଥାଏ, ଏବଂ ସେହି କାରଣରୁହିଁ ସେଗୁଡ଼ିକ ଭିତରେ ଏକ ଆପାତ ଅସ୍ତିତ୍ୱବୋଧ ଫୁଟି ଉଠିଥାଏ । ଏହିସବୁ ଅବାସ୍ତବତା ବା ଅବସ୍ତୁ କଦାପି ପରମସତ୍ୟର ଉପାଦାନରେ ଗଠିତ ହୋଇପାରିବେ ନାହିଁ, କାରଣ ତାହାହେଲେ ସେଗୁଡ଼ିକ ମଧ୍ୟ ସତ୍ୟବସ୍ତୁରେ ପରିଣତ ହୋଇଯିବେ । ଏହି ଦୃଷ୍ଟିରେ ଆମେ ଆଉ ଏହି ଜଗତ ପରମ ସତ୍ୟରୁହିଁ ଜାତ ହୋଇଛି ଏବଂ ସେହି ଶାଶ୍ୱତ ପରମ ପୁରୁଷଙ୍କର ଏକ ସମ୍ଭୂତ ବା ପରିଣାମରୂପେ ପ୍ରତିଷ୍ଠିତ ରହିଛି ବୋଲି ଉପନିଷଦରେ ଘୋଷଣା କରାଯାଇଥିବା ସତ୍ୟଟିକୁ ଗ୍ରହଣ କରିନେଇ ପାରିବା ନାହିଁ । ବ୍ରହ୍ମ ଏହି ଜଗତର ଭୌତିକ କାରଣ ନୁହନ୍ତି,—ଆମର ଆତ୍ମାପରି ଆମର ପ୍ରକୃତ ଚିନ୍ମୟ ବା ଆଧ୍ୟାତ୍ମିକ ଉପାଦାନ ଦେଇ ରଚିତ ହୋଇ ନାହିଁ । ମାୟାରୂପକ ଅବାସ୍ତବ ବାସ୍ତବତାରୁହିଁ ଏହାର ରଚନା ହୋଇଛି । ମାତ୍ର ଅପର ପକ୍ଷରେ ଆମର ଆଧ୍ୟାତ୍ମିକ ଚିନ୍ମୟ ସତ୍ତାଟି ସେହି ଉପାଦାନ ଦ୍ୱାରା ଗଢ଼ାହୋଇଛି, ତାହାକୁ ଆମେ ବସ୍ତୁତଃ ବ୍ରହ୍ମ ବୋଲି କହିପାରିବା । ବ୍ରହ୍ମ ଏହି ମାୟାଭୂମିର ଊର୍ଦ୍ଧ୍ୱରେ ଅବସ୍ଥିତ ଅଛନ୍ତି, ମାତ୍ର ମାୟାର ଉପରେ ତଥା ମାୟାସ୍ଥିତ ରହି ସେ ଆପଣା ସୃଷ୍ଟିର ଜ୍ଞାତାରୂପେ ମଧ୍ୟ ପ୍ରତିଷ୍ଠିତ ରହିଛନ୍ତି । ଏକ ପ୍ରକୃତ ଓ ଶାଶ୍ୱତ ଜ୍ଞାତା, ଏକ ଅସତ୍ୟମୟ ଜ୍ଞେୟ ଓ ଅସତ୍ୟମୟ ଜ୍ଞେୟର ଅର୍ଦ୍ଧ-ସତ୍ୟମୟ ସ୍ରଷ୍ଟା ହିସାବରେ କାର୍ଯ୍ୟ କରୁଥିବା ଏକ ଜ୍ଞାନ;—ତିନୋଟିଯାକକୁ ନେଇ ଆମ ଆଗରେ ଯେଉଁ ପ୍ରହେଳିକାଟି ରହିଛି, କେବଳ ବ୍ରହ୍ମ ଭିତରେ ଦୁଇପ୍ରକାରର ଚେତନାକୁ ସ୍ୱୀକାର କରିନେବାଦ୍ୱାରାହିଁ ଆମେ ତାହାର ଏକ ସଙ୍ଗତ ବ୍ୟାଖ୍ୟା ପାଇପାରିବା ।

ଯଦି ଏହି ଦ୍ୱୈତ ଚେତନାଟିକୁ ସ୍ୱୀକାର କରାନଯାଏ ଓ କେବଳ ମାୟାକୁହିଁ ବ୍ରହ୍ମର ଏକମାତ୍ର ଚେତନାଶକ୍ତି ବୋଲି ବୁଝାଯାଏ, ତେବେ ଆମକୁ ନିମ୍ନୋକ୍ତ ଦୁଇଟି ଉକ୍ତିରୁ ଗୋଟିକୁ ସତ୍ୟ ବୋଲି ମାନିନେବାକୁ ପଡ଼ିବ । ପ୍ରଥମତଃ, ବ୍ରହ୍ମଚେତନାର ଏକ ଆଶ୍ରୟଗତ କ୍ରିୟାକୁହିଁ ମାୟାର ଶକ୍ତି ବୋଲି କହିବାକୁ ପଡ଼ିବ;—ଏହି ଶକ୍ତି ବ୍ରହ୍ମର ନୈଶବ୍ଦ୍ୟ ଓ ଅତିଚେତନ ଅବିଚଳତାରୁ ଉଦ୍‌ଗତ ହେଉଛି ଓ ଏଭଳି ଅନୁଭୂତିଗୁଡ଼ିକର ଧାରାକୁ ଅନୁସରଣ କରି ଚାଲିଛି, ଯେଉଁଗୁଡ଼ିକୁ କି ଆମେ ସତ୍ୟ ବା ବାସ୍ତବ ଅନୁଭୂତି ବୋଲି କହିପାରିବା, କାରଣ ସେଗୁଡ଼ିକ ହେଉଛନ୍ତି ବ୍ରହ୍ମଚେତନାରହିଁ ଅଂଶ; ମାତ୍ର ଯେଉଁଗୁଡ଼ିକୁ ଆମେ ଅସତ୍ୟ ଓ ଅବାସ୍ତବ ବୋଲି ମଧ୍ୟ କହିପାରିବା, କାରଣ ସେଗୁଡ଼ିକ ବ୍ରହ୍ମଗତ ସତ୍ତାର ଅଂଶ ନୁହନ୍ତି । ଅଥବା, ମାୟାକୁ ଆମେ ବ୍ରହ୍ମର ଏକ ବିଶ୍ୱଗତ କଳ୍ପନାଶକ୍ତି ବୋଲି ଅନୁମାନ କରିପାରିବା, ଯାହାକି ତାଙ୍କର ଶାଶ୍ୱତ ସତ୍ତାରେ ଅନ୍ତର୍ନିହିତ ହୋଇ ରହିଛି ଏବଂ ଶୂନ୍ୟ ବା ଅସତ୍ତ ମଧ୍ୟରୁହିଁ ନାନା ନାମ, ରୂପ ଓ ଘଟଣାର ସୃଷ୍ଟି କରିବାରେ ଲାଗିଛି, ଯାହାକି ଆଦୌ ସତ୍ୟ ନୁହେଁ । ସେପରି କ୍ଷେତ୍ରରେ ମାୟାକୁ ସତ୍ୟ ବୋଲି

'oaob.nitrkl.ac.in' images reprocessed

ସ୍ୱୀକାର କରିବାକୁ ପଡ଼ିବ, ମାତ୍ର ମାୟାରୁ ଜାତ ହେଉଥିବା ବସ୍ତୁସୃଷ୍ଟିଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଖାଲି ଇଚ୍ଛା କଳ୍ପନା ବୋଲି କହିବାକୁ ହେବ । ମାତ୍ର ପ୍ରଶ୍ନ ହେଉଛି, ଆମେ କ'ଣ ପ୍ରକୃତରେ କଳ୍ପନାକୁହିଁ ପରମ ଶାଶ୍ୱତଙ୍କର ଏକମାତ୍ର ଗତିଶୀଳ ବା ସୃଜନକାରୀ ଶକ୍ତି ବୋଲି ସ୍ୱୀକାର କରିନେଇ ପାରିବା କି ? ଯାହାର ଚେତନା ମଧ୍ୟରେ ଅଜ୍ଞାନ ମିଶ୍ରିତ ହୋଇ ରହିଛି, ସେହିଭଳି କୌଣସି ଆଂଶିକ ସାମର୍ଥ୍ୟଯୁକ୍ତ ସତ୍ତା ଲାଗିହିଁ କଳ୍ପନାର ଆବଶ୍ୟକତା ରହିଛି । କାରଣ ସେହି କ୍ଷେତ୍ରରେ କଳ୍ପନା ଓ ଅନୁମାନଦ୍ୱାରା ଆପଣାର ଅଜ୍ଞାନଜନିତ ଅଭାବର ପରିପୂରଣ କରିବାର ପ୍ରୟୋଜନ ଅଛି, ମାତ୍ର ଏକ ପରିପୂର୍ଣ୍ଣଶକ୍ତି ପରମସତ୍ତାର ପରିପୂର୍ଣ୍ଣ ଚେତନା ମଧ୍ୟରେ କଳ୍ପନାର ଗତିସ୍ପନ୍ଦନ ଲାଗି ଆଦୌ କୌଣସି ସ୍ଥାନ ରହି ନପାରେ । ଅସତ୍ୟ ବସ୍ତୁ ସୃଷ୍ଟି କରିବା ଲାଗି ଏହି ପରମସତ୍ତାର ଆଦୌ କୌଣସି ପ୍ରୟୋଜନ ନାହିଁ, କାରଣ ତାହା ସର୍ବଦା ଶୁଦ୍ଧ ଓ ଆତ୍ମପରିପୂର୍ଣ୍ଣ ରହିଛି । ତେଣୁ ଯେଉଁ ପରିପୂର୍ଣ୍ଣ ଓ ଅଦ୍ୱିତୀୟ ପରମସତ୍ୟ ସ୍ୱରୂପତଃ ପରିପୂର୍ଣ୍ଣ ରହିଛି, ଆପଣାର ଶାଶ୍ୱତତା ମଧ୍ୟରେହିଁ ଆନନ୍ଦମଗ୍ନ ହୋଇ ରହିଛି, ପ୍ରକାଶ ଲାଗି ପ୍ରତୀକ୍ଷା କରି ଯାହା ଭିତରେ କିଛିହେଲେ ବସି ନାହିଁ, ଯାହା କାଳାତୀତ ଭାବରେ କେବଳ ପରିପୂର୍ଣ୍ଣ ହୋଇ ରହିଛି, ତାହାର ସତ୍ତା ଭିତରେ ଏପରି କ'ଣ ଏକ ଉପାଦାନ ରହିଛି ଯାହାକି ତାହାକୁ ଏକ ମିଥ୍ୟା ଦେଶ ଓ ମିଥ୍ୟା କାଳର ସୃଷ୍ଟି କରିବାକୁ ବାଧ୍ୟ କରୁଛି ବା ପ୍ରବର୍ତ୍ତାଇବାରେ ଲାଗିଛି, ସେକଥା ବୁଝିବା ପ୍ରକୃତରେ ବଡ଼ କଷ୍ଟକର । ତାହାର ପ୍ରବର୍ତ୍ତନା ବା ଆଦେଶରେ ଯେ ତାହା ଏଠାରେ ମିଛ ରୂପ ଓ ମିଛ ଘଟଣାର ଏକ ଅସରନ୍ତି ବିଶ୍ୱପ୍ରଦର୍ଶନୀର ଭିଆଣ ଲଗାଇଛି, ସେକଥା ଆଦୌ ବୁଝିହେଉ ନାହିଁ । ଏହି ସମାଧାନଟି ନ୍ୟାୟତଃ ଅପ୍ରଯୁଜ୍ୟ ଓ କଦାପି ଠିକ ପାରିବ ନାହିଁ ।

ସମ୍ପୂର୍ଣ୍ଣ ଆଶୟଗତ ଏକ ଅସତ୍ୟ ସତ୍ୟ ବା ଅବାସ୍ତବ ବାସ୍ତବତାର ଏହି କଳ୍ପନାଟି ଏକ ବିଭେଦଦୃଷ୍ଟିରୁହିଁ ଜନ୍ମଲାଭ କରିଥାଏ । ଭୌତିକ ପ୍ରକୃତିର ଭୂମିରେ ବିଚରଣ କରୁଥିବା ଆମର ମନ ଆପଣାର ଆଶୟଗତ ଓ ବିଷୟଗତ ଅନୁଭବଗୁଡ଼ିକୁ ଯେଉଁ ବିଭେଦ ଦେଇ ଦେଖିଥାଏ, ଏଠାରେ ତାହାରି କଥା କୁହାଯାଉଛି । କାରଣ ଆପଣାର ବିଷୟଗତ ଅନୁଭବଗୁଡ଼ିକୁହିଁ ମନ ତା'ର ନିଶ୍ଚିତ ଦୃଢ଼ବୋଧ ହେଲାଭଳି ଗୋଟାପୁଣ୍ଡା ଓ ଖାଣ୍ଟି ସତ୍ୟ ବୋଲି ଜାଣିଥାଏ । ମାତ୍ର ବ୍ରହ୍ମଚେତନା ମଧ୍ୟରେ ଏଭଳି ଏକ ବିଭେଦ ପାଇଁ ମୋଟେ କୌଣସି ସ୍ଥାନ ରହିବ ନାହିଁ, କାରଣ ବ୍ରହ୍ମର ବିସ୍ତୃତଭୂମି ଉପରେ ହୁଏତ କୌଣସି ଜ୍ଞାତା ନଥିବ କି କୌଣସି ଜ୍ଞେୟ ନଥିବ, ଅର୍ଥାତ୍ ଆଶୟ ବୋଲି କିଛି ନଥିବ ବା ବିଷୟ ବୋଲି କିଛି ନଥିବ; କିମ୍ବା ସ୍ୱୟଂ ବ୍ରହ୍ମହିଁ ଆପଣା ଚୈତନ୍ୟର ଏକମାତ୍ର ସମ୍ଭାବ୍ୟ ଜ୍ଞାତା ବା ଆଶୟ ହୋଇ ରହିଥିବେ

ଏବଂ ସେଇ ଜନେ ଏକମାତ୍ର ସମ୍ଭାବ୍ୟ ଜ୍ଞେୟ ବା ବିଷୟ ମଧ୍ୟ ହୋଇ ରହିଥିବେ । ବ୍ରହ୍ମର ବାହାରେ ବିଷୟଗତ ବା ଜ୍ଞେୟ ରୂପରେ କେଉଁଠି କିଛିହେଲେ ନଥିବ, କାରଣ ବ୍ରହ୍ମ ବ୍ୟତୀତ ଆଉ କେଉଁଠି କିଛିହେଲେ ନଥିବ । ତେଣୁ, ଆପଣା ଚେତନାର ଏକ ଆଶୟଗତ କ୍ରିୟାଦ୍ୱାରା ବ୍ରହ୍ମ ଯେ ମିଥ୍ୟା ଭାସମାନଭାବ ଏକ ଜଗତର ସୃଷ୍ଟି କରୁଛନ୍ତି, ଯାହାକି ଏକମାତ୍ର ସତ୍ୟ ବସ୍ତୁଠାରୁ ଏକ ଭିନ୍ନ ରୂପ ହୋଇ ରହିଛି ବା ତାହାର ଏକ ବିକୃତିକୁହିଁ ପ୍ରକାଶ କରୁଛି, ଏପରି ଏକ ଧାରଣା କରି ବସିଲାବେଳେ ଆମର ମନ ସତେଅବା ଆପଣାକୁ ନେଇ ବ୍ରହ୍ମ ଉପରେ ଆରୋପଣ କରି ଦେଉଥିବା ପରିହିଁ ମନେହେଉଛି । ଶୁଦ୍ଧ ଓ ପରିପୂର୍ଣ୍ଣ ପରମସତ୍ୟ ଉପରେ ଏହି ମନ ଆପଣାର ଅପୂର୍ଣ୍ଣଭାବଟାକୁହିଁ ନେଇ ଲଦିଦେଉଛି । ମାତ୍ର ଅପୂର୍ଣ୍ଣ ମନର କ୍ଷେତ୍ରରେ ଯାହା ଲାଗୁ ହୋଇପାରୁଛି, ଏକ ସର୍ବାଧୀଶ୍ୱର ପରମସତ୍ତାର କ୍ଷେତ୍ରରେ ତାହାକୁ ଯଥାର୍ଥରେ କଦାପି ଲାଗୁ କରାଯାଇ ପାରିବ ନାହିଁ । ଅନ୍ୟପକ୍ଷରେ ବ୍ରହ୍ମଙ୍କର ଚେତନା ଓ ତାଙ୍କର ସତ୍ତାକୁ ଦୁଇଟି ଭିନ୍ନ ଭିନ୍ନ ବସ୍ତୁରୂପେ ବିଚାର କରିବାକୁ ଗଲେ ସେଥିରେ ମଧ୍ୟ କୌଣସି ପ୍ରାମାଣିକତା ରହିବ ନାହିଁ । କାରଣ ବ୍ରହ୍ମଚେତନା ଓ ବ୍ରହ୍ମସତ୍ତାକୁ ଦୁଇଟି ଭିନ୍ନଭିନ୍ନ ସତ୍ୟ ବୋଲି ସ୍ୱୀକାର କଲେ ଯାଇ ତାହା ସମ୍ଭବ ହୋଇପାରିବ । ସେତେବେଳେ ହିଁ ଏକଥା କହିବାକୁ ପଡ଼ିବ ଯେ ବ୍ରହ୍ମର ଚେତନା ଆପଣାର ଅନୁଭୂତି-ଗୁଡ଼ିକୁ ଆଣି ବ୍ରହ୍ମର ଶୁଦ୍ଧସତ୍ତା ଉପରେ ଲଦିଦେବାରେ ଲାଗିଛି, ମାତ୍ର ସେହି ସତ୍ତାକୁ ସେ ସ୍ପର୍ଶ କରିପାରୁ ନାହିଁ, ତାହାକୁ କୌଣସିପ୍ରକାରେ ପ୍ରଭାବିତ କରିପାରୁ ନାହିଁ କିମ୍ବା ତା'ଭିତରେ ପ୍ରବେଶ କରିପାରୁ ନାହିଁ । ତେଣୁ ନିସ୍ପର୍ଶ ହେଉଛି, ସର୍ବୋପରି ଅଦ୍ୱିତୀୟ ପରମ ଆତ୍ମ-ସତ୍ତା ହିସାବରେ ହିଁ ଅଛନ୍ତି ଅଥବା ମାୟାଶ୍ଳେଷ ସଦସନ୍ତ ବ୍ୟକ୍ତିର ଆତ୍ମାରୂପେ ହିଁ ଅଛନ୍ତି, ବ୍ରହ୍ମ ଆପଣାର ଯଥାର୍ଥ ଚେତନାଦ୍ୱାରାହିଁ ତାଙ୍କ ଉପରେ ଆରୋପିତ ହେଉଥିବା ଭ୍ରମଗୁଡ଼ିକୁ ଜାଣିବାକୁ ସମର୍ଥ ହେବେ ଏବଂ ସେଗୁଡ଼ିକୁ କେବଳ ଭ୍ରମ ବୋଲିହିଁ ଜାଣିବେ । କେବଳ ମାୟାପ୍ରକୃତିର କୌଣସି ସାମର୍ଥ୍ୟ କିମ୍ବା ଏହା ମଧ୍ୟରେ ଥିବା ଆଉକୌଣସି ତତ୍ତ୍ୱ ଆପଣାର ଉଦ୍ଭାବିତ ସାମଗ୍ରୀଗୁଡ଼ିକ ଦ୍ୱାରା ନିଜେହିଁ ବିଭ୍ରାନ୍ତ ହେଉଥିବ; ଅଥବା, ପ୍ରକୃତରେ ବିଭ୍ରାନ୍ତ ନହେଲେ ମଧ୍ୟ ସତେଅବା ବିଭ୍ରାନ୍ତ ପରି ଆଚରଣ ଓ ଅନୁଭବ କରୁଥିବ । ଯେତେବେଳେ ଆମର ଅଜ୍ଞାନାଶ୍ରିତ ଚେତନା ଆପଣାକୁ ପ୍ରକୃତିର କ୍ରିୟାଠାରୁ ପୃଥକ୍ କରି ଦେଖେ, ଅନ୍ତରସ୍ଥ ପରମ ଆତ୍ମାକୁ ଏକମାତ୍ର ସତ୍ୟ ଏବଂ ଅବଶିଷ୍ଟ ସକଳ କିଛିକୁ ଅନାତ୍ମ ଓ ଅସତ୍ୟ ବୋଲି ଅନୁଭବ କରେ, ଅଥଚ ଆପଣାର ବାହ୍ୟାଚରଣରେ ସେହି ଅବଶିଷ୍ଟ ସବୁକିଛିକୁ ସତେଅବା ସତ୍ୟ ବୋଲି ଗ୍ରହଣ କରି କାର୍ଯ୍ୟ କରିବାକୁ ବାଧ୍ୟ ହୁଏ, ସେତେବେଳେ ଆମେ ଏକ ଦ୍ୱିଧା ବା ଦ୍ୱୈତତା ମଧ୍ୟରେ ଆସି ପଡ଼ିଯାଉ । ମାତ୍ର ଏହି ସିଦ୍ଧାନ୍ତଟି ଦ୍ୱାରା ବ୍ରହ୍ମର ଅଦ୍ୱିତୀୟ ଏବଂ ଅବିଭାଜ୍ୟ ବିଶୁଦ୍ଧ ସତ୍ତା ଓ ବିଶୁଦ୍ଧ ଚେତନାଟିକୁ



'oaob.nitrkl.ac.in' images reprocessed

ଅସ୍ୱୀକାର କରିବାକୁ ପଡ଼େ । ବ୍ରହ୍ମର ଲକ୍ଷଣରହିତ ଓ ନିର୍ବିଶେଷ ଏକତ୍ୱ ମଧ୍ୟରେ ଏହା ଏକ ଦ୍ୱୈତବାଦର ଅବତାରଣା କରେ । ଏବଂ ସାରତଃ ବିଗ୍ଭର କରି ବସିଲେ ଏହି ଦ୍ୱୈତବାଦକୁ ସାଂଖ୍ୟମତର ଦ୍ୱୈତତତ୍ତ୍ୱନୀତିଠାରୁ ଆଦୌ ଭିନ୍ନ ବୋଲି କୁହାଯାଇ ପାରିବ ନାହିଁ । ସାଂଖ୍ୟରେ ମଧ୍ୟ ପୁରୁଷ ଓ ପ୍ରକୃତିର କଳ୍ପନାଦ୍ୱାରା ଏହିପରି ଏକ ଦ୍ୱୈତତତ୍ତ୍ୱର ସ୍ୱୀକାର କରାଯାଇଛି । ତେଣୁ ଏହିସବୁ ସମାଧାନକୁ ଗ୍ରହଣଯୋଗ୍ୟ ସମାଧାନ ନୁହେଁ ବୋଲି ଅଲଗା କରି ରଖିବାକୁ ପଡ଼ିବ । ତା'ନହେଲେ ପରମସତ୍ୟ ସମ୍ବନ୍ଧରେ ଆମର ପ୍ରଥମ ମତଟିର ପରିବର୍ତ୍ତନ କରିବାକୁ ପଡ଼ିବ, ଏବଂ ତାହା ଭିତରେ ଏକ ବହୁପର୍ଯ୍ୟାୟୀ ଚେତନା ଅର୍ଥାତ୍ ସତ୍ତାଗତ ବହୁପର୍ଯ୍ୟାୟୀ ସ୍ଥିତିର ଏକ ସାମର୍ଥ୍ୟ ରହିଛି ବୋଲି ମାନିନେବାକୁ ହେବ ।

ମାତ୍ର ତଥାପି ଏହି ଚେତନାଗତ ଦ୍ୱୈତତାକୁ ସ୍ୱୀକାର କରିନେଲେ ମଧ୍ୟ, ଏହି ସ୍ଥୂଳ ଜଗତରେ ଆମ ଲାଗି ବିଦ୍ୟା ଓ ଅବିଦ୍ୟାରୂପୀ ଦୁଇଟି ଶକ୍ତି କାର୍ଯ୍ୟ କରୁଥିବା ପରି ଯେପରି ପ୍ରତୀତ ହେଉଛି, ପରାତ୍ପର ସତ୍ତ୍ୱଙ୍କଠାରେ ମଧ୍ୟ ସେହିପରି ଦୁଇଟି ଚେତନା ବା ଦୁଇଟି ଶକ୍ତି କାର୍ଯ୍ୟ କରୁଛି ବୋଲି କେବେହେଲେ କହିହେବ ନାହିଁ । କାରଣ ସ୍ୱୟଂ ବ୍ରହ୍ମ ଯେ କେବେହେଲେ ମାୟାର ଅଧୀନ ହେଉଥିବେ, ଆମେ ତାହା କଦାପି ଅନୁମାନ କରିପାରିବା ନାହିଁ, କାରଣ ସେପରି ହେଲେ ପରମ ଶାଶ୍ୱତଙ୍କର ଆତ୍ମଜ୍ଞାନ ଉପରେ ଏକ ଅଜ୍ଞାନତତ୍ତ୍ୱ ମେଘ ଘୋଡ଼ାଇଲା ପରି ଘୋଡ଼ାଇ ରଖିଛି ବୋଲି କହିବାକୁ ପଡ଼ିବ, ଏବଂ ତାହା ପରମ ଶାଶ୍ୱତ ସତ୍ୟଟି ଉପରେ ଆମ ନିଜ ଚେତନାର ସୀମାଗୁଡ଼ାକୁ ନେଇ ଲଦି ଦେଲାପରି ହେବ । ପରମ ଚୈତନ୍ୟର ଏକ ଗୌଣ କ୍ରିୟାର ପରିଣାମସ୍ୱରୂପ ବିସୃଷ୍ଟି ବା ବିଶ୍ୱରୂପାୟନର ପ୍ରକ୍ରିୟାରେ ଦିବ୍ୟ ବିଶ୍ୱପରିକଳ୍ପନା ଓ ତାହାର ବିବର୍ତ୍ତନଗତ ନିହିତାର୍ଥଟିର ଏକ ଅଙ୍ଗରୂପେ ଏକ ଅବିଦ୍ୟାର ଆବିର୍ଭାବ ହେଉଛି, ସେପରି କହିବସିଲେ ନ୍ୟାୟତଃ ତାହାର ଅବଧାରଣା କରାଯାଇ ପାରିବ । ମାତ୍ର ପରମସତ୍ୟର ମୂଳ ଚେତନାଟିରେ ଏକ ଅବିଦ୍ୟା ନିତ୍ୟବର୍ତ୍ତିମାନ ରହିଛି, ଯାହାର କି କୌଣସି ହେତୁ ନାହିଁ କି ତାତ୍ପର୍ଯ୍ୟ ନାହିଁ,—ଏଭଳି କହିବସିଲେ ତାହା ଏକାବେଳକେ ଭିନ୍ନ କଥା ହେବ ଏବଂ ସହଜରେ ତାହାର ଧାରଣା କରିହେବ ନାହିଁ । ଏହା କେବଳ ଏକ ଖିବ୍ର ମନୋରଚନା ଭଳି ପ୍ରତୀତ ହେବ, ପରମ ନିର୍ବିଶେଷ ସତ୍ତାର ବିଚରଣ ଭୂମିରେ ଯାହା ପ୍ରଯୁଜ୍ୟ ହୋଇପାରିବାର ଆଦୌ କୌଣସି ସମ୍ଭାବନା ନଥିବ । ତେଣୁ ବ୍ରହ୍ମଙ୍କର ଦ୍ୱିବିଧ ଚେତନାକୁ ଆମେ କୌଣସିମତେ ଏକ ଅବିଦ୍ୟା ସହିତ ସମତୁଲ କରି ଦେଖିପାରିବା ନାହିଁ, ମାତ୍ର ଏହାକୁ ଏକ ଆତ୍ମଜ୍ଞାନ ସହିତ ପ୍ରତିଶ୍ରୁତିସମସ୍ତ ଏକ ବିଶ୍ୱର ସୃଷ୍ଟି କରିବାକୁ ଅଭିଳାଷ ରଖିଥିବା ଏକ ସ୍ୱୟଂପ୍ରବୃତ୍ତ ଇଚ୍ଛାର ସହାବସ୍ଥାନ

'oaob.nitrkl.ac.in' images reprocessed

ବୋଲି କହିପାରିବା । ଏହି ପ୍ରତିଜ୍ଞାସବୁଗୁଡ଼ିକ ପରମସତ୍ତ୍ୱଙ୍କର ପ୍ରଜ୍ଞାନ ମଧ୍ୟରେ ଅବଧୃତ ହୋଇ ରହିଥା'ନ୍ତି, ଓ ଏହି ପ୍ରଜ୍ଞାନ ଏକାଧାରରେ ଆତ୍ମଜ୍ଞାନ ଓ ପ୍ରତିଜ୍ଞାସମସ୍ତ ଜଗତ୍‌ଜ୍ଞାନର ଅଧିକାରୀ ହୋଇ ରହିଥାଏ । ତେଣୁ ଏହି କ୍ଷେତ୍ରରେ ବିଭ୍ରମର କୌଣସି ଅବକାଶହିଁ ନଥାଏ, ସେହି ପ୍ରତିଜ୍ଞାସବୁଗୁଡ଼ିକୁ ସତ୍ୟ ବୋଲି ମଣୁଥିବା କୌଣସି ଅନୁଭୂତି ମଧ୍ୟ ନଥାଏ । ବିଭ୍ରମଟି କେବଳ ଏହି ମାୟାମୟ ଜଗତରେହିଁ ଦେଖାଦିଏ; ଏବଂ ଜଗତସ୍ଥ ବ୍ରହ୍ମ ଜଗତଠାରୁ ପୃଥକ୍ ଓ ଅସ୍ପୃଷ୍ଟ ରହି ହୁଏତ ନିର୍ଲିପ୍ତ ପ୍ରତ୍ୟୋଜକରୂପେ ଏହି ବିଭ୍ରମର ଲୀଳାଟିକୁ ଭୋଗ କରୁଛନ୍ତି ଅଥବା ସାକ୍ଷୀରୂପେ ତାହାକୁ ଦେଖିବାକୁ ଲାଗିଛନ୍ତି । ମାୟା ଆପଣାର କ୍ରିୟାଳାଗ ସୃଷ୍ଟି କରିଥିବା କେବଳ ସେହି ପ୍ରାକୃତ ମନଟିର ଉପରେହିଁ ବିଭ୍ରମର ଏହି ଲୀଳା ଆପଣାର ଇନ୍ଦ୍ରଜାଲ ବିସ୍ତାର କରି ରହିଛି । ମାତ୍ର ଏଥିରୁ ହୁଏତ ଏଭଳି କହୁଥିଲି ପରି ମନେହେବ ଯେ, ଆପଣାର ଶୁଦ୍ଧ ଓ ନିର୍ବିଶେଷ ସତ୍ତ୍ୱରେ ଅବସ୍ଥାନ କରିବାରେ ତୃପ୍ତ ହୋଇନପାରି ହୁଏତ ପରମ ଶାଶ୍ୱତଙ୍କର ସୃଷ୍ଟି କରିବା ଆବଶ୍ୟକ ହେଉଛି, ସମସ୍ତ କାଳ ଧରି ନାମ, ରୂପ ଓ ଘଟଣାର ଏକ ନାଟକାଭିନୟରେ ବ୍ୟାପୃତ ରହିବାର ପ୍ରୟୋଜନ ହେଉଛି । ସେ କେବଳ ଏକୁଟିଆ ହୋଇ ଅବସ୍ଥାନ କରୁଥିବାରୁ ଆପଣାକୁ ବହୁରୂପରେ ଦେଖିବାଲାଗି ଚାହୁଁଛନ୍ତି, ଆପେ ଶାନ୍ତି, ଆନନ୍ଦ ଓ ଆତ୍ମଜ୍ଞାନର ସ୍ୱରୂପ ହୋଇ ରହିଥିବାରୁ ଜ୍ଞାନ ଓ ଅଜ୍ଞାନ, ଆନନ୍ଦ ଓ ଦୁଃଖର ଏକ ମିଶ୍ରିତ ଅନୁଭୂତି ଲାଭ କରିବାକୁ ଇଚ୍ଛା କରୁଛନ୍ତି କିମ୍ବା ସେସବୁଗୁଡ଼ିକୁ ଆପଣା ସମ୍ମୁଖରେ ରଖି ଦେଖିବାକୁ ଚାହୁଁଛନ୍ତି, ଅସତ୍ୟ ସତ୍ତ୍ୱରେ ପରିଣତ ହୋଇ ପୁଣି ସେଥିରୁ ମୁକ୍ତିଲାଭ କରିବାକୁ ଚାହୁଁଛନ୍ତି । ମାତ୍ର ଏହି କ୍ଷେତ୍ରରେ ମାୟାଦ୍ୱାରା କଳ୍ପିତ କେବଳ ବ୍ୟଷ୍ଟିସତ୍ତ୍ୱରହିଁ ମୁକ୍ତିର ପ୍ରୟୋଜନ ରହିଛି; ପରମ ଶାଶ୍ୱତଙ୍କର ଏହି ମୁକ୍ତିଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ । ଏବଂ ଏହିପରି ଭାବରେ ଅନନ୍ତକାଳ ଧରି ଲୀଳାର ଏହି ଚକ୍ରଟି ଆବର୍ତ୍ତିତ ହେବାରେ ଲାଗିଛି । ପୁଣି କୁହାଯାଇପାରେ ଯେ ପ୍ରୟୋଜନ ନଥିଲେ ମଧ୍ୟ ଏହିପରି ଏକ ବିସୃଷ୍ଟି ପଥରେ ଅଗ୍ରସର ହେବାଲାଗି ଏକ ଇଚ୍ଛା ରହିଛି, ଅଥବା ଏହିସବୁ ଶକ୍ତିଙ୍କ ଭିତ୍ତି ମଧ୍ୟରେ କ୍ରିୟାଶୀଳ ହେବାଲାଗି ଏକ ତୀବ୍ର ଆବେଗ ଅଥବା ସ୍ୱୟଂକ୍ରିୟ ପ୍ରବୃତ୍ତି ରହିଛି । ମାତ୍ର ପରମସତ୍ୟଙ୍କୁ ତାଙ୍କର ଶୁଦ୍ଧ ଅସ୍ତିତ୍ୱର ଅକ୍ରିୟାସ୍ଥ ଶାଶ୍ୱତତା ଦେଇ ଯଦି ସ୍ୱୀକାର କରାଯାଏ, ତେବେ ଏଥିରେ ପ୍ରୟୋଜନ, ଇଚ୍ଛା, ତୀବ୍ର ଆବେଗ କିମ୍ବା ସ୍ୱୟଂପ୍ରବୃତ୍ତତା ଲାଗି ମଧ୍ୟ ଆଦୌ କୌଣସି ସମ୍ଭାବନା ରହିବ ନାହିଁ, ସେସବୁର କଳ୍ପନା ଲାଗି ମଧ୍ୟ କୌଣସି ଅବକାଶ ରହିବ ନାହିଁ । ଏହାକୁ ଗୋଟିଏ ପ୍ରକାର ବ୍ୟାଖ୍ୟା ବୋଲି ଅବଶ୍ୟ କୁହାଯାଇ ପାରିବ, ମାତ୍ର ଏହି ବ୍ୟାଖ୍ୟାଦ୍ୱାରା ଯଥାର୍ଥ ରହସ୍ୟଟିର ନ୍ୟାୟ୍ୟ ଓ ବୁଦ୍ଧିଦ୍ୱାରା ଗମ୍ୟ ହେଲାଭଳି ତଥାପି କୌଣସି ସମାଧାନ ମିଳୁ ନାହିଁ । କାରଣ ପରମ ଶାଶ୍ୱତଙ୍କର ଏହି ଗତିଶୀଳ ଚେତନାଟି

'oaob.nitrkl.ac.in' images reprocessed

ହେଉଛି ତାଙ୍କର ନିତ୍ୟସ୍ଥିତିଶୀଳ ଓ ଯଥାର୍ଥ ପ୍ରକୃତିଟିର ଏକାନ୍ତ ବିରୋଧୀ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୃଷ୍ଟି ବା ପ୍ରକାଶ ପଛରେ ଏକ ପରମ ଇଚ୍ଛା ବା ପରମ ଶକ୍ତି ଅବଶ୍ୟ କାର୍ଯ୍ୟ କରୁଛି; ମାତ୍ର ଯଦି ଏହି ଇଚ୍ଛା ସ୍ୱୟଂ ବ୍ରହ୍ମଙ୍କର ଇଚ୍ଛା, ଏହି ଶକ୍ତି ସ୍ୱୟଂ ବ୍ରହ୍ମଙ୍କର ଶକ୍ତି ହୋଇଥାଏ, ତେବେ ତାହା କେବଳ ପରମସତ୍ୟରହିଁ ସତ୍ୟଗୁଡ଼ିକର ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ ହୋଇ ରହିଛି, ଅଥବା ଶାଶ୍ୱତ କାଳଭୂମି ଉପରେ ଆପଣା ସତ୍ତାର କାଳାତୀତ ପ୍ରତିଷ୍ଠାଟିର ପ୍ରକାଶଲାଗିହିଁ କାର୍ଯ୍ୟ କରୁଥିବ । କାରଣ, ପରମସତ୍ୟର ଏକମାତ୍ର ଶକ୍ତିଟି ଯେ ସ୍ୱଭାବତଃ ତାହାର ବିରୋଧୀ କୌଣସି ବସ୍ତୁକୁ ପ୍ରକାଶ କରିବା ଲାଗି କିମ୍ବା ଏକ ମାୟାମୟ ଜଗତରେ କେବଳ ଅସତ୍‌ବସ୍ତୁଗୁଡ଼ିକର ସୃଷ୍ଟି ଲାଗି ନିୟୋଜିତ ହୋଇ ରହିଛି, ଏହି କଥାଟି ଆଦୌ ବିଶ୍ୱାସଯୋଗ୍ୟ ବୋଲି ମନେହେଉ ନାହିଁ ।

✓ ତେଣୁ ଏପର୍ଯ୍ୟନ୍ତ ସମସ୍ୟାଟିର କୌଣସି ସନ୍ତୋଷଜନକ ସମାଧାନ ସମ୍ଭବ ହେଲା ନାହିଁ । ମାତ୍ର ହୁଏତ ଏକଥା ହୋଇପାରେ ଯେ ମୂଳତଃ ଯେତେ ଅସତ୍ୟ ହୋଇଥିଲେ ମଧ୍ୟ ମାୟା ଓ ତାହାର ଯାବତୀୟ ବିନିସ୍ମାରେ ଗୋଟିଏ କୌଣସି ପ୍ରକାର ସତ୍ୟର ଆରୋପ କରି ଆମେ ଭୁଲ୍ କରି ପକାଉଛୁ । ମାୟା ଓ ମାୟାରଚିତ ସୃଷ୍ଟିଗୁଡ଼ିକର ଅସତ୍ୟରହସ୍ୟଟିର ସାହସର ସହିତ ସମ୍ମୁଖୀନ ହୋଇପାରିଲେ ହୁଏତ ଯଥାର୍ଥ ସମାଧାନଟି ମିଳିପାରିବ । ମାୟାବାଦର କେତେକ ସିଦ୍ଧାନ୍ତରେ ମାୟାର ଏହି ଏକାନ୍ତ ଅସତ୍ୟତାଟିକୁ ଦେଖିପାରିଥିଲାପରି ମନେ ହୋଇଥାଏ ଏବଂ ଏହାର ସପକ୍ଷରେ କେତେକ ଯୁକ୍ତି ମଧ୍ୟ ଦିଆହୋଇଥାଏ । ତେଣୁ, ସୃଷ୍ଟ ବିଶ୍ୱକୁ ଏକ ଆପେକ୍ଷିକ ଅଥବା ଆଂଶିକ ସତ୍ୟରୂପେ ମାନି ତାହାରି ଭିତ୍ତି ଉପରେ ଦଣ୍ଡାୟମାନ ହୋଇଥିବା ସମାଧାନଗୁଡ଼ିକୁ ପୂର୍ଣ୍ଣ ପ୍ରତ୍ୟୟର ସହିତ ପରୀକ୍ଷା କରି ଦେଖିବା ପୂର୍ବରୁ ସମସ୍ୟାଟିର ଏହି ଦିଗଟିକୁ ମଧ୍ୟ ଭଲକରି ବିଚାର କରି ଦେଖିବାକୁ ପଡ଼ିବ । ବିଚାରର ଭୂମି ଉପରୁ ସମସ୍ୟାଟିକୁ ଏକାବେଳକେ ବହିଷ୍କୃତ କରି ରଖି ସମସ୍ୟାଜନିତ ଶିରଃପୀଡ଼ାଟିରୁ ରକ୍ଷା ପାଇବାକୁ ଚେଷ୍ଟା କରୁଥିବା ଏକ ଯୁକ୍ତି ଓ ବ୍ୟାଖ୍ୟା ଯେ ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ । ଏହି ଯୁକ୍ତି ବା ବ୍ୟାଖ୍ୟାଟି ଅନୁସାରେ, ଏହି ମାୟା କିପରି କେଉଁଠାରୁ ନିଷ୍ପନ୍ନ ହେଲା ଓ ବ୍ରହ୍ମଙ୍କର ଶୁଦ୍ଧସତ୍ତା ମଧ୍ୟରେ ଏହି ବିଶ୍ୱଜଗତ ପ୍ରକୃତରେ କିପରି ଭାବରେ ଅବସ୍ଥାନ କରିବାକୁ ସମର୍ଥ ହେଉଛି, ଏସବୁ ପ୍ରଶ୍ନ ଅତି ଅବାନ୍ତର ଓ ଏଗୁଡ଼ିକର ପକ୍ଷରେ ଆଦୌ କୌଣସି ଯୁକ୍ତି ନାହିଁ । ସମସ୍ୟାଟିରହିଁ ପ୍ରକୃତ ଅସ୍ତିତ୍ୱ ନାହିଁ, କାରଣ ଏହି ଜଗତ ଏକ ଅସତ୍ୟ ପ୍ରତିଭାସର ଜଗତ, ମାୟା ମଧ୍ୟ ଅସତ୍ୟ । କେବଳ ବ୍ରହ୍ମହିଁ ଏକମାତ୍ର ସତ୍ୟ, ବ୍ରହ୍ମ ଅଦ୍ୱିତୀୟ ଓ ଆପଣା ଭିତରେ ଆପେ ନିତ୍ୟବର୍ତ୍ତମାନ । ବିଭ୍ରମମୂଳକ କୌଣସି ଚେତନା ବ୍ରହ୍ମକୁ ସ୍ପର୍ଶହିଁ କରିପାରେ ନାହିଁ,

'oaob.nitrkl.ac.in' images reprocessed

ତାହାର କାଳୋତ୍ତୀର୍ଣ୍ଣ ଚେତନା ମଧ୍ୟରେ କୌଣସି ବିଶ୍ୱର କେବେହେଲେ ଆବିର୍ଭାବ ହୋଇ ନାହିଁ । ମାତ୍ର ଏହିସବୁ ଯୁକ୍ତି ଦର୍ଶାଇ ସମସ୍ୟାଟିକୁ ଏପରି ଏଡ଼ିଦେଇ ଯିବାକୁ କେବଳ ଭଣ୍ଡାଇ ଦେବାର ଏକ ମିଛ ଯୁକ୍ତି ବୋଲିହିଁ ବୁଝାଯିବ । ଏହା ଭିତରେ ପ୍ରକୃତରେ କୌଣସି ଅର୍ଥ ନାହିଁ, ଏହା ହେଉଛି କେବଳ ବାକ୍‌ସର୍ବସ୍ୱ ଯୁକ୍ତିର ଏକ ଉଲ୍ଲମ୍ଫନ ମାତ୍ର । କେବଳ କଥା ଓ କଳ୍ପନାର ଖେଳ ଭିତରେ ଏଠି ସକଳ ନ୍ୟାୟବିବେକ ସତେଅବା ମୁହଁ ଲୁଚାଇ ପଡ଼ିଥାଏ, ଏବଂ ଏକ ପ୍ରକୃତ ଅଥଚ ଅତିକଠିନ ସମସ୍ୟାକୁ ଯଥାର୍ଥଭାବରେ ଦେଖିବା ଏବଂ ତାହାର ସମାଧାନ କରିବାକୁ ଅସ୍ୱୀକାର କରିବାରେ ଲାଗିଥାଏ । ଅଥବା, ଆମେ ଅନ୍ୟପକ୍ଷରେ ଏହି ଯୁକ୍ତିଟି ମଧ୍ୟରେ ବହୁ ଅତିରିକ୍ତ ପରିମାଣରେ ଅର୍ଥ ଭର୍ତ୍ତି କରି ଦିଆଯାଇଛି ବୋଲି ବି କହିପାରିବା; କାରଣ ଫଳରେ ମାୟାକୁ ତାହାଦ୍ୱାରା ରଚିତ ହୋଇଥିବା ଜଗତଟି ସହିତ ଏକ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଏକାନ୍ତ ଅସତ୍ୟସତ୍ତା ବୋଲି ଘୋଷଣା କରି ଏହି ଯୁକ୍ତି ବ୍ରହ୍ମ ସହିତ ମାୟାର ଯାବତୀୟ ସମ୍ପର୍କକୁ ଅସ୍ୱୀକାର କରି ପକାଉଛି । ଯଦି ସତ୍ୟସତ୍ତାବିଶିଷ୍ଟ ଜଗତର କୌଣସି ଅସ୍ତିତ୍ୱ ନାହିଁ, ତେବେ ମାନିବାକୁ ପଡ଼ିବ ଯେ ସମଗ୍ର ବିଶ୍ୱକୁ ଆବୋରି ଧରି କେବଳ ଏକ ମାୟାହିଁ ରହିଛି; ଏବଂ ଏହି ମାୟାର ପ୍ରଥମ ଉନ୍ମେଷ କିପରି ହେଲା ଏବଂ ଏହା ଏହି ଜଗତରେ ବିଦ୍ୟମାନ ରହିବାକୁ ପ୍ରକୃତରେ କିପରି ସମର୍ଥ ହେଉଛି, ପରମ ସତ୍ୟ ସହିତ ଏହି ମାୟା କିପରି ସମ୍ବନ୍ଧିତ ବା ସମ୍ବନ୍ଧଶୂନ୍ୟ ହୋଇ ରହିଛି ଏବଂ ଆମେ ସମସ୍ତେ ମାୟାର ଅଧୀନ ହୋଇ ରହିଛୁ, ତାହାର ଚକ୍ର ଭିତରେ ପଡ଼ି ଘୂରିବାରେ ଲାଗିଛୁ ଏବଂ ସେହି ମାୟାଜାଲରୁ ମୁକ୍ତ ହୋଇ ମୁକ୍ତିଲାଭ କରୁଛୁ, ଏସବୁ କଥା କହିଲାବେଳେ ଆମେ ପ୍ରକୃତରେ କ'ଣ ବୁଝୁଛୁ, ଏସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ଚେଷ୍ଟା କରିବା ବ୍ୟତୀତ ଆମର ଆଉ ଅନ୍ୟ ଉପାୟ ନାହିଁ । କାରଣ ଏହି ସିଦ୍ଧାନ୍ତଟି ଅନୁସାରେ ଆମକୁ ଅନୁମାନ କରିବାକୁ ପଡ଼ିବ ଯେ ବ୍ରହ୍ମ ମାୟା କିମ୍ବା ମାୟାପରିଚିତ ଏହି ବିଶ୍ୱର ଜ୍ଞାତା ନୁହନ୍ତି, ଏବଂ ସ୍ୱୟଂ ମାୟା ମଧ୍ୟ ବ୍ରହ୍ମଚେତନାର ଆଦୌ ଏକ ସାମର୍ଥ୍ୟ ନୁହେଁ : ବ୍ରହ୍ମ ଅତିଚେତନ, ଆପଣାର ଶୁଦ୍ଧ ସତ୍ତାଟି ମଧ୍ୟରେ ସମ୍ପୂର୍ଣ୍ଣଭାବରେ ନିମଜ୍ଜିତ, ଅଥବା କେବଳ ଆପଣାର ନିର୍ବିଶେଷତା ବିଷୟରେହିଁ ସଚେତନ । ମାୟା ସହିତ ସେହି ବ୍ରହ୍ମର କୌଣସି ସମ୍ବନ୍ଧ ନାହିଁ । ମାତ୍ର ସେପରି ବିଚାର କରି ବସିଲେ, ହୁଏତ ଏପରିକି ଏକ ଭ୍ରମ ହିସାବରେ ମଧ୍ୟ ସ୍ୱୟଂ ମାୟାର ବି ଆଉ କୌଣସି ଅସ୍ତିତ୍ୱ ସମ୍ଭବ ହେବ ନାହିଁ, ଅଥବା ଆମକୁ ପରସ୍ପର ସ୍ୱତନ୍ତ୍ର ଦୁଇଟି ପୂର୍ଣ୍ଣସତ୍ୟକୁ ସ୍ୱୀକାର କରିବାକୁ ହେବ ବା ଏକ ଦ୍ୱୈତ ସତ୍ୟକୁ ମାନିବାକୁ ପଡ଼ିବ । ଗୋଟିଏ ପାଖରେ ଏକ ଅତିଚେତନ ଅଥବା କେବଳ ଆପଣା ବିଷୟରେହିଁ ସଚେତନ ସତ୍ୟସ୍ୱରୂପ ପରମ ଶାଶ୍ୱତଙ୍କୁ ରଖି ଅନ୍ୟପାଖରେ ଦ୍ୱିତୀୟ ସତ୍ୟରୂପେ ବିଭ୍ରାନ୍ତିକାରୀ ଆଉ ଏକ ପରମଶକ୍ତିକୁ ମାନିବାକୁ ପଡ଼ିବ, ଯାହାକି ମିଥ୍ୟାଜଗତର

'oaob.nitrkl.ac.in' images reprocessed

ସୃଷ୍ଟି କରୁଛୁ ଓ ତାହାର ଜ୍ଞାତାରୂପେ ଅବସ୍ଥିତ ରହିଛୁ । ଏହାଫଳରେ ଆମେ ଆସି ପୁଣି ଏକ ଉଭୟସଙ୍କଟ ମଧ୍ୟରେ ପଡ଼ିଯାଉଛୁ, ଏବଂ ଏହି ସଙ୍କଟ ଭିତରୁ ଉଦ୍ଧରିବା ଲାଗି ଆଉ କୌଣସି ଉପାୟ ରହିଛି ବୋଲି ଆମକୁ ଆଦୌ ଦିଶୁ ନାହିଁ । ଏହି ସକଳ ଦର୍ଶନ ଓ ସିଦ୍ଧାନ୍ତଗୁଡ଼ାକ ମଧ୍ୟ ସେହି ମାୟାର ଅଂଶ, ତେଣୁ ସେଗୁଡ଼ିକ ମଧ୍ୟ କେବଳ ମାୟାଚ୍ଛନ୍ନ ବିଭ୍ରମମାତ୍ର; ଏଥିରେ ଖାଲି ସମସ୍ୟାପରେ ସମସ୍ୟା ଆସି ଜୁଣ୍ଡ ହେବାରେ ଓ ଆମକୁ ଛନ୍ଦିଦେବାରେ ଲାଗିଥିବେ, ମାତ୍ର ସେଗୁଡ଼ିକର ସମାଧାନ ବାହାର କରି କୌଣସି ସିଦ୍ଧାନ୍ତରେ ପହଞ୍ଚିବା ଆଦୌ ସମ୍ଭବ ନୁହେଁ;—ଏହିଭଳି ଗୋଟାଏ ନିଷ୍ପତ୍ତିର ପୁଚ୍ଛଧରି ପଳାୟନ କରିପାରିଲେ ହୁଏତ ସେହି ଉଭୟ ସଙ୍କଟରୁ ମୁକୁଳିବା ଲାଗି ଗୋଟାଏ ବାଟ ମିଳିଯାଇ ପାରିବ । କାରଣ ଏହି ଦ୍ୱିଧାସଂଶୟର ସମ୍ମୁଖୀନ ହୋଇ ଆମେ ଗୋଟିଏ ପାଖରେ ନିତ୍ୟଶୁଦ୍ଧ ନିତ୍ୟସ୍ଥାଣୁ ଓ ସକଳ ପରିବର୍ତ୍ତିନରୁ ରହିତ ଏକ ପରମସତ୍ୟ ସାଙ୍ଗକୁ ଏକ ମାୟାମୟ ଗତିଶୀଳତାର ସମ୍ମୁଖୀନ ହେବାକୁ ବାଧ୍ୟ ହେଉଛୁ । ଏଥିରୁ ଗୋଟିଏ ହେଉଛି ଅନ୍ୟଟିର ଏକାନ୍ତ ବିରୋଧୀ; ଏବଂ ଦୁହିଁଙ୍କୁ ଅତିକ୍ରମ କରି ଏପରି କୌଣସି ବୃହତ୍ତର ସତ୍ୟାବଧାରଣା ନାହିଁ, ଯାହା ଭିତରେକି ସେଗୁଡ଼ିକର ପ୍ରଚ୍ଛନ୍ନ ସାରସତ୍ୟଟିର ସନ୍ଧାନ ମିଳିପାରିବ ଏବଂ ସେଗୁଡ଼ିକର ବିରୋଧ ମଧ୍ୟ ଏକ ପରମ ସାମଞ୍ଜସ୍ୟ ମଧ୍ୟରେ ସମାହିତ ହୋଇଯିବ ।

ଯଦି ବ୍ରହ୍ମଙ୍କୁ ଜ୍ଞାତା ବୋଲି କୁହାନଯାଏ, ତେବେ ଜୀବ ବା ବ୍ୟକ୍ତିସତ୍ତାକୁହିଁ ଜ୍ଞାତା ବୋଲି ମାନିବାକୁ ପଡ଼ିବ । ମାତ୍ର ଆମର ଅନୁମାନଗୁଡ଼ିକ ଅନୁସାରେ ଏକ ଭ୍ରମ ଓ ଅସତ୍ୟହିଁ ଏହି ଜ୍ଞାତାକୁ ସୃଷ୍ଟି କରିଛି, ଏବଂ ଜ୍ଞେୟ ବା ଏହି ଜଗତ ହେଉଛି ଏକ ଭ୍ରମ ଯାହାକି ଏକ ଭ୍ରମ ଓ ଅସତ୍ୟଦ୍ୱାରା ସୃଷ୍ଟ ହୋଇଛି; ଆମର ଜାଣିବା ଅର୍ଥାତ୍ ଜ୍ଞାନଚେତନା ମଧ୍ୟ ସେହିପରି ଏକ ଭ୍ରମ ଓ ତେଣୁ ଅସତ୍ୟ । ମାତ୍ର ଏହାଫଳରେ ଆଉ କୌଣସି କଥାର କୌଣସି ଅର୍ଥ ବା ତାତ୍ପର୍ଯ୍ୟ ରହିବ ନାହିଁ । ସେତେବେଳେ ଆମର ଆଧ୍ୟାତ୍ମିକ ଅଭିଜ୍ଞତାକୁସି ଏବଂ ମାୟା ଭିତରୁ ଆମର ମୁକ୍ତି ପାଇବାକୁ କେବଳ ଭ୍ରମ ବୋଲି କୁହାଯିବ; ଆମର ଏହି ଜାଗତିକ ଜୀବନ ତଥା ମାୟା ଭିତରେ ଆମର ବୁଡ଼ି ରହିବାକୁ ଯେପରି ଭ୍ରମ ବୋଲି କୁହାଯାଉଛି, ଠିକ୍ ସେହିପରି । ଏ ସମସ୍ତଙ୍କୁ ସେହି ଗୋଟିଏ ଅସତ୍ୟ ଓ ଅର୍ଥଶୂନ୍ୟତାର ଅଂଶ ବୋଲି କୁହାଯିବ । ଅବଶ୍ୟ ଏହା ତୁଳନାରେ ଏକ ଅଳ୍ପକଠୋର ଦୃଷ୍ଟିଭଙ୍ଗୀ ଗ୍ରହଣ କରି ବିଗ୍ଭର କଲେ ଆମେ ନିଶ୍ଚୟ କହିପାରିବା ଯେ ଆପଣାର ବ୍ରହ୍ମସ୍ଥିତିରେ ବ୍ରହ୍ମ ମାୟାଠାରୁ ସମ୍ପୂର୍ଣ୍ଣ ଅସଂଲଗ୍ନ ହୋଇ ରହିଛନ୍ତି, ସକଳ ଭ୍ରମ ତଥା ଭ୍ରମଗତ ସଂସ୍ପର୍ଶରୁ ତାହା ସର୍ବଦା ଓ ସର୍ବଥା ମୁକ୍ତ ହୋଇ ରହିଛନ୍ତି । ମାତ୍ର ଇହ-ଜୀବଗତ ଜ୍ଞାତା ବା ଜୀବସକଳଙ୍କର ଆତ୍ମା ହିସାବରେ ସେହି ବ୍ରହ୍ମ ମାୟାରେ ପ୍ରବିଷ୍ଟ ହୋଇଛନ୍ତି; ବ୍ୟକ୍ତିର ମଧ୍ୟଦେଇ ସେ

'oaob.nitrkl.ac.in' images reprocessed

ପୁଣି ଆପଣାର ସ୍ୱରୂପସ୍ଥିତିକୁ ଫେରିଯାଇ ପାରିବେ ଏବଂ ଏହି ଫେରିଯିବାଟି ହେଉଛି ବ୍ୟକ୍ତିଲାଗି ଏକ ପରମ ପୁରୁଷାର୍ଥର କାର୍ଯ୍ୟ । ମାତ୍ର ଏପରି କହି ବ୍ରହ୍ମ ଉପରେ ଏକ ଦ୍ୱୈତସତ୍ତ୍ୱର ଆରୋପ କରି ଦିଆଯାଉଛି ଏବଂ ବିଶ୍ୱଭ୍ରାନ୍ତି ମଧ୍ୟରେ ଅବସ୍ଥିତ ଏକ ବ୍ୟାପାରରେ ସତ୍ୟତାର ଆରୋପ କରାଯାଉଛି, ଅର୍ଥାତ୍ ମାୟାସ୍ଥିତ ବ୍ୟକ୍ତିତ୍ୱାପନ୍ନ ବ୍ରହ୍ମକୁ ସତ୍ୟ ବୋଲି କୁହାଯାଉଛି । କାରଣ ସବୁରି ଆତ୍ମାରୂପେ ଅବସ୍ଥିତ ବ୍ରହ୍ମ ଆପଣାର ପ୍ରାତିସ୍ୱିକ ବାସ୍ତବରେ ମଧ୍ୟ କୌଣସି ବନ୍ଧନରେ ଆବଦ୍ଧ ହୋଇ ରହିନାହାନ୍ତି ଏବଂ ତେଣୁ ସେହି ବନ୍ଧନରୁ ମୁକ୍ତି ଲାଭ କରିବାକୁ ତାଙ୍କ ଲାଗି କୌଣସି ଆବଶ୍ୟକତା ନାହିଁ । ପୁନଶ୍ଚ, ବନ୍ଧନଟାକୁ ଅସତ୍ୟ ବୋଲି କୁହାଯିବା ପର୍ଯ୍ୟନ୍ତ ସେଥିରୁ ମୁକ୍ତି ଲାଭ କରିବାର ବି ଆଉ କୌଣସି ଯଥାର୍ଥ ମହତ୍ତ୍ୱ ରହିବ ନାହିଁ; ଏବଂ ମାୟା ତଥା ମାୟାବିସୃଷ୍ଟ ଏହି ଜଗତକୁ ସତ୍ୟ ବୋଲି ସ୍ୱୀକାର ନକଲେ ସେହି ମାୟାର ବନ୍ଧନକୁ ବି ଆମେ ଏକ ସତ୍ୟ ବୋଲି କହିପାରିବା ନାହିଁ । ଏହିଭଳି ବିଚାର କରିବାକୁ ଆରମ୍ଭ କଲେ ମାୟାକୁ ଆଉ ଗୋଟିଏ ଶୁଦ୍ଧା ଅସତ୍ୟ ବୋଲି କହିହୁଏ ନାହିଁ ଏବଂ ତାହା ଏକ ବ୍ୟାପକ ସତ୍ୟରୂପେ ପ୍ରତିଷ୍ଠିତ ହେବାକୁ ଲାଗେ । ଅବଶ୍ୟ ଏ କଥା ହୁଏତ ଠିକ୍ ଯେ ଏହା କେବଳ ଏକ ବ୍ୟାବହାରିକ ଓ କାଳାଧୀନ ସତ୍ୟ ମାତ୍ର ହୋଇ ରହିଥାଏ । ଏହି ସିଦ୍ଧାନ୍ତଟିକୁ ଏଡ଼ାଇବାକୁ ଯାଇ କୁହାଯାଇପାରେ ଯେ ଆମର ଏହି ବ୍ୟକ୍ତିସତ୍ତ୍ୱ ହେଉଛି ଏକ ଅସତ୍ୟ ସତ୍ତ୍ୱ, କାରଣ ବ୍ୟକ୍ତିସତ୍ତ୍ୱଗତ ମିଥ୍ୟାକଳ୍ପନାରେ ବ୍ରହ୍ମ ଯେତେବେଳେ ଆପଣାର ସବୃତ ମଧ୍ୟରେ ଆପଣାକୁ ପ୍ରତ୍ୟାହୃତ କରିଆଣନ୍ତି, ସେତିକିବେଳେହିଁ ବ୍ୟକ୍ତିତ୍ୱର ଅବତାରଣା ହୁଏ । ଯେତେବେଳେ ସେହି କଳ୍ପନାଟିର ନିର୍ବାପନ ହୋଇଯାଏ, ସେତିକିବେଳେ ଆମର ବନ୍ଧନମୁକ୍ତି ହୁଏ, ଆମର ଉଦ୍ଧାର ହୋଇଯାଏ । ମାତ୍ର ନିତ୍ୟମୁକ୍ତ ବ୍ରହ୍ମ ଏହି ବନ୍ଧନଦ୍ୱାରା କୌଣସିପ୍ରକାରେ କ୍ଲିଷ୍ଟ ହୁଅନ୍ତି ନାହିଁ ଅଥବା ଏହି ବନ୍ଧନମୁକ୍ତି ଦ୍ୱାରା ବି ଲାଭବାନ ହୁଅନ୍ତି ନାହିଁ । ଏବଂ ଜୀବ ବା ବ୍ୟକ୍ତି ଯଦି କେବଳ ଏକ ଅଳୀକ ପ୍ରତିବିମ୍ବ ମାତ୍ର ହୋଇଥାଏ, ତେବେ ତାହାର ମଧ୍ୟ ମୁକ୍ତିର ଆଉ କୌଣସି ଆବଶ୍ୟକତା ନଥାଏ । ମାୟାର ମିଥ୍ୟାଦର୍ପଣ ଉପରେ ଯାହା କେବଳ ଏକ ଛାୟା, କଳ୍ପନା ବା ପ୍ରତିରୂପ ହୋଇ ପଡ଼ିଥାଏ, ସିଏ ମଧ୍ୟ ବନ୍ଧନଦ୍ୱାରା ପ୍ରକୃତରେ କି କ୍ଲେଶ ପାଇବ ଓ ବନ୍ଧନରୁ ମୁକ୍ତିପାଇ ଲାଭବାନ ହେବାକୁ ବା କିପରି ସମର୍ଥ ହେବ ? ମାତ୍ର ଏହାକୁ ଯଦି ଏକ ଚେତନ ପ୍ରତିଫଳନ ବୋଲି କୁହାଯାଏ, ଏବଂ ତେଣୁ ବନ୍ଧନର କ୍ଲେଶ ଅନୁଭବ କରିବା ଲାଗି ଓ ସେହି ବନ୍ଧନରୁ ମୁକ୍ତିଲାଭଦ୍ୱାରା ଆନନ୍ଦ ଅନୁଭବ କରିବାକୁ ଏହାର ସାମର୍ଥ୍ୟ ରହିଛି ବୋଲି ଯୁକ୍ତି କରାଯାଏ, ତେବେ ତା'ପରେ ପ୍ରଶ୍ନ ଉଠିବ : ଯେଉଁ ଚେତନାଟି ଏହି କାଳ୍ପନିକ ଅବସ୍ଥାଟି ମଧ୍ୟରେ ପଡ଼ି ଏପରି କ୍ଲେଶ ଅନୁଭବ କରୁଛି, ତାହା ପ୍ରକୃତରେ କାହାର ଚେତନା ? କାରଣ

'oaob.nitrkl.ac.in' images reprocessed

କେବଳ ସେହି ଅଦ୍ୱିତୀୟ ପରମସତ୍ତ୍ୱର ଚେତନା ବ୍ୟତୀତ ଆଉ କେଉଁ ଯଥାର୍ଥ ଚେତନାର କଳ୍ପନା କରାଯାଇ ପାରିବ ? ତେଣୁ ଏହି ବାଟରେ ଆସି ମଧ୍ୟ ଆମକୁ ଆଖର ବ୍ରହ୍ମର ଦୁଇପ୍ରକାର ଚେତନାକୁ ସ୍ୱୀକାର କରୁଥିବା ସିଦ୍ଧାନ୍ତଟିରେ ପହଞ୍ଚିବାକୁ ପଡୁଛି । ଗୋଟିଏ ହେଉଛି ଚେତନା ବା ଅନ୍ତଚେତନ, ଯାହାକି ସକଳ ଭ୍ରମରୁ ମୁକ୍ତ ହୋଇ ରହିଛି; ଏବଂ ଆଉଗୋଟିଏ ଚେତନା ଭ୍ରମର ଅଧୀନ ହୋଇ ରହିଛି । ଏବଂ ଏପରି କରି ଆମେ ଆମର ଅସ୍ତିତ୍ୱ ଓ ମାୟାନୁଭୂତି ମଧ୍ୟରେ ବି କିଛିନାକିଛି ସତ୍ୟ ଅବଶ୍ୟ ରହିଛି ବୋଲି ପ୍ରମାଣ କରିବାକୁ ସମର୍ଥ ହୋଇଥାଉ । କାରଣ ଆମର ସତ୍ତା ଯଦି ବ୍ରହ୍ମରହିଁ ସତ୍ତା ହୋଇଥାଏ, ଆମର ଚେତନା ଯଦି ବ୍ରହ୍ମଚେତନାର ଏକ ଅଂଶହିଁ ହୋଇଥାଏ, ତେବେ ଯେତେଯେତେ ଉପାଧିଦ୍ୱାରା ତାହାକୁ ବାନ୍ଧି କଣ୍ଡି ବର୍ଣ୍ଣନା କରିବାର ଚେଷ୍ଟା କରାଗଲେ ମଧ୍ୟ ସେହି ସତ୍ତା ଓ ସେହି ଚେତନାକୁ ଅବଶ୍ୟ ସେହି ପରିମାଣରେ ସତ୍ୟ ବୋଲି କହିବାକୁ ହେବ । ଏବଂ ଯଦି ଆମର ସତ୍ତା ଏକ ସତ୍ୟସତ୍ତା ହୁଏ, ତେବେ ଜଗତର ସତ୍ତାଟି ମଧ୍ୟ ଏକ ସତ୍ୟସତ୍ତା ନହେବ କାହିଁକି ?

ଏକ ସମାଧାନ ଦେବାକୁ ଯାଇ ପରିଶେଷରେ ହୁଏତ ଏକଥା କୁହାଯାଇ ପାରିବ ଯେ ଜ୍ଞାତା ବ୍ୟକ୍ତି ଓ ଜ୍ଞେୟ ଜଗତ ଉଭୟେ ହେଉଛନ୍ତି ଅସତ୍ୟ, ମାତ୍ର ଆପଣାକୁ ବ୍ରହ୍ମ ଉପରେ ଆରୋପିତ କରିଦେଇ ମାୟାହିଁ କେତେକାଂଶରେ ଏକ ବାସ୍ତବତା ଲାଭ କରିଥାଏ ଏବଂ ଏହିପରି ଭାବରେ ଲବ୍ଧ ହୋଇଥିବା ବାସ୍ତବତାବୋଧ ବ୍ୟକ୍ତି ଏବଂ ତାହାର ବସ୍ତୁଭ୍ରାନ୍ତିର ଅନୁଭୂତି ମଧ୍ୟରେ ଆପଣାକୁ ସଦାମିତ କରିଦିଏ; ଏବଂ ବ୍ୟକ୍ତି ଯେତେବେଳଯାଏ ଏହି ଭ୍ରମର ଅଧୀନ ହୋଇ ରହିଥାଏ, ସେତେବେଳ-ଯାଏ ସେହି ଭ୍ରମ ବଜାୟ ରହିଥାଏ । ମାତ୍ର ଏଠାରେ ପୁନର୍ବାର ପ୍ରଶ୍ନ ହୋଇପାରେ : ଏହି ଅନୁଭୂତିଟି କାହାଲାଗି ପ୍ରାମାଣିକ ବୋଲି କୁହାଯିବ, ଓ ତାହାର ସ୍ଥିତି ସମୟରେ ତାହା କାହାଲାଗି ସତ୍ୟ ବୋଲି ପ୍ରତିଷ୍ଠିତ ହେବ ? ପୁଣି ମୁକ୍ତିଲାଭ, ନିର୍ବାଣ ବା ଆତ୍ମଅପସାରଣ ଦ୍ୱାରା କାହାଲାଗି ଭ୍ରମନିବୃତ୍ତି ସମ୍ଭବ ହେବ ? କାରଣ କୌଣସି ଭ୍ରମାଶ୍ରୟୀ ଅସତ୍ୟ ସତ୍ତା କଦାପି ବାସ୍ତବତାର ଏକ ମୂର୍ତ୍ତି ପରିଗ୍ରହ କରିପାରିବ ନାହିଁ, କୌଣସି ଯଥାର୍ଥ ଦାସତ୍ୱବନ୍ଧନର କ୍ଲେଶ ଭୋଗି ପାରିବ ନାହିଁ ଅଥବା ଉପେକ୍ଷା କିମ୍ବା ଆତ୍ମନିର୍ବାପନର କୌଣସି ଯଥାର୍ଥ କ୍ରିୟାଦ୍ୱାରା ସେଇ ବନ୍ଧନ ଭିତରୁ ମୁକୁଳି ପାରିବ ନାହିଁ । ସେ ଅସ୍ତିତ୍ୱରେ ରହିଛି ବୋଲି କେବଳ କୌଣସି ସତ୍ୟସତ୍ତାକୁହିଁ ବୋଧ ହୋଇପାରିବ, ଏବଂ ସେହି କ୍ଷେତ୍ରରେ ଏହି ସତ୍ୟସତ୍ତାଟି ମଧ୍ୟ କୌଣସି ଏକ ପ୍ରକାରରେ ଅଥବା କେତେକ ପରିମାଣରେ ନିଶ୍ଚୟ ମାୟାର ଅଧୀନ ହୋଇ ରହିଥିବ । ଏହା ହୁଏତ ଏକ ମାୟାଜଗତ ମଧ୍ୟକୁ ଆପଣାକୁ ପ୍ରକ୍ଷେପିତ କରି ରଖିଥିବା ଏବଂ ସେଥିରୁ ନିଷ୍କ୍ରାନ୍ତ ହୋଇଥିବା ମାୟା ହୋଇଥିବ; ଅଥବା ବ୍ରହ୍ମର ସେହି ସତ୍ତା ବି ହୋଇଥିବ,

'oaob.nitrkl.ac.in' images reprocessed

ଯାହାକୁ ଆପଣାର ଅର୍ଥାତ୍ ଆପଣା ସତ୍ତାର କିଛି ଅଂଶକୁ ମାୟା ଭିତରେ ସ୍ଥାପିତ କରି ରଖିଛି ଏବଂ ପୁଣି ତାହାକୁ ମାୟା ଭିତରୁ ପ୍ରତ୍ୟାହୃତ କରି ନେଇଛି । ଅଥବା, ବ୍ରହ୍ମ ଉପରେ ଆପଣାକୁ ନେଇ ଆରୋପିତ କରୁଥିବା ଏହି ମାୟା କି ପ୍ରକୃତରେ କ'ଣ ? ଯଦି ଏହା ପୂର୍ବରୁ ସେହି ବ୍ରହ୍ମରେହିଁ ଅବସ୍ଥିତ ହୋଇ ରହି ନାହିଁ, ଯଦି ଏହାକୁ ସେହି ଶାଶ୍ୱତ ଚେତନା ବା ଶାଶ୍ୱତ ଅନ୍ତଚେତନାର ଏକ କ୍ରିୟା ବୋଲି ବୁଝାଯାଏ, ତେବେ ଆଉ କେଉଁଠାରୁ ଏହାର ଉଦ୍‌ଗମ ହୋଇଛି ? ସେହି ପରମ ସତ୍ତାର ଏକ ସତ୍ତା କିମ୍ବା ଚେତନା ଯେତେବେଳେ ଭ୍ରାନ୍ତିର ପରିଣାମଗୁଡ଼ିକୁ ସ୍ୱୀକାର କରି ନେଉଥିବ, କେବଳ ସେତିକିବେଳେହିଁ ଭ୍ରାନ୍ତିର ଚିହ୍ନଗୁଡ଼ିକରେ କୌଣସି ସତ୍ୟତାର ବୋଧ ଜାତ ହୋଇପାରେ ବା ସେଗୁଡ଼ିକର କୌଣସି ମୂଲ୍ୟ ଆସିପାରେ । ତା'ନହେଲେ, କାଳର ଦୃଶ୍ୟପଟ ଉପରେ ଏହିସବୁ ଛାୟାଛବିର ପ୍ରତିପାତ କରାଇ ଓ ସେଗୁଡ଼ିକୁ ସତେଅବା କଣେଇ ପରି ନଚାଇ ବ୍ରହ୍ମ ଯେ ସେଥିରୁ ଖାଲି ଏକପ୍ରକାର ଆମୋଦ ଲାଭ କରୁଛନ୍ତି, ସେତେବେଳେ ଏହାହିଁ କହିବାକୁ ହୁଏ । ବ୍ରହ୍ମର ଦ୍ୱୈତ ସତ୍ତା ରହିଛି ବା ତାହା ଭିତରେ ଗୋଟିଏ ପାଖରେ ମାୟାଦ୍ୱାରା କବଳିତ ଓ ଅନ୍ୟ ପାଖରେ ମାୟାରୁ ମୁକ୍ତ ଏହିପରି ଦୁଇଟି ଚେତନା ରହିଛି, ଏବଂ ମାୟାର ସତ୍ତା ଭିତରେ ଏକ ପ୍ରାତିଭାସିକ ସତ୍ୟ ନିହିତ ହୋଇ ରହିଛି, ଏଠାରେ ଆମକୁ ପୁଣି ସେଇକଥାଟି ସ୍ୱୀକାର କରିବାକୁ ହୁଏ : ବିଶ୍ୱଜଗତରେ ଆମର ଅସ୍ତିତ୍ୱ ସମ୍ବନ୍ଧରେ ଏକ ସମାଧାନରେ ପହଞ୍ଚିବାକୁ ହେଲେ ସେହି ଅସ୍ତିତ୍ୱ ଓ ସେହି ଜଗତକୁ ସତ୍ୟ ବୋଲି ଗ୍ରହଣ କରିବାକୁ ପଡ଼େ । ସେହି ସତ୍ୟ ହୁଏତ କେବଳ ଆଂଶିକ ହୋଇପାରେ, ସୀମାବଦ୍ଧ ହୋଇପାରେ କିମ୍ବା ଆଉ ଅନ୍ୟ କୌଣସି ସତ୍ୟବସ୍ତୁରୁ କି ଉତ୍ପନ୍ନ ହୋଇଥାଇପାରେ । କିନ୍ତୁ ଏକ ଅନାଦି, ସର୍ବଗତ, ଏକାନ୍ତ ଅହେତୁକ ଓ ମୌଳିକ ମାୟାର ପ୍ରକୃତ ସତ୍ତା କ'ଣ ହୋଇପାରେ ? ଏହି ପ୍ରଶ୍ନର କେବଳ ଗୋଟିଏ ସମ୍ଭାବ୍ୟ ଉତ୍ତର ରହିଛି; ତାହା ହେଉଛି : ଏହା ବୁଦ୍ଧିର ଅତୀତ ଏକ ରହସ୍ୟ, ଏହାର ବ୍ୟାଖ୍ୟା କରିହେବ ନାହିଁ ବା ସଂଜ୍ଞାନିରୂପଣ କି କରିହେବ ନାହିଁ; ଏହା ଅନିର୍ବଚନୀୟ ।

ବ୍ୟକ୍ତି ଓ ବିଶ୍ୱକୁ ତୁଚ୍ଛା ଅସତ୍ୟ ବୋଲି ଅସ୍ୱୀକାର କରି ନଦେଇ ଯଦି ଆମେ କିଞ୍ଚିତ୍ ନମନୀୟତା ଓ ଆପୋଷ-ସାଲିସ୍ ଲାଗି ପ୍ରସ୍ତୁତ ହୋଇପାରିବା, ତେବେ ଏହି ପରିସ୍ଥିତିରୁ ଆମକୁ ଦୁଇଟି ସମ୍ଭବପର ସମାଧାନ ମିଳିପାରିବ । ଉପନିଷଦରେ ସୁପ୍ତି ଓ ସ୍ୱପ୍ନକାଳୀନ ବସ୍ତୁସୃଷ୍ଟି ସମ୍ବନ୍ଧରେ ଯେଉଁ ବର୍ଣ୍ଣନା ଦିଆଯାଇଛି, ତାହାକୁ ଏକ ଭ୍ରମାତ୍ମକ ଓ ଆଶୟଗତ ଜଗତଜ୍ଞାନର ନଜୀର ଦେଇ ଗ୍ରହଣ କରିପାରିଲେ ତାହା ତଥାପି ପରମସତ୍ତାଙ୍କର ଅଂଶବିଶେଷ ହୋଇ ରହିଥିବା ଏକ ଆଶୟଗତ ଭ୍ରମଚେତନାର ଅବଧାରଣା ଲାଗି ଆମକୁ ଏକ ଭିତ୍ତି ଯୋଗାଇ ଦେଇପାରିବ । ଉପନିଷଦରେ ଆତ୍ମାରୂପୀ ବ୍ରହ୍ମକୁ ଚତୁଷ୍ପାଦ ବୋଲି ଘୋଷଣା କରାଯାଇଛି : ଆତ୍ମା ହେଉଛି ବ୍ରହ୍ମ,

'oaob.nitrkl.ac.in' images reprocessed

ଏବଂ ଯାହାକିଛି ବର୍ତ୍ତମାନ ରହିଛି, ତାହା ମଧ୍ୟ ବ୍ରହ୍ମ; ମାତ୍ର ଯାହାକିଛି ବର୍ତ୍ତମାନ ରହିଛି, ତାହା ମଧ୍ୟ ଆତ୍ମା; ଏବଂ ଆତ୍ମା ଆପଣା ସତ୍ତାର ଚତୁଷ୍ଟୟାତ୍ମକ ଅବସ୍ଥା, ଭୂମି ବା ପାଦରେ ଅବସ୍ଥିତ ରହି ଯାହାକିଛି ବର୍ତ୍ତମାନ ରହିଛି ତାହାକୁ ଆତ୍ମାରୂପେହିଁ ଦର୍ଶନ କରୁଛନ୍ତି । ବ୍ରହ୍ମର ବିଶୁଦ୍ଧ ଆତ୍ମସ୍ଥିତିରେ ଆମେ ଆମ ନିଜ କଳ୍ପନାରେ ଯାହାକୁ ଚେତନା ବା ଚେତନାହୀନତା ବୋଲି ଜାଣୁ, ତାହାକୁ ବ୍ରହ୍ମ ଉପରେ ଆରୋପିତ କରିପାରିବା ନାହିଁ । ଏହି ଅବସ୍ଥା ହେଉଛି ଏକ ଅତିଚେତନାର ଅବସ୍ଥା, କେବଳ ଆପଣା ଆତ୍ମସତ୍ତା ମଧ୍ୟରେହିଁ ନିମଜ୍ଜିତ, କେବଳ ଆତ୍ମନୈଶ୍ଚଲ୍ୟରେ ମଗ୍ନ, କେବଳ ଆତ୍ମାନନ୍ଦମୟ । ଅଥବା ଏହି ଅବସ୍ଥାକୁ ଏକ ବିମୁକ୍ତ ଅତିଚେତନାର ଅବସ୍ଥା ବୋଲି ବୁଝିହୋଇ ପାରିବ ଯାହାକି ଆପଣା ମଧ୍ୟରେ ସବୁକିଛି ଧରି ରଖିଛି, ସବୁକିଛିର ଆଧାର ହୋଇଛି, ଅଥଚ କୌଣସିଥିରେ ଲିପ୍ତ ବା ସଂଶ୍ଳିଷ୍ଟ ହୋଇପଡ଼ି ନାହିଁ । ମାତ୍ର ଏହା ବ୍ୟତୀତ ଏକ ଜ୍ୟୋତିର୍ମୟ ପାଦ ବା ଅବସ୍ଥା ମଧ୍ୟ ରହିଛି, ଯାହାକୁ କି ଆମେ ସୁଷୁପ୍ତି-ପୁରୁଷର ଅବସ୍ଥା ବୋଲି କହିଆସୁ । ଏହି ସ୍ତୂପୀକୃତ ଚେତନାର ଅବସ୍ଥାରୁହିଁ ବିଶ୍ୱସତ୍ତାର ମୂଳୋନ୍ମେଷ ହୁଏ । ସୁଷୁପ୍ତିର ଏହି ଅବସ୍ଥାଟିରେ ବୀଜ କାରଣରୂପେ ଏକ ସର୍ବଶକ୍ତିମାନ୍ ଜ୍ଞାନ ତଥାପି ଅବସ୍ଥିତ ରହିଛି ଏବଂ ତାହାର ଏହି କାରଣାବସ୍ଥାରୁ ବିଶ୍ୱଜଗତର ଉଦ୍‌ଭବ ହେଉଛି । ତା'ପରେ ଯାବତୀୟ ସୂକ୍ଷ୍ମ, ଆନ୍ତରଗତ ବା ଅତିଭୌତିକ ଅନୁଭୂତିର ମହାଦେଶରୂପେ ସ୍ୱପ୍ନପୁରୁଷ ଅବସ୍ଥିତ ରହିଛି ଏବଂ ସକଳ ଭୌତିକ ବା ପ୍ରାକୃତ ଅନୁଭବର ଆଶ୍ରୟରୂପେ ଜାଗ୍ରତ-ପୁରୁଷ ମଧ୍ୟ ରହିଛି । ସୁଷୁପ୍ତି, ସ୍ୱପ୍ନ ଓ ଜାଗ୍ରତ ଏହି ତିନୋଟିଯାକ ଭୂମିକୁ ଆମେ ମାଣ୍ଡୁକ୍ୟର ସମୁଦାୟ କ୍ଷେତ୍ର ବୋଲି କହିପାରିବା । ଗଭୀର ନିଦ୍ରାମଗ୍ନ ଅବସ୍ଥାରୁ ମଣିଷ ଯେପରି ସ୍ୱପ୍ନର ଅବସ୍ଥା ମଧ୍ୟରେ ପ୍ରବେଶ କରିଥାଏ ଓ ନାମ, ରୂପ, ସମ୍ବନ୍ଧ ଓ ସଂଘଟନର ସ୍ୱରଚିତ ଓ ଅସ୍ଥାୟୀ ନାନା କଳ୍ପନାର ଅନୁଭୂତି ଲାଭ କରିଥାଏ, ଏବଂ ପୁଣି ଜାଗ୍ରତାବସ୍ଥାରେ ସେ ଯେପରି ପ୍ରାକୃତ ଚେତନାର ଅପେକ୍ଷାକୃତ ଅଧିକ ଆପାତସ୍ଥାୟୀ ମାତ୍ର ତଥାପି ସତତଧାବମାନ କଳ୍ପନାଗୁଡ଼ିକରେ ଆପଣାକୁ ବାହ୍ୟଚେତନା ଭାବରେ ରୂପାୟିତ କରି ଦେଇଥାଏ, ଠିକ୍ ସେହିପରି ଆତ୍ମା ମଧ୍ୟ ଆପଣାର ପ୍ରଜ୍ଞାନଘନ ଅବସ୍ଥାରୁ ବିଷୟୀ ଓ ବିଷୟରୂପେ ଆପଣାର ଆନ୍ତରଗତ ଓ ବିଷୟଗତ ବିଶ୍ୱାନୁଭବର ବିକାଶ କରାଇଥା'ନ୍ତି । ମାତ୍ର ଆମର ତଥାକଥିତ ଜାଗୃତାବସ୍ଥାକୁ ଆମେ ପ୍ରକୃତରେ ଏହି ମୂଳ ଓ କାରଣାବସ୍ଥାସ୍ୱରୂପ ନିଦ୍ରାରୁ ଏକ ଯଥାର୍ଥ ଜାଗରଣ ବୋଲି କହିପାରିବା ନାହିଁ । ଚେତନାର ଯେଉଁ ବିଷୟଗୁଡ଼ିକର ବୋଧ କେବଳ ଏକ ସୂକ୍ଷ୍ମ ଓ ଆନ୍ତରଗତ ସ୍ୱପ୍ନବୋଧ ହୋଇ ରହିଥିଲା, ତାହା ପରବର୍ତ୍ତିରେ ସେଗୁଡ଼ିକର ଭାବାତ୍ମକ ସତ୍ୟ ବିଷୟରେ ଏକ ସ୍ଥୂଳ, ବହିଷ୍ଟର ଓ ବିଷୟଗତ ବୋଧ ଭିତରକୁ ସମ୍ପୂର୍ଣ୍ଣରୂପେ ନିର୍ଗତ ହୋଇ ଆସିବା,—ଏହାହିଁ ହେଉଛି ଆମ ଜାଗ୍ରତାବସ୍ଥାର ପ୍ରକୃତ ସଂଜ୍ଞା ।

'oaob.nitrkl.ac.in' images reprocessed

ମାତ୍ର ଯଥାର୍ଥ ଜାଗରଣର ଅବସ୍ଥାରେ ଆମେ ଉଭୟ ବିଷୟଗତ ଓ ଆଶୟଗତ ଚେତନାକୁ ଆପଣାକୁ ପ୍ରତ୍ୟାହୃତ କରି ନେଇଆଉ, କାରଣାବସ୍ଥାର ସେହି ସୁସ୍ପୀକୃତ ଜ୍ଞାନର ଭୂମିରୁ ନିଜକୁ ଅପସାରିତ କରିନେଇ ସକଳ ଚେତନାର ଊର୍ଦ୍ଧ୍ୱତର ସ୍ତରରେ ଅବସ୍ଥିତ ଅତିଚେତନ ମଧ୍ୟରେ ପ୍ରବେଶ କରିଥାଉ । କାରଣ ସକଳ ଚେତନା ଓ ସକଳ ଅଚେତନା ହେଉଛନ୍ତି କେବଳ ସେହି ମାୟାରହିଁ ଗୋଟିଏ ଗୋଟିଏ ଭୂମି । ଏହି ଦୃଷ୍ଟିରୁ ଆମେ ମାୟାକୁ ମଧ୍ୟ ସତ୍ୟ ବୋଲି କହିପାରିବା, କାରଣ ଏଠାରେ ମାୟା କହିଲେ ଆମ୍ଭର ଆତ୍ମାନୁଭୂତକୁ ବୁଝାଉଛୁ; ଏଠାରେ ଆମ୍ଭର କିୟଦଂଶ ମାୟା ଭିତରେ ପ୍ରବିଷ୍ଟ ହେଉଛି, ଆମ୍ଭର ସଙ୍ଘଟନଗୁଡ଼ିକ ଦ୍ୱାରା ମାୟା ଅନୁସ୍ୟୂତ ଓ ଅନୁରଞ୍ଜିତ ହେଉଛି । କାରଣ ତାହା ସେଗୁଡ଼ିକୁ ସ୍ୱୀକାର କରିନେଉଛି, ସେଗୁଡ଼ିକରେ ବିଶ୍ୱାସ ସ୍ଥାପନ କରୁଛି, ସେଗୁଡ଼ିକୁ ସତ୍ୟାନୁଭୂତି ରୂପେ ଜାଣୁଛି, ଆପଣା ଚେତନ ସତ୍ତ୍ୱର ବିସୃଷ୍ଟି ବୋଲି ଜାଣୁଛି । ମାତ୍ର ଯଥାର୍ଥତଃ ଏହି ଅନୁଭୂତିଟିକୁ ଅସତ୍ୟ ବୋଲିହିଁ ବୁଝାଯିବ; କାରଣ ଏହା ହେଉଛି ଏକ ସୁପ୍ତିର ଅବସ୍ଥା, ଏକ ସ୍ୱପ୍ନାବସ୍ଥା ଏବଂ ପରିଶେଷରେ ଏକ କ୍ଷଣସ୍ଥାୟୀ ଜାଗ୍ରତ ଅବସ୍ଥା; ଅତିଚେତନ ପରମସତ୍ୟର କୌଣସି ଯଥାର୍ଥ ଅବସ୍ଥା ନୁହେଁ । ଏଠାରେ ବସ୍ତୁତଃ ସତ୍ତ୍ୱକୁ ଦୁଇ ବିଭିନ୍ନ ଭାଗରେ କଳ୍ପନା କରାଯାଇ ନାହିଁ, ଅଦ୍ୱିତୀୟ ସତ୍ତ୍ୱର ବହୁ ପାଦ ବା ଭୂମିକୁ ସ୍ୱୀକାର କରାଯାଇଛି; ଶୂନ୍ୟ ବା ଅସତ୍ତ୍ୱରୁ ଭ୍ରମମୟ ବିଷୟଗୁଡ଼ିକର ସୃଷ୍ଟି କରିବା ଲାଗି ଏଠାରେ ପରମ ଅବ୍ୟାକୃତ ମଧ୍ୟରେ ଏକ ଇଚ୍ଛାର ସୂଚନା ଦେଉଥିବା କୌଣସି ମୂଳଭୂତ ଦ୍ୱିବିଧ ଚେତନା ନାହିଁ, ମାତ୍ର ଏଠାରେ ଅଦ୍ୱିତୀୟ ପରମସତ୍ତ୍ୱଙ୍କୁ ଅତିଚେତନ ଓ ଚେତନ ଏହିଭଳି ଦୁଇଟି ଭିନ୍ନ ଭିନ୍ନ ଅବସ୍ଥାରେ ବିଭକ୍ତ କରି ଦିଆଯାଇଛି ଏବଂ ପ୍ରତ୍ୟେକଟି ଅବସ୍ଥାରେ ଆତ୍ମାନୁଭୂତିର ଭିନ୍ନ ଭିନ୍ନ ସ୍ୱକୀୟ ପ୍ରକୃତିର କଳ୍ପନା କରାଯାଇଛି । କିନ୍ତୁ ଅବସ୍ଥାର ନିମ୍ନତର ସୋପାନଗୁଡ଼ିକରେ ମଧ୍ୟ ଏକ ସତ୍ୟ ରହିଛି ସତ, ତଥାପି ତାହା ଏପରି ଆଶୟଗତ ନାନା ଆତ୍ମକଳ୍ପନାର ରଚନା ଓ ଦୃଷ୍ଟିଦ୍ୱାରା ଅନୁବିଦ୍ଧ ହୋଇ ରହିଛି, ଯେଉଁଗୁଡ଼ିକୁ କି ପରମସତ୍ୟର ବାଚକ ବୋଲି କଦାପି ବୁଝାଯିବ ନାହିଁ । ଅଦ୍ୱିତୀୟ ପରମ ଆତ୍ମା ନିଜକୁହିଁ ବହୁରୂପରେ ଦର୍ଶନ କରୁଛନ୍ତି, ମାତ୍ର ଏହି ବହୁରୂପୀ ଅସ୍ତିତ୍ୱ ହେଉଛି କେବଳ ଏକ ଆଶୟଗତ ଅସ୍ତିତ୍ୱ; ଏହାର ଆପଣାର ଚେତନାବସ୍ଥାଗୁଡ଼ିକରେ ଏକ ବହୁତ୍ୱ ଅବଶ୍ୟ ରହିଛି, ମାତ୍ର ଏହି ବହୁତ୍ୱ ମଧ୍ୟ ଆଶୟଗତ । ଏଠାରେ ଏକ ବାସ୍ତବ ଓ ସତ୍ୟସ୍ୱରୂପ ପରମସତ୍ୟଙ୍କୁ ଆଶୟଗତ ଭାବରେ ଅନୁଭବ କରିବାର ସତ୍ୟତା ରହିଛି ସତ, ମାତ୍ର ବିଷୟରୂପେ ଅବସ୍ଥିତ ଜଗତର କୌଣସି ସ୍ଥାନ ନାହିଁ ।

ଏଠାରେ ଅବଶ୍ୟ ଉଲ୍ଲେଖ କରାଯାଇପାରେ ଯେ ସୁପ୍ତି, ସ୍ୱପ୍ନ ଓ ଜାଗରଣର ତିନି ଅବସ୍ଥାକୁ ଏକ ଭ୍ରମାବସ୍ଥା ବା ଏକ ଅସତ୍ୟର ବିସୃଷ୍ଟି ବୋଲି ପ୍ରତିପନ୍ନପରେ

'oaob.nitrkl.ac.in' images reprocessed

ପ୍ରକୃତରେ କୌଣସିଠାରେ କୁହାଯାଇ ନାହିଁ । ଉପନିଷଦରେ ଏକଥା ବାରବାର ଘୋଷଣା କରାଯାଇଛି ଯେ ଅସ୍ତିତ୍ୱ ବୋଲି ଯେଉଁଠି ଯାହାକିଛି ରହିଛି, ତାହା ହେଉଛି କେବଳ ବ୍ରହ୍ମ, କେବଳ ପରମସତ୍ୟ; ଯେଉଁ ଜଗତଟିକୁ ମାୟାର ତିଆଣ ବୋଲି ଆମେ ବର୍ତ୍ତମାନ ଅନୁମାନ କରୁଛୁ; ତାହାକୁ ମଧ୍ୟ ବ୍ରହ୍ମ ବୋଲି କୁହାଯାଇଛି । କେବଳ ବ୍ରହ୍ମହିଁ ଏହିସବୁ ବିଷୟସତ୍ତାର ରୂପ ଧାରଣ କରିଛନ୍ତି, ତେଣୁ ଯଥାର୍ଥ ଭାବରେ ଦେଖିବାକୁ ହେଲେ ଆମକୁ ଏଗୁଡ଼ିକୁ ସେହି ବ୍ରହ୍ମ ବା ପରମସତ୍ୟ ମଧ୍ୟରେହିଁ ଦେଖିବାକୁ ପଡ଼ିବ, ପରମ ସତ୍ୟକୁ ମଧ୍ୟ ସେହି ବିଷୟଗୁଡ଼ିକ ମଧ୍ୟରେ ଦେଖିବାକୁ ହେବ; ପରମସତ୍ତା ପ୍ରକୃତରେ ଆପଣାକୁ ଏହିସବୁ ବିଷୟସତ୍ତାରେ ପରିଣତ କରିଛନ୍ତି, ଏହିଭଳିହିଁ ଦେଖିବାକୁ ପଡ଼ିବ, କାରଣ କେବଳ ଆତ୍ମା ଯେ ବ୍ରହ୍ମ ତାହା ନୁହେଁ, ମାତ୍ର ସକଳ ସତ୍ତା ମଧ୍ୟ ଆତ୍ମା, ଏବଂ ଏସବୁ ଯାହାକିଛି ଅନ୍ତର୍ହିତରୂପେ ଅବସ୍ଥିତ ରହିଛି, ତାହା ହେଉଛି ବ୍ରହ୍ମ, କେବଳ ସେହି ପରମସତ୍ୟ । ଏପରି ଜୋର୍ ଦେଇ ଯେଉଁଟିକୁ ସତ୍ୟ ବୋଲି ଘୋଷଣା କରାଯାଇଛି, ସେଥିରେ ପୁଣି ମାୟା ଲାଗି ଆଉ କେଉଁଠି ସ୍ଥାନ ରହିବ ? ମାତ୍ର ସକଳ ଅନୁଭବର ବିଷୟୀରୂପେ ଅବସ୍ଥିତ ଆତ୍ମା ବ୍ୟତୀତ ବା ତା'ଠାରୁ ଅଲଗା ହୋଇ ଆଉ କିଛି ନାହିଁ ବୋଲି ଯେପରି ଥରକୁ ଥର ଜୋର୍ ଦେଇ କହିବାର ଚେଷ୍ଟା କରାଯାଇଛି, କେତୋଟି ଶବ୍ଦସମାହାରକୁ ଯେପରି ଭାବରେ ପ୍ରୟୋଗ କରାଯାଇଛି ଏବଂ ଚେତନାର ଦୁଇଟି ସୋପାନକୁ ଯେପରି ସୁପ୍ତି ଓ ସ୍ୱପ୍ନ ବୋଲି ବର୍ଣ୍ଣନା କରି କୁହାଯାଇଛି, ସେଥିରୁ ହୁଏତ ଏକଥା ବି ମନେ ହୋଇପାରେ ଯେ ତଦ୍ୱାରା ସତେଯେପରି ସେହି ବିଶ୍ୱଗତ ପରମସତ୍ତାଙ୍କ ଉପରେ ଦିଆଯାଇଥିବା ଜୋରକୁ ଖଣ୍ଡନ କରି ଦିଆଯାଇଛି ! ଏହି ଉକ୍ତିଗୁଡ଼ିକହିଁ ସତେଅବା ମାୟାବାଦକୁ ଆବାହନ କରି ଆଣିବା ସକାଶେ ଦୁଆର ଖୋଲିଦେଇଛି ଏବଂ ସେହି ଧରଣର ଏକ ଅନମନୀୟ ସିଦ୍ଧାନ୍ତ ଲାଗି ଭିତ୍ତିରୂପେ କାର୍ଯ୍ୟ କରିଛି । ଯେଉଁଠାରେ ବିଷୟୀ ଓ ବିଷୟ ବୋଲି ଭିନ୍ନଭିନ୍ନ କୌଣସି ଅବଧାରଣା ଆଦୌ ନାହିଁ, ସେହି ଅଧିଚେତନର ସ୍ଥିତିରୁ ବାହାରି ପରମ ପୁରୁଷ ଏକ ଜ୍ୟୋତିର୍ମୟ ସମାଧିର ସ୍ଥିତି ଗ୍ରହଣ କରୁଛନ୍ତି, ଯହିଁରେ କି ଅଧିଚେତନା ଏକ ପ୍ରଜ୍ଞାନଘନ ଚେତନାରେ ପରିଣତ ହେଉଛି ଏବଂ ଏଇଟିରୁ ସତ୍ତାର ବିଷୟୀରୂପୀ ଓ ବିଷୟରୂପୀ ଦୁଇ ସ୍ଥିତିର ଉଦ୍ଭବ ହେଉଛି;— ଉପନିଷଦରେ ବର୍ଣ୍ଣିତ ଏହିସବୁ ପାଦକୁ ପରମସତ୍ତାଙ୍କର ଏହିପରି ଏକ ବର୍ଣ୍ଣନାରୂପେ ବୁଝିବାକୁ ଚେଷ୍ଟା କଲେ, ବିଷୟଗୁଡ଼ିକ ସମ୍ବନ୍ଧରେ ଆମର ଦୃଷ୍ଟିକୋଣ ଅନୁସାରେ ଆମେ ତାହାକୁ ହୁଏତ ମାୟାମୟ ବିସୃଷ୍ଟିର ଏକ ସମ୍ଭାବ୍ୟ ପ୍ରକ୍ରିୟାରୂପେ ଦେଖିବାକୁ ପାଇବା ଅଥବା ସୃଜନଶୀଳ ପରମ ଆତ୍ମଜ୍ଞାନ ଓ ସର୍ବଜ୍ଞାନର ଏକ ପ୍ରକ୍ରିୟାରୂପେ ଅନୁଭବ କରିବାକୁ ଆରମ୍ଭ କରିବା ।

'oaob.nitrkl.ac.in' images reprocessed

ଉପନିଷଦରେ ଆତ୍ମାର ଏହି ତିନୋଟି ନିମ୍ନତର ଅବସ୍ଥାକୁ 'ସର୍ବଜ୍ଞ ପ୍ରଜ୍ଞାନ-ଘନ* ପୁରୁଷ, ସୂକ୍ଷ୍ମଦର୍ଶୀ ଅନ୍ତଃପ୍ରଜ୍ଞ ପୁରୁଷ ଏବଂ ସ୍ଥୂଳଦର୍ଶୀ ବହିଃପ୍ରଜ୍ଞ ପୁରୁଷ ଭାବରେ ଯେଉଁ ବର୍ଣ୍ଣନା ଦିଆଯାଇଛି, ସେହି ଦୃଷ୍ଟିରୁ ବିଚାର କରିପାରିଲେ ଏହି ସୁପ୍ତି ଓ ସ୍ୱପ୍ନର ଅବସ୍ଥାଦୁଇଟି ଆମକୁ ଅତିଚେତନ ଓ ଅଧିଚେତନକୁ ସୂଚାଇ ଦେବାଲାଗି ଦିଆହୋଇଥିବା ରୂପକଭାଷାର ଦୁଇଟି ନାମ ବୋଲି ମନେହେବ । ଏହି ଭୂମି ଦୁଇଟି ଆମ ଜାଗ୍ରତ ଭୂମିର ପଶ୍ଚାତ୍‌ଦେଶରେ ଅବସ୍ଥିତ, ସେଗୁଡ଼ିକର ସୀମା ସେପାଖରେ ଅବସ୍ଥିତ । ସେଗୁଡ଼ିକୁ ଏଭଳି ଗୋଟିଏ ଗୋଟିଏ ନାମ ଦିଆଯାଇଛି, କାରଣ କେବଳ ସ୍ୱପ୍ନ ଓ ସୁପ୍ତିର,—ଅଥବା ସମାଧିର, ଯାହାକୁ କି ଆମେ ଏକପ୍ରକାର ସ୍ୱପ୍ନ ବା ସୁପ୍ତି ବୋଲି ବି କହିପାରିବା,—ମଧ୍ୟଦେଇହିଁ ଉପରିଭାଗସ୍ଥ ମାନସିକ ଚେତନାଟି ସାଧାରଣତଃ ବହିଃବିଷୟଗୁଡ଼ିକୁ ଅବଧାରଣା କରିବାର ସୀମାକୁ ଅତିକ୍ରମ କରିଯାଇ ଅନ୍ତର୍ଗଭୀରସ୍ଥ ଅଧିଚେତନ ଏବଂ ତାହାଠାରୁ ଆହୁରି ଉଚ୍ଚରେ ଅବସ୍ଥିତ ରହିଥିବା ଅତିମାନସ ଅଥବା ଅଧିମାନସ ଭୂମିରେ ପ୍ରବେଶ କରିବାକୁ ସମର୍ଥ ହୋଇଥାଏ । ଅନ୍ତର୍ଗତ ହୋଇ ରହିବାର ଅବସ୍ଥାରେ ମନ ସ୍ୱପ୍ନ ଅଥବା ସୂକ୍ଷ୍ମଦୃଷ୍ଟିର ଛବିମାନ ଅଙ୍କନ କରି ଜଡ଼ାତୀତ ବିଷୟଗୁଡ଼ିକର ଦର୍ଶନ ପାଏ,

---

* ପ୍ରଜ୍ଞ । ବୃହଦାରଣ୍ୟକ ଉପନିଷଦରେ ଯାଜ୍ଞବଲ୍କ୍ୟ ଅତ୍ୟନ୍ତ ସ୍ପଷ୍ଟଭାବରେ କହିଛନ୍ତି ଯେ ସତ୍ତ୍ୱାର ଦୁଇଟି ଭୂମି ବା ଅବସ୍ଥା ରହିଛି । ଏହି ଦୁଇଟି ଭୂମି ହେଉଛି ଦୁଇଟି ଭିନ୍ନଭିନ୍ନ ଜଗତ । ସ୍ୱପ୍ନାବସ୍ଥାରେ ଆମେ ଏହି ଦୁଇଟିଯାକ ଜଗତର ଦର୍ଶନ ଲାଭ କରିପାରିବା, କାରଣ ସ୍ୱପ୍ନାବସ୍ଥା ଉକ୍ତ ଦୁଇ ଜଗତର ମଧ୍ୟଭାଗରେ ଅବସ୍ଥିତ ରହିଛି, ସ୍ୱପ୍ନାବସ୍ଥାରେହିଁ ଦୁଇଟିଯାକ ଜଗତ ଏକତ୍ର ଯୋଡ଼ା ହୋଇ ରହିଛନ୍ତି । ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ ଏଠାରେ ସେ ଚେତନାର ଏକ ଅଧିଚେତନ ପର୍ଯ୍ୟାୟର କଥା କହୁଛନ୍ତି, ଯାହାଭିତରେ କି ଭୌତିକ ଓ ଅତିଭୌତିକ ଜଗତଦ୍ୱୟ ମଧ୍ୟରେ ଯୋଗସୂତ୍ରର ଏକ ସେତୁ ପଡ଼ିଛି । ସ୍ୱପ୍ନରହିତ ସୁଷୁପ୍ତି ଅବସ୍ଥାଟିର ବର୍ଣ୍ଣନା ଗଭୀର ନିଦ୍ରାର କ୍ଷେତ୍ରରେ ଯେପରି ପ୍ରଯୁଜ୍ୟ, ସମାଧିର ଅବସ୍ଥାରେ ମଧ୍ୟ ଠିକ୍ ସେହିପରି ପ୍ରଯୁଜ୍ୟ । ସମାଧି ଅବସ୍ଥାରେ ଆମେ ଚେତନାର ଏକ ଏକୀଭୂତ ଅବସ୍ଥାରେ ଯାଇ ପ୍ରବିଷ୍ଟ ହେଉ; ସେହି ଚେତନାରେ ସତ୍ତ୍ୱାର ସକଳ ସାମର୍ଥ୍ୟ ବର୍ତ୍ତମାନ ରହିଥାଏ, ମାତ୍ର କେବଳ ଆପଣା ଭିତରେ ସଂହୃତ ହୋଇ ରହିଥାଏ, କେବଳ ଅନ୍ତଃସମାହୃତ ହୋଇ ରହିଥାଏ । ଏବଂ ଯେତେବେଳେ ତାହା କ୍ରିୟାଶୀଳ ହେବାକୁ ଆରମ୍ଭ କରେ, ସେତେବେଳେ ଯେଉଁ ଚୈତନ୍ୟ ସମକ୍ଷରେ ସବୁକିଛି କେବଳ ବ୍ରହ୍ମ ବୋଲି ଅନୁଭୂତ ହୁଏ, ତାହା ସେହି ଚୈତନ୍ୟର ଭୂମିରେ କ୍ରିୟାଶୀଳ ହୋଇଥାଏ । ଅର୍ଥାତ୍, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଅବସ୍ଥାରେ ଆମେ ଯେଉଁ ଉଚ୍ଚତର ଚିନ୍ମୟ ଭୂମିଗୁଡ଼ିକୁ ଉନ୍ମୋଚିତ ହୋଇଯାଉ, ସେଗୁଡ଼ିକ ଆମର ବର୍ତ୍ତମାନ ସ୍ଥିତିର ଜାଗ୍ରତ ଅବସ୍ଥାଟି ଲାଗି ସାଧାରଣତଃ ଏକ ଅତିଚେତନ ଭୂମି ହୋଇ ରହିଥାଏ ।

'oaob.nitrkl.ac.in' images reprocessed

କିମ୍ବା, ତାହାର ଆନ୍ତର ଉଚ୍ଚତର ସୁଷୁପ୍ତି ଅବସ୍ଥାରେ ତାହା ଆପଣାକୁ ଏକ ଘନୀଭୂତ ଚେତନା ଭିତରେ ହରାଇ ଦେଇଥାଏ, ସେହି ଚେତନାକୁ ସେ ଆପଣାର କୌଣସି ଭାବନା ବା ପ୍ରତିରୂପ ଦ୍ୱାରା ଆଦୌ ଧରିପାରେ ନାହିଁ । କେବଳ ଏହି ଅଧିଚେତନ ଓ ଅତିଚେତନର ମାର୍ଗ ଦେଇହିଁ ଆମେ ଆତ୍ମସତ୍ତାର ଉଚ୍ଚତମ ସୋପାନରେ ଅବସ୍ଥିତ ସେହି ପରମ ଅତିଚେତନରେ ଯାଇ ପହଞ୍ଚିପାରିବା । ସ୍ୱପ୍ନଗତ ବା ସୁଷୁପ୍ତିଗତ ସମାଧିଦ୍ୱାରା ନୁହେଁ, ମାତ୍ର ଆପଣାର ପ୍ରବୁଦ୍ଧ ଅଧ୍ୟାତ୍ମଚେତନା ଦ୍ୱାରା ଆପଣାକୁ ଏହିସବୁ ଉଚ୍ଚତର ସୋପାନକୁ ଉନ୍ନୋଳିତ କରିଦେଇ ଯଦି ଆମେ ଏହି ଯାତ୍ରାରେ ବାହାରିଯାଇ ପାରିବା, ତେବେ ଆମେ ସେହିସବୁ ପ୍ରତ୍ୟେକ ସୋପାନରେ କେବଳ ସେହି ଅଦ୍ୱିତୀୟ ଓ ସର୍ବଗତ ପରମସତ୍ତାର ଉପସ୍ଥିତିହିଁ ଅନୁଭବ କରିବା । ସେଠାରେ ଆଉ ଭ୍ରମୋତ୍ପାଦକ ମାୟାର ଅବଲୋକନ କରିବା ଲାଗି ଆଦୌ କୌଣସି ଆବଶ୍ୟକତା ନଥିବ; ସେଠାରେ କେବଳ ମନୋଭୂମିକୁ ଅତିକ୍ରମ କରି ତାହାର ଆନ୍ତର ସେପାଖରେ ବିସ୍ତୃତ ହୋଇ ରହିଥିବା ଭୂମିଗୁଡ଼ିକରେ ପ୍ରବେଶ କରିବାର ଅନୁଭୂତିଟିହିଁ ପ୍ରାପ୍ତ ହେଉଥିବ, ଯାହାଫଳରେ କି ଆମର ମନ ଭିତରେ ବିଶ୍ୱଜଗତର ଯେଉଁ କଳ୍ପନାଟି ରହିଛି ତାହାର ପ୍ରାମାଣିକତା କ୍ରମେ ବିଲୁପ୍ତ ହୋଇ ଯାଉଥିବ ଏବଂ ଅଜ୍ଞାନାଚ୍ଛନ୍ନ ମନୋଭୂମିଗତ ଜ୍ଞାନର ସ୍ଥାନାପନ୍ନ ଭାବରେ ଜଗତ ବିଷୟରେ ଆଉ ଏକ ସତ୍ୟଜ୍ଞାନ ଆସି ତାହାର ସ୍ଥାନ ଅଧିକାର କରିବ । ଏହି ଉତ୍ତରଣର ଯାତ୍ରାପର୍ଯ୍ୟାୟରେ ଏକ ସମନ୍ୱିତ ଓ ସର୍ବସମାବେଶକାରୀ ଅନୁଭୂତି ମଧ୍ୟରେ ସତ୍ତାର ଯାବତୀୟ ଅବସ୍ଥାକୁ ଆପଣାର ଜାଗ୍ରତ ଚେତନା ମଧ୍ୟରେ ଧାରଣା କରିପାରିବା ବି ସମ୍ଭବ ହେବ, ପ୍ରତ୍ୟେକ ସ୍ଥାନରେ କେବଳ ସେହି ପରମସତ୍ୟଙ୍କୁହିଁ ପ୍ରତ୍ୟକ୍ଷ କରିବା ସମ୍ଭବ ହେବ । ମାତ୍ର ଏକ ବିଶେଷ ଅଭିନିବେଶ ବଳରେ ସମାଧିସ୍ଥ ହୋଇ ଏକ ରହସ୍ୟମୟ ସୁଷୁପ୍ତି ମଧ୍ୟରେ ଯାଇ ବୁଡ଼ିଗଲେ କିମ୍ବା ମନର ଜାଗ୍ରତ ଅବସ୍ଥାରେ ପରମ ଅତିଚେତନ ରାଜ୍ୟରେ ରହିଥିବା ଏକ ଅବସ୍ଥାକୁ ଫଙ୍କ୍ କରି ଡେଇଁପଡ଼ିଲେ ଆମର ମନ ଅଧିବାଟରେ କେଉଁଠି ହୁଏତ ବିଶ୍ୱରେ କାର୍ଯ୍ୟ କରୁଥିବା ଶକ୍ତି ଓ ତା'ର ଯାବତୀୟ ବିସୃଷ୍ଟି ସମ୍ବନ୍ଧରେ ଏକ ଅଳୀକତାବୋଧ ଦ୍ୱାରା କବଳିତ ହୋଇ ଅଟକିଯିବ; ଏବଂ ସେତେବେଳେ ସେଗୁଡ଼ିକର କେବଳ ଏକ ଆଶୁସ୍ତଗତ ବିଲୁପ୍ତି ସାଧନ ଦ୍ୱାରା ପରମ ଅତିଚେତନ ମଧ୍ୟକୁ ପ୍ରବେଶ କରିବା ବ୍ୟତୀତ ଆଉ ଅନ୍ୟ ବାଟ ନଥିବ । ଏହି ଅଳୀକତାବୋଧ ଓ ଏହି ନିରୋଧଧର୍ମୀ ମାର୍ଗସ୍ମରଣାବୁହିଁ ଏହି ଜଗତକୁ ମାୟାଦ୍ୱାରା ସୃଷ୍ଟ ବୋଲି କହିବାର ଏକ ଆଧ୍ୟାତ୍ମିକ ଔଚିତ୍ୟପ୍ରମାଣର ପ୍ରବୃତ୍ତି ଜାତ ହୋଇଥାଏ । ମାତ୍ର ଏହାକୁ ଆମେ ଚୂଡ଼ାନ୍ତବୋଲି ମାନିନେବାକୁ ଆଦୌ ବାଧ୍ୟ ନୋହୁ, କାରଣ ଆଧ୍ୟାତ୍ମିକ ଅନୁଭୂତି ଲାଗି ଏହାଠାରୁ ଅଧିକ ବୃହତ୍ତ, ଅଧିକ ପରିପୂର୍ଣ୍ଣ ଓ ଏହାର ସକଳ ସୀମାକୁ ଅତିକ୍ରମ କରିଥିବା ଏକ ସିଦ୍ଧାନ୍ତରେ ପହଞ୍ଚିବାର ସମ୍ଭାବନା ମଧ୍ୟ ସର୍ବଦା ବଳବତ୍ତର ରହିଛି ।

'oaob.nitrkl.ac.in' images reprocessed

ମାୟାର ଯଥାର୍ଥ ପ୍ରକୃତିଟିକୁ ନିର୍ଣ୍ଣୟ କରିବାର ଚେଷ୍ଟା କରୁଥିବା ଏହିସବୁ ଓ ଆହୁରି ଅନେକ ସମାଧାନ ପ୍ରକୃତରେ ଆମର ହୃଦ୍‌ବୋଧ କରାଇ ପାରନ୍ତି ନାହିଁ, କାରଣ ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ସୁନିଶ୍ଚିତତା ନଥାଏ । ସେମାନେ କୌଣସିମତେ ମାୟାବାଦୀ ତତ୍ତ୍ୱାନୁମାନଟିର ଅକାଟ୍ୟତାକୁ ପ୍ରତିଷ୍ଠିତ କରିପାରନ୍ତି ନାହିଁ, ଏବଂ ଯେକୌଣସି ଅନୁମାନକୁ ସତ୍ୟରୂପେ ଗ୍ରହଣ କରିବାକୁ ହେଲେ ସେଥିରେ ଏକ ଅକାଟ୍ୟତା ରହିଥିବା ଏକାନ୍ତ ଆବଶ୍ୟକ । ଶାଶ୍ୱତ ପରମସତ୍ୟର ପ୍ରକୃତି ବିଷୟରେ ସ୍ୱରୂପତଃ ଯାହା ନିର୍ଦ୍ଦେଶ କରି ଦିଆଯାଇଛି ଏବଂ ଅନ୍ୟପକ୍ଷରେ ବିଶ୍ୱମାୟାର ପ୍ରକୃତି ମଧ୍ୟରେ ଯେଉଁ ବିରୋଧ ଓ ବିପରୀତତା ରହିଛି, ଦୁଇଟି ମଧ୍ୟରେ ରହିଥିବା ଖାଇ ଉପରେ ଏହି ସମାଧାନଗୁଡ଼ିକ ଆଦୌ କୌଣସି ସେତୁ ପକାଇ ପାରନ୍ତି ନାହିଁ । ଖୁବ୍ ବେଶୀହେଲେ ଦୁହିଁଙ୍କ ମଧ୍ୟରେ ଏପରି ଏକ ପ୍ରକ୍ରିୟା କାର୍ଯ୍ୟ କରୁଥିବାର ଦର୍ଶାଇ ଦିଆଯାଇଥାଏ, ଯାହାଦ୍ୱାରା କି ଦୁଇ ବିପରୀତ ତତ୍ତ୍ୱଟି ମଧ୍ୟରେ ଏକ ସହାବସ୍ଥାନ ରହିଛି ବୋଲି କଳ୍ପନା କରିହୁଏ ଏବଂ ବୋଧଗମ୍ୟ ହେଲାପରି ଲାଗେ । ମାତ୍ର ଏଥିରେ ସୁନିଶ୍ଚିତ ମୀମାଂସାର ବା ଆମର ସଂଶୟଗୁଡ଼ିକର ସମ୍ପୂର୍ଣ୍ଣ ମୋଚନ କରିପାରିଲାଭଳି ଦୃଢ଼ପ୍ରତ୍ୟୟ ଦେବାର କୌଣସି ଶକ୍ତି ନଥାଏ ଯାହାଦ୍ୱାରା କି ଏହାର ଅସମ୍ଭାବନାଟି ଏକାବେଳକେ ମୂଳପୋଛ ହୋଇଯାଇପାରେ ଓ ଆମର ବୁଦ୍ଧିଲାଗି ଏହାକୁହିଁ ସତ୍ୟ ବୋଲି ମାନିନେବା ବ୍ୟତୀତ ଆଉ ଅନ୍ୟ ବାଟ ନଥାଏ । ଯେଉଁ ରହସ୍ୟମୟ ସମସ୍ୟାର ଓ ଯେଉଁ ମୂଳଭୂତ ବିରୋଧର ସମାଧାନ ଏକ ଅନ୍ୟ ବାଟରେ ବେଶ୍ ସମ୍ଭବ ହୋଇପାରିବ, ତାହାର ସମାଧାନ କରିବାକୁ ଯାଇ ମାୟାବାଦ ଆଉ ଗୋଟିଏ ନୂତନ ରହସ୍ୟମୟ ସମସ୍ୟା ଓ ନୂତନ ବିରୋଧର ସୃଷ୍ଟି କରି ସେହି ବିରୋଧଟିକୁ ଦୂର କରିଥାଏ, ମାତ୍ର ଏହି ନୂତନ ବିରୋଧର ନିରାକରଣ ଓ ନୂତନ ସମସ୍ୟାଟିର ସମାଧାନ ଲାଗି ତାହା ଆମକୁ କୌଣସି ବାଟ ବତାଇପାରେ ନାହିଁ । ସେଭଳି ଏକ ସମାଧାନ ଦେବା ତାହାର ସାମର୍ଥ୍ୟର ବାହାର ହୋଇ ରହିଥାଏ । କାରଣ ଆମେ ଦୁଇଟି ବିଷୟର କଳ୍ପନା ବା ଅନୁଭୂତି ନେଇ ଆମର ବିଚାରରେ ପ୍ରବୃତ୍ତ ହୋଇଥାଉ : ଗୋଟିଏ ହେଉଛି ଏକ ନିର୍ବିଶେଷ ପରମସତ୍ୟର କଳ୍ପନା, ଯାହା ସ୍ୱଭାବତଃ ନିତ୍ୟଅଖଣ୍ଡ ଓ ନିତ୍ୟଅବିଭାଜ୍ୟ, ଯାହା ବିଶ୍ୱାତୀତ, ସଦା ଅବିଚଳ, ସଦା ସ୍ଥିର, ସକଳ ପରିବର୍ତ୍ତନରହିତ ଏବଂ ଆପଣାର ବିଶୁଦ୍ଧ ସତ୍ତାଟି ସମ୍ବନ୍ଧରେ ଆତ୍ମଜ୍ଞାନସମ୍ପନ୍ନ । ଆରଟି ହେଉଛି ବିଶ୍ୱ ବା ଜଗତରୂପେ ଅଭିହିତ ଏକ ପ୍ରତିଭାସ, ଯାହା ଗତିଶୀଳ, ସତତଧାବମାନ, ପରିବର୍ତ୍ତନଶୀଳ; ଯେଉଁଠି ପ୍ରତି ମୁହୂର୍ତ୍ତରେ ମୂଳ ବିଶୁଦ୍ଧ ସତ୍ତାର କେତେ ଭାଙ୍ଗିବା, ଗଢ଼ିବା ଓ ମାଡିବାମୋଡ଼ିବା ଲାଗି ରହିଛି, କେତେ ବୈଚିତ୍ର୍ୟ ଓ ବିଭେଦର ଲୀଳା ଚାଲିଛି, କେତେ ଅନନ୍ତ ବହୁବିଧତାର ରଚନା ହେଉଛି । ମାୟାବାଦରେ ଏହି ପ୍ରତିଭାସକୁ ଏକ ଚିରନ୍ତନ

'oaob.nitrkl.ac.in' images reprocessed

ଭ୍ରମ ବା ମିଥ୍ୟା ବୋଲି ଘୋଷଣା କରି ଉଡ଼ାଇ ଦିଆଯାଇଥାଏ । ମାତ୍ର ପରମ ଅଦ୍ୱିତୀୟର ଏକ ଆତ୍ମବିବୋଧପୂର୍ଣ୍ଣ ସତ୍ତାଗତ ଦ୍ୱିବିଧ ଅବସ୍ଥିତିର ଖଣ୍ଡନ କରିବାକୁ ଯାଇ ଏଠାରେ ପରିଣାମତଃ ସେହି ପରମ ଅଦ୍ୱିତୀୟର ଏକ ଆତ୍ମବିବୋଧପୂର୍ଣ୍ଣ ଚୈତନ୍ୟଗତ ଦ୍ୱିବିଧ ଅବସ୍ଥିତିର ଅବତାରଣା କରିବାକୁ ପଡ଼ିଥାଏ । ଏକ ଅସତ୍ୟମୟ ବହୁତାର ସୃଷ୍ଟି କରୁଥିବା ପରମ ଅଦ୍ୱିତୀୟ ମଧ୍ୟରେ ଏକ କଳ୍ପନାଜାତ ମିଥ୍ୟାର ଅବତାରଣା କରାଇ ସେହି ପରମ ଏକ ଆପଣାକୁ ଅନେକରେ ପରିଣତ କରୁଥିବାର ସତ୍ୟ ପ୍ରତିଜ୍ଞାସଟିର ଖଣ୍ଡନ କରାଯାଏ । ଏହା ଫଳରେ ଯେଉଁ ଅଦ୍ୱିତୀୟ ସତ୍ତାଟି ମଧ୍ୟରେ ଆପଣାର ଶୁଦ୍ଧ ସତ୍ତାଜ୍ଞାନ ନିତ୍ୟବର୍ତ୍ତମାନ ରହିଛି, ସେ ଏକ କଳ୍ପନାକୁ ଅଥବା ଆପଣାର ଏକ ମିଥ୍ୟାରୂପକୁ ଆପଣା ମଧ୍ୟରେ ଚିରକାଳ ଲାଗି ସ୍ଥାପନ କରି ରଖିଛନ୍ତି ବୋଲି ବୁଝାଯାଏ । ସେହି କଳ୍ପନା ବା ମିଥ୍ୟାରୂପ ମଧ୍ୟରେ ଅବିଦ୍ୟାଚ୍ଛନ୍ନ ଓ ଦୁଃଖତାପଜର୍ଜର ଅଗଣିତ ସତ୍ତା ଆତଯାତ ହେଉଛନ୍ତି, ଯେଉଁମାନଙ୍କର ଆପଣାର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ କୌଣସି ଜ୍ଞାନ ନାହିଁ, ଯେଉଁମାନେ ଗୋଟିଏ ଗୋଟିଏ କରି ଆତ୍ମଜ୍ଞାନପ୍ରାପ୍ତି ଦ୍ୱାରା ଜାଗ୍ରତ ହୋଇଉଠିବେ ଏବଂ ଆପଣା ବ୍ୟକ୍ତିସତ୍ତାର ବିଲୋପସାଧନ କରିବେ ।

ଆଉ ଗୋଟିଏ ନୂଆ ଧନ୍ଦାର ସୂତ୍ରପାତ ଦ୍ୱାରା ଗୋଟିଏ ଉପସ୍ଥିତ ଧନ୍ଦାର ସମାଧାନ କରିବାର ପଦ୍ଧତିଟିକୁ ଅବଲୋକନ କଲାବେଳେ ଆମେ ସନ୍ଦେହ କରିବାକୁ ଆରମ୍ଭ କରୁ ଯେ ଆମର ମୂଳ ଅନୁମାନଟି କୌଣସି ନା କୌଣସି ସ୍ଥାନରେ ନିଶ୍ଚୟ ଅସମ୍ପୂର୍ଣ୍ଣ ହୋଇଥିବ, ଅର୍ଥାତ୍ ଦୋଷଯୁକ୍ତ ହୋଇ ରହିଥିବ । ତାହାକୁ ଏକ ଭୁଲବୋଲି ବୁଝାଯାଇ ପାରିବ ନାହିଁ, ମାତ୍ର ତାହା କେବଳ ଏକ ପ୍ରଥମ ସଙ୍କେତ ଓ ଅପରିହାର୍ଯ୍ୟ ଭୂମିରୂପେହିଁ କାର୍ଯ୍ୟ କରୁଛି; ତାହାକୁ ଅଧିକ ଗଭୀର ଭାବରେ ପରୀକ୍ଷା କରି ଦେଖିବା ଉଚିତ । ଆମେ ଦେଖିବାକୁ ଆରମ୍ଭ କରୁ ଯେ ପରମସତ୍ୟ ଏକ ଶାଶ୍ୱତ ଅଖଣ୍ଡତା, ଶାଶ୍ୱତ ସ୍ଥିତି ଓ ବିଶୁଦ୍ଧ ସ୍ଥିତିର ପରିବର୍ତ୍ତନରହିତ ମର୍ମସାରରୂପେ ବିଦ୍ୟମାନ ରହିଛି ଏବଂ ତାହାକୁହିଁ ଆଶ୍ରୟ କରି ତାହାର ଗତିଶୀଳତା, ବେଗମୟତା ତଥା ଅନନ୍ତ ବୈଚିତ୍ର୍ୟ ଏବଂ ବହୁବିଧତା ଆତଯାତ ହେବାରେ ଲାଗିଛି । ଅଖଣ୍ଡତାର ସେହି ବୈକଳ୍ପସ୍ଥାନ ସ୍ଥିତି ଆପଣା ଭିତରୁହିଁ ଗତିଶୀଳତା, ବେଗମୟତା ଓ ବିବିଧ-ବହୁତାକୁ ଜନ୍ମ ଦେଉଛି, ଏବଂ ଗତି, ବେଗ ଓ ବହୁତ୍ୱ ଶାଶ୍ୱତ ଓ ଅନନ୍ତ ଅଖଣ୍ଡତାକୁ କୌଣସିପ୍ରକାରେ ବିଲୁପ୍ତ କରି ଦେଉନାହାନ୍ତି, ବରଂ ତାହାକୁ ଅଧିକ ସ୍ପଷ୍ଟ କରିଦେବାରେ ଲାଗିଛନ୍ତି । ଆପଣାର ସ୍ଥିତି କିମ୍ବା ବିସ୍ତାରରେ ଯଦି ବ୍ରହ୍ମଚେତନା ଦ୍ୱୈତ ଓ ଏପରିକି ବହୁତ୍ୱାପନ୍ନ ହେବାକୁ ସମର୍ଥ ହେଉଛି, ତା'ହେଲେ ବ୍ରହ୍ମର କୌଣସିପ୍ରକାର ଦ୍ୱୈତ ସ୍ଥିତି ଆଦୌ ସମ୍ଭବ ନୁହେଁ କିମ୍ବା ତାହାର ସତ୍ତାଗତ ଆତ୍ମ-ଅନୁଭବରେ ପ୍ରକୃତରେ କୌଣସି ବହୁତ୍ୱ କଦାପି ଦୃଷ୍ଟିଗୋଚର ହେବ ନାହିଁ

'oaob.nitrkl.ac.in' images reprocessed

ବୋଲି କହିବା ଲାଗି ଆଉ କୌଣସି ଯୁକ୍ତି ବା କାରଣ ରହୁନାହିଁ ବୋଲି ଆଦୌ ମନେହୁଏ ନାହିଁ । ଯେତେବେଳେ ବିଶ୍ୱଚେତନାକୁ ଆମେ ଗୋଟାଏ ସୃଜନାତ୍ମକ ମାୟା ବା ଭ୍ରମ ବୋଲି ନକହି ପରମ ନିର୍ବିଶେଷଙ୍କର କୌଣସି ଏକ ସତ୍ୟର ଏକ ଅନୁଭୂତି ବୋଲି କହିପାରିବା । ଏହି ଛିଅଟି ଧରି ଏହାର ଚର୍ଚ୍ଚା ଓ ବ୍ୟାଖ୍ୟା କରିବାକୁ ଚେଷ୍ଟା କଲେ ଆମେ ହୁଏତ ଏକ ବ୍ୟାପକତର ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଅଧିକ ଫଳପ୍ରସୂ ଏକ ପରିବେଶ ସମ୍ଭବ କରିପାରିବା, ଆମ ଆତ୍ମଅନୁଭବର ଦୁଇଟିଯାକ ଭୂମିକୁ ଏକାଠି ଆଣି ଯୋଡ଼ିପାରିବାରେ ଏକ ଅଧିକ ସମନ୍ୱୟମୂଳକ ପରିବେଶ ସୃଷ୍ଟି କରିପାରିବା । ଏହି ମତଟିରେ ନ୍ୟାୟର ସମର୍ଥନ ପ୍ରଥମୋକ୍ତ ଅନ୍ୟ ମତଟିଠାରୁ ଅନ୍ତତଃ କୌଣସିଗୁଣରେ କମ୍ ହେବ ନାହିଁ, ଯେଉଁ ମତ ଏକ ଶାଶ୍ୱତ ପରମସତ୍ୟ ଅନନ୍ତକାଳ ଧରି ଏକ ଶାଶ୍ୱତ ଭ୍ରମକୁ ଆଶ୍ରୟ ଦେଇ ରହିଛି ବୋଲି ଘୋଷଣା କରୁଛି; ଏହି ଭ୍ରମ ଦ୍ୱାରା ତାହାର ମଧ୍ୟରେ ପଡ଼ି ରହିଥିବା କେବଳ ସେହି ଅଗଣିତ ଓ ବହୁସଂଖ୍ୟକ ଅଜ୍ଞାନଜର୍ଜର ଓ ଦୁଃଖସନ୍ତପ୍ତ ଜୀବସତ୍ତାଗୁଡ଼ିକୁହିଁ ସତ୍ୟ ବୋଲି ମନେହେଉଛି, ଏହି ସତ୍ତାଗୁଡ଼ିକ ଗୋଟିଗୋଟି ହୋଇ ମାୟାର ଯାତନାମୟ ତମସାଚ୍ଛନ୍ନତା ଭିତରୁ ନିଷ୍କୃତି ଲାଭ କରୁଛନ୍ତି, ପ୍ରତ୍ୟେକ ସତ୍ତା ପୃଥକ୍ ଭାବରେ ଆପଣାର ମାୟାଶ୍ରିତ ଅସ୍ତିତ୍ୱଟିକୁ ନିର୍ବାପିତ କରିଦେଇ ଉଦ୍ଧାର ପାଉଛନ୍ତି ।

ସମସ୍ୟାଟିର ମାୟାବାଦୀ ଉକ୍ତିଟି ଉପରେ ସମ୍ଭବପର ଆଉଗୋଟିଏ ସମାଧାନ ବି ରହିଛି । ଶଙ୍କରଦର୍ଶନର ଏହି ସମାଧାନଟିକୁ ଆମେ ଏକ ବିଶିଷ୍ଟ ମାୟାବାଦ ବୋଲି ମଧ୍ୟ ବେଶ୍ କହିପାରିବା । ଏହି ସମାଧାନଟିରେ ଯେଉଁ ସବଳ ଯୁକ୍ତି ଓ ବ୍ୟାପକପ୍ରଯୁଜ୍ୟତା ରହିଛି, ତାହାର ଅସାଧାରଣ ପ୍ରଭାବକୁ ଆଦୌ ଅସ୍ୱୀକାର କରିହେବ ନାହିଁ । ବସ୍ତୁତଃ ପୂର୍ଣ୍ଣ ସମାଧାନଟି ଆଡ଼କୁ ଏହା ଆମଲାଗି ପ୍ରଥମ ଦ୍ୱାରଟିକୁ ଖୋଲିଦେଇ ଗଲାପରି ମନେହେବ । କାରଣ ଏହି ଦର୍ଶନ ମାୟାକୁ ଏକ ସୀମିତ ଅର୍ଥାତ୍ ଉପାଧିଯୁକ୍ତ ସତ୍ୟ ବୋଲି ଘୋଷଣା କରିଛି, ତାହା ମାୟାକୁ ପ୍ରକୃତରେ ଏକ ଅନିର୍ବଚନୀୟ ଓ ବ୍ୟାଖ୍ୟାର ଅଗୋଚର ରହସ୍ୟ ବୋଲି ବର୍ଣ୍ଣନା କରିଛି, ମାତ୍ର ତା'ସହିତ ଆମକୁ ବୁଦ୍ଧିର ଅଧିଗମ୍ୟ ହେଲାଭଳି ଏକ ସମାଧାନ ବି ଯୋଗାଇ ଦେଉଛି; ଯେଉଁ ବିରୋଧଟି ଆମର ମନକୁ ସତତ ସନ୍ତପ୍ତ କରି ରଖିଛି, ତାହାର ଏକ ସମାଧାନ ଯୋଗାଇ ଦେଉଛି । ହଠାତ୍ ଦୃଷ୍ଟିପାତ କରିବା ସମୟରେ ଏହା ପ୍ରଥମେ ଏକ ସମ୍ପୂର୍ଣ୍ଣ ସନ୍ତୋଷଜନକ ସମାଧାନ ବୋଲି ମନେହୋଇଥାଏ । ଏହି ଜଗତ ବିଷୟରେ ଆମ ମନରେ ସତତ ଏକ ଦ୍ୱନ୍ଦ୍ୱ ରହିଯାଉଛି, ଗୋଟିଏ ଆଡ଼ୁ ବିଚାର କଲେ ଜଗତ ଏକ ସତ୍ୟ ବୋଲି ମନେହେଉଛି, ଏହି ସତ୍ୟବୋଧକୁ ମନରୁ ପୋଛି ପକାଇବା କିମ୍ବା ଅତିକ୍ରମ କରି ଚାଲିଯିବା ସତେଅବା କୌଣସିପ୍ରକାରେ ସମ୍ଭବ



'oaob.nitrkl.ac.in' images reprocessed

ହେଉ ନାହିଁ; ମାତ୍ର ଅପର ପକ୍ଷରେ ଏହି ଜଗତରେ ସତେଅବା ଯାବତୀୟ ଜୀବନ ଓ ବ୍ୟାପାର କେବଳ ଅନିଶ୍ଚିତ, ଅଳ୍ପ, ତୁଚ୍ଛ, କ୍ଷଣସ୍ଥାୟୀ ଏବଂ ଏକପ୍ରକାର ଅବାସ୍ତବ ପରି ଦେଖାଯାଉଛି । ଶଙ୍କରଦର୍ଶନରେ ଆମର ମନୋଗତ ଏହି ଦ୍ୱନ୍ଦ୍ୱଟିର ଗୋଟିଏ ସମାଧାନ ବି ରହିଛି । କାରଣ ଏଥିରେ ଆମ ଲାଗି ସତ୍ୟର ଦୁଇଟି ଭୂମି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଦେଖାଇ ଦିଆଯାଇଛି; ପାରମାର୍ଥିକ ଓ ବ୍ୟାବହାରିକ, ନିର୍ବିଶେଷ ଓ ପ୍ରାତିଭାସିକ ତଥା କାଳାତୀତ ଓ କାଳାଧୀନ ମଧ୍ୟରେ ରହିଥିବା ଭୂମିଗତ ପାର୍ଥକ୍ୟଟିକୁ ଦେଖାଇ ଦିଆଯାଇଛି । ପ୍ରଥମଟିକୁ ବ୍ରହ୍ମର ବିଶୁଦ୍ଧ ସତ୍ତାଗତ ସତ୍ୟ ବୋଲି କୁହାଯାଇଛି, ନିର୍ବିଶେଷ, ବିଶ୍ୱୋତ୍ତୀର୍ଣ୍ଣ ଓ ଶାଶ୍ୱତ ବ୍ରହ୍ମର କଥା କୁହାଯାଇଛି; ଏବଂ ଦ୍ୱିତୀୟଟିରେ ମାୟାପ୍ରବିଷ୍ଟ ବ୍ରହ୍ମର ସତ୍ୟ ବିଷୟରେ କୁହାଯାଇଛି, ଏହି ବିଶ୍ୱଜଗତ ମଧ୍ୟରେ କାଳର ଅଧୀନ ହୋଇ ରହିଥିବା ବ୍ରହ୍ମସତ୍ତାର କଥା କୁହାଯାଇଛି । ଏହି ବ୍ୟାଖ୍ୟାଟିରେ ଆମେ ଆପଣା ବିଷୟରେ ଓ ଏହି ଜଗତ ବିଷୟରେ ମଧ୍ୟ ଏକ ସତ୍ୟାନୁଭୂତି ଲାଭ କରିଥାଉ, କାରଣ ଏଥିରେ ଆମେ ବ୍ୟକ୍ତିର ଆତ୍ମାକୁ ମଧ୍ୟ ବସ୍ତୁତଃ ବ୍ରହ୍ମ ବୋଲି ଜାଣିଥାଉ । ସେହି ବ୍ରହ୍ମହିଁ ବ୍ୟକ୍ତିରୂପେ ମାୟାର କ୍ଷେତ୍ରରେ ଅବସ୍ଥିତ ରହି ପ୍ରାତିଭାସିକ ସ୍ତରରେ ତାହାର ଅଧୀନ ହୋଇ ରହିଥିବା ପରି ପ୍ରତୀତ ହେଉଛି ଏବଂ ପରିଶେଷରେ ଏହି ଆପେକ୍ଷିକ ଏବଂ ପ୍ରାତିଭାସିକ ବ୍ୟକ୍ତିସତ୍ତାଟିକୁ ତା'ର ଶାଶ୍ୱତ ଓ ଯଥାର୍ଥ ସତ୍ୟସତ୍ତାଟିର ମଧ୍ୟକୁ ଉନ୍ମୋଚିତ କରିଦେଉଛି । ନାନା ଆପେକ୍ଷିକତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା କାଳର କ୍ଷେତ୍ରରେ ସର୍ବଭୂତରୂପେ ପ୍ରକାଶିତ ହୋଇଥିବା ବ୍ରହ୍ମ ଏବଂ ବିଶ୍ୱରୂପ ତଥା ବ୍ୟକ୍ତିରୂପ ଧାରଣ କରିଥିବା ପରମ ଶାଶ୍ୱତ ସମ୍ବନ୍ଧରେ ଆମର ଅନୁଭୂତିଟି ମଧ୍ୟ ଯଥାର୍ଥ ବୋଲି ପ୍ରମାଣିତ ହେଉଛି । ଏହି ସ୍ଥିତିଟି ପ୍ରକୃତ ପକ୍ଷରେ ମାୟାରେ ଜଡ଼ିତ ହେବାଠାରୁ ଆରମ୍ଭ ହୋଇ ମାୟାରୁ ମୁକ୍ତିଲାଭ କରିବାର ଅଭିମୁଖରେ ପଡ଼ିଥିବା ମାର୍ଗରେ ଏକ ମଧ୍ୟମ ସୋପାନ । କାଳସ୍ଥ ଚେତନା ଲାଗି ଏହି ଜଗତ ଓ ତାହାର ଯାବତୀୟ ଅନୁଭବ ମଧ୍ୟ ସତ୍ୟ, ତେଣୁ ସେହି ଚେତନାଟି ମଧ୍ୟ ସେହିପରି ସତ୍ୟ । ମାତ୍ର ଏହା କେତେଦୂର ଓ କଉଭଳି ଭାବରେ ସତ୍ୟ, ସଙ୍ଗେସଙ୍ଗେ ଏହି ପ୍ରଶ୍ନଟି ନିଶ୍ଚୟ ଉଠିବ । କାରଣ ଏହି ଜଗତ ସତ୍ୟ ହୋଇପାରେ କିମ୍ବା ଆମେସବୁ ମଧ୍ୟ ସତ୍ୟ ହୋଇପାରୁ; ମାତ୍ର ତଥାପି ଏସବୁ ହୁଏତ କେବଳ ଏକ ନିମ୍ନତର ଭୂମିରହିଁ ସତ୍ୟ ହୋଇପାରେ । ଅଥବା, ଏସବୁ କେବଳ ଅଂଶତଃ ସତ୍ୟ ଓ ଅଂଶତଃ ଅସତ୍ୟ ବି ହୋଇପାରେ କିମ୍ବା ଏକ ଅସତ୍ୟମୂଳକ ସତ୍ୟ ହୋଇପାରେ । ମାତ୍ର ଯଦି ସେଗୁଡ଼ିକ ଯଥାର୍ଥରେ ସତ୍ୟ ହୋଇଥା'ନ୍ତି, ତେବେ ମାୟାବାଦୀ କୌଣସି ସିଦ୍ଧାନ୍ତ ବଞ୍ଚାଇବା ଲାଗି ଆଉ କୌଣସି ଅବସରହିଁ ରହିବ ନାହିଁ । କାରଣ ସେହି କ୍ଷେତ୍ରରେ ଭ୍ରମାତ୍ମକ ସୃଜନ ଲାଗି ଆଦୌ କୌଣସି ଅବକାଶ ନଥିବ । ପୁଣି, ସେଗୁଡ଼ିକ ଯଦି ଅଂଶତଃ ସତ୍ୟ ଓ ଅଂଶତଃ ଅସତ୍ୟ ହୋଇଥା'ନ୍ତି,

'oaob.nitrkl.ac.in' images reprocessed

ତେବେ ବିଶ୍ୱଗତ ସତ୍ତ୍ୱର ଆତ୍ମଜ୍ଞାନରେ କିମ୍ବା ଆମେ ଆପଣାକୁ ତଥା ଏହି ଜଗତକୁ ଯେପରି ଭାବରେ ଦେଖୁଛୁ, ହୁଏତ ସେଥିରେ କୌଣସି ତ୍ରୁଟି ବା ଭୁଲ ରହିଯାଇ ଥିବାରୁ ଏପରି ହୋଇଥିବ; ସେଇଥିରୁହିଁ ସତ୍ତ୍ୱରେ ଭ୍ରମ ଦେଖା ଦେଉଥିବ, ଜ୍ଞାନରେ ଭ୍ରମ ଉପୁଜୁଥିବ ଏବଂ ଜୀବନାଭିବ୍ୟକ୍ତିର ଗଠନପଦ୍ଧତିରେ ମଧ୍ୟ ଭ୍ରମ ପ୍ରବେଶ କରୁଥିବ । ମାତ୍ର ସେହି ଭୁଲଟିକୁ କେବଳ ଏକ ଅଜ୍ଞାନ ବୋଲି କିମ୍ବା ଜ୍ଞାନ ତଥା ଅଜ୍ଞାନର ଏକ ମିଶ୍ରଣ ବୋଲିହିଁ ବୁଝାଯିବ । ସେପରି କ୍ଷେତ୍ରରେ କୌଣସି ମୂଳଭୂତ ବିଶ୍ୱଭ୍ରମର ତତ୍ତ୍ୱନିରୂପଣ କରିବାର ଆଉ କୌଣସି ପ୍ରୟୋଜନ ରହିବ ନାହିଁ; ମାତ୍ର ସୃଜନଶୀଳ ଚେତନାର ପଥରେ ଅର୍ଥାତ୍ ପରମ ଶାଶ୍ୱତ ଓ ଅନନ୍ତଙ୍କର ସତ୍ତା ଏବଂ କ୍ରିୟା ମଧ୍ୟରେ କେଉଁଠାରୁ ଓ କିପରି ଭାବରେ ଅଜ୍ଞାନ ଆସି ଉପସ୍ଥିତ ହେଲା, ଆମକୁ କେବଳ ତାହାର ମୀମାଂସା କରିବାକୁ ପଡ଼ିବ । ମାତ୍ର ଆମେ ନିଜେ ଓ ଏହି ଜଗତ ଯଦି ଏକ ଅସତ୍ୟମୂଳ ସତ୍ୟ ହୋଇଥାଏ, ଯଦି ଏକ ବିଶ୍ୱାତୀତ ଚେତନା ଲାଗି ଏସବୁର ପ୍ରକୃତରେ କୌଣସି ସତ୍ତ୍ୱଗତ ସତ୍ୟତା ନଥାଏ ଏବଂ ମାୟାର ଭୂମିଟିକୁ ଛାଡ଼ି ବାହାରିଯିବା ମାତ୍ରକେ ଯଦି ଏଗୁଡ଼ିକର ଆପାତଦୃଶ୍ୟମାନ ସତ୍ୟତାଟି ବିଲୁପ୍ତ ହୋଇ ଯାଉଥାଏ, ତେବେ ତଦ୍ୱାରା ଯାହା ଗୋଟିଏ ଭାବରେ ବନ୍ଧା ହୋଇଥିଲା, ତାହାକୁ ପୁଣି ଆରମ୍ଭାତରେ ଫେରାଇ ନେଇଗଲା ପରିହିଁ ଫଳ ହେବ । କାରଣ ଯାହାକୁ ଏକ ସତ୍ୟରୂପେ ସ୍ୱୀକାର କରି ଯାଇଥିଲା, ତାହା ପ୍ରକୃତରେ କେତେବେଳେ ହେଲେ ସତ୍ୟ ନଥିଲା, କେବଳ ଏକ ଭ୍ରମ ଓ ମିଥ୍ୟା ହୋଇ ରହିଥିଲା । ମାୟା, ବିଶ୍ୱଜଗତ ଓ ଆମେ ନିଜେ,—ଆମେ ସମସ୍ତେ ଏକାଧାରରେ ସତ୍ୟ ଓ ଅସତ୍ୟ । ମାତ୍ର ଏହି ସତ୍ୟ ହେଉଛି ଏକ ଅସତ୍ୟମୂଳ ସତ୍ୟ; କେବଳ ଆମ ଅଜ୍ଞାନର ଜାଣିବାକୁ ସତ୍ୟ, ମାତ୍ର ଯେକୌଣସି ଯଥାର୍ଥ ଜ୍ଞାନ ଲାଗି ଅସତ୍ୟ ।

ଜୀବ ଓ ଜଗତର ନିଶ୍ଚୟ କୌଣସି ସତ୍ୟ ରହିଛି, ଥରେ ଏହିକଥା ସ୍ୱୀକାର କରିସାରିବା ପରେ ଆପଣାର ସୀମାଗୁଡ଼ିକ ମଧ୍ୟରେ ଏହାକୁ କାହିଁକି ଯେ ଏକ ଯଥାର୍ଥ ସତ୍ୟ ବୋଲି ବୁଝାନଯିବ, ତାହା ବୁଝିବା ପ୍ରକୃତରେ କଷ୍ଟକର । ଏକଥା ସ୍ୱୀକାର କରାଯାଇଥାଏ ଯେ ଯେକୌଣସି ରୂପାୟନକୁ ତାହାର ବହିର୍ଭୂମି ଉପରେ ଦେଖିଲେ ତାହା ମୂଳ ରୂପାୟିତଟିର ତୁଳନାରେ ଅବଶ୍ୟ କେବଳ ଏକ ଅଧିକ ସୀମିତ ସତ୍ୟକୁ ବହନ କରୁଥିବ । ବ୍ରହ୍ମଙ୍କର ନାନା ଛନ୍ଦ ଭିତରେ ଆମର ଏହି ଜଗତଟିକୁ କେବଳ ଗୋଟିଏ ଛନ୍ଦ ବୋଲି କହିପାରିବା । କେବଳ ତାହାର ସ୍ୱରୂପସତ୍ତ୍ୱଟିର ବିଚାର କରୁଥିବା ବେଳଟିକୁ ଛାଡ଼ିଦେଲେ ଏହାକୁ ଆମେ ଆଉକୌଣସି ସମୟରେ ସମ୍ପୂର୍ଣ୍ଣ ସତ୍ୟ ବୋଲି ଆଦୌ କହିପାରିବା ନାହିଁ । ମାତ୍ର କେବଳ ସେତିକି ସକାଶେ ତାହାକୁ ଅସତ୍ୟ ବୋଲି କହି ଅଗ୍ରାହ୍ୟ କରିବା ଆଦୌ ସମୀଚୀନ

'oaob.nitrkl.ac.in' images reprocessed

ହେବ ନାହିଁ । ଏହି ମନ ଯେତେବେଳେ ଆପଣା ପାଖରୁ ଓ ଆପଣାର ରଚିତ ବିଷୟଗୁଡ଼ିକ ପାଖରୁ କ୍ରମେ ଆପଣାକୁ ଅପସରାଇ ନେଉଥାଏ, ସେତେବେଳେ ତାହା ଏହି ଜଗତକୁ ଅବଶ୍ୟ ଏକ ଅସତ୍ୟ ପରି ଅନୁଭବ କରିଥାଏ । ମାତ୍ର ମନ କେବଳ ଅଜ୍ଞାନର ଏକ ନିମିତ୍ତ ଭାବରେ କାର୍ଯ୍ୟ କରୁଥିବାରୁ ଏଭଳି ହୁଏ; ଏବଂ ଯେତେବେଳେ ସେ ଆପଣାର ରଚନାଗୁଡ଼ିକ ପାଖରୁ, ବିଶ୍ୱଜଗତ ବୋଲି ରଚି ରଖିଥିବା ଆପଣାର ଅଜ୍ଞାନମୟ ଓ ଅତି ଅପୂର୍ଣ୍ଣ ଛବିଗୁଡ଼ିକ ପାଖରୁ ଆପେ ଅପସରି ଯାଉଥାଏ, ସେତେ-ବେଳେ ସତେଅବା ଅନ୍ତଃପ୍ରେରିତ ହେଲାଭଳି ସେ ସେଗୁଡ଼ାକୁ କେବଳ ତା' ନିଜର କପୋଳକଳ୍ପିତ ରଚନା ପରିହିଁ ଅନୁଭବ କରିଥାଏ । ସେଗୁଡ଼ିକର କୌଣସି ଭିତ୍ତି ବା ସତ୍ୟତା ନାହିଁ ବୋଲି ଅନୁଭବ କରିଥାଏ । ତା'ର ନିଜ ଅଜ୍ଞାନ ଓ ଅନ୍ୟପକ୍ଷରେ ପରମ ଜ୍ଞାନ ତଥା ସତ୍ୟ ମଧ୍ୟରେ ଯେଉଁ ବିରାଟ ବ୍ୟବଧାନଟି ସୃଷ୍ଟି ହୋଇଥାଏ, ତଦ୍ୱାରା ମନ ବିଶ୍ୱାତୀତ ପରମସତ୍ୟ ଏବଂ ବିଶ୍ୱଗତ ପରମସତ୍ୟ ମଧ୍ୟରେ ଲାଗିଥିବା ଅସଲ ଗଣ୍ଠିଟିକୁ ଆଦୌ ଆବିଷ୍କାର କରିପାରେ ନାହିଁ । ମାତ୍ର ଚେତନାର ଏକ ଊର୍ଦ୍ଧ୍ୱତର ସ୍ତରରେ ଏହି ବାଧାଟି ଅନ୍ତର୍ହିତ ହୋଇଯାଏ ଏବଂ ଅସଲ ଯୋଗସୂତ୍ରଟିର ପ୍ରତିଷ୍ଠା ହୁଏ । ଅସତ୍ୟବୋଧ ପଛକୁ ହଟିଯାଏ, ଏବଂ ସେତେବେଳେ ମାୟାକୁ ନେଇ କୌଣସି ସିଦ୍ଧାନ୍ତ ଗଢ଼ିବା ଲାଗି ଆଉକୌଣସି ଆବଶ୍ୟକତା ରହେ ନାହିଁ ଏବଂ ତାହାର ପ୍ରୟୋଗ ଲାଗି ଆଉକୌଣସି କ୍ଷେତ୍ର ମଧ୍ୟ ନଥାଏ । ପରମ ବ୍ରହ୍ମଚେତନା ଏହି ବିଶ୍ୱ ଉପରେ ଦୃଷ୍ଟିପାତ କରୁ ନାହିଁ ଅଥବା ଏହାକୁ କେବଳ ଏକ ଭ୍ରମକଳ୍ପନା-ରୂପେହିଁ ଦେଖୁଛି ଏବଂ ତେଣେ କାଳାଧିଷ୍ଠିତ ହୋଇ ସେ ତାହାକୁହିଁ ସତ୍ୟ ବୋଲି ଅନୁଭବ କରୁଛି,—ଏଇଟାକୁ ଏକ ଚୂଡ଼ାନ୍ତ ସତ୍ୟ ବୋଲି କେବେହେଲେ ସ୍ୱୀକାର କରାଯାଇ ପାରିବ ନାହିଁ । କେବଳ ବିଶ୍ୱାତୀତକୁ ଆଶ୍ରୟ କରିହିଁ ବିଶ୍ୱଗତ ସତ୍ତା ତିଷ୍ଠି ରହିପାରିବ, କାଳାଧିଷ୍ଠିତ ବ୍ରହ୍ମଙ୍କର କାଳୋତ୍ତୀର୍ଣ୍ଣ ଅନନ୍ତତା ମଧ୍ୟରେ ଅବିଚଳ ରହିଥିବା ବ୍ରହ୍ମଙ୍କ ଲାଗି ନିଶ୍ଚୟ କୌଣସି ନା କୌଣସି ତାତ୍ପର୍ଯ୍ୟ ରହିଥିବ; ନହେଲେ ବସ୍ତୁ ମଧ୍ୟରେ ଆଉକୌଣସି ଆତ୍ମା ବା ତତ୍ତ୍ୱସତ୍ତା ରହିଛି ବୋଲି କହିବା ସମ୍ଭବ ହେବ ନାହିଁ, ଏବଂ ତେଣୁ କାଳାଧୀନ ଅର୍ଥାତ୍ କାଳ ମଧ୍ୟରେ ପ୍ରତିଷ୍ଠିତ ଏହି ଅସ୍ତିତ୍ୱ ଲାଗି ମଧ୍ୟ ଆଉକୌଣସି ଯଥାର୍ଥ ଆଧାର ମଧ୍ୟ ରହିବ ନାହିଁ ।

ମାତ୍ର ଏହି ବିଶ୍ୱକୁ ପରିଣାମତଃ କେବଳ ଅସତ୍ୟ ବୋଲିହିଁ ବୁଝାଯାଇଥାଏ; କାରଣ ଏହା କେବଳ ଏକ କ୍ଷଣସ୍ଥାୟୀ ରଚନା ମାତ୍ର, ଏହା ଚିରକାଳସ୍ଥାୟୀ ନୁହେଁ; ଏହି ବିଶ୍ୱକୁ ସକଳ ଆକାର ଓ ସକଳ ବିନାଶର ଅତୀତ ଏକ ପରମସତ୍ତା ଉପରେ ଆରୋପିତ ଏକ ବିନଶ୍ୱର ସତ୍ତାରୂପ ବୋଲି ବୁଝାଯାଇଥାଏ । ମୃତ୍ତିକା ସହିତ ଏକ ମୃତ୍ତିକାନିର୍ମିତ ପାତ୍ରର ତୁଳନା କରି ଆମେ ଏହି ସମ୍ବନ୍ଧଟିର ଉଦାହରଣ ଦେଇ

'oaob.nitrkl.ac.in' images reprocessed

ପାରିବା । ମୃତ୍ତିକାରୁ ଯେଉଁ ପାତ୍ର ଓ ସେହିଭଳି ଆଉ ଯାହାସବୁ ନିର୍ମିତ ହୋଇଥାଏ, ସେସବୁ କାଳକ୍ରମେ ବିନାଶପ୍ରାପ୍ତ ହୋଇ ମୂଳବସ୍ତୁ ସେହି ମାଟିକୁହିଁ ଫେରିଯାଆନ୍ତି । ତେଣୁ ସେଗୁଡ଼ିକ କେବଳ କ୍ଷଣସ୍ଥାୟୀ ଆକୃତିମାନ ବହନ କରି ଅସ୍ତିତ୍ୱର ଜଗତ ମଧ୍ୟକୁ ଆସିଥା'ନ୍ତି । ସେମାନଙ୍କର କାଳ ପୂରିଗଲେ ଯେତେବେଳେ ସେମାନେ ବିଲୁପ୍ତ ହୋଇଯାଆନ୍ତି, ସେତେବେଳେ କେବଳ ସେହି ଆକାରଶୂନ୍ୟ ମୂଳ ମାଟିଟାହିଁ ପଡ଼ିରହେ, ତା' ବ୍ୟତୀତ ଆଉ କିଛିହେଲେ ରହେ ନାହିଁ । ମାତ୍ର ଏହି ଦୃଷ୍ଟାନ୍ତଟି ଦ୍ୱାରା ଏହାର ବିପରୀତ କଥାଟିହିଁ ସମ୍ଭବତଃ ଅଧିକ ଶକ୍ତିଶାଳୀ ଭାବରେ ପ୍ରମାଣିତ ହୋଇପାରିବ । ମୃତ୍ତିକା ହେଉଛି ଏକ ସତ୍ୟ ବସ୍ତୁ, ଏବଂ ସେଥିରୁ ତିଆରି ହୋଇଥିବାରୁ ସେହି ଅଧିକାରରେ ପାତ୍ରଟି ମଧ୍ୟ ଏକ ସତ୍ୟ ବସ୍ତୁ । ପାତ୍ର ଏକ ଭ୍ରମ ନୁହେଁ କିମ୍ବା ଅସତ୍ୟ ନୁହେଁ; ଏବଂ ଯେତେବେଳେ ପାତ୍ରଟି ଭାଙ୍ଗିଯାଉଛି ଓ ମୂଳବସ୍ତୁ ମାଟିରେ ମିଶିଯାଉଛି, ସେତେବେଳେ ମଧ୍ୟ ତାହାର ପୂର୍ବତନ ଅସ୍ତିତ୍ୱଟି କେବଳ ଏକ ଅସତ୍ୟ ବା ଭ୍ରମ ହୋଇ ରହିଥିଲା ବୋଲି କଦାପି କହିହେବ ନାହିଁ । ଏଠାରେ ଏହି ସମ୍ବନ୍ଧଟି ଏକ ମୂଳ ସତ୍ୟ ଓ ଏକ ପ୍ରାତିଭାସିକ ଅସତ୍ୟ ମଧ୍ୟରେ ରହିଥିବା ଏକ ସମ୍ବନ୍ଧ ନୁହେଁ । ଏହା ହେଉଛି ଏକ ମୂଳ ସତ୍ୟ ଓ ସେଇଥିରୁ ଜାତ ହୋଇଥିବା ଓ ତାହାକୁ ଆଶ୍ରୟ କରି ରହିଥିବା ଏକ କାଳାଧୀନ ଓ ବ୍ୟକ୍ତ ସତ୍ୟର ମଧ୍ୟରେ ରହିଥିବା ସମ୍ବନ୍ଧ । ଅଥବା, ଆମେ ଯଦି ଆହୁରି ପଛକୁ ଯାଇ ମୃତ୍ତିକା ବା କ୍ଷିତିର ସ୍ତରରୁ ଆହୁରି ମୂଳରେ ରହିଥିବା ଅଦୃଶ୍ୟ ବ୍ୟୋମରୂପୀ ଉପାଦାନଟିର ସ୍ତରରେ ପ୍ରବେଶ କରିବା, ତେବେ ଏହି ସମ୍ବନ୍ଧଟିକୁ ଆମେ ଏକ ଶାଶ୍ୱତ ଓ ଅବ୍ୟକ୍ତ ସତ୍ୟ ସହିତ ଏକ କାଳାଧିଷ୍ଠିତ ଅଭିବ୍ୟକ୍ତ ସତ୍ୟର ସମ୍ବନ୍ଧ ବୋଲି କହିପାରିବା । ପୁଣି, ମୃତ୍ତିକା ଅଥବା ବ୍ୟୋମ ମଧ୍ୟରେ ପାତ୍ର ବା ଘଟର ରୂପଟି ଏକ ନିତ୍ୟସମ୍ଭାବନାରୂପେ ବର୍ତ୍ତମାନ ରହିଛି, ଏବଂ ଯେତେବେଳ ଯାଏ ମୂଳ ଉପାଦାନଟି ବିଦ୍ୟମାନ ରହିଛି, ସେତେବେଳ ଯାଏ ସେହି ଆକାରଟି ବ୍ୟକ୍ତ ହେବାର ସମ୍ଭାବନାଟି ମଧ୍ୟ ଅବଶ୍ୟ ବିଦ୍ୟମାନ ରହିଛି । କୌଣସି ଆକାର ଆଜି ଅଛି, ହୁଏତ କାଲିକୁ ନଥିବ; ମାତ୍ର ତାହାର ଯଥାର୍ଥ ଅର୍ଥ ହେଉଛି ଯେ ତାହା କେବଳ ଏକ ବ୍ୟକ୍ତ ଅବସ୍ଥାରୁ ଅବ୍ୟକ୍ତ ଅବସ୍ଥାକୁହିଁ ଚାଲିଯିବ । କୌଣସି ଜଗତ ଆଜି ଅଛି, ହୁଏତ କାଲିକୁ ନଥିବ; ମାତ୍ର ତା' ବୋଲି ଜାଗତିକ ଅସ୍ତିତ୍ୱକୁ କେବଳ ଏକ କ୍ଷଣିକ ପ୍ରତିଭାସ ବୋଲି କହିବା ଲାଗି ଆମ ପାଖରେ ଆଦୌ କୌଣସି ପ୍ରମାଣ ନାହିଁ । ଓଲଟି ହୁଏତ ଏକଥା ଅନୁମାନ କରିବା ବରଂ ଅଧିକ ସମୀଚୀନ ହେବ ଯେ ବ୍ରହ୍ମ ମଧ୍ୟରେ ତାଙ୍କର ବ୍ୟକ୍ତ ହେବାର ସାମର୍ଥ୍ୟଟି ଚିରକାଳ ସକାଶେ ଅନ୍ତର୍ନିହିତ ହୋଇ ରହିଛି ଏବଂ ସେହି ସାମର୍ଥ୍ୟ କାଳର ଅନନ୍ତ ପ୍ରବାହରେ ଅଥବା ଏକ ଅନନ୍ତ ପୁନରାବୃତ୍ତିର ଛନ୍ଦ ଅନୁସାରେ ସତତ କାର୍ଯ୍ୟ କରିବାରେ ଲାଗିଛି । ଏକଥା ସତ୍ୟ ଯେ ବିଶ୍ୱାତୀତ ପରମସତ୍ୟ ଓ ବିଶ୍ୱଗତ ସତ୍ୟ ମଧ୍ୟରେ ଅବଶ୍ୟ

'oaob.nitrkl.ac.in' images reprocessed

ଏକ ସ୍ତରଗତ ପାର୍ଥକ୍ୟ ରହିଛି, ମାତ୍ର ତା' ବୋଲି ସେହି ପରମ ଶାଶ୍ୱତତାର ସମ୍ମୁଖରେ ବିଶ୍ୱରୂପୀ ସତ୍ୟଟିକୁ କୌଣସିପ୍ରକାରେ ଅସତ୍ କିମ୍ବା ଅସତ୍ୟ ବୋଲି କହିବା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ । କାରଣ, ଶୁଦ୍ଧ ବୁଦ୍ଧିର ଅବଧାରଣା ଲାଗି ଯାହା ନିତ୍ୟ, କେବଳ ତାହାହିଁ ସତ୍ୟ; ଅର୍ଥାତ୍ କାଳର ପ୍ରବାହ ମଧ୍ୟରେ ଯାହା ସର୍ବଦା ବର୍ତ୍ତମାନ ରହିଥାଏ, ଶୁଦ୍ଧ ବୁଦ୍ଧିର ବିବେଚନା କେବଳ ତାହାକୁହିଁ ସତ୍ୟ ବୋଲି କହେ; ଅର୍ଥାତ୍ କେବଳ କାଳାତୀତକୁହିଁ ଏକମାତ୍ର ସତ୍ୟ ବୋଲି ମାନିବାକୁ ପ୍ରସ୍ତୁତ ହୁଏ,—ଏହିଭଳି ଏକ ଭେଦଦର୍ଶନ କେବଳ ମନର କଳ୍ପନାରୁହିଁ ଜାତ ହୋଇଥାଏ । ଏହା ହେଉଛି ମନର ଏକ ସଂସ୍କାର ବା ଏକ ରଚନା ମାତ୍ର । ମାତ୍ର କୌଣସି ସାରଭୂତ ଓ ସମଗ୍ର ଅନୁଭୂତିକୁ ମନର ଏହି ସଂସ୍କାରଟି ଦ୍ୱାରା କଦାପି ବାନ୍ଧି ରଖାଯାଇ ପାରିବ ନାହିଁ । କାଳାତୀତ ଶାଶ୍ୱତତା କାଳଗତ ସତ୍ତାକୁ କଦାପି ପ୍ରତ୍ୟାଖ୍ୟାନ କରିପକାଏ ନାହିଁ । କେବଳ ବ୍ୟାବହାରିକ ଭାଷାରେହିଁ ସେମାନଙ୍କ ମଧ୍ୟରେ ରହିଥିବା ସମ୍ବନ୍ଧଟି ଏକ ପରସ୍ପରବିରୋଧୀ ସମ୍ବନ୍ଧ ବୋଲି ପ୍ରତୀତ ହୋଇଥାଏ । ମାତ୍ର ବସ୍ତୁତଃ ଗୋଟିଏ ଯେ ଅନ୍ୟଟିକୁ ଆଶ୍ରୟ କରି ରହିଛି, ଏଇଟିହିଁ ଅଧିକ ସମ୍ଭବପର ବୋଲି ମନେ ହୋଇଥାଏ ।

ଠିକ୍ ସେହିପରି ଯେଉଁ ଯୁକ୍ତିବିସ୍ତାରଦ୍ୱାରା ପରମ ନିର୍ବିଶେଷ ସତ୍ତାଙ୍କର କ୍ରିୟାତ୍ମକତାକୁ ଏକାବେଳକେ କାଟି ଦିଆଯାଏ, ଏବଂ କେବଳ ବ୍ୟାବହାରିକ ବୋଲିହିଁ ବସ୍ତୁମୟ ଜଗତର ବ୍ୟାବହାରିକ ସତ୍ୟତା ଉପରେ ଅବାସ୍ତବ ବାସ୍ତବତାର କଳଙ୍କ ଆଣି ଲଗାଇ ଦିଆଯାଇଥାଏ, ସେଇଟିକୁ ମଧ୍ୟ ଠିକ୍ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । କାରଣ ଯେତେ ସୀମିତ ହେଲେ ମଧ୍ୟ ବ୍ୟାବହାରିକ ସତ୍ୟ ପାରମାର୍ଥିକ ସତ୍ୟଠାରୁ କଦାପି ସମ୍ପୂର୍ଣ୍ଣ ଭିନ୍ନ, ବିପରୀତ କିମ୍ବା ବିଚ୍ଛିନ୍ନ ହୋଇପାରିବ ନାହିଁ । କାରଣ ଏହା ହେଉଛି ବସ୍ତୁତଃ ପରମ ଚିନ୍ମୟସତ୍ତାର ଗତିଶୀଳ କ୍ରିୟାତ୍ମକତାର ସାମର୍ଥ୍ୟଗତ ଏକ ପରିଣାମ, ବା ଏକ ବେଗମୟ ପ୍ରକାଶମାତ୍ର । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦୁଇଟି ମଧ୍ୟରେ ଏକ ଭେଦ ଅବଶ୍ୟ ରହିଛି ଓ ସେଇଟିକୁ ଆମକୁ ନିରୂପଣ କରି ରଖିବାକୁ ହେବ; ମାତ୍ର ଦୁହିଙ୍କୁ ପରସ୍ପରର ଏକାନ୍ତ ବିପରୀତ ଦୁଇଟି ତତ୍ତ୍ୱ ବୋଲି ବିଚାର କଲେ ତଦ୍ଦ୍ୱାରା ଏକ ନିଷ୍ଫଳ ନୈଶଦ୍ୟଷ୍ଟିକୁହିଁ ପରମ ଶାଶ୍ୱତଙ୍କର ଯଥାର୍ଥ ଓ ସମଗ୍ର ସତ୍ତା ଓ ସ୍ଥିତି ବୋଲି ଧରିନିଆ ଯାଉଥିବାର ସୂଚନା ମିଳିବ । ମାତ୍ର ତା'ହେଲେ ଆମକୁ ସିଦ୍ଧାନ୍ତରୂପେ ମାନିନେବାକୁ ପଡ଼ିବ ଯେ ପରମ ନିର୍ବିଶେଷଙ୍କଠାରେ କ୍ରିୟାଶୀଳତା ବୋଲି ଆଦୌ କୌଣସି ସାମର୍ଥ୍ୟ ନାହିଁ, ଏବଂ ଜଗତରେ ଯେତେ ଯେଉଁଠି କ୍ରିୟାଶୀଳତା ଓ କ୍ରିୟା ଦୃଷ୍ଟିଗୋଚର ହେଉଛି ତାହା କେବଳ ଦିବ୍ୟ ଓ ଶାଶ୍ୱତ ପରମ ପୁରୁଷଙ୍କର ସର୍ବପ୍ରଧାନ ପ୍ରକୃତିର ବିରୋଧିହିଁ

'oaob.nitrkl.ac.in' images reprocessed

କରୁଛୁ । ମାତ୍ର କାଳ ଓ ବିଶ୍ୱର ଆମ୍ଭ୍ରତନ ଭିତରେ ଯଦି ପ୍ରକୃତରେ କୌଣସି ପ୍ରକାରର ଏକ ବାସ୍ତବତା ରହିଥାଏ, ତେବେ ତାହାକୁ ଉଦ୍‌ଭୂତ କରାଉଥିବା ଏକ ଶକ୍ତି ମଧ୍ୟ ଅବଶ୍ୟ ରହିଥିବ, ଅର୍ଥାତ୍ ପରମସତ୍ତା ମଧ୍ୟରେ ନିହିତ ହୋଇ ରହିଥିବା ଏକ କ୍ରିୟାତ୍ମିକା ଶକ୍ତିହିଁ ତାହାକୁ ନିଶ୍ଚୟ ଜନ୍ମ ଦେଇଥିବ; ଏବଂ କେବଳ ବିଶ୍ୱମୟ ଭ୍ରମର ଉଆଣ କରିବା ବ୍ୟତୀତ ପରମ ନିର୍ବିଶେଷଙ୍କର ସାମର୍ଥ୍ୟ ପ୍ରକୃତରେ ଆଉ କିଛିହେଲେ କରିପାରିବ ନାହିଁ ବୋଲି କହିବାକୁ ଆଉକୌଣସି କାରଣ ରହିବ ନାହିଁ । ଓଲଟି, ସୃଷ୍ଟି କରୁଥିବା ଏହି ଶକ୍ତିଟି ନିଶ୍ଚୟ ଏକ ସର୍ବଶକ୍ତିମାନ୍ ଓ ସର୍ବଜ୍ଞ ପରମଚେତନାରହିଁ ଏକ ଶକ୍ତି ହୋଇଥିବ, ଏବଂ ନିର୍ବିଶେଷ ପରମସତ୍ୟ ଯାହାକିଛୁ ସୃଷ୍ଟି କରୁଛନ୍ତି, ସେସବୁ ଭ୍ରମ ନହୋଇ କେବଳ ସତ୍ୟହିଁ ହେବ । ଏବଂ ପରମସତ୍ତା କହିଲେ ଯେତେବେଳେ ଏକ ଅଦ୍ୱିତୀୟ ଓ ଅଖଣ୍ଡ ସତ୍ତାକୁହିଁ ବୁଝାଉଛୁ ସେତେ-ବେଳେ ତାଙ୍କର ବିସୃଷ୍ଟିକୁ ମଧ୍ୟ ଯଥାର୍ଥରେ ଆତ୍ମବିସୃଷ୍ଟି ବୋଲି କହିବାକୁ ହେବ, ସେହି ପରମ ଶାଶ୍ୱତଙ୍କର ପ୍ରକାଶରୂପ ବୋଲିହିଁ କହିବାକୁ ହେବ । ସତ୍ତାଗତ କିମ୍ବା ଚୈତନ୍ୟଗତ ଯାହାହେଉ ପଛକେ, କେବଳ ଏକ ମୂଳଭୂତ ମହାଶୂନ୍ୟ ଭିତରୁ ଆଣି ଏଗୁଡ଼ିକୁ ମାୟାଦ୍ୱାରା କେବଳ କାଳ୍ପନିକ ଗୋଟିଏ ଗୋଟିଏ ଆକୃତିରୂପେ ଠିଆ କରାଇ ରଖାଯାଇଛୁ, ସେତେବେଳେ ସେକଥା ଆଦୌ କୁହାଯାଇ ପାରିବ ନାହିଁ ।

ବିଶ୍ୱଜଗତକୁ ସତ୍ୟ ଓ ବାସ୍ତବ ନୁହେଁ ବୋଲି କହିବାର ପଛରେ ପରମସତ୍ୟଙ୍କୁ ସକଳ ପରିବର୍ତ୍ତନ ଓ ଲକ୍ଷଣରହିତ ଏବଂ ସକଳପ୍ରକାର କ୍ରିୟାତ୍ମକତାରୁ ବିଚ୍ଛିନ୍ନ ଏକ ସତ୍ତାରୂପେ ସ୍ୱୀକାର ବା ଅନୁଭବ କରିବାର ଦୃଷ୍ଟିକୋଣଟି ବଦ୍ଧମୂଳ ହୋଇ ରହିଛୁ । ନୈଶବ୍ଦ୍ୟର ସ୍ଥିତିକୁ ପ୍ରାପ୍ତ ହୋଇ କେବଳ ନିଶ୍ଚଳ ହୋଇପାରିଲେ ଯାଇ ଯେ ଆମର ଚେତନା ସେହି ପରମସତ୍ୟଙ୍କୁ ଉପଲବ୍ଧି କରିପାରିବ, ସେଥିରେ ଏହିପରି ସ୍ୱୀକାର କରାଯାଇଥାଏ । ଅପର ପକ୍ଷରେ ଜଗତ ହେଉଛୁ କ୍ରିୟାତ୍ମକ ଗତିଶୀଳତାର ଏକ ପରିଣାମ । ସତ୍ତାଗତ ଶକ୍ତି ଆପଣାକୁ କ୍ରିୟାତ୍ମକ ଭାବରେ ସଞ୍ଚାଳିତ କଲେ ସେଇଥିରୁହିଁ ଜଗତର ଉତ୍ପତ୍ତି ହେଉଛୁ । ଶକ୍ତି କ୍ରିୟାଶୀଳ ହେଲେ ଯାଇ ଜଗତ ଉତ୍ପୁଜୁଛୁ; ଏହି ଶକ୍ତି ପରିକଳ୍ପନାମୟ କିମ୍ବା ଯାନ୍ତ୍ରିକ ଯାହା ହୋଇଥାଉ ପଛକେ ଏବଂ ସେଥିରେ ଆଧ୍ୟାତ୍ମିକ, ମାନସିକ, ପ୍ରାଣ କିମ୍ବା ଜଡ଼ଗତ ଯେକୌଣସି ଗତିଶୀଳତା କାର୍ଯ୍ୟ କରୁଥାଉ ପଛକେ, ସେହି ଶକ୍ତି ସକ୍ରିୟ ହେବାଦ୍ୱାରାହିଁ ଜଗତର ଉଦ୍‌ଭବ ହେଉଛୁ । ତେଣୁ ଏହି କ୍ଷେତ୍ରରେ ଆମେ ଜଗତକୁ ସେହି ନିତ୍ୟସ୍ଥିତିଶୀଳ ଓ ନିତ୍ୟଅବିଚଳ ଶାଶ୍ୱତ ପରମସତ୍ୟଙ୍କର କେବଳ ଏକ ବିରୋଧୀ ବ୍ୟାପାର ବୋଲି କହିପାରିବା, ତାଙ୍କର ଆତ୍ମସ୍ଥିତିରୁ ଏକ ବିଚ୍ୟୁତି ବା ନିମ୍ନମୁଖୀ ସ୍ଖଳନ ବୋଲିହିଁ କହିପାରିବା । ମାତ୍ର ଏକ ବିଶ୍ୱରଧାରଣା ହିସାବରେ ଏହି

'oaob.nitrkl.ac.in' images reprocessed

ଦୃଷ୍ଟିକୋଣଟିକୁ ଅବଶ୍ୟ ମାନିନେବାର ଆଦୌ କୌଣସି କାରଣ ନାହିଁ । ପରମସତ୍ୟଙ୍କୁ ଆମେ କାହିଁକି ଯେ ଏକାଧାରରେ ସ୍ଥିତିଶୀଳ ଏବଂ ଗତିଶୀଳ ବୋଲି କଳ୍ପନା ନକରିବା, ତାହାର ମଧ୍ୟ କୌଣସି କାରଣ ନାହିଁ । ପରମ ସତ୍ତାର ଶାଶ୍ୱତ ସ୍ଥିତିରେ ଏକ ସତ୍ତାଗତ ଶାଶ୍ୱତ ଶକ୍ତି ଯେ ଅନ୍ତର୍ଗତ ହୋଇ ରହିଛି, ଏବଂ ଶକ୍ତି ବା ଗତି ଭିତରେ କ୍ରିୟା ଓ ଗତିସ୍ପନ୍ଦନର ଏକ ବେଗମୟ ସାମର୍ଥ୍ୟ ଯେ ଅବଶ୍ୟ ରହିଥିବ, ଏଭଳି ଅନୁମାନ କରିବା ଲାଗି ବୁଦ୍ଧିଗତ ବୋଧର ମାନଦଣ୍ଡକ୍ଷେତ୍ରରେ ଆଦୌ କୌଣସି ବାଧା ନାହିଁ । ତେଣୁ ସତ୍ତାର ସ୍ଥିତିଶୀଳତା ଓ ସତ୍ତାର ଗତିଶୀଳତା ଦୁଇଟିଯାକ ସତ୍ୟ ହୋଇପାରିବ । ସେହି ଦୁଇଟିଯାକ କାହିଁକି ଯେ ଏକତ୍ର ସହାବସ୍ଥିତ ହୋଇ ନରହିବେ, ସେପରି ଭାବିବା ଲାଗି ମଧ୍ୟ କୌଣସି କାରଣ ନାହିଁ । ଓଲଟି, ଏହି କ୍ଷେତ୍ରରେ ସହାବସ୍ଥିତିକୁହିଁ ଭିତ୍ତିରୂପେ ମାନିବାକୁ ପଡ଼ିବ । କାରଣ ଯଥାର୍ଥରେ ଫଳପ୍ରସୂ ହେବାକୁ ହେଲେ ଅର୍ଥାତ୍ ଯଥାର୍ଥରେ ସୃଷ୍ଟି କରି ପାରିବାକୁ ହେଲେ ସକଳ ଶକ୍ତି ଓ ଗତିସୂଚକ ଯାବତୀୟ କ୍ରିୟାକୁ ସ୍ଥିତିକୁହିଁ ଆଶ୍ରୟ କରି ଅର୍ଥାତ୍ ସ୍ଥିତିଦ୍ୱାରା ବିଧୃତ ହୋଇ ରହିବାକୁ ପଡ଼ିବ । ତା' ନହେଲେ ସୃଷ୍ଟ କୌଣସି ପଦାର୍ଥ ଆଉ କୌଣସିମତେ ଜମାଟ ବାନ୍ଧିପାରିବ ନାହିଁ, କେବଳ ଏକ ନିରବଚ୍ଛିନ୍ନ ଆବର୍ତ୍ତନ ଚାଲିଥିବ, ମାତ୍ର ଆଦୌ କିଛିହେଲେ ଠିଆହୋଇ ପାରିବ ନାହିଁ । ସତ୍ତା ମଧ୍ୟରେ ଗତିର ସଞ୍ଚାର କରିବାକୁ ହେଲେ ସତ୍ତାର ଏକ ସ୍ଥିତି ରହିଥିବା ଆବଶ୍ୟକ, ସତ୍ତାର ଏକ ରୂପ ଓ ଆକାର ମଧ୍ୟ ରହିଥିବା ଆବଶ୍ୟକ । ଏହି ଭୌତିକ ଜଗତରେ ସାଧାରଣତଃ ଯେପରି ପ୍ରତୀତ ହୋଇଥାଏ, ସେହି ଅନୁସାରେ ଶକ୍ତିକୁହିଁ ସର୍ବମୂଳ ତତ୍ତ୍ୱରୂପେ ସ୍ୱୀକାର କଲେ ମଧ୍ୟ, ଏହାକୁ ତଥାପି ଆପଣା ଲାଗି ଏକ ସ୍ଥିତି ସୃଷ୍ଟି କରିବାକୁ ପଡ଼ିବ, ଆପଣା କ୍ରିୟା ଲାଗି ଏକ ଆଧାର ବା ଆଶ୍ରୟରୂପେ ଆପଣାର ସ୍ଥାୟୀ ରୂପଚୟ ଓ ସତ୍ତାଗତ ଅବଧିକୁ ରଚନା କରିନେବାକୁ ପଡ଼ିବ । ତାହାର ଏହି ସ୍ଥିତି ହୁଏତ କେବଳ ଅଳ୍ପକ୍ଷଣସ୍ଥାୟୀ ହୋଇପାରେ, ଏହା ସୃଷ୍ଟ ଉପାଦାନଟିର କେବଳ ଏକ ଭାରସାମ୍ୟ କିମ୍ବା ସମତାବସ୍ଥାହିଁ ହୋଇପାରେ ଏବଂ ଏକ ଅବ୍ୟାହତ ଗତିଶୀଳତା ଦ୍ୱାରାହିଁ ପରିପାଳିତ ହୋଇ ରହିପାରେ; ମାତ୍ର ଅସ୍ତିତ୍ୱରେ ରହିଥିବା ପର୍ଯ୍ୟନ୍ତ ଏହା ଅବଶ୍ୟ ସତ୍ୟ ଓ ବାସ୍ତବ ହୋଇ ରହିବ, ଏବଂ ବିନଷ୍ଟ ହୋଇଯିବା ପରେ ମଧ୍ୟ ଆମେ ତାହାକୁ ଏକଦା ବାସ୍ତବ ହୋଇ ରହିଥିବା ଏକ ପଦାର୍ଥ ବୋଲି କହିପାରିବା । କ୍ରିୟା ଆଶ୍ରୟ ଓ ଆଧାରରୂପେ କାର୍ଯ୍ୟ କରିବା ଲାଗି ସ୍ଥିତି ଅତ୍ୟାବଶ୍ୟକ, ଏହି ତତ୍ତ୍ୱଟି ଏକ ଶାଶ୍ୱତ ତତ୍ତ୍ୱ; ଏବଂ କାଳର ନିତ୍ୟପ୍ରବାହ ମଧ୍ୟରେ ଏହି ତତ୍ତ୍ୱ ସତତ କ୍ରିୟାଶୀଳ ହୋଇରହିଛି । ଶକ୍ତିର ଏହି ସକଳ ଗତିସ୍ପନ୍ଦନ ଓ ନାନାବିଧ ଆକାରର ଏହି ରୂପାୟନଲୀଳାଟିର ପଛରେ ରହିଥିବା ଅବିଚଳସ୍ଥିତିସମ୍ପନ୍ନ ପରମ ତତ୍ତ୍ୱଟିକୁ ଆମେ ଯେତେବେଳେ ଆବିଷ୍କାର କରିପାରୁ, ସେତେବେଳେ ଆମେ ସୃଷ୍ଟ

'oaob.nitrkl.ac.in' images reprocessed

ଯାବତୀୟ ରୂପାୟନର ସ୍ଥିତହିଁ କେବଳ ସାମୟିକ ଅର୍ଥାତ୍ କ୍ଷଣସ୍ଥାୟୀ ବୋଲି ବୁଝିବାକୁ ସମର୍ଥ ହେଉ । ସେହି ଗୋଟିଏ କ୍ରିୟାର ପୁନଃପୁନଃ ଆବର୍ତ୍ତନ ଦ୍ୱାରା ଏବଂ ଶକ୍ତିର କିମ୍ବା ସେହି ଗୋଟିଏ ସ୍ୱରରେ ପୁନଃପୁନଃ ଫେରି ଆସିବାଦ୍ୱାରା ବସ୍ତୁର ମଧ୍ୟ ଏକ ଆପାତସ୍ଥାୟୀ ରୂପାୟନ ଚଳଚଳିର ରହିଥାଏ । ମାତ୍ର ଏହି ସ୍ଥାୟିତ୍ୱ ଯଥାର୍ଥ ସ୍ଥାୟିତ୍ୱ ନୁହେଁ, ଏହା ପରିସ୍ପଷ୍ଟ । ଯଥାର୍ଥ ସ୍ଥାୟିତ୍ୱ ହେଉଛି ଏକ ଶାଶ୍ୱତ ଓ ସ୍ୱୟମ୍ଭୂ ସ୍ଥାୟିତ୍ୱ, ଏବଂ ତାହା ହେଉଛି କେବଳ ସେହି ଶାଶ୍ୱତ ପରମସତ୍ତାଙ୍କର ସ୍ଥାୟିତ୍ୱ, ଯାହାଙ୍କର ଶକ୍ତିହିଁ ଏହିସବୁ ରୂପ ସମ୍ଭୂତ ହୋଇ ଆସିଛନ୍ତି । ମାତ୍ର ସେଥିରୁ ଏପରି ଏକ ସିଦ୍ଧାନ୍ତ କରିବସିବା ଆଦୌ ଉଚିତ ନୁହେଁ ଯେ ତେଣୁ ଏହିସବୁ କ୍ଷଣସ୍ଥାୟୀ ରୂପ କେବଳ ଅସତ୍ୟ ଓ କେବଳ ଅବାସ୍ତବ । କାରଣ ସତ୍ତ୍ୱର ଶକ୍ତି ହେଉଛି ଏକ ସତ୍ୟ; ଏବଂ ଏହି ଶକ୍ତି ଯେଉଁସବୁ ଆକାରକୁ ରୂପ ଦେଉଛି, ସେସବୁ ସେହି ସତ୍ତ୍ୱରହିଁ ଆକାର, ସତ୍ତ୍ୱରହିଁ ରୂପ । ସେ ଯାହାହେଉ ନା କାହିଁକି, ସତ୍ତ୍ୱର ସ୍ଥିତିଶୀଳତା ଓ ତାହାର ଚଳନ୍ତନ ଗତିଶୀଳତା ଉଭୟେ ସତ୍ୟ, ଏବଂ ଉଭୟେ ପରସ୍ପର ସହିତ ଯୁଗପତ୍ ଭାବରେ ବର୍ତ୍ତମାନ ଅଛନ୍ତି । ସତ୍ତ୍ୱର ସ୍ଥିତିଶୀଳତା ତାହାର ଗତିଶୀଳତାର କ୍ରିୟା ଲାଗି ସ୍ଥାନ ଛାଡ଼ିଦେଉଛି, ଏବଂ ସେହି କ୍ରିୟା ସ୍ଥିତିଶୀଳତାର ସତ୍ୟଟିକୁ କୌଣସିପ୍ରକାରେ ବିଲୁପ୍ତ କରି ଦେଉ ନାହିଁ । ତେଣୁ ଆମକୁ ସିଦ୍ଧାନ୍ତରୂପେ ସ୍ଥିତିଶୀଳତା ଓ ଗତିଶୀଳତା ଉଭୟଙ୍କୁ ପରମସତ୍ୟଙ୍କର ଦୁଇଟି ଚରନ୍ତନ ସତ୍ୟରୂପେ ସ୍ୱୀକାର କରିନେବାକୁ ପଡ଼ିବ । ସ୍ୱୟଂ ପରମସତ୍ୟ ସ୍ଥିତି ଓ ଗତି ଉଭୟର ଅତୀତ; କ୍ଷର ବ୍ରହ୍ମ ଓ ଅକ୍ଷର ବ୍ରହ୍ମ ଉଭୟେ କେବଳ ସେହି ପରମ ସତ୍ୟ ।

ମାତ୍ର ଆମ ଅଭିଜ୍ଞତାରୁ ଆମେ ଜାଣିବାକୁ ପାଉଥାଉ ଯେ ସାଧାରଣତଃ ପରମ ସତ୍ତ୍ୱର ନୈଶବ୍ଦ୍ୟ-କଳ୍ପନାରୁହିଁ ଆମେ ସେହି ଶାଶ୍ୱତ ଓ ଅନନ୍ତ ସତ୍ତ୍ୱର କୌଣସି ସ୍ଥାୟୀ ଅନୁଭୂତି ଲାଭ କରିଥାଉ । ଏହି ଇନ୍ଦ୍ରିୟଗ୍ରାହ୍ୟ ଓ ମନୋଗତ-ଜଗତଟିର ପଛରେ ଯେ ଆଉକିଛି ରହିଛି, କେବଳ ଏକ ପ୍ରଶାନ୍ତ ଓ ନୀରବତା ମଧ୍ୟରେହିଁ ଆମେ ସେ କଥା ଦୃଢ଼ଭାବରେ ଅନୁଭବ କରିଥାଉ । ଆମ ଭାବନାର ଜ୍ଞାନଗତ କିମ୍ବା ତଥା ଆମ ପ୍ରାଣ ଓ ଅସ୍ତିତ୍ୱର ସକଳ କ୍ରିୟା ସତେଯେପରି ଯଥାର୍ଥ ସତ୍ୟଟିକୁ ଆମ ଆଗରୁ ଘୋଡ଼ାଇ କରି ରଖିଥାଏ । ସେଗୁଡ଼ିକ ଅନ୍ତର୍ବର୍ତ୍ତୀସ୍ଥତାର ଅବଧାରଣା କରିପାରନ୍ତି, କିନ୍ତୁ ଅନନ୍ତତାଟିକୁ ଧରିପାରନ୍ତି ନାହିଁ । କାଳଭୂମିଗତ ସତ୍ୟର ସକଳ ବ୍ୟାପାର ନେଇ କାରବାର କରନ୍ତି, କିନ୍ତୁ କାଳାତୀତ ଶାଶ୍ୱତ ସତ୍ୟଟିକୁ ଧରିପାରନ୍ତି ନାହିଁ । ଏହାର ସପକ୍ଷରେ ଯୁକ୍ତି ଦର୍ଶାଇ କୁହାଯାଇଥାଏ ଯେ କେବଳ ସୀମିତ କରିଦେବା ହେଉଛି ସକଳ କ୍ରିୟା, ସକଳ ସୃଷ୍ଟି ଓ ଆତ୍ମଉନ୍ମନ୍ଦିଷ୍ଟ ସକଳ ଅନୁଭୂତିର କାର୍ଯ୍ୟ । ଏସବୁ ପରମସତ୍ୟଙ୍କୁ ଧରିପାରେ ନାହିଁ;

'oaob.nitrkl.ac.in' images reprocessed

ଏବଂ ଯେତେବେଳେ ଆମେ ସାଧନା ବଳରେ ପରମସତ୍ତାର ଅଖଣ୍ଡ ଓ ଅନିର୍ଦ୍ଦେଶ୍ୟ ଚୈତନ୍ୟ ମଧ୍ୟରେ ପ୍ରବେଶ କରୁ, ସେତେବେଳେ ଏସବୁର ଯାବତୀୟ ରଚନା କୁଆଡ଼େ ଅନ୍ତର୍ହିତ ହୋଇଯାଏ । ତେଣୁ କାଳର ଭୂମି ଉପରେ ଏଗୁଡ଼ିକ ଯେତେ ସତ୍ୟ ଓ ବାସ୍ତବ ହୋଇଥାଉ ନା କାହିଁକ, ଶାଶ୍ୱତତାର ଭୂମିରେ ଏହିସବୁ ରଚନା ସମ୍ପୂର୍ଣ୍ଣ ଅସତ୍ୟ ଓ ସମ୍ପୂର୍ଣ୍ଣ ଅବାସ୍ତବ । କର୍ମ ଅବିଦ୍ୟା ଭିତରେ ନେଇ ଛାଡ଼ିଦିଏ, ବିସୃଷ୍ଟିର ଯାବତୀୟ ସୀମାନିର୍ଦ୍ଦିଷ୍ଟତା ଭିତରେ ନେଇ ବାନ୍ଧିଦିଏ । ଗତିଶୀଳତା ଓ ବିସୃଷ୍ଟି ହେଉଛି ପରିବର୍ତ୍ତନରହିତ ପରମସତ୍ତାର ଏକାନ୍ତ ବିରୋଧୀ, ବିଶୁଦ୍ଧ ଓ ଅକ୍ଷର ପରମତତ୍ତ୍ୱର ବିପରୀତଧର୍ମୀ । ମାତ୍ର ଏଭଳି ଏକ ଯୁକ୍ତିକୁ କଦାପି ସମ୍ପୂର୍ଣ୍ଣ ଉଚିତ ବୋଲି କୁହାଯିବ ନାହିଁ, କାରଣ ଏହି ଜଗତ ଓ ଜାଗତିକ ସକଳ ଗତିସ୍ପନ୍ଦନକୁ ଆମର ମନ କେବଳ ଯେପରି ଭାବରେ ଜାଣିବାକୁ ସମର୍ଥ ହୋଇଥାଏ, ତାହାର ଭୂମି ଉପରେହିଁ ଆମେ ସକଳ ଜ୍ଞାନ ଓ ସକଳ କର୍ମର ଅବଲୋକନ କରି ଏପରି କଥା କହୁଥାଉ । ମାତ୍ର ଏହିସବୁ ଅନୁଭୂତି କେବଳ ଆମ ବାହ୍ୟସତ୍ତାରହିଁ ଅନୁଭୂତି । ସମସ୍ତର ଆପୃତନଭୂମି ଉପରେ କ୍ଷଣକେ ଉଦ୍ଭବହୋଇ କ୍ଷଣକେ ଉଭେଇ ଯାଉଥିବା ବିଷୟଗୁଡ଼ିକର ଅବଲୋକନରୁ ଏଭଳି ଅନୁଭୂତି ଜାତ ହୋଇଥାଏ । ତେଣୁ ଏହି ଅବଲୋକନଟି କେବଳ ଉପରିଭାଗୀୟ ଅବଲୋକନ; ଏହା ଅତି ଅଗଭୀର, ଅତି ଖଣ୍ଡିତ ଓ ନାନା ସୀମାଦ୍ୱାରା ଅତ୍ୟନ୍ତ ବିଭକ୍ତ । ଏହା ସମଗ୍ର ଅବଲୋକନ ନୁହେଁ, ଏହି ଅବଲୋକନରେ ବସ୍ତୁଗୁଡ଼ିକର ଅନ୍ତର୍ଭାବ ମଧ୍ୟକୁ ଆଦୌ କୌଣସି ପ୍ରବେଶ ନଥାଏ । ବସ୍ତୁତଃ, ଆମେ ଦେଖିବାକୁ ପାଇବା ଯେ କ୍ଷଣସୀମା ମଧ୍ୟରେ ଆବଦ୍ଧ ଏହି ଜ୍ଞାନସୀତର ବାହାରକୁ ବାହାରିଯାଇ ଯଥାର୍ଥ ଚେତନାର ଉପଯୁକ୍ତ ଶାଶ୍ୱତଭୂମିର ଏକ ଜ୍ଞାନସ୍ଥିତି ଭିତରକୁ ପ୍ରବେଶ କରିପାରିଲେ ସେଠାରେ କୌଣସି କର୍ମ ଆମକୁ ଆଦୌ ବାନ୍ଧିପକାଏ ନାହିଁ, ନାନା ସୀମା ଭିତରେ ଆଦୌ କଳିରଖି ପାରେ ନାହିଁ । ମୁକ୍ତିଲାଭ କରିଥିବା ବ୍ୟକ୍ତିକୁ କର୍ମ ବାନ୍ଧିପାରେ ନାହିଁ, ସୀମାସୂତ୍ର କରି ରଖିପାରେ ନାହିଁ । ପରମ ଶାଶ୍ୱତକୁ ମଧ୍ୟ କର୍ମ ବାନ୍ଧି ବା କଳିରଖି ପାରେ ନାହିଁ । ମାତ୍ର ଆହୁରି ଆଗକୁ ଯାଇ ମଧ୍ୟ ଆମେ କହିପାରିବା ଯେ ଆମର ଯଥାର୍ଥ ସତ୍ତାଟିକୁ କୌଣସି କର୍ମ କୌଣସିପ୍ରକାରେ ବାନ୍ଧିପକାଏ ନାହିଁ କିମ୍ବା କଳିରଖେ ନାହିଁ । କର୍ମ ଅଧ୍ୟାତ୍ମ-ପୁରୁଷ ଉପରେ ଏପରି କୌଣସି ପ୍ରଭାବ ପକାଇ ପାରେ ନାହିଁ, ଆମ ମଧ୍ୟରେ ବିରାଜ କରୁଥିବା ଚୈତ୍ୟସତ୍ତାଟିକୁ ମଧ୍ୟ ଏହା ଛୁଇଁପାରେ ନାହିଁ । କେବଳ ସେହି ଉପରିଭାଗଟାରେ ବ୍ୟକ୍ତିତ୍ୱର ଅଭିଧା ଗ୍ରହଣ କରି ଯାହା ରଚିତ ହୋଇଥାଏ, କର୍ମ ତାହାକୁହିଁ ବାନ୍ଧେ, ତାହାକୁହିଁ ସୀମାଧୀନ କରି ରଖେ । ଏହି ବ୍ୟକ୍ତିତ୍ୱ ହେଉଛି ଆମ ଆତ୍ମସତ୍ତାର କେବଳ ଏକ ସାମୟିକ ପରିପ୍ରକାଶ ମାତ୍ର, ତାହାର ସତତ ପରିବର୍ତ୍ତନଶୀଳ ଏକ ରୂପାୟନ ମାତ୍ର । କେବଳ ତାହାରିଦ୍ୱାରାହିଁ ଏହା ଏକ

'oaob.nitrkl.ac.in' images reprocessed

ଅସ୍ତିତ୍ୱର ଅଧିକାରୀ ହୋଇରହିଛୁ, ନିଜର ଅସ୍ତିତ୍ୱ ଓ ଉପାଦାନ ଲାଗି ତାହାରି ଉପରେ ନିର୍ଭର କରି ରହିଛୁ । ଏହା କ୍ଷଣସ୍ଥାୟୀ; ମାତ୍ର ଅସତ୍ୟ ନୁହେଁ କି ଅବାସ୍ତବ ନୁହେଁ । ଆମର ଭାବନା ଓ କର୍ମ ଆମର ଏହି ପରିପ୍ରକାଶଟିରେ ସାଧନରୂପେ କାର୍ଯ୍ୟ କରନ୍ତି । ଏବଂ ପରିପ୍ରକାଶ ଏକ ଅସମ୍ପୂର୍ଣ୍ଣ ପରିପ୍ରକାଶ ହୋଇଥିବାରୁ, ଏହାର ପରିଣତିକମଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନଥିବାରୁ, କାଳର ଭୂମି ଉପରେ ଆମ ପ୍ରାକୃତ ସତ୍ତା ଏହି ପରିପ୍ରକାଶଟିର ମାଧ୍ୟମରେ କ୍ରମଶଃ ବିକଶିତ ହୋଇ ଉଠୁଥିବାରୁ, ଆମର ଭାବନା ଓ କର୍ମ ଏହି ବିକାଶରେ ଏହାର ସହାୟକ ହୋଇଥା'ନ୍ତି, ଆପଣାର ସୀମାଗୁଡ଼ିକୁ କ୍ରମଶଃ ପରିବର୍ତ୍ତିତ ଓ ସମ୍ପ୍ରସାରିତ କରିବାରେ ତାହାକୁ ସାହାଯ୍ୟ କରିଥା'ନ୍ତି । ମାତ୍ର ତଥାପି ସୀମା ଭିତରେହିଁ ତିଷ୍ଠି ରହିବାରେ ସାହାଯ୍ୟ କରିଥା'ନ୍ତି । ସେହି ଦୃଷ୍ଟିରୁ ବିଚାର କଲେ ସେମାନେ ବନ୍ଧନ ଓ ସଙ୍କୁଚନର କାରଣ ହୁଅନ୍ତି, ସେମାନେ ନିଜେ ଆତ୍ମଉନ୍ମୋଚନର କେବଳ ଏକ ଅପୂର୍ଣ୍ଣ ଅବସ୍ଥା ବୋଲି ପ୍ରମାଣିତ ହୁଅନ୍ତି । ମାତ୍ର ଯେତେବେଳେ ଆମେ ଆମ ନିଜ ଭିତରକୁ ଫେରିଯାଉ, ଆମର ଯଥାର୍ଥ ଆତ୍ମା ଓ ଯଥାର୍ଥ ବ୍ୟକ୍ତିସତ୍ତା ଭିତରେ ଅନୁପ୍ରବିଷ୍ଟ ହେଉ, ସେତେବେଳେ କର୍ମ କିମ୍ବା ଅବଧାରଣାର କୌଣସି ସୀମାଦ୍ୱାରା ଆଉ ବାଧ୍ୟ ହୋଇ କିମ୍ବା ସୀମାୟିତ ହୋଇ ରହିବାକୁ ପଡ଼େ ନାହିଁ; ସେତେବେଳେ କର୍ମ ଓ ଅନୁଭୂତି ଉଭୟେ ଆତ୍ମଗତ ଚେତନା ଓ ଆତ୍ମଗତ ଶକ୍ତିର ପରିପ୍ରକାଶରୂପେ ସେହି ଭୂମିକୁ ଉନ୍ନୀତ ହୋଇଯାଆନ୍ତି । ପ୍ରାକୃତ ସତ୍ତାର ମୁକ୍ତ ଆତ୍ମନିସ୍ପନ୍ଦନରେ, ଆତ୍ମଉଦ୍‌ଘାଟନରେ ଓ କାଳର ଭୂମି ଉପରେ ଏକ ସୀମାଗତ ସତ୍ତାର ସମ୍ଭୂତିପର୍ବରେ ସେମାନେ ସାଧନରୂପେ କାର୍ଯ୍ୟ କରନ୍ତି । କ୍ରମଶଃ ପରିଣତି ଲାଭ କରୁଥିବା ଏକ ଆତ୍ମନିସ୍ପନ୍ଦନ-କ୍ରମରେ ସୀମାର ବନ୍ଧନ ଏକ ଆବଶ୍ୟକ ପରିବେଶରୂପେ କାର୍ଯ୍ୟ କରିଥାଏ, ଏଥିରୁ ପରିଣାମତଃ ହୁଏତ ଆତ୍ମା ଓ ପରମସତ୍ୟର ବିଚ୍ଛେଦସାଧନ ଘଟିପାରେ କିମ୍ବା ସେଥିରୁ ବିଚ୍ୟୁତ ହୋଇଯିବା ବି ସମ୍ଭବ ହୋଇପାରେ ଏବଂ ସେହି କାରଣରୁ ଏହାକୁ ଏକ ଅସତ୍ୟ ବୋଲି ମଧ୍ୟ କୁହାଯାଇପାରେ । ମାତ୍ର ଏହାଦ୍ୱାରା ଯଦି ସତ୍ତାର ମର୍ମସତ୍ୟଟି ଏକାବେଳକେ ବିକୃତ ହୋଇପଡ଼ୁଥାଏ କିମ୍ବା ତାହାର ସମଗ୍ରତା ବ୍ୟାହତ ହେଉଥାଏ, ତେବେଯାଇ ତାହା ସମ୍ବନ୍ଧରେ ସେପରି କଥା କୁହାଯାଇପାରେ । ଯଦି କୌଣସି ଅନାତ୍ମକ ଶକ୍ତିରୁ ଉତ୍ପନ୍ନ ହୋଇଥିବା ଏକ ବିରୁଦ୍ଧଧର୍ମୀ ଆରୋପଣ ଦ୍ୱାରା ଏହା ଆମର ଏହି ବିଶ୍ୱଅସ୍ତିତ୍ୱର ସୃଷ୍ଟି କରି ତାହାର ଅନ୍ତରତମ ସାକ୍ଷୀରୂପେ ବିଦ୍ୟମାନ ରହିଥିବା ପରମ ଚେତନାଟିକୁ ଆଚ୍ଛନ୍ନ କରି ପକାଉଥା'ନ୍ତା, ଅଥବା ଯଦି ଏହା ପରମସତ୍ତାର ଆତ୍ମଚେତନା ଓ ସମ୍ଭୂତିଗତ ସଂକଳ୍ପର ବିରୁଦ୍ଧାଚରଣ କରୁଥିବା କୌଣସି ଉପସର୍ଗର ରଚନା କରୁଥା'ନ୍ତା, ତେବେଯାଇ ଆମେ ତାହାକୁ ଚିନ୍ମୟ ସତ୍ତା ଲାଗି ଏକ ବନ୍ଧନ ବୋଲି କହିପାରନ୍ତେ ଓ ତେଣୁ ଅବୈଧ ବା ଅବହିତ ବୋଲି

'oaob.nitrkl.ac.in' images reprocessed

ବି କହିପାରନ୍ତେ । ମାତ୍ର ଯାବତୀୟ କର୍ମ ଓ ଯାବତୀୟ ରୂପାୟନରେ ସତ୍ତ୍ୱର ସାରସତ୍ୟ ଅପରିବର୍ତ୍ତିତ ରହିଥାଏ ଏବଂ ସ୍ୱାଧୀନ ଭାବରେ ସ୍ୱୀକୃତ ଏହି ସୀମାଗୁଡ଼ିକ ସତ୍ତ୍ୱର ସମଗ୍ରତାଟିକୁ କୌଣସିପ୍ରକାରେ କ୍ଷୁଣ୍ଣ କରି ଦିଅନ୍ତି ନାହିଁ । ସେଗୁଡ଼ିକ ସତେଅବା ବାହାରୁ ଆସି ଲଦି ହୋଇ ପଡ଼ନ୍ତି ନାହିଁ, କେବଳ ଆପଣାଦ୍ୱାରା ସ୍ୱୀକୃତ ହୋଇ ଆପଣାଦ୍ୱାରାହିଁ ଆରୋପିତ ହୁଅନ୍ତି । କାଳର ଗତିସ୍ପନ୍ଦନ ଭିତରେ ଆମର ସମଗ୍ରତାଟିର ପ୍ରକାଶ ଲାଗି ସେଗୁଡ଼ିକ ନିମିତ୍ତ ଭଳି କାର୍ଯ୍ୟ କରନ୍ତି । ଆମର ଅନ୍ତର୍ଗତ ଅଧ୍ୟାତ୍ମସତ୍ତ୍ୱହିଁ ସେଗୁଡ଼ିକୁ ଏକ ବସ୍ତୁଗତ ବ୍ୟବସ୍ଥାରୂପେ ଆମର ବହିସ୍ଥର ପ୍ରାକୃତସତ୍ତ୍ୱ ଉପରେ ଆରୋପିତ କରି ରଖିଥାଏ । ତେଣୁ ସେଗୁଡ଼ିକୁ ନିତ୍ୟମୁକ୍ତ ଚିନ୍ମୟସତ୍ତ୍ୱ ଉପରେ ଏକ ବନ୍ଧନ ବୋଲି କଦାପି କୁହାଯାଇ ପାରିବ ନାହିଁ । ତେଣୁ ଆମର କର୍ମ ଓ ଜ୍ଞାନ ସୀମା ଭିତରେ ବିଚରଣ କରୁଛି ବୋଲି ସେଥିରୁ ସେଗୁଡ଼ିକର ଗତିସ୍ପନ୍ଦନକୁ ଅସତ୍ୟ ଓ ଅବାସ୍ତବ ବୋଲି କହିବା ଲାଗି ଆଦୌ କୌଣସି କାରଣ ନାହିଁ; ପରମ ଚିନ୍ମୟ ସତ୍ତ୍ୱର ପରିପ୍ରକାଶ, ରୂପାୟନ ଓ ଆତ୍ମ-ସୃଜନକୁ ମଧ୍ୟ ଅସତ୍ୟ ବୋଲି ଘୋଷଣା କରିବାର କୌଣସି କାରଣ ନାହିଁ । ଏହି ସତ୍ୟ ଯେ ଏକ କାଳଭୂମିଗତ ସତ୍ୟ, ଏଥିରେ କେହି ଦ୍ୱିରୁକ୍ତି କରିବେ ନାହିଁ; ମାତ୍ର ତଥାପି ଏହା ପରମସତ୍ୟର ଗୋଟିଏ ସତ୍ୟ, ତଦ୍‌ବ୍ୟତୀତ ଅନ୍ୟକିଛି ନୁହେଁ । ତେଣୁ ବିଶ୍ୱମୟ ଏହି ଗତି, ଏହି ସ୍ପନ୍ଦନମୟତା, ଏହି କ୍ରିୟା ଓ ଏହି ବିସୃଷ୍ଟି ଭିତରେ ଆମେ ଯାହାକିଛି ଦେଖୁଛୁ, ତାହା ହେଉଛି କେବଳ ବ୍ରହ୍ମ ବ୍ୟତୀତ ଆଉ କିଛି ନୁହେଁ । ସମ୍ଭୂତି ହେଉଛି ସତ୍ତ୍ୱର ଏକ ସଞ୍ଚରଣ ବା ଗତିସ୍ପନ୍ଦନ, କାଳ ହେଉଛି ପରମ କାଳାତୀତର ଏକ ପରିପ୍ରକାଶ । ସବୁ ହେଉଛି ସେହି ଏକ ଓ ଅଦ୍ୱିତୀୟ ପରମସତ୍ତ୍ୱ, ସେହି ଏକ ଓ ଅଦ୍ୱିତୀୟ ପରମଚେତନା । ଅନନ୍ତ ବିବିଧ ରୂପରେ ଉଛୁଳି ଉଠୁଥିଲେ ମଧ୍ୟ ସେ ହେଉଛନ୍ତି ଏକ ଓ ଅଦ୍ୱିତୀୟ । ଏବଂ ସେହି ଅଦ୍ୱିତୀୟ ପରମ ସତ୍ୟକୁ ବିଶ୍ୱାତୀତ ସତ୍ୟ ଓ ବିଶ୍ୱଗତ ଅସତ୍ୟମୂଳ ମାୟା ଏପରି ଦୁଇଖଣ୍ଡରେ ବିଭକ୍ତ କରି ଗୋଟିଏ ଖଣ୍ଡକୁ ଅନ୍ୟଟିର ବିରୋଧୀ ବୋଲି ଦେଖାଇବା ଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ ।

ଶଙ୍କରାଚାର୍ଯ୍ୟଙ୍କର ଦର୍ଶନରେ ଅନେକ ସମୟରେ ଗୋଟାଏ ଦ୍ୱନ୍ଦ୍ୱ ରହିଥିବା ପରି ମନେ ହୋଇଥାଏ । ଏକ ବିରୋଧ ରହିଥିବା ପରି ଅନୁଭୂତ ହୁଏ, ଯାହାକୁ କି ତାଙ୍କର ପ୍ରଖରଶକ୍ତି ମସ୍ତିଷ୍କ ପରିପୂର୍ଣ୍ଣ ଶକ୍ତିମତ୍ତା ସହକାରେ ବଖାଣି ପାରିଛି ଓ ଅଦ୍ଭୁତ ବ୍ୟୁତ୍ପତ୍ତିର ସହିତ ସୁସଙ୍ଗତ ଭାବରେ ଦେଖାଇ ଦେଇଛି, ମାତ୍ର ତାହାର କୌଣସି ଚୂଡ଼ାନ୍ତ ସମାଧାନ ଦେଇ ନାହିଁ । ଗୋଟିଏ ପାଖରେ ଶଙ୍କର ଏକ ବୋଧିର ଉଲ୍ଲେଖ କରିଛନ୍ତି ଯାହାକି ଏକ ନିର୍ବିଶେଷ ଓ ବିଶ୍ୱାତୀତ ଅନ୍ତରତମ ପରମସତ୍ୟର ଉପସ୍ଥିତିକୁ ନିବିଡ଼ ଭାବରେ ଅନୁଭବ କରିଥାଏ, ଏବଂ ଅନ୍ୟପାଖରେ ଏକ ତୀକ୍ଷ୍ଣ ବୁଦ୍ଧିଗତ

'oaob.nitrkl.ac.in' images reprocessed

ବିବେଚନାଶକ୍ତିକୁ ସ୍ୱୀକାର କରିଛନ୍ତି ଯାହାଙ୍କ ଏକ ସୂକ୍ଷ୍ମ ଓ ଶକ୍ତିଶାଳୀ ମସ୍ତିଷ୍କଗତ ବୁଦ୍ଧିଦ୍ୱାରା ଜଗତର ଅବଲୋକନ କରିବାରେ ଲାଗିଛି । ଶଙ୍କରଙ୍କ ବୁଦ୍ଧି କେବଳ ବୁଦ୍ଧିଗତ ବୋଧ ଦେଇ ପ୍ରାତିଭାସିକ ଜଗତର ଅବଲୋକନ କରୁଛି; ଏଠାରେ ଏହି ବୁଦ୍ଧିଗତ ବୋଧହିଁ ବିଚାରକ ଓ ମୀମାଂସକର କାର୍ଯ୍ୟ କରୁଛି ଏବଂ ବୁଦ୍ଧିର ଅତୀତ କୌଣସି ପ୍ରାମାଣିକତା ଲାଗି ଏଠାରେ କୌଣସି ପ୍ରବେଶାଧିକାର ବା କର୍ତ୍ତୃତ୍ୱ ନାହିଁ । ମାତ୍ର ପ୍ରାତିଭାସିକ ଜଗତର ପଛରେ ଏକ ବିଶ୍ୱାତୀତ ପରମସତ୍ୟ ବିରାଜମାନ ରହିଛନ୍ତି, କେବଳ ବୋଧିହିଁ ଯାହାଙ୍କୁ ଦେଖିବାକୁ ସମର୍ଥ ହୋଇପାରିବ । ସେଠାରେ ବୋଧିଗତ ଅନୁଭୂତିର କ୍ଷେତ୍ରରେ ବୁଦ୍ଧିଗତ ବୋଧର, ବା ଅନ୍ତତଃ ବିଭେଦଧର୍ମୀ ସୀମାବଦ୍ଧ ବୋଧର କୌଣସି ସାମର୍ଥ୍ୟ ରହିବ ନାହିଁ । ବୁଦ୍ଧିଗତ ବୋଧ ପ୍ରାତିଭାସିକ ଜଗତ ଓ ବିଶ୍ୱାତୀତ ପରମସତ୍ତା ମଧ୍ୟରେ କୌଣସି ପ୍ରକାର ସମ୍ବନ୍ଧ ସ୍ଥାପନ କରିବାକୁ ବି ସମର୍ଥ ହେବ ନାହିଁ, ତେଣୁ ତାହାପକ୍ଷରେ ବିଶ୍ୱର ରହସ୍ୟଟି ଭିତରେ କୌଣସି ବାଟ ପାଇବା ସମ୍ଭବ ହେବ ନାହିଁ । ବୁଦ୍ଧିଗତ ବୋଧ ପ୍ରାତିଭାସିକ ଅସ୍ତିତ୍ୱକ୍ଷେତ୍ରର ସତ୍ୟଟିକୁ ପ୍ରତିଷ୍ଠିତ କରୁଥିବ, ଏହାର ସତ୍ୟଗୁଡ଼ିକୁ ପ୍ରାମାଣିକ ବୋଲି ପ୍ରତିଷ୍ଠିତ କରୁଥିବ; ମାତ୍ର କେବଳ ସେହି ପ୍ରାତିଭାସିକ ଅସ୍ତିତ୍ୱର ସୀମାଭିତରେହିଁ ସେହି ସତ୍ୟଗୁଡ଼ିକର ପ୍ରାମାଣିକତା ରହିଥିବ । ଏହି ପ୍ରାତିଭାସିକ ଅସ୍ତିତ୍ୱ ହେଉଛି ଏକ ସତ୍ୟମୟ ଅସ୍ତିତ୍ୱ, କାରଣ ଏହା ହେଉଛି ଶାଶ୍ୱତ ପରମ ଅସ୍ତିତ୍ୱ ତଥା ପରମସତ୍ୟଙ୍କର ଏକ କାଳଭୂମିଗତ ପ୍ରତିଭାସ । ମାତ୍ର ଏହାକୁ ସ୍ୱୟଂ ସେହି ସତ୍ୟ ବୋଲି କଦାପି କୁହାଯାଇ ପାରିବ ନାହିଁ; ଏବଂ ଯେତେବେଳେ ଆମେ ପ୍ରତିଭାସର ସୀମାଟିକୁ ଅତିକ୍ରମ କରି ପରମସତ୍ୟର ଭୂମିକୁ ଚାଲିଯାଇ ପାରିବା, ସେତେବେଳେ ପ୍ରତିଭାସମୟ ଜଗତର ଏକ ଅବସ୍ଥିତି ରହିଥିବ ସତ, ମାତ୍ର ଆମର ଚେତନା ସକାଶେ ତାହାର ଆଉ କୌଣସି ପ୍ରାମାଣିକତା ନଥିବ, ତେଣୁ ସେତେବେଳେ ତାହା ଅସତ୍ୟ ବୋଲି ସାବ୍ୟସ୍ତ ହେବ । ଆମର ମନଶ୍ଚେତନା ଯେତେବେଳେ ଅସ୍ତିତ୍ୱର ଏହି ଦୁଇଟିଯାକ ପାଖକୁ ଜାଣିବାକୁ ପାଏ ଓ ଦୁହିଁଙ୍କ ମଝିରେ ଦଣ୍ଡାୟମାନ ରହିଥାଏ, ସେତେବେଳେ ଏହି ବିରୋଧଟି ତାହାକୁ ଅତି ସ୍ୱାଭାବିକ ପରି ଦିଶିଥାଏ । ଶଙ୍କର ଏହି ବିରୋଧଟିର ଆଲୋଚନା କରିଛନ୍ତି ଏବଂ ବୁଦ୍ଧିକୁ ତାହାର ନିର୍ଦ୍ଦିଷ୍ଟ ସୀମାଗୁଡ଼ିକୁ ସ୍ୱୀକାର କରିବାକୁ ବାଧ୍ୟ କରି ଏହାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ଆପଣା ବିଷୟଗତ କ୍ଷେତ୍ରର ଏହି ସୀମାଗୁଡ଼ିକ ମଧ୍ୟରେ ବୁଦ୍ଧି ଆପଣାର ଅବ୍ୟାହତ କର୍ତ୍ତୃତ୍ୱଟି ସହିତ ବିଚରଣ କରୁଥାଏ । ବିଶ୍ୱାତୀତ ପରମସତ୍ୟଙ୍କୁ ବୋଧିଦ୍ୱାରା ଅନୁଭବ କରିବା ଲାଗି କେବଳ ଆତ୍ମାରହିଁ ଅଧିକାର ରହିଛି, ଶଙ୍କର ବୁଦ୍ଧିଦ୍ୱାରା ଏହି ସତ୍ୟଟିକୁ ସ୍ୱୀକାର କରାଇଛନ୍ତି । ପୁଣି, ମାୟାଦ୍ୱାରା ରଚିତ ଓ କଳ୍ପିତ ମାନସିକ ସଂକୀର୍ଣ୍ଣ ସଂସ୍କାରର ଯାବତୀୟ ବନ୍ଧନକୁ କାଟିଦେଇ ଆତ୍ମାକୁ ଏକ ନିଷ୍କ୍ରମଣର ପଥ ଯେ ଖୋଜି ବାହାରି

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ, ସେ ମନକୁ ଏହାର ସମର୍ଥନ କରିବାକୁ ବାଧ୍ୟ କରିଛନ୍ତି । ମନ ତର୍କମାର୍ଗରେହିଁ ଆପଣାର ଏହି ସମର୍ଥନ ଜଣାଉଥିବ, ଏବଂ ବସ୍ତୁଗୁଡ଼ିକୁ ଦେଇ ଗଢ଼ାହୋଇଥିବା ଏହି ବିଶ୍ୱର ପ୍ରାତିଭାସିକ ଓ ବୌଦ୍ଧିକ-ବ୍ୟାବହାରିକ ସୌଧଟିକୁ ଚୂର୍ଣ୍ଣ କରିଦେଇହିଁ ସେହି ତର୍କମାର୍ଗ ଆପଣାର ଚରମ ସାର୍ଥକତା ଲାଭ କରିବ । ସୂକ୍ଷ୍ମ ଓ ଅତିଗଭୀର ଶଙ୍କରଦର୍ଶନର ନାନାବିଧ ବ୍ୟାଖ୍ୟା କରାଯାଇଥିଲେ ମଧ୍ୟ ଆମର ବୁଝିବା ଅନୁସାରେ ଆମେ ସେହି ବିଷୟରେ ଏକଥା କହିପାରିବା ଯେ ଶଙ୍କର ଏକପକ୍ଷରେ ଏକ ଶାଶ୍ୱତ, ସ୍ୱୟମ୍ଭୂ ଏବଂ ପରିବର୍ତ୍ତନରହିତ ପରମ ବିଶ୍ୱାତୀତତାର କଳ୍ପନା କରିଛନ୍ତି ଏବଂ ଅପର ପକ୍ଷରେ କେବଳ ଏକ ପ୍ରାତିଭାସିକ ଓ କାଳାଶ୍ରିତ ଜଗତର କଳ୍ପନା କରି ତାହାରି ସାହାଯ୍ୟରେ ବିଶ୍ୱସୃଷ୍ଟିର ବ୍ୟାଖ୍ୟା କରିଛନ୍ତି । ପ୍ରାତିଭାସିକ ଜଗତ ଲାଗି ଶାଶ୍ୱତ ପରମସତ୍ୟ ପରମ ଆତ୍ମା ଓ ଈଶ୍ୱରରୂପେ ପ୍ରତିଭାତ ହୁଅନ୍ତି । ଆପଣାର ମାୟା ଅର୍ଥାତ୍ ପ୍ରତିଭାସସୃଷ୍ଟିର ଶକ୍ତିବଳରେ ଈଶ୍ୱର କାଳର ଅଧୀନ ଏକ ବ୍ୟାପାରରୂପେ ଏହି ଜଗତର ବି ରଚନା କରନ୍ତି, ଏବଂ ବିଶୁଦ୍ଧ ପରମସତ୍ୟ ମଧ୍ୟରେ କୌଣସି ଅସ୍ତିତ୍ୱ ନଥିବା ବସ୍ତୁଗୁଡ଼ିକର ଏହି ପ୍ରତିଭାସସମାହାରଟି ମାୟାଦ୍ୱାରା ଆମର ଇନ୍ଦ୍ରିୟଗତ କଳନା ଓ ଅବଧାରଣାର ମଧ୍ୟଦେଇ ଅତିଚେତନ ଓ ଶୁଦ୍ଧ ଆତ୍ମଜ୍ଞାନସମର୍ଥ ପରମସତ୍ୟ ଉପରେ ଆସି ଆରୋପିତ ହୋଇଯାଏ । ପରମ-ସତ୍ୟରୂପୀ ବ୍ରହ୍ମ ପ୍ରାତିଭାସିକ ଅସ୍ତିତ୍ୱର ଭୂମି ଉପରେ ଜୀବନଧାରୀ ବ୍ୟକ୍ତିସତ୍ତା ମଧ୍ୟରେ ଅବସ୍ଥିତ ଆତ୍ମାରୂପେ ପ୍ରତୀତ ହୁଅନ୍ତି । ମାତ୍ର ଯେତେବେଳେ ବୋଧିଗତ ଜ୍ଞାନସଞ୍ଚାର ଦ୍ୱାରା ବ୍ୟକ୍ତିସତ୍ତାର ବ୍ୟକ୍ତିସତ୍ତାହିଁ ବିଲୁପ୍ତ ହୋଇଯାଏ, ସେତେବେଳେ ପ୍ରାତିଭାସିକ ସତ୍ତା ଆତ୍ମସତ୍ତାରୂପେ ମୁକ୍ତିଲାଭ କରେ । ସେତେବେଳେ ଏହା ଆଉ ମାୟାର ଅଧୀନ ହୋଇ ରହେ ନାହିଁ, ଏବଂ ବ୍ୟକ୍ତିସତ୍ତାର ପ୍ରତୀତି ଭିତରୁ ମୁକ୍ତ ହୋଇ ତାହା ସେହି ପରମସତ୍ୟରେହିଁ ଲୀନ ହୋଇଯାଏ । ମାତ୍ର ତଥାପି ଆଦ୍ୟନ୍ତ ଓ ଅନନ୍ତ ଭାବରେ ଜଗତ ସେହିଭଳି ବର୍ତ୍ତି ରହିଥାଏ, ଈଶ୍ୱରଙ୍କର ମାୟାମୟ ସୃଷ୍ଟିରୂପେ ଏହା ଅବସ୍ଥିତ ରହିଥାଏ ।

ଏହି ବ୍ୟବସ୍ଥାଟି ଏକ ପକ୍ଷରେ ଅଧ୍ୟାତ୍ମଭୂମିଗତ ବୋଧି ଓ ଅନ୍ୟପକ୍ଷରେ ଇନ୍ଦ୍ରିୟଭୂମିଗତ ବୁଦ୍ଧିର ତଥ୍ୟଜଗତ ମଧ୍ୟରେ ଏକ ପାରସ୍ପରିକ ସମ୍ବନ୍ଧ ସ୍ଥାପନ କରି ରଖିବାର ପ୍ରୟାସ କରିଥାଏ, ଏବଂ ଦୁଇଟି ମଧ୍ୟରେ ରହିଥିବା ବିରୋଧଟି ମଧ୍ୟରୁ ବାହାରିବା ପାଇଁ ଆମ ଲାଗି ଏକ ଆଧ୍ୟାତ୍ମିକ ଅଥଚ ବ୍ୟାବହାରିକ ପଥ ମଧ୍ୟ ଉନ୍ମୋଚିତ କରି ଦେଇଥାଏ । ମାତ୍ର ଏଥିରୁ ଆମକୁ ଆଦୌ କୌଣସି ସମାଧାନ ମିଳେ ନାହିଁ, ଏହା ବିରୋଧଟିର କୌଣସି ଯଥାର୍ଥ ସମାଧାନ କରିପାରେ ନାହିଁ । ମାୟା ସତ୍ୟ, ପୁଣି ଅସତ୍ୟ; ଏହି ଜଗତ ମଧ୍ୟ ଭୁଲ୍ଟା ଏକ ମିଥ୍ୟା କମ୍ବା ମାୟା ନୁହେଁ, କାରଣ ଏହାର ଏକ ଅସ୍ତିତ୍ୱ ରହିଛି, ଓ କାଳର ଭୂମି ଉପରେ ଏକ ସତ୍ୟତା ମଧ୍ୟ ରହିଛି; ମାତ୍ର

'oaob.nitrkl.ac.in' images reprocessed

ପରିଶେଷରେ ଓ ବିଶ୍ୱାତୀତ ଭୂମି ଉପରେ ଏହା ଅସତ୍ୟ ବୋଲିହିଁ ପ୍ରତିପାଦିତ ହୋଇଥାଏ । ଏହି ବ୍ୟାଖ୍ୟାରୁ ଯେଉଁ ଦ୍ୱିଧାର ସୃଷ୍ଟି ହୋଇଥାଏ, ତାହା ସ୍ୱର୍ଗମାନଙ୍କୁ ଲଙ୍ଘନ କରି ଆଉ କେତେଆଡ଼କୁ ମଧ୍ୟ ବିସ୍ତୃତ ହୋଇଯାଏ, ଏବଂ କେବଳ ବିଶୁଦ୍ଧ ଆତ୍ମସତ୍ତା ବ୍ୟତୀତ ଆଉ ଯାହାକିଛି ରହିଛି, ସେଗୁଡ଼ିକୁ ମଧ୍ୟ ସ୍ପର୍ଶ କରିଥାଏ । ଏହିପରି ଭାବରେ ଯେଉଁ ଈଶ୍ୱର ସ୍ୱୟଂ ମାୟାଜାଲରେ ଛନ୍ଦି ହୋଇଯାଆନ୍ତି ନାହିଁ ଓ ନିଜେ ମାୟାକୁ ସୃଷ୍ଟି କରିଥା'ନ୍ତି, ସିଏ ନିଜେ ମଧ୍ୟ ଆଉ ପରମସତ୍ୟରୂପେ ଦେଖାନଯାଇ ବ୍ରହ୍ମର ଏକ ପ୍ରତିଭାସରୂପେ ପ୍ରତୀତ ହୁଅନ୍ତି । ସେ ସୃଷ୍ଟି କରିଥିବା କେବଳ ଏହି କାଳଗତ ଜଗତର ଭୂମି ଉପରେହିଁ ସେ ଏକ ସତ୍ୟ ହୋଇ ରହନ୍ତି । ଏହି କ୍ଷେତ୍ରରେ ବ୍ୟକ୍ତିସତ୍ତା ମଧ୍ୟ ଏହିଭଳି ଏକ ଦ୍ୱିବିଧ ପ୍ରକୃତି ଧାରଣ କରେ । ଯଦି ମାୟାର ସକଳ କାର୍ଯ୍ୟକାରିତା ଓ କ୍ରିୟାଶୀଳତା ଏକାବେଳକେ ବନ୍ଦ ହୋଇ-ଯାଆନ୍ତା, ତେବେ ଈଶ୍ୱର, ଜଗତ ଓ ବ୍ୟକ୍ତିସ୍ୱଭାବାପନ୍ନ ଜୀବସତ୍ତାର ମଧ୍ୟ କୌଣସି ଅସ୍ତିତ୍ୱ ରହନ୍ତା ନାହିଁ । ମାତ୍ର ମାୟା ହେଉଛି ଅନନ୍ତକାଳସ୍ଥାୟୀ, ଈଶ୍ୱର ଓ ଜଗତ ମଧ୍ୟ କାଳର ଭୂମି ଉପରେ ଶାଶ୍ୱତ ଭାବରେ ଅବସ୍ଥାନ କରୁଛନ୍ତି, ଆତ୍ମଜ୍ଞାନର ଉପଲବ୍ଧି ଦ୍ୱାରା ଆପଣାକୁ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ନକରିଦେବା ପର୍ଯ୍ୟନ୍ତ ବ୍ୟକ୍ତିସତ୍ତା ମଧ୍ୟ ସ୍ଥାୟୀ ହୋଇ ରହିଛି । ଏହିସବୁ ଅନୁମାନ ଉପରେ ଆମର ଭାବନାରେ ଆମେ ଯେଉଁ ନିଷ୍କର୍ଷରେ ଆସି ପହଞ୍ଚିଥିବା, ତାହାକୁ ଅବଶେଷରେ ଏପରି ଏକ ଅନିର୍ବଚନୀୟ ଓ ବୁଦ୍ଧିର ଅଗମ୍ୟ ରହସ୍ୟର କଳ୍ପନା ମଧ୍ୟରେ ଆସି ଆଶ୍ରୟ ଗ୍ରହଣ କରିବାକୁ ପଡ଼ିବ, ବୁଦ୍ଧି ଯାହାର କି କୌଣସି ସମାଧାନ ଖୋଜି ପାଇବ ନାହିଁ । ମାତ୍ର, ଏହି ଦ୍ୱିଧାଟିର ସମ୍ମୁଖୀନ ହୋଇ ସୃଷ୍ଟିର ଆଦି ଓ ବିସ୍ତରର ପ୍ରାନ୍ତବିନ୍ଦୁରେ ସକଳ ସମାଧାନକୁ ପ୍ରତିହତ କରୁଥିବା ଏକ ରହସ୍ୟକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇ ଆମେ ସତେଅବା କେଉଁଠି ଏକ ସଂଯୋଗସୂତ୍ର ବା ଖିଅ ଛିଣ୍ଡି ହୋଇଗଲା ବୋଲି ଆଶଙ୍କା କରିବାକୁ ଆରମ୍ଭ କରୁ । ସ୍ୱୟଂ ଈଶ୍ୱର ମାୟାର ଏକ ପ୍ରତିଭାସ ନୁହନ୍ତି, ସେ ସତ୍ୟ । ତେଣୁ ସେ ଅବଶ୍ୟ ପରମ ବିଶ୍ୱୋତ୍ତୀର୍ଣ୍ଣ ସତ୍ୟରହିଁ ଏକ ପ୍ରକାଶରୂପ ହୋଇଥିବେ; ଅଥବା ସେ ସ୍ୱୟଂ ସେହି ପରମ ବିଶ୍ୱୋତ୍ତୀର୍ଣ୍ଣ ସତ୍ତା ହୋଇଥିବେ, ଏବଂ ତାଙ୍କରି ଆପଣା ସତ୍ତାରେହିଁ ପ୍ରକାଶିତ ହେଉଥିବା ଏକ ବିଶ୍ୱଜଗତକୁ ଆତଯାତ କରୁଥିବେ । ଏହି ବିଶ୍ୱଜଗତ ଯଦି ଆଦୌ ସତ୍ୟ ହୋଇଥାଏ, ତେବେ ତାହା ମଧ୍ୟ ଅବଶ୍ୟ ସେହି ପରମ ବିଶ୍ୱୋତ୍ତୀର୍ଣ୍ଣତାରହିଁ ପରିପ୍ରକାଶ ହୋଇଥିବ; କାରଣ କେବଳ ତାଙ୍କରିଠାରେହିଁ ସତ୍ୟ ସମ୍ଭବ ହୋଇପାରିବ । ଯଦି ବ୍ୟକ୍ତିଠାରେ ଆପଣାକୁ ଆବିଷ୍କାର କରିବାର ଓ ବିଶ୍ୱାତୀତ ଶାଶ୍ୱତତା ମଧ୍ୟରେ ପ୍ରବେଶ କରିବାର ଶକ୍ତି ପ୍ରକୃତରେ ରହିଛି ଏବଂ ଯଦି ତା'ର ବନ୍ଧନମୁକ୍ତ ହେବାର ପ୍ରକୃତରେ ଏତେବେଶୀ ମହତ୍ତ୍ୱ ରହିଛି ତେବେ ସିଏ ମଧ୍ୟ ଆପଣା ଭିତରେ ପରମ ବିଶ୍ୱାତୀତଙ୍କର ସତ୍ୟଟିକୁ

'oaob.nitrkl.ac.in' images reprocessed

ବନ୍ଧନ କରୁଥିବାରୁ ତାହା ସମ୍ଭବ ହେଉଛି । ସେ ଜଣେ ବ୍ୟକ୍ତି ହିସାବରେହିଁ ଆପଣାକୁ ଆବିଷ୍କାର କରିବ, କାରଣ ତା'ର ବ୍ୟକ୍ତିସତ୍ତ୍ୱଟିର କୌଣସି ସତ୍ୟ ମଧ୍ୟ ପରମ ବିଶ୍ୱାତୀତ ମଧ୍ୟରେ ନିବଦ୍ଧ ହୋଇ ରହିଛି । ସେହି ସତ୍ୟଟି ସତେଅବା ଏକ ଆବରଣ ହେତୁ ତା'ଠାରୁ ଅନ୍ତରାଳ ହୋଇ ରହିଛି ଏବଂ ତାହାକୁ ସେହି ସତ୍ୟଟିର ଆବିଷ୍କାର କରିବାକୁ ପଡ଼ିବ । ତେଣୁ ବସ୍ତୁତଃ ଏକ ଭ୍ରମ, ବ୍ୟକ୍ତିସତ୍ତା ଦ୍ୱାରା କିମ୍ବା ବିଶ୍ୱଜଗତର ଅସ୍ତିତ୍ୱ ଭିତରେ ରହିଥିବା କୌଣସି ଅଲୀକ କଳ୍ପନାକୁ ଜୟ କରିବାକୁ ପଡ଼ିବ ନାହିଁ, ଆତ୍ମା ଓ ଜଗତ ସମ୍ବନ୍ଧରେ ରହିଥିବା ଅଜ୍ଞାନକୁହିଁ ଲଂଘିବାକୁ ପଡ଼ିବ ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଉଛି ଯେ ପରମ ବିଶ୍ୱାତୀତ ସତ୍ୟଟି ଯେପରି ସକଳ ବୁଦ୍ଧିର ଅତୀତ ହୋଇ ରହିଛି ଓ କେବଳ ଏକ ବୋଧିଗତ ଅନୁଭୂତି ଓ ଉପଲବ୍ଧି ଦ୍ୱାରା ଯେପରି ତାହାକୁ ଅଧିଗମି ପାରିବା ସମ୍ଭବ ହେବ, ସେହିପରି ବିଶ୍ୱର ରହସ୍ୟଟି ମଧ୍ୟ ସକଳ ବୁଦ୍ଧିର ଅତୀତ ହୋଇ ରହିଛି । ତାହା କେବଳ ଏହିପରି ହେବାକୁ ବାଧ୍ୟ, କାରଣ ତାହା ହେଉଛି ବିଶ୍ୱାତୀତ ପରମସତ୍ତ୍ୱରହିଁ ଏକ ବ୍ୟାପାର । ଏବଂ ସେପରି ନହୋଇ ଯଦି ତାହା ଆଉକିଛି ହୋଇଥା'ନ୍ତା, ତେବେ ବୁଦ୍ଧିଗତ ବୋଧଦ୍ୱାରା ଆମକୁ ତାହାର ସମାଧାନ ଅବଶ୍ୟ ମିଳି ପାରୁଥା'ନ୍ତା । ମାତ୍ର ଯଦି ଏହା ବିଶ୍ୱାତୀତ ପରମସତ୍ତ୍ୱରହିଁ ଏକ ବ୍ୟାପାର ହୋଇଥାଏ, ତେବେ ମଝିରେ ରହିଥିବା ବ୍ୟବଧାନଟିକୁ ପାରହୋଇ ବିଶ୍ୱରହସ୍ୟକୁ ଭେଦ କରିପାରିବା ସକାଶେ ଆମକୁ ବୁଦ୍ଧିର ସୀମାକୁ ମଧ୍ୟ ପାରହୋଇ ଯିବାକୁ ପଡ଼ିବ । ସମାଧାନର ନାମରେ ଏକ ଅସମାହିତ ପରସ୍ପରବିରୋଧିତାକୁ ଦେଖାଇଦେଲେ ସେଥିରୁ ଚୂଡ଼ାନ୍ତ ସମାଧାନ ମିଳିବ ନାହିଁ । ଆମର ବୁଦ୍ଧିଗତ ବିଗ୍ରହବୃତ୍ତିଟାହିଁ ବ୍ରହ୍ମ, ଆତ୍ମା, ଈଶ୍ୱର, ବ୍ୟକ୍ତିସତ୍ତା, ପରମ ଚେତନା ବା ଅଚେତନା ଓ ମାୟାମୟ ବିଶ୍ୱଚେତନାର ସମସ୍ତ କଳ୍ପନା-ଗୁଡ଼ିକ ମଧ୍ୟରେ ବିରୋଧ ଏବଂ ବିଭାଗ ସୃଷ୍ଟି କରି ସେହି ଆପାତ ବିରୋଧକୁ ଆକାର ଦିଏ ଓ ତାହାକୁ ଚିରସ୍ଥାୟୀ କରି ରଖିବାକୁ ଚାହେଁ । ଯଦି କେବଳ ବ୍ରହ୍ମହିଁ ରହିଛନ୍ତି, ତେବେ ଏସବୁ ମଧ୍ୟ କେବଳ ତାଙ୍କର ବ୍ୟତୀତ ଆଉ କିଛି ନୁହେଁ, ଏବଂ ବ୍ରହ୍ମଚେତନାର ଭୂମି ଉପରେ ଏହିସବୁ କଳ୍ପନାର ଯାବତୀୟ ବିଭାଜନ ଏକ ସମନ୍ୱୟକାରୀ ଆତ୍ମଦୃଷ୍ଟି ମଧ୍ୟରେହିଁ ଅନ୍ତର୍ହିତ ହୋଇଯିବାକୁହିଁ ବାଧ୍ୟ ହେବ । ମାତ୍ର କେବଳ ବୁଦ୍ଧିଗତ ବିଗ୍ରହବୃତ୍ତିଟିର ସୀମାତିକ୍ରମ କରିପାରିଲେ ଯାଇ ଆମେ ସେଗୁଡ଼ିକର ଯଥାର୍ଥ ଏକତ୍ୱରେ ଯାଇ ଉପନୀତ ହୋଇପାରିବା; ଆଧ୍ୟାତ୍ମିକ ଅନୁଭୂତି ଦ୍ୱାରା ସେଗୁଡ଼ିକ କେଉଁଠାରେ ପରସ୍ପର ସହିତ ସଂଯୁକ୍ତ ହୋଇ ଏକ ହୋଇ ଯାଉଛନ୍ତି ଏବଂ ସେମାନଙ୍କର ଆପାତ ବହୁମୁଖିନତାର ଯଥାର୍ଥ ଆଧ୍ୟାତ୍ମିକ ସତ୍ୟଟି କ'ଣ, ତାହା ଦେଖିବାକୁ ସମର୍ଥ ହେଲେ ଯାଇ ଆମେ ସେଗୁଡ଼ିକର ଏକତ୍ୱରେ ଯାଇ

'oaob.nitrkl.ac.in' images reprocessed

ପହଞ୍ଚିପାରିବା । ବସ୍ତୁତଃ, ବ୍ରହ୍ମଚେତନାର ପର୍ଯ୍ୟାୟରେ ବହୁମୁଖିନତାଗୁଡ଼ିକ ଆଦୌ ତିଷ୍ଠି ରହିପାରିବେ ନାହିଁ, ସେହି କ୍ଷେତ୍ରରେ ଆମର ଉପଗତ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକ ଏକ ହୋଇ ପରସ୍ପର ସହିତ ସଂଯୁକ୍ତ ହେବାକୁ ବାଧ୍ୟ ହେବେ । ବୁଦ୍ଧିଗତ ବିସ୍ତୃରଣା ଦେଇ ସୃଷ୍ଟି କରାଯାଇଥିବା ଶାସ୍ତ୍ରଗୁଡ଼ାକ ହୁଏତ ଗୋଟିଏ ଗୋଟିଏ ସତ୍ୟର ଅବତାରଣା କରିପାରନ୍ତି, ମାତ୍ର ସେତେବେଳେ ତାହା କେବଳ ଏକ ବହୁତ୍ୱାସ୍ଥିତ ପରମ ଏକତ୍ୱରହିଁ ସତ୍ୟ ହେବାକୁ ବାଧ୍ୟ ହେବ । ଜଗତ କହିଲେ ଆମ ମନ ଓ ଇନ୍ଦ୍ରିୟଗୁଡ଼ିକ ବହନ କରି ଆଣୁଥିବା ତଥ୍ୟଗୁଡ଼ିକର ମାଧ୍ୟମରେ ଆମେ ଯେପରି ଏକ ଧାରଣା କରିଥାଉ, ତାହାକୁ ଜାଣିବା ସକାଶେ ବୁଦ୍ଧ ଆପଣାର ତୀକ୍ଷ୍ଣ ତର୍କବୁଦ୍ଧିର ପ୍ରୟୋଗ କରିଥିଲେ ଏବଂ ସେଥିରେ ଏକ ବୋଧିଗତ ଅନ୍ତର୍ଦୃଷ୍ଟିକୁ ମଧ୍ୟ ସହାୟକରୂପେ ଗ୍ରହଣ କରିଥିଲେ । ଏହି ବାଟରେ ଯାଇ ସେ ଏହି ବିଶ୍ୱରଚନାର ମୂଳନୀତିଟିକୁ ଆବିଷ୍କାର କରିଥିଲେ, ଏବଂ ସକଳପ୍ରକାର ରଚନାର ଜାଲ ଭିତରୁ ନିଷ୍କୃତି ପାଇବାର ବାଟ ମଧ୍ୟ ବାହାର କରିଥିଲେ, ମାତ୍ର ସେଠାରୁ ଆଉ ଆଗକୁ ଯିବାଲାଗି ଇଚ୍ଛା କଲେ ନାହିଁ । ଶଙ୍କର ଆସି ପରବର୍ତ୍ତୀ ସୋପାନଟିକୁ ପାଦ ପକାଇଥିଲେ ଏବଂ ବୁଦ୍ଧିର ଅତୀତ ସେହି ପରମ ସତ୍ୟ ଉପରେ ଦୃଷ୍ଟିପାତ କରିଥିଲେ । ଏଇଟିକୁ ବୁଦ୍ଧ ପରଦାର ଅନ୍ତରାଳରେ ରଖିଯାଇଥିଲେ, ଚେତନାର ଯାବତୀୟ ରଚନାଜାଲକୁ କାଟିଦେଇପାରିଲେ ଯାଇ ତାହାର ଉପଲବ୍ଧି ସମ୍ଭବ ହେବ ବୋଲି ସୂଚନା ଦେଇଥିଲେ, ମାତ୍ର ତାହାକୁ ତର୍କବିସ୍ତୃରଣାର ପରିଧିଗୁଡ଼ିକର ବାହାରେ ବୋଲି ଘୋଷଣା କରିଥିଲେ । ଆପଣାକୁ ଗୋଟିଏ ପାଖରେ ଏହି ଜଗତ ଓ ଅନ୍ୟପାଖରେ ଶାଶ୍ୱତ ପରମସତ୍ତାର ମଝିରେ ଉପସ୍ଥାପିତ କରାଇ ଶଙ୍କର ବେଶ୍ ଦେଖିପାରିଥିଲେ ଯେ ଜଗତର ରହସ୍ୟଟିକୁ ମଧ୍ୟ ପରିଣାମତଃ ବୁଦ୍ଧିର ଅତୀତ ହେବାକୁ ପଡ଼ିବ, ଆମର ବୁଦ୍ଧିଗତ ବିସ୍ତୃରଦ୍ୱାରା ତାହାର କଳ୍ପନା କରିହେବ ନାହିଁ କିମ୍ବା ପ୍ରକାଶ କରାଯାଇ ପାରିବ ନାହିଁ, ତାହା ଅନିର୍ବଚନୀୟ ହୋଇ ରହିବ । ମାତ୍ର ସେ ବୁଦ୍ଧି ତଥା ଇନ୍ଦ୍ରିୟଦ୍ୱାରା ଗୋଚର ଜଗତଟି ଭିତରେ ବି ଏକ ପ୍ରାମାଣିକତା ରହିଛି ବୋଲି ଘୋଷଣା କରିଥିଲେ, ଏବଂ ସେହି କାରଣରୁ ଏକ ଅସତ୍ୟମୟ ସତ୍ୟର ଅବତାରଣା କରିବାକୁ ବାଧ୍ୟ ହେଲେ । କାରଣ ସେତିକିରୁ ଆଉ ପାଦେ ଆଗକୁ ଯିବାକୁ ସେ ପ୍ରସ୍ତୁତ ହେଲେ ନାହିଁ । କାରଣ ଜଗତର ଯଥାର୍ଥ ସତ୍ୟଟିକୁ ଜାଣିବାକୁ ହେଲେ ଅର୍ଥାତ୍ ତାହାର ମର୍ମପରିଚୟଟି ପାଇବାକୁ ହେଲେ ବୁଦ୍ଧିର ଅତୀତ ହୋଇ ଅବସ୍ଥିତ ରହିଥିବା ଏକ ଚେତନାର ଭୂମି ଉପରୁହିଁ ଜଗତ ଆଡ଼କୁ ଦୃଷ୍ଟିପାତ କରିବାକୁ ପଡ଼ିବ । ଯେଉଁ ପରମ ଅତିଚେତନା ଏହି ଜଗତର ସୀମାକୁ ଅତିକ୍ରମ କରି ରହିଛି, ଏହି ଜଗତର ଆଶ୍ରୟ ହୋଇ ରହିଛି, ଏବଂ ଏହି ଅତିକ୍ରମ କରିବା ଦ୍ୱାରାହିଁ ତାହାର ଯଥାର୍ଥ ସତ୍ୟଟି ଦେଇ ତାହାକୁ ଜାଣିବାକୁ ସମର୍ଥ ହେଉଛି,

'oaob.nitrkl.ac.in' images reprocessed

ସେହି ଅଧିଚେତନାର ଦୃଷ୍ଟିରେହିଁ ଦେଖିବାକୁ ପଡ଼ିବ । ଯେଉଁ ଚେତନାଟି ତାହାଦ୍ୱାରା ଆଶ୍ରିତ ହୋଇ ରହିଛି, ଯାହାର ସୀମାଗୁଡ଼ିକୁ ତାହା ଅତିକ୍ରମ କରି ଚାଲିଯାଇଛି ଏବଂ ତେଣୁ ତାହା ବିଷୟରେ ଯାହାର କୌଣସି ଜ୍ଞାନ ନାହିଁ କିମ୍ବା ଥିଲେ ମଧ୍ୟ ତାହାକୁ କେବଳ ବାହାରୁ ଯେପରି ଦେଖୁଛି, ଠିକ୍ ସେହିଭଳିହିଁ ଜାଣୁଛି, ସେହି ଚେତନାଟି ଦ୍ୱାରା ଆଉ କାମ ଚଳିବ ନାହିଁ । ଏକଥା କଦାପି ହୋଇପାରିବ ନାହିଁ ଯେ ସେହି ଆତ୍ମ-ସୃଜନଶୀଳ ଅଧିଚେତନାକୁ ମଧ୍ୟ ଏହି ଜଗତ କେବଳ ଏକ ଅବୋଧ୍ୟ ରହସ୍ୟ ବୋଲି ପ୍ରତୀତ ହେବ, କିମ୍ବା ତଥାପି ଏକ ସମ୍ପୂର୍ଣ୍ଣ ଭ୍ରମରେ ପରିଣତ ହୋଇନଥିବା ଏକ ଭ୍ରମପରି ଦେଖାଯିବ, ତଥାପି ଅସତ୍ୟରଞ୍ଜିତ ହୋଇ ରହିଥିବା ଏକ ସତ୍ୟ ପରି ବୋଧହେବ । ଆମେ ଯାହାକୁ ଜଗତର ରହସ୍ୟ ବୋଲି କହୁଛୁ, ପରମ ଦିବ୍ୟଦ୍ରଷ୍ଟାର ଦେଖିବାକୁ ତାହା ମଧ୍ୟରେ ଏକ ଦିବ୍ୟ ଭାବ ଅବଶ୍ୟ ନିହିତ ହୋଇ ରହିଥିବ । ଏହା ଭିତରେ ବିଶ୍ୱଗତ ସତ୍ତାର ଏକ ଅର୍ଥମୟତା ବା ଏକ ସତ୍ୟ ଅବଶ୍ୟ ନିହିତ ହୋଇ ରହିଥିବ, ପରମସତ୍ୟର ଆଖିକୁ ଯାହା ସୁନ୍ଦର ଓ ସ୍ପଷ୍ଟଭାବରେ ଦେଖା ଯାଉଥିବ । କାରଣ ସେହି ପରମସତ୍ୟହିଁ ତାକୁ ଆପଣାର ବିଶ୍ୱାତୀତ ଅଥଚ ବିଶ୍ୱାତ୍ମକ ଅଧିଚେତନା ଦ୍ୱାରା ଧାରଣ କରି ରଖିଛନ୍ତି ।

ଯଦି କେବଳ ପରମସତ୍ୟହିଁ ରହିଛି ଏବଂ ସବୁକିଛି ଯଦି କେବଳ ସେହି ପରମସତ୍ୟ ବ୍ୟତୀତ ଆଉ କିଛି ନୁହେଁ, ତେବେ ଏହି ଜଗତକୁ ମଧ୍ୟ ସେଥିରୁ କଦାପି ବହିର୍ଭୂତ କରି ରଖାଯାଇ ପାରିବ ନାହିଁ । ତେବେ ଏହି ଜଗତ ମଧ୍ୟ ସତ୍ୟ । ଆପଣାର ଆକାର ଓ ସାମର୍ଥ୍ୟଗୁଡ଼ିକରେ ଯଦି ଜଗତ ତା'ର ଯଥାର୍ଥ ମର୍ମସତ୍ୟଟିକୁ ଆମ ଆଗରେ ଉନ୍ମୁକ୍ତ କରି ଦେଉନଥାଏ, ଯଦି କେବଳ ଦେଶ ଓ କାଳର ଆୟତନ ଭିତରେ ଏହା କେବଳ ଏକ ଅବିରାମ ଅଥଚ ପରିବର୍ତ୍ତନମୟ ଗତିସ୍ପନ୍ଦନ ବୋଲି ପ୍ରତୀତ ହେଉଥାଏ, ତେବେ ତାହା ସତ୍ୟ ନୁହେଁ କିମ୍ବା ତାହା ଆଦୌ ସେହି ପରମ ତତ୍ତ୍ୱସ୍ୱରୂପ ନୁହେଁ ବୋଲି ଯେ ସେପରି ହେଉଛି ତା' ନୁହେଁ; ମାତ୍ର ଏହା ଆପଣାକୁ କ୍ରମଶଃ ପ୍ରକାଶିତ କରିବାରେ ଲାଗିଛି, ଏକ କ୍ରମପରିଣତିର ଧାରା ଅନୁସରଣ କରି ଏହା କାଳର ଭୂମି ଉପରେ ସେହି ପରମସତ୍ୟକୁ ରୂପାୟିତ ଓ କ୍ରମବିକଶିତ କରିବାରେ ଲାଗିଛି । ସେହି ବିକାଶପ୍ରକ୍ରିୟାର ସମଗ୍ର ଓ ମର୍ମଗତ ତାତ୍ପର୍ଯ୍ୟଟିକୁ ଦେଖି ପାରିବାକୁ ଆମର ଚେତନା ଏପର୍ଯ୍ୟନ୍ତ ଅସମର୍ଥ ହୋଇ ରହିଛି । ଏହି ଅର୍ଥରେ ଆମେ କହିପାରିବା ଯେ ଏହା ହେଉଛି ତତ୍ତ୍ୱସ୍ୱରୂପ ଓ ତତ୍ତ୍ୱସ୍ୱରୂପ ନୁହେଁ, କାରଣ ଆପଣା ଆତ୍ମ-ଅଭିବ୍ୟକ୍ତିର କୌଣସି ରୂପ କିମ୍ବା ରୂପଗତ ସମଷ୍ଟିଦ୍ୱାରା ଏହା ସମୁଦାୟ ସତ୍ୟଟିର ଉଦ୍‌ଘାଟନ କରିଦେଉ ନାହିଁ । ମାତ୍ର ତଥାପି ଏହାର ସକଳ ରୂପ ହେଉଛି କେବଳ ସେହି ପରମସତ୍ୟର ସତ୍ତା ଓ ଉପାଦାନରୁ ଉଦ୍‌ଭୂତ ହୋଇଥିବା ରୂପ ।

'oaob.nitrkl.ac.in' images reprocessed

ଆପଣାର ଆଧ୍ୟାତ୍ମିକ ସାରସତ୍ତାର ଭୂମି ଉପରେ ଅନନ୍ତବିଶିଷ୍ଟ ସକଳ ସତ୍ତା କେବଳ ସେହି ପରମ ଅନନ୍ତଙ୍କ ବ୍ୟତୀତ ଆଉ କିଛି ନୁହନ୍ତି; ଏବଂ ସେଗୁଡ଼ିକ ଉପରେ ଯଥେଷ୍ଟ ଗମ୍ଭୀର ଭାବରେ ଦୃଷ୍ଟିପାତ କଲେ ଆମର ବୋଧ ସମକ୍ଷରେ ଏକଥା ସ୍ପଷ୍ଟ ପ୍ରତିଭାତ ହୋଇପାରିବ ଯେ ସେଗୁଡ଼ିକୁ କେବଳ ସେହି ପରମ ଅଦ୍ୱିତୀୟ ଓ ଅନନ୍ତହିଁ ପ୍ରକାଶ କରୁଛନ୍ତି । ଅବଶ୍ୟ ଏକ ଆପତ୍ତି ଉଠିଥାଏ ଯେ ବିଶ୍ୱଜଗତକୁ ଆମେ ତାଙ୍କର ଏକ ରୂପାୟନ ବା ପ୍ରକାଶ ବୋଲି କହିପାରିବା ନାହିଁ, କାରଣ ପରମସତ୍ୟ ଲାଗି ରୂପାୟିତ ହେବାର ଆଦୌ କୌଣସି ଆବଶ୍ୟକତା ନାହିଁ ଏବଂ ଏହା ସର୍ବଦା ଆପଣା ସମକ୍ଷରେ ଆତ୍ମପ୍ରକାଶିତ ହୋଇ ଅବସ୍ଥାନ କରୁଛି । ମାତ୍ର ଅନ୍ୟ ପକ୍ଷରେ ସେହିପରି ସମାନ ଜୋର୍ ଦେଇ କୁହାଯାଇ ପାରିବ ଯେ ପରମସତ୍ତାର ଆପଣାକୁ ଏକ ବିଭ୍ରମ ମଧ୍ୟରେ ଆଚ୍ଛନ୍ନ କରି ରଖିବାଲାଗି ମଧ୍ୟ ଆଦୌ କୌଣସି ଆବଶ୍ୟକତା ନାହିଁ । ତାଙ୍କଲାଗି କୌଣସି ବିଭ୍ରମର ଆବଶ୍ୟକତା ନାହିଁ, ଏକ ମାୟାମୟ ଜଗତକୁ ତିଆରି କରି ରଖିବା ପାଇଁ କୌଣସି ପ୍ରୟୋଜନ ନାହିଁ । ବସ୍ତୁତଃ ପରମସତ୍ତାର ଆଦୌ କୌଣସି କଥାର ଆବଶ୍ୟକତା ନାହିଁ, ମାତ୍ର ତଥାପି ଏକଥା ଅବଶ୍ୟ ସମ୍ଭବ ଯେ ପରମ ନିର୍ବିଶେଷଙ୍କ ଭିତରେ ଆପଣାକୁ କାଳର ଭୂମି ଉପରେ ଅବଲୋକନ କରିବା ଲାଗି ଯେଉଁ ସାମର୍ଥ୍ୟ ରହିଛି, ସେଥିରୁ ଆତ୍ମବିସୃଷ୍ଟି ଲାଗି ଏକ ଇଚ୍ଛା ଜାତ ହୋଇପାରେ, ଆପଣାକୁ ସମ୍ଭୂତ କରିବାର ଇଚ୍ଛାରୁ ଆପଣାକୁ ଅବତୀର୍ଣ୍ଣ ଓ ପ୍ରସୃତ କରାଇବାର ସାମର୍ଥ୍ୟ ରଖିଥିବା ସେହି ପରମ ଶକ୍ତିର ଏକ ଅଭିଳାଷ ଜନ୍ମିପାରେ । ଏହାଦ୍ୱାରା ତାଙ୍କର ସ୍ୱାଧୀନତା ଉପରେ ଆଦୌ କୌଣସି ହସ୍ତକ୍ଷେପ ହୁଏ ନାହିଁ, ତାଙ୍କୁ କୌଣସିପ୍ରକାରେ ବାଧ୍ୟ କରାଯାଏ ନାହିଁ, ମାତ୍ର କେବଳ ଏହାର ଆତ୍ମଶକ୍ତିର ପ୍ରକାଶରୂପେହିଁ ଏହା ସଂଘଟିତ ହୋଇଥାଏ । ତାଙ୍କର ଏହି ଅଭିଳାଷଟି ଆମ ପାଖରେ ସୃଷ୍ଟି ଓ ଆତ୍ମପ୍ରକାଶର ଇଚ୍ଛାରୂପେ ଆପଣାକୁ ପରିଚିତ କରାଇଥାଏ । ମାତ୍ର ଆମେ ଏହାକୁ ଅଧିକ ଯଥାର୍ଥ ଭାବରେ ପରମ ନିର୍ବିଶେଷଙ୍କର ଏକ ସତ୍ତାଗତ ସାମର୍ଥ୍ୟ ବୋଲି କହିପାରିବା, ଯାହାକି ତାଙ୍କର ଏକ କାର୍ଯ୍ୟକାରୀ ସାମର୍ଥ୍ୟରୂପେ ଆପଣାକୁ ନିୟୋଜିତ କରେ । ଯଦି ଶାଶ୍ୱତ କାଳାତୀତତାର ଭୂମି ଉପରେ ପରମ ନିର୍ବିଶେଷ ଆପଣା ଲାଗି ଆତ୍ମପ୍ରତିଷ୍ଠିତ ହୋଇ ରହିଥା'ନ୍ତି, ତେବେ କାଳର ଅବିଚ୍ଛିନ୍ନ ଗତିପ୍ରବାହ ଉପରେ ଆପଣା ଲାଗି ଆପଣାକୁ ପ୍ରକାଶିତ କରିବାକୁ ମଧ୍ୟ ସେ ନିଶ୍ଚୟ ସମର୍ଥ ହୋଇପାରିବେ । ଏହି ବିଶ୍ୱଜଗତ ଯଦି କେବଳ ଏକ ପ୍ରାତିଭାସିକ ସତ୍ୟ ବ୍ୟତୀତ ଆଉ କିଛି ନହୋଇଥାଏ, ତଥାପି ତାହା ହେଉଛି ସେହି ବ୍ରହ୍ମଙ୍କର ଏକ ପରପ୍ରକାଶ, ତାଙ୍କର ଏକ ପ୍ରତିଭାସ । କାରଣ ସବୁକିଛି କେବଳ ସେହି ବ୍ରହ୍ମ; ତେଣୁ ପ୍ରତିଭାସ ତଥା ପରପ୍ରକାଶ ମଧ୍ୟ କେବଳ ସେହି ବ୍ରହ୍ମ ବ୍ୟତୀତ ଆଉ କିଛିହେଲେ ହୋଇପାରିବ ନାହିଁ । ତେଣୁ ସେଠାରେ ଅସତ୍ୟତା ବା ଅବାସ୍ତବତାର ଆରୋପଟିକୁ ଆଣି

'oaob.nitrkl.ac.in' images reprocessed

ଯୋଡ଼ିବାଲାଗି ଚେଷ୍ଟା କଲେ ତାହା କେବଳ ଏକ ଅନାବଶ୍ୟକ କଳ୍ପନାର ଆଶ୍ରୟ ନେଲାପରି ହିଁ ହେବ; ଏହାଦ୍ୱାରା କୌଣସି ଅଭିପ୍ରାୟ ସିଦ୍ଧ ହେବ ନାହିଁ ଏବଂ ତାହାକୁ ନେଇ କେବଳ ଅକାରଣ ନାନା ଅଡ଼ୁଆରେ ପଡ଼ିବାହିଁ ସାର ହେବ । କାରଣ ଜଗତ ଓ ବ୍ରହ୍ମ ଦୁହିଁଙ୍କ ମଧ୍ୟରେ ଯେତିକି ଭେଦ ରହିବା ଉଚିତ, ତାହା ପୂର୍ବରୁହିଁ କାଳ ଏବଂ କାଳାତୀତ ଶାଶ୍ୱତର କଳ୍ପନାରେ ନିବଦ୍ଧ ହୋଇ ରହିଛି, ପରମ ଅଭିବ୍ୟକ୍ତି ଓ ପରିପ୍ରକାଶର କଳ୍ପନା ଭିତରେ ନିହିତ ହୋଇ ରହିଛି ।

ଆମର ବ୍ୟକ୍ତିଗତ ଚେତନାରେ ସାଧାରଣତଃ ଯେଉଁ ଭେଦବୋଧ ରହିଥାଏ ଓ ଅନ୍ତବିଶିଷ୍ଟ ସତ୍ତାକୁ ପରମ ଅନନ୍ତର ଏକ ସ୍ୱୟଂବର୍ତ୍ତିମାନ ବିଷୟ ବୋଲି ଆମେ ଯେଉଁ କଳ୍ପନା କରିଥାଉ, କେବଳ ତାହାକୁହିଁ ଏକ ଅସତ୍ୟମୂଳ ସତ୍ୟରୂପେ ବର୍ଣ୍ଣନା କରାଯାଇ ପାରିବ । ଉପରିଭାଗସ୍ଥ ବ୍ୟକ୍ତିସତ୍ତାଗତ ଅଭିବ୍ୟକ୍ତିର କାର୍ଯ୍ୟକଳାପ ଲାଗି ଏହି କଳ୍ପନା ତଥା ବୋଧର ଏକ ବ୍ୟାବହାରିକ ପ୍ରୟୋଜନୀୟତା ନିଶ୍ଚୟ ରହିଛି ଏବଂ ସେଗୁଡ଼ିକର ପରିଣାମହିଁ ସେଗୁଡ଼ିକର ଫଳଦାୟକତାକୁ ପ୍ରତିପାଦନ କରୁଛନ୍ତି । ତେଣୁ ସୀମାନ୍ତର୍ଗତ ବିଶ୍ୱର ଏବଂ ସୀମାନ୍ତର୍ଗତ ଆତ୍ମଅନୁଭୂତି ଲାଗି ସେଗୁଡ଼ିକର ସତ୍ୟତା ଅବଶ୍ୟ ରହିଛି । ମାତ୍ର ସୀମାନ୍ତର୍ଗତ ଚେତନାରୁ ଅପସରି ଯାଇ ମର୍ମଗତ ଓ ସୀମାତୀତ ଚେତନାର ଭୂମିଭିତରକୁ ପ୍ରବେଶ କରିପାରିଲେ, ଆପାତ ବହିଃଦୃଶ୍ୟମାନ ପୁରୁଷସତ୍ତାରୁ ଅପସରି ଯାଇ ଯଥାର୍ଥ ପୁରୁଷସତ୍ତାରେ ପ୍ରବେଶ କଲେ, ସେତେବେଳେ ମଧ୍ୟ ସୀମା ଓ ବ୍ୟକ୍ତିସତ୍ତା ବଜାୟ ରହିଥିବ ସତ, ମାତ୍ର କେବଳ ପରମ ଅନନ୍ତଙ୍କର ସତ୍ତା, ସାମର୍ଥ୍ୟ ଓ ପରିପ୍ରକାଶ ରୂପେହିଁ ବଜାୟ ରହିଥିବ । ସେତେବେଳେ ଏହାର କୌଣସି ସ୍ୱତନ୍ତ୍ର କିମ୍ବା ବିଚ୍ଛିନ୍ନ କୌଣସି ସତ୍ୟ ଆଦୌ ନଥିବ । ବ୍ୟକ୍ତିସତ୍ତାଗତ ସତ୍ୟ ଲାଗି ବ୍ୟକ୍ତିସତ୍ତାର ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ଅବସ୍ଥିତି ତଥା ଏକାନ୍ତ ବିବିକ୍ତତା ଲାଗି କୌଣସି ଆବଶ୍ୟକତା ନଥାଏ, ବ୍ୟକ୍ତିସତ୍ୟର ଗଠନରେ ସେସବୁର ଆଦୌ କୌଣସି ଅବଦାନ ନଥାଏ । ଅପର ପକ୍ଷରେ ପରିପ୍ରକାଶର ଯାବତୀୟ ସୀମାସୂଚକ ରୂପର ତିରୋଧାନ ଏହି ସମସ୍ୟାଟିର ଏକ ସ୍ପଷ୍ଟ ଅଙ୍ଗ ହୋଇଥିଲେ ମଧ୍ୟ ସେଥିପାଇଁ ସେଗୁଡ଼ିକୁ ମିଥ୍ୟା କିମ୍ବା ଅସତ୍ୟ ବୋଲି ଆଦୌ କୁହାଯାଇ ପାରିବ ନାହିଁ । କାରଣ ଏହି ତିରୋଧାନ ହୁଏତ କେବଳ ପରିପ୍ରକାଶର ଭୂମି ଉପରୁହିଁ ଏକ ପ୍ରତ୍ୟାହାର ମାତ୍ର ହୋଇଥିବ । କାଳଗତ ଏକ ପୂର୍ବାପର ପରମ୍ପରାକୁ ଅନୁସରଣ କରି ପରମ କାଳାତୀତର ବିଶ୍ୱମୟ ପରିପ୍ରକାଶ ସଂଘଟିତ ହୁଏ । ତେଣୁ କେବଳ ଉପରୁ ଦେଖିବାକୁହିଁ ଏହାର ରୂପାୟନଗୁଡ଼ିକ କ୍ଷଣସ୍ଥାୟୀ ହେବାକୁ ବାଧ୍ୟ ହୋଇଥା'ନ୍ତି, ମାତ୍ର ଆପଣା ରୂପାୟିତ ହେବାର ମର୍ମସତ୍ୟଗତ ସାମର୍ଥ୍ୟରେ ସେମାନେ ଶାଶ୍ୱତ ହୋଇ ରହିଥା'ନ୍ତି । କାରଣ ବିଷୟଗୁଡ଼ିକର ମର୍ମସତ୍ୟ ଏବଂ ସେଗୁଡ଼ିକୁ ଉଦ୍‌ଭୂତ କରାଉଥିବା ମର୍ମଗତ

'oaob.nitrkl.ac.in' images reprocessed

ଚେତନାକ୍ଷେତ୍ରରେ ସେମାନେ ସର୍ବଦା ଗୋଟିଏ ଗୋଟିଏ ଅନ୍ତର୍ସମ୍ଭାବନାରୂପେ ପ୍ରଚ୍ଛନ୍ନ ରହିଥା'ନ୍ତି । ସେଗୁଡ଼ିକର ସ୍ଥାୟୀ ଅନ୍ତର୍ସମ୍ଭାବନାଗୁଡ଼ିକୁ କାଳଗତ ବାସ୍ତବତାରୂପେ ଫୁଟାଇଦେବା ସକାଶେ କାଳାତୀତ ଚୈତନ୍ୟର ସର୍ବଦା ସାମର୍ଥ୍ୟ ରହିଥାଏ । ଏହି ବିଶ୍ୱଜଗତ ଓ ତାହାର ରୂପାୟନଗୁଡ଼ିକ କେବଳ ଭ୍ରମାତ୍ମକ ପ୍ରତିରୂପମାତ୍ର ହୋଇଥା'ନ୍ତେ, ଯଦି ସେଗୁଡ଼ିକରେ ସତ୍ତାର ଆଦୌ କୌଣସି ଉପାଦାନ ରହିନଥା'ନ୍ତା, ତେବେ ହୁଏତ ଆମେ ତାହାକୁ ଏକ ଅସତ୍ୟ ବୋଲି କହିପାରନ୍ତେ । ତା' ହୋଇଥିଲେ ଚୈତନ୍ୟର କେବଳ ଏକ କଳ୍ପିତ ମିଥ୍ୟାରୂପ ହୋଇ ସେଗୁଡ଼ିକ କେବଳ ଶୁଦ୍ଧା ମିଥ୍ୟାରୂପରୂପେ ପରମସତ୍ୟ ଦ୍ୱାରା ତା'ର ଆପଣା ସମ୍ମୁଖରେ ଆସି ଉପସ୍ଥାପିତ ହେଉଥା'ନ୍ତେ ଏବଂ ତାପରେ ଚିରକାଳ ପାଇଁ ବିଲୁପ୍ତ ହୋଇ ଯାଉଥା'ନ୍ତେ । ମାତ୍ର ଯଦି ଏହି ରୂପାୟନ ଓ ରୂପାୟନ-ସାମର୍ଥ୍ୟକୁ ଶାଶ୍ୱତ ବୋଲି ସ୍ୱୀକାର କରିଯାଏ, ସକଳ ସମୁଦାୟଟିକୁ ଯଦି କେବଳ ପରମସତ୍ୟ ବ୍ରହ୍ମରହିଁ ସତ୍ତା ବୋଲି ବୁଝାଯାଏ, ତେବେ, ତା'ପରେ ଏହି ଅସତ୍ୟତା ଓ ବିଭ୍ରମକୁ ବସ୍ତୁଗୁଡ଼ିକର ମୌଳିକ ପ୍ରକୃତି ବୋଲି ଆଦୌ ବୁଝାଯାଇ ପାରିବ ନାହିଁ; କିମ୍ବା ଯେଉଁ ଜଗତରେ ସେଗୁଡ଼ିକର ଆବିର୍ଭାବ ହେଉଛି, ତାହାର ମୌଳିକ ପ୍ରକୃତି ବୋଲି ମଧ୍ୟ ବୁଝାଯାଇ ପାରିବ ନାହିଁ ।

ଜାଗତିକ ଅସ୍ତିତ୍ୱର ଭ୍ରମମୂଳକତା ବା ଅସତ୍ୟକୁ ଭିତ୍ତି କରି ଯେଉଁ ମାୟାବାଦ ଆପଣାର ରଚନା କରିଥାଏ, ତଦ୍ଦ୍ୱାରା ଯେତେ ସମସ୍ୟାର ସମାଧାନ ନହୁଏ ତା'ଠାରୁ ଅଧିକ ସମସ୍ୟାର ସୃଷ୍ଟିହିଁ ହୋଇଥାଏ । ସତ୍ତାଗତ ସମସ୍ୟାଟି ବିଷୟରେ ତାହା ଆମକୁ କୌଣସି ଯଥାର୍ଥ ସମାଧାନ ଆଣିଦିଏ ନାହିଁ, ଓଲଟି ଏହାକୁ ଚିରକାଳ ଲାଗି ଅସମାହିତ କରି ଛାଡ଼ିଯାଏ । କାରଣ, ମାୟା ଏକ ଅସତ୍ୟ କିମ୍ବା ଏକ ଅସତ୍ୟମୂଳ ସତ୍ୟ, ଯାହା ହୋଇଥାଉ ନା କାହିଁକି, ଅତି ସହଜ ଭାବରେ ସତେଅବା ଗୋଟାଏ ଫୁଙ୍କାରେ ସବୁକିଛିକୁ ଉଡ଼ାଇଦେବାହିଁ ସେହି ସିଦ୍ଧାନ୍ତଟିର ଚରମ ପରିଣାମରୂପେ ପର୍ଯ୍ୟବସିତ ହୁଏ । ଏହି ବିଶ୍ୱଜଗତଟି ସହିତ ସ୍ୱୟଂ ଆମେସବୁ ବି ସତେଅବା କେବଳ ଏକ ନାସ୍ତି ଭିତରେ ବୁଆଡ଼େ ବିଲୀନ ହୋଇଯାଉ, ଅଥବା ଅତି ସାମୟିକ ଭାବରେ ଏପରି ଏକ ସତ୍ୟକୁ ବହନ କରୁଥାଉ ଯାହାକୁ କି କେବଳ ଏକ ମିଥ୍ୟାକଳ୍ପନା ବ୍ୟତୀତ ଆଉକିଛି ଅଧିକ ବୋଲି ଆଦୌ କହିହେବ ନାହିଁ । ମାୟାକୁ ଶୁଦ୍ଧା ଏକ ଅସତ୍ୟ ବୋଲି ଘୋଷଣା କରୁଥିବା ସିଦ୍ଧାନ୍ତଗତ ମୀମାଂସାଟିରେ ସକଳ ଅନୁଭୂତି, ସକଳ ଜ୍ଞାନ ଓ ସକଳ ଅଜ୍ଞାନ, ଆମର ଯାବତୀୟ ବନ୍ଧନକୁ କାଟିଦେଇ ଯାଉଥିବା ଜ୍ଞାନ ତଥା ଆମକୁ କେତେ ଫାଶରେ ବାନ୍ଧି ପକାଉଥିବା ଅଜ୍ଞାନ, ବିଶ୍ୱକୁ ସ୍ୱୀକାର କରୁଥିବା ଓ ବିଶ୍ୱକୁ ବର୍ଜନ କରୁଥିବା ଦୁଇଟିଯାକ ଜୀବନଦୃଷ୍ଟି କେବଳ ଗୋଟିଏ ବିଭ୍ରମର ଦୁଇ ପାଖ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

କାରଣ ଗ୍ରହଣ କରିବାକୁ ଅଥବା ବର୍ଜନ କରିବାକୁ ପ୍ରକୃତରେ କେଉଁଠି କିଛୁ ନଥାଏ, ଏବଂ ତାହାକୁ ଗ୍ରହଣ ଅଥବା ବର୍ଜନ କରିବାକୁ ମଧ୍ୟ କେଉଁଠି କେହିହେଲେ ନଥା'ନ୍ତି । କାରଣ ସର୍ବଦା କେବଳ ସେହି ବୈକଳ୍ପବମୁକ୍ତ ଅତିଚେତନ ପରମସତ୍ତାହିଁ ବିରାଜିତ ରହିଥା'ନ୍ତି, କେବଳ ତାଙ୍କରିହିଁ ଅସ୍ତିତ୍ୱ ଥାଏ । ବନ୍ଧନ ଓ ମୁକ୍ତି କେବଳ ପ୍ରତୀୟମାନ ହୋଇ ରହିଥାଏ, ସତ୍ୟର କ୍ଷେତ୍ରରେ ପ୍ରବେଶ କରି ନଥାଏ । ବିଶ୍ୱ-ଅସ୍ତିତ୍ୱ ସହିତ ଯେକୌଣସି ପ୍ରକାରେ ସଂଲଗ୍ନ ବା ଲିପ୍ତ ହୋଇ ରହିବାକୁ ମଧ୍ୟ କେବଳ ଏକ ଭ୍ରମ ବୋଲି ବୁଝାଯାଏ, ମାତ୍ର ବନ୍ଧନମୁକ୍ତିର ଆହ୍ୱାନଟି ମଧ୍ୟ ସେହି ଭ୍ରମର ପରିବେଶ ଭିତରେ ଛନ୍ଦାହୋଇ ରହିଥାଏ । ଏହି ଆହ୍ୱାନଟିକୁ ମାୟାରେହିଁ ସମ୍ଭୂତ ବୋଲି ବିଚାର କରାଯାଏ ଏବଂ ବନ୍ଧନମୁକ୍ତି ପରେ ତାହା ପୁଣି ସେହି ମାୟା ଭିତରେ ନିର୍ବାପିତ ହୋଇଯିବ ବୋଲି ବୁଝାଯାଏ । ଏକ ଆଧ୍ୟାତ୍ମିକ ମାୟାବାଦ ଦ୍ୱାରା ଏହି ବିଲୋପସାଧନଟି ଲାଗି ଯେଉଁ ସୀମାରେଖା ଧାର୍ଯ୍ୟ କରି ଦିଆଯାଇଛି, ତାହା ଯେ ସେଇଠି ଆସି ଅଟକି ରହିବାକୁ ବାଧ୍ୟ ହେବ ଓ ଆପଣାର ଧ୍ୱଂସସାଧନରେ ଆଉ ଅଧିକ ଅଗ୍ରସର ହେବ ନାହିଁ, ସେପରି ଭାବିବା ଲାଗି ଆଦୌ କୌଣସି କାରଣ ନାହିଁ । କାରଣ, ଯଦି ଜଗତରେ ବିଚରଣ କରୁଥିବା ବ୍ୟକ୍ତିସତ୍ତାଗତ ଚେତନାଟିର ଅନ୍ୟ ସକଳ ଅନୁଭୂତି କେବଳ ଭ୍ରମ ବା ମାୟା ବୋଲି ସାବ୍ୟସ୍ତ ହେଲା, ତେବେ ତାହାର ଆଧ୍ୟାତ୍ମିକ ଅନୁଭୂତିଗୁଡ଼ିକ ଯେ କେବଳ ସେହି ମାୟା ବା ଭ୍ରମ ହୋଇନଥିବ, ଆମେ ଆଉ କାହାବଳରେ ସେକଥା ଦୃଢ଼ କରି କହିପାରିବା ? ଏପରିକି ପରମ ଆତ୍ମସ୍ୱରୂପକୁ ନେଇ ଏହାର ଯେଉଁ ସମାଧିକାଳୀନ ଆତ୍ମଅନୁଭବଟିକୁ ଏକାନ୍ତ ସତ୍ୟ ବୋଲି ଆମକୁ କୁହାଯାଇଥାଏ, ସେଇଟି ମଧ୍ୟ ସେହିପରି ଭ୍ରମ ହୋଇ ନଥିବ ବୋଲି କିଏ କହିବ ? କାରଣ ଏହି ବିଶ୍ୱ ଯଦି ଅସତ୍ୟ ହୁଏ, ତେବେ ବିଶ୍ୱଗତ ଚେତନା, ବିଶ୍ୱମୟ ପୁରୁଷ, ଏହିସବୁ ସତ୍ତା ଅଥବା ଏହିସବୁ ସତ୍ତାର ଆତ୍ମାରୂପେ ପ୍ରତିଷ୍ଠିତ ରହିଥିବା ବ୍ରହ୍ମ, ସକଳ ମଧ୍ୟରେ ଅବସ୍ଥିତ ପରମ ଏକ ତଥା ପରମ ଏକ ମଧ୍ୟରେ ଅବସ୍ଥିତ ସକଳ ସମ୍ବନ୍ଧରେ ଆମର ଅନୁଭୂତିଟି ଲାଗି ମଧ୍ୟ ଆଉ କୌଣସି ଦୃଢ଼ ଭିତ୍ତି ରହିବ ନାହିଁ, କାରଣ ଯେଉଁ ଦୁଇଟି ବସ୍ତୁର ସମାହାରରେ ସେହି ଭିତ୍ତିଟି ରଚିତ ହୋଇଥାଏ, ସେଥିରୁ ଗୋଟିଏ ମିଥ୍ୟା ବା ମାୟାର ରଚନା ବୋଲିହିଁ ଘୋଷିତ ହୋଇଥାଏ । ଜଗତରୂପୀ ସେହି ବସ୍ତୁଟି କେବଳ ଏକ ଭ୍ରମ ବୋଲି ସାବ୍ୟସ୍ତ ହୋଇ ଭୁଷୁଡ଼ି ପଡ଼ିବାକୁ ବାଧ୍ୟ ହୁଏ; କାରଣ ଏହି ଯେଉଁସବୁ ସତ୍ତାକୁ ଆମେ ବ୍ରହ୍ମ ବୋଲି ଦେଖୁଥିଲୁ, ସେଗୁଡ଼ିକ ଯଥାର୍ଥତଃ କେବଳ ମିଥ୍ୟା ହୋଇ ରହିଥିଲେ ବୋଲି ପ୍ରମାଣିତ ହୁଅନ୍ତି । ତେବେ ଅନ୍ୟ ବସ୍ତୁଟି ବିଷୟରେ ଆମର ଅନୁଭୂତିଟି ଯେ ଏକ ସତ୍ୟାନୁଭୂତି ହୋଇଥିବ, ତାହାର ବା କି ପ୍ରମାଣ ରହିଛି ? ଅର୍ଥାତ୍‌, ଶୁଦ୍ଧ ପରମ ଆତ୍ମା ତଥା ନୈଶବ୍ଦ୍ୟମୟ, ନିଶ୍ଚଳ ବା ନିର୍ବିଶେଷ ପରମସତ୍ତାର ଅନୁଭୂତିକୁ ମଧ୍ୟ ଆମେ ଆଉ

'oaob.nitrkl.ac.in' images reprocessed

କାହିଁକି ସତ୍ୟ ବୋଲି କହିବା ? କାରଣ ଯେଉଁ ମନର ମାର୍ଗଟି ଦେଇ ତାହା ଆମ ଭିତରକୁ ଆସୁଛି, ସେହି ମନ ବି ଭ୍ରମର ଗ୍ରୁପରେ ଚଳାହୋଇ ତିଆରି ହୋଇଛି ଏବଂ କେବଳ ମାୟାଦ୍ୱାରା ସୃଷ୍ଟ ହୋଇଥିବା ଏକ ଶରୀର ଭିତରେ ତାହା ଗଠିତ ହୋଇ ରହିଛି । କୌଣସି ପ୍ରତ୍ୟୟ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମର ହୃଦ୍‌ବୋଧ କରାଇ ପାରୁଛି, ଆପଣାର ଉପଲବ୍ଧି କିମ୍ବା ଅନୁଭୂତି ମଧ୍ୟରେ ଯାହାର ନିର୍ବିବାଦ ପ୍ରାମାଣିକତା ବିଷୟରେ ଆମେ ସ୍ପଷ୍ଟ ଅନୁଭୂତି ଲାଭ କରିପାରୁଛୁ, ତାହାରି ଉପରେ ମଧ୍ୟ ଭିତ୍ତିକରି ଏହି କ୍ଷେତ୍ରରେ ଆମେ ଏହାକୁ ଏକମାତ୍ର ସତ୍ୟ ବା ଏକମାତ୍ର ଚୂଡ଼ାନ୍ତ ତତ୍ତ୍ୱ ବୋଲି କଦାପି କହିପାରିବା ନାହିଁ । କାରଣ ଏଇଟି ବ୍ୟତୀତ ଅନ୍ୟାନ୍ୟ ଆଧ୍ୟାତ୍ମିକ ଅନୁଭୂତିମାନ ମଧ୍ୟ ରହିଛି । ଏକ ସତ୍ୟମୟ ଜଗତର ସ୍ୱାମୀରୂପେ ପ୍ରତିଷ୍ଠିତ ସେହି ସର୍ବତ୍ରବିଦ୍ୟମାନ ଦିବ୍ୟ ପରମପୁରୁଷଙ୍କର ଅନୁଭୂତିଟିରେ ମଧ୍ୟ ସେହିଭଳି ଚୂଡ଼ାନ୍ତତା ଓ ପ୍ରାମାଣିକତା ରହିଛି, ତାହା ଆମ ଭିତରେ ଠିକ୍ ସେହିଭଳି ହୃଦ୍‌ବୋଧ ଜନ୍ମାଇ ପାରୁଛି । ଆମର ଯେଉଁ ବୁଦ୍ଧି ଅନ୍ୟ ସକଳ ବସ୍ତୁର ଅସତ୍ୟମୂଳତା ସମ୍ବନ୍ଧରେ ଦୃଢ଼ନିଶ୍ଚୟ ହୋଇସାରିଛି, ତାହା ମନ କଲେ ଆଉ ପାଦେ ଆଗକୁ ମଧ୍ୟ ଯାଇପାରିବ ଓ ପରମ ଆତ୍ମା ଓ ସକଳ ସତ୍ତାର ସତ୍ୟଟିକୁ ମଧ୍ୟ ବେଶ୍ ଅସ୍ୱୀକାର କରିପାରିବ । ବୌଦ୍ଧ ତତ୍ତ୍ୱବିତ୍‌ମାନେ ଏହି ଶେଷ ପାଦଟି ପକାଇଥିଲେ ଓ ଅନ୍ୟ ସକଳ ବସ୍ତୁ ପରି କେବଳ ଏହି ମନର ଏକ ରଚନା ବୋଲି କହି ଆତ୍ମାର ସତ୍ୟକୁ ଅସ୍ୱୀକାର କରିଥିଲେ । ଏପରି କରି ସେମାନେ ଯେ କେବଳ ଈଶ୍ୱରଙ୍କୁ କାଟିପକାଇଥିଲେ ତା' ନୁହେଁ, ସତ୍ୟବିବରଣାର ଭୂମି ଉପରୁ ଶାଶ୍ୱତ ପରମ ଆତ୍ମା ଓ ନୈର୍ବ୍ୟକ୍ତିକ ବ୍ରହ୍ମକଳ୍ପନାକୁ ମଧ୍ୟ କାଢ଼ି ନିକାଳି ଦେଇଥିଲେ ।

ଏଭଳି ଏକ ଅନମନୀୟ ମାୟାବାଦଦ୍ୱାରା ଆମ ଜୀବନର କୌଣସି ସମସ୍ୟାର ସମାଧାନ ହୋଇପାରେ ନାହିଁ । ଏହା ସମସ୍ୟାଟିକୁ କେବଳ ଦୁଇଖଣ୍ଡ କରି କାଟିଦିଏ, ଏବଂ ବ୍ୟକ୍ତିକୁ ସମସ୍ୟାଟିରୁ ବାହାରିଯିବା ଲାଗି ଏକ ବାଟ ଦେଖାଇଦିଏ । ଏହି ସିଦ୍ଧାନ୍ତଟିର ଚରମ ଆକାର ଓ ପରିଣାମରେ ଆମର ସତ୍ତା ଓ ତାହାର ଯାବତୀୟ କ୍ରିୟାଶୀଳତା କେବଳ ମିଥ୍ୟା ବୋଲି ସାବ୍ୟସ୍ତ ହୋଇ ରହନ୍ତି, ତାହାର ଅସ୍ତିତ୍ୱ ଲାଗି ଆଉ କେଉଁଠି ହେଲେ କୌଣସି ସମର୍ଥନ ନଥାଏ; ଏହାର ଅନୁଭୂତି, ଆକାଙ୍କ୍ଷା ଓ ଉଦ୍ୟମଗୁଡ଼ିକର ଆଉ କୌଣସି ତାତ୍ପର୍ଯ୍ୟହିଁ ରହେ ନାହିଁ । କେବଳ ସକଳ ପଦାର୍ଥର ଅତୀତ ଓ ସମ୍ବନ୍ଧହୀନ ଏକମାତ୍ର ପରମ ସତ୍ୟ ଓ ତାହାରି ଆଡ଼କୁ ମୁହଁ ବୁଲାଇ ଠିଆହେବା ବ୍ୟତୀତ ଆଉ ସବୁକିଛିକୁ ସତ୍ତାଗତ ଭ୍ରମର ସାମିଲ୍ କରି ଦିଆଯାଏ, ଏକ ବିଶ୍ୱଗତ ପରମମାୟାର ଅଂଶମାତ୍ରରୂପେ ସେଗୁଡ଼ିକୁ କେବଳ ମାୟା ବୋଲିହିଁ ଘୋଷଣା କରାଯାଏ । ଈଶ୍ୱର ତଥା ଆମ ସମସ୍ତଙ୍କ ସମେତ ଏହି ଜଗତ କେବଳ ମାୟାର କଳ୍ପନା ବୋଲି ସାବ୍ୟସ୍ତ ହୁଏ । କାରଣ ଈଶ୍ୱରଙ୍କ ମାୟା

ଉପରେ ବ୍ରହ୍ମର କେବଳ ଏକ ପ୍ରତିଫଳନ ବୋଲି ବୁଝାଯାଏ, ଆମମାନଙ୍କୁ ମାୟାମୟ ବ୍ୟକ୍ତିସ୍ୱଭାବାପନ୍ନତା ଉପରେ ବ୍ରହ୍ମର କେବଳ ଏକ ପ୍ରତିଫଳନ ବୋଲି ବୁଝାଯାଏ ଏବଂ ଏହି ବିଶ୍ୱଜଗତକୁ ବ୍ରହ୍ମଙ୍କର ଅପହୃଷ୍ଣ ଆତ୍ମସତ୍ତା ଉପରେ କେବଳ ଏକ ଆରୋପଣ ବୋଲି ବୁଝାଯାଏ । ସେହି ମାୟା ଭିତରେ ସତ୍ତାର କେଉଁଠି କିଛିତ୍ତ ସତ୍ୟ ରହିଛି ବୋଲି ସ୍ୱୀକାର କରାଗଲେ ଅବଶ୍ୟ ବିଲୋପସାଧନର ବିଧୁରତି ଏତେଦୂର ଅନମନୀୟ ହୋଇନଥାଏ । ଯେଉଁ ଜ୍ଞାନ ତଥା ଅନୁଭୂତିଦ୍ୱାରା ଆମେ ଆପଣାକୁ ଚିନ୍ମୟ ସତ୍ତା ମଧ୍ୟକୁ ଉନ୍ନୀତ କରିନେବା ଲାଗି ସମର୍ଥ ହୋଇଥାଉ, ସେତେବେଳେ ତାହାକୁ ମଧ୍ୟ କିଛିତ୍ତ ପ୍ରାମାଣିକତା ମିଳିଥାଏ । ମାତ୍ର କେବଳ କାଳଗତ ସତ୍ତାର କୌଣସି ପ୍ରାମାଣିକ ସତ୍ୟତା ରହିଛି ଏବଂ କାଳର ଭୂମି ଉପରେ ଉପଲବ୍ଧ ଅନୁଭୂତିଗୁଡ଼ିକର ମଧ୍ୟ ଯେ ଏକ ସତ୍ୟମୂଳ ପ୍ରାମାଣିକତା ରହିଛି ବୋଲି ସ୍ୱୀକାର କରାଗଲେ ଯାଇ ସେହି ପ୍ରାମାଣିକତାର କୌଣସି ଯଥାର୍ଥତା ରହେ । ଏବଂ ସେହି କ୍ଷେତ୍ରରେ ଆମେ ଅସତ୍ୟକୁ ସତ୍ୟ ବୋଲି ମଣୁଥିବା କେବଳ ଏକ ଭ୍ରମର ସମ୍ମୁଖରେ ଅବସ୍ଥିତ ରହିଛୁ ବୋଲି ଆଉ ବୁଝାଯାଇ ପାରେ ନାହିଁ । ଆମର ସମ୍ମୁଖରେ ଆମକୁ ଆଚ୍ଛନ୍ନ କରି ରହିଥିବା ଏକ ଅଜ୍ଞାନହିଁ ସତ୍ୟକୁ ବିକୃତ ଭାବରେ ଦେଖୁଛି ବୋଲିହିଁ ବୁଝାଯାଇଥାଏ । ନହେଲେ, ବ୍ରହ୍ମ ଯାହାର ଆତ୍ମାରୂପେ ଅଧିଷ୍ଠିତ ରହିଛି, ସେହି ବସ୍ତୁଗୁଡ଼ିକ ଯଦି କେବଳ ଭ୍ରମାତ୍ମକ ପ୍ରତିପାଦିତ ହୁଅନ୍ତି, ତେବେ ବ୍ରହ୍ମର ଆତ୍ମଭାବଟି ମଧ୍ୟ ଆଉ ସତ୍ୟ ହୋଇ ରହିବ ନାହିଁ, ବ୍ରହ୍ମ ମଧ୍ୟ ସେହି ଭ୍ରମର ଅଂଶମାନଙ୍କରେ ପରିଣତ ହେବ । ଆତ୍ମାକୁ ନେଇ ଯାବତୀୟ ଅନୁଭୂତି ଭ୍ରମ ହୋଇଯିବ, 'ଅହଂ ବ୍ରହ୍ମାସ୍ମି'ର ଅନୁଭୂତିଟି ମଧ୍ୟ ଏକ ଅଜ୍ଞାନ କଳ୍ପନାଦ୍ୱାରା ଆଚ୍ଛନ୍ନ ଓ ଦୂଷିତ ହୋଇ ରହିବ, କାରଣ ସେତେବେଳେ 'ଅହଂ'ର କୌଣସି ଅସ୍ତିତ୍ୱ ନଥିବ, କେବଳ 'ତତ୍' ବା 'ବ୍ରହ୍ମ'ହିଁ ରହିଥିବେ । 'ସୋଽହଂ'ର ଅନୁଭୂତିଟି ମଧ୍ୟରେ ଦୁଇଟି ଅଜ୍ଞାନ ଆସି ପ୍ରବେଶ କରିବ, କାରଣ ଏଥିରେ ଏକ ଚେତନାମୟ ପରମ ଶାଶ୍ୱତଙ୍କୁ ମାନିନିଆଯିବ, ତାଙ୍କୁ ବିଶ୍ୱଜଗତର ନିୟନ୍ତା ଓ ବିଶ୍ୱମୟ ସତ୍ତା ବୋଲି ବୁଝାଯିବ; ମାତ୍ର ଏଣେ ବିଶ୍ୱ ଜଗତରେ କୌଣସି ସତ୍ୟତା ନାହିଁ ବୋଲି ବୁଝାଯାଉଥିଲା ପର୍ଯ୍ୟନ୍ତ ତାହାର ନିୟନ୍ତା ବୋଲି କଳ୍ପନା କରାଯାଉଥିବା କୌଣସି ପରମସତ୍ତା ମଧ୍ୟ ଯଥାର୍ଥତଃ ଆଦୌ ସମ୍ଭବ ହେବେ ନାହିଁ । ଯେଉଁ ସତ୍ୟଟି ମଧ୍ୟରେ ଆମର ତଥା ଏହି ବିଶ୍ୱର ଅସ୍ତିତ୍ୱ ଲାଗି ଏକ ଅର୍ଥ ମିଳୁଥିବ, ଯେଉଁ ସତ୍ୟ ସେଗୁଡ଼ିକର ସତ୍ୟକୁ ସମନ୍ୱିତ କରିପାରୁଥିବ ଏବଂ ଆମର କଳ୍ପିତ ସର୍ବାଧାର ଓ ସର୍ବମୂଳ ବିଶ୍ୱାତୀତ ପରମସତ୍ୟଟି ସହିତ ସେଗୁଡ଼ିକର ଯଥାର୍ଥ ସମ୍ବନ୍ଧ ଓ ସେହି ସମ୍ବନ୍ଧଗତ ସତ୍ୟଟିକୁ ନିରୂପିତ କରି ଦେଉଥିବ, କେବଳ ସେହିଭଳି ଏକ ସତ୍ୟର ଭିତ୍ତି ଉପରେହିଁ ଆମେ ଅସ୍ତିତ୍ୱସମ୍ବନ୍ଧୀ ସମସ୍ୟାଟିର ଯଥାର୍ଥ ସମାଧାନ ପାଇପାରିବା ।

'oaob.nitrkl.ac.in' images reprocessed

ମାତ୍ର ଏହାର ଅର୍ଥ ହେଉଛି ଯେ ଆମକୁ ସେଥିଲାଗି ବସ୍ତୁ ଓ ବ୍ୟକ୍ତି ମଧ୍ୟରେ ବି ଏକ ସତ୍ୟ ରହିଛି ବୋଲି ସ୍ୱୀକାର କରିବାକୁ ହେବ, ଅଦ୍ୱିତୀୟ ପରମସତ୍ତା ଓ ଯାବତୀୟ ସକଳ ସତ୍ତା ମଧ୍ୟରେ ଏକ ଯଥାର୍ଥ ସମ୍ବନ୍ଧ ରହିଥିବାର ଅନୁଭବ କରିବାକୁ ପଡ଼ିବ,—ସବିଶେଷ ଅର୍ଥାତ୍ ଆପେକ୍ଷିକ ଅନୁଭବ ଏବଂ ନିର୍ବିଶେଷ ପରମସତ୍ତା ମଧ୍ୟରେ ରହିଥିବା ସତ୍ୟମୂଳ ସମ୍ବନ୍ଧଟିକୁ ସ୍ୱୀକାର କରିନେବାକୁ ହେବ ।

ମାୟାର ସିଦ୍ଧାନ୍ତଟି ଜଗତ୍‌ସମସ୍ୟାରୂପୀ ଗ୍ରନ୍ଥିଟିର ଛେଦନ କରିଦିଏ ସତ, ମାତ୍ର ତାହାର ମୋଚନ କରିପାରେ ନାହିଁ । ଏହା ପଳାୟନର ବାଟ ବତାଇଦିଏ, ସମାଧାନ ଦିଏ ନାହିଁ । ଏହି ସମ୍ମୂର୍ତ୍ତମୟ ଜଗତରେ ଦେହଧାରଣ କରି ରହିଥିବା ସତ୍ତା ବା ଜୀବ ଏହାଦ୍ୱାରା ଯଥାର୍ଥ ବିଜୟ ଲାଭ କରେ ନାହିଁ, କେବଳ ଚିତ୍‌ସତ୍ତାର ପୃଷ୍ଠଭଙ୍ଗ ଦେଇ ପଳାଇବାହିଁ ସାର ହୁଏ । ଏହାଦ୍ୱାରା ପ୍ରକୃତିଠାରୁ ସମ୍ପୂର୍ଣ୍ଣରୂପେ ଅବଚ୍ଛିନ୍ନ ହୋଇ ରହିବା ସମ୍ଭବ ହୁଏ ସତ, ମାତ୍ର ଆମ ପ୍ରକୃତିର ବନ୍ଧନମୋଚନ ହୁଏ ନାହିଁ କି କୌଣସି ପରିପୂର୍ଣ୍ଣତା ମିଳେ ନାହିଁ । ଏହାର ଆଖିର ପରିଣାମଟି କେବଳ ଗୋଟିଏ ଉପାଦାନର ସନ୍ତୋଷବିଧାନ କରିଥାଏ, ତଦ୍ୱାରା ଆମ ସତ୍ତାର କେବଳ ଗୋଟିଏ ଆବେଗର ଉଦ୍ବେଳନ ଘଟିଥାଏ । ଏବଂ ଅବଶିଷ୍ଟ ଅନ୍ୟ ସକଳ ଆବେଗ ଓ ଆକାଙ୍‌କ୍ଷାକୁ ଏହା ମାୟାରୂପୀ ଅସତ୍ୟ ସତ୍ୟର ଆଲୁଅନ୍ଧାରର ଶୀତଳତା ମଧ୍ୟରେ ବିନଷ୍ଟ ହୋଇ ଯିବାଲାଗି ଛାଡ଼ି ଦେଇଯାଏ । ବିଜ୍ଞାନରେ ଯେପରି, ତତ୍ତ୍ୱଦର୍ଶନରେ ମଧ୍ୟ ଠିକ୍ ସେହିପରି; ସେହି ସର୍ବସାମାନ୍ୟ ଓ ଶେଷ ସମାଧାନଟିକୁହିଁ ଆମେ ସର୍ବୋତ୍ତମ ସମାଧାନ ବୋଲି କହିପାରିବା, ଯହିଁରେ କି ସକଳ ଅନୁଭୂତିଗତ ସତ୍ୟର ସମାଧାନ ଓ ସମାବେଶ ହୋଇପାରିବ, ଯାହାର ସମଗ୍ରତା ଭିତରେ ପ୍ରତ୍ୟେକଟି ଅନୁଭୂତି ଓ ସତ୍ୟଲାଗି ସ୍ଥାନ ରହିଥିବ । ସେହି ଜ୍ଞାନକୁ ଆମେ ସର୍ବୋଚ୍ଚ ଜ୍ଞାନ ବୋଲି କହିପାରିବା ଯାହା ସକଳ ଜ୍ଞାନର ତାତ୍ପର୍ଯ୍ୟଟିକୁ ଉଜ୍ଜ୍ୱଳ କରି ଦେଖାଇ ଦେଉଥିବ, ତାହାକୁ ଏକ ସମଗ୍ର ଓ ସର୍ବସମାବେଶକ ଏକତ୍ୱ ଦେଇ ପାରୁଥିବ । ଆମର ସକଳ ଅଜ୍ଞାନ ଓ ବିଭ୍ରମକୁ ନିରାକୃତ କରିଦେବା ସଙ୍ଗେ ସଙ୍ଗେ ସେହି ଜ୍ଞାନ ସେଗୁଡ଼ିକର ନିଦାନଟିକୁ ନିରୂପଣ କରି ଦେଉଥିବ, ସେଗୁଡ଼ିକ ଆଶ୍ରା କରି ରହିଥିବା ଭିତ୍ତିଟିକୁ ସୂଚିତ କରି ଦେଉଥିବ ଏବଂ ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ ସେଗୁଡ଼ିକର ଔଚିତ୍ୟ ଓ ଆବଶ୍ୟକତାଟିକୁ ମଧ୍ୟ ଦେଖାଇ ଦେଇ ପାରୁଥିବ । ଏହାକୁହିଁ ଆମେ ଆମର ସର୍ବୋଚ୍ଚ ଅନୁଭୂତି ବୋଲି କହିବା, ଯାହାକି ଏକ ପରମ ଓ ସର୍ବସମାବେଶକ ଏକତ୍ୱର ସତ୍ୟ ମଧ୍ୟରେ ସକଳ ଅନୁଭୂତିକୁ ଆଣି ଏକତ୍ର ସମ୍ମିଳିତ କରି ଦେଉଥିବ । ସବୁକିଛିର ବର୍ଜନ ଓ ବହିଷ୍କରଣଦ୍ୱାରାହିଁ ମାୟାବାଦ ଏକପ୍ରକାର ଏକତ୍ୱସାଧନ କରିଥାଏ । ସବୁକିଛିକୁ ନେଇ ଆପଣା ଗର୍ଭରେ ଏକତ୍ର ବିନ୍ୟାସ କରି

'oaob.nitrkl.ac.in' images reprocessed

ଦେଉଥିବା ଓ ସବୁର ଅଧିଷ୍ଠାତା ହୋଇ ରହିଥିବା ଏକ ତତ୍ତ୍ୱ ବ୍ୟତୀତ ତାହା ଅନ୍ୟ ଯାବତୀୟ ଜ୍ଞାନ ଓ ଅନୁଭୂତିକୁ ସକଳ ସତ୍ୟ ଓ ସକଳ ଅର୍ଥସମ୍ପନ୍ନତାରୁ ବଞ୍ଚିତ କରି ରଖେ ।

ମାତ୍ର କେବଳ ଶୁଦ୍ଧ ବୁଦ୍ଧିରୁହିଁ ଏହିସବୁ ତର୍କାନୁଲୋଚନାର କ୍ଷେତ୍ର [illegible] ଯାଇ ପାରିବ, ଏବଂ ବୁଦ୍ଧିଦ୍ୱାରା କଦାପି ଏହି କ୍ଷେତ୍ରର ସତ୍ୟଗୁଡ଼ିକର ଯଥାର୍ଥ ମୂଲ୍ୟାୟନ କରାଯାଇ ପାରିବ ନାହିଁ । ଚିତ୍ତଭୂମିଗତ ସ୍ଥାୟୀ ତଥ୍ୟଗୁଡ଼ିକ ଦ୍ୱାରା ସମର୍ଥିତ ଆଧ୍ୟାତ୍ମିକ ଉପଲବ୍ଧିର ଆଲୋକଦ୍ୱାରାହିଁ ତାହା ହୋଇପାରିବ । ମୀମାଂସାକାରୀ କେବଳମାତ୍ର ଗୋଟିଏ ଆଧ୍ୟାତ୍ମିକ ଅନୁଭୂତିହିଁ ହୁଏତ ଆମର ତର୍କାଶ୍ରିତ ବୁଦ୍ଧିଦ୍ୱାରା ରଚିତ ହୋଇଥିବା ବିବରଣୀ ଓ ସିଦ୍ଧାନ୍ତଗୁଡ଼ିକର ସମୁଦାୟ ସୌଧଟିକୁ ଚୂର୍ଣ୍ଣ କରି ଦେବା ଲାଗି ଯଥେଷ୍ଟ ହେବ । ଏଥିରୁ ମାୟାବାଦର ସିଦ୍ଧାନ୍ତଟି ଲାଗି ମଧ୍ୟ ଆପଣା ସପକ୍ଷେ ଏକ ଦୃଢ଼ ଭୂମି ମିଳିଯାଉଥିଲା ପରି ମନେହେବ । କାରଣ ମାୟାବାଦ ସ୍ୱୟଂ କେବଳ ମନୋଭୂମିଗତ ଏକ ସୂତ୍ରରଚନା ହୋଇଥିଲେ ମଧ୍ୟ, ଯେଉଁ ଅନୁଭୂତିଟିକୁ ନେଇ ଏହା ଏକ ଦର୍ଶନ ଗଢ଼ି ଥୋଇ ଦେଇଥାଏ, କେବଳ ଅତ୍ୟନ୍ତ ଶକ୍ତିଶାଳୀ ଓ ଆପାତ ଦୃଷ୍ଟିରୁ ଚରମ ଆଧ୍ୟାତ୍ମିକ ବୋଲି ଦେଖାଯାଉଥିବା ଏକ ସାଧନାଦ୍ୱାରାହିଁ ତାହା ଉପଲବ୍ଧ ହୋଇପାରିବ । ଏହି ଉପଲବ୍ଧି ସତ୍ୟର ଭୂମି ଉପରେ ଜାଗ୍ରତ ହୋଇ ଉଠିବାର ଏକ ଦୁର୍ଦ୍ଧର୍ଷ ପ୍ରବେଗ ନେଇ ଆମକୁ ଆଲୋଡ଼ିତ କରିବାକୁ ଆସିଥାଏ; ସେତେବେଳେ ଭାବନା ସ୍ଥିର ହୋଇ ପଡ଼ିରହେ, ମନ ଆପଣାର ଯାବତୀୟ ବିରଚନରୁ ପ୍ରତ୍ୟାହୃତ ହୋଇ ରହେ । ସେତେବେଳେ ଆମେ ଆତ୍ମଗତ ଅସ୍ତିତ୍ୱର ଏପରି ଏକ ଶୁଦ୍ଧ ସ୍ତର ଭିତରକୁ ଚାଲିଯାଉ, ଯେଉଁଠାରେ କି ବ୍ୟକ୍ତିଭାବର କୌଣସି ସଙ୍କେତ ନଥାଏ, ଜାଗତିକ ବସ୍ତୁବୋଧର ଲେଶମାତ୍ର ବି ନଥାଏ । ସେହି ଅବସ୍ଥାସ୍ଥିତ ଆଧ୍ୟାତ୍ମିକତାସମ୍ପନ୍ନ ମନଟି ଯଦି ସେତେବେଳେ ବ୍ୟକ୍ତି ଓ ବସ୍ତୁ ଉପରେ ଦୃଷ୍ଟି ପକାଏ, ତେବେ ସେଗୁଡ଼ିକ ତାହାକୁ ହୁଏତ କେବଳ ଭ୍ରମ ବୋଲିହିଁ ମନେହୁଅନ୍ତି । ପରମ ସ୍ୱୟମ୍ଭୂସତ୍ତାର ଅପ୍ରତିଦ୍ୱନ୍ଦ୍ୱୀ ସତ୍ୟଟି ଉପରେ ମିଥ୍ୟା-ଆରୋପିତ ହୁଏତ କେବଳ ନାମ, ରୂପ ଓ ଗତିସ୍ପନ୍ଦନର ଏକ ସମଷ୍ଟି ବୋଲି ମନେହୁଅନ୍ତି । ଅଥବା, ସେହି ଅବସ୍ଥାକୁ ଆତ୍ମବୋଧର ଅବସ୍ଥା ବୋଲି କହିବା ମଧ୍ୟ ଯଥାର୍ଥ ବା ଯଥେଷ୍ଟ ହୁଏ ନାହିଁ । ସେତେବେଳେ ଜ୍ଞାନ ଓ ଅଜ୍ଞାନ ଉଭୟ କେବଳ ଶୁଦ୍ଧ ଚେତନା ଭିତରେ କୁଆଡ଼େ ଲୀନ ହୋଇଯାଏ, ଏବଂ ଚେତନା ମଧ୍ୟ ଶୁଦ୍ଧ ଅତିଚେତନ ସ୍ଥିତିର ଏକ ସମାଧି ଭିତରେ ନିମଜ୍ଜିତ ହୋଇ ରହିଥାଏ । ଅଥବା, ଯାହା ଏକାନ୍ତ ଭାବରେ ନିତ୍ୟ-ବର୍ତ୍ତମାନ ରହିଛି, ତାହାକୁ ଏକ ସ୍ଥିତି ବୋଲି ଅଭିହିତ କଲେ ପରିଶେଷରେ ସେଇଟି ମଧ୍ୟ ଅତ୍ୟନ୍ତ ଅଯଥେଷ୍ଟ ଓ ସୀମାବଦ୍ଧ ବୋଲି ମନେହୁଏ । କାରଣ ସେତେବେଳେ

'oaob.nitrkl.ac.in' images reprocessed

କେବଳ ଏକ କାଳରହିତ ଶାଶ୍ୱତତାହିଁ ବର୍ତ୍ତମାନ ଥାଏ, ଏକ ଦେଶାତୀତ ଅନନ୍ତତାହିଁ ରହିଥାଏ, ପରମ ନିର୍ବିଶେଷର ଏକ ସୂକ୍ଷ୍ମ ଏକାନ୍ତତା ବିଦ୍ୟମାନ ଥାଏ । ତାହାକୁ ଏକ ପରମ ଶାନ୍ତି ବୋଲି ବୁଝାଯାଇ ପାରେ, ଯାହାକୁ କି କୌଣସି ନାମ ଦେଇ ବର୍ଣ୍ଣନା କରିହେବ ନାହିଁ; ଏକ ପରମ ତଲ୍ଲୀନ ଓ ବିଶ୍ୱର ସମାଧି ବୋଲି ବୁଝାଯାଇ ପାରେ, ଯାହା କେବଳ ଅଭିଭୂତ କରି ରଖିଥାଏ ଏବଂ ଅନ୍ୟ ସବୁକିଛୁକୁ ଭସାଇ ଓ ବୁଡ଼ାଇ ଦେଇ ଯାହା ଏକମାତ୍ର ଅବସ୍ଥାନ କରୁଥାଏ । ଏହି ସ୍ୱୟଂସମ୍ପୂର୍ଣ୍ଣ ଅନୁଭୂତିଟିର ଯେ ଅବଶ୍ୟ ଏକ ପ୍ରାମାଣିକତା ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ । ଏହାର ଯେଉଁ 'ଏକାତ୍ମ-ପ୍ରତ୍ୟୟ-ସାର' ଅନୁଭୂତି ସାଧକର ଚେତନାକୁ ଅଭିଭୂତ କରି ରଖିଥାଏ, ତାହାକୁ କେହି ଅସ୍ୱୀକାର କରିପାରିବ ନାହିଁ । ମାତ୍ର ଯେକୌଣସି ଆଧ୍ୟାତ୍ମିକ ଅନୁଭୂତି କହିଲେ ସର୍ବଦା କେବଳ ସେହି ପରମ ଅନନ୍ତ ସତ୍ତାର ଅନୁଭୂତି ଲାଭ କରିବାକୁହିଁ ବୁଝାଇବ, ଏବଂ ଏହି ଅନୁଭୂତିଟିର ଅଗଣିତ ବହୁବିଧ ଦିଗ ରହିଛି । କେବଳ ଏଠାରେ ଚର୍ଚ୍ଚା କରାଯାଉଥିବା ଦିଗଟି ନୁହେଁ, ଏହାର ଏପରି ଆହୁରି କେତେକ ଧାରା ବା ଦିଗ ରହିଛି, ଯେଉଁଗୁଡ଼ିକ ଆମକୁ ପରମ ଦିବ୍ୟ ଓ ନିର୍ବିଶେଷ ସତ୍ତାର ଏତେ ନିକଟକୁ ନେଇଯାଏ, ସେହି ସତ୍ତାର ସାନ୍ନିଧ୍ୟଗତ ସତ୍ୟ ଏବଂ ତାହାଠାରୁ ଅଳ୍ପ ବା ନ୍ୟୂନ ବୋଲି ଅନୁଭୂତ ହେଉଥିବା ସର୍ବବିଧ ସ୍ଥିତି ଓ ସ୍ତରର ବନ୍ଧନରୁ ମୁକ୍ତି ଲାଭ କରିବାର ଅନିର୍ବଚନୀୟ ଶାନ୍ତି ଓ ଶକ୍ତି ତାହା ଭିତରେ ଏପରି ଓତପ୍ରୋତ ଭାବରେ ଭେଦି ରହିଥାଏ ଯେ ସେହି ଧାରାଗୁଡ଼ିକ ଯେ ଅବଶ୍ୟ ଚରମ ଓ ମୀମାଂସକ ହୋଇଥିବେ, ସାଧକର ମନ ଏହି ଭାବଟିଦ୍ୱାରା ଅନୁପ୍ଲାବିତ ହୋଇ ରହିଥାଏ । ସର୍ବାଧିଷ୍ଠାନ ପରମ ସତ୍ତାରେ ଆସି ପହଞ୍ଚିବା ଲାଗି ଶତସଂଖ୍ୟକ ପଥ ବିଦ୍ୟମାନ ରହିଛି, ଏବଂ ଯିଏ ଯେପରି ପଥକୁ ଆପଣାର ପଥ ବୋଲି ଗ୍ରହଣ କରିନେବ, ସେହି ଅନିର୍ବଚନୀୟ ପରମ ତତ୍ତ୍ୱସ୍ୱରୂପ ମଧ୍ୟରେ ତା'ର ପ୍ରବେଶ କରିବାର ଚରମ ଅନୁଭୂତିଟିର ସ୍ୱଭାବ ମଧ୍ୟ ଠିକ୍ ସେହିପରିହିଁ ହେବ । ମନର ବୃତ୍ତିବାଭଳି ଯାହାର କୌଣସି ବିବରଣୀ ଦିଆଯାଇ ପାରିବ ନାହିଁ ବା କୌଣସି ବାକ୍ୟର ସାହାଯ୍ୟରେ ମଧ୍ୟ ଯାହାକୁ ପ୍ରକାଶ କରାଯାଇ ପାରିବ ନାହିଁ, ଆପଣାର ନିର୍ବାଚିତ ପଥ ଅନୁସାରେହିଁ ସାଧକ ତାହାର ଅନୁଭୂତି ଲାଭ କରିବ । ଏହିସବୁ ବିଶିଷ୍ଟ ପୂର୍ଣ୍ଣାନୁଭୂତିଗୁଡ଼ିକୁ ସେହି ଅଦ୍ୱିତୀୟ ପରମ ନିର୍ବିଶେଷଙ୍କର ସତ୍ୟାନୁଭୂତିର ଉପାନ୍ତସ୍ଥିତ ଅର୍ଥାତ୍ ତାହାର ଠିକ୍ ପୂର୍ବବର୍ତ୍ତୀ ଅନୁଭୂତି ବୋଲି ବିଚାର କରାଯାଇ ପାରେ । ଏହି ଅନୁଭୂତିଗୁଡ଼ିକୁ ଗୋଟିଏ ଗୋଟିଏ ସୋପାନ ପରି ପାରହୋଇ ଆତ୍ମା ମନୋଭୂମିର ସୀମାଗୁଡ଼ିକୁ ଅତିକ୍ରମ କରିଯାଏ ଓ ପରମ ନିର୍ବିଶେଷ ମଧ୍ୟରେ ପ୍ରବେଶ କରେ । ତେବେ ଏକ ଶୁଦ୍ଧ ଓ ଅବିଚଳ ଆତ୍ମସତ୍ତା ଭିତରେ ପ୍ରବେଶ କରିବାର ଏହି ଅନୁଭୂତିଟିକୁ, ଅର୍ଥାତ୍ ବ୍ୟକ୍ତିସତ୍ତା ଓ ବିଶ୍ୱର ଏହି ନିର୍ବାଣକୁ ଆମେ ଉପରେ ଆଲୋଚିତ ସେହି ଉପାନ୍ତସ୍ଥିତ-

'oaob.nitrkl.ac.in' images reprocessed

ଗୁଡ଼ିକରୁ ଗୋଟିଏ ବୋଲି କହିବା କି ? ଅଥବା, ହୁଏତ ଏପରି କୁହାଯାଇ ପାରିବ ଯେ ଏହି ଅନୁଭୂତି ବା ଉପଲବ୍ଧିଟି ହେଉଛି ସେହି ସର୍ବଶେଷ ଓ ପରମ ଉପଲବ୍ଧି, ପ୍ରତ୍ୟେକ ସାଧନାପଥର ଶେଷରେ କେବଳ ଏଇଟିହିଁ ନିର୍ଦ୍ଦେଶିତ ହୋଇ ରହିଛି, ଏହା ନ୍ୟୂନତର ଯାବତୀୟ ଅନୁଭୂତିର ସେପାଖରେ ରହିଛି ଓ ସେଗୁଡ଼ିକୁ କାଟିଦେଇ ଆପଣାର ଚରମ ପ୍ରାମାଣିକତା ଘୋଷଣା କରୁଛି ? ଏପରି ଦାବି କରାଯାଇଥାଏ ଯେ ଏହା ଅନ୍ୟସକଳ ଅନୁଭୂତିର ପଛରେ ରହିଛି ଓ ସେଗୁଡ଼ିକୁ ଅତିକ୍ରମ କରି ରହିଛି, ଅନ୍ୟ ସକଳ ଜ୍ଞାନକୁ ଖଣ୍ଡନ ଓ ନିରାକୃତ କରି ବର୍ତ୍ତମାନ ଅଛି । ଯଦି ପ୍ରକୃତରେ ତାହାହିଁ ହୋଇଥାଏ, ତେବେ ଏହାର ଚରମ ପ୍ରାମାଣିକତାକୁହିଁ ପ୍ରକୃତରେ ଚରମ ଓ ମୀମାଂସକ ବୋଲି ଗ୍ରହଣ କରିବାକୁ ପଡ଼ିବ । ମାତ୍ର ଏହି ଦାବିଟି ଉପରେ ଆହୁରି ଏକ ଦାବି କରାଯାଇଥାଏ ଯେ ଏକ ବୃହତ୍ତର ନେତି କିମ୍ବା ବୃହତ୍ତର ଇତିର ମାର୍ଗ ଧରି ଏହାଠାରୁ ଆହୁରି ଆଗକୁ ଯିବା ମଧ୍ୟ ସମ୍ଭବ ହୋଇପାରେ । ପରମ ଅସତ୍ତ୍ୱ ମଧ୍ୟରେ ଆତ୍ମାକୁ ନିର୍ବାପିତ କରିଦେବା ଅଥବା, ବିଶ୍ୱଚେତନା ଏବଂ ଅଦ୍ୱୟ ସତ୍ତ୍ୱସ୍ୱରୂପ ମଧ୍ୟରେ ସକଳ ଜଗତଚେତନାର ନିର୍ବାଣ,—ଏହି ଉଭୟ ଅନୁଭୂତିର ମଧ୍ୟଦେଇ ଏହି ଉଭୟ ଉପଲବ୍ଧିକୁ ଆପଣାର ପରିବ୍ୟାପ୍ତ ଓ ସମ୍ପୂର୍ଣ୍ଣ ସତ୍ୟଟି ମଧ୍ୟରେ ଧରି ରଖିଥିବା ଏକ ବୃହତ୍ତର ଓ ଦିବ୍ୟ ମିଳନ ଏବଂ ଏକତ୍ୱ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବା ମଧ୍ୟ ସମ୍ଭବ ହୋଇପାରେ । ପୁଣି କୁହାଯାଇଥାଏ ଯେ ଦ୍ୱୈତତା ଏବଂ ଅ-ଦ୍ୱୈତତାକୁ ଅତିକ୍ରମ କରି ଏକ ପରମ ତତ୍ତ୍ୱସ୍ୱରୂପ ଅବସ୍ଥିତ ରହିଛନ୍ତି ଯେଉଁଠାରେ କି ଦ୍ୱୈତତା ଓ ଅଦ୍ୱୈତତା ଉଭୟେ ଏକତ୍ର ସହାବସ୍ଥାନ କରୁଛନ୍ତି ଓ ଆପଣାର ଅତୀତ ଏକ ପରମସତ୍ୟ ମଧ୍ୟରେ ଆପଣାର ଯଥାର୍ଥ ସତ୍ୟଟିକୁ ଦେଖିବାକୁ ପାଉଛନ୍ତି । ଅନ୍ୟ ସକଳ ସମ୍ଭବପର ଅଥଚ ନ୍ୟୂନତର ଅନୁଭୂତିର ସୀମାକୁ ଡେଇଁଗଲେ ଓ ସେଗୁଡ଼ିକୁ କାଟି ପକାଇ ଯେଉଁ ପରମ ଓ ସମ୍ପୂର୍ଣ୍ଣ ଅନୁଭୂତିଟି ଚରମ ସତ୍ୟରେ ଯାଇ ପହଞ୍ଚିବାକୁ ଅଗ୍ରସର ହୋଇଥାଏ, ତାହାକୁ ସେହି ଅଭିମୁଖରେ ଏକ ସୋପାନରୂପେ ସ୍ୱୀକାର କରାଯାଇ-ଥାଏ । ଯେଉଁ ପରମ ଅନୁଭୂତିଟି ସକଳ ଆଧ୍ୟାତ୍ମିକ ଅନୁଭୂତିର ସତ୍ୟକୁ ଆପଣା ମଧ୍ୟରେ ଗ୍ରହଣ କରିନିଏ ଓ ସେଗୁଡ଼ିକୁ ଆପଣାର ଅନ୍ତର୍ଗତ କରି ରଖିଥାଏ, ପ୍ରତ୍ୟେକଟି ଅନୁଭୂତିକୁ ତାହାର ଚରମ ପରିପୂର୍ଣ୍ଣତାରେ ଆଣି ପହଞ୍ଚାଇଦିଏ, ଏକ ପରମ ସତ୍ୟର ଭୂମି ଉପରେ ସକଳ ଜ୍ଞାନ ତଥା ସକଳ ଅନୁଭୂତିକୁ ସମ୍ମିଳିତ କରିଦିଏ ଓ ସେଗୁଡ଼ିକୁ ଏକ ପୂର୍ଣ୍ଣାଙ୍ଗ ଓ ସମଗ୍ର ରୂପ ପ୍ରଦାନ କରିବାକୁ ସମର୍ଥ ହୁଏ, ସେଇଟିକୁ ଆମେ ପରବର୍ତ୍ତୀ ଆହୁରି ଗୋଟିଏ ସୋପାନ ବୋଲି କହିପାରିବା । ତାହାକୁ ଆମେ ଏକାଧାରରେ ସକଳ ବସ୍ତୁକୁ ପରମ ସ୍ୱାଧୀନତା ଆଣି ଦେଉଥିବା ଓ ସେଗୁଡ଼ିକର ଚରମ ରୂପାନ୍ତର ଘଟାଉଥିବା ଏକ ପରମସତ୍ୟ ଏବଂ ଏକ ସର୍ବୋଚ୍ଚ ଓ ସର୍ବାଧିଷ୍ଠିତ ଅନନ୍ତ ବିଶ୍ୱୋତ୍ତୀର୍ଣ୍ଣତା ବୋଲି କହିପାରିବା । ବ୍ରହ୍ମ ଅର୍ଥାତ୍ ସର୍ବୋଚ୍ଚ ପରମସତ୍ୟହିଁ

'oaob.nitrkl.ac.in' images reprocessed

ସେହି ପରମ ତତ୍ତ୍ୱସ୍ୱରୂପ, ଯାହାଙ୍କୁ ଜାଣିଲେ ଯାବତୀୟ ସବୁକିଛିକୁ ଜାଣିହୁଏ । ମାତ୍ର ମାୟାବାଦୀ ସିଦ୍ଧାନ୍ତ ଅନୁସାରେ ବ୍ରହ୍ମଙ୍କୁ ଆମେ ସେହି ପରମ ତତ୍ତ୍ୱସ୍ୱରୂପ ବୋଲି କହିପାରିବା, ଯାହାଙ୍କୁ ଜାଣିଲେ ସବୁ କେବଳ ଅସତ୍ୟ ଓ ଅବାସ୍ତବ ବୋଲି ପ୍ରମାଣିତ ହୁଏ, କେବଳ ଏକ ଅବୋଧ୍ୟ ରହସ୍ୟ ହୋଇ ପଡ଼ିରହେ । ମାତ୍ର ଏହି ଅନ୍ୟ ଅନୁଭୂତିଟିରେ ପରମସତ୍ୟଙ୍କୁ ଜାଣିଲେ ସକଳ ବସ୍ତୁ ଆପଣାର ଯଥାର୍ଥ ତାତ୍ପର୍ଯ୍ୟ ଲାଭ କରନ୍ତି; ଶାଶ୍ୱତ ଓ ନିର୍ବିଶେଷ ପରମସତ୍ତା ମଧ୍ୟରେ ସେମାନଙ୍କର ଯେଉଁ ସତ୍ୟଟି ସଦାବର୍ତ୍ତମାନ ରହିଛି, ସେମାନେ ସେହି ସତ୍ୟରେହିଁ ଆମ ସମ୍ମୁଖରେ ପ୍ରତିଭାତ ହୁଅନ୍ତି ।

ପରସ୍ପରର ବିରୋଧୀ ବୋଲି ମନେ ହେଉଥିବା ସତ୍ୟଗୁଡ଼ିକର ସମେତ ସକଳ ସତ୍ୟର ସ୍ୱକୀୟ ପ୍ରାମାଣିକତା ଅବଶ୍ୟ ରହିଛି, ମାତ୍ର ସେଗୁଡ଼ିକ ଲାଗି ଏକ ସର୍ବଗ୍ରାହୀ ବୃହତ୍ତମ ସତ୍ୟରେ ସମାବିଷ୍ଟ ଓ ସମନ୍ୱିତ ହୋଇପାରିବା ଲାଗି ଏକ ଏକାନ୍ତ ଆବଶ୍ୟକତା ରହିଛି । ପ୍ରତ୍ୟେକ ଦର୍ଶନମତର ଆପଣା ଆପଣାର ସ୍ୱକୀୟ ମୂଲ୍ୟ ଅବଶ୍ୟ ରହିଛି । ଆଉ କୌଣସି କାରଣରୁ ନହେଉ ପଛକେ, ସେମାନେ ପ୍ରତ୍ୟେକେ ଗୋଟିଏ ବିଶିଷ୍ଟ ଦୃଷ୍ଟିକୋଣରୁ ଆତ୍ମା ଓ ଜଗତକୁ ଦେଖିବାର ପ୍ରୟାସ କରିଛନ୍ତି । ଜଗତର ଭୂମି ଉପରେ ପରମସତ୍ୟର ଯେଉଁ ଅନେକରୂପ ପରିପ୍ରକାଶ ରହିଛି, ତାହାର ବିଷୟରେ ଗୋଟିଏ ଗୋଟିଏ ଅନୁଭବକୁ ଭିତ୍ତି କରି ଏହିସବୁ ଦୃଷ୍ଟିକୋଣ ଗଠିତ ହୋଇଛି । ତେଣୁ ଏପରି କରିବାଦ୍ୱାରା ସେହି ମତଗୁଡ଼ିକ ପରମ ଅନନ୍ତଙ୍କର ଜ୍ଞାତବ୍ୟ ଭୂମିଟିର କୌଣସି ଏକ ବିଷୟଟି ଉପରେ ଆଲୋକପାତ କରି ଦେଉଛନ୍ତି । ଆଧ୍ୟାତ୍ମିକ ସକଳ ଅନୁଭୂତି ହେଉଛି ଗୋଟିଏ ଗୋଟିଏ ସତ୍ୟ ଅନୁଭୂତି, ମାତ୍ର ସେଗୁଡ଼ିକ ପ୍ରତ୍ୟେକେ କୌଣସି ଉଚ୍ଚତମ ଓ ପ୍ରଶସ୍ତତମ ସତ୍ୟ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରିଦିଅନ୍ତି, ଯାହାକି ଏହି ଏକକସତ୍ୟଗୁଡ଼ିକୁ ଆପଣା ଭିତରେ ଅଙ୍ଗୀକାର କରିନିଏ, ଏବଂ ସେଗୁଡ଼ିକୁ ଅତିକ୍ରମ କରି ଅବସ୍ଥିତ ରହିଥାଏ । ଅର୍ଥାତ୍, ଆମେ ଏହାକୁ ସକଳ ସତ୍ୟ ଓ ସକଳ ଅନୁଭୂତିର ପରସ୍ପର-ଆପେକ୍ଷିକତାର ଏକ ନିଦର୍ଶନ ବୋଲି ବେଶ୍ କହିପାରିବା; କାରଣ ଜ୍ଞାତା ଓ ଅନୁଭବକାରୀର ମନ ଓ ସତ୍ତାର ବହିର୍ମୁଖୀ ତଥା ଅନ୍ତର୍ମୁଖୀ ଦୃଷ୍ଟିଭଙ୍ଗୀଟି ଅନୁସାରେ ସତ୍ୟ ଓ ସତ୍ୟାନୁଭୂତି ଉଭୟ କ୍ଷେତ୍ରରେହିଁ ବୈଚିତ୍ର୍ୟ ପରିଦୃଷ୍ଟ ହୋଇଥାଏ । ପ୍ରତ୍ୟେକ ମନୁଷ୍ୟର ଆପଣା ପ୍ରକୃତି ଅନୁସାରେ ତା'ର ଧର୍ମଭୂମିଟି ମଧ୍ୟ ତିଆରି ହୋଇଛି ବୋଲି ଯେପରି ବୁଝାଯାଇଥାଏ, ଠିକ୍ ସେହିପରି ପ୍ରତ୍ୟେକ ମନୀଷୀର ଆପଣାର ଏକ ଦର୍ଶନ ମଧ୍ୟ ଥାଇପାରେ, ସତ୍ତାକୁ ଦେଖିବାର ଓ ଅନୁଭବ କରିବାର ଏକ ସ୍ୱକୀୟ ରୀତି ଥାଇପାରେ । ଅବଶ୍ୟ ଏକଥା ସତ୍ୟ ଯେ ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ତାହାକୁ ବିଧିବଦ୍ଧ ସୂତ୍ର ସାହାଯ୍ୟରେ ବ୍ୟକ୍ତ କରିବାକୁ ସମର୍ଥ ହୋଇଥା'ନ୍ତି । ମାତ୍ର ଆଉ ଗୋଟିଏ ଦୃଷ୍ଟିରୁ ଦେଖିବସିଲେ ଏହି

'oaob.nitrkl.ac.in' images reprocessed

ଦୃଷ୍ଟି ଓ ଦର୍ଶନଗତ ବୈଚିତ୍ର୍ୟ ବରଂ ସେହି ପରମ ଅନନ୍ତଙ୍କର ବିସ୍ତୃତମୟ ବୈଚିତ୍ର୍ୟଟିକୁହିଁ ପ୍ରତିପାଦିତ କରି ଦେଉଛି । ପ୍ରତ୍ୟେକ ମନୁଷ୍ୟ ତାଙ୍କର ଗୋଟିଏ ଅଥବା ତତୋଽଧିକ ବିଭବ ବା ସ୍ପର୍ଶର ଏକ ଆଂଶିକ ଅଥବା ସମ୍ପୂର୍ଣ୍ଣ ଝଲକ ପାଉଛି ବା ଆପଣାର ମାନସିକ କିମ୍ବା ଆଧ୍ୟାତ୍ମିକ ଅନୁଭୂତିରେ ସିଏ ଯାଇ ତାହା ଭିତରେ ପ୍ରବେଶ କରୁଛି । ଗୋଟିଏ ସ୍ତରରେ ପହଞ୍ଚିବାପରେ ଆମର ମନକୁ ଏହିସବୁ ବିଭିନ୍ନ ଦୃଷ୍ଟିକୋଣ ଆଉ ପରସ୍ପରଠାରୁ ଭିନ୍ନ ବା ପୃଥକ୍ ବୋଲି ଦେଖାଯାଆନ୍ତି ନାହିଁ । ସେଗୁଡ଼ିକ ସତେଅବା ଏକ ବୃହତ୍ତ୍ ଉଦାରତ୍ୱବ ଅଥବା ଏକ ଜଟିଳ ଅଥଚ ଗ୍ରହଣଶୀଳ ଅନନ୍ତସ୍ୱୃତା ମଧ୍ୟରେ ଆପଣାର ପୃଥକ୍ ବୈଶିଷ୍ଟ୍ୟଟିକୁ ହରାଇଦିଅନ୍ତି । ଅଥବା ଅନୁଭୂତିର ଏକ ପର୍ଯ୍ୟାୟରେ ଅନ୍ୟ ସକଳ ଅନୁଭୂତି ସତେଅବା ଖସିଖସି ପଡ଼ନ୍ତି, ଏବଂ ଏକ ଚରମ ସତ୍ୟ ଅଥବା ନିମଜ୍ଜନକାରୀ ଗୋଟିଏମାତ୍ର ଅନୁଭୂତି ଲାଗି ବାଟ ଛାଡ଼ିଦିଅନ୍ତି । ଏବଂ ସେହି ଅବସ୍ଥାରେ ତାହା ଏପର୍ଯ୍ୟନ୍ତ ଯେଉଁସବୁ ପଦାର୍ଥକୁ ଆପଣାର କିମ୍ବା ଆପଣା ଜଗତର ଅଂଶରୂପେ ଦେଖି ଆସିଥିଲା, ଭାବି ଆସିଥିଲା ଓ ସ୍ୱୀକାର କରି ଆସିଥିଲା, ସେସବୁ ଏଣିକି ଅସତ୍ୟ ଓ ଅବାସ୍ତବ ବୋଲି ଅନୁଭୂତ ହେବାକୁ ଲାଗନ୍ତି । ଏହି 'ସବୁକିଛି' ସେତେବେଳେ କେବଳ ଏକ ବିଶ୍ୱମୟ ଅବାସ୍ତବତାରେହିଁ ପରିଣତ ହୁଏ ଅଥବା ଏକ ବହୁମୁଖୀ ଖଣ୍ଡିତତାମୟ ବାସ୍ତବତାରୂପେ ପ୍ରତୀତ ହୁଏ, ଯାହାକୁ ଏକତ୍ର ବିଧୃତ ବା ସଂଯୁକ୍ତ କରି ରଖିବାଲାଗି କୋଉଠିହେଲେ କୌଣସି ତତ୍ତ୍ୱ କାର୍ଯ୍ୟ କରୁନଥାଏ । ଏହିପରି ଅଗ୍ରସର ହୋଇ ଯେତେବେଳେ ଏହା ଏକ ନିର୍ବିଶେଷ ପରମାନୁଭୂତିର ନେତିପ୍ରତିପାଦକ ଶୂନ୍ୟତା ମଧ୍ୟରେ ପ୍ରବେଶ କରେ, ସେତେବେଳେ ଏହାର ଅନୁଭୂତିରୁ ସବୁକିଛି ଖସିପଡ଼େ ଏବଂ କେବଳ ଏକ ନିଃଶବ୍ଦ ଓ ନିଶ୍ଚଳ ପରମ ନିର୍ବିଶେଷ ସତ୍ତାହିଁ ଅବଶିଷ୍ଟ ରହିଯାଆନ୍ତି । ମାତ୍ର ତଥାପି ଆହୁରି ଆଗକୁ ପାଦ ପକାଇବା ଲାଗି ଆମର ଚେତନାଲାଗି ଏକ ଆହ୍ୱାନ ଆସିପାରେ; ସେ ଯାହାସବୁକୁ ପଛରେ ପକାଇଦେଇ ଯାଇଛି, ତାହାକୁ ପୁନର୍ବାର ଏକ ନୂତନ ଆଧ୍ୟାତ୍ମିକ ଦୃଷ୍ଟିର ଆଲୋକରେ ଦେଖିବାର ଆହ୍ୱାନ ଆସି ପହଞ୍ଚିପାରେ । ପରମ ନିର୍ବିଶେଷ ସତ୍ତାର ସତ୍ୟଭୂମି ଉପରେ ଏହା ସକଳ ବସ୍ତୁର ସତ୍ୟଟିକୁ ପୁଣି ଫେରି ପାଇବାରେ ସମର୍ଥ ହୋଇପାରେ । ପରମ ତତ୍ତ୍ୱସ୍ୱରୂପଙ୍କର ଏକକ ଦର୍ଶନରେ ନିର୍ବାଣର ନେତି ଏବଂ ବିଶ୍ୱଚେତନାର ଇତିକୁ ଏକତ୍ର ସମନ୍ୱିତ ଓ ସଂଯୁକ୍ତ ବି କରିପାରେ; ଏବଂ ଏହି ଦୁଇଟିଯାକ ଯେ କେବଳ ତାଙ୍କର ଆତ୍ମପ୍ରକାଶ ମାତ୍ର, ସେହି ସତ୍ୟଟିକୁ ଉପଲବ୍ଧି କରିପାରେ । ମାନସିକ ଜ୍ଞାନର ଭୂମିରୁ ଅଧିମାନସ ଜ୍ଞାନର ଅଭିମୁଖରେ ବାଟ ଚାଲି ଗଲାବେଳେ ଏହି ବହୁମୁଖୀ ଏକତ୍ୱଟିହିଁ ପଥଯାତ୍ରୀର ଅନୁଭୂତିରେ ସର୍ବପ୍ରଧାନ ଅନୁଭୂତିରୂପେ ପ୍ରତିଭାତ ହୋଇଥାଏ । ସେତେବେଳେ ନାନା ବିଚିତ୍ରତାର ଏହି ସମଗ୍ର ରୂପାୟନଟି ତାହା ଆଗରେ ଏକ ଏକକ ଓ ଶୃଙ୍ଖଳାମୟ ସମନ୍ୱସ୍ୱରୂପେ ଆବିର୍ଭୂତ

'oaob.nitrkl.ac.in' images reprocessed

ହୁଏ; ଏବଂ ଆମର ଆତ୍ମା ଯେତେବେଳେ ଅଧିମାନସ ଓ ଅତିମାନସର ମଧ୍ୟପଥରେ ଦଣ୍ଡାୟମାନ ହୋଇ ଏକ ସମଗ୍ର ଦୃଷ୍ଟିରେ ସକଳ ଅସ୍ତିତ୍ୱକୁ ଘେରି ଅନାଏ, ସେତେବେଳେ ଏହି ସମନ୍ୱୟ ତାହାର ଚରମ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ।

ଏହାକୁ ଅନ୍ତତଃ ଏକ ସମ୍ଭାବନା ବୋଲି କୁହାଯିବ, ଆମକୁ ଯାହାର ଅନୁସନ୍ଧାନ କରି ଦେଖିବାକୁ ହେବ ଏବଂ ଏହାର ଶେଷ ପରିଣତିଟିକୁ ଅନୁଭୂତି ମଧ୍ୟରେ ଆଣିବା ପର୍ଯ୍ୟନ୍ତ ଏହାର ଅନୁଧାବନ କରିବାକୁ ପଡ଼ିବ । ଏହି ବିଶ୍ୱଜଗତ ଭରି କେବଳ ଏକ ଭ୍ରମହିଁ ଘେରିରହିଛି ଏବଂ ତାହାରି ସାହାଯ୍ୟ ନେଇ ଆମେ ସତ୍ତ୍ୱଗତ ସମସ୍ୟାଟିର ବ୍ୟାଖ୍ୟା କରିଦେଇ ପାରିବା,—ଏହି ସମ୍ଭାବନାଟି ଉପରେ ଆମକୁ ପ୍ରଥମେ ବିଚାର କରିବାକୁ ପଡ଼ିଲା, କାରଣ ବସ୍ତୁ ସମ୍ବନ୍ଧରେ ଏହି ଦୃଷ୍ଟି ଓ ଏହି ଅନୁଭୂତିଟି ଆପଣାକୁ ଆଣି ମନୋମୟ ଆବର୍ତ୍ତିର-ପ୍ରାନ୍ତବିନ୍ଦୁରେ ଅତି ଶକ୍ତିଶାଳୀ ଭାବରେ ଉପସ୍ଥାପିତ କରିଥାଏ । ଏହି ବିନ୍ଦୁଟିରେ ପହଞ୍ଚି ତାହା ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯାଏ, ସେଇଠି ଅଟକି ରହେ ଓ ଆମକୁ ଆଉ ଆଗେଇ ନେଇପାରେ ନାହିଁ । ମାତ୍ର ପରମସତ୍ୟକୁ ଜାଣିବା ଲାଗି ଏକ ଅପକ୍ଷପାତ ଅନୁସନ୍ଧାନର ଶେଷରେ ପହଞ୍ଚି ଆମକୁ ଯେ କେବଳ ସେହି ବ୍ୟାଖ୍ୟାଟିକୁହିଁ ବାଧ୍ୟହୋଇ ମାନିନେବାକୁ ପଡ଼ିବ ନାହିଁ, ଏହି କଥାଟି ହୃଦୟଙ୍ଗମ କରିବାପରେ ଆମେ ସେହି ମତଟିକୁ ଇଚ୍ଛା କରିବା ମାତ୍ରକେ ବେଶ୍ ଅପସାରିତ କରି ରଖିପାରୁ, ଅଥବା ଆହୁରି ଅଧିକ ଏକ ନମନୀୟ ଭାବନା ଓ ବିଚାରର ପ୍ରସଙ୍ଗରେ ପ୍ରୟୋଜନ ହେଲେ ତେବେଯାଇ ପୁଣି ସେହି ମତବାଦଟିର ଉତ୍ଥାପନ କରିପାରୁ । ମାୟାବାଦୀ ସମାଧାନଟିକୁ ଆମ ଆଲୋଚନା ଓ ମୀମାଂସା ଲାଗି ଆଦୌ ଯଥେଷ୍ଟ ନୁହେଁ ବୋଲି ବାଦ୍ ଦେଇ ସାରିବାପରେ ବର୍ତ୍ତମାନ ଆଉ ଯେଉଁ ସମସ୍ୟାଟି ବାକୀ ରହିଛି, ବର୍ତ୍ତମାନ ଆମେ ତାହାକୁହିଁ ମୂଳ କରି ଆମର ବିଚାର ଆରମ୍ଭ କରିବା । ସେହି ସମସ୍ୟାଟି ହେଉଛି ଜ୍ଞାନ ଓ ଅଜ୍ଞାନର ସମସ୍ୟା, ବିଦ୍ୟା ଓ ଅବିଦ୍ୟାର ସମସ୍ୟା ।

"ପରମସତ୍ୟ ବା ସତ୍‌ବସ୍ତୁ କହିଲେ ପ୍ରକୃତରେ କ'ଣ ବୁଝାଇବ ?"—ଏଇଟି ହେଉଛି ସର୍ବମୂଳ ପ୍ରଶ୍ନ । ଆଉ ସକଳ ପ୍ରଶ୍ନ କେବଳ ଏହି ପ୍ରଶ୍ନଟିକୁ କେନ୍ଦ୍ର କରି ଆବର୍ତ୍ତିତ ହେଉଛି । ଆମର ଜ୍ଞାନଚେତନା ବଡ଼ ସୀମାବଦ୍ଧ, ବଡ଼ ପ୍ରମାଦଗ୍ରସ୍ତ ଓ ବଡ଼ କ୍ଷୁଦ୍ରାୟତନ । ଏହି ସୀମାବଦ୍ଧ ଚେତନାଟିକୁ ସାଙ୍ଗରେ ଧରିହିଁ ଆମେ ସତ୍ତ୍ୱ ସହିତ ଯେପରି ସମ୍ପର୍କରେ ଆସିବା, ପ୍ରଧାନତଃ ତାହାରି ଉପରେ ଆମର ସକଳ ସତ୍ୟକଳ୍ପନା ଓ ସତ୍ୟଧାରଣା ନିର୍ଭର କରିବାକୁ ବାଧ୍ୟ ହେବ । ଏବଂ ଏକ ମୌଳିକ ଓ ପରମ ଚେତନା ସତ୍ତ୍ୱକୁ ଯେପରି ଭାବରେ ଦେଖିଥାଏ, ଆମର ଦେଖିବା ରୀତି ତାହାଠାରୁ ହୁଏତ ଏକାନ୍ତ ଭିନ୍ନ ହୋଇପାରେ । ପ୍ରଥମତଃ ସାରଭୂତ ପରମସତ୍ୟ, ଦ୍ୱିତୀୟତଃ

'oaob.nitrkl.ac.in' images reprocessed

ତାହାକୁ ଆଶ୍ରୟ କରି ରହିଥିବା ଓ ତାହାରିଠାରୁ ଉଦ୍‌ଭୂତ ହୋଇଥିବା ପ୍ରାତିଭାସିକ ସତ୍ୟ, ଏବଂ ତୃତୀୟତଃ ଆମର ଇନ୍ଦ୍ରିୟଗତ ଅଭିଜ୍ଞତା ଓ ଆମର ବୁଦ୍ଧିଗତ ବିଚାରଣା ଦ୍ୱାରା ଉକ୍ତ ଦୁଇଟି ସତ୍ୟ ବିଷୟରେ ଆମର ମନ ଭିତରେ ଯେଉଁ ସୀମାବଦ୍ଧ ଓ ଓ ଅନେକ ସମୟରେ ଭ୍ରାନ୍ତିକାରୀ ଅନୁଭୂତି ବା ଧାରଣାଟି ଜନ୍ମିଥାଏ,—ଏହି ତିନୋଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣିରଖିବା ଏକାନ୍ତ ଆବଶ୍ୟକ । ଆମ ଇନ୍ଦ୍ରିୟର ଦେଖିବାକୁ ପୃଥିବୀଟା ହେଉଛି ସମତଳ, ଚେପ୍‌ଟା; ଏବଂ ଆମର ଅଧିକାଂଶ ତାତ୍କାଳିକ ଓ ବ୍ୟାବହାରିକ କାର୍ଯ୍ୟସାଧନ ଲାଗି ଓ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଆମକୁ ଏହି ଇନ୍ଦ୍ରିୟଗୃହୀତ ସତ୍ୟଟିକୁହିଁ ଅନୁସରଣ କରିବାକୁ ହୁଏ ଏବଂ ପୃଥିବୀର ସମତଳତାକୁହିଁ ସତ୍ୟ ବୋଲି ମାନି ସେହି ଅନୁସାରେ ଚଳିବାକୁ ହୁଏ । ମାତ୍ର ଯଥାର୍ଥ ପ୍ରାତିଭାସିକ ସତ୍ୟର ସ୍ତର ଉପରେ ପୃଥିବୀର ସମତଳତା ଅସତ୍ୟ ବୋଲି ପ୍ରମାଣିତ ହୁଏ; ଏବଂ ବସ୍ତୁଗୁଡ଼ିକରେ ପ୍ରାତିଭାସିକ ସତ୍ୟର ଅନୁସନ୍ଧାନ କରି ବାହାରିଥିବା ବିଜ୍ଞାନକୁ ପୃଥିବୀକୁ ଆପାତତଃ ଗୋଲକାର ବୋଲି ସ୍ୱୀକାର କରି ଅଗ୍ରସର ହେବାକୁ ପଡ଼େ । ପ୍ରତିଭାସଗୁଡ଼ିକର ଯଥାର୍ଥ ସତ୍ୟ ସମ୍ବନ୍ଧରେ ଇନ୍ଦ୍ରିୟର ଦତ୍ତ ସାକ୍ଷ୍ୟକୁ ବିଜ୍ଞାନ ବହୁକ୍ଷେତ୍ରରେ ଭୁଲ୍ ବୋଲି କହିଥାଏ ଓ ସେଗୁଡ଼ିକର ବିରୁଦ୍ଧ ସାକ୍ଷ୍ୟ ବି ଦେଇଥାଏ । ମାତ୍ର ଆମକୁ ତଥାପି ଇନ୍ଦ୍ରିୟଗୁଡ଼ିକ ଆଣି ଯୋଗାଇ ଦେଇଥିବା ଗଠନଟିକୁ ଗ୍ରହଣ କରିବାକୁ ପଡ଼େ, କାରଣ ବସ୍ତୁଗୁଡ଼ିକ ସହିତ ଯେଉଁ ବ୍ୟାବହାରିକ ସମ୍ବନ୍ଧଟିକୁ ସେମାନେ ଆମ ଉପରେ ଆଣି ଲଦିଦେଇ ଯାଆନ୍ତି, ସତ୍ୟର ଏକ ପରିଣାମ ହିସାବରେ ତାହାର ଏକ ପ୍ରାମାଣିକତା ରହିଥାଏ ଓ ତାହାକୁ କଦାପି ଅସ୍ୱୀକାର କରାଯାଇ ପାରେ ନାହିଁ । ଇନ୍ଦ୍ରିୟଗୁଡ଼ିକ ଉପରେ ଆସ୍ଥା ରଖିଥିବା ଓ ସେଗୁଡ଼ିକୁ ଅତିକ୍ରମ ବି କରିପାରୁଥିବା ଆମର ବୁଦ୍ଧିଗତ ବିଚାର ସତ୍ୟ ଏବଂ ଅସତ୍ୟ ସମ୍ବନ୍ଧରେ ଆପଣାର ସ୍ୱକୀୟ ନିୟମ ଓ ଧାରଣାମାନ ତିଆରି କରି ରଖିଥାଏ, ମାତ୍ର ଦେଖଣାହାରୀ ବିଚାରକ ଯେତେବେଳେ ଯେଉଁଭଳି ଦୃଷ୍ଟିରେ ଜଗତକୁ ଦେଖେ, ସେହି ଅନୁସାରେ ଏହିସବୁ ନିୟମ ଓ ଧାରଣା ମଧ୍ୟ ବଦଳିଯାଉଥାଏ । ପ୍ରତିଭାସର ରହସ୍ୟ ଅନୁସନ୍ଧାନ କରୁଥିବା ଜଡ଼ବିଜ୍ଞାନୀ ବିଷୟଗତ ଓ ପ୍ରାତିଭାସିକ ସତ୍ୟ ଓ ତାହାର ପ୍ରକ୍ରିୟାଗୁଡ଼ିକୁ ଭିତ୍ତି କରି ଆପଣାର ସୂତ୍ର ଓ ମୂଲ୍ୟମାନଗୁଡ଼ିକୁ ତିଆରି କରେ । ତାହାର ଦୃଷ୍ଟି ଲାଗି ଏହି ମନ ହୁଏତ ଜଡ଼ର ଏକ ଆଣବିକଗତ ପରିଣାମରୂପେ ପ୍ରତୀତ ହୋଇପାରେ ଏବଂ ଆତ୍ମା ଓ ଚିତ୍‌ସତ୍ତା ଅବାସ୍ତବ ବୋଲି ମନେହୋଇ ପାରନ୍ତି । ସତେଯେପରି ଜଡ଼ ଓ ଶକ୍ତି କେବଳ ଏହି ଦୁଇଟିମାତ୍ର ତତ୍ତ୍ୱ ରହିଛନ୍ତି ଏବଂ କେବଳ ଜଣେ ଦ୍ରଷ୍ଟା ପରି ଅବସ୍ଥିତ ରହି ମନ ଏକ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭୌତିକ ସତ୍ୟକୁ ଦେଖିବାକୁ ଲାଗିଛି, ଏହିପରି ଏକ ଅନୁମାନକୁ ସତ୍ୟ ବୋଲି ମାନିନେଇହିଁ ଜଡ଼ବିଜ୍ଞାନକୁ ଆପଣା କ୍ଷେତ୍ରରେ କାର୍ଯ୍ୟ କରିବାକୁ ପଡ଼ିଥାଏ । ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ

'oaob.nitrkl.ac.in' images reprocessed

ଅବସ୍ଥିତ ରହିଥିବା ଏହି ଭୌତିକ ସତ୍ୟ କୌଣସି ମାନସିକ ପ୍ରକ୍ରିୟା* କିମ୍ବା ଏକ ବିଶ୍ୱାତ୍ମକ ଚେତନାର ଉପସ୍ଥିତି ବା ହସ୍ତକ୍ଷେପଦ୍ୱାରା କୌଣସିପ୍ରକାରେ ପ୍ରଭାବିତ ହେଉ ନାହିଁ । ଆପଣାର ସ୍ୱତନ୍ତ୍ର ସ୍ତରରେ ମନୋଭୂମିଗତ ଚେତନା ଓ ଅଚେତନର ରହସ୍ୟ ଭେଦ କରିବାକୁ ଚେଷ୍ଟା କରି ମନୋବିଜ୍ଞାନ ସତ୍ୟ ଓ ବାସ୍ତବତାର ଆଉ ଏକ ରାଜ୍ୟର ସନ୍ଧାନ ପାଇଥାଏ । ସେହି ରାଜ୍ୟର ପ୍ରକୃତି ଏକାନ୍ତ ଆତ୍ମଗତ,—ଏବଂ ସେହି ରାଜ୍ୟରେ ତା'ର ସ୍ୱକୀୟ ବିଧାନ ଓ ପ୍ରକ୍ରିୟାଗୁଡ଼ିକ କାର୍ଯ୍ୟକାରୀ ହୋଇ ରହିଛି । ମନୋବିଜ୍ଞାନୀର ଆଖିକୁ ମନହିଁ ସତ୍ୟକୁ ଜାଣିବାର ଏକମାତ୍ର ଚାବିକାଠି ବୋଲି ମନେ ହୋଇପାରେ, ଜଡ଼ କେବଳ ସେହି ମନରହିଁ ଏକ କ୍ଷେତ୍ରପରି ଦିଶିପାରେ ଏବଂ ମନବହିର୍ଭୂତ କୌଣସି ଚିତ୍‌ସତ୍ତାର କଳ୍ପନାକୁ ଏକ ଅସତ୍ୟକଳ୍ପନା ବୋଲି ବୁଝାଯାଇପାରେ । ମାତ୍ର ଆହୁରି ଅଧିକ ଦୂର ଯାଇ ଆହୁରି ଗଭୀରସ୍ତରରେ ଅନୁସନ୍ଧାନ କରିବାର ବି ଏକ ସମ୍ଭାବନା ରହିଛି, ଯାହାକି ଆତ୍ମା ଓ ଚିତ୍‌ସତ୍ତାର ସତ୍ୟଟିକୁ ଆମ ଆଗରେ ଉଦ୍‌ଘାଟିତ କରିଦେବାକୁ ସମର୍ଥ ହୋଇପାରିବ; ସତ୍ୟର ଏକ ବୃହତ୍ତର ଭୂମିର ପ୍ରତିଷ୍ଠା କରିପାରିବ, ଯେଉଁଠାରେ ଆତ୍ମଗତ ମନଃସତ୍ୟ ତଥା ବିଷୟଗତ ଭୂତସତ୍ୟଗୁଡ଼ିକ ସମ୍ବନ୍ଧରେ ଆମର ଦୃଷ୍ଟିଭଙ୍ଗୀଟି ଏପରିଭାବରେ ବଦଳିଯିବ, ଯେପରିକି ସେଗୁଡ଼ିକ କେବଳ ପ୍ରାତିଭାସିକ ଓ ଗୌଣ ବସ୍ତୁରୂପେ ପରିଦୃଷ୍ଟ ହେବାକୁ ଆରମ୍ଭ କରିବେ । ସେଗୁଡ଼ିକ ଯେ ଯଥାର୍ଥରେ ଆତ୍ମାର ସତ୍ୟ ଓ ଚିତ୍‌ସତ୍ତାର ବାସ୍ତବତାଗୁଡ଼ିକୁ ଆଶ୍ରୟ କରି ରହିଛନ୍ତି, ସେତେବେଳେ ଆମ ଆଗରେ ସେହି କଥାଟି ସ୍ପଷ୍ଟ ହୋଇଯିବ । ବସ୍ତୁରାଜ୍ୟ ସମ୍ବନ୍ଧରେ ଏହି ଗଭୀରତର ଅନୁସନ୍ଧାନରେ ମନ ଓ ଜଡ଼ ଯଥାର୍ଥ ସତ୍ୟର ଏକ ନ୍ୟୂନତର ପର୍ଯ୍ୟାୟରୂପେ ଦେଖାଯିବାକୁ ଆରମ୍ଭ କରିବେ ଏବଂ ହୁଏତ ଅତି ସହଜରେ ଅସତ୍ୟ ଓ ଅବାସ୍ତବ ବି ମନେହେବାକୁ ଲାଗିବେ ।

ମାତ୍ର କେବଳ ଅନ୍ତବିଶିଷ୍ଟ ବ୍ୟାପାରଗୁଡ଼ିକ ସହିତ କାରବାର କରିବାରେ ନିତ୍ୟଅଭ୍ୟସ୍ତ ହୋଇ ରହିଥିବା ଯୁକ୍ତିବୁଦ୍ଧିଗତ ବିଚାରଟାହିଁ ଏହିସବୁ ବହିଷ୍କାର ଓ ବର୍ଜନର ରୀତିଟିକୁ ଆଚରଣ କରିଥାଏ । ଯେକୌଣସି ସମଗ୍ର ବସ୍ତୁ କିମ୍ବା ପ୍ରସଙ୍ଗକୁ ତାହା ଖଣ୍ଡଖଣ୍ଡ କରି କାଟିପକାଏ ଏବଂ ସମଗ୍ରତାର କୌଣସି ଏକ ନିର୍ଦ୍ଦିଷ୍ଟ ଖଣ୍ଡକୁହିଁ ବାଛିନେଇ ତାହାକୁ ସତେଅବା ସମ୍ପୂର୍ଣ୍ଣ ସତ୍ୟ ବୋଲି ଭ୍ରମ କରେ । ବୁଦ୍ଧିର ସ୍ୱଭାବଗତ କ୍ରିୟା ପାଇଁ ଏପରି କରିବା ଆବଶ୍ୟକ ହୋଇଥାଏ, କାରଣ ଯାହା

* ଆପେକ୍ଷିକତାବାଦର ସିଦ୍ଧାନ୍ତ ଏହି ମତଟିକୁ ଖଣ୍ଡନ କରୁଛି; ମାତ୍ର ତଥାପି ବୈଜ୍ଞାନିକ ତଥ୍ୟର ପ୍ରୟୋଗ ତଥା ପ୍ରଣାଳୀଲାଗି ଏକ ବ୍ୟାବହାରିକ ଭିତ୍ତିରୂପେ ଏହାର ପ୍ରୟୋଜନୀୟତାକୁ ଅବଶ୍ୟ ସ୍ୱୀକାର କରାଯିବ ।

'oaob.nitrkl.ac.in' images reprocessed

ସୀମାଧୀନ, ତାହାକୁ ସୀମାଧୀନ ବୋଲି ଗ୍ରହଣ କରିବାହିଁ ହେଉଛି ତାହାର କାର୍ଯ୍ୟ; ଏବଂ ବ୍ୟାବହାରିକ ଉଦ୍ଦେଶ୍ୟସାଧନର କ୍ଷେତ୍ରରେ ତଥା ବୁଦ୍ଧି ଦେଇ ସୀମାନ୍ତର୍ଗତ ଜଗତର ସମ୍ମୁଖୀନ ହେବା ଉଦ୍ଦେଶ୍ୟରେ ଆମକୁ ବୁଦ୍ଧିଦତ୍ତ ଏହି ବ୍ୟବସ୍ଥାଟିକୁ ଗ୍ରହଣ କରିବାକୁହିଁ ପଡ଼ିଥାଏ । କାରଣ ସତ୍ୟର ଏକ ପରିଣାମ ହିସାବରେ ଏହି ବ୍ୟବସ୍ଥାଟିର ମଧ୍ୟ ପ୍ରାମାଣିକତା ରହିଥାଏ ଏବଂ ସେହି କାରଣରୁ ଏହାକୁ ଉପେକ୍ଷା ବା ଅସ୍ୱୀକାର କରିବା ସମ୍ଭବ ହୁଏ ନାହିଁ । ମାତ୍ର ଅଧ୍ୟାତ୍ମର ଭୂମି ହେଉଛି ସମଗ୍ରତାର ଭୂମି, ଅଥବା ଏହି ଅଧ୍ୟାତ୍ମଭୂମି ସମଗ୍ରତାର ଭୂମିଟିକୁ ଆପଣାର ଅନ୍ତର୍ଗତ କରି ରଖିଛି; ଏବଂ ଯେତେବେଳେ ଅନୁଭୂତିର ଆରୋହଣପଥରେ ଅଗ୍ରସର ହୋଇ ଆମେ ଏହି ଭୂମିରେ ଆସି ପହଞ୍ଚୁ, ସେତେବେଳେ ସେଠାରେ ମଧ୍ୟ ମନ ଆପଣାର ବିଶ୍ଳେଷଣଧର୍ମୀ ବୁଦ୍ଧିଟିକୁ ସାଙ୍ଗରେ ଧରି ପହଞ୍ଚିଯାଏ, ଏବଂ ସୀମାବିଶିଷ୍ଟ ଜ୍ଞାନନିରୂପଣ ଲାଗି ଆବଶ୍ୟକ ସଂଜ୍ଞାଗୁଡ଼ିକୁ ମଧ୍ୟ ସେଠାରେ ପ୍ରୟୋଗ କରିବାକୁ ଇଚ୍ଛା କରୁଥାଏ । ସୀମାତୀତ ଓ ସୀମାଧୀନ ମଧ୍ୟରେ ଏହା ସତେଅବା ଗୋଟାଏ ଗାର ଟାଣିଦେଇ ଦୁହିଁକୁ ଭିନ୍ନଭିନ୍ନ ଇଲାକା ବୋଲି ଦେଖାଇଦିଏ । ଗୋଟିଏ ପାଖରେ ତତ୍ତ୍ୱସତ୍ତାକୁ ରଖି ଆରପାଖରେ ସେହି ତତ୍ତ୍ୱସତ୍ତାର ପ୍ରକାଶ ବା ପ୍ରତିରୂପଗୁଡ଼ିକୁ ନେଇ ରଖିଦିଏ; ସେପାଖଟାକୁ ସତ୍ୟ ବୋଲି କହି ଏପାଖଟାକୁ ଅସତ୍ୟ ବୋଲି ଘୋଷଣା କରେ । ମାତ୍ର ଯେଉଁ ମୌଳିକ ଓ ପରମ ଚେତନା ଏକ ଏକକ ଓ ସମ୍ୟକ୍ ଦୃଷ୍ଟିପ୍ରସାରଣ ଦ୍ୱାରା ସତ୍ତାର ଯାବତୀୟ ପ୍ରକରଣ ଓ ପର୍ଯ୍ୟାୟକୁ ଏକତ୍ର ଧରି ରଖିବାକୁ ସମର୍ଥ ହୁଏ, ତାହା ସମସ୍ତ ସତ୍ତାକୁ ମଧ୍ୟ ତାହାର ଆଧ୍ୟାତ୍ମିକ ଓ ମର୍ମସତ୍ୟଗତ ଭୂମି ଉପରେ ଦେଖିବାକୁ ଅବଶ୍ୟ ସମର୍ଥ ହେବ । ଏହି ଜଗତପ୍ରତିରୂପସବୁ ତାହା ସେହି ପରମସତ୍ୟର ପ୍ରକାଶ ବା ରୂପାୟନ ରୂପେହିଁ ଦେଖିବ । କାରଣ ଏହି ବୃହତ୍ତର ଆଧ୍ୟାତ୍ମିକ ଚେତନା ଯଦି ବସ୍ତୁ ମଧ୍ୟରେ କେବଳ ଅସତ୍ୟକୁହିଁ ଦେଖୁଥା'ନ୍ତା ଓ ତତ୍ତ୍ୱସତ୍ତାଗତ ସତ୍ୟ ସହିତ ସେଗୁଡ଼ିକର କୌଣସି ଯୋଗ ରହିଛି ବୋଲି ଅନୁଭବ କରୁ ନଥା'ନ୍ତା, ତେବେ, ଯଦି ତାହା ପ୍ରକୃତରେ ଏକ ପରମ ସତ୍ୟଚେତନାହିଁ ହୋଇଥାଏ, ଚିରନ୍ତନ କାଳର ପ୍ରବାହ ଉପରେ ଅବିଚ୍ଛିନ୍ନ ଏବଂ ସତତ-ପୁନରାବୃତ୍ତ ସତ୍ତାରୂପେ ତାହା ସେଗୁଡ଼ିକୁ ଧାରଣ କରି ରଖିବାର ଆଉ କୌଣସି କାରଣ ନଥା'ନ୍ତା । ମାତ୍ର ବସ୍ତୁତଃ ତାହା ସେଗୁଡ଼ିକୁ ସେହିପରି ଭାବରେହିଁ ଧାରଣ କରି ରଖିଛି; ଏକଥା ହେଉଛି, କାରଣ ସେଗୁଡ଼ିକ କେବଳ ତତ୍ତ୍ୱସତ୍ତାର ସତ୍ୟକୁହିଁ ଭିତ୍ତି କରି ଅବସ୍ଥିତ ରହିଛନ୍ତି । ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସୀମାଧୀନ ସତ୍ତାର ବୁଦ୍ଧି ଓ ଇନ୍ଦ୍ରିୟଜ୍ଞାନକୁ ପ୍ରାତିଭାସିକ ସତ୍ୟଟି ଯେଉଁଳି ଦିଶିଥାଏ, ସକଳାଙ୍ଗ ଓ ସମଗ୍ରଭାବେ ଦେଖିଲାବେଳେ ତାହା ନିଶ୍ଚୟ ଏକ ଭିନ୍ନ ଭାବରେ ଦେଖାଯିବ । ସେତେବେଳେ ତାହା ଆଉ ଏକ ଗଭୀରତର ସତ୍ୟର ରୂପ ଧାରଣ କରିବ, ସେଥିରେ ଆଉ ଏକ ମହତ୍ତର ତାତ୍ପର୍ଯ୍ୟ

'oaob.nitrkl.ac.in' images reprocessed

ଫୁଟିଉଠିବ, ତାହାର ସତ୍ତାଗତ ଗତିସ୍ପନ୍ଦନଗୁଡ଼ିକରେ ଆଉ ଏକ ଅଧିକ ସୂକ୍ଷ୍ମ ଓ ଅଧିକ ବିଚିତ୍ର କ୍ରିୟାଶୀଳତା ପ୍ରକାଶିତ ହେବ। ସୀମାଧୀନ ବୁଦ୍ଧି ଓ ଇନ୍ଦ୍ରିୟଜ୍ଞାନ ସତ୍ୟର ଯେଉଁସବୁ ନିର୍ଣ୍ଣିତସ୍ୱରୂପ ଓ ମନୋମୟ ଯାବତୀୟ ରୂପଚିତ୍ରର ସୃଷ୍ଟି କରି ରଖିଥିଲେ, ବୃହତ୍ତର ଚେତନା ସେଗୁଡ଼ିକୁ କେବଳ ଆଂଶିକ ରଚନାରୂପେ ପ୍ରତ୍ୟକ୍ଷ କରିବ; ସେଥିରେ ସତ୍ୟର ଏକ ଉପାଦାନ ସହିତ ଅସତ୍ୟର ବି ଏକ ଉପାଦାନ ମିଶିକରି ରହିଛି ବୋଲି ଜାଣିବ। ତେଣୁ ସେତେବେଳେ ଏହିସବୁ ରଚନାକୁ ଏକାବେଳକେ ସତ୍ୟ ଓ ଅସତ୍ୟ ବୋଲି ବର୍ଣ୍ଣନା କରାଯାଇ ପାରିବ। ମାତ୍ର ତାହାବୋଲି ଯେ ସ୍ୱୟଂ ପ୍ରାତିଭାସିକ ଜଗତ ମଧ୍ୟ ଏକ ଅସତ୍ୟ ଅଥବା ଅସତ୍ୟ-ସତ୍ୟ ବସ୍ତୁରେ ପରିଣତ ହୋଇଯିବ, ସେକଥା ଆଦୌ ନୁହେଁ। ସେତେବେଳେ ତାହା ଆଧ୍ୟାତ୍ମିକ ପର୍ଯ୍ୟାୟରେ ଅବସ୍ଥିତ ଅନ୍ୟ ଏକ ସତ୍ୟକୁ ଧାରଣ କରିବ; ଯାହାସବୁ କେବଳ ସାନ୍ତ ଓ ସୀମାବଦ୍ଧ ବୋଲି ଦେଖାଯାଉଛି, ତାହା ଆପଣାକୁ ସେହି ପରମ ଅନନ୍ତଙ୍କର ଏକ ସାମର୍ଥ୍ୟ, ଏକ ଗତିସ୍ପନ୍ଦନ ଓ ଏକ ପ୍ରକ୍ରିୟାରୂପେ ଉଦ୍‌ଘାଟିତ କରିଦେବ।

ଆଦ୍ୟ ଓ ଚରମ ଚେତନା ହେଉଛି ସେହି ପରମ ଅନନ୍ତଙ୍କରହିଁ ଚେତନା, ଏବଂ ବିବିଧ ବହୁତାକୁ ତାହା ସ୍ୱଭାବତଃ ଆପଣାର ଅଦ୍ୱୈତାନୁଭୂତି ମଧ୍ୟରେ ଦେଖିବାକୁ ସମର୍ଥ ହେବ। ଏହି ଚେତନା ଏକ ସମଗ୍ର ଚେତନା, ସବୁକିଛିକୁ ଆପଣା ମଧ୍ୟରେ ଗ୍ରହଣ କରି ଓ ଆବୋରି ଧରି ପାରୁଥିବା ଚେତନା; ତାହା ହେଉଛି ଏକ ସର୍ବଜ୍ଞାତ୍ମକ ଚେତନା, ତେଣୁ ତାହା ଯାବତୀୟ ବୈଶିଷ୍ଟ୍ୟଗୁଡ଼ିକୁ ଦେଖିବାକୁ ମଧ୍ୟ ନିଶ୍ଚୟ ସମର୍ଥ ହେବ। ଏହି ଚେତନାର ଦୃଷ୍ଟି ହେଉଛି ଏକ ଅବିଭାଜ୍ୟ ଦୃଷ୍ଟି, ଏକ ସମ୍ପୂର୍ଣ୍ଣ ଓ ସମଗ୍ର ଦୃଷ୍ଟି। ଏହା ସକଳ ବସ୍ତୁର ମର୍ମକୁ ଦେଖିବାକୁ ସମର୍ଥ ହେଉଥିବ, ଏବଂ ଯାବତୀୟ ରୂପାୟନ ଓ ଗତିସ୍ପନ୍ଦନକୁ ପରମ ସ୍ୱରୂପସତ୍ୟରହିଁ ପ୍ରତିଭାସ ଓ ପରିଣାମରୂପେ ଦେଖି ପାରୁଥିବ, ତାହାରି ସତ୍ତାଗତ ସାମର୍ଥ୍ୟର ନାନା ଗତି ଓ ରୂପାୟନରୂପେ ଦେଖୁଥିବ। ଆମ ବୁଦ୍ଧିଗତ ବିବେକ ଦାବି କରିଥାଏ ଯେ ସତ୍ୟ ମଧ୍ୟରେ ପାରସ୍ପରିକ ବିରୋଧର କୌଣସି ଦ୍ୱନ୍ଦ୍ୱ ଆଦୌ ରହିବା ଉଚିତ ନୁହେଁ। ତେଣୁ, ଏହି ପ୍ରାତିଭାସିକ ଜଗତ ବ୍ରହ୍ମଗତ ମର୍ମସତ୍ୟର ବିରୋଧୀ ହୋଇଥିବାରୁ ଅଥବା ସେହିପରି ପ୍ରତୀତ ହେଉଥିବାରୁ ତାହା ଅବଶ୍ୟ ଅସତ୍ୟ ହୋଇଥିବ ବୋଲି ବୁଦ୍ଧି ଧରି ନେଇଥାଏ; ବିଶ୍ୱାତୀତତା ତଥା ବିଶ୍ୱଗତତା ଉଭୟର ବିରୋଧୀ ହୋଇଥିବାରୁ ତାହା ବ୍ୟକ୍ତିସତ୍ତାକୁ ମଧ୍ୟ ଅସତ୍ୟ ବୋଲିହିଁ ଗ୍ରହଣ କରିଥାଏ। ମାତ୍ର କେବଳ ଅନ୍ତବିଶିଷ୍ଟତାକୁ ଭିତ୍ତିକରି ଆପଣାକୁ ଠିଆକରି ରଖିଥିବା ଏକ ବୁଦ୍ଧିର ଗୋଚରକୁ ଯାହା କେବଳ ନାନା ବିରୋଧର ସମଷ୍ଟି ବୋଲି ପ୍ରତୀତ ହେଉଛି, ଅନନ୍ତତାକୁ ଭିତ୍ତିକରି ଠିଆ ହୋଇଥିବା ଏକ ବୃହତ୍ତର ବୁଦ୍ଧିର ଗୋଚରକୁ ତାହା ହୁଏତ ଆଦୌ ବିରୋଧ ବୋଲି ପ୍ରତୀତ

'oaob.nitrkl.ac.in' images reprocessed

ହୋଇ ନ ପାରେ । ଆମର ଏଇ ମନଟା ଯେଉଁସବୁ ବିଷୟକୁ କେବଳ ଗୁଡ଼ାଏ ବିରୋଧ ବୋଲିହିଁ ଦେଖୁଛି, ଅନନ୍ତ ଚେତନା ସମକ୍ଷରେ ତାହା ବିରୋଧ ବୋଲି ଦୃଷ୍ଟିଗୋଚର ନହୋଇ କେବଳ କେତେଗୁଡ଼ାଏ ଅନୁପୂରକରୂପେ ଦୃଷ୍ଟି-ଗୋଚର ହୋଇପାରେ । ମର୍ମସତ୍ୟ ଓ ସେହି ମର୍ମସତ୍ୟର ପ୍ରତିରୂପ,—ଏଗୁଡ଼ିକ ପରସ୍ପରର ବିରୋଧୀ ନୁହନ୍ତି, ଏମାନେ ହେଉଛନ୍ତି ପରସ୍ପରର ଅନୁପୂରକ । ପ୍ରତ୍ୟେକ ପ୍ରତିରୂପ କେବଳ ସେହି ମର୍ମସତ୍ୟରହିଁ ପ୍ରକାଶରୂପ; ଅନ୍ତକୁ ଅନନ୍ତର ଏକ ବିରୋଧୀ ତତ୍ତ୍ୱ ବୋଲି ବୁଝାନଯାଇ ଏକ ଘଟଣାମାତ୍ର ବୋଲି ବି ବୁଝାଯାଇ ପାରିବ । ସେତେବେଳେ ବ୍ୟଷ୍ଟି ମଧ୍ୟ ବିଶ୍ୱମୟତା ତଥା ବିଶ୍ୱାତୀତତାର ଏକ ଆତ୍ମପ୍ରକାଶରୂପେ ଦେଖାଦେବ । ସେତେବେଳେ ବ୍ୟଷ୍ଟିକୁ ଆମେ ମର୍ମସତ୍ୟର ବିରୋଧୀ କିମ୍ବା ସମ୍ପୂର୍ଣ୍ଣ ଅନ୍ୟ ତତ୍ତ୍ୱ ବୋଲି କହିପାରିବା ନାହିଁ, ତାହାକୁ କେବଳ ବିଶ୍ୱମୟତାର ଏକ ସଘନ ଏବଂ ବିଶେଷ ରୂପ ବୋଲି କହିବା, ତାହାର ସତ୍ତା ଓ ସ୍ୱଭାବଗତ ମର୍ମର ଭୂମି ଉପରେ ଆମେ ତାହାକୁ ପରମ ବିଶ୍ୱାତୀତତାଠାରୁ କେବଳ ଅଭିନ୍ନ ବୋଲିହିଁ କହିବା । ଏହି ବିଭେଦରହିତ ସମଗ୍ର ଅବଲୋକନଟି ପାଖରେ ଆପଣା ମଧ୍ୟରେ ଅଶେଷ ରୂପକୁ ଧାରଣ କରି ରହିଥିବା ଏକ ରୂପାତୀତ ପରମ ସତ୍ତାସ୍ୱରୂପ ଭିତରେ ଆଦୌ କୌଣସି ବିରୋଧ ରହିବ ନାହିଁ । ପରମ ଅନନ୍ତଙ୍କର ଏକ ଗତିଶୀଳତାକୁ ବହନ ଓ ପୋଷଣ କରୁଥିବା ପରମ ଅନନ୍ତତାର ଏକ ସ୍ଥିତି ମଧ୍ୟରେ ସେହି ଦୃଷ୍ଟି ଆଦୌ କୌଣସି ବିରୋଧ ଦେଖିବ ନାହିଁ; ନାନା ସତ୍ତା, ନାନା ସ୍ୱଭାବ ଏବଂ ନାନା ସାମର୍ଥ୍ୟର ବହୁବିଧ ମାଧ୍ୟମରେ ଆପଣାକୁ ରୂପାୟିତ କରୁଥିବା ଏକ ଅନନ୍ତ ପରମ ଅଦ୍ୱୟତା ମଧ୍ୟରେ ତାହା କୌଣସି ବିରୋଧ ଦେଖିବ ନାହିଁ, କାରଣ ସେଗୁଡ଼ିକ ହେଉଛନ୍ତି କେବଳ ସେହି ଏକ ଓ ପରମ ଅଦ୍ୱୟଙ୍କରହିଁ ବିଭିନ୍ନ ସତ୍ତା, ତାଙ୍କର ବିଭିନ୍ନ ସ୍ୱଭାବ, ବିଭିନ୍ନ ସାମର୍ଥ୍ୟ ଓ ବିଭିନ୍ନ ଗତିସ୍ପନ୍ଦନ । ଏହି ଭିତ୍ତି ଉପରେ ପ୍ରତିଷ୍ଠିତ ଏକ ଜଗତ ସୃଷ୍ଟି ହେଉଛି ଏକ ସମ୍ପୂର୍ଣ୍ଣ ସ୍ୱାଭାବିକ କ୍ରିୟା, ଏକ ପ୍ରକୃତି-ଅନୁରୂପ କ୍ରିୟା ଓ ଅନିବାର୍ଯ୍ୟ କ୍ରିୟା; ଏଥିରୁ ସ୍ୱତଃ ଆଦୌ କୌଣସି ସମସ୍ୟାର ଉଦ୍ରେକ ହୁଏ ନାହିଁ; କାରଣ ପରମ ଅନନ୍ତଙ୍କର ଏକ କ୍ରିୟା ଭିତରେ ଯାହା ଅବଶ୍ୟ ଘଟିବ ବୋଲି ଆଶା କରାଯାଇ ପାରିବ, ଏଥିରେ ଠିକ୍ ତାହାହିଁ ଘଟିଥାଏ । କେବଳ ସୀମାବଦ୍ଧ ବୁଦ୍ଧିର ସୀମାଧୀନ କଳନାବୃତ୍ତି ଯାବତୀୟ ବୁଦ୍ଧିଗତ ସମସ୍ୟା ଓ ଅଡ଼ୁଆର ଉଦ୍ରେକ ହୋଇଥାଏ । ସୀମାବଦ୍ଧ ବୁଦ୍ଧି ଖାଲି ଖଣ୍ଡ ଖଣ୍ଡ କରି କାଟିପକାଏ, ଗୋଟିକୁ ଆଉ ଗୋଟିକରୁ ଅଲଗା କରିପକାଏ, ପରମ ଅନନ୍ତଙ୍କର ସାମର୍ଥ୍ୟକୁ ତାଙ୍କର ସତ୍ତାଠାରୁ ବିରୋଧୀ ବୋଲି ଭ୍ରମ କରେ, ତାଙ୍କର ପରମ ସ୍ଥିତିଶୀଳତାକୁ ତାଙ୍କ ଗତିଶୀଳତାଠାରୁ ଭିନ୍ନ ଓ ବିରୋଧୀ ବୋଲି ଅନୁଭବ କରେ; ତାଙ୍କର ସ୍ୱଭାବଗତ ଅନେକତାକୁ ତାଙ୍କର ସ୍ୱରୂପଗତ ଏକତାର ବିରୋଧୀ ପରି ଆଣି ଥୋଇଦିଏ ।

'oaob.nitrkl.ac.in' images reprocessed

ଅଖଣ୍ଡ ଆତ୍ମାକୁ ଖଣ୍ଡ ଖଣ୍ଡ କରିଦିଏ, ପ୍ରକୃତକୁ ତନ୍ମାତ୍ରସତ୍ତାର ବହୁଧାରୂପେ ଉପସ୍ଥାପିତ କରେ । ତେଣୁ ପରମ ଅନନ୍ତଙ୍କର ବିଶ୍ୱକ୍ରିୟା ଏବଂ ପରମ ଶାଶ୍ୱତଙ୍କର କାଳଗତ ପ୍ରକ୍ରିୟାଟିକୁ ଯଥାର୍ଥ ଭାବରେ ବୁଝି ପାରିବାକୁ ହେଲେ ଏହି ସୀମାବଦ୍ଧ ବୁଦ୍ଧି ଓ ସୀମିତ ଇନ୍ଦ୍ରିୟଗ୍ରାମକୁ ଅତିକ୍ରମ କରି ଯିବାକୁ ପଡ଼ିବ, ଆମର ଚେତନାକୁ ପରମ ଅନନ୍ତଙ୍କର ଚେତନା ସହିତ ଖିଅ ଲଗାଇ ରହିଥିବା ଏକ ବୃହତ୍ତର ବୋଧ ତଥା ଆଧ୍ୟାତ୍ମିକ ଅନୁଭବର ସ୍ତରରେ ପ୍ରବିଷ୍ଟ ହେବାକୁ ପଡ଼ିବ । ଯେଉଁ ବୋଧ ଓ ଯେଉଁ ଆଧ୍ୟାତ୍ମିକ ଅନୁଭବ ଶୁଦ୍ଧସତ୍ତାର ସ୍ୱକୀୟ ନ୍ୟାସସ୍ୱରୂପ ପରମ ଅନନ୍ତଙ୍କର ନ୍ୟାସଭୂମିଦ୍ୱାରା ସଞ୍ଚାରିତ ହେଉଛି, ତାହାରି ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼ିବ । ଏହି ନ୍ୟାସର ବିଧାନ ତା'ର ଆପଣାର ସତ୍ୟସମୂହର ଆତ୍ମକ୍ରିୟାରୁହିଁ ସ୍ୱଭାବତଃ ଓ ଅନିବାର୍ଯ୍ୟତଃ ଉତ୍ପନ୍ନ ହେବାରେ ଲାଗିଛି; ଏହି ନ୍ୟାସର ସୋପାନକ୍ରମକୁ ମନୋଗତ ଭାବନାର ସୋପାନଗୁଡ଼ିକ ସହିତ ଆଦୌ ସମତୁଲ କରାଯାଇ ପାରିବ ନାହିଁ, ତାହାକୁ କେବଳ ସତ୍‌ସ୍ୱରୂପଙ୍କର ସୋପାନକ୍ରମ ବୋଲି ବୁଝାଯାଇ ପାରିବ ।

ହୁଏତ ବୁଝାଯାଇପାରେ ଯେ ଏହି କ୍ଷେତ୍ରରେ କେବଳ ଏକ ବିଶ୍ୱ-ଚେତନାରହିଁ ବର୍ଣ୍ଣନା କରାଯାଇଛି; ମାତ୍ର ଏହାର ଉପରେ ଏକ ପରମ ନିର୍ବିଶେଷ ସତ୍ତା ମଧ୍ୟ ବିଦ୍ୟମାନ ରହିଛି ଯାହାକୁ କି କଦାପି କୌଣସି ସୀମାଦ୍ୱାରା ଆବଦ୍ଧ କରାଯାଇ ପାରିବ ନାହିଁ । ଏବଂ ଯେହେତୁ ବସ୍ତୁ ଓ ବ୍ୟକ୍ତିସତ୍ତା ସେହି ପରମ ନିର୍ବିଶେଷ ସତ୍ତାକୁ କେବଳ ସୀମା ଭିତରେ ଆବଦ୍ଧ କରି ପକାଉଛନ୍ତି ଓ କେବଳ ବିଭକ୍ତ କରି ପକାଉଛନ୍ତି, ତେଣୁ ସେଗୁଡ଼ିକୁ ମିଥ୍ୟା ବୋଲିହିଁ ସ୍ୱୀକାର କରିବାକୁ ପଡ଼ିବ । ଏକଥା ସ୍ୱତଃ ସ୍ପଷ୍ଟ ହୋଇଯାଉଛି ଯେ ପରମ ନିର୍ବିଶେଷ ସତ୍ତାକୁ କଦାପି କୌଣସି ସୀମା ଭିତରେ ଆବଦ୍ଧ କରାଯାଇ ପାରିବ ନାହିଁ । ନିରାକାର କିମ୍ବା ସାକାର କୌଣସି ତତ୍ତ୍ୱଦ୍ୱାରା ଏହାକୁ ବାନ୍ଧି ରଖିହେବ ନାହିଁ, ଏକତ୍ୱ ବା ବହୁତ୍ୱର ସୂତ୍ରବନ୍ଧନରେ ବି ପକାଇ ହେବ ନାହିଁ । ପରମ ନିଶ୍ଚଳତାର କୌଣସି ସ୍ଥିତି ଅଥବା ସତତ ଗତିମାନ ଗତିଶୀଳତାର ତତ୍ତ୍ୱଦ୍ୱାରା ଏହାକୁ କଳ ରଖିବା କଦାପି ସମ୍ଭବ ହେବ ନାହିଁ । ସିଏ ଯାବତୀୟ ରୂପର ସୃଷ୍ଟି କରୁଥିଲେ ମଧ୍ୟ ରୂପ ତାଙ୍କୁ ସୀମା ଭିତରେ ବାନ୍ଧି ରଖିପାରିବ ନାହିଁ; ସିଏ ବହୁତ୍ୱର ପ୍ରକାଶ କରୁଥିଲେ ମଧ୍ୟ ବହୁତ୍ୱ ତାଙ୍କୁ କୌଣସି ପ୍ରକାରେ ଖଣ୍ଡ ଖଣ୍ଡ କରିପାରିବ ନାହିଁ । ଯାବତୀୟ ଗତି ଓ ସମ୍ଭୂତି ତାଙ୍କର ମଧ୍ୟରୁ ପ୍ରକାଶିତ ହେଉଥିଲେ ମଧ୍ୟ କୌଣସି ଗତି ତାଙ୍କୁ କୌଣସି ପ୍ରକାରେ ବିଚଳିତ କରିପାରିବ ନାହିଁ କିମ୍ବା କୌଣସି ସମ୍ଭୂତି ତାଙ୍କ ଭିତରେ କୌଣସି ପରିବର୍ତ୍ତନ ସମ୍ଭବ କରିପାରିବ ନାହିଁ । ଆତ୍ମବିସୃଜନ ଦ୍ୱାରା ଯେପରି ତାଙ୍କର ସାମର୍ଥ୍ୟରେ କୌଣସି ହ୍ରାସ ଘଟିବ ନାହିଁ, ସେହିପରି କୌଣସି ପ୍ରକାର ସୀମାଦ୍ୱାରା ତାଙ୍କୁ ଆଦୌ ସୀମିତ

'oaob.nitrkl.ac.in' images reprocessed

କରିହେବ ନାହିଁ । ଏପରିକି ଜଡ଼ର ସ୍ତରରେ ମଧ୍ୟ ଦେଖାଯାଇଥାଏ ଯେ ଜଡ଼ରୁ ଯାହା ପ୍ରକାଶିତ ବା ବିସୃଷ୍ଟ ହୋଇଛି, ମୂଳ ଜଡ଼ବସ୍ତୁଟିକୁ ତାହା କଦାପି ନିଃଶେଷିତ କରିଦିଏ ନାହିଁ । ମାଟିରୁ ପାତ୍ର ତିଆରି ହୁଏ, ମାତ୍ର ସେହି ପାତ୍ରଦ୍ୱାରା ମାଟି କୌଣସି ପ୍ରକାରେ ସୀମିତ ହୁଏ ନାହିଁ । ପ୍ରଭଞ୍ଜନ ବା ବାୟୁପ୍ରବାହ ଦ୍ୱାରା ବାୟୁ ସୀମିତ ହୁଏ ନାହିଁ, ଆପଣାର ବକ୍ଷ ଉପରେ ଉତ୍ଥିତ ହେଉଥିବା ତରଙ୍ଗମାଳା ଦ୍ୱାରା ସମୁଦ୍ର ମଧ୍ୟ କୌଣସି ପ୍ରକାରେ ସୀମିତ ହୋଇପଡ଼େ ନାହିଁ । ସୀମାବଦ୍ଧ ହୋଇ ପଡ଼ିବାର ସକଳ ପ୍ରତୀତ କେବଳ ମନ ତଥା ଇନ୍ଦ୍ରିୟର ଭୂମି ଉପରେହିଁ ସଞ୍ଜାତ ହୋଇଥାଏ । କାରଣ ଆମର ମନ ଓ ଇନ୍ଦ୍ରିୟଗୁଡ଼ିକହିଁ ସକଳ ସୀମାବଦ୍ଧତାକୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସତ୍ତା ବୋଲି ଦେଖିଥା'ନ୍ତି, ସେଗୁଡ଼ିକୁ ପରମ ଅନନ୍ତଠାରୁ ଅଲଗା ହୋଇ ରହିଥିବା ଅଥବା ସୀମା ଟାଣି ଅନନ୍ତ ମଧ୍ୟରୁ କଟାହୋଇ ରହିଥିବା ଗୋଟିଏ ଗୋଟିଏ ଖଣ୍ଡପରି ଦେଖିଥା'ନ୍ତି । ଏହି ପ୍ରତୀତଟିହିଁ ଭ୍ରାନ୍ତ ପ୍ରତୀତ, ମାତ୍ର ସେଥିଲାଗି ସୀମା କିମ୍ବା ଅସୀମତାକୁ କଦାପି ଏକ ଭ୍ରାନ୍ତ ବୋଲି କୁହାଯାଇ ପାରିବ ନାହିଁ । କାରଣ ସୀମା ବା ଅସୀମତା କେହିହେଲେ ଇନ୍ଦ୍ରିୟ କିମ୍ବା ମନକୁ ଆଶ୍ରୟ କରି ରହିନାହାନ୍ତି, କେବଳ ପରମ ନିର୍ବିଶେଷଙ୍କୁ ଆଶ୍ରୟ କରିହିଁ ସେମାନେ ତିଷ୍ଠି ରହିଛନ୍ତି ।

ଆମର ବୁଦ୍ଧି ପରମ ନିର୍ବିଶେଷ ସତ୍ତାର କୌଣସି ସଂଜ୍ଞା ନିରୂପଣ କରିପାରିବ ନାହିଁ, ବାକ୍ୟ ବା ବାଣୀ ଲାଗି ତାହା ସର୍ବଦା ଅବର୍ଣ୍ଣନୀୟ ରହିଥିବ; କେବଳ ଅନୁଭୂତିର ମାର୍ଗରେହିଁ ତାହାର ନିକଟବର୍ତ୍ତୀ ହେବାକୁ ପଡ଼ିବ । ତାହାକୁ ସତେଅବା ଏକ ଚରମ ଅସତ୍ ଅଥବା ଏକ ରହସ୍ୟସମାବୃତ ଅନନ୍ତ ଶୂନ୍ୟବାଚକତା ବୋଲି ମଣି ଅସ୍ତିତ୍ୱବର ଏକାନ୍ତ ବିଲୟସାଧନ ଘଟାଇ ମଧ୍ୟ ସେଠାରେ ଯାଇ ପହଞ୍ଚିବା ସମ୍ଭବ ହୋଇପାରେ । ପୁଣି ଆମ ସ୍ୱକୀୟ ଅସ୍ତିତ୍ୱର ଯେଉଁସବୁ ମୂଳ ବିଭବ ରହିଛି, ସେଗୁଡ଼ିକୁ ଚରମ ବୋଲି ସ୍ୱୀକାର କରିନେଇ ପରମ ଆଲୋକ ଓ ଜ୍ଞାନଦ୍ୱାରା, ପରମ ପ୍ରେମ ଓ ସୌନ୍ଦର୍ଯ୍ୟ ଦ୍ୱାରା, ପରମ ଶକ୍ତି ଓ କାର୍ଯ୍ୟଦ୍ୱାରା ଏବଂ ପରମ ଶାନ୍ତି ଓ ନିଃଶବ୍ଦତାଦ୍ୱାରା ମଧ୍ୟ ସେଠାରେ ଯାଇ ପହଞ୍ଚି ହୋଇପାରେ । ଶୁଦ୍ଧ ସତ୍, ଶୁଦ୍ଧ ଚିତ୍, ସତ୍ତାର ଶୁଦ୍ଧ ଶକ୍ତି ଓ ଆନନ୍ଦର ପରମ ଅନିର୍ବଚନୀୟତାର ମାର୍ଗରେ ମଧ୍ୟ ତାହାର ପରିଚୟ ଲାଭ କରାଯାଇ ପାରେ, ଅଥବା ଏପରି ଏକ ଅନୁଭୂତିଦ୍ୱାରା ସେଠାରେ ଯାଇ ପହଞ୍ଚିବା ସମ୍ଭବ ହୋଇପାରେ, ଯାହା ମଧ୍ୟରେ କି ସତ୍, ଚିତ୍, ଶକ୍ତି ଓ ଆନନ୍ଦ ଅନିର୍ବଚନୀୟ ଭାବରେ ଏକ ହୋଇ ରହିଛନ୍ତି । କାରଣ ଆମେ ଏହିଭଳି ଏକ ଅନିର୍ବଚନୀୟ ସ୍ଥିତିରେ ଯାଇ ନିଶ୍ଚୟ ଉପନୀତ ହୋଇପାରିବା, ସତେଅବା ସତ୍ତାମୟତାର ଏକ ଜ୍ୟୋତିର୍ମୟ ଅତଳ ମଧ୍ୟରେ ପ୍ରବେଶ କଲାପରି ଆମେ ଏହାରି ମଧ୍ୟରେ ପ୍ରବିଷ୍ଟ ହୋଇପାରିବା, ଏପରି ଏକ ଅତିଚେତନାରେ ଯାଇ ଉପନୀତ ହେବା

'oaob.nitrkl.ac.in' images reprocessed

ଯାହାକୁ କି ପରମ ନିର୍ବିଶେଷଙ୍କ ଲାଗି ଏକ ତୋରଣଦ୍ୱାର ବୋଲି କୁହାଯାଇ ପାରିବ । ଅନୁମାନ କରାଯାଇଥାଏ ଯେ କେବଳ ବ୍ୟକ୍ତି ଓ ବିଶ୍ୱସତ୍ତାର ବିଲୟସାଧନ କରିହିଁ ଆମେ ପରମ ନିର୍ବିଶେଷଙ୍କ ମଧ୍ୟରେ ପ୍ରବେଶ କରିପାରିବା । ମାତ୍ର ବସ୍ତୁତଃ ଏଥିଲାଗି କେବଳ ଏତିକି ଆବଶ୍ୟକ ଯେ ବ୍ୟକ୍ତିକୁ କେବଳ ଆପଣାର କ୍ଷୁଦ୍ର ଓ ବିଚ୍ଛିନ୍ନ ଅହଂସତ୍ତାଟିକୁହିଁ ଅସ୍ୱୀକାର କରି ବାହାରି ଆସିବାକୁ ପଡ଼ିବ । ଆପଣାର ଚିନ୍ମୟ ବ୍ୟକ୍ତିସତ୍ତାଟିକୁ ଉନ୍ମୋଚିତ କରିନେଇ, ବିଶ୍ୱକୁ ଆପଣା ଭିତରକୁ ଆହୃତ କରିନେଇ ଓ ବିଶ୍ୱର ସୀମାମଧ୍ୟରୁ ଆପଣାକୁ ଉତ୍ତୀର୍ଣ୍ଣ କରିନେଇ ସେ ପରମ ନିର୍ବିଶେଷଙ୍କର ସନ୍ନିକଟକୁ ଆସିପାରିବ । ଅଥବା ସେ ଇଚ୍ଛାକଲେ ଆପଣା ସତ୍ତାର ସମ୍ପୂର୍ଣ୍ଣ ବିଲୟ ବି ଘଟାଇପାରିବ, ମାତ୍ର ସେହି ଅବସ୍ଥାରେ ମଧ୍ୟ ତାହା ଭିତରେ ତା'ର ବ୍ୟକ୍ତିସତ୍ତାଟି ଅବଶ୍ୟ ବଳବତ୍ତର ରହିଥିବ, ଯାହାକି ଆପଣାକୁ ଆପଣାର ସୀମାଗୁଡ଼ିକରୁ ଉତ୍ତୀର୍ଣ୍ଣ କରିନେବ ଓ ପରମ ନିର୍ବିଶେଷ ଭିତରେ ପ୍ରବେଶ କରିବ । ଆପଣାର ସତ୍ତାକୁ ଏକ ପରମସତ୍ତା ଅଥବା ଅତିସତ୍ତା ଭିତରକୁ ଉତ୍ତୀର୍ଣ୍ଣ କରିନେଇ ମଧ୍ୟ ବ୍ୟକ୍ତି ପରମ ନିର୍ବିଶେଷରେ ପ୍ରବିଷ୍ଟ ହୋଇପାରେ, ଆପଣାର ଚେତନାକୁ ଏକ ପରମ ଚେତନା ଅଥବା ଅତିଚେତନା ମଧ୍ୟକୁ, ଆପଣାର ତଥା ଯାବତୀୟ ସକଳ ଆନନ୍ଦକୁ ଏକ ପରମ ଆନନ୍ଦ ଅର୍ଥାତ୍ ଆନନ୍ଦମୟ ନିମଜ୍ଜିତତା ମଧ୍ୟକୁ ଉନ୍ମୋଚିତ କରିନେଇ ସେ ପରମ ନିର୍ବିଶେଷ ମଧ୍ୟକୁ ପ୍ରବେଶ କରିପାରେ । ସେ ଏପରି ଏକ ଆରୋହଣଦ୍ୱାରା ତାହାର ଅଭିମୁଖରେ ଅଗ୍ରସର ହୋଇପାରେ ଯାହାକି ତାକୁ ଏକ ବିଶ୍ୱଚେତନା ମଧ୍ୟରେ ପ୍ରବିଷ୍ଟ କରାଇ ଦେଇପାରେ, ଯାହାଦ୍ୱାରା କି ସେ ଆପଣା ମଧ୍ୟରେ ବିଶ୍ୱଚେତନାକୁ ଧାରଣ କରିପାରେ ଏବଂ ଆପଣାକୁ ତଥା ବିଶ୍ୱଚେତନାକୁ ସତ୍ତାଗତ ଏପରି ଏକ ଭୂମିକୁ ଉନ୍ନୀତ କରିନେବାରେ ସମର୍ଥ ହୋଇପାରେ ଯେଉଁଠାରେ କି ଏକତ୍ୱ ତଥା ଅନେକତ୍ୱ ପ୍ରକାଶମୟତାର ଏକ ପରମସ୍ଥିତିରେ ପରିପୂର୍ଣ୍ଣ ସାମଞ୍ଜସ୍ୟ ଓ ଏକର-ସତ୍ୟରେ ପରସ୍ପର ସହିତ ସମ୍ମିଳିତ ହୋଇଯାଇଛନ୍ତି । ସେଠାରେ ପ୍ରତ୍ୟେକ ମଧ୍ୟରେ ସକଳ ଓ ସକଳ ମଧ୍ୟରେ ପ୍ରତ୍ୟେକ ଅନୁପ୍ରବିଷ୍ଟ ହୋଇ ରହିଛି; କୌଣସି ପ୍ରକାର ବ୍ୟାକୃତ ନରଖି ସେଠାରେ ସବୁକିଛି ସେହି ଏକ ଓ ଅଦ୍ୱିତୀୟ ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ରହିଛି । କାରଣ ସେଠାରେ ଯାବତୀୟ ଗତିଶୀଳ ଅଭିନ୍ନତା ଏବଂ ପାରସ୍ପରିକତା ପୂର୍ଣ୍ଣତା ଲାଭ କରିଛି । ସ୍ୱୀକୃତିର ଆରୋହଣ-ପଥରେ ପ୍ରକାଶପର୍ବର ଏହି ଅବସ୍ଥାଟିକୁହିଁ ଆମେ ପରମ ନିର୍ବିଶେଷଙ୍କର ସବୁଠାରୁ ଅଧିକ ନିକଟବର୍ତ୍ତୀ ବୋଲି କହିପାରିବା । ଏକ ପରମ ସ୍ୱୀକାରାତ୍ମକତା ଓ ଏକ ପରମ ନୈତିବାଚକତା ଦ୍ୱାରା ଉପଲବ୍ଧ ହେଉଥିବା ପରମ ନିର୍ବିଶେଷଙ୍କ ବିଷୟରେ ଯେଉଁ ଆପାତବିରୋଧଟି ଅନୁଭୂତ ହୋଇଥାଏ, ଅନେକ ଦୃଷ୍ଟିରୁ ଦେଖିଲେ କେବଳ ଗୋଟିଏ ଉପାୟରେହିଁ ତାହା ବୁଦ୍ଧିର ବୋଧଗମ୍ୟ ହୋଇଥାଏ । ପରମ ନିର୍ବିଶେଷ ବା ବ୍ରହ୍ମ ହେଉଛନ୍ତି ଏକ

'oaob.nitrkl.ac.in' images reprocessed

ପରମ ସତ୍ତାମୟତା; ସତ୍ତ୍ୱବିଷୟରେ ଆମର ଧାରଣା ଓ ଅନୁଭୂତିର ପହଞ୍ଚ ଲାଗି ତାହା ଏତେବେଶୀ ଊର୍ଦ୍ଧ୍ୱରେ ରହିଛି ଯେ ଆମେ ତାହାକୁ ଏକ ପରମ ନେତି ବୋଲି କହିଲେ ମଧ୍ୟ ତଦ୍ୱାରା ସେହି କ୍ଷେତ୍ରରେ କୌଣସି ଅସଙ୍ଗତି ଜନ୍ମେ ନାହିଁ ଏବଂ ଅସତ୍‌ର ଧାରଣା ଓ ଅନୁଭୂତି ମଧ୍ୟଦେଇହିଁ ଆମେ ତାଙ୍କର କଳନା କରିଥାଉ । ମାତ୍ର, ପୁଣି ଏକଥା ମଧ୍ୟ ସତ୍ୟ ଯେ ସତ୍ତ୍ୱବସ୍ଥିତ ସବୁକିଛୁ ମର୍ମତଃ କେବଳ ସେହି ତତ୍‌ସ୍ୱରୂପ ହୋଇଥିବାରୁ, ଯେତେମାତ୍ରାରେ ତାହା ରୂପାନ୍ୱିତ ଓ ପ୍ରକଟ ହୋଇଥାଉ ପଛକେ, ତାହା ସ୍ୱୟଂ ସକଳ ବସ୍ତୁର ପରମତତ୍ତ୍ୱ ହିସାବରେ ଅବସ୍ଥିତ ରହିଛି; ଏବଂ ସେଇଥି ସକାଶେ ପରମ ସ୍ୱୀକୃତି ତଥା ପରମ ନେତି ଉଭୟ ମାର୍ଗରେ ତାହା ପାଖରେ ଯାଇ ପହଞ୍ଚିବା ସମ୍ଭବ ହୋଇପାରିବ । ପରମ ନିର୍ବିଶେଷ ବା ବ୍ରହ୍ମ କହିଲେ ଆମେ ଏଠାରେ ସେହି ଅନିର୍ବଚନୀୟ ଓ ଅଜ୍ଞେୟ ନିତ୍ୟବସ୍ତୁକୁ ବୁଝିବା ଯାହାକି ଆମେ କହୁଥିବା ଯାବତୀୟ ସତ୍ ଓ ଅସତ୍ ମଧ୍ୟରେ ମର୍ମସତ୍ୟରୂପେ ନିହିତ ହୋଇ ରହିଛି, ଯାହା ସକଳକୁ ଅତିକ୍ରମ କରି ସକଳର ଅନ୍ତର୍ମୂଳରୂପେ ବିଦ୍ୟମାନ ରହିଛି ।

ପରମ ନିର୍ବିଶେଷହିଁ ପରମ ସତ୍ୟ,—ଏଇଟି ହେଲା ଆମର ପ୍ରଥମ ସିଦ୍ଧାନ୍ତ । ମାତ୍ର ଏଠାରେ ପ୍ରଶ୍ନ ହେଉଛି, ଆମେ ଅନୁଭବ କରୁଥିବା ଅନ୍ୟାନ୍ୟ ସବୁକିଛୁକୁ ଆମେ ସତ୍ୟ ବୋଲି କହିବା କି ଅସତ୍ୟ ବୋଲି କହିବା ? ବେଳେବେଳେ ସତ୍ତା ଓ ଅସ୍ତିତ୍ୱ ମଧ୍ୟରେ ଏକ ଭେଦ ଦେଖାଇ ଦିଆଯାଇଥାଏ, ଏବଂ ଅନୁମାନ କରାଯାଇଥାଏ ଯେ ସତ୍ତା ହେଉଛି ସତ୍ୟ, ମାତ୍ର ଅସ୍ତିତ୍ୱ ଅଥବା ପ୍ରତିଭାସିତ ଯାହାକିଛୁକୁ ଆମେ ଅସ୍ତିତ୍ୱ ବୋଲି କହୁଛୁ, ତାହା ହେଉଛି ଅସତ୍ୟ । କିନ୍ତୁ ଏପରି କରିବା ଯଥାର୍ଥ ହେବ, ଯଦି ଅବ୍ୟାକୃତ ପରମ ଶାଶ୍ୱତ ଓ ବ୍ୟାକୃତ ଅସ୍ତିତ୍ୱସମୂହକୁ ପରସ୍ପରଠାରୁ କାଟି ଦିଆଯିବ, ପରସ୍ପରଠାରୁ ଅଲଗା କରି ଦିଆଯିବ ଏବଂ ଦୁହିଁଙ୍କୁ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଭିନ୍ନ ବସ୍ତୁ ବୋଲି ବୁଝାଯିବ । ସେହି କ୍ଷେତ୍ରରେ କେବଳ ଅବ୍ୟାକୃତ ପରମସତ୍ତାଙ୍କୁହିଁ ସତ୍ୟ ବୋଲି ପ୍ରତିଷ୍ଠିତ କରାଯିବ । ମାତ୍ର ଯାହାକୁ ଆମେ ଅସ୍ତିତ୍ୱ ବୋଲି କହୁଛୁ, ଯଦି ସେସବୁ ସେହି ପରମସତ୍ତାଙ୍କରହିଁ ରୂପାୟନ ଓ ଉପାଦାନ ବୋଲି ସ୍ୱୀକାର କରାଯାଏ, ତେବେ ଆଉ ସେଭଳି କୌଣସି ସିଦ୍ଧାନ୍ତ କରାଯାଇ ପାରିବ ନାହିଁ । କେବଳ ଅସତ୍‌ର ଏକ ରୂପାୟନ ହେଲେ ଯାଇ ସେଗୁଡ଼ିକୁ ଅସତ୍ୟ ବୋଲି ବୁଝାଯାଇ ପାରିବ, ସେସବୁ କେବଳ ଶୂନ୍ୟରୁ ସୃଷ୍ଟି କରାଯାଇଛି ବୋଲି କହିଲେ ଯାଇ ହୋଇପାରିବ । ମାତ୍ର ଅସ୍ତିତ୍ୱର ଯେଉଁସବୁ ସୋପାନ ଉପରେ ଗତି କରି ଆମେ ପରମ ନିର୍ବିଶେଷଙ୍କର ନିକଟବର୍ତ୍ତୀ ହେଉଥିବା ଏବଂ ତାଙ୍କ ଭିତରେ ଯାଇ ପ୍ରବେଶ କରିବା, ସେଗୁଡ଼ିକର ମଧ୍ୟ ସ୍ୱକୀୟ ସତ୍ୟ ଅବଶ୍ୟ ରହିବା ଉଚିତ; କାରଣ ଯାହା ଅସତ୍ୟ ଓ ଅବାସ୍ତବ, ତାହା ଆମକୁ କଦାପି ସତ୍ୟ

'oaob.nitrkl.ac.in' images reprocessed

ମଧ୍ୟକୁ ନେଇଯାଇ ପାରିବ ନାହିଁ । ତେଣୁ ପରମ ନିର୍ବିଶେଷ ମଧ୍ୟରୁହିଁ ଯାହା ସଞ୍ଜାତ ହୋଇଛି, ପରମ ନିର୍ବିଶେଷ ଯାହାକୁ ଧରି ରଖିଛନ୍ତି ଓ ପ୍ରେରିତ କରାଉଛନ୍ତି, ଯାହାକୁ ସେ ଆପଣା ଭିତରେ ପ୍ରକଟ କରାଉଛନ୍ତି, ତାହା ଅବଶ୍ୟ ସତ୍ୟ ହେବା ଉଚିତ । ଏକଥା ଠିକ୍ ଯେ ଯେପରି ଅବ୍ୟାକୃତ ଅବସ୍ଥାଟି ବିଦ୍ୟମାନ ରହିଛି, ବ୍ୟାକୃତ ବା ରୂପାତ୍ମକ ମଧ୍ୟ ସେହିପରି ବିଦ୍ୟମାନ ରହିଛି; ମାତ୍ର ଯାହାକୁ ଆମେ ପରମସତ୍ତାର ପ୍ରକଟିତ ରୂପ ବୋଲି ଗ୍ରହଣ କରୁଛୁ, ତାହା ସ୍ୱୟଂ ସତ୍ୟ ହେବାକୁ ଅବଶ୍ୟ ବାଧ୍ୟ ହେବ । ଏକଥା ମଧ୍ୟ ଠିକ୍ ଯେ ଯେପରି ପରମ କାଳାତୀତତା ବିଦ୍ୟମାନ ରହିଛି, ସେହିପରି ନିତ୍ୟକାଳର ଭୂମି ଉପରେ ବସ୍ତୁଗୁଡ଼ିକର ପ୍ରତିଷ୍ଠିତି ମଧ୍ୟ ବିଦ୍ୟମାନ ରହିଛି; ମାତ୍ର ପରମ କାଳାତୀତ ଉପରେ ଆଧାରିତ ହୋଇ ରହିନଥିଲେ ତାଲର ଭୂମି ଉପରେ କଦାପି କାହାରି ଅବିର୍ଭୂତ ହେବା ଆଦୌ ସମ୍ଭବ ହୁଅନ୍ତା ନାହିଁ । ଯଦି ମୋର ଆତ୍ମା ସତ୍ୟ ହୁଏ, ମୋର ଚିନ୍ମୟ ସ୍ୱରୂପଟି ଯଦି ସତ୍ୟ ହୁଏ, ତେବେ ସେହି ଆତ୍ମାର ପ୍ରକାଶସ୍ୱରୂପ ମୋର ଭାବନା, ମୋର ଅନୁଭୂତି ଓ ଯାବତୀୟ ପ୍ରକାରର ସାମର୍ଥ୍ୟସକଳ ମଧ୍ୟ କଦାପି ଅସତ୍ୟ ହେବେ ନାହିଁ । ମୋର ଏହି ଯେଉଁ ଦେହଟିକୁ ଆତ୍ମା ଏକ ବାହ୍ୟରୂପ ଦେଇ ରଖିଛି ଏବଂ ଯୁଗପତ୍ ଭାବରେ ସେ ଯାହା ମଧ୍ୟରେ ବାସ କରୁଛି, ସେଇଟାକୁ ମୁଁ କଦାପି କିଛି ନୁହେଁ ବୋଲି କହିପାରିବି ନାହିଁ, ତାହାକୁ କେବଳ ଏକ ଯାଥାର୍ଥ୍ୟବର୍ଜିତ ଛାୟା ବୋଲି କଦାପି କହିପାରିବି ନାହିଁ । ତେଣୁ ଏହାର କେବଳ ଗୋଟିଏ ବ୍ୟାଖ୍ୟା ଦ୍ୱାରାହିଁ ଏହାର ସମାଧାନ ସମ୍ଭବ ହୋଇପାରିବ : କାଳାତୀତ ଶାଶ୍ୱତତା ଏବଂ କାଳଗତ ଶାଶ୍ୱତତା ଉଭୟ ହେଉଛି ସେହି ପରମ ଶାଶ୍ୱତ ଓ ପରମ ନିର୍ବିଶେଷର କେବଳ ଦୁଇଟି ଦିଗବିଭାବ ମାତ୍ର, ଏବଂ ଦୁହେଁ ହେଉଛନ୍ତି ସତ୍ୟ । ମାତ୍ର ଦୁହିଁଙ୍କର ସତ୍ୟରେ ଏକ ପ୍ରକାର ଭେଦ ଅବଶ୍ୟ ରହିଛି । ପରମ ଶାଶ୍ୱତତା ମଧ୍ୟରେ ଯାହା ଅପ୍ରକଟ ଅବସ୍ଥାରେ ରହିଛି, ତାଲର ନିତ୍ୟଭୂମି ଉପରେ ତାହାହିଁ ଆପଣାକୁ ପ୍ରକଟ କରୁଛି । ଯାହା କିଛି ଅସ୍ତିତ୍ୱ ଧାରଣ କରି ରହିଛି, ଆପଣା ପ୍ରକାଶର ମାତ୍ରା ଅନୁସାରେ ତାହା ସତ୍ୟ ହୋଇ ରହିଛି ଏବଂ ପରମ ଅନନ୍ତ ଚେତନା ତାହାକୁ ଠିକ୍ ସେହିପରି ଭାବରେହିଁ ଦେଖୁଛି ।

ସକଳ ରୂପାତ୍ମକ ଓ ପ୍ରକାଶ ସତ୍ତା ଉପରେ ଯେପରି ନିର୍ଭର କରି ରହିଛି, ତାହା ଚୈତନ୍ୟ ତଥା ଚୈତନ୍ୟର ଶକ୍ତି ଅର୍ଥାତ୍ ପରିମାଣ ଉପରେ ମଧ୍ୟ ସେହିପରି ନିର୍ଭର କରି ରହିଛି । କାରଣ ଚୈତନ୍ୟର ସ୍ଥିତି ଓ ଭୂମି ଅନୁସାରେହିଁ ସତ୍ତାର ସ୍ଥିତି ଓ ଭୂମି ମଧ୍ୟ ନିର୍ଦ୍ଧାରିତ ହେବାରେ ଲାଗିଛି । ଏପରିକି ପରମ ନିଶ୍ଚେତନର ସ୍ଥିତିଟି ମଧ୍ୟ ସମ୍ବୃତ ଚୈତନ୍ୟର ଏକ ସ୍ଥିତି ଓ ଶକ୍ତିରୂପେ ବିଦ୍ୟମାନ ରହିଛି, ଯେଉଁଥିରେ କି ସତ୍ତା ଅସତ୍ ବୋଲି ମନେ ହେଉଥିବା ଅପ୍ରକାଶ ଅବସ୍ଥାର ଏକ ଅନ୍ୟ

ଓ ବିପରୀତ ସ୍ଥିତି ମଧ୍ୟରେ ନିମଜ୍ଜିତ ହୋଇ ରହିଛି, ଯାହାଫଳରେ କି ତା'ଭିତରୁ ଏହି ଭୌତିକ ଜଗତର ସବୁକିଛି ପ୍ରକାଶିତ ହୋଇପାରୁଛି । ଠିକ୍ ସେହିପରି ଯେତେବେଳେ ଚେତନା ମଧ୍ଯ ପରମ ସତ୍ତ୍ୱ ମଧ୍ୟରେ ଅନୁପ୍ରବିଷ୍ଟ ହୁଏ, ସେତେବେଳେ ତାହା ଅଚେତନାରେ ରୂପାନ୍ତରିତ ହୁଏ । କାରଣ ଏହି ଅଚେତନ ଅବସ୍ଥାରେ ଚେତନା ସତ୍ତ୍ୱ ମଧ୍ୟରେ ଯାଇ ଏକ ଜ୍ୟୋତିର୍ମୟ ଅବସ୍ଥାରେ ନିମଗ୍ନ ହୋଇ ରହିଥିବା ପରି ବୋଧହୁଏ, ଆପଣାର ସ୍ୱତନ୍ତ୍ର ସତ୍ତ୍ୱ ବିଷୟରେ ସଚେତନ ସେ ଆଦୌ ସଚେତ ନଥାଏ । ସତ୍ତ୍ୱଗତ ସକଳ ଚେତନା, ସକଳ ଜ୍ଞାନ, ଆତ୍ମଦୃଷ୍ଟି ଓ ଶକ୍ତିମତ୍ତା ସେହି ସବୃତ ଅବସ୍ଥାରୁହିଁ ନିଷ୍ପନ୍ନ ହେଉଥିବା ପରି ମନେହୁଏ, ଅଥବା ତାହାର ମଧ୍ୟରେ ଆବିର୍ଭୂତ ହେଲପରି ଲାଗେ । ଆମର ଆଖିକୁ ଏହି ନିଷ୍ପନ୍ନ ହେବାଟା ହୁଏତ ଏକ ନ୍ୟୂନତର ସତ୍ତ୍ୟାବସ୍ଥାରୂପେ ନିଷ୍ପନ୍ନ ହେବାପରି ମନେ ହୋଇପାରେ; ମାତ୍ର ଯଥାର୍ଥରେ କହିବାକୁ ଗଲେ ଅଚେତନା ଏବଂ ଚେତନା କେବଳ ସେହି ପରମସତ୍ୟ ବ୍ୟତୀତ ଆଉ କିଛି ନୁହନ୍ତି ଏବଂ ସେମାନେ କେବଳ ସେହି ଗୋଟିଏ ସତ୍ୟକୁହିଁ ଦେଖୁଆ'ନ୍ତି । ଏପରି ଏକ ପରମ ଭୂମି ରହିଛି ଯେଉଁଠାରେ କି ସତ୍ତ୍ୱ ଓ ଚେତନା ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ରହିପାରିବ ନାହିଁ, କାରଣ ଏହି ଦୁଇଟିଯାକ ତତ୍ତ୍ୱ ସେଠାରେ ଏପରି ଭାବରେ ଏକରସ ହୋଇ ରହିଥିବେ ଯେ ସେମାନଙ୍କୁ ଗୋଟିକୁ ଆରଟିରୁ ଅଲଗା କରି ଦେଖାଇପାରିବା ଆଦୌ ସମ୍ଭବ ହେବ ନାହିଁ । ମାତ୍ର ସତ୍ତ୍ୱର ଏହି ପରମ ଭୂମିକୁ ସତ୍ତ୍ୱଗତ ଶକ୍ତିର ବି ଏକ ପରମଭୂମି ବୋଲି ବୁଝାଯାଇ ପାରିବ ଏବଂ ତେଣୁ ଚେତନାଶକ୍ତିର ଏକ ପରମ ଭୂମି ବୋଲି ବୁଝାଯାଇ ପାରିବ । କାରଣ ସତ୍ତ୍ୱର ଶକ୍ତି ଓ ଏହାର ଚେତନାଶକ୍ତି ସେଠାରେ ପରସ୍ପର ସହିତ ଏକୀଭୂତ ହୋଇ ରହିଛନ୍ତି ଓ ସେମାନଙ୍କୁ ଗୋଟିକରୁ ଆରଟିକୁ କଦାପି ଅଲଗା କରାଯାଇ ପାରିବ ନାହିଁ । ଶାଶ୍ୱତ ପରମସତ୍ତ୍ୱ ଓ ଶାଶ୍ୱତ ଚେତନାର ପରମାଶକ୍ତି ପରସ୍ପର ସହିତ ଏକୀଭୂତ ହୋଇ ରହିବାର ଏହି ଅବସ୍ଥା ହେଉଛି ପରମେଶ୍ୱରର ଅବସ୍ଥା, ଏବଂ ଏହାର ସତ୍ତ୍ୱଗତ ଶକ୍ତି ହେଉଛି ପରମ ନିର୍ବିଶେଷ ସତ୍ତ୍ୱରହିଁ ଗତିଶୀଳତା । ଏହି ଅବସ୍ଥାରେ ଈଶ୍ୱର ବର୍ଜନ ବା ଅସ୍ୱୀକାର କରିବାକୁ ପଡ଼େ ନାହିଁ, କାରଣ ଏହାର ଭିତରେହିଁ ଏହା ବିଶ୍ୱଗତ ଯାବତୀୟ ଅସ୍ତିତ୍ୱର ମର୍ମ ତଥା ଶକ୍ତିକୁ ବହନ କରୁଥାଏ ।

ମାତ୍ର ତଥାପି ଅସତ୍ୟହିଁ ଏହି ବିଶ୍ୱଜଗତର ଏକ ସତ୍ୟ ବୋଲି ଅବଶ୍ୟ ପ୍ରତୀୟମାନ ହେଉଛି । ଏବଂ ଯଦି ସବୁକିଛି ମୂଳତଃ ବ୍ରହ୍ମ ହୁଏ, ତେବେ ସେହି ବ୍ରହ୍ମରୂପୀ ପରମସତ୍ୟ ଭିତରେହିଁ ଆମକୁ ସେହି ଅସତ୍ୟରୂପୀ ଉପାଦାନଟିର ବ୍ୟାଖ୍ୟା ଖୋଜି ବାହାର କରିବାକୁ ପଡ଼ିବ । ଏହି ଅସତ୍ୟ ଯଦି ସତ୍ତ୍ୱର ଏକ ସତ୍ୟ ନହୁଏ, ତେବେ ତାହା ଚୈତନ୍ୟରହିଁ ଏକ କୃତ ବା ବ୍ୟାକୃତ ନିଷ୍ପତ୍ତି ହୋଇଥିବ । ତେବେ

'oaob.nitrkl.ac.in' images reprocessed

ଚୈତନ୍ୟର କ'ଣ ଏପରି ଏକ ସ୍ଥିତି ବା ପରିଣାମ ନାହିଁ ଯେଉଁଠାରେ କି ତାହାର କୃତ ଓ ବ୍ୟାକୃତଗୁଡ଼ିକ ପୂର୍ଣ୍ଣତଃ ଅଥବା ଅଂଶତଃ ଅସତ୍ୟ ହୋଇଥିବ ? ଏବଂ, ଏହି ଅସତ୍ୟତା ମୂଳରେ ରହିଥିବା ଏକ ବିଶ୍ୱଗତ ମାୟାରୁ ଉତ୍ପନ୍ନ ହୋଇଛି ବୋଲି ଯଦି କୁହାଯାଇ ନପାରେ, ତଥାପି ସ୍ୱୀକାର କରିବାକୁ ପଡ଼ିବ ଯେ ଏହି ବିଶ୍ୱରେହିଁ ଅଜ୍ଞାନର ଏକ ମାୟାଶକ୍ତି ଅବଶ୍ୟ ବିଦ୍ୟମାନ ରହିଛି । ଅସତ୍ୟ ବସ୍ତୁର କଳ୍ପନା କରିବା ଲାଗି ମନର ଏକ ଶକ୍ତି ସବୁବେଳେ ରହିଛି, ଏପରିକି ସମ୍ପୂର୍ଣ୍ଣ ଅସତ୍ୟ ଅଥବା ଅଂଶତଃ ଅସତ୍ୟ ନାନା ବସ୍ତୁର ସୃଷ୍ଟି କରିବାର ସାମର୍ଥ୍ୟ ମଧ୍ୟ ମନର ରହିଛି । ଆପଣାକୁ ତଥା ବିଶ୍ୱଜଗତକୁ ଏହି ମନ ଯେଉଁଭଳି ଦୃଷ୍ଟିରେ ଦେଖୁଛି, ତାହାକୁ ମଧ୍ୟ ଏକ ସମ୍ପୂର୍ଣ୍ଣ ସତ୍ୟ କିମ୍ବା ସମ୍ପୂର୍ଣ୍ଣ ଅସତ୍ୟରଚନା ବୋଲି ଆଦୌ କୁହାଯାଇ ପାରିବ ନାହିଁ । ତେବେ ଠିକ୍ କେଉଁ ସ୍ତରରୁ ଅସତ୍ୟର ଏହି ଉପାଦାନଟିର ସୂତ୍ରପାତ ହେଉଛି, ଏବଂ କେଉଁଠାରେ ପହଞ୍ଚି ଏହାର ପରିସମାପ୍ତି ଘଟୁଛି ? ଏବଂ ଏପରି ହେବାର କାରଣ ବା କ'ଣ, ଏବଂ ନିଦାନ ତଥା ପରିଣାମ ଦୁଇଟିଯାକ ନିରାକୃତ ହୋଇସାରିବା ପରେ ଆଉ କ'ଣସବୁ ଘଟିଥାଏ ? ଜଗତର ଯାବତୀୟ ଅସ୍ତିତ୍ୱ ଯଦି ତଥାପି ସ୍ୱଭାବତଃ ଅସତ୍ୟ ହୋଇ ନଥାଏ, ତେବେ ଆମେ ବାସ କରୁଥିବା ଅଜ୍ଞାନମୟ ଏହି ଜଗତଟି ଲାଗି କ'ଣ ସେହି ବିଶେଷଣଟି ପ୍ରଯୁଜ୍ୟ ହେବ ନାହିଁ କି ? ସତତ ଭଙ୍ଗୁର ଓ ପରିବର୍ତ୍ତନଚଞ୍ଚଳ, ଜୀବନ, ମୃତ୍ୟୁ, ନୈରାଶ୍ୟ ଓ ଦୁଃଖମୟ ଏହି ଜଗତଟିକୁ ଅସତ୍ୟ ବୋଲି କୁହାଯିବ ନାହିଁ କି ? ଏବଂ ଅଜ୍ଞାନର ନିରାକରଣ ସଙ୍ଗେସଙ୍ଗେ ସେହି ଅଜ୍ଞାନଦ୍ୱାରା ସୃଷ୍ଟ ହୋଇଥିବା ଜଗତଟିର ସତ୍ୟତା ମଧ୍ୟ ଆମ ଲାଗି ନିରାକୃତ ହୋଇଯିବ ନାହିଁ କି ? ପୁନଶ୍ଚ, ଏହିପରି ଏକ ଜଗତର ଆବରଣ ଭିତରୁ ମୁକ୍ତି ବାହାରି ଆସିବାହିଁ ସ୍ୱାଭାବିକ ଓ ଏକମାତ୍ର ପ୍ରଶ୍ନ ନୁହେଁ କି ? ମାତ୍ର ଆମର ଏହି ଅଜ୍ଞାନ ଯଦି ଏକ ବିଶୁଦ୍ଧ ଅଜ୍ଞାନ ହୋଇଥା'ନ୍ତା ଏବଂ ଏଥିରେ ଯଦି ସତ୍ୟ ଓ ଜ୍ଞାନର ଆଦୌ କୌଣସି ଉପାଦାନ ନଥା'ନ୍ତା, ତେବେଯାଇ ଏପରି କହିବା ଯୁକ୍ତିଯୁକ୍ତ ହୁଅନ୍ତା । ମାତ୍ର ବସ୍ତୁତଃ ଆମର ଚେତନା ଭିତରେ ଉଭୟ ସତ୍ୟ ଓ ଅସତ୍ୟ ମିଶିକରି ରହିଛି; ଏହାର କୃତ ଓ ବିସୃଷ୍ଟିକୁ ଆମେ ବୃଥା କପୋଳକଳ୍ପିତ ବୋଲି କହି ଉଡ଼ାଇଦେଇ ପାରିବା ନାହିଁ, କେବଳ ଭିତ୍ତିହୀନ ବିରଚନା ବୋଲି ଆଦୌ କହିପାରିବା ନାହିଁ । ଏହି ଚେତନା ଯାହାସବୁ ରଚନା କରିଥାଏ, ବସ୍ତୁ ଓ ଜଗତକୁ ଏହା ଯେଉଁଭଳି ରୂପ ଦେଇଥାଏ, ତାହା ସତ୍ୟ ଓ ମିଥ୍ୟାର ଏକ ମିଶ୍ରଣମାତ୍ର ବି ନୁହେଁ; ଆମେ ତାହାକୁ ବରଂ ସତ୍ୟର ଏକ ଅର୍ଦ୍ଧପରିମିତ ବୋଧ ବା ଅର୍ଦ୍ଧପ୍ରକାଶ ବୋଲି କହିପାରିବା । ଏବଂ ଯାବତୀୟ ଚେତନା ଏକ ଶକ୍ତିମତୀ ହୋଇଥିବାରୁ ଏବଂ ତେଣୁ ସେଥିରେ ସୃଜନଶୀଳତାର ସାମର୍ଥ୍ୟ ରହିଥିବାରୁ, ଆମର ଅଜ୍ଞାନରୁ ପରିଣାମତଃ ବିକୃତ ସୃଷ୍ଟି, ବିକୃତ ପ୍ରକାଶ ଏବଂ ବିକୃତ କ୍ରିୟାରହିଁ ଉତ୍ଥାନ ହୋଇଥାଏ, ଅଥବା

'oaob.nitrkl.ac.in' images reprocessed

ସତ୍ତାଶକ୍ତିର ବିକୃତ କଳ୍ପନା କରାଯାଇ ଥାଏ କିମ୍ବା ତାହାକୁ ଅନୁଚିତ ମାର୍ଗରେ ପରିଚାଳିତ କରାଯାଇଥାଏ । ଏହି ବିଶ୍ୱଜଗତରେ ଯାହାକିଛି ଅଛି, ସେସବୁ କେବଳ ରୂପାୟନମାତ୍ର, କେବଳ ପ୍ରକାଶମାତ୍ର; ମାତ୍ର ଆମର ଅଜ୍ଞାନବଶତଃ ତାହା ଏକ ଆଂଶିକ, ସୀମାବଦ୍ଧ ଓ ଅଜ୍ଞାନାଚ୍ଛନ୍ନ ପ୍ରକାଶରେ ପର୍ଯ୍ୟବସିତ ହୋଇ ରହିଛି । ଅସ୍ତିତ୍ୱର ମୂଳଭୂତ ସତ୍ତା, ଚେତନା ଏବଂ ଆନନ୍ଦକୁ ଏହା କେବଳ ଆଂଶିକ ଭାବରେ ପ୍ରକାଶିତ କରୁଛି, ମାତ୍ର ସେଗୁଡ଼ିକୁ ଆଂଶିକ ଭାବରେ ଏକ ଅନ୍ୟ ଆବରଣ ତଳେ ଘୋଡ଼ାଇ ମଧ୍ୟ ରଖୁଛି । ଯଦି ଏହିଭଳି ଏକ ସ୍ଥିତି ଏକ ସ୍ଥାୟୀ ଓ ଅପରିବର୍ତ୍ତନୀୟ ସ୍ଥିତି ହୋଇଥାଏ, ଯଦି କେବଳ ଏହି ବୃତ୍ତି ମଧ୍ୟରେ ଘୂରିବା ବ୍ୟତୀତ ଆମ ଜଗତର ଆଉ କୌଣସି ଅନ୍ୟ ଗତି ନଥାଏ, ଯଦି କେବଳ ଏକ ଅବସ୍ଥା ଓ ପରିବେଶମାତ୍ର ନହୋଇ କୌଣସି ନା କୌଣସି ଅଜ୍ଞାନ ଏହି ଜଗତର ସକଳ ବସ୍ତୁ ଓ ସକଳ କ୍ରିୟାର କାରଣ ହୋଇଥାଏ, ତେବେ ବ୍ୟକ୍ତିସତ୍ତା ଯେକୌଣସି ପ୍ରକାରେ ବିଶ୍ୱସତ୍ତା ମଧ୍ୟରୁ ଉଦ୍ଧାର ପାଇ ପଳାଇ ଯାଇପାରିଲେ ଯାଇ ବ୍ୟକ୍ତିଜୀବନରୁ ଏହି ଅଜ୍ଞାନର ନିରାକରଣ ସମ୍ଭବ ହୋଇପାରିବ; ଏବଂ ବିଶ୍ୱଗତ ଅଜ୍ଞାନର ନିରାକରଣଦ୍ୱାରା ବିଶ୍ୱସତ୍ତାର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ । ମାତ୍ର ଏହି ଜଗତର ହୃଦୟମୂଳରେ ଯଦି ଏକ ବିବର୍ତ୍ତନଧର୍ମୀ ତତ୍ତ୍ୱ କାର୍ଯ୍ୟ କରୁଥାଏ, ଯଦି ଆମର ଅଜ୍ଞାନକୁ ଜ୍ଞାନର ଅଭିମୁଖରେ ବିବର୍ତ୍ତିତ ବା ନମବିକଶିତ ହେଉଥିବା ଏକ ଅର୍ଦ୍ଧ-ଜ୍ଞାନ ବୋଲି ସ୍ୱୀକାର କରାଯାଏ, ତେବେ ଏହାଦ୍ୱାରା ଭୌତିକ ପ୍ରକୃତିରେ ଆତଯାତ ହେଉଥିବା ଆମର ଏହି ଅସ୍ତିତ୍ୱର ଯେ ଆହୁରି ଏକ ସାର୍ଥକତା, ଆହୁରି ଏକ ପରିଣାମ ଓ ଆହୁରି ଏକ ଆଧ୍ୟାତ୍ମିକ ସମ୍ଭାବନା ରହିଛି, ତାହା ବୋଧଗମ୍ୟ ହେବାକୁ ଆରମ୍ଭ କରେ; ଏଇଠି ଏହି ଜଗତରେ ଏକ ବୃହତ୍ତର ପ୍ରକାଶ ସମ୍ଭବ ବୋଲି ଅନୁଭୂତ ହୁଏ ।

ଅଜ୍ଞାନର ଏହି ସମସ୍ୟାଟି ବିଷୟରେ ଆଲୋଚନା କଲାବେଳେ ଆମେ ଯେପରି ଆଉ ଏକ ସମ୍ଭାବ୍ୟ ପ୍ରମାଦରେ ପଡ଼ିଯାଇ ନପାରିବା, ସେଥିଲାଗି ଅସତ୍ୟ ସମ୍ବନ୍ଧରେ ରହିଥିବା ଆମର ଧାରଣା ବିଷୟରେ ଆଉଟିକିଏ ଅଧିକ ସ୍ପଷ୍ଟ ହୋଇଯିବା ଉଚିତ । ଆମର ମନ, ବା ଏହାର ଏକ ଅଂଶ ଏକ ବ୍ୟାବହାରିକ ମାନଦଣ୍ଡରେହିଁ ସତ୍ତାର ବିଚାର କରିଥାଏ । ବାସ୍ତବ ସତ୍ୟ ଓ ତଥ୍ୟ ଉପରେହିଁ ସବୁକିଛିର ବିଚାର ହେବା ଏକାନ୍ତ ଆବଶ୍ୟକ ବୋଲି ମନ ଜିଦ୍ ଧରି ବସେ । ଅସ୍ତିତ୍ୱ ବିଷୟରେ ଯାହାକିଛି ବାସ୍ତବ ସତ୍ୟ ପରି ଦେଖାଯାଏ, ମନ ତାହାକୁହିଁ ସତ୍ୟ ବୋଲି ଗ୍ରହଣ କରେ । ମାତ୍ର ଏହି ତଥ୍ୟସବଳତା ବା ବାସ୍ତବ ସତ୍ୟତା କହିଲେ ମନ ତଦ୍ୱାରା କେବଳ ଭୌତିକ ଜଗତର ଇହଲୋକଗତ ଅସ୍ତିତ୍ୱର ପ୍ରତିଭାସଗୁଡ଼ିକୁହିଁ ବୁଝିଥାଏ । ମାତ୍ର ଇହଜଗତର ଭୌତିକ ଭୂମିରେ ଯାହାକିଛି ଘଟୁଛି, ତାହା କଦାପି ସମ୍ପୂର୍ଣ୍ଣ ପ୍ରକାଶ ନୁହେଁ, ତାହା ହେଉଛି ପ୍ରକାଶ ବା ପ୍ରକଟିତ ସତ୍ୟର କେବଳ ଗୋଟିଏମାତ୍ର

'oaob.nitrkl.ac.in' images reprocessed

ଅଂଶ । ପରମସତ୍ତାଙ୍କର ନାନା ସମ୍ଭାବନା ମଧ୍ୟରୁ ବାସ୍ତବ ରୂପ ଧାରଣ କରିଥିବା ଏହା କେବଳ ଗୋଟିଏମାତ୍ର ସ୍ଥିତି । ମାତ୍ର ଏପର୍ଯ୍ୟନ୍ତ ବାସ୍ତବ ହୋଇ ଫୁଟିଉଠି ନଥିବା ଅଥବା ଏହି ଜଗତରେ ବାସ୍ତବରେ ପରିଣତ ହୋଇ ନଥିବା ଆହୁରି ଯେତେ ସମ୍ଭାବନା ରହିଛି, ସେସବୁ ତଦ୍ଦ୍ୱାରା ଆଦୌ କୌଣସି ପ୍ରକାରେ ନସ୍ୟାତ୍ ହୋଇ ରହୁ ନାହିଁ । କାଳକୁ ଆଧାର କରି ଲାଗିରହିଥିବା ପ୍ରକାଶଲୀଳାରେ ନୂତନ ସତ୍ୟଗୁଡ଼ିକର ଆବିର୍ଭୂତ ହେବାର ମଧ୍ୟ ପୂର୍ଣ୍ଣ ସମ୍ଭାବନା ରହିଛି । ଏପର୍ଯ୍ୟନ୍ତ ଅନୁପଲବ୍ଧ ହୋଇ ରହିଥିବା ଆହୁରି କେତେ ସତ୍ତ୍ୱସତ୍ୟ ଆପଣାଆପଣାର ସମ୍ଭାବନାଗୁଡ଼ିକୁ ପ୍ରକଟ କରାଇବେ ଓ ଏହି ଜାଗତିକ ଜଡ଼ ଅସ୍ତିତ୍ୱର ଭୂମି ଉପରେ ଆପଣାକୁ ବାସ୍ତବରୂପେ ଫୁଟାଇଦେବେ, ଏହି ସମ୍ଭାବନା ନିରନ୍ତର ବଳବତ୍ତର ରହିଛି । ଅତିଭୌତିକ ବା ଜଡ଼ାତୀତ ଏପରି ଆହୁରି ଅନେକ ସତ୍ତ୍ୱସତ୍ୟ ବି ଥାଇପାରେ, ଏହି ଜଗତର ପରିବର୍ତ୍ତେ ଆହୁରି ଅନ୍ୟକେଉଁ ଜଗତ ହିଁ ଏତେ ସେଗୁଡ଼ିକର ପ୍ରକାଶଭୂମି ହୋଇପାରେ । ଏଠାରେ ପ୍ରକାଶିତ ହୋଇନଥିଲେ ମଧ୍ୟ ସେଗୁଡ଼ିକ ତଥାପି ସତ୍ୟ ହୋଇପାରେ । ଏପରିକି ଯାହା କୌଣସିଠାରେ ଅର୍ଥାତ୍ କୌଣସି ଜଗତରେ ମଧ୍ୟ ବାସ୍ତବ ସତ୍ୟରୂପେ ପ୍ରକଟିତ ହୋଇ ନାହିଁ, ତାହା ମଧ୍ୟ ଏକ ସତ୍ତ୍ୱସତ୍ୟ ହୋଇପାରେ, ସତ୍ତ୍ୱର ଏକ ଅନ୍ତର୍ନିହିତ ସମ୍ଭାବନା ହୋଇ ରହିଥାଇ ବି ପାରେ; ଏବଂ ଅସ୍ତିତ୍ୱର କୌଣସି ରୂପ ଗ୍ରହଣ କରି ତାହା ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ହୋଇ ନାହିଁ ବୋଲି ତଥାପି ସେଗୁଡ଼ିକୁ ଅସତ୍ୟ ବା ମିଥ୍ୟା ବୋଲି କୁହାଯାଇ ପାରିବ ନାହିଁ । ମାତ୍ର ତଥାପି ଆମର ମନ ବା ଏହାର ଏହି ଅଂଶଟି ସତ୍ୟକଳନା ବିଷୟରେ ରହିଥିବା ତା'ର ବ୍ୟାବହାରିକ ସଂସ୍କାର ବା ଅଭ୍ୟାସଟିକୁ ଆଦୌ ଛାଡ଼ିପାରେ ନାହିଁ, ଆପଣାର ସେହି ଆଚରଣ ଅନୁସାରେ ସେ କେବଳ ତଥ୍ୟମୂଳକତା ଓ ବାସ୍ତବତାକୁ ହିଁ ସତ୍ୟ ବୋଲି କଳ୍ପନା କରେ ଏବଂ ଅନ୍ୟ ସବୁକିଛିକୁ ଅସତ୍ୟ ବୋଲି ମଣିବାକୁ ବାହାରେ । ତେଣୁ କୁହାଯାଇ ପାରିବ ଯେ ଏହି ମନ ଲାଗି ଅସତ୍ୟତାର ଏପରି ଏକ ଭୂମି ରହିଛି, ଯାହାର ପ୍ରକୃତି ହେଉଛି କେବଳ ବ୍ୟାବହାରିକ । ଯେଉଁସବୁ ବସ୍ତୁକୁ ବସ୍ତୁତଃ ଅସତ୍ୟ ବୋଲି କୁହାଯାଇ ପାରିବ ନାହିଁ, ଏବଂ ଯାହା ଆମଦ୍ୱାରା ଉପଲବ୍ଧ ହୋଇ ପାରିବ ନାହିଁ ଅଥବା ଆମର ଉପସ୍ଥିତ ପରିବେଶଟିରେ କିମ୍ବା ଆମ ଅସ୍ତିତ୍ୱର ଏହି ବାସ୍ତବ ଜଗତ ଭିତରେ ଯାହାର ଉପଲବ୍ଧି ସମ୍ଭବ ହେବ ନାହିଁ, ସେଇଗୁଡ଼ିକୁ ଆପଣାର ପ୍ରକୃତିଗତ ସୂତ୍ରରେ ବାନ୍ଧି ମନ ଆପଣାର ଅସତ୍ୟଗୁଡ଼ିକୁ ତିଆରି କରିଥାଏ । ମାତ୍ର ଏହାକୁ ଏକ ଯଥାର୍ଥ ଅସତ୍ୟଭୂମି ବୋଲି କାହିଁକି କୁହାଯିବ ? ଏହା ଅସତ୍ୟ ନୁହେଁ, ଏହା ହେଉଛି ଅନୁପଲବ୍ଧ । ଏହି ଅସତ୍ୟ ସତ୍ତ୍ୱଗତ ନୁହେଁ; ମାତ୍ର ଉପସ୍ଥିତ କେବଳ ଯେତିକି ସତ୍ୟ ବିଷୟରେ ଆମେ ଜ୍ଞାନ ହାସଲ କରିଛୁ, ଏହା କେବଳ ସେଇଗୁଡ଼ିକର ଅସତ୍ୟ । ପୁଣି ଆହୁରି ଏକପ୍ରକାର ଅସତ୍ୟ ରହିଛି, ଯାହାକି ସମ୍ପୂର୍ଣ୍ଣ କଳ୍ପନାଗତ ଓ ଧାରଣାଗତ

'oaob.nitrkl.ac.in' images reprocessed

ଅସତ୍ୟ, ଏବଂ ସତ୍ୟର ପ୍ରମାଦଯୁକ୍ତ ଅନୁଭବ ଓ ଧାରଣାରୁହିଁ ଏହି ଅସତ୍ୟ ଜାତ ହୋଇଥାଏ । ଏଇଟି ମଧ୍ୟ ଏକ ସତ୍ତ୍ୱଗତ ଅସତ୍ୟ ନୁହେଁ ଓ ତାହା ଏପରି ହେବାର ଆଦୌ କୌଣସି କାରଣ ନାହିଁ । ଅଜ୍ଞାନଗତ ନାନା ସୀମାଦ୍ୱାରା ସଙ୍କୁଚିତ ହୋଇ ପଡ଼ିଥିବା ଆମର ଚେତନାହିଁ ପ୍ରମାଦଗ୍ରସ୍ତ ହୋଇ ଏହି ଅସତ୍ୟଟିର ବିରଚନା କରିଛି । ଆମ ଅଜ୍ଞାନର ଏହିସବୁ ଓ ଅନ୍ୟାନ୍ୟ ଗୌଣ କ୍ରିୟାଗୁଡ଼ିକୁ ଆମେ ସମସ୍ୟାଟିର ମୂଳଗଣ୍ଠି ବୋଲି କହିପାରିବା ନାହିଁ, କାରଣ ଏହି ଜଗତରେ ଆମର ଚେତନା ତଥା ବିଶ୍ୱଚେତନାର ଏକ ସାଧାରଣ ବ୍ୟାଧିତତା ଉପରେହିଁ ଏହା ପର୍ଯ୍ୟବସିତ ହୋଇ ରହିଛି । ତେଣୁ ଏହା ହେଉଛି ବିଶ୍ୱଗତ ଅଜ୍ଞାନର ସମସ୍ୟା । କାରଣ ଅସ୍ତିତ୍ୱ ସମ୍ବନ୍ଧରେ ଆମର ଯାବତୀୟ ଦୃଷ୍ଟି ଓ ଯାବତୀୟ ଅନୁଭୂତି ଚେତନାର ଏକ ସଙ୍କୁଚନ ଦ୍ୱାରା ଏପରି ଭାବରେ ଛନ୍ଦହୋଇ ପଡ଼ିଛି, ଯାହା କି କେବଳ ଆମରହିଁ ଏକ ସମସ୍ୟା ନୁହେଁ । ଏହି ସଙ୍କୁଚନ ସମଗ୍ର ଜଡ଼ଭୂମିଗତ ସୃଷ୍ଟିର ମୂଳରେ ରହି କାର୍ଯ୍ୟ କରୁଥିବା ପରି ବୋଧହେଉଛି । ସତ୍ୟକୁ ସମ୍ପୂର୍ଣ୍ଣ ଓ ଅଖଣ୍ଡ ଭାବରେ ଦେଖିପାରୁଥିବା ମୂଳଭୂତ ପରମ ଚେତନାଟିର ସ୍ଥାନରେ ଆମେ ଏଠାରେ ସତେଅବା ଏକ ସୀମାବଦ୍ଧ ଚେତନା କାର୍ଯ୍ୟ କରୁଥିବା ପରି ଅନୁଭବ କରୁଛୁ । ଆମର ଆଖି ଆଗରେ ଆମେ ଏକ ଅସମ୍ପୂର୍ଣ୍ଣ ଖଣ୍ଡସୃଷ୍ଟିରହିଁ ପ୍ରତ୍ୟକ୍ଷ କରୁଛୁ, ଅଥବା କେବଳ ଏକ ନିରର୍ଥକ ପରିବର୍ତ୍ତନର ଅନ୍ତହୀନ ଚକ୍ର ମଧ୍ୟରେ ଘୂର୍ଣ୍ଣିତ ହେଉଥିବା ଏକ ବିଶ୍ୱମୟ ଗତିଶୀଳତାକୁହିଁ ଦେଖିବାକୁ ପାଉଛୁ । ଆମର ଚେତନା କେବଳ ଗୋଟିଏ ଅଂଶକୁହିଁ ଦେଖୁଛି, ପରମ ରୂପାତ୍ମକର କେବଳ କେତୋଟି ଅଂଶକୁହିଁ ଦେଖିବାକୁ ସମର୍ଥ ହେଉଛି । ଅବଶ୍ୟ ଏହିଭଳି ଏକ ରୂପାତ୍ମକ ବା ବିଶ୍ୱପ୍ରକାଶକୁ ଯଥାର୍ଥତଃ କେତେଦୂର ଏକ ବିଶ୍ୱପ୍ରକାଶ ବୋଲି କୁହାଯାଇ ପାରିବ, ସେକଥା ମଧ୍ୟ ବିଚାର କରାଯାଇ ପାରେ । ଆପଣାର ଦେଖୁଥିବା ସେହି ଅଂଶ ବା ଅଂଶଗୁଡ଼ିକୁ ଆମର ଚେତନା ଗୋଟିଏ ଗୋଟିଏ ବିବିକ୍ତ ସତ୍ତା ବୋଲି ମନେକରୁଛି । ଆମର ସକଳ ଭ୍ରମ ଓ ପ୍ରମାଦ କେବଳ ଏକ ସଙ୍କୁଚିତ ଓ ଭେଦମୂଳ ବୋଧରୁହିଁ ଜାତ ହେଉଛି; ଏହି ଭେଦମୂଳ ବୋଧହିଁ ଅସତ୍ୟ ଭିଆଉଛି ଅର୍ଥାତ୍ ପରମସତ୍ୟକୁ ବିକୃତ କରି ଦେଖୁଛି । ମାତ୍ର ଆମର ଏହି ଭୌତିକ ଜଗତ ଯେତେବେଳେ ଆମକୁ ସିଧା ଏକ ସ୍ୱତନ୍ତ୍ର ତତ୍ତ୍ୱରୂପେ ଆବିର୍ଭୂତ ହୋଇଥିବା ପରି ମନେହେଉଛି ବୋଲି ଆମେ ଅନୁଭବ କରୁଛୁ, କୌଣସି ମୂଳଭୂତ ପରମ ସତ୍ତା ବା ପରମ ଚେତନାରୁ ଉଦ୍ଭୂତ ନହୋଇ ଏହା ଏକ ପରମ ନିଶ୍ଚେତନ ଅବସ୍ଥାରୁ ବା ଏକ ଆପାତ ଅସତ୍ ମଧ୍ୟରୁ ଆବିର୍ଭୂତ ହୋଇଛି ବୋଲି ମନେକରୁଛୁ, ସେତେବେଳେ ଏହି ସମସ୍ୟାଟି ଆହୁରି ଅଧିକ ଜଟିଳ ହୋଇପଡ଼ୁଛି । ଯେତେବେଳେ ଆମ ଅଜ୍ଞାନଟା ମଧ୍ୟ ବଡ଼ ଆୟାସ ଓ ସଂଘର୍ଷ ସହକାରେ ସେହି ପରମ ନିଶ୍ଚେତନତାରୁ ଜନ୍ମଲାଭ କରିଥିବା ପରି ମନେହେଉଛି ।

'oaob.nitrkl.ac.in' images reprocessed

ତେଣୁ ଅସଲ ରହସ୍ୟଟି ହେଉଛି : ଯେଉଁ ଚେତନାକୁ କୌଣସି ସୀମାଦ୍ୱାରା କଳ ରଖିହେବ ନାହିଁ ଏବଂ ଯାହା ସ୍ୱଭାବତଃ ଏକ ସମଗ୍ର ସତ୍ତାର ଶକ୍ତିରୂପେ କାର୍ଯ୍ୟ କରୁଛି, ସେହି ଚେତନା ପକ୍ଷରେ ସୀମାବଦ୍ଧ ହେବା କିପରି ସମ୍ଭବ ହେଲା, ସେଥିରେ ଭେଦ ବା କିପରି ଆସିଲା ? ଏବଂ ଏକଥା ସମ୍ଭବ ବୋଲି ଯଦି ଗ୍ରହଣ କରି ନିଆଯାଏ, ତେବେ ପରମ ସତ୍ୟର ଭୂମି ଉପରେ ଏହାର ଔଚିତ୍ୟ ଓ ତାତ୍ପର୍ଯ୍ୟ ବା କ'ଣ ରହିଛି ? ଏହି ରହସ୍ୟ ଏକ ଆଧାରଭୂତ ମାୟାର ରହସ୍ୟ ନୁହେଁ, ଏହା ହେଉଛି ଅଜ୍ଞାନ ଓ ନିଶ୍ଚେତନତାର ମୂଳଗତ ରହସ୍ୟ । ଜ୍ଞାନ ଓ ଅଜ୍ଞାନର, ବିଦ୍ୟା ଓ ଅବିଦ୍ୟାର ମୂଳଭୂତ ପରମଚେତନା ଅଥବା ଅଧିଚେତନା ସହିତ ପ୍ରକୃତରେ କେଉଁଭଳି ସମ୍ବନ୍ଧମାନ ରହିଛି, ଏହା ତାହାର ରହସ୍ୟ ।

'oaob.nitrkl.ac.in' images reprocessed

## ସପ୍ତମ ପରିଚ୍ଛେଦ

# ବିଦ୍ୟା ଓ ଅବିଦ୍ୟା

ଚିତ୍ତିମଚିତ୍ତିଂ ଚିନବଦ୍ ବି ବିଦ୍ୱାନ୍...... ॥

—ଋକ୍‌ବେଦ, ୪ । ୨ । ୧୧

ଯିଏ ବିଦ୍ୱାନ୍, ଯିଏ ଜ୍ଞାତା, ସିଏ ଜ୍ଞାନକୁ ଅଜ୍ଞାନରୁ ପୃଥକ୍ କରି ଦେଖିବ ।

ଦ୍ୱେ ଅକ୍ଷରେ ବ୍ରହ୍ମପରେ ତ୍ୱନନ୍ତେ ବିଦ୍ୟାବିଦ୍ୟେ ନିହିତେ ଯତ୍ର ଗୂଢ଼େ ।
କ୍ଷରଂ ତ୍ୱବିଦ୍ୟା ହ୍ୟମୃତଂ ତୁ ବିଦ୍ୟା ବିଦ୍ୟାବିଦ୍ୟେ ଈଶତେ ଯସ୍ତୁ ସୋଽନ୍ୟଃ ॥

—ଶ୍ୱେତାଶ୍ୱତର ଉପନିଷଦ, ୫ । ୧

ବିଦ୍ୟା ଓ ଅବିଦ୍ୟା ଦୁଇଟିଯାକ ଅନନ୍ତ ପରଂବ୍ରହ୍ମଙ୍କ ମଧ୍ୟରେ ଗୂଢ଼ରୂପେ ନିହିତ ହୋଇ ରହିଛି । ମାତ୍ର ଅବିଦ୍ୟା ହେଉଛି କ୍ଷର, ତାହାର ବିନାଶ ଅଛି । ବିଦ୍ୟା ହେଉଛି ଅମୃତ । ପୁଣି ଏହା ବ୍ୟତୀତ ଆହୁରି ଅନ୍ୟଜଣେ ଅଛନ୍ତି, ଯିଏ କି ବିଦ୍ୟା ତଥା ଅବିଦ୍ୟା ଉଭୟର ପ୍ରଭୁ ହୋଇ ରହିଛନ୍ତି ।

ଜ୍ଞାଜ୍ଞୌ ଦ୍ୱାବଜାବୀଶାନୀଶାବଜା ହ୍ୟେକା ଭୋକ୍ତୃଭୋଗ୍ୟାର୍ଥଯୁକ୍ତା ।

—ଶ୍ୱେତାଶ୍ୱତର ଉପନିଷଦ, ୧ । ୯

ଜନ୍ମରହିତ ଦୁଇଜଣ ଅଛନ୍ତି : ଜଣେ ଜ୍ଞାତା, ଆଉଜଣେ ଅଜ୍ଞାତା; ଜଣେ ଈଶ୍ୱର, ଆଉଜଣେ ଅନୀଶ୍ୱର । ଜନ୍ମରହିତ ଜଣେ ରହିଛନ୍ତି, ଯାହାଙ୍କ ମଧ୍ୟରେ ଭୋକ୍ତା ଏବଂ ଭୋଗ୍ୟବସ୍ତୁ ଅବସ୍ଥିତ ରହିଛି ।

ଋତାୟିନୀ ମାୟିନୀ ସଂ ଦଧାତେ ମିତ୍ୱା ଶିଶୁଂ ଜଜ୍ଞତୁର୍ବର୍ଧୟନ୍ତୀ ।

—ଋକ୍‌ବେଦ, ୧୦ । ୫ । ୬

ସତ୍ୟଶକ୍ତି ଓ ମାୟାଶକ୍ତି ପରସ୍ପର ସହିତ ସଂଯୁକ୍ତ ହୋଇ ରହିଛନ୍ତି । ଶିଶୁଟିକୁ ସେମାନେ ଗଢ଼ିଛନ୍ତି, ତାହାକୁ ଜନ୍ମ ଦେଉଛନ୍ତି ଏବଂ ସେମାନେହିଁ ତାହାକୁ ବଢ଼ାଉଛନ୍ତି ।

'oaob.nitrkl.ac.in' images reprocessed

ଅସ୍ତିତ୍ୱର ସତ୍ତତନ୍ତ୍ର-ବସ୍ତୁରେ ଆମେ ଦେଖିପାରିବୁ ଯେ ଏହି ତତ୍ତ୍ୱଗୁଡ଼ିକ ପରସ୍ପରଠାରୁ ମୂଳତଃ ଆଦୌ ଭିନ୍ନ ନୁହନ୍ତି । ସେଗୁଡ଼ିକର ମର୍ମଗତ ମୌଳିକ ସତ୍ୟ ଏକ ଓ ଅଭିନ୍ନ । ଯେହେତୁ ଅତ୍ୟନ୍ତ ସ୍ଥୂଳ ଜଗତର ଜଡ଼ପଦାର୍ଥ ମଧ୍ୟ ଏକ ଇନ୍ଦ୍ରିୟ-ଗ୍ରାହ୍ୟ ବସ୍ତୁରୂପେ ସୃଷ୍ଟ ହୋଇଥିବା ପରମ ଚିନ୍ମୟସତ୍ତାର ଏକ ଅବସ୍ଥା ବ୍ୟତୀତ ଆଉ କିଛି ନୁହେଁ, ପରମ ଚିନ୍ମୟସତ୍ତାର ସ୍ୱକୀୟ ଚେତନା ଯେତେବେଳେ ତାହାକୁ କେବଳ ଆପଣା ଉପାଦାନରେ ଗଠିତ ଆପଣାରହିଁ ରୂପ ବୋଲି ଦେଖୁଛି, ସେତେବେଳେ ଯେଉଁ ପ୍ରାଣଶକ୍ତି ଆପଣାକୁ ଜଡ଼ର ରୂପରେ ରୂପାୟିତ କରୁଛି, ଯେଉଁ ମନଶ୍ଚେତନା ଆପଣାକୁ ପ୍ରାଣଶକ୍ତିରୂପେ ଅଭିବ୍ୟକ୍ତ କରୁଛି ଏବଂ ଯେଉଁ ଅତିମାନସ ମନକୁ ଆପଣାର ଏକ ସାମର୍ଥ୍ୟରୂପେ କ୍ରମପରିଣତ କରିବାରେ ଲାଗିଛି, ସେହି ପ୍ରାଣଶକ୍ତି, ସେହି ମନଶ୍ଚେତନା ଓ ସେହି ଅତିମାନସକୁ ଆହୁରି ଅଧିକ ନିଶ୍ଚିତ ଭାବରେହିଁ କେବଳ ସେହି ଚିନ୍ମୟସତ୍ତାର ସ୍ୱରୂପ ବୋଲି ବୁଝାଯିବ । କେବଳ ବାହ୍ୟ ଉପାଦାନ ଓ କ୍ରିୟାଗତ ଗଠଣଶୀଳତାର କ୍ଷେତ୍ରରେହିଁ ପରମ ଚିନ୍ମୟସତ୍ତା ସେଗୁଡ଼ିକରେ ଆପଣାକୁ ଏକ ପରିବର୍ତ୍ତିତ ରୂପରେ ପ୍ରକାଶିତ କରିଛି, ମାତ୍ର ମର୍ମତଃ ଅପରିବର୍ତ୍ତିତ ରହିଛି । ଏହି ଯାବତୀୟ ସାମର୍ଥ୍ୟ ହେଉଛି ସେହି ଏକ ସତ୍ତାଗତ ସାମର୍ଥ୍ୟରହିଁ ସାମର୍ଥ୍ୟ । ଏଣୁ କେବଳ ସେହି ସର୍ବମୟ ପରମ ଅସ୍ତିତ୍ୱ ବ୍ୟତୀତ ଆଉ କିଛି ନୁହେଁ; ସେହି ସର୍ବମୟ ପରମଚେତନା, ସର୍ବମୟ ପରମ ସଂକଳ୍ପ ତଥା ସର୍ବମୟ ପରମ ଆନନ୍ଦ ବ୍ୟତୀତ ଆଉ କିଛି ନୁହେଁ । ସେହି ସର୍ବମୟ ପରମ ସତ୍ତା, ଚେତନା, ସଂକଳ୍ପ ଓ ଆନନ୍ଦହିଁ ଯାବତୀୟ ପ୍ରତିଭାସର ପଛରେ ନିହିତ ହୋଇ ରହିଥିବା ଯଥାର୍ଥ ସତ୍ୟ । ଏବଂ ଆପଣାର ଯଥାର୍ଥ ସତ୍ୟର ଭୂମିରେ ସେଗୁଡ଼ିକ ଯେ କେବଳ ପରସ୍ପରଠାରୁ ଅଭିନ୍ନ ତା' ନୁହେଁ, ଆପଣା ଆପଣା କ୍ରିୟାଶୀଳତାର ସତ୍ତବିଧ ବୈଚିତ୍ର୍ୟର କ୍ଷେତ୍ରରେ ମଧ୍ୟ ଆମେ ସେଗୁଡ଼ିକରୁ କୌଣସିଟିକୁ ଅନ୍ୟଠାରୁ କଦାପି ପୃଥକ୍ କରିପାରିବା ନାହିଁ । ସେମାନେ ହେଉଛନ୍ତି ଦିବ୍ୟ ଚେତନାରୂପୀ ଆଲୋକର ସାତୋଟି ଭିନ୍ନଭିନ୍ନ ରଙ୍ଗ, ପରମ ଅନନ୍ତର ସାତଗୋଟି ରଶ୍ମି । ପରମ ଚିନ୍ମୟସତ୍ତା ଆପଣା ଚୈତନ୍ୟର ବିସ୍ତୃତିଗତ ଆତ୍ମପ୍ରସାରଣ ଅର୍ଥାତ୍ ଦେଶରୂପୀ ଟାଣି ଏବଂ ଅନୁକ୍ରମଗତ ଆତ୍ମପ୍ରସାରଣ ଅର୍ଥାତ୍ କାଳରୂପୀ ଭରଣି ଦେଇ ଯେଉଁ ବସନଟିକୁ ବୁଣି ଥୋଇଦେଇଛନ୍ତି, ସେଇଟିକୁ ଏହି ସାତୋଟି ମୌଳିକ ରଙ୍ଗର ସହାୟତାରେ ଆତ୍ମସତ୍ତାର ଅନନ୍ତ ରୂପବୈଚିତ୍ର୍ୟର ସାନବଡ଼ କେତେ ନକ୍ସାବୁଟିବ ଦେଇ ପୂର୍ଣ୍ଣ କରି ରଖିଛନ୍ତି, ଆତ୍ମ-ବିସୃଷ୍ଟିର ଏହି ସୁବିଶାଳ ଚିତ୍ରପଟଟି ତାଙ୍କର ମୌଳିକ ବିଧାନ ଓ ବୃହତ୍ ଗ୍ରନ୍ଥିଟି ମଧ୍ୟରେ ସୁସଙ୍ଗତ ସନ୍ତୁଳିତ ଅବସ୍ଥିତ ରହିଛି । ଆପଣାର ନାନାବିଧ ରୂପ ଓ କ୍ରିୟାରେ ତାହା ଅନନ୍ତ ରହସ୍ୟମୟ ଓ ଜଟିଳ ହୋଇ ରହିଛି, ଏହାମଧ୍ୟରେ କେତେପ୍ରକାର ସମ୍ବନ୍ଧ ଓ ପାରସ୍ପରିକ ପରିଣାମର ଜାଲ ବୁଣାହୋଇ ରହିଛି; ସହସ୍ରାଧିକ ପ୍ରକ୍ଷେପଟି

'oaob.nitrkl.ac.in' images reprocessed

ଉପରେ ପ୍ରଭାବ ପକାଉଛନ୍ତି ଓ ପ୍ରତ୍ୟେକଟି ସମଗ୍ରର ଉପରେ ମଧ୍ୟ ପ୍ରଭାବ ପକାଉଛି । ପ୍ରାଚୀନ ଋଷିମାନେ ଏହି ସାତୋଟିକୁ ସାତୋଟି ବାକ୍ ବା ସାତୋଟି ଶବ୍ଦ ବୋଲି କହୁଛନ୍ତି । ଯେଉଁ ଜଗତଟିକୁ ଆମେ ଜାଣିଛୁ ଓ ଆଉ ଯେଉଁସବୁ ଜଗତ ସମ୍ବନ୍ଧରେ ଆମର କେବଳ ଏକ ପରୋକ୍ଷ ଜ୍ଞାନହିଁ ରହିଛି, ସେସବୁରେ ବିକଶିତ ହୋଇଥିବା ଓ ବିକାଶଲାଭ କରୁଥିବା ସୁସମତାଗୁଡ଼ିକ ସେହି ସାତୋଟି ବାକ୍ ଦ୍ୱାରା ପରିସୃଷ୍ଟ ହୋଇଛି, ସେଗୁଡ଼ିକରେ ନିହିତ ହୋଇ ରହିଥିବା ଅର୍ଥର ଆଲୋକଦ୍ୱାରା ନିର୍ମିତ ହୋଇଛି ଏବଂ ଏହିଗୁଡ଼ିକ ଦ୍ୱାରାହିଁ ସେଗୁଡ଼ିକର ମର୍ମପରିଚୟ ପାଇବା ସମ୍ଭବ ହୋଇପାରିବ । ସେହି ଆଲୋକ ଏକ, ସେହି ବାକ୍ ମଧ୍ୟ ଏକ; କେବଳ ସେଗୁଡ଼ିକର ବିନ୍ୟାସ ସପ୍ତବିଧ ।

ମାତ୍ର ଏଠି ଇହଲୋକରେ ଯେଉଁ ପୃଥିବୀଟି ରହିଛି, ସେଇଟି ଏକ ମୂଳଭୂତ ନିଶ୍ଚେତନାକୁ ଭିତ୍ତି କରି ରହିଛି । ଜ୍ଞାନର ଅଭିମୁଖରେ ଅଗ୍ରସର ହେବାଲାଗି ନିରନ୍ତର ଚେଷ୍ଟା କରୁଥିବା ଏକ ଅବିଦ୍ୟାରୂପେହିଁ ଏଠାରେ ଚେତନା ଆପଣାକୁ ମୂର୍ତ୍ତ କରିବାରେ ଲାଗିଛି । ଆମେ ଦେଖିସାରିଛୁ ଯେ ପରମସତ୍ତାର ସ୍ୱଭାବ ମଧ୍ୟରେ କିମ୍ବା ତାହାର ସପ୍ତବିଧ ତତ୍ତ୍ୱର ମୂଳ ପ୍ରକୃତି ତଥା ଆଧାରସ୍ଥ ସମ୍ବନ୍ଧଗୁଡ଼ିକ ମଧ୍ୟରେ ଅବିଦ୍ୟାର ଅନୁପ୍ରବେଶ ଲାଗି ପ୍ରକୃତରେ ଆଦୌ କୌଣସି ମର୍ମଗତ କାରଣ ନାହିଁ । ସୁସଙ୍ଗତି ମଧ୍ୟରେ ଅସଙ୍ଗତିର ତଥା ଆଲୋକ ମଧ୍ୟରେ ଅନ୍ଧକାରର ଅନୁପ୍ରବେଶ ଲାଗି ଏବଂ ଏହି ଦିବ୍ୟ ସୃଷ୍ଟିର ଆତ୍ମଚେତନାମୟ ଆନନ୍ତ୍ୟ ଭିତରକୁ ବିଭାଜନ ଏବଂ ସୀମାବଦ୍ଧତାର ଅନୁପ୍ରବେଶ ଲାଗି ଅନ୍ତର୍ଗତ ଆଦୌ କୌଣସି କାରଣ ନାହିଁ । କାରଣ ଆମେ ଏକ ବିଶ୍ୱବ୍ୟାପ୍ତ ପରମସଙ୍ଗତିର ବେଶ୍ କଳ୍ପନା କରିପାରୁଛୁ ଯାହା ଭିତରେ କି ଏହିସବୁ ବିରୋଧୀ ଉପାଦାନଗୁଡ଼ିକ ଆଦୌ ପ୍ରବେଶ କରୁନାହାନ୍ତି । ଏବଂ ଯେତେବେଳେ ଆମେ ଏହାର କଳ୍ପନା କରିପାରୁଛୁ, ପରମ ଦିବ୍ୟପୁରୁଷ ଆହୁରି ଅଧିକ ପରିମାଣରେହିଁ ସେକଥା କଳ୍ପନା କରିପାରୁଥିବ । ପୁଣି, ଯେତେବେଳେ ଏହାର କଳ୍ପନା କରିବା ସମ୍ଭବ ହୋଇପାରୁଛି, ସେତେବେଳେ ତାହାର ଏକ ସିଦ୍ଧ ରୂପ ହୁଏତ ବାସ୍ତବରୂପେ ଅଥବା ଏକ ଅଭିପ୍ରେତ ସୃଷ୍ଟିରୂପେ ନିଶ୍ଚୟ ରହିଛି । ଏହିଭଳି ଏକ ଦିବ୍ୟ ଆତ୍ମପ୍ରକାଶ ଅର୍ଥାତ୍ ଦିବ୍ୟ ସୃଜନର ବ୍ୟାପାରଟିକୁ ବୈଦିକ ଋଷିମାନେ ନିଶ୍ଚୟ ଜାଣିଥିଲେ, ସେମାନେ ତାହାକୁ ଏହି କ୍ଷୁଦ୍ରତର ଜଗତର ଅତୀତ ହୋଇ ରହିଥିବା ଏକ ବୃହତ୍ତର ଜଗତରୂପେହିଁ ଦେଖୁଥିଲେ, ଚେତନା ଏବଂ ସତ୍ତାର ଏକ ଅଧିକ ମୁକ୍ତ ଓ ଅଧିକ ପ୍ରଶସ୍ତ ଭୂମିରୂପେ ଦେଖୁଥିଲେ । ପରମ ସ୍ରଷ୍ଟାଙ୍କର ଏହି ସତ୍ୟସୃଷ୍ଟିକୁ ସେମାନେ ପରମସତ୍ତାର ଆପଣା ଆସ୍ଥାନ ବା ଆପଣା ନିଳୟ ବୋଲି ବର୍ଣ୍ଣନା କରୁଥିଲେ । ସେମାନେ ଏହାକୁ ବୃହତ୍ ସତ୍ୟ ବୋଲି କହୁଥିଲେ, ଋତ, ସତ୍ୟ ଓ ବୃହତ୍ ବୋଲି କହୁଥିଲେ । (ସଦନଂ ଋତସ୍ୟ, ସ୍ୱେ

ଦମେ ଋତସ୍ୟ, ଋତସ୍ୟ ବୃହତେ, ଋତଂ ସତ୍ୟଂ ବୃହତ୍) ଏହାର ବର୍ଣ୍ଣନା କରିବାକୁ ଯାଇ ସେମାନେ ଆହୁରି କହିଥିଲେ ଯେ ସତ୍ୟଦ୍ୱାରା ଆବୃତ ସତ୍ୟର ଗୋଟିଏ ରୂପ ରହିଛି, ଯେଉଁଠାରେ କି ଜ୍ଞାନର ଅଧିଷ୍ଠାତା ସୂର୍ଯ୍ୟ ଆପଣାର ଯାତ୍ରା ସମାପ୍ତ କରନ୍ତି ଏବଂ ଆପଣା ରଥର ଅଶ୍ୱମାନଙ୍କୁ ଫିଟାଇ ଦିଅନ୍ତି । ସେଠାରେ ଚେତନାର ସହସ୍ର ଧାରା ଏକତ୍ର ଗୋଟିଏ ଧାରାରେ ଅଧିଷ୍ଠିତ ହୋଇ ରହିଥା'ନ୍ତି, ଯାହା ଫଳରେ କି କେବଳ ଅଦ୍ୱିତୀୟ ପରମ ତତ୍ତ୍ୱସ୍ୱରୂପହିଁ ବିରାଜ କରୁଥା'ନ୍ତି, କେବଳ ପରମ ଦିବ୍ୟ ପୁରୁଷଙ୍କର ପରମ ରୂପଟିହିଁ ପ୍ରତିଷ୍ଠିତ ହୋଇ ରହିଥାଏ । ମାତ୍ର ଆମେ ବାସ କରୁଥିବା ଏହି ଜଗତଟି ସେହି ଋଷିମାନଙ୍କୁ ଏପରି ଏକ ମିଶ୍ରିତ ଜାଲ ପରି ମନେ ହେଉଥିଲା, ଯେଉଁଠାରେ ପ୍ରଭୂତ ବା ଅଗାଧ ମିଥ୍ୟାଦ୍ୱାରା ସତ୍ୟ ବଡ଼ ବିକୃତ ହୋଇ ରହିଛି (ଅନୃତସ୍ୟ ଭୂରେଃ,—ଋକ୍‌ବେଦ, ୭।୬୦।୫) । ଏଠାରେ ଏକ ଆଦିମ ଅନ୍ଧକାର ବା ପରମ ନିଶ୍ଚେତନତାର ସାଗର (ଅପ୍ରକେତଂ ସଲିଳଂ) ଭିତରୁ ସେହି ଅଦ୍ୱିତୀୟ ଜ୍ୟୋତିକୁ ଆପଣାର ଅମିତ ଶକ୍ତିବଳରେହିଁ ଜନ୍ମଲାଭ କରିବାକୁ ପଡ଼ିବ । ମୃତ୍ୟୁ, ଅଜ୍ଞାନ, ଦୁର୍ବଳତା, ଦୁଃଖଶୋକ ଓ ସୀମାବଦ୍ଧତାର ଯୁଆଳିତଳେ ପଡ଼ି ଛଟପଟ ହେଉଥିବା ଏକ ଇହଜୀବନର ବେଢ଼ା ଭିତରୁହିଁ ଅମୃତ ଓ ଦେବତ୍ୱର ନିର୍ମାଣ କରିବାକୁ ପଡ଼ିବ । ଏହି ଆତ୍ମନିର୍ମାଣ କହିଲେ ସେହି ଋଷିମାନେ ମଣିଷଦ୍ୱାରା ତା'ର ଆପଣା ଭିତରେ ସେହି ଅନ୍ୟ ଏକ ଜଗତର ସୃଷ୍ଟି କରିବାକୁହିଁ ବୁଝୁଥିଲେ । ଅନ୍ୟ ଏକ ଜଗତ ଅର୍ଥାତ୍ ଦିବ୍ୟ ଅନନ୍ତତା ମଧ୍ୟରେ ଆଗରୁ ସମ୍ପୂର୍ଣ୍ଣ ଓ ଶାଶ୍ୱତ ଭାବରେ ଅବସ୍ଥାନ କରୁଥିବା ଚିରନ୍ତନ ସତ୍ତାର ସେହି ଛନ୍ଦୋବଦ୍ଧ ଉଚ୍ଚତର ସୁସଙ୍ଗତିକୁହିଁ ବୁଝୁଥିଲେ । ନିମ୍ନରେ ଅବସ୍ଥିତ ଏହି ଜଗତଟି ହେଉଛି ଆମମାନଙ୍କ ସକାଶେ ଉଚ୍ଚତର ଜଗତ ମଧ୍ୟରେ ପ୍ରବେଶ କରିବା ଲାଗି ଆବଶ୍ୟକ ପ୍ରଥମ ସୋପାନ । ଅନ୍ଧକାର ହେଉଛି ସେହି ଆଲୋକର ଘନ ଶରୀର, ଓ ପରମ ନିଶ୍ଚେତନ ଆପଣା ଭିତରେ ଅତିଚେତନର ସର୍ବବିଧ ନିଗୂଢ଼ ସମ୍ପଦକୁ ସୁରକ୍ଷିତ କରି ରଖିଛି । ବିଭେଦ ତଥା ଅସତ୍ୟର ସାମର୍ଥ୍ୟସମୂହ ଆପଣାର ଅବଚେତନ ଗୁହାଶଯ୍ୟଗୁଡ଼ିକରେ ସେହି ପରମ ସତ୍ୟ ଓ ଏକତ୍ୱକୁ ଧାରଣ କରି ରଖିଛନ୍ତି । ସେମାନେ ସେଗୁଡ଼ିକୁ ଆମଠାରୁ ଅନ୍ତରାଳ କରି ରଖିଛନ୍ତି, ମାତ୍ର କେବଳ ଆମରି ଲାଗିହିଁ ସାଇତି ରଖିଛନ୍ତି । ସେମାନଙ୍କ ଉପରେ ବିଜୟ ହାସଲ କରି ଆମକୁ ସେହିସବୁ ସମ୍ପଦ ଲାଭ କରିବାକୁ ପଡ଼ିବ । ପ୍ରଥମ ଯୁଗର ତତ୍ତ୍ୱଦ୍ରଷ୍ଟାମାନଙ୍କର ଅତି ଅଳଙ୍କାରପୂର୍ଣ୍ଣ ଓ ବହୁବ୍ୟଞ୍ଜନାମୟ ଭାଷାରେ ପ୍ରକାଶିତ ହୋଇଥିବା ଏହିସବୁ ବିଷୟକୁ ସେମାନେ ଆପଣା ଦୃଷ୍ଟିରେ ମାନବୀୟ ଇହଜୀବନର ଯଥାର୍ଥ ମର୍ମ ଓ ଔଚିତ୍ୟ ବୋଲି ଅନୁଭବ କରିଥିଲେ । ସେମାନେ ଏହାକୁ ଈଶ୍ୱରଙ୍କର ଅଭିମୁଖରେ ଅଗ୍ରସର ହେବାଲାଗି ମନୁଷ୍ୟର ସଚେତନ ଅଥବା ଅସଚେତ ପ୍ରଚେଷ୍ଟା ବୋଲି ଜାଣିଥିଲେ । ଏହାକୁହିଁ

'oaob.nitrkl.ac.in' images reprocessed

ସେମାନେ ମନୁଷ୍ୟର ଯଥାର୍ଥତମ କଳ୍ପନା ବୋଲି ଜାଣିଥିଲେ । ହଠାତ୍ ଦେଖିଲା ବେଳକୁ ଏହି ବାସ୍ତବ ଜଗତ ସେହି କଳ୍ପନାଟିର ଏକାନ୍ତ ବିପରୀତ ବୋଲି ମନେ ହୋଇଥାଏ, ଏବଂ ସେହି କାରଣରୁ ଏଭଳି ଏକ ଜଗତରେ ସେହିପରି କଳ୍ପନାକୁ ଆଧେୟ ବୋଲି ମାନିବାଟା ମଧ୍ୟ ଏକ ଭୁଚ୍ଛା ବିଡ଼ମ୍ବନା ପରି ଲାଗିଥାଏ । ଏହି ଜଗତର ଏକ ବିସୃଷ୍ଟ ଜୀବ ଏହି ମନୁଷ୍ୟର ଜୀବନ ପ୍ରକୃତରେ କେତେ କ୍ଷଣସ୍ଥାୟୀ, କେତେ ଦୁର୍ବଳ, ଅଜ୍ଞାନଗ୍ରସ୍ତ ଓ ସୀମାବଦ୍ଧ; ତଥାପି ଅମୃତତ୍ୱ, ଜ୍ଞାନ, ସାମର୍ଥ୍ୟ, ଆନନ୍ଦ ଏବଂ ଏକ ଦିବ୍ୟ ଓ ଅବିନାଶୀ ଜୀବନାଧିକାର ଲାଗି ମନୁଷ୍ୟ ଭିତରେ ଯେଉଁ ଅଭୀପ୍ସା ରହିଛି, ତା'ର ଅସ୍ତିତ୍ୱଗତ ବାହ୍ୟଦୃଷ୍ଟିରେ ତାହା ପ୍ରକୃତରେ କେଡ଼େ ଅସମ୍ଭବ ବୋଲି ମନେ ନହୁଏ ! ପ୍ରାଚୀନ ଋଷିମାନେ ସେହି ଉତ୍ତରାଧିକାର ଓ ସେହି ଅଭୀପ୍ସାକୁ ମନୁଷ୍ୟ-ଜୀବନର ଅସଲ ସାର୍ଥକତା ବୋଲି କହିଥିଲେ ।

କାରଣ, ପ୍ରକୃତରେ ଦେଖିବାକୁ ଗଲେ ଅନନ୍ତ ଆତ୍ମାନ୍ତର୍ଗତ ଏକ ସମ୍ପୂର୍ଣ୍ଣ ଆତ୍ମଚେତନା ଓ ଆତ୍ମପ୍ରତିଷ୍ଠିତତା ଏବଂ ଏକ ପରିପୂର୍ଣ୍ଣ ଏକତ୍ୱ ଆଦର୍ଶ ସୃଷ୍ଟିର ସର୍ବମୂଳ କଥା ହୋଇଥିଲେହେଁ, ଆମେ ବର୍ତ୍ତମାନ ଯେଉଁ ସୃଷ୍ଟିଟି ମଧ୍ୟରେ ଜୀବନଧାରଣ କରି ରହିଛୁ, ତାହାର ଠିକ୍ ଏକ ବିପରୀତ ତତ୍ତ୍ୱକୁହିଁ ସେହି ସୃଷ୍ଟିର ସର୍ବମୂଳ କଥା ବୋଲି କହିବାକୁ ପଡ଼ିବ । ଏଠାରେ ଏକ ମୂଳଭୂତ ନିଶ୍ଚେତନା ପ୍ରାଣର ଭୂମି ଉପରେ ଏକ ସୀମାବଦ୍ଧ ଓ ବିଭାଜନମୟ ଆତ୍ମଚେତନା ମଧ୍ୟକୁ ବିକଶିତ ହେବାରେ ଲାଗିଛି, ଜୀବନକ୍ଷେତ୍ରରେ ଆପଣାମଧ୍ୟରେହିଁ ଆପେ ବର୍ତ୍ତମାନ ରହିଥିବା ସବେଗଧାବମାନ ଏକ ଅନ୍ଧଶକ୍ତିର ନିଷ୍ପନ୍ଦ ବଶ୍ୟତା ଭିତରୁ ଏକ ଆତ୍ମସଚେତନ ସତ୍ତା ଆପଣାକୁ ଓ ସକଳ ବସ୍ତୁକୁ ଆପଣାର ଅଧିକାରକୁ ଆଣିବାଲାଗି ଏବଂ ଏହି ଚକ୍ଷୁହୀନ ଯାନ୍ତ୍ରିକ ଶକ୍ତିର ରାଜ୍ୟରେ ଏକ ଜ୍ୟୋତିର୍ମୟ ଇଚ୍ଛା ଓ ଜ୍ଞାନର ଶାସନ ପ୍ରତିଷ୍ଠା ଲାଗି ସଂଗ୍ରାମ କରି ଚାଲିଛି । ଏବଂ ଏହି ଯାନ୍ତ୍ରିକ ଅନ୍ଧଶକ୍ତି,—ମାତ୍ର ଏହା ଯେ ଯାନ୍ତ୍ରିକ ନୁହେଁ କିମ୍ବା ଅନ୍ଧ ନୁହେଁ, ସେକଥା ଆମେ କେଡ଼େ ସ୍ପଷ୍ଟଭାବରେ ନଜାଣିଛୁ !—ସର୍ବତ୍ର ଆମର ସମ୍ମୁଖୀନ ହୋଇ ରହିଥିବାରୁ ଏକ ସର୍ବପ୍ରଥମ, ସର୍ବବ୍ୟାପ୍ତ ଓ ସର୍ବାଧାର ବିଧାନ ଓ ଏକ ବିପୁଳ ସମଗ୍ରଶକ୍ତିରୂପେ ଆମ ସମସ୍ତଙ୍କୁ ଆବୋରି ରହିଥିବାରୁ ଏବଂ ଏଇଟିକୁ ଛାଡ଼ିଦେଲେ ଏଠି ଆଉକୌଣସି ଜ୍ୟୋତିର୍ମୟ ସଂକଳ୍ପ କାର୍ଯ୍ୟ କରୁଛି ବୋଲି ଆମକୁ ଜଣା ନଥିବାରୁ ଆମର ଆପଣା ଇଚ୍ଛା ଓ ଆପଣା ସଂକଳ୍ପଟି ଆମକୁ କେବଳ ପରବର୍ତ୍ତୀ ବ୍ୟାପାର ବୋଲି ମନେହେଉଛି, କେବଳ ଆଉ କାହାର ପରିଣାମରୂପେ କାର୍ଯ୍ୟ କରୁଥିବା ଏକ ଖଣ୍ଡିତ, ଅଧୀନସ୍ଥ, ସୀମାବଦ୍ଧ ଓ କେବଳ ସମୟ ସମୟରେ ମାତ୍ର କେତେକ ସ୍ଥାନରେ ସଂଘଟିତ ହେଉଥିବା ଶକ୍ତି ପରି ମନେହେଉଛି । ଏବଂ ସମସ୍ତ ସଂଗ୍ରାମଟି ଆମକୁ ଖୁବ୍ ବେଶୀ ହେଲେ କେବଳ ଏକ ଅତି ଅନିଶ୍ଚିତ ଓ ସନ୍ଦେହପୂର୍ଣ୍ଣ ଦୁଃସାହସ ପରି ଲାଗୁଛି । ସେହି ନିଶ୍ଚେତନଟାହିଁ ଆମର ଆଖିକୁ

'oaob.nitrkl.ac.in' images reprocessed

ଆରମ୍ଭ ଓ ଶେଷ ବୋଲି ଦେଖାଯାଉଛି, ମାତ୍ର ଆତ୍ମଚେତନାମୟ ଆତ୍ମା କେବଳ ଏକ କ୍ଷଣକାଳସ୍ଥାୟୀ ଆକସ୍ମିକତାଠାରୁ କିଛି ଅଧିକ ହୋଇଥିବ ବୋଲି କ୍ୱଚିତ୍ ମନେହେଉଛି । ଆମେ ତାହାକୁ ଏହି ଜଗତ୍‌ରୂପୀ ବିଶାଳକାୟ ଓ ଅନ୍ଧକାରଘୋର ଅଶ୍ୱତ୍ଥବୃକ୍ଷରେ ସତେଅବା ଏକ କ୍ଷଣକାୟ କୁସୁମପରି ଭାବୁଛୁ ! ଅଥବା, ଏହି ଆତ୍ମାକୁ ଆମେ ଶାଶ୍ୱତ ବୋଲି ମନେକରୁଥିଲେ, ଏହା ଆମକୁ ଅନ୍ତତଃ ଏକ ଅନ୍ୟତ୍ରବାସୀ ଆଗନ୍ତୁକ ପରି ମନେହେଉଛି । ତାହାକୁ ଆମେ ଏକ ବିଦେଶୀ ବୋଲି ଅନୁଭବ କରୁଛୁ ଏବଂ ଏହି ପରିବ୍ୟାପ୍ତ ନିଶ୍ଚେତନତାର ରାଜ୍ୟରେ ଏକ ଉପେକ୍ଷିତ ଅତିଥି ବୋଲି ଭାବୁଛୁ । ଏବଂ ଯଦି ଏହି ନିଶ୍ଚେତନ ପରମ ଅନ୍ଧକାର ମଧ୍ୟରେ ସେହି ଆତ୍ମା ହୁଏତ ଏକ ଆକସ୍ମିକତା ନହୋଇଥାଏ, ତଥାପି ସେ ସମ୍ଭବତଃ ଏକ ଭୁଲ; ଅର୍ଥାତ୍ ଭୁଲବଶତଃ ଏଠାରେ ଆସି ପହଞ୍ଚିଯାଇଛି, ଅତିଚେତନ ପରମ ଆଲୋକ କେଉଁଠି ହୁଁ ଶିପଡ଼ି ଏଠି ତଳକୁ ପଡ଼ିଯାଇଛି ବୋଲି ଆମେ ଭାବୁଛୁ ।

ଏହାହିଁ ଯଦି ସମ୍ପୂର୍ଣ୍ଣ ସତ୍ୟକଥା ହୁଏ, ତେବେ କୌଣସି ଉଚ୍ଚତର ଲୋକରୁ ଏଠାକୁ ପ୍ରେରିତ ହୋଇଥିବା, ଆପଣା ଜୀବନର ଅସଲ ବୃତ୍ତିକୁ ଭୁଲିବା ଲାଗି ଏକାନ୍ତ ଅସମର୍ଥ ହେଉଥିବା, କୌଣସି ଦିବ୍ୟ ଉତ୍ପ୍ରେରଣାଦ୍ୱାରା ତାଡ଼ିତ ହେବାପରି ଏକ ଅଦମ୍ୟ ଉତ୍ସାହରେ ପ୍ରେରିତ ହୋଇ ରହିଥିବା ଅଥବା ଅଦୃଶ୍ୟ ପରମେଶ୍ୱରଙ୍କର ଆଲୋକ, ଶକ୍ତିମନ୍ତ୍ର ଓ ବାଣୀଦ୍ୱାରା ଆପଣା ଭିତରେ ଏକ ସ୍ଥିର ଓ ଅମିତ ସାହସଦ୍ୱାରା ସତତ ପରିଚାଳିତ ହେଉଥିବା କେବଳ ଜଣେ ଘୋର ଆଦର୍ଶବାଦୀହିଁ ଏଭଳି ଏକ ପରିବେଶଟିରେ ଆପଣା ଆଗରେ ତା'ର ମାନବୀୟ ପ୍ରଚେଷ୍ଟା ସମ୍ପୂର୍ଣ୍ଣ ସଫଳ ହେବା ବିଷୟରେ ଆଶାୟୀ ହୋଇପାରିବ । ମାତ୍ର ଏହି ଜଗତର ସନ୍ଦେହପ୍ରବଣ ସାଧାରଣ ମନୁଷ୍ୟ ଏଭଳି ବିଶ୍ୱାସ ରଖି ଆଦୌ କାର୍ଯ୍ୟ କରିପାରିବ ନାହିଁ । ବାସ୍ତବ କ୍ଷେତ୍ରରେ ଆମେ ଅଧିକାଂଶତଃ କେବଳ ଏହାହିଁ ଦେଖିଆସୁ ଯେ ଲୋକେ ପ୍ରଥମରୁହିଁ ଏହାକୁ ଅସମ୍ଭବ ବୋଲି ବର୍ଜନ କରି ଆସନ୍ତି; ଅଥବା ପ୍ରଥମ ସ୍ତରରେ କିଛିତ୍ ଉତ୍ସାହ ଦେଖାଇ ପରେ ଏହା ଅସମ୍ଭବ ପ୍ରତିପନ୍ନ ହେଲା ବୋଲି କହି ଏଥିରୁ ଘୁଞ୍ଚି ପଳାନ୍ତି । ଯଦି ମନୁଷ୍ୟ ତା'ର ଆପଣା ସୀମାମଧ୍ୟରେ ରହିପାରିବ, ଯଦି ସିଏ ପ୍ରକୃତିର ବିଧାନ ମାନି ଚଳିବ, ପ୍ରକୃତିର ମର୍ମସ୍ଥାନ ଯାନ୍ତ୍ରିକତା ତା'ର ଆଲୋକିତ ଇଚ୍ଛାଶକ୍ତିକୁ ଏହିସବୁ ବିଧାନର କେବଳ ଯେତିକି ଅଂଶ ବ୍ୟବହାର କରିବାକୁ ଅନୁମତି ଦେବ, ଯଦି ମନୁଷ୍ୟ ତାହାର ସଦ୍‌ବ୍ୟବହାର କରିପାରିବ, ତେବେ ଆତ୍ମଚେତନାମୟ ମନୁଷ୍ୟର ଉଦ୍ୟମ ଓ ସଂଗ୍ରାମବଳରେ ପ୍ରକୃତିରୂପୀ ବିପୁଳ ପ୍ରଭାବଶାଳୀ ନିଶ୍ଚେତନ ବ୍ୟବସ୍ଥାଟିରୁ ସେ ଆଂଶିକ ଓ ଅଳ୍ପକାଳସ୍ଥାୟୀ ଶକ୍ତି, ଜ୍ଞାନ ବା ସୁଖର ଅଧିକାରୀ ହୋଇପାରିବ,—ଆପଣାର ମତଟି ସହିତ ସଙ୍ଗତି ରଖି ଚାଲିବାକୁ ଇଚ୍ଛା କରୁଥିବା

'oaob.nitrkl.ac.in' images reprocessed

ଜଡ଼ବାଦୀ କେବଳ ଏତକ କାମନା କରିଥାଏ ଓ ସେତିକରେହିଁ ତୃପ୍ତ ରହିଥାଏ । ଧର୍ମବାଦୀ ଏକ ଅନ୍ୟଲୋକରେ ଯାଇ ତା'ର ଆଲୋକିତ ଇଚ୍ଛା, ପ୍ରେମ ଓ ଦିବ୍ୟସତ୍ତାକୁ ଲାଭ କରିବ ବୋଲି ମନକରିଥାଏ, ସେଇଠାରେ ତାକୁ ତା'ର ଭଗବତ୍ ସାମ୍ରାଜ୍ୟ ପ୍ରାପ୍ତ ହେବ ବୋଲି ଲୋଡ଼ୁଥାଏ, କାରଣ ତା' ମତରେ କେବଳ ସେହିଠାରେହିଁ ସେସବୁ ସମ୍ପଦ ଅବିମିଶ୍ରିତ ଓ ଚିରନ୍ତନ ରୂପରେ ରହିଛି ବୋଲି ସେ ବିଶ୍ୱାସ କରୁଥାଏ । ତତ୍ତ୍ୱଦୃଷ୍ଟିର ଅଭିଳାଷ ରଖିଥିବା ଦାର୍ଶନିକ ଏଗୁଡ଼ାକୁ କେବଳ ଏକ ମାନସିକ ଭ୍ରମ ବୋଲି କହି ବର୍ଜନ କରେ ଏବଂ କୌଣସି ଏକ ନିର୍ବାଣକୋଟୀସ୍ଥ ସ୍ଥିତିରେ ଆପଣାକୁ ନିର୍ବାପିତ କରିଦେବାର ଅଥବା ଲକ୍ଷଣରହିତ ପରମ ନିର୍ବିଶେଷ ମଧ୍ୟରେ ନିମଜ୍ଜିତ ହୋଇ ରହିବାର ଉଚ୍ଚାକାଙ୍କ୍ଷା ରଖିଥାଏ । ତା'ର ମତ ଅନୁସାରେ ଯଦି ଭ୍ରମଭ୍ରଷ୍ଟ କୌଣସି ବ୍ୟକ୍ତିର ଆତ୍ମା କିମ୍ବା ମନ ପରମ ଅଜ୍ଞାନମୟ ଏହି କ୍ଷଣକାଳସ୍ଥାୟୀ ଜଗତରେ ସେଭଳି କୌଣସି ଦିବ୍ୟ ଉପଲବ୍ଧିର ସ୍ୱପ୍ନକୁ ଆପଣା ଭିତରେ ସ୍ଥାନ ଦେଇଥାଏ, ତେବେ ପରିଶେଷରେ ତାହାକୁ ଆପଣାର ଭ୍ରମସ୍ୱୀକାର କରିବାକୁହିଁ ପଡ଼ିବ ଏବଂ ଆପଣାର ବୃଥା ଚେଷ୍ଟାଟିକୁ ମଧ୍ୟ ତ୍ୟାଗ କରିବାକୁ ପଡ଼ିବ । ମାତ୍ର ତଥାପି ଆମେ ଦେଖୁଛୁ ଯେ ଏହି ଜଗତ୍‌ସତ୍ତାରେ ଏହିପରି ଦୁଇଟି ଦିଗ ରହିଛି; ଗୋଟିଏ ପାଖରେ ପ୍ରକୃତିର ଅବିଦ୍ୟା ରହିଛି ଓ ଅନ୍ୟପାଖରେ ପରମ ଚିତ୍‌ସତ୍ତାର ଆଲୋକ ମଧ୍ୟ ରହିଛି; ଏବଂ ଉଭୟଙ୍କର ପଛରେ ସେହି ଅଦ୍ୱିତୀୟ ପରମସତ୍ୟ ବିଦ୍ୟମାନ ରହିଛି । ତେଣୁ ବୈଦିକ ତତ୍ତ୍ୱରହସ୍ୟମୟ ଗାଥାଗୁଡ଼ିକରେ ଦୁହିଁଙ୍କ ମଧ୍ୟରେ ଯେଉଁ ସମନ୍ୱୟ ବା ଅନ୍ତତଃ ଏକ ସେତୁଦ୍ୱାରା ଉଭୟଙ୍କ ମଧ୍ୟରେ ରହିଥିବା ବ୍ୟବଧାନଟିକୁ ଦୂର କରିବାର ଯେଉଁ ପୂର୍ବାଭାସ ଦିଆଯାଇଛି, ତାହା ଅବଶ୍ୟ ସମ୍ଭବ ହେବା ଉଚିତ । ଏହି ସମ୍ଭାବନାର ଏକ ଦୃଢ଼ ବୋଧ ଶତାବ୍ଦୀ ଶତାବ୍ଦୀ ଧରି ନାନା ଆକାରରେ ଆପଣାକୁ ଜୀବନ୍ତ ରଖିଆସିଛି । ମନୁଷ୍ୟ ପରିପୂର୍ଣ୍ଣତର ହୋଇପାରିବ, ସମାଜ ମଧ୍ୟ ପରିପୂର୍ଣ୍ଣତର ହୋଇପାରିବ, ବିଷ୍ଣୁ ଓ ଅନ୍ୟ ଦେବତାମାନେ ଏହି ପୃଥିବୀ ଉପରକୁ ଓହ୍ଲାଇ ଆସିବେ ବୋଲି ସନ୍ଥ ଅଲବର ଦେଖିଥିବା ସ୍ୱପ୍ନ, ସାଧୁନାଂ ରାଜ୍ୟଂ, ଈଶ୍ୱରଙ୍କର ନଗରୀ, ଧରାପୃଷ୍ଠରେ ସୁବର୍ଣ୍ଣଯୁଗର ସ୍ଥାପନା, ଏବଂ ଦିବ୍ୟ ପରମ ଚେତନାର ଆତ୍ମୋନ୍ମୋଚନ ଦ୍ୱାରା ନୂତନ ସ୍ୱର୍ଗ ଓ ନୂତନ ପୃଥିବୀର ଜନ୍ମଗ୍ରହଣ କରିବା,—ମନୁଷ୍ୟ ଯୁଗେ ଯୁଗେ ଏହିଭଳି ସ୍ୱପ୍ନମାନ ଦେଖିଆସିଛି । ମାତ୍ର ବୋଧିଗତ ଏହିସବୁ ସଙ୍କେତ ଭିତରେ ସୁନିଶ୍ଚିତ ଜ୍ଞାନର ଏକ ଆଧାରର ସବୁବେଳେ ଅଭାବ ରହିଆସିଛି, ଏବଂ ମଣିଷର ମନ ବି ଏକ ଦୋଦୁଲ୍ୟମାନ ଅବସ୍ଥାରେ ରହିଥିବା ପରି ଏପାଖସେପାଖ ହୋଇ ଭବିଷ୍ୟତ ଲାଗି ଏକ ଉଜ୍ଜ୍ୱଳ ଆଶା ପୋଷଣ କରିଆସିଛି ଏବଂ ଏଣେ ବର୍ତ୍ତମାନର ସମ୍ମୁଖୀନ ହେବାକୁ ଏକ ଧୂସର ପର୍ଦ୍ଦାକୁ ଅଧା ଆଲୁଅ ଓ ଅଧା ଅନ୍ଧାରର ଏକ ଅନିର୍ଦ୍ଦିଷ୍ଟତାକୁ ଅବଲମ୍ବନ କରି

'oaob.nitrkl.ac.in' images reprocessed

ଆସିଛୁ । ମାତ୍ର ଏହି ଧୂସର ଅର୍ଦ୍ଧନିର୍ଦ୍ଦିଷ୍ଟ ଭିତ୍ତିଟି ଉପରୁ ସାଧାରଣତଃ ଯେଉଁ ନିର୍ଦ୍ଦିଷ୍ଟ ପର ଦେଖାଯାଇଥାଏ, ତାହା ପ୍ରକୃତରେ ସେତେ ନିର୍ଦ୍ଦିଷ୍ଟ ଆଦୌ ନୁହେଁ । ଏବଂ ଏହି ପାର୍ଥିବ ପ୍ରକୃତି ମଧ୍ୟରେ ଆପଣାର ବିକାଶ ଓ ଉନ୍ମେଷ ଲାଗି ପ୍ରସ୍ତୁତ ହେଉଥିବା ଏକ ଦିବ୍ୟ ଜୀବନ ଯେ ଶୁଦ୍ଧା ଏକ ମିଥ୍ୟା ବା ମରୀଚିକା ହୋଇଥିବ, ସେପରି ଭାବିବାପାଇଁ ମଧ୍ୟ ଆଦୌ କୌଣସି କାରଣ ନାହିଁ । ଯେତେବେଳେ ଆମେ ପ୍ରଥମରୁହିଁ ବ୍ୟକ୍ତ କିମ୍ବା ଅବ୍ୟକ୍ତ ଭାବରେ ଏକ ଆଧାରଭୂତ ଦ୍ୱୈତତା ବା ଦ୍ୱୈତକଳ୍ପନାକୁ ଆପଣା ଭିତରେ ସ୍ୱୀକାର କରିନେଉ ଓ ତା'ପରେ ଏହି ଦ୍ୱୈତ ତତ୍ତ୍ୱଗୁଡ଼ିକ ମଧ୍ୟରେ ଏକ ଏକାନ୍ତ ବିରୋଧିତାର ଅଧ୍ୟାସ କରିବାରେ ଲାଗୁ, ସେତିକବେଳେହିଁ ପରାଜୟ ସ୍ୱୀକାର କରିନେବାକୁ ହୁଏ, ସେତିକବେଳେ ଆପଣାକୁ କେବଳ ସୀମାବଦ୍ଧ ବୋଲି ମାନିନେବାର ଆରମ୍ଭ ହୁଏ । ଚେତନକୁ ଆମେ ଜଡ଼ଶକ୍ତିର ଏକାନ୍ତ ବିରୋଧୀ ବୋଲି ମାନିନେଉ, ସ୍ୱର୍ଗକୁ ଇହଭୁବନର ଏକାନ୍ତବିରୋଧୀ ମାନିନେଉ, ସେଠି ଭଗବାନଙ୍କୁ ରଖିଦେଇ ଏଠି ସଂସାରର କଳ୍ପନା କରୁ ଓ ସୀମାତୀତ ପରମ ଏକକୁ ଏକାନ୍ତବିରୋଧୀରୂପେ ସୀମାଗ୍ରସ୍ତ ଅନେକକୁ ଠିଆ କରିଦେଉ । ବିଦ୍ୟାକୁ ଅବିଦ୍ୟାର ବିପରୀତ ବୋଲି ଉପସ୍ଥାପିତ କରୁ । ମାତ୍ର ଏହି ବିଷୟରେ ଆଲୋଚନା କରି ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିସାରିଛୁ ଯେ ଏହା ଆମ ଇନ୍ଦ୍ରିୟ-ମନର କେବଳ ଏକ ଭୁଲ ବ୍ୟାଖ୍ୟା ହୁଏତ ଆଉକିଛି ହୋଇ ନପାରେ, କେବଳ ଏକ ଆଂଶିକ ଅନୁଭବ ଉପରେ ଦଣ୍ଡାୟମାନ ନ୍ୟାୟବୁଦ୍ଧିଗତ ବିଶ୍ଳେଷଣହିଁ ପରିଣାମ ହୋଇପାରେ । ବିଜୟର ଆଶା କଦାପି ପ୍ରତ୍ୟାଖ୍ୟାନ ଦେବା ଲାଗି ଯେ ସମ୍ପୂର୍ଣ୍ଣ ବୁଦ୍ଧିସମର୍ଥିତ ଏକ ଭିତ୍ତି ରହିପାରେ ଓ ଅବଶ୍ୟ ରହିଛି, ସେକଥା ଆମେ ଆଲୋଚନା କରି ଦେଖିସାରିଛୁ । କାରଣ ବର୍ତ୍ତମାନ ସ୍ଥିତିରେ ଆମେ ସତ୍ତାଗତ ଯେଉଁ ନିମ୍ନତର ସ୍ତରରେ ଜୀବନଧାରଣ କରୁଛୁ, ତାହାର ଭିତରେହିଁ ତାହାକୁ ଅତିକ୍ରମ କରିଯାଇ ପାରୁଥିବା ଉଚ୍ଚତର ତତ୍ତ୍ୱ ଓ ଉଚ୍ଚତର ଅଭିପ୍ରାୟଟି ନିହିତ ହୋଇ ରହିଛି । ଯେତେବେଳେ ଆମର ବର୍ତ୍ତମାନ ସତ୍ତାଟି ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରିଯାଇ ପାରିବ ଓ ଆପଣାକୁ ସେହି ଅନ୍ୟସତ୍ତାରେ ରୂପାନ୍ତରିତ କରିଦେଇ ପାରିବ, ସେତେବେଳେ ତାହା ଆପଣାର ଯଥାର୍ଥ ସ୍ୱରୂପର ଆବିଷ୍କାର କରିପାରିବ ଓ ତାହାକୁ ପରିପୂର୍ଣ୍ଣ ଆକାର ମଧ୍ୟ ଦେଇପାରିବ ।

ମାତ୍ର ଏହି ବିଶ୍ଳେଷଣଟିରେ ଏପର୍ଯ୍ୟନ୍ତ ଏପରି ଗୋଟିଏ କଥା ରହିଯାଇଛି, ଯାହାକି ତଥାପି ପ୍ରାୟ ଅସ୍ପଷ୍ଟ ହୋଇ ରହିଯାଇଛି । ବିଦ୍ୟା ସହିତ ଅବିଦ୍ୟାର ସହାବସ୍ଥାନ କିପରି ସମ୍ଭବ ହେଲା, ଠିକ୍ ଏହି କଥାଟି ଉପରେହିଁ ଅସ୍ପଷ୍ଟତା ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆଦର୍ଶ ଦିବ୍ୟସତ୍ତାର ସମ୍ପୂର୍ଣ୍ଣ ବିପରୀତ

'oaob.nitrkl.ac.in' images reprocessed

ଏକ ଅବସ୍ଥାରୁହିଁ ଏହି କ୍ଷେତ୍ରରେ ଆମକୁ ବିଚାର କରିବାକୁ ପଡ଼େ । ଆପଣା ବିଷୟରେ ଏବଂ ସକଳ ଭୂତରେ ଅବସ୍ଥିତ ପରମ ଆତ୍ମାଙ୍କ ବିଷୟରେ ଜୀବସତ୍ତାର ଅଜ୍ଞାନକୁ ଭିତ୍ତି କରିହିଁ ସେହି ବିରୋଧଟିର ଯାବତୀୟ ପରିବେଶ ଦଣ୍ଡାୟମାନ ହୋଇଥାଏ । ଏକ ମୂଳଭୂତ ଓ ବିଶ୍ୱବ୍ୟାପ୍ତ ପରମ ଅଜ୍ଞାନର ପରିଣାମସ୍ୱରୂପ ଏହା ହୁଏ, କାରଣ ଏହି ପରମ ଅଜ୍ଞାନରୁ ଆତ୍ମସୀମିତତା ଜାତ ହୁଏ, ଏବଂ ଜୀବନ ନାନା ବିଭେଦବୋଧ ଉପରେ ଆଧାରିତ ହୋଇ ରହେ । ସତ୍ତା ଓ ଚେତନାରେ ବିଭେଦ ଜାତ ହୁଏ, ସଂକଳ୍ପ ଓ ସାମର୍ଥ୍ୟରେ ବିଭେଦ ପଡ଼ିଯାଏ, ଆନନ୍ଦରେ ବିଭେଦ ଜନ୍ମେ; ଜ୍ଞାନ, ଶକ୍ତି ଓ ପ୍ରେମରେ ବିଭାଜନ ସୃଷ୍ଟି ହୁଏ, ନାନା ସୀମାର ସଙ୍କୋଚ ଆସି ଉପସ୍ଥିତ ହୁଏ । ଏବଂ ଏହାର ପରିଣାମସ୍ୱରୂପ, ସ୍ୱଭାବିକ ବିରୋଧୀ ସଂଘଟନରୂପେ ଅହଂଭାବ, ଆବରଣ ଓ ଅସାମର୍ଥ୍ୟ ଜାତ ହୁଏ, ଜ୍ଞାନ ଓ ଶକ୍ତିର ଅପଚୟ ହୁଏ, ଅସାମଞ୍ଜସ୍ୟତା, ଅଶକ୍ତତା ଓ ଦୁଃଖଜନିତ ବାଟ ଫିଟିଯାଏ । ମନ ସହିତ ଜଡ଼ ଓ ପ୍ରାଣ ମଧ୍ୟ ଏହି ଅବିଦ୍ୟା ମଧ୍ୟରେ ଜଡ଼ିତ ହୋଇପଡ଼ନ୍ତି ସତ, ମାତ୍ର ଆମେ ଦେଖିସାରିଛୁ ଯେ ଖାସ୍ ମନର ସ୍ୱଭାବରେହିଁ ଏହାର ପ୍ରକୃତ ମୂଳଟି ରହିଛି । ମନର କାର୍ଯ୍ୟହିଁ ହେଲା ପରିମାଣ ଓ ସୀମା ବାଡ଼ାର କରିବା, ଗୋଟିକୁ ଆରଟିଠାରୁ ବିଚ୍ଛିନ୍ନ କରି ଦେଖିବା ଏବଂ ସେହି ପ୍ରଣାଳୀ ଅନୁସରଣ କରି ଯାବତୀୟ କଥାକୁ ଖଣ୍ଡଖଣ୍ଡ କରି ଥୋଇଦେବା । ମାତ୍ର ମନ ମଧ୍ୟ ଗୋଟିଏ ବିଶ୍ୱଜନୀନ ତତ୍ତ୍ୱ, ମନ ମଧ୍ୟ ଅଦ୍ୱିତୀୟ ବ୍ରହ୍ମସ୍ୱରୂପ; ତେଣୁ ଗୋଟିକୁ ଆରଟିଠାରୁ ଅଲଗା ବୋଲି ସୂଚିତ କରିଦେଇ ଅଲଗା ଅଲଗା କରି ଦେଖିବା ଲାଗି ମନର ଯେପରି ପ୍ରବୃତ୍ତି ରହିଛି, ସେହିପରି ଜ୍ଞାନକୁ ଏକ ଓ ସାର୍ବଜନୀନ ଭାବରେ ଅନୁଭବ କରିବା ଲାଗି ମଧ୍ୟ ପ୍ରବୃତ୍ତି ରହିଛି । ମନ ଯେଉଁସବୁ ଉଚ୍ଚତର ତତ୍ତ୍ୱର ଏକ ସାମର୍ଥ୍ୟରୂପେ କାର୍ଯ୍ୟ କରେ, ସେ ଯେତେବେଳେ ଖସି ଛଡ଼ାଇ ଆପଣାକୁ ସେଗୁଡ଼ିକରୁ ବିଚ୍ଛିନ୍ନ କରିଦିଏ, କେବଳ ସେତିକିବେଳେହିଁ ବୈଶିଷ୍ଟ୍ୟ ଦ୍ୱାରା ଦେଖିବାର ମାନସିକ ପ୍ରବୃତ୍ତିଟି ଅବିଦ୍ୟାରେ ପରିଣତ ହୁଏ । ସେତେବେଳେ ମନ କେବଳ ଆପଣାର ସ୍ୱଭାବଗତ ପ୍ରବୃତ୍ତିଟି ଅନୁସାରେ କାର୍ଯ୍ୟ କରେ ନାହିଁ, ମାତ୍ର ଅନ୍ୟ ଯାବତୀୟ ଜ୍ଞାନକୁ ମଧ୍ୟ ଆପଣାର କ୍ଷେତ୍ରରୁ ବହିଷ୍କୃତ କରି ରଖେ, କେବଳ ବୈଶିଷ୍ଟ୍ୟଟାକୁ ଉଖାରି ଦେଖିବାକୁହିଁ ଆପଣାର ପ୍ରଥମ, ପ୍ରଧାନ ତଥା ଏକମାତ୍ର କାର୍ଯ୍ୟ ବୋଲି ଗ୍ରହଣ କରେ । ସେତେବେଳେ ସେ ଏକତ୍ୱକୁ ଏକ ଅସ୍ପଷ୍ଟ କଳ୍ପନା ବୋଲି ଅବହେଳିତ କରି ରଖେ; ସେ ଭାବେ ଯେ ବିଭେଦ ଓ ବୈଶିଷ୍ଟ୍ୟର ସୃଷ୍ଟି ସମ୍ପୂର୍ଣ୍ଣ ହୋଇଗଲେ ସେଗୁଡ଼ିକୁ ପରସ୍ପର ସହିତ ଯୋଡ଼ି ମିଶାଇ ପରେ ଏକ ଏକତ୍ୱରେ ଉପନୀତ ହେବା ହୁଏତ ସମ୍ଭବ ହୋଇପାରିବ । ଅନ୍ୟ ଯାବତୀୟ କଥାକୁ ବାଦ ଦେଇ କେବଳ ଗୋଟିଏ କଥାକୁ ଏକମାତ୍ର ବୃତ୍ତି କରିବସିବା,—ଏହାହିଁ ସକଳ ଅବିଦ୍ୟାର ମୂଳ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ତେଣୁ ଆମକୁ ଏହି ଚୈତନ୍ୟରୂପୀ ଅଦ୍ଭୁତ ଶକ୍ତିଟିକୁ ଆପଣାର ବଶରେ ଆଣିବାକୁ ପଡ଼ିବ; କାରଣ ଆମର ଯାବତୀୟ ଅନର୍ଥର ମୂଳରେ ଏହି ଚୈତନ୍ୟହିଁ ନିହିତ ରହିଛି । ଏହି ଚୈତନ୍ୟ କିପରି କାର୍ଯ୍ୟକାରୀ ହେଉଛି, ତାହା ପରୀକ୍ଷାକରି ଦେଖିବାକୁ ପଡ଼ିବ । ଏବଂ କେବଳ ଏହାର ମର୍ମସ୍ୱରୂପ ଓ ମୂଳଟିକୁ ଖୋଜି ବାହାର କଲେ ଯଥେଷ୍ଟ ହେବ ନାହିଁ; ମାତ୍ର ଯେଉଁ ଶକ୍ତି ବା ପ୍ରକ୍ରିୟାଟି ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି, ସେଇଟିକୁ ମଧ୍ୟ ଜାଣିବାକୁ ପଡ଼ିବ । ଏହି ଚୈତନ୍ୟର ଶେଷ ଲକ୍ଷ୍ୟ କ'ଣ ଏବଂ କିପରି ଉପାୟରେ ତାହାର ଉଚ୍ଛେଦସାଧନ କରାଯାଇ ପାରିବ, ସେକଥା ଆବିଷ୍କାର କରିବାକୁ ହେବ । ଅବିଦ୍ୟାର ଅସ୍ତିତ୍ୱ ସମ୍ଭବ ହେଲା କିପରି ? ଅନନ୍ତ ଆତ୍ମଜ୍ଞାନର କୌଣସି ତତ୍ତ୍ୱ ବା ସାମର୍ଥ୍ୟ ଆତ୍ମଜ୍ଞାନକୁ ପଛରେ ରଖିବାକୁ ଓ କେବଳ ନିଜର ଏହି ବୈଶିଷ୍ଟ୍ୟ ସୃଷ୍ଟି କରିବାର ବୃତ୍ତିଟି ବ୍ୟତୀତ ଆଉ ଯାବତୀୟ ବିଷୟକୁ ଆପଣାଠାରୁ ବହିଷ୍କୃତ କରି ରଖିବାକୁ ସମର୍ଥ ହୋଇପାରିଲା କିପରି ? ଏହି ସମସ୍ୟାଟିର ଆଦୌ କୌଣସି ସମାଧାନ ହୋଇପାରିବ ନାହିଁ ବୋଲି କେତେକ ଦାର୍ଶନିକ* ଘୋଷଣା କରିଛନ୍ତି । ସେମାନେ ଏହାକୁ ଏକ ଆଧାରଭୂତ ରହସ୍ୟ ବୋଲି କହିଛନ୍ତି ଓ ସ୍ୱରୂପତଃ ସକଳ ବ୍ୟାଖ୍ୟାର ଅତୀତ ବୋଲି କହିଛନ୍ତି । ଆମେ କେବଳ ଏତିକି କହିପାରିବା ଯେ ଏହା ଅଛି ଓ ଏହା କାର୍ଯ୍ୟକାରୀ ହେବାର ଏକ ପ୍ରକ୍ରିୟା ରହିଛି । ଅଥବା, ଅନାଦି ପରମ ସତ୍ତା ବା ପରମ ଅସତ୍‌ର ଅସଲ ପ୍ରକୃତି ବିଷୟରେ କୌଣସି ଉତ୍ତର ଦିଆଯାଇ ପାରିବ ନାହିଁ ବା ଏହାର ଏକ ଉତ୍ତର ଦେବାର ଆଦୌ କୌଣସି ପ୍ରୟୋଜନ ନାହିଁ, ଏପରି କହି ମଧ୍ୟ ସମସ୍ୟାଟିକୁ ଅନୁତ୍ଥାପିତ ରଖାଯାଇ ପାରେ । କୁହାଯାଇ ପାରେ ଯେ ମାୟା ରହିଛି, କେବଳ ଏତିକି ଜାଣିଲେହିଁ ଯଥେଷ୍ଟ । ଏବଂ ମାୟା ସହିତ ଅବିଦ୍ୟା ବା ଭ୍ରମରୂପୀ ଏହାର ମୂଳ ତତ୍ତ୍ୱଟି ମଧ୍ୟ ରହିଛି । ଏବଂ ବ୍ରହ୍ମର ଏହି ସାମର୍ଥ୍ୟଟି ଭିତରେ ବିଦ୍ୟା ଏବଂ

---

* ତଥାଗତ ଏହି ସମସ୍ୟାଟିର ଉତ୍ତର ଦେବାକୁ ରୂଢ଼ ନାସ୍ତି କରି ଦେଉଥିଲେ । ଯେଉଁ ପ୍ରକ୍ରିୟାଟିଦ୍ୱାରା ଆମର ଏହି ମିଥ୍ୟାମୟ ବ୍ୟକ୍ତିସତ୍ତାର ରଚନା ହେଉଛି, ଦୁଃଖମୟ ଏହି ଜଗତଟି ଗଢ଼ି ଉଠୁଛି ଏବଂ ଯେଉଁ ଉପାୟରେ ଏଥିରୁ ନିସ୍ତାର ଲାଭ ସମ୍ଭବ ହେବ, କେବଳ ଏତିକି ଜାଣିବା ହେଉଛି ମହତ୍ତ୍ୱପୂର୍ଣ୍ଣ । କର୍ମ ହେଉଛି ଏହି ଜଗତର ଗୋଟିଏ ସତ୍ୟ । ଯାହାର ବସ୍ତୁତଃ କୌଣସି ଅସ୍ତିତ୍ୱ ନାହିଁ, ସେହିସବୁ ବସ୍ତୁ ଓ ସେହିଭଳି ଏକ ବ୍ୟକ୍ତିସତ୍ତାର ରଚନା କରିବା ହେଉଛି ଦୁଃଖର ମୂଳ କାରଣ । କର୍ମରୁ ନିସ୍ତାର ପାଇବା, ବ୍ୟକ୍ତିସତ୍ତା ଓ ଦୁଃଖରୁ ପରିତ୍ରାଣ ଲାଭ କରିବା,—କେବଳ ଏହାକୁହିଁ ଆମର ଏକମାତ୍ର ଉଦ୍ଦେଶ୍ୟ ବୋଲି ମାନିବାକୁ ପଡ଼ିବ । ସେଗୁଡ଼ିକର ନିରାକରଣ ହୋଇ ଆମେ ସେଗୁଡ଼ିକରୁ ବିମୁକ୍ତ ରହିଥିବା ଏକ ଅବସ୍ଥାରେ ଯାଇ ପହଞ୍ଚିପାରିବା । ତାହାହିଁ ସତ୍ୟ ଅବସ୍ଥା ଓ ନିତ୍ୟ ଅବସ୍ଥା । ମୁକ୍ତିର ମାର୍ଗଟି ଖୋଜି ବାହାର କରିବା ହେଉଛି ଏକମାତ୍ର ସାର୍ଥକତା ।

'oaob.nitrkl.ac.in' images reprocessed

ଅବିଦ୍ୟା ଦୁଇଟିଯାକ ଶକ୍ତି ଅନ୍ତର୍ନିହିତ ରହିଛି । ଆମେ କେବଳ ଏହାକୁହିଁ ସତ୍ୟ ବୋଲି ସ୍ୱୀକାର କରିନେବା, ଏବଂ ବିଦ୍ୟା ମଧ୍ୟଦେଇ ଅବିଦ୍ୟା ଭିତରୁ ମୁକ୍ତିଲାଭର ଏକ ଉପାୟ ଖୋଜି ବାହାର କରିବା । ଯାହା ବିଦ୍ୟା ଏବଂ ଅବିଦ୍ୟା ଉଭୟର ଅତୀତ, ଏହିପରି ଏକ ସ୍ଥିତି ମଧ୍ୟକୁ ପ୍ରବେଶ କରିବାର ଉପାୟ ବାହାର କରିବା । ଜୀବନକୁ ଅସାର ବୋଲି ବର୍ଜନ କରି, ଏହି ବିଶ୍ୱରେ ଯାବତୀୟ ବସ୍ତୁକୁ ଅନିତ୍ୟ ବୋଲି ଜାଣି ଓ ବିଶ୍ୱସୃଷ୍ଟି ଏହି ଜୀବନକୁ ବୃଥା ବୋଲି ଉପଲବ୍ଧି କରି ଆମେ ଏଥିରୁ ଉଦ୍ଧାର ପାଇଯିବା ।

ମାତ୍ର ସମସ୍ୟାଟିର ମୂଳରୁହିଁ ଏପରି ଭାବରେ ସମସ୍ୟାଟିକୁ ଏଡ଼ିଦେଇ ଉଦ୍ଧାର ପାଇବାର ଏହି ଉପାୟଟିରେ ଆମର ମନ କଦାପି ସନ୍ତୁଷ୍ଟ ହୋଇ ରହିପାରେ ନାହିଁ । ବୌଦ୍ଧଧର୍ମର ମନ ମଧ୍ୟ ଏଥିକରେ ଆଦୌ ସନ୍ତୁଷ୍ଟ ହୋଇ ରହି ନଥିଲା । ପ୍ରଥମତଃ, ମୂଳ ପ୍ରଶ୍ନଟିକୁ ଏପରି ଭାବରେ ଘୁଞ୍ଚି ଯିବାର ଚେଷ୍ଟା କରିଥିବା ଦର୍ଶନମତଗୁଡ଼ିକ ଯେ ପ୍ରକୃତ କ୍ଷେତ୍ରରେ ଅବିଦ୍ୟାର କେବଳ କେତୋଟି କ୍ରିୟା ବା କେତୋଟି ଲକ୍ଷଣ ସମ୍ବନ୍ଧରେ ସିଦ୍ଧାନ୍ତମାନ କରିଛନ୍ତି ତା' ନୁହେଁ, ମାତ୍ର ଅବିଦ୍ୟାର କେତେକ ମୂଳଗତ ପ୍ରକୃତି ସମ୍ବନ୍ଧରେ ମଧ୍ୟ ସୁଦୂରପ୍ରସାରୀ ମୀମାଂସାମାନ ଦେଇଛନ୍ତି ଏବଂ ସେଇଥିରୁହିଁ ସେମାନେ ଅଜ୍ଞାନର ନିରାକରଣ ଲାଗି ଉପାୟମାନ ବି ନିର୍ଦ୍ଧାରଣ କରିଛନ୍ତି । ଏବଂ ଏକଥାଟି ବଡ଼ ସ୍ପଷ୍ଟ ହୋଇଯାଉଛି ଯେ ରୋଗର ନିଦାନ ବାହାର କରିବା ଲାଗି ରୋଗର ମୂଳକୁ ଯାଇପାରିବାର ଏକ ସାହସିକ ପଦକ୍ଷେପ ନନେଇ ଯେତେବେଳେ ରୋଗନିରାକରଣର ଉପାୟଟି ବତାଇ ଦିଆଯାଏ, ତାହାକୁ ଏକ ବୈଜ୍ଞାନିକ ପଦ୍ଧତି ବୋଲି ଆଦୌ କୁହାଯାଏ ନାହିଁ । ମାତ୍ର ମୂଳ ପ୍ରଶ୍ନଟିକୁ ଏଡ଼ିଦେଇଯିବାକୁ ବସିଥିଲେ, ରୋଗର ନିଦାନ ସମ୍ବନ୍ଧରେ ଆମର ଘୋଷଣାଗୁଡ଼ିକ ତଥା ସେଗୁଡ଼ିକୁ ଦୂର କରିବା ଲାଗି ଆମେ ବତାଇଥିବା ଉପାୟଗୁଡ଼ିକ ମଧ୍ୟ କେତେଦୂର ଉଚିତ ବା ଠିକ୍, ସେ କଥା ବିଚାର କରିବାକୁ ଆଉ ଆମ ପାଖରେ କୌଣସି ଉପାୟ ରହେ ନାହିଁ । କିମ୍ବା ଏଥିଲାଗି ଆଉକିଛି ବିଧାନ ରହିଛି, ଯେଉଁଥିରେ କି ଏପରି ହଠ ବା ଧ୍ୱଂସମୂଳକ ଭାବରେ ଦୁଃସାହସୀ ଘୋଷଣାମାନ ନକରି, ଅସ୍ତ୍ରୋପଚାର ଦ୍ୱାରା ରୋଗୀର କୌଣସି ଅଂଗକୁ କାଟି ନପକାଇ ଅଥବା ରୋଗର ନାଶ କରିବ ବୋଲି ରୋଗୀର ପ୍ରାଣହାନି ନଘଟାଇ ତଥାପି ଏକ ସମଗ୍ର ଓ ସ୍ୱାଭାବିକ ଆରୋଗ୍ୟ-ବିଧାନ ସମ୍ଭବ ହୋଇପାରିବ । ଦ୍ୱିତୀୟତଃ ଜାଣିବା ହେଉଛି ଭାବନାଶୀଳ ମନୁଷ୍ୟର ଏକ ସତତ ଧର୍ମ । ଅବଶ୍ୟ ଏକଥା ସତ୍ୟ ଯେ କେବଳ ମାନସିକ ସାଧନଗୁଡ଼ିକଦ୍ୱାରା ସେ ହୁଏତ ଅବିଦ୍ୟାର ଅସଲ ସ୍ୱରୂପଟିକୁ ଜାଣିବାରେ ଆଦୌ ସମର୍ଥ ହୋଇନପାରେ । ନିର୍ଭୁଲ ସଜ୍ଞାମାନ ବାଢ଼ି ଥୋଇଦେବାଭଳି ସେ ହୁଏତ ଜଗତର କୌଣସି ବସ୍ତୁ ବିଷୟରେ ଯଥେଷ୍ଟ ଜ୍ଞାନ ଲାଭ କରିନପାରେ । କାରଣ

'oaob.nitrkl.ac.in' images reprocessed

ଆମର ମନ ପ୍ରତ୍ୟେକ ବସ୍ତୁକୁ ତା'ର ଲକ୍ଷଣ, ପ୍ରକୃତି, ଆକାର, ବିଶେଷ ଧର୍ମ, ପ୍ରକ୍ରିୟାଗତ, ଅନ୍ୟ ବସ୍ତୁଗୁଡ଼ିକ ସହିତ ତା'ର ସମ୍ବନ୍ଧଦ୍ୱାରାହିଁ ଜାଣିବାକୁ ସମର୍ଥ ହୋଇଥାଏ । ମାତ୍ର ସେହି ବସ୍ତୁର ଅତୀନ୍ଦ୍ରିୟ ଆତ୍ମସତ୍ତାର ସ୍ୱରୂପୋପଲବ୍ଧି ଦ୍ୱାରା ମନ କଛୁହେଲେ ଜାଣିପାରେ ନାହିଁ । ମାତ୍ର ଆମେ ତଥାପି ଆହୁରି ଆଗକୁ ଯିବାକୁ ଚେଷ୍ଟା କରିପାରିବା, ଏବଂ ଯଥାର୍ଥ ସ୍ୱବପ୍ରକାଶକ ବାକ୍ୟଟି ଅଥବା ବସ୍ତୁର ସ୍ୱରୂପସୂଚକ ଅର୍ଥ ବା ବୋଧଟି ପାଖରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ଅବିଦ୍ୟାର ପ୍ରାତିଭାସିକ ପ୍ରକୃତି ଓ ପ୍ରକ୍ରିୟା ସମ୍ବନ୍ଧରେ ଆମର ଅନୁଭବଟିକୁ ଆମେ ଅଧିକ ନିର୍ଭୁଲଭାବରେ ସ୍ପଷ୍ଟ କରିଦେଇ ପାରିବା । ତଦ୍ୱାରା ଆମେ ତାହାକୁ ବୁଦ୍ଧିଦ୍ୱାରା ନୁହେଁ, ମାତ୍ର ସତ୍ୟଦୃଷ୍ଟି ଓ ସତ୍ୟାନୁଭୂତି ଦ୍ୱାରାହିଁ ଜାଣିବାକୁ ପାଇବା, ଆମ ଆପଣା ସତ୍ତାର ଭୂମି ଉପରେ ସତ୍ୟର ଉପଲବ୍ଧି କରି ଆମେ ତାହାକୁ ଜାଣିପାରିବା । ମନୁଷ୍ୟର ଉଚ୍ଚତମ ବୌଦ୍ଧିକ ଜ୍ଞାନର ସମଗ୍ର ପ୍ରକ୍ରିୟାଟି ହେଉଛି ଏପରି ମନର ଭୂମି ଉପରେ ସମ୍ୟକ୍ ଆଲୋଚନା ଓ ବିଚାରଦ୍ୱାରା କ୍ରମଶଃ ଅଗ୍ରସର ହେଉହେଉ ସେ ଏପରି ଏକ ସ୍ଥାନରେ ଆସି ପହଞ୍ଚିବ, ଯେଉଁଠାରେ କି ସମ୍ମୁଖସ୍ଥ ଆବରଣଟି ଏକାବେଳକେ ଅପସରି ଯିବ ଓ ସେ ଦେଖିବାକୁ ପାଇବ । ଏବଂ ଆମେ ଯାହା ଦେଖୁଛୁ, ତାହାହିଁ ହେବାଲାଗି ଆମକୁ ସାହାଯ୍ୟ କରିବାକୁ ଆଧ୍ୟାତ୍ମିକ ଜ୍ଞାନର ଆବିର୍ଭାବ ହେବ, ତାହା ଆମକୁ ଏକ ପରମ ଆଲୋକର କ୍ଷେତ୍ରରେ ପ୍ରବେଶ କରାଇଦେବ, ଯେଉଁଠାରେ କି ଅବିଦ୍ୟା ଲାଗି ଆଉ କୌଣସି ସ୍ଥାନ ନଥିବ ।

ଏକଥା ସତ ଯେ ଅବିଦ୍ୟାର ପ୍ରଥମ ଉତ୍ପତ୍ତିସ୍ଥାନଟିର ସନ୍ଧାନ ପାଇବା ଆମ ମନୋଗତ ସତ୍ତାର ଶକ୍ତିର ସମ୍ପୂର୍ଣ୍ଣ ବାହାରେ, କାରଣ ଆମର ବୁଦ୍ଧି ଖାସ୍ ଏହି ଅବିଦ୍ୟା ମଧ୍ୟରେହିଁ ବାସ ଓ ବିଚରଣ କରୁଥାଏ, ଏବଂ ଯେଉଁଠି ଭେଦଚେତନାର ପ୍ରଥମ ଉନ୍ମେଷ ଫଳରେ ବ୍ୟଷ୍ଟିମନର ଜନ୍ମ ହୋଇଛି, ଆମର ବୁଦ୍ଧି ସେଯାଏ ପହଞ୍ଚିପାରେ ନାହିଁ ବା ସେହି ଭୂମିକୁ ଆରୋହଣ କରିପାରେ ନାହିଁ । ମାତ୍ର ଯାବତୀୟ ବସ୍ତୁର ପ୍ରଥମ ଉତ୍ପତ୍ତିସ୍ଥାନ ଓ ମୌଳିକ ସତ୍ୟର କ୍ଷେତ୍ରରେ ମଧ୍ୟ ଏହାହିଁ ସତ୍ୟ ଏବଂ ଏହି କ୍ଷେତ୍ରରେ ଆମକୁ ସାଧାରଣତଃ ଏକ ଅଜ୍ଞେୟବାଦରେହିଁ ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ । ଅବିଦ୍ୟା ମଧ୍ୟରେହିଁ ମନୁଷ୍ୟକୁ ଯାବତୀୟ କାର୍ଯ୍ୟ କରିବାକୁ ହେବ, ଏହାର ବିଧାନ ଓ ପରିବେଶ ଭିତରେହିଁ ଶିକ୍ଷା କରିବାକୁ ପଡ଼ିବ ଏବଂ ଏହାର ଯଥାସମ୍ଭବ ଦୂରତମ ପରିଧି ପର୍ଯ୍ୟନ୍ତ ଏହାକୁ ଜାଣିବାକୁ ପଡ଼ିବ, ଯେପରିକି ସେ ଏହାର ସୀମାଗୁଡ଼ିକ ପାଖରେ ଆସି ପହଞ୍ଚିପାରିବ । ଅବିଦ୍ୟାର ଯେଉଁସବୁ ସୀମା ପରମସତ୍ୟକୁ ସ୍ପର୍ଶ କରି ରହିଛି, ସତ୍ୟକୁ ଆବୃତ କରି ରଖିଥିବା ଜ୍ୟୋତିର୍ମୟ ଶେଷ ଆବରଣଟିକୁ ସ୍ପର୍ଶ କରୁଛି, ସେ ସେଇଠି ଆସି ପହଞ୍ଚିପାରିବ । ସେଇଠାରେ ପହଞ୍ଚି ସେ ଆପଣାର

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକୁ ଏପରି ଭାବରେ ବିକଶିତ କରାଇବ, ଯଦ୍ଦ୍ୱାରା କି ସେ ସେହି ଶକ୍ତିଶାଳୀ ଅଥଚ ପ୍ରକୃତରେ ଦେଖିବାକୁ ଗଲେ ଅବାସ୍ତବ ବାଧାଟିକୁ ଡେଇଁ ଚାଲିଯାଇ ପାରିବ ।

ତେଣୁ ଅବିଦ୍ୟାର ଏହି ତତ୍ତ୍ୱ ବା ଏହି ଶକ୍ତିର ପ୍ରକୃତି ଓ କ୍ରିୟାଗତି ବିଷୟରେ ଆମେ ଏପର୍ଯ୍ୟନ୍ତ ଯେତିକି ଆଲୋଚନା କରିଛୁ, ବର୍ତ୍ତମାନ ତା'ଠାରୁ ଅଧିକ ତନ୍ନତନ୍ନ ଭାବରେ ଆଲୋଚନା କରି ଦେଖିବାକୁ ହେବ । ତେବେଯାଇ ସେହି ତତ୍ତ୍ୱଟିର ପ୍ରକୃତି ଓ ଉତ୍ପତ୍ତି ବିଷୟରେ ଆମେ ଏକ ଅଧିକ ସ୍ପଷ୍ଟ ଧାରଣାରେ ଉପନୀତ ହୋଇପାରିବା । ଏବଂ ସେହି ଶବ୍ଦଟିଦ୍ୱାରା ଆମେ ପ୍ରକୃତରେ କ'ଣ ବୁଝୁଛୁ, ଆମକୁ ପ୍ରଥମେ ଆମର ମନ ଭିତରେ ଯଥେଷ୍ଟ ସ୍ପଷ୍ଟ ହୋଇଯିବାକୁ ପଡ଼ିବ । ଋକ୍‌ବେଦର ସ୍ତୋତ୍ରଗୁଡ଼ିକରେ ବି ଆମେ ବିଦ୍ୟା ତଥା ଅବିଦ୍ୟା ମଧ୍ୟରେ ରହିଥିବା ପାର୍ଥକ୍ୟଟି ଦେଖାଇ ଦିଆଯାଇଥିବାର ଦେଖିବା । ଏଠାରେ ଜ୍ଞାନ କହିଲେ ପରମ ସତ୍ୟର ଏକ ଚେତନାକୁ ବୁଝାଇଥାଏ, ବୈଦିକ ଭାଷାରେ 'ସତ୍ୟଂ ଋତଂ'କୁ ବୁଝାଇଥାଏ; ତାହା ସତ୍ୟ ଓ ଋତର ଭୂମିରେ ଅବସ୍ଥାନ କରୁଥିବା ଯାବତୀୟ ବସ୍ତୁକୁ ବୁଝାଇଥାଏ । ଅବିଦ୍ୟା ସତ୍ୟ ଓ ଋତର ଏକ ଅଚେତନା ବା 'ଅଚିତ୍ତି'କୁ ବୁଝାଏ, ତାହାର କ୍ରିୟାକୁ ବାଧା ଦେଉଥିବା ଏକ ବିରୋଧୀ ତତ୍ତ୍ୱକୁ ବୁଝାଏ ଏବଂ ମିଥ୍ୟା ଅର୍ଥାତ୍ ବିପରୀତ ନାନା କ୍ରିୟାର ସୃଜନ ହେବାକୁ ବୁଝାଏ । ବୋଧ ଓ ଧାରଣାର ଯେଉଁ ଦିବ୍ୟ ଚକ୍ଷୁ ଆମକୁ ଅତିମାନସ ପରମସତ୍ୟର ଦର୍ଶନ ଦିଆଇଥାଏ, ଅବିଦ୍ୟା ତାହାରି ଅଭାବକୁହିଁ ବୁଝାଏ । ତେଣୁ ଚେତନାର ଅସାମର୍ଥ୍ୟ ବା ଅନନୁଭୂତି ଅର୍ଥାତ୍ ଅଚିତ୍ତି ହେଉଛି ଅବିଦ୍ୟା, ଏବଂ ଜ୍ଞାନ ଓ ଚିତ୍ତି ହେଉଛି ତାହାର ବିପରୀତ; ଜ୍ଞାନ ହେଉଛି ସତ୍ୟର ଅନୁଭୂତି, ସତ୍ୟଚେତନାର ଦୃଷ୍ଟି । ବାସ୍ତବ କ୍ରିୟାର କ୍ଷେତ୍ରରେ ଏହି ଅନନୁଭୂତିକୁ ଆମେ ଏକ ସମ୍ପୂର୍ଣ୍ଣ ନିଶ୍ଚେତନତା ବୋଲି ଆଦୌ କହିପାରିବା ନାହିଁ, ତାହାକୁ, ଯେଉଁଥିରୁ ଏହି ଜଗତ ଜନ୍ମଲାଭ କରିଛି, ସେହି 'ଅପ୍ରକେତ ସଲିଳ' ବୋଲି କଳ୍ପନା କରିପାରିବା ନାହିଁ । ମାତ୍ର ତାହାକୁ କେବଳ ଏକ ସୀମାବଦ୍ଧ କିମ୍ବା ମିଥ୍ୟା ଜ୍ଞାନ ବୋଲି କହିପାରିବା; ଅବିଭକ୍ତ ସତ୍ତାର ବିଭାଜନ ଉପରେ ଭିତ୍ତି କରି ରହିଥିବା, ଖଣ୍ଡ ଓ ଅଳ୍ପକୁ ଆଧାର କରି ଠିଆ ହୋଇଥିବା, ବସ୍ତୁଗୁଡ଼ିକର ଭୂମାଗତ, ବିଶାଳ ତଥା ଜ୍ୟୋତିର୍ମୟ ପରିପୂର୍ଣ୍ଣତାର ବିରୋଧ କରୁଥିବା ଏକ ଜ୍ଞାନ ବୋଲି କହିପାରିବା । ଆପଣା ସୀମାବଦ୍ଧତାର ସୁଯୋଗ ନେଇ ଏହି ଜ୍ଞାନ ମିଥ୍ୟାରେ ପରିଣତ ହୁଏ; ମିଥ୍ୟାରୂପେ ତିଷ୍ଠି ରହିବାଲାଗି ଏହା ଅନ୍ଧକାର ଓ ମହାଭେଦର ସନ୍ତାନମାନଙ୍କର ସମର୍ଥନ ପାଏ; ମଣିଷ ଭିତରେ ଚାଲିଥିବା ଦିବ୍ୟ ପ୍ରଚେଷ୍ଟାଟିର ବୈରୀମାନଙ୍କର, ତା'ର ଜ୍ଞାନରୂପୀ ଆଲୋକକୁ ଆକ୍ରମଣ କରିବାକୁ, ଲୁଟି ନେବାକୁ ଓ ଘୋଡ଼ାଇ ପକାଇବାକୁ ଆସୁଥିବା ଦସ୍ୟୁବୃନ୍ଦଙ୍କର ସମର୍ଥନ ପାଏ । ତେଣୁ ଶାସ୍ତ୍ରରେ ଏହାକୁ

'oaob.nitrkl.ac.in' images reprocessed

ଏକ ଅଦେଖା ମାୟା ବୋଲି କୁହାଯାଇଛି । ଏହି ମାୟାହିଁ ମିଥ୍ୟା ମନୋଗତ ଆକୃତି ଓ ପ୍ରତିଭାସମାନ ସୃଷ୍ଟି କରିଥାଏ । 'ମାୟା' ଶବ୍ଦର ପ୍ରାଚୀନ ଅର୍ଥରେ ଏହା ସମ୍ଭବତଃ ଜ୍ଞାନର ରୂପାୟନକାରୀ ଶକ୍ତି ଅଥବା ସୃଷ୍ଟି କରିବାର ଦିବ୍ୟ ପ୍ରଜ୍ଞାକୁ ବୁଝାଉଥିଲା । ଏହି ଅର୍ଥରେ ମାୟା ଦିବ୍ୟ ପରମ ମାୟାକାରୀ ବା ମାୟାଧୀଶଙ୍କର ସତ୍ୟ-ମାୟାକୁ ବୁଝାଉଥିଲା; ମାତ୍ର ତଥାପି ବେଳେବେଳେ ଭ୍ରମ, ପ୍ରବଞ୍ଚନା, ଏବଂ ରାକ୍ଷସର ଚାତୁରିଭ୍ରମକାରୀ ଐନ୍ଦ୍ରଜାଲିକତା ପ୍ରଭୃତି ନିମ୍ନତର ଜ୍ଞାନର ପ୍ରତିକୂଳ ରଚନାଶକ୍ତିର ଅର୍ଥରେ ମଧ୍ୟ ପ୍ରଯୁଜ୍ୟ ହେଉଥିଲା । ମାତ୍ର ପରବର୍ତ୍ତୀ ଯୁଗରେ 'ମାୟା'ର ଅର୍ଥ ସଙ୍କୁଚିତ ହୋଇପଡ଼ିଲା ଏବଂ କେବଳ ବିଭ୍ରମ ଓ ପ୍ରତିଭାସ ସୃଷ୍ଟି କରୁଥିବା ଏକ ଅଦିବ୍ୟ ଶକ୍ତି ହିସାବରେହିଁ ଏହାର ବ୍ୟବହାର କରାଗଲା । ବସ୍ତୁଗତ ପରମସତ୍ୟଟିର ଜ୍ଞାନକୁହିଁ ଆମେ ଦିବ୍ୟ ମାୟା ବୋଲି ବୁଝିବା, ଏହି ସତ୍ତାର ସ୍ୱରୂପସାର, ବିଧାନ ଓ କାର୍ଯ୍ୟକାରିତାକୁ ବୁଝିବା । ଦେବତାମାନେ ହେଉଛନ୍ତି ଏହି ମାୟାର ଅଧିକାରୀ, ଏବଂ ଏହାର ଉପରେହିଁ ସେମାନେ ଆପଣାର ଶାଶ୍ୱତ କର୍ମ ଓ ବିସୃଜନକୁ ଭିତ୍ତି କରି ରଖିଥା'ନ୍ତି (ଦେବାନାଂ ଅଦବ୍ଧା ବ୍ରତାନି) । ଏହି ମାୟାକୁ ଆଶ୍ରୟ କରି ସେମାନେ ମନୁଷ୍ୟ ସତ୍ତା ମଧ୍ୟରେ ଆପଣା ସାମର୍ଥ୍ୟଗୁଡ଼ିକର ନିର୍ମାଣ କରିଥା'ନ୍ତି । ବୈଦିକ ଦ୍ରଷ୍ଟାମାନଙ୍କର ଏହି ବିବୃତିଟିକୁ ଏକ ଅଧିକ ତତ୍ତ୍ୱଗତ ଭାବନା ଓ ଭାଷା ଦେଇ ଆମେ ଏପରି ମଧ୍ୟ କଳ୍ପନା କରିପାରିବା ଯେ ମୂଳତଃ ଅବିଦ୍ୟା ହେଉଛି ଏକ ଭେଦକାରୀ ବା ଭେଦଧର୍ମୀ ମାନସିକ ଜ୍ଞାନ ଯାହାକି ବସ୍ତୁଗୁଡ଼ିକର ସାମାନ୍ୟମୂଳ ଓ ବିଶ୍ୱଜନୀନ ସତ୍ତାର ଏକତ୍ୱ, ମର୍ମ ଓ ଆତ୍ମବିଧାନକୁ ଧାରଣା କରିବାକୁ ଆଦୌ ସମର୍ଥ ହୁଏ ନାହିଁ । ତତ୍ପରିବର୍ତ୍ତିରେ ଅବିଦ୍ୟା ବିଭକ୍ତ, ବିଶେଷ, ପରସ୍ପରଠାରୁ ଭିନ୍ନ ହୋଇ ରହିଥିବା ପ୍ରତିଭାସ ଓ ଆଂଶିକ ସମ୍ବନ୍ଧଗୁଡ଼ିକୁ ନେଇହିଁ କାର୍ଯ୍ୟ କରୁଥାଏ । ସେଗୁଡ଼ିକୁ ସେ ସତେଅବା ଆମର କାମ୍ୟ ସତ୍ୟ ବୋଲି ଭ୍ରମ କରେ, ଏବଂ ବିଭାଜନର ପରସ୍ପରଟିକୁ ଭେଦ କରି ଏକତ୍ୱ ପାଖକୁ ଫେରି ନଯାଇ ଓ ବିଶିଷ୍ଟ ବିଶେଷର ଭୂମି ଉପରୁ ସାର୍ବଭୌମକୁ ଫେରି ନଯାଇ ମଧ୍ୟ ଆମେ ସେଗୁଡ଼ିକୁ ଯଥାର୍ଥ ଭାବରେ ବୁଝିପାରିବୁ ବୋଲି ଆଶା କରିଥାଏ । ଯଥାର୍ଥ ଜ୍ଞାନ ସର୍ବୈକତ୍ୱ ଆଡ଼କୁ ବାଟ ଦେଖାଇ ନେଇଯାଏ, ଏବଂ ଅତିମାନସ ଶକ୍ତିର ଭୂମି ଉପରେ ପହଞ୍ଚି ତାହା ସତ୍ତାର ପଛରେ ରହିଥିବା ସେହି ଏକତ୍ୱର ଅଧିକାରୀ ହୁଏ, ସେହି ମର୍ମସତ୍ୟ ଓ ଆତ୍ମବିଧାନର ଅଧିକାରୀ ହୁଏ । ସେହି ଆଲୋକ ଓ ବିପୁଳତା ମଧ୍ୟରେ ଅବସ୍ଥିତ ରହିହିଁ ତାହା ବସ୍ତୁର ବହୁତ୍ୱକୁ ଦେଖେ, ତାହା ସହିତ ସମ୍ବନ୍ଧଯୁକ୍ତ ହୁଏ । କେତେକ ଦୃଷ୍ଟିରୁ ବିଚାର କଲେ ପରମ ଦିବ୍ୟପୁରୁଷ ଯେପରି ଆପଣାର ଉଚ୍ଚତମ ଉଚ୍ଚତା ଉପରେ ଅବସ୍ଥିତ ରହି ସେଇଠାରୁହିଁ ବିଶ୍ୱଜଗତକୁ ଆବୋରି ଓ ଆଲିଙ୍ଗି ଧରିଥା'ନ୍ତି,

'oaob.nitrkl.ac.in' images reprocessed

ଯଥାର୍ଥ ଜ୍ଞାନ ମଧ୍ୟ ତାହାହିଁ କରିଥାଏ । ଅବଶ୍ୟ ଏଠାରେ ମନେରଖିବାକୁ ହେବ ଯେ ଏହି କଳ୍ପନା ଅନୁସାରେ କଳ୍ପିତ ଅବିଦ୍ୟାକୁ ମଧ୍ୟ ସର୍ବଥା ଏକ ଜ୍ଞାନ ବୋଲିହିଁ ବୁଝାଯିବ, ମାତ୍ର ଏହାର କ୍ଷେତ୍ରଟି ସୀମାଦ୍ୱାରା ସଙ୍କୁଚିତ ହୋଇ ରହିଥିବାରୁ ଏହାର ଯେକୌଣସି ବିନ୍ଦୁରେ ମଧ୍ୟ ଏହା ମିଥ୍ୟା ଓ ଅସତ୍ୟର ଅନୁପ୍ରବେଶ ଲାଗି ଉନ୍ମୁକ୍ତ ହୋଇ ରହିବାକୁ ବାଧ୍ୟ ହେବ । ସେତେବେଳେ ତାହା ବସ୍ତୁତତ୍ତ୍ୱର ମିଥ୍ୟାକଳ୍ପନାରେ ପର୍ଯ୍ୟବସିତ ହୋଇଯିବ ଏବଂ ଯଥାର୍ଥ ବିଦ୍ୟାର ପରିପନ୍ଥୀ ହୋଇ ଠିଆହେବ ।

ଉପନିଷଦର ବେଦାନ୍ତବିସ୍ତରରେ ଆମେ ମୂଳ ବୈଦିକ ଋତ ଓ ଅନୃତ ସ୍ଥାନରେ ଆମର ପରିଚିତ ପରସ୍ପରବିରୋଧୀ ଶବ୍ଦଦୁଇଟି,—ବିଦ୍ୟା ଓ ଅବିଦ୍ୟା,—ବ୍ୟବହୃତ ହୋଇଥିବାର ଦେଖିବାକୁ ପାଉ । ଏବଂ ଶବ୍ଦରେ ଏହି ପରିବର୍ତ୍ତନଟି ସହିତ ତାହାର ତାତ୍ପର୍ଯ୍ୟରେ ମଧ୍ୟ ଏକ ବିବର୍ତ୍ତନ ସଂଘଟିତ ହୋଇଛି । ସତ୍ୟର ଆବିଷ୍କାର କରିବାହିଁ ଜ୍ଞାନର ସ୍ୱଭାବ ହୋଇଥିବାରୁ ଏବଂ ସତ୍‌ସ୍ୱରୂପ ପରମ ଅଦ୍ୱିତୀୟହିଁ ବିଶ୍ୱଜଗତର ମର୍ମସ୍ଥ ସତ୍ୟ ହୋଇଥିବାରୁ (ବେଦରେ ମଧ୍ୟ 'ତତ୍ ସତ୍' ଓ 'ଏକଃ ତତ୍' ବୋଲି ବାରବାର କୁହାଯାଇଛି ।) ଆପଣାର ଉପାଦେୟତମ ଆଧ୍ୟାତ୍ମିକ ଅର୍ଥରେ ବିଦ୍ୟା ବା ଜ୍ଞାନ କାଳକ୍ରମେ ଶୁଦ୍ଧ ଓ ନିରସ୍ତ ଭାବରେ ସେହି ପରମ ଅଦ୍ୱିତୀୟର ଜ୍ଞାନରୂପେ ବିବେଚିତ ହେବାକୁ ଆରମ୍ଭ କରିଛି ଏବଂ ଅବିଦ୍ୟା କହିଲେ ଶୁଦ୍ଧ ଓ ନିରସ୍ତ ଭାବରେ ଅଦ୍ୱୟ ପରମତତ୍ତ୍ୱର ସର୍ବସମାବେଶକ ଚେତନାରୁ ବିଚ୍ୟୁତ ହୋଇ ରହିଥିବା ବିଭକ୍ତ ବହୁତ୍ୱର ଜ୍ଞାନକୁହିଁ ବୁଝାଉଛି । ଏହି ଜଗତରେ ଆମେ ଯେଉଁଭଳି ବିଚ୍ୟୁତି ଦେଖିଥାଉ, ଠିକ୍ ସେହିପରି । ପ୍ରଥମ ବୈଦିକ କାଳର ଶବ୍ଦକଳ୍ପନାଗୁଡ଼ିକରେ କେତେ ସମ୍ବନ୍ଧିତତାର ଜଟିଳ ବ୍ୟଞ୍ଜନା ନିହିତ ହୋଇ ରହିଥିଲା, ସେଥିରେ କେତେପ୍ରକାର ଅର୍ଥସମ୍ପନ୍ନତା ଭରି ରହିଥିଲା, କେତେ ବିଚିତ୍ର ଏବଂ ଅନୁପୂରକ ଭାବନା ଓ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତିରୂପର ପ୍ରସ୍ୱର ଅନୁଚ୍ଛାୟାମାନ ପୁଞ୍ଜି ହୋଇ ରହିଥିଲା । ପରବର୍ତ୍ତୀ ଯୁଗରେ ଶବ୍ଦଗୁଡ଼ିକୁ ନିର୍ଦ୍ଦିଷ୍ଟ ଅର୍ଥ ଓ ତତ୍ତ୍ୱର ପ୍ରକାଶକରୂପେ ବ୍ୟବହାର କରିବାର ପର୍ଯ୍ୟାୟଟିରେ ପୂର୍ବଯୁଗର ସେହି ବିଶେଷତ୍ୱଟି ପ୍ରାୟ ନଷ୍ଟ ହୋଇଗଲା । ଶବ୍ଦଗୁଡ଼ିକର ମନୋବୈଜ୍ଞାନିକ ବ୍ୟଞ୍ଜନା ଓ ସ୍ଥିତିସ୍ଥାପକତା ଅନେକ ପରିମାଣରେ କମିଗଲା । ତଥାପି ପରବର୍ତ୍ତୀ ଯୁଗରେ ଅତିରଞ୍ଜିତ ହୋଇ ପଡ଼ିଥିବା ଏହି ସମ୍ପୂର୍ଣ୍ଣ ଓ ଏକାନ୍ତ ବିଚ୍ୟୁତିର ଭାବନାଟି ପ୍ରଥମ ପର୍ଯ୍ୟାୟରେ ବୈଦିକ କଳ୍ପନାର 'ଅବିଦ୍ୟା'ର ଅର୍ଥପରିଧି ମଧ୍ୟକୁ ପ୍ରବେଶ କରିନଥିଲା । ଉକ୍ତ ବିଚ୍ୟୁତିକୁ ଆମେ ପରମ ଆତ୍ମା ଓ ଚିତ୍‌ସତ୍ତାର ଯଥାର୍ଥ ସତ୍ୟରୁ ବିଚ୍ୟୁତିର ଅର୍ଥରେ ବୁଝିବା, ଏକ ମୂଳଭୂତ ଭ୍ରମ ବୋଲି ବୁଝିବା; ସ୍ୱପ୍ନ ବା ବିଭ୍ରମରୁ କୌଣସିପ୍ରକାରେ ଭିନ୍ନ ନୁହେଁ, ଏପରି ଏକ ଚେତନା ବୋଲି ଜାଣିବା । ଏହି କଳ୍ପନାଟି ହଠାତ୍ ବୈଦିକ

'oaob.nitrkl.ac.in' images reprocessed

‘ଅବିଦ୍ୟା’ର ଅର୍ଥ ଭିତରେ ପ୍ରବେଶ କରି ନଥିଲା । ଯେଉଁ ବ୍ୟକ୍ତି ଅବିଦ୍ୟା ମଧ୍ୟରେ ବାସ କରେ ଓ ଅବିଦ୍ୟାରେ ବିଚରଣ କରୁଥାଏ, ଅନ୍ଧଦ୍ୱାରା ନୀୟମାନ ଅନ୍ଧଜଣେ ଅନ୍ଧପରି ସେ କେବଳ ଝୁଣ୍ଟିପଡ଼ି ଏଣେତେଣେ ଭ୍ରମିବାରେ ଲାଗିଥାଏ ଏବଂ ତା’ ଲାଗି ବିସ୍ତୃହୋଇ ରହିଥିବା ମୃତ୍ୟୁର ଜାଲ୍ ଭିତରେ ଛନ୍ଦି ହୋଇ ପଡ଼ିବାକୁ ତାକୁ ବାରମ୍ବାର ବାହୁଡ଼ିବାକୁ ପଡ଼େ;—ଉପନିଷଦ ଏହିପରି ଏକ ଘୋଷଣା କରିଛି ସତ, ମାତ୍ର ସେହି ଉପନିଷଦରେ ଅନ୍ୟତ୍ର ଏକଥା ମଧ୍ୟ କୁହାଯାଇଛି ଯେ ଯିଏ କେବଳ ବିଦ୍ୟାରହିଁ ଉପାସନା କରେ, ଅବିଦ୍ୟାର ଉପାସନା କରୁଥିବା ବ୍ୟକ୍ତିଠାରୁ ତାକୁ ଆହୁରି ଘନ ଓ ଅନ୍ଧ ତମିସ୍ରା ଭିତରେ ପ୍ରବେଶ କରିବାକୁ ହୋଇଥାଏ । ପୁଣି ଏକଥା ବି ଘୋଷଣା କରାଯାଇଛି ଯେ ଯିଏ ବ୍ରହ୍ମଙ୍କୁ ବିଦ୍ୟା ଓ ଅବିଦ୍ୟା ଉଭୟ ବୋଲି ଜାଣେ, ତାଙ୍କୁ ଏକ ବୋଲି ଜାଣେ ଓ ଅନେକ ବୋଲି ଜାଣେ, ସମ୍ଭୂତି ବୋଲି ଜାଣେ, ଅସମ୍ଭୂତି ବୋଲି ବି ଜାଣେ, ସିଏ ଅବିଦ୍ୟା ଅର୍ଥାତ୍ ବହୁତ୍ୱର ଅନୁଭୂତି ଦ୍ୱାରା ମରଣର ସୀମାକୁ ପାରହୋଇଯାଏ ଏବଂ ବିଦ୍ୟାଦ୍ୱାରା ଅମୃତତ୍ୱକୁ ଲାଭ କରେ । କାରଣ କେବଳ ସେହି ପରମ ସ୍ୱୟମ୍ଭୂସତ୍ତାହିଁ ବସ୍ତୁତଃ ଏହି ଅନେକ ସତ୍ତାରେ ପରିଣତ ହୋଇଛନ୍ତି । କେବଳ ସେହି ଉପନିଷଦର ରଚୟିତାହିଁ ଦିବ୍ୟ ପରମସତ୍ତାଙ୍କ ସକଳ ଗାମ୍ଭୀର୍ଯ୍ୟ ସହକାରେ ଓ ପରିସ୍ଫୁଟ କରାଇବାର କୌଣସି ଅପଭାବନା ପୋଷଣ ନକରି କହିପାରିବେ : “ତୁମେହିଁ ବାଡ଼ି ଧରି ବାଟ ଚାଲୁଥିବା ଏହି ବୃଦ୍ଧ ବ୍ୟକ୍ତି, ତୁମେ ହେଉଛ ସେହି ବାଳକ ଓ ବାଳିକା, ତୁମେହିଁ ସେହି ରକ୍ତଚକ୍ଷୁବିଶିଷ୍ଟ ନୀଳପକ୍ଷୀ !” ଅବିଦ୍ୟାଶ୍ରିତ ଆତ୍ମବିଭ୍ରାମକ ଏହି ମନର ଆଖିକୁ “ତୁମେ ଏହିସବୁ ହୋଇଥିବା ପରି ବୋଧହେଉଛି”—ଉପନିଷଦର ଋଷି କଦାପି ଏକଥା କହିବେ ନାହିଁ । ପରମ ସତ୍ତାର ଅବସ୍ଥାଠାରୁ ସମ୍ଭୂତିର ଅବସ୍ଥା ଅବଶ୍ୟ ଏକ ନିମ୍ନତର ଅବସ୍ଥା, ମାତ୍ର ତଥାପି କେବଳ ସେହି ପରମସତ୍ତାହିଁ ଏହି ବିଶ୍ୱର ଯାବତୀୟ ରୂପରେ ସମ୍ଭୂତ ହୋଇଛନ୍ତି ।

ମାତ୍ର ଉପନିଷଦରେ ଦର୍ଶାଯାଇଥିବା ବିଦ୍ୟା ଓ ଅବିଦ୍ୟାର ଭେଦ ଏଠାକୁ ଆସି ଅଟକିଯାଇ ପାରେ ନାହିଁ, ଏହାକୁ ଆପଣା ନ୍ୟାୟଦୃଷ୍ଟିର ଅନୁସରଣ କରି ଶେଷପ୍ରାନ୍ତ ପର୍ଯ୍ୟନ୍ତ ଯିବାକୁ ହୋଇଛି । ଯଦି ପରମ ଏକର ଜ୍ଞାନ ବିଦ୍ୟା ଓ ପରମ ଅନେକର ଜ୍ଞାନ ଅବିଦ୍ୟା ହୁଏ, ତେବେ ଏକ ବିଶୁଦ୍ଧ ବିଶ୍ଳେଷଣମୂଳକ ଓ ଦ୍ୱନ୍ଦ୍ୱାତ୍ମକ ଦୃଷ୍ଟିରୁ ବିଚାର କଲେ ଏହି ଦୁଇଟି ଶବ୍ଦଦ୍ୱାରା ସୂଚିତ କରି ଦିଆଯାଉଥିବା ବସ୍ତୁଗୁଡ଼ିକ ମଧ୍ୟରେ କେବଳ ସମ୍ପୂର୍ଣ୍ଣ ବିରୋଧ ବ୍ୟତୀତ ଆଉ କିଛିହେଲେ ସମ୍ଭବ ହେବ ନାହିଁ । ଦୁହିଁଙ୍କ ମଧ୍ୟରେ ଆଉ ମର୍ମତଃ କୌଣସି ଐକ୍ୟ ରହିବ ନାହିଁ, କୌଣସି ସମନ୍ୱୟ ହୋଇପାରିବ ନାହିଁ । ତେଣୁ କେବଳ ବିଦ୍ୟା ହେଉଛି ଜ୍ଞାନ, ଏବଂ ଅବିଦ୍ୟା ହେଉଛି କେବଳ ଅଜ୍ଞାନ । ଏବଂ ଏହି ଅବିଦ୍ୟାର ଏକ ଭାବାତ୍ମକ ରୂପ ରହିଛି, କାରଣ ଏହାକୁ

ଆମେ କେବଳ ସତ୍ୟକୁ ନଜାଣିବା ବୋଲି କହିପାରିବା ନାହିଁ, ଏହାକୁ ନାନା ଭ୍ରମ ଓ ବଞ୍ଚନାର ବିସୃଷ୍ଟି ବୋଲି ବି କହିବା, ସତେଅବା ସତ୍ୟ ବୋଲି ପ୍ରତୀତ ହେଉଥିବା ଅସତ୍ୟ ଓ କେବଳ ଏକ ନିର୍ଦ୍ଦିଷ୍ଟ ସମୟପାଇଁ ସତ୍ୟ ବୋଲି ଲାଗୁଥିବା ମିଥ୍ୟାର ବିସୃଷ୍ଟି ବୋଲି କହିପାରିବା । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଅବିଦ୍ୟାଗତ ବସ୍ତୁ ଓ ବିଷୟଗୁଡ଼ିକର କଦାପି କୌଣସି ଯଥାର୍ଥ ଓ ସ୍ଥାୟୀ ଅସ୍ତିତ୍ୱ ସମ୍ଭବ ହେବ ନାହିଁ; ସେତେବେଳେ ବିସୃଷ୍ଟ ଅନେକକୁ କେବଳ ଏକ ମାୟା ଓ ଭ୍ରମ ବୋଲି କହିବାକୁ ପଡ଼ିବ, ଜଗତର ବି ଆଉକୌଣସି ଯଥାର୍ଥ ସତ୍ତା ରହିବ ନାହିଁ । ଆମେ ସ୍ୱପ୍ନ ଦେଖୁଥିବା ପର୍ଯ୍ୟନ୍ତ ସ୍ୱପ୍ନର ଏକ ଅସ୍ତିତ୍ୱ ରହିଛି, ପ୍ରଳାପଗ୍ରସ୍ତ ବା ଅପ୍ରକୃତିସ୍ଥ କୌଣସି ମସ୍ତିଷ୍କର ଦୀର୍ଘକ୍ଷଣସ୍ଥାୟୀ ବିଭ୍ରମର ବି ଅସ୍ତିତ୍ୱ ରହିଛି; ଠିକ୍ ସେହିପରି ଏହି ଜଗତ ରହିଥିବା ପର୍ଯ୍ୟନ୍ତ ତା'ର ମଧ୍ୟ ଗୋଟାଏ ପ୍ରକାର ଅସ୍ତିତ୍ୱ ଅବଶ୍ୟ ରହିଛି । ମାତ୍ର କେବଳ ସେତିକିମାତ୍ର ଅସ୍ତିତ୍ୱ ରହିଛି, ଆଉ ଅଧିକ କିଛି ନାହିଁ । ପରମ ଏକ ଅନେକରେ ପରିଣତ ହୋଇ ନାହାନ୍ତି, ସେ କୌଣସି ପରିସ୍ଥିତିରେ ମଧ୍ୟ ତାହା ହୋଇପାରିବେ ନାହିଁ । ପରମ ଆତ୍ମସ୍ୱରୂପ ଜଗତ୍‌ସ୍ଥିତ ଏହିସବୁ ଅସ୍ତିତ୍ୱରେ ପରିଣତ ହୋଇନାହାନ୍ତି, ସେପରି ହେବାର ଶକ୍ତି ମଧ୍ୟ ତାଙ୍କ ପାଖରେ ନାହିଁ । ବ୍ରହ୍ମ ଆପଣା ଭିତରେ ଏକ ବାସ୍ତବସତ୍ୟମୟ ଜଗତର ପ୍ରକାଶ କରିନାହାନ୍ତି, ସେପରି ପ୍ରକାଶ କରିବାର ସାମର୍ଥ୍ୟ ମଧ୍ୟ ତାଙ୍କଠାରେ ନାହିଁ । କେବଳ ମନ ଅଥବା ମନର କାରଣ ଆଉକୌଣସି ଏକ ତତ୍ତ୍ୱ ଲକ୍ଷଣରହିତ ଏକତ୍ୱର ପରମଭୂମି ଉପରେ ନାମ ଓ ରୂପର ବହୁତାକୁ ଆଣି ଲଦିଦେଇ ଯାଉଛି । କେବଳ ସେହି ଲକ୍ଷଣରହିତ ଏକତ୍ୱକୁହିଁ ଆମେ ଏକମାତ୍ର ସତ୍ୟ ବୋଲି ମାନିବା, ଏବଂ ସେ ସ୍ୱରୂପତଃ ଲକ୍ଷଣରହିତ ହୋଇଥିବାରୁ କୌଣସି ଯଥାର୍ଥ ଲକ୍ଷଣ ବା ବୈଶିଷ୍ଟ୍ୟର ପ୍ରକାଶ କରିବାକୁ କଦାପି ସମର୍ଥ ହେବେ ନାହିଁ । ଅଥବା, ଯିଏ ଏହିସବୁ ବସ୍ତୁକୁ ପ୍ରକାଶ କରୁଥିଲେ ମଧ୍ୟ ସେହି ସତ୍ୟ ବା ଯଥାର୍ଥତାକୁ ଆମେ କେବଳ କାଳାଧୀନ ଓ କ୍ଷଣସ୍ଥାୟୀ ବୋଲିହିଁ କହିପାରିବା । ସତ୍ୟଜ୍ଞାନର ଆଲୋକପାତ ହୋଇପାରିଲେ ଏହି ଯଥାର୍ଥତା କୁଆଡ଼େ ଅନ୍ତର୍ହିତ ହୋଇଯିବ ଏବଂ ଅସତ୍ୟ ବୋଲି ପ୍ରମାଣିତ ହେବ ।

ପରାତ୍ପର ପରମସତ୍ୟ ଓ ମାୟାର ପ୍ରକୃତ ସ୍ୱଭାବ ବିଷୟରେ ଆମର ସିଦ୍ଧାନ୍ତଟି ଆମକୁ ପରବର୍ତ୍ତୀ ପର୍ଯ୍ୟାୟର ଦ୍ୱନ୍ଦ୍ୱାତ୍ମକ ବୁଦ୍ଧିପ୍ରଧାନ ସୂକ୍ଷ୍ମ ଅତିରିକ୍ତତାଗୁଡ଼ିକୁ ଛାଡ଼ିଦେବାକୁ ଓ ଏହି ସମ୍ବନ୍ଧରେ ରହିଥିବା ମୂଳ ବୈଦିକ କଳ୍ପନାଟିକୁ ଫେରି ଆସିବାକୁ ବାଧ୍ୟ କରୁଛି । ଏହିସବୁ ଏକପ୍ରାନ୍ତୀୟ ମତଗୁଡ଼ିକରେ ଯେଉଁ ଅତିଚମତ୍କାର ନିର୍ଭୀକତାର ନିଦର୍ଶନ ମିଳୁଛି, ଏହିସବୁ ବିଷୟଗତ ଅନୁମାନ ମଧ୍ୟରେ ଯେଉଁ ଅନନ୍ୟସାଧ୍ୟ ସୂକ୍ଷ୍ମର ଶକ୍ତି ଓ ତୀକ୍ଷ୍ଣତା ନିହିତ ହୋଇ ରହିଛି, ତାହାର ପ୍ରଶଂସା

'oaob.nitrkl.ac.in' images reprocessed

କରିବାରେ ଆମେ କଦାପି କୌଣସି କ୍ଷତି କରିବା ନାହିଁ । ଆମେ ଏକଥା ମଧ୍ୟ ସ୍ୱୀକାର କରିବା ଯେ ସେହିସବୁ ଅନୁମାନକୁ ପ୍ରଥମ ସତ୍ୟରୂପେ ସ୍ୱୀକାର କରିନେଲେ ତଜ୍ଜାତ ସିଦ୍ଧାନ୍ତଗୁଡ଼ିକୁ ଆଉ କୌଣସିପ୍ରକାରେ କାଟିଦେଇ ହୁଏ ନାହିଁ; ବ୍ରହ୍ମ ହେଉଛନ୍ତି ଏକମାତ୍ର ସତ୍ୟ ଏବଂ ଆମ ଆପଣାର ତଥା ଜଗତର ଅସ୍ତିତ୍ୱ ସମ୍ବନ୍ଧରେ ଆମର ସାଧାରଣତଃ ଯେଉଁ ଧାରଣା ଓ ସଂସ୍କାରମାନ ରହିଛି, ତାହା ଅତ୍ୟନ୍ତ ଅସମ୍ପୂର୍ଣ୍ଣ ଓ ଅବିଦ୍ୟାଚ୍ଛନ୍ନ ଓ ଆମକୁ ତାହା ଭୁଲ ପଥରେ ଚାଳିତ କରି ନେଇଥାଏ, ସେହି ମତବାଦର ଏହି ପ୍ରଧାନ ତର୍କଦୁଇଟିକୁ ମଧ୍ୟ ଆମେ ସ୍ୱୀକାର କରିନେଉ । ତଥାପି ମାୟାର ଏହିଭଳି କଳ୍ପନାଟି ଆମର ବୁଦ୍ଧିକୁ ଯେପରି ଶକ୍ତିଶାଳୀ ଭାବରେ ମାଡ଼ି ବସିବାକୁ ଚାହୁଁଛି, ଆମେ ତାହାକୁ ଏଡ଼ାଇ ଚାଲି ଆସିବାକୁ ବାଧ୍ୟ ହେଉଛୁ । ମାତ୍ର ଆମେ ଯେପର୍ଯ୍ୟନ୍ତ ଅବିଦ୍ୟା ତଥା ବିଦ୍ୟାର ସମଗ୍ର ଓ ଯଥାର୍ଥ ପ୍ରକୃତିଟିକୁ ଅଧିଗମି ନଥିବା, ସେପର୍ଯ୍ୟନ୍ତ ବସ୍ତୁଜଗତ ସମ୍ବନ୍ଧରେ ଏହି ଦୀର୍ଘକାଳ-ପ୍ରତିଷ୍ଠିତ ସିଦ୍ଧାନ୍ତଟିର ପ୍ରାଦୁର୍ଭାବକୁ ଦୂର କରିପାରିବା ଆଦୌ ସମ୍ଭବ ହେବ ନାହିଁ; କାରଣ ଅବିଦ୍ୟା ଓ ବିଦ୍ୟାକୁ ସେହି ପରମଚେତନାରହିଁ ଦୁଇଟି ସ୍ୱତନ୍ତ୍ର, ସମାନସ୍କନ୍ଧ ଓ ମୂଳଭୂତ ଶକ୍ତି ବୋଲି ଯଦି ସ୍ୱୀକାର କରାଯାଏ, ତେବେ ଏକ ବିଶ୍ୱମୟ ମାୟାର ସମ୍ଭାବନାଟି ମଧ୍ୟ ଆମ ପଛରେ ଗୋଡ଼ାଇବାରେ ଲାଗିଥାଏ । ଏବଂ ଯଦି ଅବିଦ୍ୟାକୁ ଏହି ବିଶ୍ୱସତ୍ତାର ସ୍ୱପ୍ରକୃତି ବୋଲି ସ୍ୱୀକାର କରିନଆଯାଏ, ତେବେ ସ୍ୱୟଂ ବିଶ୍ୱଜଗତ ନହେଲେ ମଧ୍ୟ ବିଶ୍ୱଜଗତ ସମ୍ବନ୍ଧରେ ଆମର ଯାବତୀୟ ଅନୁଭବ ମଧ୍ୟ ଭ୍ରମପୂର୍ଣ୍ଣ ବୋଲି ସାବ୍ୟସ୍ତ ହୁଏ । ଅଥବା, ଅବିଦ୍ୟା ଆମ ପ୍ରାକୃତ ସତ୍ତାର ମୂଳ ଉପାଦାନ ନହୋଇ ଯଦି ତଥାପି ପରମ ଚେତନାର ଏକ ମୂଳଭୂତ ତଥା ଚିରସ୍ଥାୟୀ ଶକ୍ତି ହୋଇ ରହେ, ତେବେ ସେପରି କ୍ଷେତ୍ରରେ ଏହି ବିଶ୍ୱଜଗତର ଏକ ସତ୍ୟତା ଅବଶ୍ୟ ରହିବ, ମାତ୍ର ଏହାରି ଭିତରେ ଅବସ୍ଥାନ କରୁଥିବା ପର୍ଯ୍ୟନ୍ତ ଜଗଦ୍‌ବାସୀ ଜୀବ ପକ୍ଷରେ ଏହାର ଯଥାର୍ଥ ସତ୍ୟଟିକୁ ଜାଣିବା ହୁଏତ ଆଦୌ ସମ୍ଭବ ହେବ ନାହିଁ । ସେତେବେଳେ କେବଳ ମନ ଓ ଜୀବନାର ସୀମାଗୁଡ଼ିକୁ ଅତିକ୍ରମ କରିଯାଇ ପାରିଲେହିଁ ସେ ଯଥାର୍ଥ ଜ୍ଞାନରେ ଯାଇ ଉପନୀତ ହୋଇପାରିବ । ତାକୁ ସେଥିଲାଗି ଏହି ବିଶ୍ୱରଚନାର ବାଡ଼ ସେପାଖକୁ ଚାଲିଯିବାକୁ ପଡ଼ିବ, ଏବଂ ସେହି ପରମସତ୍ତା ସହିତ ଏକୀଭୂତ ହୋଇ ଯାଇଥିବା ଓ ତାଙ୍କର ଭିତରେ ବାସକରୁଥିବା ବ୍ୟକ୍ତିମାନଙ୍କ ପରି ଏକପ୍ରକାର ଅତିଜାଗତିକ ବା ବିଶ୍ୱାତୀତ ଚେତନାଦ୍ୱାରା ଉପରୁ ଥାଇ ବିଶ୍ୱର ଯାବତୀୟ ବସ୍ତୁ ଓ ବିଷୟଗୁଡ଼ିକୁ ଅବଲୋକନ କରିବାକୁ ପଡ଼ିବ । ଯେଉଁମାନେ ଏହି ବିସୃଷ୍ଟି ଭିତରେ ଉପଜାତ ହୋଇ ନାହାନ୍ତି ଏବଂ ଜନ୍ମଦେଶରେ ସଂଘଟିତ ହେଉଥିବା ବିଶ୍ୱପ୍ରଳୟ ଯେଉଁମାନଙ୍କୁ ବିଚଳିତ କରିପାରୁ ନାହିଁ, ସେମାନଙ୍କ ପରି ଉପରେ ଥାଇ ସଂସାର ଆଡ଼କୁ ଦୃଷ୍ଟିପାତ କରିବାକୁ ପଡ଼ିବ । (ଗୀତା) ମାତ୍ର କେବଳ



'oaob.nitrkl.ac.in' images reprocessed

ଶବ୍ଦ ଓ ଶବ୍ଦଗତ ଅବଧାରଣାର ବିଚାରଦ୍ୱାରା କିମ୍ବା କେବଳ ଦ୍ୱନ୍ଦ୍ୱାତ୍ମକ ଆଲୋଚନା ଦ୍ୱାରା ଏହି ସମସ୍ୟାଟିର ସମାଧାନ କରିବାକୁ ବସିଲେ ଆମେ ଆଦୌ ବେଶୀଦୂର ଅଗ୍ରସର ହୋଇପାରିବା ନାହିଁ ଓ ଆଦୌ ଏକ ସମାଧାନରେ ପହଞ୍ଚିପାରିବା ନାହିଁ । ଚେତନାକ୍ଷେତ୍ରର ଯାବତୀୟ ସଙ୍ଗତ ତଥ୍ୟଗୁଡ଼ିକର ପରିପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଓ ମର୍ମପ୍ରବେଶ ଦ୍ୱାରାହିଁ ତାହା ସମ୍ଭବ ହୋଇପାରିବ । ଆମର ଏହି ଜୀବନଭୂମିରେ ଏବଂ ଏହାର ନିମ୍ନରେ କିମ୍ବା ଆହୁରି ଊର୍ଦ୍ଧ୍ୱରେ ଅଥବା ବାହ୍ୟ ଉପରିସ୍ତରର ପଛରେ ରହିଥିବା ଯାବତୀୟ ତଥ୍ୟଗୁଡ଼ିକର ସମ୍ୟକ୍ ନିରୀକ୍ଷଣ କରିପାରିଲେ ଓ ସେଗୁଡ଼ିକର ତାତ୍ପର୍ଯ୍ୟକୁ ଅଧିଗମ କରିପାରିଲେ ତାହା ସମ୍ଭବ ହେବ ।

କାରଣ ଆମର ଏହି ଦ୍ୱନ୍ଦ୍ୱାତ୍ମକ ବୁଦ୍ଧି କଦାପି ମର୍ମାବସ୍ଥିତ ଆଧ୍ୟାତ୍ମିକ ସତ୍ୟ-ଗୁଡ଼ିକ ଉପରେ ଏକ ଉପଯୁକ୍ତ ବିଚାରକ ହୋଇ ବସିପାରିବ ନାହିଁ । ଏଠାରେ ଆଉଗୋଟିଏ କଥା ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ । ଶବ୍ଦ ଓ ବସ୍ତୁବିଚ୍ଛିନ୍ନ ଧାରଣାଗୁଡ଼ିକୁ ସ୍ଥାୟୀ ସତ୍ୟ ବୋଲି ଭ୍ରମ କରିବା ଲାଗି ଦ୍ୱନ୍ଦ୍ୱାତ୍ମକ ବୁଦ୍ଧିର ଏକ ପ୍ରାୟ ସ୍ୱଭାବଜାତ ପ୍ରବୃତ୍ତି ରହିଥାଏ । ତେଣୁ ଅନେକ ସମୟରେ ଏହି ବୁଦ୍ଧି ସେଗୁଡ଼ିକୁ ଆପଣାର ଗୋଡ଼ରେ ବେଢ଼ି ପରି ବାନ୍ଧିପକାଏ, ଏବଂ ସେଗୁଡ଼ିକର ଯାର ଦେଇଁ ମୁକ୍ତଭାବରେ ଆମ ଜୀବନାତ୍ମିକର ଅସଲ ଓ ସମଗ୍ର ତଥ୍ୟଗୁଡ଼ିକ ପାଖକୁ ଆଦୌ ଯାଇପାରେ ନାହିଁ । ଆମ ମନରେ, ମିଜାଜରେ ଅଥବା ଆମ ସ୍ୱଭାବଗତ କୌଣସି ବିଶେଷ ପ୍ରବୃତ୍ତି ମଧ୍ୟରେ ସେହିଗୁଡ଼ିକଦ୍ୱାରା ପରିଚାଳିତ ହୋଇ ଆମେ ସଂସାରକୁ ଦେଖିବାର ଯେଉଁ ଶୈଳୀଟିରେ ଆଗରୁ ଅଭ୍ୟସ୍ତ ହୋଇ ରହିଛୁ, ଆମର ମନ ଅନେକ ସମୟରେ ଖାସ୍ ସେଇଗୁଡ଼ିକର ବର୍ଣ୍ଣନାକୁ ଆମ ବୁଦ୍ଧି ପାଖରେ ଆଣି ଉପସ୍ଥାପିତ କରିଥାଏ, ଏବଂ ବୁଦ୍ଧିଗତ ସକଳ ବିଚାର କେବଳ ତାହାର ସମର୍ଥନହିଁ କରୁଥାଏ । ଆମର ବିଚାର ଯାହାକୁ ନିଜେ ପ୍ରତିଷ୍ଠିତ ବା ସାବ୍ୟସ୍ତ କଲି ବୋଲି ଦାବି କରୁଥା'ଏ, ତାହା ଅନେକ ପୂର୍ବରୁ ଆମର ମନ ଭିତରେ ଗୋପନଭାବେ ଅବସ୍ଥିତ ରହିଥାଏ ଏବଂ ବିଚାରଧାରାର ସ୍ୱତନ୍ତ୍ର ଗତିପଥଗୁଡ଼ିକୁ ଆଗରୁ ନିରୂପିତ କରି ଦେଇଥାଏ । ବସ୍ତୁଗୁଡ଼ିକର ଯେଉଁଭଳି ବୋଧକୁ ଆଶ୍ରୟ କରି ବିଚାର ଦଣ୍ଡାୟମାନ ହୋଇଥାଏ, ସେହି ବୋଧ ବା ସେହି ଅବଲୋକନ ଏକ ଯଥାର୍ଥ ଓ ସମଗ୍ର ବୋଧ ଓ ଅବଲୋକନ ହୋଇପାରିଲେ ଯାଇ ସେହି ବିଚାରକୁ ମଧ୍ୟ ଯଥାର୍ଥ ଓ ପ୍ରାମାଣିକ ବୋଲି କୁହାଯାଇ ପାରିବ । ତେଣୁ ଆମ ଚେତନାଟିର ଯଥାର୍ଥ ସ୍ୱଭାବ ଓ ପ୍ରାମାଣିକତା ପ୍ରକୃତରେ କ'ଣ, ଏବଂ ଆମ ମନୋଗତ ସକଳ ଧାରଣାର ପ୍ରକୃତ ମୂଳ ଓ କ୍ଷେତ୍ରଟି ବା କିପରି,—ଆମକୁ ସେଇଟିକୁହିଁ ଯଥାର୍ଥ ଓ ସମଗ୍ର ଭାବରେ ଦେଖିବାକୁ ପଡ଼ିବ । କାରଣ କେବଳ ସେତିକବେଳେହିଁ ଆମେ ଆମ ନିଜ ସତ୍ତାର ସତ୍ୟଟିକୁ ଜାଣିପାରିବା, ପ୍ରକୃତିର ସତ୍ୟକୁ ଜାଣିବା, ବିଶ୍ୱସତ୍ତା ଏବଂ ବିଶ୍ୱପ୍ରକୃତିର ସତ୍ୟଟିକୁ ମଧ୍ୟ ଜାଣିପାରିବା । ଏହିଭଳି ଏକ ଜିଜ୍ଞାସାରେ

'oaob.nitrkl.ac.in' images reprocessed

ଯଥାର୍ଥ ସ୍ୱରୂପରେ ଜାଣିବା ଓ ଯଥାର୍ଥ ସ୍ୱରୂପରେ ଦେଖିବାହିଁ ଆମର ମୂଳ ଲକ୍ଷ୍ୟ ହୋଇ ରହିବ । ଆମେ ଯାହା ଦେଖିଲେ ଓ ଯାହା ଜାଣିଲେ, ତାହାକୁ ଭାଷାଦ୍ୱାରା ପ୍ରକାଶ କଲାବେଳେ ତାହାର ଔଚିତ୍ୟଟିକୁ ପରୀକ୍ଷା କରି ଦେଖିବାକୁ ଓ ସେଗୁଡ଼ିକର ସଂଯୋଜନାକୁ ଅଧିକ ପରିଷ୍କାର ଓ ସ୍ପଷ୍ଟ କରିପାରିବାକୁ ଯେତିକି ଆବଶ୍ୟକ ଓ ସହାୟକ ବୋଲି ବୋଧ ହେବ, କେବଳ ସେତିକିଯାଏହିଁ ଆମେ ଦ୍ୱନ୍ଦ୍ୱାତ୍ମକ ବୁଦ୍ଧିକୁ ଆମର କାମରେ ଲଗାଇପାରିବା । ମାତ୍ର ତାହା ଯେ ଆମର ଧାରଣାଗୁଡ଼ିକୁ ମଧ୍ୟ ନିୟନ୍ତ୍ରଣ କରିବ ଏବଂ ପୂର୍ବରୁ ଧରାବନ୍ଧା ହୋଇ ରହିଥିବା ନିଜର ଏକ ନକ୍ସା ଭିତରେ ପଡ଼ୁନଥିବା ଅନ୍ୟ ଯାବତୀୟ ସତ୍ୟକୁ ଯେ ବହିଷ୍କୃତ କରି ରଖିବାକୁ ବସିବ; ଆମେ ସେକଥା କଦାପି ହେବାକୁ ଦେବା ନାହିଁ । ଭ୍ରମ, ଜ୍ଞାନ ଓ ଅଜ୍ଞାନ,— ଏଗୁଡ଼ିକ ହେଉଛି ଆମ ନିଜ ଚେତନାଗତ ଗୋଟିଏ ଗୋଟିଏ ଉପାଧି ବା ପରିଣାମ । ଏବଂ ଆମର ଏହି ଚେତନା ଭିତରକୁ ଗଭୀର ସ୍ୱରୂପରେ ଦୃଷ୍ଟିପାତ କରିପାରିଲେ ଯାଇ ଆମେ ସେହି ଜ୍ଞାନ, ଅଜ୍ଞାନ ଅଥବା ଭ୍ରମ ପ୍ରକୃତରେ କେଉଁଠି ରହିଥିଲେ, ସେଗୁଡ଼ିକର ଯଥାର୍ଥ ସ୍ୱରୂପ ଏବଂ ସମ୍ବନ୍ଧଗୁଡ଼ିକୁ ଆବିଷ୍କାର ଓ ନିରୂପଣ କରିବାକୁ ସମର୍ଥ ହୋଇପାରିବା । ଯଥାର୍ଥ ସତ୍ୟର ବି ଆବିଷ୍କାର ଓ ନିରୂପଣ କରିପାରିବା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରମସତ୍ତା ହେଉଛି ଯାବତୀୟ ଜିଜ୍ଞାସାର ଧର୍ମମୂଳ ବିଷୟ, ସେହି ସତ୍ତାହିଁ ବସ୍ତୁଗୁଡ଼ିକର ସ୍ୱରୂପସତ୍ୟ, ସେଗୁଡ଼ିକର ସ୍ୱଭାବସତ୍ୟ । ମାତ୍ର କେବଳ ଚୈତନ୍ୟର ମାଧ୍ୟମରେହିଁ ଆମେ ସତ୍ତାର ନିକଟବର୍ତ୍ତୀ ହୋଇପାରିବା । ମାତ୍ର ଯଦି ଏଭଳି କୁହାଯାଏ ଯେ, ପରମସତ୍ୟ ଅଥବା ପରମସତ୍ତା ଏକ ଅତିଚେତନ ସାମଗ୍ରୀ ହୋଇଥିବାରୁ କେବଳ ଚୈତନ୍ୟର ନିର୍ବାଣ ବା ସୀମାତିକ୍ରମଣ ଦ୍ୱାରା ଅର୍ଥାତ୍ ଏହାର ଆତ୍ମଉନ୍ମୋଚନ ଓ ଆତ୍ମରୂପାନ୍ତର ଦ୍ୱାରାହିଁ ତାହାକୁ ଲାଭ କରାଯାଇ ପାରିବ ଅଥବା ସେଥିରେ ପ୍ରବେଶ କରିବା ସମ୍ଭବ ହେବ; ମାତ୍ର ତଥାପି ଏହି ଆବଶ୍ୟକ ଜ୍ଞାନ ପାଖରେ ଯାଇ ପହଞ୍ଚିବାକୁ ହେଲେ ଓ ଏହି ନିର୍ବାଣ, ଆତ୍ମସୀମାତିକ୍ରମଣ କିମ୍ବା ଆତ୍ମରୂପାନ୍ତରକୁ କାର୍ଯ୍ୟରେ ପରିଣତ କରିବାର ପ୍ରକ୍ରିୟା ବା ସାମର୍ଥ୍ୟଟିକୁ ହାସଲ କରିବାକୁ ହେଲେ ଆମକୁ ସେହି ଚେତନାକୁହିଁ ସାଧନରୂପେ ବ୍ୟବହାର କରିବାକୁ ପଡ଼ିବ । ତେଣୁ ଚୈତନ୍ୟଦ୍ୱାରାହିଁ ସେହି ଅତିଚେତନ ପରମସତ୍ୟକୁ ଜାଣିବା ହେଉଛି ସର୍ବପ୍ରଧାନ ଆବଶ୍ୟକତା; ଆପଣାର ଯେଉଁ ସାମର୍ଥ୍ୟ ଓ ପ୍ରକ୍ରିୟାଦ୍ୱାରା ଏହି ଚେତନା ଅତିଚେତନା ମଧ୍ୟରେ ପ୍ରବେଶ କରିପାରିବ, ସେହି ପରମ ଉଦ୍‌ଘାଟନ ଲାଗି ସମର୍ଥ ହେବ, ତାହାର ଆବିଷ୍କାର କରିବାହିଁ ସବୁଠାରୁ ଆଗ ଓ ଅଧିକ ପ୍ରୟୋଜନ ।

ମାତ୍ର ଆମପାଖରେ ସେହି ଚେତନାର ସଚେଅବା ମନଠାରୁ ଆଦୌ କୌଣସି ପାର୍ଥକ୍ୟ ନଥିବା ପରି ବୋଧ ହୋଇଥାଏ, ଅନ୍ତତଃ ଆମର ସତ୍ତା ଭିତରେ

'oaob.nitrkl.ac.in' images reprocessed

ଏହି ମନ ଏତେଦୂର ଏକ ପ୍ରଭାବଶାଳୀ ଉପାଦାନ ହୋଇ ରହିଥାଏ ଯେ ମନର ମୌଳିକ ଗଠଣ୍ଟନଗୁଡ଼ିକୁ ପରୀକ୍ଷା କରି ଦେଖିବା ସର୍ବାଦୌ ଆବଶ୍ୟକ ହେବ । ଅବଶ୍ୟ ମନ କହିଲେ ଆମ ଅସ୍ତିତ୍ୱର ସମଗ୍ର କ୍ଷେତ୍ରଟିକୁ କଦାପି ବୁଝାଏ ନାହିଁ । ମନ ସଙ୍ଗେସଙ୍ଗେ ଆମ ଭିତରେ ଏକ ପ୍ରାଣ ରହିଛି, ଏକ ଶରୀର ବି ରହିଛି; ଏକ ଅବଚେତନ ଓ ଏକ ନିଶ୍ଚେତନ ମଧ୍ୟ ରହିଛି । ଆମ ଭିତରେ ଏକ ଆଧ୍ୟାତ୍ମିକ ସତ୍ତା ମଧ୍ୟ ରହିଛି ଯାହାର ମୂଳ ଓ ନିଗୂଢ଼ ସତ୍ୟ ଆମକୁ ଏକ ରହସ୍ୟମୟ ଅନ୍ତର୍ଗତ ଚେତନା ଏବଂ ଅତିଚେତନା ଭିତରକୁ ବହନ କରି ନେଇଯାଇଥାଏ । ଯଦି ଖାଲି ମନଟାହିଁ ଆମ ଅସ୍ତିତ୍ୱର ସର୍ବସ୍ୱ ହୋଇଥା'ନ୍ତା ଅଥବା ବସ୍ତୁ ମଧ୍ୟରେ ରହିଥିବା ମୌଳିକ ଚେତନାଟି ମନର ସମସ୍ୱଭାବ ହୋଇଥା'ନ୍ତା, ତେବେ ସେତେବେଳେ ସମ୍ପୂର୍ଣ୍ଣ ଦ୍ୱନ୍ଦ୍ୱବୋଧର ସହିତ ଆମେ ମାୟା ବା ଅବିଦ୍ୟାକୁହିଁ ଆମ ପ୍ରାକୃତ ଜୀବନର ଉତ୍ପତ୍ତିସ୍ଥାନ ବୋଲି କହିପାରନ୍ତେ । କାରଣ ଆମର ମାନସପ୍ରକୃତି ଯେପରି ଜ୍ଞାନକୁ ସୀମାବଦ୍ଧ ଓ ଲୁକ୍କାୟିତ କରି ରଖିଛି, ତାହାରିଦ୍ୱାରାହିଁ ଭ୍ରମର ସୃଷ୍ଟି ହେଉଛି, ତାହାରିଦ୍ୱାରା ଯାବତୀୟ ଭୁଲର ସୃଷ୍ଟି ହେଉଛି । ମାନସିକ କ୍ରିୟାଦ୍ୱାରା ବିସୃଷ୍ଟ ଭ୍ରମଗୁଡ଼ାକହିଁ ଆମ ଚେତନାର ପ୍ରଥମ ପରିଚୟ ଓ ସାମଗ୍ରୀ ହୋଇ ରହିଛି । ତେଣୁ କୌଣସି ସଂଶୟର ଅବକାଶ ନରଖି ଏକଥା ବେଶ୍ ବୁଝାଯାଇ ପାରିବ ଯେ ମନହିଁ ଅବିଦ୍ୟାର ଭୂମିରୂପେ ଅବସ୍ଥିତ ରହିଛି, ଏବଂ ଏହି ଅବିଦ୍ୟା ବା ଅଜ୍ଞାନହିଁ ଆମକୁ ଏକ ମିଥ୍ୟା ପୃଥିବୀ ସୃଷ୍ଟି କରିବାରେ ଓ ଆମ ଆଗରେ ଏକ ମିଥ୍ୟା ପୃଥିବୀର ଅବତାରଣା କରିବାରେ ପ୍ରେରିତ କରୁଛି । ସେହି ମିଥ୍ୟା ପୃଥିବୀକୁ ଆମ ଚେତନାର ଏକ ଆଶୟଗତ ବିରଚନା ବ୍ୟତୀତ ଆଉ କିଛିହେଲେ ବୁଝାଯାଇ ପାରିବ ନାହିଁ । ଅଥବା, ମନକୁ ଆମେ ବୁଏତ ଏପରି ଏକ ଭୂମି ବୋଲି କଳ୍ପନା କରିପାରିବା ଯେଉଁଠାରେ କି କୌଣସି ମୂଳଭୂତ ମାୟା ବା ଅବିଦ୍ୟା ଏକ ଅସତ୍ୟ ଓ ଅଚିରସ୍ଥାୟୀ ଜଗତର ବୀଜ ବପନ କରିଦେଇଛି । ତଥାପି ମନହିଁ ଏହି କ୍ଷେତ୍ରରେ ଜନନୀ ହୋଇ ରହିବ,—ଏହାକୁ ଆମେ ଏକ 'ବନ୍ଧ୍ୟା ଜନନୀ' ବୋଲିହିଁ କହିପାରିବା, କାରଣ ତା'ର ସନ୍ତାନ ହେଉଛି ଏକ ଅବାସ୍ତବ ସନ୍ତାନ,—ଏବଂ ମାୟା ବା ଅବିଦ୍ୟାକୁ ଗୋଟାଏ ଅର୍ଥରେ ଜଗତର ଜନନୀର ଜନନୀ ବୋଲି ବୁଝାଯାଇ ପାରିବ । କାରଣ ଏଠାରେ ସ୍ୱୟଂ ମନକୁହିଁ ମାୟାରୁ ସଜାତ ବା ନିଷ୍ପନ୍ନ ଏକ ତତ୍ତ୍ୱ ବୋଲି ବୁଝାଯିବ । ମାତ୍ର ଅନ୍ଧକାରରେ ଆଚ୍ଛନ୍ନ ହୋଇ ରହିଥିବା ଅଗଣିତ ପ୍ରହେଳିକାମୟୀ ଏହି ପ୍ରାଚୀନା ମାତାମହୀର ଅବୟବରେଖାଗୁଡ଼ିକରୁ ତା'ର ପ୍ରକୃତିଟିକୁ ଠଉରାଇ ପାରିବା ମୋଟେ ସହଜ ନୁହେଁ । କାରଣ ତାହା କରିପାରିବାକୁ ହେଲେ ଆମକୁ ଶାଶ୍ୱତ ପରମସତ୍ୟ ଉପରେ ଏକ ବିଶ୍ୱକଳ୍ପନା ବା ଭ୍ରମଚେତନାର ଆରୋପ କରିବାକୁ ପଡ଼ିବ । ସେହି କ୍ଷେତ୍ରରେ ହୁଏତ ବ୍ରହ୍ମକୁହିଁ ଏକ

'oaob.nitrkl.ac.in' images reprocessed

ରଚନାକ୍ଷମ ମନ ବୋଲି ଧରିନେବାକୁ ପଡ଼ିବ, କିମ୍ବା ବ୍ରହ୍ମର ଏହିପରି ଏକ ମନ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ, ଅଥବା ବ୍ରହ୍ମ ତାହାକୁ ଧରିରଖିଛି ବୋଲି କଳ୍ପନା କରିବାକୁ ହେବ । ହୁଏତ ତାହା ମନ ନହୋଇ ମନଠାରୁ ବୃହତ୍ତର ଆଉ କୌଣସି ଏକ ରଚନାକ୍ଷମ ଚେତନା ବି ହୋଇପାରିବ, ମାତ୍ର ମନର ସମତୁଲ୍ୟ ସ୍ୱଭାବର ହୋଇଥିବ । ଆପଣାର ଇଚ୍ଛା ଓ ଅନୁମୋଦନ ଦ୍ୱାରା ବ୍ରହ୍ମହିଁ ସେହି ଚେତନାକୁ ସୃଷ୍ଟି କରିଛନ୍ତି ବୋଲି କହିବାକୁ ହେବ, ଅଥବା ତାହାର କ୍ରିୟାରେ ଅଂଶ ଗ୍ରହଣ କରିଥିବାରୁ ସେ ମନ ପରି ଆପଣାର ଭ୍ରମ ଓ ପ୍ରମାଦର କବଳରେ ସ୍ୱୟଂ ଯାଇ ପଡ଼ିଛନ୍ତି ବୋଲି ବୁଝାଯାଇ ପାରିବ । ଯଦି ଆମେ ମନକୁ ଏପରି ଏକ ମାଧ୍ୟମ କିମ୍ବା ଦର୍ପଣ ବୋଲି କଳ୍ପନା କରିବା, ଯାହା ଉପରେ କି ଏକ ମୂଳଭୂତ ଭ୍ରମ ଅର୍ଥାତ୍ ପରମ ସତ୍ୟର ଏକ ମିଥ୍ୟା ପ୍ରତିରୂପ ବା ଛାୟା ପ୍ରତିଫଳିତ ହେବାରେ ଲାଗିଛି; ତଥାପି ଆମ ସମସ୍ୟାଟିରେ ଜଟିଳତାଟି କୌଣସି ଗୁଣରେ ଊଣା ହେବ ନାହିଁ । କାରଣ ପ୍ରତିଫଳନର ଏହି ମାଧ୍ୟମଟି ପ୍ରକୃତରେ କେଉଁଠାରୁ କିପରି ଆସିଲା, ତାହାର କୌଣସି ସ୍ପଷ୍ଟ ବ୍ୟାଖ୍ୟା ଦିଆଯାଇ ପାରିବ ନାହିଁ ଏବଂ ଏହା ଉପରେ ପଡ଼ୁଥିବା ମିଥ୍ୟା ପ୍ରତିରୂପଟି ମଧ୍ୟ କେଉଁଠୁ କିପରି ଆସିଲା, ତାହା ଅବୋଧ ରହିଯିବ । ଯେଉଁ ବ୍ରହ୍ମ ସ୍ୱରୂପତଃ ଅନିର୍ଦ୍ଦେଶ୍ୟ, ସେ କେବଳ ଅନିର୍ଦ୍ଦେଶ୍ୟରୂପେହିଁ ପ୍ରତିଫଳିତ ହୋଇପାରିବେ, ଏକ ବହୁତ୍ୱସଙ୍କୁଳ ବିଶ୍ୱରୂପେ ସେ କଦାପି ପ୍ରତିଫଳିତ ହେବେ ନାହିଁ । ଯଦି ମାଧ୍ୟମ ବା ଦର୍ପଣର ବନ୍ଧୁରତାକୁ ଏହାର କାରଣ ବୋଲି ବୁଝାଯାଏ; କାରଣ କ୍ଷୁଦ୍ରକ୍ଷୁଦ୍ର ତରଙ୍ଗମାଳା ଦ୍ୱାରା ବିକ୍ଷୁବ୍ଧ ଓ ଚଞ୍ଚଳ ପୁଷ୍କରିଣୀବକ୍ଷ ପରି ଯଦି ମାଧ୍ୟମଟି ଅସମାନ ବା ଉଚ୍ଛନୀଚ ହୋଇଥାଏ, ତେବେ ତାହା ଉପରେ ପରମସତ୍ୟ ପ୍ରତିଫଳିତ ହେଲାବେଳେ ଏହିପରି ଖଣ୍ଡଖଣ୍ଡ ଓ ବିକୃତ ପ୍ରତିବିମ୍ବମାନ ଦୃଶ୍ୟ ହୋଇପାରେ । ମାତ୍ର ତାହାର ଉତ୍ତରରେ ଆମେ କହିବା ସେହି କ୍ଷେତ୍ରରେ ଭଗ୍ନ ହେଉ କିମ୍ବା ବିକୃତ ହେଉ, ତାହା କେବଳ ସେହି ପରମସତ୍ୟରହିଁ ପ୍ରତିବିମ୍ବ ହୋଇଥିବ; ପରମସତ୍ୟରେ ଆପଣାର ଉତ୍ସ ବା ଭିତ୍ତି ନଥିବା କୌଣସି ମିଥ୍ୟା ନାମ ଓ ରୂପ ସେଠାରେ କେବେହେଲେ ଉଦ୍‌ଭୂତ ହୋଇପାରିବ ନାହିଁ । ପ୍ରତିବିମ୍ବଟି ମଧ୍ୟରେ ପ୍ରତିବିମ୍ବିତ ହେଉଥିବା ଅଦ୍ୱିତୀୟ ପରମସତ୍ୟର କୌଣସି ନା କୌଣସି ବାସ୍ତବିକ ସତ୍ୟ ରହିବହିଁ ରହିବ; ଯେହେତୁ ଅସତ୍ୟ ଓ ଅସମ୍ପୂର୍ଣ୍ଣ ଭାବରେ ହେଲେ ମଧ୍ୟ ମନ ଦ୍ୱାରା ବିରଚିତ ବିଶ୍ୱର ବସ୍ତୁବିଚିତ୍ର ପ୍ରତିବିମ୍ବଗୁଡ଼ିକ ଭିତରେ ସେହି ପରମସତ୍ୟରହିଁ କୌଣସି ନା କୌଣସି ସତ୍ୟ ଅବଶ୍ୟ ରହିବ । ତେବେ ସେହି କ୍ଷେତ୍ରରେ ହୁଏତ ଏକଥା ମଧ୍ୟ ସମ୍ଭବ ହୋଇପାରେ ଯେ ଏହି ବିଶ୍ୱଜଗତ ହେଉଛି ଏକ ସତ୍ୟ ଜଗତ, ମାତ୍ର ଏଇଟିକୁ ନେଇ ଆମର ମନ ଯେଉଁ ଛବିଟିର ରଚନା କରି ରଖିଛି, କେବଳ ସେଇଟି ହେଉଛି

'oaob.nitrkl.ac.in' images reprocessed

ପ୍ରମାଦପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ । ମାତ୍ର ତାହା ଏହି କଥାକୁ ସୂଚିତ କରିଦେବ ଯେ ଆମର ମାନସିକ ଭାବନା ଓ ଧାରଣାଠାରୁ ଭିନ୍ନ ଏକ ସତ୍ୟଜ୍ଞାନ ଅବଶ୍ୟ ରହିଛି ଏବଂ ଆପଣାର ଭାବନା ଓ ଧାରଣା ଦେଇ ମନ ଜାଣିବାର ଏକ ପ୍ରୟାସମାତ୍ର ହିଁ କରୁଛି । ସେହି ସତ୍ୟଜ୍ଞାନ ପରମ ସତ୍ୟସ୍ୱରୂପକୁ ଜାଣିଛି ଏବଂ ଯେଉଁ ଜଗତ ବସ୍ତୁତଃ ବର୍ତ୍ତମାନ ରହିଛି, ତାହାର ସତ୍ୟଟି ସହିତ ମଧ୍ୟ ତା'ର ପରିଚୟ ହୋଇସାରିଛି ।

କାରଣ କେବଳ ସେହି ସର୍ବୋଚ୍ଚ ପରମସତ୍ୟ ଓ ଏକ ଅବିଦ୍ୟାଚ୍ଛନ୍ନ ମନହିଁ ବର୍ତ୍ତମାନ ରହିଛନ୍ତି ବୋଲି ଯଦି ଆମେ ଆବିଷ୍କାର କରିଥାଉ, ତେବେ ଅବିଦ୍ୟାକୁ ବ୍ରହ୍ମର ଏକ ମୂଳଭୂତ ସାମର୍ଥ୍ୟ ବୋଲି ଗ୍ରହଣ କରିବା ଏବଂ ଅବିଦ୍ୟା ବା ମାୟାକୁହିଁ ସକଳ ବସ୍ତୁର ଉତ୍ପତ୍ତିକାରଣ ବୋଲି ମାନିନେବା ବ୍ୟତୀତ ଆମର ଆଉ ଅନ୍ୟ ବାଟ ରହିବ ନାହିଁ । ସେତେବେଳେ ମାୟା କହିଲେ ଆପଣାକୁ ବଞ୍ଚିତ କରିବାର କିମ୍ବା ସେ ସ୍ୱୟଂ ବୋଲି ପ୍ରତୀତ ହେଉଥିବା ବା ମାୟାଦ୍ୱାରା ସୃଷ୍ଟ ହୋଇଥିବା ଏକ ତତ୍ତ୍ୱକୁ ବଞ୍ଚିତ କରିବାର ଅଭିପ୍ରାୟରେ ଆତ୍ମଜ୍ଞାନସ୍ୱରୂପ ବ୍ରହ୍ମଙ୍କର ଏକ ଚିରନ୍ତନ ସାମର୍ଥ୍ୟକୁହିଁ ବୁଝାଇବ । ମନ କହିଲେ ମାୟାର କେବଳ ଏକ ଅଙ୍ଗସ୍ୱରୂପ ହୋଇ ରହିଥିବା ଏକ ଅବିଦ୍ୟାଚ୍ଛନ୍ନ ଚେତନାକୁହିଁ ବୁଝାଇବ । ସେତେବେଳେ ମାୟା କହିଲେ ଆମେ ଗୋପନ ଭାବରେ ଆପଣା ଉପରେ ନାମ ଓ ରୂପର ଆରୋପ କରିବା ଲାଗି ବ୍ରହ୍ମର ସାମର୍ଥ୍ୟକୁ ବୁଝିବା, ମନ କହିଲେ ସେଗୁଡ଼ିକୁ ଗ୍ରହଣ କରିବା ଓ ସତ୍ୟ ବୋଲି ଭ୍ରମ କରିବା ଲାଗି ବ୍ରହ୍ମର ସାମର୍ଥ୍ୟକୁ ବୁଝିବା । ଅର୍ଥାତ୍ ଯେତେବେଳେ ବ୍ରହ୍ମ ଭ୍ରମକୁ ଭ୍ରମ ବୋଲି ଜାଣି ସେହି ଭ୍ରମଗୁଡ଼ିକର ବିସୃଷ୍ଟି କରାଉଥିବ, ସେତେବେଳେ ବ୍ରହ୍ମର ସେହି ସାମର୍ଥ୍ୟକୁ ମାୟା ବୋଲି କୁହାଯିବ । ଏବଂ ଭ୍ରମକୁ କେବଳ ଭ୍ରମ ବୋଲି ଜାଣିରଖିବା ଲାଗି ଭୁଲିଯାଇ ବ୍ରହ୍ମ ଯେତେବେଳେ ଭ୍ରମଗୁଡ଼ିକୁ ଗ୍ରହଣ କରୁଥିବ, ସେତେବେଳେ ବ୍ରହ୍ମର ସେହି ସାମର୍ଥ୍ୟକୁ ମନ ବୋଲି କୁହାଯିବ । ମାତ୍ର ଯଦି ବ୍ରହ୍ମ ଆତ୍ମଜ୍ଞାନର ଭୂମି ଉପରେ ସର୍ବଦା ସର୍ବତଃ ଅଖଣ୍ଡ ଓ ଏକ ହୋଇ ରହିଥାଏ, ତେବେ ଏହି କୌଶଳ ସେତେବେଳେ ଆଉ କଦାପି ସମ୍ଭବ ହେବ ନାହିଁ । ଯଦି ବ୍ରହ୍ମ ଆପଣାକୁ ସେହିପରି ଏକ ଭାବରେ ଭାଗଭାଗରେ ବିଭକ୍ତ କରିବାକୁ ସମର୍ଥ ହେଉଥା'ନ୍ତି, ଯଦି ସେ ଏକାବେଳକେ ଜାଣିଥା'ନ୍ତି ଓ ଜାଣି ବି ନଥା'ନ୍ତି, ଅଥବା ଯଦି ତାଙ୍କର ଗୋଟିଏ ଅଂଶ ଜାଣିଥାଏ ଓ ଅନ୍ୟ ଅଂଶଟି ଜାଣି ନ ଥାଏ, କିମ୍ବା ଯଦି ସେ ଆପଣାର କିୟଦଂଶକୁ ମାୟା ଭିତରେ ପ୍ରବିଷ୍ଟ କରାଇ ପାରୁଥା'ନ୍ତି, ତେବେ ବ୍ରହ୍ମ ଚେତନାଗତ ଦ୍ୱିବିଧ କ୍ରିୟା କରିବାକୁ ବା ହୁଏତ ବହୁବିଧ କ୍ରିୟା କରିବାକୁ ସମର୍ଥ ବୋଲି କୁହାଯାଇ ପାରିବ । ଏଥିରୁ ଗୋଟିଏ ହେଉଛି ପରମସତ୍ୟର ଚେତନା ଓ ଅନ୍ୟଟି ଭ୍ରମର

'oaob.nitrkl.ac.in' images reprocessed

ଏକ ଚେତନା; ଅଥବା ଗୋଟିଏ ଏକ ଅଜ୍ଞାନମୟ ଚେତନା ଓ ଅନ୍ୟଟି ଅତି-ଚେତନା । ଏହି ଦ୍ୱିବିଧତା ଅଥବା ବହୁବିଧତା ଉପରେ ଦୃଷ୍ଟି ପକାଇଲା ବେଳକୁ ନ୍ୟାୟତଃ ଅସମ୍ଭବ ବୋଲି ବୋଧ ହୋଇଥାଏ । ମାତ୍ର ଏଠାରେ ଆଲୋଚିତ ଅନୁମାନଟିକୁ ମାନିନେଲେ ଏହାହିଁ ଇହ ଅସ୍ତିତ୍ୱର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସତ୍ୟ ବୋଲି ମଧ୍ୟ ମାନିନେବାକୁ ପଡ଼ିବ, ଏକ ଆଧ୍ୟାତ୍ମିକ ରହସ୍ୟମୟତା ତଥା ବୁଦ୍ଧିର ଅନଧିଗମ୍ୟ ଏକ ବିରୋଧସତ୍ତ୍ୟ ବୋଲି ମାନିନେବାକୁ ପଡ଼ିବ । ମାତ୍ର ବସ୍ତୁଗୁଡ଼ିକର ଉତ୍ପତ୍ତିକାରଣକୁ ବୁଦ୍ଧିର ଅଗମ୍ୟ ଏକ ରହସ୍ୟ ବୋଲି ସ୍ୱୀକାର କରିନେବା ମାତ୍ରକେହିଁ ଆମେ ଏହି ଅନ୍ୟ ମହତ୍ତ୍ୱପୂର୍ଣ୍ଣ କଥାକୁ ମଧ୍ୟ ସମାନ ପରିମାଣରେ ଉପାଦେୟ କିମ୍ବା ତା'ଠାରୁ ଅଧିକ ଉପାଦେୟ ବୋଲି ଗ୍ରହଣ କରିନେଇ ପାରିବା ଏବଂ ପରମ ଏକ ନିରନ୍ତର ବହୁ ହେବାରେ ଲାଗିଛନ୍ତି ବା ବହୁରୂପେ ସମ୍ଭୂତ ହେଉଛନ୍ତି ତଥା ପରମ ଅନେକ ପରମ ଏକରେ ପରିଣତ ଓ ସମ୍ଭୂତ ହେଉଛନ୍ତି ବୋଲି ସ୍ୱୀକାର କରିନେବା । ଯୁକ୍ତିର ଭୂମି ଉପରେ କଳନା କରି ଦେଖିଲେ ପ୍ରଥମ ଦୃଷ୍ଟିପାତରେ ଏଇଟି ମଧ୍ୟ ଅସମ୍ଭବ ବୋଲି ଦେଖାଯିବ, ବୁଦ୍ଧିର ଅଗମ୍ୟ ଏକ ବିରୋଧସତ୍ତ୍ୟ ପରି ଦେଖାଯିବ । ତଥାପି ଅସ୍ତିତ୍ୱର ଏକ ଚିରନ୍ତନ ସତ୍ୟ ତଥା ବିଧାନରୂପେ ଏହା ଆପଣାକୁ ଆମର ସମ୍ମୁଖରେ ଆଣି ଉପସ୍ଥାପିତ କରିଥାଏ । ମାତ୍ର ଯଦି ସେଇଟିକୁ ସତ୍ୟ ବୋଲି ସ୍ୱୀକାର କରି ନିଆଯାଏ, ତେବେ ମଝିରେ ଏକ ଭ୍ରମାତ୍ମକ ମାୟାର ହସ୍ତକ୍ଷେପକୁ ଆଣି ପୂରାଇବା ଲାଗି ଆଉ କୌଣସି ପ୍ରୟୋଜନହିଁ ରହେ ନାହିଁ । ଅଥବା, ଆମେ ଆଗରୁ ଯେପରି ସ୍ୱୀକାର କରିନେଇ ପାରିଛେ, ଠିକ୍ ସେହିପରି ଭାବରେ ଆମେ ଏପରି ଏକ ଅନନ୍ତ ଓ ପରମ ଶାଶ୍ୱତ ସତ୍ତ୍ୱର କଳ୍ପନାକୁ ମଧ୍ୟ ସ୍ୱୀକାର କରିନେଇ ପାରିବା, ଯିଏକି ସ୍ୱଚେତନାର ଅମିତ ଶକ୍ତିଦ୍ୱାରା ଆପଣା ସତ୍ତ୍ୱର ଅଗାଧ ଓ ଅସୀମ ସତ୍ୟକୁ ନାନା ବିଭବ ତଥା ପ୍ରକ୍ରିୟାରେ, ଅଗଣିତ ନାନା ଅଭିବ୍ୟକ୍ତିସମ୍ପନ୍ନ ରୂପ ଓ ଗତିସ୍ପନ୍ଦନରେ ପ୍ରକାଶିତ କରିବା ଲାଗି ସମର୍ଥ ହୋଇ ପାରୁଛନ୍ତି । ଏହି ବିଭବ, ପ୍ରକ୍ରିୟା, ରୂପାୟନ ଓ ଗତିସ୍ପନ୍ଦନଗୁଡ଼ିକୁ ଆମେ ତାଙ୍କର ଅନନ୍ତ ସତ୍ତ୍ୱାର ସତ୍ୟମୂଳ ଅଭିବ୍ୟକ୍ତି ଓ ସତ୍ୟମୂଳ ପରିଣାମରୂପେ ନିଶ୍ଚୟ ବିଗ୍ରହ କରିପାରିବା । ସେତେବେଳେ ଯାହାକୁ ଆମେ ନିଶ୍ଚେତନା ଓ ଅବିଦ୍ୟା ବୋଲି କହୁଛୁ, ତାକୁ ମଧ୍ୟ ସେହିଗୁଡ଼ିକ ମଧ୍ୟରେ ଅନ୍ତର୍ଗତ ହୋଇ ରହିଥିବା ବିପରୀତ ବିଭବରୂପେ ଗ୍ରହଣ କରିନେବା ନିଶ୍ଚୟ ସମ୍ଭବ ହୋଇଯିବ । କାଳର ଭୂମି ଉପରେ ଏକ ନିର୍ଦ୍ଦିଷ୍ଟ ଗତିସ୍ପନ୍ଦନ ସକାଶେ ଆବଶ୍ୟକ ହେଉଥିବାରୁ ସମ୍ମୁଖକୁ ଆନୀତ ହୋଇଥିବା ଏକ ସଂବୃତ ଚେତନା ଏବଂ ଏକ ସ୍ୱେଚ୍ଛାସୀମିତ ଜ୍ଞାନର ନାନା ସାମର୍ଥ୍ୟରୂପେ ନିଶ୍ଚେତନା ଓ ଅବିଦ୍ୟାର ଆବିର୍ଭାବ ହୋଇଛି, ଆମେ ଏପରି ମଧ୍ୟ କହିପାରିବା । ସେଗୁଡ଼ିକୁ ଆମେ ଅଦ୍ୱିତୀୟ ପରମ-ସତ୍ତ୍ୟର ସଂବୃତ ଓ ବିବୃତଗତ ଏକ ଗତିସ୍ପନ୍ଦନ ବୋଲି କହିପାରିବା । ଏହି ସିଦ୍ଧାନ୍ତର

'oaob.nitrkl.ac.in' images reprocessed

ଭିତ୍ତିଟି ବୁଦ୍ଧିଗମ୍ୟତାର ଅତୀତ ହୋଇ ରହିଥିଲେହେଁ ଏହାର ସମଗ୍ର କଳ୍ପନାଟିକୁ ଆମେ କଦାପି ସମ୍ପୂର୍ଣ୍ଣଭାବରେ ବିଭ୍ରମଗ୍ରସ୍ତ ବୋଲି କହିପାରିବା ନାହିଁ । ଏହା ଆମଠାରୁ କେବଳ ଏକ ପରିବର୍ତ୍ତନର ଦାବିହିଁ କରିଥାଏ; ପରମ ଅନନ୍ତସତ୍ତା ସମ୍ବନ୍ଧରେ ଆମର ଯେଉଁ କଳ୍ପନାଟି ରହିଛି, ସେଥିରେ କେବଳ ଏକ ସମ୍ପ୍ରସାରଣରହିଁ ଦାବି କରିଥାଏ ।

ମାତ୍ର କେବଳ ମନ ଅଥବା ମନର ଅବିଦ୍ୟାଶକ୍ତି ଦ୍ୱାରାହିଁ ଯଥାର୍ଥ ଜଗତକୁ ଜାଣିବା କଦାପି ସମ୍ଭବ ହୁଏ ନାହିଁ ଏବଂ ଏହିସବୁ ସମ୍ଭାବନାର କୌଣସିଟିର ଯଥାର୍ଥ ପରଖ ମଧ୍ୟ ହୋଇପାରିବ ନାହିଁ । ସତ୍ୟଲାଗି ମଧ୍ୟ ମନର ଏକ ସାମର୍ଥ୍ୟ ରହିଛି । ବିଦ୍ୟା ତଥା ଅବିଦ୍ୟା ଉଭୟଙ୍କି ସକାଶେ ମନ ଆପଣାର ଭାବନାକର୍ଷଟିକୁ ଉନ୍ମୋଚିତ କରିଦେଇଥାଏ । ଏବଂ ଅବିଦ୍ୟାରୁହିଁ ତା'ର ଯାତ୍ରାର ଆରମ୍ଭ ହୋଇଥିଲେ ଏବଂ କେବଳ ପ୍ରମାଦର ବକ୍ରପଥ ଦେଇ ତାହାକୁ ଅଗ୍ରସର ହେବାକୁ ପଡୁଥିଲେହେଁ ବିଦ୍ୟାହିଁ ସର୍ବଦା ତାହାର ଗନ୍ତବ୍ୟସ୍ଥାନ ହୋଇ ରହିଥାଏ । ଏହି ମନ ଭିତରେ ସତ୍ୟର ଅନ୍ୱେଷଣ ଲାଗି ଏକ ଅଭୀପ୍ସା ଓ ଆବେଗ ସର୍ବଦା ବଳବତ୍ତର ରହିଛି, ଯେତେ ଗୌଣ ଓ ସୀମିତ ହେଲେ ମଧ୍ୟ ତାହା ଭିତରେ ସତ୍ୟକୁ ଖୋଜି ପାଇବାଲାଗି ଓ ସତ୍ୟର ସୃଷ୍ଟି କରିବା ଲାଗି ବି ଏକ ସାମର୍ଥ୍ୟ ରହିଛି । କେବଳ ସତ୍ୟର ପ୍ରତିବିମ୍ବ, ଭାବଚ୍ଛାୟା ବା ବାସ୍ତବତାରହିତ ମାନସରୂପଗୁଡ଼ିକ ବ୍ୟତୀତ ଏହା ଆମକୁ ଆଉ ଅନ୍ୟକିଛି ଦେଖାଇ ପାରୁନଥିଲେ ମଧ୍ୟ ତଥାପି ସେଗୁଡ଼ିକର ଆପଣା ସ୍ୱାଦରେ ବିଚାର କରି ଆମେ ସେଗୁଡ଼ିକୁ କେବଳ ସତ୍ୟସଙ୍କଳନ ବା ସତ୍ୟରୂପାୟନ ବୋଲିହିଁ କହିବା । ଏବଂ ସେଗୁଡ଼ିକ ଯେଉଁସବୁ ସତ୍ୟର ରୂପାନ୍ୱିତ ପ୍ରତିନିଧିତ୍ୱ କରନ୍ତି, ତାହା ଆପଣାର ଅଧିକ ବାସ୍ତବ ସତ୍ୟମୟ କ୍ଷେତ୍ରରେ ଆମ ଚେତନାର କୌଣସି ଏକ ଅଧିକ ଗଭୀର ତଳରେ ଅଥବା କୌଣସି ଏକ ଉଚ୍ଚତର ଶକ୍ତିସ୍ତରରେ ଅବସ୍ଥିତ ହୋଇ ରହିଥାଏ । ଜଡ଼ ଓ ପ୍ରାଣ ଯେଉଁସବୁ ସତ୍ୟର ରୂପାୟିତ ପ୍ରତିନିଧିତ୍ୱ କରନ୍ତି, ମନ ତାହାର କେବଳ ଏକ ଅଳ୍ପାଂଶମାତ୍ରକୁହିଁ ସ୍ପର୍ଶ କରିବାକୁ ସମର୍ଥ ହୁଏ । ହୁଏତ ପରମ ଚିତ୍ସତ୍ତା ମଧ୍ୟରେ ଏପରି ସବୁ ଅବ୍ୟକ୍ତ ଓ ଲୋକୋତ୍ତର ସତ୍ୟ ଗୋପନ ଭାବରେ ରହିଛି, ଯାହାକୁ କି ମନ କେବଳ ଆଂଶିକ ଭାବରେ ଗ୍ରହଣ କରିପାରେ, କେବଳ ତାହାର କେତେକ ବହିର୍ସୀମାରହିଁ ସମ୍ବାଦ ପାଇଥାଏ, ସେଗୁଡ଼ିକୁ ଅତି ଅକୁଶଳ ଭାବରେ ଲିପିବଦ୍ଧ କରିପାରେ ଓ ଅନ୍ୟତ୍ର ସମ୍ପ୍ରସାରିତ କରିବାକୁ ସମର୍ଥ ହୋଇପାରେ । ତେଣୁ କେବଳ ଚେତନାର ଅନ୍ୟ ଅଧିମାନସ ଓ ଅନ୍ତର୍ମାନସ ଏବଂ ଉଚ୍ଚତର ଓ ଗଭୀରତର ମାନସିକ ଶକ୍ତିଗୁଡ଼ିକୁ ଭଲକରି ପରୀକ୍ଷା କରି ଦେଖିପାରିଲେହିଁ ଆମେ ସମସ୍ତ ସତ୍ୟରେ ଯାଇ ପହଞ୍ଚିପାରିବା । ଏବଂ ଅବଶେଷରେ ସବୁକଥା ପରମ ସତ୍ୟର ସମ୍ପଦସ୍ୱରୂପ ସେହି ପରମ ଚେତନା ଅର୍ଥାତ୍

'oaob.nitrkl.ac.in' images reprocessed

ଅଚେତନାର ସତ୍ତା ଉପରେହିଁ ନିର୍ଭର କରୁଛି; ମନ, ଅନ୍ତର୍ମାନସ, ଅଧିମାନସ ତଥା ଅବଚେତନ ସହିତ ତାହାର ଯେଉଁ ସମ୍ବନ୍ଧ ରହିଛି, ତାହାରି ଉପରେ ନିର୍ଭର କରୁଛି ।

ଚେତନାର ନିମ୍ନତର ତଥା ଉଚ୍ଚତର ଗଣ୍ଡୀର ଦୁଇଟିକୁ ଭେଦ କରି ଯେତେବେଳେ ଆମେ ଦୁଇଟିଯାକକୁ ଗୋଟିଏ ସର୍ବଗତ ପରମସତ୍ତ୍ୟରେ ସମ୍ମିଳିତ କରିପାରିବାକୁ ସମର୍ଥ ହେଉ, ସେତେବେଳେ ବାସ୍ତବିକ ସବୁ ବଦଳିଯାଏ । ଆତ୍ମସତ୍ତା ତଥା ଜଗତସତ୍ତାର ତଥ୍ୟଗୁଡ଼ିକୁ ପର୍ଯ୍ୟବେକ୍ଷଣ କଲେ ଆମେ ଦେଖିବାକୁ ପାଉ ଯେ ସତ୍ତା ବା ଅସ୍ତିତ୍ୱ ଆଦୌ ଭିନ୍ନ ନୁହେଁ; ତାହା ଏକ ଓ ଅଭିନ୍ନ; ବହୁତ୍ୱର ଚରମତମ ପରିପ୍ରକାଶ ମଧ୍ୟରେ ବି ଏକ ଏକତ୍ୱର ପ୍ରଶାସନ ବଳବତ୍ତର ରହିଛି । ମାତ୍ର ଏଣେ ବହୁତ୍ୱକୁ ମଧ୍ୟ ଅସ୍ୱୀକାର କରାଯାଇ ପାରେ ନାହିଁ । ଆମେ ଆମର ଅନୁସନ୍ଧାନରେ ଯେଉଁଠାକୁ ଯାଉ, ଏକତ୍ୱର ସ୍ୱଭାବଟି ସେଠାରେ ମଧ୍ୟ ଆମର ଅନୁସରଣ କରୁଥାଏ । ଏପରିକି ଆମେ ଯେତେବେଳେ ଉପରିସ୍ତରରୁ ତଳଦେଶକୁ ଯାଉ, ସେଠାରେ ମଧ୍ୟ କୌଣସି ସ୍ଥାୟୀ ଦ୍ୱୈତତା ବା ଦ୍ୱିବିଧତା ଆଦୌ ନଥିବାର ଦେଖିବାକୁ ପାଉ । ବୁଦ୍ଧିଦ୍ୱାରା ସୃଷ୍ଟ ହେଉଥିବା ଯାବତୀୟ ବିରୋଧ ତଥା ବୈପରୀତ୍ୟ କେବଳ ସେହି ମୂଳଭୂତ ପରମସତ୍ତ୍ୟର ଗୋଟିଏ ଗୋଟିଏ ବିଷ୍ଣବରୂପେ ଅବସ୍ଥିତ ରହିଥାଏ । ସେହି ଏକ ପରମସତ୍ତ୍ୟର ଦୁଇଟି ପ୍ରାନ୍ତମେରୁରୂପେହିଁ ଏକତ୍ୱ ଓ ବହୁତ୍ୱ ଅବସ୍ଥିତ ରହିଥାଏ । ଯେଉଁ ଦ୍ୱନ୍ଦ୍ୱସବୁ ଆମର ଚେତନାକୁ ନାନାଭାବେ ବ୍ୟସ୍ତସନ୍ତ୍ରସ୍ତ କରି ରଖିଥାଏ, ସେସବୁ ସେହିଠାକୁ ଆସି ସେହି ଗୋଟିଏ ସର୍ବାଗତ ସତ୍ତାର ବିପରୀତମୁଖୀ ଦୁଇଟି ଦିଗରୂପେ ପ୍ରତିଭାତ ହୁଏ । ଯାବତୀୟ ବହୁତ୍ୱ ସେହି ଗୋଟିଏ ପରମସତ୍ତା, ସେହି ଗୋଟିଏ ପରମଚେତନା ଓ ପରମ ଆନନ୍ଦର ବହୁଧା ରୂପାୟନ ଭିତରେ ଲୁଆଡ଼େ ମିଳାଇଯାଏ । ଏହିପରି ଭାବରେ ସୁଖ ଓ ଦୁଃଖର ଆପାତ ଦ୍ୱୈତତାର କ୍ଷେତ୍ରରେ ଆମେ ଦୁଃଖକୁ ସେହି ଏକ ସର୍ବାଗତ ଆନନ୍ଦର ଏକ ବିପରୀତମୁଖୀ ପରିଣାମ ବୋଲି ଦେଖିବାକୁ ପାଇଲୁ, ଅନୁଭବକାରୀ ବା ଗ୍ରହଣକାରୀର ଦୁର୍ବଳତା ହେତୁହିଁ ତାହା ଦୁଃଖରୂପେ ଅନୁଭୂତ ବା ଗୃହୀତ ହୁଏ । ଆପଣା ସମ୍ମୁଖରେ ଉପସ୍ଥିତ ହେଉଥିବା ଶକ୍ତିକୁ ଆପଣାର ଉପାଦାନରେ ପରିଣତ କରିବାକୁ ଅସମର୍ଥ ହେଲାବେଳେ କିମ୍ବା ଯାହାକୁ ସେ ଅନ୍ୟଥା ଆନନ୍ଦରୂପେହିଁ ଅନୁଭବ କରି ପାରିଥା'ନ୍ତା, ତାହାର ସ୍ପର୍ଶକୁ ବହନ କରିନେବାର ଅପାରଗତାରୁହିଁ ଦୁଃଖର ଜନ୍ମ ହୋଇଥାଏ । ଦୁଃଖ ହେଉଛି ଆନନ୍ଦ ସମକ୍ଷରେ ଚେତନାର ଏକ ବିକୃତ ପ୍ରତିକ୍ରିୟାମାତ୍ର; ଆମେ ଏହାକୁ ଆନନ୍ଦର ଏକ ମୌଳିକ ବିପରୀତ ତତ୍ତ୍ୱ ବୋଲି କଦାପି କହିପାରିବା ନାହିଁ । ଯେତେବେଳେ ଦୁଃଖ ସୁଖରେ ଓ ସୁଖ ଦୁଃଖରେ ପରିବର୍ତ୍ତିତ ହୋଇଯାଏ, ଅଥବା ଯେତେବେଳେ ସୁଖ ଓ ଦୁଃଖ ଦୁଇଟିଯାକ ସବୁରି

'oaob.nitrkl.ac.in' images reprocessed

ମୂଳରେ ଥିବା ଆନନ୍ଦରେ ପରିବର୍ତ୍ତିତ ହୋଇଯାଆନ୍ତି, ସେତେବେଳେ ସେହି ମହତ୍ତ୍ୱପୂର୍ଣ୍ଣ ସତ୍ୟଟିରୁହିଁ ଏହାର ପ୍ରମାଣ ମିଳିଯାଏ । ଠିକ୍ ସେହିପରି ଯାବତୀୟ ପ୍ରକାରର ଦୁର୍ବଳତାକୁ ମଧ୍ୟ ସେହି ଏକ ଦିବ୍ୟ ଇଚ୍ଛାଶକ୍ତି ବା ସେହି ଏକ ବିଶ୍ୱଗତ ଶକ୍ତିର କୌଣସି ଏକ ବିଶେଷ କ୍ରିୟାଭଙ୍ଗୀ ବୋଲି ନିଶ୍ଚୟ କୁହାଯାଇ ପାରିବ । ସେହି ଶକ୍ତିର କ୍ଷେତ୍ରରେ ଦୁର୍ବଳତା କହିଲେ କେବଳ ଆପଣାର ଶକ୍ତିଗତ କ୍ରିୟାକୁ ସଂବୃତ ବା ସଂହରଣ କରିରଖିବା, କୌଣସି ମାପକାଠି ଦେଇ ତାହାକୁ ମାପିବା ଓ ଆପଣାର ଶକ୍ତିଗତ କ୍ରିୟାକୁ କୌଣସି ଏକ ବିଶେଷ ଧାରାରେ ସଂବଦ୍ଧିତ କରି ରଖିବାକୁହିଁ ବୁଝାଏ । ଯେତେବେଳେ ଆତ୍ମା ଆପଣାର ପରିପୂର୍ଣ୍ଣ ଶକ୍ତିମତ୍ତାକୁ ବ୍ୟକ୍ତ ନକରି ତାକୁ ପ୍ରତ୍ୟାହାର କରି ରଖିବାକୁ ଇଚ୍ଛା କରୁଥାଏ, ଅଥବା ଶକ୍ତିଗତ ଅଭିଘାତର ସମ୍ମୁଖରେ ଯଥେଷ୍ଟ ପ୍ରତିକ୍ରିୟା ନଦେଖାଇବାକୁ ଚାହେଁ, ଆତ୍ମାର ସେହି ଅବସ୍ଥାକୁ ଆମେ ଅସମର୍ଥତା ବା ଅଶକ୍ତତା ବୋଲି କହୁବା । ଦୁର୍ବଳତା ବା ଅସମର୍ଥତା କଦାପି ଶକ୍ତିମତ୍ତାର ଏକାବେଳକେ ବିପରୀତ ହୋଇପାରିବ ନାହିଁ । ଯଦି ପ୍ରକୃତରେ ଏହିପରି ହୋଇଥାଏ, ତେବେ ବସ୍ତୁଗୁଡ଼ିକର ପ୍ରକୃତ ଦୃଷ୍ଟିରୁ ବିଚାର କଲେ ଏକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ ବା ହେବା ଉଚିତ ଯେ ଆମେ ଯାହାକୁ ଅବିଦ୍ୟା ବୋଲି କହୁ, ତାହା ପ୍ରକୃତରେ ସେହି ଏକ ଓ ଦିବ୍ୟ ଜ୍ଞାନସଂକଳ୍ପ ବା ଦିବ୍ୟ ମାୟାର ଏକ ଶକ୍ତିଠାରୁ ଭିନ୍ନ କଦାପି ଆଉକିଛି ନୁହେଁ । ତାହା ହେଉଛି ସେହି ଏକ ପରମ ଚିତ୍ସ୍ୱରୂପଙ୍କର ଏକ ଶକ୍ତି ଯାହାଦ୍ୱାରା ସେ ଠିକ୍ ସେହିପରି ଭାବରେ ଆପଣା ଜ୍ଞାନର କ୍ରିୟାକୁ ନିୟନ୍ତ୍ରିତ କରିପାରନ୍ତି, ସଂବୃତ କରି ରଖିପାରନ୍ତି, ମାପକାଠି ଦେଇ ମାପିବାକୁ ମନ କରିପାରନ୍ତି ବା ତାହାକୁ ଏକ ବିଶେଷ ଧାରାରେ ସମ୍ବନ୍ଧିତ ବି କରି ଦେଇପାରନ୍ତି । ତା'ହେଲେ ବିଦ୍ୟା ଅବିଦ୍ୟା ଆଉ ପରସ୍ପରଠାରୁ ଏକାବେଳକେ ଭିନ୍ନ ଓ ଅମେଳ ଦୁଇଟି ତତ୍ତ୍ୱ ହୋଇ ରହିବ ନାହିଁ । ଏଥିରୁ ଗୋଟିଏ ଏହି ବିଶ୍ୱମୟ ଅସ୍ତିତ୍ୱକୁ ସୃଷ୍ଟି କରୁଛି ଓ ଅନ୍ୟଟି ତା'କୁ ସହିପାରୁ ନାହିଁ ଓ ତେଣୁ ତା'ର ବିନାଶ ଘଟାଉଛି ବୋଲି ଆଦୌ କହିହେବ ନାହିଁ । ବିଦ୍ୟା ଓ ଅବିଦ୍ୟା ସେତେବେଳେ ପରସ୍ପର ସହିତ ସହାବସ୍ଥାନ କରୁଥିବା ଦୁଇଟି ଶକ୍ତି ହୋଇ ରହିଛନ୍ତି ଓ ସେତେବେଳେ ଆମେ ଦୁଇଟିଯାକକୁ ଏହି ଜଗତରେହିଁ ବିଦ୍ୟମାନ ଥିବାର ଅନୁଭବ କରିପାରିବା । ଆପଣା ପ୍ରକ୍ରିୟାର ସଂଚରଣକ୍ଷେତ୍ରରେ ସେମାନେ ଭିନ୍ନଭାବରେ କାର୍ଯ୍ୟ କରୁଥା'ନ୍ତି ସତ, ମାତ୍ର ମର୍ମତଃ ଅଭିନ୍ନ ହୋଇ ରହିଥା'ନ୍ତି; ଏବଂ ଏକ ସ୍ୱାଭାବିକ ପ୍ରକୃତି-ପରିବର୍ତ୍ତନଦ୍ୱାରା ପରସ୍ପର ମଧ୍ୟରେ ପ୍ରବେଶ କରୁଥା'ନ୍ତି । ମାତ୍ର ସେମାନଙ୍କର ପାରସ୍ପରିକ ମୌଳିକ ସମ୍ବନ୍ଧର ସ୍ତରରେ ଅବିଦ୍ୟା ସମାସ୍ଥିତ ହୋଇ ବିଦ୍ୟା ସହିତ ସହାବସ୍ଥାନ କରୁନଥାଏ; ତାହା

'oaob.nitrkl.ac.in' images reprocessed

ବିଦ୍ୟାକୁ ଆଶ୍ରୟ କରି ରହିଥାଏ, ବିଦ୍ୟାର ଏକ ସୀମାବଦ୍ଧ ଏବଂ ବିପରୀତଭାବେ କାର୍ଯ୍ୟ କରୁଥିବା ବୃତ୍ତି ହୋଇ ରହିଥାଏ ।

ଯଥାର୍ଥରେ ଜାଣିବାକୁ ହେଲେ ଆମକୁ ଆପଣା ଇଚ୍ଛାକୁହିଁ ଏକମାତ୍ର ଇଚ୍ଛା ବୋଲି ଆଣ୍ଠାଧରି ବସିଥିବା ଅବିଦ୍ୟାଚ୍ଛନ୍ନ ବୁଦ୍ଧିଦ୍ୱାରା ରଚିତ ବଦ୍ଧମୂଳ ଧାରଣାଗୁଡ଼ାକୁ ଏକାବେଳକେ ଭାଙ୍ଗିଦେବାକୁ ପଡ଼ିବ ଓ ଜଗତ୍‌ଅସ୍ତିତ୍ୱର ତଥ୍ୟଗୁଡ଼ିକ ଆଡ଼କୁ ସ୍ୱାଧୀନ ଓ ସାବଲୀଳ ଭାବରେ ଅନାଇବାକୁ ହେବ । ଅସ୍ତିତ୍ୱର ମୂଳ ସତ୍ୟ ହେଉଛି ଚେତନା, ଏବଂ ଚେତନା ହେଉଛି ଶକ୍ତି । ଏବଂ ଆମେ ବାସ୍ତବରେ ଦେଖିବାକୁ ପାଉ ଯେ ଏହି ଶକ୍ତି ତିନୋଟି ଭିନ୍ନଭିନ୍ନ ସ୍ତରରେ କାର୍ଯ୍ୟ କରୁଛି । ପ୍ରଥମତଃ, ଏଠାରେ ଯାହାକିଛି ଅଛି, ସବୁରି ପଛରେ ଏକ ଚେତନା ରହିଛି । ସେହି ଚେତନା ସବୁକିଛିକୁ ଆବୋରି ଧରିଛି, ସବୁରି ଭିତରେ ରହିଛି; ଏବଂ ଏକତ୍ୱ ବା ଅନେକତ୍ୱ ଯେକୌଣସି ଅବସ୍ଥାରେ ହେଉ ପଛକେ, ଅଥବା ଯୁଗପତ୍ ଭାବରେ ଏହି ଦୁଇଟିଯାକ ଅବସ୍ଥାରେ କିମ୍ବା ସେମାନଙ୍କର ସୀମା ଅତିକ୍ରମ କରି ଆପଣାର ଶୁଦ୍ଧ ନିର୍ବିଶେଷ ଅବସ୍ଥାରେ ଚିରନ୍ତନ, ବିଶ୍ୱବ୍ୟାପ୍ତ ଓ ଏକାନ୍ତ ଭାବରେ ଆପଣାକୁ ଆପେ ଜାଣିପାରୁଛି । ଏହି ଚେତନା ହେଉଛି ସେହି ପରମ ଓ ଦିବ୍ୟ ଆତ୍ମଜ୍ଞାନର ପରମ ଐଶ୍ୱର୍ଯ୍ୟମୟ ଚେତନା, ଏହା ସେହି ପରମ ଓ ଦିବ୍ୟ ସର୍ବଜ୍ଞାନର ମଧ୍ୟ ପରମ ଐଶ୍ୱର୍ଯ୍ୟମୟ ଚେତନା । ପୁଣି ଦ୍ୱିତୀୟତଃ, ବସ୍ତୁଗୁଡ଼ିକର ଦ୍ୱିତୀୟ ପ୍ରାନ୍ତବିନ୍ଦୁଟିରେ ଆମର ଦେଖିବାରେ ଏହି ଚେତନା ଆପଣା ଭିତରେ ଏକ ଆପାତ ବିରୋଧ ଉପରେ ଅବସ୍ଥାନ କରିବାରେ ଲାଗିଛି ଏବଂ ଏଇଠି ସର୍ବାଶେଷ ସୋପାନଟିରେ ଯେଉଁଠି ଏହି ବିରୋଧ ଆପଣାର ଶୀର୍ଷସୀମାକୁ ସ୍ପର୍ଶ କରିଥିବା ପରି ମନେହେଉଛି, ସେଠାରେ ଆମେ ସତେଅବା ଆଦୌ କୌଣସି ଚେତନା ନଥିବା ପରି ଅନୁଭବ କରୁଛୁ । ସେଠାରେ ଚେତନା ସତେଅବା ଆପଣା ଭିତରେ ମିଳାଇ ଯାଇ ଏକ କାର୍ଯ୍ୟସାଧକ, ଗତିଶୀଳ ଓ ସୃଷ୍ଟିକ୍ଷମ ପରମ ନିଶ୍ଚେତନାରେ ପରିଣତ ହୋଇଯାଇଥିଲା ପରି ଲାଗୁଛି । ଏଇଟି ଯେ କେବଳ ଉପରୁ ଦେଖିବାକୁ ଏଭଳି ଦେଖାଯାଉଛି, ଆମେ ସେକଥା ଅବଶ୍ୟ ଜାଣିଛୁ । ଆମେ ଭଲକରି ଜାଣିଛୁ ଯେ ସେହି ନିଶ୍ଚେତନାଟି କାର୍ଯ୍ୟ କରୁଥିବା କ୍ଷେତ୍ରରେ ମଧ୍ୟ ଦିବ୍ୟ ପରମ ଜ୍ଞାନଇଚ୍ଛାହିଁ ଅକୁଣ୍ଠିତ ପୂର୍ଣ୍ଣ ନିଶ୍ଚୟତା ସହିତ କାର୍ଯ୍ୟ କରିବାରେ ଲାଗିଛି । ଏହି ଦୁଇଟି ବିରୋଧୀ ପ୍ରାନ୍ତର ଏକ ମଧ୍ୟବର୍ତ୍ତୀ ଭାବରେ ଆମେ ଚେତନାକୁ ଏକ ଆଂଶିକ ଓ ସୀମାବଦ୍ଧ ଚେତନାମୟତା ସହିତ କାର୍ଯ୍ୟ କରୁଥିବାର ଦେଖିଥାଉ । ଆରଟି ପରି ଏହି ଦେଖିବାଟି ମଧ୍ୟ କେବଳ ଉପରିଭାଗଟାକୁହିଁ ଦେଖିବା; କାରଣ ଏହାର ପଛରେ ଓ ଏହାର ମଧ୍ୟରେ ଅବସ୍ଥିତ ରହି ସେଇ ଦିବ୍ୟ ଓ ପରମ ସର୍ବଜ୍ଞାନହିଁ ବସ୍ତୁତଃ କାର୍ଯ୍ୟ କରିବାରେ ଲାଗିଛି । ଏଠାରେ ଆପଣାର ମଧ୍ୟବର୍ତ୍ତୀ ସୋପାନଟିରେ ସତେଅବା ଦୁଇ ବିରୋଧୀ ପ୍ରାନ୍ତ,—

'oaob.nitrkl.ac.in' images reprocessed

ପରମ ଚେତନା ଓ ପରମ ନିଶ୍ଚେତନତା,—ମଧ୍ୟରେ ଏକ ସ୍ଥାୟୀ ସାଲିସ୍ ହୋଇଥିବା ପରି ବୋଧହେଉଛି । ମାତ୍ର ଆମର ଗୋଚରଭୂମିଗତ ତଥ୍ୟକୁ ଏକ ବୃହତ୍ତର ଦୃଷ୍ଟିରେ ଦେଖିଲାବେଳେ ଆମେ ହୁଏତ ସେଠାରେ ଜ୍ଞାନର ଏକ ଅପୂର୍ଣ୍ଣ ଉନ୍ମେଷ ସଂଘଟିତ ହୋଇଛି ବୋଲି ନାନା ସୂଚନା ପାଇପାରିବା । ଏହି ସାଲିସ୍ ଅଥବା ଅପୂର୍ଣ୍ଣ ଉନ୍ମେଷକୁହିଁ ଆମ ଆପଣା ଦୃଷ୍ଟିରୁ ଆମେ ଅବିଦ୍ୟା ବୋଲି କହୁଥାଉ; କାରଣ ଯେତେବେଳେ ଆତ୍ମା ଆପଣାଦ୍ୱାରା ପ୍ରେରିତ ହୋଇ ଆପଣାର ପରିପୂର୍ଣ୍ଣ ଆତ୍ମଜ୍ଞାନକୁ ସଂହୃତ କରି ରଖନ୍ତି, ଆପଣାର ଚରାଚରିତ ସ୍ୱଭାବରେ ଆମେ ତାହାକୁହିଁ ଅବିଦ୍ୟା ବୋଲି କହୁ । ଯଦି ସମ୍ଭବ ହୁଏ, ଚେତନାଶକ୍ତିର ଏହି ତିନୋଟି ସ୍ଥିତିର ଉତ୍ପତ୍ତି କେଉଁଠାରୁ ହୋଇଛି ଏବଂ ସେଗୁଡ଼ିକର ପରସ୍ପର ମଧ୍ୟରେ ଠିକ୍ କେଉଁଭଳି ସମ୍ବନ୍ଧ ରହିଛି, ଆମକୁ ସେହିଗୁଡ଼ିକର ଆବିଷ୍କାର କରିବାକୁ ହେବ ।

ଆମେ ଯଦି ବିଦ୍ୟା ଓ ଅବିଦ୍ୟାକୁ ଚେତନାର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଶକ୍ତି ବୋଲି ଆବିଷ୍କାର କରନ୍ତେ, ତେବେ ହୁଏତ ଏପରି ହୁଅନ୍ତା ଯେ, ଚେତନାର ଉଚ୍ଚତମ କୋଟୀପର୍ଯ୍ୟନ୍ତ ଆମକୁ ସେମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ଧରି ଯିବାକୁ ପଡ଼ନ୍ତା; ଏବଂ ଯେଉଁ ପରମ ଚରମ ତତ୍ତ୍ୱରୁ ଦୁହେଁଯାକ ଉଦ୍‌ଭୂତ ହୋଇଛନ୍ତି ଓ ଯେଉଁଠାରେ ବିଦ୍ୟା ଓ ଅବିଦ୍ୟା ଉଭୟେ ବିଲୀନ ହୋଇପାରିବେ, ସେଠାକୁ ନଗଲେ ସେମାନଙ୍କର ପରସ୍ପର ମଧ୍ୟରେ ରହିଥିବା ପାର୍ଥକ୍ୟଟି କଦାପି ଦୂର ହୋଇପାରିବ ନାହିଁ ।* ତେବେ ସେଥିରୁ ଏହି ସିଦ୍ଧାନ୍ତ କରାଯାଇ ପାରନ୍ତା ଯେ ଯଥାର୍ଥ ଜ୍ଞାନ କହିଲେ କେବଳ ସେହି ଅତିଚେତନ ପରମ ନିର୍ବିଶେଷଙ୍କର ସତ୍ୟକୁହିଁ ବୁଝାଇବ; ଏବଂ ଚେତନାଗତ ସତ୍ୟ, ବିଶ୍ୱଗତ ସତ୍ୟ ଏବଂ ଆମମାନଙ୍କର ନିଜର ସତ୍ତାଗତ ସତ୍ୟ କହିଲେ ସେତେବେଳେ ଖୁବ୍ ବେଶୀ ହେଲେ କେବଳ ଏକ ଅପୂର୍ଣ୍ଣ ଓ ଆଂଶିକ ସତ୍ୟକୁହିଁ ବୁଝାଇବ । ଏବଂ ତାହାର ସହଚରରୂପେ ଅବିଦ୍ୟାର ଅସ୍ତିତ୍ୱ ଅବଶ୍ୟମ୍ଭାବୀ ହୋଇପଡ଼ିବ । ଅବିଦ୍ୟାର ଏକ ଉପଛାୟା ସେହି ସତ୍ୟକୁ ଅବଶ୍ୟ ଘେରିକରି ରହିବ, ଅବିଦ୍ୟାର ଏକ ଗ୍ଳାନି ସେହି ସତ୍ୟକୁ ସର୍ବଦା ଗୋଡ଼ାଇବାରେ ଲାଗିଥିବ । ହୁଏତ ଏପରି ହୋଇ ବସିବ ଯେ ଗୋଟିଏ ପାଖରେ ଏକ ପରମ ଜ୍ଞାନ ସତ୍ୟ, ସୌଷମ୍ୟ ଓ ଚିରଶୃଙ୍ଖଳାର

---

* ପରମବ୍ରହ୍ମଙ୍କ ମଧ୍ୟରେ ବିଦ୍ୟା ଓ ଅବିଦ୍ୟା ଉଭୟ ବର୍ତ୍ତମାନ ଅଛନ୍ତି ବୋଲି ଉପନିଷଦରେ କୁହାଯାଇଛି । ମାତ୍ର ଏହାକୁ ଏହିପରି ଏକ ଅର୍ଥରେ ଗ୍ରହଣ କରାଯାଇପାରିବ ଯେ ବହୁତ୍ୱର ତଥା ପରମ ଏକତ୍ୱର ଚେତନା ପରମ ଆତ୍ମଜ୍ଞାନ ମଧ୍ୟରେ ଏକତ୍ର ସହାବସ୍ଥାନ କରୁଛନ୍ତି ଓ ଜଗଦ୍‌ବ୍ୟାପାରର ଭିତ୍ତିପରି କାର୍ଯ୍ୟ କରୁଛନ୍ତି । ଅତଏବ, ସେଠାରେ ସେମାନେ ହେଉଛନ୍ତି ଏକ ଶାଶ୍ୱତ ଆତ୍ମଜ୍ଞାନର କେବଳ ଦୁଇଟି ଦିଗ ମାତ୍ର ।

'oaob.nitrkl.ac.in' images reprocessed

ପ୍ରତିଷ୍ଠା କରିବାରେ ଲାଗିଥିବ ଏବଂ ଏକ ପରମ ନିଶ୍ଚେତନତା ତେଣେ ଅଳୀକ କଳ୍ପନା, ଅସମତା ଓ ଛନ୍ଦସ୍ଖଳନତାର ଏକ ସୁଆଙ୍ଗଖେଳ ପାଇଁ ଇନ୍ଧି ଯୋଗାଇ ଦେଉଥିବ; ବଡ଼ ନିର୍ମମ ଭାବରେ ତାହା ଆପଣାର ଚରମରୂପରୂପେ ମିଥ୍ୟା, ଅନ୍ୟାୟ ଓ ଦୁଃଖସନ୍ତାପକୁ ସୃଷ୍ଟ କରୁଥିବ । ଅର୍ଥାତ୍ ଶଇତାନକୁ ଭଗବାନଙ୍କ ସହିତ ଶାଶ୍ୱତ କାଳପାଇଁ ଏକଜ ଆପନା କରି ରଖିଥିବା ଏକ ଦ୍ୱୈତ-ତତ୍ତ୍ୱହିଁ ଏହି ବିଶ୍ୱରୂପୀ ଅସ୍ତିତ୍ୱର ମୂଳ ତେର ହୋଇ ରହିଥିବ । ଆଲୋକ ଓ ଅନ୍ଧକାର, ସୁ ଏବଂ କୁ ପରସ୍ପର ମଧ୍ୟରେ ସଂଘାତ କରୁଥିବେ ଓ ପରସ୍ପର ସହିତ ସତେଅବା ମିଶି କରି ରହିଥିବେ । ଏକ ପରମ ଶିବ ଓ ଏକ ପରମ ଅଶିବ ମଧ୍ୟ ସବୁବେଳେ ରହିଛି ବୋଲି କେତେକ ଦାର୍ଶନିକ ଯେଉଁ ମତ ପୋଷଣ କରିଥା'ନ୍ତି, ଦୁଇଟିଯାକର ମାର୍ଗ ସେହି ପରମ ନିର୍ବିଶେଷ ଆଡ଼କୁ ପଡ଼ିଛି ବୋଲି ଯେଉଁ ଘୋଷଣା କରିଥା'ନ୍ତି, ସେତେବେଳେ ହୁଏତ ତାହାହିଁ ଗ୍ରହଣଯୋଗ୍ୟ ବୋଲି ଦେଖାଯିବ । ମାତ୍ର ଯଦି ଆମେ ବିଦ୍ୟା ଓ ଅବିଦ୍ୟାକୁ ସେହି ଗୋଟିଏ ଚେତନାର ଆଲୁଅ-ପାଖ ଓ ଅନ୍ଧାର-ପାଖରୂପେ ଦେଖିବାକୁ ସମର୍ଥ ହେଉ, ଅବିଦ୍ୟାର ପ୍ରଥମ ଉନ୍ମେଷକୁ ଯଦି ଆମେ ବିଦ୍ୟାର ଏକ ସୀମିତତା ବୋଲି ଧରିନେଉ, ଏହି ସୀମିତତା ହେତୁ ଆଂଶିକ ଭ୍ରମ ଓ ପ୍ରମାଦର ଏକ ନ୍ୟୂନତର ସମ୍ଭାବନା ଲାଗି ଦୁଆର ଖୋଲିଯାଏ ବୋଲି ଯଦି ବୁଝିବାକୁ ଆରମ୍ଭ କରୁ ଏବଂ ପରମ ବିଦ୍ୟା ଆପଣାର ଏକ ଉଦ୍ଦେଶ୍ୟ ପୂରଣ କରିବା ଲାଗି ଏକ ଜଡ଼ମୟ ନିଶ୍ଚେତନ ଭିତରେ ନିମଗ୍ନ ହୋଇଯିବା ପରେ ଯାଇ ଏହି ସମ୍ଭାବନା ସମ୍ପୂର୍ଣ୍ଣ ଭାବରେ ରୂପଗ୍ରହଣ କରେ ଓ ସେହି ନିଶ୍ଚେତନ ମଧ୍ୟରେ ଚେତନାର ଉନ୍ମେଷ ହେବା ସଙ୍ଗେ ସଙ୍ଗେ ଜ୍ଞାନ ବା ବିଦ୍ୟାର ମଧ୍ୟ ଉନ୍ମେଷ ହେବାକୁ ଆରମ୍ଭ କରେ ବୋଲି ଯଦି ଆମେ ଅନୁଭବ କରିବାକୁ ସମର୍ଥ ହେଉ, ତେବେ ଆମେ ଏବିଷୟରେ ଅବଶ୍ୟ ନିଶ୍ଚିତ ହୋଇପାରିବା ଯେ ଅବିଦ୍ୟାର ଏହି ପରିପୂର୍ଣ୍ଣତା ଆପଣା କ୍ରମ-ପରିଣତିର ଧାରା ଅନୁସରଣ କରି ସତେଅବା ପଛକୁ ଫେରିଯାଇ ଏକ ସୀମିତ ବିଦ୍ୟାରେ ରୂପାନ୍ତରିତ ହୋଇଯାଉଛି; ଏବଂ ତାପରେ ଆମେ ଏହି ନିଶ୍ଚିତ ସତ୍ୟଟିକୁ ଅନୁଭବ କରିବାକୁ ଆରମ୍ଭ କରିବା ଯେ ଏହି ସୀମାର ବନ୍ଧନଟି ମଧ୍ୟ ଦିନେ ଦୂରୀଭୂତ ହୋଇଯିବ, ବସ୍ତୁବୃନ୍ଦଙ୍କର ପରିପୂର୍ଣ୍ଣ ସତ୍ୟ ପ୍ରତିଭାତ ହୋଇଉଠିବ ଏବଂ ବିଶ୍ୱ-ସତ୍ୟ ବିଶ୍ୱମୟ ଅବିଦ୍ୟାର କବଳ ଭିତରୁ ଆପଣାକୁ ମୁକ୍ତ କରିନେବ । ବସ୍ତୁତଃ ଏହି କ୍ଷେତ୍ରରେ ଏହାହିଁ ଘଟୁଛି ଯେ ସମ୍ୟକ୍-ଆନ୍ଦୋଳନକାରୀ ଏକ କ୍ରମବର୍ଦ୍ଧମାନ ଆଲୋକ-ପାତଦ୍ୱାରା ଅବିଦ୍ୟା ଆପଣାର ଅନ୍ଧକାରକୁ ଆଲୋକିତ କରିପାରିବାର ବାଟ ଖୋଜୁଛି ଏବଂ ଆପଣା ମଧ୍ୟରେ ଆଗରୁ ସଂଗୁପ୍ତ ହୋଇ ରହିଥିବା ବିଦ୍ୟାରୂପେ ଆପଣାକୁ ରୂପାନ୍ତରିତ କରି ଦେବାଲାଗି ପ୍ରସ୍ତୁତ ହେଉଛି । ସେହି ରୂପାନ୍ତରଦ୍ୱାରା ଏହି ବିଶ୍ୱଜଗତର ଯଥାର୍ଥ ମର୍ମ ଓ ଯଥାର୍ଥ ରୂପ ପରମ ସ୍ୱଗତ ସତ୍ତାର ମର୍ମ ଓ

'oaob.nitrkl.ac.in' images reprocessed

ରୂପ ଆକାରରେ ଆତ୍ମପ୍ରକାଶ କରିବ । ବିଶ୍ୱଅସ୍ତିତ୍ୱର ଏହି ବ୍ୟାଖ୍ୟାରୁହିଁ ଆମେ ଆମର ଆଲୋଚନା ଆରମ୍ଭ କରିଛୁ, ମାତ୍ର ଏହାର ଦୃଢ଼ପ୍ରତିଷ୍ଠା ଲାଗି ଆମ ଉପରିଭାଗସ୍ଥ ବହିରଙ୍ଗ ଚେତନାଟିର ଗଠନସ୍ୱଭାବଟିକୁ ନିରୀକ୍ଷଣ କରି ଦେଖିବାକୁ ପଡ଼ିବ; ଏହାର ଭିତରେ, ଊର୍ଦ୍ଧ୍ୱରେ ଓ ନିମ୍ନରେ ଯେଉଁ ସତ୍ୟଟି ନିଗୂଢ଼ ହୋଇ ରହିଛି, ସେଇଟି ସହିତ ତାହାର ସମ୍ବନ୍ଧଟିକୁ ପର୍ଯ୍ୟବେକ୍ଷଣ କରିବାକୁ ପଡ଼ିବ । କେବଳ ତାହାହେଲେ ଯାଇ ଆମେ ଅବିଦ୍ୟାର ପ୍ରକୃତି ତଥା ପରିସରଟିକୁ ଭଲଭାବରେ ବୁଝିପାରିବା, ତାହାର ଯଥାର୍ଥ ପରିଚୟ ପାଇପାରିବା । ଏବଂ ଯେଉଁ ମୂଳସ୍ଥ ସତ୍ତାର ଏକ ସୀମିତ ଓ ବିକୃତ ତତ୍ତ୍ୱରୂପେ ଅବିଦ୍ୟା କାର୍ଯ୍ୟ କରିବାରେ ଲାଗିଛି, ଏହି ଧାରାଟିକୁ ଅନୁସରଣ କରି ଆମେ ସେହି ଜ୍ଞାନର ଯଥାର୍ଥ ପ୍ରକୃତି ଓ ପରିସରଟିକୁ ମଧ୍ୟ ଦେଖିବାକୁ ପାଇବା, ସେହି ଜ୍ଞାନର ପୂର୍ଣ୍ଣ ଭୂମିଟିକୁ ଆବିଷ୍କାର କରି ଆମେ ତାହାର ଭିତରେ ଅଧ୍ୟାତ୍ମସତ୍ତାର ନିର୍ବାଣରହିତ ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନର ସାକ୍ଷାତ୍କାର ଲାଭ କରିବା ।

'oaob.nitrkl.ac.in' images reprocessed

## ଅଷ୍ଟମ ପରିଚ୍ଛେଦ

# ସ୍ମୃତି, ଆତ୍ମସଂବିତ୍ ଏବଂ ଅବିଦ୍ୟା

ସ୍ୱଭାବମେକେ......ବଦନ୍ତି, କାଲଂ ତଥାନ୍ୟେ ॥

—ଶ୍ୱେତାଶ୍ୱତରୋପନିଷଦ, ୬।୧

କେହିକେହି ଏହାକୁ ବସ୍ତୁତତ୍ତ୍ୱର ସ୍ୱଭାବ ବୋଲି କହନ୍ତି, ପୁଣି ଅଉ କେହିକେହି କାଳ ବୋଲି ବି କହୁଥା'ନ୍ତି ।

ଦ୍ୱେ ବାବ ବ୍ରହ୍ମଣୋ ରୂପେ କାଲଶ୍ଚାକାଲଶ୍ଚ ।

—ମୈତ୍ରୀ ଉପନିଷଦ, ୬।୧୫

ବ୍ରହ୍ମର ଦୁଇଟି ରୂପ,—କାଳ ତଥା କାଳାତୀତ ।

ତତୋ ରାତ୍ର୍ୟଜାୟତ ତତଃ ସମୁଦ୍ରୋ ଅର୍ଣ୍ଣବଃ ॥
ସମୁଦ୍ରାଦର୍ଣ୍ଣବାଦଧି ସଂବତ୍ସରୋ ଅଜାୟତ ।
......ବିଶ୍ୱସ୍ୟ ମିଷତୋ ବଶୀ ॥

—ଋକ୍‌ବେଦ, ୧୦।୧୯୦।୧, ୨

ତା'ପରେ ରାତ୍ରିର ଜନ୍ମ ହେଲା, ରାତ୍ରିରୁ ଜଳରାଶି ସମୁଦ୍ରପ୍ରବାହ ଜାତ ହେଲା । ସେହି ସମୁଦ୍ରରେ କାଳ ଜନ୍ମଲାଭ କଲା । ଦୃଷ୍ଟିବନ୍ତ ସକଳ ପ୍ରାଣୀ ସେହି କାଳର ଅଧୀନ ହୋଇ ରହିଛନ୍ତି ।

ସ୍ମରୋ......ଭୂୟଃ......;
ଅସ୍ମରନ୍ତୋ ନୈବ ତେ କଂଚନ......ମନ୍ୱୀରନ୍ନ ବିଜାନୀରନ୍......।
ଯାବତ୍ ସ୍ମରସ୍ୟ ଗତଂ ତତ୍ରାସ୍ୟ ଯଥାକାମଚାରୋ ଭବତି ॥

—ଛାନ୍ଦୋଗ୍ୟ ଉପନିଷଦ, ୭।୧୩

ସ୍ମୃତି ହେଉଛି ବୃହତ୍ତର ।......ସ୍ମୃତି ନଥିଲେ ମନୁଷ୍ୟର କୌଣସି ଶୁଣିବା ବା ଜାଣିବା ସମ୍ଭବ ହୁଅନ୍ତା ନାହିଁ ।......ସ୍ମୃତିର ଗତି ଯେତେଦୂର ପର୍ଯ୍ୟନ୍ତ ରହିଥାଏ, ସେ ସେତେଦୂର ପର୍ଯ୍ୟନ୍ତ ଇଚ୍ଛାନୁସାରେ ବିଚରଣ କରିପାରେ ।

'oaob.nitrkl.ac.in' images reprocessed

ଏଷ ହି ଦ୍ରଷ୍ଟା, ସ୍ପ୍ରଷ୍ଟା, ଶ୍ରୋତା, ଘ୍ରାତା, ରସୟିତା, ମନ୍ତା, ବୋଦ୍ଧା, କର୍ତ୍ତା, ବିଜ୍ଞାନାତ୍ମା, ପୁରୁଷଃ ।

—ପ୍ରଶ୍ନୋପନିଷଦ୍, ୪ । ୯

ସେଇ ଦେଖନ୍ତି, ସେଇ ସ୍ପର୍ଶ କରନ୍ତି । ଶୁଣନ୍ତି ସେଇ, ଘ୍ରାଣ କରନ୍ତି ସେଇ; ସେଇ ସ୍ୱାଦ ଗ୍ରହଣ କରନ୍ତି । ସେଇ ମନନ କରନ୍ତି, ସେଇ ବୁଝନ୍ତି । ସେଇ ବିଜ୍ଞାନାତ୍ମା ପୁରୁଷହିଁ କର୍ତ୍ତାରୂପେ ଆମ ଭିତରେ ଅବସ୍ଥିତ ରହିଥା'ନ୍ତି ।

ଯେକୌଣସି ପ୍ରକାରରେ ହେଉ ନା କାହିଁକି, ଆମ ଚେତନାର ଦ୍ୱୈତ ପ୍ରକୃତିଟିର ଆଲୋଚନା କରିବାକୁ ହେଲେ ଆମକୁ ପ୍ରଥମେ ଅବିଦ୍ୟାକୁହିଁ ପରୀକ୍ଷା କରି ଦେଖିବାକୁ ହୁଏ;— କାରଣ ଅବିଦ୍ୟା ବିଦ୍ୟାରେ ପରିଣତ ହେବାଲାଗି ଉଦ୍ୟମ କରିବାରେ ଲାଗିଛି, ତାହାହିଁ ହେଉଛି ଆମ ସତ୍ତାର ସାଧାରଣ ସ୍ଥିତି । ଆତ୍ମା ଓ ବସ୍ତୁବିଷୟକ ଯେଉଁ ଆଂଶିକ ଜ୍ଞାନ ଆମରି ଭିତରେ ରହି ପରିପୂର୍ଣ୍ଣ ଆତ୍ମଜ୍ଞାନ ଓ ସର୍ବଜ୍ଞାନ ତଥା ପରିପୂର୍ଣ୍ଣ ନିଶ୍ଚେତନ ମଧ୍ୟରେ ମଧ୍ୟସ୍ଥପରି କାର୍ଯ୍ୟ କରୁଛି, ତାହାର ମୂଳଗତ କେତୋଟି ଗଠନସ୍ପନ୍ଦନ ବିଷୟରେ ବିଚାର କରିବା ପ୍ରଥମେ ଆବଶ୍ୟକ । ସେଇଠାରୁ ଆମର ଆଲୋଚନାଟିକୁ ଆରମ୍ଭ କରି ତାପରେ ଆମ ଉପରିସ୍ତରଟିର ତଳେ ଅର୍ଥାତ୍ ଆମ ଭିତରେ ଅନ୍ତର୍ଗୂଢ଼ ହୋଇ ରହିଥିବା ବୃହତ୍ତର ଚେତନାଟି ସହିତ ଆଂଶିକ ଚେତନାର ସମ୍ବନ୍ଧ ନିରୂପଣ ବି କରିବାକୁ ପଡ଼ିବ । ଏପରି ଗୋଟିଏ ବିଚାରଧାରା ରହିଛି, ଯେଉଁଥିରେ ସ୍ମୃତିଶକ୍ତିର କାର୍ଯ୍ୟ ଉପରେ ଅନେକ ମହତ୍ତ୍ୱ ଦିଆଯାଇଥାଏ । ସ୍ମୃତିଶକ୍ତିକୁହିଁ ମଣିଷ ବୋଲି ବୁଝାଯାଇ ଥାଏ, ସ୍ମୃତିହିଁ ଆମର ବ୍ୟକ୍ତିତ୍ୱକୁ ନିର୍ମାଣ କରୁଛି ଏବଂ ଆମର ମନୋମୟ ସତ୍ତାଟିର ଭିତ୍ତିକୁ ଏକାଠି ଯୋଡ଼ି କରି ରଖିଛି ବୋଲି ବୁଝାଯାଏ । କାରଣ ଏହା ଆମର ଅନୁଭୂତିଗୁଡ଼ିକୁ ଏକତ୍ର ଯୋଡ଼ିକରି ରଖୁଛି ଏବଂ ସେହି ଗୋଟିଏ ବ୍ୟକ୍ତିସତ୍ତା ସହିତ ସେଗୁଡ଼ିକୁ ସମ୍ବନ୍ଧିତ କରି ଦେଉଛି । ଯେଉଁମାନେ ଏହି ମତଟିର ପୋଷଣ କରିଥା'ନ୍ତି, ସେମାନେ କାଳର ପରମ୍ପରା ବା ପ୍ରବହମାନତା ଭିତରେ ଆମର ଯେଉଁ ସତ୍ତା ବା ଅସ୍ତିତ୍ୱଟି ବର୍ତ୍ତମାନ ରହିଛି, ତାହାକୁହିଁ ସକଳ ଅବଧାରଣାର ଭିତ୍ତିରୂପେ ମାନିନେଇଥା'ନ୍ତି । ଏପରିକି ଯେତେବେଳେ ସେମାନେ ସମଗ୍ର ସତ୍ତା ବା ଅସ୍ତିତ୍ୱକୁ ଏକ ପ୍ରକ୍ରିୟାରୂପେ ବା କର୍ମ ଭିନ୍ନ କୌଣସି ଆତ୍ମନିର୍ଭରଣକାରୀ ଶକ୍ତିର ବିକାଶକ୍ଷେତ୍ରରେ କାରଣ କର୍ମ୍ମ ପରିଣାମରୂପେ ସ୍ୱୀକାର କରନ୍ତି ନାହିଁ, ସେତେବେଳେ ମଧ୍ୟ ସେମାନେ ପ୍ରକ୍ରିୟାକୁହିଁ ମୂଳ ପରମସତ୍ତ୍ୱର ସ୍ୱରୂପ ବୋଲି ଗ୍ରହଣ କରିଥା'ନ୍ତି । ମାତ୍ର ଏହି କ୍ଷେତ୍ରରେ ପ୍ରକ୍ରିୟାର ଆଦୌ କୌଣସି ମୁଖ୍ୟ ଭୂମିକା ନଥାଏ; କୌଣସି ଏକ ପରିଣାମରେ ପହଞ୍ଚିବା ସକାଶେ ଫଳପ୍ରଦ ସାବ୍ୟସ୍ତ ହେଉଥିବା କୌଣସି କୌଣସି ସମ୍ଭାବନାକୁ ବିଶେଷ

'oaob.nitrkl.ac.in' images reprocessed

ଭାବରେ ଗ୍ରହଣ କରିବାରେ ଆମେ ଯେଉଁ ଅଭ୍ୟସ୍ତ ହୋଇ ପଡ଼ିଆଛୁ, ତାହାକୁହିଁ ପ୍ରକ୍ରିୟା ବୋଲି ବୁଝାଯିବ । ଏକ ଅନନ୍ତ ସମ୍ଭାବନାର କ୍ଷେତ୍ରରେ ଆମେ ଏଠାରେ କେବଳ ଗୋଟିଏ ବିଶେଷ ଭାବକୁହିଁ ଗ୍ରହଣ କରିଥାଉ । ଏହି ସମ୍ବନ୍ଧଗୁଡ଼ିକ ହୁଏତ ଅନ୍ୟପ୍ରକାରେ ମଧ୍ୟ ସଂଯୋଜିତ ହୋଇପାରିଥାଆନ୍ତା ଏବଂ ସେଥିରୁ ସମ୍ପୂର୍ଣ୍ଣ ଭିନ୍ନ ଅନ୍ୟ ଫଳ ବି ଉପୁଜି ପାରିଥାଆନ୍ତା । ବସ୍ତୁଗୁଡ଼ିକର ପ୍ରକ୍ରିୟା ଭିତରେ ଆମେ ସେମାନଙ୍କର ଅସଲ ସତ୍ୟର ସନ୍ଧାନ ପାଇବା ନାହିଁ; କାରଣ ଅସଲ ସତ୍ୟଟି ପ୍ରକ୍ରିୟା ଭିତରେ ନଥାଏ । ଏହା ବସ୍ତୁଗୁଡ଼ିକର ପଛରେ ଅନ୍ତର୍ଗୂଢ଼ ହୋଇ ରହିଥାଏ, ସେଇଠି ଥାଇ ପ୍ରକ୍ରିୟାଗୁଡ଼ିକର ସୃଜନ, ନିୟନ୍ତ୍ରଣ ଓ ଶାସନ କରୁଥାଏ । ଯାହାସବୁ ପ୍ରକୃତରେ ଘଟୁଛି, ସେଗୁଡ଼ିକ ଘଟିବା ମଧ୍ୟରେ ଅସଲ ସତ୍ୟ ନାହିଁ; ସେଗୁଡ଼ିକୁ ଘଟାଉଥିବା ସଂକଳ୍ପ ଓ ଶକ୍ତି ମଧ୍ୟରେହିଁ ରହିଛି । ଏବଂ ସଂକଳ୍ପ ଓ ଶକ୍ତି ମଧ୍ୟରେ ଯେତେ ନାହିଁ, ସେହି ସଂକଳ୍ପ ଓ ଶକ୍ତିକୁ ଆପଣାର ଗତିଶୀଳ ରୂପ ମାଧ୍ୟମରେ ଅଭିବ୍ୟକ୍ତ କରୁଥିବା ପରମ ଚେତନା ମଧ୍ୟରେ ଓ ଶକ୍ତିକୁ ଆପଣାର ଗତିଶୀଳ ମୁଖ୍ୟରୂପରୂପେ ଧାରଣ କରି ରଖିଥିବା ସେହି ପରମସତ୍ତା ମଧ୍ୟରେ ତା'ଠାରୁ ଅଧିକ ରହିଛି । ମାତ୍ର ସ୍ମୃତି ହେଉଛି ଚେତନାଗତ ଏକ ପ୍ରକ୍ରିୟା, ପ୍ରୟୋଜନଗତ ଏକ ବୃତ୍ତି ମାତ୍ର । ସ୍ମୃତି କଦାପି ଆମ ସତ୍ତାର ମୂଳୋପାଦାନ ହୋଇପାରିବ ନାହିଁ ବା ଆମ ବ୍ୟକ୍ତିତ୍ୱର ସମଗ୍ର କ୍ଷେତ୍ରକୁ ବୁଝାଇବ ନାହିଁ । ବିସ୍ମରଣର ପ୍ରକ୍ରିୟାଟି ଯେପରି ଆମଙ୍କର ନିସ୍କାଭୂମି ଉପରେ ଅନେକ ପ୍ରକ୍ରିୟା ମଧ୍ୟରୁ କେବଳ ଗୋଟିଏମାତ୍ର ପ୍ରକ୍ରିୟା, ଠିକ୍ ସେହିପରି ସ୍ମୃତି ହେଉଛି ଚେତନାର ନାନା ପ୍ରକ୍ରିୟା ମଧ୍ୟରୁ କେବଳ ଗୋଟିଏ ମାତ୍ର ପ୍ରକ୍ରିୟା । ଆତ୍ମା ବା ଅନ୍ତରସ୍ଥ ପରମ ସତ୍ତା ହେଉଛି ଅସଲ ମଣିଷ ଓ ପ୍ରକୃତ ମଣିଷ । ଅଥବା ଅନ୍ତିତ୍ୱ କହିଲେ ଆମେ ଯଦି କେବଳ ଉପରିସ୍ଥ ଏହି ନିତ୍ୟନୈମିତ୍ତିକ ଅସ୍ତିତ୍ୱଟିରହିଁ ବିଚାର କରିବା, ତେବେ ମନ ହେଉଛି ଅସଲ ଓ ପ୍ରକୃତ ମଣିଷ । କାରଣ ମଣିଷ ହେଉଛି ଏକ ମନୋମୟ ସତ୍ତା । ଏହି ମନର ଅନେକ ସାମର୍ଥ୍ୟ ଓ ଅନେକ ପ୍ରକ୍ରିୟା ରହିଛି, ଏବଂ ସ୍ମୃତି ହେଉଛି ସେଥିଭିତରୁ କେବଳ ଗୋଟିଏ ସାମର୍ଥ୍ୟ ବା ଗୋଟିଏ ପ୍ରକ୍ରିୟା । ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ସ୍ଥିତିରେ ଆତ୍ମା, ଜଗତ ଓ ପ୍ରକୃତି ସହିତ ଯେଉଁ ସ୍ତରରେ ଆମର ସମ୍ବନ୍ଧସ୍ଥାନମାନ ସ୍ଥିର ହୋଇ ରହିଛି, ସେଠାରେ ସ୍ମୃତି ଚୈତନ୍ୟଶକ୍ତିର ମୁଖ୍ୟ ପ୍ରକ୍ରିୟାରୂପେ ଅଧିଷ୍ଠିତ ରହିଛି ।

ମାତ୍ର ଏକଥା ମଧ୍ୟ ସତ୍ୟ ଯେ ଅବିଦ୍ୟା ଭିତରେହିଁ ଆମେ ଜୀବନ ଧାରଣ କରି ରହିଛୁ ଏବଂ ବର୍ତ୍ତମାନ ସେହି ଅବିଦ୍ୟାର ସ୍ୱଭାବଟିକୁ ବିଚାର କରି ଦେଖିବାର ପ୍ରୟାସ କରୁଛୁ । ତେଣୁ ବର୍ତ୍ତମାନ ସ୍ମୃତିର ପ୍ରସଙ୍ଗଟି ସମ୍ବନ୍ଧରେହିଁ ପ୍ରଥମେ ବିଚାର କରିବା ଆମପକ୍ଷରେ ନିଶ୍ଚୟ ଅଧିକ ସମୀଚୀନ ହେବ । କାରଣ ସ୍ମୃତିର ଯଥାଯଥ

'oaob.nitrkl.ac.in' images reprocessed

ବସ୍ତୁର ବର୍ତ୍ତକରୁ ଆମେ ହୁଏତ ଆମ ଚେତନାମୟ ଅନ୍ତର୍ବୃତ୍ତିର କେତୋଟି ମହତ୍ତ୍ୱପୂର୍ଣ୍ଣ ବିଷୟକୁ ଜାଣିବାଲାଗି ଠିକ୍‌ଠିକ୍ ବାଟ ବି ପାଇଯିବା । ଆମେ ଦେଖିପାରିବା ଯେ ମନ ଆପଣାର ଏହି ସ୍ମୃତିରୂପୀ ବୃତ୍ତି ବା ପ୍ରତିଷ୍ଠାଟିକୁ ଦୁଇପ୍ରକାର କାର୍ଯ୍ୟରେ ଲଗାଇଥାଏ । ଗୋଟିଏ ହେଉଛି ଆତ୍ମସ୍ମୃତି ଓ ଅନ୍ୟଟି ଅନୁଭୂତିଗତ ସ୍ମୃତି । ପ୍ରଥମ କ୍ଷେତ୍ରରେ ଏହା ମୂଳତଃ ସ୍ମୃତିକୁ ଆମ ଚେତନସତ୍ତାର ତଥ୍ୟଗୁଡ଼ିକ ଉପରେ ପ୍ରୟୋଗ କରିଥାଏ ଏବଂ ତାହାକୁ କାଳ ସହିତ ଯୋଡ଼ି ଦେଇଥାଏ । ମନ କହେ, "ମୁଁ ବର୍ତ୍ତମାନ ଅଛି, ଅତୀତରେ ଥିଲି, ତେଣୁ ଭବିଷ୍ୟତରେ ମଧ୍ୟ ରହିବି । କାଳର ସତତଧାବମାନ ଏହି ତିନୋଟି ବିଭାଗ ଭିତରେ କେବଳ ସେଇ ଏକା 'ମୁଁ' ଅବସ୍ଥିତ ରହିଛି ।" ଚେତନସତ୍ତାର ଯେଉଁ ଶାଶ୍ୱତତାକୁ ମନ ସତ୍ୟ ବୋଲି ଅନୁଭବ କରେ, ଏହିପରି ଭାବରେ ଏକ କାଳବାଚକତାର ମାଧ୍ୟମରେ ଆପଣା ପାଖରେ ତାହାର ଏକ ବିବରଣ ଦେବାକୁ ଚେଷ୍ଟା କରିଥାଏ । ମାତ୍ର ସେଗୁଡ଼ିକୁ ସେ ସତ୍ୟ ବୋଲି କଦାପି ପ୍ରମାଣ କରିପାରେ ନାହିଁ । ସ୍ମୃତିଦ୍ୱାରା ମନ ଅତୀତସ୍ଥ କେବଳ ଆପଣା ବିଷୟରେହିଁ ଜାଣିପାରେ, ପ୍ରତ୍ୟକ୍ଷ ଆତ୍ମଜ୍ଞାନ ଦ୍ୱାରା କେବଳ ବର୍ତ୍ତମାନ ମୁହୂର୍ତ୍ତଟିର ଭୂମି ଉପରେ ନିଜକୁ ଜାଣେ, ଏବଂ ଆତ୍ମଜ୍ଞାନ ଓ ସ୍ମୃତିର ପ୍ରସାରଣ ଦ୍ୱାରା ଏହି ଆତ୍ମଜ୍ଞାନ କିଛି କାଳ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ ବର୍ତ୍ତମାନ ରହିଛି ବୋଲି ଆମକୁ କହିଦେଉଥିବା ସ୍ମୃତିରୁ ଅନୁମାନ ଦ୍ୱାରା ମନ ଆପଣାକୁ ଭବିଷ୍ୟତର ଭୂମି ଉପରେ କଳ୍ପନା କରିବାକୁ ବି ସମର୍ଥ ହୁଏ । ଅତୀତ ଓ ଭବିଷ୍ୟତ ପ୍ରକୃତରେ କେତେଯାଏ ଲମ୍ବି ଯାଇପାରିବ ନା ନପାରିବ, ମନ ତାହାର ନିରୂପଣ କରିପାରେ ନାହିଁ; କେବଳ ଆପଣାର ସ୍ମୃତିର ସୀମାଗୁଡ଼ିକ ପର୍ଯ୍ୟନ୍ତହିଁ ସେ ଆପଣାର ଅତୀତକୁ ପଛକୁ ଲମ୍ବାଇଦେଇ ପାରିବ; ଏବଂ ଅନ୍ୟମାନଙ୍କର ସାକ୍ଷ୍ୟ ତଥା ଆପଣାର ଚତୁର୍ଦ୍ଦିଗରେ ନିରୀକ୍ଷଣ କରୁଥିବା ଜୀବନର ତଥ୍ୟଗୁଡ଼ିକରୁ ସେ କେବଳ ଅନୁମାନ କରିନେଇ ପାରିବ ଯେ ଆଜି ତା'ର ସ୍ମରଣ ଭିତରେ ନଥିବା ଅର୍ଥାତ୍ ସେ ଆଉ ମନେ କରି ପାରୁନଥିବା ଅତୀତରେ ସେଇ ପର୍ଯ୍ୟାୟଗୁଡ଼ିକରେ ମଧ୍ୟ ତାହାର ଏହି ଚେତନସତ୍ତାଟି ଅବଶ୍ୟ ବିଦ୍ୟମାନ ରହିଥିଲା । ଶୈଶବର ଯେଉଁ ଅବସ୍ଥାରେ ବୁଦ୍ଧିଶକ୍ତିର କୌଣସି ବିକାଶ ହୋଇ ନଥିଲା, ସେତେବେଳେ ମଧ୍ୟ ସେ ନିଶ୍ଚୟ ଅବସ୍ଥିତ ରହିଥିଲା ବୋଲି ସେ କେବଳ ଜାଣିପାରେ, ମାତ୍ର ସ୍ମୃତିର କ୍ଷେତ୍ରରେ ଏହି ଅବସ୍ଥାଟି ସହିତ ତା'ର ସକଳ ଯୋଗସୂତ୍ର ଛିଣ୍ଡି ଯାଇଥାଏ । ଶରୀର ଧରି ଜନ୍ମ ହେବା ଆଗରୁ ବି ତାହା ପ୍ରକୃତରେ ରହିଥିଲା କି ନାହିଁ, ଏହି ପ୍ରାକୃତ ଭଙ୍ଗୁର ମନ ତାହାର ନିର୍ଣ୍ଣୟ କରିପାରେ ନାହିଁ, କାରଣ ତାହାର ସ୍ମୃତି ସେତେଦୂର ଯାଏ ଆଦୌ ପହଞ୍ଚିପାରେ ନାହିଁ । ଭବିଷ୍ୟତ ବିଷୟରେ ସେ ଆଦୌ କିଛିହେଲେ ଜାଣେ ନାହିଁ । ଅନାଗତ ପରବର୍ତ୍ତୀ ମୁହୂର୍ତ୍ତରେ ମଧ୍ୟ ସେ ଯେ ଅବସ୍ଥିତ ରହିବ, ସେ ବିଷୟରେ ତା'ର ଆସ୍ଥା ଏକ ବିଶ୍ୱସ୍ତତା ରହିଥାଏ,

'oaob.nitrkl.ac.in' images reprocessed

ମାତ୍ର ସେହି ମୁହୂର୍ତ୍ତିଟିରେ ହୁଏତ ଏପରି ଏକ ଘଟଣା ଘଟେ ଯାହାକି ତା'ର ସେହି ନିଶ୍ଚିତତାକୁ ଭୁଲ ବୋଲି ପ୍ରମାଣ କରିଦିଏ। କାରଣ ପୂର୍ବ ମୁହୂର୍ତ୍ତିରେ ସେ ଏହି ମୁହୂର୍ତ୍ତିଟି ସମ୍ବନ୍ଧରେ ଯାହା ଦେଖିବାକୁ ପାଇଥିଲା, ତାହା କେବଳ ଏକ ଅନୁମାନମାତ୍ରହିଁ ଥିଲା, ଏବଂ ସେହି ଅନୁମାନଟିହିଁ ସତ୍ୟ ହେବ ବୋଲି ସେ ସବୁଠାରୁ ଅଧିକ ଦୃଢ଼ଭାବରେ ବିଶ୍ୱାସ କରୁଥିଲା। ଏବଂ ଏହି ଶରୀରର ବିନାଶ ସଙ୍ଗେ ସଙ୍ଗେ ଚେତନ ସତ୍ତାଟିର ମଧ୍ୟ ପ୍ରକୃତରେ ବିନାଶ ଘଟିବ କି ନାହିଁ, ସେବିଷୟରେ ତାହାର ଆନ୍ତର କମ୍ ଜ୍ଞାନ ରହିଥାଏ। ତଥାପି ତାହା ଭିତରେ ଅବିଚ୍ଛିନ୍ନ ଭାବରେ ଅବ୍ୟାହତ ରହିବାର ଏହିପରି ଏକ ବୋଧ ଦୁର୍ବାର ହୋଇ ରହିଥାଏ, ଯାହା ଅତ୍ୟନ୍ତ ସହଜ ଭାବରେ ଚିରନ୍ତନତାର ଏକ ଦୃଢ଼ପ୍ରତ୍ୟୟରୂପେ ଆପଣାକୁ ପ୍ରସାରିତ କରିଦେବା ଲାଗି ସମର୍ଥ ହୋଇଥାଏ।

ପଛକୁ ଅନାଇ ଦେଖିଲାବେଳେ ମନ ସବୁବେଳେ ଏକ ସୀମାହୀନ ଅନନ୍ତ ଅତୀତର କଳ୍ପନା କରିଥାଏ। ଅତୀତର ସେହି ଅନ୍ଧକାର ଗର୍ଭଗୁମ୍ଫାକୁ ସେ ପାସୋରି ପକାଇଥାଏ, ମାତ୍ର ତାହାର ଭିତରେ ରହିଥିବା କୌଣସି ଏକ ତତ୍ତ୍ୱ ତାହାର ଏକ ଆକାରହୀନ ଆଭାସକୁ ସତତ ଧାରଣ କରି ରଖିଥାଏ। ହୁଏତ ସେଇଥିରୁହିଁ ମନ ଚିରନ୍ତନତାର କଳ୍ପନା କରିପାରେ ଓ ତାହାକୁ ଏକ ପ୍ରତ୍ୟୟରୂପେ ଆପଣା ମଧ୍ୟରେ ଧାରଣ କରି ରଖିବାକୁ ସମର୍ଥ ହୁଏ। ଅଥବା, ଏକ ଆତ୍ମଜ୍ଞାନର ଛାୟାରୂପେ ହିଁ ଏହି ପ୍ରତ୍ୟୟ ଆପଣାକୁ ସମ୍ଭବ କରିପାରେ। ଆମେ ଯେତେବେଳେ ଆପଣାର ଶାଶ୍ୱତ ଆତ୍ମସତ୍ତାଟି ସମ୍ବନ୍ଧରେ ପ୍ରକୃତରେ ସଚେତନ ଓ ଅବଗତ ହୋଇ ରହିଥାଉ, ସେତେବେଳେ ଆମ ସତ୍ତାର ଏକ ଉଚ୍ଚତର ବା ଗଭୀରତର ଭୂମିରୁହିଁ ଏହି ଆତ୍ମଜ୍ଞାନ ଆମ ଭିତରକୁ କ୍ଷରିତ ହୋଇ ଆସେ। ଅଥବା, ଏହା ହୁଏତ ଗୋଟାଏ ବିଭ୍ରମ ବି ହୋଇପାରେ। ଆମର ପୂର୍ବେନ୍ଦ୍ରିୟସମ୍ପନ୍ନ ଚେତନାରେ ଯେପରି ଆମେ ମୃତ୍ୟୁରୂପୀ ସତ୍ୟଟିକୁ ଗ୍ରହଣ ବା ଅନୁଭବ କରିବାକୁ କଦାପି ସମର୍ଥ ହୋଇପାରୁ ନାହିଁ, ଆମେ ଅବିଚ୍ଛିନ୍ନ ଭାବରେ ବଞ୍ଚିରହିଛୁ, କେବଳ ଏହାହିଁ ଅନୁଭବ କରିଥାଉ; ଅସ୍ତିତ୍ୱର ବିନାଶ ଆମ ଲାଗି ଏକ ବୁଦ୍ଧିଭୂମିଗତ ଧାରଣା ହୋଇଥିବାରୁ ଆମେ ତାହାକୁ ନିଶ୍ଚିତତାର ସହିତ ସ୍ୱୀକାର କରି ନେଇପାରୁ ଓ ଏପରିକି କୌଣସି ଅସ୍ପଷ୍ଟତା ନରଖି ମଧ୍ୟ ତାହାର କଳ୍ପନା ବି କରିପାରୁ; ମାତ୍ର ତାହାକୁ କେବେହେଲେ ବାସ୍ତବ ଭାବରେ ଅନୁଭବ କିମ୍ବା ଉପଲବ୍ଧି କରିପାରୁ ନାହିଁ, କାରଣ କେବଳ ଏହି ବର୍ତ୍ତମାନଟା ମଧ୍ୟରେହିଁ ଆମେ ଜୀବନଧାରଣ କରି ରହିଥାଉ; ତଥାପି ମୃତ୍ୟୁ, ଏହି ଜୀବନର ବିନାଶ ଅଥବା ଆମ ସତ୍ତାର ଅନ୍ତତଃ ଏହି ବର୍ତ୍ତମାନ ଅସ୍ତିତ୍ୱର ଅବସାନ ଯେ ଘଟିବହିଁ ଘଟିବ, ତାହା ଏକ ଦୁର୍ବାର ବାସ୍ତବସତ୍ୟରୂପେ ସର୍ବଦା ବର୍ତ୍ତମାନ ରହିଥାଏ; ଏବଂ ଏହି ଭୌତିକ ଶରୀରଟି ଧରି ଆମେ ଭବିଷ୍ୟତରେ ଅବିଚ୍ଛିନ୍ନ ଭାବରେ ବଞ୍ଚିରହିବା

'oaob.nitrkl.ac.in' images reprocessed

ବିଷୟରେ ଆମର ଯେଉଁ ବୋଧ ବା ପ୍ରାକ୍ଅନୁଭୂତି ରହିଥାଏ, ଆମ ନିରୂପଣଶକ୍ତିର ଅଗୋଚର ହୋଇ ରହିଥିବା କାଳର ଏକ ମୁହୂର୍ତ୍ତ ପରେ ତାହା କେବଳ ଏକ ବିଭ୍ରମରେହିଁ ପରିଣତ ହୁଏ, କାରଣ ତାହା ହେଉଛି ଆମ ଚେତନ ସତ୍ତାର ଉପସ୍ଥିତ ଅର୍ଥାତ୍ ଏହି ମୁହୂର୍ତ୍ତର ମାନସିକ ସଂସ୍କାରର ଏକ ମିଥ୍ୟା ସମ୍ପ୍ରସାରଣ ଅଥବା ମିଥ୍ୟା ପ୍ରୟୋଗ;—ଶାଶ୍ୱତ ଚେତନାର ଏହି ମନୋଗତ ଭାବନା ବା ସଂସ୍କାରଟି ମଧ୍ୟ ଠିକ୍ ସେହିପରି କୌଣସି ଏକ ବିଭ୍ରମ ହୋଇପାରେ । ଅଥବା, ଆମ ବାହାରେ ଚେତନ କିମ୍ବା ଅଚେତନ ଏବଂ ବସ୍ତୁଗତ କିମ୍ବା ବସ୍ତୁାତୀତ ଭାବରେ ହୁଏତ କୌଣସି ଶାଶ୍ୱତ ସତ୍ୟବସ୍ତୁ ରହିଛି, ଯେଉଁଥିରୁ କି ଏହି ମିଥ୍ୟାବୋଧ ଆମ ଭିତରକୁ ସଂକ୍ରମିତ ହୋଇ ଆସୁଛି । ଆମର ଚେତନ ସତ୍ତା ହୁଏତ ସେହି ଏକମାତ୍ର ଯଥାର୍ଥ ଶାଶ୍ୱତ ସମ୍ପଦଟିର ଏକ କ୍ଷଣସ୍ଥାୟୀ ପ୍ରତିରୂପ ବ୍ୟତୀତ ଆଉକିଛି ନୁହେଁ, ଏବଂ ଆମର ମନ ତାହାର ଶାଶ୍ୱତତାଟିକୁ ଗ୍ରହଣ କରି ଆମର ସଚେତନ ସତ୍ତାରେ ତାହାକୁ ଅତ୍ୟନ୍ତ ଭୁଲଭାବରେହିଁ ଆରୋପିତ କରିବାରେ ଲାଗିଛି ।

କେବଳ ଆପଣା ଉପରେ ନିର୍ଭର କରି ଆମର ଏହି ଉପରଭାଗସ୍ଥ ମନ ଏହିସବୁ ପ୍ରଶ୍ନର କଦାପି କୌଣସି ସମାଧାନ କରିପାରିବ ନାହିଁ । ଏହା ସେହି ପ୍ରଶ୍ନଗୁଡ଼ିକୁ ନେଇ ଅନ୍ତହୀନ ଭାବରେ କେବଳ କଳ୍ପନାଜଳ୍ପନାହିଁ କରିପାରିବ, ଏବଂ ଆପଣାର ନାନାବିଧ ମତବାଦରେ ଆସି ଉପନୀତ ହୋଇପାରିବ, ଯେଉଁଗୁଡ଼ିକୁ କି ଆମେ ଅଳ୍ପବହୁତ ଯୁକ୍ତିସଙ୍ଗତ ବୋଲି କହିପାରିବା । ଜୀବନର ଅବିନାଶିତା ସମ୍ବନ୍ଧରେ ଆମର ଯେଉଁ ବିଶ୍ୱାସ ରହିଛି, ତାହା ଏକ ବିଶ୍ୱାସ ମାତ୍ର; ଆମର ଏହି ଜୀବନ ବିନାଶଶୀଳ ବୋଲି ଆମର ଯେଉଁ ବିଶ୍ୱାସ ରହିଛି, ତାହା ମଧ୍ୟ ଏକ ବିଶ୍ୱାସ ମାତ୍ର । ଶରୀରର ବିନାଶ ସହିତ ଆମ ଚେତନାର ବି ଯେ ଅନ୍ତ ହୋଇଯାଏ, ଜଡ଼ବାଦୀ ଏକଥାକୁ କଦାପି ପ୍ରମାଣ କରି କହିଦେଇପାରିବ ନାହିଁ । ଆମେ ମରିଗଲା ପରେ ମଧ୍ୟ ଆମର କୌଣସି ଅଂଶ ଯେ ସଚେତନ ଭାବରେ ପ୍ରକୃତରେ ବଞ୍ଚିରହେ, ଦୃଢ଼ବୋଧ ହେଲାପରି କୌଣସି ପ୍ରମାଣ ଏପର୍ଯ୍ୟନ୍ତ ଆମର ହସ୍ତଗତ ହୋଇ ନାହିଁ ବୋଲି ସେ ହୁଏତ ଯୁକ୍ତି ଦେଖାଇ ବସିବ; ମାତ୍ର ଠିକ୍ ସେହିପରି ଭାବରେ ଶରୀର ଧ୍ୱଂସିବା ସହିତ ଯେ ଆମର ଚେତନ ସତ୍ତାଟି ତଥାପି ବଞ୍ଚିଯାଏ ନାହିଁ, ଏ କଥାଟିର ଖଣ୍ଡନ କରିବା ଲାଗି ମଧ୍ୟ କୌଣସି ପ୍ରମାଣ ନାହିଁ ଏବଂ ଏଠାରେ ସମ୍ପୃକ୍ତ ବସ୍ତୁଗୁଡ଼ିକର ସ୍ୱଭାବ ଦୃଷ୍ଟିରୁ ବିଚାର କଲେ ତାହାର କୌଣସି ପ୍ରମାଣ କଦାପି ଦିଆଯାଇ ନପାରେ । ଦେହର ବିନାଶ ପରେ ମଧ୍ୟ ମନୁଷ୍ୟର ବ୍ୟକ୍ତିସତ୍ତା ତଥାପି ବର୍ତ୍ତମାନ ରହେ,—ଏତ ପରବର୍ତ୍ତୀ କାଳରେ ହୁଏତ ଏହାକୁ ଏଭଳି ସ୍ପଷ୍ଟଭାବରେ ପ୍ରମାଣ କରି ଦିଆଯାଇ-ପାରେ, ଯେଉଁଥିରେ କି ଅବିଶ୍ୱାସୀ ସଂଶୟବାଦୀର ମଧ୍ୟ ଦୃଢ଼ବୋଧ ସମ୍ଭବ ହୋଇଯାରେ ।

'oaob.nitrkl.ac.in' images reprocessed

ମାତ୍ର ସେତେବେଳେ ମଧ୍ୟ ତଦ୍ଦ୍ୱାରା କେବଳ ଏକ ବୃହତ୍ତର ଅବିଚ୍ଛିନ୍ନତାହିଁ ପ୍ରତିପନ୍ନ ହୋଇପାରିବ, ମାତ୍ର ଚେତନ ସତ୍ତାର ଶାଶ୍ୱତ ଅବସ୍ଥିତି ପ୍ରତିପାଦିତ ହୋଇପାରିବ ନାହିଁ ।

ବସ୍ତୁତଃ, ଏହି ଶାଶ୍ୱତତା ସମ୍ବନ୍ଧରେ ଆମର ମନୋଗତ ଧାରଣା ବିଷୟରେ ବିଚାର କଲାବେଳେ ଆମେ ଦେଖିବାକୁ ପାଇବା ଯେ ତାହା ହେଉଛି ଏକ ଶାଶ୍ୱତ କାଳଭୂମି ଉପରେ ସଞ୍ଚାର ମୁହୂର୍ତ୍ତଗୁଡ଼ିକର କେବଳ ଏକ ଅବିଚ୍ଛିନ୍ନ ଅନୁଗମନ ମାତ୍ର । ତେଣୁ ଯଥାର୍ଥରେ କହିଲେ କାଳ ହେଉଛି ଶାଶ୍ୱତ, ଏବଂ ଅବିଚ୍ଛିନ୍ନ ଭାବରେ ଏହି କ୍ଷଣରୁ ପରକ୍ଷଣକୁ ଗତି କରି ଚାଲିଥିବା ଚେତନସତ୍ତାଟି କଦାପି ଶାଶ୍ୱତ ନୁହେଁ । ମାତ୍ର ଅପର ପକ୍ଷରେ ଆମର ଏହି ମନଦ୍ୱାରା ଉପଲବ୍ଧ ହେଉଥିବା ପ୍ରମାଣଗୁଡ଼ିକରୁ ଏକଥା ମଧ୍ୟ କଦାପି ପ୍ରତିପାଦିତ ହେଉ ନାହିଁ ଯେ ଶାଶ୍ୱତ କାଳ ବୋଲି କୌଣସି କିଛି ପ୍ରକୃତରେ ବିଦ୍ୟମାନ ରହିଛି । କୌଣସି ଏକ ଅବ୍ୟାହତ ଅବିଚ୍ଛିନ୍ନତାକୁ ଚେତନସତ୍ତା ଯେଉଁଭଳି ଅବଲୋକନ କରୁଛି, ସମସ୍ତ କହିଲେ ତାହାଠାରୁ ଯେ ଅଧିକ କିଛିକୁ ବୁଝାଇବ, ସେପରି ବିଶ୍ୱାସ କରିବା ଲାଗି ମଧ୍ୟ ଆମେ ମନଠାରୁ କୌଣସି ପ୍ରମାଣ ପାଉ ନାହୁଁ । ଅଥବା, ଅସ୍ତିତ୍ୱରୂପୀ ଅନନ୍ତତା ଏକ ଅବିରାମ ପ୍ରବାହ ପରି ବହିଯାଉଛି, ଏବଂ କେବଳ ସେହିଭଳି ଅନୁଭବର ମାଧ୍ୟମରେହିଁ ଅସ୍ତିତ୍ୱ ଆପଣାକୁ ପ୍ରକାଶ କରୁଛି, ତାହାକୁ ପଳକୁ ପଳ ଓ ଯୁଗପତ୍ ଭାବରେ ଅନୁଭବ କରିବାଦ୍ୱାରା ଚେତନସତ୍ତା ମନେମନେ ସେହି ପ୍ରବାହଟିକୁ ମାପିବାରେ ଲାଗିଛି ଏବଂ ହୁଏତ ସେହି ପରିମାପକୁ କାଳ ବୋଲି କୁହାଯାଉଛି ! ମାତ୍ର ଚେତନ ସତ୍ତାସ୍ୱରୂପ ଏକ ନିତ୍ୟବର୍ତ୍ତମାନ ପରମ ଅସ୍ତିତ୍ୱ ବିଦ୍ୟମାନ ରହିଛି ବୋଲି ଯଦି ସ୍ୱୀକାର କରି ନିଆଯାଏ, ତେବେ ସେ ନିଶ୍ଚୟ କାଳଠାରୁ ବଡ଼ ହେବ, କାଳହିଁ ତାହାର ମଧ୍ୟରେ ଅବସ୍ଥାନ କରୁଛି ବୋଲି କୁହାଯିବ; ସେହି ଅସ୍ତିତ୍ୱ କାଳାତୀତ ବ୍ୟତୀତ ଅନ୍ୟକିଛି ହୋଇପାରିବ ନାହିଁ । ବେଦାନ୍ତରେ ଯାହାକୁ ପରମ ସନାତନ ବୋଲି କୁହାଯାଇଛି, ଏହି ଅସ୍ତିତ୍ୱ କେବଳ ତାହାକୁହିଁ ବୁଝାଇବ । ଆମେ ବେଶ୍ ଅନୁମାନ କରିପାରିବା ଯେ ଏହି ପରମ ସନାତନ ଅଥବା ପରମ ଅସ୍ତିତ୍ୱ ଆପଣା ଆତ୍ମପ୍ରକାଶକୁ ଆପେ ଦେଖିବା ଲାଗି କାଳକୁ କେବଳ ଏକ କଳ୍ପନାଗତ ଭୂମି ପରି ବ୍ୟବହାର କରୁଛନ୍ତି । ମାତ୍ର ଏହି ପରମ ସନାତନଙ୍କର କାଳାତୀତ ଆତ୍ମଜ୍ଞାନ ମନର ସକଳ ସୀମାକୁ ଅତିକ୍ରମ କରି ରହିଛି । ତାହା ଏକ ଅତିମାନସ ଜ୍ଞାନରୂପେ ଅବସ୍ଥିତ ରହିଛି, ଆମ ଲାଗି ଅତିଚେତନ ଭାବରେ ଅବସ୍ଥିତ ରହିଛି; ଏବଂ ଆମ ଚେତନମନର କାଳଗତ ଯାବତୀୟ କାର୍ଯ୍ୟ ଓ କ୍ରିୟାକୁ କେବଳ ଶାନ୍ତ କରିଦେଇ ପାରିଲେହିଁ, ଅର୍ଥାତ୍ ସେଗୁଡ଼ିକୁ ସେହି ସ୍ତରକୁ ଉତ୍ତୋଳିତ କରିଦେଇ ପାରିଲେ ଯାଇ ଆମେ ଜ୍ଞାନର ଅଧିକାରୀ ହୋଇପାରିବା । ହେଉ ପରମ ନୈଶବ୍ଦ୍ୟ ମଧ୍ୟରେ ପ୍ରବେଶ କଲେ ଅଥବା ପରମ ନୈଶବ୍ଦ୍ୟର ମଧ୍ୟଦେଇ

'oaob.nitrkl.ac.in' images reprocessed

ଶାଶ୍ୱତତାର ଚୈତନ୍ୟ ମଧ୍ୟରେ ପ୍ରବେଶ କଲେ ଯାଇ ଆମେ ତାହାକୁ ଅର୍ଜନ କରିପାରିବା ।

ଏହିସବୁ ଆଲୋଚନାରୁ କେବଳ ଗୋଟିଏ ବଡ଼ ସତ୍ୟ ସ୍ପଷ୍ଟ ହୋଇଉଠୁଛି । ଅବିଦ୍ୟା ହେଉଛି ଆମ ମନର ସ୍ୱଭାବଗତ । ଏହି ଅଜ୍ଞାନକୁ ଏକ ପରମ ଜଡ଼ଚେତନା ବା ଜ୍ଞାନଶୂନ୍ୟତା ବୋଲି ବୁଝାଯିବ ନାହିଁ; ଏହା ହେଉଛି ସତ୍ତା ବିଷୟରେ ଏକ ଅପୂର୍ଣ୍ଣ ତଥା ପ୍ରସୀମିତ ଜ୍ଞାନ, ଆପଣା ବର୍ତ୍ତମାନର ଅନୁଭୂତିଗୁଡ଼ିକ ମଧ୍ୟରେ ଏହା ସୀମାବଦ୍ଧ ହୋଇ ରହିଥାଏ, ଆପଣା ଅତୀତର ସ୍ମୃତି ଓ ଭବିଷ୍ୟତ ସମ୍ବନ୍ଧରେ କେତୋଟି ଅନୁମାନ ମଧ୍ୟରେ ସୀମାବଦ୍ଧ ହୋଇ ରହିଥାଏ । ତେଣୁ ଆପଣାକୁ ଓ ଆପଣାର ଅନୁଭୂତିଗୁଡ଼ିକୁ କାଳର ଭୂମି ଉପରେ ପୂର୍ବାପର ଭାବରେ ଦେଖିବାଦ୍ୱାରାହିଁ ପ୍ରସୀମିତ ହୋଇ ରହିଥାଏ । ପ୍ରକୃତ ଅସ୍ତିତ୍ୱ ଯଦି ଏକ କାଳଗତ ଅନନ୍ତତା ହୋଇଥାଏ, ତେବେ କହିବାକୁ ପଡ଼ିବ ଯେ ପ୍ରକୃତ ସତ୍ତା ସମ୍ପର୍କରେ ମନର ଆଦୌ କୌଣସି ଜ୍ଞାନ ନାହିଁ । କାରଣ ଆପଣାର ଅତୀତଟାକୁ ମଧ୍ୟ ମନ ବିସ୍ମୃତିର ଗର୍ଭ ଭିତରେ ହରାଇ ବସିଥାଏ; ସ୍ମୃତି କେବଳ ଯେତିକ ଧରି ରଖିବାକୁ ସମର୍ଥ ହୁଏ, କେବଳ ସେହି ଉତ୍କଳିକଗୁଡ଼ିକ ଅବଶିଷ୍ଟ ରହିଥାଏ । ଭବିଷ୍ୟତଟା ମଧ୍ୟ ମନର ପଛଆଡ଼େ ବାହାରେ ରହିଥାଏ, ଅଜ୍ଞାନାନ୍ଧକାରର ଏକ ବିସ୍ତୃତ ଶୂନ୍ୟତା ଭିତରେ ତାହା ମନଠାରୁ ଲୁକ୍କାୟିତ ଓ ଅପସୃତ ହୋଇ ରହିଥାଏ । କେବଳ ଆପଣାର ବର୍ତ୍ତମାନଟା ବିଷୟରେ ମନର ଯାହା କିଛି ଜ୍ଞାନ ରହିଥାଏ, ସେହି ବର୍ତ୍ତମାନଟା ମଧ୍ୟ କ୍ଷଣକୁ କ୍ଷଣ ବଦଳିବାରେ ଲାଗିଥାଏ । ନାମ, ରୂପ ଓ ଘଟନାର ଏକ ଭାସମାନ ଓ ଧାବମାନ ପରମ୍ପରା ଭିତରେ ବଡ଼ ଅସହାୟ ଭାବରେ ଏହା ଧାଇଁବାରେ ଲାଗିଥାଏ । ଏକ ଶାଶ୍ୱତିକ ଦ୍ରୁତ ଗତିଶୀଳତା ମଧ୍ୟରେ ଢଳୁଢଳୁ ହୋଇ ଧାଇଁଥାଏ ଏବଂ ତାହାକୁ ବୁଝିବାକୁ କିମ୍ବା ଆପଣା ବଶରେ ରଖିବାକୁ ମନର କୌଣସି ଶକ୍ତି ନଥାଏ । ମାତ୍ର ଅନ୍ୟପକ୍ଷରେ, ଯଥାର୍ଥ ଅସ୍ତିତ୍ୱ ଓ ଯଥାର୍ଥ ଜୀବନ ଯଦି ଏକ କାଳାତୀତ ଓ ନିତ୍ୟ ଅନନ୍ତତାହିଁ ହୋଇଥାଏ, ତେବେ ତାହାର ସ୍ପର୍ଶ ପାଇବାକୁ ଅଜ୍ଞାନଗ୍ରସ୍ତ ମନ ତ ଆହୁରି ଅଶକ୍ତ ହୋଇପଡ଼ିବ ! କାରଣ ସେହି ଅସ୍ତିତ୍ୱ ଦେଶ ଓ କାଳର ଭୂମିକାଡ଼ ମଧ୍ୟରେ ଆପଣାକୁ ଯେତିକ ପ୍ରକାଶ କରିଥାଏ, ତାହାର କେବଳ ଏକ ଅତି-କ୍ଷୁଦ୍ର ଅଂଶକୁହିଁ ମନ ଆପଣାର ଆଂଶିକ ଅନୁଭୂତିଦ୍ୱାରା କେବେକେବେ ଜାଣିବାକୁ ସମର୍ଥ ହୋଇଥାଏ ଓ ସେହି ଜ୍ଞାନକୁ ସମ୍ବଳ କରି ରହିଥାଏ ।

ତେଣୁ ଯଦି କେବଳ ମନହିଁ ସକଳ କଥା ହୁଏ, ଅର୍ଥାତ୍ ଉପରକୁ ଅନୁଭୂତ ହେଉଥିବା ଆମର ଏହି ବାହ୍ୟ ମନଟାହିଁ ଯଦି ଆମ ସତ୍ତାଗତ ଯଥାର୍ଥ ପ୍ରକୃତିର ପରିସୂଚକ ହୋଇଥାଏ, ତେବେ କେବଳ ଅଜ୍ଞାନ ବା ଅବିଦ୍ୟା ବ୍ୟତୀତ ଆମେ

ତେବେହେଲେ ଆଉ କାଳହେଲେ ହୋଇପାରିବ ନାହିଁ । ଏହି ଅବିଦ୍ୟା କାଳର ପ୍ରାନ୍ତରସୀମା ଭିତରେ କେବଳ ଏପାଖସେପାଖ ଧାଇଁବାରେ ଲାଗିଥିବ, ଏବଂ ଅତ୍ୟନ୍ତ ଅଳ୍ପ ଓ ଖଣ୍ଡିତ ଭାବରେ ବିଦ୍ୟାକୁ ଧରିବାଲାଗି ଚେଷ୍ଟା କରୁଥିବ । ମାତ୍ର ଯଦି ମନର ସକଳ ସୀମାକୁ ଅତିକ୍ରମ କରି ଆତ୍ମଜ୍ଞାନର ଏକ ଶକ୍ତି ବର୍ତ୍ତମାନ ଥାଏ, ଯଦି ତାହା ମର୍ମତଃ କାଳାତୀତ ହୋଇଥାଏ ଓ କାଳ ଉପରେ ଦୃଷ୍ଟିପାତ କରିବାକୁ ସମର୍ଥ ହୋଇଥାଏ, ସମ୍ଭବତଃ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଏକାଠି ଗୁଡ଼ି ଯୁଗପତ୍ ଭାବରେ ସେଗୁଡ଼ିକୁ ଦେଖିପାରୁଥାଏ; ମାତ୍ର ଯେକୌଣସି ପ୍ରକାରେ ହେଉ ପଛକେ ଆପଣା କାଳାତୀତ ସତ୍ତାର ଏକ ଅବସ୍ଥାରୂପେହିଁ ସେଗୁଡ଼ିକୁ ଦେଖୁଥାଏ, ତେବେ ସେହି କ୍ଷେତ୍ରରେ ଆମେ ଚେତନାର ଦୁଇଟି ଶକ୍ତିର କଳ୍ପନା କରିପାରିବା । ବେଦାନ୍ତର ଭାଷାରେ କହିଲେ ଏଥିରୁ ଗୋଟିଏ ହେଉଛି ବିଦ୍ୟାଶକ୍ତି ଓ ଅନ୍ୟଟି ଅବିଦ୍ୟାଶକ୍ତି । ସେତେବେଳେ ଏହି ଶକ୍ତିଦ୍ୱୟକୁ ପରସ୍ପରଠାରୁ ପୃଥକ୍ ଓ ଅସଂଲଗ୍ନ ବୋଲି ମାନିବାକୁ ପଡ଼ିବ, ଦୁହେଁ ପୃଥକ୍ ଭାବରେ ଜାତ ହୋଇଛନ୍ତି, ଭିନ୍ନଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଏକ ଶାଶ୍ୱତ ଦ୍ୱୈତତାର ଅନୁବନ୍ଧ ମଧ୍ୟରେ ଦୁଇଟି ଆତ୍ମସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ତତ୍ତ୍ୱ ହିସାବରେ ଅବସ୍ଥାନ କରୁଛନ୍ତି ବୋଲି ମାନିନେବାକୁ ହେବ; ଅଥବା, ଦୁହିଙ୍କ ମଧ୍ୟରେ ଯଦି କେଉଁଠି କୌଣସି ସଂଯୋଗ ରହିଥାଏ, ତେବେ ବିଦ୍ୟାରୂପୀ ଚେତନା ଆପଣାର ମର୍ମଗତ କାଳାତୀତତା ସମ୍ବନ୍ଧରେ ସଂପୂର୍ଣ୍ଣ ଅବଗତ ରହିଛି ଓ ଆପଣା ମଧ୍ୟରେହିଁ କାଳର ପ୍ରତ୍ୟକ୍ଷ କରୁଛି ଏବଂ ଅବିଦ୍ୟାରୂପୀ ଚେତନା ବରଂ ଆପଣାକୁହିଁ କାଳର ଅନ୍ତର୍ଗତରୂପେ ଦେଖୁଥିବା, କାଳଗତ ସତ୍ତାର ସ୍ୱକୀୟ କଳ୍ପନା ଭିତରେ ନିଜକୁ ଏକ ଆବରଣ ତଳେ ଲୁଚାଇ ରଖିଥିବା ଏବଂ କେବଳ ସେହି ଆବରଣର ଅପସାରଣ ହେଲେ ଯାଇ ଶାଶ୍ୱତ ଆତ୍ମଜ୍ଞାନ ମଧ୍ୟକୁ ପୁଣି ଫେରି ଆସିବାର ସମ୍ଭାବନା ରଖିଥିବା ସେହି ଏକ ବିଦ୍ୟାରହିଁ ଏକ ଆଂଶିକ ଓ ବହିରଙ୍ଗ କ୍ରିୟାରୂପେ କାର୍ଯ୍ୟ କରୁଛି ବୋଲି ସ୍ୱୀକାର କରିବାକୁ ପଡ଼ିବ ।

କାରଣ, ଅତିଚେତନ ପରମଜ୍ଞାନ ଏତେବେଶୀ ଦୂରରେ ଓ ଏତେ ବ୍ୟବଧାନରେ ଅବସ୍ଥିତ ରହିଛି ଯେ ଦେଶ, କାଳ ଓ କାରଣଗତତା ତଥା ସେଗୁଡ଼ିକର କାର୍ଯ୍ୟାବଳୀକୁ ଜାଣିବା ଲାଗି ଆଦୌ ସମର୍ଥ ହେଉ ନାହିଁ ବୋଲି ଯଦି ଆମେ ଅନୁମାନ କରିବାକୁ ଯିବା, ତେବେ ସେଥିଲାଗି ଆମକୁ ଯୁକ୍ତିର କୌଣସି ସମର୍ଥନ ମିଳିବ ନାହିଁ । କାରଣ ସେତେବେଳେ ତାହା ଅବିଦ୍ୟାର କେବଳ ଆଉ ଏକ ପ୍ରକାର ବୋଲିହିଁ ସାବ୍ୟସ୍ତ ହେବ । ସେହି କଳ୍ପନା ଅନୁସାରେ କାଳଗତ ସତ୍ତାର ଅଜ୍ଞତା ସହିତ ତାଳ ଦେଇପାରି ପରମ ନିର୍ବିଶେଷ ସତ୍ତାକୁ ମଧ୍ୟ ଅନୁରୂପ ଭାବରେ ଅଜ୍ଞ ବୋଲି ଅନୁମାନ କରିବାକୁ ପଡ଼ିବ । ଦୁଇଟିସାକୁ ଏପରି ଏକ ଚେତନସତ୍ତାର ଭାବାତ୍ମକ

'oaob.nitrkl.ac.in' images reprocessed

ଓ ଅଜ୍ଞାନାତ୍ମକ ଦୁଇଟି ମେରୁପର କଳ୍ପନା କରିବାକୁ ପଡ଼ିବ, ଆପଣାର ସକଳାଙ୍ଗ ସତ୍ୟପରିଚୟ ପାଇବା ଲାଗି ଯାହାର କ କୌଣସି ସାମର୍ଥ୍ୟ ନାହିଁ; ଯାହାକି କେବଳ ଆପଣାକୁ ଜାଣିପାରୁଛି ମାତ୍ର ଆପଣାର କ୍ରିୟା ଓ କ୍ରିୟାନିଃସୃତ ଜଗତକୁ ଜାଣି ନାହିଁ; କିମ୍ବା ଦ୍ୱିତୀୟ ଏଗୁଡ଼ିକୁ ଜାଣୁଛି ମାତ୍ର ଆପଣାକୁ ଜାଣିପାରୁ ନାହିଁ। ପରସ୍ପରକୁ ବର୍ଜନ କରି ବିଦ୍ୟା ଓ ଅବିଦ୍ୟା ଏପରି ସମାନ୍ତର ଭାବରେ କ୍ରିୟାଶୀଳ ହୋଇ ରହିବାଟା ଏକାନ୍ତ ଅସମ୍ଭବ ନୁହେଁକି ? କେଣୁ ପ୍ରାଚୀନ ବେଦାନ୍ତର ସେହି ବୃହତ୍ତର ଭୂମି ଉପରେ ଆପଣାକୁ ଅବସ୍ଥାପିତ କରି ଆମେ ଆପଣାକୁ ଏକ ଦ୍ୱୈତ ଅସ୍ତିତ୍ୱ ଭାବରେ ନୁହେଁ, ମାତ୍ର ଏକ ଅଦ୍ୱୟ ଚେତନାମୟ ଅସ୍ତିତ୍ୱରୂପେହିଁ କଳ୍ପନା କରିବା, ଏବଂ ବିଦ୍ୟା ଓ ଅବିଦ୍ୟାକୁ ଚେତନାର ଦ୍ୱିବିଧ ପର୍ଯ୍ୟାୟ ବୋଲି ଜାଣିବା। ଗୋଟିଏ ପର୍ଯ୍ୟାୟ ଆମର ଏହି ମନ ଭିତରେ ଚେତନ ଅଥବା ଆଂଶିକ ଭାବରେ ଚେତନ ହୋଇ ରହିଛି, ଏବଂ ଆଉଟି ମନ ଲାଗି ଅବଚେତନ ହୋଇ ରହିଛି। ଗୋଟିଏ ହେଉଛି କାଳାବଚ୍ଛିନ୍ନ ଜ୍ଞାନ, ଏହା କାଳର ଉପାଧିଗୁଡ଼ିକୁ ଅନୁସରଣ କରିହିଁ କାର୍ଯ୍ୟ କରୁଛି ଏବଂ ସେଇଥିପାଇଁ ଆପଣାର ଆତ୍ମଜ୍ଞାନକୁ ପ୍ରଚ୍ଛନ୍ନ କରି ରଖିଛି; ଏବଂ ଅନ୍ୟଟି କାଳାତୀତ, ତାହା ପୂର୍ଣ୍ଣ ପ୍ରଭୁତ୍ୱ ଓ ପୂର୍ଣ୍ଣ ଜ୍ଞାନ ସହକାରେ ଆପଣାର ସ୍ୱକଳ୍ପିତ କାଳଗତ ଅବସ୍ଥାଗୁଡ଼ିକୁ ସ୍ୱବିଧାନଦ୍ୱାରା କାର୍ଯ୍ୟକାରୀ କରିବାରେ ଲାଗିଛି। ଆପଣାର କାଳଗତ ଅନୁଭୂତିରେ କ୍ରମବିକଶିତ ହେବାଦ୍ୱାରାହିଁ ପ୍ରଥମଟି ଆପଣାକୁ ଜାଣିଥାଏ; ଏବଂ ଦ୍ୱିତୀୟଟି ଆପଣାର କାଳାତୀତ ଆତ୍ମାଟି ବିଷୟରେ ସତତ ଅବଗତ ରହିଥାଏ ଏବଂ କାଳଗତ ଅନୁଭୂତି ମଧ୍ୟରେ ଆପଣାକୁ ପୂର୍ଣ୍ଣସଚେତନ ଭାବରେ ପ୍ରକାଶିତ କରିବାରେ ଲାଗିଥାଏ।

ଉପନିଷଦରେ ଯେଉଁଠି ବ୍ରହ୍ମଙ୍କୁ ବିଦ୍ୟା ଓ ଅବିଦ୍ୟା ଉଭୟ ବୋଲି କୁହାଯାଇଛି ଏବଂ ଉଭୟର ମଧ୍ୟଦେଇ ବ୍ରହ୍ମର ପରିଚୟ ଲାଭ କରିବାକୁ ଅମୃତତ୍ୱ ଲାଭ କରିବାର ମାର୍ଗ ବୋଲି ଘୋଷଣା କରାଯାଇଛି, ସେଠାରେ ପ୍ରକୃତରେ କେଉଁ ତାତ୍ପର୍ଯ୍ୟରେ ଯେ ତାହା କୁହାଯାଇଛି, ଆମେ ବର୍ତ୍ତମାନ ସେକଥା ନିଶ୍ଚୟ ବୁଝିପାରିବା। ଯେଉଁ ପରମ ଆତ୍ମା କାଳାତୀତ, ଦେଶାତୀତ ଓ ସକଳ ସୀମାର ଅତୀତ ହୋଇ ଅଧିଷ୍ଠିତ ରହିଛନ୍ତି, ତାଙ୍କର ଅନ୍ତର୍ନିହିତ ଚୈତନ୍ୟଶକ୍ତିକୁ ଆମେ ବିଦ୍ୟା ବୋଲି ଜାଣିବା। ସେହି ଆତ୍ମା ଆପଣାର ସ୍ୱରୂପଗତ ମର୍ମସତ୍ତାରୂପେ ପ୍ରତିଷ୍ଠିତ ରହିଛନ୍ତି, ଏକ ସତ୍ତ୍ୱଗତ ଏକତ୍ୱରୂପେ ବିରାଜମାନ କରୁଛନ୍ତି। କେବଳ ତାଙ୍କର ଚୈତନ୍ୟ ହେଉଛି ଯଥାର୍ଥ ଜ୍ଞାନ ଓ ସମ୍ପୂର୍ଣ୍ଣ ଜ୍ଞାନ, କାରଣ ଏକ ଚିରନ୍ତନ ବସ୍ତୁଗତତାରୂପେ ତାହା ସତତ ଆତ୍ମଜ୍ଞାନମୟ ହୋଇ ରହିଛି, ଏବଂ ତାହା ସଙ୍ଗେସଙ୍ଗେ ଏହି ବସ୍ତୁ-ଜଗତର କାଳଗତ ଘଟଣାପ୍ରବହମାନତାଗୁଡ଼ିକୁ ଆପଣା ଭିତରେ ଧାରଣ କରି ରଖିଛି, ସେଗୁଡ଼ିକୁ ପ୍ରକାଶିତ ଓ ଚାଳିତ କରାଉଛି, ସେଗୁଡ଼ିକର ନିୟନ୍ତ୍ରଣ କରୁଛି ଓ

'oaob.nitrkl.ac.in' images reprocessed

ସେଗୁଡ଼ିକୁ ଜାଣୁଛୁ । ଏବଂ କାଳର ପ୍ରବହମାନତାଗୁଡ଼ିକ ମଧ୍ୟରେ ଅବସ୍ଥିତ ସ୍ୱଗତ ଚୈତନ୍ୟକୁ ଆମେ ଅବିଦ୍ୟା ବୋଲି କହିବା । ମୁହୂର୍ତ୍ତମୁହୂର୍ତ୍ତର ଭୂମି ଉପରେ ନିବାସ କରୁଥିବାରୁ ଆପଣାର ଜ୍ଞାନରେ ଏହା ବହୁଧାରୂପେ ଅବସ୍ଥିତ ରହିଛି, ଦେଶ ଓ ପାରିବେଶିକ ସମ୍ବନ୍ଧଚୟର ବହୁଳତା ମଧ୍ୟରେ ନିବାସ କରୁଥିବାରୁ ଏହାର ଆତ୍ମସତ୍ତାଗତ କଳ୍ପନାରେ ମଧ୍ୟ ଏହା ବହୁଧା ହୋଇ ରହିଛି, ଏକତ୍ୱର ବହୁଧା କ୍ରିୟାଶୀଳତା ଭିତରେ ସଚେତନ ଆତ୍ମଅବରୁଦ୍ଧ ହୋଇ ରହିଛି । ଏହାକୁ ଆମେ ଅବିଦ୍ୟା ବୋଲି କହିବା, କାରଣ ଏକତ୍ୱର ଜ୍ଞାନଟିକୁ ଏହା ଆପଣା ପଛରେ ଲୁକ୍କାୟିତ କରି ରଖିଛି ଏବଂ ଠିକ୍ ସେହି କାରଣରୁହିଁ ଆପଣାକୁ ତଥା ଜଗତକୁ ଯଥାର୍ଥ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ ସମର୍ଥ ହୋଇପାରୁ ନାହିଁ । ଅନ୍ତର୍ନିହିତ ସତ୍ୟକୁ ଜାଣିପାରୁ ନାହିଁ କି ବସ୍ତୁଗତ ସତ୍ୟଟିକୁ ମଧ୍ୟ ଜାଣିପାରୁ ନାହିଁ । ଅଜ୍ଞାନ ମଧ୍ୟରେ ନିବାସ କରୁଥିବା ଚେତନ ଆତ୍ମା ମୁହୂର୍ତ୍ତରୁ ମୁହୂର୍ତ୍ତକୁ ଏ କ୍ଷେତ୍ରରୁ ସେ କ୍ଷେତ୍ରକୁ ଏବଂ ଏ ସମ୍ବନ୍ଧରୁ ସେ ସମ୍ବନ୍ଧକୁ ଝୁଣ୍ଟିପଡ଼ି ଘୋଷାରି ହେବାରେ ଲାଗିଛି, ଏକ ଖଣ୍ଡିତ ଜ୍ଞାନର* ପ୍ରମାଦ ଭିତରେ ଘାଣ୍ଟି ହେବାରେ ଲାଗିଛି । ଅଜ୍ଞାନ ବା ଅବିଦ୍ୟା କହିଲେ ଏଠାରେ ନିଶ୍ଚେତନାକୁ ବୁଝାଉନାହିଁ, ମାତ୍ର ସତ୍ୟବସ୍ତୁର ଅଂଶତଃ ସତ୍ୟ ଓ ଅଂଶତଃ ମିଥ୍ୟା ଏକ ଦୃଷ୍ଟି ଓ ଅନୁଭୂତିକୁ ବୁଝାଉଛି । ଯାହା ମୂଳ ମର୍ମସତ୍ୟଟିକୁ ନଦେଖି କେବଳ ପ୍ରତୀୟମାନ ପଳାୟନଶୀଳ ଅଂଶଗୁଡ଼ିକୁହିଁ ଦେଖିବାରେ ଲାଗିଥାଏ, ସେହି ଜ୍ଞାନ ଠିକ୍ ଏହିପରି ହେବାକୁହିଁ ବାଧ୍ୟ ହେବ । ପୁଣି ଅନ୍ୟପକ୍ଷରେ, ଏକତ୍ୱର କେବଳ ଏକ ଲକ୍ଷଣରହିତ ଚେତନା ଭିତରେ ଆପଣାକୁ ଜାକିରଖିବା, ବ୍ରହ୍ମର ପ୍ରକାଶଧର୍ମିଟି ବିଷୟରେ ଅନବଗତ ରହିବା,—ଏଇଟାକୁ ମଧ୍ୟ ଗୋଟିଏ ଅନ୍ଧ ତମ ବୋଲି ବର୍ଣ୍ଣନା କରାଯାଇଛି । ବସ୍ତୁତଃ ଏଥିରୁ କୌଣସିଟିକୁ ପ୍ରକୃତରେ ଅନ୍ଧକାର ବୋଲି କୁହାଯିବ ନାହିଁ, ମାତ୍ର ଗୋଟିକୁ କେନ୍ଦ୍ରୀଭୂତ ଆଲୋକରେ ଆଖି ଝଲସିଯିବା ବୋଲି କୁହାଯାଇ ପାରିବ, ଏବଂ ଅନ୍ୟଟିକୁ ବିଚ୍ଛୁରିତ, ଅସ୍ପଷ୍ଟ ଓ ବିଭକ୍ତ ଆଲୋକରେ ଅଧା ଦିଶୁଥିବା ଓ ଅଧା କୁହୁଡ଼ି ଭିତରେ ଲୁଚି ରହିଥିବା ବସ୍ତୁଗୁଡ଼ିକର ଭ୍ରମାତ୍ମକ ବିକୃତରୂପ ବୋଲି କୁହାଯିବ । କିନ୍ତୁ ସତ୍ୟ ଚେତନା ଏଥିରୁ କୌଣସିଟି ମଧ୍ୟରେ ବନ୍ଦୀହୋଇ ରହେ ନାହିଁ, ସବୁଟିକୁ ଏକାଠି ସମ୍ବନ୍ଧିତ ଓ ସମନ୍ୱିତ କରି ରଖିଥିବା ସେହି ଏକ ଶାଶ୍ୱତ

---

* ଅବିଦ୍ୟାୟାଂ ଅନ୍ତରେ ବର୍ତ୍ତମାନାଃ......ଜଂଘନ୍ୟମାନାଃ ପରିୟନ୍ତି ମୂଢ଼ାଃ ଅନ୍ଧେନୈବ ନୀୟମାନାଃ ଯଥାନ୍ଧାଃ ।—ମୁଣ୍ଡକ ଉପନିଷଦ, ୧।୨।୮

"ଅବିଦ୍ୟା ଭିତରେ ବାସ ଓ ବିଚରଣ କରୁଥିବା ସେହି ବାଳକମାନେ ବୁଦ୍ଧି ଓ ପଣ୍ଡିତ ହୋଇ ଗର୍ବ ଫୁଲୁଥାନ୍ତି, ଅନ୍ଧଦ୍ୱାରା ପରିଚାଳିତ ଅନ୍ଧ ପରି ମୂଢ଼ଭାବରେ ଟଳିବାରେ ଲାଗିଥା'ନ୍ତି ।"

ଆତ୍ମଜ୍ଞାନ ଭିତରେ ତାହା ଅକ୍ଷର ପରମ ଅଦ୍ୱୟ ତଥା କ୍ଷର ପରମ ଅନେକଙ୍କୁ ଏକତ୍ର ଧାରଣ କରି ବିଦ୍ୟମାନ ଅଛି ।

ବିଭଜନଶୀଳ ଚେତନା ମଧ୍ୟରେ ସ୍ମୃତି ହେଉଛି ପଙ୍ଗୁର ଆଶ୍ରାବାଡ଼ି ପରି; ବଡ଼ ଅସହାୟଭାବରେ ତାଡ଼ିତ ମନ ତାହାକୁହିଁ ଆଶ୍ରାକରି ଓ ତାହାରି ଉପରେ ଭର ଦେଇ ହୁଣ୍ଡିପଡ଼ି ଧାଇଁବାରେ ଲାଗିଥାଏ । କେଉଁଠି ହେଲେ ଥମିପାରେ ନାହିଁ କିମ୍ବା ଅଟକି ରହିପାରେ ନାହିଁ, କାଳର ତୀବ୍ର ଓ କ୍ଷିପ୍ର ବେଗ ସହିତ କେବଳ ଧାଇଁବାରେ ଲାଗିଥାଏ । ଏକ ସମସ୍ତ, ପ୍ରତ୍ୟକ୍ଷ ଓ ସୁସ୍ଥିର ଆତ୍ମଚେତନା ଏବଂ ସମସ୍ତ, ପ୍ରତ୍ୟକ୍ଷ ବା ପରିପୂର୍ଣ୍ଣ ବସ୍ତୁଜାଗତିକ ଧାରଣାପାଇଁ ସ୍ମୃତି କେବଳ ଏକ ହୀନତାକ୍ଲିଷ୍ଟ ସ୍ଥାନାପନ୍ନ ବା ବିକଳ୍ପ ପରି କାର୍ଯ୍ୟ କରୁଥାଏ । କେବଳ ଆପଣାର ବର୍ତ୍ତମାନ ସତ୍ତାର ମୁହୂର୍ତ୍ତ-ଗୁଡ଼ିକରେହିଁ ମନ ଆତ୍ମଚୈତନ୍ୟର ପ୍ରତ୍ୟକ୍ଷ ସ୍ପର୍ଶ ଲାଭ କରିଥାଏ । କାଳଗତ ବର୍ତ୍ତମାନ ମୁହୂର୍ତ୍ତଗୁଡ଼ିକରେ, କେବଳ ତାତ୍କାଳିକ ଦେଶର କ୍ଷେତ୍ରରେ ଓ ଇନ୍ଦ୍ରିୟ-ଗୁଡ଼ିକର ସାହାଯ୍ୟରେହିଁ ବସ୍ତୁଜଗତ ତାହା ଆଗରେ ଯେପରିଭାବରେ ଆସି ଉପସ୍ଥାପିତ ହୋଇଥାଏ, କେବଳ ସେହିପରି ଏକପ୍ରକାର ଅର୍ଦ୍ଧ-ପ୍ରତ୍ୟକ୍ଷ ଅବଧାରଣା ଦ୍ୱାରା ମନ ବସ୍ତୁଜଗତର ପରିଚୟରେ ଆସିଥାଏ । ସ୍ମୃତି, କଳ୍ପନା, ଭାବନା ଓ ନାନାବିଧ ଯାବତୀୟ ଭାବପ୍ରତୀକ ଦ୍ୱାରା ମନ ଆପଣାର ଅନୁଭୂତିଗତ ଏହି ନ୍ୟୂନତାଟିର ପୂରଣ କରିବାକୁ ଚେଷ୍ଟା କରୁଥାଏ । ଆପଣାର ଇନ୍ଦ୍ରିୟଗୁଡ଼ିକୁ ସାଧନରୂପେ ବ୍ୟବହାର କରି ମନ ଉପସ୍ଥିତ କ୍ଷଣ ଓ ସନ୍ନିକଟସ୍ଥ ସ୍ଥାନରେ ପ୍ରତିଭାସିତ ହୋଇଥିବା ବସ୍ତୁଗୁଡ଼ିକୁ ଧରିବା ଲାଗି ଚେଷ୍ଟା କରୁଥାଏ; ସ୍ମୃତି, କଳ୍ପନା ଓ ଭାବନାକୁ ସାଧନରୂପେ ବ୍ୟବହାର କରି ସେ ଅଳ୍ପର କମ୍ ପ୍ରତ୍ୟକ୍ଷଭାବରେ ଉପସ୍ଥିତ କ୍ଷଣ ଓ ସନ୍ନିକଟସ୍ଥ କ୍ଷେତ୍ରର ବାହାରେ ଅବସ୍ଥିତ ବସ୍ତୁପ୍ରତିଭାସଗୁଡ଼ିକୁ ଆପଣା ସମକ୍ଷରେ ଅଙ୍କିତ କରିବାର ଚେଷ୍ଟା କରୁଥାଏ । ମାତ୍ର ବର୍ତ୍ତମାନ ମୁହୂର୍ତ୍ତରେ ତାହାର ଯେଉଁ ପ୍ରତ୍ୟକ୍ଷ ଆତ୍ମଚେତନା ରହିଥାଏ, ସେତିକିକୁ ମଧ୍ୟ ସେହିପରି ଏକ ସାଧନ ବୋଲି ଆମେ ଆଦୌ କହିପାରିବା ନାହିଁ । ତେଣୁ ସେହି ଆତ୍ମଚେତନାର ମାଧ୍ୟମରେହିଁ ଆମର ମନ ଶାଶ୍ୱତ ସତ୍ତାର ଯଥାର୍ଥ ସତ୍ୟଟିକୁ ସବୁଠାରୁ ଅଧିକ ସହଜରେ ଧରି ପାରିବାର ସାମର୍ଥ୍ୟ ନିହିତ ହୋଇ ରହିଥାଏ । ସଙ୍କୀର୍ଣ୍ଣ ଦୃଷ୍ଟି ଦେଇ ଦେଖିଲାବେଳେ ମନ କେବଳ ଏହି ଆତ୍ମଚେତନା ବ୍ୟତୀତ ଆଉ ସକଳ ବସ୍ତୁକୁ କେବଳ ଯେ ପ୍ରତିଭାସ ବା ବାହ୍ୟରୂପରୂପେ ଦେଖିବା ଲାଗି ପ୍ରଲୁବ୍ଧ ହୁଏ, ତାହା ନୁହେଁ, ମାତ୍ର ସେଗୁଡ଼ିକୁ ସେ ପ୍ରମାଦ, ଅଜ୍ଞାନ ବା ମାୟାରୂପେ ମଧ୍ୟ ଦେଖିପାରେ; କାରଣ ସେଗୁଡ଼ିକ ତା'ଆଗରେ ଆଉ ପ୍ରତ୍ୟକ୍ଷ ସତ୍ୟରୂପେ ଆଦୌ ପ୍ରତିଭାତ ହୁଅନ୍ତି ନାହିଁ । ତେଣୁ ମାୟାବାଦୀ ସେଗୁଡ଼ିକର ଧିକ୍କାର କରିଥାଏ, ଏବଂ ମାନସଭୂମିର ବର୍ତ୍ତମାନ ମୁହୂର୍ତ୍ତଗତ ପ୍ରତ୍ୟକ୍ଷ ଆତ୍ମଚେତନାର ପଛରେ ପ୍ରଚ୍ଛନ୍ନ ହୋଇ ରହିଥିବା ଶାଶ୍ୱତ ଆତ୍ମାକୁହିଁ ସେ

'oaob.nitrkl.ac.in' images reprocessed

ଯଥାର୍ଥରେ ସତ୍ୟ ବୋଲି ଗ୍ରହଣ କରେ । ଅଥବା, ବୁଦ୍ଧିବାଦୀମାନଙ୍କ ପରି ସେହି ଶାଶ୍ୱତ ଆତ୍ମାକୁ ମଧ୍ୟ ଏକ ବିଭ୍ରମ ବୋଲି ବୁଝାଯାଇ ପାରେ; ଏକ ପ୍ରତିରୂପ, କେବଳ ଆଶୟଗତ ଏକ କଳ୍ପନା, ମିଥ୍ୟାବୋଧ କିମ୍ବା ସତ୍ତ୍ୱସମ୍ବନ୍ଧୀୟ ଏକ ଭୁଲ୍ ଧାରଣା ବୋଲି ବୁଝାଯାଇପାରେ । ସେତେବେଳେ ଆପଣା ଆଗରେ ମନ ସତେଅବା କଳ୍ପନାମୟ ଅସୀମ କାରସାଦସମ୍ପନ୍ନ ଏକ ଜାଦୁକର ପରି ପ୍ରସ୍ତୁତ ହୁଏ; ମନ ଏବଂ ମନର କ୍ରିୟାଗୁଡ଼ାକ ସତେଅବା ଯୁଗପତ୍‌ଭାବରେ ବଡ଼ ଅଦ୍ଭୁତ ଭାବରେ ଅବସ୍ଥିତ ଅଛନ୍ତି ଓ ଅବସ୍ଥିତ ନାହାନ୍ତି ବୋଲି ମନେହୁଏ । ଏଗୁଡ଼ିକର ଏକ ସ୍ଥାୟୀ ଅସ୍ତିତ୍ୱ ରହିଛି, ତଥାପି ଏଗୁଡ଼ିକ ଯେପରି ଏକ କ୍ଷଣସ୍ଥାୟୀ ଭ୍ରମପରି ଖସିଖସି ଚାଲିଯାଉଛନ୍ତି, ସେହିପରି ବୋଧହୁଏ । ଏହିପରି ଏକ ଅଦ୍ଭୁତ ବ୍ୟାପାର କିପରି ସମ୍ଭବ ହୋଇପାରୁଛି, ମନ ସେକଥା ବୁଝିବାକୁ ବ୍ୟସ୍ତ ହୁଏ, ଅଥବା ବ୍ୟସ୍ତ ମଧ୍ୟ ନଥାଏ । ମାତ୍ର ଯାହାହେଉ ପଛକେ, ଆପଣାର ଯାବତୀୟ କ୍ରିୟାକୁ ସମ୍ପୂର୍ଣ୍ଣଭାବରେ ବିନଷ୍ଟ ଓ ବିଲୁପ୍ତ କରିଦେଇ ଓ ପ୍ରତିଭାସଜଗତର ମିଥ୍ୟାପ୍ରତିରୂପ ଭିତରୁ ବାହାରି ଯାଇ ପରମ ଶାଶ୍ୱତଙ୍କର କାଳାତୀତ ପ୍ରଶାନ୍ତି ମଧ୍ୟରେ ଯାଇ ବିଶ୍ରାମ ନେବାକୁ ଓ ବିଲୀନ ହୋଇ ଯିବାକୁ ସଂକଳ୍ପବଦ୍ଧ ହୋଇ ରହିଥାଏ ।

ମାତ୍ର ସତ କଥା କହିବାକୁ ଗଲେ, ଭିତରେ ଏବଂ ବାହାର ମଧ୍ୟରେ ତଥା ଆତ୍ମଚେତନାର ବର୍ତ୍ତମାନ ଓ ଅତୀତ ମଧ୍ୟରେ ଆମେ ଯେଉଁ ଖଣ୍ଡିତ ବିରୋଧିତାର ଆରୋପ କରିଥାଉ, ତାହା ଆମର ମନୋଗତ ସୀମାବଦ୍ଧ ଓ ଅସ୍ଥାୟୀ କ୍ରିୟାର ଗୋଟିଏ ଗୋଟିଏ ଛଳନା ମାତ୍ର । ଏହି ମନର ପଛରେ ଏକ ସ୍ଥାୟୀ ଚେତନାଭୂମି ରହିଛି, ଯାହାକି ମନକୁ ଆପଣାର ଉପରିଭାଗସ୍ଥ କ୍ରିୟାଶୀଳତାରୂପେ ବ୍ୟବହାର କରୁଛି; ସେଠାରେ ଏହି ଚେତନାର ବର୍ତ୍ତମାନ ଏବଂ ତାହାର ଅତୀତ ତଥା ଭବିଷ୍ୟତ ମଧ୍ୟରେ କୌଣସି ପ୍ରକାର କଳ୍ପନାଗତ କଠୋର ଭେଦ ଆଦୌ ନାହିଁ । ତଥାପି ସେହି ଚେତନା କାଳର ଭୂମି ଉପରେ ଆପଣାକୁ ଜାଣିବାକୁ ସମର୍ଥ ହେଉଛି; ଆପଣାକୁ ବର୍ତ୍ତମାନରେ ଜାଣୁଛି, ଅତୀତ ଓ ଭବିଷ୍ୟତରେ ମଧ୍ୟ ଜାଣୁଛି । ମାତ୍ର ଏଗୁଡ଼ିକୁ ତାହା ଏକାଧାରରେ ଜାଣୁଛି, ତାହାର ଅବିଭକ୍ତ ଦୃଷ୍ଟି କାଳସତ୍ତାର ଯାବତୀୟ ଗତିଶୀଳ ଅନୁଭୂତିଗୁଡ଼ିକୁ ଯୁଗପତ୍‌ଭାବରେ ଧାରଣ କରିପାରୁଛି, ଏବଂ ସକଳ ଗତିର ଅତୀତ ସେହି କାଳାତୀତ ସତ୍ତାର ଆଧାରଭୂମି ଉପରେ ସେଗୁଡ଼ିକୁ ଧରି ରଖିଛି । ଆମେ ଯେତେବେଳେ ଆମର ମନ ଓ ମନୋଗତ ସକଳ କ୍ରିୟାଶୀଳତାରୁ ଅପସରି ଯାଇପାରିବା, ଅଥବା ଯେତେବେଳେ ଏଗୁଡ଼ିକ ନିଶ୍ଚଳ ହୋଇଯାଇ ପାରିବ, ସେତେବେଳେ ଯାଇ ଆମେ ସେହି ସ୍ଥାୟୀ ଚେତନାଭୂମିର ଅନୁଭୂତି ଲାଭ କରିପାରିବା । ମାତ୍ର ଆମେ ଏକାବେଳେ ନଯାଇ ଆଗ ସେହି ଚେତନାର ନିଶ୍ଚଳ ଓ ନିସ୍ପନ୍ଦ ଅବସ୍ଥାଟିକୁ ଦେଖିବାକୁ ଆରମ୍ଭ କରୁ, ଏବଂ କେବଳ ସେହି ଅବସ୍ଥାଟିକୁହିଁ

'oaob.nitrkl.ac.in' images reprocessed

ଯଦି ଏକାନ୍ତ ଭାବରେ ଦେଖିବାକୁ ଲାଗୁ, ତେବେ ଆମେ ହୁଏତ କହିପାରୁ ଯେ ଏହି ଚେତନା ଯେ କେବଳ କାଳାତୀତ, ତାହା ନୁହେଁ; ଏହା ବିସ୍ତାରହିତ, ଏଥିରେ କୌଣସି ଧାରଣା, ଭାବନା, କଳ୍ପନା, ସ୍ମୃତି ବା ଇଚ୍ଛାଜନିତ କୌଣସି ଗତିସ୍ପନ୍ଦନ ନାହିଁ; ଏହା ସ୍ୱୟଂସମ୍ପୂର୍ଣ୍ଣ ଓ ଆତ୍ମସମାହିତ, ଏବଂ ସେହି କାରଣରୁ ଏହି ବାହ୍ୟଗତ ଯାବତୀୟ ବିସ୍ତାର ଲାଗି ଏଥିରେ ଆଦୌ କୌଣସି ସ୍ଥାନ ନାହିଁ । ସେତେବେଳେ କେବଳ ତାହାହିଁ ଆମକୁ ଏକମାତ୍ର ସତ୍ୟରୂପେ ପ୍ରତୀତ ହେବାକୁ ଲାଗେ ଏବଂ ଅବଶିଷ୍ଟ ଆଉସବୁ ପ୍ରକୃତରେ କୌଣସି ଯଥାର୍ଥ ଅସ୍ତିତ୍ୱ ନଥିବା ବୃଥା ପ୍ରତୀକଗୁଡ଼ିକ ପରି ମନେହୁଏ, ଅଥବା ଅନୁରୂପ କୌଣସି ବସ୍ତୁ ନଥିବା ରୂପାୟନ ପରି ମନେହୁଏ । ତେଣୁ ସତେଅବା ଏକ ସ୍ୱପ୍ନ ପରି ମନେହୁଏ । ମାତ୍ର ଏହି ଆତ୍ମ-ସମାହିତ ହେଉଛି କେବଳ ଆମର ଏହି ଭୂମିଗତ ଚେତନାର ଏକ କାର୍ଯ୍ୟ, କେବଳ ତାହାର ଏକ ପରିଣାମ । ଅନ୍ୟ ଅବସ୍ଥାରେ ଭାବନା, ସ୍ମୃତି ଓ ଇଚ୍ଛାରୂପରେ ଆମର ଆତ୍ମ-ବିକୀରଣର ଅବସ୍ଥାଟି ଯେପରି ଆମ ଚେତନାରହିଁ ଏକ ପରିଣାମ ଥିଲା, ଠିକ୍ ସେହିପରି । ଆମର ଅସଲ ସତ୍ତା ହେଉଛି ସେହି ଶାଶ୍ୱତ ସତ୍ତା, ଯାହାଙ୍କର କାଳର ବିସ୍ତୃତି ମଧ୍ୟରେ ଗତିଶୀଳ ହେବାର ତଥା କାଳକୁ ଆଧାର କରି ଗତିରହିତ ଅଥବା ପରମ ନିଶ୍ଚଳ ଅବସ୍ଥାକୁ ପ୍ରାପ୍ତ ହେବାର ଦୁଇଟିଯାକ ସାମର୍ଥ୍ୟ ଯୁଗପତ୍ ସମାନ ଭାବରେ ରହିଛି । ସେପରି ନହେଉଥିଲେ ଦୁଇଟି ମଧ୍ୟରୁ କୌଣସି ଅବସ୍ଥାଟିର ତିଷ୍ଠି ରହିବା ବି ଆଦୌ ସମ୍ଭବ ହୁଅନ୍ତା ନାହିଁ । ଅଥବା ଗୋଟିଏ ତିଷ୍ଠି ରହନ୍ତା ନାହିଁ ଏବଂ ଅନ୍ୟଟି ପ୍ରତିଭାସଗୁଡ଼ିକର ସୃଷ୍ଟି କରିପାରନ୍ତା ନାହିଁ । ଗୀତାର ଭାଷାରେ ସେଇ ହେଉଛନ୍ତି ପର ପୁରୁଷ, ସେଇ ପରମାତ୍ମନ୍ ଓ ପରବ୍ରହ୍ମନ୍ । ସକଳ ବିଶ୍ୱ ଓ ସକଳ ଅସ୍ତିତ୍ୱର ଆତ୍ମା ଓ ନିୟନ୍ତାରୂପେ ସେଇ ନିଶ୍ଚଳ ଓ ଚଳ ଦୁଇଟିଯାକ ସତ୍ତାକୁ ଧାରଣ କରି ରହିଛନ୍ତି ।

ପ୍ରଧାନତଃ ମନୋଭୂମିଗତ ଆତ୍ମଚେତନାର ପ୍ରାଥମିକ ବୃତ୍ତିଟିର ପୃଷ୍ଠଭୂମି ଉପରେ ମନ ଓ ସ୍ମୃତିର ବିଚାର କରି ଆମେ ଏଯାଏ ଆସି ପହଞ୍ଚିଛୁ । ମାତ୍ର ଆତ୍ମ-ଅନୁଭୂତି ତଥା ଚେତନା ଏବଂ ବିଶ୍ୱାନୁଭୂତି ତଥା ଆତ୍ମ-ଅନୁଭୂତିର ପୃଷ୍ଠଭୂମି ଉପରେ ସେଗୁଡ଼ିକର ବିଚାର କଲେ ଆମେ ଦେଖିବାକୁ ପାଇବା ଯେ ଆମେ ତତ୍ତ୍ୱର ଠିକ୍ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିବା, ମାତ୍ର ଆମ ସିଦ୍ଧାନ୍ତଟିରେ ସେତେବେଳେ ଆମେ ଅଧିକ ସମୃଦ୍ଧ ଅନ୍ତର ଅନେକ ତଥ୍ୟର ସମାବେଶ ଦେଖିବାକୁ ପାଇବା ଓ ଅଧ୍ୟାତ୍ମର ପ୍ରକୃତି ଉପରେ ମଧ୍ୟ ଅନ୍ତର ଉଜ୍ଜ୍ୱଳ ଭାବରେ ଆଲୋକପାତ ସମ୍ଭବ ହୋଇପାରିବ । ଆମେ ଏପର୍ଯ୍ୟନ୍ତ ଯେତିକି ଦେଖିଛେ, ବର୍ତ୍ତମାନ ତାହାକୁହିଁ ବ୍ୟକ୍ତ କରିବାକୁ ଚେଷ୍ଟା କରିବା : ସବୁରି ନିୟନ୍ତାରୂପେ ଏକ ଶାଶ୍ୱତ ଚେତନାମୟ ପୁରୁଷ ଅଧିଷ୍ଠିତ ହୋଇ ରହିଛି, ସିଏ କି ଏକ ସାକ୍ଷୀ ଓ ଅବିଚଳ ଆତ୍ମଚେତନାର

'oaob.nitrkl.ac.in' images reprocessed

ଭୂମି ଉପରେ ମନୋଭୂମିଗତ ଏହି ଚଳମାନ କ୍ରିୟାଶୀଳତାଟିକୁ ଧାରଣ କରି ରହିଛି । କାଳଗତ ଯାବତୀୟ କ୍ରିୟାରୁ ସେ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଛି; ଏବଂ ମନୋଭୂମିର ଅଜ୍ଞାତ ଏକ ଜ୍ଞାନଦ୍ୱାରା ସେ କାଳଗତ ସକଳ ଘଟଣାକ୍ରମକୁ ଆପଣାର ବାହ୍ୟବୋଧ ମଧ୍ୟରେ ଧରିରଖିଛି ଓ ମନର କ୍ରିୟାଦ୍ୱାରା ସେହି ଘଟଣାକ୍ରମ ମଧ୍ୟରେହିଁ ସ୍ୱୟଂ ବାସ କରୁଛି । ମୁହୂର୍ତ୍ତରୁ ମୁହୂର୍ତ୍ତ ଉପରକୁ ଡେଇଁ ଡେଇଁ ଯାଉଥିବା ଉପରିଭାଗସ୍ଥ ଏହି ମନରୂପରେ ଯେ ଆପଣାର ଅସଲ ଅନ୍ତର୍ସତ୍ତାଟିକୁ ନଦେଖି କାଳଗତ ଘଟଣାକ୍ରମ ସମ୍ବନ୍ଧରେ ହେଉଥିବା ଆପଣାର ଅନୁଭୂତିଗୁଡ଼ିକ ସହିତ ଆପଣାର ସମ୍ବନ୍ଧଟିକୁହିଁ ଦେଖୁଛନ୍ତି, ସେହି ଘଟଣାକ୍ରମ ମଧ୍ୟରେ ଭବିଷ୍ୟତକୁ ଆପଣାଠାରୁ ବାହାର କରି ରଖୁଛନ୍ତି; ଅବିଦ୍ୟା ଓ ଅନଭିଜ୍ଞତାର ଏକ ଶୂନ୍ୟ ପରି ପ୍ରତୀତ ହେଉଥିବା ଏକ ଆବରଣ ତଳେ ସେ ଭବିଷ୍ୟତକୁ ଲୁକ୍କାୟିତ କରି ରଖୁଛନ୍ତି । ମାତ୍ର ଯଥାର୍ଥତଃ ଏକ ଅନଭିବ୍ୟକ୍ତ ପୂର୍ଣ୍ଣତା ଭିତରେହିଁ ସେ ଭବିଷ୍ୟତକୁ ଘୋଡ଼ାଇ ରଖୁଛନ୍ତି ଏବଂ କେବଳ ବର୍ତ୍ତମାନ ମନର ଜ୍ଞାନ ଓ ସଜ୍ଞାଗତ ଅନୁଭବକୁ ଆସ୍ୱାଦନ କରି ପରମୁହୂର୍ତ୍ତରେ ତାହାକୁ ପୁଣି ଅଜ୍ଞାତ ଭିତରକୁ ଠେଲି ଦେଉଛନ୍ତି । ସେହି ଅଜ୍ଞାତ ମଧ୍ୟ ଅବିଦ୍ୟା ଓ ଅନଭିଜ୍ଞତାର କେବଳ ଏକ ଶୂନ୍ୟଗର୍ଭ ବୋଧ ହେଉଛି, ଏକ ଅର୍ଦ୍ଧ-ଅଚେତନ, ସ୍ମୃତିର ବଳରେ ଅର୍ଦ୍ଧରକ୍ଷିତ ଓ ଅର୍ଦ୍ଧସଞ୍ଚିତ ଅଯଥାର୍ଥତା ପରି ମନେହେଉଛି । ଅର୍ଥାତ୍ ଏହିପରି ଭାବରେ ସେ ଅଧ୍ରୁବତା ଓ ଅନିଶ୍ଚିତତାର ଏକ ମୁଖାବରଣ ପିନ୍ଧି ସତେଅବା ଅଧ୍ରୁବ ଓ ଅନିଶ୍ଚିତ ପଛରେ ଧାଉଁବାରେ ଲାଗିଛନ୍ତି ଓ ତାହାକୁହିଁ ଜନ୍ମ ସମସ୍ତ ପାଇଁ ଧରି ରଖିବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଯଥାର୍ଥତଃ ଆମେ ଅବଶ୍ୟ ଜାଣିବାକୁ ପାଇବା ଯେ ସେ ତଥାପି ସର୍ବଦା ସେହି ପରମ ନିତ୍ୟଶାଶ୍ୱତ ହୋଇ ରହିଛନ୍ତି, ଆପଣାର ଅତିମାନସ ଜ୍ଞାନର ଭୂମିରେ ଅଟଳ ଓ ଆତ୍ମସମାହିତ ହୋଇ ରହିଛନ୍ତି । ଏବଂ ସିଏ ଯାହା ଧରୁଛନ୍ତି ବା ଧରିବାର ଚେଷ୍ଟା କରୁଛନ୍ତି, ତାହା ମଧ୍ୟ ନିତ୍ୟକାଳ ଲାଗି ଅଟଳ ଓ ଶାଶ୍ୱତ ହୋଇ ରହିଛି । କାରଣ କାଳଗତ ପୂର୍ବାପର-ପରମ୍ପରାରେ ସେ କେବଳ ଆପଣାକୁହିଁ ମନୋମୟ ଭାବରେ ଅନୁଭବ କରିବାକୁ ଲାଗିଛନ୍ତି ।

କାଳକୁହିଁ ଆମେ ଚେତନ ସତ୍ତାର ଏକ ବୃହତ୍ ଭଣ୍ଡାର ବୋଲି କହିବା ଯାହାର ଅନୁଭୂତି ଓ କ୍ରିୟାର ଫଳଗୁଡ଼ିକୁ ସଞ୍ଚିତ କରି ରଖିଛି । ଉପରିଭାଗର ମନୋମୟ ସ୍ମୃତି ଅଜ୍ଞାତରୁ (ଏବଂ ଭବିଷ୍ୟତରୁ ମଧ୍ୟ) ସଞ୍ଚିତ ସେହି ପାଣ୍ଠି ଭିତରୁ ରତ୍ନଗୁଡ଼ିକୁ ଉଠାଇ ବର୍ତ୍ତମାନର ମୁଦ୍ରାରେ ସେଗୁଡ଼ିକୁ ରୂପାନ୍ତରିତ କରିଦେଉଛି । ଆପଣା କାରବାରର ହିସାବ କରି ସେ ଅବ୍ୟୟିତ ଲାଭାଂଶଗୁଡ଼ିକୁ ଯେଉଁଠି ସଞ୍ଚିତ କରି ରଖିଦେଉଛି, ତାହାକୁହିଁ ଆମେ ଅଜ୍ଞାତ ବୋଲି କହୁଛୁ । ମାତ୍ର ସେହି ଅଜ୍ଞାତଟି ଯେ ଆମ ଭିତରେ କିପରି ସତତ-ବର୍ତ୍ତମାନ ରହିଛି, ଆମେ ସେକଥା ବୁଝିବୁ

'oaob.nitrkl.ac.in' images reprocessed

ଜାଣିବୁ ? ଜ୍ଞାନ ଓ ଉପଲବ୍ଧ ସତ୍ତ୍ୱର ମୁଦ୍ରାରୂପେ ସେ ଯେତିକ ଦରକାର କରୁଛି, କେବଳ ସେତିକକୁ ବ୍ୟବହାର କରୁଛି, ଏବଂ ଯେଉଁ ବର୍ତ୍ତମାନ ତା'ଲାଗି ଭବିଷ୍ୟତର ନୂତନ ବିତ୍ତଗୁଡ଼ିକର ସୃଷ୍ଟି କରୁଛି ବୋଲି ସେ ଭାବୁଛି, ସେହି ବର୍ତ୍ତମାନର ବିକାକିଣା-ଭୂମିରେ ସେ ସେଗୁଡ଼ିକୁ ମନୋଗତ, ପ୍ରାଣଗତ ତଥା ଶରୀରଗତ କ୍ରିୟାର ମୁଦ୍ରାରୂପେ ଭରଣା କରିବାରେ ଲାଗିଛି । ପରମସତ୍ତ୍ୱର ଆତ୍ମଜ୍ଞାନ ଯେତେବେଳେ କାଳଗତ ଅନୁଭୂତ ତଥା କାଳଗତ କ୍ରିୟାତ୍ମକତାର କାମରେ ଲାଗିଲାଭଳି ବ୍ୟବହୃତ ହେଉଛି, ସେତେବେଳେ ତାହାର ସେଭଳି ବ୍ୟବହୃତ ହେବାକୁହିଁ ଆମେ ଅବିଦ୍ୟା ବୋଲି କହୁବା । ଆମେ କେବଳ ସେଗୁଡ଼ାକୁହିଁ ଜାଣିନାହୁଁ ବୋଲି କହିପାରିବା, ଯାହାକୁହିଁ ଏପର୍ଯ୍ୟନ୍ତ ସେହି ଭଣ୍ଡାର ଭିତରୁ ନେଇ ଆମ ମନୋମୟ ଅନୁଭୂତିର ପ୍ରଚଳିତ ମୁଦ୍ରାରେ ପରିଣତ କରିପାରି ନାହୁଁ ଏବଂ ଆମ କାରବାରରେ ଲଗାଇ ପାରି ନାହୁଁ ଅଥବା ଯାହାକୁ ଆଉ ଏବେ ସେହି ମୁଦ୍ରାରେ ପରିଣତ କରୁ ନାହୁଁ ବା ବ୍ୟବହାର କରୁ ନାହୁଁ । ଆବରଣଟିର ସେପାଖରେ କାଳ, ଦେଶ ଓ କାରଣଗତତାର ସମ୍ବନ୍ଧକ୍ଷେତ୍ରରେ ପରମ ଆତ୍ମସ୍ୱରୂପର ଇଚ୍ଛା ଅନୁସାରେ ସବୁକିଛି ଅବଗତ ହୋଇ ରହିଛି ଓ ବ୍ୟବହାର ସକାଶେ ପ୍ରସ୍ତୁତ ହୋଇ ରହିଛି । ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ ଆମେ ଯାହାକୁ ଆମର ବହିସ୍ତର ବା ବହିରଙ୍ଗ ସତ୍ତା ବୋଲି କହୁଛୁ, କାଳର ଭୂମି ଉପରେ ଆପଣାକୁ ଏକ ଦୁଃସାହସ ଯାତ୍ରୀରୂପେ ବାହାର କରିଥିବା ଆମ ଭିତରର ସେହି ଗଭୀରତର ଆତ୍ମସତ୍ତାଟି ବ୍ୟତୀତ ତାହା ଆଉ କିଛି ନୁହେଁ । ଆପଣାର ଅନନ୍ତ ସମ୍ଭାବନାକୁ ନେଇ ସତେଯେପରି ସେ କେଉଁଠି ବାଜି ଲଗାଇ ବାହାରିଛି ଅଥବା କେଉଁ ହାଟରେ ମୂଳ କରି ବାହାରିଛି ! ମୁହୂର୍ତ୍ତମୁହୂର୍ତ୍ତର ପୂର୍ବାପରତା ମଧ୍ୟରେ ସେ ଆପଣାକୁ ସୀମାବଦ୍ଧ କରି ରଖିଛି, ଯେପରିକି ସେ ଆପଣାର ଏହି ଦୁଃସାହସିକ ଅଭିଯାନରୁ ଲବ୍ଧ ସକଳ ବସ୍ତୁ ଓ ସକଳ ଆନନ୍ଦର ଅଧିକାରୀ ହୋଇପାରିବ । ସ୍ୱକୀୟ ଆତ୍ମଜ୍ଞାନ ଓ ସମ୍ପୂର୍ଣ୍ଣ ଆତ୍ମସତ୍ତାକୁ ସେ ଏହି କ୍ଷେତ୍ରରେ ଅନ୍ତରାଳ କରି ରଖିଛି, ଯେପରିକି ହଜାଇ ଦେଇଛି ବୋଲି ପ୍ରତୀତ ହେଉଥିବା ବସ୍ତୁଟିକୁ ସେ ପୁନର୍ବାର ଲାଭ କରିପାରିବ; ଯୁଗଯୁଗାନ୍ତପ୍ରସାରୀ ଏକ ଆକୂତି, ଅନ୍ୱେଷଣ ତଥା ପ୍ରତ୍ୟାଶାର ଉଲ୍ଲାସ ଓ ଯନ୍ତ୍ରଣାଗତ ନାନା ବୈଚିତ୍ର୍ୟ ମଧ୍ୟଦେଇ ଯେପରିକି ସେ ଆପଣାକୁ ପୁଣି ସମ୍ପୂର୍ଣ୍ଣରୂପେ ଜୟ କରିନେଇ ପାରିବ ।

'oaob.nitrkl.ac.in' images reprocessed

## ନବମ ପରିଚ୍ଛେଦ

# ସ୍ମୃତି, ଅହଂ ଓ ଆତ୍ମ-ଅନୁଭୂତି

ଅତ୍ରୈଷ ଦେବଃ ସ୍ୱପ୍ନେ···ପ୍ରତ୍ୟନୁଭୂତଂ ପୁନଃ ପୁନଃ ପ୍ରତ୍ୟନୁଭବତି, ଦୃଷ୍ଟଂ ଚାଦୃଷ୍ଟଂ ଚ ଶ୍ରୁତଂ ଚାଶ୍ରୁତଂ ଚାନୁଭୂତଂ ଚାନନୁଭୂତଂ ଚ ସଚ୍ଚାସଚ୍ଚ ସର୍ବଂ ପଶ୍ୟତି, ସର୍ବଃ ପଶ୍ୟତି ॥

—ପ୍ରଶ୍ନୋପନିଷଦ୍, ୪।୫

ଏଠାରେ ଏହି ମନୋବର୍ତ୍ତୀ ଦେବତା ଅଗରୁ ଯାହା ଥରେ ଅନୁଭବ କରିଥିଲେ, ସ୍ୱପ୍ନ ଭିତରେ ତାହାକୁହିଁ ପୁନଃ ପୁନଃ ଅନୁଭବ କରନ୍ତି। ଯାହା ଦୃଷ୍ଟ, ତାହାକୁ ଅନୁଭବ କରନ୍ତି; ଯାହା ଅଦୃଷ୍ଟ, ତାହାକୁ ମଧ୍ୟ ଅନୁଭବ କରନ୍ତି। ଶ୍ରୁତ ଓ ଅଶ୍ରୁତକୁ ଅନୁଭବ କରନ୍ତି, ଅନୁଭୂତ ଓ ଅନନୁଭୂତ ଉଭୟକୁ ଅନୁଭବ କରନ୍ତି। ଯାହା ସତ୍ ଓ ଯାହା ଅସତ୍, ସିଏ ସବୁ ଦେଖନ୍ତି। ସବୁରୂପରେହିଁ ସେ ସବୁକିଛି ଦେଖନ୍ତି।

ସ୍ୱରୂପାବସ୍ଥିତିଃ ମୁକ୍ତିଃ ତଦ୍‌ଭ୍ରଂଶୋଽହଂତ୍ୱବେଦନମ୍ ॥

—ମହୋପନିଷଦ୍, ୫।୨

ସ୍ୱରୂପରେ ଅବସ୍ଥିତ ରହିବା ହେଉଛି ମୁକ୍ତି, ସ୍ୱରୂପରୁ ଭ୍ରଷ୍ଟ ହେଲେହିଁ ଅହଂବୋଧର ଉଦ୍ରେକ ହୋଇଯାଏ।

ଏକଃ ସମୁଦ୍ରୋ ଧରୁଣୋ ରୟୀଣାମସ୍ମଦ୍ ହୃଦୋ ଭୂରିଜନ୍ମା ବି ଚଷ୍ଟେ।

ଋକ୍‌ବେଦ, ୧୦।୫।୧

ବହୁ ଜନ୍ମ ମଧ୍ୟରେ ସିଏ ଏକ ହୋଇ ଅବସ୍ଥିତ ଅଛନ୍ତି; ଏକ ସମୁଦ୍ରରୂପେ ସିଏ ସକଳ ସ୍ରୋତର ଧାରାକୁ ଧାରଣ କରିଛନ୍ତି, ସେଇ ଆମର ହୃଦୟକୁ ଦେଖୁଛନ୍ତି।

ଆପଣାର ପ୍ରତ୍ୟକ୍ଷ ଅନୁଚେତନାଦ୍ୱାରାହିଁ ମନୋମୟ ସତ୍ତା ଏକ ଅଭେଦମୂଳକ ଆତ୍ମ-ଅନୁଭବର ପ୍ରବାହ ପଥରେ ରହିଥିବା ସ୍ୱକୀୟ ନାମରୂପାତ୍ମକ ଅଭିବ୍ୟକ୍ତିର ପରିଚୟ ପାଇଥାଏ; ଆପଣାର ଶାଶ୍ୱତ ଉପାଦାନଗତ ଆତ୍ମା, ଯେଉଁଥିରୁ ଏ

'oaob.nitrkl.ac.in' images reprocessed

ଯାବତୀୟ ମନୋମୟ ରୂପାୟନର ରଚନା ହୋଇଛି ଓ ଯାହା ସେଗୁଡ଼ିକର ମର୍ମରୂପେ ପ୍ରଚ୍ଛନ୍ନ ହୋଇ ରହିଛି, ତାହାର ପରିଚୟ ଲାଭ କରେ । ଅହଂ ପଛରେ ରହିଥିବା ଆତ୍ମାର ପରିଚୟ ଲାଭ କରେ । ସେହି ପ୍ରତ୍ୟକ୍ଷ ବା ସାକ୍ଷାତ ଆତ୍ମଜ୍ଞାନ ଲାଭ କରିବାକୁ ହେଲେ ମନୋଭୂମିର ପଶ୍ଚାଦ୍‌ଭାଗରେ ଅବସ୍ଥିତ କାଳାତୀତ ନିତ୍ୟବର୍ତ୍ତମାନର ଭୂମିରେ ଯାଇ ପହଞ୍ଚିବାକୁ ହୁଏ । ମନୋମୟ ସତ୍ତା ମଧ୍ୟରେ ଅବସ୍ଥିତ ଏହାହିଁ ସର୍ବଦା ସେହି ଏକାଭଳି ରହିଥାଏ; ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ମନ ଯେଉଁସବୁ ଭେଦର ଭ୍ରମପ୍ରତୀତ କରିଥାଏ, ସେହି ଆତ୍ମଚେତନା ସେଗୁଡ଼ିକ ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ହୁଏ ନାହିଁ । ଦେଶ ବା ପରିବେଶଗତ ଭେଦଦ୍ୱାରା ମଧ୍ୟ ତାହା ପ୍ରଭାବିତ ହୁଏ ନାହିଁ; କାରଣ ମନୋମୟ ସତ୍ତା ଆପଣା ସ୍ୱରୂପରେ ସାଧାରଣତଃ "ମୁଁ ଏହି ଶରୀର ଭିତରେ ରହିଛି, ମୁଁ ଏଠାରେ ଅଛି, ମୁଁ ସେଠାରେ ଅଛି, ମୁଁ ଅନ୍ୟ କୌଣସି ସ୍ଥାନରେ ରହିବି", ଏହିଭଳି କହୁଥିଲେ ମଧ୍ୟ ତଥାପି ଯେତେବେଳେ ତା'ହା ଆପଣାକୁ ଏହି ସାକ୍ଷାତ ଆତ୍ମଚୈତନ୍ୟର ଭୂମିରେ ଯାଇ ନିବଦ୍ଧ କରି ପାରିବାକୁ ସମର୍ଥ ହୁଏ, ସେତେବେଳେ ତତ୍‌କ୍ଷଣାତ୍ ଜାଣିପାରେ ଯେ ସେ ଏତେବେଳଯାଏ ଯାହାସବୁ କହୁଥିଲା, ତାହା କେବଳ ଆପଣାର ପରିବର୍ତ୍ତନଶୀଳ ଆତ୍ମ-ଅନୁଭବର ଭାଷାରେହିଁ କହୁଥିଲା । ଏହି ଭାଷା ତା'ର ଉପରିସ୍ତରୀୟ ଚେତନାଟି ସହିତ ପରିବେଶ ଓ ବହିର୍ବିଶ୍ୱ ସହିତ ରହିଥିବା ସମ୍ବନ୍ଧଗୁଡ଼ିକୁହିଁ ପ୍ରକାଶ କରିଥାଏ । ଏଗୁଡ଼ିକୁ ଅଲଗା କରି ଚିହ୍ନି ରଖି ଏବଂ ଏଗୁଡ଼ିକରୁ ଆପଣାକୁ ବିମୁକ୍ତ କରି ରଖି ସେ ବୁଝିପାରେ ଯେ ଯେଉଁ ଆତ୍ମାଟି ସମ୍ବନ୍ଧରେ ତାହାର ପ୍ରତ୍ୟକ୍ଷ ଚେତନା ରହିଛି, ସେ ବାହାରର ଏହିସବୁ ପରିବର୍ତ୍ତନ ସହିତ ଆଦୌ କୌଣସିମତେ ପରିବର୍ତ୍ତିତ ହୁଏ ନାହିଁ । ମାତ୍ର ଏହା ସର୍ବଦା ଅପରିବର୍ତ୍ତିତ ରହିଥାଏ, ଶରୀର, ମନ କିମ୍ବା ଏଗୁଡ଼ିକ ବିଚରଣ ତଥା ବିସ୍ତାର କରୁଥିବା ଭୂମିର କୌଣସିପ୍ରକାର ପରିବର୍ତ୍ତନ ଦ୍ୱାରା ଆଦୌ ପ୍ରଭାବିତ ହୁଏ ନାହିଁ । ଏହା ମର୍ମତଃ ଲକ୍ଷଣ ଓ ସମ୍ବନ୍ଧରହିତ ହୋଇ ରହିଥାଏ, ଚେତନାମୟ ଶୁଦ୍ଧସତ୍ତ୍ୱ ବ୍ୟତୀତ ଏହାର ଅନ୍ୟ କୌଣସି ଅସ୍ତିତ୍ୱଗତ ଲକ୍ଷଣ ନଥାଏ । ଏହା ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଥାଏ, ଶୁଦ୍ଧ ସତ୍ତାରେହିଁ ନିତ୍ୟକାଳ ସକାଶେ ସନ୍ତୁଷ୍ଟ ହୋଇ ରହିଥାଏ, ଆତ୍ମାନନ୍ଦମୟ ହୋଇ ରହିଥାଏ । ଏହିପରି ଭାବରେହିଁ ଆମେ ସୂକ୍ଷ୍ମ ଆତ୍ମାର ପରିଚୟ ପାଉ, ଶାଶ୍ୱତ 'ଅହମସ୍ମି' ଅଥବା ସକଳ ପରିବର୍ତ୍ତନର ଅତୀତ 'ଅସ୍ମନ୍ତି'ର ପରିଚୟ ପାଉ । ସେହି ପରିଚୟ ମଧ୍ୟରେ ବ୍ୟକ୍ତିତ୍ୱ କିମ୍ବା କାଳଗତ କୌଣସି ବିକାରର ଲେଶମାତ୍ର ନଥାଏ ।

ମାତ୍ର ଆତ୍ମାର ଏହି ଚେତନା ଏକ ଦିଗରେ ଯେପରି ଏକ କାଳାତୀତ ଚେତନା ରୂପେ ଅବସ୍ଥିତ ରହିଥାଏ, ସେହିପରି ଅନ୍ୟଦିଗରେ ମଧ୍ୟ କାଳକୁ ଅବସ୍ଥାକ୍ରମେ ଆପଣା ମଧ୍ୟରେ ପ୍ରତିବିମ୍ବିତରୂପେ ଦେଖିବାକୁ ସମର୍ଥ ହୋଇଥାଏ । କାଳକୁ ଏକ

'oaob.nitrkl.ac.in' images reprocessed

ପରିବର୍ତ୍ତନଶୀଳ ଅନୁଭୂତିର କାରଣ ବା ଆତ୍ମଗତ ଶ୍ରେଷ୍ଠ ଭାବରେ ନ ଦେଖିବାକୁ ସମର୍ଥ ହୁଏ। ଯେତେବେଳେ ତାହା ଶାଶ୍ୱତ 'ଅହମସ୍ମି'ରୂପେ ପରିଚିତ ହୁଏ, ସେହି ପରିବର୍ତ୍ତନରହିତ ଚେତନାର ଉପଲବ୍ଧ ବହିର୍ଭାଗରେହିଁ କାଳଗତ ପ୍ରତିଷ୍ଠାର କ୍ଷେତ୍ରରେ ଚେତନ ଅନୁଭୂତିର ପରିବର୍ତ୍ତନମାନ ସଂଘଟିତ ହେଉଥାଏ। ଉପଲବ୍ଧିଗତ ଏହି ଚେତନାର ଭଣ୍ଡାରରେ ନିରନ୍ତର ଯୋଗବିୟୋଗ ଏବଂ ଗ୍ରହଣ ଓ ବର୍ଜନ ଲାଗି ରହିଥାଏ; ଏବଂ ପ୍ରତ୍ୟେକଟି ଗ୍ରହଣ ତଥା ପ୍ରତ୍ୟେକଟି ବର୍ଜନଦ୍ୱାରା ତାହା ସ୍ୱୟଂ ପରିବର୍ତ୍ତିତ ହେବାରେ ଲାଗିଥାଏ। ଅବଶ୍ୟ ଏକଥା ସତ ଯେ ସମୀରଣର ସ୍ତରରେ ଅବସ୍ଥିତ ସେହି ଆତ୍ମସତ୍ତା ଏହି ପରିବର୍ତ୍ତନର ଆଶ୍ରୟ ଓ ଆଧାରରୂପେ କାର୍ଯ୍ୟ କରୁଥାଏ, ସେଥିରେ ଆଦୌ କୌଣସି ପରିବର୍ତ୍ତନ ଘଟେ ନାହିଁ। ମାତ୍ର ବହିର୍ଭାଗସ୍ଥ ଅର୍ଥାତ୍ ଉପଲବ୍ଧିୀୟ ଅହଂଟି ଆପଣା ଅନୁଭୂତି କ୍ଷେତ୍ରରେ ସତତ ବର୍ଦ୍ଧିତ ଓ ପରିବର୍ତ୍ତିତ ହେବାରେ ଲାଗିଥାଏ, ଯୋଗୁଁକ ତାହା ଯେତେବେଳେ ହେଲେ ବି ଅସମ୍ଭାବିତ ଭାବରେ "ଗତକାଲ ପୂର୍ବରୁ ମୁଁ ଯାହା ଥିଲି, ବର୍ତ୍ତମାନ ଠିକ୍ ତାହାହିଁ ରହିଛି" ବୋଲି କହିପାରେ ନାହିଁ। ଯେଉଁମାନେ କାଳଗତ ଏହି ଉପଲବ୍ଧିସ୍ତରରେ ବାସ କରନ୍ତି ଏବଂ ପରିବର୍ତ୍ତନରହିତ ଅନ୍ତର ଗର୍ଭସ୍ତରର ମଧ୍ୟକୁ ଅପସରି ଯିବାରେ ଯେଉଁମାନେ ଅଭ୍ୟସ୍ତ ହୋଇନଥା'ନ୍ତି ବା ସେଥିରେ ବାସ କରିବା ଲାଗି ଅସମର୍ଥ ହୋଇ ରହିଥା'ନ୍ତି, ସେମାନେ ନିଜକୁ ମଧ୍ୟ ଆପଣାକୁ ସତତ ବଢ଼ିବାରେ ଓ ବଦଳାଇବାରେ ଲାଗିଥିବା ଏହି ମନୋଭୂମିଗତ ଅନୁଭୂତିଟିରୁ ଅଲଗା କରି ଆଦୌ ଭାବିପାରନ୍ତି ନାହିଁ। ତାହାକୁହିଁ ସେମାନେ ଆପଣାର ଆତ୍ମା ବୋଲି ଗ୍ରହଣ କରିଥାନ୍ତି, ଏବଂ ଅତୀନ୍ଦ୍ରିୟତାବାଦରେ ସମସ୍ତ ଯାହାର ଉଭୟ ବଳେ ଶୂନ୍ୟବାଦୀ ବୌଦ୍ଧମତ ସହିତ ଏକମତ ହେବା ସେମାନଙ୍କ ପକ୍ଷରେ ଆଦୌ କଷ୍ଟକର ହୁଏ ନାହିଁ। ଯେତେବେଳେ ଆତ୍ମା କହିଲେ ସେମାନେ ଚେତନା, ଅନୁଭୂତି ଓ ମନୋମୟ କ୍ରିୟାର ଏକ ସ୍ରୋତ ବ୍ୟତୀତ ଆଉ କିଛି ବୋଲି କଳ୍ପନା କରନ୍ତି ନାହିଁ। ସେମାନେ ତାହାକୁ ଏକ ଗୁଚ୍ଛସମଷ୍ଟି ବୋଲି କଳ୍ପନା କରନ୍ତି, ଯାହାର ଅବସାନ ଘଟିବାରେ ଲାଗିଛି, ତଥାପି ଯେତେବେଳେ ସେହି ଗୋଟିଏ ଶିଖା ହୋଇ ରହି ନାହିଁ। ତା'ପରେ, ଯଥାର୍ଥ ଆତ୍ମା ବୋଲି ପ୍ରକୃତରେ କୌଣସି ପଦାର୍ଥ ଆଦୌ ନାହିଁ ବୋଲି ସିଦ୍ଧାନ୍ତ କରିନେବାକୁ ଆଉ ଡେରି ଲାଗେ ନାହିଁ। ସେମାନେ କେବଳ ଅନୁଭୂତିର ଏକ ଅବିରତ ପ୍ରବାହ ଲାଗି ରହିଛି ବୋଲି ସ୍ୱୀକାର କରନ୍ତି ଓ ତା'ପରେ କେବଳ ମହାଶୂନ୍ୟଟି ରହିଛି ବୋଲି ଘୋଷଣା କରିଥା'ନ୍ତି। ଅର୍ଥାତ୍ ସେମାନଙ୍କର ଏହି ସିଦ୍ଧାନ୍ତ ଅନୁସାରେ ଜଣେ ଅନୁଭୂତିକୁ ସ୍ୱୀକାର କରାଯାଏ, ମାତ୍ର ଆତ୍ମାର ଅସ୍ତିତ୍ୱକୁ ସ୍ୱୀକାର କରାଯାଏ ନାହିଁ। ଶାଶ୍ୱତ ସତ୍ତା ବୋଲି କିଛି ନାହିଁ ବୋଲି କୁହାଯାଏ, ମାତ୍ର ସମଗ୍ର ଅନୁଭବକୁ ସ୍ୱୀକାର କରାଯାଏ। କେବଳ କେତୋଟି

'oaob.nitrkl.ac.in' images reprocessed

ଉପାଦାନ ରହିଛି ବୋଲି ବୁଝାଯାଏ, ଏକ ସତତ ଧାବମାନତାର ଅଂଶଗୁଡ଼ିକ ରହିଛି ବୋଲି ବୁଝାଯାଏ, ମାତ୍ର କୌଣସି ଯଥାର୍ଥ ସମଗ୍ରତାକୁ ସ୍ୱୀକାର କରାଯାଏ ନାହିଁ । ସେହି ଅଂଶ ବା ଖଣ୍ଡଗୁଡ଼ିକହିଁ ଏକାଠି ମିଶି ଜ୍ଞାତା, ଜ୍ଞାନ ଓ ଜ୍ଞେୟର ଏବଂ ସଞ୍ଜ୍ଞା, ସତ୍ ଓ ସତ୍ତ୍ୱବିଷୟକ ଅନୁଭୂତିର ଏକ ଭ୍ରମ ସୃଷ୍ଟି କରିବାରେ ଲାଗିଛନ୍ତି ବୋଲି ବୁଝାଯାଏ । ଅଥବା ଏପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ହୁଏ ଯେ ଯଥାର୍ଥ ଅସ୍ତିତ୍ୱ କହିଲେ କେବଳ କାଳକୁହିଁ ବୁଝାଇବ ଓ ସେମାନେ ସମସ୍ତେ ସେହି କାଳରହିଁ ବିସୃଷ୍ଟିରୂପେ ସ୍ୱୀକୃତ ହେବେ । ଏହିପରି ଏକ ପ୍ରତ୍ୟାହାରର ବଶବର୍ତ୍ତୀ ହେଲେ ସେହି କ୍ଷେତ୍ରରେ ବାସ୍ତବ କିମ୍ବା ଅବାସ୍ତବ ଏକ ଜଗତରେ ସତ୍ତ୍ୱକୁ ଗୋଟିଏ ଭ୍ରମ ବୋଲି ମନେକରିବା ଯେପରି ଅପରିହାର୍ଯ୍ୟ, ସେହିପରି ଯେଉଁମାନେ ଏକ ଅକ୍ଷର ଓ ଅବିଚଳ ଆତ୍ମା ମଧ୍ୟରେ ବାସ କରି ଅନ୍ୟ ସବୁକିଛିକୁ ଭଙ୍ଗୁର ଓ ପରିବର୍ତ୍ତନଶୀଳ ଅନାତ୍ମା ବୋଲି ଦେଖୁଥା'ନ୍ତି, ସେମାନଙ୍କ ପକ୍ଷରେ ମଧ୍ୟ ବ୍ରହ୍ମ ସତ୍ୟ ଓ ଜଗତ୍ ମିଥ୍ୟା, ଏହି ବିପରୀତ ଭାବର ସିଦ୍ଧାନ୍ତଟିରେ ଆସି ପହଞ୍ଚିବା ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼େ । ସେମାନେ ପରିଣାମତଃ ଜଗତକୁ ବିଭ୍ରମ ଜନ୍ମାଉଥିବା ଚେତନାଗତ ଏକ କୌଶଳର ଫଳ ବୋଲିହିଁ ବିଚାର କରିଥା'ନ୍ତି ।

ମାତ୍ର କୌଣସି ତତ୍ତ୍ୱ ନିଗାଡ଼ିବାର ଧନ୍ଦା ଭିତରେ ନପଶି ଆମେ ବର୍ତ୍ତମାନ ଏହି ଉପରିସ୍ଥିତ ବହିଃସ୍ଥର ଚେତନାଟିକୁ ବିଚାର କରି ଦେଖିବାକୁ ଚେଷ୍ଟା କରିବା, ଏହାର ତଥ୍ୟାବଳୀ ଦେଇ ଏହାର ଅଧ୍ୟୟନ କରିବା । ଆମେ ଏହି ଚେତନାକୁ ପ୍ରଥମତଃ ଏକ ଆଣବିକଗତ ବ୍ୟାପାରରୂପେ ଦେଖିଥାଉ । କାଳ-ବିନ୍ଦୁର ଏକ ଅବିରାମ ପ୍ରବାହ ଦ୍ରୁତଗତିରେ ଧାଇଁ ଚାଲିଛି ବୋଲି ଆମେ ଦେଖିଥାଉ । ଏହାକୁ ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ ଅଟକାଇ ରଖିବା ଏକାନ୍ତ ଅସମ୍ଭବ ବୋଲି ମନେହୁଏ । ସେଠି ସବୁ କେବଳ ସତତ ପରିବର୍ତ୍ତିତ ହେବାରେହିଁ ଲାଗିଥାଏ । ଏପରିକି ଦେଶଗତ ପରିବେଶରେ କୌଣସି ପରିବର୍ତ୍ତନ ନହେବାବେଳେ ମଧ୍ୟ ସେଠାରେ ପରିବର୍ତ୍ତନ ଲାଗି ରହିଥାଏ । ଆପଣାର ଯେଉଁ ଦେହ ବା ରୂପଟି ଭିତରେ ଚେତନା ପ୍ରତ୍ୟକ୍ଷ ଭାବରେ ବାସ କରୁଥାଏ, ସେଠାରେ ପରିବର୍ତ୍ତନ ଲାଗି ରହିଥାଏ; ଏବଂ ବସ୍ତୁଗୁଡ଼ିକର ପରିବେଶଗତ ଯେଉଁ ଦେହ ବା ରୂପରେ ତାହା କମ୍ ପ୍ରତ୍ୟକ୍ଷ ଭାବରେ ବାସ କରୁଥାଏ, ସେଠାରେ ମଧ୍ୟ ପରିବର୍ତ୍ତନ ଲାଗି ରହିଥାଏ । ଏହି ଦୁଇଟିଯାକ ଦ୍ୱାରା ଚେତନା ସମାନଭାବରେ ପ୍ରଭାବିତ ହେଉଥାଏ; ଅବଶ୍ୟ ଏକଥା ସତ ଯେ ବୃହତ୍ତର ଆବାସଭୂମିଟି ଅପେକ୍ଷା କ୍ଷୁଦ୍ର ଆବାସଭୂମିର, ଜଗତର ଶରୀର ଅପେକ୍ଷା ଆପଣା ଶରୀରର ପ୍ରଭାବଟି ତାହା ପାଖରେ ଅଧିକ ସ୍ପଷ୍ଟ ହୋଇ ପ୍ରତିଭାତ ହୁଏ । କାରଣ କେବଳ ଆପଣା ଶରୀର ମଧ୍ୟରେ ସଂଘଟିତ ହେଉଥିବା ପରିବର୍ତ୍ତନଗୁଡ଼ିକ ସମ୍ବନ୍ଧରେ

'oaob.nitrkl.ac.in' images reprocessed

ଏହା ଅଧିକ ଅବହିତ ବା ସଚେତ ରହିଥାଏ; ଏବଂ କେବଳ ପରୋକ୍ଷ ଭାବରେ ଅର୍ଥାତ୍ ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ଏବଂ ପିଣ୍ଡ ଉପରେ ବ୍ରହ୍ମାଣ୍ଡର ଅଭିଘାତଗୁଡ଼ିକର ମଧ୍ୟଦେଇ ଏହା ଜଗତ୍‌ରୂପ ଦେହଟି ବିଷୟରେ ସଚେତନ ହୋଇପାରେ । କାଳଗତ ପରିବର୍ତ୍ତନକୁ ସେ ଯେପରି ଦ୍ରୁତ ଓ ପୁନଃପୁନଃ ସ୍ପଷ୍ଟ ଭାବରେ ଅନୁଭବ କରିପାରେ, ଆପଣାର ଦେହ ଓ ପରିବେଶଗତ ପରିବର୍ତ୍ତନକୁ ସେପରି ଅନୁଭବ କରିପାରେ ନାହିଁ । ତଥାପି ସେହି ପରିବର୍ତ୍ତନ ପ୍ରତି ମୁହୂର୍ତ୍ତରେ ଲାଗି ରହିଥାଏ ଓ ତାହାର ଗତିରୋଧ କରିବା ମଧ୍ୟ ସେହିପରି ଅସମ୍ଭବ ହୋଇ ରହିଥାଏ । ମାତ୍ର ଆମେ ବେଶ୍ ଦେଖିବାକୁ ପାଉ ଯେ ମନୋମୟସତ୍ତା କେବଳ ସେତିକିବେଳେ ଏହିସବୁ ପରିବର୍ତ୍ତନକୁ ଦେଖିବା ଲାଗି ସମର୍ଥ ହୁଏ, ଯେତେବେଳେ ତାହା ଆପଣାର ମାନସ ଚେତନାଟି ଉପରେ ପ୍ରଭାବ ବିସ୍ତାର କରିବାରେ ଲାଗିଥାଏ, ଆପଣାର ମନୋମୟ ଅନୁଭବ ଓ ମନୋମୟ ଶରୀର ଉପରେ ନାନା ଛାପ ପକାଇବାକୁ ଆରମ୍ଭ କରେ ବା ସେଗୁଡ଼ିକରେ କୌଣସି ପରିବର୍ତ୍ତନ ଘଟିଥାଏ । କାରଣ କେବଳ ଏହି ମନର ମଧ୍ୟଦେଇହିଁ ସେ ଆପଣାର ପରିବର୍ତ୍ତନଶୀଳ ଦେହଗତ ନିବାସ ଓ ପରିବର୍ତ୍ତନଶୀଳ ଜଗତ୍‌ଗତ ଅନୁଭବ ସମ୍ବନ୍ଧରେ ସଚେତନ ହୋଇଥାଏ । ସୁତରାଂ କାଳ-ବିନ୍ଦୁ ଓ ଦେଶ-କ୍ଷେତ୍ରରେ ଏକ ନିତ୍ୟ ପରିବର୍ତ୍ତନ ହେବାରେ ଲାଗିଛି ଏବଂ ତହିଁ ସଙ୍ଗେସଙ୍ଗେ ଦେଶ ଓ କାଳ ଭିତରେ ମଧ୍ୟ ସମସ୍ତ ପରିବେଶର ଏକ ପରିବର୍ତ୍ତନ ସଂଘଟିତ ହେଉଛି; ଏବଂ ସେଥିଯୋଗୁ ଆମ ବହିସ୍ତର ଓ ଆପାତପ୍ରତୀୟମାନ ଆତ୍ମାର ରୂପାୟିତ ଅଭିବ୍ୟକ୍ତ ସ୍ୱରୂପ ସେହି ମନୋଭୂମିଗତ ବ୍ୟକ୍ତିତ୍ୱରେ ମଧ୍ୟ ନିତ୍ୟ ପରିବର୍ତ୍ତନ ଘଟୁଛି । ଦର୍ଶନର ପରିଭାଷାରେ ପରିବେଶଗତ ଏହି ସକଳ ପରିବର୍ତ୍ତନକୁ କାରଣଗତତା ବୋଲି ବୁଝାଯାଇଛି । କାରଣ ନିତ୍ୟମୟ ଗତିସ୍ପନ୍ଦନର ଏହି ପ୍ରବାହଟି ଭିତରେ ପୂର୍ବବର୍ତ୍ତୀ ଅବସ୍ଥାଟି ପରବର୍ତ୍ତୀ ଅବସ୍ଥାଟିର କାରଣ ବୋଲି ମନେହେଉଛି, ଅଥବା, ପରବର୍ତ୍ତୀ ଅବସ୍ଥାଟି କେତେକ ବ୍ୟକ୍ତି, ବସ୍ତୁ କିମ୍ବା ଶକ୍ତିର ଏକ ପୂର୍ବବର୍ତ୍ତୀ କାର୍ଯ୍ୟର ପରିଣାମ ବୋଲି ମନେହେଉଛି । ତଥାପି, ଆମେ ଯାହାକୁ କାରଣ ବୋଲି କହୁଛୁ, ତାହାକୁ ବସ୍ତୁତଃ ଏକ ବାହ୍ୟ-ପରିବେଶଗତ ଅବସ୍ଥା ବୋଲି ବି ବୁଝାଯାଇପାରେ । ତେଣୁ ମନର ପ୍ରତ୍ୟକ୍ଷ ଆତ୍ମଚେତନାଟି ବ୍ୟତୀତ ତାହାର ଅଲ୍ପବିସ୍ତୃତ ପରୋକ୍ଷ ଏବଂ ପରିବର୍ତ୍ତନଶୀଳ ଏକ ଅନୁଭବ ମଧ୍ୟ ରହିଛି, ଯାହାକୁ କି ମନ ଦୁଇଟି ଭାଗରେ ବିଭକ୍ତ କରି ରଖିଛି । ଗୋଟିଏ ହେଉଛି ଏହାର ବ୍ୟକ୍ତିତ୍ୱର ସତତ ପୁନର୍ଗଠନଶୀଳ ଅବସ୍ଥାଗୁଡ଼ିକର ଆତ୍ମଗତ ଅନୁଭବ, ଏବଂ ଅପରଟି ହେଉଛି ସତତ ପରିବର୍ତ୍ତନଶୀଳ ପରିବେଶଟି ସମ୍ବନ୍ଧରେ ଏହାର ବିଷୟଗତ ଅନୁଭବ । ଏହି ଦ୍ୱିବିଧ ଅନୁଭବଟି ଅଂଶତଃ ବା ପୂର୍ଣ୍ଣତଃ ତାହାର ଆପଣା ବ୍ୟକ୍ତିତ୍ୱର ହେତୁ ବୋଲି ମନେହୁଏ, ମାତ୍ର ତଥାପି ପ୍ରକୃତ ଭାବରେ ତାହାର ସେହି ବ୍ୟକ୍ତିତ୍ୱର କ୍ରିୟାଦ୍ୱାରାହିଁ ପରିବର୍ତ୍ତିତ ହେବାରେ

'oaob.nitrkl.ac.in' images reprocessed

ଲଗିଥାଏ । ମାତ୍ର ଏହିସବୁ ଅନୁଭବକୁ ଆମେ ମୂଳତଃ ଆତ୍ମଗତ ବୋଲି କହିବା; କାରଣ ଯାହା ବସ୍ତୁଗତ ଓ ଯାହା ବାହ୍ୟ, ସେଗୁଡ଼ାକ ମଧ୍ୟ କେବଳ ଆତ୍ମଗତ ଅନୁଭବରୂପେହିଁ ମନର ଜ୍ଞାନସୀମା ଭିତରକୁ ଆସିଥାଏ ।

ଏଠାରେ ସ୍ମୃତିର ଭୂମିକାଟିର ମହତ୍ତ୍ୱ ଅତ୍ୟନ୍ତ ବଢ଼ିଯାଉଛି । କାରଣ ପ୍ରତ୍ୟକ୍ଷ ଆତ୍ମଚେତନାର କ୍ଷେତ୍ରରେ ସ୍ମୃତି ମନକୁ କେବଳ ଏତିକି ସ୍ମରଣ କରାଇ ଦେଇଥାଏ ଯେ ବର୍ତ୍ତମାନ ପରି ଅତୀତରେ ମଧ୍ୟ ମନ ଠିକ୍ ଏହିପରି ସ୍ୱରୂପରେ ବିଦ୍ୟମାନ ରହିଥିଲା । ମାତ୍ର ଆମର ବିଭେଦଧର୍ମୀ ଅର୍ଥାତ୍ ବହିସ୍ତର ଆତ୍ମ-ଅନୁଭବର କ୍ଷେତ୍ରରେ ସ୍ମୃତି ଏକ ଅତି ମହତ୍ତ୍ୱପୂର୍ଣ୍ଣ ଶକ୍ତି ହିସାବରେ କାର୍ଯ୍ୟ କରିଥାଏ । ତାହା ଅତୀତର ଅନୁଭୂତିଗୁଡ଼ିକୁ ବର୍ତ୍ତମାନର ଅନୁଭୂତିଗୁଡ଼ିକ ସହିତ ଆଣି ସଂଯୁକ୍ତ କରେ, ଅତୀତର ବ୍ୟକ୍ତିତ୍ୱକୁ ବର୍ତ୍ତମାନର ବ୍ୟକ୍ତିତ୍ୱ ସହିତ ଯୋଡ଼ି ଦେଇଯାଏ । ଏହି କ୍ଷେତ୍ରରେ ଯାବତୀୟ ବିଶୃଙ୍ଖଳା ଓ ବିଘଟନକୁ ବାରିତ କରି ରଖେ ଏବଂ ବହିସ୍ତର ମନୋଭୂମିରେ ପ୍ରବାହର ଧାରାଟିକୁ କଦାପି ବିଚ୍ଛିନ୍ନ ହୋଇଯିବାକୁ ଦିଏ ନାହିଁ । ତଥାପି ଏଠାରେ ମଧ୍ୟ ସ୍ମୃତିର କାର୍ଯ୍ୟଟିକୁ ଆମେ କୌଣସି ପ୍ରକାରେ ଅତିରଞ୍ଜିତ କରି ଦେଖାଇବାକୁ ଚେଷ୍ଟା କରିବା ନାହିଁ । ଅଥବା, ଚେତନାଗତ କ୍ରିୟାପରମ୍ପରାର ଯେଉଁସବୁ ଅଂଶ ବସ୍ତୁତଃ ମନୋମୟ ସତ୍ତାର ଅନ୍ୟ ଶକ୍ତି ଓ ବିଭାବଗୁଡ଼ିକ ଦ୍ୱାରା କାର୍ଯ୍ୟାନ୍ୱିତ ହେଉଛି, ତାହାକୁ ସ୍ମୃତି ଉପରେ ଆଣି ଆରୋପ କରିବା ନାହିଁ । କାରଣ କେବଳ ସ୍ମୃତିଦ୍ୱାରାହିଁ ଅହଂଭାବର ରଚନା ହୋଇ ନାହିଁ । ଇନ୍ଦ୍ରିୟ-ମନ ଓ ସଂଯୋଗସ୍ଥାପନକାରୀ ବୁଦ୍ଧି ମଧ୍ୟରେ ସ୍ମୃତି କେବଳ ଏକ ମଧ୍ୟସ୍ଥ ପରି କାର୍ଯ୍ୟ କରୁଛି । ଅତୀତ ଅନୁଭୂତିର ଯେଉଁ ସାମଗ୍ରୀଗୁଡ଼ିକୁ ମନ ଆପଣା ଭିତରେ କୌଣସି ସ୍ଥାନରେ ସଞ୍ଚିତ କରି ରଖିଛି, ମାତ୍ର ଉପରିଭାଗର ବିଚରଣଭୂମିରେ ମୁହୂର୍ତ୍ତରୁ ମୁହୂର୍ତ୍ତ ହୋଇ ଧାଉଁଥିବା ବେଳେ ତାହାକୁ ଆପଣା ସହିତ ବହି ନେଇପାରୁ ନାହିଁ, ସ୍ମୃତି ସେହିଗୁଡ଼ିକୁହିଁ ଆଣି ବୁଦ୍ଧି ଆଗରେ ଉପସ୍ଥାପିତ କରିଦେଉଛି ।

ଟିକିଏ ବିଶ୍ଳେଷଣ କରି ଦେଖିଲେ ଏକଥାଟି ବେଶ୍ ପରିଷ୍କାର ହୋଇଯିବ । ମନୋମୟଚେତନାର ଯାବତୀୟ କ୍ରିୟା ଭିତରେ ଆମେ ସୁସ୍ପଷ୍ଟ ଉପାଦାନ ଦେଖିବାକୁ ପାଇବା । ସେଗୁଡ଼ିକ ହେଉଛି : ମାନସିକ ଚେତନାର ବିଷୟ, ମାନସିକ ଚେତନାର କ୍ରିୟା, ଭୂମିର ବା ଉପଲକ୍ଷ୍ୟ ଏବଂ ବିଷୟୀ ଅର୍ଥାତ୍ କର୍ତ୍ତା । ଆତ୍ମସଂପ୍ରେକ୍ଷଣକାରୀ ଅନ୍ତର୍ଗତ ସତ୍ତାର ଆତ୍ମ-ଅନୁଭବରେ ବିଷୟ କହିଲେ ଚେତନ ସତ୍ତାର କୌଣସି ଅବସ୍ଥା, କୌଣସି ଗତି କିମ୍ବା ତରଙ୍ଗକୁହିଁ ବୁଝାଇଥାଏ । ଉଦାହରଣସ୍ୱରୂପ, କ୍ରୋଧ, ଦୁଃଖ ବା ଅନ୍ୟ ସଂବେଗଗୁଡ଼ିକୁ ବୁଝାଇଥାଏ, କ୍ଷୁଧା କିମ୍ବା ପ୍ରାଣଭୂମିଗତ ଅନ୍ୟ କୌଣସି ଆକାଙ୍କ୍ଷାକୁ ବୁଝାଇଥାଏ । ଅଥବା ଅନ୍ତଃପ୍ରାଣର କୌଣସି ପ୍ରତିକ୍ରିୟା କିମ୍ବା

'oaob.nitrkl.ac.in' images reprocessed

କୌଣସି ପ୍ରକାର ଇନ୍ଦ୍ରିୟସମ୍ବେଦନା, ଇନ୍ଦ୍ରିୟସ୍ପନ୍ଦନ ବା କୌଣସି ମନନଶୀଳତାକୁ ମଧ୍ୟ ବୁଝାଇଥାଏ । ମାନସିକ ଚେତନାର କ୍ରିୟାକୁ ଆମେ କୌଣସି ନା କୌଣସି ପ୍ରକାର ମାନସିକ ପର୍ଯ୍ୟବେକ୍ଷଣ ବୋଲି କହିବା, ଏହି ଗତି ବା ଏହି ତରଙ୍ଗର ଏକ ମନୋଗତ ମୂଲ୍ୟନିର୍ଦ୍ଧାରଣ ବୋଲି କହିବା, କିମ୍ବା ସେଗୁଡ଼ିକର ଏପରି ଏକ ମାନସିକ ବୋଧ ବୋଲି କହିବା ଯାହା ମଧ୍ୟରେ ଏ ପର୍ଯ୍ୟବେକ୍ଷଣ ଓ ମୂଲ୍ୟନିର୍ଦ୍ଧାରଣ ତୁଏତ ସବୃତ ହୋଇ ରହିଛି ଅଥବା ଏକାବେଳକେ ଲୁପ୍ତ ହୋଇଯାଇଛି । ଅତଏବ ଏହି କ୍ରିୟାରେ ମନୋମୟ ବ୍ୟକ୍ତି ତୁଏତ ଏକ ବିଭେଦମୂଳକ ଅବଧାରଣା ଦ୍ୱାରା କ୍ରିୟାଠାରୁ ବିଷୟକୁ ପୃଥକ୍ କରି ଦେଖିପାରିବ, ଅଥବା ସେଗୁଡ଼ିକ ମଧ୍ୟରେ ଆଦୌ କୌଣସି ପାର୍ଥକ୍ୟ ନ ଦେଖି ସେଗୁଡ଼ିକୁ ଏକାଠି ଗୋଳାଇ ମିଶାଇ ଦେବ । ଅର୍ଥାତ୍, ଆମେ ବେଶ୍ କହିପାରିବା ଯେ ସେ ଆପଣାକୁ କ୍ରୋଧମୟ ଚେତନାର ଏକ ଗତିଶୀଳ ରୂପରେ ପରିଣତ କରିଦେଇ ପାରିବ, କ୍ରୋଧର କ୍ରିୟାଟିକୁ କୌଣସି ପ୍ରକାରେ ଅପସରି ଠିଆହେବ ନାହିଁ, ଆପଣା ଆଡ଼କୁ ଆଦୌ ଅନାଇବ ନାହିଁ ଓ ଆପଣାର ସକଳ କର୍ମଶକ୍ତି ହରାଇ ବସିବ, ଆପଣାର ସଂବେଗଟିକୁ ଆୟତ୍ତରେ ରଖିବ ନାହିଁ କିମ୍ବା ସେଥିରୁ ଉପୁଜୁଥିବା କ୍ରିୟାଟିକୁ ମଧ୍ୟ ନିୟନ୍ତ୍ରଣ କରିପାରିବ ନାହିଁ; ଅଥବା, ସେ ଆପଣାର ଅବସ୍ଥାଟିକୁ ତୁଏତ ପର୍ଯ୍ୟବେକ୍ଷଣ କରି ଦେଖିବ, ସେହି ସମ୍ବନ୍ଧରେ ଶାନ୍ତ ହୋଇ ରହିବ, 'ମୁଁ କ୍ରୁଦ୍ଧ ହୋଇଛି' ବୋଲି ବେଶ୍ ଦେଖିପାରୁଥିବ ବା ଅନୁଭବ କରିପାରୁଥିବ । ପ୍ରଥମ କ୍ଷେତ୍ରଟିରେ କର୍ତ୍ତା ବା ମନୋମୟ ବ୍ୟକ୍ତି, ସଚେତନ ଆତ୍ମ-ଅନୁଭବର କ୍ରିୟାଟି ଏବଂ ଏହି ଆତ୍ମ-ଅନୁଭବର ବିଷୟସ୍ୱରୂପ ମନର ଏହି ଯଥାର୍ଥ କ୍ରୋଧ,—ଏଗୁଡ଼ିକ ସବୁଯାକ ସତେଅବା ଏକାଠି ଗୁଡ଼ାଇ ହୋଇଯିବା ପରି ଗତିସ୍ପନ୍ଦନଯୁକ୍ତ ଚେତନଶକ୍ତିର ଗୋଟିଏ ତରଙ୍ଗରେ ପରିଣତ ହୋଇଯିବ । ମାତ୍ର ଦ୍ୱିତୀୟ ଅବସ୍ଥାଟିରେ ସଂବେଗଟିର ବିଭିନ୍ନ ଉପାଦାନଗୁଡ଼ିକୁ ଏକ ଦ୍ରୁତ ବିଶ୍ଳେଷଣ ଦ୍ୱାରା ପରଖି ଦେଖିବାଲାଗି ଏକ ଅବସର ଅବଶ୍ୟ ରହିଥିବ । ଏଥିରେ ଆତ୍ମ-ଅନୁଭବର କ୍ରିୟାଟି ମଧ୍ୟ ଆପଣାକୁ ଅନୁଭବର ବିଷୟଟିରୁ ଆଂଶିକଭାବେ ବିଚ୍ଛିନ୍ନ କରି ରଖିବାକୁ ସମର୍ଥ ହୋଇପାରିବ । ଏବଂ ଏହିପରି ଭାବରେ ଆପଣାକୁ ଆଂଶିକ ଭାବରେ ବିଚ୍ଛିନ୍ନ କରିପାରିବା ଫଳରେ ଆମେ ଯେ କେବଳ ଏହି ସମୁଦ୍ର ମଧ୍ୟରେ ଆପଣାର ଏକ ଗତିଶୀଳ ପରିଚୟ ଲାଭ କରିପାରିବା ତାହା ନୁହେଁ, ସ୍ୱୟଂ ଚେତନାଶକ୍ତିର ଗତିପ୍ରକ୍ରିୟା ମଧ୍ୟରେ ଆପଣାକୁ ମଧ୍ୟ ଗତିଶୀଳ ଭାବରେ ଜାଣିବାକୁ ସମର୍ଥ ହେବା ତାହା ନୁହେଁ, ଆମେ ସେଥିରୁ ନିବୃତ୍ତ ହେବାକୁ ମଧ୍ୟ ସମର୍ଥ ହେବା, ଆପଣାକୁ ନିରୀକ୍ଷଣ କରି ଦେଖିପାରିବା ଓ ଅନୁଭବ କରିପାରିବା, ଏବଂ ଯଥେଷ୍ଟ ଭାବରେ ଆପଣାକୁ ବିଚ୍ଛିନ୍ନ ଓ ଅନାସକ୍ତ କରି ରଖିପାରିଲେ ଆମର ସଂବେଗଟିକୁ ଓ ସେଥିରୁ ଉପୁଜୁଥିବା କ୍ରିୟାଟିକୁ ମଧ୍ୟ ଆମେ ଆୟତ୍ତରେ ରଖିପାରିବା, ଅର୍ଥାତ୍ ଆମେ

'oaob.nitrkl.ac.in' images reprocessed

କେତେକ ପରିମାଣରେ ଆପଣାର ଏହି ପରିଣତିକ୍ରମଟିକୁ ବି ଆପଣା ନିୟନ୍ତ୍ରଣରେ ରଖିପାରିବା ।

ମାତ୍ର ଆତ୍ମନିରୀକ୍ଷଣରେ ଏହି ନିଃସୃଷ୍ଟି ଭିତରେ ମଧ୍ୟ ଗୋଟିଏ ଦୋଷ ରହିଛି । କାରଣ ଏହି କ୍ଷେତ୍ରରେ ନିଃସୃଷ୍ଟିକୁ ବହିଃସୃଷ୍ଟିରୁ ଆଂଶିକଭାବେ ବିଚ୍ଛିନ୍ନ କରାଯାଇ ପାରୁଛି ସତ, ମାତ୍ର ମନୋମୟ ପୁରୁଷ ମନୋଭୂମିଗତ ନିଃସୃଷ୍ଟିରୁ ଆପଣାକୁ ତଥାପି ବିଚ୍ଛିନ୍ନ କରିପାରୁ ନାହିଁ ବା ଆପଣାକୁ ଅନାସକ୍ତ ରଖିପାରୁ ନାହିଁ । ମନୋମୟ ବ୍ୟକ୍ତି ମନୋମୟ ନିଃସୃଷ୍ଟି ସହିତ ସତେଅବା ଏକାଠି ଗୁଡ଼ାଇଗୁଡ଼ାଇ ରହିବାପରି ତା' ସହିତ ସଂଶ୍ଳିଷ୍ଟ ହୋଇ ରହିଯାଉଛି । ସଂବେଗଗତ ପରିଣତିଟିରୁ ମଧ୍ୟ ମନୋମୟ ବ୍ୟକ୍ତି ଯଥେଷ୍ଟ ପରିମାଣରେ ଅନାସକ୍ତ ବା ବିଚ୍ଛିନ୍ନ ହୋଇ ରହିପାରୁ ନାହିଁ । ଆପଣାର କ୍ରୋଧବେଳେ ମୁଁ ବେଶ୍ ଜାଣିପାରୁଛି ଯେ ମୋ ସତ୍ତାର ଚେତନ ଉପାଦାନଟି କ୍ରୋଧରୂପେ ପରିଣତ ହୋଇଛି, ଏବଂ ତହିଁ ସଙ୍ଗେ ସଙ୍ଗେ ଏହି ପରିଣତିର ମନୋମୟ ଧାରଣା ମଧ୍ୟ ମୋ' ଭିତରେ ଦେଖାଦେଇଛି । ମାତ୍ର ଯାବତୀୟ ମନୋଗତ ଧାରଣାକୁ ମଧ୍ୟ କେବଳ ଏକ ପରିଣତି ବୋଲି ବୁଝାଯିବ, ମୋର ସ୍ୱରୂପ ବୋଲି ବୁଝାଯାଇ ପାରିବ ନାହିଁ; ଏବଂ ସେହି ସମୟରେ ମୁଁ ସେକଥାଟିକୁ ଯଥେଷ୍ଟ ଭାବରେ ଆଦୌ ଉପଲବ୍ଧି କରିପାରେ ନାହିଁ । କାରଣ ମୁଁ ସେତେବେଳେ ମୋର ମନୋଭୂମିଗତ ନିଃସୃଷ୍ଟିଗୁଡ଼ିକ ମଧ୍ୟରେ ସଂଶ୍ଳିଷ୍ଟ ହୋଇ ପଡ଼ିଥାଏ, ଅର୍ଥାତ୍ ମୋତେ ସେଗୁଡ଼ିକରୁ ଅଭିନ୍ନ କରି ଦେଖୁଥାଏ, ତେଣୁ ମୁକ୍ତ ଏବଂ ସେଗୁଡ଼ିକରୁ ସ୍ୱତନ୍ତ୍ର ନ ଥାଏ । ମୋର ଯାବତୀୟ ପରିଣତି ଓ ସେଗୁଡ଼ିକ ସମ୍ବନ୍ଧରେ ମୋର ଧାରଣାଟିରୁ ଆପଣାକୁ ବିଚ୍ଛିନ୍ନ କରି ମୁଁ ସେପର୍ଯ୍ୟନ୍ତ ମୋ ନିଜ ବିଷୟରେ ଆଦୌ ସଚେତନ ହୋଇନଥାଏ । ଯେଉଁ ଚେତନାଶକ୍ତି ମୋର ମନୋମୟ ଓ ପ୍ରାଣମୟ ପ୍ରକୃତିର ଉପାଦାନ ହୋଇ ରହିଥାଏ, ମୁଁ କେବଳ ସେହି ସମୁଦ୍ରରେ ଉତ୍ଥିତ ହେଉଥିବା ତରଙ୍ଗମାଳାର ଆକାର ଧାରଣ କରିଥାଏ, ତାହାର ସକ୍ରିୟ ରୂପଟି ସହିତ ମୁଁ ସେତେବେଳେ ମଧ୍ୟ ଓତପ୍ରୋତ ହୋଇ ରହିଥାଏ, ଆପଣାକୁ ସେଥିରୁ ଆଦୌ ପୃଥକ୍ କରିପାରେ ନାହିଁ । ମୁଁ ଯେତେବେଳେ ମନୋମୟ ପୁରୁଷଟିକୁ ତା'ର ଆତ୍ମ-ଅନୁଭବର ନିଃସୃଷ୍ଟିରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ କରି ଦେଇପାରେ, ସେତେବେଳେ ଯାଇ ମୁଁ ସମ୍ପୂର୍ଣ୍ଣଭାବେ ସଚେତନ ହୁଏ । ପ୍ରଥମରେ କ୍ରୁଦ୍ଧ ଅହଂଟି ସହିତ ପୂର୍ଣ୍ଣ ପରିଚୟ ଘଟେ, ଏବଂ ପରିଶେଷରେ ସାକ୍ଷୀରୂପେ ଅବସ୍ଥିତ ରହିଥିବା ଆତ୍ମା ଅର୍ଥାତ୍ ମନୋମୟ ପୁରୁଷଙ୍କ ସହିତ ପରିଚୟ ହୁଏ । ମୋ ଭିତରେ ଆଉ ଯାହା ବା କିଏ କ୍ରୋଧର ବଶବର୍ତ୍ତୀ ହେଉଛି, ଏହି କ୍ରୋଧକୁ ଅବଲୋକନ କରି ଦେଖିପାରୁଛି, ମାତ୍ର ଆପଣାର ସତ୍ତାଗତ ଭୂମିରେ ସେହି କ୍ରୋଧ ବା ତାହାର ବୋଧଦ୍ୱାରା ତଥାପି ନିୟନ୍ତ୍ରିତ ଅଥବା ସୀମାବଦ୍ଧ ହୋଇ ରହି ନାହିଁ, ତାହାର ସହିତ ପରିଚୟ ଘଟେ । ବରଂ ପଶ୍ଚାତ୍ତରେ ସେ

'oaob.nitrkl.ac.in' images reprocessed

ନିତ୍ୟସାକ୍ଷୀ ପରି ଠିଆହୋଇ ରହିଥାଏ, ସଚେତନ ଯାବତୀୟ ଗତିସ୍ପନ୍ଦନର ଅଗଣିତ ପରମ୍ପରା ଓ ସେହି ଗତିର ସଚେତନ ଅନୁଭୂତିଗୁଡ଼ିକର ପରିଚୟ ପାଏ, ଏବଂ ସେହି କ୍ଷଣକ୍ଷଣର ପରମ୍ପରା ମଧ୍ୟରେ ତାହାର ନିଜ ସତ୍ତାଟି ମଧ୍ୟ ଅବସ୍ଥିତ ରହିଛି ବୋଲି ଅନୁଭବ କରିଥାଏ । ପୁଣି ସେ ଏକଥା ମଧ୍ୟ ଅନୁଭବ କରିପାରେ ଯେ ସେହି ପରମ୍ପରାର ଅନ୍ତରାଳରେ ବି ତା'ର ଆଧାର ତଥା ଆଶ୍ରୟରୂପେ ତାହାର ଚିତ୍ତଶକ୍ତିଗତ ସକଳ ପରିବର୍ତ୍ତନଶୀଳ ରୂପାୟନ ଓ ସଂଯୋଜନର ଅତୀତ ଭାବରେ ସତ୍ତ୍ୱଗତ ସତ୍ୟ ଏବଂ ସତ୍ତ୍ୱଗତ ଶକ୍ତିରୂପେ ସେ ସେହି ଗୋଟିଏ ରୂପରେ ଚିରକାଳ ଅବସ୍ଥିତ ରହିଛି । ଯେଉଁ ପରମ ଆତ୍ମା ଏକାଧାରରେ ଅକ୍ଷର ଆତ୍ମାରୂପେ କୂଟସ୍ଥ ତ ରହିଛି ତଥା ଯିଏ କାଳଗତ ପରମ୍ପରାର ଭୂମି ଉପରେ ନିତ୍ୟସମ୍ଭୂତ ହେବାରେ ଲାଗିଛି, ସେ ତାହାର ପରିଚୟ ପାଏ, ଆପଣାକୁ ତାହାଠାରୁ ଅଭିନ୍ନ ବୋଲି ଜାଣେ ।

ଏଠାରେ ଯେ ଦୁଇଟି ଆତ୍ମା କଥା ଆଦୌ କୁହାଯାଉ ନାହିଁ, ସେ କଥା ସ୍ପଷ୍ଟ ହୋଇଯିବା ଉଚିତ । ସେଇ ଗୋଟିଏ ଚେତନ ସତ୍ତାହିଁ ଆପଣାର ନାନା ପରିବର୍ତ୍ତନଶୀଳ ଗତିସ୍ପନ୍ଦନର ପରମ୍ପରା ମଧ୍ୟ ଦେଇ ଆପଣାକୁ ଅନୁଭବ କରିବା ଉଦ୍ଦେଶ୍ୟରେ ଚେତନଶକ୍ତିର କଲ୍ଲୋଳବକ୍ଷରେ ଆପଣାକୁ ନିକ୍ଷିପ୍ତ କରି ଦେଉଛନ୍ତି । ମାତ୍ର ଏପରି କରିବା ଦ୍ୱାରା ସେ ନିଜେ କୌଣସି ପ୍ରକାରେ ବଦଳୁ ନାହାନ୍ତି, ବଢ଼ୁନାହାନ୍ତି କିମ୍ବା ଛୁଟୁନାହାନ୍ତି । ଉପାଦାନଗୁଡ଼ିକରେ କେତେ ସଂଯୋଗ ଓ ବିଯୋଗ ହୋଇ ଓ ସତତ କେତେ ଅଦଳବଦଳ ଘଟି ଏହି ଭୌତିକ ଜଗତଟିର ଗଠନ ହୋଇଛି; ମାତ୍ର ତଦ୍ୱାରା ଯେପରି ଏହି ଜଗତର ମୂଳ ଜଡ଼ୋପାଦାନ ତଥା ମୂଳ ଶକ୍ତିରେ କୌଣସି ପରିବର୍ତ୍ତନ ଘଟୁ ନାହିଁ, ଠିକ୍ ସେହିପରି । ଅବଶ୍ୟ ଏକଥା ସତ୍ୟ ଯେ ଏସବୁକୁ ଅନୁଭବ କରୁଥିବା ଚେତନାଟି ଯେପର୍ଯ୍ୟନ୍ତ ଆପଣାର ଯାବତୀୟ ଜ୍ଞାନକୁ କେବଳ ପ୍ରତିଭାସସର୍ବସ୍ୱ କରି ରଖିଛି ଏବଂ ଆଦ୍ୟ ସତ୍ତା, ଆଦ୍ୟ ଉପାଦାନ ବା ଶକ୍ତିର ସାକ୍ଷାତକାର କରିପାରୁ ନାହିଁ, ସେତେବେଳଯାଏ ତାହା ସତେଅବା ବଦଳି ଯାଉଥିବା ପରି ମନେହେଉଛି । ମାତ୍ର ଯେତେବେଳେ ସେ ସେହି ଗଭୀରତର ଜ୍ଞାନର ଭୂମିଟିକୁ ଫେରିଯାଇ ପାରୁଛି, ସେତେବେଳେ ସେ ଆପଣାର ଅନୁଭୂତ ଓ ଅବଲୋକିତ ପ୍ରତିଭାସଗୁଡ଼ିକୁ ଅସତ୍ୟ କହି ବର୍ଜନ କରିପକାଉ ନାହିଁ, ମାତ୍ର ସେ ଏକ ପରିବର୍ତ୍ତନରହିତ ଅକ୍ଷର ସତ୍ତାର ଅନୁଭୂତି ଲାଭ କରୁଛି, ସକଳ ପରିବର୍ତ୍ତନର ଅତୀତ ଏକ ଶକ୍ତି ବା ସତ୍ତ୍ୱୋପାଦାନର ପରିଚୟ ପାଉଛି, ଯାହାକୁ କି କଦାପି ପ୍ରାତିଭାସିକ ବୋଲି କୁହାଯାଇ ପାରିବ ନାହିଁ, ଆପଣା ସ୍ତରରେ ଯିଏ ଇନ୍ଦ୍ରିୟର ଅସ୍ପୃଷ୍ଟ ହୋଇ ରହିଛି ବୋଲି କୁହାଯାଇ ପାରିବ ନାହିଁ । ଏବଂ ଯୁଗପତ୍ ଭାବରେ ସେ ଏକ ସମ୍ଭୂତ ଅର୍ଥାତ୍ ସେହି ପରମ ସତ୍ତା, ଶକ୍ତି ବା ଉପାଦାନର ଏକ ଯଥାର୍ଥ ପ୍ରତିଭାସର ପ୍ରତ୍ୟକ୍ଷ

'oaob.nitrkl.ac.in' images reprocessed

ମଧ୍ୟ କରିପାରିବ । ଏହି ସମ୍ମୁଖଜନକୁ ଆମେ ପ୍ରତୀୟମାନ ବୋଲି କହୁଛୁ, କାରଣ, ବର୍ତ୍ତମାନ ଆମେ ବସ୍ତୁତଃ ଯେଉଁଭଳି ଏକ କ୍ଷେତ୍ରରେ ବିଚରଣ କରୁଛୁ, କେବଳ ଇନ୍ଦ୍ରିୟବୋଧ ଓ ଇନ୍ଦ୍ରିୟଗତ ସମ୍ମୁଖର ଏକ ପରିବେଶରେ ଏହା ଆମ ଚେତନାର ସମ୍ମୁଖରେ ପ୍ରକାଶିତ ହୋଇପାରୁଛି । ଚେତନାର ବିଶୁଦ୍ଧ ଓ ଅନୁପାଧିକ ଅବସ୍ଥାରେ ଓ ସର୍ବାବଗାହୀ ପୂର୍ଣ୍ଣଜ୍ଞାନରୂପେ ପ୍ରତ୍ୟକ୍ଷ ଭାବରେ ପ୍ରକାଶିତ ହେଉ ନାହିଁ । ପରମ ଆତ୍ମା କେବଳ ମଧ୍ୟ ଠିକ୍ ସେହିଭଳି, ଆମର ପ୍ରତ୍ୟକ୍ଷ ଆତ୍ମଚେତନାରେ ଆମେ ଏହାକୁ ଅକ୍ଷର ବା ସକଳ ବ୍ୟାକୃତର ଅତୀତ ବୋଲି ଅନୁଭବ କରୁଛୁ; ଏବଂ ମାନସେନ୍ଦ୍ରିୟ ଓ ମନୋଗତ ଅନୁଭୂତର ଜାଣିବାକୁ ଏହା କେତେ କେତେ ବିଚିତ୍ର ରୂପାୟନରେ କେତେ ପ୍ରକାରେ ପରିବର୍ତ୍ତିତ ହୋଇ ପ୍ରକାଶିତ ହେବାରେ ଲାଗିଛି । ଅର୍ଥାତ୍, ବର୍ତ୍ତମାନ ଆମେ ଯେଉଁଠି ବା ଯେଉଁ ଭୂମିରେ ରହିଛୁ, ଚେତନାର ଶୁଦ୍ଧ ଓ ଅପ୍ରସୀମିତ ଜ୍ଞାନପ୍ରତ୍ୟକ୍ଷର ସମ୍ମୁଖରେ ନୁହେଁ, ମାତ୍ର ଆମ ମନୋଭୂମିର ପ୍ରସୀମିତ କ୍ଷେତ୍ର ଉପରେହିଁ ଆମେ ସେହି ବହୁବିଚିତ୍ର ପ୍ରକାଶକୁ ଦେଖିବାକୁ ପାଉଛୁ ।

ଅନୁଭବର ଏହି ଅବିଚ୍ଛିନ୍ନ ପରମ୍ପରା ଏବଂ ଆମ ମନୋମୟ ଭୂମିର ପ୍ରସୀମନ ମଧ୍ୟରେ ରହି ଅନୁଭବକାରୀ ଚେତନାଦ୍ୱାରା ସଂଘଟିତ ହେଉଥିବା ଗୌଣ ବା ପରୋକ୍ଷ କ୍ରିୟା,—ଏଇଥିରୁହିଁ ସ୍ମୃତିର ପ୍ରୟୋଜନ ଘଟେ । କାରଣ କାଳଗତ ମୁହୂର୍ତ୍ତଗୁଡ଼ିକ ଦ୍ୱାରା ବିଭକ୍ତ କରି ଦେଖିବା ହେଉଛି ଆମ ମନର ଏକ ମୂଳ ବିଧାନ । କାଳଗତ ମୁହୂର୍ତ୍ତଗୁଡ଼ିକ ଦ୍ୱାରା ଏହିପରି ଏକ ଆତ୍ମବିଭାଜନର ପରିବେଶ ସୃଷ୍ଟି ନକଲେ ମନ କଦାପି ଅନୁଭବ କରିପାରେ ନାହିଁ କିମ୍ବା ଆପଣାର ଅନୁଭବଗୁଡ଼ିକୁ ଏକତ୍ର ଧରି ରଖିପାରେ ନାହିଁ । ପରକ୍ଷଣର କୌଣସି ଏକ ତରଙ୍ଗକୁ ଅର୍ଥାତ୍ ସଂସ୍କାର ଏକ ସଚେତନ ଗତିସ୍ପନ୍ଦନକୁ ମନ ଯେତେବେଳେ ପ୍ରତ୍ୟକ୍ଷ ଭାବରେ ଅନୁଭବ କରୁଥାଏ, ସେତେବେଳେ ସ୍ମୃତି କୌଣସି କାର୍ଯ୍ୟ କରୁନଥାଏ, ସ୍ମୃତିର ଆଦୌ କୌଣସି ପ୍ରୟୋଜନ ମଧ୍ୟ ନଥାଏ । ମୁଁ ରାଗିଲି; ମୋର ଏହି ରାଗିବାଟା ହେଉଛି ଇନ୍ଦ୍ରିୟଗତ ଅନୁଭବର ଏକ କାର୍ଯ୍ୟ, ସ୍ମୃତିର କାର୍ଯ୍ୟ ନୁହେଁ । ମୁଁ ରାଗିଛି ବୋଲି ମୁଁ ବେଶ୍ ଜାଣିପାରୁଛି,—ଏହା ହେଉଛି ମନୋଗତ ଅବଧାରଣାର କାର୍ଯ୍ୟ, ସ୍ମୃତିର କାର୍ଯ୍ୟ ନୁହେଁ । କେବଳ ଯେତେବେଳେ ମୁଁ କାଳଗତ ଏକକ-ପରମ୍ପରା ସହିତ ମୋର ଅନୁଭବଟିକୁ ଆଣି ଯୋଡ଼ିଦେଉଛି, ସେତେବେଳେ ସ୍ମୃତିଲାଗି ଅବକାଶ ଆସି ପହଞ୍ଚୁଛି । ମୋର ସମ୍ମୁଖକୁ ଯେତେବେଳେ ମୁଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ-ରୂପେ ଭାଗ କରିଦେଉଛି, ଯେତେବେଳେ ମୁଁ "ଅଳ୍ପସମୟ ପୂର୍ବେ ମୁଁ ରାଗିଥିଲି" କିମ୍ବା "ମୁଁ ବର୍ତ୍ତମାନ ରାଗିଛି ଏବଂ ମୋର ରାଗ ଏବେ ବି ଯାଇ ନାହିଁ" ବୋଲି କହୁଛି, ଅଥବା "ମୁଁ ଏକଦା ରାଗିଥିଲି ଏବଂ ସେହିପରି ଏକ ପରିସ୍ଥିତି ଆସି ପହଞ୍ଚିଲେ

'oaob.nitrkl.ac.in' images reprocessed

ପୁଣି ସ୍ମରିବ ବୋଲି କହୁଛୁ, ସେତେବେଳେ ଯାଇ ସ୍ମୃତିର ଅବତାରଣା କରାଯାଉଛି । ବର୍ତ୍ତମାନର ଅନୁଭୂତି ଭିତରେ ମଧ୍ୟ ସ୍ମୃତି ତତ୍‌କ୍ଷଣାତ୍ ଓ ପ୍ରତ୍ୟକ୍ଷ ଭାବରେ ଆସି ପହଞ୍ଚି ଯାଇପାରେ, ଯଦି ଚେତନାଗତ କୌଣସି ସଂଯୋଜନର ଜମିର ବା କାରଣ ଅଂଶତଃ କିମ୍ବା ସମ୍ପୂର୍ଣ୍ଣ ଭାବରେ ଅତୀତରୁ କୌଣସି ଘଟଣା ହୋଇଥାଏ । ଉଦାହରଣସ୍ୱରୂପ, ଅତୀତର କୌଣସି ଅନୁଭୂତ କିମ୍ବା ଦୁଃଖକୁ ମନେପକାଇ ଆମର ମନରେ ପୁଣି ଦୁଃଖ ବା କ୍ରୋଧ ଜାତ ହୁଏ, ବର୍ତ୍ତମାନ ମୁହୂର୍ତ୍ତର କୌଣସି ତାତ୍କାଳିକ ଘଟଣାଦ୍ୱାରା ଯଦି ଏହା ସଜାଗ ନହୋଇ ଅତୀତର କୌଣସି ଏକ ଘଟଣାର ସ୍ମୃତିକୁ ପୁଣି ଆଣି ଜାଗ୍ରତ କରାଇ ଦେଉଥିବା ବର୍ତ୍ତମାନର କୌଣସି ଘଟଣାଦ୍ୱାରା ମଧ୍ୟ ଏହା ଘଟିପାରେ । ଆମ ଚେତନାର ଉପକୂଳରେ ଆମେ ଆମର ଅତୀତକୁ ମହଜୁଦ କରି ରଖିପାରୁ ନାହିଁ । ଅବଶ୍ୟ ତାହା ସର୍ବଦା ସତେଅବା ସେଇଠି କେଉଁଠି ପଛରେ ଅପେକ୍ଷା କରି ବସିଥାଏ, ଆମରି ଭିତରେ ଅବଚେତନଭାବେ ମହଜୁଦ ଥାଏ ଏବଂ ଅନେକ ସମୟରେ ବେଶ୍ ସକ୍ରିୟ ହୋଇ ରହିଥାଏ । ଯେଉଁ ଯାହା ହଜିଯାଇଛି ବା ଯାହା ଆଗରୁ କେବେ ଥିଲା, ମାତ୍ର ବର୍ତ୍ତମାନ ନାହିଁ, ସେହିପରି ଏକ ପଦାର୍ଥ ପରି ଆମକୁ ସେହି ଅତୀତକୁ ସାଉଁଟି ଆଣିବାକୁ ହୋଇଥାଏ । ଏବଂ ଆମ ଭାବନାର ସେହି ପୁନରାବୃତ୍ତିମୂଳକ ଓ ସଂଯୋଜନାତ୍ମକ କ୍ରିୟାଟି ଦ୍ୱାରା ଆମେ ସେହି କାର୍ଯ୍ୟଟି ସାଧନ କରୁ ଓ ସେହି କ୍ରିୟାଟିକୁହିଁ ସ୍ମୃତି ବୋଲି କହୁ । ଆମ ଭାବନାଶୀଳ ମନର ଏକ କ୍ରିୟାଦ୍ୱାରା ଆମେ ଆମ ମନୋଗତ ଅନୁଭୂତିର ସୀମାବଳ ବହିଃସ୍ଥର ବାସ୍ତବ କ୍ଷେତ୍ରରେ ମହଜୁଦ ଥିବା ଅନେକ ସାମଗ୍ରୀକୁ ଯେପରି ସାଉଁଟି ବା ଟାଣି ଆଣିଥାଉ ଓ ସେହି କ୍ରିୟାଟିକୁ ଆମର କଳ୍ପନାଶକ୍ତି ବୋଲି କହୁ, ଠିକ୍ ସେହିପରି । ଏହି କଳ୍ପନାଶକ୍ତି ଆମ ଭିତରେ ରହିଥିବା ଏକ ବୃହତ୍ତର ସାମର୍ଥ୍ୟ । ଆମ ଉପଲବ୍ଧି-ସୀମା ଭିତରେ ଅବସ୍ଥିତ ଥିବା କଥା ତା' ବାହାରେ ରହିଥିବା ଯାବତୀୟ ସମ୍ଭାବନାକୁ ଏହି ବୃହତ୍ତର ସାମର୍ଥ୍ୟ ଆମ ଅବଦ୍ୟାର କ୍ଷେତ୍ରସୀମା ଭିତରକୁ ଟାଣି ଆଣିଥାଏ, ସେଗୁଡ଼ିକୁ ଆଣି ସେଠାରେ ମହଜୁଦ କରାଇ ଦେଇଥାଏ ।

କାଳଗତ କ୍ଷଣପରମ୍ପରାରେ ମଧ୍ୟ ଆମେ ସ୍ମୃତିକୁ ଅବିଚ୍ଛିନ୍ନ ଅନୁଭବର ଅଂଶ ଉପାଦାନ ବୋଲି କହିପାରିବା ନାହିଁ; ଏବଂ ଯଦି ଆମ ଚେତନାର ସଂଯୋଜନରେ ପ୍ରକୃତରେ କୌଣସି ଏକତ୍ରତା ନଥା'ନ୍ତା, ଯଦି ବ୍ୟତୀତ ମୁହୂର୍ତ୍ତଟି ବିଷୟରେ ଆପଣାର ପ୍ରତ୍ୟକ୍ଷ ବୋଧ ହରାଇବସି ଓ ପରବର୍ତ୍ତୀ ମୁହୂର୍ତ୍ତଟି ବିଷୟରେ ସମ୍ପୂର୍ଣ୍ଣଭାବେ ଅଜ୍ଞ ଓ ଅନଧିଗତ ରହି ଯଦି ତାକୁ ଗୋଟିଏ ମୁହୂର୍ତ୍ତରୁ ଆଉ ଗୋଟିଏ ମୁହୂର୍ତ୍ତକୁ କେବଳ ଧାଇଁବାକୁ ପଡ଼ୁନଥା'ନ୍ତା, ତେବେ ସ୍ମୃତିର ଆଦୌ କୌଣସି ଆବଶ୍ୟକତା ନଥା'ନ୍ତା । କାଳଗତ ଯାବତୀୟ ପରିଣତିର ସକଳ ଅନୁଭବ ବା ଉପାଦାନ

'oaob.nitrkl.ac.in' images reprocessed

ହେଉଛି ଏକ ପ୍ରବାହିତା ନଦୀ ପରି ବା ଏକ ସମୁଦ୍ର ପରି; ଏହାର ଆପଣା ଭିତରେ ଆଦୌ କୌଣସି ବିଭକ୍ତତା ନାହିଁ, ମାତ୍ର ଅବିଦ୍ୟାର ସୀମାସଙ୍କୁଚିତ ଖଣ୍ଡଖଣ୍ଡନ ଲାଗିହିଁ ତା'ର ପର୍ଯ୍ୟବେକ୍ଷଣକାରୀ ଚେତନାରେ ତାହା ବିଭକ୍ତ ହୋଇ ରହିଥିବା ପରି ମନେହେଉଛି । ଅବିଦ୍ୟାର ଏହି ଚେତନା ସତେଅବା ଗୋଟାଏ ଭଉଁରିଣୀ ପରି ସେହି ନଦୀର ଜଳସ୍ତର ଉପରେ ଏଣେତେଣେ ଡେଇଁ ବୁଲିବାରେ ଲାଗିଛି । ଠିକ୍ ସେହିପରି ଦେଶର କ୍ଷେତ୍ରରେ ମଧ୍ୟ ସଂସ୍ଥିତ ସକଳ ଉପାଦାନ ଆପଣା ଭିତରେ ଆଦୌ ବିଭକ୍ତ ହୋଇ ରହି ନାହିଁ, କେବଳ ସେହି ପର୍ଯ୍ୟବେକ୍ଷଣକାରୀ ଚେତନାଟିକୁହିଁ ତାହା ବିଭକ୍ତ ବୋଲି ମନେହେଉଛି । କାରଣ ଆମର ଇନ୍ଦ୍ରିୟବୃତ୍ତିଟି ଆପଣାର ବୋଧକ୍ଷେତ୍ରରେ ଅତି ସୀମିତଶକ୍ତି ହୋଇ ରହିଛି; କେବଳ ଗୋଟାଏ ଅଂଶମାତ୍ରହିଁ ଦେଖିବାକୁ ସମର୍ଥ ହେଉଛି, ଏବଂ ସେହି କାରଣରୁ ବସ୍ତୋପାଦାନର ରୂପାକୃତିସବୁକୁ ତାହା ସତେଅବା ମୂଳ ଉପାଦାନଠାରୁ ସ୍ୱତନ୍ତ୍ର ଓ ପରସ୍ପର ବିଚ୍ଛିନ୍ନ ବସ୍ତୁପରି ଅବ-ଲୋକନ କରିବାକୁ ବାଧ୍ୟ ହେଉଛି । ଦେଶ ଓ କାଳର ଭୂମିରେ ବସ୍ତୁଗୁଡ଼ିକର ଏକ ସଂଯୋଜନା ଅବଶ୍ୟ ରହିଛି, ମାତ୍ର ସେଥିରେ କୌଣସି ବ୍ୟବଧାନ ନାହିଁ ବା କୌଣସି ବିଭାଜନ ନାହିଁ । କେବଳ ଆମର ଅବିଦ୍ୟାଚ୍ଛନ୍ନ ଦୃଷ୍ଟିକୁହିଁ ସେଗୁଡ଼ିକ ସେପରି ଦେଖାଯାଉଛି । ଏବଂ ସେହି ବ୍ୟବଧାନଗୁଡ଼ିକୁ ଦୂର କରିବାର ଅଭିପ୍ରାୟରେ ଏବଂ ମନୋଗତ ଅବିଦ୍ୟାକୃତ ସେହି ବିଭାଜନଗୁଡ଼ିକୁ ପରସ୍ପର ସହିତ ପୁଣି ଯୋଡ଼ି ରଖିବାର ଉଦ୍ଦେଶ୍ୟରେ ଆମେ ଆମ ମନଶ୍ଚେତନାଗତ ନାନାବିଧ କୌଶଳର ଆଶ୍ରୟ ଗ୍ରହଣ କରୁଛୁ । ସ୍ମୃତି ମଧ୍ୟ କେବଳ ସେହିପରି ଗୋଟିଏ କୌଶଳ ମାତ୍ର ।

ତେବେ ନିଷ୍କର୍ଷ ହେଲା ଯେ ମୋ ଭିତରେ ଜଗତରୂପୀ ସମୁଦ୍ରର ଏହି ଧାରାବାହୀ ନଦୀଟି ପ୍ରବାହିତ ହେବାରେ ଲାଗିଛି । ଏବଂ କ୍ରୋଧ କିମ୍ବା, ଦୁଃଖ କିମ୍ବା, ଅଥବା ଆଉ ଯେକୌଣସି ଅନ୍ତର୍ଗତ ଖଣ୍ଡଖଣ୍ଡନ କିମ୍ବା, ସେହି ଅବିଚ୍ଛିନ୍ନ ପ୍ରବାହରେ ତାହା ଏକ ଦୀର୍ଘକାଳବ୍ୟାପୀ ତରଙ୍ଗରୂପେ ସଂଘଟିତ ହୋଇପାରୁଛି । ଏହି ଅବିଚ୍ଛିନ୍ନତା ବା ଦୀର୍ଘକାଳବ୍ୟାପିତା ସ୍ମୃତିର ବଳରେ ସମ୍ଭବ ହେଉ ନାହିଁ । ଅବଶ୍ୟ ଏକଥା ସ୍ୱୀକାର କରାଯାଇ ପାରିବ ଯେ ଯେତେବେଳେ ଏହି ତରଙ୍ଗଟି କିମ୍ବା ପ୍ରବାହଟି ଭିତରେ ବୁଡ଼ିଯାଇ ମିଳାଇ ଯାଇଥା'ନ୍ତା, ସେତେବେଳେ ସ୍ମୃତି ଇଚ୍ଛା କଲେ ସେଇଟିକୁ ଆହୁରି ଅଧିକ ସମୟ ଲାଗି ରଖିପାରୁଛି ଅଥବା ତାହାର ପୁନରାବୃତ୍ତି ଘଟାଇପାରୁଛି । ଯାହା ଆନ୍ଦୋଳିତ ହେବାର ମୂଳ ପ୍ରବେଗଟି ଦ୍ୱାରା ମୋର ଯେଉଁ ସଂସ୍ଥିତ ଚୈତନ୍ୟଶକ୍ତି ପରିବାହିତ ହେବାରେ ଲାଗିଛି, ତାହାର ଏକ ଖଣ୍ଡଖଣ୍ଡନ-ରୂପେହିଁ ତରଙ୍ଗ ଉଠୁଛି ଓ ତରଙ୍ଗରୂପେ ଅବସ୍ଥିତ ରହିପାରୁଛି । ଏହି ଆନ୍ଦୋଳିତ ହେବାର ଅବଧିଟିକୁ ଆଉଟିକିଏ ଦୀର୍ଘ କରିଦେବା ଲାଗି ସ୍ମୃତିର ଆବିର୍ଭାବ ହେଉଛି ।

'oaob.nitrkl.ac.in' images reprocessed

ପୁନରାବୃତ୍ତିର ଏକ ପ୍ରକ୍ରିୟାଦ୍ୱାରା ମନର ସ୍ୱଭାବକୁ କ୍ରୋଧର କାରଣ ସହିତ ପୁଣି ଯୋଡ଼ିଦେଇ ଅଥବା ସମ୍ବେଦନଶୀଳ ମନ ବା ହୃଦୟରେ କ୍ରୋଧର ପ୍ରଥମ ପ୍ରବେଶଜନିତ ଅନୁଭୂତିକୁ ପୁଣି ଜାଗ୍ରତ କରାଇ ସ୍ମୃତିର ଆବିର୍ଭାବ ହେଉଛି । ଏହିପରି ଭାବରେ ସେ ଏହି ପୁନଃପୁନଃ ଆନ୍ଦୋଳିତ ହେବାରେହିଁ ଆପଣାର ଔଚିତ୍ୟଟିକୁ ପ୍ରମାଣ କରିବାକୁ ଚେଷ୍ଟା କରୁଛି । ତା' ନହେଲେ ଏହି ଆନ୍ଦୋଳିତ ହେବା ହୁଏତ ବନ୍ଦ ହୋଇଯାଆନ୍ତା, ସେଥିପାଇଁ ଆଉ ଏକ ଅବସର ଆସିଲେ ଯାଇ ପୁନର୍ବାର ଦେଖା-ଦେଉଥା'ନ୍ତା । ଯେପରି କେବେ କୌଣସି ଆନ୍ଦୋଳିତତା ଆସି ଉପସ୍ଥିତ ହେଲେ ତାହାକୁ ସ୍ମୃତିର ଏକ ପରିଣାମ ବୋଲି କୁହାଯାଇ ପାରେ ନାହିଁ, ସେଥିପାଇଁ ଗୋଟିଏ କମ୍ପା ତଦନୁରୂପ କାରଣରୁ ସ୍ୱାଭାବିକ ଭାବରେ ଆନ୍ଦୋଳିତ ଗୋଟିଏ ତରଙ୍ଗର ପୁନରାବୃତ୍ତି ଘଟିଲେ, ଆମେ ସେଇଟା ମଧ୍ୟ ସ୍ମୃତି ହେତୁ ଘଟିଲା ବୋଲି ଆଦୌ କହିପାରିବା ନାହିଁ । ଅବଶ୍ୟ ଏଭଳି ହୋଇପାରେ ଯେ ସ୍ମୃତି ସେହି ଆନ୍ଦୋଳନକୁ ଦୃଢ଼ତର କରିବାରେ ଅଥବା ମନକୁ ତାହାର ଅଧିକ ଅଧୀନ କରି ରଖିବାରେ ସହାୟକ ଭାବରେ କାର୍ଯ୍ୟ କରିପାରେ । ବରଂ ଏକଥା କୁହାଯାଇ ପାରିବ ଯେ ଜଡ଼ଜଗତର ଶକ୍ତି ଓ ପଦାର୍ଥର କ୍ରିୟାନ୍ୱିତତା ମଧ୍ୟରେ ଯେପରି ସେହି ଗୋଟିଏ କାର୍ଯ୍ୟକାରଣଗତ ପ୍ରକ୍ରିୟା କାର୍ଯ୍ୟ କରୁଥାଏ, ଅର୍ଥାତ୍ ଗୋଟିଏ କାରଣ ଫଳରେ ସର୍ବଦା ସେଇ ଗୋଟିଏ କାର୍ଯ୍ୟ ବା ପରିଣାମ ଦେଖାଦିଏ, ସେହିପରି ମନର ଶକ୍ତି ଓ ଉପାଦାନ ଜଡ଼ଜଗତର ଶକ୍ତି ଓ ଉପାଦାନଠାରୁ ଅଧିକ ପରିବର୍ତ୍ତନଶୀଳ ଓ ସାବଲୀଳ ହୋଇଥିଲେ ମଧ୍ୟ ମନର ଜଗତରେ ବି କାରଣ ଓ ନିମିତ୍ତ ଅନୁସାରେ କାର୍ଯ୍ୟ ବା ପରିଣାମ ଠିକ୍ ସେହିପରି ଭାବରେ ଘଟିଥାଏ । ଆମେ ଇଚ୍ଛା କଲେ ହୁଏତ ଏକଥା ମଧ୍ୟ କହିପାରିବା ଯେ ପ୍ରକୃତିର ଯାବତୀୟ ଶକ୍ତି ଭିତରେ ଏକ ଅବଚେତନ ସ୍ମୃତିବୃତ୍ତି ରହିଛି, ଯାହାକି ଅପରିବର୍ତ୍ତିତ ଭାବରେ ଶକ୍ତି ଓ ତା'ର ପରିଣାମ ମଧ୍ୟରେ ରହିଥିବା ସମ୍ବନ୍ଧଟିର କେବଳ ପୁନରାବୃତ୍ତିହିଁ କରିବାରେ ଲାଗିଛି । ମାତ୍ର ଏପରି କହି ଆମେ ଶବ୍ଦଟିର ଅର୍ଥବ୍ୟଞ୍ଜନାକୁ ଅତ୍ୟନ୍ତ ଅପରିସୀମ ଭାବରେ ବଢ଼ାଇ ଦେଉଛୁ । ଯଥାର୍ଥତଃ ଚେତନଶକ୍ତିର ତରଙ୍ଗମାଳାର ଏହି କ୍ରିୟା ଭିତରେ ଆମେ କେବଳ ଏକ ପୁନରା-ବୃତ୍ତିର ନିୟମହିଁ ଉଲ୍ଲେଖ କରିପାରିବା, ଯେଉଁ ନିୟମ ସାହାଯ୍ୟରେ ଜ ଚେତନଶକ୍ତି ଆପଣା ଉପାଦାନର ଏହି ଗତିସ୍ପନ୍ଦନଗୁଡ଼ିକୁ ନିୟମବଦ୍ଧ କରି ରଖିପାରୁଛି । ପ୍ରକୃତରେ କହିବାକୁ ଗଲେ, ସ୍ମୃତି ହେଉଛି ଗୋଟାଏ କୌଶଳ, ଯାହାଦ୍ୱାରା କି ସାକ୍ଷୀରୂପେ ଅବସ୍ଥିତ ମନ ଏହିସବୁ ଗତିସ୍ପନ୍ଦନ ତଥା କାଳର ପରମ୍ପରା ମଧ୍ୟରେ ସେଗୁଡ଼ିକର ସଂଘଟନ ଓ ପୁନରାବୃତ୍ତିଗୁଡ଼ିକୁ ଏକାଠି ଯୋଡ଼ିଦେଇ ପାରିବାରେ ଆପଣାକୁ ସାହାଯ୍ୟ କରିବାରେ ଲାଗିଛି । ଆପଣାର କାଳଗତ ଅନୁଭବ ଲାଗି ଅଧିକରୁ ଅଧିକ ସଂଯୋଗ-ସ୍ଥାପନର ସମର୍ଥ ଏକ ଇଚ୍ଛାଶକ୍ତି ଦ୍ୱାରା ସେଗୁଡ଼ିକୁ ଅଧିକରୁ ଅଧିକ କାମରେ ଲଗାଇ

'oaob.nitrkl.ac.in' images reprocessed

ପାଇବାକୁ ଓ ଅଧିକରୁ ଅଧିକ ସଂଯୋଗସ୍ଥାପନର ସମର୍ଥ ଏକ ବିବେକବୁଦ୍ଧି ଦ୍ୱାରା ସତତ କ୍ରମବର୍ଦ୍ଧମାନ ଭାବରେ ସେଗୁଡ଼ିକର ମୂଲ୍ୟ ନିରୂପଣ କରିପାରିବାକୁ ମନ ଏପରି କରୁଛି । ଆମ ଯାତ୍ରାରୋହଣର ସର୍ବମୂଳ ସୋପାନସ୍ୱରୂପ ରହିଥିବା ନିଶ୍ଚେତନତାର ଭୂମିଟି ଯେଉଁ ପ୍ରକ୍ରିୟାଦ୍ୱାରା ପରିପୂର୍ଣ୍ଣ ଆତ୍ମଚେତନାର ଭୂମିରେ ବିକଶିତ ହୋଇ-ଉଠୁଛି ଏବଂ ଯାହାଦ୍ୱାରା ମନୋମୟ ସତ୍ତ୍ୱର ଅବିଦ୍ୟାଚ୍ଛନ୍ନତା ଆପଣାର ସମୁନ୍ନମ-ଗୁଡ଼ିକରେ ଚେତନାମୟ ଆତ୍ମଜ୍ଞାନର ବିକାଶ ସାଧନ କରୁଛି, ସେହି ପ୍ରକ୍ରିୟାରେ ଏହା ଏକ ମହାନ୍ ଓ ଅପରିହାର୍ଯ୍ୟ ଅଙ୍ଗ ହୋଇ ରହିଛି । ତଥାପି ଏହାକୁହିଁ ତାହାର ଏକମାତ୍ର ଅଙ୍ଗ ବୋଲି ଆଦୌ ବୁଝାଯିବ ନାହିଁ । ଏହି ବିକାଶର ପ୍ରକ୍ରିୟାଟି ସେତେବେଳ ଯାଏ ଚାଲିଥିବ, ଯେତେବେଳ ଯାଏ ସମନ୍ୱୟକାରୀ ଜ୍ଞାନମୟ ତଥା ସଂକଳ୍ପମୟ ମନ ଆତ୍ମ-ଅନୁଭବର ଯାବତୀୟ ଉପାଦାନକୁ ପରିପୂର୍ଣ୍ଣ ଭାବରେ ଆୟତ୍ତ ଓ ବ୍ୟବହାର କରିବାକୁ ସମର୍ଥ ହୋଇ ନଥିବ । ଆତ୍ମସଂବୃତ ଓ ଆପାତ ଦୃଷ୍ଟିରେ ମାନସିକ କ୍ରିୟାଲାଗି ଅସମର୍ଥ ଏହି ଜଡ଼ଜଗତର ଶକ୍ତି ଭିତରୁ ମନ ବିକଶିତ ହୋଇ ଉଠିବାର ଯେଉଁ ପର୍ବଟି ଚାଲିଛି, କ୍ରମବିବର୍ତ୍ତନର ଅନ୍ତତଃ ଏହି ପ୍ରକ୍ରିୟାଟି ଦ୍ୱାରାହିଁ ତାହା ପରିଚାଳିତ ହେଉଥିବା ପରି ମନେହେଉଛି ।

ଅହଂବୋଧ ହେଉଛି ମନୋଗତ ଅବିଦ୍ୟାର ଆଉ ଏକ କୌଶଳ, ଯାହାର ସାହାଯ୍ୟରେ କି ମନୋମୟ ପ୍ରାଣୀ ଆପଣା ବିଷୟରେ ଆପେ ସଚେତନ ହୋଇ ପାରୁଛି । କେବଳ ଆପଣା ପ୍ରବୃତ୍ତିର ବସ୍ତୁ, କର୍ମର ବା କ୍ରିୟାଗୁଡ଼ିକ ବିଷୟରେ ଯେ ସଚେତନ ହେଉଛି ତା' ନୁହେଁ, ଏଗୁଡ଼ିକୁ ଅନୁଭବ କରୁଥିବା ଆପଣା ବିଷୟରେ ମଧ୍ୟ ସଚେତନ ହୋଇପାରୁଛି । ପ୍ରଥମେ ପ୍ରଥମେ ହୁଏତ ମନେ ହୋଇପାରେ ଯେ ଏହି ଅହଂବୋଧ ପ୍ରକୃତରେ ସ୍ମୃତିଦ୍ୱାରାହିଁ ଗଠିତ ହୋଇଛି । "କେତେ ସମୟ ପୂର୍ବରୁ ସେଇ ମୁଁ ରାଗିଥିଲି, ଏବଂ ବର୍ତ୍ତମାନ ପୁଣି ରାଗିଛି ଅଥବା ଏପର୍ଯ୍ୟନ୍ତ ବି ମୋର ରାଗ ରହିଛି,"—ସତେଅବା ଆମର ସ୍ମୃତି ଆମକୁ ଏହିକଥା କହୁଥିବା ପରି ମନେ ହୋଇପାରେ । ମାତ୍ର ଆପଣାର ପ୍ରକୃତରେ ଯେତିକି ଶକ୍ତି ରହିଛି, ତାହା ବଳରେ ସ୍ମୃତି ଆମକୁ କେବଳ ଏତିକିମାତ୍ର କହିପାରିବ ଯେ ସଚେତନ କ୍ରିୟାଶୀଳତାର ସେହି ଏକ ସୀମାବଦ୍ଧ କ୍ଷେତ୍ରଟିରେ ସେହି ଏକ ଘଟଣାଟିହିଁ ସଂଘଟିତ ହୋଇଛି । ପ୍ରକୃତରେ ଦେଖିବାକୁ ଗଲେ ଏହି କ୍ଷେତ୍ରରେ ସେହି ମାନସିକ ପ୍ରତିକ୍ରିୟାଟିର ପୁନରାବୃତ୍ତି ଘଟୁଛି; ମନ ଯାହାକୁ ସାକ୍ଷାତ ଭାବରେ ଅନୁଭବ କରୁଛି, ମନୋମୟ ଉପାଦାନର ସେହିଭଳି ଏକ ତରଙ୍ଗହିଁ ପୁଣି ଫେରିଆସୁଛି । ଏହିସବୁ ପୁନରାବୃତ୍ତି-ଗୁଡ଼ିକୁ ଏକାଠି ଗଣ୍ଠାଇ ରଖିବା ଲାଗି ସ୍ମୃତିର ଆବିର୍ଭାବ ହେଉଛି; ସେହି ଏକା ମାନସିକ ଉପାଦାନ ଯେ ସେହି ଏକା ଗତିଶୀଳ ରୂପଟିକୁ ଧାରଣ କରୁଛି ଏବଂ

'oaob.nitrkl.ac.in' images reprocessed

ସେହି ଏକା ମାନସିକ ବୋଧ ଯେ ଏହାକୁ ଅନୁଭବ କରୁଛି, ସ୍ମୃତି ଆମର ମନୋଗତ ବୋଧକୁ ଏତକ ଉପଲବ୍ଧି କରିବାରେ ସମର୍ଥ କରାଇଥାଏ । ସ୍ମୃତିର ଏକ ପରିଣାମ-ସ୍ୱରୂପ ଅହଂବୋଧର ଆବିର୍ଭାବ ହୁଏ ନାହିଁ, ଅଥବା ସ୍ମୃତିଦ୍ୱାରାହିଁ ଏହି ଅହଂବୋଧ ଗଠିତ ହୁଏ ନାହିଁ । ମାତ୍ର ଏକ ନିର୍ଦ୍ଦେଶକରୂପେ ଏହା ପୂର୍ବରୁହିଁ ସେଠାରେ ମହଜୁଦ ରହିଥାଏ, ତାହା ସବୁବେଳେ ମହଜୁଦ ରହିଥାଏ । ଅନୁଭୂତିର ସମୁଦାୟ କ୍ଷେତ୍ରଟିରେ ଆଲୁରୁବାଲୁରୁ ଭାବରେ ଛିନ୍ନ ହୋଇ ନପଡ଼ି ମନ ଯେପରି ଆପଣା ଲାଗି ଏକ ସଂଯୋଗସ୍ଥାପନକାରୀ କେନ୍ଦ୍ର ଠାବ କରି ନେଇପାରିବ, ସେଥିଲାଗି ମାନସିକ ବୋଧ ଆପଣାକୁ ଏହି ଅହଂବୋଧ ମଧ୍ୟରେ କେନ୍ଦ୍ରୀଭୂତ କରି ରଖିଥାଏ । ଅହଂଗତ ସ୍ମୃତି ଏହି କେନ୍ଦ୍ରୀଭୂତ ହେବାର ଭିତ୍ତିଟିକୁ ଅଧିକ ବଳ ଦିଏ ଏବଂ ଏହାର ଅବସ୍ଥିତରେ ସହାୟତା କରିଥାଏ, ମାତ୍ର ତଥାପି ଏହି ଅହଂବୋଧ ସ୍ମୃତିଦ୍ୱାରା ଗଠିତ ହୋଇ ନଥାଏ । ସମ୍ଭବତଃ, ଆବଶ୍ୟକ ବିଶ୍ଳେଷଣଦ୍ୱାରା ଆମେ ଏକଥା ଜାଣିବାକୁ ପାଇବା ଯେ ନିମ୍ନତର ସ୍ତରରେ ଇତର ଜୀବମାନଙ୍କ ମଧ୍ୟରେ ରହିଥିବା ଅହଂବୋଧ ବା ବ୍ୟକ୍ତିତ୍ୱବୋଧ କହିଲେ ତାହା କେବଳ ଇନ୍ଦ୍ରିୟଗ୍ରାହ୍ୟ ଏକ ଅସ୍ପଷ୍ଟ ଅଥବା ଅନତିସ୍ପଷ୍ଟ ଅବଚ୍ଛିନ୍ନତା-ବୋଧକୁ କଦାପି ଖୁବ୍ ଅଧିକ କିଛି ବୁଝାଇବ ନାହିଁ, ତାଙ୍କର ମୁହୂର୍ତ୍ତଗତ ଭୂମି ଉପରେ କେବଳ ଏକ ଏକରୂପତା ଓ ଅନ୍ୟମାନଙ୍କ-ଠାରୁ ଭିନ୍ନ ହୋଇ ରହି ହୋଇଥିବାର ଏକ ଅନୁଭୂତି ବ୍ୟତୀତ ଆଉ କୌଣସିକିଛି ବୁଝାଇବ ନାହିଁ । ମାତ୍ର ମନୁଷ୍ୟ ଭିତରେ ଏହିସବୁ ବୋଧ ଓ ଅନୁଭୂତି ଅବଶ୍ୟ ରହିଛି, କିନ୍ତୁ ତଦ୍‌ବ୍ୟତୀତ ସଂଯୋଗସ୍ଥାପନକାରୀ ଏକ ଜ୍ଞାନମୟ ମନ ବି ରହିଛି । ଏହି ମନ ମାନସେନ୍ଦ୍ରିୟ ତଥା ସ୍ମୃତିର ସକ୍ରିୟତା କ୍ରିୟା ଉପରେ ଆପଣାକୁ ଆଧାରିତ କରି ରଖି ଅହଂର ଏକ ସ୍ପଷ୍ଟବୋଧରେ ଆସି ପହଞ୍ଚିପାରୁଛି । ଅବଶ୍ୟ ତାହାର ଆତ୍ମ ବୋଧପ୍ରତ୍ୟକ୍ଷ ତାହାକୁ କଦାପି ଛାଡ଼ିଯାଉ ନାହିଁ । ଏହି ଅହଂ ଇନ୍ଦ୍ରିୟଦ୍ୱାରା ଗ୍ରହଣ କରୁଛି, ଅନୁଭବ କରୁଛି, ମନେପକାଉଛି, କରୁଛି, ଏବଂ ସ୍ମୃତି ତଥା ବିସ୍ମରଣ ଉଭୟ ଅବସ୍ଥାରେହିଁ ସେହି ଏକ ଅହଂ ହୋଇ ରହିଛି । ଏହି ସଚେତନ ମନୋମୟ ଉପାଦାନକୁ ସେହି ଅହଂ ସେହି ଗୋଟିଏ ସଚେତନ ବ୍ୟକ୍ତିର ମନୋମୟ ଉପାଦାନ ବୋଲି କହୁଛି । ତା'ର ମତରେ ଏହି ବ୍ୟକ୍ତିହିଁ ଅନୁଭବ କରୁଛି ଅଥବା ଅନୁଭୂତିକୁ ବରଣ କରୁଛି, ମନେପକାଉଛି ଓ ଭୁଲିଯାଉଛି । ବାହ୍ୟରେ କ୍ଷେତ୍ରରେ ସଚେତନ ରହୁଛି ଏବଂ ବାହ୍ୟର ଚେତନାକ୍ଷେତ୍ରରୁ ଆପଣାର ଅପସାରଣ ଘଟାଇ ସେ ନିଦ୍ରାମଗ୍ନ ବି ହୋଇଯାଉଛି । ସ୍ମୃତି ଗଠିତ ହେବା ପୂର୍ବରୁ ସେ ଯାହାଥିଲା, ପରେ ମଧ୍ୟ ତାହାହିଁ ରହିଛି । ଶୈଶବରେ ଓ ବାର୍ଦ୍ଧକ୍ୟରେ, ନିଦ୍ରା ଓ ଜାଗରଣରେ, ଆପାତ ଚେତନାବସ୍ଥା ତଥା ଆପାତ ଅଚେତନାବସ୍ଥାରେ ମଧ୍ୟ ତାହାହିଁ ରହିଛି । ଯେଉଁସବୁ କ୍ରିୟାକୁ ସେ ଯାହା ହୋଇ ପକାଉଛି ଓ ଯେଉଁସବୁ ଅନୁଭୂତିକୁ ସେ ମନେପକାଉଛି, ସେଗୁଡ଼ିକ କେବଳ

'oaob.nitrkl.ac.in' images reprocessed

ତାହାର ବ୍ୟଷ୍ଟିଗତ ଆଉ କେନ୍ଦ୍ର କରନାହାନ୍ତି । ତା'ର ବାହ୍ୟ ପରିଣତି ଓ ବ୍ୟକ୍ତିତ୍ୱରେ ଯେତେ ଯାହା ପରିବର୍ତ୍ତନ ହେଉଛି, ସେସବୁ ପଛରେ ସିଏ ସେହି ଗୋଟିଏ ବ୍ୟକ୍ତି ହୋଇ ବିଦ୍ୟମାନ ରହିଛି । ମନୁଷ୍ୟ ଭିତରେ କାର୍ଯ୍ୟ କରୁଥିବା ଏହି ଜ୍ଞାନଗତ କ୍ରିୟାକୁ, ସଂଯୋଗସ୍ଥାପନରେ ସମର୍ଥ ହେଉଥିବା ଏହି ବୁଦ୍ଧିକୁ ତଥା ଆତ୍ମଚେତନା ଓ ଆତ୍ମଅନୁଭବର ଏହି ରୂପାୟନକୁ ଆମେ ମନୁଷ୍ୟେତର ପ୍ରାଣୀର ସ୍ମୃତିଗତ ଅହଂ ଏବଂ ଇନ୍ଦ୍ରିୟଗତ ଅହଂଠାରୁ ଅବଶ୍ୟ ଏକ ଉଚ୍ଚତର ସ୍ତରର ସମ୍ପଦ ବୋଲି କହିବା; ଅର୍ଥାତ୍ ସେଗୁଡ଼ିକୁ ଆମେ ଯଥାର୍ଥ ଆତ୍ମଜ୍ଞାନର ଅଧିକ ନିକଟବର୍ତ୍ତୀ ବୋଲି ଅନୁମାନ କରିପାରିବା । ଏବଂ ପ୍ରକୃତିଗତ ବ୍ୟକ୍ତ ତଥା ଅବ୍ୟକ୍ତ କ୍ରିୟାଗୁଡ଼ିକୁ ଅଧ୍ୟୟନ କରି ଦେଖିଲେ ଆମେ ହୁଏତ ଏକଥା ମଧ୍ୟ ଉପଲବ୍ଧି କରିପାରିବା ଯେ ଆମେ ଯାହାକୁ ଅହଂଗତ ବୋଧ ଓ ଅହଂଗତ ସ୍ମୃତି ବୋଲି କହୁଛୁ, ସେସବୁ ପଛରେ ଏକ ଜ୍ଞାନମୟ ସଂଯୋଗସ୍ଥାପନକାରୀ ପ୍ରଚ୍ଛନ୍ନ ସାମର୍ଥ୍ୟ ବା ମନ କାର୍ଯ୍ୟ କରିବାରେ ଲାଗିଛି; ସେହି ସ୍ମୃତି ଓ ସେହି ବୋଧ ବସ୍ତୁତଃ ଏହି ସାମର୍ଥ୍ୟ ଓ ମନର ବ୍ୟାବହାରିକ ପ୍ରୟୋଜନରେ ଏକ ସାଧନରୂପେ ବ୍ୟବହୃତ ହେଉଛି । ଏହି ଜ୍ଞାନମୟ ସାମର୍ଥ୍ୟ ବା ମନ ବସ୍ତୁଗତ ଚେତନାଶକ୍ତି ମଧ୍ୟରେ ଅବସ୍ଥିତ ରହିଛି । ଆମ କ୍ରମପରିଣତି-କ୍ଷେତ୍ରରେ ଏହି ମନଟି ମନୁଷ୍ୟର ବିଚାରବୁଦ୍ଧିରୂପେ ବାହାରେ ପ୍ରକାଶ ପାଉଛି, ଅବଶ୍ୟ ଆପଣାର କ୍ରିୟା ତଥା ଉପାଦାନରେ ତାହା ଏବେ ମଧ୍ୟ ସୀମାବଦ୍ଧ ଓ ଅପୂର୍ଣ୍ଣ ହୋଇ ରହିଛି । ନିମ୍ନଚେତନ ମଧ୍ୟରେ ବି ଏକ ଅବଚେତନ ଜ୍ଞାନ ବିଦ୍ୟମାନ ରହିଛି; ଏକ ବୃହତ୍ତର ବିବେକ ଅନ୍ତର୍ନିହିତ ହୋଇ ରହିଛି ଅର୍ଥାତ୍ ଏକପ୍ରକାର ବୁଦ୍ଧିସମ୍ପନ୍ନତା ରହିଛି, ଯାହାକି ବିଶ୍ୱପରିଣତିର ଉଦ୍ଦାମତମ ଗତିସ୍ପନ୍ଦନଗୁଡ଼ିକରେ ମଧ୍ୟ ଏକ ପରସ୍ପର-ସମ୍ବନ୍ଧତାର ଅବତରଣ ସମ୍ଭବ କରାଉଛି ।

ଦ୍ୱୈତ ବ୍ୟକ୍ତିତ୍ୱ ଅଥବା ବ୍ୟକ୍ତିତ୍ୱର ବିଘଟନ ପ୍ରଭୃତି ସୁପର୍ଯ୍ୟବେକ୍ଷିତ ବ୍ୟାପାରଗୁଡ଼ିକରେ ସ୍ମୃତିର ମହତ୍ତ୍ୱଟି ଅତ୍ୟନ୍ତ ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୋଇଥାଏ । ଏହିସବୁ କ୍ଷେତ୍ରରେ ଜଣେ ମଣିଷର ମନରେ ପର୍ଯ୍ୟାୟକ୍ରମରେ ଅର୍ଥାତ୍ ଗୋଟିଏ ପରେ ଆଉଗୋଟିଏ ହୋଇ ଦୁଇଟି ଅବସ୍ଥାର ଆବିର୍ଭାବ ହୁଏ । ପ୍ରତ୍ୟେକ ଅବସ୍ଥାରେ ସେ କେବଳ ସେହି ଅବସ୍ଥାରେ ଯାହାସବୁ କରିଥିଲା ବା ଯେପରି ଥିଲା, ସେତିକିମାତ୍ର ବିଷୟକୁ ଅତି ନିଖୁଣ ଭାବରେ ମନେ ରଖିଥାଏ ଓ ପରସ୍ପର ସହିତ ସମ୍ବନ୍ଧିତ କରିପାରେ; ମାତ୍ର ଅନ୍ୟ ଅବସ୍ଥାଟିରେ ଯେପରି ଥିଲା ବା ଯାହାସବୁ କରିଥିଲା, ସେଗୁଡ଼ିକୁ ଭୁଲି ଯାଇଥାଏ ଓ ସେଗୁଡ଼ିକର ଖିଅ ହରାଇ ଦେଇଥାଏ । ଏଥିରୁ ମନେହୁଏ, ତା' ଭିତରେ ସତେଯେପରି ଏକ ଭିନ୍ନ ବ୍ୟକ୍ତି ବା ଭିନ୍ନ ଅହଂର ରଚନା ହୋଇଛି, କାରଣ ଗୋଟିଏ ଅବସ୍ଥାରେ ସେ ଆପଣାକୁ ଯେଉଁ ବ୍ୟକ୍ତି ବୋଲି

'oaob.nitrkl.ac.in' images reprocessed

କରିଥାଏ, ଅନ୍ୟ ଅବସ୍ଥାଟିରେ ଆପଣାକୁ ପ୍ରଥମଟିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ବ୍ୟକ୍ତି ବୋଲି ଭାବିଥାଏ । ସେତେବେଳେ ତାହାର ଏକ ଭିନ୍ନ ନାମ ଥାଏ, ଜୀବନ ଓ ଜୀବନର ଅନୁଭବଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଭିନ୍ନ ହୋଇ ଦେଖାଦିଏ । ଏହି କ୍ଷେତ୍ରରେ ଆମକୁ ସୁଦ୍ଧା ଏହି ସ୍ମୃତିଟାହିଁ ମନୁଷ୍ୟବ୍ୟକ୍ତିତ୍ୱର ସମସ୍ତ ଉପାଦାନ ବୋଲି ମନେ-ହେବ । ମାତ୍ର ଅନ୍ୟପକ୍ଷରେ ଆମକୁ ଏକଥାଟି ବି ଅବଶ୍ୟ ଦେଖିବାକୁ ପଡ଼ିବ ଯେ ଅନେକ ସମୟରେ ବ୍ୟକ୍ତିତ୍ୱର ବିଘଟନ ନଘଟି ମଧ୍ୟ ସ୍ମୃତିର ବିଘଟନ ଘଟିଥାଏ । ଉଦାହରଣସ୍ୱରୂପ, ସମ୍ମୋହନର ଅବସ୍ଥାରେ ରହିଥିବାବେଳେ ସୁଦ୍ଧା ଜଣେ ମଣିଷ ଏପରିସବୁ ସ୍ମୃତି ଓ ଅନୁଭୂତିର ରାଜ୍ୟରେ ବିଚରଣ କରିବାକୁ ଆରମ୍ଭ କରେ, ଯେଉଁଗୁଡ଼ିକ କି ତା'ର ଜାଗ୍ରତ ମନ ପାଖରେ ସମ୍ପୂର୍ଣ୍ଣଭାବେ ଅଜଣା ରହିଥାଏ । ମାତ୍ର ଏପରି ବିଚରଣ କଲାବେଳେ ମଧ୍ୟ ସେ ଆପଣାକୁ କଦାପି ଅନ୍ୟଏକ ବ୍ୟକ୍ତି ବୋଲି ଭାବେ ନାହିଁ । ଅଥବା, ଆପଣା ଜୀବନର ଅତୀତ ଘଟଣାଗୁଡ଼ିକୁ ଭୁଲି ଯାଇଥିବା ଓ ଏପରିକି ସମ୍ଭବତଃ ଆପଣାର ନାମଟାକୁ ବି ପାସୋରି ପକାଇଥିବା ଜଣେ ଲୋକର ଅହଂବୋଧ ଓ ବ୍ୟକ୍ତିତ୍ୱରେ ତଥାପି ଆଦୌ କୌଣସି ପରିବର୍ତ୍ତନ ଘଟି ନଥାଏ । ପୁଣି, ଚେତନାର ଏପରି ଏକ ଅବସ୍ଥା ମଧ୍ୟ ସମ୍ଭବ ହୋଇପାରେ, ଯେତେବେଳେ କି ସ୍ମୃତିପଥରେ ଆଦୌ କୌଣସି ବିଚ୍ଛିନ୍ନତା ବା ବ୍ୟବଧାନ ଦେଖାଦେଇ ନଥିଲେ ମଧ୍ୟ ତଥାପି ସତେଅବା ଏକ ଦ୍ରୁତସଂଘଟିତ ରୂପାନ୍ତର ବା ବିବର୍ତ୍ତନ ଫଳରେ ବ୍ୟକ୍ତିର ସମୁଦାୟ ସତ୍ତାଟି ଆପଣା ମାନସିକ ପରିବେଶର ସକଳ କ୍ଷେତ୍ରରେ ଆପଣାକୁ ଏକାବେଳକେ ବଦଳି ଯାଇଥିବା ପରି ଅନୁଭବ କରେ, ସେ ସତେଅବା ଏକ ନୂତନ ବ୍ୟକ୍ତିତ୍ୱ ଧାରଣ କରି ଜନ୍ମଗ୍ରହଣ କରିଥିଲା ପରି ଅନୁଭବ କରେ । ଫଳରେ ଖିଅ ଯୋଡ଼ିପାରୁଥିବା ବା ସଂଯୋଗ ସ୍ଥାପନ କରିପାରୁଥିବା ଗୋଟାଏ ମନ ତା' ପାଖରେ ନଥିଲେ ଯେ ସେ ସୁଦ୍ଧା ତା'ର ଅତୀତକୁ ତା'ମଧ୍ୟରେ ବର୍ତ୍ତମାନ ଅବସାନ୍ତ ହୋଇଥିବା ବ୍ୟକ୍ତିଟିର ଅତୀତ ବୋଲି ଆଦୌ ଗ୍ରହଣ କରନ୍ତା ନାହିଁ, ସେହିପରି ମନେହୁଏ । ମାତ୍ର ସେ ଯେ ଆଗରୁ ମଧ୍ୟ ଠିକ୍ ଏହି ଶରୀରରେ ରହିଥିଲା, ସେକଥା ଖୁବ୍ ଭଲ ଭାବରେ ମନେ ରଖିଥାଏ; ତା' ଭିତରେ ଘଟିଥିବା ପରିବର୍ତ୍ତନଟି ଯେ ତା'ର ଏହି ଶରୀରରେ ଓ ମାନସୋପାଦାନର ଠିକ୍ ଏହି କ୍ଷେତ୍ରଟିରେ ଘଟିଛି, ସେଥିରେ ତା'ର ଆଦୌ କୌଣସି ସଂଶୟ ନଥାଏ । ମାନସିକ ବୋଧକୁ ଭିତ୍ତିକରି ଏବଂ ସ୍ମୃତିକୁ ସୂତ୍ରାପରି ବ୍ୟବହାର କରି ଆତ୍ମ-ଅନୁଭବଶୀଳ ମନ ଆପଣାର ଅନୁଭୂତିଗୁଡ଼ିକୁ ଏକାଠି ଗୁନ୍ଥିକରି ରଖିଥାଏ । ମାତ୍ର ମନର ସେହି ସଂଯୋଗସ୍ଥାପନକାରୀ ବୃତ୍ତିଟିହିଁ ସ୍ମୃତି ଆଣି ଯୋଗାଇ ଦେଉଥିବା ଯାବତୀୟ ଉପାଦାନସାମଗ୍ରୀକୁ ଏକାଠି ସମ୍ବନ୍ଧିତ କରି ରଖେ, ସ୍ମୃତିଗତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଯାବତୀୟ ସଂଯୋଗକୁ ଏକତ୍ର ସମ୍ବନ୍ଧିତ କରେ; ଅନୁଭବ ତଥା

'oaob.nitrkl.ac.in' images reprocessed

ବ୍ୟକ୍ତିତ୍ୱର ଯାବତୀୟ ପରିବର୍ତ୍ତନ ସତ୍ତ୍ୱେ କାଳଗତ ସକଳ ମୁହୂର୍ତ୍ତରେ ଯେଉଁ 'ମୁଁ' ବା ଅହଂ ଅପରିବର୍ତ୍ତିତ ହୋଇ ରହୁଥାଏ, ସମନ୍ୱୟୀ ମନ ସେଇଟି ସହିତ ହିଁ ସେଗୁଡ଼ିକୁ ଆଣି ଯୋଡ଼ିଦିଏ ।

ଏହି ଅହଂବୋଧ ହେଉଛି କେବଳ ଏକ ପ୍ରସ୍ତୁତିମୂଳକ ସାଧନ, ମନୋମୟ ସତ୍ତାର ଭୂମିରେ ଯଥାର୍ଥ ଆତ୍ମଜ୍ଞାନର ଉନ୍ମୀଳନ ଲାଗି ଏହା ଏକ ପ୍ରଥମ ଭିତ୍ତି । ଅଚେତନର ଅବସ୍ଥାରୁ ଆତ୍ମଚେତନା ମଧ୍ୟକୁ, ଆପଣା ସମ୍ବନ୍ଧରେ ଓ ବସ୍ତୁଗୁଡ଼ିକର ସମ୍ବନ୍ଧରେ ଏକ ସମ୍ପୂର୍ଣ୍ଣ ଅଜ୍ଞାନମୟ ସ୍ତରରୁ ସେଗୁଡ଼ିକ ସମ୍ବନ୍ଧରେ ଯଥାର୍ଥ ଜ୍ଞାନର ସ୍ତରକୁ ଗତି କଲାବେଳେ ଜଗତ୍‌ରୂପାତ୍ମକ ମଧ୍ୟରେ ଅନ୍ତର୍ଜାତ ହେଉଥିବା ମନ ଏଠାରେ ଏପରି ଏକ ସୋପାନରେ ଆସି ପହଞ୍ଚେ ଯେ ସେ ତାହାର ବହିସ୍ତର ଯାବତୀୟ ସଚେତନ ପରିଣତିମାନ ଏକ ନିତ୍ୟବର୍ତ୍ତମାନ 'ଅହଂ' ସହିତ ଗଣ୍ଠି ହୋଇ ରହିଥିବାର ପ୍ରତ୍ୟକ୍ଷ କରିଥାଏ । ଏହି 'ଅହଂ'କୁ ସେ ଆଂଶିକ ଭାବରେ ସଚେତନ ପରିଣତି ସହିତ ଅଭିନ୍ନ କରି ଦେଖିଥାଏ, ଏହି ଅହଂ ହୁଏତ ଏଇସବୁ ପରିଣତିଠାରୁ ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ ପଦାର୍ଥ ବୋଲି କେତେକ ପରିମାଣରେ ଭାବିଥାଏ, ଏହାକୁ ସେଗୁଡ଼ିକ ଅପେକ୍ଷା ଏକ ଉଚ୍ଚତର ସ୍ତରର ବୋଲି ଭାବିଥାଏ, ଏପରିକି ସେଗୁଡ଼ିକ ସମ୍ଭବତଃ ଶାଶ୍ୱତ ଓ ସକଳ ପରିବର୍ତ୍ତନର ଅତୀତ ହୋଇଥିବ ବୋଲି ଭାବିଥାଏ । ଗୋଟିକୁ ଅନ୍ୟଟି ସହିତ ସମ୍ବନ୍ଧିତ କରି ରଖିବାର ଉଦ୍ଦେଶ୍ୟରେ ଗୋଟିକୁ ଅନ୍ୟଠାରୁ ପୃଥକ୍ କରି ଦେଖୁଥିବା ତାହାର ବୁଦ୍ଧିଗତ ବିବେକର ସାହାଯ୍ୟରେ ସେ ପରିଶେଷରେ ହୁଏତ ତାହାର ଆତ୍ମ-ଅନୁଭବକୁ କେବଳ ସେହି ପରିଣତିରେ ଅର୍ଥାତ୍ ସତତ ପରିବର୍ତ୍ତନଶୀଳ ତାହାର ଆତ୍ମସୃଷ୍ଟି ଭିତରେ ହିଁ ଆବଦ୍ଧ କରି ରଖି ଦେଇପାରେ ଏବଂ ଏହା ବ୍ୟତୀତ ଏହି କ୍ଷେତ୍ରରେ ଆଉକିଛି ରହିଛି ବୋଲି ଅନୁମାନ କରୁଥିବା ଧାରଣାଟିକୁ କେବଳ କପୋଳକଳ୍ପିତ ବୋଲି କହି ଉଡ଼ାଇ ବି ଦେଇପାରେ । ଅର୍ଥାତ୍ ସେତେବେଳେ ଆଉ ସତ୍ତା ବୋଲି କିଛି ରହେ ନାହିଁ, କେବଳ ସମ୍ଭୂତି ବା ପରିଣତି ହିଁ ଅବଶିଷ୍ଟ ରହିଥାଏ । ଅଥବା ଅନ୍ୟ ପକ୍ଷରେ ସେ ଆପଣାର ଆତ୍ମଅନୁଭବକୁ ଆପଣା ଭିତରେ ଥିବା ସତ୍ତାର ଏକ ପ୍ରତ୍ୟକ୍ଷ ଚୈତନ୍ୟମୟତା ମଧ୍ୟରେ ସମାବିଷ୍ଟ କରି ମଧ୍ୟ ଦେଖିପାରେ ଏବଂ ପରିଣତିକୁ ବର୍ଜନ କରିପାରେ । ପରିଣତି ବା ସମ୍ଭୂତିକୁ ମଧ୍ୟ ସତ୍ୟ ବୋଲି ଜାଣିବାକୁ ବାଧ୍ୟ ହେଉଥିବାବେଳେ ମଧ୍ୟ ସେ ତଥାପି ତାକୁ କପୋଳକଳ୍ପିତ କହି ପ୍ରତ୍ୟାଖ୍ୟାନ କରିପାରେ । କେବଳ ଇନ୍ଦ୍ରିୟଗତ ଭ୍ରମ ଓ ଏକ କ୍ଷଣକାଳସ୍ଥାୟୀ ଜନ୍ମତର ଅନ୍ତର୍ଭୂମିର ଏକ ବାସ୍ତବତା କହି ସେଗୁଡ଼ିକୁ ପରିତ୍ୟାଗ କରିପାରେ ।

ମାତ୍ର ଏହା ଅତି ସ୍ପଷ୍ଟ କଥା ଯେ ସେଇ ଆତ୍ମଜ୍ଞାନ କେବଳ ଭେଦଧର୍ମୀ ଅହଂବୋଧଟିକୁ ଭିତ୍ତି କରି ରହିଥାଏ, ତାହା ହେଉଛି ଏକ ଅସମ୍ପୂର୍ଣ୍ଣ ଜ୍ଞାନ । ଏବଂ

'oaob.nitrkl.ac.in' images reprocessed

କେବଳ ତାହାକୁହିଁ ଭିତ୍ତି କରି ଠିଆ ହୋଇଥିବା ଅଥବା ତାହାରି କବଳରେ ହୋଇଥିବା ଏକ ପ୍ରତିକ୍ରିୟାକୁହିଁ ଅବଲମ୍ବନ କରିଥିବା କୌଣସି ଜ୍ଞାନକୁ ଆମେ ନିର୍ଭରପୂର୍ଣ୍ଣ ଓ ନିଶ୍ଚିତ ଭାବରେ ସମ୍ପୂର୍ଣ୍ଣ ବୋଲି କହିପାରିବା ନାହିଁ । ପ୍ରଥମତଃ, ଏହି ଜ୍ଞାନ କେବଳ ଆମ ବହିଃସ୍ଥ ମନୋଗତ କ୍ରିୟା ଓ ତାହାର ଅନୁଭୂତିଗୁଡ଼ିକରୁ ଉଦ୍ଭୂତ ହୋଇଛି, ଏବଂ ଆମ ସମ୍ଭୂତଜନ୍ମର ଯାବତୀୟ ପ୍ରଚ୍ଛନ୍ନ ଓ ବୃହତ୍ତର ବିଧାନଗୁଡ଼ିକ ଦୃଷ୍ଟିରୁ ବିଚାର କଲେ ଏହାକୁ କେବଳ ଏକ ଅଜ୍ଞାନ ବୋଲିହିଁ ବୁଝାଯାଇ ପାରିବ । ଦ୍ୱିତୀୟତଃ, କେବଳ ବ୍ୟକ୍ତିସତ୍ତା ଓ ତାହାର ଅନୁଭବ ମଧ୍ୟରେ ସୀମାବଦ୍ଧ ସତ୍ତା ଓ ସମ୍ଭୂତି ସମ୍ବନ୍ଧରେହିଁ ଏହି ଜ୍ଞାନ ଆଲୋକପାତ କରୁଛି, ଏବଂ ତାହା ବାହାରେ ଜଗତର ଆଉ ଯାହାକିଛି ଅବଶିଷ୍ଟ ରହିଗଲା, ସେଗୁଡ଼ାକୁ ଏହା ଅନାତ୍ମା ବୋଲି ମଣୁଛି, ଅର୍ଥାତ୍ ସେଗୁଡ଼ାକୁ ଏହା ଆପଣା ସତ୍ତାର ଏକ ଅଂଶରୂପେ ଉପଲବ୍ଧି କରୁ ନାହିଁ, ସେଗୁଡ଼ିକୁ ତାହାର ପୃଥକ୍ ଚୈତନ୍ୟଟିର ସମକ୍ଷରେ ଉପସ୍ଥାପିତ କରାଯାଉଥିବା ଏକ ବହିଃସ୍ଥ ଅସ୍ତିତ୍ୱ ବା ସତ୍ତା ବୋଲି ଭାବୁଛି । ଏପରି ଘଟୁଛି; କାରଣ, ବ୍ୟକ୍ତିର ଆପଣାର ସତ୍ତା ଓ ସମ୍ଭୂତି ବିଷୟରେ ଯେପରି ଏକ ପ୍ରତ୍ୟକ୍ଷ ଜ୍ଞାନ ରହିଛି, ଆପଣା ବାହାରେ ରହିଥିବା ସେହି ବୃହତ୍ତର ସତ୍ତା ଓ ପ୍ରକୃତି ବିଷୟରେ ଏହାର ସେପରି କୌଣସି ପ୍ରତ୍ୟକ୍ଷ ଓ ସଚେତନ ଜ୍ଞାନ ହିଁ ନାହିଁ । ବ୍ୟକ୍ତିଜୀବର ବିଚରଣକ୍ଷେତ୍ରରେ ମଧ୍ୟ କେବଳ ଏକ ସୀମାବଦ୍ଧ ଜ୍ଞାନହିଁ ରହିଛି ଓ ତାହା ଏକ ପରିବ୍ୟାପ୍ତ ଅବିଦ୍ୟା ମଧ୍ୟରେହିଁ ଆପଣାକୁ ପ୍ରତିଷ୍ଠିତ କରି ରଖିବାରେ ଲାଗିଛି । ତୃତୀୟତଃ, ଏହି କ୍ଷେତ୍ରରେ ପରିପୂର୍ଣ୍ଣ ଆତ୍ମଜ୍ଞାନର ଆଧାର ଉପରେ ସତ୍ତା ଓ ସମ୍ଭୂତି ମଧ୍ୟରେ ଥିବା ଯଥାର୍ଥ ପାରସ୍ପରିକ ସମ୍ପର୍କଟିର ବିଚାର ଓ ନିରୂପଣ କରାଯାଇ ନାହିଁ । ବରଂ କୁହାଯାଇ ପାରେ ଯେ ଏଠାରେ ଅବିଦ୍ୟାକୁ ଭିତ୍ତି କରାଯାଇଛି, ଏକ ଖଣ୍ଡଜ୍ଞାନକୁ ଆଧାର ବୋଲି ମାନି ବିଚାର ହୋଇଛି । ଫଳରେ ପରମ ଜ୍ଞାନର ଆକାଂକ୍ଷାକୁ ବକ୍ଷରେ ଧରି ବାହାରିଥିବା ଆମର ଏହି ମନ ଖିଅ ଲଗାଇବା ଓ ଖିଅ ଛିଣ୍ଡାଇବାର ଅଭିପ୍ରାୟ ଓ ବିବେକବୁଦ୍ଧିର ଢୀଲ ଧରି ଓ ଆମର ବର୍ତ୍ତମାନ ଅନୁଭୂତି ଓ ସମ୍ଭାବନାଗୁଡ଼ିକୁହିଁ ଆଶ୍ରୟ କରି ଏପରି ଏକ ସଙ୍ଗଧାର ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ଚେଷ୍ଟା କରୁଛୁ, ଯାହାଦ୍ୱାରା କି ତାକୁ ଅନ୍ତିମର ଗୋଟିଏ ପାଖକୁ ପୁରାପୁରି କାଟି ପକାଇବାକୁ ପଡ଼ୁଛି । ଏହିସବୁ ଆଲୋଚନାର ତାତ୍ପର୍ଯ୍ୟ ହେଉଛି ଯେ ମନୋମୟ ସତ୍ତା ଏକପକ୍ଷରେ ଆପାତତଃ ଯାବତୀୟ ସମ୍ଭୂତିକୁ ବହିଷ୍କୃତ କରି ରଖି ପ୍ରତ୍ୟକ୍ଷ ଆତ୍ମଚୈତନ୍ୟ ମଧ୍ୟରେ କେଉଁ ନିମଜ୍ଜିତ ହୋଇ ରହିପାରେ, ଏବଂ ଅନ୍ୟପକ୍ଷରେ ଆପାତତଃ ଯାବତୀୟ ଅଚଞ୍ଚଳ ଆତ୍ମଚୈତନ୍ୟକୁ ମଧ୍ୟ ବହିଷ୍କୃତ କରି ରଖି କେବଳ ସମ୍ଭୂତି ମଧ୍ୟରେହିଁ ଆପଣାକୁ ବୁଡ଼ାଇ ଦେଇପାରେ । ଏହି ଦୁଇଟିଯାକ ପକ୍ଷ ପରସ୍ପରର ବିରୋଧୀ ହୋଇଥିଲେ ମଧ୍ୟ ଓ ଦୁଇ ପୃଥକ୍ ମାର୍ଗରେ ଗତି କରୁଥିଲେ ମଧ୍ୟ ଉଭୟେ ସେହିଟିକୁ ଅସ୍ୱୀକାର

'oaob.nitrkl.ac.in' images reprocessed

କରନ୍ତି, ସେଇଟିକୁ ଅଳୀକ ବା ଅସତ୍ୟ କହି ବର୍ଜନହିଁ କରନ୍ତି, ବା ତାହାକୁ ଚେତନ ମନର କେବଳ ଗୋଟାଏ ଖେଳ ବୋଲି ମନେକରିଥା'ନ୍ତି । ସେତେବେଳେ ଗୋଟିଏ ପକ୍ଷର ମତରେ ଯାହାକୁ ବ୍ରହ୍ମ ବା ଆତ୍ମା ବୋଲି ଘୋଷଣା କରାଯାଏ, ଅପର ପକ୍ଷ ତାହାକୁ ଜଗତ ବୋଲି କହେ, ମନଗଢ଼ା ଏକ ତତ୍ତ୍ୱ ବୋଲି କହେ; ମନର ବୃଦ୍ଧି ବା କିମ୍ବା ବିଳମ୍ବିବାଯାଏ ତାହା କେବଳ ଆପେକ୍ଷିକ ଭାବରେହିଁ ଏକ ସତ୍ୟରୂପେ ସ୍ୱୀକୃତ ହୋଇପାରିବ ବୋଲି କହେ । ଗୋଟିଏ ପକ୍ଷ ଜଗତକୁ ଆତ୍ମାର ଏକ କାର୍ଯ୍ୟସାଧନ ସ୍ୱପ୍ନ ବୋଲି ଘୋଷଣା କରେ, ଅପର ପକ୍ଷ ଈଶ୍ୱର ବା ଆତ୍ମାକୁ କେବଳ କପୋଳକଳ୍ପିତ ବୋଲି କହେ, ଏକ କାର୍ଯ୍ୟସାଧନ ବିଭ୍ରମ ବୋଲି କହିଥାଏ । କୌଣସି ପକ୍ଷ ଦୁହିଁଙ୍କ ମଧ୍ୟରେ ରହିଥିବା ଯଥାର୍ଥ ସମ୍ବନ୍ଧଟିକୁ ଆଦୌ ନିରୂପଣ କରିପାରନ୍ତି ନାହିଁ, କାରଣ ଅସ୍ତିତ୍ୱର ଏହି ଦୁଇଟି ଦିଗ ଏଠାରେ ଆମ ବୁଦ୍ଧିର ଚକ୍ଷୁକୁ କେବଳ ଛିନ୍ନଭିନ୍ନ ଓ ଅସମନ୍ୱିତରୂପେ ଦୃଷ୍ଟିଗୋଚର ହେବା ଛଡ଼ା ଆଉ ଅନ୍ୟ ଗତି ନଥାଏ । ଆମର ଜ୍ଞାନ ଏହିପରି ଏକଦେଶଦର୍ଶୀ ହୋଇ ରହିଥିବା ପର୍ଯ୍ୟନ୍ତ ଏହାହିଁ ଧ୍ରୁବ । ପରିପୂର୍ଣ୍ଣ ସମଗ୍ର ଜ୍ଞାନର ଉପଲବ୍ଧି ହେଉଛି ସଚେତନ ବିବର୍ତ୍ତନର ବିକାଶର ସର୍ବମୂଳ ଉଦ୍ଦେଶ୍ୟ । ତେଣୁ ଯେତେବେଳେ ଆମର ଚେତନା ମଝିରେ ଛୁରୀ ଚଳାଇ ଦେଲାପରି ଗୋଟିକୁ ଅଲଗା କରି କାଟି ନେଇଯାଏ ଓ ଅନ୍ୟଟିକୁ ଛାଡ଼ି ଦେଇଯାଏ, ସେତେବେଳେ ତାହାର ସେହି କର୍ତ୍ତନ ଓ ବର୍ଜନକୁ ଆମେ ଆତ୍ମା ଓ ବସ୍ତୁବିଷୟକ ସମଗ୍ର ସତ୍ୟ ବୋଲି କଦାପି କହିପାରିବା ନାହିଁ । କାରଣ ଯଦି କୌଣସି ନିଶ୍ଚଳ ଓ ଚିରଅବିଚଳ ଆତ୍ମାହିଁ ସବୁକିଛି ହୋଇଥା'ନ୍ତା ତେବେ ଅସ୍ତିତ୍ୱମୟ ଏହି ବିଶ୍ୱ କଦାପି ସମ୍ଭବ ହୋଇ ନଥା'ନ୍ତା; ପୁଣି ସତତ ଚଳମାନ ଏହି ପ୍ରକୃତିଟା ଯଦି ସବୁକିଛି ହୋଇଥା'ନ୍ତା, ତେବେ ଆମେ କେବଳ ବିଶ୍ୱସମୂହର ଏକ ଚକ୍ରାବର୍ତ୍ତନର କଳ୍ପନା କରିପାରନ୍ତେ, ମାତ୍ର ନିଶ୍ଚେତନ ମଧ୍ୟରୁ ପରମ ଚେତନ ବିବର୍ତ୍ତିତ ଓ ବିକଶିତ ହୋଇ ଉଠିବାଲାଗି ଏବଂ ଆମର ଖଣ୍ଡ-ଚେତନା ଅର୍ଥାତ୍ ଅବିଦ୍ୟା ପକ୍ଷରେ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରି ଆପଣା ସତ୍ତାର ପରିପୂର୍ଣ୍ଣ ସତ୍ୟଚେତନାରେ ଯାଇ ଉପନୀତ ହେବା ଓ ସକଳ ତଥା ସର୍ବମୟ ପରମସତ୍ତାର ସମଗ୍ର ଜ୍ଞାନମୟ ଚେତନାର ଉପଲବ୍ଧି କରିବାଲାଗି ଆଉ କୌଣସି ଆଧ୍ୟାତ୍ମିକ ଭିତ୍ତିହିଁ ରହନ୍ତା ନାହିଁ ।

ଆମେ ଯାହାକୁ ଆମର ଉପରିସ୍ତରୀୟ ଚେତନା ବୋଲି କହୁଛୁ, ତାହା କେବଳ ଏକ ଉପରିସ୍ତର ମାତ୍ର, ଏବଂ ସେହି ଉପରିସ୍ତରରେହିଁ ଅବିଦ୍ୟାର ପୂର୍ଣ୍ଣ ରାଜତ୍ୱ ରହିଛି । ଅସଲ ସତ୍ୟଟିକୁ ଜାଣିବାକୁ ହେଲେ ଆମକୁ ଭିତରକୁ ଭେଦିବାକୁ ପଡ଼ିବ, ଆପଣାର ଅନ୍ତର୍ଦେଶକୁ ଫେରିଯାଇ ଏକ ଅନ୍ତର୍ଗତ ଜ୍ଞାନଚକ୍ଷୁରେ ଦେଖିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ଏଠି ଏହି ଉପରିସ୍ତରଟି ଉପରେ ଯାହାକିଛି ଗଠିତ ଓ ରଚିତ ହେବାରେ ଲାଗିଛି, ତାହା ହେଉଛି ପ୍ରଚ୍ଛନ୍ନ ଓ ଅନ୍ତରାଳ ହୋଇ ରହିଥିବା ଆମ ବୃହତ୍ତର ଅସ୍ତିତ୍ୱର କେବଳ ଏକ ଅତିକ୍ଷୁଦ୍ର ଓ ଅତିହ୍ରସ୍ୱ ପ୍ରତିବିମ୍ବ ମାତ୍ର । ଯେତେବେଳେ ବାହାର ସ୍ତରରେ ଅବସ୍ଥିତ ରହିଥିବା ମନୋଗତ ତଥା ପ୍ରାଣଗତ କ୍ରିୟାଗୁଡ଼ିକ ଶାନ୍ତ ହୋଇଯିବେ, କେବଳ ସେତିକବେଳେ ଯାଇ ଆମେ ଆମ ଭିତରେ ରହିଥିବା ଅବିଚଳ ନିତ୍ୟନିସ୍ତବ୍ଧ ଆତ୍ମାର ପରିଚୟ ପାଇବା । କାରଣ ଯେହେତୁ ଏହା ଆମର ଭିତରେ କେତେ ଗଭୀରରେ ଯାଇ ଅଧିଷ୍ଠିତ ହୋଇ ରହିଛି କେବଳ ଆତ୍ମସତ୍ତାର ବୋଧିଗତ ବୋଧ ଦ୍ୱାରାହିଁ ଏଠି ବାହାରେ ଉପରିସ୍ତରରେ ତାହାର ଏକ ଆଭାସମାତ୍ର ମିଳୁଛି ଏବଂ ଯେହେତୁ ମନୋଗତ, ପ୍ରାଣଗତ ଓ ଦେହଗତ ଅହଂର ପ୍ରତିଷ୍ଠାପିକ ଅବବୋଧଗୁଡ଼ିକ ତାହାକୁ ସର୍ବଦା ବିକୃତ କରିଦେବାରେ ଲାଗିଛନ୍ତି, କେବଳ ମନର ନୈଃଶବ୍ଦ୍ୟଦ୍ୱାରାହିଁ ଏହାର ଯଥାର୍ଥ ସତ୍ୟଟିକୁ ଅନୁଭବ କରିଯାଇ ପାରିବ । କିନ୍ତୁ ଅପର ପକ୍ଷରେ ଆମ ଉପରିସ୍ତରୀୟ ସତ୍ତାର ଗତିଶୀଳ ଓ କାର୍ଯ୍ୟନିଷ୍ପାଦକ ଅଂଶଗୁଡ଼ିକୁ ମଧ୍ୟ ଆମେ ଆମ ପ୍ରକୃତିର ଗଭୀର୍ ତଳେ ଗୁପ୍ତ ହୋଇ ରହିଥିବା ବୃହତ୍ତର ବସ୍ତୁଗୁଡ଼ିକର ଅତିକ୍ଷୁଦ୍ର ରୂପାୟନ ବୋଲି ଜାଣିବା । ଆମ ସତ୍ତାର ଉପରିସ୍ତରରେ ଯେଉଁ ସ୍ମୃତି କାର୍ଯ୍ୟ କରୁଛି, ସେଇଟି ମଧ୍ୟ ବଡ଼ ଖଣ୍ଡିତ ଓ ଆଂଶିକ ଭାବରେ କାର୍ଯ୍ୟ କରୁଛି ଓ ଯଥାର୍ଥ କାର୍ଯ୍ୟଟିର ସାଧନ କରିପାରୁ ନାହିଁ । ଆମ ଭିତରେ ଅବସ୍ଥିତ ଏକ ଅଧିଚେତନ ସ୍ମୃତି, ଯାହାକି ଆମର ଯାବତୀୟ କର୍ମାନୁଭବକୁ ଗ୍ରହଣ କରୁଛି ଓ ଲେଖି ରଖୁଛି, ଆମର ମନ ଦେଖି ନଥିବା, ବୁଝିନଥିବା କିମ୍ବା ଆଦୌ ଲକ୍ଷ୍ୟ କରି ନଥିବା ନାନା ସାମଗ୍ରୀକୁ ମଧ୍ୟ ଗ୍ରହଣ ଓ ଲିପିବଦ୍ଧ କରୁଛି, ଆମ ଉପରିସ୍ତରସ୍ଥ ସ୍ମୃତି ଅତି ଅପଟୁଭାବରେ ତାହାର ଭଣ୍ଡାର ଭିତରୁ ଆଣି କେବଳ ଅତିଅଳ୍ପ କେଇଟା ଅଂଶକୁ ବାହାରେ ପ୍ରକାଶ କରିପାରୁଛି । ଅଧିକ ପରିବ୍ୟାପ୍ତ ଓ ଅଧିକ ସୃଜନକ୍ଷମ ଭାବରେ ଆମ ଚେତନାର ଯେଉଁ ଅଧିଚେତନ ପ୍ରତିରୂପ-ଗଠନକାରୀ ଶକ୍ତି ବଡ଼ ନିପୁଣ ଭାବରେ ଆମ ଭିତରେ କାର୍ଯ୍ୟ କରି ଚାଲିଛି, ଉପରିସ୍ତରରେ କାର୍ଯ୍ୟ କରୁଥିବା କଳ୍ପନାଶକ୍ତି କେବଳ ସେଇଥିରୁହିଁ କେତୋଟି ପ୍ରତିରୂପକୁ ସାଉଁଟି ଆଣିକି ପରି ବାହାରେ ଆଣି ପ୍ରକାଶ କରୁଛି । ଆମ ଅନ୍ତର୍ମନର ଅପରିମେୟ ବିପୁଳତର ଓ ସୂକ୍ଷ୍ମତର ଉପଲବ୍ଧିମାନ ରହିଛି, ଆମ ଅନ୍ତର୍ଗତ ପ୍ରାଣଶକ୍ତିର ଏକ ବୃହତ୍ତର ଗତିଶୀଳତାର ସାମର୍ଥ୍ୟ ରହିଛି, ଆମ ଭିତରେ ଅବସ୍ଥିତ ସୂକ୍ଷ୍ମ ଭୌତିକ ଉପାଦାନଟିର ଏକ ସୂକ୍ଷ୍ମତର ଓ ବୃହତ୍ତର ଗ୍ରହଣଶୀଳତା ରହିଛି; ସେଇଗୁଡ଼ିକହିଁ ଆପଣା ଭିତରୁ ଆମର ଏହି ଉପରିସ୍ତରସ୍ଥ ପ୍ରକାଶ ଓ ପରିଣତିକୁ ସମ୍ଭବ ଓ ଗଠନ କରୁଛନ୍ତି । ଏହିସବୁ ଗୋପନ କ୍ରିୟାଶୀଳତାର ପଛରେ ଏକ ଚୈତ୍ୟସତ୍ତା ଅବସ୍ଥିତ ରହିଛି, ଯାହାକି ଆମ ବ୍ୟକ୍ତିତ୍ୱବୋଧର ଯଥାର୍ଥ ଆଶ୍ରୟରୂପେ କାର୍ଯ୍ୟ କରୁଛି । ଆମେ ଯାହାକୁ ଅହଂ ବୋଲି

'oaob.nitrkl.ac.in' images reprocessed

କରୁଛୁ, ତାହା ହେଉଛି ସେହି ଅନ୍ତର୍ଗତ ବ୍ୟକ୍ତିତ୍ୱର ଏକ ବହିଃସ୍ଥର ଓ ବହିର୍ମୁଖ ମିଥ୍ୟାବିକଳ୍ପ ମାତ୍ର । କାରଣ ସେହି ଅନ୍ତରସ୍ଥ ଗୁଢ଼ ଆତ୍ମାହିଁ ଆମର ଯାବତୀୟ ଆତ୍ମ-ଅନୁଭବ ଓ ବିଶ୍ୱ-ଅନୁଭବକୁ ଏକାଠି ଧରି ରଖିଛି । ଆମ ଦେହ, ପ୍ରାଣ ଓ ମନର ବାହ୍ୟ କ୍ଷେତ୍ରରେ ବିଚରଣ କରୁଥିବା ଅହଂଟି କେବଳ ଆମ ବାହ୍ୟ ପ୍ରକୃତି ଦ୍ୱାରା ଗଠିତ ଏକ ବାହ୍ୟବସ୍ତୁ ମାତ୍ର । ଆମେ ଯେତେବେଳେ ଆମର ଆତ୍ମା ଓ ଆମର ପ୍ରକୃତ ସତ୍ତାକୁ ସମ୍ପୂର୍ଣ୍ଣ ଓ ଅଖଣ୍ଡରୂପେ ଜାଣିବାକୁ ସମର୍ଥ ହେବା, ତାହାର ଗଭୀରକୁ ଭେଦ କରିପାରିବା ଓ ତା'ର ଉପରିସ୍ତରରେ ମଧ୍ୟ ତାହାର ସତ୍ୟପରିଚୟ ପାଇପାରିବା, ସେତିକବେଳେ ଯାଇ ଆମେ ଏକ ଯଥାର୍ଥ ଜ୍ଞାନଭୂମିର ଅଧିକାରୀ ହୋଇପାରିବା ।

'oaob.nitrkl.ac.in' images reprocessed

## ଦଶମ ପରିଚ୍ଛେଦ

# ଜ୍ଞାନ : ତାଦାତ୍ମ୍ୟର ଓ ଭେଦର

ଆତ୍ମନାତ୍ମାନଂ ପଶ୍ୟନ୍ ଆତ୍ମନି ।

—ଗୀତା, ୬।୨୦

ସେମାନେ ଆତ୍ମାକୁ ଆତ୍ମାଦ୍ୱାରା ଆତ୍ମା ଭିତରେ ଦେଖନ୍ତି ।

ଯତ୍ର ହି ଦ୍ୱୈତମିବ ଭବତି ତଦିତର ଇତରଂ ପଶ୍ୟତି;···ତଦିତର ଇତରଂ ଶୃଣୋତି, ତଦିତର ଇତରଂ ମନୁତେ, ତଦିତର ଇତରଂ ସ୍ପୃଶତି, ତଦିତର ଇତରଂ ବିଜାନାତି । ଯତ୍ର ତ୍ୱସ୍ୟ ସର୍ବମାତ୍ମୈବାଭୂତ୍ତତ୍କେନ କଂ· ବିଜାନୀୟାତ୍, ଯେନ ଇଦଂ ସର୍ବଂ ବିଜାନାତି ॥

ସର୍ବଂ ତଂ ପରାଦାଦ୍ୟୋଽନ୍ୟତ୍ରାତ୍ମନଃ ସର୍ବଂ ବେଦ; ଇଦଂ ବ୍ରହ୍ମ,······ ଇମାନି ଭୂତାନୀଦଂ ସର୍ବଂ ଯଦୟମାତ୍ମା ॥

—ବୃହଦାରଣ୍ୟକ ଉପନିଷଦ, ୪।୫।୧୫, ୭

ଯେଉଁଠାରେ ଦ୍ୱୈତବୋଧ ରହିଥାଏ, ସେଠାରେ ଅନ୍ୟଜଣେ ଅନ୍ୟଜଣକୁ ଦେଖେ, ଅନ୍ୟଜଣେ ଅନ୍ୟଜଣର କଥା ଶୁଣେ, ଅନ୍ୟଜଣେ ଅନ୍ୟଜଣର କଥା ଭାବେ, ଅନ୍ୟଜଣକୁ ସ୍ପର୍ଶ କରେ, ଅନ୍ୟଜଣକୁ ଜାଣେ । ମାତ୍ର ଯେତେବେଳେ କୌଣସି ବ୍ୟକ୍ତି ସବୁକିଛିକୁ ଆତ୍ମା ବୋଲି ଅନୁଭବ କରେ, ସେତେବେଳେ ସିଏ କ'ଣ ଦେଇ ଆଉ କାହାକୁ ଜାଣିବ ? ସେତେବେଳେ ଏହି ଯାହାକିଛି ଅଛନ୍ତି, ତାହାକୁ କେବଳ ଆତ୍ମା ଦେଇହିଁ ଜାଣିବ ।

ଯିଏ ଆତ୍ମାକୁ ଛଡ଼ି ଅନ୍ୟ କେଉଁଠାରେ ସବୁ ଦେଖୁଥାଏ, ତାକୁ ସବୁ ଛଡ଼ି ଦିଅଯାଏ । କାରଣ ଏହି ଯାହାକିଛି ବର୍ତ୍ତମାନ ଅଛନ୍ତି, ତାହା ହେଉଛି ବ୍ରହ୍ମ,··· ସକଳ ସତ୍ତା ଏବ ସବୁକିଛି କେବଳ ଏହି ଆତ୍ମା ବ୍ୟତୀତ ଆଉ କିଛି ନୁହନ୍ତି ।

ପରାଞ୍ଚି ଖାନି ବ୍ୟତୃଣତ୍ ସ୍ୱୟଂଭୂଃ ତସ୍ମାତ୍ ପରାଙ୍‌ପଶ୍ୟତି ନାନ୍ତରାତ୍ମନ୍ ।
କଶ୍ଚିଦ୍ ଧୀରଃ ପ୍ରତ୍ୟଗାତ୍ମାନମୈକ୍ଷଦାବୃତ୍ତଚକ୍ଷୁରମୃତତ୍ୱମିଚ୍ଛନ୍ ॥

—କଠୋପନିଷଦ, ୪।୧

'oaob.nitrkl.ac.in' images reprocessed

ସ୍ୱୟମ୍ଭୂ ଆତ୍ମା ଇନ୍ଦ୍ରିୟର ଦ୍ୱାରଗୁଡ଼ିକୁ ବାହାରପଟକୁ ଉନ୍ମୁକ୍ତ କରି ଦେଇଛନ୍ତି । ସେଥିପାଇଁ ମନୁଷ୍ୟ ସବୁବେଳେ ସେଇ ବାହାରେହିଁ ଦେଖେ, ନିଜ ଅନ୍ତରାତ୍ମା ଭିତରେ ଦେଖେ ନାହିଁ । ଅତି କ୍ୱଚିତ୍ କୌଣସି ଧୀର ପୁରୁଷ ଅମୃତତ୍ୱଲାଭର ମହତୀ ଇଚ୍ଛା ନେଇ ଆପଣାର ଦୃଷ୍ଟିକୁ ଅନ୍ତରଆଡ଼କୁ ଫେରାଇ ଆଣେ ଓ ଆତ୍ମାର ପ୍ରତ୍ୟକ୍ଷ ଦର୍ଶନ କରିଥାଏ ।

ନ ହି ଦ୍ରଷ୍ଟୁର୍ଦୃଷ୍ଟେର୍ବିପରିଲୋପୋ ବିଦ୍ୟତେ......। ନ ହି ବକ୍ତୁର୍ବକ୍ତେଃ । ନ ହି ଶ୍ରୋତୁଃ ଶ୍ରୁତେଃ... ନ ହି ବିଜ୍ଞାତୁଃ ବିଜ୍ଞାତେଃ ବିପରିଲୋପୋ ବିଦ୍ୟତେ ଅବିନାଶିତ୍ୱାତ୍ ନ ତୁ ତଦ୍ଦ୍ୱିତୀୟମସ୍ତି ତତୋଽନ୍ୟଦ୍ ବିଭକ୍ତଂ ଯତ୍ ପଶ୍ୟେତ୍..., ଯତ୍ ବଦେତ୍..., ଯତ୍ ଶୃଣୁୟାତ୍..., ଯତ୍ ବିଜାନୀୟାତ୍ ॥

—ବୃହଦାରଣ୍ୟକ ଉପନିଷଦ୍, ୪।୩।୨୩, ୨୬, ୨୭, ୩୦

ଦ୍ରଷ୍ଟାର ଦେଖିବା କଦାପି ବିଲୁପ୍ତ ହୁଏ ନାହିଁ, ବକ୍ତାର କହିବା ଓ ଶ୍ରୋତାର ଶୁଣିବା କଦାପି ବିଲୁପ୍ତ ହୁଏ ନାହିଁ । ଜ୍ଞାତାର ଜାଣିବା ମଧ୍ୟ ବିଲୁପ୍ତ ହୋଇଯାଏ ନାହିଁ । କାରଣ ସେଗୁଡ଼ିକର ବିନାଶ ନାହିଁ । ମାତ୍ର ସେ ଯାହା ଦେଖୁଛି, ଯାହା ସହିତ କଥା କହୁଛି, ଯାହାର କଥା ଶୁଣୁଛି ବା ଯାହାକୁ ଜାଣୁଛି, ସେସବୁ ତା'ଠାରୁ ଭିନ୍ନ ଓ ବର୍ଜିତ ଅନ୍ୟ କୌଣସି ଦ୍ୱିତୀୟ ପଦାର୍ଥ ନୁହେଁ ।

ଆମର ଯେଉଁ ଉପରିସ୍ତରୀୟ ଜ୍ଞାନସାଧନ ଦ୍ୱାରା ଆମେ ନିର୍ଭର କରି ରହିଥାଉ, ଯେଉଁ ସୀମାବଦ୍ଧ ଓ ସଙ୍କୁଚିତ ମାନସିକ ଦୃଷ୍ଟିରେ ଆମେ ନିଜକୁ, ନିଜର ଅନ୍ତର୍ଗତ ଗତିସ୍ପନ୍ଦନଗୁଡ଼ିକୁ, ଆମ ବାହାରେ ଅବସ୍ଥିତ ଜଗତଟିକୁ ଓ ତାହାର ବସ୍ତୁ ଓ ଘଟଣାଗୁଡ଼ିକୁ ଦେଖିଥାଉ, ସେହି ଜ୍ଞାନ ଓ ସେହି ଦୃଷ୍ଟି ଏପରି ଉପାଦାନରେ ଗଢ଼ା ହୋଇଥାଏ ଯେ ତାହା ଜ୍ଞାନର କେତେଟି ବିଭିନ୍ନ ପର୍ଯ୍ୟାୟ ବା ସୋପାନରୁ ବିଭିନ୍ନ ମାତ୍ରାରେ ଆପଣାକୁ ନିରୂପିତ କରିଥାଏ । ବସ୍ତୁଗୁଡ଼ିକରେ ଅବସ୍ଥିତ ରହିଥିବା ଆତ୍ମା ଭିତରେ ଯେଉଁ ମୂଳଭୂତ ଓ ଆଦ୍ୟ ଜାଣିବାପଣଟି ପ୍ରଚ୍ଛନ୍ନ ହୋଇ ରହିଥାଏ, ତାହା ହେଉଛି ତାଦାତ୍ମ୍ୟ-ଜ୍ଞାନ ଅର୍ଥାତ୍ ଏକତ୍ୱବୋଧର ଜ୍ଞାନ । ଦ୍ୱିତୀୟ ଜ୍ଞାନଟି ହେଉଛି ଏକ ନିଷ୍ପନ୍ନ ଜ୍ଞାନ, ଏହା ମୂଳଭୂତ ନୁହେଁ । ସାକ୍ଷାତ୍ ସ୍ପର୍ଶଲାଭ ଦ୍ୱାରା ଏହି ଜ୍ଞାନ ସମ୍ଭବ ହୋଇଥାଏ, ଆପଣାର ଆଧାରସ୍ଥଳରେ ତାହା ପ୍ରଚ୍ଛନ୍ନ ତାଦାତ୍ମ୍ୟଜ୍ଞାନ ସହିତ ଯୁକ୍ତ ହୋଇ ରହିଥାଏ । ଅର୍ଥାତ୍ ସେହି ଉତ୍ସରୁହିଁ ଏହା ଉଦ୍ଭୂତ ହେଉଥାଏ । ମାତ୍ର ତଥାପି ଏହା ଆପଣାର ଉତ୍ସଟିରୁ ଅଲଗା ହୋଇଥାଏ, ଏବଂ ସେହି କାରଣରୁ ତାହା ଯଥେଷ୍ଟ ପରିମାଣରେ ଶକ୍ତିସମ୍ପନ୍ନ ହୋଇଥିଲେ ମଧ୍ୟ ଏକ ଜ୍ଞାନ ହିସାବରେ ତଥାପି ଅପୂର୍ଣ୍ଣ ହୋଇ ରହିଥାଏ । ତୃତୀୟ ପ୍ରକାରର ଜ୍ଞାନରେ ପର୍ଯ୍ୟବେକ୍ଷଣର ବିଷୟଟିରୁ ପର୍ଯ୍ୟବେକ୍ଷକ ପୃଥକ୍ ହୋଇ ରହିଯାଏ, ତଥାପି କେବଳ

'oaob.nitrkl.ac.in' images reprocessed

ସାକ୍ଷାତ ସଂସ୍ପର୍ଶକୁ ଆଶ୍ରୟ କରି ଓ ଏପରିକି ତାଦାତ୍ମ୍ୟଭୂମିରୁ ଆଂଶିକ ସାହାଯ୍ୟ ଗ୍ରହଣ କରିହିଁ ସେହି ଜ୍ଞାନର ସ୍ଫୁରଣ ହୁଏ । ଚତୁର୍ଥ ପ୍ରକାରର ଜ୍ଞାନ କେବଳ ଭେଦରହିଁ ଦର୍ଶନ କରିଥାଏ, ଏହା ପରୋକ୍ଷ ସମ୍ପର୍କର ଏକ ପରିଯୋଜନ ଉପରେ ନିର୍ଭର କରି ରହିଥାଏ । କେବଳ ଚେଷ୍ଟାକରିହିଁ ଏହି ଜ୍ଞାନଟିକୁ ଲାଭ କରିବାକୁ ହୁଏ; ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ ଜ୍ଞାତା ଆପଣାର ଅଜ୍ଞାତସାରରେ ଯେଉଁ ଜ୍ଞାନ ପୂର୍ବରୁ ତା'ର ଅନ୍ତରାତ୍ମାରେ ଅଧିଷ୍ଠିତ ହୋଇ ରହିଛି, ଏହି କ୍ଷେତ୍ରରେ ସେଥିରୁହିଁ କିଛି ଆହରଣ କରି ଆଣିଥାଏ ଓ ତାହାର କୌଣସି ଗୋଟାଏ ପ୍ରକାରର ତର୍ଜମା କରି ପ୍ରକାଶ କରେ । ପ୍ରକୃତିର ସ୍ତରରେ ଏହିପରି ଚାରୋଟି ଜ୍ଞାନଭୂମି ବା ଜ୍ଞାନସ୍ରୋତ ରହିଛି : ତାଦାତ୍ମ୍ୟ ଜ୍ଞାନ, ଅନ୍ତରଙ୍ଗ ଓ ପ୍ରତ୍ୟକ୍ଷ ସଂସ୍ପର୍ଶଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ, ଭେଦାଶ୍ରୟୀ ପ୍ରତ୍ୟକ୍ଷ ସଂସ୍ପର୍ଶର ଜ୍ଞାନ ଓ ପରୋକ୍ଷ ସମ୍ପର୍କଦ୍ୱାରା ଲବ୍ଧ ସମ୍ପୂର୍ଣ୍ଣ ଭାବରେ ଭେଦଧର୍ମୀ ଜ୍ଞାନ ।

ଆମର ସ୍ୱରୂପଗତ ମର୍ମସତ୍ତାଟି ବିଷୟରେ ପ୍ରତ୍ୟକ୍ଷ ଭାବରେ ସଚେତନ ହୋଇଥିବା ସମୟରେ ଆମେ ପ୍ରଥମ ଜ୍ଞାନପ୍ରକାରଟିର ଏକ ବିଶୁଦ୍ଧତମ ନିଦର୍ଶନ ପାଇଥାଉ । କେବଳ ଆତ୍ମା ଓ ସତ୍ତାର ବିଶୁଦ୍ଧ ସତ୍ୟ ବ୍ୟତୀତ ଏହା ଭିତରେ ଆଉ କିଛିହେଲେ ନଥାଏ । ଆମର ଏହି ପ୍ରାକୃତ ଉପରିଭାଗୀୟ ମନରେ ଜଗତର ଅନ୍ୟ କୌଣସି ବିଷୟ ସମ୍ବନ୍ଧରେ ଏହି ଧରଣର ବୋଧ ବା ଜ୍ଞାନ କଦାପି ଜାତ ହୁଏ ନାହିଁ । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମ ଆତ୍ମଗତ ଚେତନାର ଆବେଗ ଓ ଗତିସ୍ପନ୍ଦନଗୁଡ଼ିକର ଜ୍ଞାନ ଭିତରେ ତାଦାତ୍ମ୍ୟ ଜ୍ଞାନର କେତେକ ଉପାଦାନ ଅବଶ୍ୟ ପ୍ରବେଶ କରିଥାଏ । କାରଣ ଏହିସବୁ ଗତିସ୍ପନ୍ଦନ ସହିତ କେତେକ ପରିମାଣରେ ତାଦାତ୍ମ୍ୟ ଅର୍ଜନକରିହିଁ ଆମେ ସେଗୁଡ଼ିକ ମଧ୍ୟକୁ ଆପଣାକୁ ପ୍ରକ୍ଷେପିତ କରିବାଲାଗି ସମର୍ଥ ହୋଇଥାଉ । ଆମେ ଆଗରୁ ଦେଖିସାରିଛୁ ଯେ ବେଳେବେଳେ ଆମର କ୍ରୋଧ ଉଦ୍ଦୀପ୍ତ ହୋଇ ଆମକୁ ଏପରି ଭାବରେ ଗ୍ରାସ କରି ପକାଇଥାଏ ଯେ ଅନ୍ତତଃ ସେହି ସମୟଟି ପାଇଁ ଆମର ସମସ୍ତ ଚେତନା କେବଳ ସେହି କ୍ରୋଧରହିଁ ଏକ ତରଙ୍ଗ ବ୍ୟତୀତ ଆଉ କିଛି ବୋଲି ମନେହୁଏ ନାହିଁ । ଠିକ୍ ସେହିପରି କେତେକ ଅବସରରେ ପ୍ରେମ, ଦୁଃଖ ଓ ଆନନ୍ଦ ଓ ସେହିଭଳି ଅନ୍ୟ ଆବେଗଗୁଡ଼ିକର ମଧ୍ୟ ଆମକୁ ଗୋଟାପୁରା ଗ୍ରାସ ବା ଅଧିକାର କରିନେବାର ଶକ୍ତି ସମାନ ଭାବରେ ରହିଛି । ଭାବନା ବା ଚିନ୍ତନ ମଧ୍ୟ ସେହିପରି ଗୋଟାପୁରା ଅଧିକାର କରି ନେଇପାରେ । ସେତେବେଳେ ଚିନ୍ତନକର୍ତ୍ତାର ଅସ୍ତିତ୍ୱ ବିଷୟରେ ସକଳ ଜ୍ଞାନ ହରାଇବସି ଆମେ ସତେଅବା କେବଳ ଭାବନା ବା ଭାବବାରେହିଁ ପରିଣତ ହୋଇଯାଉ । ମାତ୍ର ଅଧିକତର କ୍ଷେତ୍ରରେ ଏକ ଦ୍ୱୈତବୃତ୍ତି ବିଦ୍ୟମାନ ଥାଏ । ଆମ ଆତ୍ମା ବା ଅସ୍ତିତ୍ୱର ଗୋଟାଏ ଅଂଶ ସେହି ଭାବନା ବା ଆବେଗଟି ସହିତ ଏକରୂପ ହୋଇଯାଏ ଓ ଅନ୍ୟ

'oaob.nitrkl.ac.in' images reprocessed

ଅଂଶଟି କେତେକ ପରିମାଣରେ ଅନୁରକ୍ତ ସହିତ ପ୍ରଥମ ଅଂଶଟିର ସଙ୍ଗେ ସଙ୍ଗେ ଯାଇଥାଏ, ଅଥବା ଅତ୍ୟନ୍ତ ନିକଟବର୍ତ୍ତୀ ଭାବରେ ଅବସ୍ଥିତ ରହି ଅନ୍ତରଙ୍ଗ ପ୍ରତ୍ୟକ୍ଷ ସଂସ୍ପର୍ଶଦ୍ୱାରାହିଁ ତାହାର ପରିଚୟ ପାଏ; ମାତ୍ର ତଥାପି ତାହା ତାଦାତ୍ମ୍ୟର ଭୂମିରେ ପହଞ୍ଚିପାରେ ନାହିଁ, ସମ୍ପୂର୍ଣ୍ଣ ଭାବରେ ଆତ୍ମବିସ୍ମୃତ ହୋଇ ଗତିସ୍ପନ୍ଦନଟି ସହିତ ଲୀନ ହୋଇଯାଇ ପାରେ ନାହିଁ ।

ଏହି ତାଦାତ୍ମ୍ୟ ଅବଶ୍ୟ ସମ୍ଭବ, ଯୁଗପତ୍ ଭାବରେ ପୃଥକ୍ ହୋଇ ରହିବା ଓ ଆଂଶିକ ଭାବରେ ତାଦାତ୍ମ୍ୟ ଅର୍ଜନ କରିବା ମଧ୍ୟ ସମ୍ଭବ । କାରଣ ଏହି ବୃତ୍ତିଗୁଡ଼ିକ ଆମର ସତ୍ତାଗତ ପରିଣତିକ୍ରମର ଅଙ୍ଗସ୍ୱରୂପ, ଆମ ମନୋଗତ ଉପାଦାନ ଓ ମାନସ-ସାମର୍ଥ୍ୟର ତଥା ଆମର ପ୍ରାଣଗତ ଉପାଦାନ ଓ ପ୍ରାଣଗତ ସାମର୍ଥ୍ୟର ବ୍ୟାକୃତି ମାତ୍ର । ମାତ୍ର ସେଗୁଡ଼ିକ ଆମର କେବଳ ଏକ ଅତି କ୍ଷୁଦ୍ର ଅଂଶ ହୋଇଥିବାରୁ, ସେଗୁଡ଼ିକ ସହିତ ଏକରୂପ ହୋଇଯିବାକୁ ବା ଏଗୁଡ଼ିକର ଅଧିକାର ଭିତରେ ଆପଣାକୁ ଛାଡ଼ି ଦେବାକୁ ଆମେ କଦାପି ବାଧ୍ୟ ନୋହୁଁ । ଆମେ ଆପଣାକୁ ଏହାଠାରୁ ଅଲଗା କରି ରଖିପାରିବା, ଏହାର କ୍ଷଣାବଧି ପରିଣତିଟିରୁ ସତ୍ତାକୁ ଅଲଗା କରି ରଖିପାରିବା, ପୃଥକ୍ ରହି ଏହା ଉପରେ ଦୃଷ୍ଟିପାତ କରିପାରିବା, ଏହାକୁ ଆବୃତ କରି ରଖିପାରିବା, ତାହାର କ୍ରିୟାରେ ସମ୍ମତି ଦେଇପାରିବା ଅଥବା ତାହାର ପ୍ରକାଶକୁ ବନ୍ଦ କରିଦେଇ ପାରିବା । ଏବଂ ଏହିପରି ଭାବରେ ଏକ ଅନ୍ତର୍ଗତ ଅନାସକ୍ତତା ଓ ଏକ ମନୋଗତ ଅଥବା ଆଧ୍ୟାତ୍ମିକ ବ୍ୟବଧାନ ଦ୍ୱାରା ଅଂଶତଃ ବା ଏପରିକି ପୂର୍ଣ୍ଣତଃ ସତ୍ତା ଉପରେ ରହିଥିବା ମନୋମୟ ଅଥବା ପ୍ରାଣମୟ ପ୍ରକୃତିର ବଶ୍ୟତା ଭିତରୁ ଆପଣାକୁ ମୁକ୍ତ କରିନେଇ ପାରିବା ଏବଂ ତଦ୍ଦ୍ୱାରା ଆପଣାକୁ ସାକ୍ଷୀ, ଜ୍ଞାତା ବା ନିୟନ୍ତାରୂପେ ଅବସ୍ଥାପିତ କରି ରଖିପାରିବା । ଏଥିରୁ ଜଣାଯାଉଛି ଯେ ଆତ୍ମଗତ ଗତି ଓ ବୃତ୍ତି ସମ୍ବନ୍ଧରେ ଆମର ଦୁଇପ୍ରକାର ଜ୍ଞାନ ରହିଛି । ଗୋଟିଏ ହେଉଛି ତଦାତ୍ମକତା ଦ୍ୱାରା ଉପଲବ୍ଧ ଜ୍ଞାନ, ଏହାର ଉପାଦାନ ଓ କ୍ରିୟାଶକ୍ତି ସମ୍ବନ୍ଧରେ ଏକ ଅନ୍ତରଙ୍ଗ ଜ୍ଞାନ । ଆମ ବାହାରେ ଅବସ୍ଥିତ ରହିଥିବା ଓ ଆମକୁ ସମ୍ପୂର୍ଣ୍ଣତଃ ଅନାତ୍ମ ବୋଲି ପ୍ରତୀତ ହେଉଥିବା ବସ୍ତୁଗୁଡ଼ିକ ସମ୍ବନ୍ଧରେ ଆମେ ଯେଉଁ ପୃଥକ୍କର ଭେଦଦର୍ଶୀ ଓ ବସ୍ତୁଗତ ଜ୍ଞାନ ଲାଭ କରିଥାଉ, ଏହି ଜ୍ଞାନ ସେଗୁଡ଼ିକଠାରୁ ସ୍ୱତଃ ଅଧିକ ଅନ୍ତରଙ୍ଗ । ଆସକ୍ତିରହିତ ନିର୍ଲିପ୍ତ ଅବଲୋକନରୁ ମଧ୍ୟ ଆଉ ଏକ ପ୍ରକାରର ଜ୍ଞାନ ପ୍ରାପ୍ତ ହୋଇଥାଏ । ଏହି କ୍ଷେତ୍ରରେ ଅବଲୋକନକାରୀ ଅନାସକ୍ତ ଥାଏ, ତଥାପି ତା'ଭିତରେ ପ୍ରତ୍ୟକ୍ଷ ସଂସ୍ପର୍ଶ ସ୍ଥାପନର ଏକ ସାମର୍ଥ୍ୟ ମଧ୍ୟ ରହିଥାଏ । ଏହା ପ୍ରାକୃତ ଶକ୍ତି ମଧ୍ୟରେ ବୁଡ଼ିଯିବା ବା ତାହାର ବଶୀଭୂତ ହୋଇପଡ଼ିବାରୁ ଆମକୁ ବଞ୍ଚାଇରଖେ, ଏବଂ ଗତିସ୍ପନ୍ଦନଟିକୁ ଆମର ତଥା ବିଶ୍ୱର ଅସ୍ତିତ୍ୱର ଅବଶିଷ୍ଟ ଅଂଶଟି ସହିତ ସମ୍ବନ୍ଧଯୁକ୍ତ କରି ରଖିବାଲାଗି

'oaob.nitrkl.ac.in' images reprocessed

ଆମକୁ ସ୍ପର୍ଶ କରେ । ମାତ୍ର ଆମ ଭିତରେ ଏହି ଅନ୍ତଃସ୍ଥର ଅଭାବ ରହିଥିଲେ ପ୍ରକୃତିର ପରିଣତି, ଗତି ଓ କ୍ରିୟା ମଧ୍ୟରେହିଁ ଆମେ ଆମର ଆତ୍ମସତ୍ତା ଓ ନିୟନ୍ତ୍ରଣକାରୀ ଜ୍ଞାନଟିକୁ ହରାଇ ବସୁ, ଏବଂ ଚିତ୍ତବୃତ୍ତିଟି ସମ୍ବନ୍ଧରେ ଆମର ଏକ ଅନ୍ତରଙ୍ଗ ଜ୍ଞାନ ରହିଥିଲେ ମଧ୍ୟ ସେଇଟିକୁ ଅଧୀନ କରି ରଖିବାଲାଗି ସେହି ଜ୍ଞାନ ଆଦୌ ପରିପୂର୍ଣ୍ଣ ଓ ଯଥେଷ୍ଟ ହୋଇପାରେ ନାହିଁ । ମାତ୍ର ଚିତ୍ତବୃତ୍ତିଟି ସହିତ ଏକାତ୍ମତା ଅର୍ଜନ କରିବା ସଙ୍ଗେସଙ୍ଗେ ଆମ ଆଶେପାଶେ ଅନ୍ତର୍ବୃତ୍ତି ସହିତ ବି ଏକାତ୍ମକତା ଅର୍ଜନ କରି ପାରୁଥିଲେ ତ୍ରୁଟିପରି କଦାପି ହୁଅନ୍ତା ନାହିଁ । ଅର୍ଥାତ୍ ଆମେ ଯଦି ପରିଣାମରୂପ ତରଙ୍ଗଟି ମଧ୍ୟରେ ପରିପୂର୍ଣ୍ଣରୂପେ ବୁଡ଼ିଯାଇ ପାରନ୍ତେ, ମାତ୍ର ତାହା ସହିତ ସେହି ବୁଡ଼ି ରହିଥିବା ଅବସ୍ଥା ବା ନିମ୍ନାଦି ଭିତରେ ମଧ୍ୟ ତଥାପି ମନୋଗତ ଭୂମିରେ ତାର ସାକ୍ଷୀ, ଅବଲୋକନକାରୀ ଓ ନିୟନ୍ତ୍ରଣକର୍ତ୍ତା ହୋଇ ରହିପାରନ୍ତେ, ତେବେ କଦାପି ଏପରି ହୁଅନ୍ତା ନାହିଁ । ମାତ୍ର ଆମେ ଏସବୁ ସ୍ୱଚ୍ଛନ୍ଦରେ କରିପାରୁ ନାହିଁ, କାରଣ ଆମେ ଏକ ବହିର୍ମୁଖ ଚେତନାର ଅଧୀନ ମଧ୍ୟରେ ବାସ କରୁଅଛୁ, ଯେଉଁଠି କି ଆମର ପ୍ରାଣମୟ ଅଂଶଟି, ଅର୍ଥାତ୍ ସାମର୍ଥ୍ୟ, ବାସନା, ଆବେଗ ଓ କ୍ରିୟାଗୁଡ଼ିକୁ ଧାରଣ କରି ରହିଥିବା ପ୍ରାଣମୟ ପ୍ରକୃତିଟି ମଧ୍ୟରେ ଆମର ମନ ଉପରେ ପ୍ରଭୁ ହୋଇ ବସିବାକୁ ଅଥବା ତାହାକୁ ଗ୍ରାସ କରି ପକାଇବାକୁ ଏକ ପ୍ରବୃତ୍ତି ବଳବତ୍ତର ରହିଥାଏ । ତେଣୁ ମନ ଏହି ବନ୍ଧନଟାକୁ ଏଡ଼ି ରହିବାର ପ୍ରୟାସ କରୁଥାଏ ଓ ପ୍ରାଣକୁ ଆପଣାର ନିୟନ୍ତ୍ରଣରେ ରଖିବାକୁ ଚାହୁଥାଏ; ମାତ୍ର କେବଳ ଆପଣାକୁ ପୃଥକ୍ କରି ରଖିହିଁ ମନ ତାହା କରି ପାରିବାରେ ସଫଳ ହୁଏ । କାରଣ ପ୍ରାଣ ସହିତ ଏକାତ୍ମ ହେବାକୁ ବସିଲେ ସେ ଆପଣାକୁ ହରାଇବସେ ଓ ପ୍ରାଣର ପ୍ରଖର ଗତିସ୍ରୋତ ମଧ୍ୟରେ ଗୋଡ଼ ଖସାଇ କୁଆଡ଼େ ନା କୁଆଡ଼େ ବହି ଚାଲିଯାଏ । ମାତ୍ର ବିଶ୍ଳେଷଣ ଦ୍ୱାରା ଜ୍ଞାନସାମର୍ଥ୍ୟସମ୍ପନ୍ନ ଏକପ୍ରକାର ଦ୍ୱିବିଧ ଏକାତ୍ମକତା ତଥାପି ସମ୍ଭବ ହୋଇପାରେ; ଅବଶ୍ୟ ଏକଥା ସତ୍ୟ ଯେ ଏହି ଭାରସାମ୍ୟଟିକୁ ବଜାୟ ରଖିପାରିବା ମୋଟେ ସହଜ ବ୍ୟାପାର ନୁହେଁ । ଆମ ଭିତରେ ଏକ ମନନମୟ ଆତ୍ମା ରହିଛି ଯିଏ କି ସାକ୍ଷୀପରି ରହିଛି ଓ କେବଳ ଏକ ଅନୁଭୂତି ଲାଭ କରିବାର ଅଭିପ୍ରାୟରେହିଁ କୌଣସି ଏକ ଆବେଗର ପ୍ରକାଶ ଲାଗି ଅନୁମତି ଦେଉଛି । ଅଥବା ପ୍ରାଣଗତ କୌଣସି ପ୍ରବଳଶକ୍ତି ହେତୁ ଏହା ସେହି ଅନୁମତି ଦେବାକୁ ବାଧ୍ୟ ହେଉଛି । ଏବଂ ତା'ସହିତ ଏକ ପ୍ରାଣମୟ ଆତ୍ମା ମଧ୍ୟ ରହିଛି ଯିଏକି ପ୍ରକୃତିର ଗତିଛନ୍ଦ ଦ୍ୱାରା ଭସି ଚାଲିଯିବାକୁ ସମ୍ମତ ହେଉଛି । ଅର୍ଥାତ୍ ଏଠାରେ, ଆମର ଆଶେପାଶେ ଅନୁଭୂତକ୍ଷେତ୍ରରେ ଚୈତନ୍ୟଗତ କ୍ରିୟାର ଏପରି ଏକ କ୍ଷେତ୍ର ମହଜୁଦ ରହିଛି ଯେଉଁଠାରେ କି ଜ୍ଞାନଲାଭର ତିନୋଟି ବୃତ୍ତି ଗୋଟିଏ ସ୍ଥାନକୁ ଆସି ପରସ୍ପରକୁ ଭେଟୁଛନ୍ତି । ସେହି ତିନୋଟିଯାକ ବୃତ୍ତି ହେଉଛନ୍ତି : ଏକପ୍ରକାର

'oaob.nitrkl.ac.in' images reprocessed

ତାଦାତ୍ମ୍ୟଜ୍ଞାନ, ପ୍ରତ୍ୟକ୍ଷ ସଂସ୍ପର୍ଶରୁ ଜାତ ହେଉଥିବା ଜ୍ଞାନ ଓ ଏଗୁଡ଼ିକୁ ଆଶ୍ରୟ କରି ରହୁଥିବା ଏକ ଭେଦଦର୍ଶୀ ଜ୍ଞାନ ।

ମନନ ବା ଭାବନର କ୍ଷେତ୍ରରେ ମନନକାରୀଠାରୁ ମନନକୁ ପୃଥକ୍ କରି ଦେଖିବା ଆହୁରି କଷ୍ଟକର । ମନନକାରୀ ଆପଣାର ମନନ ମଧ୍ୟରେ ନିମଜ୍ଜିତ ହୋଇପଡ଼େ, ତାହାର ଭିତରେ ଆପଣାକୁ ହରାଇ ଦେଇଥାଏ, ଅଥବା ମନନର ସ୍ରୋତରେ ଭାସି ଚାଲିଯାଉଥାଏ, ସେହି ସ୍ରୋତ ସହିତ ଏକରୂପ ହୋଇଯାଏ । ମନନ ସମୟରେ ବା ମନନକ୍ରିୟା ଚାଲିଥିବା ବେଳେ ମନନକର୍ତ୍ତା ଆପଣାର ଭାବନାଗୁଡ଼ିକୁ ଅବଲୋକନ କରିପାରିବ ବା ସେଗୁଡ଼ିକୁ ସମୀକ୍ଷା କରି ଦେଖିବ,—ସାଧାରଣତଃ ଏପରି ସମ୍ଭବ ହୁଏ ନାହିଁ । ଭାବନାର କାର୍ଯ୍ୟଟି ଶେଷ ହୋଇଗଲେ ଯାଇ ସେ ଏକଥା କରିପାରେ; ସେତେବେଳେ ସ୍ମୃତିର ସାହାଯ୍ୟରେ ଅଥବା ଅଧିକ ଅଗ୍ରସର ହେବା ପୂର୍ବରୁ କୌଣସିପ୍ରକାର ସଂଶୋଧନମୂଳକ ବିସ୍ତରଣାର ସମାଲୋଚନାଶୀଳ ବିରତିଦ୍ୱାରା ସେ ଏପରି କରିପାରେ । ମାତ୍ର ଯେତେବେଳେ ମନନ ଚିତ୍ତର ସମୁଦାୟ ଅଂଶଟିକୁ ଆବୋରି ପକାଇ ନଥାଏ, ଯେତେବେଳେ ମନନକାରୀ ଆପଣାକୁ ମନୋମୟ ପୁରୁଷ ଭିତରକୁ ପ୍ରତ୍ୟାହୃତ କରି ଆଣି ମାନସିକ ଶକ୍ତିରୁ ଆପଣାକୁ ଅପସରାଇ ରଖିବାର ସାମର୍ଥ୍ୟ ଅର୍ଜନ କରିପାରେ, ସେତେବେଳେ ମଧ୍ୟ ଯୁଗପତ୍ ଭାବରେ ମନନ ଏବଂ ମନୋଗତ କ୍ରିୟାସକଳର ସଚେତନ ମାର୍ଗନିର୍ଦ୍ଦେଶନ ଉଭୟ ଆଂଶିକ ପରିମାଣରେ ତଥାପି ସମ୍ଭବ ହୁଏ । ଆମେ ସାଧାରଣତଃ ଆପଣାର ଭାବନା ମଧ୍ୟରେ ଅନ୍ତର୍ନିବିଷ୍ଟ ହୋଇପଡ଼ୁ, ଖୁବ୍ ବେଶୀ ହେଲେ ସେହି ଭାବନାଗତ କ୍ରିୟାପ୍ରବାହର ଗୋଟାଏ ଅସ୍ପଷ୍ଟ ବୋଧ ମାତ୍ର ଆମ ଭିତରେ ଅବଶିଷ୍ଟ ରହିଥାଏ; ମାତ୍ର ସେପରି ନକରି ଆମେ ଏକ ମନୋମୟ ସମ୍ୟକ୍‌ଦୃଷ୍ଟି ଦ୍ୱାରା ଭାବନାର ପ୍ରକ୍ରିୟାଟିକୁ ଅବଲୋକନ କରିବାକୁ ମଧ୍ୟ ବେଶ୍ ସମର୍ଥ ହୋଇପାରିବା । ଆମର ଭାବନାଗୁଡ଼ିକ କିପରି କେଉଁଠାରୁ ଜନ୍ମଲାଭ କରୁଛନ୍ତି ଓ କିପରି ଭାବରେ ସଞ୍ଚାଳିତ ହେଉଛନ୍ତି, ତାହାର ପରୀକ୍ଷଣ କରିପାରିବା । ଏବଂ ଅଂଶତଃ ଏକ ସ୍ଥିର ଅନ୍ତର୍ଦୃଷ୍ଟିଦ୍ୱାରା ଏବଂ ଅଂଶତଃ ମନନ ସମ୍ବନ୍ଧରେ ମନନଦ୍ୱାରା ଆମେ ସେଗୁଡ଼ିକର ବିଚାର ଓ ମୂଲ୍ୟାଙ୍କନ ବି କରିପାରିବା । ମାତ୍ର ଆମର ଏକାଗ୍ରୀଭୂତ ହେବାର ପ୍ରକାରଟି ଯେଉଁଭଳି ହୋଇଥାଉ ନା କାହିଁକି ଏକଥା ସବୁବେଳେ ମନେ ରଖିବାକୁ ହେବ ଯେ ଆମ ଅନ୍ତର୍ଗତ ଗତିସ୍ପନ୍ଦନଗୁଡ଼ିକ ସମ୍ବନ୍ଧରେ ଜ୍ଞାନର ଦୁଇଟି ଧାରା ବା ସ୍ତବକ ରହିଛି । ଗୋଟିଏ ଭେଦଦର୍ଶନର ଧାରା ଓ ଅନ୍ୟଟି ପ୍ରତ୍ୟକ୍ଷ ସଂସ୍ପର୍ଶର ଧାରା । କାରଣ, ଆମେ ଆପଣାକୁ ନିର୍ଲିପ୍ତ କରି ରଖିଥିବା ସମୟରେ ମଧ୍ୟ ଏହି ଅନ୍ତରଙ୍ଗ ସମ୍ପର୍କଟି ତଥାପି ବଳବତ୍ତର ରହିଥାଏ । ଏକ ପ୍ରତ୍ୟକ୍ଷ ସଂସ୍ପର୍ଶ ଉପରେହିଁ ଆମର ଜ୍ଞାନ ସର୍ବଦା ଆଧାରିତ ରହିଥାଏ, ପ୍ରତ୍ୟକ୍ଷ ଜ୍ଞାନଗତ ଏକ ବୋଧକୁ

'oaob.nitrkl.ac.in' images reprocessed

ଭିତ୍ତିକର ଚିହ୍ନ ହୋଇଥାଏ ଏବଂ ଏକାତ୍ମକତା ବା ଏକତ୍ୱବୋଧର କୌଣସି ନା କୌଣସି ଉପାଦାନ ସେଥିରେ ଅନ୍ତର୍ନିହିତ ରହିଥାଏ । ଆମର ଅନ୍ତର୍ଗତ ଗତିସ୍ପନ୍ଦନଗୁଡ଼ିକୁ ଅନାଇ ଦେଖିଲାବେଳେ ଓ ଜାଣିଲାବେଳେ ଆମର ବୁଦ୍ଧିଗତ ବିବେକ ସାଧାରଣତଃ ଅଧିକ ପରିମାଣରେ ଭେଦଦର୍ଶୀ ଦୃଷ୍ଟିଟିର ସାହାଯ୍ୟ ନେଇଥାଏ । ମାତ୍ର ଯେତେବେଳେ ଆମ ମନର ଗତିଶୀଳ ଅଂଶଟି ଆମର ଇନ୍ଦ୍ରିୟସମ୍ବେଦନ, ଅନୁଭୂତି ବା ବାସନା ସହିତ ଏକାଠି ଯୋଡ଼ି ହୋଇଯାଏ, ସେତେବେଳେ ଆମେ ସେହି କ୍ଷେତ୍ରରେ ଏକ ଅଧିକ ଅନ୍ତରଙ୍ଗ ସ୍ତରର ନିଦର୍ଶନ ପାଇଥାଉ । ମାତ୍ର ଏହି ଏକାଠି ଯୋଡ଼ିହୋଇ ଯିବାରେ ଆମର ମନନରତ ମନଟା ଆସି ହସ୍ତକ୍ଷେପ ମଧ୍ୟ କରିପାରେ, ଭେଦଦର୍ଶୀ ଓ ଅସଂଯୁକ୍ତ ପର୍ଯ୍ୟବେକ୍ଷଣର ସ୍ୱତଟିକୁ ଆମ ଉପରେ ଜାରି କରି ଦେଇପାରେ ଏବଂ ଆମ ମନର ଆତ୍ମସଂଯୋଗକାରୀ ସେହି ଗତିଶୀଳ ଅଂଶଟି ଉପରେ ତଥା ପ୍ରାଣ ବା ଦେହଗତ ଗତିସ୍ପନ୍ଦନ ଉପରେ ମଧ୍ୟ ଶାସନ ଚଳାଇ ପାରେ । ଆମ ଦେହଗତ ସତ୍ତାର ଯେଉଁସବୁ ଗତିସ୍ପନ୍ଦନ ଉପରେ ଆମେ ଦୃଷ୍ଟିପାତ କରିପାରୁଛୁ, ସେଗୁଡ଼ିକ ମଧ୍ୟ ଏହି ଉଭୟ ଉପାୟରେ ଆମର ଅବଗତି ଓ ନିୟନ୍ତ୍ରଣକୁ ଆସିଥାଏ; ଭେଦଦର୍ଶନ ଦ୍ୱାରା ଆସିଥାଏ, ଏବଂ ଅନ୍ତରଙ୍ଗ ସମ୍ପର୍କସ୍ଥାପନ ଦ୍ୱାରା ଆସିଥାଏ । ଶରୀର ତଥା ତାହାର ଯାବତୀୟ କ୍ରିୟାକୁ ଆମେ ଅତି ଅନ୍ତରଙ୍ଗ ଭାବରେ ଆପଣାର ଗୋଟିଏ ଗୋଟିଏ ଅଂଶପରି ଅନୁଭବ କରିଥାଉ; ମାତ୍ର ମନ ଏଥିରେ ଅଲଗା ହୋଇ ରହିଥାଏ ଓ ଇଚ୍ଛାକଲେ ଆପେ ନିର୍ଲିପ୍ତ ରହି ଏହାର ଗତି ଓ ପ୍ରବୃତ୍ତି ଉପରେ ଆପଣାର ନିୟନ୍ତ୍ରଣକୁ ବିସ୍ତାର କରିପାରେ । ଏହିପରି ଭାବରେ ଆମେ ଆମର ଆତ୍ମଗତ ସତ୍ତା ଓ ତାହାର ସ୍ୱଭାବଟି ବିଷୟରେ ଯେଉଁ ସାଧାରଣ ଜ୍ଞାନ ଲାଭ କରିଥାଉ, ତାହା ଯେ ଅତ୍ୟନ୍ତ ଅପୂର୍ଣ୍ଣ ଓ କେବଳ ଉପରିସ୍ତରୀୟ, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଆମେ ତାହାର ଯେତିକି ଲାଭ କରିଥାଉ, ସେଥିରେ କେତେକ ପରିମାଣରେ ଏକ ଅନ୍ତରଙ୍ଗତା, ଅପରୋକ୍ଷତା ଓ ସାକ୍ଷାତସମ୍ପର୍କ ଅବଶ୍ୟ ବିଦ୍ୟମାନ ଥାଏ । କିନ୍ତୁ ଅପର ପକ୍ଷରେ ଆମ ବାହାରେ ରହିଥିବା ପୃଥିବୀ ତଥା ତାହାର ଗତିସ୍ପନ୍ଦନ ଓ ବସ୍ତୁଗୁଡ଼ିକ ବିଷୟରେ ଆମେ ଯେଉଁ ଜ୍ଞାନ ଲାଭକରୁ, ସେଥିରେ ସେଗୁଡ଼ିକ ଆଦୌ ନଥାଏ । କାରଣ ସେହି ଭୂମିରେ ଆମେ ଯାହା ଦେଖୁ ବା ଅନୁଭବ କରୁ, ତାହା ହେଉଛି ଅନାତ୍ମା; ସେଗୁଡ଼ିକୁ ଆମେ ଆପଣାର ଅଂଶ ପରି ଅନୁଭବ କରୁ ନାହିଁ, ଏବଂ ବସ୍ତୁ ସହିତ ସମ୍ପୂର୍ଣ୍ଣଭାବରେ ଅପରୋକ୍ଷ ଚେତନାଗତ କୌଣସି ସମ୍ପର୍କ ସମ୍ଭବ ହୁଏ ନାହିଁ । ଏହି କ୍ଷେତ୍ରରେ ଆମେ ଇନ୍ଦ୍ରିୟଗତ ଯେଉଁସବୁ ସାଧନ ଓ ସଂଯୋଜନାଗୁଡ଼ିକୁ କାମରେ ଲଗାଉ, ତାହା ଆମକୁ ପୃଥିବୀ ବିଷୟରେ କୌଣସି ପ୍ରତ୍ୟକ୍ଷ ଓ ଅନ୍ତରଙ୍ଗ ଜ୍ଞାନ ଆଣି ଦେଇପାରେ ନାହିଁ, କେବଳ ଜ୍ଞାନ ନାମରେ ତାହାର ଏକ ପ୍ରତିରୂପ ଓ ପ୍ରାଥମିକ ଚିତ୍ରଟିଏ ହିଁ ଯୋଗାଇ ଦେଇଥାଏ ।

'oaob.nitrkl.ac.in' images reprocessed

ଆମ ବାହାରେ ଅବସ୍ଥିତ ବସ୍ତୁଗୁଡ଼ିକୁ ଜାଣିବା ସମୟରେ ଆମର ଜ୍ଞାନ ସମ୍ପୂର୍ଣ୍ଣତଃ ଭେଦଦର୍ଶନକୁହିଁ ଭିତ୍ତି କରି ରହିଥାଏ । ଉପାୟ ବା ପନ୍ଥାରୂପେ କେବଳ ପରୋକ୍ଷ ଅନୁଭବର ସାହାଯ୍ୟ ନେଇ ସେହି ଜ୍ଞାନ ପ୍ରାପ୍ତ ହୁଏ । ବହିଃସ୍ଥ ବସ୍ତୁଗୁଡ଼ିକ ସହିତ ଆମର କୌଣସି ଏକତ୍ୱବୋଧ ଜନ୍ମେ ନାହିଁ, ଏପରିକି ଅପର ମଣିଷଙ୍କ ସହିତ ଆମେ ଆପଣାକୁ ଏକାତ୍ମ ବୋଲି ଅନୁଭବ କରୁ ନାହିଁ । ସେମାନେ ଠିକ୍ ଆମରି ସ୍ୱଭାବର ଗୋଟିଏ ଗୋଟିଏ ପ୍ରାଣୀ ହୋଇଥିଲେ ମଧ୍ୟ ଆମେ ତାହା କରିପାରୁ ନାହିଁ । ଆମେ ଆପଣାର ଜୀବନକ୍ଷେତ୍ରରେ ପ୍ରବେଶ କଲାପରି ସେମାନଙ୍କର ଜୀବନ ଭିତରକୁ ଆଦୌ ପଶିପାରୁ ନାହିଁ । ଯେତେ ଅସମ୍ପୂର୍ଣ୍ଣ ଭାବରେ ହେଲେ ମଧ୍ୟ ଆମେ ଆପଣାକୁ ଓ ଆପଣାର ଗତି ତଥା ପ୍ରବୃତ୍ତିଗୁଡ଼ିକୁ ଯେପରି ପ୍ରତ୍ୟକ୍ଷ, ଅପରୋକ୍ଷ ଓ ଅନ୍ତରଙ୍ଗ ଭାବରେ ଜାଣିଥାଉ, ସେମାନଙ୍କୁ ଓ ସେମାନଙ୍କର ଗତି ତଥା ପ୍ରବୃତ୍ତିଗୁଡ଼ିକୁ ଆଦୌ ସେପରି ଜାଣିପାରୁ ନାହିଁ । ମାତ୍ର ଏହି କ୍ଷେତ୍ରରେ ଯେ କେବଳ କୌଣସି ଏକତ୍ୱବୋଧ ନଥାଏ, ତା' ନୁହେଁ; କୌଣସି ପ୍ରତ୍ୟକ୍ଷ ସମ୍ପର୍କ ମଧ୍ୟ ନଥାଏ । ଆମ ଚେତନା ଓ ସେମାନଙ୍କର ଚେତନା ମଧ୍ୟରେ କୌଣସି ସିଧା ସିଧା ଲାଗି ନଥାଏ । ଆମ ଉପାଦାନ ଓ ସେମାନଙ୍କ ଉପାଦାନ ମଧ୍ୟରେ ଏବଂ ଆମର ସତ୍ତ୍ୱଗତ ଆତ୍ମା ଓ ସେମାନଙ୍କର ସତ୍ତ୍ୱଗତ ଆତ୍ମା ଭିତରେ କୌଣସି ପାରସ୍ପରିକ ସ୍ପର୍ଶ ନଥାଏ । ଆପାତ ଦୃଷ୍ଟିରୁ ସେମାନଙ୍କ ସହିତ ଯେତିକି ପ୍ରତ୍ୟକ୍ଷ ଯୋଗ ରହିଥାଏ ବା ଯେତିକି ପ୍ରତ୍ୟକ୍ଷ ପରିଚୟ ସମ୍ଭବ ହୁଏ, ତାହା କେବଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରାହିଁ ହୁଏ । ଆମର ଦୃଷ୍ଟି, ଶ୍ରବଣ ଓ ସ୍ପର୍ଶ ଜ୍ଞାନଗତ ବିଷୟଗୁଡ଼ିକ ସହିତ ସତେ ଯେପରି ଏକପ୍ରକାର ପ୍ରତ୍ୟକ୍ଷ ଅନ୍ତରଙ୍ଗତା ସ୍ଥାପନ କରି ପାରୁଥିଲା ପରି ବୋଧ ହୁଏ । ମାତ୍ର ବସ୍ତୁତଃ ତାହା କଦାପି ହୁଏ ନାହିଁ; ସେଥିରେ କୌଣସି ଯଥାର୍ଥ ପ୍ରତ୍ୟକ୍ଷତା ବା ଯଥାର୍ଥ ଅନ୍ତରଙ୍ଗତା କେତେବେଳେ ହେଲେ ନଥାଏ । କାରଣ ଇନ୍ଦ୍ରିୟର ସାହାଯ୍ୟରେ ଆମେ ଅସଲ ବସ୍ତୁର କୌଣସି ଅନ୍ତର୍ଗତ ଅଥବା ଅନ୍ତରଙ୍ଗ ସ୍ପର୍ଶ ଆଦୌ ପାଉ ନାହିଁ । ଆମେ ତାହାର କେବଳ ଏକ ପ୍ରତିରୂପହିଁ ପାଉଥାଉ, ଆମ ଭିତରେ ତାହାର ଏକ ସ୍ପନ୍ଦନ ବା ସ୍ନାୟୁଗତ ସନ୍ଦେଶହିଁ ପାଉ, ଏବଂ ତାହାରି ମଧ୍ୟଦେଇ ତାକୁ ଜାଣିବାକୁ ଶିଖୁ । ଏଗୁଡ଼ିକ ହେଉଛି ବଡ଼ ଅନିପୁଣ ସାଧନ, ଆପଣାର ଅସମର୍ଥତାରେ ଅତ୍ୟନ୍ତ ଦୀନ ଓ ସ୍ୱଳ୍ପତାଗ୍ରସ୍ତ । ଏବଂ ଯଦି କେବଳ ସେତିକି ବ୍ୟତୀତ ଆମ ପାଖରେ ଆଉ ଅନ୍ୟ କୌଣସି ସାଧନ ନଥା'ନ୍ତା, ତେବେ ଆମେ ତୁଏତ କାହିଁକି ହେଲେ ଜାଣି-ପାରନ୍ତୁ ନାହିଁ; ଅଥବା ଯେତିକି ଜାଣନ୍ତୁ, ତାହା କେବଳ ଅସ୍ପଷ୍ଟତା ଓ ଭ୍ରାନ୍ତିର କୁହୁଡ଼ି ଭିତରେ ଅଦୃଶ୍ୟପ୍ରାୟ ହୋଇ ରହିଥା'ନ୍ତା । ମାତ୍ର ଏଠାରେ ଏକ ଇନ୍ଦ୍ରିୟ-ମନୋଗତ ପ୍ରତିବୋଧ ଆସି ଆମର ସହାୟତା କରେ, ଯାହାକି ଅନୁଭୂତ ବସ୍ତୁଟିର ପ୍ରତିରୂପ ବା ସ୍ପନ୍ଦନଟିର ଇଙ୍ଗିତବ୍ୟଞ୍ଜନାଟିକୁ ଗ୍ରହଣ କରିବାକୁ ସମର୍ଥ ହୁଏ ଏବଂ

'oaob.nitrkl.ac.in' images reprocessed

ତାହାକୁ ବସ୍ତୁଟିର ବୋଧରେ ରୂପାନ୍ତରିତ କରିଦିଏ । ଏଠାରେ ଏକ ପ୍ରାଣଗତ ପ୍ରତିବୋଧ ମଧ୍ୟ ଆମର ସହାୟତା କରିବାକୁ ଆସେ, ଯାହାକି ଇନ୍ଦ୍ରିୟସଂସ୍ପର୍ଶରୁ ଜାତ ହୋଇଥିବା ଅନ୍ୟ ଏକପ୍ରକାର ସ୍ପନ୍ଦନକୁ କାର୍ଯ୍ୟରେ ଲଗାଇ ବସ୍ତୁର ଶକ୍ତିରୂପ ବା ସେହି ଶକ୍ତିରୂପର ପ୍ରତୀକମୂର୍ତ୍ତିକୁ ଗ୍ରହଣ କରିବାକୁ ସମର୍ଥ ହୁଏ । ଏବଂ ଅବଶେଷରେ ଅନୁଭବକାରୀ ମନର ଏକ ପ୍ରତିବୋଧ ଆସି ଏହିସବୁ ପ୍ରମାଣରୁ ବସ୍ତୁଟି ବିଷୟରେ ତତ୍‌କ୍ଷଣାତ୍ ଏକ ଯଥାଯଥ ଧାରଣା ରଚନା କରିଦିଏ । ଏହିଭଳି ଭାବରେ ଉକ୍ତ ପ୍ରତିରୂପଟିର ଅର୍ଥବ୍ୟାଖ୍ୟାରେ ଯାହାସବୁ ଅଭାବ ରହିଥାଏ, ବୁଦ୍ଧିଗତ ବିବେକ ପର୍ଯ୍ୟାପ୍ତ ସମଗ୍ରବୋଧକ୍ଷମ ବୁଦ୍ଧିମତ୍ତା ଆସି ସେଗୁଡ଼ିକର ପରିପୂରଣ କରିଦିଏ । ଏହିପରି ନାନାଆଡ଼ୁ ଆସି ଯେଉଁ ବିମିଶ୍ରିତ ପ୍ରତିବୋଧଟି ପ୍ରଥମେ ଆବିର୍ଭୂତ ହୁଏ, ଯଦି ବସ୍ତୁଗୁଡ଼ିକର ପ୍ରତ୍ୟକ୍ଷ ସଂସ୍ପର୍ଶ ଫଳରେ ତାହାର ଉନ୍ମେଷ ହୋଇଥା'ନ୍ତା ଅଥବା ଅନୁଭୂତିର କ୍ଷେତ୍ରଟି ଉପରେ ସମ୍ପୂର୍ଣ୍ଣ ସ୍ୱାମିତ୍ୱ ରଖିଥିବା ଏକ ସ୍ୱୟଂପ୍ରାପ୍ତ ବୋଧ-ମାନସର ନିଷ୍ପତ୍ତିକୁ ଏହା ଠିକ୍‌ଭାବରେ ପ୍ରକାଶ କରି ପାରୁଥା'ନ୍ତା, ତେବେ ଏହି କ୍ଷେତ୍ରରେ ବୁଦ୍ଧିଗତ ବିବେକର ସାହାଯ୍ୟ ଲାଗି ଆଉ କୌଣସି ଆବଶ୍ୟକତା ନଥା'ନ୍ତା । ଇନ୍ଦ୍ରିୟ ବା ଇନ୍ଦ୍ରିୟର ଇଙ୍ଗିତଗୁଡ଼ିକ ଯେଉଁ ଜ୍ଞାନର ପରିବହନ କରିବାରେ ଅସମର୍ଥ ହୋଇଥାନ୍ତି, ସେତେବେଳେ ବୁଦ୍ଧି ସେହିସବୁ ଜ୍ଞାନର ଆବିଷ୍କାର ଓ ସଂଯୋଜନରେ ନିଯୁକ୍ତ ରହିଥା'ନ୍ତା । ମାତ୍ର ଏହି କ୍ଷେତ୍ରରେ ପ୍ରତିବୋଧକୁ ଏକ ପ୍ରତିରୂପ, ଏକ ଇନ୍ଦ୍ରିୟଦତ୍ତ ବିବରଣ ଓ ପରୋକ୍ଷ ପ୍ରମାଣ ଉପରେ ନିର୍ଭର କରି କାର୍ଯ୍ୟ କରିବାକୁ ହୋଇଥାଏ; ବସ୍ତୁ ସହିତ ଚେତନାର ପ୍ରତ୍ୟକ୍ଷ ସଂସ୍ପର୍ଶ ଉପରେ ନିର୍ଭର କରି ତାହା କାର୍ଯ୍ୟ କରୁ ନାହିଁ । ମାତ୍ର ଏହି ପ୍ରତିରୂପଟି ବା ସ୍ପନ୍ଦନଟି ଏକ ଦୋଷଯୁକ୍ତ ଓ ସଂକ୍ଷିପ୍ତ ବିବରଣମାତ୍ର ହୋଇଥିବାରୁ ଏବଂ ଖାସ୍ ପ୍ରତିବୋଧଟି ମଧ୍ୟ ଏକ ସୀମାବଦ୍ଧ ନିଷ୍ପତ୍ତିରୂପେ, ସତେଅବା ଜଳକାଚର କାମ କରୁଥିବା ଏକ ଅସ୍ପଷ୍ଟ ମାଧ୍ୟମରେ ଆମ ପାଖରେ ଆସି ପହଞ୍ଚୁଥିବାରୁ ବସ୍ତୁ ବିଷୟରେ ଆମ ପ୍ରତିବୋଧଗତ ବ୍ୟାଖ୍ୟାମୂଳକ ସଂରଚନାଟିର ଯଥାର୍ଥତା ସମ୍ବନ୍ଧରେ ମଧ୍ୟ ସନ୍ଦେହ ରହିଯାଏ ଏବଂ ତାହା ଅସମ୍ପୂର୍ଣ୍ଣ ହୋଇ ରହିବାର ଅନେକ ଆଶଙ୍କା ଥାଏ । ଇନ୍ଦ୍ରିୟଗତ ବୋଧର ଏହି ଅଭାବ, ପ୍ରାକୃତ ମନର ଅନୁଭୂତିରେ ରହିଥିବା ଭୁଲର ସମ୍ଭାବନା ଏବଂ ଅଦ୍ଭୁତ ତଥ୍ୟ-ଗୁଡ଼ିକର ଅର୍ଥବୋଧଗତ ଦରିଦ୍ରତା ମଣିଷକୁ ତାହାର ବସ୍ତୁବୁଦ୍ଧିଟିର ବିକାଶ କରିବାଲାଗି ବାଧ୍ୟ କରିଥାନ୍ତି ।

ତେଣୁ ଜଗତ ସମ୍ବନ୍ଧରେ ଆମର ଯାବତୀୟ ଜ୍ଞାନକୁ ଆମକୁ ଇନ୍ଦ୍ରିୟଜାତ ପ୍ରତିବିମ୍ବ ଦେଇ ପ୍ରସ୍ତୁତ ହୋଇଥିବା ଏକ ଅସମ୍ପୂର୍ଣ୍ଣ ବିବରଣରୁହିଁ ଅତି କଷ୍ଟରେ ଖଡ଼ା କରିବାକୁ ହୋଇଥାଏ । ଅନୁଭବକାରୀ ମନ, ପ୍ରାଣଗତ ମନ ତଥା ଇନ୍ଦ୍ରିୟମନର ବୋଧବୃତ୍ତି ଦେଇ ସେହି ବିବରଣୀର ଏକ ବ୍ୟାଖ୍ୟା କରାଯାଏ, ସେଥିରୁ ବୁଦ୍ଧିଗତ

'oaob.nitrkl.ac.in' images reprocessed

ବିସ୍ତରଣା ଆଣି ପଦ୍ଧତି ଓ ସେହି ବିବରଣୀଟିରେ ଆବଶ୍ୟକ ସଂଶୋଧନ କରେ, ତାହାର ପାଦପୂରଣ କରେ, ପରିପୂରକ କେତେ ଜ୍ଞାନକୁ ଆଣି ତାହା ସହିତ ଯୋଡ଼ିଦିଏ; ମୋଟ ଉପରେ ଗୋଟାଏ ସମନ୍ୱୟ ଓ ସଂଗତି ସ୍ଥାପନର ପ୍ରୟାସ କରିଥାଏ । ମାତ୍ର ଆମେ ବାସ କରୁଥିବା ଜଗତ ସମ୍ବନ୍ଧରେ ଆମର ଜ୍ଞାନ ତଥାପି ଖୁବ ସଂକୀର୍ଣ୍ଣ ଓ ଅପୂର୍ଣ୍ଣ ହୋଇ ରହିଯାଏ, ଏହାର ବିଭିନ୍ନ ତାତ୍ପର୍ଯ୍ୟ ସମ୍ବନ୍ଧରେ ଆମର ବ୍ୟାଖ୍ୟାଗୁଡ଼ିକର ନାନା ସଂଶୟ ରହିଯାଇଥାଏ । ତେଣୁ ଏହି ଅପୂର୍ଣ୍ଣତାଟିର ପୂରଣ କରିବା ସକାଶେ କଳ୍ପନା, ଜଳ୍ପନା, ଭାବନା, ନିଷ୍କର୍ଷ ନିରୂପଣ ଓ ବିସ୍ତରଣା, ଅନୁମାନ, ପରିମାପ, ପରୀକ୍ଷା ଏବଂ ବିଜ୍ଞାନର ସାହାଯ୍ୟ ନେଇ ଇନ୍ଦ୍ରିୟଦତ୍ତ ସାକ୍ଷ୍ୟଗୁଡ଼ିକର ଆହୁରି ଅଧିକ ସଂଶୋଧନ ଏବଂ ସମ୍ପ୍ରସାରଣ ପ୍ରଭୃତି କେତେ ଉପାୟ ଅବଲମ୍ବନ କରିବାକୁ ପଡ଼େ । ଏଗୁଡ଼ାକ କରିସାରିବା ପରେ ମଧ୍ୟ ତଲ୍ଲବ୍ଧ ଫଳଟି କେବଳ ପରୋକ୍ଷ ଜ୍ଞାନବୁଦ୍ଧି ଅର୍ଜନ କରାଯାଇଥିବା ଏକ ଅଧା-ବିଶ୍ୱାସଯୁକ୍ତ ଓ ଅଧା-ସଂଶୟପୂର୍ଣ୍ଣ ସଂଗ୍ରହ ଓ ସଞ୍ଚୟ ହୋଇ ରହିଯାଏ । ତାହା ଭିତରେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରତିରୂପ ଓ ଭାବଗତ ବ୍ୟଞ୍ଜନା, ବସ୍ତୁନିରପେକ୍ଷ ଭାବନା, ପ୍ରକଳ୍ପ, ସିଦ୍ଧାନ୍ତ ଓ ସାମାନ୍ୟପ୍ରତ୍ୟୟ ସବୁ ସତେଅବା ଗଦାହୋଇ ରହିଥାଏ; ତଥାପି ସେଥି ସହିତ କେତେକେତେ ସଂଶୟ ଓ ଅଧିକ ତର୍କ ଓ ଅଧିକତର ଅନୁସନ୍ଧାନର ଏକ ଅସରନ୍ତି ଜାଲର ବୋଝ ମଧ୍ୟ ଲଦାହୋଇ ରହିଥାଏ । ଜ୍ଞାନ ସହିତ ଏକ ଶକ୍ତିମତ୍ତା ଅବଶ୍ୟ ହାସଲ କରାଯାଇଥାଏ, ମାତ୍ର ଜ୍ଞାନ ବିଷୟରେ ଆମର ଅପୂର୍ଣ୍ଣତାଟି ସକାଶେ ସେହି ଶକ୍ତିର ଯଥାର୍ଥ ନିୟୋଗ ବିଷୟରେ ଆମର ଆଦୌ କୌଣସି ଧାରଣା ନଥାଏ । ଯେଉଁ ଲକ୍ଷ୍ୟକୁ ସମ୍ମୁଖରେ ରଖି ଆମେ ଏହି ଜ୍ଞାନ ଓ ଏହି ଶକ୍ତିମତ୍ତାକୁ ନିୟୋଜିତ କରିବା ଏବଂ ତାହାକୁ ଉପଯୁକ୍ତ ଭାବରେ କାର୍ଯ୍ୟରେ ଲଗାଇ ପାରିବା, ସେ ବିଷୟରେ ମଧ୍ୟ କୌଣସି ଧାରଣା ନଥାଏ । ତେଣେ ଆମର ଆତ୍ମଜ୍ଞାନ ବି ବଡ଼ କ୍ଷୀଣ ଓ ବଡ଼ ଦୟନୀୟ ଭାବରେ ଅଯଥେଷ୍ଟ ହୋଇ ରହିଥାଏ, କେବଳ ଆମର ଉପରିଭାଗଟିର ଖବର ରଖିଥାଏ; ତାହାର ଅପୂର୍ଣ୍ଣତା ଅବସ୍ଥାଟିକୁ ଆହୁରି ଶୋଚନୀୟ କରିଦିଏ । ସେହି ଆତ୍ମଜ୍ଞାନ କେବଳ ଆମର ଆପାତ ପ୍ରାତିଭାସିକ ସତ୍ତା ଓ ପ୍ରକୃତିର ଖବର ରଖିଥାଏ, ଆମ ଜୀବନର ଅସଲ ମର୍ମ ଓ ଅସଲ ତାତ୍ପର୍ଯ୍ୟଟି ବିଷୟରେ ତାହାର କୌଣସି ଜ୍ଞାନ ନଥାଏ । ସେହେତୁ ମନୁଷ୍ୟର ଆତ୍ମଜ୍ଞାନ ଓ ଆତ୍ମନିୟନ୍ତ୍ରଣର ଶକ୍ତି ନଥାଏ । ଜଗତସମ୍ବନ୍ଧୀୟ ଜ୍ଞାନ ଓ ଜଗତସ୍ଥ ଶକ୍ତିକୁ ବ୍ୟବହାର କରିବାର କ୍ଷେତ୍ରରେ ତା'ଭିତରେ ଉପଯୁକ୍ତ ଜ୍ଞାନ ଓ ଉପଯୁକ୍ତ ସଂକଳ୍ପର ବି ଅଭାବ ରହିଥାଏ ।

ପ୍ରକୃତି ମଧ୍ୟରେ ବିଚରଣ କରୁଥିବା ଆମର ଏହି ଉପରିସ୍ଥ ସ୍ଥିତିଟି ଯେ ଏକ ଅଜ୍ଞାନମୟ ସ୍ଥିତି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର ଏହି ଜ୍ଞାନ ଏକ

'oaob.nitrkl.ac.in' images reprocessed

ସୀମାବଦ୍ଧ ଜ୍ଞାନ, ଏହା ଅବିଦ୍ୟାଦ୍ୱାରା ଆବୃତ ଓ ଆକ୍ରାନ୍ତ ହୋଇ ରହିଥିବା ଏକ ଜ୍ଞାନ । ତେଣୁ ତାହାର ଏହି ସୀମାବଦ୍ଧତାର ଦୃଷ୍ଟିରୁ ବିଚାର କରି ଦେଖିଲେ ତାହାକୁ ଆମେ ଅନେକ ପରିମାଣରେ କେବଳ ଏକ ଅବିଦ୍ୟା ବୋଲିହିଁ କହିବା, ବା ଖୁବ୍ ବେଶୀ ହେଲେ ବିଦ୍ୟା ଓ ଅବିଦ୍ୟାର ଏକ ମିଶାମିଶି ପଦାର୍ଥ ବୋଲି କହିପାରିବା । ଏହାବ୍ୟତୀତ ଏହା ଆଉ ଅନ୍ୟକିଛି ହୋଇପାରି ନଥା'ନ୍ତା, କାରଣ ଆମେ ଏହି ଜଗତର ଯେତିକ ପରିଚୟରେ ଆସିପାରୁଛୁ, କେବଳ ଏକ ଭେଦଧର୍ମୀ ଓ ବହିର୍ମୁଖୀ ପର୍ଯ୍ୟବେକ୍ଷଣରୁହିଁ ତାହାର ଜନ୍ମ ହୋଇଛି, ଏହି ପର୍ଯ୍ୟବେକ୍ଷଣ ପାଖରେ ଜାଣିବା ଓ ଦେଖିବାର କେବଳ ଏକ ପରୋକ୍ଷ ସାଧନହିଁ ମହଜୁଦ ରହିଛି । ଆପଣା ବିଷୟରେ ଆମେ ଅବଶ୍ୟ ଅପେକ୍ଷାକୃତ ଟିକିଏ ଅଧିକ ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିପାରୁଛୁ; ମାତ୍ର ଆମ ଜୀବନଭୂମିର ଉପର ସ୍ତରରେ ଯେଉଁ ସୀମାବଦ୍ଧତା ସବୁ ରହିଛି, ସେହି ପ୍ରତ୍ୟକ୍ଷ ଜ୍ଞାନ ସେସବୁଡ଼ିକ ଦ୍ୱାରା ବଡ଼ ଖର୍ବ ହୋଇ ପଡ଼ୁଛି, ଆମ ଅସଲ ସତ୍ତା ସମ୍ବନ୍ଧରେ ରହିଥିବା ଏକ ଅଜ୍ଞାନଦ୍ୱାରା ବ୍ୟର୍ଥପ୍ରାୟ ହୋଇ ରହୁଛି । ଆମ ପ୍ରକୃତିର ପ୍ରକୃତ ଉତ୍ସଗୁଡ଼ିକ ବିଷୟରେ ତା'ର କୌଣସି ଜ୍ଞାନ ନାହିଁ, ଆମ କ୍ରିୟାର ଅସଲ ଉତ୍ପ୍ରେରକ ଗୁଡ଼ିକ ବିଷୟରେ ସେ କିଛିହେଲେ ଜାଣେ ନାହିଁ । ଏହା ଏକ ଅତି ସ୍ପଷ୍ଟ କଥା ଯେ କେବଳ ଏକ ଉପରିସ୍ତରୀୟ ଜ୍ଞାନଦ୍ୱାରାହିଁ ଆମେ ଆପଣାକୁ ଜାଣୁଛୁ । ଆମ ଚେତନା ଓ ସ୍ୱଭାବର ଉତ୍ସଗୁଡ଼ିକ ଆମ ଲାଗି କେବଳ ଏକ ରହସ୍ୟ ହୋଇ ରହିଛି, ଆମର ମନ, ସମ୍ବେଗ ଓ ଇନ୍ଦ୍ରିୟସମ୍ବେଦନଗୁଡ଼ିକ ମଧ୍ୟ ଏକ ରହସ୍ୟ ହୋଇ ରହିଛି । ଆମେ ଏହି ସତ୍ତା ଧରି କାହିଁକି ଏଠାକୁ ଆସିଲୁ, ଏହାର ଚରମ ଗନ୍ତବ୍ୟସ୍ଥାନ ବା କେଉଁଠି, ଆମର ଏହି ଜୀବନ ଓ ତାହାର ଯାବତୀୟ କରଣିର ପ୍ରକୃତରେ କି ତାତ୍ପର୍ଯ୍ୟ ଅଛି, ଏସବୁ ରହସ୍ୟ ହୋଇ ରହିଛି । ଆପଣା ବିଷୟରେ ଓ ବିଶ୍ୱଜଗତ ବିଷୟରେ ଆମର ଯଥାର୍ଥ ଜ୍ଞାନ ରହିଥିଲେ ଏପରି ହେଉ ନଥା'ନ୍ତା ।

ଏହି ସୀମିତତା ଓ ଅପୂର୍ଣ୍ଣତାର କାରଣ ଖୋଜିବାକୁ ଯାଇ ଆମେ ଦେଖି-ପାରିବା ଯେ ଆମେସବୁ କେବଳ ଏହି ଉପରିଭାଗ ବା ଉପର ସ୍ତରଟାରେ କଳିହୋଇ ରହିଥିବାରୁ ଏପରି ହେଉଛି । ସବୁ କଥାକୁ କେବଳ ଏକ ବହିର୍ପଦାର୍ଥ ଓ ବହିଃସ୍ୱରଣରୂପେ ଉଦ୍ଭାଇ ଦେଉଥିବା ଆମର ଚେତନା ମଝିରେ ଯେଉଁ କବାଟ ପାଚେରୀଟିଏ ଠିଆ କରି ରଖିଛି, ତାହାର ପଛରେହିଁ ଆମ ଆତ୍ମାର ସକଳ ଗଭୀରତା ଓ ଆମ ସମଗ୍ର ପ୍ରକୃତିର ନିଗୂଢ଼ ସତ୍ୟଗୁଡ଼ିକ ଆମଠାରୁ ଅନ୍ତରାଳ ଓ ଅଦୃଶ୍ୟ ହୋଇ ରହିଯାଇଛି । ଅଥବା, ସେହି ଚେତନାର ଅଭିପ୍ରାୟ ପୂରଣ କରିବାପାଇଁହିଁ ଏହି ପାଚେରୀଟିର ସୃଷ୍ଟି ହୋଇଛି । ଆମ ବୃହତ୍ତର ଅନ୍ତର୍ଭୂମିର ଗଭୀରତର ଓ ବ୍ୟାପ୍ତତର ସତ୍ତାଟିଦ୍ୱାରା କୌଣସି ପ୍ରକାରେ ଆକ୍ରାନ୍ତ ନହୋଇ ଯେପରି ସେହି ଚେତନା ମନ,

'oaob.nitrkl.ac.in' images reprocessed

ପ୍ରାଣ ଓ ଦେହଗତ ଅହଂକେନ୍ଦ୍ରିକ କେବଳ ବ୍ୟକ୍ତିସ୍ୱବାତ୍ମକ ନିଷ୍ପତ୍ତିର ଅନୁଧାବନ କରିପାରିବ, ସେଇଥିଲାଗି ପାଚେରୀଟିର ସୃଷ୍ଟି ହୋଇଛି । ଏହି କାନ୍ଥ ବା ପ୍ରାଚୀରରେ ଥିବା କେବଳ କେତୋଟି ଫାଟ ଓ ଛିଦ୍ର ଦେଇହିଁ ଆମେ ଆମର ଅନ୍ତର୍ଗତ ଆତ୍ମା ଓ ଅନ୍ତର୍ଗତ ସତ୍ୟଟି ଉପରେ ଦୃଷ୍ଟି ପକାଇ ପାରିବା । ମାତ୍ର ଭିତରକୁ ଅନାଇ କେବଳ ଏକ ରହସ୍ୟାବୃତ ଅସ୍ପଷ୍ଟତା ବ୍ୟତୀତ ଆମେ ଆଉ କିଛିହେଲେ ଦେଖିପାରୁ ନାହିଁ । ପୁଣି ତାହିଁ ସଙ୍ଗେ ସଙ୍ଗେ ଆମର ଚେତନାକୁ ଆପଣାର ଅହଂକେନ୍ଦ୍ରିକ ବ୍ୟକ୍ତିସ୍ୱବା-ପନ୍ନତାଟିକୁ ମଧ୍ୟ ବଞ୍ଚାଇ ରଖିବାକୁ ପଡ଼ିଥାଏ; କେବଳ ଏକତ୍ୱସ୍ଥିତ ଓ ଶାଶ୍ୱତତାର ପରିସ୍ଥିକ ଆପଣାର ଗଭୀରତର ଆତ୍ମାଟି ହାତରୁ ନୁହେଁ, ବସ୍ତୁଗତ ଶାଶ୍ୱତସତ୍ତା ହାତରୁ ମଧ୍ୟ ବଞ୍ଚାଇ ରଖିବାକୁ ପଡ଼ିଥାଏ । ଏଠାରେ ମଧ୍ୟ ସେ ବହିର୍ଜଗତର ଗୋଟିଏ ପାଚେରୀ ଗଢ଼ି ଠିଆ କରିଦିଏ ଏବଂ ଆପଣାର ଅହଂଟାକୁ ଘେରି ରହିଥିବା ସବୁକିଛିକୁ ସେହି ପାଚେରୀର ବାହାରକୁ ବାହାର କରିଦେଇ କବାଟ କିଳିଦିଏ, ସେଗୁଡ଼ାକୁ ସେ ଅନାତ୍ମା ବୋଲି କହି ବହିଷ୍କୃତ କରି ରଖେ । ମାତ୍ର ତଥାପି ତାକୁ ଏହି ତଥାକଥିତ ଅନାତ୍ମା ସହିତ ଏକତ୍ର ବାସ କରି ରହିବାକୁ ପଡ଼େ । ଏହା ସାରତଃ ତାହାରିହିଁ ଏକ ସମ୍ପତ୍ତି ହୋଇଥିବାରୁ ଏହାକୁ ତାହାରି ଉପରେ ନିର୍ଭର କରି ରହିବାକୁ ପଡ଼େ, ଜଣେ ଅଧିବାସୀ ହୋଇ ତାହାରି ଭିତରେ ରହିବାକୁ ପଡ଼େ । କେଣୁ ସେଇଟି ସହିତ କୌଣସି ନା କୌଣସି ଯୋଗସୂତ୍ର ଲଗାଇ ରଖିବା ବ୍ୟତୀତ ଏହାର ଆଉ ଅନ୍ୟ ଗତି ନଥାଏ । ପୁଣି, ଅନାତ୍ମା ତାହାକୁ ଯେଉଁ ଆବଶ୍ୟକ ବସ୍ତୁଗୁଡ଼ିକ ଆଣି ଯୋଗାଇ ଦେଉଥାଏ, ସେଗୁଡ଼ିକୁ ସଞ୍ଚୟ କରିବା ଉଦ୍ଦେଶ୍ୟରେ ସେ ଆପଣା ଶରୀରର ଆତ୍ମକୃତ ସୀମାବଦ୍ଧତାର ତଥା ଅହଂର ପାଚେରୀ ଡେଇଁ ବେଳେ-ବେଳେ ବାହାରକୁ ବି ବାହାରି ଆସିଥାଏ । ତାହାର ଚତୁଃପାଖରେ ଯାହାକିଛି ରହିଥାଏ, ସେଗୁଡ଼ିକ ଉପରେ ଆପେ ଶାସକ ହୋଇ ରହିବାକୁ ଏବଂ ସେଗୁଡ଼ିକୁ ଯଥାସମ୍ଭବ ବ୍ୟକ୍ତି, ସାମୂହିକ ମାନବଜୀବନ ଓ ଅହଂର ପରିକର କରି ରଖିବାକୁ ତାହାକୁ ସେଗୁଡ଼ିକ ସହିତ କୌଣସି ନା କୌଣସି ଉପାୟରେ ପରିଚିତ ହେବାକୁ ପଡ଼ିଥାଏ । ଆମର ଦେହସତ୍ତା ତା'ର ଇନ୍ଦ୍ରିୟଦ୍ୱାରଗୁଡ଼ିକୁ ନେଇ ଆମ ଚେତନା ପାଖରେ ହାଜର କରାଇଦିଏ । ସେହି ଦ୍ୱାରଗୁଡ଼ିକର ସାହାଯ୍ୟରେହିଁ ଚେତନା ଜଗତ ସହିତ ଆବଶ୍ୟକ ଯୋଗସୂତ୍ର ସ୍ଥାପନ କରେ, ତାହାକୁ ଆପଣାର ପର୍ଯ୍ୟବେକ୍ଷଣ ତଥା ନିଷ୍ପତ୍ତିରେ ସାଧନରୂପେ ବ୍ୟବହାର କରେ । ଏଗୁଡ଼ିକ ସାହାଯ୍ୟରେ ସେ ଆପଣାର ବାହାରେ ରହିଥିବା ଅନାତ୍ମା ସହିତ ମଧ୍ୟ ଯୋଗସୂତ୍ର ସ୍ଥାପନ କରେ । ଆମର ମନ ଏହିସବୁ ସାଧନକୁ କାମରେ ଲଗାଏ, ସେଗୁଡ଼ିକର ପରିପୂରକରୂପେ ଅନ୍ୟ କେତୋଟି ସାଧନର ବି ଉଦ୍ଭାବନ କରେ; ଏବଂ ସେହିଗୁଡ଼ିକ ସାହାଯ୍ୟରେ ଗୋଟାଏ କିଛି ଗଠନମୂର୍ତ୍ତି ଓ ଜୀବନର ଗୋଟାଏ କିଛି ଧାରା ରଚନା କରିନେବାକୁ

ସମର୍ଥ ହୁଏ, ଯାହାକି ତାହାର ତାତ୍କାଳିକ ପ୍ରୟୋଜନ ମେଣ୍ଟାଇବା ସକାଶେ ଯଥେଷ୍ଟ ହୁଏ ଅଥବା ଆଂଶିକଭାବରେ ଏହି ପ୍ରକାଣ୍ଡ ବହିଃପରିବେଶଗତ ଅସ୍ତିତ୍ୱଟିକୁ ଆପଣାର କର୍ତ୍ତୃତ୍ୱ ମଧ୍ୟକୁ ଆଣି ବ୍ୟବହାର କରିବାଲାଗି ତାହାର ସାଧାରଣ ଇଚ୍ଛା-ଶକ୍ତିଟିକୁ ସାହାଯ୍ୟ କରିଥାଏ । କିମ୍ବା ଯେଉଁଠି କର୍ତ୍ତୃତ୍ୱ ବିସ୍ତାର କରିପାରେ ନାହିଁ, ସେଠାରେ ତାହା ସହିତ ଅନ୍ତତଃ ସମ୍ପର୍କ ସ୍ଥାପନ କରିବାଲାଗି ତାକୁ ସାହାଯ୍ୟ କରିଥାଏ । ମାତ୍ର ଯେଉଁ ଜ୍ଞାନ ସେ ଲାଭକରେ, ତାହା କେବଳ ଏକ ବହିସ୍ଥଗତ ଜ୍ଞାନ, କେବଳ ବସ୍ତୁଗୁଡ଼ିକର ଉପରିଭାଗର ଜ୍ଞାନ; ଅଥବା ଯାହା ଉପରିଭାଗଟାର ଠିକ୍ ତଳକୁ ରହିଛି, ତାହାର ଜ୍ଞାନ । ଏହା କେବଳ ଏକ ବ୍ୟାବହାରିକ, ସୀମାବଦ୍ଧ ଓ ଅନିଶ୍ଚିତ ଜ୍ଞାନ । ବିଶ୍ୱଗତ ଶକ୍ତିର ଆକ୍ରମଣ ଓ ଆବେଶରୁ ଆପଣାକୁ ବଞ୍ଚାଇ ରଖିବାଲାଗି ସେ ଯେଉଁ ପ୍ରୟାସ କରିଥାଏ, ତାହା ମଧ୍ୟ ଠିକ୍ ସେହିପରି ଏକ ଅନିଶ୍ଚିତ ଓ ଆଂଶିକ ପ୍ରୟାସ । ତାହାର ଅନୁମତି ନନେଇ ଭିତରକୁ କେହି ପ୍ରବେଶ କରିବେ ନାହିଁ ବୋଲି ସେ ଘୋଷଣା କରି ରଖିଥାଏ ସତ, ତଥାପି ବହୁ ସୂକ୍ଷ୍ମ ଓ ଅଦୃଶ୍ୟ ଭାବରେ ତାହା ଜଗତଦ୍ୱାରା ଆକ୍ରାନ୍ତ ହୋଇପଡ଼େ, ତଥାକଥିତ ଅନାତ୍ମାଦ୍ୱାରା ଆଚ୍ଛାଦିତ ଓ ପ୍ରଭାବିତ ହୁଏ । ଅନ୍ୟମାନଙ୍କଠାରୁ ଓ ବିଶ୍ୱବ୍ୟାପ୍ତ ପ୍ରକୃତି ଭିତରୁ କେତେକେତେ ଭାବନା, ଇଚ୍ଛା, ହୃଦାମତା, ପ୍ରାଣମୟ ଅଭିଘାତ ଏବଂ ଯାବତୀୟ ପ୍ରକାର ଶକ୍ତିର ନାନା ତରଙ୍ଗ ଓ ସ୍ରୋତ ଆସି ତାହାର ଭାବନା, ଇଚ୍ଛା ତଥା ତାହାର ସଂବେଦଗତ ଓ ପ୍ରାଣଗତ ଶକ୍ତିଭଣ୍ଡାର ଭିତରେ ପ୍ରବେଶ କରେ । ଆପଣାକୁ ବଞ୍ଚାଇ ରଖିବା ସକାଶେ ସେ ଯେଉଁ ପାଚେରୀଟି ଠିଆ କରି ରଖିଥାଏ, ପରିଣାମରେ ତାହା ତାହାକୁହିଁ ଅନ୍ତରାଳ କରି ରଖିବାର ଏକ ପାଚେରୀ ପରି କାର୍ଯ୍ୟ କରେ, ଯାହାକି ଏସବୁ କ୍ରିୟାପ୍ରତିକ୍ରିୟାକୁ ଜାଣିବାରୁ ତାହାକୁ ବଞ୍ଚିତ କରି ରଖେ । କେବଳ ଇନ୍ଦ୍ରିୟଗୁଡ଼ିକର ଦ୍ୱାରବାଟେ, ସେ ସମ୍ପୂର୍ଣ୍ଣରୂପେ ନିର୍ଭର କରି ପାରୁନଥିବା ମାନସିକ ଅବବୋଧଗୁଡ଼ିକର ମଧ୍ୟଦେଇ ଅଥବା ଆପଣାର ସଂଗୃହୀତ ଇନ୍ଦ୍ରିୟଲବ୍ଧ ତଥ୍ୟଗୁଡ଼ିକରୁ ସେ କରିଥିବା ଅନୁମାନ ବା ସଂରଚନାଗୁଡ଼ିକର ମାଧ୍ୟମରେହିଁ ସେ ଯାହାକିଛି ଜାଣିବାଲାଗି ସମର୍ଥ ହୁଏ । ଏବଂ ଅବଶିଷ୍ଟ ସବୁକିଛି ତାହାଲାଗି କେବଳ ଅଚେତନତାର ଏକ ଅନ୍ଧକାରମୟ ଶୂନ୍ୟ ଗହ୍ୱର ହୋଇ ରହିଥାଏ ।

ତେବେ, ଆତ୍ମଅବରୁଦ୍ଧତାର ଏହି ଦୁଇପରସ୍ତ ପ୍ରାଚୀରଟିକୁ, ଏକ ବନ୍ଧନର ଅହଂର ସୀମାଗୁଡ଼ିକ ଭିତରେ ଆପଣାକୁ ବନ୍ଦ ରଖିବାର ଏହି ପ୍ରୟାସଟିକୁହିଁ ଆମେ ଆମ ସୀମାବଦ୍ଧ ଜ୍ଞାନ ଅର୍ଥାତ୍ ଅଜ୍ଞାନର କାରଣ ବୋଲି ଜାଣିରଖିବା । ଏବଂ ଆପଣାକୁ ଏହିପରି ଅବରୁଦ୍ଧ କରି ରଖିବା ଯଦି ଆମ ଅସ୍ତିତ୍ୱଟିର ସମସ୍ତ ସ୍ୱଭାବ ହୋଇଥା'ନ୍ତା, ତେବେ ସେହି ଅଜ୍ଞାନକୁ ଦୂର କରିବାଲାଗି ଆଉକୌଣସି ସମ୍ଭାବନା ନଥା'ନ୍ତା ।

'oaob.nitrkl.ac.in' images reprocessed

ମାତ୍ର ପ୍ରକୃତରେ ଦେଖିବାକୁ ଗଲେ, ବାହାର ପରସ୍ତଟାରେ ଏହି ଯେଉଁ ସତତ ଅହଂରଚନା ଲାଗି ରହିଥାଏ, ତାହା ବସ୍ତୁଗତ ଚୈତନ୍ୟଶକ୍ତିର କେବଳ ଏକ ସାମୟିକ କୌଶଳ ବା ସାମୟିକ ଆୟୋଜନ । ଏହି କୌଶଳଟି କାର୍ଯ୍ୟକାରୀ ହେଉଛି, ଯେପରିକି ଆମ ଭିତରେ ସଂଗୁପ୍ତ ହୋଇ ରହିଥିବା ଜୀବାତ୍ମା ଆପଣାର ଏକ ପ୍ରତିରୂପ, ପ୍ରତିନିଧି ଓ ସାଧନଗତ ରୂପାୟନକୁ ଜଡ଼ପ୍ରକୃତି ମଧ୍ୟରେ ସମ୍ଭବ କରାଇ ପାରିବ, ଅବିଦ୍ୟାଚ୍ଛନ୍ନ ପ୍ରକୃତି ମଧ୍ୟରେ ଏକ ସାମୟିକ ବ୍ୟକ୍ତିସ୍ୱବାପନ୍ନତାର ପ୍ରତିଷ୍ଠା କରିପାରିବ । ସମସ୍ତ ବିଶ୍ୱକୁ ଆଚ୍ଛାଦିତ କରି ରଖିଥିବା ଏକ ଅଚେତନାର ଗର୍ଭ ଭିତରୁ ଯେଉଁ ଜଗତ କ୍ରମବିକଶିତ ହୋଇ ଉଠୁଛି, ସେଥିରେ ପ୍ରଥମ ପର୍ଯ୍ୟାୟରେ କେବଳ ଏତିକି କରିବାହିଁ ସମ୍ଭବ ହେବ । ନାନା ସୀମା ଭିତରେ ଆପଣାକୁ ସଙ୍କୁଚିତ କରି ରଖିଥିବା ଅହଂ ଏବଂ ତାହାର ଅର୍ଦ୍ଧ-ଅନ୍ଧ ଚେତନା ଯେଉଁ ଅନୁପାତରେ ଆପଣାକୁ ଏକ ବୃହତ୍ତର ତଥା ଅନ୍ତର୍ଗତ ଅସ୍ତିତ୍ୱ ଓ ଚେତନା ଏବଂ ଏକ ଯଥାର୍ଥ ଆତ୍ମସତ୍ତା ଭିତରକୁ ଉନ୍ମୋଚିତ କରିଦେଇ ପାରିବ ଏବଂ ଆପଣା ବାହାରେ ଅବସ୍ଥିତ ତଥାକଥିତ ଅନାତ୍ମାଟିକୁ ମଧ୍ୟ ଆତ୍ମା ବୋଲି ଜାଣିବ, କେବଳ ସେହି ଅନୁପାତରେହିଁ ଆପଣା ତଥା ଜଗତ ବିଷୟରେ ରହିଥିବା ଆମର ଅଜ୍ଞାନ ସମଗ୍ର ଆତ୍ମଜ୍ଞାନ ଓ ସମଗ୍ର ବିଶ୍ୱଜ୍ଞାନର ଅଭିମୁଖରେ ବିକଶିତ ହୋଇପାରିବ । ଯେତେବେଳେ ସେ ଗୋଟାଏ ପାଖରେ ଆମ ନିଜ ପ୍ରକୃତିଟିକୁ ସମ୍ଭାଳି ଧରିଥିବା ଏକ ବିଶ୍ୱପ୍ରକୃତିକୁ ଦେଖିବ ଓ ଅନ୍ୟପାଖରେ ଆମ ଆପଣାର ଆତ୍ମସତ୍ତାର ଏକ ସୀମାହୀନ ପ୍ରସାରଣରୂପେ ବିଶ୍ୱସତ୍ତାକୁ ଅନୁଭବ କରିବ, ସେତେବେଳେ ଯାଇ ସେହି ଉର୍ଦ୍ଧ୍ୱାୟନ ସମ୍ଭବ ହେବ । ସେଥିଲାଗି ଆମର ସତ୍ତାଟିକୁ ସେ ନିଜେ ସୃଷ୍ଟି କରି ରଖିଥିବା ଅହଂଚେତନାଟିର ଦୁର୍ଗପ୍ରାଚୀରକୁ ଭାଙ୍ଗିଦେବାକୁ ପଡ଼ିବ, ଆପଣାର ଦେହସୀମାକୁ ପାରହୋଇ ସେ ସମସ୍ତ ବିଶ୍ୱର ଦେହ ଭିତରେ ଆପଣାକୁ ପ୍ରସାରିତ କରିଦେବ । ପରୋକ୍ଷ ସମ୍ପର୍କଦ୍ୱାରା ଜ୍ଞାନଲାଭ କରିବାର ରୀତିଟି ସ୍ଥାନରେ ଅଥବା ତାହା ସହିତ ଆଉଗୋଟିଏ ଅଧିକ ସ୍ୱଚ୍ଛ ହିସାବରେ ତାହାକୁ ପ୍ରତ୍ୟକ୍ଷ ସମ୍ପର୍କଦ୍ୱାରା ଜ୍ଞାନଲାଭ କରିବାର ମାର୍ଗଟିକୁ ମଧ୍ୟ ଆଶ୍ରୟ କରିବାକୁ ପଡ଼ିବ ଏବଂ ତା'ପରେ ତାଦାତ୍ମ୍ୟ-ଜ୍ଞାନ ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ । ଆପଣା ସତ୍ତାର ସଙ୍କୁଚିତ ସୀମାବଦ୍ଧତାକୁ ଏକ ସୀମାହୀନ ସୀମାମୁକ୍ତତା ଏବଂ ଏକ ଅନନ୍ତରେ ପରିଣତ କରିବା ଅବଶ୍ୟମ୍ଭାବୀ ହୋଇପଡ଼ିବ ।

ଏହି ଉଭୟ ଗତିପଥ ମଧ୍ୟରୁ ଆତ୍ମବୋଧ ଅର୍ଥାତ୍ ଆମର ଅନ୍ତର୍ଗତ ସତ୍ୟଗୁଡ଼ିକର ଭୂମିରେ ଜାଗରୂକ ହେବାର ପଥଟିକୁ ଆମେ ତଥାପି ପ୍ରଥମ ଆବଶ୍ୟକତା ବୋଲି କହିବା, କାରଣ ଆପଣା ଭିତରେ ଆପଣାକୁ ଆଗ ଏହିପରି ଖୋଜିପାଇବା ପରେ ଯାଇ ଦ୍ୱିତୀୟଟି ଅର୍ଥାତ୍ ସମଗ୍ର ବିଶ୍ୱ ମଧ୍ୟରେ ଆପଣାକୁ ଖୋଜି

'oaob.nitrkl.ac.in' images reprocessed

ପାଇବା ସମ୍ପୂର୍ଣ୍ଣଭାବେ ସମ୍ଭବ ହୋଇପାରିବ । ଆମକୁ ଆଉ ଆମର ଅନ୍ତର୍ଗତ ସତ୍ତାଟି ଭିତରକୁ ଗୁଳିଯିବାକୁ ପଡ଼ିବ, ତାହାର ଭିତରେ ଓ ତାହାରିଠାରୁ ପ୍ରେରଣା ପାଇ ବାସ କରିବାକୁ ପଡ଼ିବ । ଆମର ବହିଃସ୍ଥ ମନ, ବହିଃସ୍ଥ ପ୍ରାଣ ଓ ବହିଃସ୍ଥ ଦେହ ଏହି କ୍ଷେତ୍ରରେ ଆମପାଇଁ କେବଳ ମୁଖଶାଳା ପରି କାର୍ଯ୍ୟ କରୁଥିବେ । ଆମେ ଏହି ବହିଃଜଗତ ମଧ୍ୟରେ ଯାହାକିଛି ହୋଇଛୁ ବା ହୋଇପାରୁଛୁ, ତାହା ବସ୍ତୁତଃ ଆମର ଅନ୍ତର୍ଜଗତଟି ଦ୍ୱାରା ନିର୍ଦ୍ଧାରିତ ହୋଇ ରହିଛି । ଆମର ଅନ୍ତର୍ଗହ୍ୱରସ୍ଥ ଗୋପନ ପ୍ରଦେଶରେ ଯାହା ରହସ୍ୟମୟ ହୋଇ ରହିଛି, ତାହାହିଁ ଆମ ବହିର୍ଜଗତର ଯାବତୀୟ ବ୍ୟାପାରକୁ ନିର୍ଣ୍ଣିତ କରୁଛି । ଆମର ନିଗୂଢ଼ ଉତ୍ପ୍ରେରଣାଗୁଡ଼ିକ ସେହିଠାରୁହିଁ ଆସୁଛି, ଆମର ସ୍ୱତଃପରିଣାମୀ ରୂପାୟନଗୁଡ଼ିକ ମଧ୍ୟ ସେଇଠାରୁ ଆସୁଛି । ଆମର ଯାବତୀୟ ପ୍ରେରଣା, ମୂଲ୍ୟବୋଧ, ଜୀବନଗତ ଅଭିପ୍ରାୟ ଓ ଉଦ୍ଦେଶ୍ୟ, ଆମ ମନର ବିଶେଷ ରୁଚିସବୁ ତଥା ଆମ ଇଚ୍ଛାଶକ୍ତିର ଯାବତୀୟ ନିର୍ବାଚନ ସେଇଠାରୁହିଁ ଦାନା ବାନ୍ଧି ଉଦ୍‌ଗତ ହେଉଛି । ଅଥବା ଏହି ଜଗତ ଭିତରୁ ମଧ୍ୟ ଠିକ୍ ସେହିପରି ଗୋପନ ଭାବରେ କେତେକେତେ ଅଭିଘାତର ତରଙ୍ଗ ଆସି ଆମକୁ ଅନେକ ପରିମାଣରେ ଏକ ଦୃଢ଼ତାର ସହିତ ପ୍ରଭାବିତ କରୁଛି ଓ ଆମ ଭିତରେ ବହୁତ କିଛି ଗଢ଼ିଦେଇ ଯାଉଛି । ମାତ୍ର ଏହିସବୁ ଉନ୍ମେଷିତ ଶକ୍ତି ଓ ଏହିସବୁ ପ୍ରଭାବକୁ ଆମେ ପ୍ରକୃତରେ କିପରି ଭାବରେ କାର୍ଯ୍ୟରେ ଲଗାଉଛୁ; ତାହା ଅନେକ ପରିମାଣରେ ଆମର ସବୁଠାରୁ ଉପରିଭାଗରେ ରହିଥିବା ପ୍ରକୃତିଟି ଦ୍ୱାରାହିଁ ନିରୂପିତ ହେଉଛି, ପ୍ରସୀମିତ ହେଉଛି ଏବଂ ସର୍ବୋପରି ନାନାବିଧ ସୀମା ଦ୍ୱାରା ଅତ୍ୟନ୍ତ ଆବଦ୍ଧ ହୋଇପଡ଼ୁଛି । ଠିକ୍ ସେହି ସଙ୍କଟ ସମୟରେହିଁ ଆମକୁ ସକଳ ଉତ୍ପ୍ରେରଣା ଯୋଗାଇ ଦେଉଥିବା ଏହି ଅନ୍ତର୍ଗତ ଆତ୍ମାଟିର ଜ୍ଞାନକୁ ଆବିଷ୍କାର କରିବାକୁ ପଡ଼ିବ, ତାହା ସଙ୍ଗେସଙ୍ଗେ ନିମିତ୍ତରୂପେ ଅବସ୍ଥିତ ରହିଥିବା ବହିଃସ୍ଥ ଆତ୍ମାଟିକୁ ମଧ୍ୟ ନିର୍ଭୁଲ ଭାବରେ ଜାଣିବାକୁ ପଡ଼ିବ, ଏବଂ ଆମର ବ୍ୟକ୍ତିତ୍ୱର ଗଠନ ଓ ନିର୍ମାଣରେ ଦୁଇଟିଯାକ ପ୍ରକୃତିରେ କିଭଳି ଭୂମିକା ଗ୍ରହଣ କରୁଛନ୍ତି, ସେଇଟିକୁ ମଧ୍ୟ ଆବିଷ୍କାର କରିବାକୁ ପଡ଼ିବ ।

ଆମ ଜୀବନଚେତନାର ବହିସ୍ତର ଭୂମିରେ ଆମର ଆତ୍ମା ଯେତିକି ପରିମାଣରେ ରୂପାୟିତ ହୋଇଥାଏ, ସେଠାରେ ଆମେ ଜୀବନର କେବଳ ସେତିକି ମାତ୍ର ଜାଣିଥାଉ, ଏବଂ ଏପରିକି ତାହାର କେବଳ ଗୋଟାଏ ଅଂଶକୁହିଁ ଜାଣିଥାଉ । କାରଣ ଆମର ସମଗ୍ର ବହିଃସତ୍ତାଟି ଆମ ପାଖରେ ସାଧାରଣତଃ କେବଳ ଏକ ଅସ୍ପଷ୍ଟତା ହୋଇ ରହିଥାଏ ଏବଂ ତାହା ଭିତରେ ନିଶ୍ଚିତ ଓ ସ୍ପଷ୍ଟ ଜ୍ଞାନର ଆଲୋକ କେବଳ କୌଣସି କୌଣସି ବିନ୍ଦୁରେ କିମ୍ବା କୌଣସି କୌଣସି ରୂପାଙ୍କନ ମଧ୍ୟରେହିଁ ଦୃଷ୍ଟିଗୋଚର ହୋଇଥାଏ । ଏପରିକି ଆମ ମନର ସାହାଯ୍ୟରେ ଭିତରକୁ ଅନାଇ ଓ

'oaob.nitrkl.ac.in' images reprocessed

ଅଣ୍ଡାଳି ଦେଖିଲାବେଳେ ମଧ୍ୟ ଆମେ କେବଳ ପରସ୍ପରଠାରୁ ଖଣ୍ଡିତ ରେଖାଚିତ୍ରମାନହିଁ ଦେଖିଥାଉ ଏବଂ ଆମ ବ୍ୟକ୍ତିଗତ ରୂପପ୍ରକାଶର ସମ୍ପୂର୍ଣ୍ଣ ଚିତ୍ର ଓ ସମ୍ପୂର୍ଣ୍ଣ ବୋଧଟି ଆମର ଦୃଷ୍ଟି ଏଡ଼ି ରହିଥାଏ । ମାତ୍ର ଏଠାରେ ସବୁକିଛିକୁ ବିକୃତ କରି ପକାଉଥିବା ଏପରି ଆଉଗୋଟିଏ କ୍ରିୟା ମଧ୍ୟ ଥାଏ, ଯାହାକି ଏହି ଅନ୍ତସୀମାବଦ୍ଧ ଆତ୍ମଜ୍ଞାନକୁ ମଧ୍ୟ ଆହୁରି ଅସ୍ପଷ୍ଟ ଓ ବିକୃତ କରି ରଖିଦିଏ । ମନନଶୀଳ ମନକୁ ଆପଣାର ଭୃତ୍ୟ କରି ରଖି ତାହାକୁ ସର୍ବଦା ସତେଅବା ଗୋଟାଏ ଯନ୍ତ୍ରପରି ଆପଣା କାର୍ଯ୍ୟରେ ଲଗାଇ ରଖିବାକୁ ଇଚ୍ଛା କରୁଥିବା ଆମର ସେହି ବହିର୍ମୁଖ ପ୍ରାଣ-ଆତ୍ମା ଅର୍ଥାତ୍ ପ୍ରାଣମୟ ସତ୍ତ୍ୱର ନିୟତ ଅଭିଘାତ ଓ ଅନଧିକାର ପ୍ରବେଶଦ୍ୱାରା ମଧ୍ୟ ଆମର ଆତ୍ମଦୃଷ୍ଟି ବହୁ କଳୁଷିତ ଓ ବ୍ୟାହତ ହୋଇପଡ଼େ । କାରଣ ଏହି ପ୍ରାଣମୟ ସତ୍ତ୍ୱର ଆତ୍ମଜ୍ଞାନ ସହିତ ଆଦୌ କୌଣସି ସମ୍ପର୍କ ନଥାଏ, କେବଳ ଆତ୍ମପ୍ରତିଷ୍ଠା ନେଇହିଁ ସେ ସତତ ବ୍ୟସ୍ତ ରହିଥାଏ । ଆପଣାର କାମନା ଓ ଅହଂଗତତାକୁ ନେଇ ବ୍ୟସ୍ତ ରହିଥାଏ । ତେଣୁ ଏହିସବୁ ଅଭୀଷ୍ଟର ସାଧନ କରିବାକୁ ତା'ଲାଗି ଆପାତତଃ ଆତ୍ମାର ଏକ ମାନସିକ ଗଠନ ମହଜୁଦ କରି ରଖିବାକୁ ସେ ମନ ଉପରେ ସବୁବେଳେ ଚାପ ପକାଉଥାଏ । ଯାହା ଆମ ଆତ୍ମପ୍ରତିଷ୍ଠାର ଆତ୍ମସ୍ୱରୂପ ହୋଇ ରହିବ, ଆମର କାମନା ଓ କ୍ରିୟାଗୁଡ଼ିକୁ ଉଚିତ ବୋଲି କହୁଥିବ, ଓ ଅହଂବୋଧକୁ ପୁଷ୍ଟ କରିବାରେ ଲାଗିଥିବ, ଆମ ନିଜର ସେହିଭଳି ଗୋଟିଏ ମିଛ ପ୍ରତିରୂପକୁ ଆମ ଆଗରେ ତଥା ଅନ୍ୟ ସମସ୍ତଙ୍କ ଆଗରେ ଉପସ୍ଥାପିତ କରି ରଖିବାଲାଗି ତାହା ମନକୁ ପ୍ରଲୁବ୍ଧ କରୁଥାଏ । ପ୍ରାଣମୟ ସତ୍ତ୍ୱର ଏହି ହସ୍ତକ୍ଷେପଟି ଅବଶ୍ୟ ସବୁବେଳେ ଆତ୍ମୌଦ୍ଧତ୍ୟର ପ୍ରମାଣ ଓ ଆତ୍ମପ୍ରତିଷ୍ଠା ଉପରେ ଉଦ୍ଦିଷ୍ଟ ହୋଇ ନଥାଏ । ଅନେକ ସମୟରେ ଏହା ଆତ୍ମନିନ୍ଦକତା ଆଡ଼କୁ ବି ଗତି କରିଥାଏ, ଏକ ବ୍ୟାଧିତ ଏବଂ ଅତିରଞ୍ଜିତ ଆତ୍ମସମାଲୋଚନା ଲାଗି ଆଗ୍ରହ ଦେଖାଏ । ମାତ୍ର ଏଇଟାକୁ ମଧ୍ୟ ସେହିପରି ଏକ ଅହଂଗତ ସଂରଚନା ବୋଲି ବୁଝାଯାଇ ପାରିବ, ଏକ ବିପରୀତମୁଖୀ ବା ନକାରାତ୍ମକ ଅହଂବାଦ କିମ୍ବା ପ୍ରାଣଗତ ଅହଂର ଏକ ବିଶେଷ ରୂପ ବା ଭଙ୍ଗୀ ବୋଲି ବୁଝାଯିବ । କାରଣ ଏହି ପ୍ରାଣଗତ ଅହଂ ମଧ୍ୟରେ ଆମେ ଅନେକ ସମୟରେ ପ୍ରତାରକ ଓ ଭଣ୍ଡର ଏକ ମିଶ୍ରଣହିଁ ଦେଖିବାକୁ ପାଇବା, ଅନେକ ଛଳନା ଓ ଅନେକ ଅଭିନୟ ଦେଖିପାରିବା । ତାହା ଅନୁକ୍ଷଣ କୌଣସି ନା କୌଣସି ଭୂମିକାରେ ଅବତୀର୍ଣ୍ଣ ହେବାରେ ଲାଗିଥିବ ଏବଂ ଆପଣାକୁ ତଥା ଅନ୍ୟମାନଙ୍କୁ ରଙ୍ଗମଞ୍ଚର ଦର୍ଶକରୂପେ ବସାଇ ସେହି ଭୂମିକାଗୁଡ଼ିକର ଅଭିନୟ କରୁଥିବ । ଏହିପରି ଭାବରେ ଏହି କ୍ଷେତ୍ରରେ ଏକ ସଂଗଠିତ ଆତ୍ମ-ଅଜ୍ଞାନ ସହିତ ଏକ ସଂଗଠିତ ଓ ସୁଗଠିତ ଆତ୍ମପ୍ରତାରଣା ଆସି ସମ୍ମିଳିତ ହୁଏ । କେବଳ ଭିତରେ ପ୍ରବେଶ କରି ଏହିସବୁ ପ୍ରପଞ୍ଚର ଉତ୍ସମୂଳଗୁଡ଼ିକୁ ଠଉରାଇ ପାରିଲେ ଯାଇ ଏହି ଅସ୍ପଷ୍ଟତା ଓ ଏହି ଜାଲ ଭିତରୁ ଉଦ୍ଧାର ପାଇବା ସମ୍ଭବ ହୋଇ ପାରିବ ।

'oaob.nitrkl.ac.in' images reprocessed

କାରଣ ସେଇ ଆମର ଭିତରେ ଏକ ବୃହତ୍ତର ମନୋମୟ ସତ୍ତା ମଧ୍ୟ ସମୁପସ୍ଥିତ ରହିଛି, ଏକ ବୃହତ୍ତର ଓ ଅନ୍ତର୍ଗତ ପ୍ରାଣମୟ ସତ୍ତା ବି ରହିଛି । ଏପରିକି ଉପରିସ୍ତରସ୍ଥ ଆମର ଏହି ଶାରୀର ଚେତନାଟି ବ୍ୟତୀତ ଏକ ବୃହତ୍ତର ଓ ଅନ୍ତର୍ଗତ ସୂକ୍ଷ୍ମଶାରୀର ସତ୍ତା ମଧ୍ୟ ଅବସ୍ଥିତ ରହିଛି । ଏବଂ ଏମାନଙ୍କ ମଧ୍ୟରେ ପ୍ରବେଶ କରି, ଆପଣାକୁ ସେଇଥିରେ ପରିଣତ କରି ଓ ତାହାର ସହିତ ଏକାତ୍ମକତା ଅର୍ଜନ କରି ଆମେ ଆମ ଭାବନା ଓ ଅନୁଭୂତିର ବସ୍ତୁଗୁଡ଼ିକୁ ଅବଲୋକନ କରିପାରିବା, ଆମର ଯାବତୀୟ କ୍ରିୟାର ଉତ୍ସ ଓ ଅଭିପ୍ରାୟଗୁଡ଼ିକୁ ଠଉରାଇ ନେଇପାରିବା; ଯେଉଁସବୁ କ୍ରିୟାଶୀଳ ସାମର୍ଥ୍ୟ ଆମର ବହିଃସ୍ଥ ବ୍ୟକ୍ତିତ୍ୱଟିକୁ ଗଢ଼ି ରଖିଛନ୍ତି, ସେଗୁଡ଼ିକୁ ନିରୀକ୍ଷଣ କରି ଦେଇପାରିବା । କାରଣ ଯେଉଁ ଅନ୍ତର୍ଗତ ସତ୍ତା ଆମର ଭିତରେ ଅବସ୍ଥିତ ରହି ସବୁ ସ୍ପର୍ଶ ଓ ସବୁର ବୋଧକୁ ଗ୍ରହଣ କରୁଛି, ଯେଉଁ ପ୍ରାଣମୟ ସତ୍ତା ଆମର ମଧ୍ୟଦେଇ ଗୁପ୍ତ ରହି ଅନୁଭବ କରୁଛି ଏବଂ ପ୍ରାଣର ଭୂମିଟିରେ କାର୍ଯ୍ୟ କରୁଛି, ଆମର ଦେହ ଓ ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ଯେଉଁ ସୂକ୍ଷ୍ମ ଶାରୀର ସତ୍ତାଟି ଗୁପ୍ତଭାବରେ ବସ୍ତୁଜଗତର ସକଳ ସଂସ୍ପର୍ଶକୁ ଗ୍ରହଣ କରୁଛି ଓ ସେଗୁଡ଼ିକୁ ଆପଣାର ପ୍ରତ୍ୟୁତ୍ତର ବି ଜଣାଉଛି, ସେଗୁଡ଼ିକୁ ଆବିଷ୍କାର କରିବାର ଓ ଜାଣିବାର ସାମର୍ଥ୍ୟ ଆମର ଭିତରେହିଁ ରହିଛି । ଆମ ଭିତରର ଆକୂତିଗତ ପ୍ରବେଗ ଏବଂ ଆମ ବାହାରୁ ଆମ ଉପରେ ଆସି ପଡ଼ୁଥିବା ପ୍ରଭାବଗୁଡ଼ିକୁ ଏକତ୍ର କରି ଯେଉଁ ଜଟିଳ ଓ ବହୁପାର୍ଶ୍ୱ ଜାଲଟିର ରଚନା ହେଉଛି, ସେଇଥିରୁହିଁ ଆମର ଉପରିସ୍ତରସ୍ଥ ଭାବନା, ଅନୁଭୂତି ଓ ସଂବେଗ ଜନ୍ମଲାଭ କରୁଛି । ଆମର ସଂଗଠନକାରୀ ବୁଦ୍ଧି ବା ବିଚାରଣା ଏଗୁଡ଼ିକୁ କେବଳ ଏକ ଅତି ଅସମ୍ପୂର୍ଣ୍ଣ ଶୃଙ୍ଖଳା ମଧ୍ୟରେହିଁ ବାନ୍ଧିକରି ରଖିବାର ଚେଷ୍ଟା କରୁଛି । ମାତ୍ର ଏଠାରେ ଆମର ଅନ୍ତର ଭିତରେ ଆମେ ଆମର ମନୋଗତ, ପ୍ରାଣଗତ ଓ ଦେହଗତ ଶକ୍ତିସମନ୍ୱିତାର ଭିନ୍ନ ଭିନ୍ନ ବସ୍ତୁଗୁଡ଼ିକୁ ଦେଖିବାକୁ ପାଇଥାଉ, ଅତି ସ୍ପଷ୍ଟଭାବରେ ପ୍ରତ୍ୟେକଟିର ପ୍ରକୃତ କ୍ରିୟା, ଭବିଷ୍ୟ ସାମର୍ଥ୍ୟ ଓ ଗଠନକାରୀ ଉପାଦାନଗୁଡ଼ିକୁ ମଧ୍ୟ ଦେଖିଥାଉ, ଅନ୍ତର୍ଦୃଷ୍ଟିର ଏକ ସ୍ପଷ୍ଟ ଆଲୋକରେ ସେମାନଙ୍କର ପାରସ୍ପରିକ କ୍ରିୟାପ୍ରତିକ୍ରିୟା-ଗୁଡ଼ିକର ବି ପରିଚୟ ପାଇଥାଉ । ଆମ ବହିଃସ୍ଥ ଚେତନାର ଭୂମି ଉପରେ ଲାଗି ରହିଥିବା ବିରୋଧ ଓ ସଂଘର୍ଷମାନ ଯେ ମୁଖ୍ୟତଃ ଆମର ମନୋଗତ, ପ୍ରାଣଗତ ଓ ଦେହଗତ ଭୂମିଗୁଡ଼ିକର ପରସ୍ପର ବିରୋଧୀ ଓ ପରସ୍ପର ସହିତ ଅଦୌ ତାଳ ଖାଉ ନଥିବା ମନୋବୃତ୍ତିଦ୍ୱାରା ଜାତ ହେଉଛନ୍ତି, ସେତିକିବେଳେ ଆମେ ତାହା ଦେଖିଥାଉ । ସେହି ଭୂମିଗୁଡ଼ିକ ସର୍ବଦା ପରସ୍ପରର ବିରୋଧ କରୁଥାଆନ୍ତି ଏବଂ ପରସ୍ପର ସହିତ ସମନ୍ୱିତ ହୋଇପାରନ୍ତି ନାହିଁ । ପୁଣି ଏହାର ବି କାରଣସ୍ୱରୂପ ଆମର ସତ୍ତା ଭିତରେ ରହିଥିବା ନାନା ଅନ୍ତର୍ଗତ ଓ ବିଭିନ୍ନ ସମ୍ଭାବନାଗୁଡ଼ିକରେ ଓ ଏପରିକି ଆମ ଅନ୍ତର୍ଜୀବନର ପ୍ରତ୍ୟେକ ସ୍ତରରେ ଅବସ୍ଥିତ ବିଭିନ୍ନ ବ୍ୟକ୍ତିତ୍ୱଗୁଡ଼ିକ ମଧ୍ୟରେ ଯେଉଁ

'oaob.nitrkl.ac.in' images reprocessed

ଦ୍ୱନ୍ଦ୍ୱ ଓ ସଂଘାତ ଲାଗି ରହିଥାଏ, ଆମେ ସେଇଗୁଡ଼ିକୁହିଁ ଜାଣିପାରୁ । ଏହିସବୁ ସମ୍ଭାବନା ଓ ଏହିସବୁ ବ୍ୟକ୍ତିତ୍ୱ ଆମ ବହିଃସ୍ଥର ପ୍ରକୃତିର ପରସ୍ପର ସହିତ ଗୋଳେଇ ମିଶିହୋଇ ରହିଥିବା ନାନା ସ୍ତର ଓ ବିବିଧ ବୃତ୍ତିଗୁଡ଼ିକର ପଛରେ ରହି କାର୍ଯ୍ୟ କରୁଥା'ନ୍ତି । ମାତ୍ର ବହିର୍ଦୃଷ୍ଟିରେ ସେମାନଙ୍କର କ୍ରିୟା ଏକାଠି ଗୋଳେଇ ମିଶିହୋଇ ରହିଥିଲେ ମଧ୍ୟ ଓ ନାନା ବିଶୃଙ୍ଖଳା ଓ ବିରୋଧ ଭିତରେ ବୁଡ଼ି ରହିଥିଲେ ମଧ୍ୟ ଏଠାରେ ଆମ ଗଭୀରତାଗୁଡ଼ିକର ରାଜ୍ୟରେ ସେଗୁଡ଼ିକର ଭିନ୍ନ ଭିନ୍ନ ପ୍ରକୃତି ଓ କ୍ରିୟାକୁ ପରସ୍ପରଠାରୁ ଅଲଗା କରି ବେଶ୍ ଦେଖାଯାଇ ପାରିବ ଏବଂ ସେଗୁଡ଼ିକୁ ନେଇ ପ୍ରାଣ ଓ ଶରୀରର ନେତାରୂପେ ବିଦ୍ୟମାନ ରହିଥିବା ଆମ୍‌ର ମନୋମୟ ସତ୍ତ୍ୱଟିର (ମନୋମୟଃ ପ୍ରାଣଶରୀରନେତା, —ମୁଣ୍ଡକ ଉପନିଷଦ, ୨।୨।୭) ସାହାଯ୍ୟରେ ଏକ ସମନ୍ୱୟ ବି ସ୍ଥାପନ କରାଯାଇ ପାରିବ । ବରଂ ଅଥବା, କେନ୍ଦ୍ରସ୍ଥ ଚୈତ୍ୟସତ୍ତ୍ୱଟି ସାହାଯ୍ୟରେ ମଧ୍ୟ ଏହା ସମ୍ଭବ ହେବ । ହୃଦ୍ୟମଷ୍ଟିରେ ଯଥାର୍ଥ ଚୈତ୍ୟ ଓ ମାନସିକ ସଂକଳ୍ପ ରହିଥିଲେ ଏହା ସମ୍ଭବ ହେବା ଆଦୌ ଅତି କଷ୍ଟକର ହେବ ନାହିଁ । କାରଣ ପ୍ରାଣଗତ ଅହଂର ପ୍ରେରଣାଟିକୁ ନେଇ ଅଧିଚେତନ ସତ୍ତ୍ୱ ମଧ୍ୟରେ ପ୍ରବେଶ କଲେ ତଦ୍ଦ୍ୱାରା ଘୋର ବିପଦ ଓ ଅନିଷ୍ଟ ଘଟିବାର ଆଶଙ୍କା ସବୁବେଳେ ରହିଥାଏ, କିମ୍ବା ଆହୁରିକିଛି ନହେଲେ ମଧ୍ୟ ଅହଂକୁ ଅତିରିକ୍ତ ମହତ୍ତ୍ୱ ଦିଆଯିବାର ଆଶଙ୍କା ରହିଥାଏ, ଅହଂଗତ ପ୍ରତିଷ୍ଠା ଓ ବାସନା ଅତିମାତ୍ରାରେ ବୃଦ୍ଧି ପାଇବାର ଆଶଙ୍କା ରହିଥାଏ । ଅଧିକ ପରିବ୍ୟାପ୍ତ ଓ ଅଧିକ ଶକ୍ତିସମ୍ପନ୍ନ ଜ୍ଞାନର ପରିବର୍ତ୍ତରେ ଅଧିକ ପରିବ୍ୟାପ୍ତ ଓ ଅଧିକ ଶକ୍ତିସମ୍ପନ୍ନ ଅଜ୍ଞାନରହିଁ ଆଶଙ୍କା ଥାଏ । ପୁନଶ୍ଚ, ଏହି ଅନ୍ତର୍ଗତ ବା ଅଧିଚେତନ ମଧ୍ୟରେ ପ୍ରବେଶ କରି ଆମେ ଯାହା ଭିତରୁ ଉନ୍ମେଷିତ ହୋଇ ଉଠୁଛୁ ଓ ଯାହା ବାହାରୁ ଭିତରକୁ ଆସୁଛି, ଅନ୍ୟମାନଙ୍କଠାରୁ ଅଥବା ବିଶ୍ୱପ୍ରକୃତିରୁ ଆସୁଛି, ଦୁହିଁଙ୍କ ମଧ୍ୟରେ ରହିଥିବା ତାରତମ୍ୟକୁ ପ୍ରତ୍ୟକ୍ଷଭାବରେ ଜାଣିପାରିବାର ସାଧନ ଲାଭ କରିଥାଉ । ସେତେବେଳେ ଆମ ପକ୍ଷରେ ସକଳପ୍ରକାର ନିୟନ୍ତ୍ରଣ ଓ ନିର୍ବାଚନ କରିବା ସମ୍ଭବ ହୁଏ, ଗ୍ରହଣଯୋଗ୍ୟ ବିଷୟକୁ ଗ୍ରହଣ ଏବଂ ବର୍ଜନଯୋଗ୍ୟ ବିଷୟକୁ ବର୍ଜନ କରିବା ସମ୍ଭବ ହୁଏ, ନିର୍ବାଚନଯୋଗ୍ୟ ବିଷୟକୁ ନିର୍ବାଚନ କରିବା ମଧ୍ୟ ସମ୍ଭବ ହୁଏ । ଆତ୍ମନିର୍ମାଣ ଓ ସମନ୍ୱୟସାଧନର ଏକ ଶକ୍ତି ଅତି ସ୍ପଷ୍ଟଭାବରେ ଅର୍ଜନ କରାଯାଏ । କେବଳ ବହିଃସ୍ଥର ବ୍ୟକ୍ତିତ୍ୱ ଭିତରେ ବନ୍ଦୀହୋଇ ରହିଥିବା ବେଳେ ଆମ ପାଖରେ ଏହି ଶକ୍ତି ଆଦୌ ନଥାଏ, ଅଥବା ରହିଥିଲେ ମଧ୍ୟ ଆମେ କେବଳ ଅତି ଅନିପୁଣ ଓ ଅପୂର୍ଣ୍ଣଭାବରେ ସେହି ଶକ୍ତିକୁ କାମରେ ଲଗାଇଥାଉ । ମାତ୍ର ଏହି ଶକ୍ତି ଆମର ଅନ୍ତର୍ରୂପ ମଧ୍ୟରେ ଏକ ନିଜସ୍ୱ ଶକ୍ତିରୂପେ ରହିଥାଏ । କାରଣ ଏହିସବୁ ଗଭୀରତାଗୁଡ଼ିକରେ ଯାଇ ପହଞ୍ଚିବା ଦ୍ୱାରା ଅନ୍ତର୍ସତ୍ତ୍ୱ ଆଉ ସମ୍ପୂର୍ଣ୍ଣଭାବରେ ଆବରଣସ୍ଥ ହୋଇ ରହେ ନାହିଁ, ନିର୍ମିତିରୂପେ ବ୍ୟବହୃତ ହେଉଥିବା ବହିଶ୍ଚେତନା

'oaob.nitrkl.ac.in' images reprocessed

ଉପରେ କେବଳ ଆଂଶିକ ବା ଖଣ୍ଡିତ ଭାବରେହିଁ ଆପଣାର ପ୍ରଭାବ ପକାଇବାକୁ ଆଉ ବାଧ୍ୟ ହୁଏ ନାହିଁ, ଭୌତିକ ଜଗତରେ ଆତଯାତ ହେଉଥିବା ଆମର ଏହି ଜୀବନଟିରେ ବି ଅଧିକ ଜ୍ୟୋତିର୍ମୟ ଭାବରେ ଆପଣାକୁ ରୂପାୟିତ କରିବାରେ ସମର୍ଥ ହୁଏ ।

ଯାରତଃ, ଆନ୍ତର ପୁରୁଷର ଜ୍ଞାନ ଯେଉଁସବୁ ଉପାଦାନରେ ଗଢ଼ାହୋଇଛି, ବହିର୍ମାନସର ଉପରିସ୍ତରୀୟ ଜ୍ଞାନ ମଧ୍ୟ ଠିକ୍ ସେହିସବୁ ଉପାଦାନରେହିଁ ଗଢ଼ାହୋଇଛି । ମାତ୍ର ଦୁହିଁଙ୍କ ମଧ୍ୟରେ କେବଳ ଏତିକି ଭେଦ ରହିଛି ଯେ ବହିର୍ମୁଖ ଜ୍ଞାନ ହେଉଛି ଏକ ଅସ୍ପଷ୍ଟ ଜ୍ଞାନ, ଆଲୋକ ଓ ଅନ୍ଧାରର ଏକ ମିଶ୍ରଣ ପରି, ତାହା ହେଉଛି ଏକ ଅର୍ଦ୍ଧଅନ୍ଧ ଜ୍ଞାନ । ଏବଂ ଅଧିକ ପ୍ରତ୍ୟକ୍ଷଭାବରେ ଓ ଅଧିକ ଶକ୍ତିସମ୍ପନ୍ନ ସାଧନର ମାଧ୍ୟମରେ ଉପଲବ୍ଧ ହେଉଛି ବୋଲି ଏବଂ ଜ୍ଞାନର ଉପାଦାନସକଳ ସେଥିରେ ଅଧିକତର ଛନ୍ଦୋବଦ୍ଧତା ସହିତ ସୁସଂବଦ୍ଧ ହୋଇ ରହିଛି ବୋଲି ଆନ୍ତର ପୁରୁଷର ଜ୍ଞାନରେ ଅନେକ ଅଧିକ ପରିମାଣରେ ଚେତନା ତଥା ଦୃଷ୍ଟିଗତ ସ୍ୱଚ୍ଛତା ବିଦ୍ୟମାନ ରହିଛି । ଆମ ବ୍ୟାବହାରିକ ଚେତନାରେ ଯେଉଁ ଏକାତ୍ମବୋଧ ଜାତ ହୋଇଥାଏ, ସେଥିରେ ଆମ ଆତ୍ମସତ୍ତାର ଏକ କ୍ଷୀଣ ଏବଂ ଅସ୍ପଷ୍ଟ ବୋଧ ବର୍ତ୍ତମାନ ଥାଏ ଏବଂ ଅନ୍ତରସ୍ଥ ଗତିସ୍ପନ୍ଦନ ସହିତ ସେତେବେଳେ ଆମେ ଅତ୍ୟନ୍ତ ଆଂଶିକ ଭାବରେ ଏକାତ୍ମତା ବୋଧ କରିଥାଉ । ଆନ୍ତର ସତ୍ତାର ଜ୍ଞାନଭୂମିରେ ଏହି ମୂଳ ଅସ୍ପଷ୍ଟ ବୋଧ ଓ ସୀମାବଦ୍ଧ ଅନୁଭୂତିଟି ଗଭୀରତା ଓ ବିସ୍ତାର ଲାଭ କରେ ଏବଂ ଅନ୍ତରସ୍ଥ ସମସ୍ତ ସତ୍ତାଟିର ସ୍ୱାଭାବିକ ପ୍ରତ୍ୟକ୍ଷ ଏବଂ ଅତିସ୍ପଷ୍ଟ ଜ୍ଞାନରେ ପରିଣତ ହୋଇଯାଏ । ଆମେ ସେତେବେଳେ ଅତ୍ୟନ୍ତ ସଚେତ ଭାବରେ ପରିପୂର୍ଣ୍ଣରୂପେ ଆମର ସମସ୍ତ ମନୋମୟ ଏବଂ ପ୍ରାଣମୟ ସତ୍ତାରେ ପ୍ରବେଶ କରି ତାହାକୁ ଅଧିକାର କରିପାରୁ, ଆମର ମନ ଓ ପ୍ରାଣଶକ୍ତିର ସମସ୍ତ ଗତିସ୍ପନ୍ଦନ ମଧ୍ୟରେ ଅପରୋକ୍ଷ ଓ ଅନ୍ତରଙ୍ଗଭାବରେ ପ୍ରବେଶ କରିପାରୁ ଏବଂ ସେଗୁଡ଼ିକୁ ଏକାବେଳକେ ଆଚ୍ଛାଦନ କରିପକାଇଲା ପରି ସେଗୁଡ଼ିକର ପ୍ରତ୍ୟକ୍ଷ ସଂସ୍ପର୍ଶ ଲାଭ କରୁ । ଏହିଠାରେ ପହଞ୍ଚି ଆମର ଅତ୍ୟନ୍ତ ଘନିଷ୍ଠତା ଓ ପରିସ୍ଫୁଟତାର ସହିତ ଆମର ଯାବତୀୟ ସମୂହ ଓ ପରିଣତି ସହିତ ଭେଟ ହୁଏ, ଏବଂ ତାହାଠାରୁ ଅଧିକ ସ୍ୱତନ୍ତ୍ର ଓ ଅଧିକ ବୋଧର ସହିତ ଆମେ ସ୍ୱୟଂ ସେହି ସମୂହରେହିଁ ପରିଣତ ହେଉ, ଆମ ପ୍ରକୃତିର ବର୍ତ୍ତମାନ ସୋପାନଟିର ଭୂମି ଉପରେ ପରମପୁରୁଷର ପରିପୂର୍ଣ୍ଣ ଆତ୍ମପ୍ରକାଶ ସମ୍ଭବ ହୁଏ । ମାତ୍ର ଏହି କ୍ଷେତ୍ରରେ ଜ୍ଞାନଗତ ଏହି ଅନ୍ତରଙ୍ଗତା ସହିତ ପୁରୁଷ ସମ୍ପୂର୍ଣ୍ଣ ନିର୍ଲିପ୍ତ ରହି ମଧ୍ୟ ପ୍ରକୃତିର କ୍ରିୟାଗୁଡ଼ିକୁ ଅବଲୋକନ କରିଥାଏ ବା କରିପାରେ । ଏବଂ ଜ୍ଞାନର ଏହି ଦ୍ୱିବିଧ ସ୍ଥିତି ହେତୁ ଏକ ପରିପୂର୍ଣ୍ଣ ନିୟନ୍ତ୍ରଣ ଓ ପରିପୂର୍ଣ୍ଣ ବୋଧର ଏକ ବୃହତ୍ତର ସମ୍ଭାବନା ମଧ୍ୟ ରହିଥାଏ ବା ରହିପାରେ । ଏଠାରେ ସମ୍ପୂର୍ଣ୍ଣ ନିର୍ଲିପ୍ତ ରହି ବହିଷ୍ଟର ସତ୍ତାର ଯାବତୀୟ

'oaob.nitrkl.ac.in' images reprocessed

ଗତିସ୍ପନ୍ଦନକୁ ଦେଖିବା ମଧ୍ୟ ସମ୍ଭବ ହୁଏ, ମାତ୍ର ସେହି ଦେଖିବା ଭିତରେ ଚେତନାଗତ ଅବଲୋକନର ଏକ ପ୍ରତ୍ୟକ୍ଷତା ବିଦ୍ୟମାନ ରହିଥାଏ ଯାହାଫଳରେ କ ବହିଃସ୍ଥ ଚେତନାଟିର ଆତ୍ମମୋହ ତଥା ଆତ୍ମଗତ ଭୁଲଗୁଡ଼ିକ ବଦୂରତ ହୋଇଯାଏ । ଏଠାରେ ମନୋଗତ ଦୃଷ୍ଟିଟି ମଧ୍ୟ ଅଧିକ ତୀକ୍ଷ୍ଣ ହୋଇଯାଏ, ଆମ ଆଣସ୍ମଗତ ପରିଣତିଟି ସମ୍ବନ୍ଧରେ ଏକ ସ୍ପଷ୍ଟତର ଓ ଯଥାର୍ଥତର ମନୋଗତ ଅନୁଭୂତି ରହିଥାଏ । ଏହି ଦୃଷ୍ଟିମଧ୍ୟରେ ଏକାଧାରରେ ସମଗ୍ର ପ୍ରକୃତିଟିକୁ ଜାଣିବାର, ଆଦେଶ ଦେବାର ଓ ଶାସନ କରିବାର ସାମର୍ଥ୍ୟ ନିହିତ ହୋଇ ରହିଥାଏ । ଏବଂ ଯଦି ଆମ ଭିତରେ ଆମ ଚୈତ୍ୟ ଓ ମନୋଗତ ପ୍ରଦେଶଗୁଡ଼ିକ ଯଥେଷ୍ଟ ଶକ୍ତିସମ୍ପନ୍ନ ହୋଇଥାଏ, ତେବେ ସେହି କ୍ଷେତ୍ରରେ ଆମର ପ୍ରାଣଗତ ଅଂଶଟିକୁ ବଶରେ ଆଣି ତାହାକୁ ଉଚିତ ମାର୍ଗରେ ଚାଳିତ କରିବା ଯେତେଦୂର ସମ୍ଭବ ହୁଏ, ବହିଃସ୍ଥ ମନୋମୟତାର ସ୍ତରରେ ସେପରି ଅତି କ୍ୱଚିତ୍ ସମ୍ଭବ ହୋଇଥାଏ । ଏପରିକି ଶରୀର ଓ ଶାରୀରିକ ଶକ୍ତିଗୁଡ଼ିକର ବୃତ୍ତିକୁ ମଧ୍ୟ ଆପଣା ହାତରେ ନେବାର ସାମର୍ଥ୍ୟ ଏହି ଅନ୍ତର୍ଗତ ମନ ଓ ଅନ୍ତର୍ଗତ ଇଚ୍ଛାଶକ୍ତିଠାରେ ମହଜୁଦ ରହିଥାଏ, ଆତ୍ମା ବା ଚୈତ୍ୟ ସତ୍ତାର ଏକ ଅଧିକ ସ୍ଥିତିସ୍ଥାପକ ସାଧନରୂପେ ସେଗୁଡ଼ିକୁ ବ୍ୟବହାର କରିପାରିବାର ସାମର୍ଥ୍ୟ ମଧ୍ୟ ବର୍ତ୍ତିମାନ ରହିଥାଏ । ମାତ୍ର ଅନ୍ୟପକ୍ଷରେ ମନୋଗତ ଓ ଚୈତ୍ୟ ଅଂଶଗୁଡ଼ିକ ଦୁର୍ବଳ ହୋଇ ପ୍ରାଣଗତ ଅଂଶଟି ଅଧିକ ବଳବାନ ଓ ଅବାଧ୍ୟ ହୋଇଥିଲେ, ଅନ୍ତର୍ପ୍ରାଣ ମଧ୍ୟରେ ପ୍ରବେଶ କରିବା ସଙ୍ଗେସଙ୍ଗେ ଶକ୍ତି ବୃଦ୍ଧି ପାଇଥାଏ ସତ, ମାତ୍ର ଯଥାର୍ଥ ତାରତମ୍ୟ ଗୁଡ଼ିକୁ ଠଉରାଇ ପାରିବା ଓ ନିର୍ଲିପ୍ତ ହୋଇ ଦେଖିପାରିବାର ଶକ୍ତିରେ ଅଭାବ ଆସି ପଡ଼ିଥାଏ । ଆପଣାର ଶକ୍ତି ଓ ବିସ୍ତାରରେ ବୃଦ୍ଧି ପାଇଥିଲେ ମଧ୍ୟ ସେତେବେଳେ ଜ୍ଞାନ ଆବିଳ ହୋଇପଡ଼େ ଓ ଆମକୁ ଭୁଲ ବାଟରେ ଦଉଡ଼ାଇ ନିଏ । ବୁଦ୍ଧିମତ୍ତାର ନିହିତ ଆପଣାକୁ ନିୟନ୍ତ୍ରଣରେ ରଖିବା ପରିବର୍ତ୍ତରେ ସେତେବେଳେ ଏକ ଅନିଶ୍ଚିତ ଓ ଉଚ୍ଛୃଙ୍ଖଳ ଆବେଗପ୍ରାବଲ୍ୟ ଆସି ପଡ଼ିଥାଏ; ଅଥବା ଅହଂକେନ୍ଦ୍ରିତ ଏପରି ଏକ କ୍ରିୟାଶୀଳତାର କବଳରେ ପଡ଼ିବାକୁ ହୁଏ, ଯାହା ଆପଣାକୁ ଅତ୍ୟନ୍ତ କଠୋର ଭାବରେ ଶୃଙ୍ଖଳା ଭିତରେ ବାନ୍ଧି ରଖିଥାଏ, ମାତ୍ର ଭୁଲ ପଥରେ ପରିଚାଳିତ ହେଉଥାଏ । କାରଣ ଅଧିଚେତନ ସ୍ତରରେ ଯେଉଁ ଗତିସ୍ପନ୍ଦନ ହୁଏ, ତାହା ହେଉଛି ତଥାପି ଏକ ଜ୍ଞାନ-ଅଜ୍ଞାନଗତ ଗତିସ୍ପନ୍ଦନ । ଏଥିରେ ଏକ ବୃହତ୍ତର ଜ୍ଞାନ ମହଜୁଦ ରହିଥାଏ ସତ, ମାତ୍ର ସେହିପରି ଏକ ବୃହତ୍ତର ଅହଂର ମଧ୍ୟ ପ୍ରତିଷ୍ଠା ହୋଇପାରେ ବୋଲି ଏକ ବୃହତ୍ତର ଅଜ୍ଞାନ ବି ମହଜୁଦ ଥାଏ । ଏପରି ଘଟେ, କାରଣ ପ୍ରକୃତ ଭାବରେ ଏଠାରେ ଏକ ବୃଦ୍ଧିପ୍ରାପ୍ତ ଆତ୍ମଜ୍ଞାନ ଉପସ୍ଥିତ ଥିଲେ ମଧ୍ୟ ତଥାପି ତାହାକୁ ଏକ ସମଗ୍ର ଜ୍ଞାନ ବୋଲି କଦାପି କହି ହୁଏ ନାହିଁ । ପ୍ରତ୍ୟକ୍ଷ ସମ୍ପର୍କଦ୍ୱାରା ଜ୍ଞାନଲାଭ କରିବାର ଧାରାଟି ଅଧିଚେତନର ମୁଖ୍ୟ ଶକ୍ତିରୂପେ ବାର୍ଥି

'oaob.nitrkl.ac.in' images reprocessed

କରୁଥାଏ, ମାତ୍ର ସେହି ପରିପୂର୍ଣ୍ଣ ଜ୍ଞାନଲାଭ ପାଇଁ ତାହା ତଥାପି ଯଥେଷ୍ଟ ହୁଏ ନାହିଁ । କାରଣ ଏହାଦ୍ୱାରା ହୁଏତ ପରମ ଜ୍ଞାନର ବୃହତ୍ତର ପରିଣତି ତଥା ଶକ୍ତିଗୁଡ଼ିକ ସହିତ ସମ୍ପର୍କ ହୋଇପାରେ, ମାତ୍ର ପରମ ଅଜ୍ଞାନର ବୃହତ୍ତର ପରିଣତି ତଥା ଶକ୍ତିଗୁଡ଼ିକ ସହିତ ବି ସମ୍ପର୍କ ଘଟିପାରେ ।

ମାତ୍ର ଅଧିଚେତନ ସତ୍ତାର ଜଗତ ସହିତ ଏକ ବୃହତ୍ତର ପ୍ରତ୍ୟକ୍ଷ ସମ୍ପର୍କ ମଧ୍ୟ ରହିଛି । ବହିଃସ୍ଥ ମନ ପରି ଅଧିଚେତନ ସତ୍ତା କେବଳ ମନଃପ୍ରାଣଗତ ପ୍ରତିବୋଧ ଏବଂ ବୁଦ୍ଧିଗତ ବିସ୍ତରଣାର ସାହାଯ୍ୟ ନେଇ ଇନ୍ଦ୍ରିୟଦ୍ୱାରା ଗୃହୀତ ପ୍ରତିରୂପ ଓ ଓ ଇନ୍ଦ୍ରିୟଗତ ସ୍ପନ୍ଦନ ମଧ୍ୟରେ ସୀମାବଦ୍ଧ ହୋଇ ରହି ନାହିଁ । ଅଧିଚେତନ ପ୍ରକୃତି ମଧ୍ୟରେ ବସ୍ତୁତଃ ଏକ ଅନ୍ତର୍ଗତ ବୋଧ ରହିଛି; ଦର୍ଶନ, ଶ୍ରବଣ, ସ୍ପର୍ଶ, ଘ୍ରାଣ ଓ ଆସ୍ୱାଦନର ଏକ ଅନ୍ତର୍ଗତ ବୋଧ ରହିଛି । କେବଳ ମାତ୍ର ଆମର ନିକଟପରିବେଶ ମଧ୍ୟରେ ରହିଥିବା ବସ୍ତୁଗୁଡ଼ିକର ପ୍ରତିରୂପ ସୃଷ୍ଟି କରିବାରେ ଏହିସବୁ ବୋଧ ଆପଣାକୁ ସୀମାବଦ୍ଧ କରି ରଖିନାହାନ୍ତି । ଜଡ଼େନ୍ଦ୍ରିୟଗତ ସୀମାବଦ୍ଧ ଆୟତନର ବାହାରେ ରହିଥିବା ବା ଜୀବନାସ୍ତିତ୍ୱର ଅନ୍ୟ ଭୂମି ଓ ଅନ୍ୟ ମଣ୍ଡଳଗୁଡ଼ିକରେ ବିଚରଣ କରୁଥିବା ବସ୍ତୁଗୁଡ଼ିକର ଦର୍ଶନ, ଶ୍ରବଣ ତଥା ସ୍ପର୍ଶଗତ ଏବଂ ଅନ୍ୟାନ୍ୟ ନାନାବିଧ ପ୍ରତିରୂପ ଓ ସ୍ପନ୍ଦନକୁ ମଧ୍ୟ ଚେତନା ସମକ୍ଷରେ ଉପସ୍ଥାପିତ କରିବାର ସାମର୍ଥ୍ୟ ସେମାନଙ୍କର ସବୁବେଳେ ରହିଛି । ଏହି ଅନ୍ତର୍ଗତ ବୋଧ ଆମଲାଗି ଏପରି ସବୁ ପ୍ରତିରୂପ, ଦୃଶ୍ୟ ଅଥବା ଶବ୍ଦର ସୃଷ୍ଟି ଓ ଉପସ୍ଥାପନା କରିପାରିବ, ଯାହାକୁ କି ପ୍ରକୃତରେ ବସ୍ତୁସ୍ଥିତିମୂଳକ ନ କହି ପ୍ରତୀକବାଚକ କହିବାହିଁ ଅଧିକ ଠିକ୍ ହେବ । ଯେଉଁସବୁ ସମ୍ଭାବନା ଏପର୍ଯ୍ୟନ୍ତ ରୂପାୟିତ ହୋଇ ନାହିଁ, ଅନ୍ତର୍ଗତ ବୋଧ ଆମକୁ ସେସବୁର ଖବର ଦେଇଥାଏ । ଅନ୍ୟ କୌଣସି ସତ୍ତା ବା ଜୀବନ ଭାବନା, ଇଚ୍ଛାର ଓ ସଂକଳ୍ପର ବ୍ୟଞ୍ଜନା ଅଥବା ବସ୍ତୁପ୍ରକୃତିଗତ ନାନା ସମ୍ଭାବନାର ପ୍ରତିରୂପକୁ ଆଣି ଚେତନା ସମ୍ମୁଖରେ ଉପସ୍ଥାପିତ କରିପାରେ । ଜଗତରେ ଏଭଳି କିଛି ନାହିଁ, ଯାହାକୁ କି ଏହି ବୋଧ ରୂପଦ୍ୱାରା କଳ୍ପନା କରିପାରିବ ନାହିଁ, ଯାହାକୁ ଦେଖିପାରିବ ନାହିଁ ଅଥବା ଯାହାର ଏକ ଇନ୍ଦ୍ରିୟଗ୍ରାହ୍ୟ ରୂପାୟନ ସୃଷ୍ଟି କରିପାରିବ ନାହିଁ । ଚିନ୍ତାସଂକ୍ରମଣ, ପରଚିତ୍ତଜ୍ଞାନ ଓ ଦୂରଦର୍ଶନ ପ୍ରଭୃତି ଶକ୍ତିଗୁଡ଼ିକ ବସ୍ତୁତଃ ଏହି ଅଧିଚେତନର ଅଟୁ, ବହିଃସ୍ଥ ମନର ନାହିଁ । ଆମର ବହିର୍ମୁଖ ବ୍ୟକ୍ତିତ୍ୱ ଆପଣାର ସ୍ୱତନ୍ତ୍ର ବ୍ୟଷ୍ଟିସ୍ୱରୂପଟିକୁ ସୁରକ୍ଷିତ କରି ରଖିବାର ଅଭିପ୍ରାୟରେ ଆପଣାର ଅଜ୍ଞ ପ୍ରୟାସଦ୍ୱାରା ଆମ ସତ୍ତାର ଅନ୍ତରତର ପ୍ରଦେଶ ଓ ଆପଣା ମଧ୍ୟରେ ଯେଉଁ ପ୍ରାଚୀରଟି ଗଢ଼ିକରି ରଖିଥାଏ, କେବଳ ତାହାର କୌଣସି ଛିଦ୍ର ବା ଫାଟ ମଧ୍ୟ ଦେଇ ଆମର ବହିଶ୍ଚେତନାରେ ଏହିସବୁ ସିଦ୍ଧି ବା ଶକ୍ତିର ପ୍ରକାଶ ସମ୍ଭବ ହୋଇପାରେ । ଅବଶ୍ୟ ଏକଥାଟି ବି ସ୍ମରଣ ରଖିବାକୁ ପଡ଼ିବ ଯେ ଏହିସବୁ ଜଟିଳତା ସକାଶେ ଅଧିଚେତନ ବୋଧର କ୍ରିୟାଟି ଅନେକ ସମୟରେ ଆମକୁ ବଣା

କରି ଦେଇପାରେ ଅଥବା ଭୁଲ୍ ବାଟରେ ବି ପରିଚାଳିତ କରିପାରେ । ଆମର ବହିଃସ୍ଥ ମନ ପାଖରେ ଅଧିଚେତନର କ୍ରିୟାଭୂମିଟି ଅନାବିଷ୍କୃତ ହୋଇ ରହିଥାଏ, ଇଙ୍ଗିତ-ରଚନା ଏବଂ ପ୍ରତୀକବାଚକ ରୂପକଳ୍ପନାର ପଦ୍ଧତିଗୁଡ଼ିକ ତା'ପାଖରେ ସମ୍ପୂର୍ଣ୍ଣ ଅବୋଧ୍ୟ ଥାଏ; ତେଣୁ ସେହି ବହିଃସ୍ଥ ମନ ଯଦି ଆପେ ବାହାରିପଡ଼ି ଅଧିଚେତନ ବୋଧର ଅର୍ଥ କରିବସେ, ତେବେ ସେହିସବୁ ଭ୍ରମାଦିର ଅଧିକ ଆଶଙ୍କା ରହିଥାଏ । ଅଧିଚେତନ ବୋଧର ପ୍ରତିରୂପ ଓ ଅନୁଭବଗୁଡ଼ିକୁ ଯଥାର୍ଥ ଭାବରେ ବିଚାର ଓ ଅର୍ଥ କରି ପାରିବାକୁ ପ୍ରତିବୋଧ, ବିଚକ୍ଷଣତା ଓ ତାରତମ୍ୟ-ଦର୍ଶନକ୍ଷମତାର ଏକ ବୃହତ୍ତର ଅନ୍ତର୍ଗତ ଶକ୍ତି ଆବଶ୍ୟକ ହୋଇଥାଏ । ମାତ୍ର ଏକଥାଟି ତଥାପି ସତ୍ୟ ଯେ ଅଧିଚେତନାର ବୃତ୍ତିଗୁଡ଼ିକ ଆମ ଜ୍ଞାନର ପରିଧିକୁ ଅତି ବିପୁଳ ଭାବରେ ବଢ଼ାଇ ଦିଅନ୍ତି, ଇନ୍ଦ୍ରିୟବଶ୍ୟତାର ଫାଶରେ ଛନ୍ଦିହୋଇ ରହିଥିବା ଆମର ବାହ୍ୟ ଚେତନାଟି ଯେଉଁ ସଙ୍କୀର୍ଣ୍ଣ ପରିସର ମଧ୍ୟରେ ଅବରୁଦ୍ଧ ଓ ସଙ୍କୁଚିତ ହୋଇ ବାସ କରୁଛି, ତାହାକୁ ବହୁଗୁଣରେ ପ୍ରସାରିତ କରିଦେଇ ଯାଆନ୍ତି ।

ମାତ୍ର ଅଧିଚେତନର ସେହି ଶକ୍ତିଟିକୁ ଆମେ ଏହାଠାରୁ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି କହିବା ଯାହାକି ଅନ୍ୟ ଚେତନା ବା ଅନ୍ୟ ବସ୍ତୁଗୁଡ଼ିକ ସହିତ ଏକ ପ୍ରତ୍ୟକ୍ଷ ଚେତନାଗତ ସଂସ୍ପର୍ଶଦ୍ୱାରା ସମ୍ମିଳିତ ହୋଇଥାଏ, ଯାହା ଅନ୍ୟ କୌଣସି ସାଧନର ବିନା ସାହାଯ୍ୟରେ କାର୍ଯ୍ୟ କରେ, ଆପଣାର ସ୍ୱକୀୟ ଉପାଦାନ ମଧ୍ୟରେ ଅନ୍ତର୍ନିହିତ ରହିଥିବା ଏକ ମୂଳଭୂତ ବୋଧ ସହିତ କାର୍ଯ୍ୟ କରେ, ଯାହାର ଏକ ପ୍ରତ୍ୟକ୍ଷ ମନୋଦୃଷ୍ଟି ରହିଥାଏ, ଯିଏ ବସ୍ତୁଗୁଡ଼ିକୁ ଅପରୋକ୍ଷ ଭାବରେ ଅନୁଭବ କରିପାରେ, ଏପରିକି ଏକ ଘନିଷ୍ଠ ଆଚ୍ଛାଦନ ଓ ଅନ୍ତରଙ୍ଗ ଅନ୍ତଃପ୍ରବେଶ ଦ୍ୱାରା କାର୍ଯ୍ୟ କରେ ଏବଂ ଯାହାକୁ ଆଚ୍ଛାଦିତ କରେ ବା ଯାହାର ଅନ୍ତଃପ୍ରବେଶ କରେ, ତାହାର ଅନ୍ତରସ୍ଥିତ ନିଗୂଢ଼ ରହସ୍ୟଟିକୁ ସାଙ୍ଗରେ ଧରି ଫେରି ଆସିପାରେ । ତାହା ମନୋଭୂମିଗତ ଉପାଦାନଟି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଏ ବା ଆପଣାକୁ ତାହାର ସମକ୍ଷରେ ପ୍ରତ୍ୟକ୍ଷ ଭାବରେ ଅନୁଭୂତ କରାଏ; ଏଥିଲାଗି ତାହାକୁ କୌଣସି ବାହ୍ୟ ସଙ୍କେତ କିମ୍ବା ରୂପର ସାହାଯ୍ୟ ନେବାକୁ ପଡ଼େ ନାହିଁ । ମନୋମୟ ଭୂମିଟି ଉପରେ ତାହା ସଚେଅବା ଆପଣାକୁ ଉଦ୍‌ଘାଟିତ କରି ଦେଇପାରି ଆପଣାକୁ ଅନୁଭୂତ କରାଏ ଏବଂ ଆପେ ସଂଯୋଗ-ସ୍ଥାପନର ସମର୍ଥ ହେଉଥିବା ଭଳି ଭାବନାଗତ, ଅନୁଭୂତିଗତ ଓ ଶକ୍ତିଗତ ପ୍ରଭାବ ପକାଏ । ଏହିସବୁ ସାଧନର ସାହାଯ୍ୟରେହିଁ ଅନ୍ତରସ୍ଥ ସତ୍ତା ବ୍ୟକ୍ତି ଓ ବସ୍ତୁସକଳର ଅପରୋକ୍ଷ, ଅନ୍ତରଙ୍ଗ, ଯଥାର୍ଥ ଓ ସ୍ୱତଃସ୍ଫୂର୍ତ୍ତ ଜ୍ଞାନ ଅର୍ଜନ କରିଥାଏ । ଆମକୁ ଘେରି ରହିଥିବା ଓ ଆମର ବ୍ୟକ୍ତିତ୍ୱ, ଶରୀରସତ୍ତା, ମନଃଶକ୍ତି ତଥା ପ୍ରାଣଶକ୍ତି ଉପରେ ଆପଣାର ଅଭିଘାତଗୁଡ଼ିକୁ ଅନୁଭୂତ କରାଉଥିବା ବିଶ୍ୱପ୍ରକୃତିର ଯେଉଁସବୁ ଶକ୍ତି ଆମ ପାଖରେ ରହସ୍ୟମୟ ଓ ଅଦୃଶ୍ୟ ହୋଇ ରହିଛି, ସେହିସବୁର ଜ୍ଞାନ ଅର୍ଜନ

'oaob.nitrkl.ac.in' images reprocessed

କରଥାଏ । ଆମର ଏହି ବହିଃସ୍ଥ ମନୋଭୂମି ଉପରେ ବି ଆମେ ବେଳେବେଳେ ଏକ ଚେତନାର ପରିଚୟ ପାଇଥାଉ, ଯାହାକି ଅନ୍ୟମାନଙ୍କର ଭାବନା ତଥା ଅନ୍ତର୍ଗତ ପ୍ରବୃତ୍ତିଗୁଡ଼ିକୁ ବହୁ ପ୍ରତ୍ୟକ୍ଷ ଭାବରେ ଜାଣିପାରେ, ବା ଦୃଶ୍ୟତଃ କୌଣସି ଇନ୍ଦ୍ରିୟର ସାହାଯ୍ୟ ନ ନେଇ ମଧ୍ୟ ବସ୍ତୁ ଘଟଣାଗୁଡ଼ିକ ସମ୍ବନ୍ଧରେ ସଚେତ ହୋଇପାରେ ଅଥବା ନାନା ଅନ୍ୟ ଉପାୟରେ ଆମ ସାଧାରଣ ଶକ୍ତି ଓ ସାମର୍ଥ୍ୟ ଲାଗି ଅସମ୍ଭବ ବୋଧ ହେଉଥିବା ଆହୁରି କେତେ କେତେ ଶକ୍ତିର ନିୟୋଜନ କରିପାରେ । ମାତ୍ର ସାଧାରଣତଃ ସେତେବେଳେ ଏହିସବୁ ଶକ୍ତି କେବଳ ସାମୟିକ, ଅସ୍ପଷ୍ଟ ଓ ପ୍ରାଥମିକ ଭାବରେହିଁ ପ୍ରକାଶିତ ହୁଏ । ଆମର ଗୋପନ ଅଧିଚେତନ ପୁରୁଷହିଁ ସ୍ୱଭାବତଃ ଏହିସବୁ ଶକ୍ତିର ଅଧିକାରୀ ହୋଇ ରହିଥାଏ, ଏବଂ ତାହାର ଶକ୍ତି ବା କ୍ରିୟା ଯେତେବେଳେ ବାହାରେ ଆସି ଲାଗିଉଠେ, ସେତେବେଳେ ଯାଇ ବହିଃପ୍ରକୃତିରେ ସେଗୁଡ଼ିକର ଉନ୍ମେଷ ଘଟିଥାଏ । ଅଧିଚେତନ ସତ୍ତାର ଯେଉଁସବୁ କ୍ରିୟା ଏହିପରି ଭାବରେ ବାହାରେ ଫୁଟିଉଠି ପାରନ୍ତି, ସେଗୁଡ଼ିକୁ ବା ସେଗୁଡ଼ିକ ମଧ୍ୟରୁ କେତୋଟିକୁ ଚୈତ୍ୟ ପ୍ରସଙ୍ଗର ନାମ ଦିଆଯାଇ ଏବେ ସେଗୁଡ଼ିକର ଆଂଶିକ ଅଧ୍ୟୟନ ଆରମ୍ଭ ହେଲାଣି । ମାତ୍ର ଚୈତ୍ୟସତ୍ତା, ଅନ୍ତରାତ୍ମା ବା ଆମ ମଧ୍ୟରେ ରହିଥିବା ଅନ୍ତରତମ ପୁରୁଷଟି ସହିତ ସାଧାରଣତଃ ଏସବୁର କୌଣସି ସମ୍ବନ୍ଧ ନାହିଁ, ଆମ ଅଧିଚେତନ ସତ୍ତା ମଧ୍ୟରେ ଥିବା ଅନ୍ତର୍ମନ, ଅନ୍ତଃପ୍ରାଣ ଏବଂ ସୂକ୍ଷ୍ମ ଶରୀରର ଅଂଶଗୁଡ଼ିକ ସହିତହିଁ ଏଗୁଡ଼ିକର ସମ୍ବନ୍ଧ ରହିଛି । ମାତ୍ର ସେହିସବୁ ଅଧ୍ୟୟନ ଆମକୁ ଯେଉଁ ସିଦ୍ଧାନ୍ତଗୁଡ଼ିକରେ ଆଣି ଉପନୀତ କରାଇବ, ସେଗୁଡ଼ିକ କଦାପି ଚୂଡ଼ାନ୍ତ କିମ୍ବା ଯଥେଷ୍ଟ ପରିମାଣରେ ପ୍ରଶସ୍ତ ହୋଇପାରିବ ନାହିଁ । କାରଣ ଅନୁସନ୍ଧାନଗତ ଯେଉଁସବୁ ପଦ୍ଧତି, ପ୍ରୟୋଗ ଏବଂ ପ୍ରମାଣଗତ ମାନ ନେଇ ଆମେ ସେହି ଅଧ୍ୟୟନରେ ଅଗ୍ରସର ହୋଇଥାଉ, ସେଗୁଡ଼ିକ ହେଉଛି କେବଳ ବହିଃସ୍ଥ ମନର ପଦ୍ଧତି । ପରୋକ୍ଷ ସଂସ୍ପର୍ଶଦ୍ୱାରା ଯେଉଁ ଜ୍ଞାନ ଲବ୍ଧ ହୋଇଥାଏ, ଏହା କେବଳ ତାହାର ପରିସରର ଅନ୍ତର୍ଗତ । ଏହି ବହିଃସ୍ଥ ମନ ସେଗୁଡ଼ିକୁ ସ୍ୱଭାବତଃ କେବଳ ଅସାଧାରଣ, ଅପ୍ରାକୃତ ବା ଅତିପ୍ରାକୃତ ବୋଲିହିଁ କହିବ, ଏବଂ ଏହିପରି ଏକ ପରିବେଶ ମଧ୍ୟରେ ସେହି ମନର ଭୂମି ଉପରେ ସେଗୁଡ଼ିକ ଯେପରି ଭାବରେ ପ୍ରକଟ ହେବେ, କେବଳ ତାହାରି ଉପରେ ଅବଲମ୍ବନ କରିହିଁ ଆମର ଯାବତୀୟ ଅନ୍ୱେଷଣ ଓ ଅଧ୍ୟୟନ ସମ୍ଭବ ହେବ । ବହିଃସ୍ଥ ମନ ଲାଗି ସେଗୁଡ଼ିକ ସର୍ବଦା ଅପେକ୍ଷାକୃତ ବିରଳ, ଆୟାସସାଧ୍ୟ ଓ ସେଗୁଡ଼ିକର ସଂଘଟନରେ କେବଳ ଅପୂର୍ଣ୍ଣ ହୋଇ ରହିଥିବେ । ମାତ୍ର ଯେତେବେଳେ ଆମେ ବହିଃସ୍ଥ ମନ ଏବଂ ଅନ୍ତର୍ଗତ ଚେତନା ମଧ୍ୟରେ ରହିଥିବା ପାଚେରୀଟିକୁ ଭାଙ୍ଗି ଦେଇପାରିବା, ସେତେବେଳେ ଆଉ ସେହି ବାଧାଟି ରହିବ ନାହିଁ । କାରଣ ଅନ୍ତର୍ଗତ ଚେତନା ଏହିଭଳି ଅନୁଭୂତିସବୁକୁ ସତ୍ୟ ଓ ବାସ୍ତବ ବୋଲି ଗ୍ରହଣ କରିନେବ ।

'oaob.nitrkl.ac.in' images reprocessed

ଅଥବା, ଯେତେବେଳେ ଆମେ ଅବଲୀଳାକ୍ରମେ ଆପଣାର ଅନ୍ତର୍ଦେଶରେ ପ୍ରବେଶ କରି ସେଠାରେ ବାସ କରିପାରିବା, ସେତେବେଳେ ଆମକୁ ଏହି ଉଚ୍ଚତର ଜ୍ଞାନ-ଭୂମିଟିର ଯଥାର୍ଥ ବ୍ୟାଖ୍ୟା ଅତି ସହଜରେ ମିଳିଯିବ, ସେହି ଜ୍ଞାନ ଆମ ସମଗ୍ର ଚେତନାର ଏକ ଅଂଶ ହୋଇ ରହିବ ଏବଂ ଆମର ଉଦ୍‌ବୁଦ୍ଧ ପ୍ରାକୃତ ଶକ୍ତିର କ୍ରିୟାଗତ କ୍ଷେତ୍ରରେ ଅନ୍ତର୍ଗତ ହୋଇ ରହିବ ।

ଯେଉଁ ଅନ୍ୟ ମଣିଷଙ୍କ ସହିତ ଆମର ଜାତିଗତ ଏକରୂପତା ରହିଛି, ଯେଉଁମାନଙ୍କ ଭିତରେ ଠିକ୍ ଆମରି ମନପରି ଏକ ମନ କାର୍ଯ୍ୟ କରୁଛି ଏବଂ ପ୍ରାଣ ଓ ଶରୀରର ଭୂମି ଉପରେ ଯେଉଁମାନେ ଠିକ୍ ଆମରିପରି ଏକ ଛାଞ୍ଚରେ ଗଢ଼ା ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଯଥାର୍ଥରୂପେ ଜାଣିବାଲାଗି ଆମ ବହିଃସ୍ଥ ମନର କ୍ଷେତ୍ରରେ ଆମ ପାଖରେ ଆଉ କୌଣସି ପ୍ରତ୍ୟକ୍ଷ ସାଧନ ନାହିଁ । ହଁ, ଆମେ ମାନବ-ମନ ଓ ମାନବ-ଶରୀର ସମ୍ବନ୍ଧରେ ସାଧାରଣଭାବେ ଏକ ଜ୍ଞାନ ଅର୍ଜନ କରିବାକୁ ବେଶ୍ ସମର୍ଥ ହୋଇପାରିବା ଏବଂ ଆମର ପରିଚିତ ମାନବଜୀବନଗତ ଅନ୍ତର୍ଗତ ଗତିସ୍ପନ୍ଦନଗୁଡ଼ିକର ଅନେକ ନିତ୍ୟବର୍ତ୍ତିମାନ ଓ ବହୁ ଅଭ୍ୟସ୍ତ ବାହ୍ୟ ନିଦର୍ଶନର ସାହାଯ୍ୟରେ ସେହିସବୁ କ୍ଷେତ୍ରରେ ଏହି ଜ୍ଞାନଟିର ପ୍ରୟୋଗ ମଧ୍ୟ କରିପାରିବା । ଅନ୍ୟମାନଙ୍କର ବ୍ୟକ୍ତିଗତ ଚରିତ୍ର ଓ ଅଭ୍ୟାସ ବିଷୟରେ ଆମର ଯେଉଁ ଅଭିଜ୍ଞତା ଅଛି, ଅନ୍ୟମାନଙ୍କୁ ବୁଝିବାରେ ଓ ବିଚାର କରିବାରେ ଅର୍ଜନ କରିଥିବା ଆତ୍ମଜ୍ଞାନଟିକୁ ଆମେ ଯେତିକି ସହଜଜାତ ଓ ସ୍ୱତଃପ୍ରବୃତ୍ତ ଭାବରେ ପ୍ରୟୋଗ କରିପାରୁଛୁ ତଥା ସେମାନଙ୍କର କଥାରୁ ଓ ଆଚରଣରୁ ଆମେ ଯାହା ଯେତେବେଳେ ଅନୁମାନ କରିପାରୁଛୁ ଏବଂ ଆମର ଦେଖିବା ଓ ସହାନୁଭୂତି ସହିତ ଅନ୍ୟମାନଙ୍କର ନିକଟବର୍ତ୍ତୀ ହେବା ବିଷୟରେ ଆମର ଯେତିକି ଅନ୍ତର୍ଦୃଷ୍ଟି ରହିଛି, ଏସବୁ ଦ୍ୱାରା ଆମେ ଆମର ସେହି ସଂକ୍ଷିପ୍ତ ବିଚାରରେ ରହିଥିବା ଅଭାବଗୁଡ଼ିକୁ ମଧ୍ୟ କେତେକ ପରିମାଣରେ ପୂରଣ କରିପାରୁ । ମାତ୍ର ଏଥିରୁ ମିଳୁଥିବା ଫଳ ସର୍ବଦା ଅପୂର୍ଣ୍ଣ ରହିଥାଏ ଏବଂ ଅନେକ ସମୟରେ ଆମକୁ ଭ୍ରମରେ ବି ପକାଇଦିଏ । ଆମ ଅନୁମାନଗୁଡ଼ାକ ପ୍ରାୟ ଅଧିକାଂଶତଃ ପ୍ରମାଦପୂର୍ଣ୍ଣ ବୋଲି ପ୍ରତିପାଦିତ ହୁଏ; କେବଳ ଅନ୍ଦାଜ ଦ୍ୱାରା ବାହ୍ୟ ନିଦର୍ଶନଗୁଡ଼ିକର ଆମେ ଯେଉଁ ଅର୍ଥ କରୁ, ତାହା ମଧ୍ୟ ପ୍ରାୟ ଭୁଲ୍ ହୋଇଯାଏ । ଆମର ସାଧାରଣ ଜ୍ଞାନ ବା ଆତ୍ମଜ୍ଞାନକୁ ନେଇ ଆମେ ଯେଉଁଭଳି କାମରେ ଲଗାଉ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଧରିନପାରିବା ହେତୁ ତାହା ମଧ୍ୟ ବ୍ୟର୍ଥ ହୋଇଯାଏ । ଏପରିକି ଆମେ ଯାହାକୁ ଅନ୍ତର୍ଦୃଷ୍ଟି ବୋଲି କହୁ, ତାହା ମଧ୍ୟ ସମ୍ପୂର୍ଣ୍ଣରୂପେ ନିଶ୍ଚିତ ଓ ବିଶ୍ୱାସଯୋଗ୍ୟ ହୋଇପାରେ ନାହିଁ । ଏପରି କ୍ଷେତ୍ରରେ ପରସ୍ପର ପାଖରେ ସବୁବେଳେ ଅପରିଚିତ ପରଦେଶୀ ପରି ହୋଇ ରହିଥା'ନ୍ତୁ, ଅଥବା ଖୁବ୍ ବେଶୀ ହେଲେ କେବଳ ଏକ ଅତି

'oaob.nitrkl.ac.in' images reprocessed

ଆଂଶିକ ସହାନୁଭବ ଓ ପାରସ୍ପରିକ ଅନୁଭୂତି ଦ୍ୱାରା କେବଳ ଉପରଠାଉରିଆ ଭାବରେ ଗଢ଼ି ଉଠାଇ ରହିଥା'ନ୍ତି । ଅନ୍ୟମାନଙ୍କୁ ଆମେ ଯଥେଷ୍ଟଭାବେ ଜାଣି ନଥାଉ, ଆମ ଆପଣାକୁ ଯେତିକି ଜାଣିଥାଉ, ଅନ୍ୟମାନଙ୍କୁ ସେପରିକି ଆମ ସହିତ ଅତି ନିକଟବର୍ତ୍ତୀ ଓ ଘନିଷ୍ଠ ଭାବରେ ବାସ କରୁଥିବା ଲୋକଙ୍କୁ ମଧ୍ୟ ସେତିକି ଜାଣି ନଥାଉ । ଏବଂ ଆପଣାକୁ ମଧ୍ୟ ଆମେ ପ୍ରକୃତରେ କେତେଟିକିଏ ଜାଣିଥାଉ ! ମାତ୍ର ଅଧିଚେତନ ଅନ୍ତର୍ଗତ ଚେତନାରେ ଆମର ଚାରିପାଖରେ ଆଘାତ ହେଉଥିବା ଭାବନା ଓ ଅନୁଭୂତିଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଜାଣିବା ସମ୍ଭବ ହୁଏ, ସେଗୁଡ଼ିକର ପ୍ରଭାବକୁ ଅନୁଭବ କରିବା ଏବଂ ସେଗୁଡ଼ିକର ଗତିସ୍ପନ୍ଦନଗୁଡ଼ିକୁ ଦେଖିବା ମଧ୍ୟ ସମ୍ଭବ ହୁଏ । ଗୋଟାଏ ମନ ବା ଗୋଟାଏ ହୃଦୟର ପୃଷ୍ଠାଗୁଡ଼ାକୁ ଖୋଲି ପଢ଼ିପାରିବା ଅପେକ୍ଷାକୃତ କମ୍ ଆୟାସସାଧ୍ୟ ହୁଏ, କେବଳ ଏକ ଅନିଶ୍ଚିତ ଦୁଃସାହସ ବୋଲି ଆଦୌ ମନେହୁଏ ନାହିଁ । ଯେଉଁମାନେ ପରସ୍ପରକୁ ଭେଟୁଛନ୍ତି ବା ଏକତ୍ର ବାସ କରୁଛନ୍ତି, ସେମାନଙ୍କ ମଧ୍ୟରେ ଏକ ମନୋଗତ, ପ୍ରାଣଗତ ଓ ସୂକ୍ଷ୍ମଶରୀରଗତ ଆଦାନପ୍ରଦାନ ନିରନ୍ତର ଲାଗି ରହିଛି । କେବଳ କଥା, କାର୍ଯ୍ୟ ଓ ଅନ୍ୟାନ୍ୟ ବାହ୍ୟ ସମ୍ପର୍କର ଇନ୍ଦ୍ରିୟଗ୍ରାହ୍ୟ ପରିଣାମରୂପେ ଯେଉଁଟିର ପ୍ରଭାବ ଓ ଅର୍ଥବ୍ୟଞ୍ଜନା ସେମାନଙ୍କୁ ସ୍ପର୍ଶ କରିପାରୁଛି, ସେମାନେ କେବଳ ସେଇଟିକୁହିଁ ଜାଣୁଛନ୍ତି, ଅନ୍ୟଗୁଡ଼ିକ ବିଷୟରେ ଅନଭିଜ୍ଞ ରହି ଯାଉଛନ୍ତି । ଏହି ଆଦାନପ୍ରଦାନ ଅଧିକାଂଶତଃ ସୂକ୍ଷ୍ମ ଓ ଅଦୃଶ୍ୟଭାବେ ଚାଲିଛି । କାରଣ ତାହା ପରୋକ୍ଷ ଭାବରେ କାମ କରୁଛି, ଆମ ସତ୍ତାର କେବଳ ଅଧିଚେତନ ଅଂଶଗୁଡ଼ିକୁ ସ୍ପର୍ଶ କରିଯାଉଛି, ଏବଂ ସେଇଗୁଡ଼ିକର ମାଧ୍ୟମରେହିଁ ଆମର ବାହ୍ୟ ପ୍ରକୃତିଟିକୁ ସ୍ପର୍ଶ କରୁଛି । ମାତ୍ର ଆପଣାର ଏହି ଅଧିଚେତନ ପ୍ରଦେଶଗୁଡ଼ିକରେ ଆମେ ଯେତେବେଳେ ସଚେତନ ହୋଇଉଠୁ, ସେତେବେଳେ ତତ୍କାଳ ଏହି ସକଳ କ୍ରିୟାପ୍ରତିକ୍ରିୟା ଓ ଅସଂଯତ ଆଦାନପ୍ରଦାନ ଓ ଅନ୍ତଃସମ୍ମିଳନର କ୍ଷେତ୍ରଗୁଡ଼ିକ ବିଷୟରେ ମଧ୍ୟ ଆମେ ସଚେତନ ହୋଇପାରୁ । ପରିଣାମରେ, ଆମକୁ ଆଉ ଅସହାୟ ଭାବରେ ଅଥବା ଅନିଚ୍ଛା ସତ୍ତ୍ୱେ ସେହିସବୁ ଅଭିଘାତକୁ ସହ୍ୟ କରିବାକୁ ପଡ଼େ ନାହିଁ ବା ସେହିସବୁ ଅଭିଘାତର ପରିଣାମ ଭୋଗ କରିବାକୁ ପଡ଼େ ନାହିଁ । ସେତେବେଳେ ଆମେ ଇଚ୍ଛାନୁସାରେ ସେଗୁଡ଼ିକୁ ଗ୍ରହଣ କରିପାରୁ ଅଥବା ବର୍ଜନ କରିପାରୁ, ତାହାର ଆକ୍ରମଣରୁ ଆପଣାକୁ ବଞ୍ଚାଇ ରଖିପାରୁ ଅଥବା ନିଜକୁ ଅଲଗା କରି ରଖିପାରୁ । ଠିକ୍ ସେହିପରି ସେତେବେଳେ ଅନ୍ୟମାନଙ୍କ ପ୍ରତି ମଧ୍ୟ ଆମର କୌଣସି କ୍ରିୟା ଅଜ୍ଞାନପ୍ରଣୋଦିତ ବା ଅନିଚ୍ଛାପ୍ରଣୋଦିତ ଭାବରେ ହୁଏ ନାହିଁ, କିମ୍ବା ଆମର ଅଜ୍ଞାତସାରରେ ବା ଆମର ସେପରି କୌଣସି ଅଭିପ୍ରାୟ ନଥାଇ ତାହା କେବେହେଲେ ଅନ୍ୟ ତାହାର ଲାଗି କଦାପି ଅନିଷ୍ଟକାରକ ହୁଏ ନାହିଁ । ସେତେବେଳେ ଆମେ ସଚେତନ ଭାବରେ ଅନ୍ୟଜଣକୁ ସାହାଯ୍ୟ କରିପାରୁ, ଆମର ପାରସ୍ପରିକ ସମ୍ବନ୍ଧଗତ ଜୀବନସ୍ତ ଅନେକତ

'oaob.nitrkl.ac.in' images reprocessed

ହୋଇ ରହିଥାଏ, ଆପଣାର ହୃଦୟରେ ଅନ୍ୟଜଣଙ୍କୁ ଯଥାର୍ଥ ଭାବରେ ସ୍ଥାନ ଦେବା ମଧ୍ୟ ସମ୍ଭବ ହୁଏ । ସେତେବେଳେ ଏକ ଅନ୍ତର୍ଗତ ବୁଝିବା ଓ ଅନ୍ତର୍ଗତ ଭାବରେ ସମ୍ମିଳିତ ହେବା ସମ୍ଭବ ହୁଏ । ବର୍ତ୍ତମାନ ସ୍ଥିତିରେ ଏହି ଭୂମିରେ ଯେପରି ଆମର ଯାବତୀୟ ମିଳନରେ ଭେଦ ଓ ପାର୍ଥକ୍ୟର ଏକ ଚେତନା ରହିଯାଉଛି, କେବଳ ଏକ ସୀମାବଦ୍ଧ ଅନ୍ତରଙ୍ଗତା ବା ଏକାତ୍ମତା ସମ୍ଭବ ହେଉଛି, ଏସବୁ ଯେପରି ଅନେକ ଭୁଲ ବୁଝିବା ବା ନବୁଝିବା ଦ୍ୱାରା ସଙ୍କୁଚିତ ହୋଇ ରହୁଛି, ଅନେକ ସମୟରେ ଯେପରି ନାନା ଭୁଲ ବୁଝିବାର ବୋଝଦ୍ୱାରା ଭାରାକ୍ରାନ୍ତ ଓ ବିପନ୍ନ ହୋଇ ପଡୁଛି ଏବଂ ପାରସ୍ପରିକ ଭ୍ରମବିସ୍ମରଣ ଓ ଭୁଲଦ୍ୱାରା ଯେପରି ଗ୍ରସ୍ତ ହୋଇ ରହୁଛି, ସେତେବେଳେ ସେପରି ଆଉ କଦାପି ହେବ ନାହିଁ ।

ଆମ ଚାରିପାଖରେ ଆମକୁ ଘେରିକରି ରହିଥିବା ଏହି ଜଗତର ନୈର୍ବ୍ୟକ୍ତିକ ଶକ୍ତିଗୁଡ଼ିକ ସହିତ ଆମର ସମ୍ବନ୍ଧ ଓ କାରବାରରେ ମଧ୍ୟ ସେତେବେଳେ ଏକ ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିବ । ବର୍ତ୍ତମାନ ସେଗୁଡ଼ିକର ପରିଣାମରୁହିଁ ଆମର ସେଗୁଡ଼ିକ ସମ୍ବନ୍ଧରେ ଯାହା ଜ୍ଞାନଲାଭ ହେଉଛି ଓ ସେଗୁଡ଼ିକର ଦୃଶ୍ୟ କ୍ରିୟା ଓ ଦୃଶ୍ୟ ପରିଣାମଗୁଡ଼ିକରୁ ଆମେ ଯନ୍ତ୍ରକଳ୍ପିତ ଧାରଣା କରି ପାରୁଛୁ ମାତ୍ର । ସେଗୁଡ଼ିକ ମଧ୍ୟରୁ ପ୍ରଧାନତଃ ଜଡ଼ଜାଗତିକ ଶକ୍ତିଗୁଡ଼ିକ ବିଷୟରେହିଁ ଆମର ପ୍ରକୃତରେ କିଛି ଜ୍ଞାନ ରହିଛି । ମାତ୍ର ବାସ୍ତବ କ୍ଷେତ୍ରରେ ଆମକୁ ନିରନ୍ତର କେତେକେତେ ଅଦୃଶ୍ୟ ମାନସଶକ୍ତି ଓ ପ୍ରାଣଶକ୍ତିର ଏକ ଭଉଁରୀ ମଝିରେହିଁ ବାସ କରିବାକୁ ପଡ଼ୁଛି, ଯେଉଁମାନଙ୍କ ସମ୍ବନ୍ଧରେ କି ଆମର ଆଦୌ କୌଣସି ଜ୍ଞାନ ନାହିଁ । ଏଭଳି ଶକ୍ତିସବୁ ପ୍ରକୃତରେ ଅଛନ୍ତି କି ନାହିଁ, ଆମେ ସେକଥା ମଧ୍ୟ ଜାଣି ନାହୁଁ । ଅଧିଚେତନ ଭୂମିରେ ଅବସ୍ଥିତ ହେଲେ ଅନ୍ତର୍ଗତ ଚେତନାର ଅଦୃଶ୍ୟ ଗତିସ୍ପନ୍ଦନ ଓ କ୍ରିୟାଶକ୍ତିହିଁ ଏହିସବୁ ରାଜ୍ୟମଧ୍ୟକୁ ଆମର ଜ୍ଞାନକୁ ଉନ୍ମୋଚିତ କରିଦେଇ ପାରିବ । କାରଣ ଏକ ଅପରୋକ୍ଷ ସମ୍ପର୍କଦ୍ୱାରା ଅଧିଚେତନ ଏସବୁ ଜାଣିବାକୁ ସମର୍ଥ ହୋଇଥାଏ । ଅନ୍ତର୍ଗତ ଦୃଷ୍ଟି ଓ ଚୈତ୍ୟସ୍ପର୍ଶ ଗ୍ରହଣଶୀଳତା ଦ୍ୱାରା ତାହା ଏସବୁ ଜାଣିଥାଏ । ମାତ୍ର ଆମର ବର୍ତ୍ତମାନ ପର୍ଯ୍ୟାୟଟିରେ ଅଧିଚେତନ ଜ୍ଞାନର ଏହି ଆଲୋକ କେବଳ ଏକ ଅବ୍ୟାଖ୍ୟାତ ପୂର୍ବାଭାସରୂପେହିଁ ଆମର ସ୍ଥୂଳବୁଦ୍ଧି ଓ ବହିର୍ମୁଖୀ ଚେତନା ଭିତରେ ଦେଖା ଦେଇପାରେ । ଆମକୁ କୌଣସି ବିଷୟରେ ସତର୍କ କରିଦେଇ, ଆମକୁ ଆକର୍ଷିତ ଓ ବିକର୍ଷିତ କରି ଅଥବା ଏକ ଇଙ୍ଗିତ, ଏକ ଭାବନା କିମ୍ବା ଅସ୍ପଷ୍ଟ ପ୍ରତିବୋଧରୂପେ ଏହା ଆପଣାକୁ ଅନୁଭୂତ କରିପାରେ । ସେହି ଆଲୋକର କେବଳ ଏକ ଅତ୍ୟଳ୍ପ ଅଂଶହିଁ ବଡ଼ ଅପୂର୍ଣ୍ଣ ଭାବରେ ଏଠି ଏହି ଉପରିଭାଗ ଯାଏ ପହଞ୍ଚିପାରେ । ଏହିସବୁ ବିଶ୍ୱଗତ ଶକ୍ତିଗୁଡ଼ିକର ପ୍ରତ୍ୟକ୍ଷ ଅଭିପ୍ରାୟ ଓ ଗତିସ୍ପନ୍ଦନ ସହିତ ଅନ୍ତର୍ଗତ

'oaob.nitrkl.ac.in' images reprocessed

ସତ୍ତାର ଯେ କେବଳ ପ୍ରତ୍ୟକ୍ଷ ଓ ବାସ୍ତବ ସମ୍ପର୍କ ଘଟୁଛି ଓ ସେଗୁଡ଼ିକର ଉପସ୍ଥିତ ସକଳ କ୍ରିୟାକୁ ତାହା ଯେ କେବଳ ପ୍ରତ୍ୟକ୍ଷ ଭାବରେ ଅନୁଭବ କରିପାରୁଛି ତାହା ନୁହେଁ, ମାତ୍ର ପରବର୍ତ୍ତୀ କାଳରେ ସେଗୁଡ଼ିକ କେଉଁଠି କିପରି କାର୍ଯ୍ୟ କରିବେ, ତାହାକୁ ଏଇଠୁ ଆଇ ଦେଖିବାକୁ ଓ ସେହି ବିଷୟରେ ଭବିଷ୍ୟବାଣୀ କରିବାକୁ ମଧ୍ୟ କିଛିତ୍ ପରିମାଣରେ ସମର୍ଥ ହେଉଛି । ଆମର ଅଧିଚେତନ ପ୍ରଦେଶରେ କାଳରୂପୀ ପ୍ରତିବନ୍ଧକଟିକୁ ପାରହୋଇ ଯିବାର ଏକ ବୃହତ୍ତର ଶକ୍ତି ନିହିତ ରହିଛି । ଯାହାସବୁ ଏପର୍ଯ୍ୟନ୍ତ ଘଟି ନାହିଁ ଅଥଚ ଭବିଷ୍ୟତରେ ଘଟିବାକୁ ଯାଉଛି, ଏବଂ ଯାହାସବୁ ଘଟିବାକୁ ଏପର୍ଯ୍ୟନ୍ତ ଅନେକ ଡେରି ଅଛି, ଅଧିଚେତନ ସେଗୁଡ଼ିକର ଗନ୍ଧ ବାରିପାରୁଛି ବା ଅନୁଭବ କରିପାରୁଛି । ଏକଥା ସତ ଯେ ଅଧିଚେତନର ଭୂମିରେ ଯେଉଁ ପ୍ରକାର ଜ୍ଞାନଟି ରହିଥାଏ, ତାହା ଆଦୌ ପରିପୂର୍ଣ୍ଣ ନୁହେଁ; କାରଣ ସେଠାରେ ତାହା ବିଦ୍ୟା ଓ ଅବିଦ୍ୟାର ଏକ ସମ୍ମିଶ୍ରଣରୂପେହିଁ ଅବସ୍ଥିତ ଥାଏ । ତା'ପାଖରେ ଯଥାର୍ଥ ଓ ଅଯଥାର୍ଥ ଉଭୟ ବୋଧର ସାମର୍ଥ୍ୟ ମହଜୁଦ ରହିଥାଏ । କାରଣ ଏହା ତାଦାତ୍ମ୍ୟ-ଜ୍ଞାନର ଧାରଟିକୁ ଅନୁସରଣ କରି କାର୍ଯ୍ୟ କରେ ନାହିଁ, କେବଳ ପ୍ରତ୍ୟକ୍ଷ ସମ୍ପର୍କଦ୍ୱାରା ଲବ୍ଧ ଏକ ଜ୍ଞାନକୁ ଅବଲମ୍ବନ କରି କାର୍ଯ୍ୟ କରୁଥାଏ । ଏବଂ ଏହି ଜ୍ଞାନରେ ଭେଦଦର୍ଶନର ଅବଶେଷ ରହିଥାଏ; ଅବଶ୍ୟ ଏକଥା ସତ ଯେ ତଦାତ୍ମକ ନହୋଇ ପୃଥକ୍ ରହିଥିଲେ ମଧ୍ୟ ଆମ ବହିଃପ୍ରକୃତିରେ ଅବଗତ ଯାବତୀୟ ଜ୍ଞାନର ତୁଳନାରେ ଏଥିରେ ଅଧିକ ଅନ୍ତରଙ୍ଗତା ଥାଏ । ମାତ୍ର ଆମର ଅନ୍ତର୍ଗତ ମନୋଗତ ଓ ପ୍ରାଣଗତ ପ୍ରକୃତିରେ ଏକ ବୃହତ୍ତର ଅଜ୍ଞାନ ତଥା ଏକ ବୃହତ୍ତର ଜ୍ଞାନ ଉଭୟଙ୍କି ସକାଶେ ଯେପରି ଏକ ବିମିଶ୍ରିତ ସାମର୍ଥ୍ୟ ମହଜୁଦ ରହିଛି, ଏହି ଭୂମିର ଆହୁରି ପଛକୁ ଓ ଆହୁରି ଗଭୀରକୁ ଯାଇ ଚୈତ୍ୟସତ୍ତାରେ ଉପନୀତ ହୋଇପାରିଲେ ଆମେ ତାହାର ଅବଶ୍ୟ ଏକ ପ୍ରତିକାର କରିପାରିବା । ଏହି ଚୈତ୍ୟସତ୍ତାହିଁ ଆମର ବ୍ୟକ୍ତି-ପ୍ରାଣ ତଥା ବ୍ୟକ୍ତି-ଶରୀରର ଆଶ୍ରୟରୂପେ କାର୍ଯ୍ୟ କରୁଛି । ଏହି ଚୈତ୍ୟସତ୍ତାର ପ୍ରତିନିଧିତ୍ୱ କରି ଆମ ଭିତରେ ଏକ ଅନ୍ତରାତ୍ମାଗତ ବ୍ୟକ୍ତିତ୍ୱ ମଧ୍ୟ ଗଠିତ ହୋଇ ରହିଛି, ଯାହାକି ଆମର ପ୍ରାକୃତ ସତ୍ତା ମଧ୍ୟରେ ଏକ ସୂକ୍ଷ୍ମ ଚୈତ୍ୟଭୂମିଗତ ଉପାଦାନକୁ ନିହିତ କରି ରଖିଛି । ମାତ୍ର ଆମର ନିତ୍ୟନୈମିତ୍ତିକ ଜୀବନରଚନାର କ୍ଷେତ୍ରରେ ଏହି ସୂକ୍ଷ୍ମତର ଉପାଦାନଟି ଏପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ଏକ ଉପାଦାନରୂପେ କାର୍ଯ୍ୟ କରି ନାହିଁ, ଏହାର କ୍ରିୟା ବର୍ତ୍ତମାନ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଛି । ଆମର ଆତ୍ମା ଏପର୍ଯ୍ୟନ୍ତ ପ୍ରକାଶ୍ୟ ଭାବରେ ଆମ ଭାବନା ଓ କ୍ରିୟାର ମାର୍ଗଦର୍ଶକ ଓ ନିୟାମକରୂପେ ପ୍ରତିଷ୍ଠିତ ହୋଇ ନାହିଁ । ଆପଣାର ପ୍ରକାଶଲାଗି ଏହାକୁ ତଥାପି ମନୋଗତ, ପ୍ରାଣଗତ ତଥା ଶରୀରଗତ ସାଧନଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ୁଛି, ଏବଂ ଆମର ମନ ଓ ଆମର ପ୍ରାଣ ଆପଣାର ଶକ୍ତିଦ୍ୱାରା ତାହାକୁ ବାରବାର ବାବୁ କରି ରଖୁଛନ୍ତି । ମାତ୍ର

'oaob.nitrkl.ac.in' images reprocessed

ଏହି ଆତ୍ମା ଯେତେବେଳେ ଆପଣାର ବୃହତ୍ତର ନିଗୂଢ଼ ସତ୍ତ୍ୱଟି ସହିତ ନିରନ୍ତର ସମ୍ମିଳିତ ହୋଇ ରହିବାରେ ସଫଳ ହୋଇପାରିବ, ତେବେ ତାକୁ ଆଉ ଏପରି ନିର୍ଭରଶୀଳ ହୋଇ ରହିବାକୁ ପଡ଼ିବ ନାହିଁ । ଏବଂ ଗଭୀରକୁ ଯାଇ ଆମର ଅଧିଚେତନ ପ୍ରଦେଶ ମଧ୍ୟରେ ପ୍ରବେଶ କରିପାରିଲେ ଯାଇ ତାହା ସମ୍ଭବ ହେବ । ସେତେବେଳେ ତାହା ସାର୍ବଭୌମ ଶକ୍ତି ହାସଲ କରିବ, ବସ୍ତୁଗତ ସତ୍ତ୍ୱର ଏକ ଅନ୍ତର୍ଗତ ଆଧ୍ୟାତ୍ମିକ ବୋଧଦ୍ୱାରା ସତତ ସମନ୍ୱିତ ହୋଇ ରହିପାରିବ । ସେତେବେଳେ ଅତି ସ୍ୱତଃସ୍ଫୂର୍ତ୍ତ ଭାବରେ ତା'ଠାରେ ଏକ ବିବେଚନାଶକ୍ତି ଆସିବ, ଯାହାଦ୍ୱାରା କି ସେ ସେହି ସତ୍ୟଟିକୁ ଅଜ୍ଞାନ ଓ ଅଚେତନତାର ଯାବତୀୟ ମିଥ୍ୟାରୁ ପୃଥକ୍ କରି ରଖିପାରିବ, ଈଶ୍ୱର ଏହି ପରିପ୍ରକାଶରେ ଦିବ୍ୟକୁ ଅଦିବ୍ୟଠାରୁ ପୃଥକ୍ କରି ଦେଖିପାରିବ । ଏହି ସାମର୍ଥ୍ୟଟିକୁ ହାସଲ କରି ସେ ସେତେବେଳେ ଆମ ପ୍ରକୃତିର ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ଜ୍ୟୋତିର୍ମୟ ନିୟାମକ ହୋଇ ବସିବ । ଏହି ମହାନ୍ ଘଟଣାଟି ଘଟିବା ସହିତ ଆମର ଯାତ୍ରାପଥରେ ଏପରି ଏକ ମୋଡ଼ ବୁଲିଯିବାର ମୁହୂର୍ତ୍ତ ଆସି ପହଞ୍ଚିବ, ଯାହାକି ଆମକୁ ଏକ ସମଗ୍ର ଓ ସମୂଳ ରୂପାନ୍ତର ତଥା ଏକ ସମଗ୍ର ଜ୍ଞାନର ଅଧିକାର ଆଡ଼କୁ ଅଗ୍ରସର କରାଇନେବ ।

ଏହିସବୁ ହେଲା ଅଧିଚେତନ ଜ୍ଞାନର ଗତିଶୀଳ କ୍ରିୟା ଓ ବ୍ୟାବହାରିକ ମୂଲ୍ୟ । ମାତ୍ର ଆମର ଏହି ଆଲୋଚନାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଯେ ଆମେ ଏହାର କ୍ରିୟାରୀତିରୁ ଏହି ଗଭୀରତର ଓ ବୃହତ୍ତର ଜ୍ଞାନଟିର ଯଥାର୍ଥ ପ୍ରକୃତିଟିକୁ ଜାଣିବା ଏବଂ ଯଥାର୍ଥ ଜ୍ଞାନ ସହିତ ଏହାର କିଭଳି ସମ୍ବନ୍ଧ ରହିଛି, ତାହାର ନିରୂପଣ କରିବା । ଏହାର ସର୍ବପ୍ରଧାନ ପ୍ରବୃତ୍ତି ହେଲା ଯେ ଆପଣାର ବସ୍ତୁଟି ସହିତ ଚେତନାଗତ ପ୍ରତ୍ୟକ୍ଷ ସଂସ୍ପର୍ଶଦ୍ୱାରା ଏହି ଜ୍ଞାନଟି ଉପଲବ୍ଧ ହୋଇଥାଏ, ଅର୍ଥାତ୍ ଚେତନା ସହିତ ଅନ୍ୟ ଚେତନାଗୁଡ଼ିକର ପ୍ରତ୍ୟକ୍ଷ ସଂସ୍ପର୍ଶ ଘଟି ଏହି ଜ୍ଞାନ ସମ୍ଭବ ହୁଏ । ମାତ୍ର ସର୍ବଶେଷରେ ଆମେ ଏହି ଜ୍ଞାନଟିକୁ ଏକ ପ୍ରଚ୍ଛନ୍ନ ତାଦାତ୍ମ୍ୟଜ୍ଞାନର ପରିଣାମ ବୋଲି ଆବିଷ୍କାର କରିଥାଉ, ସେହି ଜ୍ଞାନର ଏକ ତର୍ଜମା କରିହିଁ ଆମେ ବସ୍ତୁଗୁଡ଼ିକର ଭେଦଜ୍ଞାନଟିକୁ ଲାଭ କରିଥାଉ । ଆମର ଏଯାବତ୍ ସ୍ୱାଭାବିକ ଚେତନା ତଥା ଉପରିସ୍ତରସ୍ଥ ଜ୍ଞାନ-କ୍ଷେତ୍ରରେ ବସ୍ତୁଗୁଡ଼ିକ ସହିତ ଆମର ପରୋକ୍ଷ ସମ୍ପର୍କ ଘଟିଲାବେଳେ ଯେପରି ଜୀବସତ୍ତ୍ୱ ସହିତ ତାହାର ବାହାରେ ଅବସ୍ଥିତ ରହିଥିବା ପଦାର୍ଥର ମିଳନ ବା ଆଘାତଦ୍ୱାରା ସଚେତନ ଜ୍ଞାନର ସ୍ଫୁଲିଙ୍ଗ ଜାଗ୍ରତ ହୋଇ ଉଠିଥାଏ, ସେହିପରି ଏଠାରେ ମଧ୍ୟ କୌଣସି ଏକ ସମ୍ପର୍କ ଆଗରୁ ବିଦ୍ୟମାନ ରହିଥିବା ଏକ ପ୍ରଚ୍ଛନ୍ନ ଜ୍ଞାନକୁ କ୍ରିୟାଶୀଳ କରିଦିଏ ଏବଂ ତାହାକୁ ଉପରିସ୍ତରକୁ ବାହାର କରି ନେଇଆସେ । କାରଣ ଏଠି ଆତ୍ମର ଓ ବସ୍ତୁର ଉଭୟର କ୍ଷେତ୍ରରେ ଏକ ଅଭିନ୍ନ ଓ ଏକରୂପ ଚେତନାହିଁ ମହଜୁଦ ଥାଏ ଏବଂ ସତ୍ତା ସହିତ ସତ୍ତାର ସମ୍ପର୍କ ଘଟିବାଦ୍ୱାରା ଏହି ଏକରୂପତା ଆତ୍ମା ମଧ୍ୟରେ

'oaob.nitrkl.ac.in' images reprocessed

ତାହାର ବାହାରେ ଅବସ୍ଥିତ ଏହି ଅନ୍ୟ ଆତ୍ମାଟିର ସୁପ୍ତଜ୍ଞାନକୁ ପ୍ରକାଶ କରିଦିଏ ବା ଜାଗ୍ରତ କରେ । ଏହି ପ୍ରାକ୍‌ସିଦ୍ଧ ବା ପୂର୍ବରୁ ଅବସ୍ଥିତ ଜ୍ଞାନଟି ଏକ ଉପାର୍ଜିତ ଜ୍ଞାନର ରୂପ ଧରି ବହିଃସ୍ଥର ମନର କ୍ଷେତ୍ରକୁ ଆସିଥାଏ ସତ, ମାତ୍ର ଅଧିଚେତନ ଭୂମିରେ ତାହା ଏକ ଦୃଷ୍ଟ ବସ୍ତୁ ପରି ଆବିର୍ଭୂତ ହୁଏ, ଭିତରୁ ଉପଲବ୍ଧ ଓ ସଚେତଅବା ସ୍ମୃତିର ଏକ ଜାଗରଣରୂପେ ପ୍ରସ୍ଫୁଟିତ ହୋଇଉଠେ । ଅଥବା, ଯେତେବେଳେ ଏଥିରେ ପ୍ରତିବୋଧଶକ୍ତି ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁଥାଏ, ସେତେବେଳେ ଅନ୍ତର୍ଗତ ଚେତନା ପାଖରେ ତାହା ସ୍ୱତଃସିଦ୍ଧ ବା ସ୍ୱପ୍ରକାଶରୂପେ ଦେଖାଦେଇଥାଏ । ଅଥବା, ବସ୍ତୁର ସଂସ୍ପର୍ଶରୁ ତାହା ଅନ୍ତର ଭିତରକୁ ଆଗତ ହୋଇ ଆସେ, ମାତ୍ର ତତ୍‌କ୍ଷଣାତ୍ ତାହାର ପ୍ରତିକ୍ରିୟାକ୍ଷେତ୍ରରେ ଅନ୍ତରଙ୍ଗରୂପେ ସୃଷ୍ଟି ହେଉଥିବା କୌଣସି ଏକ ଆକାରରେ ପ୍ରକାଶିତ ହୁଏ । ଆମର ବାହ୍ୟ ଚେତନାରେ ଯାବତୀୟ ଜ୍ଞାନ ସୃଷ୍ଟ ସତ୍ୟର ରୂପ ଧରି ପ୍ରତିଭାତ ହୋଇଥାଏ; ମନେହୁଏ ସତେଯେପରି ତାହା ବସ୍ତୁଠାରୁ ଆସି ଆମ ଉପରେ ପ୍ରକ୍ଷିପ୍ତ ହିଁ ହୋଇଛି ଅଥବା ବସ୍ତୁଟି ସହିତ ଇନ୍ଦ୍ରିୟର ଘଟିଥିବା ସଂସ୍ପର୍ଶଟିରୁ ଏକ ପ୍ରତିକ୍ରିୟାରୂପେ ବସ୍ତୁଟିର ବାସ୍ତବ ରୂପର ଏକ ଧାରଣାଗତ ପ୍ରତିରୂପହିଁ ଆମ ଆଗରେ ଆସି ଦେଖାଦେଇଛି । ଆମର ଉପରିସ୍ଥ ମନ ଆପଣା ପାଖରେ ସେ ଲାଭ କରିଥିବା ଜ୍ଞାନର କେବଳ ଏହିପରି ଗୋଟିଏ ବ୍ୟାଖ୍ୟା ଦେବାକୁ ବାଧ୍ୟ ହୋଇଥାଏ, କାରଣ ଆପଣାର ଇନ୍ଦ୍ରିୟରୂପୀ ଦ୍ୱାରଗୁଡ଼ିକ ଦେଇହିଁ ସେ ଜଗତ ଓ ତାହାର ମଝିରେ ଠିଆ ହୋଇଥିବା ପ୍ରାଚୀରଟିକୁ ଭେଦ କରିବାକୁ ସମର୍ଥ ହୁଏ, ଏବଂ ଏହିସବୁ ଦ୍ୱାରର ମାଧ୍ୟମରେ ସେ ବାହାରେ ରହିଥିବା ବସ୍ତୁଗୁଡ଼ିକର ବହିଃଆକାର-ଗୁଡ଼ିକୁ ଦେଖିପାରେ । ମାତ୍ର ସେଗୁଡ଼ିକର ଅନ୍ତର୍ଦେଶରେ ଯାହା ଅବସ୍ଥିତ ରହିଛି, ସେଇଟିକୁ ଦେଖିପାରେ ନାହିଁ । ମାତ୍ର ତାହାର ନିଜସ୍ୱ ଅନ୍ତର୍ଗତ ସତ୍ତା ଓ ତା' ନିଜ ମଧ୍ୟରେ ଆଗରୁ ମହଜୁଦ ରହିଥିବା ସେପରି କୌଣସି ଦ୍ୱାର ନ ଥାଏ । କାରଣ ତା'ର ଗଭୀରତର ସତ୍ତାଟି ଭିତରେ ପ୍ରକୃତରେ କ'ଣ ଘଟିତ ରହିଛି, ସେଇଟିକୁ ଦେଖିବା ଲାଗି ସେ ଆଦୌ ସମର୍ଥ ହୁଏ ନାହିଁ; ଭିତରୁ ଉଠି ଆସୁଥିବା ଜ୍ଞାନର ପ୍ରତିକ୍ରିୟାଟିକୁ ମଧ୍ୟ ସେ ଆଦୌ ଲକ୍ଷ୍ୟ କରିପାରେ ନାହିଁ । ତେଣୁ ତା'ର ଆଖିରେ କେବଳ ଯେତିକ ପଡ଼େ ସେତିକ ଗ୍ରହଣ କରିବା ବ୍ୟତୀତ ଆଉ ତା'ପାଖରେ କୌଣସି ବାଟ ନ ଥାଏ, ବହିଃସ୍ଥ ବସ୍ତୁଗୁଡ଼ିକୁହିଁ ସେ ଆପଣାର ସକଳ ଜ୍ଞାନର କାରଣରୂପେ ଗ୍ରହଣ କରିନିଏ । ତେଣୁ ମନର ଭୂମି ଉପରେ ଆମେ ଯେତେ ଯାହା ଜାଣୁ, ଆମକୁ ତାହା ବସ୍ତୁଗତ ବା ବହିଃସ୍ଥ ଜ୍ଞାନରୂପେହିଁ ପ୍ରତୀତ ହୋଇଥାଏ, ବାହାରୁ ଆଣି ଆମ ଉପରେ ଲଦି ଦିଆଯାଇଥିବା ଏକ ସତ୍ୟପରି ପ୍ରତୀତ ହୋଇଥାଏ । ଆମ ନିଜ ସତ୍ତାର ଅନ୍ତର୍ଗତ ହୋଇ ରହିନଥିବା ଏକ ବୃକ୍ଷ, ଏକ ତାରା ଅଥବା ଏକ ମନୋଗତ ଯୋଜନାକୁ ଆମ ଭିତରେ ପ୍ରତିବିମ୍ବିତ କରିଥିବା ଏକ ପ୍ରତିଫଳନ ଅଥବା ପ୍ରତିକ୍ରିୟାଗତ ସଂରଚନାକୁହିଁ ଆମେ ଜ୍ଞାନ ବୋଲି

'oaob.nitrkl.ac.in' images reprocessed

ଜନ୍ତୁ । ବସ୍ତୁତଃ ଜ୍ଞାନ ହେଉଛି ସଂସ୍ପର୍ଶରୁ ଜାତ ହେଉଥିବା ଏକ ଗଭୀରତର ଓ ଗୋପନ ପ୍ରତିକ୍ରିୟା । ଏହି ପ୍ରତିକ୍ରିୟା ସର୍ବଦା ଆମର ଅନ୍ତର୍ଦ୍ଦର୍ଶନବୁଦ୍ଧି ଆସୁଥାଏ, ସେଇଠାରୁହିଁ ବସ୍ତୁ ବା ବିଷୟ ସମ୍ପର୍କରେ ଏକ ଅନ୍ତର୍ଗତ ଜ୍ଞାନ ଉତ୍କ୍ଷିପ୍ତ ହୋଇ ଆସେ । କାରଣ ବିଷୟକୁ ମଧ୍ୟ ଆମେ ଯଥାର୍ଥତଃ ଆମ ବୃହତ୍ତର ଆତ୍ମାର ଅନ୍ତର୍ଗତ ଏକ ଅଂଶ ବୋଲି ଜାଣିବା । ମାତ୍ର ଆମର ଅନ୍ତରାତ୍ମା ଓ ଅବିଦ୍ୟାଚ୍ଛନ୍ନ ବହିସ୍ତର ଆତ୍ମାଟିର ମଝିରେ ଯେପରି ଏକ ପାଚେରି ଠିଆ ହୋଇ ରହିଛି, ସେହିପରି ଏହି ବହିସ୍ତର ଆତ୍ମା ଓ ଆମେ ସଂସ୍ପର୍ଶରେ ଆସୁଥିବା ବାହ୍ୟବସ୍ତୁଟି ମଧ୍ୟରେ ବି ଗୋଟିଏ ପାଚେରି ରହିଛି । ଏହି ଦୁଇଟିଯାକ ପାଚେରିର ଅନ୍ତରାୟ ରହିଥିବା ହେତୁ ଅନ୍ତରସ୍ଥ ସତ୍ୟଜ୍ଞାନର କେବଳ ଅତି ଅପୂର୍ଣ୍ଣ ଏକ ପ୍ରତିରୂପ ବା ପ୍ରତିମୂର୍ତ୍ତିହିଁ ଆମ ବାହ୍ୟମନର ଭୂମି ଉପରେ ଫୁଟି ଉଠଥାଏ ।

ବ୍ୟକ୍ତିସ୍ୱବାପନ୍ନତାର ସୀମାଗୁଡ଼ିକୁ ଲଙ୍ଘିଦେଇ ଯେତେବେଳେ ଅନ୍ତର୍ଗତ ଅଧିଚେତନ ସତ୍ତା ଉପରିସ୍ତରରେ ବିଚରଣ କରୁଥିବା ଆମର ଏହି ମନଟିକୁ ସଙ୍ଗରେ ଧରି ବିଶ୍ୱଚେତନାର କ୍ଷେତ୍ରରେ ପ୍ରବେଶ କରେ, ସେତେବେଳେ ଆମର ବର୍ତ୍ତମାନର ବହିର୍ମନ ପାଖରେ ଅସ୍ପଷ୍ଟ ଓ ଅପ୍ରତ୍ୟକ୍ଷ ହୋଇ ରହିଥିବା ଏହି ଯୋଗସୂତ୍ର ଅଥବା ଆମ ଜ୍ଞାନଲାଭର ଏହି ନିଗୂଢ଼ ପଦ୍ଧତିଟି ସ୍ପଷ୍ଟ ଓ ପ୍ରତ୍ୟକ୍ଷ ହେବାକୁ ଆରମ୍ଭ କରେ । ଆମ ସତ୍ତାର ସୂକ୍ଷ୍ମତର କୋଷଗୁଡ଼ିକ ଦ୍ୱାରା, ଆମର ମନୋମୟ, ପ୍ରାଣମୟ ତଥା ଅନ୍ନମୟ କୋଷଦ୍ୱାରା ପରିସୃଷ୍ଟ ହୋଇ ରହିଥିବା ଏକ ସୀମାବଦ୍ଧତାର ମାଧ୍ୟମରେ ଅଧିଚେତନ ସତ୍ତା ବିଶ୍ୱସତ୍ତାଠାରୁ ପୃଥକ୍ ହୋଇ ରହିଛି; ସ୍ଥୂଳ ଭୌତିକ କୋଷ ଅଥବା ଏହି ଦେହଟିଦ୍ୱାରା ଆମର ବହିଃପ୍ରକୃତି ଯେପରି ବିଶ୍ୱପ୍ରକୃତିଠାରୁ ପୃଥକ୍ ହୋଇ ରହିଛି, ଠିକ୍ ସେହିପରି । ମାତ୍ର ଏହାର ଚାରିପାଖରେ ଏହାକୁ ଘେରି ରହିଥିବା ପ୍ରାଚୀରଟି ଅପେକ୍ଷାକୃତ ଅଧିକ ସ୍ୱଚ୍ଛ; ଏହାକୁ ଏଠାରେ ଏକ ପ୍ରାଚୀର ବୋଲି ନକହି ଏକ ବାଡ଼ ବୋଲି କହିଲେ ହୁଏତ ଅଧିକ ଠିକ୍ ହେବ । ଏହା ବ୍ୟତୀତ, ଅଧିଚେତନ ସ୍ତରରେ ଚେତନା ଏପରି ଏକ ରୂପ ଧାରଣ କରିଛି ଯାହାକି ଏହିସବୁ କୋଷକୁ ଭେଦକରି ଆପଣାକୁ ଆହୁରି ଦୂରକୁ ପ୍ରକ୍ଷେପିତ କରି ରଖିଛି ଏବଂ ଆପଣାକୁ ନେଇ ଆପଣାର ଏକ ପରିଚେତନ ମଣ୍ଡଳ ସୃଷ୍ଟି କରିଛି । ଏହାର ମଧ୍ୟଦେଇ ଅଧିଚେତନ ଜାଗତିକ ଯାବତୀୟ ସଂସ୍ପର୍ଶକୁ ଗ୍ରହଣ କରୁଛି ଏବଂ ସେଗୁଡ଼ିକ ଆସି ତା' ଭିତରେ ପ୍ରବେଶ କରିବା ପୂର୍ବରୁ ସେଗୁଡ଼ିକୁ ଜାଣିପାରୁଛି ଓ ସେଗୁଡ଼ିକୁ ନେଇ ଯାହା କରିବା କଥା ତାହା କରିପାରୁଛି । ଏହି ପରିଚେତନ ମଣ୍ଡଳଟିକୁ ଯେତେ ଇଚ୍ଛା ସେତେଦୂର ପର୍ଯ୍ୟନ୍ତ ଅଧିକରୁ ଅଧିକ ପ୍ରଶସ୍ତ କରିଦେବାର ସାମର୍ଥ୍ୟ ଅଧିଚେତନରେ ରହିଛି, ଆପଣାର ଚତୁର୍ପାର୍ଶ୍ୱରେ ରହିଥିବା ବିଶ୍ୱସତ୍ତା ଭିତରକୁ ଆପଣାର ଆତ୍ମପ୍ରକ୍ଷେପଟିକୁ ବଢ଼ାଇ ଦେବାକୁ ମଧ୍ୟ ଅଧିଚେତନ ସମର୍ଥ ହେଉଛି । ଆପଣାକୁ ଏହିପରି

'oaob.nitrkl.ac.in' images reprocessed

ପ୍ରସାରିତ କରୁ କରୁ ଏପରି ଏକ ସ୍ଥାନ ଆସି ପହଞ୍ଚେ ଯେଉଁଠାରେ କି ସେ ଭେଦର ପ୍ରାଚୀରଟିକୁ ଏକାବେଳକେ ଲଙ୍ଘିଦିଏ, ବିଶ୍ୱସତ୍ତା ସହିତ ସମ୍ମିଳିତ ଓ ଏକାତ୍ମ ହୁଏ, ଆପଣାକୁ ବିଶ୍ୱମୟ ଅନୁଭବ କରେ, ସତ୍ତାମାନଙ୍କ ସବୁଟି ସହିତ ଏକ ହୋଇଯାଏ । ବିଶ୍ୱସତ୍ତା ଓ ବିଶ୍ୱପ୍ରକୃତି ମଧ୍ୟରେ ପ୍ରବେଶ କରିବାରେ ଏହି ବିମୁକ୍ତି ମଧ୍ୟରେ ବ୍ୟକ୍ତିସତ୍ତାର ଏକ ମହାନ୍ ବନ୍ଧନମୁକ୍ତ ବିହିତ ହୋଇ ରହିଥାଏ । ଏଠାରେ ତାହା ବିଶ୍ୱଗତ ଚେତନାର ପରିଧାନ ପିନ୍ଧେ, ବିଶ୍ୱବ୍ୟକ୍ତିରେ ରୂପାନ୍ତରିତ ହୁଏ । ଏହି ଉପଲବ୍ଧିଟି ସମ୍ପୂର୍ଣ୍ଣ ହୋଇଗଲେ ତାହାର ପ୍ରଥମ ପରିଣାମସ୍ୱରୂପ ବିଶ୍ୱମୟ ଚିନ୍ମୟସତ୍ତାର ଉପଲବ୍ଧି ସମ୍ଭବ ହୁଏ; ସକଳ ବିଶ୍ୱକୁ ଆବୋରି ଯେଉଁ ଅଦ୍ୱିତୀୟ ଆତ୍ମା ବିରାଜି ରହିଛି, ତାହାର ଉପଲବ୍ଧି ହୁଏ । ଏବଂ ଏହି ଏକାତ୍ମତାର ଅନୁଭୂତିଟି ଫଳରେ ବ୍ୟକ୍ତିଭାବାପନ୍ନତାର ସକଳ ବୋଧ ବିଲ୍କୁଲ୍ ଅନ୍ତର୍ହିତ ହୋଇଯିବାର ସମ୍ଭାବନା ମଧ୍ୟ ରହିଥାଏ, ଆମର ଅହଂ ବିଶ୍ୱସତ୍ତା ମଧ୍ୟରେ ସମ୍ପୂର୍ଣ୍ଣ ନିମଜ୍ଜ ହୋଇଯିବାର ସମ୍ଭାବନା ରହିଥାଏ । ଅନ୍ତତଃ ଏକ ସାଧାରଣ ଫଳସ୍ୱରୂପ ଆମର ସତ୍ତା ବିଶ୍ୱଗତ ଶକ୍ତିର ସମ୍ମୁଖରେ ଆପଣାକୁ ସମ୍ପୂର୍ଣ୍ଣଭାବରେ ଉନ୍ମୋଚିତ କରିଦିଏ, ଯାହାଫଳରେ କି ସତେଅବା ତାହାହିଁ ଆମର ମନ, ପ୍ରାଣ ଓ ଶରୀର ମଧ୍ୟରେ କାର୍ଯ୍ୟ କରୁଥିବା ପରି ଅନୁଭୂତ ହୁଏ; ଏବଂ ବ୍ୟକ୍ତିହିଁ ଯେ ପୃଥକ୍‌ଭାବେ କୌଣସି କାର୍ଯ୍ୟ କରୁଛି, ସେହି ବୋଧ ଅନ୍ତର୍ହିତ ହୋଇଯାଏ । ମାତ୍ର ସାଧାରଣତଃ ଅପେକ୍ଷାକୃତ କମ୍ ପ୍ରାଚୁର୍ଯ୍ୟବିଶିଷ୍ଟ କେତେ ପରିଣାମ ଦୃଷ୍ଟିଗୋଚର ହୁଏ; ବିଶ୍ୱସତ୍ତା ଏବଂ ବିଶ୍ୱପ୍ରକୃତି ବିଷୟରେ ପ୍ରତ୍ୟକ୍ଷ ସଚେତନତା ଆସେ, ବିଶ୍ୱଗତ ମନ ଓ ତାହାର ଶକ୍ତିଗୁଡ଼ିକର କ୍ଷେତ୍ରଆଡ଼କୁ ମନ ଅଧିକତର ଉନ୍ମୋଚିତ ହୋଇ ରହେ । ବିଶ୍ୱଗତ ପ୍ରାଣ ଓ ତାହାର ଶକ୍ତିଗୁଡ଼ିକର କ୍ଷେତ୍ର ଆଡ଼କୁ ତଥା ବିଶ୍ୱଗତ ଜଡ଼ ଓ ତାହାର ଶକ୍ତିଗୁଡ଼ିକ ଆଡ଼କୁ ଅଧିକତର ଉନ୍ମୋଚିତ ହୋଇ ରହେ । ଏହି ଉନ୍ମୋଚନ ଫଳରେ ବିଶ୍ୱ ସହିତ ବ୍ୟକ୍ତିର ଏକ ଏକତ୍ୱବୋଧ ବାରବାର ଅଥବା ସତତ ଜାଗ୍ରତ ହେବାର ସମ୍ଭାବନା ଆସି ପହଞ୍ଚେ, ଆପଣାର ଚେତନା ଭିତରେ ସମୁଦାୟ ଜଗତଟିକୁ ଦେଖିଲାପରି ଲାଗେ ଏବଂ ଆପଣାକୁ ମଧ୍ୟ ବହୁ ଅନ୍ତରଙ୍ଗ ଭାବରେ ବିଶ୍ୱଚେତନାର ଅନ୍ତର୍ଗତ ହୋଇ ରହିଥିବା ପରି ଲାଗେ । ଏକ ସ୍ୱାଭାବିକ ଆନୁଷଙ୍ଗିକ ଭାବରେ ଅନ୍ୟ ସତ୍ତାମାନଙ୍କ ସହିତ ଏକତ୍ୱର ଅଧିକତର ବୋଧ ଆସିଥାଏ । ସେତିକିବେଳେହିଁ ବିଶ୍ୱସତ୍ତାର ଅସ୍ତିତ୍ୱ ସତ୍ୟ ଓ ସୁନିର୍ଦ୍ଦିଷ୍ଟ ବୋଲି ଉପଲବ୍ଧ ହୁଏ, କେବଳ ଏକ ଭାବନାଗତ ଅବଧାରଣାର ସ୍ତରରେ ପଡ଼ିରହେ ନାହିଁ ।

ମାତ୍ର କେବଳ ତାଦାତ୍ମ୍ୟଜ୍ଞାନହିଁ ବସ୍ତୁଗତ ବିଶ୍ୱଚେତନାର ଆଧାର ହୋଇ ରହିଛି । କାରଣ ଏହି କ୍ଷେତ୍ରରେ ବିଶ୍ୱଗତ ତଦାତ୍ମସତ୍ତା ଆପଣାକୁ ସକଳ ବସ୍ତୁର ଆତ୍ମା ବୋଲି ଜାଣେ; ସବୁଟିକୁ ଆପଣାରୂପେ ଜାଣେ ଏବଂ ଆପଣା ଭିତରେ ରହିଥିବାର

'oaob.nitrkl.ac.in' images reprocessed

ଅନୁଭବ କରେ, ସମୁଦାୟ ସକଳ ପ୍ରକୃତିକୁ ଆପଣା ପ୍ରକୃତିର ଅଂଶ ବୋଲି ଜାଣେ । ଏହାମଧ୍ୟରେ ରହିଥିବା ସକଳ ବସ୍ତୁ ସହିତ ଏହା ଆପଣାକୁ ଏକରୂପ ଅନୁଭବ କରେ; ଏକାତ୍ମବୋଧ ଦ୍ୱାରା ଏବଂ ଆପଣା ମଧ୍ୟରେ ଅବସ୍ଥିତ ନିବିଡ଼ ଅନ୍ତରଙ୍ଗତା ଦ୍ୱାରା ଏହା ସବୁଟିକୁ ଜାଣେ । କାରଣ ଏଠାରେ ଏକାଧାରରେ ଏକ ଏକରୂପତା ରହିଛି ଓ ଏକ ତଦନ୍ତର୍ଭୁକ୍ତତା ମଧ୍ୟ ରହିଛି । ଏବଂ ଏକରୂପତାର ଦୃଷ୍ଟିଟିରୁ ବିଚାର କରି ଆମେ ଯେପରି ଏଠାରେ ଏକାତ୍ମବୋଧ ଓ ପରିପୂର୍ଣ୍ଣ ଜ୍ଞାନ ବିଦ୍ୟମାନ ରହିଛି ବୋଲି କହୁଛୁ, ଠିକ୍ ସେହିପରି ଅନ୍ୟ ଦୃଷ୍ଟିଟିରୁ ବିଚାର କରି ଗୋଟିଏ ଭିତରେ ଆଉଟି ରହିଛି ବା ଗୋଟିକୁ ଆଉଟି ଭେଦ କରି ରହିଛି ବୋଲି ମଧ୍ୟ କହିପାରୁଛୁ । ସେହି ଜ୍ଞାନ ପ୍ରତ୍ୟେକ ବସ୍ତୁ ଓ ସକଳ ବସ୍ତୁକୁ ଆବୃତ କରି ରହିଛି, ପ୍ରତ୍ୟେକ ବସ୍ତୁ ସକଳ ବସ୍ତୁକୁ ଭେଦ କରି ରହିଛି ବୋଲି ଜାଣୁଛୁ ଓ ଦେଖୁଛୁ । କାରଣ ବିଶ୍ୱାତ୍ମକ ଚିତ୍‌ସତ୍ତା ପ୍ରତ୍ୟେକ ବସ୍ତୁ ତଥା ସକଳ ବସ୍ତୁ ମଧ୍ୟରେ ଅଧିଷ୍ଠିତ ରହିଛି, ମାତ୍ର ତଥାପି ସେଗୁଡ଼ିକୁ ତାହା ଅତିକ୍ରମ କରି ରହିଛି । ସେହି କାରଣରୁ ତାହାର ଆତ୍ମଗତ ଦୃଷ୍ଟି ଓ ବିଶ୍ୱଗତ ଦୃଷ୍ଟି ମଧ୍ୟରେ ଏପରି ଏକ ତାରତମ୍ୟ-ନିର୍ଣ୍ଣୟକାରୀ ଶକ୍ତି ରହିଛି, ଯାହା-ଫଳରେ କି ବିଶ୍ୱଚେତନା ଯେଉଁ ବସ୍ତୁ ଓ ଜୀବସକଳ ମଧ୍ୟରେ ବାସ କରୁଛି, କେବଳ ସେହିଗୁଡ଼ିକ ମଧ୍ୟରେହିଁ ବନ୍ଦୀ ହୋଇ ରହୁ ନାହିଁ । ଏକ ସର୍ବବ୍ୟାପୀ ବା ସର୍ବାଧିଗତ ଆତ୍ମା ଓ ଶକ୍ତିରୂପେ ତାହା ସେଗୁଡ଼ିକ ମଧ୍ୟରେ ବାସ କରୁଛି । ଏହିସବୁ ସ୍ଥଳରେ ଯେଉଁଠି ଯେପରି ବ୍ୟକ୍ତିଭାବାପନ୍ନତା ଉପୁଜୁଛି, ତାହା ସମ୍ପୃକ୍ତ ବ୍ୟକ୍ତି ବା ବସ୍ତୁଟି ଅନୁସାରେ ନିରୂପିତ ହେଉଛି, ମାତ୍ର ବିଶ୍ୱଗତ ପରମସତ୍ତା କୌଣସି ପ୍ରକାରେ ତାହାର ଅଧୀନ ହୋଇ ରହୁ ନାହିଁ ବା ତାହାଦ୍ୱାରା ବାଧ୍ୟ ହେଉ ନାହିଁ । ପ୍ରତ୍ୟେକ ବସ୍ତୁରେ ପରିଣତ ହେବାଲାଗି ତାହାକୁ ଆପଣାର ବୃହତ୍ତର ଓ ସର୍ବଗତ ଅସ୍ତିତ୍ୱଟିକୁ କଦାପି ବର୍ଜନ କରିବାକୁ ପଡ଼ୁ ନାହିଁ । ତେଣୁ ଆମେ ବେଶ୍ କହିପାରିବା ଯେ ଏକ ବୃହତ୍ତର ଓ ବିଶ୍ୱଗତ ଏକାତ୍ମକତାହିଁ କ୍ଷୁଦ୍ରତର ଅନେକ ଏକାତ୍ମକତାକୁ ଆପଣା ଭିତରେ ଧରି ରଖିଛି । କାରଣ ବିଶ୍ୱଚେତନା ମଧ୍ୟରେ ଯାହାକିଛି ଭେଦନିରୂପଣକାରୀ ଜ୍ଞାନ ବର୍ତ୍ତମାନ ରହିଛି ଅଥବା ତା' ଭିତରକୁ ପ୍ରବେଶ କରୁଛି, ତାହାକୁ ଏହି ମୂଳଭିତ୍ତିକ ଏକାତ୍ମକତାର ସମାହାର ଉପରେହିଁ ଠିଆ ହେବାକୁ ପଡ଼ୁଛି ଏବଂ ତାହା ଏହାର କୌଣସି ବିରୋଧ କରୁ ନାହିଁ । ଏଠାରେ କେବେହେଲେ ପଛକୁ ଅପସରି ଯିବାର ଅଥବା ସମ୍ମୁଖରେ ଆସିବା ଏବଂ ଅଲଗା ହୋଇଯିବାଦ୍ୱାରା ଏକ ଜ୍ଞାନଲାଭର ଆବଶ୍ୟକତା ଉପସ୍ଥିତ ହେଲେ ମଧ୍ୟ ଏହା ତଥାପି କେବଳ ଏକ ଏକାତ୍ମକତା ମଧ୍ୟରେହିଁ ଏକ ଭେଦବୋଧ ହୋଇ ରହୁଛି, ଏକାତ୍ମକତା ମଧ୍ୟରେହିଁ ଏଠାରେ ସକଳ ସମ୍ପର୍କ ସଙ୍ଘଟିତ ହେଉଛି । କାରଣ ଏଠାରେ ଆଧେୟ ବସ୍ତୁଟି ଆଧାରରୂପୀ ଆତ୍ମାର କେବଳ ଏକ ଅଂଶ ହୋଇ ରହିଛି । କେବଳ ଯେତେବେଳେ ଅନ୍ତର ଜୀବ୍

ଏକ ଭେଦ ଆସି ମଝିରେ ଛିଡ଼ାହେଉଛି, ସେତେବେଳେ ଅଭେଦଭାବ ଆପଣାକୁ ଆବୃତ କରି ରଖୁଛି, ଏବଂ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ହେଉ ଏକ ନ୍ୟୂନତର ଜ୍ଞାନର ସଞ୍ଚାର କରାଉଛି, ଆପଣାର ପ୍ରକୃତ ଭିତ୍ତି ବିଷୟରେ ଯାହାର କି ଆଦୌ କୌଣସି ଜ୍ଞାନ ନାହିଁ । ତଥାପି ନିରନ୍ତର ସେହି ତାଦାତ୍ମ୍ୟରୂପୀ ସମୁଦ୍ର ଭିତରୁହିଁ ଯାବତୀୟ ତରଙ୍ଗ ସୃଷ୍ଟ ହୋଇ ଉପରିଭାଗକୁ ନିକ୍ଷିପ୍ତ ହେଉଛି, ସେହି ସମୁଦ୍ରହିଁ ପରୋକ୍ଷ ଅଥବା ପ୍ରତ୍ୟକ୍ଷ ଜ୍ଞାନରୂପୀ ଜଳକଣାଗୁଡ଼ିକ ଉପରେ ଆସି ଛୁଇଁହୋଇ ଯାଉଛି ।

ବସ୍ତୁଗତ ଚେତନାର ପାଖଟିରେ ଏସବୁ ହେଉଛି । ଏହାର କ୍ରିୟାଗତ ଦିଗଟିରୁ ଅଥବା ବସ୍ତୁଗତ ଶକ୍ତିସମୂହର ଦିଗଟିରୁ ଦେଖିବାକୁ ଗଲେ ଆମେ ଦେଖିବାକୁ ପାଇବା ଯେ ସେହି ଶକ୍ତିର ଅବିରାମ ତରଙ୍ଗୋଚ୍ଛ୍ୱାସ ଏବଂ ବିପୁଳ ପ୍ଲାବନ ଚତୁର୍ଦ୍ଦିଗକୁ ଆଲୋଡ଼ିତ କରି ପ୍ରବାହିତ ହେବାରେ ଲାଗିଛି, ତାହା କେତେ ସତ୍ତା, କେତେ ବସ୍ତୁ, କେତେ ଗଠ ଓ କେତେ ଘଟଣା ଗଢ଼ିବାରେ ଲାଗିଛି, ଗଢ଼ିକରି ଭାଙ୍ଗି ଦେଉଛି ଓ ଭାଙ୍ଗିଦେଇ ପୁଣି ଗଢ଼ୁଛି । ସେଗୁଡ଼ିକ ମଧ୍ୟରେ ପ୍ରବିଷ୍ଟ ହେଉଛି, ପୁଣି ସେଗୁଡ଼ିକୁ ଅତିକ୍ରମ କରି ଚାଲିଯାଉଛି; ସେଗୁଡ଼ିକୁ ସେଗୁଡ଼ିକ ମଧ୍ୟରେ ରୂପାୟିତ କରୁଛି, ପୁଣି ସେଗୁଡ଼ିକୁ ସେଗୁଡ଼ିକରୁ ବାହାର କରିନେଇ ଅନ୍ୟ ସତ୍ତା ଓ ଅନ୍ୟବସ୍ତୁ ଉପରେ ନିକ୍ଷିପ୍ତ କରିଦେଉଛି । ପ୍ରକୃତିଗତ ପ୍ରତ୍ୟେକ ବ୍ୟକ୍ତିସତ୍ତା ଏହିସବୁ ବସ୍ତୁଗତ ଶକ୍ତିର ଗୋଟିଏ ଗୋଟିଏ ଗ୍ରହଣପାତ୍ର ହୋଇ ରହିଛି, ସେସବୁର ବିଚ୍ଛୁରଣ ଲାଗି ଡାଇନାମୋ ପରି କାର୍ଯ୍ୟ କରୁଛି । ପ୍ରତ୍ୟେକ ବ୍ୟକ୍ତିସତ୍ତାରୁ ଆଉଗୋଟିଏ ବ୍ୟକ୍ତିସତ୍ତାକୁ ମନୋମୟ ଓ ପ୍ରାଣମୟ ଶକ୍ତିର ଏକ ଅଯୁତ ଧାରା ପ୍ରବାହିତ ହେବାରେ ଲାଗିଛି । ବାହ୍ୟପ୍ରକୃତି ମଧ୍ୟରେ ଅବସ୍ଥିତ ଜଡ଼ଶକ୍ତିଗୁଡ଼ିକ ପରି ବସ୍ତୁଗତ ପ୍ରାଣମୟ ଓ ମନୋମୟ ଶକ୍ତିର ତରଙ୍ଗ ଓ ସ୍ରୋତମାନ ବହିଯାଉଛି । ଆମ ବହିଃସ୍ଥର ମନର ପ୍ରତ୍ୟକ୍ଷ ବୋଧ ଓ ଜ୍ଞାନର କ୍ଷେତ୍ରରୁ ଏହିସବୁ କ୍ରିୟା ଅନ୍ତରାଳ ହୋଇ ରହିଛି, ମାତ୍ର ଅନ୍ତର୍ଗତ ସତ୍ତାଟି ଏହାର ଖବର ରଖିପାରୁଛି, ଏହାକୁ ଅନୁଭବ କରୁଛି । ଅବଶ୍ୟ କେବଳ ଏକ ଅପରୋକ୍ଷ ସଂସ୍ପର୍ଶଦ୍ୱାରାହିଁ ତାହା ଏପରି କରିପାରୁଛି । ଯେତେବେଳେ ସତ୍ତା ଆସି ବସ୍ତୁଚେତନାର ଭୂମିରେ ଉପଗତ ହେଉଛି, ସେତେବେଳେ ମଧ୍ୟ ତାହା ଆହୁରି ଅଧିକ ପ୍ରଶସ୍ତ, ଅନ୍ତର୍ଗତ ଓ ଅନ୍ତରଙ୍ଗ ଭାବରେ ଏହି ବସ୍ତୁଗତ ଶକ୍ତିମାଳାଟି ବିଷୟରେ ଅବଗତ ହୋଇପାରୁଛି । ମାତ୍ର ସେହି ଭୂମିରେ ଜ୍ଞାନ ଏକ ଅଧିକ ପରିପୂର୍ଣ୍ଣ ଅବସ୍ଥାକୁ ପ୍ରାପ୍ତ ହୋଇଥିଲେ ମଧ୍ୟ ଏହି ଜ୍ଞାନ କେବଳ ଆଂଶିକ ଭାବରେହିଁ କ୍ରିୟାଶୀଳ ହେଉଛି । କାରଣ ବସ୍ତୁଗତ ଆତ୍ମା ସହିତ ଏକ ମୂଳଭୂତ ଓ ଅବିଚଳ ଏକାତ୍ମକତା ସମ୍ଭବ ବୋଲି ବୁଝାଯାଇ ପାରିଲେ ମଧ୍ୟ ବସ୍ତୁଗତ ପ୍ରକୃତି ସହିତ ସକ୍ରିୟ ଓ ଗତିଶୀଳ ଏକାତ୍ମକତା ଅର୍ଜନ କରିବା ସବୁଦାହିଁ ଅପୂର୍ଣ୍ଣ ରହିବାକୁ ବାଧ୍ୟ । ମନ ଓ

'oaob.nitrkl.ac.in' images reprocessed

ପ୍ରାଣସତ୍ତାର ଭୂମିରେ ଏପରିକି ଏକ ପୃଥକ୍ ଆତ୍ମ-ଅସ୍ତିତ୍ୱର ବୋଧ ଅନ୍ତର୍ହିତ ହୋଇ ଯାଇଥିଲା ବେଳେ ମଧ୍ୟ ତଥାପି ଶକ୍ତିପ୍ରକାଶର ଗଠନକୁ ସ୍ୱଭାବତଃ ବ୍ୟକ୍ତିସ୍ୱଭାବାପନ୍ନତାର ବୈଶିଷ୍ଟ୍ୟଗତ ଏକ ନିର୍ବାଚନକ୍ରିୟାଦ୍ୱାରା ନିରୂପିତ ହେବାକୁହିଁ ପଡ଼ିବ । ସେଠାରେ କ୍ରିୟାଟି ବିଶ୍ୱଶକ୍ତିରହିଁ କ୍ରିୟା ହୋଇଥିବ, ତଥାପି ଜୀବନ୍ତ ଡାଇନାମୋରୂପୀ ବ୍ୟଷ୍ଟିସ୍ୱଭାବାପନ୍ନ ରୂପାୟନଦ୍ୱାରାହିଁ ସେହି କର୍ମର ଧାରାଟି ଚାଲୁଥିବ । କାରଣ ଶକ୍ତିଗୁଡ଼ିକୁ ନିର୍ବାଚିତ ଓ କେନ୍ଦ୍ରୀଭୂତ କରି ଏବଂ ନିର୍ବାଚିତ ଶକ୍ତିଗୁଡ଼ିକୁ ରୂପାୟିତ କରିବା ଏବଂ ତା'ପରେ ସେହି ରୂପାୟିତ ଶକ୍ତିକୁ ଏକ ବିଶିଷ୍ଟ ଗୁଳାରେ ପ୍ରବାହିତ କରିଦେବା ହେଲ ବ୍ୟକ୍ତିସ୍ୱଭାବାପନ୍ନ ଏହି ଡାଇନାମୋଟିର କାମ । ସମଗ୍ର ଶକ୍ତିଟି ପ୍ରବାହିତ ହେବାରେ ଲାଗିଛି ବୋଲି କହିବାର ଏହାହିଁ ଅର୍ଥ ହେବ ଯେ ଏହି ଡାଇନାମୋର ସେପରି କ୍ଷେତ୍ରରେ ଆଉ ଆଦୌ କୌଣସି ପ୍ରୟୋଜନ ନାହିଁ, ତେଣୁ କାର୍ଯ୍ୟକ୍ଷେତ୍ରରୁ ତାହାକୁ ଅପସାରି ରଖାଯାଇ ପାରେ କିମ୍ବା ସମ୍ପୂର୍ଣ୍ଣରୂପେ ବିଲୁପ୍ତ କରି ଦିଆଯାଇ ପାରେ; ବ୍ୟକ୍ତିସ୍ୱଭାବାପନ୍ନ ଦେହ, ମନ ଓ ପ୍ରାଣର କ୍ରିୟା ସ୍ଥାନରେ ସେଠି କେବଳ ସମ୍ପୂର୍ଣ୍ଣ ଅନିର୍ବାଚିତ ବିଶ୍ୱଶକ୍ତିସମୂହର ଏକ ନିର୍ବାଧ ପ୍ରବାହ ବ୍ୟକ୍ତିଗତ ଅଥଚ ଏକ ନୈର୍ବ୍ୟକ୍ତିକ କେନ୍ଦ୍ର ବା ଗୁଳା ମଧ୍ୟଦେଇ ବହିଚାଲିଛି ବୋଲି କୁହାଯାଇ-ପାରେ । ଏପରି ଏକ ଅବସ୍ଥା ବେଶ୍ ସମ୍ଭବ ହୋଇପାରେ, ମାତ୍ର ସେଥିଲାଗି ପ୍ରାକୃତ ମନର ଏହି ଭୂମିଟିକୁ ଛାଡ଼ିଯିବାକୁ ପଡ଼ିବ ଏବଂ ଆଧ୍ୟାତ୍ମିକତାର ଉଚ୍ଚତର କ୍ଷେତ୍ରରେ ପହଞ୍ଚିବାକୁ ପଡ଼ିବ । ତାଦାତ୍ମ୍ୟଦ୍ୱାରା ଅବିଚଳ ବିଶ୍ୱଜ୍ଞାନର ଉପଲବ୍ଧି ହେଲେ ସର୍ବତୋଗତ ଅଧିଚେତନ ଆପଣାକୁ ବିଶ୍ୱାତ୍ମା ତଥା ଅନ୍ୟ ସମସ୍ତଙ୍କର ଆତ୍ମା ସହିତ ଏକରୂପ ବି ଅନୁଭବ କରିପାରେ, ମାତ୍ର ସେହି ଜ୍ଞାନର ଗତିଶୀଳ ସମ୍ଭାବନାଟି ଏହି ତାଦାତ୍ମ୍ୟବୋଧକୁ ସକଳ ସହିତ ଏକ ପ୍ରତ୍ୟକ୍ଷ ଓ ବୃହତ୍ତର ସଂସ୍ପର୍ଶଦ୍ୱାରା ଲାଭ କରାଯାଇଥିବା କେବଳ ଏକ ବୃହତ୍ତର ଶକ୍ତି ଓ ଅନ୍ତରଙ୍ଗତାରୂପେ ତର୍ଜମା କରିଦେବା ବ୍ୟତୀତ ଆଉ ଅଧିକଦୂର ଅଗ୍ରସର ହେବାକୁ ଆଦୌ ସମର୍ଥ ହେବ ନାହିଁ; ବସ୍ତୁ ଓ ବ୍ୟକ୍ତିମାନଙ୍କ ଉପରେ ଚେତନାଶକ୍ତିର ବୃହତ୍ତର, ଅନ୍ତରଙ୍ଗତର, ଅଧିକ ଶକ୍ତିଶାଳୀ ଓ ଅଧିକ କାର୍ଯ୍ୟସାଧକ ପ୍ରଭାବ ଆସି ପଡ଼ିପାରେ, ଅଧିକ ସଫଳ ଭାବରେ ଅନ୍ୟକୁ ଆପଣାର ଅନ୍ତର୍ଭୁକ୍ତ କରିନେବାର ଓ ତାହାର ଅନ୍ତଃପ୍ରବେଶ କରିବାର ଶକ୍ତି ଲାଭ କରାଯାଇ ପାରେ; ଏହି ବୃହତ୍ତର ପ୍ରକୃତିର ସ୍ୱଭାବଲାଗି ଯାହା ସମ୍ଭବ, ସେହିଭଳି ଏକ କ୍ରିୟାଶୀଳ ଅନ୍ତରଙ୍ଗ ଦୃଷ୍ଟି, ଅନ୍ତରଙ୍ଗ ଅନୁଭୂତି ଏବଂ ଜ୍ଞାନ ଓ କ୍ରିୟାଗତ ଅନ୍ୟ ଅନେକ ଶକ୍ତି ଅର୍ଜନ କରାଯାଇପାରେ; ମାତ୍ର ତା'ଠାରୁ ଅଧିକ କିଛି ହୋଇ ପାରେ ନାହିଁ, କେବଳ ସେତିକି ହୁଏ ।

ତେବେ, ପ୍ରକୃତ କଥାଟି ହେଉଛି ଯେ ଅଧିଚେତନ ଭୂମିରେ, ଏପରିକି କ୍ରମପ୍ରସାରିତ ହୋଇ ବିଶ୍ୱଚେତନାକୁ ରୂପାନ୍ତରିତ ହୋଇଥିବା ଅଧିଚେତନ ଭୂମିରେ

'oaob.nitrkl.ac.in' images reprocessed

ମଧ୍ୟ ଆମେ ଏକ ବୃହତ୍ତର ଜ୍ଞାନର ଅଧିକାଂଶ ହୋଇଥାଉ ସତ, ମାତ୍ର ତଥାପି ପରିପୂର୍ଣ୍ଣ ଓ ମୂଳଭୂତ ଜ୍ଞାନଟିକୁ ଲାଭ କରିପାରୁ ନାହିଁ । ତେଣୁ ଅନ୍ତର ଆଗକୁ ଯାଇ ଶୁଦ୍ଧ ତାଦାତ୍ମ୍ୟଜ୍ଞାନର ପରିଚୟ ପାଇବାକୁ ହେଲେ ଏବଂ ଜ୍ଞାନର ଅନ୍ୟସକଳ ଶକ୍ତି ଗୁଡ଼ିକୁ ସେହି ତାଦାତ୍ମ୍ୟଜ୍ଞାନ କିପରି ଜନ୍ମଦେଉଛି, ଆପଣା ଭିତରକୁ ଆସିବାକୁ ଦେଉଛି ଅଥବା ସେଗୁଡ଼ିକୁ କାର୍ଯ୍ୟରେ ଲଗାଉଛି, ତାହାର ମର୍ମପ୍ରବେଶ କରିବାକୁ ହେଲେ ଆମକୁ ଅନ୍ତର୍ମନ, ଅନ୍ତଃପ୍ରାଣ ଓ ସୂକ୍ଷ୍ମଶରୀରର ସୀମାଗୁଡ଼ିକୁ ଅତିକ୍ରମ କରି ଅଧିଚେତନର ଅନ୍ୟ ଦୁଇ ପ୍ରାନ୍ତଭୂମିରେ ଯାଇ ପହଞ୍ଚିବାକୁ ପଡ଼ିବ; ଅର୍ଥାତ୍ ଅବଚେତନ ପାଖରେ ଏହିସବୁ ପ୍ରଶ୍ନର ଉତ୍ଥାପନ କରିବାକୁ ହେବ ଏବଂ ଅତିଚେତନର ସ୍ପର୍ଶ ଲାଭ କରିବାକୁ ହେବ ଅର୍ଥାତ୍ ତାହାରି ଭିତରେ ପ୍ରବେଶ କରିବାକୁ ହେବ । ମାତ୍ର ଅବଚେତନର ଭୂମିରେ ସବୁ କିଛି ଅନ୍ଧଭାବରେ ରହିଥାଏ, ସେଥିରେ ଗଣ ବା ସାମୂହିକ ଚେତନା ପରି ଏକ ସାର୍ବଜନୀନତା ଅସ୍ପଷ୍ଟ ହୋଇ ରହିଥାଏ, ଆମକୁ ସଚେତଅବା ଅସ୍ୱାଭାବିକ ବୋଲି ମନେ ହେଉଥିବା ଏକ ଅସ୍ପଷ୍ଟ ବ୍ୟକ୍ତିଭାବ ରହିଥାଏ, ଅଥବା ତାହା ଆମକୁ ବଡ଼ ବିକୃତ ଭାବରେ ଗଠିତ ହୋଇଥିବା ଓ କେବଳ ଏକ ସହଜାତ ଅନ୍ଧପ୍ରବୃତ୍ତି ଦ୍ୱାରା ପରିଚାଳିତ ହେଉଥିବା ପରି ଲାଗୁଥାଏ । ପରମ ନିଶ୍ଚେତନର ଭୂମି ପରି ଏହି ଅବଚେତନ ଭୂମିରେ ମଧ୍ୟ ଏକ ତମସାଚ୍ଛନ୍ନ ତାଦାତ୍ମ୍ୟଜ୍ଞାନ ଆଧାର ହୋଇ ରହିଥାଏ, ମାତ୍ର ଏଠାରେ ତାହା ଆପଣାକୁ ଅଥବା ଆପଣାର ନିଗୂଢ଼ ରହସ୍ୟଟିକୁ ଆଦୌ ପ୍ରକାଶ କରେ ନାହିଁ । ମୁକ୍ତ ଓ ଜ୍ୟୋତିର୍ମୟ ଏକ ଆଧ୍ୟାତ୍ମିକ ଚେତନାକୁ ଅବଲମ୍ବନ କରି ଅତିଚେତନର ଊର୍ଦ୍ଧ୍ୱତନ ଭୂମିଗୁଡ଼ିକ ଅବସ୍ଥିତ ଥାଏ, ଏବଂ ସେହି ଭୂମିଗୁଡ଼ିକରେ ଉପନୀତ ହୋଇପାରିଲେହିଁ ଆମେ ଜ୍ଞାନଗତ ସର୍ବମୂଳ ଶକ୍ତିଟିର ସନ୍ଧାନ ପାଇପାରିବା, ସେହିଠାରେହିଁ ଆମେ ତାଦାତ୍ମ୍ୟଜ୍ଞାନ ଓ ଭେଦଦର୍ଶୀଜ୍ଞାନ, ଏହି ଦୁଇଟି ପୃଥକ୍ ପୃଥକ୍ ଭୂମିର ଉତ୍ସରେ ଯାଇ ପହଞ୍ଚିବା, ଦୁହିଁଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଯଥାର୍ଥ ଭାବରେ ବୁଝିପାରିବା ।

ଆମ ଆଧ୍ୟାତ୍ମିକ ଅନୁଭବର ଦର୍ପଣ ଉପରେ ଆମେ କାଳାତୀତ ପରମସତ୍ତାର ଯେତିକି ପରିଚୟ ପାଇଥାଉ, ସେଥିରୁହିଁ ସତ୍ତା ଓ ଚୈତନ୍ୟକୁ ଏକ ବୋଲି ଜାଣୁ । ପ୍ରାୟ ଅଭ୍ୟାସଗତ ଭାବରେ ଆମେ ଚେତନା କହିଲେ ମନୋଗତ ତଥା ବୋଧଗତ କେତେକ କ୍ରିୟାକୁ ବୁଝିଥାଉ, ଏବଂ ଯେଉଁଠି ଏହିସବୁ କ୍ରିୟା ଉପସ୍ଥିତ ନଥା'ନ୍ତି ଅଥବା ନିଷ୍ପନ୍ଦ ଅବସ୍ଥାରେ ଥାଆନ୍ତି, ସେତେବେଳେ ସେହି ଅବସ୍ଥାକୁ ଅଚେତନ ବୋଲି କହୁ । ମାତ୍ର ଯେଉଁଠାରେ ବାହାରକୁ କୌଣସିପ୍ରକାର କ୍ରିୟାଶୀଳତା ଆଦୌ ଅନୁଭୂତ ହେଉ ନାହିଁ, ତାହାକୁ ବାହାରେ ପ୍ରକାଶ କରିବାର କୌଣସି ସଙ୍କେତ ମଧ୍ୟ ମିଳୁ ନାହିଁ, ଏପରିକି ଯେଉଁଠାରେ ଏହା ବସ୍ତୁଗୁଡ଼ିକରୁ ପ୍ରତ୍ୟାହୃତ ହୋଇ ଶୁଦ୍ଧ

'oaob.nitrkl.ac.in' images reprocessed

ସତ୍ତା ମଧ୍ୟରେ ନିଲୀନ ହୋଇ ରହିଛି ଅଥବା ଅସତ୍ ମଧ୍ୟରେ ସମ୍ବୃତ ହୋଇ ରହିଛି, ସେଠାରେ ମଧ୍ୟ ଚେତନା ଅବସ୍ଥିତ ରହିପାରେ । ସତ୍ତାମାନଙ୍କ ସବୁଥିରେ ଚେତନା ଅନ୍ତର୍ନିହିତ ରହିଛି, ଏକ ସ୍ୱୟଂଭୂ ତତ୍ତ୍ୱରୂପେ ବର୍ତ୍ତମାନ ରହିଛି; କୌଣସିପ୍ରକାର ନିଷ୍ପନ୍ଦତା ବା ନିଷ୍କ୍ରିୟତା ଓ ଆବରଣ ବା ଆଚ୍ଛାଦନ ଦ୍ୱାରା, କିମ୍ବା କ୍ରିୟାଶୂନ୍ୟ ନିମଗ୍ନତା ଓ ସମ୍ବୃତତ୍ୱଦ୍ୱାରା ତଥାପି ତାହା ଲୁପ୍ତ ହୋଇଯାଇ ନାହିଁ । ଯେତେବେଳେ ଚେତନା ସୁଷୁପ୍ତି ମଧ୍ୟରେ ନିମଗ୍ନ ହୋଇ ରହିଛି, ଏକ ଅନ୍ଧ ସମାଧି ଭିତରେ ଜ୍ଞାନହରା ବା ଜ୍ଞାନହୀନ ହୋଇ ରହିଛି, ସେତେବେଳେ ମଧ୍ୟ ତାହା ସେହି ସତ୍ତା ମଧ୍ୟରେ ରହିଛି । ଯେଉଁ ପରମ କାଳାତୀତ ସ୍ଥିତିରେ ଚେତନା ସତ୍ତା ସହିତ ଏକ-ରୂପତା ଲାଭ କରି ସମ୍ପୂର୍ଣ୍ଣଭାବରେ ନିଶ୍ଚଳ ହୋଇଯାଇଛି, ସେଠାରେ ଆମେ ଚେତନାକୁ ଏକ ପୃଥକ୍ ତତ୍ତ୍ୱରୂପେ ଆଦୌ କଳ୍ପନା କରିବା ନାହିଁ, ଆମେ ସେଠାରେ ତାହାକୁ ସତ୍ତା ମଧ୍ୟରେ ଅନ୍ତର୍ନିହିତ ରହିଥିବା କେବଳ ଏକ ଶୁଦ୍ଧ ଆତ୍ମଜ୍ଞାନ ବୋଲିହିଁ ଜାଣିବା । ଆମେ ସାଧାରଣତଃ ଯାହାକୁ ଜ୍ଞାନ ବୋଲି କହିଥାଉ, ସେଠାରେ ତାହାର କୌଣସି ପ୍ରୟୋଜନ ନଥାଏ, ତେଣୁ ତାହାର କୌଣସି କ୍ରିୟା ମଧ୍ୟ ନଥାଏ । ସେଠାରେ ସତ୍ତା ଆପଣା ପାଖରେ ଆପେ ପ୍ରକାଶିତ ହୋଇ ରହିଥାଏ, ଆପଣାକୁ ଜାଣିବାଲାଗି ଅଥବା ଆପଣାର ଅସ୍ତିତ୍ୱ ସମ୍ବନ୍ଧରେ ସଚେତନ ହେବାଲାଗି ସେଠାରେ ତାହାର ଆପଣା ଉପରେ ଦୃଷ୍ଟିପାତ କରିବାର ବି ପ୍ରୟୋଜନ ନଥାଏ । ମାତ୍ର ଯଦି ତାହା ଯଥାର୍ଥ ସତ୍ତାର କ୍ଷେତ୍ରରେ ଏକ ସ୍ପଷ୍ଟ ସତ୍ୟ ବୋଲି ପ୍ରତିପାଦିତ ହୁଏ, ତେବେ ମୂଳଗତ ଓ ପରମ ସର୍ବସତ୍ତାର କ୍ଷେତ୍ରରେ ମଧ୍ୟ ତାହା ସତ୍ୟ ବୋଲି ପ୍ରତିପାଦିତ ହେବ । କାରଣ ତନ୍ମୟ ଆତ୍ମସତ୍ତା ମଧ୍ୟରେ ଯେପରି ସ୍ୱାଭାବିକ ଭାବରେହିଁ ଆତ୍ମସଂବିତ୍ ବିଦ୍ୟମାନ ରହିଛି, ସେହିପରି ଆପଣାର ସତ୍ତା ମଧ୍ୟରେ ଅବସ୍ଥିତ ସକଳ ବସ୍ତୁ ସମ୍ବନ୍ଧରେ ମଧ୍ୟ ତାହା ସ୍ୱଭାବତଃ ସଂବିତ୍‌ସମ୍ପନ୍ନ ହୋଇ ରହିଛି । ଆପଣା ଉପରେ ଦୃଷ୍ଟିପାତ କରି ଅଥବା ଆପଣାକୁ ପର୍ଯ୍ୟବେକ୍ଷଣ କରି ଜ୍ଞାନର କୌଣସି କ୍ରିୟାଦ୍ୱାରା ଏହି ସଚେତନତା ଆପଣାକୁ ସମ୍ଭବ କରୁ ନାହିଁ, ମାତ୍ର ସେହି ଅନ୍ତର୍ନିହିତ ସଂବିତ୍‌ଦ୍ୱାରା ତାହା ଆପେ ଆପଣାକୁ ପ୍ରକାଶିତ କରୁଛି । ସବୁକିଛି ତାହାର ଭିତରେ ଏକରୂପ ହୋଇ ରହିଛି, ତେଣୁ ତାହା ସେହି ଅନ୍ତର୍ଭାବ ବଳରେହିଁ ସର୍ବଚୈତନ୍ୟମୟ ହୋଇ ରହିଛି । ତେଣୁ ଏହିପରି ଭାବରେ ଆତ୍ମା ବା ପୁରୁଷ ଆପଣାର କାଳାତୀତ ଆତ୍ମସତ୍ତାଟି ବିଷୟରେ ସଂବିତ୍‌ସମ୍ପନ୍ନ ହୋଇ ତାହାର କାଳଗତ ସୃଷ୍ଟି ଓ କାଳ ମଧ୍ୟରେ ଅବସ୍ଥିତ ସବୁକିଛି ବିଷୟରେ ମଧ୍ୟ ସଂବିତ୍‌ସମ୍ପନ୍ନ ହେଉଛି । ଏହି ସଚେତନତା ଏକ ସ୍ୱରୂପଗତ ସଚେତନତା, ଏଥିଲାଗି ଅନ୍ୟ କାହାର ଉପରେ ଅପେକ୍ଷା କରିବାକୁ ପଡ଼ୁ ନାହିଁ । ଏହା ଏକ ସମଗ୍ର ସଚେତନତା, ଏଥିରେ ଜ୍ଞାନଗତ କୌଣସି ଅବଲୋକନ ଅଥବା କ୍ରିୟାର କୌଣସି ପ୍ରୟୋଜନ ହେଉ ନାହିଁ, କାରଣ

'oaob.nitrkl.ac.in' images reprocessed

ସେ ହେଉଛୁ ସ୍ୱୟଂ ସର୍ବରୂପ ଓ ସର୍ବଗତ । ଏହି ମୂଳଭୂତ ସବିତ୍ସମ୍ପନ୍ନତା ବା ସଚେତନତାକୁ ତାଦାତ୍ମ୍ୟଜ୍ଞାନ କୁହାଯାଏ । ବିଶ୍ୱସତ୍ତାର କ୍ଷେତ୍ରରେ ଏହି ଚେତନା ଆପଣାକୁ ପ୍ରୟୋଗ କଲେ ତାହା ଆତ୍ମାର ଏକ ମର୍ମଗତ, ସ୍ୱତଃପ୍ରକାଶିତ ଓ ସ୍ୱୟଂକ୍ରିୟ ବିଶ୍ୱଚେତନାର ରୂପ ଧାରଣ କରିବ, କାରଣ ସେଠାରେ ସେହି ଆତ୍ମାହିଁ ସବୁକିଛୁ ସହିତ ଏକରୂପ ହୋଇଥିବ ଏବଂ ସବୁକିଛୁ ସେହି ଆତ୍ମାର ସତ୍ତାରେହିଁ ପରିଣତ ହୋଇ ଯାଇଥିବ ।

ମାତ୍ର ଅଧ୍ୟାତ୍ମଚେତନାର ଆଉଗୋଟିଏ ବି ସ୍ଥିତି ରହିଛି ଯାହା ଆମକୁ ବିଶ୍ୱଜ ଆତ୍ମଚେତନାର ଏହି ସ୍ଥିତି ଏବଂ ଶକ୍ତିରୁ ବିକଶିତ ହୋଇଥିବା ପରି ବୋଧ ହୋଇଥାଏ । ହୁଏତ ଏକ ପ୍ରଥମ ବ୍ୟତିକ୍ରମ ପରି ମନେ ହୋଇଥାଏ, ମାତ୍ର ବସ୍ତୁତଃ ସେଇଟି ମଧ୍ୟ ଏହାର ଏକ ସ୍ୱାଭାବିକ ଏବଂ ଅନ୍ତରଙ୍ଗ ପରିଣତି ବ୍ୟତୀତ ଆଉ କିଛି ନୁହେଁ । କାରଣ ପରମ ଚିନ୍ମୟସତ୍ତାଙ୍କର ଆତ୍ମଜ୍ଞାନ ସର୍ବଦା ସେହି ତାଦାତ୍ମ୍ୟଜ୍ଞାନର ଉପାଦାନରେହିଁ ଗଠିତ ହୋଇଥାଏ । ମାତ୍ର ଆପଣାର ସ୍ୱକୀୟ ଶାଶ୍ୱତ ପ୍ରକୃତିଟିରେ କୌଣସି ପରିବର୍ତ୍ତନ ନଘଟାଇ ଏହି ଆତ୍ମଜ୍ଞାନ ଅନ୍ତର୍ଭୁକ୍ତି ଏବଂ ଅନ୍ତରଧିଷ୍ଠାନ ବଳରେ ଏକ ନ୍ୟୂନତର ଓ ଯୁଗପତ୍ ଚେତନାକୁ ମଧ୍ୟ ଆପଣା ଭିତରେ ସ୍ଥାନ ଦେଇଥାଏ । ପରମ ସ୍ୱୟମ୍ଭୂ ସତ୍ତା ଆପଣାର ଅଦ୍ୱିତୀୟ ସତ୍ତା ଭିତରେହିଁ ସକଳ ଅସ୍ତିତ୍ୱକୁ ଦେଖେ, ଏହା ସେଗୁଡ଼ିକୁ ଆପଣା ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିଥାଏ ଓ ସେଗୁଡ଼ିକୁ ଆପଣା ସତ୍ତାର ସତ୍ତା, ଆପଣା ଚେତନାର ଚେତନା, ଆପଣା ଶକ୍ତିର ଶକ୍ତି ତଥା ଆପଣା ଆନନ୍ଦର ଆନନ୍ଦ ବୋଲି ଜାଣିଥାଏ । ଅନିବାର୍ଯ୍ୟତଃ ଏହା ଯୁଗପତ୍ ଭାବରେ ସେଗୁଡ଼ିକର ଆତ୍ମା ହୋଇ ଅବସ୍ଥିତ ଥାଏ ଏବଂ ଆପଣାର ସର୍ବବ୍ୟାପ୍ତ ଓ ଅନ୍ତରଧିଷ୍ଠିତ ଆତ୍ମବସ୍ତୁ ଦ୍ୱାରା ସେଗୁଡ଼ିକ ମଧ୍ୟରେ ରହିଥିବା ସବୁକିଛୁ ଜାଣିଥାଏ । ମାତ୍ର ଏହିସବୁ ଜ୍ଞାନ ବା ସଚେତନତା ତଥାପି ଅନ୍ତର୍ନିହିତ ଭାବରେ ଅବସ୍ଥିତ ରହିଥାଏ, ଆପେ ଆପଣାକୁ ପ୍ରକାଶିତ କରୁଥାଏ, ସ୍ୱୟଂକ୍ରିୟ ହୋଇ ରହିଥାଏ ଏବଂ ସେଥିଲାଗି କୌଣସି କ୍ରିୟା ବା ଜ୍ଞାନଗତ ଅବଲୋକନ ବା କ୍ରିୟାଶୀଳତାର କୌଣସି ଆବଶ୍ୟକତା ନଥାଏ । କାରଣ ଏଠାରେ ଜ୍ଞାନକୁ ଏକ କ୍ରିୟା ବୋଲି ନକହି ଏକ ଶୁଦ୍ଧ, ଚିରନ୍ତନ ଏବଂ ଅନ୍ତଃପ୍ରକୃତିଗତ ସ୍ଥିତି ବୋଲି କହିବାକୁ ହେବ । ତାଦାତ୍ମ୍ୟର ଓ ତାଦାତ୍ମ୍ୟଦ୍ୱାରା ଏହି ଚେତନା ସକଳ ଅଧ୍ୟାତ୍ମଜ୍ଞାନର ଆଧାରରୂପେ ଅବସ୍ଥିତ ରହିଛି, ତାହା ସବୁକିଛୁକୁ ସ୍ୱଭାବତଃ ଆପଣାଠାରୁ କେବଳ ଅଭିନ୍ନ ବୋଲି ଜାଣେ । ଆମ ଚେତନାସ୍ତରର ପରିଭାଷାରେ ତର୍ଜମା କରି କହିଲେ ଏଠାରେ ଏହା ଉପନିଷଦରେ ବ୍ୟାଖ୍ୟା କରାଯାଇଥିବା ସେହି ତ୍ରିବିଧ ଜ୍ଞାନର ସ୍ଥିତିରେ ଆସି ଉପନୀତ ହେଉଛି । "ଯିଏ ଆତ୍ମା ଭିତରେ ସକଳ ବସ୍ତୁକୁ ଦେଖୁଛି," "ଯିଏ ସର୍ବଭୂତ ବା ବସ୍ତୁ ମଧ୍ୟରେ ଆତ୍ମାକୁହିଁ ଦେଖୁଛି," ଏବଂ "ଯାହା ଭିତରେ ଆତ୍ମାହିଁ ସର୍ବଭୂତରେ

'oaob.nitrkl.ac.in' images reprocessed

ପରିଣତ ହୋଇଛି”,—ଉପନିଷଦରେ ଏହିପରି ଅନ୍ତର୍ଦ୍ଦୃଷ୍ଟି, ଅନ୍ତରଧିଷ୍ଠାନ ଓ ତାଦାତ୍ମ୍ୟର କଥା କୁହାଯାଇଛି । ମାତ୍ର ମୂଳ ଚେତନାଟିରେ ଏହି ଦେଖିବା ଏକ ଆଧ୍ୟାତ୍ମିକ ଆତ୍ମବୋଧରୂପେ ପ୍ରତିଷ୍ଠିତ ହୋଇଥାଏ, ସତ୍ତାର ଆତ୍ମ-ଆଲୋକ ହୋଇ ରହିଥାଏ । ଏହି ଦେଖିବାରେ କୌଣସିପ୍ରକାର ଭେଦମୂଳକତା ନଥାଏ, ଅଥବା ଆପଣାର ଆତ୍ମାକୁ ସତେଅବା ଆପଣା ବାହାରେ ଥିବା ଏକ ବିଷୟରେ ପରିଣତ କରି ତା' ଉପରେ ଦୃଷ୍ଟିପାତ କରିବାର କୌଣସି ପ୍ରୟୋଜନ ନଥାଏ । ମାତ୍ର ଏହି ମୂଳ ଆତ୍ମ-ଅନୁଭବ ମଧ୍ୟରେ ଚେତନାଗତ ଆଉ ଏକ ଦୃଷ୍ଟିର ମଧ୍ୟ ପ୍ରକାଶ ହୋଇପାରେ, ଯାହାକୁ କି ପରମ ଚେତନାଗତ ଆତ୍ମସମାହିତ ଓ ଅନ୍ତର୍ନିହିତ ଆତ୍ମଜ୍ୟୋତିର୍ମୟତା ଏବଂ ସ୍ୱପ୍ରକାଶ ସମର୍ଥତାର ଏକ ପ୍ରଥମ ଓ ସର୍ବାଦୌ ପ୍ରଥମ ଉପାଦାନ ବୋଲି କୁହାଯାଇ ପାରିବ ନାହିଁ ସତ, କିନ୍ତୁ ଏକ ସ୍ୱରୂପଗତ ସମ୍ଭାବନାରୂପେ ତାହା ସେହି ଆତ୍ମାରହିଁ ଏକ ଅନିବାର୍ଯ୍ୟ ଏବଂ ସ୍ୱୟଂସମ୍ପୂର୍ଣ୍ଣ ଶକ୍ତିରୂପେ ବିଦ୍ୟମାନ ରହିଥାଏ । ଏହି ଦୃଷ୍ଟି ଚିନ୍ମୟ ପରମଚେତନାର ଆଉଗୋଟିଏ ସ୍ଥିତି ସହିତ ବର୍ତ୍ତମାନ ଥାଏ ଅଥବା ତାହାର ସଂଘଟନ କରିଏ; ଆମେ ଯାହାକୁ ଜ୍ଞାନ ବୋଲି କହୁ, ଏହି ସ୍ଥିତିରେହିଁ ତାହାର ପ୍ରଥମ ଉନ୍ମେଷ ହୋଇଥାଏ । ଏଠାରେ ଚେତନାର ଏକ ଅବସ୍ଥା ବିଦ୍ୟମାନ ରହିଥାଏ, ଏବଂ ଏହାର ଭିତରେ ଓ ଏହାର ଅନ୍ତରଙ୍ଗ ସ୍ୱଭବରେ ଜ୍ଞାନର ଏକ କ୍ରିୟା ମଧ୍ୟ ମହଜୁଦ ଥାଏ । ଏଠାରେ ପରମ ଚିନ୍ମୟ ସତ୍ତା ଆପଣାକୁହିଁ ଅବଲୋକନ କରୁଥା'ନ୍ତି, ଏକାଧାରରେ ଆପଣା ଆତ୍ମଜ୍ଞାନର ଜ୍ଞାତା ଓ ଜ୍ଞେୟବସ୍ତୁରେ ପରିଣତ ହୁଅନ୍ତି, ଗୋଟାଏ ଦୃଷ୍ଟିରୁ ଦେଖିଲେ ଆଶ୍ରୟ ଓ ବିଷୟ ଉଭୟ ରୂପ ଧାରଣ କରନ୍ତି । ଅଥବା ଏକଥା କହିଲେ ଅଧିକ ଯଥାର୍ଥ ହେବ ଯେ ତାଙ୍କର ସେହି ଗୋଟିଏ ରୂପ ମଧ୍ୟରେ ଆଶ୍ରୟ ଓ ବିଷୟ ଉଭୟ ରୂପ ଅବସ୍ଥିତ ରହିଥାଏ । ମାତ୍ର ଏହି ଜ୍ଞାନ ତଥାପି ସ୍ୱରୂପଗତ ହୋଇଥାଏ, ଆତ୍ମପ୍ରକାଶିତ ହୋଇ ରହିଥାଏ, ତାଦାତ୍ମ୍ୟଭୂମିର ଏକ କ୍ରିୟା ହୋଇ ରହିଥାଏ । ଅମେ ଯାହାକୁ ଭେଦମୂଳକ ଜ୍ଞାନ ବୋଲି ଅନୁଭବ କରିଥାଉ, ଏଠାରେ ତାହାର ଉନ୍ମେଷହିଁ ହୋଇ ନଥାଏ ।

ମାତ୍ର ଯେତେବେଳେ ବିଷୟୀ ବା ଜ୍ଞାତାପୁରୁଷ ଆପଣାର ବିଷୟଗତ କଳ୍ପନାଟିଠାରୁ ଆପଣାକୁ କିଞ୍ଚିତ୍ ଅପସରାଇ ନେଇଯାଏ, ସେତେବେଳେ ତାଦାତ୍ମ୍ୟ ଜ୍ଞାନର ଏକ ତୃତୀୟ ସ୍ଥିତିର ପ୍ରଥମ ସୂଚନା ମିଳିଥାଏ, ଅଧ୍ୟାତ୍ମଜ୍ଞାନର ସେହିସବୁ ଶକ୍ତିଗୁଡ଼ିକ ଆବିର୍ଭୂତ ହେବାକୁ ଆରମ୍ଭ କରନ୍ତି । ଏଠାରେ ଏକ ଆଧ୍ୟାତ୍ମିକ ଅନ୍ତରଙ୍ଗ ଦୃଷ୍ଟି ଉନ୍ମୋଚିତ ହୁଏ, ଏକ ସର୍ବବ୍ୟାପ୍ତ ଆଧ୍ୟାତ୍ମିକ ଅନ୍ତଃପ୍ରବେଶ ଓ ଅନ୍ତର୍ଭେଦନ ସମ୍ଭବ ହୁଏ, ଏକ ଆଧ୍ୟାତ୍ମିକ ଅନୁଭୂତି ଆସି ପହଞ୍ଚେ, ଯାହାଦ୍ୱାରା କି ବିଷୟୀ ଯାବତୀୟ ବିଷୟନିଖିଳକୁ ଆପଣାପରି ଦେଖିବାକୁ ଆରମ୍ଭ କରେ, ଆପଣାପରି

ଅନୁଭବ କରେ ଓ ସେଗୁଡ଼ିକର ସଂସ୍ପର୍ଶରେ ଆସି ସତେଅବା ଆପଣାକୁହିଁ ସ୍ପର୍ଶ କରୁଥିବା ପରି ବୋଧ କରେ । ବସ୍ତୁ ମଧ୍ୟରେ ଯାହାକିଛି ରହିଛି ବା ବସ୍ତୁ ଯେଉଁ ଅବସ୍ଥାରେ ଅଛି, ତାହାକୁ ଆଧ୍ୟାତ୍ମିକ ଦୃଷ୍ଟିଦ୍ୱାରା ଦେଖିବାର ଏକ ଶକ୍ତି ଉପଲବ୍ଧ ହୁଏ, ସବୁକିଛିକୁ ଆପଣା ମଧ୍ୟରେ ଆବୋରି ନେଉଥିବା ଏକ ସର୍ବବ୍ୟାପ୍ତ ଏକତ୍ୱବୋଧର ଭୂମିରେହିଁ ଏହି ଦୃଷ୍ଟି କାର୍ଯ୍ୟ କରୁଥାଏ ଏବଂ ଏଠାରେ ଦୃଷ୍ଟି କହିଲେହିଁ ଏହି ଏକାତ୍ମବୋଧକୁ ବୁଝାଏ । ଏଠାରେ ଏକ ଆଧ୍ୟାତ୍ମିକ ଅବଧାରଣା ଯାବତୀୟ ମନନ ଓ ଭାବନର ମୂଳ ଉପାଦାନ ହୋଇ ରହିଥାଏ । ଏହି ଭାବନା କୌଣସି ଅଜ୍ଞାତ ବସ୍ତୁର ଆବିଷ୍କାର କରୁନଥାଏ; ମାତ୍ର ଅନ୍ତର୍ଦେଶରେ ଯାହା ପୂର୍ବରୁ ଜ୍ଞାତ ହୋଇ ରହିଛି, ତାହାକୁହିଁ ଆପଣା ମଧ୍ୟରୁ ବାହାରକୁ ଆଣି ଆତ୍ମବୋଧର ପ୍ରସାରିତ ଭୂମି ଉପରେ ଉପସ୍ଥାପିତ କରିଦିଏ, ଅବଧାରଣାଗତ ଆତ୍ମଜ୍ଞାନର ଏକ ବସ୍ତୁରୂପେ ସତେଅବା ଏକ ଆତ୍ମାକାଶ ଉପରେ ଆଣି ବସାଇଦିଏ । ଏଠାରେ ଏକ ଆଧ୍ୟାତ୍ମିକ ସଂବେଗ ମଧ୍ୟ ଦେଖାଦିଏ, ଏକ ଆଧ୍ୟାତ୍ମିକ ବୋଧ ଆସି ପହଞ୍ଚେ, ଏକତ୍ୱ ସହିତ ଏକତ୍ୱର ଏକ ଅନ୍ତର୍ସମ୍ମିଳନ ଘଟେ, ସତ୍ତା ସହିତ ସତ୍ତା ସମ୍ମିଳିତ ହୋଇଯାଏ, ଚେତନା ସହିତ ଚେତନା ମିଶିଯାଏ, ଆନନ୍ଦରେ ଆନନ୍ଦ ନିମଗ୍ନ ହୁଏ । ଏଠାରେ ଏହି ତାଦାତ୍ମ୍ୟସ୍ଥିତି ମଧ୍ୟରେ ତଥାପି ଅନ୍ତରଙ୍ଗ ଭାବରେ ପୃଥକ୍ ହୋଇ ରହିବାର ଆନନ୍ଦ ମିଳୁଥାଏ, ଏକ ପରମ ଏକତ୍ୱ ଭିତରେ ପ୍ରେମର ସମ୍ବନ୍ଧଗୁଡ଼ିକ ପ୍ରେମ ସହିତ ମିଶିଯିବାର ଆନନ୍ଦ ମିଳୁଥାଏ; ଶାଶ୍ୱତ ଏକତ୍ୱର ଅନେକ ଶକ୍ତି, ଅନେକ ସତ୍ତ୍ୱ ଓ ଅନେକ ସତ୍ତା, ତଥା ରୂପାୟତର ଅନେକ ରୂପାୟନର ମିଳନ ସଂଘଟିତ ହେଉଥାଏ । ପରମ ଚିନ୍ମୟ ସତ୍ତାର ଚେତନାଗତ ଏହି ଶକ୍ତିଗୁଡ଼ିକର ଭିତ୍ତି ଉପରେହିଁ ସତ୍ତା ଉପରେ ସମ୍ଭୂତର ଯାବତୀୟ ଲୀଳା ଆତ୍ମପ୍ରକାଶ କରିବାରେ ଲାଗିଥାଏ । ମାତ୍ର ଆପଣାର ଆଧ୍ୟାତ୍ମିକ ମୂଳଗତ ଭୂମି ଉପରେ ଏହିସବୁ ଶକ୍ତି ଆତ୍ମାର ସ୍ୱରୂପଶକ୍ତି ହୋଇ ରହିଥା'ନ୍ତି; କାହାର ଅଧୀନ ବା ସାଧନପରି କାମ କରୁନଥା'ନ୍ତି, କୌଣସିପ୍ରକାରେ ଗଠିତ, ପରିକଳ୍ପିତ କିମ୍ବା ବହିଃସୃଷ୍ଟ ହୋଇ ନଥା'ନ୍ତି । ପରମ ଅଭିନ୍ନ ବା ଅଦ୍ୱୟ ଆପଣାକୁହିଁ କ୍ଷେତ୍ରରୂପେ ବ୍ୟବହାର କରି ଆପଣା ଉପରେ କ୍ରିୟାଶୀଳ ହୁଅନ୍ତି, ସେତେବେଳେ ତାଙ୍କର ଆତ୍ମଚେତନାରେ ଯେଉଁସବୁ ଜ୍ୟୋତିର୍ମୟ ଆତ୍ମଜାତ ଉପାଦାନଗୁଡ଼ିକର ପ୍ରକାଶ ହୋଇଥାଏ, ଏହି ଶକ୍ତିଗୁଡ଼ିକ ତାହାର ବ୍ୟତୀତ ଆଉ କିଛିହେଲେ ନୁହନ୍ତି । ଶୁଦ୍ଧ ଚିନ୍ମୟ ଆତ୍ମାହିଁ ଏଠାରେ ଦୃଷ୍ଟିରୂପେ ପ୍ରତିଭାତ ହୁଅନ୍ତି, ଅନୁଭୂତିରୂପେ ସେଇ ସ୍ପନ୍ଦିତ ହୋଇଉଠନ୍ତି, ଆତ୍ମସ୍ୱର ହୋଇ ସେଇ ସକଳ ବୋଧ ଓ ଅବଧାରଣାରୂପେ ପ୍ରକାଶିତ ହୁଅନ୍ତି । ବସ୍ତୁତଃ ସକଳ ଜ୍ଞାନ କେବଳ ତାଦାତ୍ମ୍ୟଜ୍ଞାନରେ ରୂପାନ୍ତରିତ ହୋଇଯାଏ, ଏକତ୍ୱଜ୍ଞାନର ଅନେକସମାହୃତ ଆତ୍ମବସ୍ତୁରେ ସେଗୁଡ଼ିକ ଆପଣା ଶକ୍ତିରେ ଆପେ ଶକ୍ତିମାନ ହୋଇଯାଏ, ଆପଣା ଉଦ୍ଘାଟନରେ ଆପେ ସ୍ପନ୍ଦିତ ହେଉଥାଏ ।

'oaob.nitrkl.ac.in' images reprocessed

ପରମ ଚିନ୍ମୟ ଆତ୍ମାର ଅନନ୍ତ ଆତ୍ମ-ଅନୁଭବ ବିଶ୍ୱଗତ ତାଦାତ୍ମ୍ୟକତା ଏବଂ ଏକ ଅନେକରୂପାତ୍ମିକ ତାଦାତ୍ମ୍ୟକତା ମଧ୍ୟରେ ଗତି କରିବାରେ ଲାଗିଥାଏ । ଗୋଟିଏ ପାଖରେ ଆତ୍ମସମାହିତ ସ୍ୱରୂପାନନ୍ଦ ରହିଥାଏ ଓ ଅପର ପାଖରେ ଅନ୍ତରଙ୍ଗ ବହୁବିଚିତ୍ରତାମୟ ଏକତ୍ୱର ଆନନ୍ଦ ଏବଂ ଏକ ପୂର୍ଣ୍ଣନିମଗ୍ନ ଆତ୍ମଗତ ଆନନ୍ଦମୂର୍ଚ୍ଛନା ବିରାଜମାନ ଥାଏ ।

ଯେତେବେଳେ ଏକାତ୍ମବୋଧର ଶକ୍ତିଠାରୁ ଭେଦାତ୍ମବୋଧର ଶକ୍ତି ଅଧିକ ହୁଏ, ସେତିକିବେଳେ ଏକ ଭେଦଦର୍ଶୀ ଜ୍ଞାନ ଜନ୍ମଲାଭ କରିଥାଏ । ଆତ୍ମା ତଥାପି ବିଷୟ ସହିତ ଆପଣାର ଅଭେଦ ବିଷୟରେ ସଚେତନ ଥାଏ, ମାତ୍ର ଅନ୍ତରଙ୍ଗ ପାର୍ଥକ୍ୟଟିର ମାଳାକୁ ଯେତେ ଦୂର ଲମ୍ବାଇବା ସମ୍ଭବ ସେତେ ଦୂରକୁ ଲମ୍ବାଇ ରଖିଥାଏ । ପ୍ରଥମେ ଏହି ଭେଦଭାବନା ଆତ୍ମା ଓ ଅନାତ୍ମାରୂପେ ଦେଖାଦିଏ ନାହିଁ, କେବଳ ନିଜର ଆତ୍ମା ଓ ଅନ୍ୟ-ଆତ୍ମାର ସନ୍ଦର୍ଶନ କରୁଥାଏ । ତାଦାତ୍ମ୍ୟଜ୍ଞାନ ଓ ତାଦାତ୍ମ୍ୟଦ୍ୱାରା ଉପଲବ୍ଧ ଜ୍ଞାନ ତେବେ ବି ଏଠାରେ କେତେକ ପରିମାଣରେ ଉପସ୍ଥିତ ଥାଏ; ମାତ୍ର ଦୃଷ୍ଟିମୟ ଓ ସଂସ୍ପର୍ଶଜାତ ଜ୍ଞାନର ବୋଝଟି ମଧ୍ୟ ତା' ଉପରେ ଆସି ପଡ଼ିବାକୁ ଆରମ୍ଭ କରେ, ତାହାକୁ ଏକାବେଳକେ ଲୁଚାଇଦିଏ ଏବଂ ଅବଶେଷରେ ତାହାର ସ୍ଥାନକୁ ଏପରିଭାବରେ ଅଧିକାର କରିନିଏ ଯେ ସେତେବେଳେ ତାହା ଏକ ଗୌଣ ଜ୍ଞାନରେ ପରିଣତ ହୋଇଯାଏ । ମନେହୁଏ, ସତେଯେପରି ଏହା ପାରସ୍ପରିକ ସଂସ୍ପର୍ଶର କାରଣ ନୁହେଁ, କେବଳ ଏକ ପରିଣାମ ମାତ୍ର । ସେତେବେଳେ ମଧ୍ୟ ଯେଉଁ ଆବେଷ୍ଟନକାରୀ ଓ ବ୍ୟାପକ ସଂସ୍ପର୍ଶ, ପରସ୍ପରର ଅନ୍ତଃପ୍ରବେଶ ଓ ସେଥିରୁ ଉପୁଜୁଥିବା ଅନ୍ତରଙ୍ଗତା ବିଦ୍ୟମାନ ଥାଏ, ସେଗୁଡ଼ିକ ଏକାତ୍ମବୋଧର ପରିଣାମ ବୋଲି ମନେ ନହୋଇ କାରଣପରି ବୋଧହୁଏ । ଏବଂ ଶେଷକୁ ତାଦାତ୍ମ୍ୟକତା ପର୍ଦ୍ଦାର ଉହାଡ଼ ଭିତରେ କୁଆଡ଼େ ଅନ୍ତର୍ହିତ ହୋଇଯାଏ, ଏବଂ ସେତେବେଳେ ଅନ୍ୟ ସତ୍ତ୍ୱଗୁଡ଼ିକ ସହିତ ସତ୍ତ୍ୱର ଲୀଳା ଓ ଅନ୍ୟ ଚେତନାଗୁଡ଼ିକ ସହିତ ଚେତନାର ଲୀଳା ଚାଲେ । ତଥାପି ତାଦାତ୍ମ୍ୟକତାର ଏକ ଅନ୍ତର୍ଧାରା ପ୍ରଚ୍ଛନ୍ନ ହୋଇ ରହିଥାଏ, ମାତ୍ର ତାହା ଅନୁଭୂତିର ପୃଷ୍ଠ ଉପରେ ଉବୁଟି ପାରେ ନାହିଁ, ତାହାର ସ୍ଥାନ ଅଧିକାର କରି ପ୍ରତ୍ୟକ୍ଷ ଗ୍ରହଣ ଓ ଅନ୍ତର୍ପ୍ରବେଶ କରୁଥିବା ଏକ ସଂସ୍ପର୍ଶର ଆବିର୍ଭାବ ହୁଏ, ପରସ୍ପରର ମିଶ୍ରଣ ଓ ଆଦାନପ୍ରଦାନ ଲାଗିଯାଏ । ଏବଂ ଏହି ପାରସ୍ପରିକ କ୍ରିୟାତ୍ମକତା ଫଳରେ ହିଁ ଏକ ଅଳ୍ପବହୁତ ଅନ୍ତରଙ୍ଗ ଜ୍ଞାନ, ପାରସ୍ପରିକ ସଚେତନତା ବା ବିଷୟ ସମ୍ବନ୍ଧରେ ସଚେତନତା ସମ୍ଭବ ହୋଇ ରହିଥାଏ । ଆତ୍ମା ଆତ୍ମା ସହିତ ସମ୍ମିଳିତ ହେବାର କୌଣସି ଅନୁଭୂତି ନଥାଏ, ମାତ୍ର ଏକ ପାରସ୍ପରିକତା ଅବଶ୍ୟ ରହିଥାଏ । ତଥାପି ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣଭାବେ ପୃଥକ୍ ହୋଇଯିବା ଘଟି ନଥାଏ, ଅପରକୁ ଆପଣାଠାରୁ ଏକାବେଳକେ ଅଲଗା କରି ଦେଖିବା ଅଥବା ପରିପୂର୍ଣ୍ଣ ଅବିଦ୍ୟା ଏପର୍ଯ୍ୟନ୍ତ ଆସି

'oaob.nitrkl.ac.in' images reprocessed

ନଥାଏ । ଏହି ଚେତନାକୁ ଆମେ ଏକ ଦ୍ୱିସ୍ତ ବା ଖର୍ବୀକୃତ ଚେତନା ବୋଲି କହିପାରିବା, ତଥାପି ତାହା ଭିତରେ ମୂଳ ଜ୍ଞାନର ଶକ୍ତି କେତେକ ପରିମାଣରେ ଅବଶ୍ୟ ବର୍ତ୍ତମାନ ରହିଛି । ଅବଶ୍ୟ ଏକଥା ଠିକ୍ ଯେ ସେହି ଜ୍ଞାନ ଆପଣାର ମୂଳ ସ୍ୱରୂପଟିରେ ଯେପରି ପୂର୍ଣ୍ଣ ହୋଇ ରହିଥିଲା, ଖଣ୍ଡତା ହେତୁ ସେହି ପୂର୍ଣ୍ଣତାକୁ ହରାଇ ତାହା ଅନେକାଂଶରେ କ୍ଷୀଣଶକ୍ତି ହୋଇପଡ଼ିଛି । କେଣୁ ତାହା ଭେଦ ମଧ୍ୟରେ ନିଷ୍କ୍ରିୟ ରହି କେବଳ ଏକ ଘନିଷ୍ଠତାର ବୋଧ ଜାଗ୍ରତ କରାଉଛି, ମାତ୍ର ଏକତ୍ୱ-ବୋଧକୁ ଫୁଟାଇ ପାରୁ ନାହିଁ । ସେହି କ୍ଷେତ୍ରରେ ବସ୍ତୁକୁ ନେଇ ଚେତନାର ଅନ୍ତର୍ଭୁକ୍ତ କରିବାର ଶକ୍ତି ବର୍ତ୍ତମାନ ରହିଛି ଏବଂ ଅବେକ୍ଷଣଦ୍ୱାରା ବସ୍ତୁଚେତନା ଓ ବସ୍ତୁଜ୍ଞାନ ଲାଭ କରିବାର ଶକ୍ତି ମଧ୍ୟ ରହିଛି; ମାତ୍ର ବର୍ତ୍ତମାନ ଯାହା କେବଳ ବାହାରର ବସ୍ତୁ ହୋଇ ରହିଛି, ଏଠାରେ କେବଳ ତାହାକୁହିଁ ଅନ୍ତର୍ଭୁକ୍ତ କରାଯାଉଛି । କେବଳ ଏକ ଉପଲବ୍ଧି, ଅର୍ଥାତ୍ ପୁନରାବର୍ତ୍ତିତ ଜ୍ଞାନଦ୍ୱାରାହିଁ ଏହାକୁ ଆମ ଅପାର ଏକ ଉପାଦାନରେ ରୂପାନ୍ତରିତ କରାଯାଇ ପାରିବ, ବସ୍ତୁର କ୍ଷେତ୍ରଟିରେ ଚେତନାକୁ ଅଧିଷ୍ଠିତ କରିପାରିଲେ ଯାଇ ଏହା ସମ୍ଭବ ହେବ, ବସ୍ତୁ ଉପରେ କେନ୍ଦ୍ରୀଭୂତ ହୋଇ ତାହାକୁ ସତ୍ତାର ଏକ ଅଂଶରୂପେ ଅଧିକାର କରିନେଇ ପାରିଲେ ତାହା ହୋଇପାରିବ । ସେହି କ୍ଷେତ୍ରରେ ଅନ୍ତଃପ୍ରବେଶର ଶକ୍ତି ଅବଶ୍ୟ ରହିଛି, ମାତ୍ର ସେଥିରେ କୌଣସି ପ୍ରସାରକ ପରିବ୍ୟାପ୍ତି ନାହିଁ, ବା ଆମକୁ ତଦାତ୍ମକତା ଆଡ଼କୁ ଅଗ୍ରସର କରାଇନେବାର ଶକ୍ତି ମଧ୍ୟ ନାହିଁ । ତାହା କେବଳ ଯେତିକି ପାରୁଛି, ସେତିକି ହସ୍ତଗତ କରିବାରେ ଲାଗିଛି; ଏହିପରି ଭାବରେ ଯେତିକି ଅର୍ଜନ କରୁଛି, କେବଳ ସେତିକି ଗ୍ରହଣ କରୁଛି । ଜ୍ଞାନର ବସ୍ତୁ ବା ଜ୍ଞେୟ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ତଥ୍ୟସାମଗ୍ରୀଗୁଡ଼ିକୁ କର୍ତ୍ତା ବା ଜ୍ଞାତା ପାଖକୁ ବହନ କରି ନେଉଛି । ଏବେ ମଧ୍ୟ ଚେତନା ସହିତ ଚେତନାର ଏକ ପ୍ରତ୍ୟକ୍ଷ ଓ ଅନ୍ତଃପ୍ରବେଶକ୍ଷମ ସମ୍ପର୍କ ଘଟାଇବାର ଶକ୍ତି ବଳବତ୍ତର ରହିଛି ଯାହାଫଳରେ କି ସ୍ପଷ୍ଟ ଓ ଅନ୍ତରଙ୍ଗ ଜ୍ଞାନ ଲାଭ କରାଯାଇ ପାରିବ; ମାତ୍ର କେବଳ ଯେଉଁଠାରୁ ବାହ୍ୟରେ ସମ୍ପର୍କ ଘଟୁଛି ବା ଯେତେବେଳ ପର୍ଯ୍ୟନ୍ତ ସମ୍ପର୍କ ସମ୍ଭବ ହେଉଛି, ଏହି ଜ୍ଞାନ ତାହାର ମଧ୍ୟରେହିଁ ସୀମାବଦ୍ଧ ରହିଛି । ଏହି କ୍ଷେତ୍ରରେ ତଥାପି ଏକ ପ୍ରତ୍ୟକ୍ଷ ବୋଧ ରହିଛି; ବସ୍ତୁର ଅନ୍ତର୍ଦେଶରେ, ବହିର୍ଦେଶରେ ତଥା ଉପରିସ୍ତରରେ ଯାହାକିଛି ରହିଛି, ତାହାକୁ ଦେଖିପାରିବା ଓ ଅନୁଭବ କରିପାରିବା ଲାଗି ଏକ ଚେତନ ଦୃଷ୍ଟି ଓ ଚେତନ ଅନୁଭବସାମର୍ଥ୍ୟ ବିଦ୍ୟମାନ ଅଛି । ସତ୍ତା ଓ ସତ୍ତା ମଧ୍ୟରେ ତଥାପି ଅନ୍ତଃପ୍ରବେଶ ଘଟୁଛି, ଅନ୍ତର୍ବିନିମୟ ଲାଗିରହିଛି । ସତ୍ତ୍ୱ ସତ୍ତ୍ୱ ଓ ଚେତନା ଚେତନା ମଧ୍ୟରେ ଯାବତୀୟ ପ୍ରକାରର ଚେତେ ବେଦନା, ଅନୁଭୂତି ଓ ଶକ୍ତିର ତରଙ୍ଗମାଳାର ଅନ୍ତଃପ୍ରବେଶ ଓ ବିନିମୟ ଲାଗିରହିଛି । ସେଗୁଡ଼ିକ ଦ୍ୱାରା ସହାନୁଭୂତି ଓ ସମ୍ମିଳନର କମ୍ପନ ବିରୋଧ ଓ ସଂଘର୍ଷର

'oaob.nitrkl.ac.in' images reprocessed

ଗତିସ୍ପନ୍ଦନରୂପେ ପ୍ରକାଶିତ ହେଉଛନ୍ତି । ଅନ୍ୟମାନଙ୍କୁ ଆପଣାର ଅଧିକାରକୁ ଟାଣି ଆଣି କିମ୍ବା ଆପେ ଅନ୍ୟ ଏକ ଚେତନା ବା ସତ୍ତାଦ୍ୱାରା ଅଧିକୃତ ହେବାଲାଗି ସମ୍ମତି ଜ୍ଞାପନ କରି ମଧ୍ୟ ଐକ୍ୟସାଧନାର ପ୍ରୟାସ ବେଶ୍ କରାଯାଇ ପାରେ । ଅଥବା ପରସ୍ପରକୁ ଅନ୍ତର୍ଭୁକ୍ତ କରିନେଇ, ପରସ୍ପର ମଧ୍ୟରେ ବ୍ୟାପ୍ତ ହୋଇ ଏବଂ ପରସ୍ପରକୁ ଅଧିକାର କରି ମଧ୍ୟ ଏହି ଏକତ୍ୱଟିକୁ ଠେଲି ଆଗକୁ ନିଆଯାଇ ପାରେ । ଆପଣାର ପ୍ରତ୍ୟକ୍ଷ ସଂସ୍ପର୍ଶର ସାମର୍ଥ୍ୟଦ୍ୱାରା ଜୀବ ଏହିସବୁ କ୍ରିୟା ଓ ପ୍ରତିକ୍ରିୟା ବିଷୟରେ ସର୍ବଦା ଅବଗତ ରହିଥାଏ ଏବଂ ଏହାରି ଭିତ୍ତି ଉପରେହିଁ ସେ ଆପଣା ଚତୁଃପାର୍ଶ୍ୱରେ ରହିଥିବା ଜଗତଟି ସହିତ ନିଜ ସମ୍ବନ୍ଧଗୁଡ଼ିକୁ ସଂଯୋଜିତ କରି ରଖିଥାଏ । ଚେତନା ଦ୍ୱାରା ବିଷୟ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶ ଘଟାଇ ଯେଉଁ ଜ୍ଞାନ ଲାଭ କରାଯାଇଥାଏ, ଏହାକୁହିଁ ଆମେ ତାହାର ହସ୍ତ ବୋଲି କହିବା । ଏହି ଜ୍ଞାନ ଆମର ଅନ୍ତର୍ସତ୍ତା ପାଖରେ ଅତ୍ୟନ୍ତ ସ୍ୱାଭାବିକ, ମାତ୍ର ଆମର ବହିଃସ୍ଥସତ୍ତ୍ୱ ପ୍ରକୃତି ପାଖରେ ଏହା ସମ୍ପୂର୍ଣ୍ଣ ଅପରିଚିତ ହୋଇ ରହିଥାଏ ଅଥବା ଅତି ଅପୂର୍ଣ୍ଣଭାବରେ ପରିଚିତ ହୋଇଥାଏ ।

ଭେଦଦର୍ଶୀ ଅବିଦ୍ୟାର ଏହି ପ୍ରଥମ ଅବସ୍ଥାଟିକୁ ଆମେ ତଥାପି ଜ୍ଞାନର ଏକ କ୍ରୀଡ଼ାଙ୍ଗନ ବୋଲି କହିପାରିବା, ମାତ୍ର ସେହି ଜ୍ଞାନ ଏଠାରେ ବଡ଼ ସୀମାବଦ୍ଧ ହୋଇ ରହିଥାଏ, ବଡ଼ ଭେଦଦର୍ଶୀ ହୋଇ ରହିଥାଏ । ଅନ୍ତର୍ଗୂଢ଼ ଏକତ୍ୱର ଏକ ଶଯ୍ୟା ଉପରେ ପ୍ରତିଷ୍ଠିତ ରହିହିଁ ଏଠାରେ ବିବିକ୍ତ ଓ ଖଣ୍ଡିତ ସତ୍ତାର ଖେଳ ଲାଗି ରହିଥାଏ, ଏବଂ ତାହାଫଳରେ ସଗୁପ୍ତ ଏକତ୍ୱର କେବଳ ଏକ ଅପୂର୍ଣ୍ଣ ପ୍ରକାଶହିଁ ସମ୍ଭବ ହୁଏ । ଆମେ ଯାହାକୁ ତଦାତ୍ମ୍ୟତାର ପରିପୂର୍ଣ୍ଣ ଓ ଅନ୍ତର୍ଗତ ଜ୍ଞାନ ବୋଲି କହୁଁ ବା ଯାହାକୁ ତାଦାତ୍ମ୍ୟଜ୍ଞାନର କ୍ରିୟା ବୋଲି କହୁଁ, ସେଗୁଡ଼ିକ ହେଉଛି ଏକ ଉଚ୍ଚତର ଅସ୍ତିତ୍ୱର ସମ୍ପଦ । ପ୍ରତ୍ୟକ୍ଷ ସଂସ୍ପର୍ଶ ଦ୍ୱାରା ଲାଭ କରାଯାଉଥିବା ଏହି ଜ୍ଞାନ ହେଉଛି ଚେତନାଗତ ସେହି ଉଚ୍ଚତମ ଓ ଅତିପ୍ରାକୃତ ମାନସଭୂମିଗୁଡ଼ିକର ପ୍ରଧାନ ଲକ୍ଷଣ । ଅବିଦ୍ୟାର ଏକ ପ୍ରାଚୀରଦ୍ୱାରା ଆମର ଏହି ବହିଃସ୍ଥସତ୍ତ୍ୱ ସତ୍ତାଲାଗି ସେହିସବୁ ଭୂମି ଅନ୍ତରାଳ ହୋଇ ରହିଛି । ଜଡ଼ାତୀତ ମନର ନିମ୍ନତର ଭୂମିରେ ମଧ୍ୟ ଏହି ଜ୍ଞାନର ପ୍ରକାଶ ହୋଇଥାଏ, ମାତ୍ର ସେଠାରେ ତାହା ଅତ୍ୟନ୍ତ ଖର୍ବାକାର ଭାବରେ ହୁଏ ଓ ସେଠାରେ ଭେଦଦର୍ଶନର ରୂପଗୁଡ଼ାକ ବଡ଼ ସ୍ପଷ୍ଟଭାବରେ ପଡ଼ିଥାଏ । ଯାହାକିଛି ଜଡ଼ାତୀତର କଳ୍ପନା କରାଯାଇପାରେ, ସେଠାରେ ମଧ୍ୟ ଏହି ଜ୍ଞାନ ଏକ ଉପାଦାନରୂପେ ରହିଛି ଓ ରହିପାରେ । ଆମ ଅଧିଚେତନ ସତ୍ତାଲାଗି ଏହାହିଁ ହେଲା ଜ୍ଞାନଲାଭର ସର୍ବମୁଖ୍ୟ ସାଧନ, ତା'ର ଚେତନାର ସର୍ବପ୍ରଧାନ ଅବଲମ୍ବନ । କାରଣ ଅଧିଚେତନ ସତ୍ତା ଅର୍ଥାତ୍ ଅନ୍ତର୍ଗତ ସତ୍ତା ଏହିସବୁ ଉଚ୍ଚତର ଭୂମିରୁ ଅବଚେତନ ଭୂମି ଉପରକୁ ପ୍ରକ୍ଷେପିତ ହୋଇ ରହିଛି । ତେଣୁ ସେଥିରେ ସତେଅବା ଉତ୍ତରାଧିକାର

'oaob.nitrkl.ac.in' images reprocessed

ସ୍ତରରେ ପାଇଥିବା ପରି ତାହାର ଉଚ୍ଚଭୂମିଗୁଡ଼ିକର ଚେତନାଗତ ଲକ୍ଷଣ ମଧ୍ୟ ବଳବତ୍ତର ରହିଛି, ଅର୍ଥାତ୍ ଏହି ସତ୍ତାଟି ସହିତ ଅନ୍ତରଙ୍ଗ ସମ୍ପର୍କ ଏବଂ ଆତ୍ମୀୟତା ହେତୁ ସେହିସବୁ ଉଚ୍ଚଭୂମିର ଏକ ନିବିଡ଼ ସଂଯୋଗ ରହିଛି । ଆମ ବାହ୍ୟ ସତ୍ତାଟି ଉପରେ ଆମର କସ୍ତୁର କରି ବସିଲେ ଆମେ ହେଉଛୁ ପରମ ନିଶ୍ଚେତନତାର ସନ୍ତାନ; ଆମର ଅନ୍ତର୍ସତ୍ତାହିଁ ଆମକୁ ମନ, ପ୍ରାଣ ଓ ଚିନ୍ମୟତାର ଉଚ୍ଚତର ଶିଖରଭୂମିଗୁଡ଼ିକର ଉତ୍ତରାଧିକାରୀ କରାଇପାରିଛି । ଆମେ ଯେତିକି ଯେତିକି ଭିତର ଆଡ଼କୁ ଉନ୍ମୋଚିତ ହୋଇ ଯାଉଥିବା, ଆପଣା ଭିତରକୁ ଯାଉଥିବା ଓ ଆପଣା ଭିତରେ ବାସ କରୁଥିବା, ଏବଂ ଆପଣା ଭିତରେ ରହୁଥିବା ସମ୍ପଦଗୁଡ଼ିକୁ ଗ୍ରହଣ କରିବାରେ ସମର୍ଥ ହେଉଥିବା, ଆମ ନିଶ୍ଚେତନ ଉତ୍ପତ୍ତିମୂଳଟିର ଅଧୀନ ହୋଇ ରହିବାର ଦଶାରୁ ଆମେ ସେତିକି ସେତିକି ମୁକ୍ତ ହେବାରେ ଲାଗିଥିବା, ଏବଂ ଏଠାରେ ବର୍ତ୍ତମାନ ଆମର ଅବିଦ୍ୟାଜନିତ ଯାହାସବୁ ଅବଚେତନ ହୋଇ ରହିଛି, ତାହାରି ଆଡ଼କୁ ଅଗ୍ରସର ହେଉଥିବା ।

ସତ୍ତାରୁ ସତ୍ତା ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଗଲେ ଅବିଦ୍ୟା ମଧ୍ୟ ପୂର୍ଣ୍ଣତାପ୍ରାପ୍ତ ହୁଏ । ସେତେବେଳେ ଚେତନା ସହିତ ଚେତନାର ଯାବତୀୟ ପ୍ରତ୍ୟକ୍ଷ ସମ୍ପର୍କ ହୁଏତ ଏକାବେଳକେ ଆବରଣ ତଳେ ଲୁଚି ରହେ ବା ଏକ ବହଳ ପରସ୍ତଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛନ୍ନ ହୋଇ ରହିଯାଏ; ଅବଶ୍ୟ ଆମର ଅଧିଚେତନ ପ୍ରଦେଶଗୁଡ଼ିକରେ ତଥାପି ତାହାର କାର୍ଯ୍ୟ ଚାଲିଥାଏ । ଠିକ୍ ସେହିପରି ସମ୍ପୂର୍ଣ୍ଣ ଲୁକ୍କାୟିତ ଭାବରେ ଏବଂ ପ୍ରତ୍ୟକ୍ଷ କ୍ରିୟାଶୀଳତାର କୌଣସି ସଙ୍କେତ ନଦେଇ ତଦାତ୍ମକତା ଓ ଏକତ୍ୱ ମଧ୍ୟ ବଡ଼ ଗୋପନ ଭାବରେ ଆଧାରରୂପେ ଅଧିଷ୍ଠିତ ରହିଥାଏ । ଉପରେ ବହିଃସତ୍ତାରେ ଏକ ପରିପୂର୍ଣ୍ଣ ବିଚ୍ଛିନ୍ନତା ଦୃଷ୍ଟିଗୋଚର ହୁଏ, ଆତ୍ମା ଓ ଅନାତ୍ମା ମଧ୍ୟରେ ବିଭାଜନ ଠିଆହୋଇ ରହିଥାଏ । ଅନାତ୍ମା ସହିତ ମଧ୍ୟ ସମ୍ବନ୍ଧଯୁକ୍ତ ହେବାର ଆବଶ୍ୟକତା ରହିଥାଏ, ମାତ୍ର ତାକୁ ଜାଣିବାଲାଗି ବା ଆୟତ୍ତରେ ଆଣିବାଲାଗି କୌଣସି ପ୍ରତ୍ୟକ୍ଷ ସାଧନ ମହଜୁଦ ନଥାଏ । ଏପରି ଅବସ୍ଥାରେ ପ୍ରକୃତି ପରୋକ୍ଷ ସାଧନଗୁଡ଼ିକର ସୃଷ୍ଟି କରେ, ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ବସ୍ତୁ ସହିତ ସମ୍ପର୍କସ୍ଥାପନ ହୁଏ, ସ୍ନାୟୁସ୍ରୋତ ମଧ୍ୟଦେଇ ବହିର୍ଗତ ଅଭିଘାତଗୁଡ଼ିକର ସମ୍ବାଦକୁ ଭିତରକୁ ବହନ କରି ନିଆଯାଏ; ମନର ପ୍ରତିକ୍ରିୟା ଓ ସଂଯୋଜନାଗୁଡ଼ିକ ସ୍ଥୂଳେନ୍ଦ୍ରିୟଗତ କାର୍ଯ୍ୟସମୂହର ସହାୟକ ଓ ପରିପୂରକ ପରି କାର୍ଯ୍ୟ କରୁଥାଏ । ଏଠାରେ ଯେତେଯାହା ବୁଝାଗଲା, ସେସବୁ ହେଉଛି କେବଳ ପରୋକ୍ଷ ଜ୍ଞାନଲାଭର ଉପାୟ । କାରଣ ଏହିସବୁ ସାଧନଗୁଡ଼ିକ ଉପରେ ନିର୍ଭର କରିବା ସକାଶେ ଚେତନାକୁ ବାଧ୍ୟ ହେବାକୁ ପଡ଼େ ଏବଂ ତାହା ବସ୍ତୁଗୁଡ଼ିକ ଉପରେ ସିଧାସଳଖ କାର୍ଯ୍ୟ କରିପାରେ ନାହିଁ । ଏହିସବୁ ସାଧନଗୁଡ଼ିକ ସହିତ ଏକ ବୁଦ୍ଧି, କଳ୍ପନା ଓ ପ୍ରତିବୋଧ ଆସି ଏକାଠି ମିଶିଯାଏ, ପରୋକ୍ଷ ଭାବରେ

'oaob.nitrkl.ac.in' images reprocessed

ଆନୀତ ଯେଉଁସବୁ ସମ୍ବାଦକୁ ସେଗୁଡ଼ିକ ପାଖରେ ଉପସ୍ଥାପିତ କରାଯାଏ, ସେଗୁଡ଼ିକ ତାହାକୁହିଁ ଗ୍ରହଣ କରନ୍ତି, ସେଇଗୁଡ଼ିକୁହିଁ ସଜାଇ ରଖନ୍ତି, ଆହୃତ ତଥ୍ୟଗୁଡ଼ିକର ସାହାଯ୍ୟରେ ଅଜଣାକୁ ଯଥାସମ୍ଭବ ବଶରେ ଆଣିବାକୁ ଓ ଅଧିକାର କରିବାକୁ ଚେଷ୍ଟା କରୁଥା'ନ୍ତି । ଅଥବା ଖଣ୍ଡିତ ସତ୍ତାକୁ ମୂଳ ଭେଦଦର୍ଶୀ ଜ୍ଞାନ ଯେତିକି ଅନୁମତି ଦଏ, କେବଳ ସେତିକି ପରିମାଣରେ ଅଜଣା ସହିତ ଏକ ଆଂଶିକ ଐକ୍ୟ ଅନୁଭବ କରନ୍ତି । ଏହିସବୁ ସାଧନ ଯେ ଯଥାର୍ଥ ଜ୍ଞାନଲାଭ ଲାଗି ଆଦୌ ଯଥେଷ୍ଟ ନୁହନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ପୁଣି ଅନେକ ସମୟରେ ଏଗୁଡ଼ିକ ବଡ଼ ଅପାରଗ ମଧ୍ୟ ସାବ୍ୟସ୍ତ ହୋଇଥା'ନ୍ତି । ଏହାଛଡ଼ା ମନୋଗତ କ୍ରିୟାବଳୀର ଏହି ପରୋକ୍ଷ ଭୂମିଟି ଜ୍ଞାନକୁ ଏକ ମୌଳିକ ଅନିଶ୍ଚିତତା ଦ୍ୱାରା ସୀମାୟିତ କରି ରଖିଥା'ନ୍ତି । ମାତ୍ର ପ୍ରଥମସ୍ତରସ୍ଥ ଏହି ଅପାରଗତାଟି ଆମର ମନୋଭୂମିଗତ ଅସ୍ତିତ୍ୱର ପ୍ରକୃତିଟି ମଧ୍ୟରେହିଁ ଅନ୍ତର୍ନିହିତ ହୋଇ ରହିଥାଏ । ଆମର ଯେଉଁ ଜଡ଼ ସତ୍ତାଟି ନିଶ୍ଚେତନା ଭିତରୁ ଉଦ୍ଭୂତ ହୋଇ ଉଠିଛି ଓ ଯାହା ଏପର୍ଯ୍ୟନ୍ତ ବନ୍ଧନ ଛଡ଼ାଇ ମୁକ୍ତିଲାଭ କରିପାରି ନାହିଁ, ତାହାର ପ୍ରକୃତି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥାଏ ।

ସଚେତନ ସେହି ପରମ ଅତିଚେତନାହିଁ ବିପରୀତମୁଖୀ ହୋଇ ପୁନର୍ବାର ନିଶ୍ଚେତନାର ରୂପ ଗ୍ରହଣ କରିଛି ! ନିଶ୍ଚେତନା ଭିତରେ ମଧ୍ୟ ସତ୍ତାଗତ ସେହି ପରମତ୍ୱ ଏବଂ କ୍ରିୟାଗତ ସେହି ସ୍ୱୟଂକ୍ରିୟତ୍ୱ ବିଦ୍ୟମାନ ରହିଛି, ମାତ୍ର ଏଠାରେ ସେସବୁ ଏକ ଅତିବସ୍ତୁକ ସମ୍ବୃତସମାଧିର ଅବସ୍ଥାରେ ରହିଛି । ଏଠାରେ ସତ୍ତା ସଚେତନ ନିଜ ଭିତରେ ନିଜକୁ ହରାଇଦେଇଛି, ଆପଣା ଅନନ୍ତତାର ଅତଳ ଭିତରେ ନିମଜ୍ଜିତ ହୋଇ ରହିଛି ! ଆତ୍ମ-ଅସ୍ତିତ୍ୱର ଏକ ଜ୍ୟୋତିର୍ମୟ ଆତ୍ମସମାଧିହିଁ ଯେପରି ଏଠାରେ ରୂପାନ୍ତରିତ ହୋଇ ଏକ ଅନ୍ଧକାରମୟ ସମ୍ବୃତିର ରୂପ ଧାରଣ କରିଛି । ତମ ଆସୀତ୍ ତମସା ଗୂଢ଼ଂ,—ଋକ୍‌ବେଦର ଏହି କଥାଟି ଅନୁସାରେ ଅନ୍ଧକାରକୁ ଅନ୍ଧକାର ଘୋଡ଼ାଇ ରଖିଛି । ଏବଂ ସେଇଥିପାଇଁ ତାହା ଏକ ଅଚେତନତା ପରି ଦେଖା-ଯାଉଛି । ଏକ ଜ୍ୟୋତିର୍ମୟ ଓ ଅନ୍ତର୍ନିହିତ ଆତ୍ମସଚେତନ ସ୍ଥାନରେ ଏଠାରେ ଏକ ଚେତନା ଆତ୍ମବିସ୍ମୃତି ମଧ୍ୟରେ ଅତଳପ୍ରବିଷ୍ଟ ହୋଇ ରହିଛି; ସତ୍ତା ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଛି ମାତ୍ର ସତ୍ତା ଭିତରେ ଜାଗ୍ରତ ହୋଇ ନାହିଁ । ମାତ୍ର ତଥାପି ଏହି ସମ୍ବୃତ ଚେତନାଟିକୁ ସୁପ୍ତ ହୋଇ ରହିଥିବା ଏକ ତାଦାତ୍ମ୍ୟଜ୍ଞାନହିଁ କହିବାକୁ ହେବ; ଆପଣାର ଅନ୍ଧକାରମୟ ଅନନ୍ତ ଗର୍ଭରେ ଅସ୍ତିତ୍ୱଗତ ଯେତେଯେତେ ସତ୍ୟ ଲୁକ୍କାୟିତ ହୋଇ ରହିଛି, ଏହା ଆପଣା ମଧ୍ୟରେ ସେହିସବୁର ସତ୍ତ୍ୱକୁ ବହନ କରି ଚାଲିଛି । ଏବଂ ଯେତେବେଳେ ଏହା କ୍ରିୟାଶୀଳ ରୂପ ଧାରଣ କରି ସୃଷ୍ଟି କରିବାକୁ ଆରମ୍ଭ କରୁଛି,—ମାତ୍ର ଏହା ପ୍ରଥମେ ଚେତନାରୂପେ ନୁହେଁ, ଶକ୍ତିରୂପେହିଁ

'oaob.nitrkl.ac.in' images reprocessed

କାର୍ଯ୍ୟ କରୁଛି;—ସେତେବେଳେ ତାହା ଭିତରେ ଏକ ଅନ୍ତର୍ଗତ ଜ୍ଞାନର ନିର୍ଭୁଲ ନିଖୁଣତା ସହିତ ସବୁକିଛି ସଂଯୋଜିତ ହୋଇଯାଉଛି । ଭୌତିକ ଯାବତୀୟ ପଦାର୍ଥ ମଧ୍ୟରେ ଏକ ପରମ ସଦ୍‌ବସ୍ତୁଗତଜ୍ଞାନ ନୀରବ ଓ ସଂବୃତ ଭାବରେ ବାସ କରୁଛି, ଏକ ଅତ୍ୟନ୍ତ ଶକ୍ତିଶାଳୀ ଓ ସ୍ୱତଃପରିଣାମୀ ଏକ ବୋଧି ଅବସ୍ଥିତ ରହିଛି । ତାହାର ଚକ୍ଷୁ ନାହିଁ, ମାତ୍ର ସେ ଯଥାର୍ଥ ଦର୍ଶନ କରିପାରୁଛି; ଏକ ସ୍ୱୟଂକ୍ରିୟ ବୁଦ୍ଧିମନ୍ତରୂପେ ତାହା ଏପର୍ଯ୍ୟନ୍ତ ଅପ୍ରକଟ ଓ ଅବ୍ୟକ୍ତ ରହିଥିବା କଳ୍ପନାଗୁଡ଼ିକୁ ରୂପାୟିତ କରିବାରେ ଲାଗିଛି; ତାହାର ଆଖି ବନ୍ଦ ହୋଇ ରହିଛି, ତଥାପି ସେ ସବୁକିଛିକୁ ଅତି ନିଶ୍ଚିତ ଭାବରେ ଦେଖିପାରୁଛି । ସେଠାରେ ବୋଧଶୂନ୍ୟତାର ଆବରଣ ତଳେ ନିର୍ବାକ ଓ ଅବରୁଦ୍ଧ ହୋଇ ଏକ ସଂବେଦନଶକ୍ତି ରହିଛି, ଯାହାକି ଯାହାସବୁ ଘଟାଇବା କଥା ସେଗୁଡ଼ିକୁ ଅତ୍ୟନ୍ତ ନିଶ୍ଚିତତା ସହିତ ଘଟାଇପାରୁଛି; ସେଥିରେ କେବେହେଲେ କୌଣସି ତ୍ରୁଟି ରହୁ ନାହିଁ । ପରମ ଅଚେତନ ମଧ୍ୟରେ ରହିଥିବା ଏହିସବୁ ଅବସ୍ଥା ଓ କ୍ରିୟା ଅତି ସ୍ପଷ୍ଟଭାବରେ କୀଟର ଅବଚେତନା ଭିତରେ ରହିଥିବା ତତ୍‌ସ୍ଥ ସେହିସବୁ ଅବସ୍ଥା ଓ କ୍ରିୟାର ଅନୁରୂପ ହୋଇ ରହିଛି, ମାତ୍ର କେବଳ ମୂଳସ୍ଥିତ ଆତ୍ମଜ୍ୟୋତିର ସ୍ଥାନରେ ଆତ୍ମଅନ୍ଧକାରର ଛାୟାରେ ସେଗୁଡ଼ିକୁ ଲୁଚାଇ ଦିଆଯାଇଛି । ଏହିସବୁ ଶକ୍ତି ଜଡ଼ଭୂତ ରୂପ ମଧ୍ୟରେ ଅନ୍ତର୍ନିହିତ ରହିଛନ୍ତି, ମାତ୍ର ରୂପ ସେଗୁଡ଼ିକୁ ଆଦୌ ଅଧିକାର କରି ନେଇ ନାହିଁ, ସେଗୁଡ଼ିକ ତଥାପି ସେହି ରୂପଗୁଡ଼ିକର ନିର୍ବାକ ଅବଚେତନ ମଧ୍ୟରୁହିଁ କାର୍ଯ୍ୟ କରୁଛନ୍ତି ।

ସଂବୃତଠାରୁ ଆରମ୍ଭ କରି ପ୍ରକାଶମୟତା ଯାଏ ଆପଣାର ବିବର୍ତ୍ତନପଥରେ ଯେପରି ଚେତନାର କ୍ରମୋଦ୍‌ଭବ ହେବାରେ ଲାଗିଛି, ଏହି ଜ୍ଞାନଟିର ସାହାଯ୍ୟରେ ଆମେ ତାହାର ବିଭିନ୍ନ ସୋପାନଗୁଡ଼ିକୁ ଅତି ସ୍ପଷ୍ଟଭାବରେ ବୁଝିବାକୁ ସମର୍ଥ ହେବା । ଏହି ବିଷୟରେ ଏକ ସାଧାରଣ ଧାରଣା ଅର୍ଜନ କରିବାକୁ ଆମେ ଆଗରୁ ଚେଷ୍ଟା କରି ଆସିଛୁ । ଭୌତିକ ଅସ୍ତିତ୍ୱ ଭିତରେ ଯେଉଁ ଦୀପ୍ତିସ୍ୱାପନ୍ନତା ରହିଛି, ତାହା ହେଉଛି ଦୈହିକ, ମାନସିକ ନୁହେଁ । ମାତ୍ର ଏକ ଅଧିଚେତନ ପରମତତ୍ତ୍ୱ ଅଧିଷ୍ଠିତ ଅଛି, ଯାହାକୁ କି ଆମେ ଅଚେତନ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଏକମାତ୍ର ଓ ଅଦୃଶ୍ୟ ପରମଚେତନ ବୋଲି କହିପାରିବା, ଏବଂ ସେହି ପରମଚେତନହିଁ ସେହି କ୍ଷେତ୍ରର ଯାବତୀୟ କ୍ରିୟାତ୍ମକତାର ନିରୂପଣ ଓ ନିୟନ୍ତ୍ରଣ କରୁଛି । ଯେକୌଣସି ଭୌତିକ ବସ୍ତୁ ଆପଣା ଚତୁଃପାର୍ଶ୍ୱସ୍ଥ ବସ୍ତୁଗୁଡ଼ିକର ସଂସ୍ପର୍ଶଗତ ଛାପଗୁଡ଼ିକୁ ଯେ ଗ୍ରହଣ କରୁଛି, ଆପଣା ଭିତରେ ଧାରଣ କରି ରଖୁଛି, ଓ ତାହା ଭିତରୁ ଯେ ନାନାବିଧ ଶକ୍ତି ଉଦ୍‌ଗତ ହେବାରେ ଲାଗିଛନ୍ତି, ତାହା ଆଗରୁ ବୁଝାଯାଇଛି । ତାହାଫଳରେ ଏକ [illegible] ଜ୍ଞାନ ଆପଣାର ଅତୀତକୁ ଜାଣିପାରୁଛି, ଉଦ୍‌ଗତ ହେଉଥିବା ଏହିସବୁ [illegible]

'oaob.nitrkl.ac.in' images reprocessed

ସମୟରେ ଆମକୁ ସଚେତନ କରିପାରୁଛି । ଯଦି ଏକଥାଟି ସତ୍ୟ ହୁଏ, ତେବେ ଯେଉଁ ଅନ୍ତର୍ଗତ ଅଥଚ ଅସଂଗଠିତ ପରମସଦ୍‌ବସ୍ତୁ ଦେହ ଭିତରେ ସଂଚରି ରହିଛି ଅଥଚ ଯାହା ଏପର୍ଯ୍ୟନ୍ତ ତାହାକୁ ଆଲୋକିତ କରି ନାହିଁ, ତାହାକୁହିଁ ଆମେ ଏହି ଗ୍ରହଣଶୀଳତା ଓ ଏହିସବୁ ସାମର୍ଥ୍ୟର କାରଣ ବୋଲି କହିବା । ବାହାରୁ ଅବଲୋକନ କଲାବେଳେ ଆମେ ଦେଖିବାକୁ ପାଉ ଯେ ଉଦ୍ଭିଦ ଓ ଖଣିଜ ପ୍ରଭୃତି ଭୌତିକ ପଦାର୍ଥ ମଧ୍ୟରେ ସେଗୁଡ଼ିକର ସ୍ୱକୀୟ ସାମର୍ଥ୍ୟମାନ ରହିଛି, ସ୍ୱକୀୟ ଧର୍ମ ତଥା ଅନ୍ତର୍ନିହିତ ପ୍ରଭାବମାନ ରହିଛି, ମାତ୍ର ସଂଯୋଗସଂଚାରଣର କୌଣସି ବୃତ୍ତି ବା ସାଧନ ମଧ୍ୟ ନଥିବାରୁ କେବଳ କୌଣସି ବ୍ୟକ୍ତି ଅଥବା ବସ୍ତୁର ସଂସ୍ପର୍ଶରେ ଆଣାହେବା ସମୟରେ କିମ୍ବା ଜୀବନଧାରୀ ପ୍ରାଣୀମାନେ ସଚେତନ ଭାବରେ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇଲା ସମୟରେହିଁ ସେଗୁଡ଼ିକର ପ୍ରଭାବ ସକ୍ରିୟ ହୋଇପାରୁଛି । ମନୁଷ୍ୟଜୀବନ ସହିତ ସମ୍ବନ୍ଧ ରଖିଥିବା ଏକାଧିକ ବିଜ୍ଞାନ ଏହି କାମରେ ଲଗାଇବାକୁହିଁ ଆପଣାର ପ୍ରାୟୋଗିକ ଦିଗରୂପେ ଗ୍ରହଣ କରି ନେଇଛନ୍ତି । ମାତ୍ର ଏହିସବୁ ସାମର୍ଥ୍ୟ ଓ ପ୍ରଭାବ କେବଳ କୌଣସି ଅନିର୍ଣ୍ଣେୟ ଉପାଦାନର ଧର୍ମ ବା ସ୍ୱଭାବ ନୁହନ୍ତି, ସେଗୁଡ଼ିକ ହେଉଛନ୍ତି ସେହି ପରମସତ୍ତାରହିଁ ସ୍ୱଭାବ । ପରମ ଚିନ୍ମୟସତ୍ତାର ନାନା ସାମର୍ଥ୍ୟରୂପେ ଏଗୁଡ଼ିକ ତାହାର ଆତ୍ମସଂବୃତ ନିଶ୍ଚେତନ ସ୍ଥିତି ମଧ୍ୟରୁ ଶକ୍ତିର ପ୍ରଭାବରେ ଉତ୍ପନ୍ନ ଓ ଉଦ୍‌ଗତ ହେବାରେ ଲାଗିଛନ୍ତି । ଏହି ଅନ୍ତର୍ନିହିତ ଓ ସଂବୃତ ସଦ୍‌ବସ୍ତୁଶକ୍ତିର ଏହି ସ୍ଥୂଳ ଓ ଯନ୍ତ୍ରବତ୍ ଅଭିବ୍ୟକ୍ତି ପ୍ରାଣରୂପର ପ୍ରଥମ ସ୍ତରରେ ଅବମାନସ ପ୍ରାଣସ୍ପନ୍ଦନରୂପେ ଉନ୍ମୋଚିତ ହେବାରେ ଲାଗିଛି, ଏହି ପ୍ରାଣସ୍ପନ୍ଦନଗୁଡ଼ିକ ଏକ ସଂବୃତ ଅବବୋଧର ଇଙ୍ଗିତ ଦେଉଛି । ସେଠାରେ ଅଭିବୃଦ୍ଧିର ଏକ ଅନ୍ୱୀପ୍ସା ରହିଛି; ଆଲୋକ ଓ ବାୟୁର ଆକାଂକ୍ଷା ରହିଛି, ଆପଣାକୁ ପ୍ରାଣମୟରୂପେ ପ୍ରସାରିତ କରିବାକୁ ଏବଂ ଅନ୍ଧଭାବରେ ହେଲେ ମଧ୍ୟ ବହିର୍ଜଗତକୁ ବୋଧ କରିବାର ଏକ ଆକୂତି ରହିଛି । ମାତ୍ର ଏହିସବୁ ଆକାଂକ୍ଷା ଓ ଆକୂତି ତଥାପି ଅନ୍ତର୍ଗତ ଭାବରେ ରହିଛି ଏବଂ ସେହି ଚଳନଶକ୍ତିହୀନ ସତ୍ତାଟି ଭିତରେ କଳହୋଇ ରହିଛି । ଆପଣାର ସହଜାତ ପ୍ରବୃତ୍ତିଗୁଡ଼ିକୁ ସଚଳ ରୂପ ଦେବାରେ, ବାହାର ସହିତ ସଂଯୋଗସ୍ଥାପନ କରିବାରେ ଏବଂ ଆପଣାକୁ ବହିଃପ୍ରକାଶିତ କରିବାକୁ ଏକାନ୍ତ ଅସମର୍ଥ ହୋଇ ରହିଛି । ଜୀବନ୍ତ ସମ୍ବନ୍ଧ ସ୍ଥାପନ କରିପାରିବା ଲାଗି ଅନୁରୂପ ଭାବେ ସଂଗଠିତ ହୋଇ ନଥିବାରୁ ଏହି ଏକାନ୍ତନିଶ୍ଚଳତା କେବଳ ସଂସ୍ପର୍ଶଗୁଡ଼ିକୁ ସହନ କରି ନେଉଛି ଓ ଆପଣା ଭିତରେ ଭେଦାଇ ନେଉଛି । ସ୍ୱେଚ୍ଛାରେ ପ୍ରବୃତ୍ତ ନହୋଇ ତଥାପି ଆଘାତ କରିପାରୁଛି, ମାତ୍ର ସ୍ୱେଚ୍ଛାରେ ସଂସ୍ପର୍ଶ ଘଟାଇପାରୁ ନାହିଁ । ସେଠାରେ ନିଶ୍ଚେତନଟାହିଁ ଏପର୍ଯ୍ୟନ୍ତ ସର୍ବପରାକ୍ରମୀ ହୋଇ ରହିଛି, ପ୍ରଚ୍ଛନ୍ନ ଓ ସଂବୃତ ତଦାତ୍ମକ ଜ୍ଞାନଦ୍ୱାରା ତଥାପି ତାହାର ଯାବତୀୟ କାର୍ଯ୍ୟ ଚାଲିଛି; ମାତ୍ର ଏକ ସଚେତନ ଜ୍ଞାନର ଅନୁଭୂତି ଲାଗି ତା' ଭିତରେ ଅବଧାରଣାର

'oaob.nitrkl.ac.in' images reprocessed

ବହୁସ୍ତର ସାଧନଗୁଡ଼ିକ ଏପର୍ଯ୍ୟନ୍ତ ବିକଶିତ ହୋଇପାରି ନାହିଁ । ପ୍ରକାଶ୍ୟ ଚେତନାମୟ ଜୀବନର ସୋପାନଟିରୁହିଁ ଏହି ପରବର୍ତ୍ତୀ ବିକାଶଟିର ଆରମ୍ଭ ହୁଏ, ସେତେବେଳେ ବନ୍ଦୀ ହୋଇ ରହିଥିବା ଚେତନାଟି ଉପରକୁ ବାହାରିବା ସକାଶେ ସଂଗ୍ରାମ କରୁଥିବାର ଦେଖାଯାଏ । ଏବଂ ଏହି ସଂଗ୍ରାମର ତାଡ଼ନାଦ୍ୱାରା ବାଧ୍ୟ ହୋଇହିଁ ପ୍ରଥମ ପର୍ଯ୍ୟାୟରେ ଯେତେ ଅନ୍ଧଭାବରେ ଓ ଅଳ୍ପସୀମା ଭିତରେ ହେଲେ ମଧ୍ୟ ବିବିକ୍ତ ଜୀବସତ୍ତା ଆପଣାର ବାହାରେ ଥିବା ଅବଶିଷ୍ଟ ଜଗତ୍‌ପ୍ରକୃତି ସହିତ ସଚେତନ ସମ୍ବନ୍ଧସ୍ଥାପନର ପ୍ରୟାସ କରିଥାଏ । ଯେଉଁସବୁ ସଂସ୍ପର୍ଶକୁ ସେ ଗ୍ରହଣ କରିପାରେ ଅଥବା ଯାହାର ପ୍ରତ୍ୟୁତ୍ତର ଦେଇପାରେ ଏବଂ ଅନ୍ୟତରଙ୍ଗରେ ସେ ଆପଣା ଭିତରୁ ଯେଉଁସବୁ ସଂସ୍ପର୍ଶ ସୃଷ୍ଟିକରେ କିମ୍ବା ଆପଣାର ଆବଶ୍ୟକତା ଓ ପ୍ରବୃତ୍ତିଗୁଡ଼ିକୁ ପୂରଣ କରିବାଲାଗି ଯେଉଁଗୁଡ଼ିକୁ ଆଣି ଆପଣାର ସଞ୍ଚାରଭୂମି ଉପରେ ଲଦି ଦେଇପାରେ, ସେଗୁଡ଼ିକ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥାଏ; ଏବଂ ତାହାଦ୍ୱାରାହିଁ ଜୀବସତ୍ତା ଆପଣାର ଚେତନାକୁ ବିକଶିତ କରିଯାଉଥାଏ, ନିଶ୍ଚେତନ ବା ଅବଚେତନର କ୍ଷେତ୍ରଗୁଡ଼ିକୁ ପାର ହୋଇ ଏକ ସୀମାବଦ୍ଧ ଭେଦଦର୍ଶୀ ଜ୍ଞାନର କ୍ଷେତ୍ରରେ ପ୍ରବିଷ୍ଟ ହୁଏ ।

ତେବେ ଆମେ ଦେଖିବାକୁ ପାଉଛୁ ଯେ ତା'ପରେ କ୍ରମବର୍ଦ୍ଧମାନ ଭେଦଦର୍ଶୀ ଚେତନା ମଧ୍ୟରେ ସବୁରି ମୂଳରେ ଥିବା ସେହି ସ୍ୱୟଂଭବ ଅଧ୍ୟାତ୍ମଚେତନାର ସ୍ୱରୂପସ୍ଥ ସକଳ ଶକ୍ତି କ୍ରମଶଃ ପ୍ରକାଶ ଲାଭ କରିବାକୁ ଆରମ୍ଭ କରେ । ଏହି ଶକ୍ତିଗୁଡ଼ିକ ସେହି ସଂଗୁପ୍ତ ଓ ସଂବୃତ ତାଦାତ୍ମ୍ୟଜ୍ଞାନ ଭିତରେ ଅବରୁଦ୍ଧ ଅଥଚ ସ୍ୱଭାବସିଦ୍ଧ ଭାବରେ ରହିଥିଲେ, ଏବଂ ବର୍ତ୍ତମାନ ସେଗୁଡ଼ିକ କ୍ରମେ କ୍ରମେ ଅଦ୍ଭୁତ ପ୍ରକାରେ ଶୀର୍ଣ୍ଣକାୟ ହୋଇ ପ୍ରତ୍ୟୋଗାତ୍ମକ ରୂପରେ ବାହାରକୁ ଆସିବାକୁ ଆରମ୍ଭ କଲେ । ପ୍ରଥମେ ଏକ ଅଶୋଧିତ ବା ଆବରଣଯୁକ୍ତ ବୋଧର ଉନ୍ମେଷ ହୁଏ, ଯାହାକି ଏକ ପ୍ରାଣଗତ ପ୍ରବୃତ୍ତି ଅଥବା ଗୋପନ ପ୍ରତ୍ୟବୋଧର ସାହାଯ୍ୟରେ ସୁସ୍ପଷ୍ଟ ଇନ୍ଦ୍ରିୟଚେତନାରେ ପରିଣତ ହେବାକୁ ଆରମ୍ଭ କରେ । ତା'ପରେ ଏକ ପ୍ରାଣ-ମନୋଗତ ଅବଧାରଣାର ପ୍ରକାଶ ହୁଏ, ଏବଂ ତାହାର ପଛରେ ବସ୍ତୁଗୁଡ଼ିକ ସମ୍ବନ୍ଧରେ ଏକ ଅସ୍ପଷ୍ଟ ଚେତନଦୃଷ୍ଟି ଓ ଚେତନାଶୀଳ ଅନୁଭୂତ ପ୍ରଚ୍ଛନ୍ନ ରହିଥାଏ । ସେଥିରୁ ସଂବେଗର ସ୍ପନ୍ଦନମୟ ଉତ୍ସରଣ ଆରମ୍ଭ ହୁଏ ଏବଂ ଅନ୍ୟ ନାନା ହୃଦୟ ସହିତ ପାରସ୍ପରିକ ବିନିମୟ ଲୋଡ଼ିବାରେ ଲାଗିଯାଏ । ଶେଷରେ ଉପରିସ୍ଥ ଏହି ଭୂମି ଉପରେ ସମ୍ୟକ୍ ଧାରଣା, ଭାବନା ଓ ବିଚାରଣାର ଆବିର୍ଭାବ ହୁଏ, ଜ୍ଞାନଭୂମିର ସ୍ୱଲବ୍ଧ ତଥ୍ୟଗୁଡ଼ିକୁ ଏକତ୍ର କରି ତାହା ବସ୍ତୁର ସାମାନ୍ୟ ଓ ବିଶେଷ ଉଭୟ ପରିଚୟ ପାଇବାରେ ଆଗଭର ହୋଇଯାଏ । ମାତ୍ର ଏଗୁଡ଼ିକ ସମସ୍ତେ ତଥାପି ଅପୂର୍ଣ୍ଣ ହୋଇ ରହିଥା'ନ୍ତି, ଭେଦଦଶୀ ଅବିଦ୍ୟାଦ୍ୱାରା ବିକଳାଙ୍ଗ ହୋଇ ପଡ଼ିଥା'ନ୍ତି, ସବୁକିଛିକୁ ଅସ୍ପଷ୍ଟତା ମଧ୍ୟରେ ଘୋଡ଼ାଇ ରଖିବାକୁ

'oaob.nitrkl.ac.in' images reprocessed

ଲୁଚିଥିବା ନିଶ୍ଚେତନ ଦ୍ୱାରା ଆବୃତ ହୋଇ ରହିଥା'ନ୍ତି । ସମସ୍ତେ ବାହ୍ୟସାଧନ ଉପରେ ନିର୍ଭର କରୁଥା'ନ୍ତି, ଆପଣା ବଳରେ କାର୍ଯ୍ୟ କରିବାକୁ ସେଗୁଡ଼ିକର କୌଣସି ଶକ୍ତି ନଥାଏ । ଚେତନା ଚେତନା ଉପରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିପାରେ ନାହିଁ । ମାନସିକ ଚେତନା ଏକ ସୃଜନମୂଳ ଅଭିପ୍ରାୟ ନେଇ ବସ୍ତୁଗୁଡ଼ିକୁ ଆବୋରି ରହିଥାଏ ଓ ସେଗୁଡ଼ିକ ମଧ୍ୟରେ ପ୍ରବେଶ କରିଥାଏ ସତ, ମାତ୍ର ସେଗୁଡ଼ିକୁ ପ୍ରକୃତରେ ଅଧିକାର କରିପାରି ନଥାଏ । ଏହି କ୍ଷେତ୍ରରେ ତାଦାତ୍ମ୍ୟଜ୍ଞାନର କୌଣସି ଉନ୍ମେଷ ହୋଇ ନଥାଏ । କେବଳ ଯେତେବେଳେ ସମ୍ମୁଖଭାଗରେ ଅବସ୍ଥିତ ମନର କ୍ଷେତ୍ରରେ ଅଧିଚେତନ ଆସି ବଳପୂର୍ବକ ପ୍ରବେଶ କରିବାକୁ ସମର୍ଥ ହୁଏ ଏବଂ ସାଧାରଣ ବୁଦ୍ଧିର ସ୍ପର୍ଶରେ ଏପର୍ଯ୍ୟନ୍ତ ଉକୁଟି ନଥିବା ଆପଣାର ସେପରି କେତେକ ଗୋପନ ଓ ଶୁଦ୍ଧ କ୍ରିୟାକୁ ସେଠାରେ ଆରୋପିତ କରି ଦେଇପାରେ, ସେତିକି-ବେଳେ ଯାଇ ଗଭୀରତର ଜ୍ଞାନସ୍ରୋତର ଏକ ପ୍ରାଥମିକ କ୍ରିୟା ଆପଣାକୁ ବାହ୍ୟଭୂମିରେ ଆଣି ସଞ୍ଚାରିତ କରିପାରେ । ମାତ୍ର ଏଭଳି ଉନ୍ମେଷ ଓ ସଞ୍ଚାରକୁ ଆମେ ତଥାପି ଏକ ବ୍ୟତିକ୍ରମ ବୋଲି କହିବା । ଆମର ଲବ୍ଧ ଓ ଅର୍ଜିତ ଜ୍ଞାନର ତଥାକଥିତ ସ୍ୱାଭାବିକତା ଆଗରେ ସେଗୁଡ଼ିକ ବରଂ ଅପ୍ରାକୃତ ଏବଂ ଅତିପ୍ରାକୃତ ବୋଲି ପ୍ରତୀତ ହୋଇଥା'ନ୍ତି । କେବଳ ଆପଣାର ଅନ୍ତର୍ସତ୍ତା ମଧ୍ୟକୁ ଏକ ଦ୍ୱାର ଖୋଲିଦେଇ ଅଥବା ତାହା ଭିତରକୁ ପ୍ରକୃତରେ ପ୍ରବେଶ କରିହିଁ ଆମେ ଆମ ବହିଃସ୍ଥ ଓ ପରୋକ୍ଷ ଜ୍ଞାନର ଭୂମିରେ ଆଣି ଏକ ପ୍ରତ୍ୟକ୍ଷ ଓ ଅନ୍ତରଙ୍ଗ ଜ୍ଞାନବସ୍ତୁର ସଂଯୋଗ ଘଟାଇ ପାରିବା । ଆପଣାର ଅନ୍ତରତମ ଆତ୍ମା ବା ଅତିଚେତନ ଆତ୍ମସତ୍ତାର ଭୂମିରେ ଜାଗ୍ରତ ହୋଇପାରିଲେ ଯାଇ ଯଥାର୍ଥ ଆଧ୍ୟାତ୍ମିକ ଜ୍ଞାନର ସ୍ଫୁରଣ ହେବାକୁ ଆରମ୍ଭ କରିବ । ଏକତ୍ୱବୋଧ ବା ତଦାତ୍ମକତା ସେହି ଜ୍ଞାନର ଭିତ୍ତି ହୋଇ ରହିବ, ଏହାର ମୂଳଭୂତ ଶକ୍ତି ଏବଂ ସର୍ବୋପାଦାନ ହୋଇ ରହିବ ।

'oaob.nitrkl.ac.in' images reprocessed

## ଏକାଦଶ ପରିଚ୍ଛେଦ

# ଅଜ୍ଞାନର ସୀମା

ଅୟଂ ଲୋକୋ ନାସ୍ତି ପର ଇତି ମାନୀ······॥

—କଠୋପନିଷଦ, ୨।୬

କେବଳ ଏହି ଲୋକଟି ଅଛି ଓ ଅନ୍ୟ କୌଣସି ଲୋକ ନାହିଁ ବୋଲି ଯିଏ ଜାଣେ ।

ଅନନ୍ତେ ଅନ୍ତଃ ପରିଶ୍ରିତଃ······॥
ଅପାଦଶୀର୍ଷା ଗୁହମାନୋ ଅନ୍ତା······॥

—ଋକ୍‌ବେଦ, ୪।୧।୭,୧୧

ଅନନ୍ତ ମଧ୍ୟରେ ପ୍ରସାରିତ ହୋଇ ରହିଛି···ମସ୍ତକହୀନ ଓ ପଦହୀନ ଯିଏ ଆପଣାର ଦୁଇଟିଯାକ ଅନ୍ତକୁ ଲୁକ୍‌କାୟିତ କରି ରଖିଛି ।

ଯ ଏବଂ ବେଦାହଂ ବ୍ରହ୍ମାସ୍ମୀତି ସ ଇଦଂ ସର୍ବଂ ଭବତି···।
ଅଥ ଯୋଽନ୍ୟାଂ ଦେବତାମୁପାସ୍ତେଽନ୍ୟୋଽସାବନ୍ୟୋଽହମସ୍ମୀତି,
ନ ସ ବେଦ ॥

—ବୃହଦାରଣ୍ୟକ ଉପନିଷଦ, ୧।୪।୧୦

ଯେ ଜାଣେ ଯେ 'ମୁଁ ବ୍ରହ୍ମ', ସେ ଏହି ସମସ୍ତ ଯାହା ଅଛି ତାହା ହୋଇଯାଏ, କିନ୍ତୁ ଯେ ଅଦ୍ୱୟ ଆତ୍ମାକୁ ଛାଡ଼ି ଅନ୍ୟ ଦେବତାଙ୍କୁ ଉପାସନା କରେ ଓ କହେ, 'ସେ ଅନ୍ୟ ଓ ମୁଁ ମଧ୍ୟ ଅନ୍ୟ', ସେ କିଛି ହେଲେ ଜାଣେ ନାହିଁ ।

ସୋଽୟମାତ୍ମା ଚତୁଷ୍ପାତ୍ । ଜାଗରିତସ୍ଥାନୋ ବହିଃ ପ୍ରଜ୍ଞଃ······
ସ୍ଥୂଳଭୁକ୍······ପ୍ରଥମଃ ପାଦଃ । ସ୍ୱପ୍ନସ୍ଥାନଃ ଅନ୍ତଃପ୍ରଜ୍ଞଃ······
ପ୍ରବିବିକ୍ତଭୁକ୍······ଦ୍ୱିତୀୟଃ ପାଦଃ । ସୁଷୁପ୍ତସ୍ଥାନ ଏକୀଭୂତଃ
ପ୍ରଜ୍ଞାନଘନ ଏବାନନ୍ଦମୟୋ ହ୍ୟାନନ୍ଦଭୁକ୍······ତୃତୀୟଃ ପାଦଃ ।

'oaob.nitrkl.ac.in' images reprocessed

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯାମୀ······। ଅଦୃଷ୍ଟଂ······
ଅଲକ୍ଷଣଂ···ଏକାତ୍ମପ୍ରତ୍ୟୟସାରଂ···ଚତୁର୍ଥଂ; ସ ଆତ୍ମା ସ ବିଜ୍ଞେୟଃ ॥

—ମାଣ୍ଡୁକ୍ୟ ଉପନିଷଦ, ୬-୭

ଏହି ଆତ୍ମାର ଚାରୋଟି ପାଦ । ଜାଗରଣ ସ୍ଥାନରେ ଆତ୍ମାର ବହିଃସ୍ଥ ପ୍ରଜ୍ଞା ରହିଛି···ସେଠାରେ ସେ ସ୍ଥୂଳଭୋକ୍ତା···ଏଇଟି ହେଉଛି ପ୍ରଥମ ପାଦ । ଦ୍ୱିତୀୟ ପାଦ ସ୍ୱପ୍ନସ୍ଥାନରେ ଆତ୍ମା ଅନ୍ତଃପ୍ରଜ୍ଞାବିଶିଷ୍ଟ···ସେଠାରେ ସିଏ ସୂକ୍ଷ୍ମ ପଦାର୍ଥର ଭୋଗ କରୁଛନ୍ତି । ସୁଷୁପ୍ତିସ୍ଥାନର ଆତ୍ମା ଏକୀଭୂତ ଆତ୍ମା, ସେଠାରେ ସେ ପ୍ରଜ୍ଞାନଘନ, ଆନନ୍ଦମୟ ଓ ଆନନ୍ଦଭୋକ୍ତା । ସେଇଁଠି ସିଏ ସର୍ବେଶ୍ୱର, ସର୍ବଜ୍ଞ ଓ ଅନ୍ତର୍ଯାମୀ, ସେଇଟି ଚତୁର୍ଥ ପାଦ । ସିଏ ଅଦୃଷ୍ଟ, ସିଏ ଲକ୍ଷଣରହିତ ଏବଂ ଏକାତ୍ମପ୍ରତ୍ୟୟସାର । ସେଇ ଯଥାର୍ଥ ଆତ୍ମା, ତାଙ୍କୁହିଁ ଜାଣିବାକୁ ହୁଏ ।

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋ ମଧ୍ୟ ଆତ୍ମନି ତିଷ୍ଠତି ।
ଈଶାନୋ ଭୂତଭବ୍ୟସ୍ୟ······ସ ଏବାଦ୍ୟ ସ ଉ ଶ୍ୱଃ ··॥

—କଠୋପନିଷଦ, ୪ । ୧୨, ୧୩

ଅଙ୍ଗୁଷ୍ଠପ୍ରମାଣ ଏହି ଆତ୍ମାପୁରୁଷ ଆମ ଆତ୍ମାର ମଧ୍ୟସ୍ଥଳରେ ବସତି କରୁଛନ୍ତି । ସିଏ ଅତୀତର ଅଧିପତି, ଭବିଷ୍ୟତର ନିୟନ୍ତା । ସିଏ ଆଜି ଅଛନ୍ତି, କାଲି ମଧ୍ୟ ରହିଥିବେ ।

ତାଦାତ୍ମ୍ୟଜ୍ଞାନରୂପେ ବିକଶିତ ହୋଇ ଉଠିବା ଲାଗି ତାହାର ଅଭିମୁଖରେ ଅଗ୍ରସର ହେଉଥିବା ଏହି ଅବିଦ୍ୟା ଅର୍ଥାତ୍ ଭେଦଦର୍ଶୀ ଜ୍ଞାନଟିକୁ ଏହାର ବୃହତ୍ତର ପରିସୀମାଗୁଡ଼ିକ ଉପରେ ପର୍ଯ୍ୟାଲୋଚନା କରି ଦେଖିବା ବର୍ତ୍ତମାନ ବେଶ୍ ସମ୍ଭବ ହୋଇପାରିବା ଉଚିତ । ଏହି ଅବିଦ୍ୟାହିଁ ଆମର ମନୋଗତ ଚେତନାଟିକୁ ଗଠନ କରିଛି, ଏବଂ ଆମର ଏହି ସ୍ତରର ନିମ୍ନଦେଶରେ ବିକଶିତ ହୋଇଥିବା ଯାବତୀୟ ଚେତନାକୁ ମଧ୍ୟ ତାହା ଏକ ଅସ୍ପଷ୍ଟତର ରୂପଦେଇ ଗଠନ କରିଛି । ଆମେ ଦେଖିପାରୁଛୁ ଯେ ଆମ ଭିତରେ ସତ୍ତା ଓ ଶକ୍ତିର କେତେ ତରଙ୍ଗର ଏକ ଅବିରାମ ମାଳାଦେଇ ଏହି ଅବିଦ୍ୟାର ରଚନା ହୋଇଛି । ଏହି ତରଙ୍ଗମାନ ବାହାରୁ ଆମ ଭିତରକୁ ଆସୁଛି ଓ ଆମ ଭିତରେ ମଧ୍ୟ ଉତ୍ଥିତ ହେଉଛି; ସେଗୁଡ଼ିକ ଆମ ଚେତନାର ଉପାଦାନରେ ପରିଣତ ହୋଇଯାଉଛି ଏବଂ କାଳ ଓ ଦେଶର ଭୂମି ଉପରେ ଆତ୍ମା ଓ ବସ୍ତୁସମୂହର ଏକ ମନୋଗତ ଜ୍ଞାନ ଓ ମାନସିକ ଇନ୍ଦ୍ରିୟବୋଧ-ରୂପେ ରୂପାୟିତ ହେଉଛି । ଆମ ସମ୍ମୁଖରେ କାଳ ଏକ ଗତିଶୀଳ ପ୍ରବାହରୂପେ ଅନୁଭୂତ ହେଉଛି, ଏହି ଅପୂର୍ଣ୍ଣ ଓ ବିକଶମାନ ସତ୍ତାର ଅନୁଭୂତିକୁ ଦେଶ

'oaob.nitrkl.ac.in' images reprocessed

ବସ୍ତୁଗୁଡ଼ିକୁ ଧାରଣ କରି ରହିଥିବା ଏକ ବିଷୟଗତ କ୍ଷେତ୍ର ବୋଲି ମନେହେଉଛି । ଏକ ଅପରୋକ୍ଷ ସଚେତନର ସାହାଯ୍ୟ ନେଇ କାଳ ମଧ୍ୟରେ ଗତିଶୀଳ ହୋଇ ରହିଥିବା ମନୋମୟ ସତ୍ତାଟି ଅନବଚ୍ଛିନ୍ନ ଭାବରେ କେବଳ ବର୍ତ୍ତମାନ ଭିତରେହିଁ ବାସ କରୁଛି । ଆତ୍ମା ଓ ବସ୍ତୁଗୁଡ଼ିକ ବିଷୟରେ ଆପଣାର ଅନୁଭୂତିସବୁ ଯେପରି ସମ୍ପୂର୍ଣ୍ଣ ଭାବରେ ଅତୀତ ଭିତରକୁ ପ୍ରବାହିତ ହୋଇ ଚାଲି ନ ଯିବ, ସେଥିଲାଗି ସେ ସ୍ମୃତିର ସାହାଯ୍ୟରେ ସେଗୁଡ଼ିକର କିୟଦଂଶକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଛି । ଭାବନା, ଇଚ୍ଛା ଓ କ୍ରିୟାଦ୍ୱାରା ତଥା ମନ, ପ୍ରାଣ ଓ ଦେହର ଶକ୍ତିଗୁଡ଼ିକ-ଦ୍ୱାରା ସେ ବର୍ତ୍ତମାନ ଯାହାକିଛି ହେଉଛି ଓ ଭବିଷ୍ୟତରେ ଯାହାକିଛି ହେବାକୁ ଯାଉଛି, ସେଥିଲାଗି ସେହି ସ୍ମୃତିଗତ ସଞ୍ଚୟଟିକୁ କାମରେ ଲଗାଉଛି । ବର୍ତ୍ତମାନ ମୁହୂର୍ତ୍ତରେ ସେ ଯାହା ହୋଇଛି, ତାହାକୁ ଯେଉଁପରି ଭାବରେ ରୂପାୟିତ କରିଥିବା ଯେଉଁ ସତ୍ତାଗତ ଶକ୍ତିଟି ତାହା ଭିତରେ ରହିଛି, ତାହାହିଁ ଭବିଷ୍ୟତ ମଧ୍ୟରେ ତାହାର ପରିଣତିକୁ ପ୍ରଲମ୍ବିତ, ବିକଶିତ ଓ ସମୃଦ୍ଧ କରି ଚାଲିଛି । ଆତ୍ମପ୍ରକାଶ ଓ ବସ୍ତୁଗତ ଅନୁଭବର ଏହି ଯେଉଁ ସାମଗ୍ରୀସବୁ ଅତି ଅନିରାପଦ ଭାବରେ ତା' ଭିତରେ ରହିଛି, ସମୟର ଅଖଣ୍ଡ ପ୍ରବାହ ମଧ୍ୟରେ ଯେଉଁ ଆଂଶିକ ଜ୍ଞାନଟିକୁ ସେ ଜମା କରି ରଖିଛି, ଆପଣାର ଅବବୋଧ, ସ୍ମୃତି, ବୁଦ୍ଧି ଓ ଇଚ୍ଛାଦ୍ୱାରା ମନୋଗତ ସତ୍ତା ତାହାକୁ ଆପଣାଲାଗି ସମନ୍ୱିତ ଓ ସମ୍ବନ୍ଧୀକୃତ କରିବାରେ ଲାଗିଛି । ସେଗୁଡ଼ିକ ଯେପରି ଏକ ନିତ୍ୟନୂତନ ଓ ନିତ୍ୟ-ପୁନରାବୃତ୍ତ ପରିଣତି ଓ ଆପଣାର ମନ, ପ୍ରାଣ ଓ ଦେହଗତ କ୍ରିୟା ସକାଶେ ବ୍ୟବହୃତ ହୋଇପାରିବ, ସେଥିପାଇଁ ସେଗୁଡ଼ିକୁ ସମ୍ବନ୍ଧୀକୃତ କରି ରଖୁଛି । ସେ ଯାହା ହେବାକୁ ଯାଉଛି, ତାହାକୁ ତାହା ହେବାରେ ଏବଂ ସେ ଯାହା ହୋଇ ସାରିଲାଣି, ତାହାକୁ ବ୍ୟକ୍ତ କରିପାରିବାରେ ସେହି କ୍ରିୟା ତାକୁ ସାହାଯ୍ୟ କରୁଛି । ଚେତନାଗତ ଏହିସବୁ ଅନୁଭୂତି ଓ ସଞ୍ଚିତ ଶକ୍ତିର ବର୍ତ୍ତମାନଭୂମିଗତ ସମଷ୍ଟିଟି ସମନ୍ୱିତ ହୋଇ ତାହାର ସତ୍ତା ସହିତ ସମ୍ବନ୍ଧିତ ହୋଇ ରହେ, ଏକ ଅହଂବୋଧକୁ କେନ୍ଦ୍ର କରି ସଙ୍ଗତିସୂତ୍ରରେ ଏକତ୍ର ଗୁନ୍ଥାହୋଇ ରହେ, ଏବଂ ଏହି ଅହଂବୋଧହିଁ ଚେତନସତ୍ତାର ଏକ ସ୍ଥାୟୀ ଅଥଚ ସୀମାବଦ୍ଧ କ୍ଷେତ୍ରରେ ପ୍ରକୃତିର ସଂସ୍ପର୍ଶଗୁଡ଼ିକ ଲାଗି ପ୍ରତିକ୍ରିୟା ଜଣାଇ ପାରିବାକୁ ଆତ୍ମ-ଅନୁଭବକୁ ଅଭ୍ୟସ୍ତ କରାଇଥାଏ । ଯାହା ଅନ୍ୟଥା କେବଳ ଭାସମାନ ଅନୁଭବଗୁଡ଼ିକର ଏକ ଅଦ୍ଭୁତ ସୂତାଖିଅ ବା ସୂତାଗଦା ହୋଇ ରହିଥା'ନ୍ତା, ଏହି ଅହଂବୋଧ ତାହାକୁ ସଂହତିର ଏକ ପ୍ରଥମ ଭୂମି ଯୋଗାଇ ଦେଇଥାଏ । ଏହି ଭାବରେ ଯାହା ଅନୁଭୂତ ହୁଏ, ତାହାକୁ ମନଶ୍ଚେତନା ମଧ୍ୟରେ ଅବସ୍ଥିତ ଏକ ଅନୁରୂପ କୃତ୍ରିମ ବିନ୍ଦୁ ସହିତ ଅର୍ଥାତ୍ ଅହଂଜ୍ଞାନ ସହିତ ଯୋଡ଼ି ଦିଆହୁଏ । ପ୍ରାଣୋପାଦାନରେ ଅବସ୍ଥିତ ଏହି ଅହଂବୋଧ ଏବଂ ମନୋଭୂମିରେ ଅବସ୍ଥିତ ଏହି ଅହଂଜ୍ଞାନ ଏକାଠି ମିଶି ଆତ୍ମାର ପ୍ରତୀକସ୍ୱରୂପ ଗୋଟିଏ ଭେଦଦର୍ଶୀ

'oaob.nitrkl.ac.in' images reprocessed

ଆତ୍ମସତ୍ତାକୁ ରଚନା କରି ରଖିଥା'ନ୍ତି ଏବଂ ଏହି ଆତ୍ମସତ୍ତାଟି ପ୍ରଚ୍ଛନ୍ନ ହୋଇ ରହିଥିବା ଆମର ଅସଲ ଆତ୍ମା ବା ଚୈତ୍ୟ ସତ୍ତାଲାଗି କାର୍ଯ୍ୟ କରି ଚାଲିଥାଏ । ତାହାଫଳରେ ଉପରିସ୍ତରସ୍ଥ ମନୋମୟ ବ୍ୟକ୍ତିସତ୍ତା ସର୍ବଦା ଅହଂକେନ୍ଦ୍ରୀ ହୋଇ ରହେ । ଏପରିକି ଏହାର ପରାର୍ଥ-ପରତାକୁ ମଧ୍ୟ ଆମେ ତାହାର ଅହଂରହିଁ ଏକ ଆତ୍ମପ୍ରସାରଣ ବୋଲି କହିପାରିବା । ଆମ ପ୍ରକୃତିରେ ନିୟତ ଚାଲିବାରେ ଲାଗିଥିବା ଚଳଗୁଡ଼ିକର ଗତିବେଗକୁ ଏକାଠି ଧରିରଖିବା ସକାଶେ ଅହଂରୂପୀ ଏହି କୀଳକଟିର ଆବିଷ୍କାର କରାଯାଇଛି । ସେତେଦିନ ଯାଏ ଯଥାର୍ଥ ଆତ୍ମା ବା ଚୈତ୍ୟ ପୁରୁଷଙ୍କର ଆବିର୍ଭାବ ବା ପ୍ରକାଶ ହେବାଦ୍ୱାରା ଏପରି ଏକ ବ୍ୟବସ୍ଥା ବା କୌଶଳ ସମ୍ପୂର୍ଣ୍ଣ ଅନାବଶ୍ୟକ ହୋଇ ନ ପଡ଼ିଥାଏ, ସେତେଦିନଯାଏ ଅହଂକେନ୍ଦ୍ରୀକତାର ଏହି ବିଧାନଟି ବଳବତ୍ତର ରହିଥାଏ । କାରଣ ସେତେବେଳେ ସେହି ଚୈତ୍ୟ ପୁରୁଷହିଁ ଯୁଗପତ୍ ଭାବରେ ଚଳ ଓ ତାହାର ଗତି ହୋଇ ରହେ, ତାହାହିଁ ସବୁଗୁଡ଼ିକୁ ଏକତ୍ର ଧାରଣ କରି ରଖେ, ଏକାଧାରରେ ବୃତ୍ତର କେନ୍ଦ୍ର ତଥା ପରିଧିରୂପେ ପ୍ରତିଷ୍ଠିତ ରହିଥାଏ ।

ମାତ୍ର ଆପଣା ସମ୍ବନ୍ଧରେ ବିବେଚନା କରି ଦେଖିଲେ ମାତ୍ରକେ ଆମେ ଏକଥା ମଧ୍ୟ ବେଶ୍ ଜାଣିପାରୁ ଯେ ଯେଉଁ ଆତ୍ମ-ଅନୁଭବକୁ ଆମେ ଏହିପରି ଭାବରେ ସମ୍ମୁଖୀକୃତ କରୁ ଓ ସଚେତନ ଭାବରେ ପ୍ରାଣଭୂମିରେ କାର୍ଯ୍ୟରେ ଲଗାଇଥାଉ, ତାହା ହେଉଛି ଆମ ଜାଗ୍ରତ ବ୍ୟକ୍ତିଚେତନାର ମଧ୍ୟ ଏକ ଅତି କ୍ଷୁଦ୍ର ଅଂଶ । ଆମ ଅବିଚ୍ଛିନ୍ନ ବର୍ତ୍ତମାନର ଭୂମି ଉପରେ ବ୍ୟକ୍ତିସତ୍ତା ତଥା ବସ୍ତୁସକଳର ଯେଉଁସବୁ ମନୋମୟ ବୋଧ ବା ଇନ୍ଦ୍ରିୟାନୁଭୂତି ଆମ ବହିଃସ୍ଥର ଚେତନାର କ୍ଷେତ୍ରରେ ଆସି ପହଞ୍ଚୁଛି, ତାହାମଧ୍ୟରେ ଅଳ୍ପସଂଖ୍ୟକ ମାତ୍ର କେତୋଟିକୁହିଁ ଆମେ ଧରିପାରିବାକୁ ସମର୍ଥ ହୋଇଥାଉ । ପୁଣି ତାହାମଧ୍ୟରୁ ବି ଏକ ଅତ୍ୟଳ୍ପ ଅଂଶକୁ ଆମର ସ୍ମୃତି ଅଗାଧର ବିସ୍ମୃତିସମୁଦ୍ର ଭିତରୁ ସାଉଁଟି ଆଣି ସଂଚୟ କରି ରଖିଥାଏ । ଏବଂ ସ୍ମୃତିର ଭଣ୍ଡାର ମଧ୍ୟରେ ଯାହାକିଛି ସଞ୍ଚିତ ହୋଇଥାଏ, ଆମର ବୁଦ୍ଧି ତାହାର କେବଳ ଏକ ଅଳ୍ପାଂଶକୁହିଁ ସମ୍ମୁଖୀକୃତ ଜ୍ଞାନଲାଗି କାମରେ ଲଗାଇଥାଏ । ଏବଂ ତା'ର କେବଳ ଏକ ଅତିକ୍ଷୁଦ୍ର ଭଗ୍ନାଂଶକୁ ଆମର ଇଚ୍ଛାଶକ୍ତି କାର୍ଯ୍ୟରେ ଲଗାଏ । ଅଧିକତର ଅଂଶଟିକୁ ବର୍ଜନ କରି ମାତ୍ର ଅଳ୍ପ କେତୋଟିକୁ ବଡ଼ ବ୍ୟସ୍ତକୁଣ୍ଠ ଓ କୃପଣଭାବରେ ବାଛି ନିଆହୁଏ । ତେଣେ କେତେକେତେ ସାମଗ୍ରୀ ନଷ୍ଟ ହୋଇ ଯାଉଥାଏ ଓ ଅନୁପଯୋଜିତ ଭାବରେ ପଡ଼ି ରହିଥାଏ । ଏବଂ ଯେଉଁ ଅଳ୍ପପରିମାଣଟି କାମରେ ଲାଗେ କିମ୍ବା କାମରେ ଲଗାଯିବ ବୋଲି ହାତରେ ରହିଥାଏ, ତାହା ମଧ୍ୟ ସୁସଂବଦ୍ଧ ଭାବରେ କାମରେ ଲାଗିପାରେ ନାହିଁ;—ଆମ ସଚେତନ ପରିଣତିର ଭୂମି ଉପରେ ସବେଯେପରି ଏହାହିଁ ପ୍ରକୃତିର କାର୍ଯ୍ୟ କରିବାର ରୀତି ବୋଲି ମନେ ହୋଇଥାଏ ।

'oaob.nitrkl.ac.in' images reprocessed

ଭୂତଳସ୍ଥ ଜଗତରେ ପ୍ରକୃତି ଯେଉଁଭଳି କାର୍ଯ୍ୟ କରୁଛି, ଏହି କ୍ଷେତ୍ରଟିରେ ମଧ୍ୟ ସେତେଅବା ସେହିଭଳି କାର୍ଯ୍ୟ କରୁଥିବା ପରି ଲାଗେ । ମାତ୍ର ଖାଲି ବାହାରୁ ଦେଖିବାକୁ ଏସବୁ ଏହିଭଳି ଦିଶେ, କାରଣ ଏହି ପ୍ରକ୍ରିୟାଟିରେ ଯାହା ସଞ୍ଚିତ ହୋଇପାରୁ ନାହିଁ ବା କାମରେ ଲାଗିପାରୁ ନାହିଁ, ତାହା ଯେ ନଷ୍ଟ ହୋଇଯାଉଛି, କୌଣସି ପ୍ରକାର କାର୍ଯ୍ୟସାଧନ ନକରି ଖାଲି ବୃଥା ବା ବ୍ୟର୍ଥ ହୋଇଯାଉଛି, ଏକଥା କହିଲେ ମଧ୍ୟ ତାହା କେବଳ ଏକ ସମ୍ପୂର୍ଣ୍ଣ ମିଥ୍ୟା ବୋଲିହିଁ ପ୍ରତିପାଦିତ ହେବ । ସ୍ୱୟଂ ପ୍ରକୃତି ଏହାର ଏକ ବୃହତ୍ତର ଅଂଶକୁ ଆମକୁ ଗଢ଼ିବା ସମୟରେ ଅତି ନୀରବରେ କାମରେ ଲଗାଉଛି, ଆମର ପୁଷ୍ଟି, ପରିଣତି ଓ ବିସ୍ତାର ଏକ ପ୍ରଧାନ ଭାଗ ଆମେ ଏହିପରି ଭାବରେହିଁ ପ୍ରକୃତିଠାରୁ ଲାଭ କରିଛୁ ଏବଂ ସେଥିରେ ଆମର ସଚେତନ ସ୍ମୃତି, ଇଚ୍ଛା କିମ୍ବା ବୁଦ୍ଧିର ଆଦୌ କୌଣସି ହାତ ନାହିଁ । ତାହାଠାରୁ ଅଧିକ ବୃହତ୍ତର ଏକ ଅଂଶକୁ ପ୍ରକୃତି ଏକ ଭଣ୍ଡାର ପରି କରି ରଖିଛି; ଯେତେବେଳେ ଯାହା ଲୋଡ଼ୁଛି, ତାହା ସେହି ଭଣ୍ଡାରରୁହିଁ କାଢ଼ିଆଣୁଛି ଓ କାମରେ ଲଗାଉଛି । ସେତେବେଳେ ସେସବୁର ଉତ୍ସ ସମ୍ବନ୍ଧରେ ଆମେ ଏକାବେଳକେ ବିସ୍ମୃତ ହୋଇ ରହୁଛୁ ଏବଂ ସେଗୁଡ଼ିକୁ ନୂତନସୃଷ୍ଟ ଉପାଦାନ ବୋଲି ଭ୍ରମ କରି ବ୍ୟବହାର କରିବାରେ ଲାଗୁଛୁ ; କାରଣ ଆମେ କଳ୍ପନା କରୁଛୁ ଯେ ଆମର କାର୍ଯ୍ୟସାଧନ ଲାଗି ଆମେ ଏହି ନୂତନ ଉପାଦାନଟିକୁ ସୃଷ୍ଟି କରୁଛୁ, ମାତ୍ର ଯଥାର୍ଥତଃ ଆମେ ଯେଉଁଗୁଡ଼ିକ ବିଷୟରେ ବିସ୍ମୃତ ହୋଇଯାଉଛୁ, ସେଇଗୁଡ଼ିକର ପରିଣାମକୁହିଁ ଏକତ୍ର ଗଁଠାଇବାରେ ଲାଗିଛୁ ଏବଂ ଆମ ଭିତରେ ରହି କାର୍ଯ୍ୟ କରୁଥିବା ପ୍ରକୃତି ସେଗୁଡ଼ିକୁ ଠିକ୍ ମନେରଖିଛି । ଏବଂ ପୁନର୍ଜନ୍ମକୁ ସେହି ପ୍ରକୃତିପ୍ରକ୍ରିୟାର ଏକ ଅଂଶବୋଲି ସ୍ୱୀକାର କଲେ ଆମେ ନିଶ୍ଚୟ ଜାଣିପାରିବା ଯେ ଅନୁଭବ ମାତ୍ରକେ ପ୍ରତ୍ୟେକଟିର କିଛି ନା କିଛି ପ୍ରୟୋଜନ ଅବଶ୍ୟ ରହିଛି । କାରଣ ଆମକୁ ରଚନା କରିବାର ଏହି ଯେଉଁ ଦୀର୍ଘକାଳବ୍ୟାପୀ ଅଭିକ୍ରମଟି ଚାଲିଛି, ସେଥିରେ ଯାବତୀୟ ଅନୁଭବର ମୂଲ୍ୟ ରହିଛି; ଏବଂ କେବଳ ଯେଉଁଗୁଡ଼ିକର ପ୍ରୟୋଜନ ଶେଷ ହୋଇଯାଇଛି ଓ ତଥାପି ସ୍ମୃତି ରହିଲେ ଉଦ୍‌ଘାତ ଉପରେ ଯାହା କେବଳ ଏକ ବୋଝ ହୋଇ ରହିବ, କେବଳ ସେତିକିକୁ ଛାଡ଼ିଦେଲେ ଆଉ କୌଣସିଟିକୁ ବର୍ଜନ କରାହୁଏ ନାହିଁ । ଯାହାସବୁ ଆମ ଚେତନାର ବହିର୍ଭାଗ ଉପରେ ଆବିର୍ଭୂତ ହେବାପରି ମନେହେଉଛି, କେବଳ ସେଇଗୁଡ଼ିକୁ ନେଇ ଆମେ ଯଦି ବିଚାର କରି ବସିବା, ତେବେ ଆମର ସେହି ବିଚାରରେ ଭୁଲ ରହିଯିବ; କାରଣ ଯଥାର୍ଥରେ ଜାଣିବାକୁ ଓ ବୁଝିବାକୁ ଚେଷ୍ଟା କଲେ ଆମେ ଏକଥା ଦେଖିବାକୁ ପାଇବା ଯେ ଆମ ଉପରେ ପ୍ରକୃତିର ଯେଉଁ କ୍ରିୟା ଚାଲିଛି ଓ ସେହି କ୍ରିୟା ଆମ ଭିତରେ ଯେଉଁ ଅନୁଭୂତି ଘଟାଉଛି, ତାହାର କେବଳ ଏକ ଅତ୍ୟଳ୍ପ ଅଂଶହିଁ ଆମର ଚେତନାରେ ପ୍ରକାଶ ପାଉଛି; ଜଡ଼ଜୀବନର ଅବଶିଷ୍ଟ ଅଂଶରେ ଯାହା

'oaob.nitrkl.ac.in' images reprocessed

ହେଉଛୁ, ଏଠାରେ ମଧ୍ୟ ସେହିପରି ତାହାର ବିସ୍ତାର ବଡ଼ ଅଂଶଟି ଅବଚେତନ ଭାବରେ ଚାଲିଛି । ଆମେ ଆପଣାକୁ ଯେତିକ ବୋଲି ଜାଣିଛୁ, ଆମେ କେବଳ ସେତିକ ନୋହୁଁ; କେବଳ ସେତିକଠାରୁ ଆମେ ଅନେକ ବେଶୀ ଓ ସେହି ବଳ୍ପୁଳତର ଅଂଶଟି ଆମର ଅଜ୍ଞାତ ହୋଇ ରହିଛି । ଆମର ଏହି କ୍ଷଣେକ୍ଷଣର ବ୍ୟକ୍ତିତ୍ୱଟି ଆମ ସମସ୍ତ ଅସ୍ତିତ୍ୱଟିର ମହାସମୁଦ୍ର ଭିତରେ କେବଳ ଏକ ବୁଦ୍‌ବୁଦ ପରି ।

ଆମର ଜାଗ୍ରତ ଚେତନାଟିକୁ କେବଳ ବାହାରୁ ଅନାଇ ଦେଖିଲାବେଳେ ମଧ୍ୟ ଆମେ ବେଶ୍ ପ୍ରମାଣ ପାଉ ଯେ ଆମ ବ୍ୟକ୍ତିଗତ ସତ୍ତା ଓ ସମୂହର ଏକ ବୃହତ୍ ଅଂଶ ବିଷୟରେ ଆମର ଆଦୌ କୌଣସି ଜ୍ଞାନ ନାହିଁ । ଉଦ୍‌ଭିଦଜୀବନ, ଧାତୁ, ମୃତ୍ତିକା ଓ ଅନ୍ୟାନ୍ୟ ଉପାଦାନଗୁଡ଼ିକ ଆମକୁ ଯେପରି ଚେତନାଶୂନ୍ୟ ପରି ମନେ-ହେଉଛି, ଏହି ବୃହତ୍ ଅଂଶଟି ମଧ୍ୟ ସେହିପରି ଚେତନାଶୂନ୍ୟ ମନେହେଉଛି । ମାତ୍ର ମନଃତତ୍ତ୍ୱଗତ ପରୀକ୍ଷା ଓ ନିରୀକ୍ଷାକୁ ସେଗୁଡ଼ିକର ସ୍ୱୀକୃତ ସୀମାଗୁଡ଼ିକରୁ ଆହୁରି ଦୂରକୁ ପ୍ରଲମ୍ବିତ କରିଦେଇ ଆପଣାର ଜ୍ଞାନକୁ ମଧ୍ୟ ଆହୁରି ଦୂରକୁ ପ୍ରସାରିତ କରିଦେଇ ପାରିଲେ, ଆମ ସମସ୍ତ ଅସ୍ତିତ୍ୱଟିର ମାନଚିତ୍ର ଉପରେ ଏହି ତଥାକଥିତ ଓ ତଥାକଥିତ ନିଶ୍ଚେତନ ବା ଅବଚେତନର ମଣ୍ଡଳଟି ଯେ ପ୍ରକୃତରେ କେତେଦୂର ବ୍ୟାପ୍ତ ହୋଇ ରହିଛି, ଆମେ ସେକଥା ବେଶ୍ ଦେଖିବାକୁ ପାଇବା । ଏହା ଆମକୁ ଅବଚେତନ ପରି ବୋଧହେଉଛି ଅଥବା ଏହାକୁ ଆମେ ଅବଚେତନ ବୋଲି କହୁଛୁ, କାରଣ ଚେତନା ଏଠାରେ ସଗୁପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଛି । ଆମେ ଯାହାକୁ ଜାଗ୍ରତ ଆତ୍ମଚେତନା ବୋଲି କହୁଛୁ, ସେଇଟି ଆମ ସତ୍ତାର ପ୍ରକୃତରେ କେତେ ଟିକିଏ ଅଂଶ ବା ଭଗ୍ନାଂଶ ମାତ୍ରକୁ ଯେ ଅଧିକାର କରି ରହିଛି, ଆମେ ସେକଥା ମଧ୍ୟ ଦେଖିବାକୁ ପାଇବା । ସେତେବେଳେ ଆମେ ଏହି ଜ୍ଞାନରେ ଆସି ଉପନୀତ ହେବା ଯେ ଆମର ଜାଗ୍ରତ ମନ ଓ ଅହଂ ଯଥାର୍ଥରେ ଏକ ନିମଜ୍ଜିତ ଓ ଅଧିଚେତନ ଆତ୍ମସତ୍ତାକୁ ଉପରୁ ଆସି ଆବୋରି ରହିଥିବା ପରି ଅବସ୍ଥିତ ରହିଛି । କାରଣ ସେହି ସତ୍ତା ଆମ ଆଖିକୁ ସଚେତନ ନିମଜ୍ଜିତ ହୋଇ ରହିଥିବା ପରି ଦେଖାଯାଉଛି । ଅଧିକ ଯଥାର୍ଥ ଭାବରେ ଆମେ ଏହାକୁ ଏକ ଅନ୍ତର୍ସତ୍ତା ବୋଲି କହିବା । ଏହି ଅନ୍ତର୍ସତ୍ତା ବା ଅନ୍ତରପୁରୁଷର ଅନୁଭବଶକ୍ତି ଜାଗ୍ରତ ଚେତନାର ଅନୁଭବଶକ୍ତି ଅପେକ୍ଷା କେତେ ବ୍ୟାପ୍ତତର ଓ କେତେକେତେ ଗୁଣ ଅଧିକ । ସେତେବେଳେ ଆମର ମନ ଓ ଅହଂକୁ ଆମେ ଏକ ମହାରର କେବଳ ଚୂଡ଼ା ଓ ଗମ୍ବୁଜଟି ପରି ଜାଣିବାକୁ ପାଇବା । ତରଙ୍ଗ ଉପରୁ କେବଳ ଏତିକମାତ୍ର ଦୃଷ୍ଟିଗୋଚର ହେଉଛି ଏବଂ ମହାରର ବୃହଦ୍‌ବିସ୍ତୃତ ଶରୀରଟି ଅତଳ ଜଳର ଗମ୍ଭୀରରେ ନିମଜ୍ଜିତ ହୋଇ ରହିଛି ବୋଲି ଜାଣିପାରିବା ।

'oaob.nitrkl.ac.in' images reprocessed

ସଂଗୁପ୍ତ ହୋଇ ରହିଥିବା ଆମର ଏହି ଆତ୍ମା ଓ ଚେତନା,—ତାହାହିଁ ଆମର ଯଥାର୍ଥ ସତ୍ତା ବା ସମସ୍ତ ସତ୍ତା । ବାହାରକୁ ଯାହା ଦୃଷ୍ଟିଗୋଚର ହେଉଛି, ତାହା ସେହି ସମସ୍ତ ସତ୍ତାର କେବଳ ଏକ ଅଂଶ ମାତ୍ର, ଏକ ପ୍ରଚଳନ ମାତ୍ର; କେବଳ ବାହାର ପ୍ରୟୋଜନରେ ଆସିବାଲାଗି ବସ୍ତୁହୋଇ ଆସିଥିବା ଏକ ଖଣ୍ଡ-ରୂପାୟନ ମାତ୍ର । ବାହାରୁ ଯେତେଯେତେ ଅଭିଘାତ ଆସି ଆମକୁ ସ୍ପର୍ଶ କରିବାରେ ଲାଗିଛି, ଆମେ ତାହାର କେବଳ କେତୋଟିମାତ୍ରକୁ ଅନୁଭବ କରିପାରୁଛୁ; ମାତ୍ର ଆମ ଭିତରେ ବା ଆମର ପରିବେଶ ଭିତରେ ଯାହାକିଛି ଆସି ପ୍ରବେଶ କରୁଛି ଅଥବା ଆମକୁ ବା ଆମର ପରିବେଶକୁ ଆସି ସ୍ପର୍ଶ କରୁଛି, ଅନ୍ତରପୁରୁଷ ସେଗୁଡ଼ିକୁ ପ୍ରତ୍ୟେକଟିକୁ ଅନୁଭବ କରୁଛି । ଆମ ଜୀବନ ଓ ଆମ ସତ୍ତାର କେବଳ ଗୋଟିଏ ଅଂଶକୁହିଁ ଆମେ ଅନୁଭବ କରିପାରୁଛୁ, ମାତ୍ର ଆମର ଭିତରେ ଥାଇ ଆମର ଅନ୍ତରପୁରୁଷ ଏତେ ବେଶୀଗୁଣ ଅନୁଭବ କରୁଛି ଯେ ସତେଅବା କିଛିହେଲେ ତାହାର ଦୃଷ୍ଟିକୁ ଏଡ଼ାଇ କଦାପି ଯାଉ ନାହିଁ ବୋଲି ଆମେ ହୁଏତ ବେଶ୍ ଅନୁମାନ କରିପାରିବା । ଆମେ ଯାହାକିଛି ଅନୁଭବ କରୁ, ତାହାର କେବଳ ଏକ କ୍ଷୁଦ୍ର ଅଂଶକୁହିଁ ମନେ ରଖିବାକୁ ସମର୍ଥ ହେଉ, ଏବଂ ଏହାର ଏକ ବୃହତ୍ ଅଂଶକୁ ଆମେ ଏପରି ଏକ ଭଣ୍ଡାର ଘରେ ନେଇ ସାଇତି ରଖିଥାଉ, ଆବଶ୍ୟକତା ଅନୁସାରେ ଯେଉଁଥିରୁ କି ହାତ ଅଣ୍ଡାଳି ସବୁବେଳେ ସବୁକଥା ବାହାରକୁ ଆଣିପାରିବା ଆଦୌ ସମ୍ଭବ ହୁଏ ନାହିଁ । ମାତ୍ର ଅନ୍ତରପୁରୁଷ ଯାହା ଥରେ ପାଇଥାଏ, ତାହାକୁ ନିର୍ଭୁଲ ଭାବରେ ଧାରଣ କରି ରଖିଥାଏ ଏବଂ କାଳେ ଆବଶ୍ୟକ ପଡ଼ିବ, ସେଥିଲାଗି ସେଗୁଡ଼ିକୁ ସର୍ବଦା ମହଜୁଦ କରି ରଖିଥାଏ । ଆମର ମଣ ହୋଇଥିବା ବୁଦ୍ଧି ଓ ମନୋଗତ ସାମର୍ଥ୍ୟ ଆମ ଅନୁଭୂତି ଓ ସ୍ମୃତିର କେବଳ ଯେତିକି ଅଂଶକୁ ଆୟତ୍ତ କରିପାରନ୍ତି ଓ ସେଗୁଡ଼ିକର ସମ୍ବନ୍ଧଗୁଡ଼ିକୁ ଯେତିକି ବୁଝିପାରନ୍ତି, କେବଳ ସେତିକିକୁହିଁ ଆମେ ସମ୍ବନ୍ଧୀକୃତ ବୋଧ ଓ ଜ୍ଞାନରେ ପରିଣତ କରିବାକୁ ସମର୍ଥ ହୋଇଥାଉ । ଅନ୍ତରପୁରୁଷର ବୁଦ୍ଧିଲାଗି କୌଣସି ପ୍ରକାର ତାଲିମ ପାଇବା ବା ମଣ ହେବା ଦରକାର ହୁଏ ନାହିଁ । ତାହା ଆପଣାର ଯାବତୀୟ ଅନୁଭବ ସ୍ମୃତିର ରୂପ ଓ ସମ୍ବନ୍ଧଗୁଡ଼ିକୁ ନିର୍ଭୁଲଭାବେ ସାଇତି ରଖିଥାଏ ଏବଂ ଏହି ଅନୁମାନଟିକୁ ହୁଏତ ଅସମ୍ଭାବ୍ୟ ବୋଲି ବିଚାର କରାଗଲେ ଅଥବା ତାହାକୁ ସମ୍ପୂର୍ଣ୍ଣ ଭାବରେ ସ୍ୱୀକାର କରିନେବା କଷ୍ଟକର ହେଲେହେଁ ଆମେ ଏକଥା ମଧ୍ୟ କହିପାରିବା ଯେ ସେଗୁଡ଼ିକର ତାତ୍ପର୍ଯ୍ୟ ବିଷୟରେ ସମ୍ପୂର୍ଣ୍ଣ ବୋଧ ଆସିନଥିବା ବେଳେ ମଧ୍ୟ ଅନ୍ତରପୁରୁଷ ତାହାକୁ ତତ୍‌କ୍ଷଣାତ୍ ଅନୁଭବ କରିବାକୁ ସମର୍ଥ ହୁଏ । ଏବଂ ଜାଗ୍ରତ ମନର ଅନୁଭବଗୁଡ଼ିକ ପରି ଅନ୍ତରପୁରୁଷର ଅନୁଭବସବୁ କେବଳ ଜଡ଼ ଇନ୍ଦ୍ରିୟର କ୍ଷୀଣ ସଙ୍କେତ ମଧ୍ୟରେ ଆଦୌ ସୀମାବଦ୍ଧ ହୋଇ ରହିନଥାଏ, ତାହାର ସୀମା ପାରି ହୋଇ

'oaob.nitrkl.ac.in' images reprocessed

ସେହି ଅନୁଭବ କୁଆଡ଼େ କୁଆଡ଼େ ବିସ୍ତୀର୍ଣ୍ଣ ହୋଇ ରହିଥାଏ ଏବଂ ଏପରି ଏକ ସୂକ୍ଷ୍ମ ବୋଧଶକ୍ତିକୁ କାମରେ ଲଗାଏ, ଯାହାର ସୀମାଗୁଡ଼ିକୁ ନିର୍ଦ୍ଦିଷ୍ଟ କରିବା କେତେବେଳେ ହେଲେ ଆଦୌ ସହଜ ହୁଏ ନାହିଁ । ନାନା ପ୍ରକାରର ପରଚିତ୍ତଜ୍ଞାନର ପ୍ରକରଣଗୁଡ଼ିକ ଆମକୁ ତାହାର ସାକ୍ଷ୍ୟ ଦେଇଥାଆନ୍ତି । ବହିସ୍ତରର ଉପରିଭାଗସ୍ଥ ଇଚ୍ଛାଶକ୍ତି ଓ ପ୍ରେରଣା ଓ ଭ୍ରାନ୍ତ ଭାବରେ ଅଚେତନ ଅଥବା ଅବଚେତନ ବୋଲି ବର୍ଣ୍ଣନା କରାଯାଉଥିବା ଅଧିଚେତନ ପ୍ରେରଣାଟି ମଧ୍ୟରେ ପ୍ରକୃତରେ କିଭଳି ସମ୍ବନ୍ଧ ରହିଛି, ଏପର୍ଯ୍ୟନ୍ତ ତାହାର ଉପଯୁକ୍ତ ଅଧ୍ୟୟନ ହୋଇ ନାହିଁ । ଯାହା ସାଧାରଣତଃ ଘଟିନଥାଏ ଅଥବା କେବଳ ଅନିୟମିତ ଭାବରେ ଯାହା ବାହାରେ ପ୍ରକାଶ ପାଇଥାଏ ଅଥବା ବ୍ୟାଧିଗ୍ରସ୍ତ ମନୁଷ୍ୟମନରେ ଯାହାସବୁ ରୁଗ୍ଣ ଓ ଅସ୍ୱାଭାବିକ ଘଟଣାରୂପେ ଦେଖା ଦେଇଥାଏ, ସେହିପରି କେତେକ ବିଷୟର କିଛି କିଛି ଅଧ୍ୟୟନ ଆରମ୍ଭ ହୋଇଛି । ମାତ୍ର ଆମର ପର୍ଯ୍ୟବେକ୍ଷଣଶକ୍ତିକୁ ଯଥେଷ୍ଟ ଦୂରପ୍ରସାରୀ କରିପାରିଲେ ଆମେ ପ୍ରକୃତରେ ଏହି ଅନ୍ତରପୁରୁଷର ଜ୍ଞାନ, ଇଚ୍ଛା ବା ପ୍ରେରଣାଶକ୍ତିକୁହିଁ ଆମର ସମଗ୍ର ସଚେତନ ପରିଣତିଟିର ପଛରେ ଠିଆ ହୋଇ ରହିଥିବାର ଦେଖିବାକୁ ପାଇବା । ଅନ୍ତରପୁରୁଷର ପ୍ରଚ୍ଛନ୍ନ ଚେଷ୍ଟା ଓ ସିଦ୍ଧିର କେବଳ ଯେଉଁ ଅଂଶଟି ଆମ ଜୀବନଭୂମିର ଉପରିଭାଗରେ ପ୍ରତିଭାତ ହୋଇ ଉଠିବାରେ ସଫଳ ହୁଏ, ତାହାହିଁ ବାହାରର ସଚେତନ ସତ୍ତାରୂପେ ପ୍ରକାଶିତ ହୋଇଥାଏ । ତେଣୁ ଆମେ ଏହି ଅନ୍ତରପୁରୁଷକୁ ଜାଣିବା, କାରଣ ତାହାହିଁ ହେଲା ଯଥାର୍ଥ ଆତ୍ମଜ୍ଞାନର ପ୍ରାପ୍ତି ଦିଗରେ ଆମର ପ୍ରଥମ ସୋପାନ ।

ଆତ୍ମ-ଆବିଷ୍କାରର ଏହି ଅଭିଯାନରେ ବାହାରି ଯଦି ଆମେ ଅଧିଚେତନ ଆତ୍ମାର ଜ୍ଞାନକୁ ପ୍ରସାରିତ କରିଦେଇ ପାରିବା ଏବଂ ତାହାର କଳ୍ପନା ମଧ୍ୟରେ ଆମର ଅଧଃପ୍ରସାରୀ ଅବଚେତନ ଏବଂ ଊର୍ଦ୍ଧ୍ୱପ୍ରସାରୀ ଅତିଚେତନ ପ୍ରାନ୍ତ ଦୁଇଟିକୁ ମଧ୍ୟ ଅନ୍ତର୍ଗତ କରିପାରିବା, ତେବେ ଆମେ ନିଶ୍ଚୟ ଆବିଷ୍କାର କରିପାରିବା ଯେ ଏହାହିଁ ଯଥାର୍ଥରେ ଆମର ଏହି ଦୃଶ୍ୟମାନ ଆପାତସତ୍ତାଟିକୁ ତାହାର ଯାବତୀୟ ଉପାଦାନ ଆଣି ଯୋଗାଇ ଦେଉଛି ଏବଂ ଆମର ସକଳ ଅବବୋଧ, ସକଳ ସ୍ମୃତି ତଥା ଆମ ଇଚ୍ଛାଶକ୍ତି ଓ ବୁଦ୍ଧିର ସକଳ କ୍ରିୟା କେବଳ ଏହି ଅଧିଚେତନର ଅବବୋଧ, ସ୍ମୃତି ତଥା ତାହାର ଇଚ୍ଛା ଓ ବୁଦ୍ଧିଗତ କ୍ରିୟା ଏବଂ ସମ୍ବନ୍ଧଗୁଡ଼ିକ ମଧ୍ୟରୁହିଁ ବାଛି ହୋଇ ଆସୁଛି । ଏପରିକି ଯାହାକୁ ଆମେ ଅହଂ ବୋଲି କହୁଛୁ, ସେଇଟି ମଧ୍ୟ ଏହି ଅଧିଚେତନର ଆତ୍ମଚେତନା ଏବଂ ଆତ୍ମ-ଅନୁଭବର ଏକ ଗୌଣ ଓ ବହିସ୍ତର ରୂପାୟନରୂପେ କାର୍ଯ୍ୟ କରୁଛି । ସତେଯେପରି ଅଧିଚେତନର ସେହି ବିଶାଳ ସମୁଦ୍ରରୁ ଆମ ଚେତନ ସମୂହର ତରଙ୍ଗମାଳା ଉତ୍ଥିତ ହେବାରେ ଲାଗିଛି । ମାତ୍ର ଏହି ସମୁଦ୍ରର ଅନ୍ତ କେଉଁଠି ? କେତେଦୂର ଯାଏ ଏହା ପ୍ରସାରିତ ହୋଇ ରହିଛି ?

'oaob.nitrkl.ac.in' images reprocessed

ଏହାର ମୌଳିକ ଓ ଯଥାର୍ଥ ସ୍ୱରୂପଟି ବା କ'ଣ ? ସାଧାରଣତଃ ଆମେ ଏକ ଅବଚେତନ ଅସ୍ତିତ୍ୱର ଉଲ୍ଲେଖ କରିଥାଉ, ଏବଂ ଜାଗ୍ରତ ଅବସ୍ଥାର ଏହି ବହିସ୍ତଳର ଉପରଭୂମିଟିରେ ଯାହାକଛୁ ଦୃଷ୍ଟିଗୋଚର ହେଉ ନାହିଁ, ସେଗୁଡ଼ିକୁ ସେହି ଅବଚେତନ ମଧ୍ୟରେହିଁ ଅନ୍ତର୍ଗତ କରି ଦେଇଥାଉ । ମାତ୍ର ଆମର ଅନ୍ତର୍ଗତ ଆତ୍ମା ଅଥବା ଅଧିଚେତନ ଆତ୍ମାର ସମସ୍ତ କ୍ଷେତ୍ରଟି ବା ତାହାର ଏକ ବୃହତ୍ତର ଅଂଶଟି ଲାଗି ଆମେ ଏହି ବିଶେଷଣଟିର କ୍ୱଚିତ୍ ପ୍ରୟୋଗ କରିପାରିବା । କାରଣ, ଯେତେବେଳେ ଆମେ ଅବଚେତନର କଳ୍ପନା କରୁ, ସେତେବେଳେ ସତେଅବା ଦୃଢ଼ନିଷ୍ଠିତ ରହିଥିବା ପରି ଏକ ଅଚେତନ ବା ଅର୍ଦ୍ଧଚେତନର କଥା ଭାବିଥାଉ, ଅଥବା ଏହି ଉପରିସ୍ତରର ନିମ୍ନଦେଶରେ ନିମଜ୍ଜିତ ହୋଇ ରହିଥିବା ଏବଂ ଗୋଟାଏ ଦୃଷ୍ଟିରୁ ବିଗ୍ଭର କଲେ ଆମର ଏହି ସୁସଂଗଠିତ ଜାଗ୍ରତ ଯନ୍ତ୍ରର ତୁଳନାରେ ଏକ ନିମ୍ନତର ସ୍ତରରେ ଓ ଅଲ୍ପତର ଆୟୋଜନ ମଧ୍ୟରେ କାର୍ଯ୍ୟ କରୁଥିବା ଏକ ଚେତନାକୁହିଁ ବୁଝିଥାଉ । ବରଂ ଅନ୍ତତଃ ଜାଗ୍ରତ ଅବସ୍ଥାର ଚେତନା ଅପେକ୍ଷା ଆପଣା ବିଷୟରେ ତାହାର ଆହୁରି କମ୍ ଜ୍ଞାନ ରହିଛି ବୋଲି ମନେ କରିଥାଉ । ମାତ୍ର ଉପର ସ୍ତରକୁ ଭେଦ କରି ଭିତରକୁ ଗଲେ ଆମେ ବେଶ୍ ଦେଖିବାକୁ ପାଉ ଯେ ଆମ ଅସ୍ତିତ୍ୱର ଅଧିଚେତନ ପ୍ରଦେଶରେ କୌଣସି ସ୍ଥାନରେ ଏପରି ଏକ ଚେତନା ରହିଛି, ଯାହାକୁ ଉପରିସ୍ଥ ଆମ ଦୈନନ୍ଦିନ ଅନୁଭବର ଏହି ଜାଗ୍ରତ ଚେତନାଠାରୁ ଅଧିକ ପ୍ରଶସ୍ତ, ଅଧିକ ଜ୍ୟୋତିଦ୍ୱାରା ବିଭାସିତ ଏବଂ ଆପଣା ସମ୍ବନ୍ଧରେ ତଥା ବସ୍ତୁଜଗତ ସମ୍ବନ୍ଧରେ ଅଧିକ ଜ୍ଞାନସମ୍ପନ୍ନ । ଅବଶ୍ୟ ଏକଥା ସତ ଯେ ଏହି ଚେତନାଟି ଆମର ଅଧିଚେତନ ଚେତନାଟି ସହିତ ଆଦୌ ସମବ୍ୟାପ୍ତ ହୋଇ ରହି ନାହିଁ, କାରଣ ଏହା ଭିତରେ ଏହାର ଅସ୍ପଷ୍ଟ ଓ ଅଜ୍ଞାନାଚ୍ଛନ୍ନ ଅଂଶଗୁଡ଼ିକ ମଧ୍ୟ ବିଦ୍ୟମାନ ରହିଛି । ସେହି ଚେତନାଟି ହେଉଛି ଆମର ଅନ୍ତରପୁରୁଷ, ଏହାକୁହିଁ ଆମେ ଆମ ଅସ୍ତିତ୍ୱର ଅଧିଚେତନ ପ୍ରଦେଶ ବୋଲି ଜାଣିବା; ଏବଂ ଅବଚେତନକୁ ଏହାର ଏକ ଅଧସ୍ତନ ଅଂଶରୂପେ ଏହାଠାରୁ ଅଲଗା କରି ରଖିବା, ତାହାକୁ ଆମ ପ୍ରକୃତିର ଏକ ଗୁପ୍ତ ନିମ୍ନତମ ପ୍ରଦେଶ ବୋଲି ଜାଣିବା । ଠିକ୍ ସେହିପରି ଭାବରେ ଆମ ସମଗ୍ର ଅସ୍ତିତ୍ୱଟି ମଧ୍ୟରେ ଏକ ଅତିଚେତନ ଅଂଶ ମଧ୍ୟ ରହିଛି । ସେଇଠାରେହିଁ ଆମେ ଆମର ଉଚ୍ଚତମ ଆତ୍ମାର ସାକ୍ଷାତ୍ ଲାଭ କରିଥାଉ, ଏବଂ ସେଇଟିକୁ ମଧ୍ୟ ଆମେ ଆମ ପ୍ରକୃତିର ଏକ ଗୁପ୍ତ ଉଚ୍ଚତମ ପ୍ରଦେଶ ବୋଲି ଅଲଗା କରି ଚିହ୍ନି ରଖିପାରିବା ।

ତେବେ ଅବଚେତନ କହିଲେ ପ୍ରକୃତରେ କ'ଣ ବୁଝାଇବ, ଏହାର ଆରମ୍ଭ କେଉଁଠାରୁ ଏବଂ ଆମ ବହିସ୍ତର ପ୍ରକୃତି ସହିତ ଏହାର କିଭଳି ସମ୍ବନ୍ଧ ରହିଛି ? ଏହାକୁ ଯେଉଁ ଅଧିଚେତନର ଏକ ଅଂଶ ବା ଅଙ୍ଗ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ

'oaob.nitrkl.ac.in' images reprocessed

ମନେହେବ, ତାହା ସହିତ ମଧ୍ୟ ଏହି ଅବଚେତନର କିଭଳି ସମ୍ବନ୍ଧ ରହିଛି ? ଆମର ଦେହଟି ବିଷୟରେ ଆମର ସ୍ପଷ୍ଟ ଜ୍ଞାନ ରହିଛି, ଆମର ଏକ ଜଡ଼ଗତ ସତ୍ତା ରହିଛି ବୋଲି ଆମେ ଭଲକରି ଜାଣିଛୁ । ଏପରିକି ଅଧିକାଂଶ କ୍ଷେତ୍ରରେ ଆମେ ଆପଣାର ଅସ୍ତିତ୍ୱ ବୋଲି କହିଲେ ଖାସ୍ ଏହି ଦେହ ବା ଶରୀରକୁହିଁ ବୁଝିଥାଉ । ମାତ୍ର ତଥାପି ଏହି ଦେହର ଅଧିକାଂଶ କ୍ରିୟା ଆମ ମନୋମୟ ସତ୍ତାଟି ପାଖରେ ପ୍ରକୃତରେ ଅବଚେତନ ହୋଇ ରହିଛି । ସେହିସବୁ କ୍ରିୟାରେ କେବଳ ମନ ଯେ ପ୍ରକୃତରେ କୌଣସି ଅଂଶ ଗ୍ରହଣ କରୁ ନାହିଁ ତା' ନୁହେଁ, ମାତ୍ର ଆମର ଏକଥା ମଧ୍ୟ ମନେହୁଏ ସତେଯେପରି ଆମର ସ୍ଥୂଳ ଜଡ଼ଗତ ସତ୍ତା ତା'ର ଆପଣାର ପ୍ରଚ୍ଛନ୍ନ କ୍ରିୟାଗୁଡ଼ିକ ସମ୍ବନ୍ଧରେ ଆପେ ମଧ୍ୟ ଆଦୌ କିଛି ଜାଣି ନାହିଁ । ଅର୍ଥାତ୍ ସେ ନିଜେ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ମଧ୍ୟ ଆଦୌ ସଚେତନ ନୁହେଁ । ତା' ଭୂମିର ଯେତିକିମାତ୍ର ଅଂଶ ମନ ବା ଅନ୍ତଃକରଣର ଆଲୋକଦ୍ୱାରା ଆଲୋକିତ ହୁଏ ବା ଯେତିକିମାତ୍ର ଅଂଶକୁ ତାହାର ବୁଦ୍ଧି ପର୍ଯ୍ୟବେକ୍ଷଣଯୋଗ୍ୟ କରିବାରେ ସମର୍ଥ ହୁଏ, ତା' ଆପଣା ବିଷୟରେ ସେ କେବଳ ସେତିକିମାତ୍ରହିଁ ଜାଣେ, ଅଥବା, ଅଧିକ ଠିକ୍ଭାବରେ କହିଲେ ସେତିକି ସମ୍ବନ୍ଧରେ ତା'ର ଏକ ବୋଧ ବା ଅନୁଭୂତିମାତ୍ର ଜାଗ୍ରତ ହୋଇଥାଏ । ଉଦ୍ଭିଦ ବା ଇତରପ୍ରାଣୀଙ୍କ ପରି ଆମର ଏହି ଦେହଗତ ରୂପଟି ମଧ୍ୟରେ ଯେ ଏକ ପ୍ରାଣବନ୍ତ କ୍ରିୟାଶୀଳ ହୋଇ ରହିଛି, ଆମେ ସେକଥା ଜାଣିଥାଉ; ଏହି ପ୍ରାଣମୟ ଅସ୍ତିତ୍ୱଟି ଆମ ପାଖରେ ଅନେକାଂଶତଃ ଅବଚେତନ ହୋଇ ରହିଥାଏ, କାରଣ ଆମେ ଏହାର କେବଳ କେତୋଟିମାତ୍ର ଗତିସ୍ପନ୍ଦନ ଓ ପ୍ରତିକ୍ରିୟାକୁ ଅବଲୋକନ କରିବାକୁ ସମର୍ଥ ହୋଇଥାଉ । ସେହି କ୍ରିୟାଶୀଳତାକୁ ଆମେ କେବଳ ଆଂଶିକ ଭାବରେ ଜାଣୁ, ମାତ୍ର ଏକଥା ଆଦୌ କୁହାଯାଇ ପାରିବ ନାହିଁ ଯେ ଆମେ ତାହାର ସମୁଦାୟଟିକୁ କିମ୍ବା ଅଧିକତର ଅଂଶକୁ ଜାଣିବାକୁ ସମର୍ଥ ହେଉ । ବରଂ ତାହାର ସ୍ୱାଭାବିକ ବା ପ୍ରକୃତିଗତ ଅଂଶଗୁଡ଼ିକ ଅପେକ୍ଷା ଅସ୍ୱାଭାବିକ ଅଂଶଗୁଡ଼ିକୁହିଁ ଅଧିକ ଜାଣିଥାଉ । ତାହାର ତୃପ୍ତି ଓ ତୁଷ୍ଟିଗୁଡ଼ିକ ଅପେକ୍ଷା ତାହାର ଅଭାବଗୁଡ଼ାକ ସତେଅବା ଅଧିକ ପରାକ୍ରମ ସହିତ ଆସି ଆମ ଅନୁଭୂତିକ୍ଷେତ୍ରରେ ଅଜାଡ଼ି ହୋଇ ପଡ଼ିଥାଏ । ତାହାର ସୁସ୍ଥତା ଏବଂ ସେହି ସ୍ୱାସ୍ଥ୍ୟର ନିୟମିତ ଛନ୍ଦଟି ଅପେକ୍ଷା ତାହାର ବ୍ୟାଧି ଓ ବିଘଟନଗୁଡ଼ିକହିଁ ଆମର ଚେତନା ଉପରେ ଅଧିକ ପରିମାଣରେ ଆଘାତ କରେ । ତାହାର ପ୍ରାଣଧାରଣ ଆମ ପାଖରେ ଯେତେଦୂର ସୁସ୍ପଷ୍ଟ ହୋଇ ଦେଖାଦିଏ, ତାହାର ମରଣବାଚକତା ତା'ଠାରୁ ଅଧିକ ଯନ୍ତ୍ରଣାଦାୟକ ହୋଇ ରହିଥାଏ । ସଚେତନ ରହି ସେହି ପ୍ରାଣଲୀଳାର କେବଳ ଯେତିକି ଅଂଶ ଆମେ ଦେଖିବାକୁ ସମର୍ଥ ହେଉ, ତାହାର ସେତିକି ଅଂଶହିଁ ଜାଣିଥାଉ । ତାହାର ସେତିକି ଅଂଶକୁ କାମରେ ଲଗାଉ, ଅଥବା ଦୁଃଖ, ସୁଖ ତଥା ଅନ୍ୟ ଇନ୍ଦ୍ରିୟାନୁଭୂତି ଦ୍ୱାରା କିମ୍ବା

'oaob.nitrkl.ac.in' images reprocessed

ସ୍ନାୟୁଗତ କିମ୍ବା ଭୌତିକ ପ୍ରତିକ୍ରିୟା ଓ ଆଲୋଡ଼ନର ଏକ କାରଣରୂପେ ଆମର ଭୂମି ଉପରେ ତାହାର ଯେତିକି ଅଭିଘାତ ହୋଇଥାଏ, ଆମେ କେବଳ ସେତିକି ଜାଣୁ । ତା'ଠାରୁ ଲେଶମାତ୍ର ଅଧିକ ଜାଣିବାଲାଗି ଆଉ କୌଣସି ସମ୍ଭାବନା ନଥାଏ । ତେଣୁ ଆମେ ଅନୁମାନ କରିନେଉ ଯେ ଆମର ଏହି ପ୍ରାଣ-ଦେହଗତ ଅଂଶଟିର ମଧ୍ୟ ଆପଣାର କ୍ରିୟା ବିଷୟରେ ଆଦୌ କୌଣସି ଜ୍ଞାନ ନାହିଁ; ଅଥବା, ବୃକ୍ଷଲତାଙ୍କ ପରି କେବଳ ଏକ ନିରୁଦ୍ଧ ଚେତନା କିମ୍ବା ଅଚେତନା ରହିଛି, ବା ବିବର୍ତ୍ତନର ପ୍ରାରମ୍ଭସ୍ତରରେ ରହିଥିବା ପ୍ରାଣୀଜଗତ ପରି କେବଳ ଏକ ପ୍ରାରମ୍ଭସ୍ତରୀୟ ସଚେତନତା ହିଁ ରହିଛି । ତାହାର ଖାଲି ଯେତିକି ଅଂଶ ମନଦ୍ୱାରା ଆଲୋକିତ ହୋଇପାରୁଛି ବା ବୁଦ୍ଧିର ଗୋଚରକୁ ଆସୁଛି, କେବଳ ସେତିକି ଅଂଶ ଯେ ସଚେତନ ହେଉଛି, ଆମେ ଏକଥା ମଧ୍ୟ ଅନୁମାନ କରି ନେଇଥାଉ ।

ଏଠାରେ ଚେତନାକୁ ଆମେ ମନୋଭୂମି ଓ ମନୋଗତ ସଚେତନତା ସହିତ ଅଭିନ୍ନ କରି ଦେଖୁଥିବାରୁ ହିଁ ଏହିସବୁ ଅତିସରଳତା ଓ ଅଡ଼ୁଆ ଆସି ପହଞ୍ଚୁଛି । ଯେଉଁସବୁ ଗତି ଓ ପ୍ରବୃତ୍ତି ଜଡ଼ଗତ ଜୀବନ ଓ ଜଡ଼ଶରୀର ଲାଗି ଅତ୍ୟନ୍ତ ସ୍ୱାଭାବିକ, ମନ କେତେକ ପରିମାଣରେ ସେଗୁଡ଼ିକୁ ଆପଣାର ଗତି ଓ ପ୍ରବୃତ୍ତି ବୋଲି ଧରିନିଏ; ଏବଂ ତାହାକୁ ଆପଣାର ଭୂମିଟି ସହିତ ନେଇ ଏକାଠି ଯୋଡ଼ିଦିଏ । ସେହି କାରଣରୁ ଆମକୁ ଯାବତୀୟ ଚେତନା କେବଳ ମନଶ୍ଚେତନା ବୋଲି ବୋଧ ହୋଇଥାଏ । ମାତ୍ର ଯଦି ଆମେ ପଛକୁ ଅପସରି ଯାଇପାରୁ, ଆମ ଭିତରେ ରହିଥିବା ଏହିସବୁ ଅଂଶରୁ ଯଦି ଆମେ ସାକ୍ଷୀରୂପ ମନକୁ ଅଲଗ କରି ଦେଖିପାରୁ, ତେବେ ଆମେ ଅବଶ୍ୟ ଆବିଷ୍କାର କରିପାରିବା ଯେ ପ୍ରାଣ ଓ ଶରୀରର ଏବଂ ଏପରିକି ଆମ ଜୀବନର ସବୁଠାରୁ ଅଧିକ ଭୌତିକ ଓ ଜଡ଼ ଅଂଶଗୁଡ଼ିକର ମଧ୍ୟ ଆପଣାର ସ୍ୱକୀୟ କ୍ଷେତ୍ରଗତ ଗୋଟିଏ ଗୋଟିଏ ଚେତନା ରହିଛି । ଆମେ ଏହି ଚେତନାକୁ ଅଧିକାଂଶତଃ ପ୍ରାଣ ଓ ଦେହମୟ ସତ୍ତାର ସ୍ୱଭାବଗତ ଏକ ଚେତନା ବୋଲି କହିପାରିବା, ଏହାକୁ କେତେକାଂଶରେ ପ୍ରାରମ୍ଭସ୍ତରୀୟ ପ୍ରାଣୀମାନଙ୍କର ସେହି ପ୍ରାଥମିକ ଚେତନା ସହିତ ସମତୁଲ କରି ଦେଖି-ପାରିବା । ମାତ୍ର ଆମ ଭିତରେ ଆମର ମନ ଏଗୁଡ଼ିକୁ ଆଂଶିକ ଭାବରେ ଆପଣାର କରି ଗ୍ରହଣ କରିନେଇଛି ଓ ସେହି ପରିମାଣରେ ସେଗୁଡ଼ିକୁ ମନୋମୟ କରି ରଖିଛି । ମାତ୍ର ଆମ ଭିତରେ ଯେଉଁ ମନଶ୍ଚେତନା ରହିଛି, ଏହି ଚେତନାଟିର ନିଜସ୍ୱ ଓ ସ୍ୱତନ୍ତ୍ର କ୍ରିୟାଟିରେ ତାହାର କୌଣସି ସ୍ଥାନ ନାହିଁ । ଯଦି ଏହା ଭିତରେ ମନ ବି ଅବସ୍ଥିତ ରହିଛି ବୋଲି ବୁଝାଯାଏ, ତେବେ ଜାଣିବାକୁ ହେବ ଯେ ସେହି ମନ ଦେହ ଓ ଦେହଗତ ଜୀବନ ମଧ୍ୟରେ ସଂବୃତ ଓ ଗୁପ୍ତ ହୋଇ ରହିଛି । ସେଠାରେ ଆତ୍ମଚେତନା ଆପଣାକୁ ସୁଗଠିତ କରିପାରି ନାହିଁ; ମାତ୍ର କେବଳ କ୍ରିୟା ଓ ପ୍ରତିକ୍ରିୟାର ବୋଧ

'oaob.nitrkl.ac.in' images reprocessed

ମାତ୍ର ରହିଛି । କେବଳ ଗତିସ୍ପନ୍ଦନର ବୋଧ ରହିଛି, ପ୍ରେରଣା, ବାସନା ଓ ପ୍ରୟୋଜନର ବୋଧ ରହିଛି, ପ୍ରକୃତି ଆଣି ଲଦି ଦେଉଥିବା ଆବଶ୍ୟକ କ୍ରିୟାଗୁଡ଼ିକର ବୋଧ ରହିଛି; କ୍ଷୁଧା, ସହଜାତ ପ୍ରବୃତ୍ତି, ଦୁଃଖ, ବୋଧଶକ୍ତିଶୂନ୍ୟତା ଓ ସୁଖର ବୋଧ ରହିଛି । ଏହିପରି ଭାବରେ ଏକ ନ୍ୟୂନତର ସ୍ତରର ହେଲେ ମଧ୍ୟ ଏହା ଭିତରେ ଏହିଭଳି ଏକ ଅସ୍ପଷ୍ଟ, ସୀମାବଦ୍ଧ ଓ ଯନ୍ତ୍ରବତ୍ ସଚେତନତା ବିଦ୍ୟମାନ ରହିଛି । ମାତ୍ର ଏହାର ଆପଣା ଉପରେ କୌଣସି ଅଧିକାର ନାହିଁ; ଆମେ ଯାହାକୁ ମନୋମୟତାର ସର୍ବପ୍ରଧାନ ସନ୍ତକ ବୋଲି ଜାଣୁ, ସେଇଟି ଏହା ଭିତରେ ଆଦୌ ନାହିଁ । ତେଣୁ ହୁଏତ ଅଧିକ ଯଥାର୍ଥ ଭାବରେ ଆମେ ଏହାକୁ ଅବମାନସ ବୋଲି କହିପାରିବା, ମାତ୍ର ଠିକ୍ ସେତିକିକୁ ଯଥାର୍ଥ ଭାବରେ ଆମ ସତ୍ତାର ଅବଚେତନ ଅଂଶ ବୋଲି କହିପାରିବା ନାହିଁ । କାରଣ, ଯେତେବେଳେ ଆମେ ସେଠାରୁ ହଟିଯାଇ ପଛରେ ଦଣ୍ଡାୟମାନ ହୋଇପାରିବା, ଯେତେବେଳେ ଆମେ ଏହି ବୋଧ ବା ଅନୁଭୂତିଟିରୁ ମନକୁ ପୃଥକ୍ କରି ଦେଖିପାରିବା, ସେତେବେଳେ ଆମେ ନିଶ୍ଚୟ ଜାଣିପାରିବା ଯେ ଏହି ଚେତନାଟି ହେଉଛି ଏକ ସ୍ନାୟୁଗତ ଓ ଇନ୍ଦ୍ରିୟବୋଧଗତ ଚେତନା, ସତେଅବା ଗୋଟାଏ ଯନ୍ତ୍ରପରି ଗତିଶୀଳ ହୋଇ ଉଠିଥିବା ଜଡ଼ସମର ଏକ ଚେତନା । ସବୁତଳର ଏହି ସୋପାନଟିକୁ ଆମେ ସେତେବେଳେ, ମନୋଗତ ଚେତନାଠାରୁ ପୃଥକ୍ ବୋଲି ଜାଣିବା । ଜାଗତିକ ସଂସ୍ପର୍ଶଗୁଡ଼ିକ ଲାଗି ଏହାର ସ୍ୱକୀୟ ଓ ସ୍ୱତନ୍ତ୍ର ପ୍ରତିକ୍ରିୟାମାନ ରହିଛି ଏବଂ ଆପଣା ଅନୁଭୂତିର ସ୍ୱକୀୟ ସାମର୍ଥ୍ୟ ବଳରେହିଁ ଏହା ସେହି ସଂସ୍ପର୍ଶଗୁଡ଼ିକୁ ଅନୁଭବ କରୁଛି । ମନର ଅବବୋଧ ଓ ପ୍ରତିସଂସ୍ପର୍ଶ ଲାଗି ଏହା ଆଦୌ ଅପେକ୍ଷା କରି ରହୁ ନାହିଁ କିମ୍ବା ତା'ଉପରେ ଆଦୌ ନିର୍ଭର କରୁ ନାହିଁ । ଯଥାର୍ଥ ଅବଚେତନ ଏହି ଅନ୍ନପ୍ରାଣମୟ ଅନୁଭୂତିଟିଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଯଥାର୍ଥ ଅବଚେତନ ହେଉଛି ଚେତନାସ୍ତରର ପରିଧିଗୁଡ଼ିକ ଉପରେ ସ୍ଥିତ ହୋଇଥିବା ନିଶ୍ଚେତନ; ସେହିଠାରେ ଥାଇ ନିଶ୍ଚେତନ ଆପଣାର ଗତିବେଗଗୁଡ଼ିକୁ ଊର୍ଦ୍ଧ୍ୱଦେଶକୁ ପ୍ରେରଣ କରୁଛି ଏବଂ ତା'ପରେ ସେଗୁଡ଼ିକ ଚେତନ ଉପାଦାନରେ ରୂପାନ୍ତରିତ ହୋଇଯାଉଛି । ଅତୀତ ଅନୁଭବର ଆବେଶଗୁଡ଼ିକୁ ତାହା ଅଚେତନ ଅଭ୍ୟାସର ବୀଜରୂପେ ଆପଣାର ଗର୍ଭମଧ୍ୟକୁ ନିକ୍ଷେପ କରିବାରେ ଲାଗିଛି ଏବଂ ସେଗୁଡ଼ିକୁ ଉପରିସ୍ଥ ଚେତନାର ଭୂମି ଉପରକୁ ସତତ ଅଥଚ ଅନେକ ସମୟରେ ବଡ଼ ଅଚିନ୍ତ୍ୟ ଭାବରେ ପୁନଃପ୍ରେରିତ କରିଦେଉଛି । ଆମ ପାଖରେ ଯାହାର ଉତ୍ସ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି, ଏହି ଅବଚେତନା ଏହିପରି ଭାବରେ ସେଥିରୁ ବହୁ ତାତ୍ପର୍ଯ୍ୟହୀନ ବା ଅନର୍ଥମୟ ଉପାଦାନକୁ ଆମର ବହିଶ୍ଚେତନା ଉପରେ ଆଣି ଉଠାଇ ଦେଉଛି । ଆମ ସ୍ୱପ୍ନରେ, ଯାବତୀୟ ପ୍ରକାରର ଯାନ୍ତ୍ରିକ ପୁନରାବୃତ୍ତିରେ, ବାସନାର ଅତର୍କିତ ସଂବେଗରେ, ଦେହ, ପ୍ରାଣ ତଥା ମନର ନାନା ଜଟିଳ ବିକ୍ଷୋଭ ଓ ଉତ୍କ୍ଷେପଣରେ

'oaob.nitrkl.ac.in' images reprocessed

ଏବଂ ଆମ ପ୍ରକୃତିର ଅସ୍ପଷ୍ଟତମ ଅଂଶଗୁଡ଼ିକର ନୀରବ ଓ ସ୍ୱତଃସ୍ଫୂର୍ତ୍ତ ଆବଶ୍ୟକତା-ଗୁଡ଼ିକର ମାଧ୍ୟମରେହିଁ ତାହା ସେଗୁଡ଼ିକୁ ଆଣି ଆମର ବହିଶ୍ଚେତନା ଉପରେ ଭସାଇ ଦେଉଛି ।

ମାତ୍ର ଅଧିଚେତନ ସତ୍ତା ଭିତରେ ଅବଚେତନର ଏହିସବୁ ଲକ୍ଷଣ ଆଦୌ ନାହିଁ । ଅଧିଚେତନ ଏକ ମନ, ଏକ ପ୍ରାଣଶକ୍ତି ଓ ବସ୍ତୁବିଷୟକ ଏକ ଅତିସ୍ପଷ୍ଟ ସୂକ୍ଷ୍ମ ଶାରୀର ଅବବୋଧକୁ ସମ୍ପୂର୍ଣ୍ଣରୂପେ ଅଧିକାର କରି ବିଦ୍ୟମାନ ରହିଛି । ଆମ ଜାଗ୍ରତ ସତ୍ତାର ଯେଉଁସବୁ ସାମର୍ଥ୍ୟ ଅଛି, ଅଧିଚେତନର ମଧ୍ୟ ଠିକ୍ ସେହି ସାମର୍ଥ୍ୟଗୁଡ଼ିକ ରହିଛି । ଏକ ସୂକ୍ଷ୍ମବୋଧ ଓ ଅବଧାରଣାଶକ୍ତି ରହିଛି, ଏକ ପରିବ୍ୟାପ୍ତ ଓ ପରିପୂର୍ଣ୍ଣ ସ୍ମୃତି ରହିଛି, ଏକ ତୀକ୍ଷ୍ଣ ବୁଦ୍ଧି ଓ ବିବେଚନା ରହିଛି, ଇଚ୍ଛାଶକ୍ତି ଓ ଆତ୍ମଚେତନା ମଧ୍ୟ ରହିଛି । ମାତ୍ର ପରସ୍ପରର ସମାନଧର୍ମୀ ହୋଇଥିଲେ ମଧ୍ୟ ଅଧିଚେତନର ଏହି ବୃତ୍ତି-ଗୁଡ଼ିକ ଅନେକ ଅଧିକ ପ୍ରଶସ୍ତ, ଅଧିକ ବିକଶିତ ହୋଇ ରହିଛି, ଏଥିରେ ଆତ୍ମନିର୍ଣ୍ଣାୟକ ଶକ୍ତି ଅଧିକ ରହିଛି । ଏବଂ ଏଥିରେ ଆହୁରି ଅନ୍ୟ ସାମର୍ଥ୍ୟମାନ ମଧ୍ୟ ରହିଛି, ଯାହାକି ଆମର ଏହି ମରଣଶୀଳ ମନ ଭିତରେ ନାହିଁ । କାରଣ ଅଧିଚେତନ ଭୂମିରେ ସତ୍ତାଠାରେ ପ୍ରତ୍ୟକ୍ଷ ଜ୍ଞାନର ଏକ ସାମର୍ଥ୍ୟ ରହିଛି । ଆପଣା ଭିତରେ କାର୍ଯ୍ୟ କରୁଥିବାବେଳେ ତଥା ଆପଣାର ବିଷୟ ଉପରେ ଆପଣାକୁ ଅଭିନିବିଷ୍ଟ କରି ରଖିଥିବାବେଳେ ତାହାର ଏହି ପ୍ରତ୍ୟକ୍ଷ ସାମର୍ଥ୍ୟ ରହିଛି । ଏହି ସାମର୍ଥ୍ୟଟି ଅଧିକ ସତ୍ୱର ଭାବରେ ଜ୍ଞାନରେ ଉପନୀତ ହୋଇପାରୁଛି, ଆପଣାର ଇଚ୍ଛାକୁ ଅଧିକ ଶୀଘ୍ର କାର୍ଯ୍ୟକାରୀ କରିପାରୁଛି, ଅଧିକ ଶୀଘ୍ର ବୁଝିପାରୁଛି ଓ ଆପଣାର ଆବେଗଗୁଡ଼ିକୁ ଅଧିକ ଶୀଘ୍ର ତୃପ୍ତ କରିପାରୁଛି । ଆମର ବହିସ୍ତର ମନ ଏହି ଦେହ ଓ ଦେହଗତ ଜୀବନ ଏବଂ ସ୍ନାୟୁମଣ୍ଡଳ ଓ ଜଡ଼େନ୍ଦ୍ରିୟଗୁଡ଼ିକର ନାନା ସୀମାଦ୍ୱାରା ଏପରି ଭାବରେ ଛନ୍ଦି ବାନ୍ଧିହୋଇ ଏପରି ବ୍ୟାହତ ଏବଂ ପ୍ରସୀମିତ ହୋଇ ରହିଛି ଯେ ତାହାକୁ ଏକ ପ୍ରକୃତ ମନୋଭୂମି ବୋଲି ଆମେ କ୍ୱଚିତ୍ କହିପାରିବା । ମାତ୍ର ଅଧିଚେତନ ସତ୍ତାର ଏକ ପ୍ରକୃତ ମନୋଭୂମି ରହିଛି, ଯେଉଁଠାରେ ଉକ୍ତ ସୀମାସଙ୍କୁଚନଗୁଡ଼ିକ ଅତିକ୍ରାନ୍ତ ହୋଇଯାଇଛି । ଅଧି-ଚେତନ ଜଡ଼ମନ ଓ ଜଡ଼େନ୍ଦ୍ରିୟଗୁଡ଼ିକ ବିଷୟରେ ଓ ସେଗୁଡ଼ିକର କାର୍ଯ୍ୟ ବିଷୟରେ ସମ୍ପୂର୍ଣ୍ଣ ସଚେତନ ରହିଛି ଏବଂ ଅନେକ ପରିମାଣରେ ସେଗୁଡ଼ିକର କାରଣ ହୋଇ ରହିଛି ବା ସେଗୁଡ଼ିକୁ ସୃଷ୍ଟି କରୁଛି; ମାତ୍ର ତାହା ସେଗୁଡ଼ିକର ସୀମାକୁ ଅତିକ୍ରମ କରି ଅବସ୍ଥିତ ରହିଛି । ଅଧିଚେତନ ଆପଣାର ସମୁଦାୟ ଭାବଟିକୁ ବା ଅଧିକତର ଭାବକୁ ବାହାରେ ପ୍ରକାଶ କରୁ ନାହିଁ,—କେବଳ ଏହି ଅର୍ଥରେ ଆମେ ଏହାକୁ ଅବଚେତନ ବୋଲି କହିପାରିବା । ଏହା ସର୍ବଦା ପର୍ଦ୍ଦାର ପଛରେ ଅବସ୍ଥିତ ରହି କାର୍ଯ୍ୟ କରୁଛି । ଅବଚେତନ ଅପେକ୍ଷା ଅଧିକ ଯଥାର୍ଥ ଭାବରେ ଆମେ ଏହାକୁ ଏକ ଗୁପ୍ତ ଅନ୍ତର୍ଚେତନ ଓ ପରିଚେତନ ବୋଲି କହିପାରିବା । କାରଣ ବହିଃପ୍ରକୃତିଟିକୁ ଏହା କେବଳ

'oaob.nitrkl.ac.in' images reprocessed

ଆଚ୍ଛାଦାନ କରି ରଖି ନାହିଁ, ତାହାର ଆଶ୍ରୟ ବି ହୋଇ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଧିଚେତନର ଗଭୀରତର ପ୍ରଦେଶଗୁଡ଼ିକର କ୍ଷେତ୍ରରେ ଆମେ ଅବଶ୍ୟ ଏହିପରି ବର୍ଣ୍ଣନା ଦେଇପାରିବା । ଏବଂ ଆମ ବହିର୍ଭାଗଟିର ନିକଟବର୍ତ୍ତୀ ହୋଇ ରହିଥିବା ଅନ୍ୟ ସ୍ତର ବା ପ୍ରଦେଶଗୁଡ଼ିକରେ ଅବିଦ୍ୟାର କିସ୍ଥା ପ୍ରବଳତର ହୋଇ ରହିଛି; ଏବଂ ଆପଣାର ଭିତରକୁ ଭେଦ କରିବାକୁ ଯାଇ ଯେଉଁମାନେ ଏକ ନ୍ୟୂନତର ସ୍ତରର ପ୍ରଖଣ୍ଡଗୁଡ଼ିକରେ ଅର୍ଥାତ୍ ଅଧିଚେତନ ଓ ଉପରିଭାଗଟିର ମଝିରେ ଅବସ୍ଥିତ ନିରକ୍ଷମଣ୍ଡଳଟିରେ ଆସି ଅଟକିଯାଆନ୍ତି, ସେମାନେ ଅନେକ ସମୟରେ ଭ୍ରମରେ ପଡ଼ିଯାଆନ୍ତି ଓ ବାଟବଣା ହୁଅନ୍ତି । ମାତ୍ର ସେହି ଅବସ୍ଥାଟି ଅବିଦ୍ୟାଚ୍ଛନ୍ନ ହୋଇଥିଲେ ମଧ୍ୟ ତାହାକୁ ଏକ ଅବଚେତନ ଅବସ୍ଥା ବୋଲି ମୋଟେ କୁହାଯିବ ନାହିଁ । ଏହିସବୁ ଅନ୍ତଃବର୍ତ୍ତୀ ଅଞ୍ଚଳଗୁଡ଼ିକର ବିଭ୍ରାନ୍ତ ସହିତ ନିଶ୍ଚେତନାର ଆଦୌ କୌଣସି ସାମଞ୍ଜସ୍ୟ ନାହିଁ ।

ତେବେ ଆମେ ଆମ ସତ୍ତାର ସମଗ୍ରତା ଭିତରେ ତିନୋଟି ଉପାଦାନ ଅନ୍ତର୍ଗତ ହୋଇ ରହିଛି ବୋଲି କହିପାରିବା । ପ୍ରଥମଟି ହେଉଛି ଅବମାନସ ଓ ଅବଚେତନ, ଯାହାକି ଆମକୁ ସତେଅବା ଅଚେତନ ପରି ବୋଧ ହେଉଛି । ସେଇଟି ଆମ ସତ୍ତାର ଜଡ଼ ଭିତ୍ତିରୂପେ କାର୍ଯ୍ୟ କରୁଛି ଏବଂ ଆମ ପ୍ରାଣମୟ ଓ ଅନ୍ନମୟ ଜୀବନର ଏକ ବୃହତ୍ ଅଂଶକୁ ଅଧିକାର କରି ରହିଛି । ତା'ପରେ ହେଉଛି ଆମର ଅଧିଚେତନ, ଯାହାକୁ ଆମେ ଆମର ଅନ୍ତର୍ସତ୍ତା ବୋଲି କହିପାରିବା ଏବଂ ଯାହାର ସମଗ୍ର କ୍ଷେତ୍ରଟି ଭିତରେ ଅନ୍ତର୍ମନ, ଅନ୍ତଃପ୍ରାଣ ଓ ଅନ୍ତଃଶରୀର ଅନ୍ତର୍ଭୁକ୍ତ ହୋଇ ରହିଛି ଓ ସେଗୁଡ଼ିକର ଆଶ୍ରୟସ୍ୱରୂପ ଆତ୍ମା ବା ଚୈତ୍ୟପୁରୁଷ ମଧ୍ୟ ଅବସ୍ଥିତ ରହିଛି । ତୃତୀୟଟି ହେଉଛି ଆମର ଏହି ଜାଗ୍ରତ ଅବସ୍ଥାର ଚେତନା, ଯାହାକୁ କି ଆମର ଅଧିଚେତନ ଏବଂ ଅବଚେତନ ଉପରିଭାଗରେ ନିକ୍ଷିପ୍ତ କରି ରଖିଛନ୍ତି ଏବଂ ଯାହାକି ସେମାନଙ୍କର ସଗୁପ୍ତ ଆବେଗମୟତାର ତରଙ୍ଗରୂପେ ଅବସ୍ଥିତ ରହିଛି । ମାତ୍ର ଏସବୁ କହିବା ପରେ ମଧ୍ୟ ତଦ୍ୱାରା ଆମ ଅସ୍ତିତ୍ୱର ଏକ ଯଥାର୍ଥ ବିବରଣ ଦେଇପାରିବା ତଥାପି ଯଥେଷ୍ଟ ହେଉ ନାହିଁ; କାରଣ ଆମର ଚିରାଚରିତ ସ୍ୱାଭାବିକ ଜୀବନର ଆତ୍ମସଙ୍କୃତିର ପଛରେ ଆମ ଭିତରେ ଏକ ଗଭୀର ପ୍ରଦେଶରେ ଯେ କୌଣସି ଏକ ସମ୍ପଦ ନିଗୂଢ଼ ହୋଇ ରହିଛି, କେବଳ ସେତିକି ନୁହେଁ; ମାତ୍ର ଏହାର ଅନେକ ଉପରେ ଏକ ଊର୍ଦ୍ଧ୍ୱତର ଦେଶରେ ମଧ୍ୟ କୌଣସି ଏକ ସମ୍ପଦ ବିଦ୍ୟମାନ ରହିଛି । ଆମର ଜୀବନ କହିଲେ ସେଇଟିକୁ ମଧ୍ୟ ନିଶ୍ଚୟ ବୁଝାଇବ । ଏହି ଉପରିଭାଗରେ ବିଚରୁଥିବା ଆମର ମନୋଗତ ବ୍ୟକ୍ତିତ୍ୱଟିଠାରୁ ତାହା ଏକାନ୍ତ ଭିନ୍ନ, ମାତ୍ର ତଥାପି ତାହା ଆମ ଯଥାର୍ଥ ସତ୍ତାର ବାହାରେ ନାହିଁ, ତାହାର ଭିତରେହିଁ ଅବସ୍ଥିତ ରହିଛି । ଆମ ଚିନ୍ମୟ ସତ୍ତାର ରାଜ୍ୟ କହିଲେ ସେଇଟିକୁ ମଧ୍ୟ ଅବଶ୍ୟ ବୁଝାଇବ । କାରଣ

'oaob.nitrkl.ac.in' images reprocessed

ଆମେ ଯାହାକୁ ପ୍ରକୃତରେ ଅଧିଚେତନ ବୋଲି କହୁବା, ତାହା ଆମର ଜ୍ୟୋତିର୍ମୟ ବିଦ୍ୟା-ଅବିଦ୍ୟାର ଭୂମି ଉପରେ ଅଧିଷ୍ଠିତ ରହିଥିବା ଅନ୍ତର୍ସତ୍ତାଟିଠାରୁ ଭିନ୍ନ ଆଦୌ କିଛି ନୁହେଁ । ତାହା ଆମ ଜାଗ୍ରତ ମନର ହୀନତାକ୍ଲିଷ୍ଟ ଅବଧାରଣାର ସୀମା ଡେଇଁ କେତେଆଡ଼େ ପ୍ରସାରିତ ହୋଇ ରହିଛି, ମାତ୍ର ତଥାପି ଆମେ ତାହାକୁ ଆମ ସତ୍ତାର ସର୍ବୋଚ୍ଚ କିମ୍ବା ସମୁଦାୟ ବୋଧ ବୋଲି ଆଦୌ କହିବା ନାହିଁ । ଆମ ସତ୍ତାର ଚରମ ବା ପରମ ରହସ୍ୟ କହିଲେ ଆମେ ସର୍ବଦା ତା'ଠାରୁ ଭିନ୍ନ ଅନ୍ୟକିଛିକୁ ବୁଝିବା । ଏକ ବିଶେଷ ଅନୁଭୂତି ସମୟରେ ଆମେ ସତ୍ତାର ଆଉଗୋଟିଏ କ୍ଷେତ୍ରର ଚେତନାମୟ ଆଭାସ ପାଇଥାଉ, ଯାହାକି ଏହି ତିନୋଟିଯାକ ସୋପାନଲାଗି ଅତିଚେତନ ହୋଇ ରହିଛି; ସେଗୁଡ଼ିକୁ ସବୁଟିକୁ ଧାରଣ କରି ରହିଥିବା ଓ ସେଗୁଡ଼ିକର ସୀମାକୁ ଅତିକ୍ରମ କରି ଯାଇଥିବା ଏକ ପରମ ଓ ସର୍ବୋଚ୍ଚ ସତ୍ୟର ପରିଚୟ ଆମେ ଏଠାରେ ପାଇଥାଉ । ମନୁଷ୍ୟର ବର୍ଣ୍ଣନାଶକ୍ତି ତାହାକୁ ବଡ଼ ଅସ୍ପଷ୍ଟ ଓ ଉପରଠାଉରିଆ ଭାବରେ ପରମ ତତ୍ତ୍ୱସତ୍ତା, ଈଶ୍ୱର ବା ପରମାତ୍ମା ବୋଲି କହିଥାଏ । ଏହି ଅତିଚେତନ ଭୂମିଗୁଡ଼ିକରୁ ମଧ୍ୟ ଅନେକ ସମୟରେ କିଛି ନା କିଛି ସମ୍ବାଦ ଆମ ଭିତରକୁ ଅବତରଣ କରିଆସେ, ଏବଂ ଆମର ଉଚ୍ଚତମ ସତ୍ତାର ସ୍ତରରେ ଆମେ ସେହିଗୁଡ଼ିକର ଅଭିମୁଖରେ ଉତ୍ତୋଳିତ ହୋଇଯିବାର ଆକାଂକ୍ଷା ରଖିଥାଉ, ସେହି ପରମ ତତ୍ତ୍ୱସ୍ୱରୂପ ଆଡ଼କୁ ଗତି କରିବାଲାଗି ମନ ବଳାଇଥାଉ । ତେବେ ନିଷ୍କର୍ଷ ହେଉଛି ଯେ ଆମ ଅସ୍ତିତ୍ୱର ସମଗ୍ର ଭୂମିଟିରେ ଅବଚେତନ ଓ ନିଶ୍ଚେତନ ସହିତ ଏକ ଅତିଚେତନ ମଧ୍ୟ ରହିଛି, ତାହା ଆମର ଅଧିଚେତନ ତଥା ଜାଗ୍ରତ ସତ୍ତାକୁ ସମ୍ଭବତଃ ଆଚ୍ଛାଦିତ କରି ରହିଛି ଓ ତାହା ଉପରେ ପ୍ରସାରିତ ହୋଇ ରହିଛି । ମାତ୍ର ଆମଲାଗି ତାହା ଅଜ୍ଞାତ ହୋଇ ରହିଛି, ଉପଲବ୍ଧିର ଅତୀତ ପରି ମନେହେଉଛି, ତାହା ସହିତ ପ୍ରକୃତରେ କୌଣସି ସଂଯୋଗ ସ୍ଥାପିତ ହୋଇପାରିବ ବୋଲି ଆଦୌ ବିଶ୍ୱାସ ହେଉ ନାହିଁ ।

ମାତ୍ର ଆପଣାର ଜ୍ଞାନକୁ ସମ୍ପ୍ରସାରିତ କରିଦେଇ ଆମେ ଏହି ତତ୍ତ୍ୱସତ୍ତା ବା ବୃହଦାତ୍ମାର ସ୍ୱରୂପଟିକୁ ଆବିଷ୍କାର କରିବାକୁ ସମର୍ଥ ହେଉ । ପରମ ତାତ୍ପର୍ଯ୍ୟର ଭୂମି ଉପରେ ତାହାହିଁ ହେଉଛି ଆମର ଆପଣାର ଆତ୍ମା, ଆମର ଉଚ୍ଚତମ, ଗଭୀରତମ ଓ ବିସ୍ତୃତତମ ଆତ୍ମା । ଏହାର ଶିଖରଦେଶରେ ଉପନୀତ ହେଲେ କିମ୍ବା ମନନଦ୍ୱାରା ଆପଣା ଭିତରେ ପ୍ରବେଶ କଲେ ତାହାହିଁ ଆମ ସମକ୍ଷରେ ସଚ୍ଚିଦାନନ୍ଦରୂପେ ପ୍ରତିଭାତ ହୋଇଥାଏ, ତାହାହିଁ ଆପଣାର ଦିବ୍ୟ ଜ୍ଞାନ-ସଂକଳ୍ପର ପରମଚିନ୍ମୟ, ଅତିମାନସ, ସତ୍ୟଚେତନ ଓ ଅନନ୍ତ ସାମର୍ଥ୍ୟଦ୍ୱାରା ଆମକୁ ଓ ଏହି ଜଗତକୁ ସୃଷ୍ଟି କରୁଥିବାର ଅନୁଭୂତ ହୁଏ । ସେଇ ହେଉଛନ୍ତି ଯଥାର୍ଥ ଓ ପରମସତ୍ତା, ସେଇ ପରମ ନିୟନ୍ତା ଓ ପରମ ସ୍ରଷ୍ଟା; ଯିଏକି ମନ, ପ୍ରାଣ ଓ ଜଡ଼ମୟତାର ଆବରଣ ପିନ୍ଧି ପରମ ବିଶ୍ୱାତ୍ମାରୂପେ

'oaob.nitrkl.ac.in' images reprocessed

ଆମେ ଯାହାକୁ ନିଶ୍ଚେତନ ବୋଲି କହୁଛୁ, ତାହାର ମଧ୍ୟକୁ ଅବତରଣ କରି ଆସିଛନ୍ତି ଏବଂ ନିଜର ଅତିମାନସ ଜ୍ଞାନ ଓ ଇଚ୍ଛାଶକ୍ତିଦ୍ୱାରା ଏହାର ଅବଚେତନ ଅଭିବ୍ୟକ୍ତିକୁ ଗଢ଼ିଛନ୍ତି ଓ ପରିଚାଳିତ କରୁଛନ୍ତି । ପୁଣି ନିଶ୍ଚେତନ ମଧ୍ୟରୁ ଊର୍ଦ୍ଧ୍ୱୋତ୍ଥିତ ହୋଇ ସିଏ ଆନ୍ତର ସତ୍ତାରେ ଯାଇ ବାସ କରୁଛନ୍ତି ଏବଂ ଆପଣାର ସେହି ଜ୍ଞାନ ଓ ଇଚ୍ଛାଶକ୍ତି ବଳରେ ଏହାର ଅଧିଚେତନ ଅଭିବ୍ୟକ୍ତିର ଗଠନ କରିଛନ୍ତି ଓ ତାହାର ପରିଚାଳନା କରୁଛନ୍ତି । ଅଧିଚେତନ ଭିତରୁହିଁ ସେ ଆମର ଏହି ବହିଃସ୍ଥର ଅଭିବ୍ୟକ୍ତିର ରଚନା କରିଛନ୍ତି ଏବଂ ତାହାର ଭିତରେ ପ୍ରଚ୍ଛନ୍ନ ହୋଇ ରହି ତାଙ୍କର ସେହି ପରମ ଜ୍ୟୋତି ଓ ପରମ ସ୍ୱାମିତ୍ୱର ମାଧ୍ୟମରେ ତାହାର ବାରବାର ଝୁଣ୍ଟୁଥିବା ଓ ସନ୍ତେଇବା ଅନ୍ଧାର ଭିତରେ ଅଣ୍ଡାଳି ହେଉଥିବା ଗତିସ୍ପନ୍ଦନଗୁଡ଼ିକର ଅବଲୋକନ କରୁଛନ୍ତି । ଯଦି ଅଧିଚେତନ ଓ ଅବଚେତନକୁ ଆମେ ଏଭଳି ଏକ ସମୁଦ୍ର ସହିତ ତୁଳନା କରିବସିବା ଯାହାକି ଆମର ଏହି ଉପରିସ୍ତରସ୍ଥ ମନୋମୟ ଅଭିବ୍ୟକ୍ତିକୁ ତରଙ୍ଗ ପରି ନିକ୍ଷେପ କରିବାରେ ଲାଗିଛି, ତେବେ ଅତିଚେତନକୁ ଏପରି ଏକ ବ୍ୟୋମ ବା ଆକାଶକ୍ଷେତ୍ର ସହିତ ତୁଳନା କରାଯାଇ ପାରିବ, ସିଏ କି ତରଙ୍ଗଗୁଡ଼ିକ ସମେତ ସେହି ସମୁଦ୍ରଟିକୁ ରୂପାୟିତ କରିଛି, ତାହାକୁ ଆପଣା ମଧ୍ୟରେ ଧରିରଖିଛି, ସନ୍ତେଇବା ଏକ ଛାତପରି ତାହା ଉପରେ ବିସ୍ତୃତ ହୋଇ ରହିଛି, ତାହାରି ଭିତରେ ଆପେ ବାସ କରୁଛି ଓ ତାହାର ନିୟନ୍ତ୍ରଣ କରୁଛି । ଏହି ଉଚ୍ଚତର ବ୍ୟୋମସ୍ତରକୁ ଆସିହିଁ ଆମେ ଅନ୍ତର୍ନିହିତ ଓ ଅନ୍ତର୍ଗତ ଭାବରେ ଆମର ସତ୍ତା ଓ ଚିଦ୍‌ବସ୍ତୁ ସମ୍ବନ୍ଧରେ ସଚେତନତା ଲାଭ କରିପାରିବା । ଏଠାରେ ଏହି ନିମ୍ନଭୂମିରେ ନିଶ୍ଚଳ ମନର ମନନଦ୍ୱାରା କିମ୍ବା ଆମର ଭିତରେ ଲୁଚିକରି ରହିଥିବା ଏକ ପରମ ସତ୍ତାର ଜ୍ଞାନ ହାସଲ କରିବାଦ୍ୱାରା ଆମେ ଯେପରି ତାହା ବିଷୟରେ ସଚେତନ ହୋଇଥାଉ, ସେଠାରେ ଆଉ ଆଦୌ ସେପରି କରିବାକୁ ପଡ଼ିବ ନାହିଁ । ଏହାରି ମଧ୍ୟଦେଇ, ଅର୍ଥାତ୍ ଅତିଚେତନରୂପୀ ସେହି ବ୍ୟୋମର ମଧ୍ୟଦେଇହିଁ ଆମେ ଏକ ପରମ ସ୍ଥିତି, ପରମ ଜ୍ଞାନ ଓ ପରମାନୁଭୂତି ଭିତରକୁ ଅତିକ୍ରମ କରି ଯାଇପାରିବା । ଆମର ଆତ୍ମା ବା ଆମର ପରମ ସ୍ୱରୂପଟି ପାଖରେ ନେଇ ପହୁଞ୍ଚାଇ ଦେଉଥିବା ଏହି ଅତିଚେତନ ଅଭିବ୍ୟକ୍ତି ବିଷୟରେ ଆମେ ଅତି କମ୍ ଜାଣିଛୁ; ଆମ ସତ୍ତାର ଅବଶିଷ୍ଟ ଭାଗଗୁଡ଼ିକ ବିଷୟରେ ଯେତିକି ଜାଣିଛୁ, ଏଇଟି ବିଷୟରେ ସାଧାରଣତଃ ତା'ଠାରୁ ଆହୁରି କମ୍ ଜାଣିଛୁ । ମାତ୍ର ଯଥାର୍ଥରେ ଦେଖିଲେ ନିଶ୍ଚେତନାର ଆବୃତି ଭିତରୁ ମୁକ୍ତିଲାଭ କରି ସେହି ଅତିଚେତନର ଜ୍ଞାନଭୂମିକୁ ବିବର୍ତ୍ତିତ ହୋଇପାରିବା ଲାଗିହିଁ ଆମର ସତ୍ତା ସତତ ପ୍ରୟାସ ଓ ସଂଗ୍ରାମ କରିବାରେ ଲାଗିଛି । ଆମର ଏହି ଉପରିସ୍ତରସ୍ଥ ଅଭିବ୍ୟକ୍ତିର ଏହି ସୀମାବଦ୍ଧତା, ଆମର ସର୍ବୋଚ୍ଚ ତଥା ସର୍ବାନ୍ତରଙ୍ଗ ଆତ୍ମାଟି ବିଷୟରେ ଏହି ଅଚେତନତା,—ଏଇଟି ହେଉଛି ଆମର ପ୍ରଥମ ଅଜ୍ଞାନ, ଆମର ସର୍ବପ୍ରଧାନ ଅଜ୍ଞାନ ।

'oaob.nitrkl.ac.in' images reprocessed

କାଳଗତ ଏକ ସମୂତିଦ୍ୱାରା ଆମେ କେବଳ ଏହି ଉପରିସ୍ତରଗଟାରେହିଁ ଅସ୍ତିତ୍ୱ ଧାରଣ କରି ରହିଛୁ; ମାତ୍ର ସେହି କାଳଗତ ସମୂତିରୁହିଁ ଜନ୍ମଲାଭ କରିଥିବା ଯେଉଁ ମନଟାକୁ ଆମେ ଆମର ସ୍ୱରୂପ ବୋଲି କହୁଛୁ, ସେହି ମନ ସମୁଦାୟ ଦୀର୍ଘ ଅତୀତଟି ତଥା ଦୀର୍ଘ ଭବିଷ୍ୟତଟି ବିଷୟରେ ଏକାବେଳକେ ଅଜ୍ଞାନ ହୋଇ ରହିଛି । ଜୀବନର କେବଳ ଯେତିକ ମାତ୍ରକୁ ସେ ମନେରଖିଛି, ସେହି କ୍ଷୁଦ୍ରାତିକ୍ଷୁଦ୍ର ଅଂଶଟି ବିଷୟରେହିଁ ତାହାର କିଛି ସବିଜ୍ଞ ରହିଛି, ଏପରିକି ସେହି କ୍ଷୁଦ୍ରାତିକ୍ଷୁଦ୍ର ଅଂଶର ସମୁଦାୟଟି ବିଷୟରେ ମଧ୍ୟ ତାହାର ଯଥାର୍ଥ ସବିଜ୍ଞ ନାହିଁ । କାରଣ ଆପଣା ଅବଲୋକନର ସାଧନଗୁଡ଼ିକ ଦେଇ ସେ ତାହାର ଅଧିକାଂଶ ଅଂଶଟିକୁ ଦେଖିପାରୁ ନାହିଁ, ଅଧିକାଂଶ ଅଂଶଟିକୁ ଆପଣାର ସ୍ମରଣ ଭିତରେ ଆଦୌ ସାଇତି ରଖିପାରୁ ନାହିଁ । ଆମେ ଗୋଟାସୁଦ୍ଧା ବିଶ୍ୱାସ କରି ପକାଉଛୁ ଯେ ଭୌତିକ ଶରୀର ଧାରଣ କରି ଏହି ଜୀବନରେ ଜନ୍ମଗ୍ରହଣ କରିବାଦ୍ୱାରାହିଁ ଆମ ଅସ୍ତିତ୍ୱର ପ୍ରଥମ ଆବିର୍ଭାବ ହୋଇଛି, ଏବଂ ଏହି ଶରୀରଟିର ମୃତ୍ୟୁ ଘଟିଲେ ଏବଂ ଏହି ମାତ୍ର ଅଳ୍ପକାଳସ୍ଥାୟୀ ଶାରୀର ଲୀଳାଟିର ଅବସାନ ଘଟିଲେ ଆମର ତା'ପରେ ଆଉ କୌଣସି ଅସ୍ତିତ୍ୱହିଁ ରହିବ ନାହିଁ । ଏହି ବିଶ୍ୱାସ ପଛରେ ଆମର କେବଳ ଗୋଟିଏ ସହଜ କାରଣ ରହିଛି ଯାହାକି ଆମକୁ ଏହିଭଳି ବିଶ୍ୱାସ କରିବାକୁ ବାଧ୍ୟ କରୁଛି, ମାତ୍ର ଯାହାକୁ କି ଆଦୌ ଯଥେଷ୍ଟ ବୋଲି ବୁଝାଯାଇ ପାରିବ ନାହିଁ । ସେଇଟି ହେଲା ଯେ ଆମେ ଏଇଟି ବ୍ୟତୀତ ଆଉ କିଛିହେଲେ ମନେ ରଖି ନାହୁଁ, ଆଉ କିଛିହେଲେ ଦେଖି ନାହୁଁ ବା ଆଉକିଛି କେଉଁଠି ଅଛି ବୋଲି କୌଣସି ସବାଦ କିମ୍ବା ସଙ୍କେତ ବି ପାଇ ନାହୁଁ । ଆମର ଶାରୀର ମନ ଓ ଶାରୀର ପ୍ରାଣ ଅର୍ଥାତ୍ ଆମର ଅନ୍ନମୟ କୋଷଟି ସମ୍ବନ୍ଧରେ ଏକଥାଟି ଅବଶ୍ୟ ସତ୍ୟ, କାରଣ ଆମର ଜନ୍ମଗ୍ରହଣ କରିବା ସମୟରେହିଁ ସେଗୁଡ଼ିକର ଉଥାଣ ହୋଇଛି ଏବଂ ଆମର ମୃତ୍ୟୁ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକ ମଧ୍ୟ ବିଲୁପ୍ତ ହୋଇଯିବ; ମାତ୍ର କାଳର ଭୂମି ଉପରେ ଆମର ଯଥାର୍ଥ ସମୂତି ବିଷୟରେ ତାହାକୁ କଦାପି ସତ୍ୟ ବୋଲି ବୁଝାଯାଇ ପାରିବ ନାହିଁ । କାରଣ ଅତିଚେତନହିଁ ହେଉଛି ଏହି ବିଶ୍ୱଜଗତ ଭିତରେ ଆମର ଯଥାର୍ଥ ସତ୍ତା ବା ଯଥାର୍ଥ ଆତ୍ମା; ସେହି ଅତିଚେତନ ଅଧିଚେତନ ଆତ୍ମାରେ ପରିଣତ ହୋଇଛି ଏବଂ ଉପରି-ସ୍ତରର ଏହି ଆପାତ ଆତ୍ମାଟିକୁ ପ୍ରକାଶର ଭୂମି ଉପରେ ନିକ୍ଷିପ୍ତ କରି ରଖିଛି । ନିଶ୍ଚେତନ ପ୍ରାକୃତ ଜଗତର ଉପାଦାନ ଭିତରେ ଓ ଜନ୍ମ ଓ ମୃତ୍ୟୁର ଦୁଇସୀମା ମଧ୍ୟରେ ସତ୍ତ୍ୱର ଏକ ବର୍ତ୍ତମାନ-ମୁହୂର୍ତ୍ତଗତ ଜୀବନ୍ତ ଓ ଚେତନ ଆତ୍ମରୂପାୟନରୂପେ ତାହାକୁ ଯେଉଁ ସଂକ୍ଷିପ୍ତ ଓ ସୀମାବଦ୍ଧ ଭୂମିକାର ଅଭିନୟ କରିବାକୁ ଦିଆଯାଇଛି, ଉପରିସ୍ତରର ଆପାତ ଆତ୍ମାଟି କେବଳ ସେହି ଭୂମିକାଟିରହିଁ ଅଭିନୟ କରିଯାଉଛି । ଆପଣାର କୌଣସି ଗୋଟିଏ ଭୂମିକାରେ ଅବତୀର୍ଣ୍ଣ ହୋଇ ସାରିବାପରେ ଯେପରି

'oaob.nitrkl.ac.in' images reprocessed

ଅଭିନେତା କଦାପି ମରିଯାଉ ନାହିଁ କିମ୍ବା କୌଣସି ଗୋଟିଏ କବିତାରେ କବି ଆପଣା ଭିତରେ ରହିଥିବା ଆତ୍ମସମ୍ପଦର କେତେକାଂଶକୁ ଅଭିବ୍ୟକ୍ତ ଦେଇ ସାରିବା-ପରେ କଦାପି ନିଃଶେଷିତ ହୋଇଯାଉ ନାହିଁ, ସେହିପରି ଆମର ଯଥାର୍ଥ ଓ ଅସଲ ସ୍ୱରୂପସତ୍ତାଟି ମଧ୍ୟ ଗୋଟିଏ ଜୀବନର ଅବସାନଦ୍ୱାରା କଦାପି ବିଲୁପ୍ତ ହୋଇଯାଉ ନାହିଁ ବା କଦାପି ମରୁ ନାହିଁ । ଆମର ମର ବ୍ୟକ୍ତିତ୍ୱଟିକୁ ଆମେ ଅଭିନେତାର ଗୋଟିଏ ଭୂମିକା କିମ୍ବା କବିର ଗୋଟିଏ କବିତା ପରି ସୃଜନଶୀଳ କେବଳ ଗୋଟିଏମାତ୍ର ଆତ୍ମ-ଅଭିବ୍ୟକ୍ତି ବୋଲି କହିପାରିବା । ସେହି ଗୋଟିଏ ଆତ୍ମା ବା ଚୈତ୍ୟପୁରୁଷ ଜଗତ୍‌ପୃଷ୍ଠରେ ଏକାଧିକ ମନୁଷ୍ୟ ଶରୀରରେ ଯେ ଅନେକବାର ଜନ୍ମଗ୍ରହଣ କରୁଛି, ଏହି ସିଦ୍ଧାନ୍ତଟିକୁ ଆମେ ସତ୍ୟ ବୋଲି ଗ୍ରହଣ କରୁଥିଲେ କିମ୍ବା ନ କରୁଥିଲେ ମଧ୍ୟ, କାଳର ଭୂମି ଉପରେ ଆମର ସମ୍ଭୂତି ଯେ ଅତୀତ ଭିତରେ କେତେକେତେ ପଛକୁ ପ୍ରସାରିତ ହୋଇ ରହିଛି ଏବଂ ଭବିଷ୍ୟ ମଧ୍ୟରେ ବି କେତେ କେତେ ଦୂରକୁ ଯେ ଅବିଚ୍ଛିନ୍ନ ଭାବରେ ବିଦ୍ୟମାନ ରହିଛି, ସେଥିରେ ଆଦୌ କୌଣସି ସନ୍ଦେହର ଅବକାଶ ନାହିଁ । କାରଣ କାଳବାଚକତାର କେବଳ କେତୋଟି ମୁହୂର୍ତ୍ତଦ୍ୱାରା ଆମେ ଅତିଚେତନ ଅଥବା ଅଧିଚେତନକୁ କଦାପି କଳିକରି ବା ଅଟକାଇ ରଖିପାରିବା ନାହିଁ । ଏଥିରୁ ଗୋଟିଏ ହେଉଛି ଚିରଶାଶ୍ୱତ, କାଳ ହେଉଛି ଏହାର କେବଳ ଗୋଟିଏମାତ୍ର ବିଭାବ; ଅନ୍ୟଟି ଲାଗି ଅର୍ଥାତ୍ ଅଧିଚେତନ ଲାଗି କାଳ କହିଲେ ସର୍ବଦା ବିବିଧ ଓ ଅନେକ ଅନୁଭୂତିର ଏକ ଅନନ୍ତ କ୍ଷେତ୍ରକୁହିଁ ବୁଝାଉଛି ଏବଂ ସତ୍ତାର ଅସ୍ତିତ୍ୱ କହିଲେହିଁ ତାହା ସମସ୍ତ ଅତୀତ ତଥା ସମସ୍ତ ଭବିଷ୍ୟତର ଅବିଚ୍ଛିନ୍ନତାକୁହିଁ ବୁଝାଉଛି । ସେହି ସୁଦୂରପ୍ରସାରୀ ଅତୀତର ପରି-ପ୍ରେକ୍ଷୀରେହିଁ ଆମେ ଆମ ବର୍ତ୍ତମାନ ସତ୍ତାଟିଲାଗି ଏକ ଯଥାର୍ଥ ଓ ସଙ୍ଗତ ବ୍ୟାଖ୍ୟା ପାଇପାରିବା; ଏବଂ ମନର ଜାଣିବାଟାକୁ ଯଦି ଆଦୌ ଜ୍ଞାନ ବୋଲି କୁହାଯାଏ, ତେବେ ତାହାର ଏହି ବର୍ତ୍ତମାନସ୍ଥିତ ଦେହଗତ ଅସ୍ତିତ୍ୱ ଏବଂ ସେଇଟିର ସୂତ୍ରଗୁଡ଼ିକୁ ସମ୍ବଳ କରିହିଁ ଯାହାକିଛି ଜ୍ଞାନ ରହିଛି । ଯେଉଁ ଦୂରନ୍ତପ୍ରସାରୀ ଭବିଷ୍ୟତହିଁ ଆମ ସମ୍ଭୂତିର ସଦାବର୍ତ୍ତମାନ ଗତିଧାରାଟି ବିଷୟରେ ଯଥାର୍ଥ ସଙ୍କେତ ଓ ବ୍ୟାଖ୍ୟା ଦେଇପାରେ, ଏହି ମନ ତା' ବିଷୟରେ କିଛିହେଲେ ଜାଣି ନାହିଁ । ଆପଣା ଅଜ୍ଞାନର ଅନୁଭୂତିଗୁଡ଼ିକ ଭିତରେ ଆମେ ଏପରି ଭାବରେ ବାନ୍ଧିହୋଇ ବସିଛୁ ଯେ ଅତୀତକୁ ଆମେ କେବଳ ତାହାର ସ୍ଥିତାବଶେଷଗୁଡ଼ିକ ଦ୍ୱାରା ଜାଣିପାରିବା ଏବଂ ଭବିଷ୍ୟତ ବିଷୟରେ ଆଦୌ କିଛିହେଲେ ଜଣାଯାଇ ପାରିବ ନାହିଁ ବୋଲି ବି ଆମେ ଜିଦ୍ ଧରି କହିବାରେ ଲାଗିଛୁ । ତାହାର କାରଣ ଦେଖାଇ ଆମେ କୈଫିୟତ୍ ଦେଉଛୁ ଯେ ଭବିଷ୍ୟତ ଏପର୍ଯ୍ୟନ୍ତ ଆସି ପହଞ୍ଚି ନାହିଁ ଏବଂ ଅତୀତଟା ହୁଏତ କେବେଯାଇ ଥିଲା, ମାତ୍ର ବର୍ତ୍ତମାନ ତାହାର କୌଣସି ଅସ୍ତିତ୍ୱ ନାହିଁ । ମାତ୍ର

'oaob.nitrkl.ac.in' images reprocessed

ସତକଥା ହେଉଛି ଯେ ଅତୀତ ଓ ବର୍ତ୍ତମାନ ଉଭୟେ ଏଇଠି ଆମରି ଭିତରେହିଁ ଉପସ୍ଥିତ ଅଛନ୍ତି । ଅତୀତ ଆମ ଭିତରେ ସଂବୃତ ରହି କାର୍ଯ୍ୟ କରୁଛି ଓ ପ୍ରଚ୍ଛନ୍ନ ଚିତ୍‌ସତ୍ତାର ଅବିଚ୍ଛିନ୍ନ ପ୍ରବାହଟି ଉପରେ ବସି ଭବିଷ୍ୟତ ବିବର୍ତ୍ତିତ ହୋଇ ଆସିବାକୁ ପ୍ରସ୍ତୁତ ହୋଇ ରହିଛି । ଏହି ବିଷୟରେ ଆମେ ଅଜ୍ଞାନ ହୋଇ ରହିଛୁ, ଏବଂ ଏଇଟି ହେଉଛି ଆଉଗୋଟିଏ ଅଜ୍ଞାନ ଯାହାକି ଆମକୁ କେତେ ସୀମା ଭିତରେ ବାନ୍ଧି ପକାଇଛି ଓ ଆମକୁ ନାନା ବ୍ୟର୍ଥତାରେ ଜଡ଼ିତ କରି ରଖିଛି ।

ମାତ୍ର ଏଠାକୁ ଆସି ମଧ୍ୟ ମନୁଷ୍ୟର ଆତ୍ମ-ଅଜ୍ଞାନ ତଥାପି ଶେଷ ହୁଏ ନାହିଁ । କାରଣ ସିଏ ଯେ କେବଳ ଆପଣାର ଅନ୍ତଚେତନ, ଅଧିଚେତନ ଓ ଅବଚେତନ ଆତ୍ମାଗୁଡ଼ିକ ବିଷୟରେ ଅଜ୍ଞାନଜଡ଼ିତ ହୋଇ ରହିଛି ତାହା ନୁହେଁ, ସିଏ ବର୍ତ୍ତମାନ ବାସ କରୁଥିବା ଏହି ଜଗତ ବିଷୟରେ ମଧ୍ୟ ଅଜ୍ଞାନରେ ବୁଡ଼ି ରହିଛି । ଯେଉଁ ଜଗତ ତାହା ଉପରେ ଓ ତାହାର ମଧ୍ୟଦେଇ ସତତ କ୍ରିୟା କରିଯାଉଛି ଏବଂ ଯେଉଁ ଜଗତଟି ଉପରେ ଓ ଯେଉଁ ଜଗତଟି ଦ୍ୱାରା ତାକୁ କାର୍ଯ୍ୟ କରିବାକୁ ହେଉଛି, ସେଇଟି ବିଷୟରେ ଅଜ୍ଞାନରେ ବୁଡ଼ି ରହିଛି । ସେ ଏହି ଜଗତକୁ ଆପଣାଠାରୁ ସଂପୂର୍ଣ୍ଣ ଅଲଗା ଓ ପୃଥକ୍ ବୋଲି ମଣୁଛି, ଏହି ଜଗତ ତା' ନିଜର ବ୍ୟକ୍ତିତ୍ୱବାପନ୍ନ ପ୍ରାକୃତ ରୂପ ଓ ତା'ର ଅହଂଠାରୁ ପୃଥକ୍ ହୋଇଥିବାରୁ ସେ ତାକୁ ଅନାତ୍ମା ବୋଲି ଭାବୁଛି,—ଆମେ ଏହାକୁହିଁ ତାହା ଭିତରେ ଅଜ୍ଞାନତ୍ୱର ନିଦର୍ଶନ ବୋଲି ଜାଣିବା । ଠିକ୍ ସେହିପରି, ଯେତେବେଳେ ସିଏ ଆପଣାର ଅନ୍ତଚେତନ ଆତ୍ମାଟିର ସମ୍ମୁଖୀନ ହେଉଛି, ସେତେବେଳେ ସେ ପ୍ରଥମେ ଏହାକୁ ଆପଣାଠାରୁ ସଂପୂର୍ଣ୍ଣ ପୃଥକ୍ ବୋଲି ମନେକରୁଛି, ଏହା ସତେଅବା ତା'ଠାରୁ ବାହାରେ ଆଉ ଏକ ଅନ୍ୟ ପ୍ରଦେଶରେ ଅବସ୍ଥିତ ରହିଛି ବୋଲି ଭାବୁଛି, ଏପରିକି ସେ ତାକୁ ଜଗତ ବାହାରେ ଅବସ୍ଥିତ ରହିଥିବା କୌଣସି ଭଗବାନ ବୋଲି ବି କହୁଛି । ଯେତେବେଳେ ସେ ଆପଣାର ଅଧିଚେତନ ଆତ୍ମାଟିର ସମ୍ମୁଖୀନ ହେଉଛି ଓ ତାହା ସମ୍ବନ୍ଧରେ ସଚେତନ ହେଉଛି, ସେତେବେଳେ ତାହା ତାକୁ ପ୍ରଥମେ ସତେଅବା ଆପଣାଠାରୁ ଭିନ୍ନ ଏପରି ଆଉ ଏକ ବୃହତ୍ତର ବ୍ୟକ୍ତି ଅଥବା ବୃହତ୍ତର ଚେତନା ବୋଲି ପ୍ରତୀତ ହେଉଛି, ସିଏ କି ତାହାର ଆଶ୍ରୟ ହୋଇ ରହିପାରିବ ଓ ବାଟ ଦେଖାଇ ନେଇପାରିବ । ଜଗତକୁ ସେ ସତେଅବା ଫେନମୟ ଏକ କ୍ଷୁଦ୍ର ବୁଦ୍‌ବୁଦ ବୋଲି ବିଚାରୁଛି, ଏବଂ ଆପଣାର ଜୀବନ ଓ ଶରୀରଟିକୁହିଁ ତା'ର ଆପଣାର ଯଥାର୍ଥ ଆତ୍ମସ୍ୱରୂପ ବୋଲି ବିଚାର କରୁଛି । ମାତ୍ର ଆପଣା ଅଧିଚେତନ ଚେତନା ମଧ୍ୟରେ ପ୍ରବେଶ କରିଥିବା ବେଳେ ଆମେ ବେଶ୍ ଦେଖିପାରୁଛୁ ଯେ ତାହା ପ୍ରକୃତରେ ନିଖିଳ ବିଶ୍ୱଜଗତ ଭିତରେ ବ୍ୟାପ୍ତ ହୋଇ ରହିଛି; ଯେତେବେଳେ ଆପଣାର ଅନ୍ତଚେତନ ଆତ୍ମାଟିକୁ ଅଧିଗମି ପାରୁଛୁ,

'oaob.nitrkl.ac.in' images reprocessed

ସେତେବେଳେ ଆମେ ଏହି ଜଗତକୁ କେବଳ ତାହାର ଏକ ଆତ୍ମପ୍ରକାଶ ବୋଲି ଜାଣୁଛୁ; ଏହି ଜଗତରେ ଯେଉଁଠି ଯାହାକିଛି ରହିଛି, ସବୁଟିକୁ ସେହି ପରମ ଅଦ୍ୱିତୀୟଠାରୁ ଅଭିନ୍ନ ବୋଲି ହିଁ ଜାଣିପାରୁଛୁ । ସେତେବେଳେ ଆମେ ଏକ ଅଖଣ୍ଡ ଓ ଅବିଭାଜ୍ୟ ଜଡ଼ର ଅବସ୍ଥିତିକୁ ଅନୁଭବ କରୁଛୁ ଏବଂ ଏହି ଶରୀରଟି ତାହାର କେବଳ ଗୋଟିଏ ଗଣ୍ଠି ରୂପେହିଁ ପ୍ରତିଭାତ ହୋଇଯାଉଛି; ଏକ ଅଖଣ୍ଡ ଓ ଅବିଭାଜ୍ୟ ପରମ ଜୀବନର ପ୍ରତ୍ୟକ୍ଷ କରୁଛୁ, ଯେଉଁଥିରେ କି ଆମର ଜୀବନଟି କେବଳ ଏକ ଜଳାବର୍ତ୍ତ ପରି ଦେଖାଯାଉଛି; ସକଳ ଭେଦ ତଥା ବିଭାଜନର ଅତୀତ ଏକ ମନର ପ୍ରତ୍ୟକ୍ଷ କରୁଛୁ, ଯାହାମଧ୍ୟରେ କି ଆମର ମନ ସମ୍ବାଦ ଗ୍ରହଣ କରୁଥିବା, ସମ୍ବାଦକୁ ଲିପିବଦ୍ଧ କରି ରଖୁଥିବା, ତାହାର ତର୍ଜମା କରୁଥିବା ଓ ତାହାର ପ୍ରସାରଣ କରୁଥିବା ଏକ ଷ୍ଟେସନ୍ ପରି ଅବସ୍ଥିତ ରହିଛି; ଏକ ଅଖଣ୍ଡ ଓ ଅବିଭାଜ୍ୟ ପରମ ଚିତ୍‌ସତ୍ତାର ପ୍ରତ୍ୟକ୍ଷ କରୁଛୁ, ଆମର ଏହି ଆତ୍ମା ଓ ବ୍ୟକ୍ତିସତ୍ତା ଯାହାର କି ଏକ ଅଂଶ ଓ ପରିପ୍ରକାଶ ମାତ୍ର ହୋଇ ରହିଛି । କେବଳ ଆମ ଅହଂବୋଧଟାହିଁ ଯାବତୀୟ ଭେଦ ଓ ବିଭାଜନକୁ କାମୁଡ଼ିଧରି ପଡ଼ିରହିଛି; ଆମର ଉପରିଭାଗରେ ଆମକୁ ଗ୍ରାସ କରି ରହିଥିବା ଅଜ୍ଞାନ ଏହି ଅହଂବୋଧର କ୍ଷେତ୍ରରେହିଁ ଆପଣାଦ୍ୱାରା ସର୍ଜିତ ଦୃଢ଼ ପ୍ରାଚୀରଗୁଡ଼ିକୁ ଠିଆ କରି ରଖିବାର ବଳ ପାଉଛି ଏବଂ ତାହାର ଭିତରେ ଆପେ ବନ୍ଦୀ ହୋଇ ରହିଛି । ଏହି ପ୍ରାଚୀର ଯେତେ ଦୃଢ଼ ହୋଇଥିଲେ ମଧ୍ୟ ତଥାପି ତାହା କଦାପି ଅଭେଦ୍ୟ ନୁହେଁ । ଯେତେଗୁଡ଼ିଏ ଗଣ୍ଠି ଆମକୁ ଅଜ୍ଞାନ ସହିତ ଏକାଠି ବାନ୍ଧି ରଖିଛି, ସେଗୁଡ଼ିକ ମଧ୍ୟରୁ ଆମେ ଅହଂକୁହିଁ ସବୁଠାରୁ ଅଧିକ କଷିହୋଇ ପଡ଼ିଥିବା ଗଣ୍ଠି ବୋଲି ଜାଣିରଖିବା ।

ଅଳ୍ପ ଅବଧିର ମାତ୍ର କେତୋଟି ମୁହୂର୍ତ୍ତକୁହିଁ ଆମେ ଆପଣାର ସ୍ମୃତିରେ ଧରି ରଖିପାରୁଛୁ ଏବଂ କେବଳ ସେତିକିଟିକୁ ଛାଡ଼ିଦେଲେ କାଳର ଭୂମି ଉପରେ ଅବସ୍ଥିତ ଆମର ଅସ୍ତିତ୍ୱଟି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ରହିଛୁ । ଦେଶର କେବଳ ଯେଉଁ ଅଳ୍ପ ଚେତନାଟିକକ ବିଷୟରେ ଆମେ ଆପଣାର ମନ ଓ ଇନ୍ଦ୍ରିୟଗୁଡ଼ିକର ସାହାଯ୍ୟରେ ସଚେତନ ହୋଇପାରୁଛୁ, ଖାଲି ସେତିକକୁ ଛାଡ଼ିଦେଲେ ଦେଶସ୍ଥ ଆମର ଅସ୍ତିତ୍ୱଟି ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ରହିଛୁ । ସେହି କ୍ଷୁଦ୍ରାୟତନ ଦେଶର ଭୂମି ଉପରେ ଯେଉଁ ଗୋଟିଏମାତ୍ର ଶରୀର ଆତଯାତ ହେଉଛି ଓ ଯେଉଁ ଗୋଟିଏମାତ୍ର ମନ ଓ ପ୍ରାଣ ତାହା ସହିତ ଆପଣାକୁ ଅଭିନ୍ନ ବୋଲି ମଣୁଛନ୍ତି, କେବଳ ସେତିକ ଭିତରେ ଆମର ଜ୍ଞାନ ବାଡ଼ ଘେରିହୋଇ ରହିଛି । ଆପଣାର ପରିବେଶଟିକୁ ମଧ୍ୟ ଆମେ ଏକ ଅନାତ୍ମା ବୋଲି ଭାବୁଛୁ, ବାହାରର କୌଣସି ସାମଗ୍ରୀ ପରି ତାହା ସହିତ କାରବାର ହେଉଛୁ ଓ ତାହାକୁ କାମରେ

'oaob.nitrkl.ac.in' images reprocessed

ଲଗାଇଛି । ଏହି ଅଭିନ୍ନତାବୋଧ ଓ ଏହି ଧାରଣାହିଁ ଆମ ଭିତରେ ଅହଂଗତ ଜୀବନଟିକୁ ଜନ୍ମ ଦେବାରେ ଲାଗିଛି । ଏକ ମତବାଦରେ ଦେଶକୁ କେବଳ ଦ୍ରବ୍ୟ ଦ୍ରବ୍ୟ ମଧ୍ୟରେ ଅଥବା ଆତ୍ମା ଓ ଆତ୍ମା ଭିତରେ ଏକ ସହାବସ୍ଥାନ ବୋଲି ବୁଝାଯାଇଛି । ସାଂଖ୍ୟ ଆତ୍ମାର ଅନେକତ୍ୱକୁ ସ୍ୱୀକାର କରିନେଇଛି ଏବଂ ସେଗୁଡ଼ିକର ପ୍ରତ୍ୟେକର ଅଲଗା ଅସ୍ତିତ୍ୱ ରହିଛି ବୋଲି ମଧ୍ୟ ମାନିଛି । ତେଣୁ ସେଗୁଡ଼ିକର ସକଳର ଅନୁଭବକ୍ଷେତ୍ରରୂପେ ଅବସ୍ଥିତ ରହିଥିବା ପ୍ରକୃତିକୁ ଏକ ବୋଲି ମାନିଲେ ଯାଇ ସେମାନଙ୍କ ମଧ୍ୟରେ କୌଣସି ସହାବସ୍ଥାନ ସମ୍ଭବ ହୋଇପାରିବ । ଏପରିକି ଏକଆତ୍ମିକୁ ସ୍ୱୀକାର କରିନେଲେ ମଧ୍ୟ ସହାବସ୍ଥାନ ଯେ ଅବଶ୍ୟ ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ, ଏବଂ ପରିଶେଷରେ ତାହା ଏକ ଅଦ୍ୱିତୀୟ ପରମସତ୍ତା ମଧ୍ୟରେହିଁ ସହାବସ୍ଥିତ ହୋଇ ରହିଥିବାକୁ ବୁଝାଉଛି । ଦେଶ କହିଲେ ଯଥାର୍ଥତଃ ସେହି ଅଦ୍ୱିତୀୟ ପରମସତ୍ତାର ଆତ୍ମ-ଅବବୋଧଗତ ପ୍ରସାରଣକୁହିଁ ବୁଝାଇବ । ସେହି ଗୋଟିଏ ଚିନ୍ମୟ ପରମ ଅସ୍ତିତ୍ୱହିଁ ଆପଣାର ଆତ୍ମକ୍ଷେତ୍ର ଉପରେ ଆପଣା ଚେତନାଶକ୍ତିର ସଞ୍ଚାରଭୂମିଟିକୁ ପ୍ରକାଶିତ କରିବାରେ ଲାଗିଛି ଓ ତାହାହିଁ ଦେଶରୂପେ ଅଭିହିତ ହେଉଛି । ସେହି ପରମ ଚେତନାଶକ୍ତି ଆପଣାକୁ ଅନେକ ଦେହ, ଅନେକ ଜୀବନ ଓ ଅନେକ ମନରେ ଠୁଳ କରିବାରେ ଲାଗିଛି ଏବଂ ଅନ୍ତରସ୍ଥ ଆତ୍ମା ସେଥିମଧ୍ୟରୁ କେବଳ ଗୋଟିକରେହିଁ ଅଧିଷ୍ଠିତ ହେଉଛି; ତେଣୁ ଆମର ମନୋମୟ ଚେତନା ଆପଣାକୁ କେବଳ ସେଇ ଗୋଟିକ ଉପରେ ନେଇ ଠୁଳ କରି ଦେଉଛି, ତାହାକୁହିଁ ଆପେ ବୋଲି ଭାବୁଛି ଏବଂ ଅବଶିଷ୍ଟ ଆଉସବୁକୁ ଆପଣାଠାରୁ ଭିନ୍ନ ଅନାତ୍ମା ବୋଲି ମନେକରୁଛି । ସେହିପରି ଆପଣାକୁ ନେଇ ଠୁଳ କରିଥିବା କେବଳ ଗୋଟିଏ ଜୀବନକୁ ଏହି ମନ ଏକ ତନ୍ମୁଖୀ ଅଜ୍ଞାନର ବଶବର୍ତ୍ତୀ ହୋଇ ଆପଣା ଅସ୍ତିତ୍ୱର ଯାବତୀୟ ଓ ସମଗ୍ର ପରିଧି ଓ ଅବଧି ବୋଲି ଭ୍ରମ କରିପକାଉଛି ଓ ତାହାକୁ ସକଳ ଅତୀତ ଓ ସକଳ ଭବିଷ୍ୟତରୁ କାଟି ଅଲଗା କରିଦେଉଛି । ମାତ୍ର ସତକଥା ହେଉଛି ଯେ ସେହି ଅଖଣ୍ଡ ପରମ ମନର ପରିଚୟ ନପାଇଲେ ଆମେ ଆମ ଆପଣାର ମନଟିକୁ ବି ଆଦୌ ଜାଣିପାରିବା ନାହିଁ, ସେହି ଅଦ୍ୱିତୀୟ ପରମ ପ୍ରାଣର ପରିଚୟ ଲାଭ ନକଲେ ଆମର ନିଜ ପ୍ରାଣକ୍ଷେତ୍ରଟିକୁ ବି ଜାଣିପାରିବା ନାହିଁ; ଏବଂ ଅଦ୍ୱିତୀୟ ପରମ ଜଡ଼ର ପରିଚୟ ନପାଇବା ଯାଏ ଆମର ଏହି ଜଡ଼ଶରୀରଟିକୁ ଯଥାର୍ଥରେ ଜାଣିପାରିବା ନାହିଁ । କାରଣ ଏହିସବୁର ପ୍ରକୃତ ତାହାର ପ୍ରକୃତିଟିଦ୍ୱାରା କେବଳ ଯେ ନିରୂପିତ ଓ ନିୟନ୍ତ୍ରିତ ହେଉଛି ତାହା ନୁହେଁ, ମାତ୍ର ସେହି ପ୍ରତିଷ୍ଠିତି ଦ୍ୱାରା ପରିଚାଳିତ ହୋଇ ସେଗୁଡ଼ିକର ଯାବତୀୟ କ୍ରିୟା ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ତାହାରିଦ୍ୱାରା ପ୍ରଭାବିତ ଓ ନିରୂପିତ ହେବାରେ ଲାଗିଛି । ମାତ୍ର ସତ୍ତାର ଏହି ସମଗ୍ର ସମୁଦ୍ରଟି ଆମ ଭିତରକୁ ସତତ ପ୍ରବାହିତ ହୋଇ ଆସୁଥିଲେ ମଧ୍ୟ ଆମେ ତଥାପି

'oaob.nitrkl.ac.in' images reprocessed

ତାହାର ଚେତନାଟିରେ କୌଣସି ଅଂଶ ଗ୍ରହଣ କରୁ ନାହୁଁ; କେବଳ ଏହାର ଯେଉଁକମାତ୍ର ଅଂଶ ଆମ ମନୋଭୂମିର ଉପରଭାଗକୁ ଆସିପାରୁଛି ଓ ସେଇଠାକୁ ଆସି ସମ୍ବନ୍ଧୀକୃତ ହୋଇପାରୁଛି, ଆମେ ତାହାର କେବଳ ସେହି ଅଂଶଟିକୁହିଁ କାଳ୍ପନିକ ପରିମାଣରେ ଜାଣୁଛୁ । ଆମର ଭିତରେ ନିଖିଳ ବିଶ୍ୱ ବାସ କରିବାରେ ଲାଗିଛି, ଆମର ଭିତରେ ଖେଳୁଛି ଓ ଆମର ଭିତରେ ଆପଣାକୁ ରୂପାୟିତ କରୁଛି । ମାତ୍ର ଆମେ ଏଣେ କଳ୍ପନା କରିବାରେ ଲାଗିଛୁ ଯେ କେବଳ ଆମେହିଁ ଏଠି ବାସ କରୁଛୁ, ଆମେହିଁ ଖେଳୁଛୁ ଓ କେବଳ ଆପଣାଦ୍ୱାରା ଓ ଆପଣାଲାଗିହିଁ ସ୍ୱତନ୍ତ୍ର ଭାବରେ ସମ୍ଭୂତ ହେବାରେ ଲାଗିଛୁ । ଆମର କାଳାତୀତ ଆତ୍ମା ତଥା ଆମର ଅତିଚେତନ, ଅଧିଚେତନ ଏବଂ ଅବଚେତନ ସତ୍ତ୍ୱଗୁଡ଼ିକ ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ରହିଛୁ; ଠିକ୍ ସେହିପରି ଆମର ବିଶ୍ୱଗତ ଆତ୍ମା ଅର୍ଥାତ୍ ବିଶ୍ୱାତ୍ମକତା ବିଷୟରେ ମଧ୍ୟ ଅଜ୍ଞାନରେ ବୁଡ଼ିରହିଛୁ । ଏହି କ୍ଷେତ୍ରରେ ପରିତ୍ରାଣର କେବଳ ଗୋଟିଏ ଦ୍ୱାର ଉନ୍ମୁକ୍ତ ରହିଛି : ଆମର ଏହି ଅଜ୍ଞାନ ଭିତରେ ଆପଣା ପ୍ରକୃତିର ଅନୁବର୍ତ୍ତୀଭାବରେ ଆତ୍ମ-ଅଧିକୃତି ଓ ଆତ୍ମଜ୍ଞାନର ଉପଲବ୍ଧି ଲାଗି ଏକ ଆକୃତି ପରିପୂର୍ଣ୍ଣ ହୋଇ ରହିଛି, ଏହି ଅଜ୍ଞାନ ଭିତରେ ସେଥିଲାଗି ଏକ ସତତ ପ୍ରଚେଷ୍ଟା ରହିଛି, ତାହା କୌଣସି ପ୍ରତିରୋଧକୁ ମଧ୍ୟ ମାନି ନେବାଲାଗି କଦାପି ସମ୍ମତ ହେଉ ନାହିଁ । ଆମର ଭିତରେ ରହି ଏକ ଅନେକମୁଖୀ ଅଜ୍ଞାନ ଏକ ସକଳସମାବେଶକାରୀ ପରମଜ୍ଞାନରୂପେ ବିକଶିତ ହୋଇ ଉଠିବାଲାଗି ସତତ ପ୍ରଚେଷ୍ଟା କରୁଛି,—ଏହାହିଁ ହେଉଛି ମନୋମୟ ମନୁଷ୍ୟ ଭିତରେ ରହିଥିବା ଚେତନାଟିର ଯଥାର୍ଥ ସଂଜ୍ଞା । ଅଥବା, ଏକ ଅନ୍ୟଆଡ଼ୁ ବିଷୟର କଥା ଦେଖିଲେ ଆମେ ଠିକ୍ ସେହିପରି ଯୁକ୍ତିଯୁକ୍ତଭାବରେ ନିଶ୍ଚୟ କହିପାରିବା ଯେ ଏହା ହେଉଛି ବସ୍ତୁବିଷୟକ ଏକ ସୀମାବଦ୍ଧ ଭେଦଦର୍ଶୀ ସମ୍ବିତ୍, ଯାହାକି ଏକ ସମଗ୍ର ଚେତନା ଓ ସମଗ୍ର ଜ୍ଞାନରେ ରୂପାନ୍ତରିତ ହୋଇଯିବାର ଆକାଂକ୍ଷାରେ ସତତ ଉଦ୍ୟମଶୀଳ ହୋଇ ରହିଛି ।

'oaob.nitrkl.ac.in' images reprocessed

# ଦ୍ୱାଦଶ ପରିଚ୍ଛେଦ

# ଅଜ୍ଞାନନିଦାନ

ତପସା ଚୀୟତେ ବ୍ରହ୍ମ ତତଃ ଅନ୍ନମଭିଜାୟତେ ।
ଅନ୍ନାତ୍ ପ୍ରାଣୋ ମନଃ ସତ୍ୟଂ ଲୋକାଃ କର୍ମସୁ ଚାମୃତଂ ॥

—ମୁଣ୍ଡକ ଉପନିଷଦ, ୧ । ୧ । ୮

ତପୋଦ୍ୱାରା ବ୍ରହ୍ମ ଘନୀଭୂତ ହୁଅନ୍ତି । ସେଇଥିରୁ ଅନ୍ନ ବା ଜଡ଼ ଜାତ ହୁଏ । ଏବଂ ଅନ୍ନରୁ ପ୍ରାଣ, ମନ ଏବଂ ଲୋକସମୂହ ଜାତ ହୁଅନ୍ତି ।

ସଃ ଅକାମୟତ । ବହୁସ୍ୟାଂ ପ୍ରଜାୟେୟେତି । ସ ତପଃ ଅତପ୍ୟତ । ସ ତପଃ ତପ୍ତ୍ୱା ଇଦଂ ସର୍ବମସୃଜତ ଯଦିଦଂ କିଂ ଚ । ତତ୍ ସୃଷ୍ଟ୍ୱା ତଦେବାନୁପ୍ରାବିଶତ୍ । ତଦନୁପ୍ରବିଶ୍ୟ ସଚ୍ଚ ତ୍ୟଚ୍ଚାଭବତ୍ । ନିରୁକ୍ତଂ ଚାନିରୁକ୍ତଂ ଚ । ନିଲୟନଂ ଚାନିଲୟନଂ ଚ । ବିଜ୍ଞାନଂ ଚାବିଜ୍ଞାନଂ ଚ । ସତ୍ୟଂ ଚାନୃତଂ ଚ । ସତ୍ୟମଭବତ୍ ଯଦିଦଂ କିଂ ଚ । ତତ୍ସତ୍ୟମିତ୍ୟାଚକ୍ଷତେ ॥

—ତୈତ୍ତିରୀୟ ଉପନିଷଦ, ୨ । ୬

ସେ ଇଚ୍ଛାକଲେ, 'ମୁଁ ବହୁରୂପ ହୋଇ ଜନ୍ମ ନେବି' । ସେ ତପଃଶକ୍ତିରେ ଆପଣାକୁ କେନ୍ଦ୍ରୀଭୂତ କଲେ ଏବଂ ତପଃଶକ୍ତି ଦ୍ୱାରା ଏହି ବିଶ୍ୱନିଖିଳର ସୃଷ୍ଟି କଲେ । ବିଶ୍ୱର ସୃଷ୍ଟି କରି ତାହାର ମଧ୍ୟରେ ଅନୁପ୍ରବିଷ୍ଟ ହେଲେ । ଅନୁପ୍ରବିଷ୍ଟ ହୋଇ ଯାହା ସତ୍ ଓ ଯାହା ସତ୍‌ର ଅତୀତ, ଯାହା ପ୍ରକାଶିତ ଓ ଯାହା ଅପ୍ରକାଶିତ, ତାହାର ରୂପ ଗ୍ରହଣ କଲେ । ବିଜ୍ଞାନ ହେଲେ, ଅବିଜ୍ଞାନ ବି ହେଲେ; ସତ୍ୟ ହେଲେ, ଅନୃତ ମଧ୍ୟ ହେଲେ । ସେ ସତ୍ୟର ରୂପ ଗ୍ରହଣ କଲେ, ଏହି ଯାହାକିଛି ରହିଛି, ତାହାର ରୂପ ଗ୍ରହଣ କଲେ । ସେମାନେ ତାହାକୁ 'ତତ୍ ସତ୍' ବୋଲି କହିଥାଅନ୍ତି ।

ତପୋ ବ୍ରହ୍ମେତି ॥

—ତୈତ୍ତିରୀୟ ଉପନିଷଦ, ୩ । ୨-୫

ତପଃ ହିଁ ବ୍ରହ୍ମ ।

'oaob.nitrkl.ac.in' images reprocessed

ଆମର ଆଲୋଚନାରେ ଆମେ ଯେତେବେଳେ ଏତେଦୂର ସ୍ପଷ୍ଟ ହୋଇ ଆସିଲୁଣି, ସେତେବେଳେ ଅବିଦ୍ୟାର ସମସ୍ୟାଟିକୁ ଆହୁରି ଗଭୀର ଭାବରେ ବିଚାର କରିବାର, କେଉଁ ପ୍ରୟୋଜନର ସାଧନ କରିବା ଲାଗି କେଉଁଠାରୁ ତାହା ଚେତନାର କେଉଁ ମାର୍ଗଟିର ଅନୁସରଣ କରି ଉଦ୍‌ଗତ ହୋଇଛି, ସେକଥାଟି ଦେଖିବାର ଓ ବୁଝିବାର ଆବଶ୍ୟକତା ଓ ସମ୍ଭାବନା ବର୍ତ୍ତମାନ ଆସି ପହଞ୍ଚିଛି । ଅସ୍ତିତ୍ୱର ଯଥାର୍ଥ ସତ୍ୟରୂପେ କେବଳ ଏକ ସମଗ୍ର ଅଦ୍ୱିତୀୟକୁ ଭିତ୍ତିରୂପେ ଗ୍ରହଣ କରିହିଁ ଆମକୁ ଏହି ସମସ୍ୟାଟିର ବିଚାର କରିବାକୁ ଏବଂ ଏହି ଭିତ୍ତିଟି ଉପରେ ବିଭିନ୍ନ ସମ୍ଭାବ୍ୟ ସମାଧାନଗୁଡ଼ିକ କେତେଦୂର ପ୍ରଯୁଜ୍ୟ ହୋଇପାରିବେ, ତାହା ମଧ୍ୟ ଦେଖିବାକୁ ପଡ଼ିବ । ଯାହାକୁ ଆମେ ଏକ ଅନେକମୁଖୀ ଅଜ୍ଞାନ ଅଥବା ଆପଣାକୁ ଅତି ସଙ୍କୀର୍ଣ୍ଣ ଭାବରେ ସୀମାବଦ୍ଧ କରି ରଖୁଥିବା ଏକ ଭେଦଦର୍ଶୀ ଜ୍ଞାନ ବୋଲି କହୁଛୁ, ତାହାର ଉଦ୍‌ଗମ କିପରି ହେଉଛି ଓ କିପରି ଭାବରେ ତାହା କାର୍ଯ୍ୟକାରୀ ହେଉଛି ଏବଂ ଏକ ନିର୍ବିଶେଷ ପରମସତ୍ତା ମଧ୍ୟରେ ଆପଣାର କାର୍ଯ୍ୟକାରୀ ରୂପଟିକୁ ତାହା କିପରି ବଳବତ୍ତର ରଖିପାରୁଛି ? କାରଣ, ଯାହାର ସତ୍ତା ନିର୍ବିଶେଷ, ତାହାର ଚେତନା ମଧ୍ୟ ସେହିପରି ନିର୍ବିଶେଷହିଁ ହୋଇଥିବ ଏବଂ ତେଣୁ ତାହା କଦାପି ଅଜ୍ଞାନର ଅଧୀନ ହୋଇ ରହିପାରିବ ନାହିଁ । ସେହି ଅବିଭାଜ୍ୟ ପରମସତ୍ୟ ମଧ୍ୟରେ ଏକ ଆପାତ ବିଭାଜନ ମଧ୍ୟ କିପରି ଆପଣାକୁ ସଫଳ ଭାବରେ କାର୍ଯ୍ୟକାରୀ କରିପାରିବ ଏବଂ ସେହି କାର୍ଯ୍ୟକାରିତାକୁ କିପରି ବଜାୟ ରଖିପାରିବ ? ଯେଉଁ ସତ୍ତା ସମଗ୍ରତଃ ଏକ ଓ ଅଖଣ୍ଡ ହୋଇ ରହିଛନ୍ତି, ସେ ଆପଣା ସମ୍ବନ୍ଧରେ କଦାପି ଅଜ୍ଞାନ ରହିପାରିବେ ନାହିଁ । ଏବଂ ଯାବତୀୟ ଯାହାକିଛି ରହିଛି, ତାହା ମର୍ମତଃ କେବଳ ତାଙ୍କରି ସ୍ୱରୂପ, ତାଙ୍କରି ଚେତନ ପରିଣାମ ଓ ତାଙ୍କରି ସତ୍ତାର ବ୍ୟାକୃତିମାତ୍ର ହୋଇଥିବାରୁ ସିଏ ସେହି ବସ୍ତୁଗୁଡ଼ିକ ବିଷୟରେ ଅଜ୍ଞାନଜଡ଼ିତ ହୋଇ ରହିଛନ୍ତି, ବା ସେଗୁଡ଼ିକର ଯଥାର୍ଥ ସ୍ୱଭାବ ଓ ଯଥାର୍ଥ କ୍ରିୟା ସମ୍ବନ୍ଧରେ ସେ କିଛି ଜାଣିନାହାନ୍ତି ବୋଲି ଆଦୌ କୁହାଯାଇ ପାରିବ ନାହିଁ । ମାତ୍ର ଏକଥା ସତ ଯେ ଆମେ ଆପଣାକୁ କେବଳ 'ତତ୍' ଅଥବା ତାଙ୍କରି ସ୍ୱରୂପ ବୋଲି କହୁଛୁ, ଜୀବାତ୍ମା ଅର୍ଥାତ୍ ବ୍ୟଷ୍ଟି-ଆତ୍ମା ପରମାତ୍ମାଠାରୁ ଭିନ୍ନ ଆଉ କିଛି ନୁହେଁ ବୋଲି କହୁଛୁ, ସେହି ପରମ ନିର୍ବିଶେଷଙ୍କଠାରୁ ଭିନ୍ନ ଆଉ କିଛି ନୁହେଁ ବୋଲି କହୁଛୁ; ଏବଂ ଏଣେ ଆମେ ଆପଣା ବିଷୟରେ ତଥା ବସ୍ତୁଗୁଡ଼ିକ ବିଷୟରେ ସ୍ପଷ୍ଟତଃ କେବଳ ଅଜ୍ଞାନ ଭିତରେହିଁ ବୁଡ଼ିରହିଛୁ । ପରିଣାମରେ ସେଥିରୁ ଯେଉଁ ବିରୋଧଟି ଆସି ଉପୁଜୁଛି, ତାହା ଅନୁସାରେ ଯାହା ମର୍ମତଃ କଦାପି ଅଜ୍ଞାନର ବଶବର୍ତ୍ତୀ ହୋଇପାରିବ ନାହିଁ, ତାହାକୁ ଆମେ ତଥାପି ଅଜ୍ଞାନଲାଗି ସମର୍ଥ କରି ରଖିଛୁ, ଏବଂ ଆପଣା ସତ୍ତାର କୌଣସି ଇଚ୍ଛା କିମ୍ବା ଆପଣା ପ୍ରକୃତିର କୌଣସି ଆବଶ୍ୟକତା ଅଥବା ସମ୍ଭାବନା ଦ୍ୱାରା ତାହା ଆପଣାକୁ ଅଜ୍ଞାନ ମଧ୍ୟରେ ପ୍ରବିଷ୍ଟ

'oaob.nitrkl.ac.in' images reprocessed

କରାଇଛୁ ବୋଲି କହୁଛୁ । ଆମେ ମନକୁ ସେହି ଅଜ୍ଞାନର ଆସ୍ଥାନ ବୋଲି ମାନୁଛୁ, ତାହାକୁ କେବଳ ମାୟାସମ୍ଭୂତ ବୋଲି କହି ଯୁକ୍ତି ବାଢ଼ୁଛୁ, ତାହାର ଯଥାର୍ଥରେ କୌଣସି ଅସ୍ତିତ୍ୱ ନାହିଁ ଓ ତାହା ଅ-ବ୍ରହ୍ମ ବୋଲି କହୁଛୁ, ଏକମାତ୍ର ନିର୍ବିଶେଷ ଓ ଯଥାର୍ଥ ସତ୍ତାରୂପେ ଅଧିଷ୍ଠିତ ରହିଥିବା ବ୍ରହ୍ମ ଅସତ୍ତ୍ୱର ଏକ ଅଂଶରୂପେ ଅବସ୍ଥିତ ମନଠାରୁ ସମ୍ପୂର୍ଣ୍ଣ ଅଲଗ ହୋଇ ରହିଛନ୍ତି ଓ ମନ ତାହାଙ୍କୁ ସ୍ପର୍ଶହିଁ କରିପାରୁ ନାହିଁ ବୋଲି କହୁଛୁ; ମାତ୍ର ତଦ୍ୱାରା ଆମ ଅଡ଼ୁଆଟି ଏତେଟିକିଏ ହେଲେବି ଦୂର ହେଉନାହିଁ । ମାତ୍ର ଏକ ସମସ୍ତ ଅଖଣ୍ଡତା ଓ ଅଦ୍ୱୟତାକୁ ମୂଳସତ୍ୟରୂପେ ସ୍ୱୀକାର କରିନେଲେ ପଳାୟନର ଏହି ମାର୍ଗଟି ମଧ୍ୟ ଆମଲାଗି ବନ୍ଦ ହୋଇଯାଉଛି । କାରଣ ସେତେବେଳେ ଏକଥାଟି ବଡ଼ ସ୍ପଷ୍ଟ ହୋଇଯାଉଛି ଯେ ଏପରି ଗୋଟିଏ ମୂଳଗତ ଭେଦର ଅବତାରଣା କରାଇ ଏବଂ ତାହା ସଙ୍ଗେସଙ୍ଗେ ସେହି ଭେଦଟି କେବଳ ଭ୍ରମାତ୍ମକ ବୋଲି କହି ତାହାର ଖଣ୍ଡନ କରି ଆମେ ଏହି କ୍ଷେତ୍ରରେ ସ୍ୱବନା ଓ କହିବାର ଏକ ଇନ୍ଦ୍ରଜାଲ ବା ମାୟାରହିଁ ଅବତାରଣା କରାଉଛୁ; ଆମେ ଯେ ପରମ ବ୍ରହ୍ମସତ୍ତାର ଏକତ୍ୱଟିକୁ ଖଣ୍ଡଖଣ୍ଡ କରିପକାଉଛୁ ଓ ତାହାକୁ ଅସ୍ୱୀକାର କରୁଛୁ, ଆପଣା ପାଖରୁ ସେହି ସତ୍ୟକଥାଟିକୁ ଲୁଚାଇ ରଖିବାର ମତଲବରେହିଁ ଆମେ ଏହିଭଳି କରୁଛୁ । କାରଣ ଏହାଦ୍ୱାରା ଆମେ ଦୁଇଟି ଏକାନ୍ତବିରୋଧୀ ତତ୍ତ୍ୱକୁ ମୁହାଁମୁହିଁ ଆଣି ଠିଆ କରାଇ ଦେଉଛୁ । ଗୋଟିଏ ପାଖରେ ବ୍ରହ୍ମଙ୍କୁ ଆଣି ଥୋଉଛୁ ଏବଂ ତାହାଙ୍କୁ ସକଳ ଭ୍ରମର ଅତୀତ ବୋଲି କହୁଛୁ; ଏବଂ ଅନ୍ୟପାଖରେ ଆତ୍ମଭ୍ରମମୂଳକ ମାୟାକୁ ଥାପିଦେଇ ଦୁହିଁଙ୍କୁ ସତେଅବା ଗୋଟାଏ ଦୁଇମୁହଁଆ କଣ୍ଟାରେ ଗୁନ୍ଥି ଏକ ଅସମ୍ଭବ ଏକତ୍ୱର ଅବତାରଣା କରୁଛୁ । ଯଦି ବ୍ରହ୍ମହିଁ ଏକମାତ୍ର ଅସ୍ତିତ୍ୱ ହୁଅନ୍ତି, ତେବେ ମାୟାକୁ ମଧ୍ୟ କେବଳ ସେହି ବ୍ରହ୍ମଙ୍କର ଏକ ଶକ୍ତି ବ୍ୟତୀତ ଆଉ ଅନ୍ୟକିଛି କଦାପି ବୁଝାଯାଇ ପାରିବ ନାହିଁ, ମାୟାକୁ କେବଳ ତାଙ୍କରି ଚେତନାର ଏକ ସାମର୍ଥ୍ୟ ଅଥବା ତାଙ୍କରି ସତ୍ତାର ଏକ ପରିଣାମ ବୋଲି ବୁଝାଯିବ । ଏବଂ ବ୍ରହ୍ମ ସହିତ ଏକରୂପ ହୋଇ ରହିଥିବା ଜୀବାତ୍ମାକୁ ଯଦି ଆପଣା ମାୟାର ଅଧୀନ ବୋଲି କଳ୍ପନା କରାଯିବ, ତେବେ ତାହା ଭିତରେ ଅଧିଷ୍ଠିତ ରହିଥିବା ବ୍ରହ୍ମଙ୍କୁ ମଧ୍ୟ ମାୟାର ଅଧୀନ ହୋଇ ରହିବାକୁ ପଡ଼ିବ । ମାତ୍ର ମୂଳତଃ ଓ ସ୍ୱରୂପତଃ ଏହା ଏକାବେଳକେ ଅସମ୍ଭବ । କାରଣ ଅଧୀନ ହୋଇ ରହିବା କହିଲେ ଏହି କ୍ଷେତ୍ରରେ କେବଳ ଏହାହିଁ ବୁଝାଇବ ଯେ ବ୍ରହ୍ମଙ୍କର ଆତ୍ମପ୍ରକୃତି ମଧ୍ୟରେ ରହିଥିବା କୌଣସି ଏକ ତତ୍ତ୍ୱ ତାଙ୍କର ଆତ୍ମପ୍ରକୃତିଗତ କ୍ରିୟାର ଅଧୀନ ହୋଇ ରହିଛି । ସେତେବେଳେ ତାହାକୁ ଚିନ୍ମୟସତ୍ତାର ସଚେତନ ଓ ସ୍ୱତନ୍ତ୍ର ଗତିଶୀଳତାର ଏକ ଅଂଶରୂପେହିଁ ସ୍ୱୀକାର କରିବାକୁ ପଡ଼ିବ, ତାହାର ଆତ୍ମପ୍ରକାଶକ ସର୍ବଜ୍ଞତାର କେବଳ ଏକ ଲୀଳା ବୋଲି କହିବାକୁ ପଡ଼ିବ । ତେଣୁ ଅଜ୍ଞାନକୁ ମଧ୍ୟ ସେହି ପରମ ଅଦ୍ୱିତୀୟଙ୍କର ଗତିଛନ୍ଦନଗତ ଏକ

'oaob.nitrkl.ac.in' images reprocessed

ଅଂଶ ବୋଲି ମାନିନେବାକୁ ହେବ, ଅତ୍ୟନ୍ତ ଅଜ୍ଞାତସାରରେ ବରି ନେଇଥିବା ସ୍ୱଚେତନାଗତ ଏକ ବିବର୍ତ୍ତନ ବୋଲି କହିବାକୁ ପଡ଼ିବ; ଏବଂ ଏକଥା ମଧ୍ୟ କହିବାକୁ ପଡ଼ିବ ଯେ ସେ କୌଣସିପ୍ରକାରେ ବାଧ୍ୟ ହୋଇ ସେହି ବିବର୍ତ୍ତନର ଅଧୀନ ହୋଇ ରହିନାହାନ୍ତି, ମାତ୍ର ଆପଣାର ବିଶ୍ୱଗତ ପ୍ରୟୋଜନ ଲାଗିହିଁ ସେ ଏହି ଆତ୍ମସଙ୍କୋଚନର ପ୍ରକ୍ରିୟାଟିକୁ ମାନିନେଇଛନ୍ତି ଓ ତାହାକୁ କାମରେ ଲଗାଉଛନ୍ତି ।

ଜୀବାତ୍ମା ଓ ପରମାତ୍ମା ଅଦ୍ୱିତୀୟ ଓ ଏକ ନୁହନ୍ତି, ସେମାନେ ସବୁଦିନ ଲାଗି ଭିନ୍ନ; ଜୀବାତ୍ମା ଅଜ୍ଞାନର ଅଧୀନ ହୋଇ ରହିଛି ଏବଂ ପରମାତ୍ମା ସତ୍ତ୍ୱା ତଥା ଚେତନାରେ ନିର୍ବିଶେଷରୂପେ ବିରାଜମାନ ଅଛି ଓ ତେଣୁ ଜ୍ଞାନରେ ମଧ୍ୟ ନିର୍ବିଶେଷ ହୋଇ ରହିଛି,—ଏପରି ଯୁକ୍ତି ଦେଖାଇ ସମସ୍ତ ସମସ୍ୟାଟିରୁ ରକ୍ଷା ପାଇବାକୁ ଆମର ଆଦୌ କୌଣସି ବାଟ ନାହିଁ । କାରଣ ତାହା ଆମ ଚରମ ଓ ପରିପୂର୍ଣ୍ଣ ଅନୁଭୂତିଟିର କେବଳ ବିରୁଦ୍ଧାଚରଣହିଁ କରୁଛି । ପ୍ରକୃତିର କ୍ରିୟାମଧ୍ୟରେ ଯେତେ ଯେଉଁଠି ଭେଦ ରହିଥାଉ ପଛକେ, ସେହି ଅନୁଭୂତି ଆମକୁ କହିଦେଉଛି ଯେ ସତ୍ତ୍ୱା ବା ଅସ୍ତିତ୍ୱ ହେଉଛି ଏକତ୍ୱବାଚକ, ସେଥିରେ ଆଦୌ କୌଣସି ଦ୍ୱୈତତା ନାହିଁ । ଏହି ଦ୍ୱୈତବାଦ ଅପେକ୍ଷା ଦ୍ୱୈତାଦ୍ୱୈତବାଦକୁ ସ୍ୱୀକାର କରିନେବା ଅପେକ୍ଷାକୃତ ଅଧିକ ସହଜ, କାରଣ ଏହି ବିଶ୍ୱଜଗତର ବ୍ୟାପାରକୁ ଅବଲୋକନ କଲେ ସେଥିରେ ଭେଦ ଓ ଅଭେଦର ନୀତିଟି ସର୍ବତ୍ର ବ୍ୟାପ୍ତ ହୋଇ ରହିଥିବାର ସ୍ପଷ୍ଟ ପ୍ରତୀତ ହେଉଛି । ଏହିପରି ଏକ ତତ୍ତ୍ୱ ବାଢ଼ିଦେଇ ଆମେ ବେଶ୍ ସନ୍ତୁଷ୍ଟ ହୋଇପାରୁ ଯେ ବ୍ରହ୍ମ ଓ ଆମ ଭିତରେ ଅଭେଦ ଅଛି, ତଥାପି ଭେଦ ମଧ୍ୟ ରହିଛି; ମର୍ମସତ୍ତ୍ୱା ତଥା ମର୍ମପ୍ରକୃତିରେ ଅଭେଦ ରହିଛି, ଆତ୍ମରୂପାୟନ ଓ ତେଣୁ କ୍ରିୟାଶୀଳ ପ୍ରକୃତିରେ ଭେଦ ରହିଛି । ମାତ୍ର ତଦ୍ଦ୍ୱାରା କେବଳ ବସ୍ତୁସ୍ଥିତିଟି କ'ଣ, ଖାଲି ତାହାହିଁ କୁହାହୋଇଥାଏ ଏବଂ ବସ୍ତୁସ୍ଥିତିରୁ ଉତ୍ଥିତ ସମସ୍ୟାଟି ତଥାପି ଅସମାହିତ ରହିଯାଏ । ଆପଣା ସତ୍ତ୍ୱାର ମର୍ମଗତ ଭୂମିରେ ଯାହାକୁ ଆମେ ପରମ ନିର୍ବିଶେଷର ଏକତ୍ୱସୂଚକ ଏକ ସମ୍ବାଦ ବୋଲି କହୁଛୁ ଏବଂ ତେଣୁ ଯାହା ତାହା ସହିତ ତଥା ସବୁକିଛି ସହିତ କାର୍ଯ୍ୟତଃ ଏକରୂପ ହୋଇ ରହିଥିବା ଉଚିତ, ଆପଣା ସତ୍ତ୍ୱାର ଗତିଶୀଳ ରୂପାୟନ ଓ କ୍ରିୟାଶୀଳତା ସମସ୍ତରେ ତାହା ପୁଣି କିପରି ବିଭକ୍ତ ହୋଇଯିବ ଓ ଅଜ୍ଞାନର ଅଧୀନ ହୋଇ ରହିବ,—ଏହି ସମସ୍ୟାଟି ଅସମାହିତ ରହିଯାଏ । ପୁଣି ଆଉ ଗୋଟିଏ କଥା ଉଲ୍ଲେଖ କରି ରଖିବା ଆବଶ୍ୟକ ଯେ ସେପରି କହିଲେ ତଦ୍ଦ୍ୱାରା କଦାପି ସତ କଥା କୁହାଯିବ ନାହିଁ; କାରଣ କେବଳ ଏକ ସ୍ଥିତିଶୀଳ ମର୍ମୈକରୂପତା ନୁହେଁ, ପରମ ଅଦ୍ୱିତୀୟଙ୍କର କ୍ରିୟାଶୀଳ ପ୍ରକୃତିଟି ସହିତ ପରିପୂର୍ଣ୍ଣ ଭାବରେ ଏକରୂପ ହୋଇ ପାରିବା ଲାଗି ଜୀବାତ୍ମାର ସବୁବେଳେ ସମ୍ଭାବନା ରହିଛି । ଅଥବା, ଏହି ଅସ୍ତିତ୍ୱ

'oaob.nitrkl.ac.in' images reprocessed

ଓ ତାହାର ସମସ୍ୟାଗୁଡ଼ିକର ଆହୁରି ଉପରେ ଓ ତାହାର ସୀମାକୁ ଅତିକ୍ରମ କରି ଏକ ପରମ ଅବିଜ୍ଞେୟତା ବିଦ୍ୟମାନ ରହିଛି, ଯାହାକି ଆମର ଅନୁଭୂତିର ପରିଧିଠାରୁ ଆହୁରି ଉପରେ ରହିଛି ଓ ତାହାକୁ ଅତିକ୍ରମ କରି ରହିଛି; ଏବଂ ଏହି ବିଶ୍ୱଜଗତର ଉନ୍ମେଷ ହେବାର ବହୁ ପୂର୍ବରୁ ସେହି ଅବିଜ୍ଞେୟ ମଧ୍ୟରେ ମାୟାର କ୍ରିୟା ଆରମ୍ଭ ହୋଇଯାଇଛି ଓ ସେହି କାରଣରୁ ସେଇଟିର କାରଣ ଓ ଉତ୍ପତ୍ତି ନିର୍ଣ୍ଣୟ କରିବା ମଧ୍ୟ ଆମ ଜ୍ଞାନ ଓ ବ୍ୟାଖ୍ୟାର ଅତୀତ ହୋଇ ରହିଛି;—ଏପରି କହି ବି ଆମେ ସମସ୍ୟାଟି ପାଖରୁ ପଳାଇ ଯିବାର ଏକ ଚେଷ୍ଟା କରିପାରୁ । ଏପରି କରିବାକୁ ବସିଲେ ତାହା ଜଡ଼ବାଦୀ ଅଜ୍ଞେୟବାଦର ପରିବର୍ତ୍ତିରେ ଏକ ଆଦର୍ଶବାଦୀ ଅଜ୍ଞେୟ-ବାଦର ଉପସ୍ଥାପନା କଲାପରିହିଁ ହେବ । ମାତ୍ର ତାହା ଯେଉଁ ମାର୍କା ବା ଗ୍ରୁପର ହୋଇଥାଉ ପଛକେ, ଯାବତୀୟ ଅଜ୍ଞେୟବାଦ ବିଷୟରେ ସବୁବେଳେ ସେହି ଗୋଟିଏ ଆପତ୍ତିହିଁ ରହିଛି । ସେଇଟି ହେଉଛି ଅଜ୍ଞେୟବାଦ କହିଲେ ପ୍ରକୃତ ସତ୍ୟକୁ ଜାଣିବାଲାଗି ସଚେତଥିବା ଆମେ ନାସ୍ତି କରିଦେଉଛୁ ବୋଲିହିଁ ବୁଝାଇବ, ଚେତନାର ପଥରେ ଉପସ୍ଥିତ ରହିଥିବା ଏକ ଆପାତ-ପ୍ରତୀୟମାନ ବାଧା ଓ ସଙ୍କୋଚନ ପାଖରେ ଖୁବ ସହଜରେ ହାର ମାନିଯିବାକୁ ବୁଝାଇବ, ଏକ ଅଶକ୍ତତାବୋଧକୁହିଁ ବୁଝାଇବ । ମନର ଭୂମି ଉପରେ ପ୍ରତ୍ୟକ୍ଷ ଭାବରେ ଠିଆହୋଇ ରହିଥିବା ସୀମିତତା-ଗୁଡ଼ିକର ବିଚାର କରିବା ସମୟରେ ହୁଏତ ଏହି ଅଶକ୍ତତାଟିକୁ ମାନି ନିଆଯାଇ ପାରେ, ମାତ୍ର ପରମାତ୍ମା ସହିତ ଏକରୂପ ହୋଇ ରହିଥିବା ଜୀବାତ୍ମାର କ୍ଷେତ୍ରରେ ଏଥିଲାଗି ବାଟ ଛାଡ଼ିଦେବାର ପ୍ରଶ୍ନହିଁ ଉଠିବ ନାହିଁ । ପରମାତ୍ମା ନିଃସନ୍ଦେହ ଭାବରେ ଆପଣାକୁ ଅବଶ୍ୟ ଜାଣିବ, ଏବଂ ଅଜ୍ଞାନର କାରଣକୁ ମଧ୍ୟ ଜାଣିବ; ତେଣୁ କୌଣସି ପ୍ରକାର ଜ୍ଞାନଲାଭ ସମ୍ବନ୍ଧରେ ନିରାଶ ହୋଇ ବସିବାଲାଗି ଏବଂ ସମଗ୍ର ପରମାତ୍ମସତ୍ୟ ଓ ବର୍ତ୍ତମାନ ଭୂମିରେ ଉପସ୍ଥିତ ରହିଥିବା ତା' ନିଜର ଅଜ୍ଞାନର ମୂଳ କାରଣଟିକୁ ଜାଣିବାଲାଗି ତାହାର ଯେଉଁ ସାମର୍ଥ୍ୟ ରହିଛି, ତାହାକୁ ଅସ୍ୱୀକାର କରିବାଲାଗି ଜୀବାତ୍ମା ପାଖରେ ଆଦୌ କୌଣସି କାରଣ ନାହିଁ ।

ଯଦି ଅବିଜ୍ଞେୟ ବୋଲି କୌଣସି ପରମତତ୍ତ୍ୱ ପ୍ରକୃତରେ କେଉଁଠି ରହିଥାଏ, ତେବେ ତାହା ସଚ୍ଚିଦାନନ୍ଦଙ୍କରହିଁ କୌଣସି ପରମ ସ୍ଥିତିର ଦ୍ୟୋତକ ହୋଇଥିବ ଏବଂ ତାହା ସତ୍, ଚିତ୍ ଓ ଆନନ୍ଦ ବିଷୟରେ ଆମର ସର୍ବୋଚ୍ଚ ଅବଧାରଣାଗୁଡ଼ିକର ବି ଅତୀତ ହୋଇ ରହିଥିବ । ତୈତ୍ତିରୀୟ ଉପନିଷଦରେ 'ଅସତ୍' ଶବ୍ଦଟିର କଳ୍ପନାଦ୍ୱାରା ସ୍ପଷ୍ଟତଃ ଏହିପରି ଏକ ସ୍ଥିତିକୁ ଉଦ୍ଦିଷ୍ଟ କରି ଦିଆଯାଇଥିଲା । ସେହି ଅସତ୍ ସବୁରି ଆଦ୍ୟରେ ବିଦ୍ୟମାନ ରହିଥିଲା ଏବଂ ତାହାର ଗର୍ଭରୁ ସତ୍ ଜନ୍ମଲାଭ କଲା । ଏବଂ ଶୂନ୍ୟବାଦୀ ବୁଦ୍ଧଦେବ ନିର୍ବାଣର ବ୍ୟାଖ୍ୟା କଲାବେଳେ ଏକ ଅନିର୍ବଚନୀୟ ଅଭିଜ୍ଞତ

ଅର୍ଥରେ ହୁଏତ ଏହାହିଁ ବୁଝାଇବାକୁ ଇଚ୍ଛା କରୁଥିଲେ । କାରଣ ନିର୍ବାଣଦ୍ୱାରା ଆମର ଏହି ବର୍ତ୍ତମାନ ସ୍ଥିତିଟିର ବିଲୋପ ଘଟାଇପାରିଲେ ଆମେ ହୁଏତ ଏପରି ଏକ ଉଚ୍ଚତର ସ୍ଥିତିରେ ଯାଇ ପହଞ୍ଚିବା, ଯାହାକି ସକଳ ଧାରଣା ଓ ଏପରିକି ସକଳ ଆତ୍ମ-ଅନୁଭବର ଅତୀତ ହୋଇ ରହିଛି । ସେଇଠାରେ ପହଞ୍ଚି ଆମକୁ ଆମର ଏହି ଅସ୍ତିତ୍ୱବୋଧରୁ ଏକ ଅନିର୍ବଚନୀୟ ମୁକ୍ତି ମିଳିପାରିବ । ଅଥବା, ସକଳ ବର୍ଣ୍ଣନା ଓ ସକଳ ବୋଧର ଅତୀତ ଏକ ପରମ ଓ ଅପ୍ରସୀମିତ ଆନନ୍ଦର ଉଲ୍ଲେଖ କଲାବେଳେ ମଧ୍ୟ ଉପନିଷଦରେ ହୁଏତ ତାହାରି କଳ୍ପନା କରାଯାଇଛି; କାରଣ ଚେତନା ଓ ଅସ୍ତିତ୍ୱରୂପେ ଆମେ ଯେତେ ଯାହାକିଛିର କଳ୍ପନା କିମ୍ବା ବର୍ଣ୍ଣନା କରିପାରିବା, ସେ ତାହାର ସକଳ ସୀମାକୁ ଅତିକ୍ରମ କରିଯାଇଛି । ଠିକ୍ ଏହି ଅର୍ଥରେହିଁ ଆମେ ଆଗରୁ ଏହି କଳ୍ପନାଟିକୁ ଗ୍ରହଣ କରିସାରିଛୁ; କାରଣ ପରମ ଅନନ୍ତର ଆରୋହଣକ୍ରମରେ ଆମେ କୌଣସିଠାରେ କୌଣସି ସୀମାରେଖା ପକାଇ ରଖିବାକୁ ଆଦୌ ଇଚ୍ଛା କରୁନାହୁଁ । କିମ୍ବା, ଯଦି ଏପରି ନ ହୋଇଥାଏ, ତେବେ ଅସତ୍‌କୁ ଆମେ ସତ୍‌ଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ମାନିନେବା, ଏପରିକି ଏକ ଅପ୍ରସୀମିତ ଓ ନିରୁପାଧିକ ସତ୍ତ୍ୱାଠାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ମାନିନେବା, ତାହା ଶୂନ୍ୟବାଦୀର ଚରମ ଅସତ୍ ବ୍ୟତୀତ କଦାପି ଆଉ କିଛିହେଲେ ହୋଇ ନପାରେ ବୋଲି ଅବଶ୍ୟ ମାନିନେବା ।

ମାତ୍ର ଏକ ପରମ ସର୍ବଶୂନ୍ୟତା କଦାପି କୌଣସି କିଛିର କାରଣ ହୋଇପାରିବ ନାହିଁ । ଏପରିକି ଯାହାକୁ ଆମେ କେବଳ ପ୍ରାତିଭାସିକ ବୋଲି କହୁଛୁ, ତାହା ମଧ୍ୟ ସେହି ସର୍ବଶୂନ୍ୟତାରୁ କଦାପି ସମ୍ଭବ ହେବ ନାହିଁ, ଏକ ଭ୍ରମ ମଧ୍ୟ ସେଥିରୁ ସମ୍ଭବ ହେବ ନାହିଁ । ଏବଂ ପରମ ଅସତ୍ ଯଦି ତାହା ହୋଇ ନଥାଏ, ତେବେ ତାହା କେବଳ ଶାଶ୍ୱତକାଳରୁ ଅନୁପଲବ୍ଧ ହୋଇ ରହିଥିବା ଏକ ପରମ ସମ୍ଭାବନା ମାତ୍ର ହୋଇପାରିବ; ସେତେବେଳେ ତାହାକୁ ପରମ ଅନନ୍ତଙ୍କର ଏକ ପ୍ରହେଳିକାମୟ ଶୂନ୍ୟସ୍ଥିତି ବୋଲିହିଁ ବୁଝାଯାଇ ପାରିବ, ଯେଉଁଥିରୁହିଁ ଯେକୌଣସି ସମୟରେ ଆପେକ୍ଷିକ ସମ୍ଭାବନାମାନ ଉଦ୍‌ଗତ ହୋଇପାରିବ; ମାତ୍ର ସେଥିମଧ୍ୟରୁ କେବଳ କେତୋଟିହିଁ ପ୍ରାତିଭାସିକ ରୂପ ପ୍ରକୃତରେ ଉଦ୍‌ଗତ ହେବାରେ ସଫଳ ହେବ । ଏହି ଅସତ୍ତ୍ୱରୁ ଯେକୌଣସି ସତ୍ତ୍ୱର ଉଦ୍‌ଗମ ହୋଇପାରିବ, ଏବଂ ସେଥିରୁ କ'ଣ କ'ଣ ଉଦ୍‌ଗତ ହେବ ଏବଂ କାହିଁକି ଉଦ୍‌ଗତ ହେବ, ସେପରି କହିବାଲାଗି ଆଉ କୌଣସି ବାଟ ନଥିବ । ବ୍ୟାବହାରିକ ସକଳ ଉଦ୍ଦେଶ୍ୟରୁ ବିଚାର କଲେ ଆମେ ଏହାକୁ ପରମ ଅବ୍ୟବସ୍ଥା ଓ ଗଠନରହିତତାର ଏକ ବୀଜ ବୋଲି କହିବା ଯେଉଁଥିରୁ କି ଘଟିଥିବା ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟକ୍ରମେ ଏକ ବିଶ୍ୱବ୍ୟବସ୍ଥା ଉଦ୍‌ଗତ ହୋଇଆସିଛି । ବା, ଆମେ ହୁଏତ କହିବା ଯେ ବିଶ୍ୱଜଗତ ମଧ୍ୟରେ ପ୍ରକୃତରେ

'oaob.nitrkl.ac.in' images reprocessed

କୌଣସି ଯଥାର୍ଥ ବ୍ୟବସ୍ଥା ନାହିଁ । ଯାହାକୁ ଆମେ ଏକ ବ୍ୟବସ୍ଥା ବୋଲି କହୁଛୁ, ତାହା ଆମ ପ୍ରାଣ ଓ ଇନ୍ଦ୍ରିୟଗତ ଜୀବନର ଏକ ସ୍ଥାୟିତ୍ୱସମ୍ପନ୍ନ ଅଭ୍ୟସ୍ତତା ଓ ଆମ ମନର ଏକ କଳ୍ପନା ବ୍ୟତୀତ ଆଉ କିଛି ନୁହେଁ; ଏବଂ ସେହି କାରଣରୁ ଜଗତ୍‌ବସ୍ତୁର ଏକ ଚରମ ଓ ନିଷ୍ପତ୍ତିମୂଳକ କାରଣ ଖୋଜି ବାହାରିବାରେ ଆଦୌ କୌଣସି ଅର୍ଥ ନାହିଁ । ଏକ ପରମ ଅବ୍ୟବସ୍ଥାରୁ ସକଳପ୍ରକାର ବିରୋଧ ଓ ଅସମ୍ଭବ ସମ୍ଭବ ହୋଇପାରେ; ଏବଂ ଏହି ଜଗତ ହେଉଛି ସେହିପରି ଏକ ବିରୋଧ, ସେହିପରି ଏକ ବିଡ଼ମ୍ବନା । ଜଗତ ହେଉଛି ଅଶେଷ ବିରୋଧିତା ଓ ପ୍ରହେଳିକାର ଏକ ରହସ୍ୟମୟ ସମଷ୍ଟି; ଅଥବା କେତେକ ସ୍ଥଳରେ ଏହାର ଯେଉଁଭଳି ବିଚାର ବା କଳ୍ପନା କରାଯାଇଛି, ଏହା ହେଉଛି ଗୋଟାଏ ପ୍ରକାଣ୍ଡ ଭୁଲ; ଏକ ଅର୍ଥହୀନ ଓ ଅଳୀକ ପ୍ରଳାପମାତ୍ର । ଏକ ପରମ ଚେତନା ବା ପରମ ଜ୍ଞାନ ଏହିପରି ଏକ ଜଗତର କାରଣ କଦାପି ହୋଇ ନପାରେ, ମାତ୍ର ଏକ ପରମ ନିଶ୍ଚେତନା ଓ ପରମ ଅଜ୍ଞାନକୁ ଏହାର ଉଦ୍‌ଗମସ୍ଥାନ ବୋଲି ବୁଝାଯାଇ ପାରିବ । ଏହିପରି ଏକ ବିଶ୍ୱବିଡ଼ମ୍ବନା ମଧ୍ୟରେ ସବୁକିଛି ସମ୍ଭବ ହୋଇପାରିବ, 'କିଛିନୁହେଁ'ରୁ ସବୁକିଛି ଜନ୍ମଲାଭ କରିପାରିବ, ମନନଶୀଳ ମନକୁ ମନନବର୍ଜିତ ଶକ୍ତି ବା ନିଶ୍ଚେତନ ଜଡ଼ର କେବଳ ଏକ ବ୍ୟାଧି ବୋଲି ବୁଝାଯାଇ ପାରିବ । ବସ୍ତୁଗତ ସତ୍ତାର ବିଧାନ ଅନୁସାରେ ଯେଉଁ ଶୃଙ୍ଖଳା ବା ବ୍ୟବସ୍ଥାକୁ ଆମେ ଅସ୍ତିତ୍ୱର ସର୍ବପ୍ରଧାନ ଲକ୍ଷଣ ବୋଲି ମାନୁଛୁ, ସେହି କ୍ଷେତ୍ରରେ ତାହା ହୁଏତ କେବଳ ଏକ ଚିରନ୍ତନ ଅଜ୍ଞାନର ଯନ୍ତ୍ରବତ୍ ନିୟମାନୁସରଣରେହିଁ ପର୍ଯ୍ୟବସିତ ହୋଇ ରହିବ । ସେତେବେଳେ ତାହାକୁ ଆଉ ଏକ ପରମ ଆତ୍ମଶାସିତ ଚେତନ ଇଚ୍ଛାଶକ୍ତିର ଆତ୍ମବିବର୍ତ୍ତନ ବୋଲି କଦାପି ବୁଝାଯିବ ନାହିଁ । ଚିରନ୍ତନ ଅସ୍ତିତ୍ୱ ହୁଏତ ଏକ ଶାଶ୍ୱତ ମହାଶୂନ୍ୟତାର ସ୍ଥାୟୀ ପ୍ରତିବିମ୍ବ ହୋଇ ରହିବ । ବସ୍ତୁଜଗତର ଉଦ୍‌ଗମଟିକୁ ବୁଝାଇ ଯେତେ ମତବାଦର ବଖାଣ ହୋଇଛି, ସେଗୁଡ଼ିକୁ ଆମେ ସମାନ ଭାବରେ ଶକ୍ତିଶାଳୀ ବୋଲି ବେଶ୍ କହିପାରିବା, କାରଣ ସେଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ମତ ସମାନ ଭାବରେ ହୁଏତ ପ୍ରାମାଣିକ ହୋଇପାରେ ଅଥବା ଅପ୍ରାମାଣିକ ବି ହୋଇପାରେ । କାରଣ ଯେତେବେଳେ ଆରମ୍ଭବିନ୍ଦୁ ବୋଲି କିଛିହେଲେ ନିଶ୍ଚିତ ଭାବରେ ସ୍ୱୀକାର କରାଯାଉ ନାହିଁ ଏବଂ ସମୂହଗତ ଆବର୍ତ୍ତନର ସମ୍ମୁଖରେ ନିର୍ଦ୍ଦିଷ୍ଟଯୋଗ୍ୟ କୌଣସି ଉଦ୍ଦେଶ୍ୟ ମଧ୍ୟ ନାହିଁ, ସେତେବେଳେ ପ୍ରତ୍ୟେକଟି ମତକୁ ସମାନ ଭାବରେ ସମ୍ଭବ ବୋଲି ବେଶ୍ ବୁଝାଯାଇ ପାରିବ । ମନୁଷ୍ୟର ମନହିଁ ଏହିସବୁ ମତର ପୋଷଣ କରିଛି; ଏବଂ ସେଗୁଡ଼ିକୁ କେବଳ ଭ୍ରମ ବା ଭୁଲ ବୋଲି ବିଚାର କରିଗଲେ ମଧ୍ୟ ସେଗୁଡ଼ିକରୁ ପ୍ରତ୍ୟେକଟି ଦ୍ୱାରା କିଛି ନା କିଛି ଲାଭ ଅବଶ୍ୟ ହୋଇଛି । କାରଣ ମନ ଭିତରେ ଭୁଲଗୁଡ଼ିକୁ ମଧ୍ୟ ବାଟ ଗ୍ରହଣ ଦିଆଯାଇ ଥାଏ, କାରଣ ସେଠାରେ ଭୁଲଗୁଡ଼ିକ ମଧ୍ୟ ସତ୍ୟର ଦ୍ୱାରକୁ ଉନ୍ମୋଚିତ କରି ଦେଇଥା'ନ୍ତି ।

'oaob.nitrkl.ac.in' images reprocessed

ନକାରାତ୍ମକ ଦୃଷ୍ଟିରୁ ବିଚାର କଲେ ବିପରୀତ ଭାବଗୁଡ଼ିକର ଖଣ୍ଡନ କରି ଏବଂ ସକାରାତ୍ମକ ଦୃଷ୍ଟିରୁ ବିଚାର କଲେ ଏକ ନୂତନ ରଚନାତ୍ମକ ଅନୁମାନ ମଧ୍ୟରେ କୌଣସି ଏକ ଉପାଦାନର ପ୍ରସ୍ତୁତ ଲାଗି ବାଟ କାଢ଼ିଦେଇ ସେମାନେ ତାହା କରିଥା'ନ୍ତି । ମାତ୍ର ଏହି ବାଟରେ ଆପଣାକୁ ଖୁବ୍‌ବେଶୀ ଦୂର ଅଗ୍ରସର ହେବାକୁ ଦେଲେ ବସ୍ତୁଗୁଡ଼ିକ ସମ୍ବନ୍ଧରେ ଆମର ଏହି ବିଚାରଦୃଷ୍ଟି ପରିଶେଷରେ ଦର୍ଶନଶାସ୍ତ୍ରର ସମଗ୍ର ଉଦ୍ଦେଶ୍ୟଟିକୁହିଁ ପଣ୍ଡ କରି ଦେଇଥାଏ । ଦର୍ଶନ ଜ୍ଞାନର ଅନ୍ୱେଷଣ କରେ, ଅଜ୍ଞାନତା ମଧ୍ୟରେ ଆପଣାକୁ କଦାପି ହରାଇ ଦିଏ ନାହିଁ; ଏବଂ ଏକ ଚରମ ଅଜ୍ଞେୟକୁହିଁ ତତ୍ତ୍ୱଜିଜ୍ଞାସାର ଶେଷ କଥା ବୋଲି ଘୋଷଣା କଲେ ଦର୍ଶନର ଏହି ଉଦ୍ଦେଶ୍ୟଟି ଆଦୌ ସାଧିତ ହୋଇପାରେ ନାହିଁ । ମାତ୍ର ଯେତେବେଳେ କୌଣସି ସକାରାତ୍ମକ ତତ୍ତ୍ୱକୁହିଁ ଅନ୍ୱେଷଣର ପ୍ରାନ୍ତବିନ୍ଦୁରୂପେ ଆପନା କରାଯାଇ ଥାଏ, ସେତିକିବେଳେ ଯାଇ ସେହି ଉଦ୍ଦେଶ୍ୟ ସାଧିତ ହୋଇଥାଏ । ଉପନିଷଦର ଭାଷାରେ କହିଲେ ଯାହାକୁ ଜାଣିଲେ ସବୁକିଛି ଜାଣିହୁଏ, ସେହିପରି ଏକ ତତ୍ତ୍ୱକୁହିଁ ଉଦ୍ଦେଶ୍ୟରୂପେ ଆପିବାକୁ ହୁଏ । ତେଣୁ ପରମ ଅଜ୍ଞେୟ ବୋଲି କହିଲେ,—ଏଠାରେ ସେହି ନିର୍ବିଶେଷ ଅଜ୍ଞେୟର କଥା ବୁଝାଯାଉ ନାହିଁ, ତାହା ମନୋଗତ ଜ୍ଞାନର ଅତୀତ ହୋଇ ରହିଛି ବୋଲି କେବଳ ବୁଝାଯାଉଛି,—ସେହି ସକାରାତ୍ମକ ବା ଭାବାତ୍ମକ ତତ୍ତ୍ୱଟିର ସତ୍ତ୍ୱଗତ ଗମ୍ଭୀରତାରେ କେବଳ ଏକ ଉଚ୍ଚତର ସୋପାନ ବୋଲି ବୁଝାଯାଇ ପାରିବ । କୌଣସି ମନୋମୟ ସତ୍ତା ଅଧିକରୁ ଅଧିକ ଉଚ୍ଚକୁ ଯାଇ ଯାହା ଅର୍ଜନ କରିପାରନ୍ତା, ତାହାକୁ ତା'ଠାରୁ ମାତ୍ରାଏ ଅଧିକ ବୋଲି ବୁଝାଯାଇ ପାରିବ । ସେହି ପରମସମ୍ପଦ ଆପେ ଆପଣାକୁ ଯେପରିଭାବରେ ଜାଣିଛି, ଯଦି ତାହାକୁ ସେହିପରି ଭାବରେ ଜାଣିବା ସମ୍ଭବ ହୁଏ, ତେବେ ସେହି ଜ୍ଞାନମୟ ଆବିଷ୍କାର ଦ୍ୱାରା ଆମଦ୍ୱାରା ସମ୍ଭବ ଆମର ସର୍ବୋଚ୍ଚ ଜ୍ଞାନ ଆମକୁ ଯାହାକିଛି ଆଣିଦେଇଛି, ତାହା କଦାପି ସମ୍ପୂର୍ଣ୍ଣଭାବରେ ନଷ୍ଟ ହୋଇଯିବ ନାହିଁ; ବରଂ ସେହି ଆବିଷ୍କାର ତାହାକୁ ଏକ ଉଚ୍ଚତର ପରିପୂର୍ଣ୍ଣତାର ସୋପାନକୁ ବହନ କରି ନେଇଯିବ, ଆତ୍ମଦର୍ଶନ ଆତ୍ମ-ଅନୁଭବ ଦ୍ୱାରା ଯେତିକି ହାସଲ ହୋଇସାରିଛି, ତାହାର ଏକ ବୃହତ୍ତର ସତ୍ୟକୁ ବହନ କରି ନେଇଯିବ । ଅର୍ଥାତ୍ ନିର୍ବିଶେଷ ପରମସତ୍ୟରୂପୀ ଏହି ସମ୍ପଦଟି ଆମଲାଗି ଏପରି ଭାବରେ ଉପଲବ୍ଧ ହେବ ଯେ ତାହାରି ମଧ୍ୟରେ ଓ ତାହାରି ପାର୍ଶ୍ୱରେ ଯାବତୀୟ ସକଳ ସତ୍ୟର ଅଧିଷ୍ଠାନ ସମ୍ଭବ ହେବ, ସେହିଠାରେହିଁ ସେଗୁଡ଼ିକର ସମନ୍ୱୟ ଘଟିବ । ସେହି ସତ୍ୟଟିକୁହିଁ ଆମେ ଆମ ଅନ୍ୱେଷଣର ଆଦ୍ୟ ବିନ୍ଦୁରୂପେ ଆବିଷ୍କାର କରିବା, ତାହାକୁହିଁ ଆମର ଯାବତୀୟ ବିଚାର ଏବଂ ଯାବତୀୟ ଦର୍ଶନର ସ୍ଥାୟୀ ଭିତ୍ତି କରି ରଖିବା ଏବଂ ତାହାରି ସାହାଯ୍ୟରେ ଉଦ୍ଭୂତ ହୋଇଥିବା ସମସ୍ୟାଟି ଲାଗି ଏକ ସମାଧାନ ବାହାର କରିବା । କାରଣ କେବଳ ତାହାରି ଭିତରେ, ଅର୍ଥାତ୍

'oaob.nitrkl.ac.in' images reprocessed

ସେହି ପରମ ତତ୍ତ୍ୱସ୍ୱରୂପ ଭିତରେହିଁ ଆମକୁ ଏହି ବିଶ୍ୱଜଗତର ବିରୋଧଗୁଡ଼ିକୁ କାଟି ପାରିବାର ଏକ ନିଶ୍ଚିତ ଉପାୟ ମିଳିଯାଇ ପାରିବ ।

ଏହି 'ନିହିତ କିଛି' ହେଉଛି ଆପଣାର ବ୍ୟକ୍ତ ପ୍ରକୃତିରେ ସଚ୍ଚିଦାନନ୍ଦ,— ପରମ ଅସ୍ତିତ୍ୱର ଏକ ସତ୍ୟ, ପରମ ଚୈତନ୍ୟ ଓ ପରମାନନ୍ଦର ଏକ ସତ୍ୟ । ବେଦାନ୍ତରେ ଏହି କଥାଟିର ବାରମ୍ବାର ଘୋଷଣା କରାଯାଇଛି, ଆମେ ମଧ୍ୟ ବାରମ୍ବାର ଏହି କଥା କହିଆସିଛୁ । ଏହି ଆଦ୍ୟସତ୍ୟଟିରୁହିଁ ଆମେ ସମସ୍ୟାଟିର ସମାଧାନ ଲାଗି ଅଗ୍ରସର ହେବା । ଏବଂ ଯେଉଁ ଚେତନା ଆପଣାକୁ ଜ୍ଞାନରୂପେ ପ୍ରକାଶିତ କରୁଛି ଓ ତଥାପି ଯାହା ସେହି ଜ୍ଞାନକୁ ଏପରି ଭାବରେ ସୀମାନିରୂପିତ କରିଦେଉଛି ଯେ ସେଥିରୁ ଅଜ୍ଞାନର ପ୍ରତିଭାସଟିକୁ ସୃଷ୍ଟି କରିବା ମଧ୍ୟ ସମ୍ଭବ ହୋଇପାରୁଛି, ସେହି ଚେତନାର ଏକ କ୍ରିୟାଦ୍ୱାରାହିଁ ଯେ ଆମେ ସମସ୍ୟାଟିର ସମାଧାନ ଖୋଜି ଅବଶ୍ୟ ବାହାର କରିପାରିବା, ସେତେବେଳେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ । ଏହି ଅଜ୍ଞାନକୁ ଆମେ ପରମ ଚେତନାଶକ୍ତିଗତ ଗତିଶୀଳ କ୍ରିୟାରହିଁ ଏକ ପ୍ରତିଭାସ ବୋଲି ଜାଣିଛୁ; ତାହାକୁ ସେହି କ୍ରିୟାର ଏକ ମର୍ମଗତ ସତ୍ୟରୂପେ ନୁହେଁ, ମାତ୍ର ଏକ ବିସୃଜନ ଓ ପରିଣାମ ବୋଲି ଜାଣିଛୁ; ତେଣୁ ଚେତନାର ଏହି ଶକ୍ତିମୟ ଦିଗଟିର ଯଥାର୍ଥ ପର୍ଯ୍ୟାଲୋଚନା କଲେ ଯାଇ ଆମେ ଅବିଦ୍ୟାକୁ ବୁଝିବାଲାଗି ଅନେକ ଫଳ ପାଇ-ପାରିବା । ପରମ ଚେତନା ହେଉଛି ସ୍ୱଭାବତଃ ପରମ ଶକ୍ତି, ଶକ୍ତି ହେଉଛି ତତ୍ତ୍ୱର ଅସଲ ସ୍ୱଭାବ । ଜ୍ଞାନ ଓ କ୍ରିୟାର ଅଭିପ୍ରାୟ ରଖି ସୃଜନ ତଥା ପରିଣାମ ଆଡ଼କୁ ଉନ୍ମୁଖ ହୋଇ ରହିଥିବା କାର୍ଯ୍ୟକାରୀ ଓ ସୃଷ୍ଟିଶୀଳ ଶକ୍ତି ମଧ୍ୟରେ ଯେତେବେଳେ ତପଃଶକ୍ତି କେନ୍ଦ୍ରୀଭୂତ ଓ ଅଭିନିବିଷ୍ଟ ହେବାକୁ ଆରମ୍ଭ କରେ, ସେତିକବେଳେହିଁ ଏହି ବିଶ୍ୱର ସୃଷ୍ଟି ହୁଏ, ଅର୍ଥାତ୍ ଚିନ୍ମୟ ପୁରୁଷର ତପଃଶକ୍ତି ଆପଣା ଉପରେ ଉପବିଷ୍ଟ ହୋଇ ଆପଣାର ତାପନଜନିତ ଉତ୍ତାପଦ୍ୱାରା* ଆପଣାମଧ୍ୟରେ ଯାହା କିଛି ରହିଛି, ତାହାର ବୀଜ ଓ ବିକାଶକୁ ଫୁଟାଇ ବାହାରକୁ ନେଇଆସେ; ଅଥବା ଆମ

* ତପଃ କହିଲେ ଅକ୍ଷରିକ ଭାବରେ ତାପ ବା ଉତ୍ତାପକୁ ବୁଝାଏ, ଏବଂ ତା'ପରେ ଶକ୍ତିର ଯେକୌଣସି ପ୍ରକାର କ୍ରିୟାଶୀଳତା, ତପସ୍ୟା, ସଚେତନ ଶକ୍ତିର ଅନ୍ତର୍ଗତ ତଥା ବସ୍ତୁଗତ ଅଭିନିବେଶକୁ ବୁଝାଉଥାଏ । ପ୍ରାଚୀନ କଳ୍ପନାରେ ଏହି ଜଗତ ତପୋଦ୍ୱାରାହିଁ ଅଣ୍ଡାକୃତ ହୋଇ ରଚିତ ହୋଇଥିଲା, ସେହି ତପଃ ଅର୍ଥାତ୍ ଚେତନଶକ୍ତିର ତାପଜନିତ ଉତ୍ତାପଦ୍ୱାରା ସେହି ଅଣ୍ଡାଟି ସର୍ଜିତ ଏବଂ ଅଣ୍ଡା ଭିତରୁ ପକ୍ଷୀ ବାହାରି ଆସିବା ପରି ସେଥିରୁ ପୁରୁଷ ବା ପ୍ରକୃତିଗତ ଆତ୍ମା ବାହାରକୁ ବାହାରି ଆସିଲା । ଏଠାରେ ଜାଣିରଖିବା ଉଚିତ ଯେ ଇଂରାଜୀ ଭାଷାରେ 'penance' ଶବ୍ଦଟିଦ୍ୱାରା 'ତପସ୍ୟା' ଶବ୍ଦଟିର ସାଧାରଣତଃ ଯେଉଁ ତର୍ଜମା କରାଯାଇଥାଏ, ତାହା ଅନେକ ସମୟରେ ଆମକୁ ଭ୍ରମରେ

'oaob.nitrkl.ac.in' images reprocessed

ମନର ଅନାତ୍ମାସବୋଧ ଏକ ଭାଷାରେ କହିବାକୁ ଗଲେ, ଆପଣାର ସକଲ ସତ୍ତା ଓ ସକଲ ସମ୍ଭାବନାକୁହିଁ ବାହାରକୁ ବାହାର କରିଆଣେ । ଏହାକୁହିଁ ଆମେ ବିଶ୍ୱସୃଷ୍ଟି ବୋଲି କହୁବା । ଆମ ଆପଣା ଚେତନାଟିର ପରୀକ୍ଷା କରି ଆମେ ଦେଖିବାକୁ ପାଇବା ଯେ ଆପଣାର ଯେଉଁ ତାପନସାମର୍ଥ୍ୟଟିକୁ ତାହା ଆପଣାର ଉଦ୍ଦିଷ୍ଟ ବସ୍ତୁଟି ଉପରେ ପ୍ରୟୋଗ କରୁଛି, ତାହାହିଁ ହେଉଛି ତାହାମଧ୍ୟରେ ରହିଥିବା ସବୁଠାରୁ ଅଧିକ ଭାବାତ୍ମକ ଓ ସବୁଠାରୁ ଅଧିକ କର୍ମଶୀଳ ସାମର୍ଥ୍ୟ । ସେହି ସାମର୍ଥ୍ୟଟି ଦ୍ୱାରାହିଁ ତାହା ଆପଣାର ଯାବତୀୟ ଜ୍ଞାନରେ ଆସି ଉପନୀତ ହୋଇପାରୁଛି, ଆପଣାର ଯାବତୀୟ କ୍ରିୟା ତଥା ଯାବତୀୟ ସୃଜନକୁ ସମ୍ଭବ କରିପାରୁଛି । ମାତ୍ର ଆମେ ଦେଖିବାରେ ଦୁଇଟି କ୍ଷେତ୍ରରେ ଅନୁରହି ଏହି ଗତିଶୀଳତା କାର୍ଯ୍ୟ କରିବାରେ ଲାଗିଛି । ଗୋଟିଏ ହେଉଛି ଆମେ ନିଜେ, ଅର୍ଥାତ୍ ଅନ୍ତର୍ଜଗତରୂପେ ଯାହାକିଛି ଆମ ଭିତରେ ରହିଛି; ଏବଂ ଆରଟି ହେଉଛି ଆମର ଚାରିପାଖରେ ଆମର ପରିବେଶ ହୋଇ ରହିଥିବା ଏହି ବହିର୍ଜଗତ,— ସେଥିରେ ଅନ୍ୟମାନେ ରହିଛନ୍ତି, ପ୍ରାଣୀମାନେ ଅଛନ୍ତି, ବସ୍ତୁଚୟ ବି ରହିଛି । ଅନ୍ତର୍ଜଗତ ଓ ବହିର୍ଜଗତକୁ ପରସ୍ପରଠାରୁ ଏପରି ପୃଥକ୍ କରି ଜାଣିବା ଓ ପୃଥକ୍ କରି ଦେଖିବା, ଏବଂ କାର୍ଯ୍ୟତଃ ସେଥିରୁ ଯେଉଁ ପରିଣାମମାନ ଉପୁଜୁଛି, ସେଗୁଡ଼ିକ ଆମର ନିଜ ବେଳକୁ ଯେପରି ଭାବରେ ପ୍ରୟୋଗ କରାଯାଇପାରିବ, ସଚ୍ଚିଦାନନ୍ଦଙ୍କ ବେଳକୁ ଆଦୌ ସେପରି ପ୍ରୟୋଗ କରାଯାଇ ପାରିବ ନାହିଁ । କାରଣ ଯାହାକିଛି ଯେଉଁଠି ରହିଛି, ତାହାହିଁ ତ ସଚ୍ଚିଦାନନ୍ଦ ଓ ତାହାହିଁ ତ ସେହି ସଚ୍ଚିଦାନନ୍ଦର ଅନ୍ତର୍ଗତ ହୋଇ ରହିଛି ଏବଂ ଆମର ଏହି ସୀମାବଦ୍ଧ ମନୋଦୃଷ୍ଟିରେ ଆମେ ସବୁକିଛିକୁ ଯେଭଳି ଭାଗଭାଗ କରି ଥୋଇ-ଦେଉଛୁ, ସଚ୍ଚିଦାନନ୍ଦଙ୍କ କ୍ଷେତ୍ରରେ ସେଭଳି ବିଭାଜନ ଲାଗି ଆଦୌ କୌଣସି ସ୍ଥାନ ନାହିଁ । ଦ୍ୱିତୀୟତଃ, ଆମର ସତ୍ତା ଭିତରେ ଯେତେ ଶକ୍ତି ନିହିତ ହୋଇ ରହିଛି, ତାହାର କେବଳ ଗୋଟିଏ ଅଂଶମାତ୍ରହିଁ ଆମର ସ୍ୱେଚ୍ଛାକୃତ କ୍ରିୟା ତଥା ମନୋଗତ ବା ଅନ୍ୟ ନାନାବିଧ କ୍ରିୟାତ୍ମକତାରେ ତତ୍ପର ହୋଇ ରହିଥିବା ଆମର ଇଚ୍ଛାଟି ସହିତ ଏକୀଭୂତ ହେଉଛି; ଏବଂ ଅବଶିଷ୍ଟ ଶକ୍ତିର ସ୍ୱେଚ୍ଛାକୃତ କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ଆମର

---

ସହାଇଦେବାର ଆଶଙ୍କା ଥାଏ । ଭାରତୀୟ ଋଷିମାନଙ୍କର ତପଃସାଧନାରେ penance ବା ପ୍ରାୟଶ୍ଚିତ୍ତର ଧାରଣାଟି ସଭି ବ୍ରତରୁ ସ୍ଥାନ ଥିଲା । ଏପରିକି ସବୁଠାରୁ କଠୋର ଭାବରେ ଆତ୍ମନିଗ୍ରହ ସହିତ କରାଯାଉଥିବା ତପସ୍ୟାରେ ମଧ୍ୟ ଶରୀରକୁ କଷ୍ଟ ଦେବାର ଭାବଟିକୁ କଦାପି ସର୍ବମୂଳ କଥା ବୋଲି ସ୍ୱୀକାର କରାଯାଇ ନଥିଲା । ଅମର ଚେତନା ଯେପରି ଆମର ଦେହଗତ ପ୍ରକୃତିଟି ଦ୍ୱାରା ବନ୍ଧିତ ହୋଇ ରହିଛି, ସେଇଟିକୁ କାଟି ଆଗକୁ ବାହାରିଯିବାହିଁ ବରଂ ସକଳ ତପଃସାଧନାର ଉଦ୍ଦେଶ୍ୟ ହୋଇ ରହିଥିଲା । ଅଥବ, ଆଧ୍ୟାତ୍ମିକ ବା ଅନ୍ୟକୌଣସି ଲୌକିକ ସିଦ୍ଧିସବୁର ଅନୁପ୍ରାପ୍ତି ଲାଗି ଚେତନା ଓ ଇଚ୍ଛାକୁ ଅସାଧାରଣ ଭାବରେ ଏକାଗ୍ରଭାବ ସହିତ ଚଳାଇଦେବାକୁହିଁ ତପସ୍ୟା ବୋଲି ବୁଝାଯାଉଥିଲା ।

'oaob.nitrkl.ac.in' images reprocessed

ଉପରିସ୍ତରସ୍ଥ ମନୋଗତ ସତ୍ତାଟି ଆଦୌ କୌଣସି ଖବର ରଖିପାରୁ ନାହିଁ, କିମ୍ବା ତା' ଲାଗି ସେସବୁ ଅବଚେତନ ଅଥବା ଅନ୍ତଚେତନ ହୋଇ ରହିଛି । ଏବଂ ଏହି ବିଭାଜନଟିରୁ ମଧ୍ୟ ବ୍ୟାବହାରିକ କ୍ଷେତ୍ରରେ ଅନେକ ମହତ୍ତ୍ୱପୂର୍ଣ୍ଣ ପରିଣାମ ଆସି ଦେଖାଦେଉଛି । ମାତ୍ର ସଚ୍ଚିଦାନନ୍ଦ ମଧ୍ୟରେ ଏହି ବିଭାଜନ ତଥା ତଜ୍ଜନିତ ପରିମାଣଗୁଡ଼ିକ ଲାଗି ଆଦୌ କୌଣସି ସ୍ଥାନ ନାହିଁ । କାରଣ ଏଠାରେ ସବୁକିଛି ତାହାର ଅବିଭାଜ୍ୟ ଆତ୍ମାଟି ମଧ୍ୟରେ ସମାହିତ ହୋଇ ରହିଛି, ସକଳ କ୍ରିୟା ଓ ସକଳ ପରିଣାମ କେବଳ ତାହାର ଅବିଭାଜ୍ୟ ଇଚ୍ଛା ଅର୍ଥାତ୍ ଗତିଶୀଳ କ୍ରିୟାତ୍ମକତାର ରୂପ ଧାରଣ କରିଥିବା ତାହାର ଚେତନାଶକ୍ତି ଦ୍ୱାରାହିଁ ସଂଘଟିତ ହେବାରେ ଲାଗିଛି । ଆମ ତପ ପରି ସଚ୍ଚିଦାନନ୍ଦର ତପକୁ ମଧ୍ୟ ତାହାର ଚେତନାଗତ କ୍ରିୟାର ସ୍ୱଭାବ ବୋଲି ବୁଝାଯାଇ ପାରିବ, ମାତ୍ର ଏହା ହେଉଛି ସମଗ୍ର ଚେତନାର ଏକ ସମଗ୍ର ତପଃ ଓ ଏକ ଅବିଭାଜ୍ୟ ପରମ ଅସ୍ତିତ୍ୱର ଭୂମିରେ ଏହି ତପସ୍ୟା ସଂଘଟିତ ହେଉଛି ।

ମାତ୍ର ଏଠାରେ ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଉଠିପାରେ : ପରମ ଅସ୍ତିତ୍ୱ ତଥା ପ୍ରକୃତି ମଧ୍ୟରେ ଗୋଟିଏ ଦିଗରେ ଏକ ନିଷ୍କ୍ରିୟତା ରହିଛି ଓ ଅନ୍ୟଦିଗରେ ଏକ କ୍ରିୟାତ୍ମକତା ମଧ୍ୟ ରହିଛି; ଗୋଟିଏ ପାଖରେ ଏକ ଅବିଚଳ ପରମ ସ୍ଥିତି ଓ ଅନ୍ୟପାଖରେ ଏକ ଚଳମାନତା ରହିଛି; ତେବେ ସେହି କ୍ଷେତ୍ରରେ ଯେଉଁଠି ଶକ୍ତିର କୌଣସି ଗତିସ୍ପନ୍ଦନ ନାହିଁ ଓ ଯେଉଁଠି ସବୁ କେବଳ ନିଶ୍ଚଳ ହୋଇ ରହିଛି, ସେଠାରେ ଏହି ଶକ୍ତି, ଏହି ସାମର୍ଥ୍ୟ ଓ ଏହି କେନ୍ଦ୍ରୀଭୂତ ହେବାର ପ୍ରକୃତିରେ କିଭଳି ସ୍ଥାନ ରହିଛି ବା ଏହା ସେଠାରେ କିପରି ଏକ ଭୂମିକାରେ ଅବତୀର୍ଣ୍ଣ ହେଉଛି ? ଆମ ଆପଣା ଭିତରେ ଆମେ ଆମର ତପଃ ବା ଚେତନ ଶକ୍ତିକୁ ବହୁ ଅଭ୍ୟସ୍ତ ଭାବରେ କ୍ରିୟାଶୀଳ ଚେତନା ସହିତ, ଭିତରର ବା ବାହାରର ଗତି ଓ କ୍ରିୟା ମଧ୍ୟରେ ରହିଥିବା ଶକ୍ତିଶାଳିତା ସହିତ ଏକତ୍ର ଯୁକ୍ତ କରି ଦେଖିଆଉ । ଆମ ଭିତରେ ଯାହାସବୁ ନିଷ୍କ୍ରିୟ ହୋଇ ରହିଛି, ସେଥିରୁ କୌଣସି କ୍ରିୟା ଉତ୍ପନ୍ନ ହୁଏ ନାହିଁ, ଅଥବା କେବଳ ଏକ ଅସ୍ୱେଚ୍ଛାକୃତ ବା ଯାନ୍ତ୍ରିକ କ୍ରିୟାହିଁ ଉତ୍ପନ୍ନ ହୋଇଥାଏ; ଏବଂ ଏହାକୁ ଆମେ ଆମର ଇଚ୍ଛାଶକ୍ତି କିମ୍ବା ଚେତନ ଶକ୍ତି ସହିତ ଯୁକ୍ତ କରି ଦେଖିପାରୁ ନାହିଁ । ମାତ୍ର ସେଠାରେ ମଧ୍ୟ କ୍ରିୟାର ସମ୍ଭାବନା ମହଜୁଦ ରହିଥାଏ, ଅଥବା ଏକ ସ୍ୱତଃସ୍ଫୂର୍ତ୍ତ କ୍ରିୟାର ଉଦ୍ଭବ ହେବାର ପୂର୍ଣ୍ଣ ସମ୍ଭାବନା ଥାଏ; ତେଣୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ସେଠାରେ ମଧ୍ୟ ଅନ୍ତତଃ ନିଷ୍କ୍ରିୟ ଭାବରେ ଆପଣାର ପ୍ରତିକ୍ରିୟା ଜଣାଉଥିବା ଅଥବା ସ୍ୱୟଂକ୍ରିୟ ଭାବରେ କାର୍ଯ୍ୟ କରୁଥିବା ଏକ ଚେତନ ଶକ୍ତି ନିଶ୍ଚୟ ରହିଛି । ଅଥବା ସେଠାରେ ପ୍ରଚ୍ଛନ୍ନ ଭାବରେ ଭାବାତ୍ମକ ବା ଅଭାବାତ୍ମକ ଏବଂ ବିପରୀତମୁଖୀ ତପଃଶକ୍ତି ନିଶ୍ଚୟ କାର୍ଯ୍ୟ କରୁଛି । ପୁଣି ଏକଥା ମଧ୍ୟ

'oaob.nitrkl.ac.in' images reprocessed

ସମ୍ଭବ ହୋଇପାରେ ଯେ ଆମର ସତ୍ତା ଭିତରେ ଏକ ବୃହତ୍ତର ଚେତନ ଶକ୍ତି, ସାମର୍ଥ୍ୟ ବା ଇଚ୍ଛା ସର୍ବଦା କ୍ରିୟାଶୀଳ ହୋଇ ରହିଛି । ସେଇଟି ବିଷୟରେ ଆମର କୌଣସି ଜ୍ଞାନ ନାହିଁ, ମାତ୍ର ତାହା ଏହି ଅସ୍ୱେଚ୍ଛାକୃତ କାର୍ଯ୍ୟଟି ପଛରେ ଗୁପ୍ତ ହୋଇ ରହିଛି । କିମ୍ବା, ଏକ ଇଚ୍ଛା ନହେଲେ ମଧ୍ୟ, ଅନ୍ତତଃ ଗୋଟାଏ ପ୍ରକାରର ଶକ୍ତିରୂପେ ତାହା ସକଳ କାର୍ଯ୍ୟର ଆରମ୍ଭରେ ବିଦ୍ୟମାନ ରହିଛି, ଅଥବା ବିଶ୍ୱବ୍ୟାପ୍ତ ଶକ୍ତିମୟତାରୁ ଆସୁଥିବା ସକଳ ସ୍ପର୍ଶ, ସଙ୍କେତ ଓ ଉତ୍ପ୍ରେରଣାକୁ ଆପଣାର ପ୍ରତ୍ୟୁତ୍ତର ଜଣାଉଛି । ପ୍ରକୃତିର କ୍ଷେତ୍ରରେ ମଧ୍ୟ ଏଭଳି ସ୍ଥିର, ଜୀବନହୀନ ବା ନିଷ୍କ୍ରିୟ ବସ୍ତୁସବୁ ରହିଥିବାର ଆମକୁ ଜଣାଅଛି, ଯାହାକି ଏକ ଗୋପନ ଶକ୍ତିର ଅବିରାମ ଗତି ଓ ସ୍ପନ୍ଦନଦ୍ୱାରା ସେହି ଅବସ୍ଥାରେ ରହିବାର ଶକ୍ତି ଲାଭ କରୁଛନ୍ତି; ଏକ ଶକ୍ତିର ସକ୍ରିୟତାହିଁ ସେମାନଙ୍କର ଏହି ଆପାତନିଷ୍କ୍ରିୟତାକୁ ବଜାୟ ରଖିଛି । ଏଠାରେ ମଧ୍ୟ ଶକ୍ତି ବିଦ୍ୟମାନ ରହିଥିବା ହେତୁହିଁ ସବୁ ସମ୍ଭବ ହେଉଛି, କେନ୍ଦ୍ରୀଭୂତ ହୋଇଥିବା ଏହାର ଶକ୍ତିର କ୍ରିୟା ଅର୍ଥାତ୍ ତପଃଦ୍ୱାରାହିଁ ସମ୍ଭବ ହେଉଛି । ମାତ୍ର ଏହାର ସୀମା ସେପାଖରେ, ସ୍ଥିତିଶୀଳତା ଓ ଗତିସମ୍ପନ୍ନତାର ଏହି ଆପେକ୍ଷିକ କ୍ଷେତ୍ରଟିକୁ ଅତିକ୍ରମ କରିପାରିଲେ ଆମେ ଦେଖିପାରୁଛୁ ଯେ ଆମକୁ ଯାହା ଆମ ଚେତନାର ଏକାନ୍ତ ନିଷ୍କ୍ରିୟତା ଓ ନିଶ୍ଚଳତା ବୋଲି ମନେହେଉଛି ଏବଂ ଯେଉଁ ସ୍ଥିତିରେ ଆମେ ଯାବତୀୟ ମନୋଗତ ଓ ଦୈହିକ କ୍ରିୟାଶୀଳତାରୁ ନିବୃତ୍ତ ହୋଇ ରହୁଛୁ, ସେଠାରେ ମଧ୍ୟ ପହଞ୍ଚି ପାରିବାଲାଗି ଆମ ଭିତରେ ଆବଶ୍ୟକ ଶକ୍ତି ରହିଛି । ଅର୍ଥାତ୍ ଏହି କ୍ଷେତ୍ରରେ ଏକ କ୍ରିୟାଶୀଳ ଚେତନା ହିଁ କାର୍ଯ୍ୟ କରୁଥିବା ପରି ମନେହେଉଛି, ଯେଉଁଥିରେ କି ଚେତନା ଏକ ଶକ୍ତିପରି କାର୍ଯ୍ୟ କରୁଛି, ଆପଣା ଭିତରୁ ଜ୍ଞାନ ଓ କ୍ରିୟାଶୀଳତାକୁ ନିକ୍ଷିପ୍ତ କରିବାରେ ଲାଗିଛି । ତେଣୁ ଆମେ ତପଃକୁହିଁ ସେହି ଶକ୍ତିର ସ୍ୱତ୍ୱଲକ୍ଷଣ ବୋଲି କହିପାରିବା । ଏବଂ ଅପର ପକ୍ଷରେ ଏକ କ୍ରିୟାରହିତ ଚେତନା ମଧ୍ୟ ରହିଛି, ଯେଉଁଥିରେ କି ଚେତନା ଏକ ଶକ୍ତିପରି କାର୍ଯ୍ୟ କରୁ ନାହିଁ, ମାତ୍ର କେବଳ ଏକ ଅବସ୍ଥାରୂପେ ବିଦ୍ୟମାନ ରହିଛି, ଏବଂ ତେଣୁ କ୍ରିୟାଶୀଳ ତପଃ ବା ଶକ୍ତିର ଅନୁପସ୍ଥିତିକୁହିଁ ଆମେ ତାହାର ସ୍ୱତ୍ୱଲକ୍ଷଣ ବୋଲି କହିପାରିବା । ମାତ୍ର ଏହି ସ୍ଥିତିରେ ଯେ ତପଃ ଆମକୁ ଅନୁପସ୍ଥିତ ରହିଥିବା ପରି ବୋଧ ହେଉଛି, ତାହାକୁ ପ୍ରକୃତରେ ଏକ ଅନୁପସ୍ଥିତି ବୋଲି ବୁଝାଯାଇ ପାରିବ କି ? ଅର୍ଥାତ୍ ସଚ୍ଚିଦାନନ୍ଦ ମଧ୍ୟରେ ପ୍ରକୃତରେ ଏପରି ଏକ ଭେଦ କାର୍ଯ୍ୟକାରୀ ହେଉଛି କି ? ଏହାର ଉତ୍ତର ଦେଇ କେହିକେହି 'ହେଉଛି' ବୋଲି କହିଆନ୍ତି । ଆପଣାର ଏକ ବିଶିଷ୍ଟ ଦୃଷ୍ଟିରୂପେ ଭାରତୀୟ ଦର୍ଶନ ବ୍ରହ୍ମର ଦ୍ୱିବିଧ ସ୍ଥିତିର କଳ୍ପନା କରିଛି । ଗୋଟିକୁ ନିଶ୍ଚଳସ୍ଥିତି ଓ ଅନ୍ୟଟିକୁ ସୃଜନୋନ୍ମୁଖ ସ୍ଥିତି ବୋଲି କହୁଛି । ତାହାଛଡ଼ା ଆଧ୍ୟାତ୍ମିକ ଅନୁଭବ ମଧ୍ୟ ଏହି ସତ୍ୟଟିର ପ୍ରତିପାଦନ କରିଦେଉଛି ।

'oaob.nitrkl.ac.in' images reprocessed

ଏଠାରେ କେତୋଟି କଥା କହିରଖିବା ଉଚିତ । ପ୍ରଥମତଃ, ଆମ ଭିତରେ ରହିଥିବା ଏହି କ୍ରିୟାରହିତ ଓ ନିଷ୍କ୍ରିୟ ସ୍ଥିତିଟିର ବଳରେ ଆମେ ସଂକୀର୍ଣ୍ଣ ଓ ଖଣ୍ଡିତ ଜ୍ଞାନର କ୍ଷୁଦ୍ରାୟତନ ଅତିକ୍ରମ କରି ଏକ ଏକତ୍ୱବୋଧକ ବୃହତ୍ତର ଓ ଅଖଣ୍ଡ ଜ୍ଞାନରେ ଯାଇ ପହଞ୍ଚିବାକୁ ସମର୍ଥ ହୋଇଥାଉ । ଦ୍ୱିତୀୟତଃ, ଏହି ନିଷ୍କ୍ରିୟ ସ୍ଥିତିରେ ଯଦି ଆମେ ଆପଣାକୁ ଆମର ସୀମାଗତ ହୋଇ ଅବସ୍ଥିତ ରହିଥିବା ସମ୍ପଦଗୁଡ଼ିକ ଆଡ଼କୁ ଉନ୍ମୋଚିତ କରି ଦେଇପାରୁ, ଆମେ ଆମରି ଭୂମି ଉପରେ ଏକ ବୃହତ୍ ଶକ୍ତି କାର୍ଯ୍ୟ କରୁଛି ବୋଲି ସ୍ପଷ୍ଟ ଅନୁଭବ କରିଥାଉ । ଅତିସୀମାବଦ୍ଧ ଓ ଅହଂକେନ୍ଦ୍ରିତ ବୋଧ ଭିତରେ ବିଚରଣ କରୁଥିବା ଏହି ଶକ୍ତିଟିକୁ ଆମେ ନିଜର ବୋଲି ଆଦୌ ଅନୁଭବ କରିପାରୁ ନାହିଁ, ସେଇଟିକୁ ଏକ ବିଶ୍ୱଶକ୍ତି ଅଥବା ବିଶ୍ୱାତୀତ ଶକ୍ତି ବୋଲି କହିଥାଉ । ଏହା ବ୍ୟତୀତ ଆମେ ଏକଥା ମଧ୍ୟ ଅନୁଭବ କରୁ ଯେ ସେହି ଶକ୍ତି ଏକ ବୃହତ୍ତର ଜ୍ଞାନ, ବୃହତ୍ତର ସାମର୍ଥ୍ୟ, କର୍ମ ଓ ସିଦ୍ଧିର ଚରିତାର୍ଥତାକୁ ସମ୍ଭବ କରିବାଲାଗି ଆମରି ମଧ୍ୟଦେଇ କାର୍ଯ୍ୟ କରୁଛି । ସେହି ଶକ୍ତିଟି ଯେ ଆମର ନିଜ ଶକ୍ତି ନୁହେଁ, ସେ କଥାଟି ଆମେ ବେଶ୍ ବୁଝିଥାଉ; ଆମେ ତାହାକୁ ଏକ ଦିବ୍ୟଶକ୍ତି ବୋଲି ବୁଝିଥାଉ, ସଚ୍ଚିଦାନନ୍ଦ-ଶକ୍ତି ବୋଲି ବୁଝିଥାଉ ଏବଂ ଆପଣାକୁ ତାହାର କେବଳ ଏକ କ୍ଷେତ୍ର ଓ ମାଧ୍ୟମ ବୋଲି ବୁଝିଥାଉ । ଏହି ଦୁଇଟିଯାକ କ୍ଷେତ୍ରରେହିଁ ଫଳଲାଭ ସମ୍ଭବ ହୋଇଥାଏ, କାରଣ ଏଠାକୁ ଆସି ଆମର ବ୍ୟକ୍ତଚେତନା ଆପଣାର ସୀମିତ ଓ ଅବିଦ୍ୟାଚ୍ଛନ୍ନ କ୍ରିୟାରୁ ବିରତ ହୋଇ ରହେ ଏବଂ ସେହି ପରମ ସ୍ଥିତି ଓ ପରମ କ୍ରିୟାଟି ଲାଗି ଆପଣାକୁ ଉନ୍ମୋଚିତ କରିଦିଏ । ଦ୍ୱିତୀୟ କ୍ଷେତ୍ରଟିରେ, ଅର୍ଥାତ୍ ପରମ ସ୍ଥିତି ଆଡ଼କୁ ଆପଣାକୁ ଅଧିକ ଗତିଶୀଳଭାବରେ ଉନ୍ମୋଚିତ କରିଦେଇ ପାରିଲେ ଯେଉଁ ଶକ୍ତି ଅବତୀର୍ଣ୍ଣ ହୋଇଆସେ ଓ ଯେଉଁ ଜ୍ଞାନ ଓ କ୍ରିୟାର ବିଚରଣା ଆରମ୍ଭ ହୁଏ, ତାହାକୁହିଁ ଆମେ ତପଃ ବୋଲି କହିବା । ମାତ୍ର ପୂର୍ବ ସ୍ଥିତିଟିରେ ଅର୍ଥାତ୍ ଗତିରହିତ ଚେତନାର ଅବସ୍ଥାଟିରେ ମଧ୍ୟ ଏକ ଜ୍ଞାନମୟୀ ଶକ୍ତି ସୁସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୋଇଥାଏ । ସେଠାରେ ମଧ୍ୟ ଜ୍ଞାନର ଅଭିନିବେଶ ଘଟିଥାଏ, ଅଥବା ଅନ୍ତତଃ ଆମର ଚେତନା ସେହି କ୍ରିୟାରହିତତା ଓ ଆତ୍ମ-ଉପଲବ୍ଧିରେ ଆସି ସମାହିତ ହୋଇଯାଏ । ଏହାକୁ ମଧ୍ୟ ଆମେ ତପଃ ବୋଲି କହିବା । ତେଣୁ ଏଥିରୁ ନିଶ୍ଚୟ ମନେହେବ ଯେ ତପଃ ଅର୍ଥାତ୍ ଚେତନାଶକ୍ତିର ଅଭିନିବେଶ ହେଉଛି ବ୍ରହ୍ମଚେତନାର ସକ୍ରିୟ ଓ ନିଷ୍କ୍ରିୟ ଉଭୟ ସ୍ଥିତିର ଲକ୍ଷଣ, ଏବଂ ଆମର ପ୍ରକୃତିଗତ ନିଷ୍କ୍ରିୟସ୍ଥିତିଟିରେ ମଧ୍ୟ ଏକ ଅଦୃଶ୍ୟ ଆଧାରଶକ୍ତି ଓ ସାଧନରୂପେ ତପଃଶକ୍ତିର ଏକ ଅଧିଷ୍ଠାନ ଅବଶ୍ୟ ରହିଛି । ଚିତ୍‌ଶକ୍ତିର ଏହି ଅଭିନିବେଶଟି ଯେତେବେଳଯାଏ ବର୍ତ୍ତମାନ ରହିଥାଏ, ସେତେବେଳଯାଏ ତାହା ସକଳ ସୃଷ୍ଟି, ସକଳ କ୍ରିୟା ଓ ସକଳ ଗତିଶୀଳତାକୁ ଧାରଣ କରି ରଖିଥାଏ । ପୁଣି

ଚିତ୍‌ଶକ୍ତିର ସେହିପରି ଗୋଟିଏ ଅଭିନିବେଶ ମଧ୍ୟ ଅନ୍ତର୍ଗତ ଭାବରେ ସକଳ ସ୍ଥିତିକୁ ଧାରଣ କରି ରଖିଛି ବା ତାହାକୁ ପ୍ରେରିତ କରି ରଖିଛି, ଏସବୁର ସବୁଠାରୁ ଅଧିକ ନିଶ୍ଚଳ କ୍ରିୟାରହିତତା, ଏକ ଅନନ୍ତ ନିସ୍ତବ୍ଧତା ବା ଏକ ଶାଶ୍ୱତ ନିଃଶବ୍ଦତାଟିକୁ ମଧ୍ୟ ସେଇ ଧାରଣ କରି ରଖିଛି ।

ତଥାପି କେହି ଆପତ୍ତି କରି ହୁଏତ କହିପାରିବେ ଯେ ଆଖିର ଏହି ଦୁଇଟି ହେଉଛନ୍ତି ଭିନ୍ନ ଭିନ୍ନ ବସ୍ତୁ । ସେଗୁଡ଼ିକରୁ ଉପୁଜୁଥିବା ପରସ୍ପରର ବିପରୀତ ପରିଣାମଗୁଡ଼ିକରୁହିଁ ସେଗୁଡ଼ିକ ପରସ୍ପରଠାରୁ ଭିନ୍ନ ବୋଲି ପ୍ରମାଣିତ ହୋଇଯାଉଛି । କାରଣ ଯେତେବେଳେ ଆମେ ଆପଣାକୁ କ୍ରିୟାରହିତ ବ୍ରହ୍ମ ଉପରେ ଅଭିନିବିଷ୍ଟ କରି ରଖୁଛୁ, ସେତେବେଳେ ଆମର ଏହି ସତ୍ତାଟିହିଁ ବିଲୁପ୍ତ ହୋଇଯାଉଛି; ପୁଣି କ୍ରିୟାଶୀଳ ବ୍ରହ୍ମରେ ଅଭିନିବିଷ୍ଟ ହୋଇ ରହିଥିବା ସମୟରେ ଆମର ସତ୍ତାଟି ମଧ୍ୟ ଅବିଚ୍ଛିନ୍ନ ହୋଇ ଲାଗି ରହିଥାଏ । ମାତ୍ର ଏଠାରେ ମଧ୍ୟ ଗୋଟିଏ କଥା କହିରଖିବା ଉଚିତ ଯେ ଯେତେବେଳେ ବ୍ୟକ୍ତି-ଆତ୍ମା ଆପଣାର ଗୋଟିଏ ସ୍ଥିତିରୁ ଆଉଗୋଟିଏ ସ୍ଥିତିକୁ ଗତି କରୁଥାଏ, ଏହି ବିଶ୍ୱଜଗତ ମଧ୍ୟରେ ବ୍ରହ୍ମଚେତନାର ଯେଉଁ ସ୍ଥିତିରେ ବିଶ୍ୱକ୍ରିୟା ତପଃଶକ୍ତିକୁ ଅବଲମ୍ବନ କରି ଚାଲିଥାଏ, ସେହି ସ୍ଥିତିରୁ ବ୍ୟକ୍ତିଚେତନା ଆଗରେ ଯେଉଁଠି ଏହି ଶକ୍ତି ବିଶ୍ୱକ୍ରିୟାକୁ ପ୍ରତ୍ୟାହୃତ କରି ରଖିବାର ସାମର୍ଥ୍ୟରୂପେ ଦେଖାଦିଏ, ବ୍ରହ୍ମଚେତନାର ସେହି ବିଶ୍ରାନ୍ତ ସ୍ଥିତିରେ ପହଞ୍ଚିବାର ବା ତାହାର ଅଭିମୁଖରେ ଅଗ୍ରସର ହେବା ସମୟରେହିଁ ଏହି ପାର୍ଥକ୍ୟଟି ଆସି ଉପସ୍ଥିତ ହୋଇଥାଏ । ପୁନଶ୍ଚ, ତପଃଶକ୍ତି ଦ୍ୱାରା ଏକ ଦିଗରେ ଯେପରି ବିଶ୍ୱକ୍ରିୟାର ସତ୍ତାଶକ୍ତି ନିଯୁକ୍ତ ଓ ପରିଚାଳିତ ହୋଇଥାଏ, ଠିକ୍ ସେହିପରି ଅନ୍ୟଦିଗରେ ମଧ୍ୟ ସେହି ତପଃଶକ୍ତି ଦ୍ୱାରା ସେହି ସତ୍ତାଶକ୍ତି ପ୍ରତ୍ୟାହୃତ ବି ହୋଇଥାଏ । ବ୍ରହ୍ମର କ୍ରିୟାରହିତ ଚେତନା ଓ ବ୍ରହ୍ମର କ୍ରିୟାଶୀଳ ଚେତନା,— ଏଗୁଡ଼ିକ ଦୁଇଟି ଭିନ୍ନଭିନ୍ନ ବସ୍ତୁ ନୁହନ୍ତି, ଏଗୁଡ଼ିକ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ନାହିଁ ବା ବିରୋଧିତା ନାହିଁ । ସେମାନେ ଦୁଇଟିଯାକ ସେହି ଗୋଟିଏ ଚେତନା, ସେହି ଗୋଟିଏ ଶକ୍ତି । ଗୋଟିଏ ପ୍ରାନ୍ତରେ ତାହା ଆତ୍ମସଂହରଣର ଏକ ସ୍ଥିତିରେ ରହିଛି, ଓ ଅନ୍ୟପ୍ରାନ୍ତରେ ଆତ୍ମଦାନ ଓ ଆତ୍ମନିୟୋଜନର ଏକ ଗତିଶୀଳତାରୂପେ ପ୍ରକାଶିତ ହେଉଛି । ଯେକୌଣସି ଜଳଭଣ୍ଡାର ଯେପରି ସ୍ଥିର ଓ ନିଶ୍ଚଳ ହୋଇ ରହିଥାଏ ଏବଂ ସେଥିରୁ ନାନାମୁଖରେ ପ୍ରବାହିତ ହେଉଥିବା ଜଳପଥଗୁଡ଼ିକ ଯେପରି ସ୍ରୋତଚଞ୍ଚଳ ହୋଇ ରହିଥା'ନ୍ତି, ଠିକ୍ ସେହିପରି । ବସ୍ତୁତଃ ଯାବତୀୟ କ୍ରିୟାଶୀଳତା ପଛରେ ଏକ କ୍ରିୟାରହିତ ସତ୍ତାଶକ୍ତି ଅବଶ୍ୟ ନିହିତ ହୋଇ ରହିଛି, ଯେଉଁଥିରୁ କି ତାହା ଜନ୍ମଲାଭ କରିଛି, ଯାହାକୁ ଆଶ୍ରୟ କରି ରହିଛି; ଏବଂ ଶେଷକୁ ଆମେ ଏପରି ବି ଦେଖୁଛୁ ଯେ ତାହା ସହିତ ସମ୍ପୂର୍ଣ୍ଣଭାବେ ଏକରୂପ ନହୋଇ ମଧ୍ୟ ସେହି କ୍ରିୟାରହିତ ସତ୍ତାଶକ୍ତି ପଛରେ ଥାଇ

'oaob.nitrkl.ac.in' images reprocessed

ସକଳ କ୍ରିୟାଶୀଳତାକୁ ନିୟନ୍ତ୍ରିତ କରିବାରେ ଲାଗିଛି । ଅନ୍ତତଃ ପକ୍ଷେ ଏହି ଅର୍ଥରେ ତାହା ବୁଝାଯାଇ ପାରିବ ଯେ କ୍ରିୟାରହିତ ସତ୍ତ୍ୱଶକ୍ତି ଆପଣାକୁ କ୍ରିୟାଶୀଳତା ମଧ୍ୟରେ ଏକାବେଳକେ ନେଇ ଅଜାଡ଼ି ଦେଉ ନାହିଁ ଓ ତା' ସହିତ ଏକାବେଳକେ ଏକରୂପ ହୋଇଯାଉ ନାହିଁ । ଆପଣାକୁ ନିଃଶେଷ କରି ଦେଉଥିବା ଏହି ଏକରୂପତା ଆଦୌ ସମ୍ଭବ ନୁହେଁ । କାରଣ କୌଣସି କ୍ରିୟା ଯେତେ ବିପୁଳ ଓ ବ୍ୟାପକ ହୋଇଥାଉ ନା କାହିଁକି, ତାହା ଆପେ ଉଦ୍‌ଗତ ହୋଇ ଆସିଥିବା ମୂଳଶକ୍ତିଟିକୁ କଦାପି ନିଃଶେଷ କରିଦେଇ ପାରିବ ନାହିଁ, ଆପଣାର ଭଣ୍ଡାରରେ ସେ ତଥାପି କିଛି ନା କିଛି ଅବଶ୍ୟ ସାଇତି ରଖିଥିବ । ଆପଣାର ଚେତନସତ୍ତା ମଧ୍ୟକୁ ଫେରିଗଲେ ଓ ଆପଣାର ଯାବତୀୟ କର୍ମରୁ ଅପସରି ଯାଇ ସେହି କର୍ମଟି ଉପରି କରାଯାଉଛି, ସେକଥା ଦେଖିବାକୁ ଚେଷ୍ଟା କଲେ ଆମେ ନିଶ୍ଚୟ ଆବିଷ୍କାର କରିପାରିବା ଯେ ଆମର ଯେକୌଣସି ଗୋଟିଏ କର୍ମ ଓ କର୍ମସମଷ୍ଟିର ପଛରେ ଆମର ସମୁଦାୟ ସତ୍ତାଟିହିଁ ଠିଆହୋଇ ରହିଛି; ଆପଣା ସମଗ୍ରତାର ଅବଶିଷ୍ଟ ଭାଗଟିରେ କ୍ରିୟାରହିତ ହୋଇ ରହୁଛି ଏବଂ ଆପଣା ଶକ୍ତିନିୟୋଜନର ସୀମାବଦ୍ଧ କ୍ଷେତ୍ରଟିରେ କ୍ରିୟାଶୀଳ ହୋଇ ରହୁଛି । ମାତ୍ର ସେହି କ୍ରିୟାରହିତତାକୁ କଦାପି ଏକ ସାମର୍ଥ୍ୟହୀନ ଜଡ଼ତା ବୋଲି ବୁଝାଯାଇ ପାରିବ ନାହିଁ । ଏହାକୁ ଆମେ ଆତ୍ମସଂହୃତ ଶକ୍ତିମତ୍ତାର ଏକ ଅବସ୍ଥାରୂପେ କଳ୍ପନା କରିପାରିବା । ପରମ ଅନନ୍ତଙ୍କର ଚେତନସତ୍ତାର କ୍ଷେତ୍ରରେ ଠିକ୍ ଏହିପରି ଏକ ସତ୍ୟ ଆହୁରି ଅଧିକ ପରିପୂର୍ଣ୍ଣ ଭାବରେ ପ୍ରଯୁଜ୍ୟ ହୋଇପାରିବ, କାରଣ ପରମସ୍ଥିତିର ନୈଶ୍ଚଲ୍ୟ ତଥା ସୃଜନରତତା ଉଭୟ ଅବସ୍ଥାରେହିଁ ତାଙ୍କର ଶକ୍ତି ମଧ୍ୟ ଅବଶ୍ୟ ଅନନ୍ତହିଁ ହୋଇ ରହିଥିବ ।

ଯେଉଁ କ୍ରିୟାରହିତତାରୁ ସବୁକିଛିର ଉଦ୍‌ଭବ ହୋଇଛି, ତାହାକୁ ପ୍ରକୃତରେ ଏକ ପରମ କ୍ରିୟାରହିତତା ବୋଲି ବୁଝାଯିବ, ଅଥବା ଯେଉଁ ଦୃଶ୍ୟମାନ କ୍ରିୟାଟିରୁ ତାହା ଆପଣାକୁ ଅପସରାଇ ଆଣି ଅବସ୍ଥିତ ରହୁଛି, କେବଳ ତାହାରି ଦେଖିବାକୁ ତାହା ଆପେକ୍ଷିକ ଦେଖାଯାଉଛି ବୋଲି ଭାବିବାକୁ ହେବ, ବର୍ତ୍ତମାନ ସେହି ପ୍ରଶ୍ନଟିକୁ ଆଲୋଚନା କରିବାର କୌଣସି ପ୍ରୟୋଜନ ନାହିଁ । ବର୍ତ୍ତମାନ ପାଇଁ ଏତିକି ସ୍ମରଣ ରଖିଲେ ଯଥେଷ୍ଟ ହେବ ଯେ, ଆମେ ଆମ ମନର ସୁବିଧା ସକାଶେ ଏହି କ୍ଷେତ୍ରରେ ଏକ ଭେଦର ଅବତାରଣା କରୁଛୁ ସତ, ମାତ୍ର ଯଥାର୍ଥତଃ କ୍ରିୟାରହିତ ଓ କ୍ରିୟାଶୀଳ ଏଭଳି ଦୁଇଟି ବ୍ରହ୍ମ ଆଦୌ ନାହାନ୍ତି । କେବଳ ଗୋଟିଏ ବ୍ରହ୍ମହିଁ ରହିଛି, କେବଳ ଏକ ଅଖଣ୍ଡ ଓ ଅଦ୍ୱିତୀୟ ପରମସତ୍ତା ବିଦ୍ୟମାନ ରହିଛି, ଯିଏକି ଆମେ ଯାହାକୁ ଏହାର କ୍ରିୟାରହିତତା ବୋଲି କହୁଛୁ, ତାହାରି ମଧ୍ୟରେ ଆପଣାର ତପଃଶକ୍ତିକୁ ସଂହୃତ କରି ରଖିଛି, ଏବଂ ଆମେ ଯାହାକୁ ଏହାର କ୍ରିୟାଶୀଳତା ବୋଲି

କରୁଛି, ତାହାର ଭିତରେ ଆପଣାକୁ ନେଇ ଅଜାଡ଼ି ଦେଉଛି । କ୍ରିୟାସାଧନର ଆବଶ୍ୟକତା ଦୃଷ୍ଟିରୁ ଏହି କ୍ଷେତ୍ରରେ ସେହି ଗୋଟିଏ ସତ୍ତାର ଦୁଇଟି ପ୍ରାନ୍ତବିନ୍ଦୁ ରହିଛି, ଅଥବା ସୃଷ୍ଟିଲାଗି ଆବଶ୍ୟକ ହେଉଥିବାରୁ ଏଠାରେ ଏକ ଦ୍ୱିବିଧତାବିଶିଷ୍ଟ ଶକ୍ତି କାର୍ଯ୍ୟ କରୁଛି । ଏହି କ୍ରିୟା ଆପଣାର କାର୍ଯ୍ୟ କରିବାକୁ ସେହି ସଞ୍ଚିତ ଭଣ୍ଡାରଟି ଭିତରୁ ବାହାରି ଯାଉଛି ଏବଂ ପୁଣି ସେହି ଭଣ୍ଡାରଟି ଭିତରକୁ ଫେରି ଆସୁଛି । ଅନୁମାନ କରାଯାଇପାରେ ଯେ ଏହାଦ୍ୱାରା ଯେଉଁ ଶକ୍ତିର ସ୍ଫୁରଣ ହୋଇଥିଲା, କାର୍ଯ୍ୟ କରିବାଲାଗି ତାହା ପୁଣିଥରେ ବାହାରକୁ ବାହାରି ଯାଉଛି । ବ୍ରହ୍ମର କ୍ରିୟାରହିତ ସ୍ଥିତିରେ ବ୍ରହ୍ମଗତ ତପଃଶକ୍ତି ଅଥବା ବ୍ରହ୍ମସତ୍ତାର ଅଭିନିବିଷ୍ଟତା ଆପଣା ନିଶ୍ଚଳ ବୀର୍ଯ୍ୟର ଏକ ଆତ୍ମସମ୍ବୃତ ଅଭିନିବେଶରେ ଆପଣା ଉପରେହିଁ ଅଧିଷ୍ଠିତ ହୋଇ ରହିଛି; ଏବଂ କ୍ରିୟାଶୀଳ ସ୍ଥିତିଟିରେ ସେହି ତପଃଶକ୍ତି ଯାହା ଏପର୍ଯ୍ୟନ୍ତ ତାହାର ତାପନଭଣ୍ଡାରରେ ସଞ୍ଚିତ ହୋଇ ରହିଥିଲା, ତାହାକୁ ସଚଳ ରୂପରେ ବାହାରକୁ ବାହାର କରି ଦେଉଛି, କ୍ରିୟାର କୋଟିତରଙ୍ଗରୂପେ ଗତି କରୁଛି, ଏହିପରି ଗତି କରୁଥିବାବେଳେ ତଥାପି ପ୍ରତ୍ୟେକଟି ତରଙ୍ଗ ଉପରେ ଆପଣାକୁ ଅଧିଷ୍ଠିତ କରି ରଖିପାରୁଛି ଏବଂ ତାହାର ଭିତରେ ସତ୍ତାର ସତ୍ୟ ଓ ସମ୍ଭାବନାଗୁଡ଼ିକୁ ଆଣି ଉନ୍ମୋଚିତ କରିଦେଉଛି । ସେଠାରେ ମଧ୍ୟ ଶକ୍ତିର ଏକ ଅଭିନିବେଶ ଘଟୁଛି; ମାତ୍ର ଏହାକୁ ଆମେ ଏକ ବହିର୍ମୁଖୀ ଅଭିନିବେଶ ବୋଲି କହିପାରିବା । ତାହା ଆମକୁ ସ୍ୱତେଅବା ଏକ ବିକ୍ଷେପଣ ବା ବିସ୍ଫୁରଣ ପରି ବୋଧହେଉଛି । ମାତ୍ର ପ୍ରକୃତରେ ଏଠାରେ କୌଣସି ବିକ୍ଷେପଣ ଘଟୁ-ନାହିଁ, କେବଳ ଏକ ପରିବ୍ୟାପ୍ତିହିଁ ଘଟୁଛି । କୌଣସି ଅବାସ୍ତବ ଓ ବହିଃସ୍ଥ ଶୂନ୍ୟ ଭିତରେ ଆପଣାକୁ ହଜାଇ ଦେବାକୁ ବ୍ରହ୍ମ ଆପଣା ମଧ୍ୟରୁ ଆପଣାର ଶକ୍ତିକୁ ଏହିପରି ଭାବରେ ନିକ୍ଷିପ୍ତ କରି ଦେଇ ନାହିଁ, ମାତ୍ର ତାହାକୁ କେବଳ ଆପଣାର ସତ୍ତା ଭିତରେହିଁ କାର୍ଯ୍ୟକାରୀ କରି ରଖୁଛି, ଏହିସବୁ ଯାବତୀୟ ରୂପାନ୍ତର ଓ ପରିଣତିର ପ୍ରକ୍ରିୟା ଭିତରେ ମଧ୍ୟ ତାହାକୁ କୌଣସି ପ୍ରକାରେ ଖର୍ବ ବା କ୍ଷୀଣ ନକରି ସଂରକ୍ଷିତ କରି ରଖୁଛି । କ୍ରିୟାରହିତତା ହେଉଛି ଶକ୍ତି ବା ତପଃସଂରକ୍ଷଣର ଏକ ମହାନ୍ ଅବସ୍ଥା; ସେଠାରେ ତପଃଶକ୍ତି ବହୁବିଚିତ୍ର ଶକ୍ତିର ପ୍ରବର୍ତ୍ତନ ଲାଗି ଆଧାରରୂପେ କାର୍ଯ୍ୟ କରୁଛି, ତାହାକୁ ବହୁ ରୂପ ଓ ଘଟଣାରେ ରୂପାନ୍ତରିତ କରିବାରେ ଏକ ଆଶ୍ରୟ ହୋଇ ରହିଛି । କ୍ରିୟାଶୀଳ ଅବସ୍ଥାଟିରେ ମଧ୍ୟ ଶକ୍ତି ଓ ତପଃର ସଂରକ୍ଷଣ ପ୍ରକ୍ରିୟାଟି ବଜାୟ ରହିଛି, ମାତ୍ର ଗତି ଓ ନବରୂପାୟନର ମଧ୍ୟଦେଇ ବଜାୟ ରହିଛି । ଆମ ଭିତରେ ଯେପରି ହେଉଛି, ବ୍ରହ୍ମର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହେଉଛି; ଦୁହେଁ ଦୁହିଁଙ୍କର ଆପେକ୍ଷିକ ହୋଇ ରହିଛନ୍ତି, ଯୁଗପତ୍ ଭାବରେ ସହାବସ୍ଥାନ କରୁଛନ୍ତି, ସେହି ଅଖଣ୍ଡ ପରମ ସତ୍ତାଟିର କ୍ରିୟାରେ ଗୋଟିଏ ଗୋଟିଏ ପ୍ରାନ୍ତବିନ୍ଦୁ ହୋଇ ରହିଛନ୍ତି ।

'oaob.nitrkl.ac.in' images reprocessed

ତେବେ ପରମସତ୍ୟ କହିଲେ ଆମେ କେବଳ ସତ୍ତାଗତ ଚଞ୍ଚଳତାର ଏକ ଅନନ୍ତ ନିସ୍ତାରହିତତାକୁ ବୁଝିବା ନାହିଁ କିମ୍ବା କେବଳ ଗତିସ୍ପନ୍ଦିତ ସତ୍ତାର ଏକ ଅନନ୍ତ ନିସ୍ତାମୂଳକତାକୁ ମଧ୍ୟ ବୁଝିବା ନାହିଁ । କିମ୍ବା କାଳର ଭୂମି ଉପରେ ଏହି ଉଭୟ ଭାବର ଏକ ପର୍ଯ୍ୟାୟଗତ ଆବର୍ତ୍ତନକୁ ମଧ୍ୟ ବୁଝିବା ନାହିଁ । ବସ୍ତୁତଃ ଦୁଇଟି ମଧ୍ୟରୁ କେବଳ କୌଣସି ଗୋଟିଏ ବ୍ରହ୍ମସତ୍ତାର ପରମସତ୍ୟଟିର ଆଦୌ ପୂର୍ଣ୍ଣ ପ୍ରତିନିଧିତ୍ୱ କରୁ ନାହିଁ । ସେହି ଦୁଇଟି ମଧ୍ୟରେ ଯଦି କୌଣସି ବିରୋଧ ରହିଛି ବୋଲି ପ୍ରତୀତ ହେଉଥାଏ, ତେବେ କେବଳ ବ୍ରହ୍ମର ଚେତନାଗତ ନିସ୍ପତ୍ତିର ଭୂମି ଉପରେହିଁ ଆମେ ତାହାକୁ ସତ୍ୟ ବୋଲି କହିପାରିବା । ଯେତେବେଳେ ଆମେ ବ୍ରହ୍ମକୁ ଆପଣା ସତ୍ତାର ଚେତନାମୟ ଶକ୍ତିକୁ ବିଶ୍ୱନିସ୍ପାର କ୍ଷେତ୍ର ଉପରେ ପରିବ୍ୟାପ୍ତ କରି ଦେଉଥିବାର କଳ୍ପନା କରିଥାଉ, ସେତେବେଳେ ତାହାକୁ ସଚଳ ଓ ସନିସ୍ତ ବ୍ରହ୍ମ ବୋଲି କହୁ; ଆମେ ଯେତେବେଳେ ତାହାକୁ ଆପଣା ସତ୍ତାର ଚେତନାମୟ ଶକ୍ତିଭଣ୍ଡାରକୁ ଯୁଗପତ୍ ଭାବରେ ନିସ୍ତାର ଭୂମି ଉପରୁ ପ୍ରତ୍ୟାହୃତ କରି ରଖିଥିବାର କଳ୍ପନା କରିଥାଉ, ସେତେବେଳେ ତାହାକୁ ନିଶ୍ଚଳ ଓ ନିସ୍ତାରହିତ ବ୍ରହ୍ମ ବୋଲି କହିଥାଉ । ଗୋଟିକୁ ସଗୁଣ ଓ କ୍ଷର ବୋଲି କହୁ, ଆରଟିକୁ ନିର୍ଗୁଣ ଓ ଅକ୍ଷର ବୋଲି କହୁ । ମାତ୍ର ଅନ୍ୟଥା ଏହି ଶବ୍ଦଗୁଡ଼ିକର ଆଦୌ କୌଣସି ଅର୍ଥ ରହିନ୍ତା ନାହିଁ । କାରଣ କେବଳ ଏକ ଅଖଣ୍ଡ ସତ୍ୟହିଁ ବର୍ତ୍ତମାନ ରହିଛି; ଗୋଟିଏ ନିଶ୍ଚଳ ଓ ଆଉ ଗୋଟିଏ ସଚଳ, ଏପରି ଦୁଇଟି ସତ୍ୟ ପରସ୍ପରଠାରୁ ସ୍ୱତନ୍ତ୍ର ହୋଇ କେଉଁଠି ହେଲେ ନାହାନ୍ତି । ଆତ୍ମାର ନିସ୍ତାଶୀଳ ଭବବର୍ତ୍ତନ ଅର୍ଥାତ୍ ପ୍ରବୃତ୍ତି ଏବଂ ନିସ୍ତାରହିତ ଅବସ୍ଥାରେ ତାହାର ସମ୍ବୃତ ହୋଇ ରହିବା ଅର୍ଥାତ୍ ନିବୃତ୍ତି, ସାଧାରଣ ଦୃଷ୍ଟିରେ ଏହି ଦୁଇଟି ଅବସ୍ଥାର ଯେପରି କଳ୍ପନା କରାଯାଇଥାଏ, ସେଥିରେ ଅନୁମାନ କରାଯାଏ ଯେ ନିସ୍ତାଶୀଳ ହୋଇଥିବାବେଳେ ବଂଶ୍ରୁ-ଆତ୍ମା ଅଜ୍ଞାନଦ୍ୱାରା ଆଚ୍ଛନ୍ନ ହୋଇ ରହେ, ଆପଣାର ଯଥାର୍ଥ ସତ୍ତା ବୋଲି ମନେ କରାଯାଉଥିବା ତାହାର ନିସ୍ତାରହିତ ଅବସ୍ଥାଟି ବିଷୟରେ ଏକାବେଳକେ ବିସ୍ମୃତ ହୋଇ ରହେ; ଏବଂ ଅନ୍ୟପକ୍ଷରେ ନିସ୍ତାରହିତ ହୋଇ ରହିଥିବାବେଳେ ତାହା ଶେଷରେ ଆପଣାର ଏକ ମିଥ୍ୟା ବା କେବଳ ଏକ ପ୍ରାତିଭାସିକ ବୋଲି ମନେ କରାଯାଉଥିବା ନିସ୍ତାଶୀଳ ଅବସ୍ଥାଟି ବିଷୟରେ ମଧ୍ୟ ଆଉ କୌଣସି ଖବର ରଖେ ନାହିଁ । ମାତ୍ର ଆମେ ପ୍ରନିସ୍ପତ୍ତିକୁ ଏହିପରି ଭାବରେ ଦେଖିଥାଉ, କାରଣ ଆମ ଆଖିରେ ଏହି ଦୁଇ ଗତିସ୍ପନ୍ଦନ ସତେଅବା ପରସ୍ପରର ଅନୁବର୍ତ୍ତୀ ଭାବରେ ଅର୍ଥାତ୍ ଗୋଟିଏ ସରିଗଲେ ତା'ପରେ ଆଉଗୋଟିଏ ଆରମ୍ଭ ହେଉଥିବା ପରି ଦେଖାଯାଏ । ଆମର ଶୋଇବା ଓ ଉଠିବା ଯେପରି ଗୋଟିକ ପରେ ଗୋଟିଏ ହୋଇ ଘଟିଥାଏ, ଠିକ୍ ସେହିପରି । ଜାଗ୍ରତ ଅବସ୍ଥାରେ ଆମେ ଆପଣାର ନିଦ୍ରାବସ୍ଥାଟି ବିଷୟରେ ଅଜ୍ଞ ହୋଇ ରହିଥାଉ,

'oaob.nitrkl.ac.in' images reprocessed

ଏବଂ ନିଦ୍ରାବସ୍ଥାରେ ଆମ ଜାଗ୍ରତ ସତ୍ତାଟି ବିଷୟରେ ଆମର ଆଦୌ କୌଣସି ଜ୍ଞାନ ନଥାଏ । ଏପରି ହୁଏ, କାରଣ ଆମ ସତ୍ତାର କେବଳ ଅଂଶମାତ୍ରହିଁ ନିଦ୍ରିତ ଅଥବା ଜାଗ୍ରତ ହୋଇ ରହିଥାଏ, ଏବଂ ସେହି ସମୟରେ କେବଳ ସେହି ଆଂଶିକ ସତ୍ତାକୁହିଁ ଆମେ ଭ୍ରମରେ ପଡ଼ି ଆମ ସତ୍ତାର ସମଗ୍ର ଅଂଶ ବୋଲି ଭାବୁଥାଉ । ମାତ୍ର ମନୋଗତ ଅନୁଭୂତିରେ ଅଧିକ ଗଭୀରକୁ ଯାଇ ଆମେ ଏକଥାଟି ନିଶ୍ଚୟ ଜାଣିବାକୁ ପାଇବା ଯେ ଏପରିକି ଆମର ଆଂଶିକ ଓ ଉପରିସ୍ତରସ୍ଥ ସତ୍ତା ଭ୍ରମରେ ପଡ଼ି ଯାହାକୁ ଅଚେତନତାର ଏକ ଅବସ୍ଥା ବୋଲି ମନେ କରୁଥାଏ, ସେଥିରେ ସଂଘଟିତ ହେଉଥିବା ସବୁକିଛି ବିଷୟରେ ଆମ ଅନ୍ତରସ୍ଥ ବୃହତ୍ତର ସତ୍ତାଟିର ସବୁବେଳେ ସମ୍ପୂର୍ଣ୍ଣ ସଚେତନ ରହିଥାଏ । ଆମର ନିଦ୍ରା ବା ଆମର ଜାଗରଣ ସେହି ସତ୍ତାଟିକୁ କୌଣସି ପ୍ରକାରେ ସୀମାବଦ୍ଧ କରି ରଖିପାରେ ନାହିଁ । ଆମର ଯଥାର୍ଥ ଓ ସମଗ୍ର ସତ୍ତାସ୍ୱରୂପ ବ୍ରହ୍ମ ସହିତ ରହିଥିବା ଆମର ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ ହୋଇଥାଏ । ଅଜ୍ଞାନର ପାଶରେ ପଡ଼ି ମନୋଗତ ଅଥବା ଚିଦ୍‌ମନୋଗତ ପ୍ରକୃତିର କେବଳ ଏକ ଆଂଶିକ ଚେତନା ସହିତହିଁ ଆମେ ଆପଣାକୁ ଏକରୂପ କରି ରଖିଥାଉ, ସେହି ଖଣ୍ଡିତ ଚେତନା ଗତିଷ୍ପନ୍ଦିତ ରୂପ ଧାରଣ କଲେ ଆତ୍ମାର ଅକ୍ଷର ସ୍ଥିତି ସମ୍ବନ୍ଧରେ ଆପଣାର ସକଳ ଜ୍ଞାନ ହରାଇବସେ । ପୁଣି, ଆମର ସେହି ଅଂଶଟିରେ ଯେତେବେଳେ ଆମେ ଗତିସ୍ପନ୍ଦନରୁ ରହିତ ହୋଇ ରହିଥାଉ, ସେତେବେଳେ ନିସ୍ପନ୍ଦରହିତତା ମଧ୍ୟରେ ପ୍ରବେଶ କରି ସଙ୍ଗେ ସଙ୍ଗେ ଆମର ନିସ୍ପନ୍ଦାବସ୍ଥିତ ଅସ୍ମିତାଟିକୁ ହରାଇବସୁ । ସମ୍ପୂର୍ଣ୍ଣ ଭାବରେ ନିସ୍ପନ୍ଦରହିତ ହୋଇ ରହିଥିବା ସମୟରେ ଆମର ମନ ସତେଅବା ନିଦ୍ରାମଗ୍ନ ହୋଇ ରହିଥାଏ, ସମାଧି ଭିତରେ ପ୍ରବେଶ କରିଥାଏ ଅଥବା ଏକ ଚିନ୍ମୟ ନୈଷ୍କର୍ମ୍ୟ ମଧ୍ୟରେ ମୁକ୍ତି ଲାଭ କରିଥାଏ । ମାତ୍ର କର୍ମଗତ ସତତଧାବମାନ ପ୍ରବାହ ମଧ୍ୟରେ ରହିଥିବା ଆଂଶିକ ସତ୍ତାର ଅଜ୍ଞାନରୁ ଏହାଦ୍ୱାରା ମୁକ୍ତି ମିଳିଥାଏ ସତ, ମାତ୍ର ଗତିଶୀଳ ପରମସତ୍ତାଟି ଉପରେ ଏକ ଜ୍ୟୋତିର୍ମୟ ଚେତନାହୀନତାର ଆବରଣ ଘୋଡ଼ାଇଦେଇ ଅଥବା ସେଥିରୁ ଆପଣାକୁ ଜ୍ୟୋତିର୍ମୟଭାବେ ବିଲଗ କରି ରଖି ଏହି ମୁକ୍ତି ଅର୍ଜନ କରାଯାଇଥାଏ । ସେତେବେଳେ ଚିନ୍ମୟ ମାନସସତ୍ତା ଏକ ନିଃଶବ୍ଦ ମର୍ମସତ୍ତାଗତ ସ୍ଥିତିରେ ଆତ୍ମସଂବୃତ ହୋଇ ରହେ, ଏବଂ ତାହା ଫଳରେ ହୁଏତ ସକଳ ସକ୍ରିୟ ଚେତନାଲାଗି ଅସମର୍ଥ ହୋଇପଡ଼େ କିମ୍ବା ସକଳପ୍ରକାର ସକ୍ରିୟତା ଲାଗି ବିମୁଖ ହୋଇ ରହେ । ନୈଷ୍କର୍ମ୍ୟମୁକ୍ତିର ଏହି ସୋପାନସ୍ଥିତିଟି ଦେଇ ଆପଣା ଯାତ୍ରାପଥରେ ପରମ ନିର୍ବିଶେଷଙ୍କ ଉପଲବ୍ଧି ଲାଗି ଆଗେଇ ଚାଲିଥାଏ । ମାତ୍ର ଆମର ଅସଲ ଓ ସମଗ୍ର ସତ୍ତାଟିର ଭୂମିରେ ଆଉ ଏକ ବୃହତ୍ତର ପରିପୂର୍ଣ୍ଣତା ଲାଗି ମଧ୍ୟ ସକଳ ସମ୍ଭାବନା ରହିଛି, ଯାହାର ଉପଲବ୍ଧି କରିପାରିଲେ ଆତ୍ମାର ସ୍ଥିତିମୂଳ ଓ ଗତିସମ୍ପନ୍ନ ଉଭୟ ଦିଗର ମୁକ୍ତି ସମ୍ଭବ ହୋଇଥାଏ, ସେହି ପରମ ତତ୍ତ୍ୱସ୍ୱରୂପରେ ଉପନୀତ

'oaob.nitrkl.ac.in' images reprocessed

ହୋଇ ଉଭୟେ ପରିପୂର୍ଣ୍ଣ ହୁଅନ୍ତି । କାରଣ ତାହାହିଁ ଆପଣା ଭିତରେ ଉଭୟଙ୍କୁ ଧାରଣ କରି ରଖିଛି ଏବଂ କ୍ରିୟାଶୀଳତା ଅଥବା ନିଃଶବ୍ଦତା କୌଣସିଟି ଦ୍ୱାରା ସୀମାବଦ୍ଧ ହେଉ ନାହିଁ ।

କାରଣ ବ୍ରହ୍ମ ପର୍ଯ୍ୟାୟକ୍ରମେ କ୍ରିୟାରହିତତାର ସ୍ଥିତିକୁ ଛାଡ଼ି କ୍ରିୟାତ୍ମକତାର ସ୍ଥିତିକୁ ଗତି କରେ ନାହିଁ ଏବଂ ତା'ପରେ ଆପଣାର ଗତିଶୀଳ ସକ୍ରିୟଶକ୍ତିକୁ ନିରୁଦ୍ଧ କରିଦେଇ ପୁଣି କ୍ରିୟାରହିତତାକୁ ଲେଉଟି ଆସେ ନାହିଁ । ସମସ୍ତ ପରମସତ୍ୟ ବିଷୟରେ ଯଦି ସେକଥାଟି ସତ୍ୟ ହୋଇଥା'ନ୍ତା, ତେବେ ବିଶ୍ୱଜଗତସ୍ଥ କ୍ରିୟାକଳାପ ଅକ୍ଷୁଣ୍ଣ ରହିଥାଆନ୍ତା ସତ, ମାତ୍ର କ୍ରିୟାରହିତ ବା ସ୍ଥିତିଶୀଳ ବ୍ରହ୍ମଙ୍କର କୌଣସି ଅସ୍ତିତ୍ୱ ନଥା'ନ୍ତା; ସବୁଠାରେ କେବଳ କ୍ରିୟାସଚଳତାହିଁ ଦୃଷ୍ଟିଗୋଚର ହେଉଥା'ନ୍ତା, ଏବଂ ଆମର ଏହି ଜଗତଟି ବିଲୁପ୍ତ ହୋଇଯିବା ପରେ ଆଉ କ୍ରିୟାଶୀଳ ବ୍ରହ୍ମ ଲାଗି କୌଣସି ଅବକାଶ ରହନ୍ତା ନାହିଁ, ସବୁକିଛି ବିଲୟକୁ ଲଭନ୍ତା ଏବଂ ଏକ ନିଶ୍ଚଳ ନିଃସ୍ତବ୍ଧତାହିଁ ରାଜତ୍ୱ କରନ୍ତା । ମାତ୍ର ଏପରି ଆଦୌ ହେଉ ନାହିଁ, କାରଣ ସମସ୍ତ ବିଶ୍ୱକ୍ରିୟା ମଧ୍ୟରେ, ତାହାର ଅଭିନିବିଷ୍ଟ ଗତିବୈଚିତ୍ର୍ୟ ମଧ୍ୟରେ ଏକ ଶାଶ୍ୱତ ନୈଃଶବ୍ଦ୍ୟ ଓ ଆତ୍ମସମାହିତ ଶାନ୍ତି ଯେ ଅନୁପ୍ରବିଷ୍ଟ ହୋଇ ଏହିସବୁ ବିଶ୍ୱମୟ କ୍ରିୟାତ୍ମକତାକୁ ଧାରଣ କରି ରହିଛି, ଆମେ ସେକଥା ସ୍ପଷ୍ଟ ଅନୁଭବ କରିପାରୁଛୁ । ଏବଂ କୌଣସି ପ୍ରକାର କ୍ରିୟାତ୍ମକତା ବର୍ତ୍ତମାନ ରହିଥିବା ପର୍ଯ୍ୟନ୍ତ ତାହାର ଭିତରେ ଓ ତାହାର ଆଶ୍ରୟସ୍ୱରୂପ ଯଦି ସେହି ଅଭିନିବିଷ୍ଟ କ୍ରିୟାରହିତତାଟି ମଧ୍ୟ ବର୍ତ୍ତମାନ ରହି ନ ଥା'ନ୍ତା, ତେବେ ଆମର ଏହି ଅନୁଭବ କଦାପି ସମ୍ଭବ ହୁଅନ୍ତା ନାହିଁ । ସମଗ୍ର ବ୍ରହ୍ମ ମଧ୍ୟରେ କ୍ରିୟାରହିତତା ତଥା କ୍ରିୟାସମ୍ପନ୍ନତା ଦୁଇଟିଯାକ ଯୁଗପତ୍ ଭାବରେ ପ୍ରତିଷ୍ଠିତ ରହିଛି, ଏବଂ ତାହା ନିଦ୍ରାବସ୍ଥାରୁ ଜାଗ୍ରତ ଅବସ୍ଥାକୁ ଗତି କଲାପରି ପର୍ଯ୍ୟାୟ ଅନୁକ୍ରମରେ ଆଦୌ ଗୋଟିକରୁ ଅନ୍ୟଟି ମଧ୍ୟକୁ ଗତି କରୁ ନାହିଁ । ଆମ ଭିତରେ ଅବସ୍ଥିତ କେବଳ ଏକ ଆଂଶିକ କ୍ରିୟାତ୍ମକତାହିଁ ସେଭଳି କରୁଥିବାର ମନେହେଉଛି । ଏବଂ ସେହି ଆଂଶିକ କ୍ରିୟାତ୍ମକତାଟି ସହିତ ଆପଣାକୁ ଏକରୂପ କରିଦେଇ ଆମେ ସମଗ୍ର ପ୍ରକ୍ରିୟାଟିକୁ ସଚେତଥିବା ଗୋଟିଏ ଅଚେତନତାରୁ ଆଉ ଗୋଟିଏ ଅଚେତନତାକୁ ପର୍ଯ୍ୟାୟ ଅନୁକ୍ରମରେ ଗତି କରୁଥିବା ପରି ଦେଖୁଛୁ । ମାତ୍ର ଆମର ଯଥାର୍ଥ ଓ ସମଗ୍ର ସତ୍ତାଟି ଏହିସବୁ ବିରୋଧିତାର ପାଶରୁ ସମ୍ପୂର୍ଣ୍ଣ ମୁକ୍ତ ରହିଛି; ଏବଂ ଆପଣାର ନୈଃଶବ୍ଦ୍ୟସ୍ଥିତ ଆତ୍ମାଟିକୁ ଧରିରଖିବା ସକାଶେ ତାହାକୁ କଦାପି ନିଜର ଗତିଶୀଳ ଆତ୍ମାଟି ବିଷୟରେ ବିସ୍ମୃତ ହୋଇ ରହିବାକୁ ପଡ଼ୁ ନାହିଁ । ଯେତେବେଳେ ଆମର ଆତ୍ମା ଓ ଆମର ପ୍ରକୃତି ଉଭୟେ ସେହି ସୀମାବଦ୍ଧ, ଆଂଶିକ ଓ ଅଜ୍ଞାନାଚ୍ଛନ୍ନ ସତ୍ତାର ସକଳ ଅସମର୍ଥତାରୁ ମୁକ୍ତ ହୋଇ ସମସ୍ତ ଜ୍ଞାନ ତଥା ସମଗ୍ର ବିମୋଚନର ଅଧିକାର ଲାଭ କରନ୍ତି, ସେତେବେଳେ ଆମେ ମଧ୍ୟ ଯୁଗପତ୍ ଭାବରେ କ୍ରିୟାରହିତତା ଓ

'oaob.nitrkl.ac.in' images reprocessed

କ୍ରିୟାସମନ୍ୱିତା ଅଭିବ୍ୟକ୍ତିକୁ ଧାରଣ କରି ରହିବାକୁ ସମର୍ଥ ହୋଇଥାଉ । ସେତେବେଳେ ଆମେ ବିଶ୍ୱବିଧାନର ଏହି ଦୁଇଟିଯାକ ମେରୁକୁ ଅତିକ୍ରମ କରିଯାଉ, ଏବଂ ପ୍ରକୃତି ସହିତ ସମ୍ବନ୍ଧଯୁକ୍ତ ଅଥବା ସମ୍ବନ୍ଧମୁକ୍ତ ହୋଇ ରହିଥିବା ଆତ୍ମାର ଏହି ଦୁଇଟି ଶକ୍ତିମଧ୍ୟରୁ ଆଉ କୌଣସିଟି ଭିତରେ ଆମେ କୌଣସି ପ୍ରକାରେ ବାନ୍ଧିହୋଇ ରହୁ ନାହିଁ ।

ପରମ ଓ ସର୍ବୋଚ୍ଚ ସତ୍ତା ନିଶ୍ଚଳ ଆତ୍ମାର ଅତୀତ, ସଚଳ ସତ୍ତାର ବି ଅତୀତ; ଗୀତାରେ ଏହି କଥାଟିର ଘୋଷଣା କରାଯାଇଛି । ନିଶ୍ଚଳ ଓ ସଚଳ ଅଭିବ୍ୟକ୍ତିକୁ ଏକାଠି ମିଶାଇ ଦେଲେ ମଧ୍ୟ ତାହା ତାଙ୍କର ସମଗ୍ର ପରିଚୟକୁ କଦାପି ପ୍ରତିନିଧିତ୍ୱ କରିବ ନାହିଁ । କାରଣ ଏକଥା ଅତି ସ୍ପଷ୍ଟ ଯେ, ଦୁଇଟିଯାକ ବିଭାବକୁ ସେ ଯୁଗପତ୍ ଭାବରେ ଧାରଣ କରିଛନ୍ତି ବୋଲି କହିଲାବେଳେ ଆମେ ତାହାର କଦାପି ଏଭଳି ଅର୍ଥ କରୁ ନାହୁଁ ଯେ ସିଏ ଏକ କ୍ରିୟାରହିତତା ଓ ଏକ କ୍ରିୟାତ୍ମକତାର ସମଷ୍ଟି ବ୍ୟତୀତ ଆଉ କିଛି ନୁହନ୍ତି । ଆପଣା ସତ୍ତାର ଗୋଟିଏ ଅଂଶକୁ ସେ ସକଳ କ୍ରିୟାରୁ ରହିତ କରି ରଖିଛନ୍ତି ଓ ଅବଶିଷ୍ଟ ଗୋଟିଏ ଅଂଶରେ କ୍ରିୟାଶୀଳ ଅଛନ୍ତି, ତାଙ୍କୁ ଆମେ ଏହିପରି ଦୁଇ ଭଗ୍ନାଂଶବିଶିଷ୍ଟ ଗୋଟିଏ ରାଶି ବୋଲି ଆଦୌ କହିବାକୁ ଯାଉ ନାହୁଁ । ତାହା ହୋଇଥିଲେ ବ୍ରହ୍ମ କେବଳ ଏକାଧିକ ବିଶ୍ଳେଷଣତାରହିଁ ସମଷ୍ଟି ହୋଇ ରହିଥା'ନ୍ତେ; କ୍ରିୟାରହିତ ରହିଥିବା ଗୋଟିଏ ଅଂଶ ଯେ ସକ୍ରିୟ ଅଂଶଟିର ଯାବତୀୟ କାର୍ଯ୍ୟକଳାପ ପ୍ରତି କେବଳ ଉଦାସୀନ ହୋଇ ରହିଥା'ନ୍ତା, ତାହା ନୁହେଁ, ସେ ବିଷୟରେ ସେ ପୂରାପୂରି ଅଜ୍ଞ ହୋଇ ରହିଥା'ନ୍ତା । କ୍ରିୟାଶୀଳ ଗୋଟିଏଅଂଶଟି ମଧ୍ୟ କ୍ରିୟାରହିତତାଟି ବିଷୟରେ ସକଳ ସଚେତ୍ ହରାଇ ବସିଥା'ନ୍ତା ଏବଂ ଆପଣାର କ୍ରିୟାକୁ ବନ୍ଦ ନ କରିଦେବା ପର୍ଯ୍ୟନ୍ତ କ୍ରିୟାରହିତ ଭାବଟିକୁ ଉପଲବ୍ଧି କରି ପାରୁନଥା'ନ୍ତା । ଏପରିକି ଦୁହିଁଙ୍କର ସମଷ୍ଟିକୁ ନେଇ ଗଠିତ ବ୍ରହ୍ମ ଯେତେବେଳେ ତାଙ୍କର ଏହି ଦୁଇଟିଯାକ ଭଗ୍ନାଂଶଠାରୁ ସମ୍ପୂର୍ଣ୍ଣ ଆଉକିଛିକୁ ବୁଝାଉଥା'ନ୍ତେ, ଆଉକିଛିର ଅବଧି ଧାରଣ କରି ସେ ସତେଅବା ଊର୍ଦ୍ଧ୍ୱରେ ସମ୍ପୂର୍ଣ୍ଣ ଅସଂଲଗ୍ନ ହୋଇ ବସିଥା'ନ୍ତେ; ଏବଂ ତାଙ୍କ ସତ୍ତାର ଦୁଇଟିଯାକ ଭଗ୍ନାଂଶକ୍ଷେତ୍ରରେ ଏକ ରହସ୍ୟମୟୀ ମାୟା ଏକାଧାରରେ ସତେଅବା ଅନମନୀୟ ଭାବରେ ଯାହାକିଛି କରୁଥା'ନ୍ତା ଓ ସେହିପରି ଅନମନୀୟ ଭାବରେ ଯାହା କରିବାରୁ ନିବୃତ୍ତ ହୋଇ ରହୁଥା'ନ୍ତା, ସିଏ ସେସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞାନ ହୋଇ ବସିଥା'ନ୍ତେ ଓ ସେସବୁ ଲାଗି ତାଙ୍କର ଆଦୌ କୌଣସି ଦାୟିତ୍ୱ ନଥା'ନ୍ତା । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରମସତ୍ତାରୂପୀ ବ୍ରହ୍ମ କ୍ରିୟାରହିତତା ତଥା କ୍ରିୟାତ୍ମକତା ଅଭିବ୍ୟକ୍ତି ବିଷୟରେ ଅବଶ୍ୟ ସମ୍ପୂର୍ଣ୍ଣ ଅବଗତ ରହିବେ, ସେଗୁଡ଼ିକୁ ସେ ଆପଣାର ପରମ ସତ୍ତା ବୋଲି କହିବେ ନାହିଁ, ସେଗୁଡ଼ିକୁ ଆପଣା ବିଶ୍ୱବିଧାନର ଦୁଇ ବିରୋଧଧର୍ମୀ ଅଥଚ

'oaob.nitrkl.ac.in' images reprocessed

ପରମେଶ୍ୱରର ଅନୁପୂରକ ବିଷୟ ବୋଲି ଜାଣିବେ । ଏକଥା କଦାପି ସତ୍ୟ ହୋଇ ନପାରେ ଯେ ଶାଶ୍ୱତ ଭାବରେ ନିର୍ବ୍ୟାରହିତ ହୋଇ ରହିଥିବାରୁ ବ୍ରହ୍ମ ତାଙ୍କର ଆପଣା କୃତ ଓ ନିର୍ବ୍ୟାତ୍ମକତା ବିଷୟରେ ସମ୍ପୂର୍ଣ୍ଣ ଅନବଗତ ହୋଇ ରହିଛନ୍ତି ବା ସେଗୁଡ଼ିକରୁ ସମ୍ପୂର୍ଣ୍ଣଭାବରେ ପୃଥକ୍ ରହିଛନ୍ତି । ଆପେ ସମ୍ପୂର୍ଣ୍ଣ ମୁକ୍ତ ଓ ଅନାବଦ୍ଧ ରହି ସେ ସେଗୁଡ଼ିକୁ ଆପଣା ମଧ୍ୟରେ ଧରି ରଖିଛନ୍ତି, ଆପଣା ପ୍ରଶାନ୍ତିର ଶାଶ୍ୱତ ଶକ୍ତି ଭିତରେ ସେଗୁଡ଼ିକୁ ଆଶ୍ରୟ ଦେଇଛନ୍ତି, ଆପଣାର ଶକ୍ତିମୟ ଶାଶ୍ୱତ ସ୍ଥିତିରୁ ସେ ସେଗୁଡ଼ିକୁ ଉତ୍ସାରିତ କରୁଛନ୍ତି । ଏବଂ ଠିକ୍ ସେହିପରି ଏକଥାଟି ମଧ୍ୟ କଦାପି ସତ୍ୟ ନୁହେଁ ଯେ ଆପଣାର ନିର୍ବ୍ୟାତ୍ମକ ସ୍ଥିତିରେ ବ୍ରହ୍ମ ଆପଣା ନିର୍ବ୍ୟାରହିତତା ବିଷୟରେ ଅନବଗତ ଅଛନ୍ତି ଅଥବା ସେଥିରୁ ଅଲଗା ହୋଇ ରହିଛନ୍ତି । ସ୍ୱୟଂ ସର୍ବଗତ ହୋଇଥିବାରୁ ସେ ସେଠାରେ ଯାବତୀୟ ନିର୍ବ୍ୟାର ଆଶ୍ରୟ ହୋଇ ରହିଛନ୍ତି, ତାହାକୁ ଚିରନ୍ତନର ହୃଦ୍‌ଦେଶରେ ଧାରଣ କରିଛନ୍ତି, ଏବଂ ଶକ୍ତିମତ୍ତାର ସକଳ ଆବର୍ତ୍ତର ମଧ୍ୟରେ ଅବସ୍ଥିତ ଥାଇ ମଧ୍ୟ ସେ ଶାଶ୍ୱତ ଭାବରେ ଶାନ୍ତ, ଅବିଚଳ, ମୁକ୍ତ ଓ ନିତ୍ୟାନନ୍ଦମୟ ହୋଇ ରହିଛନ୍ତି । ପୁଣି, ନୈଶବ୍ଦ୍ୟ କିମ୍ବା କ୍ରିୟାଶୀଳତା ଯେକୌଣସି ସ୍ଥିତିରେ ହେଉ ପଛକେ, ସିଏ ଯେ କେବେହେଲେ ଆପଣାର ପରମସତ୍ତା ବିଷୟରେ ଜ୍ଞାନହୀନ ହୋଇ ରହିବେ, ଏକଥା କଦାପି ହୋଇପାରିବ ନାହିଁ । ବରଂ ସେ ସର୍ବଦା ଜାଣିଛନ୍ତି ଯେ ସେଗୁଡ଼ିକର ଜରିଆରେ ସେ ଯେତେବେଳେ ଯାହା ବ୍ୟକ୍ତ କରୁଛନ୍ତି, ତାହା ତାଙ୍କର ସେହି ପରମସତ୍ତାର ଶକ୍ତିବୃଦ୍ଧି ଆପଣାର ଯାହାକିଛି ମୂଲ୍ୟ ଓ ସାମର୍ଥ୍ୟ ଲାଭ କରିପାରୁଛି । ମାତ୍ର ଆମର ଅନୁଭୂତିକୁ ଯଦି ଏହା ଅନ୍ୟପ୍ରକାରେ ବୋଧ ହେଉଥାଏ, ତେବେ ତାହା ସେଭଳି ହେଉଛି, କାରଣ ଆମେ ଦୁଇଟି ମଧ୍ୟରୁ କେବଳ ଗୋଟିଏ ବିଷୟ ସହିତହିଁ ଆପଣାକୁ ଏକରୂପ ବୋଲି ଭାବିନେଉଛୁ ଏବଂ ସେହି ଏକତରଫା ଦୃଷ୍ଟିର ହେତୁ ସେହି ସମଗ୍ର ସତ୍ତାଟି ଆଗରେ ଆପଣାକୁ ଉନ୍ମୁକ୍ତ କରି ଦେବାରେ ଅସମର୍ଥ ହୋଇ ରହୁଛୁ ।

ଏଥିରୁ ଅନିବାର୍ଯ୍ୟତଃ ଏକ ପ୍ରଥମ ସିଦ୍ଧାନ୍ତ ନିଷ୍ପନ୍ନ ହେଉଛି । ଅନ୍ୟାନ୍ୟ ଏକାଧିକ ଦୃଷ୍ଟିଭଙ୍ଗୀରୁ ବିଚାର କରି ମଧ୍ୟ ଆମେ ଆଗରୁ ଏହି ସିଦ୍ଧାନ୍ତରେ ପହଞ୍ଚି-ସାରିଛୁ । ସିଦ୍ଧାନ୍ତଟି ହେଉଛି ଯେ ପରମ ବ୍ରହ୍ମ କିମ୍ବା ସମଗ୍ର ସଚ୍ଚିଦାନନ୍ଦର ଭୂମିକୁ ଆମେ କଦାପି ଅଜ୍ଞାନସତ୍ତାର ଉତ୍ସଭୂମି ବୋଲି ନିରୂପଣ କରିପାରିବା ନାହିଁ, ତାହାକୁ ଏହାର ବିଭେଦମୂଳକ କ୍ରିୟାତ୍ମକତାର ଆରମ୍ଭବିନ୍ଦୁ ବୋଲି କଦାପି କହିପାରିବା ନାହିଁ । ଅଜ୍ଞାନ ହେଉଛି ସତ୍ତାର କେବଳ ଏକ ଆଂଶିକ କ୍ରିୟାରୁ ଉତ୍ପନ୍ନ ହେଉଥିବା ଏକ ବସ୍ତୁ; ଶରୀରର ଭୂମିରେ ଆମେ ଯେପରି ପର୍ଯ୍ୟାୟ ଅନୁକ୍ରମରେ ନିଦ୍ରାବସ୍ଥା ଓ ଜାଗ୍ରତ ଅବସ୍ଥା ମଧ୍ୟରେ ବଦଳି ବଦଳି ଯାଉଥିବା ସେହି ଆଂଶିକ ଓ ଉପରିଭାଗସ୍ଥ

'oaob.nitrkl.ac.in' images reprocessed

ଚେତନାଟି ସହିତ ଆପଣାକୁ ଏକରୂପ ବୋଲି ଭାବି ନେଇଥାଉ, ସେହିପରି ସତ୍ତାର ଏକ ଆଂଶିକ ଅଭିବ୍ୟକ୍ତି ସହିତ ମଧ୍ୟ ଆମେ ଆପଣାକୁ ଅଭେଦ ବୋଲି ଭାବିଥାଉ, ତାହା ସହିତ ଏକରୂପ ହୋଇଯାଉ । ଏହିପରି ଭାବରେ ଏକରୂପ ବା ଏକୀଭୂତ ହୋଇ ଆମେ ଯେତେବେଳେ ଆମର ପଶ୍ଚାତ୍‌ରେ ରହିଥିବା ପରମସତ୍ତାର ଅବଶିଷ୍ଟ ଆଉସବୁ ସମ୍ପଦକୁ ଅଲଗା କରିଦେଇ ସେଥିରୁ ଦୂରଛଡ଼ା ହୋଇ ରହୁ, ସେତେବେଳେ ତାହାହିଁ ଅଜ୍ଞାନକୁ ଜନ୍ମ ଦେଇଥାଏ । ଏବଂ ଯଦି ଅଜ୍ଞାନ ବ୍ରହ୍ମର ପରମ ପ୍ରକୃତି ବା ଏହାର ସମଗ୍ରତାର ଉପଯୁକ୍ତ କୌଣସି ଶକ୍ତି କିମ୍ବା ଉପାଦାନ ହୋଇ ନଥାଏ, ତେବେ ଏକ ମୂଳଭୂତ ଅର୍ଥାତ୍ ଆଦି ଅଜ୍ଞାନ ପ୍ରକୃତିରେ କେଉଁଠି ରହିଛି ବୋଲି କଦାପି କୁହାଯାଇ ନପାରେ । ମାୟା ବି ଯଦି ପରମ ଶାଶ୍ୱତ ଚେତନାର ଏକ ମୂଳଗତ ଶକ୍ତି ହୋଇଥାଏ, ତେବେ ତାହା ସ୍ୱୟଂ କଦାପି ଏକ ଅଜ୍ଞାନ ହୋଇପାରିବ ନାହିଁ କିମ୍ବା କୌଣସିପ୍ରକାରେ ଅଜ୍ଞାନଗତ ସ୍ୱଭାବର ସମଜାତୀୟ ହୋଇପାରିବ ନାହିଁ । ସେତେବେଳେ ମାୟାକୁ ମଧ୍ୟ ଆତ୍ମଜ୍ଞାନ ତଥା ସର୍ବଜ୍ଞାନର ଏକ ବିଶ୍ୱାତୀତ ଓ ବିଶ୍ୱଗତ ସାମର୍ଥ୍ୟ ବୋଲି କହିବାକୁ ପଡ଼ିବ । କେବଳ ଏକ ଅପ୍ରଧାନ ଓ ପରବର୍ତ୍ତୀ ଶକ୍ତିରୂପେ, ଏକ ଆଂଶିକ ଏବଂ ଆପେକ୍ଷିକ ଶକ୍ତିରୂପେହିଁ ଅବିଦ୍ୟା ଆସି ମାୟା ଭିତରେ ଦେଖା ଦେଇପାରେ । ତେବେ ଅଜ୍ଞାନକୁ ଆମେ ଜୀବସତ୍ତାର ବହୁତ୍ୱ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଏକ ତତ୍ତ୍ୱ ବୋଲି କହିବା କି ? ବ୍ରହ୍ମ ଆପଣାକୁ ବହୁରୂପେ ସନ୍ଦର୍ଶନ କରିବା ମାତ୍ରକେ କ'ଣ ଅଜ୍ଞାନ ଆସି ଉପସ୍ଥିତ ହୋଇଥାଏ କି ? ଏବଂ ବହୁତ୍ୱକୁ କ'ଣ କେବଳ ଅନେକ ଜୀବସତ୍ତାଙ୍କର ଏକ ସମଷ୍ଟି ବୋଲି କୁହାଯାଇ ପାରିବ, ଯେଉଁଠି କି ପ୍ରତ୍ୟେକ ଜୀବସତ୍ତା ଆପଣା ସ୍ୱଭାବର ଅଧୀନ ହୋଇ ଚେତନାର କ୍ଷେତ୍ରରେ ଅନ୍ୟ ସମସ୍ତଙ୍କଠାରୁ ଖଣ୍ଡିତ ଓ ବିଭକ୍ତ ହୋଇ ରହିଥିବେ, ସେଗୁଡ଼ିକ ଆପଣାଠାରୁ ବାହାରେ ଅବସ୍ଥିତ ଅଛନ୍ତି, ସେଗୁଡ଼ିକ ବିଷୟରେ କେବଳ ଏତିକି ବ୍ୟତୀତ ଆଉ କୌଣସି ପ୍ରକାର ସଚେତନତା ଲାଭ କରିବାକୁ ଏକାନ୍ତ ଅସମର୍ଥ ହୋଇ ରହିଥିବେ ? ଖୁବ୍ ବେଶୀ ହେଲେ କେବଳ ଦେହଗତ ବା ମନୋଗତ ସୂତ୍ରଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇ ରହିଥିବେ, ମାତ୍ର ପରସ୍ପର ମଧ୍ୟରେ ଏକତ୍ୱ ପ୍ରତିଷ୍ଠା କରିବାଲାଗି ସେମାନଙ୍କର ପ୍ରକୃତିରେ କୌଣସି କ୍ଷମତା ନଥିବ ? ଆମ ଚେତନାର ଅତ୍ୟନ୍ତ ବହିସ୍ତର ସ୍ତରଟିରେ ଯେ ଆମେ କେବଳ ଏତିକିମାତ୍ର ବୋଲି ବୋଧ ହୋଇଥାଉ, ସେକଥା ଆମେ ଆଗରୁ ଆଲୋଚନା କରି ଦେଖିସାରିଛୁ । ବହିସ୍ତରର ମନ ଓ ଶରୀରର ସ୍ତରରେ ଆମେ କେବଳ ଏତିକିମାତ୍ର ବୋଲି ବୋଧ ହୋଇଥାଉ । ମାତ୍ର ଯେତେବେଳେ ଆମେ ଚେତନାର ଏକ ଅଧିକ ସୂକ୍ଷ୍ମ, ଅଧିକ ଗଭୀର ଓ ଅଧିକ ବୃହତ୍ ସ୍ତରକୁ ବାହୁଡ଼ିଆସୁ, ସେତେବେଳେ ଆମ ଆଖି ଆଗରେ ବିଭେଦବୋଧର ପାଚେରୀଗୁଡ଼ାକ କ୍ରମେ ପତଳା ହୋଇ ଆସିବାକୁ ଆରମ୍ଭ କରେ ଏବଂ ଯଉଣସରେ

ସେଗୁଡ଼ାକ ବୁଝିବେ ଏକାବେଳକେ ମିଳାଇଯାଏ; ତା’ପରେ ଅଜ୍ଞାନର ଆଉ ଲେଶମାତ୍ର ବି ରହେ ନାହିଁ ।

ଦେହ ହେଉଛି ଆପାତ ବିଭାଜନର ବାହ୍ୟ ନିଦର୍ଶନ ଓ ନିମ୍ନତମ ଭିତ୍ତି । ଏବଂ ଅଜ୍ଞାନ ତଥା ଜଡ଼-ଅଚେତନତା ମଧ୍ୟରେ ବୁଡ଼ିଯିବା ପରେ ପ୍ରକୃତ ବ୍ୟଷ୍ଟି-ଆତ୍ମାକୁ ଆଶ୍ରୟ କରି ଦୃତ ଏକତ୍ୱଟିକୁ ପୁନରୁଦ୍ଧାର କରି ଆଣିବାର ଚେଷ୍ଟା କରିଥାଏ, ଏପରିକି ଆପଣାର ବହୁଧାବିଭକ୍ତ ଚେତନାର ବସ୍ତୁ ପରମାଣରେ ଅନ୍ତରଞ୍ଜିତ ହୋଇ ରହିଥିବା ରୂପାୟନଗୁଡ଼ିକ ମଧ୍ୟରେ ବି ସେହି ଏକତ୍ୱର ବୋଧଟିକୁ ଜାଗ୍ରତ କରିବାର ଚେଷ୍ଟା କରିଥାଏ, ଏବଂ ଦେହକୁହିଁ ସେହି ପ୍ରଚେଷ୍ଟାରେ ସେ ଆରମ୍ଭବିନ୍ଦୁରୂପେ ଗ୍ରହଣ କରେ । କୌଣସି ବାହ୍ୟ ସାଧନର ସାହାଯ୍ୟ ନନେଇ ଏବଂ ବାହ୍ୟତାର ଏକ ବ୍ୟବଧାନକୁ ମାଧ୍ୟମରୂପେ ବ୍ୟବହାର ନକରି ଗୋଟିଏ ଦେହ ଆଉ ଗୋଟିଏ ଦେହ ସହିତ ଆଦୌ କୌଣସି ଯୋଗସୂତ୍ର ସ୍ଥାପନ କରିପାରେ ନାହିଁ । କେବଳ ପରସ୍ପରକୁ ବିଦୀର୍ଣ୍ଣ ବା ବିଭକ୍ତ କରି ଅଥବା ସେଥିରେ ରହିଥିବା କୌଣସି ଛିଦ୍ର ବା ଫାଙ୍କର ସୁବିଧା ନେଇହିଁ ଦୁଇଟି ଦେହ ପରସ୍ପର ମଧ୍ୟରେ ପ୍ରବେଶ କରିବାକୁ ସମର୍ଥ ହୋଇଥା’ନ୍ତି । କିମ୍ବା ଆଗରୁ ଯେଉଁଠି କୌଣସି କିଛୁ ବିଭକ୍ତ ହୋଇ ରହିଥିଲେ ତାହାର ସୁବିଧା ଗ୍ରହଣ କରିଥା’ନ୍ତି । କୌଣସି ଗୋଟିକୁ ଭାଙ୍ଗି ଫଟାଇଦେବା କିମ୍ବା ଗିଳିଦେବା ବ୍ୟତୀତ ସେମାନେ ପରସ୍ପର ସହିତ ସମ୍ମିଳିତ ହୋଇପାରନ୍ତି ନାହିଁ । ଗୋଟିଏ ଆଉ ଗୋଟିଏ ସହିତ ମିଳିତ ହେବାକୁ ହେଲେ ତାହାକୁ ଗର୍ଭସାତ୍ ଓ ହଜମ କରି ଦେବାକୁ ପଡ଼ିଥାଏ, ଅଥବା ଖୁବ୍ ବେଶୀ ହେଲେ ଏପରି ଏକ ମିଳନ ସଂଘଟିତ ହୁଏ, ଯେଉଁଥିରେ କି ଦୁଇଟିଯାକ ରୂପକୁ ଅନ୍ତର୍ହିତ ହୋଇଯିବାକୁ ପଡ଼େ । ଦେହ ସହିତ ଏକାତ୍ମ ହେବାକୁ ଯାଇ ମନ ମଧ୍ୟ ଆପଣାର ସୀମାଗୁଡ଼ାକ ଦ୍ୱାରା ବାଧାପ୍ରାପ୍ତ ହୋଇଥାଏ । ମାତ୍ର ସ୍ୱୟଂ ମନ ଦେହଠାରୁ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଥାଏ, ଏବଂ କୌଣସି ପ୍ରକାର ଆଘାତ ନକରି ବା ବିଭାଜନ ନଘଟାଇ ଦୁଇଟି ମନ ପରସ୍ପର ମଧ୍ୟରେ ପ୍ରବେଶ କରିବାକୁ ବେଶ୍ ସମର୍ଥ ହୁଅନ୍ତି । ପରସ୍ପରକୁ କୌଣସି ଆଘାତ ନଦେଇ ଆପଣା ଉପାଦାନଗୁଡ଼ିକର ଆଦାନପ୍ରଦାନ କରିପାରନ୍ତି ଏବଂ ଗୋଟାଏ ଦୃଷ୍ଟିରୁ ବିଚାର କଲେ ପରସ୍ପରର ଅଂଶରେ ପରିଣତ ବି ହୋଇପାରନ୍ତି । ମାତ୍ର ମନର ମଧ୍ୟ ଏକ ଆପଣା ରୂପ ରହିଛି ଯାହାକି ଅନ୍ୟ ମନଗୁଡ଼ିକଠାରୁ ଆପଣାକୁ ସବୁବେଳେ ଭିନ୍ନ ବୋଲି ଦେଖିଥାଏ, ଏବଂ ଏହି ଭିନ୍ନତାକୁ ଭୂମିରୂପେ ବ୍ୟବହାର କରି ଠିଆ ହେବାଲାଗି ତା’ଭିତରେ ସବୁବେଳେ ଏକ ପ୍ରବୃତ୍ତି ମଧ୍ୟ ରହିଥାଏ । ମାତ୍ର ଯେତେବେଳେ ଆମେ ଆତ୍ମାର ଚେତନାରେ ଅନୁପ୍ରବିଷ୍ଟ ହେବାକୁ ସମର୍ଥ ହେଉ, ସେତେବେଳେ ଏକତ୍ୱର ମାର୍ଗରେ ରହିଥିବା ବାଧାଗୁଡ଼ିକ କ୍ରମେ କ୍ଷୀଣତର ହୋଇଯାଏ ଓ ପରିଶେଷରେ ସମ୍ପୂର୍ଣ୍ଣରୂପେ ବିଲୁପ୍ତ ହୋଇଯାଏ । ସେତେବେଳେ ଆତ୍ମା ଆପଣା

'oaob.nitrkl.ac.in' images reprocessed

ଚେତନାର ଭୂମି ଉପରେ ଅନ୍ୟ ଆତ୍ମାଗୁଡ଼ିକ ସହିତ ଏକାତ୍ମକତା ଅର୍ଜନ କରିପାରେ, ସେଗୁଡ଼ିକୁ ଆପଣା ଭିତରେ ଧରି ରଖିପାରେ, ସେଗୁଡ଼ିକ ମଧ୍ୟରେ ପ୍ରବେଶ କରିପାରେ ଓ ସେଗୁଡ଼ିକ ଦ୍ୱାରା ବିଧୃତ ହୋଇପାରେ; ସେଗୁଡ଼ିକ ସହିତ ଆପଣାର ଏକତ୍ୱକୁ ଉପଲବ୍ଧି କରିପାରେ । ଏବଂ ଯେଉଁ ଅବସ୍ଥାଟିରେ ସମ୍ଭବ ହେବ, ଯେଉଁଠାରେ ସକଳ ବିଶିଷ୍ଟଲକ୍ଷଣ ସମ୍ପୂର୍ଣ୍ଣଭାବେ ବିଲୁପ୍ତ ହୋଇଯିବ ନାହିଁ ଓ ଗୋଟିକୁ ଅନ୍ୟଟିଠାରୁ ଅଲଗା କରି ବାରିପାରିବା ଲାଗି କୌଣସି ଅବକାଶହିଁ ନଥିବ, ତାହା ସେପରି ଏକ ଅବସ୍ଥା ନୁହେଁ । କିମ୍ବା ତାହା ଏକ ନିର୍ବାଣର ଅବସ୍ଥା ବି ନୁହେଁ, ଯେଉଁଥିରେ କି ଆତ୍ମା, ମନ ଓ ଦେହରେ କୌଣସିପ୍ରକାର ବୈଶିଷ୍ଟ୍ୟ ଓ ବ୍ୟକ୍ତିଭାବର କୌଣସି ଅବଶେଷହିଁ ରହେ ନାହିଁ । ତାହା ହେଉଛି ଏକ ପରିପୂର୍ଣ୍ଣ ଜାଗ୍ରତ ଅବସ୍ଥା ଯାହାକି ସକଳ ବୈଶିଷ୍ଟ୍ୟକୁ ଅଭ୍ରାନ୍ତ ଭାବରେ ଦେଖିପାରେ, ଅଥଚ ସେଗୁଡ଼ିକର ଆସ୍ତୃତନକୁ ଅତିକ୍ରମ କରି ରହିଥାଏ ।

ତେଣୁ ଅଜ୍ଞାନ ଏବଂ ଆତ୍ମସଙ୍କୋଚକ ଭେଦଜ୍ଞାନକୁ ଆମେ ଆତ୍ମାର ବହୁତ୍ୱ ମଧ୍ୟରେ ଅନ୍ତର୍ନିହିତ ଓ ଅଭିନ୍ନ ହୋଇ ରହିଥିବା କୌଣସି ତତ୍ତ୍ୱ ବୋଲି ଆଦୌ କହିପାରିବା ନାହିଁ, ସେଗୁଡ଼ିକୁ ବ୍ରହ୍ମଗତ ବହୁତ୍ୱର ସ୍ୱଭାବ ବୋଲି କହିପାରିବା ନାହିଁ । ବ୍ରହ୍ମ ଯେପରି ବିଶ୍ୱାରହିତତା ଓ ବିଶ୍ୱାତ୍ମକତାରୂପୀ ଦୁଇଟିଯାକ ବିଭାବକୁ ଅତିକ୍ରମ କରି ରହିଥାଏ, ଠିକ୍ ସେହିପରି ତାହା ଏକତ୍ୱ ଓ ବହୁତ୍ୱର ବିଭାବ ଦୁଇଟିକୁ ମଧ୍ୟ ଅତିକ୍ରମ କରି ରହିଥାଏ । ଆପଣା ଭିତରେ ବ୍ରହ୍ମ କେବଳ ଏକ ହୋଇ ରହିଥାଏ, ମାତ୍ର ସେହି ଏକତ୍ୱକୁ ଆମେ ବହୁତ୍ୱଗୁଡ଼ିକୁ ବହିର୍ଭୂତ ବା ବହିଷ୍କୃତ କରି ରଖୁଥିବା ଆତ୍ମସଙ୍କୋଚକ ଏକତ୍ୱ ବୋଲି ଆଦୌ କହିବା ନାହିଁ । ଦେହ ଓ ମନର ସ୍ତରରେ ରହିଥିବା ଭେଦମୂଳ ଏକତ୍ୱଟି ସହିତ ବ୍ରହ୍ମର ଏକତ୍ୱକୁ ତୁଳନା କରାଯାଇ ପାରିବ ନାହିଁ । ବ୍ରହ୍ମ କହିଲେ ଆମେ କୌଣସି ଗାଣିତିକ ରାଶିକୁ ବୁଝିବା ନାହିଁ; ତାହାକୁ ଏପରି ଏକ ଏକକରୂପେ ବୁଝିବା ନାହିଁ ଯାହାକି ଶତକକୁ ଆପଣାର ଅନ୍ତର୍ଭୁକ୍ତ କରିବାକୁ କ୍ଷମ ହୋଇପାରେ ନାହିଁ ଏବଂ ତେଣୁ ଶତକଠାରୁ ଭିନ୍ନ ହୋଇ ରହିଥାଏ । ସେହି ଏକ ଭିତରେ ଶତକ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି, ସିଏ ସକଳ ଶତକରେ ଏକ ହୋଇ ରହିଛି । ଆପଣା ଭିତରେ ଏକ ଓ ଅଦ୍ୱୟ ହୋଇ ଅଧିଷ୍ଠିତ ରହିଥିଲେ ମଧ୍ୟ ସିଏ ଅନେକ ମଧ୍ୟରେ ଏକ ହୋଇ ରହିଛି ଏବଂ ଅନେକ ତାହାରି ଭିତରେ ଏକ ହୋଇ ରହିଛନ୍ତି । ଅର୍ଥାତ୍, ଆପଣାର ଚିନ୍ମୟ ଏକତ୍ୱର ଭୂମିରେ ବ୍ରହ୍ମ ଆପଣାର ବହୁ ଆତ୍ମାର ସମ୍ବନ୍ଧରେ ମଧ୍ୟ ସମ୍ପୂର୍ଣ୍ଣଭାବେ ସଂବିତ୍‌ସମ୍ପନ୍ନ ହୋଇ ରହିଛି ଏବଂ ଆପଣାର ଅନେକ ଆତ୍ମାର ଚେତନାରେ ସକଳ ଆତ୍ମାର ଅନ୍ତର୍ଗତ ଏକତ୍ୱଟି ବିଷୟରେ ମଧ୍ୟ ସଚେତନ ଅଛି । ପ୍ରତ୍ୟେକ ଆତ୍ମାରେ ଅବସ୍ଥିତ ରହି ମଧ୍ୟ ଅନ୍ତର୍ଗତ ଚିତ୍ପୁରୁଷ ଓ ପ୍ରତ୍ୟେକ ହୃଦୟର ପରମ ପ୍ରଭୁ ସେହି ବ୍ରହ୍ମ ଆପଣାର ଏକତ୍ୱ ବିଷୟରେ ସଚେତନ ରହିଛି ।

'oaob.nitrkl.ac.in' images reprocessed

ସେହି ବ୍ରହ୍ମର ଆଲୋକରେ ଆଲୋକିତ ହୋଇ ଏବଂ ସେହି ପରମ ଅଦ୍ୱିତୀୟ ସହିତ ଆପଣାକୁ ଅଭିନ୍ନ ଓ ଏକ ବୋଲି ଜାଣି ଜୀବାତ୍ମା ମଧ୍ୟ ଜଗତ୍‌ବ୍ୟାପୀ ଅନେକଙ୍କ ସହିତ ରହିଥିବା ଆପଣାର ଏକତ୍ୱଟିକୁ ଅନୁଭବ କରିପାରୁଛି । ମାତ୍ର ଏହି ଦେହ, ଏହି ବିଭକ୍ତ ପ୍ରାଣ ଓ ବିଭକ୍ତ ମନ ସହିତ ଆପଣାକୁ ଅଭିନ୍ନ ବୋଲି ସମଝୁଥିବା ଆମର ବହିଶ୍ଚର ଚେତନାଟିହିଁ ଅଜ୍ଞାନଦ୍ୱାରା ଆଚ୍ଛନ୍ନ ହୋଇ ରହିଛି । ମାତ୍ର ସେଇଟି ମଧ୍ୟ ଜ୍ୟୋତି ଲାଭ କରି ଜ୍ୟୋତିର୍ମୟ ହୋଇପାରିବାର ସମ୍ଭାବନା ରହିଛି, ସର୍ବଜ୍ଞସମ୍ପନ୍ନ ହୋଇପାରିବା ଲାଗି ପୂର୍ଣ୍ଣ ସମ୍ଭାବନା ଅଛି । ତେଣୁ ଅନେକତ୍ୱକୁ ଆମେ ଅଜ୍ଞାନର ଏକ ଅପରିହାର୍ଯ୍ୟ କାରଣ ବୋଲି କଦାପି କହିପାରିବା ନାହିଁ ।

ଆପଣାର ଆଧ୍ୟାତ୍ମିକ ତଥା ଅତିମାନସ ଭିତ୍ତିଟିରୁ ଆମର ମନ ଯେତେବେଳେ ଏକାନ୍ତ ବିଚ୍ଛିନ୍ନ ହୋଇ ପଡ଼ିଥାଏ, ଏବଂ ଶେଷ ମୁଣ୍ଡଯାଏ ଆସି ଜାଗତିକ ଜୀବନରେ ପରିଣତ ହୋଇଯାଏ, ସେତିକିବେଳେ ଯେ ଏକ ପରବର୍ତ୍ତୀ ସୋପାନ ଓ ପରବର୍ତ୍ତୀ ପ୍ରବର୍ତ୍ତନାରୂପେ ଅଜ୍ଞାନର ଆବିର୍ଭାବ ହୁଏ, ସେକଥା ଆମେ ଆଗରୁ କହିସାରିଛୁ । ସେହି ସୋପାନ ବା ପର୍ଯ୍ୟାୟଟିରେ ବିଭାଜକ ମନଦ୍ୱାରା ପରିଚାଳିତ ହୋଇ ଅନେକ ମଧ୍ୟରେ ରହିଥିବା ବ୍ୟକ୍ତିଚେତନା ବାହ୍ୟରୂପ ସହିତହିଁ ଆପଣାକୁ ଏକ ବୋଲି ଦେଖିବାକୁ ଆରମ୍ଭ କରେ, କାରଣ ସେହି ବାହ୍ୟରୂପଟାହିଁ ତା'ର ଆଖିକୁ ବିଭାଜନର ଏକମାତ୍ର ନିରାପଦ ଭିତ୍ତି ବୋଲି ଦେଖାଯାଉଥାଏ । ମାତ୍ର ବାହ୍ୟରୂପ କହିଲେ ଆମେ ପ୍ରକୃତରେ କ'ଣ ବୁଝିବା ? ଅନ୍ତତଃ ଏଠାରେ ଆମେ ତାହାକୁ ଯେପରି ସ୍ତରରେ ଦେଖିପାରୁଛୁ, ବାହ୍ୟରୂପ ହେଉଛି କେନ୍ଦ୍ରୀଭୂତ ଶକ୍ତିରହିଁ ଏକ ରୂପାୟନ, ଗତିସ୍ପନ୍ଦନଗତ ଚେତନାଶକ୍ତିର ଏକ ଗ୍ରନ୍ଥି ଏବଂ ସ୍ଥିତିର ଏକ ଅବିରାମ ଆବର୍ତ୍ତହିଁ ସେହି ଗ୍ରନ୍ଥିକୁ ସେହି ଅବସ୍ଥାରେ ବଜାୟ ରଖିଛି । ମାତ୍ର ଏହା ଯାହାକିଛି ବିଶ୍ୱାତୀତ ସତ୍ୟ ଅଥବା ତତ୍ତ୍ୱରୁ ଜାତ ହୋଇଥାଉ କିମ୍ବା ତାହାକୁ ବ୍ୟକ୍ତ କରୁଥାଉ ପଛକେ, ପରିପ୍ରକାଶିତ ଆପଣାର କୌଣସି ଅଂଶରେ ମଧ୍ୟ ତାହା ନିତ୍ୟ ଓ ସ୍ଥାୟୀ ନୁହେଁ । ଆପଣାର ସମଗ୍ରତାରେ ଏହା ନିତ୍ୟ ନୁହେଁ, କିମ୍ବା ଯେଉଁ ଅଣୁଗୁଡ଼ିକ ଦେଇ ଏହା ତିଆରି ହୋଇଛି, ସେଗୁଡ଼ିକ ମଧ୍ୟ ଆଦୌ ସ୍ଥାୟୀ ନୁହନ୍ତି । କାରଣ କେନ୍ଦ୍ରୀଭୂତ ରହି ନିରନ୍ତର କାର୍ଯ୍ୟ କରୁଥିବା ଶକ୍ତିର ଗ୍ରନ୍ଥିଟିହିଁ ସେଗୁଡ଼ିକୁ ଏକ ଆପାତ ସ୍ଥାୟିତ୍ୱ ଦେଇକରି ରଖିଥାଏ, ଏବଂ ସେହି ଗ୍ରନ୍ଥିଟିକୁ କାଟିଦେଲେ ବା ଫିଟାଇଦେଲେ ସେଗୁଡ଼ିକୁ ମଧ୍ୟ ସର୍ବଦା ବିକ୍ଷିପ୍ତ ଓ ବିଘଟିତ କରି ଦିଆଯାଇ ପାରେ । ତପଃଶକ୍ତିହିଁ ଶକ୍ତିଗତ ଏକ ଗତିସ୍ପନ୍ଦନରୂପେ ରୂପ ଉପରେ କେନ୍ଦ୍ରୀଭୂତ ହେଉଥାଏ ଏବଂ ସେହି ରୂପକୁ ଏକ ଅସ୍ତିତ୍ୱ ପ୍ରଦାନ କରିଥାଏ, ଏବଂ ତାହାହିଁ ବିଭାଜନକ୍ରିୟା ଲାଗି ଏକ ଭୌତିକ ଭିତ୍ତି ଆଣି ଯୋଗାଇଦିଏ । ମାତ୍ର ଆମେ ଦେଖିସାରିଛୁ ଯେ ଜଗତରେ ଯେତେଯାହା ବସ୍ତୁ

'oaob.nitrkl.ac.in' images reprocessed

କ୍ରିୟାଶୀଳ ହୋଇ ରହିଛି, ତାହାକୁ ଆମେ ଶକ୍ତିଦ୍ୱାରା ଗତିସ୍ପନ୍ଦିତ ତପଃର ଆପଣାର ବହିଃପ୍ରବୃତ୍ତି ଉପରେ କେନ୍ଦ୍ରୀଭୂତ ବା ଅଭିନିବିଷ୍ଟ ହୋଇ ରହିବା ବୋଲି କହିପାରିବା । ତେଣୁ ଶକ୍ତିର ଏକ ପୃଥକ୍ ଗତିସ୍ପନ୍ଦନ ଉପରେ ତପଃଶକ୍ତି ଅର୍ଥାତ୍ କ୍ରିୟାଶୀଳ ଚେତନାଶକ୍ତିର କୌଣସି ଆତ୍ମମଗ୍ନ ଅଭିନିବେଶ ମଧ୍ୟରେହିଁ ଆମେ ଅଜ୍ଞାନର ଉତ୍ସ ନିରୂପଣ କରିବାକୁ ଯିବା । ଆମ ଆଖିକୁ ଏହି ପ୍ରକ୍ରିୟାଟି ସତେଅବା ମନ ସେହି ପୃଥକ୍ ଗତିସ୍ପନ୍ଦନଟି ସହିତ ଏକରୂପ ହୋଇଯିବା ଏବଂ ସେହି ଗତିସ୍ପନ୍ଦନରୁ ଉପୁଜୁଥିବା ଓ ସେଥିରେ ରହିଥିବା ପ୍ରତ୍ୟେକଟି ରୂପ ସହିତ ଏକରୂପ ହୋଇଯିବା ପରି ଦେଖାଯାଏ । ଏହିପରି ସ୍ୱଭାବରେ ଏହା ଭେଦର ଏକ ପ୍ରାଚୀର ତିଆରି କରି ରଖିଦିଏ, ଏବଂ ସେହି ପ୍ରାଚୀରର ପ୍ରତ୍ୟେକ ରୂପଟି ମଧ୍ୟରେ ରହିଥିବା ଚେତନାକୁ ଏପରି ଅବରୁଦ୍ଧ କରି ରଖିଦିଏ ଯେ ତାହା ଆପଣା ସମଗ୍ର ସତ୍ତାର ସମ୍ପର୍କଟିକୁ ହରାଇବସେ, ଅନ୍ୟାନ୍ୟ ଶରୀର ମଧ୍ୟରେ ରହିଥିବା ଚେତନାଗୁଡ଼ିକର ଏବଂ ବିଶ୍ୱାତ୍ମକ ସତ୍ତା ସମ୍ବନ୍ଧରେ ମଧ୍ୟ ଆପଣାର ସକଳ ସମ୍ପର୍କ ହରାଇବସେ । ଆମକୁ ଏହିଠାରେହିଁ ଶରୀରସ୍ଥ ମାନସ ସତ୍ତା ତଥା ଜଡ଼ପ୍ରକୃତିର ସେହି ବିରାଟ ଆପାତ ନିଶ୍ଚେତନତାର ଅଜ୍ଞାନ ଓ ତାହାର ପ୍ରଚ୍ଛନ୍ନ କାରଣଟିର ଅନୁସନ୍ଧାନ କରିବାକୁ ହେବ । ଆପଣାକୁ ନେଇ ଏପରି ବୁଡ଼ିରହିବା, ଏହି ବିଲଗ ଓ ପୃଥକ୍ କରିଦେବା ଏବଂ ଏହି ବିଶ୍ୱଜଗତର ପଛରେ ରହି ଏକ ରହସ୍ୟମୟ ଅଦ୍ଭୁତଘଟନରୂପେ କାର୍ଯ୍ୟ କରୁଥିବା ଏହି ଆତ୍ମବିସ୍ମୃତିପୂର୍ଣ୍ଣ ଅଭିନିବେଶଟିର ଯଥାର୍ଥ ପ୍ରକୃତିଟି କ'ଣ, ଆମେ ଆପଣାକୁ ସେହି ପ୍ରଶ୍ନଟି ପଚାରିବା ।

'oaob.nitrkl.ac.in' images reprocessed

## ତ୍ରୟୋଦଶ ପରିଚ୍ଛେଦ

# ଚିତ୍‌ଶକ୍ତିର ଏକାନ୍ତ କେନ୍ଦ୍ରୀକରଣ ଓ ଅଜ୍ଞାନ

## (ତପଃଶକ୍ତି ଓ ଅଜ୍ଞାନ)

ଋତଂ ଚ ସତ୍ୟଂ ଚାଭୀଦ୍ଧାତ୍ତପସୋଽଧ୍ୟଜାୟତ ।
ତତୋ ରାତ୍ର୍ୟଜାୟତ ତତଃ ସମୁଦ୍ରୋ ଅର୍ଣ୍ଣବଃ ॥

ଋକ୍‌ବେଦ, ୧୦ । ୧୯୦ । ୧

ପ୍ରଜ୍ୱଳିତ ତପଃଶକ୍ତିରୁ ସତ୍ୟ ଓ ଋତ ଜାତ ହେଲେ । ସେଥିରୁ ରାତ୍ରି ଏବ ରାତ୍ରିରୁ ସଲିଳପ୍ଲାବୀ ପ୍ରବହମାନ ସମୁଦ୍ର ଜାତ ହେଲ ।

ଆପଣାର ବିଶ୍ୱାତ୍ମ ସତ୍ତାରେ ବ୍ରହ୍ମ ହେଉଛନ୍ତି ସ୍ୱରୂପତଃ ଏକ ଏବଂ ବହୁ । ସେଠାରେ ଏକ ବହୁଙ୍କୁ ଜାଣିଛନ୍ତି ଓ ବହୁ ଏକଙ୍କୁ ଜାଣିଛନ୍ତି; ଦୁହେଁ ଆପଣାକୁ ପରସ୍ପରର ଅନ୍ତର୍ଭୁକ୍ତରୂପେ ଦେଖୁଛନ୍ତି । ବସ୍ତୁତଃ ବ୍ରହ୍ମ ହେଉଛନ୍ତି ଏକ ଏବଂ ବହୁ ଉଭୟର ଅତୀତ, ସେଥିରେ ଏକ ଏବଂ ବହୁ ଉଭୟେ ଅନ୍ତର୍ଗତ ହୋଇ ରହିଛନ୍ତି, ଏବଂ ତାହା ଉଭୟଙ୍କ ବିଷୟରେ ସଚେତନସମ୍ପନ୍ନ ହୋଇ ରହିଛି । ତେଣୁ କେବଳ ଯେତକବେଳେ ସତ୍ତାଗତ ଏକ ଆଂଶିକ ଜ୍ଞାନ କିମ୍ବା ଆଂଶିକ କ୍ରିୟା ମଧ୍ୟରେ ଚେତନାର କୌଣସି ଅଭିନିବେଶ ନିଜକୁ ମଗ୍ନ କରିପକାଏ, ଏବଂ କେବଳ ସେତକକୁ ଛାଡ଼ି ଅବଶିଷ୍ଟ ସବୁକିଛିକୁ ଆପଣାର ସଚେତନା ମଧ୍ୟରୁ ବହିଷ୍କୃତ କରି ରଖେ, ସେତକ-ବେଳେହିଁ ଏକ ଗୌଣ ପ୍ରତିଭାସର ରୂପ ଗ୍ରହଣ କରି ଅବିଦ୍ୟାର ସୃଷ୍ଟି ହୋଇପାରେ । ସେତେବେଳେ ହୁଏତ ଏକ ବହୁ ବା ଅନେକଙ୍କୁ ବହିଷ୍କୃତ କରି ରଖି କେବଳ ନିଜ ଭିତରେ ଅଭିନିବିଷ୍ଟ ହୋଇ ରହେ, ଅଥବା ଏକର ସର୍ବ-ଅବଗତତାକୁ ବହିଷ୍କୃତ କରିଦେଇ ବହୁ ବା ଅନେକ କେବଳ ଆପଣାର କ୍ରିୟା ଭିତରେହିଁ ଅଭିନିବିଷ୍ଟ ହୋଇ ରହନ୍ତି । ଅଥବା ବ୍ୟକ୍ତିସତ୍ତା କେବଳ ନିଜ ଭିତରେ କେନ୍ଦ୍ରୀଭୂତ ବା ଅଭିନିବିଷ୍ଟ ହୋଇ ରହେ ଏବଂ ପରମ ଏକ ତଥା ଅବଶିଷ୍ଟ ବହୁ ଉଭୟଙ୍କୁ ଆପଣାର କ୍ଷେତ୍ର ଭିତରୁ ବହିଷ୍କୃତ କରି ରଖେ । ଅନେକ କହିଲେ ବ୍ୟକ୍ତିସତ୍ତା ସେତେବେଳେ

'oaob.nitrkl.ac.in' images reprocessed

ତା’ଠାରୁ ପୃଥକ୍ ହୋଇ ରହିଥିବା ଏବଂ ତା’ ପ୍ରତ୍ୟକ୍ଷ ସମ୍ବନ୍ଧର ଆସ୍ତରଣ ଭିତରେ ପ୍ରବେଶ କରିନଥିବା ଏକକଗୁଡ଼ିକର ସମଷ୍ଟିକୁହିଁ ବୁଝାଏ । ଅଥବା, ଏହି ଢନୋଟିଯାକ ମଧ୍ୟରେ କ୍ରିୟାଶୀଳ ହୋଇ ରହିଥିବା ଐକାନ୍ତିକ ଅଭିନିବେଶର ସେପରି କୌଣସି ସାଧାରଣ ବିଧାନ ଥାଇପାରେ କିମ୍ବା କୌଣସି ପର୍ଯ୍ୟାୟରେ ଆସି ଉପସ୍ଥିତ ବି ହୋଇପାରେ, ଏକ ଭେଦଧର୍ମୀ ଗତିସ୍ପନ୍ଦନ ମଧ୍ୟରେ ଭେଦମୂଳ ଚେତନାର ଏକ ସବିସ୍ୱ ଅଭିନିବେଶ ଆସି ଆବିର୍ଭୂତ ହୋଇପାରେ । ମାତ୍ର ସେହି ଅଭିନିବେଶଟି ଯଥାର୍ଥ ଆତ୍ମାର ଭୂମି ଉପରେ ସଂଘଟିତ ହୁଏ ନାହିଁ, ସବିସ୍ୱ ସତ୍ତାର ଶକ୍ତି ଭିତରେ ଅର୍ଥାତ୍ ପ୍ରକୃତି ଭିତରେ ହୋଇଥାଏ ।

ଏହି ମତଟିକୁ ଆମେ ଅନ୍ୟାନ୍ୟ ମତଗୁଡ଼ିକ ଅପେକ୍ଷା ଅଧିକ ସମୀଚୀନ ବୋଲି ମନେକରି ଗ୍ରହଣ କରୁଛୁ, କାରଣ ଏଇଟିକୁ ଛାଡ଼ି ଆଉ ଅନ୍ୟ ଯେତୋଟି ମତ ରହିଛି, ସେଗୁଡ଼ିକ ମଧ୍ୟରୁ କୌଣସିଟି ଆପଣା ଗୋଡ଼ରେ ଠିଆହୋଇ ପାରିବେ ନାହିଁ କିମ୍ବା ଜଗଦସ୍ତିତ୍ୱର ସକଳ ତଥ୍ୟଗୁଡ଼ିକ ସହିତ ଆଦୌ ଖାପ ଖାଇ ପାରିବେ ନାହିଁ । ଆପଣାର ସମଷ୍ଟିଭାବହିଁ ଯଦି ସମଗ୍ର ବ୍ରହ୍ମର ଧର୍ମ ହୁଏ, ତେବେ ତାହାକୁ କଦାପି ଅବିଦ୍ୟାର ଜନକ ବୋଲି କୁହାଯାଇ ପାରିବ ନାହିଁ । କାରଣ ଏହାର ସେହି ସମଗ୍ରତା ସ୍ୱଭାବତଃ ଏକ ସର୍ବଗତ ଚେତନାକୁ ବୁଝାଇବ । ଆପଣାର ସମଗ୍ର ଚେତନ ସତ୍ତାରେ ପରମ ଏକ ବହୁ ବା ଅନେକକୁ କଦାପି ଆପଣାର ଆସ୍ତରଣ ମଧ୍ୟରୁ ବହିଷ୍କୃତ କରି ରଖିପାରିବ ନାହିଁ, କାରଣ ସେତେବେଳେ ବହୁର ଆଦୌ କୌଣସି ଅସ୍ତିତ୍ୱହିଁ ସମ୍ଭବ ହେବ ନାହିଁ । କେବଳ ଏତିକିମାତ୍ର କୁହାଯାଇ ପାରିବ ଯେ ବିଶ୍ୱଗତ ଲୀଳାଭୂମିରୁ ଅପସରି ଯାଇ ପରମ ଏକ ହୁଏତ ଆତ୍ମଚେତନାର କୌଣସି ଏକ ଭୂମିରେ ଅବସ୍ଥିତ ରହିପାରିବେ, ଯାହାଫଳରେ କି ବ୍ୟଷ୍ଟିସତ୍ତା ମଧ୍ୟରେ ବି ସେ ସେହିପରି ଏକ ଗତିସ୍ପନ୍ଦନର ସଂଘଟନ କରାଇ ପାରିବେ । ଆପଣାର ଅଖଣ୍ଡ ସମଷ୍ଟି-ଭାବରେ ହେଉ ଅଥବା ଅନେକର ଅନ୍ତର୍ଗତ ପ୍ରତ୍ୟେକଟି ଆତ୍ମା ବା ସତ୍ତା ଭିତରେ ହେଉ, ବହୁ ବା ଅନେକ କଦାପି ପରମ ଏକ କିମ୍ବା ଅନ୍ୟମାନଙ୍କ ବିଷୟରେ ପ୍ରକୃତରେ ଅଜ୍ଞାନଜଡ଼ିତ ହୋଇ ରହିପାରିବ ନାହିଁ । କାରଣ ଯେତେବେଳେ ଆମେ ଅନେକ ବୋଲି କହୁଛୁ, ସେତେବେଳେ ତଦ୍ୱାରା ସବୁରି ମଧ୍ୟରେ ରହିଥିବା ସେହି ଗୋଟିଏ ଦିବ୍ୟ ପରମ ଆତ୍ମାକୁହିଁ ବୁଝୁଛୁ । ଏକଥା ସତ ଯେ ଏହି କ୍ଷେତ୍ରରେ ସେହି ଆତ୍ମା ବ୍ୟଷ୍ଟିଭାବାପନ୍ନ ହୋଇ ରହିଛନ୍ତି; ମାତ୍ର ତଥାପି ସେ ଏକ ଅଖଣ୍ଡ ସର୍ବାତ୍ମତାରେ ଆପଣା ଚେତନସତ୍ତାର ଭୂମି ଉପରେ ସବୁରି ସହିତ ଏକାତ୍ମ ହୋଇ ରହିଛନ୍ତି, ଏବଂ ଅନ୍ତଃତଳରେ ଅନାଦି ବିଶ୍ୱାତୀତ ପରମସତ୍ତାଟି ସହିତ ବି ଏକାତ୍ମ ହୋଇ ରହିଛନ୍ତି । ତେଣୁ ଅବିଦ୍ୟା କଦାପି ଆତ୍ମାର ଚେତନାଗତ ଏକ ସ୍ୱାଭାବିକ ଲକ୍ଷଣ ନୁହେଁ, ଏପରିକି

'oaob.nitrkl.ac.in' images reprocessed

ବ୍ୟଷ୍ଟି-ଆତ୍ମାର ମଧ୍ୟ ସ୍ୱଭାବଗତ ଲକ୍ଷଣ ନୁହେଁ । ଯେତେବେଳେ କାର୍ଯ୍ୟକାରୀ ହୋଇଥିବା ଅବସ୍ଥାରେ ଚେତନାଶକ୍ତି ଆପଣାର ସଂରଚନାଗୁଡ଼ିକ ମଧ୍ୟରେ ମଗ୍ନ ହୋଇପଡ଼େ ଏବଂ ଆତ୍ମା ତଥା ପ୍ରକୃତିଗତ ସମଗ୍ର ସତ୍ତାଟି ବିଷୟରେ ବିସ୍ମୃତ ହୋଇ ରହେ, ସେତିକିବେଳେ ତାହାର କୌଣସି ଏକ ବିଶେଷ-ଅଭିମୁଖୀ କ୍ରିୟାର ପରିଣାମରୂପେ ଅଜ୍ଞାନର ଆବିର୍ଭାବ ହୁଏ । ଏହି କ୍ରିୟାଟି କଦାପି ସମଗ୍ର ସତ୍ତା ବା ସମଗ୍ର ସତ୍ତାଶକ୍ତିର କ୍ରିୟା ହୋଇ ନପାରେ; କାରଣ କୌଣସି ଆଂଶିକ ଚେତନା ନୁହେଁ, ମାତ୍ର ସମଗ୍ର ଓ ପରିପୂର୍ଣ୍ଣ ଚେତନା ହେଉଛି ସେହି ସମଗ୍ରତା ଅର୍ଥାତ୍ ପରିପୂର୍ଣ୍ଣସ୍ଥିତିର ମୂଳ ଲକ୍ଷଣ । ତେଣୁ ଅଜ୍ଞାନକୁ କେବଳ ଏକ ବହିର୍ଭାଗୀୟ ବା ଆଂଶିକ ଗତିସ୍ପନ୍ଦନ ବୋଲିହିଁ ବୁଝାଯିବ; ଏହା ଶକ୍ତି ବା ଚେତନାର କେବଳ ଏକ ବହିର୍ଭାଗୀୟ ବା ଆଂଶିକ କ୍ରିୟା ଭିତରେ ଆପଣାକୁ ମଗ୍ନ କରି ରଖିଥାଏ, ଏବଂ ସେହି ଶକ୍ତି ବା ଚେତନା କେବଳ ଆପଣା ରୂପାୟନଟି ଭିତରେ ଅଭିନିବିଷ୍ଟ ହୋଇ ରହିଥାଏ; ଓ ଆଉ ଯାହାସବୁ ସେହି ରୂପାୟନଟିର ଅନ୍ତର୍ଗତ ନଥାଏ ଅଥବା ସେଠାରେ ପ୍ରକାଶ୍ୟ ଭାବରେ କାର୍ଯ୍ୟ କରୁନଥାଏ, ସେଗୁଡ଼ିକ ବିଷୟରେ ସେ ସମ୍ପୂର୍ଣ୍ଣ ବିସ୍ମୃତ ଥାଏ । ପ୍ରକୃତି ସଚେଅବା ଉଦ୍ଦେଶ୍ୟମୂଳକ ଭାବରେହିଁ ଆତ୍ମା ଏବଂ ସର୍ବ-ମୟତାକୁ ବିସ୍ମୃତିର ଗର୍ଭମଧ୍ୟକୁ ନିକ୍ଷିପ୍ତ କରି ଦେଇଥାଏ, ସେଗୁଡ଼ିକୁ ଅପସାରି ରଖିଦିଏ ଅର୍ଥାତ୍ ଆପଣା ପଛରେ ଲୁଚାଇ ରଖିଥାଏ; ଅସ୍ତିତ୍ୱର କୌଣସି ଏକ ବହିର୍ଲୀଳା ମଧ୍ୟରେ ତାହାର ଯାହା କରିବାକୁ ଥାଏ, ତାହାକୁ ସ୍ଥିର ଓ ନିମଗ୍ନ ଭାବରେ କରି ପାରିବାଲାଗି ପ୍ରକୃତି ଏପରି କରିଥାଏ । ଆମେ ତାହାକୁହିଁ ଅବିଦ୍ୟା ବୋଲି କହିବା ।

ସତ୍ତାର ଅନନ୍ତତା ଓ ତାହାର ଅନନ୍ତ ଚେତନା ମଧ୍ୟରେ ତପଃଶକ୍ତି ଚେତନା-ଶକ୍ତିର ଏକ ଅନ୍ତର୍ନିହିତ ସାମର୍ଥ୍ୟରୂପେ ସବୁବେଳେ ରହିଥାଏ । ଏହାକୁ ଆମେ ଶାଶ୍ୱତ ସର୍ବଜ୍ଞସମ୍ପନ୍ନତାର ଆପଣା ଭିତରେ, ଆପଣା ଉପରେ ଓ ଆପଣାର ବିଷୟଟି ଉପରେ ଆତ୍ମାଧିକୃତ ଓ ଆତ୍ମସଂଗୃହୀତ ଭାବରେ ଅଧିଷ୍ଠିତ ରହିବା ବୋଲି କହିପାରିବା । ମାତ୍ର କେତେକ ଦୃଷ୍ଟିରୁ ବିଚାର କଲେ ବିଷୟଟି ସର୍ବଦା ଆପଣାର ଏକ ସ୍ୱତନ୍ତ୍ର ଅସ୍ତିତ୍ୱରୂପେ ଆପଣାର ସ୍ୱକୀୟ ସତ୍ତାରେ ଅଥବା ଆପଣା ସତ୍ତାର ଏକ ରୂପପ୍ରକାଶ ଓ ଗତିସ୍ପନ୍ଦନରୂପେ ଅବସ୍ଥିତ ରହିଥାଏ । ତପଃଶକ୍ତି ବା ଚେତନାଶକ୍ତିର ଏହି ଅଭିନିବେଶ ସ୍ୱରୂପଗତ ହୋଇପାରେ, ଏପରିକି କେବଳ ଏଇଟି ବ୍ୟତୀତ ସେଠାରେ ହୁଏତ ଆଉ ଅନ୍ୟ କିଛିହେଲେ ଅଧିଷ୍ଠିତ ନଥାଇ ପାରେ, ଅର୍ଥାତ୍ ଆପଣା ସତ୍ତାର ସ୍ୱରୂପ ମଧ୍ୟରେ ଏକ ପରିପୂର୍ଣ୍ଣ ନିମଗ୍ନତାହିଁ ବିଦ୍ୟମାନ ଥାଇପାରେ, ଏକ ଜ୍ୟୋତିର୍ମୟ ଅଥବା ଏକ ଆତ୍ମବିସ୍ମୃତ ଆତ୍ମବିସ୍ମୃତିହିଁ ଥାଇପାରେ । ଅଥବା, ଏହା ଏକ ସମଗ୍ର ଓ ସର୍ବଗତ ଅଭିନିବେଶ ହୋଇପାରେ, କିମ୍ବା ବହୁତ୍ୱର ସମଗ୍ରତାରେ ବା ବହୁତ୍ୱର

କୌଣସି ଏକ ଅଂଶରେ ମଧ୍ୟ ହୋଇପାରେ । ଅଥବା, ଏହା ଆପଣା ସତ୍ତା ବା ଗତିସ୍ପନ୍ଦନର କେବଳ ଗୋଟିଏ ମାତ୍ର କ୍ଷେତ୍ରରେହିଁ ଏକ ଏକକ ଭେଦମୂଳକ ଅବଲୋକନ ବି ହୋଇପାରେ, ଏକ ଏକମୁଖୀ ଦୃଷ୍ଟିରେ କେବଳ ଗୋଟିଏ କେନ୍ଦ୍ରରେ ଅଭିନିବିଷ୍ଟ ହେବାକୁ ବୁଝାଇପାରେ, ଅଥବା ଆତ୍ମସତ୍ତାର କୌଣସି ଗୋଟିଏ ବସ୍ତୁସ୍ଥିତିଗତ ରୂପରେ ନିମଜ୍ଜିତ ହୋଇ ରହିବାକୁ ବି ବୁଝାଇପାରେ । ପ୍ରଥମ କ୍ଷେତ୍ରଟିକୁ ଅର୍ଥାତ୍ ସ୍ୱରୂପଗତ ଅଭିନିବେଶଟିକୁ ଆମେ ତାହାର ଗୋଟିଏ ପ୍ରାନ୍ତରେ ଅତିଚେତନ ନୈଶଦ୍ୟ ବୋଲି କହିପାରିବା, ଏବଂ ଅନ୍ୟ ପ୍ରାନ୍ତଟିରେ ପରମ ନିଶ୍ଚେତନତା ବୋଲି କହିବା । ଦ୍ୱିତୀୟ ଅର୍ଥାତ୍ ସମଗ୍ର ଅଭିନିବେଶଟି ହେଉଛି ସଚ୍ଚିଦାନନ୍ଦଙ୍କର ସମଗ୍ର ଚେତନା ବା ଅତିମାନସ ସମାଧିର ଅବସ୍ଥା । ପୁଣି, ବହୁଧାସଞ୍ଚାରିତ ତୃତୀୟ ଅଭିନିବେଶ ସମସ୍ତରେ ଏକ ସର୍ବଶୀଳ ଅର୍ଥାତ୍ ଅନେକଙ୍କୁ ଠୁଳ ଓ ସମଷ୍ଟୀଭୂତ କରି ଆଣୁଥିବା ଅଧିମାନସ ସର୍ବତ୍ତ୍ୱର ପଦ୍ଧତିଟି କାର୍ଯ୍ୟ କରୁଥାଏ । ଏବଂ ଚତୁର୍ଥ ଅର୍ଥାତ୍ ଭେଦମୂଳକ ଅଭିନିବେଶକୁ ଆମେ ଅଜ୍ଞାନର ଏକ ସ୍ୱଭାବଲକ୍ଷଣ ବୋଲି ଗ୍ରହଣ କରିବା । ଆପଣା ଚେତନାର ଏହି ସ୍ୱଗ୍ରେଷ୍ଟିଯାକ ଶକ୍ତି ବା ସାମର୍ଥ୍ୟକୁ ସର୍ବୋଚ୍ଚ ସତ୍ତାର ପରମ ସମଗ୍ରତା କେବଳ ଗୋଟିଏ ଅବିଭାଜ୍ୟ ସତ୍ତାରୂପେ ଏକାଠି ଧାରଣ କରି ରଖିଛି ଏବଂ ଏକ ଯୁଗପତ୍ ଆତ୍ମଦୃଷ୍ଟିଦ୍ୱାରା ଆପଣାରହିଁ ପରିପ୍ରକାଶରୂପେ ଏହି ସବୁଗୁଡ଼ିକୁ ଅବଲୋକନ କରିବାରେ ଲାଗିଛି ।

ବିଶ୍ୱସ୍ୱରୂପୀ ଆପଣା ଭିତରେ ଅଥବା ଆପଣା ଉପରେ ଆତ୍ମବିଧୃତ ଭାବରେ ଅଧିଷ୍ଠିତ ରହିବାର ଏହି ଅର୍ଥରେ ଆମେ ଅଭିନିବେଶକୁ ଚେତନାମୟ ସତ୍ତାର ଏକ ସ୍ୱଭାବଗତ ସମ୍ପଦ ବୋଲି ବେଶ୍ କହିପାରିବା । କାରଣ, ଚେତନା ଅନ୍ତଃସ୍ଥିତ ଭାବରେ ପ୍ରସାରିତ ହୋଇ ରହିଛି ବା କୁଞ୍ଚିତ ହୋଇ ରହିଛି ବୋଲି ଆମେ ଜାଣିଥିଲେ ମଧ୍ୟ, ଆମେ ତାହାକୁ ଏକ ଆତ୍ମବିଧୃତ ଓ ଆତ୍ମ-ଅନ୍ତର୍ଗତ ପ୍ରସାରଣ ବୋଲିହିଁ କହିବା, ଅଥବା ଏକ ଆତ୍ମବିଧୃତ ଓ ଆତ୍ମ-ଅନ୍ତର୍ଗତ କୁଞ୍ଚନରୂପେ ବୁଝିବା । ଏହି କ୍ଷେତ୍ରରେ ଶକ୍ତିର କେବଳ ବିକ୍ଷେପହିଁ ହେଉଥିବା ପରି ହୁଏତ ବୋଧ ହେଲେ ମଧ୍ୟ ଆମେ ଏହାକୁ ପ୍ରକୃତରେ ଏକପ୍ରକାର ବିତରଣ ବୋଲି କହିବା । ଏକ ବହିର୍ଭାଗୀୟ କ୍ଷେତ୍ରରେ ଏହି ବିତରଣ ସମ୍ଭବ ହେଉଛି, କାରଣ ଏହା ଆପଣାର ଗଭୀରରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ଆତ୍ମବିଧୃତ ଅଭିନିବେଶକୁ ଆଶ୍ରୟ କରି ରହିଛି । ସତ୍ତା ବା ଗତିସ୍ପନ୍ଦନର କୌଣସି ଗୋଟିଏ ଅଂଶ, ବିନ୍ଦୁ କିମ୍ବା କ୍ଷେତ୍ରରେ ଏକ ଐକାନ୍ତିକ ଅଭିନିବେଶ ସଂଘଟିତ ହେଉଛି, ଏକଥା କହିବାବେଳେ ପରମ ଚିତ୍‌ସତ୍ତାର ସର୍ବତ୍ତ୍ୱସମ୍ପନ୍ନତାକୁ ଖଣ୍ଡନ କରି ଦିଆଯାଉ ନାହିଁ ବା ତାହାକୁ କୌଣସି ପ୍ରକାରେ ବର୍ଜନ କରାଯାଉ ନାହିଁ । କାରଣ ଏହା ତପଃଶକ୍ତିର ଆତ୍ମସଞ୍ଚୟନର ଏକ

'oaob.nitrkl.ac.in' images reprocessed

ରୂପ ଗ୍ରହଣ କରିହିଁ ଏଠାରେ କାର୍ଯ୍ୟ କରୁଛୁ । ମାତ୍ର ଅଭିନିବେଶଟି ଐକାନ୍ତିକ ହେଲାବେଳେ ତାହା ଅବଶିଷ୍ଟ ଆତ୍ମଜ୍ଞାନକୁ ଆପଣା ପଛରେ ପ୍ରତ୍ୟାହୃତ କରି ରଖୁଛି । ଅବଶିଷ୍ଟ ସମ୍ବନ୍ଧରେ ଏହାର ସଚେତ୍ ଅବଚ୍ଛିନ୍ନ ଭାବରେ ବର୍ତ୍ତମାନ ରହିପାରେ, ତଥାପି ସଚେତଥିବା ଏହାର ସେପରି କୌଣସି ସଚେତ୍ ବର୍ତ୍ତମାନ ନାହିଁ, ତାହା ସେହିପରି ଭାବରେ କାର୍ଯ୍ୟ ବି କରିପାରେ । ଆମେ ସେଇଟିକୁ ଅଜ୍ଞାନର ଏକ ସ୍ଥିତି କିମ୍ବା କ୍ରିୟା ବୋଲି କହିପାରିବା ନାହିଁ । ମାତ୍ର ଅଭିନିବେଶର ପ୍ରକ୍ରିୟାଟି ସମସ୍ତରେ ଚେତନା ଯଦି କେବଳ ଗୋଟିଏ ରାଜ୍ୟ, ନିବାସ ବା କ୍ଷେତ୍ରରେ ନିଜକୁ ଲଖି ରଖିବାର ଅଭିପ୍ରାୟରେ ଗତିଶ୍ପନ୍ଦନ ମଧ୍ୟରେ ଏକ ବର୍ଜନମୂଳକ ପ୍ରାଚୀର ଠିଆ କରାଇ ରଖେ, ଏବଂ ତାହାଦ୍ୱାରା କେବଳ ସେହି କ୍ଷେତ୍ରଟିକୁ ଜାଣେ ଅଥବା ସେହି କ୍ଷେତ୍ରଟିକୁ ଛାଡ଼ି ଦେଲେ ଆଉ ସବୁକିଛି ତାହାର ବାହାରେହିଁ ରହିଛି ବୋଲି ମନେ କରୁଥାଏ, ସେତିକିବେଳେ ଆତ୍ମସୀମାବଦ୍ଧକାରୀ ଜ୍ଞାନର ଉତ୍କୃଷ୍ଟଲାଗି ଅବକାଶ ଆସି ପହଞ୍ଚେ । ପରିଣାମସ୍ୱରୂପ ସେଇଥିରୁହିଁ ଭେଦମୂଳ ଜ୍ଞାନ ସଞ୍ଜାତ ହୋଇପାରେ ଏବଂ ତାହା ଏକ ସକାରାତ୍ମକ ଓ କାର୍ଯ୍ୟକାରୀ ଅଜ୍ଞାନରୂପେ ପରିଣତ ହୋଇଯାଇପାରେ ।

ମନୋଭୂମିର ଆୟତନ ମଧ୍ୟରେ ବିଚରଣ କରୁଥିବା ମନୁଷ୍ୟର ଅର୍ଥାତ୍ ଆମ ନିଜର ଚେତନା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଐକାନ୍ତିକ ଅଭିନିବେଶର ପ୍ରକୃତିଟିକୁ ବିଚାର କରି ଦେଖିଲାବେଳେହିଁ ଆମେ ଏହି ପ୍ରକ୍ରିୟାଟିର ଅର୍ଥ ବିଷୟରେ ଏକ ଆଭାସ ପାଇଥାଉ; ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ତାହା କିପରି ଆକାର ନିଏ, ତାହାର ଏକ ଧାରଣା କରିଥାଉ । ପ୍ରଥମେ ଉଲ୍ଲେଖ କରି ରଖିବାକୁ ହେବ ଯେ ମନୁଷ୍ୟ କହିଲେ ଆମେ ସାଧାରଣତଃ ଯାହା ବୁଝିଥାଉ, ତାହା ସେହି ମନୁଷ୍ୟର ଅନ୍ତର୍ଗତ ଆତ୍ମା ନୁହେଁ; ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବୋଲି କୁହାଯାଉଥିବା କାଳଗତ ପ୍ରବାହ ଉପରେ ଚେତନାର ଓ ଶକ୍ତିର ଯେଉଁ ଅବିରାମ ଓ ଆପାତ ଗତିସ୍ପନ୍ଦନ ଲାଗି ରହିଥାଏ, ତାହାର ସମଷ୍ଟିଟାକୁହିଁ ଆମେ ମନୁଷ୍ୟ ବୋଲି ଅଭିହିତ କରୁ । ଉପରୁ ଦେଖିବାକୁ ତାହାହିଁ ମନୁଷ୍ୟର ଯାବତୀୟ କାର୍ଯ୍ୟ କରୁଥାଏ, ମନୁଷ୍ୟର ଯାବତୀୟ ଭାବନାକୁ ସେଇ ଭାବେ, ଏବଂ ତା'ର ଯାବତୀୟ ସମ୍ବେଦନାକୁ ସେଇ ଅନୁଭବ କରେ । ଏହି ଶକ୍ତିକୁ ଆମେ ଚେତନାଶକ୍ତିର ଏକ ଗତିସ୍ପନ୍ଦନ ବୋଲି କହିବା, ଯାହାକି ଅନ୍ତର୍ମୁଖୀ ଓ ବହିର୍ମୁଖୀ ନାନା କ୍ରିୟାର ଏକ କାଳଗତ ପ୍ରବାହ ଉପରେ ଅଭିନିବିଷ୍ଟ ହୋଇ ରହିଥାଏ । ମାତ୍ର ଆମେ ଆଗରୁ ଜାଣିସାରିଛୁ ଯେ ଶକ୍ତିର ଏହି ପ୍ରବାହଟି ପଛରେ ଚେତନାର ଏକ ସମଗ୍ର ମହାସାଗର ବିଦ୍ୟମାନ ରହିଥାଏ, ଯାହାର କି ପ୍ରବାହଟି ବିଷୟରେ ପୂର୍ଣ୍ଣ ଜ୍ଞାନ ଥାଏ, ମାତ୍ର ପ୍ରବାହଟି ଯାହା ବିଷୟରେ କୌଣସିପ୍ରକାରେ ଅବଗତ ନଥାଏ । କାରଣ ଉପରିଭାଗରେ ଆମେ

'oaob.nitrkl.ac.in' images reprocessed

ଯେଉଁ ଶକ୍ତିସମଷ୍ଟିଟିକୁ ଦେଖିପାରୁଛୁ, ତାହା ହେଉଛି ଏକ ବୃହତ୍ତର ଶକ୍ତିପରିମାଣର ଏକ ନିର୍ବାଚିତ ଅଂଶମାତ୍ର, ଅଦୃଶ୍ୟ ହୋଇ ରହିଥିବା ଅବଶିଷ୍ଟ ସମୁଦାୟ ପରିମାଣଟିର ଏକ ପରିଣାମ ମାତ୍ର । ସେହି ମହାସାଗରଟି ହେଉଛି ଅଧିଚେତନ ସତ୍ତା; ତାହାହିଁ ଅତିଚେତନ, ଅବଚେତନ, ଅନ୍ତର୍ଚେତନ ଓ ପରିଚେତନ ସତ୍ତା । ଏବଂ ତାହାହିଁ ଚୈତ୍ୟ ସତ୍ତା, ଯାହାକି ସେଗୁଡ଼ିକୁ ସମସ୍ତଙ୍କୁ ଏକତ୍ର ଧାରଣ କରି ରହିଛି । ପ୍ରବାହଟି ହେଉଛି ପ୍ରକୃତି ମଧ୍ୟରେ ଅବସ୍ଥିତ ମଣିଷ, ଉପରିସ୍ତରରେ ଆତଯାତ ହେଉଥିବା ମଣିଷ । ଉପରିସ୍ତରସ୍ଥ ଏହି ମଣିଷଟି ଭିତରେ ତପଃ ଅର୍ଥାତ୍ ସତ୍ତାଗତ ଚେତନାର ଗତିଶୀଳ ଶକ୍ତିଟି ଉପରିସ୍ତରସ୍ଥ କ୍ରିୟାବିକ୍ରିୟାର ଏକ ନିର୍ଦ୍ଦିଷ୍ଟ ସମାହାର ଉପରେ ସେହି ଉପରିସ୍ତରରେହିଁ ଅଭିନିବିଷ୍ଟ ହୋଇ ରହିଛି । ଆପଣାର ଅବଶିଷ୍ଟ ସକଳ ଉପାଦାନକୁ ତାହା ଆପଣାର ପଛଆଡ଼େ ଅପସରାଇ ଦେଇଛି, ଏବଂ ଆପଣା ଚେତନସତ୍ତାର ଅନଗଠିତ ପୃଷ୍ଠସ୍ତରଟିରେ ହୁଏତ ତାହା ବିଷୟରେ ବଡ଼ ଅସ୍ପଷ୍ଟ ଭାବରେ ସଚେତନ ହେବାଲାଗି ସମର୍ଥ ହେଉଛି । ମାତ୍ର ପୃଷ୍ଠସ୍ତରସ୍ଥ ଏହି ବହିରଙ୍ଗ ବୃତ୍ତିରହିବାର ଗତିସ୍ପନ୍ଦନରେ ସେ ସେଇଟି ବିଷୟରେ ଅଜ୍ଞାନମଗ୍ନ ହୋଇ ରହିଛି । ଶବ୍ଦଟିର କୌଣସି ମର୍ମଗତ ଅର୍ଥରେ ଏହା ଆପଣା ବିଷୟରେ ଅଜ୍ଞାନାଚ୍ଛନ୍ନ ହୋଇ ରହିଛି ବୋଲି ଠିକ୍ କୁହାଯାଇ ପାରିବ ନାହିଁ; ଅନ୍ତତଃ ସେହି ପୃଷ୍ଠସ୍ତରରେ କିମ୍ବା ଗଭୀରତର ପ୍ରଦେଶଗୁଡ଼ିକରେ ସେପରି ହେଉଛି ବୋଲି କଦାପି କୁହାଯାଇ ପାରିବ ନାହିଁ । ମାତ୍ର କେବଳ ଆପଣାର ବହିରଙ୍ଗ ଗତିସ୍ପନ୍ଦନଟିର ଉଦ୍ଦେଶ୍ୟସିଦ୍ଧି ଲାଗି ସେପରି ହେଉଛି, ଏବଂ କେବଳ ସେହି ଗତିସ୍ପନ୍ଦନଟି ମଧ୍ୟରେହିଁ ଏହା ଆପଣାର ଯଥାର୍ଥ ଓ ବୃହତ୍ତର ଆତ୍ମାଟି ବିଷୟରେ ବିସ୍ମୃତ ହୋଇ ରହିଛି । ବହିରଙ୍ଗ ଭାବରେ କରୁଥିବା ଆପଣାର କ୍ରିୟାଗୁଡ଼ିକ ମଧ୍ୟରେ ନିମଗ୍ନ ହୋଇଯାଇ ଓ ତାହାର ଉପରେ ଆପଣାକୁ ଐକାନ୍ତିକ ଭାବରେ ଅଭିନିବିଷ୍ଟ କରି ରଖିବାଦ୍ୱାରା ଏହାର ସେହି ବିସ୍ମୃତି ଘଟୁଛି । ମାତ୍ର ଯଥାର୍ଥତଃ ଏହାକୁ ମଧ୍ୟ ଆମେ ସେହି ପ୍ରଚ୍ଛନ୍ନ ମହାସାଗରଟି ବୋଲି ବୁଝିବା; ଉପରେ ଆସି ଯାହା ଯାବତୀୟ କ୍ରିୟାଗୁଡ଼ିକୁ କରୁଛି, ସେହି ବହିର୍ଗାମୀ ପ୍ରବାହଟି ବୋଲି ବୁଝିବା ନାହିଁ । ମହାସାଗରଟିହିଁ ଏହି ଗତିସ୍ପନ୍ଦନର ଉଦ୍‌ଗମସ୍ଥାନ; ସେହି ସାଗର ଚେତନ ତରଙ୍ଗରୂପେ ଯାହାକୁ ଉପରକୁ ଫୋପାଡ଼ି ଦେବାରେ ଲାଗିଛି, ସେଇଟା ଉଦ୍‌ଗମସ୍ଥାନ ନୁହେଁ । ଆପଣାର ଗତିସ୍ପନ୍ଦନ ମଧ୍ୟରେ ଆପଣାକୁ ହଜାଇ ଦେଇଥିବା, ତାହାର ଭିତରେ ବାସ କରୁଥିବା ଏବଂ ତାହାର ବ୍ୟତୀତ ଆଉ କିଛିହେଲେ ଦେଖି ପାରୁନଥିବା ସେହି ତରଙ୍ଗସ୍ଥ ଚେତନା ଏହି ବିଷୟଟିକୁ ଯେପରି ଗ୍ରହଣ କରୁଥାଉ ବା ଏହା ବିଷୟରେ ଯାହା ଭାବୁଥାଉ ପଛକେ, ସାଗରହିଁ ସେହି ଗତିସ୍ପନ୍ଦନର ଉଦ୍‌ଗମସ୍ଥାନ । ଏବଂ ସେହି ସାଗର, ସେହି ଯଥାର୍ଥ ଅନ୍ତର୍ସତ୍ତା, ସେହି

'oaob.nitrkl.ac.in' images reprocessed

ସମସ୍ତ ଚେତନସତ୍ତା ଓ ସେହି ସମସ୍ତ ସତ୍ତାଶକ୍ତି କଦାପି ଅଜ୍ଞାନାଚ୍ଛନ୍ନ ବା ଅବିଦ୍ୟାଗ୍ରସ୍ତ ନୁହେଁ । ଏପରିକି ସେହି ତରଙ୍ଗ ମଧ୍ୟ ମର୍ମତଃ ଅବିଦ୍ୟାଗ୍ରସ୍ତ ନୁହେଁ । କାରଣ ଯେଉଁସବୁ ଚେତନାକୁ ସେ ଏକାବେଳକେ ଭୁଲି ରହିଛି, ତାହାକୁ ସେ ଆପଣା ଭିତରେହିଁ ସମ୍ଭାରି ରଖିଛି; ସେଇଟି ନଥିଲେ ସିଏ ସ୍ୱୟଂ କୌଣସି କାର୍ଯ୍ୟ କରିପାରନ୍ତା ନାହିଁ ଓ ତିଷ୍ଠି ବି ରହିପାରନ୍ତା ନାହିଁ । ମାତ୍ର ସିଏ ଆତ୍ମବିସ୍ମୃତ ହୋଇ ରହିଛି, ଆପଣାର ଗତିସ୍ପନ୍ଦନ ଭିତରେ ବୁଡ଼ି ରହିଛି । ଏତେଦୂର ବୁଡ଼ିରହିଛି ଯେ ସେହି ଗତିସ୍ପନ୍ଦନଟିର କବଳ ଭିତରେ ପଡ଼ି ରହିଥିବାରୁ ସିଏ କେବଳ ସେହି ଗତିସ୍ପନ୍ଦନଟି ବ୍ୟତୀତ ଆଉ କିଛିହେଲେ ଲକ୍ଷ୍ୟ କରିପାରୁ ନାହିଁ । ଏହା ହେଉଛି ଏକ ସୀମାବଦ୍ଧ ଆତ୍ମବିସ୍ମୃତି, ଏକ ବ୍ୟାବହାରିକ ଆତ୍ମବିସ୍ମୃତି; ଏହାକୁ ଆମେ ଏକ ମର୍ମଗତ ଓ ଚିରସ୍ଥାୟୀ ଆତ୍ମ-ଅଜ୍ଞାନ ବୋଲି ଆଦୌ କହିପାରିବା ନାହିଁ । ତାହାହିଁ ହେଉଛି ଏହି ଐକାନ୍ତିକ ଅଭିନିବେଶଟିର ପ୍ରକୃତି, ଯାହାକି ତଥାପି ଅବିଦ୍ୟାରୂପେ କାର୍ଯ୍ୟ କରୁଥିବା ତତ୍ତ୍ୱଟିର ମୂଳଭୂମି ହୋଇ ରହିଛି ।

ସେହି କାରଣରୁ ହିଁ ଆମେ ଦେଖିପାରୁଛୁ ଯେ ମନୁଷ୍ୟ ବସ୍ତୁତଃ ଏକ ଅବିଭାଜ୍ୟ ତପଃପ୍ରବାହର ପ୍ରତିନିଧିତ୍ୱ କରୁଛି, କାଳର ଭୂମି ଉପରେ ଚେତନ ଶକ୍ତିର ବାହକ ହୋଇ ରହିଛି, କେବଳ ଆପଣା ଅତୀତ କ୍ରିୟାର ଶକ୍ତିସମଷ୍ଟି ଦ୍ୱାରା ପ୍ରେରିତ ହୋଇ ବର୍ତ୍ତମାନ ଭୂମିରେ କାର୍ଯ୍ୟ କରିବାଲାଗି ତା'ର ସାମର୍ଥ୍ୟ ରହିଛି ଏବଂ ଆପଣା ଅତୀତ ତଥା ବର୍ତ୍ତମାନର କ୍ରିୟାବଳୀ ଦେଇ ସେ ଏହି ମୁହୂର୍ତ୍ତରେ ମଧ୍ୟ ଆପଣାର ଭବିଷ୍ୟତଟିକୁ ଗଢ଼ିବାର ସାମର୍ଥ୍ୟ ରଖିଛି; ମାତ୍ର ତଥାପି ସେ କେବଳ ବର୍ତ୍ତମାନର ମୁହୂର୍ତ୍ତଟିରେହିଁ ବୁଡ଼ିରହିଛି, ମୁହୂର୍ତ୍ତରୁ ମୁହୂର୍ତ୍ତ ଜୀବନ ଧାରଣ କରୁଛି ଏବଂ ସେଇଥି ସକାଶେ ଚେତନାଗତ ବାହାରଙ୍କ କ୍ରିୟାର ଏହି ଭୂମିଟିରେ ସେ ଆପଣା ଭବିଷ୍ୟତ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହିଛି, ଏବଂ ଯେକୌଣସି ମୁହୂର୍ତ୍ତରେ ସ୍ମୃତିର ସାହାଯ୍ୟ ନେଇ ସେ ଅତୀତର କେବଳ ଯେଉଁ କ୍ଷୁଦ୍ର ଅଂଶଟିକୁ ମନେ ପକାଇ ପାରୁଛି, ସେତିକକୁ ଛାଡ଼ିଦେଲେ ଅତୀତର ଅବଶିଷ୍ଟ କ୍ଷେତ୍ରଟି ବିଷୟରେ ମଧ୍ୟ ସେ ଅଜ୍ଞ ହୋଇ ରହିଛି । ପୁଣି ଏକଥା ମଧ୍ୟ ସତ ଯେ ସେ ଅତୀତରେ ରହି ବଞ୍ଚେ ନାହିଁ; ସ୍ମୃତିର ସାହାଯ୍ୟରେ ସେ ଯାହାସବୁ ମନେପକାଏ, ତାହାକୁ ଖାସ୍ ଅତୀତ ବୋଲି ବୁଝାଯିବ ନାହିଁ, ତାହା ହେଉଛି ଅତୀତର ଏକ ପ୍ରେତ ପରି । ତା'ଲାଗି ସମ୍ପୂର୍ଣ୍ଣ ମୃତ ଓ ଅନ୍ତର୍ହିତ ଏକ ବାସ୍ତବ ସତ୍ୟର ଏକ ଅବଧାରଣାଗତ ଛାୟା ମାତ୍ର । ମାତ୍ର ଅନ୍ତର ଭିତରେ ଯେଉଁ ଅସଲ ଚେତନାଟି ଅବସ୍ଥିତ ରହିଥାଏ, ଆପଣାର ଅତୀତ ସମ୍ବନ୍ଧରେ ତାହା କଦାପି ଅଜ୍ଞାନାଚ୍ଛନ୍ନ ନଥାଏ । ସିଏ ଅତୀତକୁ ସେହିଠାରେହିଁ ଧରି ରଖିଥାଏ । କେବଳ ଆପଣାର ସ୍ମୃତି ମଧ୍ୟରେହିଁ ଯେ ସେ ତାହାକୁ ଧରି ରଖିବାକୁ ବାଧ୍ୟ ହୁଏ,

'oaob.nitrkl.ac.in' images reprocessed

ସେ କଥା ଆଦୌ ନୁହେଁ; ସତ୍ତା ଭିତରେହିଁ ତାହାକୁ ଧରି ରଖିଥାଏ । ଅତୀତ ତାହା ଭିତରେ କ୍ରିୟାଶୀଳ, ଜୀବନ୍ତ ଓ ଫଳୋନ୍ମୁଖ ହୋଇ ରହିଥାଏ । ଆମର ଯଥାର୍ଥ ଚେତନାଟି ତାହାକୁ ମଝିରେ ମଝିରେ ସ୍ମୃତିରୂପେ ଅଥବା ଅଧିକ ବାସ୍ତବ ରୂପରେ ଅତୀତର କର୍ମ ବା ଅତୀତର କୌଣସି କାରଣର ଫଳ ଆକାରରେ ବହିସ୍ଥର ଚେତନସତ୍ତାର ଭୂମିକୁ ପ୍ରେରଣ କରିବାରେ ଲାଗିଥାଏ । ଆମେ ଯାହାକୁ କର୍ମ ବୋଲି କହୁ, ଏହାହିଁ ହେଉଛି ତା'ର ପ୍ରକୃତ ତତ୍ତ୍ୱ । ଏହି ଅନ୍ତର୍ଚେତନା ଭବିଷ୍ୟତ ବିଷୟରେ ମଧ୍ୟ ପୂର୍ବଜ୍ଞସମ୍ପନ୍ନ ହୋଇପାରେ; କାରଣ ଅନ୍ତର୍ଗତ ସତ୍ତାଟି ମଧ୍ୟରେ କୌଣସି ଏକ ସ୍ଥାନରେ ଏପରି ଏକ ଜ୍ଞାନକ୍ଷେତ୍ର ବିଦ୍ୟମାନ ଥାଏ ଯାହାକି ଭବିଷ୍ୟଜ୍ଜ୍ଞାନ ଲାଗି ଉନ୍ମୁକ୍ତ ହୋଇ ରହିଥାଏ । ଏବଂ ତାହା ଭିତରେ ଭବିଷ୍ୟତ ଏବଂ ଅତୀତ ଉଭୟ ଦିଗକୁହିଁ ଏକ କାଳବୋଧ ପ୍ରସାରିତ ହୋଇ ରହିଥାଏ । ସେହିଭଳି ଏକ କାଳଦୃଷ୍ଟି, କାଳଗତ ଅନୁଭୂତି ପ୍ରସାରିତ ରହିଥାଏ । ତାହା ଭିତରେ ଏପରି ଏକ ଅନ୍ତଃସତ୍ତା ଅବସ୍ଥିତ ଥାଏ, ଯାହାକି ଅବିଭାଜ୍ୟ ଭାବରେ କାଳର ତ୍ରିକୋଟିଯାକ ଭୂମିରେ ନିବାସ କରୁଥାଏ, ସେଗୁଡ଼ିକର ସକଳ ଆପାତ-ଭେଦଗୁଡ଼ିକୁ ଧରି ରଖିଥାଏ, ଭବିଷ୍ୟତକୁ ଆପଣା ଭିତରେ ପରିପ୍ରକାଶ ଲାଗି ପ୍ରସ୍ତୁତ କରି ରଖିଥାଏ । ତା'ହେଲେ କେବଳ ବର୍ତ୍ତମାନ ମଧ୍ୟରେ ଆବଦ୍ଧ ହୋଇ ବାସ କରିବାର ଏହି ଅଭ୍ୟସ୍ତତାଟିରେ ଆମେ ଏକ ଦ୍ୱିତୀୟ ଐକାନ୍ତିକ ଅଭିନିବେଶର ବି ସମ୍ମୁଖୀନ ହୋଇଥାଉ, ଯାହାକି ସତ୍ତାକୁ ଜଟିଳତା ଭିତରେ ପକାଇଦିଏ, ତାହାକୁ ଆହୁରି ସୀମାବଦ୍ଧ କରିପକାଏ ସତ, ମାତ୍ର କ୍ରିୟାର ଆପାତ ଗତିପଥଟିକୁ କାଳର ସମଗ୍ର ଓ ଅନନ୍ତ ପ୍ରବାହଟି ସହିତ ସମ୍ବନ୍ଧଯୁକ୍ତ ନକରି ତାହାକୁ ମୁହୂର୍ତ୍ତ ମୁହୂର୍ତ୍ତର ଏକ ନିର୍ଦ୍ଦିଷ୍ଟ ଅବିଚ୍ଛିନ୍ନତା ସହିତ ନେଇ ଯୋଡ଼ିଦିଏ ବୋଲି ତଦ୍ଦ୍ୱାରା ସେହି ଗତିପଥଟି ସହଜ ଓ ସରଳ ହୋଇଯାଏ ।

ତେଣୁ ଆପଣା ବହିଃଚେତନାର ଭୂମି ଉପରେ ମନୁଷ୍ୟ ଆପଣା ପାଖରେ ଗତିଶୀଳ ଓ ବ୍ୟାବହାରିକ ଭାବରେ ମୁହୂର୍ତ୍ତର ଅନୁକ୍ରମ ମଧ୍ୟରେ ସୀମାବଦ୍ଧ ମନୁଷ୍ୟ ହୋଇ ରହିଥାଏ; ଯେଉଁ ମନୁଷ୍ୟ ଏକଦା ଅବସ୍ଥିତ ଥିଲା, ମାତ୍ର ବର୍ତ୍ତମାନ ଆଉ ନାହିଁ, ସେ ସେହି ଅତୀତର ମନୁଷ୍ୟ ହିସାବରେ ବଞ୍ଚେ ନାହିଁ । ଅଥବା ଯିଏ ଏପର୍ଯ୍ୟନ୍ତ ଅସ୍ତିତ୍ୱ ଧାରଣ କରି ନାହିଁ, ସେହି ଭବିଷ୍ୟତର ମନୁଷ୍ୟ ହିସାବରେ ମଧ୍ୟ ବଞ୍ଚେ ନାହିଁ । କେବଳ ସ୍ମୃତିଦ୍ୱାରା ସେ ଅତୀତ ସହିତ ସମ୍ପର୍କ ରଖିବାକୁ ଚେଷ୍ଟା କରେ, ଓ ଆପଣାର ଆଶା ଓ ପ୍ରତ୍ୟାଶାଗୁଡ଼ିକୁ ଦେଇ ଭବିଷ୍ୟତ ସହିତ ସମ୍ପର୍କ ରଖେ । ଏକ ଅବିଚ୍ଛିନ୍ନ ଅହଂବୋଧ ଏହି ତ୍ରିକାଳର ମଞ୍ଜ ଭିତରେ ଭେଦ କରି ରହିଥାଏ, ମାତ୍ର ଏହାକୁ ଆମେ କେବଳ କେନ୍ଦ୍ରୀଭୂତ ହେବାକୁ ଚେଷ୍ଟା କରୁଥିବା ଏକ ମାନସିକ ଅଭିନିବେଶ ବୋଲି କହିପାରିବା; ମାତ୍ର ଅତୀତ, ବର୍ତ୍ତମାନ ତଥା

'oaob.nitrkl.ac.in' images reprocessed

ଉତ୍ପାଦ୍ୟ ଉନେ‌ାଟିଯାକକୁ ଆପଣା ଭିତରେ ଧରି ରଖିଥିବା ଏକ ସମ୍ପୂର୍ଣ୍ଣ ସାରତ ସତ୍ତ୍ୱର କ୍ଷେତ୍ର ବୋଲି କହିପାରିବା ନାହିଁ । ଏହା ପଛରେ ଆତ୍ମାର ଏକ ବୋଧିଜାତ ଅବବୋଧ ରହିଥାଏ ସତ, ମାତ୍ର ସେହି ବୋଧ ଭିତ୍ତିରୂପେ ପ୍ରତିଷ୍ଠିତ ଥିବା ଏକତ୍ବଟି ମଧ୍ୟରୁ ସଞ୍ଚାରିତ ହେଉଥାଏ, ବ୍ୟକ୍ତିର ବ୍ୟକ୍ତିତ୍ୱଗତ ଯାବତୀୟ ପରିବର୍ତ୍ତନ ଦ୍ୱାରା ସେ କୌଣସି ପ୍ରକାରେ ପ୍ରଭାବିତ ହେଉ ନଥାଏ । ଆପଣା ସତ୍ତ୍ୱଗତ ରୂପାୟନର ଉପରି ସ୍ତରରେ ସେ ସେହି ବୋଧର କୌଣସି କଳା ବହନ କରୁ ନଥାଏ, ମାତ୍ର କେବଳ ମୁହୂର୍ତ୍ତ ମୁହୂର୍ତ୍ତକର ପରିତୃପ୍ତିକୁ ଧାରଣ କରି ରହିଥାଏ । ତଥାପି ଯେକୌଣସି ସମୟରେ ଭେଦ ଦେଖିଲେ ମଧ୍ୟ କେବଳ ମୁହୂର୍ତ୍ତଟିର ମଧ୍ୟରେହିଁ ଜୀବନ ଧାରଣ କରି ରହିବାଟା ତା' ସତ୍ତ୍ୱର ସମଗ୍ର ବା ଯଥାର୍ଥ ସତ୍ୟଟିର କୌଣସି ପ୍ରତିନିଧିତ୍ୱ କରେ ନାହିଁ । ଖାଲି ତା' ଜୀବନର ବହିସ୍ତର ଗତିସ୍ପନ୍ଦନଟିର ଉଦ୍ଦେଶ୍ୟଗୁଡ଼ିକୁ ସାଧନ କରିବାଲାଗି ତାହାର ସୀମା ଭିତରେ କେବଳ ଏକ ବ୍ୟାବହାରିକ ବା ପ୍ରୟୋଜନଗତ ସତ୍ୟରୂପେ କାମରେ ଲାଗୁଥାଏ । ଏହା ଯେ ଏକ ସତ୍ୟ ଓ ଏକ ଅସତ୍ୟ କମ୍ବା ବାସ୍ତବତା ନୁହେଁ, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର କେବଳ ଏହାର ସ୍ୱବାସ୍ତବ ଦିଗଟିରୁ ବିଚାର କରି ଏହାକୁ ଏକ ସତ୍ୟ ବୋଲି କୁହାଯାଇ ପାରେ, ମାତ୍ର ଆପଣାର ଅସ୍ୱବାସ୍ତବ ଅଂଶଗୁଡ଼ିକରେ ଏହା ଏକ ଅବିଦ୍ୟା ହୋଇ ରହିଥାଏ । ଏହି ଅସ୍ୱବମୂଳକ ଅବିଦ୍ୟା ଏପରିକି ବ୍ୟାବହାରିକ ସତ୍ୟଟିକୁ ମଧ୍ୟ ସୀମିତ କରି ରଖେ, ତାହାକୁ ବିକୃତ କରିପକାଏ, ଯାହାଫଳରେ କି ମନୁଷ୍ୟର ସଚେତନ ଜୀବନଟି ମଧ୍ୟ ଏକ ଅବିଦ୍ୟା ବା ଏକ ଆଂଶିକ, ଅର୍ଦ୍ଧସତ୍ୟ ଓ ଅର୍ଦ୍ଧମିଥ୍ୟା ଜ୍ଞାନର ବୋଲି ମାନି ନେବାକୁ ବାଧ୍ୟ ହୋଇଥାଏ । ଆପଣାର ଯଥାର୍ଥ ସତ୍ତାଟିର ବୋଲି ଶୁଣିପାରେ ନାହିଁ, କାରଣ ସେଇଟି ବିଷୟରେ ସେ ସମ୍ପୂର୍ଣ୍ଣ ବିସ୍ମୃତ ହୋଇ ରହିଥାଏ । ତଥାପି ତା'ର ଯଥାର୍ଥ ଆତ୍ମାଟିହିଁ ଏକମାତ୍ର ଯଥାର୍ଥ ନିତ୍ୟାମକ ହୋଇଥିବାରୁ ଓ ପଛରେ ଥାଇ ସବୁକିଛିକୁ ଶାସନ କରୁଥିବାରୁ, ବସ୍ତୁତଃ ଏହି ପୃଷ୍ଠସ୍ତରରେ ରହିଥିବା ଏକ ଜ୍ଞାନହିଁ ତା' ଅସ୍ତିତ୍ୱର ରୂପାୟିତ ଗତିପଥଟିକୁ ପ୍ରକୃତରେ ନିରୂପଣ କରୁଥାଏ । ଉପରିସ୍ତରରେ କାର୍ଯ୍ୟ କରୁଥିବା ଅବିଦ୍ୟା ଆପଣା ସ୍ୱଭାବର ବଶବର୍ତ୍ତୀ ହୋଇ ତାହାର ଚାରିପାଖରେ ସୀମାନିରୂପକ ଚହଦଗୁଡ଼ିକୁ ଟାଣି ଦେଉଥାଏ, ଏବଂ ତାର ବର୍ତ୍ତମାନ ମନୁଷ୍ୟଜୀବନ ସକାଶେ ଓ ବର୍ତ୍ତମାନ ମୁହୂର୍ତ୍ତଟି ସକାଶେ ବାହାରର ଯେଉଁସବୁ ରଙ୍ଗ ଓ ଢଙ୍ଗର ଆବଶ୍ୟକତା ଥାଏ, ଅବିଦ୍ୟା ତାହାର ଚେତନା ଓ ତା'ର କ୍ରିୟାକୁ ସେହିଗୁଡ଼ିକ ଆଣି ଯୋଗାଇ ଦେଉଥାଏ । ସେହିପରି ଜନ୍ମରେ ଓ ସେହି କାରଣଗୁଡ଼ିକ ସକାଶେ ମନୁଷ୍ୟ ତା'ର ବର୍ତ୍ତମାନ ଅନୁଭୂତିରେ ପରିଧାନ କରି ରହିଥିବା ନାମ ଓ ରୂପଟି ସହିତ ଗୋଟାପୁରା ଏକରୂପ ଓ ଏକାତ୍ମକ ହୋଇ ଯାଇଥାଏ । ଜନ୍ମ ହେବା ପୂର୍ବରୁ ତା'ର ଯେଉଁ ଅତୀତଟି

'oaob.nitrkl.ac.in' images reprocessed

ରହିଥିଲା ଏବଂ ଇହଲୋକକୁ ଛାଡ଼ିଯିବା ପରେ ତା'ର ଯେଉଁ ଭବିଷ୍ୟତଟି ରହିଛି, ସେ ସେସବୁ ବିଷୟରେ ଅଜ୍ଞାନ ଓ ଅବିଦ୍ୟାଚ୍ଛନ୍ନ ହୋଇ ରହିଥାଏ । ମାତ୍ର ଉପରେ ସେ ଯେତେ ଯାହା ଭୁଲିଯାଉ ନା କାହିଁକି, ତା' ମଧ୍ୟରେ ରହିଥିବା ସର୍ବଗ୍ରାହୀ ଓ ସମଗ୍ର ଚେତନାଟି ଭିତରେ ସେସବୁ ସର୍ବଦା ସଞ୍ଚିତ, ସଂରକ୍ଷିତ ଓ ସକ୍ରିୟ ହୋଇ ରହିଥାଏ ।

ବହିଃସ୍ଥର ଜୀବନର ବ୍ୟାବହାରିକ କ୍ଷେତ୍ରରେ ଐକାନ୍ତିକ ଅଭିନିବେଶ ଦ୍ୱାରା ଏକ ଗୌଣ ପ୍ରୟୋଜନ ସାଧିତ ହୋଇଥାଏ, ତାହା ଯେତେ କ୍ଷଣସ୍ଥାୟୀ ହେଲେ ମଧ୍ୟ ଆମକୁ ଏକ ଇଙ୍ଗିତ ଦେଇଯାଇ ପାରେ । ମୁହୂର୍ତ୍ତରୁ ମୁହୂର୍ତ୍ତକୁ ବାସ କରୁଥିବା ବହିରଙ୍ଗ ମଣିଷଟି ତା'ର ଉପସ୍ଥିତ ଜୀବନରେ ସତେଅବା ଏକାଧିକ ଭୂମିକାରେ ଅଭିନୟ କରି ଯାଉଥାଏ; ଏବଂ ପ୍ରତ୍ୟେକଟି ଭୂମିକାକୁ ନେଇ ବ୍ୟସ୍ତ ରହିଥିବା ବେଳେ ସିଏ ଏକ ଐକାନ୍ତିକ ଅଭିନିବେଶର ସାମର୍ଥ୍ୟ ବଳରେ ଖାଲି ସେଇଟି ଭିତରେହିଁ ମଗ୍ନ ହୋଇପଡ଼େ । ତଦ୍ୱାରା ଆପଣାର ଅନ୍ୟାନ୍ୟ ଅଂଶଗୁଡ଼ିକୁ ଏକାବେଳକେ ପାସୋରି ଦିଏ, ସେହି ମୁହୂର୍ତ୍ତଟି ସକାଶେ ସେଗୁଡ଼ିକୁ ପଛକୁ ଅପସରାଇ ରଖିଦିଏ ଏବଂ ସେହି ଅର୍ଥରେ ସେ ଆତ୍ମବିସ୍ମୃତ ହୋଇ ରହେ । ତା'ର ସତ୍ତାଗତ ଶକ୍ତି, ତା'ର ତପଃ ଓ ଅନ୍ତଃସ୍ଥ ତା'ର ଚେତନ ଶକ୍ତିର ଏକ ବିଶିଷ୍ଟ ଓ ଅନନ୍ୟ ନିଷ୍ଠାତ୍ମକତା ଓ ସେଥିରୁ ବିକଶିତ ହେଉଥିବା ତା'ର ଯାବତୀୟ ନିଷ୍ଠା ଜଣେ ମଣିଷକୁ ଯେପରି ଭାବରେ ଗଢ଼ିଥାଏ ଓ ଯେଉଁପରି ରୂପ ଦେଇଥାଏ, ତାହାରି ଅନୁସାରେ ସେ ସେହି ସମୟଟି ପାଇଁ ଅଭିନେତା, କବି, ସଂଗ୍ରାମୀ ବା ଆଉ ଯାହାକିଛି ହୋଇ ବାହାରେ । ସେହି ସମୟଟି ସକାଶେ ସିଏ ଯେ ଆପଣା କ୍ଷେତ୍ରର ଏକାଂଶରେ ସଙ୍ଘଟିତ ହେଉଥିବା ଐକାନ୍ତିକ ଅଭିନିବେଶଟି ପାଖରେ କେବଳ ଆପଣାକୁ ସମର୍ପି ଦେବାକୁ ଇଚ୍ଛା କରୁଥାଏ, ତାହା ନୁହେଁ, ମାତ୍ର ଯେତିକି ପରିପୂର୍ଣ୍ଣ ଭାବରେ ସେ ଆପଣାର ଅବଶିଷ୍ଟ ଅଂଶଟିକୁ ଅପସରାଇ ଦେଇ କେବଳ ଆପଣାର ତାତ୍କାଳିକ ସନ୍ଧାଟି ଭିତରେ ଲିପ୍ତ ହୋଇ ରହିବାକୁ ସମର୍ଥ ହୁଏ, ତାହାରି ଉପରେହିଁ ଏହି କାର୍ଯ୍ୟଟିରେ ତା'ର ସଫଳତା ଅନେକ ପରିମାଣରେ ନିର୍ଭର କରୁଥାଏ । ତଥାପି ଏହି ସମ୍ପୂର୍ଣ୍ଣ ଅବଧିଟି ମଧ୍ୟରେ ଆମେ ବେଶ୍ ଦେଖିପାରୁ ଯେ ତା' ଭିତରେ କେବଳ ଏହି ବିଶେଷ ଅଂଶଟି ଏହି କାର୍ଯ୍ୟ କରୁ ନାହିଁ, ମାତ୍ର ସମସ୍ତ ମଣିଷଟିହିଁ ତାହା କରୁଛି । ସେ ଯାହାକିଛି କରେ, ଯେପରି ଭାବରେ କରେ, ଏହା ଭିତରକୁ ଯେଉଁ ଉପାଦାନସବୁ ସାଉଁଟି ଆଣିଥାଏ ବା ଆପଣାର କାର୍ଯ୍ୟଟି ଉପରେ ସେ ଯେଉଁ ନିର୍ଦ୍ଦିଷ୍ଟ ଛାପଟି ମାରି ଦେଇଥାଏ, ତାହା ତାହାର ସମସ୍ତ ଚରିତ୍ର ବା ବ୍ୟକ୍ତିତ୍ୱଶୈଳୀଟି ଉପରେ ନିର୍ଭର କରେ; ତା'ର ସମସ୍ତ ମନ, ତା' ଦ୍ୱାରା ଆହୃତ ସମଗ୍ର ତଥ୍ୟସମଷ୍ଟି, ତା'ର ସମଗ୍ର ପ୍ରକୃତି ତଥା ତାହାର ଅତୀତ ତାକୁ ଯେଉଁସବୁ ଆକାରରେ ଗଢ଼ିଦେଇ ବା ବ୍ୟକ୍ତ କରିପାରିଛି,

'oaob.nitrkl.ac.in' images reprocessed

ସେହିଗୁଡ଼ିକ ଉପରେହିଁ ନିର୍ଭର କରେ । କେବଳ ତା'ର ଏଇ ଜୀବନଟାର ଗୋଟାଏ ଅତୀତ ନୁହେଁ, ତା'ର ଅନ୍ୟ ଅନେକ ଜୀବନର ଅତୀତ ଉପରେ ନିର୍ଭର କରେ । ପୁଣି, କେବଳ ତାହାର ଜୀବନର ଅତୀତ ନୁହେଁ, ମାତ୍ର ତା' ନିଜର ଏବଂ ତା'ର ପରିପାର୍ଶ୍ୱସ୍ଥ ସମସ୍ତ ପୃଥିବୀଟିର ଅତୀତ, ବର୍ତ୍ତମାନ ଓ ପୂର୍ବନିରୂପିତ ଭବିଷ୍ୟତ ମଧ୍ୟ ତାହାର କାର୍ଯ୍ୟଟିକୁ ରୂପ ଦେଉଥାଏ, ନିର୍ଦ୍ଧାରିତ କରୁଥାଏ । ତା' ଭିତରେ ଏହି ଉପସ୍ଥିତ ଭୂମିଟି ଉପରେ ଅଧିଷ୍ଠିତ ରହି କାର୍ଯ୍ୟ କରୁଥିବା ଅଭିନେତା, କର୍ତ୍ତା ବା ସତ୍ତ୍ୱାମୀ,—ଏସବୁକୁ ଆମେ କେବଳ ତା'ର ତପଃଶକ୍ତିର ଏକ ଭେଦମୂଳ ବ୍ୟାକୃତି ବୋଲି ଜାଣିବା । ଆପଣା ଶକ୍ତିର ଏକ ବିଶେଷ କାର୍ଯ୍ୟଲାଗି ସଗଠିତ ହୋଇଥିବା ତା'ର ସତ୍ତ୍ୱଗତ ଶକ୍ତି ବୋଲି ଜାଣିବା, ତାହାକୁ ତପଃଶକ୍ତିର ଏକ ଭେଦମୂଳ ଗତିସ୍ପନ୍ଦନ ବୋଲି ଜାଣିବା, ଯାହାକି ସାମୟିକ ଭାବରେ ନିଜର ଅବଶିଷ୍ଟ ଅଂଶଟି ବିଷୟରେ ଆତ୍ମବିସ୍ମୃତ ରହି ଆପଣାକୁ ସେହି ବିଶେଷ କ୍ରିୟାଟି ମଧ୍ୟରେ ଅଭିନିବିଷ୍ଟ କରି ରଖିପାରୁଛି । ଅବଶ୍ୟ ଏକଥା ସତ ଯେ ସେହି ଅବଶିଷ୍ଟ ଅଂଶଟି ଚେତନାର ପୃଷ୍ଠଦେଶରେ ନିଶ୍ଚିତ ବିଦ୍ୟମାନ ରହିଛି, କାର୍ଯ୍ୟଟି ଭିତରେ ବି ବିଦ୍ୟମାନ ରହିଛି, ଏବଂ କାର୍ଯ୍ୟଟିକୁ ଆକାର ଦେବାରେ ନିଶ୍ଚିତ ଭାବରେ ଆପଣାର ପ୍ରଭାବ ପକାଉଛି । ତପଃଶକ୍ତିର ଏହି ଭେଦମୂଳ ଗତିସ୍ପନ୍ଦନରୂପୀ ସାମର୍ଥ୍ୟଟିକୁ ଆମେ କଦାପି ଏକ ଦୁର୍ବଳତା ବୋଲି କହିବା ନାହିଁ, ଏକ ନ୍ୟୂନତା ବା ଅଭାବ ବୋଲି କହିବା ନାହିଁ, ମାତ୍ର ଚେତନାର ଏକ ବୃହତ୍ ଶକ୍ତି ବୋଲି କହିବା । ଆପଣାର କାର୍ଯ୍ୟଟି ଭିତରେ ପ୍ରତ୍ୟେକ ମନୁଷ୍ୟର ଏହି କ୍ରିୟାଶୀଳ ଆତ୍ମବିସ୍ମୃତି ଏବଂ ସେ ଅଭିନୟ କରୁଥିବା ଏହି ଭୂମିକାଟି ଅନ୍ୟ ଅଧିକ ଗଭୀର ଆତ୍ମବିସ୍ମୃତିଠାରୁ ଏକ ପୃଥକ୍ ବସ୍ତୁ, କାରଣ ଏହି କ୍ଷେତ୍ରରେ ଯେଉଁ ପ୍ରାଚୀରଟିକୁ ଠିଆ କରି ଆମ ସତ୍ତାର ଗୋଟିଏ ଅଂଶକୁ ବାକି ଅଂଶଟିରୁ ପୃଥକ୍ କରି ଦିଆଯାଉଛି, ତାହା ଆଦୌ ସେପରି ଦୃଢ଼ ନୁହେଁ ବା ସ୍ଥାୟୀ ନୁହେଁ । ଇଚ୍ଛାକଲେ ଯେକୌଣସି ସମୟରେ ଆପଣାର ଅଭିନିବେଶଟିକୁ ଭାଙ୍ଗି ଦେଇ ଓ ଆପଣା କାର୍ଯ୍ୟରୁ ପଛକୁ ଫେରିଯାଇ ଏଭଳି ଯାହାର କେବଳ ଏକ ଆଂଶିକ କ୍ରିୟାମାତ୍ର ହୋଇ ରହିଥିଲା, ସେହି ବୃହତ୍ତର ଆତ୍ମାର ଚେତନା ଭିତରେ ପ୍ରବିଷ୍ଟ ହେବାର ସାମର୍ଥ୍ୟ ମନର ରହିଛି । ମାତ୍ର ଇଚ୍ଛାନୁସାରେ ଆପଣାର ଅନ୍ତର୍ବର୍ତ୍ତୀ ଯଥାର୍ଥ ମନୁଷ୍ୟଟି ପାଖକୁ ଫେରି ଯିବାଲାଗି ବହିରଙ୍ଗ ବା ଆପାତ ମନୁଷ୍ୟଟିର ଆଦୌ କୌଣସି ସାମର୍ଥ୍ୟ ନାହିଁ । କେବଳ ଆପଣା ମନୋମୟତାର ସେପରି କୌଣସି କୌଣସି ବିଶେଷ ଅବସ୍ଥାରେ ମାତ୍ର କେତେକ ପରିମାଣରେ ଅପ୍ରାକୃତିକ କିମ୍ବା ଅତିପ୍ରାକୃତିକ ଭାବରେହିଁ ସେ ହୁଏତ ଅନ୍ତରସ୍ଥ ଅସଲ ମଣିଷଟି ପାଖରେ ଯାଇ ପହଞ୍ଚିପାରେ; ଅଥବା, ଏକ ଦୀର୍ଘ ଓ କଠୋର ଆତ୍ମସାଧନା, ଆତ୍ମପ୍ରବେଶ, ଆତ୍ମ-ଆବିଷ୍କରଣ ଓ ଆତ୍ମପ୍ରସାରଣ ଦ୍ୱାରା ସେ ଅପେକ୍ଷାକୃତ ଅଧିକ ସ୍ଥାୟୀ ଓ ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ତାହା କରିପାରେ । ତଥାପି ସେ ଅବଶ୍ୟ ଫେରି ଯାଇପାରେ । ତେଣୁ ଏଠାରେ ପାର୍ଥକ୍ୟଟିକୁ ଆମେ ମୂଳଗତ ନକହି କେବଳ ପ୍ରାତିସ୍ୱିକ ବୋଲିହିଁ କହିବା । ମୂଳତଃ ଉଭୟ କ୍ଷେତ୍ରରେହିଁ ସେହି ଏକ ଗତିସ୍ପନ୍ଦନ ଘଟିଥାଏ । ଉଭୟ କ୍ଷେତ୍ରରେ ଐକାନ୍ତିକ ଅଭିନିବେଶ ଘଟେ, ଆପଣାର ଗୋଟିଏ ଅଂଶ ବା ଭାଗଟି ଭିତରେ ରୁଦ୍ଧ ହୋଇଯାଏ, କିମ୍ବା ତଥା ଶକ୍ତିର ସେହି ଏକ ଗତିସ୍ପନ୍ଦନହିଁ ଘଟିଥାଏ । ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଦୁଇଟି ଭିନ୍ନ ପରିବେଶରେ ଏହା ଘଟିଥାଏ ଓ ଦୁଇଟି ଭିନ୍ନଭିନ୍ନ ପ୍ରଣାଳୀରେ ଘଟିଥାଏ ।

ଆପଣାର ବୃହତ୍ତର ଆତ୍ମଭାବର ଏକ ବିଶେଷ କୌଣସି ପ୍ରକୃତି ବା କର୍ମଧାରାରେ ନିମଗ୍ନ ରହିବା ଭିତରେ ଯେ ଏହି ଐକାନ୍ତିକ ଅଭିନିବେଶ ଆପଣାକୁ ସୀମାବଦ୍ଧ କରି ରଖିଥାଏ, ତାହା ନୁହେଁ; ମାତ୍ର ସେହି ମୁହୂର୍ତ୍ତଟିରେ ଆମେ ଯେଉଁ ବିଶେଷ କାର୍ଯ୍ୟଟିରେ ରତ ହୋଇ ରହିଥାଉ, ତାହାରି ଭିତରେ ପରିପୂର୍ଣ୍ଣ ଭାବରେ ଆତ୍ମବିସ୍ମୃତ ହୋଇଯିବା ଯାଏ ମଧ୍ୟ ତାହା ଆପଣାକୁ ପ୍ରସାରି ଦେଇଥାଏ । ଭୂମିକାଟିକୁ ଅଭିନୟ କରୁଥିବାର ପ୍ରଗାଢ଼ ମୁହୂର୍ତ୍ତଗୁଡ଼ିକରେ ଅଭିନେତା ସିଏ ପ୍ରକୃତରେ ଏକ ଅଭିନେତା ବୋଲି ସମ୍ପୂର୍ଣ୍ଣରୂପେ ଭୁଲିଯାଏ ଏବଂ ମଞ୍ଚ ଉପରେ ଯେଉଁ ଭୂମିକାଟିର ଅଭିନୟ କରୁଥାଏ, ସ୍ୱୟଂ ତାହାରି ଏକ ଅଂଶରେ ପରିଣତ ହୋଇଯାଏ । ଅବଶ୍ୟ ଏପରି କେବେହେଲେ ହୁଏ ନାହିଁ ଯେ ସେ ଆପଣାକୁ ରାମ ବୋଲି ଭାବେ କିମ୍ବା ରାବଣ ବୋଲି ଭାବେ, ମାତ୍ର ସେହି ସମୟଟି ସକାଶେ ସେ ଯେଉଁ ନାମଭୂମିକାରେ ଅଭିନୟ କରୁଥାଏ, ତାହାରି ଜୀବନଶୈଳୀ ଓ କ୍ରିୟାରୂପଟି ସହିତ ସେ ଏକରୂପ ହୋଇଯାଏ, ଏବଂ ଏପରି ସମ୍ପୂର୍ଣ୍ଣଭାବରେ ଏକରୂପ ହୋଇଯାଏ ଯେ ଯେଉଁ ପ୍ରକୃତ ମଣିଷଟି ଚରିତ୍ରଟିର ଅଭିନୟ କରୁଛି, ତାହାକୁ ଏକାବେଳକେ ଭୁଲିଯାଏ । ଠିକ୍ ସେହିପରି କବି ମଧ୍ୟ ଆପଣାର କାର୍ଯ୍ୟଟି ଭିତରେ କର୍ମରତ ମଣିଷଟିକୁ ଭୁଲିଯାଏ ଏବଂ ସେହି ସମୟଟି ଲାଗି ଶବ୍ଦ ଓ ଛନ୍ଦର ରୂପାୟନ ଦ୍ୱାରା ଆପଣାକୁ ଅଭିବ୍ୟକ୍ତ କରିବାରେ ରତ ଥିବା କେବଳ ଏକ ପ୍ରେରଣାମୟ ନୈର୍ବ୍ୟକ୍ତିକ ଶକ୍ତିରେ ପରିଣତ ହୋଇଯାଏ, ଏବଂ ଅନ୍ୟ ସକଳ ବିଷୟରେ ଆତ୍ମବିସ୍ମୃତ ହୋଇ ରହିଥାଏ । ସଂଗ୍ରାମରତ ସୈନିକ ମଧ୍ୟ ଆପଣାର କାର୍ଯ୍ୟଟି ଭିତରେ ଆପଣାକୁ ଭୁଲିଯାଏ ଏବଂ ଆକ୍ରମଣ ତଥା ସଂହାରର ଉନ୍ମାଦନାରେହିଁ ପରିଣତ ହୋଇଯାଏ । ଠିକ୍ ସେହିପରି ଭୀଷଣ କ୍ରୋଧର ବଶବର୍ତ୍ତୀ ହୋଇଥିବା ଜଣେ ବ୍ୟକ୍ତି କ୍ରୋଧରେ ଆପଣାକୁ ଭୁଲି ଯାଏ ବୋଲି ସାଧାରଣତଃ କୁହାଯାଇଥାଏ । ଅଥବା, ଯେପରି ଅଧିକ ଯଥାର୍ଥ ଓ ଅଧିକ ଶକ୍ତିଶାଳୀ ଭାବରେ କୁହାଯାଇଛି, ସେ ସ୍ୱୟଂ କ୍ରୋଧରେ ପରିଣତ ହୋଇଯାଏ । ଏହିସବୁ ଉକ୍ତି ଏକ ପ୍ରକୃତ ସତ୍ୟକୁ ପ୍ରକାଶ କରିଥାଏ ସତ, ମାତ୍ର

'oaob.nitrkl.ac.in' images reprocessed

ସେହି ସମୟରେ ସେହି ବ୍ୟକ୍ତି ବାସ୍ତବରେ ତାହା ସମ୍ପୂର୍ଣ୍ଣ ସତ୍ତାଟିକୁ ପ୍ରକାଶ କରେ ନାହିଁ, ତାହାର କ୍ରିୟାଶୀଳ ଚେତନଶକ୍ତିର ଏକ ବ୍ୟାବହାରିକ ସତ୍ତାଂଶକୁହିଁ ପ୍ରକାଶ କରେ । ଏକଥା ସତ ସେ ଆପଣାକୁ ଭୁଲିଯାଏ, ଅନ୍ୟ ନାନା ଆବେଗ, ପ୍ରବେଗ ତଥା ଆତ୍ମସଂଯମ ଓ ଆତ୍ମନିର୍ଦ୍ଦେଶନାର ସାମର୍ଥ୍ୟ ରହିଥିବା ତାହାର ଅବଶିଷ୍ଟ ଅଂଶଟିକୁ ସେ ଏକାବେଳକେ ଭୁଲିଯାଏ, ଏବଂ ତାହାଫଳରେ ଯେଉଁ ଉନ୍ମତ୍ତପ୍ରାୟ ଆବେଗଟିର ପରାକ୍ରମ ତାକୁ ଅଧିକାର କରି ନେଇଥାଏ, ସିଏ କେବଳ ତାହାଦ୍ୱାରାହିଁ ପରିଚାଳିତ ହେଉଥାଏ ଏବଂ ସେହି ସମସ୍ତଟି ସକାଶେ କେବଳ ସେହି ଶକ୍ତିଟିରେହିଁ ପରିଣତ ହୋଇ ଯାଇଥାଏ । ସ୍ୱାଭାବିକ ମନୁଷ୍ୟର ସକ୍ରିୟ ଚେତଭୂମିରେ ଆତ୍ମବିସ୍ମୃତି କେବଳ ଏତିକି ବାଟ ଯାଇପାରେ; କାରଣ ତାକୁ ଖୁବ୍ ଶୀଘ୍ର ଆତ୍ମସଚେତନସମ୍ପନ୍ନ ସେହି ପ୍ରଶସ୍ତତର ଚେତନାକ୍ଷେତ୍ରକୁ ପୁନର୍ବାର ଲେଉଟି ଆସିବାକୁ ହୁଏ । ଏହି ଆତ୍ମବିସ୍ମୃତିକୁ ଆମେ ସେହି ଅଧିକ ପ୍ରଶସ୍ତ ଚେତନାର କେବଳ ଏକ ସାମୟିକ ଗତିସ୍ପନ୍ଦନ ବୋଲି କହିପାରିବା ।

ମାତ୍ର ବୃହତ୍ତର ବିଶ୍ୱଚେତନା ମଧ୍ୟରେ ଏପରି ଏକ ଶକ୍ତି ଅବଶ୍ୟ ନିହିତ ଥିବ, ଯାହାକି ଏହି ଗତିସ୍ପନ୍ଦନଟିକୁ ତାହାର ଚରମବିନ୍ଦୁ ପର୍ଯ୍ୟନ୍ତ ବହନ କରି ନେଇପାରିବ; ଏକ ଆପେକ୍ଷିକ ଗତିସ୍ପନ୍ଦନ ପକ୍ଷରେ ଯେତେଦୂର ଚରମ ପଥ ଅତିକ୍ରମ କରିବା ସମ୍ଭବ, ତାହାକୁ ସେଠାରେ ନେଇ ପହଞ୍ଚାଇ ଦେଇପାରିବ । ଜଡ଼ପ୍ରକୃତିର ନିଶ୍ଚେତନାରେ ବିଶ୍ୱଚେତନା ସେହି ଚରମ ଅବସ୍ଥାରେ ଯାଇ ପହଞ୍ଚିପାରିଛି; ମାତ୍ର ମନୁଷ୍ୟର ଅଚେତନା ମଧ୍ୟରେ ସେହି ଚରମ ଅବସ୍ଥାଟିର ଆଦୌ ସାକ୍ଷାତ ମିଳେ ନାହିଁ, କାରଣ ସେହି ଅଚେତନା କେବେହେଲେ ସ୍ଥାୟୀ ହୋଇ ରହିପାରେ ନାହିଁ । ଆପଣାର ଜାଗ୍ରତ ଚେତନାରେ ମଣିଷ ସ୍ୱଭାବତଃ ଓ ସାଧାରଣତଃ ଆତ୍ମସଚେତନ ହୋଇ ଅବସ୍ଥିତ ଥାଏ, ତେଣୁ ଆତ୍ମବିସ୍ମୃତିର ଅବସ୍ଥାଟିରୁ ସେ ସର୍ବଦା ଆପଣାର ସେହି ସ୍ୱାଭାବିକ ଅବସ୍ଥାକୁ ଲେଉଟି ଆସିବାରେ ଲାଗିଥାଏ । ମନୁଷ୍ୟର ଜାଗ୍ରତ ଚେତନାକୁ ସୀମିତ କରି ରଖିଥିବା ଆମର ସାମୟିକ ସଙ୍କଳ୍ପଗତ ଐକାନ୍ତିକ ଅଭିନିବେଶରୁ ଉପୁଜୁଥିବା ଅଜ୍ଞାନ ଯେପରି ସତ୍ୟ ନୁହେଁ, ଜଡ଼ପ୍ରକୃତିର ନିଶ୍ଚେତନା ମଧ୍ୟ ସେହିଭଳି ଏକ ସତ୍ୟ ନୁହେଁ । କାରଣ ଆମ ଭିତରେ ଯେପରି ଏକ ଆତ୍ମା ସଗୁପ୍ତ ହୋଇ ରହିଛି, ଠିକ ସେହିପରି ପ୍ରତ୍ୟେକ ଅଣୁରେ, ଧାତୁ ଭିତରେ, ଉଦ୍ଭିଦରେ ଏବଂ ଜଡ଼ସ୍ଥ ପ୍ରକୃତିର ଯାବତୀୟ ବସ୍ତୁରେ ତଥା ଶକ୍ତି ଭିତରେ ମଧ୍ୟ ନିର୍ବାକ ଓ ଆତ୍ମବିସ୍ମୃତ ବାହ୍ୟ ରୂପଟି ବ୍ୟତୀତ ଏକ ଆତ୍ମା ସଗୁପ୍ତ ହୋଇ ରହିଛି, ଏକ ସଗୁପ୍ତ ଇଚ୍ଛାଶକ୍ତି ରହିଛି, ଏକ ସଗୁପ୍ତ ବୁଦ୍ଧି କାର୍ଯ୍ୟକାରୀ ହେଉଛି; ଉପନିଷଦରେ ଏହାକୁ ପରମ ଚେତନ ବୋଲି ବର୍ଣ୍ଣନା କରାଯାଇଛି, ଯାହାକି ଅଚେତନ ବସ୍ତୁଗୁଡ଼ିକରେ ମଧ୍ୟ ଚେତନ ହୋଇ ରହିଛି । ତାହାର ଉପସ୍ଥିତି ଏବଂ ସର୍ବୋପରି ସଚେତନଶକ୍ତି ବା ତପଃ ବ୍ୟତୀତ ପ୍ରକୃତିର

'oaob.nitrkl.ac.in' images reprocessed

ଯାବତୀୟ କାର୍ଯ୍ୟ ଅଚଳ ହୋଇ ରହିଥା'ନ୍ତା । ସେହିସବୁ କ୍ଷେତ୍ରରେ ପ୍ରକୃତିହିଁ ଅଚେତନ ରହିଛି; ପ୍ରତିକ୍ରିୟାଟି ମଧ୍ୟରେ ରୁଦ୍ଧ ରହିଥିବା ଶକ୍ତିଗତ ରୂପମୟ ଓ ବେଗମୟ କ୍ରିୟାଟି ଅଚେତନ ରହିଛି । ତାହା ସେହି ପ୍ରତିକ୍ରିୟାଟି ସହିତ ଏତେଦୂର ଏକରୂପ ହୋଇ ରହିଛି ଯେ ଅଭିନିବେଶଗତ ଏକପ୍ରକାର ମୂର୍ଚ୍ଛାବସ୍ଥା ମଧ୍ୟରେ ଅଭିଭୂତ ହୋଇ ରହିଛି, ସେଠାରୁ ପଛକୁ ଅର୍ଥାତ୍ ଆପଣାର ଯଥାର୍ଥ ଆତ୍ମାଟି ମଧ୍ୟକୁ ଫେରି ଆସିବାକୁ ତା'ର ଆଉ ଶକ୍ତି ପାଉ ନାହିଁ; କାରଣ ସେ ସେହି ରୂପସୀମାଟି ଭିତରେ ବନ୍ଦୀ ହୋଇ ରହିଛି । ସେ ଆପଣା ପଛରେ ନେଇ ଉପସ୍ଥାପିତ କରିଥିବା ସମସ୍ତ ଚେତନସତ୍ତା ତଥା ସମଗ୍ର ଚେତନଶକ୍ତିଟି ମଧ୍ୟକୁ ଆଦୌ ଫେରି ଆସିପାରୁ ନାହିଁ । କେବଳ କ୍ରିୟାତ୍ମକତା ଓ ଜଡ଼ଶକ୍ତିର ବିହ୍ୱଳ ଓ ମୂର୍ଚ୍ଛାପ୍ରାପ୍ତ ନିମଗ୍ନତା ଭିତରେ ସେ ସେଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିସ୍ମୃତ ହୋଇ ରହିଛି । କ୍ରିୟାତ୍ମିକା ଶକ୍ତି ଅର୍ଥାତ୍ ପ୍ରକୃତି ପୁରୁଷ ଅର୍ଥାତ୍ ଚେତନାମୟ ପରମସତ୍ତାଟି ବିଷୟରେ ସମ୍ପୂର୍ଣ୍ଣ ଅନବହିତ ରହିଛି, ପୁରୁଷକୁ ସେ ଆପଣା ଭିତରେ ଲୁକ୍କାୟିତ କରି ରଖିଛି, ଏବଂ ଏହି ନିଶ୍ଚେତନତାର ମୂର୍ଚ୍ଛାବସ୍ଥା ଭିତରୁ ଚେତନାର ଉନ୍ମେଷ ସମ୍ଭବ ହେବା ପରେ ଯାଇ ତାହା ପୁନର୍ବାର କ୍ରମେ ସମ୍ବିତ୍‌ସମ୍ପନ୍ନ ହୋଇପାରୁଛି । ପ୍ରକୃତି ପୁରୁଷଲାଗି ତାହାର ସେହି ଆପାତ ରୂପଟିକୁ ଗଢ଼ି ଥୋଇଦେଉଛି, ପୁରୁଷ ମଧ୍ୟ ତାହାକୁହିଁ ଧାରଣ କରି ରହିବାକୁ ସମ୍ମତ ହୋଇଯାଉଛି । ଫଳରେ ତାହା ସତେଅବା ନିଶ୍ଚେତନ ଜଡ଼ସତ୍ତାଟି ପରି ପ୍ରତୀତ ହେଉଛି, ପ୍ରାଣସତ୍ତା ବା ମନଃସତ୍ତାଟି ପରି ପ୍ରତୀତ ହେଉଛି । ମାତ୍ର ଏହି ସବୁଟି ମଧ୍ୟରେ ତାହା ସାରତଃ ଆପଣା ସ୍ୱରୂପ ସହିତହିଁ ଅବସ୍ଥାନ କରୁଛି । ପ୍ରଚ୍ଛନ୍ନ ରହିଥିବା ପରମ ଚେତନ ସତ୍ତାର ଆଲୋକ ପ୍ରକୃତିର ନିଶ୍ଚେତନ ଅର୍ଥାତ୍ ଉଦ୍ଭୂତ ହେବାକୁ ଯାଉଥିବା ଚେତନାମୟ ଶକ୍ତିର ଯାବତୀୟ କ୍ରିୟାଲାଗି ଆଶ୍ରୟ ହୋଇ ରହିଛି ଓ ତାହାକୁ ପ୍ରେରିତ କରାଉଛି ।

ଜାଗ୍ରତ ଅବସ୍ଥାର ମନୁଷ୍ୟମନର ଅବିଦ୍ୟା ଅଥବା ତା'ର ସୁପ୍ତିକାଳୀନ ମନର ନିଶ୍ଚେତନ କିମ୍ବା ଅବଚେତନ ପରି ଜଡ଼ପ୍ରକୃତିସ୍ଥ ଏହି ନିଶ୍ଚେତନ ମଧ୍ୟ କେବଳ ଏକ ଉପରିସ୍ତରୀୟ ନିଶ୍ଚେତନ । ଏବଂ ଏହାର ଭିତରେ ସେହି ପରମ ସର୍ବଚେତନହିଁ ଅନ୍ତର୍ନିବାସୀ ହୋଇ ରହିଛି । ଜଡ଼ ପ୍ରକୃତିସ୍ଥ ନିଶ୍ଚେତନ ସମ୍ପୂର୍ଣ୍ଣ ଭାବରେ ପ୍ରାତିଭାସିକ, ମାତ୍ର ଏହା ଏକ ସମ୍ପୂର୍ଣ୍ଣ ପ୍ରତିଭାସ । ସେଠାରେ ଏହା ଏତେଦୂର ସମ୍ପୂର୍ଣ୍ଣ ଯେ ଏହି ନିଶ୍ଚେତନ କ୍ରିୟାପଦ୍ଧତିଟି ଦ୍ୱାରା ଅପେକ୍ଷାକୃତ କମ୍ ଜାଗ୍ରତ ହୋଇ ରହିଥିବା ଅନ୍ୟାନ୍ୟ ରୂପର ମାଧ୍ୟମରେ ପ୍ରକଟିତ ହେବାକୁ ଯାଉଥିବା ବିବର୍ତ୍ତନମୁଖୀ ଚେତନାଟିର ତୀବ୍ର ଆବେଗଟି ଦ୍ୱାରା ପ୍ରେରିତ ହୋଇପାରିଲେ ଯାଇ ତାହା ଆପଣା ସ୍ୱରୂପକୁ ଫେରି ଆସିବାଲାଗି ସମର୍ଥ ହୋଇଥାଏ; ପଶ୍ଚାତ୍‌ପଟରେ ଏକ ଆଂଶିକ ସମ୍ବିତ୍‌ର ପୁନରଧିକାର

'oaob.nitrkl.ac.in' images reprocessed

ଲାଭ କରେ, ଏବଂ ଆପଣାର ଉଚ୍ଚତମ ସୋପାନରେ ଅର୍ଥାତ୍ ମନୁଷ୍ୟର ସ୍ତରରେ ଯଥାର୍ଥରେ ଏକ ଚେତନାମୟ କ୍ରିୟାଶୀଳତାର ଏକ ଅଧିକ ସମ୍ପୂର୍ଣ୍ଣ ମାତ୍ର ତଥାପି କେବଳ ବହିଃପ୍ରକ୍ଷେପଟିରେହିଁ ପ୍ରକାଶିତ ହେଉଥିବା ଉନ୍ମେଷଲବ୍ଧି ପ୍ରଥମକର କେତେକ ସୂଚନା ବା ସମ୍ଭାବନା ଆସି ଉପସ୍ଥିତ ହୋଇଥାଏ । ମାତ୍ର ତଥାପି, ଏକ ଅନୁରୂପ କିନ୍ତୁ ଅପେକ୍ଷାକୃତ କମ୍ ଅସମର୍ଥତା ରହିଥିବା ବହିରଙ୍ଗ ତଥା ଯଥାର୍ଥ ମନୁଷ୍ୟର ଜୀବନକ୍ଷେତ୍ରରେ ଯାହା ଘଟିଥାଏ, ସେହିପରି ଏଠାରେ ମଧ୍ୟ ଉପୁଜୁଥିବା ପାର୍ଥକ୍ୟଟିକୁ ଆମେ କେବଳ ପ୍ରାତିସ୍ୱିକ ବୋଲି କହିବା । ସାରତଃ ଅର୍ଥାତ୍ ବସ୍ତୁଗତ ବ୍ୟବସ୍ଥାଟିର ଭୂମି ଉପରେ ବିଚାର କରି ଦେଖିଲେ ଜାଗ୍ରତ ମନୁଷ୍ୟମନର କ୍ଷେତ୍ରରେ ଯାହା ଘଟିଥାଏ, ଅଥବା ଆପଣାର ସକ୍ରିୟ ଅବସ୍ଥାରେ ଆତ୍ମବିସ୍ମୃତ ମନର ଅଭିନିବେଶ କ୍ଷେତ୍ରରେ ଯାହା ହୋଇଥାଏ, ଜଡ଼ପ୍ରକୃତିର ନିଶ୍ଚେତନ କ୍ଷେତ୍ରଟିରେ ମଧ୍ୟ ଠିକ୍ ସେଇଆ ଘଟେ, ଅର୍ଥାତ୍ ସେଠାରେ ମଧ୍ୟ ସେହି ଐକାନ୍ତିକ ଅଭିନିବେଶ ଘଟିଥାଏ, କ୍ରିୟା ଓ ଶକ୍ତି ମଧ୍ୟରେ ସେହି ଆତ୍ମମଗ୍ନତାହିଁ ଘଟିଥାଏ । ଆପଣାକୁ ସୀମିତ କରି ରଖିବାର ସେହି ପ୍ରବୃତ୍ତିଟି ଯେତେବେଳେ ଆପଣାକୁ ଚରମ ବିନ୍ଦୁଟି ପର୍ଯ୍ୟନ୍ତ ଲମ୍ବାଇ ନେଇଯାଏ ଓ ଆତ୍ମବିସ୍ମୃତିର ଅବସ୍ଥାରେ ଆସି ପହଞ୍ଚେ, ସେତେବେଳେ ତାହା ଆଉ ଏକ ସାମୟିକ କ୍ରିୟା ହୋଇ ରହେ ନାହିଁ, ତାହା ତା' କ୍ରିୟାର ବିଧାନରେହିଁ ପରିଣତ ହୋଇଯାଏ । ଜଡ଼ପ୍ରକୃତିଗତ ନିଶ୍ଚେତନ ଅବସ୍ଥା ହେଉଛି ପରିପୂର୍ଣ୍ଣ ଆତ୍ମ-ଅବିଦ୍ୟାର ଅବସ୍ଥା । ମନୁଷ୍ୟସ୍ତରର ଆଂଶିକ ଜ୍ଞାନ ଓ ସାଧାରଣ ଅଜ୍ଞାନ ହେଉଛି ଏକ ଆଂଶିକ ଆତ୍ମ-ଅବିଦ୍ୟା; ଆପଣା କ୍ରମବିବର୍ତ୍ତନର ପଥରେ ତାହା ଯେ ଆତ୍ମଜ୍ଞାନ ଆଡ଼କୁ ଫେରିଯାଉଛି, ସେଥିରୁ ସେହିପରି ଏକ ଇଙ୍ଗିତ ମଧ୍ୟ ମିଳିଥାଏ । ମାତ୍ର ମୂଲ୍ୟନିରୂପଣର ମାନଦଣ୍ଡ ଉପରେ ବିଚାର ଦେଖିଲେ ଏହି ଦୁଇଟିଯାକକୁ ଏବଂ ସକଳ ଅବିଦ୍ୟାକୁ ଆମେ କେବଳ ତପଃଶକ୍ତିର ଏକ ଉପରିଭାଗୀୟ ଓ ଆତ୍ମବିସ୍ମୃତ ଐକାନ୍ତିକ ଅଭିନିବେଶ ବୋଲିହିଁ କହିବା; ସର୍ବଗତ ଚେତନଶକ୍ତିର ଆପଣା ଗତିସ୍ପନ୍ଦନର ଏକ ବିଶେଷ ରେଖା ବା ବିଶେଷ ଭାଗ ଉପରେ ଅଭିନିବେଶ ବୋଲି କହିବା, ଯେତେବେଳେ କି କେବଳ ସେଇଟି ବ୍ୟକ୍ତ ତାହାର ଆଉ କୌଣସିଟି ବିଷୟରେ କୌଣସି ଖବର୍ ନଥାଏ ଏବଂ ଉପରିଭାଗଟିରେ ତାହା କେବଳ ସେଇଟିର ରୂପ ଧାରଣ କରି ରହିଥିବା ପରି ମନେ ହେଉଥାଏ । ସେହି ଗତିସ୍ପନ୍ଦନଟିର ସଞ୍ଚାରସୀମା ମଧ୍ୟରେ ଅବିଦ୍ୟାଟି କାର୍ଯ୍ୟକାରୀ ହୋଇ ରହିଥାଏ, ଏବଂ ତାହାର ଉଦ୍ଦେଶ୍ୟସାଧନର କ୍ଷେତ୍ରରେ ଏହାର ଏକ ମୂଲ୍ୟ ଅବଶ୍ୟ ରହିଥାଏ; ମାତ୍ର ତଥାପି ଏହାକୁ ଆମେ କେବଳ ପ୍ରାତିସ୍ୱିକ ବୋଲି କହିବା, କେବଳ ଆଂଶିକ ଓ ବହିଃସ୍ଥ ବୋଲି କହିବା । ସ୍ୱରୂପଗତ ଭାବରେ ଯଥାର୍ଥ ବୋଲି କହିବା ନାହିଁ ବା ସମସ୍ତ ବୋଲି କହିବା ନାହିଁ । ଏଠାରେ 'ଯଥାର୍ଥ' ଶବ୍ଦଟିକୁ ଆମକୁ ଏହାର ଚରମ ବା

'oaob.nitrkl.ac.in' images reprocessed

ବ୍ୟାପକତମ ଅର୍ଥରେ ନୁହେଁ, ମାତ୍ର କେବଳ ସୀମିତ ଅର୍ଥରେ ବ୍ୟବହାର କରିବାକୁ ପଡ଼ିବ । କାରଣ ଏହି କ୍ଷେତ୍ରରେ ଅବିଦ୍ୟାଟି ଯଥେଷ୍ଟ ପରିମାଣରେ ସତ୍ୟ ବା ଯଥାର୍ଥ ହୋଇ ରହିଥାଏ ସତ, ମାତ୍ର ତଥାପି ଆମ ସତ୍ତାର ସମୁଦାୟ ସଜ୍ଞାରେ ପରିଣତ ହୋଇ ନଥାଏ, ଏବଂ ତାହାକୁ ଏକ ସମ୍ପୂର୍ଣ୍ଣ ତତ୍ତ୍ୱରୂପେ ସ୍ୱୀକାର କରିବସିଲେ ଆମ ବହିଃସତ୍ତାର ଭୂମି ଉପରେ ମଧ୍ୟ ତାହାର ସତ୍ୟଟି ବିକୃତ ଓ କଦର୍ଥ ହୋଇପଡ଼େ । ତାହାର ସେହି ସ୍ୱରୂପଗତ ଯଥାର୍ଥ ସତ୍ୟର ଭୂମି ଉପରେ ଆମେ ତାହାକୁ ଏକ ସବୃତ ପରମ ଚେତନା ବା ପରମ ଜ୍ଞାନ ବୋଲି ଜାଣିବା, ଆପଣାର ସ୍ୱରୂପ ମଧ୍ୟକୁ ପ୍ରତିବିବର୍ତ୍ତିତ ହୋଇ ଯାଉଥିବା ସବୃତ ଜ୍ଞାନ ବୋଲି ଜାଣିବା, ମାତ୍ର ଏକଥାଟି ମଧ୍ୟ ସ୍ମରଣ ରଖିଥିବା ଯେ ତାହା ଏକ ନିଶ୍ଚେତନା ଓ ଅବିଦ୍ୟାରୂପେହିଁ ଏହି କ୍ଷେତ୍ରରେ ଗତିଶୀଳ ଭାବରେ କାର୍ଯ୍ୟକାରୀ ହୋଇ ରହିଛି ।

କୌଣସି ପ୍ରକୃତ ଅର୍ଥରେ ନୁହେଁ, କେବଳ ପ୍ରାତିଭାସିକ ଅର୍ଥରେ ଭାଗ ଭାଗ କରି ଦେଉଥିବା ଏକ ଭେଦମୂଳକ ଓ ସଙ୍କୋଚକ ସଚେତନ ଶକ୍ତି ଆପଣାର ସଂରଚନାଗୁଡ଼ିକରେ ଏପରି ମଗ୍ନ ହୋଇପଡ଼ୁଛି ଯେ ଆପଣାର ସମଗ୍ର ଓ ପ୍ରକୃତ ଆତ୍ମାଟିକୁ ସତେଅବା ଏକାବେଳକେ ପାସୋରି ପକାଇବାପରି ମନେହେଉଛି,— ତାହାର ଏହି ବ୍ୟାବହାରିକ ସତ୍ୟଟିକୁହିଁ ଆମେ ଅବିଦ୍ୟାର ମୂଳ-ସ୍ୱଭାବ ବୋଲି କହିବା । ତା'ହେଲେ ଏହି ଘଟଣାଟି କାହିଁ ହେଉଛି, କେଉଁଠି ହେଉଛି ଓ କିଭଳି ହେଉଛି, ଆମକୁ ହୁଏତ ଉଠୁଥିବା ଏହି ପ୍ରଶ୍ନଗୁଡ଼ିକର ମଧ୍ୟ ଉତ୍ତର ମିଳିଯାଇ ପାରିବ । ଏହି ଅବିଦ୍ୟାଟି ବ୍ୟତୀତ ଆମର ଏହି ଜଗତଟିର ସର୍ବପ୍ରକାଶ ଏକାବେଳକେ ନିରର୍ଥକ ଓ ଅସମ୍ଭବ ହୋଇପଡ଼ିବ, ପ୍ରଥମେ ଏଇଟିକୁ ହୃଦୟଙ୍ଗମ କରିନେଲେ ଅବିଦ୍ୟାର କାରଣ ଓ ଆବଶ୍ୟକତାଟି ଆମ ଆଗରେ ବେଶ୍ ସ୍ପଷ୍ଟ ହୋଇଯିବ । ଅବିଦ୍ୟା ବ୍ୟତୀତ କୌଣସି ବିଶ୍ୱସୃଷ୍ଟି କଦାପି ହେବ ନାହିଁ, ଅଥବା ହେଲେ ମଧ୍ୟ ତାହା କଦାପି ସମ୍ପୂର୍ଣ୍ଣ ହେବ ନାହିଁ, କିମ୍ବା ଯେଉଁପରି ଭାବରେ ତାହା ହେବା ଉଚିତ ବା ହେଉଛି, ସେଭଳି ଆଦୌ ହୋଇପାରିବ ନାହିଁ । ବହୁମୁଖୀ ଅବିଦ୍ୟାର ପ୍ରତ୍ୟେକ ଦିଗଟିର ଏକ ସ୍ୱକୀୟ ଔଚିତ୍ୟ ରହିଛି, ଏବଂ ସେହି ଔଚିତ୍ୟଗୁଡ଼ିକୁ ଆମେ ବିଶ୍ୱସୃଷ୍ଟିଗତ ସାଧାରଣ ଆବଶ୍ୟକତାଟିରହିଁ ଅଂଶ ବୋଲି ଜାଣିବା । କେବଳ ଆପଣାର କାଳାତୀତ ସତ୍ତାଟିରେହିଁ ବାସ କରୁଥିବା ମନୁଷ୍ୟ ଆପଣାକୁ କାଳର ପ୍ରବାହ ମଧ୍ୟକୁ କଦାପି ପ୍ରବିଷ୍ଟ କରାଇ ପାରିନଥା'ନ୍ତା, ତାହାର ସେହି କ୍ଷେତ୍ରର ଅନୁସ୍ୟୂତ ଗତିସ୍ପନ୍ଦନକୁ ତାହାର ବର୍ତ୍ତମାନ କ୍ଷଣଟିର ସ୍ୱଭାବ ହୋଇ ରହିଥିବା ମୁହୂର୍ତ୍ତରୁ ମୁହୂର୍ତ୍ତକୁ ଧାବମାନ ହେଉଥିବା ଏହି ସତତପ୍ରବହମାନତା ମଧ୍ୟକୁ କଦାପି ଲୁଆଁଇ ଆଣି ପାରିନଥା'ନ୍ତା । ଆପଣାର ଅତିଚେତନ ଅଥବା ଅଧିଚେତନ ପ୍ରକୃତି ମଧ୍ୟରେ

'oaob.nitrkl.ac.in' images reprocessed

ବାସ କରୁଥିଲେ ସେ ଆପଣା ବ୍ୟକ୍ତି-ମନର ଗ୍ରନ୍ଥିଟିରେ ତାହାକୁ ବର୍ତ୍ତମାନ ଆପଣା ସ୍ୱରପାଖରେ ଥିବା ଜଗତଟିର ଯେଉଁସବୁ ସମ୍ବନ୍ଧସୂତ୍ରକୁ ଗ୍ରନ୍ଥିଯୁକ୍ତ ଓ ଗ୍ରନ୍ଥିମୁକ୍ତ କରିବାକୁ ପଡ଼ୁଛି, ତାହା ଆଦୌ କରି ପାରୁନଥା'ନ୍ତା, ଅଥବା ମୂଳତଃ ସମ୍ପୂର୍ଣ୍ଣ ପୃଥକ୍ ଭାବରେ କରିବାକୁ ପଡ଼ୁଥା'ନ୍ତା । ଏହି ଅହଂବୋଧସମ୍ପନ୍ନ ଭେଦଦର୍ଶୀ ଚେତନାଟିରେ ବାସ ନକରି କେବଳ ଏକ ତତ୍ତ୍ୱାତ୍ମକ ସ୍ୱରୂପ ମଧ୍ୟରେ ଅଧିଷ୍ଠିତ ରହିଥିଲେ ସେ ଆପଣା ଭିତରରୁ ସେହି ବିବିକ୍ତ କ୍ରିୟା, ବିବିକ୍ତ ବ୍ୟକ୍ତିସତ୍ତା ଓ ବିବିକ୍ତ ଦୃଷ୍ଟିଟିର ବିବର୍ତ୍ତନ କରାଇବାକୁ ଆଦୌ ସମର୍ଥ ହୋଇ ପାରନ୍ତା ନାହିଁ, ଯାହାକି ବର୍ତ୍ତମାନ ବଣୁଟିସ୍ୱାର ଏହି ଲୀଳାକ୍ଷେତ୍ରରେ ଅହଂବୋଧର ସର୍ବପ୍ରଧାନ ଅବଦାନ ହୋଇ ରହିଛି ଓ ଏଠି ଯାହାକୁ ଏକମାତ୍ର ବା ଆଦ୍ୟ କେନ୍ଦ୍ରରୂପେ ମାନି ସକଳ କ୍ରିୟା ଓ ଗତି ସମ୍ଭବ ହୋଇପାରୁଛି । ତେଣୁ ଅନ୍ତରର ଜ୍ୟୋତିର୍ମୟତା ଓ ବିଶ୍ୱାତ୍ମକତାର ବିଶାଳତା ଆଗରେ ଆପଣାକୁ ସୁରକ୍ଷିତ କରି ରଖିବାକୁ ହେଲେ ଏବଂ ଏହି ରକ୍ଷାପ୍ରାଚୀରଟିର ପଛରେ ରହି ଏହି ବସ୍ତୁଜଗତ ମଧ୍ୟରେ ଆପଣାର କାଳସ୍ଥ ବ୍ୟକ୍ତିସ୍ୱରୂପଟିକୁ ବିକଶିତ କରିପାରିବାକୁ ହେଲେ ତାହାକୁ ମଧ୍ୟ ଏହି କାଳଗତ, ମନୋଭୂମିସ୍ଥ ଓ ଅହଂବୋଧ-ସମ୍ପନ୍ନ ଅବିଦ୍ୟାର ପରିଚ୍ଛଦଟିକୁ ପରିଧାନ କରିବାକୁ ପଡ଼ିବ । ସତେଯେପରି ସେ ଏଠାରେ ଏହି ଗୋଟିଏ ଜୀବନକୁହିଁ ବଞ୍ଚିବାକୁ ଆସିଛି, ତାକୁ ସେହିପରି ଭାବରେ ବଞ୍ଚିବାକୁ ପଡ଼ିବ ଏବଂ ତା'ର ଅନୁସ୍ୟୂତ ଅତୀତ ତଥା ଭବିଷ୍ୟତ ସମ୍ବନ୍ଧରେ ଏକ ଅଜ୍ଞାନଦ୍ୱାରା ଆପଣାକୁ ଆଚ୍ଛାଦିତ କରି ରଖିବାକୁ ହେବ । କାରଣ, ଯଦି ଅନ୍ୟଥା ଅତୀତଟି ମଧ୍ୟ ତା' ଆଗରେ ବର୍ତ୍ତମାନ ରହିଥା'ନ୍ତା ତେବେ ଉଦ୍ଦିଷ୍ଟ ପ୍ରଣାଳୀରେ ସେ ଆପଣାର ପରିବେଶ ସହିତ ବର୍ତ୍ତମାନର ନବାଗତ ସମ୍ବନ୍ଧଗୁଡ଼ିକୁ କଦାପି ସ୍ଥାପନ କରି ପାରୁନଥା'ନ୍ତା, ତା'ର ଜୀବନର ଭାର ତା'ଲାଗି ଅତି ପ୍ରକାଣ୍ଡ ଓ ଦୁର୍ବହ ହୋଇ ରହିଥା'ନ୍ତା ଏବଂ ତାହା ତା'ର କ୍ରିୟାଗତ ଜୀବନର ସମସ୍ତ ଭାବ, ଭାବସାମ୍ୟ ଓ ଆକୃତିଟିକୁ ଏକାବେଳକେ ବଦଳାଇ ଦେଇଥା'ନ୍ତା । ତେଣୁ ତାକୁ ଶରୀରଗତ ଜୀବନରେ ସଂଶ୍ଳିଷ୍ଟ ହୋଇ ରହିଥିବା ଏହି ମନୋଭୂମିରେହିଁ ବଞ୍ଚି ରହିବାକୁ ପଡ଼ିବ, ଏବଂ ଅତିମାନସ ଭୂମିରେ ରହିଲେ ଆଦୌ ଚଳିବ ନାହିଁ । କାରଣ ତାହାହେଲେ ମନର ସଙ୍କୋଚକ, ବିଭେଦକ ଓ ବିଭାଜକ ଶକ୍ତିଦ୍ୱାରା ରଚିତ ହୋଇ ରହିଥିବା ଏହିସବୁ ଅବିଦ୍ୟାନିଷ୍ପନ୍ନ ରକ୍ଷାପ୍ରାଚୀରଗୁଡ଼ିକର ରଚନା ଆଉ ସମ୍ଭବ ହେବ ନାହିଁ, ଅଥବା ସେଗୁଡ଼ିକ ଏତେବେଶୀ ସୂକ୍ଷ୍ମ ଓ ସ୍ୱଚ୍ଛ ହୋଇ ପଡ଼ିବ ଯେ ତଦ୍ଦ୍ୱାରା ତାହାର କୌଣସି ଉଦ୍ଦେଶ୍ୟ ସାଧିତ ହେବ ନାହିଁ ।

ଯେଉଁ ଉଦ୍ଦେଶ୍ୟଟିର ସାଧନ ସକାଶେ ଆମେ ଅବିଦ୍ୟା ବୋଲି କହୁଥିବା ଏହିସବୁ ସୀମାନ୍ତିକ ଆବରଣର ପ୍ରୟୋଜନ ହୋଇଥାଏ, ତାହା ହେଉଛି ଆତ୍ମବସ୍ତୁ ତଥା

ଆତ୍ମ-ଆବିଷ୍କାରର ବୃତ୍ତକ୍ରମଟିକୁ ଅନୁସରଣ କରିବାର ଉଦ୍ଦେଶ୍ୟ। ସେହି ଆନନ୍ଦଲୀଳାଟିର ଅନୁଭୂତି ସକାଶେହିଁ ପରମନିଗୂଢ଼ ଚିତ୍‌ସତ୍ତା ପ୍ରକୃତିର ଭୂମି ଉପରେ ଅବିଦ୍ୟାକୁ ଅବଲମ୍ବନ କରିଥା'ନ୍ତି। ଅବଶ୍ୟ ଏକଥା କେହି କହୁ ନାହିଁ ଯେ ଏପରି ନହେଉଥିଲେ ବିଶ୍ୱଗତ ଯାବତୀୟ ପରିପ୍ରକାଶ ଅସମ୍ଭବ ହୋଇ ପଡ଼ୁଥା'ନ୍ତା; ମାତ୍ର ଆମେ ବର୍ତ୍ତମାନ ଯେଉଁ ପରିପ୍ରକାଶଟିର ଅନ୍ତର୍ଗତ ହୋଇ ବାସ କରୁଛୁ, ତାହା ତା'ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ପରପ୍ରକାଶ ହୋଇଥା'ନ୍ତା। ତାହା ହୁଏତ କେବଳ ଦିବ୍ୟ ପରମ ଅସ୍ତିତ୍ୱର ଊର୍ଦ୍ଧ୍ୱତର ପୃଥିବୀଗୁଡ଼ିକ ମଧ୍ୟରେ ସୀମାବଦ୍ଧ ହୋଇ ରହିଥା'ନ୍ତା ଅଥବା ଏପରି ଏକ ବିଶେଷ କିସମର ବିବର୍ତ୍ତନରହିତ ବିଶ୍ୱ ମଧ୍ୟରେ ସୀମିତ ରହିଥା'ନ୍ତା ଯେଉଁଠାରେ କି ପ୍ରତ୍ୟେକ ସତ୍ତା କେବଳ ଆପଣା ପ୍ରକୃତିଗତ ବିଧାନର ପରିପୂର୍ଣ୍ଣ ଆଲୋକ ଭିତରେହିଁ ବାସ କରୁଥା'ନ୍ତେ, ଏବଂ ସେଭଳି କ୍ଷେତ୍ରରେ ବର୍ତ୍ତମାନର ଏହି ବିବର୍ତ୍ତନଶୀଳ ବୃତ୍ତକ୍ରମ ଓ ଏହି ବିପରୀତମୁଖୀ ବିସୃଷ୍ଟି ଆଦୌ ସମ୍ଭବ ହୋଇ ନଥା'ନ୍ତା। ଆଜି ଏଠି ଯାହା ଆମର ଚରମ ଲକ୍ଷ୍ୟ ହୋଇ ରହିଛି, ସେତେବେଳେ ତାହା ଏକ ଚିରନ୍ତନ ପରିବେଶରୂପେ ବିରାଜି ରହିଥା'ନ୍ତା; ଆଜି ଏଠାରେ ଯାହା କେବଳ ଏକ ଅଭିନୟ ମଞ୍ଚ ହୋଇ ରହିଛି, ତାହା ସେତେବେଳେ ଅସ୍ତିତ୍ୱର ପରିବର୍ତ୍ତନସ୍ଥଳ ସ୍ୱୀତ ହୋଇହିଁ ରହିଥା'ନ୍ତା। ଆପଣା ସତ୍ତା ଓ ଆପଣା ପ୍ରକୃତିର ଆପାତ ବିପରୀତତାଗୁଡ଼ିକ ମଧ୍ୟରେ ଆପଣାକୁ ଠାବ କରିବା ସକାଶେହିଁ ପରମ ସଚ୍ଚିଦାନନ୍ଦ ଜଡ଼ମୟ ନିଶ୍ଚେତନଟି ମଧ୍ୟକୁ ଅବତରଣ କରିଆସନ୍ତି ଏବଂ ଏହାର ପ୍ରାତିଭାସିକ ଅବିଦ୍ୟାଟିକୁ ଏକ ବହିର୍ଜଗତ ମୁଖାବରଣରୂପେ ବ୍ୟବହାର କରି ସ୍ୱକୀୟ ଚେତନାମୟ ଶକ୍ତି ପାଖରୁ ଆପଣାକୁ ଲୁଚାଇ ରଖନ୍ତି। ସେହି ଶକ୍ତି ସତେଅବା ଆତ୍ମବିସ୍ମୃତ ହୋଇ ପଡ଼ିରହେ, ଏବଂ ଆପଣାର କ୍ରିୟା ଓ ରୂପାୟନଗୁଡ଼ିକ ମଧ୍ୟରେ ବୁଡ଼ିରହେ। ସେହି ରୂପାୟନଗୁଡ଼ିକରେହିଁ କ୍ରମଶଃ ସୁପ୍ତୋତ୍ଥିତ ହେଉଥିବା ଆତ୍ମାକୁ ଏକ ଅବିଦ୍ୟାର ପ୍ରାତିଭାସିକ କ୍ରିୟାଟିକୁ ସ୍ୱୀକାର କରିନେବାକୁ ପଡ଼ିଥାଏ। ସେହି କ୍ଷେତ୍ରରେ ଅବିଦ୍ୟା କହିଲେ ମୂଳ ନିଶ୍ଚେତନା ମଧ୍ୟରୁ ସ୍ତର ସ୍ତର ହୋଇ ଜାଗ୍ରତ ହେଉଥିବା ଏକ ଯଥାର୍ଥ ଜ୍ଞାନକୁହିଁ ବୁଝାଏ, ଏହିସବୁ କ୍ରିୟାଦ୍ୱାରା ବିସୃଷ୍ଟ ନୂତନ ପରିବେଶଗୁଡ଼ିକରେହିଁ ସେହି ଜ୍ଞାନକୁ ଆପଣାର ଆବିଷ୍କାର କରିବାକୁ ପଡ଼ିଥାଏ, ଏବଂ ସେହି ଆଲୋକଟି ଦ୍ୱାରା ନିଶ୍ଚେତନ ଭିତରକୁ ଓହ୍ଲାଇ ଆସିଥିବାର ଉଦ୍ଦେଶ୍ୟଟିକୁ ପରିପୂର୍ଣ୍ଣ କରିବାଲାଗି ଏହିପରି ଭାବରେ ଉଦ୍ୟମ କରୁଥିବା ଜୀବନଟିର ଦିବ୍ୟ ରୂପାନ୍ତର ଘଟାଇଥାଏ। ଯେଉଁଠି ପରିପୂର୍ଣ୍ଣ ଆଲୋକ ଓ ପରିପୂର୍ଣ୍ଣ ଆନନ୍ଦ ଶାଶ୍ୱତ ଭାବରେ ବିରାଜିତ ରହିଛି, ସେହି ସ୍ୱର୍ଗଲୋକଗୁଡ଼ିକୁ ଅଥବା ସେହି ଲୋକୋତ୍ତର ଆନନ୍ଦଧାମକୁ ଯଥାସମ୍ଭବ ସତ୍ୱର ଓ ଶୀଘ୍ର ଲେଉଟିଯିବା ଏହି ବିଶ୍ୱରୂପାୟନଚକ୍ରର କଦାପି ଉଦ୍ଦେଶ୍ୟ ନୁହେଁ। କିମ୍ବା ଜ୍ଞାନର ଅନ୍ୱେଷଣ କରୁଥିବା ମାତ୍ର ତାହାକୁ କେବେହେଲେ

'oaob.nitrkl.ac.in' images reprocessed

ପରିପୂର୍ଣ୍ଣ ଭାବରେ ଲାଭ କରି ପାରୁନଥିବା ଅବିଦ୍ୟାର ଏକ ଦୀର୍ଘପ୍ରସାରିତ ନୀରସ ଗହ୍ୱର ଭିତରେ କେବଳ ଏକ ଉଦ୍ଦେଶ୍ୟହୀନ ଧାଇଁବାର ପୁନରାବୃତ୍ତି କରିବା ମଧ୍ୟ ତାହାର ଉଦ୍ଦେଶ୍ୟ ନୁହେଁ । କାରଣ ସେପରି ହୋଇଥିଲେ ଅବିଦ୍ୟାକୁ ଆମେ ସେହି ପରମ ସର୍ବଜ୍ଞତାଙ୍କର ଏକ ଅବୋଧ୍ୟ ଭୁଲ ଅଥବା ସେହିପରି ସମାନଭାବରେ ଅବୋଧ୍ୟ ଏକ ଯନ୍ତ୍ରଣାପ୍ରଦ ଓ ଉଦ୍ଦେଶ୍ୟହୀନ ଅନିବାର୍ଯ୍ୟତା ବୋଲି କହିପାରିଥା'ନ୍ତେ । ମାତ୍ର ଲୋକୋତ୍ତର ଭୂମିଟି ବ୍ୟତୀତ ଅନ୍ୟ ଭୂମି ଓ ଅନ୍ୟ ପରିବେଶରେ ସ୍ୱରୂପସତ୍ତାଗତ ଆନନ୍ଦଟିର ଉପଲବ୍ଧି କରିବା, ଏହି ବିଶ୍ୱସତ୍ତା ଭିତରେହିଁ ତାହାର ଉପଲବ୍ଧି କରିବା, ଏବଂ ଏକ ରୂପାୟିତ ଜଡ଼ ଅସ୍ତିତ୍ୱର ଭୂମି ଉପରେ ଆସି ଉପସ୍ଥାପିତ ହୋଇଥିବା ବିପରୀତତା ଓ ବିରୋଧଗୁଡ଼ିକରେ ମଧ୍ୟ ଆନନ୍ଦ ଓ ଆଲୋକର ସ୍ୱକୀୟ ସ୍ୱର୍ଗଭୁବନଟିର ଅନୁଭୂତି ଲାଭ କରିବା, ଏବଂ ତେଣୁ ଆତ୍ମ-ଅବସ୍ଥାରର ଆନନ୍ଦ ଅଭିମୁଖରେ ଅଗ୍ରସର ହେବାଲାଗି ସତତ ପ୍ରୟାସ କରିବା;—ମନୁଷ୍ୟର ଏହି ଶରୀରର ଭିତରେ ଯେ ଆତ୍ମା ଜନ୍ମ ଗ୍ରହଣ କରିଛି ଏବଂ ଆପଣାର କେତେକେତେ ଯାତାୟାତ ଦେଇ ମନୁଷ୍ୟ-ଗୋଷ୍ଠୀ ଯେଉଁ ଉଦ୍ୟମ କରି ଚାଲିଛି, ଏହାହିଁ ତାହାର ଯଥାର୍ଥ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି ମନେହେଉଛି । ଅବିଦ୍ୟା ହେଉଛି ଏକ ଆବଶ୍ୟକ ତତ୍ତ୍ୱ, ଅବଶ୍ୟ ଏହା ଏକ ଗୌଣ ବା ନ୍ୟୂନତର ତତ୍ତ୍ୱ; ଏବଂ ସେହି ଉଲ୍ଲିଖିତ ଲକ୍ଷ୍ୟଟିର ଉଦ୍ଦେଶ୍ୟରେ ଗଠନ କରିବା ଯେପରି ସମ୍ଭବ ହେବ, ସେଥିଲାଗି ବିଶ୍ୱଗତ ପରମ ଜ୍ଞାନ ସେହି ତତ୍ତ୍ୱଟିକୁ ଆଣି ଆପଣା ଉପରେ ଆରୋପିତ କରି ରଖିଛି । ଅବିଦ୍ୟାକୁ ଆମେ ଗୋଟାଏ ଭୁଲ କିମ୍ବା ପତନ ବୋଲି କହିପାରିବା ନାହିଁ, ଏହା ହେଉଛି ଏକ ଉଦ୍ଦେଶ୍ୟଗତ ଅବତରଣ; ଏହା ଏକ ଅଭିଶାପ ନୁହେଁ, ମାତ୍ର ଏକ ଦିବ୍ୟ ସୁଯୋଗ ଓ ଅବସର । ତାଙ୍କର ଆପଣା ବସ୍ତୁତ୍ୱର ଏକ ସଘନ ଓ ସ୍ଥୂଳ ରୂପାୟନ ଭିତରେ ସେହି ପରମ ସର୍ବାନନ୍ଦମୟଙ୍କର ସନ୍ଧାନ ପାଇବା ଓ ତାଙ୍କୁ ତାହାର ଭିତରେହିଁ ସମୂର୍ତ୍ତିରୂପେ ଦେଖିବା, ଅନ୍ୟ କୌଣସି ପରିବେଶରେ ଯାହା ସମ୍ଭବ ହୋଇ ନଥା'ନ୍ତା, ଅନନ୍ତ ଅସ୍ତିତ୍ୱର ସେହିଭଳି ଏକ ସମ୍ଭାବନାକୁ ଉପଲବ୍ଧି କରିପାରିବା, ଏବଂ ଜଡ଼କୁ କାର୍ଯ୍ୟରେ ଲଗାଇ ପରମ ଦେବତାଙ୍କ ସକାଶେ ଏଠି ଏକ ମନ୍ଦିର ଗଢ଼ି ତିଆ କରିଦେଇ ପାରିବା,—ଜଡ଼ବିଶ୍ୱର ଆବର୍ତ୍ତନ ଭିତରେ ଜନ୍ମ ନେଇଥିବା ଚିତ୍ତସତ୍ତାଟି ଉପରେ ସମ୍ଭବତଃ ଏହି ତପସ୍ୟାର ଦାୟିତ୍ୱଟି ଅର୍ପିତ ହୋଇ ରହିଛି ।

ଆମେ ଦେଖିପାରୁଛୁ ଯେ ଅବିଦ୍ୟା ପ୍ରଚ୍ଛନ୍ନ ଓ ଅନ୍ତର୍ଗତ ଆତ୍ମାଟି ଭିତରେ ନାହିଁ, ମାତ୍ର ପ୍ରତ୍ୟକ୍ଷମାନ ପ୍ରକୃତି ଭିତରେ ରହିଛି । ତାହା ସେହି ପ୍ରକୃତିର ସମସ୍ତ ଅଂଶଟିକୁ ମଧ୍ୟ ଅଧିକାର କରି ରହି ନାହିଁ । ଏପରି କଦାପି ହୋଇନପାରେ, କାରଣ ପ୍ରକୃତି କହିଲେ ସେହି ପରମ ସର୍ବଜ୍ଞତାଙ୍କର ଚିତ୍‌ଶକ୍ତିଟିକୁହିଁ ବୁଝାଇଥାଏ । ଏହି ପ୍ରକୃତିର

'oaob.nitrkl.ac.in' images reprocessed

ଆଲୋକ ଓ ଶକ୍ତିମୟ ମୂଳ ସମଗ୍ରତାଟି ମଧ୍ୟରୁହିଁ ଏକ ବିଭକ୍ତୀକରଣଗତ ଭୂମି ଉପରେ ଅବିଦ୍ୟାର ଉଦୟ ହୋଇଥାଏ । ସେହି ବିଭକ୍ତୀକରଣଟି ପ୍ରକୃତରେ କେଉଁଠି ଘଟେ, ସତ୍ତାର କେଉଁ ଭଙ୍ଗୀଟିରେ ଏହା ଆପଣାଲାଗି ଏକ ଅବସର ପାଏ ଓ ତାହାକୁ ଆରମ୍ଭବିନ୍ଦୁରୂପେ ବ୍ୟବହାର କରେ ? ଏକଥା ନିଶ୍ଚିତ ଯେ ଅନନ୍ତ ସତ୍ତା ମଧ୍ୟରେ ଏସବୁ କଦାପି ଘଟେ ନାହିଁ, ଅନନ୍ତ ଚେତନା କିମ୍ବା ଅନନ୍ତ ଆନନ୍ଦ ଭିତରେ ମଧ୍ୟ ଘଟେ ନାହିଁ । କାରଣ ଏଗୁଡ଼ିକ ହେଉଛି ଅସ୍ତିତ୍ୱର ଗୋଟିଏ ଗୋଟିଏ ପରମ ଭୂମି, ଏବଂ ସେହି ଭୂମିଗୁଡ଼ିକରୁହିଁ ଅନ୍ୟ ଯାବତୀୟ ସବୁକିଛି ନିଷ୍ପନ୍ନ ହୁଏ ଏବଂ ଏହି ଅସ୍ପଷ୍ଟତର ଓ ରହସ୍ୟାଚ୍ଛନ୍ନ ପରିପ୍ରକାଶ ମଧ୍ୟକୁ ଓହ୍ଲାଇଆସେ । ତେଣୁ ସେଠାରେ ଅବିଦ୍ୟାଲାଗି କୌଣସି ସ୍ଥାନ କଦାପି ରହି ନପାରେ । ଅତିମାନସରେ ମଧ୍ୟ ଅବିଦ୍ୟାର ସ୍ଥାନ ନାହିଁ, କାରଣ ଅତିମାନସ ଭୂମିରେ ଏପରିକି ସବୁଠାରୁ ଅଧିକ ଅନ୍ତବିଶିଷ୍ଟ କ୍ରିୟାଗୁଡ଼ିକରେ ମଧ୍ୟ ଅନନ୍ତ ଆଲୋକ ଓ ଅନନ୍ତ ଶକ୍ତି ସର୍ବଦା ବିରାଜିତ ରହିଥାଏ, ଏବଂ ସେଠାରେ ଏକତ୍ୱର ଚେତନାଟି ବହୁତ୍ୱର ଚେତନାଟିକୁ ଆପଣା ମଧ୍ୟରେ ଆବୋରି ରହିଥାଏ । ତେଣୁ କେବଳ ମନର ଭୂମି ଉପରେହିଁ ପ୍ରକୃତ ଆତ୍ମଚେତନାଟିକୁ ପୃଷ୍ଠଭାଗରେ ଅପସରାଇ ରଖିବା ସମ୍ଭବ ହୁଏ । କାରଣ ମନ ହେଉଛି ଚେତନାମୟ ସତ୍ତାର ସେହି ଶକ୍ତି ଯାହାକି ଗୋଟିକୁ ଆଉଗୋଟିକଠାରୁ ପୃଥକ୍ କରି ଦେଖିପାରେ, ଯାହାକି ଏହି ଭେଦଦର୍ଶନର ମାର୍ଗଟିକୁ ଅନୁସରଣ କରି ଗତି କରୁଥାଏ । ପାର୍ଥକ୍ୟ ଓ ବୈଚିତ୍ର୍ୟର ବୋଧହିଁ ମନ ଭିତରେ ସର୍ବଦା ପ୍ରଧାନ ହୋଇ ରହିଥାଏ, ସତେଅବା ତାହାର ସ୍ୱଭାବଗତ ହୋଇ ରହିଥାଏ; ଏବଂ ଏକତ୍ୱ ଓ ଅଭେଦର ବୋଧ କେବଳ ପୃଷ୍ଠଭାଗରେ ଅବସ୍ଥିତ ଥାଏ, ସ୍ୱଭାବଗତ ହୋଇ ନଥାଏ, ମନୋଗତ କ୍ରିୟାର ପ୍ରକୃତ ଉପାଦାନ ହୋଇନଥାଏ । ଏକତ୍ୱବୋଧ ମନର ଏକ ସ୍ୱକୀୟ ଧର୍ମ ନୁହେଁ । ମନ ହେଉଛି ଅତିମାନସରୁ ଜାତ ହୋଇଥିବା ଏକ ଗୌଣ ଶକ୍ତି, ଏବଂ ମନ ସେହି ଅତିମାନସର ଆଲୋକଟିକୁହିଁ ପ୍ରତିଫଳିତ କରୁଥାଏ ଏବଂ ତାହାପଛରେ ସେହି ଅତିମାନସହିଁ ସର୍ବଦା ଅବସ୍ଥିତ ରହିଥାଏ । ଯଦି ଘଟଣାକ୍ରମେ ଏହି ଆତ୍ମସ୍ୱରୂପୀ ଏକତ୍ୱବୋଧକୁ ହଟାଇ ନିଆଯାଇ ପାରେ, ଯଦି ମନ ଓ ଅତିମାନସ ମଧ୍ୟରେ ଗୋଟାଏ ପର୍ଦ୍ଦା ଆସି ପଡ଼ିଯାଏ ଓ ତଦ୍ଦ୍ୱାରା ପରମ ସତ୍ୟର ଆଲୋକ ଏକାବେଳକେ ବାରିତ ହୋଇ ରହେ, ଅଥବା କେବଳ ବିକୀର୍ଣ୍ଣ, ବିକ୍ଷିପ୍ତ ଓ ପ୍ରତିଫଳିତ କେତୋଟି କିରଣରେଖା ଦେଇ ମାତ୍ର ବିକୃତ ଓ ବିଭକ୍ତ ଭାବରେ ସେହି ଆଲୋକ ଆସି ପଡ଼ିବାର ଏକମାତ୍ର ସମ୍ଭାବନା ରହିଯାଏ, ତେବେ ସେତିକିବେଳେ ଅବିଦ୍ୟାର ପ୍ରତିଭାସ ଆସି ଉପସ୍ଥିତ ହୋଇପାରେ । ଉପନିଷଦର ମତରେ ଏପରି ଏକ ପର୍ଦ୍ଦା ରହିଛି, ଏବଂ ମନର କ୍ରିୟାହିଁ ସେଇଟିକୁ ରଚନା କରି ରଖିଛି । ଏହି ପର୍ଦ୍ଦାଟି ଅଧିମାନସ ଭୂମିରେ ଏକ 'ହିରଣ୍ମୟ ପାତ୍ର' ହୋଇ ରହିଛି, ଯାହାକି ଅତିମାନସ ସତ୍ୟର ମୁଖଟିକୁ

'oaob.nitrkl.ac.in' images reprocessed

ଅପିହୃତ କରି ରଖିଛୁ, ମାତ୍ର ତାହାର ପ୍ରତିରୂପଟିର ପ୍ରତିପାଳନ କରି ଦେଉଛୁ । ମନର ଭୂମିକୁ ଆସି ତାହା ଆହୁରି ଅସ୍ପଷ୍ଟ ଓ ଧୂମ୍ରମଳିନ ହୋଇପଡ଼ୁଛି ଓ ତାହାକୁ ଭେଦ କରି ଖୁବ୍ ଅଳ୍ପ ଆଲୋକ ପ୍ରତିଫଳିତ ହୋଇପାରୁଛି । ନିମ୍ନମୁଖୀ ହୋଇ ମଗ୍ନ ଭାବରେ ବସ୍ତୁଗୁଡ଼ିକ ମଧ୍ୟରେ ଆପଣାକୁ ଅଭିନିବିଷ୍ଟ କରି ରଖିବା ହେଉଛି ମନର ସ୍ୱଭାବଗତ ଗତିଧର୍ମ । ଏବଂ ସେହି ବସ୍ତୁଗୁଡ଼ିକ ଯଥାର୍ଥରେ ଯାହାର ପ୍ରକାଶ କରୁଛି, ସେହି ପରମ ଏକତ୍ୱରୁ ମନ ଆପଣାର ଦୃଷ୍ଟିଟିକୁ ଦୂରକୁ ଅପସାରି ନେଉଛି ଓ କ୍ରମଶଃ ସେହି ଏକତ୍ୱଟିକୁ ମନେ ରଖିବାକୁ ଏବଂ ତାହାକୁ ଆଶ୍ରୟ କରି ରହିବାକୁ ମଧ୍ୟ ମନ ଏକାବେଳକେ ଭୁଲିଯାଉଛି । ତଥାପି ସେତେବେଳେ ମଧ୍ୟ ସେହି ଏକତ୍ୱହିଁ ମନର ଆଶ୍ରୟରୂପେ ଅବସ୍ଥିତ ରହିଛି ଏବଂ ତାହାର କ୍ରିୟାଗୁଡ଼ିକୁ ସମ୍ଭବ କରାଉଛି; ମାତ୍ର ନିମଜ୍ଜିତ ଶକ୍ତିଟି ଆପଣାର ଉଦ୍‌ଗମସ୍ଥାନ ଓ ବୃହତ୍ତର ପ୍ରକୃତ ଆତ୍ମସତ୍ତାଟି ବିଷୟରେ ସମ୍ପୂର୍ଣ୍ଣ ଅନବହିତ ହୋଇ ରହିଛି । ରୂପାୟନମୁଖୀ ଶକ୍ତିର କ୍ରିୟାଗୁଡ଼ିକ ମଧ୍ୟରେ ଆପଣାକୁ ବୁଡ଼ାଇ ରଖିବା ଫଳରେ ମନ ଆପେ ଯେଉଁଠାରୁ ନିଷ୍ପନ୍ନ ହୋଇଛି, ସେଇଟି ବିଷୟରେ ବିସ୍ମୃତ ହୋଇ ବସୁଛି । ସେହି ଶକ୍ତିଟି ସହିତ ସେ ଏତେଦୂର ଏକରୂପ ହୋଇଯାଉଛି ଯେ ତଦ୍ୱାରା ତା'ର ଆପଣା ଉପରୁ ମଧ୍ୟ ସବୁ ବଳ ଲୁପ୍ତ ହୋଇଯାଉଛି, ନିଦ୍ରାବସ୍ଥାରେ ବାଟ ଚାଲୁଥିବା ମଣିଷ ପରି ସେ ଏହି କର୍ମସମାଧିରେ ରହି ଆତ୍ମବିସ୍ମୃତ ପରି କର୍ମ କରିବାରେ ଲାଗିଥାଏ ସତ, ମାତ୍ର ସେହି କର୍ମ ବିଷୟରେ ଆଦୌ ସଚେତନ ନଥାଏ । ଏଇଟିକୁ ଆମେ ଚେତନାବତରଣର ଶେଷ ଚରଣ ବୋଲି କହିବା, ସୁପ୍ତିର ଅତଳ ଗର୍ଭ ଭିତରେ ପ୍ରବେଶ କରିବା ବୋଲି କହିବା ତଥା ଚେତନାର ଏକ ଅଗାଧ ଅଭିଭୂତି ବୋଲି କହିବା ଯାହାକି ଜଡ଼ମୟ ପ୍ରକୃତିର ସକଳ କ୍ରିୟାଳାଗି ଗଭୀର ଭିତ୍ତି ହୋଇ ରହିଥାଏ ।

ଏ କଥାଟି ମନେ ରଖିବାକୁ ହେବ ଯେ ଆମେ ଯେତେବେଳେ ଆପଣାର ରୂପରାଶି ଓ କ୍ରିୟାସମୂହ ମଧ୍ୟରେ ଅଥବା ଆପଣା କ୍ରିୟାଭୂମିର ଏକ ସୀମିତ କ୍ଷେତ୍ରରେ ମଗ୍ନ ହୋଇ ରହିଥିବା ପରମ ଚେତନାଶକ୍ତିର ଏକ ଆଂଶିକ ଗତିସ୍ପନ୍ଦନର କଥା କହୁଛୁ, ସେତେବେଳେ ତଦ୍ୱାରା ଆମେ ଏହାର ସମଗ୍ରତାର ପ୍ରକୃତରେ କୌଣସି ଯଥାର୍ଥ ବିଭାଜନ ହେଉଛି ବୋଲି ଆଦୌ ବୁଝୁ ନାହୁଁ । ଆପଣାର ଅବଶିଷ୍ଟ ଭାଗଟିକୁ ଏହା ପଛକୁ ଅପସାରି ରଖୁଛି, ତାହାର ଅର୍ଥ ହେଉଛି ଯେ ସେହି ଅବଶିଷ୍ଟ ସମୁଦାୟ ଭାଗଟିକୁ ଏହା ଆପଣା ଗତିସ୍ପନ୍ଦନର ସୀମିତ କ୍ଷେତ୍ରଟିରେ ସଞ୍ଚରି ରହିଥିବା ଓ ତା'ହ ଲକ ଭାବରେ କ୍ରିୟାଶୀଳ ହୋଇଥିବା ପୁରୋଭାଗସ୍ଥ ଶକ୍ତିଟି ପାଖରେ ସଗୁପ୍ତ କରି ରଖୁଛି । ମାତ୍ର ଏକଥା କଦାପି ବୁଝେଁ ଯେ ଏହା ସେହି ଭାଗଟିକୁ ଆପଣା ଭିତରୁ ବହିଷ୍କୃତ କରି ରଖି ଦୁଆର କିଳିଦେଉଛି । ନିଶ୍ଚେତନାର ପର୍ଦ୍ଦା ତଳେ

'oaob.nitrkl.ac.in' images reprocessed

ଅନ୍ତରାଳ ହୋଇ ରହିଥିଲେ ମଧ୍ୟ ବସ୍ତୁତଃ ସମଗ୍ରଭାବାଚୀ ଶକ୍ତିଟି ସେଠାରେ ସର୍ବଦା ମହଜୁଦ ରହିଛି, ଏବଂ ତାହାହିଁ ସମଗ୍ର ଆତ୍ମସତ୍ତାର ସହଯୋଗରେ ଆପଣା ସ୍ୱପ୍ରେ-ରଣାସ୍ଥ ଶକ୍ତିର ମାଧ୍ୟମରେ ଯାବତୀୟ କର୍ମ କରିବାରେ ଲାଗିଛି ଏବଂ ସେହି ଗତିସ୍ପନ୍ଦନଟି ଦ୍ୱାରା ବିସୃଷ୍ଟ ଯାବତୀୟ ରୂପରେ ବାସ କରୁଛି । ଏକଥାଟି ମଧ୍ୟ ଉଲ୍ଲେଖ କରି ରଖିବାକୁ ପଡ଼ିବ ଯେ ଅବିଦ୍ୟାର ଆବରଣଟିକୁ ଘୁଞ୍ଚାଇଦେବା ଉଦ୍ଦେଶ୍ୟରେ ଆମ ଭିତରେ ଥିବା ଚେତନ ସତ୍ତ୍ୱଶକ୍ତି ଆପଣା ଐକାନ୍ତିକ ଅନ୍ତର୍ନିବେଶଶକ୍ତିର ବିପରୀତମୁଖୀ କ୍ରିୟାଟିକୁ କାମରେ ଆଣି ଲଗାଇଥାଏ, ବ୍ୟକ୍ତଚେତନା ମଧ୍ୟରେ ଅବସ୍ଥିତ ପ୍ରକୃତିର ସ୍ୱପ୍ରେରଣାସ୍ଥ ଗତିସ୍ପନ୍ଦନକୁ ଏହା ଶାନ୍ତ କରିଆଣେ ଏବଂ ଐକାନ୍ତିକ ଭାବରେ ସଗୁପ୍ତ ଅନ୍ତର୍ଗତ ସତ୍ତାଟି ଉପରେ ଧ୍ୟାନବଦ୍ଧ ହୁଏ; ଅନ୍ତରସ୍ଥ ଆତ୍ମା, ଅର୍ଥାତ୍ ସେହି ଯଥାର୍ଥ ଅନ୍ତର୍ଗତ ଚୈତ୍ୟସତ୍ତା, ମନଃସତ୍ତା ବା ପ୍ରାଣସତ୍ତା, ଅର୍ଥାତ୍ ପୁରୁଷ ଉପରେ ଧ୍ୟାନବଦ୍ଧ ହୁଏ ଓ ତାହାକୁ ଉନ୍ମୋଚିତ କରି ଆଣିବାକୁ ଉଦ୍ୟମ କରେ । ମାତ୍ର ଏପରି କରିସାରିବା ପରେ ଏହାକୁ ଆଉ ଆପଣାର ବିପରୀତମୁଖୀ ଐକାନ୍ତିକତା ମଧ୍ୟରେ ଅବସ୍ଥିତ ରହିବାକୁ ପଡ଼େ ନାହିଁ । ସେତେବେଳେ ତାହା ଆପଣାର ସମଗ୍ର ଚେତନା ବା ଏକ ସର୍ବବ୍ୟାପ୍ତ ଚେତନାରେ ପୁନର୍ବାର ପ୍ରତିଷ୍ଠିତ ହୋଇପାରେ । ସେହି ସର୍ବବ୍ୟାପ୍ତ ଚେତନାଟିରେ ପୁରୁଷର ସତ୍ତା ଓ ପ୍ରକୃତିର କ୍ରିୟାତ୍ମିକା ଶକ୍ତି ଉଭୟ ଅବସ୍ଥିତ ରହିଥାଏ; ଆତ୍ମା ଥାଏ, ତା'ର ସାଧନଗୁଡ଼ିକ ବି ଥାଏ; ପରମ ଆତ୍ମସତ୍ତା ଓ ପରମ ଆତ୍ମଶକ୍ତି ଉଭୟ ରହିଥାଏ । ସେତେବେଳେ ଏକ ବୃହତ୍ତର ଚେତନାଦ୍ୱାରା ତାହା ଆପଣାର ରୂପାୟନଟିକୁ ଆପଣା ଭିତରକୁ ଆବୋରି ନେଇପାରେ, ଆଗରୁ ତାହା ଭିତରେ ଯେଉଁସବୁ ସୀମାଗତ ବାଧା ରହିଥିଲା, ସେ ସବୁରୁ ମୁକ୍ତ ହୋଇଯାଏ; ପ୍ରକୃତି ତା'ର ଅନ୍ତରଧିଷ୍ଠିତ ଚିତ୍‌ସତ୍ତାଟି ବିଷୟରେ ଆତ୍ମବିସ୍ମୃତ ହୋଇ ରହିବା ଫଳରେ ଯେଉଁସବୁ ପରିଣାମ ଦେଖା ଦେଇଥିଲା, ସେଥିରୁ ମଧ୍ୟ ମୁକ୍ତ ହୋଇଯାଏ । ଅଥବା, ତାହା ହୁଏତ ଆପଣାଦ୍ୱାରା ପରିପ୍ରକାଶିତ ସମୁଦାୟ କରଣିଟିକୁ ଉପଶମିତ କରିଆଣେ, ଆତ୍ମା ଓ ପ୍ରକୃତିର ଏକ ଉଚ୍ଚତର ସ୍ତରରେ ଧ୍ୟାନାବିଷ୍ଟ ହୋଇ ରହେ, ଆପଣାର ସତ୍ତାକୁ ତାହାରି ଭୂମିକୁ ଉତ୍ତୋଳିତ କରିନିଏ ଏବଂ ପୂର୍ବର ପରିପ୍ରକାଶଟିରେ ରୂପାନ୍ତର ଘଟାଇବା ଉଦ୍ଦେଶ୍ୟରେ ସେହି ଉଚ୍ଚତର ସ୍ତରର ସାମର୍ଥ୍ୟଗୁଡ଼ିକୁ ତଳକୁ ଅବତୀର୍ଣ୍ଣ କରାଇଆଣେ । ଏହିପରି ଭାବରେ ରୂପାୟିତ ସକଳ ସାମଗ୍ରୀ ତଥାପି ଏକ ନୂତନ ଓ ବୃହତ୍ତର ଆତ୍ମବିସୃଷ୍ଟି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଥାଏ, ମାତ୍ର ଏକ ଉଚ୍ଚତର ଭୂମିର ଗତିଶୀଳତା ଏବଂ ତାହାର ଉଚ୍ଚତର ମୂଲ୍ୟଗୁଡ଼ିକର ଏକ ଅଂଶ-ରୂପେହିଁ ଅନ୍ତର୍ଭୁକ୍ତ ରହିଥାଏ । ଏସବୁ ନିଶ୍ଚିତ ଭାବରେ ଘଟିପାରେ, ଯେତେବେଳେ ଆମ ସତ୍ତାର ଚେତନାଶକ୍ତି ଆପଣାର ବିବର୍ତ୍ତନ ଧାରାଟିକୁ ମାନସସ୍ତରରୁ ଅତିମାନସ ସ୍ତରକୁ ଉତ୍ତୋଳିତ କରିନେବାର ନିଷ୍ପତ୍ତି ଗ୍ରହଣ କରେ । ପ୍ରତ୍ୟେକ କ୍ଷେତ୍ରରେ ସେହି

'oaob.nitrkl.ac.in' images reprocessed

ତପଃଶକ୍ତି କ୍ରିୟାଶୀଳ ହୋଇ ରହୁଥାଏ, ମାତ୍ର ଏହି ନୂତନ ଭୂମିରେ ପଦାର୍ଥ ଯେଉଁ କାର୍ଯ୍ୟଟିକୁ ସମ୍ପନ୍ନ କରିବାକୁ ହେବ, ତାହାର ଅନୁସାରେ ଏକ ସମ୍ପୂର୍ଣ୍ଣ ପୃଥକ୍ ଭାବରେ ତାହା କାର୍ଯ୍ୟ କରିବାକୁ ଆରମ୍ଭ କରେ; ପରମ ଅନନ୍ତସତ୍ତାର ପୂର୍ବନିର୍ଦ୍ଧାରିତ ପ୍ରକ୍ରିୟା, ଗତିଶୀଳତା, ଓ ଆତ୍ମସମ୍ପ୍ରସାରଣ ଅନୁସାରେ କାର୍ଯ୍ୟ କରିବାକୁ ଆରମ୍ଭ କରେ ।

ମାତ୍ର ତଥାପି, ଏହାକୁହିଁ ଅବିଦ୍ୟାର ପ୍ରକ୍ରିୟାପଦ୍ଧତି ବୋଲି ସ୍ୱୀକାର କରିନେଲେ ମଧ୍ୟ, ହୁଏତ ପ୍ରଶ୍ନ ହୋଇପାରେ ଯେ ଆପଣା ଚେତନଶକ୍ତିର କେବଳ ଏକ ଆଂଶିକ କ୍ରିୟାର ଭୂମିରେ ହେଉ ପଛେ ପରମ ସର୍ବଜ୍ଞାନମୟ ସତ୍ତା ଯେ ଏହି ବହିର୍ଭାଗସ୍ଥ ଅବିଦ୍ୟା ଓ ନିଶ୍ଚେତନତାରେ ମଧ୍ୟ ଉପନୀତ ହେବାରେ ସଫଳ ହୋଇ ପାରିଲେ, ତାହା କ'ଣ ପ୍ରକୃତରେ ରହସ୍ୟ ଭିତରେ ବୁଡ଼ିକରି ରହିଯାଉ ନାହିଁ କି ? ଯଦି ତାହାକୁହିଁ ସ୍ୱୀକାର କରି ନିଆଯାଏ, ତେବେ ସେହି ରହସ୍ୟଟିର ପ୍ରକୃତ ପ୍ରକ୍ରିୟାପଦ୍ଧତି, ତାହାର ପ୍ରକୃତ ଓ ସୀମାଗୁଡ଼ିକୁ ନିର୍ଦ୍ଧାରଣ କରିବାଲାଗି ମଧ୍ୟ ଏକ ପ୍ରୟୋଜନ ଅବଶ୍ୟ ରହିବ, ଯେପରିକି ଆମେ ତାହାଦ୍ୱାରା ଆଦୌ ପ୍ରତାରିତ ହୋଇପଡ଼ିବା ନାହିଁ, ଏବଂ ତାହା ପ୍ରକୃତରେ ଯେଉଁ ଅଭିପ୍ରାୟଟିର ପୂରଣ କରୁଛି ଏବଂ ଆମକୁ ଯେଉଁ ସୁଯୋଗଟି ପ୍ରଦାନ କରୁଛି, ଆମେ ସେଥିରୁ କଦାପି ଭ୍ରଷ୍ଟ ହୋଇଯିବା ନାହିଁ । ମାତ୍ର ବସ୍ତୁତଃ ଏହି ରହସ୍ୟମୟତା ହେଉଛି ବିଭାଜନଧର୍ମୀ ବୁଦ୍ଧିର ଏକ କଳ୍ପିତ ବିବରଣୀ ମାତ୍ର । ଏହି ବୁଦ୍ଧି ସର୍ବଦା ଆପଣାର ତର୍କଗତ ଭୂମି ଉପରେ ଦୁଇଟି ଅବଧାରଣା ମଧ୍ୟରେ ଏକ ବିରୋଧ ଦେଖୁଥାଏ ବା ସୃଷ୍ଟି କରୁଥାଏ, ଏବଂ ସେହି କାରଣରୁ ସେ ତା'ର ଦେଖୁଥିବା ଏହି ଦୁଇଟି ସତ୍ତା ମଧ୍ୟରେ ଏକ ପ୍ରକୃତ ବିରୋଧ ନିହିତ ରହିଛି ଓ ତେଣୁ ଦୁହିଙ୍କର ସହାବସ୍ଥାନ ତଥା ଦୁହିଁଙ୍କ ଭିତରେ କୌଣସି ଏକତାସ୍ଥାପନ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ଧରି ନେଇଥାଏ । ଏହି ଅବିଦ୍ୟା ଯେ ଯଥାର୍ଥରେ ବିଦ୍ୟାର ଆପଣାକୁ ସୀମାଦ୍ୱାରା ବେଷ୍ଟିତ କରି ରଖିବାର ଏକ ଶକ୍ତି ବ୍ୟତୀତ ଆଉକିଛି ନୁହେଁ, ଆମେ ସେକଥା ଆଗରୁ ଦେଖିସାରିଛୁ । ଏହା ହେଉଛି ଉପସ୍ଥିତ କର୍ମଟି ମଧ୍ୟରେ ଆପଣାକୁ ଅଭିନିବିଷ୍ଟ କରି ରଖିବାର ଏକ ଶକ୍ତି; କାର୍ଯ୍ୟତଃ ଏହା ହେଉଛି ଏକ ଐକାନ୍ତିକ ଅଭିନିବେଶର ଶକ୍ତି, ଯାହାକି ପୃଷ୍ଠଭାଗରେ ଅବସ୍ଥିତ ସମସ୍ତ ଚେତନସତ୍ତାଟିର ପରିପୂର୍ଣ୍ଣ ଅସ୍ତିତ୍ୱ ଏବଂ କ୍ରିୟାଶୀଳତାକୁ କୌଣସି ପ୍ରକାରେ ବାରିତ କରି ରଖେ ନାହିଁ, ମାତ୍ର ସ୍ୱନିର୍ବାଚିତ ଓ ପ୍ରକୃତ ଉପରେ ସ୍ୱ-ଆରୋପିତ ପରିବେଶଗୁଡ଼ିକ ମଧ୍ୟରେ କାର୍ଯ୍ୟ କରୁଥାଏ । ସଚେତନ ଭାବରେ ଆପଣାକୁ ସୀମାଦ୍ୱାରା ବେଢ଼ାଇ ରଖିବାର ସକଳ ପ୍ରୟାସକୁ ଆମେ ଆପଣାର କୌଣସି ବିଶେଷ ଅଭିପ୍ରାୟଟିକୁ ସିଦ୍ଧ କରିବାଲାଗି ବ୍ୟବହୃତ ହେଉଥିବା ଏକ ଶକ୍ତି ବୋଲି କହିପାରିବା, ତାହାକୁ ଏକ ଅଭାବ ବା ଅକ୍ଷମତା ବୋଲି କହିପାରିବା ନାହିଁ ।

'oaob.nitrkl.ac.in' images reprocessed

ଯାବତୀୟ ଅଭିନିବେଶ କହିଲେ କେବଳ ଚେତନସତ୍ତାର ଏକ ସାମର୍ଥ୍ୟକୁ ବୁଝାଇବ, କଦାପି କୌଣସି ଅସମର୍ଥତାକୁ ବୁଝାଇବ ନାହିଁ । ଏକଥା ସତ ଯେ ଏକପକ୍ଷରେ ଅତିମାନସର ଏକ ସମଗ୍ର, ସର୍ବବ୍ୟାପ୍ତ, ବହୁମୁଖୀ ଓ ଅନନ୍ତ ଆତ୍ମ-ଅଭିନିବେଶ ଲାଗି ପରିପୂର୍ଣ୍ଣ ଶକ୍ତି ରହିଥିଲେହେଁ ମନୋଭୂମିର ଏହି ଅଭିନିବେଶ ବିଭାଜନ ଓ ସୀମାଦ୍ୱାରା ଆକ୍ରାନ୍ତ ହୋଇ ରହିଛି । ଏକଥା ମଧ୍ୟ ସତ ଯେ ଏଥିରୁ କେବଳ ବିକୃତ ଓ ଖଣ୍ଡିତ ବସ୍ତୁମୂଲ୍ୟଗୁଡ଼ିକର ସୃଷ୍ଟି ହେଉଛି, ଏବଂ ସେହି ହେତୁରୁ କେବଳ ମିଥ୍ୟା ବା ଅର୍ଦ୍ଧସତ୍ୟ ବସ୍ତୁମୂଲ୍ୟର ସୃଷ୍ଟି ହେଉଛି । ମାତ୍ର ଏହି ସୀମାଦ୍ୱାରା ବେଢ଼ି ହୋଇ ରହିବାର ଓ ଆଂଶିକ ଜ୍ଞାନ ଲାଭ କରିବାର ଅସଲ ଉଦ୍ଦେଶ୍ୟଟିକୁ ଆମେ ବାହାର କରି ଦେଖି-ପାରିବୁ । ଏବଂ ଯଦି ଉଦ୍ଦେଶ୍ୟଟିକୁ ସ୍ୱୀକାର କରି ନିଆଯାଏ, ତେବେ ସେହି ଉଦ୍ଦେଶ୍ୟର ପୂରଣ କରିବାର ପୂର୍ଣ୍ଣ ସାମର୍ଥ୍ୟଟିକୁ ମଧ୍ୟ ପରମ ସତ୍ତାଙ୍କର ପରମ ସାମର୍ଥ୍ୟର ଅନ୍ତର୍ଗତ ବୋଲି ଅବଶ୍ୟ ସ୍ୱୀକାର କରିନେବାକୁ ପଡ଼ିବ । ଏକ ବିଶେଷ କ୍ରିୟାର ସାଧନଲାଗି ଆପଣାକୁ ସୀମାଦ୍ୱାରା ସଙ୍କୁଚିତ କରି ଆଣିବାର ଏହି ସାମର୍ଥ୍ୟକୁ ଆମେ ସେହି ପରମ ସତ୍ତାଙ୍କର ପରମ ଚେତନଶକ୍ତି ସହିତ ଅସମଞ୍ଜସ ବୋଲି କଦାପି ଅନୁମାନ କରିବା ନାହିଁ । ବରଂ ପରମ ଅନନ୍ତ ମଧ୍ୟରେ ଯେଉଁ ବହୁବିଧ ଶକ୍ତି ଓ କେତେକେତେ ସାମର୍ଥ୍ୟ ମହଜୁଦ ହୋଇ ରହିଛି, ଏହା ତାହାମଧ୍ୟରୁ ଅନ୍ୟତମ ଏକ ଶକ୍ତି ଓ ସାମର୍ଥ୍ୟରୂପେ ଯେ ତାହାର ଭିତରେ ବିଦ୍ୟମାନ ରହିଛି, ଆମେ ସେକଥା ଅବଶ୍ୟ ଆଶା କରିପାରିବା ।

ସମ୍ବନ୍ଧ-ପ୍ରଲମ୍ବିତ ଏକ ବିଶ୍ୱକୁ ଆପଣା ଭିତରେ ବିସୃଷ୍ଟ କରି ରଖି ପରମ ନିର୍ବିଶେଷ ସତ୍ତା ଆପଣାକୁ ଯଥାର୍ଥରେ କୌଣସି ସୀମାଦ୍ୱାରା ଆଦୌ ସଙ୍କୁଚିତ କରି ପକାଇ ନାହାନ୍ତି । ଏଇଟି ହେଉଛି ତାଙ୍କ ପରମ ସତ୍ତା, ପରମ ଚେତନା, ପରମ ଶକ୍ତି ଏବଂ ପରମ ଆତ୍ମାନନ୍ଦର ଏକ ସ୍ୱାଭାବିକ ଲୀଳା ମାତ୍ର । ଆପଣା ମଧ୍ୟରେ ପରସ୍ପର-କ୍ରିୟା ଓ ପ୍ରତିକ୍ରିୟାରତ ଅନ୍ତବିଶିଷ୍ଟ ପ୍ରତିରୂପସମୂହର ଏକ ଅନନ୍ତ କ୍ରମର ରଚନା କରିଦେଇ ପରମ ଅନନ୍ତ ଆଦୌ ସୀମାବଦ୍ଧ ହୋଇ ପଡ଼ୁନାହାନ୍ତି; ଆମେ ସେଇଟିକୁ ବରଂ ତାଙ୍କର ସ୍ୱାଭାବିକ ଆତ୍ମ-ଅଭିବ୍ୟକ୍ତି ବୋଲି କହିପାରିବା । ବହୁଭୂତ ହେବାର ଯେଉଁ ଲୀଳାସାମର୍ଥ୍ୟ ଦ୍ୱାରା ପରମ ଏକ ଆପଣାର ସତ୍ତାଟିକୁ ନାନା ବିଚିତ୍ରଭାବରେ ଆସ୍ୱାଦନ କରି ପାରୁଛନ୍ତି, ସେଇଟିଦ୍ୱାରା ସେ ଆପେ ସୀମିତ ହୋଇ ପଡ଼ୁନାହାନ୍ତି । ବରଂ ଆମେ ସେଇଟିକୁ ଏକ ଅନନ୍ତ ସତ୍ତାର ଯଥାର୍ଥ ସଙ୍କଳ୍ପର ଏକ ଅଂଶ ବୋଲି ଜାଣିବା ଏବଂ ଅନମନୀୟ, ଅନ୍ତବିଶିଷ୍ଟ ଏବଂ କେବଳ ଅବଧାରଣାଗତ ଏକ ଏକତ୍ୱଠାରୁ ତାହାକୁ ପୃଥକ୍ ଓ ଅନ୍ୟଧର୍ମୀ ବୋଲି ବୁଝିବା । ଠିକ୍ ସେହିପରି ଅବିଦ୍ୟା କହିଲାବେଳେ ଆମେ ସେହି ଚେତନସତ୍ତାର ବହୁବିଚିତ୍ର ଭାବରେ ମଗ୍ନ ହୋଇ ରହିଥିବା ଏବଂ ଆପଣାକୁ ସୀମାଦ୍ୱାରା ଘେରାଇ ରଖିଥିବା ଏକ ଅଭିନିବେଶ-ଶକ୍ତିରୂପେ

'oaob.nitrkl.ac.in' images reprocessed

ବିସ୍ମୃତ କରିବା, ତାହାକୁ ତାଙ୍କର ଆତ୍ମଚେତନ ଜ୍ଞାନ ମଧ୍ୟରେ ବିଦ୍ୟମାନ ଥିବା ଏକ ସ୍ୱଭାବଗତ ବୈଚିତ୍ର୍ୟସାମର୍ଥ୍ୟ ବୋଲି ଜାଣିବା, ପରମ ନିର୍ବିଶେଷ ସତ୍ତାଙ୍କର ସର୍ବପ୍ରକାଶ-ଭୂମିରେ ସମ୍ବନ୍ଧଗତ ଏକ ସମ୍ଭାବ୍ୟ ସ୍ଥିତିରୂପେ ଧରିରଖିବା । ତାଙ୍କ ସାନ୍ତଭୂମିର କ୍ରିୟାଲୀଳାରେ କ୍ରମାଗତ ଅନେକ ସ୍ଥିତିରୁ ଗୋଟିଏ ବୋଲି ଜାଣିବା, ଅନେକ ମଧ୍ୟରେ ଆପଣାକୁ ଆସ୍ୱାଦନ କରୁଥିବା ସେହି ପରମ ଏକର ଏକ ସ୍ଥିତି ବୋଲି ଜାଣିବା । ଚେତନାଗତ ସାମର୍ଥ୍ୟର ଗୋଟିଏ ଚରମ ପ୍ରାନ୍ତରେ ଆତ୍ମ-ଅଭିନିବେଷ୍ଟ ହୋଇ ରହିବାର ଏହି ଶକ୍ତିଟି ବିଦ୍ୟମାନ ରହିଥାଏ । ସତ୍ତା ମଧ୍ୟରେ ବର୍ତ୍ତମାନ ରହିଥିଲେ ମଧ୍ୟ ଆଲୋଚିତ ଅଭିନିବେଶଟିରେ ଜଗତ ସମ୍ବନ୍ଧରେ ସକଳ ସଚେତନତା ଲୁପ୍ତ ହୋଇଯାଇ ଥାଏ । ପୁଣି ବିପରୀତ ଅନ୍ୟ ପ୍ରାନ୍ତଟିରେ ବିଶ୍ୱଗତ କ୍ରିୟାଗୁଡ଼ିକ ଭିତରେ ଆପଣାକୁ ମଗ୍ନ କରିଦେଇ ଯଥାର୍ଥରେ ନିଯୁକ୍ତ ଏହିସବୁ କ୍ରିୟାକୁ କରୁଥିବା ଆତ୍ମାଟି ଉପରିରେ ଏହି ଶକ୍ତି ଆତ୍ମବିସ୍ମୃତ ହୋଇ ରହେ । ମାତ୍ର ଦୁଇଟି ମଧ୍ୟରୁ କୌଣସିଟି ମଧ୍ୟ ସଚ୍ଚିଦାନନ୍ଦଙ୍କର ଆତ୍ମସଂବିତ୍ମୟ ସମଗ୍ର ଅସ୍ତିତ୍ୱଟିକୁ କେବେହେଲେ ସୀମାବଦ୍ଧ କରି ରଖିପାରନ୍ତି ନାହିଁ । ସେହି ଅସ୍ତିତ୍ୱ ଏହିସବୁ ଆପାତବିରୋଧର ଅନେକ ଊର୍ଦ୍ଧ୍ୱରେ ରହିଥାଏ; ଏବଂ ଆପଣାର ବିରୋଧ ଜରିଆରେ ମଧ୍ୟ ଉଭୟେ ପରମ ଅନିର୍ବଚନୀୟଙ୍କର ଅଭିବ୍ୟକ୍ତି ଓ ପ୍ରକାଶଲାଗି ସହାୟକ ଭାବରେ କାର୍ଯ୍ୟ କରୁଆ'ନ୍ତି ।

'oaob.nitrkl.ac.in' images reprocessed

## ଚତୁର୍ଦ୍ଦଶ ପରିଚ୍ଛେଦ

# ଅସତ୍ୟ, ପ୍ରମାଦ, ଅଧର୍ମ ଓ ଅଶିବ : ନିଦାନ ଓ ନିରାକରଣ

ନାଦତ୍ତେ କସ୍ୟଚିତ୍ ପାପଂ ନ ଚୈବ ସୁକୃତଂ ବିଭୁଃ ।
ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ॥

—ଗୀତା, ୫।୧୫

ପରମ ପ୍ରଭୁ କାହାର ପାପ କିମ୍ବା ପୁଣ୍ୟକୁ ଗ୍ରହଣ କରନ୍ତି ନାହିଁ, ଜ୍ଞାନ ଅଜ୍ଞାନଦ୍ୱାରା ଆବୃତ ହୋଇ ରହିଛି, ତେଣୁ ମର୍ତ୍ତ୍ୟର ମନୁଷ୍ୟମାନେ ଭ୍ରମରେ ପଡ଼ିଯାଉଛନ୍ତି ।

ଅମନ୍ୟତାନ୍ୟତାତ୍ମାନୋ ବୈ ତେ……ତଦମେ ମୂଢ଼ା ଉପଜୀବନ୍ତି ଅଭିଷ୍ୱଙ୍ଗିନସ୍ତ୍ରସ୍ତୀଭ୍ରଧାଢନଃ ଅନୃତାଭିଶଂସିନଃ ସତ୍ୟମିବାନୃତଂ ପଶ୍ୟନ୍ତି ଇନ୍ଦ୍ରଜାଲବଦିତି ॥

—ମୈତ୍ରୀ ଉପନିଷଦ, ୭।୧୦

ସତ୍ୟ ବ୍ୟତୀତ ଆତ୍ମା ସମ୍ବନ୍ଧରେ ଅନ୍ୟ ଏକ ଧାରଣାର ଅନୁବର୍ତ୍ତୀ ହୋଇ ସେମାନେ ବାସ କରନ୍ତି । ତେଣୁ ମୂଢ଼ ହୋଇ ରହନ୍ତି, ଲିପ୍ତ ହୋଇ ପଡ଼ନ୍ତି, ଏବଂ ମିଥ୍ୟାକୁ ବ୍ୟକ୍ତ କରି ଚାଲିଥା'ନ୍ତି । ସତେଅବା ଇନ୍ଦ୍ରଜାଲବଶ ହୋଇ ସେମାନେ ଅନୃତକୁହିଁ ସତ୍ୟ ବୋଲି ଦେଖନ୍ତି ।

ଅବିଦ୍ୟାୟାମନ୍ତରେ ବର୍ତ୍ତମାନାଃ……।
ଜଙ୍ଘନ୍ୟମାନାଃ ପରିୟନ୍ତି ମୂଢ଼ା ଅନ୍ଧେନୈବ ନୀୟମାନାଃ ଯଥାଽନ୍ଧାଃ ॥

—ମୁଣ୍ଡକ ଉପନିଷଦ, ୧।୨।୮

ସେମାନେ ଅବିଦ୍ୟା ମଧ୍ୟରେହିଁ ବର୍ତ୍ତମାନ ରହିଥା'ନ୍ତି, ଅବିଦ୍ୟାଦ୍ୱାରା ପରିଚାଳିତ ହୁଅନ୍ତି । ପୁନଃ ପୁନଃ ଆଘାତ ପାଇ ବହୁ ଜର୍ଜର ଭାବରେ ଭ୍ରମି ବୁଲୁଥା'ନ୍ତି, ଠିକ୍ ଜଣେ ଅନ୍ଧ ଅନ୍ୟଜଣେ ଅନ୍ଧକୁ ବାଟ ଦେଖାଇ ନେଉଥିବା ପରି ।

'oaob.nitrkl.ac.in' images reprocessed

ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ॥

—ଗୀତା, ୨।୫୦

ଯିଏ ବୁଦ୍ଧିଯୁକ୍ତ, ଅର୍ଥାତ୍ ଯାହାର ବୁଦ୍ଧି ପରମ ଏକ ସହିତ ଯୁକ୍ତ ହୋଇ ରହିଛି, ସେ ପାପ ଓ ପୁଣ୍ୟ ଦୁଇଟିକୁ ଅପଣା ଉପରୁ ଝାଡ଼ି ଫୋପାଡ଼ିଦିଏ ।

ଆନନ୍ଦଂ ବ୍ରହ୍ମଣୋ ବିଦ୍ୱାନ୍……ଏତଂ ହ ବାବ ନ ତପତି କିମହଂ ସାଧୁ ନାକରବମ୍, କିମହଂ ପାପମକରବମିତି । ସ ଯଃ ଏବଂ ବିଦ୍ୱାନ୍……
ଉଭେ ହ୍ୟେବୈଷ ଏତେ ଆତ୍ମାନଂ ସ୍ପୃଣୁତେ ॥

—ତୈତ୍ତିରୀୟ ଉପନିଷଦ, ୨।୯

ଯିଏ ବ୍ରହ୍ମରୂପୀ ଆନନ୍ଦର ପରିଚୟ ଲାଭ କରିଛି, ସିଏ 'ମୁଁ କାହିଁକି ଭଲ କାମ କଲି ନାହିଁ, କାହିଁକି ମୁଁ ପାପ କଲି ?' ଏହିସବୁ ପ୍ରଶ୍ନ ଦ୍ୱାରା କେବେହେଲେ ପୀଡ଼ିତ ହୋଇ ରହେ ନାହିଁ । ଯିଏ ଆତ୍ମାକୁ ଜାଣେ, ସେ ଏହି ଉଭୟ ଯନ୍ତ୍ରଣାରୁ ଅପଣାକୁ ମୁକ୍ତ କରି ରଖେ ।

ଇମେ ଚେତାରୋ ଅନୃତସ୍ୟ ଭୂରେଃ…… ।
ଇମ ଋତସ୍ୟ ବାବୃଧୁର୍ଦୁରୋଣେ ଶଗ୍ମାସଃ ପୁତ୍ରା ଅଦିତେରଦବ୍ଧାଃ ॥

—ଋକ୍‌ବେଦ, ୭।୬୦।୫

ଏମାନେ ଜଗତରେ ଅବସ୍ଥିତ ବହୁତ ମିଥ୍ୟାଟି ବିଷୟରେ ସଚେତନ ରହିଥାଆନ୍ତି; ସେମାନେ ସତ୍ୟର ସଦନରେ ବଢ଼ିଥାଆନ୍ତି । ଅନନ୍ତର ଶକ୍ତିମାନ ଓ ଅଜେୟ ପୁତ୍ର ସେଇମାନେ ।

ପ୍ରଥମୋତ୍ତମେ……ସତ୍ୟଂ ମଧ୍ୟତଃ ଅନୃତଂ ତଦେତଦନୃତମୁଭୟତଃ ସତ୍ୟେନ ପରିଗୃହୀତଂ, ସତ୍ୟଭୂୟମେବ ଭବତି ॥

—ବୃହଦାରଣ୍ୟକ ଉପନିଷଦ, ୫।୫।୧

ସତ୍ୟ ପ୍ରଥମ ସୋପାନରେ ରହିଛି, ସର୍ବୋଚ୍ଚ ସୋପାନରେ ମଧ୍ୟ ରହିଛି, ମିଥ୍ୟା ମଝିରେ ଅଛି । ମାତ୍ର ଏହା ଉପର ଓ ତଳ ଉଭୟ ଆଡ଼ୁ ସତ୍ୟଦ୍ୱାରା ପରିବ୍ୟାପ୍ତ ହୋଇଛି ଏବଂ ଅପଣାର ସତ୍ୟାକୁ ସେହି ସତ୍ୟରୁହିଁ* ଆହରଣ କରୁଛି ।

---

* ଗୋଟିଏ ଜଡ଼ ଜଗତର ସତ୍ୟ ଓ ଅନ୍ୟଟି ଅତିଚେତନ ଚିନ୍ମୟ ଜଗତର ସତ୍ୟ । ଦୁହିଙ୍କର ମଝିରେ ରହିଥିବା ଅସମ୍ପୂର୍ଣ୍ଣ ମନୋମୟ ଜଗତରେହିଁ ଅସତ୍ୟ ପ୍ରବେଶ କରିପାରେ । ମାତ୍ର ତାହା ଉପାଦାନରୂପେ ଦୁଇଟି ଉପରେ ତଥା ତଳେ ଅବସ୍ଥିତ ରହିଥିବା ସତ୍ୟଟିକୁ ଗ୍ରହଣ

ଯଦି ଅଜ୍ଞାନ ଆପଣାର ସ୍ୱଭାବ ଅନୁସାରେ ଆପଣାକୁ ସୀମାବଦ୍ଧ କରି ରଖୁଥିବା ଓ ସମଗ୍ର ଆତ୍ମଜ୍ଞାନ ସମ୍ବନ୍ଧରେ ଆତ୍ମବିସ୍ମୃତ ହୋଇ ରହିଥିବା ଏକ ଜ୍ଞାନ ହୋଇଥାଏ, ଯଦି ସେହି ସୀମାବଦ୍ଧ ଜ୍ଞାନ ଗୋଟିଏ ମାତ୍ର କ୍ଷେତ୍ରରେ ଅଥବା ବିଶ୍ୱସ୍ପନ୍ଦନର ଏକ ଗୋପନକାରୀ ବହିଃସ୍ତରରେ ଏକ ଐକାନ୍ତିକ ଅନ୍ତର୍ନିବେଶ ମଧ୍ୟରେ ବାନ୍ଧିହୋଇ ରହିଥାଏ, ତେବେ ଏହି ବିବୃତିଟି ଅନୁସାରେ ଆମେ ଅଶିବ ବା ପାପର ସମସ୍ୟାଟିର କିଭଳି ବ୍ୟାଖ୍ୟା ଦେବାକୁ ଯିବା ? ଆପଣାର ତଥା ଏହି ବିଶ୍ୱର ଅସ୍ତିତ୍ୱରୂପୀ ରହସ୍ୟଟିର ଚିନ୍ତା କଲାବେଳେ ଏହି ପାପର ସମସ୍ୟାଟିହିଁ ମନୁଷ୍ୟର ମନକୁ ସବୁଠାରୁ ଅଧିକ ତୀବ୍ରଭାବରେ ଉଦ୍‌ବ୍ୟାନ୍ତ କରିଦିଏ । ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ସର୍ବମୟ ପରମପ୍ରଜ୍ଞା ଦ୍ୱାରା ଆଶ୍ରିତ ହୋଇ ଏକ ସୀମା-ପରିବେଷ୍ଟିତ ଜ୍ଞାନ ଆପଣାକୁ ସାଧନରୂପେ ବ୍ୟବହାର କରେ ଏବଂ ଅନିବାର୍ଯ୍ୟ ସୀମାଗୁଡ଼ିକ ମଧ୍ୟରେ ଏକ ପରିମିତ ବିଶ୍ୱବିଧାନର ରଚନା କରେ;—ଏହାକୁ ଆମେ ବିଶ୍ୱମୟ ଚେତନା ଓ ଶକ୍ତିର ଏକ ବୋଧଗମ୍ୟ ପ୍ରକ୍ରିୟା ବୋଲି ଗ୍ରହଣ କରିପାରିବା । ମାତ୍ର ଏହି ପ୍ରକ୍ରିୟାଟିରେ ଯେ ମିଥ୍ୟା ଓ ଭ୍ରମର ଆବଶ୍ୟକତା ରହିଛି, ଅଠିକ୍ ଏବଂ ଅଶୁଭର ଆବଶ୍ୟକତା ରହିଛି, ବା ସର୍ବଗତ ଦିବ୍ୟ ପରମସତ୍ତ୍ୟର କାର୍ଯ୍ୟସାଧନରେ ସେଗୁଡ଼ିକର ଯେ କୌଣସି ଉପଯୋଗିତା ଅଛି, ସେଇ କଥାଟିକୁ ମାନିନେବା ଆଦୌ ସହଜ ହେବ ନାହିଁ । ଏବଂ ତଥାପି ଆମେ ସେହି ସତ୍ୟଟିର ଯେପରି କଳ୍ପନା କରିଛୁ, ତାହା ଯଦି ପ୍ରକୃତରେ ଠିକ୍ ସେହିପରି ହୋଇଥାଏ, ତେବେ ଏହିସବୁ ବିରୋଧାତ୍ମକ ପ୍ରତତ୍ତ୍ୱର ଆବିର୍ଭାବ ଲାଗି ସେହି କ୍ଷେତ୍ରରେ ନିଶ୍ଚୟ କିଛି ନା କିଛି ପ୍ରୟୋଜନ ରହିବ, କିଛି ନା କିଛି ତାତ୍ପର୍ଯ୍ୟ ଅବଶ୍ୟ ରହିବ, ଏଗୁଡ଼ିକ ଦ୍ୱାରା ବିଶ୍ୱବ୍ୟାପାରର କୌଣସି ନା କୌଣସି କ୍ରିୟା ଅବଶ୍ୟ ସାଧିତ ହେଉଥିବ । ବ୍ରହ୍ମର ପରିପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଆତ୍ମଜ୍ଞାନ କେବଳ ତାହାର ସର୍ବଜ୍ଞାନର ଏକ ନାମାନ୍ତର ମାତ୍ର; କାରଣ ଅସ୍ତିତ୍ୱ ବୋଲି ଯାହାକିଛି ରହିଛି, ତାହା ଯେ କେବଳ ସେହି ବ୍ରହ୍ମ ବ୍ୟତୀତ ଆଉ କିଛି ନୁହେଁ, ଆମେ ସେକଥା ସ୍ୱୀକାର କରିନେଇଛୁ । ତେଣୁ ସେହିପରି ଏକ ପରିପୂର୍ଣ୍ଣ ଆତ୍ମଜ୍ଞାନର କ୍ଷେତ୍ରକୁ ଏହି ପ୍ରତତ୍ତ୍ୱସବୁଗୁଡ଼ିକ କଦାପି ପଶିବାକୁ ଆସିନଥିବ, ଆକସ୍ମିକ ଭାବରେ କଦାପି ଆସି ପହଞ୍ଚି ଯାଇ ନଥିବ; ସର୍ବମୟ ପରମପ୍ରଜ୍ଞାସ୍ଥ ଚେତନାଶକ୍ତିର ଏକ ଅନିଚ୍ଛାକୃତ ବିସ୍ମରଣ କିମ୍ବା ଭ୍ରମରୂପେ ଏହି ବିଶ୍ୱରେ ଆସି କଦାପି ଉପସ୍ଥିତ ହୋଇ ନଥିବ । ଅଥବା ଏକ ଅପ୍ରତ୍ୟାଶିତ କୁତ୍ସିତ ଦୁର୍ଘଟଣାରୂପେ ମଧ୍ୟ କଦାପି ଆବିର୍ଭୂତ

କରେ ଏବଂ ସେଇଥିରୁ ଜଗତକୁ ଉଦ୍ଧାର କରେ, ଏବଂ ତା'ର ଉନ୍ମୋଚନାସୂତ୍ରକୁ ଜୀବନସତ୍ତା ଏବଂ ଚେତନ୍ୟ ସତ୍ତାରେ ରୂପାନ୍ତରିତ କରିଦେବା ଲାଗି କୂଟଯୁକ୍ତ ସତ୍ତା ତାହା ଉପରେ ଚାପ ପକାଉଥାଆନ୍ତି ।

'oaob.nitrkl.ac.in' images reprocessed

ହୋଇ ନଥିବ, ଯାହାସକାଶେ କି ଅନ୍ତରଧିଷ୍ଠିତ ଚିତ୍ପୁରୁଷ ଆଦୌ ପ୍ରସ୍ତୁତ ହୋଇ ରହିନଥିଲେ ଓ ଯାହା ଭିତରେ କି ସେ ଏପରି ଭାବରେ ଛନ୍ଦିହୋଇ ପଡ଼ି ରହିଛନ୍ତି ଯେ କେବଳ ଏକ ଗୋଲକଧନ୍ଦା ଭିତରେ ପଡ଼ି ଭୁଲ କରିବାକୁ ବାଧ୍ୟ ହେଉଛନ୍ତି ଏବଂ ସେଥିରୁ ମୁକୁଳିବା ଲାଗି ଆଦୌ କୌଣସି ସହଜ ଉପାୟ ନାହିଁ । ଆମେ ଏଇଟିକୁ ଏକ ମୂଳଗତ ଓ ଶାଶ୍ୱତ ଦୁର୍ବୋଧ ପ୍ରହେଳିକା ବୋଲି ବି କହିପାରିବା ନାହିଁ, ସର୍ବଜ୍ଞ ଓ ସକଳଗୁରୁ ଈଶ୍ୱର ମଧ୍ୟ ଆପଣା ଲାଗି ଓ ଆମ ଲାଗି ଯାହାର କୌଣସି ବ୍ୟାଖ୍ୟା ଦେଇ ପାରୁନାହାନ୍ତି । ଏହା ପଛରେ ସର୍ବମୟ ପରମପ୍ରଜ୍ଞାଙ୍କର ଏକ ତାତ୍ପର୍ଯ୍ୟ ଅବଶ୍ୟ ନିହିତ ହୋଇ ରହିଥିବ, ସେହି ସର୍ବମୟ ପରମଚେତନାଙ୍କର ଏକ ଶକ୍ତି ଅବଶ୍ୟ ରହିଥିବ ଯାହାକି ଏହାଲାଗି ଆପଣାର ସମ୍ମତି ଦେଉଛି ଓ ଆମ ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନର କ୍ଷେତ୍ରର ବର୍ତ୍ତମାନର କ୍ରିୟାଗୁଡ଼ିକରେ କୌଣସି ଅପରିହାର୍ଯ୍ୟ କାର୍ଯ୍ୟର ସାଧନରେ ଏହାକୁ ବ୍ୟବହାର କରୁଛି । ଆମ ଅସ୍ତିତ୍ୱର ଏହି ଦିଗଟିକୁ ବର୍ତ୍ତମାନ ଅଧିକ ପ୍ରତ୍ୟକ୍ଷ ଭାବରେ ପରୀକ୍ଷା କରି ଦେଖିବାର ଓ ତାହାର ଉତ୍ସ, ତାହାର ସତ୍ୟସୀମା ଏବଂ ପ୍ରକୃତି ମଧ୍ୟରେ ତାହାର ସ୍ଥାନଟିକୁ ନିରୂପଣ କରିବାର ଏକାନ୍ତ ପ୍ରୟୋଜନ ରହିଛି ।

ଅନେକଟି ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଆମେ ଏହି ସମସ୍ୟାଟିର ସମ୍ମୁଖୀନ ହୋଇପାରିବା : ପରମ ନିର୍ବିଶେଷ ଅର୍ଥାତ୍ ସର୍ବୋଚ୍ଚ ସତ୍ତାଟି ସହିତ ଏହାର କି ସମ୍ବନ୍ଧ ରହିଛି, କିପରି ଏହାର ଉତ୍ପତ୍ତି ହୋଇଛି ଓ ବିଶ୍ୱଗତ ବିଧାନ ମଧ୍ୟରେ ଏହାର କିଭଳି ସ୍ଥାନ ରହିଛି; ଏବଂ ବ୍ୟକ୍ତିସତ୍ତା ଭିତରେ ଏହା କି କାର୍ଯ୍ୟ କରୁଛି ଏବଂ ତାହା ଉପରେ ଏହାର କିଭଳି ପ୍ରଭାବ ପଡ଼ୁଛି । ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ଏହିସବୁ ବିରୋଧାତ୍ମକ ପ୍ରତିଭାସଗୁଡ଼ିକର ସର୍ବୋଚ୍ଚ ପରମସତ୍ତାଟି ସହିତ ଆଦୌ କୌଣସି ଚେର ଲାଗି ନାହିଁ; କାରଣ ସେହି ଭୂମିରେ ଏପରି କୌଣସି ପଦାର୍ଥ ନାହିଁ ଯାହା ଭିତରେ କି ଏହି ଲକ୍ଷଣଟି ରହିଛି । ସେଗୁଡ଼ିକ ହେଉଛନ୍ତି ଅବିଦ୍ୟା ଓ ନିଶ୍ଚେତନାର ବିସୃଷ୍ଟି; ପରମସତ୍ତାର କୌଣସି ମୌଳିକ କିମ୍ବା ପ୍ରାଥମିକ ବିଭାବ ନୁହନ୍ତି, ଏସବୁଥିରେ ପରମ ବିଶ୍ୱାତୀତତା ବା ବିଶ୍ୱମୟ ପରମ ଚିତ୍ସତ୍ତାଙ୍କର ଅନନ୍ତ ଶକ୍ତିର ସ୍ୱଭାବଗତ କିଛି ନାହିଁ । ବେଳେ ବେଳେ ଯୁକ୍ତି ଦର୍ଶାଯାଇଥାଏ ଯେ ଯେପରି ସତ୍ୟ ଓ ଶିବର ଏକ ଚରମ ବା ଶୀର୍ଷତମ କୋଟୀ ରହିଛି, ଠିକ୍ ସେହିପରି ଅସତ୍ୟ ଓ ଅଶିବର ମଧ୍ୟ ଗୋଟିଏ ଗୋଟିଏ ଚରମ କୋଟୀ ନିଶ୍ଚୟ ରହିଥିବ, କିମ୍ବା ସେପରି ହୋଇ ନ ଥିଲେ, ଆମେ ଦୁଇଟିଯାକକୁ କେବଳ ଆପେକ୍ଷିକ ବୋଲିହିଁ କହିପାରିବା । ବିଦ୍ୟା ଓ ଅବିଦ୍ୟା, ସତ୍ୟ ଓ ଅସତ୍ୟ, ଏବଂ ଶିବ ଓ ଅଶିବ କେବଳ ପରସ୍ପରର ଆପେକ୍ଷିକ ହୋଇ ବିଦ୍ୟମାନ ଅଛନ୍ତି, ଏବଂ ଏହି ଦ୍ୱୈତସ୍ଥିତିଗୁଡ଼ିକୁ ଅତିକ୍ରମ କରି ସେଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ନାହିଁ ବୋଲି କହିବା । ମାତ୍ର

'oaob.nitrkl.ac.in' images reprocessed

ଏହିସବୁ ବିରୋଧୀ ତତ୍ତ୍ୱଗୁଡ଼ିକ ମଧ୍ୟରେ ରହିଥିବା ସମ୍ବନ୍ଧଟି ବିଷୟରେ ଏହା ଆଦୌ ମୌଳିକ ସତ୍ୟ ନୁହେଁ । କାରଣ, ପ୍ରଥମତଃ, ଅସତ୍ୟ ଓ ଅଶିବ ହେଉଛନ୍ତି ଅତି ଅସାଧାରଣ ଭାବରେ ଅବିଦ୍ୟାରହିଁ ଗୋଟିଏ ଗୋଟିଏ ପରିଣାମ ମାତ୍ର, ଏବଂ ଯେଉଁଠାରେ ଅବିଦ୍ୟା ନାହିଁ, ସେଠାରେ ସେମାନେ ମଧ୍ୟ କଦାପି ତିଷ୍ଠିପାରିବେ ନାହିଁ । ଏହି ଦୃଷ୍ଟିରୁ ସେମାନେ ସତ୍ୟ ଓ ଶିବଠାରୁ ଏକାନ୍ତ ପୃଥକ୍ । ପରମ ଦିବ୍ୟସତ୍ତା ଭିତରେ ଅସତ୍ୟ ଓ ଅଶିବର କୌଣସି ଆତ୍ମଗତ ଅସ୍ତିତ୍ୱ ବିଦ୍ୟମାନ ନାହିଁ, ସେଗୁଡ଼ିକୁ ପରମା ପ୍ରକୃତିର ସ୍ୱାଭାବିକ ଉପାଦାନ ବୋଲି ବି ବୁଝାଯାଇ ପାରିବ ନାହିଁ । ତେଣୁ, ଅବିଦ୍ୟାର ସ୍ୱଭାବସ୍ୱରୂପ ସେହି ସୀମାସଙ୍କୁଚିତ ବିଦ୍ୟା ଆପଣାର ସୀମାଗୁଡ଼ିକୁ ଖୁଲି ଫିଙ୍ଗିଆସି ପାରିବ, ଯଦି ଅବିଦ୍ୟା ବିଦ୍ୟା ଭିତରେ ଲୀନ ଓ ଅନ୍ତର୍ହିତ ହୋଇଯିବ, ତେବେ ସେହି କ୍ଷେତ୍ରରେ ଅସତ୍ୟ ଓ ଅଶିବ ଲାଗି ଆଉ କୌଣସି ଅବକାଶହିଁ ରହିବ ନାହିଁ । କାରଣ ଏ ଦୁହେଁ ହେଉଛନ୍ତି ଅଚେତନା ଓ ଅସତ୍ୟ ଚେତନାର ଗୋଟିଏ ଗୋଟିଏ ଫଳ; ଏବଂ ଯେତେବେଳେ ଅବିଦ୍ୟାର ସ୍ଥାନ ଅଧିକାର କରି ଯଥାର୍ଥ ଓ ସମଗ୍ର ଚେତନାର ଆବିର୍ଭାବ ହେବ, ସେତେବେଳେ ସେଗୁଡ଼ିକର ଅସ୍ତିତ୍ୱଲାଗି ଆଉ କୌଣସି ଭୂମିହିଁ ରହିବ ନାହିଁ । ତେଣୁ ନିଷ୍କର୍ଷ ହେଉଛି ଯେ ଆମେ ଅସତ୍ୟ ବା ଅଶିବର ମଧ୍ୟ ଏକ ଚରମ ବା ଶୀର୍ଷତମ କୋଟୀ ରହିଛି ବୋଲି ଆଦୌ କଳ୍ପନା କରିପାରିବା ନାହିଁ । ଏଗୁଡ଼ିକ ହେଉଛନ୍ତି ବିଶ୍ୱଗତ ଗଠନବିସ୍ତାର ଏକ ଗୌଣ ପରିଣାମ: ନିଶ୍ଚେତନର କଳାମୃତ୍ତିକା ଭିତରେହିଁ ଅସତ୍ୟ, ଦୁଃଖ ଓ ଅଶିବରୂପୀ ଅନ୍ଧାରଫୁଲଗୁଡ଼ିକର ଚେର ଭେଦିକରି ରହିଛି । ମାତ୍ର ଅନ୍ୟ ପକ୍ଷରେ ସତ୍ୟ ଓ ଶିବକୁ ନେଇ ଏକ ପରମ କୋଟୀର କଳ୍ପନା ଓ ଅବଧାରଣା ଲାଗି ମୂଳତଃ ଆଦୌ କୌଣସି ଅନ୍ତରାୟ ବା ବାଧା ନାହିଁ । ସତ୍ୟ ଓ ଅସତ୍ୟର ଆପେକ୍ଷିକତା, ଶିବ ଓ ଅଶିବର ଆପେକ୍ଷିକତା;—ଏଗୁଡ଼ିକ ହେଉଛି ଆମ ଅନୁଭୂତିଗତ ଏକ ସତ୍ୟ । ମାତ୍ର ଏହିଟି ମଧ୍ୟ ସେହିଭଳି ଏକ ଉପପରିଣାମ ବା ଗୌଣ ପରିଣାମ; ଅସ୍ତିତ୍ୱର ସ୍ୱଭାବଗତ ହୋଇ ରହିଥିବା କୌଣସି ସ୍ଥାୟୀ ତତ୍ତ୍ୱ ନୁହେଁ । କାରଣ କେବଳ ମନୁଷ୍ୟଚେତନାର ମୂଲ୍ୟନିରୂପଣ-କ୍ଷେତ୍ରରେ, ଆମର ଆଂଶିକ ଜ୍ଞାନ ଓ ଆଂଶିକ ଅଜ୍ଞାନର କ୍ଷେତ୍ରରେହିଁ ଏହାର କୌଣସି ଯଥାର୍ଥତା ବା ସତ୍ୟତା ରହିଛି ।

ଆମକୁ ସତ୍ୟ ଆପେକ୍ଷିକ ବୋଲି ଅନୁଭୂତ ହେଉଛି, କାରଣ ଆମର ବିଦ୍ୟା ଅବିଦ୍ୟାଦ୍ୱାରା ପରିବେଷ୍ଟିତ ହୋଇ ରହିଛି । ଆମର ଯଥାର୍ଥ ଚକ୍ଷୁଟି ବହିଃସ୍ଥ ପ୍ରତିଭାସଗୁଡ଼ିକରେ ବାଜି ଠିକ୍ ସେଇଠି ଅଟକି ଯାଉଛି, ଯାହାକି ବସ୍ତୁଗତ ସମ୍ପୂର୍ଣ୍ଣ ସତ୍ୟଟିର ଆଦୌ ପ୍ରତିନିଧିତ୍ୱ କରୁ ନାହିଁ; ଏବଂ ଆଉରି ଟିକିଏ ଅଧିକ ଗଭୀରକୁ ଗଲେ ଆମେ ଯେଉଁ ଆଲୋକିତ ପ୍ରାଙ୍ଗଣଗୁଡ଼ିକରେ ଯାଇ ପହଞ୍ଚିପାରୁଛୁ, ସେଥିରେ

'oaob.nitrkl.ac.in' images reprocessed

ମଧ୍ୟ ଆମେ କେବଳ ଅନୁମାନ ବା ଆଭାସମାତ୍ରହିଁ ପାଉଛୁ, ମାତ୍ର ସତ୍ୟର କୌଣସି ସୁନିଶ୍ଚିତ ପରିଚୟ ଆଦୌ ପାଉ ନାହୁଁ । ତେଣୁ ଆମର ସିଦ୍ଧାନ୍ତସବୁ କେବଳ ଆଂଶିକ, କଳ୍ପନାମୂଳକ ଓ କୃତ୍ରିମ ହୋଇ ରହୁଯାଉଛି; ସତ୍ୟ ସହିତ ଆମର କେବଳ ପରୋକ୍ଷ ସଂସ୍ପର୍ଶଗୁଡ଼ିକୁ ଅଭିବ୍ୟକ୍ତ କରୁଥିବା ଆମର ବିବୃତ୍ତିସବୁ କେବଳ ଶବ୍ଦଛବି ବା ଶବ୍ଦପ୍ରତିବିମ୍ବର ସ୍ତରରେ ରହୁଯାଉଛି, ଭାବନାଗତ ଅବଧାରଣାର ସେହି ଶବ୍ଦପ୍ରତିରୂପଗୁଡ଼ିକ ସ୍ୱୟଂ କେବଳ ପ୍ରତିରୂପ ହୋଇ ରହୁଯାଉଛି, ମାତ୍ର ସେଥିରେ ସତ୍ୟ ଆଦୌ ରୂପାୟିତ ହୋଇପାରୁ ନାହିଁ, କୌଣସି ପ୍ରତ୍ୟକ୍ଷ ବା ପ୍ରାମାଣ୍ୟମୂଳକ ସତ୍ୟର ଦର୍ଶନ ମିଳୁ ନାହିଁ । ଏହିସବୁ ଶବ୍ଦଛବି ବା ଶବ୍ଦପ୍ରତିବିମ୍ବ ସର୍ବଦା ଅପୂର୍ଣ୍ଣ ଓ ଅସ୍ୱଚ୍ଛ ରହିଯାଉଛି, ସେଗୁଡ଼ିକ ଆପଣା ସହିତ ନିଷ୍ପ୍ରେରଣା ଓ ପ୍ରମାଦର ଗ୍ରନ୍ଥିଗୁଡ଼ିକୁ ମଧ୍ୟ ବହନ କରି ଚାଲିଛନ୍ତି । କାରଣ ସେମାନେ ଅନ୍ୟ ସତ୍ୟଗୁଡ଼ିକ ଲାଗି ଦ୍ୱାର ରୁଦ୍ଧ କରି ରଖିଥିବା ପରି ବା ସେଗୁଡ଼ିକୁ ଅସ୍ୱୀକାର କଲାପରି ପ୍ରତୀତ ହେଉଛନ୍ତି, ଏବଂ ଖାସ୍ ଯେଉଁ ସତ୍ୟଟିକୁ ପ୍ରକାଶ କରିବାକୁ ଚାହୁଁଛନ୍ତି, ସେଇଟି ମଧ୍ୟ ତା'ର ପରିପୂର୍ଣ୍ଣ ଭାବବ୍ୟଞ୍ଜନା ସହିତ ଅଭିବ୍ୟକ୍ତ ହୋଇପାରୁ ନାହିଁ । ଏହାର ସତେଅବା ଗୋଟାଏ ଅଙ୍ଗ ବା ଗୋଟାଏ ଧାର ମାତ୍ର ସ୍ୱରୂପ ହୋଇ ଫୁଟି ପାରୁଛି, ମାତ୍ର ଅବଶିଷ୍ଟ ଭାଗଟି ଅଦୃଶ୍ୟ, ବିକୃତ କିମ୍ବା ଆପାତଦୃଶ୍ୟ ଭାବରେ ସେହି ଗ୍ରନ୍ଥିଟି ମଧ୍ୟରେ ଅନ୍ଧକାରିତ ହୋଇ ରହୁଯାଉଛି । ପ୍ରାୟ ଏକଥାଟି ମଧ୍ୟ କୁହାଯାଇ ପାରିବ ଯେ ସତ୍ୟ ବିଷୟରେ ମନଃପ୍ରସୂତ କୌଣସି ବିବୃତ୍ତି କେବେହେଲେ ସମ୍ପୂର୍ଣ୍ଣ ସତ୍ୟ ହୋଇପାରିବ ନାହିଁ । ଏହା ଶୁଦ୍ଧ ଓ ନଗ୍ନ ସତ୍ୟକୁ କଦାପି ରୂପ ଦେଇପାରିବ ନାହିଁ, କେବଳ ଅନ୍ୟ ନାନା ପରିଚ୍ଛଦଦ୍ୱାରା ଭୂଷିତ ଏକ ମୂର୍ତ୍ତି ହୋଇ ରହିଥିବ । ଏବଂ ଅନେକ ସମୟରେ କେବଳ ଏହି ସଜ୍ଜା ଓ ଭୂଷଣଗୁଡ଼ିକହିଁ ଦୃଷ୍ଟିଗୋଚର ହେଉଥିବ । ମାତ୍ର ଚେତନାର ଏକ ପ୍ରତ୍ୟକ୍ଷ କ୍ରିୟାଦ୍ୱାରା ଯେଉଁ ସତ୍ୟର ବୋଧ ସମ୍ଭବ ହୋଇଥାଏ ଅଥବା ତାଦାତ୍ମ୍ୟଜ୍ଞାନଦ୍ୱାରା ଯେଉଁ ସତ୍ୟର ଅନୁଭୂତି ମିଳେ, ସେହିସବୁ ସତ୍ୟର କ୍ଷେତ୍ରରେ ଏହି ଲକ୍ଷଣମାନ ମୋଟେ ପ୍ରଯୁଜ୍ୟ ହେବ ନାହିଁ । ସେହି କ୍ଷେତ୍ରରେ ଆମର ଦୃଷ୍ଟି ହୁଏତ ସୀମାବଦ୍ଧ ହୋଇ ଥାଇପାରେ; ମାତ୍ର ତାହାର ପରିସର ଯେତେଯାଏଁ ହୋଇଥିବ, ସେପର୍ଯ୍ୟନ୍ତ ତାହା ନିଶ୍ଚୟ ପ୍ରାମାଣିକ ହୋଇଥିବ । ଏବଂ ଚରମ ସତ୍ୟରେ ଉପନୀତ ହେବାଲାଗି ଏହି ପ୍ରାମାଣିକତାକୁ ଆମେ ଏକ ପ୍ରଥମ ସୋପାନ ବୋଲି କହିପାରିବା । ପ୍ରତ୍ୟକ୍ଷ ସଂସ୍ପର୍ଶ ବା ତଦାତ୍ମକ ଦୃଷ୍ଟି ଭିତରେ ଯଦି ଆମର ମନ କୌଣସି ବହିର୍ପଦାର୍ଥକୁ ଆଣି ଯୋଡ଼ିଦିଏ, ଅଥବା ଯଦି ଅନୁଚିତ ଓ ଅବାଞ୍ଛିତ ଭାବରେ କ୍ଷେତ୍ରଟିକୁ ପ୍ରସାରିତ କରି ଦିଆଯାଏ ବା ମନ ଯଦି ତାହାର ଭୁଲ ବ୍ୟାଖ୍ୟା କରିବସେ, ତେବେ ସେହି କ୍ଷେତ୍ରରେ ପ୍ରମାଦ ଆସି ପଡ଼ିଥାଏ ସତ, ମାତ୍ର ତାହା ସତ୍ୟର ଉପାଦାନଟି ଭିତରେ ଆଦୌ ପ୍ରବେଶ

'oaob.nitrkl.ac.in' images reprocessed

କରେ ନାହିଁ । ବସ୍ତୁ ସମ୍ବନ୍ଧରେ ଏହି ପ୍ରାମାଣିକ ବା ତଦାତ୍ମକ ଦୃଷ୍ଟି ବା ଅନୁଭୂତିକୁହିଁ ଆମେ ଜ୍ଞାନର ଯଥାର୍ଥ ପ୍ରକୃତି ବୋଲି ଗ୍ରହିବା; ଏବଂ ଅପ୍ରାମାଣିକ ଓ ଆହୃତ ଯେଉଁ ଦ୍ୱିତୀୟ ପର୍ଯ୍ୟାୟଗତ ରୂପାୟନରେ ଆମ ମନର ଭୂମି ଉପରେ ତାହାକୁ ପରିବେଷଣ କରାଯାଉଥିଲେ ମଧ୍ୟ ତାହା ସ୍ୱତଃସିଦ୍ଧ ଭାବରେ ସତ୍ତା ମଧ୍ୟରେ ବର୍ତ୍ତମାନ ରହିଥାଏ । ଅବିଦ୍ୟାର ମୂଳରେ ସତ୍ତାଗତ ଏହି ସ୍ୱତଃସିଦ୍ଧତା ବା ପ୍ରାମାଣିକତା କେବେହେଲେ ନଥାଏ । ସେଠାରେ ଜ୍ଞାନ ସୀମାଦ୍ୱାରା ଆବଦ୍ଧ ରହିଥାଏ, ହୁଏତ ଅନୁପସ୍ଥିତ ଥାଏ, ଅଥବା ସାମୟିକ ଭାବରେ ଅଚଳ ହୋଇ ରହି ଯାଇଥାଏ; ସତ୍ୟରୁ ଚ୍ୟୁତ ହୋଇ ପ୍ରମାଦରେ ପଡ଼ି ଯାଇଥାଏ, ସତ୍ୟକୁ ବିକୃତ କରି, ବିରୋଧ ବା ଅସ୍ୱୀକାର କରି ଅସତ୍ୟ ଧାରି ରହିଥାଏ । ମାତ୍ର ଠିକ୍ ସେହିପରି ଆମେ ଜ୍ଞାନ ବିଷୟରେ କଦାପି କହିପାରିବା ନାହିଁ ଯେ ତାହା ସ୍ୱଭାବତଃ କେବଳ ଅବିଦ୍ୟାର ସୀମାବଦ୍ଧ, ଅନୁପସ୍ଥିତ ବା ସାମୟିକ ଭାବରେ ଅଚଳ ହୋଇ ରହିବାଦ୍ୱାରାହିଁ ସମ୍ଭବ ହେଉଛି, ଅଥବା ଆଂଶିକ ଭାବରେ ଏହିପରି ଏକ ସୀମାବଦ୍ଧତା କିମ୍ବା ଅଚଳତାର ପ୍ରତିଷ୍ଠାଦ୍ୱାରାହିଁ ହୁଏତ ଜ୍ଞାନର ଉନ୍ମେଷ ହେଉଛି, କେଉଁଠି ଏକ ଆଂଶିକ ଆଲୋକର କ୍ଷେତ୍ରରୁ ଅନ୍ଧକାର ଅପସରି ଗଲେ ଜ୍ଞାନ ଦୃଷ୍ଟିଗୋଚର ହେଉଛି କିମ୍ବା ଅବିଦ୍ୟାର ରୂପାନ୍ତର ଘଟିହିଁ ଜ୍ଞାନ ସମ୍ଭବ ହେଉଛି । ମାତ୍ର ବସ୍ତୁତଃ ଆମ ଅସ୍ତିତ୍ୱର ଏକ ଗଭୀର ପ୍ରଦେଶରେହିଁ ଜ୍ଞାନର ସ୍ୱକୀୟ ବାସସ୍ଥାନ ରହିଛି ଏବଂ ତାହା ସେହିଠାରୁହିଁ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଆମର ଚେତନା ମଧ୍ୟରେ ଜନ୍ମଗ୍ରହଣ କରୁଛି ।

ପୁନଶ୍ଚ, ଶିବ ଓ ଅଶିବ ସମ୍ବନ୍ଧରେ ଆମେ ଏକଥା କହିପାରିବା ଯେ ଶିବ ସତ୍ୟ ଚେତନାଦ୍ୱାରା ଏବଂ ଅଶିବ ଅସତ୍ୟ ଚେତନାଦ୍ୱାରା ସୃଷ୍ଟି ରହିଛି । ଯଦି କେଉଁଠାରେ କେବଳ ସତ୍ୟ ଚେତନାହିଁ ଅବିମିଶ୍ରିତ ଅବସ୍ଥାରେ ରହିଛି, ତେବେ ସେଠାରେ କେବଳ ଶିବହିଁ ରହିବା ସମ୍ଭବ ହେବ; ତାହା ଆଉ ଅଶିବ ସହିତ କଦାପି ମିଶିଯିବ ନାହିଁ ବା ଅଶିବର ସାନ୍ନିଧ୍ୟରେ ରୂପଗ୍ରହଣ କରିବ ନାହିଁ । ସାଧାରଣ ମନୁଷ୍ୟ ଜୀବନରେ ଆମେ ସତ୍ୟ ଓ ଅସତ୍ୟକୁ ଦେଖିବାପରି ଶିବ ଓ ଅଶିବକୁ ମଧ୍ୟ କେବଳ ଅନିଶ୍ଚିତ ଏବଂ ଆପେକ୍ଷିକ ମୂଲ୍ୟ ଦେଇ ଦେଖିଥାଉ । ଗୋଟାଏ ସ୍ଥାନରେ କିମ୍ବା ଗୋଟାଏ କାଳରେ ଯାହାକୁ ସତ୍ୟ ବୋଲି ବୁଝାଯାଏ, ଆଉ ଗୋଟାଏ ସ୍ଥାନ ବା ଆଉ ଗୋଟାଏ କାଳରେ ତାହାକୁହିଁ ଭ୍ରମ ବା ଅସତ୍ୟ ବୋଲି ବୁଝାଯାଏ । ଗୋଟାଏ ସ୍ଥାନ ବା କାଳରେ ଯାହାକୁ ଶିବ ବୋଲି ବୁଝାଯାଏ, ଆଉ ଗୋଟାଏ ସ୍ଥାନ ଓ କାଳରେ ତାହାକୁହିଁ ଅଶିବ ବୋଲି ବିଚାର କରାଯାଏ । ଆମେ ଏକଥା ମଧ୍ୟ ଦେଖିବାକୁ ପାଉ ଯେ ଯାହାକୁ ଆମେ ଅଶିବ ବୋଲି କହୁଥାଉ, ତାହାର ଭିତରୁ ଶିବ ଉପୁଜେ; ଏବଂ ଯାହାକୁ ଶିବ ବୋଲି କହୁଥାଉ, ସେଥିରୁ ଅଶିବ ମଧ୍ୟ

'oaob.nitrkl.ac.in' images reprocessed

ହୁଏ । ମାତ୍ର ବିଦ୍ୟା ସହିତ ଅବିଦ୍ୟାକୁ ଏକାଠି ଗୋଳେଇଘାଣ୍ଟି ଦେବାଦ୍ୱାରା ଓ ଅବିଦ୍ୟାକୁ ବିଦ୍ୟା ବୋଲି ଭ୍ରମ କରିବାଦ୍ୱାରାହିଁ ଶିବରୁ ଅଶିବ ଉପୁଜିବାର ଏହି ବାହ୍ୟ ପରିଣତିଟି ଆସି ଦେଖା ଦେଇଥାଏ, ସତ୍ୟ ଚେତନା ମଧ୍ୟରେ ଅସତ୍ୟ ଚେତନାର ପ୍ରବେଶ ହେତୁ ଏପରି ଘଟିଥାଏ । ତାହାଫଳରେ ଆମେ ବହୁ ଅଜ୍ଞାନବଶ ଓ ଭ୍ରମାତ୍ମକ ଭାବରେ ଆମ ଶିବଟିକୁ ନେଇ କାମରେ ଲଗାଇଥାଉ । ଅଥବା ଉତ୍ପୀଡ଼ନକାରୀ ଆଉ କୌଣସି ଶକ୍ତି ଆସି ମଝିରେ ବାଧା ହୋଇ ଠିଆ ହେବାରୁ ମଧ୍ୟ ଏଭଳି ଘଟିଥାଏ । ଅଶିବରୁ ଶିବ ଉପୁଜୁଥିବାର ବିପରୀତ ପ୍ରସଙ୍ଗଟି ବିଷୟରେ କହିବାକୁ ଗଲେ, ପଶ୍ଚାଦ୍‌ଭାଗରେ ରହି କାର୍ଯ୍ୟ କରୁଥିବା କୌଣସି ସତ୍ୟ ଚେତନା ଅଥବା ଶକ୍ତି ଘଟଣାକ୍ଷେତ୍ରରେ ପହଞ୍ଚି ହସ୍ତକ୍ଷେପ କରିବାକୁ ଆରମ୍ଭ କଲେ ଏହିପରି ଏକ ଅଧିକ ସୁଖଦାୟକ ବିରୋଧୀ ପରିଣତିଟି ସମ୍ଭବ ହୁଏ । ଅସତ୍ୟ ଚେତନା ଓ ଅସତ୍ୟ ଶକ୍ତି ସେହି କ୍ଷେତ୍ରରେ ଉପସ୍ଥିତ ରହିଥିବା ସତ୍ତ୍ୱେ ତାହା ସମ୍ଭବ ହୁଏ । ଅଥବା ପ୍ରତିକାର-ପରାୟଣ କୌଣସି କଲ୍ୟାଣଶକ୍ତି ଆବିର୍ଭୂତ ହୋଇ ଏପରି ଘଟାଇଥାଏ । ମାନବୀୟ ମନୋଭୂମିର ପରିବେଶଟିରୁ ଓ ମନୁଷ୍ୟର ଜୀବନରେ ପରମ ବିଶ୍ୱାତ୍ମକ ଶକ୍ତି ଯେଉଁ କ୍ରିୟାମାନ ସଂଘଟିତ କରାଉଛି, ତାହାରି ହେତୁରୁ ଏହି ଆପେକ୍ଷିକତା ଓ ଏହି ମିଶ୍ରଣ ଘଟିଥାଏ । ଏହାକୁ ଶିବ ଓ ଅଶିବର ମୌଳିକ ସତ୍ୟ ବୋଲି କଦାପି କୁହାଯାଇ ପାରିବ ନାହିଁ । ଏଠାରେ ଆପତ୍ତି ଉଠାଇ ହୁଏତ କୁହାଯାଇପାରେ ଯେ ଶରୀରକ୍ଷେତ୍ରର ଅଶିବ ଅର୍ଥାତ୍ ଶାରୀରିକ ଯନ୍ତ୍ରଣା ଓ ଅଧିକାଂଶ ଦୈହିକ ଦୁଃଖଗୁଡ଼ିକର ଉତ୍ପତ୍ତି ପଛରେ ବିଦ୍ୟା ଓ ଅବିଦ୍ୟା, ଯଥାର୍ଥ ଚେତନା ଓ ଅଯଥାର୍ଥ ଚେତନାର ଆଦୌ କୌଣସି ହାତ ନାହିଁ; ଜଡ଼ପ୍ରକୃତି ମଧ୍ୟରେହିଁ ସେଗୁଡ଼ିକର ମୂଳ ନିହିତ ହୋଇ ରହିଛି । ମାତ୍ର ମୌଳିକ ଭାବରେ ବିଚାର କରିବାକୁ ଗଲେ ଆମର ଉପରିଭାଗସ୍ଥ ସତ୍ତାର କ୍ଷେତ୍ରଟିରେ ଯଥେଷ୍ଟ ଚେତନାଶକ୍ତିର ଅଭାବରୁହିଁ ସକଳ ଦୈହିକ କଷ୍ଟ ଓ ଯନ୍ତ୍ରଣାର ଆବିର୍ଭାବ ହେଉଛି । ଏହି ଅଭାବ ଫଳରେ ଆମର ବାହ୍ୟସତ୍ତାଟି ପ୍ରକୃତି ସହିତ ତଥା ଆପଣା ସହିତ ଯଥୋପଯୁକ୍ତ ସମ୍ପର୍କ ସ୍ଥାପନ କରିବାରେ ଅସମର୍ଥ ହୋଇ ରହିଛି, ଅଥବା ବିଶ୍ୱଶକ୍ତିର ସଂଘାତଗୁଡ଼ିକୁ ଆପଣା ମଧ୍ୟରେ ଗ୍ରହଣ କରିନେବାକୁ ବା ତାହା ସହିତ ଆପଣାର ଏକ ସମଞ୍ଜସତା ସ୍ଥାପନ କରିବାକୁ ଅକ୍ଷମ ହୋଇପଡ଼ୁଛି । ଆମ ଭିତରେ ସେହି ଦୁଃଖ ଓ ଯନ୍ତ୍ରଣାର ଲେଶମାତ୍ରହିଁ ରହନ୍ତା ନାହିଁ, ଯଦି ଆମ ଭିତରେ ସେହି ନୈର୍ବ୍ୟକ୍ତିକ ପରମଚେତନା ସମଗ୍ରଭାବରେ ବିରାଜମାନ କରୁଥା'ନ୍ତା ଓ ଯଦି ଏକ ସମଗ୍ର ପରମସତ୍ତାର ଦିବ୍ୟ ଶକ୍ତିମତ୍ତା ବିରାଜିତ ରହିଥାଆନ୍ତା । ତେଣୁ ସତ୍ୟ ସହିତ ଅସତ୍ୟର ବା ଶିବ ସହିତ ଅଶିବର ଯେଉଁ ସମ୍ବନ୍ଧ ରହିଛି, ତାହା ଏକ ପାରସ୍ପରିକ ନିର୍ଭରଶୀଳତାର ସମ୍ବନ୍ଧ ନୁହେଁ । ସେହି ସମ୍ବନ୍ଧର ସ୍ୱଭାବ ହେଉଛି ଏକ ପରସ୍ପର-ବିରୋଧିତାର ସ୍ୱଭାବ; ଆଲୁଅ ଓ ଛାଇର ସମ୍ପର୍କ ଯେପରି ପରସ୍ପରବିରୋଧୀ,

'oaob.nitrkl.ac.in' images reprocessed

ଠିକ୍ ସେହିପରି । ଆପଣାର ଅସ୍ତିତ୍ୱ ଲାଗି ଛାଇ ଆଲୁଅ ଉପରେହିଁ ନିର୍ଭର କରେ, ମାତ୍ର ଆଲୋକ ଆପଣାର ଅସ୍ତିତ୍ୱ ଲାଗି କଦାପି ଛାଇ ଉପରେ ନିର୍ଭର କରେ ନାହିଁ । ପରମ ନିର୍ବିଶେଷଟି ସହିତ ତାହାର କୌଣସି କୌଣସି ମୂଳ ବିଭାବର ଏହିସବୁ ବିରୋଧାତ୍ମକ ଭାବର ସମ୍ବନ୍ଧକୁ ବୁଝିବାକୁ ଗଲେ ଆମେ ଦେଖିପାରିବା ଯେ ଏହିସବୁ ବିରୋଧାତ୍ମକ ଭାବ ସେହି ପରମ ନିର୍ବିଶେଷର ଆଦୌ କୌଣସି ମୂଳବିଭୂତି ନୁହେଁ; ଅସତ୍ୟ ଓ ଅଶିବର ସେଭଳି କୌଣସି ମୌଳିକ ଭିତ୍ତି ନାହିଁ, ଅନନ୍ତତା ଅଥବା ଶାଶ୍ୱତ ସତ୍ତାଗତ କୌଣସି ଶକ୍ତି ନାହିଁ, ପରମ ସ୍ୱୟମ୍ଭୂସତ୍ତା ମଧ୍ୟରେ ଅବ୍ୟକ୍ତ ବା ଅନ୍ତର୍ନିହିତ ଭାବରେ ମଧ୍ୟ ସେମାନଙ୍କର କୌଣସି ଅସ୍ତିତ୍ୱ ନାହିଁ, ସେହିଠାରେ ଆଧାରଭୂତ ହୋଇ ରହିଥିବାର କୌଣସି ପ୍ରାମାଣିକତା ନାହିଁ ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସତ୍ୟ ଓ ଶିବର ଥରେ ପ୍ରକାଶ ଘଟିଲେ ଅସତ୍ୟ ଓ ଅଶିବର ଧାରଣା କରିପାରିବା ମଧ୍ୟ ସମ୍ଭବ ହୋଇଥାଏ । କାରଣ ଯେତେବେଳେ କୌଣସି ବସ୍ତୁକୁ ସ୍ୱୀକାର କରି ନିଆଯାଏ, ସେତେବେଳେ ତାହାର ଅଭାବାତ୍ମକ ଅର୍ଥାତ୍ ଅସ୍ୱୀକାରାତ୍ମକ ଦିଗଟିର ଧାରଣା କରିବା ମଧ୍ୟ ସମ୍ଭବ ହୋଇଯାଏ । ସତ୍, ଚିତ୍ ତଥା ଆନନ୍ଦର ପ୍ରକାଶ ଘଟିଲେ ଅସତ୍, ଅଚେତନା ଓ ବୋଧଶକ୍ତିହୀନତାର ପ୍ରକାଶ ମଧ୍ୟ ଆମର କଳ୍ପନାଭୂମିରେ ଆସି ଆବିର୍ଭୂତ ହେବାକୁ ସମର୍ଥ ହୋଇଥାଏ, ଏବଂ କଳ୍ପନାଭୂମିରେ ଆବିର୍ଭୂତ ହେଲେ ଗୋଟିଏ ଅର୍ଥରେ ତାହା ଅନିବାର୍ଯ୍ୟ ବି ହୋଇପଡ଼େ । କାରଣ, ଯାହାସବୁ ସମ୍ଭାବନାରୂପେ ବିଦ୍ୟମାନ ରହିଥାଏ, ବାସ୍ତବ ରୂପ ଧାରଣ କରିବା ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ସେଥିଲାଗି ଏକ ପ୍ରବେଗ ପ୍ରବଳ ହୋଇ ରହିଥାଏ । ପରମ ଦିବ୍ୟସତ୍ତାର ବିଭାବଗୁଡ଼ିକ ମଧ୍ୟରେ ଥିବା ଏହି ବିରୋଧଗୁଡ଼ିକର କ୍ଷେତ୍ରରେ ମଧ୍ୟ ତାହାହିଁ ଘଟେ । ଯୁକ୍ତିର ସାହାଯ୍ୟ ନେଇ ହୁଏତ ଏପରି ବୁଝାଯାଇପାରେ ଯେ ଏହି ବିରୋଧଗୁଡ଼ିକ ପ୍ରକାଶର ଦ୍ୱାରଦେଶରେ ଆସି ପହଞ୍ଚିବା ମାତ୍ରକେ ସେଗୁଡ଼ିକୁ ପ୍ରକାଶ କରୁଥିବା ଚେତନାଟି ସେଗୁଡ଼ିକୁ ଅବଧାରଣା କରିବାକୁ ତତ୍କ୍ଷଣାତ୍ ଅବଶ୍ୟ ସମର୍ଥ ହେଉଥିବ; ଏବଂ ତେଣୁ ସେହି ବିରୋଧଗୁଡ଼ିକ ଯେ ପରମ ନିର୍ବିଶେଷ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିଲେ ଏବଂ ବିଶ୍ୱଗତ ସମଗ୍ର ଅସ୍ତିତ୍ୱଟି ସହିତ ଯେ ସେଗୁଡ଼ିକର ଏକ ଅବିଚ୍ଛେଦ୍ୟ ସମ୍ବନ୍ଧ ରହିଛି, ସେକଥା ମଧ୍ୟ ବୁଝାଯାଇ ପାରିବ । ମାତ୍ର ଏଠାରେ ପ୍ରଥମେ ସ୍ମରଣ ରଖିବାକୁ ହେବ ଯେ କେବଳ ବିଶ୍ୱର ପରିପ୍ରକାଶ ମଧ୍ୟରେହିଁ ସେଗୁଡ଼ିକ ସମ୍ଭବ ହେବ, ଏବଂ କାଳାତୀତ ସତ୍ତା ମଧ୍ୟରେ ସେମାନେ ପୂର୍ବାବସ୍ଥିତ ରହିଥିଲେ ବୋଲି କଦାପି ବୁଝାଯାଇ ପାରିବ ନାହିଁ । କାରଣ କାଳାତୀତ ସତ୍ତାରେ ଯେଉଁ ଏକତ୍ୱ ତଥା ଆନନ୍ଦ ଉପାଦାନ-ସ୍ୱରୂପ ହୋଇ ରହିଛି, ତାହା ସହିତ ସେଗୁଡ଼ିକର କୌଣସି ସହାବସ୍ଥାନ କଳ୍ପନା

'oaob.nitrkl.ac.in' images reprocessed

କରାଯାଇ ପାରିବ ନାହିଁ । ପୁଣି ଏହି ବିଶ୍ୱବ୍ୟବସ୍ଥାରେ ମଧ୍ୟ, ସତ୍ୟ ଓ ଶିବ ଆଂଶିକ ଓ ଆପେକ୍ଷିକ ରୂପ ଗ୍ରହଣ କରି ସୀମାବଦ୍ଧ ହୋଇ ନଥିବା ପର୍ଯ୍ୟନ୍ତ ଏବଂ ସତ୍ତା ଓ ଚେତନାଗତ ଏକତ୍ୱଟି ଭେଦମୂଳ ଚେତନା ଓ ଭେଦମୂଳ ସତ୍ତାରୂପେ ବିଭକ୍ତ ହୋଇ ନଥିବା ପର୍ଯ୍ୟନ୍ତ ସେଗୁଡ଼ିକ ଆଦୌ କୌଣସି ପକ୍ଷ ଗ୍ରହଣ କରିପାରିବେ ନାହିଁ । କାରଣ ଯେଉଁଠାରେ ବହୁତା ଓ ବିବିଧତାରେ ମଧ୍ୟ ଚେତନାଶକ୍ତିର ଏକତା ଓ ପରିପୂର୍ଣ୍ଣ ପାରସ୍ପରିକତା ବଜାୟ ରହିଛି, ସେଠାରେ ଆତ୍ମଜ୍ଞାନ ତଥା ପରସ୍ପର-ଜ୍ଞାନର ସତ୍ୟଟି ମଧ୍ୟ ସ୍ୱତଃସ୍ଫୂର୍ତ୍ତି ଭାବରେ ବିଦ୍ୟମାନ ରହିଛି; ଏବଂ ସେଠାରେ ଆତ୍ମ-ଅଜ୍ଞାନ ଓ ପରସ୍ପର-ଅଜ୍ଞାନର ପ୍ରମାଦ ଉପୁଜିବା ଲାଗି ଆଦୌ କୌଣସି ସମ୍ଭାବନା ନାହିଁ । ଠିକ୍ ସେହିପରି ଯେତେବେଳେ ଆତ୍ମ-ଜାଗ୍ରତ ଏକତ୍ୱବୋଧକୁ ଭିତ୍ତି କରି ସତ୍ୟ ତାହାର ସମଗ୍ର ସ୍ୱରୂପରେ ବିଦ୍ୟମାନ ରହିଥାଏ, ସେତେବେଳେ ସେହି କ୍ଷେତ୍ରରେ ଅସତ୍ୟର ପ୍ରବେଶ କରିବାଲାଗି ଆଉ କୌଣସି ବାଟ ନଥାଏ; ଏବଂ ଅସତ୍ୟ ଚେତନା, ଅସତ୍ୟ ସଂକଳ୍ପ ଓ ଅସତ୍ୟ ତଥା ଭୁଲକୁ କାର୍ଯ୍ୟକାରୀ କରିବାର ସେମାନଙ୍କର ସକଳ ସାମର୍ଥ୍ୟ ସେଠାରୁ ବହିଷ୍କୃତ ହୋଇ ରହିଥିବାରୁ ଅଶିବର ପ୍ରବେଶଲାଗି ମଧ୍ୟ କୌଣସି ଅବକାଶ ରହେ ନାହିଁ । ଏବଂ ଭେଦଜ୍ଞାନ ଆସି ପହଞ୍ଚିବା ମାତ୍ରକେ ଏଗୁଡ଼ିକ ବି ଆସି ପହଞ୍ଚି ଯିବାର ବାଟ ଫିଟିଯାଏ । ମାତ୍ର ତଥାପି ସବୁବେଳେ ଯେ ଏହିପରି ଯୁଗପତ୍ ଭାବରେ ଅବଶ୍ୟ ଘଟିଥାଏ, ସେକଥା କୁହାଯାଇ ପାରିବ ନାହିଁ । ବିବିକ୍ତ ସତ୍ତାଗୁଡ଼ିକ ମଧ୍ୟରେ ଅଭେଦ ଚେତନା ସୁସ୍ପଷ୍ଟ ଭାବରେ ଜାଗ୍ରତ ହୋଇ ରହି ନଥିଲେହେଁ, ଯଦି ସେମାନଙ୍କ ମଧ୍ୟରେ ଯଥେଷ୍ଟ ପାରସ୍ପରିକ ଭାବ ରହିଥାଏ, ଏବଂ ବିବିକ୍ତ ସତ୍ତାଗୁଡ଼ିକ ଯଦି ସୀମାବଦ୍ଧ ଜ୍ଞାନର ସ୍ୱକୀୟ ନିୟମାବଳୀଗୁଡ଼ିକୁ ଲଙ୍ଘନ କରୁନଥା'ନ୍ତି କିମ୍ବା ସେଗୁଡ଼ିକରୁ ବିଚ୍ୟୁତ ହେଉନଥା'ନ୍ତି, ତେବେ ସେହି କ୍ଷେତ୍ରରେ ସମଞ୍ଜସତା ଓ ସତ୍ୟର ଆଧିପତ୍ୟ ଅବଶ୍ୟ ବଳବତ୍ତର ରହିଥିବ ଏବଂ ଅଶିବର ପ୍ରବେଶ ଲାଗି ଆଦୌ କୌଣସି ଦ୍ୱାର ନଥିବ । ତେଣୁ ଅସତ୍ୟ ଓ ଅଶିବ ଯେପରି ନିର୍ବିଶେଷ ଚରମ ବସ୍ତୁ ନୁହନ୍ତି, ସେହିପରି ଏହି ବିଶ୍ୱବ୍ୟବସ୍ଥାରେ ମଧ୍ୟ ସେଗୁଡ଼ିକ ଆଦୌ ଅପରିହାର୍ଯ୍ୟ ନୁହନ୍ତି । ସେଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ପରିବେଶ ଅଥବା ପରିଣାମ ମାତ୍ର । ଯେତେବେଳେ ଭେଦଜ୍ଞାନ ପରସ୍ପର-ବିରୋଧିତାରେ ପର୍ଯ୍ୟବସିତ ହୁଏ, ଯେତେବେଳେ ଅଜ୍ଞାନ ଜ୍ଞାନର ଏକ ଆଦିମ ଅଚେତନାରୂପେ ଆବିର୍ଭୂତ ହୁଏ ଏବଂ ସେଥିରୁ ଅନୃତ ସଂକଳ୍ପ, ଅନୃତ ଅନୁଭୂତି, ଅନୃତ କ୍ରିୟା ଓ ଅନୃତ ପ୍ରତିକ୍ରିୟାକୁ ଗର୍ଭରେ ଧରି ଅନୃତ ଚେତନା ଓ ଅନୃତ ଜ୍ଞାନର ଉଦ୍ଭବ ହୁଏ, ସେତିକବେଳେ ଅସତ୍ୟ ଓ ଅଶିବ ଆସି ଦେଖାଦିଅନ୍ତି । ତେଣୁ, ବିଶ୍ୱ-ପରିପ୍ରକାଶର କେଉଁ ସନ୍ଧିକ୍ଷଣରେ ଏହିସବୁ ବିରୋଧମାନ ଆସି ଉପସ୍ଥିତ ହୁଅନ୍ତି, ତାହାହିଁ ଅସଲ ପ୍ରଶ୍ନ; କାରଣ, ଭେଦମୂଳ ମନ ଓ ପ୍ରାଣରେ ଯେତେବେଳେ ଚେତନା ଆପଣାକୁ ଅଧିକରୁ

'oaob.nitrkl.ac.in' images reprocessed

ଅଧିକ ସହୃତ କରିବାରେ ଲାଗିଥିବ, ତାହାର କୌଣସି ପର୍ଯ୍ୟାୟରେ ଅଥବା ଚେତନା ନିଶ୍ଚେତନା ମଧ୍ୟରେ ନିମଜ୍ଜିତ ହୋଇଯିବା ପରେହିଁ ବିରୋଧଗୁଡ଼ିକର ଆବିର୍ଭାବ ହେଉଥିବ । ଅର୍ଥାତ୍ ଅସତ୍ୟ, ପ୍ରମାଦ, ଅଧର୍ମ ଓ ଅଶିବ ମୂଳତଃ ମନ ଓ ପ୍ରାଣର ଭୂମିରେ ଅବସ୍ଥିତ ଥାଆନ୍ତି ଏବଂ ସେଗୁଡ଼ିକୁ ଆମେ ଆମ ମନର ସ୍ୱଭାବଗତ ବୋଲି କହିପାରିବା, ଅଥବା ସେଗୁଡ଼ିକ ହେଉଛନ୍ତି ଏହି ଜଡ଼ ରୂପାୟନର ଗୋଟିଏ ଗୋଟିଏ ସ୍ୱାଭାବିକ ଧର୍ମ ଏବଂ ନିଶ୍ଚେତନାର ତମୋଭାବ ଦ୍ୱାରା ମନ ଓ ପ୍ରାଣର ଭୂମିକୁ କେବଳ ସଂକ୍ରାମିତ ହୋଇ ଆସିଛନ୍ତି, ପ୍ରଶ୍ନଟିକୁ ଆମେ ଏଭଳି ଭାବରେ ମଧ୍ୟ ପଚାରିପାରିବା । ପୁଣି, ସେଗୁଡ଼ିକ ଯଦି ଅତିପ୍ରାକୃତ ମନ ଓ ପ୍ରାଣର ସ୍ତରରେ ଅବସ୍ଥିତ ଥା'ନ୍ତି, ତେବେ ସେଠାରେ ସେମାନେ ମୂଳରୁ ଅପରିହାର୍ଯ୍ୟ ଭାବରେ ରହିଛନ୍ତି କି ନାହିଁ, ଏହି ପ୍ରଶ୍ନଟି ମଧ୍ୟ ପଚାରି ଯାଇପାରିବ । କାରଣ, ସେଗୁଡ଼ିକ ହୁଏତ ଏକ ପରିଣାମ-ରୂପେ, ଅର୍ଥାତ୍ ଜଡ଼ ରୂପାୟନର ଏକ ଜଡ଼ାତୀତ ସମ୍ପ୍ରସାରଣରୂପେ ମଧ୍ୟ ସେହି କ୍ଷେତ୍ରରେ ଆସି ପ୍ରବିଷ୍ଟ ହୋଇ ପାରିଥା'ନ୍ତି । କିମ୍ବା, ଯଦି ସେକଥା ସମୀଚୀନ ନହୁଏ, ତେବେ ହୁଏତ ଏପରି ବି ହୋଇଥିବ ଯେ ସୃଷ୍ଟିଶୀଳ ନିଶ୍ଚେତନାର ଅପରିହାର୍ଯ୍ୟ ପରିଣାମରୂପେ ଯେଉଁ ବିସୃଷ୍ଟି ଦେଖାଦିଏ, ସେଠାରେ ଅଧିକ ସ୍ୱାଭାବିକ ଭାବରେ ସେଗୁଡ଼ିକ ଲାଗି ସ୍ଥାନ ରହିଥିଲେହେଁ ବିଶ୍ୱଗତ ମନ ଓ ପ୍ରାଣରେ ସେଗୁଡ଼ିକର ପ୍ରକାଶର ଏକ ପୂର୍ବବର୍ତ୍ତୀ ଆବଶ୍ୟକତାରୂପେ ସେଗୁଡ଼ିକ ବର୍ତ୍ତମାନ ଥାଇପାରନ୍ତି, ଏବଂ ସେହି କାରଣରୁହିଁ ବିଶ୍ୱଗତ ମନ ଓ ପ୍ରାଣରେ ସେଗୁଡ଼ିକର ଜଡ଼ାତୀତ ଅସ୍ତିତ୍ୱର ସମର୍ଥକାରୀ ପ୍ରଥମ ସୂଚନା ଦେଖା ଦେଇପାରେ ।

ମନୁଷ୍ୟର ମନ ଦୀର୍ଘକାଳ ଧରି ଏକ ଚିରାଚରିତ ଜ୍ଞାନ ହିସାବରେ ବିଶ୍ୱାସ କରି ଆସୁଥିଲା ଯେ ଯେତେବେଳେ ଆମେ ଜଡ଼ଭୂମିର ଏହି ସୀମାଟିକୁ ଅତିକ୍ରମ କରିଯାଉ, ସେତେବେଳେ ଆମେ ଆମକୁ ଅତିକ୍ରମ କରି ରହିଥିବା ଅନ୍ୟ ଲୋକ-ଗୁଡ଼ିକରେ ମଧ୍ୟ ଏଗୁଡ଼ିକ ଅବସ୍ଥିତ ରହିଥିବାର ଦେଖିଥାଉ । ଜଡ଼ାତୀତ ଅନୁଭୂତିର ଏହିସବୁ ଭୂମିରେ ପ୍ରାଣ ତଥା ପ୍ରାଣଗତ ମନର ଏଭଳିସବୁ ରୂପ ଓ ସାମର୍ଥ୍ୟ ଦେଖିବାକୁ ମିଳିଥାଏ, ଯେଉଁଗୁଡ଼ିକ କି ପାର୍ଥିବ ଇହ ଅସ୍ତିତ୍ୱ ମଧ୍ୟରେ ଦୃଷ୍ଟିଗୋଚର ହେଉଥିବା ପ୍ରାଣମୟ ସାମର୍ଥ୍ୟ ଓ ପ୍ରାଣମୟ ମନର ବୈଷମ୍ୟମୟ, ଦୋଷଯୁକ୍ତ ଅଥବା ବିକୃତ ରୂପ ଓ ସାମର୍ଥ୍ୟଗୁଡ଼ିକ ଲାଗି ଜଡ଼ପୂର୍ବ ଆଧାର ହୋଇ ରହିଥିବା ପରି ବୋଧ ହେଉଥାଏ । ଅଧିଚେତନ ଭୂମିର ଏହିସବୁ ଅନୁଭୂତି ସତେଯେପରିକି କହି ଦେଉଥାଏ ଯେ ସେଠାରେ ଏହିସବୁ ଶକ୍ତି ଅବସ୍ଥିତ ରହିଛି, ଏବଂ ଏହିସବୁ ଶକ୍ତିକୁ ଦେହରୂପେ ଗ୍ରହଣ କରି ଏପରିସବୁ ଜଡ଼ାତୀତ ସତ୍ତା ଅଛି, ଯେଉଁଗୁଡ଼ିକ କି ଆପଣାର ମୌଳିକ ପ୍ରକୃତିରେ ଅବିଦ୍ୟା ସହିତ, ଚେତନାର ଅନ୍ଧକାର ସହିତ, ଏବଂ ଶକ୍ତିର ଅସଦୁପଯୋଗ,

'oaob.nitrkl.ac.in' images reprocessed

ଆନନ୍ଦର ବିକୃତ ଓ ଆମେ ଗୋଟିଏ ଶବ୍ଦରେ ଅଶିବ ବୋଲି କହୁଥିବା ବସ୍ତୁଗତ ଯାବତୀୟ କାରଣ ଓ ପରିଣାମ ସହିତ ଲିପ୍ତ ହୋଇ ରହିଛି । ଏହିସବୁ ସାମର୍ଥ୍ୟ, ସତ୍ତ୍ୱ ବା ସାମର୍ଥ୍ୟ କ୍ରିୟାଶୀଳ ରହି ପାର୍ଥିବ ଜୀବମାନଙ୍କ ଉପରେ ଆପଣାର ବିରୋଧୀ ସଂରଚନାଗୁଡ଼ିକୁ ଲଦି ଦେବାରେ ଲାଗିଛି ଓ ବିଶ୍ୱର ପ୍ରକାଶଭୂମିରେ ଆପଣାର ଆଧିପତ୍ୟ ଜାରି କରି ରଖିବାଲାଗି ସର୍ବଦା ବ୍ୟସ୍ତ ହୋଇ ରହିଛି । ସେଇମାନେହିଁ ଆଲୋକ, ସତ୍ୟ ଓ ଶିବର ଅଭିବୃଦ୍ଧି ଲାଭ କରିବାର ବିରୋଧ କରୁଛନ୍ତି, ଏବଂ ଏପରିକି ଏକ ଦିବ୍ୟ ଚେତନା ଓ ଦିବ୍ୟ ଅସ୍ତିତ୍ୱର ଅଭିମୁଖରେ ଆତ୍ମାର ପ୍ରଗତିପଥରେ ଶତ୍ରୁ ହୋଇ ରହିଛନ୍ତି । ଅସ୍ତିତ୍ୱର ଏହି ପ୍ରସଙ୍ଗଟିକୁହିଁ ଆଲୋକର ଶକ୍ତି ତଥା ଅନ୍ଧକାରର ଶକ୍ତି, ଶିବ ତଥା ଅଶିବ ଏବଂ ବିଶ୍ୱଗତ ସମତାବସ୍ଥା ତଥା ସମସ୍ତ ବିଶ୍ୱକୁ ଉଚ୍ଛିନ୍ନ କରି ରଖିଥିବା ଅରାଜକତା ମଧ୍ୟରେ ଥିବା ଦ୍ୱନ୍ଦ୍ୱରୂପେ ବର୍ଣ୍ଣନା କରାଯାଇଛି; ଯାବତୀୟ ପ୍ରାଚୀନ ପୁରାଣରେ ଓ ଧର୍ମରେ ପୃଥିବୀର ସବୁଠାରେ ଏହାର କଥା କୁହାଯାଇଛି ଏବଂ ଗୁହ୍ୟବିଦ୍ୟାର ସକଳ ସୂତ୍ରପାତନରେ ତାହାର ଆଲୋଚନା କରାଯାଇଛି ।

ପାରମ୍ପରିକ ଜ୍ଞାନର ଏହି ସିଦ୍ଧାନ୍ତଟି ସମ୍ପୂର୍ଣ୍ଣ ଯୁକ୍ତିସଙ୍ଗତ ଏବଂ ଏହା ପକ୍ଷରେ ଅନ୍ତର୍ଗତ ଅନୁଭବର ସମର୍ଥନ ମଧ୍ୟ ରହିଛି । ଜଡ଼ାତୀତ ସତ୍ତ୍ୱଷ୍ଟିର ଅସ୍ତିତ୍ୱକୁ ସ୍ୱୀକାର କରିନେଇ ପାରିଲେ ଏବଂ ଜଡ଼ସତ୍ତ୍ୱକୁହିଁ ଏକମାତ୍ର ସତ୍ୟ ବୋଲି ସ୍ୱୀକାର କରିବାର ଭ୍ରମ ଭିତରେ ନିଜକୁ ବନ୍ଦ ନରଖିଲେ ଏହି ସିଦ୍ଧାନ୍ତଟିକୁ ଅସ୍ୱୀକାର କରିବା ଲାଗି ଆଉ ଆଦୌ କୌଣସି କାରଣ ରହିବ ନାହିଁ । ଯେପରି ଏକ ବିଶ୍ୱଗତ ପରମ ଆତ୍ମା ଓ ଚିତ୍‌ସତ୍ତ୍ୱ ଏହି ବିଶ୍ୱ ଓ ତଦବସ୍ଥିତ ସକଳ ସତ୍ତ୍ୱକୁ ଧାରଣ କରି ରଖିଛି, ଠିକ୍ ସେହିପରି ଏକ ବିଶ୍ୱଗତ ପରମ ଶକ୍ତିମତ୍ତା ମଧ୍ୟ ରହିଛି, ଯାହାକି ସକଳ ବସ୍ତୁକୁ ଗତିସ୍ପନ୍ଦିତ କରି ରଖିଛି; ଏବଂ ଏହି ମୂଳ ଓ ପରମ ବିଶ୍ୱଶକ୍ତିଟି ଉପରେ ତାହାର ବିଶ୍ୱକ୍ରିୟାର ବିଭିନ୍ନ ରୂପାୟନରୂପେ ଉତ୍ଥିତ ହୋଇ ତାହାର ନାନା ସାମର୍ଥ୍ୟରୂପେ ବିଦ୍ୟମାନ ରହିଥିବା ବିଶ୍ୱବ୍ୟାପ୍ତ ଅନେକ ଶକ୍ତି ନିର୍ଭର କରି ରହିଛନ୍ତି ଏବଂ କ୍ରିୟା କରିବାରେ ଲାଗିଛନ୍ତି । ଏହି ବିଶ୍ୱଜଗତରେ ଯାହାକିଛି ରଚିତ ବା ରୂପାୟିତ ହେଉଛି, ତାହା ପଛରେ ତାହାର ଆଶ୍ରୟସ୍ୱରୂପ ହୋଇ ଏକ ପରମ ଶକ୍ତି ବା ଅନେକ ଶକ୍ତି ବିଦ୍ୟମାନ ରହିଛି ବା ରହିଛନ୍ତି, ତାହାକୁ ପରିପୂର୍ଣ୍ଣ ଓ ପ୍ରଲମ୍ବିତ କରିଦେବାର ପଥ ଖୋଜୁଛନ୍ତି, ତାହାର କ୍ରିୟାରେ ଆପଣାର ଭିତ୍ତିଟିର ଆବିଷ୍କାର କରୁଛନ୍ତି, ତାହାର ସାଫଲ୍ୟ, ବୃଦ୍ଧି ଓ ପ୍ରଭୁତ୍ୱବିସ୍ତାରରେ ଆପଣା ସାଫଲ୍ୟର ଅନୁଭବ କରୁଛନ୍ତି ଏବଂ ତାହାର ବିଜୟ ଓ ବଞ୍ଚି ରହିବାରେ ଆପଣାକୁ ପରିପୂର୍ଣ୍ଣ କରୁଛନ୍ତି, ଆପଣାକୁ ପୁଷ୍ଟ କରି ରଖିଛନ୍ତି । ଏବଂ ବିଦ୍ୟାର ନାନା ଶକ୍ତି ବା ଆଲୋକର ନାନା ସାମର୍ଥ୍ୟ ରହିଥିବା ପରି ଅବିଦ୍ୟାର ମଧ୍ୟ ନାନା ଶକ୍ତି ରହିଛି ଏବଂ ଅନ୍ଧକାରର ମଧ୍ୟ ତାମସୀ ଶକ୍ତିମାନ

'oaob.nitrkl.ac.in' images reprocessed

ରହିଛି । ସେମାନେହିଁ ଅବିଦ୍ୟା ଓ ନିଶ୍ଚେତନାର ଆଧିପତ୍ୟକୁ ଦୀର୍ଘତର କାଳଲାଗି ସ୍ଥାୟୀ କରି ରଖିଛନ୍ତି । ଯେପରି ସତ୍ୟର ନାନା ଶକ୍ତି ରହିଛି, ସେହିପରି ଆସୁରି ଅନେକ ଶକ୍ତି ଅସତ୍ୟଦ୍ୱାରା ମଧ୍ୟ ସୃଷ୍ଟ ହୋଇ ରହିଛନ୍ତି, ତାକୁ ଆଶ୍ରା ଦେଇ ରଖିଛନ୍ତି ଓ ତାହାର ବିଜୟଲାଗି କାର୍ଯ୍ୟ କରୁଛନ୍ତି । ଶିବର ଅସ୍ତିତ୍ୱ, ଶିବର ଅବବୋଧ ଓ ଶିବର ପ୍ରେରଣା ସହିତ ଯେପରି ଏକାଧିକ ଶକ୍ତିଙ୍କର ଜୀବନ ନିବିଡ଼ଭାବରେ ବନ୍ଧାହୋଇ ରହିଛି, ଠିକ୍ ସେହିପରି ଆସୁରି ଏକାଧିକ ଶକ୍ତି ମଧ୍ୟ ରହିଛି, ଯେଉଁଗୁଡ଼ିକର ଜୀବନ ଅଶିବର ଅସ୍ତିତ୍ୱ, ଅବବୋଧ ଓ ପ୍ରେରଣା ସହିତ ବନ୍ଧାହୋଇ ରହିଛି । ବିଶ୍ୱମୟ ପରମ ଅଦୃଶ୍ୟଙ୍କର ଏହି ସତ୍ୟଟିକୁହିଁ ନାନା ପ୍ରତୀକ ସାହାଯ୍ୟରେ ବିଶ୍ୱଜଗତର ଅଧିକାର ଓ ମାନବଜୀବନର ଶାସନ ଆତ୍ମସାତ୍ କରିବା ଲାଗି ଆଲୋକ ଓ ଅନ୍ଧକାର, ଏବଂ ଶିବ ଓ ଅଶିବ ମଧ୍ୟରେ ଚାଲିଆସିଥିବା ସଂଗ୍ରାମର ପ୍ରାଚୀନ ବିଶ୍ୱାସଟିର ମାଧ୍ୟମରେ ବର୍ଣ୍ଣନା କରା ଯାଇଥିଲା । ବେଦବର୍ଣ୍ଣିତ ଦେବତା ଓ ସେମାନଙ୍କର ବିରୁଦ୍ଧପକ୍ଷ ଭିତରେ ଚାଲିଥିବା ଦ୍ୱନ୍ଦ୍ୱ ଓ ସମର ଏହି ତାତ୍ପର୍ଯ୍ୟଟିକୁହିଁ ପ୍ରକାଶ କରିଥିଲା । ଅନ୍ଧକାର ଓ ଭେଦର ଏହି ସନ୍ତାନମାନଙ୍କୁ ଅସୁର, ରାକ୍ଷସ ଓ ପିଶାଚ ବୋଲି ବର୍ଣ୍ଣନା କରାଯାଇଥିଲା । ଜୋରାଷ୍ଟ୍ରର ଧର୍ମମତର ଦ୍ୱନ୍ଦ୍ୱରତ ଦୁଇ ଶକ୍ତିଟିର ସିଦ୍ଧାନ୍ତରେ ଓ ପରବର୍ତ୍ତୀ ଯୁଗରେ ଗୋଟିଏ ପାଖରେ ଭଗବାନ ଓ ତାଙ୍କର ଦୂତଗଣ ଏବଂ ଅନ୍ୟ ପକ୍ଷରେ ଶଇତାନ ଓ ତା'ର ପ୍ରବଳ ବାହିନୀଟି ମଧ୍ୟରେ ବିରୋଧସଂଘାତ ମଧ୍ୟରେ ଠିକ୍ ଏହି ପରମ୍ପରାଟି ବ୍ୟକ୍ତ ହୋଇଛି । ସମଗ୍ରତଃ ସେମାନଙ୍କୁ ଅଦୃଶ୍ୟ ନାନା ସତ୍ତ୍ୱ ଓ ଶକ୍ତିରୂପେ କଳ୍ପନା କରାଯାଇଛି ଯେଉଁମାନେ କି ମନୁଷ୍ୟକୁ ଦିବ୍ୟ ଆଲୋକ ଓ ଦିବ୍ୟ ସତ୍ୟ ତଥା ଶିବ ଆଡ଼କୁ ପ୍ରେରିତ କରି ଆଣୁଛନ୍ତି ଅଥବା ଅନ୍ଧକାର, ଅସତ୍ୟ ଓ ଅଶିବରୂପୀ ଅଦିବ୍ୟ ତତ୍ତ୍ୱଗୁଡ଼ିକ ମଧ୍ୟରେ ପାଶବଦ୍ଧ ହୋଇ ରହିବାଲାଗି ତାହାକୁ ପ୍ରଲୁବ୍ଧ କରିବାରେ ଲାଗିଛନ୍ତି । କେବଳ ବିଜ୍ଞାନର ଉଦ୍ଭାବିତ ଅଥବା ପରିସୃଷ୍ଟ ଅଦୃଶ୍ୟ ଶକ୍ତିଗୁଡ଼ିକ ବ୍ୟତୀତ ଆଉ କେଉଁଠି କୌଣସି ଅଦୃଶ୍ୟ ଶକ୍ତି ରହିଛି ବୋଲି ଆଧୁନିକ ବିଚାର ଆଦୌ ଜାଣି ନାହିଁ । ମଣିଷ, ପଶୁ, ପକ୍ଷୀ, ସରୀସୃପ, ମୀନ, ପତଙ୍ଗ, ଜୀବାଣୁ ବା କ୍ଷୁଦ୍ରଜୀବାଣୁ ପ୍ରଭୃତି ଯାହାସବୁ ଆମରି ଚତୁର୍ଦ୍ଦିଗରେ ଜୀବନ ଧାରଣ କରି ରହିଛନ୍ତି, ସେଗୁଡ଼ିକୁ ଛାଡ଼ିଦେଲେ ଆଉ କୌଣସି ଜୀବ ସୃଷ୍ଟି କରିବାକୁ ଯେ ପ୍ରକୃତିର କୌଣସି ସାମର୍ଥ୍ୟ ରହିଛି, ଆଧୁନିକ ମନ ସେକଥା ଆଦୌ ବିଶ୍ୱାସ କରୁ ନାହିଁ । କିନ୍ତୁ ଯଦି ଜଡ଼ଧର୍ମୀ ଅଦୃଶ୍ୟ ବିଶ୍ୱଶକ୍ତି ଅଚେତନ ଜଡ଼ପଦାର୍ଥ ଉପରେ କ୍ରିୟାଶୀଳ ହୋଇପାରେ, ତେବେ ପ୍ରାଣ ଓ ମନୋଧର୍ମୀ ଅଦୃଶ୍ୟ ବିଶ୍ୱଶକ୍ତି ଯେ ମନୁଷ୍ୟର ପ୍ରାଣ ଓ ମନ ଉପରେ କ୍ରିୟାଶୀଳ ହୋଇ ନପାରିବ, ସେପରି ସନ୍ଦେହ କରିବା ସକାଶେ ଆଦୌ କୌଣସି କାରଣ ନାହିଁ । ଏବଂ ଯଦି ଜଡ଼ଜଗତର ମନ ଓ ପ୍ରାଣ ନୈର୍ବ୍ୟକ୍ତିକ ଶକ୍ତି ହୋଇଥିଲେ ମଧ୍ୟ ଚେତନସତ୍ତ୍ୱକୁ ରୂପାୟିତ କରିବା ଲାଗି

'oaob.nitrkl.ac.in' images reprocessed

ଅଥବା ଜଡ଼ଜଗତରେ ସେହି ଶକ୍ତିଗୁଡ଼ିକ୍ ଜଡ଼ ରୂପ ଦେବାରେ ମନୁଷ୍ୟକୁ ପ୍ରବୃତ୍ତ କରାଇପାରନ୍ତି, ଏବଂ ଜଡ଼ ଉପରେ ଓ ଜଡ଼କୁ ମାଧ୍ୟମରୂପେ ବ୍ୟବହାର କରି କ୍ରିୟାଶୀଳ ହୋଇପାରନ୍ତି, ତେବେ ସେହିସବୁ ଅଦୃଶ୍ୟ ବିଶ୍ୱଶକ୍ତି ଆପଣାର ସ୍ୱକୀୟ ଭୂମିଗୁଡ଼ିକରେ ଅବସ୍ଥିତ ଥାଇ ଯାହାର ସୂକ୍ଷ୍ମ ଉପାଦାନଟି ଆମଲାଗି ଅଦୃଶ୍ୟ ହୋଇ ରହିଛି, ସେହିସବୁ ସଚେତନ ସତ୍ତାକୁ ଯେ ରୂପାୟିତ କରିବା ଲାଗି ଅବଶ୍ୟ ସମର୍ଥ ହୋଇପାରିବେ, ଅଥବା ସେହିସବୁ ଭୂମିରେ ଅବସ୍ଥିତ ରହି ସେମାନେ ଯେ ପାର୍ଥିବ ପ୍ରକୃତିମଧ୍ୟରେ ଆତଯାତ ହେଉଥିବା ଜୀବ ଉପରେ କ୍ରିୟାଶୀଳ ହୋଇପାରିବେ ଏହା କଦାପି ଅସମ୍ଭବ ନୁହେଁ । ମନୁଷ୍ୟର ପରମ୍ପରାଗତ ବିଶ୍ୱାସ ଓ ଅଭିଜ୍ଞତା ଏବଂ ପୁରାଣର କଥାଗୁଡ଼ିକୁ ଆମେ ସତ୍ୟ ବୋଲି ମାନୁ ବା ନମାନୁ ପଛକେ, ଅନ୍ତତଃ ଏତିକ କଥା ନିଶ୍ଚୟ କୁହାଯାଇ ପାରିବ ଯେ କୌଣସି ନା କୌଣସି ସତ୍ୟକୁ ଅବଲମ୍ବନ କରିହିଁ ସେହିସବୁ ଚିତ୍ର ନିଶ୍ଚୟ ଅଙ୍କିତ ହୋଇଛି । ତେବେ ନିଷ୍କର୍ଷ ହେଉଛି ଯେ ପାର୍ଥିବ ଜୀବନ ଅଥବା ନିଶ୍ଚେତନାରୁ ସଙ୍ଘଟିତ ହୋଇଥିବା କ୍ରମ-ବିବର୍ତ୍ତନର କୌଣସି ସୋପାନରେ ଶିବ ଓ ଅଶିବର ମୂଳ ଉତ୍ପତ୍ତିସ୍ଥାନଟି ନିହିତ ହୋଇ ରହି ନାହିଁ । କୌଣସି ଜଡ଼ାତୀତ ଭୂମିରେ ପ୍ରାଣ ମଧ୍ୟରେହିଁ ତାହା ନିହିତ ଅଛି ଏବଂ ଏକ ବୃହତ୍ତର ଜଡ଼ାତୀତ ପ୍ରକୃତିରୁହିଁ ସେଗୁଡ଼ିକ ଏଠାରେ ପ୍ରତିଫଳିତ ହେଉଛନ୍ତି ।

ଏକଥା ଅତି ନିଶ୍ଚିତ ଯେ ଯେତେବେଳେ ଆମେ ଏହି ପ୍ରାତିଭାସିକ ଉପରି-ସ୍ତରଟାକୁ ଛାଡ଼ି ଆପଣା ଭିତରେ ଗଭୀର ଅନେକ ଦୂରକୁ ଫେରି ଚାଲି ଯାଇପାରୁ, ସେତେବେଳେ ଆମେ ଦେଖିବାକୁ ପାଉ ଯେ ମଣିଷର ମନ, ହୃଦୟ ତଥା ଇନ୍ଦ୍ରିୟ-ଚେତନା ଏପରିସବୁ ଶକ୍ତିଦ୍ୱାରା ଗତିସ୍ପନ୍ଦିତ ହୋଇ ରହୁଥାଏ, ଯାହା ଉପରେ କି ତାହାର ଆଦୌ କୌଣସି ବଳ ବା ବଶ ନଥାଏ, ଏବଂ ଆପଣା କ୍ରିୟାଗୁଡ଼ିକର ମୂଳ ଉଦ୍‌ଗମସ୍ଥାନଟି ବିଷୟରେ କୌଣସି ଜ୍ଞାନ ନଥାଇ ମଧ୍ୟ ସେ କେତେକେତେ ବିଶ୍ୱଶକ୍ତିଙ୍କର ହାତରେ ଏକ ନିମିତ୍ତ ବା ଯନ୍ତ୍ରପରିହିଁ ବ୍ୟବହୃତ ହେଉଥାଏ । ଏହି ଶାରୀର ବା ଭୌତିକ ଉପରିସ୍ତରଟିରୁ ପଛକୁ ଚାଲି ଆପଣାର ଅନ୍ତର୍ସତ୍ତା ଓ ଅଧିଚେତନ ଚେତନାଟି ମଧ୍ୟକୁ ପାଦ ପକାଇଲାବେଳେ ସେ ସେଗୁଡ଼ିକ ବିଷୟରେ ପ୍ରତ୍ୟକ୍ଷ ସନ୍ଧାନ ଲାଭ କରିଥାଏ, ଆପଣା ଉପରେ ସେଗୁଡ଼ିକର କ୍ରିୟାକୁ ପ୍ରତ୍ୟକ୍ଷ ଭାବରେ ଜାଣିପାରେ ଓ ସେଗୁଡ଼ିକ ସହିତ ପ୍ରତ୍ୟକ୍ଷ ସମ୍ପର୍କ ମଧ୍ୟ ସ୍ଥାପନ କରିପାରେ । ସେ କ୍ରମେ ଜାଣିବାକୁ ପାଏ ଯେ ବାହାରୁ କେତେ କେତେ ଶକ୍ତି ଆସି ତାହାକୁ ଏଦିଗରେ ବା ସେଦିଗରେ ପରିଚାଳିତ କରି ନେଉଛନ୍ତି । ତା' ମନର ସ୍ୱାଭାବିକ ମୂଳବୃତ୍ତିର ଛଦ୍ମବେଶରେ ଆସିଥିବା କେତେ ଇଙ୍ଗିତ ଓ ପ୍ରେରଣାକୁ ସେ ଜାଣିବାକୁ ଆରମ୍ଭ କରେ, ଯେଉଁଗୁଡ଼ିକ ସହିତ ତାକୁ ଆଗରୁ ସଂଗ୍ରାମ କରିବାକୁ ପଡ଼ୁଥିଲା । ସେ ଏପରି ସ୍ପଷ୍ଟ ଉପଲବ୍ଧି

'oaob.nitrkl.ac.in' images reprocessed

କରିପାରେ ଯେ ସେ ଏପରି ଏକ ସଚେତନ ଜୀବ ଆଦୌ ନୁହେଁ, ଯିଏକି ଅଚେତନ ଜଡ଼ର ଗୋଟାଏ ବୀଜରୁ ଏକ ଅଚେତନ ବିଶ୍ୱଜଗତ ମଧ୍ୟରେ ଜନ୍ମଲାଭ କରିଥିଲା; କାହିଁକି ଜନ୍ମଲାଭ କରିଥିଲା, ତାହା ଜାଣିବାଲାଗି ତାହାର କୌଣସି ଶକ୍ତି ନାହିଁ, ଏବଂ ଏହିପରି ଜନ୍ମଲାଭ କରି ଯିଏକି ଏଠି କେବଳ ଏକ ଅତିଅସ୍ପଷ୍ଟ ଆତ୍ମ-ଅବିଦ୍ୟା ମଧ୍ୟରେ ବିଚରଣ କରିବାକୁ ବାଧ୍ୟ ହେଉଛି । ସେ ଆପଣାକୁ ଏକ ମୂର୍ତ୍ତିମାନ ଆତ୍ମା ବୋଲି ଅନୁଭବ କରେ, ଯାହାର କ୍ରିୟା ମାଧ୍ୟମରେ କି ବିଶ୍ୱପ୍ରକୃତି ଆପଣାକୁ ପରିପୂର୍ଣ୍ଣ କରିବାର ପ୍ରୟାସ କରୁଛି; ସିଏ ଆପଣାକୁ ଏକ ଜୀବନ୍ତ ଭୂମି ବୋଲି ଅନୁଭବ କରେ, ଯେଉଁଠାରେ କି ସେ ଯାହା ଭିତରୁ ଏଠାରେ ଜନ୍ମଲାଭ କରିଛି, ଏକ ପାଖରେ ସେହି ଅବିଦ୍ୟାର ଏକ ଅନ୍ଧକାର ଏବଂ ଅନ୍ୟପାଖରେ ଏକ ଅଦୃଷ୍ଟ ପରିପୂର୍ଣ୍ଣତାର ଅଭିମୁଖରେ ଧାବମାନ ହେଉଥିବା କ୍ରମବର୍ଦ୍ଧମାନ ଏକ ଜ୍ଞାନାଲୋକ ମଧ୍ୟରେ ଏକ ବହୁବ୍ୟାପ୍ତ ବଚସା ଲାଗି ରହିଛି । ଯେଉଁ ଶକ୍ତିଗୁଡ଼ିକ ତାକୁ ଚରିତ୍ରାୟିତ କରିବାର ପ୍ରୟାସ କରୁଛନ୍ତି,—ଏବଂ ତାହା ମଧ୍ୟରେ ଶିବ ତଥା ଅଶିବର ଶକ୍ତିଦୁଇଟି ମଧ୍ୟ ଅନ୍ତର୍ଗତ ହୋଇ ରହିଛନ୍ତି,—ସେଗୁଡ଼ିକ ତାହାକୁ ବିଶ୍ୱପ୍ରକୃତିର ଶକ୍ତିରୂପେ ପ୍ରତିଭାତ ହେବାକୁ ଆରମ୍ଭ କରନ୍ତି । ମାତ୍ର ସେଗୁଡ଼ିକ କେବଳ ଏହି ଜଡ଼ମୟ ସୃଷ୍ଟିର ଶକ୍ତି ନୁହେଁ, ଏହାର ସୀମାତିକ୍ରମ କରି ରହିଥିବା ପ୍ରାଣ ଓ ମନୋଭୂମିର ଶକ୍ତି ବୋଲି ବି ବୋଧ ହୋଇଥା'ନ୍ତି ।

ଯେଉଁ କଥାଟିକୁ ଆମେ ଆମର ବର୍ତ୍ତମାନ ଆଲୋଚିତ ସମସ୍ୟାଟି ଲାଗି ଏକ ମହତ୍ତ୍ୱପୂର୍ଣ୍ଣ କଥା ବୋଲି ମନେରଖିବା, ସେଇଟି ହେଉଛି ଯେ ଆପଣାର କ୍ରିୟା-କ୍ଷେତ୍ରରେ ଏହିସବୁ ଶକ୍ତି ଅନେକ ସମୟରେ ମନୁଷ୍ୟର ଆପେକ୍ଷିକ ପରିମିତିଗତ ସୀମାଗୁଡ଼ାକୁ ଡେଇଁ ବହୁଦୂର ଚାଲି ଯାଇଥା'ନ୍ତି ବୋଲି ମନେ ହୋଇଥାଏ । ଆପଣାର ବୃହତ୍ତର କ୍ରିୟା ଭୂମିଟିରେ ସେଗୁଡ଼ିକ ଅତିମାନବୀୟ, ଦିବ୍ୟ ଅଥବା କୌଣସି ମହାବଳ ଅସୁର ବା ଦୈତ୍ୟର କ୍ରିୟା ବୋଲି ବୋଧ ହୋଇଥା'ନ୍ତି । ମାତ୍ର ବହୁ ବା ଅଳ୍ପପରିସର ହୋଇ ସେମାନେ ମନୁଷ୍ୟ ଭିତରେ ଆପଣାକୁ ରୂପାୟିତ କରିପାରନ୍ତି, ମନୁଷ୍ୟର ମହାନତା ଓ କ୍ଷୁଦ୍ରତା ମଧ୍ୟରେ ଆପଣାକୁ ପ୍ରକାଶ କରିପାରନ୍ତି, କେତୋଟି ମୁହୂର୍ତ୍ତ କିମ୍ବା ଏକ ଦୀର୍ଘ ଅବଧି ଲାଗି ସେମାନେ ତାକୁ କବଳିତ କରି ଦଉଡ଼ାଇ ନେଇଯାଇ ପାରନ୍ତି । ସେମାନେ ତା'ର ଆବେଗ ଓ କ୍ରିୟାଗୁଡ଼ିକ ଉପରେ ପ୍ରଭାବ ପକାଇପାରନ୍ତି ବା ତାହାର ସମସ୍ତ ପ୍ରକୃତିଟିକୁ ବି ଅଧିକାର କରିନେଇ ପାରନ୍ତି । ଏବଂ ଏହିପରି ଅଧିକୃତ ହୋଇ ରହିଥିବା ଅବସ୍ଥାରେ ସିଏ ନିଜେ ମଧ୍ୟ ଶିବ ଓ ଅଶିବର ସ୍ୱାଭାବିକ ମାନବସୀମାଗୁଡ଼ିକୁ ଟପି ବହୁଦୂର ଚାଳିତ ହୋଇ ଚାଲି ଯାଇପାରେ । ବିଶେଷ କରି ଅଶିବଟା ଏହି ଅବସ୍ଥାରେ ଏପରି ଏକ ରୂପ ଗ୍ରହଣ

'oaob.nitrkl.ac.in' images reprocessed

କରିପାରେ, ଯାହାକି ମନୁଷ୍ୟର ପରିମାଣବୋଧଟିକୁ ଏକାବେଳକେ ସ୍ତମ୍ଭିତ କରି ଦେଇପାରେ, ମାନବୀୟ ବ୍ୟକ୍ତିତ୍ୱସୀମାର ବାଡ଼ଗୁଡ଼ିକୁ ଡେଇଁଯାଇ ତାହା ଅପୂରିକତା, ଅତିଶଯ୍ୟତା ଓ ଅପରିମେୟତା ଆଡ଼କୁ ମଧ୍ୟ ଅଗ୍ରସର ହୋଇପାରେ । ଅଶିବର ମଧ୍ୟ ଏକ ଚରମ ବା ଶୀର୍ଷଅବସ୍ଥା ରହିଛି, ଏହାକୁ ଅସ୍ୱୀକାର କରିବାଟା ପ୍ରକୃତରେ ଏକ ଭୁଲ ନୁହେଁ କି, ସେତେବେଳେ ଏହି ପ୍ରଶ୍ନଟି ନିଶ୍ଚୟ ଉଠିପାରେ । କାରଣ ଏକ ପରମ ସତ୍ୟ, ପରମ ଶିବ ଓ ପରମ ସୁନ୍ଦର ଲାଗି ମଣିଷ ଭିତରେ ଯେପରି ଏକ ଆବେଗ, ଅଭିଳାଷ ଓ ଆକାଙ୍କ୍ଷା ରହିଛି, ଠିକ୍ ସେହିପରି ଅପର ପାଖରେ ରହିଥିବା ଏହିସବୁ ଗତିସ୍ପନ୍ଦନ ମଧ୍ୟ ଏକ ପରମ ଅଶିବର ଉପଲବ୍ଧି ଲାଗି ପ୍ରୟାସ କରୁଥିବାର ସୂଚନା ଦେଲାପରି ବୋଧ ହେଉଛନ୍ତି । ସତେଅବା ସକଳ ସୀମାକୁ ଲଂଘି ଯାଉଥିବା ଦୁଃଖ ଓ ଯନ୍ତ୍ରଣାର ତୀବ୍ରତା ମଧ୍ୟ ସେହିଭଳି ଏକ ପ୍ରୟାସ କରିବାରେ ଲାଗିଛନ୍ତି । ମାତ୍ର ଯାହା ଅପରିମେୟ, ତାହା ଯେ ଅବଶ୍ୟ ପରମ ହୋଇଥିବ, ସେପରି ଇଙ୍ଗିତ ପାଇବାଲାଗି ଆଦୌ କୌଣସି କାରଣ ନାହିଁ । କାରଣ ପରମଙ୍କୁ ଆମେ କୌଣସି ଆକାର ବା ପରିମାଣଦ୍ୱାରା କଦାପି କଳିପାରିବା ନାହିଁ । ତାହା ସକଳ ପରିମାଣ ଓ ପରିମେୟତାର ଅତୀତ । ତାହାର ଭୂମି ଯେ ଏକ ଅତି ସର୍ବବ୍ୟାପ୍ତ ଭୂମି, କେବଳ ସେହି ଗୋଟିଏ କାରଣରୁ ନୁହେଁ ମାତ୍ର ତା'ର ସ୍ୱରୂପସତ୍ତାର ସ୍ୱକୀୟ ସ୍ୱତନ୍ତ୍ରତାରେ ମଧ୍ୟ ତାହା ଅପରିମେୟ । ଏହା ଅତିକ୍ଷୁଦ୍ର ଓ କ୍ଷୁଦ୍ରାତିକ୍ଷୁଦ୍ର ଭିତରେ ଆପଣାକୁ ପ୍ରକଟ କରିପାରୁଛି, ଅକାରଗତ ଅନନ୍ତ ମଧ୍ୟରେ ବି ପ୍ରକଟିତ ହୋଇପାରୁଛି । ପରମ ସତ୍ୟ ଅଭିମୁଖରେ ଅଗ୍ରସର ହେବା ପଥରେ ଯେତେବେଳେ ଆମେ ମନର ଭୂମିରୁ ଆଧ୍ୟାତ୍ମିକ ଭୂମିଟିକୁ ଅତିକ୍ରମ କରିଯାଉ, ସେତେବେଳେ ଏକଥା ସତ ଯେ ଏକ ସୂକ୍ଷ୍ମ ସର୍ବବ୍ୟାପ୍ତି ଓ ଉଚ୍ଚତାର ସ୍ତରରେ ଅଧିକ ସଘନ ହେବାରେ ଲାଗିଥିବା ଆଲୋକ, ସାମର୍ଥ୍ୟ, ପ୍ରଶାନ୍ତି ଏବଂ ଆନନ୍ଦ ପ୍ରତିଷ୍ଠିତ ହେବାରେ ଲାଗିଥାଏ ଓ ଆମେ ଆମର ସୀମାଗୁଡ଼ିକୁ ଅତିକ୍ରମ କରି ଚାଲିସାରିଛୁ ବୋଲି ସ୍ପଷ୍ଟ ସୂଚାଇ ଦେଉଥାଏ । ମାତ୍ର ଏହା ପ୍ରଥମ ଅବସ୍ଥାରେ କେବଳ ଏକ ପ୍ରମୁକ୍ତି, ଏକ ଶିଖର ଓ ବିଶ୍ୱବ୍ୟାପ୍ତିର ଇଙ୍ଗିତ ଆଣି ଦେଇଥାଏ; କଡ଼ର ସତ୍ୟସାରସ୍ୱରୂପ ସେହି ଆତ୍ମ-ଅସ୍ତିତ୍ୱ ବା ସ୍ୱୟମ୍ଭୂତାର ଅନ୍ତର୍ଗତ ପରମତ୍ୱକୁ ଅନୁଭବ କରିବା ତଥାପି ବାକି ରହିଥାଏ । ଦୁଃଖ ଏବଂ ଅଶିବ ଏହି ପରମସ୍ଥଳ ଯାଏ କଦାପି ଯାଇ ପାରିବେ ନାହିଁ, କାରଣ ସେମାନେ ସକଳ ପରିସ୍ଥିତିରେ ମଧ୍ୟ ସୀମାଦ୍ୱାରା ଆବଦ୍ଧ ହୋଇ ରହିବେ ଏବଂ ସବୁବେଳେ ଅନ୍ୟ ଏକ ଶକ୍ତିରୁହିଁ ଆହୂତ ବା ନିଷ୍ପନ୍ନ ହେଉଥିବେ । ଅପରିମେୟ ଅବସ୍ଥାରେ ପହଞ୍ଚିଲେ ଦୁଃଖ ହୁଏତ ଆପଣାକୁ ବିନଷ୍ଟ କରିଦିଏ କିମ୍ବା ଯାହାମଧ୍ୟରେ ସେ ପ୍ରକଟ ହେଉଛି, ସେଇଟିକୁ ବିନଷ୍ଟ କରିଦିଏ । ଅଥବା ବୋଧଶୂନ୍ୟତାରେ ପର୍ଯ୍ୟବସିତ ହୋଇ ରହେ, କିମ୍ବା, ଯାହା କ୍ୱଚିତ୍ ଘଟିଥାଏ, ସେହି ଆନନ୍ଦ-

'oaob.nitrkl.ac.in' images reprocessed

ସମାଧିରେ ରୂପାନ୍ତରିତ ହୋଇଯାଏ । ଏକାଧିପତ୍ୟ ଓ ଅପରିମେୟତାର ସ୍ଥିତିରେ ପହଞ୍ଚିଲେ ଅଶିବ ମଧ୍ୟ ଏହି ବିଶ୍ୱଜଗତଟିକୁ ଏକାବେଳକେ ଧ୍ୱଂସ କରିଦିଅନ୍ତା ଅଥବା ଯାହା ତାହାକୁ ବନ୍ଧନ କରିଥିଲା ବା ଆଶ୍ରୟ ଦେଇଥିଲା, ସେଇଟିକୁ ଶେଷ କରିଦିଅନ୍ତା, ସମ୍ପୂର୍ଣ୍ଣ ବିଘଟନ ଓ ବିଚୂର୍ଣ୍ଣତା ଦ୍ୱାରା ତାହା ବସ୍ତୁସମୂହକୁ ତଥା ଆପଣାକୁ ଅନସ୍ତିତ୍ୱର ସ୍ତରକୁ ଫେରାଇ ନେଇ ଆସନ୍ତା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନ୍ଧକାର ଓ ଅଶିବର ଆଧାରଶକ୍ତିମାନେ ଆପଣା ଆତ୍ମସ୍ଫୀତିଦ୍ୱାରା ସତେଅବା ଏକ ଆପାତତଃ ଆନନ୍ତ୍ୟରେ ଯାଇ ପହଞ୍ଚିବା ଲାଗି ଉଦ୍ୟମ କରୁଥା'ନ୍ତି, ମାତ୍ର ସେମାନେ ଖୁବ୍ ବେଶୀହେଲେ ଅତିପରିମିତତା ବା ଅତିବିପୁଳତାରହିଁ ଏକ ସ୍ଥିତିରେ ପହଞ୍ଚିବାକୁ ସମର୍ଥ ହୁଅନ୍ତି, ଆନନ୍ତ୍ୟରେ କଦାପି ପହଞ୍ଚିପାରନ୍ତି ନାହିଁ । ଅଥବା ଆହୁରି ବେଶୀହେଲେ ସେମାନେ ଆପଣାର ଉପାଦାନଗୁଡ଼ିକୁ ନିଶ୍ଚେତନତାର ସମବାଚକ ଏକପ୍ରକାର ଅତଳ ଅନ୍ତସ୍ଥନତାରୂପେ ଦେଖାଇବାକୁ ସମର୍ଥ ହୋଇ-ଥା'ନ୍ତି । ମାତ୍ର ଏହି ଅନ୍ତସ୍ଥନତା ବା ଅନନ୍ତତା କେବଳ ଏକ ମିଥ୍ୟା ଅନନ୍ତତା । ମର୍ମତଃ ହେଉ କିମ୍ବା ପରମ ସ୍ୱୟମ୍ଭୂସତ୍ତା ମଧ୍ୟରେ ଶାଶ୍ୱତ ଭାବରେ ଅନ୍ତର୍ନିହିତ ହୋଇ ରହିଥିବା ହେତୁ ହେଉ, ସ୍ୱୟମ୍ଭୂତା ହେଉଛି ପରମନିର୍ବିଶେଷତାର ଏକମାତ୍ର ଲକ୍ଷଣ । ପ୍ରମାଦ, ଅସତ୍ୟ ବା ଅଶିବ,—ଏଗୁଡ଼ିକ ଯେ ଗୋଟିଏ ଗୋଟିଏ ବିଶ୍ୱବ୍ୟାପ୍ତ ଶକ୍ତି, ଏଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ସେଗୁଡ଼ିକ କେବଳ ଆପେକ୍ଷିକ ସ୍ୱଭାବର । ସେଗୁଡ଼ିକ ପରମତତ୍ତ୍ୱସ୍ୱରୂପ ନୁହନ୍ତି, କାରଣ ଆପଣାର ବିପରୀତ ତତ୍ତ୍ୱଗୁଡ଼ିକର ବିକୃତି ବା ବିରୋଧ ଉପରେହିଁ ସେମାନେ ଆପଣାର ଅସ୍ତିତ୍ୱଲାଗି ନିର୍ଭର କରି ରହିଥା'ନ୍ତି । ପରମ ସ୍ୱୟମ୍ଭୂସତ୍ତାର ଅନ୍ତର୍ନିହିତ ଭାବରୂପେ ଓ ସ୍ୱୟମ୍ଭୂ ପରମତତ୍ତ୍ୱରୂପେ ଅବସ୍ଥିତ ରହିଥିବା ସତ୍ୟ ଓ ଶିବ ସହିତ ସେଗୁଡ଼ିକର କଦାପି ତୁଳନା ହୋଇପାରିବ ନାହିଁ ।

ଏହି ଅନ୍ଧକାରାଚ୍ଛନ୍ନ ବିପରୀତ ତତ୍ତ୍ୱଗୁଡ଼ିକର ଜଡ଼ାତୀତ ତଥା ଜଡ଼ପୂର୍ବ ଅସ୍ତିତ୍ୱ ସମ୍ବନ୍ଧରେ ଆମେ ଯେଉଁସବୁ ପ୍ରମାଣ ପାଇଆଛୁ, ସେଥିରୁ ଏକ ଦ୍ୱିତୀୟ ପ୍ରଶ୍ନ ଉତ୍ଥିତ ହେଉଛି । ସେଗୁଡ଼ିକ ଗୋଟିଏ ଗୋଟିଏ ମୌଳିକ ବିଶ୍ୱତତ୍ତ୍ୱ ମଧ୍ୟ ହୋଇପାରନ୍ତି, ସେହି ପ୍ରମାଣରୁ ଏପରି ଏକ ଇଙ୍ଗିତ ମିଳୁଛି । ମାତ୍ର ଏଠାରେ ସ୍ମରଣ ରଖିବାକୁ ହେବ ଯେ ନିମ୍ନତର ଜଡ଼ାତୀତ ପ୍ରାଣଭୂମିଗୁଡ଼ିକର ଅଧିକ ଉଚ୍ଚକୁ ସେଗୁଡ଼ିକର କୌଣସି ଆବିର୍ଭାବ ହୋଇ ନାହିଁ, ସେଗୁଡ଼ିକ 'ବାୟୁଲୋକର ଲୋକପାଳମାନଙ୍କର ଶକ୍ତି' ହୋଇ ରହିଛନ୍ତି । ପ୍ରତୀକବାଦର ପ୍ରାଚୀନ ଚଳଣି ଅନୁସାରେ ଏଠାରେ ବାୟୁଲୋକକୁ ପ୍ରାଣତତ୍ତ୍ୱର ଅର୍ଥରେ ଗ୍ରହଣ କରାଯିବ, ଏବଂ ସେହି କାରଣରୁ ପ୍ରାଣତତ୍ତ୍ୱହିଁ ସର୍ବପ୍ରଧାନ ଓ ମର୍ମଗତ ତତ୍ତ୍ୱ ହୋଇ ରହିଥିବା ସେହି ମଧ୍ୟବର୍ତ୍ତୀ ଲୋକଟିକୁ ବୁଝାଇବ । ତେଣୁ ଏହିସବୁ ବିପରୀତମୁଖୀ ଶକ୍ତି ମୌଳିକ ବିଶ୍ୱଶକ୍ତି ନୁହନ୍ତି,

'oaob.nitrkl.ac.in' images reprocessed

ସେଗୁଡ଼ିକ ହେଉଛନ୍ତି ପ୍ରାଣ ଓ ପ୍ରାଣଗତ ମନର ବିସୃଷ୍ଟି । ଏବଂ ସେଗୁଡ଼ିକର ଯେ ଏକ ଜଡ଼ାତୀତ ଦିଗ ରହିଛି ଓ ପାର୍ଥିବ ପ୍ରକୃତି ଉପରେ ସେଗୁଡ଼ିକର ଯେ ଏକ ଜଡ଼ାତୀତ ପ୍ରଭାବ ପଡ଼ୁଛି, ସେଥିଲାଗି ଆମେ ଏହି ବ୍ୟାଖ୍ୟାଟି ଦେଇପାରିବା : ଅବତରଣମୁଖୀ ସଂବୃତିର ଧାରାଟିରୁ ଜାତ ହେଉଥିବା ଲୋକଗୁଡ଼ିକ ସହିତ ସମାନ୍ତରାଳଭାବରେ ଆହୁ ଏଭଳି ଲୋକସମୂହ ସନ୍ନିବିଷ୍ଟ ହୋଇ ରହିଛି, ଆରୋହଣମୁଖୀ ପରିଣତିଦ୍ୱାରାହିଁ ଯେଉଁଗୁଡ଼ିକର ସୃଷ୍ଟି ହୋଇଛି । ଏଗୁଡ଼ିକ ପାର୍ଥିବ ସତ୍ତ୍ୱଦ୍ୱାରା ରଚିତ ହୋଇ ନାହିଁ, ମାତ୍ର ଅବତରଣମୁଖୀ ବିଶ୍ୱବ୍ୟବସ୍ଥାଟି ଲାଗି ଏକ ଉପସଦନ ପରି ହୋଇଛି ଏବଂ ପରିଣତିଶୀଳ ପାର୍ଥିବ ରୂପାୟନଗୁଡ଼ିକ ଲାଗି ଏକ ଆଧାର ବା ଆଶ୍ରୟ ହୋଇ ରହିଛି । ଏଠାରେ ଅଶିବର ଆବିର୍ଭାବ ହୋଇପାରେ ସତ୍ୟ; ମାତ୍ର ସକଳ ଜୀବନର ଏକ ଅନ୍ତର୍ନିହିତ ତତ୍ତ୍ୱରୂପେ ନୁହେଁ, ସମ୍ଭାବିତ ଓ ପୂର୍ବଗଠିତ ଏକ ଭାବ ବା ବୀଜସତ୍ତ୍ୱରୂପେ ଏହାର ଆବିର୍ଭାବ ହୋଇପାରେ ଏବଂ ସେହି କାରଣରୁ କ୍ରମପରିଣତିର ପ୍ରକ୍ରିୟାରେ ନିଶ୍ଚେତନା ମଧ୍ୟରୁ ଯେଉଁ ଚେତନାର ଉନ୍ମେଷ ହେବାରେ ଲାଗିଛି, ତାହା ମଧ୍ୟରେ ଏଗୁଡ଼ିକର ରୂପାୟନ ଏକାନ୍ତ ଅପରିହାର୍ଯ୍ୟ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଆମେ ସବୁଠାରୁ ଅଧିକ ଯୁକ୍ତିଯୁକ୍ତ ଭାବରେ ଅସତ୍ୟ, ପ୍ରମାଦ, ଅଧର୍ମ ଓ ଅଶିବକୁ ସେହି ନିଶ୍ଚେତନାରହିଁ ଏକ ପରିଣାମରୂପେ ବୁଝିବା; କାରଣ ନିଶ୍ଚେତନାର ଭୂମିରୁ ଚେତନା ମଧ୍ୟକୁ ଫେରି ଆସିବାର ପଥରେହିଁ ଏଗୁଡ଼ିକର ରୂପାୟନ ଦୃଷ୍ଟିଗୋଚର ହୋଇଥାଏ, ଏବଂ ସେଇଠାରେହିଁ ସେଗୁଡ଼ିକ ସ୍ୱାଭାବିକ ଓ ଏପରିକି ଅନିବାର୍ଯ୍ୟ ବୋଲି ବୋଧ ହୋଇଥା'ନ୍ତି ।

ନିଶ୍ଚେତନା ମଧ୍ୟରୁ ପ୍ରଥମେ ଜଡ଼ର ଉଦ୍‌ଭବ ହୁଏ; ଏବଂ ଜଡ଼ ମଧ୍ୟରେ ଅସତ୍ୟ ଓ ଅଶିବ ମଧ୍ୟ ଅବସ୍ଥିତ ରହିଥିବ ବୋଲି କଦାପି ପ୍ରତୀତ ହେଉ ନାହିଁ । କାରଣ କେବଳ ଉପରିଭାଗରେ ବିଚରଣ କରୁଥିବା ଏକ ବିଭକ୍ତ ଓ ଅଜ୍ଞାନାଚ୍ଛନ୍ନ ଚେତନା ଓ ତାହାର ସମ୍ବନ୍ଧଗୁଡ଼ିକରୁହିଁ ସେହି ଉଭୟଙ୍କର ସୃଷ୍ଟି ହୋଇଥାଏ । ଜଡ଼ର କ୍ଷେତ୍ରରେ ଚେତନା ବହିର୍ଭାଗରେ ଆଦୌ ସେପରି କ୍ରିୟାଶୀଳ ଓ ସଂଗଠିତ ହୋଇ ନଥାଏ, ଜଡ଼ଶକ୍ତି ଓ ଜଡ଼ବସ୍ତୁ ମଧ୍ୟରେ ଏହାର ସେଭଳି କୌଣସି ପ୍ରତିକ୍ରିୟା ନଥାଏ । ସେଥିରେ ହୁଏତ ଯାହାକିଛି ଚେତନା ଅଧିଷ୍ଠିତ ହୋଇ ରହିଥାଏ, ତାହା କେବଳ ଏକ, ଭେଦରହିତ ଓ ନିଷ୍ପନ୍ଦ ପରି ମନେ ହେଉଥାଏ । ବସ୍ତୁଟିକୁ ଗଢ଼ି ରଖିଥିବା ଶକ୍ତି ମଧ୍ୟରେ ତାହା ଜୀବନସ୍ପନ୍ଦନ ଭାବରେ ଅନ୍ତର୍ଗୂଢ଼ ଓ ଅନ୍ତର୍ନିହିତ ଥାଏ । ଏହା ମଧ୍ୟରେ ନିର୍ବାକ୍ ଓ ରହସ୍ୟଗୁପ୍ତ ହୋଇ ରହିଥିବା ଭାବଟି ଦ୍ୱାରା ସେହି ଚେତନା ବସ୍ତୁରୂପଟିକୁ ସଫଳରୂପେ ପ୍ରକାଶିତ କରି ରଖିଥାଏ; ମାତ୍ର ଅନ୍ୟଥା ଆପଣାର ବିସୃଷ୍ଟ ଶକ୍ତିରୂପଟି ମଧ୍ୟରେ ସର୍ବଦା ଆତ୍ମମଗ୍ନ ହୋଇ ରହିଥାଏ । ତାହାର କାହାରି ସହିତ କୌଣସି ସଂଯୋଗ ନଥାଏ କିମ୍ବା ତାହା ଆପଣାକୁ ପ୍ରକାଶିତ କରିବାଲାଗି

'oaob.nitrkl.ac.in' images reprocessed

କୌଣସି ଚେଷ୍ଟା କରୁ ନଥାଏ । ଜଡ଼ର ରୂପ ଅନୁସାରେ ଏହା ଆତ୍ମସତ୍ତ୍ୱର ଏକ ତଦନୁରୂପ ରୂପରେ ଆପଣାକୁ ଯେ ଅନ୍ୟ ରୂପଗୁଡ଼ିକଠାରୁ ଭିନ୍ନ କରି ଦେଖୁଥାଏ (ରୂପଂ ରୂପଂ ପ୍ରତିରୂପୋ ବଭୂବ,—କଠୋପନିଷଦ, ୬ । ୯), ଏକଥାଟି ବୁଝାଗଲେ ମଧ୍ୟ ତଥାପି ସେହି କ୍ଷେତ୍ରରେ କୌଣସି ମନଶ୍ଚେତନାଗତ ସଂଗଠନ ନଥାଏ, ଚେତନ କ୍ରିୟା ଓ ପ୍ରତିକ୍ରିୟାର କୌଣସି ଧାରହିଁ ନଥାଏ । କେବଳ କୌଣସି ନା କୌଣସି ଚେତନ ସତ୍ତ୍ୱର ସଂସ୍ପର୍ଶରେ ଆସିଲେ ଯାଇ ଜଡ଼ ବସ୍ତୁସବୁ କୌଣସି ଶକ୍ତି ବା ପ୍ରଭାବ ବିସ୍ତାର କରିବାକୁ ସମର୍ଥ ହେଉଛନ୍ତି ଯାହାକୁ କି ଭଲ ବା ମନ୍ଦ କିମ୍ବା ଶିବ ବା ଅଶିବ ବୋଲି ବୁଝାଯାଇ ପାରିବ । ମାତ୍ର ଯେଉଁ ସତ୍ତାଟି ସହିତ ସଂସ୍ପର୍ଶ ଘଟୁଛି, ସେଇ ଏହାକୁ ଇଷ୍ଟ ବା ଅନିଷ୍ଟ ବୋଲି ଅଥବା ଉପକାର ବା ଆଘାତ ବୋଲି ଅନୁଭବ କରିବା ଦ୍ୱାରାହିଁ ସେହି ଶିବ ବା ଅଶିବର ନିର୍ଦ୍ଧାରଣ କରାଯାଉଛି । ତେଣୁ ଏହିସବୁ ମୂଲ୍ୟାୟନ ଜଡ଼ଭୂମିର କ୍ଷେତ୍ରଟିରେ ଆଦୌ ମହଜୁଦ ନାହିଁ; ମାତ୍ର ଯେଉଁ ଶକ୍ତି ସେହି ବସ୍ତୁଟିକୁ କାମରେ ଲଗାଉଛି, ସେହି ଶକ୍ତି ମଧ୍ୟରେହିଁ ରହିଛି । ଅଥବା, ଯେଉଁ ଚେତନା ବସ୍ତୁଟିର ସଂସ୍ପର୍ଶରେ ଆସୁଛି, ତାହାହିଁ ମୂଲ୍ୟଗୁଡ଼ିକୁ ସୃଷ୍ଟି କରୁଛି । ଅଗ୍ନି ମଣିଷକୁ ତାପ ଦେଉଛି କିମ୍ବା ତାକୁ ପୋଡ଼ି ପକାଉଛି । ମାତ୍ର ଏଥିରେ ଅଗ୍ନିର କୌଣସି ଇଚ୍ଛା ବା ଅନିଚ୍ଛା ନିହିତ ହୋଇ ରହି ନାହିଁ; କାରଣ ମଣିଷ ଯେପରି ଆପେ ଇଚ୍ଛା କରି ଅଗ୍ନିକୁ ବ୍ୟବହାର କରୁଛି, ସେହିପରି ଆପଣାର ଅନିଚ୍ଛାସତ୍ତ୍ୱେ ତଦ୍ଦ୍ୱାରା ପୋଡ଼ିହୋଇ ଯାଉଛି । ବନୌଷଧି ରୋଗର ଆରୋଗ୍ୟ କରୁଛି ଏବଂ କୌଣସି ବିଷ ପ୍ରାଣ ନେଇଯାଉଛି; ମାତ୍ର ଏଗୁଡ଼ିକୁ ବ୍ୟବହାର କରୁଥିବା ମନୁଷ୍ୟହିଁ ଏଗୁଡ଼ିକ ମଧ୍ୟରେ ଶିବ କିମ୍ବା ଅଶିବର ମୂଲ୍ୟଆପନା କରୁଛି । ଏଠାରେ ଏକଥା ବି ମନେରଖିବା ଉଚିତ ଯେ କୌଣସି ବିଷସ୍ତରେ ଆରୋଗ୍ୟ କରିବାର ଶକ୍ତି ରହିଛି, ଜୀବନ ନେବାର ବି ଶକ୍ତି ରହିଛି । କୌଣସି ଔଷଧ ଅନିଷ୍ଟ କରୁଛି, ପ୍ରାଣ ବି ନେଉଛି; ପୁଣି ଆରୋଗ୍ୟ କରୁଛି, ଗୁଣ ବି କରୁଛି । ଶୁଦ୍ଧ ଜଡ଼ର ପୃଥିବୀ ହେଉଛି ଏକ ନିରପେକ୍ଷ ପୃଥିବୀ, ଏହା ଉପରେ କୌଣସି ଦାୟିତ୍ୱ କଦାପି ନ୍ୟସ୍ତ କରାଯାଇ ପାରିବ ନାହିଁ । ମନୁଷ୍ୟ ଆପଣା ତରଫରୁ ପ୍ରବୃତ୍ତ ହୋଇ ତାହା ଉପରେ ମୂଲ୍ୟର ଆରୋପ କରିବାକୁ ଯାଇଥାଏ ସିନା, ମାତ୍ର ଜଡ଼ ପ୍ରକୃତି ମଧ୍ୟରେ ସେହିସବୁ ମୂଲ୍ୟର କୌଣସି ଅସ୍ତିତ୍ୱହିଁ ନଥାଏ । ଯେପରି ଏକ ଉଚ୍ଚତର ବା ଊର୍ଦ୍ଧ୍ୱତର ପ୍ରକୃତି ରହିଛି, ଯାହାକି ଭଲ ଓ ମନ୍ଦର ଦ୍ୱୈତତାକୁ ଅତିକ୍ରମ କରିସାରିଛି, ଠିକ୍ ସେହିପରି ଜଡ଼ପ୍ରକୃତିକୁ ଆମେ ଏକ ଅଧଃସ୍ତରସ୍ଥ ପ୍ରକୃତି ବୋଲି କହିପାରିବା, ଯାହାକି ସେହି ଦ୍ୱୈତତାଯାଏ ଆଦୌ ପହଞ୍ଚି ପାରୁ ନାହିଁ ଓ ତାହାର ତଳେ ପଡ଼ିରହିଛି । କେବଳ ଜଡ଼ଭୂମିରୁ ଅନ୍ତୁତ ଜୀବନର ପଥକୁ ଯାଇ ଯଦି ଆମେ ଏକ ଗୂଢ଼ବିଦ୍ୟାଗତ ଅନୁସନ୍ଧାନର ସିଦ୍ଧାନ୍ତଗୁଡ଼ିକୁ ଗ୍ରହଣ କରିନେବା, ତେବେ ପ୍ରଶ୍ନଟି ଅବଶ୍ୟ ସମ୍ପୂର୍ଣ୍ଣ ଏକ ନୂତନ ଆଭିମୁଖ୍ୟ ଧାରଣ କରିବାକୁ ଆରମ୍ଭ କରିବ ।

'oaob.nitrkl.ac.in' images reprocessed

କାରଣ ଏହିସବୁ ଉଦାହରଣରେ ଆମକୁ ଦେଖାଯାଉଥାଏ ଯେ ବସ୍ତୁଗୁଡ଼ିକରେ ମଧ୍ୟ ନାନା ଅଚେତନ ପ୍ରଭାବ ଅନ୍ତର୍ନିହିତ ଓ ଜଡ଼ିତ ହୋଇ ରହିଛି, ଏବଂ ଏହି ପ୍ରଭାବ ଭଲ ହୋଇପାରେ, ପୁଣି ମନ୍ଦ ବି ହୋଇପାରେ । ମାତ୍ର ତଥାପି ଆମେ ଦୃଢ଼ତାର ସହିତ ସ୍ୱୀକାର କରିପାରିବା ଯେ ଏହାଦ୍ୱାରା ସମ୍ପୃକ୍ତ ବସ୍ତୁଟିର ନିରପେକ୍ଷତାଟି ଆଦୌ କୌଣସି ପ୍ରକାରେ ବ୍ୟାହତ ହେଉ ନାହିଁ । କାରଣ ବସ୍ତୁ ଆପଣାର କୌଣସି ବ୍ୟକ୍ତି-ଆତ୍ମଗତ ଚେତନାଦ୍ୱାରା କୌଣସି କାର୍ଯ୍ୟ କରୁ ନାହିଁ; ମାତ୍ର ଏହା ଭଲ ସକାଶେ ବା ମନ୍ଦ ସକାଶେ କିମ୍ବା ଉଭୟଙ୍କ ସକାଶେ କେବଳ ଯେପରି ଭାବରେ ବ୍ୟବହୃତ ହେଉଛି, ତାହା ଠିକ୍ ସେହିପରି ଭାବରେହିଁ କାର୍ଯ୍ୟ କରୁଛି । ତେଣୁ ଭଲ ଓ ମନ୍ଦର ଦ୍ୱୈତତାଟି ଜଡ଼ଗତ ତତ୍ତ୍ୱର ସ୍ୱଭାବଗତ ନୁହେଁ ଏବଂ ଜଡ଼ମୟ ଜଗତ ମଧ୍ୟରେ ଏହା ସବୁବେଳେ ଅନୁପସ୍ଥିତ ରହିଛି ।

ସଚେତନ ଜୀବନରୁହିଁ ଏହି ଦ୍ୱୈତତାର ସୂତ୍ରପାତ ହେଉଛି, ଏବଂ ମନ ତଥା ପ୍ରାଣ ବିକଶିତ ହୋଇଉଠିବା ସଙ୍ଗେ ସଙ୍ଗେ ଏହାର ସମ୍ପୂର୍ଣ୍ଣ ଆବିର୍ଭାବ ଘଟୁଛି । ପ୍ରାଣଗତ ମନ ତଥା କାମନା ଓ ଇନ୍ଦ୍ରିୟଚେତନାର ମନ ମନ୍ଦର ଅବବୋଧଟିକୁ ସୃଷ୍ଟି କରୁଛନ୍ତି, ବାସ୍ତବ ମନ୍ଦଟିର ବି ସୃଷ୍ଟି କରୁଛନ୍ତି । ପୁଣି ଇତର ଜୀବଙ୍କର ଭୂମିରେ ମଧ୍ୟ ମନ୍ଦ ଏକ ବାସ୍ତବ ସତ୍ତା ହୋଇ ରହିଛି । ଯନ୍ତ୍ରଣାଜନିତ ମନ୍ଦ ରହିଛି ଓ ଯନ୍ତ୍ରଣାର ବୋଧଟି ମଧ୍ୟ ରହିଛି; ହିଂସା, ନୃଶଂସତା, ସଂଘର୍ଷ ଓ ବଞ୍ଚନାରୁ ଜାତ ହେଉଥିବା ମନ୍ଦଗୁଡ଼ିକ ମଧ୍ୟ ରହିଛି, ମାତ୍ର ସେଠାରେ ନୈତିକ ମନ୍ଦର ଚେତନା ଅନୁପସ୍ଥିତ ରହିଛି । ଇତର ପ୍ରାଣୀଙ୍କ ସଂସାରରେ ପାପ ଓ ପୁଣ୍ୟକୁ ନେଇ କୌଣସି ଦ୍ୱୈତତା ନାହିଁ, ଜୀବନରେ ତିଷ୍ଠି ରହିବାଲାଗି ସେଠି ସକଳ କ୍ରିୟାକୁ ବାଟ ଖୋଲା ଦିଆଯାଇଛି ଓ ସକଳ କ୍ରିୟା ମୂଲ୍ୟନିରପେକ୍ଷ ରହିଛି । ଜୀବନଧାରଣ ସକାଶେ ଓ ଜୀବନଗତ ମୂଳବୃତ୍ତିଗୁଡ଼ିକର ତୃପ୍ତି ସକାଶେ ସେଠାରେ ଏପରି ହେଉଛି । ଯନ୍ତ୍ରଣାବୋଧ ଓ ସୁଖବୋଧ, ଏବଂ ପ୍ରାଣଗତ ତୃପ୍ତିସାଧନ ଓ ପ୍ରାଣଗତ ବ୍ୟର୍ଥତା ମଧ୍ୟରେ ଭଲ ଓ ମନ୍ଦର ଇନ୍ଦ୍ରିୟଚେତନାଗତ ମୂଲ୍ୟମାନ ଉପସ୍ଥିତ ରହିଛି ସତ, ମାତ୍ର ମାନସିକ ଧାରଣା ଏବଂ ଏହିସବୁ ମୂଲ୍ୟଙ୍କ ପ୍ରତି ମନର ନୈତିକ ପ୍ରତିକ୍ରିୟା,—ଏସବୁ ହେଉଛି କେବଳ ଏହି ମନୁଷ୍ୟର ସୃଷ୍ଟି । ମାତ୍ର ତରତର ହୋଇ ଅନୁସିଦ୍ଧାନ୍ତମାନ କାଢ଼ି ଏସବୁ କେହି ଯେପରି ଏଗୁଡ଼ିକୁ ଭୁଲ୍ ଅବାସ୍ତବତା ବୋଲି କହି ନବସନ୍ତୁ, ଏଗୁଡ଼ିକୁ କେବଳ ମନରହିଁ କଳ୍ପନା ବା ରଚନା ବୋଲି ଭାବନ୍ତୁ । କିମ୍ବା ଏପରି କହି ନବସନ୍ତୁ ଯେ ଏକ ତଟସ୍ଥ ଉଦାସୀନତା ହେଉଛି ପ୍ରକୃତିର କାର୍ଯ୍ୟଗୁଡ଼ିକୁ ଗ୍ରହଣ କରିବାର ଏକମାତ୍ର ଯଥାର୍ଥ ଉପାୟ; କିମ୍ବା ଆମେ ସେହିସବୁଗୁଡ଼ିକୁ ସମାନ ଭାବରେ ଗ୍ରହଣ କରିନେଇ ପାରିବା, ଅଥବା, ବୁଦ୍ଧିର ଭୂମି ଉପରେ, ପ୍ରାକୃତ

ଯାହାକିଛି କରୁଛି କିମ୍ବା କରିବାକୁ ଯାଉଛି, ସବୁଗୁଡ଼ିକୁ କେବଳ କୌଣସି ଈଶ୍ୱର-ପ୍ରେରିତ ବା ସ୍ୱାଭାବିକ ବିଧାନ ବୋଲି ସ୍ୱୀକାର କରିନେବା ଏବଂ ସବୁଗୁଡ଼ିକୁ ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ଗ୍ରହଣ କରିବା । ବସ୍ତୁତଃ ଏହା ହେଉଛି ସତ୍ୟର ମାତ୍ର ଗୋଟିଏ ପାର୍ଶ୍ୱ; ଏବଂ ଅନ୍ୟପାର୍ଶ୍ୱରେ ପ୍ରାଣ ଓ ଜଡ଼ର ଏକ ଅତିଲୌକିକ ସତ୍ୟ ମଧ୍ୟ ରହିଛି, ଯାହା ସର୍ବଦା ନିରପେକ୍ଷ ଓ ପକ୍ଷପାତଶୂନ୍ୟ ଭାବରେ ସକଳ ବସ୍ତୁକୁ ପ୍ରକୃତିର ବାସ୍ତବ ସତ୍ୟ ବୋଲି ସ୍ୱୀକାର କରି ନେଉଛି, ଜୀବନର ସୃଷ୍ଟି, ରକ୍ଷା ଓ ସଂହାର ଲାଗି ସେଗୁଡ଼ିକୁ ଉପଯୋଗୀ ବୋଲି ମାନିନେଉଛି । ଉକ୍ତ ତିନୋଟିଯାକ ସ୍ଥିତିକୁ ତାହା ବିଶ୍ୱଶକ୍ତିର ଆବଶ୍ୟକ ଗତିସ୍ପନ୍ଦନ ବୋଲି ଜାଣିଛି, ତିନୋଟିଯାକକୁ ପରସ୍ପର-ସମ୍ବନ୍ଧିତ ଓ ଅପରିହାର୍ଯ୍ୟ ବୋଲି ଜାଣିଛି ଏବଂ ଆପଣା ଆପଣା ସ୍ଥାନରେ ସେଗୁଡ଼ିକର ସମାନ ମୂଲ୍ୟ ରହିଛି ବୋଲି ସ୍ୱୀକାର କରୁଛି । ଏତଦ୍‌ବ୍ୟତୀତ ଅନାସକ୍ତ ବୁଦ୍ଧିର ଲବ୍ଧ ଏକ ସତ୍ୟ ବି ରହିଛି, ଯାହାକି ପ୍ରକୃତିଦ୍ୱାରା ସ୍ୱୀକୃତ ସବୁକିଛିକୁ ପ୍ରାଣ ଓ ଜଡ଼ର ଭୂମିରେ ପ୍ରକୃତିର ପ୍ରକ୍ରିୟାଗୁଡ଼ିକ ଲାଗି ଉପଯୋଗୀ ବୋଲି ଅନୁଭବ କରିପାରୁଛି; ଏବଂ ଯାହାକିଛି ସତ୍ତାଧାରି ରହିଛି, ତାହାକୁ ଏକ ଅବିଚଳିତ ଓ ତଟସ୍ଥ ପକ୍ଷଶୂନ୍ୟତାର ଦୃଷ୍ଟିରେ ଅବଲୋକନ ଓ ଗ୍ରହଣ କରିପାରୁଛି । ଏହାକୁ ଆମେ ଏକ ଦାର୍ଶନିକ ଓ ବୈଜ୍ଞାନିକ ବୁଦ୍ଧି ବୋଲି କହିବା, ଯାହାକି ସାକ୍ଷୀରୂପେ ଅବସ୍ଥିତ ରହି ବୁଝିବାକୁ ଇଚ୍ଛା କରୁଛି, ମାତ୍ର ବିଶ୍ୱଶକ୍ତିର କ୍ରିୟାଗୁଡ଼ିକୁ ଭଲ କି ମନ୍ଦ ବୋଲି ବିଚାର କରିବାକୁ ସମ୍ପୂର୍ଣ୍ଣ ନିରର୍ଥକ ମଣୁଛି । ପୁନଶ୍ଚ, ଆଧ୍ୟାତ୍ମିକ ଅନୁଭୂତିରେ ଆପଣାକୁ ରୂପାୟିତ କରୁଥିବା ଏକ ବୁଦ୍ଧିର ଅତୀତ ଅର୍ଥାତ୍ ଅତିବୌଦ୍ଧିକ ସତ୍ୟ ମଧ୍ୟ ରହିଛି, ଯାହାକି ବିଶ୍ୱମୟ ସମ୍ଭାବନାର ଲୀଳାଟିକୁ ଅବଲୋକନ କରିପାରୁଛି, ସେଗୁଡ଼ିକୁ ଅତ୍ୟନ୍ତ ନିରପେକ୍ଷ ଭାବରେ ଅବିଦ୍ୟା ଓ ନିଶ୍ଚେତନତାରେ ରୁଦ୍ଧ ରହିଥିବା ଏକ ଜଗତର ଯଥାର୍ଥ ଓ ସ୍ୱାଭାବିକ ଅଙ୍ଗ ଓ ପରିଣାମ ବୋଲି ଗ୍ରହଣ କରିନେଇ ପାରୁଛି, କିମ୍ବା, ଦିବ୍ୟ କ୍ରିୟାର ଏକ ଅଂଶରୂପେ ସେଗୁଡ଼ିକୁ ସ୍ଥିର ଓ ସହାନୁଭୂତିଶୀଳ ଭାବରେ ସ୍ୱୀକାର କରିନେଉଛି । ମାତ୍ର ଯାହା ତାକୁ ଅଶିବ ବା ଅନର୍ଥମୟ ଦେଖାଯାଉଛି, ସେଥିରୁ ନିଷ୍କୃତି ପାଇବାର ଏକମାତ୍ର ପଥରୂପେ ତାହା ଏକ ଉଚ୍ଚତର ଚେତନା ଓ ଉଚ୍ଚତର ଜୀବନର ଜାଗୃତି ଲାଗି ଅପେକ୍ଷା କରି ରହିଛି ଏବଂ ଯେଉଁଠି ପ୍ରକୃତରେ ସାହାଯ୍ୟ ଦେବା ସମ୍ଭବ ହେଉଛି, ସେଠାରେ ସାହାଯ୍ୟ ଓ ହସ୍ତକ୍ଷେପ କରିବା ଲାଗି ମଧ୍ୟ ପ୍ରସ୍ତୁତ ରହିଛି । ମାତ୍ର ତଥାପି ସେଠାରେ ଚେତନାର ଏହି ଅନ୍ତର୍ବର୍ତ୍ତୀ ସତ୍ୟଟି ମଧ୍ୟ ରହିଛି ଯାହାକି ଆମକୁ ଶିବ ଓ ଅଶିବର ମୂଲ୍ୟଗତ ଭୂମିଟିରୁ ଉତ୍ତୋଳିତ କରି ନେଉଛି ଏବଂ ସେଗୁଡ଼ିକର ଆବଶ୍ୟକତା ତଥା ମହତ୍ତ୍ୱକୁ ହୃଦୟଙ୍ଗମ କରିବାକୁ ଶିଖାଉଛି । ବିଭିନ୍ନ କ୍ଷେତ୍ରରେ ସେହି ସତ୍ୟଟିର ସିଦ୍ଧାନ୍ତ ବା ବିଚାର କେତେଦୂର ସତ୍ୟ ବା କେତେଦୂର ପ୍ରାମାଣିକ, ସେଥିରେ

'oaob.nitrkl.ac.in' images reprocessed

ସଂଶୟର ଅବକାଶ ରହିଥିଲେ ମଧ୍ୟ ଏହି ଜାଗରଣ ପ୍ରକୃତିର ବିବର୍ତ୍ତନକ୍ରମରେ ଯେ ଏକ ଅପରିହାର୍ଯ୍ୟ ସୋପାନ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ମାତ୍ର ତା'ହେଲେ ଏହି ଜାଗରଣ କେଉଁଠାରୁ ଆସେ ? ମନୁଷ୍ୟ ଭିତରେ ପ୍ରକୃତରେ କ'ଣ ରହିଛି, ଯାହାକି ତା' ଭିତରେ ଭଲ ଓ ମନ୍ଦର ବୋଧକୁ ଜନ୍ମଦିଏ, ତାହାକୁ ଉଦ୍‌ବୁଦ୍ଧ କରେ ଏବଂ ତାକୁ ଏହିଭଳି ଏକ ସ୍ଥାନ ଦିଏ ? କେବଳ ପ୍ରକୃତିସ୍ଥିତିର ବିଚାର କରି ଆମେ ହୁଏତ କହିବା ଯେ ପ୍ରାଣମୟ ମନଟା ହିଁ ଆମ ଭିତରେ ରହି ଭଲ ଓ ମନ୍ଦର ଭେଦବିଚାର କରୁଥାଏ । ଇନ୍ଦ୍ରିୟଚେତନା ଓ ବ୍ୟକ୍ତିଗତ ବୋଧକୁ ଆମେ ସେହି ମୂଲ୍ୟନିରୂପଣର ପ୍ରଥମ ମାପକାଠିରୂପେ ଗ୍ରହଣ କରିପାରିବା । ଯାହା ଭଲ ଲାଗେ, ସହାୟକ ପରି କାର୍ଯ୍ୟ କରେ ଓ ପ୍ରାଣଗତ ଅହଂର କାମରେ ଲାଗେ, ତାହା ହେଉଛି ଭଲ; ଏବଂ ଯାହା ଭଲ ନଲାଗେ, ବାଧକ ହୁଏ, ଅନିଷ୍ଟ କରେ ବା ବିନାଶର କାରଣ ହୁଏ, ତାହା ହେଉଛି ମନ୍ଦ । ପରବର୍ତ୍ତୀ ସ୍ତରରେ ପ୍ରୟୋଜନଗତ ଓ ସାମାଜିକ ଦୃଷ୍ଟିରୁ ବିଚାର କରି ଆମେ ଏହାର ମୂଲ୍ୟାଙ୍କନ କରିପାରିବା । ଯାହାକିଛି ଗୋଷ୍ଠୀଜୀବନରେ ସହାୟକ ବୋଲି ମନେ କରାଯାଏ, ଗୋଷ୍ଠୀଗତ ଜୀବନ ଓ ତା'ର ଏକକଗୁଡ଼ିକର ପୋଷଣ, ତର୍ପଣ, ବିକାଶ ଓ ଶୃଙ୍ଖଳା ଲାଗି ବ୍ୟକ୍ତି ଯେପରି ଗୋଷ୍ଠୀ ଭିତରେ ରହିବ ଓ ଗୋଷ୍ଠୀର ନିୟମନ କରିପାରିବ, ସେଥିଲାଗି ଏହା ବ୍ୟକ୍ତିଠାରୁ ଯାହାକିଛି ଦାବି କରିଥାଏ, ତାହା ହେଉଛି ଭଲ; ଏବଂ ସମାଜର ଦୃଷ୍ଟିରେ ଯେଉଁଥିରୁ ଏହାର ବିପରୀତ ଫଳ ଉପୁଜୁଛି ବା ଯାହା ବିପରୀତ ଆଡ଼କୁ ନେଇଯାଉଛି, ତାହା ହେଉଛି ମନ୍ଦ । ମାତ୍ର ଏହି କ୍ଷେତ୍ରରେ ଆମର ମନନକ୍ଷମ ମନ ମଧ୍ୟ ଆସି ପହଞ୍ଚିଥାଏ ଓ ଆପଣାର ମୂଲ୍ୟାୟନ କରିଥାଏ । ଭଲ ଓ ମନ୍ଦର ବିଚାରଣା ସକାଶେ ଏକ ବୁଦ୍ଧିଗତ ଭିତ୍ତି ଖୋଜୁଥାଏ, ବୁଦ୍ଧିଗତ ଅଥବା ବସ୍ତୁଗତ ଏକ ବିଧାନ ବା ତତ୍ତ୍ୱର ଅବଧାରଣା ଆଣି ଦେବାର ଚେଷ୍ଟା କରୁଥାଏ, ହୁଏତ ଏକ କର୍ମର ବିଧାନ ଖୋଜୁଥାଏ, ଅଥବା ବୁଦ୍ଧି କିମ୍ବା ଏକ ସୌନ୍ଦର୍ଯ୍ୟବୋଧଗତ, ଭାବାବେଗମୟ ଅଥବା ସୁଖବାଦୀ ଆଧାର ଉପରେ ଠିଆ ହୋଇଥିବା ଏକ ନୈତିକ ବ୍ୟବସ୍ଥାର ଆବିଷ୍କାର କରିବାକୁ ଚେଷ୍ଟା କରୁଥାଏ । ଏହି ବିଷୟରେ ଧର୍ମର ମଧ୍ୟ ଏକ ଧାରଣା ରହିଛି । ଧର୍ମ କହେ ଯେ ଯାହା ଠିକ୍ ଓ ଯାହା ଭଲ, ସେହି ଆଡ଼କୁ ଚାଲିବା ହେଉଛି ଈଶ୍ୱରଙ୍କର ଆଜ୍ଞା ବା ଈଶ୍ୱରଙ୍କର ବିଧାନ; ଏପରିକି ପ୍ରକୃତି ତାହାର ଠିକ୍ ବିପରୀତ ଦିଗକୁ ଯିବାଲାଗି କହୁଥିଲେ କିମ୍ବା ପ୍ରରୋଚନା ଦେଉଥିଲେ ମଧ୍ୟ ଭଲ ଆଡ଼କୁହିଁ ଚାଲିବାକୁ ହେବ । ଅଥବା ସତ୍ୟ ଓ ଶିବହିଁ ଈଶ୍ୱର ଏବଂ ତାହା ବ୍ୟତୀତ ଅନ୍ୟ ଈଶ୍ୱର କେଉଁଠି କେହିହେଲେ ନାହିଁ । ମାତ୍ର ମନୁଷ୍ୟର ଏହିସବୁ ନୈତିକ ସହଜାତବୃତ୍ତିକୁ ପ୍ରୟୋଜନଗତ ଅଥବା ବୁଦ୍ଧିଗତ ଭାବରେ ଆପଣା ଉପରେ ଲଦି ଚଢ଼ାଇଦେବା ପଛରେ ତଥାପି ଏହି କ୍ଷେତ୍ରରେ ଯେ ଗଭୀରତର

'oaob.nitrkl.ac.in' images reprocessed

କିଛି ଅବଶ୍ୟ ରହିଛି ଓ ଆମକୁ ଏହିପରି ଭାବରେ ପ୍ରେରିତ କରୁଛି, ସେହି ଅନୁଭୂତିଟି ସବୁବେଳେ ରହିଥାଏ । ସେତେବେଳେ ଏହିସବୁ ମାପକାଠି ବଡ଼ ସଙ୍କୀର୍ଣ୍ଣ, ବଡ଼ କଠୋର, ଜଟିଳ, ବିଭ୍ରାନ୍ତ କିମ୍ବା ଅନିଶ୍ଚିତ ବୋଲି ମନେହୁଏ, କାରଣ ମନୁଷ୍ୟର ମନ ଓ ପ୍ରାଣଭୂମିଟି ପରିବର୍ତ୍ତିତ କିମ୍ବା ବିବର୍ତ୍ତିତ ହେବା ସଙ୍ଗେସଙ୍ଗେ ଏହିସବୁ ଆଦର୍ଶ ମାପକାଠି ମଧ୍ୟ ବଦଳି ଯାଇଥାଏ । ତଥାପି ଅନୁଭବରୁ ସ୍ପଷ୍ଟ ମନେ ହେଉଥାଏ ଯେ ଏକ ଗଭୀରତର ସ୍ଥାୟୀ ସତ୍ୟ ଅବଶ୍ୟ ରହିଛି; ଏବଂ ଆମ ଭିତରେ ଏପରି କିଛି ରହିଛି ଯାହାର ବୋଧିବଳରେ ଏହି ସତ୍ୟଟିକୁ ଅନୁଭବ କରିପାରୁଛୁ । ଅର୍ଥାତ୍, ଅନ୍ୟ ପ୍ରକାରରେ କହିଲେ ଅସଲ ପ୍ରେରକଶକ୍ତିଟି ଆମ ଭିତରେ ଯାଇ ରହିଛି, ତାହା ଆମର ଚିନ୍ମୟ ଓ ଚୈତ୍ୟଭୂମିରେ ରହିଛି । ପରମ୍ପରାଗତ ବିବରଣ ଅନୁସାରେ ଏହି ଅନ୍ତର୍ସାକ୍ଷୀକୁ ବିବେକ ବୋଲି ବୁଝାଯାଇଥାଏ, ଆମରି ଭିତରେ ଅବସ୍ଥିତ ଏକ ଅର୍ଦ୍ଧ-ମନୋମୟ ଓ ଅର୍ଦ୍ଧ-ବୋଧିଗତ ଏକ ଅବଧାରଣାର ଶକ୍ତି ବୋଲି ବୁଝାଯାଏ । ମାତ୍ର ଏହିପରି ଅର୍ଥରେ ଆମେ ଯାହାକୁ ବିବେକ ବୋଲି କହୁ, ତାହା ପ୍ରକୃତରେ ବଡ଼ ଅଗଭୀର, ବଡ଼ କୃତ୍ରିମ ଓ ତେଣୁ ଆଦୌ ବିଶ୍ୱାସଯୋଗ୍ୟ ନୁହେଁ । ଅଥଚ ଆମ ଭିତରେ ବଡ଼ ନିଃସନ୍ଦେହ ଭାବରେ ଏକ ଗଭୀରତର ଚିନ୍ମୟ ବୋଧ ରହିଛି ଯାହାକି ସାଧାରଣତଃ ସେତେ ସହଜରେ କ୍ରିୟାଶୀଳ ହୁଏ ନାହିଁ ଓ ଆମର ବାହ୍ୟ ଉପାଦାନ-ଗୁଡ଼ିକ ଦ୍ୱାରା ଅଧିକତଃ ଆବୃତ ହୋଇ ରହିଥାଏ । ତାହାହିଁ ଆମ ଆତ୍ମାର ଏକ ଅନ୍ତଃଦୃଷ୍ଟି, ଆମରି ପ୍ରକୃତି ଭିତରେ ରହିଥିବା ଏକ ସହଜାତ ଆଲୋକ ।

ତେବେ ଏହି ଚିନ୍ମୟ ଓ ଚୈତ୍ୟ ସାକ୍ଷୀର ଯଥାର୍ଥ ସ୍ୱରୂପଟି କ'ଣ, ଅର୍ଥାତ୍ ତାହା ପାଖରେ ଶୁଭାଶୁଭବୋଧର ପ୍ରକୃତରେ କାଉଳି ମୂଲ୍ୟ ରହିଛି ? ଏଠାରେ ଉଲ୍ଲେଖ କରି ଯାଇପାରେ ଯେ ଏହି ପାପ ଓ ଅଶିବବୋଧର ଗୋଟିଏ ଉପଯୋଗିତା ଅବଶ୍ୟ ରହିଛି । ଏହାଦ୍ୱାରା ଦେହଧାରୀ ଜୀବ ନିଶ୍ଚେତନା ଓ ଅବିଦ୍ୟାରୁ ଉପୁଜିଥିବା ଏହି ଜଗତର ଅସଲ ସ୍ୱଭାବଟି ବିଷୟରେ ସଚେତନ ହୋଇପାରୁଛି, ଏହି ଜଗତର ଅଶିବ ଓ ଦୁଃଖ ବିଷୟରେ ଏକ ଯଥାର୍ଥ ଜ୍ଞାନର ଭୂମିରେ ସେ ଜାଗ୍ରତ ହୋଇପାରୁଛି, ଏଠି ରହିଥିବା ଶିବ ଓ ସୁଖର ଆପେକ୍ଷିକ ପ୍ରକୃତିଟିକୁ ହୃଦୟଙ୍ଗମ କରୁଛି ଏବଂ ସେସବୁଥିରୁ ଆପଣାର ମନକୁ ଛଡ଼ାଇଆଣି ପରମ ସମ୍ପଦ ଆଡ଼କୁ ଲକ୍ଷ୍ୟ ଦେଇ ପାରୁଛି । ଏହାର ଏକ ଆଧ୍ୟାତ୍ମିକ ଉପଯୋଗରୂପେ ଆମେ କହିପାରିବା ଯେ ଏହାଦ୍ୱାରା ଶିବର ଅନୁଶୀଳନ ତଥା ଅଶିବର ବର୍ଜନ କରି ଆପଣା ସ୍ୱଭାବଟିକୁ ଶୁଦ୍ଧ କରିପାରିବା ସମ୍ଭବ ହେଉଛି; ଏହିପରି ଅଗ୍ରସର ହୋଇ ଜୀବ ପରିଣେଷରେ ପରମ ଶିବର ପରିଚୟ ଲାଭ କରୁଛି ଓ ଜଗତ ଆଡ଼ୁ ଦୃଷ୍ଟି ଫେରାଇ ଆଣି ତାହାକୁ ଈଶ୍ୱରଙ୍କ ଉପରେ ନିବଦ୍ଧ କରିପାରୁଛି । ଅଥବା, ବୌଦ୍ଧ ସାଧମାର୍ଗରେ ଯେପରି ଭାବରେ ଜୋର୍ ଦେଇ

କୁହୁଡ଼ିଆ ପାଉଛୁ, ଅବିଦ୍ୟାଚ୍ଛନ୍ନ ଅହଂର ଚେତନାଟିକୁ ଏଡ଼ିଦେଇ, ଭେଦମୟ ବ୍ୟକ୍ତିସ୍ୱତନ୍ତ୍ରତା ଓ ତଜ୍ଜନିତ ଦୁଃଖରୁ ନିଷ୍କୃତି ପାଇବାଲାଗି ଆମକୁ ପ୍ରସ୍ତୁତ କରିବାରେ ଏହା ଆମର କାମରେ ଲାଗିପାରୁଛି । ମାତ୍ର ଏକଥାଟି ମଧ୍ୟ ସମ୍ଭବ ହୋଇପାରେ ଯେ ଆମର କ୍ରମବିବର୍ତ୍ତନରେ ଏହି ଜାଗରଣର ଏକ ଖାସ୍ ପ୍ରୟୋଜନ ମଧ୍ୟ ରହିଛି, ଘନ ଅବିଦ୍ୟା ଭିତରୁ ବାହାର ହୋଇ ଏକବୃହତ୍ତର ସତ୍ୟ ଭିତରକୁ ବିକଶିତ ଓ ଅଗ୍ରସର ହୋଇ ଯିବାକୁ ଏହି ଜାଗରଣ ଗୋଟିଏ ସୋପାନ ପରି କାର୍ଯ୍ୟ କରୁଛି, ଏକ ଉଚ୍ଚ ଚେତନା ଓ ଉଚ୍ଚ ସତ୍ତାର ପରିଣତିପ୍ରକ୍ରିୟାରେ ଏକ ସୋପାନ ହୋଇ ରହିଛି । କାରଣ ଆମର ମନ ଓ ପ୍ରାଣ ଇଚ୍ଛାକଲେ ଶିବ ଆଡ଼କୁ ମନ ବଳାଇପାରିବେ, ପୁଣି ଇଚ୍ଛାକଲେ ଅଶିବ ଆଡ଼କୁ ମଧ୍ୟ ପ୍ରବୃତ୍ତ ହୋଇପାରିବେ । ମାତ୍ର ଆମର ଅନ୍ତରାତ୍ମା-ବ୍ୟକ୍ତିତ୍ୱ ଅର୍ଥାତ୍ ଚୈତ୍ୟସତ୍ତାଟିହିଁ ମନ ଓ ପ୍ରାଣଠାରୁ ଅଧିକତର ସ୍ପଷ୍ଟଭାବରେ ଶିବ ଓ ଅଶିବ ମଧ୍ୟରେ ରହିଥିବା ଭେଦଟିକୁ ଅନୁଭବ କରିବାଲାଗି ଜୋର୍ ଦେଇଥାଏ । ଅବଶ୍ୟ ଏହି ଅନୁଭୂତିଟିକୁ ଏଠାରେ କେବଳ ଏକ ନୈତିକ ପାର୍ଥକ୍ୟ ଦେଖିବାଠାରୁ ଏକ ବୃହତ୍ତର ଅର୍ଥରେ ଗ୍ରହଣ କରିବାକୁ ହେବ । ଆମ ଭିତରେ ଅବସ୍ଥିତ ଆତ୍ମାହିଁ ସର୍ବଦା ସତ୍ୟ, ଶିବ ଓ ସୁନ୍ଦରର ଅଭିମୁଖୀ ହୋଇ ରହିଥାଏ, କାରଣ ଏହି ସମସ୍ତଗୁଡ଼ିକ ଦ୍ୱାରାହିଁ ଆତ୍ମା ଆପଣାର ଅଭିବୃଦ୍ଧି ସାଧନ କରିଥାଏ । ଏହାଛଡ଼ା ଆଉ ଯାହାକିଛି ଅବଶିଷ୍ଟ ଥାଏ, ସେହି ବିପରୀତ ତତ୍ତ୍ୱଗୁଡ଼ିକୁ ଆତ୍ମା ଆପଣା ଅନୁଭବର ଆବଶ୍ୟକ ଅଂଶରୂପେ ଗ୍ରହଣ କରୁଥାଏ ସତ, ମାତ୍ର ସତ୍ତାର ଆଧ୍ୟାତ୍ମିକ ସମୃଦ୍ଧି ସାଧନ କରି ସେଗୁଡ଼ାକୁ ଅତିକ୍ରମ କରି ଯିବାକୁ ହୋଇଥାଏ । ଆମ ଭିତରର ମୂଳ ଚୈତ୍ୟସତ୍ତାଟି ଚିନ୍ମୟସତ୍ତାର କ୍ରମବୃଦ୍ଧିଶୀଳ ପରିପ୍ରକାଶର ଏକ ଅଙ୍ଗରୂପେ ପ୍ରାଣଗତ ଆନନ୍ଦ ଓ ଅନ୍ୟାନ୍ୟ ଯାବତୀୟ ଅନୁଭୂତିକୁ ଧାରଣ କରିଥାଏ ସତ, ମାତ୍ର ଯାବତୀୟ ସଂସ୍ପର୍ଶ ଓ ସଂଘଟନରୁ ସେଗୁଡ଼ିକ ମଧ୍ୟରେ ନିଗୂଢ଼ ରହିଥିବା ଦିବ୍ୟ ସ୍ୱାଦ ଓ ଦିବ୍ୟ ମର୍ମଟିକୁ ବାହାର କରିନେଇ ସେଇଟିକୁ ସଞ୍ଚିତ କରି ରଖିବାହିଁ ତା'ର ପ୍ରାଣଗତ ଆନନ୍ଦର ମୂଳତତ୍ତ୍ୱ ହୋଇ ରହିଥାଏ; ତାହାକୁ ଏକ ଦିବ୍ୟ କାର୍ଯ୍ୟ ଓ ଦିବ୍ୟ ଉଦ୍ଦେଶ୍ୟ ଲାଗି ସଞ୍ଚିତ କରି ରଖୁଥାଏ, ଯେଉଁଥିରୁକି ସଞ୍ଚିତ ଅଭିଜ୍ଞତା ଦ୍ୱାରା ପୁଷ୍ଟ ହୋଇ ଆମର ମନ ଓ ଆମର ପ୍ରାଣ ନିକୃଷ୍ଟତାର ଭୂମି ଉପରୁ ଏକ ପରମ ଚେତନାକୁ ବିକଶିତ ହୋଇ ଉଠିପାରିବେ, ଅବିଦ୍ୟାର ନାନା ବିଭକ୍ତତା ଭିତରୁ ଏକ ସମାବେଶକାରୀ ସମଗ୍ର ଚେତନା ଏବଂ ଜ୍ଞାନର କ୍ଷେତ୍ରକୁ ବିକଶିତ ହେବେ । ଖାସ୍ ସେଇଥିପାଇଁହିଁ ତାହା ସେଠାରେ ରହିଛି ଏବଂ ଜନ୍ମରୁ ଜନ୍ମାନ୍ତର ହୋଇ ଅବିଚଳ ଭାବରେ ଆପଣାର କ୍ରମବର୍ଦ୍ଧମାନ ଊର୍ଦ୍ଧ୍ୱ ଗତିଟିର ଅନୁଧାବନ କରିବାରେ ଲାଗିଛି । ଆତ୍ମାର ବିକଶିତ ହୋଇ ଉଠିବା ହେଉଛି ଅନ୍ଧକାରରୁ ଆଲୋକ ମଧ୍ୟକୁ ବିକଶିତ ହୋଇ ଉଠିବା, ଅସତ୍ୟ ଭିତରୁ ସତ୍ୟର ଭୂମିକୁ ବିକଶିତ ହୋଇ ଉଠିବା, ଏବଂ ଦୁଃଖ ଓ ନିରାନନ୍ଦ

'oaob.nitrkl.ac.in' images reprocessed

ମଧ୍ୟରୁ ଆପଣାର ପରମ ଓ ବିଶ୍ୱବ୍ୟାପ୍ତ ଆନନ୍ଦ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବା । ଆମର ଆତ୍ମା ଯେଉଁପରି ସ୍ୱରୂପରେ ଶିବ ଓ ଅଶିବକୁ ଜାଣେ ବା ଦେଖେ, ମନୋଭୂମିର କୃତ୍ରିମ ମାନଦଣ୍ଡଗୁଡ଼ିକ ସହିତ ତାହା ହୁଏତ ଆଦୌ ଖାପ ଖାଇ ନପାରେ; ମାତ୍ର ଆତ୍ମାର ବୁଝିବା ହେଉଛି ଏକ ଗଭୀରତର ବୁଝିବା, ତାହାର ଦେଖିବା ହେଉଛି ଏକ ଗଭୀରତର ଦେଖିବା; ଯେଉଁଟି ଉଚ୍ଚତର ଆଲୋକ ଆଡ଼କୁ ଇଙ୍ଗିତ କରି ଦେଖାଇ ଦେଉଛି, ଏବଂ ଯାହା ସେଠାରୁ ଦୃଷ୍ଟିକୁ ଏଡ଼ାଇ ଅନ୍ୟତ୍ର ନେଇଯାଉଛି, ଦୁହିଙ୍କ ମଧ୍ୟରେ ରହିଥିବା ଭେଦଟିକୁ ଆମେ ଅତି ନିଶ୍ଚିତ ସ୍ୱରୂପରେ ଜାଣିରଖିବା । ଏକଥା ସତ ଯେ ଅଧଃସ୍ତରର ଆଲୋକଟି ଯେପରି ଶିବ ଓ ଅଶିବର ଦ୍ୱନ୍ଦ୍ୱରେ ରହିଛି, ସେହିପରି ଊର୍ଦ୍ଧ୍ୱପ୍ରଦେଶସ୍ଥ ଆଧ୍ୟାତ୍ମିକ ଆଲୋକଟି ମଧ୍ୟ ଶିବ ଓ ଅଶିବର ଅତୀତ ହୋଇ ରହିଛି । ମାତ୍ର ତାହାର ଅର୍ଥ ନୁହେଁ ଯେ ତାହା ସେଠାରେ ଏକ ପକ୍ଷନିରପେକ୍ଷ ତଟସ୍ଥତା ସହିତ ସବୁକିଛିକୁ ଆପଣା ଭିତରେ ସ୍ୱୀକାର କରିନେଉଛି କିମ୍ବା ଶିବ ଓ ଅଶିବ ଦୁଇଟିଯାକ ଆବେଗର ଆ[illegible]ବଦ୍ଧ ହୋଇ ରହିବାଲାଗି ପ୍ରରୋଚନା ଦେଉଛି । ମାତ୍ର ଅସଲ କଥା ହେଉଛି ଯେ ସେଠାରେ ସତ୍ତ୍ୱଗତ ଏକ ଉଚ୍ଚତର ବିଧାନ ସଦାବର୍ତ୍ତମାନ ହୋଇ ରହିଛି, ଯାହା ଭିତରେ କି ଏହିସବୁ ଅଲଗା ଅଲଗା ମୂଲ୍ୟଲାଗି ଆଉ କୌଣସି ସ୍ଥାନ ବା କୌଣସି ଆବଶ୍ୟକତାହିଁ ରହୁ ନାହିଁ । ସେଠାରେ ପରମ ସତ୍ୟର ଏକ ଆତ୍ମବିଧାନ ଆପଣାକୁ କାର୍ଯ୍ୟକାରୀ କରୁଛି, ଯାହାକୁ କି କୌଣସି ପ୍ରକାର ମାନଦଣ୍ଡ ଭିତରେ କଳି ରଖାଯାଇ ପାରିବ ନାହିଁ । ସେଠାରେ ଏକ ପରମ ଓ ବିଶ୍ୱବ୍ୟାପ୍ତ ଶିବ ଅଧିଷ୍ଠିତ ରହିଛନ୍ତି, ଅନ୍ତର୍ନିହିତ, ଅନ୍ତର୍ଗୂଢ଼, ସ୍ୱୟମ୍ଭୂ, ଆତ୍ମଜ୍ଞାନମୟ, ସ୍ୱୟଂଗଠନଶୀଳ ଓ ସ୍ୱୟଂନିୟନ୍ତ୍ରିତ ସ୍ୱରୂପରେ ରହିଛନ୍ତି । ପରମ ଅନନ୍ତସତ୍ତାର ଜ୍ୟୋତିର୍ମୟ ଚେତନା ମଧ୍ୟରେ ଯେଉଁ ସାର୍ବଜନୀନତା ଚିରନ୍ତନ ସ୍ୱରୂପରେ ରହିଛି, ତାହା ତଦ୍ୱାରା ଅନନ୍ତ ସ୍ୱରୂପରେ ସାର୍ବଜନୀନ ହୋଇ ରହିଛି ।

ତେଣୁ ଅଶିବ ଓ ଅସତ୍ୟ ଯଦି ନିଶ୍ଚେତନାର ସ୍ୱାଭାବିକ ପରିଣାମ ମାତ୍ର ହୋଇଥା'ନ୍ତି, ଅବିଦ୍ୟାର କ୍ରିୟାଚକ୍ରଟି ମଧ୍ୟରେ ସେହି ନିଶ୍ଚେତନା ମଧ୍ୟରୁ ପ୍ରାଣ ଓ ମନ ବିବର୍ତ୍ତିତ ହୋଇ ଆସିବାର ଯଦି ଏକ ସ୍ୱତଃସ୍ଫୂର୍ତ୍ତ ପରିଣାମ ହୋଇଥା'ନ୍ତି, ତେବେ ସେଗୁଡ଼ିକ ତାହା ଭିତରୁ କିପରି ବାହାରିଛନ୍ତି, ଆପଣାର ଅସ୍ତିତ୍ୱ ଲାଗି କାହା ଉପରେ ନିର୍ଭର କରୁଛନ୍ତି, ଏବଂ ସେଗୁଡ଼ିକରୁ ନିଷ୍କୃତି ପାଇବାଲାଗି ପ୍ରକୃତରେ କି ଉପାୟ ରହିଛି, ସେସବୁ ପରୀକ୍ଷା କରି ଦେଖିବାକୁ ପଡ଼ିବ । ମନୋଗତ ଓ ପ୍ରାଣଗତ ଚେତନା ଯେତେବେଳେ ନିଶ୍ଚେତନା ଭିତରୁ ବାହାରି ଉପରିଭାଗକୁ ଆସୁଛନ୍ତି, ଆମେ ତାହାର ମଧ୍ୟରେହିଁ ଏଗୁଡ଼ିକର ଅସ୍ତିତ୍ୱ ଗ୍ରହଣ କରିବାର ପ୍ରକ୍ରିୟାଟିକୁ ଖୋଜି ବାହାର କରିବା । ଏଠାରେ ଦୁଇଟି ନିୟାମକ ତତ୍ତ୍ୱ କାର୍ଯ୍ୟ କରୁଛି, ଏବଂ ଏହି ଦୁଇଟିହିଁ

'oaob.nitrkl.ac.in' images reprocessed

ଅସତ୍ୟ ଓ ଅଶିବର ଯୁଗପତ୍ ଆବିର୍ଭାବ ଲାଗି ସକଳ କାରଣ ହୋଇ ରହିଛି । ପ୍ରଥମତଃ, ଏହି କ୍ଷେତ୍ରରେ ଅବଶ୍ୟ ଆଧାରଭୂତ ହୋଇ ଅନ୍ତର୍ନିହିତ ଜ୍ଞାନର ଏକ ସଗୁପ୍ତ ହୋଇ ରହିଥିବା ଚେତନା ଓ ଶକ୍ତି ବିଦ୍ୟମାନ ରହିଛି; ଏବଂ ତାହା ଉପରେ ଅର୍ଥାତ୍ ବହିର୍ଭାଗରେ ପ୍ରାଣମୟ ଓ ଜଡ଼ମୟ ଚେତନାର ବିକୃତ ବା ଅନସୁକ୍ଷିତ ଉପାଦାନର ମଧ୍ୟ ଗୋଟିଏ ସ୍ତର ରହିଛି, ଯାହାକି ଏପର୍ଯ୍ୟନ୍ତ ସୁଗଠିତ ହୋଇପାରି ନାହିଁ । ଏହି ଛାୟାଚ୍ଛନ୍ନ କଠିନ ଆବରଣଟିର ମଧ୍ୟଦେଇ ଉନ୍ମେଷ ଲାଭ କରୁଥିବା ମାନସଚେତନାକୁ ଜୋର କରି ଆପଣାଲାଗି ଏକ ବାଟ ବାହାର କରିବାକୁ ହେଉଛି, ଏବଂ ଯାହାକୁ ଏକ ଅନ୍ତର୍ନିହିତ ଜ୍ଞାନ ବୋଲି ଆଉ କହି ହେବ ନାହିଁ, ସେହିପରି ଆପଣାଦ୍ୱାରା ରଚିତ ଏକ ଜ୍ଞାନଦ୍ୱାରା ସେହି ଆବରଣଟି ଉପରେ ପ୍ରଭାବ ବିସ୍ତାର କରିବାକୁ ପଡ଼ୁଛି । କାରଣ ତାହାର ଉପାଦାନଟି ଏପର୍ଯ୍ୟନ୍ତ ଅଚେତନାରେ ପୂର୍ଣ୍ଣ ହୋଇ ରହିଛି, ଜଡ଼ଗତ ଅଚେତନା ଦ୍ୱାରା ବଡ଼ ଦୃଢ଼ ଭାବରେ ଆକ୍ରାନ୍ତ ଓ ଆବୃତ ହୋଇ ରହିଛି । ପୁଣି, ଏହା ସାଙ୍ଗକୁ ପ୍ରାଣର ଯେଉଁ ବିକୃତ ରୂପାୟନଟି ମିଳିଥାଏ, ନିଷ୍ପ୍ରାଣ ଜଡ଼ଧର୍ମର ଜୀବନଶୂନ୍ୟତା ସହିତ ସଂଗ୍ରାମ କରିହିଁ ତାହାକୁ ଆପଣାକୁ ପ୍ରତିଷ୍ଠିତ କରି ରଖିବାକୁ ହୋଇଥାଏ । ଜଡ଼ଧର୍ମଗତ ସେହି ଜୀବନଶୂନ୍ୟତା ମଧ୍ୟରେ ବିଘଟିତ ଓ ବିଚୂର୍ଣ୍ଣ ହୋଇଯିବାର ଏକ ପ୍ରବୃତ୍ତି ରହିଥାଏ, ମୂଳରେ ରହିଥିବା ସେହି ଜୀବନଶୂନ୍ୟ ଅଚେତନତା ମଧ୍ୟକୁ ପୁଣି ଫେରି ଯିବାଲାଗି ପ୍ରବୃତ୍ତି ରହିଥାଏ । ଏହାର ବିରୁଦ୍ଧରେ ସଂଗ୍ରାମ କରି ପ୍ରାଣକୁ ତିଷ୍ଠି ରହିବାକୁ ହୁଏ । ଏହି ବିକୃତ ପ୍ରାଣମୟ ରୂପର ଉପାଦାନଗୁଡ଼ିକୁ ଏକତ୍ର କରି ଆପଣାର ଅତିସୀମିତ ଆତ୍ମସଂଗଠନଶକ୍ତି ଦ୍ୱାରାହିଁ ବହିର୍ଜଗତର ବିରୁଦ୍ଧରେ ପ୍ରାଣକୁ ଆପଣାକୁ ପ୍ରତିଷ୍ଠିତ କରିବାକୁ ହୋଇଥାଏ । ସେହି ଜଗତ ତାହାର ଅସ୍ତିତ୍ୱକୁ ଏକ ଶତ୍ରୁତାପୂର୍ଣ୍ଣ ଦୃଷ୍ଟିରେ ଦେଖୁନଥାଏ ସତ, ମାତ୍ର ତାହା ନାନା ବିପଦରେ ପୂର୍ଣ୍ଣ ହୋଇ ରହିଥାଏ । ସେହି ଜଗତରେହିଁ ତାହାକୁ ତିଷ୍ଠି ରହିବାକୁ ପଡ଼ିଥାଏ, ଆପଣା ସକାଶେ ପର୍ଯ୍ୟାପ୍ତ ସ୍ଥାନ ହାସଲ କରିବାକୁ ପଡ଼ିଥାଏ, ଏବଂ ତିଷ୍ଠି ରହିବାକୁ ହେଲେ ଆପଣାର ଅଭିବ୍ୟକ୍ତି ଓ ପ୍ରସାରଣକୁ ମଧ୍ୟ ସମ୍ଭବ କରିବାକୁ ପଡ଼ିଥାଏ । ଏହିପରି ପରିବେଶରେ ଏକ ଚେତନା ଉନ୍ମେଷ ଲାଭ କରିବାର ଫଳସ୍ୱରୂପ ଆପଣାକୁ ପ୍ରତିଷ୍ଠିତ କରି ରଖିବାଲାଗି ପ୍ରୟତ୍ନଶୀଳ ଏକ ପ୍ରାଣମୟ ଓ ଦେହଧାରୀ ବ୍ୟକ୍ତିସତ୍ତାର ବିକାଶ ହୁଏ, ପ୍ରାଣ ଓ ଜଡ଼କୁ ନେଇ ପ୍ରକୃତି ଏକ ରୂପର ରଚନା କରେ, ଏବଂ ତାହାର ପଛରେ ଏକ ଚୈତ୍ୟ ଅଥବା ଚିନ୍ମୟ ଭୂମିର ବ୍ୟକ୍ତିସତ୍ତା ପ୍ରଚ୍ଛନ୍ନ ହୋଇ ରହିଥାଏ ଏବଂ ତାହାର ସକାଶେହିଁ ପ୍ରକୃତି ଏହି ବାହ୍ୟ ପ୍ରକାଶମାଧ୍ୟମଟିକୁ ତିଆରି କରିବାରେ ଲାଗିଥାଏ । ମନଶ୍ଚେତନାର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଏହି ପ୍ରାଣମୟ ଓ ଦେହଧାରୀ ବ୍ୟକ୍ତିସତ୍ତାର ବି ଅଭିବୃଦ୍ଧି ହେଉଥାଏ ଏବଂ ତାହା ଭିତରେ ଆପଣାକୁ ସତତ ପ୍ରତିଷ୍ଠିତ କରି ରଖିବାକୁ ଚେଷ୍ଟିତ ଥିବା ଏକ

'oaob.nitrkl.ac.in' images reprocessed

ମନୋମୟ, ପ୍ରାଣଗତ ଓ ଶରୀରସଚେତ ଅହଂ ଜନ୍ମଲାଭ କରୁଥାଏ । ପ୍ରାକୃତ ପରିଣାମର ଏହି ଦୁଇଟିଯାକ ଆଧାରଭୂତ ଓ ମୂଳ ତତ୍ତ୍ୱର ପ୍ରେରଣା ଓ ପ୍ରଯୋଦନା ଦ୍ୱାରହିଁ ଆମର ଏହି ବହିର୍ଭାଗସ୍ଥ ପ୍ରାକୃତ ସତ୍ତାଟିର ପ୍ରକୃତି ଓ ଚେତନା ସୃଷ୍ଟ ହୋଇଛି, ଗଠିତ ହୋଇଛି ଏବଂ ତାହାର ବର୍ତ୍ତମାନ ରୂପ ଓ ସ୍ୱଭାବଟିକୁ ଗ୍ରହଣ କରିଛି ।

ପ୍ରଥମ ଆବିର୍ଭାବରେ ଚେତନା ସତେଅବା ଏକ ବିସ୍ମୟ ପରି ଅନୁଭୂତ ହୁଏ । ତାହା ଜଡ଼ ସହିତ ଆଦୌ କୌଣସି ସମ୍ପର୍କ ନଥିବା ଏକ ଶକ୍ତି ପରି ମନେହୁଏ । ଅଚେତନ ପ୍ରକୃତିର ଏକ ଜଗତରେ ତାହା କାହିଁକି ଯେ ଆପଣାକୁ ପ୍ରକାଶ କରିଥାଏ, ସତେଅବା ତାହାର କୌଣସି କାରଣହିଁ ଖୋଜି ମିଳେ ନାହିଁ । ସେହି ଚେତନାକୁ ଅତ୍ୟନ୍ତ ମନ୍ଥର ଭାବରେ ଓ ଆୟାସ ସହକାରେ ବିକଶିତ ହେବାକୁ ପଡ଼ିଥାଏ । ଜ୍ଞାନ ସତେଅବା ଶୂନ୍ୟରୁହିଁ ଉପାର୍ଜିତ ଓ ସୃଷ୍ଟ ହେଲାପରି ମନେହୁଏ; ଜନ୍ମକ୍ଷଣରେ ଯେଉଁ କ୍ଷଣଜୀବୀ ଓ ଅଜ୍ଞାନାଚ୍ଛନ୍ନ ଜୀବଟି ମଧ୍ୟରେ ଜ୍ଞାନର କୌଣସି ଅବସ୍ଥିତିହିଁ ନଥିଲା, ଅଥବା ତାହା ଜ୍ଞାନରୂପେ ନୁହେଁ, ମାତ୍ର ଅତି ମନ୍ଥର ଗତିରେ ଜ୍ଞାନ ଆଡ଼କୁ ଅଗ୍ରସର ହେଉଥିବା ଏହି ଅଜ୍ଞାନ ଆପଣା ପରିଣତିର ଯେଉଁ ସୋପାନରେ ରହିଛି, ତାହାରି ଉପଯୁକ୍ତ ଓ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଏକ ସାମର୍ଥ୍ୟରୂପେହିଁ ଅବସ୍ଥିତ ରହିଥିଲା, ସେହି ଜୀବ ସତେଅବା ଶୂନ୍ୟରୁହିଁ ଜ୍ଞାନର ଆହରଣ କରୁଛି, ତାହାର ଅଭିବୃଦ୍ଧି ଘଟାଉଛି ଓ ତାକୁ ସଞ୍ଚୟ କରି ରଖୁଛି ବୋଲି ମନେହୁଏ । ହୁଏତ ଅନୁମାନ କରାଯାଇ ପାରିବ ଯେ ଚେତନା ସେହି ମୂଳଭୂତ ଜଡ଼ଶକ୍ତିରହିଁ ଏକ ଅନ୍ୟତମ ରୂପ ବ୍ୟତୀତ ଆଉ କିଛି ନୁହେଁ; ହୁଏତ ତାହା କେବଳ ଯନ୍ତ୍ରବତ୍ ହେଲାପରି ମସ୍ତିଷ୍କ କୋଷଗୁଡ଼ିକ ଉପରେ ସଞ୍ଚାରିତ ତଥ୍ୟଗୁଡ଼ିକୁ ଲିପିବଦ୍ଧ କରିବାରେ ଲାଗିଛି, ସେହି ସ୍ପନ୍ଦନ ବାଜିବା ମାତ୍ରକେ କୋଷଗୁଡ଼ିକରେ ତାହାର ପ୍ରତିସ୍ପନ୍ଦନ ଜାତ ହେଉଛି, ସେଗୁଡ଼ିକ ସତେଅବା ସ୍ୱୟଂଚାଳିତ ଯନ୍ତ୍ରପରି ସେହି ତଥ୍ୟଲିପିଗୁଡ଼ିକୁ ପଢ଼ି ନେଉଛନ୍ତି ଓ ତାହାର ଉତ୍ତର ଡାକି ଦେଉଛନ୍ତି । ଏହି ଲିପିବଦ୍ଧ କରି ରଖିବା, ସ୍ପନ୍ଦନରେ ପ୍ରତିସ୍ପନ୍ଦନ ଜଣାଇବା,—ସବୁଗୁଡ଼ିକୁ ଏକାଠି କରିଦେଲେ ତାହାହିଁ ଚେତନା ହୋଇଥିବ ବୋଲି ଅନୁମାନ କରାଯାଇଥାଏ । ମାତ୍ର ଏଇଟି କଦାପି ସମ୍ପୂର୍ଣ୍ଣ ସତ୍ୟ ହୋଇ ନପାରେ; କାରଣ ତଦ୍ୱାରା କେବଳ ଦୃଶ୍ୟମାନ ସ୍ଥିତିଗୁଡ଼ିକର ଏବଂ ଯନ୍ତ୍ରବତ୍ ଘଟିଯାଉଥିବା କ୍ରିୟାଗୁଡ଼ିକର ହୁଏତ ଏକ ବ୍ୟାଖ୍ୟାହିଁ ଦିଆଯାଇ ପାରେ । ସମ୍ପୂର୍ଣ୍ଣ ଅଚେତନ ଭାବରେ ଯାହା ଲିପିବଦ୍ଧ ବା ପ୍ରତିସ୍ପନ୍ଦିତ ହେଉଛି, ତାହା କିପରି ଏକ ସଚେତନ ଅବଲୋକନରେ ରୂପାନ୍ତରିତ ହୋଇଯାଇ ପାରୁଛି, ସେଥିରୁ ବସ୍ତୁଗୁଡ଼ିକ ବିଷୟରେ ଏକ ସଚେତନ ବୋଧ ଓ ଆପଣା ବିଷୟରେ ମଧ୍ୟ ଏକ ବୋଧ କିପରି ଉପଲବ୍ଧ ହୋଇପାରୁଛି, ଉକ୍ତ ବ୍ୟାଖ୍ୟାଟିରୁ ସେକଥାଟି ମଧ୍ୟ ଠିକ୍ ସ୍ପଷ୍ଟ

ହୋଇପାରେ ନାହିଁ । ଅବଧାରଣା, କଳ୍ପନା, ଅନୁମାନ ଓ ଆପଣାର ପରିଲକ୍ଷିତ ବସ୍ତୁଟିକୁ ନେଇ ବୁଦ୍ଧିର ମୁକ୍ତ ବିଚରଣାଟି ସମ୍ବନ୍ଧରେ ସେହି ବ୍ୟାଖ୍ୟା କୌଣସି ଆଲୋକପାତ କରେ ନାହିଁ । ଏକ ଚେତନା ବସ୍ତୁଗୁଡ଼ିକ ମଧ୍ୟରେ ପୂର୍ବରୁହିଁ ପ୍ରଚ୍ଛନ୍ନରୂପେ ଅଧିଷ୍ଠିତ ରହିଛି ଏବଂ ସେହିଠାରୁହିଁ ତାହାର ଅନ୍ତର୍ନିହିତ ଓ ସ୍ୱଭାବଗତ ଶକ୍ତିଗୁଡ଼ିକ କ୍ରମଶଃ ଉଦ୍‌ଘାଟିତ ହେବାରେ ଲାଗିଛି, ଏହି ସତ୍ୟଟିକୁ ସ୍ୱୀକାର କରି ନନେଲେ ଆମେ ଚେତନା ତଥା ଜ୍ଞାନର ଉନ୍ମେଷ ଓ ବିକାଶ ସମ୍ବନ୍ଧରେ କୌଣସି ସମ୍ପୂର୍ଣ୍ଣ ବ୍ୟାଖ୍ୟା ପାଇପାରିବା ନାହିଁ । ପୁନଶ୍ଚ, ଇତର ପ୍ରାଣୀଜୀବନରୁ ଆମକୁ ଯେଉଁସବୁ ତଥ୍ୟ ମିଳୁଛି, ଓ ପ୍ରାଣର ଭୂମିରେ ଉନ୍ମେଷ ଲାଭ କରୁଥିବା ମନଃସତ୍ତା ଯେପରି ଭାବରେ ଆପଣାର କାର୍ଯ୍ୟ କରିବାରେ ଲାଗିଛି, ସେଇଥିରୁ ଆମକୁ ଏହି ସିଦ୍ଧାନ୍ତଟିକୁ ମାନିନେବାକୁ ପଡ଼ୁଛି ଯେ ଏହି ପ୍ରଚ୍ଛନ୍ନ ଚେତନାଟି ମଧ୍ୟରେ ଆଧାରଭୂତ ହୋଇ ଏକ ଜ୍ଞାନ ବା ଜ୍ଞାନମୟ ଶକ୍ତି ଅବଶ୍ୟ ରହିଛି, ଯାହାକି ଆପଣାର ପରିବେଶ ସହିତ ଘଟୁଥିବା ପ୍ରାଣଗତ ସଂସ୍ପର୍ଶଗୁଡ଼ିକର ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ବହିଶ୍ଚେତନାରେ ଆସି ପ୍ରକାଶ ପାଇପାରୁଛି ।

ଆପଣା ସଚେତନ ଆତ୍ମପ୍ରତିଷ୍ଠାର ପ୍ରଥମ ପର୍ଯ୍ୟାୟରେ ବ୍ୟକ୍ତିତ୍ୱାପନ୍ନ ପ୍ରାଣୀ-ସତ୍ତାକୁ ଜ୍ଞାନଲାଭର ଦୁଇଟି ଉପାୟ ଉପରେ ନିର୍ଭର କରିବାକୁ ପଡ଼ୁଛି । ପଶୁଚେତନା ସ୍ୱଭାବତଃ ଅଜ୍ଞ ଓ ଅସହାୟ ହୋଇ ରହିଥାଏ, ଏବଂ ଏକ ଅଜ୍ଞାତ ଜଗତରେ ଅତ୍ୟନ୍ତ ଅନଭିଜ୍ଞ ଓ ଅତ୍ୟନ୍ତ ସାମାନ୍ୟ ପରିମାଣ ବହିଶ୍ଚର ଚେତନାହିଁ ତାହାର ସମ୍ବଳ ହୋଇ ରହିଥାଏ । ଆପଣାର ଅସ୍ତିତ୍ୱଟିକୁ ବଜାୟ ରଖିବା ଏବଂ ଜୀବନଧାରଣ କରି ରହିବା ଲାଗି ଅପରିହାର୍ଯ୍ୟ କ୍ରିୟାଗୁଡ଼ିକର ସାଧନ କରିବାଲାଗି ଅଳ୍ପ କମ୍‌ରେ ଯେତିକି ବୋଧଶକ୍ତିର ଆବଶ୍ୟକତା ରହିଥାଏ, ପ୍ରଚ୍ଛନ୍ନ ଚେତନାଶକ୍ତି କେବଳ ତାହାକୁହିଁ ଉପରିସ୍ତରକୁ ପ୍ରେରଣ କରିଥାଏ । ଏହି ବୋଧ ସମ୍ପୂର୍ଣ୍ଣ ପ୍ରାଣୀଟିର ବଶରେ ଆସିନଥାଏ, ବରଂ ସେ ତାହାର ବଶରେ ରହିଥାଏ ଓ ତାହାର ଦ୍ୱାରା ପରିଚାଳିତ ହେଉଥାଏ । ଏହି ବୋଧ ଏକ ପ୍ରୟୋଜନର ରୂପରେହିଁ ପ୍ରାଣମୟ ଓ ଜଡ଼ମୟ ଉପାଦାନଟିର ମର୍ମକୋଷରେ କୌଣସି ପ୍ରୟୋଜନୀୟ କ୍ଷେତ୍ରରେ ଆପଣାକୁ ଆତ୍ମ-ପ୍ରକାଶ କରିଥାଏ, ମାତ୍ର କ୍ରମେ ତାହାର ପରିମାଣସବୁ ବହିଶ୍ଚେତନାର ଭୂମିରେ ଅଳ୍ପ ଅଳ୍ପ କରି ସଞ୍ଚିତ ହୋଇ ଏକ ସ୍ୱତଃସ୍ଫୂର୍ତ୍ତ ସହଜାତ ପ୍ରବୃତ୍ତିର ରୂପ ଗ୍ରହଣ କରିନିଏ, ଯାହାକି ପୁଣି ସେହିପରି ଏକ ଅବସର ଆସି ପଡ଼ିଥିବା ମାତ୍ରକେ କ୍ରିୟାଶୀଳ ହେବାରେ ଲାଗିଥାଏ । ଏହି ସହଜାତ ପ୍ରବୃତ୍ତି ପ୍ରାଣୀର ପ୍ରଜାତିଗତ ସମ୍ପଦ ହୋଇ ରହିଥାଏ, ଏବଂ ଜନ୍ମ ସମୟରେ ପ୍ରଜାତିଟିର ପ୍ରତ୍ୟେକ ପ୍ରାଣୀ ତାହା ଲାଭ କରିଥାଏ । ଯେତେବେଳେ ଏହି ବୋଧର ଆବିର୍ଭାବ କିମ୍ବା ପୁନରାବିର୍ଭାବ ହୁଏ, ସେତେବେଳେ ତାହାର କଦାପି କୌଣସି ଭୁଲ ହୁଏ ନାହିଁ, ତାହା ସାଧାରଣତଃ ଅଭ୍ରାନ୍ତ ଭାବରେ

'oaob.nitrkl.ac.in' images reprocessed

କାର୍ଯ୍ୟ କରୁଥାଏ । ମାତ୍ର ତଥାପି ତାହା ଭିତରେ ଭୁଲ କରିବାର ଅବକାଶ ଅବଶ୍ୟ ରହିଥାଏ; କାରଣ ଯେତେବେଳେ ଉପରିସ୍ଥ ଚେତନ କିମ୍ବା ଏକ ଅପରିଣତ ବୁଦ୍ଧି ମଝିରେ ଆସି ହସ୍ତକ୍ଷେପ କରିବାକୁ ବସେ କିମ୍ବା ପରିବେଶରେ ଯଥେଷ୍ଟ ପରିବର୍ତ୍ତନ ଘଟି ପ୍ରୟୋଜନଗତ ଅବକାଶଟି ମଧ୍ୟ ଯେତେବେଳେ ବଦଳି ଯାଇଥାଏ, ଏବଂ ଯଦି ସେତେବେଳେ ମଧ୍ୟ ସେହି ପ୍ରବୃତ୍ତିଟି ସଚେତଥିବା ଏକ ଯନ୍ତ୍ରପରି କାର୍ଯ୍ୟ କରିବାରେ ଲାଗିଥାଏ, ସେତିକବେଳେ ସେ ଭୁଲ କରି ବସେ ବା ପ୍ରମାଦରେ ପଡ଼ିଯାଏ । ଜ୍ଞାନଲାଭର ଦ୍ୱିତୀୟ ଉପାୟଟି ହେଉଛି ପ୍ରାକୃତ ପ୍ରାଣୀର ବାହାରେ ଅବସ୍ଥିତ ପୃଥିବୀଟି ସହିତ ଉପରିଭାଗୀୟ ସଂସ୍ପର୍ଶ । ଏହି ସଂସ୍ପର୍ଶରୁ ପ୍ରଥମେ ଏକ ସଚେତନ ଇନ୍ଦ୍ରିୟାନୁଭବ ଜାତ ହୁଏ, ସେଥିରୁ ଇନ୍ଦ୍ରିୟଗତ ଅବବୋଧ ଜନ୍ମେ ଓ ତାପରେ ବୁଦ୍ଧିର ସଞ୍ଚାର ହୁଏ । ଯଦି ଆଧାରଭୂତ ହୋଇ ପ୍ରକୃତରେ ଏକ ଚେତନା ଅବସ୍ଥିତ ରହିନଥାʼନ୍ତା, ତେବେ ଏହିସବୁ ସଂସ୍ପର୍ଶ ଆଦୌ କୌଣସି ବୋଧ ବା ପ୍ରତିକ୍ରିୟା ସୃଷ୍ଟି କରିପାରନ୍ତା ନାହିଁ । ପ୍ରଥମେ ଅଚେତନ ପ୍ରାଣଶକ୍ତି ଓ ତାହାର ପ୍ରାଥମିକ ପ୍ରୟୋଜନ ଓ ଆକୂତି ବ୍ୟକ୍ତସତ୍ତାରେ ଅବସ୍ଥିତ ରହିଥିବା ଅଧିଚେତନକୁ ପ୍ରାଣମୟ କରିଦିଏ; ତାʼପରେ ଯେତେବେଳେ ବହିଃଜଗତର ସଂସ୍ପର୍ଶମାନ ସେ ଅଧିଚେତନା ଉପରେ ଅନୁଭୂତ ଓ ବହିର୍ଭାଗୀୟ ଏକ ପ୍ରତିସ୍ପନ୍ଦନ ଜାଗ୍ରତ କରିଦିଏ, ସେତେବେଳେ ସତ୍ତାର ବହିଃସ୍ତରରେ ବାହ୍ୟ ଜଗତ ସମ୍ବନ୍ଧରେ ଏକ ଜ୍ଞାନ ଆପଣାକୁ ରୂପାୟିତ ଓ ପୁଷ୍ଟ କରିବାକୁ ଆରମ୍ଭ କରେ । ପ୍ରାଣଗତ ସଂସ୍ପର୍ଶ ବଳରେ ଏକ ଉପରିଭାଗସ୍ଥ ଚେତନାର ଏହି ଯେଉଁ ଉନ୍ମେଷ ଘଟୁଛି, ତାହାର ଆଉ ଗୋଟିଏ ଅନ୍ତର୍ଗୂଢ଼ କାରଣ ମଧ୍ୟ ରହିଛି । ସେହି କାରଣଟି ହେଉଛି ଯେ ସଂସ୍ପର୍ଶର ଆଶୟ ଓ ବିଷୟ ଦୁହିଁଙ୍କ ମଧ୍ୟରେ ଏକ ଅଧିଚେତନାଗତ ସମ୍ଭାବନାମୟ ସାମର୍ଥ୍ୟରୂପେ ଚେତନାଶକ୍ତି ଆଗରୁ ଅବସ୍ଥିତ ରହିଛି । ଏଣେ ଯେତେବେଳେ ପ୍ରାଣତତ୍ତ୍ୱଟି ପ୍ରସ୍ତୁତ ହୋଇଯାଉଛି, ଅର୍ଥାତ୍ ଆଶୟଟି ମଧ୍ୟରେ ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇପାରୁଛି; ସଂସ୍ପର୍ଶଟିକୁ ଗ୍ରହଣ କରୁଥିବା ଅଧିଚେତନ ଚେତନାଟି ସେତେବେଳେ ଅଭିଘାତଟିର ପ୍ରତିସ୍ପନ୍ଦନସ୍ୱରୂପ ଉନ୍ମିଷିତ ହୋଇଉଠୁଛି, ଏବଂ ସେହି ଉନ୍ମେଷ ପ୍ରାଣମୟ ମନ ଅର୍ଥାତ୍ ପ୍ରାଣୀର ମନଟିକୁ ଗଠନ କରୁଛି, ଏବଂ ସେହି ବିବର୍ତ୍ତନର ପରବର୍ତ୍ତୀ ଏକ ସୋପାନରେ ମନନକ୍ଷମ ବୁଦ୍ଧି ମଧ୍ୟ ରୂପାୟିତ ହୋଇଯାଉଛି । ଏହିପରି ଭାବରେ ବହିସ୍ତରର ଅନୁଭୂତ ଓ ବହିର୍ବୋଧରୂପେ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଚେତନାର ତର୍ଜମା ହେବାରେ ଲାଗିଛି, ଏକ ପ୍ରଚ୍ଛନ୍ନ ଶକ୍ତି ଉପରିଭାଗର ଆବେଗ ହୋଇ ପ୍ରକାଶ ପାଉଛି ।

ଭିତ୍ତିରୂପେ ଅବସ୍ଥିତ ଏହି ଅଧିଚେତନା ଯଦି ପୂର୍ଣ୍ଣରୂପେ ବହିଃସ୍ତରକୁ ଆସିଥାʼନ୍ତା, ତେବେ ଆଶୟସ୍ଥ ଚେତନା ଓ ବିଷୟସ୍ଥ ଚେତନା ଦୁହିଁଙ୍କ ମଧ୍ୟରେ ଏକ ପ୍ରତ୍ୟକ୍ଷ ସାକ୍ଷାତ ସମ୍ଭବ ହେଉଥାʼନ୍ତା ଏବଂ ତାହା ଫଳରେ ଏକ ପ୍ରତ୍ୟକ୍ଷ ଜ୍ଞାନ ମଧ୍ୟ

'oaob.nitrkl.ac.in' images reprocessed

ଉପଲବ୍ଧ ହେଉଥା'ନ୍ତା । ମାତ୍ର ତାହା ସମ୍ଭବ ହୁଏ ନାହିଁ, କାରଣ ପ୍ରଥମତଃ ଅବଚେତନା ଏହି ପଥରେ ବାଧା ହୋଇ ଠିଆହୁଏ ବା ଆପଣାର ଅବରୋଧ ଜାରି କରିଦିଏ, ଏବଂ ଦ୍ୱିତୀୟତଃ କେବଳ ଏକ ଅପୂର୍ଣ୍ଣ ଅଥଚ ଅଗ୍ରବର୍ଦ୍ଧମାନ ବହିର୍ଚ୍ଚେତନାର ମାଧ୍ୟମରେହିଁ ଶନୈଃଶନୈଃ ବିକାଶଲାଭ କରିବାହିଁ ବିବର୍ତ୍ତନର ଅଭିଳାଷ ହୋଇ ରହିଥାଏ । ତେଣୁ ପ୍ରଚ୍ଛନ୍ନ ଚେତନାଶକ୍ତିକୁ ମଧ୍ୟ ଏକ ଉପରିସ୍ତରସ୍ଥ ପ୍ରାଣମନୋଗତ ସ୍ପନ୍ଦନ ଓ କ୍ରିୟା ମଧ୍ୟରେ ଆପଣାକୁ ବଡ଼ ଅପୂର୍ଣ୍ଣ ଭାବରେ ପ୍ରକାଶିତ କରିବାରେହିଁ ସୀମାବଦ୍ଧ ହୋଇ ରହିବାକୁ ପଡ଼େ, ଏବଂ ପ୍ରତ୍ୟକ୍ଷ ଜ୍ଞାନଦୃଷ୍ଟିର ଅନୁପସ୍ଥିତି, ପ୍ରତ୍ୟାହାର ବା ଅପ୍ରଚୁରତା ଦ୍ୱାରା ତାହା କେବଳ ଏକ ପରୋକ୍ଷ ଜ୍ଞାନ ଲାଭ କରିବାର ଇନ୍ଦ୍ରିୟସାଧନ ଓ ପ୍ରବୃତ୍ତିସବୁର ବିକାଶ କରିବାକୁ ବାଧ୍ୟ ହୋଇଥାଏ । ଉପରିସ୍ତରସ୍ଥ ସର୍ବପ୍ରଥମ ରୂପାୟନରୂପେ ଆଗରୁ ପ୍ରସ୍ତୁତ ଓ ଅବସ୍ଥିତ ହୋଇ ରହିଥିବା ଏକ ଅନ୍ତରୂପିତ ଚେତନାର ଗଠନଶକ୍ତିର ଉପରେହିଁ ଏକ ବହିର୍ଜ୍ଞାନ ଓ ବହିର୍ବୃତ୍ତିର ସୃଷ୍ଟି ହୁଏ । ପ୍ରଥମ ଅବସ୍ଥାରେ, କେବଳ ଯେତିକି ଅତ୍ୟାବଶ୍ୟକ, ସେତିକି ଚେତନାର ରୂପାୟନରେହିଁ ଏହା ଗଠିତ ହୋଇଥାଏ, ତାହାର ଇନ୍ଦ୍ରିୟଗତ ବୋଧ ବଡ଼ ଅସ୍ପଷ୍ଟ ହୋଇ ରହିଥାଏ, ପ୍ରତିସ୍ପନ୍ଦନ ଜଣାଇବାର ଆବେଗ ମଧ୍ୟ ବଡ଼ ଅସ୍ପଷ୍ଟ ଥାଏ । ମାତ୍ର ଅଧିକରୁ ଅଧିକ ସଂଗଠିତ ଜୀବରୂପଗୁଡ଼ିକର ଆବିର୍ଭାବ ସଙ୍ଗେସଙ୍ଗେ ଏହା ଏକ ପ୍ରାଣମୟ ମନରୂପେ ବିକଶିତ ହୋଇ ଉଠେ, ଏକ ପ୍ରାଣମୟ ବୁଦ୍ଧିରୂପେ ବିକଶିତ ହୁଏ, ଯାହାକି ପ୍ରଥମେ ପ୍ରଧାନତଃ ଯନ୍ତ୍ରବତ୍ ଓ ସଚେତଅବା ସ୍ୱୟଂଚଳ ଭାବରେ କାର୍ଯ୍ୟ କରୁଥାଏ, ଏବଂ କେବଳ ଉପସ୍ଥିତ କ୍ଷେତ୍ରର ବ୍ୟାବହାରିକ ପ୍ରୟୋଜନ, ଅଭିଳାଷ ତଥା ଆବେଗଗୁଡ଼ିକୁ ନେଇହିଁ ଆତଯାତ ହେଉଥାଏ । ଉନ୍ମେଷ ଲାଭ କରିବାର ଅବସ୍ଥାରେ ଏହିସବୁ କ୍ରିୟାଶୀଳତା ବୋଧି ଓ ସହଜାତ ପ୍ରବୃତ୍ତିର ସମସ୍ୱଭାବ ହୋଇ ରହିଥାଏ; ଭିତ୍ତିରୂପେ ରହିଥିବା ଚେତନା ଉପରିସ୍ତରସ୍ଥ ଉପସ୍ତରଷ୍ଟିରେ ପ୍ରାଣ ଓ ଦେହଗତ ଚେତନାମୟ ଉପାଦାନର ସ୍ୱୟଂକ୍ରିୟ ଗତିସ୍ପନ୍ଦନରେ ରୂପାନ୍ତରିତ ହୁଏ । ମନୋଭୂମିଗତ ଗତିସ୍ପନ୍ଦନଗୁଡ଼ିକ ମଧ୍ୟ ଆବର୍ତ୍ତିତ ହେଲାବେଳେ ଏହିସବୁ ସ୍ୱୟଂକ୍ରିୟତା ଭିତରେ ସଂଶ୍ଳିଷ୍ଟ ହୋଇ ରହୁଥା'ନ୍ତି; ପ୍ରାଣମୟ ଇନ୍ଦ୍ରିୟବୋଧର ପ୍ରଧାନ ସ୍ୱରଷ୍ଟିର ଆବେଶ ଭିତରେହିଁ ସେଗୁଡ଼ିକ ଏକ ଗୌଣ ମନୋଭୂମିସ୍ଥ ସ୍ୱରରୂପେ ବାଜିବାରେ ଲାଗିଥାଏ । ମାତ୍ର ତା'ପରେ ମନ ଆପଣାକୁ ଧୀରେଧୀରେ ମୁକ୍ତ କରିଦେବାରେ ଲାଗେ; ଏହା ତଥାପି ପ୍ରାଣଗତ ମୂଳପ୍ରବୃତ୍ତି, ପ୍ରାଣଗତ ପ୍ରୟୋଜନ ଏବଂ ପ୍ରାଣଗତ ବାସନାଗୁଡ଼ିକ ଲାଗି କାର୍ଯ୍ୟ କରୁଥାଏ ସତ, ମାତ୍ର ତାହାର ସ୍ୱକୀୟ ଲକ୍ଷଣଗୁଡ଼ିକର ଉଦୟ ଆରମ୍ଭ ହୁଏ । ତାହା ପର୍ଯ୍ୟବେକ୍ଷଣ ଓ ଉଦ୍ଭାବନରେ ଲାଗିଯାଏ, କଳାନୈପୁଣ୍ୟ ଲାଭ କରିବାରେ ପ୍ରବୃତ୍ତ ହୁଏ, ତାହା ମଧ୍ୟରେ ଉଦ୍ଦେଶ୍ୟ ଓ ତାହାକୁ ପରିପୂର୍ଣ୍ଣ କରିବାର ଇଚ୍ଛା ଜାଗ୍ରତ ହୁଏ । ଇନ୍ଦ୍ରିୟଚେତନା ଓ ଆବେଗ ସହିତ ସଂବେଗର

'oaob.nitrkl.ac.in' images reprocessed

ସମ୍ମିଳନ ଘଟେ ଏବଂ ତାହା ଫଳରେ ଅଶୋଧିତ ପ୍ରାଣଗତ ପ୍ରତିକ୍ରିୟାଗୁଡ଼ିକରେ ଅଧିକ ସୂକ୍ଷ୍ମ ଓ ସୁକୁମାର ନାନା ସ୍ତରର ସଂବେଦନ ଓ ମୂଲ୍ୟାୟନ ଆସି ଦେଖାଦିଏ । ମାତ୍ର ମନ ସେତେବେଳେ ମଧ୍ୟ ପ୍ରାଣ ମଧ୍ୟରେ ବଡ଼ ସଂଶ୍ଳିଷ୍ଟ ହୋଇ ରହିଥାଏ, ଏବଂ ଏହାର ବିଶୁଦ୍ଧ ଓ ଉଚ୍ଚତମ ମନୋଭୂମିଗତ କ୍ରିୟାଗୁଡ଼ିକ ତଥାପି ଦୃଷ୍ଟିଗୋଚର ହୋଇନଥାଏ । ଆପଣାର ଅବଲମ୍ବନସ୍ୱରୂପ ଏହା ସହଜାତ ମୂଳପ୍ରବୃତ୍ତି ଓ ପ୍ରାଣ-ପ୍ରସୂତ ବୋଧିର ଏକ ବୃହତ୍ ଭୂମିକୁ ଗ୍ରହଣ କରିନିଏ; ଏବଂ ପ୍ରାଣୀ ଜୀବନର ଉଚ୍ଚରୁ ଉଚ୍ଚତର ସ୍ତରକୁ ଉଠି ଉଠି ଯାଉଥିବା ସଙ୍ଗେସଙ୍ଗେ ଅଧିକରୁ ଅଧିକ ଅଭିବୃଦ୍ଧି ଲାଭ କରୁଥିବା ବୁଦ୍ଧି ମଧ୍ୟ ବିକଶିତ ହୋଇଉଠେ ଏବଂ ପ୍ରାଣରୂପୀ ମୂଳଗୃହଟିରେ ସଆନ ପରି ହୋଇ ରହିଥାଏ ।

ପ୍ରାଣୀଜୀବନଗତ ଭୂମିଟି ସହିତ ମାନବୀୟ ବୁଦ୍ଧିର ସଂଯୋଗ ଘଟିବା ପରେ ମଧ୍ୟ ସେହି ଭୂମି ବା ଭିତ୍ତିଟି ବର୍ତ୍ତମାନ ଓ କ୍ରିୟାଶୀଳ ରହିଥାଏ ସତ, ମାତ୍ର ତାହା ଅନେକ ପରିମାଣରେ ପରିବର୍ତ୍ତିତ ହୋଇଯାଏ, ସଚେତନ ଇଚ୍ଛା ଓ ଅଭିଳାଷ ଦ୍ୱାରା ଅନେକ ପରିମାଣରେ ସୂକ୍ଷ୍ମତାପ୍ରାପ୍ତ ହୁଏ, ଅନେକ ପରିମାଣରେ ଉଦ୍ବେଳିତ ହୋଇଯାଏ । ସହଜାତ ପ୍ରବୃତ୍ତି ଓ ପ୍ରାଣପ୍ରସୂତ ବୁଦ୍ଧିକୁ ଆଶ୍ରୟ କରି ଚାଲୁଥିବା ପଶୁବତ୍ ଜୀବନର କ୍ଷେତ୍ରଟି କ୍ଷୁଦ୍ରାୟତ ହୋଇଆସେ ଏବଂ ଆତ୍ମସଂବିତ୍ସମ୍ପନ୍ନ ମନଃପ୍ରସୂତ ବୁଦ୍ଧିଟିର ସମ୍ମୁଖରେ ଆପଣାର ପୂର୍ବର ସେହି ପ୍ରାଧାନ୍ୟଟିକୁ ଆଉ ବଜାୟ ରଖିପାରେ ନାହିଁ । ବୋଧି ମଧ୍ୟରେ ଆଉ ଆଗପରି ଶୁଦ୍ଧ ବୋଧିସ୍ୱଭାବଟି ଅକ୍ଷୁଣ୍ଣ ରହିପାରେ ନାହିଁ; ପ୍ରାଣପ୍ରସୂତ ବୋଧି ତଥାପି ଶକ୍ତିଶାଳୀ ହୋଇ ରହିଥିଲେହେଁ ଏହାର ପ୍ରାଣଗତ ଲକ୍ଷଣଟି ମନୋମୟତା ଦ୍ୱାରା ଆଚ୍ଛନ୍ନ ହୋଇ ରହିଯାଏ । ଏବଂ ମନଃପ୍ରସୂତ ବୋଧି ଅଧିକାଂଶ ସମୟରେ ମିଶ୍ରିତ ଅବସ୍ଥାରେ ରହିଥାଏ, କେବେ-ହେଲେ ମଧ୍ୟ ଶୁଦ୍ଧ ସାମଗ୍ରୀ ହୋଇ ନଥାଏ, କାରଣ ମନର ବଜାରରେ ତାହାକୁ ମୁଦ୍ରାରୂପେ ଚଳାଇପାରିବା ପାଇଁ ଓ ତାହାଠାରୁ କାମ ନେଇପାରିବା ପାଇଁ ଏଥିରେ ସର୍ବଦା କିଛି ନା କିଛି ଖାଦ ମିଶାଇବାକୁ ପଡ଼େ । ପ୍ରାଣୀମଧ୍ୟରେ ଅବସ୍ଥିତ ବହିସ୍ତର ଚେତନାଟି ମଧ୍ୟ ଏହି ବୋଧିକୁ ବାଧା ଦେଇପାରେ କିମ୍ବା ତାହାକୁ ବଦଳାଇ ବି ଦେଇପାରେ । ମାତ୍ର, ଏହାର ଅପେକ୍ଷାକୃତ କମ୍ ସାମର୍ଥ୍ୟ ରହିଥିବାରୁ ଏହା ସାଧାରଣତଃ ପ୍ରକୃତିର ସ୍ୱତଃସ୍ଫୂର୍ତ୍ତ, ଯାନ୍ତ୍ରିକ ଓ ମୂଳପ୍ରବୃତ୍ତିଗତ କ୍ରିୟାଗୁଡ଼ିକ ଉପରେ କମ୍ ହସ୍ତକ୍ଷେପ କରିଥାଏ । ମନୋମୟ ମନୁଷ୍ୟ ଭିତରେ ଯେତେବେଳେ ବୋଧି କ୍ରମଶଃ ଉପରସ୍ତରକୁ ସମୁନ୍ନୀତ ହୋଇ ଆସୁଥାଏ, ତାହା ସେଠାରେ ଆସି ପହଞ୍ଚିବା ପୂର୍ବରୁ ମନ ତାହାକୁ କବଳିତ କରିନିଏ ଓ ମନୋଗତ ବୁଦ୍ଧିର ଭାଷାରେ ତାହାର ଏକ ତର୍ଜମା ହୋଇଯାଏ । ସେତେବେଳେ ତାହା ସହିତ ଏକ ନକଲି ବା ମନୋଗତ ବ୍ୟାଖ୍ୟାକୁ ସଂଯୁକ୍ତ କରି ଦିଆଯାଏ, ଯାହାକି ଜ୍ଞାନର ମୂଳଗତ ଆଧାରଟିକୁ

'oaob.nitrkl.ac.in' images reprocessed

ଯୋଡ଼ାଇ ରଖେ । ସହଜାତ ପ୍ରବୃତ୍ତିଟି ମଧ୍ୟ ସେହି ମନର ସ୍ପର୍ଶରେ ପଡ଼ିଯାଏ, ମନର ରଙ୍ଗରେ ବୋଳା ହୋଇଯାଏ ଏବଂ ତାହା ଫଳରେ ଆପଣାର ବୋଧିଧର୍ମୀ ଲକ୍ଷଣଟିରୁ ବଞ୍ଚିତ ହୋଇ ରହେ । ଏବଂ ସେହି ପରିବର୍ତ୍ତନଟି ଯୋଗୁଁ ତା' ମଧ୍ୟକୁ କେତେକ ପରିମାଣରେ ଅନିଶ୍ଚିତତା ଆସି ପଶିଯାଏ । ଏବଂ ବୁଦ୍ଧିର ସ୍ୱଭାବସୁଲଭ ବସ୍ତୁସମ୍ବନ୍ଧୀୟ ଅନୁକୂଳନ ତଥା ଆତ୍ମ-ଅନୁକୂଳନର ସ୍ଥିତିସ୍ଥାପକ ଶକ୍ତିଟି ତାକୁ ହୁଏତ ସମ୍ପୂର୍ଣ୍ଣରୂପେ କ୍ଷେତ୍ରରୁ ତଡ଼ି ବାହାର କରିଦିଏ ଅଥବା ତାହାର ଅନିଶ୍ଚିତତାଗୁଡ଼ିକୁ ବଢ଼ାଇ ଦେବାରେ ସହାୟକ ହୋଇ କାର୍ଯ୍ୟ କରୁଥାଏ । ପ୍ରାଣର ଭୂମି ଉପରେ ମନର ଉତ୍କ୍ଷେପ ଫଳରେ ବିବର୍ତ୍ତିମାନ ଚେତନାଶକ୍ତିର ସାମର୍ଥ୍ୟ ଓ ସଞ୍ଚାର କ୍ଷେତ୍ର ଅତି ବିପୁଳ ଭାବରେ ବୃଦ୍ଧିପ୍ରାପ୍ତ ହୁଏ, ମାତ୍ର ତା' ସହିତ ଭୁଲ କରିବାର ସାମର୍ଥ୍ୟ ଓ ପରିସରଟି ମଧ୍ୟ ଅତି ବିପୁଳ ହୋଇଯାଏ । କାରଣ ବିବର୍ତ୍ତିତ ହୋଇ ଯାଉଥିବା ମନ ସତେଅବା ଆପଣାର ଗୁଣ ପରି ଭୁଲ କରିବାର ଜନ୍ମସୂତ୍ର ପ୍ରବଣତାକୁ ସାଙ୍ଗରେ ଧରି ଚାଲିଥାଏ, ଚେତନା ଓ ଜ୍ଞାନର ପ୍ରସାର ବଢ଼ୁଥିବା ସଙ୍ଗେ ସଙ୍ଗେ ଏହି ତ୍ରୁଟିଟିର ପରିସରଟି ମଧ୍ୟ ସେହିପରି ବଢ଼ିବାରେ ଲାଗିଥାଏ ।

ଆପଣାର ବିବର୍ତ୍ତନକ୍ରମରେ ବହିସ୍ଥ ଚେତନା ଯେତେ ସବୁବେଳେ ବୋଧିର ନିଶ୍ଚାଲାଗି ଉନ୍ମୁକ୍ତ ରହୁଥା'ନ୍ତା, ତେବେ ସେହି କ୍ଷେତ୍ରରେ ଭୁଲର ପ୍ରବେଶ କରିବା ଆଦୌ ସମ୍ଭବ ହୁଅନ୍ତା ନାହିଁ । କାରଣ ବୋଧି ହେଉଛି ସଂଗୁପ୍ତ ଅବମାନସ ଦ୍ୱାରା ବହିର୍ଦ୍ଦେଶକୁ ପ୍ରେରିତ ଏକ ଆଲୋକଧାରା ଏବଂ ସତ୍ୟଚେତନାର ଉତ୍କ୍ଷେପ; ବହିଶ୍ଚେତନା ଏହି ବୋଧିଲାଗି ଉନ୍ମୁକ୍ତ ହୋଇ ରହୁଥିଲେ ତାହାର ପରିଣାମ ଯେତେ ସୀମିତ ହେଲେ ହେଁ କିନ୍ତୁ ନିଶ୍ଚାସମ୍ପନ୍ନ ହୋଇଥା'ନ୍ତା । ସେହି କ୍ଷେତ୍ରରେ କୌଣସି ସହଜାତ ପ୍ରବୃତ୍ତିର ବିରଚନା ହେଉଥିଲେ ମଧ୍ୟ ତାହା ବୋଧି ପ୍ରତି ନମନୀୟ ହୋଇ ରହୁଥା'ନ୍ତା ଏବଂ ଅତ୍ୟନ୍ତ ମୁକ୍ତ ଭାବରେ ବିବର୍ତ୍ତନଗତ ସକଳ ପରିବର୍ତ୍ତନ ଓ ଅନ୍ତର୍ଗତ ତଥା ପରିବେଶଗତ ଯାବତୀୟ ପରିବର୍ତ୍ତନ ସହିତ ଆପଣାକୁ ଅନୁକୂଳିତ କରି ପାରୁଥା'ନ୍ତା । ସେତେବେଳେ ବୁଦ୍ଧିର କୌଣସି ପ୍ରକାର ବିରଚନା ହେଉଥିଲେ ମଧ୍ୟ ତାହା ବୋଧିର ଅଧୀନ ହୋଇ ରହନ୍ତା, ମନର ଭୂମି ଉପରେ ତାହାର ଅବିକଳ ଅଭିବ୍ୟକ୍ତି ହୋଇ ରହନ୍ତା । ଏକ ଦର୍ପଣ ପରି କାମ ଦେବାଲାଗି ଏକ ଅଲ୍ପତର ସାମର୍ଥ୍ୟବିଶିଷ୍ଟ ନିଶ୍ଚାର ଉପଯୋଗୀ ହୋଇ ଏହାର ସ୍ୱଚ୍ଛତା ସମ୍ଭବତଃ ଟିକିଏ ହ୍ରାସ ହୋଇଯାଆନ୍ତା ଏବଂ ବର୍ତ୍ତମାନ ପରି ତାହା ଆଉ ପ୍ରଧାନ ନିଶ୍ଚାତ୍ମକତା ଓ ଗତିସ୍ପନ୍ଦନ ହୋଇ ରହନ୍ତା ନାହିଁ ସତ, ମାତ୍ର ବାଟ ହୁଡ଼ିଯାଇ ତାହା କଦାପି ପ୍ରମାଦଗ୍ରସ୍ତ ହୁଅନ୍ତା ନାହିଁ, ଆପଣା ଭିତରେ ରହିଥିବା ଅନ୍ଧକାରମୟ ଅଂଶଗୁଡ଼ିକ ଦ୍ୱାରା ଚାଳିତ ହୋଇ ମିଥ୍ୟା ବା ଭ୍ରାନ୍ତି ଭିତରେ ବୁଡ଼ିଯାଆନ୍ତା ନାହିଁ । ମାତ୍ର

'oaob.nitrkl.ac.in' images reprocessed

ସେପରି ହୋଇପାରିନାହିଁ, କାରଣ ଯେଉଁ ଜଡ଼ଭୂମି ବା ବହିସ୍ଥ ଉପାଦାନଟିରେ ମନ ଓ ପ୍ରାଣ ଆପଣାକୁ ପ୍ରକାଶ କରୁଛନ୍ତି, ତାହା ଉପରେ ନିଶ୍ଚେତନା ଏପରି ପ୍ରଭାବ ବିସ୍ତାର କରି ରହିଛି ଯେ ତଦ୍ଦ୍ୱାରା ବହିର୍ଭାଗରେ ଅବସ୍ଥିତ ଚେତନା ଅନ୍ଧକାରାଚ୍ଛନ୍ନ ହୋଇ ପଡ଼ୁଛି ଓ ଅନ୍ତରାଲୋକର ଆହ୍ୱାନକୁ ପ୍ରତିସ୍ପନ୍ଦନ ଜଣାଇପାରୁ ନାହିଁ। ପୁଣି ସତ୍ୟଚେତନାର ଅତିକ୍ଷିପ୍ର ବିକାଶସାଧନ ପ୍ରକୃତିର ଅଭିପ୍ରାୟ ହୋଇ ନ ଥିବାରୁ ତାହା ଆପଣାର ଏହି ଅସ୍ୱବଟିକୁ ସବୁବେଳେ ବଜାୟ ରଖିବା ସକାଶେ ଓ ସ୍ପଷ୍ଟରୂପେ ବୋଧଗମ୍ୟ ହେଉନଥିବା ଅନ୍ତରାଗତ ସଙ୍କେତ ଓ ସନ୍ଦେଶଗୁଡ଼ିକର ସ୍ଥାନାପନ୍ନ ଭାବରେ ଆପଣାର ଅତି ଅପୂର୍ଣ୍ଣ ଅଥଚ ବଡ଼ ସୁସ୍ପଷ୍ଟ ଓ ସହଜବୋଧ୍ୟ ଲବ୍ଧସତ୍ୟଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ନେଇ ବସାଇବା ସକାଶେ ଏକ ପ୍ରରୋଚନା ମଧ୍ୟ ପାଉଛି। କାରଣ ଆପଣା ଲାଗି ତାହା ଯେଉଁ ଅତିଧୀର ଓ ଆୟାସଯୁକ୍ତ ପଦ୍ଧତିଟିକୁ ଗ୍ରହଣ କରିଛି, ସେଥିରେ ବିବର୍ତ୍ତନର ଭୂମି ଉପରେ ନିଶ୍ଚେତନା ଅବିଦ୍ୟାରୂପେ ବିକଶିତ ହେଉଛି ଏବଂ ଅବିଦ୍ୟା ଏକ ଉଚ୍ଚତର ସତ୍ୟଚେତନା ଓ ସତ୍ୟଜ୍ଞାନରେ ରୂପାନ୍ତରିତ ହୋଇ ପାରିବାଲାଗି ପ୍ରସ୍ତୁତ ହେବା ପୂର୍ବରୁ ଏକ ବିମିଶ୍ରିତ ଓ ପରିମିତ ଖଣ୍ଡଜ୍ଞାନର ରୂପ ଗ୍ରହଣ କରୁଛି। ଏହି ଉଚ୍ଚତର ରୂପାନ୍ତରଟି ସମ୍ଭବ ହୋଇ ପାରିବାଲାଗି ଆମର ଅପୂର୍ଣ୍ଣ ମନୋଭୂମିଗତ ବୁଦ୍ଧିର ସୋପାନ ହେଉଛି ଏକ ଆବଶ୍ୟକ ସୋପାନ, ଏକ ମଧ୍ୟବର୍ତ୍ତୀ ସୋପାନ।

ବସ୍ତୁତଃ ବିବର୍ତ୍ତନର ପ୍ରକ୍ରିୟାଟି ଚେତନସତ୍ତାର ଦୁଇଟି ମେରୁ ଭିତରେ କାର୍ଯ୍ୟ କରୁଛି। ଗୋଟିଏ ମେରୁ ହେଉଛି ଉପରିସ୍ତରସ୍ଥ ନିଶ୍ଚେତନା, ଯାହାକୁ କି କ୍ରମେ କ୍ରମେ ଜ୍ଞାନରୂପେ ବିକଶିତ ହେବାକୁ ପଡ଼ିବ; ଅନ୍ୟଟି ହେଉଛି ଏକ ପରମ ଚେତନାଶକ୍ତି ଯାହାମଧ୍ୟରେ କି ଯାବତୀୟ ଜ୍ଞାନଶକ୍ତି ଅଧିଷ୍ଠିତ ହୋଇ ରହିଛି ଓ ଯାହାକୁ କି କ୍ରମେ କ୍ରମେ ନିଶ୍ଚେତନା ଭିତରେ ଆତ୍ମପ୍ରକାଶ କରିବାକୁ ପଡ଼ିବ। ଉପରିସ୍ତରଟିରେ ଯେଉଁ ନିଶ୍ଚେତନା ଅଜ୍ଞାନ ଓ ପ୍ରଜ୍ଞାନ ଉଭୟଟିରୁ ସମ୍ପୂର୍ଣ୍ଣଭାବେ ରହିତ ହୋଇ ରହିଛି, ତାହା ଜ୍ଞାନରୂପେ ରୂପାନ୍ତରିତ ହୋଇଯାଇ ପାରିବ, କାରଣ ସେଠାରେ ତାହାର ଭିତରେ ଚେତନା ସମ୍ବୃତ ହୋଇ ରହିଛି। ଯଦି ମର୍ମତଃ ସେଠାରେ ଚେତନାର କୌଣସି ଉପସ୍ଥିତି ନ ଥା'ନ୍ତା, ତେବେ ଆଲୋଚିତ ରୂପାନ୍ତର ବା ପରିବର୍ତ୍ତନ କଦାପି ସମ୍ଭବ ହୁଅନ୍ତା ନାହିଁ। କିନ୍ତୁ ଏହି ଅନ୍ତର୍ଗୂଢ଼ ଚେତନାଟି ଏକ ନିଶ୍ଚେତନାରୂପେ ଆପଣାର କ୍ରିୟା ମଧ୍ୟଦେଇ ଚେତନ ହେବାର ଚେଷ୍ଟାକରୁଛି। ପ୍ରଥମ ଅବସ୍ଥାରେ ପ୍ରୟୋଜନବଶ ହୋଇ ଏହା ନିଶ୍ଚେତନା ହୋଇ ରହିଥାଏ, ବାହ୍ୟ ଅଭିଘାତଗୁଡ଼ିକ ବାଜି ତା' ଭିତରେ ଅନୁଭୂତି ଓ ପ୍ରତ୍ୟଭିଘାତର ଆବଶ୍ୟକତା ଜାଗ୍ରତ କରାନ୍ତି ଏବଂ ତା'ପରେ ତାହା ଜ୍ଞାନଲାଭ କରିବାକୁ ଇଚ୍ଛା କରୁଥିବା ଏକ ପ୍ରୟାସଶୀଳ ଅବିଦ୍ୟାରୂପେ ଉକୁଟି ଉଠିବାକୁ ଆରମ୍ଭ କରେ।

'oaob.nitrkl.ac.in' images reprocessed

ବିଶ୍ୱଜଗତ ତଥା ଜାଗତିକ ଶକ୍ତି ଓ ବସ୍ତୁଗୁଡ଼ିକ ସହିତ ଆପଣାର ସଂସ୍ପର୍ଶକୁହିଁ ତାହା ସାଧନରୂପେ ବ୍ୟବହାର କରେ, ଏବଂ ସେହି ସମ୍ପର୍କ ସତେଅବା ଚକ୍ମକିକାଠି ଘଷି ଦେଲାପରି ତାହା ଭିତରେ ଏକ ଜ୍ଞାନର ସ୍ଫୁଲିଙ୍ଗ ସୃଷ୍ଟି କରିଦିଏ । ଭିତରୁ ଆସୁଥିବା ପ୍ରତ୍ୟାଭିଘାତ ବା ପ୍ରତିସ୍ପନ୍ଦନ ଏହି ସ୍ଫୁଲିଙ୍ଗ ରୂପରେହିଁ ଆତ୍ମପ୍ରକାଶ କରେ । ମାତ୍ର ଆଧାରସ୍ଥ ସେହି ଜ୍ଞାନ-ଉତ୍ସରୁ ପ୍ରତିସ୍ପନ୍ଦନଟିକୁ ଗ୍ରହଣ କଲାବେଳେ ଉପରେ ରହିଥିବା ନିଶ୍ଚେତନତା ତାହା ଉପରେ ପ୍ରାଦୁର୍ଭାବ ବିସ୍ତାର କରେ । ଏବଂ ତାହାକୁ ଏକ ଅସ୍ପଷ୍ଟ, ଆଚ୍ଛନ୍ନ ଓ ଅତି ଅପୂର୍ଣ୍ଣ ଏକ ବସ୍ତୁରେ ପରିଣତ କରିଦିଏ । ବିଷୟର ସଂସ୍ପର୍ଶରୁ ଜାତ ହେଉଥିବା ବୋଧର ସଂସ୍ପର୍ଶଟିକୁ ତାହା ହୁଏତ ଆଦୌ ସମ୍ପୂର୍ଣ୍ଣରୂପେ ଧରିପାରେ ନାହିଁ ଅଥବା କୌଣସି ମନ୍ଦ ଅଭିପ୍ରାୟରେ ତାହାକୁ ଲୁକ୍କାୟିତ କରି ରଖେ । ତଥାପି ଏହି ପ୍ରତିକ୍ରିୟାଟି ମଧ୍ୟରେ ଏକ ପ୍ରତିସ୍ପନ୍ଦନଗତ ଚେତନାର ସୂତ୍ରପାତ ହୁଏ, ପ୍ରକୃତିସିଦ୍ଧ ବା ଅଭ୍ୟାସଗତ ସହଜଜ୍ଞାନର ଏକ ସଞ୍ଚୟ ବି ଆରମ୍ଭ ହୋଇଯାଏ; ଏବଂ ତା'ପରେ ଏକ ଗ୍ରହଣଶୀଳ ସଂବିତ୍‌ସମ୍ପନ୍ନତାର ଉନ୍ମେଷ ହୁଏ । ଏହା ପ୍ରଥମେ ଅଶୋଧିତ ଅବସ୍ଥାରେ ରହିଥାଏ, ମାତ୍ର କ୍ରମେ ବିକଶିତ ହୋଇଉଠେ । କ୍ଷେତ୍ରଟିକୁ ହୃଦୟଙ୍ଗମ କରିବାର ଶକ୍ତି ଆସେ, କ୍ରିୟାଗୁଡ଼ିକର ପ୍ରତ୍ୟୁତ୍ତର ଦେବା ଆରମ୍ଭ ହୋଇଯାଏ ଏବଂ ଅସ୍ଥାୟୀ ଭାବରେ କର୍ମରେ ନିୟୋଜିତ ହେବାର ସାମର୍ଥ୍ୟ ମଧ୍ୟ ଆସି ପହଞ୍ଚେ । ଗୋଟିଏ କଥାରେ କହିଲେ ଏକ ବିବର୍ତ୍ତନଶୀଳ ଚେତନାର ଉନ୍ମେଷ ହୁଏ ଯାହା ଅର୍ଦ୍ଧ-ଜ୍ଞାନ ଓ ଅର୍ଦ୍ଧ-ଅଜ୍ଞାନର ଅବସ୍ଥାରେ ରହିଥାଏ । ଜ୍ଞାତର ଭୂମି ଉପରେ ଅଜ୍ଞାତର ସମ୍ମୁଖୀନ ହେବା ଆରମ୍ଭ ହୁଏ; ମାତ୍ର ଏହି ଜ୍ଞାନ ବସ୍ତୁଗତ ସଂସ୍ପର୍ଶଗୁଡ଼ିକୁ ବଡ଼ ଅପୂର୍ଣ୍ଣ ଭାବରେ ଗ୍ରହଣ କରୁଥିବା ହେତୁ ଏବଂ ସେଗୁଡ଼ିକ ଉଦ୍ଦେଶ୍ୟରେ ବଡ଼ ଅପୂର୍ଣ୍ଣ ଭାବରେ ପ୍ରତିସ୍ପନ୍ଦନ ଜଣାଉଥିବା ହେତୁ ଏକ ଅପୂର୍ଣ୍ଣ ଜ୍ଞାନ ହୋଇ ରହିଥିବାରୁ ଏହି କ୍ଷେତ୍ରରେ ଅଜ୍ଞାତର ନୂତନ ସଂସ୍ପର୍ଶଟିର ଯଥାର୍ଥ ମୂଲ୍ୟ ଅବଧାରଣ କରିବା ତାହାପକ୍ଷରେ ସମ୍ଭବ ହୋଇପାରେ ନାହିଁ । ବୋଧଗତ ପ୍ରତିସ୍ପନ୍ଦନଟି ମଧ୍ୟ ଲୁକ୍କାୟିତ ବା ବିକୃତ ହୋଇ ରହିଯିବାର ଆଶଙ୍କା ଥାଏ; ଅର୍ଥାତ୍ ପ୍ରମାଦରେ ପଡ଼ିବାର ଦୁଇଟି ଦ୍ୱାର ଉନ୍ମୁକ୍ତ ରହିଥାଏ ।

ତେଣୁ, ଯେଉଁ ଚେତନା ନିଶ୍ଚେତନାରୁହିଁ ବିବର୍ତ୍ତିତ ହୋଇ ବାହାରୁଛି ଏବଂ ଏକ ସାଧାରଣ ନିଶ୍ଚେତନାର ଉପାଦାନରେହିଁ ଯାହାକୁ କାର୍ଯ୍ୟ କରିବାକୁ ହେଉଛି, ସେହି ଚେତନାଟି ଜ୍ଞାନାଭିମୁଖୀ ହୋଇ ଧୀରେ ଧୀରେ ଅଗ୍ରସର ଓ ବିକଶିତ ହେବାର ପଥରେ ଯେ ତା' ସହିତ ପ୍ରମାଦ ରହିବହିଁ ରହିବ, ପ୍ରାୟ ଏକ ଆବଶ୍ୟକ ସର୍ତ୍ତ ଓ ସାଧନ ଏବଂ ଅପରିହାର୍ଯ୍ୟ ସୋପାନ ବା ଅବସ୍ଥାରୂପେ ଅବଶ୍ୟ ରହିବ, ଏହି ସ୍ଥିତିରେ ସେହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିବ । ଏପରିକି ଏକ ଆଂଶିକ ନିଶ୍ଚିତତାର

'oaob.nitrkl.ac.in' images reprocessed

ପ୍ରତିଶ୍ରୁତି ଦେଇ ପାରୁନଥିବା ଏକ ପର୍ଯ୍ୟବେକ୍ଷଣ-ସାଧନକୁ ଆଶ୍ରା କରିହିଁ ବିବର୍ତ୍ତନଶୀଳ ଚେତନାକୁ ଜ୍ଞାନାର୍ଜନ କରିବାକୁ ପଡ଼ିବ । କାରଣ ବସ୍ତୁଗତ ସଂସ୍ପର୍ଶ ଫଳରେ ପ୍ରଥମେ କେବଳ ଏକ ରୂପଗତ ଆଭାସ, ଏକ ସଙ୍କେତ, ଏକ ପ୍ରତିରୂପ ଅର୍ଥାତ୍ ଜଡ଼ଧର୍ମୀ ଏକ ସ୍ପନ୍ଦନହିଁ ସୃଷ୍ଟ ହେବ; ଏବଂ ସେଥିରୁ ଏକ ପ୍ରାଣଚେତନାର, ଏକ ଅନୁଭୂତିର ସଞ୍ଚାର ହେବ । ତା'ପରେ ମନ ଓ ଇନ୍ଦ୍ରିୟ ସେଗୁଡ଼ିକର ଏକ ବ୍ୟାଖ୍ୟା ବାହାରି କରିବେ, ଏବଂ ତା' ଫଳରେ ସେଗୁଡ଼ିକ ଏକ ଅନୁରୂପ ମନୋମୟ ବୋଧ ବା ରୂପରେ ପରିଣତ ହେବ । ଏହିପରି ଭାବରେ ଅନୁଭୂତ ହେଉଥିବା ଓ ମନ ସାହାଯ୍ୟରେ ଅବଗତ ହେଉଥିବା ବିଷୟକୁ ପରସ୍ପର ସହିତ ସମ୍ବନ୍ଧିତ କରିବାକୁ ପଡ଼ିବ; ଯେଉଁସବୁ ବିଷୟ ଅନବଗତ ହୋଇ ରହିଛି, ସେଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ହେବ, ସେଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିବ, ପୂର୍ବାଜିତ ଅନୁଭୂତି ଓ ଜ୍ଞାନର ସମଷ୍ଟି ଭିତରେ ସେଗୁଡ଼ିକୁ ଯଥାଯଥ ସ୍ଥାନରେ ନେଇ ସ୍ଥାପନ କରିବାକୁ ହେବ । ଏବଂ ପ୍ରତ୍ୟେକ ପଦରେ ସେଠି ତଥ୍ୟ, ତାତ୍ପର୍ଯ୍ୟ, ଉତ୍ତର, ବ୍ୟାଖ୍ୟା ଓ ସମ୍ବନ୍ଧର କ୍ଷେତ୍ରରେ ବହୁବିଧ ସମ୍ଭାବନା ଲାଗି ଅବକାଶ ରହିଥିବ । ସେଗୁଡ଼ିକ ମଧ୍ୟରୁ କେତୋଟିକୁ ପରୀକ୍ଷା କରି ବର୍ଜନ କରିବାକୁ ହେବ, ଅନ୍ୟଗୁଡ଼ିକୁ ଗ୍ରହଣ ଓ ସମର୍ଥନ କରିବାକୁ ପଡ଼ିବ । ଏବଂ ଏହି ପରିସ୍ଥିତିରେ ଜ୍ଞାନାର୍ଜନର ସମ୍ଭାବନାଟିକୁ ସୀମିତ କରି ନରଖିବା ପର୍ଯ୍ୟନ୍ତ ଭ୍ରମପ୍ରମାଦରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିବା ଆଦୌ ସମ୍ଭବ ହେବ ନାହିଁ । ପର୍ଯ୍ୟବେକ୍ଷଣ ହେଉଛି ମନୋଗତ କ୍ରିୟାର ସର୍ବପ୍ରଥମ ସାଧନ; ମାତ୍ର ଏହି ପର୍ଯ୍ୟବେକ୍ଷଣ ଗୋଟିଏ ବେଶ୍ ଜଟିଳ ପ୍ରକ୍ରିୟା ଏବଂ ଏହି କ୍ଷେତ୍ରରେ ପର୍ଯ୍ୟବେକ୍ଷଣକାରୀ ଅବିଦ୍ୟାଚ୍ଛନ୍ନ ଚେତନାଦ୍ୱାରା ନାନାପ୍ରକାର ଭୁଲ୍ ହେବାର ପଦେ ପଦେ ଆଶଙ୍କା ନିଶ୍ଚୟ ରହିଥିବ । ଇନ୍ଦ୍ରିୟ ତଥା ଇନ୍ଦ୍ରିୟଗତ ମନ ତଥ୍ୟକୁ ଲୁକ୍‌କାୟିତ କରି ରଖିବାକୁ ସତତ ଚେଷ୍ଟା କରୁଥିବେ, କେତେବେଳେ କେତେ ତଥ୍ୟକୁ ଏକାବେଳକେ ଛାଡ଼ି ଯାଉଥିବେ, କିମ୍ବା ଭୁଲ୍ ଭାବରେ ଉନ୍ମୋଚନ କରୁଥିବେ ଅଥବା ଏକାଠି କରି ପକାଉଥିବେ, ବ୍ୟକ୍ତିଗତ ଧାରଣା କିମ୍ବା ବ୍ୟକ୍ତିଗତ ପ୍ରତିକ୍ରିୟା ଦ୍ୱାରା ଅଜାଣତରେ ତାହାକୁ ନେଇ ତାହା ସହିତ ମିଶାଇ ଦେଉଥିବେ । ଏବଂ ଏସବୁ ଫଳରେ ଏକ ଭ୍ରମାତ୍ମକ କିମ୍ବା ଏକ ଅପୂର୍ଣ୍ଣ ସମାହାର ଛବିରହିଁ ଅବତାରଣା କରାଯାଉଥିବ । ଏହିସବୁ ପ୍ରମାଦ ପଛକୁ ପୁଣି ବୁଢ଼ିଲବ୍ଧ ତଥ୍ୟଗୁଡ଼ିକରୁ ଯେଉଁସବୁ ଅନୁମାନ କରିବ ଓ ସେଗୁଡ଼ିକର ଯେଉଁଭଳି ବିଚାର କିମ୍ବା ବ୍ୟାଖ୍ୟା କରିବାକୁ ଯିବ, ସେଥିରୁ ଉପୁଜୁଥିବା ପ୍ରମାଦଗୁଡ଼ିକ ମଧ୍ୟ ରହିଛି । କାରଣ ଯେତେବେଳେ ଖାସ୍ ଦରକାରୀ ତଥ୍ୟଗୁଡ଼ିକ ମଧ୍ୟ ଅନିଶ୍ଚିତ ଓ ଦୋଷଯୁକ୍ତ ହୋଇ ରହିଥିବ, ସେତେବେଳେ ସେହିଗୁଡ଼ିକୁ ଭିତ୍ତି କରି ଠିଆ କରାଯାଉଥିବା ସିଦ୍ଧାନ୍ତମାନ ବି ସେହିପରି ଅନିଶ୍ଚୟତା-ପୂର୍ଣ୍ଣ ଓ ଦୋଷଯୁକ୍ତ ହେବାକୁ ବାଧ୍ୟ ହେବ ।

'oaob.nitrkl.ac.in' images reprocessed

ଜ୍ଞାନୋପଲବ୍ଧିର ପଥରେ ଅଗ୍ରସର ହୋଇ ଚେତନା ଜ୍ଞାତର ଭୂମିରୁ ଅଜ୍ଞାତର ଭୂମି ଆଡ଼କୁ ଗତି କରୁଥାଏ । ଏହି ଗତିପଥରେ ତାହା ଅନୁଭୂତି, ସ୍ମୃତି, ଧାରଣା ଓ ବିଶ୍ୱାସରୂପେ ଯାହାକିଛି ଅର୍ଜନ କରେ, ସେଗୁଡ଼ିକୁ ନେଇ ଆପଣାର ଏକ ଗଠନସ୍ତମ୍ଭ ଗଢ଼ି ରଖିଥାଏ, ଏକ ଏକତ୍ରୀଭୂତ ମନୋମୟ ସଂଯୋଜନ ତିଆରି କରି ରଖିଥାଏ । ସେଥିରେ ଏକ ଦୃଢ଼ତା ରହିଥିଲେ ମଧ୍ୟ ତାହାର ବିଭିନ୍ନ ଅବୟବ ମଧ୍ୟରେ ସର୍ବଦା ଏକ ପରିବର୍ତ୍ତନ, ଏକ ବିକୃତି ବା ବିବର୍ତ୍ତନ ଲାଗି ରହିଥାଏ । ନୂତନ ଜ୍ଞାନକୁ ଗ୍ରହଣ କରିବା ସମୟରେ କେବଳ ଅତୀତର ଲବ୍ଧ ଅଭିଜ୍ଞତାକୁ ଦର୍ପଣ ପରି ବ୍ୟବହାର କରିହିଁ ଯାହାକୁ ଗ୍ରହଣ କରିବାକୁ ହେବ, ସେଇଟିର ବିଚାର କରି ଦେଖାଯାଏ ଏବଂ ତାହାକୁ ଆଗରୁ ପ୍ରସ୍ତୁତ ଗ୍ରନ୍ଥଟି ଭିତରେ କେଉଁଠି ନା କେଉଁଠି ଖଞ୍ଜି କରି ରଖାଯାଏ । ଯଦି ସେଇଟି ଉପଯୁକ୍ତ ଭାବରେ ଖଞ୍ଜିହୋଇ ରହି ନପାରିଲା, ତେବେ ତାହାକୁ ଯେକୌଣସି ପ୍ରକାରେ କାଟିକୁଟି ଗ୍ରନ୍ଥଟି ସହିତ ଯୋଡ଼ି ଦିଆହୁଏ, କିମ୍ବା ତାହା ସମ୍ଭବ ନହେଲେ ସେଇଟିକୁ ବର୍ଜନ କରାଯାଏ । ମାତ୍ର ପୂର୍ବୋପଲବ୍ଧ ଜ୍ଞାନ ଓ ତାହାର ଗ୍ରନ୍ଥ ବା ପରିମାପକଗୁଡ଼ିକ ହୁଏତ ନୂତନ ବିଷୟ କିମ୍ବା ନୂତନ ଜ୍ଞାନଟିର କ୍ଷେତ୍ରରେ ଆଦୌ ପ୍ରଯୁଜ୍ୟ ହୋଇ ନପାରେ, ଅଥବା ଯୋଡ଼ିଦେଇ ରଖିବା ନାମରେ ଯାହା କରାଯାଏ, ତାହାକୁ ହୁଏତ ଆଦୌ ଏକ ଯୋଡ଼ିବା ବୋଲି ବୁଝାଯାଇ ନପାରେ, କିମ୍ବା ବର୍ଜନ କରିବାଟା ମଧ୍ୟ ଏକ ଭ୍ରମାତ୍ମକ ପ୍ରତିବନ୍ଧିତାରେ ପର୍ଯ୍ୟବସିତ ହୋଇପାରେ । ପ୍ରକୃତ ତଥ୍ୟଗୁଡ଼ିକୁ ଲୁକ୍କାୟିତ କରି ରଖିବା ଓ ସେଗୁଡ଼ିକର ଭୁଲ ଅର୍ଥ କରିବା ସାଙ୍ଗକୁ ଜ୍ଞାନର ଅପପ୍ରୟୋଗ ଓ ଅପମିଶ୍ରଣ ଆସି ଯୋଡ଼ି ହୋଇଯାଏ । ସେଗୁଡ଼ିକୁ ହୁଏତ ଭୁଲ କରି ସଂଯୋଜିତ କରି ଦିଆଯାଏ, ଭୁଲକରି ଉପସ୍ଥାପିତ କରାଯାଏ, ଏବଂ ଫଳରେ ମନୋମୟ ଭ୍ରାନ୍ତିର ଏକ ଅତିଜଟିଳ ଯନ୍ତ୍ରବେଷ୍ଟର ସୃଷ୍ଟି ହୋଇ ରହେ । ଆମ ମନୋଗତ ପ୍ରଦେଶଗୁଡ଼ିକର ଏହି ସକଳ ଆତ୍ମେକବାସନାମୟ ଆଚ୍ଛନ୍ନତା ମଧ୍ୟରେ ଏକ ପ୍ରଚ୍ଛନ୍ନ ବୋଧି କାର୍ଯ୍ୟକାରୀ ହୋଇ ରହିଥାଏ, ସତ୍ୟମୟ ଏକ ପ୍ରେରଣାଶକ୍ତି ରହିଥାଏ ଯାହାକି କ୍ଷେତ୍ରସ୍ଥ ଭ୍ରମଗୁଡ଼ିକର ସଂଶୋଧନ କରି ନେଉଥାଏ, ଅଥବା ଭ୍ରମଗୁଡ଼ିକର ସଂଶୋଧନ କରିବାଲାଗି, ବସ୍ତୁର ଏକ ଯଥାର୍ଥ ଛବି ଆଙ୍କି ରଖିବାଲାଗି ଏବଂ ଜ୍ଞାନର ଯଥାର୍ଥ ବ୍ୟାଖ୍ୟା ଦେଇପାରିବା ଲାଗି ବୁଦ୍ଧିକୁ ପ୍ରଣୋଦିତ କରୁଥାଏ । ମାତ୍ର ମନ ଭିତରେ ବୋଧିର ଇଙ୍ଗିତଗୁଡ଼ିକୁ ଲୁକ୍କାୟିତ କରି ରଖିବାଲାଗି ସତତ ଏକ ସ୍ୱାଭାବିକ ପ୍ରୟାସ ଲାଗି ରହିଥିବାରୁ ମନୁଷ୍ୟର ମନୋଗତ ଭୂମିରେ ବୋଧିର ଶକ୍ତି ବହୁ ସୀମିତ ହୋଇ ରହିଥାଏ ଏବଂ ତାହା ଆପଣା ସ୍ୱାତନ୍ତ୍ର୍ୟରେ ଆଦୌ କାର୍ଯ୍ୟ କରି ପାରୁନଥାଏ । କାରଣ ସେହି ବୋଧି ଅନ୍ନମୟ, ପ୍ରାଣମୟ କିମ୍ବା ମନୋମୟ ଯେକୌଣସି କ୍ଷେତ୍ରରେ କାର୍ଯ୍ୟ କରୁଥିଲେ ମଧ୍ୟ, ମନ ଯେପରି ତାହାକୁ ଗ୍ରହଣ କରିବାଲାଗି କ୍ଷମ ହୋଇପାରିବ,



'oaob.nitrkl.ac.in' images reprocessed

ସେଥିପାଇଁ ଆମ ପ୍ରାକୃତ ଚେତନାର ଭୂମିରେ ତାହା ଆପଣାର ନଗ୍ନ ଶୁଦ୍ଧରୂପେ ଆଦୌ ଆବିର୍ଭୂତ ହୋଇପାରେ ନାହିଁ, କେବଳ ମନର ରଙ୍ଗଦ୍ୱାରା ରଞ୍ଜିତ ହୋଇ ଓ ଆପଣାକୁ ମନୋମୟ ପରିଚ୍ଛଦରେ ଆବୃତ କରି ଦେଖା ଦେଇଥାଏ । ଏହିପରି ଏକ ଛଦ୍ମବେଶ ପରିଧାନ କରିଥିବାରୁ ବୋଧିର ଅସଲ ରୂପଟିକୁ ଚିହ୍ନିବା ସମ୍ଭବ ହୁଏ ନାହିଁ, ମନ ସହିତ ଏହାର ସମ୍ବନ୍ଧ ଓ ଏହାର ପ୍ରକୃତ କାର୍ଯ୍ୟଟିକୁ ମଧ୍ୟ ଯଥାର୍ଥରେ ବୁଝିହୁଏ ନାହିଁ । ସ୍ୱଭାବତଃ ତରତର ହୋଇ ଆପଣାର ନାନା ସିଦ୍ଧାନ୍ତ କରି ପକାଉଥିବା ଅର୍ଦ୍ଧଜ୍ଞାନସମ୍ପନ୍ନ ଆମର ବୁଦ୍ଧି ମଧ୍ୟ ବୋଧିର ନିଷ୍ପତ୍ତିଗୁଡିକୁ ଉପେକ୍ଷା କରି ଚାଲେ । ବାସ୍ତବତାର ବୋଧି, ସମ୍ଭାବନାର ବୋଧି, ବସ୍ତୁର ପଛରେ ଅବସ୍ଥିତ ରହି ତାହାର ନିୟମନ କରୁଥିବା ସତ୍ୟର ବୋଧି ପ୍ରଭୃତି ବୋଧିର ନାନାବିଧ ଧାରା ରହିଛି; ଆମର ମନ ଭୁଲରେ ପଡ଼ି ସେଗୁଡ଼ିକ ମଧ୍ୟରୁ ଗୋଟିକୁ ଅନ୍ୟଟି ବୋଲି ମନେ କରେ । ଅର୍ଦ୍ଧବୋଧ ନାନା ସାମଗ୍ରୀକୁ ବଡ଼ ଅଡ଼ୁଆଡଡ଼ୁଆ କରି ମିଶାଇ ଦିଆଯାଇଥାଏ, ଏବଂ ପ୍ରୟୋଗମୂଳକ ଭାବରେ ତାହାରି ଉପରେ ଏକ ପ୍ରତ୍ୟୟଗତ ସୌଧ ଠିଆକରି ଦିଆଯାଇଥାଏ; ଆତ୍ମା ଓ ବସ୍ତୁକୁ ମୂର୍ତ୍ତିମନ୍ତ କରିବାକୁ ଯାଇ ଏକ ଅତିକଠିନ ଅଥଚ ଅତ୍ୟନ୍ତ ବିଶୃଙ୍ଖଳ ରୂପ ବା ମନୋମୟ ଧାରଣାକୁ ବାଢ଼ି ଦିଆଯାଇଥାଏ । ଏହିପରି ସମସ୍ତ କ୍ଷେତ୍ରଟି କେବଳ ଅଧା ଆଲୋକିତ ହୋଇ ପାରିଥାଏ, ଅଧା ସଜଡ଼ା ଓ ଅଧା ଅସଜଡ଼ା ହୋଇ ରହିଥାଏ; ଅଧା ସତ୍ୟ ଓ ଅଧା ଅସତ୍ୟ, ଅଥଚ ସର୍ବଦା ଅପୂର୍ଣ୍ଣ ହୋଇ ରହିଥାଏ;—ଏହାକୁହିଁ ଆମେ ମାନସିକ ଜ୍ଞାନର ପ୍ରକୃତ ଲକ୍ଷଣ ବୋଲି କହିବା ।

ଭ୍ରମ ବା ଭୁଲ ମାନଙ୍କେ ଯେ ସର୍ବଦା ଅସତ୍ୟରେ ପର୍ଯ୍ୟବସିତ ହେବାକୁ ବାଧ୍ୟ ହେବ, ସେକଥା ଆଦୌ ନୁହେଁ । ତାହାକୁ ସତ୍ୟର କେବଳ ଏକ ଅପୂର୍ଣ୍ଣତା, ଏକ ପରୀକ୍ଷାମୂଳକତା ଓ ନାନା ସମ୍ଭାବନାର ଏକ ସମାହାର ବୋଲି ବୁଝିହୋଇ ପାରିବ । କାରଣ ଯେତେବେଳେ ଜ୍ଞାନ ସହିତ ଆମର ପରିଚୟ ଘଟି ନଥାଏ, ସେତେବେଳେ ଅପରୀକ୍ଷିତ ଓ ଅନିଶ୍ଚିତ ନାନା ସମ୍ଭାବନାକୁ ମଧ୍ୟ ପ୍ରଥମେ ମାନି ନେବାକୁ ହୋଇଥାଏ, ଏବଂ ତାହା ଫଳରେ ଭାବନାର କେବଳ ମାତ୍ର ଏକ ଅପୂର୍ଣ୍ଣ ଓ ଅନିପୁଣ ରଚନା ସମ୍ଭବ ହେଉଥିଲେ ମଧ୍ୟ ନାନା ଅପ୍ରତ୍ୟାଶିତ ଦିଗରେ ତାହା ନୂତନ ଜ୍ଞାନଲାଭର ଦ୍ୱାରମାନ ଖୋଲିଦେଇ ଆପଣାର ଔଚିତ୍ୟଟିକୁ ପ୍ରତିପାଦିତ କରିପାରେ; ଏପରିକି ଆପଣାକୁ ବିଚୂର୍ଣ୍ଣ ବା ପୁନର୍ଗଠିତ କରିଦେଇ ଅଥବା ତାହା ମଧ୍ୟରେ ଲୁକ୍କାୟିତ ହୋଇ ରହିଥିବା କୌଣସି ସତ୍ୟର ଆବିଷ୍କାର କରି ମଧ୍ୟ ତାହା ଆମର ଜ୍ଞାନ ଓ ଅନୁଭୂତିର ସମୃଦ୍ଧିସାଧନରେ ସହାୟତା କରିପାରେ । ଏହିପରି ଭାବରେ ଏକ ଅଦ୍ଭୁତ ମିଶ୍ରଣ ସୃଷ୍ଟି ହେବାର ଆଶଙ୍କା ଥାଏ ସତ, ମାତ୍ର ତଥାପି ଏହି ମିଶ୍ରିତ ସତ୍ୟର ମାଧ୍ୟମରେ ବି ଚେତନା, ବୁଦ୍ଧି ଓ ବିବେକଶକ୍ତିର ବୃଦ୍ଧିସାଧନ

'oaob.nitrkl.ac.in' images reprocessed

ଆତ୍ମଜ୍ଞାନ ଓ ବିଶ୍ୱଜ୍ଞାନର ଏକ ସ୍ପଷ୍ଟତର ଓ ସତ୍ୟତର ମୂର୍ତ୍ତିର ସାକ୍ଷାତ ଲାଭ କରିବାକୁ ନିଶ୍ଚୟ ସମର୍ଥ ହୋଇପାରେ । ଆଚ୍ଛନ୍ନକାରୀ ମୂଳସ୍ଥ ନିଶ୍ଚେତନାର ବାଧା କ୍ରମଶଃ ହ୍ରାସ ହୋଇଯାଇପାରେ, ଏବଂ ଏକ ବୃଦ୍ଧିମନ୍ତ ମନଶ୍ଚେତନା ଏପରି ଏକ ସ୍ପଷ୍ଟ ଦୃଷ୍ଟି ଏବଂ ସମଗ୍ରତାରେ ଆସି ଉପନୀତ ହୋଇପାରେ, ଯାହାକି ପ୍ରତ୍ୟକ୍ଷ ଜ୍ଞାନ ଓ ବୋଧପ୍ରକ୍ରିୟାର ପ୍ରଚ୍ଛନ୍ନ ବିପୁଳ ଶକ୍ତିଗୁଡ଼ିକୁ ଉନ୍ମେଷ ଲାଭ କରିବାର ସାମର୍ଥ୍ୟ ଆଣି ଦେଇପାରେ, ପ୍ରସ୍ତୁତ ହୋଇ ରହିଥିବା ଜ୍ଞାନାଲୋକଗତ ସାଧନଗୁଡ଼ିକର ଯଥାର୍ଥ ଉପଯୋଗ କରିବାରେ ସେହି ଶକ୍ତିଗୁଡ଼ିକୁ ସମର୍ଥ କରିପାରେ, ମନୋମୟ ବୁଦ୍ଧିକୁ ବିବର୍ତ୍ତନର ଭୂମିଟି ଉପରେ ଆପଣାର ଯଥାର୍ଥ ପ୍ରଭୁତ୍ୱ ଓ ସତ୍ୟନିର୍ମିତା ସ୍ୱବରେ ପ୍ରେରଣ କରିବାଲାଗି ସେହି ଶକ୍ତିଗୁଡ଼ିକୁ ସହାୟତା କରିପାରେ ।

ମାତ୍ର ଏହିଠାରେହିଁ ବିବର୍ତ୍ତନର ଦ୍ୱିତୀୟ ପାରିବେଶିକ ଅବସ୍ଥା ବା ଉପାଦାନଟି ଆସି ପହଞ୍ଚିଯାଏ । କାରଣ ଏହି ଜ୍ଞାନାନ୍ୱେଷଣକୁ ଆମେ କେବଳ ଏକ ନୈର୍ବ୍ୟକ୍ତିକ ମନୋଗତ ପ୍ରକ୍ରିୟା ବୋଲି କହିପାରିବା ନାହିଁ ଯାହାକି କେବଳ ମନୋଗତ ବୁଦ୍ଧିର ସାଧାରଣ ସୀମିତତାଟି ଦ୍ୱାରାହିଁ ବାଧାପ୍ରାପ୍ତ ହୋଇଥାଏ । ସେହି କ୍ଷେତ୍ରରେ ଅହଂଟି ମଧ୍ୟ ଉପସ୍ଥିତ ରହିଥାଏ; ଦେହଗତ ଓ ପ୍ରାଣଗତ ଦୁଇଟିଯାକ ଅହଂ ଉପସ୍ଥିତ ରହିଥା'ନ୍ତି । ଆତ୍ମଜ୍ଞାନର ଅଭିଳାଷ ନେଇ ଏବଂ ବସ୍ତୁସତ୍ୟ ଓ ଜୀବନସତ୍ୟର ଆବିଷ୍କାର କରିବାର ଅଭିଳାଷ ନେଇ ଯେ ସେମାନେ ସେଠାରେ ଉପସ୍ଥିତ ରହିଥା'ନ୍ତି, ତାହା ନୁହେଁ; ସେମାନେ କେବଳ ପ୍ରାଣଟାକୁହିଁ ପ୍ରତିଷ୍ଠିତ ଓ ଚରିତାର୍ଥ କରିବାକୁ ଇଚ୍ଛା କରୁଥା'ନ୍ତି । ସେହି କ୍ଷେତ୍ରରେ ଏକ ମନୋଗତ ଅହଂ ମଧ୍ୟ ଉପସ୍ଥିତ ରହି କେବଳ ଆପଣାକୁ ପ୍ରତିଷ୍ଠିତ କରିବାଲାଗି ଉନ୍ମୁଖ ହୋଇ ରହିଥାଏ, ଏବଂ ପ୍ରାଣ ବାସନା ଓ ପ୍ରାଣଗତ ଅଭିପ୍ରାୟର ପୂରଣ ଲାଗି ମୁଖ୍ୟତଃ ପ୍ରାଣପ୍ରେରଣାଟି ଦ୍ୱାରାହିଁ ପରିଚାଳିତ ଓ ବ୍ୟବହୃତ ହେଉଥାଏ । କାରଣ ମନର ବିକାଶ ସଙ୍ଗେ ସଙ୍ଗେ ଏକ ମନୋମୟ ବ୍ୟକ୍ତିତ୍ୱ ମଧ୍ୟ ବିକାଶ ଲାଭ କରିଥାଏ; ତାହା ଆପଣାର ଏକ ମନୋମୟ ପ୍ରବୃତ୍ତି, ମନୋମୟ ମିଜାଜ ଓ ମନୋମୟ ରୁଚିପ୍ରବଣତାଦ୍ୱାରା ପରିଚାଳିତ ହୁଏ । ଉପରନ୍ତୁ ଏହି ମନୋମୟ ବ୍ୟକ୍ତିଚେତନା ଧର୍ମତଃ ଅହଂକେନ୍ଦ୍ରିତ ହୋଇ ରହିଥାଏ; କେବଳ ଆପଣାର ଦୃଷ୍ଟିକୋଣରୁହିଁ ତାହା ଜଗତକୁ ଦେଖିଥାଏ, ଜଗତର ବିଷୟ ଓ ଘଟଣାଗୁଡ଼ିକୁ ଦେଖିଥାଏ । ସେଗୁଡ଼ିକ ସ୍ୱରୂପତଃ ବା ପ୍ରକୃତରେ ଯାହା, ସେହି ଦୃଷ୍ଟିରୁ ଦେଖେ ନାହିଁ; ମାତ୍ର ସେଗୁଡ଼ିକ ତାକୁ ଯେପରି ଦିଶନ୍ତି ଅର୍ଥାତ୍ ତା' ଉପରେ ଯେଉଁଭଳି ପ୍ରତିକ୍ରିୟା ପକାନ୍ତି, ସେହି ଦୃଷ୍ଟିରୁହିଁ ସେଗୁଡ଼ିକୁ ଦେଖିଥାଏ । ବିଷୟଗୁଡ଼ିକୁ ଦେଖିଲାବେଳେ ସେ କେବଳ ଆପଣାର ପ୍ରବୃତ୍ତି ଓ ମିଜାଜକୁ ସୁହାଇଲା ଭଳି ଏକ ଅନୁରଞ୍ଜନ ଦେଇ ସେଗୁଡ଼ିକୁ ଦେଖେ । ଆପଣା ମନୋଗତ ପସନ୍ଦ-ଅପସନ୍ଦ ଓ ସୁବିଧା ଅନୁସାରେ ସିଏ ସତ୍ୟର

'oaob.nitrkl.ac.in' images reprocessed

ସଂଯୋଜନା କରିବାରେ ଲାଗିଥାଏ, ସେହି ଅନୁସାରେ ସତ୍ୟକୁ ଗ୍ରହଣ ବା ବର୍ଜନ କରୁଥାଏ । ଏହି ମନୋମୟ ବ୍ୟକ୍ତିତ୍ୱ ଦ୍ୱାରାହିଁ ତା'ର ଯାବତୀୟ ଅବଲୋକନ, ବିଚାର ଓ ବିବେକ-ବୁଦ୍ଧି ନିରୂପିତ ଓ ପ୍ରଭାବିତ ହେଉଥାଏ, ଏବଂ ସେହି ବ୍ୟକ୍ତିତ୍ୱ ଏବଂ ଅହଂର ଆପଣା ଆବଶ୍ୟକତା ଅନୁସାରେ ସେଗୁଡ଼ିକ ପ୍ରବେଶ କରିବାର ସ୍ୱୀକୃତି ପାଉଥାଏ । ଏପରିକି ଯେତେବେଳେ ସତ୍ୟ ଓ ବିବେକର କ୍ଷେତ୍ରରେ ଶୁଦ୍ଧ ନୈର୍ବ୍ୟକ୍ତିକତା ବା ତଟସ୍ଥତା ଅର୍ଜନ କରିବା ମନର ଉଦ୍ଦେଶ୍ୟ ହୋଇ ରହିଥାଏ, ସେତେବେଳେ ମଧ୍ୟ ଏକ ଅବିମିଶ୍ରିତ ନୈର୍ବ୍ୟକ୍ତିକତା ଓ ତଟସ୍ଥତା ସମ୍ଭବ ହୋଇପାରେ ନାହିଁ । ତଥ୍ୟ ଓ ଅବଧାରଣାକୁ ଆପଣାର କରି ଗ୍ରହଣ କଲାବେଳେ ମନୋଗତ ବୃଦ୍ଧି ସେଥିରେ ଯେଉଁସବୁ ମୋଡ଼ ଓ ବାଙ୍କସବୁ ଆଣି ପୂରାଇଦିଏ, ଯେପରି ଭାବରେ ସେ ଆପଣାର ମନୋଗତ ଜ୍ଞାନଟିକୁ ରଚନା କରେ, ଆଗରୁ ଯେତେବେଶୀ କଡ଼ା ତାଲିମ ପାଇଥିଲେ ବା ସତର୍କ ରହିଥିଲେ ମଧ୍ୟ ସେ ନିଜେ ବି ସେଗୁଡ଼ାକୁ ଠିକ୍ ଠହରାଇ ପାରେ ନାହିଁ । ତେଣୁ ସତ୍ୟକୁ ବିକୃତ କରିଦେବା ଲାଗି ଏହି କ୍ଷେତ୍ରରେ ଭଣ୍ଡାରଭରି ଅସରନ୍ତି ସାମଗ୍ରୀ ରହିଥାଏ, ସତ୍ୟକୁ ଅସତ୍ୟରେ ପରିଣତ କରିଦେବାର ଅମିତ କାରଣ ମହଜୁଦ ରହିଥାଏ, ଭୁଲ୍ କରି ବସିବାର ଏକ ଅଚେତନ ବା ଅର୍ଦ୍ଧଚେତନ ଇଚ୍ଛା ମହଜୁଦ ଥାଏ । ସତ୍ୟ ଓ ଅସତ୍ୟର ଯଥାର୍ଥ ବା ସ୍ପଷ୍ଟ ଅବଧାରଣାଦ୍ୱାରା ଏଠି କଳ୍ପନା ଓ ତଥ୍ୟଗୁଡିକୁ ଗ୍ରହଣ କରାଯାଏ ନାହିଁ; ମାତ୍ର ଯେଉଁଟା ଆଗ ପସନ୍ଦକୁ ଆସେ, ଆଗ ସେଇଟାହିଁ ଗ୍ରହଣ କରାଯାଏ; ବ୍ୟକ୍ତିଗତ ଦୃଷ୍ଟିରୁ ଯାହା ଅଧିକ ସୁହାଏ, ସେଇଟାକୁହିଁ ଗ୍ରହଣ କରାଯାଏ । ମିଜାଜଟା ଯାହାକୁ ଗ୍ରହଣ କରିବାକୁ ପସନ୍ଦ କରେ କିମ୍ବା ଯାହାକୁ ଗ୍ରହଣ କରାଯିବ ବୋଲି ଆଗରୁ ଅଭିଳାଷ ଥାଏ, ସେଇଟାକୁହିଁ ଗ୍ରହଣ କରାଯାଏ । ଏହିଠାରେହିଁ ଅସତ୍ୟ ଲାଗି ମଞ୍ଜି ବୁଣାହୋଇ ଏକ ସୁଫଳପ୍ରସୂ ପଟାଳି ପ୍ରସ୍ତୁତ ହୋଇ ରହିଥାଏ, ଅଥବା ଏପରି ଏକ ଦ୍ୱାର ବା ଦ୍ୱାରଗୁଡ଼ିକ ଉନ୍ମୁକ୍ତ ହୋଇ ରହିଥାଏ, ଯେଉଁ ବାଟ ଦେଇ ଅସତ୍ୟ ଲୁଚିଛପି ପଶି ଆସିପାରିବ, ବଳାତ୍କାର କରି ପଶିଆସିବ, ମାତ୍ର ଯାହାର ଏହି ବଳାତ୍କାରଟା ଆମକୁ ଗ୍ରହଣଯୋଗ୍ୟ ବୋଲି ମନେ ହେଉଥିବ । ଏହି ଦ୍ୱାର ଦେଇ ସତ୍ୟର ମଧ୍ୟ ପ୍ରବେଶ କରି ଆପଣାଲାଗି ଏକ ବାସ ନିରୂପଣ କରିନେବାର ସମ୍ଭାବନା ରହିଛି, ମାତ୍ର ସ୍ୱାଧିକାର ବଳରେ ନୁହେଁ, କେବଳ ମନର ଖୁସୀ ଓ ମରଜି ଅନୁସାରେହିଁ ତାହା ସେପରି କରିପାରିବ ।

ସାଂଖ୍ୟ ମତରେ ମନର ଯେଉଁ ବ୍ୟାଖ୍ୟା ଦିଆଯାଇଛି, ସେହି ଅନୁସାରେ ଆମେ ଭିନ୍ନ ଭିନ୍ନ ତିନୋଟି ମନୋମୟ ବ୍ୟକ୍ତିତ୍ୱର କଳ୍ପନା କରିପାରିବା । ଗୋଟିଏ ମନ, ଯାହାକି ଅସ୍ପଷ୍ଟତା ଏବଂ ଜଡ଼ତାର ଏକ ତତ୍ତ୍ୱଦ୍ୱାରା ନିୟନ୍ତ୍ରିତ ହେଉଛି, ତାହା ନିଶ୍ଚେତନାର ପ୍ରଥମ ସନ୍ତାନ, ତାହା ଏକ ତାମସିକ ମନ । ଆଉ ଗୋଟିଏ ମନ,

'oaob.nitrkl.ac.in' images reprocessed

ଯାହା ଆବେଗମୟତା ଓ ନିଶ୍ଚିତପ୍ରତା ଦ୍ୱାରା ନିୟନ୍ତ୍ରିତ ବା ପ୍ରଣୋଦିତ ହେଉଛି । ସେଇଟି ହେଲା ଗତିଧର୍ମୀ ବା ରାଜସିକ ମନ । ଏବଂ ତୃତୀୟ ମନ ଆଲୋକ, ସମନ୍ୱୟ ଏବଂ ସମତାରୂପୀ ସାତ୍ତ୍ୱିକ ତତ୍ତ୍ୱଗୁଡ଼ିକର ଉପରେ ତୋଳା ହୋଇ ରହିଛି । ଅନ୍ନମୟ ମନ ଭିତରେ ତାମସିକ ବୃତ୍ତିର ଆସ୍ଥାନ ରହିଛି । କୌଣସି ଶବ୍ଦ, ବ୍ୟକ୍ତି ଅଥବା ସ୍ୱୀକୃତ କୌଣସି ଏକ ବସ୍ତୁରୁ ଯାହା ସେ ବଡ଼ ଜଡ଼, ଅନ୍ଧ ଓ ନିଷ୍କ୍ରିୟଭାବରେ ଗ୍ରହଣ କରି ଆଣିଥାଏ, କେବଳ ସେତିକ ବ୍ୟତୀତ ଏହି ମନ ଆଉ କୌଣସି ଭାବ ବା ବୋଧଲବ୍ଧି ଆପଣାର ପ୍ରତିନିଧି ଆଦୌ ଜଣାଇପାରେ ନାହିଁ । ସେଗୁଡ଼ିକୁ ଗ୍ରହଣ କଲାବେଳେ ମଧ୍ୟ ଅନ୍ନମୟ ମନ ବଡ଼ ଆଚ୍ଛନ୍ନ ହୋଇ ରହିଥାଏ, ଆପଣାକୁ ପ୍ରସାରିତ କରିଦେବାକୁ ଅନିଚ୍ଛୁକ ହୋଇ ରହିଥାଏ, ନୂତନ ଭାବାଭିଘାତଗୁଡ଼ିକ ଲାଗି ବଡ଼ ଅବାଧ୍ୟ ହୋଇ ରହିଥାଏ, ଆପଣା ସ୍ୱଭାବରେ ବଡ଼ ରକ୍ଷଣଶୀଳ ଓ ଚଳନ୍ତିଶକ୍ତିକୃପଣ ହୋଇ ରହିଥାଏ । କେବଳ ଆପଣାର ଲବ୍ଧ ଜ୍ଞାନଗତ ଗ୍ରନ୍ଥିଟିକୁ ଏହା ଜାମୁଡ଼ି ଧରି ପଡ଼ିଥାଏ, ବ୍ୟାବହାରିକ କ୍ଷେତ୍ରରେ ପୁନରାବୃତ୍ତି କଲାପରି ସେହି ଗୋଟିଏ ପ୍ରକାରରେହିଁ କାର୍ଯ୍ୟ କରିବାକୁ ସମର୍ଥ ହୋଇ ରହିଥାଏ, ଏବଂ ତାହାର ଏହି ସାମର୍ଥ୍ୟଟି ମଧ୍ୟ ତାହାର ଅତ୍ୟନ୍ତ ଅଭ୍ୟସ୍ତ, ଅତିସ୍ପଷ୍ଟ, ପ୍ରତିଷ୍ଠିତ, ପରିଚିତ ଓ ନିରାପଦ ଗୁଳାଟି ଭିତରେହିଁ ନିବଦ୍ଧ ହୋଇ ରହିଥାଏ । ଯାହାକିଛି ତା' ପାଖକୁ ନୂଆ ହୋଇ ଆସେ ଓ ଯାହା ଭିତରେ ତାକୁ ଦୋହଲାଇ ଦେବାର କୌଣସି ଆଶଙ୍କା ରହିଥାଏ, ସେସବୁକୁ ତାହା ଦୂରକୁ ଠେଲି ଦେଉଥାଏ । ପ୍ରାଣମୟ ମନ ଭିତରେ ରାଜସିକ ମନର ଆସ୍ଥାନ ଥାଏ ଏବଂ ତାହା ଦୁଇପ୍ରକାରରେ କାର୍ଯ୍ୟ କରୁଥାଏ । ଗୋଟିଏ ଆତ୍ମରକ୍ଷା ଲାଗି ଉଗ୍ର ଓ ଆବେଗପ୍ରବଳ ହୋଇ ରହିଥାଏ, ନିଜର ମନୋମୟ ବ୍ୟକ୍ତିତ୍ୱଟିକୁ ଓ ତାହା ସହିତ ମେଳ ଖାଉଥିବା ଯାବତୀୟ ବସ୍ତୁକୁ ମଧ୍ୟ ପ୍ରତିଷ୍ଠିତ କରି ରଖିବାରେ ଆଗଭର ହୋଇ ରହିଥାଏ । ଆପଣାର ଇଚ୍ଛାଶକ୍ତି ବଳରେ ଯେଉଁଗୁଡ଼ିକ ଲାଗି ସେ ଆଗ ପ୍ରବୃତ୍ତ ହୁଏ ଏବଂ ଆପଣାର ଦୃଷ୍ଟିଭଙ୍ଗୀ ସହିତ ସେ ଯେଉଁଗୁଡ଼ିକୁ ଅନୁକୂଳିତ କରି ନେଇଥାଏ, ସେହିଗୁଡ଼ିକୁ ପ୍ରତିଷ୍ଠିତ କରି ରଖିବାକୁ ଚାହୁଥାଏ । ମାତ୍ର ଯେଉଁଗୁଡ଼ିକୁ ସେ ଆପଣା ମନୋଗତ ଅହଂରଚନାଟିର ପ୍ରତିକୂଳ ବୋଲି ବିଚାରେ କିମ୍ବା ଯେଉଁଗୁଡ଼ିକୁ ସେ ଆପଣାର ବ୍ୟକ୍ତିଭାବାପନ୍ନ ବୁଦ୍ଧିଗତ ଭୂମି ଉପରେ ଗ୍ରହଣ କରିପାରେ ନାହିଁ, ସେଗୁଡ଼ିକ ଲାଗି ସେ ସର୍ବଦା ଖଡ଼୍ଗହସ୍ତ ହୋଇ ରହିଥାଏ । ରାଜସିକ ଦ୍ୱିତୀୟ ପ୍ରକାରର ବୃତ୍ତିଟି ନବ ନବ ବିଷୟଲାଗି ଉତ୍ସୁକ ହୋଇ ରହିଥାଏ; ଆବେଗମୟ, ଅଦମ୍ୟ ଓ ଦୁର୍ଦ୍ଦାନ୍ତ ହୋଇ ରହିଥାଏ । ଅଧିକାଂଶ ସମୟରେ ଅମିତ ଭାବରେ ଗତିଶୀଳ ହୋଇ ଧାଉଁଥାଏ । କୌଣସି ଗୋଟିଏ ଜାଗାରେ ସ୍ଥିର ନହୋଇ ସଦା ଅସ୍ଥିର ଥାଏ । ଆପଣାର ଧାରଣାଗତ ଭୂମିରେ ତାହା ସତ୍ୟ ବା ଆଲୋକଦ୍ୱାରା ପରିଚାଳିତ ନହୋଇ ବୃତ୍ତିଗତ ଲଢ଼େଇ, ବୁଦ୍ଧିଗତ

'oaob.nitrkl.ac.in' images reprocessed

ଗତିସ୍ପନ୍ଦନ ଏବଂ ବୁଦ୍ଧିଗତ ଦୁଃସାହସିକତାର ଏକ ଉଦ୍ଦାମ ଅତିସକ୍ରିୟ ଦ୍ୱାରା ପରିଚାଳିତ ହେଉଥାଏ । ସାତ୍ତ୍ୱିକ ବୁଦ୍ଧି ଆପଣାର ଆକାଙ୍‌କ୍ଷାକୁ ଜ୍ଞାନଲାଗି ଉନ୍ମୁକ୍ତ କରି ରଖିଥାଏ; ଜ୍ଞାନଲାଗି ଯେତେଦୂର ଉନ୍ମୁକ୍ତ ରହିବା ସମ୍ଭବ, ସେତେଦୂର ଉନ୍ମୁକ୍ତ ହୋଇ ରହିଥାଏ । ତାକୁ ଯାହାକିଛି ସତ୍ୟ ବୋଲି ଅନୁଭୂତ ହୁଏ, ସେ ତାକୁ ବିଚାର କରି ଦେଖେ, ପରୀକ୍ଷା କରି ମିଳାଇଦେଖେ ଏବଂ ତାହାକୁ ଓଜନ କରି ଦେଖୁଥାଏ; ଏବଂ ସେଗୁଡ଼ିକୁ ଆପଣାର ଦୃଷ୍ଟି ସହିତ ଅନୁକୂଳିତ କରି ନେବାକୁ ସତତ ଚେଷ୍ଟା କରୁଥାଏ । ଯାହାକିଛି ଗ୍ରହଣଯୋଗ୍ୟ, ଅର୍ଥାତ୍ ଯାହାକିଛି ଆପଣାର ଉପାଦାନରେ ପରିଣତ କରିବା ସମ୍ଭବ, ସେ ସେଗୁଡ଼ିକୁ ଗ୍ରହଣ କରେ, ଏବଂ ଅତ୍ୟନ୍ତ ସୁନିପୁଣ ଭାବରେ ଏକ ସମନ୍ୱିତ ବୁଦ୍ଧିଗତ ସଂଯୋଜନାକୁ ନିର୍ମାଣ କରି ନେଉଥାଏ । କାରଣ ମନୋଭୂମିଗତ ଯାବତୀୟ ଆଲୋକ ପରି ତାହାର ଆଲୋକ ସୀମିତ ହୋଇ ରହିଥାଏ, ତେଣୁ ସକଳ ସତ୍ୟ ଓ ସକଳ ଜ୍ଞାନକୁ ସମାନଭାବରେ ଗ୍ରହଣ କରି ପାରିବାଲାଗି ସେ ଆପଣାକୁ ଯଥୋପଯୁକ୍ତ ଭାବରେ ସମ୍ପ୍ରସାରିତ କରିପାରେ ନାହିଁ । ତାହା ଭିତରେ ଏକ ମନୋଗତ ଅହଂ ବିଦ୍ୟମାନ ଥାଏ, ଏପରିକି ଆମେ ତାହାକୁ ଏକ ଆଲୋକିତ ଅହଂ ବୋଲି ବି କହିପାରିବା । ଏବଂ ଆପଣାର ଯାବତୀୟ ଅବଲୋକନ, ବିଚାର, ବିବେକ, ମାନସିକ ରୁଚି ଓ ପସନ୍ଦ-ଅପସନ୍ଦରେ ସେ ତାହାଦ୍ୱାରାହିଁ ନିୟନ୍ତ୍ରିତ ହେଉଥାଏ । ଅଧିକାଂଶ ଲୋକଙ୍କ ଭିତରେ ଏହି ତିନୋଟି ଗୁଣରୁ କେବଳମାତ୍ର କୌଣସି ଗୋଟିଏ ସବୁଠାରୁ ଅଧିକ ପ୍ରଧାନ ହୋଇ ରହିଥାଏ, ମାତ୍ର ଅନେକ ସମୟରେ ଗୋଟିଏ ବ୍ୟକ୍ତି ଭିତରେ ସେଗୁଡ଼ିକ ମିଶ୍ରିତ ହୋଇ ବି ଥାଏ । ଉଦାହରଣସ୍ୱରୂପ ସେହି ଜଣେ ବ୍ୟକ୍ତିର ମନ ଗୋଟିଏ ଦିଗରେ ଉନ୍ମୁକ୍ତ, ସ୍ଥିତିସ୍ଥାପକ ଓ ସମନ୍ୱୟାକାଙ୍‌କ୍ଷୀ ହୋଇପାରେ; ପୁଣି ଅନ୍ୟ ଦିଗରେ ଗତିପ୍ରବଣ ଓ ପ୍ରାଣମୟ ହୋଇପାରେ, ଚଞ୍ଚଳ, ଅସ୍ଥିର, ଏକଦର୍ଶୀ ଓ ଭାରସାମ୍ୟହୀନ ବି ହୋଇପାରେ; ଏବଂ ଏକ ତୃତୀୟ ଦିଗରେ ଅନ୍ଧକାରାଚ୍ଛନ୍ନ ଓ ଗ୍ରହଣକାତର ରହିପାରେ । ବ୍ୟକ୍ତିଭାବାପନ୍ନତା ଦ୍ୱାରା ଆପଣାକୁ ଏହିପରି ସୀମାବଦ୍ଧ କରି ରଖିବା, ଆପଣା ବ୍ୟକ୍ତିଭାବର ଚାରିପାଖରେ ପାଚେରି ଦେଇ ଆତ୍ମରକ୍ଷାରେହିଁ ତତ୍ପର ହୋଇ ରହିବା ଓ ଯାହାକିଛି ଗ୍ରହଣଯୋଗ୍ୟ ପ୍ରତୀତ ନହେଉଛି, ତାକୁ ଗ୍ରହଣ କରିବାକୁ ନାସ୍ତି କରିଦେବା,—ଏଗୁଡ଼ିକ ବ୍ୟକ୍ତିସତ୍ତାର ଗୋଟିଏ ଗୋଟିଏ ଆବଶ୍ୟକତା । କାରଣ ଆପଣାର ବିବର୍ତ୍ତନକ୍ରମରେ ସେ ଯେତେବେଳେ ଯେଉଁ ସୋପାନଟିରେ ଅବସ୍ଥିତ ଥିବ, ସେତେବେଳେ ସେଠାରେ ତାହାର ତଦନୁରୂପ ଏକ ଆତ୍ମ-ଅଭିବ୍ୟକ୍ତି ମଧ୍ୟ ଥିବ, ତଦନୁରୂପ ଏକପ୍ରକାର ଅନୁଭୂତି ରହିଥିବ ଓ ସେହି ଅନୁଭୂତିକୁ ସେ ତଦନୁସାରେ କାର୍ଯ୍ୟରେ ବି ଲଗାଉଥିବ; ଏବଂ ତାହା ଅନ୍ତତଃ ତା'ର ମନ ଓ ପ୍ରାଣଲାଗି ତାହାର ପ୍ରକୃତିକୁ ନିୟନ୍ତ୍ରିତ କରୁଥିବ । ସେହି କ୍ଷଣଟି

'oaob.nitrkl.ac.in' images reprocessed

ସକାଶେ ସେଇଟି ତାହାର ସତ୍ତ୍ୱଗତ ବିଧାନ ବା ଧର୍ମ ହୋଇ ରହିଥିବ । ବ୍ୟକ୍ତିଭାବା-ପନ୍ନତା ଦ୍ୱାରା ମନଶ୍ଚେତନାର ଏହି ସୀମାବଦ୍ଧ ହୋଇ ରହିବା ଏବଂ ମନୋଗତ ମିଜାଜ ଓ ପସନ୍ଦ-ଅପସନ୍ଦ ଦ୍ୱାରା ସତ୍ୟର ସୀମାବଦ୍ଧ ହୋଇ ରହିବା;—ବ୍ୟକ୍ତି ନିଜକୁ ବିଶ୍ୱାତ୍ମକତାର ସୋପାନକୁ ଉତ୍ତୋଳିତ କରି ନନେବା ପର୍ଯ୍ୟନ୍ତ ଏହାହିଁ ଆମ ପ୍ରକୃତିର ବିଧାନ ହୋଇ ରହିବ । ମନକୁ ଉତ୍କ୍ରାନ୍ତ କରିନେବା ସକାଶେ ପ୍ରସ୍ତୁତି ଆରମ୍ଭ ନକରିବା ପର୍ଯ୍ୟନ୍ତ ଏହାହିଁ ଆମର ପ୍ରକୃତିକୁ ପରିଚାଳିତ କରୁଥିବ । ମାତ୍ର ଏହିପରି ଏକ ପରିବେଶରୁ ଭୁଲ ଓ ଭ୍ରମାଦ ଯେ ଅବଶ୍ୟ ଉପୁଜିବ ଏବଂ ତାହା ଯେ ଯେକୌଣସି ସମୟରେ ଜ୍ଞାନକୁ ଅସତ୍ୟଦ୍ୱାରା ଆବୃତ କରି ରଖିବାର କାରଣ ହୋଇ ଠିଆହେବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ସେଥିରୁ ଅଜ୍ଞାତ କିମ୍ବା ଅର୍ଦ୍ଧ-ଇଚ୍ଛାକୃତ ଭାବରେ ଆତ୍ମପ୍ରତାରଣା ଜନ୍ମଲାଭ କରିବ, ଯଥାର୍ଥ ଜ୍ଞାନକୁ ଗ୍ରହଣ ନକରିବା ଲାଗି କୁପ୍ରେରଣା ମିଳିବ, ଏବଂ ବେଶ୍ ଗ୍ରହଣ କରାଯାଇ ପାରୁଥିବା ମିଥ୍ୟା ଜ୍ଞାନକୁ ବଳପୂର୍ବକ ସତ୍ୟ ଜ୍ଞାନ ବୋଲି ଦାବି କରିବାକୁ ଆଉ କୌଣସି ସଙ୍କୋଚ ବୋଧ ହେବ ନାହିଁ ।

ଜ୍ଞାନଲାଭର କ୍ଷେତ୍ରରେ ଆମେ ଯାହା ଦେଖିଲେ, ଆମର ଇଚ୍ଛା ଓ କାର୍ଯ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେହି ନିୟମଟି ଲାଗୁ ହୋଇପାରିବ । ଅବିଦ୍ୟାରୁ ଏକ ଭୁଲ ଚେତନା ଜନ୍ମଲାଭ କରେ, ଏବଂ ତାହା ବ୍ୟକ୍ତି, ବସ୍ତୁ ଓ ଘଟଣା ସହିତ ଘଟୁଥିବା ସମ୍ପର୍କଗୁଡ଼ିକ ଉଦ୍ଦେଶ୍ୟରେ ଭୁଲଭାବରେ ଗତିଶୀଳ ହେଉଥିବା ଏକ ପ୍ରତିକ୍ରିୟା ବ୍ୟକ୍ତ କରିଥାଏ । କୌଣସି କାର୍ଯ୍ୟରେ ପ୍ରବୃତ୍ତ କରିବାଲାଗି ଅଥବା କୌଣସି କାର୍ଯ୍ୟରୁ କ୍ଷାନ୍ତ କରି ରଖିବାଲାଗି ଆମର ପ୍ରଚ୍ଛନ୍ନ ଅନ୍ତର୍ଗତ ଚେତନା ଅର୍ଥାତ୍ ଚୈତ୍ୟସତ୍ତ୍ୱାରୁ ଆସୁଥିବା ଇଙ୍ଗିତଗୁଡ଼ିକୁ ଏହି ବହିର୍ଭାଗୀୟ ଚେତନାଟି ଏଡ଼ି ଦେଉଥାଏ, ତାହାକୁ ଭୁଲ ବୁଝୁଥାଏ ଅଥବା ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାରେ ଲାଗିଥାଏ । ତାହା ପରିବର୍ତ୍ତିରେ ସେ ଅନାଲୋକିତ ମନୋଗତ ଓ ପ୍ରାଣଗତ ଇଙ୍ଗିତ ବା କର୍ମଗୁଡ଼ିକ ଉଦ୍ଦେଶ୍ୟରେ ପ୍ରତିକ୍ରିୟା ଜଣାଉଥାଏ; ପ୍ରାଣମୟ ଅହଂର ଦାବି ତଥା ପ୍ରେରଣା ଅନୁସାରେହିଁ ସେ ତାହା କରୁଥାଏ । ଏଠାରେ ପରିଣତିକ୍ରମର ଦ୍ୱିତୀୟ ମୂଳସୂତ୍ରଟି ଅର୍ଥାତ୍ ଅନାତ୍ମା ପରି ପ୍ରତୀତ ହେଉଥିବା ଜଗତରେ ଏକ ବିବିକ୍ତ ପ୍ରାଣସତ୍ତ୍ୱା ଆପଣାକୁ ପ୍ରତିଷ୍ଠିତ କରିବାର ବିଧାନଟି ପ୍ରବଳ ହୋଇଉଠେ ଓ ତାହାର ମହତ୍ତ୍ୱ ବିପୁଳ ପରିମାଣରେ ବଢ଼ିଯାଏ । ଏହିଠାରେହିଁ ଉପରିଭାଗସ୍ଥ ପ୍ରାଣମୟ ବ୍ୟକ୍ତିତ୍ୱ ଅର୍ଥାତ୍ ପ୍ରାଣ-ଆତ୍ମାଟି ଆପଣାର ପ୍ରାଧାନ୍ୟ ପ୍ରତିଷ୍ଠା କରେ, ଏବଂ ଅବିଦ୍ୟାଚ୍ଛନ୍ନ ପ୍ରାଣମୟ ସତ୍ତ୍ୱାର ଏହି ପ୍ରାଧାନ୍ୟ ବିସଙ୍ଗତି ଓ ବୈଷମ୍ୟର ଏକ ପ୍ରଧାନ କ୍ରିୟାଶୀଳ ଉତ୍ସରୂପେ ପ୍ରତିପାଦିତ ହୁଏ, ଜୀବନର ଅନ୍ତର୍ଗତ ଓ ବହିର୍ଗତ ଯାବତୀୟ ବିକ୍ଷୋଭର କାରଣ ହୁଏ; ଏଇଥିରୁହିଁ ଭୁଲ କାର୍ଯ୍ୟ କରିବାର ପ୍ରେରଣା ଆସେ, ଅଶିବର ପ୍ରେରଣା ଆସି

'oaob.nitrkl.ac.in' images reprocessed

ପଡ଼ିଥିବ । ଆମ ଭିତରର ପ୍ରାକୃତ ଓ ପ୍ରାଣମୟ ଉପାଦାନଟି ଯେତେବେଳଯାଏ ଅନୁନ୍ନତ, ଅନନୁଶିକ୍ଷିତ ଓ ଆଦିମ ଅବସ୍ଥାରେ ରହିଥାଏ, ସେତେବେଳଯାଏ ତାହା ସତ୍ୟ, ଯଥାର୍ଥ ଚେତନା କିମ୍ବା ଯଥାର୍ଥ କର୍ମଲାଗି କୌଣସି ଆଗ୍ରହ ରଖେ ନାହିଁ; ତାହା ଆତ୍ମପ୍ରତିଷ୍ଠା ଓ ପ୍ରାଣଗତ ବୃଦ୍ଧିଲାଗି ଉଦ୍‌ବ୍ୟଗ୍ର ହୋଇ ରହିଥାଏ; ଆପଣାର ଅଧିକାରକୁ ଆଣିବାରେ, ଆପଣା ଆବେଗକୁ ତୃପ୍ତ କରିବାରେ ଏବଂ ଆପଣା ଇଚ୍ଛାର ଯାବତୀୟ ପରିପୂରଣରେ ଆଗ୍ରସ୍ତ ହୋଇ ରହିଥାଏ । ପ୍ରାଣ-ଆତ୍ମାର ଏହି ମୁଖ୍ୟ ଆବଶ୍ୟକତା ଓ ଦାବିଟିକୁହିଁ ତାହାକୁ ସକଳ ମହତ୍ତ୍ୱର ଆକର ବୋଲି ବୋଧ ହୁଏ । ସତ୍ୟ, ଧର୍ମ, ଶିବ କିମ୍ବା ଅନ୍ୟ କୌଣସି ବିଷୟର ବିଚାର ନରଖି ଏହା କେବଳ ତାହାକୁହିଁ ଚରିତାର୍ଥ କରିବାଲାଗି ତତ୍ପର ହୋଇ ରହିଥାଏ । କିନ୍ତୁ ସତ୍ତ୍ୱମଧ୍ୟରେ ମନ ଅବସ୍ଥିତ ଥାଏ, ମନୋଗତ ସକଳ ଧାରଣା ଅବସ୍ଥିତ ଥାଏ; ଆତ୍ମା ଅବସ୍ଥିତ ଥାଏ ଏବଂ ଆତ୍ମାଗତ ସକଳ ଅନୁଭୂତି ମଧ୍ୟ ଅବସ୍ଥିତ ଥାଏ; ତେଣୁ ପ୍ରାଣ ମନ ଉପରେ ଆପଣାର କର୍ତ୍ତୃତ୍ୱ ବିସ୍ତାର କରିବାକୁ ଚେଷ୍ଟା କରେ, ଏବଂ କ୍ରମ କଲପରି ତାହାଠାରୁ ଆତ୍ମପ୍ରତିଷ୍ଠାର ସ୍ୱକୀୟ ଇଚ୍ଛାଟିକୁ କାର୍ଯ୍ୟରେ ପରିଣତ କରିବାଲାଗି ଏକ ସ୍ୱୀକୃତି ଆଦାୟ କରିଆଣେ; ଆପଣାର ପ୍ରାଣଗତ ପ୍ରତିଷ୍ଠା, ଆବେଗ ଓ ଅଭିଳାଷଗୁଡ଼ିକ ସକାଶେ ଅନୁରୂପ ସତ୍ୟ, ଧର୍ମ ଓ ଶିବର ଏକ ଘୋଷଣା ଆଦାୟ କରିଆଣେ । ଯେପରିକି ତାହା ଆପଣାକୁ ସମ୍ପୂର୍ଣ୍ଣରୂପେ ପ୍ରତିଷ୍ଠିତ କରି ରଖିପାରିବ, ସେଥିଲାଗି କେବଳ ଆପଣାର ଔଚିତ୍ୟଟିକୁହିଁ ପ୍ରତିପାଦିତ କରି ରଖିବାକୁ ଚାହୁଁଥାଏ । ମାତ୍ର କୌଣସି ପ୍ରକାରେ ମନର ସମ୍ମତି ହାସଲ କରିନେଇ ପାରିଲେ ତାହା ଏହି ମାନଗୁଡ଼ିକୁ ଅବଜ୍ଞା କରିବାଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଏ ଏବଂ କେବଳ ଗୋଟିଏ ମାନକୁହିଁ ପ୍ରତିଷ୍ଠିତ କରି ରଖିବାକୁ ଚାହେଁ; ଅର୍ଥାତ୍ ଆପଣାର ପ୍ରାଣଗତ ଅହଂରହିଁ ତୃପ୍ତିସାଧନ କରିବାକୁ ଚାହେଁ, ତାହାର ଅଭିବୃଦ୍ଧି ଇଚ୍ଛା କରୁଥାଏ, ତାହାକୁହିଁ ବଳବାନ୍ ଦେଖିବାକୁ ଓ ତାହାର ମହତ୍ତ୍ୱକୁହିଁ ପ୍ରତିଷ୍ଠିତ କରିବାକୁ ଚାହୁଁଥାଏ । ପ୍ରାଣମୟ ବ୍ୟକ୍ତି ନିଜକୁ ବିସ୍ତାର କରି ରଖିବାଲାଗି ସ୍ଥାନ ଆବଶ୍ୟକ କରେ, ଆପଣାର ଜଗତକୁ ଆପଣା କର୍ତ୍ତୃତ୍ୱର ଦଣ୍ଡଡ଼ରେ ବାନ୍ଧିକରି ରଖିବାକୁ ଚାହେଁ, ବସ୍ତୁ ଓ ସତ୍ତ୍ୱଗୁଡ଼ିକ ଉପରେ କର୍ତ୍ତୃତ୍ୱ ବିସ୍ତାର କରି ସେଗୁଡ଼ିକୁ ଆପଣାର ବଶରେ ରଖିବାକୁ ଲୋଡ଼ୁଥାଏ । ସେ ଜୀବନଲାଗି ବିସ୍ତାରଭୂମି ଆବଶ୍ୟକ କରେ, ମସ୍ତିଷ୍କଲେ ଆପଣାଲାଗି ଏକ କ୍ଷେତ୍ର ଆବଶ୍ୟକ କରେ, ଆତ୍ମପ୍ରତିଷ୍ଠା ଚାହେଁ, ତିଷ୍ଠି ରହିବାକୁ ଚାହେଁ । ନିଜପାଇଁ ସେ ଏସବୁ ଚାହେଁ ଏବଂ ଯେଉଁମାନଙ୍କ ସହିତ ସେ ସମ୍ବନ୍ଧ ହୋଇ ରହିଥାଏ, ସେମାନଙ୍କ ପାଇଁ ମଧ୍ୟ ଚାହେଁ । ଆପଣାର ଅହଂ ଲାଗି ଚାହେଁ ଓ ଆପଣା ଗୋଷ୍ଠୀର ଅହଂଲାଗି ମଧ୍ୟ ଚାହେଁ । ଆପଣାର ବିଚାର, ବିଶ୍ୱାସ, ଆଦର୍ଶ, ସ୍ୱାର୍ଥ ଓ କଳ୍ପନାଲାଗି ସେ ଏସବୁକୁ ଆବଶ୍ୟକ କରୁଥାଏ । କାରଣ ମୁଁ-କାର ଓ ମୋ-କାରର

'oaob.nitrkl.ac.in' images reprocessed

ଏହିସବୁ ରୂପକୁ ଦୃଢ଼ପ୍ରତିଷ୍ଠିତ କରି ତାକୁ ଆପଣାର ସ୍ବରୂପାଗରେ ଅବା ପୃଥିବୀ ଉପରେ ସେଗୁଡ଼ାକୁ ଆଣି ଲଦିଦେବାକୁ ପଡ଼େ । ଅଥବା, ଏତେଗୁଡ଼ାଏ ସାଧନ କରିପାରିବା ଲାଗି ଶକ୍ତି ନପାଇଲେ ଆପଣା ଶକ୍ତି ତଥା କୌଶଳର ଯଥାସାଧ୍ୟ ପ୍ରୟୋଗ କରି ଅନ୍ୟମାନଙ୍କର କବଳରୁ ତାହାକୁ ଅନ୍ତତଃ ରକ୍ଷା କରିବାକୁ ବା ବଞ୍ଚାଇ ରଖିବାକୁ ପଡ଼େ । ଯେଉଁସବୁ ଉପାୟକୁ ସେ ଉଚିତ ବୋଲି ଭାବେ ବା ଯେଉଁଗୁଡ଼ିକୁ ଉଚିତ ବୋଲି ଭାବିବାକୁ ବା ଉପସ୍ଥାପିତ କରିବାକୁ ମନ କରେ, ସେହିସବୁ ଉପାୟରେ ସେ ହୁଏତ ଏହା କରିବାଲାଗି ଚେଷ୍ଟା କରିପାରେ । ହିଂସା, କୂଟକୌଶଳ, ମିଥ୍ୟା, ଧ୍ୱଂସକାରୀ ଆକ୍ରମଣ ବା ଅନ୍ୟ ପ୍ରାଣୀରୂପଗୁଡ଼ିକର ବିନାଶସାଧନ,—ଏହିସବୁ ଉପାୟର ନଗ୍ନ ପ୍ରୟୋଗ ଦ୍ୱାରା ସେ ଏହା କରିବାକୁ ଚେଷ୍ଟା କରିପାରେ । ମାତ୍ର ଅବଲମ୍ବିତ ଉପାୟ କିମ୍ବା ନୀତିଗତ ଦୃଷ୍ଟିକୋଣ ଯେତେବେଳେ ଯାହା ହୋଇଥାଉ ପଛକେ, ମୂଳନୀତିଟି ସବୁବେଳେ ସମାନ ଥାଏ । କେବଳ ସ୍ୱାର୍ଥ କ୍ଷେତ୍ରରେ ନୁହେଁ, ବିଚାର ଓ ଧର୍ମର କ୍ଷେତ୍ରରେ ମଧ୍ୟ ମନୁଷ୍ୟର ପ୍ରାଣମୟ ସତ୍ତା ଆତ୍ମପ୍ରତିଷ୍ଠା, ସଂଘର୍ଷ, ହିଂସାପ୍ରୟୋଗ, ଦମନ ଓ ଅତ୍ୟାଚାର, ଅସହିଷ୍ଣୁତା ଓ ଆକ୍ରମଣର ଏହି ଭାବନା ଓ ଦୃଷ୍ଟିକୋଣକୁ ଆଣି ଭର୍ତ୍ତି କରି ଦେଇଛି; ବୁଦ୍ଧିଗତ ସତ୍ୟ ତଥା ଆଧ୍ୟାତ୍ମିକତାର କ୍ଷେତ୍ରରେ ସେ ଏହି ପ୍ରାଣଗତ ଅହଂବାଦର ଚତୁରଟିକୁ ଆଣି ଲଦିଦେଇଛି । ଆପଣାର ଏହି ଆତ୍ମସ୍ୱୀକୃତି ମଧ୍ୟକୁ ଆତ୍ମପ୍ରତିଷ୍ଠାରତ ପ୍ରାଣ ତାହାର ବିସ୍ତାରଲାଭ-ପଥରେ ବାଧା ହୋଇ ଠିଆ ହେଉଥିବା କିମ୍ବା ତା'ର ଅହଂବୋଧକୁ କୌଣସିପ୍ରକାରେ ଆଘାତ ଦେଉଥିବା ସବୁକିଛି ପ୍ରତି ଘୃଣା ଓ ଅଶ୍ରଦ୍ଧା ବହନ କରିଆଣେ । ଏହିପରି ଭାବରେ ଉପାୟ ଅଥବା ଆବେଗ ଅଥବା ପ୍ରାଣପ୍ରକୃତିର ପ୍ରତିକ୍ରିୟାରୂପେ ନିଷ୍ଠୁରତା, ବିଶ୍ୱାସ-ଘାତକତା ଓ ସକଳପ୍ରକାର ଅନର୍ଥର ଉଦ୍ଭବ ହୁଏ । ଆପଣା ଅଭିଳାଷ ଓ ଆପଣା ଆବେଗର ତୃପ୍ତି କଲାବେଳେ ସିଏ କେଉଁଟା ଠିକ୍ ଓ କେଉଁଟା ଭୁଲ, ତାହା ଆଦୌ ଦେଖିବାକୁ ଚାହେଁ ନାହିଁ, କେବଳ ସେହି ଅଭିଳାଷ ଓ ଆବେଗର ତୃପ୍ତି ଉପରେହିଁ ସକଳ ଦୃଷ୍ଟି ନିବଦ୍ଧ କରି ରଖିଥାଏ । ଏହି ତୃପ୍ତିସାଧନ ଲାଗି ସେ ଦରକାର ପଡ଼ିଲେ ଧ୍ୱଂସସାଧନର ସମ୍ମୁଖୀନ ହେବାକୁ ପଶ୍ଚାତ୍‌ପଦ ହୁଏ ନାହିଁ, ପ୍ରକୃତ ଦୁଃଖ ଓ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ମଧ୍ୟ ପ୍ରସ୍ତୁତ ହୋଇ ରହିଥାଏ । କାରଣ ପ୍ରକୃତି-ଦ୍ୱାରା ତାଡ଼ିତ ହୋଇ ତାହା କେବଳ ଆତ୍ମ-ସଂରକ୍ଷଣକୁହିଁ ନିଜର ଧ୍ୟେୟ କରି ରଖିନଥାଏ, ମାତ୍ର ଆତ୍ମସ୍ୱୀକୃତି ଓ ଆତ୍ମତର୍ପଣକୁ ମଧ୍ୟ ଲକ୍ଷ୍ୟ କରି ରଖିଥାଏ, ପ୍ରାଣଶକ୍ତି ଓ ପ୍ରାଣସତ୍ତାର ରୂପାୟନକୁ ଧ୍ୟେୟ କରି ରଖିଥାଏ ।

ମାତ୍ର ଏଥିରୁ କଦାପି ନିଷ୍ପାଦିତ ହେଉ ନାହିଁ ଯେ ଆପଣାର ସ୍ୱାଭାବିକ ସଂରଚନାରେ ପ୍ରାଣମୟ ବ୍ୟକ୍ତିତ୍ୱ ଏତିକି ବ୍ୟତୀତ ଆଉ କିଛି ନୁହେଁ ଏବଂ ଅଶିବହିଁ ହେଉଛି ଏହାର ଏକମାତ୍ର ସ୍ୱଭାବ ଓ ଏକମାତ୍ର ଧର୍ମ । ଏକଥା ସତ ଯେ ଏହା

'oaob.nitrkl.ac.in' images reprocessed

ମୂଳତଃ ସତ୍ୟ ଓ ଶିବ ସହିତ ଆପଣାକୁ ସମ୍ପୃକ୍ତ କରି ରଖି ନଥାଏ; ମାତ୍ର ଯେପରି ଅଧିକ ସ୍ୱତଃସ୍ଫୂର୍ତ୍ତି ଭାବରେ ଆନନ୍ଦ ଓ ସୌନ୍ଦର୍ଯ୍ୟ ଲାଗି ଏହାର ଏକ ଆବେଗମୟ ଆକାଙ୍କ୍ଷା ରହିଛି, ସେହିପରି ସତ୍ୟ ଓ ଶିବ ଲାଗି ମଧ୍ୟ ଏହାର ସେହିପରି ଏକ ଆକାଙ୍କ୍ଷା ଅବଶ୍ୟ ରହିପାରେ । ପ୍ରାଣଶକ୍ତି ଭିତରେ ଯାହାକିଛି ବିକାଶ ଲାଭ କରୁଛି, ତାହା ସଙ୍ଗେସଙ୍ଗେ ସେହି ସତ୍ତା ଭିତରେ କୌଣସି ସ୍ଥାନରେ ଏକ ପ୍ରଚ୍ଛନ୍ନ ଆନନ୍ଦର ବି ବିକାଶ ହେଉଛି, ଶିବ ଓ କଲ୍ୟାଣରେ ଆନନ୍ଦ ଲାଭ କରିବାର ଏକ ପ୍ରବଣତା ବିକାଶ ଲାଭ କରୁଛି, ଅଶିବ ଓ ଅକଲ୍ୟାଣରେ ଆନନ୍ଦ ଲାଭ କରିବାର ଏକ ପ୍ରବଣତା ମଧ୍ୟ ଜନ୍ମୁଛି; ତଦ୍ୱାରା ସେ ସତ୍ୟରେ ଆନନ୍ଦ ପାଉଛି, ଅସତ୍ୟରେ ମଧ୍ୟ ଆନନ୍ଦ ପାଇ ପାରୁଛି; ଜୀବନରେ ଆନନ୍ଦ ପାଇପାରୁଛି, ମୃତ୍ୟୁର ଆକର୍ଷଣରେ ମଧ୍ୟ ଆନନ୍ଦ ପାଉଛି । ସୁଖରେ ଆନନ୍ଦ ପାଉଛି, ଦୁଃଖ ଓ ଯନ୍ତ୍ରଣାରେ ମଧ୍ୟ ଆନନ୍ଦ ପାଉଛି । ଆପଣାର ଦୁଃଖ ଓ ଯନ୍ତ୍ରଣା ତଥା ଅନ୍ୟମାନଙ୍କର ଦୁଃଖ ଓ ଯନ୍ତ୍ରଣାରେ ଆନନ୍ଦ ପାଉଛି, ମାତ୍ର ଆପଣାର ହର୍ଷ ଓ ସୁଖରେ ତଥା ଅନ୍ୟମାନଙ୍କର ଭଲ, ଅନ୍ୟମାନଙ୍କର ହର୍ଷ ଓ ସୁଖରେ ବି ଆନନ୍ଦ ପାଉଛି । କାରଣ ଆପଣାକୁ ପ୍ରତିଷ୍ଠିତ କରିବା ଲାଗି ପ୍ରାଣ ଭିତରେ ଯେଉଁ ଶକ୍ତି ରହିଛି, ତାହା ଶିବ ଓ ଅଶିବ ଉଭୟଙ୍କୁ ମଧ୍ୟ ସମାନ ଭାବରେ ପ୍ରତିଷ୍ଠିତ କରିଦେଇ ପାରୁଛି । ତାହା ଭିତରେ ସାହାଯ୍ୟ କରିବାର ଓ ସଂଘବଦ୍ଧ ହେବାର ଆବେଗ ରହିଛି; ଉଦାରତା, ସ୍ନେହ, ଅନୁରକ୍ତି ଓ ଆତ୍ମଦାନର ମଧ୍ୟ ଆବେଗ ରହିଛି । ଏଣେ ଅହଂସ୍ୱାର୍ଥର ସାଧନ କରୁଛି, ତେଣେ ବିଶ୍ୱହିତ ଲାଗି ବି ଅନୁପ୍ରେରିତ ହୋଇପାରୁଛି; ଆପଣାକୁ ଅନ୍ୟମାନଙ୍କ ଲାଗି ଉତ୍ସର୍ଗ କରିଦେଇ ପାରୁଛି ଓ ଅନ୍ୟମାନଙ୍କର ବିନାଶ ଓ ଧ୍ୱଂସ ବି ଘଟାଉଛି । ଏବଂ ଏହିସବୁ ଯାବତୀୟ କ୍ରିୟାକଳାପ ଭିତରେ ପ୍ରାଣପ୍ରତିଷ୍ଠାର ସେହି ଗୋଟିଏ ଆବେଗ ତଥା କର୍ମସାଧନ ଓ କର୍ମସାର୍ଥକତାର ସେହି ଗୋଟିଏ ଶକ୍ତି ନିହିତ ହୋଇ ରହିଛି । ପ୍ରାଣସତ୍ତାର ସ୍ୱଭାବ ଓ ତାହାର ସତ୍ତାଗତ ଦ୍ୱିଧାବୃତ୍ତି ମଧ୍ୟରେ ଆମର ଆଲୋଚିତ ଶିବ ଓ ଅଶିବ ଦୁଇଟି ପ୍ରକରଣରୂପେ ଅବସ୍ଥିତ ରହିଛି, ମାତ୍ର ସକଳ କର୍ମର ନିୟାମକ ଓ ମୂଳ ବସ୍ତୁ ହୋଇ ରହି ନାହିଁ । ମନୁଷ୍ୟେତର ପ୍ରାଣୀମାନଙ୍କର ଜୀବନସ୍ତରରେ ଆମେ ସେହି ସ୍ୱଭାବର ସ୍ପଷ୍ଟ ପରିଚୟ ପାଇଥାଉ । ଅପର ପକ୍ଷରେ ମନୁଷ୍ୟଜୀବନର ସ୍ତରରେ ଏକ ମନୋଗତ, ନୀତିବୋଧଗତ ତଥା ଚୈତ୍ୟ ବିବେଚନାଶକ୍ତି ବିକାଶ ଲାଭ କରି ସାରିଥିବାରୁ ସେଠାରେ ପ୍ରାଣଶକ୍ତି ତାହାର ନିୟନ୍ତ୍ରଣରେ ରହିଛି ଅଥବା ତାହାରଦ୍ୱାରା ନିୟନ୍ତ୍ରିତ ହେଉଥିବା ପରି ବାହାରକୁ ଦେଖାଉଛି । ମାତ୍ର ତଦ୍ୱାରା ତାହାର ସ୍ୱଭାବରେ ଆଦୌ କୌଣସି ପରିବର୍ତ୍ତନ ହୋଇ ନାହିଁ ବା ହେଉ ନାହିଁ । ଏହି ପ୍ରାଣମୟ ସତ୍ତା, ଏହାର ପ୍ରାଣଶକ୍ତି ଏବଂ ଆତ୍ମପ୍ରତିଷ୍ଠା ଲାଗି ସେମାନଙ୍କର ଆବେଗମୟ ଧାବମାନତା,—ସେଠାରେ ପ୍ରକାଶ୍ୟ ଭାବରେ ଆତ୍ମ-ଶକ୍ତିର କୌଣସି କ୍ରିୟା ବର୍ତ୍ତମାନ ନଥିବାରୁ ଏହିଗୁଡ଼ିକହିଁ ପ୍ରକୃତିର ଯାବତୀୟ କାର୍ଯ୍ୟ-

'oaob.nitrkl.ac.in' images reprocessed

ସାଧନ ଲାଗି ପ୍ରଧାନ ସାଧନ ହୋଇ ରହିଛି ଏବଂ ଏଗୁଡ଼ିକର ସାହାଯ୍ୟ ବିନା ମନ କି ଦେହ କେନ୍ଦ୍ରଦ୍ୱୟ କେବେହେଲେ ଆପଣାର ନିହିତ ସମ୍ଭାବନାଗୁଡ଼ିକୁ କଦାପି କାମରେ ଲଗାଇ ପାରିବେ ନାହିଁ କିମ୍ବା ଏଠାରେ ଏହି ଅସ୍ତିତ୍ୱଟି ମଧ୍ୟରେ ଆପଣାର ଲକ୍ଷ୍ୟରେ କଦାପି ପହଞ୍ଚି ପାରିବେ ନାହିଁ । କେବଳ ଯେତେବେଳେ ବହିରଙ୍ଗ ପ୍ରାଣମୟ ବ୍ୟକ୍ତିତ୍ୱର ପରିବର୍ତ୍ତିରେ ଅନ୍ତର୍ଗତ ଓ ଯଥାର୍ଥ ପ୍ରାଣମୟ ସତ୍ତାଟି ତାହାର ସ୍ଥାନ ଗ୍ରହଣ କରିପାରିବ, ସେତିକିବେଳେ ଯାଇ ପ୍ରାଣଗତ ଅହଂର ଆବେଗପ୍ରବଣତାକୁ କାଟି ଯାଇପାରିବା ସମ୍ଭବ ହେବ । କେବଳ ସେତିକିବେଳେହିଁ ପ୍ରାଣଶକ୍ତି ଆତ୍ମାର ପରିକର ଓ ଆଜ୍ଞାବହରୂପେ କାର୍ଯ୍ୟ କରିବ ଏବଂ ଆମ ଭିତରେ ଆମର ଯଥାର୍ଥ ଅଧ୍ୟାତ୍ମସତ୍ତାଟି କାର୍ଯ୍ୟ କରିବାଲାଗି ଏକ ଶକ୍ତିମାନ ନିମିତ୍ତରୂପେ ଆପଣାକୁ ନିୟୋଜିତ କରିପାରିବ ।

ତେବେ ଏହାହିଁ ହେଉଛି ବ୍ୟକ୍ତିଜୀବର ଚେତନା ଓ ଇଚ୍ଛାଗତ ଭୂମିରେ ଭୁଲ, ଅସତ୍ୟ, ଅଧର୍ମ ଓ ଅଶିବର ମୂଳ କାରଣ ଓ ସ୍ୱଭାବ । ନିଖିଳଚେତନାରୁ ବିବର୍ଜିତ ହୋଇ ଜନ୍ମଲାଭ କରୁଥିବା ଏକ ସୀମାବଦ୍ଧ ଚେତନା,—ତାହାହିଁ ହେଉଛି ଯାବତୀୟ ଭୁଲ ଓ ପ୍ରମାଦର ମୂଳ ଉତ୍ପତ୍ତିସ୍ଥାନ । ସେହି ସୀମାବଦ୍ଧତା ଲାଗି ବ୍ୟକ୍ତିର ଆସକ୍ତି ଏବଂ ସେଥିରୁ ଜାତ ହେଉଥିବା ପ୍ରମାଦ,—ତାହାହିଁ ହେଉଛି ଅସତ୍ୟର ମୂଳ ଉତ୍ପତ୍ତିସ୍ଥାନ । ପ୍ରାଣଗତ ଅହଂର କର୍ତ୍ତୃତ୍ୱକବଳିତ ହୋଇ ରହିଥିବା ଏକ ମିଥ୍ୟା ଚେତନା,— ତାହାହିଁ ହେଉଛି ଅଶିବର ମୂଳ ଉତ୍ପତ୍ତିସ୍ଥାନ । ମାତ୍ର ଏକଥାଟି ମଧ୍ୟ ସ୍ପଷ୍ଟ ହୋଇସାରିଛି ଯେ ଆପଣାର ବିବର୍ତ୍ତନଗତ ଆତ୍ମପ୍ରକାଶର ଅଭିମୁଖରେ ଧାବିତ ବା ପ୍ରବୃତ୍ତ ହେଉଥିବା ସମୟରେ ବିଶ୍ୱାତ୍ମକ ପରମଶକ୍ତି ଯେଉଁ ପ୍ରତିଶ୍ରୁତିକୁ ପ୍ରକଟ କରି ଦେଇଥାଏ, ଏହିସବୁର ଆପେକ୍ଷିକ ଅସ୍ତିତ୍ୱ କହିଲେ ସର୍ବଦା କେବଳ ତାହାକୁହିଁ ବୁଝାଇବ । ଏବଂ ସେଥିଲାଗି ପ୍ରତିଶ୍ରୁତିର ତାତ୍ପର୍ଯ୍ୟକୁ ଜାଣିବାଲାଗି ଆମକୁ ଠିକ୍ ସେଇଠାକୁହିଁ ଅନ୍ୱେଷଣ କରି ଯିବାକୁ ପଡ଼ିବ । କାରଣ ଆମେ ଦେଖିସାରିଛୁ ଯେ ବ୍ୟକ୍ତିଜୀବର ପ୍ରତିଷ୍ଠା ଲାଗି, ଅବଚେତନାର ଅବ୍ୟାକୃତ ଓ ଘନୀଭୂତ ଉପାଦାନସମୂହରୁ ତାହାର ଆତ୍ମବିମୋଚନ ଲାଗି ଏବଂ ଅଚେତନତା ଦ୍ୱାରା ପ୍ରସ୍ତୁତ ହୋଇ ରହିଥିବା ଏକ ଭୂମି ଉପରେ ଏକ ଚେତନ ସତ୍ତାର ଆବିର୍ଭାବ ଲାଗି ବିଶ୍ୱମୟ ପ୍ରକୃତିର ଏକ ନିମିତ୍ତ ବା ସାଧନରୂପେହିଁ ପ୍ରାଣଗତ ଅହଂର ଉଦ୍‌ଭବ ହୋଇଥାଏ । ଏବଂ ଏହାରି ଏକ ଆବଶ୍ୟକ ପରିଣାମରୂପେ ଅହଂଗତ ପ୍ରାଣପ୍ରତିଷ୍ଠାର ତତ୍ତ୍ୱଟି ଜନ୍ମଲାଭ କରିଥାଏ । ବ୍ୟକ୍ତିଜୀବଗତ ଅହଂ ହେଉଛି ଏକ ବ୍ୟାବହାରିକ ଓ କାର୍ଯ୍ୟସାଧକ କଳ୍ପନା ମାତ୍ର, ବହିର୍ଭାଗୀୟ ଚେତନାର ଭାଷାରେ ପ୍ରଚ୍ଛନ୍ନ ଓ ସଂଗୁପ୍ତ ଆତ୍ମାର ଏକ ଅନୁବାଦ ମାତ୍ର; ଅଥବା, ଆମେ ତାହାକୁ ଆମ ବହିଃସ୍ତର ଅନୁଭୂତିର ଭୂମି ଉପରେ ଅସଲ ଆତ୍ମାର ଏକ ଆଶୟଗତ ବିକଳ୍ପ ବୋଲି ମଧ୍ୟ କହିପାରିବା । ଅବିଦ୍ୟାଦ୍ୱାରା ତାହା ଅନ୍ୟ ଜୀବାତ୍ମାଗୁଡ଼ିକଠାରୁ ଏବଂ ଅନ୍ତର୍ଗତ ପରମ

'oaob.nitrkl.ac.in' images reprocessed

ଦିବ୍ୟାସ୍ଥିତିଠାରୁ ବିଚ୍ଛିନ୍ନ ହୋଇ ରହିଛନ୍ତି; ମାତ୍ର ତଥାପି ସକଳ ବୈଚିତ୍ର୍ୟ ମଧ୍ୟରେ ଏକ ଶିବର୍ତ୍ତନଗତ ଏକତ୍ୱସ୍ଥିତି ଆଡ଼କୁ ତାହା ପ୍ରଚ୍ଛନ୍ନ ଭାବରେ ଆକର୍ଷିତ ହେବାରେ ଲାଗିଛି । ସ୍ୱୟଂ ନାନା ଅନ୍ତରବିଶେଷତା ମଧ୍ୟରେ ଆବଦ୍ଧ ହୋଇ ରହିଥିଲେ ମଧ୍ୟ ତାହାର ପଛରେ ଅନନ୍ତ ଅଭିମୁଖରେ ଏକ ଆବେଗ ରହିଛି । ମାତ୍ର ଏକ ଅବିଦ୍ୟାଚ୍ଛନ୍ନ ଚେତନାର ଭାଷାକୁ ଆଶ୍ରୟ କରି ପ୍ରସାରଣ ଲାଗି ଏକ ଇଚ୍ଛାରୂପେ ଅନୁଭୂତ ହେବାରେ ଲାଗିଛି; ଏକ ସୀମାହୀନ ସ୍ୱାଧୀନତାରେ ପରିଣତ ହେବାଲାଗି, ଆପଣାର ଶକ୍ତି ଅନୁସାରେ ଯଥାସମ୍ଭବ ସବୁକିଛିକୁ ଆପଣା ଭିତରେ ଗ୍ରହଣ କରିନେବା ଲାଗି, ସବୁକିଛିର ଭିତରେ ପ୍ରବେଶ କରି ତାହାକୁ ଅଧିକାର କରିବା ଲାଗି ତାହା ସେହିପରି ଅନୁଭୂତ ହେବାରେ ଲାଗିଛି । ଏପରିକି ତାହା ଅନ୍ୟଦ୍ୱାରା ଅଧିକୃତ ହୋଇ ରହିବାକୁ ବି ଇଚ୍ଛା କରୁଛି । ଅପରଦ୍ୱାରା ଅଧିକୃତ ହୋଇ ସେ ଆପଣାର ତୃପ୍ତି ସାଧନ କରିପାରିବ ବୋଲି ଯେତେବେଳେ ଅନୁଭବ କରୁଛି, ଅପର ମଧ୍ୟରେ ବା ଅପରର ସାହାଯ୍ୟରେ ତାହା ଆପଣାକୁ ପ୍ରତିଷ୍ଠିତ କରିପାରିବ ବୋଲି ଯେତେବେଳେ ଭାବୁଛି, ସେ ସେତିକିବେଳେ ଅପରଦ୍ୱାରା ଅଧିକୃତ ହେବାକୁ ଚାହୁଁଛି । ଅଥବା ତାହା ଅପରକୁ ଆପଣାର ଅଧୀନକୁ ଆଣି ତାହାର ସତ୍ତା ଓ ଶକ୍ତିକୁ ଆପଣାର ଅନ୍ତର୍ଭୁକ୍ତ କରି ରଖିବାକୁ ଇଚ୍ଛା କରୁଛି, ବା ତା'ଠାରୁ ଏପରି କୌଣସି ସାହାଯ୍ୟ କିମ୍ବା ପ୍ରେରଣା ଲାଭ କରିବାକୁ ଚାହୁଁଛି ଯାହାଫଳରେ କି ତାହାର ପ୍ରାଣଗତ ପ୍ରତିଷ୍ଠା ସମ୍ଭବ ହୋଇପାରିବ, ତାହାର ପ୍ରାଣ ଆନନ୍ଦ ଲାଭ କରିପାରିବ ଏବଂ ତାହାର ମାନସିକ, ପ୍ରାଣଗତ ଓ ଭୌତିକ ଅସ୍ତିତ୍ୱର ସମୃଦ୍ଧି ସମ୍ଭବ ହେବ ।

ମାତ୍ର କେବଳ ସ୍ୱତନ୍ତ୍ର ଭାବରେ ଲାଭାନ୍ୱିତ ହେବାଲାଗି ଏକ ସ୍ୱତନ୍ତ୍ର ଅର୍ଥାତ୍ ବିଚ୍ଛିନ୍ନ ଅହଂ ହିସାବରେ ତାହା ଏସବୁ କରୁଛି; ଚେତନ ଅନ୍ତର୍ବିନିମୟ ଓ ପାରସ୍ପରିକତା ଦ୍ୱାରା ପ୍ରେରିତ ହୋଇ କିମ୍ବା କୌଣସି ଏକତ୍ୱଭାବ ଦ୍ୱାରା ପରିଚାଳିତ ହୋଇ ଏସବୁ କରୁ ନାହିଁ । ତେଣୁ ଏହି କ୍ଷେତ୍ରରେ ପ୍ରାଣଗତ ବିସଙ୍ଗତି ଦେଖାଦେଉଛି, ଦ୍ୱନ୍ଦ୍ୱ ଓ ବିଷମତା ଆସି ଦେଖାଦେଉଛି । ଏବଂ ସେହି ପ୍ରାଣଭୂମିଗତ ବିସଙ୍ଗତି ଓ ବିଷମତାରୁ ଉପୁଜିଥିବା ପରିଣାମଗୁଡ଼ିକୁହିଁ ଆମେ ଭୁଲ, ମନ୍ଦ ବା ଅଶିବ ବୋଲି କହୁଛୁ । ସେହି ପରିବେଶଗୁଡ଼ିକ ବିବର୍ତ୍ତନ ପାଇଁ ଆବଶ୍ୟକ ହୋଇଥିବାରୁ ଓ ବିବିକ୍ତ ସତ୍ତାର ବିକାଶଲାଗି ସେଗୁଡ଼ିକର ପ୍ରୟୋଜନ ରହିଥିବାରୁ ପ୍ରକୃତି ସେଗୁଡ଼ିକୁ ଗ୍ରହଣ କରିନେଇଛି । ସେସବୁ କେବଳ ଅଜ୍ଞାନ ବା ଅବିଦ୍ୟାରୁ ଉତ୍ପନ୍ନ ହୋଇଛି, ବିଭାଜନକୁ ଭିତ୍ତି କରି ରହିଥିବା ଏକ ଅବିଦ୍ୟାଚ୍ଛନ୍ନ ଚେତନାହିଁ ସେଗୁଡ଼ିକର ଆଧାର ହୋଇ ରହିଛି । ବିଭାଜନର ମଧ୍ୟଦେଇ ଓ ବିଭାଜନର ଆନନ୍ଦ ଲାଭ କରୁଥିବା ଏକ ଅବିଦ୍ୟାଚ୍ଛନ୍ନ ସତ୍ତାଗତ ଆନନ୍ଦଦ୍ୱାରା ପ୍ରେରିତ ହୋଇ ସେଗୁଡ଼ିକ ସେହି ଅବିଦ୍ୟାକୁ

'oaob.nitrkl.ac.in' images reprocessed

ଉଦ୍‌ଭୂତ ହୋଇଆସିଛି । ବିବର୍ତ୍ତନଗତ ଅଭିପ୍ରାୟଟି ଶିବ ଓ ଅଶିବ ଉଭୟ ମଧ୍ୟଦେଇ କାର୍ଯ୍ୟ କରୁଛି; ଏବଂ ତାହା ଉପଲବ୍ଧ ସବୁକିଛିକୁ ଆପଣାର ପ୍ରୟୋଜନରେ ଲଗାଇବାକୁ ବାଧ୍ୟ ହେଉଛି; କାରଣ କେବଳ ଗୋଟିଏ ସୀମାବଦ୍ଧ ଶିବ ଭିତରେହିଁ ଯଦି ତାହା ଆପଣାକୁ ଆବଦ୍ଧ କରି ରଖିଥା'ନ୍ତା, ତେବେ ଅଭିପ୍ରେତ ବିବର୍ତ୍ତନର ଧାରାଟି ମଧ୍ୟ କାରାରୁଦ୍ଧ ଓ ବ୍ୟାହତ ହୋଇ ରହିଯାଆନ୍ତା । ତେଣୁ ତାହା ଲବ୍ଧ ଯାବତୀୟ ଉପାଦାନକୁ ଆପଣାର କାର୍ଯ୍ୟରେ ଆଣି ଲଗାଉଛି ଏବଂ ଯେତେ ଭଳି ପାରୁଛି, ସେଗୁଡ଼ିକୁ ନେଇ ସେଭଳି ବ୍ୟବହାର କରୁଛି । ଏହି କାରଣରୁହିଁ ଆମେ ଯାହାକୁ ଶିବ ବୋଲି କହୁଛୁ, ସେଥିରୁ ଅଶିବ ଜନ୍ମଲାଭ କରୁଛି ଏବଂ ଯାହାକୁ ଆମେ ଅଶିବ ବୋଲି କହୁଛୁ, ସେଥିରୁ ମଧ୍ୟ ଶିବ ସମ୍ଭବ ହୋଇପାରୁଛି । ଯାହାକୁ ସମସ୍ତେ ଅଶିବ ବୋଲି ଭାବୁଥିଲେ, ତାହାକୁ ଶିବ ବୋଲି ଗ୍ରହଣ କରାଯାଉଛି, ଏବଂ ଯାହାକୁ ଶିବ ବୋଲି ସ୍ୱୀକାର କରାଯାଉଥିଲା, ତାହା ଅଶିବ ବୋଲି ଘୃଣିତ ହୋଇ-ଯାଉଛି । ଏପରି ହେଉଛି, କାରଣ ଶିବ ଓ ଅଶିବ ଦୁଇଟିଯାକ ବିଷୟରେ ଆମର ମାନଦଣ୍ଡଗୁଡ଼ିକ ବିବର୍ତ୍ତନଧାରାର ଅଧୀନ ହୋଇ ରହିଛି, ସୀମାବଦ୍ଧତା ଓ ପରିବର୍ତ୍ତନର ଅଧୀନ ହୋଇ ରହିଛି । ତେଣୁ ବିବର୍ତ୍ତନଶୀଳ ପ୍ରକୃତି ଅର୍ଥାତ୍ ପୃଥିବୀରେ କାର୍ଯ୍ୟକରୁ-ଥିବା ଏହି ବିଶ୍ୱବ୍ୟାପ୍ତ ଶକ୍ତିଟି ଯେପରି ଏହି ଦୁଇଟି ବିପରୀତବୋଧ ତତ୍ତ୍ୱ ମଧ୍ୟରେ ଆଦୌ କୌଣସି ବାଛବିଚାର ରଖୁ ନାହିଁ ବା କୌଣସି ଗୋଟିକୁ ଅଗ୍ରାଧିକାର ଦେଉ ନାହିଁ, ପ୍ରଥମେ ଠିକ୍ ସେଭଳି ମନେହେଉଛି । ମନେହେଉଛି, ସତେ ଯେପରି ପ୍ରକୃତି ଶିବ ଓ ଅଶିବ ଦୁଇଟିଯାକ ତତ୍ତ୍ୱକୁ ଆପଣାର ଉଦ୍ଦେଶ୍ୟସାଧନ ଲାଗି ସମାନ ଭାବରେ କାର୍ଯ୍ୟରେ ଲଗାଇବାରେ ଲାଗିଛି । ମାତ୍ର ତଥାପି ସେହି ପ୍ରକୃତି ଓ ସେହି ଶକ୍ତିହିଁ ମନୁଷ୍ୟ ଉପରେ ଶିବ ଓ ଅଶିବ ବୋଧର ବୋଝଟିକୁ ଆଣି ଲଦିଦେଇଛି ଏବଂ ଅତି ଦୃଢ଼ତାର ସହିତ ସେହି ବୋଧର ପ୍ରୟୋଜନୀୟତା ଉପରେ ଜୋର ଦେବାରେ ଲାଗିଛି । ତେଣୁ ଏକଥା ମଧ୍ୟ ଅତି ସ୍ପଷ୍ଟ ଯେ ଏହି ବୋଧର ଏକ ବିବର୍ତ୍ତନଗତ ଉଦ୍ଦେଶ୍ୟ ଅବଶ୍ୟ ରହିଛି । ଏହି ବୋଧଟିର ମଧ୍ୟ ଏକ ଆବଶ୍ୟକତା ଅବଶ୍ୟ ରହିଛି । ମଣିଷ ଯେପରି କେତେକ କଥାକୁ ପଛରେ ଛାଡ଼ିଦେଇ ଅନ୍ୟ କେତେକ କଥାର ଉଦ୍ଦେଶ୍ୟରେ ଅଗ୍ରସର ହୋଇପାରିବ, ଏବଂ ଏହିପରି ଅଗ୍ରସର ହେଉ ହେଉ ଶିବ ଓ ଅଶିବର ଏହି ମିଶ୍ରପାଶ ଭିତରୁ ସେ ଏକ ଶାଶ୍ୱତ ଓ ଅନନ୍ତ ଶିବର ଭୂମିକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବ, ସେଥିଲାଗି ତାହା ଭିତରେ ଏହି ବୋଧ ରହିବହିଁ ରହିବ ।

ମାତ୍ର ପ୍ରକୃତି ମଧ୍ୟରେ ରହିଥିବା ଏହି ବିବର୍ତ୍ତନଗତ ଅଭିପ୍ରାୟଟି ପରିପୂର୍ଣ୍ଣ ହେବ କିପରି ? କେଉଁ ଶକ୍ତି, କେଉଁ ସାଧନ, ପ୍ରେରଣା ତଥା ନିର୍ବାଚନ ଓ ସୌଷମ୍ୟ-ସାଧନର କେଉଁ ନୀତି ବା ପ୍ରକ୍ରିୟାର ଅନୁସରଣ କରି ତାହା ପରିପୂର୍ଣ୍ଣ ହେବ ?

'oaob.nitrkl.ac.in' images reprocessed

ଯୁଗ ଯୁଗ ଧରି ମଣିଷର ମନ ଯେଉଁ ଉପାୟ ବା ପଦ୍ଧତିଟିକୁ ଅବଲମ୍ବନ କରିଆସିଛି, ତାହା ସର୍ବଦା ଗ୍ରହଣ ଓ ବର୍ଜନର ଏକ ତତ୍ତ୍ୱ ଅନୁସାରେ ଆପଣାଲାଗି କେତୋଟିକୁ ବାଛିନେଇଛି । ଏବଂ ଏହି ତତ୍ତ୍ୱଟି ଅନେକ ସମୟରେ ଏକ ଧର୍ମଗତ ବିଧାନର ରୂପ ଗ୍ରହଣ କରିଛି ଓ ପୁଣି କେତେବେଳେ ଜୀବନଗତ ଏକ ସାମାଜିକ କିମ୍ବା ନୈତିକ ନିୟମ ଅଥବା ନୀତିଗତ ଏକ ଆଦର୍ଶରୂପେ ଦେଖାଦେଇଛି । ମାତ୍ର କେବଳ ବାହ୍ୟ ଅନୁଭୂତିକୁ ଭିତ୍ତି କରିହିଁ ଏହି ପଦ୍ଧତିଟି ଗଢ଼ିଉଠିଛି ଏବଂ ତାହା ସମସ୍ୟାଟିର ମୂଳକୁ ଆଦୌ ସ୍ପର୍ଶ କରିପାରୁ ନାହିଁ । କାରଣ ତାହା ଯେଉଁ ରୋଗଟିର ଆରୋଗ୍ୟ କରିବ ବୋଲି ବାହାରିଛି, ତାହାର କାରଣ ବା ନିଦାନ ବିଷୟରେ ସେ ପ୍ରକୃତରେ କିଛିହେଲେ ଦେଖିପାରୁ ନାହିଁ । କେବଳ ଲକ୍ଷଣଗୁଡ଼ାକୁ ନେଇ ଘଣ୍ଟାଚକଟା କରୁଛି, ଖାଲି ଅନ୍ଧାରରେ ବାଡ଼ି ବୁଲାଇବା ପରି ଗୋଟାଏ ଚକଷ୍ତ୍ରାର ବର୍ଗ୍ଗିଦ କରିଦେଉଛି । ପ୍ରକୃତିର ସମଗ୍ର ଉଦ୍ଦେଶ୍ୟଟି ମଧ୍ୟରେ ସେମାନେ ପ୍ରକୃତରେ କିଭଳି କାର୍ଯ୍ୟସାଧନ କରୁଛନ୍ତି, ଏବଂ ମନ ଓ ପ୍ରାଣର ଭୂମିରେ ଅବସ୍ଥିତ କେଉଁ ତତ୍ତ୍ୱଗୁଡ଼ିକ ସେଗୁଡ଼ିକର ଭିତ୍ତି ହୋଇ ରହିଛନ୍ତି ଓ ସେଗୁଡ଼ିକୁ ଅସ୍ତିତ୍ୱରେ ବଜାୟ ରଖିଛନ୍ତି, ସେସବୁ ବିଷୟରେ ତାହାର ଆଦୌ କୌଣସି ଜ୍ଞାନ ନାହିଁ । ପୁଣି, ମଣିଷର ବିଚାରରେ ଯାହାକୁ ଶିବ ଓ ଅଶିବ ବୋଲି କୁହାଯାଇଥାଏ, ସେଗୁଡ଼ିକ କେବଳ ଗୋଟିଏ ଗୋଟିଏ ଆପେକ୍ଷିକ ମୂଲ୍ୟ ମାତ୍ର । ଏବଂ ଆମର ନୀତିଶାସ୍ତ୍ର ମଧ୍ୟ ଯେଉଁସବୁ ମାନଦଣ୍ଡ ରଚନା କରି ରଖିଛି, ସେଗୁଡ଼ିକ ମଧ୍ୟ ଏକ ଅନିଶ୍ଚିତ ଓ ଆପେକ୍ଷିକ ଭୂମି ଉପରେ ଦଣ୍ଡାୟମାନ ରହିଛି । ଏ ଧର୍ମ ବା ସେ ଧର୍ମରେ କ'ଣସବୁ ନିଷିଦ୍ଧ ହୋଇ ରହିଛି, ସମାଜର ମତରେ କାହାକୁ ଭଲ ବା କାହାକୁ ମନ୍ଦ ବୋଲି ବିଚାର କରାଯାଉଛି, ସମାଜ ଲାଗି କ'ଣ ଉପଯୋଗୀ ଓ ଆଉ କଅଣ ଅନିଷ୍ଟକାରକ ବୋଲି ବିବେଚିତ ହେଉଛି, ଏହି ମଣିଷଦ୍ୱାରା ତିଆରି ହୋଇଥିବା କୌଣସି ଅସ୍ଥାୟୀ ବିଧାନ କାହାଲାଗି ଅନୁମତି ଦେଉଛି ଓ କାହାଲାଗି ଅନୁମତି ଦେଉ ନାହିଁ, ଆପଣାକୁ ବା ଅନ୍ୟମାନଙ୍କୁ କ'ଣସବୁ ସହାୟକ କିମ୍ବା ବାଧକ ବୋଲି ବିଚାର କରାଯାଉଛି, ଏ ଆଦର୍ଶ ବା ସେ ଆଦର୍ଶ ସହିତ କେଉଁଟା ଖାପ ଖାଉଛି ବା ଖାଉ ନାହିଁ, ଆମେ ବିବେକ ବୋଲି କହୁଥିବା ଏକ ସ୍ୱଭାବଜାତ ପ୍ରବୃତ୍ତି କାହାକୁ ପ୍ରଣୋଦିତ ବା ନିରୁତ୍ସାହିତ କରୁଛି,— ନାନା ଜାତିର ଓ ନାନା ରୂପର ନାନା ବିଷୟଦ୍ୱାରା ଗଠିତ ଏହିସବୁ ଭାବ ଓ ଦୃଷ୍ଟିକୋଣର ଏକ ମିଶ୍ରଣହିଁ ଯେଉଁ ଜଟିଳ ଉପାଦାନଟିର ଅବତାରଣା କରୁଛି, ଆମେ ସେଇଟାକୁ ନୈତିକତା ବୋଲି କହୁଛୁ । ଏଗୁଡ଼ିକରୁ ପ୍ରତ୍ୟେକଟି ମଧ୍ୟରେ ସତ୍ୟ, ଅର୍ଦ୍ଧସତ୍ୟ ଓ ଅସତ୍ୟର ଏକ ସତତ ମିଶ୍ରଣ ମହଜୁଦ ରହିଛି ଏବଂ ତାହା ଆମର ସୀମିତ ଜ୍ଞାନ-ଅଜ୍ଞାନର ଯାବତୀୟ କ୍ରିୟାକୁ ଅନୁସରଣ କରିବାରେ ଲାଗିଛି । ଆମ ପ୍ରାଣଗତ ଓ ଦେହଗତ ବାସନା ଏବଂ ମୂଳପ୍ରବୃତ୍ତିଗୁଡ଼ିକ ଉପରେ, ଆମର ବ୍ୟକ୍ତିଗତ

'oaob.nitrkl.ac.in' images reprocessed

ତଥା ସାମାଜିକ ଯାବତୀୟ କାର୍ଯ୍ୟ ଉପରେ ଏବଂ ଅନ୍ୟମାନଙ୍କ ସହିତ ଆମର ଯାବତୀୟ ସମ୍ପର୍କ ଓ କାରବାର ଉପରେ ଆମ ମନର ଏକ ନିୟନ୍ତ୍ରଣ ଅବଶ୍ୟ ରହିବ; ମନୁଷ୍ୟ ହିସାବରେ ଏହା ଆମ ଲାଗି ଏକାନ୍ତ ଅପରିହାର୍ଯ୍ୟ, ତେଣୁ ଏହି କ୍ଷେତ୍ରରେ ନୈତିକତା ଆସି ଆମ ଲାଗି ଏକ ମାନଦଣ୍ଡ ତିଆରି କରି ରଖିଦିଏ ଯାହାଦ୍ୱାରା କି ଆମେ ନିଜକୁ ପରିଚାଳିତ କରିପାରିବା ଓ ଗତାନୁଗତିକ ଭାବରେ ଏକ ନିୟନ୍ତ୍ରଣର ପ୍ରତିଷ୍ଠା କରିପାରିବା । ମାତ୍ର ଏହି ନିୟନ୍ତ୍ରଣ ସର୍ବଦା ଅପୂର୍ଣ୍ଣ ରହିବହିଁ ରହିବ; ତାତ୍କାଳିକ କାମ ଚଳିଗଲା ପରି ଏହାକୁ ଏକ ସାଧନରୂପେ ବ୍ୟବହାର କରାଯାଇ ପାରିବ, ମାତ୍ର ଏହା ଯଥାର୍ଥରେ କୌଣସି ସମାଧାନ ଯୋଗାଇ ପାରିବ ନାହିଁ । ମଣିଷ ଯେପରି ଅଛି ଓ ଚିରକାଳ ଯେପରି ରହିଆସିଛି, ଠିକ୍ ସେହିପରିହିଁ ରହିଥିବ । ସେ ଭଲ ଓ ମନ୍ଦର ଏକ ମିଶ୍ରଣ ହୋଇ ରହିଥିବ, ପାପ ଓ ପୁଣ୍ୟର ମିଶ୍ରଣ ହୋଇ ରହିଥିବ । ଏକ ମନୋଭୂମିଗତ ଅହଂଦ୍ୱାରା ପରିଚାଳିତ ହେଉଥିବ ଯାହାର କି ତା'ର ମନୋଗତ, ପ୍ରାଣଗତ ଓ ଦୈହିକ ପ୍ରକୃତି ଉପରେ ଏକ ସମ୍ପୂର୍ଣ୍ଣ ନିୟନ୍ତ୍ରଣଶକ୍ତି କଦାପି ଆସିବ ନାହିଁ ।

ନିର୍ବାଚନର ଏହି ପ୍ରଚେଷ୍ଟାଟି, ଆମକୁ ଯାହାସବୁ ଭଲ ବୋଲି ମନେ ହେଉଛି, ଆମର ଚେତନା ଓ କ୍ରିୟାରୁ ସେତିକ ସଂରକ୍ଷିତ କରି ରଖି ଆମକୁ ଯାହା ମନ୍ଦ ବୋଲି ବୋଧହେଉଛି, ସେଗୁଡ଼ିକୁ ବର୍ଜନ କରିବା ଓ ସେହି ଅନୁସାରେ ଆମର ସତ୍ତାରେ ଆବଶ୍ୟକ ସଂସ୍କାର ଆଣିବାର ଏବଂ ଏକ ଆଦର୍ଶର ପ୍ରତିରୂପ ଅନୁଯାୟୀ ଆପଣାକୁ ନୂତନ ଗଠନ ଓ ନୂତନ ଆକାର ଦେବାର ଏହି ପ୍ରଚେଷ୍ଟାଟିକୁ ଆମେ ଏକ ଅଧିକ ଗଭୀର ନୈତିକ ଉଦ୍ଦେଶ୍ୟ ବୋଲି କହିବା, କାରଣ ଏଇଟି ହେଉଛି ଅସଲ ଉଦ୍ଦେଶ୍ୟସାଧନର ଅଧିକ ନିକଟବର୍ତ୍ତୀ । ଆମର ଜୀବନ ଏକ ସମ୍ଭୂତିମୟ ଜୀବନ ଏବଂ ଆମ ସମ୍ମୁଖରେ ଏପରି କିଛି ଅବଶ୍ୟ ରହିଛି, ଆମକୁ ଯେଉଁଥିରେ ପରିଣତ ହେବାକୁ ହେବ ବା ଯାହା ହେବାକୁ ହେବ;—ଏହି ଗଭୀର ଭାବଟି ଉପରେହିଁ ସେହି ପ୍ରଚେଷ୍ଟା ପ୍ରତିଷ୍ଠିତ ରହିଛି । ମାତ୍ର ମନୁଷ୍ୟ ତା'ର ମନଟା ଦ୍ୱାରା ଯେଉଁ ଆଦର୍ଶଗୁଡ଼ିକୁ ବୁଣିକରି ରଖିଥାଏ, ସେଗୁଡ଼ିକ କେବଳ ଆପେକ୍ଷିକ ଓ ନିର୍ବାଚନଧର୍ମୀ ହୋଇ ରହିଥା'ନ୍ତି । ଅତ୍ୟନ୍ତ ନିଷ୍ଠାଦୃଢ଼ ଭାବରେ କେବଳ ସେହିଗୁଡ଼ିକ ଅନୁସାରେ ଆମର ପ୍ରକୃତିକୁ ଗଢ଼ିବାକୁ ଗଲେ ଆମେ କେବଳ ଆମ ନିଜକୁହିଁ ସୀମାବଦ୍ଧ କରି ରଖିବା ଏବଂ ଯେଉଁଠି ଏକ ବୃହତ୍ତର ସତ୍ତା ମଧ୍ୟକୁ ବିକଶିତ ହୋଇଉଠିବା ଉଚିତ ଥିଲା, ସେଠାରେ ସେହି ସୀମାଗୁଡ଼ିକ ଭିତରେହିଁ କୌଣସି ଏକ ବିଶେଷ ବସ୍ତୁ ଗଢ଼ିବାର ଚେଷ୍ଟା କରିବା । ପରମ ଅନନ୍ତ ସତ୍ତାର ଆହ୍ୱାନ ହେଉଛି ଆମ ଜୀବନର ଭୂମି ଉପରେ ଏକମାତ୍ର ଯଥାର୍ଥ ଆହ୍ୱାନ; ଆତ୍ମପ୍ରତିଷ୍ଠା ଓ ଆତ୍ମୋତ୍ସର୍ଗର ଯେଉଁ ଦୁଇଟି ବୃତ୍ତିକୁ ପ୍ରକୃତି ଆମ ଉପରେ ଆଣି ଲଦିଦେଉଛି, ସେଗୁଡ଼ିକର ଗତି କେବଳ ତାହାରି ଆଡ଼କୁ । ଅହଂର

'oaob.nitrkl.ac.in' images reprocessed

ଅବିଦ୍ୟାଚ୍ଛନ୍ନ ଓ ତେଣୁ ଅସତ୍ୟ ପନ୍ଥାଟିର ପରିବର୍ତ୍ତେ ପ୍ରକୃତିର ଏହି ସ୍ତରରେ ହଁ ଏବଂ ନାହିଁ ଭିତରେ ସତତ ଉପୁଜୁଥିବା ଦ୍ୱନ୍ଦ୍ୱର ପରିବର୍ତ୍ତେ ଆମେ ଆତ୍ମପ୍ରତିଷ୍ଠା ଓ ଆତ୍ମ-ଉତ୍ସର୍ଗର ଏହି ସମ୍ମିଳିତ ଯଥାର୍ଥ ପଥଟିକୁହିଁ ଆବିଷ୍କାର କରିବା । ସେହି ପଥଟିକୁ ଆବିଷ୍କାର କରି ନପାରିଲେ ପରିପୂର୍ଣ୍ଣତା ବିଷୟରେ ଆମର ସଙ୍କୀର୍ଣ୍ଣ ଆଦର୍ଶଟି ଲାଗି ଆମ ପ୍ରାଣମୟ ଜୀବନର ଦୁର୍ଦ୍ଧର୍ଷ ବେଗଟି ଅତିରିକ୍ତ ପରିମାଣରେ ଶକ୍ତିଶାଳୀ ହୋଇ-ପଡ଼ିବ, ସେହି ଆଦର୍ଶଦ୍ୱାରା ପ୍ରସ୍ତୁତ ହୋଇ ରହିଥିବା ଯନ୍ତ୍ରରଚନାଟିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେବ ଏବଂ ଚରମ ପରିପୂର୍ଣ୍ଣତା ଓ ସାର୍ଥକତା ଲାଭ କରିବାରେ ତାହା ଏକାନ୍ତ ବିଫଳ ହୋଇ ରହିବ, ଅଥବା ଖୁବ୍ ବେଶୀ ହେଲେ ଆମକୁ କେବଳ ଅର୍ଦ୍ଧମାତ୍ର ଫଳ ମିଳିବ । ଅଥବା, ଜୀବନ ପାଖରୁ ଦୂରକୁ ଦୂରକୁ ଚାଲିଯିବାହିଁ ଆମର ଏକମାତ୍ର ଗତି ହୋଇ ରହିବ, ଅବିଦ୍ୟାର ଅଜେୟ କବଳରୁ ରକ୍ଷା ପାଇବାଲାଗି ଆଉ କୌଣସି ବାଟ ନଥିବ । ଧର୍ମରେ ସାଧାରଣତଃ ଏହିଭଳି ଏକ ବାଟର ଇଙ୍ଗିତ ଦିଆଯାଇଥାଏ; ଭଗବାନଙ୍କ ଦ୍ୱାରା ଆଦିଷ୍ଟ ଧର୍ମାନୁଶାସନର ପାଳନ କରିବା ଏବଂ ଧର୍ମାଚରଣର କୌଣସି ବିଧିବଦ୍ଧ ଶାସ୍ତ୍ର ଅଥବା ମାନବୀୟ କୌଣସି ପ୍ରେରଣାଦ୍ୱାରା ନିରୂପିତ ଭଗବଦ୍ ବିଧାନ ଅନୁସାରେ ଧର୍ମଶୀଳତା, ସଦାଚାର ଓ ପୁଣ୍ୟର ପଥରେ ଚାଲିବାକୁହିଁ ଧର୍ମ ସାଧନାର ଅଙ୍ଗ ବୋଲି ପରାମର୍ଶ ଦେଇଥାଏ, ତାହାକୁହିଁ ମୋକ୍ଷ ବା ନିଷ୍କ୍ରମଣର ଦ୍ୱାରରେ ଯାଇ ପହଞ୍ଚିବାର ସାଧନ ବା ଉପାୟ ବୋଲି ଦେଖାଇ ଦିଆଯାଇଥାଏ । ମାତ୍ର ଏହି ନିଷ୍କ୍ରମଣ ସମସ୍ୟାଟି ଯେଉଁଠି ଥିଲା, ତାକୁ ଠିକ୍ ସେଇଠି ଛାଡ଼ିଦେଇଯାଏ । ଏହାଦ୍ୱାରା ବ୍ୟକ୍ତିସତ୍ତା ପକ୍ଷରେ ବିଶ୍ୱପରିବ୍ୟାପ୍ତ ସତ୍ତାର ଅସମାହିତ ଜଟିଳତା ମଧ୍ୟରୁ କେବଳ ପଳାଇଯିବାହିଁ ସାର ହୁଏ । ପ୍ରାଚୀନ ଭାରତର ଅଧ୍ୟାତ୍ମବିଜ୍ଞାନ ଏହି ଅସୁବିଧାଟିକୁ ଅଧିକ ସ୍ପଷ୍ଟ ଭାବରେ ବୁଝିବାକୁ ସମର୍ଥ ହୋଇଥିଲା । ସତ୍ୟ, ପୁଣ୍ୟ, ଯଥାର୍ଥ ଇଚ୍ଛା ଓ ଯଥାର୍ଥ କ୍ରିୟାର ଅନୁଶୀଳନକୁ ଆଧ୍ୟାତ୍ମିକ ଉପଲବ୍ଧିର ମାର୍ଗରେ ଅଗ୍ରସର ହେବାଲାଗି ଏକ ଆବଶ୍ୟକତା ବୋଲି ବିଚାର କରାଯାଇଥିଲା; ମାତ୍ର ଅତ୍ୟନ୍ତ ସ୍ପଷ୍ଟ ଭାବରେ ଘୋଷଣା କରାଯାଇଥିଲା ଯେ ଯଥାର୍ଥ ଉପଲବ୍ଧିର ଭୂମିରେ ଆସି ପହଞ୍ଚିଲେ ଜୀବସତ୍ତା ପରମ ଅନନ୍ତ ଓ ପରମ ଶାଶ୍ୱତର ବୃହତ୍ତର ଚେତନାଭୂମିକୁ ଉତ୍ତୋଳିତ ହୋଇଯାଏ ଏବଂ ପାପ ଓ ପୁଣ୍ୟର ବୋଝକୁ ଆପଣାର ମୁଣ୍ଡ ଉପରୁ କାଢ଼ି ଫିଙ୍ଗିଦିଏ । କାରଣ ପାପ ଓ ପୁଣ୍ୟ,—ଏସବୁ ହେଉଛି ଆପେକ୍ଷିକତା ଓ ଅବିଦ୍ୟାର ସୋପାନଗତ ଲକ୍ଷଣ । ଏହି ବୃହତ୍ତର ଓ ସତ୍ୟତର ଅନୁଭୂତିଟିର ପଛରେ ବୋଧିଲବ୍ଧ ଏହି ସତ୍ୟଟି ରହିଥିଲା ଯେ ଏହି ଆପେକ୍ଷିକ ଶିବର ସାଧନାଟିକୁ ବିଶ୍ୱପ୍ରକୃତି ଆମ ଉପରେ ଆଣି ଲଦିଦେଇଛି, ଯେପରିକି ଆମେ ତାହାର ମାଧ୍ୟମରେ ସତ୍ୟସ୍ୱରୂପ ପରମ ଶିବର ଅଭିମୁଖରେ ଅଗ୍ରସର ହୋଇପାରିବା । ଏହିସବୁ ସମସ୍ୟା ହେଉଛି ମନୋଗତ ଭୂମିର ସମସ୍ୟା, ଅବିଦ୍ୟାଚ୍ଛନ୍ନ ପ୍ରାଣଭୂମିର ସମସ୍ୟା । ମନର

'oaob.nitrkl.ac.in' images reprocessed

ସୀମା ପାର ହୋଇଗଲେ ସେମାନେ ଆମ ସହିତ କଦାପି ସେପାଖକୁ ଯାଇପାରନ୍ତି ନାହିଁ । ଏକ ଅନନ୍ତ ସତ୍ୟଚେତନାର ଉପଲବ୍ଧି ମଧ୍ୟରେ ଯେପରି ସତ୍ୟ ଓ ମିଥ୍ୟାଗତ ଦ୍ୱୈତତାର ଅବସାନ ହୋଇଯାଏ, ଠିକ୍ ସେହିପରି ଏକ ଅନନ୍ତ ଶିବତ୍ୱର ଉପଲବ୍ଧି ମଧ୍ୟରେ ଶିବ ଓ ଅଶିବଗତ ଦ୍ୱନ୍ଦ୍ୱ ଓ ଦ୍ୱୈତତାରୁ ମଧ୍ୟ ମୁକ୍ତି ମିଳିଥାଏ । ସେଗୁଡ଼ିକୁ ପାର ହୋଇ ଆମେ ଆହୁରି ଆଗକୁ ଚାଲି ଯାଇପାରୁ ।

ମନୁଷ୍ୟଜାତିକୁ ଏହି ସମସ୍ୟାଟି ସର୍ବଦା ପ୍ରପୀଡ଼ିତ କରି ରଖି ଆସିଛି ଏବଂ ସେ କେବେହେଲେ ଏହାର କୌଣସି ସନ୍ତୋଷଜନକ ସମାଧାନ ପାଇପାରି ନାହିଁ । ମାତ୍ର ମନୁଷ୍ୟକୃତ କୌଣସି ବାଟରେ ଏହି ସମସ୍ୟାଟି ପାଖରୁ ପଳାଇଯିବାର ବି ଉପାୟ ନାହିଁ । ମିଠା ଓ ପିତା ଉଭୟ ଫଳ ଧାରଣ କରିଥିବା ଶିବ-ଓ ଅଶିବଜ୍ଞାନର ବୃକ୍ଷଟି ନିଶ୍ଚେତନତାର ସେହି ପ୍ରକୃତିଗତ ଭୂମିଟିରେହିଁ ପ୍ରଚ୍ଛନ୍ନ ଭାବରେ ପୋତା ହୋଇ ଚେର ମଡ଼ାଇ ରହିଛି । ସେହି ନିଶ୍ଚେତନତାରୁହିଁ ଆମର ଏହି ସୃଷ୍ଟିର ଉଦ୍‌ଭବ ହୋଇଛି, ଏବଂ ଆମର ଭୌତିକ ଅସ୍ତିତ୍ୱର ପାଦତଳ ମାଟି ଓ ଭିତ୍ତିରୂପେ ରହିଥିବା ତାହାରି ଉପରେହିଁ ଆମର ସତ୍ତା ଠିଆହୋଇ ରହିଛି । ଅବିଦ୍ୟାର ନାନାବିଧ ଶାଖାପ୍ରଶାଖା ମେଲିଦେଇ ତାହା ଅତି ଦୃଶ୍ୟମାନ ଭାବରେ ଉପରକୁଆଗକୁ ବଢ଼ି ଠିଆହୋଇଛି, ଏହି ଅବିଦ୍ୟାହିଁ ଆମ ଚେତନାର ଅଧିକତର ସ୍ଥାନ ଅଧିକାର କରି ରହିଛି ଏବଂ ସେହି ଅବିଦ୍ୟାଚ୍ଛନ୍ନ ଚେତନା ଆପଣା ଆୟାସସାଧ୍ୟ ବିବର୍ତ୍ତିନର ପଥ ଦେଇ ଏକ ପରମ ଚେତନା ଓ ସମଗ୍ର ସତ୍ତା ଅଡ଼କୁ ଅଗ୍ରସର ହେବାକୁ ଲାଗିଛି । ଯେତେଦିନ ଯାଏ ଏହି ମାଟିଟି ରହିଥିବ, ତାହାମଧ୍ୟରେ ରହିଥିବା ଚେରଗୁଡ଼ିକ ସେହିପରି ଅନାବିଷ୍କୃତ ଭାବରେ ରହିଥିବେ, ଏବଂ ଅବିଦ୍ୟାର ପୁଷ୍ଟିଦାୟକ ଜଳବାୟୁ ତାହାକୁ ଖାଦ୍ୟ ଯୋଗାଇବାରେ ଲାଗିଥିବ, ସେତେଦିନ ଯାଏ ବୃକ୍ଷଟି ବଢ଼ିବାରେ ଲାଗିଥିବ, ଆପଣାର ଦ୍ୱିବିଧ ସ୍ୱାଦସମ୍ଭାର ଚହଟାଇ ମିଶ୍ର ପ୍ରକୃତିର ଫଳଗୁଡ଼ିକୁ ଫଳାଇବାରେ ଲାଗିଥିବ । ଏଥିରୁ ସ୍ପଷ୍ଟ ହୋଇଯିବା ଉଚିତ ଯେ ଆମେ ଯେପର୍ଯ୍ୟନ୍ତ ଆମର ନିଶ୍ଚେତନାକୁ ସେହି ବୃହତ୍ତର ଚେତନାରେ ରୂପାନ୍ତରିତ ନକରିଛୁ, ଆତ୍ମା ଓ ଚିନ୍ମୟତାର ସତ୍ୟକୁ ଜୀବନର ଭୂମିରେ ପରିଣତ କରି ଆମେ ଯେପର୍ଯ୍ୟନ୍ତ ଆମର ଅବିଦ୍ୟାକୁ ଏକ ଉଚ୍ଚତର ଜ୍ଞାନରେ ରୂପାନ୍ତରିତ ନକରିଛୁ, ସେପର୍ଯ୍ୟନ୍ତ ସମସ୍ୟାଟିର କୌଣସି ପୂର୍ଣ୍ଣ ସମାଧାନ ହୋଇପାରିବ ନାହିଁ । କାମ ଚଳିଯିବା ପାଇଁ ଆମେ ଯେତେ ଯାହା ଅନ୍ୟ ସମାଧାନ ଆଡ଼କୁ ମନ ବଳାଇବା, ସେଗୁଡ଼ାକ କେବଳ ଅସ୍ଥାୟୀ ଭାବରେହିଁ କିଏତ ଏକ ବିଶେଷ ଉପାୟ ଭାବରେ କିଛିଟା କାମ ଦେବାକୁ ଆସିବ ବା ଆମକୁ ନେଇ ଏକ ଅମୁହାଁ ଗଳି ଭିତରେ ଛାଡ଼ିଦେବ । ଆମ ପ୍ରକୃତିର ଏକ ପୂର୍ଣ୍ଣ ଓ ମୌଳିକ ରୂପାନ୍ତର ଘଟାଇହିଁ ସମସ୍ୟାଟିର

'oaob.nitrkl.ac.in' images reprocessed

ଯଥାର୍ଥ ସମାଧାନ ସମ୍ଭବ ହେବ । ଆମର ବର୍ତ୍ତମାନ ସ୍ଥିତିରେ ଆତ୍ମା ଓ ବସ୍ତୁବିଷୟକ ଆମର ସକଳ ସଚେତନତା ଉପରେ ନିଶ୍ଚେତନତା ଆପଣାର ମୂଳଭୂତ ଅନ୍ଧକାରଟିକୁ ଆଣି ଲଦିଦେଇ ଯାଉଛି, ଅବିଦ୍ୟା ତାହାକୁ ଏକ ଅତ୍ୟନ୍ତ ଅପୂର୍ଣ୍ଣ ଓ ବହୁଧାବିଭାଜିତ ଚେତନାର ଆଧାର ଯୋଗାଇଦେଉଛି ଏବଂ ଆମେ ସେହି ଅନ୍ଧକାର ଓ ବିଭକ୍ତତା ମଧ୍ୟରେହିଁ ଛନ୍ଦି ହୋଇ ରହିଛୁ; ସେହିସବୁ କାରଣରୁହିଁ ଜ୍ଞାନ ଓ ଇଚ୍ଛାର ରାଜ୍ୟରେ ପ୍ରମାଦ ସମ୍ଭବ ହେଉଛି । ଯଦି ଏହି ପ୍ରମାଦପୂର୍ଣ୍ଣ ଜ୍ଞାନ ନଥା'ନ୍ତା, ତେବେ କୌଣସି ଭୁଲ କିମ୍ବା ମିଥ୍ୟା କଦାପି ସମ୍ଭବ ହୁଅନ୍ତା ନାହିଁ; ଆମ ଜୀବନାସ୍ତିତ୍ୱର ଗତିଶୀଳ ଅଂଶଗୁଡ଼ିକରେ ଏହି ଭୁଲ ବା ମିଥ୍ୟା ଆସି ପ୍ରବେଶ କରୁନଥିଲେ ଆମ ଭିତରେ ମିଥ୍ୟା ସଂକଳ୍ପର ବି ପ୍ରବେଶ ହୋଇପାରନ୍ତା ନାହିଁ । ଏବଂ ମିଥ୍ୟା ଇଚ୍ଛା ବା ମିଥ୍ୟା ସଂକଳ୍ପ ବ୍ୟତୀତ ମିଥ୍ୟା କର୍ମ ଅର୍ଥାତ୍ ଅଶିବ ଲାଗି ମଧ୍ୟ କୌଣସି ସ୍ଥାନ ନଥା'ନ୍ତା । ଏହିସବୁ କାରଣ ବିଦ୍ୟମାନ ରହିଥିବା ପର୍ଯ୍ୟନ୍ତ ଆମର କର୍ମ ଓ ଆମର ସ୍ୱଭାବରେ ସେଗୁଡ଼ିକର ପରିଣାମ ମଧ୍ୟ ବିଦ୍ୟମାନ ରହିବାକୁ ବାଧ୍ୟ ହେଉଥିବେ । ମନଦ୍ୱାରା ସେସବୁକୁ ନିୟନ୍ତ୍ରଣ କରିବାକୁ ବସିଲେ ତାହା କେବଳ ଏକ ନିୟନ୍ତ୍ରଣ ହେବ ସିନା, ଅସଲ ରୋଗଟିର ଆରୋଗ୍ୟବିଧାନ କରିପାରିବ ନାହିଁ । ମନୋଭୂମିର କୌଣସି ହିତପରାମର୍ଶ, ନିୟମ କିମ୍ବା ମାନଦଣ୍ଡ ଆମ ଉପରେ କେବଳ ଏକ କୃତ୍ରିମ ଶୃଙ୍ଖଳାକୁ ଆଣି ଲଦିଦେଇ ଯିବ ଯାହା ଉପରେ କି ଅତି ଯାନ୍ତ୍ରିକ ଭାବରେ ବା ଅତ୍ୟନ୍ତ ଆୟାସ ସହକାରେ ଆମର କର୍ମ କେବଳ ଆବର୍ତ୍ତିତ ହେବାରେ ଲାଗିଥିବ । ଏବଂ ତାହା ଆମ ପ୍ରକୃତିର ଗତିପଥ ଉପରେ ଏକ ବାଧାଗ୍ରସ୍ତ ଓ ଅତିସୀମିତ ରୂପାୟନକୁ ଆଣି ଆରୋପିତ କରି ଦେଉଥିବ । ତେଣୁ ଚେତନାର ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟାଇବାକୁ ପଡ଼ିବ, ପ୍ରକୃତିରେ ଏକ ମୂଳଭୂତ ପରିବର୍ତ୍ତନ ଆଣିବାକୁ ହେବ; ତେବେଯାଇ ଉଦ୍ଧାରବାଟ ମିଳିବ, ତେବେଯାଇ ଏକମାତ୍ର ଯଥାର୍ଥ ସମାଧାନ ହୋଇପାରିବ ।

ଏକ ବିବିକ୍ତ, ସୀମାବଦ୍ଧ ଓ ବିଚ୍ଛିନ୍ନ ଅସ୍ତିତ୍ୱ ହେଉଛି ଏହି ସମସ୍ୟାଟିର ମୂଳ କାରଣ; ତେଣୁ ତାହାର ଯଥାର୍ଥ ସମାଧାନ ସମ୍ଭବ କରିବାକୁ ହେଲେ ବା ସେହି ସ୍ଥିତିରେ ଏକ ଯଥାର୍ଥ ପରିବର୍ତ୍ତନ ଆଣିବାକୁ ହେଲେ ଆମ ସତ୍ତାର ସେହି ବିଭକ୍ତ ଚେତନାଟିରେହିଁ ସମଗ୍ରତା ଆଣିବାକୁ ପଡ଼ିବ, ତାହାର ରୋଗଟିକୁ ଦୂର କରିବାକୁ ପଡ଼ିବ । ଏବଂ ସେହି ବିଭକ୍ତତା ଏକ ଅତିଜଟିଳ ଓ ଅନେକମୁଖୀ ବିଭକ୍ତତା ରୂପରେ ବର୍ତ୍ତମାନ ରହିଥିବାରୁ ସତ୍ତାର କେବଳ କୌଣସି ଗୋଟିଏ ପାଖରେ ଏକ ଆଂଶିକ ପରିବର୍ତ୍ତନ ଘଟାଇ ଆମେ ତାହାକୁ ସମଗ୍ର ରୂପାନ୍ତର ସ୍ଥାନରେ ଏକ ଯଥେଷ୍ଟ ପ୍ରତିଭୂ ରୂପେ ବସାଇ ପାରିବା ନାହିଁ । ଆମର ଅହଂହିଁ ଆମ ଭିତରେ ସର୍ବପ୍ରଥମ ବିଭାଜନଟିର

'oaob.nitrkl.ac.in' images reprocessed

ସୃଷ୍ଟି କରିଛି; ଆହୁରି ବୁଝାଯାଇ ପାରିବ ଯେ ଆମର ପ୍ରାଣଭୂମିଗତ ଅହଂହିଁ ମୁଖ୍ୟତଃ ଏକ ଅଧିକ ଶକ୍ତିଶାଳୀ ଓ ଅଧିକ ସ୍ପଷ୍ଟ ଭାବରେ ସେହି ବିଭାଜନଟିର ସୃଷ୍ଟି କରିଛି । ସେହି ବିଭାଜନ ଆମକୁ ଅନ୍ୟ ସତ୍ତାଗୁଡ଼ିକଠାରୁ ବିଚ୍ଛିନ୍ନ କରି ରଖିଛି । ଆମେ ସେହି ସତ୍ତାଗୁଡ଼ିକୁ ଅନାତ୍ମା ବୋଲି ଅନୁଭବ କରୁଛୁ । ସେହି ବିଭାଜନ ଆମକୁ ଆମର ଅହଂକେନ୍ଦ୍ରିକତା ସହିତ କଷିକରି ବାନ୍ଧିଦେଇଛି, ଏକ ଅହଂସର୍ବସ୍ୱ ଆତ୍ମପ୍ରତିଷ୍ଠାର ବିଧାନ ସହିତ ବାନ୍ଧିରଖିଛି । ଏହି ଆତ୍ମପ୍ରତିଷ୍ଠାଜନିତ ପ୍ରମାଦଗୁଡ଼ିକରୁହିଁ ଅନର୍ଥ ଓ ଅଶିବର ପ୍ରଥମ ଉଦ୍‌ଭବ ହେଉଛି । ମିଥ୍ୟା ଚେତନାରୁ ନାନା କ୍ଷେତ୍ରରେ ଅନର୍ଥ ଜାତ ହେଉଛି; ଭାବନାଶୀଳ ମନ ଓ ହୃଦୟ ଭିତରେ ଅନର୍ଥ ଉପୁଜୁଛି, ପ୍ରାଣଗତ ମନ ଓ ଇନ୍ଦ୍ରିୟଚେତନାଗତ ସତ୍ତା ଭିତରେ ଅନର୍ଥ ଉପୁଜୁଛି, ଏପରିକି ଶରୀରଗତ ଚେତନାର କ୍ଷେତ୍ରରେ ମଧ୍ୟ ଅନର୍ଥ ଆସି ପହୁଞ୍ଚୁଛି । ମିଥ୍ୟା ସଂକଳ୍ପ ହେତୁ ଏହିସବୁ ସାଧନକ୍ଷେତ୍ରରେ ମିଥ୍ୟା କର୍ମ ମଧ୍ୟ ଉପୁଜୁଛି; ଭାବନା, ଇଚ୍ଛା, ଇନ୍ଦ୍ରିୟଚେତନା ଓ ଅନୁଭୂତିର କ୍ଷେତ୍ରରେ ବହୁଗୁଣିତ ଭ୍ରମ ଓ ଅନେକଶାଖାବିଶିଷ୍ଟ ବିକୃତି ଆସି ଦେଖାଦେଉଛି । ପୁଣି ଏକଥା ମଧ୍ୟ ସତ ଯେ ଅନ୍ୟମାନେ ଯେପର୍ଯ୍ୟନ୍ତ ଆମକୁ କେବଳ ଆମଠାରୁ ଭିନ୍ନ ଅପର ପରି ଦେଖାଯାଉଛନ୍ତି, ଆମ ଲାଗି ଅପରିଚିତ ପ୍ରାଣୀ ହୋଇ ରହିଛନ୍ତି ଏବଂ ଯେଉଁମାନଙ୍କର ଅନ୍ତଶ୍ଚେତନା, ଆତ୍ମଗତ ଆବଶ୍ୟକତା, ମାନସିକ ଆବଶ୍ୟକତା, ହୃଦୟଗତ ଆବଶ୍ୟକତା ତଥା ପ୍ରାଣ ଓ ଶରୀରଗତ ଆବଶ୍ୟକତାଗୁଡ଼ିକ ବିଷୟରେ ଆମର ହୁଏତ କୌଣସି ଜ୍ଞାନ ନାହିଁ କିମ୍ବା ଅତ୍ୟଳ୍ପ ଜ୍ଞାନ ରହିଛି, ସେମାନଙ୍କ ସହିତ ଆମେ କଦାପି ଯଥାର୍ଥ ସମ୍ପର୍କ ସ୍ଥାପନ କରିପାରିବା ନାହିଁ, ସେମାନଙ୍କ ସହିତ କଦାପି ଯଥାର୍ଥରେ ବଞ୍ଚିପାରିବା ନାହିଁ । ଗୋଷ୍ଠୀଜୀବନର ନିୟମ, ଆବଶ୍ୟକତା ଓ ଅଭ୍ୟସ୍ତତା ଆମ ଭିତରେ ଅତି ଅପୂର୍ଣ୍ଣଭାବରେ ଯନ୍ତ୍ରକଳ୍ପିତ ସହାନୁଭୂତି, ଜ୍ଞାନ ଓ ସଦିଚ୍ଛାର ଉଦ୍ରେକ କରିଥାଏ, ଯଥାର୍ଥ କର୍ମ ଲାଗି ଆବଶ୍ୟକ ହେଉଥିବା ପରିମାଣର ତାହା ଏକ ଅତି ହୀନ କ୍ଷୁଦ୍ରାଂଶ ମାତ୍ର । ଏକ ବୃହତ୍ତର ମନ, ଏକ ଉଦାରତର ହୃଦୟ ଏବଂ ଏକ ଅଧିକ ବିପୁଳ ଓ ଉଦାର ପ୍ରାଣଶକ୍ତି ଏହି କ୍ଷେତ୍ରରେ ଆମକୁ ତଥା ଅନ୍ୟମାନଙ୍କୁ ନିଶ୍ଚୟ କେତେକ ପରିମାଣରେ ସାହାଯ୍ୟ କରିପାରିବ ଏବଂ ଜଘନ୍ୟ ନାନା ଦୁଷ୍କୃତିର ହାତରୁ ରକ୍ଷା କରିପାରିବ ସତ, ମାତ୍ର ତଥାପି ଏହା କେବେହେଲେ ଆମ ଆବଶ୍ୟକତା ଲାଗି ଯଥେଷ୍ଟ ହୋଇପାରିବ ନାହିଁ ଏବଂ ଅଗ୍ରାଧିକାରର ମାନଦଣ୍ଡ ଉପରେ ଆମେ ଯାହାସବୁ ନିଜପାଇଁ ଭଲ ବୋଲି ବାଛିନେଉଛୁ, ଅନ୍ୟମାନେ ବାଛି ନେଇଥିବା ଭଲ ସହିତ ସେଗୁଡ଼ିକର ସଂଘାତ, ଅନିଷ୍ଟ ଓ ଅଡୁଆରୁ ଆମକୁ ରକ୍ଷା କରିପାରିବ ନାହିଁ । ଏପରିକି ଯେତେବେଳେ ଆପଣାର ନିଃସ୍ୱାର୍ଥପରତାଟାକୁ ନେଇ ଆମେ ସବୁଠାରୁ ଅଧିକ ବଡ଼ାଇ କରିବାରେ ଲାଗିଥାଉ, ସେତେବେଳେ ଅତ୍ୟନ୍ତ ଅହଂକେନ୍ଦ୍ରିକ ଭାବରେ, ଏବଂ ଆପଣାର

'oaob.nitrkl.ac.in' images reprocessed

ବୃଦ୍ଧିବାଶକ୍ତି ଓ ଜାଣିବାର ପରିମାଣ ବିଷୟରେ ସବୁଠାରୁ ଅଧିକ ଆସ୍ଫାଳନ କରୁଥିବା-ବେଳେ ଅତ୍ୟନ୍ତ ଅବିଦ୍ୟାଚ୍ଛନ୍ନ ଭାବରେ ଆପଣା ଅହଂ ଓ ଅବିଦ୍ୟାର ସ୍ୱଭାବଗତ ପ୍ରବୃତ୍ତିଟି ଦ୍ୱାରା ପ୍ରେରିତ ହୋଇ ଆମେ ଆପଣାରହିଁ ପ୍ରତିଷ୍ଠା କରିବାରେ ଲାଗିଥାଉ । ଜୀବନର ଏକ ବିଧାନରୂପେ ଗ୍ରହଣ କରାଯାଇଥିବା ବିଶ୍ୱହିତୈଷିତା ମଧ୍ୟ ଆମକୁ ଉଦ୍ଧାର କରିପାରେ ନାହିଁ; କାରଣ କେବଳ ଆତ୍ମବିସ୍ତାର ଓ ସଙ୍କୀର୍ଣ୍ଣତର ଅହଂର ସଂଶୋଧନ ଲାଗି ତାହାକୁ ଏକ ଶକ୍ତିସମ୍ପନ୍ନ ସାଧନରୂପେ ବ୍ୟବହାର କରାଯାଉଥିଲେ ମଧ୍ୟ ତାହା ଅହଂମନ୍ୟତାର ବିନାଶ ସାଧନ କରିପାରେ ନାହିଁ କିମ୍ବା ସମସ୍ତଙ୍କ ସହିତ ଏକୀଭୂତ ହୋଇ ରହିଥିବା ଯଥାର୍ଥ ଆତ୍ମାରୂପେ ତାହାକୁ ରୂପାନ୍ତରିତ କରିପାରେ ନାହିଁ । ଜଣେ ସ୍ୱାର୍ଥପର ବ୍ୟକ୍ତିର ଅହଂ ପରି ଜଣେ ସ୍ୱାର୍ଥଶୂନ୍ୟ ବ୍ୟକ୍ତିର ଅହଂ ମଧ୍ୟ ସମାନଭାବରେ ଶକ୍ତିଶାଳୀ ଓ ସର୍ବଗ୍ରାସୀ ହୋଇପାରେ; ଅନେକ ସମୟରେ ଏହା ପ୍ରଥମଟିଠାରୁ ଅଧିକ ପରାକ୍ରମ ଦେଖାଏ ବା ଅଧିକ ଜିଦ୍ ଧରି ବସେ; କାରଣ ଏହା ଆପଣାକୁ ଏକ ଧର୍ମପରାୟଣ ଓ ପ୍ରଶସ୍ତ ଅହଂରୂପେ ଅବତୀର୍ଣ୍ଣ କରାଇଥାଏ । ପୁଣି, ଆପଣାର ଆତ୍ମ-ସତ୍ତାଟିକୁ ଅନ୍ୟମାନଙ୍କର ଆତ୍ମା ପାଖରେ ଗୌଣ ବା ଅଧସ୍ତନ କରି ରଖିବାର ଅଭିପ୍ରାୟରେ ଯଦି ଆମେ ଆମ ନିଜର ଆତ୍ମା, ନିଜର ମନୋମୟ ସତ୍ତା, ଆମର ପ୍ରାଣ କିମ୍ବା ଶରୀର ପ୍ରତି ଏକ ନିରାହପୂର୍ଣ୍ଣ ଆଚରଣ କରିବାରେ ଲାଗିଯାଉ, ତାହା ଆମର ଲକ୍ଷ୍ୟପୂରଣ ଦିଗରେ ଆଦୌ କମ୍ ସହାୟକହିଁ ହୋଇଥାଏ । ତେଣୁ ଆପଣାର ସତ୍ତାଟିକୁ ଯଥାର୍ଥ ସ୍ୱୀକାର ଦେଇ ପ୍ରତିଷ୍ଠିତ କରି ରଖିବାକୁ ହେବ, ଯେପରିକି ତାହା ସବୁରି ସହିତ ଏକୀଭୂତ ଓ ଅଭିନ୍ନ ହୋଇ ରହିବ;—ଏହାହିଁ ପ୍ରକୃତ ନୀତି । ଆପଣାର ସତ୍ତାକୁ ଖଣ୍ଡଖଣ୍ଡ କରି କାଟି ପକାଇବା କିମ୍ବା ବଳି ଦେଇଦେବା ପ୍ରକୃତ ନୀତି ନୁହେଁ । କୌଣସି ବିଶେଷ ଅବସରରେ ଏକ ବିଶେଷ ଆଦର୍ଶର ସାଧନ ପାଇଁ ଆତ୍ମବଳିଦାନ ସମୟସମୟରେ ନିଶ୍ଚୟ ଆବଶ୍ୟକ ହୁଏ; ହୃଦୟଗତ କୌଣସି ଦାବିର ଉତ୍ତର ଦେବାକୁ ଯାଇ କିମ୍ବା କୌଣସି ଏକ ଅଧିକାର ହାସଲ କରିବାରେ ଅଥବା କୌଣସି ଉଚ୍ଚତର ଲକ୍ଷ୍ୟର ପ୍ରାପ୍ତିଲାଗି ଏହାର ଆବଶ୍ୟକତା ଆସେ; ମାତ୍ର ତାହାକୁ ଆମ ଜୀବନର ଏକ ନୀତି କିମ୍ବା ପ୍ରକୃତିରେ କଦାପି ପରିଣତ କରାଯାଇ ପାରିବ ନାହିଁ । ମାତ୍ର ଅତିରଞ୍ଜିତ କରି ଏହାକୁ ଏକ ନୀତି ବା ପ୍ରକୃତି ପରି ଗ୍ରହଣ କଲେ ଏହା କେବଳ ଅନ୍ୟମାନଙ୍କର ଅହଂଟାକୁହିଁ ଖାଦ୍ୟ ଯୋଗାଇ ସ୍ଫୀତ କରି ରଖିବ କିମ୍ବା କୌଣସି ଗୋଷ୍ଠୀଗତ ଅହଂକୁ ଅତିକାୟ କରି ରଖିବାରେହିଁ ସାହାଯ୍ୟ କରିବ; ମାତ୍ର ଆମର ଅଥବା ମନୁଷ୍ୟଜାତିର ଯଥାର୍ଥ ଆତ୍ମାଟିର ଆବିଷ୍କାର ଓ ପ୍ରତିଷ୍ଠା ଦିଗରେ ତାହା ଆମକୁ କିମ୍ବା ମନୁଷ୍ୟଜାତିକୁ କୌଣସିପ୍ରକାରେ ଅଗ୍ରସର କରାଇପାରିବ ନାହିଁ । ଆତ୍ମତ୍ୟାଗ ଓ ଆତ୍ମଦାନ ଯେ ଗୋଟିଏ ଗୋଟିଏ ଯଥାର୍ଥ ସତ୍ୟ ଓ ଆଧ୍ୟାତ୍ମିକ ଆବଶ୍ୟକତା, ଏଥିରେ କୌଣସି ସନ୍ଦେହ ନାହିଁ; କାରଣ ଆପଣାର ଅହଂଠାରୁ ଅଧିକ ବୃହତ୍ତ୍ୱ

'oaob.nitrkl.ac.in' images reprocessed

କୌଣସି ଏକ ସମ୍ପ୍ରଦାୟ ଲାଗି ଆପଣାକୁ ଉତ୍ସର୍ଗ ଓ ସମର୍ପଣ କରି ନଦେଲେ ଆମେ ଆପଣାର ଯଥାର୍ଥ ପ୍ରତିଷ୍ଠା କଦାପି କରିପାରିବା ନାହିଁ । ମାତ୍ର ଏକ ଯଥାର୍ଥ ଚେତନା ସହିତହିଁ ତାହା କରିବାକୁ ପଡ଼ିବ ଏବଂ ତାହା ଏକ ଯଥାର୍ଥ ଜ୍ଞାନ ଉପରେ ଆଧାରିତ ହୋଇ ରହିବ । ଆମ ପ୍ରକୃତିର ସାତ୍ତ୍ୱିକ ଅଂଶଟିର ବିକାଶସାଧନ କରିବା, ଅର୍ଥାତ୍ ଆଲୋକ, ଶୁଭବୋଧ, ସମତା, ସମନ୍ୱୟ, ସହାନୁଭୂତି, ସଦିଚ୍ଛା, କରୁଣା, ମୈତ୍ରୀ, ଆତ୍ମସଂଯମ ଏବଂ ସୁସଂଗଠିତ ଓ ସମନ୍ୱିତ କର୍ମଶକ୍ତିର ଅଂଶଟିକୁ ବିକଶିତ କରାଇବା, —ମନୋମୟ ରୂପାୟନର ସୀମା ଭିତରେ ବିଚରଣ କରୁଥିବା ପର୍ଯ୍ୟନ୍ତ ଆମେ ଖୁବ୍ ବେଶୀ ଏତିକି କରିପାରିବା । ମାତ୍ର ସତ୍ତ୍ୱର ବିକାଶକ୍ରମରେ ଏହା କେବଳ ଏକ ସାଧନ ମାତ୍ର, ଚରମ ଉଦ୍ଦେଶ୍ୟ କଦାପି ନୁହେଁ । ଏଗୁଡ଼ିକ ହେଉଛି ଗୁଳିବା ବାଟର ଗୋଟିଏ ଗୋଟିଏ ସମାଧାନ, ତାତ୍କାଳିକ ଉପଶମର ଏକ ଉପାୟ ମାତ୍ର; ମୂଳ ସମସ୍ୟାଟିର ଆଂଶିକ ସମାଧାନ ଲାଗି ଏଗୁଡ଼ିକର ନିଶ୍ଚୟ ଆବଶ୍ୟକତା ରହିଛି । ଯଥାର୍ଥ ଏବଂ ସମଗ୍ର ସମାଧାନଟି ଆମ ବର୍ତ୍ତମାନ ସାମର୍ଥ୍ୟର ବାହାରେ ରହିଥିବାରୁ ଆମକୁ ସାମୟିକ ଭାବରେ ସାହାଯ୍ୟ କରିବା ସକାଶେ ଏହି ତତ୍କାଳୋପଯୋଗୀ ଆଦର୍ଶ ଓ କୌଶଳଗୁଡ଼ିକ ଆମ ପାଖରେ ମହଜୁଦ ହୋଇ ରହିଛି । ଯେତେବେଳେ ସେହି ସମଗ୍ର ସମାଧାନଟିକୁ ଦେଖିପାରିବାଭଳି ଆମେ ଯଥେଷ୍ଟ ପରିମାଣରେ ବିକଶିତ ହୋଇଯିବା ଏବଂ ତାହାକୁହିଁ ଆମ ଜୀବନର ସର୍ବପ୍ରଧାନ ପ୍ରୟାସରେ ପରିଣତ କରିନେଇ ପାରିବା, ସେତେବେଳେ ଯାଇ ଆମେ ତାହାର ଉପଲବ୍ଧି କରିପାରିବା ।

ଅନୁରୂପ ଆଧ୍ୟାତ୍ମିକ ବିକାଶସାଧନ ଦ୍ୱାରା ଆମେ ଯେତେବେଳେ ସକଳ ସତ୍ତ୍ୱ ସହିତ ଏକାତ୍ମ ହୋଇପାରିବା, ସେମାନଙ୍କୁ ଆମ ଆପଣା ଆତ୍ମାର ଗୋଟିଏ ଗୋଟିଏ ଅଂଶ ବୋଲି ଜାଣିବା, ସତେଯେପରି ସେମାନେ କେବଳ ଆମରି ଅନ୍ୟ ଆତ୍ମା, ସେହିପରି ଭାବରେ ସେମାନଙ୍କର ସମ୍ମୁଖୀନ ହେବା, ସେତିକିବେଳେ ଯାଇ ଯଥାର୍ଥ ସମାଧାନଟି ଆସି ପହଞ୍ଚିଯିବ । କାରଣ ସେତେବେଳେ ବିଭାଜନଦୃଷ୍ଟିର ବ୍ୟାଧିଟି ପୂର୍ଣ୍ଣଭାବରେ ଆରୋଗ୍ୟ ହୋଇଯିବ । ଅନ୍ୟମାନଙ୍କର ବିରୁଦ୍ଧରେ କିମ୍ବା ଅନ୍ୟମାନଙ୍କୁ ବଳି ଦେଇ ଏକା ଏକା ଆପଣାକୁ ପ୍ରତିଷ୍ଠିତ କରିବାକୁ ବାହାରୁଥିବା ବିଚ୍ଛିନ୍ନ ଆତ୍ମପ୍ରତିଷ୍ଠାର ବିଧାନଟି ସେତେବେଳେ ଅନ୍ୟମାନଙ୍କ ଲାଗି ଆମର ଆତ୍ମପ୍ରତିଷ୍ଠା ଏବଂ ସେମାନଙ୍କର ଆତ୍ମ-ଆବିଷ୍କାର ଓ ଆତ୍ମୋପଲବ୍ଧିରେ ଆମର ଆତ୍ମ-ଆବିଷ୍କାରର ବିଧାନଟି ସହିତ ସଂଯୁକ୍ତ ହୋଇ ଉଦାରତର ହେବ, ଏବଂ ସକଳ ଆବଦ୍ଧତାରୁ ମୁକ୍ତି ଲାଭ କରିବ । ଏକ ବିଶ୍ୱଗତ କରୁଣାର ଭାବ ନେଇ ଆପଣାର କର୍ମ କରିବା, ଆପଣାର ପ୍ରତିବେଶୀକୁ ଠିକ୍ ଆପଣାପରି ଶ୍ରଦ୍ଧାକରିବା, ଅନ୍ୟମାନେ ଆମ ପ୍ରତି ଯେଉଁଭଳି ଆଚରଣ କରନ୍ତୁ ବୋଲି ଆମେ ଆଶା କରୁଛୁ, ଅନ୍ୟମାନଙ୍କ ପ୍ରତି ଠିକ୍

'oaob.nitrkl.ac.in' images reprocessed

ସେହିଭଳି ଆଚରଣ ଦେଖାଇବା, ଅନ୍ୟର ଆନନ୍ଦ ଏବଂ ବିଷାଦକୁ ଆପଣାର ଆନନ୍ଦ ଓ ବିଷାଦ ପରି ଅନୁଭବ କରିବା,—ଯାବତୀୟ ଧର୍ମନୀତିରେ ଏହିଗୁଡ଼ିକୁହିଁ ବିଧାନ ବୋଲି ଘୋଷଣା କରାଯାଇଛି । ମାତ୍ର ଆପଣାର ଅହଂ ମଧ୍ୟରେ ଜୀବନ ଯାପନ କରୁଥିବା କୌଣସି ବ୍ୟକ୍ତି ଏହିସବୁ ବିଧାନର କଦାପି ଯଥାର୍ଥ ଓ ସମ୍ପୂର୍ଣ୍ଣ ଅନୁଶୀଳନ କରିପାରିବ ନାହିଁ, ସେ ସେଗୁଡ଼ିକୁ କେବଳ ତା' ମନର ଗୋଟିଏ ଗୋଟିଏ ଭାବ ବୋଲିହିଁ ଗ୍ରହଣ କରିପାରିବ, ଆପଣା ହୃଦୟର ଏକ ଆକାଂକ୍ଷା ଓ କୌଣସି ଏକ ଉଚ୍ଚତର ଆଦର୍ଶ ଅନୁସାରେ ବଞ୍ଚିବାଲାଗି ତା' ଇଚ୍ଛାଶକ୍ତିର ଏକ ପ୍ରଚେଷ୍ଟାରୂପେ ଗ୍ରହଣ କରିପାରିବ । ଏକ ନିଷ୍ଠାପର ଉଦ୍ୟମଦ୍ୱାରା ଆପଣାର ଅଶୋଧିତ ଅହଂପ୍ରକୃତିରେ କିଞ୍ଚିତ ପରିବର୍ତ୍ତନ ଆଣିବାର ଏକ ପ୍ରସ୍ତାବରୂପେ ଗ୍ରହଣ କରିପାରିବ । କେବଳ ଯେତେବେଳେ ଅନ୍ୟମାନଙ୍କୁ ଠିକ୍ ଆପଣାପରି ଘନିଷ୍ଠଭାବେ ଜାଣିବା ବା ଅନୁଭବ କରିବା ସମ୍ଭବ ହେବ, ସେତିକବେଳେ ଯାଇ ଏହି ଆଦର୍ଶ ଆମ ଜୀବନର ଏକ ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ନିୟମରେ ପରିଣତ ହୋଇପାରିବ ଏବଂ କେବଳ ସିଦ୍ଧାନ୍ତରେ ନୁହେଁ, କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଉପଲବ୍ଧ ହୋଇପାରିବ । ମାତ୍ର କେବଳ ଅନ୍ୟମାନଙ୍କ ସହିତ ଏକୀଭୂତ ହେବାକୁ ମଧ୍ୟ ଆମେ ଏଠାରେ ଯଥେଷ୍ଟ ବୋଲି କହିବା ନାହିଁ, କାରଣ ଏହା ସେମାନଙ୍କର ଅବିଦ୍ୟା ବା ଅଜ୍ଞାନ ସହିତ ଏକାତ୍ମତା ଅର୍ଜନ କରିବାକୁ ମଧ୍ୟ ବୁଝାଇପାରେ । କାରଣ ସେତେବେଳେ ଏହି କ୍ଷେତ୍ରରେ ଅବିଦ୍ୟାର ବିଧାନହିଁ କାର୍ଯ୍ୟକାରୀ ହେବ ଏବଂ ମାତ୍ରାରେ କିଞ୍ଚିତ୍ ଅଳ୍ପ କିମ୍ବା ପ୍ରବର୍ତ୍ତନା ଓ ପ୍ରକୃତିରେ କିଞ୍ଚିତ୍ କୋମଳ ହେଲେ ମଧ୍ୟ ତଥାପି କର୍ମଗତ ଭ୍ରମ ଓ ଅଧର୍ମ ବର୍ତ୍ତମାନ ରହିଯିବ । ତେଣୁ ଅନ୍ୟମାନଙ୍କ ସହିତ ଆମେ ଯେଉଁ ଏକାତ୍ମତା ଅର୍ଜନ କରିବା, ତାହା ଏକ ମୌଳିକ ଏକାତ୍ମତା ହୋଇଥିବା ଦରକାର । କେବଳ ସେମାନଙ୍କର ମନ, ହୃଦୟ, ପ୍ରାଣସତ୍ତା ଓ ଅହଂଗୁଡ଼ିକ ସହିତ ଏକାତ୍ମତା ଅର୍ଜନ କଲେ ଚଳିବ ନାହିଁ; ଅବଶ୍ୟ ଏକଥା ସତ ଯେ ଯେତେବେଳେ ଆମେ ବିଶ୍ୱାତ୍ମବୋଧର ସ୍ତରରେ ଯାଇ ପହଞ୍ଚିଯିବା, ସେତେବେଳେ ତାହା ମଧ୍ୟରେ ଏସବୁଯାକ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଥିବ । ତେଣୁ ଆତ୍ମା ଓ ଚିନ୍ମୟସତ୍ତାର କ୍ଷେତ୍ରରେ ମଧ୍ୟ ଏକାତ୍ମତା ଅର୍ଜନ କରିବା ଦରକାର । ଏବଂ କେବଳ ଆତ୍ମଚେତନା ଓ ଆତ୍ମଜ୍ଞାନ ମଧ୍ୟ ଆପଣାକୁ ମୁକ୍ତ କରି ଦେଇ ପାରିଲେ ଯାଇ ସେହି ଏକାତ୍ମତା ସମ୍ଭବ ହେବ । ପ୍ରଥମେ ଆପଣାକୁହିଁ ଅହଂର ବନ୍ଧନରୁ ମୁକ୍ତ କରିବାକୁ ପଡ଼ିବ ଏବଂ ଆପଣାର ଯଥାର୍ଥ ସତ୍ତାଟିର ଉପଲବ୍ଧି କରିବାକୁ ପଡ଼ିବ । ଏବଂ ତାହାର ଏକ ଜ୍ୟୋତିର୍ମୟ ପରିଣାମ ଓ ଅବଶ୍ୟମ୍ଭାବୀ ପରିଣତିରୂପେ ଆଉ ସବୁକଥା ହାସଲ କରାଯାଇ ପାରିବ । ସେଇଥିଲାଗି ଆତ୍ମା ବା ଏକ ଅଧ୍ୟାତ୍ମଭୂମିର ଆହ୍ୱାନକୁହିଁ ସବୁ ଆହ୍ୱାନଠାରୁ ବଡ଼ ବୋଲି ଗ୍ରହଣ କରିବାକୁ ପଡ଼ିବ; ଅବିଦ୍ୟାର ରାଜ୍ୟ ଭିତରେ ଅବସ୍ଥିତ ରହିଥିବା ଅନ୍ୟ ସକଳ ବୃତ୍ତିଗତ,

'oaob.nitrkl.ac.in' images reprocessed

ନୈତିକ ଓ ସାମାଜିକ ଦାବିଠାରୁ ତାହାକୁହିଁ ଅଗ୍ରାଧିକାର ଦେବାକୁ ପଡ଼ିବ । କାରଣ ଭୁଲ୍ ବା ଅଶିବର ମନୋମୟ ବିଧାନଟି କେବଳ ସେହି ଅବିଦ୍ୟା ରାଜ୍ୟରହିଁ ଅଧିବାସୀ ହୋଇ ରହିଥାଏ, ମୂଳ ବ୍ୟାଧିଟିରେ ତାହା କେବଳ କିଞ୍ଚିତ୍ ପରିବର୍ତ୍ତନ କିମ୍ବା ଉପଶମ ଘଟାଇପାରେ । ମାତ୍ର ଆରୋଗ୍ୟ କରିପାରେ ନାହିଁ । ଆଧ୍ୟାତ୍ମିକ ପରିବର୍ତ୍ତନର ଆଉ କୌଣସି ସ୍ଥାନାପନ୍ନ ବା ବିକଳ୍ପ ରହି ନପାରେ ଏବଂ କେବଳ ସେହି ରୂପାନ୍ତର ଦ୍ୱାରାହିଁ ଯଥାର୍ଥ ଓ ସମଗ୍ର ଶିବସ୍ୱରୂପର ଉପଲବ୍ଧି କରାଯାଇପାରେ, କାରଣ କେବଳ ଚିନ୍ମୟତାର ମଧ୍ୟଦେଇହିଁ ଆମେ ଅସ୍ତିତ୍ୱ ଓ କ୍ରିୟାର ମର୍ମମୂଳରେ ଯାଇ ପହଞ୍ଚିବାକୁ ସମର୍ଥ ହୋଇଥାଉ ।

ଆତ୍ମାର ଆଧ୍ୟାତ୍ମିକ ପରିଚୟ ଲାଭରେ ଆତ୍ମୋପଲବ୍ଧିର ତିନୋଟି ସୋପାନ ରହିଛି; ତିନୋଟିଯାକ ସୋପାନକୁ ଆମେ ଏକାଧାରରେ ସେହି ଗୋଟିଏ ଜ୍ଞାନର ତିନୋଟି ଭାଗ ବୋଲି ବି କହିପାରିବା । ପ୍ରଥମଟି ହେଉଛି ଆତ୍ମାକୁ ଆବିଷ୍କାର କରିବାର ସୋପାନ । ଏଠାରେ ଆତ୍ମା କହିଲେ ଭାବନା, ବାସନା ଓ ସଂବେଗର ବହିସ୍ତର ଆତ୍ମାଟିକୁ ବୁଝାଉ ନାହିଁ; ତାହା ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଚୈତ୍ୟ-ସତ୍ତାକୁ ବୁଝାଉଛୁ, ଆମ ଭିତରେ ଅଧିଷ୍ଠିତ ହୋଇ ରହିଥିବା ଦିବ୍ୟ ସତ୍ତାଟିକୁହିଁ ବୁଝାଉଛୁ । ଯେତେବେଳେ ସେହି ସତ୍ତାଟି ଆମର ପ୍ରକୃତି ଉପରେ ପ୍ରଭାବ ପକାଇବାକୁ ଆରମ୍ଭ କରେ, ଯେତେବେଳେ ଅତି ସଚେତନ ଭାବରେ ଆମେ ଆପଣାକୁ ଆତ୍ମା ବୋଲି ଅନୁଭବ କରୁ ଏବଂ ଯେତେବେଳେ ମନ, ପ୍ରାଣ ଓ ଦେହ ତାହାର ଗୋଟିଏ ଗୋଟିଏ ନିମିତ୍ତ ଭାବରେ ଆପଣାର ଯଥାସ୍ଥାନରେ ନିୟୋଜିତ ହୋଇ ରହନ୍ତି, ସେତେବେଳେ ଆମେ ଆମର ଭିତରେହିଁ ଜଣେ ଦିଗ୍‌ଦର୍ଶକର ପରିଚୟ ଲାଭ କରିଥାଉ, ଯିଏ କି ସତ୍ୟ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥାଏ, ଯିଏ ଶିବକୁ ଜାଣିଥାଏ, ଯଥାର୍ଥ ଆନନ୍ଦକୁ ଜାଣିଥାଏ ଏବଂ ଜୀବନର ଯଥାର୍ଥ ଆନନ୍ଦକୁ ମଧ୍ୟ ଜାଣିଥାଏ; ଆପଣାର ଜ୍ୟୋତିର୍ମୟ ବିଧାନଦ୍ୱାରା ଯିଏ ହୃଦୟ ତଥା ବୁଦ୍ଧିର ନିୟନ୍ତ୍ରଣ କରୁଥାଏ ଏବଂ ଯିଏ ଆମର ଜୀବନ ଓ ଆମର ସତ୍ତାଟିକୁ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଆଡ଼କୁ ବାଟ ଦେଖାଇ ନେଇଯାଏ । ତେଣୁ ଅବିଦ୍ୟାର ସେହି ଅନ୍ଧକାରାଚ୍ଛନ୍ନ ନିସ୍ୱାତ୍ମକତା ଭିତରେ ମଧ୍ୟ ଏକ ବିବେଚକ ସାକ୍ଷୀ ଆସୀନ ରହିଛି, ଏକ ଜୀବନ୍ତ ଆଲୋକ ଆଲୋକିତ କରି ରଖିଛି, ଏକ ଇଚ୍ଛାଶକ୍ତି ବିପଥଚାଳିତ ହେବାରେ ବାରଣ କରୁଛି ଏବଂ ମନୋଭୂମିର ସତ୍ୟଟିକୁ ତାହାର ଭ୍ରମଠାରୁ ଅଲଗା କରିଦେଇ ପାରୁଛି, ହୃଦୟର ନିବିଡ଼ ପ୍ରତିସ୍ପନ୍ଦନଗୁଡ଼ିକୁ ତାହା ଉପରେ ପରାକ୍ରମ ବିସ୍ତାର କରିବାକୁ ଆସୁଥିବା ଏକ ଭ୍ରାନ୍ତ ଆହ୍ୱାନ ଓ ଭ୍ରାନ୍ତ ଦାବି ପ୍ରତି ତା'ର ଅନୁକମ୍ପନଠାରୁ ଅଲଗା କରିଦେଇ ପାରୁଛି । ସେହି ସାକ୍ଷୀ ଓ ସେହି ଇଚ୍ଛାଶକ୍ତି ଜୀବନଗତ ଗତିସ୍ପନ୍ଦନର ଯଥାର୍ଥ ଉଦ୍ଦୀପନା ଓ ପରିପୂର୍ଣ୍ଣତାକୁ ପ୍ରାଣଗତ ବାସନାବେଗ ଏବଂ ଆମ ପ୍ରାଣପ୍ରକୃତିର ମଳିନବର୍ଣ୍ଣ ମିଥ୍ୟା ଓ

'oaob.nitrkl.ac.in' images reprocessed

ତାହାର ତାମସ ସ୍ୱାର୍ଥାନ୍ୱେଷଣଗୁଡ଼ିକଠାରୁ ଅଲଗା କରିଦେଇ ପାରୁଛୁ । ଅହଂର ସ୍ଥାନରେ ଆତ୍ମାକୁ ଅର୍ଥାତ୍ ସେହି ଦିବ୍ୟ ଓ ଚୈତ୍ୟ ବ୍ୟକ୍ତିପୁରୁଷକୁ ସିଂହାସନାସୀନ କରିବା ହେଉଛି ଆତ୍ମୋପଲବ୍ଧିର ପ୍ରଥମ ଚରଣ । ଆମର ଭିତରେ ରହିଥିବା ଓ ସକଳ ସତ୍ତା ସହିତ ଏକୀଭୂତ ହୋଇ ଅବସ୍ଥାନ କରୁଥିବା ଅଜ ଓ ଶାଶ୍ୱତ ଆତ୍ମାଟି ବିଷୟରେ ସଚେତନ ହେବା ହେଉଛି ଦ୍ୱିତୀୟ ଚରଣ । ଏହି ଉପଲବ୍ଧିଟି ଆମକୁ ବନ୍ଧନମୁକ୍ତ କରିଦିଏ, ଆମର ଚେତନାକୁ ବିଶ୍ୱମୟ ପ୍ରସାରିତ କରିଦିଏ । ସେତେବେଳେ ବି ଆମର ପ୍ରକୃତି ତଥାପି ଅବିଦ୍ୟାରହିଁ ଗତିଶୀଳତା ମଧ୍ୟରେ ଆନ୍ଦୋଳିତ ହେଉଥିଲେ ମଧ୍ୟ ତାହା ଆମକୁ ଆଉ ପାଶବଦ୍ଧ କରି ରଖିପାରେ ନାହିଁ କି ଆମକୁ ଭୁଲ୍ ବାଟରେ ପରିଚାଳିତ କରିନିଏ ନାହିଁ; କାରଣ ଆମର ଅନ୍ତର୍ଗତ ସତ୍ତାଟି ଆତ୍ମଜ୍ଞାନର ଆଲୋକ ମଧ୍ୟରେ ସମାସୀନ ହୋଇ ରହିଥାଏ । ପରମ ଦିବ୍ୟ ପୁରୁଷଙ୍କୁ ଆମେ ଏକାଧାରରେ ଆମର ପରମ ଓ ବିଶ୍ୱାତୀତ ଆତ୍ମା ଅର୍ଥାତ୍ ଆମ ବିଶ୍ୱାତ୍ମକତାର ଆଧାର ସେହି ବିଶ୍ୱପୁରୁଷ ଏବଂ ଆମର ଭିତରେ ଅବସ୍ଥିତ ରହିଥିବା ପରମ ଦିବ୍ୟସତ୍ତା ବୋଲି ଜାଣିବା,—ଏହାହିଁ ହେଲା ଉପଲବ୍ଧିର ତୃତୀୟ ଚରଣ । ଆମର ଚୈତ୍ୟ ସତ୍ତାଟି ଅର୍ଥାତ୍ ଆମ ଭିତରେ ବିବର୍ତ୍ତିତ ହୋଇ ଚାଲିଥିବା ଅସଲ ବ୍ୟକ୍ତିପୁରୁଷଟି ସେହି ଅନ୍ତରସ୍ଥ ଦିବ୍ୟ ସତ୍ତାର କେବଳ ଏକ ଅଂଶମାତ୍ର, କେବଳ ଗୋଟିଏ ସ୍ଫୁଲିଙ୍ଗ ମାତ୍ର । ତାହାକୁ ଆମେ ଏପରି ଏକ ଅଗ୍ନିଶିଖା ବୋଲି କଳ୍ପନା କରିପାରିବା ଯାହାକି ଦିନେ ସେହି ଶାଶ୍ୱତ ଅଗ୍ନିଦ୍ୱାରା ପ୍ରଜ୍ୱଳିତ ହୋଇଥିଲା ଏବଂ ଯିଏ କି ବର୍ତ୍ତମାନ ଶାଶ୍ୱତ ଅଗ୍ନିରେ ପରିଣତ ହେବାଲାଗି କ୍ରମବିକଶିତ ହୋଇଚାଲିଛି । ତାହାର ସାକ୍ଷୀରୂପେ ଏହି ଶିଖା ଆମ ଭିତରେ ଜାଗି କରି ରହିଛି ଏବଂ ତାହାର ଆଲୋକ, ତାହାର ସାମର୍ଥ୍ୟ ତଥା ତାହାର ଆନନ୍ଦ ଓ ସୌନ୍ଦର୍ଯ୍ୟର ସଚେତନ ନିମିତ୍ତରୂପେ କାର୍ଯ୍ୟ କରୁଛି । ସେହି ପରମ ଦିବ୍ୟ ପୁରୁଷହିଁ ଆମ ସତ୍ତା ଓ ପ୍ରକୃତିର ସ୍ୱାମୀରୂପେ ଅବସ୍ଥିତ ରହିଛନ୍ତି; ଏହି ସଚେତନତାଟି ଲାଭ କରିପାରିଲେ ଆମେ ଆପଣାକୁ ତାଙ୍କର ଦିବ୍ୟଶକ୍ତି ପ୍ରବାହର ଧାରାପଥରୂପେ ପରିଣତ କରି ରଖିଯିବା ଏବଂ ଆମରି ଭିତରେ ରହିଥିବା ଆଲୋକ ଓ ସାମର୍ଥ୍ୟରୂପୀ ତାଙ୍କରି ଆଜ୍ଞା ବା ଅନୁଶାସନ ଅନୁସାରେ କାର୍ଯ୍ୟ କରିବାକୁ ଆରମ୍ଭ କରିବା । ସେତେବେଳେ ଆମର କୌଣସି ପ୍ରକୃତି ଆମର ପ୍ରାଣଭୂମିଗତ ଆବେଗର କର୍ତ୍ତୃତ୍ୱଦ୍ୱାରା ଆଉ କାବୁ ହୋଇ ରହିବ ନାହିଁ ବା ମନୋମୟ ଏକ ମାନଦଣ୍ଡର ଶାସନ ମାନି ରହିବାକୁ ବାଧ୍ୟ ହେବ ନାହିଁ । କାରଣ ବସ୍ତୁର ଶାଶ୍ୱତ ଅଥଚ ନିତ୍ୟନମନୀୟ ସତ୍ୟଟି ଅନୁସାରେ କାର୍ଯ୍ୟ କରିବା ହେଉଛି ସେହି ଦିବ୍ୟ ଶକ୍ତିର ଧର୍ମ । ତାହା ଏହି ମନଦ୍ୱାରା ରଚିତ କୌଣସି କୃତ୍ରିମ ସତ୍ୟକୁ ମାନି କାର୍ଯ୍ୟ କରେ ନାହିଁ, ମାତ୍ର ସେହି ପରମଜ୍ଞାନ ପ୍ରତ୍ୟେକଟି ଗତିସ୍ପନ୍ଦନ ଓ ପ୍ରତ୍ୟେକଟି ପରିବେଶକୁ ଯେପରି ଭାବରେ ଜାଣିଛି ଏବଂ ବିଶ୍ୱରେ ନିହିତ ହୋଇ

'oaob.nitrkl.ac.in' images reprocessed

ରହିଥିବା ପରମ ଭଲ୍ଲାଣକୁ ସେଗୁଡ଼ିକଠାରୁ ଯେପରି ଦାନ କରନ୍ତି, ସେହି ବଳରେ, ରହସ୍ୟରେ ଓ ସୂକ୍ଷ୍ମତାର ସତ୍ୟଗତ ନିର୍ଦ୍ଦେଶ ଅନୁସାରେ ତାହା କାର୍ଯ୍ୟ କରୁନାହିଁ । ଜ୍ଞାନର ମୁକ୍ତି ଘଟିଲେ ତାହାର ଗତିଶୀଳ ପରିଣାମରୂପେ ଇଚ୍ଛାଶକ୍ତିର ବି ମୁକ୍ତି ଘଟିଥାଏ । ଜ୍ଞାନହିଁ ପରିଶୁଦ୍ଧ କରେ, ସତ୍ୟ ବନ୍ଧନ ଫିଟାଏ । ଏକ ଅଧ୍ୟାତ୍ମଭୂମିଗତ ଅଜ୍ଞାନ ଫଳରେହିଁ ଅଶିବର ଜନ୍ମ ହୋଇଥାଏ, ଏବଂ କେବଳ ସେହି ଅଧ୍ୟାତ୍ମଭୂମିଗତ ଏକ ଚେତନାର ବିକାଶ ତଥା ଅଧ୍ୟାତ୍ମଜ୍ଞାନର ଆଲୋକଦ୍ୱାରାହିଁ ତାହା ନିରାକୃତ ହୋଇପାରିବ । ଆମର ତଥା ଅନ୍ୟମାନଙ୍କର ସତ୍ତା ମଧ୍ୟରେ ଯେଉଁ ବିକୃତତାର ବ୍ୟାଧି ସୃଷ୍ଟ ହୋଇ ରହିଛି, ଅନ୍ତର୍ଗତ ଆତ୍ମସତ୍ୟଠାରୁ ଆମ ପ୍ରକୃତିର ବିଚ୍ଛିନ୍ନତାକୁ ଅପସରାଇ ଦେଲେହିଁ ତାହାର ଆରୋଗ୍ୟ ସମ୍ଭବ ହେବ । ଆମର ସମ୍ମୁଖ ଓ ଆମ ଆତ୍ମସତ୍ତା ମଧ୍ୟରେ ବ୍ୟବଧାନ ସୃଷ୍ଟି କରି ରହିଥିବା ପରଦାଟିକୁ ଉନ୍ମୋଚିତ କରିଦେଲେ ତାହା ସମ୍ଭବ ହେବ, ପ୍ରକୃତି ମଧ୍ୟରେ ଜଡ଼ିତ ଆମର ବ୍ୟଷ୍ଟିଜୀବନ ଓ ପ୍ରକୃତି ଭିତରେ ଓ ପ୍ରକୃତିର ସୀମାରୁ ଉତ୍ତୀର୍ଣ୍ଣ ହୋଇ ସର୍ବଗତ ପରମସତ୍ୟରୂପେ ବିଦ୍ୟମାନ ରହିଥିବା ଦିବ୍ୟସ୍ୱରୂପଙ୍କ ମଧ୍ୟରେ ରହିଥିବା ଦୂରତାଟିକୁ ସେତୁ ବାନ୍ଧି ଜୟ କରିପାରିଲେ ଯାଇ ତାହା ହୋଇପାରିବ ।

ଯେଉଁ ସର୍ବଶେଷ ବିକୃତତାଟିକୁ ଦୂର କରିବାକୁ ପଡ଼ିବ, ସେଇଟି ହେଉଛି ଏହି ପ୍ରକୃତି ଏବଂ ପରମେଶ୍ୱରଙ୍କର ଆତ୍ମଶକ୍ତିରୂପେ ବିଦ୍ୟମାନ ରହିଥିବା ପରାପ୍ରକୃତି ମଧ୍ୟରେ ରହିଥିବା ବିଚ୍ଛେଦ ଓ ବ୍ୟବଧାନ । ଜ୍ଞାନ-ଅଜ୍ଞାନର କ୍ରିୟାଶୀଳ ମିଶ୍ରଣଟିକୁ ଦୂର କରିପାରିବା ପୂର୍ବରୁ ଓ ସେହି ଶକ୍ତି ଚିତ୍‌ସତ୍ତାର ଏକ ଅଯଥେଷ୍ଟଶକ୍ତିସମ୍ପନ୍ନ କମିଶନ ବା ସାଧନରୂପେ ବ୍ୟବହୃତ ହେଉଥିବା ସମୟରେ ମଧ୍ୟ ସେହି ପରମ ଶକ୍ତି ଅର୍ଥାତ୍ ପରାପ୍ରକୃତି ଆମର ମଧ୍ୟଦେଇ ଅବଶ୍ୟ ଆପଣାର କାର୍ଯ୍ୟ କରିପାରିବ ଏବଂ ଆମେ ମଧ୍ୟ ଆମ ଭିତରେ ତାହାର କାର୍ଯ୍ୟ ବିଷୟରେ ଅବଶ୍ୟ ସଚେତନ ହୋଇପାରିବା । ମାତ୍ର ସେତେବେଳେ ଉନ୍ନତର ପ୍ରସାଦ ପ୍ରକୃତି ମଧ୍ୟରେ ଅବସ୍ଥିତ ମନ, ପ୍ରାଣ ଓ ଦେହ ଯେପରି ଗ୍ରହଣ ଓ ଧାରଣ କରିବାକୁ ସମର୍ଥ ହୋଇପାରିବ, ସେହିପରି ତାହାର ଆଲୋକ ଓ ଶକ୍ତିକୁ ଟିକିଏ ପରିବର୍ତ୍ତିତ ଆକାରରେ ଆସିବାକୁ ପଡ଼ିବ । ମାତ୍ର ଏହି ଅବସ୍ଥାର ପ୍ରାପ୍ତି ମଧ୍ୟ ଆଦୌ ଯଥେଷ୍ଟ ନୁହେଁ । ଆମେ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛୁ, ଏହି କ୍ଷେତ୍ରରେ ତାହାର ଏକ ଆମୂଳ ପରିବର୍ତ୍ତନ ଆବଶ୍ୟକ, ତାହାକୁ ଏକ ନୂଆ ଛାଞ୍ଚରେ ଢାଳି ଦିବ୍ୟ ପରାପ୍ରକୃତିର ଏକ ଦିବ୍ୟ ଧାରା ଓ ଦିବ୍ୟ ସାମର୍ଥ୍ୟରୂପେ ସମ୍ପୂର୍ଣ୍ଣ ନୂଆ କରି ତିଆରି କରିବା ଆବଶ୍ୟକ । ଗତିଶୀଳ କ୍ରିୟାଶକ୍ତିର ଏହି ଆବଶ୍ୟକ ରୂପାନ୍ତରଟି ନଘଟିଲେ ଆମ ସତ୍ତାର ସମଗ୍ରତାଟି କଦାପି ପରିପୂର୍ଣ୍ଣତା ଲାଭ କରିବ ନାହିଁ । ଆମ ପ୍ରକୃତିର ସମଗ୍ର ପଦ୍ଧତି ବା ଗଢ଼ଣଟିକୁ ଉନ୍ମୋଚିତ କରିଦେବାକୁ ପଡ଼ିବ,

'oaob.nitrkl.ac.in' images reprocessed

ଏଥିରେ ଏକ ରୂପାନ୍ତର ଘଟାଇବାକୁ ପଡ଼ିବ, ସତ୍ତାର ଅନ୍ତର୍ଗତ ସ୍ତରରେ କେବଳ କିଞ୍ଚିତ୍ ପରିବର୍ତ୍ତନ ଆଣି ତାହାକୁ କିଞ୍ଚିତ୍ ପରିମାଣରେ ଆଲୋକିତ କଲେ କଦାପି କାମ ଚଳିବ ନାହିଁ । ଏକ ଶାଶ୍ୱତ ଓ ପରମ ସତ୍ୟଚେତନା ଆସି ଆମକୁ ଅଧିକାର କରିନେବ, ଆପଣାର ସତ୍ତା, ଜ୍ଞାନ ଓ କ୍ରିୟାଗତ ସ୍ଥିତି ଅନୁସାରେ ତାହା ଆମ ପ୍ରକୃତିଗତ ଯାବତୀୟ ସ୍ଥିତିକୁ ମଣାଇନେବ ଅର୍ଥାତ୍ ଉତ୍ତୋଳିତ କରିଦେବ;—କେବଳ ସେତିକିବେଳେ ଯାଇ ଏକ ସ୍ୱତଃସ୍ଫୂର୍ତ୍ତ ସତ୍ୟଚେତନା, ସତ୍ୟମୟ ସଂକଳ୍ପ, ସତ୍ୟମୟ ଅନୁଭୂତି, ସତ୍ୟଦ୍ୱାରା ପ୍ରେରିତ ଗତିଶୀଳତା ଏବଂ ସତ୍ୟପ୍ରସୂତ କ୍ରିୟାଶକ୍ତି ଆମ ପ୍ରକୃତିର ପରିପୂର୍ଣ୍ଣ ବିଧାନରେ ପରିଣତ ହୋଇପାରିବ ।

(ଦ୍ୱିତୀୟ ଖଣ୍ଡ—ପୂର୍ବାର୍ଦ୍ଧ ସମାପ୍ତ)

'oaob.nitrkl.ac.in' images reprocessed